| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ସ | ଙ୍କ | ଙ୍ଗ | ଞ୍ଚ | ଣ୍ଡ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଂ୍ୟ | ଙ୍ଖ | ● | ନ୍ତ |

୪ । ଭିତ୍ତିରହିତ—4. Unfounded; having no solid ground.

୫ । ଅନିର୍ଣ୍ଣୀତ—5. Unsettled.

୬ । ସ୍ଥାପିତ ହୋଇ ନ ଥିବା—6. Not established.

୭ । ବିନଶ୍ୱର—7. Perishable.

୮ । ପ୍ରତିଷ୍ଠା କରାଯାଇ ନ ଥିବା—
8. Not formally consecrated.

**ଅପ୍ରତିଷ୍ଠା**—ସଂ. ବିଣ. ସ୍ତ୍ରୀ. ( ଅପ୍ରତିଷ୍ଠ + ସ୍ତ୍ରୀ. ଆ )—
Apratishṭhā ଅପ୍ରତିଷ୍ଠର ସ୍ତ୍ରୀଲିଙ୍ଗ—
Feminine of Apratishṭha.

ସଂ. ବି. ( ଅ + ପ୍ରତିଷ୍ଠା )—ଅସ୍ଥିରତା—
Instability ( M. W. )

ଦେ. ବିଣ. ( ସଂ. ଅ+ପ୍ରତିଷ୍ଠା )—୧ । ଅପବିତ୍ରୀକୃତ—
অপ্রতিষ্ঠা 1. Desecrated; soiled.
अप्रतिष्ठा ୨ । ଯେଉଁ ଗୃହ, ତଡ଼ାଗ ବା ଦେବମୂର୍ତ୍ତିର ପ୍ରତିଷ୍ଠା କାର୍ଯ୍ୟ ସମାହିତ ହୋଇ ନାହିଁ—
2. Not consecrated (house, tank, idol).

୩ । ଅଶୁଚି; ଅପବିତ୍ର—3. Unholy; impure.

**ଅପ୍ରତିଷ୍ଠାନ**—ସଂ. ବି. ( ଅ+ପ୍ରତିଷ୍ଠାନ )—ଅସ୍ଥୈର୍ଯ୍ୟ; ଅସ୍ଥିରତା—
Apratishṭhāna Instability.
(ଅପ୍ରତିଷ୍ଠିତ—ବିଣ)

**ଅପ୍ରତିଷ୍ଠିତ**—ସଂ. ବିଣ. ( ଅ+ପ୍ରତିଷ୍ଠିତ )—ଅପ୍ରତିଷ୍ଠ ( ଦେଖ )
Apratishṭhita Apratishṭha ( See )

**ଅପ୍ରତିହତ**—ସଂ. ବିଣ. ( ଅ + ପ୍ରତିହତ )—
Apratihata ଅବ୍ୟାହତ; ଅପ୍ରତିବଦ୍ଧ ( ଦେଖ )
Apratibaddha ( See )

**ଅପ୍ରତୀତ**—ସଂ. ବିଣ. (ଅ + ପ୍ରତୀତ)—ଯାହା ବିଶ୍ୱାସ କରାଯାଇ ନାହିଁ—
Apratīta Not relied on; not trusted.

**ଅପ୍ରତୀତତା**—ସଂ. ବି. ( ଅପ୍ରତୀତ + ଭାବ. ତା )—
Apratītatā ( ଅଳଙ୍କାର ଶାସ୍ତ୍ର ) ରଚନାର ଦୋଷ ବିଶେଷ—
( Rhetoric ) A defect in composition.
[ ଦ୍ର—କୌଣସି ବିଶେଷ ଶାସ୍ତ୍ରରେ ପ୍ରଯୁକ୍ତ ଶବ୍ଦକୁ ଯେବେ ଅନ୍ୟ ଶାସ୍ତ୍ର ବା ଗ୍ରନ୍ଥରେ ପ୍ରୟୋଗ କରାଯାଏ ତେବେ ତାହାକୁ ଅପ୍ରତୀତତା କହନ୍ତି । କୁଳମଣି—ଅଳଙ୍କାରତରଙ୍ଗିଣୀ ]

**ଅପ୍ରତୀତି**—ସଂ. ବି. ( ଅ+ପ୍ରତୀତି )—
Apratīti ୧ । ଅବିଶ୍ୱାସ; ବିଶ୍ୱାସର ଅଭାବ; ଅନାସ୍ଥା—
1. Want of trust or reliance; incredulity; disbelief.

୨ । ସନ୍ଦେହ—2. Doubt.

୩ । ମନରେ ଦୃଢ଼ ଧାରଣାର ଅଭାବ—
3. Lack of a distinct notion.

**ଅପ୍ରତୀପ**—ସଂ. ବିଣ. ପୁଂ. ( ଅ + ପ୍ରତୀପ )—
Apratīpa ୧ । ଯେ ଜିଦ୍‌ଖୋର ନୁହେଁ—
(ଅପ୍ରତୀପା—ସ୍ତ୍ରୀ) 1. Not obstinate ( M. W. )

୨ । ପରସ୍ପର ବିରୋଧ ହୀନ—2. Not contradictory.

ସଂ. ବି. ( ନାମ ) ବିଷ୍ଣୁପୁରାଣୋକ୍ତ ମଗଧର ରାଜାବିଶେଷ—
Name of an ancient king of Magadha.

**ଅପ୍ରତୁଳ**—ସଂ. ବିଣ. ( ବହୁବ୍ରୀହି; ଅ = ନାହିଁ + ପ୍ର = ପ୍ରକୃଷ୍ଟ + ତୁଳା
Apratuḷa = ପରିମାଣ, ସାଦୃଶ୍ୟ ଯାହାର )—

୧ । ଅପ୍ରଚୁର—1. Insufficient.

୨ । ଅନୁପମ—2. Incomparable.

୩ । ନିଅଣ୍ଟ—3. Inadequate.

୪ । ଅପରିମିତ; ବେହଦ୍—4. Immeasurable.

ସଂ. ବି—୧ । ଅପ୍ରଚୁରତା—1. Insufficiency.

୨ । ଅଭାବ—2. Want.

୩ । ଅନାଟନ—3. Inadequacy.

୪ । ଅସଙ୍ଗତି—4. Want of means.

୫ । ଓଜନର ଅଭାବ—
5. Want of weight ( M. W. )

**ଅପ୍ରତ୍ୟକ୍ଷ**—ସଂ. ବିଣ. ( ଅ+ପ୍ରତ୍ୟକ୍ଷ )—
Apratyaksha ୧ । ପରୋକ୍ଷ; ଇନ୍ଦ୍ରିୟର ଅଗୋଚର—
1. Imperceptible.

୨ । ଅତୀନ୍ଦ୍ରିୟ—
2. Beyond the ken of the senses.

୩ । ଅଦୃଶ୍ୟ—3. Invisible.

୪ । ଗୁପ୍ତ—4. Hidden.

ସଂ. ବି—ପ୍ରତ୍ୟକ୍ଷର ଅଭାବ —
Want of direct perception.

**ଅପ୍ରତ୍ୟୟ**—ସଂ. ବି. ( ଅ + ପ୍ରତ୍ୟୟ )—୧ । ଅବିଶ୍ୱାସ—
Apratyaya 1. Disbelief.

୨ । ସନ୍ଦେହ—2. Doubt,

୩ । ଅନାସ୍ଥା—3. Want of confidence.

ସଂ. ବିଣ—ଅସ୍ଥାବିହୀନ—Having no confidence.

**ଅପ୍ରତ୍ୟାଖ୍ୟେୟ**—ସଂ. ବିଣ. ( ଅ + ପ୍ରତ୍ୟାଖ୍ୟେୟ )—ଯାହାକୁ
Apratyākhyeya ପ୍ରତ୍ୟାଖ୍ୟାନ କରାଯାଇ ନ ପାରେ —Not fit to be disowned or withdrawn.

**ଅପ୍ରତ୍ୟାଣି**—ଦେ. ବିଣ—ଅପର୍ତ୍ତିଆଣି ( ଦେଖ )
Apratyāṇi Aparttiāṇi ( See )

**ଅପ୍ରଧାନ**—ସଂ. ବିଣ. ( ଅ+ପ୍ରଧାନ )—
Apradhāna ୧ । ଯାହା ମୁଖ୍ୟ ନୁହେଁ; ଗୌଣ—
1 Not principal; secondary.

୨ । ଅଧୀନସ୍ଥ—2. Subordinate.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'ଭୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବଢ' ନ ପାଇଲେ 'ଅଲ୍‌ବଢ଼' ଦେଖିବେ ।

୩ । ନିକୃଷ୍ଟ—3. Inferior.
୪ । ସାଧାରଣ—4. Ordinary.

**ଅପ୍ରଧୃଷ୍ୟ**—ସଂ. ବିଣ. ପୁଂ. ( ଅ+ପ୍ରଧୃଷ୍ୟ )—
Apradhṛushya ଅପରାଜେୟ; ଅଜେୟ; ଯାହାକୁ କେହି ଜିତି ପାରେ ନାହିଁ—Invincible; redoubtable.
( ଅପ୍ରଧୃଷ୍ୟା—ସ୍ତ୍ରୀ )
( ଅପ୍ରଧୃଷ୍ୟତା—ବି )

**ଅପ୍ରବର୍ତ୍ତକ**—ସଂ. ବିଣ. ପୁଂ—୧ । କାର୍ଯ୍ୟରୁ ନିବୃତ୍ତ—
Aprabarttaka 1. Abstaining from action.
( ଅପ୍ରବର୍ତ୍ତିକା—ସ୍ତ୍ରୀ ) ୨ । କାର୍ଯ୍ୟ କରିବାକୁ ଯେ ମତାଏ ନାହିଁ—
2. Not exciting to action.
୩ । ମାନ୍ଦା; ଅଳସ; ଜଡ଼—3. Inert ( M W. )

**ଅପ୍ରବର୍ତ୍ତନ**—ସଂ. ବି. ( ଅ + ପ୍ରବର୍ତ୍ତନ )—୧ । ନିବୃତ୍ତି—
Aprabarttana 1. Abstention; cessation.
ଅପ୍ରବୃତ୍ତ } ବିଣ. ୨ । କୌଣସି କାର୍ଯ୍ୟରେ ନ ଲାଗିବା—
ଅପ୍ରବର୍ତ୍ତିତ } 2. Refraining from any action.
୩ । କୌଣସି କାର୍ଯ୍ୟରେ ଲାଗିବା ପାଇଁ ନ ମତାଇବା—
3. Not exciting to any action.

**ଅପ୍ରବର୍ତ୍ତିତ**—ସଂ. ବିଣ. ( ଅ+ପ୍ରବର୍ତ୍ତିତ )—୧ । କାର୍ଯ୍ୟରେ ଲାଗିବା
Aprabarttita ପାଇଁ ଅନ୍ୟଦ୍ୱାରା ପ୍ରବର୍ତ୍ତିତ ହୋଇ ନ ଥିବା—
1. Not excited to action by some one.
୨ । କାର୍ଯ୍ୟରୁ ନିବର୍ତ୍ତିଥିବା—
2. Abstaining from any action.

**ଅପ୍ରବାହ**—ସ. ବିଣ. ( ବହୁବ୍ରୀହି; ଅ+ପ୍ରବାହ )—
Aprabāha ସ୍ରୋତୋହୀନ; ଯହିଁରେ ସୁଅ ନ ଥାଏ—
Currentless; stagnant.
ସ. ବି. ( ନଞ୍‌ତତ୍ )—ସ୍ରୋତ ନ ଥିବା ଅବସ୍ଥା—
State of being stagnant; stagnation.

**ଅପ୍ରବୀଣ**—ସଂ. ବିଣ. ପୁଂ. ( ଅ + ପ୍ରବୀଣ )—
Aprabīṇa ୧ । ଅପଟୁ—1. Unskilful.
(ଅପ୍ରବୀଣା—ସ୍ତ୍ରୀ) ୨ । ଅନନୁଭବୀ; ଯେ ବୋଧା ନୁହେ—
(ଅପ୍ରବୀଣତା – ବି) 2. Inexperienced.

**ଅପ୍ରବୃତ୍ତ**—ସଂ. ବିଣ. ( ଅ + ପ୍ରବୃତ୍ତ )—
Aprabṛutta ୧ । ଅନାରବ୍ଧ—1. Not commenced
୨ । ଅନିଯୁକ୍ତ—2. Not engaged.
୩ । କାର୍ଯ୍ୟ କରୁ ନ ଥିବା—3. Not acting.
୪ । ଯାହାକୁ କେହି କୌଣସି କାର୍ଯ୍ୟ କରିବାକୁ ପ୍ରବର୍ତ୍ତାଇ ନ ଥାଏ—4. Not instigated

**ଅପ୍ରବୃତ୍ତି**—ସଂ. ବି. ( ଅ+ପ୍ରବୃତ୍ତି )—
Aprabṛutti ୧ । ପ୍ରବୃତ୍ତିର ଅଭାବ; କୌଣସି ବିଷୟ ପ୍ରତି ମନ ଆକୃଷ୍ଟ ନ ହେବା—1. Want of hankering
୨ । ନିବୃତ୍ତି—2. Abstention; cessation.
୩ । କୌଣସି ଉପଦେଶ ବା ସୂତ୍ର ବା ସିଦ୍ଧାନ୍ତ ଉପଯୋଗୀ ନ ହେବା ଅର୍ଥାତ୍ ନ ଖଟିବା ଅବସ୍ଥା—
3. Inapplicability of a precept or aphorism or decision to a case.
୪ । ମାତିବାର ଅଭାବ—4. Non-excitement.
୫ । (ବୈଦ୍ୟକ) କୋଷ୍ଠବଦ୍ଧତା; ଝାଡ଼ା ତଳିବ ନ ହେବା—
5. ( medicine ) Suppression of the natural evacuation; constipation; ischury ( M. W. )
୬ । ଅପ୍ରଚାର ( ହିନ୍ଦି ଶବ୍ଦସାଗର )—
6. Non-publication.

**ଅପ୍ରଭ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅ+ପ୍ରଭା )—
Aprabha ୧ । ଅସ୍ପଷ୍ଟ—1. Obscure.
(ଅପ୍ରଭା—ସ୍ତ୍ରୀ) ୨ । ପ୍ରଭାହୀନ—2. Lustreless.
୩ । ମାନ୍ଦା—3. Dull.

**ଅପ୍ରମଇ**—ଗ୍ରା. ବି. ( ସଂ. ପ୍ରମାଦ )—
Apramai ୧ । ଅଶୁଭ; ଅମଙ୍ଗଳ—1. Evil.
୨ । ପ୍ରମାଦ; ବିପଦ—2. Calamity; danger.
ଧର୍ମ ଥିଲେ ପ୍ରାଣୀଙ୍କ ନ ପଡ଼େ ଅପ୍ରମଇ । ବକୁଳଅପର୍ଣ୍ଣା ଗୀତ ।
୩ । ବିନାଶ—3. Ruin; destruction.
ଗ୍ରା. ବିଣ. ( ସଂ. ଅପ୍ରମେୟ )—ଅପ୍ରମେୟ; ଅପରିମିତ—
Immeasurable.

**ଅପ୍ରମଏ**—ଗ୍ରା. ବି. ଓ ବିଣ—ଅପ୍ରମଇ ( ଦେଖ )
Apramae Apramai ( See )

**ଅପ୍ରମତ୍ତ**—ସଂ. ବିଣ. ପୁଂ. ( ଅ + ପ୍ରମତ୍ତ )—
Apramatta ୧ । ପ୍ରମାଦ ଶୂନ୍ୟ—1. Free from error.
(ଅପ୍ରମତ୍ତା—ସ୍ତ୍ରୀ) ୨ । ଅବହିତ; ଦତ୍ତମନା—2. Attentive.
୩ । ସ୍ଥିରଚିତ୍ତ—3. Cool minded; calm.
୪ । ଶୃଙ୍ଖଳାରହିତ—4. Unruffled.
୫ । ସାବଧାନ; ଚେତାଳି; ହୁସିଆର—
5. Vigilant; careful.

**ଅପ୍ରମୟ**—ଗ୍ରା. ବିଣ. (ସଂ. ଅପ୍ରମେୟ)—୧ । ଅପ୍ରମେୟ, ଅପରିମିତ—
Apramaya 1. Immeasurable.
୨ । ଅସୀମ—2. Boundless.
ଗହନ ଘୋର ବନ ଅଟଇ ଅପ୍ରମୟ । ସାରଳା. ମହାଭାରତ. ଆଦି ।
୩ । ଅସଂଖ୍ୟ; ଅଗଣ୍ୟ—3. Countless.

**ଅପ୍ରମାଣ**—ସଂ. ବି. (ନଞ୍‌ତତ୍; ଅ + ପ୍ରମାଣ)—୧ । ପ୍ରମାଣର ଅଭାବ—
Apramāṇa 1. Want of proof.
୨ । ଅପ୍ରାମାଣିକ ନିୟମ—2. A rule which is no standard of action.

| ୧ | ଇ | ଉ | ର୍,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଗ,ଷ | ଙ୍କ | ଇଯ୍ | ଉଅ | ଘ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଯ୍ୟ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗଁ୍ୟ | ଇଅ | ● | ନ୍ତୃ |

୩ । ଯେଉଁ ବିବରଣର କିଛି ମୂଲ୍ୟ ବା ବାଧକତା ନାହିଁ—
3. A statement of no importance or authority (M. W.)

ସଂ. ବିଣ. (ବହୁବ୍ରୀହି)—୧ । ଯାହାର ପ୍ରମାଣ ନାହିଁ—
1. Having no proof.

୨ । ଅପ୍ରମେୟ; ଯାହା ପ୍ରମାଣ କରାଯାଇ ନ ପାରେ—
2 Incapable of being proved.

୩ । ଅବିଶ୍ୱସନୀୟ—3. Unreliable.

୪ । ହେୟ—4. Contemptible.

୫ । ଅଶ୍ରଦ୍ଧେୟ—5. Not deserving of affection or devotion.

୬ । ଯେଉଁ ବିଷୟରେ ନଜୀର ନାହିଁ—
6. Not established or supported by authority

অপ্রমাণ

अप्रमाण

ଦେ. ବିଣ (ସଂ. ଅପ୍ରମାଣିତ)—୧ । ଅପ୍ରମାଣିତ—
1. Not proved.

(ଯଥା—ମୋ ନାଆଁରେ ସେ ଯେତେ କଥା ଦରଖାସ୍ତ ଦେଇଥିଲା ସବୁ ଯାକ ହାକିମଙ୍କ ପାଖରେ ଅପ୍ରମାଣ ହୋଇଗଲା । )

୨ । ଅଗ୍ରାହ୍ୟ—2. Unacceptable.

୩ । ଅସ୍ୱୀକୃତ—3. Unaccepted; denied; not admitted.

(ଯଥା—ସେ ମୋ ବିଷୟରେ ଯେତେ କଥା କହୁଥିଲା, ସେ ସବୁ କଥା ମୋର ଅପ୍ରମାଣ )

(ସଂ. ଅପ୍ରମିତ)—୪ । ଅପରିମିତ; ଅମାପ—
4. Unmeasured; immeasurable.

ଦାନବର ଭୁଲେ ଦେଖା କଲେ ବିନ୍ଧୁ ଗଣ ।
କେତେ କହିବ ଦେବ ସଂଗ୍ରାମ ଅପ୍ରମାଣ । ସାରଳା. ମହାଭାରତ. ମଧ୍ୟ ।

**ଅପ୍ରମାଣ କରିବା**—ଦେ. କ୍ରି—ପ୍ରମାଣଦ୍ୱାରା କୌଣସି କଥାକୁ ମିଥ୍ୟା ପ୍ରତିପନ୍ନ କରିବା—To prove a thing false; to disprove a matter.
Apramāṇa karibā

অপ্রমাণকরা

अप्रमाणित करना

**ଅପ୍ରମାଦ**—ସଂ. ବି (ଅ+ପ୍ରମାଦ)—୧ । ପ୍ରମାଦ ବା ଭ୍ରମର ଅଭାବ—
Apramāda Freedom from error.

(ଅପ୍ରମତ୍ତ— ବିଣ) ୨ । ମନୋଯୋଗ—2. Attention.

୩ । ହୁସିଆର; ସାବଧାନପଣ; ସତର୍କତା—3. Caution; vigilance.

୪ । ଯତ୍ନ—4. Case.

(ଅପ୍ରମାଦା—ସ୍ତ୍ରୀ) ସଂ. ବିଣ. ପୁଂ—୧ ସତର୍କ; ହୁସିଆର—
1. Cautious.

୨ । ସାବଧାନ—2. Careful

**ଅପ୍ରମାଦେ**—ଦେ. ପଦ୍ୟ. କ୍ରି. ବିଣ—ଅକ୍ଲେଶରେ; ସହଜରେ; ଅବଲୀଳାକ୍ରମେ—Easily
Apramāde

ଦୁଃଶାସନ ରକତ ପିଇ ଅପ୍ରମାଦେ,
ଦୁର୍ଯୋଧନ ଶିରକୁ ମରଦିଲ ପାଦେ—କୃଷ୍ଣସିଂହ. ମହାଭାରତ. ଶଲ୍ୟ ।

୨ । ନିଃସନ୍ଦେହରେ—2. Undoubtedly.

ଭକ୍ତି ହୋଇବ ଅପ୍ରମାଦେ । ପ୍ରାଚୀ. ପୂର୍ଣ୍ଣତମ ଚନ୍ଦ୍ରୋଦୟ ।

**ଅପ୍ରମିତ**—ସଂ. ବିଣ. (ଅ+ପ୍ର+ମା ଧାତୁ+କର୍ମ. ତ)—୧ । ଅସୀମ—
Apramita 1. Unbounded; limitless.

ଷଡ଼ ଦୁହିତା କନ୍ୟା ଜାତ, ଏରୂପେ ବଂଶ ଅପ୍ରମିତ—ଭୂପତି. ପ୍ରେମପଞ୍ଚାମୃତ ।

୨ । ଅପରିମିତ; ଅମାପ—2. Unmeasured.

୩ । ଅସଂଖ୍ୟ—3. Countless.

୪ । ବହୁତ—4. Much.

ଭୀମସେନ ପ୍ରତିଜ୍ଞା ଯେ କରଇ ଅପ୍ରମିତ । ସାରଳା. ମହାଭାରତ. ବନ ।

୫ । ଅପ୍ରମାଣିତ—5. Not proved. (M. W.)

୬ । ନଜୀର ଦ୍ୱାରା ସିଦ୍ଧ ହୋଇ ନ ଥିବା—
6. Not established by authority (M.W.)

**ଅପ୍ରମେୟ**—ସଂ. ବିଣ—(ଅ+ପ୍ର+ମା ଧାତୁ+କର୍ମ ଯ)—
Aprameya ୧ । ଅମାପ—1. Immeasurable.

୨ । ଅପାର; ଅସୀମ—2 Unlimited.

୩ । ଅତିଗମ୍ଭୀର—3. Unfathomable; inscrutable

୪ । ଅସଂଖ୍ୟେୟ—4. Countless; incalculable.

୫ । ଯାହା ପ୍ରମାଣ କରାଯାଇ ନ ପାରେ—
5. That which cannot be proved.

୬ । ପ୍ରଚୁର; ଅପର୍ଯ୍ୟାପ୍ତ—6. Abundant.

୭ । ଅଜ୍ଞେୟ—7. Unknowable.

ସଂ. ବି.—ପରମେଶ୍ୱର—God

**ଅପ୍ରଯତ୍ନ**—ସଂ. ବି. ( ନଞ୍ ତତ୍; ଅ+ପ୍ରଯତ୍ନ)—
Aprajatna ୧ । ଚେଷ୍ଟା ବା ଯତ୍ନର ଅଭାବ—
I. Want of exertion; absence of effort.

୨ । ନିଶ୍ଚେଷ୍ଟତା; ଜଡ଼ତା—2. Inertness.

୩ । ବେପରୁଆ; ଅପକ୍ଷପାତ—3. Indifference.

ସଂ. ବିଣ. ପୁଂ (ବହୁବ୍ରୀହି)—
(ଅପ୍ରଯତ୍ନା—ସ୍ତ୍ରୀ) ୧ । କୌଣସି ବିଷୟରେ ମମତା ବା ଆକାଂକ୍ଷାଶୂନ୍ୟ—
1. Apathetic or indifferent in any matter.

୨ । ନିଶ୍ଚେଷ୍ଟ—2. Not striving for.

**ଅପ୍ରଯୁକ୍ତ**—ସଂ. ବିଣ. (ଅ+ପ୍ରଯୁକ୍ତ)—
Aprajukta ୧ । ଅଯୋଗ୍ୟ; ଅସଙ୍ଗତ—1. Unsuitable.

୨ । ଅନ୍ୟାୟ—2. Illegal; unjust.

(ଅପ୍ରଯୁକ୍ତତା—ବି) ୩ । ଅବ୍ୟବହାର୍ଯ୍ୟ—3. Useless.

୪ । ଯାହା ସାଧାରଣତଃ ବ୍ୟବହୃତ ହୁଏ ନାହିଁ—4. Unusual.

୫ । ଅନାଚରିତ—5. Not practised.

୬ । ଅବ୍ୟବହୃତ—6. Not used or applied.

୭ । ଅପ୍ରଚଳିତ—7. Not in use.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ଭୁଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅପ୍ରଯୁକ୍ତତା**—ସଂ. ବି. (ଅପ୍ରଯୁକ୍ତ + ତା)—
Aprajuktatā ୧ । ଅସଙ୍ଗତି—1. Unsuitability.
୨ । ଅଯୋଗ୍ୟତା—2. Unfitness; inapplicability.
୩ । ବ୍ୟବହାରାସଙ୍ଗତି; ଅସଙ୍ଗତ ବିଷୟର ପ୍ରୟୋଗ—
3. Application of unsuitable matters.
୪ । ଅସାଧାରଣତା—4. Unusualness.
୫ । ଅଲଙ୍କାର ଶାସ୍ତ୍ରୋକ୍ତ ଶବ୍ଦଦୋଷବିଶେଷ —
5. A faulty composition consisting of the use of unusual words,
[ଯେଉଁ ଶବ୍ଦ ଅଭିଧାନର ଅନ୍ତର୍ଗତ, କିନ୍ତୁ କବିମାନେ କେବେହେଁ ତାହା କାବ୍ୟାଦିରେ ବ୍ୟବହାର କରି ନାହାନ୍ତି ଏପରି ଶବ୍ଦର ପ୍ରୟୋଗ ହେଲେ ଅପ୍ରଯୁକ୍ତତା ଦୋଷ ହୁଏ । ଉପେନ୍ଦ୍ରଭଞ୍ଜଙ୍କ କବିତାରେ ଏହି ଦୋଷ ଭୂରି ଭୂରି ଦୃଷ୍ଟ ହୁଏ ।]

**ଅପ୍ରଯୋଗ**—ସଂ. ବି.—ଅପ୍ରୟୋଗ (ଦେଖ)
Aprajoga Aprayoga (See)

**ଅପ୍ରୟୋଗ**—ସଂ. ବି. (ଅ + ପ୍ରୟୋଗ)—
Aprayoga ୧ । ପ୍ରୟୋଗର ଅଭାବ—1. Non-application.
(ଅପ୍ରଯୁକ୍ତ—ବିଣ) ୨ । ବ୍ୟବହାରର ଅଭାବ—
2. Absence of use; the not being in use.
୩ । ଅପପ୍ରୟୋଗ; ଅପବ୍ୟବହାର—
3. Abuse; misuse.

**ଅପ୍ରୟୋଜକ**—ସଂ. ବିଣ ( ଅ + ପ୍ରୟୋଜକ )—
Aprayojaka ୧ । ଯାହା ଘଟାଏ ନାହିଁ—
( ଅପ୍ରୟୋଜକା—ସ୍ତ୍ରୀ ) 1. Not causing; not effecting (M. W.)

**ଅପ୍ରୟୋଜନ**—ସଂ. ବି. ( ଅ + ପ୍ରୟୋଜନ )—
Aprayojana ପ୍ରୟୋଜନର ଅଭାବ; ଆବଶ୍ୟକ ନ ହେବା—
Uselessness; no necessity
ସ. ବିଣ—୧ । ଯାହା ଦରକାରୀ ନୁହେଁ; ଅପ୍ରୟୋଜନୀୟ—
1. Not useful; not required; unnecessary.
୨ । ଅହେତୁକ—2. Having no ulterior motive.
୩ । ନିଷ୍କାମ; ନିଃସ୍ୱାର୍ଥ—
3. Disinterested, unselfish.
ଅପ୍ରୟୋଜନ ପ୍ରେମ ଯାର, ଗୋବିନ୍ଦ ଅଧୀନ ତାହାର ।
ଭୂପତି. ପ୍ରେମପଞ୍ଚାମୃତ ।

**ଅପ୍ରୟୋଜନୀୟ**—ସଂ. ବିଣ ( ଅ + ପ୍ରୟୋଜନୀୟ )—
Aprayojaniya ଅଲୋଡ଼ା; ବେଦରକାରୀ—
( ଅପ୍ରୟୋଜନୀୟତା—ବି ) Unnecessary

**ଅପ୍ରଲଘୁ**—ସଂ. ବିଣ ( ଅ + ପ୍ରଲଘୁ )—
Apralaghu ଯାହା ଅତି ଲଘୁ ନୁହେଁ; ଅଧିକ—
Considerable.

ବିଘୋଷିତାପ୍ରଲଘୁ ସ୍ୱନିତ ହେବ ଖସି ପ୍ରଭା ନାହିଁ ।
ଉଞ୍ଜ. ବୈଦେହୀଶବିଳାସ ।

**ଅପ୍ରଶଂସା**—ସଂ. ବି ( ଅ + ପ୍ରଶଂସା )—
Apraśaṁsā ୧ । ପ୍ରଶଂସାର ଅଭାବ—
1. Absence of praise.
୨ । ନିନ୍ଦା—2, Blame

**ଅପ୍ରଶଂସ୍ୟ**—ସଂ. ବିଣ. ( ଅ + ପ୍ରଶଂସ୍ୟ )—
Apraśaṁsya ୧ । ପ୍ରଶଂସା ପାଇବାର ଅଯୋଗ୍ୟ—
1. Not praiseworthy.
୨ । ନିନ୍ଦ୍ୟ; ନିନ୍ଦାର୍ହ—2, Blameworthy.

**ଅପ୍ରଶସ୍ତ**—ସଂ. ବିଣ ( ଅ + ପ୍ରଶସ୍ତ )—
Apraśasta ୧ । ( ବୈଦିକ ) ଅପ୍ରଶଂସିତ—
1. Not praised ( M. W. )
୨ । ନିକୃଷ୍ଟ—2. Inferior ( M. W. )
୩ । ଅକାମିକା; ନିକମ୍ମା—
3. Worthless ( M. W )
୪ । ଅବିସ୍ତୃତ; ଅଳ୍ପ ଓସାର୍‌ଡ଼ା—
4. Not wide; not extensive
୫ । ସଂକୀର୍ଣ୍ଣ—5. Narrow.
୬ । ଅପ୍ରଚଳିତ—
6. Not in use; not current; obsolete.
୭ । ନିନ୍ଦିତ—7. Blameworthy,
୮ । ପ୍ରତିକୂଳ—8. Unfavourable.
୯ । ଅଶୁଭକର—9. Inauspicious.
୧୦ । ଅଯଥେଷ୍ଟ—10. Insufficient
୧୧ । ଅସୁବିଧାଜନକ—11. Inconvenient.
୧୨ । ଜ୍ୟୋତିଷଶାସ୍ତ୍ର ମତରେ ଅଶୁଭଜନକ ବା ଅଶୁଚି (କାଳ)
12. Astronomically inauspicious or impure ( time )
ସଂ. ବି—୧ । ମଇଳା; ମଳ—1. Dirt.
୨ । ମନୁଷ୍ୟଦେହଜାତ ବିଷ୍ଠା ମୂତ୍ରାଦି; ମଳ—
2. Natural excretion ( M. W. )
[ ଦ୍ର—ଜଳରେ ଅପ୍ରଶସ୍ତ ଅର୍ଥାତ୍ ମଳମୂତ୍ରାଦି କଲେ ମାସେ କାଳ ଉପାଭୋଜୀ ରହି ଏ ପାପର ପ୍ରାୟଶ୍ଚିତ୍ତ କରିବ ।
ରାମଶଙ୍କର. ମନୁସଂହିତା ୧୧—୨୫ । ]

**ଅପ୍ରସକ୍ତ**—ସ. ବିଣ. ( ଅ + ପ୍ରସକ୍ତ )—
Aprasakta ୧ । ଲାଗି ନ ଥିବା; ଲଗ୍ନ ହୋଇ ନ ଥିବା—
(ଅପ୍ରସକ୍ତି—ବି) 1. Not attached to.
୨ । ଅନାସକ୍ତ; ଆସକ୍ତ ହୋଇ ନ ଥିବା—
2. Not addicted to.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇସ୍ପ | ଉଅ | ଢ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ● | ନ୍ତ |

**ଅପ୍ରସଙ୍ଗ**—ସଂ. ବି. ( ଅ + ପ୍ରସଙ୍ଗ )—୧ । ଆଲୋଚିତ ବିଷୟ **ସହିତ**
Aprasaṅga ପ୍ରସଙ୍ଗ ବା ସମ୍ପର୍କର ଅଭାବ 1. Irrelevance;
(ଅପ୍ରାସଙ୍ଗିକ—ବିଣ) want of relevance.
୨ । ( ନ୍ୟାୟ ଦର୍ଶନ ) ସମ୍ପର୍କର ଅଭାବ—
2. ( Nyāya philosophy ) Want of connection.
୩ । ମନ୍ଦ ପ୍ରସଙ୍ଗ—3. Bad point.
୪ । ନ ଖାଟିବା ଅବସ୍ଥା—
4. Non—applicability ( M. W. ).

**ଅପ୍ରସନ୍**—ଗ୍ରା. ବି. ( ଇଂ. ଅପରେସନ୍ )—ଅପରେସନ୍;
Aprasan ଚିକିତ୍ସାର୍ଥ ଦେହରେ ଅସ୍ତ୍ର ପ୍ରୟୋଗ —
অপারেসন Surgical operation.
**चीरफाड़**

**ଅପ୍ରସନ୍ନ**—ସଂ. ବିଣ. ପୁଂ. ( ଅ + ପ୍ରସନ୍ନ )—୧ । ଅସନ୍ତୁଷ୍ଟ; ବିରକ୍ତ—
Aprasanna 1. Dissatisfied; displeased
(ଅପ୍ରସନ୍ନା—ସ୍ତ୍ରୀ) ୨ । ବିରସ ( ମୁଖ )—
(ଅପ୍ରସନ୍ନତା—ବି) 2. Frowning (face); scowling.
୩ । ଅପ୍ରଫୁଲ୍ଲ; ମ୍ଳାନ—3. Faded.
୪ । ପ୍ରତିକୂଳ—4. Unfavourable.
୫ । ପ୍ରସାଦରହିତ—5. Not propitiated.
୬ । ଦୁଃଖିତ; ନିରାନନ୍ଦ—6. Joyless; grieved.
୭ । କ୍ଷୁବ୍ଧ—7. Agitated; perplexed.
୮ । ଗୋଳିଆ ( ପାଣି )—8. Muddy (water).
୯ । ଅନିର୍ମଳ—9. Not clear.

**ଅପ୍ରସହ୍ୟ**—ସଂ. ବିଣ. ( ଅ + ପ୍ରସହ୍ୟ )—୧ । ଅତି ଅସହ୍ୟ—
Aprasahya 1. Intolerable.
୨ । ଅବ୍ୟାହତ—2. Irresistible.

**ଅପ୍ରସାଦ**—ସଂ. ବି. ( ଅ + ପ୍ରସାଦ )—୧ । ବେଅନୁଗ୍ରହ—
Aprasāda 1. Disfavour.
୨ । ଅସନ୍ତୋଷ—2. Dissatisfaction.

**ଅପ୍ରସାଦୀ**—ସଂ. ବିଣ. ପୁଂ. (ଅ + ପ୍ର + ସଦ ଧାତୁ + ଇନ୍ ୧ମା. ୧ବ.)—
Aprasādi ଯେ ଅନୁଗ୍ରହ ବା ପ୍ରସାଦ ପ୍ରତ୍ୟାଶୀ ନୁହେ—
(ଅପ୍ରସାଦିନୀ—ସ୍ତ୍ରୀ) Not asking or expecting any favour.

**ଅପ୍ରସାଦ୍ୟ**—ସଂ. ବିଣ. ( ଅ + ପ୍ର + ସଦ ଧାତୁ + କର୍ମ. ଯ )
Aprasādya ଯାହାକୁ ପ୍ରସନ୍ନ କରାଯାଇ ନ ପାରେ—
Unappeasable; not to be propitiated; implacable.

**ଅପ୍ରସିଦ୍ଧ**—ସଂ. ବିଣ. ( ଅ + ପ୍ରସିଦ୍ଧ )—୧ । ଯେ ବା ଯାହା ବିଖ୍ୟାତ
Aprasiddha ନୁହେଁ—1. Uncelebrated.
୨ । ଅପ୍ରତିଷ୍ଠିତ—2. Not established.
୩ । ଅସାଧାରଣ—3. Unusual; uncommon.
୪ । ସାଧାରଣତଃ ଜଣା ନ ଥିବା—
4. Not generally known.
୫ । ଅସିଦ୍ଧ; ଅନିଷ୍ପନ୍ନ—5. Unaccomplished.
୬ । ଅପ୍ରମାଣିତ—6. Not proved.
୭ । ଅମୂଳକ—7. Baseless.
୮ । ଅପ୍ରଚଳିତ—8. Not current; obsolete; not in vogue.
( ଯଥା—ଅପ୍ରସିଦ୍ଧ ପଦ । )

**ଅପ୍ରସିଦ୍ଧି**—ସଂ. ବି. ( ଅ + ପ୍ରସିଦ୍ଧି )—
Aprasiddhi ୧ । ପ୍ରସିଦ୍ଧି ବା ଯଶର ଅଭାବ—
1. Absence of renown.
୨ । ମନ୍ଦଯଶ—2. Notoriety.

**ଅପ୍ରସୂତା**—ସଂ. ବି. ସ୍ତ୍ରୀ. ( ଅ + ପ୍ରସୂତା )—ବନ୍ଧ୍ୟା ସ୍ତ୍ରୀ—
Aprasūtā A barren woman ( M. W. )

**ଅପ୍ରସ୍ତାବ** - ସଂ. ବି. ( ଅ + ପ୍ରସ୍ତାବ )—
Aprastāba ୧ । ପ୍ରସ୍ତାବ ବା ପ୍ରାର୍ଥନାର ଅଭାବ—
1. Non-proposal.
୨ । ମନ୍ଦ ପ୍ରସ୍ତାବ—2. Bad proposal.
ସଂ. ବିଣ—ଯାହା ପ୍ରସ୍ତାବିତ ବା ପ୍ରାର୍ଥିତ ହୋଇ ନାହିଁ—
Not prayed for.

**ଅପ୍ରସ୍ତାବପ୍ରତିଗ୍ରହ**—ସଂ. ବି—ବିନା ପ୍ରାର୍ଥନାରେ ଅନ୍ୟ ବ୍ୟକ୍ତି ଠାରୁ କୌଣସି
Aprastābapratigraha ପଦାର୍ଥର ପ୍ରାପ୍ତି ବା ଗ୍ରହଣ—
Getting a thing without the asking.
କୃଷ୍ଣ ବୋଇଲେ ତୁ ଯେତେ କଷ୍ଟ ଅରଜିଲୁ
ଅପ୍ରସ୍ତାବ ପ୍ରତିଗ୍ରହେ ସମସ୍ତ ପାଇଲୁ । ସାରଳା. ମହାଭାରତ. ଦ୍ରୋଣ ।

**ଅପ୍ରସ୍ତାବିତ** —ସଂ. ବିଣ. ( ଅ + ପ୍ରସ୍ତାବିତ )—
Aprastābita ୧ । ଯାହା ପ୍ରସ୍ତାବିତ ହୋଇ ନାହିଁ—
1. Not proposed.
୨ । ଅପ୍ରାର୍ଥିତ—2. Not prayed for.

**ଅପ୍ରସ୍ତୁତ୍**—ଦେ. ବିଣ. ( ଗାଳିରେ ବ୍ୟବହୃତ; ସଂ. ଅପ୍ରସ୍ତୁତ )—
Aprastut ଅଭଦ୍ର; ଅଭବ୍ୟ—Impolite; rude; uncouth.

**ଅପ୍ରସ୍ତୁତ**—ସଂ. ବିଣ. ପୁଂ. ( ଅ + ପ୍ରସ୍ତୁତ )—
Aprastuta ୧ । ଅତତ୍ପର; ଯେଉଁ ବ୍ୟକ୍ତି କୌଣସି କାର୍ଯ୍ୟ
(ଅପ୍ରସ୍ତୁତା—ସ୍ତ୍ରୀ) ବା ବିଷୟ ପାଇଁ ପୂର୍ବରୁ ପ୍ରସ୍ତୁତ ବା ତତ୍ପର ହୋଇ ନ ଥାଏ—1. Not ready; unprepared.
୨ । ଅପ୍ରତିଭ—2. Abashed; nonplussed; disconcerted.
୩ । ଲଜ୍ଜିତ—3. Ashamed.
୪ । କିଂକର୍ତ୍ତବ୍ୟବିମୂଢ଼—4. Bewildered.

ସାଧାରଣ ଲୋକେ ଅଜ୍ଞ ଦୃଷ୍ଟିରେ ମୂଳକ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଣ୍ଣ' ନ ପାଇଲେ 'ଅର୍ଣ୍ଣ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ' ଦେଖିବେ ।

୫ । ଅନିଚ୍ଛୁକ—5. Unwilling; loath.
୬ । ଅପ୍ରକୃତ—6. Unreal; not actual.
୭ । ଅବର୍ତ୍ତମାନ—7. Not present; non-existent.
୮ । ଅନିର୍ମିତ—8. Not prepared or made.
୯ । ଅନିଷ୍ପନ୍ନ; ଅସମ୍ପନ୍ନ—9. Unfinished; unaccomplished.

**ଅପ୍ରସ୍ତୁତପ୍ରଶଂସା**—ସଂ. ବି—ଅର୍ଥାଲଙ୍କାରବିଶେଷ; ପ୍ରକୃତ ବିଷୟର
Aprastutapraśaṁsā ଗୋପନପୂର୍ବକ ଅପ୍ରକୃତ ବିଷୟର କଥନ—A figure in rhetoric.
[ ଉଦାହରଣ:—
ଅଳିକି ତ୍ରୁଟି ନିଷ୍ଫଳେ ବୋଲ, ରସାଳ ଗହଳ ଶାଖାରେ ଖେଳ,
କବଳ କରୁ ଯା କଳ କଳାପ, ତାକୁ କି କରୁବ ପଶ୍ଚମାଳାପ,
ଜଗତେ କେବଳ—କେବେ ଦୁଃଖିବେ ଏକୁ ଚଇଁ ଫଳ । ବିଦଗ୍ଧଚି. କୃଷ୍ଣୁ ]

**ଅପ୍ରହତ**—ସଂ. ବିଣ. ( ଅ+ପ୍ରହତ )—
Aprahata ୧ । ଅକ୍ଷୁଣ୍ଣ; ଅନାହତ—1. Unhurt; unstruck.
୨ । ଅକର୍ଷିତ—2. Uncultivated.
୩ । ଗୋଡ଼ରେ ଦଳା ହୋଇ ନ ଥିବା—3. Untrodden.
୪ । ଅସ୍ପୃଷ୍ଟ—4. Untouched.

**ଅପ୍ରାକରଣିକ**—ସଂ. ବିଣ. (ଅ+ପ୍ରାକରଣିକ)—
Aprākaranika ୧ । ଅପ୍ରାସଙ୍ଗିକ; ଆଲୋଚିତ ବିଷୟ ସଙ୍ଗେ ସମ୍ବନ୍ଧ ହୀନ—1. Irrelevant; impertinent; not to the point.
(ଅପ୍ରାକରଣିକତା—ବି)
୨ । ଅପ୍ରସ୍ତାବିତ—2. Not proposed.
୩ । ପ୍ରସ୍ତାବର ବହିର୍ଭୂତ—3. Beyond the limit of a proposal

**ଅପ୍ରାକୃତ**—ସଂ. ବିଣ. (ଅ+ପ୍ରାକୃତ)—
Aprākruta ୧ । ଅସାଧାରଣ; ଅସାମାନ୍ୟ—1. Uncommon; extraordinary.
ଅପ୍ରାକୃତ ପ୍ରେମମୂର୍ତ୍ତି କିସ ଯାଅ ହୁଇ । ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।
୨ । ଅସ୍ୱାଭାବିକ; ଅନୈସର୍ଗିକ—2. Unnatural; artificial.
୩ । ଯାହା ସାଧାରଣ କଥିତ ଭାଷାର ଅନ୍ତର୍ଗତ ନୁହେଁ—3. Not appertaining to the spoken language or vernacular.
୪ । ଅପ୍ରକୃତ; ଅବାସ୍ତବ—4. Unreal; not actual.

**ଅପ୍ରାକୃତିକ**—ସଂ. ବିଣ. (ଅ+ପ୍ରାକୃତିକ)—
Aprākrutika ଅସ୍ୱାଭାବିକ—Unnatural.

**ଅପ୍ରାକୃତିକ ସହବାସ**—ସଂ. ବି. (ଆଧୁନିକ ପ୍ରୟୋଗ)—
Aprākrutika sahabāsa ଗୁହ୍ୟଦ୍ୱାର ବା ମୁଖବିବର ବା ପଶ୍ୱାଦି ଯୋନିରେ ସହବାସ ଆଦି ଅସ୍ୱାଭାବିକ ଉପାୟରେ କାମପ୍ରବୃତ୍ତି ଚରିତାର୍ଥକରଣ—Unnatural offence; sodomy.
[ଦ୍ରୁ—ଏହା ଭାରତୀୟ ଦଣ୍ଡବିଧି ଆଇନର ବିଧାନ (୩୭୭ ଦଫା) ଅନୁସାରେ ଗୋଟିଏ ଗୁରୁତର ଅପରାଧ ଓ ଏଥିପାଇଁ ଦଣ୍ଡ ମଧ୍ୟ ଗୁରୁତର ।]

**ଅପ୍ରାଗ୍ର୍ୟ**—ସଂ. ବିଣ. (ଅ+ପ୍ରାଗ୍ର୍ୟ=ପ୍ରଧାନ)—
Aprāgrya ଅପ୍ରଧାନ; ଗୌଣ—Secondary.

**ଅପ୍ରାଧ**—ଗ୍ରା. ଓ ପ୍ରାଚୀନ ପଦ୍ୟ. ବି (ସଂ. ଅପରାଧ)—
Aprādha ୧ । ଅପରାଧ—1. Offence.
ଅପରାଧ ୨ । ଦୋଷ—2. Guilt.
अपराध ତୋ ଠାରେ କିଛି ନାହିଁ ମୁଁ ଅପ୍ରାଧୀ । କୃଷ୍ଣସିଂହ. ମହାଭାରତ. ଆଦି ।
୩ । ପାପ—3. Sin

**ଅପ୍ରାଧୀ**—ଗ୍ରା. ଓ ପ୍ରାଚୀନ ପଦ୍ୟ. ବିଣ. ପୁଂ. ଓ ସ୍ତ୍ରୀ (ସଂ. ଅପରାଧୀ)—
Aprādhi ୧ । ଅପରାଧୀ—1. Offending.
ଅପରାଧୀ ୨ । ଦୋଷୀ—2. Guilty.
अपराधी ୩ । ପାପୀ—3. Sinful.
ନାହିଁ ମଣ୍ଡ ମଧ୍ୟେ ଅପ୍ରାଧୀ ଭୀମ ପ୍ରତି । କୃଷ୍ଣସିଂହ. ମହାଭାରତ. ସଭା ।

**ଅପ୍ରାପତ**—ଗ୍ରା. ଓ ପଦ୍ୟ. ବିଣ. (ସଂ. ଅପ୍ରାପ୍ତ)—
Aprāpata ୧ । ଅପ୍ରାପ୍ତ—1. Not received.
ଅପ୍ରାପ୍ତ ୨ । ଅଲଭ୍ୟ—2. Not available.
अप्राप्त ଗ୍ରା. ବି— ( ସଂ. ଅପ୍ରାପ୍ତି)—
୧ । ଅପ୍ରାପ୍ତି; ନ ପାଇବା; ଅଲାଭ—1. Non-receipt; not getting.
୨ । ଅଭାବ—2 Want.
ଏ ପ୍ରଜା ପୀଡ଼ିତ ଅଛନ୍ତି ।
କ୍ଷୁଧିତ ଅନ୍ନ ଅପ୍ରାପତେ । ଜଗନ୍ନାଥ. ଭାଗବତ ୧ମ ।

**ଅପ୍ରାପତି**—ଗ୍ରା. ଓ ପଦ୍ୟ. ବି (ସଂ. ଅପ୍ରାପ୍ତି)—ଅପ୍ରାପ୍ତି (ଦେଖ)
Aprāpati Aprāpti (See)
ଅପ୍ରାପ୍ତି ଗୁଣଶୂନ୍ୟ ଥିବାରେ ପ୍ରାପତ ଅପ୍ରାପତ ।
अप्राप्ति ପ୍ରାଚୀ. ଶିବସ୍ୱରୋଦୟ ।

**ଅପ୍ରାପ୍ତ**—ସଂ. ବିଣ. (ଅ+ପ୍ରାପ୍ତ)—୧ । ଅଲବ୍ଧ; ଯାହା ମିଳି ନାହିଁ—
Aprāpta 1. Not received; not attained.
୨ । ଅନଧିଗତ; ଯାହାର ନିକଟରେ ଲୋକ ପହଞ୍ଚି ପାରି ନାହିଁ—2 Unreached.
ବେ. ବିଣ—ଅଲଭ୍ୟ; ଯାହା ମିଳେ ନାହିଁ—Not to be got

**ଅପ୍ରାପ୍ତକାଳ**—ସଂ. ବିଣ. (ବହୁବ୍ରୀହି; ଅ+ପ୍ରାପ୍ତ+କାଳ)—
Aprāptakāla ୧ । ଅସମୟୋଚିତ—1. Inopportune.
୨ । ଅକାଳିକ—2. Untimely; unseasonable.
(ଅପ୍ରାପ୍ତକାଳା—ସ୍ତ୍ରୀ) ସଂ. ବିଣ. ପୁଂ—ଅପ୍ରାପ୍ତବୟସ୍କ; ନାବାଳକ—Minor.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇୟ | ଉଅ | ଢ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଯ୍ୱେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ୱ | ଢ଼ |

**ଅପ୍ରାପ୍ତବୟସ୍କ**—ସଂ. ବଣ. ପୁଂ. ( ବହୁବ୍ରୀହି; ଅପ୍ରାପ୍ତ + ବୟସ୍ + କ )—
Aprāptabayaska ଯେ ଉପଯୁକ୍ତ ବୟସ ପ୍ରାପ୍ତ ହୋଇ ନାହିଁ;
(ଅପ୍ରାପ୍ତବୟସ୍କା—ସ୍ତ୍ରୀ) ନାବାଲଗ—Minor; not yet come of age.

**ଅପ୍ରାପ୍ତବ୍ୟ**—ସଂ. ବଣ. (ଅ + ପ୍ରାପ୍ତବ୍ୟ)—ଅପ୍ରାପ୍ୟ (ଦେଖ)
Aprāptabya Aprāpya (See)

**ଅପ୍ରାପ୍ତବ୍ୟବହାର**—ସଂ. ବଣ. ପୁଂ. (ନଞ୍ ତତ୍; ଅ + ପ୍ରାପ୍ତ ବ୍ୟବହାର; କମ୍ବା
Aprāptabyabahāra ବହୁବ୍ରୀହି; ଅପ୍ରାପ୍ତ + ବ୍ୟବହାର;)—
(ଅପ୍ରାପ୍ତବ୍ୟବହାରା—ସ୍ତ୍ରୀ) (ବ୍ୟବହାର ଶାସ୍ତ୍ର ବା ଆଇନର ବିଧାନ ଅନୁସାରେ ନିଜ ବିଷୟ ନିଜେ ବୁଝିବା ଭଳି ଜ୍ଞାନ ବା ଅଧିକାର ଯେ ପାଇ ନାହିଁ )—ନାବାଲଗ—Minor; not yet come of age.

**ଅପ୍ରାପ୍ତଯୌବନ**—ସଂ. ବଣ. ପୁଂ. (ନଞ୍ ତତ୍; ଅ + ପ୍ରାପ୍ତଯୌବନ କମ୍ବା
Aprāptajaubana ବହୁବ୍ରୀହି, ଅପ୍ରାପ୍ତ + ଯୌବନ )—
(ଅପ୍ରାପ୍ତଯୌବନା—ସ୍ତ୍ରୀ) କିଶୋର; ଯେ ଅବଧି ଯୁବା ହୋଇ ନାହିଁ—
Adolescent; not yet become adult.

**ଅପ୍ରାପ୍ତଯୌବନା**—ସଂ. ବଣ. ସ୍ତ୍ରୀ (ଅପ୍ରାପ୍ତଯୌବନ + ଆ)—
Aprāptajaubanā ୧ । ଅପ୍ରାପ୍ତଯୌବନର ସ୍ତ୍ରୀଲିଙ୍ଗ—
1. Feminine of Aprāptajaubana.
୨ । ଯେଉଁ ବାଳିକାର ଅବଧି ରଜୋଦର୍ଶନ ହୋଇନାହିଁ—
( girl ) Who has not yet attained maturity.

**ଅପ୍ରାପ୍ତଲକ୍ଷଣ**—ସଂ. ବଣ ( ବହୁବ୍ରୀହି; ଅପ୍ରାପ୍ତ + ଲକ୍ଷଣ )—ଯାହାର
Aprāptalakshana କୌଣସି ଲକ୍ଷଣ ବା ଚିହ୍ନ ମିଳି ନାହିଁ—
Not yet traced.

**ଅପ୍ରାପ୍ତି**—ସଂ. ବଣ. (ଅ + ପ୍ରାପ୍ତି)—୧ । ନ ମିଳିବା—
Aprāpti 1. Non-attainment; non receipt.
୨ । ଅଭାବ—2. Want.
୩ । ଅଲାଭ—3. Non-acquisition; absence of gain.
୪ । ଅସଙ୍ଗତି ( ଦେଖ )
4. Asangati ( See )
୫ । ଅପ୍ରାପ୍ୟତା, ଦୁର୍ଲଭତା—5. Scarcity.
ଦେ. ବଣ. ( ସଂ. ଅପ୍ରାପ୍ତ ) ୧ । ଅପ୍ରାପ୍ତ—1. Not got.
ଅପ୍ରାପ୍ତ ୨ । ଯାହା ଖୋଜିଲେ ମିଳେ ନାହିଁ—ଦୁଷ୍ପ୍ରାପ୍ୟ—
Aprapti 2. Scarce; not to be had.

**ଅପ୍ରାପ୍ୟ**—ସଂ. ବଣ. (ଅ + ପ୍ରାପ୍ୟ)—୧ । ଯାହା ପାଉଣା ନୁହେ—
Aprāpya 1. Not due.
( ଅପ୍ରାପ୍ୟତା—ବି ) ୨ । ଯାହା ପାଇବା ଅସାଧ୍ୟ—
2. Unattainable.
୩ । ଦୁଷ୍ପ୍ରାପ୍ୟ, ଦୁର୍ଲଭ—3. Scarce
୪ । ଯାହା ମିଳିବା ଅସମ୍ଭବ—4. Not to be had.

**ଅପ୍ରାମାଣିକ**—ସଂ. ବଣ. ( ଅ + ପ୍ରାମାଣିକ )—
Aprāmānika ୧ । ଯାହା ପ୍ରମାଣସିଦ୍ଧ ନୁହେଁ—
(ଅପ୍ରାମାଣିକତା—ବି) 1. Unauthentic; not proved.
୨ । ପ୍ରମାଣାଭାବରୁ ଯାହା ଅଗ୍ରାହ୍ୟ—
2. Inacceptable for want of proof.
୩ । ଯାହାକୁ ପ୍ରମାଣସ୍ୱରୂପ ଗ୍ରହଣ କରି ହୋଇ ନ ପାରେ—
3. That which cannot be accepted as proof of any matter.
୪ । ଯାହା ନିଶ୍ଚୟରୂପେ ଗୃହୀତ ହୋଇ ନ ପାରେ—
4 Unauthoritative.
୫ । ଯାହା ଘଟିବା ଅସମ୍ଭବ—5. Improbable.
୬ । ଯାହାକୁ କେହି ନିଶ୍ଚୟରୂପେ ଗ୍ରହଣ ବା ସ୍ୱୀକାର କରନ୍ତି ନାହିଁ—
6. Not accepted by people as an authority.

**ଅପ୍ରାମାଣ୍ୟ**—ସଂ. ବଣ. ( ଅ + ପ୍ରମାଣ + ଯ )—
Aprāmānya ୧ । ଅପ୍ରାମାଣିକ ( ଦେଖ )
1. Aprāmānika ( See )
୨ । ଯାହାକୁ ପ୍ରମାଣିତ କରି ହୋଇ ନ ପାରେ—
2. Unprovable.

**ଅପ୍ରାସଙ୍ଗିକ**—ସଂ. ବଣ. ( ଅ + ପ୍ରାସଙ୍ଗିକ )—୧ । ପ୍ରସଙ୍ଗ ବହିର୍ଭୂତ—
Aprāsangika 1. Irrelevant.
( ଅପ୍ରାସଙ୍ଗିକତା—ବି ) ୨ । ଆଲୋଚିତ ପ୍ରସଙ୍ଗ ସଙ୍ଗେ ଯେଉଁ କଥାର ସମ୍ବନ୍ଧ ନାହିଁ—
2 Not touching the point at issue.

**ଅପ୍ରିଅ**—ଗ୍ରା. ବଣ. ( ସଂ. ଅପ୍ରିୟର ଅଶୁଦ୍ଧ ଉଚ୍ଚାରଣ)—
Apria ଅପ୍ରିୟ ( ଦେଖ )
Apriya ( See )

**ଅପ୍ରିଓଜନ**—ଗ୍ରା. ବି. ( ସଂ. ଅପ୍ରୟୋଜନ )—
Aprioj̱ana ପ୍ରୟୋଜନର ଅଭାବ—
Absence of necessity.
ଗ୍ରା. ବଣ—୧ । ଅପ୍ରୟୋଜନୀୟ; ଅନାବଶ୍ୟକ—
1. Unnecessary.
୨ । ନିଷ୍ଫଳ—2 Fruitless.
୩ । ବୃଥା—3. Vain.

**ଅପ୍ରିତି**—ଗ୍ରା. ବି. ( ସଂ. ଅପ୍ରୀତି )—
Apriti ଅପ୍ରୀତି ( ଦେଖ )
Apriti ( See )

**ଅପ୍ରିୟ**—ସଂ. ବଣ. ( ଅ + ପ୍ରିୟ )—୧ । ଅପ୍ରୀତିକର; ( ମନ, ଚକ୍ଷୁ,
Apriya କର୍ଣ୍ଣାଦିର ) ଅରୁଚିକର—
( ଅପ୍ରିୟା—ସ୍ତ୍ରୀ ) 1. Unpleasant; disagreeable.
( ଅପ୍ରିୟତା—ବି ) ୨ । ଅନଭିଳଷିତ—2. Undesirable.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧ' ଦେଖିବେ; 'ଅର୍ଣ୍ଣ' ନ ପାଇଲେ 'ଅର୍ଣ' ଦେଖିବେ; 'ଅଳବଟ' ନ ପାଇଲେ 'ଅଲ୍‌ବଟ୍' ଦେଖିବେ ।

୩ । ଅଶୁଭକର; ଅକଲ୍ୟାଣକର—3. Inauspicious.
୪ । ଅଶ୍ରେୟ—4. Not liked.
୫ । କର୍କଶ; କଠୋର – 5. Hard; harsh.
୬ । ନିଷ୍ଠୁର—6. Cruel.
୭ । ଅସୁନ୍ଦର—7. Not graceful.
୮ । କୁତ୍ସିତ—8. Ugly; nasty.
ସଂ. ବି.—୧ । ଅଶୁଭ; ଅମଙ୍ଗଳ—1. Evil.
୨ । କ୍ଷତି—2. Harm; injury.
୩ । ନିନ୍ଦା—3. Blame.

**ଅପ୍ରିୟବାଦୀ**— ସଂ. ବଣ. ପୁଂ ( ଅ+ପ୍ରିୟବାଦିନ୍ ୧ମା. ୧ବ. )—ଅପ୍ରିୟ-
Apriyabādi ଭାଷୀ; କଟୁଭାଷୀ; ଯେ କଟୁ କଥା କହେ—
(ଅପ୍ରିୟବାଦିନୀ—ସ୍ତ୍ରୀ) Speaking harsh words.
(ଅପ୍ରିୟବାଦିତା—ବି)

**ଅପ୍ରିୟଭାଷ**—ସଂ. ବି. (କର୍ମଧା; ଅପ୍ରିୟ+ଭାଷ)—
Apriya bhāsha କଟୁକଥା କଠୋର ବାକ୍ୟ —
Harsh speech

**ଅପ୍ରିୟଭାଷଣ**—ସଂ. ବି. (କର୍ମଧା; ଅପ୍ରିୟ+ଭାଷଣ)
Apriyabhāshaṇa କଟୁକଥା କହିବା—
The speaking of harsh words.

**ଅପ୍ରିୟଭାଷା**—ସଂ. ବି. (କର୍ମଧା; ଅପ୍ରିୟ+ଭାଷା)—
Apriya bhāshā କଠୋରବାକ୍ୟ; କଟୁକଥା—
Harsh words.

**ଅପ୍ରିୟଭାଷୀ**—ସଂ.ବଣ.ପୁଂ. (ଅପ୍ରିୟ+ଭାଷ ଧାତୁ+ଇନ୍ ୧ମା. ୧ବ.)—
Apriyabhāshi ଅପ୍ରିୟବାଦୀ; ଯେ କଟୁ କଥା କହେ; କଟୁଭାଷୀ–
(ଅପ୍ରିୟଭାଷିଣୀ—ସ୍ତ୍ରୀ) Speaking harsh words.
(ଅପ୍ରିୟଭାଷିତା—ବି)

**ଅପ୍ରିୟା**—ସଂ. ବଣ. ସ୍ତ୍ରୀ. ( ଅପ୍ରିୟ+ଆ )—ଅପ୍ରିୟର ସ୍ତ୍ରୀଲିଙ୍ଗ—
Apriyā Feminine of Apriya.
ସଂ. ବି. ସ୍ତ୍ରୀ—୧ । ଅପ୍ରିୟବାଦିନୀ ସ୍ତ୍ରୀ; କୁନ୍ଦେଇ—
1. A termagant; a shrew.
୨ । ଶିଙ୍ଗୀମାଛ—2. A kind of small fish with spikes at the neck

**ଅପ୍ରିଲ୍**—ବୈଦେ. ବି. ( ଇଂ. ଏପ୍ରିଲ୍ )—ଇଂରାଜୀଗଣନାରେ ମାର୍ଚ୍ଚମାସର
April ପରବର୍ତ୍ତୀ ମାସ—The month of April
ଆପ୍ରିଲ
ଅପ୍ରୈଲ

**ଅପ୍ରୀତ**— ସଂ. ବଣ. ପୁଂ. ( ଅ+ପ୍ରୀତ )—ଅସନ୍ତୁଷ୍ଟ; ବିରକ୍ତ—
Aprita Dissatisfied; displeased.
(ଅପ୍ରୀତା—ସ୍ତ୍ରୀ)

**ଅପ୍ରୀତି**—ସଂ. ବି. ( ଅ+ପ୍ରୀତି )—୧ । ଅସଦ୍ଭାବ; ଅଭକ୍ତି; ଅସଦ୍ଭାବ —
Apriti 1. Illfeeling; want of good feeling.
୨ । ଅସନ୍ତୋଷ; ବିରକ୍ତି—
2. Displeasure; discontent.
୩ । ଅସୁଖ—3. Dislike.
୪ । ବିବାଦ—4. Dispute.
୫ । ଅରୁଚି; ଘୃଣା—5. Aversion.
୬ । ବିରୋଧ; ଶତ୍ରୁତା—6. Enmity.
ଯୋଦ୍ଧାରେ ଅପରାଧ ଅପ୍ରୀତି ନ କରିବା । ସାରଳା. ମହାଭାରତ. ଅଦି ।

**ଅପ୍ରୀତିକର**—ସଂ., ବଣ. ( ଅ+ପ୍ରୀତିକର )—
Apritikara ୧ । ଯାହା ବିରକ୍ତି ବା ଅସନ୍ତୋଷ ଜନ୍ମାଏ—
1. Unpleasant; disagreeable.
୨ । କର୍କଶ; କଠୋର—2. Harsh.
୩ । ଯାହା ମନରେ ଅରୁଚି ଜନ୍ମାଏ; ଘୃଣାଜନକ—
3. Disgusting.
୪ । କଷ୍ଟଦାୟକ—4. Painful.

**ଅପ୍ରୀତିଭାଜନ**—ସଂ. ବଣ. ପୁଂ. ( ୬ଷ୍ଠୀ ତତ୍; ଅପ୍ରୀତି+ଭାଜନ )—
Apritibhājana ଅସନ୍ତୋଷର ପାତ୍ର; ଯାହାଙ୍କ ପ୍ରତି ଅନ୍ୟର
(ଅପ୍ରୀତିଭାଜନା—ସ୍ତ୍ରୀ) ମନରେ ଅସନ୍ତୋଷ ବା ବିରକ୍ତି ଜନ୍ମିଥାଏ-
Under one's displeasure.

**ଅପ୍ରେଲ**—ବୈଦେ. ବି. ( ଇଂ. ଏପ୍ରିଲ )—
Aprel ଇଂରାଜୀ ଗଣନାର ଚତୁର୍ଥ ମାସ—
आप्रील The month of April.
অপ্রৈল

**ଅପ୍ରେସନ୍**—ବୈଦେ. ଗ୍ରା. ବି. ( ଇଂ. ଅପରେସନ )—
Apresan ଡାକ୍ତରଙ୍କ ଦ୍ୱାରା ଚିକିତ୍ସାର୍ଥ ଅସ୍ତ୍ର ପ୍ରୟୋଗ—
अपारेसन Surgical operation.
चीरफाड़
अपरेशन

**ଅପ୍ସରା**—ଦେ. ବି. ସ୍ତ୍ରୀ. [ ସଂ. ଅପ୍ସରସ୍ ଶବ୍ଦର ପ୍ରଥମା ବିଭକ୍ତି. ୧ ବଚନ
Apsarā ଅପ୍ସରାଃ; ବହୁବଚନ ଅପ୍ସରସଃ; ଅପ୍‌ଜ=ଜଳ+ସୃ ଧାତୁ
अपसरा =ଗମନ କରିବା+ସଜ୍ଞାର୍ଥେ. ଅସ୍; ଯେଉଁମାନେ
अप्सरा, ବିହାରାର୍ଥେ ଅଧିକାଂଶ ସମୟରେ ଜଳକୁ ଯାଆନ୍ତି; ରମ୍ଭା
অপ্সরা ଯେଉଁମାନେ ସମୁଦ୍ରମନ୍ଥନ କାଳରେ ଜଳରୁ
( ସମୁଦ୍ରରୁ ) ବାହାରିଥିଲେ
ରମ୍ଭା ସମୁଦ୍ରମନ୍ଥନରୁ ବାହାରିଥିବାର ପୁରାଣରେ ଅଛି । ]
୧ । ସ୍ୱର୍ଗବେଶ୍ୟା—ଇନ୍ଦ୍ରଙ୍କ ସଭାର ନର୍ତ୍ତକୀଗଣ—
1. Heavenly nymphs; the dancing girls of Indra's court.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଞ୍ଚ | ଞ୍ଜ | ଢ଼ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ● | ନୃ |

[ ଦ୍ର—ଏମାନେ ଗନ୍ଧର୍ବଙ୍କ ସ୍ତ୍ରୀ। ଏମାନେ ଇନ୍ଦ୍ରଙ୍କ ସଭାରେ ନାଚନ୍ତି। ଏମାନେ ଅତି ସୁନ୍ଦରୀ, ନର୍ତ୍ତନକୁଶଳା, ନାନାବିଧ କଳାକୁଶଳା ଓ ଚିରଯୁବତୀ ଅଟନ୍ତି। କୌଣସି ବ୍ୟକ୍ତି କଠୋର ତପସ୍ୟା ଦ୍ୱାରା ଇନ୍ଦ୍ରପଦ ଲାଭ କରିବ ଏପରି ଆଶଙ୍କା ହେଲେ ଇନ୍ଦ୍ର ଅପ୍ସରାଙ୍କୁ ପଠାଇ ଉକ୍ତ ସାଧକଙ୍କର ତପସ୍ୟା ଭଙ୍ଗାଇବାକୁ ଚେଷ୍ଟା କରନ୍ତି ଓ ସମୟ ସମୟରେ ଉକ୍ତ ବ୍ୟକ୍ତି ଅପ୍ସରାମାନଙ୍କ ରୂପରେ ମୁଗ୍ଧ ହୋଇ କାମକ୍ରୀଡ଼ାରତ ହୁଅନ୍ତି—ଫଳତଃ ତାଙ୍କର ତପସ୍ୟା ଭଙ୍ଗ ହୁଏ। ଏମାନେ ଆକାଶରେ ଓ ପୃଥିବୀରେ ବିଚରଣ କରନ୍ତି ଓ ମନ-ମୁତାବକ ରୂପ ବଦଳାଇ ପାରନ୍ତି। ଅପ୍ସରାମାନଙ୍କ ମଧ୍ୟରେ ଉର୍ବଶୀ, ମେନକା, ରମ୍ଭା, ମିଶ୍ରକେଶୀ, ତିଲୋତ୍ତମା, ଘୃତାଚୀ, ସୁକେଶୀ, ବିଶ୍ୱାଚୀ, ବିଦ୍ୟୁତ୍‌ପର୍ଣ୍ଣା, ପୁଣ୍ଡରୀକା, ସୁବାହୁ, ସୁରଥା, ପ୍ରମ୍ଲୋଚନା, ରୁଚିରା, ପୁଞ୍ଜିକାସ୍ଥଳା, ଅଲମ୍ବୁଷା, ସୁମଧ୍ୟା, ହେମା, ନାଗଦତ୍ତା, କ୍ଷେମା, ବାମନା ପ୍ରସିଦ୍ଧା। ସୁନ୍ଦରୀ ଯୁବତୀମାନଙ୍କୁ ଲୋକେ ଅପ୍ସରାମାନଙ୍କ ସଙ୍ଗେ ତୁଳନା କରନ୍ତି। ]

୨। ଅପ୍ସରାଙ୍କ ପରି ସୁନ୍ଦରୀ ସ୍ତ୍ରୀ—
2. A very graceful lady.

୩। ସ୍ତ୍ରୀମାନଙ୍କୁ ଦିଆଯିବା ନାମବିଶେଷ—
3. A name given to women.

୪। ବ୍ୟଙ୍ଗ୍ୟ ବିଦ୍ରୂପୋକ୍ତି—
4. Sarcasm; inuendo; gibe.

**ଅପ୍ସରାଇବା**—ଦେ. କ୍ରି. ( ସଂ. ଅପସାରଣ )—ଅପସାରିତ କରିବା—
Apsarāibā To remove; to cause to move.
সরান
**सरकाना**

**ଅପ୍ସରା ମାରିବା**—ଗ୍ରା. କ୍ରି—କୌଣସି ବ୍ୟକ୍ତିଙ୍କୁ ଲକ୍ଷ୍ୟ କରି ପରୋକ୍ଷ
Apsarā māribā ଭାବରେ ବ୍ୟଙ୍ଗ୍ୟ ବିଦ୍ରୂପ କରିବା—
**बोलीठोली मारना** To sneer or gibe at a person.
**तानामारना**

**ଅପ୍ସରିବା**—ଦେ. କ୍ରି. ( ସଂ. ଅପସରଣ )—ଅପସରିବା; ଘୁଞ୍ଚିଯିବା—
Apsaribā To move away.
সরেযাওয়া
**सरकना**

**ଅପ୍ସରୀ**—ଦେ. ବି. ସ୍ତ୍ରୀ. ( ସଂ. ଅପ୍ସରସ୍ )—ଅପ୍ସରା ( ଦେଖ )
Apsarī Apsarā ( See )
অপ্সরী
**अप्सरी**

**ଅପ୍ସରୋଗଣ**—ସଂ. ବି. ସ୍ତ୍ରୀ. ( ବହୁବଚନ; ଅପ୍ସରସ୍ = ଅପ୍ସରଃ + ଗଣ )—
Apsarogaṇa ଅପ୍ସରାମାନେ—A number of heavenly nymphs.

**ଅଫ୍‌ସର୍**—ବୈଦେ. ବି. ( ଇଂ. ଅଫିସର୍ )—ଅଫିସର୍ ( ଦେଖ )
Aphsar Aphisar ( See )

**ଅଫଟା**—ଦେ. ବିଣ. ( ସଂ. ଅ + ସ୍ଫୁଟ୍ ଧାତୁ )—
Aphaṭā ୧। ଯାହା ଫଟା ବା ଚିରା ନୁହେ—
আফাটা 1. Not rent; unpunctured.
**फटा नहीं हुआ** ୨। ଯହିଁରେ ଫାଟ ନାହିଁ—
2. Having no fissure.

**ଅଫଡ଼ା**—ଦେ. ବିଣ. ( ସଂ. ଅ + ସ୍ଫୁଟ୍ ଧାତୁ )—
Aphaṛā ୧। ଯାହାକୁ କେହି ଫାଡ଼ି ନାହିଁ, ଯାହା ଚିରା ହୋଇ
আফাড়া ନାହିଁ—1. Not rent or split.
**फाड़ा नहीं हुआ** ୨। ଅବିଭକ୍ତ—2. Undivided.

**ଅଫନ୍ଦ**—ଦେ. ବିଣ—୧। ଯେଉଁ କୂଅର ନନ୍ଦ ବା ଫନ୍ଦ ନାହିଁ—
Aphanda ( well ) Having no earthen or stone rings round it.
୨। ଅଫନ୍ଦା ( ଦେଖ )
2 Aphandā ( See )
ଦେ. ବି—ଅସୁବିଧା; ବେଫିକର—
Inconvenience; resourcelessness.

**ଅଫନ୍ଦା**—ଦେ. ବିଣ—୧। ଜୀବିକାହୀନ—
Aphandā 1. Having no means of livelihood
୨। ବେକାର—2. Unemployed.
୩। ଦଉଡ଼ିରେ ଯାହା ଛନ୍ଦା ହୋଇ ନାହିଁ—
3. Not bound or knotted with a rope.
୪। ବେଫିକର—4. Resourceless.

**ଅଫନ୍ଦୀ**—ଦେ. ବିଣ—୧। ଜୀବିକାହୀନ; ବେକାର—
Aphandī 1. Unemployed.
୨। ବେଫିକର—2. Resourceless.

**ଅଫର୍**—ବୈଦେ. ବି. ( ଇଂ. ଅଫର୍ )—
Aphar କୌଣସି ବସ୍ତୁ ଖରିଦ କରିବା ପାଇଁ ଖରିଦଦାରଙ୍କଠାରୁ
অফর্ ମୂଲ୍ୟର ପ୍ରସ୍ତାବ—An offer of a certain price
**अफर्** from a prospective purchaser.

**ଅଫଳ**—ସଂ. ବିଣ. ( ବହୁବ୍ରୀହି; ଅ + ଫଳ )—
Aphaḻa ୧। ଫଳହୀନ; ଯେଉଁ ବୃକ୍ଷରେ ଫଳ ନ ଥାଏ—
(ଅଫଳା—ସ୍ତ୍ରୀ) 1. Having no fruit.
(ଅଫଳତା—ବି) ୨। ବନ୍ଧ୍ୟ; ଯହିଁରେ ଫଳ ଧରେ ନାହିଁ—
2. Barren; not fruit-bearing; unproductive.
୩। ବିଫଳ; ନିଷ୍ଫଳ; ବ୍ୟର୍ଥ—3 Vain; fruitless.
୪। ଲାଭହୀନ—4. Unprofitable.
ସଂ. ବି. ( ନଞତତ୍ )—୧। ଫଳର ଅଭାବ—
1. Want of fruit.
୨। ଫଳହୀନତା—2. Fruitlessness.
୩। ମନ୍ଦ ବା ଅଖାଦ୍ୟ ଫଳ—
3. Inedible or bad fruit.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବଢ' ନ ପାଇଲେ 'ଅଲ୍‌ବଢ଼' ଦେଖିବେ ।

୪ । ଝାବୁକ; ଝାଉଗଛ—4. The Aspen ( tree ); Tamarisk Indica.

**ଅଫଳନ୍ତା**—ଦେ. ବଣ. ( ସଂ. ଅଫଳ )—ଅଫଳନ୍ତୀ ( ଦେଖ )
**Aphalantā** Aphalantī ( See )

**ଅଫଳନ୍ତୀ**—ଦେ. ବଣ. ( ସଂ. ଅଫଳ )—
**Aphalantī** ୧ । ଯେଉଁ ଗଛରେ ଫଳ ଧରେ ନାହିଁ; ଅଣ୍ଡିଆ ବା ବାଞ୍ଝ ( ଗଛ )—1 ( a tree ) Which does not bear fruit.
অফলন্ত; অফলা
**अफल**

୨ । ଯେଉଁ ଗଛରେ ଅଦ୍ୟାପି ଫଳ ଧରି ନାହିଁ—
2. ( a tree ) Which has not yet borne fruit.

ଅବସରେ ବହିଲ ଯେ ବସନ୍ତ ପବନ,
ଅଫଳନ୍ତ ବୃକ୍ଷମାନେ ଫଳିଲେ ତୋଭନ । ପୀତାମ୍ବର. ନୃସିଂହ ପୁରାଣ ।

୩ । ସ୍ତ୍ରୀ. ବନ୍ଧ୍ୟା ( ସ୍ତ୍ରୀ ଓ ଗାଈ ); ବାଞ୍ଝୀ—
3 Barren ( woman and cow )

୪ । ସ୍ତ୍ରୀ. ଅଦ୍ୟାପି ପ୍ରସବ କରି ନ ଥିବା ( ସ୍ତ୍ରୀ )—
4. (a woman) Who has not yet given birth to a child.

**ଅଫଳା**—ସଂ. ବଣ. ସ୍ତ୍ରୀ. ( ଅଫଳ + ଆ )—ଅଫଳର ସ୍ତ୍ରୀଲିଙ୍ଗ—
**Aphalā** Feminine of Aphala.

ସଂ. ବଣ. ସ୍ତ୍ରୀ.—୧ । ଭୂଇଁ ଅଁଳା ଗୁଳ୍ମ—
1. A plant, Flacourtia Cataphracta.

୨ । ଘୃତକୁମାରୀ; ଘିକୁଆଁରି ଗୁଳ୍ମ—
2. Aloes perifoliata.

ଦେ. ବଣ. ସ୍ତ୍ରୀ.—ଅଫଳନ୍ତୀ ( ଦେଖ )
Aphalantī ( See )

**ଅଫଳ୍‌ଲା**—ପ୍ରାଦେ. ଗଡଜାତ. ବଣ. ପୁଂ. ଓ ସ୍ତ୍ରୀ—ଉଦାସିଆ (ବ୍ୟକ୍ତି)—
**Aphalā** Indifferent to wordly affairs.

**ଅଫଳାକାଂକ୍ଷୀ**—ସଂ. ବଣ. ପୁଂ.—୧ । ନିଷ୍କାମ; ଯେ କାର୍ଯ୍ୟ କରି ଫଳ ପାଇଁ ଆଶା ରଖେ ନାହିଁ—
**Aphalākāmkshī**
(ଅଫଳାକାଂକ୍ଷିଣୀ—ସ୍ତ୍ରୀ) 1. Not expecting or hoping
(ଅଫଳାକାଂକ୍ଷିତା—ବି) for a result or for any beneficial consequence.

୨ । ଉଦାସୀନ—2. Indifferent ( M. W )

**ଅଫଳୀ**—ଦେ. ବଣ. ସ୍ତ୍ରୀ. ( ସଂ. ଅଫଳା )—୧ । ଅଫଳନ୍ତୀ (ଦେଖ)
**Aphalī** 1. Aphalantī ( See )

୨ । ଗର୍ଭଧାରଣ କରି ନ ଥିବା ( ଗାଈ )—
2. ( a cow ) Which has not yet conceived.

**ଅଫିକର**—ଦେ. ବି. ( ସଂ. ଅ+ଅ. ଫିକ୍ର )—ସୁବିଧାର ଅଭାବ—
**Aphikara** Want of opportunity.

**बेफिक्र** ଦେ. ବଣ.—ଅବକାଶହୀନ; ବେକାର—
Unemployed.

**ଅଫିଟା**—ଦେ. ବଣ.—ଫିଟି ନ ଥିବା—
**Aphiṭā** Not opened.

**ଅଫିଟାଖଣି**—ଦେ. ବି.—୧ । ଯେଉଁ ଧାନଖଣି ଫିଟାଯାଇ ସେଥିରୁ ଧାନ ବାହାର ନ ଥାଏ—
**Aphiṭākhaṇi**
1. An under-ground storage of paddy which has not yet been opened up.

୨ । (ସ୍ନେହ ସମ୍ବୋଧନ; ଅଫିଟା ଖଣି ପରି) ଅତି ପ୍ରିୟଲୋକ—
2. One's dearest person.

ନଯିବନିଭୁଲା ତୁମ୍ଭେ ମୋ ଅଫିଟା ଖଣି । ନନ୍ଦକିଶୋର. ସୀତାବନବାସ ।

**ଅଫିମ**—ଦେ. ବି. (ସଂ. ଅହିଫେନ, ଅଫେନ; ଇଂ. ଓପିୟମ୍, ଅ. ଅଫୟୁନ୍)
**Aphima** ସାଢ଼େ ଛଅ ମାସ ମଧ୍ୟରେ ମରିଯିବା ଏକ ପ୍ରକାର ଶାକ ଗୁଳ୍ମ(ପୋସ୍ତ)ର ଫଳର କୋଷ ବା ବକଡ଼ାରୁ ବାହାରିବା କ୍ଷୀରକୁ ଶୁଖାଇ ରଖାଯିବା ଏକ ପ୍ରକାର ଅଠାଳିଆ କଳା ନିଶା ଦ୍ରବ୍ୟ—
Opium.

ସଂ. ଅହିଫେନ; ଅଫେନ; ସଫେନକ; ଆଫୁକ;
ଓ. ଅଫିମ; ଆଫୁ;
আফি; আফিঙ্; আফিম
**अफीम; आफु, अफु**
ଗ୍ରୀକ୍. ଓପିଓନ୍
ଲା. ପୋସ୍ତକଟେଦ୍;
ପାପାଭାରସୋମ୍ନିଫେରମ୍
ଡେ. ପାପାଭାରାସୋମ୍ନିଫେରମ୍
ଅ. ଅଫୟୁନ୍
ଫା. କୋକ୍‌ନାର

[ଦ୍ର—କଥିତ ଅଛି ଯେ,ପୂର୍ବେ ଭାରତରେ ଏ ପୋସ୍ତ ଗଛ ଥିଲା ( ସଂ. ନାମ ଖସତିଲ ) ଜନ୍ତୁ ଏଥିରୁ ଅଫିମ ବାହାରିବା କଥା ହିନ୍ଦୁମାନଙ୍କୁ ଜଣା ନ ଥିଲା । ଗ୍ରୀକ୍‌ମାନେ ଅଫିମର ଆବିଷ୍କର୍ତ୍ତା । ଗ୍ରୀକ ଓପିଓନ୍ ଶବ୍ଦ ଗ୍ରୀକ୍ ଓପେସ୍ = ସଂ. ଆପସ୍ = ରସରୁ ଉତ୍ପନ୍ନ । ଏହି ଗଛର ବୀଜ ( ପୋସ୍ତଦାନା ସଂ. ଖସତିଲ )କୁ ହିନ୍ଦୁମାନେ ଔଷଧରେ ଲଗାଉଥିଲେ । ଏହି ଗୁଳ୍ମ ହାତରେ ୧ ଠାରୁ ୧୨ ହାତ ପର୍ଯ୍ୟନ୍ତ ବଢ଼େ, ଫୁଲ ୪ ପାଖୁଡ଼ିଆ । କେଉଁ ଫୁଲ ନାଲି, କେହି ଧଳା, ବାହାରରେ ଧଳା ଫୁଲବିଶିଷ୍ଟ ଗୁଳ୍ମର ଚାଷ ହୋଇ ସେଥିରୁ ଅଫିମ ଆମଦାନୀ କରାଯାଏ । ଏହି ଗୁଳ୍ମର ଫଳର କୋଷ ବା ବକଡ଼ାକୁ ଛୁରୀରେ ଖୁମ୍ପି ଖୁମ୍ପି ଦେଲେ କ୍ଷତ ସ୍ଥାନରୁ ଯେଉଁ ଧଳା ରସ ବାହାରେ ସେ ରସ ଶୁଖି ଗଲେ ତାକୁ ଚାଞ୍ଛି କରି ଏକତ୍ର କରାଯାଏ । ଏହି ଶୁଖିଲା ରସ ଗାଢ଼ ନାଲିଆ, ଜନ୍ତୁ କିଛି ଦିନ ରହି ଗଲେ କଳା ପାଲଟିଯାଏ । ଏହି ଶୁଖିଲା ରସ ଅଫିମ ଅଟେ । ଏହାକୁ କେହି ଖାଲି ଗିଳି କରି ଖାଆନ୍ତି, କେହି ପାଣିରେ ବତୁରାଇ କରି ସେ ପାଣି ଖାଆନ୍ତି, କେହି କେହି ଅଫିମକୁ ପୋଡ଼ା ପିଟୁଡ଼ିପତ୍ର ସଙ୍ଗେ ମିଶି ଗୁଳା ତିଆରି କରି ଗୁଳି ବା ମଦକ ରୂପେ ହୁକା ସାହାଯ୍ୟରେ ଏଥିର ଧୂଆଁ ଖାଆନ୍ତି । କେହି ଏଥିର ଅର୍କ ଖାଆନ୍ତି; କେହି ଏଥିରୁ ପ୍ରସ୍ତୁତ ରାସାୟନିକ ଚୂର୍ଣ୍ଣ (ମର୍ଫିଆ) ଖାଆନ୍ତି । ଏହା ଅଳ୍ପ ମାତ୍ରାରେ ଅବସାଦ ଓ ନିଦ୍ରା କାରକ; ବେଶିମାତ୍ରାରେ ପ୍ରାଣହାରକ ବିଷ । ଭାରତର ବିହାର ଓ ବମ୍ବେ ପ୍ରଦେଶରେ ଓ ମାଳବାରେ ସରକାରଙ୍କ ତତ୍ତ୍ୱାବଧାନରେ ଏ ଗୁଳ୍ମର ଚାଷ ହୁଏ ଓ ଅଫିମ ଉତ୍ପାଦିତ ହୁଏ । ଏହି ଅଫିମ ପାରସ୍ୟ, ଚୀନ, ତିବତ ଆଦି ଦେଶକୁ ପଠାଯାଏ । ଅଫିମ ଗୁଳ୍ମରୁ, ଭାରତ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇୟ | ଉଅ | ଝ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ. | କ୍ଷ୍ୟ | ଯ | ସ | ଙ୍ଗ | ଇଅ | ଞ | ନ୍ତ |

ସରକାର ବିଦେଶରୁ ବହୁ ଲକ୍ଷ ଟଙ୍କା ଆୟ କରନ୍ତି । ଅଫିମ ଔଷଧରୂପେ ମଧ୍ୟ ବ୍ୟବହୃତ ହୁଏ । ଏହା ଖାଇଲେ କୋଷ୍ଠବଦ୍ଧ ହୁଏ । ଅଫିମର ଲେପଦ୍ୱାରା ଦେହର ପୀଡ଼ା ନାଶ ହୁଏ । ସଂଗ୍ରହଣୀ, ଅତିସାରାଦି ରୋଗରେ ଏହା ଧାରକ ଔଷଧରୂପେ ବ୍ୟବହୃତ ହୁଏ । ଏହା ମଧ୍ୟ ମୃଦୁ ଓ ସାର୍ଯ୍ୟ ସ୍ତମ୍ଭକ । ଅଫିମ ଅଭ୍ୟାସ କରି ଖାଇବା ଲୋକ ଉକ୍ତ ଅଭ୍ୟାସକୁ ସହଜରେ ଛାଡ଼ି ପାରେ ନାହିଁ । ଶିଶୁ ଓ ଯୁବକମାନଙ୍କ ପକ୍ଷରେ ଅଫିମ ଅନିଷ୍ଟକର କିନ୍ତୁ ବାର୍ଦ୍ଧକ୍ୟରେ ଏହା ଉପକାରୀ ବୋଲି ବୈଦ୍ୟମାନେ ମତ ଦିଅନ୍ତି । ଚିନ୍ତାଶୀଳ ବ୍ୟକ୍ତିମାନେ ଅଫିମ ଅଭ୍ୟାସ କରିବାଦ୍ୱାରା ଚିନ୍ତା ଓ କଳ୍ପନା ଶକ୍ତିର ବିଶେଷ ସ୍ଫୁରଣ ହୁଏ ବୋଲି କହନ୍ତି । ଅଫିମଖୋର୍ ବ୍ୟକ୍ତି ଅଫିମର ମାତ୍ରାକୁ କ୍ରମଶଃ ବଢ଼ାଇବାର ଦେଖାଯାଏ । ଅଫିମ ଖାଇବାର ନିର୍ଦ୍ଦିଷ୍ଟ ସମୟ ଗଡ଼ି ଗଲେ କିମ୍ବା ଅଭ୍ୟସ୍ତ ମାତ୍ରାରୁ କିଛି କମି ହେଲେ ଅଫିମୀ ବ୍ୟକ୍ତିର ନାକରୁ କାନରୁ ପାଣି ବୁହେ, ଗୋଡ଼ ହାତ ଝୋଲେଇ ହୁଏ ଓ ଘନ ଘନ ହାଇ ଉଠେ । ଅଫିମ ଖାଇବା ଲୋକର ସୁନିଦ୍ରା ହୁଏ ନାହିଁ; ଏଥି ଯୋଗୁଁ ଅଧିକାଂଶ ସମୟରେ ସେ ଢୁଲାଇବାର ଦେଖାଯାଏ । ଅଫିମର ନିଶା ୧୨ ଘଣ୍ଟା ପର୍ଯ୍ୟନ୍ତ ଦେହରେ ରହେ । ଇଂରାଜ ସରକାର ଏହାକୁ ଗୋଟିଏ ଅବକାରୀ ଦ୍ରବ୍ୟରୂପେ ଗଣନା କରି ଏହାର ଖରିଦ ବିକ୍ରିରେ ଖୁବ କଟକଣା କରିଅଛନ୍ତି । ବାର୍ଦ୍ଧକ୍ୟରେ ଲୋକେ ଅଫିମ ସେବନ କରି ବେଶି ସହନଶୀଳ, କାର୍ଯ୍ୟକ୍ଷମ ଓ ଶକ୍ତିଶାଳୀ ହେବାର ଦେଖାଯାଇଅଛି । ଅନ୍ତର୍ଜାତୀୟ ସଂଘ ପୃଥିବୀରୁ ଓ ମହାତ୍ମା ଗାନ୍ଧୀ ଭାରତରୁ ଅଫିମ ସେବନର ପରିମାଣ କମାଇବାକୁ ବିଶେଷ ଯତ୍ନ କରୁ ଅଛନ୍ତି । ଏହି ଗଛର ଫଳ ମଧ୍ୟରେ ଥିବା ମଞ୍ଜିମାନ ଛୋଟ ଛୋଟ । ଏମାନ ପୋସ୍ତଦାନାରୂପେ ତିଅଣରେ ମସଲାରୂପେ ଦିଆଯାଏ ଓ ଔଷଧରୂପେ ବ୍ୟବହୃତ ହୁଏ । ]

**ଅଫିମଖୋର୍**—ଦେ. ବିଣ. ( ସ. ଅଫେନ + ଅ. ଖୋର୍ = ଖାଦକ)—
Aphimakhor ୧ । ପ୍ରତିଦିନ ଅଫିମ ଖାଇବାରେ ଅଭ୍ୟସ୍ତ—
অফিংখোর 1. Addicted to the habit of
अफिमची; अफिमी taking opium.
୨ । ଯେ ଅତିରିକ୍ତ ମାତ୍ରାରେ ଅଫିମ ଅଭ୍ୟାସ କରିଛି—
2. Addicted to the habit of taking large doses of opium

**ଅଫିମଖୋରୀ**—ଦେ. ବି. ( ଅଫିମ ଖୋର୍ + ଫା. ପ୍ରତ୍ୟୟ ଈ. )—
Aphimakhori ଅଫିମ ଖାଇବାର ଅଭ୍ୟାସ—
আফিংখোরী The habit of taking opium;
अफिमखोरी opium habit.

**ଅଫିମା**—ଦେ. ବିଣ. ପୁଂ. ଓ ସ୍ତ୍ରୀ—ଅଫିମଖୋର୍ ( ଦେଖ )
Aphimā Aphimakhor ( See )

**ଅଫିମୀ**—ଦେ. ବିଣ. ପୁଂ. ଓ ସ୍ତ୍ରୀ—ଅଫିମଖୋର୍ ( ଦେଖ )
Aphimi Aphimakhor ( See )

**ଅଫିସ୍**—ବୈଦେ. ବି. (ଇଂ. ଅଫିସ୍)—କାର୍ଯ୍ୟାଳୟ; ମହକୁମା—
Aphis Office.
আপিস; আফিস
आफिस

**ଅଫିସର୍**—ବୈଦେ. ବି. (ଇଂ. ଅଫିସର୍)—କାର୍ଯ୍ୟାଳୟର ଭାରପ୍ରାପ୍ତ କର୍ମଚାରୀ—Officer.
Aphisar
অফিসার ୨ । ବଡ଼ ହାକିମ—2. High official.
अफसर

**ଅଫିସିଅଲ୍**—ବୈଦେ. ବିଣ. (ଇଂ. ଅଫିସିଅଲ)—୧ । ସରକାରୀ କାମ ସମ୍ବନ୍ଧୀୟ; ସରକାରୀ—Official.
Aphisial
অফিসিআল্ ୨ । କୌଣସି କାର୍ଯ୍ୟାଳୟ ସମ୍ବନ୍ଧୀୟ—
अफिसियाल 2. Relating to any office.

**ଅଫିସିଏଲ୍**—ବୈଦେ. ବିଣ.—ଅଫିସିଅଲ୍ (ଦେଖ)
Aphisiel Aphisial (See)

ବିବାହ ବିଷୟ ସକ୍ଷେପିଣୀ ସଭାକୁ ଇଂରାଜୀ ଅଫିସିଏଲ୍ ଚିଠି ଯାଇଛି ।
ଫକୀରମୋହନ, ଗଳ୍ପସ୍ୱଳ୍ପ ।

**ଅଫୁଟନ୍ତା**—ଦେ. ବିଣ. (ସ. ଅପ୍ରସ୍ଫୁଟିତ)—କଢ଼ ଧରି ଥିବା ଅଥଚ ଫୁଲ ହୋଇ ନ ଥିବା; ଅଫୁଟା; ଅପ୍ରସ୍ଫୁଟିତ (ଫୁଲ); ଅବିକଶିତ—Not in bloom ( flower ); in bud.
Aphuṭantā
আফুটন্ত
बेखिला

**ଅଫୁଟା**—ଦେ. ବିଣ—୧ । (ସ. ଅପ୍ରସ୍ଫୁଟିତ)—ଅପ୍ରସ୍ଫୁଟିତ; ଫୁଟି ନ ଥିବା (ଫୁଲ)—1. Not in bloom (flower).
Aphuṭā
অফুটা ୨ । (ସ. ଅସ୍ଫୁଟ) ଯାହା ପ୍ରକାଶିତ ବା ବ୍ୟକ୍ତ ହୋଇ ନାହିଁ—
2. That which has not come out or appeared.
(ଯଥା—ଅଫୁଟା କଦଳୀ ମଞ୍ଜ)
୩ । (ସ. ଅସ୍ଫୁଟ)—ନିଆଁ ଉପରେ ବସି ଟକ୍ ଟକ୍ ହୋଇ ଫୁଟି ନ ଥିବା ( ପାଣି ବା ଭାତ )—( water or rice) Which has not yet boiled; not boiling.
୪ । ବଘାର ବା ଫୁଟା ହୋଇ ନ ଥିବା (ତିଅଣ)—4.(curry) Which has not been seasoned with boiling oi and spices.
୫ । ଫୁଟିଯାଇ ନ ଥିବା ବା ଛିଦ୍ର ହୋଇ ନ ଥିବା (ପାତ୍ର)—
5. (pot) Which has got no hole.

**ଅଫୁଟିଲା**—ଦେ. ବିଣ—ଅଫୁଟନ୍ତା (ଦେଖ)
Aphuṭilā Aphuṭantā (See)

**ଅଫୁଟୀ**—ଦେ. ବିଣ. ସ୍ତ୍ରୀ (ସଂ. ଅପ୍ରସ୍ଫୁଟିତ)—୧ । ଅଦୃଷ୍ଟରଜା; ଅରଜସ୍କା (ବାଳିକା)—1. Unmenstruated.
Aphuṭi
୨ । ଅପୁଷ୍ପୀ; ଅପୁଷ୍ପବତୀ (ନାରୀ)—a woman) Who never had her menses.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅଫୁଲା**—ଦେ. ବଣ—୧ । (ସଂ. ଅସ୍ଫୀତ)—ଫୁଲି ନ ଥିବା; ଅସ୍ଫୀତ—
Aphulā Not swollen.
আফোলা ୨ । (ସଂ. ଅଫୁଲ୍ଲ)—ଅପୁଷ୍ପିତ—
আফুলা 2. Not yet flowering.
(ଯଥା—ଅଫୁଲା ଗଛସବୁ ଗଛ)
୩ । (ସଂ. ଅଫୁଲ୍ଲ)— ଅବିକଶିତ; ଅଫୁଟନ୍ତା (ଦେଖ)
Aphuṭantā (See)

**ଅଫୁଲ୍ଲ**—ସଂ. ବଣ. (ଅ + ଫୁଲ୍ଲ)—ଅପ୍ରସ୍ଫୁଟିତ; ଅବିକଶିତ—
Aphulla Not in bloom.

**ଅଫେଣା**—ଦେ. ବଣ—(ସଂ. ଅ + ଫେନିଳ)—
Aphenā ୧ । ଫେଣା ହୋଇ ନ ଥିବା ବା ହାତରେ ମଥିତ
আফেনান ହୋଇ ନ ଥିବା (ବଟାବିରି)—
1. (pasted pulse) Which has not been well agitated by the palm.

**ଅଫେଣିଆଁ**—ଦେ. ବଣ—ଅଫେଣା (ଦେଖ)
Apheniāñ Aphenā (See)

**ଅଫେନ**—ସଂ. ବଣ. (ବହୁବ୍ରୀହି) ଫେନଶୂନ୍ୟ—Foamless.
Aphena ସଂ. ବ. (ଅ=କୁତ୍ସିତ + ଫେନ=ନିର୍ଯ୍ୟାସ)—
ଅହିଫେନ; ଅଫିମ—Opium.

**ଅବ୍‌ଉଆବ୍**—ବୈଦେ. ବ. [ ( ଫା. ଅବ୍‌ୱାବ୍ ) ଏହା ଫା. ବାବ୍
Abuāb (=ଶୁଳ୍କ) ଶବ୍ଦର ବହୁବଚନ । ଏ ଶବ୍ଦ ଇଂରାଜୀରେ
আবওয়াব্ ଗୃହୀତ ହୋଇଅଛି ]—ସରକାରଙ୍କର ନିର୍ଦ୍ଧାରିତ ରାଜସ୍ୱ
आबवाब ବ୍ୟତୀତ ଜମିଦାର ପ୍ରଜାଠାରୁ ଅନ୍ୟ ଯେଉଁସବୁ କର
ଆଦାୟ କରନ୍ତି; ଅତିରିକ୍ତ କର—
Illegal exactions by the Zamindar in addition to the fixed rent; Abwab.

**ଅବ୍‌ଖୁରା**—ବୈଦେ. ବ. ( ଫା. ଅବ୍‌ଖୋରା; ଅବ୍=ଜଳ + ଖୋରା
Abkhurā =ପାତ୍ର) ଛୋଟ ଡାଲ; ସାମସେଇ—
আবখোরা A small water-pot.
आबखोरा

**ଅବ୍‌ଜର୍‌ଭେଟରି**—ବୈଦେ. ବ. ( ଇଂ. ଅବ୍‌ସର୍‌ଭେଟରି )—
Abjarbhetari ମାନମନ୍ଦିର; ଯେଉଁ କାର୍ଯ୍ୟାଳୟ ବା ଗୃହରେ
আবজরভোটরী ଗ୍ରହ ଓ ତାରା ଆଦିଙ୍କ ସମ୍ବନ୍ଧୀୟ ଖଗୋଳ
अबजरबैटरी ଘଟନାମାନ ନିରୀକ୍ଷଣ କରାଯାଏ—
Observatory.

**ଅବ୍‌ତକ୍**—ବୈଦେ. ଅ. ( ହି. ଅବ୍ + ଫା. ତକ୍ )—
Abtak ୧ । ଆଜି ପର୍ଯ୍ୟନ୍ତ—1. Till today.
অবতক ୨ । ଏତାବତ୍; ବର୍ତ୍ତମାନ ପର୍ଯ୍ୟନ୍ତ—2. Till now.
अबतक

**ଅବ୍‌ଦାର୍**—ବୈଦେ. ବ—ଆବ୍‌ଦାର୍ ( ଦେଖ )
Abdār Ābdār ( See )

**ଅବ୍‌ଭି**—ବୈଦେ. ଅ —୧ । ବର୍ତ୍ତମାନ—1. At present.
Abbhi ୨ । ଏହିକ୍ଷଣି—2. Just now.
এখুনি
अबभि

**ଅବ୍‌ଭିକା**—ବୈଦେ. ଅ. ( ଅ. ଅବ୍‌ଭି )—ଏହିକ୍ଷଣି; ଏହି ଲାଗେ—
Abbhikā Just now.
এখুনি
अबभिका

**ଅବ୍‌ଭ୍ର**—ସଂ. ବ. ( ଅପ୍=ଜଳ + ଭୃ ଧାତୁ=ଧାରଣ କରିବା + କର୍ତ୍ତୃ.
Abbhra ଅ; ଯାହା ଜଳକୁ ଧାରଣ କରେ )—ମେଘ—
Cloud.

**ଅବ୍‌ରକ୍**—ଦେ. ବ. ( ସଂ. ଅଭ୍ରକ )—ଅଭ୍ର; ମେଘନାଲ—
Abrak Mica; talc.
অভ্রক
अबरक

**ଅବ୍‌ରଖ୍**—ଦେ. ବ—ଅବ୍‌ରକ୍ ( ଦେଖ )
Abrakh Abrak ( See )

**ଅବ୍‌ଲଖ୍**—ବୈଦେ. ବ. ( ଅ ) – ୧ । ଅଭ୍ର; ମେଘନାଲ—1. Mica.
Ablakh ୨ । ଦେ. ବ. ( ସଂ. ଅଭ୍ର ) ମେଘର ରଙ୍ଗ—
অবলখ 2. Azure.
अबलख

**ଅବ୍‌ଲଖା**—ଦେ. ବଣ. ( ସଂ. ଅବଲକ୍ଷ )—୧ । ଦୋରଙ୍ଗା; ସଫେଦ ଓ
Ablakhā କଳା କିମ୍ବା ସଫେଦ ଓ ନାଲରଙ୍ଗ ମିଶା (ଘୋଡ଼ା)—
অবলখ 1. ( horse ) Of mixed colour ( white
अबलख and black or white and red ).
୨ । ବୈଦେ. ବଣ ( ଫା. ଅବ୍‌ଲୁକ୍ )—
আবলুক ଧଳା ଦେହରେ ଠୋପି ଠୋପି ନାଲବର୍ଣ୍ଣବିଶିଷ୍ଟ(ଘୋଡ଼ା)—
आबलुक ( a horse ) White with red spots.
୩ । ବୈଦେ. ବଣ. ( ଅ ) ମେଘବର୍ଣ୍ଣବିଶିଷ୍ଟ—
অবলখ 3. Azure.
अबरस
୪ । ଦେ. ବଣ ( ସ. ଅବଲକ୍ଷ ) ମୁହଁ ନାଲି ଓ ଦେହ ଧଳା
ହୋଇଥିବା (ପାରା)—
4. White bodied and red headed pigeon.

**ଅବ୍‌ଲା**—ପ୍ରାଦେ. ( ସମ୍ବଲପୁର ) ବଣ—୧ । ବଗୁଲିଆ; ଦୁଷ୍ଟ—
Ablā 1. Wicked; naughty.

**ଅବ୍‌ଲାବଟୁ**—ପ୍ରାଦେ. ( ସମ୍ବଲପୁର ) ବ–୧ । ଦୁଷ୍ଟ ପିଲା—
Ablābaṭu 1. Naughty boy
୨ । ଦୁଷ୍ଟ ବ୍ୟକ୍ତି—2. Wicked person.

**ଅବ୍‌ଲୁସ୍**—ବୈଦେ. ବ ( ଅ. ଅବ୍‌ନୁସ୍; ଭୁଲ. ଗ୍ରୀକ୍ ଏବନ୍ସି )—
Ablus ୧ । ମାକଡ଼ା କେନ୍ଦୁଗଛ; କଜ୍ଜଳ କଳାବର୍ଣ୍ଣର କଠିନ ଓ
আবলুশ ଭାରି କାଠବିଶେଷ—
आबनूस 1. Ebony wood and treeDiosp); yrus Eburnum ( Haines ).

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଞ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ୍ୟ | ଇଅ | ଔ | ନ୍ତୁ |

**ଅବ୍ସୁସ୍**—ବୈଦେ. ବି. (ଫା. ଅଫ୍ସୋସ୍)—୧ । ଶୋକ—
Absus 1. Grief.
আফসোস ୨ । ପରିତାପ; ମନସ୍ତାପ—2. Regret.
**अफसोस** ୩ । ଅନୁତାପ; ପଶ୍ଚାତ୍ତାପ—3. Repentance.
ବୈଦେ. ବିଣ—୧ । ମନସ୍ତାପଜନକ; ଦୁଃଖଜନକ—
1. Sorrowful; regrettable.
୨ । ଦୁଃଖିତ—2. Sorrowing.
୩ । ଅନୁତପ୍ତ—3. Repentant.

**ଅବ୍ସୋସ୍**—ବୈଦେ. ବି. ଓ ବିଣ—ଅବ୍ସୁସ୍ (ଦେଖ)
Absos Absus (See)

**ଅବ୍ହାଉଆ**—ବୈଦେ. ବି. (ଆଧୁନିକ ବ୍ୟବହାର) (ଫା. **ଅବ**=ଜଳ+
Abhāuā ହଓ୍ୱା=ବାୟୁ)—
আবহাওয়া ଜଳବାୟୁ; କୌଣସି ସ୍ଥାନର ଜଳ ଓ ବାୟୁ ଜନିତ
**आबहवा** ଶୀତ ଓ ତାପାଦିର ଅବସ୍ଥା—Climate.

**ଅବ୍** (ଧାତୁ)—ସ—୧ । ରକ୍ଷା କରିବା—
Ab (root) 1. To save; to protect.
୨ । ପ୍ରୀତ ବା ତୃପ୍ତ କରିବା—2. To please.
୩ । ପ୍ରାର୍ଥନା କରିବା—3. To pray.
୪ । ପାଇବା—4. To get.
୫ । ଧରିବା; ଧାରଣ କରିବା—
5. To bear; to hold.
୬ । ସ୍ନେହ ଦେଖାଇବା—6. To show affection.
୭ । ଗତି କରିବା—7. To move.
୮ । ଗ୍ରହଣ କରିବା—8. To accept.
୯ । ହେବା—9. To be; to exist.
୧୦ । କରିବା—10. To do.
୧୧ । ଆଲିଙ୍ଗନ କରିବା—11. To embrace.
୧୨ । ବହନ କରିବା—12. To carry.
୧୩ । ଶୁଣିବା—13. To hear.
୧୪ । ହିଂସା କରିବା—14. To kill; to hurt.
(ଅନ୍ୟ ଅର୍ଥମାନଙ୍କ ପାଇଁ ସ. ଅବନ ଶବ୍ଦ ଦେଖ ।)

**ଅବ**—ସଂ. ଅ—ଉପସର୍ଗବିଶେଷ—A prefix; conveying the
Aba following senses.
[ ଦ୍ର—ଏହି ଉପସର୍ଗ ନିମ୍ନଲିଖିତ ଅର୍ଥମାନଙ୍କରେ ଭିନ୍ନ ଭିନ୍ନ ଧାତୁ ପୂର୍ବରେ ଲାଗି ନିଷ୍ପନ୍ନ ହୁଏ । ]
୧ । ନିଶ୍ଚୟ—1. Certainty.
(ଯଥା—ଅବଧାରଣ ।)
୨ । ଘୃଣା; ଅବଜ୍ଞା; ହୀନତା; ତୁଚ୍ଛତା—
2. Slight; insult.
(ଯଥା—ଅବଗଣିତ; ଅବଜ୍ଞା ।)
୩ । ନିମ୍ନକୁ—3. Downwards.
(ଯଥା—ଅବରୋହଣ; ଅବରୋହ; ଅବତୀର୍ଣ୍ଣ ।)
୪ । ଭିତରେ—4. Within.
(ଯଥା—ଅବଗାହନ ।)
୫ । ନିନ୍ଦା—5. Blame.
(ଯଥା—ଅବଗୀତ ।)
୬ । ବିରୋଧରେ—6. Against.
(ଯଥା—ଅବଘୋଷଣ ।)
୭ । ପଶ୍ଚାତ୍ ବା ପଛରୁ—7. Behind; backwards.
(ଯଥା—ଅବଗ୍ରହଣ ।)
୮ । ଅବସର—8. Leisure.
(ଯଥା—ଅବକାଶ ।)
୯ । ଅତ୍ୟନ୍ତ—9. Too much.
(ଯଥା—ଅବହେଳା; ଅବକ୍ରୋଶ; ଅବକ୍ଷୁରିତ ।)
୧୦ । ବ୍ୟାପ୍ତି; ଏକତ୍ର—10. Diffusion; together.
(ଯଥା—ଅବଚୟ ।)
୧୧ । ସମ୍ପୂର୍ଣ୍ଣ ରୂପେ—11. Completely.
(ଯଥା—ଅବଚୂର୍ଣ୍ଣିତ; ଅବଧ୍ୱସ୍ତ; ଅବରୋଧ; ଅବଚ୍ଛେଦ ।)
୧୨ । ଅଳ୍ପ; ସାମାନ୍ୟରେ—12. Slightly.
ଯଥା—ଅବଗୁଣ୍ଠନ; ଅବତମସ ।)
୧୩ । କୁତ୍ସିତ; ମନ୍ଦ—13. Bad.
(ଯଥା—ଅବକ୍ରିୟା ।)
୧୪ । ହଠାତ୍—14. Suddenly.
(ଯଥା—ଅବପାତ ।)
୧୫ । ସ୍ଥାନାନ୍ତରକୁ; ଦୂରକୁ—15. Away.
(ଯଥା—ଅବକର୍ଷଣ; ଅବକର)
୧୬ । ଚାରିଆଡ଼େ; ଇତସ୍ତତଃ—16. On all sides; about.
(ଯଥା—ଅବପଟ୍ଟ; ଅବକୀର୍ଣ୍ଣ ।)
୧୭ । ଅଭାବ—17. Want; absence.
(ଯଥା—ଅବଗୁଣ; ଅବକାଶ ।)
୧୮ । ବିପରୀତ—18. Opposite.
(ଯଥା—ଅବମାନନା; ଅବଜୟ; ଅବରୋପିତ ।)
୧୯ । ଭକ୍ତି ବା ପୂଜା—19. Consecration; adoration.
(ଯଥା—ଅବଦାନ ।)
୨୦ । ନିକୃଷ୍ଟ—20. Inferior.
(ଯଥା—ଅବମତ ।)
୨୧ । ଉଚ୍ଚ ଦେଶରୁ—21. From high.
(ଯଥା—ଅବତୟ ।)

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧି' ନ ପାଇଲେ 'ବଧ଼ି' ଦେଖିବେ; 'ଅଗଂଧା' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବଢ଼' ନ ପାଇଲେ 'ଅଲ୍‌ବଢ଼' ଦେଖିବେ ।

**ଅବଇଦ**—ଗ୍ରା. ବି. ( ସଂ. ଅବୈଦ୍ୟ )—କୁବୈଦ୍ୟ—
Abaida — A quack.
কুবৈদ্য; হাতুড়েকবিরাজ
कठवैद्य

**ଅବଏ**—ଗ୍ରା. ପ୍ରାଚୀନ ପଦ୍ୟ. ବିଣ. ( ସଂ. ଅବ୍ୟୟ )—ଅବ୍ୟୟ ( ଦେଖ )
Abae — Abyaya ( See )

ଅବଏ ବସ୍ତୁ ହେଲେ ରଜା, ସକଳ କର୍ମିଜନ ପ୍ରଜା ।
ପ୍ରାଚୀ. ନର୍ଗୁଣମାହାତ୍ମ୍ୟ ।

**ଅବଂଶ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅ + ବଂଶ )—
Abaṁśa — ନିର୍ବଂଶ; ଯାହା ବଂଶରେ ଆଉ କେହି ନାହିଁ—
(ଅବଂଶା—ସ୍ତ୍ରୀ) Having no family or progeny.
ସଂ. ବି. ( ନଞ୍ ତତ୍ )—ଯାହା ବାଉଁଶ ନୁହେ—
A thing which is not bamboo.

**ଅବକବ**—ଗ୍ରା. ବି—୧ । ଅବ୍ୟକବ୍ୟ; ସାମର୍ଥ୍ୟ; ଶକ୍ତି—
Abakaba — 1. Power,
୨ । ଅନ୍ୟଥାଚରଣ କରିବାର ଶକ୍ତି—
2. Power to do otherwise.
୩ । ହଲଚଲ; ଅନ୍ୟଥାଚରଣ—3 Doing otherwise; slight movement

**ଅବକର**—ସଂ. ବି. (ଅବ=ଦୂରକୁ + କୃ ଧାତୁ=ଫିଙ୍ଗି ଦେବା + କର୍ମ. ଅ;
Abakara — ଯାହାକୁ ଓଲାଇ ପୋଛାଇ ଦୂରକୁ ଫିଙ୍ଗି ଦେବାକୁ ହୁଏ । )
୧ । ଆବର୍ଜନା; ଅଳିଆ; ଜଞ୍ଜାଳ—
1. Refuse; sweeping.
୨ । ସମ୍ମାର୍ଜନୀ ଦ୍ୱାରା ବିକ୍ଷିପ୍ତ ଧୂଳି—
2. Dust scattered by sweeping.
୩ । ଅତିବର୍ଷଣ—3. Excessive rain.
୪ । ବିକ୍ଷେପ; ଫିଙ୍ଗିବା—4. Throwing away.

**ଅବକର୍ଷଣ**—ସଂ. ବି. ( ଅବ=ସ୍ଥାନାନ୍ତରକୁ; ନିମ୍ନକୁ + କୃଷ ଧାତୁ=
Abakarshaṇa — ଟାଣିବା + ଭାବ. ଅନ )—
୧ । ବଳପୂର୍ବକ ଟାଣିନେବା—
1. Drawing with a pull.
୨ । ଛଡ଼ାଇ ନେବା—2. Snatching away.
୩ । ଅଧୋନୟନ; ତଳକୁ ଟାଣିବା—
3. Drawing down; pulling down.

**ଅବକଳ**— ଦେ. ବି. ( ସଂ. ଅବକଳନ )—
Abakaḻa — ୧ । ଭୁତ; ଅଟକଳ; ଆନୁମାନିକ ଗଣନା—
আটকল — 1. Estimate.
अटकल — ୨ । ଅନ୍ଦାଜ; ଅନୁମାନ— 2. Guess.
ଦେ. ବିଣ. ( ସଂ. ଅ + ବଲ୍କଳ )—ବଲ୍କଳହୀନ—
Barkless.

**ଅବକଳନ**—ସଂ. ବିଣ. ( ଅବ=ସମ୍ୟକ୍ + କଳ ଧାତୁ=ସଂଗ୍ରହ କରିବା
Abakaḻana — ଇତ୍ୟାଦି + ଭାବ. ଅନ)—
(ଅବକଳିତ—ବିଣ) ୧ । ସଂକଳନ; ସଂଗ୍ରହକରଣ—
1. Compilation; collection.
୨ । ଜ୍ଞାନ—2. Knowledge.
୩ । ବନ୍ଧନ—3. Tying down.
୪ । ଆନୁମାନିକ ଗଣନା; ଭୁତ—4. Estimate.
୫ । ମାପ—5. Measure.
୬ । ଅନୁମାନ—6. Guess.
୭ । ନିର୍ଣ୍ଣୟ—7. Ascertainment.

**ଅବକଳନା**—ସଂ. ବି. ( ଅବ + କଳ ଧାତୁ + ଅନ + ଆ )—
Abakaḻanā — ଅବକଳନ ( ଦେଖ )
Abakaḻana ( See )

**ଅବକଳିତ**—ସଂ. ବିଣ. ( ଅବ + କଳିତ )—୧ । ସଂକଳିତ—
Abakaḻita — 1. Compiled.
୨ । ସଂଗୃହୀତ—2. Collected.
୩ । ଜ୍ଞାତ—3. Known.
୪ । ଅନୁମାନଦ୍ୱାରା ପୂର୍ବରୁ ନିର୍ଣ୍ଣୀତ; ଭୁତ ହୋଇଥିବା—
4. Estimated; appraised.
୫ । ଇୟତ୍ତା କରାଯାଇ ଥିବା—5. Gauged.
୬ । ଦୃଷ୍ଟ—6. Seen.
୭ । ବଦ୍ଧ—7. Bound.

**ଅବକଳିବା**—ଦେ. ପଦ୍ୟ. କ୍ରି. ( ସଂ. ଅବକଳନ )—
Abakaḻibā — ୧ । ଭୁତ କରିବା; ଅଟକଳ କରିବା—
অবকলনাকরা — 1. To estimate.
अटकलकरना — ୨ । ଇୟତ୍ତା କରିବା—
2. To fathom; to gauge.
୩ । ଅନୁମାନ କରିବା—3. To guess.
୪ । ଗଣିବା—4. To count.

**ଅବକାରି**—ବୈଦେ. ବି. ( ଫା. ଅବକାରୀ=ଯେ ମଦ ରାନ୍ଧେ; ଆବକାର
Abakāri — =ମଦଭାଟି; ମଦ ଉପରେ ଶୁଳ୍କ; ମଦ ରାନ୍ଧିବା)—
আবকারী — ମାଦକଦ୍ରବ୍ୟ ପ୍ରସ୍ତୁତ କରିବା, ଆମଦାନି କରିବା ଓ
आबकारी — ବିକ୍ରି କରିବା ପାଇଁ ସରକାରଙ୍କ ଧାର୍ଯ୍ୟ ଶୁଳ୍କ—
Excise-duty.
ବୈଦେ. ବିଣ—ମାଦକଦ୍ରବ୍ୟ ତିଆରି, ବ୍ୟବସାୟ ଓ ବିକ୍ରି ଆଦିର କଟକଣା କରାଯିବା ( ନିୟମାଦି )—
Regulating the manufacture and trade in intoxicating drugs.
[ ଦ୍ର—ଭାଙ୍ଗ, ମଦ, ଗଞ୍ଜେଇ, ପଚ୍ଚି, ଅଫିମ, ସିଦ୍ଧି, ଚରସ୍, କୋକେନ, ମର୍ଫିଆ ଆଦିକୁ ସରକାର ଅବକାରୀ ଜିନିଷ ରୂପେ ଗଣନା କରିଅଛନ୍ତି ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୯ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଜ୍ଞ | ଇଯ୍ | ଉଅ | ଘ |
| ୨ | ଈ | ଊ | ଋ | ଌ | ଯ୍ୟ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ୟ | ଇଅ | [illegible] | ଢ଼ |

ଏହି ବୈଦେଶିକ ଅବକାର ଶବ୍ଦ ସଙ୍ଗେ ନିମ୍ନଲିଖିତ କେତେ ଗୁଡ଼ିଏ ଇଂରାଜି ଓ ଫାରସୀ ଶବ୍ଦ ଲାଗି ଭାଷାରେ ବ୍ୟବହୃତ ହେଉ ଅଛି—ଯଥା— ଦାରୋଗା, ଦାରୋଗା, ସୁପରିଣ୍ଟେଣ୍ଡେଣ୍ଟ, ଇନ୍‌ସ୍‌ପେକ୍ଟର, ପିଅନ୍, ମାଲ୍ । ]

**ଅବକାରି ଆଇନ**—ବୈଦେ. ବି (ଫା.ଆବକାରୀ+ଆଇନ୍)—ସରକାରଙ୍କ ପ୍ରବର୍ତ୍ତିତ ମାଦକଦ୍ରବ୍ୟର ତିଆରି, ବିକ୍ରି ଓ କାରବାର ସମ୍ବନ୍ଧୀୟ କଟକଣା ବା ନିୟମାବଳୀ—
Abakāri āin
আবকারী আইন
**आबकारी आईन** The Excise Act; law regulating to excisable articles.

**ଅବକାରିଜିନିଷ**—ଦେ. ବି—ମାଦକ ଦ୍ରବ୍ୟ; ସରକାର ଯେଉଁ ମାଦକ ଦ୍ରବ୍ୟ ଉପରେ ମାସୁଲ ନିଅନ୍ତି—
Abakārijinisha
আবকারী মাল
**आबकारी माल** Excisable article.
(ଯଥା—ଭାଙ୍ଗ, ମଦ, ସରାପ, କରାଣ୍ଡି, ଅରଖ, ଗଞ୍ଜେଇ, ପଚାଇ, ଚରସ୍, ଅଫିମ, ମଦକ୍, କୋକେନ୍, ମର୍ଫିଆ, ଚଣ୍ଡୁ । )

**ଅବକାରିବିଭାଗ**—ଦେ. ବି ( ଅ. ଅବକାରୀ+ସଂ. ବିଭାଗ )—ମାଦକ ଦ୍ରବ୍ୟ କଟକଣା କରିବା ପାଇଁ ନିଯୁକ୍ତ ସରକାରୀ ବିଭାଗ—The excise department of the Government.
Abakāribibhāga
আবকারী বিভাগ
**आबकारी मुहकमा**

**ଅବକାରି ମହକୁମା**—ବୈଦେ. ବି (ଅ. ଅବକାରୀ+ଅ. ମୁହକମା)—ଅବକାରି ବିଭାଗ (ଦେଖ) Abakāri bibhāga (See)
Abakāri mahakumā
আবকারী মহকুমা
**आबकारी मुहकमा**

**ଅବକାରି ମାହାଲ୍**—ବୈଦେ. ବି (ଅ. ଅବକାରୀ+ଅ. ମାହାଲ୍)—ଅବକାରିବିଭାଗ (ଦେଖ) Abakāribibhāga (See)
Abakāri māhāl
আবকারী মাহাল
**आबकारी माहाल**

**ଅବକାଶ**—ସଂ. ବି (ଅବ+କାଶ ଧାତୁ=ଦେଖାଯିବା+କର୍ତ୍ତୃ. ଅ; ଭିନ୍ନା ଅବ=ନାହିଁ+କାଶ=ପ୍ରକାଶ; ଯେତେବେଳେ ମନୁଷ୍ୟର ସାଧାରଣଙ୍କଠାରେ ପ୍ରକାଶ ବା ଉପସ୍ଥିତି ନ ଥାଏ; ଅର୍ଥାତ୍ ଯେତେବେଳେ ମନୁଷ୍ୟ ସାଧାରଣଙ୍କ ଦୃଷ୍ଟିର ଅନ୍ତରାଳରେ ରହେ; ତୁଳ—ଏହାର ଇଂରାଜି ପ୍ରତିଶବ୍ଦ recess ରିସେସ୍=ଗୋପନସ୍ଥାନ;ଗୁପ୍ତସ୍ଥାନ)—
Abakāsa

୧ । ଅବସର; ଫୁରସତ୍—1. Leisure.

୨ । କାର୍ଯ୍ୟରୁ ବିଶ୍ରାମ—2. Rest from work; recreation.

୩ । ଛୁଟି—3. Leave.

୪ । ଫାଙ୍କ;ମଧ୍ୟବର୍ତ୍ତୀ ସ୍ଥାନ—4. Intermediate space.

୫ । ଦୁଇ ଘଟଣାର ମଧ୍ୟବର୍ତ୍ତୀ କାଳ; ଅନ୍ତର—5. Interval between two events; intermediate time; the mean time.

ଏ ଅବକାଶେ ଏବେ ଶୁଣ, ବିଳମ୍ବ ବ୍ୟାସଙ୍କ ନନ୍ଦନ । ଉପେନ୍ଦ୍ର. ପ୍ରେମପଞ୍ଚାମୃତ ।

୬ । ଦୁର୍ଗାପୂଜା, ଗ୍ରୀଷ୍ମକାଳ, ଖ୍ରୀଷ୍ଟମସ, ଇଦ, ସମ୍ରାଟଙ୍କ ଜନ୍ମଦିନ ଆଦି ପର୍ବ ବା ବିଶେଷକାରଣ ଉପଲକ୍ଷରେ ଅଫିସ୍, କଚେରି ଓ ବିଦ୍ୟାଳୟ ଆଦିର କାର୍ଯ୍ୟର ବିରାମ ବା ବନ୍ଦ ହେବା—6. Vacation; holidays; recess.

୭ । ସ୍ଥାନ—7. Space; place (M. W.)

୮ । ସୁଯୋଗ—8. Opportunity (M. W.)

୯ । ଉପଲକ୍ଷ୍ୟ—9. Occasion (M. W.)

୧୦ । (ଅବ+କାଶ ଧାତୁ=ଦେଖିବା+ଭାବ. ଅ)—କୌଣସି ବସ୍ତୁ ପ୍ରତି ନିକ୍ଷିପ୍ତ ଦୃଷ୍ଟି—10 A glance cast on any thing. (M. W.)

୧୧ । କୌଣସି ନିର୍ଦ୍ଦିଷ୍ଟ ବସ୍ତୁ ଉପରେ ଦୃଷ୍ଟି ନିବଦ୍ଧ କରାଯାଇ ବୋଲାଯିବା ଗାନ ବା ସ୍ତବକବିଶେଷ—Name of certain verses during the recitation of which the eyes must be fixed on particular objects (M. W) (ଯଥା—ପ୍ରଭାତ ଅବକାଶ)

ଦେ. ବି—୧ । ରାଜାଙ୍କର ବିଶେଷ ବା ନିର୍ଦ୍ଦିଷ୍ଟ ସମୟରେ ବିଜେ ହେବା ସ୍ଥାନ ବା କକ୍ଷ—1. A place or hall where a king sits at certain intervals.

କହୁଁ କହୁଁ ଛଅ ଘଡ଼ି ହେଲ ଦିନକର, ବାହାର ଅବକାଶରେ ବିଜେ ନୃପବର ।
କୃଷ୍ଣସିଂହ. ମହାଭାରତ ।

୨ । ରାଜାଙ୍କର ନିର୍ଦ୍ଦିଷ୍ଟ ଦୈନିକ 'ନୀତି' କରାଯିବାର ନିର୍ଦ୍ଦିଷ୍ଟ କାଳ—2 Fixed time for the performance of the daily routine of a Rājā.

ଦ୍ୱିତୀୟ ମାର୍ଜଣା ଅବକାଶ କଲା ହୋଏ ଯେବଣ ପରିସର ।
ବିଦଗ୍ଧଚିନ୍ତାମଣି. ଚନ୍ଦ୍ରକଳା ।

୩ । ପୁରୀ ଜଗନ୍ନାଥ ଓ ଅନ୍ୟାନ୍ୟ ଦେବତାଙ୍କ ଦିବସର ଯେଉଁ ନିର୍ଦ୍ଦିଷ୍ଟ ସମୟରେ ନୀତି ( ଯଥା—ବେଶଲାଗି, ସ୍ନାନ, ) ହେଉଥିବାରୁ ତାଙ୍କୁ ଯାତ୍ରୀମାନେ ଦର୍ଶନ କରି ପାରନ୍ତି ନାହିଁ—3. The times or periods when an idol is not accessible to the pilgrims owing to certain operation ( e.g, dressing; washing ) being performed; recess of a Deity.

୪ । ଦେବତାଙ୍କ 'ଅବକାଶ' ବା ଯାତ୍ରୀଙ୍କୁ ସାକ୍ଷାତ୍ ଦର୍ଶନ ନ ମିଳିବା ସମୟରେ ଯାତ୍ରୀମାନେ ଦେଉଳର, ଜଗମୋହନ ବା ମୁକ୍ତିମଣ୍ଡପରେ ଥାଇ ଯେଉଁ ଭଜନମାନ ଗାଆନ୍ତି—4. Psalms sung by pilgrims during the recess of a Deity.

[ଦ୍ର—ପୁରୀର ଜଗନ୍ନାଥଙ୍କର ପ୍ରତିଦିନ ୩ 'ଧୂପ' ଓ ୫ 'ଅବକାଶ' ହୁଏ । ଯଥା—

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅଁ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଳିବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୧ମ ଅବକାଶ—ଅତି ପ୍ରତ୍ୟୁଷରେ ମଙ୍ଗଳ ଆଳତି ହେବା ପରେ ପ୍ରଭାତ ଅବକାଶ; (ଏ ସମୟରେ ଦାନ୍ତଘସା, ସ୍ନାନ ଓ ବେଶଲାଗି କାର୍ଯ୍ୟମାନ ହୁଏ ।)

୧ମ ଧୂପ— ସକାଳ ଧୂପ; ସକାଳେ ଦେବତାଙ୍କୁ ନୈବେଦ୍ୟ ଅର୍ପଣବିଧି ।

୨ୟ ଅବକାଶ—ସକାଳ ଧୂପ ପରେ ବେଶ ଛଡ଼ାଇ ହୋଇ ନୂଆ ବେଶ ପରିବର୍ତ୍ତନ ବେଳେ ଦ୍ୱିତୀୟ ଅବକାଶ—ତତ୍ପରେ 'ଖାଇ କେଶରୀ ବଲ୍ଲଭ' ବା 'ଭୋଗମଣ୍ଡପ ଭୋଗ' ନୈବେଦ୍ୟ ଅର୍ପଣ ।

୩ୟ ଅବକାଶ—ତତ୍ପରେ ବେଶ ଉଲ୍ଲାଗି ହୋଇ ନୂଆ ବେଶ ପରିବର୍ତ୍ତନବେଳେ ତୃତୀୟ ଅବକାଶ ।

ଦ୍ୱିତୀୟ ଧୂପ—ତତ୍ପରେ 'ଦ୍ୱିପହର ଧୂପ' ନୈବେଦ୍ୟ ଅର୍ପଣ; ଦ୍ୱିପହର ଧୂପ ପରେ ଦିନ-ପହଡ଼; ଦିନ-ପହଡ଼ ପରେ ସନ୍ଧ୍ୟା ଆଳତି ।

୪ର୍ଥ ଅବକାଶ—ସନ୍ଧ୍ୟା ଆଳତି ପରେ ବେଶ ପରିବର୍ତ୍ତନ ସମୟରେ ଚତୁର୍ଥ ଅବକାଶ ।

ତୃତୀୟ ଧୂପ— ତତ୍ପରେ 'ସନ୍ଧ୍ୟାଧୂପ' ନୈବେଦ୍ୟ ଅର୍ପଣ ।

୫ମ ଅବକାଶ—ସନ୍ଧ୍ୟାଧୂପ ପରେ ବେଶ ପରିବର୍ତ୍ତନ ବା ବଡ଼ସିଂହାର ବେଶ ହେବା ସମୟରେ ପଞ୍ଚମ ଅବକାଶ, ତତ୍ପରେ 'ବଡ଼ସିଂହାର ଭୋଗ' ନୈବେଦ୍ୟ ଅର୍ପଣ । ତାପରେ ରାତି-ପହଡ଼; ଦିନରେ ଦ୍ୱିତୀୟ ଧୂପ ପରେ ଓ ରାତିରେ ବଡ଼ସିଂହାର ଭୋଗ ପରେ ଦେବଙ୍କର ପହଡ଼ ବା ନିଦ୍ରା ହୁଏ । ସେହି ସମୟରେ ଯାତ୍ରୀମାନେ ଦେବଙ୍କୁ ଦର୍ଶନ କରି ପାରନ୍ତି ନାହିଁ; କିନ୍ତୁ ଏ ଦୁଇ ସମୟକୁ 'ଅବକାଶ' ବୋଲି ନ ଯାଇ 'ପହଡ଼' ବୋଲାଯାଏ । କେହି କେହି ଉପରଲିଖିତ ତିନ ଧୂପ (ସକାଳଧୂପ, ଦ୍ୱିପହରଧୂପ ଓ ସନ୍ଧ୍ୟାଧୂପ) ସଙ୍ଗେ ୨ୟ ଅବକାଶର ପରବର୍ତ୍ତୀ 'ଖାଇକେଶରୀବଲ୍ଲଭ ବା ଭୋଗମଣ୍ଡପ ଭୋଗକୁ ଗୋଟିଏ ଧୂପ ଏବଂ ୫ମ ଅବକାଶର ପରବର୍ତ୍ତୀ 'ବଡ଼ସିଂହାର ଭୋଗ'କୁ ଗୋଟିଏ ଧୂପ ରୂପେ ଗଣି ୫ ଧୂପ ଏବଂ ଦିନ ଓ ରାତିର ଦୁଇ ପହଡ଼କୁ ଅବକାଶରୂପେ ଗଣି '୫ ଧୂପ ଓ ୭ ଅବକାଶ' ବୋଲି କହନ୍ତି । ପ୍ରତ୍ୟେକ ଧୂପ ପରେ ଥରେ ଲେଖାଏଁ 'ସାହାଣ ମେଲା' ହୁଏ; ଅର୍ଥାତ୍ ସେ ସମୟରେ ସାଧାରଣ ଯାତ୍ରୀମାନେ ଜଗନ୍ନାଥଙ୍କ ଶ୍ରୀମୁଖକୁ ଯାଇଁ ଅବାଧରେ ଦର୍ଶନ କରନ୍ତି—'ଅବକାଶ' ସମୟରେ କେବଳ ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗ ସେବକଙ୍କ ଛଡ଼ା ଅନ୍ୟ କେହି ଜଗନ୍ନାଥଙ୍କ ଶ୍ରୀମୁଖକୁ ଯାଇ ପାରନ୍ତି ନାହିଁ ଓ ଏ ସମୟରେ ଦେଉଳର ଭିତର ଦ୍ୱାର ବନ୍ଦ ହୁଏ ।]

**ଅବକାଶନ**— ଦେ. ବି. ( ସଂ. ଅବକାଶ )—
**Abakāśana** ଅବକାଶ ( ଦେଖ ) Abakāśa ( See ).

ନାହିଁ ସୂର୍ଯ୍ୟ, ନାହିଁ ଚନ୍ଦ୍ର, ନାହିଁ ଯେ ପବନ
ନାହିଁ ଦିବା, ରାତ୍ରି, ସନ୍ଧ୍ୟା ଯେ ଅବକାଶନ । ସାରଳାମହାଭାରତ ।

**ଅବକାଶ ମେକାପ**—ଦେ. ବି.—ଦେବତାଙ୍କ "ଅବକାଶ" କାଳୀନ
**Abakāśa mekāpa** ବେଶଲାଗି ସମୟରେ ବେଶକାରୀ ପୁଷ୍ପପାଳକ ସେବକଙ୍କୁ ଦେବତାଙ୍କ ବେଶଭୂଷା ଯୋଗାଇବା ସେବକବିଶେଷ—A class of Sebakas or Temple-servants who supply the materials for the dressing of a Deity during the recess periods.

**ଅବକାଶସେବକ**—ସଂ. ବି ( ୭ମୀ ତତ୍; ଅବକାଶ + ସେବକ )—
**Abakāśasebaka** ଜଗନ୍ନାଥଙ୍କ ଅଙ୍ଗସେବକ ବା ପଶୁପାଳକ ସେବକ, ଯେଉଁ ସେବକମାନେ 'ଅବକାଶ' ସମୟରେ ଦେବତାଙ୍କୁ ବେଶ ଆଦି କରନ୍ତି—A class of Sebakas who dress up the Deity Jagannātha during recesses.

**ଅବକୀର୍ଣ୍ଣ**—ସଂ. ବିଣ. ( ଅବ + କୃ ଧାତୁ + କର୍ମ. କ୍ତ )—
**Abakirṇṇa** ୧ । ଇତସ୍ତତଃ ବିକ୍ଷିପ୍ତ—1. Strewn here and there; scattered.
୨ । ବିଧ୍ୱସ୍ତ—2. Ruined.
୩ । ଖଣ୍ଡ ଖଣ୍ଡ କରାଯାଇ ଥିବା— 3 Shattered to pieces.
୪ । ଚୂର୍ଣ୍ଣିତ—4. Reduced to powder; pounded.
୫ । ନ୍ୟସ୍ତ—5 Deposited.
ସଂ. ବି—୧ । ଉଲ୍ଲଂଘନ—1. Transgression.
୨ । ନିୟମର ଅପାଳନ—2. Violation.

**ଅବକୀର୍ଣ୍ଣୀ**—ସଂ. ବି. ପୁଂ. (ଅବକୀର୍ଣ୍ଣ = ଉଲ୍ଲଙ୍ଘନ + ଇନ୍. ୧ମା. ୧ବ)—
**Abakirṇṇi** ଯେଉଁ ବ୍ରହ୍ମଚାରୀ ବ୍ରହ୍ମଚର୍ଯ୍ୟକୁ ଉଲ୍ଲଙ୍ଘନ କରିଅଛି ବା ନଷ୍ଟ କରିଅଛି—A Brahmachāri who has violated his vow of abstinance and continence.

**ଅବକୃଷ୍ଟ**—ସଂ. ବିଣ. ( ଅବ + କୃଷ ଧାତୁ + କର୍ମ. କ୍ତ )—
**Abakrushṭa** ୧ । ଆକୃଷ୍ଟ—1. Attracted.
୨ । ନିଷ୍କାଶିତ—2. Driven out.
୩ । ଅପସାରିତ; ବିତାଡ଼ିତ— 3. Driven away; removed.
୪ । ଜଘନ୍ୟ; ଅଧମ—4. Wretched; ugly.
୫ । ଅପକୃଷ୍ଟ—5. Inferior.
୬ । ହେୟ; ଘୃଣ୍ୟ—6. Despicable.
ସଂ. ବି. ପୁଂ—୧ । ମେହେନ୍ତର; ଯେ ଝାଡ଼ୁ କରେ ଓ ପାଇଖାନା ସଫା, ପାଣି ବୁହା ଆଦି ନୀଚ କର୍ମମାନ କରେ— 1. A sweeper; a servant who does menial work ( e.g., cleansing the laterine, carrying water etc ).

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଉ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଖ | ଇଅ | ● | ନ୍ତ |

୨ । ଭିସ୍ତୀ—2. A water-carrier.

୩ । ହୀନଜାତି; ଅସ୍ପୃଶ୍ୟ ଜାତି—
3. Untouchable or lower caste.

**ଅବକେଶୀ**—ସଂ. ବଣ. ପୁଂ. (ଅବ=ତୁଚ୍ଛ+କେଶ+ଇନ୍. ୧ମା. ୧ବ)-
Abakesī ୧ । ଅଳ୍ପକେଶଯୁକ୍ତ ( ବ୍ୟକ୍ତି )—
(ଅବକେଶିନୀ—ସ୍ତ୍ରୀ) 1. Scanty-haired; short-haired ( person ).

୨ । ବନ୍ଧ୍ୟା ବା ନିଷ୍ଫଳ ବୃକ୍ଷ—2. Fruitless; not fruit-bearing ( tree )

ସଂ. ବି. ପୁଂ—ଅଣ୍ଡିରା ଗଛ—A tree which does not bear fruit; a male tree.

**ଅବକ୍ତବ୍ୟ**—ସଂ. ବଣ. ( ଅ+ବକ୍ତବ୍ୟ )—
Abaktabya ୧ । ଅକଥ୍ୟ; କହିବାର ଅଯୋଗ୍ୟ—
1. Unspeakable.

୨ । ଅଶ୍ଳୀଳ—2. Obscene.

୩ । ଅକଥନୀୟ; ଅନିର୍ବଚନୀୟ—
3. Indescribable; unutterable.

**ଅବକ୍ର**—ସଂ. ବଣ. (ଅ+ବକ୍ର)—ଯାହା ବଙ୍କା ନୁହେଁ; ସିଧା; ସଳଖ—
Abakra Straight.

**ଅବକ୍ରୟ**—ସଂ. ବି. ( ଅବ+କ୍ରୟ )—
Abakraya ୧ । ମୂଲ୍ୟ; ଦାମ୍—1. Price.

୨ । ଭଡ଼ା—2. Rent; letting-price for use or hire.

**ଅବକ୍ରିୟା**—ସଂ. ବି. ( ଅବ=କୁତ୍ସିତ+କ୍ରିୟା )—
Abakriyā ୧ । ଅପକର୍ମ; କୁତ୍ସିତକର୍ମ; କୁକର୍ମ—
1. Bad act.

୨ । ଅନାଦର—2. Disregard; slight.

୩ । ଉଦାସୀନତା—3. Indifference.

**ଅବକ୍ରୁଷ୍ଟ**—ସଂ. ବଣ. (ଅବ=ଅପ୍ରିୟ+କ୍ରୁଶ୍ ଧାତୁ=ଡାକିବା+କର୍ମ. ତ)-
Abakrushṭa ୧ । ଭର୍ତ୍ସିତ—1. Chidden; rebuked
(ଅବକ୍ରୋଶ—ବି) ୨ । ଅଭିଶପ୍ତ—2. Cursed.

୩ । ନିନ୍ଦିତ—3. Blamed.

**ଅବକ୍ରୋଶ**—ସଂ. ବି. (ଅବ+କ୍ରୁଶ ଧାତୁ+ଭାବ. ଅ )—
Abakrośa ୧ । କ୍ରୋଧପୂର୍ବକ ଭର୍ତ୍ସନା; ତିରସ୍କାର; ଗାଳି—
(ଅବକ୍ରୁଷ୍ଟ—ବଣ) 1. Rebuke; censure.

୨ । ଅଭିଶାପ—2. Curse; imprecation.

୩ । ଚିତ୍କାର—3. Hallooing; declamation.

୪ । ନିନ୍ଦା—4. Blame; blasphemy.

**ଅବକ୍ଷିପ୍ତ**—ସଂ. ବଣ. ( ଅବ+କ୍ଷିପ୍ତ )—
Abakshipta ୧ । ବିତାଡ଼ିତ—
(ଅବକ୍ଷେପ—ବି) 1. Driven away; removed.

୨ । ତଳକୁ ଫିଙ୍ଗା ଯାଇଥିବା—
2. Thrown down.

୩ । ଉପହସିତ—3. Jeered at.

୪ । ତିରସ୍କୃତ—4. Chidden; rebuked.

୫ । ବିକ୍ଷିପ୍ତ—5. Scattered.

୬ । ବ୍ୟଙ୍ଗ ବିଦ୍ରୂପ ଦ୍ୱାରା ଉପହସିତ—
6. Reviled; satirised.

**ଅବକ୍ଷେତ୍ର**—ସଂ. ବି. ( ବିଜ୍ଞାନପରିଭାଷା )—
Abakshetra ବୃତ୍ତାଭାସ; ଅଣ୍ଡାକୃତି କ୍ଷେତ୍ର—Ellipse.

**ଅବକ୍ଷେପ**—ସଂ. ବି. (ଅବ+କ୍ଷେପ)—୧ । ଇତସ୍ତତଃ ଫୋପାଡ଼ିବା—
Abakshepa 1. Scattering.
(ଅବକ୍ଷିପ୍ତ—ବଣ) ୨ । ଅଧୋନିକ୍ଷେପ—2. Throwing down.
(ଅବକ୍ଷେପକ—ବ୍ୟକ୍ତିବାଚକ ବଣ) ୩ । ଶ୍ଳେଷୋକ୍ତି; ଥଟ୍ଟା; ବ୍ୟଙ୍ଗ-ବିଦ୍ରୂପ—3. Sarcasm; gibe; irony; satire

୪ । ଅପବାଦ—4. Slander.

୫ । ତିରସ୍କାର—5. Rebuke; reprimand.

**ଅବକ୍ଷେପକ**—ସଂ. ବଣ. ପୁଂ. (ଅବ+କ୍ଷିପ ଧାତୁ+କର୍ତ୍ତୃ. ଅକ)—
Abakshepaka ୧ । ଯେ ଶ୍ଳେଷୋକ୍ତି କରେ ବା ଉପାଏ—
(ଅବକ୍ଷେପିକା—ସ୍ତ୍ରୀ) 1. Gibing; jeering; sarcastic.

୨ । ନିମ୍ନକୁ କ୍ଷେପଣକାରୀ—2. Throwing down.

୩ । ତିରସ୍କାରକାରୀ—3. Rebuking

**ଅବକ୍ଷେପଣ**—ସଂ. ବି. (ଅବ+କ୍ଷେପଣ)—୧ । ତଳକୁ ଫିଙ୍ଗି ଦେବା—
Abakshepaṇa 1. Act of throwing down.

୨ । ବ୍ୟଙ୍ଗବିଦ୍ରୂପକରଣ—2. Satirising; sarcasm

୩ । ଅପବାଦରଟନା—3. Defamation.

**ଅବକ୍ଷେପଣୀ**—ସଂ. ବି. ସ୍ତ୍ରୀ. (ଅବ+କ୍ଷିପ ଧାତୁ+ଅନ୍+ସ୍ତ୍ରୀ. ଈ)—
Abakshepanī (ଘୋଡ଼ାର) ଲଗାମ—Briddle; reins.

**ଅବକ୍ଷେପିଣୀ**—ସଂ. ବି. ସ୍ତ୍ରୀ.—ଅବକ୍ଷେପଣୀ (ଦେଖ)
Abakshepiṇī Abakshepanī (See)

**ଅବଗଣନ**—ସଂ. ବି. (ଅବ=ହୀନ+ଗଣନ)—ଅବଗଣନା (ଦେଖ)
Abagaṇana Abagaṇanā (See).

**ଅବଗଣନା**—ସଂ. ବି. (ଅବ=ହୀନ+ଗଣନା)—୧ । ଅନାଦର; ଅବଜ୍ଞା
Abagaṇanā 1. Slight; disregard.
(ଅବଗଣିତ—ବଣ) ୨ । ଉପେକ୍ଷା—2. Neglect.

୩ । ତିରସ୍କାର—3. Rebuke; censure.

**ଅବଗଣିତ**—ସଂ. ବଣ. ପୁଂ. (ଅବ+ଗଣିତ)—୧ । ଅବଜ୍ଞାତ; ଉପେ-
Abagaṇita କ୍ଷିତ; ଅନାଦୃତ—1. Slighted; neglected.
(ଅବଗଣିତା—ସ୍ତ୍ରୀ) ୨ । ଅପମାନିତ—
2. Insulted; disgraced.

୩ । ତିରସ୍କୃତ—3. Rebuked.

ସାଧାରଣ ଲୋକେ ଅପର-ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବର୍ଣ୍ଣ' ନ ପାଇଲେ 'ବର୍ଣ୍ଣ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଅବଗଣ୍ଡ**—ସଂ.ବି. (ଅବ=କୁତ୍ସିତ+ଗଣ୍ଡ=ଗାଲ)— ୧ । ଗଣ୍ଡସ୍ଥ ବ୍ରଣ—
Abaganda 1. A carbuncle on the cheek.
୨ । କାଠ ବରୁଣ; ବୟସ ବ୍ରଣ—2. Pimple on the face (which appears in young people).
ସଂ. ବିଣ. ପୁଂ.—୧ । ଅତି ଶିଶୁ; ଅପୋଗଣ୍ଡ— 1. Very young.
୨ । ନିଜର ଜୀବିକା ନିର୍ବାହ କରିବାକୁ ଅକ୍ଷମ— 2. Not yet able to maintain one's self.

**ଅବଗତ**—ସଂ. ବିଣ. [ଅବ=ସମ୍ୟକ୍+ଗତ (କର୍ତ୍ତୃ.)=ପ୍ରାପ୍ତ]—
Abagata ୧ । ପ୍ରସ୍ଥିତ; ଅପଗତ; ଅପସୃତ—1. Gone away; departed.
(ଅବଗତା—ସ୍ତ୍ରୀ)
(ଅବଗତି—ବି) ୨ । ଜ୍ଞାତ—2. Known.
୩ । ସମ୍ବାଦପ୍ରାପ୍ତ—3. Cognisant; informed.
୪ । ବିଦିତ; ଜ୍ଞାନପ୍ରାପ୍ତ—4. Knowing.

**ଅବଗତ କରାଇବା**—ଦେ. କ୍ରି—ଜଣାଇବା—To inform; to bring to one's notice.
Abagata karāibā
অবগত করান
अवगत करवाना

**ଅବଗତ କରିବା**—ଦେ. କ୍ରି—ଅବଗତ କରାଇବା (ଦେଖ)
Abagata karibā Abagata karāibā (See)
অবগতকরা
अवगत करना

**ଅବଗତ ହେବା**—ଦେ. କ୍ରି—ଜାଣିବା—
Abagata hebā To come to know.
অবগতহওয়া
अवगत होना

**ଅବଗତି**—ସଂ. ବି. (ଅବ+ଗମ ଧାତୁ+ଭାବ. ତି)—
Abagati ୧ । ଜ୍ଞାନ; ଜାଣିବା—1. Knowledge.
(ଅବଗତ—ବିଣ)—୨ । ସମ୍ବାଦ ପ୍ରାପ୍ତି—2. State of being informed; information; notice.
୩ । ବୋଧ—3. Perception.

**ଅବଗନ୍ତବ୍ୟ**—ସଂ. ବିଣ. (ଅବ+ଗମ ଧାତୁ+କର୍ମ. ତବ୍ୟ)—
Abagantabya ୧ । ଗମନଯୋଗ୍ୟ—1. Passable.
୨ । ଜ୍ଞାତବ୍ୟ; ଅବଗତ ହେବାର ଯୋଗ୍ୟ—2. Fit to be known; that which one ought to know.
୩ । ବୋଦ୍ଧବ୍ୟ—3. Fit to be understood.

**ଅବଗମ**—ସଂ. ବି. (ଅବ+ଗମ ଧାତୁ+ଭାବ. ଅ)—ଅବଗମନ (ଦେଖ)
Abagama Abagamana (See)

**ଅବଗମନ**—ସଂ.ବି. (ଅବ+ଗମ ଧାତୁ+ଭାବ. ଅନ)—୧ । ପ୍ରସ୍ଥାନ—
Abagamana 1. Going away; departure.
୨ । ଅବଗତି (ଦେଖ)
2. Abagati (See)

**ଅବଗାଢ଼**—ସଂ. ବିଣ. (ଅବ+ଗାହ ଧାତୁ+କର୍ତ୍ତୃ. ଓ କର୍ମ. ତ)—
Abagārdha ୧ । ଅନ୍ତଃପ୍ରବିଷ୍ଟ; ଭିତରକୁ ପଶି ଯାଇଥିବା—
(ଅବଗାହ—ବି) 1. Thrust; piercing; which has entered inside.
୨ । ସ୍ନାତ; ଗାଧୋଇବା—2. Bathed; washed.
୩ । ଜଳମଗ୍ନ; ନିମଗ୍ନ—3. Sunk; immersed; plunged.
୪ । ଅଭିଭୂତ; ବିହ୍ୱଳ—4. Overwhelmed.

**ଅବଗାହ**—ସଂ. ବି. (ଅବ+ଗାହ ଧାତୁ+ଭାବ. ଅ)—
Abagāha ୧ । ଅବଗାହନ (ଦେଖ)
ଅବଗାଢ଼, ଅବଗାହିତ } ବିଣ 1. Abagāhana (See)
୨ । ବାଷ୍ପରୂପେ ଜଳ ଶୁଖିଯିବାର ଅବସ୍ଥା— 2. Evaporation.
୩ । ଗାଧୋଇବାର ସ୍ଥାନ; ଗାଧୁଆ ଘାଟ— 3. Bathing-ghat.
୪ । ଗାଧୁଆକୁଣ୍ଡ—4. Bath-tub.

**ଅବଗାହନ**—ସଂ. ବି. (ଅବ+ଗାହ ଧାତୁ+ଭାବ. ଅନ)—
Abagāhana ୧ । ଅନ୍ତଃପ୍ରବେଶ—1. Entering inside; piercing.
ଅବଗାଢ଼, ଅବଗାହିତ } ବିଣ ୨ । ଜଳ ଭିତରକୁ ପଶି ସ୍ନାନ; ମୁଣ୍ଡ ବୁଡ଼ାଇ ଗାଧୋଇବା—2. Immersion; bathing entering water.
୩ । ନିମଜ୍ଜନ; ପାଣିରେ ବୁଡ଼ିବା— 3 Sinking; diving; immersion.
୪ । ସ୍ନାନ—4. Bathing; bath.

**ଅବଗାହିତ**—ସଂ. ବିଣ. ପୁଂ (ଅବ+ଗାହ ଧାତୁ+କର୍ମ. ତ)—
Abagāhita ୧ । ସ୍ନାତ—1. Bathed.
(ଅବଗାହିତା—ସ୍ତ୍ରୀ) ୨ । ନିମଜ୍ଜନପୂର୍ବକ ସ୍ନାତ— 2. Bathed by immersion.
୩ । ନିମଜ୍ଜିତ—3. Immersed.

**ଅବଗାହିବା**—ଦେ ପଦ୍ୟ. କ୍ରି—୧ । ଅବଗାହନ କରିବା; ମୁଣ୍ଡ ବୁଡ଼ାଇ ଗାଧୋଇବା—1 To bathe by immersion.
Abagāhibā
অবগাহনকরা
ଯେବେ ମହୋଦଧି ଜଳେ ଦେହ ଅବଗାହି । ସ୍ୱାଧୀନାଥ• ବେଣୀସଂହାର ।
୨ । ଗାଧୋଇବା—2. To have a bath.
୩ । ଅନୁଭବ କରିବା—3. To experience.
ଭୂ ତ ସୁଦକ୍ଷେ ଭୁଲ ମୁଁ କେବେ କ ତହିଁ ଅବ ଅବଗାହି—କବିସୂର୍ଯ୍ୟ ।
୪ । ଅନୁଭବଦ୍ୱାରା କୌଣସି ବିଷୟକୁ ଉତ୍ତମରୂପେ ଜାଣିବା— 4. To know a thing very well by personal experience.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଙ୍ଗ | ଞ୍ଜ | ଛ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ● | ଜ୍ଞ |

୫ । ସାଗର, ନଦୀ, ପୁଷ୍କରିଣୀ ଆଦିର ପାଣିରେ ବୁଡ଼ିବା—
5. To be immersed in the water.

ମହାର୍ଣ୍ଣବରେ ଅବଗାହିଲୁ ରେ । କବିସୂର୍ଯ୍ୟ· କଶୋଷଚମ୍ପୂ—ଙ· ଗୀତ ।

**ଅବଗାହୀ**—ସଂ. ବିଣ (ଅବ+ଗାହ ଧାତୁ+କର୍ତ୍ତୃ. ଇନ୍ ୧ମା. ୧ବ)—
Abagāhī ୧ । ଅନୁଭବୀ—1. Experienced.
୨ । ମର୍ମଜ୍ଞ—2. Knowing the secrets of a thing.

ତହିଁରେ ମୁଁ ନହେ ଅବଗାହୀ ରେ ପ୍ରିୟସଖୀ ଏବେବେଳକୁ ଥାଅ ମଉେ କହି—
କବିସୂର୍ଯ୍ୟ· ସ· କ ।

**ଅବଗୀତ**—ସଂ. ବିଣ. ( ଅବ=କୁତ୍ସିତ + ଗୀତ )—
Abagita ୧ । ନିନ୍ଦିତ; ଗର୍ହିତ —
1. Blamed; improper; bad.
୨ । ଅପବାଦପ୍ରାପ୍ତ—2, Slandered; defamed.
୩ । ଭର୍ତ୍ସିତ—3. Reproached.
୪ । ଖେଚେଡ଼ା; ଦୁଷ୍ଟ; ଖଳ—4. Wicked; wanton.
ସଂ. ବି—୧ । ଅପବାଦ—1. Slander; defamation.
୨ । କୁତ୍ସିତ ଗାନ—2. Obscene song,
୩ । ନିନ୍ଦା—3. Blame; slander.
୪ । ମନ୍ଦ ଗୀତ—4. Bad song.
୫ । ଗୀତଦ୍ୱାରା ନିନ୍ଦା ଗାନ—5. Satire or libel in rhyme.

**ଅବଗୁଣ**—ସଂ. ବି. ( ଅବ=ନିକୃଷ୍ଟ ବା ଅଭାବ + ଗୁଣ)—
Abaguṇa ୧ । ଗୁଣର ଅଭାବ; ଦୋଷ—1. Fault.
୨ । ଗୁଣରାହିତ୍ୟ—2. Want of good quality.
୩ । ଅବଗୁଣ; ଅପକାର—3. Injury.
ଦେ. ବି—୧ । ବିରକ୍ତି—1. Displeasure.
୨ । କ୍ରୋଧ—2. Anger.

**ଅବଗୁଣ୍ଠନ**—ସଂ. ବି ( ଅବ=ସାମାନ୍ୟରୂପେ ବା ଈଷତ୍ + ଗୁଣ୍ଠ ଧାତୁ= ବେଷ୍ଟନ କରିବା + ଭାବ. ଅନ; ଯାହା ଦ୍ୱାରା ସ୍ତ୍ରୀମାନଙ୍କର ମୁଖ ଈଷତ୍ ବେଷ୍ଟିତ ହୁଏ । )—
Abagunṭhana (ଅବଗୁଣ୍ଠିତ—ବିଣ)
୧ । ଓଢ଼ଣା; ସ୍ତ୍ରୀମାନଙ୍କର ମୁଖାବରଣ ବସ୍ତ୍ର—1. Veil.
୨ । ଆବରଣ; ଘୋଡ଼ଣୀ—2. Covering.
୩ । ମୁହଁରେ ଓଢ଼ଣା ପକାଇବା—3. Veiling.

**ଅବଗୁଣ୍ଠନବତୀ**—ସଂ. ବିଣ. ସ୍ତ୍ରୀ ( ଅବଗୁଣ୍ଠନ + ବତ୍ + ଈ )—
Abagunṭhanabatī ୧ । ଓଢ଼ଣା ପକାଇବା (ଯାହାର ମୁହଁ ଉପରେ ଓଢ଼ଣା ପଡ଼ିଥାଏ ) ବସନସଂବୃତାନନା ( ସ୍ତ୍ରୀ )—
1. Veiled ( female )

**ଅବଗୁଣ୍ଠନମୁଦ୍ରା**—ସଂ. ବି. ( ତନ୍ତ୍ର )—ଅଙ୍ଗୁଳିମାନଙ୍କୁ ଅବଗୁଣ୍ଠନ ବା ଓଢ଼ଣାପରି କରି ପୂଜା ସମୟରେ ଯେଉଁ ମୁଦ୍ରା ପ୍ରଦର୍ଶିତ ହୁଏ—A position of the fingers resembling a veil done during worship.
Abagunṭhanamudrā

ସବ୍ୟହସ୍ତକୃତାମୁଷ୍ଟି ଦୀର୍ଘାଧୋମଖତର୍ଜନୀ
ଅବଗୁଣ୍ଠନମୁଦ୍ରେୟମଭିତୋ ଭାମିତା ମତା ।

**ଅବଗୁଣ୍ଠିକା**—ସ. ବି. (ଅବ + ଗୁଣ୍ଠ ଧାତୁ + ଅକ + କର୍ତ୍ତୃ. ଆ) —
Abagunṭhikā ୧ । ଅବଗୁଣ୍ଠନ; ଓଢ଼ଣା—1. Veil.
୨ । ଘୋଡ଼ଣୀ—2. Covering.
୩ । ଯବନିକା; ପରଦା—3. A purda; a screen.

**ଅବଗୁଣ୍ଠିତ**—ସଂ. ବିଣ. ପୁଂ (ଅବ+ଗୁଣ୍ଠ=ଆବୃତ କରିବା + କର୍ମ. ତ)
Abagunṭhita —ଯାହାର ମୁହଁ ଓଢ଼ଣାଦ୍ୱାରା ଆବୃତ; କୃତାବ-
(ଅବଗୁଣ୍ଠିତା—ସ୍ତ୍ରୀ) ଗୁଣ୍ଠନ—Veiled.

**ଅବଗୋଚର**—ସଂ. ବି. (ଅବ+ଗୋଚର)—ଅବଗତି (ଦେଖ)
Abagochara Abagati (See)
ସଂ. ବିଣ—ଅସ୍ପଷ୍ଟରୂପେ ଦୃଷ୍ଟ ବା ଜ୍ଞାତ—Dimly seen or perceived; imperfectly known.

**ଅବଗୋରଣ**—ସଂ. ବି. ( ଅବ=ବଧାର୍ଥରେ+ଗୁର ଧାତୁ=ଉତ୍ତୋଳନ କରିବା + ଭାବ. ଅନ )—ବଧାର୍ଥ ଅସ୍ତ୍ରାଦି ଉତ୍ତୋଳନ; ଶସ୍ତ୍ରାଦି ଉଠାଇବା—The lifting of a weapon to kill or strike.
Abagoraṇa

**ଅବଗ୍ୟାଁ**—ଗ୍ରା. ପଦ୍ୟ. ବି ( ସଂ. ଅବଜ୍ଞା )—ଅବଜ୍ଞା ( ଦେଖ )
Abagyān Abajnā ( See )

ଏ ଭବ ମନରେ ବିଚାରି, ଭାଷାକୁ ଅବଗ୍ୟାଁ ନ କରି । ଭୂପତି· ପ୍ରେମପଞ୍ଚାମୃତ ।

**ଅବଗ୍ରହ**—ସଂ. ବି ( ଅବ=ପଶ୍ଚାତ୍ ବା ବିରୁଦ୍ଧ + ଗ୍ରହ ଧାତୁ+ଭାବ. ଅ)
Abagraha ୧ । ନିଗ୍ରହ—1. Disfavour.
୨ । ପଛକୁ ପେଲି ଦେବା—2. Pushing back.
୩ । ଅପସାରଣ—3. Removal.
୪ । ବୃଷ୍ଟିସ୍ତମ୍ଭ; ବୃଷ୍ଟିରୋଧ—4. The stoppage of rain.
୫ । ଅନାବୃଷ୍ଟି; ମରୁଡ଼ି—5. Drought; want of rain.

ଲକ୍ଷ୍ମୀଲଳାସର ଶୁଖିଯିବ ଅହା ଏହି କ୍ରୂର ଅବଗ୍ରହେ । ରାଧାନାଥ· ମହାଯାତ୍ରା ।

୬ । ଗ୍ରହଣ—6. Acceptance.
୭ । ଅନାଦର—7. Slight; disrespeet.
୮ । ହରଣ—8. Taking away.
୯ । ଅପହରଣ—9. Stealing; theft.
୧୦ । ପ୍ରତିବନ୍ଧକ; ବାଧା—
10. Obstacle; impediment.
୧୧ । ମନର ଭ୍ରମ—11. Mistake.
୧୨ । ଶାପ; ଅଭିଶାପ—12. Curse; imprecation.
୧୩ । ନିନ୍ଦାବାଦ—13. Slander.
୧୪ । ତିରସ୍କାର—14. Rebuke.
୧୫ । ସ୍ୱଭାବ; ପ୍ରକୃତି—15. Nature; habit.
୧୬ । ଗଜସମୂହ—
16. A herd or collection of elephants.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଖି' ନ ପାଇଲେ 'ଆଖି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୧୭ । ହସ୍ତୀର ଲଲାଟ ଦେଶ—
17. The brow of an elephant.

୧୮ । ( ବ୍ୟାକରଣ ) ପାଠକାଳୀନ ବିରାମ; କୌଣସି ପଦ ବା ବାକ୍ୟ ପଢ଼ୁ ପଢ଼ୁ ମଝିରେ ସ୍ଥାନେ ସ୍ଥାନେ ଯେଉଁଠାରେ ରହିବାକୁ ପଡ଼େ—18. ( grammar ) Stops made during the reading of a passage.

**ଅବଗ୍ରହଣ**—ସଂ. ବି. ( ଅବ=ବିରୁଦ୍ଧ; ବିପରୀତ+ଗ୍ରହଣ )—
Abagrahana ୧ । ବାଧା; ପ୍ରତିବନ୍ଧକ—1 Obstacle.
୨ । ଅନାଦର; ଅବଜ୍ଞା—
2. Slight; disregard.
୩ । ନିବାରଣ—3. Prevention; letting aside.

**ଅବଗ୍ରାହ**— ସଂ. ବି. ( ଅବ + ଗ୍ରହ ଧାତୁ + ଭାବ.ଅ )
Abagrāha ଅବଗ୍ରହ ( ଦେଖ )
Abagraha ( See )

**ଅବଘଟ**—ଦେ. ବିଣ.( ସଂ. ନ ଓ ଘଟ ଧାତୁ )—
Abaghata ଅଘଟ; ନଅଣ୍ଟ—Inadequate.
অনাটন ଦେ. ବି—ଅଘଟ; ଅନଟନ—Inadequacy.

**ଅବଘଟ୍ଟ**—ସଂ.ବି.(ଅବ=ଇତସ୍ତତଃ+ଘଟ୍ଟ ଧାତୁ=ଚଳିତ କରିବା+ଅ)—
Abaghatta ୧ । ପେଷଣ ଯନ୍ତ୍ର; ପେଷଣୀ ଚକି—
1. Grind-stone; grinding mill.
୨ । ଗର୍ତ୍ତ; ଗାତ—2. Pit; hole.

**ଅବଘର୍**—ଦେ. ବିଣ. ( ଅ + ବଘର୍ )—
Abagharā ତେଲ ବା ଘିଅ ଏବଂ ମସଲା ଦ୍ୱାରା ବଘର୍ ହୋଇ
আছোঁকা ନଥିବା ( ବ୍ୟଞ୍ଜନ )—( curry ) Not seasoned with boiled oil or ghee.

**ଅବଘାତ**—ସଂ. ବି ( ଅବ + ହନ ଧାତୁ + ଭାବ. ଅ; ହନ ସ୍ଥାନରେ ଘାତ ଆଦେଶ )—
Abaghāta
୧ । ମାଡ଼ ଦେବା; ବାଡ଼େଇବା—1. Beating.
୨ । ସାଂଘାତିକ ପ୍ରହାର; ଦାରୁଣ ପ୍ରହାର—
2. Grievous or fatal blow; violent or sharp blow.
୩ । ଅପଘାତ ( ଦେଖ )
3. Apaghāta ( See )
୪ । ଅପମୃତ୍ୟୁ—4. Unnatural or accidental or violent death.
୫ । କଣ୍ଡନ; ଧାନ ଚାଉଳ ଆଦିକୁ ଢିଙ୍କି ବା ଉଦୂଖଳ ମୂଷଳ ଦ୍ୱାରା କାଣ୍ଡିବା—5. Husking of paddy etc.; threshing of corn by bruising.
( ଯଥା—ଏ ଶବ୍ଦର ଅନ୍ୟ ରୂପ ଅବହନନ; ଅବହତ । )

**ଅବଘାତକ**—ସଂ. ବିଣ. ପୁଂ. ( ଅବ+ହନ ଧାତୁ+କର୍ତ୍ତୃ. ଅକ )—
Abaghātaka ୧ । ଅବଘାତକାରୀ; ସାଂଘାତିକ ପ୍ରହାରକାରୀ—
(ଅବଘାତିକା—ସ୍ତ୍ରୀ) 1. Dealing a grievous or fatal blow.
୨ । ଯେ ଅପମୃତ୍ୟୁ ଘଟାଏ—2. Murdering.
୩ । ଯେ ଧାନ ଆଦିକୁ କାଣ୍ଡେ—
3. Husking or threshing grain.

**ଅବଘାତୀ**—ସଂ. ବିଣ. ପୁଂ. (ଅବ+ହନ ଧାତୁ+କର୍ତ୍ତୃ ଇନ୍.୧ମା.୧ବ)—
Abaghātī ଅବଘାତକ ( ଦେଖ )
(ଅବଘାତିନୀ—ସ୍ତ୍ରୀ) Abaghātaka ( See )

**ଅବଘ୍ରାଣ**—ସଂ. ବି. ( ଅବ + ଘ୍ରାଣ )—
Abaghrāṇa ଦୁର୍ଗନ୍ଧ—Bad smell.

**ଅବଚନ**—ସଂ. ବି. ( ଅ + ବଚନ )—
Abachana ୧ । କୁବାକ୍ୟ; ମନ୍ଦବଚନ—1. Bad words.
୨ । କଠୋର ବଚନ—2 Harsh words.

**ଅବଚନୀୟ**— ସଂ. ବିଣ. ( ଅ + ବଚନୀୟ )—
Abachanīya ୧ । ଅବକ୍ତବ୍ୟ—1. Unutterable.
୨ । ବାକ୍ୟାତୀତ; ଅନିର୍ବଚନୀୟ—1. Unspeakable.
୩ । ଅବର୍ଣ୍ଣନୀୟ—3. Undescribable.
୪ । ଅନିନ୍ଦ୍ୟ; ଅନିନ୍ଦନୀୟ—4. Blameless.
୫ । ନିର୍ଦ୍ଦୋଷ—5. Faultless

**ଅବଚୟ**—ସଂ. ବି ( ଅବ + ଚି ଧାତୁ=ତୋଳିବା + ଭାବ. ଅ )—
Abachaya ୧ । ଫୁଲ ଫଳ ଆଦି ଗଛରୁ ତୋଳିବା; ପାରିବା—
1. The picking of flowers and fruits.
କରଇ ମୁଁ କୁସୁମ ଅବଚୟ—ଦୀନକୃଷ୍ଣ, ରସକଲ୍ଲୋଳ ।
୨ । ଆହରଣ; ଏକତ୍ର ରଖିବା—
2. Collecting; gathering.
୩ । ସଞ୍ଚୟ—3. Storing.
୪ । ଅପଚୟ—4. Waste; squandering.

**ଅବଚୟନ**—ସଂ. ବି. ( ଅବ+ଚି ଧାତୁ + ଭାବ. ଅନ )—
Abachayana ଅବଚୟ ( ଦେଖ )
Abachaya ( See )

**ଅବଚୟନୀୟ**—ସଂ. ବିଣ ( ଅବ + ଚି ଧାତୁ + କର୍ମ. ଅନୀୟ )—
Abachayanīya ୧ । ଯାହାକୁ ଗଛରୁ ତୋଳା ଯାଇ ପାରେ—
1. Capable of being picked from a tree.

**ଅବଚସ୍କର**—ସଂ. ବିଣ. ପୁଂ. ( ଅ + ବଚସ୍କର )—
Abachaskara ଯେ କଥା କହୁ ନାହିଁ—
(ଅବଚସ୍କରୀ—ସ୍ତ୍ରୀ) Silent; not speaking.

**ଅବଚିତ**—ସଂ. ବିଣ. ( ଅବ+ଚି ଧାତୁ + କର୍ମ. ତ )—
Abachita ୧ । ଗଛରୁ ତୋଳାଯାଇଥିବା—
1. Picked from a tree.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ୍ଞ | ଶ,ଷ | ଙ୍କ | ଇଯ଼ | ଉଅ | ଊ |
| ୨ | ଇ | ଈ | ରୁ | ଲୁ | ଏ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ଓ | କ୍ଷ |

୨ । ଅର୍ଜିତ; ସଂଗୃହୀତ—2. Collected; gathered.

୩ । ସଞ୍ଚିତ—3. Stored.

୪ । ଅପବ୍ୟୟିତ—4. Wasted; squandered.

**ଅବଚୂଡ଼**—ସ. ବ. ( ବହୁବ୍ରୀହି; ଅବ=ନିମ୍ନକୁ+ଚୂଡ଼ା=ଶିଖା ଯାହାର; ଅବ+ଚୂଡ଼ା )—୧ । କେତ; ପତାକା; ଧ୍ୱଜାଗ୍ରଦଣ୍ଡ ଉପରଭାଗରୁ ବହୁଦୂରକୁ ଲମ୍ବିଥିବା ଲମ୍ବା ଓ ସରୁ ବସ୍ତ୍ରଖଣ୍ଡ—
Abachūrda

1. A long strip of cloth which flows down from the top of a flag-staff; pennon.

୨ । ମାଲ୍ୟ; ମାଳା—2. Garland.

୩ । ଚାମର; ଚାମର—3. A brush-shaped fan made of the long hair of the tails of yaks and horses; chowrie; a fly-brush.

**ଅବଚୂଡ଼ା**—ସ. ବ. ( ବହୁବ୍ରୀହି; ଅବ+ଚୂଡ଼ା )—
Abachūrdā ଅବଚୂଡ଼ ( ଦେଖ ) Abachūrda ( See )

**ଅବଚୂର୍ଣ୍ଣିତ**—ସଂ. ବଣ. ( ଅବ+ଚୂର୍ଣ୍ଣିତ )—
Abachūrnnita ୧ । ଉତ୍ତମ ରୂପେ ଚୂନା କରାଯାଇଥିବା—
(ଅବଚୂର୍ଣ୍ଣିନ—ବ) 1. Reduced into fine powder; pulverised.

୨ । ଯାହା ଉପରେ ଚୂନା ବା ଫୁଲ ଆଦି ଛିଞ୍ଚା ହୋଇଥାଏ—
2. Sprinkled with powder or flowers. ( M. W. )

**ଅବଚୂଳ**—ସ. ବ. ( ବହୁବ୍ରୀହି; ଅବ+ଚୂଳ )—ଅବଚୂଡ଼ ( ଦେଖ )
Abachūla Abachūrda ( See )

**ଅବଚୂଳକ**—ସଂ. ବ. ( ଅବଚୂଳ+ସ୍ୱାର୍ଥେ. କ )—ଅବଚୂଡ଼ ( ଦେଖ )
Abachūlaka Abachūrda ( See )

**ଅବଚ୍ଛାତ**—ସ. ବଣ. ( ଅବ+ଛୋ ଧାତୁ+କର୍ମ. ତ; ସନ୍ଧିଦ୍ୱାରା ଛ ସ୍ଥାନରେ ଚ୍ଛ )—
Abachchhāta
(ଅବଚ୍ଛାନ୍ତ—ବ) ୧ । ଛାଲ ଉତର ଯାଇଥିବା—
1. Skinned ( M. W. )

୨ । କଟା ଯାଇଥିବା (ଫସଲ)—2 Reaped (M. W.)

୩ । ଉପବାସାଦି ଦ୍ୱାରା କ୍ଷୀଣତାପ୍ରାପ୍ତ—
3. Emaciated by abstinance ( M.W. )
( ଏ ଶବ୍ଦର ଅନ୍ୟ ରୂପ ଅବଚ୍ଛିତ । )

**ଅବଚ୍ଛିନ୍ନ**—ସ. ବଣ. ( ଅବ+ଛିଦ ଧାତୁ+କର୍ମ. ତ; ବ୍ୟଞ୍ଜନସନ୍ଧି ଯୋଗୁଁ ଛ ସ୍ଥାନରେ ଚ୍ଛ )—
Abachchhinna
(ଅବଚ୍ଛେଦ—ବ) ୧ । ଯୁକ୍ତ; ସଂଯୁକ୍ତ—1. Joined.

୨ । ମିଳିତ; ମିଶ୍ରିତ—2, Mixed.

୩ । ବିଶିଷ୍ଟ—3. Consisting of

୪ । ବିଚ୍ଛିନ୍ନ—4, Cut off; separated.

୫ । ବିଭକ୍ତ; ଖଣ୍ଡିତ—5. Cut; divided.

୬ । ବିଶ୍ଳିଷ୍ଟ—6. Analysed,

୭ । ସୀମାବଦ୍ଧ—7. Limited; bounded.

୮ । ସଙ୍କୁଚିତ—8. Contracted

୯ । ନିର୍ଣ୍ଣୀତ—9. Ascertained.

୧୦ । ( ନ୍ୟାୟଶାସ୍ତ୍ର ) ବିଶିଷ୍ଟ ଗୁଣର ଉଲ୍ଲେଖଦ୍ୱାରା ଅନ୍ୟାନ୍ୟ ସମସ୍ତ ବସ୍ତୁଙ୍କଠାରୁ ପୃଥକ୍ କରାଯାଇଥିବା—
10. ( Logic ) Predicated; distinguished from all other things by the mention of particular properties

**ଅବଚ୍ଛୁରିତ**—ସ. ବଣ. ( ଅବ+ଛୁର ଧାତୁ+କର୍ମ. ତ; ସନ୍ଧିଯୋଗୁ ଛ ସ୍ଥାନରେ ଚ୍ଛ )—୧ । ମିଶ୍ରିତ—
Abachchhurita 1. Mixed together.

୨ । (+କର୍ତ୍ତୃ. ତ) ବ୍ୟାପ୍ତ—2. Spread over.

ସ. ବ. ( ଅବ=ସ୍ଥାନ; ଉଚ୍ଚୈଃସ୍ୱରଯୁକ୍ତ+ଛୁରିତ=ଶବ୍ଦ )—
ଅଟ୍ଟହାସ; ଉଚ୍ଚହାସ୍ୟ; ଘୋଡ଼ା ପରି ହେଁ ହେଁ ହସ—
Horse-laugh,

**ଅବଚ୍ଛୁରିତକ**—ସ. ବ. ( ଅବଚ୍ଛୁରିତ+ସ୍ୱାର୍ଥେ. କ )—ହେଁ ହେଁ ହସ—
Abachhuritaka Horse-laugh,

**ଅବଚ୍ଛେଦ**—ସ. ବ. ( ଅବ+ଛିଦ ଧାତୁ+ଭାବ. ଅ; ସନ୍ଧିଯୋଗୁଁ ଛ ସ୍ଥାନରେ ଚ୍ଛ ଆଦେଶ )—
Abachchheda
(ଅବଚ୍ଛିନ୍ନ—ବଣ) ୧ । ଯୋଜନ; ସଂଯୋଜନ—1. Joining.

୨ । ମିଶ୍ରଣ—2. Mixing together.

୩ । ବିଚ୍ଛେଦ—3. Separation.

୪ । ପ୍ରଭେଦ—4. Distinction.

୫ । ବିରାମ; ନିବୃତ୍ତି—5. Cessation.

୬ । ଉଚ୍ଛେଦ; ବିନାଶ—6. Destruction.

୭ । ପରିଚ୍ଛେଦ—7. Chapter; section.

୮ । ଖଣ୍ଡ; କର୍ତ୍ତିତ ଅଂଶ—
8. Section; one of the portions cut,

୯ । ସୀମା—9. Limit; boundary.

୧୦ । ଏକଦେଶ; ଏକାଂଶ—10, Part.

୧୧ । ନିର୍ଣ୍ଣୟ—11. Ascertainment; determining.

୧୨ । (ନ୍ୟାୟଶାସ୍ତ୍ର) ବସ୍ତୁର ବୈଶିଷ୍ଟ୍ୟ; କୌଣସି ବସ୍ତୁର ବସ୍ତୁଠାରୁ ପ୍ରଭେଦଜ୍ଞାପକ ବିଶେଷତ୍ୱ—
12. ( Logic ) A predicate; the special property of a thing by which it is distinguishable from all other things.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗିଆ' ଦେଖିବେ; 'ଅଲବଢ଼' ନ ପାଇଲେ 'ଅଲ୍‌ବଢ଼' ଦେଖିବେ ।

୧୩ । ବୈଶିଷ୍ଟ୍ୟର ଉଲ୍ଲେଖ—
13. Particularising ( M. W. )

**ଅବଚ୍ଛେଦକ**—ସଂ. ବିଣ. ( ଅବ + ଛିଦ ଧାତୁ + କର୍ତ୍ତୃ. ଅକ; ସନ୍ଧିଯୋଗୁଁ
Abachhhedaka ଛ ସ୍ଥାନରେ ଚ୍ଛ)—୧ । ସଂଯୋଜକ—
1. Joining.
୨ । ବିଚ୍ଛେଦକାରକ—2. Separating.
୩ । ବିଭାଜକ—3. Dividing.
୪ । ବିନାଶକ—4. Destroying.
୫ । ପ୍ରଭେଦକାରୀ—5 Causing distinction.
୬ । ନିର୍ଣ୍ଣାୟକ—6. Determining.
୭ । ନିୟାମକ—7. Regulating.
ସଂ. ବି. (ଅବଚ୍ଛେଦ + ସ୍ୱାର୍ଥେ. କ)—୧ । ସୀମା—1. Limit.
୨ । ବୈଶିଷ୍ଟ୍ୟ; ବିଶେଷତ୍ୱ—2. Peculiarity.
୩ । (ନ୍ୟାୟ) କୌଣସି ବସ୍ତୁର ଅନନ୍ୟସାଧାରଣ ବା ବିଶିଷ୍ଟ ଗୁଣ—3. Characteristic of a thing.
୪ । (ନ୍ୟାୟ) କୌଣସି ବସ୍ତୁର ପ୍ରଧାନ ଗୁଣ—
4. ( Logic ) The chief or essential attribute of any thing; predicate.

**ଅବଚ୍ଛେଦନ**—ସଂ. ବି. ( ଅବ + ଛିଦ୍ ଧାତୁ + ଭାବ. ଅନ; ସନ୍ଧିଯୋଗୁଁ
Abachchhedana ଛ ସ୍ଥାନରେ ଚ୍ଛ ଆଦେଶ )—
୧ । କର୍ତ୍ତନ—1. Cutting.
୨ । ବିଭାଗକରଣ—2. Dividing.
୩ । ପ୍ରଭେଦକରଣ—
3 Distinguishing; discriminating.
୪ । ପୃଥକ୍‌କରଣ—4. Separation.

**ଅବଚ୍ଛେଦାବଚ୍ଛେଦ**—ସଂ. ବି. ( ୬ଷ୍ଠୀ ତତ୍; ଅବଚ୍ଛେଦ + ଅବଚ୍ଛେଦ;
Abachchhedābachchheda ପ୍ରଭେଦମାନଙ୍କର ବିନାଶକରଣ )—୧ । ବହୁ ବସ୍ତୁରେ ଲକ୍ଷିତ ପ୍ରଭେଦମାନଙ୍କୁ ଦୂର କରି ସେମାନଙ୍କୁ ଏକଶ୍ରେଣୀଭୁକ୍ତ କରିବା—
1. Generalisation by removing distinctions.
୨ । ପ୍ରଭେଦମାନଙ୍କର ଦୂରୀକରଣ—
2. Removing distinctions.

**ଅବଚ୍ଛେଦାବଚ୍ଛେଦରେ**— ଦେ. ଅ. ( ସଂ. ଅବଚ୍ଛେଦାବଚ୍ଛେଦେ )—
Abachchhedābachchhedare ୧ । ସର୍ବସାକଲ୍ୟରେ—
1 Throughout; universally.
୨ । ନିର୍ବିଶେଷରେ—
2. Indiscriminately; invariably.
( ଯଥା—ଅମୁକ ଦେଶର ଲୋକେ ଅବଚ୍ଛେଦାବଚ୍ଛେଦରେ ପରଧର୍ମୀ ଅଟନ୍ତି । )
୩ । ସର୍ବତୋଭାବରେ; ସବୁ ପ୍ରକାରେ—
3. In all respects.
୪ । ସମ୍ପୂର୍ଣ୍ଣରୂପେ—4. Entirely; wholly.

**ଅବଚ୍ଛେଦାବଚ୍ଛେଦେ**—ସଂ. ଅ—ଅବଚ୍ଛେଦାବଚ୍ଛେଦରେ ( ଦେଖ )
Abachchhedābachchhede
Abachchhedābachchhedare ( See )

**ଅବଚ୍ଛେଦେ**—ଦେ. କ୍ରି. ବିଣ. ( ସଂ. ଅବଚ୍ଛେଦାବଚ୍ଛେଦେ )—
Abachchhede ଅବଚ୍ଛେଦାବଚ୍ଛେଦରେ ( ଦେଖ )
Abachchhedābachhedare (See)

**ଅବଚ୍ଛା**—ଦେ. ବିଣ ( ସଂ. ଅ + ଓ. ବାଛିବା )—
Abachhā ୧ । ଯେଉଁ ମାଛ, ଶାଗ,ଚାଉଳ, ଧାନ, ଡାଲି ଆଦିର
ଆବାଛା ଅଗ୍ରାହ୍ୟ ଅଂଶମାନ ବଛା ହୋଇ ନ ଥାଏ—
1. (fish; pot-herb; rice; split peas etc) From which bad and undesirable parts have not been picked out.
୨ । ଯେଉଁ ଧାନ ବିଲରୁ ବା ବଗିଚାରୁ ଘାସ ଆଦି ବଛା ହୋଇ ନ ଥାଏ—2. Unweeded ( paddy-fields or gardens)
୩ । ଭଲ ବା ମନ୍ଦଯାକ ପୃଥକ୍ କରାଯାଇ ନ ଥିବା (ବସ୍ତୁ)—
3. (things) Which have not been separated by selection.

**ଅବଜୟ**—ସଂ. ବି. ( ଅବ + ଜି ଧାତୁ + ଭାବ. ଅ )—୧ । ଯୁଦ୍ଧଦ୍ୱାରା
Abajaya ଜିତିବା—1. Winning by conquest.
( ଅବଜିତ—ବିଣ ) ୨ । ପରାଜିତକରଣ—2. Vanquishing; over-coming.
୩ । ଜୟ କରି ଛଡ଼ାଇ ନେବା—3. Spoliation.
୪ । ଯୁଦ୍ଧଜୟ—4 Victory; conquest.

**ଅବଜିତ**—ସଂ. ବିଣ (ଅବ + ଜି ଧାତୁ + କର୍ମ. ତ)—୧ । ଯୁଦ୍ଧରେ ଜିତା
Abajita ଯାଇ ହସ୍ତଗତ—1. Won by conquest.
ଅବଜିତ } ବି
ଅବଜୟ }
୨ । ଘୃଣିତ—2 Despised, condemned (M. W.)
୩ । ପରାଜିତ—3. Vanquished.

**ଅବ + ଜ୍ଞା** (ଧାତୁ )—ସ—ଅବଜ୍ଞାକରିବା (ଦେଖ)
Aba+Jnā (root) Abajnākaribā (See)

**ଅବଜ୍ଞା**—ସଂ. ବି. (ଅବ = ଅପକୃଷ୍ଟ; ହେୟ + ଜ୍ଞା ଧାତୁ = ଜାଣିବା +
Abajnā ଭାବ. ଅ + ଆ)—୧ । ଅବମାନନା; ଅପମାନ—
(ଅବଜ୍ଞାତ— ବିଣ) 1. Insult.
୨ । ହେଳାଭର; ଉପେକ୍ଷା; ଅନାଦର—
2. Disregard; slight; neglect.
୩ । ତାଚ୍ଛଲ୍ୟ—3. Contempt.
୪ । ତିରସ୍କାର—4. Reproach.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇଯ୍ୟ | ଢ଼ଅ | ଢ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | [illegible] | ନ୍ତ |

୫ । ଆଜ୍ଞାଦିର ଲଙ୍ଘନ; ନ ମାନିବା—
5. Disobedience of order.

ସେବକ ମାନଙ୍କ କରି ପାରେ କେ ଅବଜ୍ଞା । ସାରଳାମହାଭାରତ. ବସ୍ତ୍ର ।

୬ । ଅସମ୍ମାନ—6. Disesteem.

**ଅବଜ୍ଞା କରିବା**—ଦେ.କ୍ରି. (ସଂ. ଅବ + ଜ୍ଞା ଧାତୁ )—୧ । ଅବମାନନା
Abajñā karibā କରିବା—1. To insult.
অবজ্ঞাকরা ୨ । ଅନାଦର କରିବା—2. To disesteem.
अवज्ञाकरना ୩ । ବେଖାତିର କରିବା—3. To disregard.
୪ । ତାଚ୍ଛଲ୍ୟ କରିବା—
4. To condemn; to despise.
୫ । ତିରସ୍କାର କରିବା—5. To reproach.
୬ । ଆଜ୍ଞା ଲଙ୍ଘନ କରିବା—
6, To disobey (an order)
୭ । ଘୃଣାଯୁକ୍ତ ବ୍ୟବହାର କରିବା—7. To treat with contempt; to look down upon.
୮ । (ଜଣକ ବିଷୟରେ) ନୀଚ ଭାବ ପୋଷଣ କରିବା—
8. To have a low opinion of.
୯ । (ଜଣଙ୍କୁ) ବଳପଡ଼ିବା—9. To excel ( M. W. )

**ଅବଜ୍ଞାଚକ୍ଷୁରେ ଦେଖିବା**—ଦେ. କ୍ରି—ଅବଜ୍ଞା କରିବା (ଦେଖ)
Abajñāchakshure dekhibā
অবজ্ঞাচক্ষে দেখা Abajñā karibā (See)
बेपरवाह करना

**ଅବଜ୍ଞାତ**—ସଂ. ବିଣ.ପୁଂ. (ଅବ + ଜ୍ଞା ଧାତୁ+କର୍ମ. ତ)—୧ । ଅନାଦୃତ;
Abajñāta ଅସମ୍ମାନିତ—1. Disesteemed.
(ଅବଜ୍ଞାତା—ସ୍ତ୍ରୀ)—୨ । ଅପମାନିତ—2. Insulted.
୩ । ଘୃଣିତ—3. Despised.
୪ । ତିରସ୍କୃତ—4. Rebuked.
୫ । ଲଙ୍ଘିତ—5. Disobeyed.

**ଅବଜ୍ଞାତା**—ସଂ. ବିଣ. ସ୍ତ୍ରୀ—୧ । ( ଅବଜ୍ଞାତ + ସ୍ତ୍ରୀ. ଆ )—ଅବଜ୍ଞାତର
Abajñātā ସ୍ତ୍ରୀଲିଙ୍ଗ—Feminine of Abajñāta.
୨ । ପୁଂ. ( ଅବ+ଜ୍ଞା ଧାତୁ+କର୍ତ୍ତୃ. ତୃ; ୧ମା. ୧ବ. )—
ଅବଜ୍ଞାକାରୀ—2. Despising; insulting; disregarding; disobeying.

**ଅବଜ୍ଞାନ**—ସଂ. ବି (ଅବ+ଜ୍ଞା ଧାତୁ+ଭାବ. ଅନ)—
Abajñāna ୧ । ଅବଜ୍ଞା (ଦେଖ)
1 Abajñā (See)

ତୋର ମହିମା ଭଟୋନ, ନ ଜାଣି କଲି ଅବଜ୍ଞାନ—ଜଗନ୍ନାଥ, ଭାଗବତ ୧୦ମ ।

୨ । ଅବଜ୍ଞାକରଣ—2. Disregarding; insulting; disobeying.

**ଅବଜ୍ଞେୟ**—ସଂ. ବିଣ (ଅବ + ଜ୍ଞା ଧାତୁ + କର୍ମ. ଯ)—୧ । ଅବଜ୍ଞାର
Abajñeya ପାତ୍ର; ଅନାଦରଣୀୟ—1. Fit to be disregarded or disesteemed.
୨ । ଉପେକ୍ଷଣୀୟ—2. Negligible.
୩ । ଘୃଣ୍ୟ—3. Centemptible; despicable.

**ଅବଜ୍ଞୋପହତ**—ସଂ. ବିଣ ( ୩ୟା ତତ୍; ଅବଜ୍ଞା + ଉପହତ )—ଘୃଣା
Abajñopahata ସହକାରେ ବ୍ୟବହୃତ; ଅବମାନିତ—
Trea•ted with contempt; humiliated (M. W.)

**ଅବଞ୍ଚା**—ଦେ. ଓ ପ୍ରାଚୀନ ପଦ୍ୟ. ବି. (ସଂ.ଅ+ଓ. ବଞ୍ଚିବା)—ନ ବଞ୍ଚିବା;
Abañchā ମରଣ—Death.

ବଧିରେ ଶତ ପଞ୍ଚା ପଞ୍ଚାସ୍ୟଙ୍କୁ ଅବଞ୍ଚା
ଘଟେ ଘଟକର୍ଣ୍ଣର ପରି ସେ । ଭଞ୍ଜ—ବୈଦେହୀଶବିଳାସ ୪୭।୧୦ ।

**ଅବଟ**—ସଂ.ବି. (ଅବ ଧାତୁ = ରକ୍ଷା କରିବା + ଅଧିକରଣେ. ଅଟ; ଯହିଁରେ
Abaṭa ପଶି ଶୃଗାଳାଦି ପ୍ରାଣୀ ନିଜଙ୍କୁ ରକ୍ଷା କରନ୍ତି )—
୧ । ଭୂଗର୍ଭରେ ଥିବା ଗାତ—1. Pit in the ground.
୨ । ଗର୍ତ୍ତ; ଗାତ—2. Hole.
୩ । ଦେହରେ ଖାଲ ହୋଇଥିବା କୌଣସି ଅଂଶ—
3. Any depressed part of the body ( M. W. )
୪ । ଛିଦ୍ରପୂଜା—4. Sinus ( M. W. )
୫ । ଦାନ୍ତରେ ହେବା ଗର୍ତ୍ତ—
5. A hole in a tooth ( M. W. )
୬ । କୂପ—6. Well.
୭ । ଅକୃତ୍ରିମ ଗର୍ତ୍ତ—7. A natural pit.
୮ । କୃତ୍ରିମ ଗାତ—8. A pit dug by man.

କେତେ ଲଙ୍କା ଭୁଞ୍ଜିଲେ, ଅବଟେ ଲଙ୍କା ଭଳେ ଜାତ ଜାତବେଦର ହୋମ—
ଭଞ୍ଜ. ବୈଦେହୀଶବିଳାସ ୪୬ । ୭

୯ । ଶରୀରରେ ବ୍ରଣ ବା କ୍ଷତାଦିଜନିତ ଦାଗ—
9. A scar or sore on the body.
୧୦ । ଐନ୍ଦ୍ରଜାଲିକ; ଭୁହଙ୍ଗା—
10. A sorcerer; magician.

**ଅବଟକଚ୍ଛପ**—ସଂ. ବି ( ମଧ୍ୟପଦଲୋପୀ; ଅବଟରେ ବାସ କରୁଥିବା କଚ୍ଛପ)
Abaṭakachchhapa ୧ । ଗାତରେ ଥିବା କଇଁଛ; ସଂସାର ବିଷୟରେ ଅନଭିଜ୍ଞ ବ୍ୟକ୍ତି (ତୁଳ—କୂପମଣ୍ଡୂକ)—
1. A tortoise in a hole ( said of an inexperienced man who has seen nothing of the world.) (M.W )

**ଅବଟା**—ଦେ. ବିଣ-( ସଂ—ଅ+ପିଷ୍ଟ )—
Abaṭā ୧ । ଯାହା ବଟା ହୋଇ ନାହିଁ; ଅପିଷ୍ଟ—
আবাটা 1. Unbruised; unpestled.
पिसा नहीं हुआ

**ଅବଟି**—ସଂ. ବି ( ଅବ ଧାତୁ + ସଂଜ୍ଞାର୍ଥେ. ଅଧିକରଣ. ଅଟି )—
Abaṭi ଅବଟ ( ଦେଖ )—Abaṭa ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଣ୍ଟ' ନ ପାଇଲେ 'ବଣ୍ଟ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅବଟୀ**—ସଂ. ବି ( ଅବ ଧାତୁ+ସଂଜ୍ଞାର୍ଥେ; ଅଧିକରଣ. ଅଟୀ )—
Abṭī ଅବଟ ( ଦେଖ )—Abaṭa ( See)

**ଅବଟୀଟ**—ସଂ. ବିଣ. ପୁଂ (ବହୁବ୍ରୀହି;ଅବ=ଅବନତ ହୋଇଅଛି ନାସିକା
Abaṭīṭa ଯାହାର; ଅବ+ନାସିକା; ନାସିକା ସ୍ଥାନରେ ଟୀଟ
( ଅବଟୀଟା—ସ୍ତ୍ରୀ ) ଆଦେଶ )—ଅବନତନାସିକ;
ଚେପ୍ଟାନାକ—Flat-nosed.

ସଂ. ବି—ନାସିକା ଅବନତ ହେବା ଅବସ୍ଥା—
The condition of having a flat nose ( M. W )

( ଏ ଶବ୍ଦର ଅନ୍ୟରୂପ ଅବନାଟ; ଅବଭ୍ରଟ )

**ଅବଟୁ**—ସଂ.ବି—(ଅବ ଧାତୁ=ରକ୍ଷା କରିବା+ସଂଜ୍ଞାର୍ଥେ. ଅଟୁ; ମନୁଷ୍ୟ
Abaṭu ଆଘାତରୁ ରକ୍ଷା ପାଇବାପାଇଁ ଦଣ୍ଡାର୍ ବେକମୁଣ୍ଡାକୁ
ଦେଖାଇଦେବାରୁ )—

୧ । ବେକମୁଣ୍ଡା; ମସ୍ତକ ଓ ଦେହର ପଛଆଡ଼ର ସନ୍ଧିସ୍ଥାନ—
1. The nape of the neck.

୨ । କୂଅ—2. Well.

୩ । ଗାତ—3. Hole in the ground.

୪ । ଏକପ୍ରକାର ବୃକ୍ଷ—4. A kind of tree.

**ଅବଡଙ୍ଗ**—ସଂ. ବି—୧ । ହାଟ—1. Market.
Abaḍaṅga ୨ । ଗଞ୍ଜ; ଅଡ଼ଙ୍ଗ—2. Mart.

**ଅବଡ଼ା**—ପ୍ରାଦେ ( ମେଦନୀପୁର ) ବିଣ—୧ । ହାଣ୍ଡିରେ ରହିଥିବା
Abaṛḍā ଅବଢ଼ା ରନ୍ଧା ଭାତ—
ଆବାଡ଼ା 1. (cooked rice) Which has not yet been served and which remains in the boiling pot.

**ଅବଡୀନ**—ସଂ.ବି (ଅବ=ନିମ୍ନକୁ+ଡୀ ଧାତୁ=ଉଡ଼ିବା+ଭାବ.ତ)—
Abaḍīna ତଳଆଡ଼କୁ ଉଡ଼ିବା; ପକ୍ଷୀର ଅଧୋଗମନ—
Flying downwards.

ସଂ. ବିଣ ( ଅବ=ନିମ୍ନରୁ+ଡୀ ଧାତୁ+କର୍ମ. ତ ) ଉଡ୍ଡୀନ;
ଉପରକୁ ଉଡ଼ୁଥିବା ( ପକ୍ଷୀ )—
Flying upwards.

**ଅବଢ଼ା**—ଦେ. ବିଣ—୧ । ବଢ଼ା ହୋଇ ନ ଥିବା ଖାଦ୍ୟ—
Abaṛhā 1. (food) Which has not been served or dealt out.

ବି—ଅବଢ଼ା ( ଦେଖ )—Abhaṛhā ( See )

[ ଦ୍ର—ଲୋକେ ସାଧାରଣତଃ ଅନ୍ନକୁ ହାଣ୍ଡିରୁ ପତ୍ର ବା ଥାଳି ଆଦିରେ ବାଢ଼ି ଖାଆନ୍ତି । ମାତ୍ର ଜଗନ୍ନାଥଙ୍କ ମହାପ୍ରସାଦକୁ ସେହି ହାଣ୍ଡିରେ,କୁଡ଼ୁଆରେ ଅଥବା ଠେଲୁଆରେ ଖାଆନ୍ତି ବୋଲି ତାହାକୁ ଅବଢ଼ା କୁହାଯାଏ ]

**ଅବଣ୍ଟା**—ଦେ. ବିଣ ( ସଂ. ଅ+ଓ. ବଣ୍ଟା )—
Abanṭā ୧ । ଅବଣ୍ଟିତ; ଯାହା ବଣ୍ଟା ହୋଇ ନାହିଁ—
ଯାହା ବାଁଟା ହୟ ନାଇ 1. Undistributed
ଅନ୍‌ବଁଟା ୨ । ଅବିଭକ୍ତ; ଯାହା ବିଭକ୍ତ ହୋଇ ନାହିଁ—
2. Unpartitioned.
୩ । ଇଜମାଲି—3. Undivided; joint.

**ଅବତଂସ**—ସଂ. ବି (ଅବ+ତନ୍‌ସ ଧାତୁ=ଭୂଷିତକରିବା+କରଣ. ଅ)—
Abataṁsa ୧ । ଭୂଷଣ; ଅଳଙ୍କାର—1. Ornament.
୨ । କର୍ଣ୍ଣଭୂଷଣ—2. Ear-ornament.
୩ । ଶିରୋଭୂଷଣ; କିରୀଟ—3. Diadem; crown.
୪ । ( ସମାସରେ ବଂଶବାଚକ ଶବ୍ଦ ସଙ୍ଗେ ଯୁକ୍ତ ହୁଏ;
ଯଥା—ରଘୁବଂଶାବତଂସ )—ଭୂଷଣସ୍ୱରୂପ ବଂଶର ଯୋଗ୍ୟ
ବ୍ୟକ୍ତି—4. ( a person who is ) The glory of a race or family.

**ଅବତନ୍ୟ**—ଗ୍ରା. ପଦ୍ୟ. ବିଣ—( ସଂ. ଅବତୀର୍ଣ୍ଣ )—
Abatanya ଅବତୀର୍ଣ୍ଣ ( ଦେଖ )—
Abatīrṇṇa ( See )

ସ୍ୱର୍ଗରୁ ରଥ ତଳେ ହୋଇ ଅବତନ୍ୟ—ପ୍ରାଚୀ—କୃଷ୍ଣଜନ୍ମପଦ୍ଧତିଗୀତା ।

**ଅବତବ**—ଦେ. ବିଣ.—୧ । ବୁଡ଼ୁବୁଡ଼ୁ; ବୁଡ଼ିବୁଡ଼ିକି ହେଉ—
Abataba 1. About to be drowned.
ଜବୁଥବୁ ୨ । ବ୍ୟତିବ୍ୟସ୍ତ; ବିପନ୍ନ—
ଅବତବ୍ 2. Overwhelmed with calamity.
୩ । ମୁମୂର୍ଷୁ—Dying; about to die.
୪ । ଅତ୍ୟନ୍ତ ଅବସାଦଯୁକ୍ତ; ଜର୍ଜ୍ଜରୀଭୂତ—
4. Much pulled down; worn out; spent.

ଦେ. ବି—୧ । ମୁମୂର୍ଷୁ ଅବସ୍ଥା—1. Dying condition.
୨ । ବୁଡ଼ିବୁଡ଼ି ହେଉ ଅବସ୍ଥା—
2. Drowning condition.

**ଅବତବ ହେବା**—ଦେ. କ୍ରି—ମୁମୂର୍ଷୁ ଅବସ୍ଥାପନ୍ନ ହେବା—
Abataba hebā To be on the point of death; to be dying.
ଜବୁଥବୁ ହଓୟା
ଅବ୍‌ତବ୍ ହୋନା

**ଅବତମସ**—ସଂ. ବି. ( ଅବ=ଅଳ୍ପ+ତମସ୍=ଅନ୍ଧକାର+ଅ )—
Abatamasa ଅଳ୍ପ ଅନ୍ଧକାର—Faint darkness.

**ଅବତର**—ସଂ. ବି. (ଅବ=ନିମ୍ନକୁ+ତୃ ଧାତୁ=ପାର ହେବା; ଯିବା+
Abatara ଭାବ. ଅ )—ଅବତରଣ ( ଦେଖ )
Abataraṇa ( See )

ଦେ. ବି.—ଭୂମି ବତର ବା ଓଦା ନ ଥିବା ଅବସ୍ଥା—
Dry condition of the soil.

ଦେ. ବିଣ—ବର୍ଷା ପରେ ଓଦା ନ ଥିବା ବା ଶୁଖି ଯାଇଥିବା
( ଭୂମି )—( land ) From which the moisture has dried up after rain.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଘ | ଜ | ଶ,ଷ | ଙ୍କ | ଇଯ଼ | ଉଅ | ଢ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଂ୍ୟ | ଇଅ | ଔ | ନ୍ତ |

**ଅବତରଣ**—ସଂ. ବି. ( ଅବ=ନିମ୍ନକୁ+ତୃ ଧାତୁ+ଭାବ. ଅନ )—
Abatarana ୧ । ଅବରୋହଣ; ତଳକୁ ଓହ୍ଲାଇବା—
1. Getting down; alighting; descent; descending.
୨ । ନଦ୍ୟାଦି ପାର ହେବା—
2. Crossing ( a river ).
୩ । ଦେବତାଙ୍କର ଭୂତଳରେ ଜନ୍ମଗ୍ରହଣ; ଅବତାର—
3. Incarnation; advent.
୪ । ଜନ୍ମ ଗ୍ରହଣ—4. Being born.
୫ । ଯାନାଦିରୁ ଓହ୍ଲାଇ ଭୂମିରେ ପାଦ ପକାଇବା—
5. To alight from a conveyance.

**ଅବତରଣିକା**—ସଂ. ବି. ( ଅବତରଣ+ଇକ=ଆ )—
Abataranikā ୧ । ସୋପାନ; ପାହାଚ—
1. Flight of steps.
୨ । ଗ୍ରନ୍ଥର ଭୂମିକା; ଉପକ୍ରମଣିକା; ଗ୍ରନ୍ଥର ପୂର୍ବାଭାଷ—
2. Introduction to a book.

**ଅବତରା**—ଦେ. ବି—ଅବତରିବା କର୍ମ—
Abatarā The act of Abataribā.
ଆଭିଜାନ ଦେ. ବିଣ—ଯାହା ବତୁର ନାହିଁ; ଯାହା ପାଣିରେ ପଡ଼ି ସମ୍ପୂର୍ଣ୍ଣରୂପେ ନରମ ବା ଭଜା ହୋଇ ନାହିଁ—
Not fully moistened with water.

**ଅବତରିବା**—ଦେ. କ୍ରି—୧ । ଅବତାର ଗ୍ରହଣ କରିବା; ଅବତାର
Abataribā ଗ୍ରହଣ କରି ପୃଥିବୀରେ ଜନ୍ମ ହେବା—
1. To be incarnated in the world.
ବିଶ୍ୱାମିତ୍ର ମହିମା ବୋଲେ ବଶିଷ୍ଠ ମୁନି
ଦ୍ୱିତୀୟ ବ୍ରହ୍ମା ଅବତରିଛନ୍ତି ମେଦିନୀ । ବିଶ୍ୱନାଥ. ବିଚିତ୍ର ରାମାୟଣ ।
୨ । ଅବତୀର୍ଣ୍ଣ ହେବା; ଅବତରଣ କରିବା; ଓହ୍ଲାଇବା—
2. To descend; to get down; to alight.
ଧବଳ ଗଙ୍ଗା ସ୍ରୋତ ଅବତରଇ । ରାଧାନାଥ. ମେଘଦୂତ ।
୩ । ( ଦେବତା ) ସ୍ୱର୍ଗରୁ ମର୍ତ୍ତ୍ୟକୁ ଓହ୍ଲାଇ ଆସିବା—
3. To descend from the heavens.
୪ । ଦେବତାବିଷ୍ଟ ବ୍ୟକ୍ତି ( କାଳସୀ ) ଦେବାଦେଶକୁ ପ୍ରକାଶ କରିବା—4. To declare the commands of a Deity ( said of a person said to be possessed of the spirit of a Deity ).
୫ । ( ଲକ୍ଷଣାର୍ଥ ) କ୍ରୋଧରେ ଉନ୍ମତ୍ତ ବା ଜ୍ଞାନଶୂନ୍ୟ ହୋଇ ଗାଳି ମନ୍ଦ କରିବା—5. To rave in anger.
୬ । ଜନ୍ମଲଭିବା; ଜନ୍ମିବା—6. To be born.
ମନେ କଲ ମୋ ପରି ଅଛନ୍ତି ନାହିଁ
ଏ ମର୍ତ୍ତ୍ୟରେ ଆଉ ନ ଥିବ ଅବତରି । କୃଷ୍ଣସିଂହ. ମହାଭାରତ. ଉଦ୍ୟୋଗ ।

**ଅବତଲକ୍**—ଗ୍ରା. ଅ—ଅବ୍ତକ୍ ( ଦେଖ )
Abatalak Abtak ( See )

**ଅବତାନ**—ସଂ.ବିଣ. ( ଅବ+ତନ ଧାତୁ=ବିସ୍ତାର କରିବା+ଭାବ. ଅ)—
Abatāna ୧ । ବିସ୍ତାର—1. Spreading; extension.
୨ । ଆବରଣ; ଆଚ୍ଛାଦନ—2. Covering.
୩ । ଚନ୍ଦ୍ରାତପ—3. Awning.
୪ । ଖଟମଣ୍ଡପ—4. An open tent.

**ଅବତାର**—ସଂ. ବି. ( ଅବ=ନିମ୍ନକୁ+ତୃ ଧାତୁ=ଗମନ କରିବା+
Abatāra ଭାବ. ଅ )—୧ । ଅବତରଣ; ତଳକୁ ଓହ୍ଲାଇବା—
1. Descending.
୨ । ପାର ହେବା—2. Crossing ( Apte ).
୩ । ମନୁଷ୍ୟ ଓ ଜୀବାଦିର ମୂର୍ତ୍ତିଧାରଣ କରି ଦୁଷ୍ଟଦଳନ ଓ ଶିଷ୍ଟପାଳନାର୍ଥ ଦେବତାଙ୍କର ପୃଥିବୀରେ ଜନ୍ମଗ୍ରହଣ କରିବା; ଦେବତାଙ୍କର ପୃଥିବୀରେ ଆବିର୍ଭାବ—
3. Incarnation; appearance of a Deity on earth in shape of men or other animals.
[ ଦ୍ର—ବିଷ୍ଣୁ ନାନା ଅବତାର ଗ୍ରହଣ କରି ପୃଥିବୀରୁ ଦୁଷ୍ଟ ଓ ରାକ୍ଷସମାନଙ୍କୁ ଦମନ କରିଅଛନ୍ତି ଓ ଭବିଷ୍ୟତରେ କରିବେ ବୋଲି ପୁରାଣରେ ଲେଖା ଅଛି । ବିଷ୍ଣୁଙ୍କର ମତ୍ସ୍ୟ, କଚ୍ଛପ, ବରାହ, ନୃସିଂହ, ବାମନ, ପରଶୁରାମ, ରାମ, କୃଷ୍ଣ, ବୁଦ୍ଧ ଓ କଳ୍କୀ—ଏହି ଦଶ ଗୋଟି ଅବତାର ପ୍ରଧାନ । ବର୍ତ୍ତମାନ ବିଷ୍ଣୁଙ୍କର ବୁଦ୍ଧ ଅବତାର । ପୁରୀରେ ଜଗନ୍ନାଥ ସେହି ଅବତାର ବୋଲି ପଣ୍ଡିତମାନେ କହନ୍ତି । ପୃଥିବୀରେ ଅଧର୍ମ ଅତି ବେଶି ହେଲେ, ପରେ ବିଷ୍ଣୁ କଳ୍କି ଅବତାର ଗ୍ରହଣ କରି ମ୍ଲେଚ୍ଛସଂହାରାର୍ଥ ଖଡ୍ଗଧାରଣ କରିବେ—ଏହା ପଣ୍ଡିତମାନଙ୍କର ବିଶ୍ୱାସ । ]
୪ । କୌଣସି ବସ୍ତୁ ପ୍ରତି ଲକ୍ଷ୍ୟ କରିବା—
4. Aiming at an object.
୫ । ଆବିର୍ଭାବ; ପ୍ରାଦୁର୍ଭାବ; ବିକାଶ; ପ୍ରକାଶ—
5. Coming to existence.
୬ । ପୁଷ୍କରିଣୀ ଆଦିର ଘାଟ—6. Bathing-ghat.
୭ । ପାର ହେବା ଘାଟ—7. Ferry; landing place.
୮ । ସୋପାନ; ସିଡ଼ି; ପାହାଚ—
8. Flight of steps; ladder.
୯ । ତୀର୍ଥ—9. Sacred bathing-place. (Apte)
୧୦ । ପୁଷ୍କରିଣୀ—10. Tank (Apte)
୧୧ । ଜନ୍ମ—11. Birth; advent; growth.
୧୨ । ଅବତରଣିକା—12. Introduction; preface ( Apte )
ଦେ. ବି—କୌଣସି ବ୍ୟକ୍ତିଠାରେ ବସନ୍ତ (ଠାକୁରାଣୀ) ବାହାରିବା ପରେ ଦିବସର ସଂଖ୍ୟାପୂରଣ—
The days counted from the beginning of a person being attacked by small-pox.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଗଁଧା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

( ଯଥା—ବସନ୍ତ କାହାରବାର ଚତୁର୍ଥ ଦିନକୁ ଲୋକେ ଗ୍ରହ ଅବତାର ବୋଲି କହନ୍ତି । )

ଦେ. ବିଣ—ଜାତ; ଜନ୍ମଗ୍ରହଣ କରିଥିବା—Born.

ମସ୍ତକୁ ଦ୍ୱନ୍ଦ ଦେବ ବେନ ବାର,
ଅଗ୍ନିକୁମାରଠାରୁ ଅବତାର—ବିଶ୍ୱନାଥ ଖଟିଆ ରାମାୟଣ ।

**ଅବତାରଣ**—ସଂ. ବି. ( ଅବ+ତୃ ଧାତୁ, ଣିଜନ୍ତ+ଭାବ. ଅନ )—
Abatāraṇa
୧ । ଉର୍ଦ୍ଧ୍ୱରୁ ନିମ୍ନକୁ ଆନୟନ—
1. Bringing down.
୨ । ଅବରୋହଣ; ତଳକୁ ଓହ୍ଲାଇବା—
2. Descending.
୩ । ପ୍ରସ୍ତାବନା—3. Preface.
୪ । ଅପସାରଣ—4. Removal.
୫ । ଅବତାର ଗ୍ରହଣ—
5. Assumption of an incarnation.
୬ । ଉତ୍ପତ୍ତି; ଜନ୍ମ—6. Birth.
୭ । ଅଭିବ୍ୟକ୍ତି—7. Manifestation.

**ଅବତାରଣା**—ସଂ. ବି. ( ଅବତାରଣ+ଆ )—ଅବତରଣିକା ( ଦେଖ )
Abatāraṇā Abataraṇikā ( See )

**ଅବତାରଣିକା**—ସଂ. ବି. ( ଅବତାରଣ+କ+ଆ)—
Abatāraṇikā ଅବତରଣିକା ( ଦେଖ )
Abataraṇikā ( See )

**ଅବତାରଣୀ**—ସଂ. ବି. ସ୍ତ୍ରୀ. ( ଅବତାରଣ+ଈ )—
Abatāraṇi ଅବତରଣିକା ( ଦେଖ )
Abataraṇikā ( See )

**ଅବତାରବାଦ**—ସଂ. ବି—ପୃଥିବୀରୁ ପାପଭାର ଲଘୁ କରିବା ପାଇଁ
Abatārabāda ଦେବତା ମର୍ତ୍ତ୍ୟରେ ଜନ୍ମଗ୍ରହଣ କରନ୍ତି—ଏହି ଲୋକ ବିଶ୍ୱାସ—Theory of the Deities advent into the world as incarnation; Incarnation Theory.

**ଅବତାରବାଦୀ**—ସଂ. ବିଣ. ପୁଂ—ଯେଉଁ ବ୍ୟକ୍ତି ଅବତାରବାଦରେ
Abatārabādi ବିଶ୍ୱାସ କରନ୍ତି—Belonging to the
( ଅବତାରବାଦିନୀ—ସ୍ତ୍ରୀ ) Theory of Incarnation.

**ଅବତାରଭେଦ**—ସଂ. ବି—ଦେବତାଙ୍କର ଭିନ୍ନ ଭିନ୍ନ ଅବତାର—
Abatārabheda Different incarnations of a Deity.

**ଅବତାରିତ**—ସଂ. ବିଣ. ( ଅବ+ତୃ ଧାତୁ ଣିଚ; ତାରି ଧାତୁ+କର୍ମ.
Abatārita ତ )—୧ । ଅବରୋପିତ; ଯାହାକୁ ଉପରୁ ତଳକୁ ଅଣାଯାଇଅଛି—1. Got down.
୨ । ପ୍ରସ୍ତାବିତ—2. Proposed.

**ଅବତାରିବା**—ଦେ. କ୍ରି. ( ସଂ. ଅବତାର )—୧ । ଅବତରିବା (ଦେଖ)
Abatāribā 1. Abataribā ( See )
୨ । ଉତ୍ତରାଇଦେବା; କୌଣସି ବସ୍ତୁ ବା ବ୍ୟକ୍ତିକୁ ଉପରୁ ତଳକୁ ଓହ୍ଲାଇ ଦେବା—
2. To cause to get down; to let down; to bring down.

**ଅବତାରୀ**—ସଂ. ବିଣ. ( ଅବତାର+ଇନ୍; ୧ମା. ୧ବ. )—ଯେ
Abatāri ଅବତାର ଗ୍ରହଣ କରନ୍ତି; ଈଶ୍ୱର—Incarnate.
ପୂର୍ଣ୍ଣ ଅବତାରୀ ଅନନ୍ତ ଶାଠାପତି—କୃଷ୍ଣସିଂହ. ମହାଭାରତ. ସଭା ।

**ଅବତିନ୍ୟ**—ଗ୍ରା. ବିଣ. ( ସଂ. ଅବତୀର୍ଣ୍ଣ )—ଅବତୀର୍ଣ୍ଣ ( ଦେଖ )
Abatinya Abatirṇṇa ( See )

**ଅବତୀର୍ଣ୍ଣ**—ସଂ. ବିଣ. ( ଅବ+ତୃ ଧାତୁ+କର୍ତ୍ତୃ. ତ )—
Abatirṇṇa ୧ । ଓହ୍ଲାଇଥିବା—1. Descended.
୨ । ତଳକୁ ଉତୁରି ଥିବା; ନିମ୍ନକୁ ଆଗତ—
2. Got down; alighted.
୩ । ଆବିର୍ଭୂତ; ଉପସ୍ଥିତ—3. Appeared.
୪ । ଗୃହୀତାବତାର; ଅବତାର ଗ୍ରହଣ କରିଥିବା—
4. Incarnate.
୫ । ଉତ୍ପନ୍ନ; ଜାତ—5. Born.
୬ । ଉତ୍ତୀର୍ଣ୍ଣ; ପାର ହୋଇଥିବା—
6. Having crossed.
୭ । ଅତିକ୍ରାନ୍ତ—7. Passed over or by.

**ଅବତୋକା**—ସଂ. ବି. ସ୍ତ୍ରୀ. ( ବହୁବ୍ରୀହି; ଅବ=ଅପଗତ+ତୋକ=
Abatokā ଅପତ୍ୟ )—ଦୁର୍ଘଟଣାରେ ଗର୍ଭପାତ ହୋଇଥିବା ଗାଈ; ଯେଉଁ ଗାଈ ଅସମୟରେ ଗୋବର ପକାଇଅଛି—A cow which has miscarried from accident.

**ଅବଦ**—ଦେ. ପଦ୍ୟ. ବି. ( ସଂ. ଅବ୍ଦ )—ବର୍ଷ—Year.
Abada ସ୍ୱଭାବେ ଷୋଡ଼ଶ ଅବଦ, ସୁନ୍ଦର ସୁକୁମାର ପାଦ ।
ଜଗନ୍ନାଥ. ଭାଗବତ ।

**ଅବଦଂଶ**—ସଂ. ବି. ( ଅବ+ଦନ୍‌ଶ ଧାତୁ=ଖାଇବା+କର୍ମ. ଅ )—
Abadaṁsa ମଦ୍ୟପାନ କାଳରେ ରୁଚି ଜନ୍ମିବା ପାଇଁ ଖିଆଯିବା ଚର୍ବଣ ଦ୍ରବ୍ୟ; ଚାଟ୍—Things eaten to give relish to drinkers of wine.

**ଅବଦକେ**—ଦେ. ପଦ୍ୟ. ବି. (ସଂ. ଅବ୍ଦକ)—କାଳଜ୍ଞାପକ ଶାସ୍ତ୍ରବିଶେଷ—
Abadake A Śāstra dealing with years.
ଫାଲ୍‌ଗୁନକୁ ପକ୍ଷେ ଚୈତ୍ର ବୈଶାଖରୁ ପକ୍ଷେ,
ବିଷ୍ଣୁପଦରୁ ଏହାକୁ ଅବଦକେ ଲେଖେ—ସାରଳାମହାଭାରତ, ଶାନ୍ତି ।

**ଅବଦନ**—ସଂ. ବି. ( ଅ=ମ୍ଳାନ+ବଦନ )—ଅସୁନ୍ଦର ମୁହଁ—
Abadana Ugly face.

**ଅବଦାତ**—ସଂ. ବି ( ଅବ+ଦୈ ଧାତୁ=ଶୁଭ୍ର ହେବା+କର୍ମ. ତ )—
Abadāta ୧ । ଶ୍ୱେତବର୍ଣ୍ଣ—1. White colour.
୨ । ପୀତବର୍ଣ୍ଣ—2. Yellow colour.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଜ୍ଞ | ଇସ୍ତ | ଡ଼ଅ | ଲ୍ଲ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଗ୍ୟ | ଇଅ | ● | ନ୍ତ |

ସ. ବିଣ—୧ । ଶ୍ୱେତ—1. White.
୨ । ନିର୍ମଳ—2. Clean; spotless.
୩ । ସୁନ୍ଦର; ମନୋଜ୍ଞ—3. Beautiful.
୪ । ବିଶୁଦ୍ଧ—4. Pure.

**ଅବଦାନ**—ସ. ବି (ଅବ=ଶୁଦ୍ଧି ବା ପୂଜାର୍ଥ+ଦା ଧାତୁ+ଭାବ. ଅନ)-
Abadāna ୧ । ପୂଜା ବା ଅର୍ଚ୍ଚନାର୍ଥ ଦାନ; ଅର୍ଘ୍ୟ—1. Oblation.
୨ । ଦାନ—2. Gift.
୩ । ସମ୍ପାଦିତ କର୍ମ—3. Accomplished work.
୪ । ବିକ୍ରମପ୍ରକାଶ; ପରାକ୍ରମ—4. Exhibition of prowess.
୫ । କୀର୍ତ୍ତି—5. Fame.
୬ । ପ୍ରଶଂସିତ କର୍ମ—6. praise-worthy action.
୭ । ଯଜ୍ଞକର୍ମ—7. Vedic sacrifice.
୮ । (ଅବ+ଦୋ ଧାତୁ=ଛେଦନ କରିବା+ଅନ)—ଖଣ୍ଡ; ଛିନ୍ନାଂଶ—8. Portion cut.
୯ । (ଅବ+ଦୈ ଧାତୁ=ଶୁଦ୍ଧ କରିବା)—ଶୋଧନ; ଶୁଦ୍ଧିକରଣ—9. Purification.
୧୦ । (ଅବ+ଦେ ଧାତୁ=ପାଳନ)—ପାଳନ—I0. Bringing up; tending.
୧୧ । ଉଶୀର (ଦେଖ) 11. Ushīra (See)

**ଅବଦାରକ**—ସ. ବିଣ. ପୁଂ (ଅବ+ଦାର ଧାତୁ+କର୍ତ୍ତୃ. ଅକ)—
Abadāraka ୧ । ବିଦାରକ—1. Piercing.
(ଅବଦାରିକା—ସ୍ତ୍ରୀ) ୨ । ଛେଦକ—2. Cutting.
୩ । ଭୂମିଖନନାସ୍ତ୍ର; ଖଣତି—3. A pick for digging earth.

**ଅବଦାରଣ**—ସ. ବି. (ଅବ+ଦାର ଧାତୁ+ଭାବ. ଅନ)—
Abadāraṇa ୧ । ବିଦାରଣ—1. Piercing.
୨ । ଖନନ—2. Digging.
୩ । ଫାଟ—3. A rent.
୪ । ଖନନାସ୍ତ୍ର; ଖଣତି; ସାବଳ—4. A pick used in digging.

**ଅବଦାହ**—ସ. ବିଣ ( ଅବ=ନ୍ୟୂନ+ଦାହ; ଯାହାଦ୍ୱାରା ଦାହ କମି
Abadāha ଯାଏ । )—ପ୍ରଦାହନାଶକ—Assuaging the burning sensation of the body.
ସ. ବି—୧ । ବେଣାମୂଳ—1. The root of Beṇā grass.
୨ । ଜ୍ୱରଜନ୍ୟ ଦାହ—2. High temperature due to fever.

**ଅବଦାହେଷ୍ଟ**—ସ. ବି ( ଅବଦାହ=ଦେହପ୍ରଦାହ+ଇଷ୍ଟ=ମଙ୍ଗଳ-
Abadāheshṭa କର )—ବେଣାମୂଳ—The root of Beṇā grass.

**ଅବଦୀର୍ଣ୍ଣ**—ସ. ବିଣ (ଅବ+ଦୃ ଧାତୁ+କର୍ତ୍ତୃ. ତ)—୧ । ଗଳିତ; ଦ୍ରବୀଭୂତ
Abadīrṇṇa 1. Melted.
୨ । ବିଦୀର୍ଣ୍ଣ—2. Pierced.
୩ । ବିଦଳିତ—3. Trodden.
୪ । ଚୂର୍ଣ୍ଣୀଭୂତ—4. Reduced to powder or dust.

**ଅବଦ୍ଧ**—ସ. ବିଣ—(ଅ+ବନ୍ଧ ଧାତୁ+କର୍ମ. ତ)—୧ । ଯାହା ବଦ୍ଧ ବା
Abaddha ବନ୍ଧା ହୋଇ ନାହିଁ—1. Unbound; untied.
୨ । ଅସଂଯତ—2. Unregulated; unrestrained.
୩ । ଅସମ୍ବଦ୍ଧ—3. Incoherent; unconnected.
ବି—ଅସମ୍ବଦ୍ଧ ବାକ୍ୟ; ପ୍ରଳାପ—Incoherent words; ravings.

**ଅବଦ୍ଧମୁଖ**—ସଂ. ବିଣ. ପୁଂ ( ବହୁବ୍ରୀହି; ଅବଦ୍ଧ ଅଟେ ମୁଖ ଯାହାର)—
Abaddhamukha ୧ । ଯାହା ମୁହଁରେ ବାଡ଼ବତା ନାହିଁ—
(ଅବଦ୍ଧମୁଖୀ—ସ୍ତ୍ରୀ) 1. (a person) Who says whatever comes to his lips
୨ । ଅସଂଯତମୁଖ—2. Talking in an unrestrained manner.
୩ । ଦୁର୍ମୁଖ; ଅପ୍ରିୟବାଦୀ—3. Foul-tongued.
୪ । ମୁଖର—4. Talkative.

**ଅବଦ୍ୟ**—ସଂ. ବିଣ (ଅ+ବଦ ଧାତୁ+କର୍ମ. ଯ)—୧ । ଅକଥ୍ୟ—
Abadya 1. Unspeakable.
(ଅନବଦ୍ୟ—ବିପରୀତ) ୨ । ନିନ୍ଦନୀୟ—2. Blame-worthy.
୩ । ନୀଚ; ଅଧମ; ହୀନ—3. Low; mean.
୪ । ମନ୍ଦ—4. Bad.
ସଂ. ବି.—୧ । ଅନିଷ୍ଟ—1. Injury.
୨ । ପାପ—2. Sin.
୩ । ଦୋଷ—3. Fault.
୪ । ନିନ୍ଦା—4. Blame.
ଦେ. ବି—ଅବୈଦ୍ୟ; କୁବୈଦ୍ୟ—A quack.

**ଅବଧ**—ଦେ. ବିଣ (ସଂ. ଅବଧ୍ୟ)—୧ । ଅବଧ୍ୟ; ବଧର ଅଯୋଗ୍ୟ—
Abadha 1. Not fit to be killed.
୨ । ଯାହାକୁ କେହି ମାରି ପାରେ ନାହିଁ—2 Whom none is capable of killing.
ମୁହିଁ ଅବଧ ଅଛି ତୋହର ପ୍ରସାଦେ—ସାରଳାମହାଭାରତ. ଦଣ୍ଡ ।

**ଅବଧ** ଦେ. ବି. ( ହିନ୍ଦି. ଅୱଧ—ଭୁଲ. ଇଂ. ଅଉଧ୍ )—ଅଯୋଧ୍ୟା ପ୍ରଦେଶ ଓ ନଗର—The province and the town of Oudh, Ajodhyā.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବଡ' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

ମୁହିଁ କୁରୁବର୍ଷେ ପାଞ୍ଚାଳେ ଅବଧେ—ରାଧାନାଥ, ମହାଯାତ୍ରା ।

**ଅବଧପୁରୀ**—ଦେ. ବି ( ହି. ଅୱଧ; ଭୁଲ—ଇଂ. ଆଉଧ୍ )—
Abadhapuri ୧ । ଅଯୋଧ୍ୟାନଗର—
**ଅଯୋଧ୍ୟାପୁରୀ** 1. The town of Ajodhyā.

**ଅବଧରିବା**—ଦେ. କ୍ରି—୧ । ( ଆଦେଶ ) ପାଳନ କରିବା—
অবধারণকরা 1. To obey.

ଅବଧରି ତୋ ଆଜ୍ଞାକୁ—କବିସୂର୍ଯ୍ୟ. ଚମ୍ପୁଗୀତ ।

**ଅବଧାନ୍**—ଦେ. ଅ (ସଂ. ଅବଧାନ = ମନୋଯୋଗ; ସମ୍ବୋଧିତ ବ୍ୟକ୍ତିଙ୍କର
Abadhān ମନୋଯୋଗ ଆକର୍ଷଣ କରିବାରେ ବ୍ୟବହୃତ ଶବ୍ଦ)—

୧ । ମାନ୍ୟ ବ୍ୟକ୍ତିଙ୍କୁ ସମ୍ବୋଧନ କରିବାରେ ବ୍ୟବହୃତ ହେ ମହାଶୟ !—1. (Interjection ) Sir.

୨ । ଶୁଣିବାକୁ ଆଜ୍ଞା ଦେଉ; ଅବଧାନକୁ ଆସୁ—
2. May it please you; may you be pleased to hear.

୩ । ହେ ମହାଶୟ ! ଶୁଣ—3. Please hear, Sir

[ ଅବଧାନ୍ରୁ, ଆଗ ମାଇପକୁ ଚଡ଼୍ ଚଡ଼ ପଛ ମାଇପକୁ ସାବଧାନ୍—ଢଗ । ]

୪ । ( ଶୂଦ୍ରମାନେ ବ୍ରାହ୍ମଣଙ୍କୁ ବା ସମ୍ମାନନୀୟ ବ୍ୟକ୍ତିଙ୍କୁ ନମସ୍କାର କରିବାବେଳେ ଉଚ୍ଚାରିତ ) ନମସ୍କାର—
4. (uttered by a Śūdra while bowing to a Brāhmaṇa ) Good morning.

୫ । ( ମାନନୀୟ ବ୍ୟକ୍ତିଙ୍କ ପ୍ରଦତ୍ତ ଆଦେଶକୁ ଶିରୋଧାର୍ଯ୍ୟ କରିବାପାଇଁ ନିମ୍ନତର ବ୍ୟକ୍ତିର ପ୍ରତିଶ୍ରୁତି)—ଯେ ଆଜ୍ଞା—
5 ( used by a person promising to carry out the order given by his superior ) Yes sir.

୬ । (ମାନ୍ୟ ବ୍ୟକ୍ତି ବା ପ୍ରଭୁ ଭୃତ୍ୟକୁ ଡାକିଲେ ଭୃତ୍ୟ ଦେବା ପ୍ରତ୍ୟୁତ୍ତର; ଆଜ୍ଞା ! ମୁଁ ସାବଧାନ ଅଛି; ଆପଣ କଅଣ ଆଜ୍ଞା କରିବେ କରନ୍ତୁ—
6. ( Used by a servant in responding to the call of the master) Yes, Sir !

**ଅବଧାନ**—ସଂ. ବି ( ଅବ = ସମ୍ୟକ୍ + ଧା ଧାତୁ = ଧାରଣକରିବା + ଭାବ.
Abadhāna ଅନ )—୧ । ଅଭିନିବେଶ; ମନୋଯୋଗ—
1. Attention.

ଚନ୍ଦ୍ର କି ବଦନ ଛବି, ଚକିତ ମୋ ଚକ୍ଷୁଶ୍ରବ. ଚିତ୍ତକୁ ଘଟନ୍ତେ ଅବଧାନ ବିନା ହସିଲା ।
କବିସୂର୍ଯ୍ୟ. କିଶୋରଚମ୍ପୂ. ୮.ଗୀତ ।

୨ । ଚିତ୍ତର ଏକାଗ୍ରତା—
2. Concentration of mind.

ଦେ. ବି—( ସଂ. ଅବଧାନ ) ୧ । ମନୋଯୋଗପୂର୍ବକ ଶ୍ରବଣ—
2 . Hearing with attention

୩ । ଅନୁଗ୍ରହ—3. Favour.

ଭଗାରିକର ବଚନ ସ୍ନାନ ହୁଏ ତା ଅବଧାନେ—
କବିସୂର୍ଯ୍ୟ. ରତ୍ନାକର ଚମ୍ପୂ. ୮.ଗୀତ ।

୪ । ଚଟ୍ଟଶାଳୀର ଶିକ୍ଷକ—
5. Teacher of a primary school.

ମୁଁ ଜଗତଙ୍କରତା ହୋଇଛି ଅବଧାନ
ପଢ଼ାଉଛି ନିତ ତାର ବାଳୁତ ସନ୍ତାନ ।
ବିଶ୍ୱନାଥ. ବିଚିତ୍ରରାମାୟଣ ।

୬ । ଦୃଷ୍ଟି; ଦର୍ଶନ—6. Seeing; viewing.

ବାଡ଼େ ସୁଲୋଚନ ଶ୍ଳୋକେ ଅବଧାନ ନୋହୁଛି କାହିଁକି ।
ଉପେ. ବୈଦେହୀଶବିଳାସ ।

୭ । ( ଏହି ଜାତିର ଲୋକେ ଚଟ୍ଟଶାଳୀର ଶିକ୍ଷକତା କରୁଥିବାରୁ ) ମାଷ୍ଟବଂଶ ନାୟକ ଜାତି—
7. A caste of village school master.

୮ । ଜ୍ୟୋତିଷ ବା ଖଡ଼ିବଂଶ ନାୟକ (ଏମାନେ ଜ୍ୟୋତିଃଶାସ୍ତ୍ର-ଗଣନା ବ୍ୟବସାୟ କରନ୍ତି)—9. A caste of astrologers.

୧୦ । ସମ୍ମାନ; ମର୍ଯ୍ୟାଦା—10. Honour; respect.

ଦେ. ବିଣ ( ସଂ. ଅବଧାନପର )—୧ । ସାବଧାନ; ହୁସିଆର—
1. Cautious.

୨ । ମନୋଯୋଗୀ—2. Attentive.

**ଅବଧାନ କରିବା**—ଦେ. କ୍ରି—୧ । ମନୋଯୋଗପୂର୍ବକ ଶୁଣିବା—
Abadhāna karibā 1. To hear with attention.
অবধানকরা

ସଂସାର ଜନେ କର ଅବଧାନ । ମଧୁସୂଦନ. ସଙ୍ଗୀତମାଳା ।

୨ । ( ଶିଷ୍ଟତାମୂଳକ ବ୍ୟବହାର; ମାନ୍ୟ ବ୍ୟକ୍ତିଙ୍କ ପ୍ରତି ) ଅନୁଗ୍ରହପୂର୍ବକ କୌଣସି କାର୍ଯ୍ୟ କରିବା—
( ଯଥା—ଦେବା; ନେବା; ଯିବା; ଆସିବା; କହିବା ଇତ୍ୟାଦି । )
2. ( a term of civility) To do a thing as a favour; to be pleased to do a thing; to be kind enough to do a thing.

କମଳ ନୟନ କରୁଣା ନିଧାନ
କଷ୍ଟ କଲେ ଅବଧାନ । (= ମନେ ଦୁଃଖ ଦେଲେ )
ଦୀନକୃଷ୍ଣ, ରସକଲ୍ଲୋଳ ।

[ ଦୃ—ରାଜା ବର୍ତ୍ତମାନ ମୁଣୋହିକୁ ଅବଧାନ କରିଛନ୍ତି = ଯାଇ ଅଛନ୍ତି; ଆପଣ କି ସକାଶେ ଏଠାକୁ ଅବଧାନ କରିବା ହେଲେ = ଆସିଲେ; ରାଜା ମନେ ଏ ଟିପ୍ପଣୀ ଖଣ୍ଡି ଅବଧାନ କଲେ = ଦେଲେ । ]

୩ । ଅନୁଗ୍ରହ ଦେଖାଇବା—3. To show favour.

୪ । ଅନୁଗ୍ରହଣ ପୂର୍ବକ ଶୁଣିବା—
4. To condescend to hear.

୫ । ଆଜ୍ଞା କରିବା; କହିବା—
5. To order; to speak out.

ବୋଲେ ରାମ ବହନ, କର୍ଣ୍ଣ ରୁ କି କର ଅବଧାନ ।
ଉପେ. ବୈଦେହୀଶବିଳାସ ।

**ଅବଧାନକାସୁ**—ଦେ. ଅ—ଅବଧାନକୁ ଆସୁ ( ଦେଖ )
Abadhānakāsu Abadhānaku āsu ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | . ଅନୁନାସିକ ଯୁକ୍ତାକ୍ଷର | ଙ | ଞ | ଶ,ଷ | କ୍ଷ | ଇୟ | ଉଅ | ଢ଼ |
| ୨ | ଈ | ଊ | ଋୂ | ଌୂ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ୟ | ଯ | ସ | ଗଁ୍ୟ | ଇଅ | ● | ଡ଼ |

**ଅବଧାନକୁ ଆସିବା**—ଦେ. କ୍ରି—୧ । ( କୌଣସି ବିଷୟ ) ଶୁଣାଯିବା;
Abadhānaku āsibā ବିବେଚିତ ହେବା—
1. To be heard or attended to.

ବଧି ବବେକେ ଅଛ୍ଚ ପଛେ ପଂଞ୍ଚାଇ ଅବଧାନକୁ ନ ଆସିଲା ।
ଉଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

୨ । ମଞ୍ଜୁରହେବା—2. To be granted.
( ଯଥା—ମୋ ଗୁହାରି ସ୍ୱାମୀଙ୍କ ଅବଧାନକୁ ଆସିଲା ନାହିଁ । )

**ଅବଧାନକୁ ଆସୁ**—( ଆପଣଙ୍କ; ସ୍ୱାମୀଙ୍କ; ହଜୁରଙ୍କ)—ଦେ. ଅ. ( ମାନ୍ୟ
Abadhānaku āsu ବ୍ୟକ୍ତିଙ୍କ ପ୍ରତି ବ୍ୟବହୃତ; ଏଥିର ମର୍ମ
ଏ ବିଷୟ ଆପଣଙ୍କର ଶ୍ରବ୍ୟ ଅବଧାନକୁ ଆସୁ )—
( ଏ ବିଷୟ ) ଆପଣ ଶୁଣି ଆଜ୍ଞାହୁଅନ୍ତୁ; ଶୁଣିବାକୁ
ସାବଧାନ ମଣିମା—Be pleased to hear
( this ); deign to hear.

**ଅବଧାନପର**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅବଧାନ+ପର )—
Abadhānapara ୧ । ସାବଧାନ—1. Careful.
(ଅବଧାନପରା—ସ୍ତ୍ରୀ) ୨ । ମନୋଯୋଗୀ—2. Attentive.
୩ । ଦତ୍ତାବଧାନ— 3. Attending to.

**ଅବଧାନପିଣ୍ଡି**—ଦେ. ବି. ( ଓ. ଅବଧାନ+ଦେ. ପୀଠ )—
Abadhānapiṇḍi ଚାଟଶାଳୀରେ ପଢ଼ାଉଥିବା ବେଳେ ଅବଧାନ
ବା ଶିକ୍ଷକ ମହାଶୟ ବସିବା ପାଇଁ ନିର୍ମିତ ମାଟିର ଉଚ୍ଚ
ବେଦିକା ବା ପୀଠ—The raised seat made
of earth on which a village-teacher
sits while teaching.

**ଅବଧାନ ହେଉ**—ଦେ. ( ଅନୁଜ୍ଞା ବା ପ୍ରାର୍ଥନାସୂଚକ କ୍ରିୟାପ୍ରୟୋଗ )—
Abadhāna heu ୧ । ( ଗୁହାରି; ପ୍ରାର୍ଥନା ) ଶୁଣାଯାଉ—
1. Let the prayer be heard.

ଅବଧାନ ହେଉ ଇମ୍ଭରେ ଆରତ ବହୁଛି ଦୁଃଖୀ ଗୋଚର !
ରଘୁନାଥ. ପରିଜା ।

୨ । ( ପ୍ରାର୍ଥନା ) ମଞ୍ଜୁର କରାଯାଉ—
2. Let the prayer be granted.
୩ । ( ପ୍ରାର୍ଥିତ ବସ୍ତୁ ) ପ୍ରଦତ୍ତ ହେଉ—
3. Let the prayed for thing be given.
୪ । ଆପଣ ଅନୁଗ୍ରହପୂର୍ବକ (ଅମୁକ ସ୍ଥାନକୁ) ଆସିବା ହୁଅନ୍ତୁ—
4. Be pleased to come (to such or such a place.)

[ ଯଥା—ନୀଳକଣ୍ଠ ଦାସେ ଆପଣେ ! ମାଘ ମିଶ୍ରଙ୍କ ପୁଅ ବ୍ରତ
ଶଙ୍ଖୁଡ଼ି ସଭାକୁ ଗଡ଼ୁ ପୀଢ଼ା ସେନ ଅବଧାନ ହେଉ । ପୁଣି ରାଜାଙ୍କ
ବ୍ରାହ୍ମଣ ଶାସନରେ ବ୍ରତ, ବିବାହାଦିର ଅଳପଣା, ଫୁଲସଭା,
ଶଙ୍ଖୁଡ଼ି ସଭା ଓ ଗଙ୍ଗାପୂର୍ଣ୍ଣିମା ହବିଷ୍ୟାଦିରେ ଉପସ୍ଥିତ ହେବା ପାଇଁ
ଗ୍ରାମ ସେବକବ୍ରାହ୍ମଣର ପ୍ରତ୍ୟେକ ଗୃହସ୍ଥଙ୍କ ଘର ସାମନା ଦାଣ୍ଡରେ
ଡାକ । ]

**ଅବଧାନ ହେବା**—ଦେ. କ୍ରି—ଅବଧାନ କରିବା (ଦେଖ)
Abadhāna hebā Abadhāna karibā (See)

**ଅବଧାନିଆଁ**—ଦେ. ବିଣ—ଅବଧାନ ବା ଚାଟଶାଳୀର ପୁରୁଣାକାଳିଆ ଶିକ୍ଷକ
Abadhāniāṅ ସମ୍ବନ୍ଧୀୟ—Relating to village-teachers.

(ଯଥା—ଆଜିକାଲି ଇସ୍କୁଲରୁ ଆଗକାର ଅବଧାନିଆଁ ଯାଉଁଳି-
ବେତ, ମଣ୍ଡୁଆ ଖାଞ୍ଜୁଳ, ନାକବାଳି ଆଦି ଉଠି ଗଲାଣି ।)

**ଅବଧାନୀ**—ସଂ. ବିଣ. ପୁଂ. (ଅବଧାନ+ଇନ୍ ୧ମା. ୧ବ )—
Abadhānī ଦତ୍ତାବଧାନ; ମନୋଯୋଗୀ—
Attentive to; intent on.

ଶାଖୀ ସାକ୍ଷୀ ପତ୍ର ପୁଷ୍ପ ହାସ ଧରି କଇଭୂକ ଅବଧାନୀ ।
ଉଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

**ଅବଧାନେ**—ଦେ. କ୍ରି. ବିଣ—୧ । ମନୋଯୋଗ ସହକାରେ—
Abadhāne 1 Attentively.
ସାବଧାନେ ୨ । ଏକାଗ୍ର ଚିତ୍ତରେ—2. With concentrated
or undivided attention.

କେତେହେଁ କାଳ ସେ ଭୁବନେ, ଥାଇ ତନ୍ତ୍ରଇ ଅବଧାନେ ।
ଜଗନ୍ନାଥ, ଭାଗବତ ।

୩ । ସାବଧାନତା ସହକାରେ—
3. Carefully; cautiously

ଦେବ କମ୍ପା କର କ୍ରୋଧ ମନେ, ଆଜ୍ଞା ଦେଲେ ଯିବୁଁ ଅସ୍ମେମାନେ,
ଶତ୍ରୁ ମାରିବୁଁ ଏ ଅବଧାନେ—ବିଶ୍ୱନାଥ. ବିଚିତ୍ର ରାମାୟଣ ।

ଦେ. ବି. ସମ୍ମାନାର୍ଥରେ ଶବ୍ଦଶେଷରେ ଏ ଶବ୍ଦ ଯୁକ୍ତ ହୁଏ )—
ଗୁରୁ ମହାଶୟ—The teacher.
ଦେ. ସମ୍ବୋଧନ—ହେ ଅବଧାନ୍ ! ହେ ମହାଶୟ—Oh Sir.

**ଅବଧାରଣ**—ସଂ. ବି (ଅବ+ଧାର ଧାତୁ+ଭାବ. ଅନ)—
Abadhāraṇa ୧ । ନିରୂପଣ; ସ୍ଥିରୀକରଣ—
1. Ascertainment.
୨ । କଥାବିଶେଷ ଉପରେ ଦିଆଯିବା ବିଶେଷ ଜୋର—
2. Emphasis.
୩ । ଦୃଢ଼ତା ସହିତ କୌଣସି ମତର ଘୋଷଣ ବା ପ୍ରକାଶ—
3. Stating or holding an opinion with positive assurance.
୪ । ଶବ୍ଦମାନଙ୍କ ଅର୍ଥକୁ ସୀମାବଦ୍ଧ କରିବା—
4. Limitation (of the sense of words).
୫ । କେବଳ ମାତ୍ର କୌଣସି ବିଶିଷ୍ଟ ଉଦାହରଣ ପ୍ରତି
କୌଣସି ବିଷୟ ଖଟାଇବା—5. Restriction to a certain instance with exclusion of any other.
୬ । ଉତ୍ତମରୂପେ ବୁଝିବା—6. Understanding.
ସଂ. ବିଣ—ଅବଧାରିତ (ଦେଖ)
Abadhāritā (See)

> ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଗଳା' ନ ପାଇଲେ 'ଅର୍ଗ୍ଳ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅବଧାରଣୀୟ**—ସଂ. ବିଣ (ଅବ + ଧାରି ଧାତୁ + କର୍ମ. ଅନୀୟ)—
Abadhāraṇiya ୧ । ନିରୂପିତହେବାର ଯୋଗ୍ୟ—
1. Fit to be ascertained.
୨ । ଯାହା ନିର୍ଣ୍ଣୀତ ହୋଇ ପାରେ—2. Capable of being determined; determinable; ascertainable.

**ଅବଧାରିତ**—ସଂ. ବିଣ (ଅବ + ଧୃ ଧାତୁ, ଣିଚ୍ + କର୍ମ. ତ)—
Abadhārita ୧ । ସ୍ଥିରୀକୃତ; ନିର୍ଣ୍ଣୀତ—
(ଅବଧାରଣ—ଦ୍ର) 1. Ascertained; stated.
୨ । ସୁନିଶ୍ଚିତ; ନିଶ୍ଚିତ—2. Certain.
୩ । ନିରୂପିତ—3. Fixed.

**ଅବଧାରିବା**—ଦେ. ପଦ୍ୟ. କ୍ରି—( ସଂ. ଅବଧାରଣ )—୧ । ନିର୍ଣ୍ଣୟ
Abadhāribā କରିବା—1. To ascertain.
অবধারণ করা
ସମସ୍ତ ଅବଧାରିଲା. ନଳ ଖଡାରେ ପଶିଲା ।
ପ୍ରାଚୀ—ନଳଚରିତ ।
୨ । (ଆଦେଶାଦି) ପାଳନ କରିବା—
2. To obey; to carry out.
ମନେ ମୁଁଇ ସୁଦେଷ୍ଣା ଯେ ଲେଖ ଅବଧାରି । ସାରଳାମହାଭାରତ. ବିରାଟ ।
୩ । ମନ ମଧ୍ୟରେ ଦୃଢ଼ଭାବରେ ଅଙ୍କିତ କରିବା—
3. To fix steadily in the mind.
ଏ ବିଧିମତେ ପୂଜା କର । ମୋ ରୂପେ ମନ ଅବଧାର ।
ଜଗନ୍ନାଥ. ଭାଗବତ. ୧୧ଶ ।

**ଅବଧାରୀ**—ସଂ. ବିଣ (ଅବ + ଧୃ ଧାତୁ + କର୍ତ୍ତୃ. ଇନ୍ ୧ମା. ୧ବ.)—
Abadhārī ନିର୍ଣ୍ଣୟକାରୀ—Ascertaining.
କହେ ଦେଶାନ୍ତର ଦେବ ହେବା ଅବଧାରୀ ।
ସାରଳାମହାଭାରତ. ବିରାଟ ।

**ଅବଧାର୍ଯ୍ୟ**—ସଂ. ବିଣ (ଅବ + ଧୃ ଧାତୁ + କର୍ମ. ଯ)—
Abadhārjya ଅବଧାରଣୀୟ (ଦେଖ)
Abadhāraṇiya (See)

**ଅବଧି**—ସଂ. ବି. (ଅବ = ନିମ୍ନ + ଧା ଧାତୁ = ଧାରଣ କରିବା + ଇ )—
Abadhi ୧ । ସୀମା—1 Limit; boundary.
୨ । ଆରମ୍ଭ—2. Beginning.
୩ । ଅବସାନ; ଅନ୍ତ; ଶେଷ—3. End; extremity.
ସେ ଯାଗର ଅବଧି ବାରଷ୍ଟ ବରଷ,
ତହିଁ ହେଲେ ସେ ଲୋମହର୍ଷଣ ପ୍ରବେଶ—କୃଷ୍ଣସିଂହ. ମହାଭାରତ. ଆଦି ।
୪ । ନିୟମ—4. Rule.
୫ । ବିଲ; ଗର୍ତ୍ତ—5. Hole.
୬ । ଆଧାର—6. Receptacle.
୭ । ମିଆଦ; ନିରୂପିତ ଶେଷ ସମୟ—
7. Fixed time; time-limit.
ବରଷେ ପର୍ଯ୍ୟନ୍ତେ ଅବଧିକ କରି,
ଭୁଞ୍ଜଇ ସେ ନର ସୁଖରେ ସବୁ ଶିରୀ ।

ଦେ. ଅ. (ସଂ. ଅବଧି = ସୀମା)—୧ । ସମୟ ବା ସ୍ଥାନଠାରୁ—
1. From certain place or time.
୨ । ( ସ୍ଥାନ ବା ସମୟ ) ପର୍ଯ୍ୟନ୍ତ—2. Till; upto.
୩ । ଆଜଠାରୁ—3. From to-day.
ଏଠାରେ ଜନ ମୋତେ ପୂଜିଲେ ଅବଧି,
କହନ୍ତି ସିଦ୍ଧି ପାଇଁ ହେବେ ସେ ପ୍ରସିଦ୍ଧି—କୃଷ୍ଣସିଂହ. ମହାଭାରତ. ବନ ।
୪ । ଆଜ ପର୍ଯ୍ୟନ୍ତ; ବର୍ତ୍ତମାନ ପର୍ଯ୍ୟନ୍ତ—
4. Upto now; till to-day.
ସେ ସଭାରେ ରହଣ ଅଛନ୍ତି ଅବଧି—କୃଷ୍ଣସିଂହ, ମହାଭାରତ, ସଭା ।
୫ । ନିଶ୍ଚେ—5. Certainly.
ପୁତ୍ର କଣ୍ଠେ ଭୁଜବଳ ମାରିବ ଅବଧି—ସାରଳାମହାଭାରତ, ଦ୍ରୋଣ ।
ସ୍ତ୍ରୀ. ପଦ୍ୟ. ବି. ( ସଂ. ଅବ୍ଧି )—ସମୁଦ୍ର—The sea.
ବିକ୍ରମିଲେ ଅବଧିରେ ଜୀବ ତ୍ରାସେ ତଟପରେ ରହେ ଦେଖି ଗଡ଼ ହୋଇ ସ୍ଥଳେ ।
ଭଞ୍ଜ. ବୈଦେହୀଶବିଳାସ ।

**ଅବଧୀରଣ**—ସଂ. ବି. (ଅବ + ଧୀର ଧାତୁ = ଅବଜ୍ଞା କରିବା + ଭାବ. ଅନ)—
Abadhīraṇa ୧ । ଅବଜ୍ଞା; ଅବମାନନା; ଉପେକ୍ଷା; ଅନାଦର—
1. Disrespect; disregard; slight; disdain.
ଅବଧୀରଣୀୟ, ଅବଧୀରିତ, ଅବଧୀର୍ଯ୍ୟ } ବିଣ.
୨ । ଘୃଣା—2. Contempt.
୩ । ଅପମାନ—3. Insult.

**ଅବଧୀରଣା**—ସଂ. ବି. ( ଅବଧୀର + ଅନ + ଆ )—
Abadhīraṇā ଅବଧୀରଣ (ଦେଖ)—Abadhīraṇa (See)

**ଅବଧୀରିତ**—ସଂ. ବିଣ. ( ଅବଧୀର + କର୍ମ. ତ )—
Abadhīrita ୧ । ଅନାଦୃତ; ଉପେକ୍ଷିତ—
1. Disregarded; disdained.
୨ । ଅବମାନିତ—2. Insulted.
୩ । ଘୃଣିତ—3. Despised.

**ଅବଧୂତ**—ସଂ. ବିଣ. ( ଅବ + ଧୂ ଧାତୁ = କମ୍ପିବା + କର୍ମ. ତ )—
Abadhūta ୧ । ଆନ୍ଦୋଳିତ; କମ୍ପିତ—1. Shaken.
୨ । ଉଦ୍ବେଳିତ—2. Agitated
୩ । ଚାଳିତ—3. Moved.
୪ । ପ୍ରସାରିତ—4. Extended.
୫ । ପରିତ୍ୟକ୍ତ—5. Forsaken; abandoned.
୬ । ଅଭିଭୂତ—6. Pervaded.
୭ । ଅଭିହତ; ଆହତ—7. Struck.
୮ । ପଦଦଳିତ—8. Trodden.
୯ । ଅବମାନିତ—9. Insulted.
୧୦ । ତିରସ୍କୃତ—10. Chidden.
୧୧ । ଅନାଦୃତ; ଉପେକ୍ଷିତ—
11. Disregarded.
୧୨ । ସଂସାରମାୟାମୁକ୍ତ—

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | • ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଷ,ଶ | କ୍ଷ | ଇଯ୍ୟ | ଉଅ | ଭ |
| ୨ | ଈ | ଊ | ରୁ | ଲୁ | ଏ୍ୟ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗଁ୍ୟ | ଇଅ | ● | ନୃ |

1½. Freed from worldly ties.

ଏଭବେ ହେଲେ ଅବଧୂତ, ନିଷ୍କାମ ପ୍ରେମଭକ୍ତି ଯୁତ ।
ଭୂପତି. ପ୍ରେମପଞ୍ଚାମୃତ ।

ସଂ. ବି. ପୁଂ — ୧ । ଶୈବ ସନ୍ନ୍ୟାସୀସମ୍ପ୍ରଦାୟବିଶେଷ—
1. A sect of Śiba-worshippers.

ଅବଧୂତା } ସ୍ତ୍ରୀ
ଅବଧୂତୀ }
[ ଦ୍ର—ଏମାନେ ସଂସାରତ୍ୟାଗୀ; ଜଟା ଓ ଶ୍ମଶ୍ରୁ ଧାରଣ କରନ୍ତି; ଦେହରେ ବିଭୂତି ବୋଳନ୍ତି ଓ ରୁଦ୍ରାକ୍ଷ-ମାଳା ଧାରଣ କରନ୍ତି । ଏମାନେ କୌଣସି ଆଶ୍ରମ ମାନନ୍ତି ନାହିଁ । ତନ୍ତ୍ରମତରେ ଅବଧୂତଙ୍କର ଚାରି ଶ୍ରେଣୀ, ଯଥା—୧. ବ୍ରହ୍ମାବଧୂତ, ୨.ଶୈବାବଧୂତ, ୩.ଭକ୍ତାବଧୂତ ଓ ୪. ହଂସାବଧୂତ । ]

୨ । କପିଳ ମୁନିଙ୍କର ପୁତ୍ର—
2. The son of the sage Kapila.

କପିଳ ମୁନିଙ୍କର ସୁତ, ନାମ ତାହାଙ୍କ ଅବଧୂତ ।
ପ୍ରାଚୀ. ନିର୍ଗୁଣ ମାହାତ୍ମ୍ୟ ।

**ଅବଧୂତା**—ସଂ. ବି. ସ୍ତ୍ରୀ. ( ଅବଧୂତ+ସ୍ତ୍ରୀ. ଆ )—
Abadhūtā ଅବଧୂତାନୀ ୧ ଓ ୨ ( ଦେଖ )
Abadhūtānī 1 & 2 ( See )

**ଅବଧୂତାନୀ**—ସଂ. ବି. ସ୍ତ୍ରୀ. ( ଅବଧୂତ + ସ୍ତ୍ରୀ. ଆନୀ )—
Abadhūtānī ୧ । ଅବଧୂତଦୀକ୍ଷା ଗ୍ରହଣକାରିଣୀ ସନ୍ନ୍ୟାସିନୀ—
1. A female anchorite of the Abadhūta sect.
[ ଦ୍ର—ଅବଧୂତମାନେ ପୁରୁଷମାନଙ୍କୁ ଦୀକ୍ଷା ଦିଅନ୍ତି ଓ ଅବଧୂତା-ମାନେ ସ୍ତ୍ରୀମାନଙ୍କୁ ଦୀକ୍ଷା ଦିଅନ୍ତି । ]
୨ । ଭବାନୀ; ଦୁର୍ଗା—2. Goddess Durgā.
୩ । ଅବଧୂତ ସନ୍ନ୍ୟାସୀଙ୍କର ବୃତ୍ତି—
3. The following of the teachings of the Abadhūta sect.

**ଅବଧୂତିଆ**—ଦେ. ବିଣ. ( ସଂ. ଅବଧୌତିକ )—ଅବଧୌତିକ (ଦେଖ)
Abadhūtiā Abadh<u>au</u>tika ( See )

**ଅବଧୂତିଆଣୀ**—ଦେ. ବି. ସ୍ତ୍ରୀ ( ସ. ଅବଧୂତାନୀ )—
Abadhūtiāṇī ଅବଧୂତାନୀ ( ଦେଖ )
Abadhūtānī ( See )

**ଅବଧୂତୀ**—ସଂ. ବି. ସ୍ତ୍ରୀ ( ଅବଧୂତ + ଈ )—
Abadhūtī ଅବଧୂତାନୀ ( ଦେଖ )
Abadhūtānī ( See )

**ଅବଧୃତ**—ସଂ. ବିଣ ( ଅବ + ଧୃ ଧାତୁ + କର୍ମ. ତ )—
Abadhṛuta ୧ । ସ୍ଥିରୀକୃତ—1. Ascertained.
୨ । ସଙ୍କଳ୍ପିତ—2. Determined.
୩ । ନିଶ୍ଚିତ—3. Certain.
୪ । ଶ୍ରୁତ—4. Heard.
୫ । ଶିକ୍ଷିତ—5. Learnt.
୬ । ବୁଝା ଯାଇଥିବା—6. Understood.

ସଂ. ବି—( ସାଂଖ୍ୟଦର୍ଶନ ) ଜ୍ଞାନେନ୍ଦ୍ରିୟଗଣ—
( Sāṅkhya philosophy ) The organs of sense.

**ଅବଧେୟ**—ସଂ. ବିଣ ( ଅବ + ଧା ଧାତୁ + କର୍ମ. ଯ )—
Abadheya ୧ । ଅବଧାନଯୋଗ୍ୟ; ପ୍ରଣିଧାନଯୋଗ୍ୟ—
1. Fit to be attended to.

**ଅବଧୌତ**—ସଂ. ବିଣ — ୧ । ( ଅବ = ସମ୍ୟକ୍ + ଧୌତ )—
Abadh<u>au</u>ta ଉତ୍ତମରୂପେ ଧୁଆ ହୋଇଥିବା—
1. Well washed.
୨ । ( ଅବଧୂତ + ଅ )—ଅବଧୌତିକ ( ଦେଖ )
2. Abadh<u>au</u>tika ( See )

**ଅବଧୌତିକ**—ସ. ବିଣ ( ଅବଧୂତ+ଇକ )—
Abadh<u>au</u>tika ।ଅବଧୂତସମ୍ବନ୍ଧୀୟ—
1. Relating to Abadhūta.
୨ । ଅବଧୂତ ସନ୍ନ୍ୟାସୀପ୍ରଦତ୍ତ ( ଔଷଧାଦି )—
2. Given or prescribed by an Abadhūta.

**ଅବଧ୍ୱଂସ**—ସଂ. ବି ( ଅବ = ସମ୍ପୂର୍ଣ୍ଣ + ଧ୍ୱଂସ )—
Abadhwaṁsa ୧ । ବିଧ୍ୱଂସ; ବିନାଶ—
( ଅବଧ୍ୱସ୍ତ—ବିଣ ) 1. Destruction; extinction.
୨ । ତ୍ୟାଗ; ପରିହାର—
2. Abandonment; forsaking.
୩ । ନିନ୍ଦା; ପରିବାଦ—
3. Blame; condemnation.
୪ । ପ୍ରସ୍ଥାନ; ଗମନ—4. Going away.

**ଅବଧ୍ୱସ୍ତ**—ସଂ. ବିଣ ( ଅବ + ଧ୍ୱନ୍ସ ଧାତୁ + କର୍ମ. ତ )—
Abadhwasta ୧ । ବିଧ୍ୱସ୍ତ; ବିନଷ୍ଟ—1. Destroyed.
(ଅବଧ୍ୱଂସ—ବି) ୨ । ତ୍ୟକ୍ତ—2. Forsaken; abandoned.
୩ । ନିନ୍ଦିତ—3. Condemned.
୪ । ପ୍ରସ୍ଥିତ—4. Gone away.

**ଅବଧ୍ୟ**—ସଂ. ବିଣ ପୁଂ ( ଅ + ବଧ )—
Abadhya ୧ । ଶାସ୍ତ୍ର ଓ ବ୍ୟବସ୍ଥା ଅନୁସାରେ ଯାହାକୁ ବଧ କରିବା ଉଚିତ ନୁହେଁ—
( ଅବଧ୍ୟତା—ବି )
( ଅବଧ୍ୟା—ସ୍ତ୍ରୀ ) 1. Not deserving to be killed.
[ ଦ୍ର—ଶାସ୍ତ୍ର ଅନୁସାରେ ଗୋ, ବ୍ରାହ୍ମଣ, ଗୁରୁଜନ, ଶିଶୁ, ସ୍ତ୍ରୀ, ଦୂତ, ରାଜା, ଶରଣାଗତ, ନିଦ୍ରିତ, ପଳାୟମାନ, ମୂର୍ଚ୍ଛିତ, ଶସ୍ତ୍ରତ୍ୟାଗୀ, ଯୋଗୀ, ଅତିଥି—ଏମାନେ ଅବଧ୍ୟ ଅଟନ୍ତି । ]

**ଅବନ୍**—ଗ୍ରା. ବି—୧ । ଅପଡ଼; ମନରଅମେଳ—1. Disagreement; want of concord.
Aban
ଅବନିବନାଓ ୨ । ବନ୍ଧୁଭାବ ଅଭାବ; ଅସୌହାର୍ଦ୍ଦ୍ୟ—

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଗିଆଁ' ଦେଖିବେ; 'ଅଲବଡ଼' ନ ପାଇଲେ 'ଅଲବଢ଼' ଦେଖିବେ ।

अनुबन; 2. Want of friendship or good
अनबनाव feeling.
୩ । ମନୋମାଳିନ୍ୟ—3. Ill feeling.
୪ । ଶତ୍ରୁତା—4. Enmity.
୫ । ବିବାଦ— 5. Dispute.

ଦେ. ବିଣ. ( ସଂ. ଅବର୍ଣ୍ଣ )—ବର୍ଣ୍ଣହୀନ—Colourless; having no colour.

**ଅବନ**—ସଂ. ବି. (ଅବ ଧାତୁ + ଭାବ. ଅନ)—୧ । ରକ୍ଷଣ; ରକ୍ଷାକରଣ—
Abana 1. Saving; protection.
୨ । ପ୍ରୀଣନ; ଖୁସି କରିବା—2. Pleasing.
୩ । ସ୍ନେହପ୍ରକାଶକରଣ—3. Showing of affection.
୪ । ପ୍ରାପ୍ତି—4. Attainment; receipt.
୫ । ଗମନ; ଗତି—5. Motion;movement.
୬ । ଗ୍ରହଣ—6. Acceptance.
୭ । ଧାରଣ—7. Holding.
୮ । ବୃଦ୍ଧି—8. Increase.
୯ । ସତ୍ତ୍ୱ—9 Being; existence.
୧୦ । କ୍ରିୟା; କରଣ—10. Action; act; doing.
୧୧ । ଜ୍ଞାନ—11. Knowledge.
୧୨ । ଆଲିଙ୍ଗନ—12. Hugging; embracing.
୧୩ । ବହନ—13. Conveying; carrying; bearing.
୧୪ । ଶ୍ରବଣ—14. Hearing.
୧୫ । ତୃପ୍ତି—15. Satisfaction.
୧୬ । ସ୍ପୃହା—16. Desire; hankering.
୧୭ । ଶୋଭନ—17. Shining.
୧୮ । ହିଂସନ—18. Vengeance; killing; hurting.

ଗ୍ରା. ବିଣ. (ସଂ. ଅବର୍ଣ୍ଣ)—ବର୍ଣ୍ଣହୀନ—
অবর্ণ Colourless; having no colour.

ଗ୍ରା. ବି—ଅବନ୍ (ଦେଖ)
Aban (See)

**ଅବନତ**—ସଂ. ବିଣ ( ଅବ=ନିମ୍ନ+ନମ ଧାତୁ+କର୍ତ୍ତୃ. ତ )—
Abanata ୧ । ତଳ ଆଡ଼କୁ ନଇଁଥିବା—
1. Bent downwards; drooping.
୨ । ଅବନତିପ୍ରାପ୍ତ—2. Deteriorated.
୩ । ତଳ ଆଡ଼କୁ ଲମ୍ବମାନ ବା ଝୁଲୁଥିବା—
3. Hanging down.
୪ । ପ୍ରଣତ; ନମସ୍କାର କଲାବେଳେ ତଳଆଡ଼କୁ ନଇଁଥିବା
( ମସ୍ତକ )—4. (head) Bent down; bowing.
୫ । ବିନୀତ; ବିନମ୍ର—5. Humble.

ସ୍ତ୍ରୀ. ବି (ଅବ + ନମ୍ + ଭାବ. ତି)—ଅବନତି (ଦେଖ)—
Abanati (See)

**ଅବନତନାସିକ**—ସଂ. ବିଣ. ପୁଂ ( ବହୁବ୍ରୀହି; ଅବନତ+ନାସିକା )—
Abanatanāsika ଯାହାର ନାକ ଚେପ୍ଟା; ଚେପ୍ଟାନାକା—
(ଅବନତନାସିକା—ସ୍ତ୍ରୀ ) Flat-nosed.

**ଅବନତମସ୍ତକରେ**—ଦେ. କ୍ରି. ବିଣ—ବିନୀତଭାବରେ (କୌଣସି
Abanatamastakare ଆଦେଶ ବା ଉପଦେଶ ଗ୍ରହଣ କରିବା)—
অবনত মস্তকে Humbly ( to accept any thing).

**ଅବନତି**—ସଂ. ବି. (ଅବ + ନମ ଧାତୁ+ଭାବ. ତି)—୧ । ତଳଆଡ଼କୁ
Abanati ନଇଁ ପଡ଼ିବା—1. Bending down.
(ଉନ୍ନତି—ବିପରୀତ) ୨ । ଅଧୋଗମନ; ଅଧୋଗତି— 2. Going downwards; downward motion.
୩ । ପତନ; ଉପରୁ ସ୍ଖଳନ—3. Fall; down-fall.
୪ । ଅନୁନ୍ନତି—4. Deterioration.
୫ । ପ୍ରଣତି; ବିନୟ—5 Humbleness.
୬ । ଅନୌଦ୍ଧତ୍ୟ—6. Humility.
୭ । ( ଜ୍ୟୋତିଷ ) ଜ୍ୟୋତିଷ୍କମାନଙ୍କର ଅସ୍ତଗମନ—
7. Setting of planets and stars.

**ଅବନଦ୍ଧ**—ସଂ. ବିଣ. ( ଅବ + ନହ ଧାତୁ=ବାନ୍ଧିବା + କର୍ମ. ତ )—
Abanaddha ୧ । ଯାହାକୁ ବନ୍ଧା ଯାଇଅଛି; ଅବଦ୍ଧ; ଆନଦ୍ଧ—
(ଅବନାହ—ବି) 1. Tied; bound.
୨ । ଦଉଡ଼ିରେ ବନ୍ଧା ହୋଇଥିବା—
2. Tied with strings.
୩ । ପରିହିତ—3. Worn; put on.
ସଂ. ବି—ଯେଉଁ ବାଦ୍ୟର ମୁହଁରେ ଚମ ଓ ଦଉଡ଼ି ବନ୍ଧା ହୋଇ-
ଥାଏ । ( ଯଥା—ଢୋଲ; ମୃଦଙ୍ଗ; ପଖୋଜ )—
Musical instruments of which the mouths are bound with leather and strings

**ଅବନବନ**—ଦେ. ବି—ଅବନ୍ ( ଦେଖ )
Abanabana Aban ( See )

**ଅବନମିତ**—ସଂ. ବିଣ. ( ଅବ+ନମ ଧାତୁ, ଣିଚ+କର୍ମ. ତ )—
Abanamita ନୁଆଁ ହୋଇ ଥିବା; ବକ୍ରୀକୃତ—
Bent down.

**ଅବନୟ**—ସଂ. ବି. (ଅବ=ନିମ୍ନକୁ+ନୀ ଧାତୁ=ନେବା+ଭାବ. ଅ)—
Abanaya ୧ । ଅଧୋନୟନ; ଅବନତି; ତଳକୁ ନୁଆଁଇବା—
1. Bending down; drawing downwards.
୨ । ଅଧଃପାତନ—2. Causing downfall.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇୟ | ଉଅ | ଊ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଘ | ଇଅ | ୱ | ହ୍ନ |

**ଅବନୟନ**—ସଂ. ବି. ( ଅବ+ନୀ ଧାତୁ+ଭାବ. ଅନ )—
Abanayana ଅବନୟ ( ଦେଖ )
Abanaya ( See )

**ଅବନା**—ଦେ. ବିଣ. ( ସଂ. ଅ+ଓ. ବର୍ଣ୍ଣ )—
Abanā ୧ । ଯେଉଁ ରଚନାରେ ବନା ହୋଇଥିବା ଅକ୍ଷର ନାହିଁ; ଅର୍ଥାତ୍ ଯେଉଁ ରଚନାର ଅକ୍ଷରମାନଙ୍କରେ 'ଅ' ଛଡ଼ା ଅନ୍ୟ ସ୍ୱରଯୁକ୍ତ ଅକ୍ଷର ବ୍ୟବହୃତ ହୋଇ ନାହିଁ । (ଯଥା—କର ଚରଣ ନ ଚଳଇ—ଜଗନ୍ନାଥ. ଭାଗବତ ।)
1. A composition in which single letters only are used; no diphthongs or triphthongs are used.
[ ଦ୍ର—ଉପେନ୍ଦ୍ର ଭଞ୍ଜ ଅବନାରସତରଙ୍ଗ ନାମରେ ଖଣ୍ଡିଏ ପଦ୍ୟଗ୍ରନ୍ଥ ରଚନା କରିଅଛନ୍ତି । ଭଞ୍ଜଯୁଗର କବିମାନେ ମଧ୍ୟ ଅନେକ ଅବନା ଛାନ୍ଦମାନ ରଚନା କରିଥିଲେ । ]
୨ । ଅନିର୍ମିତ—2. Unbuilt.
୩ । ଅବର୍ଣ୍ଣନୀୟ—3. Indescribable.
୪ । ବର୍ଣ୍ଣହୀନ—4. Colourless.
( ଯଥା—ପେଲ ପକ୍ଷିବ ବୋଲୁଛି ଅବନା ମନ୍ଦରେ । )
୫ । ଅକଟା ଓ ଅବଣ୍ଟ ( ପରିବା ଆଦି )—
5. Unchopped (kitchen vegetables etc)

**ଅବନାଟ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅବ=ନମ୍ର+ନାସା; ନାସା-
Abanāṭa ସ୍ଥଳରେ ନାଟ ଆଦେଶ. ନିପାତନ )—
(ଅବନାଟୀ—ସ୍ତ୍ରୀ) ଚେପଟାନାକ—Flat-nosed.

**ଅବନାବନି**—ଗ୍ରା. ବି—ଅବନି ( ଦେଖ )
Abanābani Aban ( See )

**ଅବନାବନିବା**—ଦେ. କ୍ରି—୧ । ( ଶରୀରଭେଦ ଭଜନ ) ଯୋଗସାଧନ
Abanābanibā ବା ପ୍ରାଣାୟାମଦ୍ୱାରା କୂଟସ୍ଥ ଚୈତନ୍ୟଙ୍କ ସାକ୍ଷାତ୍କାର ଲାଭ କରିବା—1. To devote one's self to the practice of Joga.
ବାଇମନ ହୋ ! ତୁ ତ ଅବନାବନ, ଅବନା ବନିଲେ ଅମପା ମାପିଲେ
ଅଜପାରେ ଜପ ହୋଇବ ଧନ । ଶରୀରଭେଦଭଜନ ।
ଅକଥ୍ୟ ଗାଳାଗାଳିଦେଓଯା ୨ । ଅକଥ୍ୟ ବା ଅଶ୍ଳୀଳ ଭାଷାରେ ଗାଳି ଦେବା—2. To call another indecent names.

**ଅବନାବନ୍ଧ ଶୃଙ୍ଖଳା**—ସଂ. ବି—ଅବନା ଅକ୍ଷରରେ ରଚିତ କାବ୍ୟାଲଙ୍କାର
Abanābandha śṛuṅkhaḻā ବିଶେଷ—
A composition with single letters and without any diphthong or triphthong.
ହରଷ ରସର ସର କଳଜ ନୟନ
ନୟନ ନ ପର ପରନର ବଳସନ । ପ୍ରେମମଞ୍ଜରୀ. ୧୨।୪୪ ।

**ଅବନାୟ**—ସଂ. ବି. ( ଅବ+ନୀ ଧାତୁ+ଭାବ. ଅ )—
Abanāya ଅବନୟ ( ଦେଖ )
Abanaya ( See )

**ଅବନାହ**—ସଂ. ବି. (ଅବ+ନହ୍ ଧାତୁ+ଭାବ. ଅ )—
Abanāha ୧ । ବନ୍ଧନ—1. Binding; bond.
(ଅବନଦ୍ଧ—ବିଣ) ୨ । ପରିଧାନ—
1. Wearing; putting on.

**ଅବନି**—ସଂ. ବି. ( ଅବ ଧାତୁ=ରକ୍ଷା କରିବା; ଧାରଣ କରିବା+
Abani ସଂଜ୍ଞାର୍ଥ. କର୍ତ୍ତୃ. ଅନି; ଯାହା ସମସ୍ତଙ୍କୁ ଧାରଣ କରେ ବା
(ଅବନୀ—ଅନ୍ୟରୂପ) ଯାହା ଭୂପାଳ କର୍ତ୍ତୃକ ରକ୍ଷିତ ହୁଏ । )—
୧ । ପୃଥିବୀ—1. World.
୨ । ଭୂମି—2. The earth.
୩ । ଦେଶ; ଭୂଭାଗ—3. Country; the land.

**ଅବନିତଳ**—ସଂ. ବି. ( ୬ଷ୍ଠୀ ତତ୍; ଅବନି+ତଳ )—ଭୂତଳ; ଧରାତଳ;
Abanitaḻa ଭୂପୃଷ୍ଠ—The face of the earth; the earth's surface.

**ଅବନିପତି**—ସଂ. ବି. ( ୬ଷ୍ଠୀ ତତ୍; ଅବନି+ପତି )—ରାଜା; ଭୂପତି—
Abanipati King.

**ଅବନିପାଳ**—ସଂ. ବି. ( ଅବନି+ପାଳ ଧାତୁ+କର୍ତ୍ତୃ. ଅ )—
Abanipāḻa ଅବନିପତି ( ଦେଖ )—Abanipati ( See )

**ଅବନିବନାଉ**—ଦେ. ବି—ଅବନି ( ଦେଖ )
Abanibanāu Aban ( See )

**ଅବନିମଣ୍ଡଳ**—ସଂ. ବି. ( ୬ଷ୍ଠୀ ତତ୍; ଅବନି+ମଣ୍ଡଳ )—
Abanimaṇḍaḻa ୧ । ଭୂମଣ୍ଡଳ—1. The globe.
୨ । ଇହଜଗତ—2. The terrestrial world.

**ଅବନୀ**—ସଂ. ବି. ( ଅବ ଧାତୁ=ଧାରଣ କରିବା+ସଂଜ୍ଞାର୍ଥ. କର୍ତ୍ତୃ.
Abanī ଅନୀ )—ଅବନି ( ଦେଖ )—Abani ( See )

**ଅବନ୍ତି**—ସଂ. ବି. ( ନାମ ) ( ଅବ ଧାତୁ=ରକ୍ଷା କରିବା; ପାଳିବା+
Abanti ସଂଜ୍ଞାର୍ଥ ଅଧିକରଣ. ଅନ୍ତି; ଯେଉଁ ସ୍ଥାନରେ ପ୍ରଜାମାନେ ସୁଖରେ ପାଳିତ ହୁଅନ୍ତି )—
୧ । ଭାରତର ପଶ୍ଚିମୋତ୍ତରର ମାଳବ ଦେଶ—
1. The Māḻaba country; Malwa.
୨ । ରାଜା ବିକ୍ରମାଦିତ୍ୟଙ୍କର ରାଜଧାନୀ; ଉଜ୍ଜୟିନୀ ( ବର୍ତ୍ତମାନ ଜୟପୁର ରାଜ୍ୟର ଅନ୍ତର୍ଗତ )—
2. The town of Ujjayinī in Joypur State.
୩ । ଅବନ୍ତି ଦେଶବାହିନୀ ନଦୀବିଶେଷ—
3. Name of a river in Ujjayinī.
[ ଦ୍ର—କେହି କେହି କହନ୍ତି 'ଅବନ୍ତି' ଶିପ୍ରାର ଅନ୍ୟ ନାମ, ମାତ୍ର ଅନ୍ୟମାନେ ଅବନ୍ତି ଓ ଶିପ୍ରା ଦୁହିଙ୍କୁ ଭିନ୍ନ ଭିନ୍ନ ନଦୀ ବୋଲି କହନ୍ତି । ]

**ଅବନ୍ତିକା**—ସଂ. ବି. ( ନାମ ) (ଅବନ୍ତି+କ+ସ୍ତ୍ରୀ. ଆ )—
Abantikā ଅବନ୍ତି ( ଦେଖ )—Abanti ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଂଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବଟ' ନ ପାଇଲେ 'ଅଲ୍‌ବଟ' ଦେଖିବେ ।

**ଅବନ୍ତିସୋମ**—ସଂ. ବି. ( ଅବନ୍ତି=ଦେଶ+ସୋମ=ସୋମରସ; ସମ୍ଭବତଃ ଏହା ଅବନ୍ତିବାସିମାନଙ୍କର ସୋମରସ ପରି ପ୍ରିୟ ଥିବାରୁ ଏହି ନାମ )—କାଞ୍ଜି—
Abantisoma Fermanted rice-water.

**ଅବନ୍ତୀ**—ସଂ. ବି. ( ନାମ )—ଅବନ୍ତି ( ଦେଖ )
Abanti Abanti ( See

**ଅବନ୍ଦ୍ୟ**—ସଂ. ବିଣ. ( ଅ+ବନ୍ଦ୍ୟ )—ଅପୂଜ୍ୟ; ଯାହା ପୂଜନୀୟ ନୁହେ—
Abandya Not fit to be worshipped.
(ଅବନ୍ଦ୍ୟା—ସ୍ତ୍ରୀ)

**ଅବନ୍ଧନ**—ସଂ. ବି. ( ଅ+ବନ୍ଧନ )—ବନ୍ଧନର ଅଭାବ; ମୁକ୍ତାବସ୍ଥା—
Abandhana Freedom from bonds.
ଦେ. ବିଣ—ଅବନ୍ଧ; ଯାହା ବନ୍ଧା ହୋଇ ନାହିଁ; ମୁକୁଳା— Untied; loosened.
ସେହି ଦିନୁ ଦ୍ରୌପଦୀଙ୍କ କେଶ ଅବନ୍ଧନ—ସାରଳା ମହାଭାରତ, ବନ ।

**ଅବନ୍ଧା**—ଦେ. ବିଣ. ( ସଂ. ଅବନ୍ଧ )—ଅନାବଦ୍ଧ; ମୁକୁଳା—
Abandha ୧ । ବନ୍ଧା ହୋଇ ନ ଥିବା— 1. Untied; unbound.
୨ । ଯାହା ବନ୍ଧକ ଦିଆ ଯାଇ ନାହିଁ—2. Unpledged.

**ଅବନ୍ଧ୍ୟ**—ସଂ. ବିଣ. ( ଅ+ବନ୍ଧ୍ୟ )—୧ । ଫଳବାନ୍; ଫଳନ୍ତି—
Abandhya 1 Fruitful.
(ଅବନ୍ଧ୍ୟା—ସ୍ତ୍ରୀ) ୨ । ସଫଳ; ସାର୍ଥକ—2. Successful.

**ଅବପତନ**—ସଂ. ବି. ( ଅବ+ପତ ଧାତୁ+ଭାବ. ଅନ )—
Abapatana ଅଧଃପତନ; ତଳକୁ ପଡ଼ିଯିବା— Falling down; downfall.

**ଅବପନ୍ନ**—ସଂ. ବିଣ. ( ଅବ=ନିମ୍ନକୁ+ପଦ ଧାତୁ=ଗମନ କରିବା +କର୍ତ୍ତୃ. ତ; ଯାହା ନିମ୍ନକୁ ଗମନ କରିଅଛି )—
Abapanna
୧ । ଅଧଃପତିତ; ଅଧୋଗତ—1. Gone down.
୨ । ( ଅବ+ପଦଧାତୁ+କର୍ମ. ତ )—ଅଧଃପାତିତ; ଯାହାକୁ ତଳକୁ ପକା ଯାଇଅଛି—
2. Thrown down; pulled down.

**ଅବପାତ**—ସଂ. ବି. ( ଅବ+ପତ୍ ଧାତୁ=ପଡ଼ିବା=ଭାବ. ଅ )—
Abapāta ୧ । ଅଧଃପତନ; ଅଧୋଗମନ— 1. Going down.
୨ । ଅବତରଣ—2. Descending
୩ । ତଳେ ପଡ଼ିଯିବା—3. Falling down.
୪ । ( ନାଟକ ) ଭୟାଦି ହେତୁ ରଙ୍ଗଭୂମିରୁ ପଳାୟନାଦିଦ୍ୱାରା ପ୍ରସ୍ତୁତ ବିଷୟର ପରିବର୍ତ୍ତନ—
4. ( drama ) Change of action or plot of a play when an actor flees from the stage in terror.
୫ । ( ଅବ+ପତ୍ ଧାତୁ+ଅଧିକରଣ. ଅ )—ହାତୀ ଧରିବା-ପାଇଁ ଖୋଳାଯାଇଥିବା ତୃଣାଦିଦ୍ୱାରା ଆଚ୍ଛନ୍ନ ଗର୍ତ୍ତ; ଖଣି—5. A pit in the ground covered over with leaves etc. to catch elephants.

**ଅବପ୍ଲୁତ**—ସଂ. ବି. ( ଅବ+ପ୍ଲୁ ଧାତୁ=ଲମ୍ଫ ଦେବା+ଭାବ. ତ)—
Abapluta ଉଲ୍ଲମ୍ଫନଗତି; ଲମ୍ଫ ଦେଇ ଗମନ—Jumping motion; overleaping.
ସଂ. ବିଣ—ସହସା ଅବତୀର୍ଣ୍ଣ—Suddenly appearing.

**ଅବବାଦ**—ସଂ. ବି. ( ଅବ=ଅପକୃଷ୍ଟ+ବଦ ଧାତୁ=କହିବା+ ଭାବ. ଅ )—୧ । ଅପବାଦ—
Ababāda 1. Defamation; libel.
୨ । ନିନ୍ଦା—2. Blame.
୩ । ଶାସନ; ଭର୍ତ୍ସନା—3. Reproach; censure.
୪ । ଆଦେଶ; ଆଜ୍ଞା—4. Order.
୫ । ବିଶ୍ୱାସ—5. Belief

**ଅବବାହିକା**—ସ. ବି. ( ଭୂଗୋଳ ପରିଭାଷା) (ଅବ=ନିମ୍ନକୁ+ବହ ଧାତୁ =ବହନ କରିବା+କର୍ତ୍ତୃ. ଅକ+ସ୍ତ୍ରୀ. ଆ)—
Ababāhikā ଦେଶର ଯେଉଁ ଗଡ଼ାଣିଆ ଅଂଶରୁ ବର୍ଷାପାଣି ଗଡ଼ି ଆସି କୌଣସି ନିର୍ଦ୍ଦିଷ୍ଟ ନଦୀରେ ପଡ଼େ—
(Geography) The basin of a river.

**ଅବବୁଦ୍ଧ**—ସ. ବିଣ—୧ । (ଅବ+ବୁଧ ଧାତୁ=ଜାଣିବା+କର୍ମ. ତ)—
Ababuddha ଯେଉଁ ବିଷୟ ଜଣା ଯାଇ ଅଛି; ପରିଜ୍ଞାତ— 1. Known.
୨ । ଅନୁଭୂତ—2. Experienced; felt.
୩ । (ଅବ+ବୁଧ୍ ଧାତୁ+କର୍ତ୍ତୃ. ତ)—ଜ୍ଞାନୀ; ଜାଣିଥିବା— 3. Knowing; wise.
୪ । ପ୍ରବୁଦ୍ଧ; ଜାଗରିତ—4. Waking.

**ଅବବୋଧ**—ସ. ବି.—୧ । (ଅବ+ବୁଧ ଧାତୁ=ଜାଣିବା+ଭାବ. ଅ)—
Ababodha ବିଶେଷଜ୍ଞାନ—1. Special knowledge.
୨ । ତତ୍ତ୍ୱଜ୍ଞାନ—2. Knowledge of essential matter.
୩ । ବିବେକ—3 Conscience.
୪ । ଅନୁଭୂତି—4. Experience; perception.
୫ । ଉପଲବ୍ଧି—5 Realisation.
୬ । ଉପଦେଶ—6. Advice.
୭ । ଶିକ୍ଷା—7. Learning.
୮ । ଜାଗରଣ—8. Waking.
୯ । ଭ୍ରାନ୍ତଧାରଣା—9 Wrong conception.
୧୦ । ( ଅବ+ବୁଧ ଧାତୁ. ଣିଚ୍; ବୋଧି ଧାତୁ+ଅ )—ଉଦ୍‌ବୋଧନ; ନିଦ୍ରାରୁ ଉଠାଇବା—10. Rousing from sleep.
୧୧ । ଜ୍ଞାପନ; ଜଣାଇବା—11. Informing.

**ଅବବୋଧିବା**—ଦେ. ପଦ୍ୟ, କ୍ରି. (ସ. ଅବବୋଧ)—ଜଣାଇବା—
Ababodhibā To let know.
ଅବବୋଧ ହୁଅ ନନ୍ଦ ଗୋପାଳ ପ୍ରେମ—ପ୍ରାଚୀ, ରସବୋଧ ।

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଏ | ଉଅ | ଈ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ● | ନ୍ |

**ଅବଭାସ**—ସଂ. ବି. ( ଅବ + ଭାସ୍ ଧାତୁ = ଦୀପ୍ତି ପାଇବା + ଭାବ. ଅ ) =
Ababhāsa ୧ । ଦୀପ୍ତି—1. Splendour; lustre.
୨ । ପ୍ରକାଶ; ସ୍ଫୁରଣ—2. Manifestation.
୩ । ସାକ୍ଷାତକାର—3. Interview.
୪ । ଆରୋପ—4. Attributing a different quality to a thing.
୫ । ଛଳ; ଭାନ—5. Feigning.
୬ । ମିଥ୍ୟାଜ୍ଞାନ—6. False knowledge; elusive knowledge.

**ଅବଭୃଥ**—ସଂ. ବି (ଅବ + ଭୃ. ଧାତୁ = ଭରଣ ବା ପୋଷଣ କରିବା +
Ababhṛutha ସଂଜ୍ଞାର୍ଥେ. କର୍ତ୍ତୃ. ଥ; ଯାହା ପ୍ରାଣିଗଣଙ୍କୁ ପୋଷଣ କରେ; କାରଣ ଯଜ୍ଞ ଯୋଗୁଁ ବୃଷ୍ଟି ହୁଏ; ବୃଷ୍ଟିରୁ ଶସ୍ୟ ଉତ୍ପନ୍ନ ହୁଏ; ଶସ୍ୟରୁ ଅନ୍ନ ହୁଏ ଓ ଅନ୍ନରୁ ପ୍ରାଣିମାନେ ପୋଷି ହୁଅନ୍ତି )—
୧ । ଯଜ୍ଞ—1 Vedic sacrifice.
୨ । ପ୍ରଧାନ ଯଜ୍ଞର ଅଙ୍ଗୀଭୂତ ଯଜ୍ଞବିଶେଷ; ଯଜ୍ଞ ସମ୍ବନ୍ଧରେ କୌଣସି ଅଙ୍ଗହାନି ବା ନ୍ୟୂନତା ବା ତ୍ରୁଟିପୂରଣାର୍ଥ ପ୍ରଧାନ ଯଜ୍ଞ ଶେଷରେ ଅନୁଷ୍ଠିତ ଯଜ୍ଞ—
2. A supplementary sacrifice performed to compensate for all the shortcomings of the primary sacrifice.
୩ । ଯଜ୍ଞ ଶେଷରେ କରାଯିବା ସ୍ନାନ—3. Bath at the completion of a sacrifice.
ବର୍ଦ୍ଧମାନ କର୍ମରେ ଅବଭୃଥ ସ୍ନାନ । କୃଷ୍ଣସିଂହ. ମହାଭାରତ. ଆଦି ।

**ଅବଭୃଥସ୍ନାନ**—ସଂ. ବି. ( ମଧ୍ୟପଦଲୋପୀ; ଅବଭୃଥ ସମ୍ପର୍କୀୟ ସ୍ନାନ )—
Ababhṛutha snāna ଯଜ୍ଞାନ୍ତସ୍ନାନ; ଯଜ୍ଞଶେଷରେ ଯାଜ୍ଞିକର ସ୍ନାନ; ଦୀକ୍ଷାନ୍ତ ସ୍ନାନ—Purificatory bath performed after a sacrifice.

**ଅବଭ୍ରଟ**—ସଂ. ବିଣ. ପୁଂ. (ବହୁବ୍ରୀହି; ଅବ = ଅବନତ + ନାସା; ନାସା
Ababhraṭa ସ୍ଥାନରେ ଭ୍ରଟ ଆଦେଶ)—ଚେପ୍ଟାନାକା—
(ଅବଭ୍ରଟୀ—ସ୍ତ୍ରୀ) Flat-nosed.
ସଂ. ବି.—ଚେପ୍ଟା ନାକ ଥିବା ଅବସ୍ଥା—The state of being flat-nosed (Apte)

**ଅବମ**—ସଂ. ବିଣ. (ଅବ ଧାତୁ = ରକ୍ଷା କରିବା + କର୍ମ. ଅମ; ଯାହାଠାରୁ
Abama ଆପଣାକୁ ରକ୍ଷା କରାଯାଏ)—୧ । ଅଧମ—
1. Wretched.
୨ । ନିକୃଷ୍ଟ; ନ୍ୟୂନ—2. Degraded; inferior.
୩ । ଘୃଣିତ—3. Despised.
ସଂ. ବି. (ଜ୍ୟୋତିଷ) (ଏହା ଅଶୁଭ ଦିବସ ଥିବାରୁ)—ତ୍ର୍ୟହସ୍ପର୍ଶ-ଦିବସ—A day in which three lunnar days combine.

**ଅବମତ**—ସଂ. ବିଣ ( ଅବ = ଅପକୃଷ୍ଟ + ମନ ଧାତୁ = ବୋଧ କରିବା +
Abamata କର୍ମ. ତ; ଯାହାକୁ ଅପକୃଷ୍ଟ ମନେ କରାଯାଏ )—
( ଅବମତା—ସ୍ତ୍ରୀ ) ୧ । ଅନାଦୃତ; ଅବଜ୍ଞାତ—
( ଅବମତି—ବି ) 1. Disregarded; neglected.
୨ । ଘୃଣିତ—2. Despised.
୩ । ତିରସ୍କୃତ—3. Condemned.

**ଅବମତି**—ସଂ. ବି ( ଅବ = ଅପକୃଷ୍ଟ + ମନ. ଧାତୁ + ଭାବ. ତି)—
Abamati ୧ । ଅନାଦର; ଅବଜ୍ଞା—1. Disregard.
୨ । ଅପମାନ—2. Insult.
୩ । ତିରସ୍କାର—3. Condemnation.

**ଅବମନ୍ତା**—ସଂ. ବିଣ. ପୁଂ ( ଅବ = ଅପକୃଷ୍ଟ + ମନ ଧାତୁ = ବୋଧ
Abamantā କରିବା + କର୍ତ୍ତୃ. ତୃ; ଅବମନ୍ତୃ ୧ ମା. ୧ ବ.)—
( ଅବମନ୍ତ୍ରୀ—ସ୍ତ୍ରୀ ) ୧ । ଅବମାନକାରୀ—1. Insulting.
୨ । ଅବଜ୍ଞାକାରୀ—
2. Disregarding; slighting; neglecting.
୩ । ତିରସ୍କାରକାରୀ—
3. Censuring; reprimanding; condemning.

**ଅବମର୍ଦ୍ଦ**—ସଂ. ବି ( ଅବ + ମୃଦ ଧାତୁ = ମର୍ଦ୍ଦନକରିବା + ଭାବ. ଅ)—
Abamardda ୧ । ଶତ୍ରୁକୃତ ନିର୍ଦ୍ଦୟ ପ୍ରହାର—
1. Cruel beating by the enemy.
୨ । ଦଳନ; ଉତ୍ପୀଡ଼ନ—2, Oppression.
୩ । ଉଚ୍ଛେଦ; ଧ୍ୱଂସ—3. Destruction.
୪ । ଶତ୍ରୁ ନଗରାଦିର ଧ୍ୱଂସ—
4. Destruction or razing to the ground of the enemy's town.
୫ । ଭିଡ଼—5. Crowd; press.

**ଅବମର୍ଦ୍ଦକ**—ସଂ. ବିଣ. ପୁଂ ( ଅବ + ମୃଦ୍ ଧାତୁ + କର୍ତ୍ତୃ. ଅକ )—
Abamarddaka ୧ । ଦଳନକାରୀ; ଉତ୍ପୀଡ଼କ—
( ଅବମର୍ଦ୍ଦିକା—ସ୍ତ୍ରୀ ) 1. Oppressing.
୨ । ଅବମାନକାରୀ—
2. Disregarding; neglecting.
୩ । ଉଚ୍ଛେଦକାରୀ—3. Destroying.

**ଅବମର୍ଦ୍ଦନ**—ସଂ. ବି. ( ଅବ + ମୃଦ୍ ଧାତୁ + କର୍ତ୍ତୃ. ଅନ )—
Abamarddana ଅବମର୍ଦ୍ଦ ( ଦେଖ )
Abamardda ( See )
ସଂ. ବିଣ—ଅବମର୍ଦ୍ଦକ ( ଦେଖ )
Abamarddaka ( See )

**ଅବମର୍ଷ**—ସଂ. ବି ( ଅବ + ମୃଷ ଧାତୁ + ଭାବ. ଅ )—
Abamarṣa ୧ । ସ୍ପର୍ଶ—1. Touch.
୨ । ପ୍ରଣିଧାନ; ଚିନ୍ତା—2. Contemplation.
୩ । ପର୍ଯ୍ୟାଲୋଚନା—

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଂଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅଁଳା' ନ ପାଇଲେ 'ଅଁଳା' ଦେଖିବେ; 'ଅଲକ୍ତ' ନ ପାଇଲେ 'ଅଲ୍‌କ୍ତ' ଦେଖିବେ ।

3. Careful consideration; reflection.
୪ । ପରାମର୍ଶ—4. Consultation.

**ଅବମର୍ଷନ**—ସଂ. ବି ( ଅବ + ମୃଷ ଧାତୁ + ଭାବ. ଅନ )—
Abamarśana ୧ । ଅବମର୍ଷ ( ଦେଖ )
1. Abamarśa ( See )
୨ । ବିଲୁପ୍ତି; ବିଲୋପ—
2. Disappearance; extinction.
୩ । ବିସ୍ମୃତି—3. Forgetfulness; oblivion.
୪ । ( ନାଟକ ) ସନ୍ଧିର ଅଂଶବିଶେଷ—
4. ( drama ) Part of a drama.

**ଅବମର୍ଷ**—ସଂ. ବି ( ଅବ+ମୃଷ୍ ଧାତୁ + ଭାବ. ଅ )—
Abamarsha ଅବମର୍ଷନ ( ଦେଖ )
Abamarśana ( See )

**ଅବମର୍ଷଣ**—ସଂ. ବି ( ଅବ+ମୃଷ୍ ଧାତୁ + ଭାବ. ଅନ )—
Abamarshaṇa ଅବମର୍ଷନ ( ଦେଖ )
Abamarśana ( See )

**ଅବମାନ**—ସଂ. ବି ( ଅବ = ବିପରୀତ + ମାନ ଧାତୁ = ପୂଜା କରିବା + ଭାବ. ଅ )— ୧ । ଅପମାନ—
Abamāna
(ଅବମାନିତ—ବିଣ) 1. Insult; disgrace.
୨ । ଅନାଦର; ଅବଜ୍ଞା; ହତାଦର—
2. Disregard; slight; neglect.
୩ । ଘୃଣା—3. Contempt.

**ଅବମାନନା**—ସଂ. ବି ( ଅବ+ମାନ ଧାତୁ+ଭାବ. ଅନ + ଆ )—
Abamānanā ଅବମାନ ( ଦେଖ )
Abamāna ( See )

**ଅବମାନୟିତା**—ସଂ. ବିଣ. ପୁଂ ( ଅବ+ମାନ ଧାତୁ ଣିଚ୍; ମାନ+ କର୍ତ୍ତୃ. ତୃ = ଅବମାନୟିତୃ. ୧ମା. ୧ବ. )—
Abamānayitā
( ଅବମାନୟିତ୍ରୀ—ସ୍ତ୍ରୀ ) ଅବମନ୍ତା ( ଦେଖ )
Abamantā ( See )

**ଅବମାନିତ**—ସଂ. ବିଣ. ପୁଂ ( ଅବ + ମାନ ଧାତୁ + କର୍ମ. ତ )—
Abamānita ୧ । ଅପମାନିତ; ଲାଞ୍ଛିତ—
( ଅବମାନିତା – ସ୍ତ୍ରୀ ) 1. Insulted; disgraced.
୨ । ଅବଜ୍ଞାତ; ଅନାଦୃତ—
2. Slighted; neglected.

**ଅବମିଶ୍ର**—ସଂ. ବି ( ଅବ = ନିକୃଷ୍ଟ + ମିଶ୍ର ଧାତୁ = ମିଶାଇବା + ଭାବ.ଅ)
Abamiśra ୧ । ଦୁଇ ପଦାର୍ଥର ନିକୃଷ୍ଟ ବା ଅନୁଚିତରୂପେ
( ଅବମିଶ୍ରିତ—ବିଣ ) ମିଶ୍ରଣ—
1. Adulteration; improper admixture.

**ଅବମିଶ୍ରଣ**—ସଂ. ବି ( ଅବ + ମିଶ୍ର ଧାତୁ+ଭାବ. ଅନ )—
Abamiśraṇa ଅବମିଶ୍ର ( ଦେଖ )
Abamiśra ( See )

**ଅବମୋଚନ**—ସଂ. ବି. (ଅବ+ମୁଚ ଧାତୁ=ମୁକ୍ତ କରିବା + ଭାବ.ଅନ)—
Abamochana ୧ । ମୁକ୍ତ କରାଇବା; ମୁକ୍ତିଦାନ—
(ଅବମୁକ୍ତ—ବିଣ) 1. Releasing.
୨ । ଖଲାସି—2. Release.
୩ । ପରିତ୍ୟାଗ—3. Abandonment.

**ଅବମୋଟନ**—ସଂ. ବି. (ଅବ+ମୁଟ ଧାତୁ = ଘୁଞ୍ଚାଇବା + ଭାବ. ଅନ)—
Abamoṭana ୧ । ଶରୀର ମର୍ଦ୍ଦନ—
1. Massage of the limbs.
୨ । ଆକ୍ଷେପ; ହାତଗୋଡ଼ ବାଙ୍ଗେଇ କଡ଼କଡ଼ ହେବା—
2. Spasmodic movement of the limbs.

**ଅବୟ**—ଗ୍ରା. ବିଣ. ( ସ. ଅବ୍ୟୟ )—ଅବ୍ୟୟ; ଅକ୍ଷୟ—
Abaya Inexhaustible.
অব্যয়

**ଅବୟବ**—ସ. ବି. ( ଅବ + ଯୁ ଧାତୁ = ଯୁକ୍ତ ହେବା + କର୍ତ୍ତୃ. ଅ; ଯାହା ଅଙ୍ଗୀ ବା ଦେହୀର ସଙ୍ଗେ ଯୁକ୍ତ ହୁଏ । )—
Abayaba
୧ । ଶରୀରର ଅଙ୍ଗ ପ୍ରତ୍ୟଙ୍ଗ—
1. Limbs; members of the body.
୨ । ଉପାଦାନ; ଉପକରଣ—2. Material; component part; constituent.
୩ । ଅଂଶ—3. Part; portion.
୪ । ଆକାର; ରୂପ; ଆକୃତି—4. Form.
୫ । ଚେହେରା—5. Appearance.
୬ । ( ନ୍ୟାୟ ) ତର୍କ ବା ଯୁକ୍ତିର ଭିନ୍ନ ଭିନ୍ନ ଅଂଶ; ପ୍ରତିଜ୍ଞାଦି ପଞ୍ଚକ—6. ( Logic ) The component parts of a syllogism or logical proposition.

**ଅବୟବାର୍ଥ**—ସ. ବି. ( ମଧ୍ୟପଦଲୋପୀ; ଅବୟବର ବୋଧ ଅର୍ଥ )—
Abayabārtha ଶବ୍ଦର ପ୍ରକୃତି ପ୍ରତ୍ୟୟରୁ ସମ୍ଭୂତ ଅର୍ଥ—
Etymological meaning of a word.

**ଅବୟବୀ**—ସଂ. ବିଣ. ପୁଂ. (ଅବୟବ + ଅସ୍ତ୍ୟର୍ଥେ. ଇନ ୧ମା. ୧ବ.)—
Abayabī ୧ । ଅଙ୍ଗଯୁକ୍ତ; ଯାହାର ଅଙ୍ଗ ଅଛି—
(ଅବୟବିନୀ—ସ୍ତ୍ରୀ) 1. Having limbs.
୨ । ଶରୀର ବା ଆକାରଧାରୀ—2. Corporeal.
୩ । ଅଂଶବିଶିଷ୍ଟ—3. Having parts.
୪ । ଉପକରଣବିଶିଷ୍ଟ—
4. Consisting of component parts.
୫ । ( ନ୍ୟାୟ ) ପ୍ରତିଜ୍ଞାଦି ପଞ୍ଚାଙ୍ଗବିଶିଷ୍ଟ—
5. ( Logic ) Syllogistic.
ସ. ବି—୧ । ଅଙ୍ଗଧାରୀ ଶରୀର—1. Corporeal body.
୨ । ଯୁକ୍ତି ମୀମାଂସାସମ୍ବଳିତ ପ୍ରତିଜ୍ଞା—
2. ( Logic ) Syllogism.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ˙ , ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଜ୍ଞ | ଇଯ୍ୟ | ଉଅ | ଋ |
| ୨ | ଈ | ଊ | ୠ | ୡ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟଁ | ଇଅ | ଙ୍କ | ନ୍ତ |

**ଅବୟେ**—ଗ୍ରା. ବିଣ. ( ସଂ. ଅବ୍ୟୟ )—ଅବ୍ୟୟ ( ଦେଖ )
Abaye Abyaya ( See )

ଆତ୍ମାଧ୍ୟାନରେ ଚିତ୍ତ ଦେଲେ, ଅବୟେ ମୁକତିକି ଗଲେ ।
ପ୍ରାଚୀ—ନିର୍ଗୁଣମାହାତ୍ମ୍ୟ ।

**ଅବର୍‌ଜିଆ**—ଗ୍ରା. ବିଣ—ଅବରଜିଆ ( ଦେଖ )
Abarjiā Abarajiā ( See )

**ଅବର୍‌ନି**—ପ୍ରାଦେ. ( ସମ୍ବଲପୁର ) ବିଣ—ଅବରଣି; ଅନିମନ୍ତ୍ରିତ—
Abarni Uninvited

**ଅବର**—ସଂ. ବିଣ. ( ଅ=ନୁହେ+ବର=ଶ୍ରେଷ୍ଠ )—
Abara ୧ । ଅଶ୍ରେଷ୍ଠ; ନିକୃଷ୍ଟ; ଅପକୃଷ୍ଟ; ଅଧମ—
1. Inferior.
୨ । ପଶ୍ଚାଜ୍ଜାତ; କନିଷ୍ଠ—2. Younger; born after
୩ । ନିମ୍ନତର—3. Lower.
୪ । ପଶ୍ଚାଦ୍‌ବର୍ତ୍ତୀ; ପଛଆଡ଼ର—4. Posterior; hind.
୫ । ପରବର୍ତ୍ତୀ; ଚରମ—5. Later.
୬ । ଅପର—6. Another.

ପର ଅବର ଜ୍ଞାନ ଜାଣେ, ସକଳ ଶାସ୍ତ୍ର ପରମାଣେ ।
ଜଗନ୍ନାଥ_ ଭାଗବତ ।

୭ । ହୀନକୁଳଜାତ—7. Baseborn; lowborn.
ସଂ. ବି—୧ । ଶୂଦ୍ର—1. A Śūdra.
୨ । ହସ୍ତୀଜଙ୍ଘାର ପଛଭାଗ—2. The hind part of the thigh of an elephant.

**ଅବରଗ**—ଗ୍ରା.ବିଣ. ପୁଂ. (ସଂ. ଅ+ଓ. ବର୍ଗ;ଯାହାର ବାଗବର୍ଗ ନାହିଁ)—
Abaraga ୧ । ଯେ ନିୟମାଧୀନ ନୁହେ; ଅବାଗିଆ; ଅଖାଡ଼ୁଆ—
অস্মন্দর 1. Irregular; unsystematic.
বৈঢঙ্গ ୨ । ଯାହାର ସଜ୍ଜା ନାହିଁ—2. Unmethodical.
୩ । ଅସୁନ୍ଦର—3. Ungraceful; unsymmetrical.

**ଅବରଗା**—ଗ୍ରା. ବିଣ. ପୁଂ. ଓ ସ୍ତ୍ରୀ. ( ସଂ. ଅ+ବର୍ଗ )—
Abaragā ଅବରଗ ( ଦେଖ )
Abaraga ( See )

**ଅବରଗିଆ**—ଗ୍ରା. ବିଣ. ପୁଂ. ଓ ସ୍ତ୍ରୀ. ( ସଂ. ଅ+ବର୍ଗ )—
Abaragiā ଅବରଗ ( ଦେଖ )
Abaraga ( See )

**ଅବରଜ**—ସଂ. ବିଣ. ପୁଂ. ( ଅବର=ପରବର୍ତ୍ତୀ+ଜନ ଧାତୁ+କର୍ତ୍ତୃ. ଅ )—୧ । ଯେ ପରେ ଜନ୍ମିଅଛି; କନିଷ୍ଠ; ଅନୁଜ; ପଶ୍ଚାଜ୍ଜାତ—1. Younger; born later.
Abaraja
(ଅବରଜା—ସ୍ତ୍ରୀ)
୨ । ନିକୃଷ୍ଟ—2. Inferior.
୩ । ହୀନକୁଳଜାତ—3. Low-born.
ସଂ. ବି. ପୁଂ—୧ । କନିଷ୍ଠ ଭାଇ—
1. Younger brother.
୨ । ଶୂଦ୍ର—2, A Śūdra.

**ଅବରଜା**—ସଂ. ବିଣ. ସ୍ତ୍ରୀ. ( ଅବରଜ+ସ୍ତ୍ରୀ. ଆ )—
Abarajā ଅବରଜର ସ୍ତ୍ରୀଲିଙ୍ଗ—
Feminine of Abaraja.
ବି. ସ୍ତ୍ରୀ—କନିଷ୍ଠା ଭଗିନୀ—Younger sister.

**ଅବରଜିଆ**—ଗ୍ରା. ବିଣ. ପୁଂ. ଓ ସ୍ତ୍ରୀ. ( ସଂ. ଅବରଜ )—
Abarajiā ୧ । ନିକୃଷ୍ଟ—1. Inferior.
(ଅବରଜିଆଣୀ—ସ୍ତ୍ରୀ) ୨ । ହୀନ—2. Wretched.
୩ । ତୁଚ୍ଛ; ହେୟ—3. Despicable.
୪ । କୁତ୍ସିତ—4. Nasty.
୫ । ଅପରିଷ୍କୃତ; ଅସନା—5. Unclean.
୬ । ଯେ ସର୍ବଦା ଅପରିଚ୍ଛନ୍ନ ରହେ—
6. Of unclean habits.
୭ । ମଇଳାପୂର୍ଣ୍ଣ—7. Dirty.

**ଅବରଣ**—ଦେ. ବି. (ସ. ଅ+ବରଣ)—ନିମନ୍ତ୍ରଣର ଅଭାବ; ଅନିମନ୍ତ୍ରଣ—
Abaraṇa Absence of invitation

ପିତା ଭର୍ତ୍ତା ଗୁରୁ ସଦନେ । ଯୋଗାଇ ଯିବା ଅବରଣେ ॥
ଜଗନ୍ନାଥ, ଭାଗବତ, ୪ର୍ଥ ।

ଦେ. ବିଣ—ଅବରଣିଆଁ ( ଦେଖ )
Abaraṇiān ( See )

**ଅବରଣିଆଁ**—ଦେ. ବିଣ. (ସଂ. ଅ+ବରଣ)—
Abaraṇiān ୧ । ଅନିମନ୍ତ୍ରିତ—1. Uninvited.
অনিমন্ত্রিত ୨ । ବିନା ନିମନ୍ତ୍রଣରେ ଉପସ୍ଥିତ—2. Who has
বেতুলায়ে come without invitation.

**ଅବରଣୀ**—ଦେ. ବିଣ. ( ସଂ. ଅ+ବରଣ )—ଅବରଣିଆଁ ( ଦେଖ )
Abaraṇi Abaraṇiān ( See )

**ଅବରଣୀୟ**—ସଂ. ବିଣ. ପୁଂ. ( ଅ+ବୃ ଧାତୁ+କର୍ମ. ଅନୀୟ )—
Abaraṇiya ଅପୂଜ୍ୟ; ଯାହାକୁ ମାନ୍ୟ କରିବା ଉଚିତ ନୁହେ—
(ଅବରଣୀୟା—ସ୍ତ୍ରୀ) Unadorable; not deserving to get homage.

**ଅବରତି**—ସଂ. ବି. ( ଅବ+ରମ୍ ଧାତୁ+ଭାବ. ତି )—
Abarati ୧ । ବିରତି; ନିବୃତ୍ତି—
1. Cessation; stoppage.
୨ । ବିଶ୍ରାମ—2 Rest.
୩ । ତ୍ୟାଗ—3. Forsaking; abandonment.

**ଅବରତିଆ**—ଗ୍ରା. ବିଣ. ( ସଂ. ଅ+ବ୍ରତ )—
Abaratiā ୧ । ଯେଉଁ ବାଳକର ବ୍ରତ ହୋଇ ନାହିଁ—
1. ( a boy ) Not initiated or vested with the sacred thread.
୨ । ଯେଉଁ ବ୍ୟକ୍ତି କୌଣସି ବ୍ରତ ପାଳନ କରି ନ ଥାଏ—
2. ( a person ) Who does not observe a certain religious vow

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ ।

୩ । ଯେଉଁ ବାଛୁରୀ ଖସି ହୋଇ ନ ଥାଏ—
3. (a calf) Not yet castrated.

**ଅବରୁଆ**—ଗ୍ରା. ବିଣ. ପୁଂ. ( ସଂ. ଅ + ବୃତ )—ଅବରଡିଆ ( ଦେଖ )
Abaratuā — Abaratiā ( See )

**ଅବରବର୍ଣ୍ଣ**—ସଂ. ବି. ( କର୍ମଧା; ଅବର + ବର୍ଣ୍ଣ )—
Abarabarṇṇa ୧ । ନିକୃଷ୍ଟ ଜାତି—1. Inferior caste.
୨ । ନୀଚଜାତି—2. Low caste.
୩ । ଶୂଦ୍ର—3. A Śūdra.

**ଅବରଷା**—ଦେ. ବି. ( ସଂ. ଅ + ବର୍ଷା )—ଅନାବୃଷ୍ଟି—
Abarashā — Want of rain.
ଅନାବୃଷ୍ଟି ଦୁର୍ଭିକ୍ଷର ଅଙ୍କୁରେ ଶୁଷ୍କ ମହୀତଳ,
ସୁଷମା ଚରଣୀ ଅବରଷା ହେବାକୁ ବୁଲନ୍ତି । କୃଷ୍ଣସିଂହ· ମହାଭାରତ, ଆଦ ।

**ଅବରା**—ସଂ. ବିଣ. ସ୍ତ୍ରୀ ( ଅବର + ସ୍ତ୍ରୀ. ଆ )—ଅବରର ସ୍ତ୍ରୀ ଲିଙ୍ଗ—
Abarā — Feminine of Abara.
ସଂ. ବି. ସ୍ତ୍ରୀ ( ବହୁବ୍ରୀହି; ଅ = ନାହିଁ + ବରା = ଶ୍ରେଷ୍ଠା, ଯାହାଙ୍କ ଅପେକ୍ଷା )—ଦୁର୍ଗା—Goddess Durgā.

**ଅବରୀଣ**—ସଂ. ବିଣ. ପୁଂ. ( ଅବ = ଅନାଦରାର୍ଥ + ରୀ ଧାତୁ = ଗମନ କରିବା + କର୍ମ. ତ )—
Abarīṇa
୧ । ଧିକ୍କୃତ; ଅନାଦୃତ; ଅବଜ୍ଞାତ—1. Slighted.
୨ । ନିନ୍ଦିତ—2. Blamed; condemned.
୩ । ତିରସ୍କୃତ—3. Chastised; abused

**ଅବରୁଗ୍ଣ**—ସଂ. ବିଣ. (ଅବ + ରୁଜ୍ ଧାତୁ = ପୀଡ଼ା ଦେବା + କର୍ମ. ତ)—
Abarugṇa ୧ । ରୋଗଗ୍ରସ୍ତ; ପୀଡ଼ିତ; ବ୍ୟାଧିଗ୍ରସ୍ତ—1. Sick.
(ଅବରୁଗ୍ଣା—ସ୍ତ୍ରୀ) ୨ । ଭଗ୍ନ—2. Broken.

**ଅବରୁଦ୍ଧ**—ସଂ. ବିଣ. ପୁଂ. ( ଅବ + ରୁଧ ଧାତୁ = ରୋଧ କରିବା, ଅଟକାଇବା + କର୍ମ. ତ )—
Abaruddha
(ଅବରୁଦ୍ଧା—ସ୍ତ୍ରୀ) ୧ । ଯାହାକୁ ବନ୍ଦୀ କରାଯାଇଅଛି; ବନ୍ଦୀକୃତ;
(ଅବରୋଧ—ବି) କାରାରୁଦ୍ଧ—1. Confined; imprisoned; shut up.
୨ । ଯାହାକୁ ଅଟକାଯାଇଅଛି; ଯାହାର ଗତିକୁ ବାଧା ଦିଆଯାଇ ଅଛି—
2. Restrained, obstructed.
୩ । ଆବଦ୍ଧ; ଦଉଡ଼ିଦ୍ୱାରା ଘେରାଯାଇଥିବା—
3. Bound down.
୪ । ପରିବୃତ; ବେଷ୍ଟିତ—4. Surrounded.
୫ । ଆବୃତ; ଆଚ୍ଛାଦିତ—
5. Covered; enveloped.
୬ । ଯେ ସର୍ବଦା ଅନ୍ତଃପୁର ମଧ୍ୟରେ ଥାଏ—
6. Always shut up in the harem.
୭ । ସୈନ୍ୟଦ୍ୱାରା ନଗର ବା ଦୁର୍ଗ ମଧ୍ୟରେ ଆବଦ୍ଧ—
7. Besieged by the enemy.
୮ । ଶତ୍ରୁଅଣ୍ଡେ ଶତ୍ରୁସୈନ୍ୟ ଦ୍ୱାରା ବେଷ୍ଟିତ—
8. Surrounded by the enemy.

**ଅବରୁଦ୍ଧା**—ସଂ. ବିଣ. ସ୍ତ୍ରୀ. ( ଅବରୁଦ୍ଧ + ସ୍ତ୍ରୀ. ଆ )—ଅବରୁଦ୍ଧର
Abaruddhā ସ୍ତ୍ରୀଲିଙ୍ଗ—Feminine of Abaruddha.
ସଂ. ବି. ସ୍ତ୍ରୀ—୧ । ବନ୍ଦିନୀ—1. A female-prisoner.
୨ । ରାଜାନ୍ତଃପୁରବାସିନୀ ସ୍ତ୍ରୀ—
2. A woman of the king's seraglio.

**ଅବରୂଢ଼**—ସଂ. ବିଣ. ପୁଂ ( ଅବ = ନିମ୍ନକୁ + ରୁହ ଧାତୁ = ଗମନ
Abarūḍha କରିବା + କର୍ତ୍ତୃ. ତ)—ଊର୍ଦ୍ଧ୍ୱରୁ ନିମ୍ନକୁ ଓହ୍ଲାଇବା;
(ଅବରୂଢ଼ା—ସ୍ତ୍ରୀ) ଅବତୀର୍ଣ୍ଣ—Alighted; got down; descended.
ଅବରୋହ, ଅବରୋହଣ } ବି

**ଅବରୋଧ**—ସଂ. ବି (ଅବ + ରୁଧ ଧାତୁ = ଅଟକାଇବା + ଅଧିକରଣ. ଅ)-
Abarodha ୧ । ରାଜାଆଦିଙ୍କ ଅନ୍ତଃପୁର; ଅନ୍ଦରମହଲ;
(ଅବରୁଦ୍ଧ—ବିଣ) ଜନାନା—1 Seraglio; the zenānā harem; the private apartments exclusively used by women.
୨ । (+ଭାବ. ଅ) ପ୍ରତିବନ୍ଧକ; ବାଧା—2. Obstacle.
୩ । ଅଟକ; ପ୍ରତିରୋଧ—
3. Obstruction; restraint.
୪ । ବେଢ଼ିବା; ଘେରିବା—
4. Enveloping; surrounding.
୫ । ଆବରଣ—5. Covering.
୬ । ନଗର ବା ଦୁର୍ଗର ଚାରିପାଖରୁ ସୈନ୍ୟଦ୍ୱାରା ବେଷ୍ଟନ କରିବାଦ୍ୱାରା ଦୁର୍ଗବାସୀଙ୍କୁ ବାହାରକୁ ନ ଛାଡ଼ିବା ଅବସ୍ଥା; ଘେରାଉ—6. A siege of a town or fort.
୭ । (+କର୍ମ. ଅ; ଯେଉଁମାନଙ୍କୁ ଅବରୁଦ୍ଧ କରି ରଖା ହୁଏ)—ରାଜାନ୍ତଃପୁରସ୍ଥ ସ୍ତ୍ରୀସମୂହ—
7. All the women of a Rājā's seraglio.

**ଅବରୋଧକ**—ସଂ. ବିଣ. ପୁଂ ( ଅବ + ରୁଧ ଧାତୁ + କର୍ତ୍ତୃ. ଅକ )—
Abarodhaka ୧ । ଯାହା ବା ଯେ ଅବରୋଧ କରେ;
(ଅବରୋଧିକା—ସ୍ତ୍ରୀ) ଅବରୋଧକାରୀ—
1. Restraining; obstructing.
୨ । ଶତ୍ରୁ ନଗର ବା ଦୁର୍ଗକୁ ବେଷ୍ଟନକାରୀ—
2. Besieging.
୩ । ଘେରିଥିବା—3 Surrounding.

**ଅବରୋଧନ**—ସଂ. ବି. ( ଅବ + ରୁଧ ଧାତୁ + ଭାବ. ଅନ )—
Abarodhana ଅବରୋଧ (ଦେଖ)—Abarodha (See)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଐ | ହସନ୍ତ ବର୍ଣ୍ଣ | ଂ ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଅ | ଉଅ | ଞ |
| ୨ | ଈ | ଊ | ରୁ | ଳୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ● | ନ୍ତ |

**ଅବରୋଧପ୍ରଥା**—ସଂ. ବି. ( ଅବରୋଧ + ପ୍ରଥା )—ଯେଉଁ ପ୍ରଥା ବା
Abarodhaprathā ରୀତି ଯୋଗୁଁ ରାଜା ଓ ଭଦ୍ରଲୋକଙ୍କ ପରିବାରରେ ସ୍ତ୍ରୀମାନେ ଅନ୍ଦରମହଲରେ ରହନ୍ତି ଏବଂ ବିନା ପରଦାରେ ବାହାରକୁ ଯିବା ଆସିବା କରନ୍ତି ନାହିଁ ଏବଂ ନିଜର ସ୍ୱାମୀ ଓ ପରିବାରର ବାଳକ ଓ ଦାସୀ ଆଦିଙ୍କ ଛଡ଼ା ଅନ୍ୟ ଲୋକଙ୍କୁ ଦେଖା ଦିଅନ୍ତି ନାହିଁ—The zenānā or purdā system; the system by which women are kept within the four walls of their apartments and are not free to go out.

[ ଦ୍ର—ଏ ପ୍ରଥା ମୁସଲମାନସମାଜରେ ବିଶେଷରୂପରେ ପ୍ରଚଳିତ ହୁଏ । ପୂର୍ବେ ଆର୍ଯ୍ୟମାନଙ୍କ ମଧ୍ୟରେ ଏ ପ୍ରଥା ନ ଥିଲା ଓ ବର୍ତ୍ତମାନ ଦାକ୍ଷିଣାତ୍ୟ, ସିନ୍ଧୁପ୍ରଦେଶ, ମହାରାଷ୍ଟ୍ର ଓ ବୋମ୍ବେ ପ୍ରଦେଶରେ ଏବଂ ଭାରତର ନୀଚଜାତିମାନଙ୍କ ମଧ୍ୟରେ ଏହା ପାଳିତ ହୁଏ ନାହିଁ । ସୁଖର ବିଷୟ ଏହି ଯେ ଏ ପ୍ରଥା ସମାଜରୁ କ୍ରମଶଃ ଶିଥିଳ ହେଉଅଛି । ]

**ଅବରୋଧିକ**—ସଂ. ବି. ପୁଂ. ( ଅବରୋଧ + ଇକ )—ଅନ୍ତଃପୁରଚର-
Abarodhika ଭୃତ୍ୟ; ରାଜାଦିଙ୍କ ଅନ୍ତଃପୁରରକ୍ଷକ ଭୃତ୍ୟ;
( ଅବରୋଧିକା-ସ୍ତ୍ରୀ ) କଞ୍ଚୁକୀ—A servant who guards the seraglio of a Rājā

**ଅବରୋଧିକା**—ସଂ. ବିଣ. ସ୍ତ୍ରୀ ( ଅବରୋଧକ + ସ୍ତ୍ରୀ. ଆ )—
Abarodhikā ଅବରୋଧକର ସ୍ତ୍ରୀଲିଙ୍ଗ—
Feminine of Abarodhakā

ସଂ. ବି. ସ୍ତ୍ରୀ—(ଅବରୋଧକ + ସ୍ତ୍ରୀ. ଆ)—ଅନ୍ତଃପୁରରକ୍ଷିକା ସ୍ତ୍ରୀ—
A female in charge of the harem.

**ଅବରୋଧୀ**—ସଂ. ବିଣ. ପୁଂ ( ଅବ+ରୁଧ ଧାତୁ+କର୍ତ୍ତୃ. ଇନ୍; ୧ମା.
Abarodhī ୧ବ. )—ଅବରୋଧକ ( ଦେଖ )
(ଅବରୋଧିନୀ—ସ୍ତ୍ରୀ) Abarodhaka ( See )

**ଅବରୋପଣ**—ସଂ. ବି (ଅବ=ବିପରୀତ+ରୁହ ଧାତୁ ଣିଚ୍, ରୋପି ଧାତୁ
Abaropaṇa =ଲଗାଇବା; ରୋପଣ କରିବା+ଭାବ. ଅନ)—
(ଅବରୋପିତ—ବିଣ) ୧ । ଉପାଡ଼ିବା; ଉତ୍ପାଟନ—
1. Uprooting; eradication.
୨ । ଅବରୋହଣ କରାଇବା—2. Bringing down; causing to dismount.
୩ । ଅପସାରଣ; ଅପନୟନ—3. Removing.
୪ । ଅସ୍ତଗମନ—4. Setting.

**ଅବରୋପିତ**—ସଂ. ବିଣ (ଅବ=ବିପରୀତ+ରୋପି ଧାତୁ+କର୍ମ. ତ)—
Abaropita ୧ । ଅସ୍ତଗତ—1. Set.
୨ । ଉତ୍ପାଟିତ—2 Uprooted.
୩ । ଅପସାରିତ—3. Removed.

**ଅବରୋହ**—ସଂ. ବି. ( ଅବ=ବିପରୀତ + ରୁହ ଧାତୁ=ଉପରକୁ ଚଢ଼ିବା
Abaroha +ଭାବ. ଅ)—୧ । ଅବତରଣ; ଓହ୍ଲାଇବା—
1. Alighting; descent.
୨ । ପ୍ରାଦୁର୍ଭାବ—2. Prevalence.
୩ । ଉଦ୍ଭବ—3. Birth.
୪ । ( +କର୍ତ୍ତୃ. ଅ; ଯାହା ତଳକୁ ଓହ୍ଲାଏ )—ବର ଆଦି ଗଛର ଓହଳ—4. Aerial roots of banyan and other trees.
୫ । ଗୁଳ୍ମ ଆଦି ଲତା; ଯେଉଁ ଲତାମାନ ଉପର ଆଡ଼ୁ ତଳକୁ ଲଟାଏ—5. Creepers which climb down-wards.
୬ । ( +ଅପାଦାନେ. ଅ;) ପୁଣ୍ୟଭୋଗାବସାନରେ ମନୁଷ୍ୟମାନେ ଯେଉଁ ସ୍ଥାନରୁ ତଳକୁ ଓହ୍ଲାଇ ଆସନ୍ତି ); ସ୍ୱର୍ଗ; 6. Heaven.
୭ । (+କର୍ମ. ଅ); ଯେଉଁ ପ୍ରଣାଳୀଦ୍ୱାରା କାରଣରୁ କାର୍ଯ୍ୟକୁ ବା ନିଦାନରୁ ଫଳକୁ ଅବତରଣ କରାଯାଏ)—(ନ୍ୟାୟଦର୍ଶନ) ଯେଉଁ ଯୁକ୍ତିର ପନ୍ଥା ବା ପ୍ରଣାଳୀଦ୍ୱାରା କାରଣରୁ କାର୍ଯ୍ୟ ବା ନିଦାନରୁ ଫଳ ସ୍ଥିର କରାଯାଏ—7. ( Logic ) A priori argument or inference from cause to effect.

**ଅବରୋହଣ**—ସଂ. ବି (ଅବ + ରୁହ ଧାତୁ + ଭାବ. ଅନ)—
Abarohaṇa ଅବରୋହ (ଦେଖ)
Abaroha (See)

**ଅବରୋହଶାଖୀ**—ସଂ. ବି. ( ଅବରୋହ=ତଳ ଆଡ଼କୁ ଓହ୍ଲାଇବା + 
Abarohaśākhī ଶାଖା + ଇନ୍. ୧ମା. ୧ବ. )—ବଟବୃକ୍ଷ—
Banyan tree.

**ଅବରୋହୀ**—ସଂ. ବିଣ. ପୁଂ. (ଅବ+ରୁହ ଧାତୁ + ଅସ୍ତ୍ୟର୍ଥେ. ଇନ୍ ୧ମା.
Abarohī ୧ବ. )—ଅବରୋହଣକାରୀ; ତଳକୁ ଓହ୍ଲାଉଥିବା—
(ଅବରୋହିଣୀ—ସ୍ତ୍ରୀ) Descending.

କୁଞ୍ଚିକି କରି ଅବରୋହୀ, କୋପଭରେ ସେ ଚଳିଣୀ ଅରୋହୀ ।
ଯଦୁକୃଷ୍ଣ- ରସକଲ୍ଲୋଳ

**ଅବର୍ଗ**—ସଂ. ବି. ( ଅ+ବର୍ଗ )—ବର୍ଗର ଅଭାବ—
Abarga Want of 'Barga' (Barga—See)

ଦେ. ବି—ଅବାଗ; ନିୟମ ବା କ୍ରମର ଅଭାବ—
Want or absence of method.

ଦେ. ବିଣ (ସଂ. ଅବର୍ଗ)—ଅବର୍ଗା (ଦେଖ)
Abargā (See)

**ଅବର୍ଗା**—ଦେ. ବିଣ. ପୁଂ. ଓ ସ୍ତ୍ରୀ ( ସଂ. ଅବର୍ଗ )—୧ । ଅସାମାଜିକ—
Abargā 1. Unsocial.
ଅସୁନ୍ଦର ୨ । ଅଚଳା; ଅସୁନ୍ଦର—2. Unsymmetrical.
ବେଢ଼ଙ୍ଗ ୩ । ନିୟମ ବା କ୍ରମରହିତ—3. Unmethodical.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଆଁଖି' ନ ପାଇଲେ 'ଆଖି' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୪ । ଅବାଗିଆ; ଅଖାଡ଼ୁଆ—4. Uncouth; rough.

୫ । ଯେ ଭଦ୍ର ସମାଜର ନିୟମ ଜାଣେ ନାହିଁ—
5. Ignorant of etiquette or rules of politeness.

**ଅବର୍ଗିଆ**— ଦେ. ବିଣ. ପୁଂ ଓ ସ୍ତ୍ରୀ—ଅବର୍ଗା (ଦେଖ)
**Abargiā** Abargā (See)

**ଅବର୍ଗୀ**—ଦେ. ବିଣ. ପୁଂ. ଓ ସ୍ତ୍ରୀ.—ଅବର୍ଗା (ଦେଖ)
**Abargī** Abargā (See)

**ଅବର୍ଗ୍ୟ**—ସଂ. ବିଣ (ଅ + ବର୍ଗ୍ୟ)—(ବ୍ୟାକରଣ) ଯେଉଁ ବର୍ଣ୍ଣ ବ୍ୟଞ୍ଜନ-
**Abargya** ବର୍ଣ୍ଣମାନଙ୍କର ପାଞ୍ଚ ବର୍ଗର ଅନ୍ତର୍ଗତ ନୁହେ—
(Grammar) (letters) Which are not included in the five groups of consonants.

**ଅବର୍ଗ୍ୟୱ**—ସଂ. ବି—ଅବର୍ଗ୍ୟ ବର୍ଣ୍ଣମାଳାର ଅନ୍ତର୍ଗତ ଅନ୍ତଃସ୍ଥ 'ୱ'—
The letter representing the 'wa' sound which comes after the five groups of consonants.

[ଦ୍ର—ଏହାର ଉଚ୍ଚାରଣ ବର୍ଗ୍ୟ ବ (ଇଂରାଜୀ B) ପରି ନ ହୋଇ ଉ+ଅ ବା ଊ୍ (ଇଂରାଜୀ v ବା w) ପରି ହୁଏ । ସଂସ୍କୃତରେ ବର୍ଗ୍ୟ ବ ଓ ଅବର୍ଗ୍ୟ ୱର ଉଚ୍ଚାରଣ ସ୍ୱତନ୍ତ୍ର ଥିଲା; ମାତ୍ର ଓଡ଼ିଆରେ ଏ ଦୁଇଟି ବ=ଯୁକ୍ତ ସଂସ୍କୃତ ଶବ୍ଦମାନ ବର୍ଗ୍ୟ ବ ପରି ଆମ୍ଭେମାନେ ଉଚ୍ଚାରଣ କରୁଁ । ବର୍ଗ୍ୟ ବ ଉଚ୍ଚାରଣ କଲାବେଳେ ଦୁଇ ଓଠକୁ ଏକାଠି ଲଗାଇ ଦେଇ ଛାଡ଼ିଦେବାକୁ ହୁଏ; ମାତ୍ର ଅବର୍ଗ୍ୟ 'ୱ' ଉଚ୍ଚାରଣ କଲାବେଳେ ଦୁଇ ଓଷ୍ଠ ମଝିରେ ଫାଙ୍କ ରହିଥାଏ । ଅବର୍ଗ୍ୟ ୱ ର ଉଚ୍ଚାରଣକୁ ସ୍ୱତନ୍ତ୍ର ଦେଖାଇବା ପାଇଁ ଲୋକେ ଅବର୍ଗ୍ୟ ବ ସ୍ଥାନରେ ଉ୍ୱ, ଓ୍ୟ, ଓ୍ୱ ଲେଖନ୍ତି; ଯଥା—ବେଉ୍ୱା; ଓ୍ୟାଇଣ୍ଡ; ଓ୍ୱାର୍ ଇତ୍ୟାଦି । ଏ ଅଭିଧାନରେ ଏଥିପାଇଁ ନୂଆ ଅକ୍ଷର 'ୱ' ହୋଇଅଛି ।]

**ଅବର୍ଜିଆ**—ଗ୍ରା. ବିଣ. ପୁଂ. ଓ ସ୍ତ୍ରୀ—ଅବରଜିଆ (ଦେଖ)
**Abarjiā** Abarajiā (See)
( ଅବର୍ଜିଆଣୀ—ସ୍ତ୍ରୀ )

**ଅବର୍ଣ୍ଣ**—ସଂ. ବି—୧ । ବର୍ଣ୍ଣମାଳାର ପ୍ରଥମ ସ୍ୱରବର୍ଣ୍ଣ 'ଅ'—
**Abarnna**. 1. The first letter 'A' of the alphabet.

୨ । ( ଅ=ନିକୃଷ୍ଟ+ବର୍ଣ୍ଣ; ଯେଉଁ ବର୍ଣ୍ଣ ବ୍ରାହ୍ମଣାଦି ଉଚ୍ଚ ଜାତିଠାରୁ ନିକୃଷ୍ଟତର)—ନୀଚଜାତି—
2. Low caste.

୩ । ( ଅ=କୁତ୍ସିତ+ବର୍ଣ୍ଣ=ଅକ୍ଷର ) ନିନ୍ଦା—
3. Blame.

୪ । ଅପବାଦ—4. Libel; defamation.

୫ । ଅଶ୍ଳୀଳ ବାକ୍ୟରେ ଗାଳି—
5. Bad name; indecent rebuke.

୬ । ଅପଯଶ—6. Ill-fame; evil repute.

ସଂ. ବିଣ—( ଅ=ନାହିଁ+ବର୍ଣ୍ଣ; ଯାହାର )—ବର୍ଣ୍ଣହୀନ—
Colourless.

ସବଦା ଅଟନ୍ତି ଅବର୍ଣ୍ଣ, ଶ୍ୟାମଳ ରକ୍ତାକ୍ତ ଲୋଚନ ।
ପ୍ରାଚୀ—ପୂର୍ଣ୍ଣତମଚନ୍ଦ୍ରୋଦୟ ।

ଦେ. ବିଣ—୧ । କୁତ୍ସିତ ବର୍ଣ୍ଣବିଶିଷ୍ଟ—
1. Of bad colour.

ଏତେକ ଅବର୍ଣ୍ଣ ଦିଶୁଅଛ ତୁମ୍ଭ ଗାତ୍ର । •
ପୀତାମ୍ବର. କୃଷ୍ଣ ହରିବଂଶ ।

୨ । ଅବର୍ଣ୍ଣନୀୟ—2. Indescribable.

ଅବର୍ଣ୍ଣ ଅବନାଶ ଧ୍ୱନି, କର୍ଣ୍ଣ ନୁହଁଲେହେଁ ତା ଶୁଣି ।
ଭୂତେ—ପ୍ରେମପଞ୍ଚାମୃତ ।

**ଅବର୍ଣ୍ଣନ**—ଦେ. ବିଣ ( ସଂ. ଅବର୍ଣ୍ଣନୀୟ )—
**Abarnnana** ଅବର୍ଣ୍ଣନୀୟ ( ଦେଖ )
Abarnnaniya ( See )

**ଅବର୍ଣ୍ଣନୀୟ**—ସଂ. ବିଣ ( ଅ + ବର୍ଣ୍ଣନୀୟ )—
**Abarnnaniya** ୧ । ବର୍ଣ୍ଣନାତୀତ—1. Indescribable.
୨ । ଅନିର୍ବଚନୀୟ—2. Unspeakable.

**ଅବର୍ଣ୍ଣି**—ପ୍ରାଦେ ( ସମ୍ବଲପୁର ) ବିଣ—ଅବର୍ନି ( ଦେଖ )
**Abarnni** Abarni ( See )

**ଅବର୍ତ୍ତମାନ**—ସଂ. ବିଣ. ପୁଂ ( ଅ + ବର୍ତ୍ତମାନ )—
**Abarttamāna** ୧ । ଅନୁପସ୍ଥିତ—1. Absent
( ଅବର୍ତ୍ତମାନା—ସ୍ତ୍ରୀ ) ୨ । ମୃତ—2. Deceased
( ଅବର୍ତ୍ତମାନତା—ବି ) ୩ । ଅସ୍ତିତ୍ୱରହିତ; ସତ୍ତ୍ୱରହିତ—
3. Having no entity or being

୪ । ଅସ୍ଥିତ; ଅବିଦ୍ୟମାନ—
4. Non-existent; not existing.

**ଅବର୍ତ୍ତମାନରେ**—ଦେ. କ୍ରି. ବିଣ—୧ । ( ଅମୁକ ଲୋକ ) ଉପସ୍ଥିତ
**Abarttamānare** ନ ଥିବା ଅବସ୍ଥାରେ—
অবর্ত্তমানে 1. In one's absence.
**अवर्त्तमानमे** ୨ । (ଅମୁକ) ମୃତ ହେବା ପରେ—
2. After one's death.

**ଅବର୍ତ୍ତିଆ**—ଗ୍ରା. ବିଣ—ଅବରତିଆ (ଦେଖ )
**Abarttiā** Abaratiā ( See )

**ଅବର୍ତ୍ତୁଆ**—ଗ୍ରା. ବିଣ—ଅବରତିଆ ( ଦେଖ )
**Abarttuā** Abaratiā ( See )

**ଅବଳ**—ସଂ. ବିଣ. ପୁଂ ( ଅ=ନାହିଁ+ବଳ; ଯାହାର )—
**Abala** ୧ । ବଳହୀନ; ଦୁର୍ବଳ; ନିର୍ବଳ—
( ଅବଳା—ସ୍ତ୍ରୀ ) 1. Not strong; powerless; weak

୨ । ପ୍ରତିକୂଳ; ବାମ—
2. Unfavourable; not propitious.

କଥାଏ ମାତ୍ର ଅଛଇ ଏହାର ଅବଳ ।
ସୁରଳାମହାଭାରତ, ବନ୍ଧ ।

ସଂ. ବି—ବରୁଣ ଗଛ ( ଦେଖ )
Baruna tree ( See )

ଦେ. ବି—ପ୍ରତିକୂଳତା—Unfavourable attitude or state.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ୍ର,ଶ | କ୍ଷ | ଙ୍ଘ | ଞ୍ଝ | ଛ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଂ | ଇଅ | ● | ନ୍ତ |

କର୍ମ ବାମ ବେଳକୁ କଥାଟା ଅବଳକୁ ଚନ୍ଦ୍ର ଉପୁଜେ ସୁଧା ବୃକ୍ଷ ।
ଭକ୍ତ—ପ୍ରେମସୁଧାନିଧି ।

**ଅବଲକ୍ଷ**—ସଂ. ବି. ( ଅବ + ଲକ୍ଷ ଧାତୁ + ଭାବ. ଅ )—
Abalaksha ଶୁକ୍ଲବର୍ଣ୍ଣ—1. White colour.
ସଂ. ବିଣ. ( ଅ + ବଲକ୍ଷ )—
୧ । ଶୁକ୍ଲ; ଧଳା—1. White.
୨ । ମୂର୍ଖ—2. Illiterate.

**ଅବଲକ୍ଷ**—ସଂ. ବି. ଓ ବିଣ—ଅବଲକ୍ଷ ( ଦେଖ )
Abalaksha Abalaksha ( See )
ଦେ. ବି—ଉପଲକ୍ଷ ( ଦେଖ )
Upalaksha ( See )

**ଅବଲକ୍ଷିତ**—ସଂ. ବିଣ ( ଅବ + ଲକ୍ଷିତ )—ଦୃଷ୍ଟ; ଅବେକ୍ଷିତ—
Abalakshita Seen; observed.

**ଅବଲଖ୍**—ଦେ. ବି. ( ସଂ. ଅଭ୍ରକ )—ଅଭ୍ର; ମେଘକାଳ—
Abalakh Talc; mica.
ଦେ. ବିଣ—ଅବଲଖା ( ଦେଖ )
Abalakhā ( See )

**ଅବଲଖା**—ଦେ. ବିଣ—୧ । ଅବ୍ଲଖା ( ଦେଖ )
Abalakhā 1. Ablakhā ( See )
ଅବଲଖା
**ଅବଲଖା**
୨ । ଯେଉଁ ଘୋଡ଼ା ଚାଲିଲାବେଳେ ଆଗ ଗୋଡ଼ ଦୁହିଁକୁ ଏକାବେଳେକେ ଉଠାଇବାକୁ ଶିକ୍ଷିତ ହୋଇଥାଏ—2. (a horse) Which has been trained to lift its front legs simultaneously while walking.
୩ । ( ସଂ. ଅଭ୍ରକ ) ଅଭ୍ରବର୍ଣ୍ଣବିଶିଷ୍ଟ—
3. Of the colour of mica.
୪ । ( ସଂ. ଅଭ୍ର ) ମେଘବର୍ଣ୍ଣବିଶିଷ୍ଟ—4. Azure.
୫ । ( ସଂ. ଅବଲକ୍ଷ ) ଯେଉଁ ଧଳା ଘୋଡ଼ା ଦେହରେ ନାଲି ଛୋପି ଛୋପି ଦାଗ ଥାଏ—
5. Red spotted ( horse ).

**ଅବଲଗିତ**—ସଂ. ବିଣ. ( ଅବ + ଲଗ୍ ଧାତୁ = ଲାଗିବା + କର୍ମ. ତ )—
Abalagita ସଂଲଗ୍ନ; ସଂଯୁକ୍ତ—Attached; joined.
ସଂ. ବି. (ନାଟ୍ୟ ଶାସ୍ତ୍ରରେ) ଦୃଶ୍ୟ କାବ୍ୟର ପ୍ରସ୍ତାବନା ବିଶେଷ—
A kind of prologue to a drama.
[ ଦ୍ର— ଏକ ବସ୍ତୁର ଅନୁରୋଧରେ ଅପରର ସମାବେଶ ହୋଇ କାର୍ଯ୍ୟ ସମାହିତ ହେଲେ ଅର୍ଥାତ୍ ସଦୃଶୋଭାବନ ହେତୁ ପାତ୍ରର ପ୍ରବେଶ ସମାହିତ ହେଲେ ଅବଲଗିତ ନାମକ ପ୍ରସ୍ତାବନା ହୁଏ; ଯଥା—ସୂତ୍ରଧାର, ଭଲ ମନେ ପକାଇଦେଲ; ମୁଁ ବଞ୍ଚିତ ହୋଇ ଯାଇଥିଲି । ଦୁଷ୍ମନ୍ତ ମହାରାଜ ହରିଣ ଶିକାରରେ ଆକୃଷ୍ଟ ହୋଇ ଏଣିକି ଅସିଲା ପରି ମୋ ମନ ତୁମ୍ଭ ଗୀତରାଗରେ ଆକୃଷ୍ଟ ହୋଇ ଯାଇଥିଲା । ଚୂଳାମଣି. ଅଲଙ୍କାର ତରଙ୍ଗିଣୀ । ]

**ଅବଲଗ୍ନ**—ସଂ. ବିଣ. ( ଅବ + ଲଗ ଧାତୁ = ଲାଗିବା + କର୍ତ୍ତୃ. ତ )—
Abalagna ୧ । ଦୃଢ଼ସଂଲଗ୍ନ—1. Firmly attached.
୨ । ଯାହା ଲାଗିଥାଏ—2. Sticking to.
ସଂ. ବି. ( ସଂଜ୍ଞାର୍ଥେ. ଅଧିକରଣ. ତ; ଯହିଁରେ ପିନ୍ଧିବା ବସ୍ତ୍ର ଲାଗି ରହିଥାଏ )—କଟିଦେଶ—
Loins; waist.

**ଅବଲଙ୍ଘନ**—ସଂ. ବି. (ଅବ + ଲଙ୍ଘନ)—ଉପରକୁ ଡେଇଁବା; ଡ଼ିଆଁବା—
Abalaṅghana Jumping over.

**ଅବଲତା**—ସଂ. ବି. ( ଅବଲ + ଭାବ. ତା )—
Abalatā ୧ । ନିର୍ବଳତା; ବଳହୀନତା—
1. Powerlessness; want of strength.
୨ । ପ୍ରତିକୂଳତା—2. Unfavourableness.

**ଅବଲମ୍ବ**—ସଂ. ବି. ୧ । (ଅବ + ଲମ୍ବ ଧାତୁ = ଲମ୍ବିବା + ଭାବ. ଅ)—
Abalamba ଅବଲମ୍ବନ; ଆଶ୍ରୟ—1. Prop; shelter.
୨ । ( + ଅଧିକରଣ. ଅ ) ଆଶ୍ରୟ ସ୍ଥାନ—
2. Place or shelter; refuge.
ବାସନା ଅବଲମ୍ବେ ଥାଇ, ପବନ ସଙ୍ଗତେ ଚଳଇ ।
ଭୂପତି—ପ୍ରେମପଞ୍ଚାମୃତ ।
୩ । (+ କରଣ. ଅ; ଯାହାଦ୍ୱାରା ଲମ୍ବିତ ହୁଏ) ଆଶ୍ରୟସାଧନ; ଲାଠି; ଯଷ୍ଟି—3 Stick.
ସଂ. ବିଣ. ( + କର୍ତ୍ତୃ. ଅ )—ଅବଲମ୍ବୀ ( ଦେଖ )
Abalambī ( See )
ଦେ. ବି—୧ । ( କୌଣସି ବିଷୟର ) ତତ୍ତ୍ୱାବଧାନ—
1. Supervision of a work.
୨ । ( କୌଣସି ବିଷୟର ) ଭାର ବା କାର୍ଯ୍ୟଚାଳନା—
2. Responsibility for a work.
ଯାଗ କଲେ ଅରମ୍ଭ, ବାଲ୍ମୀକି ଋଷିଙ୍କି ଦେଲେ ଅବଲମ୍ବ ।
ବିଶ୍ୱନାଥ. ବିଚିତ୍ରରାମାୟଣ ।

**ଅବଲମ୍ବନ**—ସଂ.ବି—୧ ।(ଅବ+ଲମ୍ବ ଧାତୁ=ଲମ୍ବିବା+ଭାବ.ଅନ)—
Abalambana ଭରଦେବା—1. Dependence.
୨ । ନିର୍ଭର କରିବା—2. Reliance.
୩ । ଆଶ୍ରୟକରିବା; ଆଶ୍ରୟଗ୍ରହଣ—
3. Having resort to.
୪ । ଧାରଣ—4. Holding.
୫ । ( + କର୍ମ. ଅନ ) ଆଶ୍ରୟ—5. Refuge; shelter.
୬ । ଉପାୟ; ଗତି—6. Resource.
୭ । ଜୀବନଧାରଣର ଉପାୟ ବା ପେଶା—
7. Means of livelihood.
୮ । ଠିସ୍—8. Prop; support.
୯ । ଉପଲକ୍ଷ—9. Occasion.

**ଅବଲମ୍ବନା**—ସ୍ତ୍ରୀ. ବି. ( ସଂ. ଅବଲମ୍ବନ )—
Abalambanā ଆଶ୍ରୟ; ଅବଲମ୍ବନ—Shelter.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା:— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ଭୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବଡ' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

ତଇବକୁ ଅବଲମ୍ବନା କର ଲୋକ
ଯେ ଭୂମି ହେଉଛି ସେ ବଡ଼ ଅବିବେକ । କୃଷ୍ଣସିଂହ. ମହାଭାରତ. ଅନୁଶାସନ ।

**ଅବଲମ୍ବିତ**—ସଂ. ବିଣ (ଅବ+ଲମ୍ବ ଧାତୁ+କର୍ତ୍ତୃ. ତ)—
Abalambita ୧ । ଶରଣାଗତ; ଆଶ୍ରିତ—
1 Taking refuge or shelter.
୨ । ରକ୍ଷିତ—2. Protected.
୩ । (+କର୍ମ. ତ) ଧୃତ—3. Held.
୪ । ଗୃହୀତ—4. Accepted; taken.
୫ । ପ୍ରାପ୍ତ—5. Attained; got.
୬ । (ଅବ=ନିମ୍ନକୁ+ଲମ୍ବିତ)—ତଳକୁ ଲମ୍ବିଥିବା—
6. Hanging down.
୭ । ଅବନତ—7. Bent down.
୮ । ଅଧୋଗତ—8. Gone down.

**ଅବଲମ୍ବିବା**—ଗ୍ରା ପଦ୍ୟ. କ୍ରି. (ସଂ. ଅବଲମ୍ବନ)—
Abalambibā ଅବଲମ୍ବନ କରିବା—
To have recourse to.
ତୁମ୍ଭେ ଯେ ଉପାୟ ଅବଲମ୍ବି ପାରିବ ନାହିଁ । ରାଧାନାଥ. ଦରବାର ।

**ଅବଲମ୍ବୀ**—ସଂ. ବିଣ. ପୁଂ. (ଅବ+ଲମ୍ବ ଧାତୁ+ଇନ୍; ଅବଲମ୍ବିନ୍ Abalambī ୧ମା. ୧ବ.)—୧ । ଅବଲମ୍ବନକାରୀ; ଆଶ୍ରୟକାରୀ—
(ଅବଲମ୍ବିନୀ—ସ୍ତ୍ରୀ) 1. Resorting to; depending on; holding; taking shelter or refuge under.
୨ । ଯେ ଆଶ୍ରୟପାଇଁ ଅନ୍ୟକୁ ଧରେ—2. Holding another for support; depending on another.
୩ । ଧର୍ମମତକୁ ଅନୁସରଣକାରୀ—3 Following the tenets of certain religion.

**ଅବଲୟ**—ଦେ. ବି (ସ. ଅଭିନୟ; ହାବ ଓ ଲୟ)—ଗାନ କରା ଯାଉ-
Abalaya ଥିବା ସଙ୍ଗୀତର ଭାବ ଶ୍ରୋତାକୁ ବୁଝାଇବା ପାଇଁ ନର୍ତ୍ତକ ହସ୍ତପଦାଦି ଦ୍ୱାରା ଯେଉଁ ସଙ୍କେତ କରେ; ଧାରଣା; ରୂପ ଦେଖା—Signs made by the hands and limbs of the dancer to express the meaning of a song.

**ଅବଳା**—ସ. ବିଣ. ସ୍ତ୍ରୀ. (ଅବଳ+ସ୍ତ୍ରୀ. ଆ)—ଅବଳର ସ୍ତ୍ରୀଲିଙ୍ଗ—
Abaḻā Feminine of Abaḻa.
ସଂ. ବି. ସ୍ତ୍ରୀ—ସ୍ତ୍ରୀଲୋକ; ନାରୀ; ଲଳନା—Woman.
ଦେ. ବିଣ—୧ । ବଳା ହୋଇ ନ ଥିବା ବା ବଳିହୋଇ ପରିଣତ ହୋଇ ନ ଥିବା (ଖୋଟ ଆଦି)—
1. Untwisted; unrolled.
୨ । ଯାହା ଗୁଡ଼ିଆ ହୋଇ ନ ଥାଏ—
2. Unwound.
୩ । ଯାହା ବଳ ନ ପଡ଼େ—3. Of which nothing is left out.
ଦେ. ବି. ସ୍ତ୍ରୀ—ସ୍ତ୍ରୀଲୋକଙ୍କୁ ଦିଆଯିବା ନାମବିଶେଷ—
A name given to females.

**ଅବଲିପ୍ତ**—ସଂ. ବିଣ (ଅବ+ଲିପ ଧାତୁ=ଲେପିବା+କର୍ମ. ତ)—
Abalipta ୧ । ଯେଉଁ ଜିଭରେ ହଳଦିଆ ବୋଲା ହେବା ଭଳି
(ଅବଲିପ୍ତା—ସ୍ତ୍ରୀ) ଛତିଆ ବସି ଥାଏ (ଯୁକ୍ତ)—
(ଅବଲେପ—ବି) 1. Furred (tongue).
୨ । ଯେଉଁ ଦ୍ରବ୍ୟର ସର୍ବାଂଶରେ କିଛି ଲେପ ବୋଳା ଯାଇ ଥାଏ—2 Pasted over.
୩ । କୃତଲେପନ—3. Smeared over.
୪ । ଯାହା ଅନ୍ୟ ବସ୍ତୁ ଉପରେ ବୋଳା ଯାଇ ଥାଏ—
4. Anointed.
୫ । (ଅବ+ଲିପ ଧାତୁ=ଗର୍ବିତ ହେବା+କର୍ତ୍ତୃ. ତ)—ଗର୍ବିତ; ଦୃପ୍ତ; ଅହଂକୃତ—
5. Arrogant; proud.
୬ । ଆସକ୍ତ—6. Attached.

**ଅବଳି**—ଦେ. ବି. ସ୍ତ୍ରୀ—ଅବଳା ନାମ୍ନୀ ସ୍ତ୍ରୀର ଡାକ ନାମ—
Abaḻi Name for calling a woman named Abaḻā.
ଦେ. ବିଣ. ସ୍ତ୍ରୀ—ଯେଉଁ ସ୍ତ୍ରୀଲୋକ ଗୋଡ଼ରେ ବଳା ପିନ୍ଧେ ନାହିଁ—(a woman) Not habitituated to wearing anklets.
ଅବଳି ଗୋଡ଼ରେ ବଳା. ତାକୁ ଗୋଡ଼େଇ ଗୋଡ଼େଇ ବଳା—ଢଗ ।

**ଅବଲୀଢ଼**—ସଂ. ବିଣ. ଅବ+ଲିହ ଧାତୁ=ଚାଟିବା+କର୍ମ. ତ)—
Abalīrḏha ୧ । ଚଟା ହୋଇଥିବା; ଆସ୍ୱାଦିତ—
1. Licked; tasted.
୨ । ଭକ୍ଷିତ—2. Eaten.
(ଅବଲୀଢ଼ା—ସ୍ତ୍ରୀ) ୩ । ବ୍ୟାପ୍ତ—3. Spread.
(ଅବଲେହ—ବି) ୪ । ଦଗ୍ଧ—4. Burnt.
ସଂ. ବିଣ. ପୁଂ—(ଅବ+ଲିହ ଧାତୁ+କର୍ତ୍ତୃ. ତ)—
ଯେ ଚାଟେ—Licking.

**ଅବଲୀଳା**—ସଂ. ବି. (ଅବ+ଲୀଳା)—୧ । ଅନାୟାସ; ଅକ୍ଳେଶ—
Abalīḻā 1. Ease.
୨ । ଅସଙ୍କୋଚ—2. Absence of hesitation.
୩ । କୌତୁକ; ପରିହାସ—3. Sport; jest; mirth.
୪ । କ୍ରୀଡ଼ା—4. Play.

**ଅବଲୀଳାକ୍ରମେ**—ଦେ. କ୍ରି. ବିଣ—ସହଜରେ; ଅନାୟାସରେ—
Abalīḻākrame Easily; with ease.

**ଅବଳୁଆ**—ଦେ. ବିଣ. (ସ. ଅବଳ)—ଅବଳ; ନିର୍ବଳ; ଦୁର୍ବଳ—
Abaḻuā Powerless; weak.
निर्बल
दुर्बल

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଋ | ଗ୍ଲ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇଯ୍ | ଡ଼ଅ | ଢ଼ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଯ୍ୟ | ଯ | ସ | ଙ୍ଘ | ଇଅ | ଡ଼ | ନ୍ତ |

**ଅବଲୁଣ୍ଠନ**—ସଂ. ବି. ( ଅବ=ନମ୍ରରେ+ଲୁଣ୍ଠ ଧାତୁ=ଗଡ଼ିବା; ଲୋଟିବା + ଭାବ ଅନ )—ଭୂଇଁରେ ଗଡ଼ିବା—
Abaluṇṭhana
( ଅବଲୁଣ୍ଠିତ—ବିଣ ) Rolling on the ground.

**ଅବଲୁଣ୍ଠିତ**—ସଂ. ବିଣ. ( ଅବ+ଲୁଣ୍ଠ ଧାତୁ+କର୍ତ୍ତୃ. ତ )—
Abaluṇṭhita ଭୂଇଁରେ ଗଡ଼ୁଥିବା—Rolling on the ground; wallowing

**ଅବଲେଖନ**—ସଂ. ବି—( ଅବ+ଲେଖନ )—୧ । ଦାଗ କରିବା—
Abalekhana 1. Marking.
୨ । ଖୋଦନ—2. Engraving.

**ଅବଲେପ**—ସଂ. ବି. ( ଅବ+ଲିପ ଧାତୁ=ଲେପିବା + ଭାବ. ଅ )—
Abalepa ୧ । ଗୃହର ଚଲ ଓ କାନ୍ଥ ଆଦି ଲେପିବା—
1 Plastering; smearing ( of the walls and floor of a house ).
୨ । ଅହଂକାର; ଦର୍ପ; ଗର୍ବ—
2. Pride; arrogance.
୩ । ଆକ୍ରୋଶ; ହିଂସା; ଦ୍ୱେଷ—
3. Spite; malice; vengeance.
୪ । ଆକ୍ଷେପ—4. Regret.
୫ । ସମ୍ବନ୍ଧ; ସଂସର୍ଗ—
5 Connection; regulation.
୬ । ପରିବାଦ—6. Libel; scandal.
୭ । ଭୂଷଣ—7. Ornament
୮ । କ୍ଷେପଣ—8. Throwing.
୯ । ( +କରଣ. ଅ )—ପ୍ରଲେପ; ମଲମ—
9. Paste; ointment
୧୦ । ପୁଲ୍‌ଟିସ୍—10. Plaster; poultice.

**ଅବଲେପନ**—ସଂ. ବି. ( ଅବ+ଲିପ ଧାତୁ+ଭାବ. ଅନ )—
Abalepana ୧ । ବିଲେପନ; ଲିପିବା—1 Smearing.
୨ । ମ୍ରକ୍ଷଣ; ବୋଳିବା—2. Anointing.
୩ । ଅହଂକାର ବା ଦର୍ପ ପ୍ରକାଶ—3. Arrogance.

**ଅବଲେହ**—ସଂ. ବି—୧ । (ଅବ+ଲିହ ଧାତୁ=ଚାଟିବା + ଭାବ. ଅ)—
Abaleha ଚାଟିବା—1. Licking; lapping.
୨ । ( +କର୍ମ. ଅ )—ଯାହାକୁ ଚାଟି କରି ଖିଆଯାଏ—
2. Anything which is lapped or licked.
୩ । ଚାଟି ଖାଇବା ଔଷଧ—
3. Medicine which has to be lapped or licked
୪ । ଚଟଣୀ—4. Sauce.

**ଅବଲେହନ**—ସଂ. ବି. ( ଅବ+ଲିହ ଧାତୁ+ଭାବ. ଅନ )—ଜିହ୍ୱାଦ୍ୱାରା
Abalehana ଚାଟିବା—Licking; lapping.

**ଅବଲେହ୍ୟ**—ସଂ. ବିଣ. ( ଅବ+ଲିହ ଧାତୁ+କର୍ମ. ଯ )—ଚାଟିବା-
Abalehya ଯୋଗ୍ୟ—Capable of being licked.

**ଅବଲୋକ**—ସଂ. ବି. ( ଅବ+ଲୋକ ଧାତୁ=ଚାହିଁବା+ଭାବ. ଅ )—
Abaloka ଅବଲୋକନ ( ଦେଖ )—Abalokana ( See )
କଥିରେ ତ ବେନି ମହୋତ୍ସବ ଅବଲୋକ,
ବୃନ୍ଦାରକେ ଏହା ମନ୍ଦ କରଣେ ବଲେକ । ଉପେ. ବୈଦେହୀଶ ବିଳାସ ।

**ଅବଲୋକନ**—ସଂ. ବି. ( ଅବ+ଲୋକ ଧାତୁ=ଚାହିଁବା+ଭାବ. ଅନ )
Abalokana ୧ । ଦୃଷ୍ଟି; ଦର୍ଶନ; ଦେଖିବା—
( ଅବଲୋକିତ—ବିଣ ) 1. Sight; seeing; viewing.
୨ । ଅନୁସନ୍ଧାନ—2. Investigation
୩ । ମନୋଯୋଗପୂର୍ବକ ଦେଖିବା; ପର୍ଯ୍ୟବେକ୍ଷଣ—
3. Review; observation.
୪ । (+କର୍ମ.ଅ)—ଯାହାଦ୍ୱାରା ଦେଖାଯାଏ)—ନୟନ;ନେତ୍ର—
4. Eye.

**ଅବଲୋକନୀୟ**—ସଂ. ବିଣ ( ଅବ+ଲୋକ ଧାତୁ+କର୍ମ. ଅନୀୟ)—
Abalokaniya ୧ । ଦର୍ଶନୀୟ; ଦେଖିବାର ଯୋଗ୍ୟ—
1. Fit to be seen.

**ଅବଲୋକିତ**—ସଂ. ବିଣ ( ଅବ+ଲୋକ ଧାତୁ+କର୍ମ. ତ )—
Abalokita ୧ । ଦୃଷ୍ଟ; ନିରୀକ୍ଷିତ—
I. Seen; viewed; perceived.
୨ । ପରିଦୃଷ୍ଟ—2. Observed; surveyed.
ସଂ. ବି—( +ଭାବ. ତ ) ଦର୍ଶନ; ଦୃଷ୍ଟି—
Sight; view.

**ଅବଲୋକିବା**—ଦେ. ପଦ୍ୟ. କ୍ରି (ସଂ. ଅବଲୋକନ)—ଚାହିଁବା;ଦେଖିବା—
Abalokibā To See.
ଅବଲୋକା ଏଣେ ସେ ଚମ୍ପତ ସଦା ଅବଲୋକୁଥିଲେ,
ଅବଲୋକନା ପରେଶର ସୌନ୍ଦର୍ଯ୍ୟରେ ଅନନ୍ତ ଦର୍ଶିଲ—
ଚନ୍ଦ୍ରାମଣି, ରାଧାନାଥ ।

**ଅବଲ୍‌ଗୁଜା**—ସଂ. ବି ( ବୈଦ୍ୟକ )—
Abalgujā ବାକୁଚି ( ଦେଖ ) ( ହରେକୃଷ୍ଣ—ଦ୍ରବ୍ୟଗୁଣ )—
ākuchi See )

**ଅବଶ**—ସଂ. ବିଣ. ୧ । ( ଅ=ନୁହେଁ+ବଶ=ଅଧୀନ)—
Abaśa ଅନାୟତ୍ତ; ଅବଶୀଭୂତ—
(ଅବଶା—ସ୍ତ୍ରୀ) 1. Uncontrolled; ungovernable.
୨ । ଅବାଧ୍ୟ—2. Disobedient.
୩ । ଅପରାଧୀନ; ସ୍ୱାଧୀନ—3. Independent.
୪ । ( ଅ=ନାହିଁ+ବଶ=ସ୍ୱାଧୀନତା, ଯାହାର ) ଅସ୍ୱାଧୀନ; ପରାଧୀନ; ପରତନ୍ତ୍ର; ପରବଶ—
4 Dependent; not free; subservient.
୫ । ଦୁର୍ବଳ—5. Weak.
୬ । ଚଳିବା ଶକ୍ତିରହିତ; ଅଚଳ—
6. Unmoving; having no power of movement.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମାନଙ୍କର ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ଭୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଁଖି' ନ ପାଇଲେ 'ଆଖି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୭ । କର୍ମଶକ୍ତିହୀନ; ନିସ୍ତେଜ—
7. Impotent; powerless.
୮ । ଶିଥିଳ—8. Benumbed; paralysed; slackened.
୯ । ନାଚାର; ଉପାୟାନ୍ତରହୀନ—9. Helpless

**ଅବଶିଷ୍ଟ**—ସଂ. ବିଣ (ଅବ + ଶିଷ ଧାତୁ = ଶେଷ ରହିବା + କର୍ମ. ତ)—
**Abaśishṭa** (ଅବଶେଷ—ବି) ୧ । ଯାହା ଶେଷକୁ ବାକି ଥାଏ; ବାକି—1. Left; remaining.
୨ । ବଳିପଡ଼ିଥିବା; ଉଦ୍‌ବୃତ୍ତ—2. Residual.
୩ । ଅତିରିକ୍ତ—3. Redundant.

**ଅବଶୀଭାବ**—ସଂ. ବି (ଅବଶ + ଅଭୂତ, ତଭାବେ ଚ୍ୱି + ଭାବ)—
**Abaśībhāba** (ଅବଶୀଭୂତ—ବିଣ) ବଶ୍ୟତାର ଅଭାବ; ଅବାଧ୍ୟତା—Disobedience.

**ଅବଶେ**—ଦେ. କ୍ରି. ବିଣ—( ସଂ. ଅବଶ )—
**Abaśe** অবশে लाचारीमें ୧ । ଅନାୟତ୍ତରେ—1. Without one's own controle.
୨ । ନାଚାର ହୋଇ—2. Having no other alternative.

ନାନରେ ଅବଶେ ବସେ ସୁରସ ବୃତ୍ତ ସେ ପଶେ
କୋଳେ ଅନ୍ନଦପ୍ରଦା ସେ ଦାସେ
ଭକ୍ତ. ପ୍ରେମସୁଧାନିଧି ।

**ଅବଶେନ୍ଦ୍ରିୟ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅବଶ ଅଟେ ଇନ୍ଦ୍ରିୟ ଯାହାର )—
**Abaśendriya**
୧ । ଅଜିତେନ୍ଦ୍ରିୟ; ଯାହାର ଇନ୍ଦ୍ରିୟମାନ ବଶୀଭୂତ ନୁହେଁ; ଇନ୍ଦ୍ରିୟପରାୟଣ—1. Not having one's organs of sense under control; sensual; indulgent.
୨ । ଯାହାର ଇନ୍ଦ୍ରିୟମାନ ଅସମର୍ଥ ହୋଇଅଛନ୍ତି—2. Having one's organs paralysed.

**ଅବଶେଷ**—ସଂ. ବି. (ଅବ + ଶିଷ ଧାତୁ = ଶେଷ କରିବା + ଭାବ. ଅ)—
**Abaśesha** (ଅବଶିଷ୍ଟ—ବିଣ) ୧ । ଉଦ୍‌ବୃତ୍ତ ବା ବାକି ରହିଥିବା ଅଂଶ—1. Remnant; remainder; remains; residue.
୨ । ଅନ୍ତ; ପରିଶେଷ; ସମାପ୍ତି—2. End; finish; completion.
୩ । ନିଃଶେଷ—3. Extinction; cessation.
୪ । ଖାଦ୍ୟାବଶେଷ—4. Orts.
୫ । ସୀମା; ପରିସୀମା—5. Limit.
ଦେ. ବିଣ—୧ । ଶେଷ ପାଇଥିବା; ସମାପ୍ତ—1. Ended; expired.

ଏ ସମସ୍ତେ ସଜ ହୋଇଲେ ଅବଶେଷ । କୃଷ୍ଣସିଂହ. ମହାଭାରତ. ଅବ ।
୨ । ଉଚ୍ଛିଷ୍ଟ—2. Left after meals.

ଦେବତା ପିତୃ ଅର୍ଥେ ମାଂସ
କେମନ୍ତେ ଦେବ ଅବଶେଷ । ଜଗନ୍ନାଥ. ଭାଗବତ. ୯ମ ।

୩ । ବାକି ରହିଥିବା; ଅବଶିଷ୍ଟ—3. Remaining.

ଭୂସ୍ତର ଅବଶେଷ ପୁନେ ତାହା ଦେଖି
ତନ୍ତଲେ ଧୃଷ୍ଟଦ୍ୟୁମ୍ନଙ୍କ ଶର ଯୋଖି । କୃଷ୍ଣସିଂହ. ମହାଭାରତ. ଶଲ୍ୟ ।

**ଅବଶେଷକୁ**—ଦେ. କ୍ରି. ବିଣ—ସର୍ବଶେଷରେ; ସମସ୍ତଙ୍କ ପରେ—
**Abaśeshaku** At last; finally.

**ଅବଶେଷରେ**—ଦେ. କ୍ରି. ବିଣ—ଅବଶେଷକୁ ( ଦେଖ )
**Abaśeshare** Abaśeshaku ( See )

**ଅବଶୋଶ୍**—ବୈଦେ. ବି—ଅବ୍‌ସୁସ୍ ( ଦେଖ )
**Abaśoś** Absus ( See )

ନଜରସ ଅବଶୋଶରେ ମର ପଡ଼ିଥିଲା, ମଙ୍ଗରାଜଙ୍କ ଝଙ୍କାର ଝଣ ଝଣ
ଶବ୍ଦରେ ବନ୍ଧ ଉଠିଲା ।—
ଫକୀରମୋହନ. ଛମାଣ ଅଠଗୁଣ୍ଠ ।

**ଅବଶ୍ୟ**—ସଂ. ବିଣ. ( ଅ + ବଶ୍ୟ )—
**Abaśya** (ଅବଶ୍ୟା—ସ୍ତ୍ରୀ) ୧ । ଅବଶୀଭୂତ; ଅବଶ; ଅନାୟତ୍ତ—1. Untamed; uncontrolled.
୨ । ନିଶ୍ଚୟ; ନିଃସନ୍ଦେହ—2. Certain.
ଦେ. କ୍ରି. ବିଣ—୧ । ନିଶ୍ଚେ; ଅଲ୍‌ବତ୍—
অবশ্য 1. Certainly; without fail.
अलबत ୨ । ନିଃସନ୍ଦେହରେ—2. Surely.

**ଅବଶ୍ୟ ଅବଶ୍ୟ**—ଦେ.ଅ. (କଥିତ ଅନୁରୋଧକୁ ଦୃଢ଼ୀକରଣାର୍ଥ ଦ୍ୱିତ୍ୱ)—
**Abaśya abaśya** ନିଶ୍ଚେ—Certainly.
অবশ্য অবশ্য
अलबत

**ଅବଶ୍ୟମ୍ଭାବିତା**—ସଂ. ବି. ( ଅବଶ୍ୟମ୍ଭାବିନ୍ + ଭାବ. ତା )—
**Abaśyaṁbhābitā** ୧ । ନିଶ୍ଚୟତା—1. Certainty; state of being inevitable.
୨ । ଭବିତବ୍ୟତା—2. Inevitability.

ଅବଶ୍ୟମ୍ଭାବିଭାବ—ସଂ. ବି. (କର୍ମଧା)—ଅବଶ୍ୟ ଘଟିବା ବିଷୟ—
**Abaśyaṁbhābibhāba** Inevitable things.

**ଅବଶ୍ୟମ୍ଭାବୀ**—ସଂ. ବିଣ. ( ଅବଶ୍ୟମ୍ = ନିଶ୍ଚୟ + ଭୂ ଧାତୁ = ହେବା + କର୍ତ୍ତୃ. ଇନ୍. ୧ମା. ୧ବ. )—
**Abaśyaṁbhābī** (ଅବଶ୍ୟମ୍ଭାବିନୀ—ସ୍ତ୍ରୀ) ଯାହା ଅବଶ୍ୟ ଘଟିବ—That which must take place or happen; inevitable; sure to take place.

**ଅବଶ୍ୟ କରଣୀୟ**—ସଂ. ବିଣ. (ସୁପ୍‌ସୁପ; ଅବଶ୍ୟ + କରଣୀୟ )—
**Abaśya karaṇīya** ଯାହା ନିଶ୍ଚେ କରିବାକୁ ହେବ—That which must needs be done; indispensable.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଯ୍ | ଉଅ | ଭ |
| ୨ | ଈ | ଊ | ରୁ | ଲ୍ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ୱ | ନ୍ତ |

**ଅବଶ୍ୟା**—ସଂ. ବିଣ. ସ୍ତ୍ରୀ. ( ଅବଶ୍ୟ + ସ୍ତ୍ରୀ. ଆ )—
Abaśyā ୧ । ଅବଶ୍ୟର ସ୍ତ୍ରୀଲିଙ୍ଗ—
1. Feminine of Abaśya.
୨ । ଅନାଯତ୍ତା (ସ୍ତ୍ରୀ); ସ୍ୱୈରିଣୀ—2. (a woman) Who is not under control of any guardian.

**ଅବଶ୍ୟାମ**—ସଂ. ବି. ( ଅବ + ଶ୍ୟୈ ଧାତୁ = ଶୀତ ବୋଧ ହେବା + ଭାବ. ମ; ଯାହା ଯୋଗୁଁ ଶୀତ ଘଟେ ।)—
Abaśyāma
୧ । କୁହୁଡ଼ି; କୁଜ୍ଝଟିକା—1. Fog; mist.
୨ । ହିମ; ଶିଶିର—2. Dew.
୩ । ଅହଙ୍କାର; ଅଭିମାନ; ଗର୍ବ—
3. Pride; arrogance.

**ଅବଶ୍ୟାୟ**—ସଂ. ବି. ( ଅବ + ଶ୍ୟୈ ଧାତୁ + ଭାବ. ଅ )—
Abaśyāya ଅବଶ୍ୟାମ ( ଦେଖ )
Abaśyāma ( See )

**ଅବଶ୍ରୟଣ**—ସଂ. ବି. ( ଅବ = ତଳକୁ + ଶ୍ରି ଧାତୁ = ପାକ କରିବା + ଭାବ. ଅନ )—ପାକାନ୍ତେ ପାକଦ୍ରବ୍ୟ ସହିତ ପାକପାତ୍ରକୁ ଚୁଲି ଉପରୁ ତଳକୁ ଓହ୍ଲାଇନେବା ବା ଓହ୍ଲାଇବା—Taking down of the cooking-pot from the grate after cooking.
Abaśrayaṇa

**ଅବଷ୍ଟବ୍ଧ**—ସଂ. ବିଣ. (ଅବ + ସ୍ତନ୍ଭ ଧାତୁ = ସ୍ତବ୍ଧ ହେବା + କର୍ମ. ତ) -
Abashṭabdha ୧ । ସ୍ତମ୍ଭୀଭୂତ; ସ୍ତବ୍ଧ; ସ୍ତମ୍ଭନ କରିଯାଇ ଥିବା—
1. Stopped; ceased; calmed.
୨ । ଆବଦ୍ଧ; ବଦ୍ଧ—2. Bound.
୩ । ସଂଯତ—3. Controlled; restrained.
୪ । ରୁଦ୍ଧ; ଅବରୁଦ୍ଧ—4. Confined; obstructed.
୫ । ପରିବେଷ୍ଟିତ—5. Surrounded.
୬ । ଅଭିଭୂତ; ଆକ୍ରାନ୍ତ—
6. Overwhelmed; attacked.
୭ । ଆରବ୍ଧ—7. Commenced.
୮ । ରକ୍ଷିତ—8. Preserved; protected.
୯ । ( + କର୍ତ୍ତୃ. ତ ) ଅବଲମ୍ବିତ—9. Held.
୧୦ । ଆସନ୍ନ—10. Adjacent.
୧୧ । ସୂଚିତ—11. Indicated.
୧୨ । ଥମ୍ଭିଯାଇ ଥିବା—12. Ceased; stopped.
୧୩ । ଜଡ଼ୀଭୂତ—13. Paralysed.
୧୪ । ଯାହାକୁ ଆଶ୍ରୟ ମିଳିଅଛି—14 Supported.

**ଅବଷ୍ଟମ୍ଭ**—ସଂ. ବି. ( ଅବ + ସ୍ତନ୍ଭ ଧାତୁ + ଭାବ. ଅ )—
Abashṭambha ୧ । ସ୍ତମ୍ଭ; ସ୍ତମ୍ଭୀଭାବ; ରୋଧ; ଠିଆହୋଇ-ରହିବା—1. Cessation; stoppage; restraint.
୨ । ବାଧା—2. Obstruction; impediment.
୩ । ସୂଚନା—3. Indication.
୪ । ଆକ୍ରମଣ—4. Assault; attack.
୫ । ଆରମ୍ଭ—5. Commencement.
୬ । ଉତ୍କର୍ଷ—6. Excellence.
୭ । ଅବଲମ୍ବନ—7. Support.
୮ । ସୁବର୍ଣ୍ଣ—8. Gold.
୯ । ସୌଷ୍ଠବ—9. Symmetry.
୧୦ । ଅହଂକାର—10. Pride.
୧୧ । ବେଷ୍ଟନ—11. Surrounding.
୧୨ । ଅଭିମାନ—12. Sullenness.
୧୩ । ସାମୀପ୍ୟ—13 Vicinity.

**ଅବସ**—ସଂ. ବି. ( ଅବ୍ ଧାତୁ = ରକ୍ଷା କରିବା + କର୍ତ୍ତୃ. ଅସ )—
Abasa ୧ । ରାଜା—1. The king.
୨ । ସୂର୍ଯ୍ୟ—2. The sun.
୩ । (+ ଭାବ. ଅସ) ରକ୍ଷଣ—3. Protection.

**ଅବସକ୍ତ**—ସଂ. ବିଣ ( ଅବ + ସନ୍ଜ ଧାତୁ = ଲାଗିବା + କର୍ମ. ତ )—
Abasakta ସମ୍ବଦ୍ଧ; ସଂଯୁକ୍ତ—Connected with; attached to.

**ଅବସକ୍ଥିକା**—ସଂ. ବି. (ଅବ = ଗୁରୁଅଡ଼େ + ସକ୍ଥି = ଊରୁଦେଶ + କ + ସ୍ତ୍ରୀ.ଆ)—ବସ୍ତ୍ରାଦଦ୍ୱାରା ଜାନୁ ଓ ଜଙ୍ଘ ବାନ୍ଧି ଉପବେଶନ କରିବା; ପର୍ଯ୍ୟଙ୍କ ବନ୍ଧ ବସ୍ତ୍ର—Squatting on the buttocks by tying the knees and the back with a piece of cloth.
Abasakthikā

**ଅବସଥ**—ସଂ. ବି. ( ଅବ + ସୋ ଧାତୁ = ସୁସ୍ଥ ହେବା + ସଂଜ୍ଞାର୍ଥ. ଅଥ; ଯେଉଁଠାରେ ଲୋକେ ସମ୍ୟକ୍ ପରିତୃପ୍ତ ହୁଅନ୍ତି )—
Abasatha
୧ । ବାସଭୂମି; ଆବାସ—1. Residence; house.
୨ । ଗ୍ରାମ—2. Village.
୩ । ଛତ୍ର; ପଥିକମାନଙ୍କ ବିଶ୍ରାମ ସ୍ଥାନ—3. Rest-house.
୪ । ପାଠଶାଳା—4. School.
୫ । ଛକ; ଅଡ୍ଡା—5. Place of gathering.
୬ । ଆଖଡ଼ା—
6. Gymnasium; training house.

**ଅବସଥ୍ୟ**—ସଂ. ବି ( ଅବ + ସୋ ଧାତୁ + ଥ୍ୟ )—ଅବସଥ ( ଦେଖ )
Abasathya Abasatha ( See )

**ଅବସନ୍ଧ**—ଗ୍ରା. ବି ( ସଂ. ଅଭିସନ୍ଧି )—୧ । ଅଭିସନ୍ଧି; ଗୂଢ଼ ଉଦ୍ଦେଶ୍ୟ—
Abasandhi 1. Secret aim.
୨ । ଗୁପ୍ତକଥା—2. Secret.
୩ । ଗୁପ୍ତସ୍ଥାନ—3. Secret place.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚଣ୍ଡିତ ଅକ୍ଷର ଓ ମାତ୍ରା ଏବଂ ୨ ଚଣ୍ଡିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚଣ୍ଡିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚଣ୍ଡିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୋ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍‌' ଦେଖିବେ ।

**ଅବସନ୍ନ**—ସଂ. ବିଣ ( ଅବ + ସଦ୍ ଧାତୁ + କର୍ତ୍ତୃ. ତ )—
Abasanna ୧ । ଅବସାଦପ୍ରାପ୍ତ; ବିଷଣ୍ଣ; ବିମର୍ଷ; ମ୍ଳାନ; ନିସ୍ତେଜ—
(ଅବସନ୍ନା—ସ୍ତ୍ରୀ) 1. Drooping; dejected.
(ଅବସାଦ; ଅବସନ୍ନତା—ବି) ୨ । ସ୍ଫୂର୍ତ୍ତିରହିତ—
2. Languid; shorn of vigour; relaxed
୩ । ଶ୍ରାନ୍ତ; କ୍ଳାନ୍ତ—3. Fatigued; tired out.
୪ । ଦୁର୍ବଳୀକୃତ—4. Weakened.
୫ । ଅସ୍ତଗତ—5. Set.
୬ । ଅବସାନ ପ୍ରାପ୍ତ; କ୍ଷୟ ପ୍ରାପ୍ତ—
6. Exhausted; decayed.

**ଅବସନ୍ନତା**—ସଂ. ବି ( ଅବସନ୍ନ + ଭାବ. ତା )—ଅବସାଦ (ଦେଖ)
Abasannatā Abasāda ( See )

**ଅବସବ୍ୟ**—ସଂ. ବି (ଅବ = ବିପରୀତ + ସବ୍ୟ = ବାମ)— ବାମେତରଦିଗ; ଡାହାଣ ପାଖ—Right side.
Abasabya
ସଂ. ବିଣ—ଅପସବ୍ୟ; ବାମେତର; ଦକ୍ଷିଣ; ଡାହାଣ—
Right ( side )
ଗ୍ରା. ବିଣ. ( ସଂ. ଅସଭ୍ୟ )—ଅବସଭ୍ୟ ( ଦେଖ )
Abasabhya ( See )

**ଅବସଭ୍ୟ**—ଗ୍ରା. ବିଣ ( ସଂ. ଅସଭ୍ୟ )—୧ । ଅସଭ୍ୟ; ବର୍ବର—
Abasabhya 1. Uncivilised; rude.
অসভ্য ୨ । ଅଶ୍ଳୀଳ—2. Indecent.
**असभ्य**

**ଅବସର**—ସଂ. ବି ( ଅବ + ସୃ ଧାତୁ = ଗମନ କରିବା + ଭାବ. ଅ )—
Abasara ୧ । ଫୁର୍‌ସତ୍‌; ଅବକାଶ; କାର୍ଯ୍ୟରୁ ଛୁଟି ବା
(ଅନବସର—ବିପରୀତ) ବିଶ୍ରାମ—1. Leave; leisure or rest from work.
୨ । ସୁବିଧା; ସୁଯୋଗ; ସୁସମୟ—
2. Opportunity; opportune time.
ଠିକ୍ ଯାଇ ଅବସର, କଲେ ତୁ ପ୍ରସଙ୍ଗ ମୋର, ଶିବ ଭଗବନ୍ତେଙ୍କୁ ଛଳରେ—
କବିସୂର୍ଯ୍ୟ. କଣୋଗବଙ୍କ ଠ. ଗୀତ ।
୩ । ଉପଲକ୍ଷ—3. Occasion.
୪ । ପ୍ରସ୍ତାବ—4. Proposal.
୫ । ପ୍ରସଙ୍ଗ—5. Connection; context.
୬ । ପ୍ରାରମ୍ଭ—6. Beginning; commencement.
୭ । କାର୍ଯ୍ୟର ସୀମା—7. Scope.
୮ । ଶୂନ୍ୟସ୍ଥାନ; ଫାଙ୍କ—
8. Space; vacant space.
୯ । ବୃଷ୍ଟି—9. Rain.
୧୦ । ବର୍ଷ—10. Year.

**ଅବସରକ୍ରମେ**—ଦେ. କ୍ରି. ବିଣ—୧ । ସୁବିଧା ବା ସୁଯୋଗ ଅନୁସାରେ—
Abasarakrame 1. According to suitable time
অবসরক্রমে or opportunity; when opportunity
**मौकापर** or occasion arises
୨ । ଫୁର୍‌ସତ୍ ଥିବା ସମୟରେ—2. At leisure.

**ଅବସରପ୍ରାପ୍ତ**—ଦେ. ବିଣ—୧ । ଯାହାକୁ କାର୍ଯ୍ୟରୁ ଛୁଟି ମିଳିଥାଏ—
Abasaraprāpta 1. ( a person ) On leave; on holidays.
অবসরপ্রাপ্ত
୨ । ପେନ୍‌ସନ୍ ପାଇ କାମ ଛାଡ଼ିଥିବା—2. Retired.

**ଅବସର୍ପ**—ସଂ. ବି. ୧ । (ଅବ + ସୃପ. ଧାତୁ = ଗମନ କରିବା + ଭାବ. ଅ)—ଗମନ—1. Going.
Abasarpa
( ଅବସର୍ପିଣୀ—ସ୍ତ୍ରୀ ) ୨ । ଗତି—2. Motion.
( ଅବସର୍ପିତ—ବିଣ ) ୩ । (+ କର୍ତ୍ତୃ. ଅ) ଦୂତ; ପ୍ରଣିଧି—
3. Emissary.
୪ । ଗୁପ୍ତଚର—4. Spy.

**ଅବସର୍ପଣ**—ସ. ବି. ( ଅବ + ସୃପ. ଧାତୁ + ଭାବ. ଅନ ) = ଅବସର୍ପ;
Abasarpaṇa ସ୍ଥାନାନ୍ତରକୁ ଗମନ—Going to another place.

**ଅବସର୍ପିଣୀ**—ସ. ବି. ସ୍ତ୍ରୀ (ଅବସର୍ପ + ଇନ୍ + ସ୍ତ୍ରୀ. ଈ)—
Abasarpinī ୧ । ଦୂତିକା ବା ସ୍ତ୍ରୀ-ଦୂତ—
1. A female-emissary.
୨ । ଜୈନମାନଙ୍କ ଗଣନାରେ କାଳ ସଂଖ୍ୟା ବିଶେଷ (ଏହା ଦଶ କୋଟି କୋଟି ସାଗର ବର୍ଷରେ ସମାପ୍ତ ହୁଏ )—
2. A unit of time—(millions of millions of years) according to the calculation of the Jainas.
ସଂ. ବିଣ. ସ୍ତ୍ରୀ (ଅବସର୍ପିନ୍ + ସ୍ତ୍ରୀ. ଈ )—ଅବସର୍ପୀର ସ୍ତ୍ରୀଲିଙ୍ଗ—
Feminine of Abasarpı.

**ଅବସର୍ପୀ**—ସଂ. ବିଣ. ପୁଂ (ଅବ + ସୃପ ଧାତୁ + କର୍ତ୍ତୃ. ଇନ୍; ୧ମା. ୧ବ)—
Abasarpī ସ୍ଥାନାନ୍ତରକୁ ଗତ—Gone to another
(ଅବସର୍ପିଣୀ—ସ୍ତ୍ରୀ) place; removed to another place
ସଂ. ବି. ପୁଂ—୧ । ଦୂତ—1. Emissary.
୨ । ଗୁପ୍ତଚର—2. Spy.

**ଅବସାଦ**—ସଂ. ବି (ଅବ + ସଦ ଧାତୁ = କ୍ଳାନ୍ତ ହେବା + ଭାବ. ଅ)—
Abasāda ୧ । ଅବସନ୍ନତା; ଜଡ଼ତା; ଶିଥିଳତା—
ଅବସନ୍ନ । ବିଣ 1. Languor; exhaustion;
ଅବସାଦିତ । lethargy.
୨ । କ୍ଳାନ୍ତି; ଶ୍ରାନ୍ତି—2. Fatigue; weariness.
୩ । ସ୍ଫୂର୍ତ୍ତିହୀନତା; ଉତ୍ସାହହୀନତା—3. Want of vigour; dullness; depression.
୪ । ନୈରାଶ୍ୟ—4. Despair.
୫ । ଦୈନ୍ୟ—5. Poorness.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ସ | କ୍ଷ | ଇୟ | ଉଅ | ଢ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ | ଯ | ସ | ଗଁ | ଇଅ | ● | ହ୍ନ |

୬ । ନାଶ; କ୍ଷୟ—6. Decay; exhaustion.
୭ । ଖେଦ; ବିଷାଦ—7. Dejection; sorrow; grief.
୮ । ବିରାମ; ଶେଷ—8. End; cessation.
୯ । ପରାଜୟ—9. Defeat

**ଅବସାଦକ**—ସଂ. ବିଣ (ଅବ+ସଦ ଧାତୁ. ଣିଚ, ସାଦ ଧାତୁ=କ୍ଲାନ୍ତ
Abasādaka କରିବା+କର୍ତ୍ତୃ. ଅକ)—୧ । ଯେ ବସ୍ତୁ ଯାହା
(ଅବସାଦିକା—ସ୍ତ୍ରୀ) ଜଡ଼ତା ଉତ୍ପାଦନ କରେ—1. Paralysing; producing languor or lassitude.
୨ । ଯାହା ବିଷାଦ ଉତ୍ପାଦନ କରେ—2. Depressing.
୩ । କ୍ଲାନ୍ତିଜନକ—Tiresome.

**ଅବସାଦନ**—ସଂ.ବି.(ଅବ+ସଦ ଧାତୁ ଣିଚ୍ ସାଦ. ଧାତୁ+ଭାବ. ଅନ)—
Abasādana ୧ । ଅବସନ୍ନ କରାଇବା—1. Causing of languor or exhaustion.
୨ । ବିନାଶନ—2. Destroying.
୩ । କ୍ଲାନ୍ତି ଉତ୍ପାଦନ—3. Causing or producing weariness.
୪ । ବଳହାନି କରଣ—4. Making powerless.
୫ । ଜଡ଼ୀକରଣ—5. Paralysing.
୬ । ନିଃଶେଷକରଣ—6. Exhaustion.
୭ । ବିନାଶ—7. Destruction.
୮ । କ୍ଷୟ—8. Decay

**ଅବସାଦିତ**—ସଂ. ବିଣ (ଅବ+ସଦ ଧାତୁ. ଣିଚ୍, ସ.ଦ. ଧାତୁ+କର୍ମ.
Abasādita ତ)—୧ । ଅବସାଦପ୍ରାପ୍ତ; ଅବସନ୍ନ—1. Depressed.
୨ । କ୍ଲାନ୍ତ—2. Worn out.
୩ । ବିନଷ୍ଟ—3. Destroyed.
୪ । ବିଷାଦିତ; ଖିନ୍ନ—4. Dejected.
୫ । ନିଃଶେଷିତ—5. Exhausted.

**ଅବସାନ**—ସଂ. ବି (ଅବ+ସୋ ଧାତୁ=ଶେଷ କରିବା+ଭାବ. ଅନ)—
Abasāna ୧ । ଶେଷ—1. End; termination; conclusion
୨ । ସମାପ୍ତି—2. Completion.
୩ । ମୃତ୍ୟୁ—3. Death.
୪ । ବିରାମ—4. Cessation.
୫ । ସୀମା; ପର୍ଯ୍ୟନ୍ତ—5. Limit.
୬ । ନିଶ୍ଚୟ; ନିର୍ଦ୍ଧାରଣ—6. Ascertainment; certainty.
୭ । ଅବସାଦ—7. Languor; lassitude.
୮ । ଅବସ୍ଥାନ; ସ୍ଥିତି—8. Existence,
୯ । କ୍ଷୟ—9. Decline; decay.

**ଅବସାୟ**—ସଂ. ବି. (ଅବ+ସୋ ଧାତୁ=ସମାପନ କରିବା+ଭାବ.ଅ)—
Abasāya ଅବସାନ ( ଦେଖ )—Abasāna ( See )
( ଅବସିତ—ବିଣ )

**ଅବସାରଣ**—ସଂ. ବି. ( ଅବ+ସୃ ଧାତୁ ଣିଚ, ସାର. ଧାତୁ=ଘୁଞ୍ଚାଇବା
Abasāraṇa +ଭାବ. ଅନ )—ଅପସାରଣ; ସ୍ଥାନାନ୍ତରକୁ
(ଅବସାରିତ—ବିଣ) ଘୁଞ୍ଚାଇଦେବା—Removal of a thing.

**ଅବସିତ**—ସଂ. ବିଣ. (ଅବ+ସୋ ଧାତୁ=ଶେଷ କରିବା+କର୍ମ. ତ)—
Abasita ୧ । ସମାପ୍ତ; ସମାପିତ—1. Finished; completed.
୨ । ସ୍ଥିରୀକୃତ; ନିଶ୍ଚିତ—2 Ascertained; settled.
୩ । ଅବସାନ ପ୍ରାପ୍ତ—3. Ended,
୪ । ବୋଧିତ—4. Comprehended; understood.
୫ । ବିଗତ; ଗତ—5. Gone.
୬ । ଅତୀତ—6. Past.
୭ । ପରିଣତ; ପରିଣତିପ୍ରାପ୍ତ—7. Developed.
୮ । ବିଦିତ; ଜ୍ଞାତ - 8. Known.
୯ । ସଞ୍ଚିତ—9. Stored,
୧୦ । (ଅବ+ସି ଧାତୁ=ବନ୍ଧନ କରିବା+କର୍ମ. ତ)—ବଦ୍ଧ—10. Tied.
ସଂ. ବି. (ଅବ+ସୋ ଧାତୁ+ଭାବ. ତ)—
୧ । ଅବସାନ; ଶେଷ ହେବା ଅବସ୍ଥା; ସମାପ୍ତି—1. Completion; end.
୨ । ଅପସାରଣ; ଦୂରୀକରଣ—2. Removal.

**ଅବସୃତ**—ସଂ. ବି. (ଅବ+ସୃ ଧାତୁ+କର୍ମ. ତ)—୧ । ଅପସୃତ
Abasṛuta 1. Removed.
(ଅବସାରଣ—ବି) ୨ ।(+କର୍ତ୍ତୃ. ତ)ଅବସରପ୍ରାପ୍ତ—2. At leisure.

**ଅବସ୍କନ୍ଦ**—ସଂ. ବି. (ଅବ=ବହିର୍+ସ୍କନ୍ଦ ଧାତୁ=ଗମନ କରିବା+
Abaskanda ଭାବ. ଅ) ୧ । ଯାତ୍ରା; ଗମନ—1. Going; starting.
୨ । ଅବରୋଧ—2. Siege; encompassing.
୩ । ଆକ୍ରମଣ—3. Attack.
୪ । ନିରୋଧ; ରୋଧ—4. Obstruction.
୫ । ଅବରୋହଣ; ଅବତରଣ—5. Descending; alighting.
୬ । ଅବଗାହନ—6. Bathing; immersion
୭ । (+ଅଧିକରଣ. ଅ; ଯେଉଁଠାରେ ସୈନ୍ୟମାନେ ବିଶ୍ରାମ କରନ୍ତି)—ଶିବିର; ଛାଉଣି; ସେନାନିବାସ; ସ୍କନ୍ଧାବାର—7. Military camp; encampment; barracks.
୮ । ତମ୍ବୁ; ପଟଗୃହ—8. Tent.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧ୍' ନ ପାଇଲେ 'ବନ୍ଧ୍' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅବସ୍କନ୍ଦନ**—ସଂ. ବି. (ଅବ+ସ୍କନ୍ଦ ଧାତୁ+ଭାବ.ଓ ଅଧିକରଣ.ଅନ)—
Abaskandana ଅବସ୍କନ୍ଦ (ଦେଖ)
Abaskanda (See)

**ଅବସ୍କର**—ସଂ.ବି.(ଅବ=ନିମ୍ନକୁ+କୃ ଧାତୁ=ବିକ୍ଷିପ୍ତ କରିବା+କର୍ମ.ଅ; ଯାହା ଝାଡ଼ୁଣୀ ଦ୍ୱାରା ଫୋପଡ଼ା ଯାଏ)—
Abaskara
୧ । ଆବର୍ଜନା; ଝାଟିଆ; ଅଳିଆ—1. Sweepings; refuse.
୨ । ସମ୍ମାର୍ଜନୀ ଦ୍ୱାରା ବିକ୍ଷିପ୍ତ ଧୂଳି—2. Dust scattered by the broom.
୩ । ମଳ; ବିଷ୍ଠା—3. Ordure.
୪ । ମଇଳା—4. Dirt
୫ । (+ଅପାଦାନ. ଅ; ଯେଉଁ ଠାରୁ ମଳ ନିର୍ଗତ ହୁଏ)—ଗୁହ୍ୟଦ୍ୱାର; ମଳଦ୍ୱାର—5. Anus.
୬ । ( +ଅଧିକରଣ. ଅ )—ଅଳିଆଗଦା; ଖତକୁଡ଼; ମଇଳା ରଖିବାର ପାତ୍ର—6. Dust-bin.
୭ । ପାଇଖାନା—7. Latrine

**ଅବସ୍କରକ**—ସଂ ବି. ପୁଂ (ଅବ+କୃ ଧାତୁ +କର୍ତ୍ତୃ. ଅକ)—
Abaskaraka ୧ । ଝାଡ଼ୁଦାର; ମେହେନ୍ତର—
(ଅବସ୍କରିକା-ସ୍ତ୍ରୀ) 1. A sweeper.
୨ । ଝାଡ଼ୁ; ଝାଡ଼ୁଣୀ—2. Broom.

**ଅବସ୍କରା**—ଦେ. ବି. ( ସଂ. ଅବସ୍କର )—ଆବର୍ଜନା; ଝାଟିଆ—
Abaskarā Sweepings.
অবস্করা; আস্কারা ଦେ. ବିଣ. ୧ । ଆବର୍ଜନାମୟ; ଅସ୍ୱାସ୍ଥ୍ୟ—
कुड़ाकरकट 1. Full of refuse or dirt.
୨ । ଅପରିଷ୍କୃତ—2. Uncleansed.
୩ । ଓଳିଆ ହୋଇ ନ ଥିବା—3. Unswept.
୪ । ମଇଳାପୂର୍ଣ୍ଣ—4. Dirty.
୫ । ଧୂଳିମୟ—5. Full of dust

**ଅବସ୍ତରଣ**—ସଂ. ବି. (ଅବ+ସ୍ତୃ ଧାତୁ+ଭାବ. ଅନ)—ବିସ୍ତାରିବା—
Abastaraṇa Spreading out (Apte)

**ଅବସ୍ଥା**—ଗ୍ରା. ବି ( ସ. ଅବସ୍ଥା )—୧ । ଅବସ୍ଥା ( ଦେଖ )
Abastā 1. Abasthā ( See )
୨ । ଦୁରବସ୍ଥା; ମନ୍ଦ ଅବସ୍ଥା—2. Bad condition.
୩ । ଦୁର୍ଦ୍ଦଶା—3. Misfortune; evil.
୪ । କ୍ଷୀଣଦେହତା—4. Leanness.
୫ । ସାଂସାରିକ ଅବସ୍ଥା—5 Worldly condition.
୬ । ଦୁର୍ବଳତା—6. Weakness
୭ । ବୈଷୟିକ ଅବସ୍ଥା—7. Material condition.
୮ । କ୍ଲେଶ; ଦୁଃଖଭୋଗ—8. Misery; suffering.
୯ । ଦୈହିକ ଅବସ୍ଥା—9. Bodily condition.
୧୦ । ଚେହେରା—10. Appearance.
୧୧ । ଅତି ଦୈନ୍ୟାବସ୍ଥା—11. Utter poverty.
ଗ୍ରା. ବିଣ—୧ । କ୍ଷୀଣ—1. Weak; emaciated
୨ । ଦୁର୍ବଳ—2. Weak.
୩ । ଦୁର୍ଦ୍ଦଶାଗ୍ରସ୍ତ—3. Suffering from misfortune.

**ଅବସ୍ଥା ଦେବା**—ଗ୍ରା. କ୍ରି—ଅନ୍ୟକୁ ଦୁଃଖ, କଷ୍ଟ ବା ପୀଡ଼ା ଦେବା—
Abastā debā To oppress or harass another.
অবস্তা করা
बेहाल करना

**ଅବସ୍ଥା ପାଇବା**—ଦେ. କ୍ରି —ଦୁଃଖ ବା କଷ୍ଟ ଭୋଗ କରିବା—
Abastā pāibā To suffer misery.

**ଅବସ୍ତାର**—ସ. ବି ( ଅବ+ସ୍ତୃ ଧାତୁ+କର୍ମ. ଅ; ଯାହାକୁ ମେଲାଇ ଦିଆଯାଏ )—
Abastāra
୧ । ପରଦା—1. Screen; curtain.
୨ । ମୁନ୍ଦୁରା; ମସିଣା—2. Mat.
୩ । ତମ୍ବୁର କନାତ ବାଡ଼—
3 Wall of cloth round a tent.
୪ । ଘୋଡ଼ଣି; ଘଟାଟୋପ—4. Covering ( Apte )

**ଅବସ୍ଥା ହେବା**—ଗ୍ରା. କ୍ରି ( ସ. ଅବସ୍ଥା )—
Abastā hebā ୧ । ଅତି କ୍ଷୀଣ ବା ଦୁର୍ବଳ ହେବା—
অবস্থা হওয়া 1. To be very weak or lean.
बेहाल होना ୨ । ଦୁର୍ଦ୍ଦଶାଗ୍ରସ୍ତ ହେବା—
2. To suffer misfortune.

**ଅବସ୍ତୁ**—ସଂ. ବି ( ଅ+ବସ୍ତୁ )—୧ । ଅକିଞ୍ଚିତ୍କର ପଦାର୍ଥ—
Abastu 1. Insignificant thing.
୨ । ନିକୃଷ୍ଟ ବସ୍ତୁ—2. Inferior thing
୩ । ନିନ୍ଦ୍ୟ ବିଷୟ—
3. A blameworthy matter.
୪ । ( ବେଦାନ୍ତ ) ବ୍ରହ୍ମାତିରିକ୍ତ ଜଗତର ଅନ୍ୟ ସମସ୍ତ ପଦାର୍ଥ—
4. All things in the world except the universal Divine Spark.
୫ । ସାଂସାରିକ ବିଷୟ—
5. Worldly or mundane matters.
୬ । ଅବାସ୍ତବତା—6. Unreality.
୭ । ଅସତ୍ତ୍ୱ; ଅବିଦ୍ୟମାନତା—7. Non-entity.
୮ । କିଛି ନୁହେଁ—8. Nothing.
ସ. ବିଣ—( ବହୁବ୍ରୀହି; ଅ=ନାହିଁ+ବସ୍ତୁ=ସାର, ଯହିଁରେ );
୧ । ଅସାର—1. Unsubstantial.
୨ । ଅବିଦ୍ୟମାନ; ଅସତ୍—2. Non-existing.
୩ । ଅବାସ୍ତବ—3 Unreal.
୪ । ଗୁଣହୀନ—4. Worthless.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଙ୍ଘ | ଞ୍ଚ | ଛ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଁୟ | ଙ୍ଖ | ଞ୍ଚ | କୃ |

**ଅବସ୍ତୁନିର୍ବନ୍ଧପର**—ସଂ. ବଣ. ପୁଂ ( ୭ମୀ ତତ୍; ବହୁବ୍ରୀହି; ଅବସ୍ତୁରେ
Abastunirbandhapara ନିର୍ବନ୍ଧ ଅଛି ସକଳ ଆଶ୍ରୟ
( ଅବସ୍ତୁନିର୍ବନ୍ଧପରା—ସ୍ତ୍ରୀ ) ଯାହାର)—

୧ । ନିନ୍ଦିତ ବା ନିକୃଷ୍ଟ ବସ୍ତୁ ପ୍ରତି ଆକାଂକ୍ଷାଯୁକ୍ତ (ବ୍ୟକ୍ତି)—
1. Aiming at or hankering after an unworthy object; intent on a bad object.

୨ । ଅବାସ୍ତବ ବସ୍ତୁକୁ ଗ୍ରହଣ କରିବାକୁ ଉଦ୍ୟମ କରୁଥିବା ( ବ୍ୟକ୍ତି )—2. Running after an unreality.

**ଅବସ୍ତ୍ର**—ସଂ. ବଣ. ପୁଂ. ( ବହୁବ୍ରୀହି; ଅ=ନାହିଁ+ବସ୍ତ୍ର, ଯାହାର )—
Abastra ବସ୍ତ୍ରହୀନ; ଯେ ଲୁଗା ପିନ୍ଧି ନାହିଁ; ନଗ୍ନ; ଉଲଗ୍ନ—
(ଅବସ୍ତ୍ରା—ସ୍ତ୍ରୀ) Clothless; nacked; unclothed.

ସଂ. ବି. ( ଅ=ନିକୃଷ୍ଟ+ବସ୍ତ୍ର )—ମନ୍ଦ ବସ୍ତ୍ର—
Bad or wretched cloth.

**ଅବସ୍ଥା**—ସଂ. ବି. ( ଅବ+ସ୍ଥା ଧାତୁ=ଥିବା+ଭାବ. ଅ )—
Abasthā ୧ । ସ୍ଥିତି—1. Position.
(ଅବସ୍ଥିତ—ବଣ) ୨ । ଦଶା—2. Condition.
୩ । ଭାବ—3. State.

୪ । କାଳ ଅନୁସାରେ ଘଟୁଥିବା ଦଶା ବା ପ୍ରକାର—
4. Condition or circumstance arising in course of time.

୫ । ପ୍ରକାର—5. Manner; mode

୬ । ଭାଗ୍ୟ—6. Destiny; luck; lot.

୭ । ପରିମାଣ—7. Quantity; measure.

୮ । ସାଂସାରିକ ବା ବୈଷୟିକ ଭାବ—
8. Worldly or material condition.

୯ । ସଙ୍ଗତି; ସମୃଦ୍ଧି—9. Affluency; riches.

୧୦ । ସୌଭାଗ୍ୟ 10. Good luck; fortune.

୧୧ । ସୁଯୋଗ; ସୁବିଧା—11. Opportunity.

୧୨ । ଲକ୍ଷଣ—12. Sign.

୧୩ । ଗୁରୁତର ଅବସ୍ଥା—13. Critical state; crisis.

୧୪ । ଜୀବନର ଭିନ୍ନ ଭିନ୍ନ ସମୟ—
14. Stage or period of life

୧୫ । ଜୀବନର ଭିନ୍ନ ଭିନ୍ନ ସମୟରେ ଘଟୁଥିବା ଅବସ୍ଥା ବା ଦଶା—
15. Successive stages of a person's life.

୧୬ । ରୂପ; ଚେହେରା—16. Form; appearance.

୧୭ । ସ୍ଥାୟୀଭାବ—17. Fixity; stability.

୧୮ । କଚେରିରେ ମକଦ୍ଦମା ସମ୍ପର୍କରେ ପକ୍ଷାଦିଙ୍କର ଉପସ୍ଥିତି—
18. Appearance in a court of law. ( Apte )

୧୯ । ସ୍ତ୍ରୀ ଜନନେନ୍ଦ୍ରିୟ; ଯୋନି—
19. The female-organ of generation ( Apte )

ଦେ. ବି—ଅବସ୍ଥା ( ଦେଖ )
Abastā ( See )

**ଅବସ୍ଥାଚତୁଷ୍ଟୟ**—ସଂ. ବି. ( ୬ଷ୍ଠୀ ତତ୍; ଅବସ୍ଥା+ଚତୁଷ୍ଟୟ )—
Abasthāchatushṭaya ୧ । ଜୀବନର ଚାରିଗୋଟି ବୟୋଦଶା—
1. The four stages of life.

[ ଯଥା—ବାଲ୍ୟ-ଜନ୍ମଠାରୁ ପାଞ୍ଚବର୍ଷ ଯାଏ; କୌମାର—୫ବର୍ଷଠାରୁ ୧୬ ବର୍ଷ ଯାଏ; ଯୌବନ—୧୬ ବର୍ଷଠାରୁ ୭୦ ବର୍ଷ ପର୍ଯ୍ୟନ୍ତ ଓ ଜରା ବା ବାର୍ଦ୍ଧକ୍ୟ—୭୦ ବର୍ଷ ଠାରୁ ଊର୍ଦ୍ଧ୍ୱ । ମତାନ୍ତରରେ କେହି ଏହି ବୟୋଦଶାକୁ ୩, କେହି ୫, କେହି ୬, କେହି ଅବା ୧୦ ଭାଗ କରନ୍ତି । ଉଦାହରଣ ସ୍ୱରୂପ ( ୧ ) ଜନ୍ମାବଧି ୫ ବର୍ଷ=ପୌଗଣ୍ଡ ( ୨ ) ୫ ଠାରୁ ୧୦ ବର୍ଷ=ବାଲ୍ୟ ( ୩ ) ୧୦ ଠାରୁ ୧୬ ବର୍ଷ ପର୍ଯ୍ୟନ୍ତ=କୌମାର ( ୪ ) ୧୬ ଠାରୁ ୩୦ ପର୍ଯ୍ୟନ୍ତ=ଯୌବନ । ବୈଦ୍ୟଶାସ୍ତ୍ର ମତରେ—ପନ୍ଦର ବର୍ଷ ଯାଏ ବାଲ୍ୟ; ତିରିଶ ବର୍ଷ ଯାଏ କୌମାର; ପଚିଶ ବର୍ଷ ଯାଏ ଯୌବନ ଓ ୫୦ ବର୍ଷରୁ ଊର୍ଦ୍ଧ୍ୱ ହେଲେ ବାର୍ଦ୍ଧକ୍ୟ । ସ୍ମୃତି ମତରେ ଜନ୍ମ ଠାରୁ ୫ ବର୍ଷ ଯାଏ କୌମାର; ୬ ବର୍ଷ ଠାରୁ ୧୦ ବର୍ଷ ଯାଏ ପୌଗଣ୍ଡ; ୧୧ ବର୍ଷ ଠାରୁ ୧୫ ବର୍ଷ ଯାଏ କୈଶୋର; ୧୬ ବର୍ଷ ପର୍ଯ୍ୟନ୍ତ ବାଲ୍ୟ; ୧୭ ବର୍ଷ ଠାରୁ ୭୦ ବର୍ଷ ପର୍ଯ୍ୟନ୍ତ ଯୌବନ; ୭୦ ବର୍ଷ ଠାରୁ ୯୦ ବର୍ଷ ପର୍ଯ୍ୟନ୍ତ ବାର୍ଦ୍ଧକ୍ୟ । ]

୨ । ଦ୍ୱିଜାତିମାନଙ୍କର ଜୀବନର ଚାରିଗୋଟି ଆଶ୍ରମ ( ଯଥା—ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ୍ୟ, ବାନପ୍ରସ୍ଥ ଓ ଭିକ୍ଷୁ )—
2. The four stages of the life of a man of a regenerate caste.

**ଅବସ୍ଥାତ୍ରୟ**—ସଂ. ବି. ( ୬ଷ୍ଠୀ ତତ୍; ଅବସ୍ଥା+ତ୍ରୟ )—
Abasthātraya ୧ । ପଦାର୍ଥର ତିନି ଗୋଟି ଅବସ୍ଥା—
( ଯଥା—ଘନ, ତରଳ ଓ ବାଷ୍ପୀୟ )—
1. The three states of natural things.

୨ । ପ୍ରାଣୀର ଜୀବିତ ଥିବା ସମୟରେ ଘଟୁଥିବା ତିନିଗୋଟି ଅବସ୍ଥା—( ଯଥା—ଜାଗରଣ, ସ୍ୱପ୍ନ ଓ ସୁଷୁପ୍ତି )—
2. The three states of living beings.

୩ । ଜୀବିତ କାଳର ତିନିଟି ଶ୍ରେଣୀବିଭାଗ—
( ଯଥା—କୌମାର, ଯୌବନ ଓ ଜରା )—
3. The three periods of life.

**ଅବସ୍ଥା ଦଶକ**—ସଂ. ବି. ( ୬ଷ୍ଠୀ ତତ୍; ଅବସ୍ଥା+ଦଶକ )—
Abasthā daśaka ୧ । ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଦଶଗୋଟି ଅବସ୍ଥା—

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

( ଯଥା—୧. ଶୈଶବ, ୨. ବାଲ୍ୟ, ୩. କୌମାର, ୪. କୈଶୋର, ୫. ଯୌବନ, ୬. ପ୍ରୌଢ଼ାବସ୍ଥା, ୭. ବାର୍ଦ୍ଧକ୍ୟ, ୮. ବର୍ଷୀୟାନ୍ ଅବସ୍ଥା, ୯. ମୁମୂର୍ଷୁ ଅବସ୍ଥା ଓ ୧୦. ମୃତ୍ୟୁ । )
1. The ten stages of a man's life.
୨ । ଅନଙ୍ଗଦଶା; କାମଶାସ୍ତ୍ରାନୁସାରେ ପରସ୍ପର ସଙ୍ଗପ୍ରାପ୍ତ ନ ହେବା ପ୍ରେମିକ ପ୍ରେମିକାଙ୍କ ଦ୍ୱାରା ଅନୁଭୂତ ୧୦ ଗୋଟି ଅବସ୍ଥା—( ଯଥା—ଦୃଷ୍ଟି, ମନ, ସଙ୍ଗସଙ୍କଳ୍ପ, ଜାଗରଣ, କୃଶତା, ଅରତି, ହ୍ରୀତ୍ୟାଗ, ଉନ୍ମାଦ, ମୂର୍ଚ୍ଛା ଓ ମୃତ୍ୟୁ )—
2. The ten states of unsatiated lovers

**ଅବସ୍ଥାଦ୍ୱୟ**—ସଂ. ବି. ( ୬ଷ୍ଠୀ ତତ୍; ଅବସ୍ଥା + ଦ୍ୱୟ )—
Abasthādwaya ଜଗତରେ ଦୁଇପ୍ରକାରର ବିପରୀତ ଅନୁଭୂତି—( ଯଥା—ସୁଖ ଓ ଦୁଃଖ; ଭାବ ଓ ଅଭାବ; ଜୀବନ ଓ ମରଣ; ହଁ ଓ ନାହିଁ; ଥିବା ଓ ନ ଥିବା; ଗତି ଓ ସ୍ଥିତି; ମାନ ଓ ଅପମାନ; ଶୀତ ଓ ଉଷ୍ଣ; ନିନ୍ଦା ଓ ସ୍ତୁତି ଇତ୍ୟାଦି । )
The two contradictory feelings or experiences.

**ଅବସ୍ଥାନ**—ସଂ. ବି. ( ଅବ + ସ୍ଥା ଧାତୁ + ଭାବ. ଅନ )—୧ । ସ୍ଥିତି—
Abasthāna 1. Position; situation.
(ଅବସ୍ଥିତ—ବିଣ) ୨ । ସ୍ଥିତ ହେବା; ରହିବା—2. Staying
୩ । ହେବା—3. Being.
୪ । ବାସ କରିବା—4. Residing; abiding in.
୫ । ( + ଅଧିକରଣ. ଅନ )—ଘର; ବାସସ୍ଥାନ—
5. Habitation; house; residence; quarters.
୬ । ସ୍ଥାନ—6. Place.
୭ । ଗତି ଅଟକିବା ସ୍ଥାନ—
7. Station; halting place.
୮ । ଅବସ୍ଥା—8. Condition.
୯ । ନିର୍ଦ୍ଦିଷ୍ଟ ସ୍ଥାନରେ ରହିବା—
9. Staying at a certain place.
୧୦ । କୌଣସି ସ୍ଥାନରେ ରହିବାର କାଳ—
10. Period of staying at a place.
୧୧ । (ଜ୍ୟୋତିଷ) ପୃଥିବୀ ପୃଷ୍ଠରେ ଅନୁମିତ ହେବା ସୂର୍ଯ୍ୟଙ୍କର ଗତିପଥର ତିନି ଗୋଟି ବିଭିନ୍ନ ଅବସ୍ଥା ( ଯଥା; ଉତ୍ତର-ଅବସ୍ଥାନ ବା ଐରାବତ; ମଧ୍ୟମ ଅବସ୍ଥାନ ବା ଜାରଦ୍ଗବ; ଦକ୍ଷିଣ ଅବସ୍ଥାନ ବା ବୈଶ୍ୱାନର । )—
11. ( astronomy ) The different methods or positions of the sun's orbit during the year.

**ଅବସ୍ଥାନ୍ତର**—ସଂ. ବି. ( କର୍ମଧାରୟ ବା ତତ୍‌ସମାସ; ଅନ୍ୟ + 
Abasthāntara ଅବସ୍ଥା; ଅନ୍ୟ ଶବ୍ଦ ସ୍ଥଳରେ ଅନ୍ତର ଆଦେଶ )—୧ । ଅନ୍ୟ ଅବସ୍ଥା; ଭିନ୍ନ ଅବସ୍ଥା—
1. Another condition or state.
୨ । ଅବସ୍ଥାର ପରିବର୍ତ୍ତନ—
2. Change of circumstance or condition.
୩ । ଭାବାନ୍ତର—3. Different state.
୪ । ରୂପାନ୍ତର—4. Different shape.

**ଅବସ୍ଥାପନ**—ସଂ. ବି. (ଅବ + ସ୍ଥା ଧାତୁ ଣିଚ, ସ୍ଥାପି ଧାତୁ + ଭାବ. ଅନ)—
Abasthāpana ୧ । ସ୍ଥାପିତ କରଣ; ରଖିବା; ଥାପିବା—
1. Placing; putting.
୨ । ସନ୍ନିବେଶନ; ସଂସ୍ଥାପନ—2. Fixing.
୩ । ସଜାଡ଼ି ରଖିବା; ସଜାଇବା—3. Arranging.
୪ । ସ୍ଥିରୀକରଣ—4. Settling.
୫ । ( + ଅଧିକରଣ. ଅନ ) ବାସସ୍ଥାନ—Abode.

**ଅବସ୍ଥାପନ୍ନ**—ସଂ. ବିଣ ( ୨ୟା ତତ୍; ଅବସ୍ଥାକୁ ଆପନ୍ନ )—
Abasthāpanna କୌଣସି ଅବସ୍ଥାକୁ ପ୍ରାପ୍ତ—
Having attained any condition
ଦେ. ବିଣ—ଧନୀ; ଯାହାର ସାଂସାରିକ ଅବସ୍ଥା ଭଲ; ସଙ୍ଗତିସମ୍ପନ୍ନ—Well-conditioned; well-to-do; well off.

**ଅବସ୍ଥାପିତ**—ସଂ. ବିଣ. ( ଅବ + ସ୍ଥା ଧାତୁ ଣିଚ. ସ୍ଥାପି ଧାତୁ + କର୍ମ. 
Abasthāpita ତ )—୧ । ସଜ୍ଜିତ; ସନ୍ନିବେଶିତ—
1. Arranged.
୨ । ରଖା ଯାଇଥିବା—2. Placed.
୩ । ସ୍ଥିରୀକୃତ—3. Settled.

**ଅବସ୍ଥାବିପର୍ଯ୍ୟୟ**—ସଂ. ବି. ( ୬ଷ୍ଠୀ ତତ୍; ଅବସ୍ଥା + ବିପର୍ଯ୍ୟୟ )—
Abasthābiparjyaya ୧ । ବିପରୀତଦଶା; ଭାଗ୍ୟର ପରିବର୍ତ୍ତନ—1. Change of condition; change of fortune.
୨ । ସୁଦଶା ପରେ ଘଟିବା ଦୁର୍ଦ୍ଦଶା—
2. Irony of fate.

**ଅବସ୍ଥାୟୀ**—ସଂ. ବିଣ. ପୁଂ ( ଅବ + ସ୍ଥା ଧାତୁ + ଇନ୍. ୧ମା. ୧ବ. )—
Abasthāyi ୧ । ଯେ ଅବସ୍ଥାନ କରେ ବା ରହେ—
( ଅବସ୍ଥାୟିନୀ—ସ୍ତ୍ରୀ ) 1. Staying.
୨ । ଚିରସ୍ଥାୟୀ—2. Permanent.
୩ । ବାସକାରୀ—3. Residing; dwelling.

**ଅବସ୍ଥାଷଟ୍କ**—ସଂ. ବି. ( ୬ଷ୍ଠୀ ତତ୍; ଅବସ୍ଥା + ଷଟ୍ + କ )—(ନ୍ୟାୟ
Abasthāshaṭka ଦର୍ଶନ ) ଯାସ୍କଙ୍କ ମତାନୁସାରେ କାର୍ଯ୍ୟର ୬ ଗୋଟି ଅବସ୍ଥା ( ଯଥା—୧. ଜନ୍ମ ବା ଆରମ୍ଭ, ୨. ଅସ୍ତିତ୍ୱ ବା ହେବା, ୩. ବର୍ଦ୍ଧନ, ୪. ବିପରିଣାମ, ୫. ଅପକ୍ଷୟ ଓ ୬. ନାଶ)—( Logic ) The six stages of an action mentioned by Jaska.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇୟ | ହ୍ୟ | ଢ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଜ୍ଞ୍ୟ | ଇଅ | ● | ˙ |

**ଅବସ୍ଥିତ**—ସଂ. ବିଣ. ( ଅବ+ସ୍ଥା ଧାତୁ+କର୍ତ୍ତୃ. ତ )—
Abasthita ୧ । ଯେ ଅବସ୍ଥାନ କରଅଛି; କୃତାବସ୍ଥାନ;
( ଅବସ୍ଥିତି—ବି ) ରହିଥିବା—1. Stayed; remained.
୨ । ସ୍ଥିର; ଅବିଚଳିତ—2. Steady; firm.
୩ । ବାସ କରୁଥିବା—3. Residing at.
୪ । ରହୁଥିବା—4. Staying; remaining.
୫ । ଅନ୍ୟକୁ ଆଶ୍ରୟ କରଥିବା—5. Following.
୬ । କାର୍ଯ୍ୟରେ ବ୍ୟାପୃତ; ନିବିଷ୍ଟ—6. Engaged in.
୭ । (+କର୍ମ. ତ)—ପ୍ରତିଷ୍ଠିତ; ସ୍ଥିତ—7. Situated.
୮ । ସ୍ଥାପିତ—8. Placed.
୯ । ପ୍ରତିଜ୍ଞା କରି ଯାଇଥିବା—9 Resolved.
୧୦ । ସ୍ଥିରୀକୃତ—10. Settled; fixed.
୧୧ । ନିଯୁକ୍ତ—11. Employed.

**ଅବସ୍ଥିତଚିତ୍ତ**—ସଂ. ବିଣ. ପୁଂ (ବହୁବ୍ରୀହି; ଅବସ୍ଥିତ=ସ୍ଥିରୀକୃତ+ଚିତ୍ତ,
Abasthitachitta ଯାହାର)—୧ । ସ୍ଥିରଚିତ୍ତ; ସ୍ଥିରମନା—
(ଅବସ୍ଥିତ ଚିତ୍ତା—ସ୍ତ୍ରୀ) 1. Of stable character.
୨ । ପ୍ରଶାନ୍ତଚେତା—2. Calm.

**ଅବସ୍ଥିତି**—ସଂ. ବି ( ଅବ+ସ୍ଥା ଧାତୁ+ଭାବ. ତି )—୧ । ରହିବା;
Abasthiti ଅବସ୍ଥାନ—1. Staying.
(ଅବସ୍ଥିତ—ବିଣ)—୨ । ଧର୍ମାଦି ମାର୍ଗରେ ଚଳିବା—
2. Following or practising religious tenets.
୩ । ବାସ—3. Residing.
୪ । ଆବାସ—4. Residence; abode.
୫ । (ଜଡ଼ବିଜ୍ଞାନ) କୌଣସି ପଦାର୍ଥ କୌଣସି ସ୍ଥାନରେ ଅଧିକାର କରି ରହିବା—5. (Physics) The occupying of a place by any thing; position of a thing.

**ଅବସ୍ୟନ୍ଦନ**—ସଂ. ବି (ଅବ+ସ୍ୟନ୍ଦ ଧାତୁ=କ୍ଷରିତ ହେବା+ଭାବ.
Abasyandana ଅନ)—୧ । କ୍ଷରଣ; ତରଳ ପଦାର୍ଥ ଛିଦ୍ର ଆଦି ଦେଇ ଝରିବା—1. Oozing; trickling down; leaking.
୨ । ହିଂସା; ହିଂସନ—2. Envying.

**ଅବସ୍ର**—ଗ୍ରା. ବିଣ (ସଂ. ଅବସ୍ତ୍ର)—ଅବସ୍ତ୍ର (ଦେଖ)
Abasra Abastra (See)
ଅବସ୍ତ୍ର
ନଗ୍ନ

**ଅବସ୍ରଂସନ**—ସଂ. ବି (ଅବ+ସ୍ରଂସ ଧାତୁ=ଖସି ପଡ଼ିବା+ଭାବ.
Abasramsana ଅନ)—୧ । ଅଧଃପତନ; ତଳକୁ ଖସିପଡ଼ିବା—
ଅବସ୍ରସ୍ତ } ବିଣ 1. Falling down.
ଅବସଂସିତ
୨ । କ୍ଷରଣ; ଝରିବା—2. Dropping; oozing down.
୩ । ପତନ—3. Fall.

**ଅବହତି**—ସଂ. ବି ( ଅବ+ହନ ଧାତୁ+ଭାବ. ତି )—୧ । ପ୍ରହାର
Abahati କରିବା—1. Beating.
୨ । ଅବଘାତ (ଦେଖ)
2. Abaghāta (See)

**ଅବହନନ**—ସଂ. ବି (ଅବ+ହନ ଧାତୁ+ଭାବ. ଅନ)—
Abahanana ୧ । ଅବହତି; ପ୍ରହାର—1. Beating.
୨ । ଶସ୍ୟଆଦିକୁ ଢିଙ୍କି ବା ପାହୁରମାଣିଦ୍ୱାରା କାଣ୍ଡିବା—2. Threshing or husking of corn by pestle or mortar.

**ଅବହସିତ**—ସଂ. ବି. ( ଅବ=ହସ ଧାତୁ=ହସିବା+ଭାବ. ତ )—
Abahasita ୧ । ଉଚ୍ଚହାସ—1. Loud laughter.
( ହାସ୍ୟ ତଳେ ନୋଟ ଦେଖ । )
ସଂ. ବିଣ. (+କର୍ମ. ତ)—ଅନ୍ୟମାନଙ୍କ ଦ୍ୱାରା ଉପହସିତ—
Ridiculed; laughed at; scoffed

**ଅବହସ୍ତ**—ସଂ. ବି. ( ଅବ=ବିପରୀତ+ହସ୍ତ )—
Abahasta ହାତର ପାପୁଲି; କରପୃଷ୍ଠ; ହାତର ପଛ ପାଖ—
The back of the hand.

**ଅବହାର**—ସଂ. ବି. ( ଅବ=ହୃ ଧାତୁ=ହରଣ କରିବା+ଭାବ. ଅ)—
Abahāra ୧ । ବିରତି; ବିରାମ—1. Cessation.
ଅବହୃତ } ବିଣ ୨ । ଅପହରଣ; ଚୋରି—3. Theft.
ଅବହାରିତ
୩ । ନିମନ୍ତ୍ରିତ ବ୍ରାହ୍ମଣମାନଙ୍କର ଧନାପହରଣ—
3. Taking away the wealth of invited Brāhmaṇas.
୪ । ଯୁଦ୍ଧାଦିର ସାମୟିକ ବିରାମ—
4. Temporary cessation of hostilities.
୫ । ସ୍ୱଧର୍ମତ୍ୟାଗପୂର୍ବକ ଧର୍ମାନ୍ତର ଗ୍ରହଣ—
5. Expousing another religion; apostacy.
୬ । ଯୁଦ୍ଧବିରତ ସୈନ୍ୟମାନଙ୍କର ଶିବିରକୁ ପ୍ରତ୍ୟାଗମନ—
6. Return of soldiers from the battle-field to the camp after cessation of hostilities.
୭ । ବନ୍ଧକ ଦିଆଯାଇ ଥିବା ବସ୍ତୁକୁ ଋଣ ଶେଷରେ ଖାତକକୁ ପ୍ରତ୍ୟର୍ପଣ କରିବା—7 Redemption; redelivery of pledged articles to the debtor.
୮ । ( +କର୍ମ. ଅ )—ଯୁଦ୍ଧବିରତ ସୈନ୍ୟମାନଙ୍କୁ ଶିବିରକୁ ଲେଉଟାଇ ଆଣିବା—8. Conducting the soldiers back to the camp after cessation of hostilities.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା.— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୯ । ଉପହାର—9. Present.
୧୦ । ଅର୍ଥ ଦଣ୍ଡ—10. Fine.
୧୧ । (+କର୍ତ୍ତୃ. ଅ) ଚୋର—11. Thief.
୧୨ । ( ଯେ ଜଳଜନ୍ତୁମାନଙ୍କୁ ହରଣ କରେ )—ଜଳହସ୍ତୀ; ହାଙ୍ଗର—12. Shark.

**ଅବହାରକ**—ସଂ. ବିଣ. ପୁଂ—( ଅବ+ହୃ ଧାତୁ+ଅକ )—
Abahāraka ୧ । ଅପହାରକ—1. Stealing.
(ଅବହାରିକା—ସ୍ତ୍ରୀ) ୨ । ନିବାରକ—2. Preventing.
୩ । ନିରସ୍ତ କରାଇବା—3. Stopping.
ସଂ. ବି—୧ । ଜଳହସ୍ତୀ—1. Shark.
୨ । ଶୁଶୁକ; ଶିଶୁମାର ( ହିନ୍ଦି. ଶବ୍ଦସାଗର )—
2. Portpoise.
୩ । ଯୁଦ୍ଧରୁ ନିବୃତ୍ତ ହେବା ବ୍ୟକ୍ତି—
3. Person desisting from fighting.
୪ । ନିମନ୍ତ୍ରିତ ବ୍ରାହ୍ମଣମାନଙ୍କର ଧନାପହାରକ ବ୍ୟକ୍ତି—
4. Person taking away the riches from invited Brāhmaṇas.

**ଅବହାସ**—ସଂ. ବି. ( ଅବ+ହସ ଧାତୁ+ଭାବ. ଅ )—
Abahāsa ୧ । ଉଚ୍ଚୈଃହାସ୍ୟ—1. A loud laugh.
(ଅବହସିତ—ବିଣ) [ଦ୍ର—ଯେଉଁ ହାସ୍ୟରେ ସ୍କନ୍ଧ ଓ ମସ୍ତକାଦି କମ୍ପିତ ହୁଏ ତାହାକୁ ଅବହାସ ବୋଲାଯାଏ ।
ଭୂଷଣମଣି. ଅଳଙ୍କାରତରଙ୍ଗିଣୀ । ]
୨ । ଉପହାସ—2. Ridicule; scoffing.
୩ । ପରିହାସ; ଥଟ୍ଟା—3. Joke; jest.

**ଅବହିତ**—ସଂ. ବିଣ. ପୁଂ. ( ଅବ+ଧା ଧାତୁ+କର୍ତ୍ତୃ. ତ )—
Abahita ୧ । ସତର୍କ; ସାବଧାନ—1. Careful.
(ଅବହିତା—ସ୍ତ୍ରୀ) ୨ । ମନୋଯୋଗୀ—2. Attentive.
୩ । ପ୍ରଶାନ୍ତ; ଧୀର; ସ୍ଥିର—
3. Calm; steady; serene.
୪ । ପରିଚିତ—4, Acquainted with.
୫ । ଅପ୍ରମତ୍ତ—5. Not agitated.
୬ । ( +କର୍ମ. ତ ) ଜ୍ଞାତ; ବିଦିତ—6. Known.

**ଅବହିତଚିତ୍ତ**—ସଂ. ବିଣ. ପୁଂ (ବହୁବ୍ରୀହି, ଅବହିତ+ଚିତ୍ତ)—
Abahitachitta ଯାହାର ମନ ପ୍ରଶାନ୍ତ ବା ସ୍ଥିର—
(ଅବହିତଚିତ୍ତା—ସ୍ତ୍ରୀ) Calm-minded; cool-minded.

**ଅବହିତ୍ଥ**—ସଂ. କ୍ଳୀ. ( ଅ+ବହିସ୍=ବାହାରେ+ସ୍ଥା ଧାତୁ=ଥିବା+
Abahittha ଭାବ. ଅ; ଯାହା ବାହାରେ ରହେ ନାହିଁ ଅର୍ଥାତ୍ ଅଦର୍ଶନ )—
୧ । ଆକାରଗୁପ୍ତି; ମନର ଭାବ ବାହାରେ ପ୍ରକାଶ ନ କରି ଲୁଚାଇ ରଖିବା; ମନର ଭାବକୁ ଗୋପନ କରିବା—
1. Dissimulation; concealment of one's inward feelings by a different outward expression; hyphoorisy.
୨ । ( ଅଳଙ୍କାର ଶାସ୍ତ୍ର ) ତେତିଶି ବ୍ୟଭିଚାରୀ ଭାବ ମଧ୍ୟରୁ ଏକତମ । ମନରେ ଜନ୍ମିବା ଭୟ, ଗୌରବ ଓ ଲଜ୍ଜାଦିକୁ ହର୍ଷ, ପରିହାସ ଓ ପ୍ରସଙ୍ଗାନ୍ତର ଦ୍ୱାରା ଉପସ୍ଥିତ ବ୍ୟକ୍ତିମାନଙ୍କ ନିକଟରେ ଗୋପନ କରିବା—
2. Concealment of one's genuine feelings by outward expressions of different feelings.
[ ଦ୍ର—କୌଣସି ବାଳକାର ଉପସ୍ଥିତିରେ ତାହାର ଗୁରୁଜନମାନେ ବିବାହବିଷୟ ପ୍ରସଙ୍ଗ କଲାବେଳେ ବାଳକାର ମନରେ ଲଜ୍ଜାର ଉଦୟ ହେଲା । ସେ ତାହା ଗୋପନ କରିବା ଉଦ୍ଦେଶ୍ୟରେ ଗୁରୁଜନଙ୍କୁ କୌଣସି ତୀର୍ଥ ବା ପାଠ କଥା ପଚାରି ତାହାର ଆନ୍ତରିକ ସଙ୍କୋଚ ଭାବକୁ ଗୋପନ କରିବାକୁ ଚେଷ୍ଟା କଲା; ଏହାକୁ ଅବହିତ୍ଥ ବୋଲାଯିବ; କୁମାରସମ୍ଭବ ୬ଷ୍ଠ ସର୍ଗ ୮୪ ଶ୍ଳୋକରେ ପିତା ହିମାଳୟଙ୍କ ନିକଟରେ ପାର୍ବତୀ ଠିଆ ହୋଇଥିଲେ । ଏହି ସମୟରେ ନାରଦ ପହଞ୍ଚି ହିମାଳୟଙ୍କ ନିକଟରେ ପାର୍ବତୀଙ୍କର ମହାଦେବଙ୍କ ସଙ୍ଗେ ବିବାହର ପ୍ରସ୍ତାବ ଉତ୍ଥାପନ କଲେ । ପାର୍ବତୀ ଅବଶ୍ୟ ଏହା ଶୁଣି ଆନନ୍ଦିତା ଓ ଲଜ୍ଜିତା ହେଲେ କିନ୍ତୁ ମନର ଭାବ ଗୋପନ କରିବା ଉଦ୍ଦେଶ୍ୟରେ ନିକଟରେ ଥିବା ପଦ୍ମଫୁଲର ପାଖୁଡ଼ାମାନଙ୍କୁ ଗଣିବାକୁ ଲାଗିଲେ, ଯେପରି କି ନାରଦଙ୍କ କଥାରେ ପାର୍ବତୀଙ୍କର ମନୋଯୋଗ ନ ଥିଲା ବୋଲି ପିତା ମାତା ବୁଝିବେ । ଏହି ଭାବ ଗୋପନହିଁ ଅବହିତ୍ଥ ବା ଅବହିତ୍ଥା । ]

**ଅବହିତ୍ଥା**—ସଂ. ବି. ( ଅ+ବହିସ୍+ସ୍ଥା ଧାତୁ+ଅ+ଆ )—
Abahitthā ଅବହିତ୍ଥ ( ଦେଖ )
Abahittha ( See )

**ଅବହୃତ**—ସଂ. ବିଣ. ( ଅବ+ହୃ ଧାତୁ+କର୍ମ. ତ )—
Abahṛuta ୧ । ଅପହୃତ—1. Stolen.
୨ । ବଳପୂର୍ବକ ନିଆଯିବା—2. Seized.
୩ । ଯୁଦ୍ଧଭୂମିରୁ ପ୍ରତିନିବୃତ୍ତ—
3. Returned from the battle-field.
୪ । ଅର୍ଥ ଦଣ୍ଡରେ ଦଣ୍ଡିତ—4. Fined.
୫ । (ଦିଆ ଯାଇଥିବା ବସ୍ତୁ) ଫେରାଇ ନିଆ ଯାଇଥିବା—
5. Taken back.
୬ । ମୁକୁଳାଇ ନିଆ ଯିବା ( ବନ୍ଧକ ବସ୍ତୁ )—
6. Redeemed ( pledge )

**ଅବହେଳ**—ସଂ. ବି. (ଅବ+ହେଡ ଧାତୁ=ଅବଜ୍ଞା କରିବା+ଭାବ.ଅ)—
Abahe̱la ୧ । ହେଳା; ଅମନୋଯୋଗ; ଅଯତ୍ନ—
(ଅବହେଳିତ—ବିଣ) 1. Neglect; want of care.
୨ । ଉପେକ୍ଷା; ଅନାଦର; ଅବଜ୍ଞା—2, Slight.
୩ । ବେଖାତିରି—3. Disregard.
୪ । ଅବଲୀଳା; ଅନାୟାସ—4. Ease.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଶ | ଜ | ଶ,ଷ | କ୍ଷ | ଇସ୍ | ଉଅ | ଢ |
| ୨ | ଈ | ଉ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ୟ | ଇଅ | ● | ନ୍ତ |

**ଅବହେଳନ**—ସଂ. ବି. ( ଅବ + ହେଡ଼ ଧାତୁ + ଭାବ. ଅନ)—
Abahelana ଅବହେଳ ( ଦେଖ )
Abahela ( See )

**ଅବହେଳା**—ସଂ. ବି. ( ଅବ + ହେଡ଼ ଧାତୁ = ଅବଜ୍ଞା କରିବା + ଭାବ.
Abahelā ଅ + ଆ )—ଅବହେଳ ( ଦେଖ )
Abahela ( See )

**ଅବହେଳାକ୍ରମେ**—ଦେ. କ୍ରି. ବିଣ—ଅବହେଳେ ( ଦେଖ )
Abahelākrame Abahele ( See )

**ଅବହେଳିବା**—ଦେ. ପଦ୍ୟ କ୍ରି. ( ସଂ. ଅବହେଳ )—
Abahelibā ଅବଜ୍ଞା କରିବା—
অবহেলাকরা To disregard; to disdain.
**अवहेलाकरना**

**ଅବହେଳେ**—ଦେ. ପଦ୍ୟ. କ୍ରି. ବିଣ—
Abahele ଅବଲୀଳାକ୍ରମେ; ଅନାୟାସରେ—
অবহেলে Easily; with ease.
**हीलेहाले**

**ଅବା**—ଦେ. ଅ. ( ସ. ବା )—୧ । କିମ୍ବା; ଅଥବା—
Abā 1. Or; whether; either.
বা ୨ । ଅନ୍ୟଥା; ପ୍ରକାରାନ୍ତରେ—2. Otherwise.
**या** ୩ । ( ପ୍ରଶ୍ନାର୍ଥକ ) କି; କି ଅବା—3. What

ବାଃରେ ମୋତେ ଦୁରବଦୁଅ କରିବେ ଯେବେ କି କହିଅ
କରିବ ଅବା ତାଙ୍କ ସଙ୍ଗେ ନୁହେଁ ମୁଁ ବନ୍ଧୁଅ ।
ଭୂକାସ. ଗୀତଗୋବିନ୍ଦ ।

୪ । ( ତର୍କଣାର୍ଥ ) ସମ୍ଭବତଃ; କେଜାଣି; କଦବା—
4. Perhaps.

ଭିକାରୁ ବୃନ୍ଦଲୋକେ ଆସିଲେ ଅବା ମୁହିଁ । କୃଷ୍ଣସିଂହ. ମହାଭାରତ, ଆଦି ।

**ଅବାଇ**—ଗ୍ରା. ବିଣ. ( ସଂ. ଅବାତ )—ବାୟୁ ଶୂନ୍ୟ—
Abāi Airless
অবায়ু ଅବାଇ ଘରେ ବାଇ ଗଲେ, ଜ୍ୟୋତି ପ୍ରକାଶିବ ନସେଲେ ।
**अबाती** ପ୍ରାଚୀ—ନର୍ଗୁଣ ମାହାତ୍ମ୍ୟ ।

**ଅବାଇଜ**—ଗ୍ରା. ବିଣ. ( ଗାଳରେ ବ୍ୟବହୃତ; ସ. ଅ + ବାର୍ଯ୍ୟ )—
Abāija ୧ । ଜାରଜ; ବେଧପିଣ୍ଡ—1. Bastard.
বেজন্মা ୨ । ଦୁଷ୍ଟ—2. Wicked.
**आवारा**

**ଅବାଇମଣ୍ଡଳ**—ଗ୍ରା. ବି. ( ସଂ. ଅବାତ + ମଣ୍ଡଳ )—
Abāimaṇḍaḷa ୧ । ବାୟୁଶୂନ୍ୟ ପ୍ରଦେଶ—
1. Airless tract.
୨ । ଆକାଶ; ଶୂନ୍ୟମଣ୍ଡଳ—2. The void.

ଗାଉଣୀ ଛନ୍ଦ ଫିଟାଇବ, ଅବାଇମଣ୍ଡଳ ଭେଦିବ ।
ପ୍ରାଚୀ—ନର୍ଗୁଣମାହାତ୍ମ୍ୟ ।

**ଅବାଏବସ୍ତୁ**—ଦେ. ବି—ଅବାବସ୍ତୁ ( ଦେଖ )
Abāebast Abābast ( See )

**ଅବାକ୍**—ସ. ବିଣ. ( ବହୁବ୍ରୀହି; ଅ = ନାହିଁ + ବାକ୍ = ବାକ୍ୟ )—
Abāk ୧ । ନିର୍ବାକ୍; ବାକ୍ୟହୀନ; ମୂକ—1 Mute; dumb.
୨ । ବାକ୍ଶକ୍ତିରହିତ; ଯାହା ମୁହଁରୁ କଥା ବାହାରେ ନାହିଁ—
2. Speechless.

୩ । ( ଆଶ୍ଚର୍ଯ୍ୟାନ୍ୱିତ ହେଲେ ମନୁଷ୍ୟ ମୁହଁରୁ କ
ବାହାରେ ନାହିଁ )—ବିସ୍ମିତ; ଆଶ୍ଚର୍ଯ୍ୟାନ୍ୱିତ—
3. Astonished.
୪ । କିଂକର୍ତ୍ତବ୍ୟବିମୂଢ଼—
4. Dumbfounded; struck dumb.
ସଂ. କ୍ରି. ବିଣ—୧ । ଅଧୋମୁଖ ହୋଇ—
1. With face downwards.
୨ । ତଳଆଡ଼କୁ—2. Downwards.
୩ । ଅଧଃ—3. Down.
୪ । ନିମ୍ନକୁ—4. Low.
୫ । ଦକ୍ଷିଣଦିଗକୁ—5. Towards the south.

**ଅବାକ୍ଜ୍ଞାନ**—ସଂ. ବି. ( ଅବାକ୍ + ଜ୍ଞାନ )—ଅବଜ୍ଞା—
Abākjñāna Disrespect.

**ଅବାକ୍ପୁଷ୍ପ**—ସଂ. ବି. ( ଅବାକ୍ = ତଳ ଆଡ଼କୁ + ପୁଷ୍ପ; ଯାହାର )—
Abākpushpa (ଏଥିର ଫୁଲ ତଳକୁ ମୁହଁ କରି ଫୁଟିବାରୁ )—
୧ । ପାନମହୁରି ( ଦେଖ )
1. Pānamahuri ( See )
୨ । ସଉପ ( ଦେଖ )
2. Saupa ( See )
୩ । ଗୁଗୁଚିଆ ( ଦେଖ )
3. Guguchiā ( See )
୪ । ହେମପୁଷ୍ପୀ ( ଦେଖ )
4. Hemapushpi ( See )

**ଅବାକ୍ପୁଷ୍ପୀ**—ସଂ. ବି. ( ଅବାକ୍ ପୁଷ୍ପ + ଈ )—ଅବାକ୍ପୁଷ୍ପ ( ଦେଖ )
Abākpushpi Abākpushpa ( See )

**ଅବାକ୍ଶାଖ**—ସଂ. ବିଣ. ( ବହୁବ୍ରୀହି; ଅବାକ୍ = ତଳକୁ + ଶାଖା )—
Abākśākha ଯାହାର ଡାଳ ତଳକୁ ଓହଳ ଥାଏ—
With drooping boughs.
ସଂ. ବି.—ଅଶ୍ୱତ୍ଥ ଗଛ—The sacred fig tree.

**ଅବାକ୍ଶିରଃ**—ସଂ. ବିଣ. (ବହୁବ୍ରୀହି; ଅବାକ୍ = ତଳକୁ + ଶିରସ = ମୁଣ୍ଡ,
Abākśirah —ଅବାକ୍ ଶିରସ୍; ୧ମା. ୧ବ. )—
୧ । ଅବାଙ୍ମୁଖ; ପୋତାମୁହାଁ; ଲଜ୍ଜାରେ ନତମସ୍ତକ; ଲଜ୍ଜା-
ଯୋଗୁଁ ଯେ ତଳକୁ ଚାହିଁଥାଏ—
1. Looking downwards; with the head drooping; crestfallen.
୨ । ଦକ୍ଷିଣଆଡ଼କୁ ମୁଣ୍ଡ କରିଥିବା—
2. With head turned southwards.

**ଅବାକର**—ସଂ. ବି. ( ଅବ + ଆକର )—ମୁଦ୍ରାଶାଳା—
Abākara Mint ( Apte ).

**ଅବାକ୍ଷ**—ସଂ. ବି. ପୁଂ. (ବହୁବ୍ରୀହି; ଅବ = ଅବନତ + ଅକ୍ଷ = ଇନ୍ଦ୍ରିୟ)—
Abāksha ଅଭିଭାବକ; ରକ୍ଷକ—
A guardian; keeper ( Apte )

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉହିଁର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧ୍' ନ ପାଇଲେ 'ବଧ' ଦେଖିବେ; 'ଅଙ୍ଗା' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅବାଗ**—ଦେ. ବି—୧ । ଅସୁବିଧା; ଅକଳ—
Abāga 1. Inconvenient position.
অসুবিধা ୨ । ବେବାଗ; ବେକଦର; ଅନାୟତ୍ତ ଅବସ୍ଥା—
बेबाग 2. A state over which a person has no control.
୩ । ଅନୟମ; ଅଶୃଙ୍ଖଳା—
3. Want of system or method.

**ଅବାଗି**—ଦେ. ବିଣ. ପୁଂ ଓ ସ୍ତ୍ରୀ—୧ । ଅଶାଢ଼ୁଆ ( ବ୍ୟକ୍ତି )
Abāgi 1. Clumsy (person.)
আককুটে ୨ । ଅଶୃଙ୍ଖଳ ( ବ୍ୟକ୍ତି )—
अडियल 2. Unsystematic; unmethodical.
୩ । ଏକବାଗିଆ; ଏକଛିଦିଆ—
3. Headstrong; obstinate.
୪ । ଯାହାକୁ ବାଗ ବା ବଶକୁ ଅଣା ଯାଇ ନ ପାରେ—
4. Uncontrollable.
୫ । ଅସୁବିଧାଜନକ (ବିଷୟ)—5 Inconvenient.
୬ । ଗୋଳମାଳିଆ ( ବିଷୟ )—6. Confused.

**ଅବାଗିଆ**—ଦେ. ବିଣ. ପୁଂ ଓ ସ୍ତ୍ରୀ—ଅବାଗି ( ଦେଖ )
Abāgiā Abāgi ( See )

**ଅବାଗେଇ**—ଦେ. ବିଣ. ସ୍ତ୍ରୀ—ଅବାଗି ( ଦେଖ )
Abāgei Abāgi ( See )

**ଅବାଗେ**—ଦେ. କ୍ରି. ବିଣ—୧ । ଅକଳରେ; ଅଶାନ୍ତରେ ପଡ଼ି—
Abāge 1 Under queer circumstances.
বাগেপড়ে ୨ । ଅନନ୍ୟୋପାୟ ଅବସ୍ଥାରେ—
अकड़मे 2. Having no other alternative.

**ଅବାଗ୍ର**—ସଂ. ବିଣ ( ବହୁବ୍ରୀହି; ଅବ=ଅବନତ; ନମ୍ର+ଅଗ୍ର=ମସ୍ତକ; ଯାହାର )—ଅବନତ ମସ୍ତକ; ଅଧୋମୁଖ—With head bent down; stooping.
Abāgra
(ଅବାଗ୍ରା—ସ୍ତ୍ରୀ)

**ଅବାଙ୍ମୁଖ**—ସଂ. ବିଣ. ପୁଂ ( ବହୁବ୍ରୀହି; ଅବାକ୍=ନମ୍ରକୁ; ଦକ୍ଷିଣକୁ+ମୁଖ )—୧ । ଅଧୋମୁଖ—
Abānmukha
( ଅବାଙ୍ମୁଖୀ—ସ୍ତ୍ରୀ ) 1. With the head drooping
୨ । ଦକ୍ଷିଣଅଡ଼କୁ ମୁହଁ କରିଥିବା—2. Facing south

**ଅବାଚ୍**—ସଂ. ଅ ( ଅବ+ଅଚ୍ ଧାତୁ+କ୍ୱିପ୍ )—୧ । ତଳଅଡ଼କୁ—
Abāch 1. Downwards.
୨ । ଦକ୍ଷିଣଦିଗକୁ—2. Southwards.
୩ । ତଳଅଡ଼କୁ ମୁହଁ କରି—3. Headlong.

**ଅବାଚିକା**—ଦେ. ବି. ( ଆଧୁନିକ ଭୂଗୋଳପରିଭାଷା )—( ଅବାଚ୍=ଦକ୍ଷିଣଦିଗ+ଇକ+ଆ )—କୁମେରୁ ପ୍ରଦେଶ; ଦକ୍ଷିଣମେରୁର ଚତୁଃପାର୍ଶ୍ୱସ୍ଥ ଦେଶ—
Abāchikā
অবাচিকা
अवाचिका Antarctica.
ଉଦୀଚିକା } ବିପରୀତ
Arctica }

**ଅବାଚୀ**—ସଂ. ବି ( ଅବାଚ୍=ଦକ୍ଷିଣଦିଗ+ଈ )—୧ । ଦକ୍ଷିଣଦିଗ—
Abāchī 1 The south.
୨ । ଅଧୋଦିଗ—2. The antipodes.

**ଅବାଚୀନ**—ସଂ. ବିଣ ( ଅବାଚ୍+ଈନ )—୧ । ଦକ୍ଷିଣଦିଗସ୍ଥ—
Abāchīna 1. Southern.
( ଅବାଚୀନା—ସ୍ତ୍ରୀ ) ୨ । ନମ୍ରଦିଗର—2. Downward.
୩ । ନମ୍ରଅଡ଼କୁ ଗତି କରୁଥିବା—
3 Downward; headlong.
୪ । ନମ୍ରଦିଗକୁ ଯାଇଥିବା—4. Gone down.

**ଅବାଚ୍ୟ**—ସଂ. ବିଣ. ୧ । (ଅ+ବଚ ଧାତୁ=କହିବା+କର୍ମ. ଯ )—
Abāchya ଅକଥ୍ୟ; ଅବକ୍ତବ୍ୟ—
1. Unspeakable; unutterable.
୨ । (ଅବାଚ୍=ଦକ୍ଷିଣଦିଗ+ସମ୍ବ. ଯ)—ଦକ୍ଷିଣଦେଶୀୟ—
2. Southern.
ସଂ. ବି—୧ । ଦୁର୍ବାକ୍ୟ—1 Bad words.
୨ । ଅଶ୍ଳୀଳ ବାକ୍ୟ—2. Obscene speech.
୩ । ନିନ୍ଦା—3. Blame.

**ଅବାଚ୍ୟବାଦ**—ସଂ. ବି. ( ଅବାଚ୍ୟ+ବାଦ )—ନିନ୍ଦାବାଦ; ଗାଳି—
Abāchyabāda Libel; calling of names; slander

**ଅବାଜ୍**—ବୈଦେ. ବି. ( ଆ. ଆୱାଜ୍ )—ଶବ୍ଦ; ଧ୍ୱନି; ନାଦ—
Abāj Sound.
আবাজ [ ମୂଳ ସଂ. ଅବାଦ୍ୟ=ପ୍ରା.ଅବାଜ୍ଜ ]
आवाज

**ଅବାଟ**—ଦେ. ବି—ଅପଥ ( ଦେଖ )
Abāta Apatha ( See )
বেপথ
बेरास्ता

**ଅବାଡ଼**—ଗ୍ରା. ବିଣ. ( ସଂ. ଅବାଚ୍ୟ )—୧ । ଅପରୋକ୍ଷ; ପ୍ରତ୍ୟକ୍ଷ—
Abārda 1. Perceptible; visible.
୨ । ଅବକ୍ତବ୍ୟ—
2. Unspeakable; inexpressible.
କୋଟିର ବଳ ଅଛି ସତ୍ୟ ସେ ଅବାଡ଼—ପ୍ରାଚୀ. ଗୁରୁଭକ୍ତିଗୀତା ।
ପ୍ରାଦେ. ( ଗଡ଼ଜାତ ) ବିଣ—ଅବୁଝ ହୋଇ କିଛି କଥା ନ କହି କାନ୍ଦୁଥିବା ( ପିଲା )—( child ) Crying crossly.

**ଅବାଡ଼ଜ୍ୟୋତି**—ଗ୍ରା. ବିଣ—ଶୂନ୍ୟ ଭଜନ କରିବା ବ୍ୟକ୍ତିମାନେ ସାଧନ କରିବା ଜ୍ୟୋତି—An invisible light which mystics strive to see.
Abārdajyoti
ଛାୟା ଯେ ଅବାଡ଼ଜ୍ୟୋତି କହନ୍ତି ସାଧକ—ପ୍ରାଚୀ. ଗୁରୁଭକ୍ତି ଗୀତା ।

**ଅବାଡ଼ିଆ**—ଦେ. ବିଣ—ବାଡ଼ିଆ ବା ପିଟା ହୋଇ ନ ଥିବା—
Abārdiā Unbeaten.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଅ | ଉଅ | ତ୍ର |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ଓ | ତ୍ର |

ଅବାଡୁଅ—ଦେ. ବଣ. ପୁଂ ଓ ସ୍ତ୍ରୀ ( ସଂ. ଅବବାହିତ )—ଅବିବାହିତ—
Abārḍua Unmarried.
অবিবাহিত
अनब्याहा

ଅବାଡୁଆ—ଦେ. ବଣ. ପୁଂ. ଓ ସ୍ତ୍ରୀ—ଅବାଡୁଅ ( ଦେଖ )
Abārḍuā Abārḍua ( See )

ଅବାଣି—ଦେ. ବଣ—୧ । ଯେଉଁ ବ୍ୟକ୍ତି ବାଣି ବା ସୂତା କାଟିବାରେ ଅଭ୍ୟସ୍ତ ନୁହେ—
Abāṇi
1. (a person) Not accustomed to spinning thread.

ଅବାଣି କାଟଇ ଖୋଟ, ଠାଏ ସରୁ ଠାଏ ମୋଟ—ଢଗ ।

୨ । ଯେଉଁ ବାଛୁର ଠାରେ ବାଣି ବା ଡାଙ୍ଗ ଲୁହାର ଦାଗ ଦିଆ ଯାଇ ନାହିଁ—2. (a calf) Which has not been marked or seared with hot iron.

ଅବାଣିଆଁ—ଦେ. ବଣ.—ଅବାଣି (ଦେଖ)
Abāṇiān̄ Abāṇi (See)

ଅବାତ—ସଂ. ବଣ (ଅ=ନାହିଁ+ବାତ=ବାୟୁ, ଯହିଁରେ)—
Abāta ୧ । ନିର୍ବାତ; ବାୟୁଶୂନ୍ୟ—
1. Windless; airless.
୨ । ଯାହା ବାୟୁଦ୍ୱାରା ବିକମ୍ପିତ ନୁହେ—
2. Not shaken by the wind.

ଅବାଦ୍—ଦେ. ବ—ଆବାଦ୍ (ଦେଖ)
Abād Ābād (See)

ଅବାଦ—ସଂ. ବ (ଅ+ବାଦ)—୧ । ଅପାଳନୀୟ ବାକ୍ୟ—
Abāda 1. Order which need not be carried out.
୨ । ଅପ୍ରାମାଣ୍ୟ ବାକ୍ୟ—2. Unauthoritative saying.

ଅବାଧ—ସଂ. ବଣ ( ବହୁବ୍ରୀହି; ଅ=ନାହିଁ+ବାଧା; ଯହିଁରେ ବା
Abādha ଯାହାର)—୧ । ବାଧାହୀନ; ପ୍ରତିବନ୍ଧକ ଶୂନ୍ୟ—
1. Unobstructed; unimpeded.
୨ । ସ୍ୱାଧୀନ—2. Free.
୩ । ଅନାୟାସ; ସହଜ—3. Easy.
୪ । ପୀଡ଼ାଶୂନ୍ୟ—4. Free from oppression.

ଅବାଧଗତି—ସଂ. ବ (କର୍ମଧା)—ଯେଉଁ ଗତିକୁ କେହି ବାଧା ଦିଏ
Abādhagati ନାହିଁ—Unobstructed motion; free passage.
ସଂ. ବଣ. ପୁଂ ଓ ସ୍ତ୍ରୀ (ବହୁବ୍ରୀହି)—ଯାହାର ଗତିକୁ କେହି ବାଧା ଦିଏ ନାହିଁ—Free to come and go.

ଅବାଧପ୍ରବେଶ—ସଂ. ବ (କର୍ମଧା)—କୌଣସି ସ୍ଥାନକୁ ବିନା ବାଧାରେ
Abādhaprabeśa ପଶିବା—Free access; free admission to a place.

ଅବାଧବାଣିଜ୍ୟ—ଦେ. ବ ( କର୍ମଧା; ଅବାଧ+ବାଣିଜ୍ୟ; ଅଧୁନିକ
Abādhabāṇijya ପ୍ରୟୋଗ)—ବିନା ଶୁଳ୍କରେ ବାଣିଜ୍ୟ
অবাধবাণিজ্য କରିବାର ପ୍ରଥା—Free trade; freedom of
अवाधवाणिज्य merchandise from duty.

ଅବାଧରେ—ଦେ. କ୍ରି.ବଣ—୧ । ଅନାୟାସରେ; ସହଜରେ—
Abādhare 1. Easily.
অবাধে ୨ । ନିର୍ବିଘ୍ନରେ—2. Without impediment or
आजादी से obstruction.
୩ । ସ୍ୱାଧୀନଭାବରେ—3. Freely.

ଅବାଧ୍ୟ—ସଂ. ବଣ (ଅ+ବାଧ୍ୟ)—୧ । ଅବଶୀଭୂତ—
Abādhya 1. Uncontrolled.
(ଅବାଧ୍ୟା—ସ୍ତ୍ରୀ) ୨ । ଅମାନିଆଁ, ଡେଙ୍ଗା—
(ଅବାଧ୍ୟତା—ବ) 2. Insubordinate.
୩ । ଅବଜ୍ଞାକାରୀ; ଆଜ୍ଞାଲଙ୍ଘନକାରୀ—
3. Recalcitrant; disobedient.

ଅବାଧ୍ୟତା—ସଂ. ବ ( ଅବାଧ୍ୟ+ଭାବ. ତା )—୧ । ଅମାନିଆଁପଣ—
Abādhyata 1. Insubordination.
୨ । ଆଜ୍ଞାଲଙ୍ଘନ—2. Disobedience

ଅବାନ୍ତର—ସଂ. ବଣ ( ଅବ୍ୟୟୀଭାବ; ଅବ=ଗତ+ଅନ୍ତର=ମଧ୍ୟ,
Abāntara ଯାହାର)—୧ । ଦୁଇ ବସ୍ତୁର ଅନ୍ତର୍ଗତ ବା ମଧ୍ୟସ୍ଥିତ—
1 Intermediate; situated between two things.
୨ । ଅନ୍ତଃପାତୀ—2. Included in.
୩ । ଅପ୍ରଧାନ—3. Secondary.
୪ । ପ୍ରଧାନ ବସ୍ତୁର ଅଙ୍ଗୀଭୂତ—
4. Subsidiary; subordinate.
୫ । ସମ୍ପର୍କରହିତ—5. Unconnected.
୬ । ଆନୁସଙ୍ଗିକ—6. Concomitant; incidental.
୭ । ଅଧିକା—7. Supernumerary.
୮ । ଅପ୍ରାସଙ୍ଗିକ; ମୂଳ ପ୍ରସଙ୍ଗର ବହିର୍ଭୂତ—
8. Irrelevant; having no direct bearing on the original topic.
ଦେ. କ୍ରି.ବଣ—୧ । ପ୍ରସଙ୍ଗର ବହିର୍ଭୂତରୂପେ—
1 Incidentally; by the bye.

ଏରୂପ ତାର ପ୍ରାଣ ହରେ, କୈବଲ୍ୟ ଲଭେ ଅବାନ୍ତରେ ।
ଜଗନ୍ନାଥ. ଭାଗବତ—୫ସ୍କ

অবান্তর ୨ । ଅଧିକନ୍ତୁ—2. Moreover.
बेलगाव ଦେ. ବ.—୧ । ଅପ୍ରାସଙ୍ଗିକ ଗପ; ବାଜେ କଥା—
Irrelevant talk.
୨ । ଅସମ୍ବଦ୍ଧ ପ୍ରଳାପ—2 Raving.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଅବାନ୍ଧବ**—ସଂ.ବିଣ.ପୁଂ (ଅ=ନାହିଁ+ବାନ୍ଧବ; ଯାହାର)—ବନ୍ଧୁହୀନ୍—
**Abāndhaba** ମିତ୍ରହୀନ—Friendless.
(ଅବାନ୍ଧବା—ସ୍ତ୍ରୀ)

**ଅବାପିତ**—ସଂ.ବିଣ—୧ । (ଅ+ବପ୍.ଧାତୁ ଣିଚ.ବାପିଧାତୁ+କର୍ମ.ତ)-
**Abāpita**. ବୁଣା ଯାଇ ନ ଥିବା—1. Not sown.
୨ । କଟା ଯାଇ ନ ଥିବା (କେଶ)—
2. Uncut; unshorn (hair)
୩ । (ଅବ+ଆପଧାତୁ ଣିଚ, ଆପିଧାତୁ+କର୍ମ. ତ)—
ପୁନଃ ପ୍ରାପିତ—3. Caused to be recovered or regained.
୪ । ଅଧିଗମିତ—4. Caused to be attained.

**ଅବାପ୍ତ**—ସଂ. ବିଣ ( ଅବ+ଆପ୍ ଧାତୁ=ପାଇବା+କର୍ମ. ତ )—
**Abāpta** ୧ । ପ୍ରାପ୍ତ—1. Got; obtained.
( ଅବାପ୍ତି—ବି ) ୨ । ପୁନଃପ୍ରାପ୍ତ—
2. Recovered; regained.

**ଅବାବ୍**—ପ୍ରାଦେ (ସମ୍ବଲପୁର)ବି.—ଗଉଡ଼ମାନଙ୍କ ଶ୍ରେଣୀବିଶେଷ—
**Abāb** A sect of cowherds in Sambalpur.

**ଅବାବଟ**—ସଂ. ବି.ପୁଂ—୧ । ଶୂଦ୍ରା ସ୍ତ୍ରୀର ପରବର୍ତ୍ତୀ ସ୍ୱାମୀ ଔରସରେ
**Abābaṭa** ଜାତ ସନ୍ତାନ—1. The son of a Śūdra woman by any man of the same caste other than her first husband ( Apte )

**ଅବାବସ୍ତ୍**—ଦେ. ବି— ଚଳନ୍ତି ସମ୍ପତ୍ତିମାନ ଚଳନ୍ତି ଜାଏଦାଦ୍—
**Abābast** The movables.
याकिछु
**उठाउपन**

**ଅବାଭି**—ଦେ. ବିଣ—୧ । ହଠାତ୍; ହଠାତ୍ ଉପସ୍ଥିତ—
**Abābi** 1. Sudden.
हठात ୨ । ଅପ୍ରତ୍ୟାଶିତ—
**अचानक** 2. Unexpected.
ଦେ. କ୍ରି. ବିଣ—୧ । ହଠାତ୍—1. Suddenly.
୨ । ଅପ୍ରତ୍ୟାଶିତରୂପେ—
2. Unexpectedly.

**ଅବାଭିମଣ୍ଡଳ**—ଦେ. ପଦ୍ୟ.ବି. ( ସଂ. ଅବାତମଣ୍ଡଳ )—
**Abābimaṇḍaḻa** ୧ । ଅବାୟୁମଣ୍ଡଳ; ବାୟୁବିହୀନ ମଣ୍ଡଳ—
2. Airless region.

ଅବାଭିମଣ୍ଡଳ ଅନ୍ତର, ସେ ମିଶା ଥାପନ ଓଁକାର ।
ଯଶୋବନ୍ତ—ପ୍ରେମଭକ୍ତି ବ୍ରହ୍ମଗୀତା ।

**ଅବାବୁଆ**—ଦେ. ବିଣ. ପୁଂ—ଅନିର୍ଦ୍ଦିଷ୍ଟ ପିତୃକ; ଅଣବାବୁଆ; ଯାହାର
**Ababuā** ପିତା ଅନିଶ୍ଚିତ; ଜାରଜ—
बेधो Bastard.
**हरामी**

**ଅବାୟେ**—ଦେ. କ୍ରି.ବିଣ—୧ । ପବନ ନ ଥିଲାବେଳେ;
**Abāye** ବିନା ବାୟୁରେ—
1. Without any wind

ସୂର୍ଯ୍ୟକାନ୍ତପୁର— ନିକଟସ୍ଥ ନଗର
ଅବାୟେ ପଡ଼ନ୍ତି ଧ୍ୱଜ ।
ପ୍ରାଚୀ, ଉତ୍ସବମଞ୍ଜରୀ—

**ଅବାର**—ସଂ. ବି ( ଅ+ବୃ ଧାତୁ=ବାରଣକରିବା+ଅ )—
**Abāra** ୧ । ( କଥକର ) ନଦୀର ନିକଟବର୍ତ୍ତୀ ତୀର; ନଦୀର ଏହି ପାଖ—
1. This side of the river; the nearer shore of a river ( with reference to the speaker )
୨ । ନଦୀର ଅପର ତଟ—
2. The other or opposite shore of a river,
ସଂ. ବିଣ—ଅବାରଣୀୟ, ଅବାର୍ଯ୍ୟ—
Inevitable; unavoidable.
ଦେ.ବି—(ସଂ.ଅବାରଣ)—୧ । ବାରଣ ବା ନିଷେଧର ଅଭାବ—
1. Not preventing or warding off.
୨ । ( ଅ+ବାର )—ଅଶୁଭ ବାର ବା ଦିନ—( ଯଥା—ଯେଉଁ ବାରରେ ଖିଅର ଅଧ ହେବା ନିଷିଦ୍ଧ । )
2. Inauspicious week day.
୩ । ଯେଉଁ ବାରରେ ନିର୍ଦ୍ଦିଷ୍ଟ ହାଟ ଅବର ପାଳ ନଥାଏ—
3. Not a market-day; a wrong week-day (e.g. when there is no market)
ଦେ. ବିଣ. ( ସଂ. ଅବାରିତ )
୧ । ଅବାରିତ—1. Unprevented.
୨ । ଅବାଧ—2. Free; unrestricted.

**ଅବାରକ**—ଦେ. ବିଣ. ( ସଂ. ଅବାରଣୀୟ )—
**Abāraka** ଅବାରଣୀୟ; ଅବାର୍ଯ୍ୟ—
That which can not be prevented or withheld.
( ଯଥା—ଅବାରକ ଶର । )

**ଅବାରଜ**—ଦେ. ବି. ( ସଂ. ଅବାରଣ )—
**Abāraja** ୧ । ଅବାରଣ ( ଦେଖ )
एकाकार 1. Abāraṇa ( See )
**अवारज** ୨ । ( ଜାତି ବା ବର୍ଣ୍ଣାଦିର ) ପ୍ରଭେଦରାହିତ୍ୟ—
2. Want of distinction. ( e.g. of caste )
ଦେ. ବିଣ—୧ । ପ୍ରଭେଦରହିତ—
1. Observing no distinction.
୨ । ( ସଂ. ଅବାର୍ଯ୍ୟ ) ଅବାରଣୀୟ; ଅବାର୍ଯ୍ୟ—
2. Unavoidable.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ | ଉଅ | ଜ୍ଞ |
| ୨ | ଈ | ଊ | ଋ | ଲୃ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ଞ | ନ |

**ଅବାରଣ**—ସଂ. ବି. ( ଅ+ବାରଣ )—
Abārana ବାରଣର ଅଭାବ; ନିଷେଧର ଅଭାବ—
ଅବାରଣୀୟ } ବିଣ Not warding off; not preventing; absence of prohibition.
ଅବାର୍ଯ୍ୟ
ଦେ. ବିଣ—୧ । ( ସଂ. ଅବାରଣୀୟ )—ଅବାରଣୀୟ; ଯାହାକୁ ବାରଣ କରି ଯାଇ ନ ପାରେ—
1. Irremediable; unpreventible.
୨ । ଅବାଧ—2. Unrestricted; free.

**ଅବାରଣୀୟ**—ସଂ. ବିଣ. ( ଅ+ବାରଣୀୟ )—
Abāraṇiya ୧ । ଯାହାକୁ ବାରଣ କରି ଯାଇ ନ ପାରେ—
1. Unpreventible; irresistible.
୨ । ଅନିବାର୍ଯ୍ୟ—
2. Unavoidable; irremediable.
୩ । ଯାହାକୁ ବାଧା ଦିଆ ଯାଇ ନ ପାରେ ( ଯଥା—ପ୍ରବଳ ଶତ୍ରୁ; ମହାମାରୀ ରୋଗ )—
3. That which can not be warded off.
୪ । ( ବୈଦ୍ୟକ ) ଅସାଧ୍ୟ ( ରୋଗ )—
4. Incurable ( disease ).
ସଂ. ବି—ଅସାଧ୍ୟ ରୋଗ ( ହିନ୍ଦି. ଶବ୍ଦସାଗର )—
Incurable disease.
[ ଦ୍ର—ସୁଶ୍ରୁତ ଅନୁସାରେ ବାତ, ପ୍ରମେହ, କୁଷ୍ଠ, ଅର୍ଶ, ଭଗନ୍ଦର, ଅଶ୍ମରୀ, ମୂଢ଼ଗର୍ଭ ଓ ଉଦରରୋଗ ଏହି ଆଠଗୋଟି ରୋଗ ଅବାରଣୀୟ । ହିନ୍ଦି. ଶବ୍ଦସାଗର । ]

**ଅବାରିତ**—ସଂ. ବିଣ ( ଅ+ବାରିତ )—
Abārita ୧ । ଅନିବାରିତ; ଯାହାକୁ ବାରଣ କରି ଯାଇ ନାହିଁ—
1. Not prevented.
୨ । ଅପ୍ରତିଷିଦ୍ଧ; ମୁକ୍ତ—2. Open.
୩ । ବାଧାହୀନ; ଅବାଧ—3. Free; unobstructed.
୪ । ଅରୁଦ୍ଧ—4. Unrestrained.
୫ । ଯେଉଁଠାକୁ ଯିବାକୁ କାହାକୁ ବାରଣ ନାହିଁ—
5. Open to all and sundry; to which all are freely admitted.

**ଅବାରିତଦ୍ୱାର**—ସଂ. ବି. ( କର୍ମଧା; ଅବାରିତ+ଦ୍ୱାର )—ମୁକ୍ତଦ୍ୱାର;
Abāritadwāra ମେଲାଦୁଆର—Open door.
ସଂ. ବିଣ. ( ବହୁବ୍ରୀହି )—୧ । ଯେଉଁ ଘରର ଦ୍ୱାର ବନ୍ଦ ନ ଥାଏ—1. ( a house ) Having the doors open.
୨ । ଯେଉଁ ସ୍ଥାନକୁ ସର୍ବସାଧାରଣଙ୍କର ଅବାଧ ଗତି ଅଛି—
2. Freely accessible to the public; free of admission.

**ଅବାର୍ଯ୍ୟ**—ସଂ. ବିଣ. ( ଅ+ବୃ ଧାତୁ. ଣିଚ, ବାର ଧାତୁ+କର୍ମ. ଯ )—
Abārjya ଅବାରଣୀୟ (ଦେଖ)—Abāraṇiya ( See )

**ଅବାର୍ଯ୍ୟଗତି**—ସଂ. ବି. ( କର୍ମଧା; ଅବାର୍ଯ୍ୟ+ଗତି )—ଯେଉଁ ଗତିକୁ
Abārjyagati କେହି ବାଧା ଦେଇ ନ ପାରେ—
Irresistible motion.
ସଂ. ବିଣ. ପୁଂ. ଓ ସ୍ତ୍ରୀ. (ବହୁବ୍ରୀହି)—ଯାହାର ଗତିକୁ କେହି ବାଧା ଦେଇ ନ ପାରେ—Irresistible in motion.

**ଅବାଳୁଆ**—ଦେ. ବିଣ. ପୁଂ. ( ସଂ. ଅ+ବାଳ )—
Abālua ୧ । କେଶହୀନ—1 Hairless.
କେଶହୀନ ୨ । ଖଣ୍ଡିଆ—2. Bald.
**କେଶହୀନ** ୩ । ଲୋମହୀନ—3. Having no fur.

**ଅବାସ**—ସଂ ବିଣ. ( ବହୁବ୍ରୀହି; ଅ+ବାସ )—ବାସହୀନ; ଯାହାର ବାସ-
Abāsa ଗୃହ ନାହିଁ—Homeless.
ଦେ. ବିଣ. ( ସଂ. ଅ+ବାସସ୍; ଅବାସଃ )—ବସ୍ତ୍ରହୀନ—
Naked; unclothed.

**ଅବାସା**—ସଂ. ବିଣ. ପୁଂ ଓ ସ୍ତ୍ରୀ (ବହୁବ୍ରୀହି; ଅ+ବାସସ୍ ୧ମା. ୧ବ.)—
Abāsā ୧ । ବସ୍ତ୍ରହୀନ—1. Unclothed.
୨ । ନଗ୍ନ—2. Naked.
ସଂ. ବି. ପୁଂ—ବୁଦ୍ଧ ଦେବ—A name of the Buddha.

**ଅବାସ୍ତବ**—ସଂ. ବିଣ (ଅ+ବାସ୍ତବ)—୧ । ଅପ୍ରକୃତ—
Abāstaba 1. Not genuine; unreal; not actual.
୨ । ଅମୂଳକ—2. Having no foundation.
୩ । ଅସତ୍ୟ—3. Not true.
୪ । ଅଯଥାର୍ଥ—4. Not correct.
୫ । କାଳ୍ପନିକ—5. Imaginary.
୬ । ଭ୍ରମାତ୍ମକ—6. Mistaken.
୭ । ଅଯୌକ୍ତିକ—7. Unreasonable.
୮ । (ଅ+ବସ୍ତୁ+ଅ)—ଅବସ୍ତୁସମ୍ବନ୍ଧୀୟ—
8. Relating to non-entity.

**ଅବାସ୍ତବିକ**—ସଂ. ବିଣ (ଅ+ବାସ୍ତବିକ)—ଅବାସ୍ତବ (ଦେଖ)
Abāstabika Abāstaba (See)

**ଅବାହନ୍**—ପ୍ରାଦେ. (ସମ୍ବଲପୁର) ବିଣ. ( ସଂ. ଅ+ଓ. ବହ ଧାତୁ )—
Abāhan ଅମଣିଆଁ (ପଶୁ)—Unbroken; untrained.

**ଅବାହନ୍ ବଛା**—ପ୍ରାଦେ. (ସମ୍ବଲପୁର) ବି—ଅମଣିଆଁ ବାଛୁରୀ—
Abāhan bachhā Unbroken steer.

**ଅବାହନ**—ସଂ. ବିଣ. ପୁଂ (ବହୁବ୍ରୀହି; ଅ+ବାହନ)—ଯାହାର ବାହନ
Abāhana ନାହିଁ—Having no conveyance.

**ଅବି**—ସଂ. ବି. (ଅବ ଧାତୁ—ପାଳନ କରିବା+ଇ)—୧ । ସୂର୍ଯ୍ୟ—
Abi 1. The sun.
୨ । ଅର୍କଗଛ (ଦେଖ)
2. (a plant) Arka (See)
୩ । ମେଷ; ମେଣ୍ଢା—3. Sheep.

ଦଳନତ କରି ସ୍ଥାନ ଅବରତେ ଚମକ ରଚନ୍ତି ଶରରେ
ଉପେ., ବୈଦେହୀଶବିଳାସ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ଭୁଅଁ' ନ ମିଳିଲେ 'ଭୂଅଁ' ଦେଖିବେ; 'ବଂଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୪ । ଛେଳି—4. Goat.
୫ । ପର୍ବତ—5. Mountain.
୬ । ମୂଷିକ—6. Mouse.

**ଅବିଆଜରେ**—ଗ୍ରା. କ୍ରି. ବିଣ (ସଂ. ଅବ୍ୟାଜ)—୧ । ବିନା କାରଣରେ—
Abiājare 1. Without any reason.
অব্যাজেতে ୨ । ବୃଥାରେ—2. In vain.
**नाहक**

**ଅବିଆଣ**—ଗ୍ରା. ବି.—ହୀନଜନ୍ମ; ନିନ୍ଦିତ ଜନ୍ମ—
Abiāṇa Low or mean birth.
**हीनजन्म**

**ଅବିଆଣୀ**—ଗ୍ରା. ବିଣ. ସ୍ତ୍ରୀ. ( ବିଶେଷତଃ ଗାଈ ଶବ୍ଦ ସଙ୍ଗେ ବିଶେଷଣ-
Abiāṇi ରୂପେ ବ୍ୟବହୃତ)—୧ । ଫଳ ଯାଇ ନଥିବା; ପ୍ରସବ କରି ନ ଥିବା ( ଗାଈ )—1. (a cow) Which has not yet borne young.
୨ । ଅଫଳନ୍ତି; ଯେଉଁ ବୃକ୍ଷରେ ଫଳ ଧରି ନାହିଁ—
2. ( a tree ) Which has not yet borne fruit.
୩ । ବନ୍ଧ୍ୟା; ବାଞ୍ଝ—3. Barren.

**ଅବିକତ୍ଥନ**—ସଂ. ବିଣ. ପୁଂ. ( ଅ=ନାହିଁ+ବିକତ୍ଥନ=ଆତ୍ମଶ୍ଳାଘା
Abikatthana ଯାହାର )—୧ । ଆତ୍ମଶ୍ଳାଘାରହିତ—
(ଅବିକତ୍ଥନା—ସ୍ତ୍ରୀ) 1. Not boastful.
୨ । ନିରହଙ୍କାର—2. Free from pride.

**ଅବିକଳ**—ସଂ. ବିଣ. ( ଅ+ବିକଳ=ଅସଂପୂର୍ଣ୍ଣ )—
Abikaḷa ୧ । ଅଖଣ୍ଡିତ—1. Unmutilated.
অবিকল ୨ । ଯାହା ଅଙ୍ଗହୀନ ନୁହେଁ; ସମ୍ପୂର୍ଣ୍ଣ—2. Whole.
**अविकल** ୩ । ଅବିକୃତ—3. Genuine; true.
୪ । ହୁବହୁ; ଯେପରି ଥିଲା ସେହିପରି—4. Exact
୫ । ଅବ୍ୟାକୁଳ; ଶାନ୍ତ—5. Not agitated; calm.
୬ । ପୂର୍ଣ୍ଣ—6. Full; complete.
୭ । ଅପରିବର୍ତ୍ତିତ—7. Unmodified.
୮ । ସର୍ବତୋଭାବରେ ମେଳ ହୋଇଥିବା—
8. Tallying in all respects.
ଦେ. ବିଣ—ଅଭୀତ—Not frightened.

ଅସୁର ଘୋଡ଼ାମାନେ ହେବାକୁ ଯୁଦ୍ଧକ୍ଷମ
ଗରଜନ୍ତି ସିଂହ ହୋଇ ଅବିକଳ । କୃଷ୍ଣସିଂହ- ମହାଭାରତ- ବିରାଟ ।

ଦେ. କ୍ରି. ବିଣ—୧ । ଅବିକୃତ ଭାବରେ; ହୁବହୁ—
1. Exactly.
୨ । ସମ୍ପୂର୍ଣ୍ଣରୂପେ—2. In all respects.

ଅନୁକରେ ବିକ୍ରମିନ ଅବିକଳ । ଭାଗବତ ।

**ଅବିକଳ ନକଲ**—ଦେ. ବି. ( ସଂ. ଅବିକଳ+ଆ. ନକଲ )—
Abikaḷa nakala ୧ । ଅବିକୃତ ଅନୁକୃତି—
**अविकल नकल** 1. Exact or true copy.
**अविकल नकल** ୨ । ହୁବହୁ ପ୍ରତିଲିପି—2. Word for word copy; verbatim copy.

**ଅବିକଳ୍ପ**—ସଂ. ବିଣ. ( ବହୁବ୍ରୀହି; ଅ=ନାହିଁ+ବିକଳ୍ପ )—
Abikaḷpa ୧ । ଯାହାର ବିକଳ୍ପ ବା ଅନ୍ୟ ରୂପ ନାହିଁ—
1. Having no alternative; not optional.
୨ । ନିଃସନ୍ଦେହ—2. Doubtless.
୩ । ନିଶ୍ଚିତ—3. Certain.

**ଅବିକଳ୍ପ ସମାଧି**—ସଂ. ବି. ( ଯୋଗଶାସ୍ତ୍ର )—ଭେଦଜ୍ଞାନରହିତ ସମାଧି;
Abikaḷpa samādhi ଜ୍ଞାତୃଜ୍ଞେୟଜ୍ଞାନ ଭେଦଶୂନ୍ୟ ଧ୍ୟାନ; ଏକାଗ୍ର; ଯୋଗଧ୍ୟାନ; ନିର୍ବିକଳ୍ପ ସମାଧି—
Absorption; concentrated meditation.

**ଅବିକା**—ପ୍ରାଦେ. ( କଟକ ) ଅ. ( ଆ. ଅବ୍‌ର )—୧ । ବର୍ତ୍ତମାନ—
Abikā 1. Now; at present.
୨ । ଏହିକ୍ଷଣି—2. Just now; immediately.
ଦେ. ବିଣ. ( ସଂ. ଅବିକ୍ରୀତ )—ଅବିକ୍ରୀତ—Unsold.
(ଯଥା—ତୁମେ ନ ନେଲେ ମୋ ଜିନିଷ ଅବିକା ରହିବ ନାହିଁ ।)

**ଅବିକାର**—ସଂ. ବିଣ. ( ବହୁବ୍ରୀହି; ଅ=ନାହିଁ+ବିକାର )—
Abikāra ୧ । ନିର୍ବିକାର; ଘୃଣାରହିତ—
(ଅବିକାରୀ—ସ୍ତ୍ରୀ) 1. Having no aversion.
୨ । ଅବିକୃତ; ଅପରିବର୍ତ୍ତିତ; ସ୍ଥିର—2. Unchanged.
୩ । ନିର୍ଦ୍ଦୋଷ—3. Faultless.
୪ । ଯାହାର ବିକାର ବା ପରିବର୍ତ୍ତନ ନାହିଁ—
4. Changeless.
ସଂ. ବି—୧ । ପ୍ରାକୃତିକ ଅବସ୍ଥା—
1 Natural condition.
୨ । ବିକାର ବା ପରିବର୍ତ୍ତନର ଅଭାବ—
2. Absence of change,
୩ । ଅପରିବର୍ତ୍ତିତ ଅବସ୍ଥା—3. Unchanged state.
୪ । ଘୃଣାରାହିତ୍ୟ—4. Freedom from abhorrence.

**ଅବିକାରିଆ**—ଗ୍ରା. ବିଣ. ପୁଂ. ଓ ସ୍ତ୍ରୀ. ( ସଂ. ଅବିକାର )—
Abikāriā ଯାହାର ଘୃଣା ନାହିଁ; ନିର୍ବିକାର—
বিকারহীন Free from abhorrence or aversion.
**विकारहीन**

**ଅବିକାରୀ**—ସଂ. ବିଣ. ପୁଂ. ( ସଂ. ଅବିକାର+ଇନ୍. ୧ମା. ୧ବ.)—
Abikāri ନିର୍ବିକାର; ଘୃଣାରହିତ—
(ଅବିକାରିଣୀ—ସ୍ତ୍ରୀ) Free from aversion.

**ଅବିକାର୍ଯ୍ୟ**—ସଂ. ବିଣ. ( ଅ+ବିକାର୍ଯ୍ୟ )—
Abikārjya ୧ । ଅପରିବର୍ତ୍ତନୀୟ—1. Unchangeable.
୨ । ଚିରସ୍ଥାୟୀ—2 Permanent; constant.

**ଅବିକୃତ**—ସଂ. ବିଣ. ( ଅ+ବିକୃତ )—
Abikṛuta ୧ । ଅପରିବର୍ତ୍ତିତ—1. Unchanged.
(ଅବିକୃତି—ବି) ୨ । ଅବିକାର ( ଦେଖ )
2 Abikāra ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଂ | ଉଅ | ଈ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗଂ | ଇଅ | ● | କୃ |

୩ । ଅମିଶ୍ର; ଖାଣ୍ଟି—3. Unadulterated; unalloyed
୪ । ଅରୁଗ୍ଣ—4. Not diseased.
୫ । ଚାଞ୍ଚଲ୍ୟରହିତ—5. Calm; unmoving.
୬ । ଯାହା ନଷ୍ଟ ବା ଖରାପ ହୋଇ ନାହିଁ—
6. Not deteriorated.

**ଅବିକୃତି**—ସଂ. ବି. ( ଅ+ବିକୃତି=ବିକାର )—
Abikruti ୧ । ଅପରିବର୍ତ୍ତିତ ଅବସ୍ଥା—
1. Unchanged condition.
୨ । ରୋଗଶୂନ୍ୟତା—2. Freedom from disease.
୩ । ( ସାଙ୍ଖ୍ୟ ଦର୍ଶନ ) ସତ୍ୱ, ରଜ ଓ ତମ ଗୁଣମାନଙ୍କର ସମୀକରଣ ବା ସମତା—3. ( Sāṅkhya philosophy) Equipollence or equilibrium of all passions or feelings.

**ଅବିକ୍ରାନ୍ତ**—ସଂ. ବିଣ. ପୁଂ. ( ଅ+ବିକ୍ରାନ୍ତ )—
Abikrānta ୧ । ଅତୁଳନୀୟ; ( ହିନ୍ଦି. ଶବ୍ଦସାଗର )—
(ଅବିକ୍ରାନ୍ତା—ସ୍ତ୍ରୀ) 1 Matchless.
୨ । ଦୁର୍ବଳ; କମ୍‌ଜୋର ( ହିନ୍ଦି. ଶବ୍ଦସାଗର )—
2. Weak.

**ଅବିକ୍ରିୟ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅ+ବିକ୍ରିୟ )—
Abikriya ଅବିକୃତ ( ଦେଖ )
(ଅବିକ୍ରିୟା—ସ୍ତ୍ରୀ ) Abikruta ( See )

**ଅବିକ୍ରେୟ**—ସଂ. ବିଣ. ( ଅ+ବିକ୍ରେୟ )—
Abikreya ୧ । ଯାହାକୁ ବିକି କରାଯାଇ ନ ପାରେ—
1. Unsalable.
୨ । ଯାହା ବିକ୍ରୟ ପାଇଁ ଅଭିପ୍ରେତ ନୁହେ—
2. Not intended to be sold.

**ଅବିକ୍ଳବ**—ସଂ. ବିଣ. ପୁଂ. ( ଅ+ବିକ୍ଳବ )—
Abiklaba ୧ । ବୈକ୍ଳବ୍ୟରହିତ; ଅବ୍ୟାକୁଳିତ—
(ଅବିକ୍ଳବା—ସ୍ତ୍ରୀ) 1. Not agitated; not bewildered.
୨ । ପ୍ରଶାନ୍ତ; ସ୍ଥିର—2. Calm; serene.

**ଅବିକ୍ଷତ**—ସଂ. ବିଣ. ( ଅ+ବିକ୍ଷତ )—
Abikshata ୧ । ଅକ୍ଷତ—1. Unwounded.
୨ । ଅନାହତ—2. Unhurt.
୩ । ଅଖଣ୍ଡିତ; ପୂର୍ଣ୍ଣ—3. Whole; not mutilated.

**ଅବିକ୍ଷିପ୍ତ**—ସଂ. ବିଣ. ( ଅ+ବିକ୍ଷିପ୍ତ )—
Abikshipta ୧ । ଅଚଞ୍ଚଳ; ସ୍ଥିର—
(ଅବିକ୍ଷେପ—ବି) 1. Calm; not agitated.
୨ । ଅବିସ୍ତୃତ—2. Not spread.
୩ । ଯାହା ଇତସ୍ତତଃ ବୁଣି ହୋଇ ଯାଇ ନାହିଁ—
3. Not scattered.
୪ । ଅନିକ୍ଷିପ୍ତ; ଯାହା ଫିଙ୍ଗା ହୋଇ ନାହିଁ—
4. Not thrown away.

**ଅବିଗର୍ହିତ**—ସଂ. ବିଣ. ( ଅ+ବିଗର୍ହିତ )—
Abigarhita ୧ । ଅନିନ୍ଦିତ; ଅନିନ୍ଦ୍ୟ—
1. Not blame-worthy
୨ । ଅଦୂଷିତ—2. Not fouled; not spoiled.
୩ । ସାଧୁସମ୍ମତ—
3. Approved by honest people.
୪ । ପ୍ରଶଂସିତ—4. Praised.

**ଅବିଗୀତ**—ସଂ. ବିଣ ( ଅ+ବିଗୀତ )—
Abigita ଅବିଗର୍ହିତ ( ଦେଖ )
Abigarhita ( See )

**ଅବଗୁଣ**—ଦେ. ବି ( ସଂ. ଅବଗୁଣ )—୧ । ଦୁର୍ଗୁଣ; ମନ୍ଦଗୁଣ—
Abiguṇa 1. Bad quality.
अवगुण; अवगुन ଏବେ ଅବଗୁଣ କ କହିବା ବୁଝୁନ୍ତି ।
औगुन; अवगुण ସାରଳାମହାଭାରତ. ବନ ।
୨ । ଦୋଷ—2. Fault.
୩ । ଅନିଷ୍ଟ; ଅହିତ—3. Injury; harm.
୪ । ଅଭିମାନ—
4. Sullenness due to displeasure
ଶକୁନି ବୋଇଲେ ହେ ଦୁର୍ଯୋଧନ ଶୁଣ
ପୃଥିବୀ ରଙ୍କର ଯେ ଅଛି ଅବଗୁଣ ।
କୃଷ୍ଣସିଂହ. ମହାଭାରତ. ସଭା ।
୫ । ରୋଗ—5. Disease.
୬ । ଭଲ ଉଦ୍ଦେଶ୍ୟକୁ ମନ୍ଦ ବୁଝିବା; ଶଙ୍କା—
6. Misunderstanding;
୭ । ଅସନ୍ତୋଷ—
7. Dissatisfaction; discontent.
୮ । ଅବୁଝାପଣ—8. Stubbornness.

**ଅବଗୁଣ କରିବା**—ଦେ. କ୍ରି—୧ । ଅନିଷ୍ଟ କରିବା; ଅହିତ କରିବା—
Abiguṇa kariba 1. To injure; to harm;
अवगुनकरना } ୨ । ଅବଗୁଣପାଇବା ( ଦେଖ )
आगुनकरना } 2. Abiguṇa pāibā ( See )

**ଅବଗୁଣ ପାଇବା**—ଦେ. କ୍ରି.—୧ । ଅସନ୍ତୁଷ୍ଟ ହେବା—
Abiguṇa pāibā 1. To be dissatisfied.
मानकरना, } ୨ । ଅଭିମାନ କରିବା—
अभिमानकरना } 2. To take offence.
୩ । ଶଙ୍କାପାଇବା; ଭଲ ଉଦ୍ଦେଶ୍ୟକୁ ମନ୍ଦ ବୁଝିବା—
3. To misunderstand.
୪ । ବିରକ୍ତ ହେବା—4. To be displeased.

**ଅବଗୁଣ ବହିବା**—ଦେ. କ୍ରି—ଅବଗୁଣ ପାଇବା ( ଦେଖ )
Abiguṇa bahibā Abiguṇa pāibā ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଗ୍ରନ୍ଥକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଢ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବର୍ଥି' ନ ପାଇଲେ 'ବର୍ତ୍ତି' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅବଗୁଣ ବିଚାରିବା**—ଦେ. କ୍ରି.—ଅବଗୁଣ ପାଇବା ( ଦେଖ )
Abiguṇa bichāribā Abiguṇa pāibā ( See )

ତୁ କାହିଁକି ଅବଗୁଣ ବିଚାରୁଛୁ ଏବେ ।
ସାରଳାମହାଭାରତ, ଉଦ୍‌ଯୋଗ ।

**ଅବଗୁଣ ବୁଝିବା**—ଦେ. କ୍ରି—ଅବଗୁଣପାଇବା ( ଦେଖ )
Abiguṇa bujhibā Abiguṇa pāibā (See)

**ଅବଗୁଣ ହେବା**—ଦେ. କ୍ରି.—ଅବଗୁଣ ପାଇବା ( ଦେଖ )
Abiguṇa hebā Abiguṇa pāibā ( See )

**ଅବଗୁଣିଆଁ**—ଦେ. ବିଣ. ପୁଂ. ଓ ସ୍ତ୍ରୀ—
Abiguṇiā̃ ୧ । ଅନିଷ୍ଟକାରୀ; ଅହିତକର—
অবগুনী 5. Injurious.
**আগুনী** ୨ । ଅଭିମାନୀ; ଯେ ସାମାନ୍ୟ କଥାରେ ଅଭିମାନ କରେ—
2. Prone to take offence.
୩ । ଯେ ଭଲ କଥାକୁ ମନ୍ଦ ବୁଝେ—
3. Prone to misunderstand.
୪ । ଅବୁଝ; ଏକଜିଦିଆ—
4 Obstinate; stubborn.
୫ । ଦୋଷଯୁକ୍ତ; ଅଏବ୍ଧ—
5. Having some fault or defect.

**ଅବଗୁଣୀ**—ଦେ. ବିଣ. ପୁଂ. ଓ ସ୍ତ୍ରୀ—ଅବଗୁଣିଆଁ (ଦେଖ)
Abiguṇi Abiguṇiā̃ (See)

**ଅବିଗ୍ରହ**—ସଂ. ବିଣ (ଅ+ବିଗ୍ରହ)—୧ । ଅବିଜ୍ଞାତ; ଯାହା ସ୍ପଷ୍ଟରୂପେ
Abigraha ଜଣା ଯାଏ ନାହିଁ (ହିନ୍ଦି. ଶବ୍ଦସାଗର)—
1. Not well known.
୨ । ଅଶରୀର; ନିରାକାର ( ହିନ୍ଦି ଶବ୍ଦସାଗର)—
2. Incorporeal.
ସଂ. ବି. (ବ୍ୟାକରଣ)—ନିତ୍ୟ ସମାସ (ହିନ୍ଦି. ଶବ୍ଦସାଗର)—
(grammar) A class of compounds in which the component words do not undergo any change.

**ଅବିଘ୍ନ**—ସଂ. ବି. ( ଅ+ବିଘ୍ନ )—୧ । ବିଘ୍ନ ବା ବାଧାର ଅଭାବ—
Abighna 1. Absence of obstacle.
୨ । ଶୁଭ—2. Bliss.
ସଂ. ବିଣ—ନିର୍ବିଘ୍ନ; ଅବାଧ—
Free from obstacle or hindrance.

**ଅବିଘ୍ନମସ୍ତୁ**—ସଂ. ବାକ୍ୟ. ( ଅବିଘ୍ନଂ+ଅସ୍ତୁ; ଆଶୀର୍ବଚନ )—
Abighnamastu ଆରବ୍ଧ କାର୍ଯ୍ୟରେ କୌଣସି ବିଘ୍ନ ନ ଘଟୁ—
অবিঘ্নমস্ত Let no impediment happen.
**अविघ्नमस्तु**

[ ଦ୍ର—ପୋଥି ଲେଖିବା ବା ବୋଲିବା ଆରମ୍ଭରେ ଶ୍ରୀ ଗଣେଶାୟ ନମଃ, ଅବିଘ୍ନମସ୍ତୁ ଇତ୍ୟାଦି ଲେଖାଯାଏ ବା ବୋଲାଯାଏ । ]

**ଅବିଚଳ**—ସଂ. ବିଣ. ପୁଂ. (ଅ+ବିଚଳ)—୧ । ଅବିଚଳିତ; ଅଚଞ୍ଚଳ—
Abichaḷa 1. Unmoved; unshaken.
୨ । ଗତିହୀନ—2. Motionless.
୩ । ପ୍ରଶାନ୍ତ; ସ୍ଥିର—3. Calm.
୪ । ଅଟଳ; ଦୃଢ଼—4. Firm.
୫ । ଅବ୍ୟାକୁଳ—
5. Not agitated; undisturbed.

**ଅବିଚଳିତ**—ସଂ. ବିଣ. ( ଅ+ବିଚଳିତ )—ଅବିଚଳ ( ଦେଖ )
Abichaḷita Abichaḷa ( See )

**ଅବିଚାର**—ସଂ. ବି. ( ଅ+ବିଚାର )—୧ । ବିଚାରର ଅଭାବ—
Abichāra 1. Want of consideration
(ସୁବିଚାର—ବିପରୀତ) or judgement.
୨ । ଅବିବେଚନା—2. Want of reflection.
୩ । ଅନ୍ୟାୟ ବିଚାର—3. Injustice.
୪ । ଅତ୍ୟାଚାର—4. Oppression.

**ଅବିଚାରକ**—ସଂ. ବିଣ. ପୁଂ. ( ଅ+ବିଚାରକ )—
Abichāraka ୧ । ନ୍ୟାୟାନ୍ୟାୟବିଚାରହୀନ—
(ଅବିଚାରିକା—ସ୍ତ୍ରୀ) 1. Indiscriminate; inconsiderate.
୨ । ଅତ୍ୟାଚାରୀ—2. Oppressive.
୩ । ଅନ୍ୟାୟ ବିଚାରକାରୀ—3. Unjust.
୪ । ଅବୁଝା—4. Obstinate; stubborn.

**ଅବିଚାରୀ**—ସଂ. ବିଣ. ( ଅ+ବିଚାର+ଇନ୍; ୧ମା. ୧ବ. )—
Abichāri ଅବିଚାରକ ( ଦେଖ )
(ଅବିଚାରିଣୀ—ସ୍ତ୍ରୀ) Abichāraka ( See ).

**ଅବିଚାର୍ଯ୍ୟ**—ସଂ. ବିଣ. ( ଅ+ବିଚାର୍ଯ୍ୟ )—
Abichārjya ବିଚାର କରାଯିବାର ଅଯୋଗ୍ୟ—
Unfit to be judged; incapable of being considered.

**ଅବିଚିନ୍ତ୍ୟ**—ସଂ. ବିଣ. ( ଅ+ବିଚିନ୍ତ୍ୟ )—ଅଚିନ୍ତନୀୟ—
Abichintya Unthinkable.

ରୂପକ ଗୁଣ ସ୍ଥାପନ, ସେ ଅବିଚିନ୍ତ୍ୟ ମହାଶକ୍ତି ।
ପ୍ରାଚୀ. ପୂର୍ଣ୍ଣଚନ୍ଦ୍ରୋଦୟ ।

**ଅବିଚ୍ଛିନ୍ନ**—ସଂ. ବିଣ. ( ଅ+ବିଚ୍ଛିନ୍ନ )—୧ । ଅବିରାମ—
Abichchhinna 1. Constant; uninterrupted.
(ଅବିଚ୍ଛେଦ—ବି) ୨ । ଧାରାବାହିକ—
2. Continuous; successive.
୩ । ଛିନ୍ନ ହୋଇ ନ ଥିବା—3. Unsevered.
୪ । ପୃଥକ୍ କରାଯାଇ ନ ଥିବା—4. Not separated.
୫ । ଅତୁଟ—5. Unbroken.

| ୧ | ଇ | ଊ | ରୃ,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇୟ | ଉଅ | ଭ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଯ୍ରେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଗଁ୍ୟ | ଇଅ | ● | ନ୍ତ |

**ଅବିଚ୍ଛିନ୍ନେ**—ଦେ. କ୍ରି. ବିଣ—ଅବିରତ; ସର୍ବଦା—
Abichchhinne Constantly; uninterruptedly.
अविच्छिन्न — ଅବିଚ୍ଛିନ୍ନେ ଶୃଙ୍ଗାର କରଇ ବନେ ହେର ।
लगातार — ସାରଳାମହାଭାରତ. ବନ ।

**ଅବିଚ୍ଛେଦ**—ସଂ. ବି. ( ଅ+ବିଚ୍ଛେଦ )—
Abichchheda ୧ । ଅବିରହ; ବିଚ୍ଛେଦାଭାବ—
(ଅବିଚ୍ଛିନ୍ନ—ବିଣ) 1. Absence of separation.
୨ । ସଂଲଗ୍ନତା—2. Attachment.
୩ । ଅଖଣ୍ଡତା—3. Entirety; wholeness.
୪ । ମିଳନ—4. Union.
୫ । କ୍ରମାନୁସୃତା—5. Continuity.
୬ । ଧାରାବାହିକତା—6. Sequence.
୭ । ସଂଯୋଗ—7. Junction; union.
ସଂ. ବିଣ—୧ । ଅଖଣ୍ଡ; ଅବିଭକ୍ତ—
1. Undivided; whole.
୨ । ପୂର୍ଣ୍ଣ—2. Entire.
୩ । ଧାରାବାହିକ—3. Continuous; successive.
୪ । ଅବିରାମ—4. Constant; uninterrupted.

**ଅବିଜା**—ଦେ. ବିଣ. (ଗାଳିରେ ବ୍ୟବହୃତ) (ସଂ. ଅ+ବୀଜ)—
Abijā ୧ । ବେଜୁଆ; ଜାରଜ—1. Bastard; illegitimate.
বেধো ୨ । ଅନିର୍ଦ୍ଦିଷ୍ଟପିତୃକ—2. ( a child ) Whose
पापजातक father can not be traced.

**ଅବିଜ୍ଞ**—ସଂ. ବିଣ. ପୁଂ. ( ନଞ୍ ତତ୍; ଅ+ବିଜ୍ଞ )—
Abijña ୧ । ଅଜ୍ଞ; ଅନଭିଜ୍ଞ—1. Ignorant.
(ଅବିଜ୍ଞା—ସ୍ତ୍ରୀ) ୨ । ଜ୍ଞାନହୀନ—2. Unwise.
(ଅବିଜ୍ଞତା—ବି) ୩ । ଯାହାର ବିଜ୍ଞତା ଜନ୍ମି ନାହିଁ; ଅପ୍ରବୀଣ—
3. Inexperienced.
୪ । ଅଦୂରଦର୍ଶୀ—4. Imprudent; undiscerning.
୫ । ଯେ ବିଶେଷଜ୍ଞ ନୁହେ—5. Not expert.

**ଅବିଜ୍ଞତା**—ସଂ. ବି. ( ଅବିଜ୍ଞ+ଭାବ. ତା )—
Abijñatā ୧ । ଅନଭିଜ୍ଞତା; ବିଜ୍ଞତାର ଅଭାବ—
1. Ignorance.
୨ । ଜ୍ଞାନର ଅଭାବ—2. Unwisdom.
୩ । ଅପ୍ରବୀଣତା—3. Inexperience.
୪ । ଅଦୂରଦର୍ଶିତା—4. Imprudence.
ସଂ. ବିଣ. ପୁଂ (ଅ+ବିଜ୍ଞତୃ; ୧ମା. ୧ବ. )—ଅଜ୍ଞ—
( ଅବିଜ୍ଞାତ୍ରୀ—ସ୍ତ୍ରୀ ) Ignorant.

**ଅବିଜ୍ଞାତ**—ସଂ. ବିଣ. ( ଅ+ବିଜ୍ଞାତ )—ଅଜଣା; ଅଜ୍ଞାତ—
Abijñāta Unknown.
ସଂ. ବି. ( ଯେ ସାକ୍ଷାତ୍ ଭାବରେ ଜ୍ଞାନଗମ୍ୟ ନୁହନ୍ତି )—
ପରବ୍ରହ୍ମ; ପରମାତ୍ମା—The Universal Soul.

**ଅବିଜ୍ଞେୟ**—ସଂ. ବିଣ. ( ନଞ୍ ତତ୍; ଅ+ବିଜ୍ଞେୟ )—
Abijñeya ଅପରିଜ୍ଞେୟ; ଜ୍ଞାନାତୀତ—Incomprehensible; inscrutable; unknowable.

**ଅବିତ**—ସଂ. ବିଣ. (ଅବ ଧାତୁ=ରକ୍ଷା କରିବା; ପାଳିବା+କର୍ମ. ତ)—
Abita ୧ । ରକ୍ଷିତ—1. Saved; preserved; protected.
୨ । ପାଳିତ—2. Brought up; maintained.
ସଂ. ବି (+ଭାବ. ତ)—୧ । ରକ୍ଷଣ—
1. Protection; custody.
୨ । ପାଳନ—2. Maintenance.

**ଅବିତଥ**—ସଂ. ବିଣ. ( ଅ+ବିତଥ=ମିଥ୍ୟା)—
Abitatha ୧ । ସତ୍ୟ—1. True.
୨ । ଯଥାର୍ଥ—2. Actual; real.

**ଅବିତଥ୍ୟ**—ସଂ. ବି. ( ଅବିତଥ+ଭାବ. ଯ )—
Abitathya ୧ । ସତ୍ୟତା—1. Truth.
୨ । ଯାଥାର୍ଥ୍ୟ—2. Reality.
ଦେ. ବି—୧ । ତଥ୍ୟସନ୍ଧାନ—1. Trace; clue.
୨ । ସଂବାଦ—2. News; intelligence.

**ଅବିତୃଷ୍ଣ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅ=ନାହିଁ+ବିତୃଷ୍ଣା;ଯାହାର )—
Abitrushna ୧ । ତୃଷ୍ଣାଯୁକ୍ତ; ସତୃଷ୍ଣ—1. Thirsty.
(ଅବିତୃଷ୍ଣା—ସ୍ତ୍ରୀ) ୨ । ସାଭିଳାଷ—2. Hankering.
( ଅବିତୃଷ୍ଣତା—ବି)
୩ । ପ୍ରବୃତ୍ତ—Engaged in.

**ଅବିଦିତ**—ସଂ. ବିଣ. ( ଅ+ବିଦିତ )—୧ । ଅଜ୍ଞାତ—
Abidita 1. Unknown.
୨ । ଅପରିଚିତ—2. Unacquainted.

**ଅବିଦୁଷ**—ଦେ. ବିଣ. ( ସଂ. ଅ+ବିଦ୍ୱାନ୍ )—ମୂର୍ଖ—
Abidusha Illiterate.
ବିଂଶାସୁରଙ୍କୁ ପ୍ରେରିଲେ, ଅବିଦୁଷଙ୍କୁ ସେ ବିଲେ ।
ପ୍ରାଚୀ. ପୂର୍ଣ୍ଣତମଚନ୍ଦ୍ରୋଦୟ ।

**ଅବିଦୂର**—ସଂ. ବିଣ. (ଅ+ବିଦୂର)—ଅଦୂରସ୍ଥ; ନିକଟସ୍ଥ; ସମୀପବର୍ତ୍ତୀ—
Abidūra Adjacent; near by.

**ଅବିଦ୍ୟ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅ+ବିଦ୍ୟା )—
Abidya ୧ । ଅବିଦ୍ୱାନ୍; ଅପଣ୍ଡିତ—1. Not learned.
(ଅବିଦ୍ୟା—ସ୍ତ୍ରୀ) ୨ । ଅଶିକ୍ଷିତ; ମୂର୍ଖ—2. Unlettered
(ଅବିଦ୍ୟତା—ବି) ୩ । ଅଜ୍ଞ—3. Ignorant.
୪ । ଜ୍ୟୋତିଷ ଶାସ୍ତ୍ରୋକ୍ତ ସମ୍ବତ୍ସର ବିଶେଷର ନାମ—
4. (astrology) Name of a particular year.
ଅବିଦ୍ୟ ନାମେ ତହିଁ ସମ୍ବତ୍ସର ଭୋଗ—ମାର୍କଣ୍ଡେୟପୁରାଣ ।
୫ । ଯାହା ବିଦ୍ୟାର ବିଷୟୀଭୂତ ନୁହେ—
5. Not forming the subject of learning.
୬ । ଯାହା ଜ୍ଞାନର ବିଷୟୀଭୂତ ନୁହେ—
6. Not within the purview of knowledge.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧ' ନ ପାଇଲେ 'ବନ୍ଧ୍' ଦେଖିବେ; 'ଅର୍ଗ୍ଘ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅବିଦ୍ୟମାନ**—ସଂ. ବିଣ. ପୁଂ. ( ଅ+ବିଦ୍ୟମାନ )—
Abidyamāna ଅବର୍ତ୍ତମାନ ( ଦେଖ )
( ଅବିଦ୍ୟମାନା—ସ୍ତ୍ରୀ ) Abarttamāna ( See )
( ଅବିଦ୍ୟମାନତା—ବି )

**ଅବିଦ୍ୟା**—ସଂ. ବିଣ. ସ୍ତ୍ରୀ. ( ଅବିଦ୍ୟ + ସ୍ତ୍ରୀ. ଆ )—ଅବିଦ୍ୟର ସ୍ତ୍ରୀଲିଙ୍ଗ—
Abidyā Feminine of Abidya.
ସଂ. ବି. ସ୍ତ୍ରୀ. ( ଅ+ବିଦ୍ୟା )—୧ । ଅଜ୍ଞତା; ମୂର୍ଖତା—
1. Ignorance.
୨ । ଅଜ୍ଞାନ—
2. Unwisdom; want of knowledge.
୩ । ( ଦର୍ଶନ ) ସଂସାର ମାୟା—
3. ( philosophy ) Illusion.
[ ଦ୍ର—ଅବିଦ୍ୟା ପଞ୍ଚବିଧ;ଯଥା—ତମ, ମୋହ, ମହାମୋହ, ତାମିସ୍ର ଓ ଅନ୍ଧତାମିସ୍ର । ଭାଗବତ. ୩ୟସ୍କନ୍ଧ. ୧୨ଶ ଅଧ୍ୟାୟ. ୨ଶ୍ଳୋକ ।]
୪ । ( ଦର୍ଶନ ) ଅହଂଭାବ—
4. (philosophy ) Egotism; selfconceit.
୫ । ଏହି ପାର୍ଥିବ ଶରୀର ଆତ୍ମା ଅଟେ, ଏବମ୍ଭୂତ ଧାରଣା—
5. The notion that the soul is nothing but one's body.
୬ । ମାୟାଚ୍ଛନ୍ନ ଜ୍ଞାନ (ବିଦ୍ୟା ଶବ୍ଦେ ନୋଟ୍ ଦେଖ )—
6. Knowledge clouded by delusion.
୭ । ( ଦର୍ଶନ ) ପ୍ରକୃତି; ଜଡ଼ପ୍ରକୃତି—7. Nature.
[ ଦ୍ର—ଏହି ଅବିଦ୍ୟାଦ୍ୱାରା ପୁରୁଷ ବା ଈଶ୍ୱର ଏ ଜଗତକୁ ସୃଷ୍ଟି କରିଅଛନ୍ତି । ]
୮ । ଯୁଦ୍ଧାସ୍ତ୍ରବିଶେଷ—8. A kind of weapon.
ଦେ. ବି. ସ୍ତ୍ରୀ—୧ । ବେଶ୍ୟା—1. Prostitute.
୨ । ରକ୍ଷିତା ସ୍ତ୍ରୀ; ଉପପତ୍ନୀ—2. Concubine.

**ଅବିଦ୍ୟାନାଗରୀ**—ସଂ.ବି—ସଂକଳ୍ପ ନାୟିକା—Ideal sweetheart.
Abidyānāgarī ନବ-ପ୍ରେମିକର ଅବିଦ୍ୟା-ନାଗରୀ ଶିଳାପିକରୀ ମତ ।
ରାଧାନାଥ. ଯଯାତି ।

**ଅବିଧା**—ସଂ. ବି. ( ଅ + ବିଧା = ସୁଯୋଗ )—୧ । ଅସୁବିଧା—
Abidhā 1. Inconvenience.
୨ । ସୁଯୋଗର ଅଭାବ—
2. Want of opportunity.

**ଅବିଧାନ**—ସଂ. ବି. ( ଅ + ବିଧାନ )—
Abidhāna ୧ । ଅବିଧି; ନିୟମର ଅଭାବ; ବେନିୟମ—
ଅବିଧେୟ } ବିଣ 1. Want of rule; irregularity.
ଅବିହିତ } ୨ । ଅବ୍ୟବସ୍ଥା—
2. Want of method or discipline.
୩ । ଅନୁଚିତ କର୍ମ—3. Improper act.
୪ । ଅନ୍ୟାୟ ବିଧି—4. Illegal or unjust rule.
୫ । କୁବିଧି; ମନ୍ଦବିଧାନ—5 Bad rule.
୬ । ଅକରଣୀୟତା—6. Impropriety.
୭ । ଅଶାସ୍ତ୍ରୀୟ ବ୍ୟବସ୍ଥା—
7. Prescription not approved by the law-books.
ଗ୍ରା. ବି. ( ସଂ. ଅଭିଧାନର ଅଶୁଦ୍ଧ ଉଚ୍ଚାରଣ )—
ଅଭିଧାନ; ଶବ୍ଦକୋଷ—Dictionary.

**ଅବିଧି**—ସଂ. ବି. ( ଅ+ବିଧି )—ଅବିଧାନ ( ଦେଖ )
Abidhi Abidhāna ( See )
ଅବିଧେୟ } ବିଣ ସଂ. ବିଣ—୧ । ଅବୈଧ; ବେଆଇନ୍—
ଅବିହିତ } 1. Illegal.
୨ । ନିୟମବିରୁଦ୍ଧ—2. Contrary to rules.
୩ । ଅଶାସ୍ତ୍ରୀୟ; ଶାସ୍ତ୍ରବିରୁଦ୍ଧ—
3. Contrary to the law-books.
୪ । ବିଧିବିରୁଦ୍ଧ—4. Not customary.
୫ । ଅକରଣୀୟ—5. Improper.
୬ । ଅନ୍ୟାୟ—6. Unjust.

**ଅବିଧିରେ**—ଦେ. କ୍ରି. ବିଣ—ଅଯଥା—
Abidhire Unjustly; improperly.
ବୈକୁଣ୍ଠ ଶ୍ରୀକି ଏ କଷ୍ଟେ ମାର୍କଣ୍ଡେୟ ଭାଳେ,
ବହୁଳ ମୁଁ ପୂର୍ବେ ଅବିଧିରେ ଦେଖି ଭୋଳେ ।
ଭଞ୍ଜ. ବୈଦେହୀଶବିଳାସ ।

**ଅବିଧେୟ**—ସଂ. ବିଣ (ଅ+ବିଧେୟ)—୧ । ଅକରଣୀୟ; ଯାହା କରିବା
Abidheya ଉଚିତ ନୁହେ; ଅନୁଚିତ—1. Improper;
(ଅବିଧେୟତା—ବି) that which should not be done.
୨ । ଅଯୋଗ୍ୟ—2 Unfit.
୩ । ଅପାଳନୀୟ—3. Unfit to be carried out.

**ଅବିଧ୍ୱଂସୀ**—ସଂ. ବିଣ ( ଅ + ବିଧ୍ୱଂସିନ୍; ୧ମା. ୧ବ )—୧ । ଅବିନାଶୀ;
Abidhwaṁsī ଯାହା ବିନାଶ ପାଏ ନାହିଁ—
(ଅବିଧ୍ୱଂସିତା—ବି) 1. Indestructible; imperishable.
୨ । ଚିରସ୍ଥାୟୀ—2. Permanent.
୩ । ଅସରନ୍ତି; ଅକ୍ଷୟ—3. Inexhaustible.
୪ । ଅମର—4. Immortal; deathless.

**ଅବିନତ**—ସଂ. ବିଣ (ଅ + ବିନତ)—୧ । ଯେ ବିନୟୀ ନୁହେ; ଅବିନୟୀ-
Abinata 1. Not humble.
(ଅବିନତା—ସ୍ତ୍ରୀ), ଅନମ୍ର; ଅନତ—2. Unbent

**ଅବିନୟ**—ସଂ. ବି (ଅ + ବିନୟ)—୧ । ବିନୟର ଅଭାବ—
Abinaya 1. Want of humility; want of good manners.
୨ । ଔଦ୍ଧତ୍ୟ; ଧୃଷ୍ଟତା—2. Arrogance; rudeness.
୩ । ଅଶିଷ୍ଟ ବ୍ୟବହାର—3. Bad manners; want of civility; incivility.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଝ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଯ଼ | ଉଅ | ଓ |
| ୨ | ଈ | ଊ | ରୁ | ଳୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଖ୍ୟ | ଇଅ | ● | ନ୍ତ |

୪ । ଅପରାଧ—4. Guilt.

ସଂ. ବିଣ. ପୁଂ (ବହୁବ୍ରୀହି)—ଅବିନୀତ; ଅଶିଷ୍ଟ; ଉଦ୍ଧତ—
(ଅବିନୟା—ସ୍ତ୍ରୀ) Rude; discourteous; overbearing.

**ଅବିନଶ୍ୱର**—ସଂ. ବିଣ (ଅ + ବିନଶ୍ୱର)—ଅବିଧ୍ୱଂସୀ (ଦେଖ)
Abinaśwara Abidhwaṁsī (See)
(ଅବିନଶ୍ୱରତା—ବି)

**ଅବିନଷ୍ଟବ୍ରହ୍ମଚର୍ଯ୍ୟ**—ସଂ. ବିଣ. ପୁଂ—ଅବିପ୍ଳୁତ ବ୍ରହ୍ମଚର୍ଯ୍ୟ (ଦେଖ)
Abinashṭabrahamacharjya Abipḻuta brahmacharjya (See)

**ଅବିନଷ୍ଟବ୍ରହ୍ମଚାରୀ**—ସଂ. ବିଣ. ପୁଂ—ଅବିପ୍ଳୁତ ବ୍ରହ୍ମଚର୍ଯ୍ୟ (ଦେଖ)
Abinashṭabrahmachārī Abipḻuta brahmacharjya (See)

**ଅବିନାଭାବ**—ସଂ.ବି (ନଞ୍ ତତ୍; ଅ=ନାହିଁ+ବିନା=ବ୍ୟତିରେକେ+ଭାବ=ବିଦ୍ୟମାନତା)—
Abinābhāba
( ନ୍ୟାୟ ଦର୍ଶନ ) ନିତ୍ୟସମ୍ବନ୍ଧ; କାର୍ଯ୍ୟ ଓ କାରଣର ଅବଶ୍ୟଂଭାବୀ ସମ୍ବନ୍ଧ; କାରଣର ଉପସ୍ଥିତିରୁ କାର୍ଯ୍ୟର ଉପସ୍ଥିତି ଏବଂ କାର୍ଯ୍ୟର ଉପସ୍ଥିତିରୁ କାରଣର ଉପସ୍ଥିତି ଅନୁମାନ କରାଯିବା ଅବସ୍ଥା—(philosophy) Relationship between cause and effect.
[ଦ୍ର—ନ୍ୟାୟ ଦର୍ଶନରେ ଅବିନାଭାବର ଉଦାହରଣ;ପର୍ବତୋ ବହ୍ନିମାନ୍ ଧୂମାତ୍; ଅର୍ଥାତ୍ ପର୍ବତରୁ ଧୂଆଁ ଉଠୁଥିବା ଦେଖି ପର୍ବତରେ ନିଆଁ ଥିବା ଅନୁମାନ କରିବା ସ୍ୱାଭାବିକ । ନିଆଁ ସଙ୍ଗେ ଧୂଆଁର ସମ୍ବନ୍ଧକୁ ଅବିନାଭାବ କୁହାଯାଏ । ]

**ଅବିନାଶ**—ସଂ. ବି (ଅ+ବିନାଶ)—ବିନାଶ ନ ହେବା—
Abināśa Indestructibility.

ସଂ. ବିଣ—ଚିରନ୍ତନ—Constant.

ଅବର୍ଣ୍ଣ ଅବିନାଶ ଥିନ, କର୍ଣ୍ଣ ନ ହେଲେ ହେଁ ତା ଶୁଣି ।
ଭୂପତି, ପ୍ରେମପଞ୍ଚାମୃତ ।

**ଅବିନାଶୀ**—ସଂ. ବିଣ. (ଅ+ବିନାଶିନ୍; ୧ମା.୧ବ)—ଅବିନଶ୍ୱର (ଦେଖ)
Abināśī Abinaśwara (See)
(ଅବିନାଶିନୀ—ସ୍ତ୍ରୀ)

**ଅବିନୀତ**—ସଂ. ବିଣ. ପୁଂ (ନଞ୍ ତତ୍; ଅ+ବିନୀତ )—୧ । ଯେ ବିନୟୀ
Abinīta ନୁହେ; ଅଶିଷ୍ଟ—1. Not civil; rude.
(ଅବିନୟ—ବି) ୨ । ଦୁର୍ବିନୀତ; ଧୃଷ୍ଟ; ଉଦ୍ଧତ—
(ଅବିନୀତା—ସ୍ତ୍ରୀ) 2. Arrogant.
୩ । ଦୁଷ୍ଟ—3. Wicked.
୪ । ଅସତ—4. Dishonest.
୫ । ଅଶିକ୍ଷିତ—5. Unlettered

**ଅବିନୀତା**—ସଂ. ବିଣ. ସ୍ତ୍ରୀ—( ଅବିନୀତ + ସ୍ତ୍ରୀ. ଆ )—୧ । ଅବିନୀତର
Abinītā ସ୍ତ୍ରୀଲିଙ୍ଗ—1. Feminine of Abinīta.
୨ । ଅସତୀ; କୁଳଟା—2. Unchaste; adulterous (woman)

ସଂ. ବି. ସ୍ତ୍ରୀ—୧ । ଦୁଷ୍ଟା ସ୍ତ୍ରୀ—1. Wicked woman.
୨ । କୋପନା ସ୍ତ୍ରୀ—2. A shrew; vixen; virago.

**ଅବିନ୍ଧନ**—ସଂ. ବି. (ବହୁବ୍ରୀହି; ଅପ୍+ଇନ୍ଧନ; ଅପ୍=ଜଳ ଅଟେ ଇନ୍ଧନ
Abindhana =ଜାଳକାଠ ସ୍ୱରୂପ ଯାହାର)—
୧ । ବଡ଼ବାନଳ 1. Submarine fire.
୨ । ବଜ୍ରାଗ୍ନି—2. Lightning.

**ଅବିପ୍ରିୟ**—ସଂ. ବିଣ ( ଅ=ନୁହେ+ବିପ୍ରିୟ=ଅପ୍ରିୟ )—୧ । ଯାହା
Abipriya ବିରକ୍ତିକର ନୁହେ; ଆନନ୍ଦଜନକ—1. Pleasant;
(ଅବିପ୍ରିୟା—ସ୍ତ୍ରୀ) pleasing; not unpleasant.
୨ । ଅପ୍ରତିକୂଳ; ଅନୁକୂଳ—
2. Favourable; propitious.
୩ । ଇଷ୍ଟ; ପ୍ରିୟ—3. Dear; beloved.
୪ । ଯାହାକୁ ପାଇବାକୁ ମନୁଷ୍ୟ ଇଚ୍ଛାକରେ—
4 Coveted; wished for.
୫ । ଅନବଜ୍ଞାତ—
5 Not slighted; not disregarded.

ସଂ. ବି ( ୬ଷ୍ଠୀ ତତ୍; ଅବି=ମେଷର+ପ୍ରିୟ )—
ଶ୍ୟାମାକ ତୃଣ, ଶୁଆଁ—A kind of grass

**ଅବିପ୍ଳୁତ**—ସଂ. ବିଣ ( ଅ+ବି+ପ୍ଳୁ ଧାତୁ+କର୍ତ୍ତୃ. ତ )—
Abipḻuta ୧ । ଯେ ଅଶ୍ୱ ପରି ପ୍ଳୁତ ଗତି କରି ବା ଲମ୍ଫଦେଇ ଯାଏନାହିଁ—
1. Not galloping like a horse.
୨ । ଅକ୍ଷତ; ଅବିନଷ୍ଟ—2. Unhurt; unspoiled.
୩ । ଅବିଧ୍ୱଂସୀ—3. Indestructible.
୪ । ଅବାଧରେ ପ୍ରବର୍ତ୍ତିତ—
4. Promulgated without obstacle.
୫ । ( +କର୍ମ. ତ ) ଆଚରିତ—
5 Followed; pursued.
୬ । ଅନୁପଦ୍ରୁତ—6. Unoppressed.
୭ । ଅବିପର୍ଯ୍ୟସ୍ତ—7. Not overturned.
୮ । ଅଦୂଷିତ—8. Not soiled.
୯ । ଯାହା ଜଳ ଦ୍ୱାରା ପ୍ଳାବିତ ହୋଇ ନାହିଁ—
9. Not inundated; not flooded.
୧୦ । (+କର୍ତ୍ତୃ. ତ)ଯେ କୌଣସି ବ୍ରତରୁ ସ୍ଖଳିତ ହୋଇ ନାହିଁ—
10. Not deviating from a vow.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧ' ନ ପାଇଲେ 'ବଧ୍' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅବିପ୍ଲୁତବ୍ରହ୍ମଚର୍ଯ୍ୟ**—ସଂ. ବିଣ. ପୁଂ ( ବହୁବ୍ରୀହି; ଅବିପ୍ଲୁତ + ବ୍ରହ୍ମଚର୍ଯ୍ୟ )—୧ । ଯେଉଁ ବ୍ୟକ୍ତି ବ୍ରହ୍ମଚର୍ଯ୍ୟ ବ୍ରତରୁ ଆଦୌ ସ୍ଖଳିତ ବା ଭ୍ରଷ୍ଟ ହୋଇ ନାହିଁ; ଯେ ଆଦୌ ବୀର୍ଯ୍ୟପାତ କରି ନାହିଁ—
Abiplutabrahmacharjya
1. ( a person ) Who has never deviated from the vow of continence.

**ଅବିପ୍ଲୁତବ୍ରହ୍ମଚାରୀ**—ସଂ. ବିଣ. ପୁଂ ( କର୍ମଧା; ଅବିପ୍ଲୁତ + ବ୍ରହ୍ମଚାରୀ )—
Abiplutabrahmachārī ଅବିପ୍ଲୁତବ୍ରହ୍ମଚର୍ଯ୍ୟ ( ଦେଖ ) Abiplutabrahmacharjya ( See )

**ଅବିବକ**—ଗ୍ରା. ବିଣ ( ସଂ. ଅବିବେକର ଅଶୁଦ୍ଧ ଉଚ୍ଚାରଣ )—
Abibaka ଅବିବେକ ( ଦେଖ )
অবিবেক Abibeka ( See )
अविवेक

**ଅବିବକ୍ଷିତ**—ସଂ. ବିଣ (ଅ+ବି+ବଚ ଧାତୁ+ଇଚ୍ଛାର୍ଥ. ସନ୍+କର୍ମ.ତ)—
Abibakshita ୧ । ଯାହା କହିବାକୁ ଇଚ୍ଛା ନ ଥାଏ—
1. Not intended to be spoken.
୨ । ଅନଭିପ୍ରେତ—2. Not intended.
୩ । ଅନୁପଲକ୍ଷିତ; ତାତ୍ପର୍ଯ୍ୟ ଦ୍ୱାରା ଅନୁପଲବ୍ଧ—
3. Not implied; not signified.

**ଅବିବାଦ**—ସଂ. ବି—( ଅ + ବିବାଦ )—
Abibāda ୧ । ଅବିରୋଧ; ବିବାଦର ଅଭାବ—
1. Absence of opposition or dispute.

**ଅବିବାଦରେ**—ଦେ. କ୍ରି. ବିଣ—ଅବିବାଦେ ( ଦେଖ )—
Abibādare Abibāde ( See )

**ଅବିବାଦିଆ**—ଗ୍ରା. ( କଟକିଆ ଭାଷା ). ବିଣ ( ସଂ. ଅ + ବିବାଦୀୟ )—
Abibādia
অবিবাদীয় ୧ । ଯେଉଁ ସମ୍ପତ୍ତି ମକଦ୍ଦମାର ଦାୟରୁକ୍ତ ନୁହେ—
निर्विवाद 1. Undisputed ( property )

**ଅବିବାଦି**—ଗ୍ରା. ବି ( କଟକିଆ ଭାଷା )—ଅବିବାଦିଆ ( ଦେଖ )
Abibādi Abibādia ( See )

**ଅବିବାଦେ**—ଦେ. କ୍ରି. ବିଣ—ନିର୍ବିବାଦେ; ବିନା ବିବାଦରେ—
Abibāde Unopposed; undisputedly.
অবিবাদে

**ଅବିବାହି**—ଦେ. ବିଣ. ପୁଂ. ଓ ସ୍ତ୍ରୀ. ( ସଂ. ଅବିବାହିତ )—
Abibāhi ଅବିବାହିତ—Unmarried.
অবিবাহি କନ୍ୟା ଦୁହିତା ରହିଛି ଅବିବାହି କାଳେ
अनव्याहा ଦଶ ବରଷ ସେବ ଥିଲା ପିତା ଘରେ ।—ସାରଳା. ମହାଭାରତ. ବସନ୍ତ ।

**ଅବିବାହିତ**—ସଂ. ବିଣ. ପୁଂ. ( ଅ + ବିବାହିତ )—
Abibāhita ଅନୂଢ଼; ଅପରିଣୀତ; ଯାହାର ବିବାହ ହୋଇ
(ଅବିବାହିତା—ସ୍ତ୍ରୀ) ନାହିଁ—Unmarried; bachelor.

**ଅବିବେକ**—ସଂ. ବି ( ନଞ୍ ତତ୍; ଅ + ବିବେକ )—
Abibeka ୧ । ବିବେଚନାର ଅଭାବ; ସଦସତ୍ ବିଚାରଶୂନ୍ୟତା—
(ଅବିବେକା—ସ୍ତ୍ରୀ) 1. Want of discrimination;
୨ । ଅବିମୃଶ୍ୟକାରିତା—
2. Indiscrimination or rashness.
ଯନ୍ତ୍ର ସୁବର୍ଣ୍ଣ ବାଳକ କି ପାଇଅଛ ଲୋକ
ଏ ଗୁରୁ କଥାରେହିଁ ପଡ଼େ ଅବିବେକ । ପୀତାମ୍ବର. ନୃସିଂହପୁରାଣ ।
୩ । ମୂର୍ଖତା; ଅଜ୍ଞାନ—3. Ignorance.
୪ । ମୂଢ଼ତା—4. Foolishness; folly.
୫ । ଭ୍ରମ; ବ୍ୟାକୁଳତାଜନିତ ମୋହ—5. Error of judgment; error; delusion due to mental agitation.
୬ । ଅଯୁକ୍ତ୍ୟାମର୍ଶ; ଅନ୍ୟାଯ୍ୟ ବିବେଚନା; ଅବିଚାର—
6. Injustice.
ସଂ. ବିଣ. ପୁଂ ( ବହୁବ୍ରୀହି; ନାହିଁ ବିବେକ ଯାହାର )—
୧ । ବିବେକହୀନ—1. Wanting in judgment; indiscriminating; unconscientious.
୨ । ମୂର୍ଖ; ମୂଢ଼; ଅଜ୍ଞ—2. Ignorant; foolish
୩ । ନ୍ୟାଯ୍ୟାନ୍ୟାଯ୍ୟବିଚାରହୀନ—
3. Unscrupulous.
୪ । ଅବିମୃଶ୍ୟକାରୀ—4. Indiscreet; rash.
୫ । ଅନ୍ୟାଯ୍ୟକାରୀ; ଅବିଚାରକ—
5. Unjust.

**ଅବିବେକୀ**—ସଂ. ବିଣ. ପୁଂ. ( ଅବିବେକ + ଇନ୍; ୧ମା. ୧ବ. )—
Abibekī ୧ । ଅବିବେଚକ; ବିବେକଶୂନ୍ୟ—
(ଅବିବେକିନୀ—ସ୍ତ୍ରୀ) 1. Wanting in judgment; indiscriminate.
୨ । ଅଜ୍ଞ; ମୂଢ଼—2. Ignorant.
୩ । ଅଶାନ୍ତ୍ରଜ୍ଞ; ଅବିମୃଶ୍ୟକାରୀ—3. Rash.
୪ । ଚିନ୍ତାହୀନ—4. Thoughtless.
୫ । ଶାସ୍ତ୍ରାଦିଜ୍ଞାନଶୂନ୍ୟ—
5. Ignorant of legal lore.
୬ । ( ସାଙ୍ଖ୍ୟଦର୍ଶନ ) ପ୍ରଧାନ—
6. ( Sāṅkhya philosophy ) Chief; principal.
୭ । ଅଯୁକ୍ତ୍ୟାମର୍ଶୀ—7. Unjust.

**ଅବିବେଚକ**—ସଂ. ବିଣ. ପୁଂ. ( ଅ + ବିବେଚକ )—
Abibechaka ଅବିବେକ (ଦେଖ)
(ଅବିବେଚିକା—ସ୍ତ୍ରୀ) Abibeka ( See )
(ଅବିବେଚକତା—ବି)

**ଅବିବେଚନା**—ସଂ. ବି. ( ଅ + ବିବେଚନା )—ଅବିବେକ ( ଦେଖ )
Abibechanā Abibeka ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯ୍ଂ | ଙ୍ଅ | ଢ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଈଅ | ଓ | ଢ଼ |

**ଅବିଭକ୍ତ**—ସଂ. ବିଣ. (ଅ+ବି+ଭଞ୍ଜ ଧାତୁ=ଭାଙ୍ଗିବା+କର୍ମ. ତ)—
Abibhakta ୧ । ଅଖଣ୍ଡିତ; ଯାହାକୁ ବିଭାଗ କରାଯାଇ ନାହିଁ—
1. Undivided.
୨ । ଅପୃଥକ୍‌କୃତ—2. Not separated.
୩ । ବଣ୍ଟନ ହୋଇ ନ ଥିବା—3. Not partitioned.
୪ । ଇଜମାଲି; ଯାହାକୁ ଏକାଧିକ ମାଲିକ ଏକତ୍ର ଭୋଗ କରନ୍ତି—4. Joint.
୫ । ( +କର୍ତ୍ତୃ. ତ ) ଯେଉଁ ଅଂଶୀଦାରମାନେ ଆପଣା ମଧ୍ୟରେ ସମ୍ପତ୍ତିକୁ ବାଣ୍ଟି ନେଇ ନାହାନ୍ତି; ଯେଉଁମାନେ ଭିନ୍ନ ହୋଇ ନାହାନ୍ତି—
5. Not separated ( cosharers ).
୬ । ଏକାନ୍ନବାସରେ ରହିଥିବା—6 Living in the same mess or board

**ଅବିଭକ୍ତ ହିନ୍ଦୁପରିବାର**—ଦେ.ବି.—ଯେଉଁ ହିନ୍ଦୁପରିବାରରେ ଅଂଶୀଦାରମାନେ ଏକାନ୍ନବାସରେ ଥାଇ ଇଜମାଲି ପରିବାରୀୟ ସମ୍ପତ୍ତିକୁ ଏକତ୍ର ଭୋଗ କରନ୍ତି—A joint Hindu-family.
Abibhakta hinduparibāra
[ ଦ୍ର—ମିତାକ୍ଷରା ଶାସ୍ତ୍ର ଅନୁସାରେ ଓଡ଼ିଆମାନଙ୍କର ସମ୍ପତ୍ତି ଅବିଭକ୍ତ ହୁଏ । ଏଥିରେ ପୈତୃକ ସମ୍ପତ୍ତିରେ ପିତା ଓ ପୁତ୍ରର ସମାନ ଅଧିକାର । ଏକାଧିକ ଭାଇ ଥିବା ଅବସ୍ଥାରେ ଜଣେ ଭାଇ ଅପୁତ୍ରକ ହୋଇ ମଲେ ଅନ୍ୟ ଭାଇମାନେ ତାହାର ହିଂସାକୁ 'ସର୍ଭାଇଭର୍' ସୂତ୍ରରେ ଦଖଲ କରନ୍ତି । ]

**ଅବିଭାଇ**—ଗ୍ରା. ବିଣ. ପୁଂ. ଓ ସ୍ତ୍ରୀ. ( ସଂ. ଅବିବାହିତ )—
Abibhāi ଅବିବାହିତ ( ଦେଖ )
Abibāhita ( See )

**ଅବିଭାଗ**—ସଂ. ବି. ( ଅ+ବିଭାଗ )—ବିଭକ୍ତ ହୋଇ ନ ଥିବା ଅବସ୍ଥା;
Abibhāga ଇଜମାଲି ଅବସ୍ଥା—Union; undivided state

**ଅବିଭାଜ୍ୟ**—ସଂ. ବିଣ. ( ଅ+ବିଭାଜ୍ୟ )—
Abibhājya ୧ । ଯାହାକୁ ବିଭାଗ କରାଯାଇ ନ ପାରେ—
(ଅବିଭାଜ୍ୟତା—ବି) 1. Indivisible.
୨ । ଯାହାକୁ ବିଭାଗ ବା ବଣ୍ଟନ କରିବା ଉଚିତ ନୁହେ—
2. Not proper to be divided.
[ ଦ୍ର—ଶାସ୍ତ୍ରଅନୁସାରେ ବଣ୍ଟନରୁ ବାଦ ପଡ଼ିବା ଦାସ, ଦାସୀ, ଗୋରୁ, ଘୋଡ଼ାଆଦି ଜୀବ, ଠାକୁର ଓ ଦେବୋତ୍ତର ସମ୍ପତ୍ତି 'ଅବିଭାଜ୍ୟ' ଓ ଅଂଶୀଦାରମାନଙ୍କ ମଧ୍ୟରେ ସମଗ୍ର ସମ୍ପତ୍ତି ବଣ୍ଟନ ହେଲା ବେଳେ ଏମାନ ଅଂଶୀଦାରମାନଙ୍କ ପ୍ରାପ୍ୟ ବସ୍ତୁର ମୁତାବକ ବଣ୍ଟା ହୁଅନ୍ତି ନାହିଁ; ଜଣେ ବା ଦୁଇ ଜଣ ସେମାନ ନିଅନ୍ତି ଓ ଅନ୍ୟ ଅଂଶିଦାରମାନେ ତହିଁର କ୍ଷତିପୂରଣ ସ୍ୱରୂପ ଇଜମାଲି ପାଣ୍ଠିରୁ ସେହି ମୂଲ୍ୟାପକଳିତ ଧନ ପାଆନ୍ତି । ]

୩ । ( ଗଣିତ ) ଯେଉଁ ରାଶିକୁ ଅନ୍ୟ ରାଶିଦ୍ୱାରା ହରଣ କରାଯାଇ ନ ପାରେ—
3. ( Mathematics ) ( number ) Which is not divisible by any other number; prime.

**ଅବିଭୁକ୍ତ**—ଗ୍ରା.ବିଣ.(କଟକିଆ ଭାଷା; ସଂ. ଅବିଭକ୍ତର ଅଶୁଦ୍ଧ ଉଚ୍ଚାରଣ)—
Abibhukta ୧ । ଅବିଭକ୍ତ—1. Undivided.
୨ । ବଣ୍ଟନ ହୋଇ ନ ଥିବା—2. Unpartitioned.
୩ । ଇଜମାଲି—3. Joint.

**ଅବିମୁକ୍ତ**—ସଂ. ବିଣ. ( ଅ+ବିମୁକ୍ତ )—
Abimukta ୧ । ଯାହା ବିମୁକ୍ତ ହୋଇ ନାହିଁ—
1. Not released.
୨ । ଅପରିତ୍ୟକ୍ତ—2. Not forsaken.
୩ । ବଦ୍ଧ—3. Confined.
ସଂ. ବି—୧ । ( ଜାବାଲ ଉପନିଷଦ ମତରେ ଏହା ବ୍ରହ୍ମଙ୍କ-ସ୍ଥାନ ଥିବାରୁ )—ଆଖିମୂଳର; କାନମୂଳ—
1. The temples; ( space between the end of the eye and the ear.)
୨ । ( ଯେଉଁ ତୀର୍ଥକୁ ମୁମୁକ୍ଷୁ ବ୍ୟକ୍ତି ବା ହରଗୌରୀ ତ୍ୟାଗ କରନ୍ତି ନାହିଁ )—ବାରାଣସୀ; କାଶୀ—
A name of Benares.

**ଅବିମୁକ୍ତେଶ୍ୱର**—ସଂ. ବି. ( ୬ଷ୍ଠୀ ତତ୍; ଅବିମୁକ୍ତ+ଈଶ୍ୱର )—
Abimukteswara କାଶୀ ବିଶ୍ୱନାଥ ନାମକ ଶିବଲିଙ୍ଗ—
Name of the phallic emblem of Śiba at Benares.

**ଅବିମୃଷ୍ୟ**—ସଂ. ବିଣ. ( ସଂ. ଅ=ନ+ବିମୃଷ୍ୟ=ବି+ମୃଶ ଧାତୁ+
Abimṛushya ଅସମାପିକା ପ୍ରତ୍ୟୟ. ଯ=ସମ୍ୟକ୍ ବିଚାର କରି; ଅବିମୃଷ୍ୟ=ସମ୍ୟକ୍ ବିଚାର ନ କରି ସଂ. ରେ ବିମୃଷ୍ୟର ଅର୍ଥ ବିବେଚ୍ୟ )—
୧ । ଅବିବେଚକ—1. Inconsiderate.
୨ । ନିଃସନ୍ଦିଗ୍ଧ—2. Free from doubt

**ଅବିମୃଷ୍ୟକାରିତା**—ସଂ. ବି. ( ଅବିମୃଷ୍ୟକାରିନ୍+ଭାବ. ତା )—
Abimṛushyakāritā ୧ । ଅବିବେକିତା; ଅଖାଡ଼ୁପଣ—
1. Rashness; indiscretion.
୨ । ଅବିବେଚକତା—2. Lack of discrimination.

**ଅବିମୃଷ୍ୟକାରୀ**—ସଂ. ବିଣ. ପୁଂ. ( ଅବିମୃଷ୍ୟ=ସମ୍ୟକ୍ ବିବେଚନା ନ
Abimṛushyakāri କରି+କୃ ଧାତୁ+କର୍ତ୍ତୃ. ଇନ୍.୧ମା.୧ବ)—
(ଅବିମୃଷ୍ୟକାରିଣୀ—ସ୍ତ୍ରୀ) ୧ । ଯେ ଆଗ ପଛ ନ ବିଚାରି କାର୍ଯ୍ୟ
(ଅବିମୃଷ୍ୟକାରିତା—ବି) କରେ—1. Indiscrete; thoughtless.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା.— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବର୍ଦ୍ଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ଅଖାଡୁଆ—2. Rash.
୩ । ଅଦୂରଦର୍ଶୀ—3. Short-sighted.
୪ । ଅବିବେଚକ—4. Indiscriminate

**ଅବିମୃଷ୍ୟବାଦୀ**— ସଂ. ବିଣ. ପୁଂ. (ଅବିମୃଷ୍ୟ=ସମ୍ୟକ୍ ବିବେଚନା ନ କରି +ବଦ ଧାତୁ+କର୍ତ୍ତୃ. ଇନ୍.୧ମା,୧ବ)—
Abimrushyabādi
(ଅବିମୃଷ୍ୟବାଦିନୀ—ସ୍ତ୍ରୀ) ଯେ ଆଗ ପଛ ନ ବିଚାରି କଥା କହେ—
(ଅବିମୃଷ୍ୟବାଦିତା—ବି) Indiscrete in utterance

**ଅବିମୃଷ୍ୟଭାଷୀ** - ସଂ. ବିଣ. ପୁଂ. ( ଅବିମୃଷ୍ୟ=ସମ୍ୟକ୍ ବିବେଚନା ନ କରି+ଭାଷ ଧାତୁ+କର୍ତ୍ତୃ.ଇନ୍.୧ମା.୧ବ)
Abimrushyabhāshi
(ଅବିମୃଷ୍ୟଭାଷିଣୀ—ସ୍ତ୍ରୀ) ଯେ ଆଗ ପଛ ନ ବିଚାରି କଥା କହେ—
(ଅବିମୃଷ୍ୟଭାଷିତା—ବି) Indiscrete in utterance.

**ଅବିୟୋଗ**—ସଂ. ବି. ( ଅ+ବିୟୋଗ )—
Abiyoga ୧ । ବିୟୋଗ ବା ବିଚ୍ଛେଦର ଅଭାବ—
1. Want of Separation.
୨ । ମେଳାପ; ମେଳ—2. Concord.
୩ । ସଂଯୋଗ—3. Union.
ସଂ. ବିଣ—୧ । ବିୟୋଗଶୂନ୍ୟ—
1. Having no separation.
୨ । ସଂଯୁକ୍ତ; ସଂମିଳିତ—2. Joined together.
୩ । ଏକୀଭୂତ—3. United.

**ଅବିୟୋଗବ୍ରତ** — ସଂ. ବି — କଳ୍କିପୁରାଣୋକ୍ତ ସ୍ତ୍ରୀମାନଙ୍କ ଆଚରିତ
Abiyogabrata ସୌଭାଗ୍ୟପ୍ରଦ ବ୍ରତବିଶେଷ-(ଏହା ମାର୍ଗଶିର ଶୁକ୍ଳ ତୃତୀୟା ଦିନ କରାଯାଏ । ଏଥିରେ ବ୍ରତଧାରଣୀ ସ୍ନାନ କରି ଚନ୍ଦ୍ରଦର୍ଶନ କରି ରାତିରେ କେବଳ ଦୁଧ ପିଇ ରହନ୍ତି)—A religious vow observed by females

**ଅବିର**—ଦେ. ବି. ( ଆ. ଅବୀର, କିମ୍ବା ସଂ. ଅଭ୍ର; ଏଥିରେ ଅଭ୍ର ଚୂର୍ଣ୍ଣ
Abira ମିଶ୍ର ଥିବାରୁ; ଅଧୁନିକ ସଂସ୍କୃତ ଗ୍ରନ୍ଥମାନଙ୍କରେ ଅବୀର ଶବ୍ଦର
आबीर एହି ଅର୍ଥରେ ବ୍ୟବହାର ଦୃଷ୍ଟିଗୋଚର ହୁଏ ।)—
अबीर
ଫଗୁ; ଆରାରୁଟ ଓ ସିଙ୍ଗଡ଼ା ଆଦିର ଚୂନାକୁ ରଙ୍ଗ କରି ହୋଲି ଉତ୍ସବରେ ଆମୋଦାର୍ଥ ଲୋକେ ପରସ୍ପର ଉପରକୁ ଫିଙ୍ଗିବା ନାଲି ଚୂନା—A kind of red powder which people throw over each other during the Holi festival.

ବିବିଧ ରଙ୍ଗ ଅବିରେ ପିଚକା କରି ମାରେ ବିଳାସ ସମୟ ଧରି ।
ଭକ୍ତ. ବୈଦେହୀଶବିଳାସ ।

[ ଦ୍ର—ଏହା ଚକ୍ ଚକ୍ ଦିଶିବ ବୋଲି ଏଥିରେ ଅଭ୍ର ଚୂନା ମଧ୍ୟ ମିଶାଯାଏ ଓ କେହି କେହି କେବଳ ଅଭ୍ର ଚୂନାକୁ ଧଳା ଅବିର ରୂପେ ଓ ନେଳ, ହଳଦିଆ ରଙ୍ଗ ମିଶା ଚୂନାକୁ ନେଳ ଓ ହଳଦିଆ ଅବିର ରୂପେ ବ୍ୟବହାର କରନ୍ତି । ଅବିର ବସନ୍ତରୋଗର ପ୍ରତିଷେଧକ ବୋଲି କଥିତ । ନାଲି ଅବିର ସାଧାରଣତଃ ଫିକ୍କା ଓ, ଗାଢ଼ା ଏହି ଦୁଇ ପ୍ରକାରର ହୁଏ । ]

**ଅବିରକ୍ତ**—ସଂ. ବିଣ. ପୁଂ ( ଅ+ବିରକ୍ତ )—
Abirakta ୧ । ବିରକ୍ତ ହୋଇ ନ ଥିବା—
(ଅବିରକ୍ତା—ସ୍ତ୍ରୀ 1. Not displeased.
(ଅବିରକ୍ତି—ବି) ୨ । ବିରକ୍ତିଶୂନ୍ୟ—2. Free from displeasure.
୩ । ଯେ ଉଦାସୀନ ବା ସଂସାରବିରାଗୀ ନୁହେ—
3. One who has not relinquished worldly affairs.
୪ । ଅନୁରକ୍ତ; ଆସକ୍ତ—4. Attached to; fond of.

**ଅବିରତ**—ସଂ. ବିଣ ( ନଞ୍ ତତ୍ ବା ବହୁବ୍ରୀହି; ଅ+ବିରତ; କିମ୍ବା ନାହିଁ
Abirata ବିରତି ଯାହାର)—୧ । ଅବିଶ୍ରାନ୍ତ; ଅବିରାମ; ଯାହା ବନ୍ଦ ହୁଏ ନାହିଁ—1. Unceasing; incessant; constant
୨ । ଧାରାବାହିକ; ଲଗାଲଗି; ଲଗ୍ ଲଗ୍—
2. Continuous.
୩ । ଅବାଧ—3. Uninterrupted.
ସଂ. କ୍ରି. ବିଣ—୧ । ନିରନ୍ତର; ସର୍ବଦା; ସତତ—
1. Constantly; always.
୨ । ବିରାମରହିତରୂପେ; ଲଗେ ଲଗେ—
2. Uninterruptedly continuously.
ସଂ. ବି—ବିରାମର ଅଭାବ; ନୈରନ୍ତର୍ଯ୍ୟ ( ହିନ୍ଦି. ଶବ୍ଦସାଗର)—
Continuity.

**ଅବିରତି**—ସଂ. ବି (ଅ+ବିରତି)—୧ । ଅନିବୃତ୍ତି; ବିଶ୍ରାମର ଅଭାବ—
Abirati Absence of intermission.
୨ । ବିଷୟାସକ୍ତି—2. Attachment to worldly affairs.
ସଂ. ବିଣ—ଅବିରତ (ଦେଖ)
Abirata (See)

**ଅବିରତେ**—ଦେ. କ୍ରି. ବିଣ —(ସଂ. ଅବିରତ) —୧ । ସତତ; ସର୍ବଦା=
Abirate 1. Always.
୨ । ଅବିଶ୍ରାନ୍ତ ଭାବରେ —2. Incessantly.

ବଜାଉ ବଇ ସ୍ଥାନ ଅବିରତେ ବିମଳ ରତିରେ ଶରୀରେ ।
ଭକ୍ତ. ବୈଦେହୀଶବିଳାସ ।

**ଅବିରଳ**—ସଂ. ବିଣ (ଅ+ବିରଳ)—୧ । ଘନ; ନିବିଡ଼—1. Dense.
Abirala ୨ । ଦୃଢ଼—2 Firm.
(ଅବିରଳତା—ବି) ୩ । ଧାରାବାହିକ—3. Continuous.
୪ । ନିରନ୍ତର—4. Incessant.
(ଯଥା—ଅବିରଳ ଅଶ୍ରୁ ଧାରା ।)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଙ୍ଗ | ଋଅ | ଢ |
| ୨ | ଈ | ଊ | ଋ | ଌ | ଦ୍ୟ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଋଅ | ଓ | ଢ଼ |

୫ । ଯାହା ବିରଳ ବା ଦୁଷ୍ପ୍ରାପ୍ୟ ନୁହେ—
5. Not scarce; abounding.

**ଅବିରାମ**—ସଂ. ବିଣ (ବହୁବ୍ରୀହି; ଅ + ବିରାମ)—ଅବିରତ (ଦେଖ)
Abirāma Abirata (See)
(ଅବିରାମ—ବିପରୀତ)

**ଅବିରାମଜ୍ୱର**—ସଂ. ବି ( କର୍ମଧା; ଅବିରାମ + ଜ୍ୱର )—ଯେଉଁ ଜ୍ୱରରେ
Abirāmajwara ମନୁଷ୍ୟର ଦେହରୁ ତାତି ଆଦୌ ଓହ୍ଲାଏ ନାହିଁ—Fever in which the patient's high temperature does not come down

**ଅବିରୁଦ୍ଧ**—ସଂ. ବିଣ ( ଅ + ବିରୁଦ୍ଧ )—୧ । ଯାହା ପ୍ରତିକୂଳ ନୁହେ—
Abiruddha 1. Unopposed.
ଅବିରୁଦ୍ଧତା } ବି
ଅବିରୋଧ }
୨ । ଅନୁକୂଳ—2. Favourable; propitious
୩ । ଅନୁଯାୟୀ—Conformable to.
୪ । ଯେ ବିରୋଧୀ ନୁହେ—4. Not opposing.
୫ । ନିର୍ଦ୍ଦୋଷ—5. Faultless.
୬ । ପ୍ରାସଙ୍ଗିକ—6. Relevant.
୭ । ନ୍ୟାଯ୍ୟ; ସୁସଙ୍ଗତ—7. Just; reasonable.
୮ । ଅନିବାରିତ; ଅପ୍ରତିହତ; ଅବାଧ—
8. Unobstructed

**ଅବିରୋଧ**—ସଂ. ବି. ( ଅ + ବିରୋଧ )—୧ । ବିରୋଧ ବା ବିବାଦର
Abirodha ଅଭାବ—1. Absence of dispute or discord.
୨ । ମେଳ; ସଖ୍ୟ—2. Amity, friendship.
୩ । ସମ୍ମତି—3. Agreement.
୪ । ବାଧାର ଅଭାବ—4. Absence of obstruction.
୫ । ସମନ୍ୱୟ—5. Aggregation.
୬ । ସମ୍ପର୍କ; ସମ୍ବନ୍ଧ—6. Connection.
୭ । ସାଧର୍ମ୍ୟ; ସମାନତା—7. Equality; similarity.
ସଂ. ବିଣ—ବିରୋଧରହିତ—Free from opposition.
ସଂ. କ୍ରି. ବିଣ—୧ । ନିର୍ବିବାଦରେ—1. Undisputedly.
୨ । ବିନା ବାଧାରେ—2. Unopposed.

**ଅବିରୋଧରେ**—ଦେ. କ୍ରି. ବିଣ. ( ସଂ. ଅବିରୋଧ )—
Abirodhare ୧ । ନିର୍ବିବାଦରେ—1. Undisputedly.
୨ । ଅବାଧରେ—2 Without hindrance.
୩ । କେହି ବାଧା ଦେବାକୁ ନ ଥିବା ଅବସ୍ଥାରେ—
3. Unopposed.

**ଅବିରୋଧିଅ**—ଗ୍ରା. କଟକିଆ ଭାଷା; ବିଣ. ( ସଂ. ଅ + ବିରୋଧୀୟ )—
Abirodhia ଯେଉଁ ସମ୍ପତ୍ତି ବା ବିଷୟ ସମ୍ବନ୍ଧରେ ପକ୍ଷମାନଙ୍କ ମଧ୍ୟରେ ବିବାଦ ଲାଗି ନାହିଁ—Not in dispute; undisputed.

**ଅବିରୋଧୀ**—ସଂ. ବିଣ. ପୁଂ. ( ଅ + ବିରୋଧୀ )—
Abirodhī ୧ । ଯେ ବିରୋଧୀ ନୁହେ—1. Not opposed.
(ଅବିରୋଧିନୀ—ସ୍ତ୍ରୀ) ୨ । ଅନୁକୂଳ—2 Favourable
(ଅବିରୋଧିତା—ବି) ୩ । ଯେ ବାଧା ଦିଏ ନାହିଁ—
3. Not obstructing or opposing.
୪ । ଯାହାଙ୍କ ସଙ୍ଗେ ବିବାଦ ନାହିଁ—
4. With whom one has no dispute.
୫ । ଯେ ବିରୋଧ ବା ବିବାଦ କରେ ନାହିଁ—
5. Not disputing.
୬ । ଶାନ୍ତସ୍ୱଭାବ; ନିରୀହ—6. Calm; quiet.
୭ । ସୁସଙ୍ଗତ—7. Reasonable.
୮ । ଅବିରୁଦ୍ଧ ( ଦେଖ )—8. Abiruddha ( See )
ଗ୍ରା. କଟକିଆଭାଷା. ବିଣ—ଅବିରୋଧିଅ ( ଦେଖ )
Abirodhia ( See )

**ଅବିରୋଧୀୟ**—ସଂ. ବିଣ—ଯାହା ସମ୍ବନ୍ଧେ ବିରୋଧ ବା ବିବାଦ ନାହିଁ—
Abirodhīya Undisputed.

**ଅବିଲ**—ଗ୍ରା. ବି—ଅଶୁଭ; ଅମଙ୍ଗଳ; ମନ୍ଦ—Evil; woe.
Abiḻa ଗ୍ରା. ବିଣ—ଅମଙ୍ଗଳ; ମନ୍ଦ—Evil.
অমঙ্গল
বুরা

**ଅବିଲ ପାଞ୍ଚିବା**—ଗ୍ରା. କ୍ରି—କୌଣସି ବ୍ୟକ୍ତିର ଅମଙ୍ଗଳ ବାଞ୍ଛା କରିବା—
Abiḻa pāñchibā To wish evil to another.
অমঙ্গলভাবা

**ଅବିଲମ୍ବ**—ସଂ. ବି. ( ଅ + ବିଲମ୍ବ )—ତ୍ୱରା—Swiftnees.
Abiḻamba ସଂ. ବିଣ—ବିଲମ୍ବହୀନ; ତ୍ୱରିତ—Swift.

**ଅବିଲମ୍ବନ**—ସଂ. ବି ( ଅ + ବିଲମ୍ବନ )—୧ । ଡେରି ନ କରିବା—
Abiḻambana 1. Swiftness.

**ଅବିଲମ୍ବିତ**—ସଂ. ବିଣ ( ଅ + ବିଲମ୍ବିତ )—
Abiḻambita ଶୀଘ୍ର; ତ୍ୱରିତ; ସତ୍ୱର—
Swift; without delay.

**ଅବିଲମ୍ବେ**—ଦେ. କ୍ରି. ବିଣ ( ସଂ. ଅବିଲମ୍ବ )—
Abiḻambe ୧ । ଅନତିବିଲମ୍ବେ; ତ୍ୱରିତ; ବିଲମ୍ବ ନ କରି—
অবিলম্বে 1 Without delay; sharp; swiftly.
ফৌরন ୨ । ତତ୍କ୍ଷଣାତ୍—2. At once.

**ଅବିଲା**—ଗ୍ରା. ବି. ସ୍ତ୍ରୀ ( ସଂ. ଅବୀରା )—୧ । ବାଳୁତ ବିଧବା; ଯେଉଁ ସ୍ତ୍ରୀ
Abiḻā ସ୍ୱାମୀ ଘରକୁ ପହିଲି ପାଳି ଯିବା ପୂର୍ବରୁ ବିଧବା ହୋଇଥାଏ; ଅକ୍ଷତଯୋନି ବିଧବା—
1. A child-widow.

**ଅବିଶଙ୍କ**—ସଂ. ବିଣ. ପୁଂ ( ବହୁବ୍ରୀହି; ଅ + ବିଶଙ୍କା )—
Abiśaṅka ୧ । ନିଃଶଙ୍କ—Intrepid; fearless.
( ଅବିଶଙ୍କା—ସ୍ତ୍ରୀ )

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍‌' ଦେଖିବେ ।

**ଅବିଶଙ୍କା**—ସଂ. ବିଣ. ସ୍ତ୍ରୀ. ( ଅବିଶଙ୍କ + ଆ )—
Abiśankā ଅବିଶଙ୍କର ସ୍ତ୍ରୀଲିଙ୍ଗ—
Feminine of Abiśanka.

ସଂ. ବି (ଅ + ବିଶଙ୍କା)—
**ଅବିଶଙ୍କ** / **ଅବିଶଙ୍କିତ** } ବିଣ. ୧ । ଶଙ୍କା ବା ଭୟର ଅଭାବ—
1. Want of fear.
୨ । ଦୁର୍ଭାବନାର ଅଭାବ—
2. Absence of anxiety.
୩ । ବିଶ୍ୱାସ—3. Confidence.
୪ । ସନ୍ଦେହର ଅଭାବ—
4. Absence of suspicion.

**ଅବିଶଙ୍କିତ**—ସଂ. ବିଣ. ପୁଂ. ( ଅ + ବିଶଙ୍କିତ— )
Abiśankita ୧ । ଯାହା ମନରେ ଶଙ୍କା ନାହିଁ; ଅଶଙ୍କିତ; ନିର୍ଭୟ—
( ଅବିଶଙ୍କିତା—ସ୍ତ୍ରୀ ) 1. Intrepid; fearless; not afraid or alarmed.
୨ । ଦୁର୍ଭାବନାରହିତ—
2. Free from anxiety.
୩ । ସନ୍ଦେହଶୂନ୍ୟ—
3. Free from suspicion.
୪ । ବିଶ୍ୱାସକାରୀ—4. Confident; relying.

**ଅବିଶନ୍ଧି**—ଗ୍ରା. ବି ( ସଂ. ଅଭିସନ୍ଧି )—
Abiśandi ଅଭିସନ୍ଧି ( ଦେଖ )—
Abhisandhi ( See )

**ଅବିଶାପ୍ୟ**—ଗ୍ରା. ବି. ( ସଂ. ଅଭିଶାପ )—
Abiśāpya ଅଭିଶାପ—Curse.

**ଅବିଶୁଆସ**—ଗ୍ରା.ବି. ( ସଂ. ଅବିଶ୍ୱାସ )—
Abisuāsa ଅବିଶ୍ୱାସ ( ଦେଖ )
Abiśwāsa ( See )

**ଅବିଶୁଆସୀ**—ଗ୍ରା. ବିଣ. ପୁଂ. ଓ ସ୍ତ୍ରୀ. ( ସଂ. ଅବିଶ୍ୱାସୀ )—
Abiśuāsi ଅବିଶ୍ୱାସୀ ( ଦେଖ )
Abiśwāsi ( See )

**ଅବିଶୁଦ୍ଧ**—ସଂ. ବିଣ. ( ଅ + ବିଶୁଦ୍ଧ )—
Abiśuddha ୧ । ଯାହା ବିଶୁଦ୍ଧ ନୁହେଁ; ଯାହା ଖାଣ୍ଟି ବା ନିର୍ମଳ ନୁହେଁ—
**ଅବିଶୁଦ୍ଧତା** / **ଅବିଶୁଦ୍ଧି** } ବି. 1. Impure
୨ । ମିଶ୍ରିତ—2. Adulterated.
୩ । ଦୋଷଦୁଷ୍ଟ—3. Faulty.
୪ । ଅଶୁଦ୍ଧ; ଅପବିତ୍ର—4. Unclean.
୫ । ଭ୍ରାନ୍ତିଯୁକ୍ତ—Full of error; erroneous.
୬ । ଅଶାସ୍ତ୍ରୀୟ—6. Not approved by law.
୭ । ଅବ୍ୟବହାରିକ—7. Not conformable to usage.

**ଅବିଶେଷ**—ସଂ. ବି. ( ଅ + ବିଶେଷ )—୧ । ଅଭେଦ; ଭେଦରହିତ—
Abiśesha 1. Want of distinction.
୨ । ବିଶିଷ୍ଟତାର ଅଭାବ—
2. Absence of individuality.
ସଂ. ବିଣ—୧ । ଅଭିନ୍ନ; ସମାନ—
1. Similar; without any difference.
୨ । ନିର୍ବିଶେଷ—2. Same.

**ଅବିଶ୍ୱସ୍ତ**—ସଂ. ବିଣ. ( ଅ + ବିଶ୍ୱସ୍ତ )—
Abiśwasta ୧ । ଯାହାକୁ ବିଶ୍ୱାସ କରାଯାଇ ନାହିଁ—
1. Not trusted.
୨ । ବିଶ୍ୱାସଘାତକ—2. Faithless.

**ଅବିଶ୍ୱାସ**—ସଂ. ବି. ( ଅ + ବିଶ୍ୱାସ )—ବିଶ୍ୱାସ ବା ଆସ୍ଥାର ଅଭାବ;
Abiśwāsa ଅପ୍ରତ୍ୟୟ—Want of trust or confidence.

**ଅବିଶ୍ୱାସିଆ**—ଗ୍ରା. ବିଣ. ( ସଂ. ଅବିଶ୍ୱାସୀ )—ବିଶ୍ୱାସଘାତକ—
Abiśwāsia Faithless.
अविश्वासी
অবিশ্বাসী

**ଅବିଶ୍ୱାସୀ**—ସଂ. ବିଣ. ପୁଂ (ଅ + ବିଶ୍ୱାସିନ୍; ୧ମା. ୧ବ.)—
Abiśwāsi ୧ । ଯାହାର କାହା ଉପରେ ବିଶ୍ୱାସ ବା ଆସ୍ଥା ନାହିଁ—
(ଅବିଶ୍ୱାସିନୀ—ସ୍ତ୍ରୀ) 1. Unbelieving,
୨ । ସନ୍ଦେହଯୁକ୍ତ—2. Sceptical.
୩ । ଯାହାକୁ କେହି ବିଶ୍ୱାସ କରନ୍ତି ନାହିଁ—
3 Untrustworthy
୪ । ବିଶ୍ୱାସଘାତକ—4. Faithless.

**ଅବିଶ୍ରାନ୍ତ**—ସଂ. ବିଣ. (ଅ + ବିଶ୍ରାନ୍ତ)—୧ । ଶାନ୍ତିରହିତ; କ୍ଳାନ୍ତିରହିତ;
Abiśrānta ଅକ୍ଳାନ୍ତ—1. Fireless; unwearied.
୨ । ଅନବରତ—2. Constant.
୩ । ଅବିରାମ; ଅବିରତ; ଅଜସ୍ର—3. Incessant.
୪ । ନିବୃତ୍ତିରହିତ—4. Unceasing

**ଅବିଶ୍ରାମ**—ସଂ.ବି. (ଅ + ବିଶ୍ରାମ)—୧ । ବିଶ୍ରାମର ଅଭାବ; ବିଶ୍ରାମରହିତ—
Abiśrāma 1. Want of rest.
୨ । ଅବିରାମ—2. Absence of stoppage.
ସଂ. ବିଣ—୧ । ବିଶ୍ରାମରହିତ—1 Restless; having no rest.
୨ । ଅବିରତ—2. Incessant; unceasing.
ଦେ. କ୍ରି. ବିଣ—ବିଶ୍ରାମରହିତ ଭାବରେ—
Unceasingly.
(ଯଥା—ସେ ଅବିଶ୍ରାମ କାମ କରୁଅଛନ୍ତି ।)

**ଅବିଷ**—ସଂ.ବି (ଅ + ବିଷ)—୧ । କୁତ୍ସିତ ବିଷ—1. Bad poison.
Abisha ୨ । ଯତ୍‌ସାମାନ୍ୟ ବିଷ—2. Slight poison.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୯ | ଇ | ଈ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଙ | ଞ | ଶ,ଷ | କ୍ଷ | ଇଯ୍ | ଉଅ | ଲ |
| ୨ | ଈ | ଉ | ଋ | ଌ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ୟ | ଯ | ସ | ଙ୍ଗ୍ୟ | ଇଅ | ● | ଳ |

୩ । ବିଷର ପ୍ରତିକାରକ ବା ପ୍ରତିଷେଧକ ବସ୍ତୁ—
3. Antidote.

ସଂ. ବିଣ—୧ । ନିର୍ବିଷ; ବିଷହୀନ—1. Not-poisonous.

୨ । ବିଷର ପ୍ରତିଷେଧକ—2. Antivenomous. (Apte)

**ଅବିଷୟ**—ସଂ. ବି. (ଅ+ବିଷୟ)—୧ । ଅସ୍ଥିତି—
Abishaya 1. Non-existence.

୨ । ଯାହା ଇନ୍ଦ୍ରିୟଗ୍ରାହ୍ୟ ବିଷୟ ନୁହେ—
2. (a thing or matter) Which is not perceptible by the senses.

୩ । ଅନୁପସ୍ଥିତି—3. Absence.

୪ । ଅଦର୍ଶନ—4. Non-appearance.

ସଂ. ବିଣ—ଇନ୍ଦ୍ରିୟାତୀତ; ଇନ୍ଦ୍ରିୟର ଅଗୋଚର—
1. Not cognisable by the senses; imperceptible by the senses

୨ । ଅଜ୍ଞାତ—2. Unknown; unperceived.

୩ । ଇନ୍ଦ୍ରିୟଜ୍ଞାନରହିତ—3. Having no sense-perception.

୪ । ଅଚେତ; ବେହୋସ୍—4. Insensible ( Apte )

୫ । ଅପ୍ରାସଙ୍ଗିକ—5. Irrelevant; not included in the subject of discussion.

**ଅବିଷୟୀଭୂତ**—ସଂ. ବିଣ (ଅ+ବିଷୟ+ଅଭୂତ ତଦ୍ଭାବେ.ଚ୍ୱି+ଭୂତ)—
Abisayībhūta ଯାହା ପୂର୍ବେ ଇନ୍ଦ୍ରିୟର ଗୋଚର ଥିଲା କିନ୍ତୁ ବର୍ତ୍ତମାନ ଅଗୋଚର ହୋଇଅଛି—That which was formerly perceptible but has now become imperceptible.

**ଅବିଷା**—ସଂ. ବି (ଅବିଷ+ଆ)—୧ । ପୃଥିବୀ—1. The earth.
Abishā ୨ । ସ୍ୱର୍ଗ—2. Heaven.

୩ । ନିର୍ବିଷାତୃଣ—3. A kind of non-poisonous grass.

୪ । ନଦୀ—4. River (Apte)

**ଅବିଷୀ**—ସଂ. ବି (ଅବିଷ+ସ୍ତ୍ରୀ. ଈ)—ଅବିଷା (ଦେଖ)
Abishī Abishā (See)

**ଅବିସନ୍ଧି**—ଗ୍ରା. ବି (ସଂ. ଅଭିସନ୍ଧି)—ଅଭିସନ୍ଧି (ଦେଖ)
Abisandhi Abhisandhi (See)

**ଅବିସମ୍ପାତ**—ଗ୍ରା. ବି (ସଂ. ଅଭିସମ୍ପାତ)—ଅଭିଶାପ—Curse.
Abisampāta

**ଅବିସମ୍ବାଦ**—ସଂ. ବି ( ଅ+ବିସମ୍ବାଦ )—୧ । ଅବିରୋଧ; ବିରୋଧର ଅଭାବ—1. Absence of disagreement or opposition.
Abisambāda

୨ । ମିଳନ—2. Union; agreement; tallying.

୩ । ସମତା—3. Similarity.

**ଅବିସମ୍ବାଦୀ**—ସଂ. ବିଣ. ପୁଂ (ଅ+ବିସମ୍ବାଦିନ୍. ୧ମା. ୧ବ.)—
Abisambādī ନିର୍ବିରୋଧ; ଅବିରୋଧୀ—
(ଅବିସମ୍ବାଦିନୀ—ସ୍ତ୍ରୀ) 1. Not opposing.

୨ । ମେଳ ହେଉଥିବା—2. Agreeing; tallying.

**ଅବିସମ୍ବାଦେ**—ଦେ. କ୍ରି. ବିଣ—ଅବାଧରେ; ନିର୍ବିରୋଧରେ—
Abisambāde Unopposed; without hindrance.
অবিসম্বাদে
**बेरोक**

**ଅବିହଡ଼ା**—ଦେ. ବିଣ—ଅବିହୁଡ଼ା (ଦେଖ)
Abihar̤dā Abihur̤dā (See)

ଗ୍ରା. ବିଣ. ପୁଂ—ଅବିବାହିତ—Unmarried.

**ଅବିହାଡ଼ା**—ଗ୍ରା. ବିଣ. ପୁଂ (ସଂ. ଅବିବାହିତ)—ଅବିବାହିତ—
Abihār̤da Unmarried.
(ଅବିହାଡ଼ୀ—ସ୍ତ୍ରୀ)
অবিভাতি; আইবুড়ো
**अनब्याहा**

**ଅବିହାଡ଼ୀ**—ଗ୍ରା. ବିଣ. ସ୍ତ୍ରୀ—ଅବିବାହିତା (କନ୍ୟା)
Abihār̤dī Unmarried (girl)
আইবুড়ো
**अनब्याही**

**ଅବିହାରା**—ପ୍ରାଦେ. (ସମ୍ବଲପୁର) ବିଣ. ପୁଂ—ଅବିବାହିତ—
Abihārā Unmarried.
(ଅବିହାରୀ—ସ୍ତ୍ରୀ)

**ଅବିହିତ**—ସଂ. ବିଣ (ଅ+ବିହିତ)—୧ । ଅନୁଚିତ—1. Improper.
Abihita ୨ । ଅଶାସ୍ତ୍ରୀୟ—2. Not approved by the
(ଅବିଧାନ—ବି) precepts of religious books.

୩ । ବିଧିବହିର୍ଭୂତ; ନିୟମବିରୁଦ୍ଧ—3. Against rule.

୪ । ଅସଙ୍ଗତ—4. Inconsistent.

୫ । ଅପ୍ରାସଙ୍ଗିକ—5. Irrelevant.

୬ । ନିଷିଦ୍ଧ—6. Prohibited.

୭ । ପ୍ରଥାର ବିରୁଦ୍ଧ—7. Against custom.

୮ । ଅସମ୍ପାଦିତ—8. Not accomplished.

୯ । ଅକୃତ—9. Undone.

୧୦ । ବେଆଇନ୍—10. Illegal.

**ଅବିହୁଡ଼ା**—ଦେ. ବିଣ—ବିହୁଡ଼ା ବା ବେଉସଣ. ହୋଇ ନ ଥିବା ( ଧାନ ବିଲର )—
Abihur̤dā Unpuddled ( paddy-field).

**ଅବୀ**—ସ. ବି. ସ୍ତ୍ରୀ. ( ଅବ ଧାତୁ=ଗୋପନ କରିବା; ରକ୍ଷାକରିବା+ଈ; ଯେ ଲଜ୍ଜା ଯୋଗୁଁ ଅପଣାକୁ ଲୋକଙ୍କ ଦୃଷ୍ଟିରୁ ଲୁଚାଏ । )
Abī ଋତୁମତୀ ସ୍ତ୍ରୀ; ରଜସ୍ୱଳା ସ୍ତ୍ରୀ—
A woman in her menses ( Apte ).

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚହ୍ନିର ବିପରୀତ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କୀ' ନ ପାଇଲେ 'ଅଙ୍କି' ଦେଖିବେ; 'ଅଭିବଢ଼' ନ ପାଇଲେ 'ଅଭିବଢ଼' ଦେଖିବେ ।

**ଅବୀଚି**—ସଂ. ବିଣ. ( ବହୁବ୍ରୀହି; ଅ + ବୀଚି )—ତରଙ୍ଗହୀନ—
Abīchi Waveless.
ସଂ. ବି—ନରକବିଶେଷ ( ଏ ନରକରେ ଯମଦୂତମାନେ ମିଥ୍ୟାବାଦୀ ଲୋକଙ୍କୁ ପକାନ୍ତି )—
Name of a hell.

**ଅବୀଜ**—ସଂ. ବିଣ. ( ବହୁବ୍ରୀହି; ଅ + ବୀଜ )—ଅବୀଜକ ( ଦେଖ )
Abīja Abījaka ( See )
ସଂ. ବି—୧ । କୁତ୍ସିତ ମଞ୍ଜି; ଯେଉଁ ମଞ୍ଜିରୁ ଗଛ ଉଠେ ନାହିଁ—1. Bad seed.
୨ । ବୀଜର ଅଭାବ—2. Want of seed.
୩ । ଶାରୀରିକ ରିପୁଦମନ—
3. Controlling the passions; self-restraint ( Apte ).

**ଅବୀଜକ**—ସଂ. ବିଣ. ( ବହୁବ୍ରୀହି; ଅ + ବୀଜ + କ )—
Abījaka ୧ । ଯାହାର ମଞ୍ଜି ନାହିଁ—1. Seedless.
୨ । ଅଣପୁରୁଷା; ସହବାସ ଶକ୍ତି ରହିତ ( ପୁରୁଷ )—
2. Impotent ( person )
୩ । ମୂଳକାରଣହୀନ—3. Having no prime cause.

**ଅବୀଜା**—ସଂ. ବି. ସ୍ତ୍ରୀ. ( ଅବୀଜ + ଆ )—ଦ୍ରାକ୍ଷାଲତା—
Abījā The vine ( Apte )
ଦେ. ବିଣ—ଅବିଜା ( ଦେଖ )
Abijā ( See )

**ଅବୀତ**—ସଂ. ବି. ( ନ୍ୟାୟଦର୍ଶନ )—ଅନୁମାନବିଶେଷ—
Abīta (Logic) A variety of inference.

**ଅବୀର**—ସଂ. ବିଣ. (ବହୁବ୍ରୀହି; ଅ + ବୀର )—ବୀରଶୂନ୍ୟ—
Abīra Devoid of warriors or valiant men.
(ଅବୀରା—ସ୍ତ୍ରୀ) ( ଯଥା—ମହାଭାରତ ଯୁଦ୍ଧରେ ଭାରତବର୍ଷ ଅବୀର ହେଲା । )
୨ । ସନ୍ତାନହୀନ—2. Issueless.
୩ । ଅନାଥ—3. Having no master or protector.
୪ । ଅରକ୍ଷିତ; ନିଃସହାୟ—4. Helpless.
୫ । ( ନିନ୍ଦା ଅର୍ଥ ) ଅମନୁଷ୍ୟ—5. Unmanly.
୬ । ଭୀରୁ—6. Cowardly.
୭ । ନିର୍ବୀର୍ଯ୍ୟ; ଦୁର୍ବଳ—7. Powerless; weak.
ତ୍ରୈଲୋକ୍ୟ ଖେଳିବେ ରଙ୍ଗ ଅବୀର କରିଣ । ଉକ୍ତ. ବୈଦେହୀଶବିଳାସ ।

**ଅବୀରା**—ସଂ. ବିଣ. ସ୍ତ୍ରୀ. ( ଅବୀର + ଆ; କିମ୍ବା ଅ + ବୀରା ପତି ପୁତ୍ର ଯୁକ୍ତା
Abīrā ନାରୀ=ବୀରା; ଯେ ବୀରା ନୁହେ )—ଅବୀରର ସ୍ତ୍ରୀଲିଙ୍ଗ—
(ବୀରା—ବିପରୀତ) Feminine of Abīra.
ଦମ୍ପାକ୍ଷମା ଭୂମି ଏବେ ହେଲନ୍ତି ଅବୀରା । ରାଧାନାଥ, ମହାଯାତ୍ରା ।
ସଂ. ବି. ସ୍ତ୍ରୀ. ( ଯାହାର ପତି ବା ପୁତ୍ରରୂପ ବୀର ନାହିଁ )—
ଅଜାତପୁତ୍ରା ବିଧବା—A childless widow.

ଅବୀରା ମା ବସୁନ୍ଧରା; ଅବୀରା ସନ୍ତତ
ହେଲେଟିକ ଏତେ ଦିନେ ଗାନଗ୍ଳାନ ପ୍ରଜା । ରାଧାନାଥ, ମହାଯାତ୍ରା ।
[ ଦ୍ର—ଅବୀରା ସ୍ତ୍ରୀର ଅନ୍ନ ଖାଇବା ଶାସ୍ତ୍ରରେ ନିଷିଦ୍ଧ ।
ରାମଶଙ୍କର ମନୁ ୪।୨୧୪ । ]

**ଅବୀରୋଚିତ**—ସଂ. ବିଣ. ( ଅ + ବୀରୋଚିତ )—ବୀରର ଅଯୋଗ୍ୟ ବା
Abīrochita ଅକରଣୀୟ ( କର୍ମ ); ଯେଉଁ କର୍ମ କରିବା ବୀର-ପକ୍ଷରେ ଅଶୋଭନୀୟ—( act ) Not worthy of or befitting a hero.

**ଅବୁଆବ୍**—ବୈଦେ. ବି. ( ଆ. ଅବ୍‌ୱାବ୍ )—ଅବୁଅବ୍; ପ୍ରଜାଠାରୁ
Abuāb ଜମିଦାର ସରକାରଙ୍କ ନିର୍ଦ୍ଧାରିତ ଓ ଆଇନସଙ୍ଗତ କର
অবওয়াব ଉପରେ ଯେଉଁ ଅଧିକା ଓ ବେଆଇନ୍ କର ଆଦାୟ
आबवाब କରନ୍ତି—Illegal and additional realisations made by the jamidar over and above the rent fixed and recognised by the government.

**ଅବୁଝ**—ଦେ. ବିଣ. ପୁଂ. ( ସଂ. ଅବୁଦ୍ଧ; ପ୍ରା. ଅବୁଜ୍ଝ )—
Abujha ୧ । ଅବୋଧ; ନିର୍ବୋଧ—1. Foolish.
অবুঝ ୨ । ଏକଜିଦିଆ; ଜିଦିଖୋର—2. Obstinate.
अबूझ ୩ । ଅବୁଝାମଣା ( ଦେଖ )
(ଅବୁଝୀ—ସ୍ତ୍ରୀ) 3. Abujhāmaṇā ( See )
ସଂ. ବିଣ. ( ସଂ. ଅବୋଧ୍ୟ )—ଅବୋଧ୍ୟ—
Not capable of being understood; incomprehensible.

**ଅବୁଝତ**—ଦେ. ବି. ( ସଂ. ଅବୋଧତା )—୧ । ଅବୋଧତା—
Abujhaṭa 1. Incomprehensibility.
୨ । କୌଣସି ବିଷୟ ତଦନ୍ତଦ୍ୱାରା ବୁଝାଯାଇ ନ ଥିବା ଅବସ୍ଥା—
2. The state of a matter not having been enquired into or investigated.
୩ । ତଦନ୍ତର ଅଭାବ—
3. Want of investigation.
ଦେ. ବିଣ. ( ସଂ. ଅବୋଧ୍ୟ )—ଅବୋଧ୍ୟ—
Incomprehensible.

**ଅବୁଝା**—ଦେ. ବିଣ. ପୁଂ. ଓ ସ୍ତ୍ରୀ. ( ସଂ. ଅବୁଦ୍ଧ; ପ୍ରା. ଅବୁଜ୍ଝ )—
Abujhā ୧ । ଅବୁଝ ( ଦେଖ )—
অবুঝ 1. Abujha ( See )
अबूझ ୨ । ଅବୁଝାମଣା ( ଦେଖ )
(ଅବୁଝୀ—ସ୍ତ୍ରୀ) 2. Abujhāmaṇā ( See )
ଅବୁଝା ରଜା ଭକ୍ତି ଯଥା ପଣ୍ଡିତେ । ରାଧାନାଥ—ତୁଳସୀସ୍ତବକ ।

**ଅବୁଝାଣ**—ଦେ. ବି—୧ । ଅବୁଝାମଣା ( ଦେଖ )
Abujhāṇa Abujhāmaṇā ( See )
ଶ୍ୟାମ କେଡ଼େ ଅବୁଝାଣି, ଧୀ ଲାଗି ଯିବ ଏ ପ୍ରାଣ । କବିସୂର୍ଯ୍ୟ, ସଙ୍ଗୀତ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଞ୍ଚ | ଇଯ୍ | ଉଅ | ଘ |
| ୨ | ଈ | ଊ | ରୁ | ଲୁ | ପ୍ରେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ● | ନ୍ତୁ |

**ଅବୁଝାବଣା**—ଗ୍ରା. ବି. ଓ ବିଣ—ଅବୁଝାମଣା ( ଦେଖ )
Abujhābaṇā — Abujhāmaṇā ( See )

**ଅବୁଝାମଣା**—ଦେ. ବି. ( ସଂ. ଅ + ଓ. ବୁଝାମଣା )—
Abujhāmaṇā ୧ । ଅବିଚାର; ଅନ୍ୟାୟ ବିଚାର—
1. Injustice.
୨ । ଜିଦଖୋର୍—2. Obstinacy; obduracy.
୩ । ଭଲ ମନ୍ଦ ବିବେଚନାର ଅଭାବ—
3. Absence of discrimination.
ଦେ. ବିଣ. ପୁଂ. ଓ ସ୍ତ୍ରୀ—୧ । ଅବିଚାରକ—1. Unjust.
अबुझा ୨ । ଅବିବେଚକ—2. Indiscriminate; inconsiderate,
असमझ
୩ । ଜିଦଖୋର୍—3. Obstinate.
୪ । ଯେ ଯୁକ୍ତି ଶୁଣେ ନାହିଁ—4. Not listening to reason or argument.
୫ । ଅଯୌକ୍ତିକ (ବିଷୟ)—5. Unreasonable.
୬ । ଯେଉଁ ରାଜ୍ୟ ବା ସ୍ଥାନ ବା ଦେଶରେ ଅବିଚାର ହୁଏ—
6. (a place) Where there is no justice.

**ଅବୁଦ୍ଧି**—ସଂ. ବି. ( ଅ + ବୁଦ୍ଧି )—ମନ୍ଦବୁଦ୍ଧି; ଦୁର୍ବୁଦ୍ଧି—
Abuddhi — Bad idea; evil thought.
ସଂ. ବିଣ. ପୁଂ. ଓ ସ୍ତ୍ରୀ (ବହୁବ୍ରୀହି)—ନିର୍ବୁଦ୍ଧିଆ; ନିର୍ବୋଧ—
Foolish; stupid.

**ଅବୁଦ୍ଧିଆ**—ଦେ. ବିଣ. ପୁଂ. ଓ ସ୍ତ୍ରୀ. ( ସଂ. ଅବୁଦ୍ଧି )—
Abuddhiā ୧ । ନିର୍ବୁଦ୍ଧିଆ; ନିର୍ବୋଧ—
1. Foolish; stupid.
୨ । ଯାହାର ବୁଦ୍ଧିବୃତ୍ତି ତୀକ୍ଷ୍ଣ ନୁହେ—
2. Not intelligent

**ଅବୁଧ**—ସଂ. ବିଣ. ପୁଂ. ( ଅ + ବୁଧ )—
Abudha ୧ । ଅପଣ୍ଡିତ—1. Not learned.
୨ । ଅଶିକ୍ଷିତ—2. Uneducated.
୩ । ଅଜ୍ଞ—3. Ignorant.
୪ । ନିର୍ବୋଧ—4. Foolish.

**ଅବୁଧି**—ଗ୍ରା. ବି. ଓ ବିଣ. ( ସଂ. ଅବୁଦ୍ଧି )—ଅବୁଦ୍ଧି ( ଦେଖ )
Abudhi — Abuddhi ( See )

**ଅବୁଧିଆ**—ଗ୍ରା. ବିଣ. ପୁଂ. ଓ ସ୍ତ୍ରୀ. ( ସଂ. ଅବୁଦ୍ଧି )—ଅବୁଦ୍ଧିଆ (ଦେଖ)
Abudhiā — Abuddhiā ( See )

**ଅବୁରୁଜିଆ**—ଗ୍ରା. ବିଣ. ପୁଂ—ଅବରଜିଆ ( ଦେଖ )
Aburujiā — Abarajiā ( See )
(ଅବୁରୁଜିଆଣୀ—ସ୍ତ୍ରୀ)

**ଅବୃତ**—ସଂ. ବିଣ. ( ଅ + ବୃତ )—
Abṛuta ୧ । ଅନାଚ୍ଛାଦିତ—1. Uncovered.
୨ । ବାଧା ଦିଆଯାଇ ନଥିବା; ଅବାଧ—2. Unchecked.
୩ । ଅନିମନ୍ତ୍ରିତ—3. Uninvited.
୪ । ଅନିର୍ବାଚିତ—4. Not selected.
୫ । ଅପରାଭୂତ—5. Uusubdued.
ଗ୍ରା. ବିଣ. ( ସଂ. ଅ + ବୃତ୍ତ )—କୌଣସି ଗୀତ ଯେଉଁ ରାଗ ବା ବୃତ୍ତରେ ବୋଲାଯିବା ଉଚିତ ତାହା ଛଡ଼ା ଅନ୍ୟ ରାଗ—
A wrong strain for singing a song.

**ଅବୃତ୍ତ**—ସଂ. ବିଣ. ( ଅ + ବୃତ୍ତ )—
Abṛutta ୧ । ଅସ୍ତିତ୍ୱରହିତ—1. Not existent.
୨ । ଗତିରହିତ—2. Motionless.
୩ । ଘଟି ନ ଥିବା—3. Not happened ( M. W. )
୪ । ଉପଯୁକ୍ତ ରାଗ ବା ଛନ୍ଦ ବା ଯତିହୀନ (ପଦ୍ୟ)—
4. ( poem ) Without proper metre or rythm.
୫ । ଉପଯୁକ୍ତ ରାଗରେ ବୋଲାଯାଉ ନ ଥିବା ( ଗୀତ )—
5. ( song ) Not sung in its proper strain.
୬ । ଅବିସ୍ତୃତ—6. Not extensive,
୭ । (ବୈଦିକ) ମରି ନ ଥିବା; ଅବଧି ଜୀଇଁ ଥିବା—
7. Not dead; still living.

**ଅବୃତ୍ତି**—ସଂ. ବି. ( ଅ+ବୃତ୍ତି )—
Abṛutti ୧ । ଅବିସ୍ତୃତି—1. Non-extension.
୨ । ଜୀବିକାର ଅଭାବ—2. Absence of livelihood or occupation.
୩ । ବେକାର୍ ଅବସ୍ଥା—3. Unemployment.
୪ । ନୀଚ ବୃତ୍ତି; ଅଧମ ବ୍ୟବସାୟ—
4. Mean or low occupation.
୫ । ଅଯଥେଷ୍ଟ ସାହାଯ୍ୟ—5. Inadequate support ( M. W. )
ସଂ. ବିଣ—୧ । ଜୀବିକାହୀନ ( ବ୍ୟକ୍ତି ); ବେକାର୍—
ଅବୃତ୍ତିତା । ବି 1 Having no occupation; unemployed
ଅବୃତ୍ତିତ୍ୱ ୨ । ଘଟୁ ନ ଥିବା—2. Not occuring (M. W.)

**ଅବୃତ୍ତିଆ**—ଦେ. ବିଣ. ( ଅ + ବୃତ୍ତି )—
Abṛuttiā ୧ । ଅବୃତ୍ତି; ଜୀବିକାହୀନ; ବେକାର୍—
1. Unemployed.
୨ । ଯେଉଁ ଛାତ୍ର ବୃତ୍ତି ପାଇ ନାହିଁ—2. ( student ) Who has not secured a scholarship.

**ଅବୃତ୍ତିକ**—ସଂ. ବିଣ. ( ବହୁବ୍ରୀହି; ଅ+ବୃତ୍ତିକ )—
Abṛuttika ୧ । ଜୀବିକାହୀନ; ବେକାର୍—1. Having no occupation; unemployed.
୨ । ଯେଉଁ ଦେଶରେ ଜୀବିକା ଜୁଟେ ନାହିଁ—
2. ( country ) Not yielding a livelihood ( M. W. )

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଗ୍ୟା' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅବୃଥାର୍ଥତା**—ସଂ. ବି. ( ଅ+ବୃଥା+ଅର୍ଥ+ତା )—
**Abṛuthārthatā** ୧ । ସ୍ୱାର୍ଥସିଦ୍ଧି ବିଷୟରେ ସଫଳତା; ଉଦ୍ଦେଶ୍ୟ ଲାଭରେ ସଫଳତା—
1. Successfulness in gaining one's object ( M. W. )
୨ । ଅର୍ଥ ଠିକ୍ ଥିବା ଅବସ୍ଥା; ଯଥାର୍ଥତା—
2 Correctness of meaning ( M. W. )

**ଅବୃଦ**—ଗ୍ରା. ବି. ଓ ବିଣ. ( ସଂ. ଅର୍ବୁଦ )—ଅର୍ବୁଦ ( ସଙ୍ଖ୍ୟା )—
**Abṛuda** One hundred million.

**ଅବୃଦ୍ଧ**—ସଂ. ବିଣ. ପୁଂ—୧ । ବୁଢ଼ା ହୋଇ ନ ଥିବା—
**Abṛuddha** 1. Not grown old.
( ଅବୃଦ୍ଧା—ସ୍ତ୍ରୀ ) ୨ । ଅବର୍ଦ୍ଧିତ; ବଢ଼ି ନ ଥିବା—
2. Not increased; not grown.

**ଅବୃଦ୍ଧିକ**—ସଂ. ବିଣ. ( ବହୁବ୍ରୀହି; ଅ + ବୃଦ୍ଧି + କ )—
**Abṛuddhika** ୧ । ଯେଉଁ ମୂଳଧନ ଉପରେ ସୁଧ ହିସାବ ହୁଏ ନାହିଁ—( capital ) Not bearing any interest.
୨ । ଯାହାର ବୃଦ୍ଧି ନାହିଁ—
2. Having no increase or growth.
ସଂ. ବି—କରଜ ଲାଗିଥିବା ଅସଲ ବା ମୂଳ ( ଧନ )—
Capital or principal of an investment.

**ଅବୃନ୍ତ**—ସଂ. ବିଣ. ( ବହୁବ୍ରୀହି; ଅ + ବୃନ୍ତ )—ଯେଉଁ ଫଳ ବା ପୁଷ୍ପର
**Abṛunta** ଡେମ୍ଫ ନ ଥାଏ—Sessile; ( flower or fruit ) having no stalk or peduncle.

**ଅବୃନ୍ତକ**—ସଂ. ବି. ( ବହୁବ୍ରୀହି; ଅ + ବୃନ୍ତ + କ ) ଅବୃନ୍ତ ( ଦେଖ )
**Abṛuntaka** Abṛunta ( See )

**ଅବୃଷ୍ଟି**—ସଂ. ବି. ( ଅ+ବୃଷ୍ଟି )—୧ । ବୃଷ୍ଟିର ଅଭାବ—
**Abṛushṭi** 1. Want of rain.
୨ । ମରୁଡ଼ି—2. Drought.
୩ । ଦୁର୍ଭିକ୍ଷ—3. Famine.
ସଂ. ବିଣ—ଅବୃଷ୍ଟିକ ( ଦେଖ )—Abṛushṭika (See)

**ଅବୃଷ୍ଟିକ**—ସଂ. ବିଣ. ( ବହୁବ୍ରୀହି; ଅ + ବୃଷ୍ଟି + କ )—
**Abṛushṭika** ୧ । ଯେଉଁ ସ୍ଥାନ ବା ଦେଶରେ ବର୍ଷା ହୁଏ ନାହିଁ—1. Rainless ( country ).
୨ । ଯେଉଁ ସମୟରେ ବର୍ଷା ହୁଏ ନାହିଁ—
2. ( time ) When there is no rain.
୩ । ବର୍ଷାଋତୁ ଛଡ଼ା ଅନ୍ୟ ( ଋତୁ )—
3. ( season) Which is not the rainy season.
୪ । ଯେଉଁ ମେଘ ବର୍ଷା କରେ ନାହିଁ—
4. ( cloud ) Not giving rain.

**ଅବେ**—ଦେ. ଅ. (ସଂ. ଅରେ; ବ୍ୟକ୍ତି ପ୍ରତି ଅବଜ୍ଞାସୂଚକ ସଂବୋଧନ)—
**Abe** ଆବେ; ହାଁରେ—
हाँरे Hallo ! (a term of disdainful address)
अबे

**ଅବେଇଛତ୍ର**—ଗ୍ରା. ବି. ଓ ବିଣ—ଭବେଇଛତ୍ର ( ଦେଖ )
**Abeichhatra** Kabeichhatra ( See )

**ଅବେଇଜ**—ଗ୍ରା. ବିଣ—ଅବାଇଜ ( ଦେଖ )
**Abeija** Abāija ( See )

**ଅବେଉଡ଼ା**—ଦେ. ବିଣ—ଅବିହୁଡ଼ା ( ଦେଖ )
**Abeuṛdā** Abihuṛdā ( See )

**ଅବେଉନ୍ତ**—ଦେ. ବିଣ. ( ସଂ. ଅ + ଓ. ବେଉନ୍ତ )—
**Abeunta** ୧ । ବହୁ ଲୋକଙ୍କ ମଧ୍ୟରେ ବେଉନ୍ତ ବା ବିତରିତ ହୋଇ ନ ଥିବା ( ପଦାର୍ଥ )—
1. ( thing ) Not distributed amongst many.
୨ । ବହୁ ଲୋକଙ୍କ ମଧ୍ୟରେ କାର୍ଯ୍ୟକ୍ରମ ବଣ୍ଟା ହୋଇ ନ ଥିବା ( କାର୍ଯ୍ୟ )—2. ( work ) Which has not been distributed amongst the workers; without any division of labour.

**ଅବେଉସା**—ଗ୍ରା. ବି. (ସଂ. ଅ + ବ୍ୟବସାୟ)—୧ । ନୀଚ ବ୍ୟବସାୟ—
**Abeusā** 1. Mean or low occupation.
୨ । ବ୍ୟବସାୟର ଅଭାବ; ଅବୃତ୍ତି—
2. Want of occupation.

**ଅବେକ୍ଷକ**—ସଂ. ବିଣ. ପୁଂ. ( ଅବ + ଈକ୍ଷ ଧାତୁ + କର୍ତ୍ତୃ. ଅକ )—
**Abekshaka** ୧ । ପରିଦର୍ଶକ—1. Inspecting.
( ଅବେକ୍ଷିକା—ସ୍ତ୍ରୀ ) ୨ । ତତ୍ତ୍ୱାବଧାରକ; ଯାଞ୍ଚ ପ୍ରତାଲ କଲାବାଲା; ତଦାରଖ କରୁଥିବା ( ବ୍ୟକ୍ତି )—
2. Supervising; checking.
୩ । ପର୍ଯ୍ୟବେକ୍ଷଣକାରୀ—
3. Observing minutely.
୪ । ପରୀକ୍ଷାକାରୀ—4. Examining.
୫ । ତଦାରଖ ବା ତଦନ୍ତ କଲାବାଲା—
5. Investigating.
୬ । ବିବେଚନାକାରୀ—6 Considering; taking into consideration.
୭ । ଅନାଉଥିବା—7. Looking at; beholding.
ସଂ. ବି. ପୁଂ—୧ । ପରିଦର୍ଶନକାରୀ କର୍ମଚାରୀ—
1. Inspector.
୨ । ତଦାରଖ କରିବା ବ୍ୟକ୍ତି—2. Investigator.
୩ । ତଦାରଖ କରୁଥିବା ବ୍ୟକ୍ତି—3. Supervisor.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଯ୍ୟ | ଉଅ | ଭ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ୱ | ଳ |

୪ । ପରୀକ୍ଷକ ବ୍ୟକ୍ତି—4. Examiner.
୫ । ତନ୍ନତନ୍ନ କରି ନିରେଖିବା ଲୋକ; ପର୍ଯ୍ୟବେକ୍ଷକ—
5. Observer.
। ଦର୍ଶକ—6. Spectator.

**ଅବେକ୍ଷଣ**—ସଂ. ବି ( ଅବ + ଈକ୍ଷ ଧାତୁ + ଭାବ. ଅନ )—
Abekshaṇa ୧ । ଅବଲୋକନ—
( ଅବେକ୍ଷିତ—ବିଣ ) 1. Viewing; surveying
୨ । ପର୍ଯ୍ୟବେକ୍ଷଣ—2. Observation.
୩ । ପରିଦର୍ଶନ—3. Inspection.
୪ । ତତ୍ତ୍ୱାବଧାରଣ—4 Supervision.
୫ । ପରୀକ୍ଷା—5. Examination.
୬ । ତଦନ୍ତ; ତଦାରଖ—
6 Enquiry; investigation,
୭ । ସମ୍ୟକ୍ ବିବେଚନା—
7. Careful consideration,
୮ । ଅନୁସନ୍ଧାନ; ମାଇନା—8. Scrutiny.
୯ । କାର୍ଯ୍ୟରେ ନିଯୁକ୍ତି—9. Engagement.
୧୦ । ପ୍ରତୀକ୍ଷା—10. Waiting.
୧୧ । ଯତ୍ନ—11. Care.
୧୨ । ମନୋଯୋଗ—12. Attention.
୧୩ । ଅନୁରୋଧ—13. Request; solicitation.
୧୪ । ( ଜ୍ୟୋତିଷ ) ଗ୍ରହମାନଙ୍କର ଦୃଶ୍ୟ ହେବା ଅବସ୍ଥା—
14. The being in sight of planets (M.W.)

**ଅବେକ୍ଷଣୀୟ**—ସଂ. ବିଣ ( ଅବ = ଈକ୍ଷ ଧାତୁ + କର୍ମ. ଅନୀୟ )—
Abekshaṇiya ୧ । ଯାହା ଅବେକ୍ଷିତ ହେବାର ଯୋଗ୍ୟ—
1. Fit to be considered, viewed; observed, inspected etc.

**ଅବେକ୍ଷମାଣ**—ସଂ. ବିଣ. ପୁଂ ( ଅବ + ଈକ୍ଷ ଧାତୁ + କର୍ତ୍ତୃ. ମାନ )—
Abekshamāṇa ଅବେକ୍ଷଣ କରୁଥିବା (ଲୋକ) ପରିଦର୍ଶନପର; ନିରୀକ୍ଷମାଣ—Observing; supervising.

**ଅବେକ୍ଷା**—ସଂ. ବି ( ଅବ + ଈକ୍ଷ ଧାତୁ + ଅ + ଆ )—
Abekshā ଅବେକ୍ଷଣ ( ଦେଖ )
Abekshaṇa ( See )

**ଅବେକ୍ଷିତ**—ସଂ. ବିଣ. ପୁଂ ( ଅବ + ଈକ୍ଷ ଧାତୁ + କର୍ମ. ତ )—
Abekshita ୧ । ପରିଦୃଷ୍ଟ—1. Viewed; inspected.
(ଅବେକ୍ଷିତା—ସ୍ତ୍ରୀ) ୨ । ପର୍ଯ୍ୟବେକ୍ଷିତ—2. Observed.

**ଅବେକ୍ଷିତା**—ସଂ. ବିଣ. ସ୍ତ୍ରୀ (ଅବ + ଈକ୍ଷ ଧାତୁ + କର୍ତ୍ତୃ. ତୃ. ୧ମା. ୧ବ)—
Abekshitā ଅବେକ୍ଷକ ( ଦେଖ )
Abekshaka ( See )
ସଂ. ବିଣ. ସ୍ତ୍ରୀ—ଅବେକ୍ଷିତର ସ୍ତ୍ରୀ ଲିଙ୍ଗ—
Feminine of Abekshita.
ସଂ. ବି ( ଅବେକ୍ଷିନ୍ + ଭାବ. ତା ) ଅବେକ୍ଷଣକରିବାର ଭାବ—
Act of observing or regarding.

**ଅବେକ୍ଷୀ**—ସଂ. ବିଣ. ପୁଂ (ଅବ + ଈକ୍ଷ ଧାତୁ + କର୍ତ୍ତୃ. ଇନ୍. ୧ମା. ୧ବ)—
Abekshī ଅବେକ୍ଷକ ( ଦେଖ )
(ଅବେକ୍ଷିଣୀ—ସ୍ତ୍ରୀ ) Abekshaka ( See )

**ଅବେଣି**—ସଂ. ବିଣ ( ବହୁବ୍ରୀହି; ଅ + ବେଣି )—
Abeṇi ୧ । ବେଣୀ ବନ୍ଧା ହୋଇ ନ ଥିବା (କେଶ)—
1. Not braided or plaited (hair).
୨ । ଯାହାର କେଶ-ବେଣି ରୂପେ ବନ୍ଧା ଯାଇ ନାହିଁ—
2. Having no braided hair.
୩ । ଏକତ୍ର ସଂଗମ ହୋଇ ବହୁ ନ ଥିବା ( ନଦୀତୟ )—
3. (rivers) Not flowing together or commingled.

**ଅବେଣିଆଁ**—ଦେ. ବିଣ ( ସଂ. ଅବେଣି )—
Abeṇiā̃ ଅବେଣି ( ଦେଖ )
Abeṇi ( See )

**ଅବେଣିବଦ୍ଧ**—ସଂ. ବିଣ ( ଅ + ବେଣିବଦ୍ଧ )—
Abeṇibaddha ୧ । ଯାହା ବେଣି ବନ୍ଧା ହୋଇ ନାହିଁ (କେଶ)
1. Not plaited (hair)
୨ । ଅଲୁଲାୟିତ—2. Dishevelled (hair).

**ଅବେଣୀ (ଇତ୍ୟାଦି)**—ସଂ. ବିଣ—ଅବେଣି ଇତ୍ୟାଦି ( ଦେଖ )
Abeṇī etc. Abeṇi etc. ( See )

**ଅବେଣ୍ଟା**—ଦେ. ବିଣ ( ସଂ. ଅବୃନ୍ତ )—
Abeṇṭa ୧ । ଅବୃନ୍ତ ( ପୁଷ୍ପ ବା ଫଳ ); ନାଡ଼ ନ ଥିବା—
आवे टिा 1. Sessile, having no stalk.
**डाठलरहित**
ଗୁଲକ୍ତେ ଚରଣେ ଯେ ଅବେଣ୍ଟା ପଦ୍ମ ଫୁଟି—ସାରଳାମହାଭାରତ. ବନ ।
୨ । ଯେଉଁ ଶସ୍ତ୍ର ( କଟୁରି ଆଦି )ର ବେଣ୍ଟ ନାହିଁ—
2. Having no handle.

**ଅବେଣ୍ଟିଆ**—ଦେ. ବିଣ—ଯେଉଁ ବ୍ୟକ୍ତିର ମୁଣ୍ଡରେ କ୍ଷିଅର ହେବା ପରେ
Abeṇṭiā ବେଣ୍ଟି ରଖାଯାଇ ନ ଥାଏ—Having no fringe or border of hair on the skull left after shaving.

**ଅବେଦନୀୟ**—ସଂ. ବିଣ. ( ଅ + ବେଦନୀୟ )—୧ । ଅଜ୍ଞେୟ—
Abedanīya 1. Unknowable.
୨ । ଗୁପ୍ତ—2. Secret.
୩ । ଅପ୍ରାପ୍ୟ—3. Unattainable.
୪ । ଅବୋଧ—
4. Not capable of being understood.

**ଅବେଦ୍ୟ**—ସଂ. ବିଣ. ( ଅ + ବେଦ୍ୟ )—ଅଜ୍ଞାତବ୍ୟ—
Abedya Unknowable.
ସଂ. ବି—ବାଛୁରୀ—A calf ( Apte ).

**ଅବେଧ୍ୟ**—ସଂ. ବିଣ. ( ଅ + ବିଧ ଧାତୁ + କର୍ମ. ଯ )—
Abedhya ୧ । ବିଦ୍ଧ ହେବାର ଅଯୋଗ୍ୟ—
1. Not capable of being pierced.

ସାଧାରଣ ଲେଖକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଙ୍ଗିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । (ଜ୍ୟୋତିଷ) ବିବାହାଦି ନିଷେଧକ ଗ୍ରହସଂସ୍ଥାନର ଅଯୋଗ୍ୟ—
2. ( astrology ) Unfit through the conjunction of inauspicious planets for a social ceremony.

**ଅବେପାର**—ଦେ. ବି. ( ସଂ. ଅବ୍ୟାପାର )—ଅବ୍ୟାପାର ( ଦେଖ )
Abepārá — Abyāpāra ( See )

**ଅବେପାରି**—ଦେ. ବିଣ. ( ସଂ. ଅ + ବ୍ୟାପାରୀ )—
Abepāri  ୧ । ବାଣିଜ୍ୟ ବା ବ୍ୟବସାୟରେ ଅନଭିଜ୍ଞ—
অবিষয়ী  1. Not experienced in trade or business.
ଅବେପାରିକ ବାଣିଜ ଅଡ଼ ଅ—ତଗ ।
୨ । ଅବିଷୟୀ—2. Not worldlywise.

**ଅବେଭାର**—ଦେ. ବି. ( ସଂ. ଅବ୍ୟବହାର )—୧ । ମନ୍ଦବ୍ୟବହାର—
Abebhāra — 1. Bad conduct.
ଏ ଯେ ତୁମ୍ଭର ଅବେଭାର, ବଧିରେ ନୋହେ କି ଅସ୍ଥିର ।
ଭୂପତି. ପ୍ରେମପଞ୍ଚାମୃତ ।
୨ । ବ୍ୟବହାରର ଅଭାବ—2. Want of use.
ବିଣ—୧ । ଅବ୍ୟବହୃତ—1 Unused.
୨ । ଅନୁଚିତ—2. Improper.
ମହାଖଳକୁ ଦୂର କରିବାର ଅବେଭାର—ଭଞ୍ଜ. ପ୍ରେମସୁଧାନିଧି ।

**ଅବେଭାରି**—ଦେ. ବିଣ. ( ସଂ. ଅବ୍ୟବହାରୀ )—
Abebhāri  ୧ । ଅବେପାରି ( ଦେଖ )
অবিষয়ী  1. Abepāri ( See )
୨ । ଅବିଷୟୀ; ସଂସାରାନଭିଜ୍ଞ—
2. Unbusinesslike; unworldly.
୩ । ଯେଉଁ ବ୍ୟକ୍ତି ଅନ୍ୟର ବିଷୟକର୍ମ ବୁଝିବାର ଭାର ପ୍ରାପ୍ତ ହୋଇ ନ ଥାଏ—3. Not entrusted with the duty of looking after another person's business.
୪ । ମନ୍ଦବ୍ୟବହାର ବା ଆଚରଣକାରୀ—
4. Giving improper treatment.
କାହାର ଠାରେ ସଚ୍ଚ ନୋହେ ଅବେଭାରି—ପ୍ରାଚୀ. ରହସ୍ୟମଞ୍ଜରୀ ।

**ଅବେଲ୍**—ପ୍ରାଦେ. ( ସମ୍ବଲପୁର ) ବି—ଅବେଳା ( ଦେଖ )
Abel — Abeḻā ( See )

**ଅବେଳ**—ଦେ. ବି. ( ସଂ. ଅବେଳ —ଅବେଳା ( ଦେଖ )
Abeḻa — Abeḻā ( See )
অবেলা
अबेर

**ଅବେଳା**—ସଂ. ବି. ( ଅ+ବେଳା )—୧ । ଅସମୟ—
Abeḻā — 1 Bad time; evil days.
୨ । ଅନୁଚିତ ସମୟ—2. Improper time.
୩ । ଅନୁପଯୁକ୍ତ ସମୟ—3. Unsuitable time.
୪ । ନିର୍ଦ୍ଦିଷ୍ଟ ସମୟକୁ ଟପି ଯାଇଥିବା ସମୟ—
4. Time after the due time is passed.
୫ । ଦିବାବସାନ କାଳ—5 End of the day.

**ଅବୈତନିକ**—ସଂ. ବିଣ ( ଅ + ବେତନ + ଇକ )—
Abaitanika  ୧ । ଯେଉଁ ବ୍ୟକ୍ତି ବେତନ ଗ୍ରହଣ ନ କରି କାର୍ଯ୍ୟ କରେ; ଯେଉଁ ବ୍ୟକ୍ତି ଘରୁ ଖାଇ ପରର କାର୍ଯ୍ୟ କରେ—1. Honorary (person)
୨ । ମାଗଣା; ଯେଉଁ କାର୍ଯ୍ୟରେ ବେତନ ଗ୍ରହଣ କରାଯାଏ ନାହିଁ—2. Honorary (work)

**ଅବୈଦ୍ୟ**—ସଂ. ବି ( ଅ + ବୈଦ୍ୟ )—
Aaidya  ୧ । କୁବୈଦ୍ୟ; ଅଶିକ୍ଷିତ ଚିକିତ୍ସକ—
1. A quack.
୨ । ଅପଟୁ ଚିକିତ୍ସକ—
2. An unskilful physician.

**ଅବୈଧ**—ସଂ. ବିଣ ( ଅ+ବୈଧ )—
Abaidha  ୧ । ଯାହା ବିଧିସଙ୍ଗତ ନୁହେଁ—
( ଅବୈଧତା—ବି )  1. Contrary to rules; illicit
୨ । ବେଆଇନ୍—2. Illegal; unlawful.
୩ । ଧର୍ମ ଓ ନୀତିଶାସ୍ତ୍ରବିରୁଦ୍ଧ—
3. Contrary to the precepts of religious or moral code.
୪ । ଅନ୍ୟାୟ—4. Unjust.
୫ । ଅବିହିତ; ଅନୁଚିତ—5. Improper.
୬ । ଜାରଜ—6. Illegitimate.
୭ । ଅଯୌକ୍ତିକ—7. Unreasonable.

**ଅବୈଧଜନତା**—ସଂ. ବି ( ଅବୈଧ+ଜନତା=ଜନସମୂହ; କଚିରିଆ ଭାଷା )—
Abaidhajanatā
অবৈধজনতা
अवैधजनता
୧ । ଜମାଇତବସ୍ତ; କୌଣସି ବେଆଇନ କାର୍ଯ୍ୟ ବା ଅପରାଧ ବା ହିଂସାମୂଳକ କାର୍ଯ୍ୟ କରିବା ଉଦ୍ଦେଶ୍ୟରେ ଉପସ୍ଥିତ ଦଳବଦ୍ଧ ୫ ଜଣ୍ଠା ତତୋଽଧିକ ବ୍ୟକ୍ତି—
1. An unlawful assembly ( of five or more persons for an unlawful purpose).
[ ଦ୍ର—ଭାରତୀୟ ଦଣ୍ଡ ବିଧି ଆଇନ (Indian Penal Code) ର ୧୪୧ ଦଫାରେ ଅବୈଧଜନତା (Unlawful Assembly) ର ସଂଜ୍ଞା ପ୍ରଦତ୍ତ ହୋଇଅଛି ଏବଂ ୧୪୩ ଦଫାରେ ଏଥିର ଦଣ୍ଡ ପ୍ରଦତ୍ତ ହୋଇଅଛି । ଅବୈଧ ଜନତାବାସୀ ବ୍ୟକ୍ତିମାନେ ଯେବେ ବଳ ପ୍ରୟୋଗପୂର୍ବକ ଅତ୍ୟାଚାର କରନ୍ତି ତେବେ ଉକ୍ତ ଅପରାଧକୁ ବେ-ଆଇନ ଗୋଳମାଳ (Rioting) ବୋଲାଯାଏ । ଏଥିର ଦଣ୍ଡ ୧୪୭ ଦଫାରେ ଲିପିବଦ୍ଧ ହୋଇଅଛି । ]

**ଅବୈଧପ୍ରଣୟ**—ସଂ. ବି. ( କର୍ମଧା; ଅବୈଧ+ପ୍ରଣୟ )—
Abaidhapraṇaya  ବିନା ବିବାହରେ ପୁରୁଷ ଓ ସ୍ତ୍ରୀ ମଧ୍ୟରେ ପ୍ରେମ—Illicit love.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଋ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଢ଼ | ଷ,ସ | ଙ୍କ | ଉସ୍ | ଉଅ | ଘ |
| ୨ | ଈ | ଉ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ୍ୟ | ଇଅ | ● | ନ୍ତ |

**ଅବୈଧସନ୍ତାନ**—ସଂ. ବି. ( ଅବୈଧ + ସନ୍ତାନ )—
Abaidhasantāna ୧ । ଯେଉଁ ସନ୍ତାନ ବିବାହିତ ଦମ୍ପତି ଠାରୁ ଜନ୍ମିତ ନୁହେ—1. Illegitimate child.
୨ । ଜାରଜ ସନ୍ତାନ—2. Bastard child.

**ଅବୈମତ୍ୟ**—ସଂ. ବି. ( ଅ + ବିମତ + ଭାବ. ଯ )—
Abaimatya ବିମତ ହେବାର ଅଭାବ; ସମସ୍ତଙ୍କର ଏକମତ ହେବାର ଭାବ—Unanimity.

**ଅବୋଦ**—ସଂ. ବିଣ. ( ଅବ + ଉଦ୍ ଧାତୁ + ଭାବ. ଅ )—ଓଦା—
Aboda Wet; moist.
ସଂ. ବି—୧ । ଓଦା କରିବା; ଭିଜାଇବା—
1 Moistening.
୨ । ଜଳ ଆଦି ଛିଞ୍ଚିବା—2. Sprinkling (Apte)

**ଅବୋଧ**—ସଂ. ବି. ( ଅ + ବୋଧ )—
Abodha ବୋଧ ବା ଜ୍ଞାନର ଅଭାବ; ବୋଧହୀନତା—
(ଅବୋଧତା—ବି) Want of understanding or wisdom.
ସଂ. ବିଣ—୧ । ନିର୍ବୋଧ; ବୁଦ୍ଧିହୀନ—
1. Foolish; stupid.
୨ । ବୋଧହୀନ—2. Lacking in understanding.
ଦେ. ବିଣ. ପୁଂ. ଓ ସ୍ତ୍ରୀ—୧ । ଯାହାର ସମ୍ୟକ୍ ବିଚାର ବା ବୋଧ
ଅବୋଧ; ଅବୋଧିଆ ଶକ୍ତି ଜନ୍ମି ନାହିଁ—1 Of undeveloped intellect.
ଅବୋଧ
ଅବୋଧପଣ } ବି
ଅବୋଧପଣିଆ }
ଅବୋଧ ଅବଳା ଜୁମାସ, ଅସ୍ତେ ତ ନୋହୁଁ ତୋ ବଇସ ।
ଭୂପତି. ପ୍ରେମପଞ୍ଚାମୃତ ।
୨ । ଅଧୀର; ଧୈର୍ଯ୍ୟହୀନ—2. Impatient.
ତପସ୍ୱୀ ଲୋକ କେବେ ନ କରିବ କ୍ରୋଧ
ଯେ ଯାହା ବୋଲୁଥିବେ ନୋହିବ ଅବୋଧ । କୃଷ୍ଣସିଂହ. ମହାଭାରତ. ବନ ।
୩ । ଅସନ୍ତୁଷ୍ଟ—3 Dissatisfied; discontented.
ସ୍ୱାମ ଅରଜନଙ୍କର ନାହିଁ କିଛି ବୋଧ
ଦେଖ ହେ ନୃପ ହେଉ ଥିଲେ ସେ ଅବୋଧ । କୃଷ୍ଣସିଂହ. ମହାଭାରତ ସଭା ।
୪ । ଯେଉଁ ବ୍ୟକ୍ତିକୁ ଯେତେ ଦେଲେ ମଧ୍ୟ ସେ ସନ୍ତୁଷ୍ଟ ହୁଏ ନାହିଁ—4. Unsatisfied.
୫ । ଅବୋଧ୍ୟ—5. Not capable of being understood.
୬ । ଅବୁଝ; ଜ୍ଞାନହୀନ; ଅଜ୍ଞ—6. Incapable of understanding ( anything )
ଅବୋଧ ବାଳା ତୁ ନାହିଁ ବୋଧ ହେବୁ ।
ଶିଶୁଶଙ୍କର—ଉଷା ଅଭିଳାଷ ।

**ଅବୋଧଗମ୍ୟ**—ସଂ. ବିଣ. ( ଅ + ବୋଧଗମ୍ୟ )—
Abodhagamya ୧ । ଯାହା ବୋଧଗମ୍ୟ ନୁହେ ବା ବୁଝାଯାଇ ନ ପାରେ—1. Not capable of being understood; incomprehensible.
୨ । ଅଜ୍ଞାତବ୍ୟ—2. Unknowable.

**ଅବୋଧନୀୟ**—ସଂ. ବିଣ. ( ଅ + ବୋଧନୀୟ )—ଅବୋଧ୍ୟ ( ଦେଖ )
Abodhaniya Abodhya ( See )

**ଅବୋଧିଆ**—ଗ୍ରା. ବିଣ. ପୁଂ—ଅବୋଧ (ଦେଖ)
Abodhiā Abodha (See)

**ଅବୋଧ୍ୟ**—ସଂ. ବିଣ (ଅ + ବୋଧ୍ୟ)—ଅବୋଧଗମ୍ୟ; ଯାହା ବୁଝା ଯାଇ
Abodhya ନ ପାରେ—Not capable of being
(ଅବୋଧ୍ୟତା—ବି) understood; incomprehensible.

**ଅବୋଲକରା**—ଦେ. ବିଣ. ପୁଂ—୧ । ଯେଉଁ ଲୋକ ବୋଲ ବା
Abolakarā ଆଦେଶ ପାଳେ ନାହିଁ—1. (a person) Who
(ଅବୋଲକରୀ—ସ୍ତ୍ରୀ) does not carry out the master's
अबोला; अनबोला orders (to the spirit though sticking to the letter)
ଅବୋଲକରା ଭଣ୍ଡାରିକି ପଖା ଭଙ୍ଗା ସାଆନ୍ତ—ଢଗ ।
୨ । ଆଦେଶ ଲଙ୍ଘନକାରୀ; ଅମାନିଆଁ—
2. Disobedient.

**ଅବ୍ଜ**—ସଂ. ବି (ଅପ୍ = ଜଳ + ଜନ୍ ଧାତୁ + କର୍ତ୍ତୃ. ଅ)—ଯାହା ଜଳରେ
Abja ଜନ୍ମେ—୧ । ପଦ୍ମ; କମଳ—1. Lotus.
୨ । ଶଙ୍ଖ—2. Conch.
୩ । ଚନ୍ଦ୍ର (ସମୁଦ୍ର ମନ୍ଥନରୁ ଜନ୍ମିତ ହୋଇଥିବାରୁ)—
3. The moon.
୪ । କର୍ପୂର—4. Camphor.
୫ । ଧନ୍ୱନ୍ତରି—5. The heavenly physician.
୬ । ଶତକୋଟି ସଂଖ୍ୟା; ଏକବୃନ୍ଦ (ସଂଖ୍ୟା)—
6. One billion.
୭ । ନିଚୂଳ (ବୃକ୍ଷ) (ଦେଖ)
7. Nichula (tree) (See)
ସଂ. ବିଣ—ଜଳଜ; ଜଳରୁ ଜାତ—Born of water.

**ଅବ୍ଜଜାତ**—ସଂ. ବି (୫ମୀ ତତ୍; ଅବ୍ଜରୁ ଜାତ; ଶେଷଶାୟୀ ବିଷ୍ଣୁଙ୍କ ନାଭି-
Abjajāta କମଳରୁ ଉଠିଥିବା ପଦ୍ମରୁ ଏ ଜାତ ହୋଇଥିବାରୁ)
ବ୍ରହ୍ମା—A name of Brahmā the Creator.

**ଅବ୍ଜବାହନ**—ସଂ. ବି. ପୁଂ. (ବହୁବ୍ରୀହି; ଅବ୍ଜ = ଚନ୍ଦ୍ରଙ୍କୁ ବହନ କରନ୍ତି
Abjabāhana ଯେ )—ମହାଦେବ; ଶିବ—
A name of Śiba.

**ଅବ୍ଜବାହନା**—ସଂ. ବି. ସ୍ତ୍ରୀ (ଅବ୍ଜ = ପଦ୍ମକୁ ଧାରଣ କରନ୍ତି ଯେ)—
Abjabāhanā ଲକ୍ଷ୍ମୀ—A name of Lakshmī.

**ଅବ୍ଜଭବ**—ସଂ. ବି (ବହୁବ୍ରୀହି; ଅବ୍ଜ = ପଦ୍ମ + ଭବ = ଉତ୍ପତ୍ତିସ୍ଥାନ)—
Abjabhaba ଅବ୍ଜଜାତ (ଦେଖ)
Abjajāta (See)

**ଅବ୍ଜଯୋନି**—ସଂ. ବି ( ବହୁବ୍ରୀହି; ଅବ୍ଜ + ଯୋନି = ଉତ୍ପତ୍ତିସ୍ଥାନ )—
Abjajoni ଅବ୍ଜଜାତ (ଦେଖ)
Abjajāta (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'କଂଧ' ନ ପାଇଲେ 'କନ୍ଧ' ଦେଖିବେ; 'ଅଙ୍ଗଂଧା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅବ୍ଜହସ୍ତ**—ସଂ. ବଣ. ପୁଂ (ବହୁବ୍ରୀହି)—ହାତରେ ପଦ୍ମଫୁଲ ଧରିଥିବା—
Abjahasta Holding a lotus in the hand.
(ଅବ୍ଜହସ୍ତା—ସ୍ତ୍ରୀ) ସଂ. ବ. ପୁଂ ( ହାତରେ ପଦ୍ମ ଧରିଥିବାରୁ )—
ସୂର୍ଯ୍ୟ—A name of the sun.

**ଅବ୍ଜାକବ୍ଜା**—ଦେ. ବ—କଳ ବା ଯନ୍ତ୍ରର ଭିନ୍ନ ଭିନ୍ନ କ୍ଷୁଦ୍ର ଅଂଶମାନ—
Abjākabjā Different parts of a machine.
ଅବ୍‌ଜାକବ୍‌ଜା
କଲକବଜା

**ଅବ୍ଜିନୀ**—ସଂ. ବ. ( ଅବ୍ଜ+ଇନ୍+ଈ )—୧ । ପଦ୍ମିନୀ; ପଦ୍ମସମୂହ—
Abjini 1. A cluster of lotuses
୨ । ପଦ୍ମବନ—2 A group of lotuses growing together.
୩ । ପଦ୍ମଲତା—3. The lotus plant.

**ଅବ୍ଜିନୀପତି**—ସଂ. ବ. ( ୬ଷ୍ଠୀ ତତ୍; ଅବ୍ଜିନୀ+ପତି )—ସୂର୍ଯ୍ୟ—
Abjinipati The sun.

**ଅବ୍ଦ**—ସଂ. ବ. ( ଅବ୍ ଧାତୁ=ରକ୍ଷା କରିବା+ସଙ୍ଜ୍ଞାର୍ଥ. ଦ; ଚିଜଗତକୁ
Abda ଯେଉଁ ବିବାସକ୍ରମାତ୍ମକ କାଳ ରକ୍ଷା କରେ )—
୧ । ବର୍ଷ; ବତ୍ସର ( ସନ ତଳେ ନୋଟ ଦେଖ )—
1. Year.
୨ । ( ଅପ୍=ଜଳ+ଦା. ଧାତୁ=ଦାନ କରିବା+କର୍ତ୍ତୃ. ଅ; ଯାହା ଜଳଦାନ କରେ )—ମେଘ—2. Cloud.
୩ । ପର୍ବତବିଶେଷ—3. Name of a mountain.
୪ । ମୁଥା ( ଦେଖ )—4. Muthā (See)

**ଅବ୍ଦପର୍ଯ୍ୟାୟ**—ସଂ. ବ. ( ୬ଷ୍ଠୀ ତତ୍; ଅବ୍ଦ=ପର୍ଯ୍ୟାୟ )—
Abdaparjyāya ବର୍ଷମାନଙ୍କର ଧାରାବାହିକ କ୍ରମ—
Succession or course of years.

**ଅବ୍ଦଶତ**—ସଂ. ବ. ( ୬ଷ୍ଠୀ ତତ୍; ଅବ୍ଦ+ଶତ )—
Abdaśata ଶତାବ୍ଦୀ; ଏକଶତ ବର୍ଷ—Century.

**ଅବ୍ଦସାର**—ସଂ. ବ—ଏକପ୍ରକାର କର୍ପୂର—
Abdasāra A kind of camphor.

**ଅବ୍ଦିକ**—ସଂ. ବଣ. ( ଅବ୍ଦ+ସମ୍ବ. ଇକ )—
Abdika ୧ । ଅବ୍ଦ ବା ସନ ସମ୍ବନ୍ଧୀୟ—
1. Relating to years.
୨ । ବାର୍ଷିକ—2. Annual.

**ଅବ୍ଦୁର୍ଗ**—ସଂ ବ.(ମଧ୍ୟପଦଲୋପୀ;ଅପ୍=ଜଳ+ଦୁର୍ଗ )—ଜଳ ପରିବେଷ୍ଟିତ
Abdurga ଦୁର୍ଗ—A fortress surrounded by a moat or lake.

**ଅବ୍ଧି**—ସଂ. ବ. (ଅପ୍=ଜଳ+ଧା ଧାତୁ=ଧାରଣ କରିବା+କର୍ତ୍ତୃ. ଇ)—
Abdhi ୧ । ସମୁଦ୍ର—1. The ocean.
୨ । ଜଳଭାଣ୍ଡ—2. Receptacle of water.
୩ । ଜଳାଶୟ—3. A lake.
୪ । ( ସମୁଦ୍ର ସଂଖ୍ୟାରେ ସାତ ଗୋଟି ଥିବାରୁ )—
ସାତ ସଂଖ୍ୟାର ବାଚକ ଶବ୍ଦ—
4. A symbolical expression for the number 7.

**ଅବ୍ଧିକଫ**—ସଂ. ବ ( ୬ଷ୍ଠୀ ତତ୍; ଅବ୍ଧି+କଫ )—
Abdhikapha ଅବ୍ଧିଫେନ ( ଦେଖ )
Abdhiphena (See)

**ଅବ୍ଧିଜ**—ସଂ. ବଣ ( ଅବ୍ଧି+ଜନ ଧାତୁ+ଅ )—
Abdhija ୧ । ସମୁଦ୍ରରୁ ଜାତ—
( ଅବ୍ଧିଜା—ସ୍ତ୍ରୀ ) 1. Born of the ocean.
ସଂ. ବ—୧ । ଚନ୍ଦ୍ର—1. The moon.
୨ । ଶଙ୍ଖ—2. Conch.

**ଅବ୍ଧିଜା**—ସଂ. ବ. ସ୍ତ୍ରୀ ( ଅବ୍ଧି+ଜନ୍ ଧାତୁ+ଅ+ସ୍ତ୍ରୀ. ଆ )—
Abdhijā ୧ । ଲକ୍ଷ୍ମୀ—1. Goddess Lakshmi.
୨ । ମଦ; ମଦ୍ୟ—
2 Wine; spirituous liquor.
ସଂ. ବଣ. ସ୍ତ୍ରୀ ( ଅବ୍ଧିଜ+ଆ )—
୧ । ଅବ୍ଧିଜର ସ୍ତ୍ରୀଲିଙ୍ଗ—
1. Feminine of Abdhija.

**ଅବ୍ଧିଦ୍ୱୀପା**—ସଂ. ବଣ. ସ୍ତ୍ରୀ ( ଅବ୍ଧି+ଦ୍ୱୀପ+ଆ; ଅବ୍ଧି ମଧ୍ୟରେ
Abdhidwipā ଦ୍ୱୀପରୂପେ ପ୍ରତିଷ୍ଠିତ )—
୧ । ଚାରିଆଡ଼େ ସମୁଦ୍ର ବେଢ଼ିଥିବା—
1. Sea-girt; surrounded by the ocean.
ସଂ. ବ—ବସୁନ୍ଧରା; ପୃଥିବୀ—The earth.

**ଅବ୍ଧିନଗରୀ**—ସଂ. ବ. ( ମଧ୍ୟପଦଲୋପୀ; ଅବ୍ଧି+ନଗରୀ )—
Abdhinagari ୧ । ଶ୍ରୀକୃଷ୍ଣଙ୍କ ରାଜଧାନୀ ଦ୍ୱାରକା—
1. The town of Dwārakā

**ଅବ୍ଧିନବନୀତକ**—ସଂ. ବ ( ଅବ୍ଧି+ନବନୀତ+କ )—
Abdhinabanitaka ଚନ୍ଦ୍ର—The moon.

**ଅବ୍ଧିଫେନ**—ସଂ. ବ ( ୬ଷ୍ଠୀ ତତ୍ )—୧ । ସମୁଦ୍ର ଫେଣ—
Abdhiphena 1. The foam of the sea.
୨ । ଏକପ୍ରକାର ସାମୁଦ୍ରିକ ଜୀବର ହାଡ଼ ( ଏହା ପାଲିସ କରିବାରେ ବ୍ୟବହୃତ ହୁଏ )—
2. The bone of cuttle-fish.

**ଅବ୍ଧିମଣ୍ଡୁକୀ**—ସଂ. ବ. ( ୬ଷ୍ଠୀ ତତ୍; ଅବ୍ଧି+ମଣ୍ଡୁକୀ )—
Abdhimanḍuki ଶୁକ୍ତି; ଯେଉଁ ଶାମୁକାରୁ ମୁକ୍ତା ବାହାରେ—
The pearl-oyster.

**ଅବ୍ଧିଶୟନ**—ସଂ. ବ. ପୁଂ. ( ବହୁବ୍ରୀହି; ଅବ୍ଧି+ଶୟନ; ଏ ପ୍ରଳୟ-
Abdhiśayana କାଳରେ ସମୁଦ୍ରରେ ଶୟନ କରନ୍ତି )—
ବିଷ୍ଣୁ—A name of Bishṇu.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଌ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇପ୍ର | ଉଅ | ଘ |
| ୨ | ଈ | ଊ | ଋୁ | ଳୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଖ୍ୟ | ଇଅ | ଓ୍ୱ | ହ୍ମ |

ଅବ୍ଧିଷାର—ସଂ. ବି. ( ୬ଷ୍ଠୀ ତତ୍; ଅବ୍ଧି+ସାର) —ରତ୍ନ—A gem.
Abdhisāra

ଅବ୍ଧୂତ—ଗ୍ରା. ( ପ୍ରାଚୀନ ପଦ୍ୟ ) ବି.—ଅବଧୂତ ( ଦେଖ )
Abdhūta Abadhūta ( See )

ଅବ୍ଧୂତ ଶିରେ କର ଦେଇ, ଶ୍ରୀମନ୍ତ ଅନାଇଁ ବୋଇଲ ।
ପ୍ରାଚୀ—ନର୍ଗୁଣମାହାତ୍ମ୍ୟ ।

ଅବ୍ଭିକା—ପ୍ରାଦେ. ( କଟକ ) ଅ.—ଅବ୍ଭି ( ଦେଖ )
Abbikā Abbhi ( See )

ଅବ୍ଭକ୍ଷ—ସଂ. ବିଣ. ପୁଂ. ( ଅପ୍=ଜଳ+ଭକ୍ଷ ଧାତୁ+ଅ)—
Abbhaksha ଯେ ଜଳମାତ୍ର ଖାଇ ବଞ୍ଚେ—
(ଅବ୍ଭକ୍ଷା—ସ୍ତ୍ରୀ) Living upon water.

ଅବ୍ଭି—ପ୍ରାଦେ. (କଟକ) ଅ. (ଆ. ଅବ୍ଭି)—୧ । ବର୍ତ୍ତମାନ—
Abbhi 1. Now.
ଏଖୁନି ୨ । ଏହିକ୍ଷଣରେ—2. At present; just now.
অব্ ভি ୩ । ଏହି ସମୟ ପର୍ଯ୍ୟନ୍ତ—3. Yet; still; as yet.

ଅବ୍ଭିକା—ପ୍ରାଦେ. (କଟକ) ଅ.—ଅବ୍ଭି (ଦେଖ)
Abbhikā Abbhi (See)

ଅବ୍ଭ୍ର—ସଂ. ବି. ( ଅପ୍+ଭ୍ର ଧାତୁ+ଅ )—୧ । ଅଭ୍ର; ମେଘଜାଲ—
Abbhra 1 Mica.
୨ । ମେଘ—2. Cloud.

ଅବ୍ୟ—ସଂ. ବିଣ. ( ଅବି=ମେଣ୍ଢା+ଯ )—ମେଣ୍ଢାସମ୍ବନ୍ଧୀୟ—
Abya Relating to sheep.
ঘেন্না ଗ୍ରା. ବି. ( ଆ. ଅୟୁବ୍ )—ଘୃଣା—
অযব্ Disgust; aversion.

ଅବ୍ୟଏ—ଗ୍ରା. ବି—ଅବ୍ୟ; ଘୃଣା—Aversion; disgust.
Abyae

ଅବ୍ୟକତ—ଗ୍ରା. ପଦ୍ୟ. ବିଣ. ( ସ. ଅବ୍ୟକ୍ତ ) —
Abyakata ଅବ୍ୟକ୍ତ ( ଦେଖ )
অব্যকত Abyakta ( See )
অব্যকত ଅବ୍ୟକତ ହୋଇ ଯେତେ ଦ୍ରବ୍ୟ ଛନ୍ତି
ତହିଁରୁ ପୃଥକ ସେ ଦେବେ ବର୍ତ୍ତିଛନ୍ତି । କୃଷ୍ଣସିଂ. ମହାଭାରତ. ଅବ ।

ଅବ୍ୟକବ୍ୟ—ଦେ. ବି—୧ । ଅବୁକାବୁ; ଶକ୍ତି; କ୍ଷମତା; ପରାକ୍ରମ—
Abyakabya 1. Power; might.
উঁচু করিবার উপায় ୨ । ଇତସ୍ତତଃ ଚଳିବାର ଶକ୍ତି—
কাবু 2. Power of movement.

ଅବ୍ୟକ୍ତ—ସଂ. ବିଣ. ( ଅ+ବ୍ୟକ୍ତ )—୧ । ଅପ୍ରକାଶିତ—
Abyakta 1. Not manifest.
(ଅବ୍ୟକ୍ତା—ସ୍ତ୍ରୀ) ୨ । ଅଦୃଶ୍ୟ—2. Invisible.
୩ । ଅସ୍ପଷ୍ଟ; ଅସ୍ପଷ୍ଟ—3 Indistinct.
୪ । ଯାହା ସ୍ପଷ୍ଟରୂପେ ଉଚ୍ଚାରିତ ନୁହେ—
4. Inarticulate.
୫ । ଯାହା ଇନ୍ଦ୍ରିୟଦ୍ୱାରା ବୋଧଗମ୍ୟ ନୁହେ—
5. Imperceptible; inscrutable.
୬ । ସ୍ଥିରୀକୃତ ହୋଇ ନ ଥିବା; ଅନିଶ୍ଚିତ—
6. Undetermined; unsettled.
୭ । ପ୍ରଚ୍ଛନ୍ନ; ଗୁପ୍ତ; ବାହାରେ ଦେଖାଯାଉ ନ ଥିବା—
7. Latent; mysterious; concealed.
୮ । ( ବୀଜଗଣିତ ) ଅଜ୍ଞାତ ( ରାଶି ବା ପରିମାଣ )—
8. ( algebra ) Unknown ( number or quantity ).
ସଂ. ବି—୧ । ବିଷ୍ଣୁ—1. An epithet of Bishnu
୨ । ଶିବ—2. An epithet of Siba.
୩ । ପରବ୍ରହ୍ମ; ପରମାତ୍ମା—3. The Supreme Spirit.
୪ । ଆତ୍ମା—4. The soul.
୫ । କାମ; କନ୍ଦର୍ପ—5. An epithet of Cupid.
୬ । ନିର୍ବୋଧ ବ୍ୟକ୍ତି—6 A fool.
୭ । ( ବେଦାନ୍ତ ) ସୁଷୁପ୍ତି ଅବସ୍ଥା—
7. (Bedānta) The state of sleep.
୮ । ( ଦର୍ଶନ ) ସୂକ୍ଷ୍ମ ଶରୀର—
8. ( philosophy ) The subtle body.
୯ । ( ସାଂଖ୍ୟ ) ସର୍ବକାରଣ; ପ୍ରକୃତି—
9. ( Sānkhya philosophy ) Nature; the primordeal element or productive principle from which all the phenomena of the world are developed.

ଅବ୍ୟକ୍ତ କ୍ରିୟା—ସଂ. ବି. ( କର୍ମଧା; ଅବ୍ୟକ୍ତ+କ୍ରିୟା )—
Abyakta kriyā ବୀଜଗଣିତସମ୍ବନ୍ଧୀୟ ଗଣନା—
Algebrical calculation ( M.W. )

ଅବ୍ୟକ୍ତଗଣିତ—ସଂ. ବି. ( କର୍ମଧା )—ବୀଜଗଣିତ—
Abyakta ganita Algebra.

ଅବ୍ୟକ୍ତପଦ—ସଂ. ବିଣ. ( ବହୁବ୍ରୀହି; ଅବ୍ୟକ୍ତ+ପଦ )—
Abyaktapada ଯାହା ବାହାରକୁ ଶୁଣାଯାଏ ନାହିଁ; ଯାହା ଧ୍ୱନି ରୂପେ ପ୍ରକାଶିତ ହୁଏ ନାହିଁ—
Inarticulate ( M. W. )

ଅବ୍ୟକ୍ତପୁଷ୍ପକ—ସଂ. ବିଣ. ( ଉଦ୍ଭିଜ୍ଜପରିଭାଷା; ବହୁବ୍ରୀହି; ଅବ୍ୟକ୍ତ+
Abyakta pushpaka ପୁଷ୍ପ+କ )—ଯେଉଁ ଗଛରେ ଫୁଲ ଫୁଟିବାର ଦେଖାଯାଏ ନାହିଁ—
( ଯଥା—ଡିମ୍ବିରି; ବର; ଅଶ୍ୱତ୍ଥ ).
Cryptogamous ( trees )
ସଂ. ବି - ପରବ୍ରହ୍ମ—The Supreme Spirit.

ଅବ୍ୟକ୍ତବର୍ତ୍ମା—ସଂ. ବିଣ. ପୁଂ. ଓ ସ୍ତ୍ରୀ. ( ବହୁବ୍ରୀହି; ଅବ୍ୟକ୍ତ+
Abyaktabarttmā ବର୍ତ୍ମନ୍ ୧ମା. ୧ବ. )—
ଯାହାର ମାର୍ଗ ବା ଗତି ପ୍ରଚ୍ଛନ୍ନ ଅଟେ—

ସାଧାରଣ ଯେତେବେଳେ ଅପର ପୃଷ୍ଠାରେ ସୂଚିତ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରାଯାଇ ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧ' ନ ପାଇଲେ 'ବଦ୍ଧ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗଳା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

Whose ways or movements are inscrutable or mysterious.

**ଅବ୍ୟକ୍ତରାଗ**—ସଂ. ବି. (କର୍ମଧା; ଅବ୍ୟକ୍ତ + ରାଗ)—୧ । ଅରୁଣବର୍ଣ୍ଣ—
Abyaktarāga 1. Dark-red colour (the colour of the dawn)
୨ । (ବହୁବ୍ରୀହି) ସନ୍ନ୍ୟାସୀ—2. An ascetic.
୩ । ଋଷି—3. A sage.
ସଂ. ବିଣ—୧ । ଅରୁଣବର୍ଣ୍ଣବିଶିଷ୍ଟ—1. Dark-red.
(ଅବ୍ୟକ୍ତରାଗା—ସ୍ତ୍ରୀ) ୨ । ପୁଂ—ଯାହାର ହୃଦ୍ଗତଭାବ ବାହାରେ ପ୍ରକାଶିତ ହୁଏ ନାହିଁ—2. One whose mental passions are not manifest.

**ଅବ୍ୟକ୍ତରାଶି**—ସଂ. ବି. (ବୀଜଗଣିତପରିଭାଷା)—ଅଜ୍ଞାତରାଶି; ଯେଉଁ
Abyaktarāsi ରାଶି ସଂଖ୍ୟାଦ୍ୱାରା ଅବ୍ୟକ୍ତ—
(Algebra) An unknown number.

**ଅବ୍ୟକ୍ତଲକ୍ଷଣ**—ସଂ. ବି. ପୁଂ. (ବହୁବ୍ରୀହି; ଅବ୍ୟକ୍ତ + ଲକ୍ଷଣ; ଯାହାଙ୍କ
Abyaktalakshana ଲକ୍ଷଣମାନ ଅବ୍ୟକ୍ତ)—
ମହାଦେବ; ଶିବ—An epithet of Śiba.

**ଅବ୍ୟକ୍ତଶକ୍ତି**—ସଂ. ବି. ବିଜ୍ଞାନପରିଭାଷା (କର୍ମଧା; ଅବ୍ୟକ୍ତ + ଶକ୍ତି)—
Abyaktaśakti ଜଡ଼ ବା ଜୀବରେ ଯେଉଁ ଶକ୍ତି ପ୍ରଚ୍ଛନ୍ନ ହୋଇ ରହିଥାଏ ଏବଂ ଯାହା ସୁଯୋଗ ବା ଅନୁକୂଳ ଅବସ୍ଥା ପାଇଲେ ପ୍ରକାଶିତ ହୁଏ—
(Physics) Potential or latent energy.

**ଅବ୍ୟକ୍ତଶିରସ୍କ**—ସଂ. ବିଣ—(ବିଜ୍ଞାନପରିଭାଷା; ବହୁବ୍ରୀହି; ଅବ୍ୟକ୍ତ+ଶିରସ୍
Abyaktaśiraska +କ)—ଯେଉଁ ଜୀବମାନଙ୍କର ମୁଣ୍ଡ ସ୍ପଷ୍ଟରୂପେ ବାରି ହୁଏ ନାହିଁ (ଯଥା ଶାମୁକା)—
(science) Acephala.

**ଅବ୍ୟକ୍ତଶୀର୍ଷ**—ସଂ. ବିଣ (ବହୁବ୍ରୀହି; ଅବ୍ୟକ୍ତ+ଶୀର୍ଷ)—
Abyaktaśirsha ଅବ୍ୟକ୍ତଶିରସ୍କ (ଦେଖ)
Abyaktaśiraska (See)

**ଅବ୍ୟକ୍ତସାମ୍ୟ**—ସଂ.ବି.(ବୀଜଗଣିତପରିଭାଷା; କର୍ମଧା. ଅବ୍ୟକ୍ତ+ସାମ୍ୟ)—
Abyaktasāmya ଅବ୍ୟକ୍ତ ରାଶିମାନଙ୍କର ସମୀକରଣ—
(Algebra) Equation of unknown quantities.

**ଅବ୍ୟକ୍ତାନୁକରଣ**—ସଂ.ବି.(୬ଷ୍ଠୀ ତତ୍; ଅବ୍ୟକ୍ତ + ଅନୁକରଣ)—ଅବ୍ୟକ୍ତ
Abyaktānukarana ଧ୍ୱନି (ଯଥା—ପଶୁ ପକ୍ଷୀ ଆଦିଙ୍କ ରବ)ର ଅନୁକରଣ—The imitating of inarticulated sound (M.W.)

**ଅବ୍ୟଗତ**—ଗ୍ରା. ଓ ପ୍ରାଚୀନ ପଦ୍ୟ. ବିଣ (ସଂ ଅବ୍ୟକ୍ତ)—
Abyagata ଅବ୍ୟକ୍ତ (ଦେଖ)
Abyakta (See)

ଅରୂପ ଅବ୍ୟଗତ ରୂପ ନାହିଁ, ଅରୂପାନନ୍ଦ ଅଚ୍ୟୁତ ଗୋସାଇଁ—
ଚାରି—ପରଦେଶୀଆ ।

**ଅବ୍ୟଗ୍ର**—ସଂ. ବିଣ. ପୁଂ (ଅ + ବ୍ୟଗ୍ର)—୧ । ଅନୁଦ୍ୱିଗ୍ନ—
Abyagra 1. Not agitated; undisturbed; unruffled.
(ଅବ୍ୟଗ୍ରା—ସ୍ତ୍ରୀ)
(ଅବ୍ୟଗ୍ରତା—ବି) ୨ । ଯେ ହତଭମ୍ବ ହୁଏ ନାହିଁ—
2. Unconfused.
୩ । କାର୍ଯ୍ୟରେ ଅନିଯୁକ୍ତ; ବେକାର—3. Not engaged or occupied with business.
୪ । ସ୍ଥିର; ପ୍ରଶାନ୍ତ—4. Calm; cool; steady.
୫ । ଅବିପନ୍ନ—5. Not in danger (M. W.)
୬ । ସୁବିବେଚକ; ଯେ ଆଗ ପଛ ବୁଝି ସ୍ଥିରରେ କାମ କରେ—
6 Deliberate (M. W.)

**ଅବ୍ୟଙ୍ଗ**—ସଂ. ବିଣ (ଅ+ବ୍ୟଙ୍ଗ)—୧ । ଯାହା ଅବିକଳାଙ୍ଗ (ଅଙ୍ଗହୀନ
Abyanga ବା ଖଣ୍ଡିଆ ନୁହେ)—1. Not mutilated or defective.
(ଅବ୍ୟଙ୍ଗା—ସ୍ତ୍ରୀ)
(ଅବ୍ୟଙ୍ଗତା—ବି) ୨ । ପୂର୍ଣ୍ଣାଙ୍ଗ—2. Perfect.
୩ । ସୁନିର୍ମିତ—3. Well-made.
୪ । ଅନବଦ୍ୟ—4 Faultless.
୫ । ବ୍ୟକ୍ତ (ଅର୍ଥ); ଯାହା ଲକ୍ଷଣାଯୁକ୍ତ ନୁହେ—
5. Plain (meaning); not figurative.
ସଂ. ବି—ମଗ ପୁରୋହିତଙ୍କ ମେଖଳା—The girdle of the Maga priests (M. W.)

**ଅବ୍ୟଙ୍ଗା**—ସଂ. ବିଣ. ସ୍ତ୍ରୀ (ଅବ୍ୟଙ୍ଗ+ଆ)—ଅବ୍ୟଙ୍ଗର ସ୍ତ୍ରୀଲିଙ୍ଗ—
Abyangā Feminine of Abyanga.
ସଂ. ବି. ସ୍ତ୍ରୀ—ଅବ୍ୟଣ୍ଡା; ବାଇଡଙ୍କ—Cowhage (plant) Carpopogon pruriens.

**ଅବ୍ୟଙ୍ଗାଙ୍ଗ**—ସଂ.ବିଣ.ପୁଂ.(ବହୁବ୍ରୀହି; ଅବ + ଅଙ୍ଗ + ଅଙ୍ଗ)—
Abyangānga ୧ । ଅବିକଳାଙ୍ଗ—
(ଅବ୍ୟଙ୍ଗାଙ୍ଗୀ—ସ୍ତ୍ରୀ) 1. Not deformed or mutilated.
୨ । ପୂର୍ଣ୍ଣାଙ୍ଗ; ସମ୍ପୂର୍ଣ୍ଣ—2. Perfect; entire.

ଅବ୍ୟଙ୍ଗାଙ୍ଗୀ, ସୌମ୍ୟନାମ୍ନୀ, ହଂସବାରଣଗାମିନୀ, ତନଲୋମ ଦଶନା ଓ ମୃଦ୍ୱଙ୍ଗୀ ସ୍ତ୍ରୀକୁ ବିବାହ କରିବ । ସମଶଙ୍କର—ମନୁ । ୩ । ୧୦ ।

**ଅବ୍ୟଞ୍ଜନ**—ସଂ.ବିଣ. ପୁଂ (ବହୁବ୍ରୀହି;ଅ+ବ୍ୟଞ୍ଜନ=ଲିଙ୍ଗ ବା ଯୌବନ-
Abyanjana ଜ୍ଞାପକ ଚିହ୍ନ)—୧ । ଯେଉଁ ବ୍ୟକ୍ତି ବା ପ୍ରାଣୀର ଲିଙ୍ଗ
(ଅବ୍ୟଞ୍ଜନା—ସ୍ତ୍ରୀ) ବା ଯୌବନଜ୍ଞାପକ ଚିହ୍ନ ନାହିଁ; ହେଣ୍ଡେଡ଼ା;
(ଅବ୍ୟଞ୍ଜନତା—ବି) ମାଖୁନା—1. (person or animal)
Having no characterestic marks of sex; without the; marks of puberty.
(ଯଥା—ହେଣ୍ଡେଡ଼ା ମନୁଷ୍ୟ; ହେଣ୍ଡେଡ଼ୀ ସ୍ତ୍ରୀ; ଅପୁଷୀ ସ୍ତ୍ରୀ; ମାଖୁନା ମନୁଷ୍ୟ; ମାଖୁନା ହାତୀ)—
୨ । ଅବ୍ୟକ୍ତ—2. Indistinct.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଙ୍ଗ | ଜ | ଶ,ଷ | କ୍ଷ | ଇସ୍ତ | ତ୍ଥ | ଛ |
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଗ୍ୟ | ଯ | ସ | ଗଁ୍ୟ | ଇଅ | ● | ନ୍ତ |

୩ । ବ୍ୟଞ୍ଜନବର୍ଣ୍ଣରହିତ (ଶବ୍ଦ;ଧ୍ୱନି)—
3 Without consonants.

୪ । ବ୍ୟଞ୍ଜନାର୍ଥରହିତ—4. Not figurative; plain (in meaning)

୫ । ଉତ୍ତମ ଚିହ୍ନରହିତ—5. Having no good marks.

ସଂ. ବି.—ଯେଉଁ ଶୃଙ୍ଗୀ ଜୀବର ଶୃଙ୍ଗ ଉଠିବାର ବୟସ ହୋଇ ଥିଲେହେଁ ଶିଙ୍ଗ ଉଠି ନାହିଁ—
An animal without horns (though of age to have them) (M.. W.)

**ଅବ୍ୟଣ୍ଡା**—ସଂ. ବି. ସ୍ତ୍ରୀ. (ଅ+ବି+ଅଣ୍ଡ+ଆ —୧ । ବାଇଡଙ୍କ—
Abyaṇḍā 1. Cowitch; cowhage; Carpopogon pruriens (plant)
୨ । ଯବଧାନ ଶିଂଷାର କୁଣ୍ଡି—2. A legume or pod of the awn of barley. (Apte)

**ଅବ୍ୟତିକୀର୍ଣ୍ଣ**—ସଂ. ବିଣ.—୧ । ଅମିଶ୍ରିତ—1. Unmixed,
Abyatikīrṇṇa ୨ । ପୃଥକ୍—2. Separate; distinct (M W.)

**ଅବ୍ୟଥ**—ସଂ. ବିଣ.।ପୁଂ. (ବହୁବ୍ରୀହି; ଅ+ବ୍ୟଥା)—୧ । ବ୍ୟଥାରହିତ- 1. Painless.
Abyatha
(ଅବ୍ୟଥା—ସ୍ତ୍ରୀ) ୨ । ବ୍ୟଥିତ ହେଉ ନ ଥିବା—
(ଅବ୍ୟଥତ୍ୱ—ବି) 2. Untroubled.
୩ । ଯାହା ବ୍ୟଥା ଦିଏ ନାହିଁ—
3 Not inflicting pain.
୪ । ନିର୍ଭୟ; ନିଡର—4. Intrepid.
୫ । ପରପୀଡ଼ାବିମୁଖ; ସକରୁଣ; ସଦୟ—
5. Kind; merciful; not oppressive.
ସଂ. ବି—ସର୍ପ—Serpent

**ଅବ୍ୟଥା**—ସଂ. ବିଣ. ସ୍ତ୍ରୀ. ( ଅବ୍ୟଥ+ଆ )—ଅବ୍ୟଥର ସ୍ତ୍ରୀ ଲିଙ୍ଗ—
Abyathā Feminine of Abyatha.
ସଂ. ବି.—୧ । ଶୁଣ୍ଠି—1. Dry ginger
୨ । ହରିତକୀ; ହରିଡ଼ା—2. Myrobalan.
୩ । ସ୍ଥଳପଥ—3. Land route; passage over land.
୪ । (ଅ+ବ୍ୟଥା) ବ୍ୟଥା ବା ଦୁଃଖର ଅଭାବ—
4. Want of pain.
୫ । (ବୈଦିକ) କମ୍ପର ଅଭାବ; ଦୃଢ଼ତା—
5. Absence of tremour; firmness.
୬ । ଗୁଳ୍ମବିଶେଷ—6. The plant Hibiscus. Mutabilis ( M. W. )
୭ । ଗୁଳ୍ମବିଶେଷ—7. The plant Terminalia Citrina Roxb ( M.W. )

**ଅବ୍ୟଥିଷ**—ସଂ. ବି. ( ଅ+ବ୍ୟଥ ଧାତୁ+ଇଷ )—
Abyathisha ୧ । ସୂର୍ଯ୍ୟ—1. The sun (Apte)
୨ । ସମୁଦ୍ର—2. The ocean (Apte)

**ଅବ୍ୟଥିଷୀ**—ସଂ. ବି. ସ୍ତ୍ରୀ. ( ଅବ୍ୟଥିଷ+ଈ )—
Abyathishī ୧ । ପୃଥିବୀ—1. The earth.
୨ । ରାତ୍ରି—2. Night.
୩ । ଅର୍ଦ୍ଧରାତ୍ର—3. Midnight (Apte)

**ଅବ୍ୟଥୀ**—ସଂ. ବିଣ. ପୁଂ (ଅ+ବ୍ୟଥା+ଇନ୍. ୧ମା. ୧ବ.)—
Abyathī ୧ । ବ୍ୟଥା ଭୋଗ କରୁ ନ ଥିବା—
(ଅବ୍ୟଥିନୀ—ସ୍ତ୍ରୀ) 1. Not ailing.
୨ । ନିର୍ଭୀକ; ନିଡର—2. Undaunted; fearless.
୩ । ଯେ ଅନ୍ୟକୁ ବ୍ୟଥା ନ ଦିଏ—
3. Not inflcting pain.

**ଅବ୍ୟଥ୍ୟ**—ସଂ. ବିଣ. ପୁଂ. ( ଅ+ବ୍ୟଥ ଧାତୁ+ଯ )—
Abyathya ୧ । ବ୍ୟଥାଶୂନ୍ୟ—1. Free from pain.
(ଅବ୍ୟଥ୍ୟା—ସ୍ତ୍ରୀ) ୨ । ଯେ ଅନ୍ୟକୁ ବ୍ୟଥା ନ ଦିଏ—
2. Not inflicting pain.

**ଅବ୍ୟପେକ୍ଷା**—ସଂ. ବି. ( ଅ+ବି+ଅପେକ୍ଷା )—ବେଖାତିର—
Abyapekshā Carelessness (Apte)

**ଅବ୍ୟପେତ**—ସଂ. ବିଣ. ( ଅ+ବି+ଅପେତ )—
Abyapeta ୧ । ଅଭିନ୍ନ; ଅବିଚ୍ଛିନ୍ନ—1. Not separated.
୨ । ସଂଲଗ୍ନ—2. Contiguous (M. W. )

**ଅବ୍ୟବଧାନ**—ସଂ. ବିଣ. (ବହୁବ୍ରୀହି; ଅ+ବ୍ୟବଧାନ)—
Abyabadhāna ୧ । ଯାହା ମଧ୍ୟରେ କୌଣସି ବ୍ୟବଧାନ ବା
(ଅବ୍ୟବଧାନତା—ବି) ଅନ୍ତର ନ ଥାଏ—1. Without any
(ଅବ୍ୟବହିତ—ବିଣ) intervening object.
୨ । ଲାଗିଥିବା—2. Contiguous, adjoining.
୩ । ପ୍ରକାଶ୍ୟ; ଖୋଲା—3. Open; not concealed or screened.
୪ । ଅନାବୃତ—4. Uncovered; bare.
୫ । ମନୋଯୋଗରହିତ—5. Inattentive.
ସଂ. ବି—୧ । ଅମନୋଯୋଗ—1. Carelessness.
୨ । ଦୁଇ ବସ୍ତୁ ମଧ୍ୟରେ ଫାଙ୍କ ନ ଥିବା—
2 Absence of intervening space.

**ଅବ୍ୟବସାୟ**—ସଂ. ବି. ( ଅ+ବ୍ୟବସାୟ )—
Abyabasāya ୧ । ନୀଚ ବା ମନ୍ଦ ବ୍ୟବସାୟ—
1. Mean occupation.
୨ । ବ୍ୟବସାୟର ଅଭାବ—2 Want of employment
୩ । ଅପରିଶୀଳନ—3. Want of discussion.
୪ । ଅନୁଶୀଳନ—4. Want of exercise.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବର୍ଦ୍ଧ' ନ ପାଇଲେ 'ବର୍ଦ୍ଧ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲ୍ପବତ' ନ ପାଇଲେ 'ଅଲ୍ପବୃତ' ଦେଖିବେ ।

୫ । ଉଦ୍ଯୋଗର ଅଭାବ—5. Want of effort.

**ଅବ୍ୟବସାୟୀ**—ଦେ. ବିଣ—ବ୍ୟବସାୟ ବା ବେପାରରେ ଅନଭିଜ୍ଞ—
Abyabasāyi Ignorant of business or trade.
(ଅବ୍ୟବସାୟିନୀ—ସ୍ତ୍ରୀ) ସଂ. ବିଣ. ( ଅବ୍ୟବସାୟିନ୍ ୧ମା. ୧ବ. )—
୧ । ସୁସ୍ତି—1. Inactive.
୨ । ହେଳାବସ୍ତ ( ଲୋକ )—2. Negligent.

**ଅବ୍ୟବସ୍ଥ**— ସଂ. ବିଣ. ( ବହୁବ୍ରୀହି; ଅ + ବ୍ୟବସ୍ଥା )—
Abyabastha ୧ । ବିଶୃଙ୍ଖଳ—1. Unmethodical.
(ଅବ୍ୟବସ୍ଥା—ସ୍ତ୍ରୀ) ୨ । ଯାହାର କାର୍ଯ୍ୟରେ ବ୍ୟବସ୍ଥା ବା ଶୃଙ୍ଖଳା ନାହିଁ—2. Having no system in work.
୩ । ଅନିଶ୍ଚିତ—3. Unsettled.
୪ । ଅସ୍ଥିର; ଚଞ୍ଚଳ—4. Not fixed; fickle; unstable.
୫ । ଅନିୟମିତ—5. Disorderly; undisciplined; irregular.

**ଅବ୍ୟବସ୍ଥା**—ସଂ. ବି. ( ଅ + ବ୍ୟବସ୍ଥା )—
Abyabasthā ୧ । ବ୍ୟବସ୍ଥାର ଅଭାବ—
1. Want of system or method.
୨ । ଅନିୟମ—2. Irregularity.
୩ । ଆଇନ ସମ୍ବନ୍ଧେ ଦିଆ ଯିବା ଭ୍ରାନ୍ତ ମତ—
3. Incorrect legal opinion.
ଦେ. ବି— ଆଇନ ବିରୁଦ୍ଧ କାର୍ଯ୍ୟ—Illegal action.
ରଜା ସଙ୍ଗେ ବୃଷ୍ଣିମାନଙ୍କ ଅବ୍ୟବସ୍ଥା । କୃଷ୍ଣସିଂହ. ମହାଭାରତ. ଉଦ୍ଯୋଗ ।

**ଅବ୍ୟବସ୍ଥିତ**—ସଂ. ବିଣ. ( ଅ+ବ୍ୟବସ୍ଥିତ )—
Abyabasthita ୧ । ଅବ୍ୟବସ୍ଥ ( ଦେଖ )
1. Abyabastha ( See )
୨ । ବ୍ୟବସ୍ଥା ବା ରୀତିବିରୁଦ୍ଧ—
2. Not conformable to law or practice.
ସଂ. ବି. (କର୍ମଧା)—ଅସ୍ଥିରମତି—
Fickle or unstable mind.

**ଅବ୍ୟବସ୍ଥିତଚିତ୍ତ**—ସଂ. ବିଣ. ପୁଂ. (ବହୁବ୍ରୀହି; ଅବ୍ୟବସ୍ଥିତ + ଚିତ୍ତ)—
Abyabasthitachitta ଅସ୍ଥିରଚିତ୍ତ; ଯାହାର ମନ ଚଞ୍ଚଳ—
(ଅବ୍ୟବସ୍ଥିତଚିତ୍ତା—ସ୍ତ୍ରୀ) Fickle-minded; of unsettled mind

**ଅବ୍ୟବସ୍ଥିତଚେତା**—ସଂ. ବିଣ, ପୁଂ. ଓ ସ୍ତ୍ରୀ ( ବହୁବ୍ରୀହି; ଅବ୍ୟବସ୍ଥିତ +
Abyabasthitachetā ଚେତସ୍; ୧ମା. ୧ବ )—ଅସ୍ଥିରମତି; ଯାହାର ମନ ଚଞ୍ଚଳ—Fickle minded.

**ଅବ୍ୟବହାର୍ଯ୍ୟ**—ସଂ. ବିଣ. ( ଅ + ବି + ଅବ + ହୃ ଧାତୁ+କର୍ମ. ଯ )—
Abyabahāya ୧ । ସମାଜଚ୍ୟୁତ; ଜାତିଭାଇଙ୍କ ସଙ୍ଗେ ଏକ ପଙ୍କ୍ତିରେ ଖାଇ ନ ପାରିବା ( ବ୍ୟକ୍ତି )—
1. Excommunicated, not entitled to dine with people of the same community.
୨ । ମକଦ୍ଦମାରେ ଦାବୀର ଅନ୍ତର୍ଭୁକ୍ତ ହେବାର ଅଯୋଗ୍ୟ—
2. Not fit to be included in the claim of a case.

**ଅବ୍ୟବହାର**—ସଂ. ବି. (ଅ + ବ୍ୟବହାର)—୧ । ବ୍ୟବହାରର ଅଭାବ—
Abyabahāra 1. Want of use; nonuser.
( ଅବ୍ୟବହୃତ—ବିଣ ) ୨ । ପ୍ରଥା ବା ରୀତିର ଅଭାବ—
2. Want of rule or custom.
୩ । ଆଇନବିରୁଦ୍ଧ କାର୍ଯ୍ୟ—3. Illegal act.
୪ । ମନ୍ଦ ପ୍ରଥା—4. Evil custom.

**ଅବ୍ୟବହାର୍ଯ୍ୟ**—ସଂ. ବିଣ. ( ଅ + ବ୍ୟବହାର୍ଯ୍ୟ )—
Abyabahārjya ୧ । ବ୍ୟବହୃତ ହେବାର ଅଯୋଗ୍ୟ—
1. Unfit for use.
୨ । ଅକର୍ମଣ୍ୟ; ବେକାମିକା—2. Useless.

**ଅବ୍ୟବହିତ**—ସଂ. ବିଣ. ( ଅ + ବ୍ୟବହିତ )—୧ । ବ୍ୟବଧାନରହିତ—
Abyabahita 1. Without any space between.
୨ । ସନ୍ନିହିତ—2. Adjoining; adjacent.
୩ । ସଂଲଗ୍ନ; ଲାଗିଥିବା—3. Contiguous.
୪ । ଅତି ନିକଟବର୍ତ୍ତୀ ( ସ୍ଥାନ ବା ସମୟ )—
4. Immediate.

**ଅବ୍ୟବହିତପରେ**—ଦେ. କ୍ରି. ବିଣ. ( ସଂ. ଅବ୍ୟବହିତ+ପର )—
Abyabahitapare ୧ । ଠିକ୍ ପରକ୍ଷଣରେ—
অব্যবহিতপরে 1. Immediately after; just after.
**पीछेपीछे** ୨ । ତତ୍ପରେ—2. Next after.
୩ । ( ତାହାର ) ଠିକ୍ ପରବର୍ତ୍ତୀ ସ୍ଥାନରେ—
3. Next to (a place).
୪ । ଲାଗିକରି—4. Contiguously.

**ଅବ୍ୟବହୃତ**—ସଂ. ବିଣ ( ଅ+ବ୍ୟବହୃତ )—
Abyabahṛuta ୧ । ବ୍ୟବହାର କରାଯାଇ ନ ଥିବା; ବ୍ୟବହାରରେ ଲଗାଯାଇ ନ ଥିବା—1. Not used.
୨ । ଅପ୍ରଚଳିତ—2. Not current.
୩ । ଅନୁପଭୁକ୍ତ—3. Unenjoyed.

**ଅବ୍ୟଭିଚାର**—ସଂ. ବି. (ଅ + ବ୍ୟଭିଚାର )—୧ । ବ୍ୟଭିଚାରର ଅଭାବ—
Abyabhichāra 1 Absence of adultery.
୨ । ଅବାଧ; ଅନାୟାସ—
2. Absence of impediment; ease.
୩ । ନିଜର ସ୍ୱାମୀ ବା ସ୍ତ୍ରୀ ପ୍ରତି ଏକାନ୍ତ ଆସକ୍ତି—
3. Constancy; fidelity; conjugal fidelity.
ମରଣ ପର୍ଯ୍ୟନ୍ତ ଅନ୍ୟୋନ୍ୟର ଅବ୍ୟଭିଚାର ସ୍ତ୍ରୀ ଓ ପୁରୁଷର ପରମ ଧର୍ମ ଅଟେ—
ରାମଶଙ୍କର, ମନୁ, ୯।୧୦୧ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | . ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଛ୍ୟ | ଡ଼ଅ | ଢ |
| ୨ | ଈ | ଊ | ଋୁ | ଌୂ | ଯ୍ୟ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ଢ଼ | ନୃ |

୪ । ପରସ୍ପର ଠାରୁ ପୃଥକ୍ ନ ହେବା ଅବସ୍ଥା; ଅବିଚ୍ଛେଦ—
4. Non-separation.
୫ । ( ନିୟମାଦିର ) ଅଲଙ୍ଘନ—
5. Non-transgression ( M. W. )
ଧର୍ମର ଅବ୍ୟଭିଚାର ଓ ଅଧର୍ମର ଦୂରୀକରଣ ପାଇଁ ମିଥ୍ୟା ସାକ୍ଷ୍ୟର ଦଣ୍ଡବିଧାନ କରାଯାଇ ଅଛି—କୁଲ୍ଲୁକଭଟ୍ଟ, ମନୁ ୮।୧୨୨ ।

ସଂ. ବିଣ. ( ବହୁବ୍ରୀହି )—ଅବ୍ୟଭିଚାରୀ ( ଦେଖ )
Abyabhichārī ( See )

**ଅବ୍ୟଭିଚାରୀ**—ସଂ. ବିଣ. ପୁଂ (ଅ+ବ୍ୟଭିଚାର+ଇନ୍; ୧ମା.୧ବ.)—
Abyabhichārī
( ଅବ୍ୟଭିଚାରିଣୀ—ସ୍ତ୍ରୀ )
( ଅବ୍ୟଭିଚାରିତା—ବି )
୧ । ବ୍ୟଭିଚାର-ଦୋଷରହିତ; ନିଜର ସ୍ତ୍ରୀ ଛଡ଼ା ଅନ୍ୟ ସ୍ତ୍ରୀ ପ୍ରତି ଅନାସକ୍ତ—
1 Chaste; constant; faithful to one's wife.
୨ । ନିଜର ପ୍ରଭୁ ପ୍ରତି ଏକାନ୍ତ ଭକ୍ତିଯୁକ୍ତ—
2. Faithful to one's master.
୩ । ଅନୁକୂଳ; ଯାହା ପ୍ରତିକୂଳ ନୁହେ—
3 Favourable.
୪ । ଯାହାର ନିପାତନ ବା ବ୍ୟତିକ୍ରମ ନାହିଁ—
4. Not subject to exception; true in all cases; without any instance to the contrary.
୫ । ଅଟଳ; ସ୍ଥିର; ଦୃଢ଼—5. Steady; firm.
୬ । ସ୍ଥାୟୀ; ନିତ୍ୟ—6. Permanent; constant.
୭ । ଅଭଙ୍ଗ; ଅବିକଳ—7. Exact.
୮ । ଅପରିବର୍ତ୍ତନଶୀଳ—
8. Invariable; unchangeable.
୯ । ଧାର୍ମିକ—9. Pious; religious.
୧୦ । ଧର୍ମ ଓ ନ୍ୟାୟ ପଥରୁ ଅବିଚଳିତ—
10. Not deviating from rectitude or righteousness; moral.
୧୧ । ଅବିସମ୍ବାଦୀ—11. Not opposing; tallying.
୧୨ । ( ନ୍ୟାୟ ଦର୍ଶନ ) ପ୍ରତିକୂଳ କାରଣଦ୍ୱାରା ଯାହା ବାଧିତ ହୋଇ ନ ପାରେ—
12. Not preventible by any untoward cause.
୧୩ । ଅଲକ୍ଷରେ ଯାହାର ସମନ୍ୱୟ ହୁଏ ନାହିଁ—
13. Not reconcilable in secret.

**ଅବ୍ୟୟ**—ସଂ. ବିଣ ( ବହୁବ୍ରୀହି; ଅ+ବ୍ୟୟ )—
Abyaya
( ଅବ୍ୟୟା—ସ୍ତ୍ରୀ )
ଅବ୍ୟୟତା }
ଅବ୍ୟୟତ୍ୱ }
୧ । ଅବିନାଶୀ; ଅକ୍ଷୟ—1. Imperishable.
୨ । ଅପରିବର୍ତ୍ତନଶୀଳ—2. Immutable; not liable to change.
୩ । ଅନନ୍ତ; ଚିରସ୍ଥାୟୀ—3. Everlasting; eternal.
୪ । ବ୍ୟୟବିଷୟରେ ସାବଧାନ; ଯେ ଅପବ୍ୟୟୀ ନୁହେ—
4. Economical; parsimonious.
୫ । ବ୍ୟୟିତ ହୋଇ ନ ଥିବା—5. Unexpended.
୬ । ଅପବ୍ୟୟିତ ହୋଇ ନ ଥିବା; ଅପଚୟରହିତ—
6. Unwasted (Apte)
୭ । ଯେଉଁ ବୃକ୍ଷ ଅବିନାଶୀ ଫଳ ପ୍ରଦାନ କରେ—
7. Giving imperishable fruit (.Apte )
୮ । ବ୍ୟୟକୁଣ୍ଠ; କୃପଣ—8. Miserly.

ସଂ. ବି—୧ । ବ୍ୟୟର ଅଭାବ—
1. Absence of expenditure.
୨ । ବ୍ୟୟକୁଣ୍ଠା—2. Miserliness.
୩ । ବ୍ୟୟ ବିଷୟରେ ସାବଧାନତା—
3. Economy; parsimony
୪ । ( ବେଦାନ୍ତ ) କୌଣସି ସୁଗଠିତ ପୂର୍ଣ୍ଣ ବସ୍ତୁର ଅଙ୍ଗ ବା ଅବୟବ—
4. ( Bedānta ) A member or corporeal part of an organised body ( M. W)
୫ । ବିଷ୍ଣୁ—5. A name of Bishṇu.
୬ । ଶିବ—6. A name of Śiba.
୭ । ପରବ୍ରହ୍ମ—7. The Supreme Soul,
୮ । ରୈବତ ମନୁଙ୍କ ପୁତ୍ର—
8. Name of the son of Raibata Manu.
୯ । ନାଗବିଶେଷ—Name of a Nāga-demon,
୧୦ । (ବ୍ୟାକରଣ)—ସବୁ ଲିଙ୍ଗ, ସବୁ ବଚନ, ସବୁ କାରକ ଓ ସବୁ ବିଭକ୍ତିରେ ଏକରୂପ ଧାରଣ କରିବା ପଦ ବା ପଦାଂଶ; କାରକ, ଲିଙ୍ଗ ଓ ବଚନ ଭେଦରେ ଯେଉଁ ପଦ ବା ପଦାଂଶମାନଙ୍କ ରୂପାନ୍ତର ବା ହ୍ରାସବୃଦ୍ଧି ଘଟେ ନାହିଁ—
( grammar) Indeclinable particle or word.
[ ଏଥିର ସଂସ୍କୃତ ସଂଜ୍ଞା—
ସଦୃଶଂ ତ୍ରିଷୁ ଲିଙ୍ଗେଷୁ ସର୍ବାସୁ ଚ ବିଭକ୍ତିଷୁ,
ବଚନେଷୁ ଚ ସର୍ବେଷୁ ଯନ୍ନବ୍ୟେତି ତଦବ୍ୟୟଂ ।
ଅବ୍ୟୟର ଉଦାହରଣ—ଅଛି, ପରି, ପାଇଁ, ହିଁ, କେବଳ, ଏବଂ, ସବୁ ଉପସର୍ଗ, ସମ୍ବୋଧନ, ଆହ୍ୱାନାଦିରେ ବ୍ୟବହୃତ ଶବ୍ଦମାନ, ଧ୍ୱନ୍ୟାତ୍ମକ ଶବ୍ଦମାନ ]

ବୈଦେ. ବି. (ଅ ଅୟନ୍)—
ଘୃଣା—Aversion.

ବୈଦେ. ବି. (କନ୍ଧଭାଷା)—କନ୍ଧ ଜାତିର ସର୍ଦ୍ଦାରର ଉପାଧି—
Title of a Kandha patriarch.

**ଅବ୍ୟୟା**—ସଂ. ବିଣ. ସ୍ତ୍ରୀ. (ଅବ୍ୟୟ+ଆ)—ଅବ୍ୟୟର ସ୍ତ୍ରୀଲିଙ୍ଗ—
Abyayā Feminine of Abyaya.
ସଂ ବି ସ୍ତ୍ରୀ. ଦୁର୍ଗା—An epithet of Durgā.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ସ୍ଥଳପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ ।

**ଅବ୍ୟୟୀ**—ସଂ. ବିଣ. ପୁଂ. ( ଅ+ ବ୍ୟୟିନ୍; ୧ମା. ୧ବ )—
Abyayī ୧ । କୃପଣ—1. Miserly.
(ଅବ୍ୟୟିନୀ—ସ୍ତ୍ରୀ) ୨ । ଯେ ବ୍ୟୟଶୀଳ ନୁହେ; ମିତବ୍ୟୟୀ—
Economical; parsimonious.

**ଅବ୍ୟୟୀଭାବ**—ସଂ. ବି. (ଅବ୍ୟୟ + ଅଭୂତତଦ୍ଭାବେ. ଚ୍ୱି + ଭାବ )—
Abyayībhāba
୧ । (ବ୍ୟାକରଣ ) ସମାସବିଶେଷ (ଯେଉଁ ସମାସରେ ପୂର୍ବପଦସ୍ଥ ଅବ୍ୟୟ ଓ ପରପଦସ୍ଥ ବିଶେଷ୍ୟ ଓ ସମସ୍ତପଦ ଅବ୍ୟୟରୂପ ଧାରଣ କରେ ।)—
1. (grammar) A kind of compound formation ( in which a declinable word is changed into an indeclinable form by prefixing or adding an indeclinable word to it.)
[ଅବ୍ୟୟୀଭାବର ଉଦାହରଣ ଯଥା—ସମୁଦ୍ର ପର୍ଯ୍ୟନ୍ତ=ଆସମୁଦ୍ର; ଶକ୍ତିକୁ ଅତିକ୍ରମ ନ କରି=ଯଥାଶକ୍ତି; ଆତ୍ମାକୁ ଅଧିକାର କରି= ଅଧ୍ୟାତ୍ମ; ଅହନ୍ ବା ଦିବସର ପ୍ରତ୍ୟେକ=ପ୍ରତ୍ୟହ; ତୃଷ୍ଣାର ସହିତ =ସତୃଷ୍ଣ । ]
୨ । ବ୍ୟୟ ନ କରିବା ଅବସ୍ଥା —
2 The state of not spending.
୩ । ନିର୍ଦ୍ଧନତା ଯୋଗୁଁ ବ୍ୟୟାଭାବ—3. Absence of expenditure due to poverty (Apte)
୪ । ଅପରିବର୍ତ୍ତନୀୟ ଅବସ୍ଥା—4. Unchangeable state; imperishability.

**ଅବ୍ୟୟେ**—ଗ୍ରା. ବି—ଅବ୍ୟ; ଘୃଣା—
Abyaye Aversion.

**ଅବ୍ୟର୍ଣ୍ଣ**—ସଂ. ବିଣ. ( ଅ+ବ୍ୟର୍ଣ୍ଣ )—ଅତ୍ୟାଚାରିତ ହୋଇ ନ ଥିବା—
Abyarṇṇa Unoppressed ( M. W. )

**ଅବ୍ୟର୍ଥ**—ସଂ. ବିଣ. ( ଅ + ବ୍ୟର୍ଥ )— ୧ । ଅମୋଘ; ଯାହା କଦାପି
Abyartha ନିଷ୍ଫଳ ହୁଏ ନାହିଁ—1. Unfailing.
(ଅବ୍ୟର୍ଥା— ସ୍ତ୍ରୀ) ୨ । ସଫଳ; ଫଳପ୍ରଦ—2. Efficacious;
(ଅବ୍ୟର୍ଥତା—ବି) successful; fruitful.
୩ । ଲାଭଜନକ—3. Profitable.
୪ । ଯାହା ବେଦରକାରି ନୁହେ—
4. Not useless.

**ଅବ୍ୟର୍ଥଲକ୍ଷ୍ୟ**—ସଂ. ବିଣ. ପୁଂ. (ବହୁବ୍ରୀହି; ଅବ୍ୟର୍ଥ+ ଲକ୍ଷ୍ୟ )—
Abyarthalakshya ଯାହାର ଶର ବା ଗୁଳି ଆଦି ଲକ୍ଷ୍ୟ
(ଅବ୍ୟର୍ଥଲକ୍ଷ୍ୟା—ସ୍ତ୍ରୀ) ସ୍ଥାନରେ ନିଶ୍ଚେ ବାଜିବ; ଯାହାର ଲକ୍ଷ୍ୟ ଅମୋଘ ଅଟେ—Of sure aim.
ସଂ. ବି. (କର୍ମଧା)—ଶର ବା ଗୁଳି ଆଦି ଲକ୍ଷିତ ସ୍ଥାନରେ ବାଜିବା—Sureaim.

**ଅବ୍ୟର୍ଥସନ୍ଧାନ**—ସଂ. ବିଣ. ଓ ବି.—ଅବ୍ୟର୍ଥଲକ୍ଷ୍ୟ ( ଦେଖ )
Abyarthasandhāna Abyarthalakshya (See)

**ଅବ୍ୟଳୀକ**—ସଂ. ବିଣ. ( ଅ+ବ୍ୟଳୀକ )—
Abyaḷīka ୧ । ଯାହା ମିଥ୍ୟା ନୁହେ; ସତ୍ୟ—
1. Not false; true.
୨ । ଅପ୍ରୀତିକରଭାବହୀନ—2. Having no unpleasantness or uneasiness ( M.W. )

**ଅବ୍ୟସ୍ତ**—ସଂ. ବିଣ. ( ଅ + ବ୍ୟସ୍ତ )—
Abyasta ୧ । ଯାହା ପଚିଯାଇ ନ ଥାଏ—
1. Undecomposed.
୨ । ପୃଥକ୍ କରାଯାଇ ନ ଥିବା—
2. Not separated; not split up.
୩ । ସଂଗୃହୀତ—3. Collected..
୪ । ଯାହାର ଉପାଦାନଗୁଡ଼ିକ ପୃଥକ୍ କରାଯାଇ ନାହିଁ—
4. Unanalysed.

**ଅବ୍ୟାକୁଳ**—ସଂ. ବିଣ. ପୁଂ. ( ଅ + ବ୍ୟାକୁଳ )—
Abyākuḷa ୧ । ଅନାକୁଳ; ଚିତ୍ତଚାଞ୍ଚଲ୍ୟରହିତ—
(ଅବ୍ୟାକୁଳା—ସ୍ତ୍ରୀ) 1. Not agitated; unperturbed.
(ଅବ୍ୟାକୁଳତା—ବି) ୨ । ପ୍ରଶାନ୍ତ—2. Calm.

**ଅବ୍ୟାକୁଳିତ**—ସଂ. ବିଣ. ପୁଂ—ଅବ୍ୟାକୁଳ ( ଦେଖ )—
Abyākuḷita Abyākuḷa (See)
(ଅବ୍ୟାକୁଳିତା—ସ୍ତ୍ରୀ)

**ଅବ୍ୟାକୃତ**—ସଂ. ବିଣ. ( ଅ + ବ୍ୟାକୃତ )—
Abyākṛuta ୧ । ଅପରିବର୍ତ୍ତିତ—1. Unchanged.
(ଅବ୍ୟାକୃତି—ବି) ୨ । ଅଖଣ୍ଡିତ—2. Whole; uncut.
୩ । ଅବିଭକ୍ତ—3. Undivided.
୪ । ଅଦୃଶ୍ୟ; ଅବ୍ୟକ୍ତ—4. Not manifest.
୫ । ଅପରିଣତ—5. Not developed.
ସଂ. ବି. ( ବେଦାନ୍ତ )—୧ । ପ୍ରକୃତିର ମୂଳ ବୀଜ; ବ୍ରହ୍ମ ସହିତ ଅଭିନ୍ନ ଜଗତର ଉତ୍ପାଦକ ବୀଜ ପଦାର୍ଥ—
1. ( Bedānta ) Elementary substance from which all things were created, considered as one with the substance of Brahma ( M. W. )
୨ । ( ସାଂଖ୍ୟ ) ପରମାତ୍ମାଠାରୁ ସ୍ୱତନ୍ତ୍ର ପ୍ରକୃତିର ମୂଳବୀଜାତ୍ମକ ବସ୍ତୁ—1. (Sāṁkhya philosophy) The primordial germ of nature; the seed of creation ( distinct from the Supreme Soul (Apte ).

**ଅବ୍ୟାକ୍ଷେପ**—ସଂ. ବି. ( ଅ + ବ୍ୟାକ୍ଷେପ )—
Abyākshepa ୧ । ମାନସିକ ଚଞ୍ଚଳତାର ଅଭାବ—
1. Absence of unsteadiness of mind.
୨ । ଦୃଢ଼ସଂକଳ୍ପ—2. Resolution ( M. W. )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଞ୍ଚ | ଞ୍ଜ | ଣ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ | ଯ | ଷ | ଙ୍ଗ | ଞ୍ଛ | ଞ୍ଝ | ଣ୍ଟ |

**ଅବ୍ୟାଖ୍ୟା**—ସଂ. ବି. ( ଅ+ବ୍ୟାଖ୍ୟା )—୧ । ବ୍ୟାଖ୍ୟାର ଅଭାବ—
Abyākhya 1. Want of explanation.
( ଅବ୍ୟାଖ୍ୟାତ—ବିଣ ) ୨ । ଅବ୍ୟକ୍ତତା—
2. Want of clearness.
୩ । ଅବୋଧତା—3. Obscurity.

**ଅବ୍ୟାଖ୍ୟାନ**—ସଂ. ବି. ( ଅ+ବ୍ୟାଖ୍ୟାନ )—ଅବ୍ୟାଖ୍ୟା ( ଦେଖ )
Abyākhyāna Abyākhya ( See )

**ଅବ୍ୟାଖ୍ୟେୟ**—ସଂ. ବିଣ. ( ଅ+ବ୍ୟାଖ୍ୟେୟ )—
Abyākhyeya ୧ । ଯାହାକୁ ବ୍ୟାଖ୍ୟା କରାଯାଇ ନ ପାରେ—
1. Inexplicable.
୨ । ଦୁର୍ବୋଧ—2. Not capable of being understood; obscure; unintelligible.
୩ । ଯାହା ଏତେ ସହଜ ଯେ ତାର ବ୍ୟାଖ୍ୟା ଲୋଡ଼ା ନାହିଁ—
3. Easy; not requiring explanation.

**ଅବ୍ୟାଘାତ**—ସଂ.ବି. (ଅ+ବ୍ୟାଘାତ)—ବ୍ୟାଘାତ ବା ବାଧାର ଅଭାବ—
Abyāghāta Absence of restraint or obstruction
ସଂ. ବିଣ—୧ । ଅପ୍ରତିବନ୍ଧକ; ଅବାଧ—
1. Unobstructed.
୨ । ଲଗାଲଗି—2. Continuous.

**ଅବ୍ୟାଜ**—ସଂ. ବି. ( ଅ+ବ୍ୟାଜ )—
Abyāja ୧ । ଛଳର ଅଭାବ; ସରଳତା; ଅକପଟତା—
1. Absence of guile; artlessness; frankness; simplicity.
୨ । ସଚ୍ଚୋଟପଣ—2. Honesty.
୩ । ଅବିଳମ୍ବ—3. Absence of delay.
ସଂ. ବିଣ.—୧ । ସ୍ୱାଭାବିକ—1. Natural.
୨ । ଯାହା ଲୋକ ଦେଖାଣିଆଁ ନୁହେ—
2. Not pretended or assumed.
୩ । ଅକୃତ୍ରିମ—3. Not artificial.
୪ । ଅକପଟ—4. Guileless; artless.
[ ଦ୍ର—ଏହି ଅବ୍ୟାଜ ଶବ୍ଦ ସମାସରେ ବ୍ୟବହୃତ ହୋଇ ବିଶେଷଣର ବିଶେଷଣ ଅର୍ଥ ମଧ୍ୟ ବୁଝାଏ; ଯଥା—ଅବ୍ୟାଜ ସୁନ୍ଦର; ଅବ୍ୟାଜ ମନୋହର=ଅକୃତ୍ରିମରୂପେ ସୁନ୍ଦର । ]

**ଅବ୍ୟାଜମନୋହର**—ସଂ. ବିଣ. ( ଅବ୍ୟାଜ=ସ୍ୱାଭାବିକରୂପେ+ମନୋହର )—୧ । ସ୍ୱାଭାବିକ ସୌନ୍ଦର୍ଯ୍ୟ ଯୋଗୁଁ ସୁନ୍ଦର—1. Artlessly beautiful; possessing beauty or grace which is not assumed.
Abyājamanohara
( ଅବ୍ୟାଜମନୋହରା—ସ୍ତ୍ରୀ )
( ଅବ୍ୟାଜମନୋହରତା—ବି )
୨ । ସ୍ୱଭାବତଃ ସୁନ୍ଦର—2. Naturally beautiful.
[ ଦ୍ର—ଏହିପରି ଅବ୍ୟାଜମଧୁର, ଅବ୍ୟାଜରମଣୀୟ, ଅବ୍ୟାଜସୁନ୍ଦର ପଦ ବୁଝ । ]

**ଅବ୍ୟାଜରେ**—ଦେ. କ୍ରି. ବିଣ.(ସଂ. ଅବ୍ୟାଜ)—୧ । ଅକପଟଭାବରେ—
Abyājare 1. Artlessly; frankly.
অব্যাজেতে ୨ । ଅକାରଣରେ; ବୃଥାରେ—2. In vain.
बेफायदा

**ଅବ୍ୟାପକ**—ସଂ. ବିଣ. (ଅ+ବ୍ୟାପକ)—୧ । ଯାହା ସର୍ବବ୍ୟାପୀ ନୁହେ—
Abyāpaka 1. Not extensive; not comprehensive.
(ଅବ୍ୟାପକତା—ବି)
୨ । ଆଂଶିକ—2. Partial.
୩ । ସୀମାବଦ୍ଧ; ସସୀମ—3. Limited.
୪ । ବିଶିଷ୍ଟ—4. Peculiar; special.
୫ । ଯାହା ସର୍ବଦା ବସ୍ତୁରେ ଉପସ୍ଥିତ ବା ବ୍ୟାପ୍ତ ହୋଇ ନ ଥାଏ—5. Not an invariable concomitant (Apte).

**ଅବ୍ୟାପାର**—ସଂ. ବି. (ଅ+ବ୍ୟାପାର)—୧ । କାର୍ଯ୍ୟରୁ ନିବୃତ୍ତି—
Abyāpāra 1. Cessation from work.
୨ । କାର୍ଯ୍ୟରେ ନ ଲାଗିବା ଅବସ୍ଥା; ବେକାର ପଣ—
2. Unemployment.
୩ । ଯାହା ନିଜର ବ୍ୟାପାର ବା କାର୍ଯ୍ୟ ନୁହେ—
3. That which is not one's business or concern.
୪ । ଉତ୍ତମରୂପେ ବୁଝାଯାଇ ନ ଥିବା ବ୍ୟବସାୟ—
4. A business or trade which is not well understood.
୫ । ମନ୍ଦକାର୍ଯ୍ୟ—5. Bad act.
(ଅବ୍ୟାପାରୀ—ସ୍ତ୍ରୀ) ସଂ. ବି. ପୁଂ.—ବ୍ୟାପାର ବା କର୍ମରହିତ—
Unemployed.

**ଅବ୍ୟାପାରେଷୁବ୍ୟାପାର**—ଦେ. ପ୍ରବଚନ ବା ନ୍ୟାୟ—
Abyāpāresubyāpāra
অব্যাপারে ব্যাপার (ସ.ଅବ୍ୟାପାରେଷୁ ବ୍ୟାପାରଂ ଯୋ ନରଃ କର୍ତ୍ତୁମିଚ୍ଛତି,
**अव्यापारमें व्यापार** ସ ଏବ ନିଧନଂ ଯାତି କୀଲୋତ୍ପାଟୀବ ବାନରଃ”
ଶ୍ଲୋକର ୧ମ ଚରଣର ଅଂଶବିଶେଷ ଉଦ୍ଧାରଣ )—
ଯାହା ନିଜର କାର୍ଯ୍ୟ ନୁହେ ସେଥିରେ ହାତ ଦେବା—
Meddling with affairs which are not one's own.

**ଅବ୍ୟାପୀ**—ସଂ.ବିଣ. (ଅ+ବ୍ୟାପିନ୍; ୧ମା. ୧ବ.)—ଅବ୍ୟାପକ (ଦେଖ)
Abyāpi Abyāpaka (See)

**ଅବ୍ୟାପ୍ତ**—ସଂ. ବିଣ. (ଅ+ବ୍ୟାପ୍ତ)—୧ । ଯାହା ବ୍ୟାପ୍ତ ନୁହେ—
Abyāpta 1. Not pervaded.
(ଅବ୍ୟାପ୍ତି—ବି) ୨ । ସସୀମ—2. Limited.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ଼' ନ ମିଳିଲେ 'ଗାଡ଼' ଖୋଜିବେ; 'କ୍ରୁଦ୍ଧ' ନ ମିଳିଲେ 'କ୍ରୁଦ୍ଧ' ଦେଖିବେ; 'କଣ୍ଠୁ' ନ ପାଇଲେ 'କଣ୍ଠୂ' ଦେଖିବେ; 'ଅର୍ଦ୍ଧା' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅବ୍ୟାପ୍ତି**—ସଂ. ବି (ଅ + ବ୍ୟାପ୍ତି)—୧ । ବ୍ୟାପ୍ତି ବା ବ୍ୟାପିବାର ଅଭାବ—
A byāpti 1. Nonextension.
(ଅବ୍ୟାପ୍ତ—ବିଣ) ୨ । (ନ୍ୟାୟ) ସଂଜ୍ଞାର ଦୋଷବିଶେଷ, ଯହିଁରେ ସଂଜ୍ଞାର ବିଷୟୀଭୂତ ବସ୍ତୁର ଏକାଂଶ ଛାଡ଼ି ଦିଆ ଯାଇ ଥାଏ—
2. One of the faults of definition in which a part of the thing defined is excluded.

**ଅବ୍ୟାପ୍ୟ**—ସଂ. ବିଣ (ଅ + ବ୍ୟାପ୍ୟ)—ସମୁଦାୟ ଘଟନାକୁ ବ୍ୟାପି ନ
Abyāpya ଥିବା—Not extending to the whole circumstance; not pervading the whole extent.

**ଅବ୍ୟାପ୍ୟବୃତ୍ତି**—ସଂ. ବି. ( ବୈଶେଷିକ ଦର୍ଶନ )—
Abyāpyabrutti ଆଂଶିକ ଘଟିବା ବୃତ୍ତି ବା ସଂଜ୍ଞା — ( ଯଥା— ସୁଖ, ଦୁଃଖ )
( Hindu philosophy ) A category of limited application; partial inherence with regard to time and space ( Eg. pleasure and pain )
ସଂ. ବିଣ. ( ବହୁବ୍ରୀହି )—ଏକାଂଶରେ ସ୍ଥିତ —
Partial; placed in one part

**ଅବ୍ୟାହତ**—ସଂ. ବିଣ. (ଅ + ବ୍ୟାହତ)— ୧ । ବାଧାରହିତ; ଅବାଧ—
Abyāhata 1. Unobstructed.
୨ । ଅପ୍ରତିହତ—2. Unhurt; uninterrupted.
୩ । ପାଳିତ—3. Obeyed.
୪ । ଅବ୍ୟର୍ଥ; ଅମୋଘ—4. Unfailing.
୫ । ମୁକ୍ତ—5. Freed; released; exempted.
ସଂ. ବି—ଯେଉଁ ପ୍ରତିଜ୍ଞାକୁ କେହି ଖଣ୍ଡନ କରି ନାହିଁ—
Uncontradicted or unopposed statement.

**ଅବ୍ୟାହତଗତି** —ସଂ. ବିଣ. ପୁଂ ଓ ସ୍ତ୍ରୀ. (ବହୁବ୍ରୀହି; ଅବ୍ୟାହତ + ଗତି)-
Abyāhatagati ଯାହାର ଗତିକୁ କେହି ବାଧା ଦିଏ ନାହିଁ; ଅବାଧଗତି—Of unobstructed motion.

**ଅବ୍ୟାହତାଜ୍ଞ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅବ୍ୟାହତ + ଆଜ୍ଞା )—
Abyāhatajña ଯାହାର ହୁକୁମକୁ କେହି ବାଧା ଦିଏ ନାହିଁ—
(ଅବ୍ୟାହତାଜ୍ଞା—ସ୍ତ୍ରୀ) (one) Whose order is obeyed.

**ଅବ୍ୟାହତି**—ସଂ. ବି. ( ଅ + ବ୍ୟାହତି ) — ୧ । ଅବ୍ୟାହତ ( ଦେଖ )
Abyāhati 1. Abyāhata ( See )
୨ । ହିଂସାର ଅଭାବ—2. Absence of spite.
୩ । ମୁକ୍ତି; ପରିତ୍ରାଣ—3. Release; liberation.
୪ । ରେହାଇ; କୌଣସି ଦାୟିତ୍ୱରୁ ଛାଡ଼ ପାଇବା—
4. Exemption.

**ଅବ୍ୟୁତ୍ପନ୍ନ**—ସଂ. ବିଣ. ପୁଂ ( ଅ + ବ୍ୟୁତ୍ପନ୍ନ )— ୧ । ବ୍ୟୁତ୍ପତ୍ତିହୀନ—
Abyutpanna 1. Having no derivation.
(ଅବ୍ୟୁତ୍ପନ୍ନା — ସ୍ତ୍ରୀ) ୨ । ଅଶିକ୍ଷିତ—
(ଅବ୍ୟୁତ୍ପନ୍ନତା—ବି) 2. Uneducated.
୩ । ପଦାର୍ଥାନଭିଜ୍ଞ—3. Not versed in the meanings of words.
୪ । ଅପାରଦର୍ଶୀ; ଅପାରଙ୍ଗମ—4. Not proficient.
୫ । ଅଜ୍ଞ—5. Ignorant.
୬ । ବ୍ୟାକରଣ ଅନଭିଜ୍ଞ—
6. Not versed in grammar.

**ଅବ୍ୟୂଢ଼**—ସଂ. ବିଣ ( ଅ + ବ୍ୟୂଢ଼ )—
Abyurdha ୧ । ଅବିବାହିତ; ଅରାଣ୍ଡି; ଅନୂଢ଼—
( ଅବ୍ୟୂଢ଼ା—ସ୍ତ୍ରୀ ) 1. Unmarried.
୨ । ଅନିଶ୍ଚିତ; ଅବିନ୍ୟସ୍ତ—
2. Not set or fixed; not arranged.
୩ । ଅପ୍ରଶସ୍ତ—3. Narrow; not spacious.

**ଅବ୍ୟୂଢ଼ାନ୍ନ**—ସଂ ବି.—ଦଇବଡ଼ୁ ଭାତ; ବିବାହ ପୂର୍ବରୁ ବର ଓ
Abyurdhānna କନ୍ୟାଙ୍କର ନିଜ ନିଜ ଘରେ ଅନ୍ନ ଭୋଜନ ରୂପ
ଆଇবুড়োভাত ଉତ୍ସବବିଶେଷ ( ଏହା ମଙ୍ଗଳକୃତ୍ୟ ଦିନ ସ୍ୱାତରେ ହୁଏ ।)
The ceremony of a bride and bridegroom taking rice at their respective houses before marriage.

**ଅବେ୍ୟ**—ଗ୍ରା. ବି.—ଘୃଣା—Hatred; dislike.
Abye

**ଅବ୍ରକ୍**—ଦେ.ବି. (ସଂ.ଅଭ୍ରକ)—ଅଭ୍ରକ; ମେଘନାଳ —Talc; mica.
অভ্রক
अभ्रक

**ଅବ୍ରଖ୍**—ଦେ. ବି. (ସଂ. ଅଭ୍ରକ)—ଅବ୍ରକ୍ ( ଦେଖ )
Abrakh Abrak (See)

**ଅବ୍ରଣ**—ସଂ. ବିଣ. ପୁଂ (ଅ + ବ୍ରଣ)—୧ । ବ୍ରଣରହିତ—
Abrana 1. Having no scar.
(ଅବ୍ରଣା—ସ୍ତ୍ରୀ)
୨ । ଅକ୍ଷତ—2. Unhurt; unwounded.
୩ । ଯାହା ଅଙ୍ଗହୀନ ନୁହେଁ; ପୂର୍ଣ୍ଣ—3. Perfect.

**ଅବ୍ରତ**—ସଂ. ବିଣ. ପୁଂ (ଅ = ନାହିଁ + ବ୍ରତ; ଯାହାର)—
Abrata ଯେ ବ୍ରତ ଅବଲମ୍ବନ କରି ନାହିଁ
(ଅବ୍ରତା—ସ୍ତ୍ରୀ) Not observing any vow.

**ଅବ୍ରତିଆ**—ଦେ. ବିଣ ( ସଂ. ଅବ୍ରତ )—
Abratia ୧ । ( ପୁଂ. ଓ ସ୍ତ୍ରୀ ) ଯେ ବ୍ରତାଚରଣ କରି ନାହିଁ —
যার পইতে হয় নাই 1. One who has not observed a vow.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଯ଼ | ଉଅ | ଢ଼ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ | ଇଅ | ୱ | ଳ |

୨ । ( ପୁଂ ) ଯେଉଁ ଦ୍ୱିଜବାଳକର ଉପନୟନ ହୋଇ ନାହିଁ—
2. ( a Brāhmaṇa boy ) Not yet invested with the sacred thread.

**ଅବ୍ରତୀ**—ସଂ. ବିଣ. ପୁଂ. (ଅ+ବ୍ରତିନ୍; ୧ମା. ୧ବ)—
Abrati ୧ । ଯେ ବ୍ରତାଚରଣ କରେ ନାହିଁ—
( ଅବ୍ରତିନୀ—ସ୍ତ୍ରୀ ) 1. Not observing a sacred vow.
୨ । ବ୍ରତାଚରଣପରାଙ୍ମୁଖ—
2. Backward in observing sacred vows.
୩ । ଅପ୍ରବୃତ୍ତ—3. Unengaged.
୪ । ଅନିୟୋଜିତ—4. Unemployed.

**ଅବ୍ରତୁଆ**—ଗ୍ରା. ବିଣ ( ସଂ. ଅବ୍ରତ )—ଅବ୍ରତିଆ ( ଦେଖ )
Abratuā Abratiā ( See )

**ଅବ୍ରହ୍ମଣ୍ୟ**—ସଂ. ବିଣ ( ଅ+ବ୍ରହ୍ମଣ୍ୟ )—
Abrahmaṇya ୧ । ବ୍ରାହ୍ମଣର ଅନାଚରଣୀୟ ବା ଅନୁଚିତ—
1. Improper for a Brāhmaṇa; not befitting a Brāhmaṇa.
୨ । ବ୍ରାହ୍ମଣଧର୍ମବହିର୍ଭୂତ—
2. Beyond the pale of the Brāhmaṇa-religion; unbrāhmaṇical.
୩ । ବ୍ରାହ୍ମଣମାନଙ୍କର ବିରୋଧୀ—
3. Inimical to Brāhmaṇas.
ସଂ. ବି—ବ୍ରାହ୍ମଣର ଅଯୋଗ୍ୟ କାର୍ଯ୍ୟ—
An act not befitting a Brāhmaṇa.
ସ. ଅ (ନାଟକ)—'ଅବଧ୍ୟ'; 'ବଧ କର ନା' ଏହି ଉକ୍ତି—
( drama ) An exclamation meaning 'Do not kill.'

**ଅବ୍ରାହ୍ମଣ**—ସଂ.ବି (ଅ+ବ୍ରାହ୍ମଣ)—୧ । କୁତ୍ସିତ ବା କଦାଚାରୀ ବ୍ରାହ୍ମଣ—
Abrāhmaṇa 1. A Brāhmaṇa doing mean acts.
୨ । ନିକୃଷ୍ଟ ବା ହୀନ ବ୍ରାହ୍ମଣ—
2. An unworthy Brāhmaṇa.
୩ । ବ୍ରାହ୍ମଣେତର ଜାତି ବ୍ରାହ୍ମଣପରି ପଇତାଧାରୀ ଜାତି—
3. A non-brāhmaṇa wearing a thread.
( ଯଥା—ଜ୍ୟୋତିଷ; ଖଣ୍ଡାଏତ; ରଜପୁତ )
୪ । ଶୂଦ୍ର—4. A Śūdra.
୫ । ବ୍ରାହ୍ମଣେତର ବ୍ୟକ୍ତି—5. A non-brāhmaṇa.

**ଅବ୍ରାହ୍ମଣ୍ୟ**—ସଂ. ବି (ଅ+ବ୍ରାହ୍ମଣ୍ୟ)—୧ । ବ୍ରାହ୍ମଣର କର୍ତ୍ତବ୍ୟ ଲଙ୍ଘନ—
Abrāhmaṇya 1. Voilation of the duties of a Brāhmaṇa.
୨ । ବ୍ରାହ୍ମଣର ଅଯୋଗ୍ୟ କର୍ମ—2. An act not befitting a Brāhmaṇa.

**ଅବ୍ରୂବାଣ**—ସଂ. ବିଣ. ପୁଂ ( ଅ+ବ୍ରୂ ଧାତୁ+କର୍ତ୍ତୃ. ଅନ )—ଯାହାର କଥା କହିବାର ଶକ୍ତି ନାହିଁ—
Abrubāṇa
(ଅବ୍ରୂବାଣା—ସ୍ତ୍ରୀ) Having no power of speech.
ସଂ. ବି—ଅତି ଶିଶୁ; ଯେଉଁ ଶିଶୁର ପାଟି ଫିଟି ନାହିଁ—
A child who has not yet learnt to speak.

**ଅଭ**—ଦେ. ବି. ( ସଂ. ଅଭ୍ର; ଅଭ୍ରକ)—ମେଘନାଳ—
Abha Talc; mica.
অভ্রক
आभ

**ଅଭଏ**—ଗ୍ରା. ବି (ସଂ. ଅଭୟ)—ଅଭୟ (ଦେଖ)
Abhae Abhaya (See)

**ଅଭଏବର**—ଗ୍ରା. ବି (ସଂ. ଅଭୟବର)—ଅଭୟବର (ଦେଖ)
Abhaebara Abhayabara (See)
অভএবর
अभेबर

**ଅଭକତ**—ଗ୍ରା. ପଦ୍ୟ. ବିଣ (ସଂ. ଅଭକ୍ତ)—ଅଭକ୍ତ; ଭକ୍ତିହୀନ—
Abhakata Not devoted.
ତଥାପି ହୋଇ ନୁହଇ ସାର, ଯେ ନାହିଁ ସ୍ୱାମୀ ଅଭକତ । ଜଗନ୍ନାଥ. ଭାଗବତ. ୧୦ମ.

**ଅଭକତି**—ଗ୍ରା. ପଦ୍ୟ. ବି (ସଂ. ଅଭକ୍ତି)—ଅଭକ୍ତି (ଦେଖ)
Abhakati Abhakti (See)
ଗ୍ରା. ପଦ୍ୟ. ବିଣ (ସଂ. ଅଭକ୍ତ)—ଅଭକ୍ତ (ଦେଖ)
Abhakta (See)

**ଅଭକତିଆ**—ଗ୍ରା. ପଦ୍ୟ. ବିଣ. ( ସ. ଅଭକ୍ତ )—ଅଭକ୍ତ ( ଦେଖ )
Abhakatiā Abhakta ( See )

**ଅଭକ୍ତ**—ସ. ବିଣ. ପୁଂ. ( ଅ+ଭକ୍ତ )—୧ । ଯେ ଭକ୍ତ ନୁହେ—
Abhakta 1. Not devoted.
(ଅଭକ୍ତା—ସ୍ତ୍ରୀ) ୨ । ଦେବତା, ବ୍ରାହ୍ମଣ, ଗୁରୁ ଆଦିଙ୍କ ପ୍ରତି ଭକ୍ତିହୀନ—
2. Devoid of devotion to Deities, elders etc.
୩ । ଅଶ୍ରଦ୍ଧ—3. Not affectionate.
୪ । ପୂଜା କରୁ ନ ଥିବା—4. Not worshipping.
୫ । ଅସଂଯୁକ୍ତ—
5. Not attached; not connected with.
୬ । ପୃଥକ୍‌କୃତ; ବିଚ୍ଛିନ୍ନ—6. Detached.
୭ । ଅଭୁକ୍ତ; ଖିଆ ହୋଇ ନ ଥିବା—7. Not eaten.
୮ । ଅଖଣ୍ଡିତ; ସମଗ୍ର—8. Whole; entire.
ସ. ବି—ଯାହା ଖାଦ୍ୟଦ୍ରବ୍ୟ ନୁହେ—Not food (Apte ).

**ଅଭକ୍ତଚ୍ଛନ୍ଦ**—ସ. ବି—ଅକ୍ଷୁଧା; କ୍ଷୁଧାର ଅଭାବ—Want of appetite
Abhaktachchhanda ( M. W.)

**ଅଭକ୍ତରୁଚି**—ସଂ. ବି—ଅକ୍ଷୁଧା—
Abhaktaruchi Want of appetite ( M. W. )

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅଭକ୍ତି**—ସଂ. ବି. ( ଅ+ଭକ୍ତି )—୧ । ଭକ୍ତିର ଅଭାବ—
Abhakti 1. Want of devotion.
୨ । ବିଶ୍ୱାସର ଅଭାବ; ଅନାସ୍ଥା—
2. Want of faith.
୩ । ଅଶ୍ରଦ୍ଧା—3. Want of affection.
୪ । ଘୃଣା—4. Aversion.
୫ । ଅବିଶ୍ୱାସ; ଅପ୍ରତ୍ୟୟ—
5. Incredulity ( Apte ).
ଦେ. ବିଣ—ଅଭକ୍ତ; ଭକ୍ତିହୀନ—
Not Undevoted to; unbelieving.

**ଅଭକ୍ତିଆ**—ଦେ. ବିଣ. ( ସଂ. ଅଭକ୍ତିମାନ୍ )—ଅଭକ୍ତ; ଭକ୍ତିହୀନ—
Abhaktiā Not devoted to; unbelieving
ভক্তিহীন
**अभगत**

**ଅଭକ୍ଷ**—ସଂ. ବିଣ. ( ଅ+ଭକ୍ଷ ଧାତୁ+ଭାବ. ଅ )—ଅଭୋଜନ;
Abhaksha ଅନଶନ; ଉପବାସ; କିଛି ମାତ୍ର ନ ଖାଇବା—
Not eating anything; fasting.
অভক্ষ ଦେ. ବିଣ. ( ସଂ. ଅଭକ୍ଷ୍ୟ )—ଅଭକ୍ଷ୍ୟ ( ଦେଖ )
**अभक्ष** Abhakshya ( See )
ଦେ. ବି—ନିଷିଦ୍ଧ ଖାଦ୍ୟ—Prohibited food.

**ଅଭକ୍ଷଣ**—ସଂ. ବି. (ଅ+ଭକ୍ଷଣ)—କିଛି ମାତ୍ର ନ ଖାଇବା; ଉପବାସ—
Abhakshaṇa Not eating anything; fasting.
ଦେ. ବିଣ. ( ସଂ. ଅଭକ୍ଷ୍ୟ )—ଅଭକ୍ଷ୍ୟ ( ଦେଖ )
Abhakshya ( See )
ଦେ. ବି—ନିଷିଦ୍ଧ ଖାଦ୍ୟ—
Forbidden or prohibited food.

**ଅଭକ୍ଷଭକ୍ଷ**—ଦେ. ବି. ( ସଂ. ଅଭକ୍ଷ୍ୟଭକ୍ଷଣ )—ଅଭକ୍ଷ୍ୟଭକ୍ଷଣ; ନିଷିଦ୍ଧ
Abhakshabhaksha ଖାଦ୍ୟ ଖାଇବା—Eating of
অভক্ষভক্ষ prohibited food.
**अभक्षभक्ष** ଦେ. ବିଣ ( ସଂ. ଅଭକ୍ଷ୍ୟଭକ୍ଷକ )—ନିଷିଦ୍ଧ ଖାଦ୍ୟ
ଭୋଜନକାରୀ—Taking prohibited food.

**ଅଭକ୍ଷଭକ୍ଷଣ**—ଦେ. ବି. ( ସଂ. ଅଭକ୍ଷ୍ୟଭକ୍ଷଣ )—
Abhakshabhakshaṇa ଅଭକ୍ଷ୍ୟଭକ୍ଷଣ ( ଦେଖ )
অভক্ষভক্ষ Abhakshyabhakshaṇa ( See )
**अभक्षभक्ष** ଦେ. ବିଣ. ( ସଂ. ଅଭକ୍ଷ୍ୟଭକ୍ଷକ )—
ଅଭକ୍ଷ୍ୟଭକ୍ଷକ ( ଦେଖ )
Abhakshyabhakshaka ( See )

**ଅଭକ୍ଷ୍ୟ**—ସଂ. ବିଣ. ( ଅ+ଭକ୍ଷ ଧାତୁ+କର୍ମ. ଯ )—
Abhakshya ୧ । ଯାହା ଖାଇ ହୁଏ ନାହିଁ; ଅଖାଦ୍ୟ—
2. Uneatable.
୨ । ଯାହା ଖାଇବା ଶାସ୍ତ୍ରାଦିରେ ନିଷିଦ୍ଧ—
2. Prohibited (food); not to be eaten.
[ ଦ୍ର—ମନୁସଂହିତା ୫ମ ଅଧ୍ୟାୟ ୫-୯; ୧୧-୧୫;୧୭-୨୧ରେ ଅଭକ୍ଷ୍ୟ ଦ୍ରବ୍ୟମାନଙ୍କର ଉଲ୍ଲେଖ ଅଛି । ]
ସଂ. ବି—ନିଷିଦ୍ଧ ଖାଦ୍ୟ ବସ୍ତୁ—
A prohibited article of food (Apte)

**ଅଭକ୍ଷ୍ୟଭକ୍ଷକ**—ସଂ. ବିଣ. ପୁଂ. (୬ଷ୍ଠୀ ତତ୍; ଅଭକ୍ଷ୍ୟ+ଭକ୍ଷକ)—
Abhakshyabhakshaka ନିଷିଦ୍ଧ ଖାଦ୍ୟ ଭୋଜନକାରୀ—
(ଅଭକ୍ଷ୍ୟଭକ୍ଷିକା—ସ୍ତ୍ରୀ) Taking prohibited food.

**ଅଭକ୍ଷ୍ୟଭକ୍ଷଣ**—ସଂ. ବି. (୬ଷ୍ଠୀ ତତ୍; ଅଭକ୍ଷ୍ୟ+ଭକ୍ଷଣ)—
Abhakshyabhakshaṇa ନିଷିଦ୍ଧ ଦ୍ରବ୍ୟ ଭୋଜନ—
Eating of prohibited food.
[ ଦ୍ର—ସ୍ମୃତି ଅନୁସାରେ ଅଭକ୍ଷ୍ୟଭକ୍ଷଣ ପାପଜନକ ଏବଂ ଭିନ୍ନ ଭିନ୍ନ ଅଭକ୍ଷ୍ୟ ଦ୍ରବ୍ୟର ଭକ୍ଷଣଜନିତ ପାପ ପାଇଁ ଭିନ୍ନ ଭିନ୍ନ ପ୍ରାୟଶ୍ଚିତ୍ତ ଓ ପ୍ରତିକ୍ରିୟା ସ୍ମୃତିରେ ବର୍ଣ୍ଣିତ ହୋଇଅଛି—ସ୍ୱାମଶଙ୍କର. ମନୁ ୧୧ଶ ଅଧ୍ୟାୟ ୧୪୭-୧୫୧ ଓ ୧୫୩-୧୬୨ । ]

**ଅଭକ୍ଷ୍ୟଭକ୍ଷୀ**—ସଂ. ବିଣ. ( ଅଭକ୍ଷ୍ୟ+ଭକ୍ଷ ଧାତୁ+କର୍ତ୍ତୃ. ଇନ୍.
Abhakshyabhakshī ୧ମା. ୧ବ. )—
(ଅଭକ୍ଷ୍ୟଭକ୍ଷିଣୀ—ସ୍ତ୍ରୀ) ନିଷିଦ୍ଧ ଖାଦ୍ୟ ଖାଇବା ବ୍ୟକ୍ତି—
Eating prohibited food.
[ ଦ୍ର—ଅଭକ୍ଷ୍ୟଭକ୍ଷିମାନେ ମୃତ୍ୟୁ ପରେ କୃମିଯୋନିରେ ଜନ୍ମନ୍ତି—ସ୍ୱାମଶଙ୍କର. ମନୁ ୧୨।୫୯ । ]

**ଅଭଗ**—ସଂ. (ବୈଦିକ) ବିଣ. ( ବହୁବ୍ରୀହି; ଅ+ଭଗ )—
Abhaga ହତଭାଗ୍ୟ—Unfortunate; ill-fated (Apte)

**ଅଭଗତ**—ଗ୍ରା. ପଦ୍ୟ. ବିଣ. (ସଂ. ଅଭକ୍ତ)—
**Abhagata** ୧ । ଅଭକ୍ତ; ଭକ୍ତିହୀନ—
অভক্ত 1. Not devoted to.
**अभगत** ୨ । ଅଶ୍ରଦ୍ଧ—2. Not loving.
କେବଣ ବାଗେ ଅଭଗତ ହୁଅ ଅସ୍ମନ୍ତେ । ସାରଳାମହାଭାରତ ।

**ଅଭଗତି**—ଗ୍ରା. ପଦ୍ୟ. ବି. (ସଂ. ଅଭକ୍ତି)—ଅଭକ୍ତି (ଦେଖ)
Abhagati Abhakti ( See )
ବିଣ—ଅଭକ୍ତ ( ଦେଖ )
Abhakta ( See )

**ଅଭଗତିଆ**—ଗ୍ରା. ପଦ୍ୟ. ବିଣ. ପୁଂ. ଓ ସ୍ତ୍ରୀ. (ସଂ. ଅଭକ୍ତିମାନ)—
Abhagatiā ଅଭକ୍ତିଆ ( ଦେଖ )
Abhaktiā (See)

**ଅଭଗ୍ନ**—ସଂ. ବିଣ. ( ଅ+ଭଗ୍ନ )—
Abhagna ୧ । ଯାହା ଭଙ୍ଗା ଯାଇ ନାହିଁ—1. Unbroken.
୨ । ଅଖଣ୍ଡିତ—2. Uncut.
୩ । ପୂର୍ଣ୍ଣାବୟବଯୁକ୍ତ; ପୂର୍ଣ୍ଣାଙ୍ଗ; ଅବିକଳାଙ୍ଗ—
3. Entire; whole.
୪ । ଅବିଚ୍ଛିନ୍ନ; ଅବିଶ୍ରାନ୍ତ—4. Uninterrupted.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଌ | ଈ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇସ୍ତ | ଚ୍ଛ | ଛ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଗଁ୍ୟ | ଇଅ | ଓ | ନୃ |

**ଅଭଙ୍ଗ**—ସଂ. ବିଣ. ( ଅ + ଭନ୍ଜ ଧାତୁ + କର୍ମ. ଅ )—ଅଭଗ୍ନ (ଦେଖ)
Abhaṅga — Abhagna ( See )
ସଂ. ବି—୧ । ଭାଙ୍ଗି ଯାଇ ନ ଥିବା ଅବସ୍ଥା—1. Absence of fracture.
୨ । ପରାଜୟର ଅଭାବ—2. Absence of defeat.
୩ । ଅଭଙ୍ଗଶ୍ଳେଷ ( ଦେଖ ) 3. Abhaṅgaśleṣha ( See )

**ଅଭଙ୍ଗପ୍ରବଣ**—ସଂ. ବିଣ. ( ଅ + ଭଙ୍ଗପ୍ରବଣ )—
Abhaṅgaprabaṇa ଯାହା ଭଙ୍ଗପ୍ରବଣ ନୁହେଁ; ଚେମଡ଼ା—Not brittle; tenacious.

**ଅଭଙ୍ଗଶ୍ଳେଷ**—ସଂ. ବି. ( କର୍ମଧା )—ଅର୍ଥାଲଙ୍କାରବିଶେଷ; ଏଥିରେ
Abhaṅgaśleṣha ଶବ୍ଦମାନଙ୍କୁ ନ ଭାଙ୍ଗି ଏକାଧିକ ଅର୍ଥ କରାଯାଇ ପାରେ—A figure in Rhetoric where various meanings are obtained without dividing the words
( ଯଥା—ଶ୍ଳେଷ ତଳେ ନୋଟ ଓ ଉଦାହରଣ ଦେଖ । )

**ଅଭଙ୍ଗୁର**—ସଂ. ବିଣ. ( ଅ + ଭଙ୍ଗୁର )—୧ । ଯାହା ଭାଙ୍ଗିଯାଏ ନାହିଁ—
Abhaṅgura 1. Not breakable; not fragile.
୨ । ଚେମଡ଼ା—2. Tenacious
୩ । ଚିରସ୍ଥାୟୀ—3. Permanent.
୪ । ଅନୁପଦ୍ରୁତ—4. Undisturbed.
୫ । ଦୃଢ଼—5. Firm.

**ଅଭଡ଼ା**—ଦେ. ବି—୧ । [ ସଂ. ଅବଣ୍ଟନ ବା ଅ ( ପର ) ବେଷଣ;
Abharḍā ଅଭଡ଼ାର ଅନ୍ୟରୂପ ଅବଢ଼ା=ଯାହା ବଢ଼ାଯାଏ ନାହିଁ;
অন্নমহাপ্রসাদ ଯାହାକୁ ଖାଇବା ଲୋକ ପାକପାତ୍ରରୁ ନିଜେ ବାହାର କରି ଆଣି ଖାଏ ଓ ଯାହାକୁ ଅନ୍ୟ କେହି ବ୍ୟକ୍ତି ପାକପାତ୍ରରୁ ଆଣି ଖାଦ୍ୟପାତ୍ରରେ ବାଢ଼ି ଦିଏ ନାହିଁ; କାରଣ ଏଥିରେ ଅଇଁଠା ବା ଛୁଆଁ ଦୋଷ ନ ଥାଏ । ] ପୁରୀର ଜଗନ୍ନାଥ ମହାପ୍ରଭୁଙ୍କୁ ଭୋଗ ଦିଆଯାଇଥିବା ଅନ୍ନମହାପ୍ରସାଦ—1. Boiled rice offered to the Deity Jagannātha at Puri.
ପଣ୍ଡା ପଢ଼ି ଅରମାନେ ଭୋଗ ଲାଗି କର
ଚାଖନ୍ତି ଅଭଡ଼ାମାନ ସର୍ବ ଗର୍ବେ ଭର । ଦୀନକୃଷ୍ଣ. କୃଷ୍ଣ ହସ୍ତବଣ ।
୨ । ପରସ୍ପର ମହାପ୍ରସାଦ ଖୁଆଖୋଇ ହୋଇ ଯେଉଁମାନେ ନିଜ ନିଜ ମଧ୍ୟରେ ବନ୍ଧୁତା ସ୍ଥାପନ କରିଥାନ୍ତି—
2. Mutual friends between whom God-relationship has been started by putting a morsel of Abharḍā into each other's mouth.
ପ୍ରାଦେ. (ବାଲେଶ୍ୱର) ବିଣ. ( ସଂ. ଅବ୍ୟୂଢ଼ )—
(ଅଭଅଢ଼ୀ—ସ୍ତ୍ରୀ) ଅବିବାହିତ—Unmarried.
ଅଭ ଅଭଡ଼ା ମଙ୍ଗଳ, ବାଳ ଅଭ ଦୂର କର ଅଛ । ଫକୀରମୋହନ. ଗଳ୍ପସ୍ୱଳ୍ପ ।
ପ୍ରାଦେ. ( ସିଂହଭୂମ ) ବି—ବିବାହ ବା ବ୍ରତର ପୂର୍ବଦିନ ବନ୍ଧୁମାନଙ୍କ ଦ୍ୱାରା ପଠାଯିବା ଭେଟି—Presents sent before the day of marriage or sacred-thread-ceremony by relatives

**ଅଭଡ଼ାକୁଡ଼ୁଆ**—ଦେ. ବି—ଯେଉଁ ଛୋଟ ମାଟି ହାଣ୍ଡିରେ ଅନ୍ନ
Abharḍākurḍuā ମହାପ୍ରସାଦ ରନ୍ଧାହୁଏ ବା ରଖାଯାଏ—
মহাপ্রসাদের কুঁড়ি The small earthen pot in which Abharḍā is cooked or stored.

**ଅଭଦ୍ର**—ସଂ. ବିଣ. ( ଅ + ଭଦ୍ର )—୧ । ଅମାର୍ଜିତ—
Abhadra 1. Unpolished; ungentle-manly.
(ଅଭଦ୍ରତା—ବି) ୨ । ବର୍ବର—2. Barbarious; unmannerly.
୩ । ଅସଭ୍ୟ—3. Uncivilised; uncivil.
୪ । ସୁରୁଚିହୀନ—4. Wanting in good taste.
୫ । ରୂଢ଼ ବ୍ୟବହାରକାରୀ—5. Rude; impolite.

**ଅଭଦ୍ରତା**—ସଂ. ବି. ( ଅଭଦ୍ର + ଭାବ. ତା )—୧ । ଅସଭ୍ୟତା—
Abhadratā 1. Ungentle-manliness.
୨ । ରୂଢ଼ତା—2. Rudeness; incivility.
୩ । କୁରୁଚି—3. Bad taste.
୪ । ବର୍ବରତା—4. Barbarity.

**ଅଭଦ୍ରାମି**—ଦେ. ବି. ( ବଙ୍ଗଳା ଅନୁକରଣରେ )—ଅଭଦ୍ରତା ( ଦେଖ )
Abhadrāmi — Abhadratā ( See )
অভদ্রামি

**ଅଭବ**—ସଂ. ବି. ( ଅ + ଭୂ ଧାତୁ + ଅ; ଅ + ଭବ=ଜନ୍ମ )—
Abhaba ୧ । ଅପୁନର୍ଜନ୍ମ; ସଂସାରରେ ପୁନର୍ବାର ଜନ୍ମଲାଭ ନ କରିବା—1. Freedom from rebirth after death.
୨ । ମୋକ୍ଷ; ନିର୍ବାଣ—2. Final salvation from the world.

**ଅଭବ୍ୟ**—ସଂ. ବିଣ. ( ଅ + ଭବ୍ୟ=ପ୍ରଶସ୍ତ )—୧ । ଅକର୍ତ୍ତବ୍ୟ—
Abhabya I. Improper.
(ଅଭବ୍ୟତା—ବି) ୨ । ଅଭଦ୍ର—2. Uncivil; rude.
୩ । ଅସଭ୍ୟ—3. Uncivilised.
୪ । ଅନୁଚିତ—4. Unbecoming.
୫ । ମନ୍ଦ—5. Wretched; bad.
ସଂ. ବି—୧ । ନ ହେବାର ଅବସ୍ଥା—1. Non-being; non-existence.
୨ । ଅନୌଚିତ୍ୟ—2. Impropriety.

**ଅଭବ୍ୟତା**—ସଂ. ବି. ( ଅ + ଭବ୍ୟତା )—ଅଭଦ୍ରତା; ଅସଭ୍ୟତା—
Abhabyatā Rudeness; incivility; bad manners

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧ୍' ନ ପାଇଲେ 'ବନ୍ଧ' ଦେଖିବେ; 'ଅର୍ଗ୍ୟା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅଭୟ**—ସଂ. ବି. ( ଅ + ଭୟ )—୧ । ଭୟର ଅଭାବ—
Abhaya 1. Absence of fear.
(ଅଭୟା—ସ୍ତ୍ରୀ) ୨ । ସାହସ—2. Courage.
୩ । ବେଣାମୂଳ—3 Root of Beṇā grass.
କେତେ ରକ୍ଷା ଯେ ଅଭୟବାର୍ତ୍ତା କହୁଥିବେ
ବଦାନ୍ୟ ନଧି ଯଶୋବନ୍ତ ଉତ୍ତର ଏ ଭାବେ । ଉଚ୍ଛ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।
୪ । ଶିବ—4. God Śiba.

**ଅଭୟଚରଣ**—ଦେ.ବି.ପୁଂ (ବହୁବ୍ରୀହି; ଅଭୟ + ଚରଣ)—ବ୍ୟକ୍ତିବିଶେଷଙ୍କ
Abhayacharaṇa ଡାକ ନାମ—Name given to
অভয়চরণ males.
ସଂ. ବି (ମଧ୍ୟପଦଲୋପୀ; ଅଭୟପ୍ରଦ ଚରଣ )—ଯେଉଁ ବ୍ୟକ୍ତିଙ୍କ ଚରଣକୁ ଆଶ୍ରା କଲେ ଆଶ୍ରିତ ବ୍ୟକ୍ତି ଭୟଶୂନ୍ୟ ହୁଏ; ଆଶ୍ରିତ-ବ୍ୟକ୍ତିକୁ ଅଭୟ ଦେବା ବ୍ୟକ୍ତି—A person who protects his protege from fear.

**ଅଭୟଡିଣ୍ଡିମ**—ସଂ. ବି (୪ର୍ଥୀ ତତ୍; ଅଭୟ ଡିଣ୍ଡିମ, କିମ୍ବା ମଧ୍ୟପଦଲୋପୀ
Abhayaḍiṇḍima ଅଭୟପ୍ରଦାନାର୍ଥ ବାଦିତ ଡିଣ୍ଡିମ; ସ୍ୱସୈନ୍ୟଙ୍କୁ ଉତ୍ସାହିତ କରି ଅଭୟ ପ୍ରଦାନ କରିବା ପାଇଁ ଯାହା ବାଦିତ ହୁଏ ।)—
୧ । ଯୁଦ୍ଧଡିଣ୍ଡିମ—1. War-drum.
୨ । ଜୟଢକ୍କା—2. Drum beaten by a victor after victory.

**ଅଭୟଦକ୍ଷିଣା**—ସଂ. ବି. (ରୂପକ; ଅଭୟ+ଦକ୍ଷିଣା)—
Abhayadakshiṇā ଅଭୟଦାନ (ଦେଖ)
Abhayadāna (See)

**ଅଭୟଦାନ**—ସଂ. ବି (୬ଷ୍ଠୀ ତତ୍; ଅଭୟ + ଦାନ)—କୌଣସି ବ୍ୟକ୍ତିକୁ
Abhayadāna ଭୟରୁ ଉଦ୍ଧାର କରିବାପାଇଁ ସାହସ ବା ଦେମାଗ୍ ଦେବା—Assurance of safety; safe conduct.

**ଅଭୟ ଦେବା**—ଦେ.କ୍ରି.(ସଂ.ଅଭୟ+ଦା ଧାତୁ)—୧ । ଦେମାଗ୍ ଦେବା;
Abhaya debā କୌଣସି ବ୍ୟକ୍ତିକୁ ଆପଦ ପଡ଼ିଲେ ତହିଁରୁ ତାକୁ
অভয় দেওয়া ଉଦ୍ଧାର କରିବାପାଇଁ ଆଶ୍ୱାସ କରିବା;ସାହସ ଦେବା—
**अभय देना** 1. To give any person assurance of safety or safe conduct.
୨ । ଭୟତ୍ରସ୍ତ ବ୍ୟକ୍ତି ମନରୁ ଭୟ ଛଡ଼ାଇ ତାକୁ ନିଶ୍ଚିନ୍ତ କରିବା—2. To drive away fear from the mind of a frightened persons.
ସମସ୍ତେ ଅଭୟ ଦେଇ ମହନ୍ତଙ୍କ ଗୋଡ଼ତଳେ ପଡ଼ିବାକୁ ଉପଦେଶ ଦେଲେ—
ଫକୀରମୋହନ. ଗଳ୍ପସ୍ୱଳ୍ପ ।

**ଅଭୟପତ୍ର**—ସଂ. ବି. ( ମଧ୍ୟପଦଲୋପୀ; ଅଭୟ + ପତ୍ର; କିମ୍ବା ୪ର୍ଥୀ ତତ୍;
Abhayapatra ଅଭୟ ପାଇଁ ପତ୍ର )—
୧ । ରାଜକୀୟ ଛାଡ଼ ଚିଠି—1. A royal pass-port.
୨ । ଯେଉଁ ଚିଠି ଦେଖାଇଲେ ପଥିକକୁ ବାଟରେ କେହି ହଇରାଣ କରେ ନାହିଁ—
2. A letter which enables the traveller to travel safely; a safe conduct.

**ଅଭୟପଦ**—ସଂ. ବି. ( ମଧ୍ୟପଦଲୋପୀ; ଅଭୟପ୍ରଦ ପଦ )—
Abhayapada ୧ । ଯେଉଁ ପଦର ଆଶ୍ରା ନେଲେ ଅଭୟ ହୁଏ; **ଯେଉଁ ବ୍ୟକ୍ତିଙ୍କ ପଦରେ ଶରଣ ପଶିଥିବା ବ୍ୟକ୍ତି ନିରାପଦ ହୁଏ—1.A person whose dependants are safe from any danger.**
୨ । **ଈଶ୍ୱରଙ୍କ ଆଶ୍ରା**—2. God's protection.
୩ । **ପରମେଶ୍ୱର**—3. God

**ଅଭୟପାଦପଦ୍ମ**—ସଂ. ବି. ( ରୂପକ; ମଧ୍ୟପଦଲୋପୀ; ଅଭୟ+ପାଦପଦ୍ମ;
Abhayapādapadma ପାଦରୂପ ପଦ୍ମ; ଅଭୟପ୍ରଦ ପାଦପଦ୍ମ)—
ସ୍ୱୟଂ ପରମେଶ୍ୱର—God Himself.

**ଅଭୟପ୍ରଦ**—ସଂ. ବିଣ ପୁଂ. (ଅଭୟ+ପ୍ର+ଦା ଧାତୁ+କର୍ତ୍ତୃ. ଅ)—
Abhayaprada ୧ । ଯେ ଅନ୍ୟକୁ ଅଭୟ ଦିଏ—
(ଅଭୟପ୍ରଦା—ସ୍ତ୍ରୀ) 1. Giving another safety.
୨ । ଯେ ଅଭୟ ବାଣୀ ଦିଏ—
2. Giving another assurance of safety

**ଅଭୟପ୍ରଦାୟକ**—ସଂ.ବିଣ.ପୁଂ. (ଅଭୟ+ପ୍ର+ଦା ଧାତୁ+କର୍ତ୍ତୃ.ଅକ)—
Abhayapradāyaka ଅଭୟପ୍ରଦ ( ଦେଖ )—
(ଅଭୟପ୍ରଦାୟିକା—ସ୍ତ୍ରୀ) Abhayaprada (See)

**ଅଭୟବଚନ**—ସଂ. ବି. (ମଧ୍ୟପଦଲୋପୀ; ଅଭୟପ୍ରଦ ବଚନ)—
Abhayabachana ଅଭୟବାଣୀ (ଦେଖ)
Ahhayabāṇi (See)

**ଅଭୟବର**—ସଂ. ବି. (ରୂପକ; ଅଭୟ ରୂପକ ବର)—କୌଣସି ଆଶ୍ରିତ
Abhayabara ବ୍ୟକ୍ତିକୁ ଉପସ୍ଥିତ ବା ଭବିଷ୍ୟତ ବିପଦରୁ ରକ୍ଷା କରିବାପାଇଁ ରକ୍ଷକଙ୍କଦ୍ୱାରା ପ୍ରଦତ୍ତ ବଚନ—
Assurance of safety given to a person.

**ଅଭୟବାଣୀ**—ସଂ. ବି. ( ମଧ୍ୟପଦଲୋପୀ; ଅଭୟପ୍ରଦ ବାଣୀ)—
Abhayabāṇi କୌଣସି ବିପନ୍ନ ବା ଆତୁର ବ୍ୟକ୍ତିଙ୍କୁ ତୁମ୍ଭର କିଛି ଭୟର ଆଶଙ୍କା ନାହିଁ ବୋଲି ରକ୍ଷକ ବ୍ୟକ୍ତି କହିବା ବଚନ—
Assurance or promise of safety.

**ଅଭୟବିଭୂତି**—ଦେ. ବି. ( ଅଭୟ + ବିଭୂତି )—
Abhayabibhūti ୧ । ଅଭୟ ବର ପାଇଥିବା ବ୍ୟକ୍ତିର ଐଶ୍ୱର୍ଯ୍ୟ ବା ନିରାପଦ ଅବସ୍ଥା—1. A state of safety or impunity from danger.
୨ । ଅଭୟବର—2. Assurance of safety.
ଦୁର୍ଗାଙ୍କୁ ମାଗିଲେ ଯାଇ ଅଭୟ ବିଭୂତି
ଯେଉଁ ବିଭୂତି ଲାଗିଲେ ଶସ୍ତ୍ର ନ ଭେଦନ୍ତି । ସାରଳାମହାଭାରତ. ମଧ୍ୟ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଛ | ଉ | ଋ,ୠ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇୟ | ଉଅ | ଞ |
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ୱ | ନୃ |

**ଅଭୟଯାଚନା**—ସଂ. ବି ( ୬ଷ୍ଠୀ ତତ୍; ଅଭୟ + ଯାଚନା )—
Abhayajāchanā ୧ । ଅଭୟ ବା ବିପଦରୁ ରକ୍ଷା ପାଇବାପାଇଁ ଦେବତା ବା ମହତ୍ ବ୍ୟକ୍ତିଙ୍କଠାରେ ବିପନ୍ନ ବ୍ୟକ୍ତିର ପ୍ରାର୍ଥନା—
1. Asking for safety ( M. W. )

**ଅଭୟା**—ସଂ. ବିଣ. ସ୍ତ୍ରୀ ( ଅଭୟ + ସ୍ତ୍ରୀ. ଆ )—୧ । ଅଭୟର ସ୍ତ୍ରୀଲିଙ୍ଗ—
Abhayā 1. Feminine of Abhaya.
ସଂ. ବି. ସ୍ତ୍ରୀ ( ଯାହାକୁ ସେବା କଲେ ଅଭୟ ମିଳେ )—
୧ । ଦୁର୍ଗା—1. A name of Goddess Durgā.
୨ । ହରଡ଼ା—2. Myrabolan.
୩ । ଚବିକା; ଶୁଇକାଠଗୁଳି—
3. Terminalia Chebula ( M. W. )

**ଅଭୟାଲବଣ**—ସଂ. ବି.—ବୈଦ୍ୟଶାସ୍ତ୍ରୋକ୍ତ ଲବଣଘଟିତ ଔଷଧ-
Abhayālabaṇa ବିଶେଷ, ଏହା ଶୂଳ ଓ ଅଜୀର୍ଣ୍ଣ ରୋଗରେ ଉପକାରକ—
1. A medicinal preparation of salt used as an antidote to colic and dyspepsia.

**ଅଭର**—ଗ୍ରା. ବି ( ସଂ. ଅଭ୍ର )—୧ । ଅଭ୍ର; ମେଘନାଲ—
Abhara 1. Talc; mica.
আব্‌ভর
**आभ; अबरक**

**ଅଭରକ୍**—ଦେ. ବି ( ସଂ. ଅଭ୍ରକ )—୧ । ଅଭ୍ର; ମେଘନାଲ—
Abharak 1. Talc; mica.

**ଅଭରଖ୍**—ଦେ. ବି. ( ସଂ. ଅଭ୍ରକ )—୧ । ଅଭ୍ର; ମେଘନାଲ—
Abharakh 1. Talc; mica.

**ଅଭରଟିକିଲି**—ଗ୍ରା. ବି. ( ସଂ. ଅଭ୍ର+ତିଲକ )—
Abharaṭikili ଅଭରଟିକିଲି—ସ୍ତ୍ରୀମାନଙ୍କର ବେଶ ହେବା
আভরটীপ ଉପଲକ୍ଷରେ କପାଳ ମଝିରେ ମାରିବା କୃଷ୍ଣାଭ୍ରର
**आबरकटिकली** ଟୋପି—Circular bit of black mica put by females on the forehead.

**ଅଭରଟୋକଲ**—ପ୍ରାଦେ. ( ପୁରୀ ଓ ଗଡ଼ଜାତ ) ବି—
Abharaṭokala ଅଭରଟିକିଲି ( ଦେଖ )
Abharaṭikili ( See )

**ଅଭରଟୋପି**—ପ୍ରାଦେ. ( ପୁରୀ ଓ କଟକ ) ବି—
Abharaṭopi ଅଭରଟିକିଲି ( ଦେଖ )
Abharaṭikili ( See )

**ଅଭରସା**—ଦେ. ବି (ସଂ. ଅ+ଓ. ଭରସା)—୧ । ନୈରାଶ୍ୟ—
Abharasā 1. Despair; hopelessness.
নির্ভরসা
**निभरोस**
ସେ ଭରତ କଲ୍ପ କାହର କାର ଅଭରସାରୁ ।
ଭକ୍ତ. କୋଷ୍ଟଚୂଡ଼ାମଣିଦାସ । ୨
୨ । ଅନାସ୍ଥା; ନିର୍ଭରଶୀଳତାର ଅଭାବ—
2. Want of reliance.
ଦେ. ବିଣ—୧ । ନିରାଶ; ହତାଶ—
1. Hopeless; desperate.
୨ । ଅନିର୍ଭରଶୀଳ—2. Unrelying.
୩ । ନିରାଶ୍ରୟ—Helpless.

**ଅଭର୍ତ୍ତୃକା**—ସଂ. ବିଣ. ସ୍ତ୍ରୀ ( ବହୁବ୍ରୀହି; ଅ+ଭର୍ତ୍ତୃ+କ+ଆ )—
Abharttṛukā ୧ । ବିଧବା—1. Widowe .
୧ । ସ୍ୱାମିବିହୀନା—Having no husband.
୨ । ଅବିବାହିତା—2. Unmarried.

**ଅଭଲ**—ଗ୍ରା. ବିଣ—୧ । ମନ୍ଦ—1. Bad.
Abhala
ପ୍ରାନ୍ତେ ଏକା ଅଭଲ ଦଶାକୁ ପାଇବ—କୃଷ୍ଣସିଂହ. ମହାଭାରତ. ବନ ।
मन्द ୨ । ଅନୁତ୍ତମ—2. Not good.
**अनभल; अनभला** ୩ । ହେୟ—3. Despicable.
ଦେ. ବି.—୧ । ମନ୍ଦ କଥା—1. Bad thing.
୨ । ଦୁର୍ନାମ; ନିନ୍ଦା; ଅକୀର୍ତ୍ତି; ବଦନାମ—
2. Evil repute; blame.
କୁପୁତ୍ରେ ଶୁଣାନ୍ତି ପିତା ମାତାଙ୍କ ଅଭଲ—ପୀତାମ୍ବର. ନୃସିଂହ ଭୂଷଣ ।
୩ । ଅପବାଦ—3. Defamation.
୪ । କୁବାକ୍ୟ—4. Bad words.
୫ । ଅମଙ୍ଗଳ; ଅଶୁଭ—5. Evil.

**ଅଭାଗ**—ସ. ବିଣ. ପୁଂ ( ବହୁବ୍ରୀହି; ଅ+ଭାଗ )—
Abhāga ଅଭାଗ୍ୟ; ଭାଗ୍ୟହୀନ—
(ଅଭାଗା—ସ୍ତ୍ରୀ ) Unfortunate.
ସଂ. ବି—ଭାଗ ବା ବଣ୍ଟାର ଅଭାବ—
Absence of division.

**ଅଭାଗା**—ଦେ. ବିଣ. ପୁଂ ( ସଂ. ଅଭାଗ୍ୟ )—
Abhāgā ୧ । ହତଭାଗ୍ୟ—1. Unfortunate.
অভাগা ୨ । ଦୁଃଖଗ୍ରସ୍ତ—2. Miserable.
**अभागा,; कमबखत्**
ଅଭାଗା ସୁତଙ୍କ ମୁଖକୁ ଚାହିଁ—ଉକାର, ଗୀତଲହରୀ ।
ଅଭାଗୀ } ସ୍ତ୍ରୀ
ଅଭାଗିନୀ }
ସଂ. ବିଣ. ସ୍ତ୍ରୀ ( ଅଭାଗ+ଆ )—ଅଭାଗର ସ୍ତ୍ରୀଲିଙ୍ଗ—
Feminine of Abhāga.

**ଅଭାଗୀନ**—ଦେ. ବିଣ ( ସ. ଅଭାଗ )—ଅଭାଗା; ହତଭାଗ୍ୟ—
Abhāgina Unfortunate.
ବଳେ ଦୁରନ୍ତ କର୍ମୀମାନ; କୁଟୁମ୍ବ ଅର୍ଥେ ଅଭାଗୀନ । ଜଗନ୍ନାଥ. ଭାଗବତ. ୩ସ୍କ ।

**ଅଭାଗ୍ୟ**—ସଂ. ବି ( ଅ + ଭାଗ୍ୟ )—୧ । ଦୁର୍ଭାଗ୍ୟ, ମନ୍ଦଭାଗ୍ୟ—
Abhāgya 1. Misfortune; bad luck.
୨ । ଦୁର୍ଦ୍ଦଶା—Misery.
ସଂ. ବିଣ—୧ । ଭାଗ୍ୟହୀନ; ହତଭାଗ୍ୟ—
1. Unfortunate; luckless.
୨ । ଦୁର୍ଦ୍ଦଶାଗ୍ରସ୍ତ—2. Miserable.
୩ । ଦୁଃଖୀ—3. Unhappy.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଳବଳ' ନ ପାଇଲେ 'ଅଲବଲ' ଦେଖିବେ ।

ପ୍ରନ ପରଭାସେ ଅଣ୍ଡକୁ ଥିଲା କାଣ ପାଳ,
ଅଭାଗ୍ୟ କାଳକୁ ଏବେ ସବେ ଗଲୁ ଚଳ ।
ପୀତାମ୍ବର. ନୃସିଂହପୁରାଣ ।

**ଅଭାଗ୍ୟକାଳ**—ସଂ. ବି ( ମଧ୍ୟପଦଲୋପୀ; ଅଭାଗ୍ୟ ଯୁକ୍ତ କାଳ )—
Abhāgyakāḷa ଦୁର୍ଦ୍ଦଶା ପଡ଼ିବା ସମୟ—
Time of misfortune.

ଅଭାଗ୍ୟେ କାଳେ ବପରୀତ ବୁଦ୍ଧି । ପ୍ରବଚନ

**ଅଭାଗ୍ୟବନ୍ତ**—ଦେ. ବିଣ. ପୁଂ. ଓ ସ୍ତ୍ରୀ. ( ସଂ. ଅଭାଗ୍ୟବାନ୍ )—
Abhāgyabanta ଅଭାଗ୍ୟବାନ୍; ମନ୍ଦଭାଗ୍ୟ—
Unfortunate.

ଅଭାଗ୍ୟବନ୍ତ ପ୍ରାଣୀ ସେହି, ତୁମ୍ଭ ଦର୍ଶନେ ଯୋଗ୍ୟ ନାହିଁ ।
ଜଗନ୍ନାଥ. ଭାଗବତ ୫।୨।୨୧ ।

**ଅଭାଜନ**—ସଂ. ବି. ( ଅ + ଭାଜନ )—
Abhājana ୧ । ଅପାତ୍ର; ଅସତ୍‌ପାତ୍ର—
1. Not a worthy recipient.
୨ । ଅଯୋଗ୍ୟ ବ୍ୟକ୍ତି—2. Undeserving person.

ମାନ ଅସ୍ମଦ୍ରୋହ ବିନା କ୍ଷମା ଅଭାଜନେ । ରଘୁନାଥ. ମହାଯାତ୍ରା ।

ସଂ. ବିଣ—୧ । ଅକ୍ଷମ—1. Incapable; incompetent.
୨ । ଅଯୋଗ୍ୟ—2. Unworthy; undeserving.

ରାଜାକୁ ଅଭାଜନ ଦେଖି, ପ୍ରଜାଏ ଖଣ୍ଡ ହୋନ୍ତି ଦୁଃଖୀ ।
ଜଗନ୍ନାଥ. ଭାଗବତ. ୧୦ମ ।

**ଅଭାବ**—ସଂ. ବି. ( ଅ = ନୁହେଁ + ଭାବ = ସତ୍ତା )—
Abhāba ୧ । ଅସତ୍ତା; ଅବିଦ୍ୟମାନତା; ନ ଥିବା ଅବସ୍ଥା—
1. Non-existence.
୨ । ଅନୁପସ୍ଥିତି—2. Absence.
୩ । ବିତ୍ତହୀନତା—3 Pecuniary want.
୪ । ଅମେଳ; ଅସଦ୍ଭାବ—
4. Enmity; want of good feeling.

ତୋର ଶିବଙ୍କର କପି ଏତେକ ଅଭାବ । ସାରଳାମହାଭାରତ. ମଧ୍ୟ ।

୫ । ମୃତ୍ୟୁ—5. Death.

ତୁମ୍ଭେ ସେନାପତି ହୋଇଲେ ସବୁ ଜାବ
କର ଯୁଧିଷ୍ଠିରଙ୍କ କରିବ ଅଭାବ । କୃଷ୍ଣସିଂହ. ମହାଭାରତ. ଭୀଷ୍ମ ।

୬ । ବିନାଶ—6. Extinction; annihilation.

ତିନି ଲୋକ ହୁତେଶୀ ହୋଇ ରୁଦ୍ର ତେବ
ଏ ରୂପରେ କଲେଟି ତ୍ରିପୁର ଅଭାବ । କୃଷ୍ଣସିଂହ. ମହାଭାରତ; କର୍ଣ୍ଣ ।

୭ । (ନ୍ୟାୟ ଶାସ୍ତ୍ର) ଅସ୍ତିତ୍ୱକୁ ନ ମାନିବା—
7. (logic) Negation of existence.
[ ଦ୍ର—ଏହା ଦୁଇ ପ୍ରକାର, ଯଥା—
୧ । ସଂସର୍ଗାଭାବ—1. Universal negation.
୨ । ଅନ୍ୟୋନ୍ୟାଭାବ—2. Relative negation.]

ଦେ. ବି—୧ । ରୋଗ—1. Disease; sickness.
( ଯଥା—ତାଙ୍କ ଦେହର ଅଭାବ ହୋଇଅଛି । )
୨ । ଦୁଃଖ—2. Grief; sorrow.

ଉର୍ବଶୀ ଶାପ ତୁମ୍ଭ କାର୍ଯ୍ୟକୁ ଆସିବ,
ଏଥିକି ମନେ କିଛି ନ ଧର ଅଭାବ । କୃଷ୍ଣସିଂହ; ମହାଭାରତ. ବନ ।

୩ । ଦୁର୍ଦ୍ଦଶା—3. Misfortune.

ଯୁଧିଷ୍ଠିର ତା ଦେଖି ଡାକ ସହଦେବ
ବୋଇଲେ ଦେଖ ହଇ ଆମ୍ଭର ଅଭାବ । କୃଷ୍ଣସିଂହ; ମହାଭାରତ; ଶଲ୍ୟ ।

ଦେ. ବିଣ—ଭାବ ବା ସ୍ନେହବିହୀନ—
Loveless; void of affection.

ଅଭାବ ଯୁବତୀ ସଙ୍ଗେ ଭାବ ବଢ଼ାଇଲେ । ବ୍ରଜନାଥ—ରହସ୍ୟମଞ୍ଜରୀ ।

**ଅଭାବନୀୟ**—ସଂ. ବିଣ. ( ଅ = ନୁହେଁ + ଭାବନୀୟ )—
**Abhābanīya** ୧ । ଅଚିନ୍ତନୀୟ; ଅଚିନ୍ତ୍ୟ—
1. Unthinkable; inconceivable
୨ । ଅସମ୍ଭାବନୀୟ—2. Improbable.

**ଅଭାବପକ୍ଷରେ**—ଦେ. କ୍ରି. ବିଣ—
Abhābapakshare ୧ । ଅନ୍ତତଃ—1. At least.
অভাবপক্ষে ୨ । ( କୌଣସି ବିଷୟର) ଅନୁପସ୍ଥିତି ଘଟିଲେ—
2. In the absence (of anything)
୩ । ( କୌଣସି ପଦାର୍ଥ ) ନ ମିଳିଲେ—
3. In case a thing is not available.

**ଅଭାବେ**—ଦେ. ଅ—୧ । ଅଭାବପକ୍ଷରେ ( ଦେଖ )
Abhābe 1. Abhābapakshare ( See )
অভাবে ୨ । ପୂର୍ବକଥିତ ବିଷୟ ନ ଘଟିଲେ; ନୋଚେତ୍—
2. In the case of the said event not happening.

ଅଦୃଷ୍ଟଙ୍କୁ କଣୋସ: ଅଙ୍ଗୀକାର କଲେ ସଭ,
ଅଭାବେ ଉଜ୍ଜ୍ୱଳ ହେବ ଏ କଳଙ୍କ ପଙ୍କିଁ—
କବିସୂର୍ଯ୍ୟ. କଣୋସାଚମ୍ପୂ. ଣ. ଗୀତ ।

**ଅଭାବ୍ୟ**—ସଂ. ବିଣ ( ଅ + ଭାବ୍ୟ )—ଅଭାବନୀୟ ( ଦେଖ )
Abhābya Abhābanīya ( See )

**ଅଭାରଜନ**—ଗ୍ରା. ବିଣ ( ସଂ. ଅଭାଜନ )—ଅଭାଜନ ( ଦେଖ )
Abhārajana Abhājana ( See )

**ଅଭାର୍ଜନ**—ଗ୍ରା. ବିଣ—ଅଭାଜନ ( ଦେଖ )
Abhārjana Abhājana ( See )

**ଅଭାର୍ଯ୍ୟ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅ + ଭାର୍ଯ୍ୟା )—
Abhārjya ୧ । ସ୍ତ୍ରୀହୀନ—1. Wifeless.
୨ । ଅବିବାହିତ—2 Unmarried.
୩ । ମୃତଦାର—3. Widower.

**ଅଭାଷଣ**—ସଂ. ବି. ( ଅ = ନୁହେଁ + ଭାଷଣ )—ମୌନ—
Abhāshaṇa Silence.

**ଅଭାଷା**—ଦେ. ବି. ( ସଂ. ଅ + ଭାଷା )—୧ । କୁବାକ୍ୟ—
Abhāshā 1. Bad words.
୨ । ଅଶ୍ଲୀଳ ଭାଷା—2. Obscene language.
୩ । ଗାଳି—3. Abuse; evil names.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇୟ | ଉଅ | ଈ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଖ | ଇଅ | ଓ | ନ୍ତ |

**ଅଭି**—ପ୍ରାଦେ. ( କଟକସହର ) ଅ. ( ଅ. ଅବ୍ଭ )—ବର୍ତ୍ତମାନ;
Abhi ଏହିକ୍ଷଣି; ବର୍ତ୍ତମାନହିଁ—Now; just now.
এখনি ଦେ. ବି—ଅଭିରାମ, ଅଭିମନ୍ୟୁ ବା ଅଭୟଚରଣର ଡାକ
अब भि ନାମ—Name for calling a person named Abhirāma, Abhimanyu or Abhayacharaṇa.

**ଅଭିଅଡ଼ା**—ପ୍ରାଦେ. (ବାଲେଶ୍ୱର) ବିଣ. ପୁଂ. (ସଂ. ଅବ୍ୟୂଢ଼)—
Abhiarḍā ଅବିବାହିତ ( ପୁରୁଷ )—
(ଅଭିଅଡ଼ୀ—ସ୍ତ୍ରୀ) Unmarried ( male ).
আঙ্গিবুড়
अनव्याहा

**ଅଭିଆଡ଼ା**—ପ୍ରାଦେ. ( ବାଲେଶ୍ୱର )ବିଣ—ଅଭିଅଡ଼ା ( ଦେଖ )
Abhiārḍā Abhiarḍā ( See )

ହାୟ ! ହାୟ ! କୁଅଁଠା ଅଭିଅଡ଼ା ଥିଲ ତ ଥିଲ; ସବୁ ସାରି ଧାଡ ପୁରୁଷଙ୍କୁ ଜରକକୁ ଦେଲ । ଫକୀରମୋହନ—ଗଳ୍ପସ୍ୱଳ୍ପ ।

**ଅଭିଆଡ଼ୀ**—ଦେ. ବିଣ. ସ୍ତ୍ରୀ ( ସଂ. ଅବୋଢ଼ା ବା ଅବ୍ୟୂଢ଼ା )—
Abhiārḍi ଅବିବାହିତା; ଅନୂଢ଼ା—
আঙ্গিবুড়া Unmarried.

ବୋଇଲେ ରହିବା କେତେ ହୋଇ ଅଭିଆଡ଼ୀ—ପୀତାମ୍ବର. ନୃସିଂହପୁରାଣ ।

**ଅଭିଆଡ଼ୀପଦା**—ଦେ. ବି.—ପୂର୍ବେ ଯେଉଁ ସମାଜରେ (ଯଥା—ବ୍ରାହ୍ମଣ;
Abhiārḍipadā ବଣିଆ ) ବାଳିକା-ବିବାହ ପ୍ରଥା ଚଳୁଥିଲା ସେ ସମାଜର କୌଣସି କନ୍ୟା ଅବିବାହିତା ଥାଇ ରଜସ୍ୱଳା ହେଲେ ତାକୁ ସମାଜଚ୍ୟୁତ କରି ଗ୍ରାମମୁଣ୍ଡର କିଛି ଦୂରରେ ଯେଉଁ ନିର୍ଜନ ପ୍ରାନ୍ତରକୁ ନିର୍ବାସିତ କରାଯାଉଥିଲା—
A solitary place or wilderness away from the village to which was banished a Brāhmaṇa girl who attained puberty before marriage.

**ଅଭିଆଡ଼ୀସୂତା**—ଦେ.ବି.( ସଂ. ଅବ୍ୟୂଢ଼ା + ଓ. ସୂତ୍ର )—ଯେଉଁ ସୂତାକୁ
Abhiārḍisutā ଅବିବାହିତା କନ୍ୟାମାନେ କାଟନ୍ତି ବା ବଳନ୍ତି—
আঙ্গিবুড়োসুতো Thread woven by maids.
[ ଦ୍ର—ଏହା ବିବାହାଦି କର୍ମରେ ଲାଗେ । ]

**ଅଭିଆଣ**—ଦେ. ବି. ( ସଂ. ଅବଧାନ )—ବିଧି ବା ରୀତି ବହିର୍ଭୂତ
Abhiāṇa ମନ୍ଦକାର୍ଯ୍ୟ—Any uncommon bad act.
অসৈরণ

ଅଭିଆଣରେ ଭିଆଣ ଦେଖି; ପେଜ ପିଅଠେଇଁ ବାଳକ୍ଷ ଶଙ୍ଖ—ଢଗ ।

**ଅଭିକ**—ସଂ. ବିଣ. ପୁଂ. (ଅଭି + କମ ଧାତୁ = ଅଭିଳାଷ କରିବା + ଅ)—
Abhika ୧ । କାମୁକ—1. Licentious.
(ଅଭିକା—ସ୍ତ୍ରୀ) ୨ । ଲମ୍ପଟ—2. Wanton.

**ଅଭିକା**—ପ୍ରାଦେ. ( କଟକ ) ଅ—ବର୍ତ୍ତମାନ; ଏହିକ୍ଷଣି—
Abhikā Just now, at present.
এখনি
अब भि

**ଅଭିକାଙ୍କ୍ଷା**—ସଂ. ବି. ( ଅଭି = ବିଶେଷ ରୂପେ + କାଙ୍କ୍ଷ ଧାତୁ = ଇଚ୍ଛା
Abhikāṅkshā କରିବା + ଭାବ. ଅ + ଆ )—
(ଅଭିକାଙ୍କ୍ଷିତ—ବିଣ) ୧ । ପ୍ରବଳ ବାସନା; ଆକାଂକ୍ଷା—
1. Strong desire; hankering.
୨ । ଇଚ୍ଛା—2. Wish; desire.

**ଅଭିକ୍ରମ**—ସଂ. ବି. (ଅଭି = ସମ୍ମୁଖରେ + କ୍ରମ ଧାତୁ = ଯିବା + ଭାବ. ଅ)—
Abhikrama ୧ । ଯୁଦ୍ଧାର୍ଥ ଶତ୍ରୁ ସମ୍ମୁଖକୁ ଗମନ—
(ଅଭିକ୍ରାନ୍ତ—ବିଣ) 1. Advancing to the front of the enemy to fight.
୨ । ଆରୋହଣ—2. Ascending.
୩ । ଆକ୍ରମଣ—3. Attack; onslaught.
୪ । ଆରମ୍ଭ—4. Beginning.

**ଅଭିକ୍ରମଣ**—ସଂ. ବି. ( ଅଭି + କ୍ରମ ଧାତୁ + ଭାବ. ଅନ )—
Abhikramaṇa ଅଭିକ୍ରମ ( ଦେଖ )
Abhikrama ( See )

**ଅଭିଖ୍ୟା**—ସଂ. ବି. (ଅଭି = ବିଶେଷରୂପେ + ଖ୍ୟା ଧାତୁ = ପ୍ରକାଶ କରିବା
Abhikhyā + ଭାବ. ଅ + ଆ )—୧ । ଖ୍ୟାତି—
(ଅଭିଖ୍ୟାତ—ବିଣ) 1. Fame; reputation.
୨ । ଉପାଧି—2. Title.
୩ । ନାମ—3. Name.
୪ । ଶୋଭା—4. Beauty; grace.

ଲଭିଛି ଅଭିଖ୍ୟା ଯେହୁ କାମାଖ୍ୟା ପ୍ରସାଦେ । ରାଧାନାଥ. ମହାଯାତ୍ରା ।

**ଅଭିଗମ**—ସଂ. ବି. ( ଅଭି = ବିଶେଷରୂପେ + ଗମ ଧାତୁ = ଯିବା + ଭାବ.
Abhigama ଅ )—୧ । ଆଶ୍ରୟ—1. Shelter; recourse.
(ଅଭିଗତ—ବିଣ) ୨ । ପ୍ରାପ୍ତି—2. Attainment.
୩ । ସେବା—3. Attendance; tending.
୪ । ପ୍ରତ୍ୟୁଦ୍ଗମନ; ପାଛୋଟି ଯିବା—
4. Going to see a person off.
୫ । ନିକଟକୁ ଯିବା—5. Going near; approach.
୬ । ସଙ୍ଗରେ ମିଶିବା—6. Joining the company of; accompanying.
୭ । ସଙ୍ଗମ—8. Union; cohabitation.

**ଅଭିଗମନ**—ସଂ. ବି. ( ଅଭି + ଗମ ଧାତୁ + ଭାବ. ଅନ )—
Abhigamana ଅଭିଗମ ( ଦେଖ )
Abhigama ( See )

ଅଭିଗମନ ମଞ୍ଜୁ ବାଣୀ; ପୂଜିବ ନିଜ ଘରେ ଆଣି ।
ଜଗନ୍ନାଥ. ଭାଗବତ. ୫ଅ

**ଅଭିଗ୍ରହ**—ସଂ. ବି. ( ଅଭି = ସମ୍ମୁଖ + ଗ୍ରହ ଧାତୁ + ଭାବ. ଅ )—
Abhigraha ୧ । ଆକ୍ରମଣ—1. Attack.
୨ । ଯୁଦ୍ଧାର୍ଥ ଶତ୍ରୁର ସମ୍ମୁଖକୁ ଗମନ—
2. Advancing to the front of an enemy to fight.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବର୍ଦ୍ଧ' ନ ପାଇଲେ 'ବର୍ଦ୍ଧ' ଦେଖିବେ; 'ଅର୍ଜ୍ଜା' ନ ପାଇଲେ 'ଅର୍ଜ୍ଜା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୩ । ଲୁଣ୍ଠନକାର୍ଯ୍ୟ; ଡକାଇତି—3. Robbery; dacoity.

୪ । ସ୍ପର୍ଦ୍ଧା; ଗୌରବ—4. Challenge.

୫ । ଜବରଦସ୍ତି ଛଡ଼ାଇ ନେବା—5. Snatching away by force; extortion.

**ଅଭିଗ୍ରହଣ**—ସଂ. ବି. ( ଅଭି+ଗ୍ରହ ଧାତୁ+ଭାବ. ଅନ)—Abhigrahaṇa ଅଭିଗ୍ରହ ( ଦେଖ ) Abhigraha ( See )

**ଅଭିଘାତ**—ସଂ. ବି. (ଅଭି+ହନ ଧାତୁ+ଭାବ.ଅ; ହନ ସ୍ଥାନରେ ଘାତ)—Abhighāta ୧ । ପ୍ରହାର—1. Beating, striking

୨ । ଆଘାତ—2. Stroke.

୩ । ଦଣ୍ଡଦ୍ୱାରା ମାଡ଼—3. Striking with a stick

୪ । ହତ୍ୟା—4. Murder; slaughter.

୫ । ଯାତନା—5. Pain.

୬ । ଆକ୍ରମଣ—6. Attack; onslaught.

**ଅଭିଘାତୀ**—ସଂ. ବିଣ. ପୁଂ (ଅଭି+ହନ ଧାତୁ+କର୍ତ୍ତୃ. ଇନ୍; ହନ ସ୍ଥାନରେ ଘାତ; ୧ମା. ୧ବ)—୧ । ଆଘାତକାରୀ—Abhighāti (ଅଭିଘାତିନୀ—ସ୍ତ୍ରୀ) 1. Striking.

୨ । ଆକ୍ରମଣକାରୀ—2. Attacking.

୩ । ଶତ୍ରୁଭାପନ୍ନ—3. Inimical.

୪ । ନାଶକ—4. Destroying.

୫ । (ଅମୁକ) ନାମଧାରୀ—5. Styled; named (so and so)

୬ । ଘାତକ; ହନ୍ତା—6. Killing; murderous.

ସଂ. ବି. ପୁଂ—୧ । ଶତ୍ରୁ—1. Enemy.

୨ । ହତ୍ୟାକାରୀ ବ୍ୟକ୍ତି—2. Murderer.

୩ । ବିନାଶକ ବ୍ୟକ୍ତି—3. Destroyer.

**ଅଭିଚର**—ସଂ. ବି. ପୁଂ (ଅଭି+ଚର ଧାତୁ+କର୍ତ୍ତୃ. ଅ)—Abhichara ୧ । ଅନୁଚର—1. Companion.

୨ । ସହାୟକ—2. Help.

୩ । ସହକର୍ମୀ—3. Colleague.

୪ । ଭୃତ୍ୟ; ଚାକର—4. Servant; follower;

**ଅଭିଚାର**—ସଂ. ବି (ଅଭି=ବିପରୀତ+ଚର ଧାତୁ+ଭାବ. ଅ)—Abhichāra ୧ । ପରହିଂସା କର୍ମ; ପରର ଅନିଷ୍ଟ ଘଟାଇବାପାଇଁ ଅନୁଷ୍ଠିତ ତାନ୍ତ୍ରିକ କର୍ମ ( ଏହା ଷଡ଼ବିଧ—ମାରଣ; ମୋହନ; ସ୍ତମ୍ଭନ; ବିଦ୍ୱେଷଣ; ଉଚ୍ଚାଟନ ଓ ବଶୀକରଣ) ଗୁଣିଗାରେଡ଼ି—1. Employment of spells for malevolent purposes; black art.

ଅଭିଚାର କର୍ମ ପାଇଁକି ହୋମ କଲ । କୃଷ୍ଣସିଂହ. ମହାଭାରତ. ଅଦି ।

୨ । ଉପପାତକବିଶେଷ—2. A class of petty sin or transgression.

[ ଦ୍ର—ଗୁଣି ବିଦ୍ୟା ଉପପାତକ ରୂପେ ଗଣ୍ୟ—ମନୁ ୧୧।୬୪ ଓ ଏଥି ପାଇଁ ସ୍ତ୍ରୀଲୋକରେ ଦଣ୍ଡ ବିଧାନ ଅଛି—ମନୁ ୯।୨୯୦ ଏବଂ ଏଥିପାଇଁ ପ୍ରାୟଶ୍ଚିତ୍ତ ବିଧେୟ—ମନୁ ୧୧।୧୯୮]

**ଅଭିଚାର ଜ୍ୱର**—ସଂ. ବି ( ମଧ୍ୟପଦଲୋପୀ )—ଅଭିଚାରପ୍ରୟୋଗଜନିତ Abhichāra jwara ଜର; ମନ୍ତ୍ର ଯନ୍ତ୍ର ପ୍ରୟୋଗଜନିତ ଜ୍ୱର—Fever caused by magic spells.

**ଅଭିଚାରିତ**—ସଂ. ବିଣ. ପୁଂ (ଅଭିଚାର+ଇତ)—ଯାହା ପ୍ରତି ଗୁଣିଗାରେଡ଼ି Abhichārita ପ୍ରୟୋଗ କରି ଯାଇ ଅଛି—Enchanted; (ଅଭିଚାରିତା—ସ୍ତ୍ରୀ) (a person) against whom black magic has been applied.

**ଅଭିଚାରୀ**—ସଂ. ବିଣ.ପୁଂ (ଅଭି+ଚର ଧାତୁ+କର୍ତ୍ତୃ.ଇନ୍. ୧ମା ୧ବ)—Abhichāri ୧ । ଅଭିଚାର ନାମକ ଉପପାତକକାରୀ—(ଅଭିଚାରିଣୀ—ସ୍ତ୍ରୀ) 1. Committing petty sins.

୨ । ଗୁଣିଆ; ଯେ ପରର ଅନିଷ୍ଟ ନେଇ ତନ୍ତ୍ର ମନ୍ତ୍ର ପ୍ରୟୋଗ କରେ—Enchanting; conjuring; practising black art,

ସଂ. ବି—ଗୁଣିଆବ୍ୟକ୍ତି—A conjurer; a magician. (ଯଥା—ଏହାର ଅନ୍ୟରୂପ ଅଭିଚାରକ ପୁଂ. ଓ ଅଭିଚାରିକା—ସ୍ତ୍ରୀ)

**ଅଭିଜନ**—ସଂ. ବି (ଅଭି+ଜନ ଧାତୁ+ଅଧିକରଣ. ଅ)—Abhijana ୧ । ପ୍ରସିଦ୍ଧ ବଂଶ—1. A renowned family.

୨ । କୁଳ; ବଂଶ—2. Family; race.

୩ । ବଂଶଧରଗଣ—3. Descendants.

୪ । ପୂର୍ବପୁରୁଷଗଣ—4. Ancestors.

୫ । ଆଭିଜାତ୍ୟ; ଉଚ୍ଚବଂଶରେ ଜନ୍ମ—5. Noble descent.

୬ । କୁଳଶ୍ରେଷ୍ଠ ବ୍ୟକ୍ତି; ବଂଶଗୌରବ ବ୍ୟକ୍ତି—6. The renowned person or ornament of a family.

୭ । ଜନ୍ମଭୂମି—7. Motherland, native country.

୮ । ପ୍ରସିଦ୍ଧି; ଖ୍ୟାତି—8. Fame ( M. W. )

୯ । ବଦନାମ—9. Natoriety ( M. W. )

୧୦ । ପରିଜନବର୍ଗ—10. Attendants; retinue ( Apte )

**ଅଭିଜନବାନ୍**—ସଂ. ବିଣ. ପୁଂ ( ଅଭିଜାତ+ବତ୍; ୧ମା. ୧ବ )—Abhijanabān ଉଚ୍ଚକୁଳୋଦ୍ଭବ—Of noble descent (ଅଭିଜନବତୀ—ସ୍ତ୍ରୀ) ( M. W. )

**ଅଭିଜୟ**—ସଂ. ବି. ( ଅଭି+ଜୟ )—୧ । ସମ୍ପୂର୍ଣ୍ଣ ଜୟ—Abhijaya 1 Complete victory.

୨ । ଦେଶଜୟ—2. Conquest.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଣ,ଷ | ଜ୍ଞ | ଇଅ | ଉଅ | ଓ |
| ୨ | ଈ | ଊ | ଋ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ୟଅ | ଓ | ଋ |

**ଅଭିଜାତ**—ସଂ. ବିଣ. ( ଅଭି+ଜନ ଧାତୁ+କର୍ତ୍ତୃ. ତ )—
Abhijāta ୧ । ସଦ୍‌ବଂଶଜାତ—1. Well-born.
(ଅଭିଜାତା—ସ୍ତ୍ରୀ) ୨ । କୁଳୀନ—2. Of noble birth.
୩ । ଉଚ୍ଚବଂଶଧର; ଖାନ୍ଦାନ୍—3. Aristocratic.
୪ । ଜ୍ଞାନୀ; ପଣ୍ଡିତ—4. Wise; learned.
୫ । ଯୋଗ୍ୟ—5. Worthy; fit.
୬ । ନ୍ୟାଯ୍ୟ—6. Rightful.
୭ । ମଧୁର—7. Sweet.
୮ । ସୁନ୍ଦର—8. Fair.

**ଅଭିଜାତତନ୍ତ୍ର**—ଦେ. ବି. ( ଆଧୁନିକ ନୀତିବିଜ୍ଞାନପରିଭାଷା )—ରାଜ୍ୟର
Abhijātatantra କୁଳୀନ ବ୍ୟକ୍ତିମାନଙ୍କଦ୍ୱାରା ରାଜ୍ୟଶାସନ
অভিজাততন্ত্র ପ୍ରଣାଳୀ—Oligarchy; government of a country by the
अभिजाततन्त्र aristocracy.

**ଅଭିଜାତ୍ୟ**—ଦେ. ବି. ( ସଂ. ଆଭିଜାତ୍ୟର ଅଶୁଦ୍ଧ ଉଚ୍ଚାରଣ)—
Abhijātya ଆଭିଜାତ୍ୟ (ଦେଖ)—Ābhijātya ( See )
অভিজাত্য
अभिजात्य

**ଅଭିଜିତ୍**—ସଂ. ବି. ( ଅଭି+ଜି ଧାତୁ+କର୍ତ୍ତୃ. କ୍ୱିପ୍ )—
Abhijit ୧ । ଉତ୍ତରାଷାଢ଼ା ଓ ଶ୍ରବଣାର ମଧ୍ୟବର୍ତ୍ତୀ ନକ୍ଷତ୍ର—
1. An asterism; Vega.
[ ଦ୍ର—ହିନ୍ଦୁଜ୍ୟୋତିଷ ମତରେ ୨୭ ନକ୍ଷତ୍ର ଛଡ଼ା ଏ ଗୋଟିଏ ଅଧିକା ନକ୍ଷତ୍ର; ନକ୍ଷତ୍ର ତଳେ କୋଷ୍ଠ ଦେଖ । ]
୨ । ଜ୍ୟୋତିଷ ଶାସ୍ତ୍ରୋକ୍ତ ଲଗ୍ନବିଶେଷ—
2. Name of an astrological conjunction.
୩ । ଦିବସର ପନ୍ଦର ଭାଗର ଅଷ୍ଟମ ଭାଗ ବା ମୁହୂର୍ତ୍ତ—
3. The 8th of the 15 parts of a day.
ସଂ. ବିଣ.—୧ । ଅଭିଜିତ୍ ନକ୍ଷତ୍ରରେ ଜାତ—
1. Born under the constellation of Vega.
୨ । ଜୟକାରୀ; ଜେତା—2. Victorious.

**ଅଭିଜିତ**—ସଂ. ବି. ( ଅଭି+ଜି ଧାତୁ+ତ )—ଅଭିଜିତ୍ ( ଦେଖ )
Abhijita Abhijit ( See )

**ଅଭିଜିତି**—ସଂ. ବି. ( ଅଭି+ଜି ଧାତୁ+ଭାବ. ତି)—ସମ୍ପୂର୍ଣ୍ଣ ଜୟ—
Abhijiti Complete victory.

**ଅଭିଜ୍ଞ**—ସଂ. ବିଣ. ପୁଂ. ( ଅଭି=ସର୍ବତୋଭାବରେ+ଜ୍ଞା ଧାତୁ+
Abhijña କର୍ତ୍ତୃ. ଅ )—୧ । ବିଜ୍ଞ—1. Knowing.
( ଅଭିଜ୍ଞା—ସ୍ତ୍ରୀ ) ୨ । ଚତୁର—2. Skilful; clever.
(ଅଭିଜ୍ଞତା—ବି) ୩ । କୌଣସି ବିଷୟରେ ପାରଙ୍ଗମ—
3. Understanding or conversant with a matter.
୪ । ବହୁଦର୍ଶୀ;ଅନୁଭବୀ—4. Experienced; prudent.

**ଅଭିଜ୍ଞତା**—ସଂ. ବି. ( ଅଭିଜ୍ଞ+ଭାବ. ତା )—୧ । ବହୁଦର୍ଶିତା—
Abhijñatā 1. Experience.
୨ । ଦୂରଦର୍ଶିତା; ସାଂସାରିକ ବିଷୟବୁଦ୍ଧି—
2. Prudence
୩ । ଜ୍ଞାନପଣ—
3. State of being wise; wisdom.

**ଅଭିଜ୍ଞା**—ସଂ. ବିଣ. ସ୍ତ୍ରୀ. ( ଅଭିଜ୍ଞ+ସ୍ତ୍ରୀ. ଆ )—ଜ୍ଞାନବତୀ ବା ପ୍ରବୀଣ
Abhijñā ( ସ୍ତ୍ରୀ )—Feminine of Abhijña.
( ଅଭିଜ୍ଞାତ—ବିଣ ) ସଂ. ବି. ( ଅଭି+ଜ୍ଞା ଧାତୁ+ଅ+ଆ )—
୧ । ପ୍ରଥମଜାତ ଜ୍ଞାନ; ଆଦ୍ୟ ଜ୍ଞାନ—
1. Primary knowledge or intelligence, intuition; discretion.
୨ । ସ୍ମରଣ; ସ୍ମୃତି—
2 Remembrance; recollection
୩ । ଦୂର ଶବ୍ଦ ଶୁଣିବାର ଶକ୍ତି—
3. Hearing to a distance; clairaudience ( M. W. )
୪ । ଦୂର ବସ୍ତୁ ଦେଖି ପାରିବାର ଶକ୍ତି—
4. Seeing to a distance; clairvoyance ( M. W. )
୫ । ପରର ମାନସିକ ଭାବ ବୁଝିପାରିବାର ଶକ୍ତି—
5. Penetrating men's thoughts; mind-reading ( M. W. )
୬ । ମନୁଷ୍ୟମାନଙ୍କ ଜୀବନର ପୂର୍ବଘଟଣା ଓ ଭବିଷ୍ୟତ-ଘଟଣାମାନ ବିଦ୍ୟାବଳରେ ଜାଣିବାର ଶକ୍ତି—
6. The art of knowing other people's states and antecedents ( M. W. )

**ଅଭିଜ୍ଞାତ**—ସଂ ବିଣ. ( ଅଭି+ଜ୍ଞା ଧାତୁ+କର୍ମ. ତ )—
Abhijñāta ୧ । ଅନୁଭବଦ୍ୱାରା ଜଣା ଯାଇଥିବା—
1 Known by experience; realised;
୨ । ଅନୁଭୂତ—2. Experienced.

**ଅଭିଜ୍ଞାତା**—ସଂ. ବିଣ. ପୁଂ. (ଅଭି+ଜ୍ଞା ଧାତୁ+କର୍ତ୍ତୃ. ତୃ; ୧ମା.୧ବ)—
Abhijñātā ଅଭିଜ୍ଞ ( ଦେଖ )—Abhijña ( See )
( ଅଭିଜ୍ଞାତ୍ରୀ—ସ୍ତ୍ରୀ )

**ଅଭିଜ୍ଞାନ**—ସଂ. ବି. ( ଅଭି+ଜ୍ଞା ଧାତୁ+କରଣ. ଅନ; ଯାହାଦ୍ୱାରା ମନୁଷ୍ୟ ଜାଣି ପାରେ )—
Abhijñāna
୧ । ପୂର୍ବସ୍ମୃତି—1. Remembrance; recollection.
୨ । ଜ୍ଞାନ—2. Knowledge
୪ । ପୂର୍ବସ୍ମୃତିଉଦ୍ରେକକାରୀ ବସ୍ତୁ—4. A sign or token of remembrance; memento.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଆଙ୍ଗିଆ' ନ ପାଇଲେ 'ଅଙ୍ଗିଆ' ଦେଖିବେ; 'ଅଲବଡ଼' ନ ପାଇଲେ 'ଅଲବଡ଼' ଦେଖିବେ ।

ଏ ଅଭିଜ୍ଞାନ ଲଭି ଏ ଗୃହ ମଧ୍ୟ, ଗମିବୁ ନ ହୋଇବୁ ଖେଦେ ହତାଶ ।
ରାଧାନାଥ—ମେଘଦୂତ ।

୫ । କୌଣସି ବିଷୟର ପ୍ରମାଣରୂପେ ଉପସ୍ଥାପିତ ବସ୍ତୁ—
5. Any sign or token serving as a proof for.

୬ । ଯାଦଦାସ୍ତ—6. Memorandum.

୭ । ସଙ୍କେତ—7. Token; mark.

**ଅଭିଜ୍ଞାନଗ୍ରନ୍ଥ**—ସଂ. ବି (ଆଧୁନିକ ବ୍ୟବହାର)—ଯେଉଁ ଗ୍ରନ୍ଥରୁ ଲୋକ
Abhijñānagrantha ଲୋଡ଼ିବା ବିଷୟ ପାଏ ( ଯଥା—ଅଭିଧାନ)—A book of reference.

**ଅଭିଜ୍ଞାନପତ୍ର**—ସଂ. ବି (ଆଧୁନିକ ପ୍ରୟୋଗ)—୧ । ସାର୍ଟିଫିକେଟ—
Abhijñānapatra 1 Certificate.

୨ । ପରିଚୟ ପତ୍ର—2. Letter of introduction.

୩ । ଯେଉଁ ପତ୍ର ବା ଲେଖାଦ୍ୱାରା କୌଣସି ବିଷୟ ବା ବ୍ୟକ୍ତି ସ୍ମରଣ କରା ଯାଇ ପାରେ; ସ୍ମାରକଲିପି—
A memo; memorandum.

**ଅଭିଜ୍ଞାନପୁସ୍ତକ**—ସଂ. ବି. (ଆଧୁନିକ ପ୍ରୟୋଗ)—
Abhijñānapustaka ୧ । ଅଭିଜ୍ଞାନଗ୍ରନ୍ଥ (ଦେଖ)
Abhijñānagrantha (See)

୨ । ପକେଟ୍ ବହି; ଟିପା ବହି—
2. Note book; pocket-book.

**ଅଭିଜ୍ଞାନଶକୁନ୍ତଳ**—ସଂ. ବି. (ନାମ) ବହୁବ୍ରୀହି; [ ଅଭିଜ୍ଞାନ=ସ୍ମାରକବସ୍ତୁ
Abhijñānaśakuntaḷa +ଶକୁନ୍ତଳା; ଯେଉଁ ନାଟକରେ ତନ୍ନାମ୍ନୀ ବାଳିକା ଶକୁନ୍ତଳାଙ୍କ ସମ୍ବନ୍ଧେ ପୂର୍ବ ସ୍ମୃତିର ଅଭିଜ୍ଞାନ ବା ସ୍ମାରକ ବସ୍ତୁର ବର୍ଣ୍ଣନା ଅଛି ।]

କାଳିଦାସଙ୍କ ରଚିତ ସଂସ୍କୃତ ନାଟକର ନାମ—
Title of a Sanscrit drama by poet Kāḷidāsa.

[ଦ୍ର—ରାଜା ଦୁଷ୍ମନ୍ତ କଣ୍ୱ ଋଷିଙ୍କଦ୍ୱାରା ବାଲ୍ୟକାଳରୁ ପାଳିତା ବିଶ୍ୱାମିତ୍ର-ମେନକା-କନ୍ୟା ଶକୁନ୍ତଳାଙ୍କୁ କଣ୍ୱାଶ୍ରମରେ ଦୈବାତ୍ ଭେଟି ତାଙ୍କୁ ଗାନ୍ଧର୍ବ ବିଧିରେ ବିବାହ କରିଥିଲେ ଓ ତାଙ୍କୁ ସଙ୍କେତ ସ୍ୱରୂପ ନିଜର ଛାପାମୁଦି ଦେଇଥିଲେ । ଦୁର୍ବାସାଙ୍କ ଅଭିଶାପରୁ ଶକୁନ୍ତଳାଙ୍କ ହାତରୁ ସେ ମୁଦି ନଈରେ ହଜିବାରୁ ଦୁଷ୍ମନ୍ତ ଗର୍ଭିଣୀ ଶକୁନ୍ତଳାଙ୍କୁ ଚିହ୍ନି ପାରିଲେ ନାହିଁ । ଶକୁନ୍ତଳା ସ୍ୱାମୀଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତା ହୋଇ ରୋଦନ କରିବା ବେଳେ ତାଙ୍କ ମାତା ମେନକା ଶୂନ୍ୟରୁ ଆସି ଶକୁନ୍ତଳାଙ୍କୁ ଶୂନ୍ୟେଶୂନ୍ୟେ ଉଠାଇ ନେଇ ସ୍ୱର୍ଗରେ ରଖିଲେ ଓ ସେହିଠାରେ ଶକୁନ୍ତଳାଙ୍କର ଭରତ ନାମକ ପ୍ରତାପଶାଳୀ କୁମାର ଜନ୍ମ ହେଲେ । ଶକୁନ୍ତଳାଙ୍କ ହାତରୁ ପାଣିରେ ଖସିପଡ଼ିଥିବା ମୁଦିଟିକୁ ଗୋଟିଏ ମାଛ ଗିଳିଥିଲା । ଦୈବକ୍ରମେ ଜଣେ କେଉଟ ସେ ମାଛକୁ ଜାଲରେ ଧରି ଆଣିବାରୁ ସେ ମାଛ କଟା ହେଲା ବେଳେ, ତା ପେଟରୁ ଉକ୍ତ ମୁଦିଟି ମିଳିଲା । ସେ ମୁଦି ରଜାଙ୍କ ଛାପା ମୁଦି ଥିବା ଦେଖି ରାଜକର୍ମଚାରୀମାନେ ତାକୁ ଦୁଷ୍ମନ୍ତଙ୍କ ସମ୍ମୁଖରେ ଉପସ୍ଥାପିତ କଲେ । ସେହି ଅଭିଜ୍ଞାନ—ମୁଦ୍ରିକାକୁ ଦେଖିଲା କ୍ଷଣି ଦୁଷ୍ମନ୍ତଙ୍କଠାରେ ଶକୁନ୍ତଳାଙ୍କ ପୂର୍ବସ୍ମୃତି ଜାଗରିତ ହେଲା ଓ ସେ ଶକୁନ୍ତଳାଙ୍କୁ ଅନ୍ୟାୟକ୍ରମେ ପ୍ରତ୍ୟାଖ୍ୟାନ କରିଥିବାର ଉପଲବ୍ଧି କରି ମର୍ମାହତ ହେଲେ । ପରେ ସେ ଦାନବଜୟ କରିବା ପାଇଁ ଇନ୍ଦ୍ରଙ୍କ ଆହ୍ୱାନକ୍ରମେ ସ୍ୱର୍ଗକୁ ଯାଇ ସେଠାରେ ନିଜ ପୁତ୍ର ଭରତଙ୍କୁ ଦୈବାତ୍ ଭେଟିଲେ ଓ ସେହିଠାରେ ଦୁଷ୍ମନ୍ତ ଓ ଶକୁନ୍ତଳାଙ୍କର ଭେଟ ଓ ମିଳନ ହେଲା । କାଳିଦାସଙ୍କର ଏ ନାଟକକୁ ଗେଟେ ପ୍ରମୁଖ ପାଶ୍ଚାତ୍ୟ ମହାପଣ୍ଡିତମାନେ ପୃଥିବୀର ଓ ବିଶ୍ୱସାହିତ୍ୟର ଉଜ୍ଜ୍ୱଳତମ ଓ ସରସ ଗ୍ରନ୍ଥ ବୋଲି ମୁକ୍ତ କଣ୍ଠରେ ସ୍ୱୀକାର କରି ଅଛନ୍ତି । ]

**ଅଭିଜ୍ଞାନଶକୁନ୍ତଳା**—ଦେ. ବି. (ସଂ. ଅଭିଜ୍ଞାନଶକୁନ୍ତଳ)—
Abhijñānaśakuntaḷā ଅଭିଜ୍ଞାନଶକୁନ୍ତଳ (ଦେଖ)
Abhijñāna śankuntaḷa (See)

**ଅଭିଜ୍ଞାପକ**—ସଂ. ବିଣ. ପୁଂ. (ଅଭି+ଜ୍ଞା ଧାତୁ; ଣିଚ୍+କର୍ତ୍ତୃ. ଅକ)—
Abhijñāpaka ୧ । ବୋଧକ—1. Memorial.
(ଅଭିଜ୍ଞାପିକା—ସ୍ତ୍ରୀ) ୨ । ସ୍ମାରକ; ଯାହା ପୂର୍ବସ୍ମୃତି ଜାଗରିତ କରାଏ—
2. Reminding.

**ଅଭିଜ୍ଞାପନ**—ସଂ. ବି. ( ଅଭି+ଜ୍ଞା ଧାତୁ. ଣିଚ+ଭାବ. ଅନ )—ସ୍ମରଣ
Abhijñāpana କରାଇବା—Reminding.

**ଅଭିଜ୍ଞାପିତ**—ସଂ. ବିଣ. (ଅଭି+ଜ୍ଞାପିତ)—ଯେଉଁ ବିଷୟ କୌଣସି ବ୍ୟକ୍ତି
Abhijñāpita ଦ୍ୱାରା ଅନ୍ୟର ସ୍ମରଣ ପଥକୁ ଅଣାଯାଏ—
Reminded.

**ଅଭିଜ୍ଞେୟ**—ସଂ. ବିଣ. ( ଅଭି+ଜ୍ଞେୟ )—ଯାହା ଚେତାଇ ଦିଆଯିବାର
Abhijñeya ଯୋଗ୍ୟ—Fit tc be reminded.

**ଅଭିତ**—ଦେ. କ୍ରି. ବିଣ. (ସଂ. ଅଭିତଃ)—ଅଭିତଃ (ଦେଖ)
Abhita Abhitaḥ (See)

କାଶ୍ମୀର ଗଡ଼ର କାନ୍ତି ବପୁ ଅବ୍ୟୟ ଗୁଣ
ଆବଦ୍ଧ ରେଖ ଅଭିତ (ଉଭୟ ଦିଗରେ) ଲୁଚ ମଞ୍ଜୁଳେ । ଉପେ. ରସବାରଧି ।

**ଅଭିତଃ**—ସଂ କ୍ରି. ବିଣ. (ଅଭି=ସମ୍ମୁଖରେ ବା ଉଭୟ ଦିଗରେ+୭ମୀ—
Abhitaḥ ଅର୍ଥରେ. ତସ୍ )—୧ । ସମ୍ମୁଖରେ—
1. Before; in front.

୨ । ଉଭୟ ଦିଗରେ—2. On both sides.

୩ । ସର୍ବତଃ; ସର୍ବଦିଗରେ—
3 On all sides; all round.

୪ । ନିକଟରେ—4. Near; at hand.

୫ । ଶୀଘ୍ର—5 Soon.

୬ । ସର୍ବଥା; ସବୁ ପ୍ରକାରେ—
6 In all ways; entirely.

**ଅଭିଦ୍ରୋହ**—ସଂ. ବି. ( ଅଭି+ଦ୍ରୁହ ଧାତୁ+ଭାବ. ଅ )—ଅକ୍ରୋଶ—
Abhidroha Grudge; spite.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଘ | ଜ | ଶ,ଷ | କ୍ଷ | ଇୟ | ଉଅ | ଢ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ୱ | ନ୍ଦ |

**ଅଭିଧର୍ମ ପିଟକ**—ସଂ. ବି—ବୌଦ୍ଧଧର୍ମର ଗ୍ରନ୍ଥବିଶେଷ—
Abhidharma piṭaka A treatise on Buddhism.

**ଅଭିଧା**—ସଂ. ବି. ( ଅଭି+ଧା ଧାତୁ+ଭାବ. ଅ+ସ୍ତ୍ରୀ. ଆ )—
Abhidhā ୧ । ନାମ—1. Name; appellation.
୨ । ସଂଜ୍ଞା—2. Definition.
୩ । ( ନ୍ୟାୟ ) ଶବ୍ଦର ଯେଉଁ ଶକ୍ତିଦ୍ୱାରା ଶବ୍ଦର ପ୍ରସିଦ୍ଧ ଅର୍ଥ ଜଣାଯାଏ—3. ( Logic ) The power of a word to denote a meaning

**ଅଭିଧାନ**—ସଂ. ବି. ( ଅଭି+ଧା ଧାତୁ+ଭାବ. ଅନ )—୧ । କଥନ—
Abhidhāna 1. Speaking.
୨ । ( +କରଣ. ଅ )—2. Name.
ପୁତ୍ରଙ୍କର ଅଭିଧାନ ବିଧାନ କରିବେ । ଅନନ୍ତଚନ୍ଦ୍ର. ଭକ୍ତ ପ୍ରହ୍ଲାଦ ।
୩ । ( +ଅଧିକରଣ. ଅନ )—ଯେଉଁ ପୁସ୍ତକରେ ଶବ୍ଦର ଅର୍ଥ ଥାଏ; ଶବ୍ଦାର୍ଥକୋଷ; ଡିକ୍ସିନାରି—
3. Vocabulary; dictionary; lexicon.

**ଅଭିଧାନଚିନ୍ତାମଣି**—ସଂ. ବି. ( ନାମ )—ହେମଚନ୍ଦ୍ରଙ୍କ କୃତ ସଂସ୍କୃତ
Abhidhānachintāmaṇi ଶବ୍ଦାର୍ଥ କୋଷ—
The title of a Sanscrit dictionary by Hemachandra

**ଅଭିଧାନରତ୍ନମାଳା**—ସଂ. ବି. (ନାମ)—ହଳାୟୁଧକୃତ ଶବ୍ଦକୋଷ—
Abhidhānaratnamāḻa The title of a Sanscrit dictionary by Haḻāyudha.

**ଅଭିଧେୟ**—ସଂ. ବି ( ଅଭି+ଧା ଧାତୁ+କର୍ମ. ଯ )—
Abhidheya ଶବ୍ଦର ଅର୍ଥ; ସଂଜ୍ଞା—
Significance of a word; the object signified by a word; definition.
ସଂ. ବିଣ. ପୁଂ—୧ । ( ଅମୁକ ) ନାମକ ( ଅନ୍ୟଶବ୍ଦ ସଙ୍ଗେ ବ୍ୟବହୃତ ଯଥା—ରାମାଭିଧେୟ ପୁରୁଷ । )—
1. Named.
୨ । ବକ୍ତବ୍ୟ—2 Expressible.

**ଅଭିଧ୍ୟା**—ସଂ. ବି. ( ଅଭି+ଧ୍ୟୈ ଧାତୁ=ଚିନ୍ତା କରିବା+ଭାବ. ଅ+
Abhidhyā ସ୍ତ୍ରୀ. ଆ )—୧ । ଇଚ୍ଛା—1 Desire.
୨ । ଅନ୍ୟ ପଦାର୍ଥ ପ୍ରତି ଲୋଭ—
2. Coveting another's property.
୩ । ଲାଳସା—3 Hankering.

**ଅଭିଧ୍ୟାନ**—ସଂ. ବି. ( ଅଭି+ଧ୍ୟୈ ଧାତୁ+ଭାବ. ଅନ )—
Abhidhyāna ୧ । ପ୍ରଗାଢ଼ ଚିନ୍ତା—1. Meditation.
୨ । ଅଭିନିବେଶପୂର୍ବକ ଚିନ୍ତା—2 Contemplation.

**ଅଭିନ**—ଗ୍ରା. ବି. ( ନାମ )—ଅଭିନ୍ନର ଡାକ ନାମ—
Abhina A name for calling Abhinna.
ଗ୍ରା. ବିଣ. ( ସଂ. ଅଭିନ୍ନ )—ଅଭିନ୍ନ ( ଦେଖ )
Abhinna ( See )

**ଅଭିନଦ୍ଧ**—ସଂ. ବିଣ. ( ଅଭି+ନହ ଧାତୁ+କର୍ମ. ତ )—ଆବଦ୍ଧ—
Abhinaddha Tied with strings; bound.

**ଅଭିନନ୍ଦ**—ସଂ. ବି. ( ଅଭି+ନନ୍ଦ ଧାତୁ+ଭାବ. ଅ )—ଆନନ୍ଦ—
Abhinanda Delight; pleasure.

**ଅଭିନନ୍ଦନ**—ସଂ. ବି. ( ଅଭି+ନନ୍ଦ ଧାତୁ+ଭାବ. ଅନ )—
Abhinandana ୧ । ଅନୁମୋଦନ; ସାଦର ଅଭ୍ୟର୍ଥନା—
1. Congratulation; welcome.
୨ । ସନ୍ତୋଷପୂର୍ବକ ପ୍ରଶଂସା—
2. Praise; laudation.
୩ । ଆହ୍ଲାଦ ପ୍ରକାଶ—3. Rejoicing.
୪ । ସ୍ତବ—4. Prayer.
୫ । ବୁଦ୍ଧବିଶେଷ—5. A previous incarnation of the Buddha.

**ଅଭିନନ୍ଦନପତ୍ର**—ଦେ. ବି. ( ସଂ. ଅଭିନନ୍ଦନ=ପ୍ରଶଂସା+ପତ୍ର=ଚିଠି
Abhinandanapatra ବା ଲେଖା)—ଯେଉଁ ପତ୍ରଦ୍ୱାରା ସ୍ୱାଗତ-
অভিনন্দনপত্র ସମ୍ଭାଷଣ ବା ପ୍ରଶଂସା ଘୋଷଣା କରାଯାଏ—
अभिनन्दनपत्र A valedictory address; an address of welcome.

**ଅଭିନନ୍ଦା**—ସଂ. ବି. (ଅଭି+ନନ୍ଦ ଧାତୁ+ଭାବ. ଅ+ସ୍ତ୍ରୀ. ଆ )—
Abhinandā ୧ । ଇଚ୍ଛା—1. Wish.
୨ । ଆଶା—2. Hope.

**ଅଭିନନ୍ଦିତ**—ସଂ. ବିଣ. ( ଅଭି+ନନ୍ଦ ଧାତୁ+କର୍ମ. ତ )—
Abhinandita ୧ । ପ୍ରଶଂସିତ; ସ୍ତୁତ—
1 Praised; applauded.
୨ । ଅଭ୍ୟର୍ଥିତ—2. Welcomed.

**ଅଭିନବ**—ସଂ. ବିଣ. ( ଅଭି+ନୁ ଧାତୁ+ଭାବ. ଅ )—
Abhinaba ୧ । ନୂତନ; ନବ୍ୟ—1. New.
୨ । ଅଦୃଷ୍ଟପୂର୍ବ—2. Not seen before.
୩ । ଟଟକା; ସଜ—3. Fresh.
୪ । ବିସ୍ମୟଜନକ—4. Wonderful.
ସଂ. ବି—ସ୍ତବ—Prayer.

**ଅଭିନବଚିନ୍ତାମଣି**—ସଂ.ବି.(ନାମ)—ଚକ୍ରପାଣି କୃତ ସଂସ୍କୃତ ବୈଦ୍ୟଗ୍ରନ୍ଥ-
Abhinabachintāmaṇi ବିଶେଷ—A sanskrit treatise on medicine by Chakrapāṇi

**ଅଭିନବଜ୍ୱର**—ସଂ. ବି—ଅଳ୍ପଦିନ ହେଲା ଆକ୍ରମଣ କରିଥିବା ଜ୍ୱରରୋଗ—
Abhinabajwara Acute or new fever.

**ଅଭିନବାଭିନବ**—ସଂ. ବିଣ. (ଅତ୍ୟନ୍ତାର୍ଥେ. ଦ୍ୱିତ୍ୱ)—
Abhinabābhinaba ୧ । ଅତ୍ୟନ୍ତ ନୂତନ—
1. Quite new; very fresh.
୨ । ଅତ୍ୟାଶ୍ଚର୍ଯ୍ୟ—2. Very wonderful.

> ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବଡ଼' ନ ପାଇଲେ 'ଅଲବଡ' ଦେଖିବେ ।

**ଅଭିନୟ**—ସଂ. ବି. (ଅଭି+ନୀ ଧାତୁ+ଭାବ. ଅ)—
Abhinaya ୧ । ନାଟକ ପ୍ରଦର୍ଶନ—1. A dramatic performance
(ଅଭିନୀତ—ବିଣ)
୨ । ଅଙ୍ଗଚାଳନାଦି ଦ୍ୱାରା ମନୋଭାବ ବ୍ୟକ୍ତ କରିବା—
2 Representation; expression of the inner thoughts by bodily action.
୩ । ରସ ଭାବାଦିବ୍ୟଞ୍ଜକ ଚେଷ୍ଟାବିଶେଷ—
3. Indication of passions or feelings by look, gesture, etc.
[ ଦ୍ର—ଏହା ୪ ପ୍ରକାର—ଆଙ୍ଗିକ, ବାଚିକ, ସାତ୍ତ୍ୱିକ ଓ ଆହାର୍ଯ୍ୟ । ]

**ଅଭିନୟକରିବା**—ଦେ. କ୍ରି—୧ । ନାଟକ ପ୍ରଦର୍ଶନ କରିବା—
Abhinayakaribā 1. To act; to play on the stage.
অভিনয়করা
**अभिनयकरना** ୨ । ଅନ୍ୟର ଅନୁକରଣ କରିବା—
2 To copy or ape aperson.

**ଅଭିନହନ**—ସଂ. ବି (ଅଭି+ନହ ଧାତୁ+ଭାବ. ଅନ)—ଦୃଢ଼ ବନ୍ଧନ—
Abhinahana Tight binding; tying.
(ଅଭିନଦ୍ଧ—ବିଣ)

**ଅଭିନିବିଷ୍ଟ**—ସଂ. ବିଣ. (ଅଭି+ନି+ବିଶ୍ ଧାତୁ+କର୍ତ୍ତୃ. ତ)—
Abhinibishṭa ୧ । ଅତ୍ୟନ୍ତ ମନୋଯୋଗୀ—
(ଅଭିନିବେଶ—ବି) 1. Attentive.
୨ । ଆଗ୍ରହାନ୍ୱିତ—2. Deeply interested; engrossed in.
୩ । ଭିତରକୁ ପ୍ରବିଷ୍ଟ—
3. Penetrated or thrust into.

**ଅଭିନିବେଶ**—ସଂ ବି (ଅଭି+ନି+ବିଶ ଧାତୁ+ଭାବ. ଅ)—
Abhinibeśa ୧ । ଆଗ୍ରହ—1. Deep interest,
୨ । ମନୋଯୋଗ—2. Close application; attention.
୩ । ଶାସ୍ତ୍ରାଦିରେ ପ୍ରବେଶ—3. Proficiency; study; mastery of a subject.
୪ । ସବିଶେଷ ଯତ୍ନ—4. Tenacity; deep application to a subject.
୫ । (ଯୋଗଶାସ୍ତ୍ର) ମରଣହେତୁ ଭୟଜନକ ଅବିଦ୍ୟାବିଶେଷ-
5 (philosophy) Fear or apprehension of death

**ଅଭିନିର୍ମ୍ମୁକ୍ତ**—ସଂ. ବିଣ. (ଅଭି=ସବୁ ପ୍ରକାରରେ+ନିର୍=ନିଷ୍ଠୁରରେ+ମୁଚ ଧାତୁ+ତ)—
Abhinirmmukta
୧ । ପରିତ୍ୟକ୍ତ; ମୁକ୍ତ—1. Freed.
୨ । ସୂର୍ଯ୍ୟାସ୍ତକାଳ ପର୍ଯ୍ୟନ୍ତ ଶୟନକାରୀ; ସାୟଂକାଳ ପର୍ଯ୍ୟନ୍ତ ନିଦ୍ରିତ (ବ୍ୟକ୍ତି)—2. Sleeping till after sunset.

**ଅଭିନିର୍ଯାଣ**—ସଂ. ବି. (ଅଭି+ନିର୍+ଯା ଧାତୁ+ଭାବ. ଅନ)—
Abhinirjāṇa ଯୁଦ୍ଧାର୍ଥ ଅଭିଯାନ; ଯୁଦ୍ଧଯାତ୍ରା; ସୈନ୍ୟଯାତ୍ରା—
Advance to war; march to battle

**ଅଭିନିଷ୍ପତ୍ତି**—ସଂ. ବି. (ଅଭି+ନିର୍+ପଦ୍ ଧାତୁ+ଭାବ. ତି)—
Abhinishpatti ୧ । ସିଦ୍ଧି—1. Completion.
୨ । ଉତ୍ପତ୍ତି—2. Birth.

**ଅଭିନୀତ**—ସଂ. ବିଣ. (ଅଭି+ନୀ ଧାତୁ+କର୍ମ. ତ)—
Abhinīta ୧ । ଭୂଷିତ—1 Ornamented.
୨ । ସଜ୍ଜିତ—2. Highly furnished.
୩ । ଅଭିନୟ କରି ଯାଇଥିବା—
3. Acted; represented on the stage; performed.
୪ । ନ୍ୟାଯ୍ୟ; ଯୁକ୍ତ—4. Fit; reasonable.
୫ । ବିନୀତ—5. Obedient.
୬ । କଷ୍ଟସହିଷ୍ଣୁ—6. Patient.
୭ । ଯେଉଁ ନାଟକର ଅଭିନୟ କରିଯାଇ ଥାଏ—
7. Acted played or performed (drama); represented.

**ଅଭିନୀତି**—ସଂ. ବି. (ଅଭି+ନୀ ଧାତୁ+ଭାବ. ତି)—ଅଭିନୟ—
Abhinīti Performance on the stage.

**ଅଭିନୀବା**—ଦେ. କ୍ରି. ପଦ୍ୟ (ସଂ. ଅଭିନୟ)—ଅଭିନୟ କରିବା—
Abhinībā To play on the stage.
ଅଭିନୀବା ପାଇଁ ସୂର୍ଯ୍ୟସୁତ ସଙ୍ଗ—
ଅନେକ ମହାନାଟକ— ରାଧାନାଥ—ଯଯାତି ।

**ଅଭିନେତା**—ସଂ. ବିଣ. ପୁ. (ଅଭି+ନୀ ଧାତୁ+ତୃ ୧ମା. ୧ବ.)—
Abhinetā ୧ । ଅଭିନୟକର୍ତ୍ତା; ଯେ ପୁରୁଷ ଅଭିନୟ କରେ—
(ଅଭିନେତ୍ରୀ—ସ୍ତ୍ରୀ) 1. Representing a dramatic character in a play.
୨ । ଅନ୍ୟର ଅନୁରୂପ କାର୍ଯ୍ୟ କରିବା (ବ୍ୟକ୍ତି)—
2. Imitating another's actions.
ସଂ. ବି. ପୁଂ—ନଟ—An actor.

**ଅଭିନେତୃବର୍ଗ**—ସଂ. ବି. (୬ଷ୍ଠୀ ତତ୍; ଅଭିନେତୃ+ବର୍ଗ)—
Abhinetrubarga ଅଭିନେତାମାନେ - All the actors; the cast.

**ଅଭିନେତ୍ରୀ**—ସଂ. ବିଣ. ସ୍ତ୍ରୀ. (ଅଭିନେତୃ+ଈ)—
Abhinetrī ଅଭିନୟକାରିଣୀ (ସ୍ତ୍ରୀ)—(woman) Acting on the stage.
ସଂ. ବି. ସ୍ତ୍ରୀ—ଯେଉଁ ସ୍ତ୍ରୀ ଅଭିନୟ କରେ; ନଟୀ—An actress.

**ଅଭିନେୟ**—ସଂ. ବିଣ. (ଅଭି+ନୀ ଧାତୁ+କର୍ମ. ଯ)—
Abhineya ୧ । ଯାହା ଅଭିନୟ କରିବା ଉଚିତ—
1. That which ought to be acted.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଷ,ଷ | ଙ୍କ | ଚ୍ଛ | ତ୍ଥ | ଘ |
| ୨ | ଈ | ଊ | ଋୂ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗଁ୍ୟ | ଇଅ | ଖ | ନ୍ତ |

୨ । ଅଭିନୟର ବିଷୟ—2 The subject of acting.
୩ । ଯାହା ଅଭିନୀତ ହେବ—
3. To be performed on the stage.

**ଅଭିନ୍ନ**—ସଂ. ବିଣ (ଅ=ନୁହେଁ+ଭିନ୍ନ=ଛିନ୍ନ)—
Abhinna ୧ । ଅଚ୍ଛିନ୍ନ—
1. Not broken; entire; not separated.
୨ । ପ୍ରଭେଦରହିତ—
2. Not different; self-same.
ଏହି ଗୃହ ଜଣ ଅଟନ୍ତି ଅଭିନ୍ନ ।
ସାରଳାମହାଭାରତ—ଉଦ୍ୟୋଗ ।
ଦେ. ବି. ପୁଂ.—ଲୋକଙ୍କ ନାମ—A name given to males.

**ଅଭିନ୍ନହୃଦୟ**—ସଂ. ବିଣ. ପୁଂ (ବହୁବ୍ରୀହି; ଅଭିନ୍ନ=ପ୍ରଭେଦରହିତ+ହୃଦୟ)—
Abhinnahrudaya
(ଅଭିନ୍ନହୃଦୟା—ସ୍ତ୍ରୀ) ୧ । ଏକ ପ୍ରକାର ମନର ଭାବ ଥିବା ବ୍ୟକ୍ତି; ସହୃଦୟ—
1. Having the same heart; of identical feelings.

**ଅଭିପନ୍ନ**—ସଂ. ବିଣ (ଅଭି+ପଦ୍ ଧାତୁ+କର୍ତ୍ତୃ. ତ)
Abhipanna ୧ । ଶରଣାଗତ—1. Seeking refuge.
୨ । ବିପନ୍ନ; ବିପଦଗ୍ରସ୍ତ—
2. Involved in difficulties.
୩ । ଶତ୍ରୁଦ୍ୱାରା ଆକ୍ରାନ୍ତ—
3. Overpowered by enemies.
୪ । ଅପରାଧୀ; ଅପରାଦ୍ଧ—4. Guilty.
୫ । ସ୍ୱୀକୃତ—5. Agreed upon; consented.
୬ । ପଳାୟିତ—6. Fugitive.
୭ । ପରାଜିତ—7. Subdued.
ସଂ. ବି—ଅଭିମୁଖରେ ଧାବନ—Running towards.

**ଅଭିପ୍ରଣୟ**—ସଂ. ବି (ଅଭି+ପ୍ରଣୟ)—୧ । ସ୍ନେହ—
Abhipranaya 1. Affection.
୧ । ଅନୁଗ୍ରହ—3. Favour.

**ଅଭିପ୍ରାୟ**—ସଂ. ବି. (ଅଭି+ପ୍ର+ଇ ଧାତୁ+ଭାବ. ଅ)—
Abhiprāya ୧ । ଉଦ୍ଦେଶ୍ୟ—
1. View; intention; object.
୨ । ଆଶୟ—2. Wish.
୩ । ଭାବ; ଅର୍ଥ—3. Meaning.
୪ । ତାତ୍ପର୍ଯ୍ୟ—4. Purport.
୫ । ମତ—5. Opinion.
୬ । ମନୋଗତଭାବ—7. Purpose; design.

**ଅଭିପ୍ରାୟଣ**—ଦେ. ବି (ସଂସ୍କୃତ. ଆଧୁନିକ ପ୍ରୟୋଗ; ଓଡ଼ିଶା-ସ୍କୁଲ-
Abhiprāyaṇa ସମୂହର ଇନ୍‌ସ୍‌ପେକ୍ଟର ଶ୍ରୀ ଭବନାଥ ମୁଖର୍ଯ୍ୟାଙ୍କ
ଅଭିପ୍ରାୟାନ ଦ୍ୱାରା ପ୍ରୟୋଗ)—
୧ । ଉଦ୍ଦେଶ୍ୟକୁ କାର୍ଯ୍ୟରେ ଲଗାଇବାର ଇଚ୍ଛା—
1. Motivation; resolution to act upto a motive.
(ଯଥା—ଶିକ୍ଷକ ଛାତ୍ରର ଅଭିପ୍ରାୟ ପ୍ରତି ଲକ୍ଷ୍ୟ ରଖି ନିଜର ଅଭିପ୍ରାୟଣ କରିବେ ଅର୍ଥାତ୍ ଛାତ୍ରର ଅଭିପ୍ରାୟ ଅନୁସାରେ କାର୍ଯ୍ୟ କରି ଆପଣାର ଅଭିପ୍ରାୟ ସିଦ୍ଧ କରିବେ)

**ଅଭିପ୍ରେତ**—ସଂ. ବିଣ (ଅଭି+ପ୍ର+ଇ ଧାତୁ+କର୍ମ. ତ)—
Abhipreta ୧ । ବାଞ୍ଛିତ; ଅଭିଲଷିତ—
1 Meant; intended.
୨ । ଅଭୀଷ୍ଟ—2. Designed; aimed at.
ସଂ. ବି.—ଉଦ୍ଦେଶ୍ୟ—Aim; object.

**ଅଭିପ୍ରେତାର୍ଥ**—ସଂ. ବି (ଅଭିପ୍ରେତ+ଅର୍ଥ)—
Abhipretārtha ୧ । ବାଞ୍ଛିତ ଉଦ୍ଦେଶ୍ୟ—
1. Object aimed at.
୨ । କଥକ ବା ଲେଖକର ଅଭିପ୍ରାୟ—
2. The intended meaning.

**ଅଭିପ୍ରେତାର୍ଥସିଦ୍ଧି**—ସଂ. ବି (ଅଭିପ୍ରେତ=ବାଞ୍ଛିତ+ଅର୍ଥ=କାମନା+ସିଦ୍ଧି=ସଫଳତା)—
Abhipretārthasiddhi
ବାଞ୍ଛାସିଦ୍ଧି; ଇପ୍ସିତବସ୍ତୁର ପ୍ରାପ୍ତି; ମନୋବାଞ୍ଛାପୂରଣ—
The fulfilment of one's desire.

**ଅଭିବନ୍ଦନ**—ସଂ. ବି (ଅଭି+ବନ୍ଦନ)—ସମ୍ମାନସୂଚକ ନମସ୍କାର—
Abhibandana Respectful salutation.
(ଅଭିବନ୍ଦିତ—ବିଣ)

**ଅଭିବାଦ**—ସଂ. ବି. (ଅଭି+ବଦ ଧାତୁ+ଭାବ. ଅ)—
Abhibāda ୧ । ଅପ୍ରିୟବାକ୍ୟ—1. Unsavoury words.
୨ । ବିରୁଦ୍ଧବାଦ—
2 Opposing speech.
୩ । ଅପବାଦ—3. Defamation
୪ । ଅଖ୍ୟାତି—4. Libel
୫ । ବନ୍ଦନା; ପ୍ରଣାମ—
5 Obeisance; salutation.

**ଅଭିବାଦକ**—ସଂ. ବିଣ. ପୁଂ. (ଅଭି+ବଦ୍ ଧାତୁ ଣିଚ୍, ବାଦ ଧାତୁ+କର୍ତ୍ତୃ. ଅକ)—
Abhibādaka
(ଅଭିବାଦିକା—ସ୍ତ୍ରୀ) ୧ । ଅଭିବାଦନକାରୀ; ଯେ ବନ୍ଦନା କରେ; ବନ୍ଦନଶୀଳ—1. One who makes obeisance.
୨ । ଅପବାଦ କରୁଥିବା—2. Defaming; libelling.

ସାଧାରଣ ଲୋକେ ଅନେକ ସ୍ଥଳରେ ମୂର୍ଦ୍ଧନ୍ୟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅଗିଁ' ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବଡ' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

ସ. ବିଣ. ପୁଂ—୧ । ଅପବାଦ କରୁଥିବା—
1. Defamer; libeller.
୨ । ଅପ୍ରିୟବକ୍ତା—2 Unpleasant speaker.

**ଅଭିବାଦନ**—ସଂ. ବି. ( ଅଭି + ବଦ୍ ଧାତୁ. ଣିଚ; ବାଦ ଧାତୁ + ଭାବ. ଅନ)—
**Abhibādana**
୧ । ସମ୍ବୋଧନପୂର୍ବକ ପ୍ରଣାମ କରିବା; ବନ୍ଦନା; ନମସ୍କାର - 1. Respectful salutation accompanied by some words.
୨ । ପାଦସ୍ପର୍ଶପୂର୍ବକ ନମସ୍କାର— 2 Salutation by touching the feet.

**ଅଭିବାଦନୀୟ**—ସଂ. ବିଣ. ପୁଂ. (ଅଭି+ବାଦ ଧାତୁ + କର୍ମ. ଅନୀୟ)—
**Abhibādaniya** ଯାହାକୁ ନମସ୍କାର କରିବା ଉଚିତ; ଅଭିବାଦନ-ଯୋଗ୍ୟ—Fit to be saluted; respectable.
(ଅଭିବାଦନୀୟା—ସ୍ତ୍ରୀ)

**ଅଭିବାଦ୍ୟ**—ସଂ. ବିଣ. ପୁଂ ( ଅଭି+ବାଦ ଧାତୁ+କର୍ମ. ଅନୀୟ )—
**Abhibādya** ଅଭିବାଦନୀୟ ( ଦେଖ ) Abhibādaniya (See)
(ଅଭିବାଦ୍ୟା—ସ୍ତ୍ରୀ)

**ଅଭିବିଧି**—ସଂ. ବି. ( ଅଭି+ବିଧି )—ସର୍ବତୋଭାବରେ ବ୍ୟାପ୍ତି—
**Abhibidhi** Diffusion

**ଅଭିବିନୀତ**—ସଂ. ବିଣ. ପୁଂ (ଅଭି + ବି + ନୀ ଧାତୁ + କର୍ତ୍ତୃ. ତ)—
**Abhibinita** ୧ । ସର୍ବତୋଭାବରେ ଶିକ୍ଷିତ— 1. Well-versed; well-trained; learned in all the arts.
(ଅଭିବିନୀତା—ସ୍ତ୍ରୀ)
୨ । ସୁଶିକ୍ଷିତ—2. well-educated; well-trained.

**ଅଭିବ୍ୟକ୍ତ**—ସଂ. ବିଣ. (ଅଭି = ସର୍ବତୋଭାବରେ + ବ୍ୟକ୍ତ = ପ୍ରକାଶିତ)—
**Abhibyakta** ୧ । ସୁପ୍ରକାଶିତ—1. Distinct.
୨ । ସୁପ୍ରକଟିତ—2. Plain; evident; patent.
୩ । ସୁସ୍ପଷ୍ଟ—3. Ardent.
୪ । ସୁପ୍ରମାଣିତ—4. Declared; well proved.

**ଅଭିବ୍ୟକ୍ତି**—ସଂ. ବି. (ଅଭି = ସର୍ବତୋଭାବରେ + ବ୍ୟକ୍ତି = ପ୍ରକାଶ)—
**Abhibyakti** ୧ । ପ୍ରତ୍ୟକ୍ଷ ଜ୍ଞାନ—1 Clear or distinct impression.
୨ । ବାହାରେ ପ୍ରକାଶ; ବହିଃ ପ୍ରକାଶ— 2. Outward expression.

**ଅଭିବ୍ୟାପ୍ତ**—ସଂ. ବିଣ. ( ଅଭି = ସର୍ବତ୍ର + ବ୍ୟାପ୍ତ )—
**Abhibyāpta** ସବୁଆଡ଼େ ବ୍ୟାପି ଥିବା— All pervading; diffused; spreading everywhere
(ଅଭିବ୍ୟାପ୍ତି—ବି)

**ଅଭିବ୍ୟାପ୍ତି**—ସଂ. ବି. ( ଅଭି = ସର୍ବତୋଭାବରେ + ବି + ଆପ୍ ଧାତୁ + ଭାବ. ତି )—
**Abhibyāpti** ସର୍ବତୋଭାବରେ ବ୍ୟାପ୍ତି— Diffusion; extension.
(ଅଭିବ୍ୟାପ୍ତ—ବିଣ)

**ଅଭିଭବ**—ସଂ. ବି. ( ଅଭି + ଭୂ ଧାତୁ + ଭାବ. ଅ )—
**Abhibhaba** ୧ । ପରାଭବ—2 Subjugation; defeat.
(ଅଭିଭୂତ—ବିଣ) ୨ । ତିରସ୍କାର—2. Censure.
୩ । ଅପମାନ; ଅବମାନନା— 3. Insult; disgrace; humiliation.
୪ । ଅନାଦର—4. Slighting.

**ଅଭିଭବନ**—ସଂ. ବି. (ଅଭି + ଭୂ ଧାତୁ + ଭାବ. ଅନ)—ପରାଜୟ—
**Abhibhabana** Defeat.

**ଅଭିଭବନୀୟ** – ସଂ. ବିଣ. ( ଅଭି + ଭୂ ଧାତୁ + କର୍ମ. ଅନୀୟ )—
**Abhibhabaniya** ପରାଭବନୀୟ; ପରାଜିତ ହେବାର ଯୋଗ୍ୟ— Liable to be defeated.
(ଅଭିଭବନୀୟା—ସ୍ତ୍ରୀ)

**ଅଭିଭାବ**—ସ. ବି—ଅଭିଭବ ( ଦେଖ )
**Abhibhāba** Abhibhaba ( See )

**ଅଭିଭାବକ**—ସ. ବିଣ. ପୁଂ. ( ଅଭି+ଭୂ ଧାତୁ + କର୍ତ୍ତୃ. ଅକ )—
**Abhibhābaka** ୧ । ରକ୍ଷକ—1. Protecting.
( ଅଭିଭାବିକା—ସ୍ତ୍ରୀ ) ୨ । ଆଶ୍ରୟଦାତା — 2. Patronising; giving shelter.
୩ । ମୁରବି—3. Guardian.
୪ । ତତ୍ତ୍ୱାବଧାରକ—4. Supervising.
ସଂ. ବି. ପୁଂ—୧ । ମୁରବି ବ୍ୟକ୍ତି—1. A guardian.
୨ । ତତ୍ତ୍ୱାବଧାରକ ବ୍ୟକ୍ତି— 2. A supervisor.
୩ । ଗୃହକର୍ତ୍ତା —3 The head of a family.
୦ । ଆଶ୍ରୟଦାତା ବ୍ୟକ୍ତି—4. A patron.

**ଅଭିଭାବନୀୟ**—ସଂ. ବିଣ. ପୁଂ. (ଅଭି+ଭୂ ଧାତୁ ଣିଚ + କର୍ମ. ଅନୀୟ)—
**Abhibhābaniya** ପରାଭବନୀୟ— Liable to be defeated.
( ଅଭିଭାବନୀୟା—ସ୍ତ୍ରୀ )

**ଅଭିଭାବିକା** —ସଂ. ବି. ସ୍ତ୍ରୀ. ( ଅଭିଭାବକ+ସ୍ତ୍ରୀ. ଆ )—ଅଭିଭାବକର
**Abhibhābikā** ସ୍ତ୍ରୀଲିଙ୍ଗ—Feminine of Abhibhābaka.

**ଅଭିଭାଷଣ**—ସଂ. ବି. ( ଅଭି+ଭାଷ ଧାତୁ + ଭାବ. ଅନ )—
**Abhibhāshaṇa** ୧ । ଅନେକ ବ୍ୟକ୍ତିଙ୍କୁ ଲକ୍ଷ୍ୟ କରି କହିବା କଥା ବା ବକ୍ତୃତା; ବହୁ ଲୋକଙ୍କ ନିମନ୍ତେ ଅଭିପ୍ରେତ ରଚନା— 1. Address ( intended for many ).
୨ । ସାଧାରଣ ବକ୍ତୃତା —2. A public speech.
( ଯଥା—ସଭାରେ ସଭାପତିଙ୍କ ଅଭିଭାଷଣ । )

**ଅଭିଭୂତ**—ସଂ. ବିଣ. ( ଅଭି + ଭୂ ଧାତୁ + କର୍ତ୍ତୃ. ତ )—
**Abhibhūta** ୧ । ପରାଭୂତ; ପରାଜିତ— 1. Overcome; vanquished; subdued; humiliated.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଲ | ଋ | ଋ,ୠ | ଌ | ଏ ହସନ୍ତ ବର୍ଣ୍ଣ | . ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଣ,ଷ | ଙ୍କ | ଇଯ୍ୟ | ଡ଼ଥ | ଲ୍ଲ |
| ୨ | ଈ | ଊ | ୠ | ଌ | ଦ୍ୟେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ୍ | ଗଁ୍ୟ | ଇଥ | ଙ୍ଗ ନ୍ତ |

୨ । ଆକ୍ରାନ୍ତ—2. Attacked; overtaken.
୩ । ଅବଶ; ଅତି କ୍ଳାନ୍ତ—
3. Too tired; benumbed.
୪ । ବିହ୍ୱଳ—4. Involved in difficulties.
୫ । କିଂକର୍ତ୍ତବ୍ୟବିମୂଢ଼—5. Bewildered.
୬ । ଅଧୀନୀକୃତ—
6. Brought under control; subjugated.
୭ । ଆବୃତ—7. Covered.
୮ । ତିରସ୍କୃତ—8. Censured.
୯ । ଅଜ୍ଞାନ; ବେହୋସ୍—
9. Made senseless or unconscious

**ଅଭିଭୂତି**—ସଂ. ବି. (ଅଭି + ଭୂ ଧାତୁ + ଭାବ. ତି)—ଅଭିଭବ (ଦେଖ)
Abhibhūti Abhibhaba ( See )

**ଅଭିମତ**—ସଂ. ବିଣ. ( ଅଭି + ମନ ଧାତୁ + କର୍ମ. ତ )—
Abhimata ୧ । ସମ୍ମତ; ଅନୁମତ; ଅନୁମୋଦିତ—
1. Approved; agreed to; accepted.
୨ । ପ୍ରିୟ—2. Beloved; cherished.
୩ । ଇଷ୍ଟ—3. Wished for; desired.
୪ । ଅଭିପ୍ରେତ—4. Intended.
ସଂ. ବି.—୧ । ଅଭିପ୍ରାୟ—1. Intention.
୨ । ଇଚ୍ଛା—2 Wish; desire.
୩ । ମତ—3. Opinion.
୪ । ସମ୍ମତି—4 . Consent; approval.
୫ । ନିଷ୍ପତ୍ତି ମତ—5. Decided opinion.

**ଅଭିମତାନୁଗାମୀ**—ସ. ବିଣ. ପୁଂ. (୬ଷ୍ଠୀ ତତ୍; ଅଭିମତ + ଅନୁଗାମିନ୍; ୧ମା. ୧ବ.)—ଇଚ୍ଛାନୁସାରେ କାର୍ଯ୍ୟକାରୀ (ବ୍ୟକ୍ତି)—Acting in obedience to the wish of another.
Abhimatānugāmī
(ଅଭିମତାନୁଗାମିନୀ—ସ୍ତ୍ରୀ)

**ଅଭିମତାନୁସାରୀ**—ସ. ବିଣ. (୬ଷ୍ଠୀ ତତ୍; ଅଭିମତ + ଅନୁସାରିନ୍ + ୧ମା. ୧ବ )—ଇଚ୍ଛାନୁସାରେ କାର୍ଯ୍ୟକାରୀ—Following the wish of another.
Abhimatānusārī
(ଅଭିମତାନୁସାରିଣୀ—ସ୍ତ୍ରୀ)

**ଅଭିମନୁ**—ଗ୍ରା. ବି.—ଅଭିମନ୍ୟୁର ଡାକ ନାମ—
Abhimanu Popular pronunciation of the name Abhimanyu.

**ଅଭିମନ୍ତା**—ସଂ. ବି. ପୁଂ. (ଅଭି + ମନ ଧାତୁ + କର୍ତ୍ତୃ. ତୃ; ୧ମା ୧ବ)—
Abhimantā ୧ । ମନ୍ତ୍ରଣାଦାତା—1. Counsellor.
(ଅଭିମନ୍ତ୍ରୀ—ସ୍ତ୍ରୀ) ୨ । ଉପଦେଷ୍ଟା—2. Advisor.

**ଅଭିମନ୍ତ୍ରଣ**—ସଂ. ବି. ( ଅଭି = ବିଶେଷଭାବରେ + ମନ୍ତ୍ର ଧାତୁ + ଭାବ. ଅନ)—୧ । ମନ୍ତ୍ରୋଚ୍ଚାରଣପୂର୍ବକ କୌଣସି ଦ୍ରବ୍ୟର ଶୁଦ୍ଧିକରଣ; ମନ୍ତ୍ରଦ୍ୱାରା ପବିତ୍ରକରଣ—
Abhimantraṇa
(ଅଭିମନ୍ତ୍ରିତ—ବିଣ)
1. Consecration by means of incantations.
୨ । ମନ୍ତ୍ରୋଚ୍ଚାରଣପୂର୍ବକ ନିମନ୍ତ୍ରଣ—2. Invocation.
୩ । ଆହ୍ୱାନ—3. Calling.
୪ । ସମ୍ବୋଧନ—4. Addressing.
୫ । ନିମନ୍ତ୍ରଣ; ଆମନ୍ତ୍ରଣ—Invitation.

**ଅଭିମନ୍ତ୍ରିତ**—ସଂ. ବିଣ. (ଅଭି + ମନ୍ତ୍ର ଧାତୁ + କର୍ମ. ତ)—
Abhimantrita ୧ । ମନ୍ତ୍ରଦ୍ୱାରା ଶୁଦ୍ଧିକୃତ—.
1. Consecrated by means of incantations
୨ । ଆମନ୍ତ୍ରିତ—2. Invoked; invited

**ଅଭିମନ୍ଥ**—ସଂ. ବି. (ଅଭି + ମନ୍ଥ ଧାତୁ + କର୍ତ୍ତୃ. ଅ)—ଚକ୍ଷୁରୋଗବିଶେଷ; ଆଖିଥିବା ରୋଗ—Opthalmia; a disease of the eye
Abhimantha

**ଅଭିମନ୍ଥନ**—ସଂ. ବି.—୧ । (ଅଭି + ମନ୍ଥ ଧାତୁ + କରଣ. ଅନ; ଯାହାଦ୍ୱାରା ଅଭିମନ୍ଥନ କରାଯାଏ)—ଅରଣି, ଯେଉଁ କାଠି ଖଣ୍ଡକୁ ଧରି ତଳର କାଠ ଉପରେ ମନ୍ଥିଲେ ନିଆଁ ବାହାରେ—1. The upper piece of wood which is churned in the lower one for kindling the fire. (M. W.)
Abhimanthana
୨ । (+ଭାବ. ଅନ)—ନିଆଁ ବାହାର କରିବା ପାଇଁ ଖଣ୍ଡେ କାଠ ନେଇ ଆଉ ଖଣ୍ଡିଏ କାଠରେ ମନ୍ଥିବା—
Churning or rubbing two pieces of wood for eliciting fire

**ଅଭିମନ୍ୟୁ**—ସଂ. ବି. (ନାମ)—୧ । ଚାକ୍ଷୁଷ ମନୁଙ୍କ ପୁତ୍ରବିଶେଷ—
Abhimanyu 1. Name of a son of Chākshusha Manu.
୨ । ଅର୍ଜ୍ଜୁନଙ୍କ ଔରସରେ ସୁଭଦ୍ରାଙ୍କ ଗର୍ଭଜାତ ସନ୍ତାନ—
2. Name of the son of Arjuna and Subhadrā.
[ ଦ୍ର—ଏ କୃଷ୍ଣଙ୍କ ଭଣଜା ଓ ପରୀକ୍ଷିତ ମହାରାଜାଙ୍କ ପିତା; ମହାଭାରତ ଯୁଦ୍ଧରେ ଏ କୁରୁସେନାଙ୍କର ବ୍ୟୂହ ମଧ୍ୟକୁ ଏକାକୀ ପ୍ରବେଶ କରି ହତ ହୋଇଥିଲେ । ]
୩ । ରାଜତରଙ୍ଗିଣୀ ଲିଖିତ କାଶ୍ମୀରର ଦୁଇଟି ରାଜାଙ୍କ ନାମ—
3. Name of two kings of Kashmere inentened in the Rājataraṅgiṇī (M W)
ଦେ. ବି. ପୁଂ—ପୁରୁଷଙ୍କ ନାମବିଶେଷ—
A Name given to males

**ଅଭିମନ୍ୟୁ ସାମନ୍ତସିଂହାର**—ଦେ. ବି. ( ନାମ )—ଉତ୍କଳର ଜଣେ ପ୍ରସିଦ୍ଧ କବି—
Abhimanyu Sāmantasimhāra Name of a celebrated Ordiā poet.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଆଙ୍ଖି' ନ ପାଇଲେ 'ଆଖି' ଦେଖିବେ; 'ଅଲବଡ଼' ନ ପାଇଲେ 'ଅଲବଢ଼' ଦେଖିବେ ।

[ ଦ୍ର—ଜନ୍ମ ୧୭୫୭, ମୃତ୍ୟୁ ୧୮୦୬; ଏ କଟକ ଜିଲ୍ଲାର ବାଲିଆ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ଏହାଙ୍କ ରଚିତ କାବ୍ୟ ମଧ୍ୟରେ 'ବିଦଗ୍ଧଚିନ୍ତାମଣି' ପ୍ରସିଦ୍ଧ; ଏହା ଛଡ଼ା ଏ ପ୍ରୀତିଚିନ୍ତାମଣି, ସୁଲକ୍ଷଣା, ରସବତୀ, ପ୍ରେମକଳା, ପ୍ରେମତରଙ୍ଗିଣୀ କାବ୍ୟମାନ ରଚନା କରିଥିଲେ । ସେ ଜାତିରେ କ୍ଷତ୍ରିୟ ଥିଲେ । ତାଙ୍କ ପିତାଙ୍କ ନାମ ଇନ୍ଦ୍ରଜିତ ସାମନ୍ତସିଂହାର । ଏ ଜଣେ ନିଷ୍ଠାପର ବୈଷ୍ଣବ ଥିଲେ । ]

**ଅଭିମର**—ସଂ. ବି. ( ଅଭି+ମୃ ଧାତୁ=ମରିବା+ଅଧିକରଣ. ଅ—
Abhimara ଯହିଁରେ ବହୁଲୋକ ମରନ୍ତି )—
୧ । ଯୁଦ୍ଧ—1. Battle.
୨ । ବଧ; ମରଣବ୍ୟାପାର—2. Slaughter
୩ । ବନ୍ଧନ—3. Binding in fetters; confinement.
୪ । ମୃତ୍ୟୁକୁ ଭ୍ରୂକ୍ଷେପ ନ କରି ଯୁଦ୍ଧରେ ଉତ୍ସାହ—
4 Courage to fight without fear of death.
୫ । ପ୍ରତାରଣ—5. Cheating; deception
୬ । ସ୍ୱସୈନ୍ୟଙ୍କଠାରୁ ଭୟ—
6. Fear of one's own army.
୭ । ଅବିଶ୍ୱାସ; ବିଶ୍ୱାସଘାତକତା—7. Treachery
୮ । ସିପାହୀବିଦ୍ରୋହ—8. Mutiny.

**ଅଭିମର୍ଦ୍ଦ**—ସଂ. ବି. ( ଅଭି+ମୃଦ ଧାତୁ+ଭାବ. ଅ )—
Abhimardda ୧ । ଯୁଦ୍ଧ—1 Fight; battle.
(ଅଭିମର୍ଦ୍ଦିତ—ବିଣ) ୨ । ମର୍ଦ୍ଦନ—2. Pounding; rubbing.
୩ । ଚୂରିବା—3. Pulverising.
୪ । ଦଳନ; ନାଶକରଣ—4. Crushing.
୫ । ନିଷ୍ପୀଡ଼ନ; ଉତ୍ପୀଡ଼ନ—
5. Devastation; oppression.
୬ । ଫଳ ଚିପୁଡ଼ି ପ୍ରସ୍ତୁତ କରାଯିବା ମଦ—
6 Wine pressed from fruits.
୭ । ଚିପୁଡ଼ିବା—7. Pressing.
୮ । ବାଟିବା—8. Bruising.
୯ । ସଂଘର୍ଷଣ—9. Friction.
୧୦ । ଶତ୍ରୁଦ୍ୱାରା ଦେଶର ଛାରଖାର ଅବସ୍ଥା ଘଟିବା—
10. Devastation of a country by an enemy ( M. W. )

**ଅଭିମର୍ଦ୍ଦି**—ସଂ. ବିଣ. ପୁଂ. (ଅଭି+ମୃଦ ଧାତୁ+କର୍ତ୍ତୃ. ଇନ୍ ୧ମା.୧ବ.)—
Abhimarddi ୧ । ମର୍ଦ୍ଦନକାରୀ—1. Pounding.
(ଅଭିମର୍ଦ୍ଦିନୀ—ସ୍ତ୍ରୀ) ୨ । ବିନାଶକାରୀ—
2. Crushing; destroying.
୩ । ନିଷ୍ପୀଡ଼କ—3. Pressing.
୪ । ଉତ୍ପୀଡ଼କ—4. Oppressive.
୫ । ଚିପୁଡ଼ୁଥିବା—5. Pressing.
୬ । ବାଟୁଥିବା—6. Bruising.

**ଅଭିମର୍ଷ**—ସଂ. ବି. ( ଅଭି+ମୃଷ ଧାତୁ+ଭାବ. ଅ )—
Abhimarsha ୧ । ଛୁଇଁବା; ସ୍ପର୍ଶ—1 Touch; contact.
୨ । (ଚୁଟିଆଦି) ଧରିବା—2. Seizing; grasping.

**ଅଭିମାନ**—ସଂ. ବି. ( ଅଭି+ମନ ଧାତୁ+ଭାବ. ଅ )—
Abhimāna ୧ । ପରର ଅନିଷ୍ଟ କାମନା; ହିଂସା—
1 Intention to injure; insediousness ( M. W. )
୨ । ଆପଣା ବଡ଼େଇ; ଆତ୍ମଗରିମା—
2. Self-conceit; high opinion of one's self.
୩ । ଅହଙ୍କାର; ଗର୍ବ—
3. Haughtiness; arrogance.
୪ । ( ସାଙ୍ଖ୍ୟଦର୍ଶନ ) ଅହଂଭାବ—
(Sāṁkhya philosophy) Self-reference; refering all objects to self as the act of ahaṁkāra or personality (M W)
୫ । ପ୍ରଣୟ—5 Love.
୬ । ସ୍ନେହ—6. Affection (M. W.)
୭ । ଇଚ୍ଛା—7. Desire (M. W.)
୮ । ଷଷ୍ଠ ମନ୍ୱନ୍ତରର ଋଷିବିଶେଷ—8. Name of the sixth Manwantara.
୯ । ପ୍ରତୀତି—9. Belief
୧୦ । ଜ୍ଞାନ—10. Knowledge
୧୧ । ଅସନ୍ତୋଷ—11. Discontent.
୧୨ । ସାମାନ୍ୟ କଥାରେ ମନୋଦୁଃଖ—12. Sensitiveness; proneness to take offence in slight matters.
ଦେ. ବି. (ଫ. ମାନ)—୧ । ସ୍ୱାମୀ-ସ୍ତ୍ରୀ ମଧ୍ୟରେ ପ୍ରଣୟ ସମ୍ପର୍କରେ ନୀରବ ମନୋମାଳିନ୍ୟ—1. Conjugal sulks; silent conjugal displeasure due to jealousy; wounded love or wounded vanity.
୨ । ଗୁପ୍ତ ବିରକ୍ତି—2. Secret dissatisfaction.
୩ । ସମ୍ମାନ; ମର୍ଯ୍ୟାଦା; ସମ୍ଭ୍ରମ—3. Prestige; honour.
ମାର ରକ୍ଷି ପାରୁ ମୋହର ଅଭିମାନ । କୃଷ୍ଣସିଂହ. ମହାଭାରତ, ବନ ।

**ଅଭିମାନଆଁ**—ଦେ. ବିଣ. ପୁଂ. ଓ ସ୍ତ୍ରୀ. (ସଂ. ଅଭିମାନୀ)—
Abhimāniāṅ ଅଭିମାନୀ (ଦେଖ) Abhimāni (See)
অভিমানী
अभिमानी

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇସ୍ | ଇଅ | ଓ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଖ୍ୟ | ଇଅ | ୱ | ନ୍ଧ |

**ଅଭିମାନିତ**—ସଂ. ବିଣ. (ଅଭିମାନ+ଇତ)—
Abhimānita ଅଭିମାନଯୁକ୍ତ—Offended.
ସଂ. ବି.—ସୁରତ; ରତିକ୍ରୀଡ଼ା—Copulation; sexual embrace.

**ଅଭିମାନୀ**—ସଂ. ବିଣ. ପୁଂ. (ଅଭିମାନ+ଇନ୍; ୧ମା. ୧ବ.)—
Abhimāni ୧। ଗର୍ବୀ—1. Arrogant; proud.
(ଅଭିମାନିନୀ—ସ୍ତ୍ରୀ) ୨। ଅହଂକାରୀ—2. Self-conceited.
୩। ଅସନ୍ତୁଷ୍ଟ; ବିରକ୍ତ—3. Discontented; offended; displeased.
୪। ସାମାନ୍ୟ କଥାରେ ଯେ ଦୁଃଖିତ ହୁଏ—4. Prone to take offence in slight matters.
ଦେ. ବିଣ.—ଏକାନ୍ତ ଇଚ୍ଛୁକ—Bent upon.
କାର୍ତ୍ତିକେୟ ଦେବସୈନ୍ୟ ସଙ୍ଗରେ ଯେହୁ।
ବାହାରିଲେ ହୋଇ ଯୁଦ୍ଧରେ ଅଭିମାନୀ। କୃଷ୍ଣସିଂହ. ମହାଭାରତ. ବନ।

**ଅଭିମାରୁତ**—ସଂ. କ୍ରି. ବିଣ—( ଅଭି+ମରୁତ; ଅଭିମାରୁତଂ )—ପବନ-
Abhimāruta ବିରୁଦ୍ଧ; ବାୟୁର ବିପରୀତ ଦିଗରେ; ପବନ ଗତିର ଉଜାଣି—Against the wind (M.W)

**ଅଭିମୁଖ**—ସଂ. ବିଣ. (ଅଭି=ସମୀପ; ସମ୍ମୁଖ+ମୁଖ)—୧। ସମୀପବର୍ତ୍ତୀ-
Abhimukha 1. Adjoining; proximate.
୨। ସମ୍ମୁଖବର୍ତ୍ତୀ—2. Situated in front of.
୩। (ଅମୁକ) ଆଡ଼କୁ ମୁହଁ ବୁଲାଇଥିବା—3. Facing; with the face directed towards.
୪। ଆସନ୍ନ—4. Imminent.

**ଅଭିମୁଖତା**—ସଂ. ବି. (ଅଭିମୁଖ+ଭାବ. ତା )—
Abhimukhatā ୧। ଉପସ୍ଥିତି—1. Presence.
୨। ସାମୀପ୍ୟ—2. Proximity.

**ଅଭିମୁଖରେ**—ଦେ. କ୍ରି. ବିଣ. ( ସଂ. ଅଭିମୁଖେ )—
Abhimnkhare ୧। ( ଅମୁକର) ଆଡ଼କୁ; ଦିଗକୁ; ନିକଟକୁ—
अभिमुखे 1. Towards; in the direction of.
अभिमुख ୨। ସମ୍ମୁଖରେ—In front of.
୩। ଅମୁକ ଆଡ଼କୁ ମୁହଁ କରି—
3. Facing; with face turned towards.
୪। (ଅମୁକର) ଉପସ୍ଥିତିରେ—
4. In the presence.

**ଅଭିମୁଖୀ**—ସଂ. ବିଣ. ପୁଂ. (ଅଭି=ସମୀପ; ସମ୍ମୁଖ+ମୁଖ+ଇନ୍. ୧ମା.
Abhimukhi ୧ବ. )—୧। ସମ୍ମୁଖୀନ—
( ଅଭିମୁଖିନୀ—ସ୍ତ୍ରୀ ) 1. Facing; over-looking.
୨। (ଅମୁକର) ଆଡ଼କୁ ଅଗ୍ରସର—2. Advancing or moving towards.
୩। ସମୀପବର୍ତ୍ତୀ ହୋଇଥିବା—
3. Nearing; approaching.
(ଯଥା—ଯୌବନାଭିମୁଖୀ; ଗ୍ରାମାଭିମୁଖୀ)
ସଂ. ବିଣ. ସ୍ତ୍ରୀ. (ଅଭିମୁଖ+ଈ)—ଅଭିମୁଖର ସ୍ତ୍ରୀଲିଙ୍ଗ—
Feminine of Abhimukha (M. W.)

**ଅଭିମୁଖୀନ**—ସଂ. ବିଣ. ପୁଂ. (ଅଭି+ମୁଖ+ଈନ୍)—୧। ସମ୍ମୁଖସ୍ଥ—
Abhimukhīna 1. Facing; situated in front.
(ଅଭିମୁଖୀନା—ସ୍ତ୍ରୀ) ୨। ପରସ୍ପରର ସାମନା ସାମନି ଥିବା—
2. Opposite to each other.

**ଅଭିମୁଖେ**—ଦେ. କ୍ରି. ବିଣ.—ଅଭିମୁଖରେ (ଦେଖ)
Abhimukhe Abhimukhare (See)

**ଅଭିମୂର୍ଚ୍ଛିତ**—ସଂ. ବିଣ. ( ଅଭି+ମୂର୍ଚ୍ଛିତ )—୧। (ବୃଦ୍ଧିପ୍ରାପ୍ତ) ବର୍ଦ୍ଧିତ—
Abhimūrchchhita 1 Augmented; intensified (M. W.)
୨। ଉତ୍ତେଜିତ ( ଯଥା—କାମକ୍ରୋଧାଦିଦ୍ୱାରା )—
2, Stirred up; excited (e.g. as by passion) (M. W.)

**ଅଭିମୃଷ୍ଟ**—ସଂ. ବିଣ. ( ଅଭି+ମୃଶ ଧାତୁ+କର୍ମ. ତ )—
Abhimṛushta ୧। ସ୍ପୃଷ୍ଟ—1. Touched.
(ଅଭିମୃଷ୍ଟା—ସ୍ତ୍ରୀ) ୨। (ଶସ୍ତ୍ରାଦିଦ୍ୱାରା) ଆହତ—
ଅଭିମର୍ଷ; ଅଭିମର୍ଶ
ଅଭିମର୍ଷଣ; ଅଭିମର୍ଶଣ } ବି. 2. Struck (e. g. as by a weapon) (M. W.)
୩। ଧୃତ—3. Seized; grasped.
୪। ସମ୍ବଦ୍ଧ—4. Connected; tied together.
୫। ସଂଘୃଷ୍ଟ—5. Pounded.
୬। ମିଳିତ—6. Mixed.
୭। ଘର୍ଷିତ—7. Rubbed.
୮। ଆହୂତ; ନିମନ୍ତ୍ରିତ—
8. Summoned; invited (M. W.)

**ଅଭିମୃଷ୍ଟଜ**—ସଂ. ବିଣ. ପୁଂ. ( ଅଭିମୃଷ୍ଟା ଠାରୁ ଜାତ )—
Abhimṛushṭaja ପରପୁରୁଷଦ୍ୱାରା ସ୍ପୃଷ୍ଟା ସ୍ତ୍ରୀଠାରୁ ଉତ୍ପନ୍ନ(ସନ୍ତାନ);
(ଅଭିମୃଷ୍ଟଜା—ସ୍ତ୍ରୀ) ଜାରଜ—Illegitimate ( M. W. )

**ଅଭିଯାଚନ**—ସଂ. ବି. (ଅଭି=ସମ୍ମୁଖରେ+ଯାଚ ଧାତୁ+ଭାବ. ଅନ)-
Abhijāchana ୧। କୌଣସି ବସ୍ତୁ ପାଇଁ ପ୍ରାର୍ଥନା—
(ଅଭିଯାଚିତ—ବିଣ) 1. Prayer for anything.
୨। ମାଗିବା—2. Begging; asking.
୩। ଅନୁରୋଧ—3. Request.

**ଅଭିଯାଚିତ**—ସଂ. ବିଣ. ( ଅଭି+ଯାଚିତ )—
Abhijāchita ୧। ଆଗରେ ଠିଆ ହୋଇ ମଗା ଯାଇ ଥିବା ( ପଦାର୍ଥ ); ସମ୍ମୁଖରେ ପ୍ରାର୍ଥିତ—
1. Asked for in person; begged for.
୨। ପ୍ରାର୍ଥିତ—2. Asked for; prayed for.
୩। ଅନୁରୁଦ୍ଧ—3. Requested.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅଭିଯାତ**—ସଂ. ବି. ( ଅଭି + ଯା ଧାତୁ + କର୍ମ. ତ )—
Abhijāta ୧ । ଶତ୍ରୁଦ୍ୱାରା ଆକ୍ରାନ୍ତ—
(ଅଭିଯାତା—ସ୍ତ୍ରୀ) 1. Assailed by an enemy.
୨ । ଶତ୍ରୁଦ୍ୱାରା ଅବରୁଦ୍ଧ—
2. Besieged by an enemy.
୩ । ଭର୍ତ୍ସିତ—3. Censured.
୪ । ପ୍ରବିଷ୍ଟ; ଆବିଷ୍ଟ—4. Entered into; thrust into.
୫ । ସ୍ୱୟଂ ପ୍ରାପ୍ତ—5. Got without the asking.
୬ । ଅଭିଯୁକ୍ତ; ଯାହା ବିରୁଦ୍ଧରେ କୌଣସି ଅପରାଧ ବା ଅଭିଯୋଗ ଆରୋପ କରାଯାଏ—
6. Arraigned; charged.

**ଅଭିଯାତି**—ସଂ. ବି. ( ଅଭି + ଯା ଧାତୁ + କର୍ତ୍ତୃ. ତି )—
Abhijāti ୧ । ଶତ୍ରୁ—1. Enemy.
୨ । ଆକ୍ରମଣକାରୀ—2. Assailant ( M. W. )
( ଦ୍ର—ଏହାର ଅନ୍ୟରୂପ ଅଭିଯାତୀ )—

**ଅଭିଯାନ**—ସଂ. ବି. (ଅଭି = ସମ୍ମୁଖକୁ + ଯା ଧାତୁ = ଯିବା + ଭାବ. ଅନ)-
Abhijāna ୧ । ଯୁଦ୍ଧାର୍ଥ ଯାତ୍ରା—
(ଅଭିଯାତ—ବିଣ) 1. Military expedition.
୨ । ଆକ୍ରମଣ—2. Attacking.
୩ । ନିକଟକୁ ଯିବା—
3 Coming near; approaching
୪ । ଯାତ୍ରାକରଣ—4. Starting.

**ଅଭିଯାୟୀ**—ସଂ. ବିଣ. ପୁଂ. ( ଅଭି + ଯା ଧାତୁ + କର୍ତ୍ତୃ. ଇନ୍.
Abhijāyi ୧ମା. ୧ବ. )—୧ । ଆକ୍ରମଣକାରୀ—
(ଅଭିଯାୟିନୀ—ସ୍ତ୍ରୀ) 1. Attacking.
୨ । ନିକଟକୁ ଅଗ୍ରସର ହେଉଥିବା—
2. Going towards; approaching.

**ଅଭିଯୁକ୍ତ**—ସଂ. ବିଣ. (ଅଭି = ସମ୍ମୁଖରେ + ଯୁଜ ଧାତୁ + କର୍ମ ତ )—
Abhijukta ୧ । ଆରୋପିତାପରାଧ—
(ଅଭିଯୋଗ—ବି) 1 Charged with an offence.
୨ । ଅଦାଲତରେ ମୁଦାଲା ବା ପ୍ରତିବାଦୀରୂପେ ଉପସ୍ଥିତ—
2. Accused or prosecuted for an offence brought to court as a defendant.
୩ । ଭର୍ତ୍ସିତ—3. Rebuked; censured.
୪ । ନିନ୍ଦିତ—4. Blamed.
୫ । ( ଅମୁକ ବିଦ୍ୟାରେ ) ପାରଙ୍ଗମ—
5. Delegent; versed in ( M. W. )
୬ । ଶତ୍ରୁଦ୍ୱାରା ଆକ୍ରାନ୍ତ—
6. Assailed by an enemy.
୭ । ଶତ୍ରୁଦ୍ୱାରା ଅବରୁଦ୍ଧ—
7. Surrounded or besieged by an enemy.
୮ । ( ଅମୁକ ବିଷୟରେ ) କୃତସଂକଳ୍ପ—
8. Applied; intent on ( M. W. )

**ଅଭିଯୁକ୍ତବ୍ୟକ୍ତି**—ସଂ. ବି—୧ । ମୁଦାଲା—1. An accused.
Abhijuktabyakti ୨ । ପ୍ରତିବାଦୀ—2. A defendant.

**ଅଭିଯୋକ୍ତା**—ସଂ. ବିଣ. ପୁଂ—୧ । କଚେରିରେ ବା ରାଜଦ୍ୱାରରେ ଅନ୍ୟ
Abhijoktā ବ୍ୟକ୍ତି ବିରୁଦ୍ଧରେ ଅଭିଯୋଗକାରୀ—
(ଅଭିଯୋକ୍ତ୍ରୀ—ସ୍ତ୍ରୀ) 1. Complaining; accusing another person in court.
୨ । ଭର୍ତ୍ସନାକାରୀ—2. Censuring.
୩ । ଆକ୍ରମଣକାରୀ—3. Attacking.
ସଂ. ବି—୧ । ଦେୱାନୀ ଅଦାଲତରେ ବାଦୀ ( ଅର୍ଥୀ )
1. A plaintiff in a civil suit.
୨ । ଫଉଜଦାରି ଅଦାଲତରେ ମୁଦେଇ—
2. A complainant in a criminal case.
୩ । ଅଭିଯୋଗକାରୀ ବ୍ୟକ୍ତି—3. An accuser.
୪ । ମୁଦାଲା ବିରୁଦ୍ଧରେ ମକଦ୍ଦମା ଚଳାଇବା ବ୍ୟକ୍ତି—
4. A prosecutor.
୫ । ଶତ୍ରୁ—5. Enemy ( M. W. )
[ ଦ୍ର—ମନୁସଂହିତାର ଅଷ୍ଟମ ଅଧ୍ୟାୟରେ ମକଦ୍ଦମା ( ବ୍ୟବହାର ) ଚଳାଇବା ବିଷୟକ ବିଧି ଓ ଉପଦେଶମାନ ଲିପିବଦ୍ଧ ହୋଇଅଛି । ]

**ଅଭିଯୋଗ**—ସଂ. ବି. ( ଅଭି + ଯୁଜ ଧାତୁ + ଅ)—
Abhijoga ୧ । କୌଣସି ବ୍ୟକ୍ତି ନାମରେ ହାକିମଙ୍କ ନିକଟ
(ଅଭିଯୁକ୍ତ—ବିଣ) ନାଲିସ—1. Accusation against a person; complaint against a person.
୨ । ମୁଦାଲା ପ୍ରତି ଅପରାଧର ଆରୋପ—
2. Charge against an accused person.
୩ । ମୁଦାଲା ସଫେଇ ଦେବା ପୂର୍ବରୁ ମୁଦେଇ ତରଫରୁ ଆଗତ ପ୍ରମାଣ ଦ୍ୱାରା ମୁଦାଲା ବିରୁଦ୍ଧରେ ସାବୁଦ୍ ହେବା ଅପରାଧର ଲିଖନ—3. Framing of a charge against an accused.
୪ । ଉଦ୍‌ଯୋଗ—4. Endeavour; exertion
୫ । ଆକ୍ରମଣ—5. Attack; assault.
୬ । ଶପଥ—6. Solemn affirmation.
୭ । ଯୁଦ୍ଧାର୍ଥ ଆହ୍ୱାନ—7. A call to fight.
୮ । ଅଧ୍ୟବସାୟ—
8. Perseverance; constant practice. ( M. W. )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଊ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇସ୍ତ୍ର | ଋଅ | ଢ |
| ୨ | ଈ | ଉ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗଁ୍ୟ | ଇଅ | ଓ | ହ୍ମ |

**ଅଭିଯୋଗପତ୍ର**—ସଂ. ବି. ( ମଧ୍ୟପଦଲୋପୀ; ଅଭିଯୋଗ ଲିଖିତ ଥିବା ପତ୍ର )—ମୁଦେଇର ଦରଖାସ୍ତ—
**Abhijogapatra**
A petition of complaint.

**ଅଭିଯୋଗୀ**—ସଂ. ବିଣ. ପୁଂ. ( ଅଭିଯୋଗ+ଇନ୍; ୧ମା. ୧ବ )—
**Abhijogī** ୧ । ନିବିଷ୍ଟମନା—
(ଅଭିଯୋଗିନୀ—ସ୍ତ୍ରୀ) 1. Intent upon ( M.W. )
୨ । ଆକ୍ରମଣ କରିବାରେ ରତ—
2. Absorbed in attacking ( M. W. )
୩ । (ଆଇନ୍) ଅନ୍ୟ ବିରୁଦ୍ଧରେ ଅପରାଧ ଆରୋପକାରୀ—
3. ( law ) Accusing.
ସଂ. ବି—୧ । ମୁଦେଇ—1. Complainant.
୨ । ବାଦୀ—2. Plaintiff.

**ଅଭିରକ୍ତ**—ସଂ. ବିଣ. ( ଅଭି+ରଞ୍ଜ ଧାତୁ+କର୍ତ୍ତୃ. ତ )—ଅନୁରକ୍ତ; ଆସକ୍ତ—Attached to; devoted to
**Abhirakta**

**ଅଭିରକ୍ଷା**—ସଂ. ବି. ( ଅଭି=ସର୍ବତୋଭାବରେ+ରକ୍ଷା )—ସର୍ବତୋଭାବରେ କୌଣସି ବ୍ୟକ୍ତିକୁ ବିପଦରୁ ରକ୍ଷା କରିବା; ସଞ୍ଚ ଘୋଡ଼େଇ ରଖିବା—
**Abhirakshā**
(ଅଭିରକ୍ଷଣ—ଅନ୍ୟରୂପ)
(ଅଭିରକ୍ଷିତ—ବିଣ.) Protection from all dangers.

**ଅଭିରକ୍ଷିତା**—ସଂ. ବିଣ. ୧ । ସ୍ତ୍ରୀ. ( ଅଭିରକ୍ଷିତ+ଆ )—ସର୍ବତୋଭାବରେ ବିପଦାଦିରୁ ରକ୍ଷିତା—
**Abhirakshitā**
1. Protected.
(ଅଭିରକ୍ଷିଣୀ—ସ୍ତ୍ରୀ) ୨ । ପୁଂ. (ଅଭି+ରକ୍ଷ ଧାତୁ+କର୍ତ୍ତୃ.ତୃ; ୧ମା.୧ବ.)-
ରକ୍ଷାକାରୀ—2. Protecting; preserving.
ସଂ. ବି. ପୁଂ—ରକ୍ଷକ—Preserver; protector.
ସ୍ୱ ସ୍ୱ ଧର୍ମ ନିଷ୍ଠ ଜନପଦ ବ୍ରାହ୍ମଣାଦି ସକଳ ବର୍ଣ୍ଣ ଓ ସକଳ ଆଶ୍ରମର ଅଭିରକ୍ଷିତା ରୂପେ ପରମେଶ୍ୱର ରାଜାଙ୍କୁ ସୃଷ୍ଟି କରିଅଛନ୍ତି—
ଚମଣଙ୍କର. ମନୁ ୭ । ୩୫ ।

**ଅଭିରଙ୍ଗୀ**—ଦେ. ବିଣ. ସ୍ତ୍ରୀ—( ଅଭି+ରଞ୍ଜ ଧାତୁ=ଅନୁରକ୍ତ ହେବା; ରଞ୍ଜିତ କରିବା +ଇନ୍; ୧ମା. ୧ବ.)—
**Abhirangī**
୧ । ନାୟକ ପ୍ରତି ଅନୁରକ୍ତା; ସ୍ନେହମୟୀ—
1. Affectionate, attached to; devoted to the lover.
୨ । ବିଳାସମୟୀ—2. Sportive.
ସୁଥ ସୁଥ ଅଭିରଙ୍ଗୀ ପ୍ରଧାନ ନାୟିକା—ପ୍ରାଚୀ. ଚନ୍ଦ୍ରଶେଖର ।

**ଅଭିରତ**—ସଂ. ବିଣ. ପୁଂ. ( ଅଭି+ରମ ଧାତୁ+କର୍ତ୍ତୃ. ତ )—
**Abhirata** ୧ । ( ଅମୁକ କାର୍ଯ୍ୟରେ ) ଏକାନ୍ତ ଆସକ୍ତ;
(ଅଭିରତା—ସ୍ତ୍ରୀ) ଅନୁରକ୍ତ—1. Attached to.
(ଅଭିରତି—ବି) ୨ । ନିରତ; କାର୍ଯ୍ୟରେ ଲାଗିଥିବା; ନିଯୁକ୍ତ—
2. Engaged in.
(ପ୍ରଥା—କର୍ମନିରତ ।)
୩ । ଅନନ୍ୟମନା ହୋଇ ଲାଗିଥିବା —
3. Absorved in.
୪ । ପ୍ରୀତ—4. Pleased or contented with.
୫ । ଦତ୍ତମନା—5. Attentive to.
୬ । ବିଶ୍ରାନ୍ତ—6. Reposing ( M. W.
୭ । ଅମୁକ କାର୍ଯ୍ୟ କରୁଥିବା—
7. Performing; practising.

**ଅଭିରତି**—ସଂ. ବି. ( ଅଭି+ରମ ଧାତୁ+ଭାବ. ତି )—
**Abhirati** ୧ । ଆସକ୍ତି— 1. Absurption.
୨ । ଅନୁରକ୍ତି—2. Attachment.
୩ । ସନ୍ତୋଷ --3. Pleasure

**ଅଭିରାଦ୍ଧ**—ସଂ. ବିଣ. (ଅଭି+ରାଧ ଧାତୁ=ଆରାଧନା କରିବା+କର୍ମ. ତ)—
**Abhirāddha** ୧ । ଆରାଧିତ—1. Entreated.
୨ । ପୂଜିତ—2. Adored.
୩ । ପ୍ରସାଦିତ—3. Favoured.
୪ । ସେବିତ—4. Attended; looked after.

**ଅଭିରାମ**—ସଂ. ବିଣ. ( ଅଭି+ରମ ଧାତୁ=ଅନୁରକ୍ତ ହେବା+ଅଧିକରଣ. ଅ )—୧ । ସୁନ୍ଦର—1. Beautiful; fair.
**Abhirāma**
୨ । ମନୋହର; ପ୍ରୀତିକର—
2. Handsome; pleasing.
୩ । ପ୍ରିୟ—3. Dear.
୪ । ମନୋଜ୍ଞ—4. Charming; lovely.
ଦେ. ବି. ପୁଂ—ପୁରୁଷଙ୍କୁ ଦିଆଯିବା ନାମ—
Name given to males.

**ଅଭିରୁଚି**—ସଂ. ବି. ( ଅଭି+ରୁଚ୍ ଧାତୁ+ଭାବ. ଇ )—
**Abhiruchi** ୧ । ସ୍ପୃହା; ରୁଚି-1. Liking: taste.
୨ । ଅଭିଳାଷ—2. Wish.
୩ । ଇଚ୍ଛା—3 Desire.
୪ । ପ୍ରବୃତ୍ତି—4. Inclination.
୫ । ପ୍ରୀତି—5. Glamour.

**ଅଭିରୂପ**—ସଂ. ବି. ( ଅଭି+ରୂପ+କର୍ମ. ଅ )—
**Abhirūpa** ୧ । ବିଷ୍ଣୁ—1. Bishnu
୨ । କାମ—2. Cupid.
୩ । ଚନ୍ଦ୍ର—3, The moon
୪ । ମହାଦେବ; ଶିବ—4. Śiba.
ସଂ. ବିଣ-୧ । ମନୋହର—
1, Of inaffable beauty; charming.
୨ । ପ୍ରିୟ—2. Dear to the heart.
୩ । ଅନୁରୂପ—3. Suitable; suiting to.
୪ । ବିଦ୍ୱାନ୍; ପଣ୍ଡିତ—4. Learned.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ଭୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍‌' ଦେଖିବେ ।

**ଅଭିରୋଧ**—ସଂ. ବି. ( ଅଭି+ରୁଧ ଧାତୁ+ଅ )—
Abhirodha ପୀଡ଼ନ—Oppression

**ଅଭିଲଷଣୀୟ**—ସଂ. ବିଣ. ( ଅଭି+ଲଷ ଧାତୁ+କର୍ମ. ଅନୀୟ )—
Abhilashaniya ବାଞ୍ଛନୀୟ—Desirable.

**ଅଭିଲଷିତ**—ସଂ. ବିଣ. ( ଅଭି+ଲଷ ଧାତୁ+କର୍ମ. ତ )—
Abhilashita ୧ । ବାଞ୍ଛିତ—1. Longed for; desired.
୨ । ସଂକଳ୍ପିତ—2. Resolved.
ସଂ. ବି. ( +ଭାବ. ତ )—
୧ । ଅଭିଳାଷ; ଇଚ୍ଛା—1. Wish; longing
୨ । ସଂକଳ୍ପ—2. Resolve

**ଅଭିଲା**—ଦେ. ବି—୧ । ଠଟ୍ଟା—1. Jest.
Abhilā ୨ । ବାହାର ଢଙ୍ଗ—2. Outward show.
୩ । ତାମସା—3. Fun.
୪ । ସ୍ତ୍ରୀ. (ସଂ. ଅବୀର ? ) ବାଳବିଧବା—
4. A child-widow.
ଦେ. ବିଣ. ପୁଂ. ଓ ସ୍ତ୍ରୀ—୧ । ନିର୍ଲଜ୍ଜ—1. Shameless.
୨ । ବେହେଲ—2. Fond of jesting.
୩ । ଚେଲିଆ—3. Jokular; humourous
୪ । ନିଷ୍କର୍ମା—4. Iddle
ଦେ. ବି—ଅଘଟନ ବା ଅସମ୍ଭବ ( କଥା )—
Improbable ( matter )

**ଅଭିଲାପ**—ସଂ. ବି. ( ଅଭି+ଲପ ଧାତୁ=ଭାବ. ଅ )—
Abhilāpa ୧ । ସଂକଳ୍ପର ଅଙ୍ଗୀଭୂତ ବାକ୍ୟ—
1. Word expressing the inmost sense; words forming part of a resolve.
୨ । ଶବ୍ଦ—2. Expression

**ଅଭିଲାବ**—ସଂ. ବି. (ଅଭି+ଲୂ ଧାତୁ=ଛେଦନ କରିବା+ଭାବ. ଅ)—
Abhilāba ୧ । ଛେଦନ—1. Act of cutting.
୨ । ଧ୍ୱଂସ—2. Destruction.
୩ । ବିନାଶ—3. Annihilation.

**ଅଭିଲାଭିଲା**—ଦେ. ବିଣ. ପୁଂ. ଓ ସ୍ତ୍ରୀ—
Abhilābhilā ୧ । ଅତି ନିର୍ଲଜ୍ଜ—1. Very immodest.
୨ । ନିର୍ଲଜ୍ଜ; ଉପହାସ୍ୟାସ୍ପଦ—2. Shameless.
ଅଭିଲାଭିଲା, ଅଭିଲା ଦେଖିତ ମାଙ୍କଡ଼ ପିଲା—ଚଇ ।

**ଅଭିଲାଷ**—ସଂ. ବି. ( ଅଭି+ଲଷ ଧାତୁ+ଭାବ. ଅ )—
Abhilāsha ୧ । ବାଞ୍ଛା; ଇଚ୍ଛା—1. Wish; desire.
୨ । ସ୍ପୃହା—2. Longing.
୩ । ଲୋଭ—3. Lust; avarice.
୪ । ଅନୁରାଗ—4. Love; affection.
୫ । କୌଣସି କାର୍ଯ୍ୟ ପ୍ରତି ଆଗ୍ରହ—
5. Eagerness for any work.

**ଅଭିଲାଷୀ**—ସଂ. ବିଣ. ପୁଂ (ଅଭି+ଲଷ ଧାତୁ+ଇନ୍. ୧ମା. ୧ବ.)—
Abhilāshi ୧ । ଅଭିଲାଷଯୁକ୍ତ; ଇଚ୍ଛୁକ—1. Desirous,
୨ । ସସ୍ପୃହ—2 Eager; longing for.
୩ । ଲୋଭୀ—3. Covetous.
୪ । ଅନୁରାଗୀ—4. Having attachment to; attached to; fond of.
୫ । ଆଶାଯୁକ୍ତ—5. Ambitious

**ଅଭିଲାଷୁକ**—ସଂ. ବିଣ. ପୁଂ (ଅଭି+ଲଷ ଧାତୁ+କର୍ତ୍ତୃ. ଉକ)—
Abhilāshuka ଅଭିଲାଷୀ ( ଦେଖ )
(ଅଭିଲାଷୁକା—ସ୍ତ୍ରୀ) Abhilāshi (See)

**ଅଭିଶପନ**—ସଂ. ବି. ( ଅଭି=ବିରୁଦ୍ଧ+ଶପ ଧାତୁ=ଶାପ ଦେବା+ଭାବ. ଅନ )—
Abhiśapana
୧ । ଅଭିଶାପ—1 Curse; imprecation.
୨ । ଅଭିଶାପ ଦେବା—
2. Cursing.

**ଅଭିଶପ୍ତ**—ସଂ. ବିଣ. ପୁଂ (ଅଭି=ବିରୁଦ୍ଧ+ଶପ ଧାତୁ=ଶାପ ଦେବା+କର୍ମ. ତ)—
Abhiśapta ଅଭିଶାପଗ୍ରସ୍ତ—Cursed.

**ଅଭିଶପ୍ତା**—ସଂ. ବିଣ. ପୁଂ. ( ଅଭି=ଶପ ଧାତୁ=ଶାପ ଦେବା+କର୍ତ୍ତୃ. ତୃ. ୧ମା. ୧ବ )—
Abhiśaptā
(ଅଭିଶପ୍ତ୍ରୀ—ସ୍ତ୍ରୀ) ଯେ ଅଭିଶାପ ଦିଏ—
One who curses.
ସଂ. ବିଣ. ସ୍ତ୍ରୀ—ଅଭିଶପ୍ତର ସ୍ତ୍ରୀଲିଙ୍ଗ—
Feminine of Abhiśapta.

**ଅଭିଶସ୍ତ**—ସଂ. ବିଣ (ଅଭି=ବିରୁଦ୍ଧ+ଶନ୍ସ ଧାତୁ+କର୍ମ. ତ )—
Abhiśasta ୧ । ପର ପୁରୁଷ ବା ପର ସ୍ତ୍ରୀଠାରେ ଆସକ୍ତ ବୋଲି ଅପବାଦଗ୍ରସ୍ତ—1. Falsely accused of adultery.
୨ । ଅପବାଦିତ; କଳଙ୍କିତ—2. Libelled; defamed.
୩ । ଆକ୍ରାନ୍ତ—3. Overpowered (by enemies)
୪ । ହିଂସିତ—4. Envied.

**ଅଭିଶସ୍ତି**—ସଂ. ବି. (ଅଭି+ଶଂସ୍ ଧାତୁ+ଭାବ. ତି)—
Abhiśasti ୧ । ପ୍ରଣୟବିଷୟକ ମିଥ୍ୟା କଳଙ୍କ—
1. False imputation of adultery.
୨ । ମିଥ୍ୟା ଅପବାଦ—2 Defamation; libel.
୩ । ହିଂସା—3. Envy.
୪ । ପ୍ରାର୍ଥନା—4. Prayer.
୫ । ଯାଚ୍ଞା—5. Entreaty.

**ଅଭିଶାପ**—ସଂ. ବି. (ଅଭି+ଶପ ଧାତୁ+ଭାବ. ଅ )—
Abhiśāpa ୧ । ଅଭିସମ୍ପାତ—1. Curse.
୨ । ଶାପ ଦେବା; ଅନ୍ୟର ଅମଙ୍ଗଳ ଇଚ୍ଛା ବା ପ୍ରାର୍ଥନା—
2. Imprecation.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଙ୍ଘ | ଡ଼ଅ | ୱ |
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଘ | ଇଅ | ୱ | ନ୍ତ |

୩ । ମିଥ୍ୟା ଦୋଷାରୋପ—
3. False accusation.

**ଅଭିଶାପ କରିବା**—ଦେ. କ୍ରି—ଅନ୍ୟର ଅମଙ୍ଗଳ ଇଚ୍ଛା ପ୍ରକାଶ କରିବା;
Abhisāpa karibā ଅଭିସମ୍ପାତ କରିବା; ସମ୍ପିବା—
অভিশাপকরা To imprecate; to curse.
अभिशापकरना

**ଅଭିଶାପଗ୍ରସ୍ତ**—ସଂ. ବିଣ. ପୁଂ (ତତ୍ପୁ ତତ୍; ଅଭିଶାପ+ଗ୍ରସ୍ତ)—
Abhisāpagrasta ଅଭିଶାପଜର୍ଜରିତ; ଶାପଦ୍ୱାରା ଅଭିଭୂତ—
(ଅଭିଶାପଗ୍ରସ୍ତା—ସ୍ତ୍ରୀ) Under the influence of a curse; overpowered by imprecation.

**ଅଭିଶାପ ଦେବା**—ଦେ. କ୍ରି—କୌଣସି ବ୍ୟକ୍ତିର ଅମଙ୍ଗଳକାମନାପୂର୍ବକ
Abhisāpa debā ଭର୍ତ୍ସନା କରିବା—To imprecate; to
অভিশাপ দেওয়া curse; to pronounce a curse.
अभिशाप देना

**ଅଭିଶାପ୍ୟ**—ଗ୍ରା. ବି. ( ସଂ. ଅଭିଶାପର ଅଶୁଦ୍ଧ ଉଚ୍ଚାରଣ )—
Abhisāpya ଅଭିଶାପ ( ଦେଖ )—Abhisāpa (See)

**ଅଭିଷଙ୍ଗ**—ସଂ. ବି. ( ଅଭି+ସନଜ୍ ଧାତୁ+ଭାବ. ଅ )—
Abhishaṅga ୧ । ଆକ୍ରୋଶ—1. Grudge.
୨ । ଅପବାଦ—2. Defamation.
୩ । ଶପଥ—3. Oath.
୪ । ଶାପ; ଅଭିଶାପ—4. Curse.
୫ । ଆଲିଙ୍ଗନ—5 Embrace.
୬ । ଶୋକ—6. Grief.
୭ । ଦୁଃଖ—7. Misery.
୮ । ପରାଭବ—8. Defeat.
୯ । ବ୍ୟସନ—9. Being addicted to bad habits or acts.
୧୦ । ତିରସ୍କାର—10. Censure.
୧୧ । ସମ୍ବନ୍ଧ; ସମ୍ପର୍କ—11. Connection.
୧୨ । ଅନୁରାଗ; ଆସକ୍ତି—
12. Attachment; affection.
[ ଦ୍ର—ଏଥିର ଅନ୍ୟ ରୂପ ଅଭିଷ୍ୱଙ୍ଗ । ]

**ଅଭିଷବ**—ସଂ. ବି. ୧ । (ଅଭି+ସୁ ଧାତୁ=ସ୍ନାନ କରିବା+ଭାବ. ଅ)—
Abhishaba ଯଜ୍ଞପୂର୍ବରୁ ସ୍ନାନ—
1. Religious ablution preparatory to the performance of a sacrifice.
୨ । ଯଜ୍ଞାନ୍ତ ସ୍ନାନ ଓ ସୋମରସାଦି ପାନ—2. Ablution after sacrificial rite.
୩ । ମଦ୍ୟଶୋଧନ—3. Distillation of soma juice.
୪ । କାଞ୍ଜି; କଞ୍ଜିକା—4. Fermented or sour gruel.
୫ । (+ସମ୍ପ୍ରଦାନ. ଅ)—ଯଜ୍ଞ—5. Vedic sacrifice.

**ଅଭିଷବଣ**—ସଂ. ବି. (ଅଭି+ସୁ ଧାତୁ+ଭାବ. ଅନ)—
Abhishabaṇa ଅଭିଷବ (ଦେଖ)—Abhishaba (See)

**ଅଭିଷିକ୍ତ**—ସଂ. ବିଣ. ପୁଂ. (ଅଭି+ସିଚ୍ ଧାତୁ=ଜଳ ଛିଞ୍ଚିବା+ତ )—
Abhishikta ୧ । ସ୍ନାତ—1. Bathed.
(ଅଭିଷିକ୍ତା—ସ୍ତ୍ରୀ) ୨ । ପବିତ୍ର ଜଳରେ ବିଧିପୂର୍ବକ ସ୍ନାପିତ—
2. Sprinkled; anointed.
୩ । କୌଣସି କାର୍ଯ୍ୟରେ ନିଯୁକ୍ତ—
3. Installed; inaugurated.
୪ । କୌଣସି ପଦରେ ଆରୂଢ଼—4. Enthroned.

**ଅଭିଷୁତ**—ସଂ. ବି. (ଅଭି+ସୁ ଧାତୁ+ଭାବ. ତ)—୧ । ସୋମରସ—
Abhishuta 1. Fermented soma-juice.
୨ । କାଞ୍ଜି—2. Sour gruel.

**ଅଭିଷେକ**—ସଂ. ବି (ଅଭି+ସିଚ ଧାତୁ+ଭାବ. ଅ )—
Abhisheka ୧ । ମନ୍ତ୍ରପୂତ ଜଳରେ ସ୍ନାନ—
1. Bath with consecrated water.
୨ । ଜଳସେଚନ—2. Sprinkling with water.
୩ । ରାଜପଦରେ ଆରୋହଣ କ୍ରିୟା—3. Installation.

**ଅଭିଷେକୀ**—ଦେ. ବିଣ.—୧ । ରାଜାରୂପେ ଅଭିଷିକ୍ତ—
Abhishekī 1. Enthroned as a king.
ନୃପନ ଭଦ୍ରାସନ ଯେନ ହେଲ କି ବନ୍ଦନେ ଅଭିଷେକୀ ଯେ ।
ଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।
୨ । ବରଣକାରିଣୀ—2. Having made a choice.
ମୁଁ ପ୍ରିୟ ବନ୍ଧୁ ଅଭିଷେକୀ, ତୁ ପୁଣି ହୁଅ ନପୁଂସକୀ ।
ଯଶୋବନ୍ତ. ପ୍ରେମଭକ୍ତିବ୍ରହ୍ମଗୀତା ।

**ଅଭିଷେଣନ**—ସଂ. ବି. (ଅଭି+ସେନ ଧାତୁ=ସେନା ଗ୍ରହଣ କରିବା+
Abhisheṇana ଭାବ. ଅନ )-ଯୁଦ୍ଧଯାତ୍ରା; ଶତ୍ରୁ ବିରୁଦ୍ଧରେ ସସୈନ୍ୟ ଅଭିଯାନ—March to fight.

**ଅଭିଷ୍ଟକ**—ଗ୍ରା. ବି. (ସଂ. ଅଭ୍ୟାସ)—ଅଭ୍ୟାସ—Habit.
Abhishṭaka (ଯଥା-ପାନଖିଆ ତାର ଅଭିଷ୍ଟକ ହୋଇଗଲାଣି)

**ଅଭିଷ୍ଟୁତ**—ସଂ. ବିଣ (ଅଭି+ସ୍ତୁ ଧାତୁ+କର୍ମ. ତ)—୧ । ପ୍ରଶଂସିତ—
Abhishṭuta 1. Eulogised
୨ । ସ୍ତୁତ ବା ଯାହାକୁ ସ୍ତବ କରାଯାଏ—2. Entreated.
୩ । ବର୍ଣ୍ଣିତ—3. Described.
ସଂ. ବି. (+ଭାବ. ତ)—ସ୍ତବ; ସ୍ତୁତି—Panegyric; prayer.

**ଅଭିଷ୍ୱଙ୍ଗ**—ସଂ. ବି. ( ଅଭି+ସ୍ୱନଜ୍ ଧାତୁ+ଭାବ. ଅ )—
Abhishwaṅga ୧ । ଅନୁରାଗ; ଆସକ୍ତି—
1. Affection; attachment
୨ । ଆଲିଙ୍ଗନ—2. Embrace.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅଙ୍ଗ୍ୟା' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅଭିଷ୍ୱାଙ୍ଗ**—ସଂ. ବି. ( ଅଭି + ସ୍ୱଞ୍ଜ୍ ଧାତୁ + ଭାବ. ଅ )—
Abhishwāṅga ଅଭିଷ୍ୱଙ୍ଗ ( ଦେଖ )—
Abhishwaṅga ( See )

**ଅଭିଷ୍ୟନ୍ଦ**—ସଂ. ବି. ( ଅଭି + ସ୍ୟନ୍ଦ୍ ଧାତୁ + ଭାବ. ଅ )—
Abhishyanda ୧ । ଅତି ସ୍ଫୀତତା—1. Great swelling.
୨ । ସ୍ଫୁରଣ—2. Throbbing.
୩ । ଜଳାଦି କ୍ଷରଣ—3. Oozing.
୪ । ଅଧିକତା; ଅତିଶୟ ଉନ୍ନତି—4. Excess.
୫ । ଚକ୍ଷୁପୀଡ଼ା ରୋଗବିଶେଷ—5. Opthalmia.
ସଂ. ବିଣ—୧ । ଉଦ୍‌ବୃତ୍ତ; ଅଧିକ—
1. Excessive; overflowing.
୨ । ସ୍ଫୀତ—2. Swollen.

**ଅଭିସଙ୍ଗ**—ସଂ. ବି. ( ଅଭି + ସଞ୍ଜ୍ ଧାତୁ + ଭାବ. ଅ )—
Abhisaṅga ଅଭିଷଙ୍ଗ (ଦେଖ)—Abhisaṅga ( See )

**ଅଭିସନ୍ତାପ**—ସଂ. ବି. ( ଅଭି + ସମ୍ + ତପ୍ ଧାତୁ + ଅଧିକରଣ. ଅ )—
Abhisantāpa ୧ । ଯୁଦ୍ଧ—1. Fight.
୨ । ଅଭିଶାପ—2. Curse.
୩ । ତାପ—3. Heat.

**ଅଭିସନ୍ଧାନ**—ସଂ. ବି. ( ଅଭି + ସମ୍ + ଧା ଧାତୁ + ଭାବ. ଅନ )—
Abhisandhāna ଅଭିସନ୍ଧି ( ଦେଖ )
Abhisandhi ( See )

**ଅଭିସନ୍ଧି**—ସଂ. ବି. ( ଅଭି + ସମ୍ + ଧା ଧାତୁ + ଇ )—
Abhisandhi ୧ । ଅଭିପ୍ରାୟ—1. Wish; intention.
୨ । ଗୂଢ଼ ଉଦ୍ଦେଶ୍ୟ—2. Secret desire.
୩ । ବଞ୍ଚନା; ପ୍ରତାରଣା—3. Cheating.
୪ । ସମୁଦ୍‌ଯୋଗ—4. Canvassing.
୫ । ସନ୍ଧି ବା ଅଳ୍ପମାତ୍ର ବ୍ୟବଧାନ—
5. Little space.
୬ । ଅବସ୍ଥା—6. Condition.
୭ । ଅଗତି ପାଞ୍ଚ; ଉପାୟ ପାଞ୍ଚ—
7. Scheme; project.

**ଅଭିସମ୍ପାତ**—ସଂ. ବି. ( ଅଭି + ସମ୍ + ପତ୍ ଧାତୁ + ଅ )—ଅଭିଶାପ;
Abhisampāta ଅନିଷ୍ଟକାମନା; ଈଶ୍ୱରଙ୍କଠାରେ ପରର ଅନିଷ୍ଟ ପ୍ରାର୍ଥନା—Imprecation; curse,

**ଅଭିସମ୍ପାଦ**—ଗ୍ରା. ବି. ( ସଂ. ଅଭିସମ୍ପାତ )—ଅଭିସମ୍ପାତ ( ଦେଖ )
Abhisampāda Abhisampāta ( See )

**ଅଭିସର**—ସଂ. ବି. ( ଅଭି = ପଶ୍ଚାତ୍ ବା ସମୀପ + ସୃ ଧାତୁ = ଗମନ କରିବା + କର୍ତ୍ତୃ. ଅ )—
Abhisara
୧ । ସହାୟ; ସହଚର—1. Comrade.
୨ । ପାର୍ଶ୍ୱଚର ଭୃତ୍ୟ—2. Servant; follower.
୩ । ଅନୁଚର—3. Attendant.

**ଅଭିସରଣ**—ସଂ. ବି. ( ଅଭି = ସମ୍ମୁଖ + ସୃ ଧାତୁ = ଗମନ କରିବା + ଭାବ. ଅନ )—
Abhisaraṇa
୧ । ଅନୁସରଣ—1. Attendance.
୨ । ଅଭିସାର—2. Going to an appointed place to meet the lover.

**ଅଭିସରିବା**—ଦେ. କ୍ରି.—ଅଭିସାର କରିବା—To go to an
Abhisaribā appointed place to meet the lover.

ଚଳ ଚନ୍ଦ୍ରମୁଖୀମାନେ ଅଭିସର ବନ ଘୋରେ
କାମମନୋହର ବେଶେ ଚଳ ଭୁ ସହି । ପ୍ରାଚୀ—ରସବାରିଧି ।

**ଅଭିସର୍ଜ୍ଜନ**—ସଂ. ବି. (ଅଭି + ସୃଜ୍ ଧାତୁ = ତ୍ୟାଗ କରିବା + ଭାବ. ଅନ)—
Abhisarjjana ୧ । ଦାନ; ତ୍ୟାଗ—1. Abandonment.
୨ । ବଧ—2. Killing

**ଅଭିସାର**—ସଂ. ବି. ( ଅଭି = ସମ୍ମୁଖ ବା ପଶ୍ଚାତ୍ + ସୃ. ଧାତୁ = ଗମନ
Abhisāra କରିବା + ଭାବ. ଅ )—୧ । ସମ୍ଭୋଗାଭିଳାଷରେ ନାୟକ ନାୟିକାଙ୍କର ପରସ୍ପର ସଙ୍କେତ-ସ୍ଥାନକୁ ଗମନ—
1. Meeting of lovers by appointment.

ବାର ବାର ଅଭିସାର ମୋ ପାଶେ ପଣ୍ଡିତା । ଉପେ. ବୈଦେହୀଶବିଳାସ ।

୨ । ଯୁଦ୍ଧ—2. Fight.
୩ । (+କରଣ. ଅ)—ବଳ; ଅନୁଚର—3. Attendant; follower; suite of attendants.
୪ । ( +ଅଧିକରଣ. ଅ )—ନାୟକ ନାୟିକାଙ୍କର ମିଳନ ସ୍ଥାନ ବା ସଙ୍କେତ ସ୍ଥାନ—
4. Appointed place for meeting a lover; a trysting place.
୫ । ( +କର୍ତ୍ତୃ. ଅ )—ସେନା; ଯୋଦ୍ଧା—5. Soldier.

ଚନ୍ଦ୍ରସେନ ମରଣ ଦେଖି ଅଭିସାର ।
ମାନେ ଶୁଣି କର୍ମୀକୁ କଲେକ ସମର । କୃଷ୍ଣସିଂହ. ମହାଭାରତ. କର୍ଣ୍ଣ ।

**ଅଭିସାରକ**—ସଂ. ବି. ପୁଂ. (ଅଭି + ସୃ. ଧାତୁ + କର୍ତ୍ତୃ. ଅକ )—
Abhisāraka କାନ୍ତା ସଙ୍ଗେ ମିଳନାର୍ଥ ସଙ୍କେତସ୍ଥାନକୁ ଯିବା
(ଅଭିସାରିକା—ସ୍ତ୍ରୀ) ପୁରୁଷ—A man going to an assigned place to meet his love.

**ଅଭିସାରୀ**—ସଂ. ବି. ପୁଂ ଓ ସ୍ତ୍ରୀ. ( ଅଭି + ସୃ. ଧାତୁ + କର୍ତ୍ତୃ. ଇନ୍; ୧ମା. ୧ବ.)—କାନ୍ତା ସଙ୍ଗେ ମିଳିବା ପାଇଁ ସଙ୍କେତ
Abhisārī
(ଅଭିସାରିଣୀ—ସ୍ତ୍ରୀ) ସ୍ଥାନକୁ ଯିବା ବ୍ୟକ୍ତି—A person going to a trysting place to meet his love by assignation.

ସଙ୍କେତ ସଦନେ କାମୀ ଅଭୁରେ ଭଣେ
ପାଡଣ ଅଭିସାରୀ ଅନ୍ଧକାରରେ ନ ଦଣେ । ଚିଶୁଶଙ୍କର—ଉଷାଅଭିଳାଷ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଢ |
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ | ଯ | ସ | ଙ୍ଗ | ଇଅ | ଓ | ନ୍ତ |

**ଅଭିସୃଷ୍ଟ**—ସଂ. ବଣ. (ଅଭି+ସୃଜ୍ ଧାତୁ=ତ୍ୟାଗ କରିବା+କର୍ମ. ତ)—
Abhisrushta ୧ । ଦତ୍ତ—1. Given away.
୨ । ପରିତ୍ୟକ୍ତ; ବିସୃଷ୍ଟ—2. Abandoned.

**ଅଭିହତ**—ସଂ. ବଣ. (ଅଭି+ହନ ଧାତୁ+କର୍ମ. ତ)—
Abhihata ୧ । ଅହତ—1. Struck.
୨ । ପ୍ରେରିତ—2. Driven.
୩ । ପରାଜିତ—3. Subdued.
୪ । ନଷ୍ଟ—4. Killed.
୫ । ଭଗ୍ନ—5. Broken.
୬ । ଅପମାନିତ—6. Humbled.
୭ । ଗୁଣିତ—7. Multiplied.

**ଅଭିହରଣ**—ସ. ବି. (ଅଭି+ହୃ ଧାତୁ+ଭାବ. ଅନ)—
Abhiharana ୧ । ଆହରଣ—1. Bringing; collecting.
୨ । ଆନୟନ—2. Fetching.
୩ । ଅପହରଣ—3. Stealing.
୪ । ଚୌର୍ଯ୍ୟ—4. Theft.
୫ । ବରଙ୍କୁ ବିବାହକାଳୀନ ଯୌତୁକ ପ୍ରଦାନ—
5. Giving of a presents to the bridegroom at marriage.

**ଅଭିହାର**—ସଂ. ବି (ଅଭି+ହୃ ଧାତୁ+ଭାବ. ଅ)—
Abhihāra ୧ । ଚୋରି; ଲୁଟି—1. Robbery; loot.
୨ । ଆକ୍ରମଣ—2. Attack.
୩ । ବର୍ମାଦି ଧାରଣ—3. Wearing of armour.
୪ । ଅଭିଯୋଗ—4. Accusation; charge.

**ଅଭିହିତ**—ସ. ବଣ (ଅଭି+ଧା ଧାତୁ+କର୍ମ. ତ)—
Abhihita ୧ । କଥିତ—1. Spoken; named.
୨ । ନିର୍ଦ୍ଦିଷ୍ଟ—2. Pointed out; defined.
୩ । ଉଲ୍ଲିଖିତ—3. Stated.

**ଅଭୀ**—ସଂ. ବଣ. ପୁଂ. ଓ ସ୍ତ୍ରୀ (ବହୁବ୍ରୀହି; ଅ=ନାହିଁ+ଭୀ=ଭୟ)—
Abhī ନିର୍ଭୟ; ଭୟଶୂନ୍ୟ—Fearless.

**ଅଭୀକ**—ସଂ. ବଣ (ଅଭି+କମ୍ ଧାତୁ+କର୍ତ୍ତୃ. ଅ)—
Abhīka ୧ । କାମୁକ; ଲମ୍ପଟ—
(ଅଭୀକା—ସ୍ତ୍ରୀ) 1. Lascivious; libidinous.
୨ । ନିର୍ଭୟ—2. Fearless.
୩ । କ୍ରୂର—3 Cruel.
୪ । ଇଚ୍ଛୁକ; ଉତ୍ସୁକ—4. Desirous.
ସଂ. ବି—୧ । କବି—1. Poet.
୨ । ସ୍ୱାମୀ—2. Husband; lord.

**ଅଭୀକ୍ଷ୍ଣ**—ସଂ. କି. ବଣ (ଅଭି+କ୍ଷ୍ଣୁ ଧାତୁ+କର୍ତ୍ତୃ. ଅ)—
Abhīkshna ପୁନଃପୁନଃ; ସତତ—Repeatedly.
ସଂ. ବଣ—୧ । ସାର୍ବକାଳିକ—1. Constant.
୨ । ଅତିଶୟ—2. Excessiv .

**ଅଭୀତ**—ସଂ. ବଣ. ଦ୍ୱି (ଅ=ନୁହେଁ+ଭୀତ)—
Abhīta ଭୟଶୂନ୍ୟ; ନିର୍ଭୟ—Fearless.
(ଅଭୀତା—ସ୍ତ୍ରୀ)

**ଅଭୀତି**—ସଂ. ବି (ଅ=ନୁହେଁ+ଭୀତି=ଭୟ)—
Abhīti ଭୟଶୂନ୍ୟତା—Fearlessness.

**ଅଭୀପ୍ସା**—ସଂ. ବି (ଅଭି+ଆପ ଧାତୁ+ସନନ୍ତ. ଅ+ଆ)—
Abhīpsā ଇଚ୍ଛା—Desire.

**ଅଭୀପ୍ସିତ**—ସଂ. ବଣ (ଅଭି+ଆପ ଧାତୁ, ସନନ୍ତ+କର୍ମ. ତ)—
Abhīpsita ଅଭିଳଷିତ; ବାଞ୍ଛିତ; ଇଷ୍ଟ—
Desired; wished for.

**ଅଭୀପ୍ସୁ**—ସଂ. ବଣ (ଅଭି+ଆପ ଧାତୁ ସନନ୍ତ+ଉ)—
Abhīpsu ପାଇବାକୁ ଇଚ୍ଛୁକ; ଅଭିଳାଷୀ—
Desirous of getting; longing for.

**ଅଭୀର**—ସଂ. ବି (ଅଭି+ଈର ଧାତୁ=ଗମନ କରିବା+କର୍ତ୍ତୃ. ଅ)—
Abhīra ଗଉଡ଼; ଆଭୀର—Cowherd.

**ଅଭୀରୁ**—ସଂ. ବଣ (ଅ=ନୁହେଁ+ଭୀରୁ)—ଭୟଶୂନ୍ୟ—
Abhīru Fearless.
ସଂ. ବି—୧ । ଶତମୂଳୀ; ଶତାବରୀ; ଛତାଉରୀ—
1. Asparagus.
୨ । ଭୈରବ—2. An attendant of Śiba.

**ଅଭୀରୁପତ୍ରୀ**—ସଂ. ବି (ଅଭୀରୁ+ପତ୍ର+ଈ)—
Abhīrupatri ଶତାବରୀ; ଛତାଉରୀ—
Asparagus.

**ଅଭୀଶୁ**—ସଂ ବି (ଅଭି=ସମ୍ୟକ୍+ଅଶ ଧାତୁ=ବ୍ୟାପିବା+କର୍ତ୍ତୃ, ଉ)—
Abhīśu ୧ । କିରଣ—1. Ray.
୨ । ଲଗାମ—2. Bridle; reins.
୩ । କାମ—3. Cupid.
୪ । ଅନୁରାଗ—4. Attachment.
ସଂ. ବଣ—ଇଚ୍ଛୁକ—Willing; desirous.

**ଅଭୀଷଙ୍ଗ**—ସଂ. ବି. (ଅଭି+ସନଜ୍ ଧାତୁ=ଲାଗିବା+ଭାବ. ଅ)—
Abhīshanga ଅଭିଷଙ୍ଗ (ଦେଖ)
Abhishanga (See.)

**ଅଭୀଷ୍ଟ**—ସଂ. ବଣ (ଅଭି+ଇଷ ଧାତୁ=ଇଚ୍ଛା କରିବା+କର୍ମ. ତ)—
Abhīshta ୧ । ବାଞ୍ଛିତ;ଇପ୍ସିତ—1. Desired; wished for.
(ଅଭୀଷ୍ଟା—ସ୍ତ୍ରୀ) ୨ । ପ୍ରିୟ—2. Beloved.
ସଂ. ବି—୧ । ବାଞ୍ଛିତ ବସ୍ତୁ—1. Desired object.
୨ । ପ୍ରିୟ ବସ୍ତୁ—2. Favourite object.
୩ । ରେଣୁକା ନାମ ଗନ୍ଧ ଦ୍ରବ୍ୟ—
3. A medicinal scent.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଗ୍ରନ୍ଥକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୂଥ' ନ ମିଳିଲେ 'କୂଥ' ଦେଖିବେ; 'ବର୍ଧ' ନ ପାଇଲେ 'ବର୍ଦ୍ଧ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଗ୍ରା. ବି ( ସଂ. ଅଭ୍ୟାସ )—ଅଭ୍ୟାସ—Habit.
(ଯଥା—ପାନ ଖାଇବା ତାର ଅଭୀଷ୍ଟ ହୋଇଗଲାଣି ।)

**ଅଭୀଷ୍ଟଦେବତା**—ସଂ. ବି ( କର୍ମଧା. ଅଭୀଷ୍ଟ+ଦେବତା )—
Abhishṭadebatā ୧ । ପ୍ରିୟ ଦେବତା—
1. One's favourite Deity.
୨ । ଇଷ୍ଟଦେବତା; ଆରାଧିତ ଦେବତା—
2. Deity worshipped by a particular person or family.

**ଅଭୀଷ୍ଟପ୍ରଦ**—ସଂ. ବିଣ. ପୁଂ (ଅଭୀଷ୍ଟ+ପ୍ର+ଦା ଧାତୁ+କର୍ତ୍ତୃ. ଅ )—
Abhishṭaprada ଯେ ବା ଯାହା ବାଞ୍ଛିତ ଫଳ ପ୍ରଦାନ କରେ—
(ଅଭୀଷ୍ଟପ୍ରଦା—ସ୍ତ୍ରୀ) Fulfilling one's will; giving one's desire.

**ଅଭୀଷ୍ଟଫଳପ୍ରାପ୍ତି**—ସଂ. ବି ( କର୍ମଧା; ୬ଷ୍ଠୀ ତତ୍; ଅଭୀଷ୍ଟ+ଫଳ +ପ୍ରାପ୍ତି )—
Abhishṭaphalaprāpti
ମନୁଷ୍ୟଙ୍କୁ ବାଞ୍ଛିତ ଫଳ ମିଳିବା—
Attainment of one's desire.

**ଅଭୀଷ୍ଟମନ୍ତ୍ର**—ସଂ. ବି. ( କର୍ମଧା; ଅଭୀଷ୍ଟ+ମନ୍ତ୍ର )—
Abhishṭamantra ୧ । ଆପଣାର ପ୍ରିୟ ମନ୍ତ୍ର—
1. One's favourite incantation.
୨ । ନିଜର ଇଷ୍ଟ ଦେବତାଙ୍କ ମନ୍ତ୍ର—
2. Mystic formula for invoking one's Guardian Deity.
୩ । ଯେଉଁ ମନ୍ତ୍ରକୁ ମନୁଷ୍ୟ ଇଷ୍ଟସିଦ୍ଧି ପାଇଁ ଜପେ—
3. Favourite formula which a person chants to get his desire fulfilled.

**ଅଭୀଷ୍ଟଲାଭ**—ସଂ. ବି. ( ୬ଷ୍ଠୀ ତତ୍; ଅଭୀଷ୍ଟ+ଲାଭ )—
Abhishṭalābha ବାଞ୍ଛିତ ଫଳ ପାଇବା—
Attainment of desire.

**ଅଭୁକ୍ତ**—ସଂ. ବିଣ (ଅ+ଭୁକ୍ତ) ପୁଂ.—୧ । ଅଖିଆ; ଯେ ଖାଇ ନ ଥାଏ—
Abhukta 1. Not having taken meals; without food.
(ଅଭୁକ୍ତା—ସ୍ତ୍ରୀ)
୨ । ଖିଆ ନ ହୋଇଥିବା ( ବସ୍ତୁ )—
2. Uneaten; not partaken.
୩ । ଯାହା ଅନ୍ତର୍ଗତ ନୁହେ—
3. Not included in.

**ଅଭୁଗ୍ନ**—ସଂ. ବିଣ ( ଅ+ଭୁଗ୍ନ)—
Abhugna ୧ । ଅବକ୍ର—1. Unbent
୨ । ସରଳ; ସିଧା—2. Straight.

**ଅଭୁତ**—ଗ୍ରା. ବିଣ.—୧ । (ସଂ. ଅଦ୍ଭୁତ)—ଅଦ୍ଭୁତ—
Abhuta 1. Wonderful.
୨ । (ସଂ. ଅଭୂତପୂର୍ବ)—ଅଭୂତପୂର୍ବ—
2. Unprecedented.

**ଅଭୂତ**—ସଂ. ବିଣ (ଅ+ଭୂତ)—୧ । ପୂର୍ବେ ଘଟି ନ ଥିବା—
Abhūta 1. That which has not happened or taken place before.
୨ । ଯାହା ଅତୀତ ହୋଇ ନାହିଁ—2. Not past.
୩ । ବର୍ତ୍ତମାନ ବା ଭବିଷ୍ୟତ୍—3. Present or future.

**ଅଭୂତତଦ୍ଭାବ**—ସଂ. ବି. (କର୍ମଧା; ଅଭୂତ+ତତ୍+ଭାବ)—ଯାହା ପୂର୍ବେ
Abhūtatadbhāba ଘଟି ନ ଥିଲା ତାହା ବର୍ତ୍ତମାନ ଘଟିବା—
The happening of a thing which has not taken place before.

**ଅଭୂତତଦ୍ଭାବେ ଚ୍ୱି**—ସଂ. ପ୍ରତ୍ୟୟ—ଯାହା ପୂର୍ବେ ଘଟି ନ ଥିଲା, ତାହା
Abhūta tadbhābe chwi ବର୍ତ୍ତମାନ ଘଟିଲା—ଏହି ଅର୍ଥରେ
ଶବ୍ଦ ଶେଷରେ ଈ ଯୋଗ କମ୍ପା ସ୍ୱରବର୍ଣ୍ଣର ଦୀର୍ଘତା—
The addition of long 'i' to indicate the happening of a thing which has not happened previously.
(ଯଥା ଶୁକ୍ଳ+ଅଭୂତ ତଦ୍ଭାବେ ଚ୍ୱି+କୃତ=ଶୁକ୍ଳୀକୃତ; ସମୀକରଣ; ବାଙ୍ମୀକରଣ ।

**ଅଭୂତପୂର୍ବ**—ସଂ. ବିଣ. ( ଅ+ଭୂତପୂର୍ବ )—ଯାହା ପୂର୍ବେ ଘଟି ନାହିଁ—
Abhūtapūrba Unprecedented

**ଅଭୂତବିଗ୍ରହ**—ସଂ. ବିଣ. ପୁଂ. (ବହୁବ୍ରୀହି; ଅଭୂତ+ବିଗ୍ରହ)—ଯାହା
Abhūtabigraha ସଙ୍ଗେ ଯୁଦ୍ଧ କରିବାକୁ କେହି ସାହସ କରେ ନାହିଁ ବା ଅଗ୍ରସର ହୁଏ ନାହିଁ—(a person)
With whom no one dares to fight.
ସଂଗ୍ରାମେ ଦଶ ଦଶ ବାହୁ, ଅଭୂତବିଗ୍ରହ ବୋଲାଇ । ଜଗନ୍ନାଥ, ଭାଗବତ ।

**ଅଭୂତଭାବ**—ସଂ. ବି. (ଅ=ନୁହେ+ଭୂତ+ଭାବ; ପୂର୍ବେ ହୋଇ ନ
Abhūtabhāba ଥିବା ଭାବ)—ଯାହା ପୂର୍ବେ ହୋଇ ନ ଥିଲା ତାହା ହେବା—Happening of a thing which had not happened before.

**ଅଭୂମି**—ସଂ. ବି. (ଅ+ଭୂମି)—୧ । ମନ୍ଦଭୂମି—1. Bad soil.
Abhūmi ୨ । ଅପାତ୍ର—2. Unfit object.
୩ । ଅନୁପଯୋଗୀ ସ୍ଥାନ—3. Unfit place.

**ଅଭେଇବର**—ଗ୍ରା. ବି. ( ସଂ. ଅଭୟବର )—୧ । ଆଶ୍ରିତ ବ୍ୟକ୍ତିକୁ
Abheibara ବିପଦରୁ ରକ୍ଷା କରିବା ପାଇଁ ଅଭୟଦାନ—
অভয়বর 1. Assurance of safety or protection.
अभयबर ୨ । ଆଶ୍ରିତବାତ୍ସଲ୍ୟ—2. Patronage.

**ଅଭେକ**—ଦେ. ବିଣ. ପୁଂ. ଓ ସ୍ତ୍ରୀ.—୧ । ଭେକହୀନ—1 Ragged.
Abheka ୨ । ବସ୍ତ୍ରହୀନ—2 Without proper clothes.
୩ । ଦରିଦ୍ର—3. Poor; destitute.
୪ । ନିଷ୍କର୍ମା—4. Unemployed.
୫ । ଅନ୍ନବସ୍ତ୍ରହୀନ—5. Destitute of clothing or food.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ର୍ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇସ୍ତ | ଉଅ | ଷ |
| ୨ | ଈ | ଊ | ଋୁ | ଌ | ଯ୍ୱେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଥ | ଓ | ନ୍ତ |

ଅଭେକା—ଦେ. ବଣ. ପୁଂ. ଓ ସ୍ତ୍ରୀ—ଅଭେକ (ଦେଖ)
Abhekā Abheka (See)

ଅଭେଖ—ଦେ. ବଣ. ପୁଂ. ଓ ସ୍ତ୍ରୀ.—ଅଭେକ (ଦେଖ)
Abhekha Abheka (See)

ଅଭେଖା—ଦେ. ବଣ. ପୁଂ. ଓ ସ୍ତ୍ରୀ.—ଅଭେକ (ଦେଖ)
Abhekhā Abheka (See)

ଅଭେଦ—ସଂ. ବି. (ଅ+ଭେଦ)—୧ । ପ୍ରଭେଦର ଅଭାବ—
Abheda 1. Absence of difference.
୨ । ସାମ୍ୟ; ସମତା—2. Similarity.
୩ । ଏକତା—3. Identity.
୪ । ଦୃଢ଼ ସମ୍ବନ୍ଧ—4. Close relation.
ସଂ. ବଣ. (ଅ+ଭେଦ)—୧ । ପାର୍ଥକ୍ୟରହିତ; ଭେଦରହିତ—
1. Having no difference.
ଧୃତରାଷ୍ଟ୍ର ପୁଅ ଗୋ ଅଟଇ ଦୁର୍ଯ୍ୟୋଧନ,
ଅନେକ ପ୍ରୀତ ତାର ମୋର ଅଭେଦ ମନ । କୃଷ୍ଣସିଂହ ମହାଭାରତ ।
୨ । ସମାନ—2. Similar.
୩ । ଏକ; ସମ—3. Identical
ଦେ. ବଣ. (ସଂ. ଅଭେଦ୍ୟ)—୧ । ଯହିଁରେ ବିଚ୍ଛେଦ ନାହିଁ—
1. Having no separation.
ପ୍ରୀତ ଅଭେଦ ତାଙ୍କର; ଯେବେ ଦୂରେ ଥିଲେ ସେ ଯାହାର ସେ ତାହାର ।
ଭକ୍ତ ପ୍ରେମସୁଧାନିଧି ।
୨ । ଦୃଢ଼; ଅଭେଦ୍ୟ; ଯାହା ଭେଦ କରି ଯାଇ ନ ପାରେ—
2. That which can not be broken open; invulnerable.
ସେ ଦୃଢ଼ ଲକ୍ଷ୍ମ ଦ୍ୱାରେ ପୁଣି, ଲଗିଛି ଅଭେଦ କଳଣୀ ।
ପ୍ରାଚୀ; ନିର୍ଗୁଣ ମାହାତ୍ମ୍ୟ ।

ଅଭେଦକବଚ—ଦେ. ବି. ( ସଂ. ଅଭେଦ୍ୟକବଚ )—ଯେଉଁ କବଚ
Abhedakabacha ପିନ୍ଧିଲେ ଶରୀରରେ ଅସ୍ତ୍ର ଗଳେ ନାହିଁ—
Impenetrable armour; invulnerable coat of mail,

ଅଭେଦାତ୍ମା—ସଂ. ବଣ. ପୁଂ. ଓ ସ୍ତ୍ରୀ. ( ବହୁବ୍ରୀହି; ଅଭେଦ+ଆତ୍ମନ୍;
Abhedātmā ୧ମା. ୧ବ. )—ଯେଉଁ ଦୁଇ ଜଣଙ୍କ ମଧ୍ୟରେ
ଘନିଷ୍ଠ ବା ଅବିଚ୍ଛେଦ୍ୟ ପ୍ରୀତି ଥାଏ—
Very intimate ( friends ); having inseparable friendship with each other
ଜନ୍ମଘୋଷ ସାରଥି ସେ ଅଭେଦାତ୍ମା ଜାଣି । ସାରଳାମହାଭାରତ ।

ଅଭେଦ୍ୟ—ସଂ. ବଣ. ( ଅ+ଭେଦ୍ୟ )—
Abhedya ୧ । ଯାହା ଭେଦ କରି ଯାଇ ନ ପାରେ—
1. Impenetrable; that which can not be pierced through.
୨ । ଦୃଢ଼—2. Tough.
୩ । କଠିନ—3. Hard.
୪ । ଅଚ୍ଛିନ୍ନ; ଯାହା ପୃଥକ୍ କରି ଯାଇ ନ ପାରେ—
4. That which can not be divided; inseparable.
୫ । ଅତି ଘନ—5. Very dense.
୬ । ଅକାଟ—6. Invulnerable.

ଅଭେଦ୍ୟପ୍ରୀତି—ସଂ. ବି. ( କର୍ମଧା; ଅଭେଦ୍ୟ+ପ୍ରୀତି )—
Abhedyapriti ୧ । ଘନିଷ୍ଠ ପ୍ରେମ—
1. Very intimate friendship.
୨ । ଯେଉଁ ପ୍ରୀତିରେ ବିଚ୍ଛେଦ ଘଟି ନ ପାରେ—
2. Inseparable friendship.

ଅଭେବର—ଗ୍ରା. ବି. ( ସଂ. ଅଭ୍ୟନ୍ତର )—ଅଭଇବର ( ଦେଖ )
Abhebara Abhaibara ( See )

ଅଭୋକ—ଦେ. ବି. ( ସଂ. ଅ+ଅ. ଭୁକ୍ )—
Abhoka ୧ । ଅକ୍ଷୁଧା; କ୍ଷୁଧା ନ ଥିବା ଅବସ୍ଥା—
1. State of not feeling hungry.
୨ । କ୍ଷୁଧାର ଅଭାବ—2. Absense of hunger.
ଦେ. ବଣ—ଅକ୍ଷୁଧିତ; କ୍ଷୁଧାରହିତ—Not hungry.
ଭୋକର ବେଳରେ ଅନ୍ନ ନ ମିଳଇ ପାଶ ।
ଅଭୋକ ବେଳରେ ସେ ଅନେକ କରି ଯାଚ । ସାରଳାମହାଭାରତ ।

ଅଭୋକିଲା—ଦେ ବଣ. ( ସଂ. ଅ+ଅ. ଭୁଖା )—୧ । ଅକ୍ଷୁଧିତ—
Abhokilā 1. Not feeling hungry.
୨ । କ୍ଷୁଧାରହିତ—2. Having no hunger.

ଅଭୋଗ—ସଂ. ବି. ( ଅ+ଭୋଗ )—୧ । ଭୋଗର ଅଭାବ—
Abhoga 1. Non-enjoyment.
୨ । ଭୋଗ ନ ହେବା ଅବସ୍ଥା—
2. Unenjoyed condition.
ମଇଳ ନ ଯିବା ଜବା ଅଧରକୁ ଅଭୋଗରେ କେ ଭେଟିବ । କବିସୂର୍ଯ୍ୟ ସଙ୍ଗୀତ ।
୩ । ଅପ୍ରାପ୍ତି—3. Non-attainment.
୪ । ସମ୍ପତ୍ତିରେ ଦଖଲର ଅଭାବ—
4. Want of possession.
୫ । ସୁଖ ବା ଦୁଃଖ ଭୋଗ କରି ନ ଥିବା ଅବସ୍ଥା—
5. Want of experience of pleasure or pain.
୬ । ବେଦଖଲ—6. Dispossession.
ସଂ. ବଣ—୧ । ଅଭୁକ୍ତ; ଭୋଗ କରାଯାଇ ନ ଥିବା—
1. Unenjoyed.
୨ । ଅପ୍ରାପ୍ତ—2. Unattained.
୩ । ଅନନୁଭୂତ—3. Not experienced.
୪ । ଭୋଗରହିତ—4. Devoid of enjoyment

ଅଭୋଗଲିଙ୍ଗ—ସଂ. ବଣ. ( ବହୁବ୍ରୀହି; ଅଭୋଗ+ଲିଙ୍ଗ )—
Abhogalinga ଅଯୋନି; କ୍ଲୀବ; ସ୍ତ୍ରୀ ବା ପୁଂ ଚିହ୍ନରହିତ—

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଲୁଅ' ନ ମିଳିଲେ 'ଲୂଅ' ଦେଖିବେ; 'ବଂଠ' ନ ପାଇଲେ 'ବଣ୍ଠ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

Having no male or female organ; eunuch

ବାଲ କାଳରୁ ଏହାର ଅଟେ ମନ୍ଦ କର୍ମ ।
ଅଭୋଗଲିଙ୍ଗ ହୋଇ ଅଟେ ହେଲୁ ଜନମ । ସାରଳାମହାଭାରତ. ଅଦି ।

**ଅଭୋଗ୍ୟ**— ସଂ. ବିଣ. (ଅ + ଭୋଗ୍ୟ)—ଯାହା ଭୋଗ ଯୋଗ୍ୟ ନୁହେ—
Abhogya Not enjoyable; not fit for enjoyment.
(ଅଭୋଗ୍ୟା— ସ୍ତ୍ରୀ)

**ଅଭୋଜନ**— ସଂ. ବି (ଅ+ଭୋଜନ)—୧ । ଭୋଜନର ଅଭାବ—
Abhojana 1. Want of meal.
୨ । ଉପବାସ—2. Fasting.
୩ । ଭୋଜନରୁ ନିବୃତ୍ତି—
3. Abstinence from food.
୪ । ଖାଦ୍ୟାଭାବ—4. Want of food.
ଦେ. ବିଣ—୧ । ଅଭୁକ୍ତ; ଅଖିଆ—1. Not having taken meals; going without food.
ଅଭୁକ୍ତ
୨ । ଉପବାସୀ—2. Fasting.

**ଅଭୋଜନିଆଁ**—ଦେ. ବିଣ. ପୁଂ. ଓ ସ୍ତ୍ରୀ—ଅଭୁକ୍ତ; ଖାଇ ନ ଥିବା—
Abhojaniañ Not having taken meals.

**ଅଭୋଜ୍ୟ**—ସଂ. ବିଣ. (ଅ + ଭୋଜ୍ୟ)—
Abhojya ୧ । ନିଷିଦ୍ଧ ଖାଦ୍ୟ (ଦ୍ରବ୍ୟ); ଅଖାଦ୍ୟ—
1. Prohibited (food)
୨ । ଅଶୁଦ୍ଧ ଖାଦ୍ୟ (ଦ୍ରବ୍ୟ)—
2. Impure or unclean (food)
୩ । ଯେଉଁ ଦ୍ରବ୍ୟ ଖିଆ ଯାଇ ନ ପାରେ—
3. Uneatable.

**ଅଭ୍ୟକ୍ତ**— ସଂ. ବିଣ. (ଅଭି + ଅନଜ୍ ଧାତୁ = ବୋଳିବା + କର୍ମ. ତ)—
Abhyakta ଆପାଦମସ୍ତକ ତୈଳାକ୍ତ—
(ଅଭ୍ୟଙ୍ଗ— ବି) Anointed with oil from head to foot.

**ଅଭ୍ୟଗ୍ର**— ସଂ. ବିଣ. (ଅଭି+ଅଗ୍ର)—
Abhyagra ୧ । ନବୀନ; ଅଭିନବ—1. New.
୨ । ଅଗ୍ରବର୍ତ୍ତୀ—2. In front; frontal.
୩ । ନିକଟ; ସମୀପ—3. Near; adjoining.

**ଅଭ୍ୟଙ୍ଗ**—ସଂ. ବି. (ଅଭି + ଅନଜ ଧାତୁ = ବୋଳିବା + ଭାବ. ଅ)—
Abhyaṅga ୧ । ତୈଳଦ୍ୱାରା ଶରୀର ମର୍ଦ୍ଦନ—
1. Rubbing the body with oil; anointing.
୨ । (+କରଣ. ଅ)—୧ । ତୈଳ—2. Oil; unguent.
୩ । ଲେପ—3. Ointment.
୪ । (+ଭାବ. ଅ)—ଚକ୍ଷୁରେ ଅଞ୍ଜନପ୍ରଦାନ; ଅଖିରେ କଜ୍ଜଳ ଲଗାଇବା—4 Applying collyrium to the eye-lashes.

**ଅଭ୍ୟଞ୍ଜନ**—ସଂ. ବି. (ଅଭି + ଅନଜ୍ ଧାତୁ + ଭାବ. ଅନ)—
Abhyañjana ଅଭ୍ୟଙ୍ଗ (ଦେଖ)
Abhyaṅga (See)

**ଅଭ୍ୟଧିକ**—ସଂ. ବିଣ. (ଅଭି + ଅଧିକ)—୧ । ଅତ୍ୟଧିକ—
Abhyadhika 1. Too much; excessive.
୨ । ସର୍ବୋତ୍କୃଷ୍ଟ—2. Most excellent.
୩ । ସର୍ବୋତ୍ତମ—3. Best.

**ଅଭ୍ୟନୁଜ୍ଞା**—ସଂ. ବି. (ଅଭି + ଅନୁଜ୍ଞା)— ଆଦେଶ; ହୁକୁମ—
Abhyanujñā Order.
(ଅଭ୍ୟନୁଜ୍ଞାତ— ବିଣ)

**ଅଭ୍ୟନୁଜ୍ଞାତ**—ସଂ. ବିଣ. (ଅଭି + ଅନୁଜ୍ଞାତ)—ଆଦିଷ୍ଟ—
Abhyanujñāta Ordered.

**ଅଭ୍ୟନ୍ତର**—ସଂ. ବି. (ଅଭି + ଅନ୍ତର)—ମଧ୍ୟ; ଅନ୍ତସ୍ଥଳ; ଭିତର—
Abhyantara Inside.
ସଂ. ବିଣ—ମଧ୍ୟବର୍ତ୍ତୀ; ଅନ୍ତର୍ଗତ—Situated in; included within
ଦେ. ବି —୧ । ପ୍ରଭେଦ—1 Difference.
୨ । ପରିବର୍ତ୍ତନ—2 Change.
୩ । ଅନ୍ତରାୟ; ବାଧା—
3. Impediment; obstacle.
୪ । ଆପତ୍ତି—4. Objection.
୫ । ମତଭେଦ—5. Difference of opinion.
୬ । କପଟ—6. Hypocrisy.
ଦେ. ବିଣ—୧ । ପୃଥକ୍—1. Separate.
୨ । ଅନ୍ୟଥାକୃତ—2. Done otherwise; disregarded.
୩ । ଭିନ୍ନ—3. Different.

ତୋ ବର୍ଣ୍ଣ ବେଦରୁ ବାହାର; ତୁଳ ଶୂନ୍ୟରୁ ଅଭ୍ୟନ୍ତର ।
ଭୂପତି—ପ୍ରେମପଞ୍ଚାମୃତ ।

**ଅଭ୍ୟନ୍ତରୀଣ**—ସଂ. ବିଣ. (ଅଭ୍ୟନ୍ତର = ମଧ୍ୟ + ଈନ)—
Abhyantariṇa ୧ । ମଧ୍ୟବର୍ତ୍ତୀ; ଆନ୍ତରିକ—1. Internal; not seen outside; not external.
୨ । ଦୁଇଟିର ମଧ୍ୟବର୍ତ୍ତୀ—2. Intermediate.
୩ । ଅନ୍ତର୍ବର୍ତ୍ତୀ—3. Inner.

**ଅଭ୍ୟବକର୍ଷଣ**— ସଂ. ବି. (ଅଭି + ଅବ + କୃଷ ଧାତୁ + ଭାବ. ଅନ)—
Abhyabakarshaṇa ୧ । ଆକର୍ଷଣ—1. Attraction.
ଅଭ୍ୟବକର୍ଷିତ, ଅଭ୍ୟବକୃଷ୍ଟ } ବିଣ.
୨ । ଦେହରେ ପଶି ଯାଇଥିବା କଣ୍ଟା, ଶର ବା ଗୁଳି ଆଦିକୁ ବାହାର କରି ଆଣିବା—
2. Extraction of arrow, nail or bullet from the body.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ୡ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଯ୍ଯ | ଉଅ | ଢ଼ |
| ୨ | ଈ | ଊ | ଋ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଙ୍ଗ | ଇଅ | ୱ | ନ୍ତ |

୩ । ଉଦ୍ଧାରଣ; ଉପରକୁ ଟାଣି ଆଣିବା—
3. Extraction; drawing out.

**ଅଭ୍ୟବସ୍କନ୍ଦ**—ସ. ବି. (ଅଭି+ଅବ+ସ୍କନ୍ଦ ଧାତୁ+ଭାବ. ଅ)—
Abhyabaskanda ୧ । ଆକ୍ରମଣ—1. Attack.
୨ । ଅବରୋଧ—2. Seige.
୩ । ଶତ୍ରୁ ପ୍ରତି ପ୍ରହାର—
3. Beating or striking an enemy.

**ଅଭ୍ୟବସ୍କନ୍ଦନ**—ସ. ବି. (ଅଭି+ଅବ+ସ୍କନ୍ଦ ଧାତୁ+ଭାବ. ଅନ)—
Abhyabaskandana ଅଭ୍ୟବସ୍କନ୍ଦ (ଦେଖ)
Abhyabaskanda (See)

**ଅଭ୍ୟବହରଣ**—ସ. ବି. (ଅଭି+ଅବ+ହୃ ଧାତୁ+ଭାବ. ଅନ)—
Abhyabaharana ଭକ୍ଷଣ; ଭୋଜନ—
Eating; consumption.

**ଅଭ୍ୟବହାର**—ସ. ବି. (ଅଭି+ଅବ+ହୃ ଧାତୁ+ଭାବ. ଅ)—
Abhyabahāra ଅଭ୍ୟବହରଣ (ଦେଖ)
Abhyabaharana (See)

**ଅଭ୍ୟମିତ**—ସ. ବିଣ. (ଅଭି+ଅମ ଧାତୁ=ରୁଗ୍ଣ ହେବା+କର୍ତ୍ତୃ. ତ)—
Abhyamita ୧ । ରୋଗପୀଡ଼ିତ—1. Ailing; sick.
୨ । ଅଭିଗତ; ଆଶ୍ରିତ—2. Taking shelter.

**ଅଭ୍ୟର୍ଣ୍ଣ**—ସ. ବିଣ. (ଅଭି+ଅର୍ଦ୍ଦ ଧାତୁ=ଗମନ କରିବା+କର୍ମ. ତ)—
Abhyarnna ୧ । ଯାହା ନିକଟକୁ ଗମନ କରାଯାଇ ଥାଏ—
1. Approached.
୨ । ନିକଟବର୍ତ୍ତୀ; ସମୀପ—
2. Proximate; adjoining.

**ଅଭ୍ୟର୍ଥନ**—ସ. ବି. (ଅଭି+ଅର୍ଥ ଧାତୁ=ପ୍ରାର୍ଥନା କରିବା+ଭାବ. ଅନ)—
Abhyarthana ଅଭ୍ୟର୍ଥନା (ଦେଖ)
Abhyarthanā (See)

**ଅଭ୍ୟର୍ଥନା**—ସ. ବି. (ଅଭ୍ୟର୍ଥନ+ଆ)—
Abhyarthanā ୧ । ପ୍ରାର୍ଥନା—1. Prayer; solicitation.
୨ । ସମ୍ବର୍ଦ୍ଧନା; ସମ୍ଭାଷା—
2. Adoration; reverence; homage.
୩ । ଅଭ୍ୟାଗତ ବ୍ୟକ୍ତିଙ୍କ ସତ୍କାର ଓ ସମାଦର—
3. Cordial reception of a guest.
୪ । ନିବେଦନପତ୍ର; ଦରଖାସ୍ତ—4. Petition.
୫ । ସ୍ୱାଗତସମ୍ଭାଷଣ—5. Welcome.

**ଅଭ୍ୟର୍ଥନାକମିଟି**—ଦେ. ବି. (ସ. ଅଭ୍ୟର୍ଥନା+ଇଂ. କମିଟି)—
Abhyrthanākamiti କୌଣସି ସଭାର ବିଶିଷ୍ଟ ଅଧିବେଶନ
अभ्यर्थनाकमिटी କା ସମ୍ମିଳନୀକୁ ନିମନ୍ତ୍ରିତ ବ୍ୟକ୍ତି-
अभ्यर्थनाकमेटि ମାନଙ୍କ ଅଭ୍ୟର୍ଥନା ପାଇଁ ଗଠିତ ସମିତି
—Reception committee.

**ଅଭ୍ୟର୍ଥନାଭଙ୍ଗ**—ସ. ବି. (୬ଷ୍ଠୀ ତତ୍; ଅଭ୍ୟର୍ଥନା+ଭଙ୍ଗ)—ପ୍ରାର୍ଥନା
Abhyarthanābhanga ବା ଅନୁରୋଧ ରକ୍ଷା ନ ହେବା;
ଦରଖାସ୍ତ ନାମଞ୍ଜୁର—Rejection of a prayer.

**ଅଭ୍ୟର୍ଥନାସମିତି**—ଦେ. ବି. (ଆଧୁନିକ ପ୍ରୟୋଗ)—
Abhyarthanāsamiti ଅଭ୍ୟର୍ଥନାକମିଟି (ଦେଖ)
Abhyarthanākamiti (See)

**ଅଭ୍ୟର୍ଥିତ**—ସ. ବିଣ. (ଅଭି+ଅର୍ଥ ଧାତୁ+କର୍ମ. ତ)—
Abhyarthita ୧ । ସମ୍ବର୍ଦ୍ଧିତ (ବ୍ୟକ୍ତି)—
1. Welcomed; cordially received.
୨ । ପୂଜିତ—2. Worshipped; adored.
୩ । ସତ୍କୃତ—3. Entertained.
୪ । ସମ୍ମାନିତ—4. Honoured.
୫ । ପ୍ରାର୍ଥିତ (ବସ୍ତୁ)—5. Prayed for; asked.

**ଅଭ୍ୟସନ**—ସଂ. ବି. (ଅଭି+ଅସ ଧାତୁ+ଭାବ. ଅନ)—
Abhyasana ୧ । ଆଲୋଚନା; ଅଭ୍ୟାସ—
(ଅଭ୍ୟସ୍ତ—ବିଣ) 1. Exercise; practice.
୨ । ପାଠାଭ୍ୟାସ—2. Study; application.

**ଅଭ୍ୟସୂୟ**—ସଂ. ବିଣ. ପୁଂ. (ବହୁବ୍ରୀହି; ଅଭି+ଅସୂୟା)—ଈର୍ଷାନ୍ୱିତ—
Abhyasūya Envious; malicious.
(ଅଭ୍ୟସୂୟା—ସ୍ତ୍ରୀ)

**ଅଭ୍ୟସୂୟା**—ସଂ. ବି. (ଅଭି+ଅସୂୟା)—୧ । ଗୁଣରେ ଦୋଷାରୋପ—
Abhyasūyā 1. Slander.
୨ । ଈର୍ଷା; ଦ୍ୱେଷ—2. Malice.

**ଅଭ୍ୟସ୍ତ**—ସଂ. ବିଣ. (ଅଭି+ଅସ ଧାତୁ+କର୍ମ. ତ)—
Abhyasta ୧ । ଯାହା ଅଭ୍ୟାସ କରାଯାଇ ଥାଏ—
1. Practised.
ଅଭ୍ୟସନ } ବି ୨ । ଅଭ୍ୟାସଦ୍ୱାରା ଯାହା ଶିକ୍ଷା କରାଯାଇ ଥାଏ—
ଅଭ୍ୟାସ }
2 Learnt by practice.
୩ । ଶିକ୍ଷା କରା ଯାଇଥିବା—3. Learnt; studied.
୪ । ଘୋଷା ଯାଇଥିବା—
4. Practised; learnt by heart.
୫ । (+କର୍ତ୍ତୃ. ତ)—ଯେ ଅଭ୍ୟାସ କରିଥାଏ—
5. Accustomed to.

**ଅଭ୍ୟସ୍ତବିଦ୍ୟ**—ସଂ. ବିଣ. ପୁଂ. (ବହୁବ୍ରୀହି; ଅଭ୍ୟସ୍ତ+ବିଦ୍ୟା)—
Abhyastabidya ଯେଉଁ ଲୋକ କୌଣସି ବିଦ୍ୟାକୁ ଅଭ୍ୟାସ
(ଅଭ୍ୟସ୍ତବିଦ୍ୟା—ସ୍ତ୍ରୀ) ଦ୍ୱାରା ସିଦ୍ଧ କରିଥାଏ—
Trained in an art.

**ଅଭ୍ୟସ୍ୟ**—ସଂ. ବିଣ. (ଅଭି+ଅସ ଧାତୁ+କର୍ମ. ଯ)—
Abhyasya ୧ । ଅଭ୍ୟାସଯୋଗ୍ୟ; ପୁନଃ ପୁନଃ ଆଲୋଚନୀୟ—
1. To be studied or learnt by practice.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥା' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ଯାହା ଘୋଷାଯିବ—
2. To be got by heart; to be committed to memory.

୩ । ଅଭ୍ୟାସଦ୍ୱାରା ସାଧ୍ୟ—
3. Attainable by practice.

**ଅଭ୍ୟାକାଙ୍କ୍ଷିତ**—ସଂ. ବି. ( ଅଭି+ଆ+କାଙ୍କ୍ଷ ଧାତୁ+ଭାବ. ତ )—
Abhyākāṅkshita ୧ । ମିଥ୍ୟା ଅଭିଯୋଗ—
1. False accusation; groundless complaint.
୨ । ମିଥ୍ୟାପବାଦ—2. Defamation; libel.

**ଅଭ୍ୟାଖ୍ୟାତ**—ସଂ. ବିଣ. ପୁଂ. (ଅଭି+ଆ+ଖ୍ୟା ଧାତୁ+କର୍ମ. ତ)—
Abhyākhyāta ୧ । ମିଥ୍ୟାରେ ଅଭିଯୁକ୍ତ—
( ଅଭ୍ୟାଖ୍ୟାତା—ସ୍ତ୍ରୀ ) 1. Falsely accused.
୨ । ମିଥ୍ୟାପବାଦଗ୍ରସ୍ତ—
2. Calumniated; defamed.

**ଅଭ୍ୟାଖ୍ୟାନ**—ସଂ. ବି. ( ଅଭି+ଆ+ଖ୍ୟା ଧାତୁ+ଭାବ. ଅନ )—
Abhyākhyāna ୧ । ମିଥ୍ୟା ଅଭିଯୋଗ—1. False charge.
୨ । ମିଥ୍ୟାପବାଦ—2. Calumny; defamation.

**ଅଭ୍ୟାଗତ**—ସଂ. ବିଣ. ପୁଂ. ( ଅଭି=ସମ୍ମୁଖରୁ; ନିକଟକୁ+ଆଗତ)—
Abhyāgata ୧ । ସମ୍ମୁଖାଗତ; ସମ୍ମୁଖରେ ଉପସ୍ଥିତ—
( ଅଭ୍ୟାଗତା—ସ୍ତ୍ରୀ ) 1. Arrived in front of a person appeareing before a person.
୨ । ହଠାତ୍ ଉପସ୍ଥିତ—Appearing suddenly.
୩ । ଉତ୍ତରାଧିକାରୀ ସୂତ୍ରେ ପ୍ରାପ୍ତ—
3. Inherited ( M. W. )
ସଂ. ବି. ପୁଂ—୧ । ବିନା ନିମନ୍ତ୍ରଣରେ ଉପସ୍ଥିତ ଅତିଥି—
1. An uninvited guest.
୨ । ଅତିଥି—2. A guest.
ଅଭ୍ୟାଗତ ପ୍ରର୍ଥିଅନ୍ତି ସାଧୁଙ୍କର—କୃଷ୍ଣସିଂହ. ମହାଭାରତ. ଅଦି ।
୩ । ଅଗନ୍ତୁକ—3. A newcomer.

**ଅଭ୍ୟାଗମ**—ସଂ. ବି. ( ଅଭି+ଆ+ଗମ ଧାତୁ+ଭାବ. ଅ )—
Abhyāgama ୧ । ଉପସ୍ଥିତି; ପହଞ୍ଚିବା—1. Arrival.
୨ । ସମ୍ମୁଖକୁ ଆସିବା—
2. Appearance in front of a person.
୩ । ଦର୍ଶନ; ମୁଲାକାତ୍—3. Visit.
୪ । ( ନ୍ୟାୟଦର୍ଶନ ) ଫଳଭୋଗ—
4. (Logic) Enjoying a result ( M. W. )
୫ । ନୈକଟ୍ୟ—5. Neighbourhood (M. W)
୬ । ଅତିଥିଙ୍କୁ ସମ୍ବର୍ଦ୍ଧନା କରିବାପାଇଁ ବସିବା ସ୍ଥାନରୁ ଉଠିବା—6. Rising to receive a guest. (M. W.)
୭ । ଯୁଦ୍ଧ—7. War; battle.
୮ । ଅଘାତ—8. Striking.
୯ । ମାରଣ; ବଧ—9. Killing.
୧୦ । ବିରୋଧ—10. Opposition.
୧୧ । ହାତାହାତି; ସାମନାରେ ପଡ଼ିଯିବା—
11. Encountering (M. W.)

**ଅଭ୍ୟାଗାରିକ**—ସଂ. ବିଣ. ପୁଂ ( ଅଭି+ଅଗାର+ଇକ )—
Abhyāgārika ୧ । ପରିବାର ପୋଷଣରେ ମନୋଯୋଗୀ—
( ଅଭ୍ୟାଗାରିକା—ସ୍ତ୍ରୀ ) 1. Diligent in supporting a family.

**ଅଭ୍ୟାଘାତ**—ସଂ. ବି—( ଅଭି+ଅଘାତ )—
Abhyāghāta ୧ । ଆକ୍ରମଣ; ଚଢ଼ାଉ—1. Assault;
୨ । ରୋକ୍—2. Interruption.

**ଅଭ୍ୟାଦାନ**—ସଂ. ବି ( ଅଭି+ଆଦାନ )—
Abhyādāna ୧ । ପ୍ରାରମ୍ଭ—1. Beginning; commencement.
୨ । ସମ୍ମୁଖବର୍ତ୍ତୀ ହୋଇ କୌଣସି ବସ୍ତୁର ଗ୍ରହଣ—
2. Personal acceptance; acceptance in person.

**ଅଭ୍ୟାନ୍ତ**—ସଂ. ବିଣ. ପୁଂ ( ଅଭି+ଅମ ଧାତୁ=ରୁଗ୍ଣ ହେବା+କର୍ତ୍ତୃ. ତ )—
Abhyānta
( ଅଭ୍ୟାନ୍ତା—ସ୍ତ୍ରୀ ) ରୁଗ୍ଣ; ପୀଡ଼ିତ—Sick; ill.
ସଂ. ବି. ପୁଂ—ମନ୍ତୁ; ରୋଗୀବ୍ୟକ୍ତି—
An invalid; a patient.

**ଅଭ୍ୟାପାତ**—ସଂ. ବି—( ଅଭି+ଆପାତ )—
Abhyāpāta ୧ । ବିପଦ; ଦୁର୍ଘଟଣା—1 Calamity.
୨ । ଦୁର୍ଭାଗ୍ୟ; ଦୁର୍ଦ୍ଦଶା—2 Misfortune.
୩ । ସର୍ବନାଶ—3. Ruin.
୪ । ଆଶାଲୋପ—5. Disappointment.

**ଅଭ୍ୟାମର୍ଦ୍ଦ**—ସଂ. ବି ( ଅଭି+ଆ+ମୃଦ ଧାତୁ+ଅଧିକରଣ. ଅ; ଯହିଁରେ ଶତ୍ରୁଙ୍କୁ ମର୍ଦ୍ଦନ କରାଯାଏ )—
Abhyāmarda
ଯୁଦ୍ଧ; ଲଢ଼େଇ—War; battle.

**ଅଭ୍ୟାରମ୍ଭ**—ସଂ. ବି ( ଅଭି+ଆରମ୍ଭ )—
Abhyārambha ୧ । ଆରମ୍ଭ—1. Beginning.
୨ । ଥରେ ଆରବ୍ଧ କର୍ମର ପୁନରାରମ୍ଭ; ଦୋହୋରେଇବା—
1. Repetition; rebeginning

**ଅଭ୍ୟାଶ**—ସଂ. ବି. ଓ ବିଣ ( ଅଭି+ଅସ ଧାତୁ+କର୍ତ୍ତୃ. ଅ )—
Abhyāś
ଅଭ୍ୟାସ ( ଦେଖ )
Abhyāsa ( See )

**ଅଭ୍ୟାସ**—ସଂ. ବିଣ. ( ଅଭି+ଅସ ଧାତୁ=ବ୍ୟାପିବା; ବିଦ୍ୟମାନ ରହିବା+କର୍ତ୍ତୃ. ଅ )—
Abhyāsa
୧ । ନିକଟ—1. Near.

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଲ୍ୟ | ଉଥ | ଛ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ଷ୍ଠ | ତ୍ରୁ |

୨ । ନିକଟବର୍ତ୍ତୀ—2. Proximate; adjacent.
ସଂ. ବି.—୧ । ଖୋଇ—1. Habit.
୨ । ନୈକଟ୍ୟ—2. Vicinity; proximity.
( ଅଭ୍ୟସ୍ତ—ବିଣ ) ୩ । ଆବୃତ୍ତି; ଘୋଷିବା—
3. Learning by heart.
୪ । ପଦ୍ୟାବୃତ୍ତି—4 Recitation.
୫ । ପୁନରାବୃତ୍ତି; ପୁନଃ ପୁନଃ ପଠନ—
5. Repeated reading; revision.
୬ । ପୁନଃ ପୁନଃ ବ୍ୟବହାର—6. Repeated use.
୭ । ( ବ୍ୟାକରଣ ) ଅକ୍ଷରାଦିର ଦ୍ୱିତ୍ୱ—
7. ( Grammar ) Duplication of letters.
୮ । (ବ୍ୟାକରଣ) ଦ୍ୱିରୁକ୍ତିସୂଚକ କ୍ରିୟାବାଚକ ଧାତୁର ଦ୍ୱିତ୍ୱ—
8. ( Grammar ) Reduplication of a root of a verb indicating repetition.
( ଯଥା—ଗମ ଧାତୁରୁ-ଜଙ୍ଗମ )
୯ । ( ଗଣିତ ) ଗୁଣନ—
9 ( Mathematics ) Multiplication.

**ଅଭ୍ୟାସସିଦ୍ଧ**—ସଂ. ବିଣ ( ୩ୟା ତତ୍; ଅଭ୍ୟାସ+ସିଦ୍ଧ )—
Abhyāsasiddha ୧ । ଅଭ୍ୟାସ ବା ସାଧନାଦ୍ୱାରା ଅଯତ୍ତ—
1 Habitual; fully learnt by exercise.
୨ । ମୁଖସ୍ଥ କରାଯାଇଥିବା – 2. Got by heart.

**ଅଭ୍ୟାସାଦନ**—ସଂ. ବି ( ଅଭି+ଆ+ସଦ ଧାତୁ ଣିଚ୍, ସାଦ ଧାତୁ=
Abhyāsādana ଯିବା+ଭାବ. ଅନ )—
୧ । ଶତ୍ରୁପ୍ରତି ଆକ୍ରମଣ; ଚଢ଼ାଉ; ଧାଡ଼ି ଦେବା—
1. Charging an enemy.
୨ । ଆକ୍ରମଣ—2. Attack.
୩ । ଆକ୍ରମଣାର୍ଥ ଶତ୍ରୁ ସମ୍ମୁଖକୁ ଗମନ—
3. Onslaught.

**ଅଭ୍ୟାସିବା**—ଦେ. ପଦ୍ୟ. କ୍ରି ( ସଂ. ଅଭ୍ୟାସ )—
Abhyāsiba ଅଭ୍ୟାସ କରିବା—To practice.
ଅଭ୍ୟାସ
ଆମରାସନା

> ସ୍ୱର୍ଗ କି ଆସନେ ବସିବ,
> ଅନନ୍ତେ ଯୋଗ ଅଭ୍ୟାସିବ ।
> ଜଗନ୍ନାଥ. ଭାଗବତ. ୩ୟ ।

**ଅଭ୍ୟାସୀ**—ସଂ. ବିଣ. ପୁଂ. ( ଅଭ୍ୟାସ+ଇନ୍; ୧ମା. ୧ବ )—
Abhyāsī ୧ । ଅଭ୍ୟାସଶକ୍ତିସମ୍ପନ୍ନ—1. Studious.
( ଅଭ୍ୟାସିନୀ—ସ୍ତ୍ରୀ ) ୨ । ଘୋଷିବାରେ ନିଯୁକ୍ତ—
2 Engaged in learning by rote.
୩ । ଯେ କୌଣସି ବିଷୟକୁ ଅଭ୍ୟାସ କରିଥାଏ—
3. Accustomed; inured; practiced.
୪ । ପୁନଃପୁନଃ ସାଧନ କରୁଥିବା—
4. Engaged in repeated exercise or practice.

**ଅଭ୍ୟାହତ**—ସଂ. ବି ( ଅଭି+ଆ+ହନ ଧାତୁ+କର୍ମ. ତ )—
Abhyāhata ୧ । ଆହତ—1. Struck; wounded.
୨ । ଆକ୍ରାନ୍ତ—2. Seized by; afflicted with.
୩ । ବାଧାପ୍ରାପ୍ତ—3. Impeded.

**ଅଭ୍ୟାହାର**—ସଂ. ବି ( ଅଭି+ଆ+ହୃ ଧାତୁ+ଭାବ. ଅ )—
Abhyāhāra ୧ । ଚୋରି—1. Theft.
୨ । ଡକାଇତି; ଲୁଣ୍ଠନକ୍ରିୟା—
2. Dacoity; looting
୩ । ଆକ୍ରମଣ; ଚଢ଼ାଉ—
3. Attack; onslaught.
୪ । ଭୋଜନ—4. Eating; meals.
୫ । ନିକଟକୁ ଆଣିବା; ହାଜର କରାଇବା—
5. Bringing near.
୬ । ବୁହାଇନେବା—6. Carrying away.

**ଅଭ୍ୟୁକ୍ଷଣ**—ସଂ. ବି ( ଅଭି+ଉକ୍ଷ ଧାତୁ+ଭାବ. ଅନ )—
Abhyukshaṇa ୧ । ଜଳସେଚନ; ପାଣି ଛିଞ୍ଚିବା—
(ଅଭ୍ୟୁକ୍ଷିତ—ବିଣ) 1. Sprinkling with water.
୨ । ବତୁରାଇବା; ଓଦାଇବା—
2 Moistening.
( ଯଥା—ବୈଶ୍ୱଦେବ, ଯଜ୍ଞ ବା ହୋମ ଆରମ୍ଭ କରିବା ପୂର୍ବରୁ ଜଳରେ ମନ୍ତ୍ରପାଠପୂର୍ବକ ହୋମବେଦିରେ ଅଭ୍ୟୁକ୍ଷଣ କରନ୍ତି । )

**ଅଭ୍ୟୁଚ୍ଚ**—ସଂ. ବିଣ ( ଅତି+ଉଚ୍ଚ )—
Abhyuchcha ଅତି ଉଚ୍ଚ—Very high.

**ଅଭ୍ୟୁଚ୍ଚଗାମୀ**—ସଂ. ବିଣ. ପୁଂ—ଯେ ଖୁବ୍ ଉପରକୁ ଉଠେ—
Abhyuchchagāmi Soaring to a very great height.
( ଅଭ୍ୟୁଚ୍ଚଗାମିନୀ—ସ୍ତ୍ରୀ )
ସଂ. ବି. ପୁଂ—ବୁଦ୍ଧବିଶେଷ—Name of a previous incarnation of the Buddha.

**ଅଭ୍ୟୁଚ୍ଚୟ**—ସଂ. ବି ( ଅଭି+ଉତ୍+ଚି ଧାତୁ+ଭାବ. ଅ )—
Abhyuchchaya ୧ । ବୃଦ୍ଧି—1. Increase.
(ଅଭ୍ୟୁଚ୍ଚିତ—ବିଣ ) ୨ । ଗଦା; ରାଶି—2. Heap.
୩ । ସମୂହ—3. Multitude.
୪ । ସମୁଚ୍ଚୟ; ସମାହାର—
4. Aggregate; collection.
୫ । ସଂଗ୍ରହ—5. Gathering.
ସଂ. ବିଣ ( ଅତି+ଉଚ୍ଚୟ )—ଅତି ଉଚ୍ଚ—
Very high.

**ଅଭ୍ୟୁଚ୍ଛ୍ରିତ**—ସଂ. ବିଣ ( ଅଭି+ଉତ୍+ଶ୍ରି ଧାତୁ+କର୍ତ୍ତୃ. ତ )—
Abhyuchchhrita ୧ । ଖୁବ୍ ଉଚ୍ଚ କରା ଯାଇଥିବା—
(ଅଭ୍ୟୁଚ୍ଛ୍ରୟ—ବି ) 1. Raised aloft; elevated.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଦ୍ଵୃଷ୍ଟାନ୍ତକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଁଅ' ଦେଖିବେ; 'ବଂଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗୀ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ଅଭ୍ୟୁନ୍ନତ—2. Exalted; very high.
୩ । ସମର୍ଥ—3. Able.
୪ । ଉଚ୍ଚପଦପ୍ରାପ୍ତ—4. One who has attained a high position.

**ଅଭ୍ୟୁତ୍କ୍ରୋଶନ**—ସଂ. ବି ( ଅଭି+ଉତ୍+କ୍ରୁଶ ଧାତୁ + ଭାବ. ଅନ)—
Abhyutkrosana ଜେଜେକାର; ଉଚ୍ଚୈଃସ୍ୱରରେ
( ଅଭ୍ୟୁତ୍କୃଷ୍ଟ—ବିଣ ) ପ୍ରଶଂସା—
1. oud acclamation.

**ଅଭ୍ୟୁତ୍ଥାନ**—ସଂ: ବି ( ଅଭି+ଉତ୍+ସ୍ଥା ଧାତୁ+ଭାବ.ଅନ)—
Abhyutthāna ୧ । ଅଭ୍ୟାଗତ ବ୍ୟକ୍ତିଙ୍କୁ ସମ୍ମାନ ଦେଖାଇବା
(ଅଭ୍ୟୁତ୍ଥିତ—ବିଣ) ପାଇଁ ଆସନରୁ ଉଠିବା—
1. Rising from one's seat to show respect to a guest.
୨ । ଉଦୟ; ଉଠିବା—2. Rising.
୩ । ପ୍ରଜାବିଦ୍ରୋହ—3. Rebellion (M. W)
୪ । ଉଚ୍ଚତା—4. Elevation.
୫ । ଉଚ୍ଚପଦଲାଭ—5. Gaining a high position.
୬ । ଅଧିକାରଲାଭ—6. Gaining authority.
୭ । ମାନ୍ୟ; ସମ୍ମାନ—7. Respectability.
୮ । ବଳ ବା ପ୍ରଭାବଲାଭ—8. Gaining afficacy.
୯ । କ୍ଷମତା—9. Power.
୧୦ । ଜନ୍ମ; ଆରମ୍ଭ—10. Origin; birth.
୧୧ । ଉନ୍ନତି—11. Improvement.
୧୨ । କ୍ଷମତାର ବୃଦ୍ଧି—12 Increase of power.
୧୩ । ସୁଖ୍ୟାତି—13. Reputation.
୧୪ । ବୈଷୟିକ ଉନ୍ନତି;ସମ୍ପଦ;ବଢ଼ତି—14.Prosperity.
୧୫ । ଉଚ୍ଛୁଳିବା—15. Overflowing.
୧୬ । ଉଦ୍ୟମ—16. Endeavour; striving after.
୧୭ । ଅନୁକୂଳ; ଦିଗିଷ୍ଟ ଉଦ୍ଦେଶ୍ୟରେ ଯାତ୍ରା—
17. Setting out (M. W.)

**ଅଭ୍ୟୁତ୍ଥିତ**—ସଂ. ବିଣ ( ଅଭି+ଉତ୍ଥିତ )—
Abhyutthita ୧ । ଉଦିତ—1. Risen.
୨ । ଆଗନ୍ତୁକଙ୍କୁ ସମ୍ମାନ ଦେଖାଇବା ପାଇଁ ଆସନରୁ ଉଠିଥିବା।
2. Rising from one's seat to do any one honour.
୩ । ପ୍ରବୃତ୍ତ—3. Engaged.
୪ । ଅଭ୍ୟୁନ୍ନତ—4. Elevated; very high.
୫ । ଦୃଷ୍ଟ; ଦୃଶ୍ୟ—5. Appeared; visible.
୬ । ନିଜକୁ ପ୍ରସ୍ତୁତ କରୁଥିବା—
6. Making one's self ready.

୭ । ସମ୍ପଦଯୁକ୍ତ—7 Prosperous.

ସଂ. ବି—୧ । ଉନ୍ନତି—1. Improvement.
୨ । ସମ୍ପଦ; ବୈଷୟିକ ଉନ୍ନତି—2. Prosperity.

**ଅଭ୍ୟୁଦୟ**—ସଂ. ବି ( ଅଭି+ଉଦୟ )—
Abhyudaya ୧ । ସୂର୍ଯ୍ୟୋଦୟ—1 Sun-rise.
୨ । ଗ୍ରହ ତାରାଙ୍କର ଉଦୟ—
2 Rise of luminaries.
୩ । ଆରମ୍ଭ—3 Beginning; commencing.
୪ । ଉଚ୍ଚତା—4. Elevation.
୫ । ବୃଦ୍ଧି—5 Increase.
୬ । ଶ୍ରୀବୃଦ୍ଧି; ସମ୍ପଦ; ବଢ଼ତି—6. Prosperity.
୭ । ସୁଖ—7. Happiness ( M. W. )
୮ । ସୁଫଳ—8. Good result.
୯ । ଧର୍ମ; ଉତ୍ସବ; ଯାତ୍ରା; ପର୍ବ—
9. A religious celebration; festival.
୧୦ । ଉତ୍ଥାନ—10. Uprising; rise.
୧୧ । ଉନ୍ନତି—11 Improvement.
୧୨ । ମଙ୍ଗଳ; ଶୁଭ—12. Weal.

**ଅଭ୍ୟୁଦୟଶ୍ରାଦ୍ଧ**—ସଂ. ବି ( ମଧ୍ୟପଦଲୋପୀ; ଅଭ୍ୟୁଦୟ=ମଙ୍ଗଳ+ଶ୍ରାଦ୍ଧ;
Abhyudayaśrāddha ଆଭ୍ୟୁଦୟିକ ଶ୍ରାଦ୍ଧ; ବୃଦ୍ଧିଶ୍ରାଦ୍ଧ)—
୧ । ବିବାହାଦିର ଆରମ୍ଭରେ ପିତୃଲୋକଙ୍କ ଉଦ୍ଦେଶ୍ୟରେ କରାଯିବା ଶ୍ରାଦ୍ଧ—1. An offering to the manes before the commencement of marriage and other ceremonies.
୨ । ବୈଦିକ ଅନୁଷ୍ଠାନ (ହୋମାଦି) ଆରମ୍ଭରେ ପିତୃଲୋକଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ଶ୍ରାଦ୍ଧ—2. An offering to the manes preliminary to the performance of vedic rites.

**ଅଭ୍ୟୁଦୟେଷ୍ଟି**—ସଂ. ବି.—(ମଧ୍ୟପଦଲୋପୀ; ଅଭ୍ୟୁଦୟକାରିଣୀ ଇଷ୍ଟି ବା
Abhyudayeshṭi ଅଭ୍ୟୁଦୟାର୍ଥ ଅନୁଷ୍ଠିତ ଇଷ୍ଟି) —
୧ । ପ୍ରାୟଶ୍ଚିତ୍ତାର୍ଥ ଯଜ୍ଞ—
1. An expiatory sacrifice ( M. W. )

**ଅଭ୍ୟୁଦିତ**—ସ. ବିଣ ( ଅଭି+ଉଦିତ )—
Abhyudita ୧ । ଉଦ୍ଭୁତ; ଆକାଶରେ ଉଠିଥିବା
(ସୂର୍ଯ୍ୟ; ଗ୍ରହାଦି)—
1. Risen ( sun or luminaries )
୨ । ପୁଂ. ଯେ ନିଦ୍ରାତ୍ୟାଗ କରିବା ପୂର୍ବରୁ ସୂର୍ଯ୍ୟ ଉଠିଆନ୍ତି
(ଯେଉଁ ଲୋକ ସୂର୍ଯ୍ୟ ଉଦୟ ପରେ ନିଦରୁ ଉଠେ ସେ ପ୍ରାୟଶ୍ଚିତ୍ତ କରିବା ଉଚିତ।)
2. One over whom (while sleeping) the sun has risen ( M. W. )
accustomed to sleep till after sunrise.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇୟ | ଉଅ | ଢ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ଓ | ନ୍ତ |

୩ । ଯୁଦ୍ଧରେ ପ୍ରବୃତ୍ତ—
3. Engaged in combat ( M. W. )
୪ । ଘଟିଥିବା—4. Happened.
୫ । ଶ୍ରୀବୃଦ୍ଧି ସମ୍ପନ୍ନ—5. Prosperous.
୬ । ପ୍ରକାଶିତ—6. Appearing; visible.
୭ । ଉନ୍ନତ—7. Elevated.
୮ । ବାକ୍ୟଦ୍ୱାରା ପ୍ରକାଶିତ—
8. Expressed in words ( M. W. )

**ଅଭ୍ୟୁଦିତଶାୟିତା**— ସଂ. ବି ( ଅଭ୍ୟୁଦିତ + ଶାୟିନ୍ + ତା )—
Abhyuditasāyitā ସୂର୍ଯ୍ୟୋଦୟ ପର୍ଯ୍ୟନ୍ତ ଶୋଇବା ଅବସ୍ଥା—
The state of lying asleep while the sun has risen.

**ଅଭ୍ୟୁଦୀରିତ**—ସଂ. ବିଣ ( ଅଭି+ଉତ୍+ଈର ଧାତୁ+କର୍ମ. ତ )—
Abhyudirita ୧ । ଅକ୍ଷିପ୍ତ; ଫିଙ୍ଗା ଯାଇଥିବା—
1. Cast; thrown down.
୨ । ଆଖ୍ୟାତ; କଥିତ—2. Narrated; spoken.
୩ । ବର୍ଣ୍ଣିତ—3. Described.

**ଅଭ୍ୟୁଦ୍ୟତ**— ସଂ. ବିଣ ( ଅଭି+ଉଦ୍ୟତ )—୧ । ଉତ୍ତୋଳିତ—
Abhyudyata 1. Raised; lifted up.
୨ । ସମର୍ପିତ—2. Offered.
୩ । କାର୍ଯ୍ୟ ପାଇଁ ପ୍ରସ୍ତୁତ—
3. Prepared for; ready for.
୪ । ଆଦର ସତ୍କାରରେ ସତ୍କୃତ—
4. Received kindly; welcomed.
୫ । କାର୍ଯ୍ୟରେ ପ୍ରବୃତ୍ତ—5. Engaged in.
୬ । ଉଦିତ—6. Risen.

**ଅଭ୍ୟୁପଗତ**—ସଂ. ବିଣ. ପୁଂ ( ଅଭି+ଉପଗତ )—୧ । ସ୍ୱୀକୃତ—
Abhyupagata
(ଅଭ୍ୟୁପଗତା—ସ୍ତ୍ରୀ) 1. Acknowledged; agreed.
( ଅଭ୍ୟୁପଗମ—ବି ) ୨ । ପ୍ରାପ୍ତ—2. Got; achieved.
୩ । ନିକଟକୁ ଆସିଥିବା —3. Arrived near.
୪ । ଉପସ୍ଥିତ—4. Arrived; reached.

**ଅଭ୍ୟୁପଗମ**— ସଂ. ବି ( ଅଭି+ଉପଗମ )—
Abhyupagama ୧ । ନିକଟକୁ ଆସିବା; ପହଞ୍ଚିବା—
1. Arriving;at; going near to.
୨ । ଚୁକ୍ତି—2. Contract; an agreement ( M. W. )
୩ । ସ୍ୱୀକାର; ରାଜି—3 Assenting to; admitting; consent.
୪ । ପ୍ରତିଜ୍ଞା—4. Promise.
୫ । ପ୍ରାପ୍ତି—5. Attainment.
୬ । ଉପସ୍ଥିତି—6. Presence.
୭ । ଆସକ୍ତି —7. Attachment.
୮ । ନିର୍ଣ୍ଣୟ—8. Ascertainment.
୯ । କଳ୍ପନା—9. Imagination.
୧୦ । ମତ—10. Opinion.

**ଅଭ୍ୟୁପଗମସିଦ୍ଧାନ୍ତ**— ସଂ ବି. ( ମଧ୍ୟପଦଲୋପୀ; ଅଭ୍ୟୁପଗମଦ୍ୱାରା ଉପଲବ୍ଧ
Abhyupagamasiddhānta ହେବା ସିଦ୍ଧାନ୍ତ)—୧ । ସ୍ୱୀକୃତ-ପ୍ରତିଜ୍ଞା—1. An admitted axiom (M. W. )
୨ । (ନ୍ୟାୟ) ପ୍ରଥମେ ତର୍କାନୁରୋଧରେ ଗୋଟିଏ ପ୍ରତିଜ୍ଞାକୁ ସତ୍ୟ ବୋଲି ସ୍ୱୀକାର କରି ପରେ ତାହା ପ୍ରମାଣଦ୍ୱାରା ମିଥ୍ୟା ବୋଲି ପ୍ରତିପାଦନ କରିବା—
2. ( logic ) 'Reductio-ad-absurdum'; assuming a proposition as true and then showing the absurdity of an inference based on it.

**ଅଭ୍ୟୁପପତ୍ତି**— ସଂ. ବି ( ଅଭି+ଉପପତ୍ତି )—୧ । ସାହାଯ୍ୟ କରିବା
Abhyupapatti ଉଦ୍ଦେଶ୍ୟରେ ନିକଟକୁ ଯିବା—
1. Approaching in order to assist
୨ । ରକ୍ଷା—2. Protection
୩ । ଘଟେଇ; ଅପରାଧ;ଅଭିଯୋଗରୁ କାହାକୁ ରକ୍ଷା କରିବା—
3. Defence.
୪ । ଅନୁଗ୍ରହ—4. Favour.
୫ । ଉପକାର—5 The conferring of a benefit or kindness.
୬ । ସ୍ୱୀକୃତି; ସ୍ୱୀକାର—6. Agreement; assent.
୭ । କୁଳରକ୍ଷା ପାଇଁ କର୍ତ୍ତବ୍ୟାନୁରୋଧରେ ମୃତ ଭାଇଙ୍କ ପତ୍ନୀଙ୍କ ଗର୍ଭରେ ସନ୍ତାନୋତ୍ପାଦନରୂପ କର୍ମ—
7. Impregnation of a brother's wife (especially of a brother's widow as an act of duty) (M. W)
୮ । ସାନ୍ତ୍ୱନା—8. Consolation.

**ଅଭ୍ୟୁପପନ୍ନ**—ସଂ. ବିଣ. ( ଅଭି + ଉପପନ୍ନ )—୧ । ରକ୍ଷିତ—
Abhyupapanna 1. Protected; rescued.
୨ । ସ୍ୱୀକୃତ ( ବିଷୟ )—2. Agreed to; assented.
୩ । ସ୍ୱୀକାର କରିଥିବା—3. Agreeing to.
୪ । ଶରଣାର୍ଥୀ—4. Asking for protection.

**ଅଭ୍ୟୁପାୟ**—ସଂ. ବି. ( ଅଭି + ଉପାୟ )—୧ । ସ୍ୱୀକାର—
Abhyupāya 1. Acknowledgement; agreement.
୨ । ସଦୁପାୟ—2. Expedient; means

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଗ୍ୟା' ନ ପାଇଲେ 'ଅର୍ଜ୍ଞା' ଦେଖିବେ; 'ଅଲବଟ' ନ ପାଇଲେ 'ଅଲ୍‌ବଟ' ଦେଖିବେ ।

**ଅଭ୍ୟୁପାୟନ**—ସଂ. ବି. ( ଅଭି+ଉପାୟନ )—
Abhyupāyana ୧ । ଉପଢୌକନ; ଭେଟି; ଦର୍ଶନୀ—
1. A complimentary gift.
୨ । ପ୍ରବର୍ତ୍ତନ—2. An inducement ( M. W. )

**ଅଭ୍ୟୁପେତ**—ସଂ. ବିଣ. ( ଅଭି+ଉପ+ଇ ଧାତୁ+କର୍ମ. ତ )—
Abhyupeta ୧ । ସ୍ୱୀକୃତ—1. Agreed to.
୨ । ଅଙ୍ଗୀକୃତ—2. Promised.
୩ । ପ୍ରାପ୍ତ—3. Received.
୪ । ( +କର୍ତ୍ତୃ. ତ ) ଉପାଗତ; ଉପସ୍ଥିତ—
4. Arrived at.

**ଅଭ୍ୟୁପେତ୍ୟଶୁଶ୍ରୂଷା**—ସଂ. ବି ( ଅଭ୍ୟୁପେତ୍ୟ+ଶୁଶ୍ରୂଷା )—
Abhyupetyasusrūshā ୧ । ଚାକର କରିବାର ଚୁକ୍ତି—
1. A contract of personal service between master and servant.
୨ । ଚାକର କରିବାରୁ ଚୁକ୍ତିଭଙ୍ଗ—
2. A breach of contracted service (M. W.)
୩ । ( ହିନ୍ଦୁ ସ୍ମୃତି ) ଭୃତ୍ୟଦ୍ୱାରା ଚାକର ଚୁକ୍ତିଭଙ୍ଗ ଯୋଗୁଁ ଘଟିବା ମକଦ୍ଦମାବିଷୟକ ଆଇନର ଉପାଧି—
3. A title of Law treating of dispute between master and servant who has broken his agreement.

**ଅଭ୍ୟୁପେତ୍ୟାଶୁଶ୍ରୂଷା**—ସଂ. ବି. ( ଅଭ୍ୟୁପେତ୍ୟ+ଅଶୁଶ୍ରୂଷା )—
Abhyupetyāsusrūshā ହିନ୍ଦୁ ଆଇନର ୧୮ ବିଭାଗ ମଧ୍ୟରୁ ଚାକର ଚୁକ୍ତିଭଙ୍ଗ ଆଇନ—One of the 18 titles of Hindu Law dealing with breach of contract between master and servant ( Apte )

**ଅଭ୍ୟୁଷ**—ସଂ. ବି. (ଅଭି+ଉଷ ଧାତୁ=ପୋଡ଼ିବା+କର୍ମ. ଅ )—
Abhyusha ୧ । ଈଷତ୍ ଭୃଷ୍ଟ ଶସ୍ୟାଦି; ଶସ୍ୟଭଜା—
1. Slightly parched corn.
୨ । ରୁଟି—2. Bread; loaf.

**ଅଭ୍ୟୂଷ**—ସଂ. ବି. ( ଅଭି+ଊଷ ଧାତୁ+କର୍ମ. ଅ )—
Abhyūsha ଅଭ୍ୟୁଷ ( ଦେଖ )
Abhyusha ( See )

**ଅଭେ୍ୟଷ**—ସଂ. ବି. ( ଅଭି+ଈଷ ଧାତୁ+କର୍ମ. ଅ )—
Abbyesha ଅଭ୍ୟୁଷ ( ଦେଖ )
Abhyusha ( See )

**ଅଭ୍ର (ଧାତୁ)**—ସଂ—୧ । ଗମନ କରିବା—1. To go.
Abhra (root) ୨ । ଗତି କରିବା—2. To move.

**ଅଭ୍ର**—ସଂ. ବି. ( ଅ+ଭ୍ରମ ଧାତୁ=ଯିବା+କର୍ତ୍ତୃ. ଅ; କିମ୍ବା ଅପ୍=
Abhra ଜଳ+ଭୃ ଧାତୁ+କର୍ତ୍ତୃ. ଅ; କିମ୍ବା ଅଭ୍ର ଧାତୁ=ଗମନ କରିବା+କର୍ତ୍ତୃ. ଅ )—୧ । ଆକାଶ—1. Sky.
୨ । ମେଘ—2. Clouds.
୩ । ମେଘଜାଲ; ଅବରଖ—3. Mica; talc.
୪ । ମୁଥା—4. Root of Duba grass.
[ ଦ୍ର—ଅଭ୍ର ଚାରିପ୍ରକାର ଯଥା—କୃଷ୍ଣ, ଶ୍ୱେତ, ପୀତ ଓ ଲୋହିତ । କବିରାଜ. ହରେକୃଷ୍ଣ—ଦ୍ରବ୍ୟଗୁଣ । ]

**ଅଭ୍ରଂକଷ**—ସଂ. ବିଣ. (ଅଭ୍ରଂ=ଆକାଶକୁ+କଷ ଧାତୁ=ଘର୍ଷଣ କରିବା
Abhraṁkasha ବା ସ୍ପର୍ଶ କରିବା+କର୍ତ୍ତୃ. ଅ )—
ଗଗନସ୍ପର୍ଶୀ—Rising to the skies.
ସଂ. ବି—ବାୟୁ—Air.

**ଅଭ୍ରଂଲିହ**—ସଂ. ବିଣ (ଅଭ୍ରଂ=ଆକାଶକୁ+ଲିହ ଧାତୁ=ଚାଟିବା+କର୍ତ୍ତୃ.
Abhraṁliha ଅ)—୧ । ଗଗନସ୍ପର୍ଶୀ—1. Rising to the skies.
୨ । ଅତିଉଚ୍ଚ—2. Very high.
ସଂ. ବି—୧ । ମେଘ—1. Clouds.
୨ । ବାୟୁ—2 Air.

**ଅଭ୍ରକ**—ଦେ. ବି. (ସଂ. ଅଭ୍ର)—
Abhraka ଅଭ; ଅଭ୍ର—Mica; tale.
अभ्रक्
ਅਭਕ

**ଅଭ୍ରପିଶାଚ**—ସଂ. ବି. (ଉପମିତ କର୍ମଧା; ଅଭ୍ର=ମେଘ ପରି ନୀଳବର୍ଣ୍ଣ+
Abhrapisācha ପିଶାଚ )—ରାହୁଗ୍ରହ—The Dragon's head; the ascending node.

**ଅଭ୍ରପୁଷ୍ପ**—ସଂ. ବି.—୧ । (୬ଷ୍ଠୀ ତତ୍; ଅଭ୍ର=ମେଘ+ପୁଷ୍ପ=ଫୁଲ)—
Abhrapushpa ( ମେଘର ଫୁଲ; ଗଛର ଫୁଲ ଯେପରି, ଜଳ ଆକାଶର ସେହିପରି ଫୁଲ ଅଟେ )—
ଜଳ—1. Water.
୨ । ( ବହୁବ୍ରୀହି; ମେଘାଗମରେ ଯେ ଫୁଲ ଧରେ ) ବେତଗଛ—
2. The Ratan plant.
୩ । କଦମ୍ବଗଛ—3. The Kadamba-tree.

**ଅଭ୍ରଭସ୍ମ**—ସଂ. ବି. (୬ଷ୍ଠୀ ତତ୍; ଅଭ୍ର+ଭସ୍ମ)—ଆୟୁର୍ବେଦୀୟ ବିଧିରେ
Abhrabhasma ମାରିତ ଅଭ୍ର—Oxide of mica prepared according to Ayurveda.

**ଅଭ୍ରମାଂସୀ**—ସଂ. ବି.—୧ । ଜଟାମାଂସୀ—1. Valeriana
Abhramaṁsī Jatāmaṁsī.
୨ । ଆକାଶମାଂସୀ—2. A kind of medicinal plant.
(କବିରାଜ. ହରେକୃଷ୍ଣ-ଦ୍ରବ୍ୟଗୁଣ)

**ଅଭ୍ରମାତଙ୍ଗ**—ସଂ. ବି (୬ଷ୍ଠୀ ତତ୍; ଅଭ୍ର=ମେଘ+ମାତଙ୍ଗ=ହାତୀ)—
Abhramātaṅga ଆକାଶହସ୍ତୀ; ଐରାବତ ହସ୍ତୀ; ଇନ୍ଦ୍ରଙ୍କ ବାହନ—
The heavenly elephant driven by Indra.
[ ଦ୍ର—ଏହା ପୂର୍ବ ଦିଗର ହସ୍ତୀ । ]

| | | | | | | | | | | | | |
|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇୟ | ଉଅ | ଓ |
| ୨ | ଈ | ଊ | ରୁ | ଲୁ | ଯ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଂ୍ୟ | ଇଅ | ୱ | ନ୍ବ |

ଅଭ୍ରମୁ—ସଂ. ବି. ସ୍ତ୍ରୀ. (ଅ + ଭ୍ରମ ଧାତୁ=ଭ୍ରମଣ କରିବା + କର୍ତ୍ତୃ. ଉ)—
Abhramu	ପୂର୍ବଦିଗର ହସ୍ତିନୀ; ଐରାବତ ହସ୍ତୀର ସ୍ତ୍ରୀ—
The she-elephant guarding the East.

ଅଭ୍ରମୁପତି—ସଂ. ବି. (୬ଷ୍ଠୀ ତତ୍; ଅଭ୍ରମୁ + ପତି)—ଐରାବତହସ୍ତୀ—
Abhramupati	Indra's elephant.

ବହେ ଅଭ୍ରମୁପତି ଖ୍ୟାତି, ବାର ବାର ଅର୍ଥିଷେ ତନୁ ।
ଉଞ୍ଜ· ବୈଦେହୀଶବିଳାସ ।

ଅଭ୍ରମୁବଲ୍ଲଭ—ସଂ. ବି. ପୁଂ. (୬ଷ୍ଠୀ ତତ୍; ଅଭ୍ରମୁ=ପୂର୍ବଦିଗର ହସ୍ତିନୀ
Abhramuballabha	+ବଲ୍ଲଭ=ସ୍ୱାମୀ)—ଐରାବତହସ୍ତୀ—
Indra's elephant.

ଅଭ୍ରାନ୍ତ—ସଂ. ବିଣ. (ଅ + ଭ୍ରାନ୍ତ)—୧ । ଭ୍ରମଶୂନ୍ୟ, ପ୍ରମାଦଶୂନ୍ୟ—
Abhrānta	1. Not in error; not mistaken; infallible; unerring.
୨ । ସ୍ଥିର—2. Composed.

ଅଭ୍ରି—ସଂ. ବି. ସ୍ତ୍ରୀ. (ଅଭ୍ର ଧାତୁ=ଗମନ କରିବା+ଇ)—
Abhri	୧ । ନୌକାରୁ ପାଣି ବାହାର କରିବାକୁ ଯେଉଁ ପାତ୍ର ବ୍ୟବହୃତ ହୁଏ; ସେଣ୍ଟୁଆ—1. A vessel to throw out water from a boat.
୨ । ମଳପରିଷ୍କାରକ କାଠର କୋଡ଼ି—
2. Wooden spade to throw away refuse.

ଅଭ୍ରିୟ—ସଂ. ବିଣ. (ଅଭ୍ର+ଇୟ)—୧ । ଆକାଶସମ୍ବନ୍ଧୀୟ—
Abhriya	1. Pertaining to the sky.
୨ । ମେଘସମ୍ବନ୍ଧୀୟ—2. Relating to the clouds.
୩ । ମେଘୁଆ—3. Cloudy.

ଅଭ୍ରୀ—ସଂ. ବି. ସ୍ତ୍ରୀ. (ଅଭ୍ର ଧାତୁ + ଈ)—ଅଭ୍ରି (ଦେଖ)
Abhrī	Abhri (See)

ଅଭ୍ରେଷ—ସଂ. ବି. (ଅ + ଭ୍ରେଷ ଧାତୁ=ଗମନ କରିବା+ଅ)—
Abhresha	୧ । ଔଚିତ୍ୟ—1. Unerring justice; propriety.
୨ । ନ୍ୟାୟ—2. Justice.
ସଂ. ବିଣ—୧ । ଗମନଶୂନ୍ୟ; ଗତିଶୂନ୍ୟ—
1. Unmoving; motionless.
୨ । ଉଚିତ—2. Right.
୩ । ନ୍ୟାଯ୍ୟ—3. Just.
୪ । ଆଇନବିହିତ—4. Statutory.

ଅଭ୍ରୋତ୍ଥ—ସଂ. ବି. [୫ମୀ ତତ୍; ଅଭ୍ର=ମେଘ+ଉତ୍ଥ(=ସ୍ଥା ଧାତୁ+
Abhrottha	ଅ)]—ଯେ ମେଘରୁ ବାହାରେ—
୧ । ବଜ୍ର—1. Thunder.
୨ । ବିଦ୍ୟୁତ୍—2. Lightning.

ଅମ୍ (ଧାତୁ)—ସଂ.—୧ । ରୁଗ୍ଣ ହେବା—
Am (root)	1. To be ailing.
୨ । ଭୋଜନ କରିବା—2. To eat.

ଅମ—ସଂ. ବି (ଅମ୍ ଧାତୁ=ରୁଗ୍ଣ ହେବା+କରଣ. ଅ)—
Ama	ରୋଗ—Disease.

ଅମଙ୍ଗ—ଦେ. ବିଣ. ପୁଂ. ଓ ସ୍ତ୍ରୀ—ଅନିଚ୍ଛୁକ; ଅସମ୍ମତ; ନାରାଜ; ନାମଙ୍ଗ—
Amaṅga	Unwilling; reluctant.
नाराज	ହରିବଳସି—ଅର୍ଥିଙ୍କି ହ ଔରସେ ଜନମି ।
নারাজ	ହେଲ କ ଅମଙ୍ଗ ଥିବା ନଳସ୍ଥ-ଲକ୍ଷଣେ ? ରାଧାନାଥ—ମହାଯାତ୍ରା ।

ଅମଙ୍ଗଳ—ସଂ. ବି. (ଅ=ନୁହେ+ମଙ୍ଗଳ=ଶୁଭ)—
Amaṅgaḻa	୧ । ଅଶୁଭ—1. Evil.
୨ । ଦୁର୍ଘଟନା—2. Disaster.
୩ । ଦୁର୍ଭାଗ୍ୟ—3. Ill-luck.
ସଂ. ବିଣ—୧ । ଅଶୁଭସୂଚକ—1. Inauspicious.
୨ । ଦୁର୍ଭାଗ୍ୟଯୁକ୍ତ—2. Unfortunate.

ଅମଙ୍ଗଳକର—ସଂ. ବିଣ—ଯାହା ଅଶୁଭ ଘଟାଏ—
Amaṅgaḻakara	Inauspicious; calamitous.

ଅମଙ୍ଗଳପତକା—ଗ୍ରା. ବିଣ. ପୁଂ. ଓ ସ୍ତ୍ରୀ. (ଗାଳିରେ ବ୍ୟବହୃତ)—
Amaṅgaḻapatakā	ଅଶୁଭ ଦର୍ଶନ; ଯାହାକୁ ଦେଖିଲେ ଅଶୁଭ ଅଟେ—Inauspicious to look at.

ଅମଙ୍ଗଳବିରାଡ଼ି—ଗ୍ରା. ବିଣ. ପୁଂ. ଓ ସ୍ତ୍ରୀ—ଅମଙ୍ଗଳପତକା (ଦେଖ)
Amangaḻabirārḍi	Amaṅgaḻapatakā (See)

ଅମଙ୍ଗଳିଆ—ଦେ. ବିଣ. ପୁଂ—ଅଶୁଭ ଦର୍ଶନ—
Amaṅgaḻiā	Inauspicious to look at.
অমঙ্গলে
ଅମଙ୍ଗଳୀ
ଅମଙ୍ଗଳେଇ } ସ୍ତ୍ରୀ.

ଅମଙ୍ଗୁଳା—ଦେ. ବିଣ.ପୁଂ. ଓ ସ୍ତ୍ରୀ—୧ । ବିବାହର ପୂର୍ବଦିନ ଯେଉଁ ବର
Amaṅguḻā	କନ୍ୟାଙ୍କର ମଙ୍ଗଳ ବା ଅଧିବାସବିଧି ହୋଇ ନ ଥାଏ—1. (a bride or bride-groom) Who has not yet undergone the ceremony of consecration on the eve of marriage.
୨ । ବିବାହାଦି ପୂର୍ବରୁ ମଙ୍ଗୁଳା ବା ଅର୍ଚ୍ଚିତ ହୋଇ ନ ଥିବା (ଗ୍ରାମଦେବତା)—2. (deity)
Not worshipped on the eve of a social ceremony.

ଅମଙ୍ଗୁଳିଆ—ଦେ. ବିଣ. ପୁଂ—୧ । ଅମଙ୍ଗଳିଆ (ଦେଖ)
Amaṅguḻiā	1. Amaṅgaḻiā (See)
ଅମଙ୍ଗୁଳୀ
ଅମଙ୍ଗୁଳେଇ } ସ୍ତ୍ରୀ.	୨ । ଅମଙ୍ଗୁଳା (ଦେଖ)
2. Amaṅguḻā (See)

ଅମଚ୍ଛା—ଦେ. ବି. (ଅ=ନିକୃଷ୍ଟ+ମଚ୍ଛ=ମତ୍ସ୍ୟ)—
Amachhā	୧ । ଖାଦ୍ୟ ମତ୍ସ୍ୟବିଶେଷ—
1, A kind of inediable fish.

ସାଧାରଣ ଲୋକେ ଅପର ପୃଷ୍ଠାରେ ବୃତ୍ତ ୧ ଚଉଡ଼ ଅକ୍ଷର ଓ ମାତ୍ରା ଏବଂ ୨ ଚଉଡ଼ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚଉଡ଼ର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚଉଡ଼ର ବଦଳରେ ୨ ବା ୧ ଚଉଡ଼ର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଷ' ନ ମିଳିଲେ 'କୃଶ' ଦେଖିବେ; 'ବନ୍' ନ ପାଇଲେ 'ବନ୍ଦ' ଦେଖିବେ; 'ଅଁଖୀ' ନ ପାଇଲେ 'ଅକ୍ଷି' ଦେଖିବେ;'ଅଲବତ' ନ ପାଇଲେ'ଅଲବତ୍' ଦେଖିବେ ।

୨ । କଣମଚ୍ଛ ( ଦେଖ )
2. Kaṇamachhā (See)
୩ । ଅଣମଚ୍ଛ; ନିକୃଷ୍ଟ ମତ୍ସ୍ୟ—
3. Inferior fish.
୪ । ନିକୃଷ୍ଟ ଜାତି—4. Low caste.

**ଅମଜା**—ଦେ. ବିଣ. ( ସଂ. ଅମାର୍ଜିତ )—
Amājā ୧ । ଯାହା ମଜା ହୋଇ ନାହିଁ; ଅମାର୍ଜିତ—
অমাজা 1. Unpolished.
**अनरगड़** ୨ । ଅପରିଷ୍କୃତ ( ବାସନ )—
2. Unscoured; uncleansed (utensil)

**ଅମଟାଲ**—ଦେ. ବିଣ. (ଯେଉଁସ୍ଥାନର ମାଟି ଅମଟାଲ ବା ଟାଣୁଆ ନୁହେଁ)—
Amaṭāḷa ୧ । ବାଲିଆ ମାଟି—
বালি (মাটি) 1. Sandy loam ( soil )
୨ । ଫପସା (ମାଟି)—2. Not clayey (soil)

**ଅମଟାଲିଆ**—ଦେ. ବିଣ—ଅମଟାଲ ( ଦେଖ )
Amaṭāḷiā Amaṭāḷa (See)

**ଅମଠ**—ଦେ. ବିଣ—କର୍ମପଟୁ; ଯେ ମଠ ବା ଅଳସୁଆ ନୁହେଁ—
Amaṭha Brisk; of active habits; not idle.
চঞ্চল

**ଅମଠା**—ଦେ.ବିଣ—ଯାହା ମଠୁଆ ବା ମାର୍ଜିତ ହୋଇନାହିଁ (ବାସନଆଦି)—
Amaṭhā Unpolished (utensils)
যা পালিস হয় নাই

**ଅମଠୁଆ**—ଦେ. ବିଣ.ପୁଂ—୧ । ନିରଳସ--1. Active;energetic.
Amaṭhuā ୨ । ଯେ କାର୍ଯ୍ୟରେ ହେଳା ବା ବିଳମ୍ବ କରେ ନାହିଁ-
চঞ্চল 2. Not dilatory.
(ଅମଠେଇ—ସ୍ତ୍ରୀ)

**ଅମଡ଼ା**—ଦେ. ବିଣ—୧ । ଯେଉଁ ବାଟ କେହି ବ୍ୟବହାର କରନ୍ତି ନାହିଁ-
Amaṛā 1. Unused; unfrequented ( path)
আমাড়া
୨ । ପାଣି ନ ମାଡ଼ିଥିବା (ସ୍ଥାନ) –2. (place) Not watered; not irrigated.
୩ । ଅମର୍ଦ୍ଦିତ—3. Not pressed.
ଦେ. ବି—ଅବ୍ୟବହୃତ ପଥ—Unfrequented path.

**ଅମଡ଼ାମଡ଼ା**—ଦେ. ବି. (ବିପରୀତାର୍ଥ ସହଚର)—ଅବାଟ ଓ ବାଟ—
Amaṛāmaṛā Track which is used as road
আমাড়া and which is not.
( ଯଥା—ତାକୁ ଗୋଡ଼େଇଲାରୁ ସେ ଅମଡ଼ାମଡ଼ା ନ ଚାହିଁ ପଳେଇ ଗଲା । )
ଦେ. କ୍ରି. ବିଣ—ଅବାଟରେ; ବାଟ ଛାଡ଼ି (ଯିବା)—
(going) In a manner without minding whether there is a way; wanderingly.
( ଯଥା—ଲୋକେ ମାଡ଼ ଖାଇ ଛଟପିଟ ହୋଇ ଅମଡ଼ାମଡ଼ା ପଳାଇ ଗଲେ । )

**ଅମଡ଼ାମାଡ଼ିବା**—ଦେ. କ୍ରି—ଅବାଟରେ ଯିବା—
Amaṛāmāṛibā To use an unfrequented
বেরাস্তায় যাওয়া path-way; to wander over waste land.

**ଅମଣ**—ଦେ. ବିଣ—୧ । ଯେଉଁ ପଶୁ ମଣ ହୋଇ ନ ଥାଏ—
Amaṇa 1. Not broken to obedience ( beast )
୨ । ଅଶିକ୍ଷିତ—2. Untrained.
୩ । ଅବାଧ୍ୟ—3. Disobedient.

**ଅମଣଖମଣ**—ଦେ. ବିଣ—୧ । ଉଚ୍ଚନୀଚ; ଅସମାନ—
Amaṇakhamaṇa 1. Not level; undulating.
আবড়াখাবড়া ୨ । ଅସମତଳ ଭୂମି—2. Rough land)
**अबड़ाखबड़ा** ଦେ. ବି—ଅସମତଳ ଭୂମି—
Uneven ground.

**ଅମଣଷ**—ଗ୍ରା. ବି. ଓ ବିଣ. (ସଂ. ଅମନୁଷ୍ୟ)—ଅମନୁଷ୍ୟ (ଦେଖ)
Amaṇasha Amanushya ( See )
মনুষ্যত্বহীন

**ଅମଣଷା**—ଗ୍ରା. ବିଣ—ଅମନୁଷ୍ୟ ( ଦେଖ )
Amaṇashā Amanushya (See)

**ଅମଣା**—ଦେ. ବିଣ—ଅମଣ ( ଦେଖ )
Amaṇā Amaṇa ( See )

**ଣିଆଁ**—ଦେ. ବି.—ଦେବତାଙ୍କ ପାଇଁ ଅଉତ୍ସୃଷ୍ଟ ଅଥଚ
Amaṇiān ଭୋଗ ଲାଗି ନ ଥିବା ଦ୍ରବ୍ୟ—
Any food not yet offered to a Deity.
( ତୁଳନାକର—ଓଡ଼ିଆ—ମୁଣୋହିଁ, ମଣୋଇଁ=ସ୍ୱଜାଆଦିଙ୍କ ଭୋଜନ )
ଦେ. ବିଣ—୧ । ଦେବତାଙ୍କୁ ଭୋଗ ଲାଗି ନ ଥିବା ( ଭକ୍ଷ୍ୟଦ୍ରବ୍ୟ )—
অনিবেদিত 1. Not yet offered to a Deity.
୨ । ଅମଣ ( ଦେଖ )
2. Amaṇa ( See )

**ଅମଣିଷ**—ଗ୍ରା. ବି. ଓ ବିଣ ( ସଂ. ଅମନୁଷ୍ୟ )—ଅମନୁଷ୍ୟ ( ଦେଖ )
Amaṇisha Amanushya ( See )

**ଅମଣିଷା**—ଗ୍ରା. ବିଣ ( ସଂ. ଅମନୁଷ୍ୟ )—ଅମନୁଷ୍ୟ ( ଦେଖ )
Amaṇishā Amanushya ( See )

**ଅମତ**—ସଂ. ବିଣ ( ଅ=ନୁହେଁ+ମତ=ସମ୍ମତ )—
Amata ଅସମ୍ମତ; ବେରାଜି—Unwilling.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଋ | ଊ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଛ |
| ୨ | ଊ | ଊ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ | ଇଅ | ଓ | ନ୍ତୁ |

ସଂ. ବ ( ଅମ୍ ଧାତୁ=ରୁଗଣହେବା+ଭାବ. ତ) —
୧ । ରୋଗ—1. Illness; disease.
୨ । ମୃତ୍ୟୁ—2. Death.
୩ । କାଳ—3. Death personified.
୪ । ( ଅ=ନୁହେ+ମତ=ଇଚ୍ଛା ) ଅନିଚ୍ଛା—
4. Unwillingness.
୫ । ଅସମ୍ମତି—
5. Disagreement; disapproval.

**ଅମତ୍ର**—ସଂ. ବ. (ଅମଧାତୁ=ଭୋଜନ କରିବା+ଅତ୍ର)—
Amatra ୧ । ଭୋଜନ ପାତ୍ର—1. Plate.
୨ । ଜଳ ପାତ୍ର—2. Water pot.

**ଅମଦାନି**—ଦେ. ବ ( ଅ ଆମଦାନି )—୧ । ଆୟ; ଆଦାୟ—
Amadāni 1. Income.
আমদানি ୨ । ବିଦେଶରୁ ଆଗତ ପଣ୍ୟଦ୍ରବ୍ୟ—2. Import.
आमदानि ୩ । ପ୍ରାପ୍ତି—3. Receipt.

**ଅମଧ୍ୟ**—ଗ୍ରା. ବଣ ( ସଂ. ଅ. ଓ. ମଧ୍ୟମ; ଭୁଲ—ଅମେଧ୍ୟ )—
Amadhya ୧ । ମନ୍ଦ—1. Bad.
অমন্দ ୨ । ଅସଙ୍ଗତ—2. Unreasonable.
୩ । ଅନୁଚିତ—3. Improper.
୪ । ଅମେଧ୍ୟ ( ଖାଦ୍ୟ ଦ୍ରବ୍ୟ )—4. Prohibited (food)

**ଅମନ**—ଦେ. ବଣ (ଶରୀରଭେଦ ଗ୍ରନ୍ଥରେ ବ୍ୟବହୃତ ଶବ୍ଦ)—ଯେଉଁଠାକୁ
Amana ମନ ପ୍ରବେଶ କରି ପାରେ ନାହିଁ; ଅଚିନ୍ତ୍ୟନୀୟ—
Incomprehensible; beyond the reach of mind.
ଅମନ ମନ୍ଦିର ସେ ଯେ ନ ଗଳଇ ମନ—ବ୍ରହ୍ମନିରୂପଣଗୀତା ।

**ଅମନଯୋଗ**—ଗ୍ରା. ବ ( ସଂ. ଅମନୋଯୋଗ )—
Amanajoga ଅମନୋଯୋଗ; ମନୋଯୋଗ ବା ଚିତ୍ତ ନିବେଶର
অমনোযোগ ଅଭାବ—Inattention; inadvertence.

**ଅମନଯୋଗୀ**—ଗ୍ରା. ବଣ ( ସଂ. ଅମନୋଯୋଗୀ )—ଅମନୋଯୋଗୀ;
Amanajogi ଯେ କୌଣସି କାର୍ଯ୍ୟରେ ମନୋଯୋଗ ଦିଏ ନାହିଁ—
অমনযোগী Inattentive; unmindful; careless.
अमचत्

**ଅମନସ୍ୟ**—ସଂ. ବ ( ଅ+ମନସ୍ ଧାତୁ+କର୍ମ. ଯ )—
Amanasya ମନୋଦୁଃଖ; ବୈମନସ୍ୟ; ମନୋବେଦନା—
Mental agony; grief.

**ଅମନାତ୍ୟ**—ଗ୍ରା. ପ୍ରାଚୀନ ପଦ୍ୟ. ବ ( ସଂ. ଅମାତ୍ୟ )—ଅମାତ୍ୟ;
Amanātya ମନ୍ତ୍ରୀ; ସଚିବ—Minister.
অমাত্য
ପଛେ ମନ୍ତ୍ରୀ ଅମନାତ୍ୟେ ଦର୍ଶନ କଲେ—ପ୍ରାଚୀ—ନଳଚରିତ ।

**ଅମନି**—ଗ୍ରା. ବଣ. ସ୍ତ୍ରୀ (ସଂ. ଅ. ଓ ମନସ୍)—୧ । ସ୍ୱେଚ୍ଛାଚାରିଣୀ—
Amani 1. Self-willed.
୨ । କୌଣସି କାର୍ଯ୍ୟ କରିବାକୁ ଯେ ସବୁ ଦିନ ମନେ କରେ ନାହିଁ—
2. One who does not ordinarily intend to do a work.
ଅମନି ମାଧବ ମନ କରୁଛ—ଚଗ ।

**ଅମନୁ**—ଗ୍ରା. ବ ( ଭୁଲ—ସଂ. ମନ୍ୟୁ=କ୍ରୋଧ )—
Amanu ୧ । ଅବନି; ଅପଡ଼—1. Enmity.
୨ । ମତଭେଦ—
2. Difference of opinion.

**ଅମନୁଷ୍ୟ**—ସଂ. ବ ( ସଂ. ନ+ମନୁଷ୍ୟ )—
Amanushya ୧ । ମନୁଷ୍ୟତାହୀନ ବ୍ୟକ୍ତି—
1. A person devoid of manliness.
୨ । ପଶୁପ୍ରକୃତିର ବ୍ୟକ୍ତି—2. A bestial person.
୩ । ନୀଚମନା ବ୍ୟକ୍ତି—3. A mean person.
୪ । କ୍ରୂର ବା ଅସୁରସ୍ୱଭାବବିଶିଷ୍ଟ ବ୍ୟକ୍ତି—
4. Cruel or inhumane person.
୫ । ରାକ୍ଷସ—5. Demon.
୬ । ମନୁଷ୍ୟ ଛଡ଼ା ଅନ୍ୟ ଜୀବ—
6. Any other being but man.
ସଂ. ବଣ—୧ । ନିର୍ବୋଧ—1. Stupid.
অমনুষ্যতা ୨ । ନୀଚ; ହୀନ—2. Low; mean; vile.
୩ । ନିଷ୍ଠୁର—3. Cruel; inhumane.
୪ । ମନୁଷ୍ୟତାହୀନ—4. Unmanly

**ଅମନୁଷ୍ୟତା**—ସ. ବ. ( ଅ+ମନୁଷ୍ୟତା )—
Amanushyatā ୧ । ମନୁଷ୍ୟତାର ଅଭାବ; ଅମଣିଷ ପଣ—
1. Want of humanity; want of manliness.
୨ । ନିଷ୍ଠୁରତା—2. Cruelty
୩ । ପାଶବିକତା—3. Bestiality.
୪ । ପୈଶାଚିକତା—4. State of being devilish.
୫ । ନିର୍ବୋଧତା—5. Folly; foolishness.

**ଅମନୋଯୋଗ**—ସ. ବ. ( ଅ+ମନୋଯୋଗ )—ମନଯୋଗ ବା
Amanojoga ଚିତ୍ତନିବେଶର ଅଭାବ—Inattention.

**ଅମନୋଯୋଗୀ**—ସ. ବଣ. ପୁଂ. ( ଅ+ମନଯୋଗିନ୍; ୧ମା. ୧ବ. )—
Amanojogi ଯେ କୌଣସି କର୍ମରେ ଚିତ୍ତନିବେଶ କରେ
(ଅମନୋଯୋଗିନୀ—ସ୍ତ୍ରୀ) ନାହିଁ—Inattentive.
(ଅମନୋଯୋଗିତା—ବ)

**ଅମନ୍ତବ୍ୟ**—ସ. ବଣ. ( ଅ=ନୁହେ+ମନ୍ତବ୍ୟ=ଗ୍ରହଣୀୟ )—
Amantabya ଅଗ୍ରହଣୀୟ—Inadmissible; not recognisable.

**ଅମପା**—ଦେ. ବଣ. ( ଅ=ନୁହେ+ମପା=ପରିମିତ )—
Amapā ୧ । ଯାହା ମାପ ହୋଇ ନ ଥାଏ—
আমাপা 1. Unmeasured.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଙ୍ଗିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ' ଦେଖିବେ ।

ସରସ୍ୱତୀ ଦେଇ ଅମପା ଅପୋଷ ଶୁଦ୍ଧଜଳ ଥଅଏ ଗଢ଼ଳ ଆଣି ହାଣ୍ଡିରେ
ଡାଳ ଦେଲେ—ଫକୀରମୋହନ· ଗଳ୍ପସ୍ୱଳ୍ପ ।

୨ । ଅମାପ ( ଦେଖ )—2. Amāpa ( See )

ଜେଖାଛ ଯେ ଅମପା ମାପିବୁ ବୋଲୁ—ପ୍ରାଚୀ· ପରଦେଶୀତା ।

**ଅମମ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅ=ନାହିଁ+ମମ=ମୋହର— Amama ଏପରି ମନୋଭାବ ଯାହାର )—୧ । ମମତାଶୂନ୍ୟ— 1. Unsympathetic; indifferent.

୨ । ନିର୍ଦ୍ଦୟ; ନିର୍ମମ—2. Unkind.

**ଅମର୍‌ବା**—ପ୍ରାଦେ. ( ଭଦ୍ରି ) କ୍ରି.—ଆସିବା; ପହଞ୍ଚିବା— Amarbā To approach.

**ଅମର**—ସଂ. ବିଣ. ପୁଂ. ( ଅ=ନୁହେ+ମର=ମରଣଶୀଳ )— Amara ୧ । ମରଣଶୂନ୍ୟ—1. Undying; immortal.
(ଅମରୀ—ସ୍ତ୍ରୀ) ୨ । ବିନାଶରହିତ—2. Indestructible;
(ଅମରତା—ବି) not subject to death.

୩ । ଚିରସ୍ମରଣୀୟ—
3. Ever to be remembered; memorable.

ସଂ. ବି.—୧ । ଦେବତା—1. Gods; the immortals.

ଅମର ସକଳ ନାଥ ଅଟେ ବସୁନ୍ଧରା
ଆମ୍ଭେ କପାଁ ନାଶ ଯିବା ଶମ୍ଭୁ ଦୋଷ ଧରି—ସାରଳାମହାଭାରତ·ମଧ୍ୟ ।

୨ । ବିକ୍ରମାଦିତ୍ୟଙ୍କ ନବରତ୍ନ ମଧ୍ୟରୁ ଏକତମ—ଅମରସିଂହ କବି—2. A poet of that name.
[ ଦ୍ର—ଏ ବୌଦ୍ଧ ଥିଲେ ଏବଂ ସଂସ୍କୃତ ପଦ୍ୟରେ ଅଭିଧାନ ରଚନା କରିଅଛନ୍ତି । ତାଙ୍କ ଗ୍ରନ୍ଥର ନାମ—ଅମରକୋଷ । ]

୩ । ପାରଦ—3. Mercury.

**ଅମରଅଶନ**—ଦେ. ବି. ( ସଂ. ଅମରାଶନ=ଦେବତାଙ୍କ ଭୋଜନ; Amaraaśana ୬ଷ୍ଠୀ ତତ୍ )—ଅମୃତ; ସୁଧା—Nectar.

ଅମରଅଶନ ମଧ୍ୟ ମଣ୍ଡନ କରେଳ ଉଚଳ କରଇ ମନ—
ଚଣ୍ଡୀ ପ୍ରେମସୁଧାନିଧି. ।

**ଅମରକଣ୍ଟକ**—ସଂ. ବି. ( ନାମ )—ବିନ୍ଧ୍ୟପର୍ବତମାଳାର ଏକାଂଶ— Amarakanṭaka A portion of the Bindhya range.

**ଅମରକୋଷ**—ସଂ. ବି. ( ମଧ୍ୟପଦଲୋପୀ; ଅମରକୃତ କୋଷ )—କବି Amarakosha ଅମରସିଂହଙ୍କ କୃତ ସଂସ୍କୃତ ଅଭିଧାନ—The Sanskrit glossary ( dictionary ) of Amara.

**ଅମରଗୁରୁ**—ସଂ. ବି. ( ୬ଷ୍ଠୀ ତତ୍; ଅମର+ଗୁରୁ )—ଦେବଗୁରୁ- Amaraguru ବୃହସ୍ପତି—Sage Bruhaspati, the preceptor of the gods.

ଅମର ଗୁରୁମାନେ ନେଇ,ସୁରଭୂପତି କଣ୍ଠେ ଦେଇ—
ଭୂପତି—ପ୍ରେମପଞ୍ଚାମୃତ ।

**ଅମରଜଡ଼ା**—ପ୍ରାଦେ. ( ଅଳ ) ବି—ବାଇଗଣ ( ଦେଖ ) Amarajarḍā Bāigaṇa ( See )

**ଅମରଜାଦା**—ଗ୍ରା. ବି. ( ସଂ. ଅମର୍ଯ୍ୟାଦା )—ମର୍ଯ୍ୟାଦା ବା ସମ୍ମାନର Amarajādā ଅଭାବ—Want of respect.
ଅମର୍ଯ୍ୟାଦା ଗ୍ରା. ବିଣ—ମର୍ଯ୍ୟାଦାହୀନ—Honourless.

**ଅମରଜେଦା**—ଗ୍ରା. ବି. ଓ ବିଣ—ଅମରଜାଦା ( ଦେଖ ) Amarajedā Amarajādā ( See )

**ଅମରତା**—ସଂ. ବି. ( ଅମର+ତା )—ମରଣଶୂନ୍ୟତା— Amaratā Immortality.

**ଅମରଦାରୁ**—ସଂ. ବି. ( ବୈଦ୍ୟକ )—ଦେବଦାରୁ ( ଦେଖ ) Amaradāru Debadāru ( See )

**ଅମରଦୃଷ୍ଟି**—ସଂ. ବି. ( ଅମର=ଦେବତା+ଦୃଷ୍ଟି; ଦେବତାଙ୍କ ଦୃଷ୍ଟି Amaradruṣhṭi ପଲକହୀନ ଅଟେ)—ପଲକହୀନ ବା ନିର୍ନିମେଷ ଦୃଷ୍ଟି—Steady gaze.

**ଅମରଦ୍ୱିଜ**—ସଂ. ବି· ( ମଧ୍ୟପଦଲୋପୀ; ଅମରପୂଜକ ଦ୍ୱିଜ )—ପୂଜାହାରୀ Amaradwija ବ୍ରାହ୍ମଣ; ସେବକ ବ୍ରାହ୍ମଣ—Temple-priest; a Brāhmaṇa of the pandā class.

**ଅମରପାତନା**—ପ୍ରାଦେ ( ପୁରୀ; କଟକ ) ବି.—ପ୍ରସବ ପରେ ପ୍ରସୂତାର Amarapātanā ଫୁଲ ନ ପଡ଼ିବା—Delay in the placenta coming out of the womb after delivery.

**ଅମରପୁର**—ସଂ. ବି.—ସ୍ୱର୍ଗ—Heaven.
Amarapura ଦେ. ବି.—ଆକାଶ—Sky; firmament.

ଏଥୁ ଅନନ୍ତରେ ହୋଏ ଦିବସ ଶେଷ
ଲୋହିତ ଅମରପୁର ସକଳ ଦେଶ—ଶିଶୁଶଙ୍କର·ଉଷାଭିଳାଷ· ୪।୩ ।

**ଅମରପୁରୀ**—ସଂ. ବି. ( ୬ଷ୍ଠୀ ତତ୍ )—ଅମରାବତୀ ( ଦେଖ ) Amarapurī Amarābatī ( See )

**ଅମରପୁଷ୍ପକ**—ସଂ. ବି. ( ବହୁବ୍ରୀହି; ଅମର=ଅବଶୀର୍ଣ୍ଣ+ପୁଷ୍ପ=ଫୁଲ Amarapushpaka +କ )—୧ । କଳ୍ପବୃକ୍ଷ— 1. The everlasting tree of Heaven.

୨ । କାଶତୃଣ (ଦେଖ)—2. The kāśa-grass(See).

**ଅମରପୋଇ**—ଦେ ବି. ( ସଂ. ଅମର+ପୂତିକା )— Amarapoi ୧ । ସିଜୁଜାତୀୟ ଏକପ୍ରକାର ଗୁଳ୍ମ— 1. A kind of Cactus.

୨ । ଫୁଟିଫୁଟିକା ( ଦେଖ )—
2. Phuṭiphuṭikā ( See )

**ଅମରବର**—ଦେ. ବି. ( ଅମର=ଚିରଜୀବୀ+ବର )—ମୃତ୍ୟୁ ହେବ Amarabara ନାହିଁ ବୋଲି କୌଣସି ବ୍ୟକ୍ତି ଦେବତାଙ୍କ ଠାରୁ ପାଇଥିବା ବର—The boon of immortality granted by the gods to a person.

**ଅମରବଲ୍ଲରୀ**—ସଂ. ବି.—ଆକାଶବଲ୍ଲୀ ( ଦେଖ ) Amaraballarī Ākāśaballī ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇସ୍ | ଡ୍ଅ | ଲ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ | ଯ | ସ | ଙ୍ଗ | ଇଅ | ଓ | ନ୍ତ |

**ଅମରବଲ୍ଲୀ**—ସଂ. ବ.- ଆକାଶବଲ୍ଲୀ ( ଦେଖ )
Amaraballi Ākāsaballi ( See )

**ଅମରବେଲ**—ଦେ. ବ.—( ସଂ. ଅମରବଲ୍ଲୀ )—
Amarabela ଆକାଶବଲ୍ଲୀ ( ଦେଖ )
অমরবেল Ākāsaball ( See )
**अमरबेल**

**ଅମରମଉଷଧି**—ଗ୍ରା. ବ.—ଅମରମହୌଷଧି ( ଦେଖ )
Amaramaushadhi Amaramahaushadhi (See)

**ଅମରମତା**—ଗ୍ରା. ବଣ. ( ଅମଳ = ମତ୍ତ )—
Amaramatā ୧ । ନିଶା ଖାଇଲା ପରି ଉନ୍ମତ୍ତ—
1. Maddened as if by drink; intoxicated.
୨ । କାମୋନ୍ମତ୍ତ—2. Maddened with lust.
୩ । ଅତି ଦୁର୍ଦ୍ଦାନ୍ତ—
3 Very wicked; wanton.
ଗ୍ରା. ବ—ଦୁର୍ଦ୍ଦାନ୍ତପଣ—Wantonness.

**ଅମରମହୌଷଧି**—ସଂ. ବ. ( ମଧ୍ୟପଦଲୋପୀ )—୧ । ଅମୃତ—
Amaramahaushadhi 1. Nectar; the elixir of life.
୨ । ମୃତ ବ୍ୟକ୍ତିଙ୍କୁ ବଞ୍ଚାଇପାରିବା ଔଷଧିବୃକ୍ଷବିଶେଷ; ବିଶଲ୍ୟକରଣୀ—1. A plant said to revive a dead person.
[ ଦ୍ର—୧ । ଲଙ୍କାରେ ଲକ୍ଷ୍ମଣଙ୍କର ଶକ୍ତିଭେଦ ହେବାରୁ ହନୁମାନ ଗନ୍ଧମାଦନ ପର୍ବତକୁ ମୁଣ୍ଡରେ ବୋହି ଲଙ୍କାକୁ ନେଇ ଆସିଲେ । ଜାଳ କପି କହିଲେ ପର୍ବତରେ ଥିବା ଅମରମହୌଷଧ ବାଛି ଆଣି ଲକ୍ଷ୍ମଣଙ୍କଠାରେ ପ୍ରୟୋଗ କରିବାରୁ ଲକ୍ଷ୍ମଣ ବଞ୍ଚି ଉଠିଲେ ।
୨ । ଲୋକବିଶ୍ୱାସ ଯେ ନେଉଳ ସାପକୁ ଛେଦ ଗଡ଼ କରି କାଟି ମଝିଗଡ଼କୁ ଖାଇ ବାକି ଦୁଇଗଡ଼କୁ ଯୋଡ଼ ଦେଇ ଯୋଡ଼ସ୍ଥାନରେ ଅମରମହୌଷଧ ଆଣି ଲଗାଇ ଦିଏ ଏବଂ ସାପ ଜୀଇ ଉଠେ । ]

**ଅମରମୌଷଧି**—ଗ୍ରା. ବ—ଅମରମହୌଷଧି ( ଦେଖ )
Amaramaushadhi Amaramahaushadhi (See)
**अमियमुरि**

ଅର୍ଜୁନ ବୋଇଲେ ଦେବ କ୍ରୋଧ କର ସ୍ଥିର
ଅମରମୌଷଧି ଅଛି ଜାଣ ମୋହଠାର ।
ସାରଳା ମହାଭାରତ. ମଧ୍ୟ ।

**ଅମରଷ**—ଗ୍ରା. ପଦ୍ୟ. ବ. ( ସଂ. ଅମର୍ଷ )—ଅମର୍ଷ ( ଦେଖ )
Amarasha Amarsha ( See )

ରତ ରତ୍ନ ଭଣ୍ଡାରକୁ କୃର ନାହିଁ ବାଳା
ତହିଁ ଅମରଷ ଅକ କବା ଉପୁଜଇ ।
ଉପେ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ୩୩।୬୭ ।

**ଅମରସ୍ତ୍ରୀ**—ସଂ. ବ. ( ୬ଷ୍ଠୀ ତତ୍; ଅମର + ସ୍ତ୍ରୀ )—ଦେବସ୍ତ୍ରୀ; ଅପ୍ସରା —
Amarastri A celestial nymph.

**ଅମରା**—ସଂ. ବଣ. ସ୍ତ୍ରୀ. ( ଅମର + ସ୍ତ୍ରୀ. ଆ )—'ଅମର'ର ସ୍ତ୍ରୀଲିଙ୍ଗ—
Amarā Feminine of Amara.
ସଂ. ବ. ସ୍ତ୍ରୀ—୧ । ଦେବପୁରୀ; ଇନ୍ଦ୍ରପୁରୀ—
1. The place of Indra.
୨ । ( ବୈଦ୍ୟକ ) ଦୁବ—2. Dūba grass
୩ । ଗୁଳୁଚ—3. A creeper.
୪ । ବରଗଛ—4. Banian tree.
୫ । ଘିଉଆସ୍ତୀ—5. A bush.
୬ । ବିଛୁଆତି—6. The stinging nettle.
୭ । ଜରାୟୁ—7. Uterus.
ଦେ. ବ. ସ୍ତ୍ରୀ—ଦେବତା—Deity.

ପ୍ରଥମେ ଅମରାଗଣରେ—ହିତାସେ ଅବତାରଙ୍କର ।
ପ୍ରାଚୀ—ପୂର୍ଣ୍ଣତମଚନ୍ଦ୍ରୋଦୟ ।

**ଅମରାଙ୍ଗନା**—ସଂ. ବ. ( ମଧ୍ୟପଦଲୋପୀ; ଅମରା + ଅଙ୍ଗନା )—
Amarāṅganā ଇନ୍ଦ୍ରପୁରୀରେ ଥିବା ସ୍ତ୍ରୀ; ଅପ୍ସରା—
Heavenly nymph.

**ଅମରାଦ୍ରି**—ସଂ. ବ. ( ମଧ୍ୟପଦଲୋପୀ; ଅମର = ଦେବତା + ଅଦ୍ରି = ପର୍ବତ )—ଅମରମାନଙ୍କ ଅଧ୍ୟୁଷିତ ପର୍ବତ; ସୁମେରୁ
Amarādri
ପର୍ବତ—The Sumeru mountain of Hindu mythology

**ଅମରାପୁରୀ**—ଦେ. ବ. ( ସଂ. ଅମରପୁରୀ )—ଅମରାବତୀ ( ଦେଖ )
Amarāpuri Amarābati ( See )

**ଅମରାବତୀ**—ସଂ. ବ. ( ଅମର + ଅସ୍ତି ଅର୍ଥରେ; ବତ୍ + ସ୍ତ୍ରୀ. ଈ )—
Amarābati ସ୍ୱର୍ଗର ରାଜଧାନୀ; ଇନ୍ଦ୍ରପୁରୀ; ବୈଜୟନ୍ତପୁରୀ—
The place of Indra; the place of the gods in heaven.

**ଅମରାବତୀକଟକ**—ଦେ. ବ. (ନାମ)—କଟକ ଜିଲ୍ଲାର ଦର୍ପଣୀ ଥାନା
Amarābatikaṭaka ଅନ୍ତର୍ଗତ ଛତିଆ ଗ୍ରାମ ନିକଟବର୍ତ୍ତୀ
ପାହାଡ଼—A hill near village Chhatia, Cuttack district.
[ ଦ୍ର—ଏହି ପାହାଡ଼ ଉପରେ ଅଳ୍ପଦୂରରେ ଗୁମ୍ଫା ଅଛି ଓ ପାହାଡ଼ତଳ ସ୍ଥାନର ନାମ ଅମରାବତୀକଟକ । ଏ ପାହାଡ଼ରେ ପ୍ରାଚୀନ ବୌଦ୍ଧ କୀର୍ତ୍ତିର କେତେକ ଭଗ୍ନାବଶେଷ ଅଛି । ]

**ଅମରାଳୟ**—ସଂ. ବ. ( ୬ଷ୍ଠୀ ତତ୍; ଅମର + ଆଳୟ )—ସ୍ୱର୍ଗ—
Amarālaya Heaven; the abode of the gods.

**ଅମରିବା**—ପ୍ରାଦେ. (ସମ୍ବଲପୁର) କି.—ପହଞ୍ଚିବା—
Amaribā To reach; to arrive at.

**ଅମରିଷ**—ଗ୍ରା. ପ୍ରାଚୀନ ପଦ୍ୟ. ବ. (ସଂ. ଅମର୍ଷ)—
Amarisha ୧ । କ୍ରୋଧ—1. Anger.
୨ । ଅଧୈର୍ଯ୍ୟ—2. Impatience.
୩ । ପରଶ୍ରୀକାତରତା—3. Envy.
୪ । ଅସୌହୃଦ; ଈର୍ଷା—4. Malice; spite.

> ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗୀ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଗ୍ରା. ବିଣ.—୧ । କ୍ରୁଦ୍ଧ—1. Angry.

ଏବେ ଶୁଣିବା କରେ ଅପୂର୍ବ ରସ
ଏକଦିନେ ରାମ ବସି ଅମରଷ । ପ୍ରାଚୀ; ନଳଚରିତ ।

୨ । ଅସହିଷ୍ଣୁ; ଅଧୀର—2. Impatient.

ବଷ୍ଟୁ କଅନେ ଅମରଷ; ଯାହାର ମନ ନୁହେ ବଶ ।
ପ୍ରାଚୀ—ନିର୍ଗୁଣମାହାତ୍ମ୍ୟ ।

୩ । ପରଶ୍ରୀକାତର—3. Envious.

ପାଣ୍ଡବେ ଦୁର୍ଯ୍ୟୋଧନ ବହୁତ ଅମରଷ । ସାରଳାମହାଭାରତ ।

୪ । ଈର୍ଷାପର—4. Spiteful; malicious.

୫ । ଅସହ୍ୟ—5. Unbearable.

**ଅମରୀ**—ସଂ. ବି. (ଅମର+ସ୍ତ୍ରୀ. ଈ.)=ଅମରା (ଦେଖ)
**Amari** Amarā (See)

ଦେ. ବି.—୧ । ଅପ୍ସରା; ସ୍ୱର୍ଗବେଶ୍ୟା—
1. Heavenly nymph.

୨ । ଦେବୀ; ସ୍ତ୍ରୀ ଦେବତା—2. Goddess.

[ ଦ୍ର—ସଂସ୍କୃତରେ 'ଅମର' ଶବ୍ଦର ସ୍ତ୍ରୀଲିଙ୍ଗ 'ଅମରା'ର ଅର୍ଥ ଇନ୍ଦ୍ରସଭା; 'ଅମର' ଶବ୍ଦର ସ୍ତ୍ରୀଲିଙ୍ଗ ଈକାର 'ଅମରୀ'ର ଅର୍ଥ 'ଦେବୀ' ବା 'ଦେବ ସ୍ତ୍ରୀ' ବୋଲି ଆପ୍ଟେ, ମନିଅର୍ ଉଇଲିୟମ୍ସ, ପ୍ରକୃତିବାଦ-ଆଦି ଅଭିଧାନରେ ମିଳୁ ନାହିଁ; କିନ୍ତୁ ଭାଷାରେ 'ଦେବୀ' ଓ 'ଅପ୍ସରା' ଅର୍ଥରେ 'ଅମରୀ' ଶବ୍ଦର ବ୍ୟବହାର ଦେଖାଯାଏ—

"ଗ୍ରୀମୀକର ଗୃହୁ ଶିଖିମଣି ସେ କେଉଁ ଅମରୀ—ଗୃହିଁ ନାହିଁ ଦିନେ ମୋ ନୟନ ।
କବିସୂର୍ଯ୍ୟ—କଳଶୋଭିତମ୍ ତ ଗୀତ ।

ସଂସ୍କୃତରେ ମଧ୍ୟ ଗୋଟିଏ ସ୍ତୋତ୍ରରେ "ଅମରୀ କବରୀଭାର-ଭ୍ରମରୀମୁଖରୀକୃତଂ । ଦୂରୀକରୋତୁ ଦୁଷ୍କୃତଂ ଦୁର୍ଗାଚରଣପଙ୍କଜଂ" 'ଅମରୀ' ଏହି ଅର୍ଥରେ ବ୍ୟବହୃତ ହୋଇଅଛି ।]

୩ । ଅମାରୀ (ଦେଖ)
3. Amāri (See)

**ଅମରୀନାରୀ**—ଦେ. ବି. (ସଂ. ଅମର+ନାରୀ)—ଅପ୍ସରା—
**Amarinārī** A heavenly nymph.

**ଅମରେନ୍ଦ୍ର**—ସଂ. ବି. (୬ଷ୍ଠୀ ତତ୍; ଅମର+ଇନ୍ଦ୍ର=ରାଜା)—
**Amarendra** ଦେବରାଜ ଇନ୍ଦ୍ର—Indra; the king of the gods.

ଦେ. ବି. ପୁଂ.—ପୁରୁଷଙ୍କ ନାମବିଶେଷ—
A name given to males.

**ଅମରେଶ**—ସଂ. ବି. (ଅମର+ଈଶ=ଈଶ୍ୱର)—୧ । ଶିବ—
**Amareśa** 1. God Śiba.

୨ । ଦେବରାଜ; ଅମରେନ୍ଦ୍ର—2. Indra.

ଦେ. ବି—ଶିବବିଗ୍ରହବିଶେଷ—
Name of an idol of Śiba.

**ଅମରେଶ୍ୱର**—ସଂ. ବି. ( ଅମର+ଈଶ୍ୱର )—ଅମରେଶ ( ଦେଖ )
**Amareśwara** Amareśa (See)

**ଅମର୍କ**—ସଂ. ବି. ( ନାମ )—ଶୁକ୍ରାଚାର୍ଯ୍ୟଙ୍କର ପୁତ୍ର—
**Amarka** Name of a son of Śukra.

ଶୁକ୍ରର ସୁତବେନି ଭାଇ; ଶଣ୍ଡ ଅମର୍କ ନାମ ଦୁଇ । ଜଗନ୍ନାଥ- ଭାଗବତ ।

**ଅମର୍ତ୍ତ୍ୟ**—ସଂ. ବି. ( ଅ+ମର୍ତ୍ତ୍ୟ; ଯେ ମର୍ତ୍ତ୍ୟ ବା ମରଣଶୀଳ ନୁହନ୍ତି;
**Amarttya** ତୁଳ; ଲାଟିନ୍-ଇମର୍ଟାଲିସ୍; ଗ୍ରୀକ—ଆମ୍ବ୍ରୋଟସ୍; ଇଂ ଇମ୍ମର୍ଟାଲସ୍ )—
ଦେବ—Deity; a god.

ସଂ. ବିଣ—୧ । ଅମର—1. Immortal.

୨ । ସ୍ୱର୍ଗୀୟ—2. Heavenly.

**ଅମର୍ଯ୍ୟାଦ**—ସଂ. ବିଣ. ପୁଂ ( ବହୁବ୍ରୀହି; ଅ+ମର୍ଯ୍ୟାଦା )—
**Amarjyāda** ୧ । ମର୍ଯ୍ୟାଦାହୀନ—
(ଅମର୍ଯ୍ୟାଦା—ସ୍ତ୍ରୀ) 1. Having no respect.

୨ । ଯେ ଗୁରୁ ଆଦିଙ୍କୁ ସମ୍ମାନ ଦିଏ ନାହିଁ—
2. Not showing respect to one's elders.

ନାସ୍ତିକ କ୍ରୂର ପାପୀ ଅମର୍ଯ୍ୟାଦଙ୍କର
ସଙ୍ଗ ଛାଡ଼ି ଦେବ ଯେ ହେବ ସାଧୁ ନର । କୃଷ୍ଣସିଂହ. ମହାଭାରତ. ବନ ।

୩ । ଅସମ୍ମାନିତ—3. Unhonoured.

୪ । ଅପମାନିତ—4. Dishonoured; insulted.

**ଅମର୍ଯ୍ୟାଦା**—ସଂ. ବି. ( ଅ+ମର୍ଯ୍ୟାଦା )—
**Amarjyādā** ୧ । ମର୍ଯ୍ୟାଦାର ଅଭାବ—
1. Want of respect.

୨ । ଅନାଦର—2. Disregard.

୩ । ଅପମାନ—3. Insult.

ସଂ. ବିଣ. ସ୍ତ୍ରୀ—'ଅମର୍ଯ୍ୟାଦ'ର ସ୍ତ୍ରୀ ଲିଙ୍ଗ—
Feminine of Amarjyāda.

ଦେ. ବିଣ. ( ସଂ. ଅମର୍ଯ୍ୟାଦ )—୧ । ମର୍ଯ୍ୟାଦାଶୂନ୍ୟ—
1. Dishonoured.

୨ । ହୀନ; ନୀଚ—2. Low; mean.

ଏଣୁ ଅମର୍ଯ୍ୟାଦା କଥା ଭୁ କହୁଛୁ । କୃଷ୍ଣସିଂହ. ମହାଭାରତ. ଉଦ୍ୟୋଗ ।

**ଅମର୍ଷ**—ସଂ. ବି. ( ଅ+ମୃଷ ଧାତୁ=କ୍ଷମା କରିବା+ଭାବ. ଅ )—
**Amarsha** ୧ । କ୍ଷମାର ଅଭାବ—
1. Want of forgiveness.

୨ । କ୍ରୋଧ; ରାଗ—2. Anger.

୩ । ଅସହିଷ୍ଣୁତା—3. Want of forbearance.

୪ । ଅଧୈର୍ଯ୍ୟ—4. Impatience.

**ଅମର୍ଷଣ**—ସଂ. ବି. ( ଅ+ମୃଷ ଧାତୁ=କ୍ଷମା କରିବା+ଭାବ. ଅନ )—
**Amarshaṇa** ଅମର୍ଷ ( ଦେଖ )
(ଅମର୍ଷଣା—ସ୍ତ୍ରୀ) Amarsha ( See )

ସଂ. ବିଣ. ପୁଂ—୧ । କ୍ରୋଧନସ୍ୱଭାବ—
1. Of an angry temperament.

୨ । କ୍ଷମାହୀନ; ଅକ୍ଷମ—2. Unforgiving.

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଉଚ୍ଛ୍ୱ | ଡ୍ଢ | ତ୍ଥ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଞ୍ଚ | ନ୍ |

**ଅମର୍ଷପରାୟଣ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅମର୍ଷ+ପର+ଅୟନ )—
Amarshaparāyaṇa କୋପନସ୍ୱଭାବ—Irritable.
( ଅମର୍ଷପରାୟଣା—ସ୍ତ୍ରୀ )

**ଅମର୍ଷିତ**—ସଂ. ବିଣ. ପୁଂ. ( ଅମର୍ଷ+ଯୁକ୍ତ ଅର୍ଥରେ. ଇତ )—
Amarshita କ୍ରୁଦ୍ଧ—Angry.
( ଅମର୍ଷିତା—ସ୍ତ୍ରୀ )

**ଅମର୍ଷୀ**—ସଂ. ବିଣ. ପୁଂ. ( ଅମର୍ଷ+ଅସ୍ତି ଅର୍ଥରେ. ଇନ୍; ୧ମା. ୧ବ.)—
Amarshī କୋପନସ୍ୱଭାବ; ଚଞ୍ଚଳ—Irritable.
(ଅମର୍ଷିଣୀ—ସ୍ତ୍ରୀ) ଦେ. ବିଣ. ପୁଂ—ରାଧାନାଥଙ୍କ ମହାଯାତ୍ରା ବର୍ଣ୍ଣିତ ଆର୍ଯ୍ୟଯୋଦ୍ଧାବିଶେଷ—Name of a warrior described by the poet Rādhānātha

ଏ ସ୍ଥାନ ମନ୍ତ୍ରଣା ଶୁଣି ବୋଲନ୍ତେ ଆର୍ଯ୍ୟମଣି,
ଅମର୍ଷୀ ସବୋଧ୍ୟ ତାଙ୍କୁ ସବୋଧି ବାହିନୀ
କହିଲେ ଏସନ ବୀର ବୀରେନ୍ଦ୍ରିତ ବିଦେ ।

ରାଧାନାଥ. ମହାଯାତ୍ରା ।

**ଅମଳ**—ସଂ. ବିଣ ( ବହୁବ୍ରୀହି; ଅ=ନାହିଁ+ମଳ=ମଇଳା )—
Amaḻa ନିର୍ମ୍ମଳ; ନିଷ୍କଳଙ୍କ—Stainless; clean; pure;
(ଅମଳା—ସ୍ତ୍ରୀ) spotless.
ସଂ. ବି—ମେଘନାଲ; ଅଭ୍ର—Mica; talc.
ବୈଦେ. ( ଆ. ଅମଲ୍ ) ବି—୧ । ଜୀବିତକାଳ—
আমল 1. Time; life-time
अमल ୨ । ରାଜତ୍ୱକାଳ—2. Reign.
୩ । ନିଶା; ମାଦକଦ୍ରବ୍ୟ—3. Intoxicating drug.

ଖାଇ ଦେଇ କି ଅମଲ ଅଚେତା ହୋଇଲୁ ରେ
କବିସୂର୍ଯ୍ୟ ବଳଦେବ ଚମ୍ପୂ. ଖ ଗୀତ ।

୪ । ମାଦକ ଦ୍ରବ୍ୟ ସେବନ କରିବା ଅଭ୍ୟାସ—
4. Drug-habit.
୫ । ଅଭ୍ୟାସ—5. Habit.
୬ । ଅଧିକାର—6. Authority.
୭ । ଆଧିପତ୍ୟ—7 Supremacy.
୮ । ସମୟ—8. Time
୯ । ( ରାଜ୍ୟାଦି ) ଦଖଲ—
9. Taking possession (of a country)

ବରଗୀ ଓଡ଼ିଶା କଲେ ଅମଳ; ସରବସ୍ୱ ଦେଇଥିଲେ ଭୂପାଳ ।
ବ୍ରଜନାଥ—ସମରତରଙ୍ଗ ।

ଦେ. ବି—ଧାନ ଆଦି ଶସ୍ୟକୁ କେଣ୍ଡାରୁ ( ବେଙ୍ଗଲା ପକାଇ ବା ବାଡ଼େଇ ) ପୃଥକ୍ କରିବା କର୍ମ—
Garnering of grain.
ଗ୍ରା. ବି ( ସଂ. ଅମ୍ଳ )—ଅମ୍ଳ; ଅଜୀର୍ଣ୍ଣ ଯୋଗୁଁ ଶରୀରରେ
अम्बल ଅମ୍ଳାଧିକ୍ୟ—Acidity in the system.

**ଅମଳକରିବା**—ଦେ. କ୍ରି—୧ । କ୍ଷେତରୁ କଟା ହୋଇ ଆସିଥିବା ଧାନ-
Amaḻakaribā ହିଲାରୁ ବେଙ୍ଗଲା ପକାଇବା ବା ଗୋଡ଼ରେ
আমলকরা ମର୍ଦ୍ଦିବା ଦ୍ୱାରା ଶସ୍ୟ ପୃଥକ୍ କରିବା—1. To garner
अमलकरना corn from sheaves.

ଖଳା କରି ଗ୍ରାମ ସୀମାରେ ଧାନ ଅମଳ କରି—
ମଧୁସୂଦନ .ଛନ୍ଦମାଳା. ୧ମ

୨ । ଭୋଗ କରିବା; ରାଜତ୍ୱ କାଳରେ ବଞ୍ଚିବା—
2. To live during the reign of.
(ଯଥା—ମୁଁ ପୁରୀ ରାଜାଙ୍କ ତିନି ପୁରୁଷ ଅମଳ କଲି ।)
୩ । ଅଙ୍ଗେ ନିଭାଇବା; ଅନୁଭବ କରିବା—
3. To enjoy; to experience.
୪ । ନିଶାକୁ ଅଭ୍ୟାସରେ ପରିଣତ କରିବା—
4. To form a drug-habit.
(ଯଥା—ସେ ଅଫିମ ଭାଙ୍ଗ ଅମଲ କଲା ଦିନୁଁ ଅସ୍ତେ ଅସ୍ତେ ବଳ ବାଡ଼ି ବିକଲା ।)

**ଅମଳକଶିଳା**—ଦେ. ବି. ( ଆମଳକ+ଶିଳା )—
Amaḻakaśiḻā ଅଁଳା ୩. ( ଦେଖ )
Aañḻā. 3. ( See)

**ଅମଲଖିଆ**—ଦେ. ବି ( ଆ. ଅମଲ୍+ସଂ. ଖାଦ ଧାତୁ )—
Amaḻakhiā ନିଶା ଖାଇବା—
নেশাখাওয়া Taking of intoxicating drugs.
ଦେ. ବିଣ—ଯେ ନିଶା ଖାଏ; ନିଶାଖୋର୍—
Addicted to intoxicating drugs.
নেশাখোর

ନିୟମ କରି ନ ପାଳଇ ଯାହା କି ଅମଲଖିଆ କରଇ ତାହା ।
କବିସୂର୍ଯ୍ୟ—ସଙ୍ଗୀତ ।

**ଅମଳଣ**—ଗ୍ରା. ବିଣ ( ସଂ. ଅମ୍ଳାନ; ଅମଳିନ )—
Amaḻaṇa ୧ । ଅମ୍ଳାନ—1. Stainless.
୨ । ଅମଳିନ—2. Clean; untarnished.
୩ । ସର୍ବଦା ଶୁଦ୍ଧ—3. Ever pure.
୪ । ଯେ ମଉଳେ ନାହିଁ—4. Never-fading.
୫ । ନିଷ୍ପାପ—5. Sinless.

**ଅମଳଣବସ୍ତ୍ର**—ଗ୍ରା. ବି ( ସଂ. ଅମ୍ଳାନବସ୍ତ୍ର )—ପଟ୍ଟବସ୍ତ୍ର; ପାଟଲୁଗା; ମଠା,
Amaḻaṇabastra ମକୁଟା ପ୍ରଭୃତି ଲୁଗା—Silk-cloth.

**ଅମଳଦାମଳ**—ଦେ. ବି ( ସହଚର; ୨ୟ ଶବ୍ଦ ନିରର୍ଥକ )—
Amaḻadāmaḻa ଧାନ ଆଦି ଅମଳ କରିବାର ବିବିଧ
अमलदामल ପ୍ରକ୍ରିୟା—
Various processes of garnering grain.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ଼' ନ ମିଳିଲେ 'ଗାଢ଼' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଂଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅନ୍ଧା' ନ ପାଇଲେ 'ଅନ୍ଧା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅମଲଦାରୀ**— ବୈଦେ ( ଅ ) ବି—
maladārī ୧ । ରାଜତ୍ୱକାଳ—1. Reign.
আমলদারী ୨ । ଜୀବିତକାଳ—2. Life-time.
अमलदारी ୩ । ସମୟ—3. Time.
୪ । ଅଧିକାର ସମୟ—
4. Time of exercise of authority.

**ଅମଲନ**(ଇତ୍ୟାଦି)—ଗ୍ରା. ବି.— ଅମଲଣ ଇତ୍ୟାଦି (ଦେଖ)—
Amalana etc. Amalaṇa etc ( See )

**ଅମଲନାମା**—ବୈଦେ. ବି (ଅ. ଅମଲ୍=ଅଧିକାର+ଫା. ନାମା=ପତ୍ର; ଲେଖ)—
Amalanāmā
আমলনামা ଆଦେଶପତ୍ର—
अमलनामा A written order.

**ଅମଲପାଣି**—ଦେ. ବି ( ସଦ୍ଧର )—
Amalapāṇi ନିଶାପାଣି—
আমলপানি Intoxicating drink; toddy;
अमलपानि brandy; liquor.

**ଅମଲପିତ**—ଗ୍ରା. ବି ( ସଂ. ଅମ୍ଳପିତ୍ତ)—
Amalapita ଚର୍ମରୋଗବିଶେଷ; ଗରମି ରୋଗର
অম্লপিত্ত; আমবাত ମଧ୍ୟମାବସ୍ଥା—A kind of skin eruption; secondary syphilis.

**ଅମଲପିତି**—ଗ୍ରା. ବି.—ଅମଲପିତ ( ଦେଖ )
Amalapiti Amalapita ( See )

**ଅମଲଲାଗି**—ଦେ. ବି—ନିଶାର ଆକ୍ରମଣ ବା ଉଦ୍ରେକ—
Amalalāgi Intoxication; state of being intoxicated.

ଚଳାଇବା ପଦ ଜାମ, ଅମଲଲାଗିରୁ ଶ୍ୟାମ ନଳିନନୟନେ ଲାଳ ବହୁଲ ରେ ।
ନବସୂର୍ଯ୍ୟ—ଉପେନ୍ଦ୍ର ଭଞ୍ଜ—୨ ଗୀତ ।

**ଅମଲା**—ସଂ. ବି. ସ୍ତ୍ରୀ( ଅମଲ+ସ୍ତ୍ରୀ. ଆ )—
Amalā ୧ । ଲକ୍ଷ୍ମୀ—
আমলা 1. Goddess Lakshmi
୨ । ଭୁଇଁଅଁଳା—
2. A medicinal plant.
ସଂ. ବିଣ. ସ୍ତ୍ରୀ—ଅମଲର ସ୍ତ୍ରୀଲିଙ୍ଗ—
Feminine of Amala.
ପ୍ରାଦେ. ( ସିଂହଭୂମ ) ବି—ଅମଲା—
Official staff; ministerial officers

**ଅମଲା**—ବୈଦେ. ବି (ଫା. ଅମଲ୍ହ)—ନିମ୍ନଶ୍ରେଣୀର କର୍ମଚାରୀ—
Amalā Amlah; one of the clerical or
আমলা ministerial staff of a court; clerk.
अमला [ଦ୍ର—ଏହି ଫାରସି ଶବ୍ଦ ଇଂରେଜିରେ ମଧ୍ୟ ବ୍ୟବହୃତ ହୋଇ ଅଛି । ]

ଦେ. ବିଣ ( ସଂ. ଅମୃତ )—ଯେ ମରେ ନାହିଁ; ଅମୃତ—
অমরা Not dead or withered.

**ଅମଲାଣ** (ଇତ୍ୟାଦି)—ଗ୍ରା. ବିଣ ( ସଂ. ଅମଳିନ; ଅମ୍ଳାନ )—
Amalāṇa etc. ଅମଲଣ ଇତ୍ୟାଦି ( ଦେଖ )
Amalaṇa etc. ( See )

ସେହି ପଦ୍ମ ଗୋଟି ଅମଲାଣ ସବୁ କାଳେ—
ସାରଳାମହାଭାରତ- ଉଦ୍ଯୋଗ ।

**ଅମଲାତନ୍ତ୍ର**—ଦେ. ବି ( ପ୍ରଜାତନ୍ତ୍ର, ରାଜତନ୍ତ୍ର ଆଦି ଶବ୍ଦର ଅନୁକରଣରେ
Amalātantra ଏହା ଆଧୁନିକ ଯୁଗରେ ବ୍ୟବହୃତ ।)—
আমলাতন্ত্র ଅମଲାମାନଙ୍କଦ୍ୱାରା ପରିଚାଳିତ ଶାସନପ୍ରଣାଳୀ—
अमलातंत्र Bureaucracy.

**ଅମଲାନ** (ଇତ୍ୟାଦି)—ଗ୍ରା. ବିଣ ( ସଂ. ଅମ୍ଳାନ ) —
Amalāna etc ଅମଲଣ ଇତ୍ୟାଦି (ଦେଖ)
Amalaṇa etc. ( See )

ବଦନସୁଧେ ବଚନସୁଧେ ବଧ ବଦ୍ଧାଇଲେ
ଅମାଳିନ ବକ୍ଷ ବୃକ୍ଷ ଶଶିକୁ ପାଇଲେ ।
ଭଞ୍ଜ—ଲାବଣ୍ୟବତୀ ୧୪ ।

**ଅମଲାପାଉଣା**—ଦେ. ବି—ଅମଲାଙ୍କୁ ଦଆଯିବା ବକ୍‌ସିସ୍ ବା
Amalāpāuṇā ଉତ୍କୋଚ—Illegal gratification
আমলা পাওনা or gift paid to the clerical staff of an office.

**ଅମଲାଫଇଲା**—ଦେ. ବି. (ସଦ୍ଧର)—୧ । ନାନାଶ୍ରେଣୀର କର୍ମଚାରୀଗଣ-
Amalāphailā 1. Clerks of different grades.
আমলা ফওলা ୨ । ଅମଲା ଇତ୍ୟାଦି—
अमलाफयला 2. Ministerial officers etc

**ଅମଲାଫମଲା**—ଦେ. ବି ( ସଦ୍ଧର )—ଅମଲାଫଇଲା ( ଦେଖ )—
Amalāphamalā Amalāphailā ( See )

**ଅମଲିଆ**—ଦେ ବିଣ—୧ । ନିଶାଖୋର୍—
Amalia 1. Given to the use of intoxicating drugs
আমলের
अमलका ୨ । (ଅମୁକ) ଅମଲର ବା କାଳର—
2. Of or pertaining to the time (of so and so.)
[ଦ୍ର—ଅନ୍ୟ ଶବ୍ଦ ସଙ୍ଗେ ଲାଗେ; ଯଥା—ମରହଟ୍ଟା ଅମଲିଆ ।]

**ଅମଲିକମଲି**—ଦେ. ବି ( ସଦ୍ଧର )—୧ । ଘରର ଯାବତୀୟ ଚଳନ୍ତି
Amalikamali ସମ୍ପତ୍ତି—
তলপিতলপা 1. The movable property.
अमलिकमलि ୨ । ଅଦାବସ୍ତୁ—2. All and sundry.

**ଅମଲିକା**—ପ୍ରାଦେ. ( ବାଲେଶ୍ୱର ) ବିଣ—ଅମଲର; ସମୟର—
Amalikā Of or pertaining to the time (of so and so.)

ବର୍ଷ ଲବହା ଭିତରେ ଖାଇଲ ବାପ ଅମଲିକା ଘର ଛଡ଼ା କରି ଦେଲଣି ।
ଫକୀର ମୋହନ ଗଳ୍ପ-ସ୍ୱଳ୍ପ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | . ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇୟ | ଉଅ | ଘ |
| ୨ | ଈ | ଊ | ଋ | ଌ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ୟ | ଯ | ସ | ଗଁ୍ୟ | ଇଅ | ୱ | ହ୍ବ |

**ଅମଲୀ**—ବୈଦେ ( ଆ ) ବଣ—ନିଶାବାଜ୍; ନିଶାଖୋର—
Amalī Given to the use of intoxicating drugs.
আমলী   ହେଲ ବୃଷସ୍କନ୍ଧ ସେହୁ କୃ ଅମଲ ଚାଖରେ
अमली   ଅମଲୀ ଶବ୍ଦର ଯଥା—   ଚନ୍ଦ୍ରାମଣି କବିକଣ୍ଠ ଦାସ ।
ପ୍ରାଦେ. ( ବାଲେଶ୍ୱର ) ବି—ଅମଲ; ସମୟ—Time.

**ଅମଲେଗାନ୍**—ବୈଦେ. ( ଆ. ଅମଲ୍ଲ ଶବ୍ଦର ବହୁବଚନ ରୂପ;
Amalegān ଭୁଲ. ସଂ. ଗଣ=ସମୂହ ) ବି—ଅମଲାଗଣ;
আমলাগণ ଅମଲାମାନେ—Officers; clerks; the body of
अमलेगान ministerial officers.

**ଅମା**—ସଂ. ଅ.ବୈଦିକ (ଅ + ମା ଧାତୁ=ପରିମାଣ କରିବା + କର୍ମ କ୍ୱିପ୍)
Amā ୧ । ସହିତ—1. With.
୨ । ନିକଟ—2. Near.
୩ । ଏକତ୍ର—3. Together.
୪ । ଘରେ—4. At home.
[ଦ୍ର—ଏହିସବୁ ଅର୍ଥରେ ଭାଷାରେ ଏହାର ବ୍ୟବହାର ନାହିଁ ।]
ସଂ. ବି—୧ । ଅମାବାସ୍ୟା—
1. The day of the new-moon.
ଅମା ଅନ୍ଧକାରେ ପୂରିଲା ସେ ପୁର ଦାରୁଣ ଶୋକ ନିର୍ଘାତେ—
ମଧୁସୂଦନ· ଶ୍ରୀରାମ ବନବାସ ।
୨ । ଚନ୍ଦ୍ରମଣ୍ଡଳର ସବୁ ଭାଗରେ ବିରାଜିତ ସାଧାରଣ କଳା—
2. A common part of the moon's disc.
[ ଦ୍ର—ଚନ୍ଦ୍ରମଣ୍ଡଳରେ ଷୋଳଟି କଳା ଅଛି । ତନ୍ମଧ୍ୟରେ 'ଅମା' କଳାଟି 'ମହାକଳା' ନାମରେ ଅଭିହିତ । ମାଳାର ସୂତ୍ରପରି ଏହି କଳାଟି ଅନ୍ୟ ସକଳ କଳାରେ ବିଦ୍ଧ । ତାହା ନିତ୍ୟ, ଅର୍ଥାତ୍ ତାହାର କ୍ଷୟ ବୃଦ୍ଧି ନାହିଁ । ଏହି କଳାକୁ ଅପର ସମସ୍ତ କଳା ଆଶ୍ରୟ କରିଥାଏ । ଅମାବାସ୍ୟାଦିନ କେବଳ ଏହି 'ଅମା' କଳାଟି ଚନ୍ଦ୍ରଙ୍କଠାରେ ଥାଏ ।]
ସଂ. ବି.—ଯାହା ପ୍ରାମାଣିକ ବା ନଜିର ନୁହେଁ—
Not an authority; not a standard of action. (M W.)

**ଅମାଇ**—ଗ୍ରା. ବି.—ଅମାଇସା (ଦେଖ)
Amāi Amāisā (See)

**ଅମାଇନ**—ଗ୍ରା. ବି. (ସଂ. ଅମାନ୍ୟ)—୧ । ଅମାନ୍ୟ (ଦେଖ)
Amāina 1. Amānya (See)
অমান ୨ । ଗୁରୁଜନ ଓ ମାନନୀୟ ପୁରୁଷଙ୍କ ଆଗରେ (ସ୍ତ୍ରୀ ବ୍ୟକ୍ତିର)
अमानत ନିର୍ଲଜ୍ଜ ବା ଅଭଦ୍ରୋଚିତ ବ୍ୟବହାର—2 Immodest or shameless conduct of a woman before superiors.

**ଅମାଇସା**—ଗ୍ରା. ବି. (ସଂ. ଅମାବସ୍ୟା)—ଅମାସ୍ୟା—
Amāisā The day of the new-moon.
অমাবস্যা
अमावस

**ଅମାଇସିଆ**—ଗ୍ରା. ବି.—ଅମାଇସା (ଦେଖ)
Amāisiā Amāisā (See)

**ଅମାଂସ**—ସଂ. ବି. (ନଞ୍ତତ୍; ଅ + ମାଂସ)—ମାଂସ ଛଡ଼ା ଅନ୍ୟ ବସ୍ତୁ—
Amāṁsa Anything but flesh.
ସଂ. ବିଣ. (ବହୁବ୍ରୀହି) ୧ । —ମାଂସହୀନ—1. Fleshless.
୨ । ଅମାଂସଳ; ଅତି କ୍ଷୀଣ—2. Feeble; thin (M.W)

**ଅମାଂସଭକ୍ଷ**—ସଂ. ବିଣ. ପୁଂ. (ଅ + ମାଂସ + ଭକ୍ଷ ଧାତୁ + କର୍ତ୍ତୃ. ଅ)—
Amāṁsabhaksha ଯେ ମାଂସାଶୀ ନୁହେଁ—Not eating
(ଅମାଂସଭକ୍ଷୀ—ସ୍ତ୍ରୀ) flesh; not carnivorous.

**ଅମାତୃକ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅ + ମାତୃ + କ )—ଯାହାର ମା
Amātṛuka ନାହିଁ—Motherless.
(ଅମାତୃକା —ସ୍ତ୍ରୀ)

**ଅମାତ୍ୟ**—ସଂ. ବି. ପୁଂ. ( ଅମା=ନିକଟ+ହେବା ଅର୍ଥରେ ତ୍ୟ କିମ୍ବା
Amātya ଅମା=ସହିତ + ଅତ୍ ଧାତୁ=ସର୍ବଦା ଗମନ କରିବା + ସଂଜ୍ଞାର୍ଥେ; ଯ—ଯେ ରାଜାଙ୍କ ସଙ୍ଗରେ ଦଣ୍ଡ ଓ ନୀତି ବିଷୟକ ମନ୍ତ୍ରଣା ପାଇଁ ସର୍ବଦା ଗମନ କରନ୍ତି ।)—
୧ । ମନ୍ତ୍ରୀ—1. Minister.
୨ । ସହଚର—2. Companion.
ସଂ. ବିଣ. ପୁଂ. (ବୈଦିକ) (ଅମା=ଘରେ + ତ୍ୟ)—
ଏକ ଘର ବା ପରିବାରରେ ରହୁଥିବା—
Inmate of the same house; belonging to the same family.

**ଅମାଦାନି**—ଗ୍ରା. ବି. (ଆ. ଆମଦାନି)—ଆମଦାନି (ଦେଖ)
Amādāni Āmadānī (See)
ଦେ. ବିଣ.—ସମଧିକ (ଗୋପୀନାଥ ନନ୍ଦ)—Too much.

**ଅମାନତ୍**—ବୈଦେ. (ଆ) ବି—୧ । କିଛିକାଳ ପାଇଁ ଗଚ୍ଛିତ ଧନ ବା
Amānat ବସ୍ତୁ—1. Article or money deposited
আমানত for a time.
अमानत ୨ । ଗଚ୍ଛିତକରଣ; ଉପାନିଧି କରିବା; ନ୍ୟାସ—
2 Depositing; entrusting.
୩ । କୌଣସି ବିଶିଷ୍ଟ ଉଦ୍ଦେଶ୍ୟ ପାଇଁ ଅସ୍ଥାୟୀଭାବରେ ଗଚ୍ଛିତ ଧନ—3. Money temporarily deposited on trust.
୪ । ହିସାବନିକାଶ ପୂର୍ବରୁ ହିସାବ ବାବଦରେ ଜମା ଦିଆଯିବା ଧନ—4. Money paid towards an account before it is finally settled.
ବୈଦେ. ବିଣ.—ଅସ୍ଥାୟୀଭାବରେ ଗଚ୍ଛିତ—Deposited; kept in trust.
ଗ୍ରା. ବି. (ସଂ. ଅମାନ୍ୟ)—୧ । ଅମାନ୍ୟ; ଆଦେଶର ଅବଜ୍ଞା—
1. Disobedience of order.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ଅବାଧ୍ୟତା—2. Insubordination.

୩ । ଅପରାଧର ଅସ୍ୱୀକାର—3. Denial of guilts.

ଗ୍ରା. ବିଣ.—୧ । ଆଦେଶ ଅମାନ୍ୟକାରୀ—
1. Disobedient.

୨ । ଅବାଧ—2. Insubordinate.

୩ । ଅପରାଧ ଅସ୍ୱୀକାର କରୁଥିବା—
3. Denying guilt; not confessing.

୪ । (ସଂ. ଅମାନିତ)—ଅପାଳିତ (ଆଦେଶ)—
4. Disobeyed or disregarded (order)

୫ । ଯେ ମାନନ୍ତ ମଣଷ ନୁହେ; ଯେଉଁ ଲୋକ ଆପଣାର ମାନନ୍ତସମ୍ପର୍କୀୟ ବା ଗୁରୁଜନସ୍ଥାନୀୟ ନୁହେ—
5. a person) Not standing in the relationship of an elder to a person.

**ଅମାନତ୍‌କାରୀ**—ଦେ. ବି. ( ଆ. ଅମାନତ୍ + ସ୍ମ. କାରୀ)—ଯେ ଅନ୍ୟ
Amānatkāri ବ୍ୟକ୍ତି ପାଖେ ଧନ ନ୍ୟାସ ବା ଗଚ୍ଛିତ କରେ—
আমানতকারী A depositor.
अमानतकरनेवाला

**ଅମାନତ୍‌ଖାନା**—ବୈଦେ. ବି. ( ଆ —ଯେଉଁ ଘରେ ବା କାର୍ଯ୍ୟା-
Amānatkhānā ଳୟରେ ଧନ ଅମାନତ ରଖାଯାଏ—
আমানতখানা A depository.
अमानतखाना

**ଅମାନତ୍‌ଦାର**—ବୈଦେ. ବି. ( ଅ )—ଯେଉଁ ଲୋକ ଉପାଜନ୍ତି ଧନ
Amānatdāra ଜମାରେ ଥାଏ—A person with whom
আমানতদার a deposit is made.
अमानतदार

**ଅମାନତ୍‌ନାମା**—ବୈଦେ. ବି. ( ଆ. ଅମାନତନାମାହ୍ )—
Amānatnāmā ୧ । ଧନ ଉପାଜନ୍ତି କରିବାର ନିଦର୍ଶନରୂପେ
আমানতনামা ଉପାଜନ୍ତି କରିବା ବ୍ୟକ୍ତିକୁ ଅମାନତ୍‌ଦାର୍
अमानतनामा ଯେଉଁ ଦଲିଲ୍ ଲେଖି ଦିଏ—
1. A document proving a deposit.

୨ । ଯେଉଁ ଦଲିଲରେ ଅମାନତ୍‌କାରୀ ନ୍ୟାସର ସର୍ତ୍ତମାନ ଲିପିବଦ୍ଧ କରିଥାଏ; ଟ୍ରଷ୍ଟ୍ ଡୀଡ୍—
2. A deed of trust.

**ଅମାନତ**—ବୈଦେ. ବିଣ. ( ଅ )—
Amānati ୧ । ବହୁକାଳ ପାଇଁ ଗଚ୍ଛିତ ବା ନ୍ୟସ୍ତ ( ଧନ )—
আমানতী 1. Money deposited or placed in trust.
अमानती

୨ । ଅମାନତ ସମ୍ବନ୍ଧୀୟ—
2. Relating to a deposit or trust.

ଗ୍ରା. ବିଣ. ( ସ୍ମ. ଅମାନତ)—ଅମାନତ୍ ( ଦେଖ )
Amānat ( See )

ଦେବ ବଚନ ହୋଇଲା ଅମାନତଭିବ—ସାରଳାମହାଭାରତ· ମଧ୍ୟ ।

ଗ୍ରା. ବି. ( ସ୍ମ. ଅମାନ୍ୟ )—ଅମାନତ୍ ( ଦେଖ )
Amānat ( See )

**ଅମାନତିଆ**—ଦେ. ବିଣ. ( ସ୍ମ. ଅମାନ୍ୟ )—ଅମାନତ୍ ( ଦେଖ )
Amānatiā Amānat ( See )

ପ୍ରାଦେ. ( ଜୟପୁର ) ବି—ବିଶାଖାପଟ୍ଟଣା ନବରଙ୍ଗପୁର ଅଞ୍ଚଳର ଓଡ଼ିଆ କୃଷକ ଜାତିବିଶେଷ—Name of a class of Ordiā cultivators in the district of Vizag.

**ଅମାନନ**—ସ୍ମ. ବି. ( ଅ + ମାନନ )—ଅମାନନା ( ଦେଖ )
Amānana Amānanā (See)

**ଅମାନନା**—ସ୍ମ. ବି. ( ଅ + ମାନନା )—୧ । ଅବମାନନା—
Amānanā 1. Disrespect; lack of esteem.

ଅମାନନା କଲେ ନୋହିବ ଅସନ୍ତୋଷ—କୃଷ୍ଣସିଂହ. ମହାଭାରତ. ଆଦି ।

୨ । ଅପମାନ—2. Insult.

କେବେହେଁ ଭାଗକୁ ନ ଦେଲା, ଅନେକ ଅମାନନା କଲା ।
ଜଗନ୍ନାଥ· ଭାଗବତ· ୯ମ ।

୩ । ଆଦେଶକୁ ନ ମାନିବା—
3. Disregard or disobedience of order.

**ଅମାନବ**—ସ୍ମ. ବିଣ. ( ଅ+ମାନବ )—୧ । ଅଲୌକିକ; ଅତିମାନୁଷ—
Amānaba 1. Superhuman.

୨ । ଯେ ମନୁଙ୍କ ବଂଶଧର ନୁହେ—
2. Not a descendant of Manu.

**ଅମାନସ୍ୟ**—ସ୍ମ. ବି. (ଅମନସ୍ୟର ଭିନ୍ନ ରୂପ )—ଅମନସ୍ୟ ( ଦେଖ )
Amānasya Amanasya (See)

**ଅମାନିଆଁ**—ଦେ. ବିଣ. ପୁଂ. ଓ ସ୍ତ୍ରୀ. ( ସ୍ମ. ଅମାନ୍ୟ )—
Amāniāñ ୧ । ଯେ କୌଣସି କଥାକୁ ମାନେ ନାହିଁ ବା ଭ୍ରୂକ୍ଷେପ
अमानी କରେ ନାହିଁ—1. Not caring for anything.

୨ । ଯେ ଗୁରୁଜନଙ୍କୁ ମାନ୍ୟ କରେ ନାହିଁ—
2. Not showing proper respect to one's elders.

୩ । ଯାହାର ମାନଅପମାନର ଜ୍ଞାନ ନାହିଁ—
3. Having no sense of honour.

୪ । ବେଇଜ୍ଜତ୍; ମର୍ଯ୍ୟାଦାହୀନ—4. Disrespectful.

୫ । ନିର୍ଲଜ୍ଜ—5. Immodest.

୬ । ଅବାଧ—6. Insubordinate.

୭ । ଯେ ଆଜ୍ଞାକୁ ଖାତିର କରେ ନାହିଁ —
7. Disregarding an order.

୮ । ଯେ ଆଜ୍ଞା ପାଳେ ନାହିଁ—8. Disobedient.

ହର ଅମାନିଆଁ ଅଛି—ଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

୯ । ନିଜର ଦୋଷ ବା ଅପରାଧକୁ ମାନୁ ନ ଥିବା; ଦୋଷ ସ୍ୱୀକାର କରୁ ନ ଥିବା—9. Not admitting one's guilt; not confessing.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇସ୍ତ | ଉଥ | ଢ଼ |
| ୨ | ଈ | ଊ | ରୁ | ଳୁ | ଯୈ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ୟ | ଯ | ସ | ଙ୍ଗ | ଇଅ | ଓ | ନ୍ଦ |

୧୦ । ( ସ୍ତ୍ରୀ ) - ଦାଣ୍ଡେଈ; ଯେଉଁ ସ୍ତ୍ରୀ ଅବରୋଧ ପ୍ରଥାକୁ ନ ମାନି ବାହାରେ ବୁଲେ—
10. Not observing the rules of purdah.
୧୧ । (ପୁଂ. ଓ ସ୍ତ୍ରୀ) ମନମୁଖିଆ; ସ୍ୱେଚ୍ଛାଚାରୀ—
11. Wayward; self-willed.
ଦେ. ବି. ( ସଂ. ଅମାନନା )—୧ । ଅମର୍ଯ୍ୟାଦା; ଅଗୌରବ; ଅସମ୍ମାନ—1. Want of respect or honour; dishonour.
୨ । ଆଜ୍ଞାର ଲଙ୍ଘନ ବା ଅପାଳନ—
2. Disobedience of order.

**ଅମାନିତା**—ସଂ. ବି. (ସଂ. ଅମାନିନ୍ + ଭାବ. ତା)—୧ । ଗର୍ବହୀନତା—
Amānitā 1. Freedom from pride or arrogance.
୨ । ନମ୍ରତା; ବିନୟ—2. Modesty; humility.

**ଅମାନିନୀ**—ସଂ. ବିଣ. ସ୍ତ୍ରୀ ( ଅମାନିନ୍ + ସ୍ତ୍ରୀ. ଈ )—
Amāninī ୧ । ଅମାନୀର ସ୍ତ୍ରୀଲିଙ୍ଗ—
1. Feminine of Amānī.
୨ । ଅଭିମାନରହିତା—
2. Freed from sullen displeasure.
ହର ଗୃହ ସେନ ହେଲେ ଅମାନିନୀ ପରଣତ ଚନ୍ଦ୍ରାନନା—
କବିସୂର୍ଯ୍ୟ. ସଙ୍ଗୀତ ।
୩ । ଗର୍ବହୀନା— . Free from pride (woman)

**ଅମାନିଶା** – ସ. ବି. ( ୬ଷ୍ଠୀ ତତ୍; ଅମା + ନିଶା )—
Amāniśā ୧ । ଅମାବାସ୍ୟାର ଅନ୍ଧକାରମୟ ରାତ୍ରି--
1. The darknight of the new moon.
୨ । ( ଲକ୍ଷଣାର୍ଥ ) ଘୋର ଅନ୍ଧକାର—
2. Utter darkness.

**ଅମାନୀ**—ସଂ. ବିଣ. ପୁଂ. ( ଅ + ମାନିନ୍; ୧ମା. ୧ବ. )—
Amānī ୧ । ଗର୍ବଶୂନ୍ୟ; ନିରହଂକାର—
(ଅମାନିନୀ—ସ୍ତ୍ରୀ) 1. Free from pride or arrogance.
ଅମାନିତା } ବି. ୨ । ନମ୍ର; ବିନୀତ—
ଅମାନିତ୍ୱ } 2. Humble; modest.
୩ । ସ୍ୱସମ୍ମାନର ଅନଭିଲାଷୀ; ଯେ ଅନ୍ୟଠାରୁ ସମ୍ମାନ ପାଇବାକୁ ଲାଳାୟିତ ନୁହେ—
3. Not hankering after respect; not wishing to be honoured by others.
ସୁକଳ୍ୟ ଅମାନୀ ମାନବ; ଜବ ମଉନ ଶୁଦ୍ଧବୋଧ ।
ଜଗନ୍ନାଥ. ଭାଗବତ ୧୧ଶ ।

**ଅମାନୁଷ**—ସ. ବିଣ. ( ନଞ୍ ତତ୍; ଅ + ମାନୁଷ )—
Amānusha ୧ । ଅତିମାନୁଷ; ଯାହା ସାଧାରଣ ମନୁଷ୍ୟର ଶକ୍ତିର
(ଅମାନୁଷୀ—ସ୍ତ୍ରୀ) ଅତୀତ—1. Superhuman.
(ଅମାନୁଷତା—ବି) ୨ । ଅଲୌକିକ; ଅସାଧାରଣ—
2. Uncommon; extraordinary.
୩ । ନିର୍ଦ୍ଦୟ; ନିଷ୍ଠୁର—3. Cruel; inhuman.
୪ । ଅମନୁଷ୍ୟତାପୂର୍ଣ୍ଣ; କାପୁରୁଷ—4. Unmanly.
୫ । ଯେ ବା ଯାହା ମନୁଷ୍ୟୋଚିତ ନୁହେ; ପାଶବିକ; ପୈଶାଚିକ—5. Beastly; demoniac; brutal.
୬ । ସ୍ୱର୍ଗୀୟ—6. Divine; heavenly.
୭ । ଯାହା ମନୁଷ୍ୟ ସମ୍ବନ୍ଧୀୟ ନୁହେ—7. Not human.
(ଅମାନୁଷା—ସ୍ତ୍ରୀ) ୮ । ( ବହୁବ୍ରୀହି ) ଯେଉଁଠାରେ ଲୋକେ ବାସ କରନ୍ତି ନାହିଁ—8. Not inhabited by man (M. W.)
(ଅମାନୁଷୀ—ସ୍ତ୍ରୀ) ସଂ. ବି. ପୁଂ—୧ । ଯେ ମନୁଷ୍ୟ ନୁହେ—
1. Not a man.
୨ । ମନୁଷ୍ୟ ଛଡ଼ା ଅନ୍ୟ ଜୀବ—
2. A being other than man.
[ ଦ୍ର—ଯେଉଁ କୁଚକ୍ରୀମାନେ ଅମାନୁଷ ଅର୍ଥାତ୍ ମନୁଷ୍ୟ ଛଡ଼ା ଅନ୍ୟ ପ୍ରାଣୀଙ୍କୁ ମିଥ୍ୟା ଚଇଁସା କରନ୍ତି ତାଙ୍କୁ ଦଣ୍ଡ ଦେବା ରାଜାଙ୍କ କର୍ତ୍ତବ୍ୟ । ରାମଶଙ୍କର: ମନୁ ୯—୨୮୪ । ]
୩ । ଅମନୁଷ୍ୟ; ରାକ୍ଷସ—3. Demon.
ଅମାନୁଷର କାର୍ଯ୍ୟ କି କଲୁ ବୃକୋଦର । ସାରଳାମହାଭାରତ. ବନ ।

**ଅମାନୁଷଲୋକ**—ସଂ. ବି. ( କର୍ମଧା; ଅମାନୁଷ + ଲୋକ )—ସ୍ୱର୍ଗ—
Amānushaloka Heaven; the celestial world (M. W.)

**ଅମାନୁଷିକ**—ସଂ. ବିଣ. ( ଅ + ମାନୁଷିକ )—ଅମାନୁଷ ( ଦେଖ )
Amānushika Amānusha ( See )

**ଅମାନୁଷ୍ୟ**—ସଂ. ବି. ( ଅ + ମାନୁଷ୍ୟ )—ଅମାନୁଷ ( ଦେଖ )
Amānushya Amānusha ( See )

**ଅମାନ୍ୟ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅ + ମାନ + ଯ )—
Amānya ୧ । ଅମାନନୀୟ; ଯେ ପୂଜ୍ୟ ନୁହେ—
অমান্য 1. Not fit to be honoured or
**असम्मान** respected.
(ଅମାନ୍ୟା—ସ୍ତ୍ରୀ) ୨ । (ନଞ୍ ତତ୍; ଅ + ମାନ୍ୟ ) ଯାହା (ଯେଉଁ ଆଦେଶ ବା ନିୟମାଦି) ମାନିବା ଉଚିତ ନୁହେ; ଅପାଳନୀୟ—
2. ( rule or order ) Which ought not to be obeyed.
ଦେ. ବିଣ. ( ସଂ. ଅମାନିତ )—ଅସ୍ୱୀକାରକାରୀ; ଯେ ନିଜର ଦୋଷକୁ ମାନେ ନାହିଁ; ଅମାନିଆ—
Not confessing one's guilt.
ଦେ. ବି. ( ସଂ. ଅମାନନ )—
୧ । ଅସମ୍ମାନ; ସମ୍ମାନର ଅଭାବ—1. Want of respect; disrespect; dishonour.
୨ । ଅପମାନ—2. Insult.
୩ । ଅନାଦର; ଅବଜ୍ଞା—3. Disregard; slight.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ୍' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଜ୍ୟା' ନ ପାଇଲେ 'ଅର୍ଜ୍ଜ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୪ । ଆଜ୍ଞାର ଅବଜ୍ଞା—4. Disregard of an order.

୫ । ଆଦେଶ ଲଂଘନ—

5. Disobedience to an order.

**ଅମାନ୍ୟ କରିବା**—ଦେ. କ୍ରି. ( ସଂ. ଅ + ମାନ୍ୟ )—

Amānya karibā ଆଜ୍ଞା ନ ମାନିବା; ଖାତିର ନ କରିବା—

ଅମାନ୍ୟକରା 1. To disregard.

**ନମାନା** ୨ । (ଆଦେଶ) ଲଂଘନ କରିବା—2. To disobey.

୩ । ଅନାଦର କରିବା; ଅନାସ୍ଥା କରିବା—

3. To slight.

୪ । ଭକ୍ତି ନ କରିବା; ଉଚିତ ସମ୍ମାନ ନ ଦେଖାଇବା—

4. Not to show proper devotion.

ପିତାଙ୍କୁ ଅମାନ୍ୟ କରି ଓଳଗୁ ମହନ୍ତ । ସାରଳାମହାଭାରତ. ବନ ।

୫ । ଅପମାନ ଦେବା—5. To insult.

**ଅମାପ**—ଦେ. ବିଣ. ( ସଂ. ଅ + ମା ଧାତୁ; ସଂ. ଅମାପ୍ୟ )—

Amāpa ୧ । ଅପରିମେୟ; ଅପରିମିତ—

ଅମାପ 1. Immeasurable; unfathomable.

**ଅମେୟ; ବେହଦ** ୨ । ଅସଂଖ୍ୟ—2. Countless.

ଅମାପ ସୈନ୍ୟ ପାଣ୍ଡବେ ଗଦାପର୍ବେ ଯୁଦ୍ଧେ

ଅଠରଅକ୍ଷୌହିଣୀ ଅଷ୍ଟାଦଶ ଦିନ ମଧ୍ୟେ । ସାରଳାମହାଭାରତ, ଗଦା ।

୩ । ବହୁତ; ଅତିବେଶି—3. Immence; vast.

ଜନ୍ମ ଫଳେ ଲଭି ସମ୍ପଦ ଅମାପ । ରାଧାନାଥ, ଦରବାର ।

୪ । ଅକଥନୀୟ; ଅବର୍ଣ୍ଣନୀୟ—4. Indescribable.

ଇନ୍ଦ୍ରାଦି ଦେବତାଏ କାହିଁ ସୁନାସୁତ

ହେଲେ ସନ୍ତୋଷଚିତ୍ତ ହୋଇଣ ଅମାପ । କୃଷ୍ଣସିଂହ, ମହାଭାରତ. ବନ ।

**ଅମାବଇ**—ଗ୍ରା. ପ୍ରାଚୀନ ପଦ୍ୟ. ବି. ( ସଂ. ଅମାବସ୍ୟା )—

Amābai ଅମାବାସ୍ୟା; କୃଷ୍ଣ ପକ୍ଷର ଅନ୍ତିମ ତିଥି—

ଅମାବୋସ୍ୟି The day of the new-moon.

**ଅମାବସ** ପିତୃଗଣେ ତେଣୁ ଅମାବଇ କାର୍ଯ୍ୟ କିଛେ । ସାରଳା ମହାଭାରତ. ଉଦ୍ଯୋଗ ।

**ଅମାବସୀ**—ସଂ. ବି. (ଅମା = ସହିତ + ବସ ଧାତୁ + କର୍ତ୍ତୃ. ଅ + ସ୍ତ୍ରୀ. ଈ—

Amābasi ଯେଉଁ ତିଥିରେ ସୂର୍ଯ୍ୟ ଓ ଚନ୍ଦ୍ର ସମସୂତ୍ର ଭାବରେ ଅବସ୍ଥାନ କରନ୍ତି )—

ଅମାବସ୍ୟା; କୃଷ୍ଣ ପକ୍ଷର ଶେଷ ତିଥି—

The new-moon day.

[ ଦ୍ର—କେହି କେହି କହନ୍ତି—ଚନ୍ଦ୍ରର ଷୋଡ଼ଶକଳାତ୍ମକ କିରଣ ସୂର୍ଯ୍ୟମଣ୍ଡଳରେ ପ୍ରବିଷ୍ଟ ହୋଇ ଅମାନାମ୍ନୀ କଳା ସଙ୍ଗେ ବାସ କରେ ବୋଲି ଏହାର ନାମ ଅମାବାସ୍ୟା ଅଥବା ଅମା = ସୂର୍ଯ୍ୟକିରଣ; ( ଅମାନାମରବେରଶ୍ମି ଷୁନ୍ଦ୍ରାଲୋକେ ପ୍ରତିଷ୍ଠିତଃ ) ଚନ୍ଦ୍ର ଯେଉଁ ତିଥିରେ ସୂର୍ଯ୍ୟକିରଣ ସଙ୍ଗେ ବାସ କରେ କିମ୍ବା ଅମା କଳା ସଙ୍ଗେ ଚନ୍ଦ୍ର ସୂର୍ଯ୍ୟ ଏକତ୍ର ବାସ କରନ୍ତି ତାହା ଅମାବାସ୍ୟା । ବ୍ରହ୍ମ-ପୁରାଣରେ କଥିତ ଅଛି ଯେ, ପିତୃଗଣ ଯେଉଁ ସମୟରେ ପଞ୍ଚଦଶ କଳାତ୍ମକ ଚନ୍ଦ୍ରର ସୁଧା ପାନ କରନ୍ତି ତାହା ଅମାବସ୍ୟା । ସ୍କନ୍ଦରେ ଉକ୍ତ ଅଛି ଯେ, ଏହି ତିଥିରେ ଚନ୍ଦ୍ରର ପଞ୍ଚଦଶ କଳାର କ୍ଷୟ ହୁଏ; କେବଳ 'ଅମା' କଳା ରହେ ।

ବର୍ଷକର ୧୨ ମାସର ଅଧିକାଂଶ ଅମାବାସ୍ୟା ଭିନ୍ନ ଭିନ୍ନ ନାମରେ ଅଭିହିତ ହୁଏ । ଯଥା—ମାର୍ଗଶିର—ଦୀପାବଳୀ ଅମାବାସ୍ୟା । ପୁଷ—ବଉଳ ( ସଂ. ବକୁଳ ) ଅମାବାସ୍ୟା । ମାଘ—ତିରବେଣୀ ( ସଂ. ତ୍ରିବେଣୀ ) ଅମାବାସ୍ୟା । ଫାଲ୍ଗୁନ—ଜାଗର ( ସଂ. ଉଜ୍ଜାଗରଣ ) ଅମାବାସ୍ୟା । ଚୈତ୍ର—ନମକୋଳ. ଅମାବାସ୍ୟା । ଜ୍ୟେଷ୍ଠ—ସାବତ୍ରୀ ଅମାବାସ୍ୟା । ଆଷାଢ଼—ଚିତଲାଗି ଅମାବାସ୍ୟା । ଶ୍ରାବଣ—ଚିତଉ ବା ଚିତାଲାଗି ( ସଂ. ଚିତ୍ରକ ) ଅମାବାସ୍ୟା । ଭାଦ୍ର—ସାତପୁର ( ସଂ. ସପ୍ତପୁରୀ ) ଅମାବାସ୍ୟା । ଆଶ୍ୱିନ—ଫୁଲୁର ( ସଂ. ଫୁଲ୍ଲୋର ) ବା ମହାଳୟା ଅମାବାସ୍ୟା । କାର୍ତ୍ତିକ—ପଯ୍ୟ ( ସଂ. ପ୍ରଦୀପ ) ବା ଦେବାଳି ଅମାବାସ୍ୟା । ]

**ଅମାବସ୍ୟା**—ସ. ବି. ( ଅମା + ବସ ଧାତୁ + ଯ + ସ୍ତ୍ରୀ. ଆ )—

Amābasyā ଅମାବସୀ ( ଦେଖ )

Amābasi See

**ଅମାବାସୀ**—ସ. ବି. ( ଅମା + ବସ ଧାତୁ + ଅ + ସ୍ତ୍ରୀ. ଈ )—

Amābāsi ଅମାବସୀ ( ଦେଖ )—Amābasi (See)

**ଅମାବାସ୍ୟା**—ସ. ବି. ( ଅମା + ବସ ଧାତୁ + ଯ + ସ୍ତ୍ରୀ. ଆ )—

Amābāsyā ଅମାବସୀ (ଦେଖ )—Amābasi (See)

**ଅମାବୈ**—ଗ୍ରା. ବି. ( ପ୍ରାଚୀନ ଉତ୍କଳ ରାଜାଙ୍କ ସନନ୍ଦରେ ବ୍ୟବହୃତ)—

Amābai ଅମାବାସ୍ୟା—New-moon

**ଅମାମସୀ**—ସଂ. ବି. ( ଅମ = ସହିତ + ମସ ଧାତୁ = ପରିଣାମ କରିବା

Amāmasi ଅ + ସ୍ତ୍ରୀ. ଈ )—

ଅମାବସୀ ( ଦେଖ )

Amābasi ( See )

**ଅମାମାସୀ**—ସ. ବି. (ଅମା = ସହିତ + ମସ ଧାତୁ = ପରିମାଣ କରିବା +

Amāmāsi ଅ + ସ୍ତ୍ରୀ. ଈ )—

ଅମାବସୀ ( ଦେଖ )—Amābasi ( See )

**ଅମାୟ**—ସ. ବିଣ ପୁଂ. (ବହୁବ୍ରୀହି; ଅ + ମାୟା)—

Amāya ଅକପଟ; ସରଳ—Frank.

( ଅମାୟା—ସ୍ତ୍ରୀ )

**ଅମାୟା**—ଦେ. ବିଣ. ପୁଂ ଓ ସ୍ତ୍ରୀ ( ସଂ. ଅମାୟ )—

Amāyā ଅମାୟ; ଅକପଟ; ସରଳ—Frank.

ଦେ. ବିଣ. ସ୍ତ୍ରୀ—ଅମାୟର ସ୍ତ୍ରୀ ଲିଙ୍ଗ—

Feminine of Amāya.

**ଅମାୟିକ**—ସ. ବିଣ. ( ଅ + ମାୟିକ )—

Amāyika ୧ । ଅକପଟ; ସରଳ—1. Frank.

(ଅମାୟିକା—ସ୍ତ୍ରୀ) ୨ । ସରଳତାମୟ—

2. Full of frankness.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଷ,ଶ | ଛ୍କ | ଇୟୁ | ଉଅ | ଭ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଘ | ଇଅ | ୱ | ଦ୍ବ |

**ଅମାୟିକତା**—ସଂ. ବି. ( ଅମାୟିକ=ନିଷ୍କପଟ+ଭାବ. ତା )—
Amāyikatā ନିଷ୍କପଟତା—Frankness; candour.

**ଅମାର**—ବୈଦେ. ବି. ( ଫା. ଅଁବାର; ସଂ. ମନ୍ଦିର )—
Amāra ଶସ୍ୟାଗାର; ଧାନକୋଠି; ଭଣ୍ଡାର—
হমার; আমার Granary; store-house for paddy
अमार; अंबार or grain.

**ଅମାରଗ**—ଗ୍ରା. ପଦ୍ୟ. ବି. ( ସଂ. ଅମାର୍ଗ )—ଅମାର୍ଗ ( ଦେଖ )
Amāraga Amārga ( See )
ଗ୍ରା. ବିଣ—ଅସୁସ୍ଥ (ଦେହ)—Sick
( ଯଥା—କାଲି ବହୁତ ବିଲରେ ଖାଇବାରୁ ଆଜ ସକାଳୁ ମୋ ଦେହ ଅମାରଗ ହୋଇଛି । )

**ଅମାରଗତ**—ଦେ. ବିଣ—୧ । ଭଣ୍ଡାରସ୍ଥିତ—1. Brought to the
Amāragata store-room; stored.
আমারগত ୨ । ଅମାରସଞ୍ଚିତ—
अमारसामिल 2 Stored in granary.

**ଅମାରଶତ୍ରୁ**—ଦେ. ବି. ( ଅମାର=ଅମର+ଶତ୍ରୁ )—
Amāraśatru ୧ । ଯାହାକୁ ମାରିବାକୁ କେହି ଶତ୍ରୁ ଜନ୍ମ ହୋଇ ନାହିଁ—1. A person whose killer has not yet been born
୨ । ଯେଉଁ ଶତ୍ରୁକୁ ମାରି ଯୋଗାଏ ନାହିଁ; ଯେଉଁ ଶତ୍ରୁକୁ ମାରିବାର ନୁହେ—2. An enemy who is not fit to be killed.
୩ । ପୋଷ୍ୟ ଶତ୍ରୁ; ଶତ୍ରୁ ଆଚରଣକାରୀ ପୋଷ୍ୟ ବ୍ୟକ୍ତି—
3. A dependant who turns out to be an enemy.

**ଅମାରି**—ବୈଦେ. ( ଅ ) ବି—ହାତୀ ଉପରେ ମନୁଷ୍ୟ ବସିବା ପାଇଁ
Amāri କସା ହେବା ଆବରଣଯୁକ୍ତ ଆସନ—
আমারী A covered saddle for an elephant.
अमारि
[ଦ୍ର—ଉପରେ ଆବରଣ ବା ଛାତ ନ ଥିବା ଆସନକୁ ହାଉଦା ବୋଲାଯାଏ ।]
ପାଉଥିବ ବଳେ ହେଲେ ନରବର ଅସେହୁ ଦନ୍ତୀ
କୁମାରଙ୍କ ସଙ୍ଗେ ଅମାରିରେ ସେନ ବଳେ ବୁଅନ୍ତି ।
ରଘୁନାଥ—ଭୂଷା ।

**ଅମାରି କସିବା**—ଦେ. କ୍ରି—ହାତୀ ଉପରେ ମନୁଷ୍ୟ ବସିବା ପାଇଁ
Amāri kasibā ଆବରଣଯୁକ୍ତ ହାଉଦାକୁ ବାନ୍ଧିବା—
আমারী বাঁধা To put a covered saddle on an
अमारी कसना elephant.

**ଅମାଲୁ**—ଦେ. ବି.—ଅପମାଲୁ; ମାଲପୁଆ; ଘୃତପକ୍ୱ ପିଷ୍ଟକବିଶେଷ—
Amālu A kind of sweet cake boiled in
মালপুআ; গুড়পিঠা ghee.
मालपुवा

[ଦ୍ର—ଅଟା ଓ ଗୁଡ଼କୁ ଏକତ୍ର ଗୋଳ ପାଣିଆ କରି ଉକ୍ତ ପାଣିଆ ପିଠଉ(ଲଇ)କୁ ଚଇ ବା ଚଟକାଚଲ ଥିବା କରେଇରେ ଫୁଟୁଥିବା ଘିଅରେ ଛାଣିଲେ ଏ ପିଠା ହୁଏ । ଅମାଲୁ ପାଇଁ ଅଟା ସଙ୍ଗେ ଚୁଟାରୁ ୨ ଓଜନର ଗୁଡ଼ ମିଶାଯାଇ ଗୋଳା ଯାଇଥିବା ପିଠଉକୁ ନଇ ବା ଲଇ ବୋଲାଯାଏ ।]

**ଅମାସିଆ**—ଗ୍ରା. ବି ( ସଂ. ଅମାବସ୍ୟା )—ଅମାବସୀ ( ଦେଖ )
Amāsiā Amābasī (See)

**ଅମାସ୍ୟା**—ଗ୍ରା. ବି ( ସଂ. ଅମାବସ୍ୟା )—ଅମାବସୀ ( ଦେଖ )—
Amāsyā Amābasī ( See )
ଭେଣ୍ଡ ଅମାସ୍ୟା ନଶିବନ, ସେ ଦିନ ଦେହ କଲେ କ୍ଷୀଣ ।
ପ୍ରାଚୀ—ନିର୍ଗୁଣ ମାହାତ୍ମ୍ୟ ।

**ଅମି**—ପ୍ରାଦେ. ( ଭଦ୍ରିଭାଷା ). ସର୍ବନାମ—ଆମ୍ଭେମାନେ—We.
Ami

**ଅମିଅ**—ଗ୍ରା. ବିଣ. ( ସଂ. ଅମୃତମୟ )—ଅମିୟ; ଅମୃତମୟ—Sweet.
Amia ଶୁଣି ତା ଅମିଅ ବଚନ । ଯଶୋବନ୍ତ—ପ୍ରେମଭକ୍ତି ବ୍ରହ୍ମଗୀତା ।
ଗ୍ରା. ବି—ଅମୃତ—Nectar.

**ଅମିତ**—ସଂ. ବିଣ. ( ଅ+ମିତ )—୧ । ଅପରିମିତ—
Amita 1 Unmeasured; intemperate.
୨ । ଅସୀମ—2. Boundless.
୩ । ( ଅମ୍ ଧାତୁ+କର୍ତ୍ତୃ. ତ )—ରୁଗ୍ଣ—3. Sick.
୪ । ଗତ—4. Gone.

**ଅମିତତେଜାଃ**—ସଂ. ବିଣ. ପୁଂ ଓ ସ୍ତ୍ରୀ. ( ବହୁବ୍ରୀହି; ଅମିତ+ତେଜସ୍;
Amitatejāḥ ୧ମା. ୧ବ. )—୧ । ଅତିଶୟ ବଳଶାଳୀ—
1. Very powerful.
୨ । ଅତ୍ୟନ୍ତ ଦୀପ୍ତିଶୀଳ—
2. Very luminous or brilliant.

**ଅମିତବିକ୍ରମ**—ସଂ. ବି. ( କର୍ମଧା; ଅମିତ+ବିକ୍ରମ )—
Amitabikrama ୧ । ଅସୀମ ବଳ ବା ପରାକ୍ରମ—
(ଅମିତବିକ୍ରମା—ସ୍ତ୍ରୀ ) 1. Boundless strength.
୨ । (ବହୁବ୍ରୀହି)—ବିଷ୍ଣୁଙ୍କ ନାମାନ୍ତର—
2. A name of Bishṇu.
ସଂ. ବିଣ. ପୁଂ (ବହୁବ୍ରୀହି)—ଯାହାର ପରାକ୍ରମ ଅସୀମ ଅଟେ—
Of boundless strength.

**ଅମିତବିକ୍ରମୀ**—ସଂ. ବିଣ. ପୁଂ. ( ଅମିତବିକ୍ରମ+ଅସ୍ତି ଅର୍ଥରେ; ଇନ୍;
Amitabikramī ୧ମା. ୧ବ. )—ଅସୀମ ବଳଶାଳୀ—
Of unbounded strength.

**ଅମିତବ୍ୟୟ**—ସଂ. ବି. ( କର୍ମଧା; ଅମିତ=ଅସୀମ+ବ୍ୟୟ=ଖର୍ଚ୍ଚ )—
Amitabyaya ବୃଥା ଖରଚ; ଅପବ୍ୟୟ; ହାତାଖରଚ—
Extravagance; prodigality.

**ଅମିତବ୍ୟୟିତା**—ସଂ. ବି. ( ଅମିତବ୍ୟୟିନ୍+ଭାବ. ତା )—
Amitabyayitā ଅପବ୍ୟୟ କରିବାର ଅଭ୍ୟାସ—
Habit of spending too much; prodigality.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଠ' ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଗଳା' ନ ପାଇଲେ 'ଅର୍ଗ୍ଳା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍ବତ୍' ଦେଖିବେ ।

**ଅମିତବ୍ୟୟୀ**—ସଂ. ବଣ. ପୁଂ. (ଅମିତବ୍ୟୟ+ଇନ୍; ୧ମା. ୧ବ.)—
Amitabyayi ଯାହାଖାରବୀ; ଅପବ୍ୟୟୀ—Extravagant;
(ଅମିତବ୍ୟୟିନୀ—ସ୍ତ୍ରୀ) spend-thrift; prodigal.
(ଅମିତବ୍ୟୟିତା—ଭ୍)

**ଅମିତୌଜାଃ**—ସଂ. ବଣ. ପୁଂ. ଓ ସ୍ତ୍ରୀ. (ବହୁବ୍ରୀହି; ଅମିତ=ଅସୀମ+
Amitaujāh ଓଜସ୍=ବଳ; ୧ମା. ୧ବ.)—
ଯାହାର ଅସୀମ ବଳ ଅଛି—Of immense strength.

**ଅମିତ୍ର**—ସଂ. ବଣ. (ଅ=ନୁହେ+ମିତ୍ର=ବନ୍ଧୁ)—୧ । ଶତ୍ରୁଭାବଯୁକ୍ତ—
Amitra 1. Inimical.
(ଅମିତ୍ରତା—ବ) ୨ । ମିତ୍ରହୀନ—2. Friendless.
ଦେ. ବ—ଶତ୍ରୁ—Enemy.
ଅଳପ ଧନରେ ହୁଅଇ ସେ ଅମିତ୍ର । କୃଷ୍ଣସିଂହ. ମହାଭାରତ ।

**ଅମିତ୍ରାକ୍ଷର**—ସଂ. ବ. (ଅ+ମିତ୍ରାକ୍ଷର)—ପଦ୍ୟରେ ପ୍ରଥମ ଧାଡ଼ିର
Amitrākshara ଶେଷାକ୍ଷର ସଙ୍ଗେ ପରବର୍ତ୍ତୀ ଧାଡ଼ିର ଶେଷାକ୍ଷର
ନ ମିଳିବା—Want of rhyme in poetry.
ସଂ. ବଣ—ମିତ୍ରାକ୍ଷରବିରହିତ (ପଦ୍ୟ)—
Blank (verse)

**ଅମିତ୍ରାକ୍ଷରଛନ୍ଦ**—ସଂ. ବ—ମିତ୍ରାକ୍ଷରବିରହିତ ପଦ୍ୟ; ଯେଉଁ ପଦ୍ୟର
Amitrāksharachhanda ପ୍ରଥମ ଧାଡ଼ିର ଶେଷ ଅକ୍ଷର
ସଙ୍ଗେ ପରବର୍ତ୍ତୀ ଧାଡ଼ିର ଶେଷ ଅକ୍ଷର ମିଳେ ନାହିଁ—
Blank verse.
ପଙ୍କଜବାସିନି ଦେବି ଉତ୍କଳଭାରତୀ,
ସାରଲେ କି କଲେ, କହ; ଭୁବନଚୂଡ଼ାମଣି—ରାଧାନାଥ. ମହାଯାତ୍ରା ।
[ଦ୍ର—ଉତ୍କଳରେ ପ୍ରଥମେ ରାୟ ବାହାଦୁର ରାମଶଙ୍କର ରାୟ ଅମିତ୍ରାକ୍ଷରଛନ୍ଦ ରଚନା କରନ୍ତି ଓ ପରେ କବିବର ରାଧାନାଥ ଅମିତ୍ରାକ୍ଷରଛନ୍ଦ ବ୍ୟବହାର କରି ଅନେକ କବିତା ଲେଖିଅଛନ୍ତି ।]

**ଅମିନ**—ବୈଦେ. (ଅ) ବ— ଭୂମି ମାପ କରିବା ଅଧସ୍ତନ କର୍ମଚାରୀ—
Amina A subordinate surveyor; ameen;
আমিন [ଦ୍ର—ଏ ଶବ୍ଦ ଇଂରାଜୀରେ ଚଳେ ।]
**अमीन**

**ଅମିନଆଲ୍ଲା**—ବୈଦେ. (ଅ) ବ—ଇଂରାଜମାନେ ବଙ୍ଗଦେଶକୁ ଅଧିକାର
Aminaālla କରିବାର ପ୍ରଥମ ଅବସ୍ଥାରେ ଦେୱାନ ବିଚାର
আমিনালা କରିବାରେ ନିଯୁକ୍ତ ଅଧସ୍ତନ କର୍ମଚାରୀବିଶେଷ—
**अमिनाल्ला** A class of subordinate judicial officers employed by the British government when they first occupied Bengal.

**ଅମିନୀ**—ଦେ. ବ. (°ଅ)—ଅମିନର କାର୍ଯ୍ୟ—Ameenship; the
Amini post of an ameen.
আমিনী
**अमीनी**

**ଅମିୟ**—ଦେ. ବଣ. (ସଂ. ଅମୃତମୟ)—୧ । ଅମୃତମୟ—
Amiya 1. Full of nectar.
অমিয় ୨ । ସୁମଧୁର—2. Very sweet.
ତାହା ଶୁଣିଲେ ସେ ହୋଇବ ଅମିୟ ଭଷ;
ସମଦଣ୍ଡ ସୈନ୍ୟଙ୍କୁ ତୋ ଇଚ୍ଛାରେ ପରଶ—ସାରଳାମହାଭାରତ. ଅ. ।
ଦେ. ବ. ଅମୃତ—Nectar; elixir of life.

**ଅମିୟପଥ**—ଦେ. ବ.—(ବଙ୍ଗଳାଭାଷାରେ ହୋମିଓପାଥିର ଅନୁବାଦ)—
Amiyapatha Homeopathy.
[ଦ୍ର—ବଙ୍ଗୀୟ ଡାକ୍ତର ଶ୍ରୀଚନ୍ଦ୍ରଶେଖର କାଳଙ୍କଦ୍ୱାରା ବ୍ୟବହୃତ]

**ଅମିର୍**—ବୈଦେ (ଆ) ବ. ପୁଂ.—୧ । ଉଚ୍ଚକୁଳୋଦ୍ଭବ ବ୍ୟକ୍ତି—
Amir 1. A noble person.
আমীর ୨ । ଧନୀବ୍ୟକ୍ତି—2. A rich man.
**अमीर** ୩ । ଅଫଗାନିସ୍ଥାନର ରାଜାଙ୍କ ଉପାଧି—
(ଫକୀର୍—ବିପରୀତ) 3. Title of the king of Afganistan
୪ । ମୁସଲମାନଙ୍କ ନାମ—
4. A name amongst Mahomedans
[ଦ୍ର—ଏ ଶବ୍ଦ ଇଂରାଜୀ ଭାଷାରେ ଚଳୁଛି ।]

**ଅମିର୍‌ଉମ୍‌ରା**—ବୈଦେ. ବ. ସବଚର. (ଆ=ଅମୀର୍+ଉମରାଓ; ବହୁ-
Amirumrā ବଚନ)—ରାଜ୍ୟର ବା ଦେଶର ଧନୀ ଓ ସମ୍ଭ୍ରାନ୍ତ
আমীরউমরা ବ୍ୟକ୍ତିଗଣ—The gentry and nobility
**अमीरउमराओ** of a country

**ଅମିରମିଜାଜ୍**—ବୈଦେ. ବ. (ଅ. ଅମୀର୍+ମେଜାଜ୍)—
Amirmijāj ୧ । ବଡ଼ଲୋକଙ୍କ ପରି ବେଖାତିରଥ ମନ ବା ପ୍ରକୃତି—
আমীরমেজাজ 1. Careless disposition like
**अमीरमेजाजअ** that of a rich man.
୨ । ଉଦାର ପ୍ରକୃତି—2. Liberal mind.
୩ । ଦାନଶୀଳ ପ୍ରକୃତି—
3. Generous disposition.

**ଅମିରମିଜାଜିଆ**—ଦେ. ବଣ. (ଅ. ଅମୀରମେଜାଜୀ)—
Amirmijājiā ଅମିରମିଜାଜୀ (ଦେଖ)
Amirmijāji (See)

**ଅମିରମିଜାଜୀ**—ବୈଦେ ବଣ. (ଅ. ଅମୀର ମେଜାଜୀ)—୧ । ଯାହାର
Amirmijāji ମନ ଅମିରଙ୍କ ମନ ପରି ଉଦାର—
আমীরমেজাজী 1. Liberal-minded.
**आमीरमेजाजी** ୨ । ବଡ଼ଲୋକଙ୍କ ପରି ଯେ ଧନ ବ୍ୟୟ ପ୍ରତି
ଖାତିର କରେ ନାହିଁ—2. Not careful in money-matters like a rich man.

**ଅମିରୀ**—ବୈଦେ. (ଆ) ବ.—ଅମିର୍‌ପଣ—The state of being
Amiri an Amir.
আমীরী ବୈଦେ. (ଆ) ବଣ.—ଅମିର୍‌ସମ୍ବନ୍ଧୀୟ—
**अमीरी** Relating to an Amir.

**ଅମିଲ୍**—ବୈଦେ. (ଆ) ବ.—ସୁବାଦାର ୧ (ଦେଖ)
Amil Subādar 1. (See)
আমীল
**अमील**

| ୧ | ଇ | ଊ | ଋ,ୠ | ଌ | ଏ | ବ୍ୟଞ୍ଜନ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ | ଉଅ | ଋ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଉ | ଋ | ଲୃ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ୱ | ନୃ |

**ଅମିଶା**—ଦେ. ବିଣ.—୧ । ( ସ. ଅମିଶ୍ରିତ )—ଅମିଶ୍ରିତ; ଯାହା ଏକତ୍ର
Amisā ମିଶ୍ରିତ ହୋଇ ନାହିଁ—1. Unmixed.
ଅମେଶା ୨ । ବିଶୁଦ୍ଧ; ଯହିଁରେ ବାଜେ ପଦାର୍ଥ ମିଶା ଯାଇ ନାହିଁ—
निराला 2. Unadulterated.
୩ । ଯେଉଁ ରାଶିମାନଙ୍କର ମିଶାଣ ବା ଯୋଗ କରା ଯାଇ ନାହିଁ—3. Not added together.
ଗ୍ରା. ବି. ( ସ. ଅମାବସ୍ୟା )—ଅମାବସ୍ୟା—The day of the new moon.

**ଅମିଶାଣ**—ଦେ. ବିଣ. (ସ. ଅ+ମିଶ୍ରଣ)—ଯେଉଁ ରାଶି ସବୁର ମିଶାଣ
Amisāṇa ବା ଯୋଗକ୍ରିୟା କରା ଯାଇ ନାହିଁ—
1. Not added together.
୨ । ଯେଉଁ ଲୋକ ଅନ୍ୟ ଲୋକଙ୍କ ସଙ୍ଗେ ମିଳମିଶା କରିବାକୁ ପସନ୍ଦ ପାଏ ନାହିଁ; ଏକୁଟିଆବାଉଦା; ଅମିଶୁଆ—
2. (a person) Who does not like to mix with others on equal terms in society; unsociable.

**ଅମିଶୁଆ**—ଦେ. ବିଣ. ପୁଂ. ( ସଂ. ଅ+ମିଶ୍ରଣ )—ଯେଉଁ ଲୋକ ଅନ୍ୟ
Amisuā ଲୋକଙ୍କ ସଙ୍ଗେ ମିଳା ମିଶା କରିବାକୁ ପସନ୍ଦ ପାଏ ନାହିଁ;
ଅମିଶୁକ ଏକୁଟିଆବାଉ; ଅମିଶାଣ—(a person) Who does
अनमेल not like to mix with others on equal
(ଅମିଶୋଇ—ସ୍ତ୍ରୀ) terms in society; unsociable.

**ଅମିଶ୍ର**—ସଂ. ବିଣ. (ଅ+ମିଶ୍ର)—୧ । ଅମିଶ୍ରିତ; ଅନ୍ୟ ପଦାର୍ଥ ସଙ୍ଗେ
Amisra ମିଶି ନ ଥିବା—1. Unmixed.
୨ । ବିଶୁଦ୍ଧ; ଖାଣ୍ଟି; ଯହିଁରେ ବାଜେ ଜିନିଷ ମିଶି ନ ଥାଏ—
2. Unadulterated; pure.
୩ । (ଗଣିତ) ଯେଉଁ ରାଶିରେ ଅନ୍ୟ ଭଗ୍ନାଂଶକ ସଂଖ୍ୟା ମିଶି ନାହିଁ—3. (Mathematics) Simple (number).

**ଅମିଶ୍ରଗଣିତ**—ସ. ବି ( ସଂ. ଅମିଶ୍ର+ଗଣିତ )—
Amisragaṇita ଯେଉଁ ଗଣିତ ଶାସ୍ତ୍ରରେ ଅମିଶ୍ର ରାଶି ବିଷୟ ଆଲୋଚିତ ହୁଏ—
Arithmetic dealing with simple numbers.

**ଅମିଶ୍ରଗୁଣନ**—ସଂ. ବି ( ୬ଷ୍ଠୀ ତତ୍; ଅମିଶ୍ର+ଗୁଣନ)—
Amisragunana ( ଗଣିତ ) ଏକ ଅମିଶ୍ର ରାଶି ସଙ୍ଗେ ଅନ୍ୟ ଅମିଶ୍ର ରାଶିର ଗୁଣନ—
( Arithmetic ) Simple multiplication.
[ଦ୍ର—ଏହିପରି ଗଣିତଶାସ୍ତ୍ରରେ ଅମିଶ୍ର ଯୋଗ ବା ସଂକଳନ, ଅମିଶ୍ର ବିୟୋଗ ବା ବ୍ୟକଳନ, ଅମିଶ୍ର ହରଣ ଶବ୍ଦମାନ ବ୍ୟବହୃତ ହୁଏ । ]

**ଅମିଶ୍ରରାଶି**—ସଂ. ବି ( କର୍ମଧା; ଅମିଶ୍ର+ରାଶି )—
Amisrarāsi ( ଗଣିତ ) ଯେଉଁ ରାଶିରେ ଅନ୍ୟ ଭଗ୍ନାଂଶକରାଶି ମିଶି ନ ଥାଏ; ପୂର୍ଣ୍ଣସଂଖ୍ୟା—
( Arithmetic ) Simple numbers.
[ ଦ୍ର—ଅମିଶ୍ର ରାଶି ଯଥା—ଟ ୫୯ ପାଞ୍ଚଟଙ୍କା; ମିଶ୍ରରାଶି ଯଥା—ଟ ୫।/୫ ପାଞ୍ଚ ଟଙ୍କା, ପାଞ୍ଚ ଅଣା, ପାଞ୍ଚ ପାହୁଲା ]

**ଅମିଶ୍ରିତ**—ସଂ. ବିଣ ( ଅ+ମିଶ୍ରିତ )—
Amisrita ଅମିଶ୍ର (ଦେଖ )—Amisra ( See )

**ଅମୀ**—ସଂ. ବିଣ. ପୁଂ ( ଅମ=ରୋଗ+ଇନ୍; ୧ମା. ୧ବ )—
Amī ପୀଡ଼ିତ; ରୁଗ୍ଣ—Ailing; sick.
( ଅମିନୀ—ସ୍ତ୍ରୀ ) ସଂ. ବି. ପୁଂ.—ରୋଗୀ; ରୁଗ୍ଣବ୍ୟକ୍ତି—
Invalid.

**ଅମୁକ**—ସଂ. ସର୍ବନାମ. ପୁଂ ( ସଂ. ଅଦସ୍=ଏହି+କଣ୍; ନିପାତନ
Amuka ଅନିର୍ଦ୍ଦିଷ୍ଟନାମା ବା ଉଦ୍ଦିଷ୍ଟନାମା କୌଣସି ବ୍ୟକ୍ତି ବା
( ଅମୁକା—ସ୍ତ୍ରୀ ) ବସ୍ତୁର ନାମ ନ ଧରି ତାକୁ ଲକ୍ଷ୍ୟ କରି ବ୍ୟବହୃତଶବ୍ଦ)—
ଫଲଣା; ସେ, ସେହି (ବ୍ୟକ୍ତି ବା ବସ୍ତୁ )—
Such or such a person or thing; a thing or person referred to without mention of the name.
[ଦ୍ର—ଭାଷାରେ ଅମୁକ ଶବ୍ଦ ପୁଂଲିଙ୍ଗ ଓ ସ୍ତ୍ରୀଲିଙ୍ଗରେ ମଧ୍ୟ ବ୍ୟବହୃତ ହୁଏ]
ଅମୁକ ଦେ. ବିଣ. ପୁଂ—କୌଣସି ନିର୍ଦ୍ଦିଷ୍ଟ (ବ୍ୟକ୍ତି ବା ବସ୍ତୁ )
अमुक; फलां A certain person or thing.

**ଅମୁକଇ**—ଗ୍ରା. ସର୍ବନାମ ( ସଂ. ଅମୁକ )—
Amukai ଅମୁକ ( ଦେଖ )—Amuka ( See )
অমুক
अमुक

**ଅମୁକଢମୁକ**—ଦେ. ସର୍ବନାମ (ସଂ. ଅମୁକ+୨ୟ ଶବ୍ଦ ଅନର୍ଥକ ସହଚର;
Amukadhamuka ବହୁବଚନ )—
অমুকটমুক; অমকতুস্মক ୧ । ସେ ଏବଂ ସେ—
अमका ढमका 1. That and that.
୨ । ଅମୁକ ଓ ଅମୁକ ଲୋକ ବା ବସ୍ତୁଗଣ—
2. Such and such persons or things.

**ଅମୁକତମୁକ**—ପ୍ରାଦେ. ( ସମ୍ବଲପୁର ) ସର୍ବନାମ (ସହଚର ବହୁବଚନ)
Amukatamuka ( ସଂ. ଅମୁକ+ଅନର୍ଥକ ସହଚର )—
ଅମୁକଢମୁକ ( ଦେଖ ) Amukadhamuka ( See )

**ଅମୁକସମୁକ**—ଦେ. ସର୍ବ ( ସହଚର )—ଅମୁକଢମୁକ ( ଦେଖ )
Amukasamuka Amukadhamuka ( See )

**ଅମୁକାଇ**—ଗ୍ରା. ସର୍ବ. ( ସଂ. ଅମୁକ )—ଅମୁକ ( ଦେଖ )
Amukāi Amuka ( See ).

**ଅମୁକେଇ**—ଗ୍ରା. ସର୍ବ. ( ସଂ. ଅମୁକ )—ଅମୁକ ( ଦେଖ )
Amukei Amuka ( See )

**ଅମୁକ୍ତ**—ସଂ. ବିଣ. ( ଅ+ମୁକ୍ତ )—୧ । ଯେ ବନ୍ଧନରୁ ମୁକ୍ତ
Amukta ହୋଇନାହିଁ—
1. Not yet released from captivity; not at liberty.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ଯେ ମୁକ୍ତି ବା ମୋକ୍ଷ ଲାଭ କରି ନାହିଁ—
2. One who has not yet attainded salvation.

୩ । ଆବଦ୍ଧ—3. Confined.

୪ । ଅପରିତ୍ୟକ୍ତ—4. Not abandoned.

୫ । ଅପରିଷ୍କୃତ—5. Not clean.

୬ । ଆବୃତ; ଯାହା ଖୋଲା ନୁହେ—
6. Covered; not bare.

ସଂ. ବି. କ୍ଲୀ—ହସ୍ତ ଧୃତ ଛୁରିକାଦି ଅସ୍ତ୍ର ।
( ଜ୍ଞାନେନ୍ଦ୍ର, ଅଭିଧାନ । )
Weapon held in the hand.

**ଅମୁଣିଅାଁ**—ଦେ. ବି. ଓ ବିଣ—ଅମଣିଅାଁ (ଦେଖ)
Amuṇiāṅ — Amaṇiāṅ (See)

**ଅମୁତ୍ର**—ସଂ. ଅ. (ସଂ. ଅଦସ୍ = ଏହି + ୭ମୀ ବିଭକ୍ତି ସ୍ଥାନରେ. ତ୍ର)—
Amutra ୧ । ପରକାଳରେ—1. In the life after death.
(ଅତ୍ର; ଇହ—ବିପରୀତ)
୨ । ଜନ୍ମାନ୍ତରରେ—2. In the next life on earth.

**ଅମୁଦ**—ସଂ. ବିଣ. ( ଅ + ମୁଦ ଧାତୁ + ଅ )—
Amuda ଆମୋଦଶୂନ୍ୟ; ହର୍ଷରହିତ—Joyless.
ସଂ. ବି—ଆମୋଦର ଅଭାବ—Joylessness.
ଦେ. ବିଣ (ସଂ. ଅମୁଦ୍ରିତ)—ଅମୁଦା ( ଦେଖ )
Amudā ( See )

**ଅମୁଦା**—ଦେ. ବିଣ. ( ସଂ. ଅମୁଦ୍ରିତ )—
Amudā ୧ । ଅମୁଦ୍ରିତ; ମୋହର ମରା ଯାଇ ନଥିବା; ମୁଦ ଦିଆ ଯାଇ ନ ଥିବା—
আমুদা
बेमुहर; खुला 1. Unsealed; having no seal on it.
୨ । ଖୋଲା; ଯାହା ବୁଜା ହୋଇ ନାହିଁ—
2. Open; not shut up.
( ଯଥା—ଅମୁଦା ଘର; ଅମୁଦା ଫୁଲ ।.)
୩ । ବନ୍ଦ କରା ଯାଇ ନ ଥିବା—3. Not closed
( ଯଥା—ଅମୁଦା ଦୁଆର । )
୪ । ଜଉମୁଦ କରା ଯାଇ ନ ଥିବା—
4. Not sealed with lac.
( ଯଥା—ଅମୁଦା ଲଫାପା । )
୫ । ଯେଉଁ ଦେଉଳର ମୁଣ୍ଡି ମରା ଯାଇ ନାହିଁ; ଲଣ୍ଡା (ଦେଉଳ)—5. (temple) Of which the hole at the top has not yet been closed; unclosed at the top.
୬ । ଯହିଁରେ କୌଣସି ସଙ୍କେତ ବା ଜ୍ଞାପକଚିହ୍ନ ନାହିଁ—
6. Having no distinctive mark on it.

**ଅମୁଦ୍ରା**—ଦେ. ବିଣ. ( ସଂ. ଅ+ମୁଦ୍ରା )—
Amudrā ୧ । ଯେଉଁ ଦ୍ରବ୍ୟରେ କୌଣସି ଚିହ୍ନ ବା ସଙ୍କେତ ନାହିଁ—
1. (thing) Having no distinctive mark on it.
ବୈଦେହୀ ତାହା ଲେପ କରାଏ; ବାଛି ଅମୁଦ୍ରା ଦ୍ରବ୍ୟ ପଠାଏ
ଭଞ୍ଜ. ବୈଦେହୀଶବିଳାସ ୨୨।୮ ।
୨ । ଯେଉଁ ଟଙ୍କାରେ ସିକା ବା ମୋହର ନାହିଁ—
2. (coin) Bearing no seal.

**ଅମୁଦ୍ରିତ**—ସଂ. ବିଣ. ( ଅ+ମୁଦ୍ରିତ )—
Amudrita ୧ । ଛପା ହୋଇ ନ ଥିବା—1. Not printed.
୨ । ଅପ୍ରକାଶିତ (ପୁସ୍ତକ)—2. Unpublished.
୩ । ଅମୁଦା ( ଦେଖ )—3. Amudā ( See )

**ଅମୁରା**—ଦେ. (ପ୍ରାଚୀନ; ମାଦଳା ପାଞ୍ଜିବ୍ୟବହୃତ) ବି. (ମୂଳ ସଂ. ଚମୂପତି)—
Amurā ସେନାପତି—General

**ଅମୁରୁଚ୍ଛିକ**—ଗ୍ରା. ବିଣ—ଅମୁରୁଚ୍ଛୁକ ( ଦେଖ )
Amuruchhika — Amuruchhuka ( See )

**ଅମୁରୁଚ୍ଛିକା**—ଗ୍ରା. ବିଣ—ଅମୁରୁଚ୍ଛୁକା ( ଦେଖ )
Amuruchhikā — Amuruchhukā ( See )

**ଅମୁରୁଚ୍ଛିକୀ**—ଗ୍ରା. ବିଣ—ଅମୁରୁଚ୍ଛୁକୀ ( ଦେଖ )
Amuruchhikī — Amuruchhukī ( See )

**ଅମୁରୁଚ୍ଛୁକ**—ଗ୍ରା. ବିଣ. ପୁଂ ଓ ସ୍ତ୍ରୀ—
Amuruchhuka ୧ । ହାଇଁପାଇଁ; ପ୍ରିୟ ବା ଇପ୍ସିତ ବା ଦୁଷ୍ପ୍ରାପ୍ୟ ପଦାର୍ଥ ପାଇବା ପାଇଁ ଲାଳାୟିତ ବା ବ୍ୟଗ୍ର—
উৎসুক, লালচে
ललाचायाहुआ; लालची
1. Hankering after a dearly loved or rare thing; yearning.
୨ । ପ୍ରିୟ ବା ଇପ୍ସିତ ବସ୍ତୁର ଅପ୍ରାପ୍ତି ଯୋଗୁଁ ଦୁଃଖିତ—
2. Sorry at not getting a coveted thing.

**ଅମୁରୁଚ୍ଛୁକା**—ଗ୍ରା. ବିଣ. ପୁଂ. ଓ ସ୍ତ୍ରୀ—ଅମୁରୁଚ୍ଛୁକ (ଦେଖ)
Amuruchhukā — Amuruchhuka ( See )

**ଅମୁରୁଚ୍ଛୁକୀ**—ଗ୍ରା. ବିଣ. ସ୍ତ୍ରୀ—ଅମୁରୁଚ୍ଛୁକର ସ୍ତ୍ରୀଲିଙ୍ଗ
Amuruchhukī Feminine of Amuruchhuka.

**ଅମୁରୁଚ୍ଛୁକୁ**—ଗ୍ରା. ବିଣ. ପୁ. ଓ ସ୍ତ୍ରୀ—ଅମୁରୁଚ୍ଛୁକ ( ଦେଖ )
Amuruchhuku — Amuruchhuka ( See )

**ଅମୁର୍ଚ୍ଛିକ**—ଗ୍ରା. ବିଣ.— ଅମୁରୁଚ୍ଛୁକ ( ଦେଖ )
Amurchhika — Amuruchhuka ( See )

**ଅମୁର୍ଚ୍ଛୁକ**—ଗ୍ରା. ବିଣ.— ଅମୁରୁଚ୍ଛୁକ ( ଦେଖ )
Amurchhuka — Amuruchhuka ( See )

**ଅମୁର୍ଚ୍ଛୁକା**—ଗ୍ରା. ବିଣ.— ଅମୁରୁଚ୍ଛୁକ ( ଦେଖ )
Amuruchhukā — Amuruchhuka ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | • ଅନୁନାସିକ ସ୍ୱରାକ୍ଷର | ଯ | ଜ | ଶ,ଷ | କ୍ଷ | ଇଯ୍ | ୱ୍ଅ | ଖ |
| ୨ | ଈ | ଊ | ରୁ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗଁ୍ୟ | ଇଅ | ୱ | ନ୍ଥ |

**ଅମୁର୍ଚ୍ଛୁକୀ**—ସ୍ତ୍ରୀ. ବିଣ.—ଅମୁରୁଚ୍ଛୁକୀ ( ଦେଖ )
Amurchhuki Amuruchhukī ( See )

**ଅମୁଲ**—ଦେ. ବିଣ. ( ସଂ. ଅମୂଲ୍ୟ )—
Amula ୧ । ଅମୂଲ୍ୟ; ଯାହାର ମୂଲ୍ୟ ନିରୂପିତ ହୋଇ ନପାରେ—
**अमूल्य** 1. Priceless; invaluable.
**अनमोल** ୨ । ବହୁମୂଲ୍ୟ—2. Very valuable.
୩ । ମହର୍ଘ—3. Dear.

ଦେ. ବି. ୧ । ଅତି ଉଚ୍ଚ ମୂଲ୍ୟ—1. Very high price; exorbitant price.
୨ । ଯେଉଁ ମୂଲ୍ୟ ଦେଇ କୌଣସି ବସ୍ତୁ କିଣିବା ଅସମ୍ଭବ—2. Prohibitive price.

**ଅମୁଲମୁଲ**—ଦେ. ବିଣ ( ସଂ. ଅମୂଲ୍ୟ+ମୂଲ୍ୟ )—
Amulamula ୧ । ଅତି ଅଧିକ ମୂଲ୍ୟର—
**अमूल्य** 1. Of very high price;
**अनमोल** very valuable.
୨ । ଅତି ମହର୍ଘ—2. Very very dear.
୩ । ଅମୂଲ୍ୟ—3. Invaluable, priceless
କାଳୀ ହେବ ସବୁ ଶହେ ପାଠିଏ, ଗୋଟାଏ ତ ଅମୁଲମୁଲ—ତନ୍ତ୍ର।
୪ । ପ୍ରକୃତ ମୂଲ୍ୟଠାରୁ ବେଳାଯୁ ବେଶି ମୂଲ୍ୟର—4. Exorbitant in price; of much more than the proper price.
୫ । ଲୋକେ କିଣି ନ ପାରିବା ଭଳି ମୂଲ୍ୟର—5. Of prohibitive price.

ଦେ. ବି.—୧ । ପ୍ରକୃତ ମୂଲ୍ୟଠାରୁ ଅତି ବେଶି ମୂଲ୍ୟ—1. Exorbitant price.
୨ । ଲୋକେ କିଣି ନ ପାରିବା ଭଳି ଦାମ୍—2. Prohibitive price.
୩ । ଉଚିତ ମୂଲ୍ୟ ଅପେକ୍ଷା ଢେର୍ କମି ଦାମ୍—3. Much less than the proper price.
୪ । ଅତି ଅଧିକ ମୂଲ୍ୟ—4. Very high price.

**ଅମୁଲମୁଲ କରିବା**—ଦେ. କ୍ରି—୧ । ବହୁମୂଲ୍ୟ ବସ୍ତୁକୁ ଅଳ୍ପ ମୂଲ୍ୟର
Amulamula karibā ବୋଲି କହିବା—
**अनमोल करना** 1. To undervalue a thing.
୨ । କୌଣସି ବସ୍ତୁ ପାଇଁ ଉଚିତ ମୂଲ୍ୟ ଅପେକ୍ଷା ଅତ୍ୟଧିକ ମୂଲ୍ୟ ହାକିବା—2. To charge a very exorbitant price for a thing; to charge much more than the proper price.

**ଅମୁଲମୁଲେଇବା**—ଦେ. କ୍ରି—ଅମୁଲମୁଲ କରିବା (ଦେଖ)
Amulamuleibā Amulamula karibā (See)

**ଅମୁଷ୍ୟ**—ସଂ. ବିଣ. ପୁଂ. (ଅଦସ୍ ଶବ୍ଦ + ଯ)—୧ । ଅମୁକର—
Amushya 1. Of such a one.
୨ । ପ୍ରସିଦ୍ଧ; ଖ୍ୟାତ—2. Famous.

**ଅମୁଷ୍ୟପୁତ୍ର**—ସଂ. ବି. ପୁଂ. ( ଅମୁଷ୍ୟ=ଅମୁକ ବଂଶର+ପୁତ୍ର )—ପ୍ରସିଦ୍ଧ-
Amushyaputra ବଂଶଜାତ ପୁତ୍ର—The son of a famous family.

**ଅମୁହାଁ**—ଦେ. ବିଣ.—(ସଂ. ଅ+ମୁଖ )—ଯେଉଁ ଦେଉଳ, ଗଳି, ଘର
Amuhān̐ ଆଦିର ପ୍ରବେଶଦ୍ୱାର ନାହିଁ—1. ( temple or room ) Having no inlet or entrance.
୨ । ଦ୍ୱାରହୀନ (ଗୃହ)—2. Doorless (house).
୩ । ଯେଉଁ ଗଳିରେ ପଶିବା ବାଟର ବିପରୀତ ଦିଗରେ ବାହାର ଯିବାକୁ ବାଟ ନାହିଁ—3. Blind (alley); having no outlet.
୪ । (ସଂ. ଅ + ମନ୍ଥିତ)—ଯେଉଁ ଦହି ମନ୍ଥିତ ହୋଇ ନାହିଁ—4. Unchurned (curd.
୫ । ଯେଉଁ ଚୁଲିରେ କାଳକାଠ ମୁହାଁ ହୋଇ ନ ଥାଏ—5. ( grate ) Into which fuel has not been pushed.
୬ । ଯେଉଁ ଗୋରୁ ମୁହାଁ ହୋଇ ନ ଥାଏ ଅର୍ଥାତ୍, ଯାହାକୁ କୁଣ୍ଡା ପାଣି, ତୋରାଣି, କୁଟୁଚ ଆଦି ପିଇବାକୁ ଦିଆ ହୋଇ ନ ଥାଏ—6. ( cattle ) Which has not yet been given drink or liquid food.

**ଅମୂର୍ତ୍ତ**—ସଂ. ବିଣ. (ବହୁବ୍ରୀହି; ଅ+ମୂର୍ତ୍ତି)—୧ । ନିରାକାର; ଆକାରହୀନ—
Amūrtta 1. Shapeless.
୨ । ଅଶରୀରୀ—2. Incorporeal.
ସଂ. ବି.—୧ । ( ନ୍ୟାୟ ଦର୍ଶନ )—( ଏମାନଙ୍କର ଆକାର ନ ଥିବାରୁ ) କାଳ; ଆକାଶ; ଆତ୍ମା; ଦିକ୍—1 (Nyāya philosophy) Time; sky; soul; points of the compass.
୨ । (ବେଦାନ୍ତ ଦର୍ଶନ)—ବାୟୁ; ଆକାଶ—2. (Bedānta philosophy)—Air; ether.
୩ । ଶିବ; ମହାଦେବ—3. God Siba.
୪ । ପରମେଶ୍ୱର—4. God.

**ଅମୂର୍ତ୍ତି**—ସଂ. ବିଣ. (ବହୁବ୍ରୀହି; ଅ+ମୂର୍ତ୍ତି)—ଅମୂର୍ତ୍ତ (ଦେଖ)
Amūrtti Amūrtta (See)
ସଂ. ବି. (ନଞ୍ ତତ୍)—୧ । ଆକାରର ଅଭାବ—1. Absence of shape or form.
୨ । ମୂର୍ତ୍ତିହୀନତା; ଆକାରହୀନତା—2. Shapelessness.
୩ । ମହାଭାରତୋକ୍ତ ବିଷ୍ଣୁଙ୍କ ନାମ—3. A name of Bishṇu.
୪ । (ବହୁବଚନ)—ପିତୃଲୋକବିଶେଷ—4. Name of a class of manes (M. W.)

ସାଧାରଣ ଲୋକେ ଅପର ବୃଷ୍ଟାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଢ଼' କୁ ମିଳିଲେ 'ଗାଢ' ଖୋଜିବେ; 'କୁଅ' କୁ ମିଳିଲେ 'କୂଅ' ଦେଖିବେ; 'ବଠ' ନ ପାଇଲେ 'ବଠ଼' ଦେଖିବେ; 'ଅର୍ଣ୍ଣା' ନ ପାଇଲେ 'ଅର୍ଣ୍ଣା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅମୂଳ**—ସଂ. ବିଣ. (ବହୁବ୍ରୀହି; ଅ+ମୂଳ)—୧ । ନିର୍ମୂଳ; ଯେଉଁ ଗଛର ମୂଳ ନାହିଁ—1. Rootless.
**Amūla**

୨ । ଯାହାର ମୂଳଦେଶ ବା ବଇଠି ନାହିଁ—2. Baseless.

୩ । ଭିତ୍ତିହୀନ; ଅମୂଳକ—3. Unfounded; having no basis.

୪ । ଅକାରଣ—4. Groundless.

୫ । ଅସତ୍ୟ; ମିଥ୍ୟା—5. False; untrue.

୬ । ଅବାସ୍ତବ; କାଳ୍ପନିକ—6. Imaginary; fanciful; not real or actual.

୭ । କଳ୍ପିତ—7. Fancied.

୮ । ଅପ୍ରାମାଣିକ—8. Without authority; not resting on authority (M. W.)

ସଂ. ବି. (ସାଂଖ୍ୟ ଦର୍ଶନ)—ପ୍ରକୃତି ( ହିନ୍ଦି ଶବ୍ଦସାଗର)—(Sāmkhya philosophy) Nature.

**ଅମୂଳ** (ଇତ୍ୟାଦି)—ଦେ. ବିଣ—ଅମୁଲ ଇତ୍ୟାଦି ( ଦେଖ )
**Amūla etc.** Amula etc ( See )

**ଅମୂଳକ**—ସଂ. ବିଣ. (ଅମୂଳ+କ)—ଅମୂଳ ( ଦେଖ )
**Amūlaka** Amūla ( See )

**ଅମୂଳା**—ସଂ. ବି. ( ଅମୂଳ+ଆ )—ଗୁଳ୍ମବିଶେଷ—
**Amūlā** The plant Methonica Superba (M.W.)

**ଅମୂଲ୍ୟ**—ସଂ. ବିଣ. ( ବହୁବ୍ରୀହି; ଅ+ମୂଲ୍ୟ )—୧ । ଯାହାର ଉପଯୁକ୍ତ ମୂଲ୍ୟ ନିରୂପିତ ହୋଇ ନ ପାରେ; ଅମୂଲ—1. Priceless; invaluable
**Amūlya**

୨ । ବହୁ ମୂଲ୍ୟବାନ୍—2. Very valuable

[ ଦ୍ର—'ଅମୂଲ୍ୟ' ଓ 'ନିର୍ମୂଲ୍ୟ' ଶବ୍ଦର ବ୍ୟୁତ୍ପତ୍ତି ଏକପ୍ରକାରର ହେଲେହେଁ 'ଅମୂଲ୍ୟ'ର ଅର୍ଥ ଯେଉଁ ବସ୍ତୁର ମୂଲ୍ୟ ଏତେ ବେଶି ଯେ ତାକୁ କେହି ମୂଲ୍ୟଇ ପାରେ ନାହିଁ; 'ନିର୍ମୂଲ୍ୟ'ର ଅର୍ଥ–ଯେଉଁ ବସ୍ତୁର କିଛିଏ ସୁଦ୍ଧା ମୂଲ୍ୟ ନ ଥିବାରୁ ତାକୁ କେହି ମୁଲ୍ୟଇବ ନାହିଁ । ବସ୍ତୁତଃ ଏ ଦୁଇ ଶବ୍ଦର ମର୍ମ ବିପରୀତ ଅଟେ । ]

**ଅମୂଲ୍ୟ ଧନ**—ସଂ. ବି. ( କର୍ମଧା; ଅମୂଲ୍ୟ+ଧନ )—
**Amūlya dhana** ୧ । ଅତି ମୂଲ୍ୟବାନ ଧନ—1. Very valuable property.

୨ । (ଲକ୍ଷଣାର୍ଥ) ମନୁଷ୍ୟର ପ୍ରିୟତମ ବସ୍ତୁ ବା ବ୍ୟକ୍ତି—2 ( Figurative One's dearest person or thing.

**ଅମୂଲ୍ୟାଣ**—ଗ୍ରା. ( ପ୍ରାଚୀନ ) ବିଣ. ( ସଂ. ଅମୂଲ୍ୟ )—
**Amūlyāṇa** ୧ । ଅମୂଲ୍ୟ—1. Very valuable.

ଆଭରଣ କରନ୍ତି ଅମୂଲ୍ୟାଣ ସାଢ଼ୀ । ପ୍ରାଚୀ—ବିଷ୍ଣୁନବୃନ୍ଦଗୀତା ।

୨ । ( ସଂ. ଅମ୍ଳାନ ) ଅମଲାଣ ( ଦେଖ )
2. Amalāṇa ( See )

**ଅମୃଛୁକ** (ଇତ୍ୟାଦି)—ଗ୍ରା. ବିଣ—ଅମୁରୁଛୁକ ଇତ୍ୟାଦି ( ଦେଖ )
**Amṛuchhuka etc.** Amuruchhuka etc ( See )

**ଅମୃଣାଳ**—ସଂ. ବିଣ. ( ବହୁବ୍ରୀହି; ଅ+ମୃଣାଳ )—
**Amṛuṇāla** ମୃଣାଳ ବା ପଦ୍ମଲତା ନ ଥିବା ( ଜଳାଶୟ )—( a tank ) Devoid of lotus stalks.

ସଂ. ବି. ବେଣାମୂଳ—The root of the Beṇā grass or Andropogen Muricatus ( M. W.)

**ଅମୃତ**—. ସଂ. ବି. ( ବହୁବ୍ରୀହି; ଅ=ନାହିଁ+ମୃତ=ମରଣ ଯହିଁରୁ; ଯାହା ପାନ କଲେ ପ୍ରାଣୀ ମରେ ନାହିଁ; ତୁଳ—ଗ୍ରୀକ୍ ଅମ୍ବ୍ରୋଟସ୍; ଇଂ. ଅମ୍ବ୍ରୋସିଆ )—୧ । ( ପୁରାଣୋକ୍ତ ) ସୁଧା; ପୀୟୂଷ; ଯେଉଁ ବସ୍ତୁକୁ ପାନ କରିବା ପ୍ରାଣୀର ମୃତ୍ୟୁ ନାହିଁ—1. The mythological nectar; Ambrosia.
**Amṛuta**

[ ଦ୍ର—ଦେବାସୁର ମାନେ ସମୁଦ୍ରମନ୍ଥନ କଲାବେଳେ ଏହା ସମୁଦ୍ରଗର୍ଭରୁ ବାହାରିଥିଲା ଓ କୌଶଳପୂର୍ବକ ଦେବତାମାନେ ଏହା ପାନକରି ଅମର ହେଲେ । ]

୨ । (ଅମୃତ ପାନ କରି ଅମର ହୋଇ ଥିବାରୁ) ଦେବତାଗଣ—2. The Deities; the gods.

୩ । ( ସମୁଦ୍ରମନ୍ଥନବେଳେ ହାତରେ ଅମୃତଭାଣ୍ଡ ଧରି ସମୁଦ୍ର ଗର୍ଭରୁ ଉଠିଥିବାରୁ )—ଧନ୍ୱନ୍ତରୀ—3. The physician of the gods.

୪ । ଜଳ—4. Water.

୫ । ଦୁଗ୍ଧ; କ୍ଷୀର—5. Milk.

୬ । ଘୃତ; ଘିଅ—6. Ghee.

୭ । ନବନୀତ; ନହୁଣି—7. Butter.

୮ । ତକ୍ର—8. Whey.

୯ । ଅନ୍ନ—9. Food.

୧୦ । ଔଷଧ—10. Medicine.

୧୧ । ହରଡ଼ା—11. Myrabolan.

୧୨ । ଗୁଳୁଚିଲତା—12. A medicinal creeper.

୧୩ । ପାରଦ; ପାରା—13. Mercury.

୧୪ । ସ୍ୱର୍ଣ୍ଣ; ସୁନା—14. Gold.

୧୫ । ବିଷ—15. Poison.

୧୬ । ସୁରା; ମଦ—16. Wine.

୧୭ । ବନ୍ୟମୁଦ୍ଗ—17. A wild corn.

୧୮ । ବାରାହୀକନ୍ଦ—18. A bulbous root.

୧୯ । ମୋକ୍ଷ; ମୁକ୍ତି—19. Spiritual emancipation.

୨୦ । ଜ୍ୟୋତିଷୋକ୍ତ ଶୁଭଯୋଗ ବିଶେଷ; ଅମୃତଯୋଗ (ଦେଖ) 20. Some auspicious astrological combination; Amṛuta joga ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଁ ଅନୁନାସିକ ଯୁକ୍ତାକ୍ଷର | ଙ | ଜ | ଶ,ଷ | କ୍ଷ | ଇୟ | ଉଅ | ଛ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ୟ | ଯ | ସ | ଗଁ୍ୟ | ଇଅ | ● | ନ୍ତ |

୨୧ । ସ୍ୱର୍ଗ; ପରମ ଧାମ—21. Heaven

୨୨ । ଧନ—22. Riches

୨୩ । (ଅମୃତ ପର) ରସନାତୃପ୍ତିକର ବସ୍ତୁ; ସୁସ୍ୱାଦୁ ପଦାର୍ଥ—23. Any sweet thing.

୨୪ । ବ୍ରହ୍ମ; ପରବ୍ରହ୍ମ—24. The Divine Soul or essence pervading the Universe.

୨୫ । ଯଜ୍ଞଶେଷ ଦ୍ରବ୍ୟ—25. The remains of a sacrificial rite.

୨୬ । ପ୍ରାଚୀନ ବାଦ୍ୟଯନ୍ତ୍ରବିଶେଷ (ଷ୍ଟାନେଦନ୍—ଅଭିଧାନ)—26. An ancient musical instrument.

ସଂ. ବିଣ—୧ । ଜୀବିତ; ମର ନ ଥିବା—1. Not dead; living; alive.

(ଅମୃତା—ସ୍ତ୍ରୀ) ୨ । ମରଣହୀନ; ଅମର—
(ଅମୃତତ୍ୱ—ବି) 2. Imperishable; deathless.

୩ । ( ଅମୃତ ତୁଲ୍ୟ ) ସୁମଧୁର—3. Very sweet.

୪ । ଆନନ୍ଦପ୍ରଦ—4. Delightful.

୫ । ପ୍ରିୟ—5. Dear; beloved.

୬ । ସୁନ୍ଦର—6. Beautiful.

**ଅମୃତକର**—ସଂ. ବି. ( ବହୁବ୍ରୀହି; ଅମୃତ=ଆନନ୍ଦକର+କର= **Amrutakara** କିରଣ )—ସୁଧାକର; ଚନ୍ଦ୍ର—The moon.

**ଅମୃତକୁଣ୍ଡ**—ସଂ. ବି. (୬ଷ୍ଠୀ ତତ୍; ଅମୃତ+କୁଣ୍ଡ )—
**Amrutakunda** ୧ । ଅମୃତକୂପ; ଯେଉଁ କୂପରେ ସ୍ନାନ କଲେ ଜୀବ ଅମର ହୁଏ—1. The well of imortality; spring of eternal life

୨ । ଅମୃତଭାଣ୍ଡ; ସୁଧାକଳସ—2. A pitcher containing nectar.

ଏ ଗ୍ରନ୍ଥ ଅଟଇ ଅମୃତକୁଣ୍ଡ—ପ୍ରାଚୀ· ଶ୍ରୀଗୁରୁଭକ୍ତିଗୀତା ।

ଦେ. ବି.—ସତ୍ୟନାରାୟଣ ବା ସତ୍ୟପୀରଙ୍କୁ ଭୋଗ ଲଗା ଯିବା ପାଚିଲାକଦଳୀ, ଦୁଧ, ଶର୍କରା, ଗୋଧୂମ ବା ଶାଳୀଚୂର୍ଣ୍ଣ ଲ-ଚୂର୍ଣ୍ଣ ଓ ଘୃତ ଏକତ୍ର ଚକଟା ହୋଇଥିବା ନୈବେଦ୍ୟ—A liquid or gruelly mixture consisting of ripe plantains pressed with milk, sugar, ghee and wheat or rice-flour offered to the Deity Satyanārāyana.

[ ଦ୍ର—ପାଚିଲା କଦଳୀ ସଙ୍ଗେ ଉପରୋକ୍ତ ଅନ୍ୟ ଗୃହସ୍ଥ ଦ୍ରବ୍ୟ ଚକଟି ଏହା ସତ୍ୟନାରାୟଣଙ୍କୁ ଭୋଗ ଦେବାର ବିଧି ସ୍କନ୍ଦପୁରାଣରେ ଅଛି ଓ ଆଧୁନିକ କାଳର 'ସତ୍ୟପୀର' ଦେବତାଙ୍କୁ ଏହା ଭୋଗ ଦିଆଯାଏ । ଏହି ଭୋଗକୁ ଅମୃତକୁଣ୍ଡ ବା କଦଳୀ ଚକଟା ବା ଶିରଣୀ କହନ୍ତି । ]

**ଅମୃତଘଷା**—ଦେ. ବି. ( ସଂ. ଅମୃତ=ପ୍ରାଚୀନ ବାଦ୍ୟ ଯନ୍ତ୍ରବିଶେଷ+ **Amrutaghashā** ଘର୍ଷଣ )—ବାଦ୍ୟଯନ୍ତ୍ରବିଶେଷ—A kind of musical instrument.

ମୃଦଙ୍ଗ ଲଗାଇଛି ତନ ତନ ପ୍ରପଦରେ,
ଧରିଛି ଅମୃତଘଷା ଧନ ବେନକରେ—ଭଞ୍ଜ· ଲବଣ୍ୟବତୀ ।

**ଅମୃତଜଟା**—ସଂ. ବି.—ଜଟାମାଂସୀ ଗୁଳ୍ମ ( ଦେଖ )
**Amrutajatā** Valerianā Jatāmāmsi plant (See)

**ଅମୃତଜଡ଼ା**—ପ୍ରାଦେ. ( ସିଂହଭୂମ ) ବି. ( ଏହି ଗଛର ପତ୍ର ଜଡ଼ା ବା **Amrutajardā** ଗବ ଗଛର ପତ୍ର ପରି ଆକାରବିଶିଷ୍ଟ ଥିବାରୁ ଓ ଏହା ସୁମଧୁର ଥିବାରୁ )—ଅମୃତଭଣ୍ଡା; ପପୟା (ଦେଖ) Papayā ( See )

**ଅମୃତତରଙ୍ଗିଣୀ**—ସଂ. ବି. ( ଅମୃତତରଙ୍ଗ+ଇନ୍+ଈ )—ଜ୍ୟୋତ୍ସ୍ନା; **Amrutatarangini** ଚନ୍ଦ୍ରକିରଣ—Moonlight.

**ଅମୃତତ୍ୱ**—ସଂ ବି. ( ଅମୃତ+ଭାବ.ତ୍ୱ )—ଅମରତ୍ୱ—
**Amrutatwa** Immortality.

**ଅମୃତଦୀଧିତି**—ସଂ. ବି. ( ବହୁବ୍ରୀହି; ଅମୃତ+ଦୀଧିତି )—ଚନ୍ଦ୍ର—
**Amrutadidhiti** The moon.

**ଅମୃତଦୃଷ୍ଟି**—ସଂ. ବି. ( ମଧ୍ୟପଦଲୋପୀ; ଅମୃତମୟ ଦୃଷ୍ଟି )—ସୁଦୃଷ୍ଟି; **Amrutadrushti** ଅନୁଗ୍ରହପୂର୍ଣ୍ଣ ଦୃଷ୍ଟି—Favourable look.

ଯମ ଅମୃତଦୃଷ୍ଟିରେ ଚାହିଁଲେ ଅନାଦ୍ୟ,
ପଞ୍ଚଦଶ ବ୍ରହ୍ମା କଲରୁ ହୋଇଲେ ସଦ୍ୟ—ସାରଳା ମହାଭାରତ· ଆଦି ।

**ଅମୃତଧାରୀ**—ସଂ. ବିଣ. ପୁଂ. ( ଅମୃତ+ଧୃ ଧାତୁ+କର୍ତ୍ତୃ. ଇନ୍. ୧ମା. **Amrutadhārī** ୧ବ. )—ଯେ ଅମୃତ ଧରିଥାଏ—Holding nectar.

ସଂ. ବି.—୧ । ମେଘ—1. Cloud.

୨ । ଚନ୍ଦ୍ର—2. Moon.

ବୈଦେହୀ ଅମୃତଧାରୀ ଗଭୀକ ଚକୋର ପରି ବିରହକ୍ଷୁଧରେ ଧାଇଁ ସେହି ବଧାନ—
ଭଞ୍ଜ· ବୈଦେହୀଶବିଳାସ ।

**ଅମୃତପ**—ସଂ. ବିଣ. ପୁଂ. ( ଅମୃତ+ପା ଧାତୁ=ପିଇବା; ରକ୍ଷା କରିବା **Amrutapa** +କର୍ତ୍ତୃ. ଅ )—ଅମୃତପାନକାରୀ—
(ଅମୃତପା—ସ୍ତ୍ରୀ) Drinking nectar.

ସଂ. ବି.—୧ । ଦେବତାଗଣ—1. The gods.

[ ଦ୍ର—ଏମାନେ ସମୁଦ୍ରମନ୍ଥନୋଦ୍ଭୂତ ଅମୃତ ପାନ କରିଥିଲେ । ]

୨ । ବିଷ୍ଣୁ—2. Bishnu.

[ ଦ୍ର—ଏ ଅସୁରମାନଙ୍କଠାରୁ ମୋହିନୀରୂପ ଧାରଣ କରି ଅମୃତକୁ ରକ୍ଷା କରିଥିଲେ । ]

**ଅମୃତପାଣିକଦଳୀ**—ଦେ. ବି. (ଇଣ୍ଡୋଚୀନ ଦ୍ୱୀପ ଦେଶର ଦକ୍ଷିଣସ୍ଥ ଅନ୍ତରୀପ- **Amrutapānikadali** ମାର୍ତ୍ତାବାନ୍ ନାମକ ସ୍ଥାନରୁ ଏ ଜାତିର **ମର୍ତ୍ତମାନକଳା** କଦଳୀ ପ୍ରଥମେ ଏ ଦେଶକୁ ଆସିଥିବାରୁ ସମ୍ଭବତଃ ଏ ନାମ; **অমৃতবান** ଭୁଲ. ସଂ. ଅମୃତବାନ୍ )—ଏକପ୍ରକାର ପାଚିଲାକଦଳୀ—A kind of plantain which is edible when ripe.

ସାଧାରଣ ଲୋକେ ଅପର ପୃଷ୍ଠାରେ ପ୍ରଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ସାଉ' ନ ମିଳିଲେ 'ଶାଉ' ଖୋଜିବେ; 'କୃଷ' ନ ମିଳିଲେ 'କୂଷ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

[ ଦ୍ର—ପାଚିଗଲେ ଏ କଦଳୀ ଏପରି ନରମ ହୁଏ ଯେ ଏହାକୁ ପାଟିରେ ପକାଇ ଦେଲା ମାତ୍ରେ ଏହା ମିଳାଇ ଯାଏ । ]

**ଅମୃତଫଳ**—ସଂ. ବି. ( କର୍ମଧା; ଅମୃତ+ଫଳ; ଅମୃତ ପରି ସ୍ୱାଦୁ ଫଳ ) ୧ ।— ଅମୃତଫଳ ( କ୍ଲାରେନ୍ସ—ଅପ୍ରଧାନ)—1. Mango.
Amṛutaphaḻa

୨ । ଅତ; ବଡ଼ିଅଳ—2. Custard apple.

୩ । ନାସପାତି—3. Pear; pyrus communis.

୪ । ପାରେଳିତ ଫଳ; ପିଜୁଳି—4. Guava.

୫ । ପାରଦ—5. Mercury.

୬ । ପଟୋଳ – 6. An edible kitchen-fruit.

୭ । ବୃଦ୍ଧିନାମକ ଔଷଧ—7. A medicine.

୮ । ଅଁଳା ୧. (ଦେଖ)
8. Aan̄ḻā 1. ( See ).

**ଅମୃତଫଳା**—ସଂ. ବି. ( ଅମୃତଫଳ+ଆ )—
Amṛutaphaḻā ୧ । ଦ୍ରାକ୍ଷା—1. Grapes.

୨ । ଅମଳକୀ—2. Embellic Myrabolan.

୩ । ହରିତକୀ—3. Myrabolan.

**ଅମୃତବଲ୍ଲୀ**—ସଂ. ବି. ( ଅମୃତ=ଗୁଳୁଚି+ବଲ୍ଲୀ=ଲତା )—
Amṛutaballī ଗୁଳୁଚି ଲତା—A medicinal creeper.

**ଅମୃତବାର** —ସଂ. ବି. (କର୍ମଧା; ଅମୃତ+ବାର)—
Amṛutabāra ଶୁଭବାର; ସପ୍ତାହର ଯେଉଁ ବାର ଶୁଭ—An auspicious week-day.

ଅମୃତବାର ହେବ ଯେ ବୁଧବାର ବୋଲି । ସାରଳାମହାଭାରତ. ବନ୍ଦ୍ୱ ।

**ଅମୃତଭଣ୍ଡା**—ଦେ ବି. ( ଏହା ସୁମଧୁର ଓ କଦଳୀ ଭଣ୍ଡା ଆକୃତି ସଦୃଶ ଥିବାରୁ )—ପଣସୁଆ ( ଦେଖ )
Amṛutabhaṇḍā Papayā ( See )

**ଅମୃତଭାଷୀ**—ସଂ. ବିଣ. (ଅମୃତ+ଭାଷ ଧାତୁ+କର୍ତ୍ତୃ.ଇନ୍.୧ମା.୧ବ)—
Amṛutabhāshī ୧ । ଯେ ସୁମଧୁର କଥା କହେ—
(ଅମୃତଭାଷିଣୀ—ସ୍ତ୍ରୀ) 1. Fair-spoken

୨ । ଯାହାର ସ୍ୱର ମଧୁର—2. Sweet-toned.

**ଅମୃତମଣେଇଁ**—ଦେ. ବି—ଅମୃତମୁଣୋହିଁ ( ଦେଖ )
Amṛutamaṇein̄ Amṛutamuṇohin̄ (See)

**ଅମୃତମଣୋହିଁ**—ଦେ. ବି—ଅମୃତମୁଣୋହିଁ ( ଦେଖ )
Amṛutamaṇohin̄ Amṛutamuṇohin̄ (See)

**ଅମୃତମଣ୍ଡା**—ପ୍ରାଦେ. ( ଗଡ଼ଜାତ; ସମ୍ବଲପୁର )—
Amṛutamaṇḍā ପପସ୍ୟା (ଦେଖ)—Papayā ( See )

**ଅମୃତମୁଣେଇଁ**—ଦେ. ବି—ଅମୃତମୁଣୋହିଁ ( ଦେଖ )
Amṛutamuṇein̄ Amṛutamuṇohin̄ (See)

**ଅମୃତମୁଣୋଇଁ**—ଦେ. ବି—ଅମୃତମୁଣୋହିଁ ( ଦେଖ )—
Amṛutamuṇoin̄ Amṛutamuṇohin̄ ( See)

**ଅମୃତମୁଣୋହିଁ**—ଦେ. ବି. ( ସଂ. ଅମୃତ+ଓ.ମୁଣୋହିଁ=ଦେବତା ଓ ରାଜାଙ୍କ ଭୋଜନ )—
Amṛutamuṇohin̄
ଅମୃତମନହିଁ ୧ । ଦେବଦେବୀଙ୍କ ଭୋଗ—
1. Food offered to a Deity.

୨ । ପୁରୀ ଜଗନ୍ନାଥ ମହାପ୍ରଭୁଙ୍କ ଭୋଗ—
2. Food offered to the Deity Jagannātha at Puri.

ଅମୃତମୁଣୋହିଁ ପ୍ରବନ୍ଧ, ପରଶେ ଶ୍ରୀପୁରୁଷୋତ୍ତମ ।
ଯଶୋବନ୍ତ. ପ୍ରେମଭକ୍ତି ଗୀତା ।

୩ । ପୁରୀ ଜଗନ୍ନାଥଙ୍କ ଭୋଗ ପାଇଁ ଭୂସମ୍ପତ୍ତି ବା ଖଞ୍ଜାସମ୍ପତ୍ତି—
3. Endowment for the worship of the Deity Jagannātha at Purī; property bequeathed for offering food to the Deity Jagannātha at Purī out of its income.

**ଅମୃତଯଉବନୀ**—ଗ୍ରା. ବିଣ. ସ୍ତ୍ରୀ. ( ସଂ. ଅମୃତଯୌବନା )—
Amṛutajaubanī ଚିରଯୁବତୀ; ଅମୃତଯୌବନା; ଯେଉଁ ସ୍ତ୍ରୀର
ଚିରଯୌବନ ଯୌବନ ଚିରକାଳ ଥାଏ—
( a woman ) Of unfading youth.

ତ୍ରିଭୁବନର ମଧ୍ୟେ ମୁହିଁ ଅମୃତଯଉବନୀ । ପୀତାମ୍ବର. କୃଷ୍ଣ ହରିବଂଶ ।

**ଅମୃତଯୋଗ**—ସଂ. ବି—୧ । ଜ୍ୟୋତିଷୋକ୍ତ ଶୁଭ ଯୋଗବିଶେଷ—
Amṛutajoga 1. An auspicious combination of planets at certain times.

କୃଷ୍ଣ ପକ୍ଷ ଭୃଗୁବାର ରୋହିଣୀ ପଡ଼ିଲେ
ଅମୃତଯୋଗରେ କାର୍ଯ୍ୟ ସିଦ୍ଧ ହୁଏ ଭଲେ । ସାରଳାମହାଭାରତ. ଉଦ୍ଯୋଗ

[ ଦ୍ର—ଅମୃତଯୋଗ ଦୁଇ ପ୍ରକାରର—ନକ୍ଷତ୍ରାମୃତଯୋଗ; ତିଥ୍ୟମୃତ ଯୋଗ । ୧—ରବିବାରଦିନ ଉତ୍ତରଫାଲ୍‌ଗୁନୀ,ଉତ୍ତରାଷାଢ଼ା, ଉତ୍ତରଭାଦ୍ରପଦ, ରୋହିଣୀ, ପୁଷ୍ୟା, ହସ୍ତା, ମୂଳା, ରେବତୀ ନକ୍ଷତ୍ରମାନ; ସୋମବାର ଦିନ ଶ୍ରବଣା, ଧନିଷ୍ଠା, ରୋହିଣୀ, ମୃଗଶିରା, ପୂର୍ବାଫାଲ୍‌ଗୁନୀ, ଉତ୍ତରଫାଲ୍‌ଗୁନୀ, ପୂର୍ବଭାଦ୍ରପଦ, ଉତ୍ତରଭାଦ୍ରପଦ, ହସ୍ତା, ଅଶ୍ୱିନୀ ନକ୍ଷତ୍ରମାନ; ମଙ୍ଗଳବାର ପୁଷ୍ୟା, ଅଶ୍ଳେଷା, କୃତ୍ତିକା, ସ୍ୱାତୀ, ଉତ୍ତରଭାଦ୍ରପଦ, ରେବତୀ; ବୁଧବାର କୃତ୍ତିକା, ରୋହିଣୀ, ଶତଭିଷା, ଅନୁରାଧା; ବୃହସ୍ପତିବାର ସ୍ୱାତି, ପୁନର୍ବସୁ, ପୁଷ୍ୟା, ଅନୁରାଧା, ପୂର୍ବାଫାଲ୍‌ଗୁନୀ, ଉତ୍ତରଫାଲ୍‌ଗୁନୀ, ପୂର୍ବଭାଦ୍ରପଦ, ଉତ୍ତରଭାଦ୍ରପଦ, ଅଶ୍ୱିନୀ, ଶ୍ରବଣା, ଅନୁରାଧା ଓ ଶନିବାର ଦିନ ସ୍ୱାତୀ ଓ ରୋହିଣୀ ନକ୍ଷତ୍ରପଡ଼ିଲେ ନକ୍ଷତ୍ରାମୃତ ଯୋଗ ହୁଏ । ୨—ରବି ଓ ସୋମବାରରେ ପୂର୍ଣ୍ଣାତିଥି; ମଙ୍ଗଳବାରରେ ଭଦ୍ରା; ବୁଧବାର ଓ ଶନିବାରରେ ନନ୍ଦା; ବୃହସ୍ପତି ବାରରେ ଜୟା ଓ ଶୁକ୍ରବାରରେ ରିକ୍ତା ତିଥି ହେଲେ ତିଥ୍ୟମୃତଯୋଗ ହୁଏ ।

କ୍ଲାରେନ୍ସ—ଅପ୍ରଧାନ ]

୨ । ଶୁଭ ସମୟ—2. Auspicious time.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇଯ୍ | ଉଅ | ଛ |
| ୨ | ଈ | ଊ | ୠ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଂ | ଇଅ | ୱ | ନ୍ତ |

ଅମୃତଯୌବନ—ସଂ. ବିଣ. ପୁଂ (ବହୁବ୍ରୀହି; ଅମୃତ=ଅବିନାଶୀ+ଯୌବନ)-
Amrutajaubana ଚିରଯୁବକ—Of unfading youth.
(ଅମୃତଯୌବନା—ସ୍ତ୍ରୀ)

ଅମୃତଯୌବନୀ—ଦେ. ବିଣ. ସ୍ତ୍ରୀ. ( ସଂ. ଅମୃତଯୌବନା )—
Amrutajaubani ଅମୃତଯଉବନୀ ( ଦେଖ )
Amrutajaubani (See)

ଅମୃତରସାବଳି—ସଂ. ବି— ଅମୃତ ବା ସୁମଧୁର ରସସମୂହ—
Amrutarasābali A collection of very sweet juices.

ଦେ. ବି—ଏକ ପ୍ରକାର ମିଷ୍ଟାନ୍ନ—
A kind of sweetmeat.

[ ଦ୍ର—କେନ୍ଦ୍ରାପଡ଼ା ବଳଦେବ ଜୀଉଙ୍କଠାରେ ଭୋଗ ଲାଗିବା ଅମୃତରସାବଳି ଉତ୍କଳପ୍ରସିଦ୍ଧ ଓ ସେଠା ଦେଖାଦେଖି ସତ୍ୟବାଦୀ, ଆଠଗଡ଼ ଆଦି ଅନେକ ସ୍ଥାନରେ ଏ ଭୋଗ ପ୍ରସ୍ତୁତ ହେଉଅଛି । ଦୁଧଛେନାରେ ମିଠା ମିଶାଯାଇ ଏହା ବଳାଯାଇ ଘିଅରେ ଛଣା ହେଲା ପରେ ଦୁଧରେ ବୁଡ଼ା ଯାଏ । ]

ଅମୃତସହର—ଦେ. ବି—ପଞ୍ଜାବ ପ୍ରଦେଶର ଅନ୍ତର୍ଗତ ନଗରବିଶେଷ—
Amrutasahara Amritsar; a town in the Punjab
অমৃতসর
अमृतसर

ଅମୃତହସ୍ତା— ଦେ. ବିଣ. ପୁଂ. ଓ ସ୍ତ୍ରୀ ( ସଂ. ଅମୃତହସ୍ତ; ଯାହା ହସ୍ତରେ
Amrutahastā ଅମୃତ ଅଛି ବୋଲି କଳ୍ପନା କରାଯାଏ )—
୧ । ସିଦ୍ଧହସ୍ତ; ଯଶସ୍ୱୀ ( ବିଶେଷତଃ ବୈଦ୍ୟମାନଙ୍କର ବିଶେଷଣ ରୂପେ ବ୍ୟବହୃତ ହୁଏ )—
1. ( A physician ) Whose treatment is reputed to end in cure.
୨ । ଯେଉଁ ବ୍ୟକ୍ତିର ହାତର ରୁଷାଇ ବା ପରଷା ସୁଆଦିଆ ଲାଗେ ବୋଲି ଲୋକେ ବିଶ୍ୱାସ କରନ୍ତି—
2. (a person Whose cooking or serving of food is believed to be very tasteful.
ଅମୃତହସ୍ତା ଲୋକେ ପରଶୁ ଥିଲେ ଜାଣ
ଭୁଞ୍ଜିଲେ ସନ୍ତୋଷ ହେବେ ସନ୍ତେ ଲୋକ ପୁଣ । ପୀତାମ୍ବର. ନୃସିଂହପୁରାଣ ।
୩ । ଯେଉଁ ଲୋକ କୌଣସି କାର୍ଯ୍ୟରେ ହାତ ଲଗାଇଲେ ସେ କାର୍ଯ୍ୟ ସଫଳ ହେବ ବୋଲି ଲୋକେ ବିଶ୍ୱାସ କରନ୍ତି—3. (a person) Who has the reputation of succeeding in any undertaking to which he puts his hand.

ଅମୃତା—ସ. ବିଣ. ସ୍ତ୍ରୀ. ( ଅମୃତ+ସ୍ତ୍ରୀ ଆ )—ଅମୃତର ସ୍ତ୍ରୀଲିଙ୍ଗ—
Amrutā Feminine of Amruta.
ସ. ବି—୧ । ଦୁବ ( ଦେଖ )
1. Duba ( See )
୨ । ତୁଳସୀ—
2. Tulasi; holy basil (plant)
୩ । ଗୁଳୁଚି ( ଦେଖ )
3. Guluchi ( See )
୪ । ଅଁଳା (ଦେଖ) —4. Añalā (See)
୫ । ହରଡ଼ା—5. The yellow myrobolan.
୬ । ସୁରା; ମଦିରା—6. Wine.
୭ । ପିପ୍ପଳୀ—7. Long pepper.
୮ । ଅତୁସୀ ( ଦେଖ )
8. Atusi ( See )
୯ । ସୂର୍ଯ୍ୟରଶ୍ମି—9. Sun's ray
[ ଦ୍ର—ଜଳବାହିନୀ ସୂର୍ଯ୍ୟରଶ୍ମି ସଂଖ୍ୟାରେ ଚାରୋଟି; ଯଥା—ଅନନ୍ଦା, ମେଧା, ଭୂତନା ଓ ପୂତନା । ]

ଅମୃତାକ୍ଷ—ସଂ. ବି. ( ବହୁବ୍ରୀହି )—୧ । ହସ୍ତୀର ନାମବିଶେଷ;
Amrutākshya ପୁଷ୍ପଦନ୍ତ ହସ୍ତୀର ପୁତ୍ର—
1. Name of a mythological elephant.
୨ । କାଳଦେବତାଙ୍କ ନାମବିଶେଷ—
2. A name of Time personified.
ଅମୃତାକ୍ଷ ନାମେ କାଳ ଉତ୍ତରେ ସ୍ଥିତ
ଅଇଶାନ୍ୟରେ ଯୋଗିନୀ ମହାମାୟା ମୂର୍ତ୍ତି । କୃଷ୍ଣସିଂହ. ମହାଭାରତ ।

ଅମୃତାନ୍ଧସ୍—ସଂ. ବି. ( ବହୁବ୍ରୀହି; ଅମୃତ+ଅନ୍ଧସ୍=ଅନ୍ନ; ଖାଦ୍ୟ )—
Amrutāndhas ଦେବତା—Deity; God-head

ଅମୃତାୟମାନ – ସଂ. ବିଣ. [ଅମୃତ+ପରି ଅର୍ଥରେ. ଯ (କ୍ୟଙ୍)=ଅମୃତାୟ-
Amrutāyamāna ନାମ ଧାତୁ+କର୍ମ. ଆନ (ଶାନଚ୍ )]—
୧ । ଅମୃତୋପମ; ଅମୃତ ପରି ଲାଗୁଥିବା; ଅମୃତ ପରି ମଧୁର—1. Tasting sweet as nectar
୨ । ଅମୃତ ପାଲଟି ଯିବା—
2. Turned to nectar; nectarised.

ଅମୃତାଶନ—ସଂ. ବି. ( ବହୁବ୍ରୀହି; ଅମୃତ+ଅଶନ=ଭୋଜନ )—
Amrutāsana ଦେବତା—A god; deity.

ଅମୃତି—ଦେ. ବି—୧ । ଛୋଟ ଗାଲ ବା ଜଳପାତ୍ର—
Amruti 1. A small drinking pot.
আব্‌খোরা ୨ । ସ୍ୱରବାଦ୍ୟବିଶେଷ—
इमरती 2. A kind of musical instrument.
ପିଲାଙ୍କ ଅମୃତି ରବା ଢ଼ଙ୍ଗ ଯେ ଢୋଲର । ପ୍ରାଚୀ—ରହସ୍ୟମଞ୍ଜରୀ ।

ଅମେଇସା—ଗ୍ରା. ବି. (ସଂ. ଅମାବସ୍ୟା)—ଅମାବାସ୍ୟା; ଅମାବସୀ—
Ameisā The day of the new moon.

ଅମେଇସିଆ—ଗ୍ରା. ବି. ( ସଂ. ଅମାବସ୍ୟା )—ଅମାବସୀ; ଅମାବସ୍ୟା—
Ameisiā The day of the new moon.

ଅମେଣ୍ଟ—ଦେ. ବିଣ. (ପ୍ରା. ଅ+ଅ. ମିନ୍ନା)—
Amenṭa ୧ । ଅମୋଘ—1. Unerring.
অমোঘ ୨ । ଅଲଂଘ୍ୟ; ଅକାଟ; ଅପ୍ରତିକାର୍ଯ୍ୟ—
अचूक 2. Irremediable.

ସାଧାରଣତଃ ଲେଖକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ରୂଥ' ନ ମିଳିଲେ 'ରୂଥ' ଦେଖିବେ; 'ବନ୍ଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୩ । ଅବାଧ—3. Irresistible.

୪ । ଅଖଣ୍ଡନୀୟ—4. Which cannot be undone.

ତା ଶୁଣି କନ୍ୟା କୋପ କଲା, ତାଙ୍କୁ ଅମେଣ୍ଟ ଶାପ ଦେଲା ।
ଯଶୋବନ୍ତ—ପ୍ରେମଭକ୍ତି ବ୍ରହ୍ମଗୀତା ।

**ଅମେଣ୍ଟଣ**—ଦେ. ବିଣ—ଅମେଣ୍ଟ (ଦେଖ)
Amenṭaṇa — Amenṭa (See)
ଦେ. ବି.—ଦଶା ଆଦିର ଖଣ୍ଡନ ନ ହେବା ଅବସ୍ଥା—
The non-passing away of any crisis evil luck.

**ଅମେଧ**—ଦେ. ବିଣ. (ସଂ. ଅମେଧ୍ୟ)—୧ । ଅମେଧ୍ୟ; ଅପବିତ୍ର (ଖାଦ୍ୟ)
Amedha — 1. Impure (food)
୨ । ଅପବିତ୍ର—2. Impure; unholy.
ଅମେଧ ଗୃହରେ ନ କରିବ ଅନ୍ନ ସିଦ୍ଧି । ପ୍ରାଚୀ—ଶ୍ରୀଗୁରୁଭକ୍ତି ଗୀତା ।
୩ । ନିଷିଦ୍ଧ (ଖାଦ୍ୟ)—3. Prohibited (food)
ଦେ. ବି.—୧ । ଅପବିତ୍ର ସ୍ଥାନ—1. Impure place.
୨ । ବିଷ୍ଠା ଆଦି ଅପବିତ୍ର ବସ୍ତୁ—2 Impure or unholy articles.

ଅମେଧରେ ପୂଜା ପଦ୍ମ ଥିଲେକ ଆଣି
ତରେ ସମ୍ପାଦଣ ରଖିବ ନଚମଣି । କୃଷ୍ଣସିଂହ. ମହାଭାରତ. ଶାନ୍ତି ।

**ଅମେଧାଃ**—ସଂ. ବିଣ. ପୁଂ. ଓ ସ୍ତ୍ରୀ. (ବହୁବ୍ରୀହି; ଅ=ନାହିଁ+ମେଧସ୍= ଧାରଣାବତୀ ବୁଦ୍ଧି; ଅମେଧସ୍; ୧ମା. ୧ବ.)—
Amedhāḥ
ନିର୍ବୋଧ—Foolish; idiotic.

**ଅମେଧାବୀ**—ସଂ. ବିଣ. ପୁଂ. (ଅ=ନୁହେ+ମେଧାବିନ୍=ବୁଦ୍ଧିମାନ୍ ୧ମା. ୧ବ. )—ବୁଦ୍ଧିଶକ୍ତିରହିତ; ଗଧା; ଗମାର୍—
Amedhābī
(ଅମେଧାବିନୀ—ସ୍ତ୍ରୀ) — Dunce; stupid.

**ଅମେଧ୍ୟ**—ସଂ. ବିଣ. (ଅ+ମେଧ)—୧ । ଅପବିତ୍ର; ଅଶୁଦ୍ଧ—
Amedhya — 1. Impure.
୨ । ନିଷିଦ୍ଧ (ଖାଦ୍ୟ)—2 Prohibited (food)
ସଂ. ବି.—୧ । ଅପବିତ୍ର ବସ୍ତୁ—1. Impure articles.
୨ । ବିଷ୍ଠା ଆଦି ଅଖାଦ୍ୟ ବସ୍ତୁ—2. Fæces etc.

ବରଜୀବ ରସେ ଦେଇ ମାନସ । ବରଜ ବରଷେ ଅମେଧ ଗ୍ରାସ ।
କବିସୂର୍ଯ୍ୟ—କବିତା ।

**ଅମେୟ**—ସଂ. ବିଣ. ( ଅ=ନୁହେ+ମେୟ=ପରିମାଣଯୋଗ୍ୟ )—
Ameya ୧ । ଅମାପ; ଅପରିମେୟ—
1. Immeasurable; unfathomable.
୨ । ଅସୀମ—2 Boundless.
୩ । ବହୁ—3. Immense.

**ଅମେରା**—ପ୍ରାଦେ. (ସମ୍ବଲପୁର) ବି. (ସଂ. ଆମ୍ରାତକ; ଅମ୍ବର )—
Amerā ଆମ୍ବଡ଼ା (ଫଳ ଓ ଗଛ)—Hogplum.

**ଅମେଳ**—ଦେ. ବିଣ. ( ସଂ. ଅ+ମିଳନ )—
Amel̤a ୧ । ପରସ୍ପର ସଙ୍ଗେ ମେଳ ଖାଉ ନ ଥିବା—
অমিল; গরমিল — 1. Not tallying with each other.
**अनमिल; बेमेल** — ୨ । ପରସ୍ପରର ମତଭେଦ ଘଟୁଥିବା—
2. Disagreeing with each other.
୩ । ପରସ୍ପର ବିରୋଧୀ—3. Contradictory.
୪ । ଅସମାନ—4. Dissimilar; unequal.
୫ । ଅଘଟଣ—5. Unsymmetrical.
୬ । ବେଜୋଡ଼—6 Not in pairs; not suiting each other.
୭ । ଅପ୍ରାସଙ୍ଗିକ—7. Irrelevant.
୮ । ପରସ୍ପର ସହିତ ଅପଡ଼ ଥିବା—
8. Not on good terms with each other.
অমেল — ଦେ. ବି—୧ । ମିଳନର ଅଭାବ—
**अनमेल** — 1. Want of union; disunion.
୨ । ପ୍ରଭେଦ—2. Difference.
୩ । ବିବାଦ; କଳହ—3. Dissension; dispute.
୪ । ଅପଡ଼; ଅବନ—4. Disagreement.
୫ । ଶତ୍ରୁତା—5. Enmity.
୬ । ବିରୋଧ—6. Opposition
୭ । ଅପ୍ରାସଙ୍ଗିକତା—7. Irrelevancy.
୮ । ଅଘଟଣପଣ—8. Want of symmetry.
୯ । ଅସମତା; ସମତାର ଅଭାବ—
9. Want of similarity.

**ଅମେଳକ**—ଦେ. ବିଣ. ( ସଂ. ଅ+ମିଳନ )—ପରସ୍ପର ବିରୋଧୀ—
Amel̤aka — Contradictory; discordant.
অমিল — ଦେ. ବି—ଜ୍ୟୋତିଷଶାସ୍ତ୍ର ଅନୁସାରେ ବରପାତ୍ର ଓ କନ୍ୟା-
**बेमेल** — ପାତ୍ରର କୋଷ୍ଠୀଗତ ମିଳନର ଅଭାବ—
State of the horoscopes of the bride and the bride-groom elect not tallying with each other.

**ଅମୋକ୍ଷ**—ସଂ. ବି. (ନଞ୍ ତତ୍; ଅ+ମୋକ୍ଷ)—୧ । ମୁକ୍ତିର ଅଭାବ—
Amoksha — 1. Want of freedom or salvation.
୨ । ପୁନର୍ଜନ୍ମରୁ ଅମୁକ୍ତି—
2. Non-liberation from mundane existence.
୩ । ବନ୍ଧନରୁ ମୁକ୍ତ ନ ହେବା ଅବସ୍ଥା—
3. The state of not being released from bondage.
୪ । ବନ୍ଧନ—4. Confinement.
୫ । ସଂସାରବନ୍ଧନରୁ ଅମୁକ୍ତି—
5. Non-liberation from worldly bonds.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଙ୍ଘ | ଙ୍ଖ | ଛ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗ୍ୟଁ | ଙ୍ଖ | ଞ୍ଚ | ଚ୍ଛ |

ସଂ. ବଣ. ( ବହୁବ୍ରୀହି )—୧ । ଅମୁକ୍ତ—
1. Not freed; not liberated.

୨ । ମୁକ୍ତି ବା ମୋକ୍ଷରହିତ—
2. Devoid of salvation.

ବଗୃହଲ୍ଲ ଛାଡ଼କେନ୍ତ; ଏ ମାଇଲେ ହୋଇବ ଅମୋକ୍ଷ ।
ଭଞ୍ଜ. ବୈଦେହୀଶବିଳାସ ।

୩ । ବନ୍ଧନରୁ ଅମୁକ୍ତ—
3. Not freed from bondage.

**ଅମୋକ୍ଷପ୍ରେତ**—ସଂ. ବି. ( କର୍ମଧା; ଅମୋକ୍ଷ+ପ୍ରେତ )—ଯେଉଁ ମୃତ
**Amokshapreta** ବ୍ୟକ୍ତିର ଆତ୍ମା ପ୍ରେତତ୍ୱରୁ ମୁକ୍ତିଲାଭ କରି ନାହିଁ—The soul of a departed person which has not yet been liberated from spiritual bondage.

[ଦ୍ର—ହିନ୍ଦୁମାନଙ୍କର ବିଶ୍ୱାସ ଯେ ମୃତ ବ୍ୟକ୍ତିର ପ୍ରେତ ଉଦ୍ଦେଶ୍ୟରେ ଦଶାହ ଜର୍ଦିଷ୍ଟ ଶୁଦ୍ଧିକ୍ରିୟା ଓ ଶ୍ରାଦ୍ଧ ସମ୍ପାଦିତ ହେଲେ ଓ ଗୟାରେ ପିଣ୍ଡ ଦାନ କରା ଗଲେ, ମୃତ ବ୍ୟକ୍ତିର ଆତ୍ମା ପ୍ରେତତ୍ୱରୁ ମୋକ୍ଷ ଲାଭ କରି ପିତୃଲୋକକୁ ଯାଏ । ]

**ଅମୋକ୍ଷା**—ଗ୍ରା. ବଣ ( ସ. ଅମୋକ୍ଷ )—ଅମୋକ୍ଷ ( ଦେଖ )
**Amokshā** Amoksha ( See )

ଅମୋକ୍ଷା ପିଣ୍ଡକୁ ସ୍ୱାମୀ ମୋକ୍ଷା କରାଇଛ ।
ପ୍ରାଚୀ—ବହ୍ନିଜନ୍ମଗୀତା ।

**ଅମୋଘ**—ସ. ବଣ ( ଅ+ମୋଘ )—
**Amogha** ୧ । ଅବ୍ୟର୍ଥ; ଯାହା ଲକ୍ଷ୍ୟକୁ ନିଶ୍ଚେ ଭେଦ କରିବ—
( ଅମୋଘତ୍ୱ—ବି ) 1. Infallible; unerring; sure to hit the aim.

ବାମେ ଥାଇ ବାମ ହୋଇ ଇନ୍ଦ୍ରଜିତ ପ୍ରହାରେ ଅମୋଘ ଶକ୍ତି ।
ଭଞ୍ଜ. ବୈଦେହୀଶବିଳାସ ।

୨ । ଅବନ୍ଧ୍ୟ; ଫଳପ୍ରଦ—
2. Fruitful; effectual.

୩ । ଯାହା ଅଭୀଷ୍ଟଫଳ ପ୍ରଦାନ କରେ—
3. Sure to produce the desired effect; effective.

୪ । ଯାହା କେବେହେଁ ବିଫଳ ବା ବୃଥା ହେବ ନାହିଁ—
4. Unfailing.

ସ. ବି—୧ । ପରମେଶ୍ୱର—God, The Infallible.
୨ । ବିଷ୍ଣୁଙ୍କର ନାମ—2. A name of Bishṇu.
୩ । ଶିବ—3. God Śiba.

**ଅମୋଘା**—ସ. ବଣ. ସ୍ତ୍ରୀ. ( ଅମୋଘ+ଆ )—ଅମୋଘର ସ୍ତ୍ରୀଲିଙ୍ଗ—
**Amoghā** Feminine of Amogha.

ସ. ବି—୧ । ଦେବମାତା—1. The mother of the gods.
୨ । ବିଡ଼ଙ୍ଗ ( ଦେଖ )
Birḍanga ( See )
୩ । ପୁଷ୍ପବିଶେଷ —
3. Trumpet flower; Bignonia suaveolens ( M. W. )
୪ । ହରଡ଼ା—4. Myrobolan.
୫ । ଦୁର୍ଗା—5. Goddess Durgā.
୬ । ରାତ୍ରି—6. Night.
୭ । ପାଟଳୀ ଗଛ ( ଦେଖ )
7. Pāṭali tree ( See )
୮ । ନଦୀବିଶେଷ—8. Name of a river.
୯ । ଶାନ୍ତନୁ ଋଷିଙ୍କ ପତ୍ନୀ—
9 Name of the wife of the Sage Śāntanu.
୧୦ । ଶକ୍ତି ବା ଅସ୍ତ୍ରବିଶେଷ—10 Name of a weapon.

[ଦ୍ର—ତାଡ଼କାବଧାର୍ଥ ରାମଚନ୍ଦ୍ରଙ୍କୁ ବିଶ୍ୱାମିତ୍ର ଅମୋଘା ଓ ବିଜୟା ନାମକ ଦୁଇଟି ଶକ୍ତି ପ୍ରଦାନ କରିଥିଲେ । ]

**ଅମୋଚନ**—ସ. ବି ( ଅ+ମୋଚନ )—
**Amochana** ୧ । ବନ୍ଧନରୁ ମୁକ୍ତ କରାଇ ନ ଦେବା—
1. Not loosening or letting go.

ଅମୋଚନୀୟ, ଅମୋଚିତ, ଅମୋଚ୍ୟ, ଅମୋକ୍ୟ } ବଣ.

**ଅମୋଛ**—ଗ୍ରା. ପ୍ରାଚୀନ ପଦ୍ୟ. ବଣ ( ସଂ. ଅମୋକ୍ଷ )—
**Amochha** ଅମୋକ୍ଷ ( ଦେଖ )
Amoksha ( See )

ହରିଲୁ ଯେ ମୋର ବସ୍ତ୍ର ହୁଅ ଅମୋଛ ଯେ ।
ପ୍ରାଚୀ—ଶଶିସେଣା ।

**ଅମୋହ**—ସ. ବି ( ନଞ୍ ତତ୍; ଅ+ମୋହ )—
**Amoha** ୧ । ମୋହର ଅଭାବ—1. Absence of delusion.
୨ । ଭ୍ରାନ୍ତିର ଅଭାବ – 2. Freedom from error.

ସ. ବଣ ( ବହୁବ୍ରୀହି ). ୧ । ମୋହଶୂନ୍ୟ—1. Free from delusion.
୨ । ଭ୍ରାନ୍ତିଶୂନ୍ୟ—2. Unerring.

ଦେ. ବଣ. ( ସଂ. ଅମୋଘ )—୧ । ଅମୋଘ; ଅବ୍ୟର୍ଥ—
1. Unerring.

ଲୋଚନ ଅମୋହ ଶର ନିକ୍ଷେପିଲେ ବଷାଇ । ଶିଶୁଶଙ୍କର· ଉଷାଅଭିଳାଷ ।

୨ । ଅପ୍ରତିକାର୍ଯ୍ୟ—2. Irremediable.

ଅମୋହ ଦଣ୍ଡ ଦେହିଲୁ କପାଇ, ସବୁ ତା ବୁଝାଇ କହ ଗୋସାଇଁ ।
ପ୍ରାଚୀ—କଳଚରିତ ।

**ଅମୋହମଣି**—ସଂ. ବି. ( ମଧ୍ୟପଦଲୋପୀ; ଅମୋହ ଜନ୍ମାଇବା ମଣି )
**Amohamaṇi** ମଣିବିଶେଷ ( ଏ ମଣି ଧାରଣ କରିବା ବ୍ୟକ୍ତିର ମୋହ ବା ଭ୍ରାନ୍ତି ଜନ୍ମେ ନାହିଁ ବୋଲି କଥିତ ଅଛି )—
A kind of wonderful gem said to make the wearer free from committing errors.

ବହୁବାଇ ଅମୋହ ମଣି କରୁ ତୋଷ । ଭଞ୍ଜ. ବୈଦେହୀଶବିଳାସ ।

ସାଧାରଣ ଯେତେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ କୋଷକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ବୃଦ୍ଧ' ନ ମିଳିଲେ 'ବୃଦ୍ଧ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲିବଚ' ନ ପାଇଲେ 'ଅଲ୍ବଚ' ଦେଖିବେ ।

**ଅମୋହଶକ୍ତି**—ଦେ. ବ. ( ସଂ. ଅମୋଘ + ଶକ୍ତି )—
Amohasakti ୧ । ଶକ୍ତିବିଶେଷ; ଅମୋଘ ୧୦ ( ଦେଖ )
1. A kind of weapon. Amogha 10. ( See )
୨ । ଦେବଶସ୍ତ୍ର ବିଶେଷ—2. A kind of divine weapon.
[ ଦ୍ର—ଏହି ଶସ୍ତ୍ରକୁ ଅଗ୍ନି ବରୁଣଦେବଙ୍କଠାରୁ ଆଣି ଅର୍ଜୁନଙ୍କୁ ଦେଇଥିଲେ—ମହାଭାରତ । ]

**ଅମୌନ**—ସଂ. ବ. ( ଅ + ମୁନ + ଅ )—
Amauna ୧ । ମୁନିବ୍ରତ ପାଳନ ନ କରିବା ଅବସ୍ଥା—
1. The state of not keeping the vows of a sage ( M. W. )
୨ । ମୁନି ନ ହେବା ଅବସ୍ଥା—2 The state of not being a Muni or sage (M. W.)

**ଅମ୍ବ (ଧାତୁ)**—ସଂ.—୧ । ଗମନ କରିବା—1. To go.
Amba (root) ୨ । ଶବ୍ଦ କରିବା—2. To make a sound.
୩ । ଚାଲିବା—3. To walk.

**ଅମ୍ବ**—ସଂ. ବ. ପୁଂ ( ଅମ୍ବ ଧାତୁ + କର୍ତ୍ତୃ. ଅ )—
Amba ପିତା; ବାପ—Father.
(ଅମ୍ବା-ସ୍ତ୍ରୀ)

**ଅମ୍ବକ**—ସଂ. ବ—୧ । ( ଅମ୍ବ ଧାତୁ = ଚାଲିବା + କରଣ. ଅକ; ଯାହା
Ambaka ସାହାଯ୍ୟରେ ପ୍ରାଣୀ ବାଟ ଦେଖି ଚାଲିପାରେ )—
୧ । ନେତ୍ର; ଆଖି—1. Eye.
ଅନ୍ୟପରସନ, ଅନ୍ୟ ଅମ୍ବକ ହରଷ ସଦନ—ଭକ୍ତ. ପ୍ରେମସୁଧାନିଧି ।
[ ଦ୍ର—ଏହି ଶବ୍ଦ ଯୋଗେ ତ୍ରିଯମ୍ବକ ବା ତ୍ର୍ୟମ୍ବକ ଶବ୍ଦ ନିଷ୍ପନ୍ନ ହୋଇଅଛି । ]
୨ । ତାମ୍ର; ତମ୍ବା—2. Copper.
ସଂ. ବ. ( ଅମ୍ବ + ସ୍ୱାର୍ଥେ. କ )—ପିତା—Father.

**ଅମ୍ବର**—ସଂ. ବ. ପୁ. ୧ । ( ଅମ୍ବ ଧାତୁ = ଗନ୍ଧ କରିବା + କର୍ତ୍ତୃ. ର; ଏହା
Ambara ଦୂରରୁ ଭାସି ଆସି, ସମୁଦ୍ର ଉପକୂଳରେ ଲାଗିବାରୁ )—
ଅମ୍ବରୀ ଧୂପ ଦିଆ ଯିବା ସୁଗନ୍ଧ ଦ୍ରବ୍ୟବିଶେଷ—1. Ambergris.
ଆ. ଅମ୍ବର; ଅମ୍ବଗ୍ରି
ଅମ୍ବର
[ ଦ୍ର—ସମୁଦ୍ରର ତିମିବିଶେଷଙ୍କ ଅନ୍ତରେ ଏହା ଜନ୍ମେ । ସମୁଦ୍ରରେ ତିମିମାନେ ଏହାକୁ କାଢ଼ନ୍ତି । ଏହା ଭାସି ଆସି ଭାରତର ଓ ଆଫ୍ରିକାର ଉପକୂଳରେ ଲାଗେ ଓ ବ୍ୟବସାୟୀମାନେ ଏହାକୁ ସଂଗ୍ରହ କରି ଆଣନ୍ତି । ଆଉ ଏକ ପ୍ରକାର ଅମ୍ବର ଖଣିରୁ ମିଳେ । ଏହା ପାଂଶୁବର୍ଣ୍ଣ ଓ ଲଘୁ ଏବଂ ଖୁବ୍ ଦାହ୍ୟ; ନିଆଁରେ ପକାଇଲେ ଏଥିରୁ ସୁଗନ୍ଧ ବାଷ୍ପ ବାହାରେ । ]
୨ । ( ଅମ୍ବଧାତୁ = ଶବ୍ଦ କରିବା + ଅର; ଏହା ସମସ୍ତ ଶବ୍ଦର ଆଧାର ଥିବାରୁ ) ଶୂନ୍ୟ; ଆକାଶ—2. The sky; ether.
୩ । ବସ୍ତ୍ର—3. Cloth.
୪ । ପୋଷାକ—4. Garment; apparel.
୫ । କପା—5. Cotton.
୬ । ଶୂନ୍ୟସଂଖ୍ୟା—6. Cypher ( M. W. )
୭ । ଓଷ୍ଠ; ଓଠ—7. Lip ( M. W. )
୮ । ଅଭ୍ର; ମେଘକାଚ—8. Talc
୯ । ପଞ୍ଜାବର ଦେଶବିଶେଷ —
9. Name of a part in Panjāba.
( ଯଥା—ରାଜା ମାନସିଂହ ଅମ୍ବରର ରାଜା ହୋଇଥିଲେ । )

**ଅମ୍ବରପୁଷ୍ପ**—ସଂ. ବ. (୬ଷ୍ଠୀ ତତ୍; ଅମ୍ବର + ପୁଷ୍ପ)—ଖପୁଷ୍ପ; ଅସମ୍ଭବ—
Ambarapushpa ବିଷୟ—Anything impossible ( M. W. )

**ଅମ୍ବରମଣି**—ସଂ. ବ. ( ୬ଷ୍ଠୀ ତତ୍; ଅମ୍ବର + ମଣି )—ସୂର୍ଯ୍ୟ—
Ambaramani The sun.

**ଅମ୍ବରିଗୁଡ଼ାଖୁ**—ଦେ. ବ. ( ସଂ ଅମ୍ବର + ଦେ. ଗୁଡ଼ାଖୁ )—ଅମ୍ବର-
Ambarigurdakhu ନାମକ ସୁଗନ୍ଧ ଦ୍ରବ୍ୟଦ୍ୱାରା ସୁଗନ୍ଧୀକୃତ
ଅମ୍ବରୀତାମାକ ଗୁଡ଼ାଖୁ—Sweet tobacco; smoking mixture mixed with ambergris.
[ ଦ୍ର—ଏ ଗୁଡ଼ାଖୁରୁ ଧୂଆଁ ଅମ୍ବର ହେତୁ ଖୁବ ବାସେ; ଏ ଗୁଡ଼ାଖୁକୁ ବଡ଼ ଲୋକେ ବ୍ୟବହାର କରନ୍ତି । ]

**ଅମ୍ବରିଷ**—ସଂ. ବ. ନାମ. ( ଅମ୍ବ ଧାତୁ + କର୍ତ୍ତୃ. ଇଷ )—
Ambarisha ୧ । ଶିବ—1. Siba.
୨ । ବିଷ୍ଣୁ—2. Bishnu.
୩ । ଆକାଶ—3. Sky.
୪ । ଅମ୍ବଡ଼ା—4. Hogplum.
୫ । ଭଜାଭଜି ହାଣ୍ଡି; କରେଇ—5. Frying pan.
୬ । ସୂର୍ଯ୍ୟ—6 The sun.
୭ । ବାଳକ—7 Boy.
୮ । ପିତା—8. Father.
୯ । ଯୁଦ୍ଧ—9. War.
୧୦ । ଅନୁତାପ—10. Remorse.
୧୧ । ରାଜର୍ଷିବିଶେଷ; ଋଗ୍‌ବେଦର କେତେକ ସୂକ୍ତର ଦ୍ରଷ୍ଟା—
11. Name of a sage who composed some hymns of the Rugbeda.
୧୨ । ସଗରଙ୍କ ବଂଶଧର ଓ ଦଶରଥଙ୍କ ପୂର୍ବପୁରୁଷ ସୂର୍ଯ୍ୟବଂଶର ରାଜାବିଶେଷ—
12. Name of a king of the solar dynasty.
୧୩ । ପୁଲହଙ୍କ ପୁତ୍ରବିଶେଷ—13. Name of a son of the patriarch Pulaha.
୧୪ । ଗଣେଶ—14. God Ganesa.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଢ଼ | ଋ,ଌ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇଯ୍ | ଋଥ | ଘ |
| ୨ | ଈ | ଭ | ରୁ | ଲୁ | ଯ୍ୱେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ୱ | ନ୍ତ୍ର |

୧୫ । ବୈବସ୍ୱତମନୁଙ୍କ ବଂଶଧର, ନାଭାଗଙ୍କ ପୁତ୍ର—
15 Name of the son of Nābhāga
[ ଦ୍ର—ଏ ଜଣେ ଉତ୍କଷ୍ଟ ବୈଷ୍ଣବ ଥିଲେ । ଏକଦା ଦୁର୍ବାସା ଏହାଙ୍କ ଉପରେ କ୍ରୁଦ୍ଧ ହେବାରୁ ଭଗବାନ ଏହାଙ୍କୁ ସୁଦର୍ଶନ-ଚକ୍ରଦ୍ୱାରା ଦୁର୍ବାସାଙ୍କ କୋପାନଳରୁ ରକ୍ଷା କରିଥିଲେ । ସୁଦର୍ଶନ-ଚକ୍ର ଦୁର୍ବାସାଙ୍କୁ ଗୋଡ଼ାଇବାରୁ ଦୁର୍ବାସା ବ୍ରହ୍ମବରୁଣାଦିକ୍ରମେ ସେହି ଅମ୍ବରୀଷଙ୍କ ଶରଣାପନ୍ନ ହେଲେ—ଭାଗବତ ୯ । ୪ । ଏ ରାଜା ବ୍ରାହ୍ମଣମାନଙ୍କୁ ଦଶ ପଦ୍ମ ଗାଈ ଦାନ କରିଥିଲେ—ମହାଭାରତ । ]

**ଅମ୍ବରୀଷ**—ସଂ. ବି. ନାମ. ( ଅମ୍ବ ଧାତୁ + କର୍ତ୍ତୃ. ଈଷ; ଅମ୍ବରୀଷର-ଅନ୍ୟ-
Ambarīsha ରୂପ )—ଅମ୍ବରୀଷ ( ଦେଖ )
Ambarisha ( See )

ଅମ୍ବରୀଷ ରଜା ଯମୁନାଙ୍କର କୂଳେ,
ଦଶପଦ୍ମ ଗାଈ ସେ ବ୍ରାହ୍ମଣଙ୍କୁ ଦେଲେ—କୃଷ୍ଣସିଂହ, ମହାଭାରତ ବନ ।

**ଅମ୍ବଷ୍ଠ**—ସଂ. ବି. ପୁଂ (ଅମ୍ବ=ପିତା ବା ଅମ୍ବା=ମାତା+ସ୍ଥା ଧାତୁ + କର୍ତ୍ତୃ.
Ambashtha ଅ; ଯେ ରୋଗୀ ପାଖେ ବାପ ମା ପରି ରହି ସେବା କରନ୍ତି )—
ଅମ୍ବଷ୍ଠା, ଅମ୍ବଷ୍ଠୀ } ସ୍ତ୍ରୀ.
୧ । ବୈଦ୍ୟ ବା ଚିକିତ୍ସକ ଜାତିର ଲୋକ; (ବ୍ରାହ୍ମଣ ଔରସରେ ବୈଶ୍ୟା ଗର୍ଭଜାତ ସନ୍ତାନ ଜାତି ମନୁ । ୧୦।୮) -
1. A man of the medical caste.
୨ । ମହାଭାରତୋକ୍ତ ଦେଶବିଶେଷ—
2. Name of an ancient country
୩ । ଉକ୍ତ ଦେଶବାସୀ ବ୍ୟକ୍ତି—3. An inhabitant of the country Ambashtha.
୪ । ଅମ୍ବଷ୍ଠ ଦେଶର ରାଜାବିଶେଷ—4. Name of the king of the country Ambashtha.
୫ । ମାହୁନ୍ତ—5. An elephant-driver.
୬ । ଯୂଇଗଛ ଓ ଫୁଲ—6. Jasminum Auriculatum (plant and flower)
୭ । ଅକାନବିନ୍ଧ (ଦେଖ)—
7. Stephania Hernandifolia (creeper)
୮ । ଆମ୍ବିଳିଆ ଶାଗ
8. Oxalis Corniculata (pot-herb)

**ଅମ୍ବଷ୍ଠା**—ସଂ. ବି. ସ୍ତ୍ରୀ. ( ଅମ୍ବଷ୍ଠ + ସ୍ତ୍ରୀ. ଆ )—୧ । ଅମ୍ବଷ୍ଠଜାତୀୟା ସ୍ତ୍ରୀ—
Ambashthā 1. A woman of the Ambashtha caste
୨ । ଗଣିକା; ବେଶ୍ୟା—2. Prostitute.
୩ । ଯୂଇଗଛ ଓ ଫୁଲ—3. Jasminum Auriculatum (flower and plant)
୪ । ଅକାନବିନ୍ଧ—
4. Stephania Hernandi folia (creeper)
୫ । ଆମ୍ବିଳିଆଶାଗ—
5. Oxalis Corniculata (pot-herb)

**ଅମ୍ବଷ୍ଠୀ**—ସଂ. ବି. ସ୍ତ୍ରୀ. (ଅମ୍ବଷ୍ଠ + ଈ)—ଅମ୍ବଷ୍ଠଜାତୀୟା ସ୍ତ୍ରୀ—
Ambashthī A female of the Ambashtha caste.
[ଦ୍ର—ମନୁସଂହିତାରେ ଅମ୍ବଷ୍ଠର ସ୍ତ୍ରୀଲିଙ୍ଗ ଅମ୍ବଷ୍ଠୀ ଶବ୍ଦର ପ୍ରୟୋଗ ଅଛି । ମନୁ ୧୦।୧୯ । ]

**ଅମ୍ବା**—ସଂ. ବି. ସ୍ତ୍ରୀ. (ଅମ୍ବ + ସ୍ତ୍ରୀ. ଆ)—୧ । ମାତା—
Ambā 1. Mother.
୨ । ଦୁର୍ଗା—2. Goddess Durgā.
୩ । କାଶୀରାଜାଙ୍କ ଜ୍ୟେଷ୍ଠାକନ୍ୟା, ବିଚିତ୍ରବୀର୍ଯ୍ୟଙ୍କର ଏକତମା ପତ୍ନୀ ଓ ପାଣ୍ଡୁଙ୍କ ବିମାତା—3. Name of the step-mother of king Pāndu and wife of king Bichitrabīrjya.
[ ଦ୍ର—ତେଲଗୁ ଓ ତାମିଲଭାଷାରେ ମାତାଙ୍କୁ ସମ୍ବୋଧନରେ ଓ ସ୍ତ୍ରୀଲୋକ ଓ ଦେବୀଙ୍କ ନାମ ପରେ ବ୍ୟବହୃତ 'ଅମ୍ମା' ଶବ୍ଦ ଏହି 'ଅମ୍ବା' ଶବ୍ଦର ରୂପାନ୍ତର ବୋଲି ପଣ୍ଡିତମାନେ କହନ୍ତି । ତୁଳନା କର ଜର୍ମାନ ଅମ୍ମେ=ଧାଈ । ]

**ଅମ୍ବାରି**—ବୈଦେ. ବି. (ଆ. ଅମାରି)—ଅମାରି (ଦେଖ)
Ambāri Amāri (See)

**ଅମ୍ବାଲା**—ସଂ. ବି. ସ୍ତ୍ରୀ. (ଅମ୍ବା=ମାତା + ଲା ଧାତୁ + କର୍ତ୍ତୃ. ଅ+ସ୍ତ୍ରୀ. ଆ;
Ambālā ଯେ ମାତା ନାମକୁ ଗ୍ରହଣ କରନ୍ତି)—
୧ । ମାତା—1. Mother.
୨ । ଦୁର୍ଗା—2. Goddess Durgā.
ଦେ. ବି—ପଞ୍ଜାବର ଜିଲ୍ଲା ଓ ନଗରବିଶେଷ—
Name of a district and town in Pañjāba.
[ ଦ୍ର—ଏ ନଗର ଦିଲ୍ଲୀ ନଗରର ଉତ୍ତର ପଶ୍ଚିମରେ ପ୍ରାୟ ୧୫୦ ମାଇଲ ଦୂରରେ ଇ. ଆଇ. ଆର. ରେଲ୍‌ବାଇ ଲାଇନ୍‌ର ଗୋଟିଏ ବଡ଼ ଷ୍ଟେସନ୍ ଓ ସେନାନିବାସ । ]

**ଅମ୍ବାଲିକା**—ସଂ. ବି. ସ୍ତ୍ରୀ. (ଅମ୍ବାଲା + ସ୍ୱାର୍ଥେ.କ + ସ୍ତ୍ରୀ.ଆ)—
Ambālikā ୧ । ମାତା—1. Mother.
୨ । ଦୁର୍ଗା—2. Goddess Durgā.
୩ । କାଶୀରାଜାଙ୍କ କନିଷ୍ଠା କନ୍ୟା, ବିଚିତ୍ରବୀର୍ଯ୍ୟଙ୍କର ଏକତମା ପତ୍ନୀ ଓ ପାଣ୍ଡୁମାତା—
Name of the mother of Pāndu.

**ଅମ୍ବାଲୀ**—ସଂ. ବି. ସ୍ତ୍ରୀ. (ଅମ୍ବାଲ + ଈ)—
Ambālī ମାତା—Mother.

**ଅମ୍ବିକା**—ସଂ. ବି. ସ୍ତ୍ରୀ. (ଅମ୍ବା + ସ୍ୱାର୍ଥେ.କ+ଆ)—
Ambikā ୧ । ମାତା—1. Mother.
୨ । ଦୁର୍ଗା—2. Goddess Durgā.
୩ । ପାର୍ବତୀ—3. Goddess Pārbatī.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ଲୂଅ' ନ ମିଳିଲେ 'ଲୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୪ । କାଶୀରାଜାଙ୍କ ମଧ୍ୟମା କନ୍ୟା; ବିଚିତ୍ରବୀର୍ଯ୍ୟଙ୍କର ଏକତମା ପତ୍ନୀ ଓ ଧୃତରାଷ୍ଟ୍ରଙ୍କ ଜନନୀ—4. Name of the mother of Dhṛutarāshṭra.

୫ । ଦେବମାତା—5. The mother of the gods.

୬ । ଜୈନମାନଙ୍କ ପୂଜିତ ଦେବୀବିଶେଷ—
6. A female Deity worshipped by the Jainas.

୭ । ଗୁଳୁଚି ଲତା—7. A medicinal creeper; Wrightea Antidysenterica.

ଦେ. ବି. ସ୍ତ୍ରୀ.—ସ୍ତ୍ରୀଲୋକମାନଙ୍କ ନାମ—
A name given to females.

**ଅମ୍ବିକେୟ**—ସଂ. ବି. ପୁଂ. (ଅମ୍ବିକା+ଅପତ୍ୟାର୍ଥେ. ଏୟ)—
Ambikeya ୧ । ଧୃତରାଷ୍ଟ୍ର—1. King Dhṛutarāshṭra.
୨ । କାର୍ତ୍ତିକେୟ—2. God Kārtikeya.
୩ । ଗଣେଶ—3 God Gaṇeśa

**ଅମ୍ବୁ**—ସଂ. ବି. ( ଅମ୍ବ ଧାତୁ=ଶବ୍ଦ କରିବା+କର୍ତ୍ତୃ. ଉ )—
Ambu ୧ । ଜଳ;ପାଣି—1. Water.
୨ । ରାମାୟଣବର୍ଣ୍ଣିତ ଅସୁରବିଶେଷ—
2 Name of a demon.
କମ୍ବୁ ଅମ୍ବୁ ନାମେ ଯେ ବେନି ଅସୁର
ପାଞ୍ଚଲକ୍ଷ ରଥ ଘେନି ହେଲେ ଅଗ୍ରସାର । ବିଶ୍ୱନାଥ. ବିଚିତ୍ରରାମାୟଣ ।
୩ । ନବେ ଅକ୍ଷରବିଶିଷ୍ଟ ସଂସ୍କୃତ ଛନ୍ଦୋବିଶେଷ—
3. Name of a metre of 90 syllables. (M. W.)

**ଅମ୍ବୁକଣ**—ସଂ. ବି. (ବହୁବ୍ରୀହି; ଅମ୍ବୁ+କଣ)—
Ambukaṇa ମେଘଅସାର—Shower ( M. W. )

**ଅମ୍ବୁକଣା**—ସଂ. ବି. ( ୬ଷ୍ଠୀ ତତ୍; ଅମ୍ବୁ+କଣା )—
Ambukaṇā ୧ । ଜଳବିନ୍ଦୁ; ଶୀକର—
1. Drop or particle of water.
୨ । ବର୍ଷାର ଜଳବିନ୍ଦୁ—2. Rain-drop.

**ଅମ୍ବୁଘନ**—ସଂ. ବି. ( କର୍ମଧା; ଘନ+ଅମ୍ବୁ )—କରକା; ଲୁଅ ପଥର—
Ambughana Hail.

**ଅମ୍ବୁଚାମର**—ସଂ. ବି. ( ୬ଷ୍ଠୀ ତତ୍; ଅମ୍ବୁ+ଚାମର )—
Ambuchāmara ୧ । ଶିଉଳ—1. Moss.
୨ । ପାଣିଶିଉଳ ନାମକ ଜଳଜ ଗୁଳ୍ମ—
2. An aquatic plant; Water Valisneria.

**ଅମ୍ବୁଜ**—ସଂ. ବି. ( ଅମ୍ବୁ+ଜନ୍ ଧାତୁ=ଜନ୍ମିବା+କର୍ତ୍ତୃ ଅ; ଯାହା
Ambuja ଜଳରୁ ଜନ୍ମେ ବା ଜନ୍ମିଛି )—
୧ । ପଦ୍ମ—1. Lotus.
୨ । ଚନ୍ଦ୍ର—2. Moon.
୩ । ଶଙ୍ଖ—3. Conch.
୪ । ବଜ୍ର—4. Thunder.
୫ । ହିଞ୍ଜଳ (ଦେଖ)—5. Hiñjaḷa ( See )
୬ । ଜଳବେତସ—6. A kind of ratan.
ସଂ. ବିଣ—ଜଳଜ; ଜଳରୁ ଜାତ—Aquatic.

**ଅମ୍ବୁଜନିଧି**—ସଂ. ବି. ( ମଧ୍ୟପଦଲୋପୀ; ଅମ୍ବୁଜ ପରି ବର୍ଣ୍ଣବିଶିଷ୍ଟ ନିଧି)—
Ambujanidhi ପଦ୍ମରାଗ ମଣି—Ruby.

**ଅମ୍ବୁଜନେତ୍ର**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅମ୍ବୁଜ+ନେତ୍ର )—
Ambujanetra ପଦ୍ମ ପରି ସୁନ୍ଦର ଚକ୍ଷୁବିଶିଷ୍ଟ—
(ଅମ୍ବୁଜନେତ୍ରା—ସ୍ତ୍ରୀ) Lotus-eyed.
ସଂ. ବି—ବିଷ୍ଣୁଙ୍କ ନାମବିଶେଷ—A name of Bishṇu.

**ଅମ୍ବୁଜମଣି**—ସଂ. ବି. (ମଧ୍ୟପଦଲୋପୀ; ଅମ୍ବୁଜ ପରି ବର୍ଣ୍ଣବିଶିଷ୍ଟ ମଣି)—
Ambujamaṇi ପଦ୍ମରାଗ ମଣି—Ruby.

**ଅମ୍ବୁଜାକ୍ଷ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅମ୍ବୁଜ+ଅକ୍ଷ )—
Ambujāksha ଅମ୍ବୁଜନେତ୍ର ( ଦେଖ )
(ଅମ୍ବୁଜାକ୍ଷୀ—ସ୍ତ୍ରୀ) Ambujanetra ( See )

**ଅମ୍ବୁଜିନୀ**—ସଂ. ବି. ସ୍ତ୍ରୀ. (ଅମ୍ବୁଜ+ଇନ୍+ଈ )—ପଦ୍ମିନୀ—
Ambujinī The lotus.

**ଅମ୍ବୁତସ୍କର**—ସଂ. ବି. ( ୬ଷ୍ଠୀ ତତ୍; ଅମ୍ବୁ+ତସ୍କର )—
Ambutaskara ସୂର୍ଯ୍ୟ—The sun.

**ଅମ୍ବୁଦ**—ସଂ. ବି. ( ଅମ୍ବୁ+ଦା ଧାତୁ+କର୍ତ୍ତୃ. ଅ; ଯେ ଜଳ ଦିଏ )—
Ambuda ୧ । ମେଘ—1. Cloud.
୨ । ଗୁଳ୍ମବିଶେଷ; ନାଗର ମୁଥା—2. The plant Cyperus Hexastychius Communis.

**ଅମ୍ବୁଧର**—ସଂ. ବି. (ଅମ୍ବୁ+ଧୃ ଧାତୁ+କର୍ତ୍ତୃ. ଅ; ଯେ ଜଳକୁ ଧାରଣ
Ambudhara କରେ )—ମେଘ—Cloud.

**ଅମ୍ବୁଧି**—ସଂ. ବି. ( ଅମ୍ବୁ+ଧା ଧାତୁ=ଧାରଣ କରିବା+କର୍ତ୍ତୃ. ଇ —
Ambudhi ୧ । ସମୁଦ୍ର—1. The ocean.
୨ । ଚାରି ସଂଖ୍ୟା—2. The number four (M.W.)

**ଅମ୍ବୁଧିସ୍ରବା**—ସଂ. ବି. ( ଅମ୍ବୁଧି+ସ୍ରୁ ଧାତୁ+ଅ+ଆ )—
Ambudhisrabā ଘୃତକୁମାରୀ—Aloes Perfoliata.

**ଅମ୍ବୁନିଧି**—ସଂ. ବି. ( ଅମ୍ବୁ+ନି+ଧା ଧାତୁ=ଧାରଣ କରିବା+କର୍ତ୍ତୃ.
Ambunidhi ଇ )—ସମୁଦ୍ର—The ocean.

**ଅମ୍ବୁପ୍ରସାଦ**—ସଂ. ବି. ( ବହୁବ୍ରୀହି; ଅମ୍ବୁର ପ୍ରସାଦ ହୁଏ ଯାହାଦ୍ୱାରା;
Ambuprasāda ଏହାକୁ ଘୋରି ଗୋଳିଆ ପାଣିରେ ପକାଇଲେ ପାଣିର ମଇଳାଯାକ ତଳେ ବସିଯାଏ ଓ ପାଣି ନିର୍ମଳ ହୁଏ )—୧ । ନିର୍ମଳୀ ଫଳ—
1. The clearing nut.
୨ । ( ୬ଷ୍ଠୀ ତତ୍; ଅମ୍ବୁ+ପ୍ରସାଦ )—ଜଳର ନିର୍ମଳତା—
2. The clearness or transparency of water.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | କ୍ଷ | ଇୟ | ଙ୍ଗ | ଛ |
| ୨ | ଈ | ଉ | ଋ | ଲୃ | ୟେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ୱ | ଡ଼ |

**ଅମ୍ବୁବାଚ**—ସଂ. ବି. ( ଅମ୍ବୁ + ବଚ ଧାତୁ + କର୍ତ୍ତୃ. ଇ )—
Ambubāchi ମିଥୁନ ରାଶିସ୍ଥ ସୂର୍ଯ୍ୟଙ୍କର ଆର୍ଦ୍ରା ନକ୍ଷତ୍ରର ପ୍ରଥମ ପାଦଭୋଗ କାଳ; ରଜସଂକ୍ରାନ୍ତି ଓ ତତ୍ ପରବର୍ତ୍ତୀ ତିନି ଦିନ; ଆଷାଢ଼ମାସରେ ଆର୍ଦ୍ରା ନକ୍ଷତ୍ରର ପ୍ରଥମ ଚରଣ; ଅର୍ଥାତ୍ ଆଷାଢ଼ମାସର ଆରମ୍ଭରେ ତିନିଦିନ ଓ ୨୦ ଘଡ଼ି ସମୟ—The 3½ days in the beginning of the month of Āshārdha.
[ ଦ୍ର—ଏହି ସମୟରେ ପୃଥିବୀ ରଜସ୍ୱଳା ହୁଏ । ଏହି ସମୟରେ ଭୂପୃଷ୍ଠ-ଖନନ, ବୀଜବପନ ଓ ବେଦାଧ୍ୟୟନ ନିଷିଦ୍ଧ । ଏହି ସମୟରେ ଯତି, ବ୍ରାହ୍ମଣ, ବିଧବା ଓ ବ୍ରହ୍ମଚାରୀ ପକ୍ଷରେ ସ୍ୱପାକ ବା ପରପାକର ଅନ୍ନ ଚଣ୍ଡାଳାନ୍ନ ତୁଲ୍ୟ । ଏହି ସମୟରେ ଦୁଗ୍ଧ ପାନ କଲେ ସର୍ପଭୟ ରହେ ନାହିଁ । ]

**ଅମ୍ବୁବାଚୀ**—ସଂ. ବି. ( ଅମ୍ବୁ + ବଚ ଧାତୁ + କର୍ତ୍ତୃ. ଈ )—
Ambubāchī ଅମ୍ବୁବାଚ ( ଦେଖ )
Ambubāchi ( See )

**ଅମ୍ବୁବାହ**—ସଂ. ବି. ( ଅମ୍ବୁ + ବହ ଧାତୁ + କର୍ତ୍ତୃ. ଅ )—
Ambubāha ୧ । ମେଘ—1. Cloud.
୨ । ମୁଥା—2. Bulbous root of Duba grass.
୩ । ନାଗର ମୁଥା ( ଦେଖ )—
3. Nāgara muthā ( See )
୪ । ଅଭ୍ର; ମେଘନାଳ—4. Talc; mica.

**ଅମ୍ବୁବାହନୀ**—ସଂ. ବି. (ଅମ୍ବୁ + ବହ ଧାତୁ ଣିଚ୍ = ବାହି ଧାତୁ + କରଣ. Ambubāhani ଅନ + ସ୍ତ୍ରୀ. ଈ; ଯାହାଦ୍ୱାରା ପାଣି ବୁହାଯାଏ)—
୧ । ଜଳସେଚନୀ; ଟେଣା, ସେଣୁଅ, ଯନ୍ତ୍ର ପ୍ରଭୃତି ଜଳ ବୁହାଇବା ଯନ୍ତ୍ର—1. A contrivance for lifting up water from tanks to irrigate fields; water-baling contrivance.
୨ । ଡଙ୍ଗା ଭିତରେ ଝରି ପଶିଥିବା ପାଣିକୁ ବାହାରକୁ ଫିଙ୍ଗିବାର ପାତ୍ର—2. A cup for baling out water from the bottom of a boat.

**ଅମ୍ବୁବାହିନୀ**—ସଂ. ବି. (ଅମ୍ବୁ + ବହ ଧାତୁ + ଣିଚ = ବାହି ଧାତୁ + କରଣ. Ambubāhini ଅନ + ସ୍ତ୍ରୀ. ଈ )—ଅମ୍ବୁବାହନୀ ( ଦେଖ )
Ambubāhani ( See )
ସଂ. ବିଣ. ପୁଂ. (ଅମ୍ବୁବାହିନ୍ + ସ୍ତ୍ରୀ. ଈ)—ଅମ୍ବୁବାହୀର ସ୍ତ୍ରୀଲିଙ୍ଗ—
Feminine of Ambubāhi.

**ଅମ୍ବୁବାହୀ**—ସଂ. ବିଣ. ପୁଂ. ( ଅମ୍ବୁ + ବହ ଧାତୁ + କର୍ତ୍ତୃ. ଇନ୍; ୧ମା. Ambubāhi ୧ବ. )—ଜଳବହନକାରୀ; ପାଣିବୁହାଳୀ—
(ଅମ୍ବୁବାହିନୀ—ସ୍ତ୍ରୀ) Carrying water.

**ଅମ୍ବୁବେତସ**—ସଂ. ବି. (ମଧ୍ୟପଦଲୋପୀ କର୍ମଧା; ଅମ୍ବୁକୂଳରେ ଜାତ ବେତସ) —
Ambubetasa ଜଳବେତ; ପାଣିବେତ; ଏକପ୍ରକାର ବେତ—
A kind of ratan growing near water.
[ ଦ୍ର—ଏ ବେତ ସାଧାରଣ ବେତ ଠାରୁ ପତଳା ଓ ଦୃଢ଼ ହୁଏ । ଏହା ବଙ୍ଗ, ଓଡ଼ିଶା, କର୍ଣ୍ଣାଟକ, ଚଟ୍ଟଗ୍ରାମ, ବ୍ରହ୍ମଦେଶ ଆଦିରେ ପାଣିକୂଳରେ ଜନ୍ମେ । ]

**ଅମ୍ବୁଭୃତ୍**—ସଂ. ବି.(ଅମ୍ବୁ + ଭୃ ଧାତୁ = ଧାରଣ କରିବା + କର୍ତ୍ତୃ. କ୍ୱିପ୍)—
Ambubhrut ୧ । ମେଘ—1. Cloud.
୨ । ସମୁଦ୍ର—2. The ocean.
୩ । ମୁଥା—3. Bulbous root of Dūba grass.

**ଅମ୍ବୁମୁକ୍**—ସଂ. ବି. ( ଅମ୍ବୁ + ମୁଚ ଧାତୁ = ତ୍ୟାଗ କରିବା + କର୍ତ୍ତୃ. କ୍ୱିପ୍;
Ambumuk ଅମ୍ବୁମୁଚ୍ ଶବ୍ଦ ୧ମା. ୧ବ. )—ମେଘ—Cloud.

**ଅମ୍ବୁରାଶି**—ସଂ. ବି. ( ୬ଷ୍ଠୀ ତତ୍; ଅମ୍ବୁ + ରାଶି )—
Amburāsi ୧ । ଜଳସମୂହ; ପ୍ରକାଣ୍ଡ ବିସ୍ତୃତ ଜଳ—
1. A vast expanse of water.
୨ । ସମୁଦ୍ର—2. The sea.

**ଅମ୍ବୁରି**—ଦେ. ବି. ( ସଂ. ଅମ୍ବର )—ଅମ୍ବର ନାମକ ସୁଗନ୍ଧ ଧୂପଦ୍ରବ୍ୟ—
Amburi Ambergris.
अम्बरी
अम्बरि

**ଅମ୍ବୁରୁହ**—ସଂ. ବି. (ଅମ୍ବୁ = ଜଳ + ରୁହ ଧାତୁ = ଜନ୍ମିବା + କର୍ତ୍ତୃ. ଅ)—
Amburuha ଅମ୍ବୁଜ; ପଦ୍ମ—Lotus.

**ଅମ୍ବୁରୁହା**—ସଂ. ବି. ସ୍ତ୍ରୀ. ( ଅମ୍ବୁରୁହ + ସ୍ତ୍ରୀ. ଆ )—
Amburuhā ୧ । ପଦ୍ମିନୀ—1. Lotus.
୨ । ସ୍ଥଳପଦ୍ମିନୀ—2. A flower plant.

**ଅମ୍ବୁଶାୟୀ**—ସଂ. ବି. ପୁଂ. ( ଅମ୍ବୁ + ଶୀ ଧାତୁ + କର୍ତ୍ତୃ. ଇନ୍; ୧ମା. ୧ବ.
Ambusāyi ଯେ ପ୍ରଳୟପୟୋଧିଜଳ ଉପରେ ଶୟନ କରନ୍ତି )—
ଜଳଶାୟୀ, ବିଷ୍ଣୁ—An epithet of Bishṇu.

**ଅମ୍ବୁସରଣ**—ସଂ. ବି. (ଅମ୍ବୁ + ସୃ ଧାତୁ = ଗତି କରିବା + ଭାବ. ଅନ)—
Ambusaraṇa ସ୍ୱତଃ ବହିବା ଜଳଧାରା; ଜଳସ୍ରୋତ—
Current of water.

**ଅମ୍ବୁସର୍ପିଣୀ**—ସଂ. ବି. (ଅମ୍ବୁ + ସୃ ଧାତୁ ଣିଚ୍ = ସର୍ପିଧାତୁ + କର୍ତ୍ତୃ. ଇନ୍ +
Ambusarpiṇi ସ୍ତ୍ରୀ. ଈ; କିମ୍ବା ମଧ୍ୟପଦଲୋପୀ; ଅମ୍ବୁରେ ବିଚରଣ-କାରିଣୀ ସର୍ପିଣୀ )—ଜଳୌକା; ଜୋକ—Leech.

**ଅମ୍ବୂକୃତ**—ସଂ. ବିଣ. ( ଅମ୍ବୁ + ଅଭୂତତଦ୍ଭାବେ. ଚ୍ୱି + କୃ ଧାତୁ +
Ambūkruta କର୍ମ. ତ )—ଛେପ ମିଶା ( କଥା ); ନିଷ୍ଠୀବନ-ଯୁକ୍ତ ( ବାକ୍ୟ )—( words ) Mixed with the saliva of the mouth of the speaker.

**ଅମ୍ବୃତ**—ଗ୍ରା. ବି. ( ସଂ. ଅମୃତ )—ଅମୃତ ( ଦେଖ )
Ambruta Amṛuta ( See )

**ଅମ୍ଭ (ଧାତୁ)**—ସଂ. ( ଅନ୍ଭ ଧାତୁ )—ଶବ୍ଦ କରିବା—
Ambha (root) To make a sound.

ସାଧାରଣ ଲୋକେ ଅନେକ ସ୍ଥଳରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପରିବର୍ତ୍ତେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଠ' ନ ପାଇଲେ 'ବଣ୍ଠ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅମ୍ଭ**—ଦେ. ବି. ( ସଂ. ଅମ୍ଭଃ )—ଅମ୍ଭଃ ୧. ( ଦେଖ )
Ambha — Ambhaḥ 1. ( See )

**ଅମ୍ଭଃ**—ସଂ. ବି. ( ଅମ୍ଭ ବା ଅକ୍ ଧାତୁ+କର୍ତ୍ତୃ. ଅସ୍; ୧ମା. ୧ବ. )—
Ambhaḥ ୧ । ଜଳ—1. Water.
୨ । ( ଗଣିତ ) ଚାରି ସଂଖ୍ୟା—
2. ( mathematics ) The number four.
୩ । ( ଜ୍ୟୋତିଷ ) ଲଗ୍ନଠାରୁ ଚତୁର୍ଥ ରାଶି—
3. ( astrology ) The fourth sign from the Lagna.
୪ । ( ସାଂଖ୍ୟ ) ଅମ୍ଭସ୍ତୁଷ୍ଟି (ଦେଖ)—
4. Ambhastushṭi ( See )
୫ । ବୈଦିକ ଛନ୍ଦୋବିଶେଷ—
5. Name of a Vedic metre.
୬ । ଦେବ—6. Deity. ( ହିନ୍ଦି. ଶବ୍ଦସାଗର)
୭ । ପିତୃଗଣ—7. The manes. ( ହିନ୍ଦି. ଶବ୍ଦସାଗର )
୮ । ଅସୁର—8. Demon. ( ହିନ୍ଦି. ଶବ୍ଦସାଗର )

**ଅମ୍ଭସାର**—ସଂ. ବି. ( ୬ଷ୍ଠୀ ତତ୍; ଅମ୍ଭସ୍+ସାର )—ମୁକ୍ତା; ମୋତି—
Ambhasāra — Pearl

**ଅମ୍ଭସୂ**—ସଂ. ବି. ( ଅମ୍ଭସ୍+ସୂଧାତୁ=ଜନ୍ମ କରିବା + କର୍ମ. ଅ; ଯାହାକୁ ଜଳ ଜନ୍ମ କରେ )—
Ambhasū
୧ । ବାଷ୍ପ; ବାଷ୍ପ—1. Vapour.
୨ । ଧୂଆଁ—2. Smoke.

**ଅମ୍ଭସ୍ତୁଷ୍ଟି**—ସଂ. ବି. ( ଅମ୍ଭସ୍+ତୁଷ୍ଟି )—(ସାଂଖ୍ୟ ଦର୍ଶନ ) ପ୍ରକୃତାଖ୍ୟା ଆଧ୍ୟାତ୍ମିକା ତୁଷ୍ଟି— Sāmkhya
Ambhastushṭi (philosophy ) A kind of spiritual satisfaction

[ ଦ୍ର—ସାଂଖ୍ୟଦର୍ଶନରେ ତୁଷ୍ଟି ୯ ପ୍ରକାରର; ତହିଁ ମଧ୍ୟରୁ ଆଧ୍ୟାତ୍ମିକତୁଷ୍ଟି ୪ ପ୍ରକାରର; ଯେବେ କେହି ମାୟା ପ୍ରପଞ୍ଚରେ ପଡ଼ି ସୁଦ୍ଧା ନିଜର ପ୍ରକୃତିର ଗତି ଅନୁସାରେ, ବିବେକ ଲାଭ କରେ ତେବେ ଏହାକୁ 'ଅମ୍ଭସ୍ତୁଷ୍ଟି' ବୋଲାଯାଏ—ହି. ଶବ୍ଦସାଗର ।]

**ଅମ୍ଭାଳି**—ଦେ. ବି. ( ସ. ଅମ୍ଭ+ଅଳି )—ଜଳରାଶି; ସମୁଦ୍ର —
Ambhāli • The ocean.
ବୈଦେହୀ ରହିଁ ଘନ ଯାହିଁ ଅଲେ ଅମ୍ଭାଳି, ଅମ୍ଭାଳି ପ୍ରଳୟ ଭସେ ।
ଭଞ୍ଜ- ବୈଦେହୀଶବିଳାସ ।

**ଅମ୍ଭୋଜ**—ସ. ବିଣ. ( ଅମ୍ଭଃ+ଜନ ଧାତୁ+କର୍ତ୍ତୃ. ଅ )—
Ambhoja ଜଳଜ; ଜଳଜାତ—Aquatic
ସ. ବି—୧ । ପଦ୍ମ—1. Lotus.
୨ । ଚନ୍ଦ୍ର—2. Moon.
୩ । ଶଙ୍ଖ—3. Conch.
୪ । କର୍ପୂର—4. Camphor. (ହି. ଶବ୍ଦସାଗର)
୫ । ସାରସପକ୍ଷୀ—5. Crane. (ହି. ଶବ୍ଦସାଗର)

**ଅମ୍ଭୋଜିନୀ**—ସ. ବି. ସ୍ତ୍ରୀ. ( ଅମ୍ଭୋଜ+ଇନ୍+ସ୍ତ୍ରୀ. ଈ )—
Ambhojinī ୧ । ପଦ୍ମିନୀ—1. Lotus.
୨ । ପଦ୍ମ ଲତା—2. Lotus plant.
୩ । ପଦ୍ମସମୂହ—3. A collection of lotuses.
୪ । ବହୁତ ପଦ୍ମ ଜନ୍ମିବା ସ୍ଥାନ—4. A place growing numerous lotus flowers.

**ଅମ୍ଭୋଦ**—ସ. ବି. ( ଅମ୍ଭଃ=ଜଳ+ଦା ଧାତୁ+କର୍ତ୍ତୃ. ଅ)—
Ambhoda ୧ । ମେଘ—1. Cloud.
୨ । ମୁଥା—2. The bulbous root of Dūb grass.

**ଅମ୍ଭୋଦାନୀ**—ଦେ. ବିଣ. ( ସଂ. ଅମ୍ଭୋଦ+ଦାନୀ; ଯେ ମେଘ ପରି ଅଜସ୍ର ଦାନ କରେ )—
Ambhodānī
ଦାତାକର୍ଣ୍ଣ — ବଡ଼ ଦାନୀ; ଯେ ଧନକୁ ପାଣି ଚାଳିଲା ଭଳି ଦାନ କରେ
पालकदरिया — Very liberal; giving away riches like water

**ଅମ୍ଭୋଧର**—ସଂ. ବି. (ଅମ୍ଭଃ=ଜଳ+ଧୃ ଧାତୁ+କର୍ତ୍ତୃ. ଅ)—
Ambhodhara ୧ । ମେଘ—1. Cloud.
୨ । ମୁଥା—2. Bulbous root of Dūba grass.

**ଅମ୍ଭୋଧି**—ସଂ. ବି. (ଅମ୍ଭଃ+ଧା ଧାତୁ=ଧାରଣ କରିବା+କର୍ତ୍ତୃ. ଇ)—
Ambhodhi ସମୁଦ୍ର; ସାଗର—Ocean.

**ଅମ୍ଭୋନିଧି**—ସଂ. ବି. (ଅମ୍ଭଃ+ନି+ଧା ଧାତୁ+କର୍ତ୍ତୃ. ଇ )—
Ambhonidhi ସମୁଦ୍ର; ସାଗର—Ocean;

**ଅମ୍ଭୋରାଶି**—ସଂ. ବି. ( ୬ଷ୍ଠୀ ତତ୍; ଅମ୍ଭଃ+ରାଶି )—
Ambhorāsi ସମୁଦ୍ର—Ocean;

**ଅମ୍ଭୋରୁହ**—ସଂ.ବି. (ଅମ୍ଭଃ+ରୁହ ଧାତୁ=ଜନ୍ମିବା,ଗଜିବା+କର୍ତ୍ତୃ.ଅ)—
Ambhoruha ୧ । ପଦ୍ମ—1. Lotus;
୨ । ସାରସ—2. Crane.

**ଅମ୍ମୟ**—ସଂ. ବିଣ. ( ଅପ୍+ମୟ )—
Ammaya ୧ । ଜଳମୟ—1. Watery.
୨ । ଜଳଜାତ—2. Aquatic.
୩ । ଜଳପୂର୍ଣ୍ଣ—3. Full of water.

**ଅମ୍ମରସ**—ଦେ. ବି. ( ଏହା ଅମ୍ମୃତ ସହରରୁ ପ୍ରଥମେ ଅନ୍ୟ ଦେଶକୁ ଅଣା ହୋଇ ଥିବାରୁ )—
Ammarasa
अम्मरस — ଦେହ ଧଳା ଓ କଣ୍ଠ କଳା ହୋଇଥିବା ପାରା—
अम्मरस — A pigeon with white body and black neck.

**ଅମ୍ର**—ସଂ. ବି. ( ଅମ ଧାତୁ=ଭୋଜନ କରିବା+କର୍ମ. ର )—
Amra ଆମ୍ବ ( ଫଳ ଓ ଗଛ )—
Mango ( fruit and tree )

**ଅମ୍ରାତ**—ସଂ. ବି. ( ଅମ୍ର=ଆମ୍ବ+ଅତ୍ ଧାତୁ=ଗମନ କରିବା+କର୍ତ୍ତୃ. ଅ; ଯାହା ଆମ୍ବ ପରି )—
Amrāta
ଅମ୍ବଡ଼ା ( ଗଛ ଓ ଫଳ )—Hogplum.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଯ୍ | ଉଅ | ଭ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଖ | ଇଅ | ଓ | ଢ଼ |

ଅମ୍ରାତକ—ସଂ. ବି. (ଅମ୍ରାତ + ସ୍ୱାର୍ଥେ. କ)—ଅମ୍ବଡ଼ା (ଗଛ ଓ ଫଳ)—
Amrātaka Hogplum.

ଅମ୍ଳ—ସଂ. ବିଣ. ( ଅମ ଧାତୁ = ରୁଗ୍ଣ ହେବା + କରଣ. ଲ; ଯାହାକୁ
Amla ଖାଇଲେ ମନୁଷ୍ୟ ରୁଗ୍ଣ ହୁଏ )—
ଅମ୍ବିଲା; ଖଟା—Sour; acid.
ସଂ. ବି—ଖଟାରସ; ଖଟାପଣ—
Sourness, acid-taste.
୨ । ତେନ୍ତୁଳି ( ଗଛ ଓ ଫଳ )—
2. Tamarind ( tree and fruit ).

ଅମ୍ଳକ—ସଂ. ବି. ( ଅମ୍ଳ+କ ) ଲକୁଚ; ଜେଉଟ ( ଦେଖ )
Amlaka Jeuta ( See )

ଅମ୍ଳଜନ—ସଂ. ବି. (ବିଜ୍ଞାନପରିଭାଷା; ଅମ୍ଳ+ଜନ ଧାତୁ+ଅ )—
Amlajana ଅକ୍ସିଜେନ୍ ବାଷ୍ପ—Oxygen
[ ଦ୍ର—ଏହା ବାୟୁ ଓ ଜଳର ମୌଳିକଉପାଦାନବିଶେଷ । ଏହା ଜ୍ୱଳନକ୍ରିୟାର ପରିପୋଷକ ଓ ପ୍ରାଣୀମାନଙ୍କର ଜୀବନରକ୍ଷା ପାଇଁ ନିଶ୍ୱାସ ସଙ୍ଗେ ଦେହକୁ ନିଅ ଯିବା ଏକାନ୍ତ ପ୍ରୟୋଜନୀୟ । ଏହା ବର୍ଣ୍ଣହୀନ ଓ ଅଦୃଶ୍ୟ । ]

ଅମ୍ଳଜାନ—ସଂ. ବି. ( ବିଜ୍ଞାନପରିଭାଷା; ଅମ୍ଳ+ଜନ ଧାତୁ + ଅ )—
Amlajāna ଅମ୍ଳଜନ ( ଦେଖ )
Amlajana ( See )

ଅମ୍ଳତା—ସଂ. ବି (ଅମ୍ଳ + ଭାବ. ତା )—
Amlatā ଖଟାପଣ—Sourness.

ଅମ୍ଳପଞ୍ଚକ—ସଂ. ବି ( ୬ଷ୍ଠୀ ତତ୍; ଅମ୍ଳ + ପଞ୍ଚକ )—
Amlapanchaka ପାଞ୍ଚପ୍ରକାରର ଖଟା ଫଳ ( ଯଥା—
ଜମ୍ବୀର, ଲେମ୍ବୁ, ଖଟାଡାଳିମ୍ବ, ତେନ୍ତୁଳି,
ନାରଙ୍ଗ ଓ ଅମ୍ଳବେତସ )—
Five kinds of sour fruits.

ଅମ୍ଳପିତ୍ତ—ସଂ. ବି.—ଅଜୀର୍ଣ୍ଣ ରୋଗବିଶେଷ—
Amlapitta A sickness due to acidity.
[ ଦ୍ର—ଏ ରୋଗରେ ଯାହା କିଛି ଖିଆଯାଏ ତାହା ସବୁ ପିତ୍ତଦୋଷରୁ ପେଟରେ ଖଟା ପାଲଟିଯାଏ । ବହୁତ ରୁକ୍ଷ, ଖଟା, ରାଗ ଓ ଗରମ ବସ୍ତୁ ଖାଇଲେ ଏ ରୋଗ ହୁଏ । ଏଥିର ଲକ୍ଷଣ ଗନ୍ଧ ଭିନ୍ନ ବର୍ଣ୍ଣର ମଳନିଃସରଣ, ଦାହ, ବମନ, ମୂର୍ଚ୍ଛା, ହୃଦୟରେ ପୀଡ଼ା, ଜ୍ୱର, ଅରୁଚି ଓ ଆମ୍ଳିକହାକୁଟି—ହି. ଶବ୍ଦସାଗର । ]
ଦେ. ବି.—ଉପଦଂଶରୋଗ Syphilis.

ଅମ୍ଳପୂର—ସଂ. ବି ( ଅମ୍ଳ + ପୂର ଧାତୁ + ଅ )—
Amlapūra ତେନ୍ତୁଳି ( ଗଛ ଓ ଫଳ )—
Tamarind ( tree and fruit )

ଅମ୍ଳଫଳ—ସଂ. ବି ( ବହୁବ୍ରୀହି; ଅମ୍ଳ+ଫଳ )—
Amlaphala ୧ । ତେନ୍ତୁଳିଗଛ—1. *Tamarind tree.*
୨ । ( କର୍ମଧା ) ଖଟା ଫଳ—2. Sour fruit

ଅମ୍ଳବେତସ—ସଂ. ବି.—୧ । ଏକପ୍ରକାର ପାହାଡ଼ିଆ ଲତା; ଏହାର ଡାଙ୍ଗ
Amlabetasa ଖଟା ଓ ଔଷଧରୂପେରେ ପଡ଼େ—
1. A kind of sour hilly creeper.
୨ । ଏକପ୍ରକାର ଗଛ; ଏଥିର ଫୁଲ ଧଳା ଓ ଫଳ ତରଭୁଜ ଭଳି ଗୋଲ ଏବଂ ଖୁବ୍ ଖଟା; ଏହା ଔଷଧରେ ଲାଗେ ।
ଏହା ଏକପ୍ରକାର ଲେମ୍ବୁ—
2. A kind of tree with sour fruits.
୩ । ଖଟାପାଳଙ୍ଗ ଶାଗ ( ଦେଖ )
3. Khaṭāpālanga ( See )

ଅମ୍ଳଲୋଣିକା—ସଂ. ବି—ଅମ୍ଳଲୋଣୀ ( ଦେଖ )
Amlaloṇikā Amlaloṇī ( See )

ଅମ୍ଳଲୋଣୀ—ସଂ. ବି.—ଆମ୍ବିଳିଶାଗ—
Amlaloṇī A kind of wild sour potherb.

ଅମ୍ଳଲୋଳିକା—ସଂ. ବି—ଅମ୍ଳଲୋଣୀ ( ଦେଖ )
Amlalolikā Amlaloṇī ( See )

ଅମ୍ଳଶୂଳ—ସଂ. ବି ( ମଧ୍ୟପଦଲୋପୀ; ଅମ୍ଳଜନିତ ଶୂଳ )—
Amlaśūla ଅଜୀର୍ଣ୍ଣ ଯୋଗୁଁ ପେଟ ଓ ଛାତିକୁ ଶୂଳ ମାରିବା ରୋଗ—
Colic.

ଅମ୍ଳସାର—ସଂ. ବି ( ବହୁବ୍ରୀହି; ଅମ୍ଳ + ସାର )—
Amlasāra ୧ । କାଞ୍ଜି—
1. Fermented ricewater.
୨ । ହିନ୍ତାଳ ( ଦେଖ )
2. Hintāla ( See )
୩ । ଅମ୍ଳବେତସ ( ଦେଖ )—
3. Amlabetasa ( See )
୪ । ବିଶୁଦ୍ଧ ଗନ୍ଧକ—
4. Purified sulphur.
ଦେ. ବି ( ବିଜ୍ଞାନପରିଭାଷା )—
आवलासार ଏସିଡ୍, ଅମ୍ଳରସବିଶିଷ୍ଟ ରାସାୟନିକ ସାର—
एसीड्, अम्लसार Acid

ଅମ୍ଳହରିଦ୍ରା—ସଂ. ବି.—ଆମ୍ବହଳଦି ( ଦେଖ )
Amlaharidrā Āmbahaḷadi ( See )

ଅମ୍ଳାନ—ସଂ. ବିଣ ( ଅ + ମ୍ଳାନ )—
Amlāna ୧ । ଯାହା ଝାଉଁଳେ ନାହିଁ—1. Not fading.
୨ । ତେଜସ୍ୱୀ; ତେଜୀୟାନ—2. Fresh.
୩ । ଉଜ୍ଜ୍ୱଳ—3. Bright.
୪ । ହୃଷ୍ଟ; ପ୍ରଫୁଲ୍ଲ—4. Delighted.
୫ । ଯାହା ମଇଳା ହୁଏ ନାହିଁ—
5. That which does not become *dirty.*

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କାଁ' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୬ । ନିର୍ମଳ—6. Clear.

**ଅମ୍ଳାନବଦନରେ**—ଦେ. କ୍ରି. ବିଣ—୧ । ହୃଷ୍ଟମୁଖରେ; ପ୍ରଫୁଲ୍ଲିତ ହୋଇ—
Amlānabadanare
ଅମ୍ଲାନବଦନେ 1. With delight.
୨ । ଦ୍ୱିଧା ନ କରି—2. Without hesitancy.

**ଅମ୍ଳାନବସ୍ତ୍ର**—ସଂ. ବି—ଅମଲାଣବସ୍ତ୍ର ( ଦେଖ )
Amlānabastra Amalānabastra ( See )

**ଅମ୍ଳିକା**—ସଂ. ବି ( ଅମ୍ଳ+ସ୍ୱାର୍ଥେ. କ+ଆ )—
Amlikā ତେନ୍ତୁଳି—Tamarind.

**ଅମ୍ଳୀ**—ସଂ. ବି. ( ଅମ୍ଳ+ଈ )—ତେନ୍ତୁଳି ( ଗଛ ଓ ଫଳ )—
Amlī Tamarind (tree and fruit)

**ଅମ୍ଳୀକା**—ସଂ. ବି. ( ଅମ୍ଳ+ଈକ+ଆ )—ତେନ୍ତୁଳି ( ଗଛ ଓ ଫଳ )—
Amlīkā Tamarind ( tree & fruit. )

**ଅମ୍ଳୋଦ୍ଗାର**—ସଂ. ବି. ( କର୍ମଧା ଅମ୍ଳ+ଉଦ୍ଗାର )—ଖଟାଢେକୁରି;
Amlodgāra ଅଜୀର୍ଣ୍ଣଜନିତ ଅମ୍ଳ ଢେକୁର—
Acid-belching due to acidity.

**ଅମ୍ହଣିଆଁ**—ଦେ.ବି. ଓ ବିଣ.— ଅମଣିଆଁ ( ଦେଖ )—
Amhaṇiān̐ Amaṇiān̐ ( See )

**ଅମ୍ହୁଣିଆଁ**—ଦେବି. ଓ ବିଣ—ଅମଣିଆଁ ( ଦେଖ )
Amhuṇiān̐ Amaṇiān̐ ( See )

**ଅୟ**(ଧାତୁ)—ଗତିକରିବା—To move.
Aya (root)

**ଅୟ**—ସଂ. ବି. ( ଇ ଧାତୁ=ଗତିକରିବା+କରଣ. ଅ )—
Aya ୧ । ସୌଭାଗ୍ୟ; ଶୁଭାଦୃଷ୍ଟ—1. Good fortune.
୨ । ଶୁଭଦାୟକ ବିଧି—2. Auspicious rule.
୩ । ଦ୍ୟୂତକ୍ରୀଡ଼ାରେ ପଶାର ଦାନବିଶେଷ—
3. A particular turn of the dice.
୪ । ନରକବିଶେଷ—4. Name of a hell.
୫ । ବ୍ୟବସାୟରେ ଲାଭ—5. Profit in business.

**ଅୟଃ**—ସଂ. ବି —ଅୟସ୍ ( ଦେଖ )
Ayaḥ Ayas ( See )

**ଅଯକ୍ଷ୍ମ**—ସଂ. ବି. ( ବହୁବ୍ରୀହି; ଅ+ଯକ୍ଷ୍ମା )—
Ajakshma ୧ । ନୀରୋଗ—1. Free from sickness
୨ । ନିରୁପଦ୍ରବ—3. Free from any mishap.

**ଅଯଛ**—ଗ୍ରା. ବି. ( ସଂ. ଅଯଶଃ )—ଅଯଶଃ ( ଦେଖ )
Ajachha Ajaśaḥ ( See )

**ଅଯଜନୀୟ**—ସ. ବିଣ. ( ଅ+ଯଜନୀୟ )—
Ajajaniya ୧ । ଯେ ଯଜ୍ଞରେ ପୂଜା ପାଇବାର ଅଯୋଗ୍ୟ—
1. Not deserving to be worshipped in a Vedic sacrifice.
୨ । ଅପୂଜ୍ୟ—2. Not adorable.
୩ । ନିନ୍ଦ୍ୟ—3. Blameworthy.

**ଅଯଜ୍ଞିୟ**—ସ. ବିଣ. ( ଅ+ଯଜ୍ଞିୟ )—୧ । ଯାହା ଯଜ୍ଞକାର୍ଯ୍ୟରେ ଲାଗେ ନାହିଁ—1. Not used in sacrifice.
Ajajñiya
୨ । ଯାହା ଯଜ୍ଞରେ ଦିଆଯାଏ ନାହିଁ—
2. Not given in sacrifice.
୩ । ଯେ ଶାସ୍ତ୍ରଅନୁସାରେ ଯଜ୍ଞ କରିବାକୁ ଅଧିକାରୀ ନୁହେ—
3. Not entitled to perform a Vedic sacrifice.

**ଅଯତ**—ସ. ବିଣ. ( ଅ+ଯତ )—ଅସଂଯତ—Uncontrolled.
Ajata ଦେ. ବିଣ—ଅସୁନ୍ଦର—Ugly.
ଦେ. ବି. ( ସଂ. ଅଯତ୍ନ )—ଅଯତ୍ନ—
Want of care; neglect.

**ଅଯତନ**—ଦେ. ବି. ( ସଂ. ଅଯତ୍ନ )—ଅଯତ୍ନ—Neglect.
Ajatana ଦେ. ବିଣ—ଅସୁନ୍ଦର—Ugly.

**ଅଯତେନ୍ଦ୍ରିୟ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅଯତ+ଇନ୍ଦ୍ରିୟ )—
Ajatendriya ୧ । ଯେ ଇନ୍ଦ୍ରିୟସଂଯମ କରେ ନାହିଁ—
1. Having no self-control.
୨ । ଇନ୍ଦ୍ରିୟାସକ୍ତ—2. Sensual.

**ଅଯତ୍ନ**—ସଂ. ବି. ( ନଞ୍‌ତତ୍; ଅ+ଯତ୍ନ )—
Ajatna ୧ । ଅନାଦର; ଅନାସ୍ଥା; ଅବହେଳା—
1. Want of care; neglect.
୨ । କର୍ତ୍ତବ୍ୟରେ ତ୍ରୁଟି—2. Negligence.
୩ । ଉଦ୍‌ଯୋଗଶୂନ୍ୟତା—3. Want of exertion.
ଦେ. ବିଣ—ଅସୁନ୍ଦର—Ugly.
ଦେ. ବି—ଲାଳନପାଳନର ଅଭାବ—
Neglect; want of proper care.

**ଅଯତ୍ନବର୍ଦ୍ଧିତ**—ସଂ. ବିଣ. ( ଅ+ଯତ୍ନବର୍ଦ୍ଧିତ )—
Ajatnabarddhita ୧ । ଯାହା ମନୁଷ୍ୟର ଯତ୍ନଦ୍ୱାରା ବଢ଼ି ନାହିଁ—1. Not reared by the hand of man.
୨ । ବନ୍ୟ; ଯାହା ମନକୁ ଉଠି ବଢ଼ିଥାଏ; ବନାଢ଼ୁଣିରେ ଜାତ ( ଯଥା—ଗଛ )—2. Growing wild.

**ଅଯତ୍ନସମ୍ଭୂତ**—ସଂ. ବିଣ. ( ଅ+ଯତ୍ନସମ୍ଭୂତ )—
Ajatnasambhuta ୧ । ବନ୍ୟ; ମନକୁ ଉଠିଥିବା (ଗଛ)—
1. Growing wild.
୨ । ଅଯତ୍ନସିଦ୍ଧ ( ଦେଖ )
2 Ajatnasiddha ( See )

**ଅଯତ୍ନସିଦ୍ଧ**—ସଂ. ବିଣ. ( ଅ+ଯତ୍ନସିଦ୍ଧ )—ଅନାୟାସସିଦ୍ଧ; ବିନା—
Ajatnasiddha ପରିଶ୍ରମରେ ସମ୍ପାଦିତ—
Accomplished without any effort.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋୃ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଈୟ | ଉଅ | ଉ |
| ୨ | ଈ | ଊ | ଋୁ | ଌୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ଓ | ଦ୍ବ |

ଅଯଥା — ସଂ. ବିଣ. ( ଅ + ଯଥା ) — ୧ । ଅଯୌକ୍ତିକ—
Ajathā 1. Unreasonable.
୨ । ଅନୁପଯୁକ୍ତ—2. Unfit.
୩ । ଅନୁଚିତ—3. Improper.
୪ । ଅନୁପଯୋଗୀ—4. Unsuitable.
୫ । ଅପ୍ରାମାଣିକ—5. Unauthoritative.
୬ । ମିଥ୍ୟା; ଅସତ୍ୟ—6. Untrue.
୭ । ଅସଙ୍ଗତ; ଅମେଳ—7. Inconsistent.
୮ । ଅନ୍ୟାଯ୍ୟ—8. Unjust.
୯ । ଅତ୍ୟଧିକ; ବେହିସାବ—
9. Immoderate; excessive.

ଅଯଥା ଦେ. ବିଣର ବିଣ. ଓ କ୍ରି. ବିଣ—୧ । ଅତ୍ୟଧିକରୂପେ—
1. Excessively.
୨ । ଅନ୍ୟାଯ୍ୟରୂପେ—2. Unjustly.
୩ । ଅନୁପଯୁକ୍ତରୂପେ—3. Unfitly.
୪ । ଅନୁଚିତରୂପେ—4. Improperly.
୫ । ଅଯୌକ୍ତିକରୂପେ—5. Unreasonably.

ଅଯଥାତଥ—ସଂ. ବିଣ. (ବହୁବ୍ରୀହି; ଅ+ଯଥାତଥା)—
Ajathātatha ୧ । ଅଯଥାର୍ଥ (ଦେଖ)
1. Ajathārtha (See)
୨ । ବିପରୀତ—2. Opposite.
୩ । ବିରୁଦ୍ଧ—3. Opposing.

ଅଯଥାର୍ଥ—ସଂ. ବିଣ. (ଅ + ଯଥାର୍ଥ)—୧ । ମିଥ୍ୟା; ଅସତ୍ୟ—
Ajathārtha 1 Not true.
୨ । ଅପ୍ରକୃତ; ଅବାସ୍ତବ—2 Not real, unreal.
୩ । ଅନୁଚିତ—3. Improper.
୪ । ଅଯୋଗ୍ୟ—4. Unfitting.

ଅଯଥେଷ୍ଟ—ସଂ. ବିଣ. (ଅ+ଯଥେଷ୍ଟ)—ନିଅଣ—
Ajatheshṭa Inadequate.

ଅୟନ—ସଂ. ବି. ୧ । (ଇ ଧାତୁ = ଯିବା + ଅଧିକରଣ. ଅନ; ଯହିଁରେ
Ayana ଲୋକେ ଯିବା ଆସିବା କରନ୍ତି)—ପଥ; ମାର୍ଗ—
1. Path; road.

ଅୟନେ ଦେଖିଲେ ନୟନେ ନବ ଚକ୍ଷୁବ ଶେଷେ ।
ଉପେ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

୨ (+ଭାବ. ଅନ) ଗତି—2. Motion.
୩ । (+କରଣ. ଅନ) ଶାସ୍ତ୍ର—3. Gospel; religious treatise.
୪ । (+କର୍ମ. ଅନ) ଆଶ୍ରୟସ୍ଥାନ; ବାସସ୍ଥାନ—
4. Place of shelter; abode.
୫ । (+କର୍ମ. ଅନ) ଆଶ୍ରମ—5. Hermitage.
୬ । (+ଅଧିକରଣ. ଅନ) ସମୟ—6 Time.
୭ । (+ଭାବ. ଅନ) ଜନ୍ମ—7. Birth.
୮ । ( ଲକ୍ଷଣାର୍ଥ ) କର୍ତ୍ତବ୍ୟପଥ; ଅନୁଧାବିତ ମାର୍ଗ—
8. (Figurative) Ways; mode of conduct.

କହୁଥିବା କଥା କରିବା ଅନ୍ୟଥା ପ୍ରଭୁଙ୍କର ଏ କୋହେ ଅୟନ ।
ଗାନକୃଷ୍ଣ. ରସକଲ୍ଲୋଳ ।

୯ । (ଭୂଗୋଳ ପରିଭାଷା) ସୂର୍ଯ୍ୟଙ୍କର ପୃଥିବୀ ଚାରିପାଖରେ କଳ୍ପିତ ଗତି ରେଖା—ଅୟନମଣ୍ଡଳ (ଦେଖ)
9. Ayanamaṇḍaḻa (See)
୧୦ । (ଜ୍ୟୋତିଷ)—ସୂର୍ଯ୍ୟଙ୍କର ଷାଣ୍ମାସିକ ଗତି—
10. (Astronomy) The sun's half-yearly motion; solstice.
[ଦ୍ର—ଏହି ଗତି ୨ଟି; ଯଥା—ଉତ୍ତରାୟଣ ଓ ଦକ୍ଷିଣାୟନ । ଏହି ଅୟନ ବାର ରାଶିଚକ୍ରର ଅଧେ; ମକରସଂକ୍ରାନ୍ତି ଠାରୁ ମିଥୁନସଂକ୍ରାନ୍ତି ପର୍ଯ୍ୟନ୍ତ ଛଅ ରାଶିରେ ଥିଲାବେଳେ ସୂର୍ଯ୍ୟ ବିଷୁବରେଖାର ଉତ୍ତର-ଆଡ଼କୁ ଗତି କରୁଥାନ୍ତି; ଏହାକୁ ଉତ୍ତରାୟଣ; କର୍କଟଠାରୁ ଧନୁ ପର୍ଯ୍ୟନ୍ତ ୬ ରାଶିରେ ଥିଲା ବେଳେ ସୂର୍ଯ୍ୟ ବିଷୁବରେଖାର ଦକ୍ଷିଣ-ଆଡ଼କୁ ଗତି କରୁ ଥାଆନ୍ତି; ଏହାକୁ ଦକ୍ଷିଣାୟନ କହନ୍ତି । ]
୧୧ । ସୂର୍ଯ୍ୟଙ୍କ ଗତି ଅନୁସାରେ ଗଣିତ ବର୍ଷାର୍ଦ୍ଧ; ଷଣ୍ମାସ—
ଉତ୍ତରାୟଣ ଓ ଦକ୍ଷିଣାୟନ—11. Half-year counted according to the sun's motion.
୧୨ । (ଜ୍ୟୋତିଷ) ରାଶିଚକ୍ରର ଗତି—
12. The motion of the Zodiac.
[ଦ୍ର—ଜ୍ୟୋତିଷମତରେ ରାଶିଚକ୍ର ପ୍ରତିଦିନ ୯ ଅନୁକଳା ଲେଖାଏଁ, ଅର୍ଥାତ୍ ପ୍ରତି ମାସରେ ୪ ବିକଳା ୩୦ ଅନୁକଳା; ପ୍ରତି ବର୍ଷ ୫୪ ବିକଳା ଲେଖାଏଁ ଖସି ଯାଉଅଛି; ଏବଂ ୬୬ ବର୍ଷ ୮ ମାସରେ ରାଶିଚକ୍ର ବିଷୁବରେଖାକୁ ୧ ଅଂଶ ଘୁଞ୍ଚି ଯାଉଛି ଓ ୩୬୦୦ ବର୍ଷରେ ବିଷୁବରେଖାର ଚାରି ପାଖେ ଥରେ ବୁଲି ଆସେ । ରାଶିଚକ୍ରର ଏହି ଗତି ଦୁଇଭାଗରେ ବିଭକ୍ତ—ପ୍ରାଗୟନ ଓ ପଶ୍ଚାଦୟନ ।
ହିନ୍ଦି. ଶବ୍ଦସାଗର । ]
୧୩ । (ଯେଉଁ ଶାସ୍ତ୍ରରେ ଗ୍ରହତାରାଦିଙ୍କ ଗତିର ଜ୍ଞାନ ଜନ୍ମେ) ଜ୍ୟୋତିଃଶାସ୍ତ୍ର—13. Astronomy.
୧୪ । ସେନାର ଗତି—14. Movement of an army.

ଅୟନମଣ୍ଡଳ—ସଂ. ବି. ( ମଧ୍ୟପଦଲୋପୀ; ଅୟନ ଦ୍ୱାରା ଅଙ୍କିତ ମଣ୍ଡଳ )
Ayanamaṇḍaḻa ୧ । (ଭୂଗୋଳପରିଭାଷା)—ସୂର୍ଯ୍ୟଙ୍କର ବାର୍ଷିକ ଗତି ଦ୍ୱାରା ପୃଥିବୀ ପୃଷ୍ଠରେ କଳ୍ପିତ ଅଣ୍ଡାକାର ରେଖା; ରବିମାର୍ଗ—
1 ( geography ) The Ecliptic; the sun's or bit.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା.— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍ଗ' ଦେଖିବେ;'ଅଲଙ୍କୃତ' ନ ପାଇଲେ 'ଅଲଙ୍କୃତ' ଦେଖିବେ ।

୨ । (ଭୂଗୋଳପରିଭାଷା) ଗ୍ରୀଷ୍ମକଟିବନ୍ଧ—
2. (geography) The torrid zone.

**ଅୟନସଂକ୍ରମ**—ସଂ. ବି. ୧ । ( ୬ଷ୍ଠୀ ତତ୍; ଅୟନ+ସଂକ୍ରମ )—
Ayanasaṁkrama ମକର ଓ କର୍କଟ ସଂକ୍ରାନ୍ତି—
1. The conjunction of the sun with the sign of capricorn or of cancer; the winter or the summer solstice
୨ । ପ୍ରତ୍ୟେକ ସଂକ୍ରାନ୍ତିର ୨୦ ଦିନ ପୂର୍ବର କାଳ—
(ହ୍ରି. ଶବ୍ଦସାଗର)
2. The time which is 20 days previous to a solar conjunction.

**ଅୟନାଂଶ**—ସଂ. ବି. ( ୬ଷ୍ଠୀ ତତ୍; ଅୟନ+ଅଂଶ )—
Ayanāṁsa ୧ । ସୂର୍ଯ୍ୟଙ୍କ ଗତିବିଶେଷର କାଳର ଭାଗ—
1. Division of the sun's motion.
୨ । ସୂର୍ଯ୍ୟଙ୍କ ଗତିବିଶେଷ ବା ଅବସ୍ଥାନ—
2. The arc between the vernal equinox and the beginning of Aries

**ଅୟନାନ୍ତ**—ସଂ. ବି. ( ୬ଷ୍ଠୀ ତତ୍; ଅୟନ+ ଅନ୍ତ )—
Ayanānta ୧ । (ଜ୍ୟୋତିଷ) ଏକ ଅୟନର ଶେଷ ଓ ପରବର୍ତ୍ତୀ ଅୟନର ଆରମ୍ଭ; ଉତ୍ତରାୟଣର ଶେଷ ଓ ଦକ୍ଷିଣାୟନର ଆରମ୍ଭ; ଏବଂ ଦକ୍ଷିଣାୟନର ଶେଷ ଓ ଉତ୍ତରାୟଣର ଆରମ୍ଭ; ସନ୍ଧିକାଳ—1. ( Astronomy ) The time of the passing of one Ayana and the beginning of the next Ayana; solstice.
୨ । ବିଷୁବରେଖାଠାରୁ ରବି ଉତ୍ତରକୁ ବା ଦକ୍ଷିଣକୁ ଯିବା ପଥର ଶେଷ ସୀମା—2. The extreme limits of the sun's northern and southern advance.

**ଅୟନାନ୍ତବୃତ୍ତ**—ସଂ. ବି. ( ଭୂଗୋଳପରିଭାଷା )—କର୍କଟ କ୍ରାନ୍ତି ଓ ମକର
Ayanāntabṛutta କ୍ରାନ୍ତି; ସୂର୍ଯ୍ୟଙ୍କ ଦକ୍ଷିଣାୟନ ଓ ଉତ୍ତରାୟଣର ଶେଷ ସୀମାଜ୍ଞାପକ କଳ୍ପିତ ବୃତ୍ତଦ୍ୱୟ—
( geography ) The tropics; The tropics of Cancer and of Capricorn.

**ଅୟବ**—ସଂ. ବି. ( ଅ+ଯବ )—
Ajaba ୧ । ପୁରୀଷରେ ଥିବା ଅତି କ୍ଷୁଦ୍ର କୃମି (ହିନ୍ଦି. ଶବ୍ଦସାଗର)-
1. Tiny worms found in fœces.
୨ । ( ଏଥିରେ ଯବଧାନ୍ୟ କାର୍ଯ୍ୟରେ ଲାଗୁ ନ ଥିବାରୁ; ଏଥିରେ ତିଳ ବ୍ୟବହୃତ ହୁଏ )—ପିତୃକର୍ମ—
2. Ritual in connection with the offerings to the manes.

୩ । ଶୁକ୍ର—3. Venus.
୪ । କୃଷ୍ଣପକ୍ଷ—4. The dark lunar fortnight.

**ଅୟାରଙ୍ଗସୁତ୍ତ**—ଦେ. ବି. (ନାମ) ପାଲୀ ଭାଷାରେ ଲିଖିତ ଜୈନ ଧର୍ମଶାସ୍ତ୍ର-
Ayaraṅgaswattwa The title of the religious book of the Jainas written in the Pāli language.

**ଅଯଶ**—ଦେ. ବି. ( ସଂ. ଅଯଶଃ )—
Ajaśa ୧ । ଅଯଶଃ; ଅକୀର୍ତ୍ତି; ବଦନାମ—
ଅଯଶ 1. Infamy; discredit.
ଅଯଶ
ରତ୍ନ ଶ୍ରୀ ଅଯଶ ଅଛି ରସାରେ ରସାଉଛନ୍ତି ଲଭାକୁ ସେ.ରେ—
ଵଦନୂର୍ତ୍ତି, ଵଶୋଗାତସ୍ତ୍ର. ର ଗୀତ ।
୨ । ନିନ୍ଦା—2. Blame.
ବଡ଼ ରତ୍ନବଂଶଜ, ଅଯଶେ ନାହିଁ ଛଳ, ଅନ୍ତର୍ଗତ ଜାଣିଲ—
ଉଷ୍ଣ. ବୈଦେହୀଶବିଳାସ ।
ଦେ. ବିଣ—୧ । ଅଯଶସ୍କର—1. Infamous.
୨ । ଲୋକନିନ୍ଦିତ—2. Disgraceful.

**ଅଯଶଃ**—ସଂ. ବି. ( ଅ+ଯଶସ୍ )—ଅଯଶ ( ଦେଖ )
Ajaśaḥ Ajaśa ( See )
ସଂ. ବିଣ. ( ବହୁବ୍ରୀହି )—ଅଯଶସ୍କର ( ଦେଖ )
Ajaśaskara ( See )

**ଅଯଶସ୍କର**—ସଂ. ବିଣ. ( ଅ+ଯଶସ୍କର; ଅଯଶଃ+କୃ ଧାତୁ+କର୍ତ୍ତୃ.
Ajaśaskara ଅ )—୧ । ଅକୀର୍ତ୍ତିକର; ଯାହା ହେତୁ କର୍ତ୍ତା
(ଅଯଶସ୍କରୀ—ସ୍ତ୍ରୀ) ଅକୀର୍ତ୍ତି ଲଭେ—1. Infamous.
୨ । ଲୋକନିନ୍ଦିତ—2. Disgraceful; disreputable.
୩ । ନିନ୍ଦ୍ୟ; ଗର୍ହିତ—3. Blameworthy.

**ଅଯଶସ୍ୟ**—ସଂ. ବିଣ. ( ଅ+ଯଶସ୍ୟ )—ଯାହା ଯୋଗୁଁ ମନୁଷ୍ୟର
Ajaśasya ବଦନାମ ହୁଏ—Causing discredit; resulting in disrepute.

**ଅଯଶସ୍ୱୀ**—ସଂ. ବିଣ. ପୁଂ. ( ଅ+ଯଶସ୍ୱିନ୍; ୧ମା. ୧ବ. )—
Ajaśaswi ବଦନାମିଆଁ—Infamous; notorious.
(ଅଯଶସ୍ୱିନୀ—ସ୍ତ୍ରୀ)

**ଅୟସ୍**—ସଂ. ବି. ( ଅୟ ଧାତୁ=ଗମନ କରିବା+କର୍ତ୍ତୃ. ଅସ୍; ଭୁଲ—
Ayas ଲାଟିନ୍ ଅଏସ୍=ଲୁହା )—
୧ । ଲୌହ; ଲୁହା—1. Iron.
୨ । ଅଗ୍ନି; ନିଆଁ—2. Fire
୩ । ଅଗୁରୁ—3. Agalochium
୪ । ଲୌହନିର୍ମିତ ଅସ୍ତ୍ରଶସ୍ତ୍ରାଦି—
4. Weapon or instrument made of iron,
୫ । ଲୌହ ଘଟିତ ଔଷଧ—5. Medicinal preparation containing iron.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇୟ | ଋଅ | ଢ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଗ୍ୟ | ଯ | ସ | ଙ୍ଗ୍ୟ | ଇଅ | ଓ | ହ୍ନ |

ବୈଦେ. ବି. ( ଆ. ଏସ୍ )—
আয়েস ୧ । ଭୋଗବିଳାସ—1. Luxury.
ऐश, ୨ । ଭୋଗ—2. Enjoyment.
ऐशोइशरत ୩ । ସୁଖସ୍ୱାଚ୍ଛନ୍ଦ୍ୟ—3 Comforts.
୪ । ମଉଜ—4. Amenities of life.
୫ । ଆରାମ—5. Rest; refreshment.

**ଅୟସ୍କରିବା**—ଦେ. କ୍ରି—୧ । ବିଳାସରେ ମାତିବା—
Ayaskaribā 1. To live in luxury.
আয়েসকরা ୨ । ମଉଜରେ ରହିବା—2. To enjoy the amenities of life.
ऐशकरना ୩ । ଆରାମ କରିବା—3. To enjoy rest

**ଅୟସିଆ**—ଦେ. ବିଣ. ପୁଂ. ଓ ସ୍ତ୍ରୀ—ଅୟସୀ ( ଦେଖ )
Ayasiā Ayasī ( See )

**ଅୟସୀ**—ବୈଦେ. ବିଣ. ପୁଂ. ଓ ସ୍ତ୍ରୀ. ( ଆ. ଏସୀ )—
Ayasī ୧ । ବିଳାସପ୍ରିୟ—1. Fond of luxury.
আয়েসী ୨ । ମଉଜିଆ—2 Living in luxury and comforts.
ऐयाश; ऐशी

**ଅୟସ୍କାନ୍ତ**—ସ. ବି. ( ଅୟଃ+କାନ୍ତ=କମନୀୟ ରତ୍ନ )—
Ayaskānta ୧ । ଚୁମ୍ବକ ପଥର; ଲୌହାକର୍ଷକ ମଣି—
1. Lodestone; magnet.
୨ । କାନ୍ତଲୌହ; ତଲାଲୁହା—
2. Cast-steel.

**ଅୟସ୍କାର**—ସ. ବି. ( ଅୟଃ+କୃ ଧାତୁ+କର୍ତ୍ତୃ. ଅ )—
Ayaskāra ୧ । ଯେ ଲୁହାକାମ କରେ; କମାର; ଲୋହାର—
1. Blacksmith.
୨ । ଜଳର ଊର୍ଦ୍ଧ୍ୱଭାଗ ( ଶବ୍ଦକଳ୍ପଦ୍ରୁମ )—
2. The upper part of water.

**ଅଯାଚକ**—ସଂ. ବିଣ. ପୁଂ. ( ଅ+ଯାଚକ )—
Ajāchaka ୧ । ଯେ ଅନୁଗ୍ରହପ୍ରାର୍ଥୀ ନୁହେ—
(ଅଯାଚକା—ସ୍ତ୍ରୀ) 1. Not asking for a favour.
୨ । ଯେ ମାଗେ ନାହିଁ—2. One who does not beg.
୩ । ଯେ ମାଗୁ ନାହିଁ—3. Not begging for a thing.

**ଅଯାଚିତ**—ସଂ. ବିଣ. ( ଅ+ଯାଚିତ )—
Ajāchita ୧ । ଅପ୍ରାର୍ଥିତ; ଯାହା ପ୍ରାର୍ଥିତ ହୋଇ ନ ଥାଏ—
(ଅଯାଚିତା—ସ୍ତ୍ରୀ) 1. Unasked; not prayed for.
୨ । ଯାହା ମଗାଯାଇ ନ ଥାଏ—
2. Unsought; not begged for.
୩ । ଯେଉଁ ବ୍ୟକ୍ତିକୁ କେହି କିଛି ପ୍ରାର୍ଥନା କରୁ ନ ଥାଏ—
3. Unsolicited; one who has not been approached with any prayer.

ସଂ. ବି—୧ । ଅପ୍ରାର୍ଥିତ ଭକ୍ଷ୍ୟ ଦ୍ରବ୍ୟ—
1. Unsolicited food.
୨ । ମୁନିବିଶେଷ—2. Name of a sage.

**ଅଯାଚିତୋପସ୍ଥିତ**—ସଂ. ବିଣ. ( ଅଯାଚିତ+ଉପସ୍ଥିତ )—
Ajāchitopasthita ଯେଉଁ ପଦାର୍ଥ ବା ବ୍ୟକ୍ତି ଲୋଡ଼ା ନ ହୋଇ ବା ପ୍ରାର୍ଥିତ ନ ହୋଇ ଉପସ୍ଥିତ ଥାଏ—
1. Which comes unasked.
୨ । ଯାହା ମାଗଣା ମିଳେ—2 Got gratis.

**ଅଯାଚୀ**—ସଂ. ବିଣ. ପୁଂ. (ଅ+ଯାଚ ଧାତୁ+କର୍ତ୍ତୃ. ଇନ୍. ୧ମା.୧ବ)—
Ajāchī ୧ । ଅଯାଚକ; ନ ମାଗିବାବାଲା—
(ଅଯାଚିନୀ—ସ୍ତ୍ରୀ) 1. Not begging.
୨ । ପ୍ରାର୍ଥନା ନ କରି ଯାହାର କାମନା ପୂର୍ଣ୍ଣ ହୋଇ ଥାଏ—
2 One who gets his wish fulfilled without the asking.
୩ । ( ଯାହାକୁ ଅନ୍ୟ ବ୍ୟକ୍ତି ଠାରେ ମାଗନ୍ତା ହେବାକୁ ପଡ଼େ ନାହିଁ ) ସମୃଦ୍ଧ; ଧନୀ—3. Rich; above want.

**ଅଯାଚ୍ୟ**—ସଂ. ବିଣ. ପୁଂ—୧ । ସନ୍ତୁଷ୍ଟ; ତୃପ୍ତ (ହିନ୍ଦି. ଶବ୍ଦସାଗର)—
Ajāchya 1. Satisfied.
୨ । ପୂର୍ଣ୍ଣ କାମ—2. One who has his wishes fulfilled.
୩ । ଯାହାକୁ କୌଣସି ପଦାର୍ଥ ମାଗିବାକୁ ଆବଶ୍ୟକ ହୁଏ ନାହିଁ; ଅର୍ଥାତ୍ ଯେ ମାଗିବା ପୂର୍ବରୁ ଦେଇ ପକାଏ—
3. (a person) Who bestows unasked.

**ଅଯାଜ୍ୟ**—ସଂ. ବିଣ. ( ଅ+ଯଜ ଧାତୁ+କର୍ତ୍ତୃ. ଯ )—
Ajājya ୧ । ଯାହାର ଯଜ୍ଞ କରିବାର ଅଧିକାର ନାହିଁ; ଯେ ଶାସ୍ତ୍ର ଅନୁସାରେ ଯଜ୍ଞ କରିବାକୁ ଅଧିକାରୀ ନୁହେ—
1. Not competent or qualified to offer Vedic sacrifice.
୨ । ପତିତ; ଅଜାତିଆ—2. Outcasted; fallen; excommunicated.
୩ । ଚଣ୍ଡାଳ—3. (a person) Of the lowest untouchable caste.

**ଅଯାଜ୍ୟଯାଜକ**—ସଂ. ବି. ପୁଂ. (୬ଷ୍ଠୀ ତତ୍; ଅଯାଜ୍ୟ+ଯାଜକ)—
Ajājyajājaka ଯଜ୍ଞ କରିବାକୁ ଅଧିକାର ନ ଥିବା ବ୍ୟକ୍ତିର ପୌରୋହିତ୍ୟ କରିବା ବ୍ରାହ୍ମଣ—A person who officiates as a priest for an outcaste or low caste person.

**ଅଯାଜ୍ୟଯାଜନ**—ସ. ବି. (୬ଷ୍ଠୀ ତତ୍; ଅଯାଜ୍ୟ+ଯାଜନ)—ପତିତ ବା
Ajājyajājana ନୀଚ ଜାତୀୟ ବ୍ୟକ୍ତିର ଧର୍ମକାର୍ଯ୍ୟରେ ପୌରୋହିତ୍ୟ—Officiating as priest for an outcaste or low caste person.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଠ' ନ ମିଳିଲେ 'ଗାଣ୍ଠ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧ୍' ଦେଖିବେ; 'ଅର୍ଣ୍ଣ୍ୟା' ନ ପାଇଲେ 'ଅର୍ଣ୍ଣ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅଯାତ**—ସଂ. ବଣ. (ଅ + ଯାତ)—ଯାଇ ନ ଥିବା—
**Ajāta** Not gone.

**ଅଯାତଯାମ**—ସଂ ବଣ. ( ଅ + ଯାତଯାମ )—୧ । ଯେଉଁ ପଦାର୍ଥର
**Ajātajāma** ଏକ ପ୍ରହର ବିତି ନାହିଁ—1. That which has not yet passed one prahara or three hours.
୨ । ଯାହା ବାସୀ ନୁହେ; ଟଟକା—
2. Fresh; not stale..
୩ । ଗତଦୋଷ; ଶୁଦ୍ଧ—3. Purified.
୪ । ଯାହାର ଉଚିତ କାଳ ଟପି ଯାଇ ନାହିଁ—
4. That for which the proper time has not yet expired.

**ଅଯାତ୍ରା**—ଦେ. ବଣ. (ସଂ. ଅଯାତ୍ରିକ)—ଅଯାତ୍ରିକ (ଦେଖ)
**Ajātrā** Ajātrika (See)
ଦେ. ବି.—୧ । କୌଣସି କାର୍ଯ୍ୟପାଇଁ ଶୁଭଯାତ୍ରା କରିବାର ଅନୁପଯୁକ୍ତ ସମୟ—1. Inauspicious time for setting out on a journey or mission.
୨ । ( ଜଗନ୍ନାଥ, ଲିଙ୍ଗରାଜ ଆଦି ) ଦେବତାଙ୍କର ଯାତ ହୋଇ ନ ଥିବା ସମୟ—2. Time or day where there is no festival of a Deity.

**ଅଯାତ୍ରିକ**—ସଂ. ବଣ. ପୁଂ. (ଅ + ଯାତ୍ରା + ଇକ)—୧ । ଯାତ୍ରା ସମୟରେ
**Ajātrika** ଯାହାକୁ ଦେଖିବା ଅଶୁଭସୂଚକ—1. Inauspicious
(ଅଯାତ୍ରିକା—ସ୍ତ୍ରୀ) to be seen or met at the time of setting out on a journey or mission.
୨ । ଅମଙ୍ଗଳିଆ—2. Inauspicious.
ଯାତ୍ରା ଅର୍ଥେ ଗଲେ ଅଯାତ୍ରିକକୁ ନ କର । ସାରଳାମହାଭାରତ. ଶାନ୍ତି ।
୩ । କୌଣସି କାର୍ଯ୍ୟ ବା ଯାତ୍ରା ବା ଅନୁକୂଳ କରିବାର ଯାହା ଶୁଭ ବା ପ୍ରଶସ୍ତ କାଳ ନୁହେ—
3. (time) Inauspicious for setting out on a journey or mission.

**ଅଯାଦବ**—ସଂ. ବଣ. ( ବହୁବ୍ରୀହି; ଅ + ଯାଦବ )—ଯାଦବବଂଶ ଶୂନ୍ୟ
**Ajādaba** (ପୃଥିବୀ)—Void of all the members of the Jādaba family.
ରାମଗୋବିନ୍ଦ ଅଜ ମାର
ଏ ଭୂମି ଅଯାଦବ କର । ଜଗନ୍ନାଥ. ଭାଗବତ ୧୦ମ ।

**ଅଯାନ**—ସଂ. ବି. (ଅ + ଯା ଧାତୁ = ଚଳିବା + ଅନ)—
**Ajāna** ୧ । ସ୍ୱଭାବ; ନିସର୍ଗ—1. Nature.
୨ । ଅଚଞ୍ଚଳତା; ସ୍ଥିରତା—2. Certainty.
(ହିନ୍ଦୀ ଶବ୍ଦସାଗର)

**ଅୟାନତ୍**—ବୈଦେ. ବି. ( ଆ )—୧ । ସହାୟତା; ମଦଦ୍—
**Ayānat** 1. Support; help.
୨ । ମୁରବୀପଣ—2. Patronage

**ଅୟାଲ୍**—ବୈଦେ. ବି. (ଆ)—୧ । ଘୋଡ଼ା ଓ ସିଂହଙ୍କ ବେକ ଉପରେ
**Ayāl** ଉଠିଥିବା ଲମ୍ବ ବାଳ; କେଶର—
ଅୟାଲ 1. The mane ( of lion or horse ).
୨ । ବାଲବଚ୍ଚା; ସନ୍ତାନସନ୍ତତି—
2. Children; issue.

**ଅୟାସ୍ୟ**—ସଂ. ବି.—୧ । ଶତ୍ରୁ—1. Enemy.
**Ayāsya** ୨ । ପ୍ରାଣବାୟୁ—2. The vital breath.
୩ । ଅଙ୍ଗିରାଋଷି—3 The sage Angirā.
ସଂ. ବଣ—ନିଶ୍ଚଳ; ଅଟଳ—Not moving; motionless.

**ଅୟି**—ସଂ. ଅ. ( ସମ୍ବୋଧନସୂଚକ; କୋମଳ ସ୍ନେହସମ୍ବୋଧନ; ତୁଳ
**Ayi** ସଂ. ହେ )—ହେ; ଅଲୋ; ଅହେ; ହେ—Oh; ho !
ଅୟି ଋଷିକୁଲ୍ୟେ ଋଷିମାନସୁତେ, ହୋଇ ସହଚର କଲ୍ପନାର ନେତେ ।
ଡାଗଣୀ. ଋଷିକୁଲ୍ୟା ।
[ ଦ୍ର—ଏହା ସ୍ନେହରେ ସ୍ତ୍ରୀଲୋକଙ୍କ ପ୍ରତି ବ୍ୟବହୃତ ହୁଏ । ସ୍ମରଣ, ଶ୍ରମ, କ୍ରୋଧ, ବିଷାଦ ଓ ସମ୍ଭ୍ରମ ଉପଲକ୍ଷ୍ୟରେ ମଧ୍ୟ ଏହ ବ୍ୟବହୃତ ହୁଏ । ]

**ଅୟିସୁଲକ୍ଷଣୀ** ( ଇତ୍ୟାଦ )—ଦେ. ବିଣ. ସ୍ତ୍ରୀ—
**Ayisulakshaṇi etc** ଅଇସୁଲକ୍ଷଣୀ ଇତ୍ୟାଦ ( ଦେଖ )
Aisulakshaṇi etc ( See )
ସୁକଲ୍ୟାଣ ବାଞ୍ଛା କଲେ ଭଦ୍ର ଶଙ୍ଖବତୀ,
ଅୟିସୁଲକ୍ଷଣୀ ହୁଅ ଅଜ ପୁତ୍ରବତୀ—ସାରଳାମହାଭାରତ. ମଧ୍ୟ ।

**ଅଯୁକ୍‌ଛଦ**—ସଂ. ବି. ( ଅ + ଯୁଜ୍ ଧାତୁ + କ୍ୱିପ୍ = ଅଯୁକ୍ + ଛଦ )—
**Ajukchhada** ଅଯୁଗ୍ମଚ୍ଛଦ; ଛତିଆନା; ସପ୍ତପର୍ଣ୍ଣ—A tree.

**ଅଯୁକତ**—ଗ୍ରା. ପଦ୍ୟ. ବଣ. ( ସଂ. ଅଯୌକ୍ତିକ; ଅଯୁକ୍ତ )—
**Ajukata** ଅଯୁକ୍ତ ( ଦେଖ )—Ajukta ( See )
ଅଯୁକତ ନୁହେ ଏ କଥା ତୁମ୍ଭଠାରେ—କୃଷ୍ଣସିଂହ. ମହାଭାରତ. ବନ ।

**ଅଯୁକତି**—ଗ୍ରା. ପଦ୍ୟ ବଣ. ( ସଂ. ଅଯୁକ୍ତି )—ଅଯୌକ୍ତିକ—
**Ajukati** Unreasonable.
ଗ୍ରା. ପଦ୍ୟ. ବି—ଅଯୌକ୍ତିକ ବା ଅସଙ୍ଗତ କର୍ମ—
Improper act.
କାଣିକରୁ କରୁଛ କର୍ପା ଅଯୁକତି—କୃଷ୍ଣସିଂହ. ମହାଭାରତ. ବନ ।

**ଅଯୁକ୍ତ**—ସଂ. ବଣ. ( ଅ + ଯୁକ୍ତ )—୧ । ଯୁଆଳିରେ ଯୋଗ୍ଯ ହୋଇ ନ
**Ajukta** ଥିବା—1. Unyoked.
ଅଯୁକ୍ତତା, ଅଯୁକ୍ତି } ବି ୨ । ଯୋଗ ବା ମିଶାଣ କରାଯାଇ ନ ଥିବା—
2. Not added together.
୩ । ଅସଂଯୁକ୍ତ; ଅସମ୍ବଦ୍ଧ—
3. Unconnected; not joined.
୪ । ଅଯୋଗ୍ୟ—4. Unfit.
୫ । ଅନୁଚିତ—5. Improper.
୬ । ଅଯୌକ୍ତିକ—6. Unreasonable.
୭ । ଅଲଗା; ସ୍ୱତନ୍ତ୍ର—7. Separate.

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଲଘୁ | ଡ଼ଅ | ଲ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଯ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗିଂ | ଇଅ | ୱ | ନ୍ତ |

୮ । ଅନୁପଯୁକ୍ତ—8. Unsuitable.

୯ । ଅନ୍ୟମନସ୍କ—9. Inattentive.

୧୦ । ଆପଦଗ୍ରସ୍ତ—( ହିନ୍ଦି. ଶବ୍ଦସାଗର ) 10. Involved in danger.

୧୧ । ଅମିଶ୍ରିତ( ହିନ୍ଦି. ଶବ୍ଦସାଗର )—11. Unmixed.

୧୨ । ବେଜୋଡ଼—12. Not in pairs.

୧୩ । ଅଲଗା ବା ପୃଥକ୍ କରାଯାଇଥିବା—
13. Detached; separated; disjoined.

**ଅଯୁକ୍ତି**—ସଂ. ବି. ( ଅ+ଯୁକ୍ତି )—୧ । ଅସତ୍ ବା ମନ୍ଦଯୁକ୍ତି—
Ajukti 1. Bad reasoning.

୨ । କୁପରାମର୍ଶ—2. Bad advice.

୩ । ଯୁକ୍ତିର ଅଭାବ—
3. Want of reasoning or argument.

୪ । ଅନୌଚିତ୍ୟ—4 Impropriety.

୫ । ଗଡ଼ବଡ଼; ଗୋଳମାଳ—5. Confusion.

୬ । ଅନୁପଯୋଗିତା—6. Unfitness.

୭ । ଅସମ୍ବନ୍ଧ—7. Want of connection.

୮ । ଯୋଗ ନ ଦେବା—8. Not joining.

୯ । ବଂଶୀ ବଜାଇବା ବେଳେ ଏଥିରୁ ଭିନ୍ନ ଭିନ୍ନ ସ୍ୱର ବାହାରିବା ପାଇଁ ବଂଶୀ ପାଖରେ ଥିବା ଛିଦ୍ରମାନଙ୍କୁ ଅଙ୍ଗୁଠି ଦ୍ୱାରା ବନ୍ଦ ରଖିବା କ୍ରିୟା । (ହିନ୍ଦି.ଶବ୍ଦସାଗର)
9. The act of stopping the orifices at the sides of a flute with the finger-tips.

**ଅଯୁକ୍ତିଯୁକ୍ତ**—ସଂ. ବିଣ. ( ଅ+ଯୁକ୍ତିଯୁକ୍ତ )—୧ । ଅଯୌକ୍ତିକ—
Ajuktijukta. 1. Unreasonable.

୨ । ଅନୁଚିତ—2. Improper.

**ଅଯୁଗ**—ସଂ. ବିଣ. ( ଅ+ଯୁଜ ଧାତୁ=ଯୋଡ଼ିବା+କର୍ମ. ଅ )—
Ajuga ୧ । ବିଷମ; ବିଯୋଡ଼ ( ସଂଖ୍ୟା )—ଯେଉଁ ସଂଖ୍ୟା ଦୁଇରେ ହରିଲେ ଛିଣ୍ଡିବ ନାହିଁ—
1. Uneven ( number ).

୨ । ବେଯୋଡ଼; ଯୋଡ଼ା ବା ଯୁଗ୍ମ ହୋଇ ନ ଥିବା—
2. Not in pairs.

୩ । ଏକାକୀ; ଏକୁଟିଆ—3. Single; solitary.

**ଅଯୁଗ୍ମ**—ସଂ. ବିଣ. ( ଅ+ଯୁଜ ଧାତୁ=ଯୋଡ଼ିବା+କର୍ମ. ମନ୍; ଯାହାକୁ
Ajugma ଯୋଡ଼ା ଯାଇ ନ ପାରେ )—
୧ । ଯାହା ଯୋଡ଼ାଯୋଡ଼ା ହୋଇ ନ ଥାଏ; ବେଯୋଡ଼—
1. Not in pairs.

୨ । ବିଷମ; ବିଯୋଡ଼ ( ସଂଖ୍ୟା )—
2. Odd; even ( number )

୩ । ପୃଥକ୍—3. Separate.

୪ । ଏକାକୀ; ଏକକ୍ଷ—4. Single; solitary.

**ଅଯୁଗ୍ମଚ୍ଛଦ**—ସଂ. ବି. ୧ । [ ବହୁବ୍ରୀହି; ଅଯୁଗ୍ମ+ଛଦ; ସନ୍ଧି ଯୋଗୁ ଛ
Ajugmachchhada ସ୍ଥାନରେ ଚ୍ଛ; ଏହାର ପତ୍ରମାନ ଯୋଡ଼ା ଯୋଡ଼ା ନ ଥିବାରୁ କିମ୍ବା ପ୍ରତି ପଲ୍ଲବରେ ଅଯୁଗ୍ମ ଅର୍ଥାତ୍ ୭ ସଂଖ୍ୟକ ପତ୍ର ଥିବାରୁ] ସପ୍ତପର୍ଣ୍ଣି ( ବୃକ୍ଷ ); ଛତିଆନା ( ଦେଖ )
1. Chhatiana ( See )

୨ । ଯେଉଁ ବୃକ୍ଷାଦିର ପତ୍ର ପରସ୍ପର ବିପରୀତଦିଗରେ ଯୋଡ଼ା ଯୋଡ଼ା ହୋଇ ନ ଥାଏ—
2. ( trees and plants ) Which have not the foliages bifurcating evenly; not bifoliate.

[ ଦ୍ର—ଯେଉଁ ଗଛର ଡାଳ ବା ବାଡ଼ୁଙ୍ଗାର ଡେମ୍ଫରୁ ପରସ୍ପର ବିପରୀତ ଦିଗରେ ସରସାରେ ୨ଟି ଲେଖାଏଁ ପତ୍ର ବାହାରି ଥାଏ ତାକୁ ଯୁଗ୍ମଚ୍ଛଦ କହନ୍ତି; ଯଥା—ନଡ଼ିଆ, ଗୁଆ, କୁନ୍ଦଗଛ, ନିମ୍ବ, ମାହାଲ ଇତ୍ୟାଦି ଯେଉଁ ଡେମ୍ଫରୁ ଏକୁଟିଆ ପତ୍ରଟିମାନ ବାହାରି ଥାଏ ଓ ପତ୍ରମାନ ଯୋଡ଼ି ଯୋଡ଼ି ହୋଇ ନ ଥାଏ ତାକୁ 'ଅଯୁଗ୍ମ' କହନ୍ତି ।
ଯଥା—ଆମ୍ବ, ପଣସ, ମନ୍ଦାର, ପିଜୁଳି ଇତ୍ୟାଦି ।]

**ଅଯୁଗ୍ମନେତ୍ର**—ସଂ. ବି. ପୁଂ ( ବହୁବ୍ରୀହି; ଅଯୁଗ୍ମ ସଂଖ୍ୟକ ନେତ୍ର
Ajugmanetra ଯାହାଙ୍କର; ମହାଦେବଙ୍କର ତିନି ଆଖି ଥିବାରୁ)-
ମହାଦେବ; ଶିବ—God Siba.

**ଅଯୁଗ୍ମବାଣ**—ସଂ. ବି. ପୁଂ. (ବହୁବ୍ରୀହି; ଅଯୁଗ୍ମସଂଖ୍ୟକ ଅର୍ଥାତ୍ ପାଞ୍ଚଟି ବାଣ
Ajugmabāna ଯାହାର )—ପଞ୍ଚଶର; କାମଦେବ—
The God Cupid.

**ଅଯୁଗ୍ମବାହ**—ସଂ. ବି. ପୁଂ. ( ବହୁବ୍ରୀହି; ଅଯୁଗ୍ମ=ବିଷମ ବା ସାତଟି+
Ajugmabāha ବାହ=ବାହନ ଯାହାର )—
ସପ୍ତାଶ୍ୱବାହନ; ସୂର୍ଯ୍ୟ—The Sun-god.

**ଅଯୁଗ୍ମରାଶି**—ସଂ. ବି. (କର୍ମଧା)—( ଗଣିତ ) ବିଯୋଡ଼ସଂଖ୍ୟା; ଯେଉଁ
Ajugmarāsi ସଂଖ୍ୟାକୁ ଦୁଇରେ ହରିଲେ ଛିଣ୍ଡେ ନାହିଁ; ଯେଉଁ ସଂଖ୍ୟା '୨'ର ଗୁଣିତକ ନୁହେ (ଯଥା—୧,୩,୫,୭,୯ ଇତ୍ୟାଦି)—
(Mathematics) Odd number.

**ଅଯୁତ**—ସଂ. ବିଣ ( ଅ+ଯୁତ )—ଅଯୁକ୍ତ ( ଦେଖ )
Ajuta Ajukta ( See )

ବିଣ ଓ ବି.—ଅଯୁତ ( ଦେଖ )—Ayuta ( See )

**ଅୟୁତ**—ସଂ. ବିଣ ( ଅ+ଯୁତ; ସଂଖ୍ୟାବାଚକ )—ଦଶ ହଜାର—
Ayuta ସଂଖ୍ୟକ—1. Numbering ten thousand.

ସଂ. ବି.—ଦଶ ହଜାର ସଂଖ୍ୟା—
Ten thousand

ସାଧାରଣ ଲେଖେ ଅପର ସ୍ଥାନରେ ସୃଚତ ୧ ଚଳ୍ନିତ ଅକ୍ଷର ଓ ମାତ୍ରା ଏବ ୨ ଚଳ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚଳ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚଳ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ଲୁଣ୍ଠ' ନ ମିଳିଲେ 'ଲୁଣ୍ଠ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଗ୍ଣ' ନ ପାଇଲେ 'ଅର୍ଣ୍ଣ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅୟୁତାୟୁତ**—ସଂ. ବଣ ( ଅୟୁତ + ଅୟୁତ; ବହୁ ଅର୍ଥରେ ସଂଖ୍ୟାବାଚକ
Ayutāyuta ଶବ୍ଦର ଦ୍ୱିପ୍ରୟୋଗ; ଯଥା— ଶତଶତ, ଲକ୍ଷଲକ୍ଷ ଇତ୍ୟାଦ )—
୧ । ବହୁ ଅୟୁତ—1. Many thousands of.
୨ । ଅସଂଖ୍ୟ; ଅଗଣିତ—2. Innumerable.
[ ଦ୍ର—ଅଗଣିତ ବା ବହୁ ଅର୍ଥ ବୁଝାଇବାପାଇଁ ଶତଶତ, ସହସ୍ରସହସ୍ର, ଲକ୍ଷଲକ୍ଷ, କୋଟିକୋଟି ଇତ୍ୟାଦ ଶବ୍ଦମାନ ବ୍ୟବହୃତ ହୁଏ । ]

**ଅଯୁତ୍ର**—ଗ୍ରା. ବଣ ( ସଂ ଅ + ଓ. ଯୁତ୍ର )—
Ajutra ୧ । ଜୀବିକା ନିର୍ବାହର ଉପାୟହୀନ—
ଯୋତ୍ରହୀନ 1. Destitute of the means of livelihood.
**निसत** ୨ । ନିଃସ୍ୱ; କଙ୍ଗାଳ—3. Pauper.
୩ । ଯାହାର ଚାଷ କରିବା ଉପକରଣ ବା ଯନ୍ତ୍ରାଦ ନାହିଁ—
3. Not possessing the necessary implements of husbandry.

**ଅୟେ**—ସଂ. ଅ ( କ୍ରୋଧ, ବିଷାଦ, ଭୟୋଦ୍‌ବୋଧକ ସମ୍ବୋଧନ; ଭୁଲନୀୟ
Aye ଓ. ହେଁହେ )—
ଅୟି; ହେ— Oh.

**ଅଯୋଗ**—ସଂ. ବ ( ଅ+ଯୋଗ )—
Ajoga ୧ । ଯୋଗର ଅଭାବ—1. Want of connection.
୨ । ଅନୁପଯୁକ୍ତତା—
2. Unfitness; inappropriateness.
୩ । ଅନୁପଯୋଗିତା—3. Unsuitability.
୪ । ଅପ୍ରାପ୍ତି—4. Non-attainment.
୫ । ସଙ୍କଟ; ବିପଦ—5. Danger.
୬ । ବିଚ୍ଛେଦ—6. Separation.
୭ । ବିଶ୍ଳେଷଣ—7. Analysis.
୮ । ଦୁର୍ଯୋଗ—
8. Unfavourable combination of circumstances.
୯ । ଜ୍ୟୋତିଷ ଶାସ୍ତ୍ର ଗଣନା ଅନୁସାରେ କୌଣସି କର୍ମ ପାଇଁ ଅପ୍ରଶସ୍ତ କାଳ—
9. Inauspicious time according to astrological calculations for doing any work.
୧୦ । କୂଟ; ଯେଉଁ ବାକ୍ୟର ଅର୍ଥ ସୁଗମତାସହ ବୋଧ ନ ହୁଏ—
10. Riddle.
୧୧ । କୁସମୟ; କୁକାଳ—11. Bad times.
୧୨ । କହାଇ; ସୁନାରୀବଣିଆଁ ଯେଉଁ ଲୌହପିଣ୍ଡ ଉପରେ ଧାତୁ ରଖି ଧାତୁକୁ ହାତୁଡ଼ିରେ ପିଟେ—
12. A goldsmith's anvil.
୧୩ । ଖ୍ରାକସଂଯୋଗ—
13. Very bad union.
ସଂ. ବଣ. ୧ । ଅପ୍ରଶସ୍ତ (କାଳ)—1. Improper (time)
୨ । ଅନୁକୂଳ ପକ୍ଷରେ ଅଶୁଭକର—2. Inauspicious.
ଦେ. ବଣ. ( ସଂ. ଅଯୋଗ୍ୟ )— ଅଯୋଗ୍ୟ ( ଦେଖ )
অযোগ Ajogya (See)
**अयोग**

**ଅୟୋଗବ**—ସଂ. ବ. ( ଅଯୋଗ = ହୀନଯୋଗ + ଜାତାର୍ଥେ.ବ )—
Ayogaba ବୈଶ୍ୟା ସ୍ତ୍ରୀ ଓ ଶୂଦ୍ର ପୁରୁଷଠାରୁ ଉତ୍ପନ୍ନ ବର୍ଣ୍ଣସଙ୍କର ଜାତ—
A hybrid caste.
( ଦ୍ର—ଏମାନଙ୍କ ଜାତଗତ ବ୍ୟବସାୟ ବଢ଼େଇ ଓ କମାର କାମ ଥିଲା—ଓ. ବଢ଼େଇ କମାରଙ୍କ ବଂଶୋପାଖ୍ୟାନ ଦେଖ । )

**ଅଯୋଗବାହ**—ସଂ. ବଣ. ( ଅ + ଯୋଗ + ବହ ଧାତୁ + ଅ ) ଯେଉଁ
Ajogabāha ବର୍ଣ୍ଣମାନ ଅନ୍ୟ ବର୍ଣ୍ଣର ଯୋଗ ବା ଆଶ୍ରୟ ବିନା ଉଚ୍ଚାରିତ ବା ବ୍ୟବହୃତ ହୋଇ ପାରନ୍ତି ନାହିଁ (ଯଥା— ଅନୁସ୍ୱାର, ବିସର୍ଗ; ଚନ୍ଦ୍ରବିନ୍ଦୁ)—
( letters ) Which can not be used without being joined to another letter.

**ଅଯୋଗା**—ଦେ. ବଣ. ( ସଂ. ଅଯୋଗ୍ୟ )—ଅଯୋଗ୍ୟ ( ବ୍ୟକ୍ତି )
Ajogā ନାଲାଏକ (ବ୍ୟକ୍ତି)—
অযোগ্য Unfit ( person ).
**अयोग; अयोगी**

**ଅଯୋଗୀ**—ସଂ. ବଣ. ( ଅ+ଯୋଗିନ୍. ୧ମା.୧ବ. )— ଯେ ଯୋଗାଙ୍ଗ
Ajogi ଅନୁଷ୍ଠାନରେ ଅସମର୍ଥ—Not able to follow the practises laid down for Joga-Sādhana.

**ଅୟୋଗୋଲକ**—ସଂ. ବ. ( ୬ଷ୍ଠୀ ତତ୍; ଅୟଃ + ଗୋଲକ )—ଲୁହାର
Ayogolaka ଗୋଲ ପିଣ୍ଡୁଳା; ଲୁହାଗୁଳା—Iron-ball.

**ଅଯୋଗ୍ୟ**—ସଂ. ବଣ. ପୁଂ ( ଅ +ଯୋଗ୍ୟ )—
Ajogya ୧ । ନାଲାଏକ୍—1. Not able or accomplished.
(ଅଯୋଗ୍ୟା—ସ୍ତ୍ରୀ)
(ଅଯୋଗ୍ୟତା—ବ.) ୨ । ଅନୁପଯୁକ୍ତ—2. Unfit; unsuitable.
୩ । ନିଷ୍କର୍ମା; ଅକର୍ମଣ୍ୟ—3. Worthless; useless.
୪ । ବେଜାୟ; ଅନୁଚିତ—4. Improper.
୫ । ଅପଟୁ—5. Unskilful.
୬ । ଅପ୍ରତ୍ୟକ୍ଷ—6. Unperceived.
୭ । ଅକ୍ଷମ—7. Incompetent.

**ଅଯୋଗ୍ୟମୂଳା**—ପ୍ରାଦେ. ( କଟକ; ପୁରୀ ). ବଣ. ପୁଂ ଓ ସ୍ତ୍ରୀ (ଗାଳିରେ
Ajogyamūlā ବ୍ୟବହୃତ)—

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇୟ | ଉଅ | ଢ |
| ୨ | ଈ | ଊ | ରୁ | ଲୃ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ୱ | ନ୍ତ |

୧ । ଅଯୋଗ୍ୟ ବା ନିକମ୍ମା (ଲୋକ)—
1. Worthless; good for nothing.
୨ । କୋଢ଼ିଆ; ଅଳସ୍ୟପରାୟଣ— 2. Lazy; idle.

**ଅଯୋଗ୍ୟମ୍ମନ୍ୟ**—ସଂ. ବିଣ. ପୁଂ (ସଂ. ଅଯୋଗ୍ୟଂ+ମନ ଧାତୁ+କର୍ତ୍ତୃ.ଯ)
Ajogyammanya ଯେ ଯୋଗ୍ୟ ହୋଇ ମଧ୍ୟ ଆପଣାକୁ
(ଅଯୋଗ୍ୟମ୍ମନ୍ୟା—ସ୍ତ୍ରୀ) ଅଯୋଗ୍ୟ ବୋଲି ମନେ କରେ—
Diffident; thinking one's self incompetent.

**ଅଯୋଗ୍ୟର**—ଗ୍ରା. ବିଣ. ( ସଂ. ଅଯୋଗ୍ୟ )—
Ajogyara ଅଯୋଗ୍ୟ; ନାଲାଏକ୍ ( ବ୍ୟକ୍ତି )—
(ଯୋଗ୍ୟର—ବିପରୀତ) Unfit (person)
[ଯଥା—ମୁଁ ତାହା ପିଛା ହଜାର ହଜାର ଟଙ୍କା ଖରଚ କରି ତାକୁ ପାଠ ପଢ଼ାଇଲି କିନ୍ତୁ ସେ ଅଯୋଗ୍ୟର ହେଲା । ]

**ଅୟୋଗ୍ର**—ସଂ. ବିଣ ( ବହୁବ୍ରୀହି; ଅୟଃ=ଲୌହ ଅଛି ଅଗ୍ର ଭାଗରେ
Ayogra ଯାହାର )—
ଅଗରେ ଲୁହା ଲାଗିଥିବା—Iron tipped.
ସଂ. ବି—ସମାଲଗା ମୂଷଳ ବା ଢିଙ୍କି ପାହାର—
Irontipped pestle.
୨ । ଯେଉଁ ଯଷ୍ଟି ଅଗରେ ଲୁହାସମା ଥାଏ—
2. A stick having ironring at the top.
୩ । ହାତୁଡ଼ି—3 Hammer.

**ଅୟୋଘନ**—ସଂ. ବି. ( ଅୟସ୍—ଲୌହ+ହନ ଧାତୁ=ଆଘାତ
Ayoghana କରିବା+କରଣ.ଅ;ଯାହା ଦ୍ୱାରା ଲୁହା ପିଟାଯାଏ)—
ହାତୁଡ଼ି—Hammer.

**ଅଯୋତ୍ର**—ଦେ. ବିଣ—ଅଯୁତ୍ର ( ଦେଖ )
Ajotra Ajutra ( See )

**ଅଯୋଧନ**—ସଂ. ବି —ଦୁର୍ଯ୍ୟୋଧନର ନାମାନ୍ତର—
Ajodhana A name of Durjyodhana

**ଅଯୋଧ୍ୟ**—ସଂ. ବିଣ. ପୁଂ ( ଅ+ଯୁଧ ଧାତୁ+କର୍ମ. ଯ )—
Ajodhya ୧ । ଯାହା ସଙ୍ଗେ ଯୁଦ୍ଧ କରିବା ଅନୁଚିତ; ଯୁଦ୍ଧାନର୍ହ-
(ଅଯୋଧ୍ୟା—ସ୍ତ୍ରୀ) 1. Unfit to be fought with
(ଯଥା—ଯେଉଁ ଶତ୍ରୁ ଅସ୍ତ୍ର ପକାଇ ଦେଇଛି, ଯେ ଶରଣ ପଶିଛି, ଯେ ଯୁଦ୍ଧଭୂମିରୁ ପଳାଇ ଯାଉଛି ଇତ୍ୟାଦି । )
୨ । ଅଜେୟ; ଦୁର୍ଦ୍ଧର୍ଷ—2. Invincible
ସଂ. ବି—୧ । ମୁଦ୍ଗର; ମୁଗୁର—1 Dumb-bell.
୨ । ଗଦା—2. Club; mace.

**ଅଯୋଧ୍ୟା**—ସଂ. ବିଣ. ସ୍ତ୍ରୀ ( ଅଯୋଧ୍ୟ+ଆ )ଅଯୋଧ୍ୟର ସ୍ତ୍ରୀଲିଙ୍ଗ—
Ajodhyā Feminine of Ajodhya.
ସଂ. ବି.—୧ । ସୂର୍ଯ୍ୟବଂଶୀୟ ରାଜାମାନଙ୍କ ରାଜଧାନୀ—
1. The ancient capital of the solar line of kings of India.
୨ । ଉତ୍ତର ଭାରତର ତନ୍ନାମ ନଗର ଓ ପ୍ରଦେଶ—
2. The town and province of Oudh in N. India.
[ ଦ୍ର—ପ୍ରାଚୀନ ଅଯୋଧ୍ୟା ନଗରୀ ବିଶେଷ ସମୃଦ୍ଧିଶାଳିନୀ ଥିଲା । ଏହା ସରଯୂନଦୀ କୂଳରେ ଅବସ୍ଥିତ । ଏହାକୁ ବୈବସ୍ୱତ ମନୁ ବସାଇଥିଲେ । ଏହା ରାମଚନ୍ଦ୍ରଙ୍କ ଜନ୍ମସ୍ଥାନ ଓ ରାଜଧାନୀ । ପୁରାଣ ଅନୁସାରେ ଏହା ହିନ୍ଦୁମାନଙ୍କ ସପ୍ତପୁରୀ ମଧ୍ୟରୁ ଏକ । ଇଂରାଜମାନେ ଏ ଦେଶକୁ ଆସିବା ପୂର୍ବରୁ ଏହା ଜଣେ ନବାବଙ୍କଦ୍ୱାରା ପରିଚାଳିତ ହେଉଥିଲା, ତତ୍ପରେ ଖାସ୍ ସରକାରଙ୍କ ରାଜ୍ୟଭୁକ୍ତ ହେଲା । ]

**ଅଯୋନି**—ସଂ. ବି. ( ଅ+ଯୋନି )—ସ୍ତ୍ରୀ ଜନନେନ୍ଦ୍ରିୟ ଛଡ଼ା ଅନ୍ୟ ଅଙ୍ଗ—
Ajoni Limbs other than the female organ.
ସଂ. ବିଣ. ( ବହୁବ୍ରୀହି; ଅ+ଯୋନି )—୧ । ଜନ୍ମରହିତ—
1 Birthless.
୨ । ଆଦିରହିତ; ଅନାଦି—
2. Having no beginning

**ଅଯୋନିଜ**—ସଂ. ବିଣ. ପୁଂ ( ଅ+ଯୋନିଜ )—
Ajonija ୧ । ଅଗର୍ଭଜାତ—(ଯଥା—ସ୍ୱେଦଜ; ଅଣ୍ଡଜ )
(ଅଯୋନିଜା—ସ୍ତ୍ରୀ) 1. Not born in the usual way of generation.
୨ । ସ୍ୱୟଂଭୂ—2. Self-born.
୩ । ଯେ ମାତୃଗର୍ଭରୁ ଜନ୍ମି ନାହିଁ )—
3. Not born of the womb of a mother.
୪ । ଅଦେହ; ଅଶରୀର ( ହି. ଶବ୍ଦସାଗର)—
4. Incorporeal.
ସଂ. ବି.—୧ । ବିଷ୍ଣୁ—1. God Bishnu.
୨ । ବ୍ରହ୍ମା—2. God, the Creator.
୩ । ଈଶ୍ୱର—3. God.
୪ । ଶିବ; ମହାଦେବ—4. God Siba.

**ଅଯୋନିଜନ୍ମା**—ସଂ. ବିଣ. ପୁଂ ଓ ସ୍ତ୍ରୀ—( ବହୁବ୍ରୀହି; ଅ=ନାହିଁ+
Ajonijanmā ଯୋନିରୁ ଜନ୍ମ ଯାହାର; ଅ+ଯୋନି+ଜନ୍ମନ୍
୧ମା. ୧ବ. )—
୧ । ଯେ ମାତୃ ଗର୍ଭରୁ ମାତୃ ଯୋନି ବାଟେ ଜନ୍ମି ନାହିଁ—
1. Not born of the mother's womb in the ordinary way.
୨ । ଅଯୋନିଜ ( ଦେଖ )
2. Ajonija ( See )

**ଅଯୋନିଜା**—ସଂ. ବିଣ. ସ୍ତ୍ରୀ ( ଅଯୋନିଜ+ଆ )—
Ajonijā ଅଯୋନିଜର ସ୍ତ୍ରୀଲିଙ୍ଗ—
Feminine of Ajonija.
ସଂ. ବି. ସ୍ତ୍ରୀ ( ଏମାନେ ମାତୃ ଗର୍ଭରୁ ଜନ୍ମଲାଭ କରି ନ ଥିବାରୁ )—

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'କଂଧ' ନ ପାଇଲେ 'କନ୍ଧ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୧ । ସୀତା—1. The queen of Rama

୨ । ଦ୍ରୌପଦୀ—2. The wife of the Pāṇḍaba brothers.

୩ । ଲକ୍ଷ୍ମୀ—3. Goddess Lakshmī.

**ଅଯୋନିସମ୍ଭବ**—ସଂ. ବଣ. ଓ ବ ( ବହୁବ୍ରୀହି; ଅ=ନୁହେ, ଯୋନିରୁ ସମ୍ଭବ ଯାହାର )—
Ajonisambhaba
( ଅଯୋନିସମ୍ଭବା—ସ୍ତ୍ରୀ ) ଅଯୋନିଜ ( ଦେଖ ) Ajonija ( See )

**ଅଯୋନିସମ୍ଭବା**—ସଂ. ବଣ. ଓ ବି. ସ୍ତ୍ରୀ ( ଅଯୋନିସମ୍ଭବ + ସ୍ତ୍ରୀ. ଆ )—
Ajonisambhabā ଅଯୋନିଜା ( ଦେଖ ) Ajonijā ( See )

**ଅୟୋମଳ**—ସଂ. ବ ( ୬ଷ୍ଠୀ ତତ୍; ଅୟଃ + ମଳ )—
Ayomala ୧ । ଲୁହାଗୁହ; ଲୁହା କଅଁରେ ଅଉଟା ବା ପୋଡ଼ା ହେବା ସମୟରେ ତହିଁରୁ ବାହାରିଯିବା ମଇଳା—
1. Refuse from iron-ore when milled.

୨ । ଲୁହାର କଳଙ୍କି; ମୁରୁଗୁ—2. Rust of iron.

**ଅୟୋମୁଖ**—ସଂ. ବଣ ( ବହୁବ୍ରୀହି; ଅୟଃ + ମୁଖରେ ଯାହାର )—
Ayomukha ୧ । ଲୌହାଗ୍ରବିଶିଷ୍ଟ—1. Iron-topped.

୨ । ଲୁହାସମାଲଗା —
2. Capped with iron rings.

୩ । କଠିନ ମୁଖବିଶିଷ୍ଟ—
3. Hard mouthed; hard muzzled.

୪ । କଠିନଥଣ୍ଟଯୁକ୍ତ —4. With hard beaks

ସଂ. ବ ( ମଧ୍ୟପଦଲୋପୀ, ଅୟୋମୟ+ମୁଖ )—

୧ । ହତିଆର ଆଦିର ଲୌହନିର୍ମିତ ଅଗ୍ରଭାଗ—
1. Iron points of instruments or weapons.

୨ । ( ବହୁବ୍ରୀହି ) ବାଣ—2. Arrow.

୩ । ଲଙ୍ଗଳାଦି; ଲଙ୍ଗଳମୁଣ୍ଡା—3. Plough-share.

୪ । କଠିନ ଥଣ୍ଟ ଥିବା ପକ୍ଷୀ—
4. A bird with hard beaks.

୫ । ଅସୁରବିଶେଷ—5. Name of a demon.

୬ । ପର୍ବତ—6. Mountain.

**ଅର୍‌ଗାନ୍**—ବୈଦେ. ବ ( ଇଂ. ଅର୍‌ଗାନ୍ )—
Argān ୧ । ଗିର୍ଜାରେ ବଜାଯିବା ଉଚ୍ଚସ୍ୱରବିଶିଷ୍ଟ ବଡ଼ ପିଆନୋ ବାଜା—
অর্গান্
अरगन 1. Organ ( musical instrument )

**ଅରଡା**—ଗ୍ରାଦେ ( ସମ୍ବଲପୁର ) ବଣ.—
Arḍā ଅମହିଆଁ ( ପଶୁ )— Untrained beast)

**ଅର୍‌ର ମେଁ**—ଦେ. ଅ ( ଛେଳି ବୋବାଳିର ଧ୍ୱନ୍ୟନୁକରଣ )—
Arra meñ ୧ । ଛେଳିକୁ ପାଖକୁ ଡାକିବାର ଧ୍ୱନି—
অর্‌র্ 1. A halloo for calling a goat.

**ଅର୍‌ୱିନ୍**—ବୈଦେ. ଇଂ. (ନାମ)—ଲର୍ଡଅର୍‌ୱିନ୍; ଭାରତର ବଡ଼ଲାଟ
Arwin ( ୧୯୨୬—୧୯୩୧ )—ଏହାଙ୍କ ଅମଳରେ ମହାତ୍ମା ଗାନ୍ଧୀଙ୍କର ଅହିଂସ ଅମାନ୍ୟ ଆନ୍ଦୋଳନ ପ୍ରବଳ ରୂପ ଧାରଣ କରି ଶେଷରେ ବିଲାତରେ ଗୋଲଟେବଲ ବୈଠକ ପରେ ମହାତ୍ମା ଗାନ୍ଧୀଙ୍କ ସଙ୍ଗେ ଭାରତର ରାଜନୀତିକ ପରିସ୍ଥିତି ସମ୍ବନ୍ଧରେ ଏହାଙ୍କର ସମାଧାନ ପ୍ରସ୍ତାବ ହୋଇଥିଲା । ଏ ଭାରତବାସୀଙ୍କର ସ୍ୱାୟତ୍ତଶାସନ ଦାବୀର ପକ୍ଷପାତୀ ଥାଇ ବିଲାତ ସରକାରଙ୍କ ସଙ୍ଗେ ଭାରତବାସୀଙ୍କ ନ୍ୟାଯ୍ୟ ଦାବୀ ପୂରଣ ପାଇଁ ବରାବର ଅଡ଼ି କରୁଥିଲେ—Lord Irwin the Viceroy of India. (1926—1931).

**ଅର**—ସଂ. ବି. ( ଋ ଧାତୁ + କରଣ. ଅ )—
Ara ଚକର ହାଣ୍ଡି ( ଭୁମ୍; ଲାହୁଅ ) ଓ ପୁଟ୍ଟ (ପଇ) କୁ ଯୋଗ କରିଥିବା କାଠ; ଚକର ବ୍ୟାସାର୍ଦ୍ଧ—
The spoke or radius of a wheel.

ହିରଣ୍ୟନିର୍ମିତ ଅଟେ ଅରଗୁଡ଼ିକ । ସାରଳା. ମହାଭାରତ. ବନ୍ତ ।

ସଂ. ବଣ—ଶୀଘ୍ରଗାମୀ—Swift; fleet of foot.

ସଂ. କ୍ରି. ବଣ—ଶୀଘ୍ର; ଚଞ୍ଚଳ—Quickly.

ଦେ. ବି. ( ସଂ. ଅର୍ଗଳ )—କବାଟର ଅର୍ଗଳ ବା ବିଲଣି—
A bar for shutting the door.

ଅରସିକ କରେ ହୃଦୟ କପାଟ ଫାଟ ନଦବାକୁ ଅର ।
ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

**ଅରକ୍**—ଦେ. କ୍ରି. ବଣ. ଓ ବଶେର. ବଣ—ଅରକ ( ଦେଖ )
Arak Araka ( See )

**ଅରକ**—ଦେ. ବ. ( ସଂ. ଅର୍କ )—ଆକନ୍ଦଗଛ; ଅର୍କଗଛ—
Araka The plant Swallowort; Calotropis Gigantea.

ସଂ. ନାମ—ଅର୍କ; ଓ ଖୀରକାଣ୍ଡକ; ଅର୍ଜୁନ; [ ବୃ—ଏ ଏକ ପ୍ରକାରର ଗୁଳ୍ମ; ଏହା ବୃନ୍ତମଲ୍ଲିକା; ସୁପୁଷ୍ପ; ଉଚ୍ଚରେ ୪।୫ ହାତ ବଢ଼େ ଓ ଶାଖାମାନ ଗଛ-ମୂଳରୁ ଖୀରକାଣ୍ଡକ; ଡୁଆଁ ଦେଇ ବାହାରେ; ଅରଖ ଫଳ ଓ.ଅରକ: ଦୁଇ ଚଟୁଡ଼ିଆ; ଫଳ ଫାଟି ଗଲେ ଫଳ ମଧ୍ୟରୁ ଅରଖ । ଶିମିଳି ତୁଳାପରି ତୁଳା ବାହାରେ । ଏହାର ଫୁଲ ଆକନ୍ଦ ପାଞ୍ଚ ପାଖୁଡ଼ିଆ; ଏ ଗଛ ଧଳା ଓ ନାଲି ଫୁଲ मदार; आक; ଭେଦରେ ଦୁଇ ପ୍ରକାରର । ଶୁକ୍ଳ ଅରକ ଫୁଲର आकन्द; आकन ବର୍ଣ୍ଣ ନଳୁଣୀ ପରି ଓ ରକ୍ତ ଅରକର ଫୁଲ ବାଇଗଣ ତେ. ଜଲ୍ଲେଡ଼ ଫୁଲ ପରି ଫିକା ନାଲି; ଏହାର ଶୁଖିଲା ଡାଳକୁ ପୋଡ଼ି ବାରୁଦ ପାଇଁ କୋଇଲା କରାଯାଏ । ଶରଦ ହେଲେ ଏହାର ପାଚିଲା ପତ୍ରକୁ ସେକି ମୁଣ୍ଡରେ ବାନ୍ଧିଲେ ଉପକାର ହୁଏ । ଏଥିର ଖୀର ଚର୍ମରୋଗର ଔଷଧରେ ଲାଗେ । ]

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇଯ୍ | ଉଅ | ଈ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗଁ୍ୟ | ଇଅ | ● | ନ୍ତ |

୨ । ( ପଦ୍ୟରେ ) ଅର୍କ; ସୂର୍ଯ୍ୟ—2. The sun.

ଢେଙ୍କରେ ନନ୍ଦା କରୁ କୋଟିଏ ଅରକ । କୃଷ୍ଣସିଂହ. ମହାଭାରତ. ବନ ।

୩ । ( ଫା. ଅରକ୍ ) —ବୈଜ୍ଞାନିକ ପ୍ରକ୍ରିୟାରେ ବସ୍ତୁରୁ କଢ଼ାଯିବା ତରଳସାର—3. Chemically extracted essence; extract.

ଦେ. ବିଶେ. ବିଣ. ( କେବଳ 'ନୂଆ' ଶବ୍ଦପୂର୍ବେ ଯୁକ୍ତ ହୁଏ ଯଥା—ଅରକ୍ ନୂଆ )—ସମ୍ପୂର୍ଣ୍ଣରୂପେ ( ନୂଆ )— Completely ( new ).

**ଅରକନୂଆ**—ଦେ. ବିଣ. ( ଫା. ଅରକ୍ + ସଂ.ନବ )—
Arakanuā ୧ । ସମ୍ପୂର୍ଣ୍ଣରୂପେ ନୂଆ—
আনকোরানূতন 1. Brand new; completely new.
**अरखनया** ୨ । ଯାହା ଆଦୌ ବ୍ୟବହାରରେ ଲାଗି ନାହିଁ—
2. Which has not been used at all.

**ଅରକଲା**—ପ୍ରାଦେ. ( ଗଡ଼ଜାତ ) ବି—ବଡ଼ ଗୁଳ୍ମବିଶେଷ [ ଏହାର
Arakalā ଚେରକୁ ଛେଚି ଜଳାଶୟରେ ପକାଇଲେ ମାଛମାନେ ଦରମରା ହୋଇ ଭାସି ଉଠନ୍ତି । ଏଥିର ଚୂର୍ଣ୍ଣ ଗୋରୁ ଓ ମନୁଷ୍ୟଙ୍କ ଘାଆରେ ପଡ଼ିଥିବା ଅଁଶେଇ ମାରିବାରେ ବ୍ୟବହୃତ ହୁଏ ]—A tree, Millettia Auriculata ( Haines ).

**ଅରକି**—ବୈଦେ. ବି. ( ଫା. ଅର୍କୀ )—୧ । ତଣ୍ଡୁଳସାର; ଶରାପ;
Araki ଭାତ ବା ଅନ୍ୟ ଶସ୍ୟ ସେଥିରୁ ସଢ଼ାଇ ତହିଁରୁ ବକଯନ୍ତ୍ର
ধেনো ସାହାଯ୍ୟରେ ଚୁଆଇ ଦିଆ ମଦ—
**दारू** 1 Country spirit.
୨ । ମଦ୍ୟ—2. Wine.
୩ । ଆସବ—3. Spirit.

ଦେ. ବି.—ଖଦି; ଖୁବ୍ ମୋଟା ସୂତାରେ ବୁଣା ଲୁଗା— Coarse cloth.

**ଅରକ୍ଷ**—ଦେ. ବିଣ. ( ସଂ ଅରକ୍ଷିତ )—ଅରକ୍ଷିତ; ନିରାଶ୍ରୟ—
Araksha Helpless; having no shelter.

ଅରକ୍ଷ ପ୍ରାଣୀ ବୃଷ ପାଦେ, ଦଣ୍ଡ ପ୍ରହାରେ ଘୋରନାଦେ— ଜଗନ୍ନାଥ. ଭାଗବତ ।

**ଅରକ୍ଷରକ୍ଷଣ**—ଦେ. ବି.—ନିରାଶ୍ରୟଙ୍କୁ ରକ୍ଷା କରିବା—
Araksharakshaṇa Protecting the shelterless.

ଦେ. ବିଣ—ନିରାଶ୍ରୟର ଆଶ୍ରୟଦାତା—
Protector of the shelterless

**ଅରକ୍ଷିତ**—ସଂ. ବିଣ—୧ । ଆଶ୍ରୟହୀନ; ନିରାଶ୍ରୟ—
Arakshita 1. Helpless; shelterless.
(ଅରକ୍ଷିତା—ସ୍ତ୍ରୀ) ୨ । ଯାହା ଯତ୍ନସହକାରେ ରକ୍ଷିତ ନୁହେ—
অরক্ষিত 2. Not preserved with care.
**बेचारा** ୩ । ଅସ୍ୱାମିକ; ଅନାଥ—3. Masterless
୪ । ଅତି ଦୀନ—4. Very poor.
୫ । ଯାହାର କେହି ରକ୍ଷକ ନାହିଁ—
5. Having none to look after.

ଦେ. ବିଣ.—ଯେଉଁ ଜଙ୍ଗଲ ରକ୍ଷିତ ଜଙ୍ଗଲ ନୁହେ—
Jungle which is not a protected forest.

ଦେ. ବିଣ.—ନିରାଶ୍ରୟ ଲୋକ—Helpless person.

ଅରକ୍ଷିତଙ୍କୁ ଦଇବ ସାହା—ଢଗ ।

କଥାକଥାକେ ଅରକ୍ଷିତ ପକ୍ଷୀୟେ ମୂର୍ଚ୍ଛିତ ହୋଇଲା କ୍ଷଣେ— ଉପେନ୍ଦ୍ର. ବୈଦେହୀଶବିଳାସ ।

**ଅରକ୍ଷିତଦାସ**—ଦେ. (ନାମ)—ଶରୀରଭେଦ ନାମକ ଓଡ଼ିଆ ଯୋଗସାଧନ-
Arakshitadāsa ପଦ୍ୟ ଗ୍ରନ୍ଥର ରଚୟିତା ଓ ସାଧକ ( ଭାରତୀ. ଉତ୍କଳ ସାହିତ୍ୟ ଇତିହାସ )—Name of the author of some mystic poems.

**ଅରଖ**—ଦେ. ବି. ଓ ବିଣର ବିଣ.—ଅରକ ( ଦେଖ )
Arakha Araka ( See )

**ଅରଖନୂଆ**—ଦେ. ବିଣ.—ଅରକନୂଆ ( ଦେଖ )
Arakhanuā Arakanuā ( See )

ଅରଖନୂଆ ଗୋରୁ, ପୁଣି ବୋଝେଇ, ଧରନ୍ତୁ ନା କେତେ ଟଙ୍କା ଗଲା— ଫକୀରମୋହନ. ଗଳ୍ପସ୍ୱଳ୍ପ ।

**ଅରଖଫୁଲିଆଖଡ଼ୁ**—ଦେ. ବି. (ବଣିଆଙ୍କ ଶବ୍ଦ)—
Arakhaphuliākhaṛdu ଏକ ପ୍ରକାରର ହାତଖଡ଼ୁ; ଏଥିର ଉପରେ ଅରଖ ଫୁଲ ପରି ଗୋଟି ଗୋଟି ଗୋଟ ବସାଯାଇ ଥାଏ—A kind of bracelet.

**ଅରଖି**—ବୈଦେ. ବି. ( ଫା. ଅର୍କୀ )—ଅରକି ( ଦେଖ )
Arakhi Araki ( See )

**ଅରଖିତ**—ଗ୍ରା. ବିଣ. ଓ ବି. ( ସଂ. ଅରକ୍ଷିତ )—ଅରକ୍ଷିତ ( ଦେଖ )
Arakhita Arakshita ( See )

**ଅରଖିତଆ**—ଗ୍ରା. ବିଣ. ପୁଂ. ( ସଂ. ଅରକ୍ଷିତ )—ଗାଳିରେ ବ୍ୟବହୃତ
Arakhitiā ଅରକ୍ଷିତ ( ଦେଖ )
(ଅରଖିତଆଣୀ—ସ୍ତ୍ରୀ) 1. Arakshita ( See )
୨ । ଅତି ଦୀନ ବ୍ୟକ୍ତିର ସୁଲଭ ( କର୍ମ )—
2. (act) Becoming or befitting a very poor person.

**ଅରଖିମଦ**—ପ୍ରାଦେ. ( ସିଂହଭୂମ ) ବି—ମହୁଲରୁ ପ୍ରସ୍ତୁତ ମଦ ବା ଶରାପ
Arakhimada Spirit made from mahua flowers.

**ଅରଗଡ଼**—ପ୍ରାଦେ. ( ସମ୍ବଲପୁର ) ବି. ( ସଂ. ଅର୍ଗଳ )—ଅର୍ଗଳ (ଦେଖ)
Aragaṛda Argaḷa ( See )

**ଅରଗଡ଼ଭୁସ୍‌ଠେଙ୍ଗଠୁସ୍**—ପ୍ରାଦେ. (ସମ୍ବଲପୁର) ଅ—
Aragaṛdabhusṭhengṭhus ଡୁଡୁ ଖେଳବାପିଲାଙ୍କ ପୁନଃ ପୁନଃ ଉଚ୍ଚାରିତ ପଦ—A sentence repeatedly uttered by boys playing at ḍhuḍhu.

**ଅରଗଡ଼ା**—ଦେ. ବି. (ସଂ. ଅର୍ଗଳ)—ଅଲଗଡ଼ା; ଘୋଡ଼ା ଗୋରୁ ଆଦିଙ୍କ
Aragaṛdā ରଖିବା ପାଇଁ ବଳଣୀ ଦିଆ ଯାଇଥିବା ସ୍ଥାନ—
আড়গড়া Stall for keeping horses and
**अड़गड़ा** cattle.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅର୍ଗ୍ୟା' ନ ପାଇଲେ 'ଅର୍ଘ୍ୟ' ଦେଖିବେ;'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

**ଅରଗଲ୍**—ପ୍ରାଦେ. (ସମ୍ବଲପୁର) ବି. (ସଂ. ଅର୍ଗଳ)—ଅର୍ଗଳ ( ଦେଖ )
Aragal — Argaḻa (See)

**ଅରଗଳ**—ଗ୍ରା. ପଦ୍ୟ. ବି. ( ସଂ. ଅର୍ଗଳ )—
Aragaḻa ୧ । ଅର୍ଗଳ; କବାଟକିଳଣୀ—
অরগল 1. Bar of a door.
अरगल ୨ । ବାଟ ଅବା ବନ୍ଦ କରିବା ପାଇଁ ଦିଆଯାଇ ଥିବା କାଠ ବା ବାଉଁଶର ଧଣ୍ଡା—
2. Wooden or bamboo bar.
ମରକତ ଅରଗଳ କଳଶ ବାହୁ ଯୁଗଳ । ବଳଦୂର୍ଯ୍ୟ—ସଙ୍ଗୀତ ।

**ଅରଗଳା**—ଗ୍ରା. ବି. ( ସଂ. ଅର୍ଗଳ )—ଅର୍ଗଳ ( ଦେଖ )
Aragaḻā — Argaḻa ( See )

**ଅରଗଲା**—ପ୍ରାଦେ. (ସମ୍ବଲପୁର) ବି. (ସଂ. ଅର୍ଗଳ)—ଅର୍ଗଳ (ଦେଖ)
Aragalā — Argaḻa (See)

**ଅରଗଳି**—ଗ୍ରା. ପଦ୍ୟ. ବି. ( ସଂ. ଅର୍ଗଳ )—
Aragaḻi ୧ । ପଶୁ ବଧ କରିବା ପାଇଁ ଖିଲ ଦିଆ ଯାଇଥିବା ଅର୍ଦ୍ଧଚନ୍ଦ୍ରାକୃତି କାଷ୍ଠ ଯନ୍ତ୍ର । ( ଏହାର ମୂଳ ଭୂଇଁରେ ପୋତା ଥାଏ । ଏଥିର ଫନାରେ ପଶୁର ବେକକୁ ପୂରାଇ ବେକ ଉପରେ ଗୋଟାଏ ଖିଲା ଦେଲେ ପଶୁ ସେଥିରୁ ବେକ କାଢ଼ି ପାରେ ନାହିଁ )—
1. Shambles; a cartrivance with a semicircular opening for locking the neck of beasts when they are butchered.
୨ । ସଙ୍କୀର୍ଣ୍ଣ ଗଳି— 2. Narrow lane.
କୃଷ୍ଣ ରଥ ଉଭା ତହିଁର ଦକ୍ଷିଣ- ଭିତ୍ତି ଅରଗଳି ସୁସଜ୍ଜା—ଅଭିମନ୍ୟୁ ବିଦଗ୍ଧଚିନ୍ତାମଣି ।
୩ । ଚନ୍ଦନଅର୍ଗଳି (ଦେଖ)
3. Chandanaargaḻi (See)
କଳାପାବନ୍ଧ ଅରଗଳି, ଏଠାରୁ ମହାନନ୍ଦସ୍ଥଳୀ ।
ଯଶୋବନ୍ତ- ପ୍ରେମଭକ୍ତି ଗୀତା ।

**ଅରଗ୍ୱଧ**—ସଂ. ବି.—ସୁନାରିଗଛ (ଦେଖ)
Aragbadha — A tree; Sunāri (See)

**ଅରଘ**—ଗ୍ରା. ପଦ୍ୟ ବି. (ସଂ. ଅର୍ଘ)—ଅର୍ଘ (ଦେଖ)
Aragha — Argha (See)
অরঘ
अरघ

**ଅରଘଟ୍ଟ**—ସଂ. ବି. (ଅର=ଶୀଘ୍ର+ଘଟ୍ଟ ଧାତୁ=ଚଳିତକରିବା+କର୍ମ ଅ
Araghaṭṭa ଯାହାକୁ ଶୀଘ୍ର ଶୀଘ୍ର ଚାଳିତ କରାଯାଏ )—
୧ । କୂଅରୁ ପାଣି ଉଠାଇବା ପାଇଁ ଘଟ ଓ ଚକ୍ରଯୁକ୍ତ ଯନ୍ତ୍ର—
1. A contrivance (consisting of a wheel and buckets) for lifting water from a well.
୨ । ବାମ୍ଫି; ବଡ଼ କୂଅ— 2. Big well.

**ଅରଘଟ୍ଟଘଟିକା**—ସଂ. ବି.—୧ । କୂଅ ଭିତରକୁ ଯିବାପାଇଁ ବୃତ୍ତାକାର
Araghaṭṭaghaṭikā ପାହାଚ—1. Spiral steps in a well.
୨ । କୂଅକାନ୍ଥିରେ ଖୋଳା ହୋଇଥିବା ଗାତ (ଏହି ଗାତରେ ଗୋଡ଼କୁ ରଖି କୂଅରେ ଲୋକେ ପଶନ୍ତି)—Niches for foot-hold in the wall of a well

**ଅରଚନ**—ଗ୍ରା. ପଦ୍ୟ. ବି. (ସଂ. ଅର୍ଚ୍ଚନ)—ଅର୍ଚ୍ଚନ (ଦେଖ)
Arachana — Archchana (See)

**ଅରଚନା**—ଗ୍ରା. ପଦ୍ୟ. ବି. (ସଂ. ଅର୍ଚ୍ଚନା) —୧ । ଅର୍ଚ୍ଚନା; ପୂଜା —
Arachanā — 1. Worship.
ତେବେ ମଧ୍ୟ ତାହାଙ୍କ ଅରଚନା କଲେ । କୃଷ୍ଣସିଂହ- ମହାଭାରତ- ବନ ।
୨ । ଭୋଜନାର୍ଥ ନିମନ୍ତ୍ରଣ—2 Invitation to dinner.

**ଅରଚିବା**—ଗ୍ରା. ପଦ୍ୟ. ( ସଂ. ଅର୍ଚ୍ଚ ଧାତୁ )—ଅର୍ଚ୍ଚନାକରିବା; ପୂଜାକରିବା—To worship.
Arachibā
অরচা
अरचना

**ଅରଜ**—ବୈଦେ. ବି. (ଆ. ଅର୍ଜ୍)—୧ । ନିବେଦନ; ପ୍ରାର୍ଥନା—
Araja — 1. Prayer.
আরজ ଭଣେ ଦ୍ୱିଜ ପୀତାମ୍ବର ଅରଜ ଘେନ—ସଙ୍ଗୀତ ।
अरज
୨ । ବିନତି—2. Solicitation.

**ଅରଜଃ**—ସଂ. ବିଣ. (ବହୁବ୍ରୀହି; ଅ+ରଜସ୍; ୧ମା. ୧ବ.)—
Arajaḥ ୧ । ରଜୋରହିତ; ଧୂଳିଶୂନ୍ୟ—1. Dustless; free from dust.
୨ । ରଜୋଗୁଣରହିତ; କାମକ୍ରୋଧାଦିବର୍ଜିତ—
2. Free from passions or worldliness.

**ଅରଜନ**—ଗ୍ରା. ପଦ୍ୟ. (ସଂ. ଅର୍ଜନ)—୧ । ଅର୍ଜନ—
Arajana — 1. Earning.
অরজন ୨ । ଆୟ—2. Income.
अरजन

**ଅରଜନକାରିଆ**—ଗ୍ରା. ବିଣ. ( ସଂ. ଅର୍ଜନ+କାରକ )—ଅର୍ଜନକାରୀ; ଧନ ଉପାର୍ଜନକରୁଥିବା—
Arajanakāriā — Earning.
রোজগেরে
अरजमन्द

**ଅରଜନକାରୁଆ**—ଗ୍ରା. ବିଣ—ଅରଜନକାରିଆ ( ଦେଖ )
Arajanakāruā — Arajanakāriā ( See )

**ଅରଜସ୍କ**—ସଂ. ବିଣ. ପୁଂ. (ଅ+ରଜସ୍କ)—୧ । ଯାହା ଧୂଳିମୟ ନୁହେ—
Arajaska — 1. Not dusty.
(ଅରଜସ୍କା—ସ୍ତ୍ରୀ) ୨ । ରଜୋଗୁଣରହିତ—
2 Free from worldly passions.

**ଅରଜସ୍କା**—ସଂ. ବିଣ. ସ୍ତ୍ରୀ. ( ଅରଜସ୍କ+ସ୍ତ୍ରୀ. ଆ )—
Arajaskā ୧ । ଅରଜସ୍କର ସ୍ତ୍ରୀଲିଙ୍ଗ—
1. Feminine of Arajaska.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଘ | ଢ | ଶ,ଷ | ଙ୍କ | ଇଯ୍ | ଜ୍ଞ | ଛ |
| ୨ | ଈ | ଊ | ଋ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଘ | ଯ | ସ | ଙ୍ଗ | ଇଅ | ଞ୍ଚ | ନ୍ତ |

୨ । ଯେଉଁ ବାଳିକାର ପ୍ରଥମ ରଜୋଦର୍ଶନ ହୋଇ ନାହିଁ—
2. (a girl) Whose menses have not yet appeared.

୩ । ଯେଉଁ ସ୍ତ୍ରୀର ଜନ୍ମାରୁ ରଜୋଦର୍ଶନ ଘଟିନାହିଁ; ଅପୁଷ୍ପୀ—
3. (a woman) Who has never had her menses.

**ଅରଜା**—ଗ୍ରା. ପଦ୍ୟ. ବି. ( ସଂ. ଅର୍ଜନ )— ଅର୍ଜନ—Earning
Araja ବିଣ.—ଅର୍ଜିତ—Earned.
ସଂ. ବି. ସ୍ତ୍ରୀ. ( ଅ + ରଜସ୍ )—ଭାର୍ଗବଋଷିଙ୍କ କନ୍ୟା—
Name of the daughter of sage Bhārgaba.

**ଅରଜି**—ବୈଦେ. ବି. ( ଅ. ଅର୍‌ଜୀ )—୧ । ଆବେଦନ ପତ୍ର;
Araji ଦରଖାସ୍ତ; ପ୍ରାର୍ଥନା ପତ୍ର—1. Petition.
আর্জী
अरजी
ଅସ୍ମାନଙ୍କ ହୋଇଥିବଲେ, ଅରଜି କରାଇ ବନ୍ଧୁ ଗଲେ—
କବିସୂର୍ଯ୍ୟ. ରତ୍ନାକରଚମ୍ପୂ ।
୨ । ଅଦାଲତରେ ବାଦୀ ପ୍ରତିବାଦୀ ବିରୁଦ୍ଧରେ ଉପସ୍ଥାପିତ କରିବା ଦାବୀର ବିବରଣପତ୍ର—
2. Plaint in a civil suit.
୩ । ନିବେଦନ; ପ୍ରାର୍ଥନା—3. Prayer; solicitation.

**ଅରଜିଆ**—ଦେ. ବିଣ—୧ । ( ସଂ. ଅର୍ଜକ )—ଅର୍ଜନକାରୀ—
Arajia 1. Earning.
୨ । ( ଅ. ଅର୍‌ଜୀ )—ପ୍ରାର୍ଥନାକାରୀ—
2. Petitioning.

**ଅରଜିନବିସ୍**—ବୈଦେ. ବି. ( ଅ. ଅର୍‌ଜୀ + ନବିସ୍ = ଲେଖକ )—
Arajinabis ଦରଖାସ୍ତ ଲେଖକ; ଅରଜିର ନକସିନ୍ଦା—
আর্জীনবিস Petition-writer; the scribe of a plaint.
अरजीनबीस

**ଅରଜିବା**—ଗ୍ରା. ପଦ୍ୟ. କ୍ରି. ( ସଂ. ଅର୍ଜ ଧାତୁ )—
Arajibā ୧ । ଅର୍ଜନ କରିବା—1. To earn.
অরজা ୨ । ଲାଭ କରିବା; ପାଇବା—
अरजना 2. To get.
କି କରୁ ଅରଜିବ, କି କରୁ ବରଜିବ, ସେ ଶ୍ୟାମସୁନ୍ଦର ପ୍ରୀତିକି ଗୋ ।
କବିସୂର୍ଯ୍ୟ. ସଙ୍ଗୀତ ।
୩ । ସ୍ଥାପନ କରିବା—3. To establish
ପାଣ୍ଡବଙ୍କ ସଙ୍ଗେ ପୀରତି ଅରଜି—କୃଷ୍ଣସିଂହ. ମହାଭାରତ. ବନ ।
୪ । ନିନ୍ଦା, ଅପକୀର୍ତ୍ତିଆଦିରେ ଭାଗୀ ହେବା—
4. To be the object of blame or discredit.
( ଯଥା—ଏ କାମ କରି ପଛକୁ ଗୋଟିଏ ନିନ୍ଦା ଅରଜିବୁ । )

**ଅରଜୁନ**—ଗ୍ରା. ପଦ୍ୟ. ବି. ( ସଂ. ଅର୍ଜୁନ )—
Arajuna ୧ । ଅର୍ଜୁନ; ମଧ୍ୟମ ପାଣ୍ଡବ—
1. The third of the Pāndaba-brothers.
ହବ୍ୟ କାଣ୍ଡ କରି ତା ବୁଝିଲେ ଅରଜୁନ—କୃଷ୍ଣସିଂହ. ମହାଭାରତ. ଆଦି
୨ । ଅର୍ଜୁନ (ଗଛ) ( ଦେଖ )
2. Arjuna (tree) (See)
୩ । ଅର୍ଜୁନନାମକ ବ୍ୟକ୍ତିର ଡାକନାମ—
3. Name for calling Arjuna.

**ଅରଟ**—ଦେ. ବି. ( ସଂ. ଅରଘଟ୍ଟ—Beams )—ଚରଖା; କପାସୁ
Arata ସୂତା କାଟିବା ପାଇଁ ବ୍ୟବହୃତ ଚକଯୁକ୍ତ ଯନ୍ତ୍ର—
চরখা Spinning wheel.
चरखा
ଅରଟ ଗୁରିଁଗାଇଁ ଲୋ ବୁଢ଼ୀ ! ତୋ ସୂତା କଟେଇ କାହିଁ ?—
ଅରଟଗୀତ ।

**ଅରଟଗୀତ**—ଦେ. ବି.—୧ । ଅରଟ ସମ୍ବନ୍ଧୀୟ ଗୀତ—
Aratagita 1. Songs relating to the spinning wheel.
সুতোকাটাগান
सूतकातनेकोगान ୨ । ଅରଟବୁଲାଇବାଲୋକ ନିଜର କ୍ଳାନ୍ତି ଅପନୋଦନାର୍ଥ ବୋଲିବା ଗାନ—
2 Songs recited by persons while turning the spinning wheel.
[ ଦ୍ର—ଗୋଟିଏ ଅରଟ ଗୀତ—
"ଅରଟ ଗୁରିଁ ଗାଇଁ ଲୋ ବୁଢ଼ି ! ତୋ ସୂତା କଟେଇ କାହିଁ ?
ସୂତା କଟେଇ ନାହିଁ ରେ ବୁଢ଼ା ! ନଡ଼ି ହାଟକୁ ଯାଇଁ ।
ନଡ଼ି ହାଟକୁ ଯାଉ ଲୋ ବୁଢ଼ି ! ତୋ କଉଡ଼ିବୁଜୁଳି କାହିଁ ?
କଉଡ଼ିବୁଜୁଳି ନାହିଁ ରେ ବୁଢ଼ା ! ବଙ୍ଗଳାପାନ ଖାଇ ।
ବଙ୍ଗଳାପାନ ଖାଉ ଲୋ ବୁଢ଼ୀ ! ତୋ ପାଟି ନାଲି ନାହିଁ ।
ପାଟି ନାଲି ନାହିଁ ରେ ବୁଢ଼ା ! ପାହାନ୍ତି ପଖାଳ ଖାଇ ।
ପାହାନ୍ତି ପଖାଳ ଖାଉ ଲୋ ବୁଢ଼ି ! ତୋ ପେଟ ଭୁଅଁ ନାହିଁ !
ପେଟ ଭୁଅଁ ନାହିଁ ରେ ବୁଢ଼ା ; ସକାଳୁ ବାଡ଼ିକି ଯାଇଁ ।
ସକାଳୁ ବାଡ଼କୁ ଯାଉ ଲୋ ବୁଢ଼ି ! ତୋ ଗୋଡ଼ ତ ଓଦା ନାହିଁ ।
ଗୋଡ଼ ଓଦା ନାହିଁ ରେ ବୁଢ଼ା ! କଆଁକୁ ଦେଖେଇ ଥାଇଁ ।
କଆଁକୁ ଦେଖେଇ ଥାଉ ଲୋ ବୁଢ଼ି ! ଗୋଡ଼ ତ କୁଙ୍କୁମ ନାହିଁ ।
ଗୋଡ଼ କୁଙ୍କୁମ ନାହିଁ ରେ ବୁଢ଼ା ! ଦହରେ ବ ..ପ କାହିଁ" ।
ବଙ୍ଗଳାରେ ମଧ୍ୟ—
'ଚରଖା ଆମାର ଭାତାର ପୁତ, ଚରଖା ଆମାର ହୟ୍ୟା
ଚରଖା ଦଉଲତେ ଆମି ଦ୍ୱାର ଛେଲେର ବୟ୍ୟା' ଆଦି ଅରଟଗୀତ ଅଛି ।
ପୂର୍ବେ ଘରେ ଘରେ ଆବାଲବୃଦ୍ଧବନିତା କପାରୁ ସୂତା କାଟୁଥିଲେ ଓ ସୂତାଯାକ ତନ୍ତୀକୁ ଦେଇ ତନ୍ତୀକୁ ବାଣ (ମଜୁରି) ଦେଇ ପରିବାରର ଅବଶ୍ୟକୀୟ ଲୁଗା ପାଉଥିଲେ ।]

**ଅରଟା**—ଦେ. ବି.—ଘଟ ବହୁ ନାଚିବା କରିକ (ବା ଘଣ୍ଟପାଟୁଆ)ମାନେ
Aratā ନାଚିଲାବେଳେ ଧାରଣ କରିବା କାଠଯନ୍ତ୍ରବିଶେଷ—
A wooden contrivance carried by dancers dancing on high wooden stilts.
ବହୁଚକ୍ର ସେ ସର୍ପ ଶଳାକା ଅଛି ତୋଳ
ଘଟ କାଟ ଅରଟା ଲଗଣା ଯେ ମଙ୍ଗଳ । ଭଞ୍ଜ. ପ୍ରେମସୁଧାନିଧି ।

ସାଧାରଣ ଭେଳେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅର୍କୋ' ନ ପାଇଲେ 'ଅର୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଅରଟି**—ଦେ. ବି.—୧ । ବାଦ୍ୟଯନ୍ତ୍ରବିଶେଷ—
Arati ( ) 1. A kind of drum.
୨ । ଅରଠି (ଦେଖ) 2. Arathi (See)

**ଅରଟୁ**—ସଂ. ବି. (ବୈଦିକ)—ଫଣଫଣାଗୁଳ୍ମ (ଦେଖ)
Aratu Phanaphana (See)

**ଅରଠି**—ଦେ. ବି.—୧ । ନଈବଢ଼ିରେ ଭାସି ଯାଉଥିବା କାଠଖଣ୍ଡମାନଙ୍କୁ
Arathi ଧରି କୂଳକୁ ଟାଣି ଆଣିବା ପାଇଁ ବ୍ୟବହୃତ ଲମ୍ବ ଦଉଡ଼ିଲଗା ଅଙ୍କୁଶା—1. Fork attached to the end of a very long string used in catching and hauling stray wood etc. floating on the water during floods.
[ଦ୍ର—ଭାସିଯାଉଥିବା କାଠକୁ ଲକ୍ଷ୍ୟ କରି ସୂତୁଲିର ଗୋଟିଏ ମୁଣ୍ଡ ହାତରେ ରଖି ଅଙ୍କୁଶା ଲାଗିଥିବା ମୁଣ୍ଡକୁ ଫିଙ୍ଗିଲେ ଅରଠିର ହୁକ ଉକ୍ତ କାଠରେ ଲାଖେ; ତା ପରେ ଅରଠି ଫିଙ୍ଗିବା ଲୋକ ସୂତାକୁ ଟାଣି ଆଣିଲାରୁ କାଠ ତା ନିକଟକୁ ଚାଲି ଆସେ । ]
୨ । (ସଂ. ଅରିଷ୍ଟ)—ବିପଦ—2. Danger.
୩ । ବିଷମସମସ୍ୟା—3. Dilemma.
୪ । ଦୁସ୍ତର କଷ୍ଟ—4. Inextricable difficulty.

**ଅରଡ଼**—୧ । ପ୍ରାଦେ. (ଗଡ଼ଜାତ) ବି. (ସଂ. ଅରଣ୍ୟ)—
Ararda ଅରଣାମଇଁଷି—1. Bison; wild-buffalo.
আড়র ୨ । ଗ୍ରା. ବୈଦେ. (ଇଂ 'ଅର୍ଡ଼ର' ଶବ୍ଦର ବିପର୍ଯ୍ୟସ୍ତ
अडर ଉଚ୍ଚାରଣ)—ଅର୍ଡ଼ର; ଆଦେଶ—2. Order.

**ଅରଡ଼ଙ୍ଗା**—ଦେ. ବିଣ. ପୁଂ. ଓ ସ୍ତ୍ରୀ—୧ । ବଳିଷ୍ଠ; ବଳୁଆ—
Aradanga 1. Strong; mighty.
अरडिङ्ग ୨ । ବିଶାଳକାୟ—2. Big-bodied.
୩ । ଡେଙ୍ଗା ଓ ମୋଟା—3. Stout and tall.

**ଅରଣ**—ଦେ. ବି. ଓ ବିଣ. ( ସଂ. ଅରଣ୍ୟ ) —ଅରଣା ( ଦେଖ )
Arana Aranā ( See )
ପ୍ରାଦେ. ( ଗଞ୍ଜାମ ) ବି—ଅର୍ନ ( ଦେଖ )—Arna ( See )

**ଅରଣା**—ଦେ. ବି. ( ସଂ. ଅରଣ୍ୟ )—୧ । ଅରଣ୍ୟ; ବନ—
Aranā 1. Forest.
অর্ণা; বুনো ୨ । ବନ୍ୟମହିଷ—2. Bison.
अरना
ଧୃଷ୍ଟ ଅରଣା ବେଣାବଣେ ଯହିଁ ମହା ବିଷମ
ଯମଙ୍କ ବାହନ ବୋଲନ୍ତି ସେ ଫଳେ; ସେହୁ ସେ ଯମ ।
ଜଗନ୍ନାଥ. ଉଷା ।
ଦେ. ବିଣ—୧ । ବଣୁଆ; ବନ୍ୟ—1. Wild.
ଅରଣା ମଇଁଷି ଉଚ୍ଛନ୍ନ ଅନାଇ;
ମଇଷିର ପାଶ ନ ଯିବୁ ଦନାଇ । ମଧୁସୂଦନ. ବର୍ଣ୍ଣବୋଧକ ।
୨ । ଦୁଷ୍ଟ; ଖଳ—2. Wicked; naughty.
୩ । ଉନ୍ମତ୍ତ—3. Maddened; infuriated.
ଏକକୁ ଅନେକ ଦେଖେ ଅନ୍ଧ ଅରଣା;
ଅଗେ ପଛେ ଗୃହଛିଦ୍ର ହୋଇଣ ଅରଣା । ପୀତାମ୍ବର. ନୃସିଂହପୁରାଣ ।

**ଅରଣାମଇଁଷି**—ଦେ. ବି. ( ସଂ. ଅରଣ୍ୟ + ମହିଷ )—ବନ୍ୟ ମହିଷ—
Aranāmainshi Wild buffalo; bison.
অরনা; ভোঁস [ଦ୍ର—ଏମାନେ ଜଙ୍ଗଲରେ ଦଳ ଦଳ ହୋଇ ରହନ୍ତି;
अरना भैंसा ଏମାନେ ସାଧାରଣ ମଇଁଷିଠାରୁ ବଡ଼ ଓ ହୃଷ୍ଟପୁଷ୍ଟ ଏ ମଇଁଷି ଦେହରେ ବଡ଼ ବଡ଼ ବାଳ ଓ ବିଶେଷତଃ ବେକ ଓ ମୁହଁ ଚାରିପାଖ ଯାକ ଗୋଛା ଗୋଛା ହୋଇ ପଡ଼ିଥାଏ—ଏହାର ଶିଙ୍ଗ ମୋଟା ଓ ଗୋଲ । ଏମାନେ ହାତୀ ଓ ବାଘଙ୍କ ସଙ୍ଗେ ଲଢ଼ନ୍ତି । ]

**ଅରଣି**—ସଂ. ବି. ( ଋ ଧାତୁ = ଗମନ କରିବା; ପାଇବା + କର୍ମ. ଅଣି)—
Arani ୧ । ଅଗ୍ନିମନ୍ଥନ କାଷ୍ଠ; ଯେଉଁ କାଠ ଦୁଇ ଖଣ୍ଡ ଘଷିଲେ ନିଆଁ ବାହାରେ—1. Tinder-sticks; two pieces of wood which produce fire by friction
ପିପ୍ପଳ ବୃକ୍ଷରୁ କାଷ୍ଠ ଖଣ୍ଡେ ହାଣି ଆଣି;
କରାଇଲା ନୃପତି ସେ ଯଜ୍ଞର ଅରଣି । ପୀତାମ୍ବର. ନୃସିଂହପୁରାଣ ।
୨ । ସୂର୍ଯ୍ୟ—2. The sun.
୩ । ଅଗ୍ନି—3. Fire.
୪ । ଚକମକିପଥର—4. Flint for kindling fire.
୫ । ଅଗ୍ନିମନ୍ଥ ( ଦେଖ )
5. Agnimantha ( See )
୬ । ଦୁର୍ଲଭ ( ଦେଖ )
6. Durlabha ( See )
[ ଦ୍ର— ଅରଣି ଯନ୍ତ୍ର ଦୁଇ ଖଣ୍ଡି କାଠ ଅଟେ । ତଳେ ଖଣ୍ଡିଏ ବଡ଼ କାଠ ରଖାଯାଏ ତାକୁ ଅଧରାରଣି କହନ୍ତି । ସେ କାଠରେ ଗୋଟିଏ ଫୋଡ଼ ବା ଘର୍ତ୍ତ ଥାଏ; ଆଉ ଖଣ୍ଡିଏ ବାଡ଼ି ଭଳି ଲମ୍ବକାଠ ( ଉତ୍ତରାରଣି ) କୁ ଧରି ଅଧରାରଣିର ଫୋଡ଼ ଉପରେ ତାକୁ ଦହି ମୋହିଁଲା ପରି ବା ବର୍ମେଇ ଭଅଁରିକଲା ଭଳି ଜୋର କରି ଘୂରାଇବାକୁ ହୁଏ । କିଛିକ୍ଷଣ ଏପରି ମନ୍ଥିଲେ ନିଆଁ ବାହାରେ । ଅଧରାରଣୀର ନିକଟ ତଳେ କୁଶ ବା ଭୁଲା ରଖାଯାଇ ଥାଏ । ଅରଣିରୁ ନିଆଁ ବାହାରିଲାରୁ ସେ କୁଶ ବା ଭୁଲା ସେ ନିଆଁକୁ ଧରି ରଖେ । ଯଜ୍ଞରେ ଅରଣି ଜାତ ଅଗ୍ନି ବ୍ୟବହୃତ ହେଉଥିଲା । ଅଶ୍ୱତ୍ଥ, ଅଶ୍ୱତ୍ଥ; ଶମୀ ଆଦି ଜାଣ କାଠରେ ଅରଣି ତିଆରି ହେଉଥିଲା । ଅରଣି ଘଷିଲା ବେଳେ ବୈଦିକ ମନ୍ତ୍ର ବୋଲା ଯାଉଥିଲା । ]

**ଅରଣୀ**—ସଂ. ବି ( ଋ ଧାତୁ + ଅଣୀ )—ଅରଣି ( ଦେଖ )
Arani Arani ( See )

**ଅରଣୀଦଣ୍ଡ**—ସଂ. ବି—ଯେଉଁ ବାଡ଼ିକୁ ଅନ୍ୟ କାଠ ମୁଣ୍ଡାରେ ଘଷିଲେ
Aranidanda ନିଆଁ ବାହାରେ; ଉତ୍ତରାରଣୀ;—
A stick which produces fire when churned over another slab of wood.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ସ | ଜ | ଶ,ଷ | କ୍ଷ | ଇସ୍ତ | ଉଅ | ଢ |
| ୨ | ଈ | ଊ | ଋ | ଲୃ | ଯ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗ୍ୟଁ | ଇଅ | ● | କ୍ନ |

**ଅରଣୀସୁତ**—ସଂ. ବି. ( ମଧ୍ୟପଦଲୋପୀ; ଅରଣୀ ଗର୍ଭରେ ଉତ୍ପନ୍ନ ସୁତ )
Araṇisuta ୧ । ଶୁକଦେବ—1. The sage Śuka.
[ ଦ୍ର—ବ୍ୟାସଦେବ ଯଜ୍ଞାଗ୍ନି ଉତ୍ପାଦନାର୍ଥ ଅରଣି ଘଷୁଥିବାବେଳେ ସେ ବାଟେ ଘୃତାଚୀ ନାମ୍ନୀ ଅପ୍ସରା ଗଲା । ବ୍ୟାସ ଘୃତାଚୀ ରୂପରେ ମୋହିତ ହେବାରୁ ତାଙ୍କ ରେତଃପାତ ହେଲା । ଉକ୍ତ ରେତଃ ଅରଣୀ ଗର୍ଭସ୍ଥ ରନ୍ଧ୍ରରେ ପଡ଼ିଲା ଓ ସେଥିରୁ ଶୁକଦେବ ଜନ୍ମିଲେ । ]

**ଅରଣ୍ଡା**—ଦେ. ବି. ( ସଂ. ଅଳନ୍ଦ ) ଗୃହର ପିଣ୍ଡା; ବାରଣ୍ଡା—
Araṇḍā Veranda.
বারন্দা
बरान्डा

**ଅରଣ୍ୟ**—ସଂ. ବି.(ଋ ଧାତୁ=ଗତ କରିବା +ଅଧିକରଣ ଅନ; ଯେଉଁଠାରେ
Araṇya ଗତ କରାଯାଏ; କମ୍ବା ଅରଣି + ଯ; ଯେଉଁଠାରେ ଅରଣି ମିଳେ)—
୧ । ବନ; ଜଙ୍ଗଲ—1. Forest; the woods.
୨ । କଣ୍ଟଫଳ; କାଁଫଡ଼ (ଦେଖ)—Kāpharḍa (See)
୩ । ସନ୍ନ୍ୟାସୀମାନଙ୍କ ଦଶ ନାମଯୁକ୍ତ ଶ୍ରେଣୀର ଏକତମ (ଦଶନାମୀ ସନ୍ନ୍ୟାସୀ ତଳେ କୋଷ୍ଟ ଦେଖ )—
3. One of the 10 classes of Sannyāsis.
୪ । ରାମାୟଣର କାଣ୍ଡବିଶେଷ; ଅରଣ୍ୟକାଣ୍ଡ—
4. Title of one of the seven Cantos of the Rāmāyaṇa

**ଅରଣ୍ୟକ**—ଦେ. ବି. (ଅରଣ୍ୟ+କ — ୧ । ବନ—1. Forest.
Araṇyaka ୨ । ଗୁଳ୍ମବିଶେଷ—2. A plant.
Melia sempervirens (M. W.)
ଦେ. ବି.— ଅନରଣ୍ୟ ( ଦେଖ )
Anaraṇya ( See)

**ଅରଣ୍ୟକାଣ୍ଡ**—ସଂ. ବି. ୧ । ରାମାୟଣର ସାତକାଣ୍ଡ ମଧ୍ୟରୁ ଏକତମ—
Araṇyakāṇḍa 1. Title of one of the seven books or cantos of the Rāmāyaṇa.
( ରାମାୟଣ ତଳେ କୋଷ୍ଟ ଦେଖ )

**ଅରଣ୍ୟକାର୍ପାସିକା**—ସଂ. ବି. (ଅରଣ୍ୟ + କାର୍ପାସ + କ+ଆ) ବଣକପା=
Araṇyākarpāsikā Wild cotton plant.

**ଅରଣ୍ୟଗାନ**—ସଂ. ବି. ( ମଧ୍ୟପଦଲୋପୀ; ଅରଣ୍ୟରେ ଗେୟଗାନ )—
Araṇyagāna ସାମବେଦର ଅନ୍ତର୍ଗତ ଗାନବିଶେଷ, ଯାହା ଅରଣ୍ୟରେ ଗୀତ ହୁଏ—
Title of a song of the Sāma Veda which is sung in the forest.

**ଅରଣ୍ୟଚର**—ସଂ. ବିଣ. ପୁଂ ( ଅରଣ୍ୟ + ଚର ଧାତୁ + କର୍ତ୍ତୃ. ଅ )—
Araṇyachara ୧ । ବନଚର—
ଅରଣ୍ୟଚରୀ—ସ୍ତ୍ରୀ 1. Wandering in the forest.
୨ । ଯେ ବଣରେ ରହେ—2 Living in the forest
୩ । ବଣୁଆ—3. Wild.

**ଅରଣ୍ୟଚାରୀ**—ସଂ. ବିଣ. ପୁଂ ( ଅରଣ୍ୟ + ଚର ଧାତୁ + କର୍ତ୍ତୃ. ଇନ୍ ୧ମା. ୧ବ.)—
Araṇyachārī
(ଅରଣ୍ୟଚାରିଣୀ—ସ୍ତ୍ରୀ) ଅରଣ୍ୟଚର ( ଦେଖ )
Araṇyachara ( See )

**ଅରଣ୍ୟପର୍ବ**—ସଂ. ବି. (ନାମ)—ଅରଣ୍ୟକ ପର୍ବ; ମହାଭାରତର ପର୍ବ-
Araṇyaparba ବିଶେଷ (ମହାଭାରତ ତଳେ କୋଷ୍ଟ ଦେଖ)—
Title of a canto or book of the Mahābhārata.

**ଅରଣ୍ୟବାସ**—ସଂ. ବି. ( ୭ମୀ ତତ୍ ; ଅରଣ୍ୟ + ବାସ )—
Araṇyabāsa ୧ । ବନବାସ; ବଣରେ ରହିବା—
1. Residence in the forest.
୨ । ବଣରେ ଥିବା ଆଶ୍ରମ; ବନ୍ୟନିବାସ—
2. A sylvan retreat; hermitage.

**ଅରଣ୍ୟବାସିନୀ**—ସଂ. ବିଣ. ସ୍ତ୍ରୀ. (ଅରଣ୍ୟବାସିନ୍ + ସ୍ତ୍ରୀ. ଈ)—
Araṇyabāsini ଅରଣ୍ୟବାସୀର ସ୍ତ୍ରୀଲିଙ୍ଗ—
Feminine of Araṇyabāsi
ସ. ବି—ଅତ୍ୟମ୍ଳପର୍ଣ୍ଣୀଲତା —A kind of wild creeper with very sour taste.

**ଅରଣ୍ୟବାସୀ** ସ. ବିଣ. ପୁଂ (ଅରଣ୍ୟ + ବାସ + ଇନ୍. ୧ମା. ୧ବ.)—
Araṇyabāsi ଯେ ବଣରେ ବାସ କରେ—
(ଅରଣ୍ୟବାସିନୀ — ସ୍ତ୍ରୀ) Living in the forest.

**ଅରଣ୍ୟରୋଦନ**—ସଂ. ବି. (୭ମୀ ତତ୍) (ନିର୍ଜନ ଜଙ୍ଗଲରେ କାନ୍ଦିଲେ
Araṇyarodana ସେ କାନ୍ଦକୁ କେହି ଶୁଣି ନପାରିଲା ଭଳି)—
୧ । ନିଷ୍ଫଳ କ୍ରନ୍ଦନ—
1. Fruitless lamentation.
୨ । ଯେଉଁ ବକ୍ତୃତା ବା କଥା ଶୁଣିବାକୁ କେହି ଶ୍ରୋତା ବା ରସଗ୍ରାହକ ନ ଥାନ୍ତି—2. Speech which there is no one to hear or appreciate.

**ଅରଣ୍ୟଶାଳି**—ସଂ. ବି. (ମଧ୍ୟପଦଲୋପୀ; ଅରଣ୍ୟଜାତ ଶାଳି)—
Araṇyaśāḻi ବନଧାନ୍ୟ; ନୀବାର; ଅଯତ୍ନବର୍ଦ୍ଧିତ ଧାନ—
Wild paddy.

**ଅରଣ୍ୟଷଷ୍ଠୀ**—ସଂ. ବି—ଜ୍ୟୈଷ୍ଠ ମାସ ଶୁକ୍ଳଷଷ୍ଠୀ—
Araṇyashashṭhi The 6th day of the bright fortnight of the month of Jyaishṭha.
[ ଦ୍ର—ଏ ଦିନ ସ୍ତ୍ରୀମାନେ ସନ୍ତାନବୃଦ୍ଧ୍ୟର୍ଥ ଫଳାହାର କରି ଦେବପୂଜା କରନ୍ତି । ଏ ଦିନ ସ୍ତ୍ରୀମାନେ ହାତରେ କେବଏ ବେଣା ଧରି ବଣରେ ବୁଲନ୍ତି—ଏପରି ବିଧି ଅଛି । ]

**ଅରଣ୍ୟା**—ସଂ. ବି. ( ଅରଣ୍ୟ + ଆ )—
Araṇyā ଔଷଧବିଶେଷ ( ଦ୍ରଷ୍ଟ. ଶବ୍ଦସାଗର )—
Name of a herb.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ପଦସ୍ଥ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଳଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ ।

**ଅରଣ୍ୟାନୀ**—ସଂ. ବି. ସ୍ତ୍ରୀ. (ଅରଣ୍ୟ+ବୃହତ୍ ଅର୍ଥରେ. ଆନ+ସ୍ତ୍ରୀ. ଈ)—
Aranyāni ମହାବନ; ଘୋର ଜଙ୍ଗଲ; ଅଗମ୍ୟ ବନସ୍ତ—
Dense or extensive forest.

**ଅରଣ୍ୟେଚର**—ସଂ. ବିଣ. ପୁଂ. (ଅଲୁକ୍‌ସମାସ ଅରଣ୍ୟେ=ଅରଣ୍ୟରେ+
Aranyechara ଚର ଧାତୁ+କର୍ତ୍ତୃ. ଅ)—
(ଅରଣ୍ୟେଚରୀ—ସ୍ତ୍ରୀ) ଅରଣ୍ୟଚର (ଦେଖ)
Aranyachara (See)

**ଅରତ**—ସଂ. ବିଣ. (ଅ+ରତ)—
Arata ୧ । ଅନାସକ୍ତ—1. Not addicted or attached to.
(ଅରତା—ସ୍ତ୍ରୀ)
୨ । ବିରତ—2. Ceased
୩ । ବିରକ୍ତ—3. Not attached to the world.

**ଅରତକ**—ଦେ. ବି. (ନାମ)—ସର୍ପବିଶେଷ—
Arataka ଅରତକ ତକ୍ଷକ ଯେ ପ୍ରାଣୀ କୂଳେ ଯେନ । ସାରଳାମହାଭାରତ ।

**ଅରତତ୍ରପ**—ସଂ. ବି. ପୁଂ (ବହୁବ୍ରୀହି; ଅ+ରତ=ରମଣ+ତ୍ରପା=
Aratatrapa ଲଜ୍ଜା)—କୁକୁର—The dog

**ଅରତି**—ସଂ. ବି. (ଅ+ରତି)—
Arati ୧ । ଅସନ୍ତୋଷ—1. Dissatisfaction; discontent.
୨ । ଅପ୍ରୀତି—2. Disaffection.
୩ । ବିରକ୍ତି; ବୈରାଗ୍ୟ—
3. Indifference to worldly affairs.
୪ । ନିର୍ମମତା—4. Indifference.
୫ । ଜଡ଼ତା—5. Inertness.
୬ । ସୁଖାଭାବ—6. Want of happiness.
୭ । ଉଦ୍‌ବେଗ; ଔତ୍ସୁକ୍ୟ; ଇଷ୍ଟବିୟୋଗାଦି ହେତୁ ଚିତ୍ତର ବୈକଲ୍ୟ—
7. Mental agitation or anxiety due to loss of beloved things.
୮ । ସୁସ୍ଥତାର ଅଭାବ—8. Want of health.
୯ । ଏକପ୍ରକାର ପିତ୍ତରୋଗ—
9. A kind of bilious disease.
୧୦ । କ୍ରୋଧ—10. Anger.
ସଂ. ବିଣ. ପୁଂ. ଓ ସ୍ତ୍ରୀ—(ବହୁବ୍ରୀହି)—
୧ । ରତିହୀନ; ରମଣହୀନ—
1. Without cohabitation.
୨ । ସର୍ବଜ୍ଞ—2. Omniscient.
୩ । ନିରୁତ୍ସାହ—3. Discouraged.

**ଅରତ୍ନି**—ସଂ. ବି (ଅ+ର୍ ଧାତୁ+କର୍ତ୍ତୃ. ଅତ୍ନି)—
Aratni ୧ । କହୁଣୀଠାରୁ କନିଷ୍ଠା ଅଙ୍ଗୁଳିଅଗ୍ରପରିମିତ ହାତ ମାପ—
1. A cubit measured from the elbow to the tip of the little finger.
[ଦ୍ର—ପୂର୍ବେ ଏହି ମାପ ଦ୍ୱାରା ଯଜ୍ଞବେଦୀମାନଙ୍କର ମାପ ହେଉଥିଲା]
୨ । ୨୧ ଅଙ୍ଗୁଳି ପରିମାଣ—
2. A lineal measure of 21 digits.
୩ । କହୁଣୀ—3. Elbow.
୪ । ବାହୁ; ହାତ—4. Arm; hand.
ଅରତ୍ନିରେ ଅରତ୍ନି ଜାନୁରେ ଜାନୁକୁ
ମୁଣ୍ଡରେ ମୁଣ୍ଡ ଉରଦେଶରେ ଉରକୁ ।
କୃଷ୍ଣସିଂହ ମହାଭାରତ ।
୫ । ମୁଠାବନ୍ଧା ହାତ—5. Clenchedhand.

**ଅରଥ**—ଗ୍ରା. ପଦ୍ୟ. ବି (ସଂ. ଅର୍ଥ)—
Aratha ୧ । ଅର୍ଥ; ଧନ—1. Riches; wealth.
अरथ ଅରଥର ପୁରୁଷ ଅଟେ ସିନା ଦାସ
ଅରଥ ତ ନୋହେ ଯେ ପୁରୁଷର ଦାସ ।
କୃଷ୍ଣସିଂହ. ମହାଭାରତ. ଶାନ୍ତି ।
୨ । ମାନେ; ତାତ୍ପର୍ଯ୍ୟ—
2. Meaning; purport.
ନିର୍ଣ୍ଣୟ କରଣ କହ ଏଥିର ଅରଥ ।
ପ୍ରାଚୀ—ବୃନ୍ଦାବନଭୂଷଣଗୀତା ।

**ଅରଦଲି**—ବୈଦେ. ବି (ଇଂ. ଅର୍ଡ଼ର୍ଲୀ)—
Aradali ୧ । ଆଦେଶବାହୀ ଚପରାଶୀ—
आर्दली 1. An orderly peon.
अर्दली କେ ଜାଣି ବସିବ ଲୋକେ ପାଦେ ତଳ
ତୋହର ଉପରେ ତୋର ଅରଦଳ ।
ରାଧାନାଥ. ଚନ୍ଦ୍ରଭାଗା ।
ଦେ. ବି (ସଂ. ଅର୍ଦ୍ଦନ=ପୀଡ଼ନ)—
୧ । କଠୋର ବ୍ୟବହାର—
1. Rude treatment.
୨ । କଠୋର ବ୍ୟବହାରଜନିତ ବାଧା—
2. Mortification due to rude treatment.
୩ । ଅର୍ଦ୍ଦୋଳି; ଅଳି—
3. Importunity.
୪ । ଅତ୍ୟାଚାର; ଉତ୍ପୀଡ଼ନ—
4. Oppression.

**ଅରଧ**—ଗ୍ରା. ପଦ୍ୟ. ବି. ଓ ବିଣ (ସଂ. ଅର୍ଦ୍ଧ)—
Aradha ଅର୍ଦ୍ଧ; ଅଧ—Half.

**ଅରନ୍**—ପ୍ରାଦେ (ସମ୍ବଲପୁର). ବି. (ସଂ. ଅନ୍ନ)
Aran ୧ । ଅନ୍ନ; ଭାତ—1. Boiled-rice.
୨ । ଖାଦ୍ୟଦ୍ରବ୍ୟ—2. Food.

**ଅରନ୍‌ବସ୍ତର**—ପ୍ରାଦେ (ସମ୍ବଲପୁର) ବି. (ସଂ. ଅନ୍ନବସ୍ତ୍ର)—
Aranbastar

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏଁ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇସ୍ପ | ଉଅ | ଢ଼ |
| ୨ | ଈ | ଊ | ରୁ | ଲୁ | ଯେଁ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଗ୍ୟ | ଯ | ସ | ଗଁ୍ୟ | ଇଅ | ୱ | ନ୍ହ |

ଅନ୍ନବସ୍ତ୍ର; ଖୋରାକପୋଷାକ—
Food and raiment.

**ଅରନଳ**—ପ୍ରାଦେ (ବାଲେଶ୍ୱର) ବି. (ସଂ. ନଳ)—
Aranali ନଳଗଛ—A kind of reed.
খাঁকড়া [ଦ୍ର—ଏହାର ନଳ ବା ଛଡ଼ରେ କାଠିକଲମ ହୁଏ ।]
नरकट

**ଅରନ୍ଧନ**—ସଂ. ବି (ଅ+ରନ୍ଧନ)—
Arandhana ୧ । ରନ୍ଧନର ଅଭାବ; ଖାଦ୍ୟ ନ ରାନ୍ଧିବା—
1. Abstention from cooking.
୨ । ସିଂହ ଓ କନ୍ୟା ସଂକ୍ରାନ୍ତି ଦିନ ପାଳିତ ବ୍ରତ (ଅଗ୍ନିର-ମାର୍ତ୍ତଣ୍ଡ ଗ୍ରନ୍ଥ ଅନୁସାରେ ଏ ଦିନ ପାକ ନିଷିଦ୍ଧ—ହିନ୍ଦି ଶବ୍ଦସାଗର)—
2. A vow practised on the Saṁkrānti days of Simha and Kanya.
୩ । ଭାଦ୍ରମାସର ଶେଷ ଦିନ, ଯେଉଁ ଦିନ ପାକ କରିବା ନିଷିଦ୍ଧ—
3. The last day of the month of Bhādra in which cooking is prohibited.

**ଅରନ୍ଧ୍ର**—ସଂ. ବିଣ (ବହୁବ୍ରୀହି; ଅ+ରନ୍ଧ୍ର)—
Arandhra ୧ । ଛିଦ୍ରରହିତ—1 Having no hole.
୨ । ଚିନ୍ତାରହିତ (କାଳ)—
1. Free from anxiety.

**ଅରନ୍ଧ୍ର କାଳ**—ସଂ. ବି—୧ । ଯେତେବେଳେ ମନୁଷ୍ୟ ନିଶ୍ଚିନ୍ତ ଥାଏ—
Arandhrakāla 1. A time when a person is free from anxiety.
ଛଳପଃ ଲକ୍ଷ୍ମ ରୁ ଯେ ଅରନ୍ଧ୍ର କାଳେ
ଶିଶୁଶଙ୍କର. ଭଷାଅଭିଳାଷ ।

**ଅରପଣ**—ଗ୍ରା। ପଦ୍ୟ. ବି (ସଂ. ଅର୍ପଣ)—
Arapaṇa ଅର୍ପଣ; ଦେବା—
অরপণ Entrusting; giving.
अरपन

**ଅରପିତ**—ଗ୍ରା. ପଦ୍ୟ. ବିଣ (ସଂ. ଅର୍ପିତ)—
Arapita ଅର୍ପିତ; ଦତ୍ତ—
অরপিত Entrusted; given.
अरपित

**ଅରପିବା**—ଗ୍ରା. ପଦ୍ୟ. କ୍ରି (ସଂ. ଅର୍ପି ଧାତୁ)—
Arapibā ୧ । ଅର୍ପଣ କରିବା—1. To entrust.
অরপবা ୨ । ଦେବା—2. To give; to make over.
अरपना ଅରପି ଯବନେ ନଜର ଏ ସ୍ୱର୍ଣ୍ଣପ୍ରସୂ ଭୂମି ସନାତନେ ।
ରାଧାନାଥ. ମହାଯାତ୍ରା ।

**ଅରବ**—ସଂ. ବିଣ (ବହୁବ୍ରୀହି. ଅ+ରବ)—
Araba ୧ । ରବହୀନ; ଶବ୍ଦହୀନ—
1. Soundless; quiet.
୨ । ଚୁପ୍‌ଚାପ୍—2. Silent.
୩ । ମୂକ—3. Mute; dumb.

আরব ବୈଦେ. ବି (ଆ=ଅରବ୍)—
अरब ଅରବଦେଶ—Arabia (country)

**ଅରବି**—ବୈଦେ. ବିଣ (ଆ—ଅରବୀ)—
Arabi ଅରବଦେଶୀୟ—Arabian.
আরবী ବୈଦେ. ବି.—୧ । ଅରବଦେଶବାସି ବ୍ୟକ୍ତି—
अरबी 1. An Arabian.
୨ । ଆରବୀ ଘୋଡ଼ା; ଅରବଦେଶୀୟ ଉତ୍କୃଷ୍ଟ ଘୋଡ଼ା—
2. An Arabian horse.
୩ । ଅରବଦେଶପ୍ରଚଳିତ ଭାଷା—
3. The Arabian language.

**ଅରବିନ୍ଦ**—ସଂ. ବି. (ଅର=ଶୀଘ୍ର+ବିନ୍ଦଧାତୁ=ଲାଭକରିବା+କର୍ମ.ଅ;
Arabinda ଭ୍ରମର କର୍ତ୍ତୃକ ଯାହା ଶୀଘ୍ର ଲବ୍ଧ ହୁଏ)
୧ । ପଦ୍ମ; କମଳ—1. Lotus.
୨ । ନୀଳପଦ୍ମ—2. Blue lotus.
୩ । ରକ୍ତକଇଁ—3. Red water-lily.
୪ । ସାରସପକ୍ଷୀ—4. Crane (bird).
୫ । ତାମ୍ର—5. Copper.
ଦେ. ବି. ୧ । ଜଳ; ପାଣି—1. Water.
ଛର ପ୍ରାପ୍ତେ ଦଣ୍ଡୁଅଛ ନୋହେ ଅରବିନ୍ଦ
ସୁଧା ପ୍ରାପ୍ତେ ଦଶେ ନୋହେ ସୁଧା ମକରନ୍ଦ ।
ପ୍ରାଚୀ—ବ୍ରହ୍ମନିରୂପଣଗୀତା ।
୨ । ଦେଶବିଶେଷ—2. Name of a country.
ସୁବର୍ଣ୍ଣରେଖା ନଦୀର ଉତ୍ତର ଦିଗରେ
ଅରବିନ୍ଦରାଜ୍ୟ ବୋଲି ବିଖ୍ୟାତ ସଂସାରେ ।
ସାରଳାମହାଭାରତ. ଦ୍ରୋଣ ।

**ଅରବିବର**—ସଂ. ବି. (୬ଷ୍ଠୀ ତତ୍; ଅର+ବିବର)—ଅରସନ୍ଧି; ଚକ୍ରର
Arabibara ଅରମାନଙ୍କ ମଧ୍ୟସ୍ଥ ଖୋଲା ଯାଗା—
The spaces between the spokes of a wheel.

**ଅରବୁଦ**—ଗ୍ରା. ପଦ୍ୟ. ବି. ଓ ବିଣ. (ସଂଖ୍ୟାବାଚକ) (ସଂ ଅର୍ବୁଦ)—
Arabuda ଅର୍ବୁଦ; ଅଯୁତ; ଦଶକୋଟି—
অরবুদ A hundred million.
अरबुद ଥୁରବୁଦ ଅରିବୁଦ ଅଯୁତ ଅଯୁତ । କୃଷ୍ଣସିଂହ. ମହାଭାରତ. ଆ ।

**ଅରବ୍ବି**—ବୈଦେ. ବିଣ. ବି. (ଆ)—ଅରବି (ଦେଖ)
Arabbi Arabi (See)

**ଅରଭୁତ**—ଗ୍ରା. ପଦ୍ୟ. (ସଂ. ଅର୍ବୁଦ)—ଅରବୁଦ (ଦେଖ)
Arabhuta Arabuda (See)

**ଅରମା**—ଦେ. ବିଣ. (ସଂ. ଅରଣ୍ୟ; ଅରମ୍ୟ)
Aramā ୧ । ଅପରିଷ୍କୃତ—1. Uncleansed.
ময়লা ୨ । ଘାସଗୁଳ୍ମାଦିପୂର୍ଣ୍ଣ (ସ୍ଥାନ)—
मैला 2. Overgrown with weeds or rank vegetation.

ସାଧାରଣ ଲେଖକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତାହାଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୩ । ଜଙ୍ଗଲିଆ—3. Jungly.
୪ । ମଇଳାପୂର୍ଣ୍ଣ—4. Full of refuse.
ଦେ. ବି.—୧ । କୁତ୍ସିତ ବା ଅପରିଷ୍କୃତ ସ୍ଥାନ—
1. Ugly or unclean place.
୨ । ବଣୁଆ ସ୍ଥାନ—2. Jungly place.
୩ । ଘାସଗୁଳ୍ମାଦିପୂର୍ଣ୍ଣ ସ୍ଥାନ—
3. A place overgrown with rank vegetation.

**ଅରମାନ୍**—ବୈଦେ. ବି (ତୁରଷ୍କ-ଅର୍‌ମାନ୍)—
Aramān    ୧ । ଇଚ୍ଛା—1. Desire; wish.
সাধ; মনেরঝাল    ୨ । ସାଧ, ଲାଳସା—2. Hankering.
**अरमान**    ୩ । ଚିରପୋଷିତ ଆଶା—
3. Long cherished hope.
୪ । ଅପକାରର ପ୍ରତିଶୋଧବୃତ୍ତି; ପ୍ରତିହିଂସା—
4. Revenge.

**ଅରମାନ୍‌ମେଣ୍ଟାଇବା**—ଦେ. କ୍ରି—୧ । ନିଜର ବହୁକାଳପୋଷିତ ବାସନା ପୂର୍ଣ୍ଣ କରିବା—
Aramānmeṇṭāibā
সাধমেটান    1. To fulfil one's long-
**अरमान निकालना**    cherished desire.
୨ । ପ୍ରତିହିଂସା ନେବା; ଅପକାର ପରିଶୋଧ କରିବା—
2. To be avenged.

**ଅରମାନ୍‌ମେଣ୍ଟିବା**—ଦେ. ବି—୧ । ବହୁକାଳ ପୋଷିତ ବାସନାର ପୂରଣ—
Aramānmeṇṭibā    1. Fulfilment of one's long-
সাধমিটা    cherished desire.
**अरमानमिटना**    ୨ । ପ୍ରତିହିଂସାର ଚରିତାର୍ଥତା—
2. Being avenged.

**ଅରମାନ୍‌ରହିଯିବା**—ଦେ. ବି—ଇଚ୍ଛା ପୂରଣ ନ ହେବା—
Aramānrahijibā    Non-fulfilment of one's
সাধথেকেযাওয়া    desire.
**अरमानरहयाना**

**ଅରମାନା**—ବୈଦେ. ବି. (ତୁରଷ୍କ—ଅର୍‌ମାନ୍)—ଅରମାନ୍ (ଦେଖ)
Aramānā    Aramān (See)

**ଅରର**—ସଂ. ବି. (ଋ ଧାତୁ=ଗମନ କରିବା+ସଂଜ୍ଞାର୍ଥେ. ଅର)—
Arara    ୧ । କବାଟ—1. Door.
୨ । ବଂଶକୋଷ; ବାଉଁଶନଳ—
2. Bamboo-tube.
୩ । ଆବରଣ—3. Covering.
୪ । ଖାପ; ଖୋଳ—4. Sheath.
୫ । ଚମଡ଼ା କାଟିବା ଛୁରୀ—
5. A knife for cutting hide.
୬ । ଯଜ୍ଞାଙ୍ଗ—6. A ceremony in a Vedic sacrifice.
୭ । ଯୁଦ୍ଧ—7. Battle.

**ଅରରି**—ଦେ. ବି. (ସଂ. ଅରର)—ଛୋଟ କବାଟ—
Arari    Small door.

**ଅରରୁ**—ସଂ. ବି. (ଋ ଧାତୁ=ଗମନ; ବଧ+କର୍ତ୍ତୃ. ଅରୁ)—
Araru    ୧ । ଶତ୍ରୁ—1. Enemy.
୨ । ଅସ୍ତ୍ରବିଶେଷ—2. A kind of weapon.
୩ । ଅସୁର ବିଶେଷ—3. Name of a demon.
ସଂ. ବିଣ—ଗମନଶୀଳ—Moving.

**ଅରରେ**—ସଂ. ଅ (ସଂ. ଅ=ଶୀଘ୍ର+ରେ)—
Arare    ବ୍ୟଗ୍ରତାସୂଚକ ସମ୍ବୋଧନ; ଆରେ;ହଇରେ;ହୋଇରେ—
Hallo ! Ho !

**ଅରଳୁ**—ସଂ. ବି. (ଋ ଧାତୁ+ସଂଜ୍ଞାର୍ଥେ. ଅଳୁ)—
Araḷu    ୧ । ଫଣଫଣା (ଦେଖ)—1. Phaṇaphaṇā (See)
୨ । ଅଲାବୁ; ଲାଉ—2. White pumpkin.
୩ । ପିତାଲାଉ—3. Bottle gourd.

**ଅରଶ**—ଗ୍ରା. ବି. (ସଂ. ଅର୍ଶଃ)—ଅର୍ଶଃ ରୋଗ—
Araśa    Piles.
অর্শ    ଗୁଳ୍ମ ଉଦର ବଣ ଅରଶ ହୃଦ ରୋଗ । ପୀତାମ୍ବର କୃଷ୍ଣ ହିପୁରାଣ ।
**आर्शा**

**ଅରଷ୍ଟି**—ଦେ. ବି. (ସଂ. ଅରିଷ୍ଟ)—
Arashṭi    ୧ । ବିବାଦ; ବିସମ୍ବାଦ—1. Dissension.
অনিষ্ট; অরিষ্ট    ୨ । କଷ୍ଟ; ଦୁଃଖ—2. Trouble; difficulty.
**बखेड़ा**    ଦେବେ କରନ୍ତି ପୁଷ୍ପ ବୃଷ୍ଟି; ଖଣ୍ଡିବେ ଗୋବିନ୍ଦ ଅରଷ୍ଟି ।
ଜଗନ୍ନାଥ; ଭାଗବତ ।
୩ । ଅନିଷ୍ଟ; ଅମଙ୍ଗଳ— Woe; evil.
ତୁ ଯେ ଦଣ୍ଡଥାଇ ଚାଲୁ ଅରଷ୍ଟିମାନ । ସାରଳାମହାଭାରତ. ବିରାଟ ।
୪ । ବିପଦ—4. Danger; calamity.
ମହା ଅରଷ୍ଟି ପଡ଼ିଲ ଦେଖୁ ଦେଖୁ । ଦାଶରଥି-ଚକ୍ରବିହାର ।
ଦେ. ବିଣ. ପୁଂ—୧ । ଅନିଷ୍ଟ ଘଟାଇବା (ବ୍ୟକ୍ତି)—
1. Causing or bringing about evil or woe.
୨ । ଅମଙ୍ଗଳିଆ—2. Inauspicious.
ତୁହି ମୋହୀ ଅରଷ୍ଟି ଯେ ପାଣ୍ଡୁ କୋଡ଼ ଅଛୁ । ସାରଳାମହାଭାରତ. ଶଲ୍ୟ ।

**ଅରସଜ୍ଞ**—ସଂ. ବିଣ. ପୁଂ (ଅ+ରସଜ୍ଞ)—
Arasajña    ୧ । ରସଜ୍ଞାନରହିତ—1. Devoid of taste.
(ଅରସଜ୍ଞା—ସ୍ତ୍ରୀ)    ୨ । ଯେ ରସ ଆସ୍ୱାଦନ କରିନାହିଁ—
1. One who has not tasted the sweets of something.

**ଅରସିଆ**—ଦେ. ବିଣ. (ସଂ. ଅରସିକ)—ଅରସିକ (ଦେଖ)
Arasiā    Arasika (See)
অরসিক
**अरसिक**

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଊ | ଋ,ୠ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇଯ୍ | ଊଅ | ଞ |
| ୨ | ଈ | ଉ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ | ଯ | ସ | ଗଂ | ଇଅ | ଙ୍ଗ | ଦ୍ବ |

**ଅରସିକ**—ସ. ବଣ. ପୁଂ. ( ଅ + ରସିକ )—
Arasika ୧ । ଯେ ରସିକ ବା ରସଜ୍ଞ ନୁହେ; ଅରସଜ୍ଞ—
(ଅରସିକା—ସ୍ତ୍ରୀ) 1. Incapable of appreciating.
(ଅରସିକତା—ବ) ୨ । ବଦରସିକ; ବେରସିକ—
2. Devoid of good taste.

**ଅରସୁଆଳ**—ଦେ. ବଣ. ( ସ. ଅ + ରସାଳ )—
Arasuā̲la ୧ । ଯେ ରସପୂର୍ଣ୍ଣ ନୁହେ—
রসহীন; নীরস 1. Not juicy; not full of juice.
**बेरसदार** ୨ । ଅସୁଆଦିଆ—
2. Not sweet or flavoured.
୩ । ନୀରସ—3. Juiceless.
୪ । ଅରସିକ ( ଦେଖ )
4. Arasika ( See )

**ଅରହଣ**—ଗ୍ରା. ପଦ୍ୟ. ବି. ( ସ. ଅର୍ହଣ )—୧ । ପୂଜା—
Arahaṇa 1. Worship; adoration.
অরহন ୨ । ସମ୍ମାନପ୍ରଦର୍ଶନ—2. Honour; respect.
**अरहना** ଅଷ୍ଟ ବସୁ ଋଷିଙ୍କି ବେଢ଼ି ଋଷିଗଣ
ଆଦରରେ ବନ୍ଦନ କଲେ ଅରହଣ । କୃଷ୍ଣସିଂହ. ମହାଭାରତ. ବନ ।

**ଅରା**—ଦେ. ବଣ. ( ସ. ଆରାତ୍ )—ନିକଟ; ସମୀପ—
Arā Near; adjacent.
ପ୍ରାଦେ. ( ଗଡ଼ଜାତ ) ବି—୧ । ଛୋଟ ଆମ୍ବ; ପଣସ ଆଦି ଗଛ
ଗୁଡ଼ର ପାଖେ ବୁଜାଯିବା ବାଡ଼—
1. Fencing put round young mango and other trees,
୨ । ବାଟ; ରାସ୍ତା—2. Road; way.
( ଯଥା—ଅଧ ଅରା = ଅଧବାଟ । )
ଦେ. ବି—୧ । କ୍ଷୁଦ୍ର ସ୍ଥାନ—
1. A small bit of land; a patch of land.
(ଯଥା-ମୁଁ ଏ ବରଷ ଦୁଇ ଅରା ଚୃଷ କରି ସାରୁ ଫସଲ କରିଥିଲି ।)
୨ । ସୀମାନିର୍ଦ୍ଦିଷ୍ଟ ଅଳ୍ପସ୍ଥାନ; ଛୋଟ ଖଣ୍ଡ—
2. A limited patch.
( ଯଥା—ମୋ ବାଡ଼ିରେ ତିନି ଅରା ଯାକୁ ମାଡ଼ ଯାଇଛି । )
୩ । ଓଡ଼; ଭେରା; ଥର—3. Time.
( ଯଥା—ଏ ଜମିକୁ ମୁଁ ତିନି ଅରା ହଳ କଲିଣି । )

**ଅରାଅରା**—ଦେ. କ୍ରି. ବଣ—୧ । ଛୋଟ ଛୋଟ ଖଣ୍ଡରେ—
Arāarā 1. By patches.
চেকাচেকা; একটুএকটু ୨ । ଅଳ୍ପ ଅଳ୍ପ କରି—
**टुकड़ा टुकड़ा; टीपटाप** 2. Bit by bit; little by little.

**ଅରାଇବା**—ପ୍ରାଦେ. ( ଗଡ଼ଜାତ ) କ୍ରି—ଛୋଟ ଗଛର ଗୁଡ଼ପାଖେ ବାଡ଼
Arāibā ଘେରାଇବା—To put fencing round a young tree.

**ଅରାଏ**—ଦେ. ବି.—୧ । କ୍ଷୁଦ୍ର ଭୂମିଖଣ୍ଡ—
Arāe 1. A little bit of land.
( ଯଥା—ମୁଁ ଏ ବର୍ଷ ଅରାଏ ମାତ୍ର ଅଳ୍ପ ଫସଲ କରିଥିଲି । )
একটু ୨ । କ୍ଷୁଦ୍ରାଂଶ ମାତ୍ର; ଏକଖଣ୍ଡ ମାତ୍ର—
**एकटुकड़ा** 2. A patch only; a bit only.
ଦେ. ବଣ.—କ୍ଷୁଦ୍ର—Very small
( ଯଥା—ଆକାଶରେ ଅରାଏ ଯାଗାରେ ମେଘ ଉଠାଇଛି । )
একবার; বারেক ଦେ. କ୍ରି. ବଣ—ଥରେମାତ୍ର; ଭେରାଏ—
**एकबार; दफे** Once only; one trip only.
( ଯଥା—ମୁଁ ଅରାଏ ବୁଲି ଅଇଲି । )

**ଅରାଗୀ**—ଦେ. ବଣ. ପୁଂ. ଓ ସ୍ତ୍ରୀ. ( ସ. ଅ + ଓ. ରାଗୀ )—ଅକ୍ରୋଧନ;
Arāgī ଯେ ରାଗୀ ନୁହେ—Not resentful.
অরাগী
**ठण्डा**

**ଅରାଜକ**—ସ. ବଣ. ( ବହୁବ୍ରୀହି; ଅ + ରାଜନ୍ + କ )—
Arājaka ୧ । ରାଜାଶୂନ୍ୟ; ଯେଉଁ ଦେଶରେ ରାଜା ନାହିଁ—
(ଅରାଜକତା—ସ୍ତ୍ରୀ) 1. Kingless ( country ), having no king.
୨ । ଯେଉଁ ଦେଶରେ ପ୍ରଜା ମେଳି ହୋଇ ରାଜାଙ୍କୁ ସିଂହାସନ-ଚ୍ୟୁତ କରିଅଛନ୍ତି—2. Anarchical.
୩ । ଅଶାସିତ—3. Unsettled.
୪ । ଅବୁଝାମଣା ରାଜ୍ୟ—
4. ( a place ) Where there is no justice.

**ଅରାଜକତା**—ସ. ବି. ( ଅରାଜକ + ଭାବ. ତା )—
Arājakatā ୧ । ଦେଶରେ ରାଜା ନ ଥିବା ଅବସ୍ଥା—
1. Kingless state of a country.
୨ । ଦେଶରେ କେହି ଶାସନ କରୁ ନ ଥିବା ଅବସ୍ଥା—
2. Unsettled or ungoverned state of a country; anarchy.
୩ । ପ୍ରଜାମେଳି; ପ୍ରଜାବିଦ୍ରୋହ—
3. Revolution; mutiny.
୪ । ଦେଶରେ ଅଶାନ୍ତି—
4. Want of peace in a country.

**ଅରାଜକପୁରୀ**—ଦେ. ବି. ( ସ. ଅରାଜକ + ପୁରୀ )—
Arājakapurī ୧ । ଅରାଜକ ଦେଶ—
1. A kingless country.
୨ । ଯେଉଁ ସ୍ଥାନରେ ସୁବିଚାର ନ ଥାଏ; ଅବୁଝାମଣା ରାଜ୍ୟ—
2 A place where people do not get justice.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'କଂଧ' ନ ପାଇଲେ 'କନ୍ଧ' ଦେଖିବେ; 'ଅଙ୍କିା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅରାଜତ୍ୱ**—ଦେ. ବି. ( ସଂ. ଅରାଜକତା )—ଅରାଜକତା ( ଦେଖ )
Arājatwa Arājakatā ( See )

ତହିଁର ଏଥି ଅରାଜତ୍ୱେ ଉବର୍ଷ୍ୟ ସଙ୍କର ଅସ୍ତ୍ରେ ।
କ୍ଷୀଣ କଦେଵ ଦେଖି ମୂର୍ଖ ଭଣିଲ ଯେକରୂପ ହୋଇ—
ଜଗନ୍ନାଥ. ଭାଗବତ. ୪ର୍ଥ ।

**ଅରାଜା**—ଦେ. ବି. ( ସଂ. ଅରାଜକତା )—ଅରାଜକତା ( ଦେଖ )
Arājā Arājakatā ( See )

ଯେତେ ଔଦ୍ଭିଜ୍ଜ ଥିଲ; ଅରାଜା ଯୋଗେ ନାଶ ଗଲେ—
ଜଗନ୍ନାଥ. ଭାଗବତ. ୪ର୍ଥ ।

**ଅରାଜ୍ୟ**—ଦେ. ବିଣ. ( ସଂ. ଅରାଜକ )—ଅରାଜକ ( ଦେଖ )
Arājya Arājaka ( See )

ସଂ. ବି. ( ସଂ. ଅ + ରାଜ୍ୟ )—ମନ୍ଦରାଜ୍ୟ; କୁଦେଶ—
A bad country.

**ଅରାତି**—ସଂ. ବି. (ଅ + ରା ଧାତୁ = ଦାନ କରିବା + କର୍ତ୍ତୃ. ତି; ଯେ ସୁଖ ଦିଏ ନାହିଁ)—
Arāti

୧ । ଶତ୍ରୁ—1. Enemy; antagonist.
୨ । (ଫଳିତ ଜ୍ୟୋତିଷ) ଲଗ୍ନର ଷଷ୍ଠ ସ୍ଥାନ—
2. (Astrology) The 6th mansion from the Lagna.
୩ । କାମ କ୍ରୋଧାଦି ଷଡ୍‌ରିପୁ—3. Human passions.
୪ । ଛଅ ସଂଖ୍ୟା—4. The number six.

**ଅରାତିଭଙ୍ଗ**—ସଂ. ବି. (୬ଷ୍ଠୀ ତତ୍; ଅରାତି + ଭଙ୍ଗ)—ଶତ୍ରୁର ପରାଜୟ—
Arātibhanga The defeat of a foe.

**ଅରାଫୁଟିବା**—ପ୍ରାଦେ. (ଗଡ଼ଜାତ) କ୍ରି. (ସଂ. ଅରାର୍ = ନିକଟରେ)—
Arāphuṭibā ନିକଟରେ ଅସି ପହଞ୍ଚିବା—To reach the vicinity of a place; to approach.

ଅରା ଫୁଟିଲେ ଦରିକି ନେମା । କେତେ ଫଳକ ବ ଅବା ଗଣିମା ।
ବ୍ରଜନାଥ ସମରତରଙ୍ଗ ।

**ଅରାବଳି**—ସଂ. ବି. (୬ଷ୍ଠୀ ତତ୍; ଅର + ଆବଳି)—ଅରାବଳୀ (ଦେଖ)
Arābali Arābalī (See)

**ଅରାବଳୀ**—ସଂ. ବି. (୬ଷ୍ଠୀ ତତ୍; ଅର + ଆବଳୀ)—ଚକ୍ରର ଅର ସମୂହ—
Arābalī All the spokes of a wheel (collectively)

ଭଲ କାନ୍ତି-ବ୍ୟୋମ-ଅନ୍ତରାଳେ ଛନ୍ଦ;
ବକ୍ରକର ବକ୍ର ଯେଉଁ ଅରାବଳୀ—ରାଧାନାଥ. ନନ୍ଦିକେଶ୍ୱରୀ ।

ଦେ. ବି. (ସଂ. ଅର୍ଦ୍ରାବଳ)—ଅର୍ଦ୍ରାବଳ; କାଳପୁରୁଷ ନକ୍ଷତ୍ରପୁଞ୍ଜ—
The constellation of Orion.

**ଅରାମୁଣ୍ଡି**—ଦେ. ବି. (ସଂ. ଉଦୂଖଳ)—ଉରଣ୍ଡି; ଉରାମୁଣ୍ଡି; ଢିଙ୍କିମୁଣ୍ଡ
Arāmuṇḍi ଅଙ୍ଗେ ହୋଇଥିବା ଉଦୂଖଳ ଆକାରର ଗର୍ତ୍ତ; ଯହିଁରେ
ଢେଙ୍କିଗର୍ତ୍ତ କୁଟାହେବା ଜିନିଷ ରଖା ଯାଏ ଓ ଯହିଁରେ ଢିଙ୍କି
ଓଖଳୀ ପାହାର ପଡ଼େ—The receptacle hole in which the pestle of the Dhenki falls and pounds the contents.

**ଅରାଳ**—ସଂ. ବିଣ ( ଅର + ଆ + ଲା ଧାତୁ + କର୍ତ୍ତୃ. ଅ )—
Arāla ୧ । ନତ; ବକ୍ର—1. Bent.
(ଅରାଳା—ସ୍ତ୍ରୀ) ୨ । ନମ୍ର—2. Mild.
୩ । କୁଟିଳ—3. Curved.
୪ । ବେଢ଼ା; ବେଙ୍କା—4. Crooked.
୫ । ତଣିଆ; ଏକପାଖିଆ—5. Side-long.

ସଂ. ବି.— ୧ । ଝୁଣା—1. Reisin.
୨ । ମତ୍ତହସ୍ତୀ—2. An elephant in rut; an infuriated elephant.
୩ । ବନ୍ୟହସ୍ତୀ—3. Wild elephant.

**ଅରାଳଭ୍ରୂତଟି**—ଦେ. ବି. (ସଂ. ଅରାଳ + ଭ୍ରୂ + ତଟି) + ଅପାଙ୍ଗ; ବାଙ୍କ-
Arālabhrutati ଚାହାଣି—Sidelong glance.

ଅରାଳ ଭ୍ରୂତଟି ଏବ ସୁଦୃଢ଼ ରେ—କବିସୂର୍ଯ୍ୟ—ସଙ୍ଗୀତ ।

**ଅରାଳା**—ସଂ. ବିଣ. ସ୍ତ୍ରୀ. (ଅରାଳ + ସ୍ତ୍ରୀ. ଆ)—ଅରାଳର ସ୍ତ୍ରୀଲିଙ୍ଗ—
Arālā Feminine of Arāla.

ସଂ. ବି. ସ୍ତ୍ରୀ.— ୧ । ନମ୍ରସ୍ୱଭାବା ସ୍ତ୍ରୀ—
A mild natured lady.
୨ । କୁଳଟା—2. An adulteress; a woman of loose character.
୩ । ବେଶ୍ୟା—3. A prostitute.

**ଅରି**—ସଂ. ବି. (ଋ ଧାତୁ = ଗମନକରିବା; ବଧକରିବା + କର୍ତ୍ତୃ. ବା କର୍ମ. ଇ; ଯେ ବଧ କରେ; ଯାହାକୁ ବଧ କରାଯାଏ)— ୧ । ଶତ୍ରୁ—
Ari 1. Enemy.
୨ । ଚକ୍ର—2. Wheel.
୩ । ବିଷ୍ଣୁଙ୍କର ଚକ୍ରାୟୁଧ—3. The discus; the circular weapon of Bishnu.

ବହୁତ ନାହିଁ ମୁଁ ଅରି (୩) ଅରି (୧) ମାରଣରେ ।
ଉପେନ୍ଦ୍ର, ବୈଦେହୀଶବିଳାସ ।

୪ । କାମାଦି ଷଡ଼ରିପୁ—4. The human passions ( six in number )
୫ । ( ଗଣିତ ) ଛଅ ସଂଖ୍ୟା—5. ( Mathematics ) the number six.
୬ । (ଜ୍ୟୋତିଷ) ଲଗ୍ନଠାରୁ ଷଷ୍ଠ ସ୍ଥାନ—
6. (Astrology) The sixth mansion from the Lagna.
୭ । ବିଟଖଦିର—7. Brown catechu.

**ଅରିତା**—ସଂ. ବି. (ଅରି + ଭାବ. ତା)—
Aritā ୧ । ଶତ୍ରୁତା—1. Enmity.
୨ । ବିରୋଧ—2. Antagonism.

**ଅରିତ୍ର**—ସଂ. ବି. ( ଋ ଧାତୁ = ଗମନ କରିବା; ଗତି କରିବା + କରଣ. ଇତ୍ର; ଯାହା ସାହାଯ୍ୟରେ ନୌକା ଗତି କରେ)—
Aritra

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | • ଅନୁନାସିକ ସ୍ୱରାକ୍ଷର | ଷ | ଜ | ଶ,ଷ | କ୍ଷ | ଇଯ଼ୁ | ଭୃଅ | ଖ |
| ୨ | ଈ | ଊ | ରୁ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଚ୍ୟ | ଇଅ | ● | କୃ |

୧ । ନୌକାଚାଳନଦଣ୍ଡ; କାତ—1. The pole used in propelling boats.

୨ । କ୍ଷେପଣୀ; ଅହୁଲ—2. Oar.

୩ । ନୌକାର ମଙ୍ଗଧରା—3. Rudder; helm.

୪ । ପାଣିର ଗଭୀରତା କଳିବାର ଡୋରି(ହିନ୍ଦ. ଶବ୍ଦସାଗର)—
4. A string or tape for fathoming water.

୫ । ରଥର ଅଗ ଚକ—5. The front wheel of a car.

୬ । ଲଙ୍ଗର —6. Anchor.
( ହିନ୍ଦ. ଶବ୍ଦସାଗର

**ଅରିତ୍ରକ**—ସଂ. ବି. (ଅରିତ୍ର + ସ୍ୱାର୍ଥେ. କ)—ଅରିତ୍ର (ଦେଖ)
Aritraka — Aritra (See)

**ଅରିଦମନ**—ସଂ. ବିଣ. ପୁଂ. (ବହୁବ୍ରୀହି)—ଶତ୍ରୁର ଦମନକାରୀ—
Aridamana — Vanquishing the foe.

ସଂ. ବି. ପୁଂ.—ଶତ୍ରୁଘ୍ନଙ୍କ ନାମ—
A name of Śatrughna.

**ଅରିନ୍ଦମ**—ସଂ. ବିଣ. ପୁଂ.—(ଅଲୁକ୍ ସମାସ; ଅରିଂ = ଅରିକୁ + ଦମ ଧାତୁ = ଦମନ କରିବା + କର୍ତ୍ତୃ. ଅ)—
Arindama

୧ । ଶତ୍ରୁଦମନକାରୀ—1. Vanquisher of one's foes.

୨ । ଶତ୍ରୁଜୟୀ—2. Subduing the enemy.

୩ । ବିଜେତା—3. Conqueror.

**ଅରିମର୍ଦ୍ଦନ**—ସଂ. ବିଣ. ପୁଂ. (ବହୁବ୍ରୀହି; ଅରି + ମର୍ଦ୍ଦନ)—ଶତ୍ରୁବିନାଶକ—
Arimarddana — Destroying one's foes.

ସଂ. ବି. ପୁଂ.—୧ । କେକୟରାଜା ସତ୍ୟପ୍ରତାପଙ୍କ ଭାଇ, ଯେ ଶାପବଶରୁ କୁମ୍ଭକର୍ଣ୍ଣ ହୋଇଥିଲେ—
1. Name of a king's brother who was born as Kumbhakarṇṇa

୨ । ଅକ୍ରୂରର ଭାଇ—2. Name of the brother of Akrūra.

**ଅରିମାନ** (ଇତ୍ୟାଦି) ବୈଦେ. ବି.—ଅରମାନ୍ ଇତ୍ୟାଦି (ଦେଖ)
Arimāna (etc,) — Aramān etc. (See)

**ଅରିମାନା** (ଇତ୍ୟାଦି)—ବୈଦେ. ବି. ଅରମାନ୍ ଇତ୍ୟାଦି ଦେଖ
Arimānā etc. — Aramān etc (See)

**ଅରିମେଦ**—ସଂ. ବି.—୧ । ବିଟଖଇର—1. Brown catechu.
Arimeda

୨ । ପାରୁଡ଼ାପୋକ—2 A kind of insect emitting a very offensive smell.

**ଅରିଷ୍ଟ**—ସଂ. ବି. (ଅ + ରିଷ୍ଟ = ମଙ୍ଗଳ)—୧ । ଅମଙ୍ଗଳ; ମନ୍ଦ, ଅଶୁଭ—
Arishṭa — 1. Weal; woe; evil.

୨ । ଦୁର୍ଭାଗ୍ୟ—2. Misfortune; ill-luck.

୩ । କ୍ଲେଶ; ଦୁଃଖ—3 Trouble; sorrow.

୪ । ବିପତ୍ତି; ଆପଦ—4. Calamity; danger.

୫ । ଅପଶକୁନ—5. Bad omen.

୬ । ମୃତ୍ୟୁର ପୂର୍ବଲକ୍ଷଣ—6. Symptoms of impending death.

୭ । ଜ୍ୟୋତିଷ ଗଣନା ମତରେ ଦୁଷ୍ଟଗ୍ରହମାନଙ୍କର ମରଣବିଧାୟକ ଯୋଗ—7. Astrological combination of planets portending death.

୮ । ଅନ୍ତୁଡ଼ିଶାଳ; ସୂତିକାଗାର—
8. The lying-in room.

ଶୁଣିଥିବୁ ନୂତନ ଗରଭିନୀ ପ୍ରଥମ ଲଭିଲା ଅରିଷ୍ଟରେ ସୁଖ ଯେଣେ ।
—କବିସୂର୍ଯ୍ୟ. ସଙ୍ଗୀତ ।

୯ । ଅନ୍ତଃପୁର; ଅବରୋଧ—9. Zenana; the female compartments of a Rājā's premises.

୧୦ । ଘୋଲଦହି; ତକ୍ର—
10. Churned curd; whey.

୧୧ । ରସୁଣ—11. Garlic.

୧୨ । ନିମଗଛ ( ଦେଖ )
12. The Nima tree ( See )

୧୩ । ରିଠାଫଳ ଓ ଗଛ—
13. The soapnut tree and fruit.

୧୪ । ମଦ୍ୟ; ମଦ—14. Wine; spirit.

୧୫ । କାକ; କୁଆ—15. The crow.

୧୬ । କଙ୍କ(ପକ୍ଷୀ) ( ଦେଖ )
16. Kaṅka (bird) ( See )

୧୭ । ବୃଷାସୁର; ଏହାକୁ ଶ୍ରୀକୃଷ୍ଣ ବାଲ୍ୟକାଳରେ ହତ କରିଥିଲେ—17. Name of a demon killed by Śrīkṛushṇa while a boy.

୧୮ । ବଳିପୁତ୍ର ଦୈତ୍ୟବିଶେଷ—
18. Name of a son of the demon Baḻi.

୧୯ । ଆୟୁର୍ବେଦୋକ୍ତ ନିର୍ଯ୍ୟାସ; ଅରକ—
19. Extract made from herbs.

୨୦ । ଅଦୃଷ୍ଟ; ଭାଗ୍ୟ—
20. Fortune; ( good or bad ) luck.

୨୧ । ଋଷିବିଶେଷ—21. Name of a Sage.
( ହିନ୍ଦ. ଶବ୍ଦସାଗର )

୨୨ । ଅନିଷ୍ଟସୂଚକ ଉତ୍ପାତ; (ଭୂକମ୍ପ ଦ)—
22. Portentous calamity; divine visitation.

(**ଅରିଷ୍ଟା**—ସ୍ତ୍ରୀ) ସଂ. ବିଣ—୧ । ଦୃଢ଼—
1. Firm; steady; fixed.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କଥ' ନ ମିଳିଲେ 'କଥ' ଦେଖିବେ; 'ବଧ' ନ ପାଇଲେ 'ବଧ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ଅବିନାଶୀ—2. Indestructible.

୩ । ମୃତ୍ୟୁହୀନ; ଅମର—3. Undying; deathless.

୪ । ଅକ୍ଷତ—4. Unhurt; undamaged.

୫ । ଅଶୁଭ—5. Ominous; inauspicious; evil ( ହିନ୍ଦି ଶବ୍ଦସାଗର )

୬ । ଶୁଭ—6. Auspicious ( ହିନ୍ଦି ଶବ୍ଦସାଗର )

ଦେ. ବି—୧ । କଳିକଜିଆ; ବିବାଦ — 1. Quarrel; dispute.

୨ । ମାଡ଼ପିଟ୍; ଫଉଜଦାରି—2. Affray; riot.

**ଅରିଷ୍ଟକ**—ସଂ. ବି. ( ଅରିଷ୍ଟ + ସ୍ୱାର୍ଥେ. କ )—ରିଠାଫଳ ଓ ଗଛ—
Arishṭaka, Soapnut ( tree and fruit ).

**ଅରିଷ୍ଟନେମି**—ସଂ. ବି. ( ନାମ )—୧ । କଶ୍ୟପ ପ୍ରଜାପତି—
Arishṭanemi 1. A name of sage Kaśyapa.

୨ । ରାଜା ସଗରଙ୍କ ଶ୍ୱଶୁର—2. Name of the father-in-law of king Sagara.

୩ । ରାଜା ବୃଷ୍ଣିଙ୍କ ପ୍ରପୌତ୍ର ଓ ଚିତ୍ରକଙ୍କ ପୁତ୍ର—
3. Name of the son of king Chitraka.

୪ । ଷୋଡ଼ଶ ପ୍ରଜାପତି—4. Name of the 16th progenitor of created beings.

୫ । ଜୈନମାନଙ୍କର ୨୪ ତୀର୍ଥଙ୍କରଙ୍କ ମଧ୍ୟରୁ ଦ୍ୱାବିଂଶ ତୀର୍ଥଙ୍କର
5. Name of the 22nd of the 24 sages of the Jainas.

**ଅରିଷ୍ଟସୂଦନ**—ସଂ. ବି. (ବହୁବ୍ରୀହି; ଅରିଷ୍ଟ + ସୂଦନ; ଅରିଷ୍ଟ ନାମକ ଅସୁରର ବିନାଶକ )—
Arishṭasūdana

୧ । ବିଷ୍ଣୁ—1. An epithet of Bishṇu

୨ । ଶ୍ରୀକୃଷ୍ଣ—2. Śrikṛushṇa.

**ଅରିଷ୍ଟା**—ସଂ. ବି. ସ୍ତ୍ରୀ (ନାମ)—
Arishṭā ୧ । ଦକ୍ଷକନ୍ୟା ଓ କଶ୍ୟପଙ୍କ ଚତୁର୍ଥୀ ସ୍ତ୍ରୀ ଓ ଗନ୍ଧର୍ବମାନଙ୍କର ମାତା—1. Name of the mother of the gandharbas.

୨ । କଟୁକୀ (ଦେଖ)—2. Kaṭuki (See)

**ଅରିଷ୍ଟି**– ଦେ. ବି. ( ସଂ. ଅରିଷ୍ଟ )—
Arishṭi ୧ । ଅମଙ୍ଗଳ; ଅଶୁଭ—1. Woe, evil.

ଅଥବା ଅବ୍ୟର୍ଥ ମାଗିବାରୁ ପଞ୍ଚଗ୍ରାମ, ଅରିଷ୍ଟି ହୋଇବ ତେବେ ହେ ପୁରୁଷୋତ୍ତମ ।
ସାରଳାମହାଭାରତ. ଉଦ୍ୟୋଗ ।

୨ । ଅନିଷ୍ଟ—2. Injury.

୩ । କଳି; କଳହ—3. Quarrel.

୪ । ଫଉଜଦାରି; ମାରପିଟ୍—4. Affray; riot.

୫ । ବିବାଦ—5. Dispute.

ଦେ. ବିଣ. ପୁଂ. ଓ ସ୍ତ୍ରୀ—ଅରଷ୍ଟି ( ଦେଖ
Arashṭi ( See )

**ଅରିଷ୍ଟିକା**—ସଂ. ବି. ( ଅରିଷ୍ଟ + କ + ଆ )—
Arishṭikā ୧ । ରିଠା ( ଫଳ ଓ ଗଛ )—
1. The soapnut.

୨ । କଟୁକୀ (ଦେଖ) (ହିନ୍ଦି. ଶବ୍ଦସାଗର)—
2. Kaṭukī ( See )

**ଅରିହା**—ସଂ. ବିଣ. ପୁଂ ଓ ସ୍ତ୍ରୀ (ଅରି + ହନ ଧାତୁ + କ୍ୱିପ୍)—
Arihā ଶତ୍ରୁବିନାଶକ—Destroyer of one's foes.

ସଂ. ବି—ଶତ୍ରୁଘ୍ନ—A name of Śatrughna.

**ଅରୀତି**—ସଂ. ବି. ( ଅ + ରୀତି )—
Arīti ୧ । ମନ୍ଦରୀତି—1. Bad custom.

୨ । ମନ୍ଦ ଆଚରଣ—2. Bad conduct.

୩ । ଅନୁଚିତ ଆଚରଣ—3. Improper behaviour.

ସଂ. ବିଣ. ( ବହୁବ୍ରୀହି )—୧ । ରୀତିବିରୁଦ୍ଧ—
1. Against custom.

୨ । ବ୍ୟବହାରବିରୁଦ୍ଧ—
2. Not sanctioned by usage.

୩ । ସଦାଚାରବିରୁଦ୍ଧ—3. Against the recognised practice of polished society.

**ଅରୁଆ**—ଦେ. ବିଣ ( ସଂ. ଆତପାନ୍ନ; ଭୁଲ—ସଂ. ରୌଦ୍ର=ଖରା; ଯାହା ଖରାରେ ଶୁଖି ଚାଉଳ କରାଯାଇ ଥାଏ; ଯାହା ଉଷୁଆଁ ଧାନରୁ ବାହାର ନ ଥାଏ )—
Aruā
আতপ; আলো
अरवा

୧ । ଆତପ (ତଣ୍ଡୁଳ); ଉଅ; ଅସିଦ୍ଧ ବା ଅସ୍ୱିନ୍ନ (ଉଷୁନା—ବିପରୀତ) ଧାନକୁ ଖରାରେ ଶୁଖାଇ କୁଟି ତହିଁରୁ ବାହାର କରାଯିବା ( ଚାଉଳ )—
1. (rice) Which has been prepared without being parboiled.

୨ । (ସଂ. ଅ + ରୋପିତ)—ଯେଉଁ ଜମିରେ ଧାନ ତଳ ଆଣି ରୁଆ ହୋଇ ନ ଥାଏ—2. (paddy field) Which has not yet been transplanted with seedlings.

ସରଦାର ହାଜଆ ସକାଳେ ଆସି ଜଣାଇଲା "ଆଜ୍ଞା ତେର ମାଣ ବିଲ ଅରୁଆ ରହିଲା; ତଳ ନାଅଣ୍ଟ"
ଫକୀରମୋହନ. ଛମାଣ ଆଠଗୁଣ୍ଠ ।

**ଅରୁଆଅନ୍ନ**—ଦେ. ବି—ଅରୁଆ ଚାଉଳର ଭାତ—
Aruāanna Boiled rice from aruā (rice)
আলোভাত
अरवा अन्न

ଚତୁର୍ବିଧ ଅରୁଆ ଅନ୍ନମାନ, ବହନ କଲେକ ରନ୍ଧନ ।
ରାମଦାସ. ଦାର୍ଢ୍ୟତାଭକ୍ତି ।

**ଅରୁଆଖିଆ**—ଦେ. ବି.—ଅରୁଆ ଚାଉଳର ଭାତ ଭୋଜନ—
Aruākhiā The eating of boiled aruā rice.

( ଯଥା—ଅରୁଆଖିଆ ମୋ ଦେହରେ ଚଳିଲା ନାହିଁ । )

ଦେ. ବିଣ. ପୁଂ ଓ ସ୍ତ୍ରୀ—୧ । ଯେଉଁ ଲୋକ ଅରୁଆ ଚାଉଳର ଅନ୍ନ ଖାଏ—
1. Accustomed to eat aruā rice.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | • ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଣ,ଷ | ଙ୍କ | ଇସ୍ | ଉଥ | ଢ |
| ୨ | ଈ | ଊ | ଋ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଥ | ୱ | ନ୍ତ |

୨ । ଓର୍ଖୁଆ; ଯେଉଁ ନଡ଼ିଆର ଭିତର ଶସଯାକ ରୋଗ ଦ୍ୱାରା ବିକୃତ ଓ ନୀରସ ହୋଇଥାଏ—
2. (cocoanut) The pulp of which has been damaged and made sapless.

**ଅରୁଆଚାଉଳ**—ଦେ. ବି.—ଧାନ ଉଷୁଆଁ ନ ହୋଇ କେବଳ ଖରାରେ
Aruāchāu̱la ଶୁଖା ହୋଇ କୁଟା ହୋଇ ଚହିଁରୁ ବାହାରିବା
আতপচাল ଚାଉଳ—Rice prepared without being parboiled.
**अरवाचावल**

**ଅରୁଆଚୂଡ଼ା**—ଦେ. ବି.—ଧାନ ଉଷୁଆଁ ନ ହୋଇ କେବଳ ଥଣ୍ଡା ପାଣିରେ
Aruāchur̤dā ବତୁରି ହୋଇ କୁଟା ହୋଇ ଚହିଁରୁ ପ୍ରସ୍ତୁତ
আলোধানেরচীড়া ହେବା ଚୂଡ଼ା—
**अरवाधानकाभूजा** Flattened flakes prepared from unboiled paddy.

**ଅରୁଆପଖିଆ**—ଦେ.ବିଣ.—ଭଆପଖିଆ; ଧାନକୁ ଫିଟିବା ପର୍ଯ୍ୟନ୍ତ ନଆଁରେ
Aruāpakhiā ନ ଉଷାଇଁ କେବଳ ପାଣି ଗରମ ହୋଇ ବାମ୍ଫ ବାହାରିବା ପର୍ଯ୍ୟନ୍ତ ଚୁଲି ଉପରେ ରଖି ତା ପରେ ତାକୁ ଓହ୍ଲାଇ ଆଣି ଖରାରେ ଶୁଖାଇ କୁଟି ଭିଥର କରାଯିବା (ଚାଉଳ)—
(rice) Prepared from paddy which has been nominally boiled by being immersed in hot water but not in boiling water.

**ଅରୁଂଷିକା**—ସଂ. ବି.—କ୍ଷୁଦ୍ର ରୋଗବିଶେଷ; (କଫ ଓ ରକ୍ତର ବିକାରରୁ
Aruṁshikā ବା କୃମିଙ୍କ ପ୍ରକୋପରୁ ଏ ରୋଗରେ ମୁଣ୍ଡଯାକ ଗୁଡ଼ାଏ ବଥ ବାହାରିଯାଏ); ବଡ଼ା ରୋଗ (ହିନ୍ଦ. ଶବ୍ଦସାଗର)—
A kind of skin disease with eruptions on the head.

**ଅରୁକ୍**—ସଂ. ବିଣ. ( ଅ+ରୁଜ ଧାତୁ=ରୁଗ୍ଣହେବା+କ୍ୱିପ୍ )—
Aruk ୧ । ଅରୁଗ୍ଣ; ନୀରୋଗ—1. Not sick.
୨ । ସୁସ୍ଥ—2. Healthy.

**ଅରୁଗୁଆଁ**—ଦେ. ବି.—୧ । ଖଜୁରିଜାତୀୟ ବନ୍ୟ ବୃକ୍ଷବିଶେଷ—
Aruguān̄ 1. A wild tree; Cycas Circinallis (Haines)

[ ଦ୍ର—ଏ ଗଛ ୬ଫୁଟ ଠାରୁ ୧୫ଫୁଟ ପର୍ଯ୍ୟନ୍ତ ଉଚ୍ଚତାରେ ବଢ଼େ । ଏଥିର କୋଳି ଖଜୁରି କୋଳିପରି ଫେନ୍ଥା ଫେନ୍ଥା ଫଳେ; କିନ୍ତୁ ଲମ୍ବାଳିଆ ନ ହୋଇ ଗୋଲାଳିଆ; ଲୋକେ ଏ କୋଳିକୁ ଶୁଖାଇ ତା ଭିତର ଶସକୁ ଖୋଳ ନାସଦାମା କରନ୍ତି । ଗରିବ ଲୋକେ ଏ କୋଳିକୁ ଛେଚ ଖୋଳପାକୁ ବାହାର କରି ଭିତରର ଶସକୁ ଖାଇ, କୁଟି, ଚୂନାକରି ପିଠା ଓ ଯାଉ କରି ଖାଆନ୍ତି । ଏହାର ପତ୍ର ବା ଡାଳ ୫ଠାରୁ ୯ ଫୁଟ ପର୍ଯ୍ୟନ୍ତ ବଢ଼େ । ]

**ଅରୁଗୁଣା**—ଦେ. ବି.—ଅରୁଗୁଆଁ ( ଦେଖ )
Arugun̤ā Aruguān̄ ( See )

**ଅରୁଙ୍ଗା**—ଦେ. ବି.—ଅରୁଗୁଆଁ ( ଦେଖ )
Arugn̄ā Aruguān̄ ( See )

**ଅରୁଚକ**—ଦେ. ବିଣ. ୧ । ( ସଂ. ଅରୋଚକ; ଅରୁଚିକର )—
Aruchaka ଅରୋଚକ; ଅପ୍ରୀତିକର—
অরুচক 1. Disagreeable.
**बेस्वाद; सीठा** ୨ । ଯାହା ଖାଇବାକୁ ଅସୁଆଦିଆ ଲାଗେ—
2. Distasteful.
ଦେ. ବି. ( ସଂ. ଅରୁଚି )—ଅରୁଚି ( ଦେଖ )
Aruchi ( See )

**ଅରୁଚା**—ଦେ. ବିଣ. ( ସଂ. ଅରୁଚିକର )—
Aruchā ୧ । ଯାହା ରୁଚେ ନାହିଁ; ଅସୁଆଦିଆ; ଅରୋଚକ—
1. Distasteful.
୨ । ଅସୁନ୍ଦର—3. Ungraceful.
୩ । ସୁରୁଚିହୀନ—
3. Wanting in grace or good taste.
୪ । କୁତ୍ସିତ—4. Ugly; nasty.
ଦେ. ବି. ୧ । ( ସଂ. ଅରୁଚି )—ଅରୁଚି ( ଦେଖ )
1. Aruchi ( See )
୨ । ପୁଂ.—ଅପର୍ତ୍ତିଆଣିର ନାମ—
2. A name given to Aparttiān̤i boys.

**ଅରୁଚି**—ସଂ. ବି. ( ଅ+ରୁଚି )—୧ । ରୁଚିର ଅଭାବ; ଅନିଚ୍ଛା—
Aruchi 1. Dislike; want of taste.
୨ । ଭୋଜନ ଦ୍ରବ୍ୟ ପ୍ରତି ଅନିଚ୍ଛା—
2. Aversion to food; distaste.
୩ । ଅକ୍ଷୁଧା—3. Want of a appetite.
୪ । ଖାଇବାଦ୍ରବ୍ୟ ମୁହଁକୁ ସୁଆଦିଆ ନ ଲାଗିବା—
4. Lack of relish; disrelish.
୫ । ବିରାଗ; ଅପ୍ରୀତି—5. Dislike.
୬ । ଅପ୍ରବୃତ୍ତି—
6. Antipathy; unwillingness.
ନିବେଦନ କରୁଛି କର କଞ୍ଜ ଧରୁଛି ହେଲେ ହେଉ ଅରୁଚି ନହାହାରେ ।
କବିସୂର୍ଯ୍ୟ, ବିଶୋରଚନ୍ଦ୍ର. ନ ଗୀତ
୭ । ଅସୂୟା ଘୃଣା—
7. Aversion; loathing.
୮ । ରୋଗବିଶେଷ; ଅରୋଚକ ( ଦେଖ )
8. Arochaka ( See )

**ଅରୁଚିକର**—ସଂ. ବିଣ. ( ଅ+ରୁଚିକର )—
Aruchikara ୧ । ଯାହା ରୁଚିକର ନୁହେଁ; ଯାହା ଭଲ ଲାଗେ ନାହିଁ—1. Not tasteful.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଗଳା' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୨ । ଅପ୍ରୀତିକର—2. Unpleasant.
୩ । ଘୃଣାଜନକ—3. Loathsome.
୪ । ଅସୁନ୍ଦର—4. Not graceful.

**ଅରୁଜ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅ+ରୁଜ )—
Aruja ୧ । ନୀରୋଗ; ରୋଗରହିତ—
(ଅରୁଜା—ସ୍ତ୍ରୀ) 1. Free from sickness.
୨ । ସୁସ୍ଥ—2. Healthy.

**ଅରୁଣ**—ସଂ. ବି ( ଋ ଧାତୁ=ଗତି କରିବା+କର୍ତ୍ତୃ. ଉନ )—
Aruṇa ୧ । ସୂର୍ଯ୍ୟ ସାରଥି, କାଶ୍ୟପପତ୍ନୀ ବିନତାଙ୍କ ଜ୍ୟେଷ୍ଠ ପୁତ୍ର ଓ ଗରୁଡ଼ର ବଡ଼ ଭାଇ; ସୂର୍ଯ୍ୟୋଦୟ ପୂର୍ବରୁ ପୂର୍ବ ଆକାଶରେ ଦେଖାଯିବା ରକ୍ତିମା—
1. The red glow on the east before sunrise; dawn ( personified )
୨ । ସୂର୍ଯ୍ୟ—2. The sun.
୩ । ବାଳସୂର୍ଯ୍ୟ—3. The rising-sun.
୪ । ଈଷତ୍ ରକ୍ତବର୍ଣ୍ଣ—4. Light-red colour.
୫ । କୃଷ୍ଣମିଶ୍ରିତ ରକ୍ତବର୍ଣ୍ଣ—5. Dark-red colour.
୬ । ଗାଢ଼ ନାଲି ରଙ୍ଗ—6. Deep-red colour.
୭ । ସନ୍ଧ୍ୟାରାଗ; ସକାଳେ ଉଇଁବା ସୂର୍ଯ୍ୟ ଓ ସନ୍ଧ୍ୟାବେଳେ ବୁଡ଼ିବା ସୂର୍ଯ୍ୟଙ୍କ ରାଗ ବା ରକ୍ତିମା—
7. The glow of the rising or the setting sun.
୮ । ପୁନ୍ନାଗ (ବୃକ୍ଷ) ( ଦେଖ )—
8. Punnāga (tree) ( See )
୯ । କୁଙ୍କୁମ ( ଦେଖ )—
9. Kuṅkuma ( See )
୧୦ । ସିନ୍ଦୂର—10. Vermillion.
୧୧ । ଗୁଡ଼—11. Molasses.
୧୨ । ଦାନବବିଶେଷ—12. Name of a demon.
୧୩ । ଏକପ୍ରକାରର କୁଷ୍ଠରୋଗ—
13. A kind of leprosy.
୧୪ । ବାର ମାସର ୧୨ ସୂର୍ଯ୍ୟଙ୍କ ମଧ୍ୟରୁ ମାଘ ମାସର ସୂର୍ଯ୍ୟ—
14. Name of the sun rising in the month of Māgha.
୧୫ । ଉଦ୍ଦାଳକ ଋଷିଙ୍କ ପିତା—
15. Name of a sage.
୧୬ । ଦେଶବିଶେଷ—16. Name of a country.
ଦେ. ବି.—୧ । ଅରୁଣଗିରି; ପର୍ବତବିଶେଷ—
1. Name of a mountain.
୨ । ବିରାଟରାଜାଙ୍କ ରଥୀବିଶେଷ—
2. Name of a warrior of king Birāṭa.
ଅରୁଣ କରଣ ବିରାଟର ବେନି ରଥୀ—ସାରଳାମହାଭାରତ. ବିରାଟ ।

(ଅରୁଣା—ସ୍ତ୍ରୀ) ସଂ. ବିଣ.—୧ । ଈଷତ୍ ରକ୍ତବର୍ଣ୍ଣବିଶିଷ୍ଟ; ଆରକ୍ତ—
(ଅରୁଣିମା—ବି) 1. Reddish; of light-red colour.
ଅରୁଣଅଧରେ ଅରୁଣଅଧର ଜବା ସଙ୍ଗ ଭଲେ ରହୁ—
ଭକ୍ତ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।
୨ । କୃଷ୍ଣ ମିଶ୍ରିତ ରକ୍ତ ( ବର୍ଣ୍ଣ )—2. Dark-red.
୩ । ଗାଢ଼ରକ୍ତ ( ବର୍ଣ୍ଣ )—3. Deep-red.

**ଅରୁଣଉଦୟ**—ଦେ. ବି ( ସ. ଅରୁଣୋଦୟ )—
Aruṇaudaya ୧ । ସୂର୍ଯ୍ୟୋଦୟର ପ୍ରାକ୍‌କାଳ; ବଡ଼ଭୋର୍—
1. Break of day; dawn.
୨ । ବିରାଟଦେଶସ୍ଥ ପର୍ବତବିଶେଷ—
2. Name of a mountain.
ଅରୁଣଉଦୟ ବୋଲି ଏକଇ ପର୍ବତ
କୀଚକର ଭୟେ ତହିଁ ଲୁଚନ୍ତି ନିରନ୍ତ ।
ସାରଳା. ମହାଭାରତ. ଉଦ୍ଯୋଗ ।

**ଅରୁଣଚୂଡ଼**—ସଂ. ବି (ବହୁବ୍ରୀହି; ଅରୁଣ + ଚୂଡ଼ା; ଯାହାର ଚୂଳ ଅରୁଣ-
Aruṇachūrḍa ବର୍ଣ୍ଣ)—କୁକ୍କୁଟ; କୁକୁଡ଼ା—The cock.

**ଅରୁଣତେଜ**—ଦେ. ବି.—ଓଡ଼ିଆବିଷ୍ଣୁଗର୍ଭପୁରାଣୋକ୍ତ ବିଷ୍ଣୁଭକ୍ତବଂଶୀ
Aruṇateja ଋଷିଗଣ; ଏମାନଙ୍କ ବଂଶରେ ବିଶ୍ୱାମିତ୍ର ଜନ୍ମିଥିଲେ—
Name of a sect of sages.

**ଅରୁଣପ୍ରିୟା**—ସଂ. ବି. ସ୍ତ୍ରୀ ( ୬ଷ୍ଠୀ ତତ୍ )—
Aruṇapriyā ୧ । ସୂର୍ଯ୍ୟଙ୍କର ପତ୍ନୀଦ୍ୱୟ ଛାୟା ଓ ସଂଜ୍ଞା—
1. The two wives of the Sun-God.
୨ । ଅପ୍ସରା—2. Heavenly nymph.

**ଅରୁଣମଲ୍ଲାର**—ସଂ. ବି.—୧ । ମଲ୍ଲାର ରାଗର ଏକଭେଦ—ଏଥିରେ ସବୁ
Aruṇamallāra ଶୁଦ୍ଧ ସ୍ୱରଯାକ ଲାଗେ—
1. Name of a musical note.

**ଅରୁଣଶିଖା**—ସଂ. ବି ( ବହୁବ୍ରୀହି; ଅରୁଣ+ଶିଖା )—
Aruṇasikhā କୁକ୍କୁଟ; କୁକୁଡ଼ା ( ହିନ୍ଦି. ଶବ୍ଦସାଗର )—
The cock.

**ଅରୁଣା**—ସଂ. ବିଣ. ସ୍ତ୍ରୀ ( ଅରୁଣ+ସ୍ତ୍ରୀ.ଆ )—ଅରୁଣର ସ୍ତ୍ରୀଲିଙ୍ଗ—
Aruṇā Feminine of Aruṇa.
ସଂ. ବି.—୧ । ମଞ୍ଜିଷ୍ଠା—1. Indian madder.
୨ । ଅତିବିଷା; ଅଭୁଚି—2. Aconite.
୩ । ତିହୁଡ଼ି; ତିହୁଡ଼ (ଦେଖ)—3. Tihurḍi ( See)
୪ । କାଇଞ୍ଚ ( ଦେଖ )—4. Kaiñcha ( See )
୫ । ଉଷା—5. Dawn.
୬ । ନାଲିଗାଈ—6. A red cow.
୭ । ମହାକାଳ ଫଳ (ଦେଖ)—7. Mahākāḷa phala (See)
୮ । କୋଦୁଅ—8. A wild grain.
୯ । ମୁଣ୍ଡିରିକା ( ଦେଖ )
9. A herbarious plant ( See ).

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇୟ | ଉଅ | ଞ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ଓ | ନ୍ତ |

**ଅରୁଣାନୁଜ**—ସଂ. ବି. ( ୬ଷ୍ଠୀ ତତ୍; ଅରୁଣ+ଅନୁଜ )—
Aruṇānuja ଅରୁଣର ସାନ ଭାଇ ଗରୁଡ଼—
Garuṛda, the king of birds.

**ଅରୁଣାବରଜ**—ସଂ. ବି. ( ୬ଷ୍ଠୀ ତତ୍; ଅରୁଣ+ଅବରଜ )—
Aruṇābaraja ଗରୁଡ଼; (ଅରୁଣର ସାନ ଭାଇ)—
Garuṛda the king of birds.

**ଅରୁଣାତ୍ମଜ**—ସଂ. ବି. ( ୬ଷ୍ଠୀ ତତ୍; ଅରୁଣ+ଆତ୍ମଜ )—
Aruṇātmaja ଜଟାୟୁପକ୍ଷୀ—The mythological vulture who fought with Rābaṇa in vain to rescue Sītā.

**ଅରୁଣି**—ପ୍ରାଦେ. ( ମେଦିନୀପୁର ) ବି—ମାଛ ମାରିବା ପାଇଁ ନାଳର
Aruṇi ମଝିରେ ପକାଯିବା ଅଡ଼ବନ୍ଧ—A dam put across a canal to catch fish.

**ଅରୁଣିତ**—ସଂ. ବିଣ. ( ଅରୁଣ+ଇତ )—ଲାଲରଙ୍ଗରେ ରଞ୍ଜିତ—
Aruṇita Painted red; reddened.

**ଅରୁଣିମା**—ସଂ. ବି. ( ଅରୁଣ+ଭାବ. ଇମନ୍; ୧ମା. ୧ବ)—
Aruṇimā ଭୁଲ—ରକ୍ତିମା, ଗରିମା, ଲଘିମା )—
୧ । ରକ୍ତିମା; ରକ୍ତବର୍ଣ୍ଣ—1. Redness; red colour.
୨ । ଈଷତ୍ ରକ୍ତବର୍ଣ୍ଣ—
2. Ruddiness; reddish colour.

**ଅରୁଣୀ**—ଦେ. ବିଣ. ( ସଂ. ଅଋଣୀ )—୧ । ଅଋଣୀ; ଅନୃଣ—
Aruṇi 1. Not indebted; free from debt.
୨ । ( ସଂ. ଅରୁଣିତ ) ଅରୁଣିତ; ରକ୍ତାକ୍ତ—
2. Reddened.

ବାରୁଣୀ ସନ୍ଧ୍ୟା ଅରୁଣୀ ପ୍ରାୟେ କେଉଁ ମାର୍ଗ । ଉପେ. ବୈଦେହୀଶବିଳାସ ।

**ଅରୁଣୋଦ**—ଦେ. ବି. ( ସଂ. ଅରୁଣୋଦଧି )—
Aruṇoda ୧ । ଜୈନଶାସ୍ତ୍ରଅନୁସାରେ ପୃଥିବୀକୁ ବେଢ଼ିଥିବା ସମୁଦ୍ର—1. Name of an ocean surrounding the earth according to the Jainas.
୨ । ଲୋହିତ ସାଗର—ଆରବ ଓ ମିଶର ଦେଶ ମଧ୍ୟରେ ଥିବା ସମୁଦ୍ର—2. The Red Sea.

**ଅରୁଣୋଦଧି**—ସଂ. ବି. ( କର୍ମଧା; ଅରୁଣ+ଉଦଧି )—
Aruṇodadhi ଲୋହିତ ସାଗର—( ଆରବ ଓ ମିଶର ଦେଶ ମଧ୍ୟରେ ଥିବା ସାଗର; ଏହାର ଉତ୍ତରରେ ସୁଏଜ ନାଳ । ଏ ନାଳ ସମୁଦ୍ରକୁ ଭୂମଧ୍ୟସାଗରସଙ୍ଗେ ଯୋଗ କରିବାରୁ ବିଲାତରୁ ଓ ଇଉରୋପରୁ ଭାରତବର୍ଷକୁ ଜାହାଜମାନ ଏବେ ଏହି ବାଟେ ଯା ଆସ କରୁଛି )—
The Red Sea.

**ଅରୁଣୋଦୟ**—ସଂ. ବି. ( ୬ଷ୍ଠୀ ତତ୍; ଅରୁଣ+ଉଦୟ )—
Aruṇodaya ୧ । ସୂର୍ଯ୍ୟୋଦୟର ଦୁଇ ମୁହୂର୍ତ୍ତ ବା ଚାରି ଦଣ୍ଡ ପୂର୍ବବର୍ତ୍ତୀ କାଳ; ଉଷା କାଳ; ବଡ଼ଭୋର୍—
1. Dawn; early morning.
୨ । ସୂର୍ଯ୍ୟୋଦୟ ପୂର୍ବରୁ ପୂର୍ବଦିଗରେ ଦିଗ୍‌ବଳୟରେ ବିଚ୍ଛୁରିତ ରକ୍ତାଭା—2. The redness diffused in the east just before sunrise.

**ଅରୁଣୋଦୟସପ୍ତମୀ**—ସଂ. ବି—ମାଘଶୁକ୍ଳସପ୍ତମୀ—( ଏ ଦିନ ଅରୁଣୋ-
Aruṇodayasaptamī ଦୟରେ ସ୍ନାନ କରିବା ପୁଣ୍ୟଜନକ )—The 7th day of the bright fortnight of the month of Māgha.

**ଅରୁଣୋପଲ**—ସଂ. ବି. ( କର୍ମଧା; ଅରୁଣ+ଉପଲ )—
Aruṇopaḷa ପଦ୍ମରାଗମଣି—Ruby.

**ଅରୁଧ**—ଦେ. ବି. (ନାମ)—ସୁରଥ ରାଜାଙ୍କ ମନ୍ତ୍ରୀ, ଜୟଦ୍ରଥଙ୍କ ପିତା—
Arudha Name of a minister of king Suratha.

ସୁରଥର ମନ୍ତ୍ରୀ ନାମ ଅଟଇ ଅରୁଧ
ଭୂତ ଭବିଷ୍ୟ ସେ ଜାଣେ ତାର ସବୁଂସିଧ । ସାରଳା ମହାଭାରତ. ଶଲ୍ୟ

**ଅରୁନ୍ତୁଦ**—ସଂ. ବିଣ (ଅରୁସ୍=ମର୍ମସ୍ଥାନ+ତୁଦ ଧାତୁ=ପୀଡ଼ା କରିବା+
Aruntuda ଅ; ନିପାତନ)—
୧ । ମର୍ମଭେଦୀ; ଯାହା ଜୀବର ମର୍ମସ୍ଥାନରେ ପୀଡ଼ା ଦିଏ; ଯାହା ଜୀବନକୁ ବା ଅସ୍ଥିକୁ ବିଦ୍ଧିଯାଏ—
1. Caustic; cutting to the quick.
୨ । ନିଷ୍ଠୁର (ବାକ୍ୟ)—2. Cruel (words)
୩ । ଅତ୍ୟନ୍ତ ପୀଡ଼ାଦାୟକ—3. Extremely painful.
୪ । କଠୋର—4. Harsh.
୫ । କଠୋର ବାକ୍ୟ ପ୍ରୟୋଗଦ୍ୱାରା ପୀଡ଼ାଦାୟକ (ବ୍ୟକ୍ତି)—
5. Giving pain by sharp words.
ସଂ. ବି.—ବୈରୀ; ଶତ୍ରୁ—Foe; enemy

**ଅରୁନ୍ଧତୀ**—ସଂ. ବି. ସ୍ତ୍ରୀ (ନାମ)—୧ । ବଶିଷ୍ଠଋଷିଙ୍କ ସ୍ତ୍ରୀ ( ଏ ଅତ୍ୟନ୍ତ
Arundhatī ପତିଭକ୍ତା ଥିଲେ)—
1. Name of the wife of sage Basishṭha.
୨ । ଦକ୍ଷଙ୍କର ଏକକନ୍ୟା ଯେ ଧର୍ମଙ୍କୁ ବିବାହ କରିଥିଲେ
( ହିନ୍ଦି. ଶବ୍ଦସାଗର )—
2. Name of a daughter of Daksha who married Dharma.
୩ । (ତନ୍ତ୍ରପରିଭାଷା) ଜିହ୍ୱା—
3. The tongue (according to the phraseology of the Tantras.)
୪ । ଉତ୍ତରାକାଶରେ ସପ୍ତର୍ଷିମଣ୍ଡଳର ଲାଙ୍ଗୁଳରେ ଥିବା ୬ଷ୍ଠ ତାରା (ବଶିଷ୍ଠ) ପାଖରେ ଥିବା କ୍ଷୁଦ୍ରତାରା—(ନକ୍ଷତ୍ର ତଳେ ନୋଟ (ଦେଖ)
1. A small star by the side of the 6th star of the constellation Great Bear; Alkor.

[ଦ୍ର—ଏ ନକ୍ଷତ୍ର ପତି ପ୍ରତି ପତ୍ନୀର ନିଷ୍ଠାପର ଅଟଳ ଅଚଳ ପ୍ରେମର ପରିଚାୟକ ଥିବାରୁ ବିବାହବେଳେ ବରକନ୍ୟାଙ୍କୁ ଏ ନକ୍ଷତ୍ର ଦେଖାଇବାର ବିଧି ଶାସ୍ତ୍ରରେ ଅଛି । ଯାହାର ମୃତ୍ୟୁ ୬ମାସ ମଧ୍ୟରେ ଘଟିବ ତାକୁ ଏ ତାରା ଦେଖାଯିବ ନାହିଁ ବୋଲି ସୁଶ୍ରୁତରେ ଲେଖା ଅଛି । ]

**ଅରୁଷ୍କ**—ସଂ. ବି. (ଅରୁସ୍ = ମର୍ମସ୍ଥାନ + କୈ ଧାତୁ = ପୀଡ଼ାଦେବା + କର୍ତ୍ତୃ. ଅ; ଝର୍ଣ୍ଣ ମାତ୍ରେ ଯେ ମର୍ମସ୍ଥାନକୁ ପୀଡ଼ାଦିଏ)—ଭଲିଆ (ଫଳ ଓ ଗଛ)—The marking nut (tree and nut)
Arushka

ସଂ. ବିଣ. ୧ । ମର୍ମଚ୍ଛେଦ—1. Cutting to the quick.
(ଅରୁଷ୍କା—ସ୍ତ୍ରୀ) ୨ । କ୍ଷତକାରକ—2. Causing eruptions

**ଅରୁଷ୍କର**—ସଂ. ବିଣ (ଅରୁସ୍ = କ୍ଷତ + କୃ ଧାତୁ = କରିବା + କର୍ତ୍ତୃ. ଅ)—ଯାହା ଘାଆ କରେ; କ୍ଷତ ଉତ୍ପାଦକ—
Arushkara
(ଅରୁଷ୍କାରୀ—ସ୍ତ୍ରୀ) Causing sores or eruptions.

ସଂ. ବି.—ଭଲିଆ (ଗଛ ଓ ଫଳ)—
The marking nut (tree and fruit).

**ଅରୁସ୍**—ସଂ. ବି. (ଋ ଧାତୁ = ପୀଡ଼ାଦେବା + ସଂଜ୍ଞାର୍ଥେ କର୍ତ୍ତୃ. ଉସ୍; ଯାହା ପୀଡ଼ା ଦିଏ)—୧ । କ୍ଷତ; ଘା—1. Sore; wound.
Arus
୨ । ବ୍ରଣ—2. Pimple.
୩ । ମର୍ମସ୍ଥାନ—3. Vital part of the body.
୪ । ସୂର୍ଯ୍ୟ—4. The sun.
୫ । ରକ୍ତଖଦିର—5. Catechu.

**ଅରୁସା**—ପ୍ରାଦେ. ବି.—ଉରୁସା ( ଦେଖ ) (ଗଡ଼ଜାତ)
Arusā Urusā ( See )

**ଅରୁହା**—ସଂ. ବି ( ବୈଦ୍ୟକ )—ଭୂଇଁ ଅଁଳା ( ଦେଖ )
Aruhā (ହିନ୍ଦି. ଶବ୍ଦସାଗର)
Bhūīn̄ aan̄lā ( See )

**ଅରୂପ**—ସଂ. ବି ( ଅ + ରୂପ )—୧ । ରୂପହୀନତା—
Arūpa 1. Want of shape.
୨ । ଅସୁନ୍ଦରରୂପ—2. Ugly form.

ସଂ. ବିଣ. ପୁଂ ( ବହୁବ୍ରୀହି )—୧ । ନିରାକାର; ରୂପହୀନ—
( ଅରୂପା—ସ୍ତ୍ରୀ ) 1. Formless; shapelesss.

ଅରୂପ ଅବ୍ୟକ୍ତ ରୂପ ନାହିଁ, ଅରୂପାନନ୍ଦ ଅଚ୍ୟୁତ ଗୋସାଇଁ ।
ପ୍ରାଚୀ—ପରଚେଗୀତା ।

ଦେ. ବିଣ.—୧ । କୁତ୍ସିତରୂପଧାରୀ—
1. Of ugly Shape.

ଅରୂପ ହୋଇ କିଛି ଧନ ଥାଅ—ପ୍ରାଚୀ. ନଳଚରିତ ।

**ଅରୂପକ**—ସଂ. ବି. —୧ । ବୌଦ୍ଧଦର୍ଶନ ଅନୁସାରେ ଯୋଗୀର ଅବସ୍ଥାବିଶେଷ; ନିର୍ବୀଜ ସମାଧି—1. A state of concentration attained by a Jogī.
Arūpaka

[ ଦ୍ର—ଏହା ଚାରିପ୍ରକାରର ଯଥା—୧ । ଆକାଶାଯତନ; ୨ । ବିଜ୍ଞାନାଯତନ; ୩ । ଅକିଞ୍ଚନାଯତନ; ୪ । ନୈବସଂଜ୍ଞାସଂଜ୍ଞାଯତନ
ହିନ୍ଦି. ଶବ୍ଦସାଗର । ]

**ଅରୂପା**—ଦେ. ବିଣ. ପୁଂ. ଓ ସ୍ତ୍ରୀ ( ସଂ. ଅ + ରୂପ )—
Arūpā ଅସୁନ୍ଦର ବା କୁତ୍ସିତରୂପବିଶିଷ୍ଟ—
Of ugly shape or form.

**ଅରୂପାନନ୍ଦ**—ଦେ. ବି ( ସଂ. ଅରୂପ + ଆନନ୍ଦ ; ଯେ ରୂପବିଶିଷ୍ଟ ନୁହନ୍ତି ଓ ସର୍ବଦା ଆନନ୍ଦମୟ )—
Arūpānanda
ନିରାକାର; ପରମେଶ୍ୱର; ଅଲେଖସ୍ୱାମୀ—
The Formless; God.

ଅରୂପ ଅବ୍ୟକ୍ତ ରୂପ ନାହିଁ, ଅରୂପାନନ୍ଦ ଅଚ୍ୟୁତ ଗୋସାଇଁ ।
ପ୍ରାଚୀ—ପରଚେଗୀତା ।

**ଅରୂପାବଚର**—ସଂ. ବି.—ବୌଦ୍ଧଦର୍ଶନ ଅନୁସାରେ ଚିତ୍ତବୃତ୍ତିର ଏକଭେଦ; ( ଯହିଁରେ ସାଧକ ଅରୂପ ଲୋକ ସମ୍ବନ୍ଧେ ଜ୍ଞାନଲାଭ କରେ )—
Arūpābachara
A kind of omniscience attained by Jogis.

[ ଦ୍ର—ଏହା ୧୨ ପ୍ରକାରର; ୪ ପ୍ରକାରର କୁଶଳବୃତ୍ତି ଓ ୪ ପ୍ରକାରର ବିପାକ ବୃତ୍ତି ଓ ଚାରିପ୍ରକାରର କ୍ରିୟାବୃତ୍ତି
ହିନ୍ଦି. ଶବ୍ଦସାଗର । ]

**ଅରେ**—ସଂ. ଅ.—୧ । କ୍ରୋଧ ଓ ଅବଜ୍ଞାସୂଚକ ସମ୍ବୋଧନ--ଆରେ, ରେ !
Are 1 Hallo ! An exclamation or address indicating anger or disregard.
୨ । ଆପଣାଠାରୁ ନିକୃଷ୍ଟତର ବ୍ୟକ୍ତିଙ୍କୁ ସମ୍ବୋଧନ—ହଇ ରେ; ଇରେ !
2. Ho ! an exclamation used in addressing one's inferior.
୩ । ଆଶ୍ଚର୍ଯ୍ୟ ଓ ବିସ୍ମୟସୂଚକ ଅବ୍ୟୟ—ଆରେ !
3. An exclamation indicating astonishment; Oh ! Oho !

**ଅରେଖ**—ସଂ. ବିଣ ( ବହୁବ୍ରୀହି; ଅ + ରେଖା )—
Arekha ରେଖାହୀନ—Having no lines.
ଦେ. ବିଣ—୧ । ଅରୂପ—1. Formless.
୨ । ଅବିଶଦ—2. Indistinct.
୩ । ଅଦୃଶ୍ୟ—3. Invisible.

ଅରୂପ ଅରେଖ ଅଟଇ, ଶୂନ୍ୟକୁ କାଳ ନ ଖୋଟଇ ।
ଭୂପତି. ପ୍ରେମପଞ୍ଚାମୃତ ।

**ଅରେରେ**—ସଂ. ଅ—ଅରେ ( ଦେଖ )
Arere Are ( See )

**ଅରୋକ୍**—ଦେ. ବିଣ—୧ । ଅବାଧ; ଯାହାକୁ କେହି ଅଟକାଏ ନାହିଁ—
Arok 1. Unobstructed.
বেরোক ୨ । ଯେ ଅଟକାଏ ନାହିଁ—
अरोक; बेरोक 2. Not obstructing.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧. | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ଂ | ଉଅ | ଢ଼ |
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ଢ଼ | ହ୍ୱ |

**ଅରୋକ**—ସଂ. ବଣ. (ଅ + ରୁଚ ଧାତୁ = ଦୀପ୍ତି ପାଇବା + କର୍ତ୍ତୃ. ଅ)—
Aroka ୧ । ନିଷ୍ପ୍ରଭ; ଦୀପ୍ତିହୀନ—1. Lustreless.
୨ । ଛିଦ୍ରଶୂନ୍ୟ—2. Having no hole.

**ଅରୋଗ**—ସଂ. ବି. ( ଅ + ରୋଗ )—
Aroga ୧ । ରୋଗଶୂନ୍ୟତା—1. Freedom from
(ଅରୋଗା—ସ୍ତ୍ରୀ) sickness; absence of disease.
(ଅରୋଗତା—ବି) ୨ । ଆରୋଗ୍ୟ—2. Healthiness.
୩ । ସ୍ୱାସ୍ଥ୍ୟ—2. Health.
ସଂ. ବଣ. ପୁଂ—୧ । ନୀରୋଗ; ରୋଗହୀନ—
1. Free from disease
୨ । ସୁସ୍ଥ—2. Healthy.

**ଅରୋଗିତା**—ସଂ. ବି. ( ଅରୋଗିନ୍ + ଭାବ. ତା )—
Arogitā ୧ । ରୋଗହୀନତା—2. Freedom from disease.
୨ । ସୁସ୍ଥତା—2. Healthiness.

**ଅରୋଗୀ**—ସଂ. ବଣ. ପୁଂ. ( ଅ + ରୋଗୀ )—
Arogī ୧ । ନୀରୋଗ; ରୋଗଶୂନ୍ୟ—
(ଅରୋଗିଣୀ—ସ୍ତ୍ରୀ) 1. Free from disease.
(ଅରୋଗିତା—ବି) ୨ । ସୁସ୍ଥ; ନିରାମୟ—2 Healthy.

**ଅରୋଚକ**—ସଂ. ବଣ. ( ଅ + ରୋଚକ )—
Arochaka ୧ । ଅରୁଚିକର; ଅପ୍ରୀତିକର—
1. Not pleasing; unpleasant.
୨ । ଯାହା ଖାଇବାକୁ ରୁଚିକର ନୁହେ—
2. Distasteful; not agreeable to taste.
୩ । ଅସୁଆଦିଆ—3 Unsavoury.
୪ । ଯାହା ଖାଇବାକୁ ଅସୁକ୍ଷୁ ମାଡ଼େ—
4 Disgusting; that which is not relished.
ସଂ. ବି—୧ । ରୋଗବିଶେଷ; ଏଥିରେ ଖାଦ୍ୟ ଦ୍ରବ୍ୟ ପ୍ରତି ଅରୁଚି ଜନ୍ମେ—1. A disease which causes a person to have no relish for food.
[ ଦ୍ର—ଦୁର୍ଗନ୍ଧଯୁକ୍ତ ବା ଘୃଣାଜନକ ଚିଜ ଖାଇଲେ ବା ଘୃଣାଜନକ ରୂପ ବା ଦୃଶ୍ୟ ଦେଖିଲେ, ଶୋକର ଆବେଗ ହେଲେ, ବିରହ ହେଲେ ଅନୁରାଗ-ପାତ୍ର ସଙ୍ଗେ ମିଳନ ନ ହେଲେ, ତ୍ରିଦୋଷର ପ୍ରକୋପ ହେଲେ ଏ ରୋଗ ଜନ୍ମେ; ଖାଇବା ଦ୍ରବ୍ୟକୁ ଦେଖିଲେ ଖାଇବାକୁ ଅପ୍ରବୃତ୍ତି ଜନ୍ମେ ଓ ନିତାନ୍ତ ଜିଗର କରି ଖାଇବା ଦ୍ରବ୍ୟ ତୁଣ୍ଡକୁ ନେଲାକ୍ଷଣି ଗୋଟାଏ ଦୁର୍ଗନ୍ଧ ଜଣାଯାଏ, ତଥାପି ଜିଗର କରି ତାହା ଖାଇଲେ ବାନ୍ତି ହୁଏ । ]
୨ । ଗର୍ଭିଣୀର ଗର୍ଭର ପ୍ରଥମ ୩।୪ ମାସ ମଧ୍ୟରେ ଖାଦ୍ୟ ଦ୍ରବ୍ୟ ପ୍ରତି ଅରୁଚି—I. Distaste for food experienced by a pregnant woman during the first few months of pregnancy.

**ଅରୋଷଣ**—ଦେ. ବଣ. ( ସଂ. ଅ + ରୋଷ )—
Aroshaṇa ଅକ୍ରୋଧନ; ଶାନ୍ତସ୍ୱଭାବ—Not irritable; of calm temper.
କୃଷ୍ଣ ବୋଇଲେ ହେ ତୁମ୍ଭେ ତ ଅରୋଷଣ ।
ରୋଷ କଲେ ତୁମ୍ଭଙ୍କୁ ହୋଇବ ଦୂଷଣ । କୃଷ୍ଣଙ୍କ ହ, ମହାଭାରତ. ଶଲ୍ୟ ।

**ଅର୍କ (ଧାତୁ)**—ସଂ—ତାପ ଦେବା—
Arka (root) To give heat.

**ଅର୍କ**—ସ. ବି. ( ଅର୍କ ଧାତୁ + କର୍ତ୍ତୃ. ଅ )—
Arka ୧ । ସୂର୍ଯ୍ୟ—1. The sun.
୨ । ଇନ୍ଦ୍ର—2. Indra, the king of the gods.
୩ । ବିଷ୍ଣୁ—3 Bishṇu.
୪ । ପଣ୍ଡିତ—4. Learned person.
୫ । ବଡ଼ଭାଇ; ଜ୍ୟେଷ୍ଠଭାଇ—5. Elder brother.
୬ । ଅରକ (୧) ଗୁଳ୍ମ ( ଦେଖ )
6. A plant Araka 1. ( See )
୭ । ରବିବାର—7. Sunday.
୮ । କିରଣ—8 Ray
୯ । ଆଲୋକ—9 Light
୧୦ । ତମ୍ବା—10. Copper,
୧୧ । ସ୍ଫଟିକ—11. Crystal.
୧୨ । ନିର୍ଯ୍ୟାସ; ଚିପୁଡ଼ା ରସ—12. Pressed juice.
୧୩ । ଉତ୍ତରଫାଲ୍‌ଗୁନୀ ନକ୍ଷତ୍ର—
13. The 12th asterism
୧୪ । ଦ୍ୱାଦଶ ସଂଖ୍ୟା—14. The number twelve.
ବୈଦେ. ବି. ( ଫା. ଅରଖୀ )—ବୈଜ୍ଞାନିକ ପ୍ରଣାଳୀରେ ଦ୍ରବ୍ୟରୁ କଢ଼ା ଯିବା ତରଳସାର; ଅରକ—Extract; chemically extracted essence.
ସଂ. ବଣ—ପୂଜନୀୟ—Adorable.

**ଅର୍କକ୍ଷେତ୍ର**—ସଂ. ବି. ( ୬ଷ୍ଠୀ ତତ୍ )—୧ । (ଜ୍ୟୋତିଷ) ସିଂହ ରାଶି—
Arkakshetra 1. (astronomy) The sign of Leo
୨ । ପୁରୀଜିଲ୍ଲାର କୋଣାର୍କ—2. Title of Koṇārak in the district of Puri.

**ଅର୍କଚନ୍ଦନ**—ସଂ. ବି. (ମଧ୍ୟପଦଲୋପୀ; ଅର୍କ ବା ସୂର୍ଯ୍ୟଙ୍କ ପ୍ରିୟ ଚନ୍ଦନ)—
Arkachandana ରକ୍ତଚନ୍ଦନ ( ଦେଖ )
Raktachandana ( See ).

**ଅର୍କଜ**—ସଂ. ବି. ପୁଂ. ( ଅର୍କ + ଜନ ଧାତୁ + ଅ )—ଅର୍କତନୟ (ଦେଖ)
Arkaja Arkatanaya ( See )

**ଅର୍କଜା**—ସଂ. ବି. ସ୍ତ୍ରୀ—( ଅର୍କଜ + ଆ )—ଅର୍କତନୟା ( ଦେଖ )
Arkajā Arkatanayā ( See )

**ଅର୍କତନୟ**—ସଂ. ବି. ( ୬ଷ୍ଠୀ ତତ୍; ଅର୍କ + ତନୟ; ସୂର୍ଯ୍ୟପୁତ୍ର)—
Arkatanaya ୧ । କର୍ଣ୍ଣରାଜା—
1. An epithet of king Karṇṇa

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'ଲୁଅ' ନ ମିଳିଲେ 'ଲୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୨ । ଶନି—2. The planet Saturn.

୩ । ସୁଗ୍ରୀବ—3. An epithet of the monkey-king Sugriba.

୪ । ଯମ—4. An epithet of the God of Death.

୫ । ଅଶ୍ୱିନୀକୁମାର ଦ୍ୱୟ—
5: The twin heavenly physicians.

**ଅର୍କତନୟା**—ସଂ. ବି. ସ୍ତ୍ରୀ. ( ୬ଷ୍ଠୀ ତତ୍; ଅର୍କ+ତନୟା; ସୂର୍ଯ୍ୟଙ୍କ କନ୍ୟା )—୧ । ଯମୁନା—
Arkatanayā
1. The river Jamunā.

୨ । ତାପ୍ତୀ; ତପତୀନଦୀ—2. The river Tāpti.

**ଅର୍କନୟନ**—ସଂ. ବି. ( ବହୁବ୍ରୀହି; ଅର୍କ ଅଟନ୍ତି ନୟନ ଯାହାଙ୍କର )—ବିରାଟପୁରୁଷ—The Almighty Being.
Arkanayana

**ଅର୍କପତ୍ର**—ସଂ. ବି.—ଅର୍କପର୍ଣ୍ଣୀ ( ଦେଖ )
Arkapatrā — Arkaparṇṇā ( See )

**ଅର୍କପର୍ଣ୍ଣ**—ସଂ. ବି.—ଅରକଗୁଳ୍ମ—The Swallow wort plant.
Arkaparṇṇa

**ଅର୍କପର୍ଣ୍ଣୀ**—ସଂ. ବି.—୧ । ପାନଅଇଡ଼ ( ଦେଖ )
Arkaparṇṇā — 1. Pāna aiṛd ( See )

୨ । ଅକାନବିନ୍ଧ ( ଦେଖ )
2. Akānabindhi ( See )

**ଅର୍କପାଦପ**—ସଂ. ବି—୧ । ଅରକ ଗୁଳ୍ମ—
Arkapādapa — 1. The Swallow wort.

୨ । ନିମଗଛ ( ପ୍ରକୃତିବାଦ )—
2. The Nima tree.

**ଅର୍କପୁଷ୍ପୀ**—ସଂ. ବି. (ବହୁବ୍ରୀହି; ଅର୍କ+ପୁଷ୍ପ+ଈ)—ସୂର୍ଯ୍ୟମୁଖୀ (ଦେଖ)
Arkapushpī — Sūrjyamukhī (See)

**ଅର୍କପ୍ରିୟା**—ସଂ. ବି. ( ୬ଷ୍ଠୀ ତତ୍; ଅର୍କ+ପ୍ରିୟା; ଏ ପୁଷ୍ପରେ ସୂର୍ଯ୍ୟଙ୍କର ପୂଜା ହେଉଥିବାରୁ )—ଜବାପୁଷ୍ପ; ମନ୍ଦାର—
Arkapriyā
The China rose.

**ଅର୍କବନ୍ଧୁ**—ସଂ. ବି. (୬ଷ୍ଠୀ ତତ୍; ଅର୍କ=ସୂର୍ଯ୍ୟ+ବନ୍ଧୁ=ଜ୍ଞାତି, ମିତ୍ର; ଏ ସୂର୍ଯ୍ୟବଂଶୀୟ ଥିବାରୁ)—ଗୌତମବୁଦ୍ଧ—
Arkabandhu
A name of the Buddha.

**ଅର୍କବଲ୍ଲଭା**—ସଂ. ବି. (୬ଷ୍ଠୀ ତତ୍; ଅର୍କ+ବଲ୍ଲଭା)—ମନ୍ଦାର; ଜବା—
Arkaballabhā — The China rose.

**ଅର୍କବାର**—ସଂ. ବି.—ରବିବାର—Sunday.
Aakabāra

**ଅର୍କବେଧ**—ସଂ. ବି.—ତାଳିଶପତ୍ର (ଦେଖ)
Arkabedha — Tālisapatra (See)

**ଅର୍କବ୍ରତ**—ସଂ. ବି. (ମଧ୍ୟପଦଲୋପୀ; ଅର୍କଙ୍କ ଆରାଧନାର୍ଥ ବ୍ରତ)—
Arkabrata — ୧ । ମାଘ ଶୁକ୍ଳ ସପ୍ତମୀରେ ସୂର୍ଯ୍ୟପୂଜା ବ୍ରତ—
A religious vow observed on the 7th day of bright fortnight of the month of Māgha.

୨ । (ସୂର୍ଯ୍ୟ ଯେପରି ପୃଥିବୀରୁ ଜଳଶୋଷଣ କରି ପୁନର୍ବାର ପ୍ରଜାଙ୍କ ଉପକାରାର୍ଥ ଉକ୍ତ ଶୋଷିତ ଜଳ ବର୍ଷାରୂପରେ ପୃଥିବୀକୁ ଦିଅନ୍ତି ସେହିପରି )—ପ୍ରଜାଙ୍କଠାରୁ କର ଆଦାୟ କରି ପୁଣି ତାହା ପ୍ରଜାଙ୍କ ହିତରେ ବ୍ୟୟ କରିବା ରୂପ ରାଜାଙ୍କ ବ୍ରତ—2. The practice or vow of a king to take revenue from the subjects and apply the same for their benifit (compared to the practice of the sun.)

**ଅର୍କଭ**—ସଂ. ବି. ( ମଧ୍ୟପଦଲୋପୀ; ଅର୍କ ଅବସ୍ଥାନ କରୁଥିବା. ଭ= ନକ୍ଷତ୍ର)—୧ । ସୂର୍ଯ୍ୟକାନ୍ତନକ୍ଷତ୍ର; ଯେଉଁ ନକ୍ଷତ୍ରରେ ସୂର୍ଯ୍ୟ ଅବସ୍ଥାନ କରୁଅଛନ୍ତି—1. Asterism through which the sun is passing.
Arkabha

୨ । ସିଂହରାଶି—2. The sign Leo.

୩ । ଉତ୍ତରଫାଲ୍‌ଗୁନୀ ନକ୍ଷତ୍ର—3. The 12th asterism.

**ଅର୍କଭକ୍ତା**—ସଂ. ବି—ଆଦିତ୍ୟଭକ୍ତା; ଅଣସୋରିଷ (ଦେଖ)
Arkabhaktā — Aṇasorisha (See)

**ଅର୍କମୂଳ**—ସଂ. ବି.—ପାନଅଇଡ଼ (ଦେଖ)
Arkamūḻa — Panaairḍa (See)

**ଅର୍କସିଦ୍ଧାନ୍ତ**—ସଂ. ବି.—ସୂର୍ଯ୍ୟସିଦ୍ଧାନ୍ତ ନାମକ ଜ୍ୟୋତିଷଗ୍ରନ୍ଥ—
Arkasiddhānta — A name of the astronomical treatise Surjyayasiddhānta.

**ଅର୍କାଶ୍ମା**—ସଂ. ବି.—(ଅର୍କ+ଅଶ୍ମନ୍; ୧ମା. ୧ବ.)—ସୂର୍ଯ୍ୟକାନ୍ତ ମଣି—
Arkāśmā — 1. The sunstone.

୨ । ଅରୁଣୋପଲ; ପଦ୍ମରାଗମଣି—2. Ruby.

**ଅର୍କାହ୍ୱ**—ସଂ. ବି. ( ବହୁବ୍ରୀହି; ଅର୍କ+ଆହ୍ୱ=ନାମ ଯାହାର )—ଅରକ ଗୁଳ୍ମ—The swallow wort (plant)
Arkāhwa

**ଅର୍କି**—ଦେ. ବି.—ଅରକି (ଦେଖ)
Arki — Araki (See)

**ଅର୍କେଷ୍ଟ୍ରା**—ବୈଦେ. ବି. ( ଇଂ. ଅର୍‌କେଷ୍ଟ୍ରା )—ରଙ୍ଗମଞ୍ଚରେ ଅଭିନୟ ହେବା ପୂର୍ବରୁ ପଟକ୍ଷେପଣ ପରେ ରଙ୍ଗଭୂମିର ଅନ୍ତରାଳରେ ବଜାଯିବା ଐକତାନିକ ବାଦ୍ୟତତ୍ତ୍ୱ—Orchestra; concert played by a band in a theatre.
Arkeshṭrā
ଅର୍କେଷ୍ଟ୍ରା
ଅର୍କେଷ୍ଟ୍ରା

**ଅର୍କୋପଲ**—ସଂ. ବି—ଅର୍କାଶ୍ମା ( ଦେଖ )
Arkopaḻa — Arkāśmā ( See )

**ଅର୍କ୍ଷିତ**—ଗ୍ରା. ବିଣ. ପୁଂ. ( ସଂ. ଅରକ୍ଷିତ )—ଅରକ୍ଷିତ ( ଦେଖ )
Arkshita — Arakshita ( See )

ଅର୍କ୍ଷିତ ପ୍ରାୟେ ବସୁଛ ନୁହଇ ଅର୍କ୍ଷିତ—ପ୍ରାଚୀ—ବ୍ରହ୍ମକଲ୍ପଗୀତା ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଭ୍ର | ଋ,ୠ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଜ୍ଞ | ଇୟୁ | ଢ଼ଅ | ଢ |
| ୨ | ଉ | ଭ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଚ୍ୟ | ଇଅ | ୱ | ନ୍ |

**ଅର୍ଷିତିଆ**—ଗ୍ରା. ବଣ.—ଅରଖିତିଆ (ଦେଖ)
Arkshitiā Arakhitiā (See)

**ଅର୍ଷିତିଆଣୀ**—ଗ୍ରା. ବଣ. ସ୍ତ୍ରୀ.—**ଅରଖିତିଆଣୀ** (ଦେଖ)
Arkshitiāṇī Arakhitiāṇī (See)

**ଅର୍ଷ୍ୟ**—ସଂ. ବି. (ବୈଦ୍ୟକ)—ସିଆଳିଲଟା (ଦେଖ) (ହରେକୃଷ୍ଣ. ଦ୍ରବ୍ୟଗୁଣ)
Arkshya Siāḻi creeper (See)

**ଅର୍ଖ**—ଦେ. ବି.—ଅରକ (**ଦେଖ**)
Arkha Araka (See)

ଦେ. କ୍ରି. ବଣ.—ଅରକ (ଦେଖ)
Araka (See)

**ଅର୍ଖି**—ବୈଦେ. ବି.—ଅରଖି (**ଦେଖ**)
Arkhi Arakhi (See)

**ଅର୍ଖିତ**—ଗ୍ରା. ବଣ. (ସଂ. ଅରକ୍ଷିତ)—ଅରକ୍ଷିତ (ଦେଖ)
Arkhita Arakshita (See)

ଅର୍ଖିତଲୋକ ପ୍ରାପ୍ତ ହୋଇ ନିଜଲ କ୍ଷେତ୍ରକ୍ଷେତ୍ରରେ ଯାଇ ।
ରାମଦାସ. ଦାର୍ଢ୍ୟତାଭକ୍ତି ।

**ଅର୍ଖିତିଆ**—ଦେ. ବଣ.—ଅରଖିତିଆ (ଦେଖ)
Arkhitiā Arakshitiā (See)

**ଅର୍ଖିତିଆଣୀ**—ଦେ. ବଣ. ସ୍ତ୍ରୀ—ଅରକ୍ଷିତଆଣୀ (ଦେଖ)
Arkhitiāṇī Arakhitiāṇī (See)

**ଅର୍ଗଳ**—ସଂ. ବି. (ଋଜ ଧାତୁ=ସରଳହେବା+କର୍ତ୍ତୃ. ଅଳ)—
Argaḻa ୧ । କବାଟର ଖିଳଣୀ—1. Bar; bolt.
୨ । କାଠର ଗୋଜା; ଖିଲା—2 Wooden pin.
୩ । ପ୍ରତିବନ୍ଧକ; ବାଧା—
3. Obstacle; impediment
୪ । କଲ୍ଲୋଳ; ଢେଉ—4. Wave.
୫ । ଅବରୋଧ—5. Obstruction; check.
୬ । ପଦ୍ମପୁରାଣୋକ୍ତ ନରକବିଶେଷ—
6. Name of a hell.
୭ । ଭିନ୍ନଭିନ୍ନ ରଙ୍ଗର ମେଘ, ଯହିଁ ଭିତର ଦେଇ ସୂର୍ଯ୍ୟ ଉଦୟ ହୁଅନ୍ତି ଓ ଅସ୍ତ ଯାଆନ୍ତି—7. Clouds of different colours surrounding the rising and the setting sun.
୮ । ଦେବୀପୁରାଣ ବା ସପ୍ତଶତୀ ଚଣ୍ଡୀ ପାଠ ପୂର୍ବରୁ ପଢ଼ାଯିବା ଦେବୀ ସ୍ତୋତ୍ରବିଶେଷ;
[ଏଥିରେ ଥିବା ଶ୍ଳୋକମାନଙ୍କରେ ଶେଷ ଧାଡ଼ିରେ—'ରୂପଂଦେହି ଜୟଂଦେହି ଯଶୋଦେହି ଦ୍ୱିଷୋଜହି' (=ମତେ ରୂପ ଦିଅ, ଜୟ ଦିଅ, ଯଶଃ ଦିଅ ଓ ମୋ ଶତ୍ରୁମାନଙ୍କୁ ନାଶ କର) ବୋଲିବାକୁ ହୁଏ]—
8. Title of an introductory hymn addressed to goddess Durgā before reciting the main Chandī or the Debī purāṇa.
[ ଦ୍ର—ଅନ୍ୟାନ୍ୟ ଦେବତାଙ୍କ ସ୍ତୋତ୍ରପାଠ ପୂର୍ବରୁ **ସେହି** ଦେବତାଙ୍କର ଅର୍ଗଳ ସ୍ତୋତ୍ର ମଧ୍ୟ ପାଠ କରାଯାଏ ।]
୯ । କବାଟ (ହିନ୍ଦ. ଶବ୍ଦସାଗର)—9. Door.

**ଅର୍ଗଳା**—ସଂ. ବି. (ଅର୍ଗଳ+ଆ)—୧ । ଅର୍ଗଳ (ଦେଖ)
Argaḻā 1. Argaḻa (See)

କି ବୁଦ୍ଧି କରିବ ସହଜେ ଅବଳା, କନ୍ଦିକି ହୃଦୟେ ଦେବାକୁ ଅର୍ଗଳା ।
ରାଧାନାଥ. ଚନ୍ଦ୍ରଭାଗା ।

୨ । କବାଟର ଛିଟିକିଣି ବା ଠିକିଆ; ହୁଡ଼ୁକା—
2. A hook or trigger for shutting a door or window.
୩ । ହାତିବନ୍ଧା ଶିକୁଳି—
3. Chain for tying an elephant.
୪ । ଅବରୋଧ—4. Obstruction.

ଗ୍ରା. ବଣ. ( ସଂ. ଅନର୍ଗଳା )—୧ । ସ୍ୱଚ୍ଛନ୍ଦଗୃହୀ—
1. Acting unrestrained.
୨ । ଅନୁପମ—2. Incomparable.

ଜାଣନ୍ତି ଏ ରସକଳା, ସକଳର ସେ ଅର୍ଗଳା
ତୁଳଣ ଦେବାକୁ ତୁଲ୍ୟ ତୁଲଇ ନାହିଁ । ପ୍ରାଚୀ—ରସବାରିଧି ।

ସଂ. ବଣ—ଅବରୋଧକ; ବାଧକ—Obstructing.

**ଅର୍ଗଳି**—ଦେ. ବି. ( ସଂ. ଅର୍ଗଳ )—ଅରଗଳି ( ଦେଖ )
Argaḻi Aragaḻi ( See )
অর্গল

**ଅର୍ଗଳିକା**—ସଂ. ବି. ( ଅର୍ଗଳ+କ+ଆ )—
Argaḻikā ୧ । ଛୋଟଖିଳଣି; ହୁଡ଼ୁକା; କବାଟର ହୁକ—
1. A small door-pin; small bolt for doors.
୨ । କବାଟର ଠିକିଆ—2. Triggerlike-contrivance for shutting a door.

**ଅର୍ଗଳିତ**—ସଂ. ବି. ( ଅର୍ଗଳ+ଇତ )—ଖିଲାଯାଇଥିବା—
Argaḻita Fastened by a bolt.

**ଅର୍ଗାନ୍**—ବୈଦେ. ବି. ( ଇଂ. ଅର୍ଗାନ୍ )—
Argān ଗିରିଜାରେ ବଜାଯିବା ବଡ଼ ପିଆନୋ—
Organ; big piaono.

**ଅର୍ଘ** (ଧାତୁ)—ସଂ—କିଣିବା—To purchase.
Argha ( root )

**ଅର୍ଘ**—ସଂ. ବି. ( ଅର୍ହ=ପୂଜା କରିବା+ଭାବ. ଅ )—୧ । ପୂଜା—
Argha 1. Offering.
୨ । ( ଅର୍ଘ ଧାତୁ=କିଣିବା+ଅ )—ମୂଲ୍ୟ—
2. Value; price; cost; worth.
୩ । ( ଅର୍ହ+କରଣ. ଅ )—ପୂଜାଦ୍ରବ୍ୟବିଶେଷ—
3. Materials for worship.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'କୁଞ' ନ ମିଳିଲେ 'କୂଅ' ଦେଖିବେ; 'ବଧ' ନ ପାଇଲେ 'ବଦ୍ଧ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୪ । ବ୍ରାହ୍ମଣ ବା ଦେବତାଙ୍କୁ ଦିଆଯିବା ଭୋଗ ଦ୍ରବ୍ୟ—
4. Gift to a Deity or a Brāhmaṇa.

୫ । ଅକ୍ଷତ, ଦୂବ ଓ ସାଧାରଣତଃ ଜଳ ଅର୍ପଣପୂର୍ବକ ସମାଗତ ଅତିଥିଙ୍କର ସତ୍କାର—
5. Respectful reception of a guest by the offering of rice, dūrbā grass, flowers and often only water.

୬ । ଏକ ଧରଣ ଓଜନର ୨୦ ଗୋଟି ମୁକ୍ତାର ସମାହାର—
6. Collection of twenty pearls having the weight of a 'Dharaṇa'

**ଅର୍ଘପାତ୍ର**—ସଂ. ବି—ଅର୍ଘ୍ୟପାତ୍ର ( ଦେଖ )
Arghapātra Arghyapātra ( See )

**ଅର୍ଘବଲାବଲ**—ସଂ. ବି. ( ୬ଷ୍ଠୀ ତତ୍; ଅର୍ଘ+ବଲାବଲ )—
୧ । ମୂଲ୍ୟର ହ୍ରାସବୃଦ୍ଧି—
1. Cheapness or dearness of price.
୨ । ବଜାରଭାଉ; ପଣ୍ୟଦ୍ରବ୍ୟମାନଙ୍କର ଦାଣ୍ଡଭାଉ—
2. Rate or price; market rate of commodities.

ବୈଶ୍ୟମାନେ ମଣି, ମୁକ୍ତା, ପ୍ରବାଳ ଓ ପଣ୍ୟ ଦ୍ରବ୍ୟର ଅର୍ଘବଲାବଲ ଜାଣିବା ଉଚିତ ।
ରାମଶଙ୍କର-ମନୁସଂହିତା- ୯।୩।୨୯ ।

**ଅର୍ଘସଂସ୍ଥାପନ**— ସଂ. ବି. ( ୬ଷ୍ଠୀ ତତ୍; ଅର୍ଘ+ସଂସ୍ଥାପନ ) —
Arghasaṁsthāpana ପଣ୍ୟଦ୍ରବ୍ୟର ମୂଲ୍ୟ ନିରୂପଣ—
Fixing the price of commodities.
[ ଦ୍ର—ରାଜା ସପ୍ତାହରେ ବା ପକ୍ଷରେ ଥରେ ବଣିକମାନଙ୍କ ସଙ୍ଗେ ପରାମର୍ଶ କରି ପଣ୍ୟ ଦ୍ରବ୍ୟର ମୂଲ୍ୟ ନିରୂପଣ କରିବେ—
ରାମଶଙ୍କର. ମନୁସଂହିତା. ୮।୪୦୨ । ]

**ଅର୍ଘାଟିଆ**—ଗ୍ରା. ବିଣ ( ସଂ. ଅଘାସୁର )—ଅତି ବଡ଼ାଣ୍ଟିକାୟ—
Arghātiā Very big or tall.
ଅଘା

**ଅର୍ଘାସୁର**—ଗ୍ରା. ବି. ( ସଂ. ଅଘାସୁର )—ଅଘାସୁର; କଂସାନୁଚର ରାକ୍ଷସ-
Arghāsura ବିଶେଷ (ଶ୍ରୀକୃଷ୍ଣ ଯାହାଙ୍କୁ ବଧ କରିଥିଲେ)—
Name of the demon, attendant of Kaṁsa king of Dwārakā ( killed by Śrikṛushṇa ).
ଗ୍ରା. ବି. ( ଲକ୍ଷଣାର୍ଥ )—ଅତିଶୟ ଢେଙ୍ଗା, ମୋଟା ଓ ହୃଷ୍ଟପୁଷ୍ଟ ବ୍ୟକ୍ତି—A tall and stout person.

**ଅର୍ଘ୍ୟ**— ସଂ. ବିଣ—( ଅର୍ଘ=ପୂଜା କରିବା+ଯୋଗ୍ୟାର୍ଥ. ଯ )—ପୂଜ୍ୟ;
Arghya ମାନ୍ୟ; ପୂଜନୀୟ—Venerable; deserving worship.
ସଂ. ବି—୧ । ପୂଜାସାମଗ୍ରୀ—1. Offerings.
୨ । ପୂଜ୍ୟବ୍ୟକ୍ତିଙ୍କ ପାଇଁ ଅରୁଆଚାଉଳ, ଦୂବ, ଫୁଲ ଓ ଚନ୍ଦନ ମିଶ୍ରିତ ଜଳ—
2. Water and other articles used in offering homage to a distinguished guest.
୩ । ଦେବତାଙ୍କର ପୂଜାରେ ବ୍ୟବହୃତ ମନ୍ତ୍ରଶୋଧିତ ଜଳ—
3. Consecrated water offered to a Deity during worship.
୪ । ବନମଧୁ—4. Wild honey.

**ଅର୍ଘ୍ୟଦାନ**—ସଂ. ବି—ପୂଜାର୍ଥ ଆବାହନକାଳୀନ ଅତିଥିଙ୍କୁ ଜଳାଦି
Arghyadāna ପ୍ରଦାନରୂପ ସତ୍କାର—Offering of water to show respect to a guest.

**ଅର୍ଘ୍ୟପାତ୍ର**—ସଂ. ବି.—ଯେଉଁ ଥାଳରେ ପୂଜୋପକରଣ ସଜ୍ଜିତ ହୋଇ-
Arghyapātra ଥାଏ—Plate containing the essentials of worship ( e.g. flowers, sandal paste, rice duba grass etc ).

**ଅର୍ଘ୍ୟସ୍ଥାଳି**— ସଂ. ବି—ଅର୍ଘ୍ୟପାତ୍ର ( ଦେଖ )
Arghyasthāḻi Arghyapātra ( See )

**ଅର୍ଘ୍ୟାଞ୍ଜଳି**—ସଂ.ବି. (୬ଷ୍ଠୀ ତତ୍; ଅର୍ଘ୍ୟ+ଅଞ୍ଜଳି)—ପୂଜାର୍ଥ ଜଳାଞ୍ଜଳି—
Arghyāñjaḻi Handful of water offered in worship to guests.

**ଅର୍ଚ୍ଚ** ( ଧାତୁ )—ସଂ. ବି.—୧ । ପୂଜା କରିବା—
Archcha ( root ) 1. To worship.
୨ । ଦୀପ୍ତି ପାଇବା –2. To shine.

**ଅର୍ଚ୍ଚକ**—ସଂ. ବି. ପୁଂ. ( ଅର୍ଚ୍ଚ ଧାତୁ=ପୂଜା କରିବା+କର୍ତ୍ତୃ. ଅକ )—
Archchaka ପୂଜକ—Worshipper.
(ଅର୍ଚ୍ଚିକା—ସ୍ତ୍ରୀ) ସଂ. ବିଣ—ପୂଜାକାରୀ— doring.

**ଅର୍ଚ୍ଚନ**—ସଂ. ବି. ( ଅର୍ଚ୍ଚ ଧାତୁ=ପୂଜା କରିବା+ଭାବ ଅନ )—
Archchana ୧ । ପୂଜା; ବନ୍ଦନା—
1. Worship; homage.
୨ । ସମ୍ମାନ—2. Respect.

**ଅର୍ଚ୍ଚନା**—ସଂ. ବି. ( ଅର୍ଚ୍ଚନ+ଆ )—୧ । ପୂଜା—
Archchanā 1. Worship.
୨ । ଭୋଜନ ନିମନ୍ତେ ନିମନ୍ତ୍ରଣ—
2. Invitation to a dinner.

**ଅର୍ଚ୍ଚନୀୟ**—ସଂ. ବିଣ. ( ଅର୍ଚ୍ଚ ଧାତୁ+କର୍ମ. ଅନୀୟ)—ପୂଜନୀୟ; ପୂଜ୍ୟ—
Archchaniya Adorable.

**ଅର୍ଚ୍ଚା** —ସଂ. ବି. ସ୍ତ୍ରୀ. (ଅର୍ଚ୍ଚ ଧାତୁ+ଭାବ. ଅ+ସ୍ତ୍ରୀ. ଆ )—
Archchā ୧ । ପୂଜା—1. Worship.
୨ । ପ୍ରତିମା—2. Idol.
୩ । ପ୍ରତିକୃତି—3. Image
ଗ୍ରା. ବିଣ—ଅରୁଚ ( ଦେଖ )—Aruchā ( See )

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଊ | ର୍,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ସ | କ୍ଷ | ଇଯ୍ | ଡ଼ଅ | ଢ |
| ୨ | ଈ | ଊ | ୠ | ଌୢ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଢ଼ଅ | ୱ | ନ୍ତ |

**ଅର୍ଚ୍ଚି**—ସଂ. ବି. ( ଅର୍ଚ୍ଚ ଧାତୁ + କର୍ତ୍ତୃ. ଅ )—
Archchi ୧ । ଅଗ୍ନିଶିଖା; ତେଜଃପିଣ୍ଡର ଶିଖା—
1. The flame of a light.
୨ । ଜ୍ୱାଳା—2. Blaze.
୩ । ତେଜ; ପ୍ରଭା —3. Glamour.
୪ । ଅଂଶୁ; ରଶ୍ମି; କିରଣ—4. Ray of light.
୫ । କୃଶାଶ୍ୱଙ୍କ ପତ୍ନୀ—
5. Name of the wife of Kruśāśwa.
अरुचि ग्रा. बि ( सं. अरुचि )—अरुचि ( देख )
अरोच Aruchi ( See )

**ଅର୍ଚ୍ଚିଃ**—ସଂ. ବି—ଅର୍ଚ୍ଚିସ୍ ( ଦେଖ )
Archchih Archchis ( See )

**ଅର୍ଚ୍ଚିତ**—ସଂ. ବିଣ. ( ଅର୍ଚ୍ଚ ଧାତୁ + କର୍ମ. ତ )—
Archchita ପୂଜିତ—Worshipped.

**ଅର୍ଚ୍ଚିଷ୍ମାନ୍**—ସଂ. ବିଣ. ପୁଂ ( ଅର୍ଚ୍ଚିସ୍+ମତ୍; ୧ମା. ୧ବ )—
Archchishmān ୧ । ଦୀପ୍ତିମାନ୍—1. Glittering;shining.
(ଅର୍ଚ୍ଚିଷ୍ମତୀ—ସ୍ତ୍ରୀ) ୨ । ପ୍ରଜ୍ୱଳିତ—2. Blazing.
ସଂ. ବି—୧ । ସୂର୍ଯ୍ୟ—1. The sun.
୨ । ଅଗ୍ନି—2. Fire.
୩ । ଦେବର୍ଷିବିଶେଷ—3. Name of a sage.

**ଅର୍ଚ୍ଚିସ୍**— ସଂ. ବି. ( ଅର୍ଚ୍ଚ ଧାତୁ+କର୍ତ୍ତୃ. ଇସ୍ )—ଅର୍ଚ୍ଚି ( ଦେଖ )
Archchis Archchi ( See )

**ଅର୍ଚ୍ଚ୍ୟ**— ସଂ. ବିଣ. ପୁଂ. ( ଅର୍ଚ୍ଚ ଧାତୁ + କର୍ମ. ଯ )—
Archchya ପୂଜ୍ୟ; ପୂଜାର୍ହ—Adorable,
(ଅର୍ଚ୍ଚ୍ୟା — ସ୍ତ୍ରୀ)

**ଅର୍ଜ (ଧାତୁ)**— ସଂ—ଉପାର୍ଜନ କରିବା; ରୋଜଗାର କରିବା—
Arja (root) To earn.

**ଅର୍ଜକ**— ସଂ. ବିଣ. ( ଅର୍ଜ ଧାତୁ + କର୍ତ୍ତୃ. ଅକ )—
Arjaka ଉପାର୍ଜକ; ରୋଜଗାରୀ—Earning; acquiring.
(ଅର୍ଜିକା—ସ୍ତ୍ରୀ)

**ଅର୍ଜନ**—ସଂ. ବି. ( ଅର୍ଜ ଧାତୁ+ଭାବ. ଅନ )—
Arjana ୧ । ଉପାର୍ଜନ; ରୋଜଗାର—1. Earning.
ଅର୍ଜନ ନମନ୍ତେ ଯେତେ ଦୂରେ ଯାନ୍ତି ଏକା । ମାର୍କଣ୍ଡେୟପୁରାଣ ।
୨ । ଲାଭ—2. Gain.
୩ । ପ୍ରାପ୍ତି—3. Acquisition.

**ଅର୍ଜନକାରିଆ**—ଦେ. ବିଣ. ( ସଂ. ଅର୍ଜନକାରୀ )—
Arjanakāriā ଅରଜନକାରିଆ ( ଦେଖ )
Arajanakāriā ( See )

**ଅର୍ଜନକାରୁଆ**— ଦେ. ବିଣ. ( ସଂ. ଅର୍ଜନକାରୀ )—
Arjanakāruā ଅରଜନକାରୁଆ ( ଦେଖ )
Arajanakāruā ( See )

**ଅର୍ଜୟିତା**— ସଂ. ବିଣ. ପୁଂ ( ଅର୍ଜ ଧାତୁ + କର୍ତ୍ତୃ. ତୃ; ୧ମା. ୧ବ. )—
Arjayitā ଅର୍ଜକ; ଉପାର୍ଜନକାରୀ—Earning. .
(ଅର୍ଜୟିତ୍ରୀ—ସ୍ତ୍ରୀ)

**ଅର୍ଜି**—ବୈଦେ. ବି. ( ଫା. ଅର୍ଜୀ )—ଅରଜି ( ଦେଖ )
Arji Araji ( See )

**ଅର୍ଜିତ**—ସଂ. ବିଣ. ( ଅର୍ଜ ଧାତୁ + କର୍ମ. ତ )—ଉପାର୍ଜିତ—
Arjita Earned; acquired.

**ଅର୍ଜିନବିସ୍**—ବୈଦେ. ବି. ( ଫା. ଅର୍ଜିନବିସ୍ )—
Arjinabis ଅରଜିନବିସ୍ ( ଦେଖ )
Arajinabis ( See )

**ଅର୍ଜିବା**—ଦେ. କ୍ରି ( ସଂ ଅର୍ଜ ଧାତୁ ) ୧ । ଅର୍ଜନ କରିବା—
Arjibā 1. To earn.
अर्जनकरना ୨ । ନିଜକୃତ କର୍ମର ଫଳରୂପେ ଲାଭ କରିବା—
कमाना; अर्जनकरना 2. To reap the fruits of one's actions.
ଆପଣେ ଅର୍ଜଇ ଅନର୍ଥ; ରାଜନ ବୁଝ ଏହୁ ମତ ।
ଜଗନ୍ନାଥ. ଭାଗବତ ।

**ଅର୍ଜୁନ**—ସଂ ବି. ( ଅର୍ଜ ଧାତୁ=ଉପାର୍ଜନ କରିବା + କର୍ତ୍ତୃ ଉନ; ଯେ
Arjuna କୁବେର ଆଦିଙ୍କୁ ଜୟ କରି ଧନାଦି ଉପାର୍ଜନ କରିଥିଲେ; ମହାଭାରତରେ ବିରାଟପୁତ୍ର ଉତ୍ତରଙ୍କୁ ଅର୍ଜୁନ ନିଜ ନାମ ସମ୍ବନ୍ଧେ କହିଅଛନ୍ତି ଯେ ମୁଁ ଏହି ସସାଗରାଧରାରେ ନିର୍ମଳ ବା ଶୁକ୍ଳକର୍ମ କରେଁ ବୋଲି ଲୋକେ ମତେ ଅର୍ଜୁନ ବୋଲି ଡାକନ୍ତି )
୧ । ତୃତୀୟ ପାଣ୍ଡବ—1. The name of the third Pāṇḍaba.
୨ । କାର୍ତ୍ତବୀର୍ଯ୍ୟାର୍ଜୁନ; ସହସ୍ରାର୍ଜୁନ—
2. Name of a valiant conqueror.
ଧନ ଅଲଙ୍କାରେ ମନେ ଘେନିଥାଇ କି ତପ ବାଣ ଅର୍ଜୁନ ।
ଭଞ୍ଜ. ପ୍ରେମସୁଧାନିଧି ।
୩ । ଶ୍ୱେତବର୍ଣ୍ଣ; ଧବଳ—3. White colour.
୪ । ଚକ୍ଷୁରୋଗବିଶେଷ; ଅଲୁଅ; ଅକ୍ଷି ପତାରେ ଉଠିବା ବ୍ରଣ (ଆଞ୍ଜନେଇ)—4. A boil on the eyelid.
୫ । ଆଖିର ଧଳା ଡୋଳାର ଫୁଲା ରୋଗ; ଆଖିରେ ଫୁଲା ପଡ଼ିବା—5 A slight inflammation of the conjunctiva or white of the eye ( M. W. )
୬ । ଏକଜାତୀୟ ଧଳା ତୃଣ —
6. A species of white grass.
୭ । କର୍ପୂର—7. Camphor.
୮ । ରୌପ୍ୟ—8. Silver.
୯ । ଚନ୍ଦ୍ରକିରଣ—9. Moon-light.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧ' ନ ପାଇଲେ 'ବଢ଼' ଦେଖିବେ; 'ଅର୍ଣ୍ଣ' ନ ପାଇଲେ 'ଅର୍ଣ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୧୦ । ସୁନା—10. Gold.
୧୧ । ମୟୂର—11. Peacock (M. W.)
୧୨ । ମାଆଙ୍କର ଏକମାତ୍ର ପୁତ୍ର—
12. The only son of his mother (M. W.)
୧୩ । ଚର୍ମରୋଗବିଶେଷ—13. A cutaneous disease (M. W.)
୧୪ । ବୃକ୍ଷବିଶେଷ—14. A flowring tree

ସଂ ନାମ. ଅର୍ଜ୍ଜୁନ; ଧବଳଦ୍ରୁମ Lager Stræmia flos Reiginae (Kirtikar)
ଜାରୁଲ
ଅଜ୍ଜୁନ; ଭାରୁଲ; [ ଦ୍ର—ଧାତକ୍ୟାଦିବର୍ଗର ପୁଷ୍ପତରୁ; ଫୁଲ ବଡ଼
ତେ. ମରୁତମାନ୍ତି ବଡ଼; ପ୍ରାୟ ତିନିଅଙ୍ଗୁଳ ଚଉଡ଼ା; କାଠରେ ଚଉକି ମେଜ ଆଦି ହୁଏ । କାଠ ଧଳା; ଆସାମ, ବ୍ରହ୍ମଦେଶ ଓ ଚଟ୍ଟଗ୍ରାମରେ ଏହି ଗଛ ଜନ୍ମେ ( ଯୋଗେଶ୍ଚନ୍ଦ୍ର )]

୧୫ । ବୃକ୍ଷବିଶେଷ—15. A tree.

ସଂ. ନାମ—ଅର୍ଜ୍ଜୁନ; ନଦୀସର୍ଜ୍ଜ୍ୟ; ବୀର- Terminalia Arjuna.
ବୃକ୍ଷ; କ୍ଷୀର; ଧବଳ; ଇନ୍ଦ୍ରଦ୍ରୁ; [ ଦ୍ର—ହରୀତକ୍ୟାଦି ବର୍ଗର ତରୁ ବିଶେଷ ।
କକୁଭ, ପଥଭେଦ । ଅଶ୍ୱନଗଛ ପରି, କିନ୍ତୁ କାଠ ଧଳା;
ଅର୍ଜ୍ଜୁନ ଅର୍ଜ୍ଜୁନ ଗଛର ଛାଲରେ ଧଳା ଧଳା
କୋହ, କୈହ ଚୂନର କଣା ଦେଖାଯାଏ । ଏ ଗଛ
ତେ. ମଡ୍ଡି ଚେଟ୍ଟୁ ପ୍ରାୟ ନଦୀ ଓ ଜଳକୂଳରେ ଜନ୍ମେ ।
ଫଳରେ ୫ଟା ପକ୍ଷ ଥାଏ । ଅର୍ଜ୍ଜୁନକାଠ ଶକ୍ତ କିନ୍ତୁ ପଟା ଫାଟିଯାଏ ( ଯୋଗେଶ୍ଚନ୍ଦ୍ର ) । ବୈଦ୍ୟ ଶାସ୍ତ୍ର ଅନୁସାରେ ଏହା ଶୀତବୀର୍ଯ୍ୟ, ହୃଦ୍ୟ, ଓ କଷାୟ; ଏହା କ୍ଷତ, କ୍ଷୟ, ବିଷ, ରକ୍ତଦୋଷ, ମେଦୋଦୋଷ, ପ୍ରମେହ, ବ୍ରଣ, କଫ ଓ ପିତ୍ତନାଶକ ।

ଦେ. ବି. ପୁଂ—ଲୋକଙ୍କ ନାମ—Name of persons.
ସଂ. ବିଣ.—୧ । ଶୁକ୍ଳ; ଧଳା—1. White.

ବହ୍ନିର ବହ୍ନାସ୍ତ୍ରେ ଅର୍ଜ୍ଜୁନ ପାଣ୍ଡବଙ୍କେ ଦିଶେ ସଜଳ ସେ ଚପଳ ।
ଉପେ. ବୈଦେହୀଶବିଳାସ ।

୨ । ଉଜ୍ଜ୍ୱଳ—2. Bright.
୩ । ନିର୍ମ୍ମଳ—3. Clear; pure.
୪ । ରୌପ୍ୟନିର୍ମିତ—4. Made of silver.

ଅର୍ଜ୍ଜୁନ ଦାସ—ଦେ. ବି. ନାମ—'ରାମ ବିଭା' ନାମକ ପଦ୍ୟ ଗ୍ରନ୍ଥ ରଚୟିତା ଓଡ଼ିଆ କବି ।
Arjūna dāsa
(ଜଗବନ୍ଧୁ—ପ୍ରାଚୀନ ଉତ୍କଳ)
Name of an Ordiā poet.

ଅର୍ଜ୍ଜୁନ ମିଶ୍ର—ଦେ. ବି.—ମୂଳ ମହାଭାରତର ସଂସ୍କୃତ ଟୀକାକାର-ବିଶେଷ—
Arjuna misra
Name of a commentator on the Mahābhārata.

ଅର୍ଜ୍ଜୁନାରି—ସଂ. ବି ( ୬ଷ୍ଠୀ ତତ୍; ଅର୍ଜ୍ଜୁନ ବା କାର୍ତ୍ତବୀର୍ଯ୍ୟଙ୍କର ଅରି)—
Arjunāri ୧ । ପରଶୁରାମ—
1. An epithet of Paraśurāma.

ବିଗ୍ରହ ଡାକିଲା ସ୍ଥାନେ କାମର୍ଥେ ଭ୍ରମ ଏମନ୍ତେ
ଶୋଭି ଅର୍ଜ୍ଜୁନାରି ମୃଗ କେ ସେ ନେ ।
ଉପେ. ବୈଦେହୀଶବିଳାସ ।

ଅର୍ଜ୍ଜୁନୀ—ସଂ. ବି. ସ୍ତ୍ରୀ ( ଅର୍ଜ୍ଜୁନ+ଈ )—
Arjuni ୧ । ଗାଈ—1. Cow.
୨ । କୁଟ୍ଟିନୀ—2. Procuress; bawd.
୩ । ସର୍ପବିଶେଷ—3. A kind of serpent.
୪ । ଅନିରୁଦ୍ଧର ସ୍ତ୍ରୀ ଉଷା—
4. A name of the wife of Aniruddha.
୫ । ବାହୁଦା ବା କରତୋୟା ନଦୀ—
5. The river Karatoyā.

ଅର୍ଣ୍ଣ—ସଂ. ବି ( ଋ ଧାତୁ ଗମନ କରିବା+କର୍ତ୍ତୃ. ନ )—
Arṇṇa ୧ । ଅକାରାଦି ଅକ୍ଷର—1. Alphabet.
୨ । ଜଳ—2. Water.
୩ । ଶାଗୁଆନ ଗଛ—3. Teak tree.
୪ । ଢେଉ—4. Wave.
୫ । ଛନ୍ଦୋବିଶେଷ—5. Name of a metre

ସଂ. ବିଣ. ପୁଂ.—ପୀଡ଼ିତ—Sick.
ଗ୍ରା. ବି—( ଅନ୍ନର ଅଶୁଦ୍ଧ ଉଚ୍ଚାରଣ )—
୧ । ଅନ୍ନ; ଭାତ—1. Boiled rice.

ବଂଶ ଦେଲେ ମୋର ପତ୍ନୀକି ତତ୍କୁ ଅର୍ଣ୍ଣ ।
ପୀତାମ୍ବର. ନୃସିଂହପୁରାଣ ।

୨ । ପୁରୀ ଜଗନ୍ନାଥଙ୍କୁ ଅର୍ପିତ ଅନ୍ନ ମହାପ୍ରସାଦ—
2. Boiled rice offered to Jagannātha of Puri.

ପ୍ରାଦେ ( ଗଞ୍ଜାମ )—ଅର୍ନ ( ଦେଖ )
Arna ( See )

ଅର୍ଣ୍ଣପୂର୍ଣ୍ଣା—ଗ୍ରା. ବି—( ସଂ. ଅନ୍ନପୂର୍ଣ୍ଣାର ଅଶୁଦ୍ଧ ଉଚ୍ଚାରଣ )—
Arṇṇapurnā ଅନ୍ନପୂର୍ଣ୍ଣା ( ଦେଖ )
Annapūrṇṇā ( See )

ଅର୍ଣ୍ଣବ—ସଂ. ବି ( ଅର୍ଣ୍ଣ=ଜଳ+ଅସ୍ତି ଯହିଁରେ ଅର୍ଥରେ. ବ )—
Arṇṇaba ୧ । ସମୁଦ୍ର; ସାଗର—1. The sea.
୨ । ନଦୀ—2. Stream.
୩ । ଢେଉ—3. Wave.
୪ । ନଈବଢ଼ି; ଜଳବୃଦ୍ଧି—4. Flood.
୫ । ଚାରି ସଂଖ୍ୟା—5. The number four.
୬ । ବାୟୁରାଶି—6. The ocean of air.

ସଂ. ବିଣ.—୧ । ଆନ୍ଦୋଳିତ—1. Agitated.
୨ । ଅସ୍ଥିର—2. Restless.
୩ । ଫେଣଯୁକ୍ତ—3. Foaming.

| ୧ | ଇ | ଢ଼ | ର,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ସ | କ୍ଷ | ଇଷ୍ଟ | ଋଅ | ଛ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଳ | ଘ୍ୱେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ● | କ୍ତ |

ଅର୍ଣ୍ଣବତରୀ—ସଂ. ବ ( ୬ଷ୍ଠୀ ତତ୍; ଅର୍ଣ୍ଣବ + ତରୀ )—
Arṇṇabatarī ୧ । ନୌକା—1. Boat.
୨ । ଜାହାଜ—2. Ship.

ଅର୍ଣ୍ଣବପୋତ—ସଂ. ବ ( ୬ଷ୍ଠୀ ତତ୍; ଅର୍ଣ୍ଣବ+ପୋତ )—
Arṇṇabapota ଅର୍ଣ୍ଣବତରୀ ( ଦେଖ )
Arṇṇabatarī (See)

ଅର୍ଣ୍ଣବଫଳ—ସଂ. ବ ( ୬ଷ୍ଠୀ ତତ୍; ଅର୍ଣ୍ଣବ + ଫଳ )—
Arṇṇabaphaḷa ମୁକ୍ତା; ମୋତି—Pearl.
ପବନ ସହ ସର ସଂଗ୍ରହ ସହ ଅର୍ଣ୍ଣବଫଳ ।
ଅନ୍ତମକୁଂ ବଡ଼ଗୁଚନ୍ଦ୍ରାମଣି ।

ଅର୍ଣ୍ଣବମଳ—ସଂ. ବ. (୬ଷ୍ଠୀ ତତ୍; ଅର୍ଣ୍ଣବ+ମଳ)—
Arṇṇabamaḷa ସମୁଦ୍ରଫେଣ—Cuttlefish.

ଅର୍ଣ୍ଣବଯାନ—ସଂ. ବ. (୬ଷ୍ଠୀ ତତ୍; ଅର୍ଣ୍ଣବ+ଯାନ)—ଅର୍ଣ୍ଣବତରୀ(ଦେଖ)
Arṇṇabajāna Arṇṇabatarī (See)

ଅର୍ଣ୍ଣବସରିଦାଶ୍ରିତ—ସଂ.ବଣ( ୬ଷ୍ଠୀ ତତ୍;ଅର୍ଣ୍ଣବ + ସରିତ୍ + ଆଶ୍ରିତ)—
Arṇṇabasaridāśrita ୧ । ନଦୀ ବା ସମୁଦ୍ର କୂଳରେ ବାସ କରୁଥିବା—1 Living the bank of the sea or of a river ( M. W. )

ଅର୍ଣ୍ଣବୋଦ୍ଭବ—ସଂ. ବଣ ( ବହୁବ୍ରୀହି; ଅର୍ଣ୍ଣବ + ଉଦ୍ଭବ )—
Arṇṇabodbhaba ସମୁଦ୍ରରୁ ଜାତ—
Produced from the sea.
ସଂ. ବ.—ଅଗ୍ନିଜାର ( ଦେଖ )—
Agnijāra ( See )

ଅର୍ଣ୍ଣସ୍—ସଂ. ବ. ( ଋ ଧାତୁ=ଗମନକରିବା + କର୍ତ୍ତୃ. ଅସ୍ )—
Arṇṇas ୧ । ତେଉ—1. Wave.
୨ । ଜଳବୃଦ୍ଧି—2. Flood.
୩ । ଫେନଯୁକ୍ତ ସମୁଦ୍ର—3. The foaming sea.
୪ । ବାୟୁରାଶି—4. The ocean of air.
୫ । ନଦୀ—5. River.
୬ । ଜଳ—6. Water.

ଅର୍ଣ୍ଣୋଦ—ସଂ. ବ ( ଅର୍ଣ୍ଣସ୍=ଜଳ + ଦା ଧାତୁ + କର୍ତ୍ତୃ. ଅ )—
Arṇṇoda ୧ । ମେଘ—1. Cloud.
୨ । ଗୁଳ୍ମବିଶେଷ—
2. The plant Cyperus rotundus ( M W.)
୩ । ମାତା ( ପ୍ରକୃତିବାଦ )—3. Mother.

ଅର୍ଣ୍ଣୋଭବ—ସଂ. ବଣ ( ଅର୍ଣ୍ଣସ୍+ଭୂ ଧାତୁ + କର୍ତ୍ତୃ. ଅ )—
Arṇṇobhaba ଜଳୋଦ୍ଭବ—Born of water.
ସଂ.—ଶଙ୍ଖ ( ପ୍ରକୃତିବାଦ )—Conch.

ଅର୍ତ୍ତନ—ସଂ. ବ ( ଋତ ଧାତୁ=ନିନ୍ଦାକରିବା + ଭାବ. ଅନ )—
Artana ୧ । ନିନ୍ଦା—1. Blame.
୨ । ଅପବାଦ—2 Libel; scandal.

ଅର୍ତ୍ତି—ସଂ. ବ ( ଅର୍ଦ୍ଦ ଧାତୁ=ପୀଡ଼ାଦେବା + ଭାବ. ଇ )—
Arti ୧ । ପୀଡ଼ା; ଯାତନା—1. Pain; suffering.
୨ । ( + କର୍ମ. ଅ ) ଅର୍ତ୍ନୀ; ଧନୁର କୋଟି ବା ଅଗ୍ରଭାଗ—
2. The end of a bow.

ଅର୍ତ୍ତିକା—ସଂ. ବ. ସ୍ତ୍ରୀ.—୧ । ( ନାଟକୀୟ ଭାଷା ) ବଡ଼ ଭଉଣୀ—
Artikā 1. ( Theatrical language) Elder sister.

ଅର୍ଥ (ଧାତୁ)—ସଂ.—୧ । ପ୍ରାର୍ଥନା କରିବା—
Artha (root) 1. To pray for; to entreat
୨ । ଯାଚନା କରିବା— · To beg for.
୩ । ମାଗିବା—3. To ask for.
୪ । ବ୍ୟାଖ୍ୟାକରିବା—4. To comment upon.
୫ । ତାତ୍ପର୍ଯ୍ୟ ବତାଇବା—5. To point out the sense of.

ଅର୍ଥ—ସଂ. ବ ( ଅର୍ଥ ଧାତୁ+ଅ )—
Artha ୧ । ( + ଭାବ. ଅ ) ପ୍ରାର୍ଥନା—1. Prayer.
୨ । (+ କର୍ମ. ଅ ) ଧନ—2. Wealth; money.
୩ । ଐଶ୍ୱର୍ଯ୍ୟ—3. Affluence; opulence.
୪ । ପ୍ରୟୋଜନ—4. Necessity.
୫ । ତାତ୍ପର୍ଯ୍ୟ; ଶବ୍ଦର ପ୍ରତିପାଦ୍ୟ ବିଷୟ; ମାନେ—
5 Meaning; sense.
୬ । ଉଦ୍ଦେଶ୍ୟ—6. Aim; object; motive.
୭ । କାରଣ—7. Cause; reason.
୮ । ବିଷୟ—8. Matter; affair; concer .
୯ । ସମ୍ପତ୍ତି—9. Property.
୧୦ । ଇନ୍ଦ୍ରିୟଭୋଗ୍ୟ ବିଷୟ—10. Object of the senses.
୧୧ । ( ଜ୍ୟୋତିଷ ) ଲଗ୍ନର ଦ୍ୱିତୀୟ ବା ଧନସ୍ଥାନ—
11. (Astrology) The second mansion from the Lagna.
୧୨ । ମକଦ୍ଦମା; ମାମଲା—12. Lawsuit; action.
୧୩ । ପ୍ରକାର—13. Manner; kind.
୧୪ । ନିଷେଧ—14. Prohibition. ( M. W. )
୧୫ । ଅର୍ଘ୍ୟ; ମୂଲ୍ୟ—15. Price.
ଦେ. ଅ. ( ସଂ. ଅର୍ଥେ )—ପାଇଁ; ସକାଶେ—For.
ବୋଲେ କେମାନ୍ତୁ ଅଣ ଦେଖଣି ଅର୍ଥେ ।
ଭଞ୍ଜ· ବୈଦେହୀଶବିଳାସ ।

ଅର୍ଥକର—ସଂ. ବଣ. ପୁଂ ( ଅର୍ଥ + କୃ ଧାତୁ + କର୍ତ୍ତୃ. ଅ )
Arthakara ୧ । ଯହିଁରୁ ଅର୍ଥ ଲାଭ ହୁଏ—
(ଅର୍ଥକରୀ—ସ୍ତ୍ରୀ) 1. Yielding riches.
୨ । ଦରକାରୀ; ପ୍ରୟୋଜନୋପଯୋଗୀ—2. Useful.
୩ । ସୁଖଧାରକ—3. Producing advantage ( M. W. )

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'କଂଧ' ନ ପାଇଲେ 'କନ୍ଧ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲଂକାର' ନ ପାଇଲେ 'ଅଳଙ୍କାର' ଦେଖିବେ

**ଅର୍ଥକାମ**—ସଂ. ବି. ( ୬ଷ୍ଠୀ ତତ୍ ) ଧନ ଲାଭ କରିବା ଇଚ୍ଛା—
Arthakāma Desire for wealth.
ସଂ. ବିଣ. ପୁଂ (ବହୁବ୍ରୀହି; ଅର୍ଥ+କାମ )—୧। ଅର୍ଥ ପାଇବା ପାଇଁ
(ଅର୍ଥକାମା—ସ୍ତ୍ରୀ) ଇଚ୍ଛୁକ—1. Desirous for wealth.
୨। ଲୋଭୀ—2 Avaricious.

**ଅର୍ଥକାମୀ**—ସଂ. ବିଣ. ପୁଂ. ( ଉପପଦତତ୍ପୁରୁଷ; ଅର୍ଥ+କାମିନ୍ ୧ମା. ୧ବ. )—ଅର୍ଥକାମ ( ଦେଖ )
Arthakāmi
(ଅର୍ଥକାମିନୀ—ସ୍ତ୍ରୀ) Arthakāma ( See )

**ଅର୍ଥକାର୍ଶ୍ୟ**—ସଂ. ବି. ( ୬ଷ୍ଠୀ ତତ୍; ଅର୍ଥ+କାର୍ଶ୍ୟ )
Arthakārsya ୧। ନିର୍ଧନତା—1. Poverty.
୨। ଧନାଭାବ—2. Paucity of funds

**ଅର୍ଥକିଲ୍ବିଷୀ**—ସଂ. ବିଣ.ପୁଂ (୭ମୀ ତତ୍;ଅର୍ଥ+କିଲ୍ବିଷିନ୍; ୧ମା.୧ବ.)—
Arthakilwishi ଧନ ସମ୍ବନ୍ଧରେ ଅସତ୍ ( ବ୍ୟକ୍ତି )—
(ଅର୍ଥକିଲ୍ବିଷିଣୀ—ସ୍ତ୍ରୀ) Dishonest in money-matters.

**ଅର୍ଥକୃଚ୍ଛ୍ର**—ସଂ. ବି. ( ମଧ୍ୟପଦଲୋପୀ; ଅର୍ଥଜନିତ କୃଚ୍ଛ୍ର )—
Arthakruchchhra ଅର୍ଥାଭାବଜନିତ କଷ୍ଟ, ଅର୍ଥକଷ୍ଟ—
Want; hardship caused by want.

**ଅର୍ଥକୃତ୍ୟ**—ସଂ. ବି. ( ୬ଷ୍ଠୀ ତତ୍; ଅର୍ଥ+କୃତ୍ୟ )—
Arthakrutya କୌଣସି ବିଷୟର ମୀମାଂସା —
The settling of a matter. (M. W.)

**ଅର୍ଥକୋବିଦ**—ସଂ. ବିଣ. ପୁଂ. ( ୭ମୀ ତତ୍; ଅର୍ଥ+କୋବିଦ )—
Arthakobida କୌଣସି ବିଷୟରେ ବିଶେଷଜ୍ଞ—
Expert in any matter.

**ଅର୍ଥକ୍ରିୟା**—ସଂ. ବି. ( ମଧ୍ୟପଦଲୋପୀ; ଅର୍ଥ ସାଧନାର୍ଥ କୃତ କ୍ରିୟା )—
Arthakriyā ୧। ବିଶିଷ୍ଟ ଉଦ୍ଦେଶ୍ୟରେ କରାଯିବା କର୍ମ—
1. Action performed with a special purpose.
୨। ଅନ୍ୟମାନଙ୍କ ଉପକାରରେ ଲାଗିବା—
2. The being useful to others.

**ଅର୍ଥଗୃଧ୍ନା**—ଦେ. ବି. ସଂ (ଅର୍ଥଗୃଧ୍ନୁ ବିଶେଷଣ ଶବ୍ଦର ଅନୁକରଣରେ
Arthagrudhnā ଅବିଶୁଦ୍ଧ ଶବ୍ଦ; ଏ ପ୍ରୟୋଗ ପ୍ରାମାଦିକ)—
ଅର୍ଥଲାଲସା, ଅର୍ଥଲୋଭ—Avarice for wealth.

ଅର୍ଥଗୃଧ୍ନା ଅର୍ଥ ଗୃଧ୍ନୁ ଦସ୍ୟୁଙ୍କର ଚରିତାର୍ଥ ହୋଇ ନାହିଁ ତଥାପି ।
ଚନ୍ଦ୍ରକଶୋର; କୃଷ୍ଣକୁମାରୀ ।

**ଅର୍ଥଗୃଧ୍ନୁ**—ସଂ. ବିଣ. ପୁଂ ଓ ସ୍ତ୍ରୀ. ( ଅର୍ଥ+ଗୃଧ ଧାତୁ=ଲୋଭକରିବା+
Arthagrudhnu କର୍ତ୍ତୃ. ନୁ )—ଅର୍ଥଲୋଭୀ; ଧନଲୋଲୁପ—
Avaricious; greedy of gain.

**ଅର୍ଥଗୌରବ**—ସଂ. ବି. (ମଧ୍ୟପଦଲୋପୀ; ଅର୍ଥଜନିତ ଗୌରବ)—
Arthagauraba ୧। ଗୂଢ଼ାର୍ଥତା—
1 Depth of meaning.
୨। ଧନଯୋଗୁଁ ପୂଜା ବା ମାନ୍ୟ—
2 Respect due to riches.

**ଅର୍ଥଗ୍ରାହୀ**—ସଂ. ବିଣ. (ଅର୍ଥ+ଗ୍ରହ ଧାତୁ+କର୍ତ୍ତୃ. ଇନ୍. ୧ମା. ୧ବ.)—
Arthagrāhi ୧। ଯେ ଧନ ଗ୍ରହଣ କରେ—1. Taking
(ଅର୍ଥଗ୍ରାହିଣୀ—ସ୍ତ୍ରୀ) money; abstracting money.
୨। ଯେ ଶବ୍ଦାଦିର ତାତ୍ପର୍ଯ୍ୟ ଗ୍ରହଣ କରେ—
2. Understanding the meaning of words and expressions.
୩। ଅର୍ଥଲୋଭୀ—3. Avaricious.
(ଯଥା—ଅର୍ଥଗ୍ରାହୀ ସନ୍ନ୍ୟାସୀ ଦଣ୍ଡ ପ୍ରଣାମରେ ସନ୍ତୁଷ୍ଟ ନୁହନ୍ତି ।)

**ଅର୍ଥଘ୍ନ**—ସଂ. ବିଣ. ପୁଂ. (ଅର୍ଥ+ହନ ଧାତୁ+କର୍ତ୍ତୃ. ଅ) —
Arthaghna ୧। ସାଦାଖରଚୀ; ଅମିତବ୍ୟୟୀ—
(ଅର୍ଥଘ୍ନୀ—ସ୍ତ୍ରୀ) 1. Extravagant, wasteful.
୨। କ୍ଷତିକାରକ—2. Causing loss or damage.
୩। ସୁବିଧା ନଷ୍ଟକାରକ—
3. Destroying advantage.

**ଅର୍ଥଜ୍ଞ**—ସଂ. ବିଣ. ପୁଂ. ( ଅର୍ଥ+ଜ୍ଞା ଧାତୁ+କର୍ତ୍ତୃ. ଅ )—
Arthajña ୧। ଶବ୍ଦାର୍ଥ ଜାଣିବା (ବ୍ୟକ୍ତି)—1. Conversant
(ଅର୍ଥଜ୍ଞା—ସ୍ତ୍ରୀ) with meanings of words
୨। ଅର୍ଥଶାସ୍ତ୍ର ପାରଦର୍ଶୀ—2. Versed in Economics.

**ଅର୍ଥତଃ**—ସଂ. ଅ. (ଅର୍ଥ+ତସ୍)—୧। ଫଳତଃ—
Arthataḥ 1. Consequently.
୨। ଅର୍ଥାତ୍—2. Namely; that is.
୩। ବସ୍ତୁତଃ—3. Indeed.

**ଅର୍ଥଦଣ୍ଡ**—ସଂ. ବି. (ମଧ୍ୟପଦଲୋପୀ; ଅର୍ଥ ଆକାରରେ ଦଣ୍ଡ)—
Arthadaṇḍa ଯୋରିମାନା—Fine.

**ଅର୍ଥଦୋଷ**—ସଂ. ବି.—ଅଳଙ୍କାରଶାସ୍ତ୍ରୋକ୍ତ ଦୋଷ; ଯେଉଁ ଦୋଷ
Arthadosha କାର୍ଯ୍ୟର ତାତ୍ପର୍ଯ୍ୟ ବା ଅର୍ଥକୁ ଅଶୁଦ୍ଧ କରିଥାଏ ।
( ଯଥା—ଅପୁଷ୍ଟତା, ଦୁଷ୍କ୍ରମତା, ଗ୍ରାମ୍ୟତା, ବ୍ୟାହତତ୍ୱ, ଅଶ୍ଳୀଳତା, କଷ୍ଟାର୍ଥତା, ପୁନରୁକ୍ତତା, ବିରୁଦ୍ଧତା, ଅନବୀକୃତତା ଓ ବିଦ୍ୟାବିରୁଦ୍ଧତା)—
A fault in rhetoric.

**ଅର୍ଥନ**—ସଂ. ବି. (ଅର୍ଥ ଧାତୁ+ଭାବ. ଅନ)—ପ୍ରାର୍ଥନା, ଯାଚ୍ଞା—
**Arthana** Solicitation.

**ଅର୍ଥନା**—ସଂ. ବି. (ଅର୍ଥନ+ଆ)—ଅର୍ଥନ (ଦେଖ)
Arthanā Arthana (See)

**ଅର୍ଥନୀତି**—ସଂ. ବି. ( ମଧ୍ୟପଦଲୋପୀ; ଅର୍ଥ ବିଷୟକ ନୀତି )—ଯେଉଁ
Arthaniti ବିଜ୍ଞାନରେ ଧନୋପାର୍ଜନାଦି ବିଷୟର ଚର୍ଚ୍ଚା ହୁଏ—
The science of Economics; the science of wealth.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇୟ | ଉଅ | ତ |
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟଁ | ଇଅ | ୱ | ନ୍ତ |

**ଅର୍ଥପତି**—ସଂ. ବି. (୬ଷ୍ଠୀ ତତ୍; ଅର୍ଥ+ପତି)—୧ । ଧନୀ ବ୍ୟକ୍ତି—
Arthapati 1. A rich man.
୨ । ରଜା—2. A king.
୩ । କୁବେର—3. The Hindu God of wealth.

**ଅର୍ଥ ପିଶାଚ**—ସଂ. ବିଣ. (ମଧ୍ୟପଦଲୋପୀ; ଅର୍ଥ ସମ୍ବନ୍ଧେ ପିଶାଚ)—
Arthapisācha ଅତ୍ୟନ୍ତ ଧନଲୋଲୁପ—
Very avaricious.

**ଅର୍ଥପ୍ରୟୋଗ**—ସଂ. ବି. ( ୬ଷ୍ଠୀ ତତ୍; ଅର୍ଥ+ପ୍ରୟୋଗ=ଲାଭାର୍ଥ ବ୍ୟବହାର )—
Arthaprayoga
୧ । ଋଣରେ ଟଙ୍କା ଖଟାଇବା; ମହାଜନୀ—
1. Investment of money in loan; usury.
୨ । ଲାଭ ପାଇଁ ବାଣିଜ୍ୟାଦିରେ ଟଙ୍କା ଲଗାଇବା—
2. Investment of money in trade etc for profit.

**ଅର୍ଥବଳ**—ସଂ. ବି. ( ମଧ୍ୟପଦଲୋପୀ; ଅର୍ଥଜନିତବଳ )—
Arthabala ୧ । ଧନବଳ; ପାଖରେ ଧନ ଥିବାରୁ ମନୁଷ୍ୟର ଯେଉଁ ଶକ୍ତି ବା ସାମର୍ଥ୍ୟ ହୁଏ—
1. Power derived from riches.
୨ । ଅର୍ଥସଙ୍ଗତି—
2. Sufficience in money-matters.
୩ । ସମ୍ପଦ—3. Affluence.

**ଅର୍ଥବାଦ**—ସଂ. ବି. ( ୬ଷ୍ଠୀ ତତ୍; ଅର୍ଥ=ବସ୍ତୁ ବା ସ୍ୱରୂପ ବା ଉଦ୍ଦେଶ୍ୟ+
Arthabāda ବାଦ=କଥନ )—୧ । ପ୍ରଶଂସା—
1, Praise; eulogy.
୨ । ଉଦ୍ଦେଶ୍ୟକଥନ—
2. Declaration of purpose.
୩ । ଆଇନ୍ ଆଦିର ଅବତରଣିକାରେ ଆଇନର ପ୍ରୟୋଜନର କଥନ—
3. Preamble to an act of legislature.
୪ । ପ୍ରାର୍ଥନାପତ୍ର—4. Petition.
୫ । ସ୍ୱାଭିପ୍ରାୟୋକ୍ତି—5. Giving vent to one's thought or opinion.
[ ଦ୍ର—ଏହା ଦୁଇପ୍ରକାର; ୧.ସ୍ତୁତ୍ୟର୍ଥବାଦ; ୨. ନିନ୍ଦାର୍ଥବାଦ । ]

**ଅର୍ଥବାନ୍**—ସଂ. ବିଣ. ପୁଂ. ( ଅର୍ଥ+ଅସ୍ତି ଅର୍ଥରେ. ବତ୍ )—
Arthabān ୧ । ଅର୍ଥଯୁକ୍ତ; ଧନୀ—
( ଅର୍ଥବତୀ—ସ୍ତ୍ରୀ ) 1. Rich; substantial.
୨ । ସାର୍ଥକ—2. Significant.
୩ । ସଫଳ—3. Successful.
୪ । ସାଭିପ୍ରାୟ—
4. Having some purpose or intention.
୫ । ଉଦ୍ଦେଶ୍ୟ ବିଶିଷ୍ଟ—
5. Having some end in view.

**ଅର୍ଥବିଜ୍ଞାନ**—ସଂ. ବି. ( ମଧ୍ୟପଦଲୋପୀ; ଅର୍ଥ ସମ୍ବନ୍ଧୀୟ ବିଜ୍ଞାନ )—
Arthabijñāna ୧ । ଅର୍ଥବୋଧ—( ବୁଦ୍ଧିର ଷୋଳନାବିଷୟକ ଆଠ ଗୋଟି କର୍ମ ମଧ୍ୟରୁ ଏକତମ । )
1. Comprehension of meaning ( M.W. )
୨ । ଶବ୍ଦଶକ୍ତି ଗ୍ରହଣ—
2. Assimilation of the power of words.
ଦେ. ବି.—ଅର୍ଥନୀତି—Economics.

**ଅର୍ଥବିଦ୍**—ସଂ. ବିଣ. ( ଅର୍ଥ+ବିଦ ଧାତୁ+କ୍ୱିପ୍; ୧ମା. ୧ବ. )—
Arthabid ୧ । ଶବ୍ଦାର୍ଥଜ୍ଞ—1. Conversant with the meaning of words.
୨ । ଅର୍ଥଶାସ୍ତ୍ରଜ୍ଞ—2. Versed in Economics.
୩ । ଜ୍ଞାନୀ—3. Wise.
୪ । ମର୍ମଜ୍ଞ - 4. Knowing the sense.

**ଅର୍ଥବିନିଯୋଗ**—ସଂ. ବି. ( ୬ଷ୍ଠୀ ତତ୍; ଅର୍ଥ+ବିନିଯୋଗ )—
Arthabinijoga ଅର୍ଥପ୍ରୟୋଗ ( ଦେଖ )
Arthaprayoga ( See )

**ଅର୍ଥବୋଧ**—ସଂ. ବି. ( ୬ଷ୍ଠୀ ତତ୍, ଅର୍ଥ+ବୋଧ )—ପଦର ଅର୍ଥ ବା
Arthabodha ମର୍ମ ବିଷୟରେ ପ୍ରବେଶ—Comprehension of the meaning of an expression or sentence.

**ଅର୍ଥବ୍ୟବହାର**—ସଂ. ବି. (୬ଷ୍ଠୀ ତତ୍; ଅର୍ଥ+ବ୍ୟବହାର=ବ୍ୟବସାୟ)—
Arthabyabahāra ଅର୍ଥପ୍ରୟୋଗ ( ଦେଖ )—
Arthaprayoga ( See )

**ଅର୍ଥଭାକ୍**—ସଂ. ବିଣ. ପୁଂ. ଓ ସ୍ତ୍ରୀ. ( ଅର୍ଥ+ଭଜ ଧାତୁ+କ୍ୱିପ୍; ୧ମା.
Arthabhāk ୧ବ. )—ସମ୍ପତ୍ତି ବିଭାଗ ହେଲାବେଳେ ଯେ ହିଂସା ପାଇବାର ହକ୍‌ଦାର ଅଟେ—Entitled to have a share in the division of property.

**ଅର୍ଥଭାଗୀ**—ସଂ. ବି. ପୁଂ. (ଅର୍ଥ+ଭଜ ଧାତୁ+ଇନ୍; ୧ମା. ୧ବ.)—
Arthabhāgi ଅର୍ଥଭାକ୍ ( ଦେଖ )
Arthabhāk ( See )

**ଅର୍ଥଭେଦ**—ସଂ. ବି. (୬ଷ୍ଠୀ ତତ୍; ଅର୍ଥର ଭେଦ ବା ପାର୍ଥକ୍ୟ)—
Arthabheda କୌଣସି ଶବ୍ଦର ବା ବାକ୍ୟର ଅର୍ଥର ବିଭିନ୍ନତା—
The distinction or difference of meaning.

**ଅର୍ଥଭ୍ରଂଶ**—ସଂ. ବି. ( ୬ଷ୍ଠୀ ତତ୍; ଅର୍ଥ+ଭ୍ରଂଶ )—
Arthabhramśa ୧ । ସମ୍ପତ୍ତି କ୍ଷୟ—1. Loss of fortune.
୨ । ବିନାଶ; ସର୍ବନାଶ—2. Ruin.
୩ । ଉଦ୍ଦେଶ୍ୟର ବ୍ୟର୍ଥତା—
3. Failing of an aim or intention.

**ଅର୍ଥଲୋଭ**—ସଂ.ବି. (୬ଷ୍ଠୀ ତତ୍; ଅର୍ଥ+ଲୋଭ)—ଧନ ଲୋଭ—
Arthalobha Avarice.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧ' ନ ପାଇଲେ 'ବଦ୍ଧ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

**ଅର୍ଥଲୋଭୀ**—ସଂ. ବିଣ. ପୁଂ—ଧନ ଲୋଭୀ—
Arthalobhī — Avaricious.

**ଅର୍ଥଲୋଲୁପ**—ସଂ. ବିଣ.ପୁଂ (୭ମୀ ତତ୍; ଅର୍ଥ=ଧନ+ଲୋଲୁପ=ଲୋଭୀ)—
Arthalolupa — ଅତିଶୟ ଧନଲୋଭୀ—Very avaricious.
(ଅର୍ଥଲୋଲୁପା—ସ୍ତ୍ରୀ)

**ଅର୍ଥଶାଲୀ**—ସଂ. ବିଣ. ପୁଂ. (ଅର୍ଥ+ଅସ୍ତ୍ୟର୍ଥେ. ଶାଳିନ୍)—
Arthasāli — ୧ । ଧନଶାଳୀ; ଧନୀ—1. Rich.
(ଅର୍ଥଶାଳିନୀ—ସ୍ତ୍ରୀ) ୨ । ଅର୍ଥଯୁକ୍ତ—2. Having proper meaning.

**ଅର୍ଥଶାସ୍ତ୍ର**— ସଂ. ବି. (ଅର୍ଥ=ଭୂମି ଧନାଦି ପ୍ରାପକ ଧନ+ଶାସ୍ତ୍ର)—
Arthasāstra — ୧ । ଶବ୍ଦାର୍ଥବିଷୟକ ବିଦ୍ୟା; ଅଭିଧାନ—
1. Vocabulary; dictionary; lexicography.
୨ । ଅର୍ଥୋତ୍ପାଦକ ଶାସ୍ତ୍ର ( ବୃହସ୍ପତି, ଶୁକ୍ରାଚାର୍ଯ୍ୟ ପ୍ରଭୃତିଙ୍କ ପ୍ରଣୀତ ଅର୍ଥ-ନୀତିସମ୍ବନ୍ଧିତ ଶାସ୍ତ୍ର )—
2. Economics.
୩ । କୃଷିଶାସ୍ତ୍ର—3 The science of agriculture.
୪ । ରାଜ୍ୟ ଶାସନ ଓ ସାଂସାରିକ ବ୍ୟବହାର ସମ୍ବନ୍ଧରେ ଯେଉଁ ପୁସ୍ତକରୁ ଜ୍ଞାନ ଜନ୍ମେ—
4. Book treating of practical life and political government.

**ଅର୍ଥଶୂନ୍ୟ**—ସଂ. ବି. ( ୩ୟା ତତ୍; ଅର୍ଥ+ଶୂନ୍ୟ )—
Arthasūnya — ୧ । ଶବ୍ଦାର୍ଥହୀନ—1. Meaningless; unmeaning.
୨ । ଧନହୀନ—2. Poor.

**ଅର୍ଥସଂସ୍ଥାନ**—ସଂ. ବି. (୬ଷ୍ଠୀ ତତ୍; ଅର୍ଥ+ସଂସ୍ଥାନ)—
Arthasamsthāna — ୧ । ଅର୍ଥ ସଞ୍ଚୟ—
1. Accumulation of wealth.
୨ । ଅର୍ଥ ସଙ୍ଗତି—2. Competence.
୩ । ପ୍ରୟୋଜନୀୟ ଅର୍ଥର ବନ୍ଦୋବସ୍ତ—
3. Arrangement for getting required funds.
୪ । ଧନାଗାର—4. Treasury (M. W.)

**ଅର୍ଥସାଧନ**—ସଂ. ବି. ( ୬ଷ୍ଠୀ ତତ୍; ଅର୍ଥ+ସାଧନ )—
Arthasādhana — ୧ । ଉଦ୍ଦେଶ୍ୟସିଦ୍ଧି—1. Accomplishment of a design; success.
୨ । ଧନଉପାର୍ଜନ—2. Acquisition of wealth.
୩ । ଗୁଣିବିଦ୍ୟାରେ ସିଦ୍ଧି ବିଶେଷ—3. Name of a particular faculty in magic.

**ଅର୍ଥହୀନ**—ସଂ. ବି. ( ୩ୟା ତତ୍; ଅର୍ଥ+ହୀନ )—
Arthahīna — ୧ । ଧନହୀନ; ଦରିଦ୍ର—1. Poor.
୨ । ଅନର୍ଥକ—2. Without meaning.

**ଅର୍ଥାଗମ**—ସଂ. ବି. (୬ଷ୍ଠୀ ତତ୍; ଅର୍ଥ+ଆଗମ)—
Arthāgama — ୧ । ଧନ ଲାଭ—
1. Influx of wealth.
୨ । ଆୟ—2. Income.
୩ । ଧନପ୍ରାପ୍ତି—3. Acquisition of wealth,

**ଅର୍ଥାତ୍**—ସଂ. ଅ (ଅର୍ଥ=ବସ୍ତୁ;. ଫଳ+୫ମୀ ବିଭକ୍ତି ତସ୍ପ ଅତ୍ )—
Arthāt — ୧ । ବସ୍ତୁତଃ—
1. That is; i.e.; namely; meaning.
୨ । ତାତ୍ପର୍ଯ୍ୟ ଏହି ଯେ—2. That is to say.
୩ । ଫଳତଃ—3. As a matter of fact.

**ଅର୍ଥାନ୍ତର**—ସଂ. ବି. ( ଅନ୍ୟ+ଅର୍ଥ; କର୍ମଧା; ପରନିପାତ )—
Arthāntara — ୧ । ଅନ୍ୟ ଅର୍ଥ—1. Different meaning; another meaning.
୨ । ଅର୍ଥଭେଦ ( ଦେଖ )
2. Arthabheda ( See )
୩ । ବିରୁଦ୍ଧାର୍ଥ—3. Opposite or antithetical meaning.
୪ । ପ୍ରକୃତ ବିଷୟର ଅନାକାଙ୍କ୍ଷିତ ଅର୍ଥ—
4. Meaning which was not intended.

**ଅର୍ଥାନ୍ତରନ୍ୟାସ**—ସଂ. ବି—କାବ୍ୟାଲଙ୍କାରବିଶେଷ ( ଯେଉଁ
Arthāntaranyāsa — ଅଳଙ୍କାରରେ ଗୋଟିଏ ବିଶିଷ୍ଟ ଘଟଣାରୁ ସାଧାରଣ ନିୟମର ଅବତାରଣା କିମ୍ବା ସାଧାରଣ ନିୟମରୁ କୌଣସି ବିଶିଷ୍ଟ ଘଟଣାର ଅବତାରଣା କରାଯାଏ )—
A figure in rhetoric; introduction of some other matter ( an illustration of a particular case by a general truth or of a general truth by a particular case )
[ ଦୃ—ବିଶିଷ୍ଟ ଘଟଣାରୁ ସାଧାରଣ ନିୟମର ଉଦାହରଣ—
ବରଷାକାଳ ଅଟେ ଉର୍ଭି ଦମିନ୍ତ, ମାତ୍ର ପଙ୍କଜ ମଲ୍ଲ ନୋହେ ବଢନ୍ତ ।
ଜଳ ଗହଳ ହେଲା ତା ପକ୍ଷେ ଯମ
ଜଡ ସମ୍ପଦ ବାନ୍ଦୁ ମହାବିଷମ । ରାଧାନାଥ. ଭୂଳସୀସ୍ତବକ ।]

**ଅର୍ଥାନ୍ତରେ**—ଦେ. ଅ—୧ । ଅନ୍ୟଦିଗରେ; ଅନ୍ୟଭାବରେ—
Arthāntare — 1. Otherwise.
अर्थान्तरे — ୨ । ଅନ୍ୟ ଅର୍ଥରେ—
औरतरह — 2. In another sense.

**ଅର୍ଥାପତ୍ତି**—ସଂ. ବି. ( ୬ଷ୍ଠୀ ତତ୍; ଅର୍ଥ+ଆପତ୍ତି=ପ୍ରାପ୍ତି )—
Arthāpatti — ୧ । ଅର୍ଥର ପ୍ରାପ୍ତି—
1. Acquisition of riches.
୨ । ଅର୍ଥାଲଙ୍କାରବିଶେଷ—
2. ( a rhetorical figure ) Metonymy.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇପ୍ | ଉଅ | ଋ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗଂ୍ୟ | ଇଅ | ଔ | କ୍ଟ |

[ ଦ୍ର—ଏକ ବିଷୟର କଥନଦ୍ୱାରା ବିଷୟାନ୍ତରର କଥନ ସହଜରେ ନିଷ୍ପନ୍ନ ହେଲେ ଅର୍ଥାପତ୍ତି ଅଳଙ୍କାର ହୁଏ—ଯଥା—

ଥାଉ ଆନ କଥା ଯୋଗୀ ଜନମନ ହୋଇଛି ଆଜ ଅଥିର
ଦେଖୁଥିଲେ ଯେନ୍ତ୍ର ବ୍ରହ୍ମମୟ ବସ୍ତୁ ଦେଖନ୍ତି ସେ ନାରୀମୟ ।
ରାଧାନାଥ—ପାର୍ବତୀ.
କୁଳମଣି. ଅଳଙ୍କାରତରଙ୍ଗିଣୀ ।

୩ । ପାରିପାର୍ଶ୍ୱିକଘଟନାରୁ ଅର୍ଥର ଅନୁମାନ—
3. Inference from circumstances.

୪ । ( ନ୍ୟାୟ ) ଅନୁମାନର ପ୍ରସ୍ତାବନାବିଶେଷ—
4. ( Logic ) A disjunctive hypothetical syllogism ( M. W )

**ଅର୍ଥାବମର୍ଦ୍ଦ**—ସଂ. ବି. ( ୬ଷ୍ଠୀ ତତ୍; ଅର୍ଥ+ଅବମର୍ଦ୍ଦ )—
Arthābamardda ବ୍ୟୟଶୀଳତା—
Prodigality ( M. W.)

**ଅର୍ଥାର୍ଥ**—ସଂ. ବିଣ. ( ବହୁବ୍ରୀହି; ଅର୍ଥ+ଅର୍ଥ )—
Arthārtha ଉଦ୍ଦେଶ୍ୟ ସାଧନ ପାଇଁ ଉପଯୋଗୀ—
Effective for the accomplishment of the aim in view.

ସଂ. କ୍ରି. ବିଣ—ଅର୍ଥ ବା ଧନ ନିମନ୍ତେ—
On account of money.

**ଅର୍ଥାର୍ଥୀ**—ସଂ. ବିଣ. ପୁଂ. ( ଅର୍ଥ+ଅର୍ଥ+ଇନ୍. ୧ମା. ୧ବ. )—
Arthārthi ୧ । ଧନ ପାଇବା ପାଇଁ ପ୍ରୟାସୀ—
(ଅର୍ଥାର୍ଥିନୀ—ସ୍ତ୍ରୀ) 1. Desirous of gaining wealth.

୨ । ଉଦ୍ଦେଶ୍ୟ ଲାଭ କରିବାକୁ ଇଚ୍ଛୁକ—
2. Desirous of gaining ones' object.

୩ । ଲାଭ କରିବାକୁ ଇଚ୍ଛୁକ—
3. Desrrous of making a profit

୪ । ସ୍ୱାର୍ଥାନ୍ୱେଷୀ; ଆପସୁଆର୍ଥୀ—
4. Selfish ( M. W. )

**ଅର୍ଥାଲଙ୍କାର**—ସଂ. ବି. ( ମଧ୍ୟପଦଲୋପୀ; ଅର୍ଥ ସମ୍ବନ୍ଧୀୟ ଅଳଙ୍କାର)—
Arthālankāra ସାହିତ୍ୟରେ ଅଳଙ୍କାରବିଶେଷ ( ବ୍ୟବହୃତ ଶବ୍ଦର ଅର୍ଥ ବିଷୟରେ ଶୋଭା ଏ ଅଳଙ୍କାରର ଉଦ୍ଦେଶ୍ୟ । ଏଥିରେ ଶବ୍ଦର ଶୋଭା ନ ଥାଇ ଅର୍ଥର ଶୋଭା ଥାଏ; ଉପମା, ରୂପକ ଆଦି ଅର୍ଥାଲଙ୍କାର; ଯହିଁରେ ଶବ୍ଦର ଶୋଭା ଥାଏ ତାକୁ ଶବ୍ଦାଲଙ୍କାର ବୋଲାଯାଏ; ଯଥା—ଯମକ, ଅନୁପ୍ରାସ )—Embellishment of the sense by poetical figures

**ଅର୍ଥିକ**—ସଂ. ବିଣ. ପୁଂ. ( ଅର୍ଥ+ଇକ )—
Arthika ୧ । ଯେ କୌଣସି ବିଷୟ ଲୋଡ଼ୁଥାଏ—
(ଅର୍ଥିକା—ସ୍ତ୍ରୀ) 1. Wanting anything

୨ । ଯାଚକ—2. Begging for anything.

ସଂ. ବି.—୧ । ଭିକ୍ଷୁକ—1. Beggar.

୨ । ରାଜାମାନଙ୍କୁ ନିଦରୁ ଉଠାଇବା ପାଇଁ ସ୍ତୁତିପାଠକ ବ୍ୟକ୍ତି—2. Herald whose duty is to sing songs to awaken a Rājā from his sleep.

୩ । ରାଜାଙ୍କ ପ୍ରହରୀବିଶେଷ ( ଦିବସର ସମୟ ଗୀତ ବା ଘଣ୍ଟା ଦ୍ୱାରା ଜଣାଇବା ଓ ରାଜାଙ୍କୁ ଶୋଇବାକୁ ଯିବା ଓ ଶଯ୍ୟା ତ୍ୟାଗ କରିବାର ସମୟ ଜଣାଇବା ଏମାନଙ୍କ କାର୍ଯ୍ୟ )—
3. A prince's watchman ( announcing by song or music the hours of the day, specially those for rising and going to rest) ( M. W. )

**ଅର୍ଥିତ**—ସଂ. ବିଣ. ପୁଂ. ( ଅର୍ଥ ଧାତୁ=ପ୍ରାର୍ଥନା କରିବା+କର୍ମ. ତ )—
Arthita ୧ । ଯାହାଙ୍କୁ କେହି କିଛି ପ୍ରାର୍ଥନା କରୁଥାଏ—
(ଅର୍ଥିତା—ସ୍ତ୍ରୀ) 1. One who has been approached with any prayer.

୨ । ପୃଷ୍ଟ; ଜିଜ୍ଞାସିତ—2. Asked.

୩ । ବାଞ୍ଛିତ—3. Desired; wished for.

୪ । ଅନୁରୁଦ୍ଧ—4. Requested.

୫ । ପ୍ରାର୍ଥିତ—5. Prayed for; solicited.

ସଂ. ବି.—ବାଞ୍ଛା; ଇଚ୍ଛା—Desire; wish.

**ଅର୍ଥିତା**—ସଂ. ବିଣ. ସ୍ତ୍ରୀ. ( ଅର୍ଥିତ+ଆ )—ଅର୍ଥିତର ସ୍ତ୍ରୀଲିଙ୍ଗ—
Arthitā Feminine of Arthita.

ସଂ. ବି. ( ଅର୍ଥିନ୍+ତା )—୧ । ଅର୍ଥୀ ବା ପ୍ରାର୍ଥୀର ଅବସ୍ଥା—
1. The condition of a suppliant.

୨ । ଇଚ୍ଛା; ବାଞ୍ଛା—2 Wish; desire.

୩ । ପ୍ରାର୍ଥନା; ଅନୁରୋଧ—3. Asking; request.

**ଅର୍ଥୀ**—ସଂ. ବିଣ. ପୁଂ. ( ଅର୍ଥ ଧାତୁ+ଇନ୍. ୧ମା. ୧ବ. )—
Arthi ୧ । (ଅମୁକ ବସ୍ତୁ ପାଇଁ) ପ୍ରାର୍ଥନାକାରୀ; ପ୍ରାର୍ଥୀ—
(ଅର୍ଥିନୀ—ସ୍ତ୍ରୀ) 1. Praying or craving for
(ଅର୍ଥିତା—ବି) anything.

୨ । ଇଚ୍ଛୁକ—2 Desirous.

୩ । ଯାଚକ—3. Soliciting.

୪ । ଦରଖାସ୍ତକାରୀ—4. Petitioning.

୫ । ଲାଳାୟିତ—5. Longing for.

୬ । ଉଦ୍ଦେଶ୍ୟ ସାଧନେଚ୍ଛୁ—
6. Desirous of fulfilment of aim.

୭ । ଧନୀ—7 Rich.

୮ । କାମୁକ—8. Libidinous ( M. W. )

୯ । ଯେ ଅର୍ଥ ବ୍ୟାଖ୍ୟା କରେ—
9. Explaining the meaning.

ସଂ. ବି—୧ । ମକଦ୍ଦମାରେ ବାଦୀ; ମୁଦେଇ—
1. Plaintiff; complainant.

( ପ୍ରତ୍ୟର୍ଥୀ—ବିପରୀତ )

୨ । ଭିକ୍ଷୁକ—2. Beggar.

୩ । ଉମେଦବାର—3. Suitor.

ସାଧାରଣ ଲୋକେ ଅପର ପୃଷ୍ଠାରେ ଲିଖିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ଚିହ୍ନିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଖାଇ' ନ ମିଳିଲେ 'ଖାଈ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍ତ' ଦେଖିବେ ।

୪ । ସେବକ; ଭୃତ୍ୟ—4. Servant.
୫ । ବିବାହ ପାଇଁ କନ୍ୟା ପ୍ରାର୍ଥୀ ବ୍ୟକ୍ତି—
5. One who asks for a girl in marriage; wooer (M. W.)
୬ । ସଙ୍ଗୀ—6. Companion.

**ଅର୍ଥେ**—ସଂ. ଅ. (ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୁଏ ଯଥା; ଭୋଜନାର୍ଥେ)—
Arthe ୧ । (ଅମୁକ) ପାଇଁ; ନିମିତ୍ତ—1. For.
୨ । (ଅମୁକ) ପ୍ରୟୋଜନ ପାଇଁ—2. With a view to; with the object of.
୩ । (ଅମୁକ) ଉଦ୍ଦେଶ୍ୟରେ—3. For the purpose of
ମିଳଲେ ଯାଇଁ ଭୁଲୁ ଦେବେ । ସ୍ୱାମୀଙ୍କୁ ଦେଖିବାର ଅର୍ଥେ ।
ଜଗନ୍ନାଥ. ଭାଗବତ ।

**ଅର୍ଥୋତ୍ସର୍ଗ**—ସଂ. ବି. (୬ଷ୍ଠୀ ତତ୍, ଅର୍ଥ+ଉତ୍ସର୍ଗ)—ଧନବ୍ୟୟ—
Arthotsarga Expenditure of money.

**ଅର୍ଥୋପମା**—ସଂ. ବି—ଉପମାଲଙ୍କାରବିଶେଷ (ଏଥିରେ ଉପମେୟ
Arthopamā ବିଷୟର ଉଲ୍ଲେଖ ଥାଏ କିନ୍ତୁ ଉପମାର ଅଙ୍ଗମାନ ନ ଥାଏ; ଯଥା—ରାମ ପୁରୁଷସିଂହ ଅଟନ୍ତି)—
A simile which merely states the object of comparison without mentioning any particle thereof.

**ଅର୍ଥୋପାର୍ଜନ**—ସଂ. ବି. (୬ଷ୍ଠୀ ତତ୍; ଅର୍ଥ+ଉପାର୍ଜନ)—
Arthopārjana ୧ । ଧନ ଜମେଇବା; ଧନଅର୍ଜନ—
1. Acquisition or earning of wealth.
୨ । ଧନସଂଗ୍ରହ—2. Collection of riches.

**ଅର୍ଥୋଷ୍ମା**—ସଂ. ବି. (ମଧ୍ୟପଦଲୋପୀ; ଅର୍ଥ+ଉଷ୍ମନ୍; ୧ମା. ୧ବ)—
Arthoshmā ୧ । ଧନଗର୍ବ; ବେଶି ଧନ ହେବାରୁ ମନୁଷ୍ୟ ମନରେ ଉପୁଜିବା ଗରମୀ—
1. Glow or pride of wealth.
୨ । ଧନଶାଳିତ୍ୱ—2. Condition of being wealthy.

**ଅର୍ଥ୍ୟ**—ସଂ. ବିଣ. (ଅର୍ଥ ଧାତୁ+କର୍ମ. ଯ)—
Arthya ୧ । ଉଚିତ—1. Proper.
୨ । ପ୍ରାର୍ଥିତ ହେବାର ଯୋଗ୍ୟ—
2. Fit to be prayed for.
୩ । ନ୍ୟାଯ୍ୟ; ଉପଯୋଗୀ—3. Fit.
୪ । ଯୁକ୍ତିଯୁକ୍ତ—4. Reasonable.
୫ । ଅର୍ଥ ବା ତାତ୍ପର୍ଯ୍ୟଯୁକ୍ତ—
5. Full of meaning; significant.
୬ । ଧନୀ—6. Rich. (M. W)
୭ । ଜ୍ଞାନୀ—7. Wise.
୮ । ବୁଦ୍ଧିମାନ—8. Intelligent.
୯ । ପଣ୍ଡିତ—9. Learned.

ସଂ. ବି—୧ । ଗେରୁ—1. Red chalk.
୨ । ଶିଳାଜତୁ (ଦେଖ)
2. Śilājatu (See)

**ଅର୍ଦ୍ଦ** (ଧାତୁ)—୧ । ପୀଡ଼ା ଦେବା—1. To torment.
Arda (root) ୨ । ଅଘାତ କରିବା—2. To hurt.
୩ । ହତ୍ୟା କରିବା—3. to kill.
୪ । ପ୍ରାର୍ଥନା କରିବା; ମାଗିବା—
4. To ask; To beg for.
୫ । କଷ୍ଟ ଦେବା—5. To distress.
୬ । କ୍ଷତି କରିବା—6. To do harm.

**ଅର୍ଦ୍ଦଉଳି**—ଗ୍ରା. ବି. (ସଂ. ଅର୍ଦ୍ଦ ଧାତୁ=ପୀଡ଼ା ଦେବା, କଷ୍ଟ ଦେବା)—
Ardauḻi ୧ । ଅର୍ଦ୍ଦୋଳି; ଅଳି—1. Importunity; pressing and repeated requests.
୨ । ଗୋଳମାଳ; ଜଞ୍ଜାଳ—2. Confusion.
୩ । ଗୁରୁଦାୟିତ୍ୱ—3. Heavy responsibility.
୪ । କାର୍ଯ୍ୟବ୍ୟସ୍ତତା—4. State of being busy with work.
୫ । ଧୁମ୍‌ଧଡ଼ାକା; ଚପଟ—5. Trouble; pressure.

**ଅର୍ଦ୍ଦଉଳିଆ**—ଗ୍ରା. ବିଣ—ଅର୍ଦ୍ଦାଉଳିଆ (ଦେଖ)
Ardauḻiā Ardāuḻiā (See)

**ଅର୍ଦ୍ଦଖଲ୍ୱଯନ୍ତ୍ର**—ସଂ. ବି—ଖଲ ଏବଂ ଦୁଆ—
Ardakhalwajantra Pestle and mortar.

**ଅର୍ଦ୍ଦନ**—ସଂ. ବି. (ଅର୍ଦ୍ଦ ଧାତୁ+ଭାବ. ଅନ)—
Ardana ୧ । ଉତ୍ପୀଡ଼ନ—1. Oppression.
(ଅର୍ଦ୍ଦିତ—ବିଣ) ୨ । ପୀଡ଼ା—2. Pain.
୩ । ରଣ—3. Fight.
୪ । ହିଂସା—4. Envy; spite.
୫ । ହନନ; ମାରଣ—5. Killing.
୬ । ଅନୁରୋଧ; ପ୍ରାର୍ଥନା—6 Request.
୭ । ବିନାଶନ—7. Destroying; annihilating.
୮ । ଦୁଃଖ—8. Trouble.
୯ । ଉତ୍ତେଜନା—9. Excitement.
୧୦ । ଶିବ—10. A name of Śiba.
ସଂ. ବିଣ—୧ । ଚଞ୍ଚଳ; ଗମନଶୀଳ—
1. Moving; restless.
୨ । ଉତ୍ପୀଡ଼କ—2. Tormenting; oppressive.
୩ । ବିନାଶକ—3. Destroying.

**ଅର୍ଦ୍ଦନା**—ସଂ. ବି. (ଅର୍ଦ୍ଦ ଧାତୁ+ଭାବ. ଅନ+ଆ)—
Ardanā ଅର୍ଦ୍ଦନ (ଦେଖ)
Ardana (See)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଝ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଯ୍ | ଉଅ | ଢ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ୟ | ଯ | ସ | ଙ୍ଖ | ଇଅ | ଓ | ନ୍ନ |

**ଅର୍ଦନି**—ସଂ. ବି. (ଅର୍ଦ ଧାତୁ + କର୍ତ୍ତୃ. ଅନ + ଇ)—
Ardani ୧ । ରୋଗ—1. Sickness; disease.
୨ । (+ଭାବ. ଅନ+ଇ) ପ୍ରାର୍ଥନା କରିବା; ମାଗିବା—2. Asking; begging.
୩ । (+କର୍ତ୍ତୃ. ଅନ+ଇ) ଅଗ୍ନି—3. Fire (M.W.)

**ଅର୍ଦଲି**—ବୈଦେ. ବି. (ଇଂ. ଅର୍ଡ଼ର୍ଲି)—
Ardali ଅର୍ଡ଼ର୍ଲି; ଆଜ୍ଞାବାହକ ଭୃତ୍ୟ; ଯେଉଁ ଚାକର ବା ଚପରାସୀ ହାକିମଙ୍କ ଡାକହାକ ଶୁଣିବାକୁ ପାଖରେ ଥାଏ; ବୋଲକରା ଚାକର—
ଆର୍ଦ୍ଦାଲୀ
अर्दली
An orderly peon.
ଦେ. ବି. (ସଂ. ଅର୍ଦ ଧାତୁ)—ଅର୍ଦଉଳି (ଦେଖ)
Ardauli (See)

ଘାର ସବୁ ଅର୍ଦଳି ସେ ସହନ୍ତ । ଭୁଲୁଲା—ଜଅଭୁଣୀ ।

**ଅର୍ଦା**—ପ୍ରାଦେ. (ସମ୍ବଲପୁର) ବିଣ—ଅମଣିଆଁ (ପଶୁ)—
Ardā Untrained (beast)

**ଅର୍ଦାଉଳି**—ଦେ. ବି—ଅର୍ଦଉଳି (ଦେଖ)
Ardāuḷi Ardauḷi (See)

**ଅର୍ଦାଉଳିଆ**—ଗ୍ରା. ବିଣ. (ସଂ. ଅର୍ଦ୍ଧ ?)—୧ । ଅନିୟମିତ—
Ardāuḷiā 1. Irregular; unsystematic.
ଆଧାମାଧା ୨ । ଗୋଲମାଲିଆ—2. Confused.
बेढङ्ग ୩ । ଅଖାଡ଼ୁଆ—3. Odd.
୪ । ଅଧୀର—4. Restless.
୫ । ଅସ୍ତବ୍ୟସ୍ତ—5. Disordered.

**ଅର୍ଦାଳିଆ**—ଦେ. ବିଣ—ଅର୍ଦାଉଳିଆ (ଦେଖ)
Ardāḷiā Ardāuḷiā (See)

**ଅର୍ଦାଳୁଆ**—ଦେ. ବିଣ—ଅର୍ଦାଉଳିଆ (ଦେଖ)
Ardāḷuā Ardāuḷiā (See)

**ଅର୍ଦିତ**—ସଂ. ବିଣ. (ଅର୍ଦ ଧାତୁ + କର୍ମ. ତ)—
Ardita ୧ । ଅନୁରୁଦ୍ଧ; ପ୍ରାର୍ଥିତ—1. Asked; begged.
୨ । ପୀଡ଼ିତ—2 Tormented.
୩ । ଅହତ—3. Wounded.
୪ । ହତ—4. Killed.
୫ । ବିନଷ୍ଟ—5. Destroyed.
ସଂ. ବି—୧ । ଦାନ୍ତପାଟିର ଯାବ ପଡ଼ିଯିବା ରୋଗ—
1. Spasm of jawbones.
୨ । ବେକ ଓ ମୁହଁର ଏକ ପାଖ ନ ଚଳିବା; ଏକାଙ୍ଗୀ ବାତ—
2. Paralysis of the muscles of one side of the neck and face; hemiplegia.
୩ । ଧନୁଷ୍ଟଙ୍କାର ରୋଗ—3. Tetanus.

**ଅର୍ଦୋଳି**—ଦେ. ବି.-ଅର୍ଦଉଳି (ଦେଖ)
Ardoḷi Ardauḷi (See)

**ଅର୍ଦ୍ଧ**—ସଂ. ବି (ଋଧ ଧାତୁ=ବୃଦ୍ଧି ପାଇବା + କରଣ. ଅ; ଯାହାଦ୍ୱାରା ସମୁଦାୟ ବସ୍ତୁ ବୃଦ୍ଧି ପାଏ)—
Arddha
୧ । ଅଂଶ; ଏକଦେଶ—1. Part.
୨ । କୌଣସି ବସ୍ତୁର ଦୁଇ ସମାନ ଅଂଶ ମଧ୍ୟରୁ ଏକତର; ଅଧେ—2. Half portion.
୩ । ସମାନ ଅଂଶ—3. Equal part.
ସଂ. ବିଣ—୧ । ଦ୍ୱିଭାଗୀକୃତ—1. Divided into two.
୨ । (ଅମୁକର) ଅଧେ ପରିମିତ—2. Half of.

**ଅର୍ଦ୍ଧଅରା**—ପ୍ରାଦେ. (ଗଡ଼ଜାତ) ବି.—(ସଂ. ଅର୍ଦ୍ଧ + ସଂ. ଅର୍ଦ୍ଧ୍ୱ)
Arddhaarā ୧ । ଅଧବାଟ—1. Half the way.

ଚେଣେ ଚେଲଗା ବଳଦ ସଙ୍ଗରେ
ବଇତନଦାସ ପନ୍ଥ ଲିଖାରେ ।
ଅର୍ଦ୍ଧଅରାରେ ହେଲେକ ବାହାର,
ଏହୁଙ୍କାଳେ ସେ ହୋଇଲ ଗୋଚର । ବ୍ରଜନାଥ—ସମରତରଙ୍ଗ ।

**ଅର୍ଦ୍ଧକ**—ସଂ. ବି. (ଅର୍ଦ୍ଧ + ସ୍ୱାର୍ଥେ. କ)—ଅର୍ଦ୍ଧ (ଦେଖ)
Arddhaka Arddha (See)

**ଅର୍ଦ୍ଧକୁମ୍ଭମେଳା**—ସଂ. ବି.—ପ୍ରତିବର୍ଷ କୁମ୍ଭ ମାସରେ ପ୍ରୟାଗରେ ପଡ଼ୁଥିବା ସ୍ନାନଯୋଗ—
Arddhakumbhameḷā
Auspicious time for bath at Allahabad cccuring every year in the month of Kumbha.

**ଅର୍ଦ୍ଧଚନ୍ଦ୍ର**—ସଂ. ବି. (ଷଷ୍ଠୀ ତତ୍; ଚନ୍ଦ୍ର + ଅର୍ଦ୍ଧ; ପୂର୍ବନିପାତ)—
Arddhachandra ୧ । ଚନ୍ଦ୍ରର ଫାଳେ—
1. Half of the moon.
୨ । ଅର୍ଦ୍ଧଚନ୍ଦ୍ରଠାରୁ କ୍ଷୀଣ ଅଂଶ; ଚନ୍ଦ୍ରର କଳୁଙ୍ଗା—
2. Crescent.
୩ । ଅର୍ଦ୍ଧଚନ୍ଦ୍ରାକୃତି ଶର—3. An arrow with a crescent-shaped head.
୪ । ଅର୍ଦ୍ଧଚନ୍ଦ୍ରାକୃତି ଅସ୍ତ୍ର—
4. A crescent-shaped weapon.
୫ । ଅନ୍ୟର ଗଳାରେ ଧକ୍କା ଦେବାପାଇଁ ଅର୍ଦ୍ଧଚନ୍ଦ୍ରାକୃତି ପ୍ରସାରିତ କରତଳ—5. The hand bent in shape of a claw or crescent (as for the purpose of seizing or pushing anybody by the neck.)
୬ । ଅର୍ଦ୍ଧଚନ୍ଦ୍ରାକୃତି କରତଳଦ୍ୱାରା ଗଳାଧକ୍କା—
6. Pushing a man by the neck.
୭ । ମୟୂରଚନ୍ଦ୍ରିକା—
7. Circular marks on a peacock's tail.
୮ । ଅର୍ଦ୍ଧଚନ୍ଦ୍ରାକୃତି ନଖକ୍ଷତ—8. The semicircular scratch of a finger-nail

ସାଧାରଣ ଯେତେବେଳେ ଅପର ପୃଷ୍ଠାରେ ଦ୍ୱିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'ଭୃଷ' ନ ମିଳିଲେ 'ଦୂଷ' ଦେଖିବେ; 'ବର୍ଷ' ନ ପାଇଲେ 'ବଷ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ ।

୯ । ଅର୍ଦ୍ଧଚନ୍ଦ୍ରାକୃତି ଗଜର ଆଭରଣବିଶେଷ— 9. A half-moon shaped trapping for an elephant.

୧୦ । ସ୍ତ୍ରୀମାନଙ୍କ ଲଲାଟରେ ଅଙ୍କିତ ଅର୍ଦ୍ଧଚନ୍ଦ୍ରାକୃତି ତିଳକ ବା ଚିତା—10. Crescent-shaped figure pained on the brow of females.

୧୧ । ଅର୍ଦ୍ଧରୌପ୍ୟ ମୁଦ୍ରା—An eight-anna bit.

୧୨ । ଅଷ୍ଟମୀଚନ୍ଦ୍ର—12. The semicircular crescent on the 8th day of the moon

୧୩ । ଅନୁସ୍ୱାର—13. The letter or sign of Anuswāra.

**ଅର୍ଦ୍ଧଚନ୍ଦ୍ରକ**—ସଂ ବି. ( ଅର୍ଦ୍ଧଚନ୍ଦ୍ର + ସ୍ୱାର୍ଥେ. କ )— Ardhachandraka ୧ । ଅର୍ଦ୍ଧଚନ୍ଦ୍ରାକୃତି ବାଣାଗ୍ର— 1. The semilunar point of an arrow.

୨ । ଅର୍ଦ୍ଧଚନ୍ଦ୍ରାକୃତି କରତଳ— 2. The hand bent in the shape of a claw or crescent.

**ଅର୍ଦ୍ଧଚନ୍ଦ୍ରା**—ସଂ. ବି ( ଅର୍ଦ୍ଧଚନ୍ଦ୍ର + ଆ )—କଳାତିହୁଡ଼ି— Arddhachandrā A medicinal herb; Convolvulus Turpethum.

**ଅର୍ଦ୍ଧଜରତୀୟନ୍ୟାୟ**—ସଂ. ବି—ଜଣେ ଉଦାରସ୍ୱଭାବ ବୃଦ୍ଧ ବ୍ରାହ୍ମଣ Arddhajaratīyanyāya ଦୁରବସ୍ଥାପନ୍ନ ହୋଇ ନିଜର ଗୋଟିଏ ଗାଈକୁ ପ୍ରତି ହାଟପାଳିରେ ବିକ୍ରୟ କରିବାକୁ ନେଇ ଯାଆନ୍ତି । ଯେପରି ମନୁଷ୍ୟର ବୟସ ଅଧିକ ହେଲେ ଲୋକରେ ତାହାର ଆଦର ହୁଏ ସେହିପରି ଗାଈର ବୟସ ଅଧିକ କହିଲେ ଲୋକେ ଆଗ୍ରହରେ ତାକୁ କିଣିବେ ଏହା ଭାବି ବୃଦ୍ଧ କ୍ରେତାମାନଙ୍କୁ କହନ୍ତି ଏ ଗାଈଟି ଆମ୍ଭର ପୈତୃକ ଗୋରୁ ଓ ଅତି ପ୍ରାଚୀନା; ବ୍ରାହ୍ମଣଙ୍କର ଏହି କଥା ଶୁଣି କ୍ରେତାମାନେ ଫେରି ଯାଆନ୍ତି ଓ ବ୍ରାହ୍ମଣ ପ୍ରତି ହାଟପାଳିରେ ଗୋରୁଟିକୁ ହାଟକୁ ନିଅନ୍ତି । ଦିନେ ଜଣେ ଲୋକ ବ୍ରାହ୍ମଣଙ୍କୁ ପଚାରିଲେ, ଆପଣ ତ ପ୍ରତି ହାଟକୁ ଗୋରୁ ଆଣନ୍ତି, ବିକନ୍ତି ନାହିଁ କାହିଁକି ? ବ୍ରାହ୍ମଣ ତାଙ୍କ ମନୋଗତ ଭାବ ବ୍ୟକ୍ତ କରିବାରୁ ସେହି ଲୋକ କହିଲେ, ଆପଣ ଏହାକୁ ପୁରୁଣା ଗୋରୁ ନ କହି, ଏକ ଫଳର ଗାଈ ଓ ବହୁତ ଦୁଧ ଦିଏ, କହିଲେ ଲୋକେ ଆଗ୍ରହରେ କିଣି ନେବେ । ଏହା ଶୁଣି ବ୍ରାହ୍ମଣ ଭାବିଲେ, ମୁଁ ତ ପ୍ରଥମେ ଏହାକୁ ପ୍ରାଚୀନା କହିଅଛି, ବର୍ତ୍ତମାନ କିପରି ତରୁଣୀ କହିବି ? ଏପରି ହୋଇ ପାରେ ଯେ ଏ ଗାଈଟି ଅସ୍ଥାଂଶରେ ପ୍ରାଚୀନ ଓ ଶଙ୍ଖାଂଶରେ ତରୁଣୀ; ଅତଏବ ମୁଁ ଏହାକୁ ଅର୍ଦ୍ଧଜରତୀ କହି ପାରେଁ । ପରେ ଜଣେ କ୍ରେତା ଆସିବାରୁ ବ୍ରାହ୍ମଣ କହିଲେ 'ଏ ଗାଈଟି ଅର୍ଦ୍ଧ ଜରତୀ ଓ ଅର୍ଦ୍ଧ ତରୁଣୀ । କ୍ରେତା ବ୍ରାହ୍ମଣଙ୍କୁ ବିଷୟମୂର୍ଖ ମନେ କରି ହସି ହସି ଗାଈଟି କିଣି ନେଲେ ।

ଯେତେବେଳେ ବକ୍ତାର ବାକ୍ୟ ଓ ପ୍ରତିବାଦୀର କଥାରୁ କିଛି କିଛି ଅଂଶ ଗ୍ରହଣ କରି ଅନ୍ୟ ଅଂଶ ପରିତ୍ୟାଗ କରନ୍ତି ପଣ୍ଡିତମାନେ ସେତେବେଳେ ଏହି ନ୍ୟାୟର ଉଦାହରଣ ଦିଅନ୍ତି— Incompatibility in argument

**ଅର୍ଦ୍ଧନାରୀଶ**—ସଂ. ବି. ପୁଂ ( ମଧ୍ୟପଦଲୋପୀ ଅର୍ଦ୍ଧ ନାରୀ ସହିତ ଈଶ )— Arddhanārīśa ହରଗୌରୀ ରୂପରେ ଶିବଙ୍କର ମୂର୍ତ୍ତିଭେଦ; ମହାଦେବ— Śiba assuming half female and half male form.

**ଅର୍ଦ୍ଧନାରୀଶ୍ୱର**—ସଂ. ବି. ପୁଂ ( ଅର୍ଦ୍ଧ ନାରୀ ସହିତ ଈଶ୍ୱର )— Arddhanārīśwara ଅର୍ଦ୍ଧନାରୀଶ ( ଦେଖ ) Arddhanārīśa ( See )

**ଅର୍ଦ୍ଧପଥପିଣ୍ଡ**—ଦେ. ବି.—ଅର୍ଦ୍ଧପଥଶ୍ରାଦ୍ଧବେଳେ ମୃତ ବ୍ୟକ୍ତିର ପ୍ରେତ Arddhapathapiṇḍa ଉଦ୍ଦେଶ୍ୟରେ ଦିଆଯିବା ପିଣ୍ଡ— Oblation of boiled rice given to the ghost of a deceased before cremation.

**ଅର୍ଦ୍ଧପଥଶ୍ରାଦ୍ଧ**—ଦେ. ବି.—ମୃତ ବ୍ୟକ୍ତିର ଶବ ଦାହ ପୂର୍ବରୁ ଶ୍ମଶାନରେ Arddhapatha Śrāddha ଶବକୁ ସ୍ନାନ କରାଇ ଚେରକରି ବସାଇ ମୁଖାଗ୍ନିଦେବା ବ୍ୟକ୍ତି ଯେଉଁ ଶ୍ରାଦ୍ଧ କରନ୍ତି । Śrāddha done after setting the dead-body in a sitting posture after washing it before it is cremated.

**ଅର୍ଦ୍ଧବିନ୍ଦୁ**—ଦେ. ବି.—ଚନ୍ଦ୍ରବିନ୍ଦୁର ତଳେ ଥିବା ଖଣ୍ଡ ଚନ୍ଦ୍ର ଚିହ୍ନ— Arddhabindu The sign of crescent below the Chandrabindu.

ଅର୍ଦ୍ଧବିନ୍ଦୁ ଉପରେ ତିଳକ ବିନ୍ଦୁ ଦେଇ,
ଅର୍ଦ୍ଧବିନ୍ଦୁ କଣ୍ଠେ ଦିଅ ଷୋଳକ୍ଷର ଧାଇ ।
ଅଚ୍ୟୁତାନନ୍ଦ—ଶ୍ରୀ ଗୁରୁଭକ୍ତିଗୀତା ।

**ଅର୍ଦ୍ଧମାତ୍ରା**—ସ. ବି. (ଅର୍ଦ୍ଧ + ମାତ୍ରା = ପରିମାଣ)—୧ । ଅର୍ଦ୍ଧପରିମାଣ- Arddhamātrā Half quantity.

୨ । ଅର୍ଦ୍ଧଚନ୍ଦ୍ରାକୃତି ବ୍ରହ୍ମରୂପିଣୀ ମହେଶ୍ୱରୀ (ଯେପରି 'ଓଁ' ଶବ୍ଦରେ ଚନ୍ଦ୍ର)—The crescent sign in 'Om'

୩ । (ସଙ୍ଗୀତରେ) ମାତ୍ରାର ମଧ୍ୟଭାଗ— 3. The middle of a measure in music.

**ଅର୍ଦ୍ଧମାନ**—ସଂ. ବି. (ଅର୍ଦ୍ଧ + ମାନ)—ଅଧା; ଅର୍ଦ୍ଧ ପରିମାଣ (କାଳ) Arddhamāna Half (time)

ନଣ ଅର୍ଦ୍ଧମାନେ କରୁଛ ଶୋଦନ ଏବେ କହ ତୋ କେଶବ ତନ୍ତ୍ରା ଗୋ ସୁନ୍ଦରୀ ।
ପ୍ରଭାତ, ଶଶିସେଣା ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଦ୍ୟ | ଉଅ | ଢ଼ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗ୍ୟଁ | ଇଅ | ଓ | ନ୍ତ |

ଅର୍ଦ୍ଧମାନେ—ଦେ. ଅ.—ଅର୍ଦ୍ଧ ପରିମାଣରେ; ଅଧେ ପର୍ଯ୍ୟନ୍ତ—
Arddhamāne By half; up to half.

ହସ୍ତିର ଘରେ ନାବ ସେହେଁ, ନମଗ୍ନ ହୋଇ ଅର୍ଦ୍ଧମାନେ । ଜଗନ୍ନାଥ—ଭାଗବତ ।

ଅର୍ଦ୍ଧରଥ—ସଂ. ବି.—ଯେଉଁ ଯୋଦ୍ଧା ରଥୀଙ୍କଠାରୁ ଅଳ୍ପତର ଯୋଦ୍ଧା—
Arddharatha A warrior lesser than the Rathī.

ଅର୍ଦ୍ଧରାତ୍ର—ସଂ. ବି. (ରାତ୍ରିର ଅର୍ଦ୍ଧ; ସମାସରେ ରାତ୍ରି ଶବ୍ଦର 'ରାତ୍ର' ଆକାର)
Arddharātra ଅଧରାତି; ନିଶାରାତି; ନିଶୀଥ—
Midnight; dead of night.

ଅର୍ଦ୍ଧଶରୀର—ସଂ. ବି. (ଶରୀରର ଅର୍ଦ୍ଧ)—
Arddhaśarira ୧ । ପତ୍ନୀ; ସ୍ତ୍ରୀ—1. Wife.
୨ । ଶରୀରର ଅଧେ— 2. Half of the body.
୩ । ଏକାଙ୍ଗୀବାତ—3. Paralysis affecting one side of the body; hemiplegia.

ଅର୍ଦ୍ଧସ୍ଫୁଟ—ସଂ. ବିଣ. (ଅର୍ଦ୍ଧ+ସ୍ଫୁଟ=ପ୍ରସ୍ଫୁଟିତ; ଉଚ୍ଚାରିତ)—
Arddhasphuṭa ୧ । ଅପରିସ୍ଫୁଟ—1. Half articulate.
୨ । ଅସ୍ପଷ୍ଟ—2. Indistinct.

ଅର୍ଦ୍ଧାଂଶ—ସଂ. ବି.—ଏକଭାଗରୁ ଅଧେ—Half a share.
Arddhāṁśa

ଅର୍ଦ୍ଧାଙ୍ଗ—ସଂ. ବି. (ଅର୍ଦ୍ଧ+ଅଙ୍ଗ)—ଅର୍ଦ୍ଧଶରୀର (ଦେଖ)
Arddhānga Arddhaśarira (See)

ଅର୍ଦ୍ଧାଙ୍ଗୀ—ଦେ. ବି. ସ୍ତ୍ରୀ. (ଅର୍ଦ୍ଧାଙ୍ଗ+ଇ)— ପତ୍ନୀ; ସ୍ତ୍ରୀ—
Arddhāngī Wife.
ଅର୍ଯ୍ୟ ସ୍ତ୍ରୀ

ଅର୍ଦ୍ଧାବଭେଦକ—ସଂ. ବି. (ବୈଦ୍ୟକ) (ଅର୍ଦ୍ଧ+ଅବଭେଦକ)—
Arddhābabhedaka ଅଧାକପାଳୀ ବଥା (ଦେଖ)
Adhākapāḻī bathā (See)

ଅର୍ଦ୍ଧାବଶିଷ୍ଟ—ସଂ. ବିଣ—ଅର୍ଦ୍ଧାଂଶ ବାକି ଥିବା—Half left;
Arddhābaśishṭa having half only left behind.

ଅର୍ଦ୍ଧାଶନ—ସଂ. ବି. (ଅର୍ଦ୍ଧ+ଅଶନ=ଭୋଜନ)—୧ । ଅର୍ଦ୍ଧଭୋଜନ—
Arddhāśana 1. Half a meal.
୨ । ଅତ୍ୟଳ୍ପ ଭୋଜନ—2. Scanty meal.

ଶୁଷ୍କ ବନ୍ଧ୍ୟ ଯଶ ସଙ୍ଗେ ଅର୍ଦ୍ଧାଶନ; ପ୍ରଭାତର ସିନା ଲଲାଟଲେଖନ ।
ଧ୍ୟାନାଥ—ଦରବାର ।

ସଂ. ବିଣ.—ଅଧାପେଟଖିଆ; ଦରଖିଆ (ବ୍ୟକ୍ତି)--
Half-fed (person)

ଅର୍ଦ୍ଧେକ—ଦେ. ବି.—(ସଂ. ଅର୍ଦ୍ଧକ)—ଅର୍ଦ୍ଧ; ଦୁଇଭାଗରୁ ଏକଭାଗ—
Arddheka One half; moiety.
ଦେ. ବିଣ.—ଅର୍ଦ୍ଧପରିମିତ—Half of.

ଅର୍ଦ୍ଧେନ୍ଦୁ—ସଂ. ବି. (କର୍ମଧା; ଅର୍ଦ୍ଧ+ଇନ୍ଦୁ=ଚନ୍ଦ୍ର)—୧ । ଅର୍ଦ୍ଧଚନ୍ଦ୍ର—
Arddhendu 1. Half-moon; crescent
୨ । ଅର୍ଦ୍ଧଚନ୍ଦ୍ରାକୃତି ନଖଚିହ୍ନ—2. Semicircular impresssion of a fingernail.
୩ । ଗଳହସ୍ତ—3 Pushing a man by the neck.
୪ । ଅର୍ଦ୍ଧଚନ୍ଦ୍ରାକୃତି ବାଣ—
4. Crescent-shaped dart.
୫ । କାମୋଦ୍ରେକାର୍ଥ ପ୍ରୌଢ଼ା ସ୍ତ୍ରୀର ଯୋନିଦେଶରେ ଅର୍ଦ୍ଧଚନ୍ଦ୍ରାକାର ଅଙ୍ଗୁଳି ସଂଯୋଗ (ପ୍ରକୃତିବାଦ)—5. The application of fingers joined together in the shape of 2 simple brackets or 2 crescents, to the private parts of a middle aged female to excite her passion.

ଅର୍ଦ୍ଧୋକ୍ତି—ସଂ. ବି. ( କର୍ମଧା; ଅର୍ଦ୍ଧ+ଉକ୍ତି )—୧ । ଅର୍ଦ୍ଧକଥନ
Arddhokti ସମୁଦାୟ କଥା ନ କହିବା—
1. Broken speech.
୨ । ଦରୋଚ୍ଚ କଥା—2. Half lisped speech.

ଅର୍ଦ୍ଧୋଦୟ—ସଂ. ବି. (କର୍ମଧା; ଅର୍ଦ୍ଧ+ଉଦୟ)—୧ । ଯୋଗବିଶେଷ;
Arddhodaya ମାଘ ମାସ ରବିବାରରେ ନିର୍ଦ୍ଧାରିତ ଯୋଗ; ସୂର୍ଯ୍ୟ ଅଧେ ଉଦୟ ହେବା ସମୟରେ ଗଙ୍ଗା ଆଦି ତୀର୍ଥରେ ସ୍ନାନ କରିବା ଯୋଗ—1. Astrologically sacred time when people are freed from sins by bathing in sacred rivers when the sun is half risen on a sunday of the month of Māgha.
୨ । ସୂର୍ଯ୍ୟ ଅଧେ ଉଦୟ ହେବା ବା ପୂର୍ବଦିଗ୍‌ବଳୟରେ ଦେଖାଯିବା ଅବସ୍ଥା—2. Half rising of the sun above the eastern horizon.

ଅର୍ଦ୍ଧୋରୁକ—ସଂ. ବି. ( ଅର୍ଦ୍ଧ+ଊରୁ=ବକ୍ଷସ୍ଥଳ+କ )—ସ୍ତ୍ରୀଲୋକ-
Arddhoruka ମାନଙ୍କର ସ୍ତନ ଅଧ ପର୍ଯ୍ୟନ୍ତ ପିନ୍ଧିବା କାଞ୍ଚୁଳି-ବିଶେଷ—A half jacket for females covering half of the breast.

ଅର୍ନ—ପ୍ରାଦେ. ଗଞ୍ଜାମ ବି.—ଯେଉଁ ପୋଷା ଗୋବସ୍ତ ଚଢ଼େଇ
Arna ଏକାଦିକ୍ରମେ ୧୦।୧୨ଟା ଗୋବସ୍ତ ଚଢ଼େଇଙ୍କୁ ଜିତି ଥାଏ—
A bulbul which has defeated 10 or 12 birds in fight.

ଗ୍ରା. ବି.—ଅନ୍ନ—Boiled rice.

ଅର୍ପଣ—ସଂ. ବି. (ଋ ଧାତୁ ଣିଚ୍=ଅର୍ପି ଧାତୁ+ଭାବ. ଅନ)—
Arpaṇa ୧ । ପ୍ରାପଣ—1. Procuring.
୨ । ପ୍ରଦାନ—2. Bestowing.
୩ । ସ୍ଥାପନ—3. Placing.
୪ । ନ୍ୟାସ; ନ୍ୟସ୍ତକରଣ—4. Committing to charge; entrusting.
୫ । ଯାଚିବା—5. Offering.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅଁ' ଦେଖିବେ; 'ବଂଶୀ' ନ ପାଇଲେ 'ବଂଶି' ଦେଖିବେ; 'ଅର୍ଜ୍ଜନା' ନ ପାଇଲେ 'ଅର୍ଜନା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୬ । ଅନ୍ୟକୁ ଦେବା; ଅନ୍ୟର ହାତରେ ଦେବା—
6. Handing over; delivery.
୭ । ଅଗରେ ଥୋଇବା—7. Placing before.

**ଅର୍ପଣ କରିବା**—ଦେ. କ୍ରି—୧ । ଦେବା—
Arpaṇa karibā 1. To give.
୨ । ନ୍ୟସ୍ତ କରିବା—2. To commit to the charge of; to handover.
୩ । ଜମା କରିବା—3. To entrust.

**ଅର୍ପଣା**—ସଂ. ବି. (ଅର୍ପଣ + ଆ)—ଅର୍ପଣ (ଦେଖ)
Arpaṇā Arpaṇa (See

**ଅର୍ପଣୀୟ**—ସଂ. ବିଣ. (ଅର୍ପି ଧାତୁ + କର୍ମ. ଅନୀୟ)—ଦେୟ—
Arpaṇiya To be delivered or entrusted.

**ଅର୍ପୟିତା**—ସଂ. ବିଣ. (ଋ ଧାତୁ ଣିଚ୍=ଅର୍ପି ଧାତୁ+କର୍ତ୍ତୃ. ତୃ; ୧ମା. ୧ବ.)—ଯେ ଅର୍ପଣ କରେ—Delivering;
Arpayitā
(ଅର୍ପୟିତ୍ରୀ—ସ୍ତ୍ରୀ) entrusting; consigning.

**ଅର୍ପି** (ଧାତୁ)—ସଂ. (ଋ ଧାତୁ. ଣିଚ)—ଅର୍ପଣ କରିବା—(ଦେଖ)
Arpi (root) Arpaṇa karibā (See)

**ଅର୍ପିତ**—ସଂ. ବିଣ. ( ଋ. ଧାତୁ ଣିଚ୍=ଅର୍ପି ଧାତୁ + କର୍ମ. ତ )—
Arpita ୧ । ନ୍ୟସ୍ତ—1. Entrusted.
୨ । ପ୍ରଦତ୍ତ—2. Given; delivered.
୩ । ଗଚ୍ଛିତ—3. Placed with; kept with.

**ଅର୍ପିବା**—ଦେ. କ୍ରି. ( ପଦ୍ୟ ) ( ସଂ. ଅର୍ପଣ )—ଅର୍ପଣ କରିବା ( ଦେଖ )
Arpibā Arpaṇa karibā ( See )
ଅମୃତମୟ ଅଶ୍ୱ ଅର୍ଣ, ଦମନ ଅର୍ପେ ନଶାମଣି । ଜଗନ୍ନାଥ—ଭାଗବତ ।

**ଅର୍ଫାନ୍**—ବୈଦେ. ( ଇଂ ) ବି—ପିତୃମାତୃହୀନ ଶିଶୁ—
Arphān Orphan.

**ଅର୍ଫାନେଜ୍**—ବୈଦେ. ( ଇଂ ) ବି—ପିତୃମାତୃହୀନ ବାଳକ ବାଳିକାଙ୍କୁ
Arphānej ଶିକ୍ଷା ଓ ଆଶ୍ରୟ ଦେବାର ସ୍ଥାନ—Orphanage.

**ଅର୍ବ୍** (ଧାତୁ)—ସଂ.—୧ । ହିଂସା କରିବା—1. To hurt
Arb (root) ୨ । ପୀଡ଼ା ଦେବା—2. To give pain.

**ଅର୍ବ**—ଦେ. ବି. ( ସଂ. ଅର୍ବନ୍ )—ଘୋଟକ—Horse.
Arba
ବଡ଼ଭମେ ଦେବ ଶବ ଅର୍ବ କରିବ ଗର୍ବ—ଖର୍ବରେ ପରିକ୍ଷ ସେ ।
ଭଞ୍ଜ—ବୈଦେହୀଶବିଳାସ ।

**ଅର୍ବତୀ**—ସଂ. ବି. ସ୍ତ୍ରୀ. ( ଅର୍ବନ୍ + ସ୍ତ୍ରୀ. ଈ )—
Arbati ୧ । ଘୋଟକୀ—1. Mare.
୨ । କୁଟ୍ଟିନୀ—2. A female go-between.

**ଅର୍ବନ୍**—ସଂ. ବି. ( ଋ. ଧାତୁ=ଗତି କରିବା + କର୍ତ୍ତୃ. ବନ୍ ).—
Arban ୧ । ଘୋଡ଼ା—1. Horse.
୨ । ଇନ୍ଦ୍ର—2. Indra.
୩ । ଗୋକର୍ଣ୍ଣ ( ଦେଖ ).
3. Gokarṇṇa ( See )

ସଂ. ବିଣ—୧ । ନୀଚ; ଅଧମ—1. Low; mean.
୨ । ନିକୃଷ୍ଟ—2. Inferior.

**ଅର୍ବାଙ୍**—ସଂ. ବିଣ. (ଅର୍ବାର୍=ଲୁଣ୍ଠିତ + ଅନର୍ ଧାତୁ + କର୍ତ୍ତୃ. କ୍ୱିପ୍)-
Arbāṅ ୧ । ନିକୃଷ୍ଟ; ନୀଚ—1. Inferior.
୨ । ବକ୍ର—2. Bent.
୩ । କନିଷ୍ଠ—3. Younger.
୪ । କ୍ଷୁଦ୍ର—4. Small.
[ ଦ୍ର—ଏହାର ବ୍ୟବହାର ଓଡ଼ିଆରେ ନାହିଁ । ]

**ଅର୍ବାଚୀନ**—ସଂ. ବିଣ. ପୁଂ. ( ଅର୍ବାର୍=ନିକୃଷ୍ଟ + ଈନ )—
Arbāchina ୧ । ବିରୁଦ୍ଧ—1. Opposite.
(ଅର୍ବାଚୀନା—ସ୍ତ୍ରୀ) ୨ । ବିପରୀତ—2. Contrary.
୩ । ପଶ୍ଚାଦ୍‌ବର୍ତ୍ତୀ—3. Posterior.
୪ । ନୂତନ—4. New.
୫ । ଆଧୁନିକ—5. Modern.
୬ । ଅଧମ; ନୀଚ—6. Low.
୭ । ହିତାହିତ ଜ୍ଞାନଶୂନ୍ୟ—7. Indiscriminating.
୮ । ନିକୃଷ୍ଟ—8. Inferior.
୯ । ପରବର୍ତ୍ତୀ—9. Later.

**ଅର୍ବୁଦ**—ସଂ. ବି. ( ଅର୍ବ. ଧାତୁ=ହିଂସା କରିବା + ଉଦ )—
Arbuda ୧ । ଦଶ କୋଟି ସଂଖ୍ୟା—
1. One hundred million.
୨ । ଆବୁ—2. Tumour; wen.
୩ । ମଧ୍ୟପ୍ରଦେଶର ପର୍ବତବିଶେଷ; ଆବୁ—
3. The Aravali hills; the mount Abu.

**ଅର୍ବୁଦତୀର୍ଥ**—ସଂ. ବି—ହିନ୍ଦୁମାନଙ୍କର ତୀର୍ଥବିଶେଷ—
Arbudatirtha Name of a sacred place.
ଅର୍ବୁଦତୀର୍ଥେ ଅଛି ବଶିଷ୍ଠ ଆଶ୍ରମ
ତା ଦେଖିବା ଲୋକେ ଲଭନ୍ତି ସ୍ୱର୍ଗଗ୍ରାମ । କୃଷ୍ଣସିଂହ. ମହାଭାରତ. ବନ ।

**ଅର୍ବ୍ବାକ୍**—ସଂ. ଅ. ( ଅବର=ପୂର୍ବକାଳ + ଅନର୍ ଧାତୁ=ଯିବା + କର୍ତ୍ତୃ. କ୍ୱିପ୍=ଅର୍ବାର୍. ୧ମା. ୧ବ. )—
Arbbāk
୧ । ପଶ୍ଚାତ୍ ( କାଳ )—1. Previous ( time )
୨ । ମଧ୍ୟ ( କାଳ )—2. Middle ( time )
୩ । ପୂର୍ବ; ଆଦିମ (କାଳ )–3. Ancient ( time )

**ଅର୍ଭ**—ସଂ. ବି. ( ଋ ଧାତୁ=ବୃଦ୍ଧି ପାଇବା + କର୍ତ୍ତୃ. ଭ )—
Arbha ୧ । ଶିଶୁ—1. Child.
୨ । ଶିଷ୍ୟ—2. Disciple.
୩ । ଛାତ୍ର—3. Student.
୪ । ଶିଶିର—4. Dew.
୫ । ଶାକ ଶସ୍ୟାଦ ଔଷଧ—
5. Medicinal herbs; herbs and corn.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଛ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗଁ୍ୟ | ଇଅ | ୱ | କ୍ଷ |

ସଂ. ବଣ—ପ୍ରଭାହୀନ; ମଳିନ—
Dimmed; lustreless.

**ଅର୍ଭକ**—ସଂ. ବି. ପୁଂ ( ଅର୍ଭ+ସ୍ୱାର୍ଥରେ. କ )—
Arbhaka ୧ । ବାଳକ—1. Boy.
(ଅର୍ଭିକା—ସ୍ତ୍ରୀ) ୨ । ପଶୁଶାବକ—
2 The young of a beast,
୩ । ମୂର୍ଖ—3. Dunce,
ସଂ. ବଣ—୧ । କ୍ଷୁଦ୍ର—1. Small
୨ । କ୍ଷୀଣ—2. Weak.
୩ । ସଦୃଶ—3. Similar.

**ଅର୍ମ**—ସଂ. ବି. (ଋ ଧାତୁ=ଗମନ କରିବା+କର୍ତ୍ତୃ. ମନ୍ ୧ମା. ୧ବ.)—
Arma ଚକ୍ଷୁରୋଗବିଶେଷ—A disease of the eye

**ଅର୍ମା**—ଗ୍ରା. ବଣ—ଅରମା ( ଦେଖ )
Armā Aramā ( See )

**ଅର୍ମାନ୍** (ଇତ୍ୟାଦି)—ଦେ ବଣ—ଅରମାନ୍ ଇତ୍ୟାଦି (ଦେଖ)
Armān (etc) Aramān etc (See)

**ଅର୍ମାନା**—ଅରମାନା ( ଦେଖ )
Armānā Aramānā ( See )

**ଅର୍ମାନି**—ଦେ. ବି. ଓ ବଣ—ଆର୍ମାନି ( ଦେଖ )
Armāni Ārmāni ( See )

**ଅର୍ମାନିଘାଟ**—ଦେ. ବି—କଲିକତାର ଗଙ୍ଗାନଦୀକୂଳରେ ଜାହାଜରୁ
Armānighāṭa ଓହ୍ଲାଇବାର ଗୋଟିଏ ପ୍ରଧାନ ଘାଟ—
Armenian ghat at Calcutta.

**ଅର୍ଯ୍ୟ**—ସଂ. ବି. ପୁଂ. ( ଋ. ଧାତୁ+କର୍ତ୍ତୃ. ଯ )—
Arjya ୧ । ବୈଶ୍ୟ—1. A Baiśya.
(ଅର୍ଯ୍ୟା—ସ୍ତ୍ରୀ) ୨ । ସ୍ୱାମୀ—2. Husband.
ସଂ. ବଣ. ପୁଂ.—୧ । ଶ୍ରେଷ୍ଠ—1. Chief.
୨ । ଭକ୍ତିମାନ୍—2. Devoted.
୩ । ଧାର୍ମିକ—3 Pious.

**ଅର୍ଯ୍ୟମା**—ସଂ. ବି. ( ଋ. ଧାତୁ+ମନ୍; ୧ମା. ୧ବ. )—
Arjyamā ୧ । ସୂର୍ଯ୍ୟ—1. The sun.
୨ । ଅର୍କବୃକ୍ଷ—2. Calotropis Gigantea.
୩ । ଉତ୍ତରଫାଲ୍ଗୁନୀ ନକ୍ଷତ୍ର—3. The 12th lunar mansion or constellation.
୪ । ଋଷିବିଶେଷ—4. A sage.

**ଅର୍ଯ୍ୟା**—ସଂ. ବି. ସ୍ତ୍ରୀ—୧ । ବୈଶ୍ୟପତ୍ନୀ—
Arjyā 1. The wife of a Baiśya.
୨ । ବୈଶ୍ୟଜାତୀୟା ସ୍ତ୍ରୀ—2. A Baiśya woman.

**ଅର୍ଯ୍ୟାଣୀ**—ସଂ. ବି. ସ୍ତ୍ରୀ—ଅର୍ଯ୍ୟା ( ଦେଖ )
Arjyāṇi Arjyā ( See )

**ଅର୍ଯ୍ୟୀ**—ସଂ. ବି. ସ୍ତ୍ରୀ—ଅର୍ଯ୍ୟା ( ଦେଖ )
Arjyi Arjyā ( See )

**ଅର୍ଶ**—ସଂ. ବି. ( ଋ ଧାତୁ+କର୍ତ୍ତୃ. ଅ )—ଗୁହ୍ୟସ୍ଥ ରୋଗବିଶେଷ—
Arśa Haemorrhoids; piles.
ଏହା ଦୁଇ ପ୍ରକାର, ଯଥା—
୧ । ଅନ୍ତର୍ବଳି—1. Internal.
୨ । ବହିର୍ବଳି—2, Protruding.

**ଅର୍ଶଃ**—ସଂ. ବି. ( ଋ. ଧାତୁ+କର୍ତ୍ତୃ. ଅସ୍ )—
Arśaḥ ଅର୍ଶ ( ଦେଖ )—Arśa ( See )

**ଅର୍ଶସ**—ସଂ. ବଣ. ପୁଂ—(ଅର୍ଶସ୍+ଅ) ଅର୍ଶୀ ( ଦେଖ )
Arśasa Arśi ( See )

**ଅର୍ଶୀ**—ସଂ. ବଣ.ପୁଂ. ( ଅର୍ଶସ୍+ଅସ୍ତି ଅର୍ଥରେ. ଇନ୍ )—ଅର୍ଶରୋଗୀ—
Arśi Suffering from piles.
(ଅର୍ଶିନୀ—ସ୍ତ୍ରୀ)

**ଅର୍ଶୋଘ୍ନ**—ସଂ. ବି. (ଅର୍ଶସ୍+ହନ ଧାତୁ=ନାଶ କରିବା+କର୍ତ୍ତୃ. ଅ)—
Arśoghna ୧ । ଓଲୁଅ—1. Wild arum.
୨ । ଭଲିଆ—2. Marking nut.
ସଂ. ବଣ—ଅର୍ଶରୋଗନାଶକ—Curing piles.

**ଅର୍ଶୋଘ୍ନୀ**—ସଂ. ବି—(ଅର୍ଶୋଘ୍ନ+ଈ)—ତାଳମୂଳୀ ( ଦେଖ )
Arśoghni Tālamūli (See)

**ଅର୍ଷ୍ଟି**—ଦେ. ବି—ବୀଜ; ଟାକୁଆ—
Arshṭi Hard seed; stone of certain fruits.
ପ୍ରକାଶ ସ୍ଥିତ ଅନ୍ତସୃଷ୍ଟି, ତରୁ ପଲ୍ଲବ ଯେସନ୍ତେ ଅର୍ଷ୍ଟି ।
ଜଗନ୍ନାଥ• ଭାଗବତ ।

**ଅର୍ହ୍** ( ଧାତୁ )—ସଂ.—୧ । ଯୋଗ୍ୟ ହେବା—
Arh ( root ) 1. To deserve.
୨ । ପୂଜା କରିବା—2. To worship.

**ଅର୍ହ**—ସଂ. ବଣ. ପୁଂ.(ଅର୍ହ ଧାତୁ=ଯୋଗ୍ୟ ହେବା+କର୍ତ୍ତୃ. ଅ)—
Arha ୧ । ଯୋଗ୍ୟ—1. Fit; worthy; deserving.
(ଅର୍ହା—ସ୍ତ୍ରୀ) ୨ । (ଅର୍ହ ଧାତୁ=ପୂଜା କରିବା+କର୍ମ•ଅ)—
ପୂଜ୍ୟ—2. Venerable; adorable.
ସଂ. ବି—୧ । ଇନ୍ଦ୍ର—1. Indra.
୨ । ପରମେଶ୍ୱର—2. God.

**ଅର୍ହଣ**—ସଂ. ବି. ( ଅର୍ହ ଧାତୁ+ଭାବ. ଅନ )—
Arhaṇa ୧ । ପୂଜା—1. Worship
୨ । ସମ୍ମାନ—2 Respect,
୩ । ଯୋଗ୍ୟତା—3. Fitness; worthiness.
୪ । ପୂଜାସାମଗ୍ରୀ—4. Materials for worship.

**ଅର୍ହଣା**—ସଂ. ବି (ଅର୍ହଣ+ଆ)—ଅର୍ହଣ ( ଦେଖ )
Arhaṇā Arhaṇa ( See )

**ଅର୍ହତ୍**—ସଂ.ବି. (ଅର୍ହ ଧାତୁ=ପୂଜା କରିବା+କର୍ତ୍ତୃ. ଅତ୍ ସ. ଶତୃ )—
Arhat ୧ । ବୁଦ୍ଧଦେବ—1 The Buddha.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଗା' ନ ପାଇଲେ 'ଅର୍ଜ୍ଞ' ଦେଖିବେ; 'ଅଲବଡ଼' ନ ପାଇଲେ 'ଅଲ୍‌ବଡ଼' ଦେଖିବେ

୨ । ଜୈନସନ୍ନ୍ୟାସୀ—
2. A Jaina anchorite.

ସଂ. ବଣ. ପୁ.—୧ । ବୌଦ୍ଧ ଓ ଜୈନ ମତାବଲମ୍ବୀ—
1. Professing the Buddhistic or Jaina faith.

୨ । ପୂଜାର୍ହ—2. Respectable; adorable.

୩ । ପ୍ରଶଂସାର୍ହ—3. Praiseworthy.

୪ । ଯୋଗ୍ୟ; ପ୍ରଶସ୍ତ—4. Fit.

**ଅର୍ହା**—ସଂ. ବି—(ଅର୍ହ ଧାତୁ+ଅ+ଆ)—ଅର୍ହଣ ( ଦେଖ )
Arhā — Arhaṇa ( See )

**ଅର୍ହାମୁଣ୍ଡି**—ଦେ. ବି—ଅରାମୁଣ୍ଡି (ଦେଖ )
Arhāmuṇḍi — Arāmuṇḍi ( See )

**ଅର୍ହିତ**—ସଂ. ବଣ. ( ଅର୍ହ ଧାତୁ+କର୍ମ. ତ )—ପୂଜିତ; ସମ୍ମାନିତ—
Arhita — Held in esteem; respected; honoured; venerated.

**ଅଲ୍‌ଗୁନି**—ପ୍ରାଦେ. ( ବସ୍ତର ) ବି.—ଅଲଗୁଣି ( ଦେଖ )
Alguni — Alaguṇi ( See )

**ଅଲ୍‌ଝାଇବା**—ପ୍ରାଦେ. ( ସମ୍ବଲପୁର ) କ୍ରି—
Aljhāibā — ୧ । ଅଟକାଇବା—1. To restrain.
୨ । ବାଧାଦେବା—2. To check.

**ଅଲ୍‌ଝିବା**—ପ୍ରା.ଦେ. (ସମ୍ବଲପୁର) କ୍ରି—ଯାଉଁ ଯାଉଁ ବାଟରେ ଅଟକିବା—
Aljhibā — To stop at a place.

**ଅଲ୍‌ହେଇବା**—ପ୍ରାଦେ. ( ସମ୍ବଲପୁର ) କ୍ରି—ଲାଖିଯିବା—
Aljheibā — To stick.

**ଅଲ୍‌ବତ୍**—ଦେ. ଅ. ( ଆ. ଅଲ୍‌ବତ୍ତା )—୧ । ଅବଶ୍ୟ; ନିଶ୍ଚୟ—
Albat — Certainly.
୨ । ନିଃସନ୍ଦେହରେ—2. Doubtlessly.

**ଅଲ୍‌ବିଦା**—ବୈଦେ. ( ଫା. ) ବି.—୧ । ରମ୍‌ଜାନ୍ ମାସର ଶେଷ ଶୁକ୍ରବାର—1. The last friday of the month of Ramjān.
Albidā
୨ । ମୁସଲମାନଙ୍କ ମହରମ ମାସର ୧୦ ତାରିଖ ରାତିରେ କରାଯିବା ଉପବାସ—2. The fast which is observed in the night of the tenth day of the month of Mohurrum.

**ଅଲ (ଧାତୁ)**—ସଂ—ଭୂଷିତ କରିବା—
Ala (root) — To adorn.

**ଅଲ**—ସଂ. ବି. ( ଅଲ ଧାତୁ=ଭୂଷିତ କରିବା+କର୍ତ୍ତୃ. ଅ )—
Ala — ୧ । ବିଛାଙ୍କ ମାଛିଙ୍କ ନାହୁଡ଼—1. The sting in the tail of a scorpion or a bee.
୨ । ହରିତାଳ—2. Yellow orpiment.

**ଅଲଂ**—ସଂ. ଅ. ( ଅଲ ଧାତୁ=ଭୂଷିତ କରିବା+କର୍ତ୍ତୃ. ଅମ୍ )—
Alam — ୧ । ଭୂଷଣ; ଅଳଙ୍କାର—1. Ornament.
୨ । ସମର୍ଥ—2. Able.
୩ । ସମ୍ପୂର୍ଣ୍ଣତା—3. Completeness.
୪ । ପ୍ରାଚୁର୍ଯ୍ୟ—4. Sufficience.
୫ । ନିଷେଧ; ବାରଣ—5. Prohibition.
୬ । ବ୍ୟର୍ଥ—6. Vain.
୭ । ଅବଧାରଣ—7. Acertainment.
[ ଦ୍ର—ଏହା ଅନ୍ୟ ଶବ୍ଦ ସଙ୍ଗେ ସଂଯୁକ୍ତ ହୋଇ ବ୍ୟବହୃତ ହୁଏ । ]

**ଅଲକ୍‌ଡିଡି**—ପ୍ରାଦେ. (ସମ୍ବଲପୁର) ଅ—୧ । ( ଶିଶୁରଞ୍ଜନ ଭାଷା ) ଯେ
Alakḍiḍi — ବିନା ଆଶ୍ରାରେ ଚାଲି ପାରେ—( ୯ । ୧୦ ମାସର ଶିଶୁକୁ ଚାଲିବାକୁ ଉତ୍ତେଜିତ କରାଇବେଳେ ସ୍ତ୍ରୀମାନେ ଏହି କଥା କହନ୍ତି )—1. A phrase used by women while teaching infants to walk.

ଅଲକ୍‌ଡିଡ଼ି ପପା ( ପିଠା ) ଖାଏ,
ପରମରଲ୍ ଘର ( ଗୃହ ) ଖାଏ—ଶିଶୁଗୀତ ।

**ଅଲକ**—ସଂ. ବି ( ଅଲ ଧାତୁ=ଭୂଷିତ କରିବା+କର୍ତ୍ତୃ. ଅକ )—
Alaka — ୧ । ଚୂର୍ଣ୍ଣକୁନ୍ତଳ—1. Ringlet of hair; curl of hair.

ଅଳକତଳ ଅଖଣ୍ଡିତ ଗୋରୋଚନା ରେଖ—କବିସୂର୍ଯ୍ୟ କଳୋଲ୍ଗ ଚମ୍ପୂ. ଇ. ଗୀତ ।

୨ । ଅଙ୍ଗଲିପ୍ତ କୁଙ୍କୁମ—
2. Red paste for the body.
୩ । ମେଘବିଶେଷ;ତୁଳାଗଦା ପରି ଆକାଶରେ ଭାସୁଥିବା ମେଘ-
3. The cirrus or fleecy cloud.
୪ । ବାଯ୍ଯା କୁକୁର—4. Rabid dog.

**ଅଲକ**—ପ୍ରାଦେ. ( ସମ୍ବଲପୁର ) ବି.—୧ । ଅଣକ; ଡଙ୍କା—
Alaka — 1. Wooden spoon used in cooking.

**ଅଲକତ**—ଗ୍ରା. ଓ ପଦ୍ୟ ବି—( ସ. ଅଲକ୍ତକ )—
Alakata — ୧ । ଅଲକ୍ତକ; ଅଳତା—1. Lac-dye.

ଅଲକତ ଦ୍ରବ ନୟନେ ବୋଳ—କବିସୂର୍ଯ୍ୟ-କବିତା ।

**ଅଲକନନ୍ଦା**—ସ. ବି (ନାମ) (ଅଲକ+ନନ୍ଦ ଧାତୁ+କର୍ତ୍ତୃ. ଅ+ଆ)—
Alakanandā — ୧ । ଗଙ୍ଗାନଦୀ—
1. The river Ganges.
୨ । ଆଠ ଦଶ ବର୍ଷବୟସ୍କା ବାଳିକା—
2. A girl aged 8 to 10 years.

**ଅଲକବନ୍ଧ**—ସଂ. ବି.—୧ । କପୋଳର ଉପରଭାଗ—
Alakabandha — 1. The upper part of the brow.

ତାହାଙ୍କ ଚରଣ ସମ୍ମଳେ,
ଅଳକବନ୍ଧ ସମ୍ମାର୍ଜିଲେ—ଜଗନ୍ନାଥ ଭାଗବତ ।

**ଅଲକା**—ସଂ. ବି. ସ୍ତ୍ରୀ ( ଅଲକ+ଆ )—୧ । ଚୂର୍ଣ୍ଣକୁନ୍ତଳ—
Alakā — 1. Ringlet of hair.
୨ । କୁବେରପୁରୀ—
2. The town or palace of Kubera.
୩ । ଆଠ ଦଶ ବର୍ଷବୟସ୍କା ବାଳିକା—
3. A girl 8 to 10 years of age.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଯ୍ | ଉଅ | ଢ଼ |
| ୨ | ଈ | ଊ | ଋୁ | ଌୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗଂ୍ୟ | ଇଅ | ଙ୍ | ଢ଼ |

୪ । ସ୍ତ୍ରୀମାନେ କପାଳ ଉପରେ ପିନ୍ଧିବା ଅଳଙ୍କାରବିଶେଷ—
4. An ornament worn over the forehead.

**ଅଲକାଧିପ**—ସଂ. ବି ( ୬ଷ୍ଠୀ ତତ୍; ଅଲକା=ଅଲକାପୁରୀ+ଅଧିପ=
Alakādhipa ରାଜା)—କୁବେର—
Kubera; the God of riches.

**ଅଲକାପନ୍ତି**—ଦେ. ବି.—୧ । ଅଲକାସମୂହ; ଚୂର୍ଣ୍ଣକୁନ୍ତଳସମୂହ—
Alakāpanti 1. The collection of ringlets of hair over the brow.
୨ । ଅଳଙ୍କାରବିଶେଷ; ସିଁଥି—
2. An ornament worn over the forehead.

**ଅଲକାପାଟି**—ଦେ. ବି. ( ସଂ. ଅଲକା ଓ ପଟ୍ଟ )—
Alakāpāti ୧ । ଅଲକାନାମକ ଅଳଙ୍କାର—1. An ornament worn over the forehead.
୨ । କପାଳର ଯେଉଁ ସ୍ଥାନରେ ଅଲକା ପିନ୍ଧାଯାଏ—
2. That part of the forehead over which the alakā is worn.

**ଅଲକାପୁର**—ସଂ. ବି.—କୁବେରପୁରୀ—
Alakāpura The palace of Kubera in heaven.

**ଅଲକାପୁରୀ**—ସଂ. ବି.—ଅଲକାପୁର—
Alakāpurī Alakāpura.

**ଅଲକ୍ତ**—ସଂ. ବି. ( ବହୁବ୍ରୀହି; ଅ=ନାହିଁ+ରକ୍ତ; ଯାହାଠାରୁ ଅଧିକ
Alakt କୌଣସି ପଦାର୍ଥ କେଣି ରକ୍ତବର୍ଣ୍ଣ ନୁହେଁ)—
ଲାକ୍ଷାରସ; ଅଲତା—Lac-dye.

**ଅଲକ୍ତକ**—ସଂ. ବି. (ଅଲକ୍ତ+କ)—ଅଲକ୍ତ ( ଦେଖ )
Alaktaka Alakta ( See )

**ଅଲକ୍ଷ**—ଦେ. ବିଣ. ( ସଂ. ଅଲକ୍ଷ୍ୟ )—୧ । ଅଲକ୍ଷିତ; ଅଜ୍ଞାତ—
Alaksha 1. Unmarked; unknown.
୨ । ଅସମକକ୍ଷ—2. Unequal.
୩ । ଅତୁଳନୀୟ—3. Incomparable.

**ଅଲକ୍ଷଣ**—ସଂ. ବି. ( ଅ=ମନ୍ଦ+ଲକ୍ଷଣ=ଚିହ୍ନ )—
Aalkshana ୧ । କୁଲକ୍ଷଣ; ଅଶୁଭ ଚିହ୍ନ—
1. In auspicious sign.
୨ । ଦୁର୍ଭାଗ୍ୟ—2. Misfortune.
୩ । ମୃତ୍ୟୁର ପୂର୍ବ ଲକ୍ଷଣ—
3. Premonitory symptoms of death.
ସଂ. ବିଣ—କୁଲକ୍ଷଣାକ୍ରାନ୍ତ; ସୁଲକ୍ଷଣହୀନ; ଶୁଭଚିହ୍ନ ବର୍ଜିତ—
Inauspicious; with inauspicious signs or marks or traits on the person.

**ଅଲକ୍ଷଣା**—ଦେ. ବିଣ. ପୁଂ. ( ସଂ. ଅଲକ୍ଷଣ; ଗାଳିରେ ବ୍ୟବହୃତ )—
Alakshanā ୧ । ଅଲକ୍ଷଣ ( ପୁରୁଷ )—
অলক্ষণা 1. Inauspicious ( person )
अलक्षण ୨ । ଦୁର୍ଭାଗ୍ୟ—2. Unfortunate; having no auspicious sign or trait on the person.
୩ । ଅସୁନ୍ଦର—3. Graceless.

**ଅଲକ୍ଷଣୀ**—ଦେ. ବିଣ. ସ୍ତ୍ରୀ—ଅଲକ୍ଷଣାର ସ୍ତ୍ରୀଲିଙ୍ଗ—
Alakshanī Feminine of Alakshanā.
অলক্ষণী କୁକ୍ଷଣେ ଜନମ-ଜଠରୁ ମହୀରେ ପଡ଼ି ମୁହିଁ ଅଲକ୍ଷଣୀ ।
अलक्षणी ସୁଧାକର—ପାବଂଗ ।

**ଅଲକ୍ଷମା**—ଗ୍ରା. ବି. ( ସଂ. ଅଲକ୍ଷ୍ମୀ )—ଲକ୍ଷ୍ମୀଙ୍କ ବଡ଼ଭଉଣୀ; ଅଲକ୍ଷ୍ମୀ—
Alakshamā The Goddess of misfortune.
হতলক্ষী ଗ୍ରା. ବିଣ—୧ । କୁଲକ୍ଷଣା ( ସ୍ତ୍ରୀ )—
अलछमा 1. Inauspicious ( woman )
୨ । ହତଭାଗିନୀ ( ସ୍ତ୍ରୀ )—
2. Unfortunate ( female ).

**ଅଲକ୍ଷିତ**—ସଂ. ବିଣ. (ଅ=ନୁହେଁ+ଲକ୍ଷିତ=ଜ୍ଞାତ)—୧ । ଅଜ୍ଞାତ—
Alakshita 1. Unseen; unobserved.
୨ । ଅଦୃଷ୍ଟ—2. Unperceived.
୩ । ଅତର୍କିତ—3. Unnoticed

**ଅଲକ୍ଷିତଭାବରେ**—ଦେ. କ୍ରି. ବିଣ—୧ । ଅତର୍କିତଭାବରେ—
Alakshitabhābare 1. Without being
অলক্ষিতভাবে observed or noticed.
୨ । ଗୁପ୍ତଭାବରେ—2. Secretly; by stealth.

**ଅଲକ୍ଷିତେ**—ଦେ. କ୍ରି. ବିଣ. ( ପଦ୍ୟ )—ଅଲକ୍ଷିତଭାବରେ ( ଦେଖ )
Alakhite Alakshitabhābare ( See )
ଶୋଷିନେଏ ଧନ-ଧନ, ଅଳ୍ପ ଦିବସରୁ ଅଲକ୍ଷିତେ । ସୁଧାକାଥ, ମହାଯାତ୍ରା ।

**ଅଲକ୍ଷ୍ମା**—ଦେ. ବି. ( ସଂ. ଅଲକ୍ଷ୍ମୀ )—ଅଲକ୍ଷ୍ମୀ ( ଦେଖ )
Alakshmā Alakshmī ( See )

**ଅଲକ୍ଷ୍ମୀ**—ସଂ. ବି. ସ୍ତ୍ରୀ. ( ନାମ ) ( ଅ=ବିରୁଦ୍ଧ+ଲକ୍ଷ୍ମୀ )—
Alakshmī ୧ । ଲକ୍ଷ୍ମୀଙ୍କ ବଡ଼ଭଉଣୀ—1. Name of the elder sister of Lakshmī.
୨ । ଭାଗ୍ୟବିପର୍ଯ୍ୟୟର ଦେବତା—
2. The Goddess of ill luck.
୩ । ଦୁର୍ଭାଗ୍ୟ; ଦୁର୍ଦ୍ଦଶା—
3. Ill luck; calamity; misery.
ଦେ. ବି. ପୁଂ—ଲକ୍ଷ୍ମୀହୀନ ପୁରୁଷ; ହତଭାଗ୍ୟ ବ୍ୟକ୍ତି—
Unfortunate person.

**ଅଲକ୍ଷ୍ୟ**—ସଂ. ବିଣ. (ଅ=ନୁହେଁ+ଲକ୍ଷ୍ୟ)—୧ । ସମକକ୍ଷ; ଅସମାନ—
Alakshya 1. Unequal.
(ଅଲକ୍ଷ୍ୟା—ସ୍ତ୍ରୀ) ୨ । ଅତୁଳନୀୟ—2. Incomparable.

ସାଧାରଣ ସେବେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :—
'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧ' ନ ପାଇଲେ 'ବଧ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୩ । ଅଦୃଶ୍ୟ—3. Invisible.
୪ । ଅନିର୍ଣ୍ଣେୟ—4. Unascertainable; undistinguishable.
୫ । ଉଦ୍ଦେଶ୍ୟହୀନ—5. Without aim.
୬ । ଅଚିହ୍ନିତ—6. Unmarked.
୭ । ଯାହାର କୌଣସି ବିଶିଷ୍ଟ ଚିହ୍ନ ନାହିଁ—7. Having no particular mark.
୮ । ସାମାନ୍ୟ; ତୁଚ୍ଛ—8. Insignificant in appearance.

**ଅଲକ୍ଷ୍ୟଗତି**—ସଂ. ବିଣ. ପୁଂ. ଓ ସ୍ତ୍ରୀ. (ବହୁବ୍ରୀହି; ଅଲକ୍ଷ୍ୟ+ଗତି)—
Alakshyagati ଯାହାର ଗତି କେହି ଦେଖି ପାରେ ନାହିଁ—Moving invisibly.

**ଅଲକ୍ଷ୍ୟଜନ୍ମତା**—ସଂ. ବି. (ଅଲକ୍ଷ୍ୟଜନ୍ମନ୍+ତା)—ଜନ୍ମ ହେୟ ହେବା
Alakshyajanmatā ଅବସ୍ଥା—Being of insignificant birth or origin.

**ଅଲକ୍ଷ୍ୟଜନ୍ମା**—ସଂ. ବିଣ. ପୁଂ. ଓ ସ୍ତ୍ରୀ. (ବହୁବ୍ରୀହି; ଅଲକ୍ଷ୍ୟ+ଜନ୍ମନ୍; ୧ମା. ୧ବ.)—ଯାହାର ଜନ୍ମ ହେୟ ବା ତୁଚ୍ଛ ଅଟେ—Of insignificant birth or origin
Alakshyajanmā

**ଅଲକ୍ଷ୍ୟଲିଙ୍ଗ**—ସଂ. ବିଣ. ପୁଂ. (ବହୁବ୍ରୀହି; ଅଲକ୍ଷ୍ୟ+ଲିଙ୍ଗ)—ନିଜର
Alakshyalinga ପ୍ରକୃତ ବେଶ ବଦଳାଇଥିବା; ଯେ ବେଶାନ୍ତର ଦ୍ୱାରା
(ଅଲକ୍ଷ୍ୟଲିଙ୍ଗା—ସ୍ତ୍ରୀ) ଆପଣାର ସ୍ୱରୂପକୁ ଲୁଚାଏ—Disguised.

**ଅଲଖଣ**—ଗ୍ରା. ବି. (ସଂ. ଅଲକ୍ଷଣ)—ଅଲକ୍ଷଣ (ଦେଖ)
Alakhaṇa Alakshaṇa (See)
অলক্ষন
अपशगुन; कुलक्षण

**ଅଲଖଣା**—ଗ୍ରା. ବିଣ. ପୁଂ.—ଅଲକ୍ଷଣା (ଦେଖ)
Alakhaṇā Alakshaṇā (See)

**ଅଲଖଣୀ**—ଗ୍ରା. ବିଣ. ସ୍ତ୍ରୀ—ଅଲଖଣାର ସ୍ତ୍ରୀଲିଙ୍ଗ—
Alakhaṇī Feminine of Alakhaṇā.

**ଅଲଖମା**—ଗ୍ରା. ବି. ଓ ବିଣ.—ଅଲକ୍ଷମା (ଦେଖ)
Alakhamā Alakshamā (See)

**ଅଲଖମୀ**—ଗ୍ରା. ବି.—ଅଲକ୍ଷ୍ମୀ (ଦେଖ)
Alakhimī Alakshmī (See)

**ଅଲଖିମୀ**—ଗ୍ରା. ବି.—ଅଲକ୍ଷ୍ମୀ (ଦେଖ)
Alakhamī Alakshmī (See)
হতলক্ষী
अलक्ष्मी

**ଅଲଖେଣା**—ଗ୍ରା. ବିଣ. ପୁଂ.—ଅଲକ୍ଷଣା (ଦେଖ)
Alakheṇā Alakshaṇā (See)

**ଅଲଖେଣୀ**—ଗ୍ରା. ବିଣ. ସ୍ତ୍ରୀ—ଅଲକ୍ଷଣୀ (ଦେଖ)
Alakheṇī Alakshaṇī (See)

**ଅଲଗ**—ଦେ. ବିଣ. (ସଂ. ଅଲଗ୍ନ, ଅଲଗ୍ନ; ପ୍ରା. ଅଲଗ୍ଗ; ତୁଳ.—ଆ. ଅଲ୍‌ହିଦା) ୧ । ଅଲଗା; ଅସଂଲଗ୍ନ—
Alaga 1. Unconnected; separate; aloof.
আলগা ୨ । ଶ୍ରୀହୀନ; ଅସୁନ୍ଦର—
अलग 2. Shorn of beauty.
ଅଲଗ ସେବକା ଅମ୍ଭେ ବଲଗେ ସେବକୁ ହେ । ପ୍ରାଚୀ, ଉତ୍ସବୋନ୍ମତ୍ତସଇ ।
୩ । ନିସ୍ପୃହ—3. Solitary.
୪ । ଋତୁମତୀ—4. Menstruated

**ଅଲଗ କରିବା**—ଦେ. କ୍ରି.—ଅଲଗ କରିବା; ପୃଥକ୍ କରିବା—
Alaga karibā To separate.
আলগা করা
अलग करना

**ଅଲଗଛ**—ପ୍ରାଦେ. (କଟକ) କ୍ରି. ବିଣ—୧ । ଅଦ୍ଭୁତଭାବରେ—
Alagachha 1. Wonderfully.
আলগোছে ୨ । ଶୂନ୍ୟେ ଶୂନ୍ୟେ—2. In the air.
[ଯଥା—ସେ ମୋତେ ଅଲଗଛ ଟେକି ନେଇ ଗଲା ।]

**ଅଲଗଛେ**—ପ୍ରାଦେ. (କଟକ) କ୍ରି. ବିଣ—ଅଲଗଛ (ଦେଖ)
Alagachhe Alagachha (See)

**ଅଲଗଡ଼**—ଦେ. ବିଣ.—୧ । ବିଷମ—1. Complicated.
Alagarḍa ୨ । ଗୋଳମାଳିଆ—2. Confused; not clear.
অলস্থুস ୩ । ଅଖଡ଼ିଆ—3. Awkward.
औघड़ ୪ । ଅପରିଷ୍କୃତ—4. Unclean.
୫ । ଅସୁନ୍ଦର—5. Ugly.
୬ । ଅସଙ୍ଗତ—6. Unreasonable.
୭ । ଅସଂଲଗ୍ନ; ଯେଉଁ କଥାର ଗାଣ୍ଡି ମୁଣ୍ଡ ନ ଥାଏ; ଅସମ୍ବନ୍ଧ; ଅବ୍ୟବସ୍ଥିତ—
7. Unconnected; unmethodical.
୮ । ଅଖାଡ଼ୁଆ—8. Awkward.
୯ । ଯାଇତାଡ଼ା—9. Very bad.
୧୦ । ଅଯୋଗ୍ୟ—10. Unfit.
ଦେବାଲୋକେ ସେନବା ଲୋକ ଅଲଗଡ଼,
ହେଲେ ତହୁଁ ଲଘୁକେ ପାତକଟ ବଡ଼—କୃଷ୍ଣସିଂହ. ମହାଭାରତ. ଶାନ୍ତି ।

**ଅଲଗଡ଼ା**—ଦେ. ବି. (ସଂ. ଅର୍ଗଲ)—ଘୋଡ଼ାମାନଙ୍କ ରହିବା ସକାଶେ
Alagarḍā ଅର୍ଗଳ ଦିଆ ଯାଇଥିବା ସ୍ଥାନ—
আড়গড়া Enclosure for horses.
अड़गड़ा ଦେ. ବିଣ.—ଅଲଗଡ଼ (ଦେଖ)
Alagarḍa (See)

**ଅଲଗଡ଼ିଆ**—ଦେ. ବିଣ—ଅଲଗଡ଼ (ଦେଖ)
Alagarḍiā Alagarḍa (See)

**ଅଲଗଣା**—ଗ୍ରା. ବିଣ. ପୁଂ.—୧ । ଯାହାର କିଛି ଠିକଣା ନାହିଁ; ଅଳୁରୁବାଳୁରୁ—
Alagaṇā 1. Unmethodical.
লোমেলো

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଘ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଊ |
| ୨ | ଈ | ଭ | ଭୁ | ଲୁ | ଙ୍ଘ୍ୟ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଘ୍ୟ | ଯ | ସ | ଗଁ୍ୟ | ଇଅ | ● | ନ୍ତ |

(ଅଲଗଣି—ସ୍ତ୍ରୀ) ୨ । ଅପରିଷ୍କୃତ ( ବ୍ୟକ୍ତି )—
2. Unclean; dirty ( person ).

**ଅଲଗପୋଇ**—ପ୍ରାଦେ. ( ସିଂହଭୂମ ) ବି—ନିର୍ମୂଳ ଲତା—A species
Alagapoi of parasite creeper.

**ଅଲଗବିଲଗ**—ଗ୍ରା. ବିଣ. (ଏକାର୍ଥକ ସହଚର)—ଅମେଳ; ଅସଂଲଗ୍ନ—
Alagabilaga Unconnected.

**ଅଲଗର୍ଦ୍ଦ**—ସଂ. ବି. (ଅଲକ୍=ଅସଂଲଗ୍ନ+ଅର୍ଦ୍ଦ ଧାତୁ=ଗମନ କରିବା
A̱lagardda +କର୍ତ୍ତୃ. ଅ; ଚାଲିଲାବେଳେ ଯାହା ଦେହ ସମ୍ପୂର୍ଣ୍ଣ ରୂପେ ଭୂମିରେ ଲାଗେ ନାହିଁ )—
୧ । ପାଣିଧଣ୍ଡ; ଧଣ୍ଡସାପ—1. Water-snake
୨ । ତମ୍ପସାପ—2. Brown cobra

**ଅଲଗର୍ଦ୍ଧ**—ସଂ. ବି. (ଅଲକ୍=ଅଲଗ୍ନ+ଅର୍ଦ୍ଧ; ଫଣାଥିବାରୁ ଯାହା ଦେହର
A̱lagarddha ଅର୍ଦ୍ଧେ ଭୂମିରେ ଲାଗେ ନାହିଁ )—
ଅଲଗର୍ଦ୍ଦ ( ଦେଖ )—A̱lagardda ( See )

**ଅଲଗହେବା**—ଦେ. କ୍ରି—୧ । ଅଲଗା ହେବା; ପୃଥକ୍ ହେବା—
Alagahebā 1. To be separated.
আলগাহওয়া ୨ । ପୃଥକାନ୍ନ ପୃଥକ ବାସ ହେବା—
अलगहोना; 2. To live separately.
अलगरहना ୩ । ଋତୁମତୀ ହେବା—
3. To be menstruated ( and to live separate from others for 4 days till purified).

**ଅଲଗା**—ଦେ. ବିଣ. ( ସଂ. ଅଲଗ୍ନ )—
Alagā ୧ । ଅନ୍ୟ; ଅପର; ନିଃସମ୍ପର୍କୀୟ—
আলগা 1. Outsider; unconnected.
अलग; जुदा ଯେତେ ବେଳରେ କାର୍ଯ୍ୟ ଥିବ, ଅଲଗା ଲୋକ ନ ରହିବ—
ଭୂପତି. ପ୍ରେମପଞ୍ଚାମୃତ ।
୨ । ପୃଥକାନ୍ନବାସ—
2. Separate in board and mess.
୩ । ପୃଥକ୍—3. Separate.
ଖୁରରୁ ଚମକ ଝଟି ଅଲଗା ହୋଇ ଗଲେ ଯଥା ହସେ—
ରାଧାନାଥ. ପାର୍ବତୀ ।
୪ । ପାକାସ୍ପୃଶ୍ୟା; ଋତୁମତୀ—4. Menstruated.
୫ । କିଛିଦୂରକୁ ଗତ—
5. Gone to some distance.
ଏହା ଶୁଣି କର୍ଣ୍ଣୋଟଙ୍କ ହେବା ଲୁଚା,
ପିଲ୍ଲାଲେ ଜଳ ଯାଇ ହୋଇଣ ଅଲଗା—କୃଷ୍ଣସିଂହ. ମହାଭାରତ. ବନ ।

**ଅଲଗାଇବା**—ଦେ. କ୍ରି—ଅଲଗା ବା ପୃଥକ କରିବା—
Alagāibā To separate.
আলগাকরান
अलग करना

**ଅଲଗୁଣି**—ଦେ. ବି. ( ସଂ. ଅଲଗ୍ନ —ଲୁଗା ରଖିବା ସକାଶେ ଚାଳରୁ
Alaguṇi ଝୁଲା ଯାଇଥିବା ଦଉଡ଼ି ବା ଦୁଇ ମୁଣ୍ଡରେ ଦଉଡ଼ିରେ
আল্না ଝୁଲା ହେବା ବାଉଁଶ—A rope or stick
अलगनी, suspended from the thatch to hang
अरगनी clothes.

**ଅଲଗୁଣିଆ**—ଦେ. ବି—ଅଲନା—
Alaguṇiā Clothes-rack.

**ଅଲଗେ**—ପ୍ରାଦେ. (ସମ୍ବଲ) କ୍ରି. ବିଣ—ଅନ୍ୟତ୍ର—
Alage Elsewhere.

**ଅଲଘଞ୍ଚାଲ**—ଦେ. ବି—୧ । ଅଳି; କଟାଳ—
A̱laghañchā̱la 1. Importunity.
ବଳେ କର ଛଟି କୁଞ୍ଜେ କରିବା କେଳ
ବନ୍ଧୁ ହେଲେ ଘନ ଅଲଘଞ୍ଚାଲ ବାଳୀ । ଉପେ. ବୈଦେହୀଶବିଳାସ ।
୨ । ନିଷେଧ—2. Refusal.

**ଅଲଘୁ**—ସ. ବିଣ. ( ଅ+ଲଘୁ )—
Alaghu ୧ । ଯାହା ସାମାନ୍ୟ ନୁହେ—1. Not slight.
୨ । ଯାହା ହାଲୁକା ନୁହେ—
2. Heavy; not light.

**ଅଲଙ୍କରଣ**—ସଂ. ବି. (ଅଲଂ=ଭୂଷିତ କରିବା+କୃ ଧାତୁ+କରଣ.ଅନ)—
A̱laṅkaraṇa ୧ । ଭୂଷଣ; ଅଳଙ୍କାର; ଗହଣା—
1. Ornaments.
୨ । (+ଭାବ. ଅନ) ଅଳଙ୍କାରଦ୍ୱାରା ଭୂଷିତ କରିବା—
2. Bedecking with ornaments.

**ଅଲଙ୍କରିଷ୍ଣୁ**—ସଂ. ବିଣ. ପୁଂ ଓ ସ୍ତ୍ରୀ (ଅଲଂ+କୃ ଧାତୁ+କର୍ତ୍ତୃ. ଇଷ୍ଣୁ)—
A̱laṅkarishṇu ୧ । ଅଲଙ୍କରଣଶୀଳ—Decorative.
୨ । ଭୂଷକ—Decorating.

**ଅଲଙ୍ଗ**—ପ୍ରାଦେ ( ବାଲେଶ୍ୱର ) ବି.—ଚାଳଘର—
Alaṅga A lean-to.

**ଅଲଙ୍ଘନ**—ସ. ବି ( ଅ+ଲଙ୍ଘନ )—
Alaṅghana ୧ । ଲଙ୍ଘନର ଅଭାବ—
1. Freedom from transgression.
ଅଲଙ୍ଘିତ } ବିଣ. ୨ । ଜ୍ୱରବ ରୋଗରେ ଉପବାସ ନ କରିବା—
ଅଲଙ୍ଘନୀୟ }
2. Want of fasting during fever.
୩ । ଅନୁଲ୍ଲଙ୍ଘନ—3. Not overstepping.
୪ । ଅନତିକ୍ରମ—4. Non-violation.

**ଅଲଙ୍ଘନୀୟ**—ସ. ବିଣ ( ଅ+ଲଙ୍ଘନୀୟ )—
Alaṅghanīya ଯାହାକୁ ଲଙ୍ଘନ କରି ଯାଇ ନ ପାରେ—
Inviolable.

**ଅଲଙ୍ଘା**—ପ୍ରାଦେ ( ସମ୍ବଲପୁର ) ବିଣ. ସ୍ତ୍ରୀ—
Alaṅghā ଅଲଗା; ପାକାସ୍ପୃଶ୍ୟା; ଋତୁମତୀ—
Menstruated.

ସାଧାରଣ ସେବେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ବର୍ଣ୍ଣର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧା' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଅଲଙ୍ଘିତ**—ସଂ. ବିଣ ( ଅ + ଲଙ୍ଘିତ )—ଲଙ୍ଘିତ ହୋଇ ନ ଥିବା—
Alanghita — Not transgressed.
ଦେ. ବିଣ.—ଯେ ଲଙ୍ଘନ ନ କରେ; ଅଲଙ୍ଘନକାରୀ—
Not transgressing.

ମୁହିଁ ଅଲଙ୍ଘିତ ହେବି ତାର ବଚନକୁ ।
ସାରଳା. ମହାଭାରତ, ବନପର୍ବ ।

**ଅଲଙ୍ଘ୍ୟ**—ସଂ. ବିଣ ( ଅ + ଲଙ୍ଘ୍ୟ )—
Alanghya — ଯାହାକୁ ଲଙ୍ଘନ କରି ଯାଇ ନ ପାରେ—
Inviolable.

ଅଲଙ୍ଘ୍ୟ ହେବାରୁ ମୋ ଗୁଣ ପରଗଣେଙ୍କ ଯାହା ଘଟେ ଘଟେ ।
କବିସୂର୍ଯ୍ୟ—ସଙ୍ଗୀତ ।

**ଅଲଙ୍କର୍ତ୍ତା**—ସଂ. ବି. ପୁଂ ( ଅଲଂ = ଭୂଷଣ + କର୍ତ୍ତା = କରିବା ଲୋକ,
Alankarttā — ଅଲଂକର୍ତ୍ତୃ, ୧ମା ୧ବ. )—
(ଅଲଙ୍କର୍ତ୍ତ୍ରୀ—ସ୍ତ୍ରୀ) ପ୍ରସାଧକ; ଭୂଷଣକାରୀ; ଯେ ଅଲଙ୍କାର ପିନ୍ଧାଇ ଦିଏ—One who furnishes or adorns another with ornaments.

**ଅଲଙ୍କର୍ମୀଣ**—ସଂ. ବିଣ. ପୁଂ. ( ଅଲଂ = ପାରଗ + କର୍ମନ୍ = କ୍ରିୟା + Alankarmīna — ଭାବାର୍ଥେ. ଇନ୍ )—
(ଅଲଙ୍କର୍ମୀଣା—ସ୍ତ୍ରୀ) ୧ । କାର୍ଯ୍ୟଦକ୍ଷ; କାର୍ଯ୍ୟକୁଶଳ—
1. Expert.
୨ । କର୍ମକ୍ଷମ—2. Able to work.

**ଅଲଙ୍କା**—ଗ୍ରା. ବି—ଅଲକାପୁର ( ଦେଖ )
Alankā — Alakāpura ( See )

**ଅଲଙ୍କାର**—ସଂ. ବି. (ଅଲଂ = ଭୂଷିତ + କୃ ଧାତୁ + କରଣ. ଅ)—
Alankāra — ୧ । ଭୂଷଣ; ଆଭରଣ—
1. Ornament; decoration
୨ । ସାହିତ୍ୟର ଶାସ୍ତ୍ରବିଶେଷ—
(ଶବ୍ଦାଲଙ୍କାର ତଳେ ନୋଟ ଦେଖ ।)
2. Science of figurative speech.
୩ । ଶବ୍ଦାର୍ଥର ଭୂଷଣ—3. Figure of speech.
୪ । ଭୂଷିତ କରିବା—4. Bedecking; adornment.

**ଅଲଙ୍କାରଶାସ୍ତ୍ର**—ସଂ. ବି—କାବ୍ୟାର୍ଥ ବିବୃତ୍ତି ସଙ୍ଗେ କାବ୍ୟସ୍ୱରୂପ ରସ,
Alankāraśāstra — ଭାବ, ଦୋଷ, ଗୁଣ, ରୀତି ଓ ଅଲଙ୍କାର ପ୍ରଭୃତି ବିଷୟ ଯହିଁରେ ଆଲୋଚନା କରାଯାଏ—
The science of figures of speech

**ଅଲଙ୍କୃତ**—ସଂ. ବିଣ. ପୁଂ. (ଅଲଂ = ଭୂଷିତ + କୃ ଧାତୁ + କର୍ମ. ତ)—
Alankruta — ଅଲଙ୍କାରଦ୍ୱାରା ଭୂଷିତ; ସଜ୍ଜିତ—
(ଅଲଙ୍କୃତା—ସ୍ତ୍ରୀ) Adorned; ornamented; bedecked with ornaments

**ଅଲଙ୍କ୍ରିୟା**—ସଂ. ବି. (ଅଲଂ = ଭୂଷଣ + କ୍ରିୟା = କାର୍ଯ୍ୟ)—
Alankriyā — ଭୂଷିତ କରିବା କାର୍ଯ୍ୟ—Decoration.

**ଅଲଚି**—ପ୍ରାଦେ ( କଟକ ) ବି.—ଅଲତି ( ଦେଖ )
Alachi — Alati ( See )

**ଅଲଜିଆ**—ଗ୍ରା. ବିଣ. ପୁଂ. ଓ ସ୍ତ୍ରୀ.—ନିର୍ଲଜ୍ଜ—
Alajiā — Shameless.
ଅଲଜ୍ଜ
अलज

**ଅଲଜ୍ଜ**—ସଂ. ବିଣ. ପୁଂ ( ବହୁବ୍ରୀହି; ଅ = ନାହିଁ + ଲଜ୍ଜା )—
Alajja — ନିର୍ଲଜ୍ଜ—Shameless.

**ଅଲଜ୍ଜା**—ସଂ. ବି ( ନଞ୍ ତତ୍; ଅ + ଲଜ୍ଜା )—ନିର୍ଲଜ୍ଜତା—
Alajjā — Shamelessness; impudence.
ଅଲଜ୍ଜ ଦେ. ବିଣ. ପୁଂ ଓ ସ୍ତ୍ରୀ ( ସଂ. ଅଲଜ୍ଜ )—
अलज — ନିର୍ଲଜ୍ଜ—Shameless

**ଅଲଜ୍ୟା**—ଗ୍ରା. ବିଣ. ପୁଂ ଓ ସ୍ତ୍ରୀ—ଅଲଜ୍ଜ ( ଦେଖ )
Alajja ( See )
ଅଲଜ୍ଜ
अलज

**ଅଲଞ୍ଜର**—ସଂ. ବି ( ଅଲଂ = ଶୀଘ୍ର + ଜୃ ଧାତୁ = ଜୀର୍ଣ୍ଣହେବା + କର୍ତ୍ତୃ.
Alanjara — ଅ )—
୧ । ମୃଣ୍ମୟ ପାତ୍ର—1. Earthen pot.
୨ । ମାଟି କଳଶ; ମାଠିଆ—2. Earthen pitcher.

**ଅଲଣା**—ଦେ. ବିଣ ( ସଂ. ଅଲବଣାକ୍ତ )—
Alanā — ୧ । ଯହିଁରେ ଲୁଣ ପଡ଼ି ନାହିଁ—
আলোনা — 1. Not seasoned with salt.
अलोना — ୨ । ଅସାର ( କଥା )—
2. Profitless; worthless ( talk )
୩ । ନିକୃଷ୍ଟ—3. Inferior.

ଇନ୍ଦ୍ରାଯୁଧେ ତାର ଅଧୋବସ୍ତ୍ରେ କଭେ ଯେଉଁ ତୁଳନା ।
ତହିଁ କଲ ଇନ୍ଦ୍ର ସଙ୍ଗେ ସୁନ୍ଦରର ତୁଳା ଅଲଣା ।
ରାଧାନାଥ—ଉଷା ।

**ଅଲଣାକଥା**—ଦେ. ବି.—୧ । ନିଷ୍ପ୍ରୟୋଜନ କଥା—
Alanākathā — 1. Useless matter.
বাজেকথা — ୨ । ଅସାର କଥା—
बेफायदाबात — 2. Worthless matter.

**ଅଲଣାସୁଆଗ**—ଦେ. ବି—ଶୁଷ୍କସୁଆଗ; ଯେଉଁ ସୁଆଗ ବା ଗେଲରେ
Alanāsuāga — ଆନ୍ତରିକତା ନ ଥାଏ—Fondness devoid of sincerity.

**ଅଲତା**—ଦେ. ବି. ( ସଂ. ଅଲକ୍ତ )—ଅଲକ୍ତ; ଲାକ୍ଷାରସ—
Alatā — Lac-dye.
আল্‌তা
अलता — ଲେଖିଛି ଅଲତା ଚିତ୍ର ତୋ ଜଳଜ ପାଦରେ—କବିସୂର୍ଯ୍ୟ. ସଙ୍ଗୀତ ।

**ଅଲତାପାଟୀ**—ଦେ. ବି.—୧ । ଅଲତାଶିରୀ ( ଦେଖ )
Alatapāti — 1. Alatāsirā ( See )

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇଯ୍ | ଉଅ | ଢ଼ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ୱ | ହ୍ନ |

୨ । ତଳପା ଧଡ଼ରେ ଢାଆସିବା ଅଲତା ରଙ୍ଗର ଚିତ୍ର ବା ପଟ୍ଟୀ— 2. A strip of painting of lac-dye on the sides of the sole of the foot.

**ଅଲତାବୋଲ**—ଦେ. ବି.—ଅଲତା ରସର ଲେପ—
Alatābola — A layer of lac-dye.
আলতারলেপ
ଚନ୍ଦ୍ର ଚରଣ ଅଲତା ବୋଳେ । — କବିସୂର୍ଯ୍ୟ—କବିତା ।

**ଅଲତାଶିର**—ଦେ.ବି.—ତଳପାର ଧାର, ଯେଉଁଠାରେ ସ୍ତ୍ରୀଲୋକେ ଅଲତା ଦିଅନ୍ତି; ଗୋଡ଼ର ପାପୁଲି ଓ ତଳପା ମଧ୍ୟରେ ପାଦ ଚାରିପାଖ ଘେରିଥିବା ପଟ୍ଟୀ; ପାର୍ଷ୍ଣି—
Alatāsirā
আলতাপাটী
The edge of the sole of the foot.

**ଅଲତାସିନ୍ଦୂର**—ଦେ. ବି.—୧ । ସ୍ତ୍ରୀମାନଙ୍କର ଓ ବରକନ୍ୟାଙ୍କ ପ୍ରସାଧନର ଦୁଇଟି ଉପକରଣ; ଅଲକ୍ତକ ଓ ସିନ୍ଦୂର—1. Two articles of toilet of Indian wives.
Alatāsindūra
পেয়েকামান
୨ । ବିବାହ ସମୟରେ କୁଳକର୍ମ ବେଦୀରେ ହେବା ସ୍ତ୍ରୀ ଆଚାର ବିଶେଷ (ସ୍ତ୍ରୀମାନେ ଏ ବେଦୀରେ ଜ୍ୱାଇଁଙ୍କୁ ଅଲତାସିନ୍ଦୂର ଦିଅନ୍ତି)—2 The ceremony of females anointing lac-dye and vermillion on the bridegroom on a separate platform during marriage ceremony.

**ଅଲତିଗିରି**—ଦେ. ବି. ( ନାମ ) ପାହାଡ଼ବିଶେଷ—
Alatigiri — Name of a hill.
[ ଦ୍ର—ଏହା ଯାଜପୁର ସବ୍‌ଡିଭିଜନ ଧାନମଣ୍ଡଳ ଷ୍ଟେସନରୁ ପୂର୍ବରେ ୧୦ ମାଇଲ ଦୂରରେ ଅବସ୍ଥିତ । ଏହା ଉପରେ ବଙ୍ଗଳା ନବାବଙ୍କ ସେନାପତି ସୁଜାଉଦ୍ଦିନଙ୍କ ନିର୍ମିତ ଗୋଟିଏ ମସଜିଦ୍ ଅଛି । କବି ରାଧାନାଥ 'ନନ୍ଦିକେଶ୍ୱରୀରେ' "ଚନ୍ଦନ-ନିକୁଞ୍ଜ-ମଞ୍ଜୁଳ ଅଲତି" ଦ୍ୱାରା ସମ୍ଭବତଃ ଅଲତିଗିରିକୁ ଲକ୍ଷ୍ୟ କରିଅଛନ୍ତି; କାରଣ ଅଲତିଗିରିରେ ଚନ୍ଦନଗଛ ଅଦ୍ୟାପି ନ ଥିବାର ଦେଖା ଯାଇଅଛି ।]

**ଅଲତି**—ଦେ. ବି. ୧ । ( ସଂ. ଅଲକ୍ତକ )—ଶିଶୁମାନଙ୍କ ଚର୍ମରୋଗ ବିଶେଷ—( ଏ ରୋଗରେ ଅଲତାପରି ନାଲି ମଣ୍ଡଳମାନ ଦେହର ସ୍ଥାନେ ସ୍ଥାନେ ଦେଖାଯାଏ )—1. A kind of skin disease (red patches) of infants.
Alati
রঙ্; রং
୨ । ଅଲତିଗିରି—( ଦେଖ )
2. Alatigiri ( See )
ଚନ୍ଦନ ନିକୁଞ୍ଜ ମଞ୍ଜୁଳ ଅଲତି—ରାଧାନାଥ. ନନ୍ଦିକେଶରୀ ।

**ଅଲନ୍ଦୁ**—ଦେ. ବି. (ସଂ. ଅଲଂଧୂମ)—ଧୂଆଁ ବାଉଁଶ ଚାଳରେ ଓହଳଥିବା ବୁଢ଼ିଆଣୀ ଜାଲ ମିଶ୍ରିତ କଳା; ଗୃହଧୂମ—
Alandu — Soot formed under the roof or thatch.
ঝুল
धुआँला, काजल

**ଅଲନ୍ଧୁ**—ଦେ. ବି—ଅଲନ୍ଦୁ ( ଦେଖ )
Alandhu — Alandu ( See )
ମଧ୍ୟାହ୍ନେ ଅନ୍ଧାର ହୋଇ ଅଲନ୍ଧୁ
ଢାଳିଦିଆମନ୍ତ୍ରକୁ ବର୍ଷଣର ବନ୍ଧୁ । ରାଧାନାଥ—ଚିଲିକା ।

**ଅଲନ୍ଧୂମ**—ସଂ. ବି. ( ଅଲଂ=ଅତି+ଧୂମ=ଧୂଆଁ )—
Alandhūma — ୧ । ଅତ୍ୟଧିକ ଧୂମ; ଧୂମ ସମୂହ—. 1. Excessive smoke
୨ । ଅଲନ୍ଦୁ ( ଦେଖ )
2. Alandu ( See )

**ଅଲପ**—ଗ୍ରା. ବିଣ. (ପଦ୍ୟ) ( ସଂ. ଅଲ୍ପ )—
Alapa — ୧ । ଅଳ୍ପ—1 Little; small.
अल्प — ୨ । ହୀନ; ଅଧମ—2. Mean; wretched.
थोड़ा
ଜଗତମୋହନ ତୋ ରୂପ, ସ୍ୱଭାବେ ମୁହିଁ ଯେ ଅଲପ । — ଜଗନ୍ନାଥ—ଭାଗବତ ।
୩ । ସାମାନ୍ୟ—3. Slight.
ଶେଷ ଅଙ୍ଗୀକାର କରି କି ତାହାର ଅଲପ କଥା ପଚାରୁ । — କବିସୂର୍ଯ୍ୟ—ସଙ୍ଗୀତ ।
୪ । ସଂଖ୍ୟାରେ କମ୍—4. Small in number.
ଅଲପବୟସୀ ଅଲପକେ ଡୁବି, ଗଲପ କରନ୍ତି ବସି । — ନନ୍ଦକିଶୋର—ଶର୍ମିଷ୍ଠା ।

**ଅଲପ**—ପ୍ରାଦେ. (ସମ୍ବଲ) ବିଣ—ଅଳ୍ପ—
Alapa — Little; small.

**ଅଲପ ଆୟୁଷ**—ଗ୍ରା. ବିଣ. ( ସଂ. ଅଳ୍ପାୟୁଃ ) ଅଳ୍ପାୟୁଃ ( ବ୍ୟକ୍ତି )—
Alapa āyusha — Short lived ( person )
ଦ୍ରୌପଦୀ କେଶ ସ୍ପର୍ଶ ଦୋଷେ, ସ୍ୱଭାବେ ଅଲପ ଆୟୁଷେ ।
ତାହାଙ୍କୁ ପ୍ରଭୁ ମାୟା କରି, ଅର୍ଜୁନ ଗାଣ୍ଡିବେ ସଂହରି । — ଜଗନ୍ନାଥ—ଭାଗବତ ।

**ଅଲପକ**—ଦେ. ବିଣ ( ସଂ. ଅଳ୍ପକ )—୧ । ଅଳ୍ପମାତ୍ର—
Alapaka — 1. Only a little.
୨ । ଅଳ୍ପପରିମିତ—2. Little; trivial.
୩ । ନିକୃଷ୍ଟ—3. Inferior.
( ଯଥା—ସେତ ଅଲପକ ଲୋକ, ଆଉ କଅଣ କହନ୍ତା । )
୪ । ସାମାନ୍ୟ—4. Insignificant.
( ଯଥା—ଅଲପକ କଥାରେ ଏତେ ରାଗିଲେ ଚଳିବ ନାହିଁ । )

**ଅଲପକିଆ**—ଦେ. କ୍ରି. ବିଣ.—ସାମାନ୍ୟରେ—
Alapakiā — Very little.
সামান্য — (time, manner, quantity and quality).
ଦେ. ବିଣ.—୧ । ନିକୃଷ୍ଟ—1. Inferior.
୨ । ଅଳ୍ପ ପରିମିତ—2. Small in quantity.

**ଅଲପକେ**—ଦେ. କ୍ରି. ବିଣ—୧ । ମୃଦୁଭାବରେ—
Alapake — 1. Slightly.
अल्पे
ଅଲପ ବୟସୀ ଅଲପକେ ଡୁବି, ଗଲପ କରନ୍ତି ବସି । — ନନ୍ଦକିଶୋର, ଶର୍ମିଷ୍ଠା ।

ସାଧାରଣ ଲୋକେ ଅପର ପୃଷ୍ଠାରେ ପ୍ରଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ତଂତ୍ର' ନ ପାଇଲେ 'ତନ୍ତ୍ର' ଦେଖିବେ; 'ଅଙ୍ଗ୍ୟା' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୨ । ଅସ୍ତେ ଅସ୍ତେ; ଧୀରେ ଧୀରେ—2. Slowly.
୩ । ସହଜରେ; ଅନାୟାସରେ—3. Easily.

ଅଲପକେ ଏ ଯୋଗ ନବାହ ପଡ଼ିବ,
ଯୁଧିଷ୍ଠିରଙ୍କ ଯାଗ ସମାନ ସେ ହେବ । କୃଷ୍ଣସିଂହ. ମହାଭାରତ ।

**ଅଲପାଅଲପି**—ଗ୍ରା. କ୍ରି. ବିଣ. (ସଂ. ଅଳ୍ପାଳ୍ପ)—ଅତି ଅଳ୍ପ ପରିମାଣରେ—
Alapāalāpi — In small quantities.
অল্প অল্প

**ଅଲପାଇଷ**—ଗ୍ରା. ବିଣ (ସଂ. ଅଳ୍ପାୟୁଃ)—ଅଳ୍ପକାଳଜୀବୀ; ଅଳ୍ପାୟୁଷ; ଅଳ୍ପାୟୁଃ—
Alapāisha — Short lived.
অপ্পেয়ে, অল্পেয়ে
अल्पायु

**ଅଲପାଇଷିଆ**—ଗ୍ରା. ବିଣ.—ଅଲପାଇଷ ( ଦେଖ )
Alapāishiā — Alapāisha ( See )

ଅଲପାଇଷିଆ, ଖଣ୍ଡିଆ, କଇଶୁଆ !
ସାଆନ୍ତେ ! ମୁଁ କି ଛାଡ଼ିବା ଲୋକ— ଫକୀରମୋହନ—ଛମାଣଆଠଗୁଣ୍ଠ ।

**ଅଲପାୟୁଷ**—ଗ୍ରା. ବିଣ.—ଅଲପାଇଷ ( ଦେଖ )
Alapāyusha — Alapāisha ( See )

**ଅଲପିନା**—ପ୍ରାଦେ. ( ସମ୍ବଲପୁର ) ( ସଂ. ଆଲ୍ପନ )—ଝୋଟି ( ଦେଖ )
Alapinā — Jhoti ( See )

**ଅଲପେଇଷ**—ଗ୍ରା. ବିଣ. ପୁଂ. (ଗାଳିରେ ବ୍ୟବହୃତ)—ଅଲପାଇଷ ( ଦେଖ )
Alapeisha — Alapāisha ( See )

**ଅଲପେଇଷା**—ଗ୍ରା. ବିଣ. ପୁଂ.—ଅଲପାଇଷ ( ଦେଖ )
Alapeishā — Alapāisha ( See )

**ଅଲପେଇଷିଆ**—ଗ୍ରା. ବିଣ. ପୁଂ.—ଅଲପାଇଷ ( ଦେଖ )
Alapeishiā — Alapāisha ( See )

**ଅଲପେଇଷି ଯା**—ଗ୍ରା. ଅ—(ଅଭିଶାପ) ତୁ ଅଳ୍ପାୟୁ ହୋଇ ମର—
Alapeishi jā — ( a curse ) You meet with an untimely death.
অল্পায়ুষ যা

**ଅଲପେଇଷି ଯିବା**—ଗ୍ରା. କ୍ରି.—ଅଳ୍ପାୟୁଃ ହେବା; ଅଳ୍ପ ଆୟୁଷରେ ମରିବା—
Alapeishi jibā — To die before time; to be short-lived.

**ଅଲଫା**—ଦେ. ବିଣ. ( ସ. ନଞର୍ଥକ. ଅ + ଫା. ନଫା )—ଲାଭହୀନ—
Alaphā — Profitless.
অলাভ
ବୈଦେ. ( ଅ ) ବି—ବାବାଜୀ ଓ ଫକୀରମାନେ ମୁଣ୍ଡବାଟେ ଗଳାଇ ପିନ୍ଧିବା ହାତ ନ ଥିବା ଏକପ୍ରକାର ଢିଲା କୁରୁତା—A loose coat withont sleeves worn by asceties and fakirs

**ଅଲବତ୍**—ଦେ. କ୍ରି. ବିଣ. (ଅ. ଅଲବତ୍ତା)—ନିଶ୍ଚୟ; ଜରୁର; ଅବଶ୍ୟ—
Alabat — Certainly.
আলবাত
अलबत्ता.

ଏ କଥା ଶୁଣି ପାଞ୍ଚ ଜଣ ଏକାବେଳକେ କହିଲେ; ଅଲବତ୍; ଅଲବତ୍— ଫକୀରମୋହନ. ଛମାଣଆଠଗୁଣ୍ଠ ।

**ଅଲବଲା**—ଦେ. ବି—ଏକପ୍ରକାର ଦୀର୍ଘ ନଳୀଯୁକ୍ତ ହୁକା ବା ଧୂମପାନ ପାତ୍ର—A hooka with a long pipe for smoking tobacco.
Alabalā
আলবল্লা
अलबल्ला

**ଅଲବଲିଆ**—ଗ୍ରା. ବିଣ. ପୁଂ—ବେଢଙ୍ଗିଆ; ଅଠିକଣା ( ଲୋକ )—
Alabaliā — Unmethodical ( person )
উদাসী
ପ୍ରାଦେ. ( ଗଡ଼ ) ବିଣ—ଉଦାସିଆ ( ଲୋକ )—
(ଅଲବଲୀ—ସ୍ତ୍ରୀ) — Indifferent ( person )

**ଅଲଭ୍ୟ**—ସ. ବିଣ. ( ଅ + ଲଭ୍ୟ )—ଅପ୍ରାପ୍ୟ—
Alabhya — Unattainable.

**ଅଲଭ୍ୟରେ**—ଦେ. କ୍ରି. ବିଣ. ( ସଂ. ଅଲଭ୍ୟ )—
Alabhyare ୧ । ପ୍ରାର୍ଥନା ନ କରି ମଧ୍ୟ; ନ ଲୋଡ଼ି କରି—
অলভ্যে — 1. Without asking tor.

ଏଥିରୁ ଇନ୍ଦ୍ରପଦ ଅଲଭ୍ୟରେ ହୋଏ—କୃଷ୍ଣସିଂହ. ମହାଭାରତ, ସଭା ।

୨ । ସହଜରେ—2. Easily.

**ଅଲଭ୍ୟେ**—ଦେ. କ୍ରି. ବିଣ—ଅଲଭ୍ୟରେ ( ଦେଖ )
Alabhye — Alabhyare ( See )

ଏକା ନଗ୍ରସନ୍ଧକୁ ଦେବ ଯେବେ ମାର,
ଅଲଭ୍ୟେ ହେବ ଚକ୍ରବର୍ତ୍ତୀ ଦଣ୍ଡଧାରୀ—କୃଷ୍ଣସିଂହ. ମହାଭାରତ, ସଭା ।

**ଅଲମତିବିସ୍ତରେଣ**—ସଂ. ବାକ୍ୟ. (ପତ୍ରଶେଷରେ ଲେଖାଯିବା ବାକ୍ୟ)—
Alamatibistarena — ଅତି ଅଧିକ ଲେଖିବା ବାହୁଲ୍ୟ ମାତ୍ର—It is redundant to write anything further.

**ଅଲମବିଲମ**—ଗ୍ରା. ବି. ( ସଂ. ଅନୁଲୋମବିଲୋମ )—
Alamabilama — ଅଲୋମବିଲୋମ ( ଦେଖ ) — Alomabiloma ( See )

**ଅଲମ୍ବୁଶା**—ସଂ. ବି—ପୋକଶୁଙ୍ଘା ( ଦେଖ ) (ହରେକୃଷ୍ଣ. ଦ୍ରବ୍ୟଗୁଣ)—
Alambuśā — Pokaśunghā ( See )

**ଅଲମ୍ବୁଷ**—ସଂ. ବି. ( ଅଲଂ + ବୁଷ୍ ଧାତୁ = ଷଣ୍ଡ କରିବା + କର୍ତ୍ତୃ. କପାତନ. ଅ )—
Alambusha
୧ । ରାକ୍ଷସବିଶେଷ—
1. Name of a demon.
[ ଦ୍ର—କୁରୁକ୍ଷେତ୍ର ଯୁଦ୍ଧରେ ଏହି ରାକ୍ଷସ ଅଭିମନ୍ୟୁଙ୍କ ସଙ୍ଗେ ଅନେକ ମାୟାଯୁଦ୍ଧ କରିଥିଲା । ]
୨ । ପ୍ରହସ୍ତ, ରାବଣର ସେନାପତିବିଶେଷ—
2. Name of a general of Rābana.
୩ । ବାମନ ( ଦେଖ )
3. Bāmana ( See )
ଦେ. ବିଣ—ଅଲମ୍ବୁଷା ( ଦେଖ )
Alambushā ( See )

**ଅଲମ୍ବୁଷା**—ସ. ବି. ସ୍ତ୍ରୀ—୧ । ସ୍ୱର୍ଗ ବେଶ୍ୟାବିଶେଷ—
Alambushā — 1 Name of a heavenly nymph.

| ୧ | ଇ | ଉ | ଋ,ର୍ | ୯ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଙ୍ଘ | ଙ୍ଖ | ଛ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଯ୍ୟ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ | ଙ୍ଖ | ଷ | ନ୍ତ |

୨ । ଶରୀରସ୍ଥ ପ୍ରଧାନ ଦଶ ନାଡ଼ୀ ମଧ୍ୟରୁ ଗୋଟିଏ ନାଡ଼ୀ ( ଦଶ ନାଡ଼ୀ ଶବ୍ଦ ଦେଖ )—
2. Name of a blood vessel.

୩ । ଲମ୍ବାବଣ୍ଡ ଲତା—3. A creeper.

୪ । ମୁଣ୍ଡୀରୀ; ଭୂଇଁ କଦମ୍ବ—4. A tree.

ଦେ. ବିଣ—୧ । ଅଖାଡ଼ୁଆ ( କଥା )—
1. Queer ( words )

୨ । ଅଡ଼ମୁଷା; ହୁଣ୍ଡା—
2. Awkward; fool hardy (person)

**ଅଲମ୍ବୁଷା**— ଦେ. ବିଣ— ଅଲମ୍ବୁଷା ( ଦେଖ )
Alambhushā Alambushā ( See

**ଅଲରା**—ଦେ. ବିଣ—୧ । ଅସ୍ତବ୍ୟସ୍ତ; ବିଶୃଙ୍ଖଳ; ଅଡ଼ୁଆ—
Alarā 1. Confused; disorderly.
এলোমেলো ୨ । ଯେଉଁ ବ୍ୟକ୍ତିର କଥା ଓ କାର୍ଯ୍ୟର ଠିକଣା ନଥାଏ—
गड़बड़ 2. Unmethodical; clumsy.
(ଅଲରୀ—ସ୍ତ୍ରୀ) ଦେ. ବି— ଆବର୍ଜନା; ଅଳିଆ—Refuse.
নোঙ্গরা ସେ ବାହାର ମୁହଁରେ ଅଲରା ପକାଉ
लटपट ଘୋଡାଉଳି ଥିବା ଅଲରା ମୁଁ ଛଡାଉ । କୃଷ୍ଣସିଂହ,ମହାଭାରତ. ଅଦ ।

**ଅଲରୀ**—ଦେ. ବିଣ. ସ୍ତ୍ରୀ—ଯେଉଁ ସ୍ତ୍ରୀ କାମସବୁ ଶୃଙ୍ଖଳାରେ କରେ ନାହିଁ—
Alarī ( woman) Who does works clumsily; unmethodical.

**ଅଲର୍କ**—ସଂ. ବି. ( ଅଲଂ = ଅତ୍ୟର୍ଥ + ଅର୍କ ଧାତୁ + କର୍ମ. ଅ)—
Alarka ୧ । କ୍ଷିପ୍ତ କୁକୁର—1. Rabid dog.

୨ । ଶ୍ୱେତ ଅର୍କବୃକ୍ଷ—
2. White species of Arka plant.

୩ । ଅସୁରବିଶେଷ—3. A demon.

୪ । କଳ୍ପିତ ଶୂକରାକାର ଜନ୍ତୁ—
4. A kind of mythological beast.

[ ଦ୍ର—ଏହା ଅଷ୍ଟପଦ, ତୀକ୍ଷ୍ଣଦନ୍ତ ଓ ସୂଚ୍ୟାକୃତି ଲୋମବିଶିଷ୍ଟ ।]

୫ । ଯେ କୌଣସି କାର୍ଯ୍ୟରେ ଲାଗେ ନାହିଁ—
5. Not useful for any work.

**ଅଲସ**—ସଂ. ବିଣ. ପୁଂ. ( ଅ = ନୁହେଁ + ଲସ୍ ଧାତୁ = ଲାଗିବା + କର୍ତ୍ତୃ. ଅ )—୧ । ଶ୍ରମବିମୁଖ; ଅଲସୁଆ—
Alasa
(ଅଲସା—ସ୍ତ୍ରୀ) 1. Idle; lazy; indolent; languid; inactive.
ଅଲସତା; ଆଲସ୍ୟ }—ବି.

୨ । ରୁଗ୍ଣ—2. Sickly.

୩ । କ୍ଲାନ୍ତ—3. Tired.

ସଂ. ବି—୧ । ବିଳମ୍ବ—1. Delay.

୨ । ବାଲିଜନ୍ମା ରୋଗ—2. Chilblain.

୩ । ଅଜୀର୍ଣ୍ଣ ରୋଗବିଶେଷ—
3. Indigestion; flatulence; tympanites.

୪ । ଗୋଦର ( ରୋଗ )—
4. Elephantasis of the leg.

ଦେ. ବି—ଆଲସ୍ୟ—Idleness; languor.

**ଅଲସକ**—ସଂ. ବି. ଓ ବିଣ. ପୁଂ ( ଅଲସ + କ )—ଅଲସ ( ଦେଖ )
Alasaka Alasa ( See )

**ଅଲସ ନାୟିକା**—ସଂ. ବି. ( ଶିଳ୍ପଶାସ୍ତ୍ର )—ମନ୍ଦିରର କାନ୍ଥ ଓ ଖୁମ୍ବରେ
Alasa nāyikā ଚିତ୍ରିତ ବିଗତଯୌବନା ଓ ଅଲସଭଙ୍ଗଥିବା ଭଙ୍ଗିଯୁକ୍ତ ମୂର୍ତ୍ତି—A figure of a young languid woman wrought on walls and pillars.

**ଅଲସ ପିତୁଲା**—ଦେ. ବି—ଓଡ଼ିଶାର ଅନେକ ମନ୍ଦିରର ପ୍ରଥମ ଭରଣ୍ଡି ରେ
Alasa pitulā ଖୋଦିତ ପଥରର ସ୍ତ୍ରୀମୂର୍ତ୍ତି, ଏ ଦୁଇହାତରେ ଏବଂ ମୁଣ୍ଡରେ ପଥରକୁ ଟେକି ଧରିଥାଏ —
A figure of a woman supporting a stone with the hands and head, wrought on the lower portions of walls in temples.

**ଅଲସ ଭାଙ୍ଗିବା**—ଦେ. କ୍ରି. ( ସଂ. ଆଲସ୍ୟ + ଭଞ୍ଜନ )—
Alasa bhāṅgibā ଅଙ୍ଗଭଙ୍ଗିଦ୍ୱାରା ଦେହର ଆଲସ୍ୟ ଦୂର
আড়ামোড়া; আড়াভাঙ্গা; କରିବା—To throw out one's
আলিস্যিভাঙ্গা arms and legs to drive away
अलकसाना languor.

**ଅଲସ ମେଣ୍ଟାଇବା**—ଦେ. କ୍ରି—ଦେହର ଆଲସ୍ୟକୁ ବିଶ୍ରାମଦ୍ୱାରା ଦୂର
Alasa meṇṭāibā କରିବା—To refresh one's self
শ্রান্তিমেটান by rest.

**ଅଲସା**—ଦେ. ବି. (ଅଲସ + ସ୍ତ୍ରୀ. ଆ)— ହଂସପଦୀ ଲତା—
Alasā A creeper; Vitis Pedata.

ସଂ. ବିଣ. ସ୍ତ୍ରୀ (ଅଲସ+ଆ.)—ଆଲସ୍ୟଯୁକ୍ତା —
Lazy; languid.

ସେ ଯୋଷା, ଶ୍ରମଜଳ ଜଣେ ଅଙ୍ଗଭୂଷା, ଗୁରୁବେଣୀ ରତି ଅଲସା ।
ପ୍ରାଚୀ. ରସବାରିଧି ।

**ଅଲସିତ**—ସଂ. ବିଣ. (ପ୍ରାଚୀନ ପଦ୍ୟ)—ଆଲସ୍ୟଯୁକ୍ତ—
Alasita Languid; showing signs of languor.

ବୃକ୍ଷଛ ନସ୍କ ସଡ—ବିଶେଷତ ଅଲସିତ । ଭକ୍ତ ବୈଦେହୀଶବିଳାସ ।

**ଅଲସିରା**— ପ୍ରାଦେ. (ପୁରୀ) ବି—ବାହାଲ; ଡେଙ୍କି ବା ଯନ୍ତ୍ରରେ ବ୍ୟବହୃତ
Alasirā ଲମ୍ବ ବାଉଁଶ (ଯାହାର ଗୋଟିଏ ଅଗରେ କୋଲୁଅ ବନ୍ଧା ଥାଏ
তেওারবাংস ଓ ଅନ୍ୟ ଅଗରେ ପାଣି ଉଠାଇବାର ପାତ୍ର ଝୁଲୁଥାଏ)--
The long bamboo pole used in a water-lifting contrivance.

**ଅଲସୀ**—ଦେ. ବିଣ. ସ୍ତ୍ରୀ (ସଂ. ଅଲସା)—୧ । ଆଲସ୍ୟଯୁକ୍ତା (ସ୍ତ୍ରୀ)—
Alasī Lazy (woman)
আলসে ୨ । ଧୀରଗତିବିଶିଷ୍ଟା—2. Moving slowly.

ମୋତେ ଜଳକେଳି ଅଲସୀ ମରାଳଗମନା ବୋଲନ୍ତି କେତେ—ବିଶ୍ୱସୂର୍ଯ୍ୟ ସଙ୍ଗୀତ

ସାଧାରଣ ଲୋକେ ଅତର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତାହାଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥା' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଗ୍ୟା' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବଢ' ନ ପାଇଲେ 'ଅଲବଢ଼' ଦେଖିବେ

ଦେ. ବିଣ. ପୁଂ. ଓ ସ୍ତ୍ରୀ. ( ରାଜାଙ୍କ ପ୍ରତି ପ୍ରଯୁଜ୍ୟ ବାକ୍ୟ )— ପୀଡ଼ିତ—Sick.

**ଅଲସୁଆ**— ଦେ. ବିଣ.ପୁଂ. (ସଂ. ଅଲସ)—୧ । ଅଲସ୍ୟଯୁକ୍ତ (ବ୍ୟକ୍ତି)— 1. Lazy (man)
Alasuā
আলস্যে; আলস্যা ୨ । ଅଲସ୍ୟପରାୟଣ— 2. Idle by habit.
**आलसी; अंरसीला; आलकसा**

ଅଲସୁଆ କାହ୍ନୁ ଭାବନା ଦେନ ଦଧି ମନ୍ଥା ବାରୁ ଅବେ ଜନନୀ ।
ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

ଦେ. ବି.—ଆମ୍ବୁଲବିଶେଷ—A kind of mango pickle.

**ଅଲସୁଆପଣ**—ଦେ. ବି. (ସଂ. ଅଲସ+ଓ. ପଣ=ଭାବ)—
Alasuāpaṇa ୧ । ଅଲସ୍ୟ—1. Laziness.
আলিস্যিপনা ୨ । ଗତିର ଶୈଥିଲ୍ୟ — 2. Languor.
**सुसती**

**ଅଲସୁଆପଣିଆ**—ଦେ. ବି.— ଅଲସୁଆପଣ (ଦେଖ)
Alasuāpaṇiā Alasuāpaṇa (See)

**ଅଲସୁଆମୀ**—ଦେ. ବି. (ବଙ୍ଗଳା ଅନୁକରଣ)—ଅଲସୁଆପଣ (ଦେଖ)
Alasuāmī Alasuāpaṇa (See)

**ଅଲସେଇ**—ଦେ. ବିଣ. ସ୍ତ୍ରୀ. ( ସଂ. ଅଲସା )—
Alaseī ଅଲସୁଆର ସ୍ତ୍ରୀଲିଙ୍ଗ—Feminine of Alasuā.
আলসে
**सुस्त**

**ଅଲସୋଇ**—ଦେ. ବିଣ. ସ୍ତ୍ରୀ.—ଅଲସେଇ ( ଦେଖ )
Alasoī Alaseī ( See )

**ଅଲା**— ଗ୍ରା. ବି ( ସଂ. ଆମଲକ )—ଅଁଲା ( ଦେଖ )
Alā Aañlā ( See )

**ଅଲାଇଚ**—ଦେ. ବି ( ସଂ. ଏଲା; ଭୁଲ. ତା. ଏଲାକ୍କା )—
Alāicha ୧ । ଅଲେଇଚ; ସୁଗନ୍ଧ ମସଲାବିଶେଷ—
এলাচ, এলাচি, ইলাইচ 1. Cardamom; Ellettaria Cardamomum.
**बडिइलायची; एलाइछि**
ତେ—ଏଲାକ୍କୁଲ

[ ଦ୍ର—ଭାରତର ଦକ୍ଷିଣ ପଶ୍ଚିମ (ଅନ୍ୟ ସଂ. ନାମ—ଉପକୁଞ୍ଚିକା) (ବମ୍ବେ, ମାନ୍ଦ୍ରାଜ) ଅଞ୍ଚଳରେ ଜନ୍ମିବା ହରିଦ୍ରାଜାତୀୟ ସ୍ଥାୟୀ ଶାକଗୁଳ୍ମ; ଏହା ବହୁ ପତ୍ରମୟ; ଗଛ ୪।୫ ହାତ ବଢ଼େ; ଔଷଧରେ ଓ ମସଲାରେ ଲାଗେ ]

୨ । ବଡ଼ ଅଲେଇଚ; ନେପାଳୀ ଅଲେଇଚ—
2. Nepal cardamom; Amomum Subulatum.

[ ଦ୍ର—ହରିଦ୍ରାବର୍ଗର ପତ୍ରମୟ ଶାକଗୁଳ୍ମ, ନେପାଳରେ ଜନ୍ମେ ବଙ୍ଗଦେଶରେ ଏଥିର ମୂଳରୁ ଲୋକେ ବଗିଚାରେ ଗଛ ଲଗାନ୍ତି କିନ୍ତୁ ଫଳ ଫଳେ ନାହିଁ ।]

୩ । ଗୁଜୁରାତି ( ଦେଖ )—3. Gujurāti ( See )

**ଅଲାଇଚ ଅର୍କ**—ଦେ. ବି.—ଅଲାଇଚରୁ ବୈଜ୍ଞାନିକ ପ୍ରକ୍ରିୟାରେ
Alāicha arka ପ୍ରସ୍ତୁତ ନିର୍ଯ୍ୟାସ ବା ସାର—
এলাচের আরক Essence of cardamom.

**ଅଲାଇଦା**— ବୈଦେ. ବିଣ ( ଅ. ଅଲାହିଦା, ଅଲହିଦା )—
Alāidā ୧ । ଅଲଗା; ସ୍ୱତନ୍ତ୍ର; ପୃଥକ୍—
আলাদা 1. Separate.
**अलाहिदा; अलहद्दा** ୨ । ସମ୍ପର୍କରହିତ—2 Unconnected.
ବୈଦେ. କ୍ରି. ବିଂ.—ପୃଥକ୍‌ରୂପେ—Separately,

**ଅଲାଇବଲାଇ**—ଦେ. ବି.—୧ । ଅଲେଇବଲେଇ; ସବୁପ୍ରକାରର ଅପଦ ବିପଦ—1. All kinds of misfortune or danger.
Alāibalāi
আলাইবালাই
**अलेयावलेया**
୨ । ନିନ୍ଦା; ଦୁର୍ନାମ—
2. Blame; evil repute.
୩ । ଅମଙ୍ଗଳ—3. Evil,
୪ । ଦାୟିତ୍ୱ—4. Responsibility.

**ଅଲାଉଡିଆ**—ପ୍ରାଦେ ( ଗଡ଼ ) ବିଣ.—
Alāuḍiā ୧ । ଯେଉଁ ବ୍ୟକ୍ତି କାର୍ଯ୍ୟରେ ଢିଲା କରେ—
**अलसेटिया** 1. A person who works haphazardly.
୨ । ହେଲାଦସ୍ତୀ ( ଲୋକ )—
2. Negligent.

**ଅଲାଗି**—ଦେ. ବିଣ ( ଗାଳ ) [ ସଂ. ଅ+ଲଗ୍ନ; ଯେ ଲାଗେ ନାହିଁ ବା ପରିଶ୍ରମ କରେ ନାହିଁ )—
Alāgi
୧ । ଅଲସୁଆ; ପରିଶ୍ରମକାତର—
1. Idle; lazy:
୨ । ନିଛାଟିଆ—2. Solitary; lonely.
୩ । ନିକମା; ଅକାମିକା ( ଲୋକ )—
3. Worthless ( fellow )
୪ । ଅସୁନ୍ଦର—
4. Graceless; shorn of beauty; ugly.

କେତେ ଧନ ହେଲା ମୋତେ ଛାଡ଼ିଥିଲ ବାବୁ,
ଅଲାଗି ଦିଶୁଥିଲା ମୋ ଦେଶ ଘୋଷ ସବୁ ।
ପୀତାମ୍ବର—ନୃସିଂହପୁରାଣ ।

୫ । ଅଲଗା; ପୃଥକ୍—5. Separate.
୬ । ବ୍ୟବହାରର ଅଯୋଗ୍ୟ—6. Unfit for use.

ଅମ୍ବର ସବୁଅ ଭର ସେ କାହିଁ ଲାଗିବ କର
ତେଣୁକରି ସଖି ଆମ୍ଭେ ତାଙ୍କ ଅଲାଗି ।
ପ୍ରାଚୀ. ରହସ୍ୟମଞ୍ଜରୀ ।

୭ । ଅସ୍ପୃଶ୍ୟ—7. Untouchable.
ଗ୍ରା. ବିଣ. ସ୍ତ୍ରୀ—ରଜସ୍ୱଳା-ଅସ୍ପୃଶ୍ୟା (ସ୍ତ୍ରୀ)— Menstruated.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଢ଼ | ଋ,ଋ | ୡ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇପ୍ସ | ଉଅ | ଢ |
| ୨ | ଈ | ଭ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଗ | ଯ | ସ | ଗ୍ୟ | ଇଅ | ୱ | ନ୍ଦ |

ଦେ. ବି—ଅସାର ପଦାର୍ଥ—Unsubstantial or worthless matter.

ଗୁଲୁଣୀ ଜଳାର ପ୍ରାୟେ ଅସନ୍ତର ଗର୍ଭ
ସୁଲଗି ପକାଇ ସେ ଅଲଗି ରଖେ ସବ । ପ୍ରାଚୀ ରହସ୍ୟମଞ୍ଜରୀ ।

**ଅଲାଜୁକ**—ଦେ. ବିଣ. ପୁଂ. ଓ ସ୍ତ୍ରୀ ( ସ୍ୱ. ଅଲଜ୍ଜ )—
Alājuka ଲଜ୍ଜାହୀନ; ବେହୟା; ନିଲଜ୍ଜ—
লজ্জাহীন, বেহায়া Shameless; immodest.
**बेहाया**

ଏହାଙ୍କ ପର ଆଉ ଅଲାଜୁକ ନାହିଁ
(ଅଲାଜୁକୀ—ସ୍ତ୍ରୀ) ମାଇପକୁ ପରେ କେ ଦେବ ଖେଳେ କେଉ ।
କୃଷ୍ଣସିଂହ. ମହାଭାରତ—ସଭା ।

**ଅଲାଜୁକା**—ଦେ. ବିଣ. ପୁଂ. ଓ ସ୍ତ୍ରୀ—ଅଲାଜୁକ ( ଦେଖ )
Alājukā Alājuka ( See )

**ଅଲାଣ୍ଡି**—ଦେ. ବିଣ. ସ୍ତ୍ରୀ.—୧ । ଯେଉଁ ସ୍ତ୍ରୀ ଅସୁନ୍ଦର କରି କାମ କରେ;
Alāndi ଯାହାର କାର୍ଯ୍ୟରେ ଶୃଙ୍ଖଳା ନାହିଁ; ଅଶୃଙ୍ଖଳାଯୁକ୍ତ—
এলোমেলো, আলাইবুড়ী 1. ( A woman ) Who does
**चिलबिल्ला** her duties in an ugly manner; clumsy; unmethodical.
୨ । ଅସୁନ୍ଦରୀ—2. Ugly.
୩ । ( ପୁଂ. ଓ ସ୍ତ୍ରୀ. ) ମୂର୍ଖ—3. Dunce.
୪ । ( ପୁଂ. ଓ ସ୍ତ୍ରୀ. ) ନିର୍ବୋଧ—4. Foolish.
୫ । ( ପୁଂ. ଓ ସ୍ତ୍ରୀ. ) ଅସଭ୍ୟ—5. Uncivilized.

**ଅଲାତ**—ସଂ. ବି (ଅ + ଲା. ଧାତୁ = ଗ୍ରହଣ କରିବା + କର୍ମ. ତ; ଯାହା
Alāta ଗ୍ରହଣ କରି ଯାଏ ନାହିଁ )—
ଅର୍ଦ୍ଧଦଗ୍ଧ କାଷ୍ଠ; ଦରପୋଡ଼ା ନିଆଁ ଖୁଣ୍ଟା—
Firebrand.

**ଅଲାତଚକ୍ର**—ସଂ. ବି.—୧ । ଅଗ୍ନିଯୁକ୍ତ ବଙ୍କୋଠି; ଚକ୍ରାକାର ଅଗ୍ନି;
Alātachakra ଚକ୍ରାକାର ଜଳନ୍ତା ନିଆଁ—
1. A fiery circle made by a firebrand being waved quickly in the air in a circle.

ଅଲାତ ଚକ୍ର ପରି ଗାଣ୍ଡୀବ ଧନୁବର
ହେଲା ସବୁ ଶତ୍ରୁଙ୍କ ନେତ୍ରକୁ ଗୋଚର—କୃଷ୍ଣସିଂହ ମହାଭାରତ. ବନ ।

୨ । ଚକ୍ରିବାଣ—
2. A firework which describes a fiery circle in the air.

**ଅଲାଦୁରା**—ପ୍ରାଦେ ( ସମ୍ବଲ ) ବିଣ. ପୁଂ—ଅଲାଜୁକ—
Alādurā Shameless; immodest.
( ଅଲାଦୁରୀ—ସ୍ତ୍ରୀ )

**ଅଲାବଲା**—ଦେ. ବିଣ—( ସଂ. ଅଲୁଲାୟିତ )—ଅଲରା; ଅଡୁଆ—
Alābalā Disorderly.
নোঙ্গরা ଅଲାବଲାମୂର୍ତ୍ତି ପାଷାଣରୂପିଣୀ,
**गड़बड़** କବ ଉପମା ତା ଶିରି କେଲିଭଙ୍ଗୀ—ଅଜୟଚନ୍ଦ୍ର. ଶେଷବନ୍ଦୀଭାରତୀ ।
ପ୍ରାଦେ ( ବାଲେଶ୍ୱର ) ବି—ଅଳିଆ; ଅଲେଇବଲେଇ—
Refuse; sweepings.

**ଅଲାବସାଣ**—ଗ୍ରା. ବି. ( ମାଦଳାପାଞ୍ଜିରେ ବ୍ୟବହୃତ )—
Alābasāna କରବିଶେଷ—
A kind of cess.

**ଅଲାବୁ**—ସଂ. ବି. ସ୍ତ୍ରୀ ( ଅ + ଲବ ଧାତୁ = ମଗ୍ନ ହେବା + କର୍ତ୍ତୃ. ଉ;
Alābu ଯାହା ଜଳରେ ମଗ୍ନ ହୁଏ ନାହିଁ )—
୧ । ଲାଉ—1. White pumpkin.
୨ । ପିତା ଲାଉ—2. Bottle-gourd.

**ଅଲାବୂ**—ସଂ. ବି. ସ୍ତ୍ରୀ—ଅଲାବୁ ( ଦେଖ )
Alābū Alābu ( See )

**ଅଲାବେଣୀ**—ଦେ. ବି. ସ୍ତ୍ରୀ ( ସଂ. ଅଲାବୁ )—ଲାଉନିର୍ମିତ ଏକତାରଯୁକ୍ତ
Alābesi ବାଦ୍ୟଯନ୍ତ୍ର—A stringed musicial instrument made with the bottle-gourd.

ଝଞ୍ଜାଳ, ମୃଦଙ୍ଗ, କରତାଳ, ଅଲାବେଣୀ—ସାରଳାମହାଭାରତ—ମଧ୍ୟ ।

**ଅଲାଭ**—ସଂ. ବି. ( ନ + ଲାଭ )—
Alābha ୧ । ଅପ୍ରାପ୍ତି—1. Non attainment.
୨ । କ୍ଷତି—2. Loss.

ଲାଭ ଅଲାଭ ଏଥିରେ ବେନି କାର୍ଯ୍ୟ ଅଛି । ସାରଳାମହାଭାରତ. ମଧ୍ୟ ।

**ଅଲାୟୁଧ**—ସଂ. ବି.—ରାବଣର ସହଚର ରାକ୍ଷସବିଶେଷ—
Alāyudha Name of a demon companion of Rābana.

ଅଲମ୍ବୁଷ ବୀରପୁତ୍ର ଅଲାୟୁଧ ବୋଲି । ସାରଳା-ମହାଭାରତ—ବି. ।

**ଅଲାରନାଥ**—ଦେ. ବି.—ଶିବମୂର୍ତ୍ତି; ପ୍ରଗନା ଓ ଗ୍ରାମବିଶେଷ—
Alāranātha Name of a Siba image; perganna
আলালনাথ and village in Puri District.
[ ଦ୍ର—ଏହା ପୁରୀ ଜିଲ୍ଲା ବ୍ରହ୍ମଗିରି ଥାନାର ଅନ୍ତର୍ଗତ । ଏଠାରେ ବୈଷ୍ଣବଶିରୋମଣି ରାମାନନ୍ଦ ଜନ୍ମଗ୍ରହଣ କରିଥିଲେ । ]

**ଅଲାଶିରି**—ଦେ. ବି. ସ୍ତ୍ରୀ ( ସଂ. ଆମଲକ )—ଅଁଲାଶାଳ; ଦେଉଳ
Alāsiri ଉପରେ ଥିବା ଦଧିନଉତି ତଳର ଗୋଲ ପିଢ଼ି—
আমলক The circular pot shaped dome on the top of a temple below the Dadhinauti.

**ଅଲାହିଦା**—ବୈଦେ. ବିଣ. ଓ କ୍ରି. ବିଣ—ଅଲାଇଦା ( ଦେଖ )
Alāhidā Alāidā ( See )

ସେଥିର ଇନାମ୍ ଅଲାହିଦା ପାଇବ—ଫକୀରମୋହନ—ଛମାଣଆଠଗୁଣ୍ଠ ।

**ଅଲାହେଦା**—ବୈଦେ. ବିଣ ଓ କ୍ରି. ବିଣ—ଅଲାଇଦା ( ଦେଖ )
Alāhedā Alāidā ( See )

**ଅଲି**—ସଂ. ବି.—( ଅଲଧାତୁ = ଭୂଷିତ କରିବା + କର୍ତ୍ତୃ. ଇ; ଯେ ଫୁଲକୁ
Ali ଶୋଭିତ କରେ )—୧ । ଭ୍ରମର; କଳାଭଅଁର—
1. The black-bee.
୨ । କୋକିଳ—2. Cuckoo.
୩ । କାକ—3. Crow.

ସାଧାରଣ ଲୋକେ ଅପର ପୃଷ୍ଠାରେ ପ୍ରଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଳକଡ଼' ନ ପାଇଲେ 'ଅଲକଡ଼' ଦେଖିବେ

୪ । (ଅଳ = ବିଚ୍ଛୁର ନାହୁଡ଼ + ଇ )—କଳା ବିଚ୍ଛା—
4. The black centiped.

ଭୁଲା କଳାସିନୀ ବର୍ଗେ ଅଳିବୃନ୍ଦେ ସଙ୍ଗମ କାରଣ । ଉକ୍ତ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

୫ । କଙ୍କଡ଼ାବିଛା—5. Scorpion.

୬ । ବିଚ୍ଛାରାଶି—6. The sign Scorpion.

୭ । ମଦ୍ୟ—7. Wine; spirituous liquor.

ଦେ. ବି. ( ସଂ. ଅର୍ଦ୍ଦ ଧାତୁ = କଷ୍ଟଦେବା )—୧ । ବାଞ୍ଛିତ
আবদার ପଦାର୍ଥ ପାଇଁ ଅନ୍ୟ ବ୍ୟକ୍ତି ନିକଟରେ ବାରମ୍ବାର ସନିର୍ବନ୍ଧ
हठ ପ୍ରାର୍ଥନା—1. Repeated pressing requests for anything; importunity.

ଲୁଠ ଅଳି କରି କୋଳ ପାଇଁ ଯଶୋଦାଙ୍କୁ । ଅଭିମନ୍ୟୁ ବିଦଗ୍ଧଚିନ୍ତାମଣି ।

୨ । ହଠ; ଜିଦ୍; ଜିଗର—2. Obstinacy; tenacity; insistence.

ଜଳ ଯାଇଥିବା ଦେବତାଙ୍କ ଅବା ଅଳି କରୁଥାଇ କେତେ । କବିସୂର୍ଯ୍ୟ ସଙ୍ଗୀତ ।

୩ । ଗୋଳ; କୁତ୍ସା—3. Noise; scandal.

୪ । ପ୍ରାର୍ଥନା; ଅନୁରୋଧ—
4. Request; solicitation.

ଅମ୍ଳାନ ଶ୍ରୀମୁଖ ସବୁକରେ ମତେ ଅଳିକର ବୋଲି ଅଳୀକରେ ।
କବିସୂର୍ଯ୍ୟ—ସଙ୍ଗୀତ ।

ଅଲି—ଦେ. ବି—୧ । ଅଲେଖର ଡାକନାମ—
Ali 1. Name for calling Alekha.
আলী ୨ । ଶିଶୁ ବାଳକ ବାଳିକାଙ୍କର ଗେହ୍ଲା ନାମ—
अलि 2. A fond name by which pet children are accosted.

୩ । ( ଆ. ନାମ ) ମୁସଲମାନଙ୍କ ବଂଶୋପାଧିବିଶେଷ—
3. A family title amongst Mahomedans.

୪ । (ଆ. ନାମ) ମୁସଲମାନ ଧର୍ମପ୍ରବର୍ତ୍ତକ ହଜରତ୍ ମହମ୍ମଦଙ୍କର ଜୋଇଁ; ଏ ମହମ୍ମଦଙ୍କ କନ୍ୟା ଫତେମାବିବିଙ୍କୁ ବିବାହ କରିଥିଲେ । ହଜରତ୍ ମହମ୍ମଦ ଏହାଙ୍କୁ ଅତ୍ୟନ୍ତ ସ୍ନେହ କରୁଥିଲେ । ଏହାଙ୍କର ପ୍ରଥମାପତ୍ନୀ ଫତେମାଙ୍କ ଗର୍ଭରୁ ଜନ୍ମିଥିବା ପୁତ୍ରଦ୍ୱୟ ହୁସେନ୍ ଓ ହାସାନ । ଏହାଙ୍କ ମୁଖରୁ କୋରାନର ବ୍ୟାଖ୍ୟା ଶୁଣି ଲୋକେ ମୋହିତ ହୋଇ ମୁସଲମାନ ଧର୍ମ ଗ୍ରହଣ କରୁଥିଲେ । ଏ ଦିନାକେତେ ଖଲିଫା ପଦରେ ପ୍ରତିଷ୍ଠିତ ହୋଇ ପରେ ତାହା ତ୍ୟାଗ କଲେ । ଜଣେ ଘାତକର ଆଘାତରେ ଏ ମୃତ ହେଲେ ।
( ଜନ୍ମ ଖ୍ରୀ. ୫୯୯—ମୃତ ୬୬୧ ଖ୍ରୀ. )
4. Name of a famous follower of Mahommad.

ଅଲିଅର—ଦେ. ବିଣ. ପୁଂ. ଓ ସ୍ତ୍ରୀ. ( ସ. ଅତି + ଆଦର )—
Aliara ୧ । ଅତ୍ୟଧିକ ଆଦରରେ ପାଳିତ ଓ ବର୍ଦ୍ଧିତ; ଯତ୍ନପାଳିତ—
আদুরে গোপাল 1. Brought up with too much
আলালের ঘরের দুলাল fondling.

अलेल बछेड़ा; ୨ । ଗେହ୍ଲା; ଗେଲବସର—
लाड़; अलेल 2. Brought up loosely or without restraint.

୩ । ଅତ୍ୟଧିକ ମୁହଁ ପାଇବା ହେତୁ ଯେଉଁ ପିଲା ଖରାପ ହୋଇଥାଏ—3. Spoiled by excessive fondling.

୪ । ଯେ ପିଲାଦିନୁ ଅଯତ୍ନରେ ବଢ଼ି ଅଛି—
4. Brought up amidst affection, plenty and comforts.

ବଡ଼ ଅଲିଅର କନ୍ୟା ପିତୃ ସ୍ନେହ ଲଭି
ଶିଶୁକାଳୁଁ ବଢ଼ିଥିଲା ସୁଖେ ସୁକୁମାରୀ । ରାଧାନାଥ. ଫୁଲଗଣି ।

ଅଲିଅଳ—ଦେ. ବିଣ. ପୁଂ. ଓ ସ୍ତ୍ରୀ—ଅଲିଅର ( ଦେଖ )
Aliaḻa Aliara ( See )

ରାଜପୁତ୍ରମାନେ ଅଲିଅଳ ଗର୍ବେଶ୍ୱର । ସାରଳାମହାଭାରତ. ସଭା ।

ଅଲିଅଳା—ଦେ. ବିଣ. ସ୍ତ୍ରୀ—ଅଲିଅଳର ସ୍ତ୍ରୀଲିଙ୍ଗ—
Aliaḻā Feminine of Aliaḻa.

ସୁନ୍ଦରୀ ଯେ ସୁକୁମାରୀ ଅଲିଅଳା କେମା । ସାରଳାମହାଭାରତ. ମଧ୍ୟ ।

ଦେ. ବି—ଗେହ୍ଲାପଣ; ପିଲାଦିନୁଁ ଅତି ଯତ୍ନରେ ବର୍ଦ୍ଧିତ ହେବା ଅବସ୍ଥା—The state of being brought up with too much fondling from childhood.

ନକୁଳ ସହଦେବ ଅଟନ୍ତି ତ ପିଲା
ତଜିବ ମୁଁ ମନେ ତାଙ୍କ ଅଲିଅଳା । କୃଷ୍ଣସିଂହ. ମହାଭାରତ, ବନ ।

ଅଲିଅଳୀ—ଦେ. ବିଣ. ସ୍ତ୍ରୀ—ଅଲିଅଳର ସ୍ତ୍ରୀଲିଙ୍ଗ ( ଦେଖ )
Aliaḻi Feminine of Aliaḻa ( See )

ଅଳିଆ—ଦେ. ବି. ( ସଂ. ଆବର୍ଜନା )—୧ । ଆବର୍ଜନା; ଝାଡୁଆ—
Aḻiā Refuse matter; sweepings.
জঞ্জাল ରଚିଯାକ ଲାଗିପାଳି ଘାଣ୍ଟିଲି ଅଳିଆ । ଭକ୍ତକବି ଚରଣ. ଗୀତଲହରୀ ।
कुड़ाकरकट; बुहारन

୨ । ଗୋଳମାଳ—2. Confusion; complication.

୩ । ଅଡୁଆ; ହିସାବପତ୍ର ମୀମାଂସା ହୋଇ ନ ଥିବା ଅବସ୍ଥା—
3. The state of accounts not being settled.

୪ । ଗୋଳମାଳିଆ ବିଷୟ—4. Knotty matter.

গোলমেলে ଦେ. ବିଣ—୧ । ଆବର୍ଜନାମୟ—
आखोर 1. Full of refuse.

୨ । ଅପରିଷ୍କୃତ—2. Untidy.

୩ । ଓଳିଆ ହୋଇ ନ ଥିବା—3. Unswept.

୪ । ଗୋଳମାଳିଆ—4. Confused.

୫ । ଅମୀମାଂସିତ—5. Unsettled.

ପ୍ରାଦେ ( ଗଞ୍ଜାମ ) ବି—ଗଞ୍ଜାମ ଜିଲ୍ଲାର ଓଡ଼ିଆ ଶୂଦ୍ରକ ଜାତି-ବିଶେଷ—Name of a class of sudras in Ganjam.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଃ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇୟ | ଉଅ | ଢ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ଓ | ନୃ |

**ଅଳିଆ ଛିଣ୍ଡେଇବା**—ଦେ. କ୍ରି—୧ । ବିବାଦ ମୀମାଂସା କରିବା—
Alia chhindeiba 1. To settle a dispute.
জংজাল মেটান ୨ । କୌଣସି ଗୋଳମାଳିଆ ପ୍ରଶ୍ନ ବା ବିଷୟ ବା
बुहारन साफकरना ହିସାବ ମୀମାଂସା କରିବା—
2. To settle any knotty question or account.

**ଅଳିଆ ଝାଡ଼ିବା**—ଦେ. କ୍ରି—କୌଣସି ସ୍ଥାନ ଓଳାଇବା—
Alia jhardiba To sweep or cleanse a place.
ঝাঁটি দেওয়া
बुहारना

**ଅଳିଆଡ଼ି**—ପ୍ରାଦେ ( ବାଲେଶ୍ୱର ) ବି—ନଦୀମୁହାଣରେ ଧରାଯିବା
Aliardi ଏକପ୍ରକାର ଲୁଣି ମାଛ—A species of sea-fish caught in the mouth of rivers.

**ଅଳିଆତଳିଆ**—ଦେ. ବିଣ. ( ଅନର୍ଥକ ଦ୍ୱିରୁକ୍ତ ସହଚର; ଅଳିଆ+
Aliatalia ତଳିଆ; ସଂ. ଆଲୁଳାୟିତ )—୧ । ଅଡ଼ୁଆଚଡ଼ୁଆ;
আলুথালু ଅଲୁଲାୟିତ ( କେଶ; ସୂତା )—
आखोरपाखार 1 Tangled, confused.
୨ । ଆବର୍ଜନାମୟ—2. Full of refuse.
ଦେ. ବି. ( ସହଚର )—୧ । ବହୁ ଗୋଳମାଳ—
1. A number of knotty matters.
୨ । ଟିକିଏ ମାତ୍ର ସନ୍ଦେହ—
2. The slightest doubt.

**ଅଳିଆଥଳିଆ**—ଦେ. ବିଣ. ଓ ବି.—ଅଳିଆତଳିଆ (ଦେଖ)
Aliathalia Aliatalia (See)

**ଅଲିଆବଲିଆ**—ଦେ. ବିଣ. ପୁଂ. ( ପୁରୁଷଲୋକଙ୍କୁ ଗାଳି )—ଯେଉଁ
Aliabalia ଲୋକର କାର୍ଯ୍ୟ ଅସୁନ୍ଦର ଓ ଅଶୃଙ୍ଖଳ—
अलसेटिआ Unmethodical;doing work clumsily.

**ଅଳିଆମଳିଆ**—ଦେ. ବିଣ. ଓ ବି.—ଅଳିଆତଳିଆ (ଦେଖ)
Aliamalia Aliatalia (See)

**ଅଳିକ**—ସଂ. ବି. (ଅଳ ଧାତୁ=ଭୂଷିତ କରିବା+କର୍ମ ଇକ; ଯାହାକୁ
Alika ଭୂଷିତ କରାଯାଏ )—ଲଲାଟଦେଶ
Brow; forehead.

ଯେନ ଭୃକୁଟିକେ ଚାପ ଜାଳକେ ସ୍ମରେ ଅଳିକେ ଲୁହି । ଉପେ. ପ୍ରେମସୁଧାନିଧି ।

**ଅଳିକା**—ସଂ. ବି. (ଅଳିକ+ଆ)—ଲଲାଟଦେଶ—
Alika Forehead; brow.

ବ୍ୟାକୁଳ ବନାରେ ନଖାନା ମଣି କଣ୍ଠାଭ ଚନ୍ଦ୍ରରାଗାଳିକା ପୁଣି ।
ଉପେ. ବୈଦେହୀଶବିଳାସ ।

**ଅଲିଖା**—ଗ୍ରା. ବିଣ. (ସଂ. ଅରକ୍ଷ)—୧ । ଅରକ୍ଷିତ—
Alikha Shelterless.
୨ । ତୁଚ୍ଛ; ହୀନ—2. Despicable; mean.
୩ । (ସଂ. ଅଲେଖ୍ୟ) ନଗଣ୍ୟ; ଯାହାକୁ ମନୁଷ୍ୟ ବୋଲି କେହି
ଗଣେ ନାହିଁ—3. Negligible; (man) of straw.
୪ । ଅତି ଗରିବ—4. Indigent; very poor.

**ଅଳିଗର୍ଦ୍ଦ**—ସଂ. ବି. (ଅଳକ୍+ଅର୍ଦ୍ଦ; ନିପାତନ)—ଅଳଗର୍ଦ୍ଦ (ଦେଖ)
Aligardda Alagardda (See)

**ଅଳିଜିହ୍ୱା**—ସଂ.ବି. (ଅଳି+ଜିହ୍ୱା; ଅଳିପରି ଜିହ୍ୱା; ତୁଳା.ବ.ଆଲ୍‌ଜିଭ୍)—
Alijihwa ଘଣ୍ଟିକା—Uvula.

**ଅଳିଜିହ୍ୱିକା**—ସଂ. ବି. (ଅଳି+ଜିହ୍ୱା+କ+ଆ)—ଘଣ୍ଟିକା—
Alijihwika Uvula.

**ଅଳିଞ୍ଜର**—ସଂ. ବି. (ଅଳଂ+ଜୃ ଧାତୁ+କର୍ତ୍ତୃ. ଅ)—ଅଳଞ୍ଜର (ଦେଖ)
Alinjara Alanjara (See)

**ଅଳିଦଳି**—ଗ୍ରା. ବି (ଅନର୍ଥକ ଦ୍ୱିରୁକ୍ତ ସହଚର)—
Alidali ପୁନଃ ପୁନଃ ସନିର୍ବନ୍ଧ ପ୍ରାର୍ଥନା—
অলি ওজর Importunity.
हठ

**ଅଳିନ୍ଦ**—ସଂ. ବି. (ଅଳ ଧାତୁ=ଭୂଷିତ କରିବା+କର୍ତ୍ତୃ. ଇନ୍ଦ; ଯେ
Alinda ଘରକୁ ଭୂଷିତ [illegible]—ଅଗିନା; ଘର ବାହାରେ ଥିବା
ପିଣ୍ଡା; ବରଣ୍ଡା—Outer varanda of a house.

ବକ୍ଷେ କର ମାରି ଭଟେ କାନ୍ଦିଲେ ଅଙ୍ଗନା,
ଅଳିନ୍ଦେ ଗବାକ୍ଷେ ଦ୍ୱାରେ ପ୍ରାସାଦଶିଖରେ । ରାଧାନାଥ. ମହାଯାତ୍ରା ।

୨ । ଘରର ଦାଣ୍ଡଦୁଆର ସାମନାରେ ଥିବା ବେଦୀ—
2. Terrace in front of a house-door.

**ଅଳିପକ**—ସଂ. ବି. (ଅ+ଲିପ ଧାତୁ+କର୍ତ୍ତୃ. ଅକ)—
Alipaka ୧ । ଭ୍ରମର—1. Black-bee.
୨ । କୋକିଳ—2. Cuckoo.
୩ । କୁକୁର—3. Dog.

**ଅଲିପା**—ଦେ. ବିଣ. (ସଂ. ଅଲିପ୍ତ)—ଲିପା ପୋଛା ହୋଇ ନ ଥିବା
Alipa ( ଘର, ଭୂମି )— Unwashed; not smeared
আলেপা with water.

**ଅଳିପାଳିକା**—ସଂ. ବି. (ଷଷ୍ଠୀ ତତ୍, ଅଳି+ପାଳିକା)—ଭ୍ରମରଶ୍ରେଣୀ
Alipalika A group of black-bees.

କଳସେ ଅଳିପାଳିକା ବାଣ ମେଳକା କି । ଉପେ. ବୈଦେହୀଶବିଳାସ ।

**ଅଳିମଳି**—ଦେ. ବି.—ଅଳିଆତଳିଆ (ଦେଖ)
Alimali Aliatalia (See)
( ଯଥା—ମୋ ଜବାବରେ ଟିକିଏ ଅଳିମଳି ନାହିଁ । )

**ଅଳିମଳିଆ**—ଦେ. ବିଣ—୧ । ଅଳିଆତଳିଆ (ଦେଖ)
Alimalia 1. Aliatalia (See)
୨ । ଅଲୁରବାଲୁରିଆ; ଅସଙ୍ଗଣ (ଲୋକ)—
2. Unmethodical.

**ଅଳିମ୍ପକ**—ସଂ. ବି. (ଅ+ଲିପ ଧାତୁ+କର୍ତ୍ତୃ. ଅକ)—ଅଳିପକ (ଦେଖ)—
Alimpaka Alipaka (See)

**ଅଳୀ**—ସଂ. ବି.—ଅଳିର ଅନ୍ୟ ଆକାର—
Ali Another form of Ali.

ସାଧାରଣ ଯେଉଁ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ସ୍ଥଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଅଲୀକ**—ସଂ. ବି. (ଅଲ ଧାତୁ = ନିବାରଣ କରିବା + କର୍ମ ଈକ)—
Alika ୧ । ମିଥ୍ୟା; ଅସତ୍ୟ—1. Falsehood.
୨ । ଅପ୍ରିୟତା—2. Disagreeableness
୩ । (ଅଲ ଧାତୁ = ଭୂଷିତ କରିବା + କର୍ମ ଈକ)—ଲଲାଟ— 3. Forehead.
୪ । (ଅଲ ଧାତୁ + କର୍ତ୍ତୃ. ଈକ)—ସ୍ୱର୍ଗ—4. Heaven.
୫ ଆକାଶ—5. The sky.
ସଂ. ବିଣ.—୧ । ମିଥ୍ୟା—1. False.
୨ । କ୍ଷଣସ୍ଥାୟୀ—2. Shortlived.
୩ । ଅମୂଳକ—3. Baseless.
୪ । ଅପ୍ରିୟ; ଅସୁଖକର— 4. Unpleasant; disagreeable.
୫ । କ୍ଷୁଦ୍ର; ଅଳ୍ପ—5. Small; little.

**ଅଲୀକସୁପ୍ତ**—ସଂ. ବି. ( ଅଲୀକ[illegible] ସୁପ୍ତ )—
Alikasupta ମିଛିଟାରେ ଶୋଇବା; ଗାଲି ପାଡ଼ି ଶୋଇବା — Pretended sleep ( M. W. )

**ଅଲୀଗର୍ଦ୍ଦ**—ସଂ. ବି—ଅଲଗର୍ଦ୍ଦର ଅନ୍ୟ ରୂପ—
Aligardda Another form of Aligardda

**ଅଲୁ**—ସଂ. ବି ( ଭୂଳ. ଗଡୁ )—ଛୋଟ ଜଳପାତ୍ର—
Alu A small water-pot ( M. W. )

**ଅଲୁଅ**—ପ୍ରାଦେ. (ସମ୍ବଲପୁର) ବି. ଓ ବିଣ—ଅରୁଅ (ଦେଖ)
Aluā Aruā (See

**ଅଲୁକ୍**—ସଂ. ବି. ( ବହୁବ୍ରୀହି; ଅ = ନାହିଁ + ଲୁକ୍ = ବିଭକ୍ତି ଲୋପ ଯହିଁରେ )—
Aluk
(ବ୍ୟାକରଣ) ଯେଉଁ ସମାସରେ ପୂର୍ବ ପଦର ବିଭକ୍ତିର ଲୋପ ହୁଏ ନାହିଁ—(grammar) Name of a grammatical compound where the 1st component does not drop its inflectional ending
( ଯଥା—ବନେଚର; ଯୁଧିଷ୍ଠିର; ଖେ ଚର; ଅରିନ୍ଦମ । )

**ଅଲେଇଚ**—ଦେ. ବି. ( ସଂ. ଏଳା )—ଅଳାଇଚ ( ଦେଖ )
Aleicha Alāicha ( See )

**ଅଲେଇଦା**—ଦେ. ବିଣ ଓ କ୍ରି. ବିଣ—ଅଲଗାଇଦା ( ଦେଖ )
Aleidā Alāidā ( See )

**ଅଲେଇବଲେଇ**—ଦେ. ବି—ଅଲାଇବଲାଇ ( ଦେଖ )
Aleibalei Alāibalāi ( See )

**ଅଲେଇ**—ଗ୍ରା. ବିଣ. ସ୍ତ୍ରୀ ( ଗାଳିରେ ବ୍ୟବହୃତ )—
Alei ୧ । ଓଲମୀ; ଓଲେଇ ( ସ୍ତ୍ରୀ )—
ଆଳାଇବୁଢ଼ୀ
1. Stupid ( woman )
୨ । ଅତିରିକ୍ତ ଖାଦ୍ୟଲୋଭିନୀ ( ସ୍ତ୍ରୀ )—
2. Gluttonous.
୩ । ଲୋଭାଣୀ—3. Avaricious; casting sinful eyes on dainties and children.

ଆଳାଇ ଦେ. ବି—୧ । ବିପଦ—1. Danger.
୨ । ଅଶୁଭ; ମନ୍ଦ—2. Evil; woe.
୩ । ଗ୍ରାମଦେବତା—3. Name of a popular Goddess.

**ଅଲେଖ**—ସଂ. ବି. (ବହୁବ୍ରୀହି; ଅ + ଲେଖା = ଚିହ୍ନ)—
Alekha ନିରାକାର ଭଗବାନ—God, the shapeless.
ଦେ. ବି. ( ନାମ )—୧ । ଋଷିବିଶେଷ— 1. Name of a sage.
ଅଲେଖ ନାମରେ ଋଷି ବ୍ରହ୍ମାପାତ୍ର ଜାତ
ମଙ୍ଗଳ ନାମରେ ଅଟେ ତାହାଙ୍କର ସୁତ । ସାରଳାମହାଭାରତ ।
୨ । (ନାମ) ପୁଂ —ପୁରୁଷଙ୍କ ନାମବିଶେଷ—
2. A name given to males.
୩ । ଅଲେଖସ୍ୱାମୀ ( ଦେଖ )
3. Alekhaswāmi ( See )
ସଂ. ବିଣ—୧ । ଅନିର୍ବଚନୀୟ—1. Unspeakable.
ଅଲେଖ ସୁଖ ଆସ୍ୱାଦନେ କମ୍ପାଇ ଦେଖ ବେଳେ ଚନ୍ଦ୍ରମୁଖ ରେ ।
କବିସୂର୍ଯ୍ୟ ସଙ୍ଗୀତ ।
୨ । ନିରାକାର – 2. Shapeless; immaterial.
୩ । ଅବର୍ଣ୍ଣନୀୟ—3. Indescribable.
୪ । ଅଗଣିତ—4. Countless.
୫ । ଅଦ୍ଭୁତ—5. Wonderful.
ଅଲେଖ ମନ୍ତ୍ରରେ ଦେଲେ ଭେଟିଲି ତତେ । ସାରଳା ମହାଭାରତ.ବ ।
୬ । ଅଲିଖିତ—6. Unwritten.
୭ । ନଗଣ୍ୟ; ଯାହା ଉଲ୍ଲେଖଯୋଗ୍ୟ ନୁହେଁ—
7. Not deserving mention; despicable.
ଦେ. ବିଣ. (ସଂ. ଅଲକ୍ଷ୍ୟ)—ଅଦୃଶ୍ୟ—
ଅଲେଖ
Invisible

**ଅଲେଖଧର୍ମ**—ଦେ. ବି—ମହିମାଧର୍ମ; ଓଡ଼ିଶାରେ ପ୍ରଚଳିତ ନିରାକାର ବା
Alekhadharma ଶୂନ୍ୟଭଜନାକାରୀ ହିନ୍ଦୁ ସମ୍ପ୍ରଦାୟବିଶେଷ । A sect of Hindus worshiping the Formlesss God.

**ଅଲେଖଧର୍ମୀ**—ଦେ. ବି—କୁମ୍ଭୀପାଟିଆ ସମ୍ପ୍ରଦାୟର ବ୍ୟକ୍ତି—
Alekhadharmi Follower of the Alekha sect.
[ ଦ୍ର—ଏମାନେ କୁମ୍ଭୀପଟ ପିନ୍ଧନ୍ତି । ସକାଳେ ଓ ସନ୍ଧ୍ୟାବେଳେ ଯଥାକ୍ରମେ ପୂର୍ବ ଓ ପଶ୍ଚିମକୁ ମୁହଁ କରି ବହୁବାର ଦଣ୍ଡପ୍ରଣାମ କରନ୍ତି । ଏମାନେ ନିରାକାର ପରଂବ୍ରହ୍ମ ବା ଅଲେଖଙ୍କୁ ସୂର୍ଯ୍ୟରୂପେ ପୂଜା କରନ୍ତି । ଏମାନେ ବ୍ରାହ୍ମଣ, ରଜା, ଧୋବା ଓ ବେଶ୍ୟା ଘରେ ଅନ୍ନ ଗ୍ରହଣ କରନ୍ତି ନାହିଁ । ଢେଙ୍କାନାଳ ଜୋରନ୍ଦାଠାରେ ଏମାନଙ୍କର ପ୍ରଧାନ ମଠ ଅଛି । ଏ ମଠର ପ୍ରତିଷ୍ଠାତା ଭୀମଭୋଇ । ଏମାନେ ଛତା ପରିବର୍ତ୍ତରେ ତାଳପତ୍ର ପଙ୍ଖା ବ୍ୟବହାର କରନ୍ତି ଓ ସଙ୍ଗରେ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଖ | ଜ | ଶ,ଷ | କ୍ଷ | ଇଯ୍ | ଉଅ | ଘ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ୱ | ନ୍ତ |

ନ୍ତୀ ବଢ଼ଥା ବହନ କରନ୍ତି । ଏମାନେ ଘରକେ ଥରେ ଭୋଜନ ଓ ଗ୍ରାମକେ ରାତ୍ରିଏ ରହିବା ଛଡ଼ା ଅଧିକ ରହନ୍ତି ନାହିଁ ।

**ଅଲେଖପୁର**—ଦେ. ବି—ମହାଶୂନ୍ୟ—
Alekhapura The great void.
ଅଲେଖ ପୁରରେ କର ଘର, କେବେହେଁ ନୋହିବ ବାହାର ।
ପ୍ରାଚୀ—ନିର୍ଗୁଣମାହାତ୍ମ୍ୟ ।

**ଅଲେଖବିଷ୍ଣୁ**—ଦେ. ବି—ନିରାକାର ପରବ୍ରହ୍ମ—
Alekhabishṇu The Formless Spirit.
ପିଣ୍ଡାହିଁ ନ ଜାଣଇଁ ତାହା; ଅଲେଖ ବିଷ୍ଣୁର ଏ ମାୟା ।
ପ୍ରାଚୀ. ନିର୍ଗୁଣମାହାତ୍ମ୍ୟ ।

**ଅଲେଖସ୍ୱାମୀ**—ଦେ.ବି—୧ । ଅଲେଖଧର୍ମୀବଲମ୍ବୀମାନଙ୍କ ପୂଜିତ ନିରାକାର
Alekhaswāmī ଈଶ୍ୱର—1. The Shapeless God.
୨ । ସୂର୍ଯ୍ୟ—2 The Sun God.
୩ । ଭୀମ ଭୋଇଙ୍କ ଗୁରୁ ଓ ମହିମାଧର୍ମ ପ୍ରବର୍ତ୍ତକ—
3. Name of the founder of Mahimā-dharma.

**ଅଲେଖା**—ଦେ. ବିଣ ( ସଂ. ଅଲିଖିତ )—
Alekhā ୧ । ଲେଖା ହୋଇ ନ ଥିବା ( ବିଷୟ )—
অলেখা 1. Unwritten.
**अलखा** ୨ । ଯେଉଁ କାଗଜ ଆଦି ଉପରେ ଲେଖା ହୋଇ ନାହିଁ;
ସାଦା ( କାଗଜ )—2. Blank.
୩ । ଅକଥନୀୟ—3. Unspeakable.
ଏମନ୍ତ କରୁ ପାଣ୍ଡବେ ଋଷି ସଙ୍ଗେ ଦେଖା
ହୋଇକରି ଲଭିଲେ ସୁଖକୁ ଅଲେଖା—କୃଷ୍ଣସିଂହ ମହାଭାରତ. ବନ ।
୪ । ଯାହା ଉଲ୍ଲେଖଯୋଗ୍ୟ ନୁହେ—
4. Not worth mentioning.
୫ । ତୁଚ୍ଛ; ହେୟ—5. Despicable; mean.
୬ । ଅଗଣିତ; ବହୁ—6. Countless.
୭ । ( ଅନାଦରାର୍ଥକ ) ଅଲେଖର ଡାକ ନାମ—7. A name for calling Alekha in contempt.

**ଅଲେଖାରେ**—ଦେ. କ୍ରି. ବିଣ—ବହୁ ପରିମାଣରେ; ବହୁ ସଂଖ୍ୟାରେ—
Alekhāre In large quantities or numbers.
ଗଜ ଗୋଷ୍ଠକରେ ଯେ ସହସ୍ରେ ଲେଖାରେ,
ଶାଢ଼ ଥିଲେ ମେଷ ତ ଦେଖିଲେ ଅଲେଖାରେ । କୃଷ୍ଣସିଂହ ମହାଭାରତ ।

**ଅଲେଖେଣା**—ଗ୍ରା. ବିଣ. ପୁଂ. ( ଗାଳିରେ ବ୍ୟବହୃତ )—
Alekheṇā ଅଲକ୍ଷଣା ( ଦେଖ )
(ଅଲେଖେଣୀ—ସ୍ତ୍ରୀ) Alakshaṇā ( See )

**ଅଲେଖ୍ୟ**—ସଂ. ବିଣ. (ଅ+ଲେଖ୍ୟ)—୧ । ଯାହା ଲେଖିବାର ଯୋଗ୍ୟ
Alekhya ନୁହେଁ—1 Not worth mention.
୨ । ଅଗଣିତ—2 Countless.
ଅଲେଖ୍ୟରେ ଷଠି ସହସ୍ର ବର୍ଷ ଆଗେ । ସାରଳା ମହାଭାରତ ।

**ଅଲେପକ**—ସଂ. ବିଣ. ( ଅ+ଲେପ+କ )—ନିର୍ଦାଗ; ଅକଳଙ୍କ—
Alepaka Stainless ( M. W. )

**ଅଲେଲ**—ଗ୍ରା. ( ପ୍ରାଚୀନ ) ବିଣ. ଓ ବି.—ଅଲିଅଲ ( ଦେଖ )
Alela Aliala ( See )
ବିଶେଷ ଅଲେଲ ଭାବ, ମନ ହରିବ ଏ । ପ୍ରାଚୀ. ଶଶିସେଣା ।

**ଅଲେହିଦା**—ବୈଦେ. ବିଣ. ଓ କ୍ରି. ବିଣ.—ଅଲ୍ଗାହିଦା ( ଦେଖ )
Alehidā Algāhidā ( See )

**ଅଲୋକନୀୟ**—ସଂ. ବିଣ. ( ଅ+ଲୋକନୀୟ ) ଅଦୃଶ୍ୟ—
Alokanīya Invisible; imperceptible.

**ଅଲୋକସାଧାରଣ**—ସଂ. ବିଣ. ( ଅ+ଲୋକସାଧାରଣ )—
Alokasādhāraṇa ଅଲୋକସାମାନ୍ୟ ( ଦେଖ )
Alokasāmānya ( See )

**ଅଲୋକସାମାନ୍ୟ**—ସଂ. ବିଣ. ( ଅ+ଲୋକସାମାନ୍ୟ )—
Alokasāmānya ୧ । ଅଲୌକିକ; ଅସାଧାରଣ—
1. Extraordinary; uncommon.
୨ । ବିଶିଷ୍ଟ—2. Special; peculiar.
୩ । ସାଧାରଣ ଲୋକଙ୍କ ମଧ୍ୟରେ ଦେଖାଯାଉ ନ ଥିବା—
3. Not common amongst ordinary people.

**ଅଲୋକିକ**—ଗ୍ରା. ବିଣ. ( ସଂ. ଅଲୌକିକ )—ଅଲୌକିକ ( ଦେଖ )
Alokika Alaukika ( See )

**ଅଲୋକିତ**—ସଂ. ବିଣ. ( ଅ+ଲୋକିତ )—
Alokita ଅଦୃଷ୍ଟ—Unseen.
ଗ୍ରା. ବିଣ. ( ସଂ. ଅଲୌକିକ )—୧ । ଅଦୃଷ୍ଟପୂର୍ବ—
আলৌকিক 1. Unprecedented.
**अलौकिक** ବିଲୋକ ସେ ଅଲୋକିତ ସୁନ୍ଦର ରୂପ,
**अनोखा** ବେଗେ ଯାଇ କାମୁକୀ ଲକ୍ଷଣ ସମୀପ—ଭଞ୍ଜ. ବୈଦେହୀଶବିଳାସ ।
୨ । ଅତି ଆଶ୍ଚର୍ଯ୍ୟ; ବିସ୍ମୟକର—2. Very wonderful.
ଏହା ପାଶରେ ବ୍ରହ୍ମ ଅଲୋକିତ,
ତା କର୍ମ କରି ଅଛନ୍ତି ଲକ୍ଷ ଲକ୍ଷ । ବିଶ୍ୱନାଥ. ବିଚିତ୍ରରାମାୟଣ ।
୩ । ଅପାର; ଅତ୍ୟଧିକ—3. Much; very great
ବ୍ରହ୍ମାଙ୍କ ବାପ ନନ୍ଦସୁତ,
ତୋର ମହିମା ଅଲୋକିତ—ଭୂପତି. ପ୍ରେମପଞ୍ଚାମୃତ ।

**ଅଲୋକ୍ୟ**—ସଂ. ବିଣ—୧ । ଅସାଧାରଣ—
Alokya 1. Uncommon.
ଅଲୋକ୍ୟ ମହାଗ୍ରନ୍ଥ ଏ ନୃସିଂହପୁରାଣ—ପୀତାମ୍ବର. ନୃସିଂହପୁରାଣ ।
୨ । ଅନନୁମତ—2. Unallowed ( M. W. )

**ଅଲୋଚନ**—ସଂ. ବିଣ. ( ବହୁବ୍ରୀହି; ଅ+ଲୋଚନ )—
Alochana ୧ । ଲୋଚନହୀନ—1. Without eyes.
୨ । ଯେଉଁ ଘରେ ଝରକା ନ ଥାଏ—
2. Without windows to look through.

**ଅଲୋଡ଼ା**—ଦେ. ବିଣ.—୧ । ଅଯାଚିତ; ଅପ୍ରାର୍ଥିତ—
Alorḍā 1. Unasked; not called for.
অযাচা ୨ । ଅନିମନ୍ତ୍ରିତ—2. Uninvited.
**अनपुछा** ୩ । ନିଷ୍ପ୍ରୟୋଜନ—3. Unnecessary.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଯ୍ୟ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଗିଂ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବଡ' ନ ପାଇଲେ 'ଅଲ୍ବଡ଼' ଦେଖିବେ

ଅଲୋଡ଼ାରେ ଫିଙ୍ଗିଅଛ ଦେଖ ସ୍ୱର୍ଗଦ୍ୱାର—ସାରଳା ମହାଭାରତ. ଉଦ୍ଯୋଗ ।

୪ । ନଗଣ୍ୟ; ତୁଚ୍ଛ—4. Insignificant; trifling.

( ଯଥା—ଏ ଅଲୋଡ଼ା ଜୀବନରେ କେବଳ ଦୁଃଖ ଭୋଗଉ ସାର )

**ଅଲୋଡ଼ାରେ**—ଦେ. କି. ବଣ.—ଅପ୍ରାର୍ଥିତଭାବରେ—
Alordāre 1. Unasked.

ଛନ ପୁରେ ଯେତେକ ଭଲ ରତ୍ନ ଥିଲ
ଅଲୋଡ଼ାରେ ସେ ନୃପ ପାଶକୁ ଆସିଲ—କୃଷ୍ଣସିଂହ ମହାଭାରତ. ବନ ।

**ଅଲୋପୀ**—ଦେ. ବ. ନାମ—ରାମାୟଣୋକ୍ତ ରାକ୍ଷସବିଶେଷ—
Alopi Name of a demon.

ବେଢ଼ାରେ ଯେ ଅଲୋପୀ ସେ ବର୍ଣ୍ଣଗ୍ରୁପୁରୂପୀ ସଲୋପୀ ସଲେପୀ ସଦୃଶ ।
ଉଷ. ବୈଦେହୀଶବିଳାସ ।

**ଅଲୋଭ**—ସଂ. ବ ( ଅ+ଲୋଭ ) ୧ । ଲୋଭଶୂନ୍ୟତା—
Alobha 1. Absence of cupidity.
୨ । ଅନାସ୍ଥା—2. Indifference; want of keenness for a matter.
ସଂ. ବଣ.—ନିର୍ଲୋଭ— Unavaricious

**ଅଲୋମ ବିଲୋମ**—ଦେ. ବଣ ( ସଂ. ଅନୁଲୋମ ବିଲୋମ )—ଆଗ ପଛର
Aloma biloma ସମ୍ପର୍କ ରକ୍ଷା ନ କରି କୁହାଯିବା ବା ଲେଖାଯିବା ( ବିଷୟ )—(matter) Written or spoken with out observing sequence.

**ଅଲୋଳ**—ସଂ. ବଣ ( ଅ+ଲୋଳ )—ଅଚଞ୍ଚଳ; ସ୍ଥିର—
Alola Firm.

ବାଳିଶଣୀ ଦକ୍ଷିଆକାଳେ ଯେବେକେ ଅଲୋଳ—ପ୍ରାଚୀ ଉସବାଦ୍ୟ ।

**ଅଲୌକିକ**—ସଂ. ବଣ ( ଅ+ଲୌକିକ )—
Alaukika ୧ । ଅସାମାନ୍ୟ; ଅସାଧାରଣ—
( ଅଲୌକିକତା—ବ ) 1. Uncommon; extraordinary.
୨ । ଅଦୃଷ୍ଟପୂର୍ବ—2. Unprecedented
୩ । ଲୋକାତୀତ; ଅପାର୍ଥିବ—3. Supernatural; unworldly; transcendental.
୪ । ଚମତ୍କାର—4. Wonderful,
୫ । ଅପାର—5. Excessive.
୬ । ଲୋକ ବ୍ୟବହାରରେ ଅନଭିଜ୍ଞ—
5. Ignorant of the ways of the world.

**ଅଲୌକିତ**—ଗ୍ରା. ବଣ ( ସ. ଅଲୌକିକ )—ଅଲୌକିକ ( ଦେଖ )
Alaukita Alaukika ( See )

**ଅଳ୍ପ**—ସଂ. ବଣ ( ଅଲ ଧାତୁ=ନିବାରଣ କରିବା+କର୍ତ୍ତୃ. ପ )—
Alpa ୧ । ସାମାନ୍ୟ; ଈଷତ୍—1. Slight.
ଅଳ୍ପତା } ବ. ୨ । କେତେ—2. Some.
ଅଳ୍ପତ୍ୱ }
୩ । ଅତି କମସଂଖ୍ୟକ—3. A few.
୪ । କ୍ଷୁଦ୍ର; ଛୋଟ—4. Small; little.
୫ । ନୀଚ—5. Mean; low.

ହଂସୁର ତୁଳାଟକୁ ପାଷୋଟ୍ଟରେ ଅଳ୍ପ ଲୋକଙ୍କ ପର ଚଳେ ଗଭୀର ରେ ।
କବିସୂର୍ଯ୍ୟ ସଙ୍ଗୀତ ।

୬ । ନଗଣ୍ୟ—6. Negligible; insignificant.
୭ । ହେୟ; ତୁଚ୍ଛ—7. Despicable.
ଦେ. ବ—୧ । ଅଳ୍ପତା—1. Smallness.
୨ । କ୍ଷୁଦ୍ରତା—2. Littleness.
ଦେ. କି. ବଣ—୧ । ସାମାନ୍ୟରେ; ଈଷତ୍—1. Slightly,
ଅଳ୍ପ ୨ । ଅଳ୍ପମାତ୍ର—2. Very little.

**ଅଳ୍ପ ଅଳ୍ପ**—ଦେ. କି. ବଣ.—୧ । ଅଳ୍ପମାତ୍ରାରେ ବହୁଥର—
Alpa alpa 1. In little quantities.
ଅଳ୍ପଅଳ୍ପ ୨ । ସାମାନ୍ୟ ପରିମାଣରେ କ୍ରମଶଃ—
हौलेहाले; थाड़ाथोड़ा 2. Little by little.
୩ । ଅସ୍ତେ ଅସ୍ତେ; ଧୀରେ ଧୀରେ—3. Slowly.
୪ । ଥିର ଥିର; ଅତି ସ୍ଥିର ଭାବରେ ବା ନମ୍ରଭାବରେ—
4. Gently; softly.
୫ । ଥରକେ ପାଦେ ପାଦେ ଅଗ୍ରସର ହୋଇ; ପାହାଞ୍ଚ ପାହାଞ୍ଚ କରି—5. Step by step.

**ଅଳ୍ପ ଅଳ୍ପ କରି**—ଦେ. କି. ବଣ.—ଅଳ୍ପ ଅଳ୍ପ ( ଦେଖ )
Alpa alpa kari Alpa alpa ( See )

**ଅଳ୍ପ ଆସିଆ**—ଦେ. ବଣ—୧ । ଅତି ସାମାନ୍ୟ—1. Very slight.
Alpa āsiā ୨ । ଅତି ଅଳ୍ପ—2. A very little.
सामान्य
थोड़ासा

**ଅଳ୍ପଂପଚ**—ସ. ବଣ. ପୁଂ. ( ଅଲୁକ୍ ସମାସ; ଅଳ୍ପଂ+ପଚ ଧାତୁ+କର୍ତ୍ତୃ.
Alpampacha ଅ; ଯେ ସାମାନ୍ୟ ରାନ୍ଧେ )—
କୃପଣ; ଗଣ୍ଡିଗଣିଆ—Stingy; miserly.

**ଅଳ୍ପକ**—ସ. ବଣ. ( ଅଳ୍ପ+କ )—ଅଲପକ ( ଦେଖ )
Alpaka Alapaka ( See )

**ଅଳ୍ପକରେ**—ଦେ କି. ବଣ. ( ସଂ. ଅଳ୍ପ )—୧ । ସାମାନ୍ୟରେ—
Alpakare 1. Slightly.
सहजे ୨ । ସହଜରେ; ଅନାୟାସରେ—2. Easily.
सहजमे ୩ । ଅଳ୍ପ ଆୟାସରେ—
3. With very little exertion.

ଜାଣିଲେ ଧନୁ ଦଢ଼ୀଆ ସେ ପୁଣେ ଅଳ୍ପକରେ । କୃଷ୍ଣସିଂହ. ମହାଭାରତ. ଅବ ।

**ଅଳ୍ପକେ**—ଦେ. କି. ବଣ—୧ । ଅଳ୍ପ ଅଳ୍ପ ( ଦେଖ )
Alpake 1. Alpa alpa ( See )
अल्पे ୨ । ସହଜରେ—2. Easily.
थोड़ासा

ସେ ଅଷ୍ଟବ ଅସ୍ତ୍ର କଲ ସେ ଅଳ୍ପକେ ।
କୃଷ୍ଣସିଂହ. ମହାଭାରତ. ବନ ।

୩ । ଅଳ୍ପମାତ୍ରେ—3. In little quantity.
୪ । ସାମାନ୍ୟ କଥାରେ—
4. In small or slight things.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ଁ | ଡ଼ଅ | ଢ଼ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗିଁ | ଇଅ | ଡ଼ | ନ୍ତ |

**ଅଳ୍ପଚ୍ଛଦ**—ସଂ. ବି. ପୁଂ. ( ଅଳ୍ପ + ଛଦ )—
Alpachchhada ଯେ ଅତିଅଳ୍ପ ଲୁଗା ପିନ୍ଧି ଥାଏ—
(ଅଳ୍ପଚ୍ଛଦା—ସ୍ତ୍ରୀ) Scantily clad ( M. W. )

**ଅଳ୍ପଣା**—ଦେ. ବି. ( ସଂ ଅଲେପନ )—ଝୋଟି; କାନ୍ଥରେ ଉତ୍ସବ
Alpanā ଉପଲକ୍ଷରେ ପିଠଉରେ ଅଙ୍କିତ ଭିନ୍ନ ଭିନ୍ନ ପ୍ରକାରର
ଆଲିପନା; ଆଲପନା ଚିତା—Paintings done on the wall on festive occasions.
ସର୍ଜନା କଳ୍ପଣା ଝୁଣ୍ଟିଅ ଅଳ୍ପଣା ହୋଇଛି । ପ୍ରାଚୀ. ଦୃନ୍ଦାବନରୂପଣଗୀତା ।

**ଅଳ୍ପତର**—ସଂ. ବିଣ. ( ଅଳ୍ପ + ତର )—ଅପେକ୍ଷାକୃତ ଅଳ୍ପ—
Alpatara Smaller; slighter.

**ଅଳ୍ପଦୃଷ୍ଟି**—ସଂ. ବିଣ. ପୁଂ. ଓ ସ୍ତ୍ରୀ. ( ବହୁବ୍ରୀହି, ଅଳ୍ପ + ଦୃଷ୍ଟି )—
Alpadrushti ଅଦୂରଦର୍ଶୀ; ସାନମନା—
Narrow minded ( M. W. )

**ଅଳ୍ପପଦ୍ମ**—ସଂ. ବି—ରକ୍ତପଦ୍ମ—Red lotus.
Alpapadma

**ଅଳ୍ପପ୍ରାଣ**—ସଂ. ବିଣ. ( ବହୁବ୍ରୀହି; ଅଳ୍ପ = ଅସ୍ଥାୟୀ + ପ୍ରାଣ )—
Alpaprāna ୧ । କ୍ଷଣଜୀବୀ—1. Short lived.
(ମହାପ୍ରାଣ—ବିପରୀତ) ୨ । ( ବ୍ୟାକରଣ ) ଯେଉଁ ବର୍ଣ୍ଣମାନଙ୍କର ଉଚ୍ଚାରଣରେ କମ୍ ଜୋର ବା ନିଃଶ୍ୱାସ ଦରକାର ହୁଏ ( ଯଥା—ଯ, ର, ଲ, ଵ, ସ୍ୱରବର୍ଣ୍ଣ, କ, ଚ, ଟ, ତ, ପ; ଗ, ଜ, ଡ଼, ଦ, ବ )— 2. Unaspirated; (letters) pronounced with slight breathing.
୩ । ( ଗୁଣ୍ଠିତ ) ଝୁଲୁଣିଆବାଳିଆ; ଯେ ଅଳ୍ପକେ କ୍ଳାନ୍ତ ହୁଏ—
3. Soon tired; without any power of endurance.
୪ । ଦୁର୍ବଳ—4. Weak.

**ଅଳ୍ପବୟସିଆ**—ଦେ. ବିଣ. ପୁଂ. ଓ ସ୍ତ୍ରୀ—୧ । ବାଲ୍ୟ—
Alpabayasiā 1. Of tender age.
ଅଳ୍ପବୟସେ ୨ । ଯୁବା—2. Young; youthful.
**थोड़ाउमरका**
(ଅଳ୍ପବୟସୀ—ସ୍ତ୍ରୀ)

**ଅଳ୍ପବୟସ୍କ**—ସଂ. ବିଣ. ପୁଂ (ବହୁବ୍ରୀହି; ଅଳ୍ପ + ବୟସ୍; କ. ଆଗମ)—
Alpabayaska ଯାହାର ବୟସ କମ—Young.
(ଅଳ୍ପବୟସ୍କା—ସ୍ତ୍ରୀ)

**ଅଳ୍ପବିଦ୍ୟ**—ସଂ. ବିଣ. ପୁଂ. (ବହୁବ୍ରୀହି; ଅଳ୍ପ + ବିଦ୍ୟା)—ଯେ ସାମାନ୍ୟ
Alpabidya ପାଠ ପଢ଼ିଅଛି—Of little learning.
(ଅଳ୍ପବିଦ୍ୟା—ସ୍ତ୍ରୀ)

**ଅଳ୍ପବୁଦ୍ଧି**—ସଂ. ବିଣ. ପୁଂ. ଓ ସ୍ତ୍ରୀ—୧ । ସାମାନ୍ୟ ବୁଦ୍ଧିଥିବା ଲୋକ—
Alpabuddhi 1. Unintelligent.
୨ । ନିର୍ବୁଦ୍ଧିଆ—2. Foolish.
୩ । ହୀନବୁଦ୍ଧିଆ—3. Silly; unwise.

**ଅଳ୍ପବୁଦ୍ଧିଆ**—ଦେ. ବିଣ. ପୁଂ. ଓ ସ୍ତ୍ରୀ (ସଂ. ଅଳ୍ପବୁଦ୍ଧି)—
Alpabuddhiā ଅଳ୍ପବୁଦ୍ଧି (ଦେଖ)
Alpabuddhi (See)

**ଅଳ୍ପମଧ୍ୟମ**—ସଂ. ବିଣ. ପୁଂ. (ବହୁବ୍ରୀହି; ଅଳ୍ପ + ମଧ୍ୟମ)—କ୍ଷୀଣକଟୀ—
Alpamadhyama Thin waisted.
(ଅଳ୍ପମଧ୍ୟମା—ସ୍ତ୍ରୀ)

**ଅଳ୍ପମାତ୍ର**—ସଂ. ବି.—୧ । ସାମାନ୍ୟ—1. A little.
Alpamātra ୨ । କ୍ଷଣକାଳ—2. A short time; a few moments.
୩ । ଅଳ୍ପ ପରିମାଣ—3. Very small quantity.
ଦେ. କ୍ରି. ବିଣ.—ସାମାନ୍ୟ ପରିମାଣରେ—Slightly.

**ଅଳ୍ପମାତ୍ରା**—ସଂ. ବି.—ଅଳ୍ପମାତ୍ର (ଦେଖ)
Alpamātrā Alpamātra (See)

**ଅଳ୍ପମାରିଷ**—ସଂ. ବି. —କାଣିଲେଉଟିଆ ଶାଗ; କଣ୍ଟାଲେଉଟିଆ ଶାଗ;
Alpamārisha କଣ୍ଟାମାରିଷ— A kind of pot-herb used for salad; Amaranthus Polygamus.

**ଅଳ୍ପମୂଲ୍ୟ**—ସଂ. ବି. (କର୍ମଧା)—କମ୍ ଦାମ—Little price.
Alpamūlya
ସଂ. ବିଣ. (ବହୁବ୍ରୀହି)—୧ । କମ୍ ଦାମର—
1. Of small price.
୨ । ଶସ୍ତା—2. Cheap.

**ଅଳ୍ପଶଃ**—ସଂ. କ୍ରି. ବିଣ. (ଅଳ୍ପ + ଶସ୍)—୧ । ଅଳ୍ପ ଅଳ୍ପ କରି; ଅଳ୍ପ ଅଳ୍ପ
Alpaśah ପରିମାଣରେ—1. In driblets; little by little.
୨ । ଧୀରେ ଧୀରେ—2. Slowly.
୩ । କ୍ରମେ କ୍ରମେ—3. Step by step.

**ଅଳ୍ପସରଃ**—ସଂ. ବି. (କର୍ମଧା; ଅଳ୍ପ = କ୍ଷୁଦ୍ର + ସରଃ = ପୋଖରୀ )—
Alpasarah କ୍ଷୁଦ୍ର ସରୋବର; ପଲ୍ୱଳ—A small tank.

**ଅଳ୍ପସତ୍ତ୍ୱ**—ସଂ. ବିଣ. (ବହୁବ୍ରୀହି; ଅଳ୍ପ + ସତ୍ତ୍ୱ = ଶକ୍ତି; ବଳ)—
Alpasatwa ୧ । କ୍ଷମତାହୀନ; ସାରଶୂନ୍ୟ—
1. Unsubstantial.
ସମସ୍ତେ ଅଳ୍ପସତ୍ତ୍ୱ ଅଳ୍ପବଳ ହେବେ;
ଯେ ଯାହା କରମ ଧରମେ ନ ରହିବେ । କୃଷ୍ଣସିଂହ. ମହାଭାରତ. ବନ ।
୨ । ଦୁର୍ବଳ—2. Weak.

**ଅଳ୍ପସଳ୍ପ**—ଦେ. ବିଣ. ( ସଂ. ଅଳ୍ପ + ସ୍ୱଳ୍ପ )—
Alpasalpa ଅତିଅଳ୍ପ; ଖୁବ୍ କମ୍—Very little;
ଅଳ୍ପସ୍ୱଳ୍ପ of small quantity.
**अल्पस्वल्प, थोड़ा** ଦେ. ବି—ଅଳ୍ପ ପରିମାଣ—
Small quantity.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଷ' ନ ମିଳିଲେ 'ଭୂଷ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଂଶ' ନ ପାଇଲେ 'ଅଂଶ' ଦେଖିବେ; 'ଅଳବତ' ନ ପାଇଲେ 'ଅଲବତ୍' ଦେଖିବେ ।

ଅଲ୍ପସ୍ୱଳ୍ପ—ଦେ. ବି. ଓ ବିଣ (ଏକାର୍ଥକ ସହଚର)—ଅଲ୍ପସଳ୍ପ ( ଦେଖ )
Alpaswalpa Alpasalpa (See)

ଅଲ୍ପାଅଳ୍ପି—ଦେ. ଗ୍ରା. ବିଣ ( ସଂ. ଅଳ୍ପାଅଳ୍ପି )—ଅଳ୍ପ ଅଳ୍ପ; ଅତି ଅଳ୍ପ ମାତ୍ରାରେ—Very little.
Alpāalpi
अल्प अल्प
थोड़ाथोड़ा

ଅଲ୍ପାଇଷ (ଇତ୍ୟାଦି)—ଅଲପାଇଷ ଇତ୍ୟାଦି (ଦେଖ)
Alpāisha (etc.) Alapāisha etc, (See)

ଅଲ୍ପାଇଷି (ଇତ୍ୟାଦି)—ଅଲପାଇଷି (ଇତ୍ୟାଦି) (ଦେଖ)
Alpāishi (etc.) Alapāishi etc. (See)

ଅଲ୍ପାଧିକ—ଦେ. କ୍ରି. ବିଣ. ( ଅଳ୍ପ + ଅଧିକ )—
Alpādhika ୧ । କମ୍ ବେଶୀ—1. More or less.
୨ । ଯାହା ତାହା; ଯାଇ ତାଇ—2. Whatever.

ଅଲ୍ପାୟୁ—ଦେ. ବିଣ—ଅଲପାଇଷ ( ଦେଖ )
Alpāyu Alapāisha (See)

ଅଲ୍ପାୟୁଃ—ସଂ. ବିଣ. ( ବହୁବ୍ରୀହି; ଅଳ୍ପ + ଆୟୁଃ )—
Alpāyuh ଅଳ୍ପକାଳଜୀବୀ; ଅଲପାଇଷ—Short-lived.
ସଂ. ବି—ଛେଳି—Goat.

ଅଲ୍ପାୟୁଷ—ଦେ. ବିଣ—ଅଲପାଇଷ (ଦେଖ)
Alpāyusha Alapāisha (See)
ବୃଦ୍ଧି ହୋଇବ ସେଇବନ, ଲୋକେ ହୋଇବେ ଅଳ୍ପାୟୁଷ ।
ଜଗନ୍ନାଥ, ଭଗବତ ।

ଅଲ୍ପାହାର—ସଂ. ବି. (କର୍ମଧା; ଅଳ୍ପ=ପରିମିତ + ଆହାର=ଭୋଜନ)—
Alpāhāra ସାମାନ୍ୟ ଭୋଜନ; ଲଘୁ ଆହାର—Light food.
ସଂ. ବିଣ. ପୁଂ—( ବହୁବ୍ରୀହି ) ପରିମିତଭୋଜୀ—
Temperate in meals.

ଅଲ୍ପାହାରୀ—ସଂ. ବିଣ. ପୁଂ ( ଅଳ୍ପ + ଆହାରିନ୍; ୧ମା. ୧ବ )—
Alpāhāri ଯେ ସାମାନ୍ୟ ଭୋଜନ କରେ; ମିତାଶୀ; ମିତଭୋଜୀ—
(ଅଳ୍ପାହାରିଣୀ—ସ୍ତ୍ରୀ) Abstemious; moderate in eating.

ଅଲ୍ପିଷ୍ଠ—ସଂ. ବିଣ. ( ଅଳ୍ପ + ଇଷ୍ଠ )—
Alpishtha ୧ । ଅତି ଅଳ୍ପ—1. Very little; of very small quantity.
(ଅଳ୍ପିଷ୍ଠା—ସ୍ତ୍ରୀ)
୨ । ଅତି କ୍ଷୁଦ୍ର—2. Very small.

ଅଲ୍ପୀୟାନ୍—ସଂ. ବିଣ. (ଅଳ୍ପ+ଈୟସ୍)—ଅଳ୍ପିଷ୍ଠ (ଦେଖ)
Alpiyān Alpishtha (See)
(ଅଳ୍ପୀୟସୀ—ସ୍ତ୍ରୀ)

ଅଲ୍ପେଅଲ୍ପେ—ଦେ. କ୍ରି. ବିଣ—୧ । ଧୀରେ ଧୀରେ—1. Slowly.
Alpealpe ୨ । ଅଳ୍ପ ପରିମାଣରେ—
2. In small quantities.
अल्पअल्प
थोड़ा थोड़ा

ଅଲ୍ପେଇଷ—ଦେ. ବିଣ—ଅଲପାଇଷ ( ଦେଖ )
Alpeisha Alapāisha (See)

ଅଲ୍ପେଇଷା—ଦେ. ବିଣ—ଅଲପାଇଷ ( ଦେଖ )
Alpeishā Alapāisha (See)

ଅଲ୍ପେଇଷିଆ—ଦେ. ବିଣ. ପୁଂ— ଅଲପାଇଷ (ଦେଖ)
Alpeishiā Alapāisha (See)
ଉର୍ବଶୀ ବନଅଁକୁ ଅଲ୍ପେଇଷିଆ ବର—ଚଗ ।

ଅଲ୍ପେଇଷୀ—ଦେ. ବିଣ—ଅଲପାଇଷ ( ଦେଖ )
Alpeishi Alapāisha (See)

ଅଲ୍ପେକେ—ଗ୍ରା. କ୍ରି. ବିଣ—ଅଲ୍ପକେ ( ଦେଖ )
Alpeke Alpake (See)

ଅଲ୍ପେସ୍ୱଳ୍ପେ—ଦେ. କ୍ରି. ବିଣ.—ଅଲ୍ପସ୍ୱଳ୍ପ (ଦେଖ)
Alpeswalpe Alpaswalpa (See)

ଅଲ୍ପୋଦରୀ—ସଂ. ବିଣ. ସ୍ତ୍ରୀ. (ବହୁବ୍ରୀହି; ଅଳ୍ପ + ଉଦର + ସ୍ତ୍ରୀ. ଈ)—
Alpodari କୃଶୋଦରୀ; ସୁନ୍ଦରୀ—Graceful ( lady ); lit; having a small abdomen.
ସଙ୍କଳ୍ପେ ଅଳ୍ପୋଦରୀ, ତୁଲେ ସେ ଥାଇ ।
ଲଭେ ସଙ୍ଗ ତୋ ଅଙ୍ଗେ ଅଙ୍ଗ ମିଶାଇ । ରାଧାନାଥ—ମେଘଦୂତ ।

ଅଲ୍ୟଳ—ଦେ. ବିଣ ଓ ବି. ପୁଂ. ଓ ସ୍ତ୍ରୀ—ଅଲିଅର (ଦେଖ)
Alyala Aliara (See)
ବାଳକ ସ୍ୱଭାବେ ଅଲ୍ୟଳ, କହଇ ବଚନ କୋମଳ । ଜଗନ୍ନାଥ, ଭଗବତ ।

ଅଲ୍ୟଳା—ଦେ. ବିଣ. ପୁଂ. ଓ ସ୍ତ୍ରୀ—ଅଲିଅର ( ଦେଖ )
Alyalā Aliara ( See )
ସେ ତ ଅଲ୍ୟଳା ଚଇଳା କେହିଁ କଥାରୁ କ ଭଙ୍ଗୀ କାହିଁକି ଅଣିବ ।
ଅଭିମନ୍ୟୁ, ବିଦଗ୍ଧଚିନ୍ତାମଣି ।

ଅଲ୍ୟୋଳ—ଦେ. ବିଣ. ପୁଂ. ଓ ସ୍ତ୍ରୀ.—
Alyol ଅଲିଅର ( ଦେଖ )
Aliara ( See )

ଅଲ୍ଲା—ସଂ. ବି. ( ଅଥର୍ବବେଦରେ ବ୍ୟବହୃତ )—
Allā ( ମୁସଲମାନମାନଙ୍କ ) ଈଶ୍ୱର; ଅଲ୍ଲା—
Name of God invoked by the Mahomedans.
[ ଦ୍ର—ଅଥର୍ବବେଦରେ ଅଲ୍ଲୋପନିଷଦ ନାମରେ ଗୋଟିଏ ସୂକ୍ତ ଅଛି । ]
ସଂ. ବି. ସ୍ତ୍ରୀ.—ମାତା—Mother ( M W. )

ଅଲ୍ଲାଉପନିଷଦ୍—ଦେ. ବି.—ଅଲ୍ଲୋପନିଷଦ୍ ( ଦେଖ )
Allāupanishad Allopanishad ( See )

ଅଲ୍ଲି—ଗ୍ରା. ବି. ( ନାମ ) ପୁରୁଷ ଓ ସ୍ତ୍ରୀମାନଙ୍କର ଡାକନାମ—
Alli A name given to males and females.

ଅଲ୍ଲୋପନିଷଦ — ସଂ. ବି. — ଅଥର୍ବ ବେଦରେ 'ଅଲ୍ଲା' ଶବ୍ଦଦ୍ୱାରା
Allopanishada ପରମେଶ୍ୱରଙ୍କୁ ନିର୍ଦ୍ଦେଶ କରି ଲେଖା ଥିବା ନିମ୍ନଲିଖିତ ସୂକ୍ତ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଣ,ଷ | ଙ୍କ | ଇଯ୍ | ଉଅ | ଭ |
| ୨ | ଈ | ଊ | ରୁ | ଲୁ | ସ୍ୱେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗିଁ୍ୟ | ଇଅ | ● | ନ୍ଟ |

ଅହ୍ଲାଂ ଇଲ୍ଲେ ମିତ୍ରାବରୁଣା ଦିବ୍ୟାନି ଧତ୍ତେ
ଇଲ୍ଲଲ୍ଲେ ବରୁଣୋ ରାଜା ପୁନର୍ଦ୍ଦୁଃ.
ହୟା ମିତ୍ରୋ ଇଲ୍ଲାଂ ଇଲ୍ଲଲ୍ଲେ ଇଲ୍ଲାଂ
ବରୁଣୋ ମିତ୍ର ସ୍ତେଜସ୍କାମଃ
ହୋତାରମିନ୍ଦ୍ରୋ ହବତାରମିନ୍ଦ୍ରୋ ମହାସୁରନ୍ଦ୍ରାଃ
ଅଲ୍ଲୋ ଜ୍ୟେଷ୍ଠଂ ଶ୍ରେଷ୍ଠଂ ପରମଂ ପୂର୍ଣ୍ଣଂ ବ୍ରହ୍ମାଣଂ ଅଲ୍ଲାମ୍ ॥
ଅଲ୍ଲୋରସୁଲ ମହାମଦରକଂ ବରସ୍ୟ ଅଲ୍ଲା ଅଲ୍ଲାଂ
ଅଦଲ୍ଲାବୁକମେକକଂ, ଅଲ୍ଲାବୁକ ନଖାତକଂ । ୧ ।
ଅଲ୍ଲା ଯଜ୍ଞେନ ହୁତହୁତ୍ୱା ଅଲ୍ଲା ସୂର୍ଯ୍ୟଚନ୍ଦ୍ର ସର୍ବନକ୍ଷତ୍ରାଂ
ଅଲ୍ଲା ଋଷିଣାଂ ସର୍ବଦିବ୍ୟା ଇନ୍ଦ୍ରାୟ ପୂର୍ବଂମାୟା ପରମଅନ୍ତରୀକ୍ଷାଂ
ଅଲ୍ଲା ପୃଥିବ୍ୟା ଅନ୍ତରୀକ୍ଷଂ ବିଶ୍ୱରୂପଂ
ଇଲ୍ଲାକବର ଇଲ୍ଲାକବର ଇଲ୍ଲା ଇଲ୍ଲା ଇଲ୍ଲଲ୍ଲେତି ଇଲ୍ଲଲ୍ଲାଂ
ଓଁ ଅଲ୍ଲା ଇଲ୍ଲଲ୍ଲା ଅନାଦିସ୍ୱରୂପାୟ
ଅଥର୍ବାଣଂ ଇୟାମାହୁଂ ହ୍ରୀଂ.
ଜନାନ୍ ପଶୂନ୍ ସିଦ୍ଧାନ୍ ଜଳଚରାନ୍ ଅଦୃଷ୍ଟଂକରୁଫଟ
ଅସୁର ସଂହାରଣୀ ହ୍ରୁଂ ହ୍ରାଂ ଅଲ୍ଲୋ
ରସୁଲ ମହମ୍ମଦରକଂ ବରସ୍ୟ
ଅଲ୍ଲୋ ଅଲ୍ଲାମ୍ ଇଲ୍ଲଲ୍ଲେତି ଇଲ୍ଲଲ୍ଲ । ୧୦ ।

ଉତ୍କଳ ସାହିତ୍ୟ ୩୩।୮

ଓ ଭାଗବତଟୁଙ୍ଗୀରେ ସନ୍ଧ୍ୟା ।

**ଅଶ୍କତ**—ଗ୍ରା. ବିଣ ( ସଂ. ଅଶକ୍ତ )—
Aśkata ୧ । କ୍ଳାନ୍ତ—1. Tired.
কাএল ୨ । ଅକ୍ଷମ—2. Unable; disabled.
अशक्ति ୩ । ଅସମର୍ଥ—3. Powerless; not strong enough.
୪ । ଅଟାଣୁଆ—4. Not hard.
୫ । ଅଶକ୍ତ—5. Not strong.
୬ । ଦୁର୍ବଳ—6. Weak.
୭ । ଗର୍‌ମଜ୍‌ବୁତ୍; ଅଦମ୍—
7. Not securely set or constructed.

**ଅଶ୍କତି**—ଗ୍ରା. ବି. ( ସଂ. ଅଶକ୍ତି )—୧ । ଅସାମର୍ଥ୍ୟ; ଅକ୍ଷମତା—
Aśkati 1. Impotence.
୨ । କ୍ଳାନ୍ତି—2. Weariness.

**ଅଶ୍କତିଆ**—ଗ୍ରା. ବିଣ. ( ସଂ. ଅଶକ୍ତ )—ଅଶ୍କତ ( ଦେଖ )
Aśkatiā Aśkata ( See )

**ଅଶ୍କତେଇବା**—ଦେ. କ୍ରି. ( ସଂ. ଅଶକ୍ତ )—
Aśkateibā ୧ । କ୍ଳାନ୍ତ ବୋଧକରିବା—
अशकताना 1. To feel tired.
୨ । କାମ କରିବାକୁ ଇଚ୍ଛା ନ କରିବା—
2. Not to feel disposed to work.

**ଅଶ୍ଗୁନ୍**—ପ୍ରାଦେ. ( ସମ୍ବଲପୁର ) ବିଣ. ପୁଂ. ( ସଂ. ଅପଶକୁନ )—
Aśgun ଅମଙ୍ଗଳିଆ (ବ୍ୟକ୍ତି)—Inauspicious ( person)

**ଅଶ୍ଗୁନିଆଁ**—ପ୍ରାଦେ ( ସମ୍ବଲପୁର ) ବିଣ. ପୁଂ—ଅଶ୍ଗୁନ୍ ( ଦେଖ )
Aśguniāñ Aśgun ( See )
(ଅଶ୍ଗୁନିଏନ୍—ସ୍ତ୍ରୀ)

**ଅଶ୍ଥଲ୍**—ପ୍ରାଦେ ( ସମ୍ବଲପୁର ) ବି—ଶେଯ ବା ଲେପର ତୁଳା ଉପରେ
Aśthal ଦିଆ ଯାଇଥିବା କନା—The cloth put on
अस्तर the cotton pad of a quilt.

**ଅଶ୍ନଟ**—ଗ୍ରା. ବି.—ଅଡୁଆ—Complication
Aśnaṭa ଗ୍ରା. ବିଣ—ଗୋଲମାଳିଆ—Complicated.
গোলমাল
उलझाव

**ଅଶ୍ନଟି**—ଗ୍ରା. ବି.—ଅଡୁଆ—
Aśnaṭi Complication.

**ଅଶ୍ମାନ୍**—ବୈଦେ. ବି. ( ଅ. ଅସ୍ମାନ୍ )—
Aśmān ୧ । ଆକାଶ—1. Sky.
আস্মান ୨ । ନୀଳବର୍ଣ୍ଣ—2. Azure.
असमान

**ଅଶ୍ମାନି**—ବୈଦେ. ବିଣ.—୧ । ଆକାଶସମ୍ବନ୍ଧୀୟ—
Aśmāni 1. Relating to the sky.
আশ্মানি ୨ । ନୀଳବର୍ଣ୍ଣ—2. Azure.
असमानी ୩ । ମିଥ୍ୟାକଥା—3. False (words)

**ଅଶ୍ମାନିଆଁ**—ଗ୍ରା. ବିଣ—ଅଶ୍ମାନି (ଦେଖ)
Aśmāniāñ Aśmāni (See)

**ଅଶ୍ଲଟ**—ଗ୍ରା. ବି. ଓ ବିଣ—ଅଶ୍ନଟ (ଦେଖ)
Aślaṭa Aśnaṭa (See)

**ଅଶ୍ଲଟି**—ଗ୍ରା. ବି.—ଅଶ୍ନଟି (ଦେଖ)
Aślaṭi Aśnaṭi (See)

**ଅଶଉଚ**—ଗ୍ରା. ବି ( ସ. ଅଶୌଚ )—ଅଶୌଚ (ଦେଖ)
Aśaucha Aśaucha (See)

**ଅଶଉଚିଆ**—ଗ୍ରା.ବି. ଓ ବିଣ. ( ସ. ଅଶୌଚ )—ଅଶୌଚ (ଦେଖ)
Aśauchiā Aśaucha (See)

**ଅଶକତ**—ଗ୍ରା. ପଦ୍ୟ. ବିଣ. ( ସଂ. ଅଶକ୍ତ )—
Aśakata ୧ । ଅଶକ୍ତ; ଅକ୍ଷମ—1. Powerless.
কাএল ୨ । କ୍ଳାନ୍ତ—2. Tired.
अशक्ति
ଯୁଧିଷ୍ଠିର କହେ ଯୁଦ୍ଧରେ ଅଶକତ ହୋଇଣ ରହିଥିଲେ ଭୟଧର ଚର ।

**ଅଶକ୍ତ**—ସ. ବିଣ ( ଅ=ନୁହେ+ଶକ୍ତ )—୧ । ଅସମର୍ଥ—
Aśakta 1. Unable.
୨ । ବଳହୀନ—2. Powerless.
ଦେ. ବିଣ—ଅଶ୍କତ (ଦେଖ)
Aśkata (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ସାଉ' ନ ମିଳିଲେ 'ଶାଉ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଂଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

**ଅଶକ୍ତି**—ସଂ. ବି ( ଅ—ନୂଦେ + ଶକ୍ତି )—୧ । ଶକ୍ତିର ଅଭାବ—
**Aśakti** 1. Absence of power.
୨ । ଅପଟୁତା—2. Absence of skill.
୩ । ଅସାମର୍ଥ୍ୟ—3. Inability.

**ଅଶକ୍ତିଆ**—ଦେ. ବିଣ—ଅଶ୍‌କତିଆ (ଦେଖ)
**Aśaktiā** Askatiā (See)

**ଅଶକ୍ୟ**—ସଂ. ବିଣ ( ଅ + ଶକ୍ୟ ) ୧ । ଅସମ୍ଭବ; ଅସାଧ୍ୟ—
**Aśakya** 1. Improbable.
୨ । ଶକ୍ତିବହିର୍ଭୂତ; ସାଧ୍ୟାତୀତ—
2. Beyond one's power.
ଅଶକ୍ୟ ଅଗୋଚର କଥା
ତୋହର ପ୍ରଗଳ ବ୍ୟବସ୍ଥା—ଯଶୋବନ୍ତ. ପ୍ରେମଭକ୍ତିବ୍ରହ୍ମଗୀତା ।

**ଅଶଙ୍କ**—ସଂ. ବିଣ. ପୁଂ (ବହୁବ୍ରୀହି); (ଅ + ଶଙ୍କା)—
**Aśanka** ୧ । ସାହସୀ—1. Bold
(ଅଶଙ୍କା—ସ୍ତ୍ରୀ) ୨ । ନିର୍ଭୟ—2. Fearless.

**ଅଶଙ୍କନୀୟ**—ସଂ. ବିଣ ( ଅ + ଶଙ୍କନୀୟ )—
**Aśankaniya** ଯାହାକୁ ଭୟ କରି ନ ଯାଏ—
Not to be feared.

**ଅଶଙ୍କିତ**—ସଂ. ବିଣ ( ଅ + ଶଙ୍କିତ )—
**Aśankita** ୧ । ଅଭୀତ; ଅତ୍ରସ୍ତ—
1. Not afraid, not alarmed; undaunted.
୨ । ନିର୍ଭୟ—2. Fearless.
୩ । ନିଶ୍ଚିନ୍ତ; ନିରୁଦ୍‌ବେଗ—
3. Free from anxiety.

**ଅଶନ**—ସଂ. ବି ( ଅଶ୍ ଧାତୁ = ଖାଇବା + ଭାବ. ଅନ )—
**Aśana** ୧ । ଭକ୍ଷଣ; ଭୋଜନ—
1. Act of taking food; eating.
୨ । ( + କର୍ମ. ଅନ ) ଭକ୍ଷ୍ୟବସ୍ତୁ—2. Food.
୩ । ( + କର୍ତ୍ତୃ. ଅନ ) ଭକ୍ଷକ—3. Eater.
୪ । ଅସନ ଗଛ ( ଦେଖ )—
4. Asana tree ( See ).

**ଅଶନନାଳୀ**—ସଂ. ବି. ( ବଙ୍ଗଳାପରଭାଷା )—ଅନ୍ନନାଳୀ ( ଦେଖ )
**Aśananāḻi** Annanāḻi ( See )

**ଅଶନି**—ସଂ. ବି. ( ଅଶ ଧାତୁ = ଖାଇବା + କର୍ତ୍ତୃ. ଅନି; ଯେ ପର୍ବତ ପ୍ରଭୃତିକୁ ଖାଏ ବା ନାଶ କରେ )—୧ । ବିଦ୍ୟୁତ୍—
**Aśani** 1. Lightning.
୨ । ବଜ୍ର—2. Thunder.
୩ । ପ୍ରସ୍ତରବର୍ଷୀ ଉଲ୍କାବିଶେଷ—3. A kind of shooting star emitting stones.

**ଅଶରଣ**—ସଂ. ବିଣ. ( ବହୁବ୍ରୀହି; ଅ + ଶରଣ )—
**Aśaraṇa** ନିରାଶ୍ରୟ—Helpless.
(ଅଶରଣୀ—ସ୍ତ୍ରୀ)

**ଅଶରଣିଆଁ**—ଦେ. ବିଣ. ପୁଂ. ( ସଂ. ଅଶରଣ )—୧ । ଉପାୟହୀନ—
**Aśaraṇiāṅ** 1. Having no means of livelihood.
(ଅଶରଣୀ—ସ୍ତ୍ରୀ) ୨ । ଅନନ୍ୟୋପାୟ—
2. Having no other alternative.
୩ । ନିରାଶ୍ରୟ—3. Helpless.
୪ । ଅରକ୍ଷିତ—4. Patronless.

**ଅଶରଧା**—ଗ୍ରା. ପଦ୍ୟ. ବି. ( ସଂ. ଅଶ୍ରଦ୍ଧା )—ଅଶ୍ରଦ୍ଧା ( ଦେଖ )
**Aśaradhā** Aśraddhā ( See )

**ଅଶରମ**—ଦେ. ବିଣ. ପୁଂ (ସଂ. ନଞ୍‌ର୍ଥକ; ଅ + ଆ. ଶରମ୍ = ଲଜ୍ଜା; ଭୁଲ —ଆ. ବେଶରମ୍ )—ନିର୍ଲଜ୍ଜ; ବେଶରମା—
**Aśarama** Shameless.
অশৈরন
बेशरम
(ଅଶରମୀ—ସ୍ତ୍ରୀ)

**ଅଶରମା**—ଦେ. ବିଣ. ପୁଂ. ଓ ସ୍ତ୍ରୀ. ( ଆ. ବେଶରମ୍ )—
**Aśaramā** ଅଶରମ ( ଦେଖ )
Aśarama ( See )

**ଅଶରମିଆଁ**—ଦେ. ବିଣ. ପୁଂ—ଅଶରମ ( ଦେଖ )
**Aśaramiāṅ** Aśarama ( See )

**ଅଶରୀର**—ସଂ. ବିଣ. ପୁଂ. ( ଅ + ଶରୀର ବହୁବ୍ରୀହି )—ଦେହହୀନ—
**Aśarira** Without a visible body; incorporeal.
(ଅଶରୀରା—ସ୍ତ୍ରୀ) ସଂ. ବି—୧ । କାମଦେବ—1. God Cupid.
୨ । (ଶରୀର-ଅଭିମାନଶୂନ୍ୟ) ପରମାତ୍ମା—
2. The Supreme Soul.
୩ । ଯାହା କୌଣସି ବ୍ୟକ୍ତି ବା ଜୀବଠାରୁ ଆସୁଥିବାର ଦେଖାଯାଏ ନାହିଁ—( ଯଥା— ଶବ୍ଦ; ସ୍ୱର )—
3. Not coming from a visible body ( as sound ).

**ଅଶରୀରୀ**—ସଂ. ବିଣ. ପୁଂ. ( ନଞ୍ ତତ୍; ଅ + ଶରୀରନ୍ ୧ମା. ୧ବ.)—
**Aśariri** ୧ । ଅଙ୍ଗହୀନ; ନିରାକାର; ଅକାରଶୂନ୍ୟ—
(ଅଶରୀରଣୀ—ସ୍ତ୍ରୀ) 1. Bodiless; not corporeal.
୨ । ଭୌତିକ—2. Spiritual.
୩ । ଯେଉଁ ସ୍ୱର ବା ଶବ୍ଦ କୌଣସି ପ୍ରକାଶ୍ୟ ଜୀବ ବା ବସ୍ତୁରୁ ଆସୁ ନାହିଁ—3. ( voice ) Not coming from a visible body.

**ଅଶର୍ମ**—ସଂ. ବି. ( ଅ + ଶର୍ମନ୍ = ସୁଖ; ୧ମା. ୧ବ. )—
**Aśarma** ୧ । ଅସୁଖ—1. Unhappiness.
୨ । ଦୁଃଖ; କ୍ଳେଶ—2. Pain; trouble.
ସଂ. ବିଣ—୧ । ଦୁଃଖିତ; ପୀଡ଼ାଯୁକ୍ତ—
1. Troubled; pained.
୨ । ପୀଡ଼ିତ—2. Sick; ailing.
ଦେ. ବିଣ. ପୁଂ—ଅଶରମ ( ଦେଖ )
(ଅଶର୍ମୀ—ସ୍ତ୍ରୀ) Aśarama ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଭ | ଢ଼ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଷ | ଜ | ଶ,ଷ | କ୍ଷ | ଇୟ | ଉଥ | ଢ |
| ୨ | ଏ | ଭ | ଋ | ଲୃ | ସ୍ୱେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଉଚ୍ଚ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ | ଇଥ | ● | ନୃ |

**ଅଶର୍ମୀ**—ଦେ. ବିଣ—ଅଶରମା ( ଦେଖ )
Asarmā   Asaramā ( See )

**ଅଶର୍ମିଆ**—ଦେ. ବିଣ—ଅଶରମା ( ଦେଖ )
Asarmiā   Asaramā ( See )

**ଅଶସ୍ତ୍ର**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅ + ଶସ୍ତ୍ର )—ଶସ୍ତ୍ରହୀନ—
Asastra   Unarmed; disarmed; devoid of weapons.
(ଅଶସ୍ତ୍ରା—ସ୍ତ୍ରୀ)
ଦେ. ବିଣ—ଉପାୟାନ୍ତରହୀନ—
Having no other alternative.

**ଅଶସ୍ର**—ଗ୍ରା. ବିଣ. ( ସଂ. ଅଶସ୍ତ୍ର )—୧ । ଅଶସ୍ତ୍ର ( ଦେଖ )
Asasra   1. Asastra ( See ).
୨ । କାର୍ଯ୍ୟ ସାଧନୋପାୟରହିତ—
2. Having no means at one's command.

**ଅଶାଖ**—ସଂ. ବିଣ ( ବହୁବ୍ରୀହି; ଅ + ଶାଖା )—ଶାଖାହୀନ (ବୃକ୍ଷାଦି)—
Asākha   Branchless; devoid of branches.
(ଅଶାଖା—ସ୍ତ୍ରୀ)

**ଅଶାଖା**—ଗ୍ରା. ବିଣ ( ସଂ. ଅଶାଖ )—୧ । ଅଶାଖ ( ଦେଖ )
Asākhā   1. Asākha ( See )
୨ । (ସଂ. ଅ + ଶାଖା) ଶାକ ବ୍ୟଞ୍ଜନାଦି ରହିତ ( ଅନ୍ନ )—
2. ( rice ) Without curry.
୩ । ( ସଂ. ଅସଖା ) ଅସଖା; ବନ୍ଧୁହୀନ—
3. Friendless.
୪ । ସଂ. ( ଅସଖା ) ନିରାଶ୍ରୟ—4. Helpless.
ସ. ବି.—ତୃଣବିଶେଷ—Name of a grass (M. W.)
ସ. ବିଣ. ସ୍ତ୍ରୀ. (ଅଶାଖ + ଆ)—ଅଶାଖର ସ୍ତ୍ରୀଲିଙ୍ଗ—
Feminine of Asākha.

**ଅଶାନ୍ତ**—ସ. ବିଣ. (ଅ + ଶାନ୍ତ = ଶମିତ)—୧ । ଅସ୍ଥିର—
Asānta   1. Not tranquil; restless.
(ଅଶାନ୍ତା—ସ୍ତ୍ରୀ)   ୨ । ଅତୃପ୍ତ—2. Not appeased; insatiate.
(ଅଶାନ୍ତତା—ବି)   ୩ । ଧୃଷ୍ଟ; ଅଶିଷ୍ଟ—
3. Arrogant; uncivil.
୪ । ଅଜେୟ; ଅଶାମ୍ୟ; ଅଦମ୍ୟ—4. Indomitable
୫ । କ୍ରୁର; ଭୟଙ୍କର—5. Violent; wild.
୬ । ଅପବିତ୍ରୀକୃତ—6. Unconsecrated
୭ । ଅପବିତ୍ର—7. Not sacred.
୮ । ଉନ୍ମତ୍ତ—8. Maddened.
୯ । ଯାହାକୁ ତୃପ୍ତ କରାଯାଇ ନ ପାରେ—
9. Insatiable.
୧୦ । ଶାନ୍ତିରହିତ—10. Devoid of peace.
୧୧ । ଆନ୍ଦୋଳିତ—11. Agitated.

**ଅଶାନ୍ତି**—ସଂ. ବି. (ଅ + ଶାନ୍ତି = ତୃପ୍ତି)—୧ । ମାନସିକ ଉଦ୍ବେଗ—
Asānti   1. Anxiety.
୨ । ଅସ୍ଥିରତା—2. Restlessness.
୩ । ଶାନ୍ତିହୀନତା—3. Want of peace; want of tranquility.
୪ । ଅତୃପ୍ତି—4. Insatiety.
୫ । ଅନିବୃତ୍ତି—5. Non-cessation.
୬ । ଗୋଳମାଳ; ଗଣ୍ଡଗୋଳ—
6. Disturbance; turbulence.
୭ । ରୋଗ ଆଦି ଉପଶମ ନ ହେବା—
7. Non-alleviation.
୮ । କଷ୍ଟ—8. Pain; trouble.
୯ । ଅସନ୍ତୋଷ—9. Discontent.
ଗ୍ରା. ବିଣ—୧ । ଅସନ୍ତୁଷ୍ଟ—1. Unpropitiated; discontented.
୨ । ଅପରିତୃପ୍ତ—2. Unappeased.

**ଅଶାବରୀ**—ସଂ. ବି.—ଆଶାବରୀ (ଦେଖ)
Asābari   Āsābari (See)

**ଅଶାମ୍ୟ**—ସଂ. ବିଣ. (ଅ + ଶାମ୍ୟ)—ଯାହା ଉପଶାନ୍ତ ହୋଇ ନ ପାରେ; ଅଶମନୀୟ—
Asāmya   Unappeaseable.

**ଅଶାସନ**—ସଂ. ବି. (ଅ + ଶାସନ = ନିୟମ)—୧ । ଶାସନର ଅଭାବ—
Asāsana   1. Want of control.
(ଅଶାସିତ—ବିଣ)   ୨ । ଅରାଜକତା—2. Mis-government; anarchy.
୩ । ନିୟମଶୂନ୍ୟତା—3. Want of regulation.
୪ । କଡ଼ା ନିୟମର ଅଭାବ—
4. Want of discipline.

**ଅଶାସନୀୟ**—ସଂ. ବିଣ. ପୁଂ. (ଅ + ଶାସନୀୟ)—
Asāsaniya   ୧ । ଶାସନର ଅଯୋଗ୍ୟ—
(ଅଶାସନୀୟା—ସ୍ତ୍ରୀ)   1. Uncontrollable
୨ । ଦୁର୍ଦ୍ଦାନ୍ତ; ଅଦମ୍ୟ; ଅଦମନୀୟ—
2. Ungovernable.

**ଅଶାସିତ**—ସଂ. ବିଣ. (ଅ + ଶାସିତ)—୧ । ଅଦମିତ—
Asāsita   1. Uncontrolled.
(ଅଶାସିତା—ସ୍ତ୍ରୀ)   ୨ । ଯାହାକୁ ଶାସନ କରି ଯାଇ ନ ଥାଏ—
2. Not governed.
୩ । ଯାହାକୁ ନିୟମାଧୀନ କରି ରଖା ଯାଏ ନାହିଁ—
3. Undisciplined.

**ଅଶାସ୍ତ୍ର**—ସଂ. ବି. (ଅ + ଶାସ୍ତ୍ର)—୧ । ବେଦାଦି ବିରୁଦ୍ଧ ଶାସ୍ତ୍ର—
Asāstra   1. Books which are against the sacred Scriptures.

ସାଧାରଣ ଯେବେ ଅପର ପୃଷ୍ଠାରେ ସୂଚିତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଓଲଟାକ୍ରମେ ଚକ୍ରର ବଦଳରେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧ' ଦେଖିବେ; 'ଅର୍ଜ୍ଜୀ' ନ ପାଇଲେ 'ଅର୍ଜୀ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ଅବିଧି—2. Want of rules or percepts.

୩ । ଲୋକାଚାର ବିରୁଦ୍ଧ ଶାସ୍ତ୍ର—3. A book which does not conform to the established. usage.

**ଅଶାସ୍ତ୍ରିକ**—ଦେ. ବିଣ. (ସଂ. ଅଶାସ୍ତ୍ରୀୟ)—୧ । ଅଶାସ୍ତ୍ରୀୟ (ଦେଖ)
Asāstrika · अशास्त्र · **अशास्त्र** — Asāstriya (See)

୨ । ଲୋକାଚାର ବିରୁଦ୍ଧ—2. Not conforming to established usage.

**ଅଶାସ୍ତ୍ରୀୟ**—ଦେ. ବିଣ. (ଅ+ଶାସ୍ତ୍ରୀୟ)—୧ । ଅଇନ୍‌ବିରୁଦ୍ଧ—
Asāstriya 1. Not conforming to the sāstras or sacred books; not according to sāstric rules; illegal.

୨ । ଶାସ୍ତ୍ରବିରୁଦ୍ଧ—2. Unscriptural,

୩ । ଯାହା ଶାସ୍ତ୍ରବିହିତ ନୁହେ—
3. Not prescribed by the sāstras.

**ଅଶାସ୍ୟ**—ସଂ. ବିଣ (ଅ+ଶାସ ଧାତୁ+କର୍ମ. ଯ)—
Asāsya ଅଶାସନୀୟ (ଦେଖ)
(ଅଶାସ୍ୟା—ସ୍ତ୍ରୀ) Asāsaniya (See)

**ଅଶାସ୍ର**—ଗ୍ରା. ବିଣ. (ସଂ. ଅଶାସ୍ତ୍ର)—ଅଶାସ୍ତ୍ର (ଦେଖ)
Asāsra Asāstra (See)

**ଅଶାହାସ୍ର**—ଗ୍ରା. ବି. (ସଂ. ଅଶାସ୍ତ୍ର)—ଅଶାସ୍ତ୍ର (ଦେଖ)
Asāhasra Asāstra (See)

**ଅଶି**—ଦେ. ବି. ( ହି. ଅଶୀତି; ପ୍ରା. ଅସୀଇ )—୮୦ ସଂଖ୍ୟା—
Asi The number eighty.
आशी ଦେ. ବିଣ—୮୦ ସଂଖ୍ୟକ—80 in number.
**अस्सी** ଅଣ ଲେଉଡ଼େ ନବ ବାଜୁଗା—ଚଗ ।

**ଅଶିଆଦୁଇଶ**—ଗ୍ରା. ବି. (ହି. ଅଶୀଉତ୍ତର ଦ୍ୱିଶତ)—ଦୁଇଶ ଅଶି ସଂଖ୍ୟା—
Asiāduisa The number 280.
आशीउत्तर द्विश
**अस्सीउत्तरदोसौ**

**ଅଶିଆଶହେ**—ଗ୍ରା. ବି. ( ହି. ଅଶୀଉତ୍ତର ଶତ )—ଏକଶ ଅଶି ସଂଖ୍ୟା—
Asiāsahe The number 180.

**ଅଶିଏ**—ଦେ. ବି. ଓ ବିଣ. ( ହି. ଅଶୀତି )—ଅଶି ( ଦେଖ )
Asie Eighty ( See )

**ଅଶିକ**—ସଂ. ବି—ଅସିକର ଅନ୍ୟରୂପ—Another form of
Asika Asika.

**ଅଶିକ୍ଷା**—ସଂ. ବି. ( ଅ+ଶିକ୍ଷା )—୧ । ଶିକ୍ଷାର ଅଭାବ—
Asikshā 1. Want of education or training.

୨ । କୁଶିକ୍ଷା—2. Bad training.

**ଅଶିକ୍ଷିତ**—ସଂ. ବିଣ. ପୁଂ. ( ଅ+ଶିକ୍ଷିତ )—
Asikshita ୧ । ଶିକ୍ଷା ପାଇ ନ ଥିବା—
(ଅଶିକ୍ଷିତା—ସ୍ତ୍ରୀ) 1. Uneducated; untaught.

୨ । ଅଲେଖାପଢ଼ା—2. Illiterate.

୩ । ମୂର୍ଖ—3. Unlettered.

୪ । କୌଣସି ବିଷୟରେ ତାଲିମ ହୋଇ ନ ଥିବା—
4. Untrained.

୫ । ଅଜାଣକ—5. Ignorant,

**ଅଶିଣ**—ଗ୍ରା. ବିଣ. ( ସଂ. ଅଶ୍ୱିନ )—କାର୍ତ୍ତିକର ପୂର୍ବବର୍ତ୍ତୀ ଓ ଭାଦ୍ରବର
Asiṇa ପରବର୍ତ୍ତୀ ଚାନ୍ଦ୍ରମାସ; ଅଶ୍ୱିନମାସ—The lunar
आश्विन month of Āswina.
**आसिन** ଭାଦ୍ରବର ଅନ୍ତେ ସଖୀ ଅଶିଣ ପଶନ୍ତେ—ପ୍ରାଚୀ. ରହସ୍ୟମଞ୍ଜରୀ ।

**ଅଶିଣପରବ**—ଗ୍ରା. ବି. ( ସଂ. ଅଶ୍ୱିନପର୍ବ )—ଅଶ୍ୱିନ ମାସରେ
Asiṇaparaba ହେଉଥିବା ପର୍ବ; ଦୁର୍ଗାପୂଜା—
आश्विनपर्व The worship of Goddesss Durgā
**कुआरकोपरब** held in the month of Āswina.

**ଅଶିଣା**—ଦେ. ବି—ଅଶ୍ୱିନ ମାସରେ ଘଟୁଥିବା ବା ପାଚିବା—
Asiṇā Happening or ripening in the month
आश्विने of Āswina.
**कुआरा** ( ଯଥା—ଅଶିଣା ଧାନ । )

**ଅଶିଣି**—ଗ୍ରା. ବି—ଅଶ୍ୱିନ ମାସ—
Asiṇi Month of Āswina.
आश्विन
**कुआर; क्वार**

**ଅଶିଣିପରବ**—ଗ୍ରା. ବି—ଅଶିଣପରବ ( ଦେଖ )
Asiṇiparaba Asiṇaparaba ( See )

**ଅଶିତ**—ସଂ. ବିଣ. ୧ । (ଅଶ୍ ଧାତୁ=ଭୋଜନ କରିବା+କର୍ମ. ତ)—
Asita ଭକ୍ଷିତ; ଖାଦିତ—1. Eaten; partaken.

୨ । ( ଅ=ନୁହେ+ଶିତ=ଶାଣିତ )—ଶାଣ ଦିଆଯାଇ ନ ଥିବା; ଦନ୍ତୁଡ଼ା—
2. Unsharpened; blunt.

୩ । ( ଅ+ଶିତ=ଶୁକ୍ଳ )—କଳା—3. White.
ତା ଭୁଜ, ଖେଳିବ ବରୁର କରୁଥିଲୁ, ଜାତପଟ ଅଶିତ ଗାଳରୁ—
ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

୪ । ( ଅଶ୍ ଧାତୁ+କର୍ତ୍ତୃ. ତ )—ତୃପ୍ତ; ପ୍ରୀତ—
4. Pleased; satisfied.

**ଅଶିଥିଳ**—ସଂ.ବିଣ. ( ଅ=ନୁହେ+ଶିଥିଳ )—୧ । ଟେଣ୍ଟ; ଦୃଢ଼—
Asithiḷa Tight; firm.

୨ । ଯେ ଢ଼ିଲା ନୁହେ; ଅଶ୍ଲଥ—2. Not loose.

[ ଦ୍ର—ଏଥିର ଅନ୍ୟ ଅର୍ଥାର ଅଶିଥିର M. W. ]

**ଅଶିଥିଳମ୍ଭାବ**—ସଂ. ବି. ( ଅଶିଥିଳଂ+ଭାବ )—ଦୃଢ଼ ବା କଷି ହୋଇ
Asithiḷambhāba ଯିବା—The becoming tight or firm ( M. W. )

**ଅଶିବ**—ସଂ. ବିଣ. ( ଅ=ନୁହେ+ଶିବ=ମଙ୍ଗଳ )—୧ । ଅଶୁଭ—
Asiba 1. Inauspicious.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଊ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଯ୍ | ଉଅ | ଭ |
| ୨ | ଈ | ଉ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ | ଇଅ | ୱ | ହ୍ମ |

୨ । ଅମଙ୍ଗଳକର—
2. Harmful; pernicions.
ସଂ. ବି—ଅମଙ୍ଗଳ; ଅନିଷ୍ଟ—Misfortune; an evil.

**ଅଶିର**—ସଂ. ବି. ( ଅଶ୍ ଧାତୁ=ଖାଇବା+କର୍ତ୍ତୃ. ଇର; ଯେ ସମସ୍ତଙ୍କୁ ଭୋଜନ କରେ )—
Asira
୧ । ଅଗ୍ନି—1. Fire
୨ । ସୂର୍ଯ୍ୟ—2. The sun.
୩ । ରାକ୍ଷସ—3. Man-eating demon.

**ଅଶିଶ୍ୱିକା**—ସଂ. ବିଣ. ସ୍ତ୍ରୀ. ( ଅ=ନାହିଁ+ଶିଶୁ+ଇକ+ସ୍ତ୍ରୀ. ଆ )—
Asiswikā ଶିଶୁହୀନା; ଅଣ୍ଟକୁଡ଼ୀ—Childless (woman)

**ଅଶିଶ୍ୱୀ**—ସଂ. ବିଣ. ସ୍ତ୍ରୀ. ( ଅ+ଶିଶୁ+ଈ )—ଶିଶୁହୀନା—
Asiswi Childless ( woman )

**ଅଶିଷ୍ଟ**—ସଂ. ବିଣ. ( ଅ+ନୁହେଁ+ଶିଷ୍ଟ=ଭଦ୍ର )—
Asishta ୧ । ଅଭଦ୍ର—
( ଅଶିଷ୍ଟା—ସ୍ତ୍ରୀ ) 1. Rude; ill-behaved.
( ଅଶିଷ୍ଟତା—ବି ) ୨ । ଶିଷ୍ଟାଚାରବିରୁଦ୍ଧ—
2. Not sanctioned by etiquette.
୩ । ଗର୍ହିତ—3. Improper.
୪ । ଅଶିକ୍ଷିତ—4. Untrained.
୫ । ଅସଭ୍ୟ—5. Barbarous.

**ଅଶିଷ୍ୟ**—ସଂ. ବିଣ. ( ଅ+ଶିଷ୍ୟ )—
Asishya ୧ । ଯାହାକୁ ଶିକ୍ଷା ଦେବା ଉଚିତ ନୁହେଁ—
1. Not deserving to be instructed.
୨ । ଯେ ଶିକ୍ଷା ଗ୍ରହଣ କରି ନ ପାରେ—
2. Not capable of being instructed.
୩ । ଯାହା ଶିକ୍ଷା ଦେବା ଆବଶ୍ୟକ ନୁହେଁ—
3. That need not be taught; which it is not necessary to teach.

**ଅଶୀତି**—ସଂ. ବି. ( ଅଷ୍ଟ+ଦଶନ୍+ତି; ନିପାତନ )—
Asiti ଅଶୀ ସଂଖ୍ୟା—Number 80.
ସଂ. ବିଣ—ଅଶୀ ସଂଖ୍ୟକ—Numbering 80.

**ଅଶୀତିକ**—ସଂ. ବିଣ. ( ଅଶୀତି+କ )—
Asitika ୧ । ଅଶୀତି ପରିମିତ—1. Measuring 80.
(ଅଶୀତିକା—ସ୍ତ୍ରୀ) ୨ । ପୁଂ.—ଅଶୀତି ବୟସ୍କ—2. Aged 80 years.

**ଅଶୀତିତମ**—ସଂ. ବିଣ. ( ଅଶୀତି+ତମ )—
Asititama ୮୦ ସଂଖ୍ୟାର ପୂରଣ—Eightieth.

**ଅଶୀତିପର**—ସଂ. ବିଣ. ପୁଂ. ( ଅଶୀତି+ପର )—
Asitipara ଯାହାର ବୟସ ଅଶୀ ବର୍ଷରୁ ବେଶି—
(ଅଶୀତିପରା—ସ୍ତ୍ରୀ) Aged more than 80 years; octogenarian.

**ଅଶୀଳ**—ସଂ., ବିଣ. ପୁଂ. ( ବହୁବ୍ରୀହି. ଅ+ଶୀଳ )—
Asila ୧ । ଅଭଦ୍ର—1. Ill-behaved.
(ଅଶୀଳା—ସ୍ତ୍ରୀ) ୨ । ଇତର—2. Vulgar.
(ଅଶୀଳତା—ବି) ସଂ. ବି—୧ । ଅଭଦ୍ରତା—
1. Bad manners.
୨ । ଆଚରଣର ନୀଚତା—2. Depravity of conduct.

**ଅଶୁ**—ଦେ. ବି. ( ସଂ. ଅସୁ )—ପ୍ରାଣ; ଜୀବନ—
Asu Life.
ଅଶୀ ନଗର ହେଲା ଭୁଷ୍ଟ ବଚନ, ଅଶୁ ଧରିଣ କରିବ କାଶନ ।
ଅଭିମନ୍ୟୁ—ବନଦୁର୍ଗଚିନ୍ତାମଣି ।

**ଅଶୁଅ**—ଗ୍ରା. ବି—ଅସୁଅ ( ଦେଖ )—
Asua Asua ( See )

**ଅଶୁଆର**—ଦେ. ବି. ( ସଂ. ଅଶ୍ୱବାର )—
Asuāra ୧ । ଉତ୍କୃଷ୍ଟ ଘୋଡ଼ା—1. Steed
ଶତ୍ୟ ଅନୁକ୍ରମେ ପୁଣି ଦେଲେ ଜଉତୁକ
ସହସ୍ରେ ଅଶୁଆର ମାତଙ୍ଗ ସହସ୍ରେକ । ପୀତାମ୍ବର, ନୃସିଂହପୁରାଣ
୨ । ( ସଂ. ଅଶ୍ୱବାର; ଫା. ସୱାର )—
ଅଶ୍ୱାରୋହୀ ସେନା—2. Cavalry.
ଏକଶତ ମତ୍ତଗଜ ସଙ୍ଗେ ଅଶୁଆର
ବେନି ସହସ୍ର ପଦାତି ନଗିବେ ନଗର । ପୀତାମ୍ବର, ନୃସିଂହପୁରାଣ
୩ । ଘୋଡ଼ାଚଢ଼ୁଆର—3. Jockey.

**ଅଶୁଚି**—ବେ. ବିଣ. ( ଅ+ଶୁଚି=ଶୁଦ୍ଧ )—
Asuchi ୧ । ଅଶୁଦ୍ଧ ଅପବିତ୍ର—1. Impure; unclean; unholy.
ଅଶୁଚିତା } ବି.
ଅଶୁଚିତ୍ୱ } ୨ । ମଇଳା—2. Dirty; foul.

**ଅଶୁଚିବନ୍ତ**—ଦେ. ବିଣ. ( ଅ+ଶୁଚିମତ୍ )—
Asuchibanta ୧ । ଅପବିତ୍ର—1. Impure; unclean.
୨ । ଯେଉଁ ବ୍ୟକ୍ତି ସର୍ବଦା ପବିତ୍ର ରହେ ନାହିଁ—
2. Uncleanly; of impure habits.

**ଅଶୁଚିମନ୍ତ**—ଦେ. ବିଣ. ପୁଂ. ଓ ସ୍ତ୍ରୀ. ( ଅ+ଶୁଚିମତ୍ )—
Asuchimanta ଅଶୁଚିବନ୍ତ ( ଦେଖ )
Asuchibanta (See)

**ଅଶୁଦ୍ଧ**—ସଂ. ବିଣ. ( ଅ=ନୁହେଁ+ଶୁଦ୍ଧ=ପବିତ୍ର )—
Asuddha ୧ । ଅପବିତ୍ର—1. Impure; unclean.
(ଅଶୁଦ୍ଧତା—ବି) ୨ । ଭ୍ରମପୂର୍ଣ୍ଣ—2. Incorrect; inaccurate; wrong.
୩ । ଯେ ମୃତ କୁଟୁମ୍ବାଦିଙ୍କର ଶୁଦ୍ଧିକ୍ରିୟା ଯଥାମତେ କରି ନ ଥାଏ—3. One who has not duly performed the obsequal rites of a dead agnate.
୪ । ଅଜ୍ଞାତ—4. Unknown ( M. W. )
୫ । ଅନିର୍ଦ୍ଧାରିତ—5. Unascertained ( M.W. )

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ପାଢ' ନ ମିଳିଲେ 'ଖାଢ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅର୍ଣ୍ଣା' ନ ପାଇଲେ 'ଅର୍ଣ୍ଣା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅଶୁଦ୍ଧବାସକ**—ସଂ. ବି—୧ । ଯେଉଁ ବ୍ୟକ୍ତିର ଘରଦ୍ୱାର ନାହିଁ; ବାରବୁଲା-
Aśuddhabāsaka 1. A vagabond; a vagrant (M. W.)
୨ । ସନ୍ଦେହ ଚରିତ୍ର ବ୍ୟକ୍ତି—
2. A suspicious character (M. W.)

**ଅଶୁଦ୍ଧସଂଶୋଧନ**—ଦେ.ବି (ସଂ. ଅଶୁଦ୍ଧିସଂଶୋଧନ; ଛାପାଖାନାର ଶବ୍ଦ)—
Aśuddhasaṁśodhana ଶୁଦ୍ଧିପତ୍ର ଦ୍ୱାରା ଛପା ବହିରେ ଭୁଲ ରହି ଯାଇଥିବା ଅକ୍ଷର ଆଦିର ସଂଶୋଧନ—
Correction of printing mistakes by an erratum.

**ଅଶୁଦ୍ଧି**—ସଂ. ବି. ( ଅ + ଶୁଧ୍ ଧାତୁ + ତି )—
Aśuddhi ୧ । ଅପବିତ୍ରତା—1. Impurity; uncleanliness.
୨ । ଭୁଲ—2. Mistake; incorrectness.
୩ । ଅଶୌଚ ( ଦେଖ )
3. Aśaucha ( See )
ସଂ. ବିଣ—ଅପବିତ୍ର—Impure.

**ଅଶୁଦ୍ଧିଅ**—ଗ୍ରା. ବିଣ. ( ସଂ. ଅଶୁଦ୍ଧ )—ଅଶୁଦ୍ଧ ( ଦେଖ )
Aśuddhia Aśuddha ( See )

**ଅଶୁଦ୍ଧିଆ**—ଗ୍ରା. ବିଣ. ( ସଂ. ଅଶୁଦ୍ଧ )—ଅଣଶୁଦ୍ଧିଆ; ଯେ କୌଣସି ମୃତ
Aśuddhiā ଅସ୍ପୃଶ୍ୟ ବ୍ୟକ୍ତିର ଶୁଦ୍ଧକ୍ରିୟା କରି ନାହିଁ—
One who has not performed the obsequal rites of a deceased agnate.

**ଅଶୁଦ୍ଧିସଂଶୋଧନ**—ସଂ. ବି. ( ୬ଷ୍ଠୀ ତତ୍; ଅଶୁଦ୍ଧି + ସଂଶୋଧନ )—
Aśuddhisaṁśodhana ଭ୍ରମସଂଶୋଧନ—Correction of mistakes.

**ଅଶୁଧ**—ଗ୍ରା. ବିଣ.—ଅଶୁଦ୍ଧ (ଦେଖ)
Aśudha Aśuddha (See)

**ଅଶୁଧି**—ଗ୍ରା. ବି.—ଅଶୁଦ୍ଧି (ଦେଖ)
Aśudhi Aśuddhi (See)

**ଅଶୁଧିଆ**—ଗ୍ରା. ବିଣ—ଅଶୁଦ୍ଧିଆ ( ଦେଖ )
Aśudhiā Aśuddhia ( See )

**ଅଶୁଧ୍ୟ**—ଗ୍ରା. ବିଣ—ଅଶୁଦ୍ଧ ( ଦେଖ )
Aśudhya Aśuddha ( See )

**ଅଶୁନା**—ପ୍ରାଦେ. (ସମ୍ବଲପୁର) ବିଣ—ଅନ୍ୟମନସ୍କ ଥିବାରୁ ଯେ କଥା
Aśunā ଶୁଣେ ନାହିଁ—Not hearing anything said owing to inattention.

**ଅଶୁଭ**—ସଂ. ବି. ( ଅ + ଶୁଭ )—
Aśubha ୧ । ଅମଙ୍ଗଳ—1. Misfortune; evil.
୨ । ଅନିଷ୍ଟ—2. Harm; mischief.
୩ । ପାପ—3. Sin.
୪ । ଲଜ୍ଜାଜନକ କାର୍ଯ୍ୟ—4. Shameful deed.
ସଂ. ବିଣ—୧ । ଅମଙ୍ଗଳସୂଚକ—1. Inauspicious; ominous.
୨ । ଅସୁନ୍ଦର—2. Not beautiful.
୩ । ଯାହା ମନୋରମ ନୁହେ—3. Not agreeable.
୪ । ମନ୍ଦ—4. Bad.
୫ । ଦୁଷ୍ଟ; ଦୋଷଯୁକ୍ତ—5. Vicious.

**ଅଶୁଭଦର୍ଶନ**—ସଂ. ବି. ପୁଂ. ( ୬ଷ୍ଠୀ ତତ୍; ଅଶୁଭ + ଦର୍ଶନ )—
Aśubhadarśana ଅଶକୁନ ଦେଖିବା—
Seeing of omens.
ସଂ. ବିଣ. ( ବହୁବ୍ରୀହି )—୧ । ଅସୁନ୍ଦର—1 Ugly.
(ଅଶୁଭଦର୍ଶନା—ସ୍ତ୍ରୀ) ୨ । ଯାହାକୁ ଦେଖିବା ଅଶୁଭସୂଚକ—
2. Inauspicious to look at.

**ଅଶୁଭଲକ୍ଷଣ**—ସଂ. ବି—ପୂର୍ବରୁ ଦେଖାଯିବା ଅମଙ୍ଗଳସୂଚକ ଚିହ୍ନ;
Aśubhalakshaṇa ଅଶୁଭ ଶକୁନ—Evil women.
ସଂ. ବିଣ—ଯାହାଠାରେ ଅଶୁଭ ଲକ୍ଷଣ ଥାଏ—
(ଅଶୁଭଲକ୍ଷଣା—ସ୍ତ୍ରୀ) Having inauspicious marks.

**ଅଶୁଲ୍କ**—ସଂ. ବିଣ. ( ବହୁବ୍ରୀହି; ଅ = ନାହିଁ + ଶୁଲ୍କ = କର; ମୂଲ୍ୟ )—
Aśulka ୧ । କରରହିତ—1. Rent-free.
୨ । ମାଗଣା; ମୂଲ୍ୟରହିତ—
2. Without pay; got gratis.

**ଅଶୁଶ୍ରୂଷୁ**—ସଂ. ବିଣ. ( ଅ + ଶୁଶ୍ରୂଷୁ )—
Aśuśrūshu ୧ । ଯେ ଶୁଣିବାକୁ ବା ଶିଖିବାକୁ ଇଚ୍ଛୁକ ନୁହେ—
1. Not desirous of hearing or learning.
୨ । ( ଅମୁକଙ୍କ ଠାରେ ) ଅବାଧ୍ୟ—
2. Disobedient towards (M. W.)

**ଅଶୂନ୍ୟ**—ସଂ. ବିଣ. ( ଅ + ଶୂନ୍ୟ = ଖାଲି )—୧ । ପୂର୍ଣ୍ଣ—
Aśūnya 1. Full; not empty.
୨ । ଯାହା ଖାଲି ନୁହେ—2. Not vacant.
୩ । ଯାହା ବୃଥା ନୁହେ—
3. Not vain or useless.

**ଅଶୂର**—ସଂ. ବିଣ. ପୁଂ. ( ଅ + ଶୂର = ବୀର )—ଅବୀର; ସାହସହୀନ—
Aśūra Not valiant.

**ଅଶୃତ**—ସଂ. ବିଣ. ( ଅ + ଶୃତ )—୧ । ଅପକ୍ୱ; କଞ୍ଚା—
Aśṛuta 1. Unripe; green.
୨ । ଯାହା ରନ୍ଧା ହୋଇ ନାହିଁ—2. Uncooked.

**ଅଶେଇ**—ପ୍ରାଦେ. ( ସମ୍ବଲ ) ବି—ଅଂଶେଇ ( ଦେଖ )
Aśei Aṁśei ( See )

**ଅଶେଶର**—ବୈଦେ. ( ଇଂ. ଅସେସର୍ ) ବି.—
Aśeśara ଅସେସର୍ ( ଦେଖ )—Āsesar ( See )

| ୧ | ଇ | ଉ | ର୍,ର୍ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇଥି | ଉଥ | ଭ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୂ | ଲୂ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଥ | ● | କୃ |

**ଅଶେଷ**—ସଂ. ବିଣ. ( ଅ=ନାହିଁ+ଶେଷ=ଅନ୍ତ; ଯାହାର ଅନ୍ତ ନାହିଁ )—୧ । ବହୁ; ଅନେକ—1. Many.
Aśesha
୨ । ଅସୀମ—2. Boundless; endless.
୩ । ଅନନ୍ତ—3. Infinite.
୪ । ସମୁଦାୟ; ପୂର୍ଣ୍ଣ—4. Entire.
୫ । ସବୁ; ସମସ୍ତ—5 All; whole.
୬ । ଅପରିମେୟ—6. Immeasurable.
ସଂ. ବି.—ଶେଷାଭାବ;ବଳି ନ ପଡ଼ିବା- Non-remainder.

**ଅଶେଷଜ୍ଞ**—ସଂ. ବିଣ. ପୁଂ. ( ଅଶେଷ+ଜ୍ଞା ଧାତୁ+କର୍ତ୍ତୃ. ଅ )—
Aśeshajña ସର୍ବଜ୍ଞ—Allwise; all knowing.
( ଅଶେଷଜ୍ଞା—ସ୍ତ୍ରୀ )

**ଅଶେଷତଃ**—ସଂ. ଅ ( ଅଶେଷ+ବିଭକ୍ତ୍ୟର୍ଥରେ. ତସ୍ )—୧ । ବହୁଧା;
Aśeshatah ବହୁପ୍ରକାରେ—1. In many ways.
୨ । ପୂର୍ଣ୍ଣରୂପେ—2. Completely.
୩ । ଅଗଣିତରୂପେ—
3. Innumerably; countlessly.

**ଅଶେଷବିଧ**—ସଂ. ବିଣ. ( ବହୁବ୍ରୀହି; ଅଶେଷ+ବିଧା )—
Aśeshabidha ୧ । ବହୁପ୍ରକାରର, ନାନାପ୍ରକାରର—
1. Of many kinds; of many ways.
୨ । ସବୁ ପ୍ରକାରର—2. Of all sorts.
୩ । ଅସଂଖ୍ୟ ପ୍ରକାରର—3. Of infinite ways.

**ଅଶେଷିତ**—ସଂ. ବିଣ. (ଅ+ଶେଷିତ )—ସମ୍ପୂର୍ଣ୍ଣରୂପେ ବିଧ୍ୱସ୍ତ—
Aśeshita Completely annihilated ( M. W. )

**ଅଶେଷେ**—ଦେ. ଅ. ( ସଂ. ଅଶେଷେଣ )—୧ । ସମ୍ପୂର୍ଣ୍ଣରୂପେ—
Aśeshe 1. Fully.
୨ । ଅନେକ ବ୍ୟକ୍ତିଙ୍କୁ—2. To many.
ବୀଣା ବାଦ୍ୟ ଶିକ୍ଷା ଦେଇ ଅଶେଷେ, ଅଭାଳକ୍ଷୀମା ବୋଲାଇଲେ ଶେଷେ ।
କବିସୂର୍ଯ୍ୟ, କବିତା ।

**ଅଶୋକ**—ସଂ. ବିଣ. ପୁଂ ( ବହୁବ୍ରୀହି, ଅ+ଶୋକ )—
Aśoka ୧ । ଶୋକରହିତ—1. Free from grief.
(ଅଶୋକା—ସ୍ତ୍ରୀ) ୨ । ଯେ ଶୋକାକୁଳିତ ନୁହେ—
2. Not feeling sorrowful.
୩ । ଯାହା ଶୋକଜନକ ନୁହେ—
3. Not causing grief.
୪ । ସୁଖୀ—4. Happy.
ସଂ. ବି. ୧. ( ଅ=ଅପଗତ ହୁଏ ଶୋକ ଯାହାଦ୍ୱାରା; ପାର୍ବତୀ ଅଶୋକବୃକ୍ଷ ମୂଳରେ ତପସ୍ୟା କରି ଶିବଙ୍କୁ ପତିରୂପେ ପାଇ ସିଦ୍ଧମନୋରଥା ଓ ଅଶୋକା ହୋଇଥିଲେ, ଏଥି ପାଇଁ ଏହି ନାମ; ଅଶୋକାଷ୍ଟମୀ ତଳେ ନୋଟ ଦେଖ )
ବୃକ୍ଷବିଶେଷ; ଓଶତା—A tree; Janesia Asoka; Saraca Indica.

ସଂ ରକ୍ତପଲ୍ଲବ, ହେମପୁଷ୍ପ, ମଧୁପୁଷ୍ପ, ପିଣ୍ଡୀପୁଷ୍ପ, ତାମ୍ରପଲ୍ଲବ, ଦୋହଲୀକ, ଶୋକ-ତରୁ, ବିମ, ସ୍ମରାନନ୍ଦ, ପଲ୍ଲବଦ୍ରୁମ, ବଞ୍ଜୁଳ, ସୁଭଗ୍ୟ, ବାମାଂଘ୍ରିଘାତକ, ରାଗପଲ୍ଲବ, କେଳକ ।
অশোক
अशोक

[ ବୃ—ଶିମ୍ବାଦିବର୍ଗର ଶ୍ରେଷ୍ଠ ପୁଷ୍ପତରୁ, ଉଚ୍ଚତରେ ବଢ଼େ ୨୦ ହାତ; ପତ୍ର ଶ୍ୟାମଳ; ନୂତନ ପତ୍ର ତାମ୍ର ବର୍ଣ୍ଣ; ଅଶୋକ ଗଛ ଦୁଇ ପ୍ରକାରର । ୧—ପତ୍ର ଆମ୍ବ ପତ୍ରପରି ଲମ୍ବା ଓ ଫୁଲ ଇଟାଳିଆ ନାଲି, ଏ ଫୁଲ ବସନ୍ତରେ କଢ଼ ଧରେ ଓ ଗ୍ରୀଷ୍ମ ଏବଂ ବର୍ଷାଋତୁ ସାରା ଫୁଟୁଥାଏ । ଦ୍ୱିତୀୟ ପ୍ରକାରର ପତ୍ର ଆତପତ୍ର ପରି ଅର୍ଥାତ୍ ପ୍ରଥମ ଜାତୀୟ ପତ୍ରଠାରୁ ଶ୍ରେଷ୍ଠ ଓ ଏଥିର ଫୁଲ ଫିକା ହଳଦିଆ, ଏହା ବର୍ଷାଦିନେ କଢ଼ ଧରେ ଓ ଶରତ୍କାଳରେ ଫୁଟେ । ଦୁଇ ଜାତିର ଫୁଲ ଯେଣ୍ଡା ଯେଣ୍ଡା । ଏହାର ଛାଲ ବାଧକ ଓ ପ୍ରଦର ଆଦି ସ୍ତ୍ରୀରୋଗରେ ଉପକାରୀ; ଏହା ଶୀତଳ, କଷାୟ, ମଳରୋଧକ, ରକ୍ତଦୋଷ ଓ କ୍ରିମିନାଶକ; ଏହାର ବୀଜ ମୂତ୍ରାଘାତ ଓ ଅଶ୍ମରୀ ରୋଗରେ ଉପକାରୀ । କବି ପ୍ରସିଦ୍ଧି ଅଛି ଯେ ଯୁବତୀମାନେ ଗୋଡ଼ରେ ବଳା ପିନ୍ଧି ଏ ଗଛକୁ ଗୋଇଠା ମାଇଲେ ଏ ଗଛ ଫୁଲ ଧରେ । "ପାଦାଘାତାଦଶୋକଂ ବିକଶତି" ସାହିତ୍ୟଦର୍ପଣ । ]

୨ । ବୌଦ୍ଧଧର୍ମାବଲମ୍ବୀ ପାଟଳିପୁତ୍ରର ପ୍ରସିଦ୍ଧ ସମ୍ରାଟ—
2. Name of a celebrated Emperor of Pāṭaliputra.

[ଏ ଚନ୍ଦ୍ରଗୁପ୍ତଙ୍କ ନାତି ଓ ବିନ୍ଦୁସାରଙ୍କ ପୁତ୍ର ଥିଲେ । ଜଣେ ବ୍ରାହ୍ମଣ ନିଜ କନ୍ୟା ସମ୍ରାଟଙ୍କ ଜନ୍ମଦାତ୍ରୀ ହେବ ବୋଲି ଶକୁନ ଜାଣି କନ୍ୟାକୁ ଆଣି ରାଜା ବିନ୍ଦୁସାରଙ୍କ ହସ୍ତରେ ପ୍ରଦାନ କରିବାରୁ ରାଜା ଉକ୍ତ କନ୍ୟାକୁ ବିବାହ କଲେ ଓ ତାଙ୍କ ଗର୍ଭରୁ ଅଶୋକ ଜନ୍ମିଲେ; ଏ ବାଲ୍ୟକାଳରେ ଅତ୍ୟନ୍ତ ଅତ୍ୟାଚାରୀ ଥିଲେ ଏବଂ ଆପଣା ଭାଇମାନଙ୍କୁ ହତ୍ୟା କରି ଖ୍ରୀ. ପୂ. ୨୬୩ ଅବ୍ଦରେ ସିଂହାସନରେ ବସିଲେ । ଏହାଙ୍କ ଅତ୍ୟାଚାର ଯୋଗୁଁ ଏହାଙ୍କୁ ଲୋକେ 'ଚଣ୍ଡାଶୋକ' ନାମ ଦେଇଥିଲେ । ସିଂହାସନ ଆରୋହଣ କରିବାର ୫ ବର୍ଷ ପରେ ଜଣେକ ବୌଦ୍ଧସନ୍ନ୍ୟାସୀଙ୍କ ପ୍ରଭାବରେ ମୁଗ୍ଧ ହୋଇ ଏ ହିନ୍ଦୁଧର୍ମ ତ୍ୟାଗ କରି ବୌଦ୍ଧଧର୍ମ ଗ୍ରହଣ କଲେ । ଏ ଭାରତର ଚାରିଆଡ଼େ ସାମ୍ରାଜ୍ୟ ବିସ୍ତାର କରି ଗିରିଗୁହା, ସ୍ତୂପ ଓ ସ୍ତମ୍ଭମାନଙ୍କରେ ବୌଦ୍ଧଧର୍ମର ଅହିଂସା ଆଦି ପାଳନକରିବା ସମ୍ବନ୍ଧେ ଅନୁଶାସନମାନ ଖୋଳାଇ ଯାଇଅଛନ୍ତି । ପୃଥିବୀରେ ବୌଦ୍ଧଧର୍ମପ୍ରଚାର ଏହାଙ୍କ ଜୀବନର ପ୍ରଧାନ ଲକ୍ଷ୍ୟ ଥିଲା ଓ ଏ ସର୍ବସମେତ ଚଉରାଅଶି ହଜାର ବୁଦ୍ଧଚୈତ୍ୟ ନିର୍ମାଣ କରାଇ ଥିଲେ ଓ ଅନେକ ସ୍ଥାନରେ ଲକ୍ଷ ଲକ୍ଷ କୂପ ପୁଷ୍କରିଣୀ, ପାନ୍ଥଶାଳା, ପଶୁ ଓ ମନୁଷ୍ୟଙ୍କ ପାଇଁ ଚିକିତ୍ସାଳୟ ସ୍ଥାପନ କରିଥିଲେ; ଏହାଙ୍କର ମଗଧ ସାମ୍ରାଜ୍ୟ ହିମାଳୟଠାରୁ କୁମାରିକା ଓ ଓଡ଼ିଶାରୁ କାବୁଲ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଏ ୩୭ ବର୍ଷ ରାଜତ୍ୱ କରି ଖ୍ରୀ. ପୂ. ୨୨୬ ଅବ୍ଦରେ ଦେହ ତ୍ୟାଗ କଲେ । ଶେଷରେ ଏ ଧର୍ମାଶୋକ' ବୋଲି ଜନସମାଜରେ ବିଖ୍ୟାତ ହେଲେ । ]

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚଢ଼ିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୩ । ମଗଧର ଅନ୍ୟ ଜଣେ ରାଜା—
3. Name of another king of Magadha.
[ ଦ୍ର—ଏ ମଗଧର ପ୍ରଥମ ରାଜା ଥିଲେ । ଏହାଙ୍କ ପିତା ଶିଶୁନାଗ ମୌର୍ଯ୍ୟବଂଶୀୟ ରାଜାଙ୍କର ସେନାପତି ଥିଲେ ଓ ପରେ ରାଜାଙ୍କୁ ବିନଷ୍ଟ କରି ନିଜେ ରାଜା ହେଲେ । ଅଶୋକଙ୍କ ମାତା ଶିଶୁନାଗଙ୍କ ନର୍ତ୍ତକୀ ଥିଲେ ପରେ ଶିଶୁନାଗ ତାଙ୍କୁ ବିବାହ କଲେ । ]
୪ । ପାରଦ—4. Mercury.
୫ । ଦଶରଥ ରାଜାଙ୍କ ମନ୍ତ୍ରୀବିଶେଷ—
5. Name ot a minister of king Dasaratha.

**ଅଶୋକକଢ଼ି**—ଦେ. ବି ( ସଂ. ଅଶୋକକଳିକା )—ଓଶୋକକଢ଼ି—
Asokakar̲d̲h̲i — ଅଶୋକକଳିକା (ଦେଖ)
Asokakal̲ikā (See)

**ଅଶୋକକଳିକା**—ସଂ. ବି ( ୬ଷ୍ଠୀ ତତ୍; ଅଶୋକ+କଳିକା )—
Asokakal̲ikā — ଅଶୋକ ବୃକ୍ଷର କଢ଼ି—
Bud of the Asoka tree
[ ଦ୍ର—ଲିଙ୍ଗପୁରାଣରେ ଉକ୍ତ ଅଛି "ମୀନେ ମଧୌ ଶୁକ୍ଳପକ୍ଷେ ଅଶୋକାଖ୍ୟାଂ ତଥାଷ୍ଟମୀମ୍; ପିବେଦଶୋକକଳିକାଂ ସ୍ନାସ୍ୟା-ଲ୍ଲୌହିତ୍ୟବାରିଣି" ଅର୍ଥାତ୍ ଅଶୋକାଷ୍ଟମୀ ଦିନ ଅଶୋକକଢ଼ି ଜଳ ସଙ୍ଗେ ପିଇ ବ୍ରହ୍ମପୁତ୍ରର ହିମ୍ବଉଷ୍ଣଳ ଲୌହିତ ସରୋବରରେ ସ୍ନାନ କରିବ । ଅନ୍ୟତ୍ର ଲେଖା ଅଛି ଯେ, ଅଶୋକାଷ୍ଟମୀ ପୁନର୍ବସୁ ନକ୍ଷତ୍ରରେ ଆଠଗୋଟି ଅଶୋକକଳି ଜଳ ସହିତ ପାନ କଲେ ଲୋକ ଅଶୋକ ହୁଏ । ତ୍ରେତା ଯୁଗରେ ରାବଣ ସୀତାଙ୍କୁ ହରଣ କରି ନେଇ ଲଙ୍କାର ଅଶୋକବନରେ ରଖିଥିଲା, ସୀତାଦେବୀ ବନ୍ଧନରୁ ମୁକ୍ତ ହେବା ବାଞ୍ଛାରେ ଶ୍ରୀରାମଚନ୍ଦ୍ରଙ୍କ ପାଦପଦ୍ମ ଧ୍ୟାନ କରି ଆଠଗୋଟି ଅଶୋକକଳି ଅଣି ଜଳ ସହିତ ସେବନ କରିଥିଲେ । ତଦବଧି ହିନ୍ଦୁମାନେ ସଂସାରବନ୍ଧନରୁ ମୁକ୍ତ ହେବା ବାସନାରେ ଅଶୋକାଷ୍ଟମୀ ଦିନ ଆଠଗୋଟି ଅଶୋକକଳି ଜଳ ସଙ୍ଗେ ସେବନ କରନ୍ତି—(ମଦନମୋହନ.ତୀର୍ଥଦର୍ଶନ ୫) । ସ୍ତ୍ରୀ ଓ ବାଳକବାଳିକାମାନେ ପରସ୍ପରଙ୍କ ମୁଖରେ ଅଶୋକାଷ୍ଟମୀ ଦିନ ଅଶୋକକଢ଼ି ଦିଅ ଦେଇ ହୋଇ 'ଓଶକା, ଓଶକାକଢ଼ି' କୁହନ୍ତି ଓ ପରସ୍ପରଙ୍କୁ ଏହି ନାମରେ ଡାକନ୍ତି । ]

**ଅଶୋକବନ**—ସଂ. ବି—(ଅଶୋକ+ବନ)—
Asokabana ,୧ । ଅଶୋକ ବୃକ୍ଷର ଉଦ୍ୟାନ—
1. A grove of Asoka trees.
୨ । ରାବଣର ଲଙ୍କାସ୍ଥ ବିହାରକାନନ ( ଏହି କାନନକୁ ଦେଖିବା ଲୋକର ଶୋକ ଦୂରୀଭୂତ ହେଉଥିବାରୁ ଏହି ନାମ )—
2. Name of Rābaṇa's pleasure-garden.
୩ । ରାମଚନ୍ଦ୍ରଙ୍କର ଅଯୋଧ୍ୟାରେ ଥିବା ପ୍ରମୋଦକାନନ ( ଲଙ୍କାରୁ ଫେରି ସେ ଅଧିକାଂଶ ସମୟ ସୀତାଙ୍କ ସଙ୍ଗେ ଏହି ଉଦ୍ୟାନରେ ଯାପନ କରୁଥିଲେ )—
3. Name of Rāmachandra's pleasure-garden at Ajodhyā.
୪ । ଶୋକଦୂରକାରୀ ରମ୍ୟ ଉଦ୍ୟାନ—
4. A pleasure-garden which banishes grief.

**ଅଶୋକବନିକା**—ସଂ. ବି.—ଅଶୋକବନ ( ଦେଖ )
Asokabanikā — Asokabana ( See )

**ଅଶୋକଷଷ୍ଠୀ**— ସଂ. ବି ( କର୍ମଧା; ଅଶୋକା+ଷଷ୍ଠୀ )—
Asokashashṭhī — ଚୈତ୍ର ଶୁକ୍ଳ ଷଷ୍ଠୀ—
The 6th day of the lunar fortnight of the month of Ch̲a̲i̲tra.
[ ଦ୍ର—ଏଦିନ କାମାଖ୍ୟାତନ୍ତ୍ର ମତ ଅନୁସାରେ ପୁତ୍ରବତୀ ସ୍ତ୍ରୀମାନେ ପୁତ୍ରଙ୍କ ମଙ୍ଗଳକାମନାରେ ଷଷ୍ଠୀଦେବୀ ପୂଜା କରନ୍ତି ଓ ଛଅଟି ଅଶୋକ କଳିକା ଜଳସହିତ ପାନ କରନ୍ତି । ଏ ବ୍ରତ କଲେ ପୁତ୍ରବିୟୋଗଜନିତ ଶୋକ ଭୋଗ କରିବାକୁ ପଡ଼େ ନାହିଁ । ବଙ୍ଗଦେଶରେ ସ୍ତ୍ରୀମାନେ ଏ ବ୍ରତ କରନ୍ତି । ]

**ଅଶୋକ ସୁନ୍ଦରୀ**—ସଂ. ବି. ( ନାମ )—ପାର୍ବତୀଙ୍କ କନ୍ୟା; ନହୁଷଙ୍କ
Asoka sundarī — ପତ୍ନୀ ଓ ଯଯାତିଙ୍କ ଜନନୀ—
Name of a daughter of Pārbatī.

**ଅଶୋକା**—ସଂ. ବିଣ. ସ୍ତ୍ରୀ. ( ଅଶୋକ+ଆ )—୧ । ଶୋକହୀନା—
Asokā — 1. Sorrowless (woman).
୨ । ଆହ୍ଲାଦିତା—2. Merry.
ମନ ଫୁଲିଣା ଗୀତ ଗାଏ, ଅଶୋକା ନାରୀ ବାପଘର ଯାଏ ! ତଗ ।
ସଂ. ବି—୧ । କଟୁକାନାମକ ହିମାଳୟର ଶାକମୂଳବିଶେଷ—
1. A medicinal root; Black Hellebore.
୨ । ଜୈନମାନଙ୍କର ଗୃହଦେବତାବିଶେଷ—
2. A domestic deity amongst the J̲a̲i̲nas.

**ଅଶୋକାଷ୍ଟମୀ**—ସଂ. ବି—ଚୈତ୍ରମାସର ଶୁକ୍ଳାଷ୍ଟମୀ—
Asokāshṭamī — The 8th day of the white fortnight of the lunar month of Ch̲a̲i̲tra.
[ ଦ୍ର—ଏହି ଅଷ୍ଟମୀରେ ଆଠଟି ଅଶୋକକଳିକା ଜଳ ସହିତ ପାନ କଲେ ମନୁଷ୍ୟ ଅଶୋକ ହୁଅନ୍ତି ବୋଲି ପୁରାଣରେ ଉକ୍ତ ଅଛି । ଏ ଦିନ ଭୁବନେଶ୍ୱରରେ ଲିଙ୍ଗରାଜଙ୍କ ଚଳନ୍ତି ପ୍ରତିମାଙ୍କୁ ରଥରେ ବିଜେ କରାଯାଇ ରଥଟି ଲିଙ୍ଗରାଜଙ୍କ ବେଢ଼ାର ଉତ୍ତରପୂର୍ବ କୋଣଠାରୁ ରାମେଶ୍ୱରଙ୍କ ମନ୍ଦିର ପର୍ଯ୍ୟନ୍ତ ନିଆଯାଏ । ଏ ରଥର ନାମ ରୁକୁଣା ରଥ । ଅଶୋକାଷ୍ଟମୀ ଦିନ ସକାଳୁ ଭୁବନେଶ୍ୱର କେଦାରଗୌରୀ ମନ୍ଦିର ନିକଟସ୍ଥ ମରିଚକୁଣ୍ଡର ଜଳରେ ପ୍ରଥମେ ସ୍ନାନ କରିବା ବନ୍ଧ୍ୟା ସ୍ତ୍ରୀ ପୁତ୍ରବତୀ ହୁଏ ବୋଲି ଲୋକବିଶ୍ୱାସ ଅଛି; ଅଶୋକକଳିକା ଶବ୍ଦ ନୋଟ ଦେଖ । ]

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇୟ | ଡ଼ଅ | ଢ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଘ | ଯ | ସ | ଗଂ | ଇଅ | ଢ଼ | ନ୍ |

**ଅଶୋଚନୀୟ**—ସଂ. ବିଣ. ( ଅ=ନୁହେଁ+ଶୋଚନୀୟ )—
Aśochaniya ୧ । ଶୋକର ଅଯୋଗ୍ୟ—
1. Not to be regretted; not worth grieving for.
୨ । ଯାହା ପାଇଁ କେହି ଶୋକ କରିବ ନାହିଁ—
2. Not to be lamented.

**ଅଶୋଚ୍ୟ**—ସଂ. ବିଣ ( ଅ=ନୁହେଁ+ଶୋଚ୍ୟ )—
Aśochya ଅଶୋଚନୀୟ ( ଦେଖ )
Aśochaniya ( See )

**ଅଶୋଧନ**—ସଂ. ବି (ଅ+ଶୋଧନ)—୧ । ଶୋଧନର ଅଭାବ; ଅଶୁଦ୍ଧି—
Aśodhana 1. Want of purification or correction or cleaning.
୨ । ଋଣର ଅପରିଶୋଧ—
2. Non-repayment of a debt.

**ଅଶୋଧନୀୟ**—ସଂ. ବିଣ (ଅ+ଶୋଧନୀୟ)—୧ । ଅଶୋଧ୍ୟ; ପରିଶୁଦ୍ଧିର
Aśodhaniya ଅଯୋଗ୍ୟ—1. Incapable of being purified or cleaned.
୨ । ପରିଶୋଧିତ ହେବାର ଅଯୋଗ୍ୟ—2. Incapable of being repaid or cleared off.

**ଅଶୋଧ୍ୟ**—ସଂ. ବିଣ ( ଅ+ଶୋଧ୍ୟ )—ଅଶୋଧନୀୟ (ଦେଖ)
Aśodhya Aśodhaniya (See)

**ଅଶୋଭନ**—ସଂ. ବିଣ ( ଅ=ନୁହେଁ+ଶୋଭନ=ଶୋଭା )—
Aśobhana ଅସୁନ୍ଦର—Ugly; inelegant.
( ଅଶୋଭନା—ସ୍ତ୍ରୀ ) ସଂ. ବି—ଅସୌନ୍ଦର୍ଯ୍ୟ—
Want of elegance.

**ଅଶୋଭା**—ଦେ. ବିଣ ( ଅ+ଶୋଭା )—ଅସୁନ୍ଦର; ଅଶୋଭନ—
Aśobhā Ungraceful

ଦଶରଥ ଅଇଲେ ବିଭା,
ନ ଜଣାଇ କଲେ ତ ଦିଶିବ ଅଶୋଭା—ବିଶ୍ୱନାଥ· ବିଚିତ୍ରରାମାୟଣ ।

ସଂ. ବି—ଶୋଭାର ଅଭାବ —
Want of splendour

ନାଥସ୍ଥାନ ଗୃହ ଯେହ୍ନେ ଅଶୋଭାକୁ ପାଏ—ପ୍ରାଚୀ· ଶିବସ୍ୱରୋଦୟ ।

**ଅଶୋଷଣୀୟ**—ସଂ. ବିଣ ( ଅ+ଶୋଷଣୀୟ )—୧ । ଅଶୋଷ୍ୟ; ଯାହା
Aśoshaniya ଶୋଷଣ କରି ଯାଇ ନ ପାରେ—
1. That which can not be sucked up.
୨ । ଯାହା ଶୁଖି ଯାଇ ନ ପାରେ—
2. Incapable of being dried.

**ଅଶୋଷ୍ୟ**—ସଂ. ବିଣ ( ଅ+ଶୋଷ୍ୟ )—ଅଶୋଷଣୀୟ (ଦେଖ)
Aśoshya Aśoshaniya (See)

**ଅଶୌଚ**—ସଂ. ବି (ଅ=ନୁହେଁ+ଶୌଚ=ଶୁଦ୍ଧି)—
Aśaucha ୧ । ଅଶୁଦ୍ଧି—1. Uncleanness.
୨ । କୁଟୁମ୍ବରେ ଜନ୍ମ ବା ମରଣ ଘଟିବାରୁ ୧୦ ଦିନ ପର୍ଯ୍ୟନ୍ତ ପାଳିତ ଅଶୁଦ୍ଧି—2. Impure state due to a birth or death among one's agnates.
[ ଦ୍ର—ଅଶୌଚ ଦୁଇ ପ୍ରକାର । ଯଥା—ମୃତକାଶୌଚ ଓ ସୂତକାଶୌଚ । ଭିନ୍ନ ଦେଶ ଓ ଅଞ୍ଚଳରେ ଅଶୌଚର ସମୟର ସୀମା ଭିନ୍ନ ଭିନ୍ନ ଅଟେ । ଯଥା—ବଙ୍ଗଦେଶରେ ବ୍ରାହ୍ମଣଙ୍କର ମୃତକାଶୌଚ ଓ ସୂତକାଶୌଚ—୧୦ ଦିନ । ଶୂଦ୍ରମାନଙ୍କର—ମୃତକାଶୌଚ—୧ ମାସ; ସୂତକାଶୌଚ—୨୧ ଦିନ । ଓଡ଼ିଶାରେ ସମସ୍ତଙ୍କର ମୃତକାଶୌଚ ଓ ସୂତକାଶୌଚ—୧୦ ଦିନ । ଶିଶୁର ମୃତ୍ୟୁରେ ଅଶୌଚ—୩ ଦିନ । ଅସପିଣ୍ଡ ଓ ଅସଗୋତ୍ରଙ୍କ ମୃତ୍ୟୁରେ ଅଶୌଚ—୪ ଦିନ । ]
୩ । ସ୍ତ୍ରୀ ରଜସ୍ୱଳା ହେବା ଯୋଗୁଁ ପ୍ରଥମ ୩ ଦିନ କାଳରେ ଘଟିବା ଅଶୁଦ୍ଧି—3. Personal uncleanness for 3 days due to menstruation.
୪ । ମଳମୂତ୍ରାଦି ନ ଧୋଇବା ଯୋଗୁଁ ଅଶୁଚିତା—
4. Uncleanliness due to not having washed after calls of nature.

**ଅଶୌଚପାଳିବା**—ଦେ. କ୍ରି.—ମୃତବ୍ୟକ୍ତିର ଶୁଦ୍ଧିକ୍ରିୟା ଶେଷ ହେବା
Aśauchapāliba ପର୍ଯ୍ୟନ୍ତ ଅଶୁଦ୍ଧ ରହି ପରେ ତାଙ୍କୁ ବିଧିମତେ
অশৌচ ধারণকরা, ଶୁଦ୍ଧ ହେବା; ଅଶୌଚ ପାଳନ କରି
অশৌচ পালনকরা ରହିବା—To observe the period of impurity for a dead relative.

**ଅଶୌଚାନ୍ତ**—ସଂ. ବି. ( ୬ଷ୍ଠୀ ତତ୍ )—ଅଶୌଚ ସମୟର ଶେଷ—
Aśauchānta End or expiry of the period of defilement.

**ଅଶୌଚିଆ**—ଦେ. ବିଣ. ( ସଂ. ଅଶୁଚି )—ଅଶୌଚଯୁକ୍ତ; ଯେଉଁ ବ୍ୟକ୍ତି
Aśauchiā ଅଶୌଚ ଯୋଗୁଁ ଅଶୁଚି ଅବସ୍ଥାରେ ଥାଏ—
Unclean; defiled.
ଦେ. ବି.—ଅଶୌଚ ( ଦେଖ )—Aśaucha ( See )

**ଅଶୌଚୀ**—ଦେ. ବିଣ.—ଯେଉଁ ବ୍ୟକ୍ତିର ଅଶୌଚ ହୋଇଥାଏ—
Aśauchi One who has become unclean on
অশুচি account of a birth or death amongst his kinsmen.

**ଅଶ୍ନୀତପୀବତା**—ସଂ. ବି. ( ଅଶ୍ନୀତ=ତୁମ୍ଭେମାନେ ଖାଅ+ପିବତ=
Aśnitapibatā ତୁମ୍ଭେମାନେ ପିଅ+ଆ )—
୧ । ଖିଆପିଆ ନିମନ୍ତ୍ରଣ; ଖାଇବାକୁ ଓ ପିଇବାକୁ ନିମନ୍ତ୍ରଣ—
1. Invitation to eat and drink.
୨ । ଖାଇ ପିଇ ମଉଜ କରିବାକୁ ଡାକରା—2. A call to people to eat, drink and be merry.

**ଅଶ୍ୱ**—ସଂ. ବି. ପୁଂ. (ଅଶ୍ ଧାତୁ=ବ୍ୟାପିବା+ବ; ଯେ ବେଗରେ ପଥକୁ
Aśwa ବ୍ୟାପିଯାଏ )—୧ । ଘୋଟକ; ଘୋଡ଼ା—1. Horse.
(·ଅଶ୍ୱା, ଅଶ୍ୱୀ—ସ୍ତ୍ରୀ ) ୨ । କାମଶାସ୍ତ୍ରବର୍ଣ୍ଣିତ ଚତୁର୍ଜାତି ପୁରୁଷଙ୍କ

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚକ୍ରର ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ରର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଉ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧ' ନ ପାଇଲେ 'ବଧ' ଦେଖିବେ; 'ଅର୍ଜ୍ଜ' ନ ପାଇଲେ 'ଅର୍ଜ୍ଜ' ଦେଖିବେ; 'ଅଲଙ୍କତ' ନ ପାଇଲେ 'ଅଳଙ୍କୃତ' ଦେଖିବେ

ମଧ୍ୟରୁ ଏକ—2. One of the four classes of males described in erotic books.

କାମ୍ବୁଲଂ କପୂର୍ଯ୍ୟସ୍ତୋ ମିଥ୍ୟାଗ୍ରସ୍ତ ନର୍ଭୟଃ,
ଦ୍ୱାଦଶାଙ୍ଗୁଳ ମେଢ୍ରଶ୍ଚ ଚରଣ୍ଡଶ୍ଚ ହୁୟୋମତଃ । ରତିମଞ୍ଜରୀ ।

୩ । ଦାନବିଶେଷ; ଯହିଁରେ ଘୋଡ଼ା ଦାନ ଦିଆଯାଏ—3. A religious gift of a horse to a Brāhmaṇa.

୪ । ବୃଷ୍ଣିବଂଶୀୟ ନୃପବିଶେଷ—4. Name of a king of Bṛushṇi race.

**ଅଶ୍ୱକର୍ଣ୍ଣ**—ସଂ. ବି.— ୧ । ଯାହାର ପତ୍ର ଘୋଡ଼ା କାନ ପରି; ଶାଳଗଛ—
Aśwakarṇṇa 1. The Śāla tree.
୨ । ଘୋଡ଼ାକାନ—2. The ear of a horse.
୩ । ଭୁଆଁମଇତା ( ଦେଖ ) ( ହରେକୃଷ୍ଣ-ଦ୍ରବ୍ୟଗୁଣ ) 3. Kuāmaitā ( See )

**ଅଶ୍ୱକର୍ଣ୍ଣକ**—ସଂ. ବି. ( ଅଶ୍ୱକର୍ଣ୍ଣ + ସ୍ୱାର୍ଥେ କ )—ଅଶ୍ୱକର୍ଣ୍ଣ (ଦେଖ)
Aśwakarṇṇaka Aśwakarṇṇa ( See )

**ଅଶ୍ୱକୋବିଦ**—ସଂ. ବିଣ. ପୁଂ.—( ମଧ୍ୟପଦଲୋପୀ; ଅଶ୍ୱାରୋହଣରେ
Aśwakobida କୋବିଦ)—୧ । ଅଶ୍ୱାରୋହଣରେ ପଣ୍ଡିତ—
1. Skilful in horsemanship.
୨ । ଅଶ୍ୱତତ୍ତ୍ୱଜ୍ଞ—2. Skilled in the science of horses
ସଂ. ବି. ପୁଂ.—ଅଶ୍ୱାରୋହଣରେ ପଣ୍ଡିତ ବ୍ୟକ୍ତି—
A skilful horseman; an expert rider.

**ଅଶ୍ୱକ୍ରାନ୍ତ**—ସଂ. ବି. ନାମ—ଇଉରୋପର ପୌରାଣିକ ନାମ; ଅନ୍ୟ ନାମ
Aśwakrānta ଇଡ୍‌କ୍ରାନ୍ତ (ଇଲେବ୍ରତ୍)—
The Paurānic name for Europe.

**ଅଶ୍ୱଗତି**—ସଂ.ବି. (୬ଷ୍ଠୀ ତତ୍; ଅଶ୍ୱ + ଗତି)—**ଘୋଡ଼ାର ଗତି, ଧାପ**—
Aśwagati The movement of a horse.
[ଦ୍ର—ଅଶ୍ୱର ଭିନ୍ନ ଭିନ୍ନ ପ୍ରକାର ଗତିର ଭିନ୍ନ ଭିନ୍ନ ନାମ, ଯଥା:—
୧ । ମୃଦୁମନ୍ଦ ନୃତ୍ୟଗତି=ସଂ. ଅଶ୍ୱଦିତ=ଓ. ଚଦମ—
1. Slow canter.
୨ । ଗୋଡ଼ ଟେକି ଟେକି ବେଗଗତି=ସଂ. ଧୌରିତକ=ଓ. ଦୁଲ୍‌କି—2. Trot.
୩ । ଧୌରିତକ ଅପେକ୍ଷା ଦ୍ରୁତ ଓ ବଲ୍‌ଗିତ ଅପେକ୍ଷା ଧୀର =ସଂ. ରେଚିତ=ଓ. ଚୋର୍‌ଦୁଲ୍‌କି ବା ଝପଟ—
3. Easy gallop; canter.
୪ । ଗୋଡ଼କୁ ଯୋଡ଼ ଯୋଡ଼ ଟେକି ଲୁଦ ଖେଳିବା=ସଂ. ବଲ୍‌ଗିତ=ଓ. ଛକ୍କଡ଼—4. Gallop.
୫ । ଏକଦମ୍ ଖୁର ଠାପୁ ଲମ୍ବାଇ ଦୃଢ଼ ଶ୍ୱାସରେ ଦଉଡ଼ } = ସଂ. ପ୍ଲୁତ=ଓ. ଘୋଡ଼ଦଉଡ଼—
5. Racing.]

ସଂ. ବିଣ. ପୁଂ. ଓ ସ୍ତ୍ରୀ (ବହୁବ୍ରୀହି)—ଅଶ୍ୱପରି ଦ୍ରୁତଗାମୀ—
Fleet like a horse.

**ଅଶ୍ୱଗନ୍ଧା**—ସଂ. ବି. (ଘୋଡ଼ା ଦେହ ଭଳି ଗନ୍ଧ ଯାହାର)—
Aśwagandhā ଏକଜାତୀୟ ଗୁଳ୍ମ; ଅଶ୍ୱଗନ୍ଧ—
A medicinal wild plant; Withania Somnifera; Physalis fleinissa.

ସଂ. ପର୍ଯ୍ୟାୟ—
ବାଜିକର୍ଣ୍ଣ, ହୟଗନ୍ଧା, ହୟା, ବଲଦା, ଶ୍ୟାମଲା କାମରୂପିଣୀ, କାଲା, ବାଜିନୀ, ଭୂରଗା, ପୁଷ୍ଟିଦା, ବାଜଘ୍ନୀ, କଲ୍ୟା, ଗନ୍ଧପତ୍ରୀ, ବାରାହକର୍ଣ୍ଣୀ, ବାରାହପତ୍ରୀ, ବନଜା, ପୀବରା, ହରପ୍ରିୟା, ପଲାଶପର୍ଣ୍ଣୀ, କମ୍ବୁକା, ପ୍ରିୟକରୀ, ଅବରୋହା, ରସାଢ଼୍ୟା, ଭୁଷ୍ଟପାଦିକା, ଛିଲ୍ଲା । ଓ. ଅଶ୍ୱଗନ୍ଧ ।
ଅଶ୍ୱଗନ୍ଧା
ଅସାନ୍ଧ, ଅସଗନ୍ଧ
ତେ. ପେନ୍ନେରୁ; ପିଲ୍ଲିଅଙ୍ଗା
ଫା. ମେହେମନବରଧା

[ ଦ୍ର—ଏହା ଭଣ୍ଟାକାଦି ବର୍ଗର ଅକଣ୍ଟକ କ୍ଷୁପ; ଏ ଗଛ ଗ୍ରୀଷ୍ମପ୍ରଧାନ ଦେଶରେ ହୁଏ । ଏହା ତେଙ୍ଗା ହୋଇ ବଢ଼ି ୩।୪ ହାତ ଉଚ୍ଚ ହୁଏ । ପତ୍ର ଯୋଡ଼ ଯୋଡ଼; ପତ୍ରରେ ଘୋଡ଼ାର ଗନ୍ଧ ଜଣା ପଡ଼େ; ମୂଳରେ ଘୋଡ଼ା ମୂତର ଗନ୍ଧ ଜଣା ପଡ଼େ; ଫୁଲ ଅପୀତ ଓ ଫେନ୍ଥା ଫେନ୍ଥା; ଫଳ ଛୋଟ ଓ ଗୋଲ; ଫଳର ବହିରାବରଣ ଫଳକୁ ଘୋଡ଼ାଇ ଥାଏ—(ଯୋଗେଶ୍ଚନ୍ଦ୍ର)
ଏହା ବାୟୁ, କଫ, ଶ୍ୱିତ୍ର, ଶୋଥ ଓ କ୍ଷୟନାଶକ, ବଳକାରକ, ରସାୟନ ଓ ଶୁକ୍ରବର୍ଦ୍ଧକ ଓ ଉଷ୍ଣବୀର୍ଯ୍ୟ; ବାଜୀକରଣରେ ଏହାର ମୂଳ, ପତ୍ର ଓ ତେଲ ପ୍ରସ୍ତୁତ ଘୃତ ଓ ଅରିଷ୍ଟାଦି ବିଶେଷ ଫଳଦାୟକ । ]

**ଅଶ୍ୱଗାମୀ**—ସଂ. ବିଣ. ପୁଂ.—ଅଶ୍ୱଦ୍ୱାରା ଗମନକାରୀ—One who
Aśwagāmi travels by riding; rider.
(ଅଶ୍ୱଗାମିନୀ—ସ୍ତ୍ରୀ)

**ଅଶ୍ୱଗୋଯୁଗ**—ସଂ. ବି. (୬ଷ୍ଠୀ ତତ୍; ଅଶ୍ୱ + ଗୋଯୁଗ)—ହଳେ ଘୋଡ଼ା
Aśwagojuga ଯୋଡ଼ ଘୋଡ଼ା —A pair of horses.

**ଅଶ୍ୱଘ୍ନ**—ସଂ.ବି. (ଅଶ୍ୱ + ହନ ଧାତୁ + କର୍ତ୍ତୃ. ଅ)—**ଶ୍ୱେତକରବୀ ଗଛ**—
Aśwaghna The white oleander tree.

**ଅଶ୍ୱଜାତୀୟ ପୁରୁଷ**—ସଂ.ବି.—କାମଶାସ୍ତ୍ରରେ ଉକ୍ତ ଜାତୀୟ ପୁରୁଷ ମଧ୍ୟରୁ
Aśwajātiya purusha ଏକ ଜାତୀୟ—The Ist. of the 4 classes of males described in Hindu-sāstra.
[ଦ୍ର—ଏହି ଜାତୀୟ ପୁରୁଷମାନଙ୍କର ଶରୀର କାଷ୍ଠ ପରି ଦୃଢ଼; ଏମାନେ ଧୃଷ୍ଟ, ମିଥ୍ୟାପ୍ରିୟ, ନିର୍ଭୟ ଓ ଦରିଦ୍ର ହୁଅନ୍ତି । ଏମାନଙ୍କ ମେଢ୍ର ଅର୍ଥାତ୍ ଲିଙ୍ଗର ଦୈର୍ଘ୍ୟ ୧୨ ଅଙ୍ଗୁଳ, ଏମାନେ ହସ୍ତିନୀ ଜାତୀୟା ରମଣୀଙ୍କର ଉପଯୋଗୀ ପୁରୁଷ ଅଟନ୍ତି । ]

**ଅଶ୍ୱଡିମ୍ବ**—ଦେ. ବି. ( ଭୁଲ—ଅକାଶ କୁସୁମ )—
Aświḍimba ଘୋଡ଼ାଡିମ୍ବ, ଭଳି ଅବିଶ୍ୱାସଯୋଗ୍ୟ, ହାସ୍ୟାସ୍ପଦ ଘୋଡ଼ାରଡ଼ିମ୍ବ ଓ ଅସମ୍ଭବ ବସ୍ତୁ—A hoax; an imaginary thing; a non-existent thing.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଢ଼ | ଢ଼,ଢ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଘ | ଜ | ଶ,ଷ | କ୍ଷ | ଇସ୍ତ | ତ୍ଥ | ଢ |
| ୨ | ଈ | ଉ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଖ | ଇଥ | ଓ | ଦ୍ଧ |

**ଅଶ୍ୱତର**—ସଂ. ବି. ପୁଂ. ( ଅଶ୍ୱ + ତୃ ଧାତୁ = ପରାଭବ କରିବା + ଅ; **Aśwatara** ଯେ ବେଗ ଗମନରେ ଘୋଡ଼ାକୁ ପରାଭବ କରେ; (ଅଶ୍ୱତରୀ; ଅଶ୍ୱତରୀ—ସ୍ତ୍ରୀ) କିମ୍ବା ଅଶ୍ୱ + କ୍ଷୁଦ୍ରାର୍ଥେ. ତର)—

୧ । ଘୋଡ଼ା ଔରସରେ ଗଧଠାରୁ ଓ ଗଧ ଔରସରେ ଘୋଡ଼ୀଠାରୁ ଜାତ ପଶୁ; ଖଚର—1. Mule.

(ଏମାନେ ଘୋଡ଼ାଙ୍କଠାରୁ ଅଧିକ ଶ୍ରମଶୀଳ ଓ କଷ୍ଟସହ ।)

୨ । ନାଗବିଶେଷ—2. A name of a serpent.

୩ । ପୁଂବତ୍ସ; ଅଣ୍ଡିରା ବାଛୁରି ( ବ୍ଳାକେନ୍ ) — 3. A male calf.

୪ । ଗନ୍ଧର୍ବବିଶେଷ—4. Name of a Gandharba.

୫ । ଅପେକ୍ଷାକୃତ ଉତ୍ତମ ଘୋଡ଼ା— 5. A better horse ( M. W. )

ସଂ. ବିଣ. ପୁଂ—ବେଗଗାମୀ—Fleet; swift.

**ଅଶ୍ୱତରୀ**—ସଂ. ବି. ସ୍ତ୍ରୀ. ( ଅଶ୍ୱତର + ସ୍ତ୍ରୀ. ଈ )— **Aśwatarī** ୧ । ସ୍ତ୍ରୀଜାତୀୟ ଖଚର—1. A female mule.

୨ । ପ୍ରାଚୀନ ଭାରତର ଧୂଆଁକଳ ଜାହାଜ; ବାଷ୍ପୀୟପୋତ— 2. Steamship of ancient India.

[ ଦ୍ର—ଯୁଧିଷ୍ଠିରଙ୍କ ଯଜ୍ଞକୁ ଉଦ୍ଦାଲକ ଋଷିଙ୍କୁ ଆଣିବା ପାଇଁ ଶ୍ରୀକୃଷ୍ଣ ଓ ଅର୍ଜୁନ 'ଅଶ୍ୱତରୀ' ଯାନରେ ପାତାଳପୁରୀ (ଆମେରିକା)କୁ ଯାଇଥିଲେ । ଦୟାନନ୍ଦ—ସତ୍ୟାର୍ଥପ୍ରକାଶ⋯ବଙ୍ଗଳା ୩୮୫ ପୃଷ୍ଠା ।]

**ଅଶ୍ୱତ୍ଥ**—ସଂ. ବି. ( ଅ + ଶ୍ୱଃ = କାଲି + ସ୍ଥା ଧାତୁ = ରହିବା + ଅ; **Aśwattha** ଯେ କାଲି ବା ଅଳ୍ପସମୟ ରହିବାର ଗଛ ନୁହେଁ, ଅର୍ଥାତ୍ ବହୁଦିନ ରହେ; କିମ୍ବା ଅଶ୍ୱ = ଘୋଡ଼ା + ସ୍ଥା ଧାତୁ + ଅ; ଯାହାର ପତ୍ର ଘୋଡ଼ା କାନ ଭଳି ସର୍ବଦା ହଲଚଲ ହେଉଥାଏ; କିମ୍ବା ଅଶ୍ୱତ୍ଥା = ଜଳ; ଏହା ମୂଳରେ ଲୋକେ ଜଳ ସେଚନ କରନ୍ତି ବୋଲି )—

୧ । ଓସ୍ତଗଛ— 1. The pipal tree; the Holy fig tree.

୨ । ସୂର୍ଯ୍ୟ—2. The sun.

୩ । ଜଳ—3. Water.

୪ । ପୂର୍ଣ୍ଣିମା ତିଥି—4. The fullmoon day

**ଅଶ୍ୱତ୍ଥାମ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅଶ୍ୱ + ଥାମ = ବଳ )— **Aśwatthāma** ଘୋଡ଼ାପରି ବଳୁଆ— (ଅଶ୍ୱତ୍ଥାମା—ସ୍ତ୍ରୀ) Having the strength of a horse.

**ଅଶ୍ୱତ୍ଥାମା**—ସଂ. ବି. ( ନାମ ) ( ଅଶ୍ୱ + ସ୍ଥା ଧାତୁ + ମନ୍; ୧ମା. ୧ବ. **Aśwatthāmā** ଯେ ଜନ୍ମ ହେବା ମାତ୍ରେ ହିଁହିଁରିବା ଘୋଡ଼ା ପରି ଶବ୍ଦ କରିଥିଲେ)—

୧ । ଦ୍ରୋଣାଚାର୍ଯ୍ୟ ଓ କୃପୀଙ୍କ ପୁତ୍ର— 1. The son of Droṇa, who was a great warrior.

୨ । ମହାଭାରତ ଯୁଦ୍ଧରେ ହତ ଗୋଟିଏ ହାତୀର ନାମ— 2. Name of an elephant killed in the Kurukshetra war.

(ନରେ ବା କୁଞ୍ଜରେ ବା ଅଶ୍ୱତ୍ଥାମା ହତ—ତଳେ ନୋଟ ଦେଖ )

୩ । ସାବର୍ଣ୍ଣି ମନୁଙ୍କ ପୁତ୍ର— 3. Name of the son of Sābarṇṇi Manu.

**ଅଶ୍ୱଥି**—ଗ୍ରା. ବି. ( ସଂ. ଅଶ୍ୱତ୍ଥ )—ଓସ୍ତ ଗଛ— **Aśwathi** The pipal tree.

**ଅଶ୍ୱପଞ୍ଚମୀ**—ସଂ. ବି—ଆଶ୍ୱିନ କୃଷ୍ଣପଞ୍ଚମୀ—The 5th day of the **Aśwapañchamī** dark fortnight of Āświna.

**ଅଶ୍ୱପତି**—ଦେ. ବି. ( ନାମ )—୧ । କେକୟ ଦେଶର ଜନୈକ ପ୍ରଧାନ **Aśwapati** କ୍ଷତ୍ରିୟ ରାଜା ( ଏ ବଡ଼ ପଣ୍ଡିତ ଥିଲେ; ଏ କୈକେୟୀଙ୍କ ପିତା )— 1. Name of a Kshatriya king of the country of Kekaya.

୨ । ମଦ୍ରରାଜ; ସାବିତ୍ରୀଙ୍କ ପିତା— 2 Name of the father of Sābitrī.

**ଅଶ୍ୱପାଳ**—ସଂ. ବି. (ଅଶ୍ୱ + ପାଳ ଧାତୁ = ପାଳନ କରିବା + କର୍ତ୍ତୃ. ଅ)— **Aśwapāla** ଅଶ୍ୱରକ୍ଷକ; ସଇସ—Groom; syce.

**ଅଶ୍ୱପାଳକ**—ସଂ. ବି. ( ଅଶ୍ୱ + ପାଳ ଧାତୁ + କର୍ତ୍ତୃ. ଅକ )— **Aśwapālaka** ଘୋଡ଼ା ସଇସ—Groom; syce.

**ଅଶ୍ୱବନ୍ଧ**—ସଂ. ବି—କାମଶାସ୍ତ୍ର ବର୍ଣ୍ଣିତ ରତିବନ୍ଧବିଶେଷ—A sort of **Aśwabandha** embrace or posture during coition, described in erotic books.

**ଅଶ୍ୱବାର**—ସଂ. ବି. ( ଅଶ୍ୱ + ବୃ ଧାତୁ = ବରଣ କରିବା + ଅ )— **Aśwabāra** ଅଶ୍ୱାରୋହଣ କରିବା ବ୍ୟକ୍ତି; ଘୋଡ଼ାସବାର— Horse-rider; a cavalier.

**ଅଶ୍ୱବାଳ**—ସଂ. ବି. ( ୬ଷ୍ଠୀ ତତ୍; ଅଶ୍ୱ + ବାଳ )— **Aśwabāla** ୧ । ଅଶ୍ୱର କେଶର— 1. The mane of a horse.

୨ । କାଶ ପୁଷ୍ପ—2. A kind of white flowered reed.

**ଅଶ୍ୱବାହ**—ସଂ. ବି. ( ଅଶ୍ୱ + ବହ ଧାତୁ = ବହନ କରିବା + ଅ )— **Aśwabāha** ଅଶ୍ୱବାର ( ଦେଖ ; Aswabāra See )

**ଅଶ୍ୱମଇଁଷି**—ଦେ. ବିଣ. ( ସଂ. ଅଶ୍ୱ ମହିଷିକା )— **Aśwamaiñshi** ପରସ୍ପର ପ୍ରତି ନିତ୍ୟ ବୈରଯୁକ୍ତ— ଷାଁଢ଼େ ଷାଁଢ଼େ ଯୁଦ୍ଧ Constantly inimical to each other.

( ଯଥା—ସେ ଦୁଇଜଣଯାକ ଅଶ୍ୱମଇଁଷି ହେଲେଣି । )

ଦେ. ବି—ଅଶ୍ୱମହିଷିକା ( ଦେଖ ) Aśwamahishikā ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ସାର' ନ ମିଳିଲେ 'ଶାର' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧ' ନ ପାଇଲେ 'ବଦ୍ଧ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍‌' ଦେଖିବେ ।

**ଅଶ୍ୱମହିଷିକା**—ସଂ. ବି. ( ଅଶ୍ୱ + ମହିଷ + ନିତ୍ୟବିରୋଧାର୍ଥେ. ଇକ + ଅ )—ଘୋଡ଼ା ଓ ମଇଁଷିଙ୍କ ମଧ୍ୟରେ ଥିବା ବୈରଭାବ ପରି ଦୁଇ ଜଣଙ୍କ ମଧ୍ୟରେ ନିତ୍ୟ ବିରୋଧଭାବ ଓ ସର୍ବଦା ବୈରିତା—
Aśwamahishikā
Constant enmity between two persons.

**ଅଶ୍ୱମୁଖ**—ସଂ. ବି. ପୁଂ. ( ବହୁବ୍ରୀହି; ଅଶ୍ୱ + ମୁଖ )—କିଂପୁରୁଷ; କିନ୍ନର; ଦେବଯୋନିବିଶେଷ—(ଏମାନେ ଗାନ କରିବା ବିଷୟରେ ପ୍ରସିଦ୍ଧ ।)—A demi-god with the head of the horse; a heavenly chorister.
Aśwamukha
( ଅଶ୍ୱମୁଖୀ—ସ୍ତ୍ରୀ )

ସଂ. ବିଣ—ଅଶ୍ୱ ପରି ମୁଖବିଶିଷ୍ଟ—
Having a long face like the horse.

**ଅଶ୍ୱମୁଖା**—ଦେ. ବିଣ. ପୁଂ. ( ସଂ. ଅଶ୍ୱମୁଖ )—ଘୋଡ଼ାମୁହାଁ; ଯାହାର ମୁହଁ ଘୋଡ଼ାମୁହଁ ପରି ଲମ୍ବା—Having a long face like that of a horse.
Aśwamukhā
( ଅଶ୍ୱମୁଖୀ—ସ୍ତ୍ରୀ )

**ଅଶ୍ୱମୁହାଁ**—ଦେ. ବିଣ. ପୁଂ. ( ସଂ. ଅଶ୍ୱମୁଖ )—
Aśwamuhāṅ ଅଶ୍ୱମୁଖା ( ଦେଖ )
( ଅଶ୍ୱମୁହାଁ—ସ୍ତ୍ରୀ ) Aśwamukhā ( See )

**ଅଶ୍ୱମେଧ**—ସଂ. ବି. ( ଅଶ୍ୱ + ମେଧ = ବଳି )—ଯଜ୍ଞବିଶେଷ—
Aśwamedha Horse sacrifice; a ceremony which was performed by Emperors in ancient India.

[ ଦ୍ର—ଏ ଯଜ୍ଞ କରିବା ପୂର୍ବରୁ ବିଶେଷ ଲକ୍ଷଣଯୁକ୍ତ ଶ୍ୟାମଳ ବା ଶୁକ୍ଳ ଅଶ୍ୱକୁ ସଂପ୍ରୋକ୍ଷଣ କରି ତା କପାଳରେ ଜୟପତ୍ର ବାନ୍ଧି ଅବାଧରେ ତାକୁ ମନଇଚ୍ଛା ଭ୍ରମଣ କରିବାକୁ ଛାଡ଼ି ଦିଆଯାଏ । ବର୍ଷକ ପରେ ଘୋଡ଼ା ଫେରି ଆସିଲେ କିମ୍ବା ତାକୁ କେହି ଧରି ରଖିଲେ ସେ ବୀରକୁ ଜୟ କରି ଯଜ୍ଞକର୍ତ୍ତା ସେ ଘୋଡ଼ାକୁ ତାଠାରୁ ଆଣି ପାରିଲେ ସେହି ଘୋଡ଼ାକୁ ବଧ କରି ହୋମ କରାଯାଏ । ପୂର୍ବକାଳରେ ହିନ୍ଦୁଚକ୍ରବର୍ତ୍ତୀମାନେ ଏହି ଯଜ୍ଞ କରୁଥିଲେ । ]

**ଅଶ୍ୱମେଧି**—ଦେ. ବି. ( ସଂ. ଅଶ୍ୱମେଧ )—ଅଶ୍ୱମେଧ ( ଦେଖ )
Aśwamedhi Āśwamedha ( See )

ଉତ୍ତମ କଳ୍ପେ ସ୍ୱୟମ୍ଭାବ, କରିଲ ଶତ ଅଶ୍ୱମେଧ ।
ସ୍ୱଜାର ଯଶ ମହୀତଳେ, ଇନ୍ଦ୍ରର ପ୍ରାପ୍ୟ ସମ୍ଭାବଲେ—
ଜଗନ୍ନାଥ—ଭାଗବତ ।

**ଅଶ୍ୱମେଧୀ**—ସଂ. ବିଣ. ( ଅଶ୍ୱମେଧ + ଇନ୍; ୧ମା. ୧ବ. )—ଅଶ୍ୱମେଧ-ଯଜ୍ଞକାରୀ ( ବ୍ୟକ୍ତି )—( a person ) Performing horse sacrifice.
Aśwamedhī

**ଅଶ୍ୱମେଧୀୟ**—ସଂ. ବିଣ. ( ଅଶ୍ୱମେଧ + ଈୟ )—ଅଶ୍ୱମେଧ ଯଜ୍ଞ-ସମ୍ବନ୍ଧୀୟ—Pertaining to horse-sacrifice ceremony.
Aśwamedhīya

ସଂ. ବି—ଅଶ୍ୱମେଧ ସମ୍ବନ୍ଧୀୟ ଅଶ୍ୱ (ପ୍ରକୃତିବାଦ)—A horse intended for horse-sacrifice ceremony.

**ଅଶ୍ୱଯୁକ୍**—ସଂ. ବି. (ଅଶ୍ୱ + ଯୁଜ ଧାତୁ + କର୍ତ୍ତୃ. କ୍ୱିପ୍; ୧ମା. ୧ବ.)—
Aśwajuk ୧ । ଅଶ୍ୱିନୀନକ୍ଷତ୍ର (ଏ ନକ୍ଷତ୍ରପୁଞ୍ଜ ଅଶ୍ୱମୁଖାକାରବିଶିଷ୍ଟ; ନକ୍ଷତ୍ର ତଳେ ନୋଟ ଦେଖ )—
1. The 1st of the 27 lunar constellations in the Hindu Astronomy.

୨ । ଆଶ୍ୱିନ ମାସ—
2. The month of Āświna.

**ଅଶ୍ୱଯୁଜ**—ସଂ. ବି. ( ଅଶ୍ୱ + ଯୁଜ ଧାତୁ + କର୍ତ୍ତୃ. ଅ; ୧ମା. ୧ବ. )—
Aśwajuja ଅଶ୍ୱଯୁକ୍ ( ଦେଖ )—Aswajuk ( See )

**ଅଶ୍ୱଯୋଧୀ**—ସଂ ବି. ( ଅଶ୍ୱ + ଯୁଧ୍ ଧାତୁ + କର୍ତ୍ତୃ. ଇନ୍; ୧ମା. ୧ବ. )—ଅଶ୍ୱାରୋହୀ ସୈନ୍ୟ; ଯେ ଘୋଡ଼ା ଚଢ଼ି ଯୁଦ୍ଧ କରେ—Cavalry soldier.
Aśwajodhī

ସଂ. ବିଣ—ଯେ ଘୋଡ଼ା ଉପରେ ଚଢ଼ି ଯୁଦ୍ଧ କରେ—
Fighting on horse-back.

**ଅଶ୍ୱଲିଙ୍ଗା**—ଦେ. ବିଣ. ( ସଂ. ଅଶ୍ୱ + ଲିଙ୍ଗ )—ଅଶ୍ୱ ପରି ବୃହତ୍ ଲିଙ୍ଗ-ବିଶିଷ୍ଟ ( ବ୍ୟକ୍ତି )—(a person) Having a very big penis.
Aśwalingā

**ଅଶ୍ୱଶାଳା**—ସଂ. ବି. ( ୬ଷ୍ଠୀ ତତ୍; ଅଶ୍ୱ + ଶାଳା = ଗୃହ )—ଘୋଡ଼ା-ଶାଳ; ଅଶ୍ୱ ରହିବା ଘର; ଅସ୍ତାବଲ—Stable.
Aśwaśālā

**ଅଶ୍ୱଶାସ୍ତ୍ର**—ସଂ. ବି. ( ମଧ୍ୟପଦଲୋପୀ; ଅଶ୍ୱ + ଶାସ୍ତ୍ର)—ଅଶ୍ୱ ଚିକିତ୍ସା ସମ୍ବନ୍ଧୀୟ ଶାସ୍ତ୍ର—( ଶାଳିହୋତ୍ର ଅଶ୍ୱଶାସ୍ତ୍ର ପ୍ରଣେତା ଥିଲେ )—A areatise on the treatment of horses; the veterinary art.
Aśwaśāstra

**ଅଶ୍ୱଶୃଗାଳିକା**—ସଂ. ବି. ( ଅଶ୍ୱ + ଶୃଗାଳ + ସ୍ୱଭାବ ବିରୋଧାର୍ଥ. ଇକ + ଅ )—ଘୋଡ଼ା ଓ ବିଲୁଆ ମଧ୍ୟରେ ଥିବା ଚିର ବୈର—The natural enmity between the horse and the jackal.
Aśwaśrugālikā

**ଅଶ୍ୱସାଦୀ**—ସଂ. ବି. ( ଅଶ୍ୱ + ସଦ୍ ଧାତୁ + କର୍ତ୍ତୃ. ଇନ୍, ୧ମା. ୧ବ)—
Aśwasādī ଅଶ୍ୱବାର ( ଦେଖ )
Aśwabāra ( See )

**ଅଶ୍ୱସେନ**—ସଂ. ବି. ନାମ—୧ । ସନତ୍କୁମାରଙ୍କ ପିତା—
Aśwasena 1. The name of the father of Sanatkumāra.

୨ । ଦ୍ରୋଣାଚାର୍ଯ୍ୟଙ୍କ ସାରଥି—
2. The name of the charioteer of Drona.

୩ । ନାଗରାଜ ତକ୍ଷକଙ୍କ ପୁତ୍ର—
3. Name of the son of Takshaka.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇସ୍ | ଉଅ | ଋ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଓ | ନ୍ତ |

**ଅଶ୍ୱସ୍ତନ**—ସଂ. ବିଣ. ( ଅ+ଶ୍ୱଃ=ଆଗାମୀ କାଲି + ସ୍ଥିବା ଅର୍ଥରେ ତନ; ଯେ କାଲିକି ରହିବ ନାହିଁ )—
Aśwastana
୧ । ଯାହା ଆଗାମୀ କାଲି ପାଇଁ ନୁହେ—
1. Not for tomorrow.
୨ । ଆଜିର; ଆଜିକାର—
2. Of today; relating to today.
୩ । ଯେଉଁ ବିଷୟରେ ଆଗାମୀ କାଲି ପାଇଁ ବ୍ୟବସ୍ଥା ନଥାଏ—
3. Not provided for tomorrow.
ପ୍ରତି ଦିନ ହୁଅଇ ଯେଉଁ ଲୋକ ଖାଏ
ଅଶ୍ୱସ୍ତନ ବୃତ୍ତି ତାହାର ବୋଲାଏ । କୃଷ୍ଣସିଂହ. ମହାଭାରତ. ଶାନ୍ତି ।
୪ । ଯେ ଆଗାମୀ କାଲିକି ବ୍ୟବସ୍ଥା କରି ନ ଥାଏ—
4. Not providing for tomorrow.

**ଅଶ୍ୱସ୍ତନବିଧାନ**—ସଂ.ବି—୧ । ଆଗାମୀ କାଲିପାଇଁ ବ୍ୟବସ୍ଥାର ଅଭାବ—
Aśwastanabidhāna (ଅଶ୍ୱସ୍ତନବିଧାତୃ—ବିଣ) 1. Non-provision for tomorrow.
୨ । ଭବିଷ୍ୟତ୍ ନିମନ୍ତେ ବ୍ୟବସ୍ଥାର ଅଭାବ—
2. Non-provision for future.
[ ଦ୍ର—ସକାଳେ ଓ ସନ୍ଧ୍ୟାରେ ୨ ଥର ଉପବାସ ରହିଥିବା ଲୋକ ଅର୍ଥାତ୍ ୩ ଦିନ ଖାଇ ନ ଥିବା ଲୋକ କ୍ଷୁଧା ଶାନ୍ତି ପାଇଁ ଅଶ୍ୱସ୍ତନ ବିଧାନରେ ଅର୍ଥାତ୍ ଆଗାମୀ କାଲି ପାଇଁ ବ୍ୟବସ୍ଥା ନ କରି ଅର୍ଥାତ୍ କେବଳ ଥରେ ମାତ୍ର ଖାଇବା ପାଇଁ ଯଥେଷ୍ଟ ଖାଦ୍ୟବସ୍ତୁ ହୀନକର୍ମୀ ଲୋକଠାରୁ ଅପହରଣ କରି ନେଇ ପାରେ ।
ଗ୍ରମଶଙ୍କର. ମନୁ. ୧୧।୧୬ । ]

**ଅଶ୍ୱହସ**—ଦେ. ବି. ( ସଂ. ଅଶ୍ୱ + ହାସ; ଇଂରାଜି Horse laugh ର ଅନୁକରଣ )—
Aśwahasa
ଘୋଡ଼ା ହସ ପରି ଉଚ୍ଚ ହାସ୍ୟ; ହେଁ ହେଁ ହସ—
Horse-laugh; loud laughter.

**ଅଶ୍ୱହସା**—ଦେ. ( ସଂ. ଅଶ୍ୱ+ହାସ )—ଅଶ୍ୱହସ (ଦେଖ)
Aśwahasā Horse laugh ( See )
ଦେ. ବିଣ. ପୁଂ ଓ ସ୍ତ୍ରୀ—ଘୋଡ଼ା ପରି ହେଁହେଁ ହସିବା ଲୋକ—
Laughing loudly like the neighing of a horse.

**ଅଶ୍ୱହସୁରା**—ଦେ. ବିଣ. ପୁଂ ( ସଂ. ଅଶ୍ୱ + ହାସ୍ୟକାରୀ )—
Aśwahasurā (ଅଶ୍ୱହସୁରୀ—ସ୍ତ୍ରୀ) ଅଶ୍ୱହସା ( ଦେଖ ) Aśwahasā ( See )

**ଅଶ୍ୱହାଡ଼**—ଦେ. ବି. ( ସଂ. ଅଶ୍ୱ ଓ ଫା. ହଡ୍ଡ )—
Aśwahārda ୧ । ଘୋଡ଼ାର ହାଡ଼—1. Horse-bone.
অশ্বের হাড় ୨ । ଅଶ୍ୱର ଅସ୍ଥି ପରି ଖୁବ୍ ଶ୍ରମସହ ଅସ୍ଥି—
घोडेका हड्डि 2. A very hard-working bone ( like that of a horse )
( ଖୁବ୍ ପରିଶ୍ରମୀ ଲୋକକୁ ଲକ୍ଷ୍ୟ କରି ବୋଲଯାଏ "ସେ ଲୋକ ଅଶ୍ୱହାଡ଼ ପାଇଛି । )

**ଅଶ୍ୱହୃତବିଦ୍ୟା**—ଦେ. ବି ( ସଂ. ଅଶ୍ୱ ହୃଦୟ )—
Aśwahṛutabidyā ଅଶ୍ୱଚାଳନ ବିଦ୍ୟା—
The art of horsemanship.
ଅଶ୍ୱହୃତ ବିଦ୍ୟା ଭୂଷି, ଅକ୍ଷ ଭୂ ସେ ପୁଣ ପାଇ । ପ୍ରାଚୀ. ନଳଚରିତ ।

**ଅଶ୍ୱହୃଦୟ**—ସଂ. ବି—ଅଶ୍ୱଚାଳନ ବିଦ୍ୟା—
Aśwahṛudaya Horsemanship. ( M. W. )

**ଅଶ୍ୱା**—ସଂ. ବି. ସ୍ତ୍ରୀ ( ଅଶ୍ୱ+ସ୍ତ୍ରୀ. ଆ )—ଘୋଟକୀ; ଘୋଡ଼ୀ—
Aśwā Mare.

**ଅଶ୍ୱାବରୋହିକା**—ସଂ. ବି. ( ଅଶ୍ୱାବରୋହକ+ଆ )—
Aśwābarohikā ଅଶ୍ୱଗନ୍ଧା ( ଦେଖ )
A wagandhā (See) (M. W.)

**ଅଶ୍ୱାବରୋହଣ**—ସଂ. ବି. ( ୫ମୀ ତତ୍; ଅଶ୍ୱ+ଅବରୋହଣ )—
Aśwābarohaṇa ଘୋଡ଼ାରୁ ଓହ୍ଲାଇବା—
(ଅଶ୍ୱାବରୋହକ—ବିଣ) Dismounting from a horse.

**ଅଶ୍ୱାୟୁର୍ବେଦ**—ସଂ. ବି. ( ମଧ୍ୟପଦଲୋପୀ; ଅଶ୍ୱସମ୍ବନ୍ଧୀୟ ଆୟୁର୍ବେଦ) —
Aśwāyurbeda ଅଶ୍ୱଚିକିତ୍ସା ଶାସ୍ତ୍ର—
The veterinary science.

**ଅଶ୍ୱାର**—ଦେ. ବି—ଅଶୁଆର ( ଦେଖ )
Aśwāra Aśuāra ( See ).

**ଅଶ୍ୱାରି**—ସଂ ବି. ( ୬ଷ୍ଠୀ ତତ୍; ଅଶ୍ୱ+ଅରି; ଘୋଡ଼ା ଓ ମଇଁଷିଙ୍କ ଚିରବୈର ପ୍ରସିଦ୍ଧ )—
Aśwāri
ମହିଷ; ମଇଁଷି—Buffalo.

**ଅଶ୍ୱାରୂଢ଼**—ସଂ. ବିଣ. ପୁଂ (୭ମୀ ତତ୍; ଅଶ୍ୱ+ଆରୂଢ଼ )—
Aśwārurdha ଘୋଡ଼ା ଉପରେ ଚଢ଼ିଥିବା—Mounted
(ଅଶ୍ୱାରୂଢ଼ା—ସ୍ତ୍ରୀ) on a horse; riding a horse.

**ଅଶ୍ୱାରୋହ**—ସଂ. ବିଣ. (ଅଶ୍ୱ+ଆ+ରୁହ ଧାତୁ କର୍ତ୍ତୃ. ଅ)—
Aśwāroha ଅଶ୍ୱାରୂଢ଼—Riding a horse.
(ଅଶ୍ୱାରୋହା—ସ୍ତ୍ରୀ) ସଂ. ବି—୧ । ଅଶ୍ୱାରୋହୀ ସିପାହି—
1. Cavalry soldier.
୨ । ଘୋଡ଼ସବାର—2. A horseman.

**ଅଶ୍ୱାରୋହଣ**—ସଂ. ବି. ( ୭ମୀ ତତ୍; ଅଶ୍ୱ+ଆରୋହଣ )—
Aśwārohaṇa ୧। ଘୋଡ଼ାରେ ଚଢ଼ିବା—
1. Riding on a horse.
୨ । ଘୋଡ଼ା ଚଢ଼ିବାରେ ବୁଦ୍ଧିତ୍ୱ—
2. Horsemanship.

**ଅଶ୍ୱାରୋହୀ**—ସଂ. ବିଣ. ପୁଂ. ( ଅଶ୍ୱ+ଆ+ରୁହ ଧାତୁ+ଇନ୍; ୧ମା. ୧ବ. )—
Aśwārohi
( ଅଶ୍ୱାରୋହଣୀ—ସ୍ତ୍ରୀ ) ୧ । ଘୋଡ଼ାରେ ଚଢ଼ିଥିବା—
1. Mounted on a horse.
୨ । ଅଶ୍ୱାରୋହଣରେ ନିପୁଣ—
2. Skilled in horsemanship.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧ' ନ ପାଇଲେ 'ବଧ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଳବତ' ନ ପାଇଲେ 'ଅଲବତ୍' ଦେଖିବେ

ସଂ. ବି. ପୁଂ.—୧ । ଘୋଡ଼ସବାର—
1. Horseman.
୨ । ଅଶ୍ୱାରୋହଣ କରି ଯୁଦ୍ଧ କରିବା ସିପାହି—
2. Cavalry soldier.

**ଅଶ୍ୱିନ**—ଦେ. ବି. ( ସଂ. ଆଶ୍ୱିନ )—ଆଶ୍ୱିନ ମାସ—
Aświna . The lunar month of Āświna.
ସଂ. ବି.—୧ । ଅଶ୍ୱିନୀକୁମାର—1. The twin sons of Aświnī.
[ ଦ୍ର—ଏହି ଶବ୍ଦ ସଂସ୍କୃତରେ ଦ୍ୱିବଚନରେ ଅଶ୍ୱିନୌ ରୂପରେ ବ୍ୟବହୃତ ହୁଏ; ଏମାନେ ଦେବତାମାନଙ୍କର ବୈଦ୍ୟ । ସୂର୍ଯ୍ୟୋଦୟ ବା ଅରୁଣୋଦୟ ପୂର୍ବରୁ ଏ ଦୁହେଁ ଆକାଶରେ ପୂର୍ବଦିଗରେ ଦେଖା ଦିଅନ୍ତି । ଏମାନଙ୍କ ସ୍ୱର୍ଣ୍ଣମୟ ରଥକୁ ଘୋଡ଼ା ବା ପକ୍ଷୀ ଟାଣନ୍ତି । ଏମାନେ ଋଗ୍ବେଦ ବର୍ଣ୍ଣିତ ଦେବ । ଏମାନେ ଲୋକଙ୍କୁ ଧନ ଓ ଆରୋଗ୍ୟ ପ୍ରଦାନ କରନ୍ତି ]
୨ । ନକୁଳ ସହଦେବ—2. The twin sons of Mādrī.
୩ । (ଜ୍ୟୋତିଷ) ଦୁଇ ସଂଖ୍ୟା — 3. (Astronomy) The number two.

**ଅଶ୍ୱିନା**— ଦେ. ବିଣ. (ସଂ. ଆଶ୍ୱିନ)—୧ । ଆଶ୍ୱିନମାସ ସମ୍ବନ୍ଧୀୟ—
Aświnā 1. Relating to the month of Āświna.
୨ । ଆଶ୍ୱିନମାସରେ ଘଟିବା—2. Happening or taking place in the month of Āświna.

**ଅଶ୍ୱିନାପରବ** — ଦେ. ବି.—(ସଂ. ଆଶ୍ୱିନ + ପର୍ବ)—ଆଶିଣପର୍ବ; ଶାରଦୀୟ
Aśwināparaba ଦୁର୍ଗୋତ୍ସବ—The Durgāpujā festival in the month of Āświna

**ଶ୍ୱିନୀ**—ସଂ. ବି. ( ଜ୍ୟୋତିଷ )—ଅଶ୍ୱିନୀ ନକ୍ଷତ୍ର—The first
Aświni asterism ( M. W. )

**ଅଶ୍ୱିନୀ**—ସଂ. ବିଣ ସ୍ତ୍ରୀ.—(ଅଶ୍ୱନ୍+ଈ)—ଅଶ୍ୱର ସ୍ତ୍ରୀଲିଙ୍ଗ—
Aświni Feminine af Aświa.
(ଅଶ୍ୱ—ପୁଂ) ସଂ. ବି. ସ୍ତ୍ରୀ—୧ । ଘୋଟକୀ; ଘୋଡ଼ୀ—
1. Mare.
୨ । ସୂର୍ଯ୍ୟପତ୍ନୀ ସଂଜ୍ଞା—2.The wife of the Sun-god.
[ଦ୍ର—ସୂର୍ଯ୍ୟଙ୍କ ତେଜ ସହି ନ ପାରି ସଂଜ୍ଞା ଘୋଟକୀ ବେଶ ଧାରଣ କରି ଅରଣ୍ୟବାସ କଲେ; କିନ୍ତୁ ସୂର୍ଯ୍ୟ ତାଙ୍କୁ ଠାବ କରି ଅଶ୍ୱ ବେଶ ଧରି ତାଙ୍କ ସଙ୍ଗେ ମିଳିତ ହେଲେ ଓ ତାଙ୍କଠାରୁ ଯମଳ ଅଶ୍ୱିନୀ କୁମାର ଦ୍ୱୟ ଜାତ ହେଲେ । ]
୩ । ଜ୍ୟୋତିଷଶାସ୍ତ୍ର ପ୍ରଥମ ନକ୍ଷତ୍ର ବା ତାରାପୁଞ୍ଜ—
3. The first asterism.
[ ଏହି ୩ଟି ତାରାକୁ ରେଖାଦ୍ୱାରା ମିଳିତ କଲେ ଗୋଟିଏ ସ୍ଥୂଳକୋଣୀ ତ୍ରିଭୁଜ ବା ଅଶ୍ୱମୁଣ୍ଡର ଆକାର ହୁଏ । ନକ୍ଷତ୍ର ତଳେ ନୋଟ ଦେଖ ]—

ପ୍ରାଦେ. (ବାଲେଶ୍ୱର) ବି—ବାଲେଶ୍ୱରର ତନ୍ତୁଶ୍ରେଣୀବିଶେଷ—
A class of weavers in Balasore district.

**ଅଶ୍ୱିନୀକୁମାର**—ସ. ବି—୧ । ଅଶ୍ୱରୂପଧାରିଣୀ ସୂର୍ଯ୍ୟ ପତ୍ନୀ ସଂଜ୍ଞାଙ୍କ
Aświnīkumāra ଗର୍ଭରୁ ଜାତ ଯମଳ କୁମାର ଦ୍ୱୟ—
The twin sons of the Sun-god's wife Samjnā.
୨ । ତୀର୍ଥବିଶେଷ—
2. Name of a sacred place.
ଅଶ୍ୱିନୀକୁମାର ତୀର୍ଥଙ୍କର ଏ ମହିମା
ଗାଧୋଇଲେ କାମରୂପ ହୁଏ ସେ ଉପମା । କୃଷ୍ଣସିଂ. ମହାଭାରତ. ବନ ।

**ଅଶ୍ୱିନୀକୁମାରସୁତ**—ସଂ. ବି. (୬ଷ୍ଠୀ ତତ୍; ଅଶ୍ୱିନୀକୁମାର + ସୁତ)—
Aświnīkumārasuta ସୁଷେଣ ବାନର—
The monkey named Sushena.
ବ୍ରହ୍ମାପୁତ୍ର ଅଶ୍ୱିନୀକୁମାର.ସୁତ ହିଁ ତା ଉପେ. ବୈଦେହୀଶବିଳାସ ।

**ଅଶ୍ୱିସୁତ**—ଦେ. ବି—ଅଶ୍ୱିନୀକୁମାର ( ଦେଖ )
Aświsuta Aświnikumāra ( See )
ସାଧିଲ୍ ପୂଜ ପ୍ରଜା ହୁଡେ; ଅଶ୍ୱିଷ କାମେ ଅଶ୍ୱିସୁତେ ।
ଜଗନ୍ନାଥ. ଭାଗବତ ।

**ଅଶ୍ୱୀ**—ସଂ. ବି. ( ଅଶ୍ୱ + ସ୍ତ୍ରୀ. ଈ )—ଘୋଟକୀ—Mare.
Aświ

**ଅଶ୍ୱୀନ**—ସଂ. ବିଣ. (ଅଶ୍ୱ + ଈନ)—ଦିନକରେ ଗୋଟିଏ ଘୋଡ଼ାରେ
Aświna ଚଢ଼ି ଯାଇ ପାରିବା ଭଳି ( ଦୂରତ୍ୱ )—(distance)
Requiring a day's travel on horse-back.

**ଅଶ୍ୱୀୟ**—ସଂ. ବିଣ. (ଅଶ୍ୱ+ଈୟ)—୧ । ଅଶ୍ୱ ସମ୍ବନ୍ଧୀୟ—
Aświya 1. Relating to the horse.
୨ । ଅଶ୍ୱ ହିତକାରୀ— 2. Useful to the horse.
ସଂ. ବି.—ଅଶ୍ୱସମୂହ—Horses.

**ଅଶ୍ମ** — ସଂ. ବି. (ଅଶ୍ ଧାତୁ=ବ୍ୟାପିବା + ସଂଜ୍ଞାର୍ଥେ ମନ୍; ୧ମା. ୧ବ.)-
Aśma ୧ । ପ୍ରସ୍ତର; ପଥର—1. Stone.
୨ । ମେଘ—2. Cloud.
୩ । ପର୍ବତ—3. Mountain.

**ଅଶ୍ମକ**—ସଂ. ବି. ( ନାମ )—ଇକ୍ଷ୍ୱାକୁବଂଶୀୟ ଅଯୋଧ୍ୟାପତି ସୌଦାସ
Aśmaka ରାଜାଙ୍କ ପୁତ୍ର—The son of Saudāsa, king of Oudh belonging to the family Ikshwāku.
[ଦ୍ର—ସୌଦାସ ରାଜା ଋଷିଶାପ ପାଇ ଅପୁତ୍ରକ ହେବାରୁ ବଶିଷ୍ଠଙ୍କ ଔରସରେ ରାଣୀଙ୍କ ଗର୍ଭରେ ଅଶ୍ମକଙ୍କୁ ଜନ୍ମାଇ ଥିଲେ । ଭାଗବତ. ୯ । ]

**ଅଶ୍ମକୁଟ୍ଟ**—ସଂ. ବିଣ— ୧ । ପ୍ରସ୍ତରଦ୍ୱାରା ଛେଚା ହୋଇଥିବା—
Aśmakutta 1. Bruised or broken by stone.
୨ । ଯେ ପ୍ରସ୍ତରଦ୍ୱାରା ଧାନ ପେଷଣ କରେ—
2 One who grinds paddy with stone

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇସ୍ | ଉଅ | ଭ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଥ | ଢ | ନ୍ତ |

ଅଶ୍ମକୁଟ୍ଟିତ—ସଂ. ବିଣ—ଅଶ୍ମକୁଟ୍ଟ (୧) (ଦେଖ)
Aśmakuṭṭita Aśmakuṭṭa (1) (See)

ଅଶ୍ମଗର୍ଭ—ସଂ. ବି. ( ଅଶ୍ମନ୍=ପ୍ରସ୍ତର+ଗର୍ଭ=ଭ୍ରୂଣ )—
Aśmagarbha ୧ । ଶ୍ୟାମବର୍ଣ୍ଣ ମଣି—1. Emerald stone.
୨ । ମରକତ ମଣି—2. A green gem.

ଅଶ୍ମଗର୍ଭକ—ସଂ. ବି—ଅଶ୍ମଗର୍ଭ ( ଦେଖ )
Aśmagarbhaka Aśmagarbha (See)

ଅଶ୍ମଘ୍ନ—ସଂ. ବି—ରୁକୁଣୀହାତପୋଛା ( ଦେଖ )
Aśmaghna Rukuṇīhātapochhā (See)
ସଂ. ବିଣ—ଯାହା ପଥରକୁ ନାଶ କରେ—
Destroying stone.

ଅଶ୍ମଜ—ସଂ. ବି. ( ଅଶ୍ମନ୍+ଜନ୍ ଧାତୁ+କର୍ତ୍ତୃ. ଅ )—
Aśmaja ୧ । ଶିଳାଜତୁ—1. Bitumen.
୨ । ଗେରୁ ମାଟି—2. Red chalk.
୩ । ଲୌହ—3. Iron.
ସଂ. ବିଣ—ଶିଳାରୁ ଜାତ—Produced from stone.

ଅଶ୍ମଦାରଣ—ସଂ.ବି. (ଅଶ୍ମନ୍+ଦୃ ଧାତୁ ଣିଚ୍; ଦାରି ଧାତୁ+କରଣ.ଅନ) -
Aśmadāraṇa ପାଷାଣ ଭେଦକ ଅସ୍ତ୍ର;ଟାଙ୍ଗିଆ; ଟଙ୍କ—
A mattock for chipping stones.

ଅଶ୍ମନ୍ତ—ସଂ. ବି. ( ଅଶ୍ମନ୍+ଅନ୍ତ; ଯହିଁରେ ପାଷାଣର ମଧ୍ୟ ଶେଷ
Aśmanta ହୁଏ )—
୧ । ଚୁଲି—1. Oven; fire; place.
୨ । ମୃତ୍ୟୁ—2. Death; grate.
୩ । ପଡ଼ିଆ—3 A field.
ସଂ. ବିଣ—୧ । ଅଶୁଭ—1. Inauspicious.
୨ । ଅସୀମ—2 Unbounded

ଅଶ୍ମପୁଷ୍ପ—ସଂ. ବି—୧ । ଶିଳାଜତୁ—
Aśmapushpa 1. Bitumen.
୨ । ଲୋବାନ୍—2. Olibanum.

ଅଶ୍ମଭିଦ୍—ସଂ. ବି. ( ଅଶ୍ମ+ଭିଦ୍ ଧାତୁ+କ୍ୱିପ୍ )—
Aśmabhid ରୁକୁଣୀହାତପୋଛା ( ଦେଖ )
Rukuṇīhātapochhā ( See )

ଅଶ୍ମଭେଦ—ସଂ. ବି. ( ଅଶ୍ମ+ଭିଦ୍ ଧାତୁ+କର୍ତ୍ତୃ. ଅ, ଏହା
Aśmabheda ମୂତ୍ରାଶୟରେ ଥିବା ପଥରକୁ ମିଳାଇ ଦିଏ )—
ରୁକୁଣୀହାତପୋଛା ( ଦେଖ )
Rukuṇīhātapochhā ( See )

ଅଶ୍ମଭେଦକ—ସଂ. ବି. ( ଅଶ୍ମ+ଭିଦ୍ ଧାତୁ+କର୍ତ୍ତୃ. ଅକ; ଏହା
Aśmabhedaka ମୂତ୍ରାଶୟରେ ଥିବା ପଥରକୁ ମିଳାଇ ଦିଏ )—
ରୁକୁଣୀହାତପୋଛା ( ଦେଖ )
Rukuṇīhātapochhā ( See )

ଅଶ୍ମମୟ—ସଂ. ବିଣ—୧ । ପ୍ରସ୍ତରମୟ—1. Stony; rocky.
Aśmamaya ୨ । ପ୍ରସ୍ତର ନିର୍ମିତ—2. Made of stone.

ଅଶ୍ମର—ସଂ. ବିଣ. ( ଅଶ୍ମନ୍+ର )—ଅଶ୍ମମୟ ( ଦେଖ )
Aśmara Aśmamaya ( See )

ଅଶ୍ମରୀ—ସଂ. ବି. ( ଅଶ୍ମର=ପ୍ରସ୍ତରମୟ+ଈ )—ପଥୁରିଆ ରୋଗ—
Aśmarī A disease; stone in the bladder.

ଅଶ୍ମରୀଘ୍ନ—ସଂ. ବି.—ରୁକୁଣୀହାତପୋଛା ( ଦେଖ )
Aśmarīghna Rukuṇīhātapochhā ( See )

ଅଶ୍ମରୀହର —ସଂ. ବି.—ଅର୍ଜୁନ ( ଗଛ ) ( ଦେଖ )
Aśmarīhara Arjuna (tree) (See)

ଅଶ୍ମସାର—ସଂ. ବି ( ଅଶ୍ମନ୍=ପଥର+ସାର=ଶ୍ରେଷ୍ଠାଂଶ )—
Aśmasāra ୧ । ଲୌହ—1. Iron.
୨ । ଲୌହ ମଳ—2. Rust of iron.
ସଂ. ବିଣ—ଲୌହନିର୍ମିତ—Made of iron.
ତାର ହୃଦୟ ଅଶ୍ମସାର, ବହଇ ଲୌହମୟ ଘର । ଜଗନ୍ନାଥ—ଭାଗବତ ।

ଅଶ୍ର—ସଂ. ବି. ( ଅଶ୍ ଧାତୁ+କର୍ତ୍ତୃ. ର )—୧ । କୋଣ—
Aśra 1. Angle.
୨ । ଅଶ୍ରୁ—2. Tear.
୩ । ରକ୍ତ—3. Blood.
[ ଦ୍ର—ଏହାର ଅନ୍ୟ ଆକାର ଅସ୍ର ]

ଅଶ୍ରଦ୍ଧଧାନ—ସଂ. ବିଣ. ପୁଂ ( ଅ+ଶ୍ରଦ୍ଧଧାନ )—୧ । ଶ୍ରଦ୍ଧାହୀନ—
Aśraddadhāna 1. Having no affection
(ଅଶ୍ରଦ୍ଧଧାନା—ସ୍ତ୍ରୀ) ୨ । ଅବିଶ୍ୱାସୀ—2. Unbelieving.
୩ । ଭକ୍ତିହୀନ—3. Undevoted.

ଅଶ୍ରଦ୍ଧ—ସଂ. ବିଣ. ପୁଂ ( ବହୁବ୍ରୀହି; ଅ+ଶ୍ରଦ୍ଧା )—
Aśraddha ଅଶ୍ରଦ୍ଧଧାନ ( ଦେଖ )
(ଅଶ୍ରଦ୍ଧା—ସ୍ତ୍ରୀ) Aśraddadhāna ( See )

ଅଶ୍ରଦ୍ଧା—ସଂ. ବିଣ. ସ୍ତ୍ରୀ ( ଅଶ୍ରଦ୍ଧ+ଆ )—ଅଶ୍ରଦ୍ଧର ସ୍ତ୍ରୀଲିଙ୍ଗ—
Aśraddhā Feminine of Aśraddha.
ସଂ. ବି. ( ଅ+ଶ୍ରଦ୍ଧା )—୧ । ଅସ୍ନେହ—
1. Lack of affection.
୨ । ଅଭକ୍ତି—2. Disrespect; lack of devotion.
୩ । ଅବିଶ୍ୱାସ—3 Unbelief; incredulity.
୪ । ଅନାଦର—4. Disregard.
୫ । ଘୃଣା—5. Contempt.

ଅଶ୍ରଦ୍ଧେୟ—ସଂ. ବିଣ. ପୁଂ ( ଅ+ଶ୍ରଦ୍ଧେୟ )—୧ । ଯେ ସ୍ନେହ-
Aśraddheya ବ୍ୟବହାର ପାଇବା ଅନୁପଯୁକ୍ତ—1. Not fit
(ଅଶ୍ରଦ୍ଧେୟା—ସ୍ତ୍ରୀ) to be treated with affection.
୨ । ବିଶ୍ୱାସର ଅଯୋଗ୍ୟ—2. Incredible.
୩ । ଘୃଣ୍ୟ—3. To be looked down upon with contempt.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତନ୍ନିମ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧା' ନ ପାଇଲେ 'ଅଦ୍ଧା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅଶ୍ରପ**—ସଂ. ବି. ପୁଂ. ( ଅଶ୍ର + ରକ୍ତ + ପା ଧାତୁ + କର୍ତ୍ତୃ. ଅ )—
**Aśrapa** ୧ । ରକ୍ତପାୟୀ ଜୀବ—1. The blood eater.
(ଅଶ୍ରପା—ସ୍ତ୍ରୀ) ୨ । ରାକ୍ଷସ; ନିଶାଚର—2. Demon

**ଅଶ୍ରାନ୍ତ**—ସଂ. ବିଣ. ( ଅ + ଶ୍ରାନ୍ତ )—୧ । ଅକ୍ଳାନ୍ତ—1. Untired.
**Aśrānta** ୨ । ଅବିରତ—2 Uninterrupted; continued.
୩ । ଅନବରତ—3. Constant.

**ଅଶ୍ରାବ୍ୟ**—ସଂ. ବିଣ. ( ଅ + ଶ୍ରାବ୍ୟ )—୧ । ଅଶ୍ଳୀଳ—1. Obscene.
**Aśrābya** ୨ । ଯାହା ଶୁଣିବାର ଅଯୋଗ୍ୟ—2 Unfit to be heard,
୩ । ଅସ୍ପଷ୍ଟ—3. Indistinct.
୪ । ଯାହା ଶୁଭେ ନାହିଁ—4. Inaudible.

**ଅଶ୍ରି**—ସଂ. ବି.—( ଅଶ୍ ଧାତୁ = ଭୋଜନ କରିବା + କର୍ତ୍ତୃ. ରି )—
**Aśri** ୧ । ଶସ୍ତ୍ରାଦିର ଧାର—1. The edge of sharp weapons.
୨ । ( ଅଶ ଧାତୁ = ବ୍ୟାପିବା + କର୍ତ୍ତୃ. ରି ) ଗୃହାଦିର କୋଣ—2. The corner of buildings.

**ଅଶ୍ରୀ**—ସଂ. ବି ( ଅଶ ଧାତୁ + ଈ )—ଅଶ୍ରିର ଅନ୍ୟ ରୂପ—
**Aśrī** Another form of Aśri.

**ଅଶ୍ରୀକ**—ସଂ. ବିଣ. ପୁଂ ( ବହୁବ୍ରୀହି; ଅ + ଶ୍ରୀ; କ ଆଗମ )—
**Aśrīka** ଶ୍ରୀହୀନ—Shorn of or devoid of grace or beauty.
( ଅଶ୍ରୀକା—ସ୍ତ୍ରୀ )

**ଅଶ୍ରୁ**—ସଂ. ବି ( ଅଶ ଧାତୁ = ବ୍ୟାପିବା + କର୍ତ୍ତୃ. ରୁ )—
**Aśru** ଲୋତକ; ଚକ୍ଷୁଜଳ—Tear.
[ ଦ୍ର—କ୍ରୋଧ, ଦ୍ୱେଷ, ହର୍ଷ, ଭକ୍ତି, ମନୋଦୁଃଖ ଓ ପୀଡ଼ାରୁ ଅଶ୍ରୁ ଜାତ ହୁଏ । ଉତ୍କଣ୍ଠିତ ପ୍ରେମିକ ପ୍ରେମିକାଙ୍କର ଅଷ୍ଟ ଦଶା ମଧ୍ୟରୁ ଏହା ଏକ । ]

**ଅଶ୍ରୁଆଖି**—ଦେ. ବି.—ଅଶ୍ରୁପୂର୍ଣ୍ଣ ଚକ୍ଷୁ—Eyes full of tears
**Aśruākhi**
ବୃଷ୍ଟି କଥନେ ଅଶ୍ରୁଆଖି—ଭୂପତି. ପ୍ରେମପଞ୍ଚାମୃତ ।

**ଅଶ୍ରୁକ**—ଦେ. ବିଣ ( ସଂ. ଅଶ୍ରୁଯୁକ୍ତ )—
**Aśruka** ଅଶ୍ରୁଯୁକ୍ତ; ଅଶ୍ରୁପୂର୍ଣ୍ଣ—Tearful.
ପ୍ରଶଂସି ଦେଖି ଜଣେ ଜଣେ
ଆନନ୍ଦେ ଅଶ୍ରୁକ ଲୋଚନେ—ଜଗନ୍ନାଥ. ଭାଗବତ ।

**ଅଶ୍ରୁକଣ**—ସଂ. ବି ( ୬ଷ୍ଠୀ ତତ୍; ଅଶ୍ରୁ + କଣ )—
**Aśrukaṇa** ଲୁହଟୋପା—Drop of tear.
ଶୁଣି କେହୁ ତେଜିଲ ବହୁ ଅଶ୍ରୁକଣ—କୃଷ୍ଣସିଂହ. ମହାଭାରତ. ବନ ।

**ଅଶ୍ରୁଜଳ**—ସଂ. ବି.—ଲୁହ—Tears.
**Aśrujaḷa** ଆନନ୍ଦରେ ଅଶ୍ରୁଜଳ ବହେ ବେନି ଆଖି—ସାରଳା ମହାଭାରତ. ଉ ।

**ଅଶ୍ରୁତ**—ସଂ. ବିଣ ( ଅଶ୍ରୁ + ତ )—
**Aśruta** ୧ । ଶୁଣା ଯାଇ ନ ଥିବା—1. Unheard.
୨ । ଅଶ୍ରୁତପୂର୍ବ—2 Unheard of.

**ଅଶ୍ରୁତଚର**—ସଂ. ବିଣ ( ଅ + ଶ୍ରୁତଚର )—ଅଶ୍ରୁତପୂର୍ବ (ଦେଖ)
**Aśrutachara** Aśrutapūrba (See)

**ଅଶ୍ରୁତପୂର୍ବ**—ସଂ. ବିଣ ( ଅ + ଶ୍ରୁତପୂର୍ବ ତୁଲ. ଅଦୃଷ୍ଟପୂର୍ବ )—
**Aśrutapūrba** ଯାହା କେବେ ପୂର୍ବେ ଶୁଣା ନ ଥିଲା—Not heard of before.

**ଅଶ୍ରୁତି**—ଦେ. ବିଣ ( ସଂ. ଅଶ୍ରୁତ )—
**Aśruti** ୧ । ଅଶ୍ରୁତପୂର୍ବ—1. Unheard of.
ବଦୃଷ୍ଟି ଅଶ୍ରୁତ କଥା ଶ୍ରୁତ କଥା ପରି—ଭଞ୍ଜ. ବୈଦେହୀଶବିଳାସ ।
୨ । ( ଅ + ଶ୍ରୁତି ) କର୍ଣ୍ଣହୀନ—2. Without ears.
ଅଶ୍ରୁତି ନୁହନ୍ତି ସେ ଯେ ଅଟନ୍ତି ତାଙ୍କ ଶ୍ରୁତି—ପ୍ରାଚୀ. ବ୍ରହ୍ମନିରୂପଣ ଗୀତା ।

**ଅଶ୍ରୁତ୍ୟାଗ**—ସଂ. ବି ( ୬ଷ୍ଠୀ ତତ୍; ଅଶ୍ରୁ + ତ୍ୟାଗ )—
**Aśrutyāga** ଆଖିରୁ ଲୁହ ଗଡ଼ାଇବା; କାନ୍ଦିବା—Shedding of tears, crying.

**ଅଶ୍ରୁଧାର**—ସଂ. ବି ( ୬ଷ୍ଠୀ ତତ୍; ଅଶ୍ରୁ + ଧାର )—
**Aśrudhāra** ଲୁହର ପ୍ରବାହ; ଆଖିରୁ ଅବିରତ ଲୁହ ଗଡ଼ିବା—Flow of tears; tears trickling down the cheeks.

**ଅଶ୍ରୁପାତ**—ସଂ. ବି ( ୬ଷ୍ଠୀ ତତ୍; ଅଶ୍ରୁ + ପାତ )—
**Aśrupāta** ଆଖିରୁ ଲୁହ ବୋହିବା; କ୍ରନ୍ଦନ—The shedding of tears; crying.

**ଅଶ୍ରୁପୂର୍ଣ୍ଣ**—ସଂ. ବିଣ ( ୩ୟା ତତ୍; ଅଶ୍ରୁ + ପୂର୍ଣ୍ଣ )—
**Aśrupūrṇṇa** ଲୋତକପୂର୍ଣ୍ଣ—Full of tears; overflowing with tears.

**ଅଶ୍ରୁବିସର୍ଜନ**—ସଂ. ବି. ( ୬ଷ୍ଠୀ ତତ୍; ଅଶ୍ରୁ + ବିସର୍ଜନ )—
**Aśrubisarjana** ଅଶ୍ରୁତ୍ୟାଗ ( ଦେଖ ) Aśrutyāga ( See )

**ଅଶ୍ରୁମୁଖ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅଶ୍ରୁ + ମୁଖ )
**Aśrumukha** ୧ । ଯାହାର ମୁହଁରୁ ଅଶ୍ରୁ ପଡ଼ୁଅଛି—
( ଅଶ୍ରୁମୁଖୀ—ସ୍ତ୍ରୀ ) 1 ( man ) With a tearful face.
୨ । କାନ୍ଦୁରାମୁହାଁ—2. Having a face looking as if crying.

**ଅଶ୍ରୁମୋଚନ**—ସଂ. ବି. ( ୬ଷ୍ଠୀ ତତ୍; ଅଶ୍ରୁ + ମୋଚନ )—
**Aśrumochana** ଅଶ୍ରୁତ୍ୟାଗ ( ଦେଖ ) Aśrutyāga ( See )

**ଅଶ୍ରୁସମ୍ବରଣ**—ସଂ. ବି. ( ୬ଷ୍ଠୀ ତତ୍; ଅଶ୍ରୁ + ସମ୍ବରଣ )—ଚକ୍ଷୁରୁ
**Aśrusambaraṇa** ଲୋତକଧାରା ଗଡ଼ିବାର ନିରୋଧକରଣ; କାନ୍ଦ ସମ୍ଭାଳିବା—The suppression of tears.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇୟ | ଉଅ | ଭ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଖ୍ୟ | ଇଅ | ୱ | ନ୍ତ |

**ଅଶ୍ରୁସିକ୍ତ**—ସଂ. ବଣ. ( ଅଶ୍ରୁ ତତ୍; ଅଶ୍ରୁ+ସିକ୍ତ )—ଲୁହରେ ଓଦା
**Aśrusikta** ହୋଇଥିବା ( ଅକ୍ଷି; ଲୁଗା )—Wet with tears.

**ଅଶ୍ରେୟଃ**—ସଂ. ବି. ( ଅ+ଶ୍ରେୟସ୍=ମଙ୍ଗଳ )—୧ । ଅମଙ୍ଗଳ; ଅନିଷ୍ଟ;
**Aśreyaḥ** ଅପକାର—1. No good; evil.
୨ । ଅପ୍ରୟୋଜନ—2. Uselessness.
ସ. ବଣ—୧ । ଅପ୍ରଶଂସାର୍ହ—
1. Not entitled to praise.
୨ । ଅପକାରକ; ଅନିଷ୍ଟଜନକ—2. Injurious.
୩ । ଅପ୍ରୟୋଜନୀୟ—3. Useless.
୪ । ନିକୃଷ୍ଟ—4. Inferior.
୫ । ମନ୍ଦ—5. Bad.

**ଅଶ୍ରେଷ୍ଠ**—ସ. ବଣ. ( ଅ+ଶ୍ରେଷ୍ଠ )—
**Aśreshṭha** ନିକୃଷ୍ଟ—Inferior.

**ଅଶ୍ଳୀଳ**—ସଂ. ବଣ ( ଅ+ଶ୍ରୀଲ=ଶ୍ରୀଯୁକ୍ତ; ର ସ୍ଥାନରେ ଳ )—
**Aśli̱la** ୧ । ଯାହା ଶ୍ରୀଯୁକ୍ତ ବା ସୁନ୍ଦର ନୁହେଁ; ଅସୁନ୍ଦର—
1. Ungraceful.
୨ । ଲଜ୍ଜାଜନକ—2. Shameful.
୩ । କଣ୍ଡ; କୁତ୍ସିତ—3. Ugly; filthy.
୪ । ନିର୍ଲଜ୍ଜ—4. Obscene; indecent.
୫ । ଅଭଦ୍ର—5. Rude; coarse; uncivil.
୬ । ଇତରଜନୋଚିତ—6. Vulgar; slang.

**ଅଶ୍ଳୀଳତା**—ସଂ. ବି ( ଅଶ୍ଳୀଳ+ଭାବ. ତା )—୧ । କୁତ୍ସିତତା—
**Aśli̱lata̅** 1. Obscenity; ugliness; indecency.
୨ । ଶବ୍ଦଦୋଷବିଶେଷ ( ଯେଉଁ ସ୍ଥଳରେ ଘୃଣାଜନକ, ଲଜ୍ଜାଜନକ ବା ଅମଙ୍ଗଳଜନକ ପଦର ପ୍ରୟୋଗ ଦେଖାଯାଏ ସେଠାରେ ଅଶ୍ଳୀଳତା ଦୋଷ ହୁଏ । )—
2. A defect in composition; use of slang or vulgar expression.

ଯେ ହନୁ ହୃଦୁଏ ଏକଚା ଛଡ଼ିଲେ
ପ୍ରମାଦ ପାଇଲେ ବୃକ୍ଷ ଯବନେ—ରଘୁନାଥ, ହରିଚାନ୍ଦ ।

୩ । ଅର୍ଥଦୋଷବିଶେଷ—
3. A defect in composition; obscenity.

(ଲଜ୍ଜାଜନକ) ଘନେ ବନ୍ଧୁଥିଲ ଝଞ୍ଜା ପବନ
ଉଡ଼ିଗଲା ବାଳା କାନୁ ବସନ—ଭଞ୍ଜ, ଲାବଣ୍ୟବତୀ ।
(ଘୃଣାଜନକ) ଉଷାବେଶେ ମୁହଁ ହସିଦେବା କ୍ଷଣେ
ଶ୍ରମ ଚାଉ ( ବାୟୁ ) ଜାତ ହେଲେ ସଘନେ ।
କୃଷ୍ଣମଣି, ଅଳଙ୍କାରତରଙ୍ଗିଣୀ ।

**ଅଶ୍ଳେଷା**—ସଂ. ବି ( ଅ+ଶ୍ଳେଷ=ଆଲିଙ୍ଗନ+ସ୍ତ୍ରୀ. ଆ )—
**Aśle̱sha̅** ଜ୍ୟୋତିଷୋକ୍ତ ୨୭ ନକ୍ଷତ୍ରପୁଞ୍ଜ ମଧ୍ୟରୁ ୯ମ ନକ୍ଷତ୍ର-ପୁଞ୍ଜ ( ଏହାର ଆକାର ଚକ୍ରସି ଲଣ୍ଡା ପରି । ଏ ନକ୍ଷତ୍ରରେ ଯାତ୍ରା ଅଶୁଭ । ନକ୍ଷତ୍ର ଭଲେ କୋଷ୍ଠ ଦେଖ )—
(Hindu astronomy) The ninth lunar constellation ( 5 stars ) considered inauspicious for starting on a mission.

**ଅଷାଢ଼**—ଗ୍ରା. ବି ( ସଂ. ଆଷାଢ଼ )—
**Asha̅rḏha** ଆଷାଢ଼ ମାସ; ସୌର ମିଥୁନ ମାସ—
আষাঢ় The month of Āsha̅rḏha
असाढ़

**ଅଷାଢ଼ୁଆ**—ଦେ. ବି ( ସଂ. ଆଷାଢ଼ଫଳ; ଅର୍ଦ୍ଧିଗଲ; ଅର୍ଜ୍ଜିଷ୍ଠା )—
**Asha̅rḏhua̅** ଆଷାଢ଼ ମାସରେ ଫଳିବା ଏକପ୍ରକାର ବନ୍ୟ
আষাঢ়ে ଖାଦ୍ୟ ଜଙ୍ଗଲି ଲତାଫଳ ଓ ତହିଁର ଲତା—
असाढ़ी A kind of edible wild fruit and its
( ତେ—ଅବୋଣ୍ଡା; ଅରୁଦୋଣ୍ଡା ) creeper; Capparis Acumenata.

[ ଦ୍ର—ଏହାକୁ ଲୋକେ ରାନ୍ଧିକରି ଖାଆନ୍ତି । ଏହା ଫଳରୁ ମହୁଆ ଗନ୍ଧ ବାହାରେ ଓ ତାହା ପିତୁଳିଆ ଲାଗେ । ବୈଦ୍ୟଶାସ୍ତ୍ରମତରେ ଏହା ବାତ, କଫ, ବିଷଦୋଷ, ଗଳରୋଗ ଓ ନେତ୍ରରୋଗ ହରଣ କରେ । ଏହାର ମୂଳ ବିରେଚକ ଓ ଦାରୁଣ ବାତବିକାରନାଶକ ।]

ଦେ. ବଣ.— ଯାହା ଆଷାଢ଼ ମାସରେ ଫଳେ ବା ପାଚେ—
That which bears fruit or ripens in the month of Āsha̅rḏha.
( ଯଥା—ଅଷାଢ଼ୁଆ ଆମ୍ବ; ଅଷାଢ଼ୁଆ ପଣସ । )

**ଅଷାଢ଼ୁଆସୂତା**—ଦେ. ବି ( ସଂ. ଅବ୍ୟୟ+ସୂତ୍ର )—
**Asha̅rḏhua̅suta̅** କୌତୁକସୂତ୍ର; ବିବାହ ଦିବସ ବରକନ୍ୟାଙ୍କ
আইবুড়ো সূত ହାତରେ ବନ୍ଧାହେବା ସୂତା; ଅଉଅଡ଼ ସୂତା—
कौतुक A string put round the wrists of the bride and bride-groom on the day of marriage.

**ଅଷ୍ଟ**—ସ. ବି. ( ଅଶ ଧାତୁ=ବ୍ୟାପିବା+ଅନ; ତ ଆଗମ; ଅଷ୍ଟନ୍. ୧ମା. ୧ବ )—ଆଠ ସଂଖ୍ୟା—The number 8.
**Ashṭa**
ସ. ବଣ.—ଆଠସଂଖ୍ୟକ—Eight in number.

**ଅଷ୍ଟଅବଧାନ**—ଦେ.ବି.—୧ । ଅଷ୍ଟାବଧାନ—1. Simultaneous
**Ashṭaabadha̅na.** attention to 8 things.
୨ । ବିଶେଷ ମନୋଯୋଗ ଓ ଯତ୍ନ—2. Much care and attention.

ଅଷ୍ଟ ଅବଧାନରେ ଯେ ଶତ୍ରୁକୁ ସମ୍ଭାଳ । ସାରଳାମହାଭାରତ, ଉଦ୍ୟୋଗ ।

**ଅଷ୍ଟ ଅବଧାନୀ**—ଦେ. ବଣ. ( ସ. ଅଷ୍ଟାବଧାନୀ )—ଯେଉଁ ବ୍ୟକ୍ତି
**Ashṭa abadha̅ni̅** ଅଭ୍ୟାସ ଯୋଗୁ ଆଠଗୋଟି କାର୍ଯ୍ୟରେ ଏକସମୟରେ ମନୋନିବେଶ କରିପାରେ—A person who can simultaneously attend to 8 things.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଲୁଅ' ନ ମିଳିଲେ 'ଲୁଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧା' ନ ପାଇଲେ 'ଅଦ୍ଧା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

**ଅଷ୍ଟ ଆଖି**—ଦେ. ବି.—ବ୍ରହ୍ମା—
Ashṭa ākhi — Brahmā, the Creator.
ଅପୂର୍ବ ରୂପକେ ସ୍ୱହସ୍ତେ ଲେଖି, ସମେ ଥୋଇଅଛି ଜା ଅଷ୍ଟ ଆଖି ।
ଲକ୍ଷ—କୋଟିବ୍ରହ୍ମାଣ୍ଡସୁନ୍ଦରୀ ୨୨୪ ।

**ଅଷ୍ଟକ**—ସଂ. ବିଣ. ( ଅଷ୍ଟନ୍ + କ )—୧ । ଅଷ୍ଟସଂଖ୍ୟକ—
Ashṭaka — 1. Numbering eight.
୨ । ଅଠ ପରସ୍ତ ହୋଇଥିବା; ଅଠଗୁଣ କରି ଯାଇଥିବା— 2. Eightfold.
୩ । ଯେଉଁ ବ୍ୟକ୍ତି ପାଣିନିକୃତବ୍ୟାକରଣର ଅଠଭାଗଯାକ ପଢ଼ିଅଛି—3. One who is acquainted with the eight books of Pāṇini's Sanscrit grammar.
ସଂ ବି.—୧ । ଅଠଗୋଟି ଅଧ୍ୟାୟ ବା ଶ୍ଲୋକ ବା ଗ୍ରନ୍ଥ ବା ସ୍ତୋତ୍ର—1. A hymn or work containing 8 slokas or chapters.
୨ । ପାଣିନିମୁନିକୃତ ଅଷ୍ଟାଧ୍ୟାୟାତ୍ମକ ଋଗ୍ବେଦାଂଶ— 2. Name of a Vedic treatise by Pāṇini.
୩ । ଦୃଷଦ୍ବତୀଙ୍କ ଗର୍ଭଜାତ ବିଶ୍ୱାମିତ୍ରଙ୍କ ପୁତ୍ର—3. The son of Biśwāmitra by Dṛushadbatī.
୪ । ପାଣିନିକୃତ ପ୍ରସିଦ୍ଧ ସଂସ୍କୃତ ବ୍ୟାକରଣ, ଏଥିରେ ଅଠ ଅଧ୍ୟାୟ ଥିବାରୁ—4 Title of the celebrated Sanskrit grammar by Pāṇini.
୫ । ସୂର୍ଯ୍ୟବଂଶୀୟ ରାଜା ବିକୁକ୍ଷିଙ୍କ ପୁତ୍ର—5. The son of Bikukshi, a king of the Solar dynasty of India.
୬ । ସଙ୍ଗୀତର ଅଠଟି ସ୍ୱରଗ୍ରାମ—6. Octavo in music.

**ଅଷ୍ଟକଙ୍କାଳ**—ଦେ. ବି.—ଦେହର ସମସ୍ତ କଙ୍କାଳ; ପଞ୍ଜରା ହାଡ଼—
Ashṭakaṅkāḻa — The whole skeleton or all bones of the body.
অষ্টকঙ্কাল
হাড়পাঞ্জরা
ঠটরী
( ଯଥା—ତାର ଅଷ୍ଟକଙ୍କାଳ ଦିଶିଲାଣି )

**ଅଷ୍ଟକଙ୍କାଳିଆ**—ଦେ. ବିଣ.—ଦେହର ସମସ୍ତ ପଞ୍ଜରାହାଡ଼ ଦେଖା ଯାଉଥିବା ( ବ୍ୟକ୍ତି )—( a person )
Ashṭakaṅkāḻiā — Reduced to skeleton.
কঙ্কালসার
ঠঠরী

**ଅଷ୍ଟକଙ୍କାଳି**—ଦେ. ବିଣ.—ଅଷ୍ଟକଙ୍କାଳିଆ ( ଦେଖ )
Ashṭakaṅkāḻī — Ashṭakaṅkāḻiā (See)

**ଅଷ୍ଟକଙ୍ଗାଳ**—ଦେ. ବିଣ. ପୁଂ ( ଅଷ୍ଟର ଅର୍ଥ ଏଠାରେ ଅତ୍ୟନ୍ତ )—
Ashṭakaṅgāḻa — ୧ । ଅତି ଦରିଦ୍ର—1. Very poor.
(ଅଷ୍ଟକଙ୍ଗାଳୁଣୀ—ସ୍ତ୍ରୀ) ୨ । ଅତି କୃପଣ—2. Very stingy.

**ଅଷ୍ଟକଙ୍ଗାଳି**—ଦେ. ବିଣ. ପୁଂ.—ଅଷ୍ଟକଙ୍ଗାଳ ( ଦେଖ )
Ashṭakaṅgāḻi — Ashṭakaṅgāḻa (See)

**ଅଷ୍ଟକଙ୍ଗାଳିଆ**—ଦେ. ବିଣ. ପୁଂ.—ଅଷ୍ଟକଙ୍ଗାଳ ( ଦେଖ )
Ashṭakaṅgāḻiā — Ashṭakaṅgāḻa (See)

**ଅଷ୍ଟକା**—ସଂ. ବି. ( ଅଶ୍ ଧାତୁ = ଭୋଜନ କରିବା + ଅଧିକରଣ. ତକ + ସ୍ତ୍ରୀ.ଆ.)—୧ । ଅଷ୍ଟମୀତିଥି—1. The eighth day of the lunar fortnight.
Ashṭakā
୨ । ଶ୍ରାଦ୍ଧବିଶେଷ—2. A sacrifice performed to the manes of ancestors.
[ ଦ୍ର—ପୌଷ, ମାଘ ଓ ଫାଲ୍‌ଗୁନ ମାସର କୃଷ୍ଣପକ୍ଷ ଅଷ୍ଟମୀରେ ଏ ଶ୍ରାଦ୍ଧ ହୁଏ । ]

**ଅଷ୍ଟକାଳ**—ସଂ. ବି ( ଅଷ୍ଟ + କାଳ )—ଦିନ ରାତି ଅଠପ୍ରହର; ଦିନ ରାତି ସର୍ବଦା—The whole day and night.
Ashṭakāḻa
ସପ୍ତଦ୍ୱୀପ ଅଷ୍ଟକାଳେ କଷ୍ଟଭେଦ ଶୁଣ;
ଜଗନ୍ନାଥଙ୍କ, ଶ୍ୟାମ, ସାଇ, ତଥାପୁଏ—ପ୍ରୋକ୍ତାଥ. ମହାଯାତ୍ରା ।

**ଅଷ୍ଟକାଳି**—ଦେ. ଅ. ( ସଂ. ଅଷ୍ଟକାଳ )—ଅଠକାଳ ବାରମାସୀ; ବର୍ଷଯାକ—Throughout the year.
Ashṭakāḻī

**ଅଷ୍ଟକିଲାପ୍ରାପ୍ତିରସ୍ତୁ**—ଗ୍ରା. ବ ( ଅଶ୍ଳୀଳ ପରିହାସରେ ବ୍ୟବହୃତ )—
Ashṭakiḻāprāptirastu — ତୋତେ ଅଠ ଗୋଟି କିଲା ମିଳୁ—( slang ) Do you get 8 pins.

**ଅଷ୍ଟକିଲା**—ସଂ. ବି—ଅଷ୍ଟକୁଳାଚଳ ( ଦେଖ )
Ashṭakīḻā — Ashṭakuḻāchaḻa ( See )

**ଅଷ୍ଟକୁଳ**—ସଂ. ବି—୧ । ଅଷ୍ଟନାଗ ( ଦେଖ )
Ashṭakuḻa — 1. Ashṭanāga ( See )
୨ । ଅଷ୍ଟଦିଗ ଓ କୋଣ— 2. All the 8 points of the compass.

**ଅଷ୍ଟକୁଳା**—ଦେ. ବି ( ସଂ. ଅଷ୍ଟକୁଳ )—ଅଷ୍ଟନାଗ ( ଦେଖ )
Ashṭakuḻā — Ashṭanāga ( See )
ଅଷ୍ଟକୁଳାଙ୍କର ମଧ୍ୟରେ ମୁହିଁ, ଦେବତାଙ୍କ ସଙ୍ଗେ ସ୍ୱର୍ଗରେ ଥାଇ—
ପ୍ରାଚୀ. ନଳଚରିତ ।

**ଅଷ୍ଟକୁଳାଚଳ**—ସଂ. ବି. ( ଅଷ୍ଟକୁଳ = ଅଷ୍ଟଦିଗ ଓ କୋଣ + ଅଚଳ = ପର୍ବତ )—ହିନ୍ଦୁ ପୁରାଣ ମତରେ ଯେଉଁ ଅଠଗୋଟି ପର୍ବତ ପୃଥିବୀକୁ ଅଠ ଦିଗରେ ସମ୍ଭାଳି ଧରିଅଛି—The eight mythological mountains sustaining the earth on the 8 points of the compass.
Ashṭakuḻāchaḻa
[ ଦ୍ର—୧. ମହେନ୍ଦ୍ର, ୨. ମଳୟ, ୩. ସହ୍ୟ, ୪. ଶୁକ୍ତିମାନ୍, ୫. ଋକ୍ଷ, ୬ ବିନ୍ଧ୍ୟ, ୭. ପାରିଯାତ୍ର ଓ ୮. ହିମାଳୟ ଏହି ଅଠ ପର୍ବତକୁ ଅଷ୍ଟକୁଳାଚଳ ବୋଲାଯାଏ । କାହାରି କାହାରି ମତରେ କୁଳାଚଳ ସାତ ଗୋଟି । ସେମାନେ କହନ୍ତି ହିମାଳୟ କୁଳାଚଳର ଅନ୍ତର୍ଗତ ନୁହେ । ]

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ସ | ଜ୍ଞ | ଇୟ | ଡ଼ | ଢ |
| ୨ | ଉ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ଢ଼ | ଳ |

**ଅଷ୍ଟକ୍ଷୀର**—ସଂ. ବି—ଛାଗୀ, ମେଷୀ, ଗାଭୀ, ମାନୁଷୀ, ହସ୍ତିନୀ, ଘୋଟକୀ, ଉଷ୍ଟ୍ରୀ ଓ ମହିଷୀ ଏହି ଅଷ୍ଟ ଜୀବର ଦୁଗ୍ଧ (ଔଷଧରେ ବ୍ୟବହୃତ)—The milk of eight animals whose milk is used as medicine.
Ashṭakshīra

**ଅଷ୍ଟଗିରି**—ସଂ. ବି—ଅଷ୍ଟକୁଳାଚଳ ( ଦେଖ )
Ashṭagiri Ashṭakuḻāchaḻa ( See )

**ଅଷ୍ଟଚତ୍ୱାରିଂଶତ୍**—ସଂ. ବି. (ମଧ୍ୟପଦଲୋପୀ; କର୍ମଧା.; ଅଷ୍ଟ + ଚତ୍ୱାରିଂଶତ୍ = ୪୦ )—୪୮ ସଂଖ୍ୟା—The number 48.
Ashṭachatwārimśat

**ଅଷ୍ଟଦଣ୍ଡପାଟ**—ଦେ. ବିଣ—ଛତରା; ଯେ ଗୃହ ଅଡ଼େ ବିନା କାମରେ ବୁଲୁ ଥାଏ—Loafer.
Ashṭadaṇḍapāṭa
( ଯଥା—ସେ ଅଷ୍ଟଦଣ୍ଡପାଟ ହୋଇ ବୁଲୁଛି । )

**ଅଷ୍ଟଦଳ**—ସଂ. ବିଣ. ( ଅଷ୍ଟ + ଦଳ = ପାଖୁଡ଼ା; ପତ୍ର )—
Ashṭadaḻa ୧ । ଆଠଟି ପାଖୁଡ଼ା ଥିବା ( ଫୁଲ )—1. Eight petalled ( flower )
୨ । ଆଠ ପହଲିଆ—2 Octangular; having eight faces

**ଅଷ୍ଟଦଳବନ୍ଧ**—ଦେ. ବି—କାବ୍ୟାଳଙ୍କାରବିଶେଷ—
Ashṭadaḻabandha A pictural literary composition
[ ଦ୍ର—ଏଥିର କେନ୍ଦ୍ରରେ ଥିବା ଅକ୍ଷରରୁ ଆରମ୍ଭ କରି କଳ୍ପିତ ପଦ୍ମ ଫୁଲର ୮ଟି ପାଖୁଡ଼ାରେ ୮ଟି ଅକ୍ଷର ବସାଇ ପଦ ପଢ଼ିବାକୁ ହୁଏ । ଯଥା—
ହବ ସବ ଛବ ପ୍ରବଳ—ବଳ୍ପ ବଧି ବହବ । ଗୋଲେକ. ଇନ୍ଦୁରେଖା ।
ଏଠାରେ 'ବ' ଅକ୍ଷରକୁ ମଝିରେ ରଖି ତହିଁରୁ ପଦ ଆରମ୍ଭ କରାଯିବ ଓ ସେହି ଅକ୍ଷରରେ ପୁଣି ଆସି ପଦ ଶେଷ କରାଯିବ । ]

**ଅଷ୍ଟଦଶା**—ସଂ.ବି—ଅଷ୍ଟସାତ୍ତ୍ୱିକ ବିକାର; ଅତୃପ୍ତ ପ୍ରେମର ଆଠଗୋଟି ଲକ୍ଷଣ—The eight stages through which unsatiated lovers pass.
Ashṭadaśā
[ ଦ୍ର— ପ୍ରେମିକ ପ୍ରେମିକାଙ୍କଠାରେ କ୍ରମଶଃ ଲକ୍ଷିତ ଆଠ ଗୋଟି ଅବସ୍ଥା ଯଥା—ସ୍ତମ୍ଭ, ବୈବର୍ଣ୍ଣ୍ୟ, ରୋମାଞ୍ଚ, କମ୍ପ, ସ୍ୱେଦ, ଅଶ୍ରୁ, ସ୍ୱରଭଙ୍ଗ, ପ୍ରଳୟ ବା ମୂର୍ଚ୍ଛା ବା ମୃତ୍ୟୁ । ଏହି ଅଷ୍ଟ ଦଶା ଭଞ୍ଜଙ୍କ କୋଟି-ବ୍ରହ୍ମାଣ୍ଡସୁନ୍ଦରୀର ୧୮ଶ ଛାନ୍ଦ ୨° ପଦଠାରୁ ୨୯ ପଦ ମଧ୍ୟରେ ବର୍ଣ୍ଣିତ ହୋଇଅଛି । )

**ଅଷ୍ଟଦିକ୍**—ସଂ. ବି ପୃଥିବୀର ୮ଟି ଦିଗ ବା ଅଡ଼—The eight cardinal points of the compass,
Ashṭadik

**ଅଷ୍ଟଦିକ**—ସଂ. ବି—ଅଷ୍ଟଦିକ୍ ( ଦେଖ )
Ashṭadika Ashṭadik ( See )

**ଅଷ୍ଟଦିକ୍ପାଳ**—ସଂ. ବି. ( ଅଷ୍ଟଦିକ୍ + ପାଳ; ଯେ ଅଷ୍ଟଦିଗକୁ ପାଳନ କରନ୍ତି )—ଆଠଦିଗକୁ ପାଳିବା ଆଠ ଗୋଟି ଦେବତା; ଯଥା—ଇନ୍ଦ୍ର— ପୂର୍ବଦିଗ, ଅଗ୍ନି—ଅଗ୍ନି କୋଣ, ଯମ—ଦକ୍ଷିଣ ଦିଗ, ନୈର୍ଋତ— ନୈର୍ଋତକୋଣ, ବରୁଣ—ପଶ୍ଚିମଦିଗ, ମରୁତ୍—ବାୟୁକୋଣ; କୁବେର— ଉତ୍ତର ଓ ଈଶ—ଈଶାନ କୋଣ ପାଳନ କରନ୍ତି ।—
Ashṭadikpāḻa
The eight Gods guarding the 8 points of the compass.

**ଅଷ୍ଟଦିଗପାଳ**—ଦେ. ବି—ଅଷ୍ଟଦିକ୍ପାଳ ( ଦେଖ )
Ashṭadigapāḻa Ashṭadikpāḻa ( See.)

**ଅଷ୍ଟଦିଗ୍ଗଜ**—ସଂ. ବି—ଆଠ ଦିଗରେ ଜଗିଥିବା ଆଠଗୋଟି ହାତୀ—
Ashṭadiggaja ( ଯଥା—ଐରାବତ, ପୁଣ୍ଡରୀକ, ବାମନ, କୁମୁଦ ଅଞ୍ଜନ, ପୁଷ୍ପଦନ୍ତ, ସାର୍ବଭୌମ ଓ ସୁପ୍ରତୀକ ଏମାନେ ପୂର୍ବାଦି କ୍ରମରେ ଆଠ ଦିଗରେ ଅଛନ୍ତି । )—
The eight mythological elephants guarding the 8 points of the compass

**ଅଷ୍ଟଦୁର୍ଗ**—ସଂ. ବି—୧ । ଆଠଗଡ଼—ଓଡ଼ିଶାର ଗଡ଼ଜାତବିଶେଷ—
Ashṭadurga 1. One of the feudatory states of Orissa,
[ ଦ୍ର—ଏହାକୁ ସାଧାରଣତଃ ବାଲିଆଠଗଡ଼ କହନ୍ତି । ]
୨ । ଗଞ୍ଜାମ ଜିଲ୍ଲାର ଗୋଟିଏ ତାଲୁକା—ବୋଦଲା ଆଠଗଡ଼; (ଏହା ବର୍ତ୍ତମାନ ଖଲ୍ଲିକୋଟ ରାଜାଙ୍କଦ୍ୱାରା କ୍ରୟସୂତ୍ରେ ଅଧିକୃତ ।) 2. An estate of Gañjām which has now been amalgamated with the estate of Khallikoṭa.

**ଅଷ୍ଟଧା**—ସଂ. କ୍ରି. ବିଣ. ( ଅଷ୍ଟ + ପ୍ରକାରାର୍ଥେ. ଧା )—
Ashtadhā ୧ । ଆଠ ପ୍ରକାରରେ—1. In eight ways,
୨ । ଆଠ ପରସ୍ତ—2. Eight fold.

**ଅଷ୍ଟଧାତୁ**—ସଂ. ବି—୧ । ଆଠଗୋଟି ଧାତୁ—
Ashṭadhātu 1. The eight metals.
ଯଥା—(ସ୍ୱର୍ଣ୍ଣ—Gold.
ରୌପ୍ୟ—Silver.
ତାମ୍ର—Copper.
ସୀସକ—Lead.
ଲୌହ—Iron.
ରଙ୍ଗ—Tin.
କାନ୍ତଲୌହ—Cast steel.
ଇସ୍ପାତ—Steel.)

**ଅଷ୍ଟନବତି**—ସଂ. ବି. ( ମଧ୍ୟପଦଲୋପୀ କର୍ମଧା; ଅଷ୍ଟ + ନବତି — ଅଠାନବେ ସଂଖ୍ୟା—Number 98.
Ashṭanabati

**ଅଷ୍ଟନାଗ**—ସଂ. ବି—୧ । ହିନ୍ଦୁ ପୁରାଣ ମତରେ ପୃଥିବୀକୁ ଆଠ ଦିଗରେ ଧରିଥିବା ଆଠଗୋଟି ନାଗ; ଯଥା—ଅନନ୍ତ, ବାସୁକୀ, ପଦ୍ମ, ମହାପଦ୍ମ, ତକ୍ଷକ, କୁଳିକ, କର୍କୋଟକ, ଶଙ୍ଖ ।
Ashṭanāga

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

1. ( Hindu mythology ) The eight fabulous serpents sustaining the earth on the eight points.

୨ । ଅଷ୍ଟଦିଗ୍ଗଜ ( ଦେଖ )
2. Ashṭadiggaja ( See )

**ଅଷ୍ଟନାୟିକା**—ସଂ. ବି.—୧ । ହିନ୍ଦୁପୁରାଣୋକ୍ତ ଅଠଗୋଟି ଦେବୀ;
Ashṭanāyikā ଯଥା—ମଙ୍ଗଳା, ବିଜୟା, ଭଦ୍ରା, ଜୟନ୍ତୀ, ଅପରାଜିତା, ନନ୍ଦିନୀ, ନାରସିଂହୀ ଓ କୌମାରୀ—
1. Eight Goddesses of Hindu mythology.

୨ । କାବ୍ୟବର୍ଣ୍ଣିତ ୮ ଶ୍ରେଣୀର ନାୟିକା; ଯଥା—ଖଣ୍ଡିତା, ବିପ୍ରଲବ୍ଧା, ସ୍ୱାଧୀନଭର୍ତ୍ତୃକା, ବାସକସଜ୍ଜା, କଳହାନ୍ତରିତା, ପ୍ରୋଷିତଭର୍ତ୍ତୃକା, ବିରହୋତ୍କଣ୍ଠିତା ଓ ଅଭିସାରିକା । (ନାୟିକା ତଳେ ନୋଟ ଦେଖ)—Eight classes of heroines in Indian Momance.

**ଅଷ୍ଟପଞ୍ଚାଶତ୍**—ସଂ.ବି. (ମଧ୍ୟପଦଲୋପୀ କର୍ମଧା; ଅଷ୍ଟ + ପଞ୍ଚାଶତ୍ = ପଞ୍ଚାଶ)
Ashṭapañchāśat ଅଠାବନ ସଂଖ୍ୟା—Number 58.

**ଅଷ୍ଟପଞ୍ଚାଶତ୍ତମ**—ସଂ. ବି.—୫୮ ସଂଖ୍ୟାର ପୂରଣ; ଅଠାବନ ସ୍ଥାନରେ
Ashṭapañchāśattama ଥିବା—Fifty-eighth.

**ଅଷ୍ଟପଟ୍ଟମହିଷୀ**—ସଂ. ବି. ସ୍ତ୍ରୀ.—ଦ୍ୱାରକାରେ ରାଜା ହୋଇଥିବା ସମୟରେ
Ashṭapaṭṭamahishi ଶ୍ରୀକୃଷ୍ଣଙ୍କର ଅଠଗୋଟି ପାଟରାଣୀ; ଯଥା—ରୁକ୍ମିଣୀ, ସତ୍ୟଭାମା, କାଳିନ୍ଦୀ, ଶୁଚିସ୍ମିତା, ମିତ୍ରବିନ୍ଦା, ଜାମ୍ବବତୀ, ନାଗ୍ନଜିତୀ ଓ ସୁଲକ୍ଷଣା ବା ସୁଶୀଳା—
The eight chief queens of Śrikṛushṇa.

**ଅଷ୍ଟପଦୀ**—ସଂ. ବଣ.—୧ । ଅଠଗୋଟି ପଦବିଶିଷ୍ଟ (କବିତା); ଅଠପୋଦ—
Ashṭapadī 1. (a poem) Having 8 lines.

୨ । ଅଠ ପଦବିଶିଷ୍ଟ (ଜନ୍ତୁ) (ଯଥା—ବୁଢିଅଣୀ)—
(animals) Having eight legs; eight-legged.

**ଅଷ୍ଟପାଟକ**—ଦେ. ବି. ( ସଂ. ଅଷ୍ଟପଟ୍ଟମହିଷୀ )—ଶ୍ରୀକୃଷ୍ଣଙ୍କର ଅଷ୍ଟ
Ashṭapāṭaka ପଟ୍ଟମହିଷୀ—The eight chief queens of Śrikṛushṇa.

ଏମାନଙ୍କ ସଙ୍ଗରେ ଅଷ୍ଟ ପାଟକଙ୍କ
ଘେନିଣ ବାହାରିଲେ ହଳଧରଙ୍କୁ. କୃଷ୍ଣସିଂହ. ମହାଭାରତ. ବନ ।

**ଅଷ୍ଟପାଟବଂଶୀ**—ଦେ. ବି. ( ସଂ. ଅଷ୍ଟପଟ୍ଟମହିଷୀ )—ଦ୍ୱାରକାରେ
Ashṭapāṭabaṁśī ଶ୍ରୀକୃଷ୍ଣଙ୍କର ମନୋହାରିଣୀ ଅଷ୍ଟପ୍ରିୟା—
The eight charming sweet-hearts of Srikṛushṇa.

ରୁକ୍ମିଣୀ ସତ୍ୟଭାମା ସତୀ, ଭଦ୍ରା କାଳିନ୍ଦୀ ଜାମ୍ବବତୀ ।
ଲକ୍ଷଣା ସତ୍ୟା ମିତ୍ରବିନ୍ଦା; ଶ୍ରୀକୃଷ୍ଣଙ୍କ ଅଷ୍ଟ ପ୍ରମଦା । ଜଗନ୍ନାଥ. ଭାଗବତ ।

[ ଦ୍ର—ଗୋପରେ ଲଳିତା, ବିମଳା, ଶ୍ୟାମଳା, ଶ୍ରୀମତୀ, ହରପ୍ରିୟା, ଚନ୍ଦ୍ରା, ସୁଶୀଳାସୁନ୍ଦରୀ ଓ ପଦ୍ମା ଏହି ଅଷ୍ଟନାରୀ ଶ୍ରୀକୃଷ୍ଣଙ୍କର ଅଷ୍ଟ ପାଟବଂଶୀ ବୋଲି ମତାନ୍ତରରେ ପ୍ରକାଶ । ]

**ଅଷ୍ଟପାଟୁଳି ବାତ**—ପ୍ରାଦେ. (ଗଞ୍ଜାମ) ବି.— ଆମବାତ ପରି ଏକପ୍ରକାର
Ashṭapāṭuḻi bāta ବାତ—A disease as painful as gout.

**ଅଷ୍ଟପାତ୍**— ସଂ. ବି.— ଅଷ୍ଟପାଦ (ଦେଖ)
Ashṭapāt Ashṭapāda (See)

**ଅଷ୍ଟପାଦ**—ସଂ.ବି. (ବହୁବ୍ରୀହି; ଅଷ୍ଟ + ପାଦ; ଯାହାର ୮ଟି ପାଦ ଅଛି)—
Ashṭapāda ୧ । ବୁଢିଆଣୀ; ମାକଡ଼ସା; ଉର୍ଣ୍ଣନାଭ—
1. Spider.

୨ । ମାକଡ଼ବିଛା; କଙ୍କଡ଼ାବିଛା —2. Scorpion

୩ । ପଶାରପଟ—3. The crossed board of dice.

୪ । ଶରଭ—4. A mythological wild beast.

**ଅଷ୍ଟପାଦିକା**—ସଂ.ବି.—ଭଦ୍ରବଲ୍ଲୀ—ଚଗରାଦିବର୍ଗର ଏକ ପ୍ରକାର ଲତାଜାତି
Ashṭapādikā ଶୁକ୍ଳ ଓ ତହିଁର ସୁଗନ୍ଧ ଫୁଲ—
Vallaris Heynei.

[ ଦ୍ର—ଏହା ଯେଉଁଠା ସେଉଁଠା ହୋଇ ଶୀତ ଓ ଗ୍ରୀଷ୍ମକାଳରେ ଫୁଟେ । ଏହାର ଫଳ ଲମ୍ବା । ]

**ଅଷ୍ଟପ୍ରହର**—ସଂ. ବି. (ଅଷ୍ଟ + ପ୍ରହର)—ଦିନ ଚାରି ପ୍ରହର ଓ ରାତି ଚାରି
Ashṭaprahara ପ୍ରହର ଏପରି ଅଠ ପ୍ରହର; ଦିନରାତି—
The whole day and night.

**ଅଷ୍ଟପ୍ରହରୀ**—ଦେ. ବଣ. ( ଅଷ୍ଟପ୍ରହର + ଈ )—ଅହୋରାତ୍ରବ୍ୟାପୀ; ଦିନ
Ashṭaprahari ରାତି ସର୍ବଦା ହେଉଥିବା—Extending over the whole day and night.
( ଯଥା—ଅଷ୍ଟପ୍ରହରୀ ସଂକୀର୍ତ୍ତନ )

**ଅଷ୍ଟବକ୍ର**—ଦେ. ବଣ. ( ସଂ. ଅଷ୍ଟାବକ୍ର )—
Ashṭabakra ୧ । ଶରୀରର ଅଷ୍ଟ ସ୍ଥାନରେ ବଙ୍କ ହୋଇଥିବା ( ବ୍ୟକ୍ତି )—1. ( a person ) Deformed at 8 parts of the body.

୨ । ଅତିଦୁର୍ବୋଧ—2. Very intricate.

ଦେ. ବି—ଅଷ୍ଟାବକ୍ର ଋଷି ( ଦେଖ )
Ashṭābakra ṛushi (See)

**ଅଷ୍ଟବକ୍ରପୋହଳା**—ଦେ. ବି. ( ସଂ. ଅଷ୍ଟାବକ୍ର ଓ ପ୍ରବାଳ )—
Ashṭabakrapohaḻā ୧ । କାହାଣୀରେ ବର୍ଣ୍ଣିତ ଅଠଗୋଟି ବାଙ୍କ ଥିବା ଛିଦ୍ରବିଶିଷ୍ଟ ପ୍ରବାଳ—1. A coral ball of a bead with a meandering hole.

[ ଦ୍ର—ଜଣେ ରଜାଝିଅ ପଣ କରିଥିଲା ଯେ, ତା ନିକଟରେ ଥିବା ଅଷ୍ଟବକ୍ର ପୋହଳାର ଛିଦ୍ରରେ ଯେ ସୂତା ଗଳାଇ ଦେବ ସେ ତାକୁ ବିବାହ କରିବ । ଅନେକ ରାଜକୁମାର ଆସି ଅକୃତକାର୍ଯ୍ୟ ହୋଇ ଫେରି ଗଲେ । ପଛକୁ ଜଣେ ବୁଦ୍ଧିଆ ଲୋକ ଆସି ଗୋଟିଏ ପିମ୍ପୁଡ଼ି

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍, ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ, ଷ | ଙ୍କ | ଇଯ୍ | ଉଅ | ଞ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଓ | ନ୍ |

ଅଣ୍ଟାରେ ସୂତା ଖଣ୍ଡିଏ ବାନ୍ଧି ଦେଇ ପୋହଳାର ଗୋଟିଏ ମୁହଁରେ ଟୋପାଏ ମହୁ ଲଗାଇ ପୋହଳାଟିକୁ ଏପରି କାବୁକ କରି ରଖିଲା ଯେ ପୋହଳାର ଛିଦ୍ର ବାଟ ଛଡ଼ା ଅନ୍ୟ ବାଟେ ଯାଇ ପିମ୍ପୁଡ଼ି ସେ ମହୁକୁ ଖାଇ ପାରିବ ନାହିଁ । ତା ପରେ ପିମ୍ପୁଡ଼ିଟିକୁ ପୋହଳାର ଅନ୍ୟ ମୁହଁ ପାଖେ ଛାଡ଼ି ଦେଲାରୁ ପିମ୍ପୁଡ଼ି ସେ ଅଷ୍ଟବକ୍ର ଛିଦ୍ର ବାଟେ ଯାଇ ମହୁ ପାଖେ ପହଞ୍ଚିଲା ଓ ସଙ୍ଗେ ସଙ୍ଗେ ତା ଅଣ୍ଟାରେ ଲାଗିଥିବା ସୂତାଟି ପୋହଳାର ଏ ମୁହଁରୁ ସେ ମୁହଁକୁ ଗଳିଗଲା ଏବଂ ରଜାଙ୍କିଅର ପଣ ଅନୁସାରେ ସେ ବ୍ୟକ୍ତିଟି ରଜାଝିଅକୁ ବିଭା ହେଲା । ]

୨ । (ଲକ୍ଷଣାର୍ଥ) ଅତି କୁଟିଳହୃଦୟ ବ୍ୟକ୍ତି—
2. A person of very crooked heart.

**ଅଷ୍ଟବଟ**—ଦେ. ବି—ଅଲେଖଧର୍ମୀଙ୍କ କଳ୍ପିତ ୮ଟି ବଟ ଗଛ, ଯଥା—
Ashṭabaṭa ହେତୁବଟ, ଯୋଗବଟ, କର୍ମବଟ, କାମନାବଟ, ବସ୍ତୁବଟ, ଦେବବଟ, ଅନନ୍ତବଟ ଓ ମହିମାପ୍ରକାଶବଟ —
(ଭୀମ ଭୋଇ—ବ୍ରହ୍ମନିରୂପଣ ଗୀତା ୬ଷ୍ଠ ଅଧ୍ୟାୟ) —
The 8 fabulous banyan trees of Alekhadharmies.

**ଅଷ୍ଟବର୍ଗ**—ସଂ. ବି. ( ସମାହାର; ଅଷ୍ଟ + ବର୍ଗ )—
Ashṭabarga ୧ । ଜ୍ୟୋତିଷୋକ୍ତ ଜନ୍ମକାଳୀନ ଶୁଭାଶୁଭ ଫଳଜ୍ଞାପକ ଅଷ୍ଟଗ୍ରହଚକ୍ର—1. Astronomical circle of ones nativity

୨ । ଅଷ୍ଟ ଐଶ୍ୱର୍ଯ୍ୟ ( ଐଶ୍ୱର୍ଯ୍ୟ ତଳେ ନୋଟ ଦେଖ )—
2. Eight divine qualities.

୩ । ଆୟୁର୍ବେଦୋକ୍ତ ଆଠ ଗୋଟି ଔଷଧ—
3. A collection of eight special medicines mentioned in the Āyurbeda.

( ଯଥା—ଜୀବକ, ଋଷଭକ, ମେଦା, ମହାମେଦା, କାକୋଳି, କ୍ଷୀରକାକୋଳି, ଋଦ୍ଧି ଓ ବୃଦ୍ଧି । ଏଥି ମଧ୍ୟରୁ ୫ମ ଓ ୬ଷ୍ଠ ବସ୍ତୁ ଛଡ଼ା ଅନ୍ୟ ବସ୍ତୁମାନ ବର୍ତ୍ତମାନ ସମୟରେ ବିରଳ । ଏହା ଶୀତଳ, ମଧୁର, ପୁଷ୍ଟିକାରକ, ଶୁକ୍ରଜନକ, ଗୁରୁ, ଭଗ୍ନସନ୍ଧାନ କାରକ, କାମବର୍ଦ୍ଧକ, କଫଜନକ ଓ ବଳକର । ଏହା ବାତ, ରକ୍ତପିତ୍ତ, ପିପାସା, ଦାହ, ଜ୍ୱର, ମେହ ଓ କ୍ଷୟ ରୋଗନାଶକ । ଏଥି ମଧ୍ୟରୁ ୬ ଗୋଟି ବସ୍ତୁ ଅପ୍ରାପ୍ୟ ହେବାରୁ ବୈଦ୍ୟମାନେ ତତ୍ପରିବର୍ତ୍ତରେ ଅନ୍ୟ ଦ୍ରବ୍ୟ ବ୍ୟବସ୍ଥା କରନ୍ତି । )

୪ । (ଗଣିତ ଜ୍ୟୋତିଷ) ଜାତକରେ ଜନ୍ମକାଳୀନ ଗ୍ରହମାନଙ୍କ ସ୍ଥିତି ଅନୁସାରେ ମନୁଷ୍ୟର ଶୁଭାଶୁଭ ଗଣନା ପ୍ରଣାଳୀ—
4. (Astrology) The mode of computing the future of a man's life according to the position of the planets in a person's horoscope.

[ ଦ୍ର—ମନୁଷ୍ୟର ଜନ୍ମ କାଳରେ ଯେଉଁ ରାଶିରେ ଚନ୍ଦ୍ର ଅବସ୍ଥାନ କରୁ ଥାଆନ୍ତି ତାହା ଜାତକର ଜନ୍ମ ରାଶି । ଏହାପରି ରବି ଛଡ଼ା ଅନ୍ୟ ଗ୍ରହମାନେ ଜନ୍ମ କାଳରେ ଭିନ୍ନ ଭିନ୍ନ ରାଶିରେ ଓ ଭିନ୍ନ ଭିନ୍ନ ନକ୍ଷତ୍ରରେ ଅବସ୍ଥାନ କରୁ ଥାଆନ୍ତି । ସୁତରାଂ ଗ୍ରହ ଓ ଲଗ୍ନଦ୍ୱାରା ଜାତକରେ ଆଠ ଗୋଟି ଜନ୍ମ ରାଶି କଳ୍ପିତ ହୁଏ ଓ ତହିଁରୁ ଜ୍ୟୋତିଷ ଗଣନାକ୍ରମେ ଉକ୍ତ ବ୍ୟକ୍ତିର ଶୁଭାଶୁଭ ଓ ପରମାୟୁ ନିର୍ଦ୍ଧାରିତ ହୁଏ; ଏ ନିର୍ଦ୍ଧାରଣ ପ୍ରଣାଳୀକୁ ଅଷ୍ଟବର୍ଗ ବୋଲାଯାଏ । ]

**ଅଷ୍ଟବସୁ**—ସଂ. ବି—ଗଙ୍ଗାଙ୍କର ଆଠ ଗୋଟି ପୁତ୍ର; ଆଠ ସଂଖ୍ୟକ ବସୁ
Ashṭabasu ଦେବତା—The eight demigods, sons of the Ganges.
( ଅଷ୍ଟବସୁ—ଯଥା—ଅପ, ଧ୍ରୁବ, ସୋମ, ଅନଳ, ଅନିଳ, ଧର ପ୍ରତ୍ୟୁଷ ଓ ପ୍ରଭାବ । )

**ଅଷ୍ଟବାଙ୍କି**—ଦେ. ବି. (ବଣିଆ ଶବ୍ଦ)—ଅଠବାଙ୍କି ( ଦେଖ )
Ashṭabāṅki Āṭhabāṅki ( See )

**ଅଷ୍ଟବିଧ**—ସଂ. ବିଣ. ( ବହୁବ୍ରୀହି; ଅଷ୍ଟ + ବିଧା )—
Ashṭabidha ଆଠ ପ୍ରକାରର—Of eight kinds.

**ଅଷ୍ଟଭୁଜା**—ସଂ. ବି. ସ୍ତ୍ରୀ. ( ବହୁବ୍ରୀହି; ଅଷ୍ଟନ୍ + ଭୁଜ + ସ୍ତ୍ରୀ ଆ; ଆଠ
Ashṭabhujā ଗୋଟି ହସ୍ତ ବିଶିଷ୍ଟା )—ଦୁର୍ଗା—
Goddess Durgā.

**ଅଷ୍ଟଭୁଜୀ**—ଦେ. ବି. ସ୍ତ୍ରୀ. ( ସଂ. ଅଷ୍ଟଭୁଜା )—ଅଷ୍ଟଭୁଜା ( ଦେଖ )
Ashṭabhujī Ashṭabhujā ( See )
अष्टभुजी
**अष्टभुजी**

**ଅଷ୍ଟଭୈରବ**—ସଂ. ବି.—ଶିବଙ୍କର ଆଠଜଣ ସହଚର —
Ashṭabhairaba Eight attendants of Śiba
(ଯଥା—ଏମାନଙ୍କ ନାମ ଅସିତାଙ୍ଗ, ଚଣ୍ଡ, ରୁରୁ, କ୍ରୋଧୋନ୍ମତ୍ତ, ଭୟଙ୍କର, କପାଳୀ, ଭୀଷଣ ଓ ସଂହାର । )

**ଅଷ୍ଟମ**—ସଂ. ବିଣ. (ଅଷ୍ଟନ+ପୂରଣାର୍ଥ; ମ)—ଆଠ ସ୍ଥାନୀୟ; ଆଠର
Ashṭama ପୂରକ—Eighth.

ତାହାକୁ ଯାମ ବୋଲି କହି; ଅଷ୍ଟମେ ଅହୋରାତ୍ର ହୋଇ ।
ଜଗନ୍ନାଥ—ଭାଗବତ ।

**ଅଷ୍ଟମଙ୍ଗଳ**—ସଂ. ବି. (ସମାହାର ଦ୍ୱନ୍ଦ୍ୱ; ଅଷ୍ଟ + ମଙ୍ଗଳ)—
Ashṭamaṅgaḷa ୧ । ଆଠଗୋଟି ଶୁଭସୂଚକ ବସ୍ତୁ ଯାହା ଦେଖି ଯାତ୍ରା କରିବା ଶୁଭ—A collection of eight auspicious objects which one should look at while starting on a mission.
(ଯଥା—ବ୍ରାହ୍ମଣ, ଗାଈ, ଅଗ୍ନି, ସୁନା, ଘିଅ, ସୂର୍ଯ୍ୟ, ଜଳ ଓ ରାଜା)

୨ । ଆଠଗୋଟି ମଙ୍ଗଳସୂଚକ ବସ୍ତୁ—
2. A collection of eight auspicious. objects

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଈ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଜ୍ଜ' ନ ପାଇଲେ 'ଅର୍ଜ୍ଜ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

( ଯଥା—ସିଂହ, ବୃଷ, ହସ୍ତୀ, ଜଳକୁମ୍ଭ, ବ୍ୟଜନ, ଧ୍ୱଜ, ଶଙ୍ଖ ଓ ଦୀପ । )

୩ । (ବହୁବ୍ରୀହି; ଅଷ୍ଟମଙ୍ଗଳସୂଚକ ଚିହ୍ନ ଅଛି ଯାହାଠାରେ) ଯେଉଁ ଘୋଡ଼ାର ଚାରିଖୁରା, ପୁଚ୍ଛ, ମୁଖ, ବକ୍ଷ ଓ ପୃଷ୍ଠଦେଶ ଧଳା (ଏ ଘୋଡ଼ା ସ୍ୱାମୀର ମଙ୍ଗଳକର)—
3. A horse having its 4 legs, tail, face, breast and back white ( considered as very anspicious for its owner ).

**ଅଷ୍ଟମଙ୍ଗଳା**—ସଂ. ବି. ( ଅଷ୍ଟ + ମଙ୍ଗଳ + ଆ; ମଙ୍ଗଳ କର୍ମର ଅଷ୍ଟମ ଦିବସ )—ଆଠମଙ୍ଗଳା; ବିବାହର ଅଷ୍ଟମ ଦିବସ—The eighth day after marriage.
Ashṭamaṅgaḻā

**ଅଷ୍ଟମାନ**—ସଂ. ବି. ( ଅଷ୍ଟ + ମାନ )—ଆଠ ମୁଠା ବସ୍ତୁର ପରମାଣ ବିଶେଷ—A measure of eight closed handfuls of anything.
Ashṭamāna

**ଅଷ୍ଟମିକା**—ସଂ. ବି. ( ଅଷ୍ଟମ + କ + ଆ )—
Ashṭamikā ୧ । ଅର୍ଦ୍ଧପଳ ବା ଦୁଇ କଉଡ଼ି ପରମାଣ—( ହିନ୍ଦ ଶବ୍ଦସାଗର )
1. A measure of half a Paḻa.
୨ । ଚାରିତୋଳା ପରିମାଣ—( ହିନ୍ଦ ଶବ୍ଦସାଗର )
2. A measure of 4 toḻās.

**ଅଷ୍ଟମୀ**—ସଂ. ବି. ସ୍ତ୍ରୀ. ( ଅଷ୍ଟମ + ଈ )—୧ । ଅମାବାସ୍ୟା ବା ପୂର୍ଣ୍ଣିମାର ବାସିଠାରୁ ଗଣାଯିବା ଅଷ୍ଟମ ଦିବସ—
Ashṭamī
1. The eigth day of a lunar fortnight.
୨ । କ୍ଷୀରକାକୋଳି ( ଦେଖ )
2. Kshirakākoḻi ( See )
[ଦ୍ର—ନିମ୍ନ ଲିଖିତ ଅଷ୍ଟମୀମାନ ହିନ୍ଦୁମାନଙ୍କର ଉତ୍ସବ ଦିବସ—୧ । ଚୈତ୍ର ଶୁକ୍ଳ ଅଷ୍ଟମୀ—ଅଶୋକାଷ୍ଟମୀ ( ଭୁବନେଶ୍ୱର ରଥଯାତ୍ରା) ୨ । ଆଷାଢ଼ ଶୁକ୍ଳାଷ୍ଟମୀ—ପରଶୁରାମାଷ୍ଟମୀ (ଲିଙ୍ଗରାଜ ମହାପ୍ରଭୁଙ୍କ ଯାତ୍ରା ) ୩ । ଭାଦ୍ରବ କୃଷ୍ଣାଷ୍ଟମୀ—ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଓ ଦୁର୍ଗାଜନ୍ମାଷ୍ଟମୀ; ୪ । ଭାଦ୍ରବଶୁକ୍ଳାଷ୍ଟମୀ—ରାଧାଜନ୍ମାଷ୍ଟମୀ ୫ । ଆଶ୍ୱିନ ଶୁକ୍ଳାଷ୍ଟମୀ—ମହାଷ୍ଟମୀ, ଦୁର୍ଗାପୂଜା; ୬ । କାର୍ତ୍ତିକ ଶୁକ୍ଳାଷ୍ଟମୀ—ଗୋଷ୍ଠାଷ୍ଟମୀ ବା ଗୋପାଷ୍ଟମୀ, ଗୋସେବା ଉତ୍ସବ; ୭ । ମାର୍ଗଶିର କୃଷ୍ଣାଷ୍ଟମୀ—ପ୍ରଥମାଷ୍ଟମୀ; ଉତ୍କଳରେ ପୋଢ଼ୁଅଁ ଅଷ୍ଟମୀ; ଜ୍ୟେଷ୍ଠପୁତ୍ରର ନବବସ୍ତ୍ର ପରିଧାନାଦି ଉତ୍ସବ ଓ ଲିଙ୍ଗରାଜ ମହାପ୍ରଭୁଙ୍କ ଯାତ୍ରା; ୮ । ମାଘ ଶୁକ୍ଳାଷ୍ଟମୀ—ଭୀଷ୍ମାଷ୍ଟମୀ; ଅପୁତ୍ରଭୀଷ୍ମଙ୍କ ଉଦ୍ଦେଶ୍ୟରେ ପ୍ରତ୍ୟେକ ଗୃହସ୍ଥଙ୍କ ଅନୁଷ୍ଠିତ ଶ୍ରାଦ୍ଧ ।

**ଅଷ୍ଟମୂର୍ତ୍ତି**—ସଂ. ବି. ( ସମାହାର ଦ୍ୱିଗୁ; ଅଷ୍ଟନ୍ + ମୂର୍ତ୍ତି )—
Ashṭamūrtti ୧ । ମହାଦେବଙ୍କର ସ୍ୱୀକୃତ ଆଠ ଗୋଟି ମୂର୍ତ୍ତି ବା ଅବତାର—
1. The eight incarnations of Ṡiba.
[ ଦ୍ର—ଅଷ୍ଟମୂର୍ତ୍ତି ଧାରଣ କଲାବେଳେ ମହାଦେବଙ୍କର ନାମ ଭିନ୍ନ ଭିନ୍ନ ହୁଏ; ଯଥା—କ୍ଷିତିମୂର୍ତ୍ତି—ସର୍ବ; ଜଳମୂର୍ତ୍ତି—ଭବ; ଅଗ୍ନିମୂର୍ତ୍ତି—ରୁଦ୍ର; ବାୟୁମୂର୍ତ୍ତି—ଉଗ୍ର; ଆକାଶମୂର୍ତ୍ତି—ଭୀମ; ଯଜମାନମୂର୍ତ୍ତି—ପଶୁପତି; ଚନ୍ଦ୍ରମୂର୍ତ୍ତି—ମହାଦେବ; ସୂର୍ଯ୍ୟମୂର୍ତ୍ତି—ଈଶାନ । ]
୨ । (ବହୁବ୍ରୀହି; ଅଷ୍ଟମୂର୍ତ୍ତିଧାରୀ)—ଶିବ; ମହାଦେବ—
2. God Ṡiba.
୩ । ପୃଥିବୀ—3 The earth.

**ଅଷ୍ଟଲୌହକ**—ସଂ. ବି. ( ଅଷ୍ଟ + ଲୌହ + କ )—ଅଷ୍ଟ ଧାତୁ (ଦେଖ)
Ashṭalohaka Ashṭadhātu (See)

**ଅଷ୍ଟଲୋହୀ**—ସଂ. ବିଣ. (ଅଷ୍ଟନ୍ + ଲୋହ + ଈ)—
Ashṭalohī ଅଷ୍ଟଧାତୁରେ ନିର୍ମିତ; ଯେଉଁ ବସ୍ତୁରେ ଅଷ୍ଟଧାତୁ ମିଶି ଥାଏ ( ଯଥା—ତେଜ୍‌ରଅ)—
Made of the eight metals.

**ଅଷ୍ଟଶମ୍ଭୁ**—ସଂ. ବି. (ମଧ୍ୟପଦଲୋପୀ, ଅଷ୍ଟରୂପଧାରୀ ଶମ୍ଭୁ )—
Ashṭaṡambhu ୧ । ଶିବ; ମହାଦେବ—1. God Ṡiba.
୨ । (ଦ୍ୱିଗୁ) ଏକ ସ୍ଥାନରେ ସ୍ଥାପିତ ଆଠ ଗୋଟି ଶିବଲିଙ୍ଗ—
2. Ten phallic images of Ṡiba set up at one place close to each other.
( ଯଥା—ଅଷ୍ଟଶମ୍ଭୁ ପୂଜା କରିବା ମହା ପୁଣ୍ୟପ୍ରଦ ଅଟେ । )

**ଅଷ୍ଟଶ୍ରୁତି**—ସଂ. ବି. (ବହୁବ୍ରୀହି; ଅଷ୍ଟ + ଶ୍ରୁତି = କର୍ଣ୍ଣ; ପ୍ରତି ମୁହଁରେ ଦୁଇଟି ଲେଖାଏଁ କାନ ଥିବାରୁ )—
Ashṭaṡruti
ଚତୁର୍ମୁଖ ବ୍ରହ୍ମା; ପ୍ରଜାପତି—The Creator.
ଯେତିକି ତୋ କଣ୍ଠ ସୁଖ ଦେଇ ଅଷ୍ଟ ଶ୍ରୁତି ଏ ଅମ୍ବ ବାଞ୍ଛିତ ।
କବିସୂର୍ଯ୍ୟ. କଶୋରଚନ୍ଦ୍ର. ଚ. ଗୀତ

**ଅଷ୍ଟଷଷ୍ଟି**—ସଂ. ବି ଓ ବିଣ ( ଅଷ୍ଟ ଅଧିକ ଷଷ୍ଟି )—
Ashṭashashṭi ଅଠଷଠି; ଷାଠିଏରୁ ଆଠ ଅଧିକ—
Sixtyeight.

**ଅଷ୍ଟସଖା**—ସଂ. ବି—ବୃନ୍ଦାବନରେ ଶ୍ରୀକୃଷ୍ଣଙ୍କର ବାଲ୍ୟଲୀଳାର ସଙ୍ଗୀ ଆଠ ଜଣ ବାଳକ—Eight young companions of Ṡrīkṛushṇa during his boyhood at Bṛundābana.
Ashṭasakhā
( ଯଥା—ଶ୍ରୀଦାମ ସୁଦାମ ସୁବଳ; ବସୁଦାମ ମଧୁମଙ୍ଗଳ ।
କିଙ୍କିଣି ଅବ ବରୁଥବ; ସ୍ତୋକକୃଷ୍ଣ ଏ ସଖା ଅଷ୍ଟ—
ପ୍ରାଚୀ—ପୂର୍ଣ୍ଣଚନ୍ଦ୍ରୋଦୟ ।

**ଅଷ୍ଟସଖୀ**—ସଂ. ବି. ( ଅଷ୍ଟନ + ସଖୀ )—
Ashṭasakhī ୧ । ଭାଗବତୋକ୍ତ ରାଧାଙ୍କର ଆଠ ଜଣ ସଖୀ—
1. Name of eight companions of Rādhā.
[ ଦ୍ର—ଏମାନଙ୍କ ନାମ—ଲଳିତା, ବିଶାଖା, ଚିତ୍ରା, ଚମ୍ପକଲତା, ତୁଙ୍ଗଭଦ୍ରା, ଇନ୍ଦୁରେଖା, ରଙ୍ଗଦେବୀ ଓ ସୁଦେବୀ—ମତାନ୍ତରେ;
ଲଳିତା ସଙ୍ଗେ ଯେ ଶ୍ୟାମଳା; ଶ୍ରୀମତୀ ହରପ୍ରିୟା ବାଳା;
ବିଶାଖା ଅବ ଚନ୍ଦ୍ରମୁଖୀ; ପଦ୍ମାବତୀ ଏ ଅଷ୍ଟସଖୀ—
ପ୍ରାଚୀ—ପୂର୍ଣ୍ଣଚନ୍ଦ୍ରୋଦୟ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇୟ | ଉଅ | ଓ |
| ୨ | ଈ | ଊ | ରୁ | ଲୁ | ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ୱ | ନ୍ତ |

୨ । (କାମଶାସ୍ତ୍ରୋକ୍ତ) ଅଷ୍ଟନାୟିକା ( ଦେଖ )
2. Ashṭanāyikā ( See )

୩ । ମନ୍ଦିର ଗାତ୍ରରେ ଚିତ୍ରିତ ଅଷ୍ଟଦିଗଙ୍ଗନା ବା ଅଷ୍ଟଦିକ୍‌ପାଳଙ୍କ ସ୍ତ୍ରୀ—3. The images of females carved on the wall of temples representing the consorts of the eight Quarter-Deities.

**ଅଷ୍ଟସପ୍ତତି**—ସଂ. ବି. ଓ ବିଣ. ( ସଂଖ୍ୟାବାଚକ. ଅଷ୍ଟନ୍+ସପ୍ତତି )—
Ashṭasaptati ଅଠସ୍ତରି; ସତୁରିରୁ ଆଠ ଅଧିକ—Seventyeight.

**ଅଷ୍ଟସିଦ୍ଧି**—ସଂ. ବି.—ଅଷ୍ଟୈଶ୍ୱର୍ଯ୍ୟ ( ଦେଖ )
Ashṭasiddhi Ashṭaiśwarjya ( See )

**ଅଷ୍ଟାଂଶିତ**—ସଂ. ବିଣ. ( ଅଷ୍ଟ+ଅଂଶ+ଇତ )—
Ashṭāmśita ୧ । ଆଠ ଅଂଶରେ ବିଭକ୍ତ—
1. Divided into eight parts.
୨ । ( ଆଧୁନିକ ପ୍ରୟୋଗ )—ଅଠପେଜୀ; ଫର୍ଦ୍ଦିକ ଆଠ ପୃଷ୍ଠାରେ ଭଙ୍ଗା ହୋଇ ଛପା ହେବା ( କାଗଜ )—
2. Octavo.

**ଅଷ୍ଟାକ୍ଷର**—ସଂ. ବିଣ. ( ବହୁବ୍ରୀହି; ଅଷ୍ଟନ୍+ଅକ୍ଷର )—ଆଠ ଅକ୍ଷର-
Ashṭākshara ଯୁକ୍ତ ମନ୍ତ୍ର—A formula consisting of eight letters.
( ଯଥା—ଅଷ୍ଟାକ୍ଷର ବିଷ୍ଣୁମନ୍ତ୍ର—ଓଁ ନମୋ ନାରାୟଣାୟ । )

**ଅଷ୍ଟାଙ୍ଗ**—ସଂ.ବି. (ଅଷ୍ଟନ୍+ଅଙ୍ଗ )—
Ashṭānga ୧ । ଦେହର ଆଠ ଗୋଟି ଅଙ୍ଗ ବା ଅଂଶ—
( ଯଥା—ହାତ, ଛାତି, କପାଳ, ଆଖି, ହୃଦୟ, ଗଣ୍ଠି, ବେକ ଓ ପିଠିର ପଛ । ଶରୀରର ଏହି ଅଙ୍ଗମାନଙ୍କରେ ତିଳକ ଧାରଣ କରାଯାଏ )—
1. The eight parts of the body on which religious marks are put.
୨ । ଯେଉଁ ଆଠ ଗୋଟି ଅଙ୍ଗଦ୍ୱାରା ସାଷ୍ଟାଙ୍ଗ ପ୍ରଣାମ କରାଯାଏ—( ଯଥା—ହାତ, ପାଦ, ଜାନୁ, ଛାତି, ଚକ୍ଷୁ, ମସ୍ତକ, ବାକ୍ୟ ଓ ମନ )—
2. The eight parts ( of the body and the mind ) used during obeisance.
୩ । ରାଜ୍ୟ ଶାସନର ଆଠ ଗୋଟି ଅଙ୍ଗ ବା ଉପାଦାନ—
( ରାଜ୍ୟାଙ୍ଗ ଦେଖ )—
3. The eight elements or component parts of a kingdom or administration.
୪ । ଯୋଗର ଆଠଟି ଅଙ୍ଗ ବା କ୍ରିୟା—( ଯଥା—ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧ୍ୟାନ ଓ ସମାଧି । )—
4. The eight exercises of Joga.
୫ । ଆୟୁର୍ବେଦର ୮ ଟି ଶାଖା—( ଯଥା—ଶଲ୍ୟ, ଶାଲାକ୍ୟ; କାୟଚିକିତ୍ସା, ଭୂତବିଦ୍ୟା, କୌମାର ଭୃତ୍ୟ, ଅଗଦତନ୍ତ୍ର; ରସାୟନତନ୍ତ୍ର ଓ ବାଜୀକରଣ । )—5. The eight branches of ancient Hindu medicine.
୬ । ସୂର୍ଯ୍ୟଙ୍କୁ ଦିଆଯିବା ଅର୍ଘ୍ୟବିଶେଷ— (ଯଥା—ଜଳ, କ୍ଷୀର କୁଶାଗ୍ର, ଘୃତ, ମଧୁ, ଦଧି, ରକ୍ତଚନ୍ଦନ ଓ କରବୀର)—
6. The eight materials offered to the Sun god.
ସଂ. ବିଣ.—ଆଠଗୋଟି ଅଙ୍ଗଯୁକ୍ତ—Having eight component parts.

**ଅଷ୍ଟାଙ୍ଗଚିକିତ୍ସା**—ସଂ.ବି.—ଆୟୁର୍ବେଦୋକ୍ତ ଅଷ୍ଟାଙ୍ଗ ଅନୁସାରେ ଚିକିତ୍ସା—
Ashṭāngachikitsā Treatment according to the eight branches of Hindu medical science
ଅଷ୍ଟାଙ୍ଗ ଚିକିତ୍ସା ଜାଣିମା ବୈଦ୍ୟଜନ । କୃଷ୍ଣସିଂହ. ମହାଭାରତ. ସଭା ।

**ଅଷ୍ଟାଙ୍ଗତେ**—ଦେ. କ୍ରି. ବିଣ—(ସଂ. ଅଷ୍ଟାଙ୍ଗ)—ସାଷ୍ଟାଙ୍ଗେ; ଦେହର
Ashṭāngate ସମସ୍ତ ଅଙ୍ଗ ଭୂମିରେ ଲାଗିଲା ପ୍ରକାରେ (ପ୍ରଣାମ କରିବା; ପଡ଼ିବା )—With all the eight limbs touching the ground.
ଦୁରନ୍ତ କ ଦଣ୍ଡ ପଡ଼ଇ ଅଷ୍ଟାଙ୍ଗତେ । ସାରଳା. ମହାଭାରତ. ଦ୍ରୋଣ ।

**ଅଷ୍ଟାଙ୍ଗଧୂପ**—ସଂ.ବି.—(କର୍ମଧା; ଅଷ୍ଟାଙ୍ଗ+ଧୂପ)—ଆଠ ଉପାଦାନଯୁକ୍ତ
Ashṭāngadhūpa ଧୂପ—A kind of incense or fumigation.

**ଅଷ୍ଟାଙ୍ଗପ୍ରଣାମ**—ସଂ. ବି. ( ମଧ୍ୟପଦଲୋପୀ; ଅଷ୍ଟାଙ୍ଗ+ପ୍ରଣାମ )—
Ashṭāngapraṇāma ସାଷ୍ଟାଙ୍ଗ ପ୍ରଣିପାତ; ଆଠଗୋଟି ଅଙ୍ଗ ଭୂମିରେ ଲଗାଇ କରାଯିବାର ପ୍ରଣାମ; ଭୂମିଷ୍ଠ ପ୍ରଣାମ—Obeisance with the eight parts of the body touching the ground.

**ଅଷ୍ଟାଙ୍ଗପ୍ରଣିପାତ**—ସଂ. ବି. ( ଅଷ୍ଟାଙ୍ଗ+ପ୍ରଣିପାତ )—
Ashṭāngapraṇipāta ଅଷ୍ଟାଙ୍ଗପ୍ରଣାମ ( ଦେଖ )
Ashṭāngapraṇāma ( See )

**ଅଷ୍ଟାଙ୍ଗଯୋଗ**=ସଂ. ବି. ( ଅଷ୍ଟାଙ୍ଗ+ଯୋଗ )—ଯୋଗର ଆଠପ୍ରକାର
Ashṭāngajoga ସାଧନା ( ଅଷ୍ଟାଙ୍ଗ ଦେଖ )—The eight component parts of Joga or meditation described in the Sastras.

**ଅଷ୍ଟାଙ୍ଗହେବା**—ଦେ. କ୍ରି.—( ରୋଗ ) ଅସାଧ୍ୟ ହୋଇଯିବା—
Ashṭāngaheba (a disease) Becoming serious or incurable.

**ଅଷ୍ଟାତ୍ରିଂଶ**—ସଂ. ବିଣ. ଓ ବି (ଅଷ୍ଟନ୍+ତ୍ରିଂଶତ୍)—ଅଠତିରିଶି ସଂଖ୍ୟାର—
Ashṭātrimśa Thirty eight.

**ଅଷ୍ଟାତ୍ରିଂଶତ୍**—ସଂ.ବିଣ.ବି (ଅଷ୍ଟନ୍+ତ୍ରିଂଶତ୍ )—ଅଠତିରିଶି ସଂଖ୍ୟକ—
Ashṭātrimśat 38 in number-

ସାଧାରଣ ଯେବେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ୍' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଣ୍ଣ' ନ ପାଇଲେ 'ଅର୍ଣ' ଦେଖିବେ; 'ଅର୍ଦ୍ଧତ' ନ ପାଇଲେ 'ଅର୍ଦ୍ଧତ୍' ଦେଖିବେ ।

**ଅଷ୍ଟାଦଶ**—ସଂ. ବି. ( ଅଷ୍ଟନ୍ + ଦଶ )—ଅଠର ସଂଖ୍ୟା—
Ashṭādaśa The number 18.
ସଂ. ବିଣ.—୧ । ଅଠର ସଂଖ୍ୟାର ପୂରକ -1. Eighteenth.
୨ । ଅଠର ସଂଖ୍ୟକ—2. Numbering eighteen.

**ଅଷ୍ଟାଦଶଚିହ୍ନ**—ସଂ.ବି—ଭଗବାନ ଶ୍ରୀକୃଷ୍ଣଙ୍କ ପାଦରେ ଥିବା ଅଠରଟି ଚିହ୍ନ
Ashṭādaśachihna ବା ଲକ୍ଷଣ ( ଯଥା—ଜମ୍ବୁ, ଚକ୍ର, ପଦ୍ମ, କୁଳିଶ, ଅଷ୍ଟକୋଣ, ଊର୍ଦ୍ଧ୍ୱରେଖା, ତ୍ରିକୋଣ, ଧନୁ, ଧ୍ୱଜ, ସ୍ୱସ୍ତିକ, ମୀନ, କଳସ, ଯବ, ବିନ୍ଦୁ, ଅଙ୍କୁଶ, ଅର୍ଦ୍ଧଚନ୍ଦ୍ର, ଗୋଷ୍ପଦ ଓ ଅମ୍ବର )—The eighteen marks or indications found on the sole of Śrikrushṇa.
ଅରୁଣ ଅମ୍ବୁଜ ଚରଣ, ଶୋଭିତ ଅଷ୍ଟାଦଶ ଚିହ୍ନ । ଭୂପତି—ପ୍ରେମପଞ୍ଚାମୃତ ।

**ଅଷ୍ଟାଦଶଦୋଷ**—ସଂ. ବି.—ମନୁଷ୍ୟମାନଙ୍କଠାରେ ଦେଖାଯିବା ଅଠରଟି
Ashṭādaśadosha ଦୋଷ—
( ମୋହସ୍ତନ୍ଦ୍ରା ଭ୍ରମୋ ରୁକ୍ଷରସତା କାମ ଉଲ୍ବଣଃ
ଲୋଲତା ମଦମାତ୍ସର୍ଯ୍ୟେ ହିଂସା ଖେଦ ପରିଶ୍ରମୌ
ଅସତ୍ୟଂ କ୍ରୋଧ ଆକାଂକ୍ଷା ଆଶଙ୍କା ଚତ୍ତ୍ୱବିଭ୍ରମଃ
ବିଷମତ୍ୱଂ ପରାପେକ୍ଷା ଦୋଷା ଅଷ୍ଟାଦଶୋଦିତାଃ —
ବିଷ୍ଣୁଯାମଳତନ୍ତ୍ର)—
Eighteen defects found in human beings.

**ଅଷ୍ଟାଦଶପୁରାଣ**—ସଂ. ବି.—ହିନ୍ଦୁଙ୍କର ଅଠରଟି ମହାପୁରାଣ ( ପୁରାଣ
Ashṭādaśapurāṇa ଶବ୍ଦରେ ନୋଟ ଦେଖ )—The eighteen mythological works of the ancient Hindus.

**ଅଷ୍ଟାଦଶସିଦ୍ଧି**—ସଂ. ବି.—ଯୋଗ ବା ତପସ୍ୟାସାଧନବଳରେ ଲବ୍ଧ
Ashṭādaśasiddhi ଅଠର ପ୍ରକାରର ଅସାଧାରଣ କ୍ଷମତା—
(ଯଥା—ଅଣିମା, ଲଘିମା, ମହିମା, ବ୍ୟାପ୍ତି, ପ୍ରାକାମ୍ୟ, ଈଶିତା, ବଶିତା, କାମାବସାୟିତା, ଅନୂର୍ମି, ଦୂରଶ୍ରବଣ, ଦୂରଦର୍ଶନ, ମନୋଜବ, କାମରୂପ, ପରକାୟପ୍ରବେଶନ, ସ୍ୱଚ୍ଛନ୍ଦମୃତ୍ୟୁ, ଅମରସିଦ୍ଧି, ସଙ୍କଳ୍ପସିଦ୍ଧି ଓ ବଚନସିଦ୍ଧି. )
18 kinds of extraordinary potence arrived at by Joga.

**ଅଷ୍ଟାଧ୍ୟାୟୀ**—ସଂ. ବିଣ ( ଅଷ୍ଟନ୍ + ଅଧ୍ୟାୟ + ଇନ୍; ଯାହାର ଆଠ ଅଧ୍ୟାୟ
Ashṭādhyāyi ଅଛି )—ଆଠଅଧ୍ୟାୟଯୁକ୍ତ—
Having eight chapters.
ସଂ. ବି.— ପାଣିନିଙ୍କ ପ୍ରଣୀତ ବ୍ୟାକରଣ—
The grammar of Panini consisting of eight chapters.

**ଅଷ୍ଟାପଦ**—ସଂ. ବି ( ଅଷ୍ଟନ୍ + ପଦ )—
Ashṭāpada ୧ । ବୁଢ଼ିଆଣୀ—1. Spider.
୨ । ପଶାର ଛକ—2. The figure on the dice-board.
୩ । ଚିତ୍ରିତ ବସ୍ତ୍ର—3. Coloured cloth
୪ । ସ୍ୱର୍ଣ୍ଣ—4. Gold.
୫ । କୈଳାସ ପର୍ବତ—
5. The Kailāsa mountain.
୬ । ମୃଗବିଶେଷ—6. A kind of deer.

**ଅଷ୍ଟାବକ୍ର**—ସଂ. ବିଣ ( ଅଷ୍ଟ + ବକ୍ର; କର୍ମଧାରୟ )—
Ashṭābakra ଯାହାର ଶରୀର ୮ ଯାଗାରେ ବଙ୍କା—
Deformed at eight parts of the body.
ସଂ. ବି.—ମୁନିବିଶେଷ ( ଏହାଙ୍କ ଦେହ ଆଠ ଯାଗାରେ ବଙ୍କା ଥିବାରୁ )—Name of a sage.
[ ଦ୍ର—ଏ ଉଦ୍ଦାଳକ ତନୟା ସୁଜାତାଙ୍କ ଗର୍ଭରେ କାହୋଡ଼ ମୁନିଙ୍କ ଔରସରେ ଜନ୍ମିଥିଲେ । ଏ ମାତୃଗର୍ଭରେ ଥିବା ଅବସ୍ଥାରେ ସମୁଦାୟ ବେଦ ବେଦାଙ୍ଗ ଅଧ୍ୟୟନ କରିଥିଲେ । ସେ ଗର୍ଭରେ ଥାଇ ଥରେ ପିତାଙ୍କୁ ତାଙ୍କ ଶିଷ୍ୟମାନଙ୍କ ଉପସ୍ଥିତିରେ ସମ୍ବୋଧନ କରି କହିଲେ "ଆପଣଙ୍କର ବେଦାଧ୍ୟୟନ ଭଲ ହେଉନାହିଁ ।" ପିତା ଏଥିରେ କ୍ରୁଦ୍ଧ ହୋଇ ଅଭିଶାପ ଦେଲେ ଓ ସେହି ଅଭିଶାପ ଫଳରେ ଏହାଙ୍କ ଦେହର ଆଠ ସ୍ଥାନ ବଙ୍କା ହୋଇ ଏ ଜନ୍ମ ହେଲେ । ଏକଦା ଏହାଙ୍କ ପିତା ଜନକ ରାଜସଭାରେ ଜଣେ ତାର୍କିକଙ୍କ ସହିତ ଯୁକ୍ତିରେ ପରାସ୍ତ ହୋଇ ଜଳରେ ବନ୍ଦୀ ହୋଇଥିଲେ । ଅଷ୍ଟାବକ୍ର ଏହା ଶୁଣି ଜନକ ସଭାକୁ ଯାଇ ତାର୍କିକଙ୍କୁ ପରାସ୍ତ କରି ପିତାଙ୍କୁ ବନ୍ଧନମୁକ୍ତ କଲେ । ପିତାଙ୍କ ବର ଅନୁସାରେ ଏ ସମଙ୍ଗ ନଦୀରେ ସ୍ନାନ କରିବାରୁ ଏହାଙ୍କର ଅଙ୍ଗବକ୍ରତା ଦୂର ହେଲା । ଏ ଅଷ୍ଟାବକ୍ର ସଂହିତା ନାମକ ଯୋଗଶାସ୍ତ୍ରର ରଚୟିତା ଥିଲେ । ]

**ଅଷ୍ଟାବଧାନ**—ସଂ. ବି ( ଅଷ୍ଟ + ଅବଧାନ )—ଅଭ୍ୟାସ ଯୋଗୁଁ ଏକ-
Ashṭābadhāna ସମୟରେ ଆଠ ପ୍ରକାର ଭିନ୍ନ ଭିନ୍ନ ବିଷୟରେ ମନୋନିବେଶ—Simultaneous attention given to eight things.

**ଅଷ୍ଟାବଧାନୀ**—ସଂ. ବିଣ. ପୁଂ ( ଅଷ୍ଟ + ଅବଧାନ=ମନୋଯୋଗ +
Ashṭābadhāni ଇନ୍ )—ଯେଉଁ ବ୍ୟକ୍ତି ଅଭ୍ୟାସ ଯୋଗୁଁ ଏକସମୟରେ ଆଠ ଗୋଟି କଥାରେ ମନୋନିବେଶ କରିପାରେ—One who by constant practice can concentrate his attention to eight different things at one and the same time.

**ଅଷ୍ଟାବସୁ**—ସଂ. ବି ( ଅଷ୍ଟନ୍ + ବସୁ )—ଅଷ୍ଟବସୁ ( ଦେଖ )
Ashṭābasu Ashṭabasu ( See )

**ଅଷ୍ଟାବିଂଶ**—ସଂ. ବିଣ (ଅଷ୍ଟନ୍ + ବିଂଶ)—ଅଠେଇଶି ସଂଖ୍ୟାର ପୂରକ—
Ashṭābiṁśa Twenty eight.

**ଅଷ୍ଟାବିଂଶତି**—ସଂ. ବି. (ମଧ୍ୟପଦଲୋପୀ କର୍ମଧା; ଅଷ୍ଟ + ବିଂଶତି)—
Ashṭābiṁśati ଅଠେଇଶି ସଂଖ୍ୟା—The number 28.
ସଂ. ବିଣ—୨୮ ସଂଖ୍ୟକ—Numbering 28.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇୟ | ଡ଼ଅ | ଷ |
| ୨ | ଈ | ଊ | ୠ | ଲୂ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଂ୍ୟ | ଇଅ | ୱ | ନ୍ବ |

ଅଷ୍ଟାବିଂଶତିତମ—ସଂ. ବିଣ. ( ଅଷ୍ଟାବିଂଶତି + ତମ ) – ୨୮ ସଂଖ୍ୟାର
Ashṭābiṁśatitama ପୂରକ—Twenty eighth.

ଅଷ୍ଟାଶୀତି—ସଂ. ବି. ଓ ବିଣ ( ସଂଖ୍ୟାବାଚକ; ଅଷ୍ଟନ + ଅଶୀତି )—
Ashṭāśiti ଅଠାଅଶି—Eighty-eight.

ଅଷ୍ଟାଶୀତିତମ—ସଂ. ବିଣ.—ଅଠାଅଶି ସଂଖ୍ୟାର ପୂରକ—
Ashṭāśititama Eighty-eighth.

ଅଷ୍ଟାଶ୍ରି—ସଂ. ବିଣ. ( ଅଷ୍ଟ + ଅଶ୍ର + ଇନ୍. ୧ମା. ୧ବ. )—
Ashṭāśri ଅଠକୋଣିଆ—Octangular.

ଅଷ୍ଟାସ୍ର—ସଂ. ବିଣ.—ବହୁବ୍ରୀହି ( ଅଷ୍ଟ + ଅସ୍ର )—
Ashṭāsra ୧ । ଅଠକୋଣିଆ—1. Octangular.
୨ । ଅଠପହଲିଆ—2. Having eight faces.

ଅଷ୍ଟାହ—ସଂ. ବି ( ଅଷ୍ଟ+ଅହନ୍ )—ଅଠ ଦିନର ସମାହାର—
Ashṭāha A unit of time extending over eight days.

ଅଷ୍ଟି—ସଂ.ବି (ଅସ ଧାତୁ = କ୍ଷେପଣ କରିବା + କର୍ମ. ତି; ଫଳକୁ ଖାଇସାରି
Ashṭi ଯାହାକୁ ଫିଙ୍ଗିଦିଅନ୍ତି; ତୁଳ. ବଂ; ଆଁଟି = ଟାକୁଆ)—
୧ । ଫଳ ଭିତରର ଟାଣ ମଞ୍ଜି ବା ଟାକୁଆ—
1. Hard seed or stone inside a fruit.
୨ । ଷୋଳଅକ୍ଷରର ଛନ୍ଦୋବିଶେଷ—
2. A Sanscirt metre of sixteen syllables.

ଅଷ୍ଟୈଶ୍ୱର୍ଯ୍ୟ—ସଂ. ବି ( ଦ୍ୱିଗୁ; ଅଷ୍ଟ + ଐଶ୍ୱର୍ଯ୍ୟ )—
Ashṭaiśwarjya ଦେବତା ଓ ଯୋଗସିଦ୍ଧ ପୁରୁଷମାନଙ୍କର ସାଧନଲବ୍ଧ ଅଠଗୋଟି ଅନନ୍ୟସୁଲଭ ସିଦ୍ଧି ବା ବିଶେଷତ୍ୱ—
Eight supernatural powers possessed by Gods and spiritually great men.

[ ଦ୍ର—ଅଷ୍ଟୈଶ୍ୱର୍ଯ୍ୟ, ଯଥା—୧ । ଅଣିମା—ଅତି ସୂକ୍ଷ୍ମ ଆକାର ଧାରଣ କରିବାର ସିଦ୍ଧି । ୨ । ଲଘିମା—ଅତି ଲଘୁ ବା ହାଲୁକା ହୋଇ ସୂର୍ଯ୍ୟଲୋକ ପର୍ଯ୍ୟନ୍ତ ଉଠିଯିବାର କ୍ଷମତା । ୩ । ମହିମା—ଅତି ବୃହତ ଆକାର ଧାରଣ କରିବା କ୍ଷମତା । ୪ । ବ୍ୟାପ୍ତି—ସବୁଆଡ଼େ ବ୍ୟାପିଯିବାର ଶକ୍ତି । ୫ । ପ୍ରାକାମ୍ୟ—ଯଥେଚ୍ଛାଚାରିତା । ୬ । ଈଶିତା—ସମସ୍ତଙ୍କ ଉପରେ ଆଧିପତ୍ୟ କରିବା ଶକ୍ତି । ୭ । ବଶିତା—ସମସ୍ତ ପ୍ରାଣୀଙ୍କୁ ବଶ କରିବାର ଶକ୍ତି । ୮ । କାମାବସାୟିତା—ଯେଉଁ ସୁଖଭୋଗ କରିବାକୁ ଇଚ୍ଛାକରିବ ତାହାର ପ୍ରାପ୍ତି ।

ଅଷ୍ଟୈଶ୍ୱର୍ଯ୍ୟର ଶ୍ଲୋକ—
ଅଣିମା ଲଘିମା ବ୍ୟାପ୍ତିଃ ପ୍ରାକାମ୍ୟଂ ମହିମା ତଥା
ଈଶିତ୍ୱଂ ଚ ବଶିତ୍ୱଂ ଚ ତଥା କାମାବସାୟିତା ।

ଏହା ଛଡ଼ା ଆଉ ୧୦ଟି ସିଦ୍ଧି ଅଛି; ଅଷ୍ଟାଦଶ ସିଦ୍ଧି ତଳେ ଦେଖ ।]

ଅଷ୍ଟ୍ରିୟ—ଦେ. ବିଣ ( ଇଂ. ଅଷ୍ଟ୍ରିୟାନ୍ )—
Ashtriya ଅଷ୍ଟ୍ରିୟାଦେଶୀୟ—Austrian.
ଅଷ୍ଟ୍ରିୟ

ଅଷ୍ଟ୍ରିୟା—ବୈଦେ. ବି ( ନାମ )—ୟୁରୋପର ରାଜ୍ୟବିଶେଷ—
Ashṭriyā ustria.
[ଦ୍ର—ଏହା ହଙ୍ଗାରୀ ରାଜ୍ୟ ସଙ୍ଗେ ମିଶି ଅଷ୍ଟ୍ରୋହଙ୍ଗାରୀ ନାମରେ ବିଖ୍ୟାତ । ଏହାର ଉତ୍ତରରେ ଜର୍ମାନୀ ଓ ରୁଷିଆ; ଦକ୍ଷିଣରେ ରୁମାନିଆ, ସର୍ଭିଆ, ଆଡ୍ରିଆଟିକ୍ ସାଗର ଓ ଇଟାଲୀ; ପୂର୍ବରେ ରୁମାନିଆ ଓ ରୁଷିଆ; ପଶ୍ଚିମରେ ଜର୍ମାନୀ ଓ ସ୍ୱିଟ୍ଜରଲାଣ୍ଡ । ଏହା ପୂର୍ବେ ରାଜାଙ୍କ ଶାସିତ ଥିଲା; ବର୍ତ୍ତମାନ ଏହା ପ୍ରଜାତନ୍ତ୍ର ପ୍ରଣାଳୀରେ ଶାସିତ । ]

ଅଷ୍ଟ୍ରେଲିୟା—ବୈଦେ. ବି. (ନାମ)—ଏସିଆର ଦକ୍ଷିଣରେ ଥିବା ବୃହତ୍
Ashṭreliyā ଦ୍ୱୀପ—Australia.
[ଦ୍ର—ଏହା ଇଂରାଜମାନଙ୍କର ଗୋଟିଏ ଉପନିବେଶ ଅଟେ ଓ ଏହା ବ୍ରିଟିଶ ସାମ୍ରାଜ୍ୟର ଅଙ୍ଗ ଅଟେ । ]

ଅଷ୍ଟ୍ରେଲେସିଆ—ବୈଦେ. ବି—ପ୍ରଶାନ୍ତମହାସାଗରର ଦକ୍ଷିଣାଂଶରେ ଓ
Ashṭrelesiā ଏସିଆଖଣ୍ଡର ଦକ୍ଷିଣରେ ଥିବା ଅଷ୍ଟ୍ରେଲିଆ ଓ ତନ୍ନିକଟବର୍ତ୍ତୀ ନିଉଗିନି, ନିଉଜିଲାଣ୍ଡ, ଟାସ୍ମାନିଆ ଆଦି ଦ୍ୱୀପସମୂହ—Australasia.

ଅଷ୍ଠି—ସଂ. ବି. (ଅ + ସ୍ଥା ଧାତୁ + ଇ; ଫଳର ଯାହା ଶେଷ ରହେ, କିମ୍ବା
Ashṭhi ଅସ ଧାତୁ = କ୍ଷେପଣ କରିବା + କର୍ମ. ଠି )—
୧ । ଅଷ୍ଟି ( ଦେଖ )
1. Ashṭi ( See )
୨ । ଦୀପକ ରାଗର ରାଗିଣୀବିଶେଷ—
2. Name of a musical tone.

ଅଷ୍ଠୀ—ସଂ. ବି. ( ଅସ୍ ଧାତୁ + କର୍ମ. ଠୀ )—ଅଷ୍ଠି ( ଦେଖ )
Ashṭhī Ashṭhi ( See )

ଅଷ୍ଠୀବାନ୍—ସଂ. ବି. (ଅସ୍ଥି = ହାଡ଼ + ଅସ୍ତି ଅର୍ଥରେ. ବତ୍—ଗୋଡ଼ାଳିଆ ହାଡ଼ଯୁକ୍ତ ଅଙ୍ଗ )—
Ashṭhibān ଆଣ୍ଠୁ—Knee-joint.

ଅଷ୍ଠୀଲା—ସଂ. ବି. ( ଅସ୍ଥି = ହାଡ଼ + ଲା ଧାତୁ = ଗ୍ରହଣ କରିବା + କର୍ତ୍ତୃ. ଅ
Ashṭhilā + ସ୍ତ୍ରୀ. ଆ; ଯାହା ହାଡ଼ର ଗୁଣ ଗ୍ରହଣ କରେ ଅର୍ଥାତ୍ ଯାହା ହାଡ଼ ପରି ଟାଣ )—୧ । ବର୍ତ୍ତୁଳାକାର ପାଷାଣଖଣ୍ଡ; ବାଲିଗରଡ଼ା—1. Pebble; a ball of stone.
୨ । ଫଳର ଟାକୁଆ—2. Hard seed or stone of fruits.
୩ । ନାଭି ତଳେ ବାୟୁ ଜନିତ ଟାଣୁଆ ଅବୁ ରୋଗ—(ଏଥିରେ ମଳ ଓ ମୂତ୍ର ରୋଧ ହୁଏ ଓ ବସ୍ତିରେ ପୀଡ଼ା ହୁଏ । )
3. A globular and very hard tumour below the naval; a disease.
୪ । ରୋଗରୁ ଦେହର ଶିରା ଓ ଗିଲିଟିମାନ ଗଣ୍ଠିପରି ଗୋଟାଳିଆ ହେବା—5. Knotting of glands and veins in the body.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅଙ୍ଗା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୫ । କୋଷ୍ଠବଦ୍ଧତା ( ଯହିଁରୁ ଗୋଟାଳିଆ ମଳ ଜାତ ହୁଏ)— 5. Costiveness causing hard globular excretion.

**ଅସ୍କଟ୍**— ପ୍ରାଦେ. ( ସମ୍ବଲପୁର. ) ବି.— ୧ । ବିରକ୍ତି—
Askaṭ 1. Displeasure.
୨ । ଆବର୍ଜନା; ଅଳିଆ—2. Refuse.
ପ୍ରାଦେ. (ସମ୍ବଲପୁର) ବିଣ.—୧ । କୁତ୍ସିତ—1. Ugly.
୨ । ଆବର୍ଜନାମୟ—2. Full of refuse.
୩ । ମଇଳା; ମଳଯୁକ୍ତ—3 Dirty.

**ଅସ୍କଟିଆ**—ପ୍ରାଦେ. ( ସମ୍ବଲପୁର. ) ବିଣ. ପୁଂ.—ଯେଉଁ ବ୍ୟକ୍ତି
Askaṭiā ପରିଷ୍କାର ପରିଚ୍ଛନ୍ନ ରହେ ନାହିଁ; ମଇଳା— Untidy; slovenly.
(ଅସ୍କଟିଏନ୍— ସ୍ତ୍ରୀ)

**ଅସଂଖ୍ୟ**—ସଂ. ବିଣ. ( ଅ + ସଂଖ୍ୟା )—ଅସୁମାରି; ସଂଖ୍ୟାତୀତ; ଅଗଣ୍ୟ—
Asaṁkhya Innumerable; countless

**ଅସଂଖ୍ୟକ**— ସଂ. ବିଣ (ବହୁବ୍ରୀହି; ଅ + ସଂଖ୍ୟା; କ ଆଗମ)—ଅସଂଖ୍ୟ (ଦେଖ)
Asaṁkhyaka Asaṁkhya ( See )

**ଅସଂଖ୍ୟା**— ଗ୍ରା. ବିଣ ( ସଂ. ଅସଂଖ୍ୟ )— ଅସଂଖ୍ୟ ( ଦେଖ )
Asaṁkhyā Asaṁkhya (See)
ଗମନ କରୁଛନ୍ତି ରଥ ଅସଂଖ୍ୟାରେ—କୃଷ୍ଣସିଂହ. ମହାଭାରତ. ଆଦି ।

**ଅସଂଖ୍ୟାତ**—ସଂ. ବିଣ. ( ଅ = ନୁହେ + ସଂଖ୍ୟା = ଗଣନା + ତ )—
Asaṁkhyāta ଅଗଣିତ—Unnumbered

**ଅସଂଖ୍ୟେୟ**—ସଂ. ବିଣ. ( ଅ + ସଂଖ୍ୟେୟ )—ଅସଂଖ୍ୟ; ଅଗଣନ—
Asaṁkhyeya Countless.
ଅସଂଖ୍ୟେ ପାଇକ ଏହାଙ୍କ ସଙ୍ଗତେ
ପୂର୍ବେ କାହାରିଲେ ହେ ନୃପମତେ । କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

**ଅସଂଯତ**— ସଂ. ବିଣ. ( ଅ + ସଂଯତ ) – ୧ । ସଂଯମହୀନ; ଅକୃତସଂଯମ—
Asaṁjata 1. Having no self control.
(ଅସଂଯତା—ସ୍ତ୍ରୀ) ୨ । ଅନିୟମିତ—2. Irregular.
୩ । ବନ୍ଧନଶୂନ୍ୟ—3. Unrestrained.

**ଅସଂଯମ**—ସଂ. ବି. ( ଅ + ସଂଯମ )— ଇନ୍ଦ୍ରିୟନିଗ୍ରହର ଅଭାବ;
Asaṁjama କାମକ୍ରୋଧାଦିକୁ ବଶ ନ କରିବା— Want of self-control.

**ଅସଂଯୁକ୍ତ**—ସଂ. ବିଣ. ( ଅ + ସଂଯୁକ୍ତ )—ଯାହା ମିଳିତ ନୁହେ—
Asaṁjukta Not joined together.
(ଅସଂଯୋଗ—ବି)

**ଅସଂଲଗ୍ନ**—ସଂ. ବିଣ. ( ଅ + ସଂଲଗ୍ନ )—୧ । ଯାହା ଲାଗି ନାହିଁ—
Asaṁlagna 1. Not attached.
୨ । ଅସଙ୍ଗତ; ପୂର୍ବାପର ବିରୁଦ୍ଧ—2. Incoherent.

**ଅସଂଶୟନୀୟ**—ସଂ. ବିଣ. (ଅ + ସଂଶୟନୀୟ)—ଯହିଁରେ ସନ୍ଦେହ ହୋଇ ନ
Asaṁśaniya ପାରେ—Undoubted.

**ଅସଂଶୟ**—ସଂ. ବି. ( ଅ + ସଂଶୟ )—ସନ୍ଦେହର ଅଭାବ—
Asaṁśaya Absence of doubt.
ସଂ. ବିଣ—ସନ୍ଦେହଶୂନ୍ୟ; ନିଃସନ୍ଦେହ— Doubtless; free from doubt.
କ୍ରି. ବିଣ—ନିଃସନ୍ଦେହରେ; ନିଶ୍ଚୟ— Undoubtedly; certainly.

**ଅସଂଶୟାନ**—ସଂ. ବିଣ. ପୁଂ. ( ଅ + ସଂଶୟାନ )—
Asaṁśayāna ଯେ ସନ୍ଦିହାନ ନୁହେ—
(ଅସଂଶୟାନା—ସ୍ତ୍ରୀ) Unsuspecting.

**ଅସଂଶ୍ଳିଷ୍ଟ**—ସଂ. ବିଣ. ( ଅ + ସଂଶ୍ଳିଷ୍ଟ )—
Asaṁslishṭa ୧ । ଅସଂଯୁକ୍ତ—1. Not connected.
୨ । ପୃଥକ୍—2. Isolated.

**ଅସଂଶ୍ଳିଷ୍ଟପର୍ବତ**—ସଂ. ବି. ( ବିଜ୍ଞାନପରିଭାଷା )—
Asaṁślishṭaparbata ଭୂଗର୍ଭସ୍ଥ ସ୍ତରଉତ୍କ୍ଷେପକ ଶକ୍ତି ପୃଥିବୀର ଏକସ୍ଥାନରେ ବଳପ୍ରୟୋଗ କଲେ ଯେଉଁ ଭୂଭାଗର ପର୍ବତ ଖଣ୍ଡ ବାହାରକୁ କ୍ଷିପ୍ତ ହୁଏ— ( ପ୍ରକୃତିବାଦ )
Isolated rock.

**ଅସଂସାହସ**— ସଂ. ବି. ( ଅ + ସଂ. ସାହସ )— ଅସମସାହସ; ଦୁଃସାହସ—
Asaṁsāhasa Rashness; bravado.

**ଅସଂସାହସିକ**—ସଂ. ବିଣ. ପୁଂ. ( ଅ + ସମ୍ + ସାହସିକ )—
Asaṁsāhasika ଦୁଃସାହସିକ; ହାଇଁସାହାସିଆ—
(ଅସଂସାହସିକା — ସ୍ତ୍ରୀ) Rash; foolhardy.
(ଅସଂସାହସିକତା — ବି)

**ଅସଂସ୍କାର**—ସଂ. ବି. ( ଅ + ସଂସ୍କାର )—୧ । ସଂସ୍କାରର ଅଭାବ—
Asaṁskāra 1. Want of reform.
୨ । ପରିଷ୍କାର ନ କରିବା—2. Want of cleansing.
ସଂ. ବିଣ—ସଂସ୍କାରହୀନ—Having no Saṁskāra.

**ଅସଂସ୍କୃତ**— ସଂ. ବିଣ. (ଅ + ସଂସ୍କୃତ)— ୧ । ଯାହାର ସଂସ୍କାର ହୋଇ
Asaṁskṛuta ନାହିଁ; ଅଜାତସଂସ୍କାର—
1. One who has not undergone purificatory ceremonies
୨ । ଅପରିଷ୍କୃତ—2. Uncleansed.
୩ । ସଂସ୍କୃତଭାଷା ବହିର୍ଭୂତ; ପ୍ରାକୃତ—
3. Vernacular ( language )
୪ । ଗର୍ଭାଧାନାଦି ସଂସ୍କାର ରହିତ—
4. Not having the purificatory ceremonies of a Brāhmaṇa.

**ଅସଂସ୍ଥାନ**—ସଂ. ବି. ( ଅ + ସଂସ୍ଥାନ )—
Asaṁsthāna ୧ । ଅସଂଗତି; ବନ୍ଦୋବସ୍ତର ଅଭାବ—
1. Want of provision or arrangement.

| ୧ | ଌ | ଈ | ଋ,ୠ | ଃ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଜ୍ଞ | ଉଅ | ଋ |
|---|---|---|---|---|---|---|---|---|---|---|---|---|---|---|
| ୨ | ଝ | ଉ | ରୁ | ଲୁ | ଯ୍ୟେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ◆ | ରୁ |

୨ । ପ୍ରଣାଳୀର ଅଭାବ; ଅସଙ୍ଗ—
2. Want of method.

**ଅସଂହତ**—ସଂ. ବଣ. (ଅ+ସଂହତ)—
Asamhata ୧ । ଅସଂଲଗ୍ନ—1. Unconnected.
୨ । ଇତସ୍ତତଃ ବିକ୍ଷିପ୍ତ—2. Strewn here and there.
ସଂ. ବି.—ବ୍ୟୂହବିଶେଷ—A tactical arrangement of soldiers.

**ଅସକତିଆ**—ଦେ. ବି.—ଅସ୍କତି (ଦେଖ)
Asakatiā Askati (See)
ଦେ. ବଣ.—ଅସ୍କତ୍ (ଦେଖ)
Askat (See)

**ଅସକନ୍ଦ**—ଦେ. ବି. (ସଂ. ଅଶ୍ୱଗନ୍ଧ)—ଅଶ୍ୱଗନ୍ଧା (ଦେଖ)
Asakanda Aswagandhā (See)

**ଅସକନ୍ଦା**—ଦେ. ବଣ.—୧ । ମଇଳା; ମଳଯୁକ୍ତ—
Asakandā 1. Dirty.
ଅନ୍ଦିସନ୍ଦି ୨ । ଅସଜିଆ—2.Inconvenient;awkward.
୩ । ଅଡୁଆ; ଗୋଲମାଲିଆ—
3. Complicated; complex.
୪ । ଜଞ୍ଜାଳମୟ—4. Full of refuse.
ଦେ. ବି.—ଅଶଜିଆ ଅବସ୍ଥା—Awkward position.

**ଅସକନ୍ଦି**—ଦେ. ବି. ଓ ବଣ—ଅସକନ୍ଦା (ଦେଖ)
Asakandi Asakandā (See)

**ଅସକନ୍ଦିଆ**—ଦେ. ବଣ.—ଅସଜିଆ; ଅଶଜିଆ—
Asakandiā Inconvenient; awkward.

**ଅସକରା**—ପ୍ରାଦେ. (କଟକ) ବି. (ସଂ. ଅବସ୍କର)—ଅଳିଆ; ଝାଡୁଆ—
Asakarā Refuse; sweepings.
ପ୍ରାଦେ. (ମେଦିନୀପୁର) ବି.—କଳିକତରା (ଦେଖ)
Kalikatarā (See)
ଦେ. ବଣ.—୧ । ଅଳିଆ ବା ଝାଡୁଆପୂର୍ଣ୍ଣ; ମଇଳା—
1. Unswept; dirty.
୨ । ଅଶ୍ଳୀଳ—2. Obscene.

**ଅସକୃତ୍**—ସଂ. କି. ବଣ. ( ଅ=ନୁହେ+ସକୃତ୍ =ଏକାଥରକେ )—
Asakrut ୧ । ବାରମ୍ବାର—1. Repeatedly.
୨ । ଅନେକଥର—2. Several times.

**ଅସକ୍ତ**—ସଂ. ବଣ. (ଅ+ସଜ୍ ଧାତୁ+ତ)—୧ । ଅନାସକ୍ତ—
Asakta 1. Unattached.
୨ । ଅସଂଲଗ୍ନ—2. Unconnected.
୩ । ଅପ୍ରତିବନ୍ଧ—3. Unrestrained.
୪ । ବିଷୟବିରାଗୀ—4. Indifferent to worldly affairs.
୫ । ଫଳାଭିଳାଷଶୂନ୍ୟ—5. Having no desire for gain or benefit.

**ଅସଗୋତ୍ର**—ସଂ. ବଣ. ପୁଂ. (ଅ+ସଗୋତ୍ର)—ଯେ ଆପଣାର ଗୋତ୍ରର
Asagotra ନୁହେ—Not of the same gotra or
(ଅସଗୋତ୍ରା—ସ୍ତ୍ରୀ) clan.

**ଅସଙ୍ଖଳା**—ଦେ. ବଣ. (ସଂ. ଅସଂଖ୍ୟ)—
Asankhalā ୧ । ଅସଂଖ୍ୟ—Countless.
୨ । ନିରାଶ୍ରୟ; ଅନାଥ—2. Helpless; having no one to protect.
୩ । ଦୀନ—3. Destitute.

**ଅସଙ୍ଖୁଳା**—ଦେ. ବଣ.—୧ । ଅନିମନ୍ତ୍ରିତ—1. Uninvited.
Asankhulā ୨ । ଅନାକାଂକ୍ଷିତ—2. Unasked.
୩ । ଅନାଦୃତ—3. Disregarded.
୪ । ଯାହାର କେହି ଯତ୍ନ କରେ ନାହିଁ—
4. Uncared for.
୫ । ଘୃଣିତ—5. Hated
୬ । ନିଷ୍ଫଳ; ବ୍ୟର୍ଥ—6. Fruitless; vain.
୭ । ଯାହା ବିଷୟରେ କେହି ତତ୍ତ୍ୱ ନେଇ ନାହିଁ—
7. Not enquired after.
ଦେ. ବି.—୧ । ଅନାଦର—1. Disregard.
୨ । ଅଯତ୍ନ—2. Want of care.

**ଅସଙ୍ଖୋଳା**—ଦେ. ବଣ. ଓ ବି.—ଅସଙ୍ଖୁଳା (ଦେଖ)
Asankholā Asankhulā (See)

**ଅସଙ୍କ୍ଷେପ**—ଦେ. ବଣ. (ସଂ. ଅସଂକ୍ଷେପ୍ୟ)—
Asankshepa ଅଗଣିତ; ବହୁ—Countless; many.
ଏଥିରୁ ଅନ ତାଙ୍କ କୁଳର ଅସଙ୍କ୍ଷେପ । କୃଷ୍ଣସିଂହ. ମହାଭାରତ. ଅବ ।

**ଅସଙ୍ଗ**—ସଂ. ବି. ( ଅ + ସଙ୍ଗ )—ବୈରାଗ୍ୟ; ଅନାସକ୍ତି—
Asanga Non attachment to the mundane affairs.
ଯେବେ ବିଷୟ ଅସ୍ଥା ଭେଦ, ଅସଙ୍ଗ ଶସ୍ତ୍ରେ ତାହା ଛେଦ—
ଜଗନ୍ନାଥ—ଭାଗବତ ।
ସଂ. ବଣ—୧ । ଅନାସକ୍ତ—1. Not attached to.
ଅସ୍ଥା ପ୍ରବଳ ଯୁବକେକେ, ଗୁଣେ ଅସଙ୍ଗ ହେବ କେବେ—
ଜଗନ୍ନାଥ—ଭାଗବତ
୨ । ନିଃସଙ୍ଗ—2. Having no companion.
୩ । ସଂସାରବନ୍ଧନରହିତ—
3. Free from worldly ties.
ଦେ. ବି—୧ । ମନ୍ଦସଙ୍ଗୀ—1. Bad companion.
ଅସଙ୍ଗ ସଙ୍ଗରେ ସଙ୍ଗ ମାନ—ଗ୍ରାଚୀ. ରହସ୍ୟମଞ୍ଜରୀ ।
୨ । ମନ୍ଦ ସଙ୍ଗୀଙ୍କ ସାହଚର୍ଯ୍ୟ—
2. Bad company.
ଅସଙ୍ଗରେ ସଙ୍ଗ ଚା; ଅସଙ୍ଗରେ ସଙ୍ଗ ହେଲେ ବାଠ ସଙ୍ଗ ଲମ୍ଭିତା—ଚଗ ।

**ଅସଙ୍ଗତ**—ସଂ. ବଣ. ( ଅ + ସଙ୍ଗତ )—୧ । ଅଯୌକ୍ତିକ—
Asangata 1. Unreasonable.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଗ୍ରନ୍ଥକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଢ଼' ନ ମିଳିଲେ 'ଗାଡ଼' ଖୋଜିବେ; 'ବୃଥା' ନ ମିଳିଲେ 'ବୃଥା' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ;'ଅଳଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ ।

୨ । ପୂର୍ବ ଭାଷଣ ସଙ୍ଗେ ମେଳ ନ ଥିବା—
2 Incongruous; inconsistent.
୩ । ଅସମ୍ଭବ—3. Improbable.
୪ । ଅନୁଚିତ—4. Improper.
୫ । ପରସ୍ପର ସହିତ ମିଳୁ ନ ଥିବା—
5. Not tallying with each other.
୬ । ଅଯୁକ୍ତ—6. Inappropriate.

**ଅସଙ୍ଗତି**—ସଂ. ବି. ( ଅ + ସଙ୍ଗତି )—
Asangati ୧ । ସାମଞ୍ଜସ୍ୟର ଅଭାବ; ଅମେଳ—
1. Incongruity; inconsistence.
୨ । ସାଂସାରିକ ବା ଆର୍ଥିକ ସଙ୍ଗତି ବା ଧନ ନ ଥିବା ଅବସ୍ଥା—
2. Financial or material incompetence.
୩ । ଅସମ୍ବନ୍ଧ—3. Want of connection.
୪ । ଅଯୌକ୍ତିକତା—4. Unreasonableness.
୫ । ଉପାୟହୀନତା—5. Want of resources.
୬ । ଅମେଳ—6. Disagreement.
୭ । ଅର୍ଥାଲଙ୍କାରବିଶେଷ—7. A figure of speech.
[ଦ୍ର—ଯେଉଁ ସ୍ଥାନରେ କାରଣ ଥାଏ ସେହି ସ୍ଥାନରେହିଁ କାର୍ଯ୍ୟ ଜନ୍ମେ । ଏହି ନିୟମର ଅନ୍ୟଥା ଘଟିଲେ ଅର୍ଥାତ୍ ଭିନ୍ନ ଭିନ୍ନ ଦେଶରେ କାର୍ଯ୍ୟ ଓ କାରଣର ସ୍ଥିତି ବର୍ଣ୍ଣିତ ହେଲେ ଅସଙ୍ଗତି ଅଳଙ୍କାର ହୁଏ । ଯଥା—
ଜୀବନ ହରିଲେ ତହିଁ ଦେହରୁ ଜୀବନମଣି ଶୁଣ୍ଠେଣ ଆଉ ।
ପାଣି ଦେଖିଚନ୍ତି ଧାଇବରେ ମୀନକୁ ବନ୍ଧନଭଙ୍ଗେ ପଡ଼ାଇ ।
ଯୁଗଳଦେବ. ଚକୋରଲୀଳା—ଭୂଷଣମଣି ଅଳଙ୍କାରତରଙ୍ଗିଣୀ । ]
ସଂ. ବିଣ—ସଙ୍ଗତିରହିତ—
Not well-to-do; resourceless.

**ଅସଙ୍ଗା**—ଗ୍ରା. ବିଣ.—ଅସଙ୍ଘା ( ଦେଖ )
Asanga Asangha ( See )
ଅସଙ୍ଗା ଗାଈ ତଳରେ ପଡ଼ାଇବ କ୍ଷୀର—
ଗ୍ରାମ୍ୟ—ବ୍ରହ୍ମବୈବର୍ତ୍ତପୁରାଣଗୀତା ।

**ଅସଙ୍ଗୀ**—ସଂ. ବିଣ. ( ଅ+ସଙ୍ଗ+ଇନ୍; ୧ମା. ୧ବ. )—ଅନାସକ୍ତ—
Asangi Unattached.
ପ୍ରଥମେ ବୟସ୍ୟ ଅସଙ୍ଗୀ; ପ୍ରେମମୂଳକ ଭକ୍ତରଙ୍ଗୀ—
ଜଗନ୍ନାଥ—ଭାଗବତ ।
ସଂ. ବି.—କୁସଙ୍ଗୀ; ମନ୍ଦ ସହଚର—
Bad companion.

**ଅସଙ୍ଗଡ଼ା**—ଗ୍ରା. ବିଣ—ଯେଉଁ ଚାଉଳରେ ପରିବାଯାକ ଭଲରୂପେ ସିଝି
Asangharda ଏକଦମ ମିଶି ଯାଇ ନ ଥାଏ; ଅର୍ଦ୍ଧସିଦ୍ଧ—
আধসিদ্ধ Half boiled; not well boiled.

**ଅସଙ୍ଘା**—ଦେ. ବିଣ. ପୁଂ. ଓ ସ୍ତ୍ରୀ (ସ. ଅସଙ୍ଗମ,—ଯେଉଁ ବୃଷ ବା ଗାଈ
Asangha ଅଦ୍ୟାପି ସଙ୍ଗମ କରି ନାହିଁ — a cow or bull )
Which has not yet copulated.

**ଅସଚ୍ଚରିତ୍ର**—ସଂ. ବି. ( କର୍ମଧା. ଅସତ୍+ଚରିତ୍ର )—ମନ୍ଦ ଆଚରଣ—
Asachcharitra Bad or immoral character.
(ଅସଚ୍ଚରିତ୍ରା—ସ୍ତ୍ରୀ) ସ. ବିଣ. ପୁଂ (ବହୁବ୍ରୀହି)—ମନ୍ଦଚରିତ୍ରଶାଳୀ—
Immoral; of bad character.

**ଅସଚ୍ଛଳ**—ଦେ. ବିଣ. ( ସ. ଅ+ସଚଳ; ଜନ୍ମା ଅ+ସଚ୍ଛଳ )—
Asachchhala ୧ । ଅସଙ୍ଗତିପନ୍ନ—1 Not well to-do.
অসচ্ছল ୨ । ଅଭାବଗ୍ରସ୍ତ—2. Being in want.
(ଅସଚ୍ଛଳତା—ବି) ୩ । ନିର୍ଦ୍ଧନ—3. Poor.

**ଅସଜ୍**—ପ୍ରାଦେ. (ସମ୍ବଲପୁର) ବି ଓ ବିଣ--ଅସଜ ( ଦେଖ )
Asaj Asaja ( See )

**ଅସଜ୍ଠାନ୍**—ପ୍ରାଦେ. (ସମ୍ବଲପୁର) ବି— ଅସଜଥାନ ( ଦେଖ )
Asajthān Asajathāna ( See )

**ଅସଜ୍ଥାନ୍**—ପ୍ରାଦେ. (ସମ୍ବଲପୁର) ବି—ଅସଜଥାନ ( ଦେଖ )
Asajthān Asajathāna ( See )

**ଅସଜ**—ଦେ. ବି. ( ସ. ଅ+ସଜ=ସଜ୍ଜିତ; ଜନ୍ମା ଅ+ସହଜ )—
Asaja ୧ । ଅସୁଖ; ଅସୁବିଧା—1. Inconvenience.
୨ । ଅଚଳ; ଅସୁବିଧାମୟ ଅବସ୍ଥା—2. Inconvenient condition; awkward position.
୩ । ଉପାୟାନ୍ତରହୀନତା—3. Resourcelessness.
୪ । ଯନ୍ତ୍ର ଆଦି ବିଗିଡ଼ିଯିବା ଅବସ୍ଥା—
4. Being out of order;derangement.
୫ । ଗୋଳମାଳ—5. Confusion; complication.
୬ । ସ୍ତ୍ରୀର ଗର୍ଭାବସ୍ଥା—6. Pregnancy.
( ଯଥା—ତାଙ୍କ ଘରେ ବର୍ତ୍ତମାନ ଅସଜ ଥିବାରୁ ସେ ମଙ୍ଗଳା ବାହେରିବେ ନାହିଁ । )
୭ । ସ୍ତ୍ରୀର ଋତୁମତୀ ଅବସ୍ଥା —
7. State of being in her menses.
ଦେ. ବିଣ— ୧ । ଅସୁବିଧାଜନକ; ଅଚଳିଆ—
1. Inconvenient; awkward.
୨ । ଅଚଳ ହୋଇଥିବା; ବିଗିଡ଼ିଥିବା—
2. Out of order; deranged.
୩ । ଗୁପ୍ତ (ଅଙ୍ଗ)—3. Private ( limb or part of body).
୪ । ଅସହଜ; କଷ୍ଟକର—4. Difficult.
୫ । ଅସଜ୍ଜିତ—5. Unfurnished.
୬ । ଦେହର ଯେଉଁ ଅଂଶ ଅତି ସୁକୁମାର—
6. Vital ( part of the body ); very tender.
୭ । ଅପ୍ରସ୍ତୁତ—7. Unprepared; not ready.
୮ । ଅସୁନ୍ଦର—8. Ungraceful.
୯ । ( ସ. ଅ+ସଦ୍ୟଃ )—ପର୍ଯ୍ୟୁଷିତ; ବାସୀ—
9. Stale; not fresh.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଗ,ଷ | ଙ୍କ | ଇଯ୍ୱ | ଉଅ | ଘ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗଁ୍ୟ | ଇଅ | ଓ୍ୱ | କ୍ନ |

**ଅସଜଥାନ**—ଦେ. ବି—୧ । ଅସୁବିଧାଜନକ ସ୍ଥାନ—
Asajathāna 1. Inconvenient place.
୨ । ଦେହର ମର୍ମସ୍ଥାନ—2. Vital or vulnerable part of the body.
୩ । ଦେହର ଗୁପ୍ତ ସ୍ଥାନ—3. The privities; private parts of the body.

**ଅସଜସଜ**—ଦେ.ବି—୧ । ଅସୁବିଧା ଓ ସୁବିଧା—1 Inconvenience and convenience.
Asajasaja

**ଅସଜା**—ଦେ. ବି. ( ସଂ. ଅସଜ୍ଜିତ )—
Asajā ୧ । ଅସଜ୍ଜିତ—1. Unfurnished.
অসাজান ୨ । ଅନଳଙ୍କୃତ—2. Unadorned.
**बेसामान**

**ଅସଜାଡ଼**—ଦେ. ବିଣ(ସଂ. ଅ + ସଜ୍ଜା) —୧ । ବିଗିଡ଼ିଥିବା —
Asajārḍa 1. Disordered; out of order.
বিগড়ান ୨ । ସଜଡ଼ା ହୋଇ ନ ଥିବା—
अंडबंड 2. Not set right.
୩ । ଅସଜ୍ଜିତ—3. Not arranged or furnished.
୪ । ଅସୁବିଧାଜନକ—4. Inconvenient.
ବନ କଣ୍ଟା ଝଣ୍ଟା ଖାଲ ଅସଜାଡ଼ ଭୂମି । ସାରଳାମହାଭାରତ· ଆଦି ।
୫ । ଅପରିଷ୍କୃତ—5. Uncleansed.
୬ । ପୀଡ଼ିତ—6. Sick.
୭ । ଯାହାର ଧାରା ବିଗିଡ଼ି ଯାଇଥାଏ—7. Disorganised.
୮ । ଅସୁସଜ୍ଜିତ—8. Not properly arranged.

**ଅସଜିଆ**—ଦେ. ବିଣ—ଅସଜ ( ଦେଖ )
Asajiā Asaja ( See )

**ଅସଜିଲ୍**—ଦେ. ବିଣ. ( ସଂ. ଅ + ସଜ୍ଜିତ )—
Asajil ୧ । ଅପ୍ରସ୍ତୁତ—1. Unprepared.
বেসজিল ୨ । ଅସଜ୍ଜିତ—2. Unfurnished.
**बेसजिल** ୩ । ଅସୁବିଧାଜନକ—3. Inconvenient.
ଦେ ବି—୧ । ଅସୁବିଧା—1. Inconvenience.
୨ । ଅପ୍ରସ୍ତୁତ ଅବସ୍ଥା—2 Unpreparedness.

**ଅସଞ୍ଚା**—ଦେ. ବିଣ. ( ସଂ.ଅ+ସଞ୍ଚିତ )—୨ । ସଞ୍ଚିତ ହୋଇ ନ ଥିବା;
Asañchā ଅପୁଞ୍ଜୀକୃତ—1. Unstored; unhoarded.
୨ । ସାଇତା ହୋଇ ନ ଥିବା—2. Not preserved.

**ଅସଡ଼**—ଦେ. ବିଣ. (ସଂ. ଅଶ୍ଳୀଳ; ଅଶିଷ୍ଟ)—୧ । ଅଶିଷ୍ଟ; ଅଭଦ୍ର—
Asarḍa 1. Rude; uncivil.
୨ । ଅଶ୍ଳୀଳଭାଷୀ—2. Of vile tongue; obscene.
୩ । ଅବାଧ୍ୟ—3. Disobedient
୪ । ଅଶିକ୍ଷିତ—4 Uneducated

୫ । ଯେଉଁ ହାଣ୍ଡି ବା ମୃତ୍ପାତ୍ରରେ ବହିଦିନ ଘିଅ ତେଲ ଆଦି ରଖା ଯାଇ ତାକୁ ସଡ଼ କରାଯାଇ ନ ଥାଏ—(earthen pot) The pores of which have not become sufficiently saturated with milk or ghee by use, so as not to suck any further article kept in them.

**ଅସଡ଼ସଡ଼**—ଗ୍ରା. ବିଣ. (ସଂ. ଅଶ୍ଳୀଳ)—୧ । ଅଶ୍ଳୀଳ (ବାକ୍ୟ)—
Asarḍasarḍa 1. Obscene (language)
୨ । ଅଶିଷ୍ଟ (ବାକ୍ୟ)—2. Rude (words)
ଗ୍ରା. ବି—୧ । ଅଶ୍ଳୀଳ କଥା—1. Obscene language.
୨ । ଅଶିଷ୍ଟବାକ୍ୟ—2. Rude words

**ଅସଡ଼ା**—ଦେ. ବିଣ.—ଅସଢ଼ା (ଦେଖ)
Asarḍā Asarḍhā (See).

**ଅସଢ଼ା**—ଦେ. ବିଣ.—୧ । ଯାହା ସଢ଼ି ନ ଥାଏ—
Asarḍhā 1. Not rotten.
୨ । ଯାହା ପାଚି କରି ଦୋଳ ଯାଇ ନ ଥାଏ—
2. Not softened after being fully ripe.

**ଅସଣା**—ଗ୍ରା. ବି. ଓ ବିଣ.—ଅସନା ( ଦେଖ )
Asaṇā Asanā ( See )

**ଅସଣ୍ଠଣ**—ଗ୍ରା. ବି. ( ଅ + ସଂସ୍ଥାନ )—ଶୃଙ୍ଖଳାର ଅଭାବ—
Asaṇṭhaṇa Want of method.
ଗ୍ରା. ବିଣ.—୧ । ଶୃଙ୍ଖଳାହୀନ —
বেঢঙ্গ; বেডৌল 1. Unmethodical.
**बेढ़ं** ୨ । ଅଠିକଣା—2. Clumsy; awkward
୩ । ଅସୁନ୍ଦର—3. Ungraceful.
ପୁ.—୧ । ଯେଉଁ ବ୍ୟକ୍ତିର କାର୍ଯ୍ୟରେ ଠିକଣା ବା ଶୃଙ୍ଖଳା ନ
(ଅସଣ୍ଠଣୀ—ସ୍ତ୍ରୀ) ଥାଏ—1. Unmethodical or clumsy in work.
୨ । ଯେଉଁ ବ୍ୟକ୍ତିର ଗୁଲିଚଳନ, ଲୁଗାପିନ୍ଧା, ଖିଆପିଆରେ ଢଙ୍ଗ ବା ସୌନ୍ଦର୍ଯ୍ୟ ନ ଥାଏ—2. Of awkward movements.

**ଅସଣ୍ଠଣା**—ଗ୍ରା. ବି.—ଅସଣ୍ଠଣ ( ଦେଖ )
Asaṇṭhaṇā Asaṇṭhaṇa ( See )
(ଅସଣ୍ଠଣୀ—ସ୍ତ୍ରୀ) ଗ୍ରା. ବିଣ.—ଅସଣ୍ଠଣ ( ଦେଖ )
Asaṇṭhaṇa ( See )

**ଅସଣ୍ଠଣିଆଁ**—ଗ୍ରା. ବିଣ. ପୁଂ.—ଅସଣ୍ଠଣା ( ଦେଖ )
Asaṇṭhaṇiāñ Asaṇṭhaṇā ( See )
(ଅସଣ୍ଠଣେଇଁ—ସ୍ତ୍ରୀ)

**ଅସଣ୍ଡବା**—ଗ୍ରା. ବିଣ.—ଅସଣ୍ଢବା ( ଦେଖ )
Asaṇḍabā Asaṇḍhabā ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅସଣ୍ଢବା**—ଗ୍ରା. ବିଣ.—୧ । ଅସଙ୍ଗତ ( କଥା )—
Asandhabā 1. Unreasonable.
୨ । ଅଶାଗୁଆ ( ବ୍ୟକ୍ତି )—2. Awkward; queer.
୩ । କୁତ୍ସିତ; ଅସୁନ୍ଦର—3. Ungraceful; ugly.

**ଅସତ୍**—ସଂ. ବିଣ.—( ଅ+ସତ୍ )—୧ । ମିଥ୍ୟା; ମିଛ—
Asat 1. False; untrue.
୨ । ଅସ୍ତିତ୍ୱବିହୀନ; ସତ୍ତାରହିତ—2. Non-existent.
୩ । ମନ୍ଦ; ଖରାପ—3. Bad.
୪ । ଖଳ; ଦୁଷ୍ଟ—4. Wicked; wanton.
୫ । ଅଧାର୍ମିକ—5. Impious; irreligious.
୬ । ଅସାଧୁ; ଅସଜ୍ଜନ—6. Dishonest.
୭ । ପରର ଧନ ବା ସମ୍ପତ୍ତି ପ୍ରତି ଅନ୍ୟାୟ କ୍ରମେ ଲୁବ୍ଧ—
7. Unlawfully covetuous after others' property.
୮ । ଅସଚ୍ଚରିତ୍ର—8. Immoral;of bad character.

**ଅସତ**—ଦେ. ବିଣ. ୧ । ( ସଂ. ଅସତ୍ )—ଅସତ୍ ( ଦେଖ )
Asata Asat ( See )
୨ । ( ସଂ. ଅସତ୍ୟ )—ମିଥ୍ୟା—2. False.
ମୋର ବଚନ ହେ ନାରଦ, କେବେହେଁ ନୁହଇ ଅସତ । ଜଗନ୍ନାଥ- ଭାଗବତ ।
ଦେ. ବି.—ଅସତ୍ୟ; ମିଥ୍ୟା ବାକ୍ୟ—A lie; falsehood.

**ଅସତିଆ**—ଦେ. ବିଣ. ପୁଂ ( ସଂ. ଅ+ସତ୍ୟ ) ୧ । ମିଥ୍ୟାବାଦୀ—
Asatiā 1. Untruthful
(ଅସତେଇ—ସ୍ତ୍ରୀ) ୨ । ଅଙ୍ଗୀକାର ଲଂଘନକାରୀ—2. False to one's promise.

**ଅସତୀ**—ସଂ. ବିଣ. ସ୍ତ୍ରୀ ( ଅ+ସତୀ)— ଦୁଶ୍ଚରିତ୍ରା; ପୁଂଶ୍ଚଳୀ—
Asatī Unchaste
ଦେ. ବିଣ. ସ୍ତ୍ରୀ ( ସଂ. ଅ+ସତ୍ୟବାଦିନୀ )—ମିଥ୍ୟାବାଦିନୀ—Untruthful.
ସଂ. ବି. ସ୍ତ୍ରୀ—ପୁଂଶ୍ଚଳୀ ସ୍ତ୍ରୀ—Adulteress

**ଅସତେଇ**—ଦେ. ବିଣ. ସ୍ତ୍ରୀ (ସଂ. ଅସତ୍ୟ)-୧ । ମିଛୁଆଇ; ମିଥ୍ୟାବାଦିନୀ—
Asateī 1. Lying; untruthful.
୨ । (ସଂ. ଅସତୀ) ଅସତୀ; ଦୁଶ୍ଚରିତ୍ରା—2. Unchaste.

**ଅସତ୍ତା**—ସଂ. ବି. ( ଅ+ସତ୍ତା )—୧ । ଅବିଦ୍ୟମାନତା—
Asattā 1. Non-existence.
୨ । ଅନୁପସ୍ଥିତି—2. Absence.

**ଅସତ୍ୟ**—ସଂ. ବି ( ଅ+ସତ୍ୟ )—୧ । ମିଥ୍ୟା; ମିଛବାକ୍ୟ—
Asatya 1. Falsehood; a lie.
୨ । ପ୍ରତିଜ୍ଞାଲଙ୍ଘନ—2. Breach of promise.
ସଂ. ବିଣ.—ମିଥ୍ୟା—False.

**ଅସଦାଚରଣ**—ସଂ. ବି ( କର୍ମଧା )—୧ । ମନ୍ଦ ଆଚରଣ—
Asadācharaṇa 1. Bad conduct.
୨ । ଦୁଷ୍ଟ ଆଚରଣ—2. Wicked conduct.
୩ । ଅଭଦ୍ର ବ୍ୟବହାର—3. Rude treatment.

**ଅସଦାଚରଣଜାମିନ**—ଦେ. ବି.—ଫାଇଲ୍‌ଜାମିନ୍ ( ଦେଖ )—
Asadācharaṇajāmin Phāiljāmin ( see )

**ଅସଦାଚରଣମୁଚ୍ଛଲିକା**—ଦେ. ବି.—ଫାଇଲ୍‌ଜାମିନ୍ ( ଦେଖ )
Asadācharaṇa muchālikā Phāiljāmin ( See )

**ଅସଦାଚାର**—ସଂ. ବି ( କର୍ମଧା; ଅସତ୍+ଆଚାର )—
Asadāchāra ୧ । ମନ୍ଦ ଆଚରଣ—1. Bad conduct.
୨ । ଦୁଷ୍ଟ ଆଚରଣ—2. Wicked conduct
୩ । ଯାହା ସଦାଚାର ବା ଶିଷ୍ଟାଚାର ନୁହେ—
3. Not approved wsage.

**ଅସଦାଚାରୀ**—ସଂ. ବିଣ ( ଅସଦାଚାର+ଇନ୍. ୧ମା. ୧ବ )—
Asadāchārī ମନ୍ଦ ଆଚରଣବିଶିଷ୍ଟ; ଦୁଷ୍ଟ—
(ଅସଦାଚାରିଣୀ—ସ୍ତ୍ରୀ) Of wicked behaviour; wicked.

**ଅସଦୁପଦେଶ**—ସଂ. ବି ( କର୍ମଧା )—
Asadupadeśa ମନ୍ଦ ପରାମର୍ଶ—Bad advice.

**ଅସଦୃଶ**—ସଂ. ବିଣ( ଅ+ସଦୃଶ )—୧ । ଅସମାନ—
Asadṛuśa 1. Unequal; dissimilar.
୨ । ଅନୈକ୍ୟ—2 Not resembling.
ଅସାଦୃଶ୍ୟ, ଅସଦୃଶତା } ବି ୩ । ପରସ୍ପର ସହିତ ମିଳୁ ନ ଥିବା—
Not tallying with each other.

**ଅସଦ୍‌ବ୍ୟବହାର**—ସଂ.ବି.—୧ । ମନ୍ଦ ଆଚରଣ—1. Bad conduct.
Asadbyabahāra ୨ । ଅଭଦ୍ର ଆଚରଣ—
2. Uncivil treatment.
୩ । ଅପବ୍ୟବହାର—3. Misuse; abuse.

**ଅସଦ୍ଭାବ**—ସଂ. ବି ( ଅସତ୍=ଅବିଦ୍ୟମାନ+ଭାବ )—
Asadbhāba ୧ । ଅସତ୍ତା; ଅବିଦ୍ୟମାନତା—
1. Non-existence.
୨ । ଅଭାବ—2. Want.
୩ । ( ଅ+ସଦ୍ଭାବ ) ଅପ୍ରୀତି; ଅପ୍ରଣୟ—
3 Want of cordiality.
୪ । ମିତ୍ରତାର ଅଭାବ—4 Want of friendliness.
୫ । ଶତ୍ରୁତା—5. Enmity.

**ଅସନ**—ସଂ. ବି (ଅସ ଧାତୁ=କ୍ଷେପଣ କରିବା+ଭାବ. ଅନ )—
Asana ୧ । କ୍ଷେପଣ—1. Throwing.
ଅନ୍ୟ ସଂ. ନାମ—ଅସନ ୨ । ପୀତଶାଳ; ପିଆଶାଳ (ଗଛ)—
असन 2. A timber tree; Pterocarpus marsupium
असना; असैन ୩ । ଶାଳଜାତୀୟ ଏକପ୍ରକାର ଗଛ—
3 A timber tree, Buchanania Latifolia.
[ଦ୍ର- ହରିତକ୍ୟାଦିବର୍ଗର ବନ୍ୟ ତରୁ । ଏହା ଅର୍ଜୁନ ଗଛ ପରି; ଏଥିର ଛାଲ ଓ ଫଳରୁ ଚମଡ଼ା କଷିବାର ମସଲା (tannin) ବାହାରେ । ଫୁଲ ହଳଦିଆ, ଫଳ ପକ୍ଷିପକ୍ଷ, ଗଛରୁ ଅଠା ବାହାରେ, କାଠ ଶକ୍ତ ଓ ମୋଟିଆ, ମଞ୍ଜ ଲାଲ; ଏ ଗଛ ୨ ଜାତିର; ୧ ମଲିଆ ଅସନ—

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇସ୍ୱ | ଉଅ | ଭ |
| ୨ | ଈ | ଊ | ରୁ | ଲୁ | ପ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଓ | ନ୍ବ |

କାଠ ଗାଡ଼ୁଁଖଇର ରଙ୍ଗର । ୨ । ଅମୁଅ ଅସନ—କାଠ ମାଣ୍ଡୁଅ ଓ ମଞ୍ଜ ଖଇର । ]

ଅସନଟ—ଦେ. ବି—୧ । ଗୋଲମାଲ – 1. Confusion.
Asanaṭa ୨ । ଅବର୍ଜନା; ଅଳଅ—2 Refuse.
ଦେ. ବିଣ—୧ । ଗୋଲମାଳଅ—1. Complicated.
୨ । ଅବର୍ଜନାମୟ—2. Full of refuse.
୩ । ମଳଅ; ମଇଳା—3. Dirty; foul.
୪ । ଅଖଣ୍ଡିଆ—4. Inconvenient; awkward.

ଅସନଟିଆ—ଦେ. ବିଣ—ଅସନଟ ( ଦେଖ )
Asanaṭiā Asanaṭa (See)

ଅସନପର୍ଣ୍ଣୀ—ସଂ. ବି—ସୁନୁସୁନିଆ ଶାଗ—
Asanaparṇṇi A pot-herb; Marselia Quadrifolia.

ଅସନା—ଦେ. ବିଣ—୧ । ମଇଳା; ଅପରିଷ୍କୃତ —1. Unclean; filthy; dirty.
Asanā
ନୋଙ୍ଗରା ୨ । ଯେ ଦେହ ଓ ଲୁଗା ଆଦିକୁ ମଇଳା ବା କୋତରା ରଖେ—
ମୈଲା 2. Of unclean habits; dirty.
(ଅସନୀ—ସ୍ତ୍ରୀ) ଦେ. ବି—୧ । ମଇଳା; ମଳ—1. Filth; dirt.
୨ । ଅଳଅ; ଝାଡ଼ୁଆ—2. Sweepings.

ଅସନ୍ତୁଷ୍ଟ—ସଂ. ବିଣ. ପୁଂ. (ଅ + ସନ୍ତୁଷ୍ଟ)— ଅତୃପ୍ତ—
Asantushṭa Dissatisfied; discontended.
(ଅସନ୍ତୁଷ୍ଟା—ସ୍ତ୍ରୀ)

ଅସନ୍ତୋଷ—ସଂ. ବି. ( ଅ + ସନ୍ତୋଷ )—
Asantosha ସନ୍ତୋଷର ଅଭାବ; ଅତୃପ୍ତି—
Discontent; dissatisfaction.
ଦେ. ବିଣ – ଅସନ୍ତୁଷ୍ଟ—Dissatisfied.

ଅସନ୍ଦିଗ୍ଧ—ସଂ. ବିଣ. ( ଅ + ସନ୍ଦିଗ୍ଧ )—
Asandigdha ୧ । ସନ୍ଦେହ ଶୂନ୍ୟ—1. Unsuspicious; unsuspecting.
୨ । ନିଃସନ୍ଦେହ; ନିଶ୍ଚିତ—2. Sure; certain; undoubted.

ଅସନ୍ଦେହ—ସଂ. ବି. ( ଅ + ସନ୍ଦେହ )—
Asandeha ୧ । ସନ୍ଦେହର ଅଭାବ—1. Absence of doubt.
୨ । ସ୍ଥିରତା—2. Certainty

ଅସନ୍ଦେହୀ—ଦେ. ବିଣ.—୧ । ଯେ କାହାର ଉପରେ ସନ୍ଦେହ କରେ ନାହିଁ; ଯେ ସମସ୍ତଙ୍କୁ ବିଶ୍ୱାସ କରେ—
Asandehī
অসন্দেহী 1. Confiding in every one.
୨ । ଯାହା ଉପରେ କୌଣସି ଅପରାଧ ପାଇଁ ସନ୍ଦେହ କରା ଯାଏ ନାହିଁ—2. Not suspected of any offence.

ଅସନ୍ଧି—ଦେ. ବି.—୧ । ସଙ୍କୀର୍ଣ୍ଣ ସ୍ଥାନ—1. Narrow place.
Asandhi ୨ । ଅସଂଯୋଗ—2. Want of connection.
୩ । ଅଶାନ୍ତି; ଶାନ୍ତିସ୍ଥାପନର ଅଭାବ—3. Want of peace; want of binding by treaty.
୪ । ନିରୁପାୟ ଅବସ୍ଥା—4. Helpless condition.
୫ । ସନ୍ଦେହ—5. Doubt.
ଦେ. ବିଣ.—୧ । ଘନ; ସାନ୍ଦ୍ରି—1. Dense; thickly set.
୨ । ସନ୍ଦେହଜନକ—2. Doubtful.

ଅସନ୍ଧିଆ—ଦେ. ବି. ଓ ବିଣ.—ଅସନ୍ଧି (ଦେଖ)
Asandhiā Asandhi (See)

ଅସନ୍ଧିସନ୍ଧି—ଦେ. ବି.—କନ୍ଦବକନ୍ଦ; ପ୍ରକାଶ୍ୟ ଓ ଗୁପ୍ତ ସବୁସ୍ଥାନ—
Asandhisandhi Every nook and corner; every conceivable place.
(ଯଥା—ମୁଁ ତାଙ୍କୁ ସବୁ ଅସନ୍ଧିସନ୍ଧିରେ ଖୋଜିଲି)

ଅସନ୍ନିହିତ—ସଂ. ବିଣ. (ଅ + ସନ୍ନିହିତ)—ଦୂରସ୍ଥ—
Asannihita Distant.

ଅସପତ୍ନ—ସଂ. ବିଣ. (ଅ+ସପତ୍ନ=ଶତ୍ରୁ; ପ୍ରତିଦ୍ୱନ୍ଦୀ)—
Asapatna ୧ । ପ୍ରତିଦ୍ୱନ୍ଦୀରହିତ—1 Having no rival.
(ଅସପତ୍ନା—ସ୍ତ୍ରୀ) ୨ । ନିଷ୍କଣ୍ଟକ—2. Undisturbed.

ଅସପିଣ୍ଡ—ସଂ. ବିଣ. ପୁଂ. ( ଅ + ସପିଣ୍ଡ; ଯେ ପିଣ୍ଡ ସମ୍ପର୍କଦ୍ୱାରା ସଂବଦ୍ଧ ନୁହେ )—ସପିଣ୍ଡ ସମ୍ପର୍କରୁ ଦୂରତର; ଅପଣାଠାରୁ ସାତ ପୁରୁଷ ଛଡ଼ା ( ବ୍ୟକ୍ତି )—( ସପିଣ୍ଡ ତଳେ ନୋଟ ଦେଖ )—( agnate ) Not connected by common funeral oblation; beyond the seventh degree of kinship related to a person more distantly than a Sapiṇḍa.
Asapiṇḍa

ଅସଫା—ଦେ. ବିଣ. ( ସଂ. ଅ + ଅ. ସଫା)—
Asaphā ୧ । ଅନିର୍ମଳ—1. Not clear.
୨ । ଅପରିଷ୍କୃତ—2. Uncleansed.

ଅସବର୍ଣ୍ଣ—ସଂ. ବିଣ. ପୁଂ. ( ଅ+ସବର୍ଣ୍ଣ )—
Asabarṇṇa ୧ । ଭିନ୍ନ ଜାତୀୟ; ଯେ ଅପଣାର ବର୍ଣ୍ଣର ବା ଜାତିର ନୁହେ—
( ଅସବର୍ଣ୍ଣା—ସ୍ତ୍ରୀ )
1. Of a different caste.
୨ । (ବ୍ୟାକରଣ) ଯେଉଁ ବର୍ଣ୍ଣ ବା ଧ୍ୱନି ବା ଅକ୍ଷରମାନଙ୍କର ଉଚ୍ଚାରଣ ସ୍ଥାନ ଭିନ୍ନ ଭିନ୍ନ ଅଟେ—
2 (grammar) (letters or sounds) Which do not issue from the same organ of pronunciation.
୩ । (ସଙ୍ଗୀତ) ଯେଉଁ ଧ୍ୱନିମାନ ଏକସ୍ୱରର ଅନ୍ତର୍ଗତ ନୁହେ—
3 Not homogeneous (as sound) (M.W.)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗଲ' ଦେଖିବେ; 'ଅଳଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ

**ଅସବର୍ଣ୍ଣବିବାହ**—ସଂ ବି. ( ମଧ୍ୟପଦଲୋପୀ କର୍ମଧା )—ଏକ ଜାତିର ବର୍ଣ୍ଣ
Asabarṇṇabibāha ସଙ୍ଗେ ଅନ୍ୟ ଜାତିର କନ୍ୟାର ବିବାହ—
Intermarriage between people of different caste.
[ଦ୍ର—ଅନୁଲୋମ ପ୍ରତିଲୋମ ବିବାହ ତଳେ ନୋଟ ଦେଖ ]

**ଅସବାବ**—ବୈଦେ. ବି. ( ଅ. ଅସ୍‌ବାବ୍ )—୧ । ଗୃହର ଚଳନ୍ତି ପ୍ରୟୋଜନୀୟ ଜିନିଷପତ୍ର; ମାଲ୍—
Asabāb
আসবাব 1. Domestic movable property.
असबाब ୨ । ଚଳନ୍ତି ସମ୍ପତ୍ତି—2 Movables.
୩ । ଗୃହର ସାଜସଜ୍ଜା; ଉପକରଣ—3. Furniture.

**ଅସବାବ୍‌ପତ୍ର**—ଦେ. ବି. ( ଅନର୍ଥକ ଦ୍ୱିତୀୟ ସହଚର; ଭୁଲଚାକିରି
Asabābpatra ଦରମାପତ୍ର; କଡ଼ାପତ୍ର; ପଇସାପତ୍ର )—
আসবাবপত্র ୧ । ଗୃହର ନାନାବିଧ ବସ୍ତୁ—
सामान 1 Various household articles.
୨ । ଯାବତୀୟ ଚଳନ୍ତି ସମ୍ପତ୍ତି—
2. All the movables.
୩ । ସାମାନ; ଭ୍ରମଣକାରୀ ବ୍ୟକ୍ତିର ସାଙ୍ଗରେ ନିଆ ଯିବା ଆବଶ୍ୟକୀୟ ପଦାର୍ଥସମୂହ ଓ ବିଛଣା ଆଦି—
3. Bag and baggage of a traveller.

**ଅସବ୍ୟ**—ସଂ. ବିଣ. ( ଅ + ସବ୍ୟ )—ବାମ; ବାଆଁ—Left.
Asabya ଦେ. ବି—ବାମପାର୍ଶ୍ୱ—Left side.

ସବ୍ୟେ ଅସବ୍ୟେ ଯେତୁ ନେଉଛ ଗୁରୁ ବଚନ,
ଏହା ନ ଚିହ୍ନିଲେ ବିନାଶ ଯାଉ ସେ ଜନ—ସାରଳା. ମହାଭାରତ. ଅବ ।

**ଅସଭାବ ( ଇତ୍ୟାଦି )**—ବୈଦେ. ବି—ଅସବାବ୍ ଇତ୍ୟାଦି ( ଦେଖ )
Asabhāba etc Asabāb etc ( See )

ଧାନ ଭଣ୍ଡାର ତର ମୁକ୍ତ ଅଛି ବହି,
ଯେତେକ ଅସଭାବ ଥିଲା ସେହି ପୁରୀ—ସାରଳା. ମହାଭାରତ. ଅବ ।

**ଅସଭ୍ୟ**—ସଂ. ବିଣ. ( ଅ + ସଭ୍ୟ; ଯେ ସଭାରେ ବସିବାର ଉପଯୁକ୍ତ
Asabhya ନୁହେ )—୧ । ସଭାରେ ବସିବାର ଅନୁପଯୁକ୍ତ—
(ଅସଭ୍ୟା—ସ୍ତ୍ରୀ) 1. Not fit for an assembly.
(ଅସଭ୍ୟତା—ବି) ୨ । ସମାଜରେ ରହିବାକୁ ଅଯୋଗ୍ୟ—
2 Unfit for society.
୩ । ଅଶିକ୍ଷିତ—3. Uneducated.
୪ । ବର୍ବର; ଯେ ସଭ୍ୟ ନୁହେ—
4. Barbarous; uncivilized.
୫ । ଅନୁନ୍ନତ; ସାମାଜିକ ଉନ୍ନତିହୀନ—5. Backward.
୬ । ଅଭଦ୍ର—6. Impolite.
୭ । ଇତର—7. Vulgar.
୮ । ନୀଚ; ଅଧମ—8. Mean; low.
ଦେ. ବିଣ—ଅଶ୍ଳୀଳ; ଅଶିଷ୍ଟ—Indecent; obscene.

**ଅସଭ୍ୟତା**—ସଂ. ବି. ( ଅସଭ୍ୟ + ଭାବ. ତା )—୧ । ଅଭଦ୍ରତା—
Asabhyatā 1. Impoliteness; indecency.
୨ । ଅଶିକ୍ଷିତପଣ—2. Want of education.
୩ । ଅସଭ୍ୟହେବା ଅବସ୍ଥା—
3. Want of civilised condition.

**ଅସମ**—ସଂ. ବିଣ. ( ନଞ୍ତତ୍; ଅ + ସମ )—୧ । ଅତୁଲ୍ୟ; ଅସମାନ,
Asama ଯାହା ଅନ୍ୟ ପରି ନୁହେ; ଅସଦୃଶ—
(ଅସମତା—ବି) 1. Dissimilar; unequal.
(ଅସମା—ସ୍ତ୍ରୀ) ୨ । ଅସମତଳ—2 Uneven; not level.
୩ । ( ବହୁବ୍ରୀହି ) ଅନୁପମ—3 Incomparable.
୪ । ଅଦ୍ୱିତୀୟ; ଯାହାକୁ କେହି ସରି ନୁହେ—
4. Matchless; peerless.
୫ । ଅସାଧାରଣ—5. Extraordinary.
୬ । ବିଷମ; ଯାହା ଦୁଇରେ ହରିଲେ ଛିଣ୍ଡେ ନାହିଁ (ସଂଖ୍ୟା)—
6. Odd ( number ).

**ଅସମକକ୍ଷ**—ସଂ. ବିଣ. ( ନଞ୍ ତତ୍. ଅ + ସମକକ୍ଷ )—
Asamakaksha ଯେ ଅନ୍ୟ ସଙ୍ଗେ ସରି ହେବାର ବା ପଟି ପକାଇବାର ଉପଯୋଗୀ ନୁହେ—
1. Not a match for any one else.
୨ । ଯେ ଅନ୍ୟର ସମାନସ୍ଥିତ ନୁହେ—
2. Not of the same or similar status.

**ଅସମକ୍ଷ**—ସଂ. ବିଣ. ( ଅ + ସମକ୍ଷ )—୧ । ଅସାକ୍ଷାତ୍; ଚକ୍ଷୁର
Asamaksha ଅଗୋଚର; ଆଖି ଆଗରେ ନ ଘଟିବା—
1. Not happening before one's eyes; behind one's back.
୨ । ଅନୁପସ୍ଥିତିରେ ଘଟିବା—
2. Happening in one's absence.
ସଂ. ବି—୧ । ଦୃଷ୍ଟିର ପଛ—1. Background.
୨ । ପଛଆଡ଼—2. Back side.

**ଅସମଗ୍ର**—ସଂ. ବିଣ. ( ନଞ୍ ତତ୍; ଅ + ସମଗ୍ର )—୧ । ଅସମ୍ପୂର୍ଣ୍ଣ—
Asamagra 1. Incomplete
୨ । ଆଂଶିକ—2. Partial.
୩ । ଯାହା ପୂରା ନୁହେଁ—3 Not entire.

**ଅସମଞ୍ଜସ**—ସଂ. ବିଣ (ନଞ୍ ତତ୍; ଅ + ସମଞ୍ଜସ)—୧ । ଅସଙ୍ଗତ; ଅନୁଚିତ—
Asamañjasa 1. Improper.
(ଅସାମଞ୍ଜସ୍ୟ—ବି) ୨ । ଅନୁପଯୁକ୍ତ—2 Unfit; unbecoming.
୩ । ଅମେଳ; ବିଷମ—3. Incongruous.
୪ । ଅସମ୍ଭବ—4. Absurd.
ସଂ. ବି.—୧ । ଅଯୋଗ୍ୟ ଓ ନିନ୍ଦନୀୟ ବ୍ୟକ୍ତି—

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇୟ | ଉଅ | ଢ |
| ୨ | ଈ | ଉ | ରୁ | ଲୁ | ଯେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଖ | ଇଅ | ଡ଼ | ନ୍ତ |

1. A good for nothing fellow. (M. W.)
୨ । ଅନୌଚିତ୍ୟ—2. Impropriety.
୩ । ଅନୁପଯୁକ୍ତତା—3. Unbecomingness.
୪ । (ନାମ) ମୟଦାନବର ପୁତ୍ର—
4. Name of the son of the demon Maya,

**ଅସମତଳ**—ସଂ. ବଣ. ( ନଞ୍ ତତ୍; ଅ + ସମତଳ )—
Asamatala ୧ । ଯାହାର ପୃଷ୍ଠଦେଶ ସମତଳ ନୁହେଁ; ଉଚ୍ଚାନୀଚ; ଅବଡ଼ାଖାବଡ଼ା—
1. Uneven; not smooth.
୨ । ଅଚିକ୍କଣ—2. Rough.
୩ । ଯାହା ଅନ୍ୟ ବସ୍ତୁର ତୁଳନାରେ ସମାନ ଉଚ୍ଚତାରେ ନ ଥାଏ—3. Not of the same level ( with another thing ).

**ଅସମଭାବ**—ସଂ. ବି. ( ନଞ୍ ତତ୍; ଅ + ସମଭାବ )—
Asamabhāba ୧ । ଅସମାନତା—1. Inequality.
୨ । ଯାହାର ଦୁଇ ପାଖ ଓଜନରେ ସମାନ ନ ଥାଏ—
2. Want of equilibrium.

**ଅସମୟ**—ସଂ. ବି. ( ଅ + ସମୟ )—୧ । ଅନୁପଯୋଗୀ ସମୟ—
Asamaya 1. Inopportune time.
୨ । ବେଋତୁ; ଋତୁବହିର୍ଭୂତ ସମୟ—
2. Unseasonable time.
୩ । ଦୁଃସମୟ; ମନ୍ଦସମୟ; ଅଶୁଭକାଳ—
3. Bad or evil time.
୪ । ବିପଦର ସମୟ—
4. Time of danger or distress.
୫ । ଅକାଳ; ଦୁର୍ଭିକ୍ଷାଦିର କାଳ—
5. Famine; time of calamity.
୬ । ଚୁକ୍ତି ବା ବାଧ୍ୟତାର ଅଭାବ—
6. Non-obligation; absence of contract.
୭ । ଉପଯୁକ୍ତ ସମୟର ପୂର୍ବକାଳ—
7. Time before the due time.
ସଂ.ବଣ. (ବହୁବ୍ରୀହି) — ୧ । ନିରୂପିତ ସମୟର ପୂର୍ବେ ଘଟିବା—
1. Appearing or happening too early.
୨ । ଅନୁପଯୋଗୀ ସମୟରେ ଘଟିବା—
2. Inopportune.
ଦେ. ବଣ—ବିପଦଯୁକ୍ତ ( ସମୟ )—
( time ) Of distress or danger.
ଅସମୟ କାଳେ ପୁଣ ଦୋଷ ନାହିଁ ଲେଖି
ଜୀବକୁ ହେଲେହେଁ ସେବା କରି ପ୍ରାଣ ରଖି । ପୀତାମ୍ବର. ନୃସିଂହପୁରାଣ

**ଅସମୟସମୟ**—ଦେ. ବି. ( ସଂ. ଅସମୟ ଓ ସମୟ )—
Asamayasamaya ୧ । ମନ୍ଦ ଓ ଭଲ ସମୟ—
অসময় সময় 1. Bad and good time.
অকত ও অকত ୨ । ଭବିଷ୍ୟତ—2. Future.

୩ । ଦରକାରହେବାବେଳ—3. Time of necessity.
(ଯଥା—ସଞ୍ଚିତ ଧନ ଅସମୟ ସମୟକୁ ବଡ଼ କାମରେ ଆସେ ।)

**ଅସମର୍ଥ**—ସଂ. ବଣ. ପୁଂ. ( ଅ + ସମର୍ଥ )—
Asamartha ୧ । ଅକ୍ଷମ; ଅଶକ୍ତ; ଅପାରଗ—
(ଅସମର୍ଥା—ସ୍ତ୍ରୀ) 1. Incapable; unable.
ଅସମର୍ଥତା } ବି. ୨ । ସାମର୍ଥ୍ୟହୀନ; ଅଯୋଗ୍ୟ—
ଅସାମର୍ଥ୍ୟ } 2. Incompetent
୩ । ଦୁର୍ବଳ—3. Weak.
୪ । କ୍ଷମତାହୀନ —4. Powerless.

**ଅସମସାହସ**—ସଂ. ବି. (କର୍ମଧା: ଅସମ+ସାହସ)—ଅସାଧାରଣ ବିକ୍ରମ—
Asamasāhasa Extraordinary courage.

**ଅସମସାହସିକ**—ସଂ. ବଣ. ପୁଂ. ( ଅସମସାହସ + ଇକ )—
Asamasāhasika ୧ । ଯାହାର ଅସାଧାରଣ ସାହସ ଥାଏ—.
(ଅସମସାହସିକା – ସ୍ତ୍ରୀ) 1. ( person ) Possessed of
(ଅସମସାହସିକତା—ବି) an extraordinary amount of courage.
୨ । ଯେଉଁ କାର୍ଯ୍ୟ କରିବାକୁ ଅସାଧାରଣ ଉତ୍ସାହ ଲୋଡ଼ା ହୁଏ—2. (work) Requiring the exercise of extraordinary courage.

**ଅସମସାହସିକତା**—ସଂ. ବି. (ଅସମ ସାହସିକ + ଭାବ. ତା)—
Asamasāhasikatā ୧ । ଅସମସାହସିକର ଭାବ—
1. Fooll-hardiness.
୨ । ଅସାଧାରଣ ସାହସ ଥିବାର ଅବସ୍ଥା—
2. The state of having extraordinary courage.

**ଅସମସ୍ତ**—ସଂ. ବଣ. ( ଅ + ସମସ୍ତ )—୧ । (ବ୍ୟାକରଣ) ସମାସ ହୋଇ
Asamasta ନ ଥିବା (ପଦ); ସମାସଦ୍ୱାରା ଯୁକ୍ତ ହୋଇ ନ ଥିବା; ବ୍ୟସ୍ତ—1. ( Grammar ) Not formed into a compound; (words) not joined into a compound.
୨ । ଅସମାପ୍ତ—2. Unfinished.
୩ । ଭିନ୍ନ—3. Separated.
୪ । ଅସମ୍ପୂର୍ଣ୍ଣ—4. Incomplete.

**ଅସମାନ**—ସଂ. ବଣ. ( ଅ+ସମାନ )—
Asamāna ୧ । ଅସମ; ବିଷମ; ଯାହା ସମାନ ବା ତୁଲ୍ୟ ନୁହେଁ—
(ଅସମାନତା—ବି) 1. Not similar; unequal.
୨ । ଅସମତଳ—2. Not plane; rough.
୩ । ବିଜାତୀୟ—3. Of different caste.

**ଅସମାନକର୍ତ୍ତୃତ୍ୱ**—ସଂ. ବି—ବାକ୍ୟଦୋଷବିଶେଷ—A defect
Asamānakarttrutwa in composition.

ସାଧାରଣ ଭେଦେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରାଯାଇ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଷ' ନ ମିଳିଲେ 'କୃଷ୍ଣ' ଦେଖିବେ; 'ବଂଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅଙ୍ଗା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଳବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

[ଦ୍ର—ଏକ ବାକ୍ୟରେ ସମାପିକାକ୍ରିୟା ସଙ୍ଗେ ଅସମାପିକାର କର୍ତ୍ତା ଏକ ନ ହେଲେ ଏହି ଦୋଷ ହୁଏ; ଯଥା—ମଧୁସୂଦନ ଗୀତା ବନବାସରେ— ଘନ ଘନ ଲୋଚକଧାରେ ଜମ୍ବୁନ୍ଦ

ହେଉ ହରିଷ ବକ୍ଷ ଭାସ୍ତା ଘନ

ଭୂଷଣମଣି ଅଲଙ୍କାରହାରକେଣୀ ।]

**ଅସମାନଗ୍ରାମ**—ସଂ. ବିଣ. ପୁଂ (ବହୁବ୍ରୀହି; ଅସମାନ+ଗ୍ରାମ)— Asamānagrāma ଯେ ଏକ ଗ୍ରାମରେ ଜନ୍ମି ନାହିଁ ବା ଏକ (ଅସମାନଗ୍ରାମା—ସ୍ତ୍ରୀ) ଗ୍ରାମବାସୀ ନୁହେ—Not belonging to or being born in the same village.

**ଅସମାପିକାକ୍ରିୟା**—ସଂ. ବି (ଅସମାପିକା+କ୍ରିୟା)— Asamāpikākriyā (ବ୍ୟାକରଣ) ଯେଉଁ କ୍ରିୟାର ପ୍ରୟୋଗରେ ବାକ୍ୟ ସମାପ୍ତ ହୁଏ ନାହିଁ, ଅଥବା ବାକ୍ୟ ସମାପ୍ତି ପାଇଁ ଅନ୍ୟ କ୍ରିୟା ଲୋଡ଼ା ହୁଏ— (ଯଥା—ଖାଇ, ଶୋଇ, ଖାଆନ୍ତେ, ଯାଆନ୍ତେ, ଖାଇକରି, ଶୋଇକରି ଇତ୍ୟାଦି) (grammar) Present participle of verbs.

**ଅସମାପ୍ତ**—ସଂ. ବିଣ. (ଅ+ସମାପ୍ତ)—୧ । ଅପୂର୍ଣ୍ଣ— Asamāpta 1. Incomplete.
(ଅସମାପ୍ତି—ବି) ୨ । ଅସମ୍ପୂର୍ଣ୍ଣ—2. Unfinished.
୩ । ଅନିଷ୍ପନ୍ନ—3. Unaccomplished.

**ଅସମୀକ୍ଷ୍ୟକାରିତା**—ସଂ. ବି. (ଅସମୀକ୍ଷ୍ୟକାରିନ୍+ଭାବ. ତା)— Asamikshyakāritā ଆଗପଛ ନ ବୁଝି କାମ କରିବା—Inconsiderateness.

**ଅସମୀକ୍ଷ୍ୟକାରୀ**—ସଂ. ବିଣ. ପୁଂ. (ଅ+ସମୀକ୍ଷ୍ୟ=ଭଲକରି ଦେଖି+କୃ Asamikshyakāri ଧାତୁ+କର୍ତ୍ତୃ. ଇନ୍, ୧ମା. ୧ବ.)—
(ଅସମୀକ୍ଷ୍ୟକାରିଣୀ—ସ୍ତ୍ରୀ) ୧ । ଯେଉଁ ଲୋକ ଭଲ କରି ନ ଦେଖି
(ଅସମୀକ୍ଷ୍ୟକାରିତା—ବି) କାର୍ଯ୍ୟ କରେ; ଅବିବେଚକ— 1. Inconsiderate.
୨ । ଯେଉଁ ବ୍ୟକ୍ତି ଦୋଷଗୁଣ ବା ଆଗପଛ ଭଲରୂପେ ନ ବୁଝି କାର୍ଯ୍ୟ କରେ—2. Acting without proper fore-sight.
୩ । ଯେ କେବଳ ଅନ୍ୟର ଦେଖାଦେଖି କାର୍ଯ୍ୟ କରେ ବା ଅନ୍ୟର ଅନୁକରଣ କରେ—3. Imitating another blindly.
୪ । ମୂର୍ଖ—4. Illiterate.

**ଅସମୀକ୍ଷ୍ୟଭାଷିତା**—ସଂ. ବି. (ଅସମୀକ୍ଷ୍ୟଭାଷିନ୍+ଭାବ. ତା)—ଆଗପଛ ନ Asamikshyabhāshitā ବୁଝି ନ ବିଚାରି କଥା କହିବା—Speaking without proper consideration.

**ଅସମୀକ୍ଷ୍ୟଭାଷୀ**—ସଂ. ବିଣ. ପୁଂ. (ଅସମୀକ୍ଷ୍ୟ=ଭଲରୂପେ ନ ଦେଖି Asamikshyabhāshi ନ ବୁଝି+ଭାଷ ଧାତୁ+କର୍ତ୍ତୃ. ଇନ୍.
(ଅସମୀକ୍ଷ୍ୟଭାଷିଣୀ—ସ୍ତ୍ରୀ) ୧ମା. ୧ବ.)—ଯେ ଆଗ ପଛ ନ ବୁଝି
(ଅସମୀକ୍ଷ୍ୟଭାଷିତା—ବି) କଥା କହେ—Speaking without proper consideration.

**ଅସମୀଚୀନ**—ସଂ. ବିଣ. (ଅ+ସମୀଚୀନ)—୧ । ଅଯଥାର୍ଥ; ବେଠିକ୍— Asamichina 1. Not right
(ଅସମୀଚୀନତା—ବି) ୨ । ଅନୁଚିତ; ଅନୁପଯୁକ୍ତ— 2. Improper.
୩ । ଅଯୌକ୍ତିକ—3. Unreasonable.
୪ । ଅନୁପଯୋଗୀ—4. Unfit.

**ଅସମ୍ପନ୍ନ**—ସଂ. ବିଣ. (ଅ+ସମ୍ପନ୍ନ)— Asampanna ୧ । ଅପୂର୍ଣ୍ଣ—1. Incomplete.
୨ । ଅସମ୍ପାଦିତ; ଅକୃତ—2. Unaccomplished.
୩ । ସମ୍ପଦହୀନ; ବିଭବହୀନ; ଗରିବ— 3. Poor; indigent.

**ଅସମ୍ପର୍କ**—ସଂ. ବି. (ଅ+ସମ୍ପର୍କ)—ଅସମ୍ବନ୍ଧ; ସମ୍ବନ୍ଧର ଅଭାବ— Asamparka Want or absence of connection.
ସଂ. ବିଣ.—ନିଃସମ୍ପର୍କୀୟ; ଯାହା ସଙ୍ଗେ କୌଣସି ସମ୍ବନ୍ଧ ନାହିଁ— Unconnected.

**ଅସମ୍ପର୍କୀୟ**—ସଂ. ବି. (ଅ+ସମ୍ପର୍କୀୟ)—୧ । ଯେ ଆପଣା ସମ୍ପର୍କୀୟ Asamparkiya ନୁହେ; ରକ୍ତସମ୍ବନ୍ଧଦ୍ୱାରା ଆବଦ୍ଧ ହୋଇ ନ ଥିବା—1. Not related by any blood-relationship.
୨ । ଅସମ୍ପର୍କ; ନିଃସମ୍ପର୍କୀୟ—2. Unconnected.

**ଅସମ୍ପୂର୍ଣ୍ଣ**—ସଂ. ବିଣ (ଅ+ସମ୍ପୂର୍ଣ୍ଣ)—୧ । ଅସମାପ୍ତ— Asampurnna 1. Unfinished.
(ଅସମ୍ପୂର୍ଣ୍ଣତା—ବି) ୨ । ଅପୂର୍ଣ୍ଣ—2. Incomplete.
୩ । ଅଙ୍ଗହୀନ—3. Devoid of certain component part.

**ଅସମ୍ବଦ୍ଧ**—ସଂ. ବିଣ. (ଅ+ସମ୍ବଦ୍ଧ)—୧ । ସମ୍ବନ୍ଧଶୂନ୍ୟ— Asambaddha 1. Not related.
୨ । ଅସଂଲଗ୍ନ—2. Unconnected.
୩ । ପରସ୍ପର ସମ୍ବନ୍ଧରହିତ—3. Incoherent; disjointed.
୪ । ନିରର୍ଥକ; ଅର୍ଥରହିତ—4. Meaningless; absurd (Apte)
ସଂ. ବି.—ଅର୍ଥରହିତ ବା ଅସମ୍ବଦ୍ଧ ବାକ୍ୟ— An absurd sentence. (Apte)

**ଅସମ୍ବନ୍ଧ**—ସଂ. ବି. (ଅ+ସମ୍ବନ୍ଧ)—ସମ୍ବନ୍ଧ ବା ସମ୍ପର୍କର ଅଭାବ— Asambandha Absence of connection
ସଂ. ବିଣ.—ଅସମ୍ବଦ୍ଧ (ଦେଖ) Asambaddha (See).

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଝ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଣ | ଜ | ଶ,ଷ | ଙ୍କ | ଚ୍ୟ | ଡ଼ଅ | ଛ |
| ୨ | ଈ | ଞ | ଋୂ | ଌୂ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ୍ୟ | ଚଅ | ଓ | ନ୍ତ |

୨ । ଅସଙ୍ଗତ—2. Unreasonable.

୩ । ଅନୁଚିତ—3. Not proper; improper.

୪ । ଅନ୍ୟାଯ୍ୟ—4. Illegitimate.

**ଅସମ୍ବନ୍ଧାତିଶୟୋକ୍ତି**—ସଂ. ବି.—ଅର୍ଥାଲଙ୍କାରବିଶେଷ—
Asambandhātiśayokti A figure in rhetoric.

[ ଯଥା: ଭଞ୍ଜଙ୍କ ସୁଭଦ୍ରାପରିଣୟରେ

ସ୍ୱୟମ୍ଭୁ ବାଣ ଠାବରୁ କର ରଣ କର ସ୍ଥିରୁ

ମଣିର ନିର୍ମିଣି ସଂର ଗୁଁ ଚକୁର

ବିଷ୍ଣାଲୁ ତେଲେ ସେ ପାଣି; ଶେଷ କଲା ପଡ୍ଡ ଶ୍ରେଣୀ

ଭୂତେ ରହୁ ବନ୍ଦୁ ବନ୍ଦୁ ହୋଇ ସୁନ୍ଦର

ସୁବର୍ଣ୍ଣ ସରୂପେ ହୁଅନ୍ତ

ସୁମନ୍ତ ଚୂର୍ଣ୍ଣକୁନ୍ତଳ ବୋଲି ନ କହୁ ।

ଏଠାରେ ସୁଭଦ୍ରାଙ୍କ କେଶକଲାପ ଓ ଚୂର୍ଣ୍ଣକୁନ୍ତଳ ନିର୍ମାଣରେ ବ୍ରହ୍ମାଙ୍କର ଭୂଜ ଚତୁଷ୍ଟୟର ସମ୍ବନ୍ଧ ଥିଲେ ସୁଦ୍ଧା ତାହା ଅସମ୍ବନ୍ଧ ବର୍ଣ୍ଣନାଦ୍ୱାରା ଅସମ୍ବନ୍ଧାତିଶୟୋକ୍ତି ହେଲା ।

କୁଳମଣି, ଅଳଙ୍କାରତରଙ୍ଗିଣୀ । ]

**ଅସମ୍ବାଧ**—ସଂ. ବି. (ବହୁବ୍ରୀହି; ଅ+ସମ୍+ବାଧା)—୧ । ବାଧାଶୂନ୍ୟ—
Asambādha 1. Unimpeded.

୨ । ପରସ୍ପର ସଂଘର୍ଷଣରୂପ ପୀଡ଼ାରହିତ—
2 Free from mutual pressure or friction.

୩ । ବିରଳ—3. Scarce; sparse.

୪ । ଜନତାରହିତ—4. Crowdless.

୫ । ଅଧିଗମ୍ୟ—5. Attainable.

୬ । ଅସଙ୍କୀର୍ଣ୍ଣ—6. Not narrow; spacious.

୭ । ନିର୍ଜନ—7. Lonely; solitary.

୮ । ଖୋଲା; ମେଲା—8. Open; accessible.

୯ । କଷ୍ଟହୀନ—9. Painless.

୧୦ । ମଝିରେ ଯାହାର ଫାଙ୍କ ବା ବ୍ୟବଧାନ ଥାଏ; ବ୍ୟବଧାନ ଯୋଗୁଁ ପୃଥକ୍—
10. Separated by an interval ( Apte ).

**ଅସମ୍ଭବ**—ସଂ. ବିଣ. ( ବହୁବ୍ରୀହି; ଅ=ନାହିଁ+ସମ୍ଭବ=ଉତ୍ପତ୍ତି ଯାହାର; ଯାହାର ଉତ୍ପତ୍ତି ହୋଇ ନ ପାରେ )—
Asambhaba

୧ । ଯାହା ସମ୍ଭବେ ନାହିଁ; ଯାହା ଘଟି ନ ପାରେ—
1. Improbable.

୨ । ଅସାଧ୍ୟ; ଯାହା କରିହୋଇ ନ ପାରେ—
2. Impossible; impracticable.

୩ । ଅଲୌକିକ; ଅସାଧାରଣ—3. Extraordinary.

ବେଳକୁ ବେଳ ସମର ହେଲା ଅସମ୍ଭବ—ସାରଳା, ମହାଭାରତ, ଉଦ୍ୟୋଗ ।

୪ । ଅନନୁମେୟ—4. Unimaginable.

ନୃସିଂହରୂପେ ଅସମ୍ଭବ, ତାହାଙ୍କୁ ବୁଦ୍ଧି ଧ୍ୟାୟିବ—
ଭୂପତି, ପ୍ରେମପଞ୍ଚାମୃତ ।

୫ । ଯାହା ଘଟିବାର ସମ୍ଭାବନା ନାହିଁ—5. Unlikely.

୬ । ବିଶ୍ୱାସର ଅଯୋଗ୍ୟ—6. Unbelievable.

ବଳେ ଗୋପୀଙ୍କି ସେହି ସମୟେ ଭାବ, କହିବାକୁ ସେ କଥା ଅସମ୍ଭବ ।
ଗୋବିନ୍ଦ ଭଞ୍ଜ ରସକଲ୍ଲୋଳ ।

ସଂ. ବି—୧ । ନ ଘଟିବାର ଭାବ; ସମ୍ଭବରାହିତ୍ୟ—
1. Improbability; impossibility.

୨ । ଅଭାବ; ନାସ୍ତିତ୍ୱ—2. Non-existence.

୩ । ଅଲୌକିକ ଘଟନା—
3. An extraordinary event ( M. W. )

**ଅସମ୍ଭବକରିବା**—ଦେ. କ୍ରି —କୌଣସି କଥା ଘଟିଛି ବୋଲି କେହି କହିଲେ ତାହା ବିଶ୍ୱାସ ନ କରିବା—অসম্ভব মনে করা, বৈপত করনা
Asambhabakariba Not to believe that a thing has happened; to discredit; to disbelieve.

**ଅସମ୍ଭବା**—ସଂ. ବି. ( ଅସମ୍ଭବ+ଆ )—ଅଲୌକିକ ଘଟନା—
Asambhabā An extraordinary event.

**ଅସମ୍ଭବ୍ୟ**—ସଂ. ବିଣ. ( ଅ+ସମ୍ଭବ+ଯ )—୧ । ଅସମ୍ଭବ—
Asambhabya 1. Impossible ( Apte )

୨ । ଅବୋଧ୍ୟ—2. Incomprehensible ( Apte )

ସଂ. କ୍ରି. ବିଣ—୧ । ଅସାଧାରଣରୂପେ—
1. In an extraordinary manner ( Apte )

୨ । ଅବୋଧ୍ୟରୂପେ—2 In an incomprehensible manner ( Apte )

**ଅସମ୍ଭଳା**—ଦେ. ବିଣ —ଅସମ୍ଭାଳ ( ଦେଖ )
Asambhaḷā Asambhāḷa ( See )

**ଅସମ୍ଭାବନା**—ସଂ. ବି. ( ଅ=ନୁହେଁ+ସମ୍ଭାବନା)—
Asambhābanā ୧ । ଅସମ୍ମାନ; ଅମର୍ଯ୍ୟାଦା—
1. Disrespect.

ଯୋଗୀ ସମ୍ଭାବନା ଅସମ୍ଭାବନା ହିଁ;
ପାଇ ଅସନ୍ତୋଷ ସନ୍ତୋଷ ହେବ ନାହିଁ—ବ୍ରଜସିଂହ, ମହାଭାରତ, ଉଦ୍ଯୋଗ ।

୨ । ସମ୍ଭାବନାର ଅଭାବ—2. Improbability.

୩ । ଅଖ୍ୟାତି; ଅଯଶଃ —3. Disrepute.

୪ । ଅନନୁଗ୍ରହ—4. Want of favour.

**ଅସମ୍ଭାବିତ**—ସଂ. ବିଣ. ( ଅ=ନୁହେଁ+ସମ୍ଭାବିତ )—
Asambhābita ୧ । ସମ୍ଭବ ବୋଲି ବିବେଚିତ ହୋଇ ନ ଥିବା—
1. Thought improbable.

୨ । ଯାହାକୁ ଲୋକେ ଭଲ ବୋଲି ବିଚାର ନ କରନ୍ତି—
2. That which is not thought good by people.

୩ । ଯାହାକୁ ଲୋକେ ସୁଖ୍ୟାତି ନ ଦିଅନ୍ତି—
3. Not reputed.

୪ । ଅଭାବିତ; ଅତର୍କିତ —4. Unthought of.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଗଳା' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲବଡ଼' ନ ପାଇଲେ 'ଅଲ୍‌ବଡ଼' ଦେଖିବେ

**ଅସମ୍ଭାବୀ**—ସଂ. ବିଣ. ( ଅ + ସମ୍ + ଭୂ ଧାତୁ + ଇନ୍ ୧ମା. ୧ବ. )—
**Asambhābi** ଅସମ୍ଭବ—Impossible ( Apte ).

**ଅସମ୍ଭାବ୍ୟ**—ସଂ. ବିଣ. ( ଅ+ସମ୍ଭାବ୍ୟ )—୧ । ଅସମ୍ଭବ—
**Asambhābya** 1. Impossible; improbable.
୨ । ଅଲୌକିକ—2. Extraordinary.
୩ । ଯାହା ନିର୍ଣ୍ଣୟ କରାଯାଇ ନ ପାରେ—
3. Unascertainable.

**ଅସମ୍ଭାଳ**—ଦେ. ବିଣ. ( ସ୍ଥ. ଅ + ସଂବୃତ )—୧ । ଅସଂବୃତ—
**Asambhāla** 1. Uncovered; exposed.
অসামাল ୨ । ଅଧୀର—Impatient.
বেচৈন; বেসম্মাল ( ଯଥା—ମୋ ପ୍ରଶ୍ନ ଶେଷ ନ ହେଉଣୁ ତୁ ଉତ୍ତର ଦେବାକୁ ଏଡ଼େ ଅସମ୍ଭାଳ ହେଉଛୁ କାହିଁକି ? )
୩ । ଅସ୍ଥିର; ଅସ୍ତବ୍ୟସ୍ତ; ଅଥୟ—3. Restless.
ତା ଶୁଣି ପାଃ ମହାଦେବ; ଧାଇଁଲ ଅସମ୍ଭାଳ ହୋଇ—
ଜଗନ୍ନାଥ—ଭାଗବତ ।
୪ । ଉଦ୍‌ବିଗ୍ନ—4. Anxious.
୫ । ଅତିଶୟ ବ୍ୟାକୁଳ; ଅଧୈର୍ଯ୍ୟ—
5. Agitated; flurried.
୬ । ଅସଂଯତ; ଅନିରୁଦ୍ଧ; ଅବାରିତ—
6. Unrestrained; uncontrolled.
ବେଗ ବସନ ଅସମ୍ଭାଳ, ନୟନୁ ବହେ ଅଶ୍ରୁଜଳ । ଜଗନ୍ନାଥ. ଭାଗବତ ।
୭ । ଯାହାକୁ କେହି ଅଟକାଇ ନ ପାରେ—
7. Uncontrollable; ungovernable.
ଦାରୁଣ କାନ୍ତକୁ ଅନୁକ୍ଷଣ ଗାଉ ଦେଉ ପ୍ରେମ ଅସମ୍ଭାଳ—ଗୋପୀନାଥ ।
୮ । ଅସାବଧାନ—8. Careless.
୯ । ଅସହ୍ୟ—9. Unbearable.
ଦୁଃଖ ଅସମ୍ଭାଳ ହେଲ ଭୁତ ବ ସୁଶୀଳ ଶିଳ ହେଉ ଅଛ ଜୋହ ,ଘାତ ଘାତ ହେ ।
ଉପେ. ପ୍ରେମସୁଧାନିଧି ।
୧୦ । ଯେ ସହି ନ ପାରେ; ଯେ ତାକୁ ସହି ନ ପାରେ—
10. Not enduring; not capable of enduring.
୧୧ । ଯେ ସମ୍ଭାଳି ନ ପାରେ ବା ଗତିରୋଧ କରି ନ ପାରେ—
11. Not able to restrain.
୧୨ । ଯାହା ଡେରି ସହେ ନାହିଁ; ଯେ ଅପେକ୍ଷା ନ କରେ—
12. Not brooking of any delay; one who does not wait.
୧୩ । ଅଠାଠିକ୍; ଅତି ବିପନ୍ନ ( ଅବସ୍ଥା )—
13. Critical; precarious.
( ଯଥା—ତାକୁ ଟାଇଫଏଡ୍ ଜ୍ୱର ଧରି କାଲିଠାରୁ ତା କଥା ଅସମ୍ଭାଳ ହେଲାଣି । )
ଦେ. ବି—୧ । ଉଦ୍‌ବେଗ—1. Anxiety.
୨ । ଅଧୈର୍ଯ୍ୟ—2. Impatience.
୩ । ଅତି ବିପନ୍ନ ଅବସ୍ଥା—
3. Very critical condition.
୪ । ଅସ୍ଥିରତା—4. Restlessness
ଦେ. କ୍ରି. ବିଣ—୧ । ଅସହ୍ୟରୂପେ—1. Unbearably.
୨ । ଅନିରୁଦ୍ଧ ରୂପେ; ବେଗ ସମ୍ଭାଳି ନ ହେବା ପ୍ରକାରେ—
2. In an uncontrolled or unrestrained manner.
(ଯଥା—ମଟେ ଅସମ୍ଭାଳ ଯୋଗର ମାଡ଼ୁଛି । )

**ଅସମ୍ଭାଳିଆ**—ଦେ. ବିଣ. ପୁଂ. ଓ ସ୍ତ୍ରୀ—ଅସମ୍ଭାଳ ( ଦେଖ )
**Asambhālīā** Asambhāla (See )

**ଅସମ୍ଭାଳେ**—ଗ୍ରା. ଓ ପଦ୍ୟ କ୍ରି. ବିଣ—୧ । ଅତି ଅଥୟ ହୋଇ—
**Asambhāle** 1. Restlessly.
୨ । ଅଧୀର ହୋଇ—2. Impatiently.
ଅସମ୍ଭାଳେ ଲୁହ ପୂର ପ୍ରବାହକୁ
ନେନ୍ତ ବୂଳେ ଢଏ ଘାଇ । ଗୋପୀନାଥ. ପାଟଣା ।

**ଅସମ୍ଭୂତ**—ସଂ. ବିଣ. ( ଅ + ସମ୍ଭୂତ )—
**Asambhūta** ୧ । ଯାହା ଜାତ ହୋଇ ନାହିଁ—
1 Not born.
୨ । ଅସାଧାରଣ—2. Extraordinary.

**ଅସମ୍ଭ୍ରମ**—ସଂ. ବି. ( ଅ + ସମ୍ଭ୍ରମ )—
**Asambhrama** ୧ । ଅନାଦର—1. Disregard; slight.
୨ । ଅସମ୍ମାନ—2. Dishonour
୩ । ଅପମାନ—3. Insult
୪ । ଚଞ୍ଚଳତାଭାବ—4. Want of restlessness.
୫ । କାତରଭାବ ଅଭାବ—5. Want of perplexity.
୬ । ସ୍ଥୈର୍ଯ୍ୟ; ସ୍ଥିରତା—5. Calmness.
ସଂ. ବିଣ. ପୁଂ—୧ । ଅଚଞ୍ଚଳ; ସ୍ଥିର—1. Calm.
(ଅସମ୍ଭ୍ରମା—ସ୍ତ୍ରୀ) ୨ । ଅବ୍ୟାକୁଳ—2. Unperturbed.

**ଅସମ୍ଭ୍ରାନ୍ତ**—ସଂ. ବିଣ. ( ଅ + ସମ୍ଭ୍ରାନ୍ତ )—
**Asambhrānta** ୧ । ଅଭଦ୍ର—1 Ungentlemanly; uncivil.
୨ । ଯେ ଉଚ୍ଚବଂଶୀୟ ନୁହେ—
2. Not of a noble family.
୩ । ଯେ ସମ୍ମାନନୀୟ ନୁହେ—3. Not honorabie.
୪ । ଅସମ୍ମାନିତ—4. Dishonoured.
୫ । ଅଚଞ୍ଚଳ—5. Not restless.
୬ । ସ୍ଥିର ପ୍ରକୃତିକ—6. Calm.
୭ । ଧୀର—7. Patient.
୮ । ଅବ୍ୟାକୁଳ—8. Not agitated.
ଦେ. ବିଣ—ସମ୍ଭ୍ରମ ବା ଉଦ୍‌ବିଗ୍ନତାହୀନ—

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | • ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇୟ | ଉଅ | ଉ |
| ୨ | ଈ | ଊ | ରୁ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଓ | ନ୍ତ |

Devoid of personal regard; regardless of personal consideration.

ମାଦ୍ରୀ ସୁତ ନକୁଳ ହୋଇ ଅସମ୍ଭ୍ରାନ୍ତ
ସେ ଦୁହିଙ୍କି ଯୁଝିଲେ ଅତ କ୍ରୋଧଚିତ୍ତ । କୃଷ୍ଣସିଂହ. ମହାଭାରତ. ଶଲ୍ୟ ।

**ଅସମ୍ମତ**—ସଂ. ବିଣ. ପୁଂ. ( ଅ+ସମ୍ମତ )—
**Asammata** ୧ । ଅନଭିମତ—1. Averse; reluctant.
(ଅସମ୍ମତା—ସ୍ତ୍ରୀ) ୨ । ଅସ୍ୱୀକୃତ; ବେରାଜି—2. Not agreeing; not consenting
(ଅସମ୍ମତି—ବି)
୩ । ପ୍ରତିକୂଳ—3. Unfavourable.
୪ । ଶତ୍ରୁଭାପନ୍ନ—4. Inimical.
୫ । ପ୍ରଣୟୀ ( ପ୍ରକୃତିବାଦ ଅଭିଧାନ )—
5. Attached to; loving.
୬ । ଅନଭିମତ; ଅନନୁମତ ( ବିଷୟ )—
6. Not according to one's wish
୭ । ବିରୋଧୀ—7. Opposite to; contrary to.

**ଅସମ୍ମତି**—ସଂ. ବି. (ଅ+ସମ୍ମତି )—୧ । ଅସ୍ୱୀକାର—
**Asammati** 1. Want of consent.
୨ । ଅନିଚ୍ଛା—2. Unwillingness.
୩ । ମତର ପାର୍ଥକ୍ୟ; ମତ ନ ମିଳିବା—
3. Disagreement.

**ଅସମ୍ମାନ**—ସଂ. ବି. ( ଅ+ସମ୍ମାନ )—୧ । ଅମର୍ଯ୍ୟାଦା—
**Asammāna** 1. Disrespect.
(ଅସମ୍ମାନିତ—ବିଣ) ୨ । ଅନାଦର—2. Slight; disregard.
୩ । ଅବମାନନା—3. Dishonour.
୪ । ଅପମାନ—4. Disgrace; insult.

**ଅସମ୍ୟକ୍**—ସଂ. ବିଣ. ( ଅ+ସମ୍ୟକ୍ )—୧ । ଅଯଥେଷ୍ଟ—
**Asamyak** 1. Not sufficient.
୨ । ଯାହା ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ ଯାଇନାହିଁ—
2. Not upto the mark.
୩ । ବେଜାୟ; ଅଯଥା; ଅନୁଚିତ—3. Improper.
ସଂ. କ୍ରି. ବିଣ.—୧ । ଅଯଥେଷ୍ଟରୂପେ—1. Insufficiently.
୨ । ଖୁବ୍ ସାମାନ୍ୟ ପରିମାଣରେ—2. Scantily.
୩ । ଅଯଥାରୂପେ—3. Improperly
୪ । ଅନ୍ୟାୟକ୍ରମେ—4. Wrongly

**ଅସମ୍ୟକ୍କାରୀ**—ସଂ.ବିଣ.ପୁଂ. (ଅସମ୍ୟକ୍+କୃ ଧାତୁ+ଇନ୍ ୧ମା.୧ବ.)—
**Asamyakkāri** ୧ । ଅନ୍ୟାୟ କର୍ମ କରିବା (ବ୍ୟକ୍ତି)—
(ଅସମ୍ୟକ୍କାରିଣୀ—ସ୍ତ୍ରୀ) 1 Acting improperly.
୨ । ନିଜର କର୍ତ୍ତବ୍ୟକର୍ମ ଉତ୍ତମରୂପେ କରୁ ନ ଥିବା—
2. Not doing one's duty properly.

ଅସମ୍ୟକ୍କାରୀ ମହାମାତ୍ର ଓ ତକସ୍କରମାନଙ୍କୁ ଲୋକକଣ୍ଟକ ବୋଲି ଜାଣିବ ।
ମନୁ. ୯।୨୫୯ ।

**ଅସମ୍ୟକ୍‌ବ୍ୟୟଶୀଳ**—ସଂ. ବିଣ. ପୁଂ.—୧ । ଅଯଥାବ୍ୟୟୀ—
**Asamyakbyayaśila** 1. Spending improperly.
(ଅସମ୍ୟକ୍‌ବ୍ୟୟଶୀଳା—ସ୍ତ୍ରୀ) ୨ । ବହୁବ୍ୟୟୀ—2. Spend-thrift.

**ଅସର**—ଦେ. ବି. ( ସଂ. ଅବସର )—୧ । ଅବସର; ଫୁରୁସତ୍—
**Asara** 1. Leisure.
অবসর
अवसर

ଜଳ ଅଣନ୍ତି କେ ହେମ କୁମ୍ଭରେ,
ନାହିଁ ଅସର ଏହୁ ଆରମ୍ଭରେ । ଭଞ୍ଜ. ଲାବଣ୍ୟବତୀ ।
୨ । ବିଶ୍ରାମ—2. Rest.

ସେ ଦୁହିଁଙ୍କ ଅସର ସେ କାଳେ ସ୍ୱଜନ,
ଦେଖିଣ ନ ପାରନ୍ତି କାହାର ନୟନ । କୃଷ୍ଣସିଂହ. ମହାଭାରତ. ଶଲ୍ୟ ।
୩ । ସମୟ—3. Time.
୪ । ସୁବିଧା; ସୁଯୋଗ—4. Opportunity.
୫ । ଅପସର; ବଡ଼ତକିଆ—5. Big pillow.

ଅଙ୍ଗଦ ବସିବାପାଇଁ ମୂଳୁଲା ଅସର । ପୀତାମ୍ବର. ନୃସିଂହପୁରାଣ ।

ଦେ ବିଣ.—ଅସରନ୍ତି; ଅଶେଷ; ବହୁ; ଅତ୍ୟଧିକ—
Inexhaustible; too much; excessive.

ତହିଁରୁ ଯେଉଁ ଫଳ ପାଇବ ନୃପବର, ଜାଣିବ ନେତ୍ର ଜାର ହୋଇବ ଅସର ।
କୃଷ୍ଣସିଂହ. ମହାଭାରତ. ଉଦ୍ୟୋଗ ।

**ଅସରଡ଼ା**—ଗ୍ରା. ବି.— ଅସରପା (ଦେଖ)
**Asararḍā** Asarapā ( See )

**ଅସରନ୍ତି**—ଦେ. ବିଣ.—୧ । ଯାହା ଶେଷ ହୁଏ ନାହିଁ; ଯାହାର ଶେଷ ନାହିଁ—1. Endless.
**Asaranti**
অসরন্ত; অফুরন্ত
बेहद

ବରହରେ ଯେଉଁ ରତ ଅସରନ୍ତି ଜଣା ଯାଉଥିଲା ।
ରାଧାନାଥ—ଉର୍ବଶୀ ।
୨ । ଅକ୍ଷୟ—2. Inexhaustible.
( ଯଥା—ଅସରନ୍ତି ଭଣ୍ଡାର । )
୩ । ଅସଂଖ୍ୟ; ଅଶେଷ; ବହୁ—
3. Many; innumerable; countless.

ଦଣ୍ଡରୁ ଦମ୍ଭ ବ୍ରାତ ଠଣାରୁ ପଳାଯିବ ଅସର କପି ଇତସ୍ତତ ।
ଭଞ୍ଜ. ବୈଦେହୀଶବିଳାସ ।

**ଅସରନ୍ତିଭଣ୍ଡାର**—ଦେ. ବି.—ଅକ୍ଷୟ ଭଣ୍ଡାର; ଯେଉଁ ଭଣ୍ଡାରରୁ ଯେତେ
**Asarantibhaṇḍāra** ବ୍ୟୟ କଲେ ମଧ୍ୟ ତାହା ନିଃଶେଷିତ
অসরন্তভাঁড়ার ହୁଏ ନାହିଁ—Inexhaustible store.

**ଅସରପା**—ଦେ. ବି ( ସଂ. ଅସ୍ରପା = ରକ୍ତପାୟିନୀ; ରାକ୍ଷସୀ; ଜୋକ )—
**Asarapā** ଅନ୍ଧାରିଆ ଗୃହରେ ଓ ଅନ୍ଧକାରମୟ ସିନ୍ଦୁକ ଆଦିର
আরসুলা ସନ୍ଧିରେ ରହୁଥିବା ଗାଢ଼ରକ୍ତ ପତଙ୍ଗବିଶେଷ; ତେଲିପାୟିକା—
झींगुर; चपड़ा Cockroach; Blatta Orientalis.
( ଅସରପୀ—ସ୍ତ୍ରୀ ) ଦେ. ବିଣ.—୧ । ମନ୍ଦବୁଦ୍ଧି—1. Foolish.
୨ । ଅପ୍ରତିଭ (ଗୋପୀନାଥ ନନ୍ଦ)—2. Out witted.
୩ । ମୂର୍ଖ (ଗୋପୀନାଥ ନନ୍ଦ)—3. Dunce.
୪ । (ସଂ. ଅସ୍ଥିରପାଦ)—ଅଥରପା (ଦେଖ)
Atharapā (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧ' ନ ପାଇଲେ 'ବନ୍ଧ୍' ଦେଖିବେ; 'ଅଙ୍ଗା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

**ଅସରପି**— ବୈଦେ. ବି ( ଅ. ଅଶ୍‌ରଫୀ )—
Asarapi ୧ । ସୁନା ମୋହର; ସ୍ୱର୍ଣ୍ଣମୁଦ୍ରା—1. Gold coin.
आस्‌फी — ଘରେ ଅସରପା ଥିଲେ ଅସରପି ଅଛେ—
असरफ़ी — ଫକୀରମୋହନ. ଛମାଣଆଠଗୁଣ୍ଠ ।
୨ । ଷୋଳ ଟଙ୍କା ମୂଲ୍ୟର ସୁନା ମୋହର— 2. Gold mohur worth sixteen rupees.
ଦେ. ବି. ସ୍ତ୍ରୀ—୧ । ମାଈ ଅସରପା— 1. A female-cockroach.
୨ । ଛୋଟ ଅସରପା; କୃଷ୍ଣ ଅସରପା—2. A small cockroach; the black beetle.

**ଅସରଫି**—ବୈଦେ. ବି.—ଅସରପି (ଦେଖ)
Asaraphi — Asarapi (See)

**ଅସରମ**—ଦେ. ବିଣ. ଓ ବି.—ଅସ୍ରମ (ଦେଖ)
Asarama — Asarama (See)

**ଅସରଳ**—ସଂ. ବିଣ ( ଅ+ସରଳ )—
Asarala ୧ । ଯାହା ସିଧା ନୁହେଁ; ବକ୍ର; କୁଟିଳ— 1. Not straight; crooked.
(ଅସରଳା—ସ୍ତ୍ରୀ)
ଅସରଳତା } ବି. ୨ । କୁଟିଳମନା—2, Not frank.
ଅସାରଲ୍ୟ }
୩ । ଅସତ୍— 3. Dishonest; not upright.

**ଅସରଳା**—ସଂ. ବିଣ. ସ୍ତ୍ରୀ ( ଅ+ସରଳା )—ଅସରଳର ସ୍ତ୍ରୀଲିଙ୍ଗ—
Asaralā — Feminine of Asarala.
ଦେ. ବି.—ଅସରଲ୍ଲା (ଦେଖ) Asaralā (See)

**ଅସରଲ୍ଲା**—ପ୍ରାଦେ. ( ସମ୍ବଲପୁର, ଗଡ଼ଜାତ, ମେଦନୀପୁର, ବସ୍ତର,
Asaralā — ବାଲେଶ୍ୱର, ଗଞ୍ଜାମ) ବି—ଅସରପା (ଦେଖ) Asarapā (See)

**ଅସରଳାସୂତା**—( ସଂ. ଅସରଳ+ସୂତ୍ର )—ଅଶାଢ଼ୁଆସୂତା; ବିବାହ-
Asaralāsūtā — ଉପଲକ୍ଷରେ ବରକନ୍ୟାଙ୍କ ହାତରେ ଯେଉଁ ସୂତ୍ର ବନ୍ଧାଯାଏ ।
ଅଶ୍ରୁତ କରୁଣ ଶୋକସଦନ
ଅସରଳା ସୂତା ହେଲା ବନ୍ଧନ—ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

**ଅସରା**—ଦେ. ବିଣ.—୧ । ଅସରନ୍ତି—1. Endless.
Asarā — ଅସରା ଏ ବିଚ୍ଛେଦ ଅବା ସ୍ୱପ୍ନରେ—ସ୍ୱାନାଥ. ଦଶରଥବିୟୋଗ ।
୨ । ଯେଉଁ କୂଅରୁ କେହି ଜଳ ବ୍ୟବହାର କରନ୍ତି ନାହିଁ; ଅବ୍ୟବହୃତ ( କୂପ )—2. Unused (well)
୩ । ଗୃହର ଯେଉଁ ବାସନ ବା ଉପକରଣାଦିକୁ କେହି ବ୍ୟବହାର କରି ନ ଥାଏ— 3. Not yet used (article or utensil)
पसला — ଦେ. ବି. ( ସଂ. ଆସାର )—ବର୍ଷା ବର୍ଷିବାର ଏକ ଥର;
चौसार — ଧାରା ବୃଷ୍ଟି—Shower (of rain).
ଆଠ ବୁନ୍ଦ ଆଣି ଷୋଳ ଅସରା
ବରଷି ଲଫିଲଫି ଚଉଷଠି କୁଣ୍ଡା ଫସ । କୃଷିବଚନ ।

**ଅସର୍ପା**—ଦେ. ବି—ଅସରପା ( ଦେଖ )
Asarpā — Asarapā ( See )
ଦେ. ବିଣ—ଅସରପା ( ଦେଖ ) Asarapā ( See )
ଅସର୍ପା ପୁରୁଷ ପ୍ରାୟେ ଅଟେ ମୋର ବୁଦ୍ଧି
ତବେ କିରୁ କରୁ ଅର ପଦ ନୋହେ ସିଦ୍ଧି । ପୀତାମ୍ବର. ନୃସିଂହପୁରାଣ ।

**ଅସର୍ପି**—ବୈଦେ. ବି—ଅସରପି ( ଦେଖ )
Asarpi — Asarapi ( See )

**ଅସର୍ଫି**—ବୈଦେ. ବି—ଅସରପି ( ଦେଖ )
Asarphi — Asarapi ( See )

**ଅସର୍ଲା**—ପ୍ରାଦେ. ବି—ଅସରଲ୍ଲା ( ଦେଖ )
Asarlā — Asaralā ( See )

**ଅସଲ**—ବୈଦେ. ବିଣ. ( ଅ. ଅସ୍‌ଲ୍ )—
Asala ୧ । ଯଥାର୍ଥ; ପ୍ରକୃତ—1. Actual.
आसल — ( ଯଥା—ଅସଲ ଘଟଣା । )
असल — ୨ । ଅବିମିଶ୍ରିତ - 2. Unmixed; unadulterated.
୩ । ବିଶୁଦ୍ଧ—3. Pure.
୪ । ଖାଣ୍ଟି—4. Genuine. ( ଯଥା—ଅସଲ ସୁନା । )
୫ । ପ୍ରଧାନ—5. Principal. (ଯଥା—ଅସଲ ହାକିମ ।)
୬ । ମୌଳିକ—6. Primary; original. ( ଯଥା—ଅସଲ ଉଦ୍ଦେଶ୍ୟ । )
୭ । ମୂଳ ଧନ ସମ୍ବନ୍ଧୀୟ—7. Relating to the capital of a trade or loan.
(ବିମସଲ—ବିପରୀତ)
( ଯଥା—ଖାତକ ଉପରେ ଅସଲ ଟଙ୍କା ବାକି ଅଛି । )
୮ । ଅତି ଉତ୍କୃଷ୍ଟ—8. Very excellent.
୯ । ସଦ୍‌ବଂଶଜାତ— 9. Noble born.
ଦେ. ବି—୧ । ବ୍ୟବସାୟ ବା ମହାଜନୀର ମୂଳଧନ— 1. The capital of a trade or loan.
୨ । ମୂଳ; ଜଡ଼—2 Root.
୩ । ମୂଳକାରଣ—3. Origin.
ପ୍ରାଦେ. (ସମ୍ବଲପୁର) ବି—୧ । ଉତ୍ତମ ବା ଭଲ କାର୍ଯ୍ୟ— 1. Good deed.
୨ । ଉଚିତ କର୍ମ—2. Proper act; right thing.
( ଯଥା—ତୁ ଅସଲ କଲୁ, ଅଚ୍ଛା କଲୁ, ଭଲ କାମ କଲୁ । )

**ଅସଲଟ**—ଦେ. ବିଣ. ଓ ବି—ଅସନଟ ( ଦେଖ )
Asalaṭa — Asanaṭa ( See )
କାଲକଯାକବେ ଘାଣ୍ଟି ହେଉଥିବ ଏ ଅସଲଟ କଥାରେ—
ପ୍ରାଚୀନ ସଙ୍ଗୀତ ।

**ଅସଲଟିଆ**—ଦେ. ବିଣ—ଅସନଟିଆ ( ଦେଖ )
Asalaṭiā — Asanaṭiā ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଌ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇଯ଼ | ଉଅ | ଞ |
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଓ୍ୱ | ନ୍‌ |

**ଅସଲତନାମା**—ଦେ. ବି. ( କଚେରୀ ଭାଷା; ଆ. ଅସଲ୍‌ପୂତ୍‌=ମୂଳ +ନାମାହ୍‌=ଲେଖ )—ଯେଉଁ ଦରଖାସ୍ତ ବା ଅରଜି ବା ଜବାବ ଅଦରେ ପକ୍ଷ ତରଫରୁ ଓକିଲ ମୁକ୍ତାର ନିଯୁକ୍ତ ହୋଇ ନ ଥିବାରୁ ଦସ୍ତଖତ୍ କର ନ ଥାନ୍ତି ଓ ଯହିଁରେ ପକ୍ଷ ସ୍ୱୟଂ ଦସ୍ତଖତ୍ କରି ମିସଲରେ ଦାଖଲ କରନ୍ତି—Any petition, plaint or written statement signed by the party himself and not by his pleader as no pleader has been engaged by the party.
Asalatanāmā
আসলতনামা
असलियतनामा

**ଅସଲସୁଧ**—ବୈଦେ. ବି. ( ଆ. ଅସ୍ଲ୍+ଫା. ସୁଦ୍ )—ମହାଜନର ମୂଳଧନ ଓ ମୂଳଧନ ଉପରେ ପାଇବା କଳନ୍ତର—Capital and interest occuring thereon.
Asalasudha
আসলসুদ
असलसूद

**ଅସଲା**—ଗ୍ରା. ବି.— ଅସରା ( ଦେଖ ) Asarā ( See )
Asalā

**ଅସଲା**—ଦେ.ବି.—ଅସରପା; ତେଲପାଚିକା ପତଙ୍ଗ (ଗୋପୀନାଥ ନନ୍ଦ)—Cockroach.
Asalā

**ଅସଲାତ୍‌ନାମା**—ଦେ. ବି. ( କଚେରୀଭାଷା )—ଅସଲତନାମା ( ଦେଖ ) Asalatanamā ( See )
Asalātnāmā

**ଅସଲି**—ଦେ. ବିଣ. ( ଆ. ଅସ୍ଲି )—ଅସଲ ( ଦେଖ ) Asala ( See )
Asali
আসল
असली

**ଅସହ**—ସଂ. ବିଣ. ( ଅ+ସହ ଧାତୁ+କର୍ତ୍ତୃ. ଅ )—
Asaha ୧ । ଅସହିଷ୍ଣୁ; ଯେ ସହି ନ ପାରେ—
(ଅସହତ୍ୱ—ବି) 1. Unable to bear or endure.
୨ । ଅକ୍ଷମାଶୀଳ—2. Unforgiving; intolerant.
୩ । ଅଧୀର; ଅମର୍ଷଣ—3. Impatient.
୪ । କୌଣସି କାର୍ଯ୍ୟ କରିବାକୁ ଅକ୍ଷମ—4. Not capable of; not able to (M.W.)
ସ. ବି—ଛାତିର ମଧ୍ୟଭାଗ—The middle of the breast ( M. W. )

**ଅସହଣ**—ଦେ. ବିଣ. ପୁଂ. ଓ ସ୍ତ୍ରୀ ( ସଂ. ଅସହନ )—
Asahaṇa ଅସହନ ( ଦେଖ )—Asahana ( See)
অসহন ଦୁଃଖରେ ଅନ୍ନପୂର୍ଣ୍ଣା ଶୃଙ୍ଗାରେ ଅସହଣ—ସାରଳା. ମହାଭାରତ. ମଧ୍ୟ ।
असही ଗ୍ରା. ବିଣ. ୧ । ( ସଂ. ଅସହନୀୟ )—ଅସହ୍ୟ—1. Unbearable.
ବିଷାଦ ଅସହଣି ନରେ ହସ୍ତ ଭରଣ ଟଙ୍କାର ଝମକ କୃପାଣ ।
ଭଞ୍ଜ. ବୈଦେହୀଶବିଳାସ ।
୨ । ଯେଉଁ ଲୁଗା ସହଣ ନୁହେଁ ଅର୍ଥାତ୍ ବିଦେଶୀ କଳ ତିଆରି ନୁହେଁ—(cloth) Not of foreign mill-manufacture.

**ଅସହଣି**—ଦେ. ବିଣ. ପୁଂ. ଓ ସ୍ତ୍ରୀ. (ସଂ. ଅସହନ)—
Asahaṇi ୧ । ଅସହନ (ଦେଖ) Asahana (See)
অসহন
असही
କଳଙ୍କ ଚନ୍ଦ୍ରମୁଖେ ଜାଣି, କୁଟୁମ୍ବେ ଯେତେ ଅସହଣି । ଭୂପତି. ପ୍ରେମପଞ୍ଚାମୃତ ।
ସମସ୍ତେ ଅସହଣି ତୁ ସକଳ ସହନ୍ତା । ପୀତାମ୍ବର. ନୃସିଂହପୁରାଣ ।
୨ । ଅସହିଷ୍ଣୁ—2. Intolerant.
ଦେ. ବି.—ଅସହିଷ୍ଣୁତା (ଦେଖ) Asahishṇutā (See)
ଅସାଧୁଜନଙ୍କ ସ୍ୱଭାବ, ନରତେ ଅସହଣ ଭାବ । ଜଗନ୍ନାଥ—ଭାଗବତ ।

**ଅସହଣିକ**—ଦେ. ବିଣ. ପୁଂ. ଓ ସ୍ତ୍ରୀ. (ସଂ. ଅସହନ)—
Asahaṇika ଅସହନ (ଦେଖ) Asahana (See)

**ଅସହନ**—ସଂ. ବିଣ. ( ଅ+ସହ ଧାତୁ+କର୍ତ୍ତୃ. ଅନ)—୧ । ଅସହିଷ୍ଣୁ; ଯେ ସହନଶୀଳ ନୁହେଁ—1. Unenduring; not able to endure; intolerant.
Asahana
(ଅସହନା—ସ୍ତ୍ରୀ)
(ଅସହନତା—ବି) ୨ । ଈର୍ଷାପର—2. Envious; jealous malicious.
୩ । ଅଧୀର; ଧୈର୍ଯ୍ୟହୀନ—3. Impatient.
୪ । ପରଶ୍ରୀକାତର—4. Unable to endure another's prosperity; pained at another's weal.
ସଂ. ବି.—୧ । ଶତ୍ରୁ—1. An enemy.
୨ । ଅସହିଷ୍ଣୁତା—2. Impatience.
୩ । ନ ସହିବା—3. Not tolerating; intolerance
ସହନକୁ ଅସହନ ଯେ ଅଟେ ଗୁଣୀ । କୃଷ୍ଣସିଂହ. ମହାଭାରତ. ଆଦି ।

**ଅସହନିକରିବା**—ପ୍ରାଦେ. ( ସମ୍ବଲପୁର ) କ୍ରି.—କୌଣସି ବ୍ୟକ୍ତିକୁ ଲାଞ୍ଛନା ବା ଅପମାନ ଦେବା—To insult a person.
Asahanikaribā

**ଅସହନୀୟ**—ସଂ. ବିଣ ( ଅ+ସହ ଧାତୁ+କର୍ମ. ଅନୀୟ )—ଅସହ୍ୟ; ଯାହା ସହି ହୁଏ ନାହିଁ—Unbearable.
Asahanīya
(ଅସହନୀୟତା—ବି)

**ଅସହମାନ**—ସଂ. ବିଣ. ପୁଂ [ଅ+ସହ ଧାତୁ+କର୍ତ୍ତୃ ଅନ (ଶାନଚ୍)]—
Asahamāṇa ଅସହ ( ଦେଖ ) Asaha ( See )
(ଅସହମାନା—ସ୍ତ୍ରୀ)

**ଅସହଯୋଗ**—ସଂ. ବି. ( ଅ+ସହଯୋଗ )—୧ । ଅସମ୍ପର୍କ; ସମ୍ବନ୍ଧର ଅଭାବ—1. Absence of connection.
Asahajoga
୨ । ମିଳି ମିଶି କାମ କରିବାର ଅଭାବ—2. Non-co-operation; absence of Co-operation.

**ଅସହଯୋଗ ଆନ୍ଦୋଳନ**—ସଂ. ବି. ( ଆଧୁନିକ ପ୍ରୟୋଗ )—
Asahajoga āndolana ମହାତ୍ମା ଗାନ୍ଧିଙ୍କ ପ୍ରବର୍ତ୍ତିତ ରାଜନୀତିକ ଅଧିକାର ଲାଭ କରିବା ଉଦ୍ଦେଶ୍ୟରେ ପ୍ରଜାମାନେ

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ସାଢ଼' ନ ମିଳିଲେ 'ଷାଣ୍ଢ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଈର୍ଷା' ନ ପାଇଲେ 'ଈର୍ଷା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍‌' ଦେଖିବେ

ସରକାରଙ୍କ ସଙ୍ଗେ ସମ୍ପର୍କ ନ ରଖିବାରୂପ ଭାରତବ୍ୟାପି ଆନ୍ଦୋଳନ—The non-co-operation movement started by Mahātmā Gāndhi.

[ ଦ୍ର—ମହାତ୍ମାଗାନ୍ଧୀ ଉଦାହରଣ ଓ ଅନୁଭବଦ୍ୱାରା ତାଙ୍କ ପ୍ରବର୍ତ୍ତିତ 'ଅସହଯୋଗ'ର ସଫଳତା ଆଫ୍ରିକାରେ ଓ ଭାରତରେ ପ୍ରମାଣିତ କରିଅଛନ୍ତି । 'ମୋ ଠାରୁ ଯେ ବଳୁଆ ତାକୁ ମୁଁ ବଳରେ ପାରିବି ନାହିଁ, ଯାହାଠାରେ ଅସ୍ତ୍ରଶସ୍ତ୍ର ଅଛି ତାକୁ ଅସ୍ତ୍ରଶସ୍ତ୍ରହୀନ ବ୍ୟକ୍ତି ଯୁଦ୍ଧରେ ପାରିବ ନାହିଁ, କିନ୍ତୁ ଦୁର୍ବଳ ବ୍ୟକ୍ତି 'ଅସହଯୋଗ' ଅବଲମ୍ବନପୂର୍ବକ ବଳୁଆ ବ୍ୟକ୍ତିଙ୍କୁ ହତବୁଦ୍ଧି ଓ ପରାସ୍ତ କରି ପାରେ । ଭାରତର ୩୫ କୋଟି ପ୍ରଜାଙ୍କୁ ବ୍ରିଟିଶ ସରକାର କେବଳ ପ୍ରଜାଙ୍କ ସହଯୋଗ ଯୋଗୁଁ ଶାନ୍ତିରେ ନିର୍ଦ୍ଦ୍ୱନ୍ଦ୍ୱରେ ଶାସନ କରିବାକୁ ସମର୍ଥ ହୋଇଅଛନ୍ତି; କିନ୍ତୁ ପ୍ରଜାମାନେ ଦଳବଦ୍ଧ ଓ ଏକମନ ହୋଇ 'ଅସହଯୋଗ' ଅସ୍ତ୍ର ଅବଲମ୍ବନ କଲେ ସରକାର ପ୍ରଜାମାନଙ୍କଠାରେ ନତମସ୍ତକ ହେବେ ଓ ପ୍ରଜାମାନଙ୍କ ମନକୁ ଜଗି କାମ କରିବେ ।' ଏହାହିଁ ଅସହଯୋଗ ଆନ୍ଦୋଳନଦ୍ୱାରା ଗାନ୍ଧିଜୀ ଜଗତକୁ ଦେଖାଇବାକୁ ଚେଷ୍ଟା କରିଅଛନ୍ତି । ]

**ଅସହଯୋଗୀ**—ସଂ. ବିଣ. ପୁଂ—ଯେ ଅସହଯୋଗ କରେ—
**Asahajogi** Non-co-operating.
(ଅସହଯୋଗିନୀ—ସ୍ତ୍ରୀ) ଦେ. ବିଣ. ପୁଂ—ମହାତ୍ମା ଗାନ୍ଧୀଙ୍କ ପ୍ରବର୍ତ୍ତିତ
(ଅସହଯୋଗିତା—ବି) ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିବା (ବ୍ୟକ୍ତି)— A non-co-operator.

**ଅସହାୟ**— ସଂ. ବିଣ. ପୁଂ (ବହୁବ୍ରୀହି; ଅ + ସହାୟ )—୧ । ନିଃସହାୟ;
**Asahāya** ଯାହାର କେହି ସାହା ଭରସା ନାହିଁ—
(ଅସହାୟା—ସ୍ତ୍ରୀ) 1. Helpless.
(ଅସହାୟତା—ବି) ୨ । ବନ୍ଧୁହୀନ — 2. Friendless.
୩ । ଯାହାକୁ ସାହାଯ୍ୟ କରିବାକୁ କେହି ନାହିଁ; ଏକାକୀ—
3. Single-handed,
୪ । ନିଃସଙ୍ଗ; ନିର୍ଜନ—4. Solitary ( M. W. )
୫ । ଯାହାର କେହି ସଙ୍ଗୀ ନାହିଁ—
5. Without companions.
ସଂ. ବି.—ନିଃସହାୟତା; ସାହାଯ୍ୟହୀନତା—Helplessness.

**ଅସହାୟତା**—ସଂ. ବି.(ଅସହାୟ + ଭାବ.ତା)—୧ । ଅସହାୟର ଅବସ୍ଥା—
**Asahāyata** 1. Helplessness.
୨ । ବନ୍ଧୁହୀନ ଅବସ୍ଥା—2. Friendlessness.
୩ । ନିର୍ଜନତା— 3. Loneliness; solitude.
୪ । ମୁନିର ଜୀବନ ବା ବୃତ୍ତି—
4. The life of a hermit ( M. W. )

**ଅସହିଷ୍ଣୁ**—ସଂ. ବିଣ. ପୁଂ. ଓ ସ୍ତ୍ରୀ ( ଅ + ସହିଷ୍ଣୁ )—୧ । ଯେ ସହି
**Asahishṇu** ନ ପାରେ—1. Unable to endure.
(ଅସହିଷ୍ଣୁତା—ବି) ୨ । ଅଧୀର; ଅସମ୍ଭାଳ—2. Impatient.
୩ । ଯେ ଦୁଃଖ ସହି ନ ପାରେ—
3 Unable to bear distress.
୪ । ଈର୍ଷାପର—4. Envious.
୫ । କଳହପ୍ରିୟ—5. Quarrelsome ( M. W. )
୬ । ଯେ କ୍ଷମାଶୀଳ ନୁହେଁ—6. Not forgiving.

**ଅସହ୍ୟ**—ସଂ. ବିଣ ( ଅ + ସହ ଧାତୁ + କର୍ମ. ଯ )—
**Asahya** ୧ । ଯାହା ସହି ହୁଏ ନାହିଁ—
( ଅସହ୍ୟତା—ବି ) 1. Intolerable; unbearable.
୨ । ଅସମ୍ଭବ—2 Impossible; impracticable ( M. W. )

**ଅସହ୍ୟପୀଡ଼**—ସଂ. ବିଣ ( ବହୁବ୍ରୀହି; ଅସହ୍ୟ + ପୀଡ଼ା )—
**Asahyapirḍa** ଯାହା ଅସହ୍ୟ ପୀଡ଼ା ଦିଏ—
Causing intolerable pain ( M. W )

**ଅସାକ୍ଷାତ୍**—ସଂ. ଅ ( ଅ + ସାକ୍ଷାତ୍ )—୧ । ( ଅମୁକର) ପରୋକ୍ଷରେ;
**Asākshāt** ଇନ୍ଦ୍ରିୟର ଅଗୋଚରରେ—1 Imperceptibly.
୨ । ଅମୁକର ଅନୁପସ୍ଥିତିରେ—2. In one's absence.
୩ । (ଅମୁକର) ପଛରେ—3. Behind one's back
ସଂ. ବିଣ.—୧ । ପରୋକ୍ଷ—1 Indirect.
୨ । ଯାହା ନିଜ ଆଖି ଆଗରେ ଘଟେ ନାହିଁ; ଅଦୃଶ୍ୟ; ଅଗୋଚର—2. Happening behind one's back invisible.
୩ । ଇନ୍ଦ୍ରିୟର ଅଗୋଚର—3. Imperceptible.

**ଅସାକ୍ଷାତ**—ଦେ. ବିଣ ( ସଂ. ଅସାକ୍ଷାତ୍ )—ଅସାକ୍ଷାତ୍ ( ଦେଖ )
**Asākshāta** Asākshāt (See)
ଦେ. ବି ( ସଂ. ଅ + ସାକ୍ଷାତ୍କାର)—
୧ । ଅଦର୍ଶନ—1. Not seeing.
୨ । ଦେଖା ନ ମିଳିବା—2. Failing to meet a person.

**ଅସାକ୍ଷାତରେ**—ଦେ. ଅ. ( ସଂ. ଅସାକ୍ଷାତ୍ )—
**Asākshātare** ୧ । ଅସାକ୍ଷାତ୍ (ଦେଖ)—
অসাক্ষাতে 1 Asākshāt (See)
বেমালুম ୨ । ଅଜ୍ଞାତରେ—2. Without (one's) knowledge.

**ଅସାକ୍ଷିକ**—ସଂ. ବିଣ (ବହୁବ୍ରୀହି; ଅ + ସାକ୍ଷିନ୍ + କ) —
**Asākshika** ୧ । (ହିନ୍ଦୁ ସ୍ମୃତି) ଯେଉଁ ଘଟଣାର କେହି ସାକ୍ଷୀ ନ ଥାଏ—1. ( Hindu law ) Having no witness; unwitnessed.
୨ । ( ହିନ୍ଦୁ ସ୍ମୃତି) ଯେଉଁ ଦଲିଲରେ କେହି ହିଁ ସାକ୍ଷୀ ସହି ନ ଥାଏ—2. (Hindu law) unattested (document)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଢ | ଶ,ଷ | ଙ୍କ | ଇଯ୍ | ଉଅ | ଘ |
| ୨ | ଈ | ଊ | ଋୃ | ଲୃ | ଯ୍ୟ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଘ | ଇଅ | ୱ | ନ୍ତ |

୩ । ( ହିନ୍ଦୁ ସ୍ମୃତି ) ମକଦ୍ଦମା ଉପଲକ୍ଷରେ ଅଦାଲତରେ ଉପସ୍ଥିତ ଯେଉଁ ପକ୍ଷର ସମର୍ଥନ କରିବା ପାଇଁ କେହି ସାକ୍ଷୀ ନ ଥାଏ—3. (Hindu law) (a party in a suit) Who has got no witness to support him.

ଅନାଥ ଅସାକ୍ଷିକ ଲୋକ କଥାଯାକ ଭଲକରି ବୁଝିବ ଅବଜ୍ଞାନାୟକ—କୃଷ୍ଣସିଂହ· ମହାଭାରତ· ଶାନ୍ତି ।

[ ଦ୍ର—ପରସ୍ପର ବିବଦମାନ ଦୁଇ ପକ୍ଷର ଯେବେ ସାକ୍ଷୀ ନ ଥାଏ ତେବେ ବିଗ୍ରହପତି ଉଭୟପକ୍ଷଙ୍କ ଶପଥ ଗ୍ରହଣ କରି ସତ୍ୟନିର୍ଣ୍ଣୟ କରିବେ—ଗ୍ରାମଶଙ୍କର ମନୁ ୮।୧୦୯ । ]

**ଅସାକ୍ଷିକହତ—ସଂ. ବିଣ. ପୁଂ. ( ଅସାକ୍ଷିକ + ହତ )—**
Asākshikahata (ଅସାକ୍ଷିକହତା—ସ୍ତ୍ରୀ) ( ହିନ୍ଦୁ ସ୍ମୃତି ) ଆପଣାର କଥାକୁ ସମର୍ଥନ କରିବାକୁ କେହି ସାକ୍ଷୀ ନ ଥିବାରୁ ଯେଉଁ ପକ୍ଷ ମକଦ୍ଦମାରେ ହାରିଯାଏ—
(Hindu law) Beaten (in law) without witnesses ( M. W. )

**ଅସାକ୍ଷୀ—ସଂ. ବିଣ. ପୁଂ. ( ଅ + ସାକ୍ଷିନ୍; ୧ମା. ୧ବ. )—**
Asākshi (ଅସାକ୍ଷିଣୀ—ସ୍ତ୍ରୀ) ୧ । ( ହିନ୍ଦୁ ସ୍ମୃତି ) ଅଦାଲତରେ ସାକ୍ଷୀରୂପେ ଗୃହୀତ ହେବା ପାଇଁ ଅନୁପଯୁକ୍ତ ( ବ୍ୟକ୍ତି )—
ଅସାକ୍ଷିତା, ଅସାକ୍ଷିତ୍ୱ } ବି. 1. ( Hindu law ) ( persons ) Who are incompetent to give evidence in court.

[ ଦ୍ର—ଚୋର, ଜୁଆଡ଼ି, ମଦ୍ୟପ, ପାଗଳ, ସ୍ତ୍ରୀ, ବାଳକ, ଅତିବୃଦ୍ଧ, ହତ୍ୟାକାରୀ, ଭାଟ, ଜାଲିଆ, ବିକଳେନ୍ଦ୍ରିୟ ( ଯଥା ବଧିର, ଅନ୍ଧ, କଣା, ଛୋଟା, ଛେମ୍ପା, କୁଜା ) ଶତ୍ରୁ ଓ ମିତ୍ର ଏମାନେ ଧର୍ମଶାସ୍ତ୍ର-ଅନୁସାରେ କୌଣସି ମକଦ୍ଦମାରେ ସାକ୍ଷୀରୂପେ ଗୃହୀତ ହୋଇ ନ ପାରନ୍ତି—ଯାଜ୍ଞବଲ୍କ୍ୟ ୨।୭୧ ।

ଋଣାଦି ଅର୍ଥସମ୍ବନ୍ଧୀ, ଅସତ୍ୟବାଦୀ, ଭୃତ୍ୟାଦି ସହାୟକ, ଶତ୍ରୁ, ଯେ ଥରେ ମିଛସାକ୍ଷୀ ଦେଇଥିବାର ଜଣାଯାଇଛି, ବ୍ୟାଧ୍ୟାର୍ତ୍ତ, ମହାପାତକ ଦୋଷରେ ଦୂଷିତ, ରାଜା, କାରିଗର, ନଟ, ଶ୍ରୋତ୍ରିୟ, ବ୍ରହ୍ମଚାରୀ, ସନ୍ନ୍ୟାସୀ, ପରାଧୀନ, ଲୋକନିନ୍ଦିତ, ଦସ୍ୟୁ, ନିଷିଦ୍ଧକର୍ମକାରୀ, ବୃଦ୍ଧ, ପିଲା, ଚଣ୍ଡାଳ, ବିକଳେନ୍ଦ୍ରିୟ, ଯେଉଁ ବ୍ୟକ୍ତି ବଂଶହୀନ ବା ଏକାକୀ, ଆର୍ତ୍ତ, ମତ୍ତ, ଉନ୍ମତ୍ତ, କ୍ଷୁତ୍‌ତୃଷ୍ଣୋପପୀଡ଼ିତ, ଶ୍ରମାର୍ତ୍ତ, କାମାର୍ତ୍ତ, କ୍ରୁଦ୍ଧ ଓ ତସ୍କର ଏପରି ବ୍ୟକ୍ତିମାନଙ୍କୁ ପକ୍ଷମାନେ ଅଦାଲତରେ ସାକ୍ଷୀ କରିବେ ନାହିଁ—

ଗ୍ରାମଶଙ୍କର ମନୁ ୮।୬୪—୬୭ । ]

୨ । ( ହିନ୍ଦୁ ସ୍ମୃତି ) ଯେ କୌଣସି ଘଟନାକୁ ସ୍ୱଚକ୍ଷୁରେ ଦେଖି ନ ଥାଏ—2. ( Hindu law ) Not an eye-witness.

ସାକ୍ଷୀ ହୋଇ ଅସାକ୍ଷୀ ପରି ଯେ କହଇ । କୃଷ୍ଣସିଂହ· ମହାଭାରତ· ସଭା ।

**ଅସାକ୍ଷ୍ୟ—ସଂ. ବି. ( ଅ + ସାକ୍ଷ + ଯ )—ପ୍ରମାଣର ଅଭାବ—**
Asākshya Want of evidence ( M. W. )

**ଅସାଙ୍ଗ୍—ପ୍ରାଦେ. ( ସମ୍ବଲପୁର ) ବିଣ. ସ୍ତ୍ରୀ—ଗର୍ଭବତୀ—**
Asāng Pregnant.

**ଅସାଡ଼—ଦେ. ବିଣ. ( ସଂ. ଅସାର )—**
Asārda ୧ । ଚଳିବା ଶକ୍ତିରହିତ ( ଅଙ୍ଗ ); ଅଚଳ—
অসাড় 1. Benumbed; torpid.
ठिठुरा ୨ । ଚଗିଡ଼ିଥିବା—2. Disordered; out of order.
୩ । ସଂଜ୍ଞାହୀନ—3. Insensible; stupified.

**ଅସାଢ଼ୁଆ—ଦେ. ବି—ଅଷାଢ଼ୁଆ ( ଦେଖ )**
Asārdhuā Ashārdhuā ( See )

**ଅସାଢ଼—ଦେ. ବି. ( ସଂ. ଆଷାଢ଼ )—**
Asārdha ଅଷାଢ଼ମାସ—ସୌର ମିଥୁନ ମାସ—
আষাঢ় The lunar month of Ashārdha
असाढ़ (June-July)

**ଅସାତ୍ମ୍ୟ—ସଂ. ବି. ( ଅ + ସ + ଆତ୍ମନ୍ + ଯ )—**
Asātmya ୧ । ଅସ୍ୱାସ୍ଥ୍ୟକର ( ଖାଦ୍ୟ )—
1. Unwholesome ( as food )
୨ । ଯାହା ଦେହରେ ସାଏ ନାହିଁ—
2. Disagreeing ( as food ) ( M. W. )

**ଅସାଦ—ସଂ. ବିଣ. ( ଅ + ସଦ ଧାତୁ + ଣିଚ ସାଦ ଧାତୁ + କ )—**
Asāda ଅକ୍ଳାନ୍ତ; କ୍ଲାନ୍ତିରହିତ—Not becoming tired; unwearied ( M. W )

**ଅସାଧନ—ସଂ. ବି. ( ଅ + ସାଧନ )—ଯାହା ଫଳପ୍ରସୂ ଉପାୟ ନୁହେ—**
Asādhana Not a means; anything not effective of an object.
ସଂ. ବିଣ. ( ବହୁବ୍ରୀହି )—୧ । ଉପାୟରହିତ—
1. Without means; destitute of resources.
୨ । କାର୍ଯ୍ୟ ସାଧନର ଉପକରଣ ବା ଯନ୍ତ୍ରାଦି ରହିତ—
2. Destitute of materials or implements.

**ଅସାଧାରଣ—ସଂ. ବିଣ. ( ଅ + ସାଧାରଣ )—୧ । ଅସାମାନ୍ୟ—**
Asādhārana 1. Uncommon.
ଅସାଧାରଣତା, ଅସାଧାରଣତ୍ୱ } ବି. ୨ । ଯାହା ସବୁଠାରେ ବା ସମସ୍ତଙ୍କଠାରେ ନାହିଁ—
2 Extraordinary.
୩ । ବିଶିଷ୍ଟ—3. Specifical; special.
୪ । ଯାହା ସମସ୍ତଙ୍କର ନୁହେ—
4. Not common; private.

**ଅସାଧି—ଗ୍ରା. ବିଣ. ( ସଂ. ଅସାଧ୍ୟ )—୧ । ଅସାଧ୍ୟ ( ଦେଖ )**
Asādhi 1. Asādhya ( See )
অসাধ্য ୨ । ଅବାଧ୍ୟ—2. Insubordinate.
असाध

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତାହାଁର ଅପର ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ;'ଅଲଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ ।

ଯେଉଁ ଯେଉଁ ରାଜା ହୁଅନ୍ତି ଅସାଧ୍ୟ
ସନ୍ଧାନ କରି ଆଣିବୁ ତାଙ୍କ ସବୁ ବାନ୍ଧି । ସାରଳା. ମହାଭାରତ. ସଭା ।'

**ଅସାଧିତ**—ସଂ. ବଣ. ( ଅ + ସାଧିତ )—୧ । ଅସମ୍ପାଦିତ; ଅକୃତ—
Asādhita 1. Unaccomplished.
୨ । ଅସମାହିତ; ଅନିଷ୍ପନ୍ନ—2. Unsolved.

**ଅସାଧୁ**—ସ. ବଣ.—(ଅ + ସାଧୁ)—୧ । ଅସତ୍—
Asādhu 1. Dishonest.
(ଅସାଧୁତା—ବି) ୨ । ଅଭଦ୍ର—2. Uncivil.
୩ । ଅଧାର୍ମିକ—3. Unrighteous; irriligious.
୪ । ଅନୈତିକ—4. Immoral.
୫ । ଯାହା ସାଧୁଜନୋଚିତ ନୁହେ—
5. Not befitting a good person

**ଅସାଧୁତା**—ସ. ବି. (ଅସାଧୁ + ଭାବ. ତା)—୧ । ଅସତ୍‌ପଣ—
Asādhutā 1. Dishonesty.
୨ । ଅଭଦ୍ରତା—2. Incivility.
୩ । ରଚନାର ଦୋଷବିଶେଷ; ବ୍ୟାକରଣଦୋଷଦୂଷିତ ପଦର ବ୍ୟବହାର—3. A defect in composition; ungrammatical construction.

( ଯଥା—ବାଟରେ ଅନୁଜ ଭେଟ ମନ ତରସିତା
ବୋଲେ ରାମ ସୀତା କାହିଁ କଲୁ ତୁ ଏକତା
କିମ୍ପାଇଁ ହୋଇଲେ ଅନ୍ତର
କହନ୍ତ ସେ ଅବ ଭୟେ ହୃଦୟ ଥରର ।
ଉପେନ୍ଦ୍ର. ବୈଦେହୀଶବିଳାସ ।

ଏଠାରେ 'ଏକତା' ବିଶେଷ୍ୟପଦର 'ଏକାକିନୀ' ବିଶେଷଣ ବ୍ୟବହାର ଅସାଧୁତା ଦୋଷ ।)

**ଅସାଧ୍ୟ**—ସ. ବଣ. (ଅ + ସାଧ୍ୟ)—୧ । ଯାହା ସାଧିତ ହୋଇ ନ ପାରେ—
Asādhya 1. Impracticable; incapable of being accomplished.
୨ । ଅସମ୍ଭବ—2. Impossible.
୩ । ଅଚିକିତ୍ସ୍ୟ; ଦୁଶ୍ଚିକିତ୍ସ୍ୟ—3. Incurable.
୪ । ଅଶାସନୀୟ— Uncontrollable.
୫ । ଯାହାକୁ ଅଯତ୍ନ କରାଯାଇଁ ନ ପାରେ—
5. Unmanagable.
୬ । ଯେଉଁ ସମସ୍ୟାକୁ ସାଧନ କରାଯାଇ ନ ପାରେ—
6. Insoluble.

**ଅସାଧ୍ୟଭୂଇଁ**—ଦେ. ବି. ( ସ. ଅସାଧ୍ୟ + ଭୂମି )—ଯେଉଁ ଜମିକୁ ଚାଷ ଆବାଦ କରାଯାଇ ନ ପାରେ—
Asādhyabhūin Unreclaimable land; unculturable land.
অসাধ্যভূমি
अलाध्य जमीन

**ଅସାଧ୍ୟସାଧନ** – ସ. ବି. ( ୬ଷ୍ଠୀ ତତ୍; ଅସାଧ୍ୟ + ସାଧନ )—ସାଧ୍ୟ ନ ହେବା ବିଷୟକୁ ସାଧନ କରିବା—
Asādhya sādhana Accomplishment of the impossible.

**ଅସାବଧାନ**—ସ. ବଣ. (ଅ = ନୁହେ + ସାବଧାନ = ସତର୍କ)—
Asābadhāna ୧ । ଅସତର୍କ; ଗଇଲୁସିଆର—
(ଅସାବଧାନତା—ବି) 1. Unguarded; not cautious; careless.
୨ । ଯାହାର କର୍ତ୍ତବ୍ୟ ବିଷୟରେ ମନୋଯୋଗ ନାହିଁ—
2. Unmindful of one's duties.
୩ । ଅନବହିତ—3. Inadvertent.
୪ । ଅନ୍ୟମନସ୍କ—4. Heedless.
୫ । ଅମନୋଯୋଗୀ—5. Inattentive.

**ଅସାବଧାନତା**—ସଂ. ବି. (ଅ = ନୁହେ + ସାବଧାନ + ଭାବ. ତା)—
Asābadhānatā ୧ । ଅସତର୍କତା—1. Want of caution.
୨ । ଅମନୋଯୋଗିତା—2 Carelessness.
୩ । ଗଇଲୁସିଆର—3. Oversight.

**ଅସାମର୍ଥ୍ୟ**—ସଂ. ବି. (ଅ = ନୁହେ + ସାମର୍ଥ୍ୟ = ବଳ)—
Asāmarthya ୧ । ଅସମର୍ଥତା—1. Inability.
୨ । କାର୍ଯ୍ୟ କରିବାରେ ଅଶକ୍ତି—2. Incapacity.
୩ । ଶକ୍ତିହୀନତା—3. Want of power.
୪ । ଦୁର୍ବଳତା—4. Want of strength.

**ଅସାମୟିକ**—ସ. ବଣ. (ଅ + ସାମୟିକ)—୧ । ଯାହା ସମୟୋଚିତ ନୁହେ—
Asāmayika 1. Untimely; importune.
୨ । ଋତୁବହିର୍ଭୂତ—2. Unseasonable; not periodical.

**ଅସାମାନ୍ୟ**—ସ. ବଣ. (ଅ = ନୁହେ + ସାମାନ୍ୟ)—୧ । ଅସାଧାରଣ—
Asāmānya 1. Uncommon; extraordinary.
୨ । ଯାହା ସବୁଠାରେ ମିଳେ ନାହିଁ ବା ନ ଥାଏ—
2. Not general or common.
୩ । ବିଶିଷ୍ଟ—3. Peculiar.

**ଅସାମ୍ପ୍ରତ**—ସ. ବଣ. (ଅ + ସାମ୍ପ୍ରତ)—୧ । ଅନୁଚିତ—
Asāmprata Improper.
୨ । ଅସାମୟିକ—2. Unseasonable. (M. W.)
ସ. ବଣ. ଓ ଅ.—ଅନୁଚିତରୂପେ—Unfitly.

**ଅସାମ୍ପ୍ରତଂ**—ସଂ. ବଣ. ଓ ଅ. (ଅ + ସାମ୍ପ୍ରତଂ)—ଅସାମ୍ପ୍ରତ (ଦେଖ)
Asāmpratam Asāmprata (See)

**ଅସାମ୍ପ୍ରତିକତା**—ସଂ. ବି. (ଅ + ସାମ୍ପ୍ରତ + ଇକ + ଭାବ. ତା)—
Asāmpratikatā ଅନୁଚିତ ବ୍ୟବହାର—Improper behaviour (M. W.)

**ଅସାମ୍ପ୍ରଦାୟିକ**—ସଂ. ବଣ. (ଅ = ନୁହେ + ସାମ୍ପ୍ରଦାୟିକ = ସମ୍ପ୍ରଦାୟ ବା ଦଳଗତ)—କୌଣସି ସମ୍ପ୍ରଦାୟର ଅନ୍ତର୍ଗତ ହୋଇ ନ ଥିବା—
Asāmpradāyika Not connected with any particular sect; unsectarian; catholic.

| ୧ | ଇ | ଈ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଙ୍ଘ | ଞ୍ଚ | ଘ |
|---|---|---|---|---|---|---|---|---|---|---|---|---|---|---|
| ୨ | ଇ | ଈ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଏ | ଯ | ସ | ଙ୍ଘ | ଇଅ | ଔ | ବୃ |

**ଅସାମ୍ୟ**—ସଂ. ବି. (ଅ + ସାମ୍ୟ = ସମତା)—୧ । ଅସାଦୃଶ୍ୟ—
Asāmya 1. Dissimilarity.
୨ । ଅସମାନତା—2. Want of equality or likeness.
୩ । ବୈଷମ୍ୟ—3. Want of equilibrium or evenness.

**ଅସାର**—ସଂ. ବି. ( ବହୁବ୍ରୀହି; ଅ = ନାହିଁ + ସାର = ମଞ୍ଜି; ମଧ୍ୟସ୍ଥ ଦୃଢ଼ ଅଂଶ )—
Asāra
(ଅସାରା—ସ୍ତ୍ରୀ) ୧ । ଗବ ଗଛ—1. Caster oil tree; Ricinus Communis.
ଅସାରତା, ଅସାରତ୍ୱ } ବି. ୨ । ଅଗୁରୁ ଚନ୍ଦନ (ହିନ୍ଦି. ଶବ୍ଦସାଗର)—
2. Agallochium; Aloe wood.
ଦେ. ବି—୧ । ପଶା ଖେଳବାରେ ପଶା କାଠିରେ ପଡ଼ିବା ଅନାବଶ୍ୟକ ବା ବେଦରକାରୀ ବା ଅଲୋଡ଼ା (ଦାନ)—
1. A throw of the dice which is not appropriate or suitable for the occasion.
୨ । ମନ୍ଦ କର୍ମ; ଅନ୍ୟାୟ—2. Bad act; wrong.
ଭଲ ଅସାର ମୁହିଁ କରବଇଁ ଯେବେ
ତୁମ୍ଭେ ମୋତେ ବାରଣ ନ କରିବ ତେବେ । କୃଷ୍ଣସିଂହ. ମହାଭାରତ. ଅବ ।
୩ । ଅନୁଚିତ କର୍ମ—3. Improper act
କରିବେ ଏ ଯୁବା ହେଲେ ଅସାର । ଦୀନକୃଷ୍ଣ . ରସକଲ୍ଲୋଳ ।
ସଂ. ବିଣ—୧ । ସାରବସ୍ତୁ ବିହୀନ—1, Unsubstantial.
୨ । ମଞ୍ଜିହୀନ—2. Pithless.
୩ । ବଳହୀନ; ଦୁର୍ବଳ—3. Weak.
୪ । ମୂଲ୍ୟହୀନ—4. Valueless.
୫ । ଫମ୍ପା—5. Empty; hollow.
୬ । ବୃଥା—6. Vain.
୭ । ନୀରସ—7. Sapless
୮ । ଅନୁପଯୋଗୀ—8. Unfit.
୯ । ଯାହା ଲାଭଜନକ ନୁହେ—9. Unprofitable ( M. W. )
୧୦ । ଯେଉଁ ଦ୍ରବ୍ୟ ଖାଣ୍ଟି ନୁହେ; ମିଶା—10. Not genuine; adulterated.
[ ଦ୍ର—ଅସାର ପଣ୍ୟ ଦ୍ରବ୍ୟକୁ ସାର ବୋଲି କାହାକୁ ବିକ୍ରେତା ବିକିବ ନାହିଁ । ରାମଶଙ୍କର ମନୁ. ୮।୨୦୩ । ]
୧୧ । ଅକାମିକା—11. Worthless.
୧୨ । ମନ୍ଦ—12. Bad.
୧୩ । ଭଙ୍ଗପ୍ରବଣ; ମସକା—13. Fragile.

**ଅସାରଥ**—ଗ୍ରା. ବିଣ ( ସଂ. ଅସାର୍ଥ )—ଅସାର୍ଥକ ( ଦେଖ )
Asāratha Asārthaka ( See )

**ଅସାରଥକ**—ଗ୍ରା. ବିଣ. ( ସଂ. ଅସାର୍ଥକ )—ଅସାର୍ଥକ ( ଦେଖ );
Asārathaka Asārthaka ( See )

**ଅସାରଥକା**—ଗ୍ରା. ବିଣ. ( ସଂ. ଅସାର୍ଥକ )—ଅସାର୍ଥକ ( ଦେଖ )
Asārathakā Asārthaka ( See )

**ଅସାରଥିକ**—ଗ୍ରା. ବିଣ. ( ସଂ. ଅସାର୍ଥକ )—ଅସାର୍ଥକ ( ଦେଖ )
Asārathika Asārthaka ( See )

**ଅସାରଥୁକ**—ଗ୍ରା. ବିଣ. ( ସଂ. ଅସାର୍ଥକ )—ଅସାର୍ଥକ ( ଦେଖ )
Asārathuka Asārthaka ( See )

**ଅସାରଥୁକା**—ଗ୍ରା. ବିଣ. ( ସଂ. ଅସାର୍ଥକ )—ଅସାର୍ଥକ ( ଦେଖ )
Asārathukā Asārthaka ( See )

**ଅସାରସପନ**—ଗ୍ରା. ବି. ( ସଂ. ଅସାରସ୍ୱପ୍ନ )—୧ । ଅସାରସ୍ୱପ୍ନ (ଦେଖ)
Asārasapana 1. Asāraswapna (See)
অসারস্বপ্ন ୨ । ଦୁଃସ୍ୱପ୍ନ—2. Bad dreams.
असारस्वप्न ୩ । ଅଶୁଭସୂଚକ ସ୍ୱପ୍ନ ( ଯଥା—ସ୍ୱପ୍ନାଧ୍ୟାୟ ବର୍ଣ୍ଣିତ କାଳେ ତେଲ ବୋଳ ଦେବା, ମଇଁଷି ଚଢ଼ିବା; ଖୁଅର ହେବା ଆଦି ସ୍ୱପ୍ନ ଦେଖା )—3. Portentious dearms.
୦ । ଆପଣାର କେହି ବ୍ୟକ୍ତି ମରିଯିବା ଆଦି ସ୍ୱପ୍ନରେ ଦେଖିବା--
4. Dreaming of death or danger befalling one's beloved or dear person

**ଅସାରସ୍ୱପ୍ନ**—ସଂ. ବି. ( କର୍ମଧା; ଅସାର + ସ୍ୱପ୍ନ )—
Asāraswapna ନିଷ୍ଫଳ ବା ଅବାସ୍ତବ ସ୍ୱପ୍ନ—
Empty or unreal dream.

**ଅସାରା**—ସଂ. ବିଣ. ସ୍ତ୍ରୀ. ( ଅସାର + ଆ )—ଅସାରର ସ୍ତ୍ରୀଲିଙ୍ଗ—
Asārā Feminine of Asāra.
ସଂ. ବି—ଗୁଳ୍ମବିଶେଷ—The plant Musa Paradisiaca ( M. W. )

**ଅସାରି**—ଗ୍ରା. ବି—ତନ୍ତୀଙ୍କ ବ୍ୟବହୃତ ବାଉଁଶ କାଠିର ନଟେଇ—
Asāri Weaver's reel made of bamboo-twigs.

**ଅସାର୍ଥ**—ସଂ. ବିଣ. ( ଅ + ସାର୍ଥ )—ଅସାର୍ଥକ ( ଦେଖ )
Asārtha Asārthaka ( See )

**ଅସାର୍ଥକ** - ସଂ. ବିଣ. ( ଅ + ସାର୍ଥକ )—
Asārthaka ୧ । ଯାହା ସାର୍ଥକ ବା ସଫଳ ନୁହେ; ନିଷ୍ଫଳ —
1. Fruitless.
୨ । ନିଷ୍ପ୍ରୟୋଜନ—2. Useless.
୩ । ବିଫଳ—3 Ineffectual.
୪ । ଅକୃତାର୍ଥ; ଅଚରିତାର୍ଥ—
4. Not successful; unfulfilled.
୫ । ଉଦ୍ଦେଶ୍ୟବିହୀନ; ବ୍ୟର୍ଥ—5. Purposeless; aimless.
୬ । ବୃଥା—6. Vain.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଜ୍ଞା' ନ ପାଇଲେ 'ଅଜ୍ଞା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୭ । ମୂଲ୍ୟହୀନ—7. Valueless.
୮ । ଅକାମିକା—8. Worthless.
୯ । ନିରର୍ଥକ—9. Meaningless.
୧୦ । ପଣ୍ଡ—10. Nullified; done in vain.

**ଅସାର୍ଥି**—ଗ୍ରା. ବିଣ. ପୁଂ ଓ ସ୍ତ୍ରୀ. (ସଂ. ଅସାର୍ଥକ)—ଅସାର୍ଥକ (ଦେଖ)
Asārthi — Asārthaka ( See )

**ଅସାର୍ଥିକ**—ଗ୍ରା. ବିଣ. ( ସଂ. ଅସାର୍ଥକ )—ଅସାର୍ଥକ ( ଦେଖ )
Asārthika — Asārthaka ( See )

**ଅସାର୍ଥିକା**—ଗ୍ରା. ବିଣ (ସଂ. ଅସାର୍ଥକ)—ଅସାର୍ଥକ ( ଦେଖ )
sārthikā — Asārthaka ( See )

**ଅସାର୍ଥୁକ**—ଗ୍ରା. ବିଣ. ( ସଂ. ଅସାର୍ଥକ )—ଅସାର୍ଥକ ( ଦେଖ )
Asārthuka — Asārthaka (See)

**ର୍ଥୁକା**—ଗ୍ରା. ବିଣ. ( ସଂ. ଅସାର୍ଥକ )—ଅସାର୍ଥକ ( ଦେଖ )
Asārthukā — Asārthaka ( See )

**ଅସାଷ୍ଟମ**—ଦେ. ବିଣ.(ସଂ. ଅ+ସଂ. ସାଷ୍ଟାଙ୍ଗ କମ୍ପ ଅସୁସ୍ଥ=ପୀଡ଼ିତ)—
Asāshṭama ୧ । ବେହୋସ; ସଂଜ୍ଞାରହିତ—
ଅଜ୍ଞାନ 1. Unconscious.
ଅଚେତ, ବେଚୈନ ୨ । ମୋହଗ୍ରସ୍ତ; ମୂର୍ଚ୍ଛିତ – 2. Fainted; tranced.

ଦନେ ଛିନ୍ନଭିନ୍ନ ହେବୁ ପଡ଼ନ୍ତ;
ପବନରେ ପଡ଼ ସେ ଅସାଷ୍ଟମ ହୋଇଣ । ସାରଳା ମହାଭାରତ ।

୩ । ଉନ୍ମତ୍ତ—3. Maddened.
୪ । ଉଦ୍ବିଗ୍ନ; ବ୍ୟସ୍ତ—4. Anxious.
୫ । ଅଧୀର—5. Impatient.
୬ । ଅଥୟ; ଅସ୍ଥିର—6. Restless.

ଦେ. ବି.—୧ । ସଂଜ୍ଞାହୀନତା—1. Unconsciousness.
୨ । ମୂର୍ଚ୍ଛା—2. Trance; fainting.
୩ । ଅସ୍ଥିରତା—3. Restlessness.

ପଳାଇ ପଶଇ ସେ ବନ୍ଧୁଙ୍କ ମେଳେ.
ଜାମ ଅସାଷ୍ଟମେ ମନ ବନ୍ଧୁ ତଳେ । ସାରଳା. ମହାଭାରତ ଆଦି ।

୪ । ଅଧୈର୍ଯ୍ୟ—4. Impatience.
୫ । ଉଦ୍‌ବେଗ—5. Anxiety.
୬ । ଉନ୍ମାଦ—6. Madness.

**ଅସାଷ୍ଟାମ**—ଗ୍ରା. ବିଣ.—ଅସାଷ୍ଟମ ( ଦେଖ )
Asāshṭāma — āshṭama ( See )

ଅଧୀର ଚେତ ଭଗ ମୁନ ମଣ୍ଡଳରେ ଅସାଷ୍ଟମ ସାରଳା ମହାଭାରତ. ବନ୍ଧ ।
( ମୂର୍ଚ୍ଛିତ ) ପଡ଼ିଲେ ସେଷେ ଧନ୍ଦ ହୋଇ ଅସାଷ୍ଟାମ । ଚନ୍ଦ୍ରାମଣି. ମହୋଦଧି ।

ଦେ. ବି.—ଅସାଷ୍ଟମ ( ଦେଖ )
Asāshtma ( See )

**ଅସାହସିକ**—ସଂ. ବିଣ. ପୁଂ ( ଅ+ସାହସିକ )—୧ । ଯେ ସାହସସହିତ
Asāhasika କାମ କରେ ନାହିଁ—6. Not acting boldly.
(ଅସାହସିକା—ସ୍ତ୍ରୀ) ୨ । ଯେ ଅଣାଭୁଆ ନୁହେ—
2. Not acting inconsiderately (M. W.)

**ଅସାହା**—ଦେ. ବିଣ.—(ସଂ. ଅସହାୟ)—୧ । ଅସହାୟ; ନିଃସହାୟ—
Asāhā — 1. Helpless.
असहाय

ଅନୁବରତେ ଯେ ପାପ ପାଞ୍ଚର ଅସାହା—ସାରଳା. ମହାଭାରତ—ଉଦ୍ଯୋଗ ।

असहाय ୨ । ଯାହାର କେହି ସଙ୍ଗୀ ନାହିଁ; ଏକାକୀ—
2. Single handed; companionless.

ଅନ ଲୋକ ଠାରେ ନ ସମ୍ଭବେ ଏହା,
ତା ବନା କେ ଅଛିବ ହୋଇଣ ଅସାହା । କୃଷ୍ଣସିଂହ ମହାଭାରତ. ବନ୍ଧ ।

**ଅସି**—ସଂ. ବି. ( ଅସ ଧାତୁ=ଫିଙ୍ଗିବା+କର୍ମ ଅ; ତୁଳନାକର
Asi ଲାଟିନ୍—ଏନ୍‌ସିସ୍ )—୧ । ଖଡ୍ଗ; ଖଣ୍ଡା—
1. Sword; scimitar.
୨ । ଜୀବ ବଧ କରିବା ଛୁରୀ—
2. A knife for killing animals.
୩ । ବାରାଣସୀ ନିକଟସ୍ଥ ନଦୀବିଶେଷ—
3. Name of a river near Benaras.

**ଅସିଆ**—ଦେ. ବିଣ.—ଯେଉଁ ବରଗଛର ଶିଅ ବା ପାଖରେର ମାଡ଼
Asiā ନ ଥାଏ—(banian tree) Which has not yet spread its roots.

**ଅସିଆଁ**—ଦେ. ବିଣ. ( ସଂ. ଅ+ସ୍ୟୂତ )—ସିଆଁ ହୋଇ ନ ଥିବା;
Asiāñ ଅସ୍ୟୂତ; ଯାହା ସିଲେଇ ହୋଇନାହିଁ—Unsewn.
आसेलाई
सोलानेईहूआ

**ଅସିଆଣା**—ଦେ. ବିଣ.—ପୁଂ. ଓ ସ୍ତ୍ରୀ ( ସଂ. ଅ+ସଜ୍ଞାନ )—
Asiāṇā ୧ । ଯେ ସିଆଣା ବା ଚତୁର ନୁହେଁ; ଅଚତୁର—
(ଅସିଆଣୀ—ସ୍ତ୍ରୀ) 1. Not clever.
असेयाना ୨ । ନିର୍ବୋଧ; ନିର୍ବୋଧ; ଓଲୁ—
बेसयाना 2. Unintelligent; stupid; foolish.

ଗ୍ରା. ବିଣ ( ସ୍ତ୍ରୀ )—ଅପ୍ରାପ୍ତରଜସ୍କା; ଅପ୍ରାପ୍ତ ଯୌବନା (ବାଳିକା);
ଯାହାର ପ୍ରଥମ ରଜୋଦର୍ଶନ ହୋଇ ନାହିଁ—
Not yet menstruated.

**ଅସିଆଣିଆ**—ଦେ. ବିଣ.—ପୁଂ. ଓ ସ୍ତ୍ରୀ—ଅସିଆଣା (ଦେଖ)
Asiāṇiāñ — Asiāṇā (See)

**ଅସିଉକାର**—ଗ୍ରା. ବି ( ସଂ. ଅସ୍ୱୀକାର )—ଅସ୍ୱୀକାର—
Asiukāra — Want of consent; dissent.
अस्वीकार ଗ୍ରା. ବିଣ ( ସଂ. ଅସ୍ୱୀକୃତ )—ଅସ୍ୱୀକୃତ—
इनकार — Dissenting.

**ଅସିଉକାରଯିବା**—ଗ୍ରା. କ୍ରି ( ବଡ଼ଭୂଆ ଭାଷା; ସଂ. ଅସ୍ୱୀକାର )—
Asiukārajiba ଅପରାଧ ବା ଦୋଷକୁ ନ ମାନିବା—
अस्वीकारकरना — Not to admit (one's guilt)
इनकारकरना

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇଯ଼ | ଉଅ | ଛ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗଁ୍ୟ | ଇଅ | ଓ | ତ୍ |

ଅସିକ—ସଂ. ବି. (ଅସ ଧାତୁ + ଇକ)—ତଳପାଟ ଓ ଥୋଡ଼ିମଧ୍ୟସ୍ଥ ଅଂଶ;
Asika ଅଧର ଓ ଚିବୁକର ମଧ୍ୟଭାଗ—
The part of the body between lower lip and the chin.

ଅସିକାର—ଗ୍ରା. ବି. ଓ ବିଣ. ( ସଂ. ଅ+ସ୍ୱୀକାର )—
Asikār ଅସିଉକାର (ଦେଖ)
Asiukāra (See)

ଅସିକାର୍ଯ୍ୟ—ସଂ. ବି.( ମଧ୍ୟପଦଲୋପୀ )—ଅସ୍ତ୍ର ଶସ୍ତ୍ର ଓ ଖଣ୍ଡା ଚଳାଇବାର
Asikārjya ସାଧନା— The exercise or practice of arms ( M. W. )

ଅସିକାଳିକା—ଦେ. ବି. ସ୍ତ୍ରୀ ( ସଂ. ଅସି + କାଳିକା )—
Asikā̲likā ଖଡ଼୍ଗଧାରିଣୀ କାଳିକା ବା ଚଣ୍ଡୀ ଠାକୁରାଣୀ—
The sword-handed Goddess Kā̲li.

ପାପିଙ୍କର ଅଙ୍ଗ ଯେଣୁ କାଟେ ଅସିଧାରେ
ତେଣୁ ଅସିକାଳିକା ଯେ ବୋଲନ୍ତି ଏଠାରେ—ସାରଳା ମହାଭାରତ. ମଧ୍ୟ ।

ଅସିକ୍ନୀ—ସଂ. ବି. ( ଅ + ସିତ = ଶୁକ୍ଳ + ସ୍ତ୍ରୀ. ଈ; କପାଳନସିଦ୍ଧ; ଯାହାର
Asiknī କେଶ ଶୁକ୍ଳ ହୋଇ ନାହିଁ )—
୧ । ଅନ୍ତଃପୁରଚାରିଣୀ ଅବୃଦ୍ଧା ଦାସୀ; ଯୁବତୀ ଦାସୀ—
1. A girl maid-servant attending in the women's apartments.
୨ । ଯେଉଁ ଅନ୍ତଃପୁରଚାରିଣୀ ଦାସୀ ବୁଢ଼ୀ ହେଲେ ଯୁବା ଭାବ ଯାଏ ନାହିଁ ଓ ସେ ବୁଢ଼ୀ ଦେଖା ଯାଏ ନାହିଁ—
2. A maid-servant who looks young even when she becomes old.
୩ । ପଞ୍ଜାବର ନଦୀବିଶେଷ; ଚନାବ ନଦୀ—
3. The river Chinab in Pañjāba.
୪ । ଦକ୍ଷପ୍ରଜାପତିଙ୍କ ପତ୍ନୀ—
4. Name of the wife of Daksha Prajāpati.

ଅସିଝା—ଦେ. ବିଣ ( ସଂ. ଅସିଦ୍ଧ )—
Asijhā ୧ । ଅସିଦ୍ଧ—1. Unboiled.
আসিজা ୨ । ଅର୍ଦ୍ଧସିଦ୍ଧ; ଦରସିଝା—2. Half-boiled.
असिद्ध

ଅସିତ—ସ. ବିଣ. ( ଅ + ସିତ = ଶୁକ୍ଳ )—
Asita ୧ । କୃଷ୍ଣବର୍ଣ୍ଣବିଶିଷ୍ଟ; କଳା—
( ଅସିତା—ସ୍ତ୍ରୀ ) 1. Black; dark coloured.
୨ । ନୀଳ—2. Blue.
ସ. ବି—୧ । କଳାରଙ୍ଗ—1. Black colour.
୨ । ଶନିଗ୍ରହ—2. The planet Saturn.
୩ । ଏକପ୍ରକାର ବିଷଧର ମୂଷିକ—
3. A kind of poisonous mouse ( M. W. )
୪ । ବ୍ୟାସଙ୍କ ଶିଷ୍ୟ ଓ କଶ୍ୟପଙ୍କ ବଂଶଧର ମୁନିବିଶେଷ—
4. Name of a sage.
୫ । ଭରତଙ୍କ ପୁତ୍ରବିଶେଷ—
5. Name of a son of king Bharata.
୬ । ପର୍ବତବିଶେଷ—6. Name of a mountain.
୭ । କୃଷ୍ଣସର୍ପ—7. Black snake.
୮ । ସର୍ପଭୟ ନିବାରକ ମନ୍ତ୍ରବିଶେଷ—
8. A sacred formula used for being saved from snake-bite.
୯ । କୃଷ୍ଣପକ୍ଷ—9. The dark lunar fortnight.

ଅସିତବର୍ତ୍ମା—ସ. ବି. ( ବହୁବ୍ରୀହି; ଅସିତ = କଳା + ବର୍ତ୍ମନ୍ = ରାସ୍ତା
Asitabartmā ଯାହାର; ଯାହାର ମାର୍ଗ ଧୂମ ହେତୁ କୃଷ୍ଣବର୍ଣ୍ଣ)—
ଅଗ୍ନି; ନିଆଁ—Fire.

ଅସିତା—ସଂ. ବିଣ. ସ୍ତ୍ରୀ. ( ଅସିତ + ଆ )—ଅସିତର ସ୍ତ୍ରୀଲିଙ୍ଗ—.
Asitā Feminine of Asita.
ସଂ. ବି. ସ୍ତ୍ରୀ—୧ । ଅନ୍ତଃପୁରଚାରିଣୀ ଯୁବତୀ ଦାସୀ—
1. A young maid-servant attending in the female apartment.
୨ । ଅନ୍ତଃପୁରଚାରିଣୀ ଦାସୀ ଯେ ବୃଦ୍ଧା ହେଲେ ଯୁବା ବୃଦ୍ଧା ଦେଖାଯାଏ ନାହିଁ—
2. A maid-servant who looks quite young though grown old.
୩ । ନୀଳୀଗୁଳ୍ମ—3. Indigo plant.
୪ । ଅପ୍ସରାବିଶେଷ—
4. Name of a heavenly nymph.
୫ । ପଞ୍ଜାବର ଚନ୍ଦ୍ରଭାଗା ନଦୀ—
5. The river Chandrabhāgā in Pañjāba.

ଅସିତାର୍ଚ୍ଚିଃ—ସଂ. ବି. ( ବହୁବ୍ରୀହି: ଅସିତ + ଅର୍ଚ୍ଚିସ୍; ୧ମା. ୧ବ. ଯାହାର କିରଣ ଅସିତ ବା ଅନୁଜ୍ଜ୍ୱଳ )—
Asitārchchiḥ
୧ । ଚନ୍ଦ୍ର—1. The moon.
୨ । ଅଗ୍ନି—2. Fire.

ଅସିଦ୍ଧ—ସଂ. ବିଣ. ( ଅ + ସିଦ୍ଧ )—
Asiddha ୧ । ଅସିଝା—1. Unboiled.
( ଅସିଦ୍ଧତା—ବି ) ୨ । ଅରନ୍ଧିତ—2. Uncooked.
୩ । ଅନିଷ୍ପନ୍ନ; ଅସମ୍ପାଦିତ—
3. Unaccomplished.
୪ । ଅପ୍ରମାଣିତ—
4. Not proved; not established by proof.
୫ । ଅପକ୍ୱ—5. Unripe.
୬ । ଯେ ସାଧନାଦ୍ୱାରା ସିଦ୍ଧି ଲାଭ କରି ନାହିଁ—
6. (a person) Who has not attained prefection.

ସାଧାରଣ ଲୋକେ ଅପର ପୃଷ୍ଠାରେ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ପାଠକମାନେ ଚିହ୍ନିତ ବର୍ଣ୍ଣର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ସାଇ' ନ ମିଳିଲେ 'ସାଈ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଜ୍ଜୁନ' ନ ପାଇଲେ 'ଅର୍ଜୁନ' ଦେଖିବେ;'ଅଲବତ' ନ ପାଇଲେ'ଅଲ୍‌ବତ୍' ଦେଖିବେ

୨ । ଅପୂର୍ଣ୍ଣ — 7. Imperfect.

**ଅସିଦ୍ଧାର୍ଥ**— ସଂ. ବଣ. ପୁଂ. ( ଅ + ସିଦ୍ଧାର୍ଥ )—ଅକୃତକାର୍ଯ୍ୟ; ଯେ
Asiddhārtha ନିଜର ଉଦ୍ଦେଶ୍ୟ ସାଧନ କରି ନାହିଁ—One who has not effected his aim.

**ଅସିଦ୍ଧି**—ସଂ. ବି. ( ଅ + ସିଦ୍ଧି )—୧ । ନିଷ୍ଫଳତା—1. Failure.
Asiddhi ୨ । ( ସାଂଖ୍ୟ ) ଅପୂର୍ଣ୍ଣତା—2. ( Sāṁkhya philosophy ) Incompleteness
୩ । ( ନ୍ୟାୟ ) ପ୍ରମାଣର ଅଭାବ—
3. ( logic ) Want of proof.
୪ । ( ନ୍ୟାୟ ) ଅସମ୍ଭବ ପ୍ରତିଜ୍ଞା—
4. ( logic ) Conclusion not warranted by premises.
-ଦେ. ବି— ଅକର୍ତ୍ତବ୍ୟ କାର୍ଯ୍ୟ—An improper act.

**ଅସିଧାବ**—ସଂ. ବି. ( ଅସି + ଧାବ ଧାତୁ = ମାଜିବା + କର୍ତ୍ତୃ. ଅ; ଯେ
Asidhāba ଖଡ଼୍‌ଗକୁ ମାଜେ )—
୧ । ଖଡ୍‌ଗ ଆଦି ଶସ୍ତ୍ରକୁ ଶାଣ ଦେଇ ଜୀବିକା ନିର୍ବାହ କରିବା ଜାତିବିଶେଷ—
1. A caste who cleanse weapons.
୨ । ଅସ୍ତ୍ର ଶସ୍ତ୍ର ପରିଷ୍କାର କରିବା ବ୍ୟକ୍ତି—
2. A tool cleaner; armourer.

**ଅସିଧାବକ**— ସଂ. ବି. ( ଅସି + ଧାବ ଧାତୁ + କର୍ତ୍ତୃ. ଅକ )—
Asidhābaka ଅସିଧାବ ( ଦେଖ )
Asidhāba ( See );

**ଅସିଧାରା**—ସଂ. ବି. ( ୬ଷ୍ଠୀ ତତ୍; ଅସି + ଧାରା )—
Asidhārā ୧ । ଖଣ୍ଡାର ଧାର—
1. The sharp edge of a sword.
୨ । ଖଣ୍ଡାର ପାତ—2. Sword-blade.

**ଅସିଧାରାବ୍ରତ**— ସଂ. ବି. ( ମଧ୍ୟପଦଲୋପୀ; ଅସିଧାରା ଉପରେ ଚାଲିବାକୁ
Asidhārābrata କଷ୍ଟକର ବ୍ରତ)—
ଯୁବକ ସ୍ୱାମୀ ଓ ଯୁବତୀ ସ୍ତ୍ରୀଙ୍କର ଅବକୃତ ଚିତ୍ତରେ ( ଅର୍ଥାତ୍ ବ୍ରହ୍ମଚର୍ଯ୍ୟ ପାଳନପୂର୍ବକ ଏକତ୍ର ଅବସ୍ଥାନରୂପ କଠୋର ବ୍ରତ)—
The very difficult vow ( compared to walking on the blade of sword ) of a young husband living with the young wife with perfect self-control and self-restraint

**ଅସିଧେନୁ**—ସଂ. ବି. ( ଅସି + ଧେନୁ; କପାଳନ )—
Asidhenu ଅର୍ଦ୍ଧଚନ୍ଦ୍ରାକୃତ ଅସି;ବାଙ୍କଛୁରୀ; ଗୁର୍ଖାମାନଙ୍କ କୁକୁରୀ—
Semicircular bladed knife; the Gurkhās', kukri.

**ଅସିଧେନୁକା**—ସଂ. ବି. ( ଅସିଧେନୁ + କ + ଆ )—
Asidhenukā ଅସିଧେନୁ ( ଦେଖ )
Asidhenu ( See )

**ଅସିପତ୍ର**— ସଂ. ବି. ( ୬ଷ୍ଠୀ ତତ୍; ଅସି + ପତ୍ର )—
Asipatra ୧ । ଖଣ୍ଡାର ପାତ ବା ଚଉଡ଼ା ଅଂଶ—
1. Sword-blade.
୨ । ଖଡ୍ଗକୋଷ; ଖଣ୍ଡାର ଖୋଳ—2. Scabbard.
୩ । ଉଭୟ ପାଖରେ ଧାର ଥିବା ଖଡ୍ଗ—
3. A double-edged sword.
ତୂଳଭିନ୍ନ ତଙ୍କ ଭୁଶୁଣ୍ଡି ନେତ୍ର; ହେତି ଶଲ ଗଦା ଅସିପତ୍ର ।
ଉପେ. ବୈଦେହୀଶବିଳାସ ।
୪ । (ଖଣ୍ଡା ପରି ପତ୍ର ଯାହାର) ଆଖୁ—4. The sugar-cane; Scirpus Kysoor Roxb.
୫ । (ଯହିଁରେ ଖଣ୍ଡା ବୃକ୍ଷ ହୋଇଅଛି) ନରକବିଶେଷ—
5. Name of a hell.

**ଅସିପତ୍ରି**—ଗ୍ରା.ବୈଦେ. ପ୍ରାଦେ. (ଗଞ୍ଜାମ) ବି.— (ଇଂ. ହସ୍ପିଟାଲ୍‌ର ଅଶୁଦ୍ଧ
Asipatri ଉଚ୍ଚାରଣ)—ହସ୍ପିଟାଲ; ଡାକ୍ତରଖାନା—Hospital.

**ଅସିପତ୍ରିକା**— ସଂ. ବି. ( ଅସିପତ୍ର + କ + ଆ )—ଅସିପତ୍ର ( ଦେଖ )
Asipatrikā Asipatra ( See )

**ଅସିପାଣିକ**—ସଂ. ବଣ. ( ବହୁବ୍ରୀହି; ଅସି + ପାଣି + କ )—
Asipāṇika ଖଡ୍ଗଧାରୀ—Holding a sword.
ବାଣ କମାଣ ତୂଣ ଅସିପାଣିକ ଧାପତ୍ରୀ ସର୍ବ କାମଠୀ ।
ଉପେ. ବୈଦେହୀଶବିଳାସ ।

**ଅସିପୁଚ୍ଛ**—ସଂ. ବି. ( ବହୁବ୍ରୀହି; ଅସି + ପୁଚ୍ଛ; ଖଣ୍ଡା ପରି ଦାନ୍ତୁଆ ପୁଚ୍ଛ
Asipuchchha ଯାହାର ) ଶିଶୁମାର—The gangetic porpoise; dolphin.

**ଅସିପୁଚ୍ଛକ**—ସଂ. ବି. (ଅସିପୁଚ୍ଛ + ସ୍ୱାର୍ଥେ. କ)—ଅସିପୁଚ୍ଛ (ଦେଖ)
Asipuchchhaka Asipuchchha (See)

**ଅସିପୁତ୍ରିକା**— ସଂ. ବି. (ଅସି + କ୍ଷୁଦ୍ରାର୍ଥେ. ପୁତ୍ରିକା; ଛୋଟ ଖଣ୍ଡା)—ଛୁରି—
Asiputrikā knife.

**ଅସିପୁତ୍ରୀ**—ସଂ. ବି. (ଅସି + କ୍ଷୁଦ୍ରାର୍ଥେ. ପୁତ୍ରୀ; ଛୋଟ ଅସି)—ଛୁରି—
Asiputrī Knife.

**ଅସିଫଳକ**— ସଂ. ବି. ( ୬ଷ୍ଠୀ ତତ୍; ଅସି + ଫଳକ )—ଖଣ୍ଡାର ଫଳା; ଅସିପତ୍ର—The blade of sword.
Asiphaḻaka

**ଅସିମେଦ**—ସଂ. ବି.—(ବୈଦ୍ୟକ) ଦୁଷ୍ଟ ଖଇର—The Fœted
Asimeda Mimosa; Vachellia Farnesiana.

**ଅସିଲତା**—ସଂ. ବି. (୬ଷ୍ଠୀ ତତ୍; ଅସିଲତା)—ଖଣ୍ଡାର ଫଳା—
Asilata Sword-blade

**ଅସିହେତି**—ସଂ. ବି. (ବହୁବ୍ରୀହି; ଅସି + ହେତି = ଢାଲ; ଯାହାର ଖଣ୍ଡା ଓ
Asiheti ଢାଲ ଅଛି )—ଖଡ୍ଗ ଓ ଢାଲଧାରୀ ଯୋଦ୍ଧା—
A swordsman; a warrior armed with sword and shield.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇଯ଼ | ଉଅ | ଘ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଓ | ହ୍ନ |

**ଅସୀମ**—ସଂ. ବି. (ବହୁବ୍ରୀହି; ଅ + ସୀମନ୍; ୧ମା. ୧ବ.)—
Asima ୧ । ସୀମାରହିତ—1. Boundless; unlimited.
(ଅସୀମତା—ବି)
୨ । ଅନନ୍ତ—2. Eternal.

**ଅସୁ** ( ଧାତୁ )—ସଂ.—ଅନାଦର କରିବା—
Asu (root) To disregard; to slight.

**ଅସୁ**—ସଂ. ପୁ. (ଅସ ଧାତୁ = ହେବା + କରଣ. ଉ)—
Asu ପ୍ରାଣ—Life.
ତେଜନ୍ତି ଭଦସ୍ୱରେ ଦୁଷ୍ଟ ଦୁଷ୍ଟ ଅସୁ । . କୃଷ୍ଣସିଂହ ମହାଭାରତ, ସଭା ।
୨ । ପ୍ରାଣବାୟୁ—2. The vital airs.
[ ଦ—ଏହା ସଂଖ୍ୟାରେ ପାଞ୍ଚଟି—ପ୍ରାଣ, ଅପାନ, ବ୍ୟାନ, ଉଦାନ ଓ ସମାନ । ]
୩ । ଦୁଃଖ; ଶୋକ—3. Grief (M. W.)
୪ । ( ଜ୍ୟୋତିଷ ) ଏକ ନିଃଶ୍ୱାସ ମାରିବାକୁ ଯେତେ ସମୟ ଲାଗେ; ତାହାଙ୍କ ଗଣନ୍ତ୍ରାବ୍ ଗଣିତ ଚାରି ସେକେଣ୍ଡ କାଳ—
4. Four seconds of sidereal time or one minute of arc ( M. W. )

**ଅସୁଅ**—ଗ୍ରା. ବି. ( ସଂ. ଅଶ୍ୱ ଅଶ୍ୱତ ଉଚ୍ଚାରଣ )—
Asua ୧ । ଅଶ୍ୱ; ଘୋଡ଼ା—1. Horse
୨ । ( ସଂ. ଔଷଧ ) ଔଷଧ—2 Medicine.
୩ । ( ସଂ. ଅ + ସ୍ରୋତଃ )—ସ୍ରୋତର ଅଭାବ—
3. Absence of current.

**ଅସୁଆ**—ଗ୍ରା. ବିଣ. ( ସଂ. ଅ + ସ୍ରୋତସ୍ )—ସ୍ରୋତହୀନ—
Asua Currentless.
স্রোতহীন

**ଅସୁଆଦ**—ଗ୍ରା. ବିଣ. ( ସଂ. ଅସ୍ୱାଦୁ )—ଅସ୍ୱାଦୁ ( ଦେଖ )
Asuāda Aswādu ( See )
অসোয়াদ ଗ୍ରା. ବି. ( ସଂ. ଅସ୍ୱାଦ )—
**বেমজা** ୧ । ସ୍ୱାଦହୀନତା; ଅସ୍ୱାଦୁତା—
1. Tastelessness; insipidity.
୨ । ଅରୁଚି—2. Distaste; disrelish for food

**ଅସୁଆଦି**—ଗ୍ରା. ବିଣ. ( ସଂ. ଅସ୍ୱାଦୁ )—ଅସ୍ୱାଦୁ ( ଦେଖ )
Asuādi Aswādu ( See )

**ଅସୁଆଦିଆ**—ଗ୍ରା. ବିଣ. ( ସଂ. ଅସ୍ୱାଦୁ )—ଅସ୍ୱାଦୁ ( ଦେଖ )
Asuādia Aswādu ( see )

**ଅସୁଆଦୁ**—ଗ୍ରା. ବିଣ. ( ସଂ. ଅସ୍ୱାଦୁ )—ଅସ୍ୱାଦୁ ( ଦେଖ )
Asuādu Aswādu ( See )
ଗ୍ରା. ବିଣ. ( ସଂ. ଅସ୍ୱାଦ )—ଅସ୍ୱାଦ ( ଦେଖ )
Aswāda ( See )

**ଅସୁଆର୍ଥ**—ଗ୍ରା. ବି ଓ ବିଣ ( ସଂ. ଅସ୍ୱାର୍ଥ )—ଅସ୍ୱାର୍ଥ ( ଦେଖ )
Asuārtha Aswārtha ( See )

**ଅସୁକ**—ଦେ. ବି. ( ସଂ. ଅସୁଖ ) ଅରୁଚି; ଘୃଣା—
Asuka Aversion; loathing.
ঘেন্না ଦେ. ବିଣ.—ଘୃଣାଯୁକ୍ତ—Full of aversion.
**ঘৃণা**

**ଅସୁକପାଇବା**—ଦେ. କି—କୌଣସି ପଦାର୍ଥକୁ ଘୃଣା କରିବା—
Asukapāibā To feel aversion for a thing; to loathe.
ঘেন্নাকরা
**নকরসকরমা**

**ଅସୁକମାରିବା**—ଦେ. ବି.—ଘୃଣାବୋଧ—A feeling of aversion or loathing.
Asukamāridibā
ঘেন্নাহওয়া

**ଅସୁକର**—ସଂ. ବିଣ. ( ଅ + ସୁକର )—ଦୁଷ୍କର; କଷ୍ଟସାଧ୍ୟ—
Asukara Difficult; arduous.

**ଅସୁକା**—ଦେ. ବିଣ. ପୁଂ ଓ ସ୍ତ୍ରୀ—୧ । ଘୃଣ୍ୟ (ବିଷୟ)—
Asukā 1. Hateful; detestable.
(ଅସୁକୀ—ସ୍ତ୍ରୀ) ୨ । ଘୃଣୀ (ବ୍ୟକ୍ତି)—2. Hating; loathing.
ঘিনঘিনে

**ଅସୁକୁ** (ଇତ୍ୟାଦି)—ଦେ. ବି. ଓ ବିଣ. ଅସୁକ ଇତ୍ୟାଦି ( ଦେଖ )
Asuku etc. Asuka etc. ( See )

**ଅସୁଖୁଟା**—ଗ୍ରା. ବିଣ. ( ସଂ. ଅ + ଶୁଷ୍କ )—ଯେ ଶୁଖି ଯାଇ ନ ଥାଏ—
Asukutā Not dried.
আশুকনো

**ଅସୁକେଇବା**—ପ୍ରାଦେ. (ପୁରୀ) କି. (ସଂ. ଅସୁଖ)—ଅସୁକପାଇବା (ଦେଖ)—
Asukeibā Asukapāibā (See)

**ଅସୁଖ**—ସଂ. ବି. ( ଅ + ସୁଖ )—
Asukha ୧ । ବିରକ୍ତି—1. Displeasure.
୨ । ଘୃଣା—2. Aversion.
୩ । ମନୋଦୁଃଖ—3. Sorrow; grief.
୪ । ଦୁଃଖ; କଷ୍ଟ—4. Pain; afliction.
୫ । ରୋଗ; ପୀଡ଼ା—5. Disease.
୬ । ଅସନ୍ତୋଷ—6. Discontent.
୭ । ବେଦନା—7. Pang.
ସଂ. ବିଣ.—୧ । ଅସୁଖୀ—1. Unhappy.
୨ । ଦୁଃଖିତ—2. Sorrowful.
୩ । ଦୁଃଖଜନକ—3. Painful.

**ଅସୁଖକରିବା**—ଦେ. କି.—୧ । ସ୍ନେହ ନ କରିବା—
Asukhakaribā 1. Not to like; to dislike.
ভাল না পাওয়া ୨ । ବିରକ୍ତ ହେବା—2. To be displeased.
**না চাহনা**

**ଅସୁଖପାଇବା**—ଦେ. କି—୧ । ବିରକ୍ତ ହେବା—1. To be displeased.
Asukhapāibā ୨ । ଭଲ ଉଦ୍ଦେଶ୍ୟରେ କହାଯିବା କଥାକୁ ମନ୍ଦ ବୁଝିବା—2. To misunderstand.
মনেকিছুকরা
**কুভাকাক ভ সমজনা** ଅସୁଖ ପାଇଲୁ ତୋର ନେଲେ ତାହା ଶୁଣି ।
ସାରଳା ମହାଭାରତ ।

ସାଧାରଣ ରେଖେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରାଯାଇ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ସାର' ନ ମିଳିଲେ 'ଶାର' ଖୋଜିବେ; 'ଭୃଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଣ୍ଣ' ନ ପାଇଲେ 'ଅଣ୍ଣ' ଦେଖିବେ; 'ଅଇବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

**ଅସୁଖପୀଡ଼ିତ**—ସଂ. ବଣ. ପୁଂ—ଶୋକତପ୍ତ—
Asukhapirdita Pained with grief.

**ଅସୁଖବିଚାରିବା**—ଦେ. କ୍ରି—ଖରାପ ବିଚାରିବା; ଭଲ ଉଦ୍ଦେଶ୍ୟରେ
Asukhabichāribā କହାଯିବା କଥାକୁ ମନ୍ଦ ବୁଝିବା—
To misunderstand.

**ଅସୁଖବିସୁଖ**—ଦେ. ବି. (ଏକାର୍ଥକ ସହଚର ଶବ୍ଦ; ଅସୁଖ + ବିସୁଖ)—
Asukhabisukha ରୋଗ ଶୋକ; ଦୁଃଖ ଶୋକ—
अस्वखविस्वख Illness and misery.

**ଅସୁଖୀ**—ସଂ. ବଣ. ପୁଂ (ଅ + ସୁଖିନ୍; ୧ମା. ୧ବ.)—
Asukhī ୧ । ଦୁଃଖ ଭୋଗ କରୁଥିବା—1. Suffering.
(ଅସୁଖିନୀ—ସ୍ତ୍ରୀ) ୨ । ଦୁଃଖୀ—2. Unhappy.
୩ । ଶୋକତପ୍ତ—3. Sorrowful.
୪ । ଅସନ୍ତୁଷ୍ଟ—4. Dissatisfied.
୫ । ରୋଗାକ୍ରାନ୍ତ; ରୁଗ୍ଣ—5. Ailing; sick.
କୀଚକ ଦ୍ରୌପଦୀଙ୍କ କଥାରେ ଅବୋଧ
ହୋଇଲା ଅସୁଖୀ କି ଯେସନେ ଔଷଧ—କୃଷ୍ଣସିଂ. ମହାଭାରତ. ବିରାଟ ।

**ଅସୁଖୋଦୟ**—ସଂ. ବଣ. (ବହୁବ୍ରୀହି; ଅସୁଖ + ଉଦୟ)—
Asukhodaya ୧ । ଦୁଃଖଜନକ—
1. Causing unhappiness (M. W.)
୨ । ଯାହାର ଶେଷ ଫଳ ଦୁଃଖ—
2. Ending in unhappiness (M. W.)

**ଅସୁଖୋଦର୍କ**—ସଂ. ବଣ. (ବହୁବ୍ରୀହି; ଅସୁଖ + ଉଦର୍କ)—
Asukhodarka ଅସୁଖୋଦୟ (ଦେଖ)
Asukhodaya (See) (M. W.)

**ଅସୁତର**—ସଂ. ବଣ. (ଅ + ସୁ + ତୃ ଧାତୁ + କର୍ମ. ଅ)—ଯାହାକୁ
Asutara ସହଜରେ ଅତିକ୍ରମ କରିଯାଇ ନ ପାରେ—
Not to be easily passed (M. W.)
ଗ୍ରା. ବି. ଓ ବଣ. (ଅ + ସୂତ୍ର)—ଅସୂତ୍ର (ଦେଖ)
Asutra (See)

**ଅସୁତୁର**—ଗ୍ରା. ବି. ଓ ବଣ.—ଅସୂତ୍ର (ଦେଖ)
Asutura Asutra (See)

**ଅସୁତୁରା**—ଗ୍ରା. ବଣ.—ଅସୂତ୍ର (ଦେଖ)
Asuturā Asutra (See)

**ଅସୂତ୍ର**—ଦେ. ବି. (ସଂ. ଅ + ସୂତ୍ର = ନିୟମ; ବ୍ୟବସ୍ଥା)—
Asutra ୧ । ବିଗିଡ଼ିଯିବା ଅବସ୍ଥା (ଯଥା; ପେଟ ଅସୂତ୍ର)—
गोलमाल 1. Being out of order.
गड़बड़ ୨ । ଗୋଲମାଲ—2. Confusion.
୩ । ଅସୁବିଧା—3. Inconvenience.
୪ । ରୋଗ; ପୀଡ଼ା—4. Sickness.
୫ । ଅସୁନ୍ଦରପଣ—5. Ugliness.
୬ । ଅପରିଷ୍କୃତ ଅବସ୍ଥା—
6. Untidiness; uncleanness.
୭ । ଅଶାନ୍ତ—7. Awkward condition.
ଦେ. ବଣ.—୧ । ଅଶାନ୍ତିଆ—Awkward.
୨ । ବିଗିଡ଼ିଯାଇଥିବା—2. Disordered; out of order.
୩ । ଅପରିଷ୍କୃତ—3. Untidy; uncleanly.
୪ । ଅସୁବିଧାମୟ—4. Inconvenient.
୫ । ଅସୁନ୍ଦର—5. Ugly.
୬ । ଗୋଲମାଲିଆ—6. Confused.

**ଅସୁନ୍ଦର**—ସଂ. ବଣ (ଅ + ସୁନ୍ଦର)—
Asundar ୧ । ଶୋଭାହୀନ—1. Not graceful.
(ଅସୁନ୍ଦରୀ—ସ୍ତ୍ରୀ) ୨ । କୁତ୍ସିତ—2 Ugly.
ଅସୌନ୍ଦର୍ଯ୍ୟ, ଅସୁନ୍ଦରତା } ବି. ୩ । ଅନୁଚିତ—3 Improper.
୪ । ଅନ୍ୟାୟ—4. Not right; wrong.
୫ । ଅଯୌକ୍ତିକ—5 Unreasonable.
୬ । ଅନୁପଯୁକ୍ତ—6. Unfit; inappropriate.

**ଅସୁବିତା**—ଗ୍ରା. ବି. ଓ ବଣ.—ଅସୁବିଧା (ଦେଖ)
Asubitā Asubidhā (See)
अस्वविधा

**ଅସୁବିଧା**—ସଂ. ବି (ଅ = ନୁହେ + ସୁବିଧା = ସୁଯୋଗ)—
Asubidhā ୧ । ସୁବିଧାର ଅଭାବ—1. Inconvenience.
୨ । ସୁଯୋଗର ଅଭାବ—
2 Want of opportunity or advantage.
୩ । ସ୍ୱଚ୍ଛନ୍ଦତାର ଅଭାବ—
3. Want of comfort; discomfort.
ଦେ ବଣ.—୧ । ଅସୁବିଧାଜନକ—1. Inconvenient.
୨ । ଅଶାନ୍ତିଆ—2. Awkward.
୩ । ଅସୁବିଧା—3. Disadvantagious.

**ଅସୁବିଧାଜନକ**—ସଂ. ବଣ (ଅସୁବିଧା + ଜନ ଧାତୁ + ଅକ)—
Asubidhājanaka ଯାହା ଅସୁବିଧା ଜନ୍ମାଏ—
Inconvenient; awkward.

**ଅଶୋଭିତା**—ଗ୍ରା. ବି. ଓ ବଣ.—ଅସୁବିଧା (ଦେଖ)
Asobhitā Asubidhā (See)

**ଅସୁମାର**—ଦେ. ବଣ.—ଅସୁମାରି (ଦେଖ)
Asumāra Asumāri (See)

**ଅସୁମାରି**—ଦେ. ବଣ (ଅ + ସୁମାରି = ଗଣନା; ଯାହା ସୁମାରି ହୋଇ ନାହିଁ)—
Asumāri
अस्वमार ୧ । ଅସଂଖ୍ୟ; ଅଗଣିତ; ବହୁ; ଅପ୍ରମେୟ—
1. Innumerable; countless.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଌ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଜ୍ଞ | ଇଯ୍ | ଉଅ | ଭ |
| ୨ | ଈ | ଊ | ଋୁ | ଌୁ | ଯ୍ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗ୍ଁୟ | ଇଅ | ୱ | ହ୍ବ |

୨ । ଯାହା ସୁମାର କରାଯାଇ ନାହିଁ; ଅଗଣିତ—
2. Uncounted.
୩ । ଅସୀମ—3. Boundless.
୪ । ଅପାର; ଅତ୍ୟଧିକ; ଅତ୍ୟନ୍ତ—
4. Much; excessive
ସାତ୍ୟକିର ସମର ଯେ ଅଟେ ଅସୁମାର—ସାରଳା ମହାଭାରତ, ଶଲ୍ୟ ।

**ଅସୁର**—ସଂ. ବି. ( ଅ=ବିପରୀତ+ସୁର=ଦେବତା; ସୁରବିରୋଧୀ )—
Asura ୧ । ଦୈତ୍ୟ; ଦାନବ; ରାକ୍ଷସ—
1. Demon; giant.
୨ । ( ଋଗ୍‌ବେଦ )—ଦେବତା—
2. ( Rugbeda ) God.
ଦେ. ବିଣ—୧ । ପେଟୁ—1. Greedy; gluttonous.
୨ । ଦୁଷ୍ଟ ( ଲୋକ )—2. Wicked ( person )
୩ । ଅସୁର ପରି ସ୍ଥୂଳକାୟ—
3. A giant like big-bodied fellow.
୪ । ଛୋଟନାଗପୁରର ଅସଭ୍ୟଜାତିବିଶେଷ—
4. A caste of aborigines in Chhota-nāgapura.
[ ଦ୍ର—ଏମାନଙ୍କର ଭାଷାକୁ 'ଅସୁରୀ' ଭାଷା ବୋଲାଯାଏ । ]

**ଅସୁରକ୍ଷ**—ସଂ. ବିଣ. ( ଅ+ସୁ+ରକ୍ଷ ଧାତୁ+କର୍ମ. ଅ )—
Asuraksha ୧ । ଯାହାକୁ ସୁରକ୍ଷା କରିବା କଠିନ; ଯାହାକୁ
( ଅସୁରକ୍ଷା—ସ୍ତ୍ରୀ ) ଜଗି ରଖିବା କଷ୍ଟକର—
1. Difficult to guard or preserve.
୨ । ବିନାଶୀ—2. Perishable.

**ଅସୁରଗିଳା**—ଗ୍ରା. ବି—ଅସୁରଭୋଜନ ( ଦେଖ )
Asuragilā Asurabhojana ( See ).

**ଅସୁରଭାଗ**—ଦେ. ବି. ( ଜ୍ୟୋତିଷପରିଭାଷା )—ଦକ୍ଷିଣ ଭୂଗୋଳାର୍ଦ୍ଧ—
Asurabhāga Southern celestial hemisphere.

**ଅସୁରଭୋଜନ**—ଦେ. ବି—୧ । ଅସୁରଙ୍କ ପରି ବହୁତ ଗୁଡ଼ାଏ ଖାଇବା—
Asurabhojana 1. Gluttony; eating too much
আসুরিক ভোজন like a giant.
୨ । ନ ଚୋବାଇ ଅସୁରଙ୍କ ପରି ଏକାଥରକେ ଗୁଡ଼ାଏ ଗିଳିଦେବା—2. Eating without chewing like a giant.

**ଅସୁରୀ**—ସଂ. ବି. ( ଅସୁର=ରାକ୍ଷସ+ସ୍ତ୍ରୀ. ଈ )—
Asurī ୧ । ଅସୁରୁଣୀ; ରାକ୍ଷସୀ—
1. Giantess; she-demon.
୨ । ରାକ୍ଷସୀ ପରି ବଡ଼ ବା ପେଟୁ ସ୍ତ୍ରୀ—2. Demonlike woman; gluttonous woman.
ଲକ୍ଷ୍ମଣପାଳୀ ଅସୁରୀ ଧାଇଁ ଧାଇଁ ଖାଏ ଶଶୁରୀ—ଢଗ ।
୩ । ଅଲକ୍ଷଣୀ ଓ କୁତ୍ସିତା ସ୍ତ୍ରୀ—
3. An ugly woman.

୪ । ଛୋଟନାଗପୁର ଅଞ୍ଚଳର ଅନାର୍ଯ୍ୟ ଅସୁରଜାତୀୟ ଲୋକଙ୍କ ଭାଷା—4. A dialect of the Asura class of Chhoṭanāgapura.
୫ । ବୃକ୍ଷବିଶେଷ—
5. Sinapis Racemosa ( Roxb )

**ଅସୁରୁଣୀ**—ଦେ. ବି. ସ୍ତ୍ରୀ. ( ସଂ. ଅସୁର+ଓ. ଉଣୀ )—
Asuruṇī ଅସୁରୀ ( ଦେଖ )—Asurī ( See )

**ଅସୁରୁପି**—ପ୍ରାଦେ. ( ଗଡ଼ଜାତ ) ବି.—ଅସରପି; ସୁନା ମୋହର—
Asurupi Gold-mohur.

**ଅସୂର୍କ୍ଷଣ**—ସଂ. ବି. ( ଅ+ସୂର୍କ୍ଷ ଧାତୁ=ନ ମାନିବା+ଭାବ. ଅନ )—
Asurkshaṇa ଅସୂର୍କ୍ଷଣ (ଦେଖ)—Asūrkshaṇa ( See )

**ଅସୁଲ**—ବୈଦେ. ବି. ( ଅ. ୱସୁଲ୍ )—
Asula ୧ । ଧନ ଆଦି ଆଦାୟ କରିବା; ଅନ୍ୟଠାରୁ ଧନ
উসূল ଆଦି ଗ୍ରହଣ—
वसूल; असुल 1. Realisation or collection ( of money etc).
ସଙ୍ଗେ କରୁଥିଲେ ବେଳଠାରୁ ତାହା ନକଲେ ବେଳ ଅସୁଲ ।
ସଧାନାଥ—ଯଯାତି ।
୨ । ଆଦାୟ ହୋଇଥିବା ଧନାଦି—2. Money etc. which has been actually realised.
୩ । ଆଦାୟ ହୋଇଥିବା ଧନାଦିର ପରିମାଣ—
3. Amount of collection.
୪ । ଧନାଦି ନେବା—4. Taking of money etc.
୫ । ଧନାଦି ଦେବା—5. Payment.
୬ । ଦେଣା ଆଦିର ପରିଶୋଧ—
6. Liquidation of debt.

**ଅସୁଲଆପତ୍ତି**—ଦେ. (କଚେରୀ ଭାଷା) ବି. (ଅ. ୱସୁଲ+ସଂ. ଆପତ୍ତି)—
Asulaāpatti ମକଦ୍ଦମାରେ ବାଦୀ ପ୍ରତିବାଦୀ ଉପରେ ଦାବି
উসুলআপত্তি କରିଥିବା ଧନ ଆଦି ପ୍ରତିବାଦୀ ବାଦିକୁ ମକଦ୍ଦମା
वसुलबयान ପୂର୍ବରୁ ଦେଇଥିବା ବିଷୟରେ ଅଦାଲତରେ ଦର୍ଶାଇବା ଆପତ୍ତି—Plea of payment pleaded by a defendant in a suit

**ଅସୁଲକାରୀ**—ଦେ. ବିଣ. ( ଅ. ୱସୁଲ+ସଂ. କାରିନ୍ )—ଯେ ଆଦାୟ
Asulakārī କରେ; ଆଦାୟକାରୀ—Collector; one who realises anything from others.

**ଅସୁଲକାରୀ ପଞ୍ଚାଏତ**—ଦେ. ବି—ତହସିଲ ପଞ୍ଚାଏତ; ଯେଉଁ ପଞ୍ଚାଏତ
Asulakārī pañchāet ଇଲାକାଅନର ପ୍ରଜାଙ୍କଠାରୁ ଟିକସ
উসুলিপঞ্চায়ত ଅସୁଲ କରେ—Tax-collecting
वसुलिपञ्च Pañchāet of a chaukidārī Union.

**ଅସୁଲଭ**—ସଂ. ବିଣ. ( ଅ+ସୁଲଭ )—୧ । ଦୁର୍ଲଭ; ଦୁଷ୍ପ୍ରାପ୍ୟ—
Asulabha 1. Rare; not available.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଡ଼' ନ ମିଳିଲେ 'ଗାଡ଼' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ଯାହା ଲାଭ କରିବା କଷ୍ଟକର—
2. Difficult of attainment.
୩ । ମହର୍ଘ—3. Dear.
ଦେ. ବିଣ—୧ । ଅସୁନ୍ଦର—1. Ungraceful.
୨ । ଅପ୍ରଶଂସାର୍ହ; ନିନ୍ଦ୍ୟ—2. Blameworthy.

**ଅସୁଲି**—ଦେ. ବିଣ—୧ । ଅସୁଲସମ୍ବନ୍ଧୀୟ—
**Asuli** 1. Relating;to collections or realisations.
উসুলী ( ଯଥା—ଅସୁଲି ଜମା )
**वसुली** ୨ । ଅସୁଲକାରୀ—2. Realising; collecting.
( **ଯଥା**—ଅସୁଲିପଞ୍ଚ

**ଅସୁଲିପଞ୍ଚ**—ଦେ. ବି—ଅସୁଲକାରୀ ପଞ୍ଚାଏତ୍ ( ଦେଖ )
**Asulipañcha** Asulakārī pañchāet ( See )

**ଅସୁସାର**—ଦେ. ବିଣ. ( ସଂ. ଅ+ଓ. ସୁସାର )—୧ । ଅସୁବିଧାମୟ; ଅଶୃଙ୍ଖଳ—1. Inconvenient.
**Asusāra**
গোলমাল ୨ । ଅସୁସ୍ଥ—2. Sick; ailing.
**गड़बड़** (ଯଥା—**ମୋ ଦେହ ଜ୍ୱର ଦିନ ହେଲା ଅସୁସାର ହେଲା ।**)
୩ । ବିଗିଡ଼ିଥିବା; ଅସୁନ୍ଦର—3. Out of order; disordered.
୪ । **ଅଶୋଭନୀୟ**—4. Inelegant; that which looks odd.
୫ । ଅସଜାଡ଼; ଯାହା ସୁଧୁରି ନାହିଁ; ଯାହା ସଜାଡ଼ି ବା ସୁସ୍ଥାବସ୍ଥାକୁ ଅଣା ନ ଥାଏ—5. Not restored to healthy or normal condition.
୬ । ଅନୁପଯୁକ୍ତ—6. Unfit.
୭ । **ଅସାଧ୍ୟ**—7. Intractable; unmanagable.
(ଯଥା—ଅସୁସାର ଜମି ।)
ଦେ. ବି.—୧ । ଅସୁବିଧା—1. Inconvenience.
୨ । ବିଗିଡ଼ା ଅବସ୍ଥା—2. Being out of order.

**ଅସୁସାରିଆ**—ଦେ. ବିଣ—ଅସୁସାର (ଦେଖ)
**Asusāriā** Asusāra (See)

**ଅସୁସ୍ତ**—ଗ୍ରା. ବିଣ.—( ସଂ. ଅସୁସ୍ଥର ଅଶୁଦ୍ଧ ଉଚ୍ଚାରଣ ) ଅସୁସ୍ଥ; ରୁଗ୍ଣ; ପୀଡ଼ିତ—Ailing; sick.
**Asusta**

**ଅସୁସ୍ତି**—ଦେ. ବିଣ. (ସଂ. ଅ+ଅ. ସୁସ୍ତ)—୧ । ଯେ ଶ୍ରମକାତର ନୁହେ—
Asusti 1. One who does not shrink to work.
फुर्तीबाज् ୨ । ଫୂର୍ତ୍ତିବାନ୍; ଅନଳସ—2. Active; brisk.
**फुर्तिला**

**ଅସୁସ୍ଥ**—ସଂ. ବିଣ. ପୁଂ. (ଅ+ସୁସ୍ଥ)—୧ । ପୀଡ଼ିତ; ରୁଗ୍ଣ—
**Asustha** 1. Ailing; sick.
(ଅସୁସ୍ଥା—ସ୍ତ୍ରୀ) ୨ । ଅସୁଖୀ—2. Unhappy.
(ଅସୁସ୍ଥତା—ବି)

**ଅସୁସ୍ଥି**—ଦେ. ବିଣ.—ଅସୁସ୍ତି (ଦେଖ)
Asusthi Asusti (See)

**ଅସୂତଜରତୀ**—ସଂ. ବି. ସ୍ତ୍ରୀ (ଅ+ସୂ ଧାତୁ=ଜନ୍ମ କରିବା+କର୍ତ୍ତୃ. ତ; ଅସୂତା+ଜରତୀ)—ଯେଉଁ ସ୍ତ୍ରୀ ପିଲା ଜନ୍ମ ନ କରି ବୁଢ଼ୀ ହୋଇଥାଏ—A woman who grows old without having brought forth a child (M. W.)
Asūtajarati

**ଅସୂତି**—ସଂ. ବି. (ଅ+ସୂ ଧାତୁ+ଭାବ. ତି)—୧ । ଜନ୍ମ ନ କରିବା—
Asūti 1. Non-production (M. W.)
୨ । ବାଧା—2. Obstruction.
୩ । ବହିଷ୍କରଣ; ସ୍ଥାନାନ୍ତରୀକରଣ—
3. Removal (M. W.)

**ଅସୂୟୁ**—ସଂ. ବିଣ. ପୁଂ. (ଅସୂ ଧାତୁ+କର୍ତ୍ତୃ. ଉ)—୧ । ଅସୂୟାଯୁକ୍ତ—ପରଶ୍ରୀକାତର—1 Indignant at the happiness of another.
Asūya
(ଅସୂୟୁ—ସ୍ତ୍ରୀ)
୨ । ଗୁପ୍ତ ଅସନ୍ତୋଷପୀଡ଼ିତ; ଯେ ଅସନ୍ତୋଷରେ ଗାଉଁ ଗାଉଁ ହୁଏ—2. Grumbling.
୩ । **ଅସନ୍ତୁଷ୍ଟ**—3 Displeased.

ଅସୂୟକ—ସଂ. ବିଣ. ପୁଂ. (ଅସୂ ଧାତୁ+କର୍ତ୍ତୃ. ଅକ)—ଅସୂୟୁ (ଦେଖ)
**Asūyaka** **Asūya (See)**
ସଂ. ବି.—୧ । ନିନ୍ଦୁକ ବ୍ୟକ୍ତି—1. A detracter (Apte)
୨ । ଅସନ୍ତୁଷ୍ଟ ବ୍ୟକ୍ତି—2. A grumbling or discontented (person) (Apte)

**ଅସୂୟନ**—ସଂ. ବି. (ଅସୂ ଧାତୁ+ଭାବ. ଅନ)—୧ । ନିନ୍ଦନ—
Aūyana 1 Detraction Apte)
୨ । ଅପବାଦ—2 Calumny (Apte)
୩ । ଦ୍ୱେଷ; ଈର୍ଷା—3. Envy; jealousy (Apte)

**ଅସୂୟା**—ସଂ. ବିଣ. ସ୍ତ୍ରୀ.(ଅସୂୟୁ+ଆ)—୧ । ଅସୂୟୁର ସ୍ତ୍ରୀଲିଙ୍ଗ—
Asūyā 1. Feminine of Asūya.
୨ । ପରର କାର୍ଯ୍ୟରେ ଦୋଷାରୋପଣ; ପର ଗୁଣରେ ଦୋଷାବିଷ୍କାର; ଈର୍ଷା; ଦ୍ୱେଷ—2. Jealousy.
୩ । ରାଗ; କ୍ରୋଧ—3. Indignation.
୪ । ଅସନ୍ତୋଷପୂର୍ବକ ଗାଉଁ ଗାଉଁ ହେବା—
4. Grumbling.
୫ । ନିନ୍ଦା; ଦୁର୍ନାମ—5 Calumny; detraction
୬ । ଅଦେଖିଆ—6. Malice; spite.
୭ । ପରଶ୍ରୀକାତରତା; ପରର ସୁଖ ଦେଖି ନ ପାରିବା—
7. Indignation at the merit or happiness of another.

**ଅସୂୟିତା**—ସଂ. ବିଣ. ପୁଂ. (ଅସୂ ଧାତୁ+ତୃ; ୧ମା. ୧ବ.)—
Asūyitā ଅସୂୟୁ (ଦେଖ)
(ଅସୂୟିତ୍ରୀ—ସ୍ତ୍ରୀ) Asūya (See)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଲ୍ | ର,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଜ୍ଞ | ଘ୍ୟ | ଙ୍ଖ | ଞ |
| ୨ | ଈ | ଉ | ଋ | ଌ | ଏ୍ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗ୍ୟ | ଋଷ | ଢ଼ | ନ୍ଦୁ |

**ଅସୂୟୁ**—ସଂ. ବଣ. ପୁଂ. ଓ ସ୍ତ୍ରୀ (ଅସୂୟା+ଉ)—ଅସୂୟ (ଦେଖ)
Asūyu Asuya (See)

**ଅସୂର୍ଯ୍ୟଂପଶ୍ୟ**—ସ. ବଣ. ପୁଂ. ( ଅଲୁକ୍ ସମାସ; ଅ=ନୁହେଁ+ସୂର୍ଯ୍ୟଂ
Asūrjyampaśya =ସୂର୍ଯ୍ୟଙ୍କୁ+ଦୃଶ ଧାତୁ=ଦେଖିବା+ଯ)-
(ଅସୂର୍ଯ୍ୟଂପଶ୍ୟା—ସ୍ତ୍ରୀ) ଯେ ସୂର୍ଯ୍ୟଙ୍କୁ ଦେଖି ନାହିଁ ବା ଯାହାଠାରେ ସୂର୍ଯ୍ୟକିରଣ ବାଜି ନାହିଁ—
Which has not been touched or visited by the rays of the sun; inaccessible to the rays of the sun.

**ଅସୂର୍ଯ୍ୟଂପଶ୍ୟରୂପା**—ସଂ. ବଣ. ସ୍ତ୍ରୀ. ( ଅସୂର୍ଯ୍ୟଂ ପଶ୍ୟ=ସୂର୍ଯ୍ୟଙ୍କଦ୍ୱାର
Asūrjyampaśyarūpā ଅଦୃଷ୍ଟ+ରୂପ+ସ୍ତ୍ରୀ. ଆ )—
ଯାହାର ରୂପକୁ ସୂର୍ଯ୍ୟ ସୁଦ୍ଧା ଦେଖି ନାହାନ୍ତି; ଅତ୍ୟନ୍ତ ସୁନ୍ଦରୀ—Of unmatchable beauty.

**ଅସୂର୍ଯ୍ୟଂପଶ୍ୟା**—ସଂ. ବଣ. ସ୍ତ୍ରୀ. ( ଅସୂର୍ଯ୍ୟଂପଶ୍ୟ+ସ୍ତ୍ରୀ. ଆ )—
Asūrjyampaśyā ୧ । ସତତ ଅନ୍ତଃପୁରରେ ଆବଦ୍ଧ—
1. Always confined to the harem.
୨ । ଅତି କୋମଳଦେହା—
2. Of very delicate physique.
୩ । ଅତି ଲାବଣ୍ୟମୟୀ—3. Very graceful.

**ଅସୃକ୍**—ସଂ. ବି. ( ଅସ୍ ଧାତୁ=ବ୍ୟାପିବା+ଋକ୍ )—
Asṛuk ୧ । ରୁଧିର; ରକ୍ତ—1. Blood.
୨ । କୁଙ୍କୁମ ( ଯାହା ଶରୀରଯାକ ବୋଲାଯାଏ )—
2. A red-coloured pigment of the body.
୩ । ଯୋଗବିଶେଷ—3. A sort of Joga.

**ଅସୃକ୍ଧରା**—ସଂ. ବି. ସ୍ତ୍ରୀ. ( ଅସୃକ୍=ରକ୍ତ+ଧୃ ଧାତୁ=ଧାରଣକରିବା
Asṛukdharā +ଅ+ସ୍ତ୍ରୀ. ଆ; ଯାହା ରକ୍ତକୁ ଧାରଣ କରେ)—
ତ୍ୱକ୍; ଚର୍ମ—Skin.

**ଅସୃକ୍କର**—ସଂ. ବି. ( ଅସୃକ୍=ରକ୍ତ+କୃ ଧାତୁ=କରିବା+ଅ; ଯାହା
Asṛukkara ରକ୍ତ କରେ; ଯହିଁରୁ ରକ୍ତ ତିଆରି ହୁଏ )—
ଶରୀରର ରସ ଧାତୁ—Serum; juice of the body;

**ଅସୃଗ୍ଧରା**—ସଂ. ବି. ( ଅସୃକ୍ଧର+ଆ )—ଅସୃଗ୍ଧରା ( ଦେଖ )
Asṛugdharā Asṛugdharā ( See )

**ଅସୃଗ୍ଧାର**—ସଂ. ବି. ( ଅସୃକ୍+ଧୃ ଧାତୁ+ଅ )—
Asṛugdhāra ଅନିୟମିତ ଓ ଅତିରିକ୍ତ ଋତୁସ୍ରାବରୂପ ରୋଗ—
Moenorrhagia; irregular or excessive menstrual discharge ( a disease )

**ଅସୃଗ୍ବିମୋକ୍ଷଣ**—ସଂ. ବି. ( ଅସୃକ୍+ବିମୋକ୍ଷଣ )—
Asṛugbimokshaṇa ଅସୃଗ୍ଧାର ( ଦେଖ )
Asṛugdhāra ( See )

**ଅସୃଜ୍**—ସଂ. ବି. ( ଅସ୍ ଧାତୁ=ବ୍ୟାପିବା+ଋଜ୍ )—ଅସୃକ୍ ( ଦେଖ )
Asṛuj Asṛuk ( See )

**ଅସୃଜ୍ଗର**—ସଂ. ବି. ( ଅସୃଜ୍=ରକ୍ତ+ଗୃ ଧାତୁ+ଅ; ଯାହାଦ୍ୱାରା
Asṛujgara ରକ୍ତସ୍ରାବ ହୁଏ )—ଅସୃଗ୍ଧାର (ଦେଖ)
Asṛugdhār (See)

**ଅସେଇ**—ପ୍ରାଦେ. ( ସମ୍ବଲପୁର ) ବି—ଅଂଶେଇ ( ଦେଖ )
Asei Amśei ( See )

**ଅସେଖ**—ପ୍ରାଦେ ( ଜାଜପୁର ) ବଣ—ଅଗନାଗ୍ନି ( ଦେଖ )
Asekha Aganāgni ( See )

**ଅସେଚନ**—ସଂ ବଣ. ( ଅ=ନୁହେଁ+ସେଚନ=କ୍ଷରଣ+ସ୍ୱାର୍ଥେ. ଅ;
Asechana ଯାହାଠାରେ ଚକ୍ଷୁ ଓ ମନର କ୍ଷରଣ ହୁଏ ନାହିଁ; ଯାହାକୁ ଦେଖିଲେ ତାହାଠାରେ ଆଖି ଓ ମନ ଲାଖି ରହେ, ଦେଖିବାର ଆକାଂକ୍ଷା ନିବୃତ୍ତି ହୁଏ ନାହିଁ )—
ଅତି ସୁନ୍ଦର; ଅତି ପ୍ରିୟଦର୍ଶନ—
Very beautiful; heart-enchanting.

**ଅସେଚନକ**—ସଂ.ବଣ.(ଅ=ନୁହେଁ+ସେଚନ=କ୍ଷରଣ+ଅ+ସ୍ୱାର୍ଥେ.କ)—
Asechanaka ଅସେଚନ ( ଦେଖ )
Asechana ( See )

**ଅସୋବିଧା**—ଗ୍ରା. ବି. ଓ ବଣ—ଅସୁବିଧା ( ଦେଖ )
Asobidhā Asubidhā ( See )

**ଅସ୍କଟ୍**—ପ୍ରାଦେ. ( ସମ୍ବଲପୁର ) ବଣ—ଅଚଣ୍ଡା ( ଶସ୍ୟ )—
Askaṭ Unhusked ( grain )
অস্করা ଦେ. ବଣ—୧ । ଆବର୍ଜନାମୟ— 1. Dirty.
তলছট ୨ । ଅସୁନ୍ଦର; କୁତ୍ସିତ—2. Ugly.

**ଅସ୍କନ୍ଦ**—ଦେ. ବି—୧ । ଅଶାନ୍ତି—
Askanda 1. Awkward predicament.
୨ । ଅସୁବିଧା—2. Inconvenience.
୩ । ଅଶ୍ୱଗନ୍ଧା ( ଦେଖ )
3. Aśwagandhā ( See )
ଦେ. ବି—୧ । ଅସୁବିଧାମୟ—1. Inconvenient
୨ । ଅସ୍କନ୍ଦି ( ଦେଖ )
2. Askandi ( See )

**ଅସ୍କନ୍ଦ ହେବା**—ଦେ. କି. ( ସ୍ତ୍ରୀଲୋକ )—ଗର୍ଭବତୀ ହେବା—
Askanda heba To be pregnant.

**ଅସ୍କନ୍ଦା**—ଦେ. ବଣ—ଅସକନ୍ଦା ( ଦେଖ )
Askandā Asakandā ( See )
ସଂ. ବି. ସ୍ତ୍ରୀ. ( ନାମ )—ଅପ୍ସରାବିଶେଷ—
Name of a heavenly nymph.
ଅସ୍କନ୍ଦା ନାମେଣ ଯେ ଏକଇ ଅପସରା । ସାରଳା ମହାଭାରତ. ସଭା ।

**ଅସ୍କନ୍ଦି**—ପ୍ରାଦେ ( ଗଡ଼ଜାତ ) ବଣ.—ଅଶ୍ଳୀଳ—Obscene.
Askandi ଦେ. ବଣ.—୧ । ମଇଳା; ମଳଯୁକ୍ତ—1. Dirty.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

অস্বিসন্ধি, ୨ । ଅସୁବିଧିଆ—2. Inconvenient.
ঘুমঘুমিয়া ୩ । ଅଳିଆପୂର୍ଣ୍ଣ—3. Full of refuse.
ଦେ. ବି.—୧ । ଯେଉଁ ସ୍ଥାନକୁ ସହଜେ କେହି ଯାଇ ପାରେ ନାହିଁ—1. Unapproachable place.
୨ । ଅସୁବିଧିଆ ଅବସ୍ଥା—2. Awkward position or predicament.
୩ । ଜଟିଳ ପରିସ୍ଥିତି—3. Naughty state.
୪ । ବିଷମ ସମସ୍ୟା—4. Dillema.
୫ । ଅନେକ ବନ୍ଧ ଥିବା ସ୍ଥାନ—5. A place full of labyrinths.

**ଅସ୍କନ୍ଦିଆ**—ଗ୍ରା. ବିଣ.—ଅସକନ୍ଦିଆ ( ଦେଖ )
Askandiā Asakandiā ( See )

**ଅସ୍କନ୍ଧ**—ଦେ. ବି ( ସଂ. ଅଶ୍ୱଗନ୍ଧ )—ଗୁଳ୍ମବିଶେଷ—A medicinal
Askandha plant; Physalis flexuosa
অশ্বগন্ধা [ ଦ୍ର—ଏହାର ପତ୍ର କୋମଳ, ବ୍ରଣ ଉପରେ ପକାଇଲେ ବ୍ରଣରୁ ପୂଜ ପାଣି ବାହାରିଯାଇ ଘାଆ ଶୁଖିଯାଏ । ଏହାର ଫଳ କାଗଜ ପରି ଝିଲ୍ଲୀବେଷ୍ଟିତ ଓ ନାଲି । ଏହାର ମଞ୍ଜି ବାଇଗଣ ମଞ୍ଜି ପରି । ]

**ଅସ୍କର**—ଗ୍ରା. ବିଣ. ଓ ବି.—ଅସକର ( ଦେଖ )
Askara Asakarā ( See )

**ଅସ୍କରା**—ଗ୍ରା. ବି.—୧ । ଅଳିଆ; ଆବର୍ଜନା—1. Rubbish; refuse
Askarā ୨ । ମଇଳା—2. Dirt
আস্কারা ବିଣ.—୧ । ଆବର୍ଜନାମୟ—1. Full of refuse.
কুড়াকর্কট ୨ । ମଇଳାପୂର୍ଣ୍ଣ—2. Dirty.
୩ । ଓଳିଆ ହୋଇ ନ ଥିବା—3. Unswept
୪ । ଅପରିଷ୍କୃତ—4. Unclean.

**ଅସ୍କରିଆ**—ପ୍ରାଦେ ( ଗଡ଼ଜାତ ) ବିଣ. ପୁଂ.—ବେଠିକଣା;
Askariā ଅଳୁରୁବାଳୁରିଆ—Unmethodical.
( ଅସ୍କରେଇ—ସ୍ତ୍ରୀ )

**ଅସ୍ତ**—ସଂ. ବିଣ ( ଅସ ଧାତୁ = କ୍ଷେପଣ କରିବା + କର୍ମ. ତ )—
Asta ୧ । କ୍ଷିପ୍ତ—1. Thrown.
୨ । ପ୍ରେରିତ—2. Sent.
୩ । ତ୍ୟକ୍ତ—3. Abandoned; forsaken.
୪ । ଅବସାନପ୍ରାପ୍ତ—4. Finished
୫ । ବିନାଶପ୍ରାପ୍ତ—5. Destroyed; ruined.
୬ । ଅସ୍ତମିତ ( ସୂର୍ଯ୍ୟ, ତାରା, ଗ୍ରହାଦି ) ପଶ୍ଚିମ ଦିଗ୍‌ବଳୟର ତଳକୁ ଗତ—6. Set; sunk down below the western horizon.
୭ । ପତିତ—7. Fallen.
ସଂ. ବି ( + ଭାବ. ତ ) ୧ । ସୂର୍ଯ୍ୟ ଓ ଚନ୍ଦ୍ରାଦିଙ୍କର ଅଦର୍ଶନ ବା ଅସ୍ତଗମନ—1. Setting or sinking down of stars and planets.
୨ । ଅସ୍ତଗିରି (ଦେଖ)—2. Astagiri (See)
୩ । ମୃତ୍ୟୁ—3. Death.
୪ । ଶେଷ; ଅବସାନ—4. End.
୫ । ଅଦର୍ଶନ—5. Disappearance.
୬ । (ଜ୍ୟୋତିଷ ) ଲଗ୍ନର ସପ୍ତମ ସ୍ଥାନ—6 (Astrology) The 7th place from the Lagna.
୭ । କ୍ଷୟ—7. Decline.
୮ । ବିନାଶ—8. Ruin.
୯ । ଭ୍ରମଣର ଶେଷ—9. Journey's end.
ଦେ. ବି ୧ । ସର୍ବସ୍ୱକ୍ଷୟ—1. Destitution.
୨ । ଅବନତି—2. Downfall; deterioration.
୩ । ଦୁର୍ଦ୍ଦଶା—3. Misfortune
ଦେ. ବିଣ.—ପରାସ୍ତ—Defeated; vanquished.
ବାଳୀଠାରୁ ସୁଗ୍ରୀବ ଯୁଦ୍ଧେ ହୋଇ ଅସ୍ତ,
ପଳାଇଲେ ପଛକୁ ହୋଇଣ ତରସ୍ତ । କୃଷ୍ଣସିଂହ ମହାଭାରତ. ବନ

**ଅସ୍ତଂ**—ସଂ. ଅ. ( ଅସ ଧାତୁ = କ୍ଷେପଣ କରିବା + ଭାବ. ତ )—
Astaṁ ୧ । ଅଦର୍ଶନ—1. Disappearance.
୨ । ନାଶ—2 Ruin.

**ଅସ୍ତଂଗତ**—ସଂ. ବିଣ.—(ଅଲୁକ୍ ସମାସ; ଅସ୍ତଂ = ଅସ୍ତକୁ + ଗତ = ପ୍ରାପ୍ତ)
Astaṁgata ଅସ୍ତଗତ ( ଦେଖ )
Astagata ( See )

**ଅସ୍ତକରିବା**—ଦେ. କ୍ରି. ( ସଂ. ଅସ୍ତ )—୧ । ପାସୋରିବା—
Astakaribā 1 To forget.
ତର ଅତ୍ୟନ୍ତ ଶସ୍ତ, ସମସ୍ତ କର ଅସ୍ତ,
ବସି ଖୋଜିଲ ଶଶିଠାରକୁ ରେ—କବିସୂର୍ଯ୍ୟ. ସଙ୍ଗୀତ ।
୨ । ନାଶ କରିବା—2. To ruin.

**ଅସ୍ତକାଳ**—ସଂ. ବି. (୬ଷ୍ଠୀ ତତ୍; ଅସ୍ତ = ଗ୍ରହାସ୍ତ + କାଳ = ସମୟ )—
Astakāla ୧ । ଗ୍ରହ ନକ୍ଷତ୍ରାଦିଙ୍କ ବୁଡ଼ିଯିବା ସମୟ—1. The time of the setting of luminaries.
୨ । ସୂର୍ଯ୍ୟାସ୍ତ ସମୟ; ବେଳବୁଡ଼—2. The time of sun-set.
୩ । ମନୁଷ୍ୟର ସମ୍ପତ୍ତି କ୍ଷୟ ହେବା ସମୟ—3. The time of a person's adversity.
୪ । ବିପଦକାଳ—4. Time of danger.
୫ । ଅବନତିର ସମୟ—5. Time of deterioration.

**ଅସ୍ତଗମନ**—ସଂ. ବି.—ବୁଡ଼ିଯିବା ଅବସ୍ଥା—Setting.
Astagamana

**ଅସ୍ତଗତ**—ସଂ. ବିଣ ( ୨ୟା ତତ୍; ଅସ୍ତ + ଗତ ) ୧ । ଅସ୍ତ ହୋଇଥିବା;
Astagata ଦିଗ୍‌ବଳୟର ତଳକୁ ଖସିଥିବା; ବୁଡ଼ି ଯାଇଥିବା ( ଗ୍ରହ ନକ୍ଷତ୍ରାଦି)—1. Set; gone below the horizon.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ର୍ବ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ସ | ଙ୍କ | ଇଯ୍ | ଉଥ | ଈ |
| ୨ | ଈ | ଊ | ରୁ | ଳୁ | ପ୍ରେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ୱ | କୃ |

୨ । ଅଦୃଶ୍ୟହୋଇଥିବା—2. Disappeared.
୩ । ନଷ୍ଟ; ବିଲୁପ୍ତ—
3. Destroyed.
୪ । ମୃତ—4. Dead; deceased.

ଅସ୍ତଗିରି—ସଂ. ବି. ( ମଧ୍ୟପଦଲୋପୀ; ଅସ୍ତନାମକ ଗିରି )—ପୁରାଣ ମତରେ
Astagiri ପଶ୍ଚିମଦିଗର ଯେଉଁ ପର୍ବତର ଅପର ପାର୍ଶ୍ୱକୁ ଯାଇ (ଉଦୟଗିରି—ବିପରୀତ) ସୂର୍ଯ୍ୟ ଓ ଚନ୍ଦ୍ର ଦୃଷ୍ଟିରୁ ବହିର୍ଭୂତ ହୁଅନ୍ତି; ପଶ୍ଚିମାଚଳ—The mythological mountain on the west beyond which the sun sets.

ଅସ୍ତଦଶା—ସଂ. ବି.—ଦୁର୍ଦ୍ଦଶା; ସର୍ବନାଶ; ଅବନତି —
Astadasā Ruin; downfall.
ସାକ୍ଷାତେ ଦେଖୁଅଛିଁ ଚାପେ ଲୋକମାନେ
ଅସ୍ତଦଶା ଗୋଟିକୁ ଭଜନ୍ତି ବହନେ । କୃଷ୍ଣସିଂହ. ମହାଭାରତ ।

ଅସ୍ତବଲ୍—ବୈଦେ.ବି. ( ଆ. ଇସ୍ତବଲ୍ ଭୁଲ. ଇଂ.—ଷ୍ଟେବଲ୍; ଲ.—
Astabal ସ୍ତାବୁଲସ୍; ଫ୍ରେ. ଏଟେବଲ୍)—ଘୋଡ଼ାଶାଳ; ଘୋଡ଼ା
आस्ताबल ଯେଉଁ ଘରେ ରଖାଯାଏ—Stable.
अस्तबल

ଅସ୍ତବେଳ—ଦେ.ବି. ( ସଂ. ଅସ୍ତବେଳା )—ଅସ୍ତକାଳ ( ଦେଖ )
Astabela Astakāla ( See )
ଅସ୍ତବେଳେ ଉଦୟ ନାହିଁ, ଉଦୟବେଳେ ଅସ୍ତ ନାହିଁ—ଢଗ ।

ଅସ୍ତବେଳା—ସଂ. ବି. ( ଅସ୍ତ + ବେଳା )—ଅସ୍ତକାଳ ( ଦେଖ )
Astabelā Astakāla (See)

ଅସ୍ତବ୍ୟସ୍ତ—ସଂ. ବିଣ. ( ଅସ୍ତ + ବ୍ୟସ୍ତ )—
Astabyasta ୧ । ଅସ୍ଥିର—1. Restless.
୨ । ବ୍ୟାକୁଳିତ; ବ୍ୟତିବ୍ୟସ୍ତ—2 Disturbed; agitated; flurried.
୩ । ଧ୍ୱଂସପ୍ରାପ୍ତ; ବିନଷ୍ଟ—3. Devastated.
ସବୁ ଗଲେ ପଳାଇକି ଅସ୍ତବ୍ୟସ୍ତେ । କୃଷ୍ଣସିଂହ. ମହାଭାରତ. ବିରାଟ ।
୪ । ଉଦ୍‌ବେଜିତ—4 Oppressed.
ଅସ୍ତବ୍ୟସ୍ତ କରିବ ଯେ ମେରୁ କୋଟେ ଦୁଣି । ପୀତାମ୍ବର. ନୃସିଂହପୁରାଣ ।
୫ । ଇତସ୍ତତଃବିକ୍ଷିପ୍ତ; ଛିନ୍ନଭିନ୍ନ—5. Strewn here and there; jumbled up.
୬ । ଅସ୍ତାଚଳରେ ନିକ୍ଷିପ୍ତ (ଗୋପୀନାଥ ନନ୍ଦ)—
6. Sunk below the western horizon.
୭ । ଗୋଳମାଳିଆ; ଅଳିଆ ଖଳିଆ; ଅଡୁଆଝଡୁଆ—
7. Confused; disordered.
ନୀଳ କୁଞ୍ଚିତ କୁନ୍ତଳ ତାର; ଲଳୁଥିଲା ଅସ୍ତବ୍ୟସ୍ତ ଭାବ । କବିସୂର୍ଯ୍ୟ. ସଙ୍ଗୀତ ।
୮ । ଓଲଟପାଲଟ; ଓଲଟାପୋଲଟା—
8. Tupsy turvy.

ଅସ୍ତମନ—ସଂ. ବି. ( ଅସ୍ତ+ମନ ଧାତୁ + ଭାବେ. ଅ )—
Astamana ୧ । ଅସ୍ତାଚଳଗମନ; ଅସ୍ତଗମନ—1. Setting.
୨ । ତିରୋଧାନ; ଅଦୃଶ୍ୟ ହେବା—2 Disappearance.
୩ । (ଜ୍ୟୋତିଷପରିଭାଷା)—ସୂର୍ଯ୍ୟ ସହିତ ଏକ ଧ୍ରୁବକରେ ଥାଇ କୌଣସି ତାରାର ଉଦୟ ହେବା ଅବସ୍ଥା—
3. Cosmical rising of a star.

ଅସ୍ତମନନକ୍ଷତ୍ର—ସଂ. ବି—କୌଣସି ଗ୍ରହ ଯେଉଁ ନକ୍ଷତ୍ରରେ ଅସ୍ତ ହୁଏ
Astamananakshatra ( ହିନ୍ଦି. ଶବ୍ଦସାଗର )—
The asterism in which a planet sets.

ଅସ୍ତମୟ—ସଂ. ବି. ( ଅସ୍ତଂ=ଅସ୍ତକୁ+ଇ ଧାତୁ=ଗତି କରିବା+
Astamaya ଭାବ. ଅ )—
୧ । ଅସ୍ତାଚଳଗମନ—1. Setting.
୨ । ବିନାଶ—2. Ruin.
୩ । କ୍ଷୟ—3. Downfall.
୪ । ଅବସାନ—4. End.
୫ । ମହାପ୍ରଳୟ—5 The Great Deluge.

ଅସ୍ତମିତ—ସଂ. ବିଣ. ( ଅସ୍ତଂ=ଅସ୍ତକୁ+ଇ ଧାତୁ=ଗତି କରିବା+
Astamita କର୍ତ୍ତୃ. ତ )—ଅସ୍ତଗତ ( ଦେଖ )
Astagata (See)

ଅସ୍ତର—ବୈଦେ. ବି. ( ଆ. ଅସ୍ତର୍, ଭୁଲ. ସଂ. ସ୍ତୃ ଧାତୁ ସ୍ତୁର )—
Astara ୧ । କୁର୍ତ୍ତାର ବାହାର କନା ତଳେ ଯେଉଁ ସ୍ତର୍ଭେ ଜରସା
अस्तर ଓ ମଜବୁତିଆ କନା ଦିଆ ଯାଏ—
अस्तर 1. Lining of a coat.
୨ । କାନ୍ଥ, କବାଟ ଇତ୍ୟାଦିକୁ ରଙ୍ଗକରିବା ପୂର୍ବରୁ ପ୍ରଥମେ କଠୃଣସୁକ୍ତ ତେଲ ସଙ୍ଗେ ଚକ୍ ଖଡ଼ି ଗୋଳି ଯେଉଁ ପୋଛକ ଧଳା ରଙ୍ଗ ବୋଲାଯାଏ—
2. Ground colour in painting.
୩ । ତୁଳେଇ ଇତ୍ୟାଦିର ତଳସ୍ତର ଲୁଗା—
3. The lower layer of cloth in a quilt.
୪ । ଜମିନ; ଯେଉଁ ଚନ୍ଦନତେଲ ବା ସୁଗନ୍ଧିତେଲକୁ ମୂଳ କରି ତହିଁରେ ଘନଘନ ସୁଗନ୍ଧ ମିଶାଇ ଘନ ଘନ ବାସନା ଅତର ଓ ତେଲ ତିଆର କରାଯାଏ—4. Sandal oil etc which is made the base in the preparation of ottos and scented oils.
୫ । ଅନ୍ତରପଟ; ସ୍ତ୍ରୀମାନେ ବାରିକ୍ ଲୁଗା ତଳେ ପିନ୍ଧିବା ଲୁଗା—
5. Inner cloth which females wear below very fine cloth; under-wear

ଦେ. ବି. ( ସଂ. ଅସ୍ତ୍ର )—୧ । ଅସ୍ତ୍ରଶସ୍ତ୍ର—1. Weapon.
୨ । ଚିକିତ୍ସକଙ୍କ ଅସ୍ତ୍ର—2. Surgical instrument.
୩ । ଚିକିତ୍ସାର୍ଥ ଅସ୍ତ୍ର ପ୍ରୟୋଗ; ଅପରେସନ୍—
3. Surgical operation.
୪ । ଉପାୟ—4. Means; expedient.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅର୍ଣ୍ଣା' ନ ପାଇଲେ 'ଅର୍ଣ୍ଣ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅସ୍ତା**—ଦେ. ବି—୧ । ପାଣି ଝରିବା ବନ୍ଦ କରିବା ପାଇଁ ଡଙ୍ଗାର ପଟାର ସନ୍ଧି ମେଳରେ ଖୁନ୍ଦା ଯିବା କୁମ୍ଭୀ ଗଛର ଛେଲି—
Astā
1. The bark of Kumbhī tree which is pushed into the chinks of boats to stop leaking.
୨ । ଯେଉଁ ଗଛର ଛାଲରୁ ଅସ୍ତା ହୁଏ; କୁମ୍ଭୀ ଗଛ—
2. A tree producing fibrous bark.

**ଅସ୍ତାଚଳ**—ସଂ. ବି. ( ମଧ୍ୟପଦଲୋପୀ କର୍ମଧା )—ଅସ୍ତଗିରି (ଦେଖ)
Astāchala Astagiri (See)

**ଅସ୍ତାଚଳନ**—ଗ୍ରା. ପ୍ରାଚୀନ ପ୍ରୟୋଗ ( ଅସ୍ତାଚଳର ୭ମୀ ବିଭକ୍ତି )—
Astāchalani ଅସ୍ତାଚଳରେ—In the western mountains.

ଚୋର ସଙ୍ଗ ଅଣ ପାଇଁ ଅନେକ ଦୃଷ୍ଟା ବଳାଇ
ଆଉ ସୂର୍ଯ୍ୟ ଅସ୍ତ ଗଲେ ଅସ୍ତା ଚଳନ । ପ୍ରାଚୀ. ରସବାରିଧି ।

**ଅସ୍ତାଚଳୋନ୍ମୁଖ**—ସଂ. ବି. ( ୬ଷ୍ଠୀ ତତ୍; ଅସ୍ତାଚଳ+ଉନ୍ମୁଖ; ଅସ୍ତାଚଳ ଆଡ଼କୁ ମୁହାଇଁ ଥିବା )—
Astāchalonmukha
(ଅସ୍ତାଚଳୋନ୍ମୁଖୀ—ସ୍ତ୍ରୀ) ଅସ୍ତୋନ୍ମୁଖ; ଅସ୍ତହେଉଥିବା—
Going to set; setting.

**ଅସ୍ତାଟା**—ପ୍ରାଦେ. ( ପୁରୀ ଜିଲ୍ଲା. ବ୍ରାହ୍ମଣ ଶାସନ ); ବି. ( ସଂ. ଅସ୍ତାତ୍; କର୍ମ୍ମ ଅସ୍ତ+ତା )—
Astāta
୧ । ଶାସନମାନଙ୍କର ପର୍ବାଦନ ( ଯଥା—ଗମ୍ଭାପୂର୍ଣ୍ଣିମା ) ମାନଙ୍କରେ ଗ୍ରାମଠାକୁରଙ୍କ ଭୋଗର ହାଟକସ୍ତ ବଣ୍ଟା ହେଲା ବେଳେ ଜଣେ ଜଣେ ମହାଜନଙ୍କ ନାମ ଡାକସ୍ତ ହେଉ ଥାଏ । ସେ ମହାଜନ ଉପସ୍ଥିତ ହେଲାରୁ ସେବକ ତାଙ୍କ ହାତକୁ ତାଙ୍କ ପ୍ରାପ୍ୟ ହକସ୍ତର ଅଂଶ ଟେକି ଦିଏ । ହକସ୍ତ ଡାକସ୍ତ ହୋଇ ଦିଆଗଲାବେଳେ କୌଣସି ମହାଜନ ଉପସ୍ଥିତ ନ ଥିଲେ, ତାଙ୍କ ହକସ୍ତ ରହିତ କରାଯାଇ ତାଙ୍କୁ କିଛି ଅର୍ଥଦଣ୍ଡରେ ଦଣ୍ଡିତ କରାଯାଏ । ସେ ସେ ଅର୍ଥଦଣ୍ଡ ନ ଦେଲେ ତାଙ୍କର ପାରମ୍ପରିକ ହକସ୍ତ ପାଇବା ସ୍ୱତ୍ୱରୁ ସେ ବଞ୍ଚିତ ହୁଅନ୍ତି । ସେହି ଅର୍ଥଦଣ୍ଡକୁ ଅସ୍ତାଟା କହନ୍ତି ।
1. Fine imposed on a Brāhmana villager of Puri Sāsana-villages who does not attend in time to take delivery of his share of the common offering to the village-deity.
୨ । ବ୍ରାହ୍ମଣଶାସନରେ ସ୍ଥାୟୀ ଭାବରେ ବାସ କରୁ ନ ଥିବା ଟଙ୍କିଦାରମାନଙ୍କ ନିକଟକୁ ପ୍ରେରିତ ହେବା ହକସ୍ତ—2. The allotment of a share of the common offering to the village-deity which is sent to non-resident Taṅkidārs of a Sāsana-village.

**ଅସ୍ତାଟାରିବା**—ଗ୍ରା. କ୍ରି. ( ନାଉରିଙ୍କ ବ୍ୟବହୃତ ଶବ୍ଦ ) ଡଙ୍ଗାର ପଟା-ଫାଟରେ ଅସ୍ତା ବାଡ଼େଇ ସେ ଫାଟକୁ ନିରୁଜ କରିବା—To press fibrous barks into the chinks of boats to make them impervious to water.
Astātāribā

**ଅସ୍ତାବଲ୍**—ବୈଦେ. ବି.—ଅସ୍ତବଲ୍ ( ଦେଖ )
Astābal Astabal ( See )

**ଅସ୍ତାବଲମ୍ବୀ**—ସଂ. ବି. ( ୨ୟା ତତ୍; ଅସ୍ତ=ଅସ୍ତାଚଳ+ଅବଲମ୍ବିନ୍, ୧ମା. ୧ବ. )—
Astābalambī
(ଅସ୍ତାବଲମ୍ବିନୀ—ସ୍ତ୍ରୀ) ଅସ୍ତଗତ—Set.

**ଅସ୍ତାମାରିବା**—ଗ୍ରା. କ୍ରି. ( ନାଉରିଙ୍କ ବ୍ୟବହୃତ ଶବ୍ଦ )—
Astāmāribā ଅସ୍ତାଟାରିବା ( ଦେଖ )
Astātāribā ( See )

**ଅସ୍ତି**—ସଂ. ବି. ( ଅସ ଧାତୁ+ତି )—
Asti ୧ । ଭାବ; ସତ୍ତା—1. Existence.
୨ । ବିଦ୍ୟମାନତା; ବର୍ତ୍ତମାନତା—2. Presence.
୩ । ( ନାମ ) ଜରାସନ୍ଧର କନ୍ୟା, କଂସର ଏକ ସ୍ତ୍ରୀ—
3. A wife of Kamsa.
୪ । ଥିବା ବା ହେବା ଅବସ୍ଥା—
4. The State of being
ଦେ. ଅ. ( ସଂ. ଅସ୍ତି )—ହିଁ—Yes.
ନାସ୍ତି ନୋହିବଟ ଅସ୍ତି ସଦା ଭୂପା ପଣ । ପ୍ରାଚୀ. ଶିବସ୍ୱରୋଦୟ ।
[ ଦ୍ର—ଅସ୍ତି ଶବ୍ଦ ସଂ. କ୍ରିୟା ଅସ୍ ଧାତୁ ୧ମ ପୁରୁଷ ଏକବଚନ ( ସେ ) ଅଛି; ଅସ୍ତି ଶବ୍ଦ କେବଳ ହିଁ ଅର୍ଥରେ ନାସ୍ତି ଶବ୍ଦ ପୂର୍ବେ ସହଚରରୂପେ ବ୍ୟବହୃତ ହୁଏ । ଏକାକୀ ବ୍ୟବହାର ବିରଳ । ]
ଗ୍ରା. ବି. ( ସଂ. ଅସ୍ଥି )—ମୃତ ବ୍ୟକ୍ତିର ଦାହ କ୍ରିୟା ପରେ ଚିତା ଭସ୍ମରୁ ସଂଗୃହୀତ ଅସ୍ଥି ଖଣ୍ଡ, ଯାହା ଗଙ୍ଗାଦି ତୀର୍ଥରେ ପକାଇବା ପାଇଁ ପୃଥକ୍ ସଂଗୃହ କରନ୍ତି—A bit of bone of a cremated person which is kept out of the cremated ashes to be consigned to some sacred river.

**ଅସ୍ତି କି ନାସ୍ତି**—ଦେ. ବି. ( ସଂ. ଅସ୍ତି=ଅଛି ଓ ନାସ୍ତି=ନାହିଁ )—
Asti ki nāsti ହିଁ କି ନାହିଁ ବୋଲି ଜବାବ; କୌଣସି କାର୍ଯ୍ୟ
ଅସ୍ତିନାସ୍ତି ହେବାର ବା ନ ହେବାର ଦୃଢ଼ ଜବାବ—
A definite reply; yes or no.
(ଯଥା—ମୁଁ ତାଙ୍କୁ ବିବାହ ପ୍ରସଙ୍ଗ ପଚାରିଲି, ସେ ମତେ ଅସ୍ତି କି ନାସ୍ତି କିଛି କହିଲେ ନାହିଁ । )

**ଅସ୍ତିତ୍ୱ**—ସଂ. ବି. (ଅସ୍ତି+ଭାବ. ତ୍ୱ )—୧ । ସତ୍ତା; ବିଦ୍ୟମାନତା—
Astitwa 1. Being; existence.
୨ । ସ୍ଥାୟିତ୍ୱ—2. Permanence.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଊ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇୟ | ଉଅ | ଋ |
| ୨ | ଈ | ଉ | ରୁ | ଳୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ● | ନୃ |

**ଅସ୍ତିନ୍**—ବୈଦେ. ବି. (ଫା—ଆସ୍ତୀନ)—କୁର୍ତ୍ତାର ହାତ ଅଂଶ—
Astin — Sleeve of a coat
आस्तीन
**अस्तीन; आस्तान**

**ଅସ୍ତିନାସ୍ତି**—ଦେ. ବି.—ଅସ୍ତି କି ନାସ୍ତି (ଦେଖ)
Astināsti — Asti ki nāsti (See)

**ଅସ୍ତୁ**—ସ. ଅ.—ଅନୁଜ୍ଞା ଓ ସ୍ୱୀକାରାର୍ଥକ—(ଅସ୍ ଧାତୁ=ହେବା; ଅନୁଜ୍ଞା ଅନ୍ୟ ପୁରୁଷ ଏକବଚନରୂପ=ହେଉ; ଯଥା ) — କୌଣସି ଲୋକ କୌଣସି ବର ମାଗିଲେ ବରଦାତା ତାହା ମଞ୍ଜୁର କଲେ କହନ୍ତି "ଅସ୍ତୁ"।)—୧। ଏହା ହେଉ; ହଁ ଏଥିରେ ମୋର ସମ୍ମତି ଅଛି—1. Let it be so; be it so; I agree to it.
Astu
अस्तु हईक

ଦେଇ ଜୀବଦାନ ରଖ ମୋର ମାନ ଅସ୍ତୁବୋଲେ ତପଧନ ଯେ।
ବଇଦ୍ୟନାଥ. ରତନସମାପୂର୍ଣ୍ଣ।

୨। ହଁ; ଅଚ୍ଛା—2. Yes; allright; very well.

**ଅସ୍ତୁକରିବା**—ଦେ. କ୍ରି—କୌଣସି ବ୍ୟକ୍ତିର ପ୍ରାର୍ଥିତବର ଦେବାକୁ ହଁ ଭରିବା—To assent to a person's prayer.
Astukaribā
हाँकरा
**अस्तुकरलो**

ତା ଶୁଣି ଦେବୀ ଅସ୍ତୁ କଲେ।
ଯଶୋବନ୍ତ; ପ୍ରେମଭକ୍ତି ବ୍ରହ୍ମଗୀତା।

**ଅସ୍ତୁକାର**—ଦେ. ବି. ( ଯେ ଦାନ ବା ଦକ୍ଷିଣା ଗ୍ରହଣ ବେଳେ ଦାତାର ମଙ୍ଗଳଂ ଅସ୍ତୁ ଦୀର୍ଘାୟୁରସ୍ତୁ; ସିଦ୍ଧିରସ୍ତୁ; ଆଦି ପଦ ଉଚ୍ଚାରଣ କରନ୍ତି )—ବ୍ରାହ୍ମଣ—
Astukāra
A Brāhmaṇa.

ଅସ୍ତୁକାର ପୁରୁଷେ କରନ୍ତି ବେଦ ଧ୍ୱନି। ସାରଳା ମହାଭାରତ. ମଧ୍ୟ।

**ଅସ୍ତୁରା**—ବୈଦେ. ବି. ( ଫା. ଉସ୍ତୁରା; ସ. ଅସ୍ତ୍ର )—ଭଣ୍ଡାରିର କତୁରି—
Asturā — Barber's scissors.
अस्तुरा
**अस्तुरा**

**ଅସ୍ତୁହେଉ**—ଗ୍ରା. ଅ. ( ସ. ଅସ୍ତୁ ସଙ୍ଗେ ତହିଁର ଓଡ଼ିଆ ଅର୍ଥ 'ହେଉ' ର ବୃଥା ବ୍ୟବହାର )—ଅସ୍ତୁ ( ଦେଖ )
Astuheu
अस्तु — Astu ( See )
**अस्तु**

**ଅସ୍ତେବ୍ୟସ୍ତେ**—ଦେ. ପଦ୍ୟ କ୍ରି. ବିଣ. ( ସ. ଅସ୍ତବ୍ୟସ୍ତ )—
Astebyaste — ବିଶୃଙ୍ଖଳ ଭାବରେ—Disorderly.
अस्तेव्यस्ते

ତହୁଁ ଜଡ଼ିଅଛି ଅସ୍ତେବ୍ୟସ୍ତେ ନୀଳ ବର୍ତ୍ତୁଳ ଅଳକ ଲତା।
**तितरबितर**
ରାଧାନାଥ—ପାର୍ବତୀ।

**ଅସ୍ତେୟ**—ସ. ବି. (ଅ+ସ୍ତେୟ)—୧। ଅଚୌର୍ଯ୍ୟ; ଚୋରି ନ କରିବା—
Asteya — 1. Non-stealing.

୨। ସାଧୁତା—2. Honesty.

୩। ଯୋଗସାଧନର ଆଠଗୋଟି ଅଙ୍ଗମଧ୍ୟରୁ ଯମ ନାମକ ଅଙ୍ଗର ତୃତୀୟ ଭେଦ; ବଳପୂର୍ବକ ବା ଅଜ୍ଞାତରେ ପରଦ୍ରବ୍ୟସ୍ୱାମୀଠାରୁ ଧନ ଅପହରଣ ନ କରିବା; ( ଏଥିରେ ସିଦ୍ଧ ହେବା ବ୍ୟକ୍ତିଙ୍କୁ ଅଜସ୍ର ଧନରତ୍ନ ଅଯାଚିତରୂପେ ମିଳେ ); ଚୋରି ନ କରିବା ବ୍ରତ—
3. A practice of not coveting to take another's property by force or stealthily, practised by a Jogi; the vow of honesty.

**ଅସ୍ତୋଦୟ**—ସ. ବି. ( ଅସ୍ତ+ଉଦୟ )—
Astodaya — ୧। ସୂର୍ଯ୍ୟ ଓ ଗ୍ରହାଦିଙ୍କର ଅସ୍ତଗମନ ଓ ଉଦୟ—
1. The rising and setting of heavenly bodies.

୨। ସୂର୍ଯ୍ୟାସ୍ତଠାରୁ ସୂର୍ଯ୍ୟୋଦୟ ପର୍ଯ୍ୟନ୍ତ କାଳ—
2. The time between sunset and sunrise.

**ଅସ୍ତ୍ୟାନ**—ସଂ. ବି. ( ଅ=କୁତ୍ସିତ+ସ୍ତ୍ୟୈ ଧାତୁ+ଭାବ. ଅନ )—
Astyāna — ୧। ଭର୍ତ୍ସନା; ଗାଳି—1. Abuse; censure.

୨। ନିନ୍ଦା—2 Blame.

୩। ବେଖାତିର—3. Disregard.

**ଅସ୍ତ୍ର**—ସଂ. ବି. ( ଅସ୍ ଧାତୁ=କ୍ଷେପଣ କରିବା+କର୍ମ.ତ୍ର; ଯାହାକୁ ଫିଙ୍ଗି କିର ଶତ୍ରୁ ପ୍ରତି ପ୍ରୟୋଗ କରାଯାଏ )—
Astra
୧। ଯେଉଁ ବସ୍ତୁ ଶତ୍ରୁ ଉପରକୁ ଫିଙ୍ଗା ଯାଏ—
1. A missile.
( ଯଥା—ବାଣ, ଶର, ଶୂଳ, ଗୋଳା, ଶକ୍ତି, ବାଟୁଳି। )

୨। ଯେଉଁ ହତିଆରଦ୍ୱାରା କୌଣସି ବସ୍ତୁ ଶତ୍ରୁ ଉପରକୁ ଫିଙ୍ଗା ଯାଏ—
2. A weapon for throwing missiles.
( ଯଥା—ଧନୁ, ବନ୍ଧୁକ, ବାଟୁଳିଖଡ଼ା )।

୩। ଶତ୍ରୁକୁ ଆଘାତ କରିବା ବା ଆତ୍ମରକ୍ଷା କରିବା ପାଇଁ ବ୍ୟବହୃତ ସବୁ ପ୍ରକାର ଯନ୍ତ୍ର—3. All kinds of weapons of offence and defence.

୪। ଯେଉଁ ହତିଆରଦ୍ୱାରା ଶତ୍ରୁପ୍ରେରିତ ଅସ୍ତ୍ରଶସ୍ତ୍ରାଦିକୁ ଅଟକାଯାଏ; (ଯଥା—ଢାଲ)—
4. A weapon of defence.

୫। ଚିକିତ୍ସକଙ୍କଦ୍ୱାରା ବ୍ୟବହୃତ ଶସ୍ତ୍ର—
5. Surgical instruments.

୬। ମନ୍ତ୍ର ଦ୍ୱାରା ଶତ୍ରୁପ୍ରତି ପ୍ରୟୋଜିତ ଯନ୍ତ୍ର—
6. A weapon applied against a foe with the help of mystic formula.

୭। କେତେକ ମନ୍ତ୍ର ( ଯଥା—ଅଙ୍ଗନ୍ୟାସ, କରନ୍ୟାସ ) ପାଠବେଳେ ଫଟ୍ ଶବ୍ଦ ପୂର୍ବେ ଉଚ୍ଚାରିତ ମନ୍ତ୍ର (ଯଥା—କରତଳକରପୃଷ୍ଠାଭ୍ୟାଂ ଅସ୍ତ୍ରାୟ ଫଟ୍ )—
7. A mystical syllable uttered during certain rites.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ୍ଣ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଦେ. ବି.—ଅସ୍ତୁର—Astara (See)

[ ଦ୍ର—ଅସ୍ତ୍ରର ଅର୍ଥ ଶତ୍ରୁ ପ୍ରତି ଫିଙ୍ଗାଯିବା ବସ୍ତୁ ବା ହତିଆର (ଯଥା—ଶର, ବନ୍ଧୁକ ) । ଶସ୍ତ୍ରର ଅର୍ଥ (ଶସ ଧାତୁ=ବଧ କରିବା) ଯାହାକୁ ଶତ୍ରୁକୁ ବଧ କରିବା ପାଇଁ ଶତ୍ରୁ ଦେହରେ ପ୍ରୟୋଗ କରାଯାଏ ( ଯଥା—ଖଣ୍ଡା, ବର୍ଚ୍ଛା, ଛୁରି); କିନ୍ତୁ ସାଧାରଣ ଭାଷାରେ ଅସ୍ତ୍ର ଶବ୍ଦ ଉଭୟ ଅର୍ଥରେ ବ୍ୟବହୃତ ହୁଏ । ]

**ଅସ୍ତ୍ରକଣ୍ଟକ**— ସଂ. ବି ( ଅସ୍ତ୍ର + କଣ୍ଟକ )—
Astrakaṇṭaka ଶର; ତୀର—Arrow (M. W.)

**ଅସ୍ତ୍ରଗ୍ରାମ**— ସଂ. ବି ( ୬ଷ୍ଠୀ ତତ୍; ଅସ୍ତ୍ର + ଗ୍ରାମ )—
Astragrāma ନାନାବିଧ ଅସ୍ତ୍ରର ସଂଗ୍ରହ—
Collection of many kinds of weapons.

**ଅସ୍ତ୍ରଚାଳନ**— ସଂ. ବି ( ୬ଷ୍ଠୀ ତତ୍; ଅସ୍ତ୍ର + ଚାଳନ )—
Astrachālana ୧ । ହତିଆରକୁ ଚଳାଇବା—
1. The playing or using of a weapon.
୨ । ରୋଗୀପ୍ରତି ଚିକିତ୍ସାର୍ଥ ଅସ୍ତ୍ରପ୍ରୟୋଗ—
2. Application of surgical weapons to a patient.

**ଅସ୍ତ୍ରଚିକିତ୍ସକ**— ସଂ. ବି ( ୩ୟା ତତ୍; ଅସ୍ତ୍ର + ଚିକିତ୍ସକ )—
Astrachikitsaka ହତିଆର ଦ୍ୱାରା ଚିକିତ୍ସା କରିବା ଡାକ୍ତର—
A surgeon.

**ଅସ୍ତ୍ରଚିକିତ୍ସା**— ସଂ. ବି ( ୩ୟା ତତ୍; ଅସ୍ତ୍ର + ଚିକିତ୍ସା )—
Astrachikitsā ହତିଆର ପ୍ରୟୋଗପୂର୍ବକ ରୋଗ ଭଲ କରିବା—
Surgery; surgical operation.
[ଦ୍ର—ଚରକ ଓ ସୁଶ୍ରୁତରେ ନାନାବିଧ ଅସ୍ତ୍ର ଓ ଅସ୍ତ୍ରଚିକିତ୍ସାର ବିବରଣ ବିଶଦରୂପେ ବର୍ଣ୍ଣିତ ହୋଇଅଛି । ]

**ଅସ୍ତ୍ରଜୀବ**— ସଂ. ବି ( ଅସ୍ତ୍ର+ଜୀବ ଧାତୁ+କର୍ତ୍ତୃ. ଅ; ଅସ୍ତ୍ର ଦ୍ୱାରା ଯେ
Astrajība ଜୀବିକା ନିର୍ବାହ କରେ—ସେନା; ସିପାହି ) —
A soldier ( M. W. )

**ଅସ୍ତ୍ରଧାରଣ**— ସଂ. ବି ( ୬ଷ୍ଠୀ ତତ୍; ଅସ୍ତ୍ର+ଧାରଣ )—
Astradhāraṇa ୧ । ଯୁଦ୍ଧ ଇତ୍ୟାଦି କରିବା ପାଇଁ ହତିଆର ଧରିବା —1. Bearing of arms.
୨ । ଶତ୍ରୁ ବିରୁଦ୍ଧରେ ହତିଆର ଧରି ଯୁଦ୍ଧ କରିବାକୁ ଉଠିବା—
2. Rising up in arms.

**ଅସ୍ତ୍ରନିବାରଣ**— ସଂ. ବି ( ୬ଷ୍ଠୀ ତତ୍; ଅସ୍ତ୍ର + ନିବାରଣ )—
Astranibāraṇa ଶତ୍ରୁପ୍ରେରିତ ଅସ୍ତ୍ରକୁ ଅଟକିବା—
Warding off a blow from the enemy.

**ଅସ୍ତ୍ରପଟ୍ଟା**— ପ୍ରାଦେ ( ସିଂହଭୂମ; କେନ୍ଦୁଝର ) ବି.—
Astrapaṭṭā ହାତ ମୁଠି ଆବୃତ ହୋଇ ରହିବା ପାଇଁ ବେଣ୍ଟ-ଯୁକ୍ତ ଫମ୍ପା ବାଡ଼ି; ଯହିଁରେ ଭୂୟାଁମାନେ ଯୁଦ୍ଧ ଓ ମଲ୍ଲ-ଯୁଦ୍ଧ କରନ୍ତି—A stick with a hollow handle to cover the fist while holding it.

**ଅସ୍ତ୍ରବନ୍ଧ**— ସଂ. ବି ( ଷଷ୍ଠୀ ତତ୍; ଅସ୍ତ୍ର + ବନ୍ଧ )—ଶରବର୍ଷଣ; ଅବିଶ୍ରାନ୍ତ-
Astrabandha ଶରଧାରା—An uninterrupted series of arrows ( M. W.)

**ଅସ୍ତ୍ରବର୍ଷ**— ସଂ. ବି ( ୬ଷ୍ଠୀ ତତ୍; ଅସ୍ତ୍ର + ବର୍ଷ )—ଅସ୍ତ୍ରବନ୍ଧ (ଦେଖ)
Astrabarsha Astrabandha (See)

**ଅସ୍ତ୍ରବିଦ୍ୟା**— ସଂ. ବି. ( ମଧ୍ୟପଦଲୋପୀ; ଅସ୍ତ୍ରଚାଳନସମ୍ବନ୍ଧୀୟ ବିଦ୍ୟା )—
Astrabidyā ୧ । ଅସ୍ତ୍ରଚାଳନସମ୍ବନ୍ଧୀୟ ବିଦ୍ୟା ବା କୌଶଳ—
1. The art of fencing.
୨ । ଅସ୍ତ୍ରଚିକିତ୍ସାଶାସ୍ତ୍ର—2. The science of surgery.
୩ । ଯୁଦ୍ଧବିଦ୍ୟା—3. The military Science.

**ଅସ୍ତ୍ରବେଦ**— ସଂ. ବି. ( ମଧ୍ୟପଦଲୋପୀ; ଅସ୍ତ୍ର + ବେଦ )—
Astrabeda ଅସ୍ତ୍ରବିଦ୍ୟା ( ଦେଖ )
Astrabidyā (See)

**ଅସ୍ତ୍ରବେଧ**— ସଂ. ବି. ( ୩ୟା ତତ୍; ଅସ୍ତ୍ର + ବେଧ )—
Astrabedha ଦେହରେ ଅସ୍ତ୍ର ଗଳି ଯିବା—Deep wound made by a weapon.

**ଅସ୍ତ୍ରଭେଦ**— ସଂ. ବି. ( ୩ୟା ତତ୍; ଅସ୍ତ୍ର+ଭେଦ)—
Astrabheda ୧ । ଅସ୍ତ୍ରବେଧ ( ଦେଖ )
1. Astrabedha ( See )
୨ । ଅସ୍ତ୍ରର ପ୍ରକାର; ଏକ ପ୍ରକାରର ଅସ୍ତ୍ର—
2. A kind of weapon.

**ଅସ୍ତ୍ରମନ୍ତ୍ର**— ସଂ. ବି. ( ମଧ୍ୟପଦଲୋପୀ; ଅସ୍ତ୍ର+ମନ୍ତ୍ର )—
Astramantra ଅସ୍ତ୍ରକୁ ବିଶିଷ୍ଟ ଶକ୍ତି ଦେବା ପାଇଁ ବ୍ୟବହୃତ ମନ୍ତ୍ର—Mystic formula used to charm arrows and weapons.

**ଅସ୍ତ୍ରମାର୍ଜ**— ସଂ. ବି. ( ଅସ୍ତ୍ର + ମୃଜ ଧାତୁ + କର୍ତ୍ତୃ. ଅ )—
Astramārja ଯେଉଁ ବ୍ୟକ୍ତି ଅସ୍ତ୍ରଶସ୍ତ୍ରାଦି ମାଜେ ବା ପରିଷ୍କାର କରେ—An armourer; a tool-cleaner.

**ଅସ୍ତ୍ରଶସ୍ତ୍ର**— ସଂ. ବି. ( ଦ୍ୱନ୍ଦ୍ୱ; ଅସ୍ତ୍ର + ଶସ୍ତ୍ର )—ସବୁ ପ୍ରକାରର ହତିଆର—
Astraśastra All sorts of weapons.

**ଅସ୍ତ୍ରଶିକ୍ଷା**— ସଂ. ବି. ( ୬ଷ୍ଠୀ ତତ୍; ଅସ୍ତ୍ର+ଶିକ୍ଷା )—
Astraśikshā ଯୁଦ୍ଧାର୍ଥ ଅସ୍ତ୍ରଚାଳନ ଶିକ୍ଷା—
Military training or exercise.

**ଅସ୍ତ୍ରସାୟକ**— ସଂ. ବି. ( ଅସ୍ତ୍ର + ସାୟକ )—ଲୁହାର ଶର—
Astrasāyaka An iron-arrow. ( M. W. )

**ଅସ୍ତ୍ରହୀନ**— ସଂ. ବିଣ. (୩ୟା ତତ୍; ଅସ୍ତ୍ର + ହୀନ)—ନିରସ୍ତ୍ର —
Astrahīna Unarmed.

**ଅସ୍ତ୍ରାଗାର**— ସଂ. ବି. ( ୬ଷ୍ଠୀ ତତ୍; ଅସ୍ତ୍ର + ଅଗାର )—ଅସ୍ତ୍ରଶସ୍ତ୍ରାଦି ଜମା
Astrāgāra ରଖାହେବାର ଗୃହ—Arsenals; armoury.

| | | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଉ |
| ୨ | ଈ | ଊ | ରୁ | ଲୁ | ଯେଁ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଖ୍ୟ | ଇଅ | ୱ | ନ୍ତ |

**ଅସ୍ତ୍ରାଘାତ**—ସଂ. ବି. ( ୬ଷ୍ଠୀ ତତ୍; ଅସ୍ତ୍ର+ଆଘାତ )—
**Astrāghāta** ୧ । ହତିଆରର ଚୋଟ—
1. Stroke or blow of a weapon.
୨ । ହତିଆରଦ୍ୱାରା ହେବା କ୍ଷତ—2. A wound; cut.

**ଅସ୍ତ୍ରାହତ**—ସ. ବିଣ. ପୁଂ. (୩ୟା ତତ୍; ଅସ୍ତ୍ର+ଆହତ)—
**Astrāhata** ୧ । ଅସ୍ତ୍ରଦ୍ୱାରା ଆଘାତପ୍ରାପ୍ତ—1. Wounded.
୨ । ଅସ୍ତ୍ରଦ୍ୱାରା ମାରିତ—2. Killed (M. W.)

**ଅସ୍ତ୍ରୀ**—ସଂ. ବିଣ. ପୁଂ. ( ଅସ୍ତ୍ର+ଇନ୍ ୧ମା. ୧ବ. )—ଅସ୍ତ୍ରସଜ୍ଜିତ; ଅସ୍ତ୍ର-
**Astrī** ଧାରୀ—Armed with a weapon.
(ଅସ୍ତ୍ରିଣୀ—ସ୍ତ୍ରୀ) ସ. ବି.—୧ । ଧନୁର୍ଦ୍ଧାରୀ ବ୍ୟକ୍ତି—
1. An archer (M. W.)
୨ । ଯେ ସ୍ତ୍ରୀ ନୁହେ—2. Not a woman (M. W.)

**ଅସ୍ତ୍ରୀକ**—ସ. ବିଣ. ପୁଂ. (ବହୁବ୍ରୀହି; ଅ+ସ୍ତ୍ରୀ)—୧ । ବିପତ୍ନୀକ; ଯାହାର
**Astrīka** ସ୍ତ୍ରୀ ମୃତା—1. Widowed; destitute of a wife.
୨ । ଅବିବାହିତ—2. Unmarried.
୩ । ଯାହା ସଙ୍ଗେ ସ୍ତ୍ରୀ ନାହିଁ—3. Not accompanied by one's wife.

**ଅସ୍ଥଲ୍**—ପ୍ରାଦେ. (ସମ୍ବଲପୁର) ବି—ଅସ୍ଥଲ୍ (ଦେଖ)
**Asthal** Asthal (See)

**ଅସ୍ଥାତା**—ପ୍ରାଦେ. (ପୁରୀ) ବି—ଅସ୍ତାତା (ଦେଖ)
**Asthātā** Astātā (See)
ଦେ. ବିଣ.—ଅଥାତା (ଦେଖ)
Athātā (See)

**ଅସ୍ଥାନ**—ସ. ବି. (ଅ+ସ୍ଥାନ)—୧ । ମନ୍ଦସ୍ଥାନ—1. Bad place.
**Asthāna** ୨ । ଅନୁପଯୁକ୍ତ ସ୍ଥାନ—2. Unfit place; wrong place.
୩ । ଅଯୋଗ୍ୟ ସ୍ଥାନ—3. Improper place
୪ । ଅପବିତ୍ରସ୍ଥାନ—4. Unholy place.
୫ । ଶରୀରର ଗୁପ୍ତାଙ୍ଗ—5. The private part of the body.
୬ । ଶରୀରର ମର୍ମସ୍ଥାନ; ଅଥାନ—
6. Vital or vulnerable part of the body.
୭ । ଅସ୍ଥାୟିତ୍ୱ—7. Non-permanency (M. W.)
ସଂ. ବିଣ.—ସ୍ଥାନରହିତ—Having no place or footing.

**ଅସ୍ଥାନସ୍ଥ**—ସଂ. ବିଣ. ପୁଂ. (ଅସ୍ଥାନ+ସ୍ଥା ଧାତୁ+କର୍ତ୍ତୃ. ଅ)—
**Asthānastha** ଅନୁଚିତ ବା ଅନୁପଯୁକ୍ତ ସ୍ଥାନରେ ଥିବା—
(ଅସ୍ଥାନସ୍ଥା—ସ୍ତ୍ରୀ) Mis-placed; consigned to a wrong place

**ଅସ୍ଥାବର**—ସଂ. ବିଣ. (ଅ+ସ୍ଥାବର)—୧ । ଯାହା ସ୍ଥିର ବା ଦୃଢ଼ସ୍ଥିତ
**Asthābara** ନୁହେ—1. Not fixed.
୨ । ଚଳୁଥିବା; ଗତିଶୀଳ—2. Moving.
୩ । ଅଚିରସ୍ଥାୟୀ—3. Not permanent.
୪ । (ଆଇନ) ଚଳନ୍ତି (ସମ୍ପତ୍ତି)—
4. (law) Movable (property).
୫ । ଜମି ଛଡ଼ା ଅନ୍ୟ (ସମ୍ପତ୍ତି)—
5. (property) Other than land.
(ଯଥା—ଟଙ୍କା; ଜିନିଷପତ୍ର)
୬ । ଯାହାକୁ ସ୍ଥାନାନ୍ତରକୁ ନିଆଯାଇ ନ ପାରେ—
6. Incapable of being removed to another place.

**ଅସ୍ଥାୟୀ**—ସଂ. ବିଣ. (ଅ+ସ୍ଥାୟିନ୍; ୧ମା. ୧ବ.)—୧ । ଅଚିରସ୍ଥାୟୀ;
**Asthāyī** ଯାହା ଚିରସ୍ଥାୟୀ ନୁହେ—1. Not permanent; not lasting.
(ଅସ୍ଥାୟିନୀ—ସ୍ତ୍ରୀ)
(ଅସ୍ଥାୟିତ୍ୱ—ବି) ୨ । କ୍ଷଣସ୍ଥାୟୀ—2. Transient.
୩ । ପରିବର୍ତ୍ତନଶୀଳ—3. Changeable.

**ଅସ୍ଥାୟୀଭାବ**—ସଂ. ବି. (କର୍ମଧା)—୧ । ଅଚିରସ୍ଥାୟୀ ହେବାର ଅବସ୍ଥା—
**Asthāyībhāba** 1. Non-permanency.
୨ । ଯେଉଁ ଅବସ୍ଥା ଚିରସ୍ଥାୟୀ ନୁହେ—
2. Temporary state
୩ । ଯେଉଁ ମନୋଭାବ ବେଶିକାଳ ରହେ ନାହିଁ—
3. Transient feeling.

**ଅସ୍ଥି**—ସଂ. ବି. (ଅସ ଧାତୁ=କ୍ଷେପଣ କରିବା+କର୍ମ. ଥି)—୧ । ଜୀବ-
**Asthi** ଦେହ ମଧ୍ୟସ୍ଥ ଟାଣୁଆ ଉପାଦାନ ହାଡ଼—1. Bone.
୨ । ଫଳର ଟାଙ୍ଗୁଆ ବା ଟାଣ ମଞ୍ଜି—2. The hard seed or stone inside a fruit (M. W.)

**ଅସ୍ଥିକଙ୍କାଳମାଳ**—ଦେ. ବି.—ବାହାରକୁ ଦେଖାଯିବା ମାଂସହୀନ ଦେହର
**Asthikankālamāla** ହାଡ଼ ଓ କଙ୍କାଳ—Bones and skeleton of a fleshless body.
ଦେ. ବିଣ.—କଙ୍କାଳମାତ୍ରାବଶିଷ୍ଟ (ବ୍ୟକ୍ତି)—
(person) Reduced to skeleton.

**ଅସ୍ଥିକଙ୍କାଳମାଳା**—ଦେ. ବି. ଓ ବିଣ.—ଅସ୍ଥିକଙ୍କାଳମାଳ (ଦେଖ)
**Asthikankālamālā** Asthikankālamāla (See)

**ଅସ୍ଥିକୃତ୍**—ସଂ. ବି. (ଅସ୍ଥି+କୃ ଧାତୁ+କର୍ତ୍ତୃ. କ୍ୱିପ୍; ଯହିଁରୁ ହାଡ଼
**Asthikrut** ଉତ୍ପନ୍ନ ହୁଏ )—ହାଡ଼ରସା; ମଜ୍ଜା—
Marrow (M. W.)

**ଅସ୍ଥିଚୟନ**—ସଂ. ବି. (୬ଷ୍ଠୀ ତତ୍; ଅସ୍ଥି+ଚୟନ)—ପରେ ଗଙ୍ଗାଦି
**Asthichayana** ତୀର୍ଥରେ ପକାଇବା ପାଇଁ ମୃତବ୍ୟକ୍ତିର ଶବ-
ଦାହ ଭସ୍ମରୁ ସଂଗୃହୀତ ଦଗ୍ଧ ଅସ୍ଥିଖଣ୍ଡ—A bit of charred bone of a person gathered from the ashes of cremation for being consigned in future to some sacred river.

ସାଧାରଣ ଭେବେ ଅପର ପୃଷ୍ଠାରେ ସୂଚିତ ୧ ଚଉଡ଼ି ଅକ୍ଷର ଓ ମାତ୍ରା ଏବଂ ୨ ଚଉଡ଼ି ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରାଯାଇ ନାହିଁ । ଅତଏବ ୧ ବା ୨ ଚଉଡ଼ି କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଅଭିଧାନରେ ନ ମିଳେ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତାହାଁର ବଦଳରେ ୨ ବା ୧ ଚଉଡ଼ି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଢ଼' ନ ମିଳିଲେ 'ଗାଢ଼' ଖୋଜିବେ; 'ବୃଥା' ନ ମିଳିଲେ 'ବୃଥା' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଗା' ନ ପାଇଲେ 'ଅର୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଅସ୍ଥିଚର୍ମସାର**—ସଂ. ବଣ. ପୁଂ. ( ବହୁବ୍ରୀହି; ଅସ୍ଥି ଓ ଚର୍ମ ମାତ୍ର ସାର ରହିଅଛି ଯାହାର )—
Asthicharmasāra
(ଅସ୍ଥିଚର୍ମସାରା—ସ୍ତ୍ରୀ) ରୋଗ ବା ଅନାହାର ଯୋଗୁଁ ଯେଉଁ ବ୍ୟକ୍ତିର ଚମ ଘେରିଥିବା କଙ୍କାଳମାତ୍ର ବାକି ରହିଥାଏ—(person) Reduced to skeleton covered over with skin.

**ଅସ୍ଥିଚର୍ମାବଶିଷ୍ଟ**—ସଂ. ବଣ. ପୁଂ. ( ବହୁବ୍ରୀହି; ଅସ୍ଥି ଓ ଚର୍ମ ମାତ୍ର ଅବଶିଷ୍ଟ ଅଛି ଯାହାର )—
Asthicharmābaśishṭa
(ଅସ୍ଥିଚର୍ମାବଶିଷ୍ଟା—ସ୍ତ୍ରୀ) ଅସ୍ଥିଚର୍ମସାର ( ଦେଖ ) Asthicharmasāra ( See )

**ଅସ୍ଥିଚ୍ଛଳିତ**—ସଂ. ବି—ସୂକ୍ଷ୍ମ ଚୋଟ କାଣ୍ଡଭଗ୍ନ ନାମକ ହାଡ଼ଭାଙ୍ଗିବା—
Asthichchhalita A kind of fracture of the bone.

**ଅସ୍ଥିଜ**—ସଂ. ବି. ( ଅସ୍ଥି + ଜନ ଧାତୁ + ଅ )—ମଜ୍ଜା; ହାଡ଼ରସା—
Asthija Marrow.

**ଅସ୍ଥିତ**—ସଂ. ବଣ. ( ଅ + ସ୍ଥିତ )—୧ । ଅସ୍ଥିର—1. Restless.
Asthita ୨ । ଉପାୟରହିତ—2. Devoid of means.
(ଅସ୍ଥିତା—ସ୍ତ୍ରୀ)
(ଅସ୍ଥିତି—ବି)

**ଅସ୍ଥିତପଞ୍ଚକ**—ସଂ. ବି. ( ଗଣିତପରିଭାଷା )—ଯେଉଁ ଧାରାଦ୍ୱାରା
Asthitapañchaka ପାଞ୍ଚଗୋଟି ଦତ୍ତରାଶିରୁ ଗୋଟିଏ ଅଜ୍ଞାତ ରାଶି ବାହାର କରିବାକୁ ହୁଏ; ମିଶ୍ର ତ୍ରୈରାଶିକ ଧାରା—( Arithmetic) The compound Rule of Three.

**ଅସ୍ଥିତୁଣ୍ଡ**—ସଂ. ବି ( ବହୁବ୍ରୀହି; ଅସ୍ଥିମୟ ତୁଣ୍ଡ ଯାହାର; ଏମାନଙ୍କର
Asthituṇḍa ଥଣ୍ଟ ଥିବାରୁ )—୧ । ପକ୍ଷୀ—1. Bird.
୨ । କାଠହଣା ଚଢ଼େଇ—2. The wood-pecker bird.

**ଅସ୍ଥିତ୍ୱ**—ସଂ. ବି. ( ଅସ୍ଥି + ତ୍ୱ )—ହାଡ଼ ପାଲଟିବା—
Asthitwa Ossification.

**ଅସ୍ଥିଦଣ୍ଡ**—ସଂ. ବି—ମେରୁଦଣ୍ଡ—Back-bone
Asthidanda

ବାମ ଚରଣ ମୂଳଦ୍ୱାରେ, ଦକ୍ଷିଣ ଜାନୁର ଉପରେ ।
ଦେଇ ଢେକିବ ଅସ୍ଥି ଦଣ୍ଡ, ଭୂଜେ ଅମୃତ ଜାନୁରେ । ଚଉରାଶ. ଭଜନ ।

**ଅସ୍ଥିଦେବା**—ଦେ. କ୍ରି—ଅସ୍ଥି ପକାଇବା ( ଦେଖ )
Asthidebā Asthipakāibā ( See )

**ଅସ୍ଥିପକାଇବା**—ଦେ. କ୍ରି—ମୃତବ୍ୟକ୍ତିର ଅସ୍ଥିକୁ ନେଇ ଗଙ୍ଗାଦି ତୀର୍ଥରେ
Asthipakāibā ପକାଇବା—To consign the bone
অস্থিফেলা of a dead person to some sacred
अस्थिफेंकना water.

**ଅସ୍ଥିପଞ୍ଜର**—ସଂ. ବି. ( ଅସ୍ଥି + ପଞ୍ଜର, ଯେଉଁ ହାଡ଼ ପଞ୍ଜୁରୀ ପରି ଦିଶୁ-
Asthipañjara ଥାଏ )—କଙ୍କାଳ—Skeleton.

**ଅସ୍ଥିବିଜ୍ଞାନ**—ସଂ. ବି. ( ମଧ୍ୟପଦଲୋପୀ; ଅସ୍ଥି + ବିଜ୍ଞାନ )—
Asthibijñāna ଯେଉଁ ବିଜ୍ଞାନଦ୍ୱାରା ଅସ୍ଥିମାନଙ୍କ ବିଷୟ ଜଣାଯାଏ The science treating of bones; osteology.

**ଅସ୍ଥିଭକ୍ଷ**—ସଂ. ବଣ. ପୁଂ. ( ଅସ୍ଥି + ଭକ୍ଷ ଧାତୁ + କର୍ତ୍ତୃ. ଅ )—
Asthibhaksha ଯେ ହାଡ଼ ଖାଏ—Eating bones
(ଅସ୍ଥିଭକ୍ଷା—ସ୍ତ୍ରୀ) ସଂ. ବି—୧ । ହାଡ଼ ଗିଳା ପକ୍ଷୀ—1. The adjutant crane.
୨ । କୁକୁର—2. Dog.

**ଅସ୍ଥିଭଙ୍ଗ**—ସଂ. ବି. ( ୬ଷ୍ଠୀ ତତ୍; ଅସ୍ଥି + ଭଙ୍ଗ )—
Asthibhanga ୧ । ହାଡ଼ ଭାଙ୍ଗିଯିବା—1. Fracture of bone.
୨ । ହାଡ଼ଭଙ୍ଗା ଲତା—2. A creeper Vitis Quadrangularis.

**ଅସ୍ଥିଭେଦ**—ସଂ. ବି. ( ୬ଷ୍ଠୀ ତତ୍; ଅସ୍ଥି + ଭେଦ )—
Asthibheda ଆଘାତଦ୍ୱାରା ହାଡ଼ କଟିଯିବା—
Bone-breaking; wounding of a bone; fracture due to a blow.

**ଅସ୍ଥିମୟ**—ସଂ. ବଣ. ( ଅସ୍ଥି + ମୟ )—
Asthimaya ୧ । ଅସ୍ଥିଗଠିତ; ଯାହାର ପ୍ରଧାନ ଉପାଦାନ ଅସ୍ଥି—
(ଅସ୍ଥିମୟୀ—ସ୍ତ୍ରୀ) 1. Consisting of bones.
୨ । ହାଡ଼ୁଆ —2. Bony.

**ଅସ୍ଥିମାଳ**—ଦେ. ବି. ( ସଂ. ଅସ୍ଥିମାଳା )—ଅସ୍ଥିମାଳା ( ଦେଖ )
Asthimāḷa Asthimāḷā ( See )

**ଅସ୍ଥିମାଳା**—ସଂ. ବି. (୬ଷ୍ଠୀ ତତ୍; ଅସ୍ଥି + ମାଳା)—୧ । ହାଡ଼ରମାଳ—
Asthimāḷā 1. A necklace of bones.
୨ । ହାଡ଼ସମୂହ—2. A collection of bones

**ଅସ୍ଥିମାଳିନୀ**—ସଂ. ବଣ. ସ୍ତ୍ରୀ. ( ଅସ୍ଥିମାଳିନ୍ + ସ୍ତ୍ରୀ. ଈ )—
Asthimāḷinī ଅସ୍ଥିମାଳୀର ସ୍ତ୍ରୀଲିଙ୍ଗ—
Feminine of Asthimāḷī.
ସଂ. ବି. ସ୍ତ୍ରୀ—କାଳୀ; ଚଣ୍ଡୀ—A name of Kāḷī.

**ଅସ୍ଥିମାଳୀ**—ସଂ. ବଣ. ପୁଂ. ( ଅସ୍ଥିମାଳ + ଇନ୍; ୧ମା. ୧ବ. )—
Asthimāḷī ଯେ ହାଡ଼ର ମାଳ ପିନ୍ଧିଅଛି—
(ଅସ୍ଥିମାଳିନୀ—ସ୍ତ୍ରୀ) Wearing a necklace of bones.
ସଂ. ବି. ପୁଂ—ମହାଦେବ—God Siba.

**ଅସ୍ଥିର**—ସଂ. ବଣ. ପୁଂ. ( ଅ=ନୁହେ + ସ୍ଥିର=ନିଶ୍ଚିତ )—
Asthira ୧ । ଯାହା ସ୍ଥିରୀକୃତ ନୁହେ—
(ଅସ୍ଥିରା—ସ୍ତ୍ରୀ) 1. Unsettled.
(ଅସ୍ଥିରତା—ବି) ୨ । ଅନିଶ୍ଚିତ—2. Not sure.
୩ । ଅଥୟ; ଚଞ୍ଚଳ; ଅଧୀର—
3. Restless; unsteady.
୪ । ଅବ୍ୟବସ୍ଥିତ—4. Changing.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଷ,ସ | ଜ୍ଞ | ଇତ୍ | ଉଅ | ଛ |
| ୨ | ଇ | ଉ | ରୁ | ଲୃ | ଯ୍ୟେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗ୍ୟଁ | ଇଅ | ଗ | ଦ୍ବ |

୫ । ଚଳନ୍ତ—5. Moving.

୬ । ଟଳଟଳଆ—6. Tottering; unstable.

୭ । ପରିବର୍ତ୍ତନଶୀଳ—7. Changeable.

**ଅସ୍ଥିରକ୍ଷଣ**—ସଂ. ବି. ( ୬ଷ୍ଠୀ ତତ୍; ଅସ୍ଥି+ରକ୍ଷଣ )—
Asthirakshaṇa ଅସ୍ଥିଚୟନ ( ଦେଖ )
Asthichayana ( See ).

**ଅସ୍ଥିରକ୍ଷା**—ସଂ. ବି. ( ୬ଷ୍ଠୀ ତତ୍; ଅସ୍ଥି+ରକ୍ଷା )—
Asthirakshā ଅସ୍ଥିଚୟନ ( ଦେଖ )
Asthichayana ( See )

**ଅସ୍ଥିରଚେତା**—ସଂ. ବିଣ. ପୁଂ. ଓ ସ୍ତ୍ରୀ. ( ବହୁବ୍ରୀହି; ଅସ୍ଥିର+ଚେତସ୍;
Asthiracheta ୧ମା. ୧ବ. )—୧ । ଚଞ୍ଚଳମନ; ଯାହାର ମନ
ବେଳକୁବେଳ ବଦଳେ; ଅବ୍ୟବସ୍ଥିତ ଚିତ୍ତ—
1. Fickle-minded; irresolute.

୨ । ବ୍ୟାକୁଳ ଚିତ୍ତ—
2. Restless; mentally agitated.

ସଂ. ବି—( କର୍ମଧା )—୧ । ପରିବର୍ତ୍ତନଶୀଳ ମନ; ଯେଉଁ
ମନର ସ୍ଥିରତା ନାହିଁ; ଅବ୍ୟବସ୍ଥିତ ମନ—
1. Fickle mind.

୨ । ବ୍ୟାକୁଳଚିତ୍ତ—2. Agitated mind.

**ଅସ୍ଥିରତା**—ସଂ. ବି. ( ଅ=ନାହିଁ+ସ୍ଥିରତା=ସ୍ଥିରଭାବ )—
Asthiratā ୧ । ସ୍ଥିରତାର ଅଭାବ—
1. Want of steadiness.

୨ । ଅନିଶ୍ଚୟତା—
2. Want of certainty.

୩ । ଅଧୀରତା—3. Restlessness.

୪ । ଚଳତା—4. State of moving.

୫ । ଅଧୈର୍ଯ୍ୟ—5. Impatience.

୬ । ଅଶାନ୍ତି—
6. Want of peace or calmness.

**ଅସ୍ଥିରତ୍ୱ** ସଂ. ବି. ( ଅ=ନାହିଁ+ସ୍ଥିରତ୍ୱ=ସ୍ଥିରଭାବ )—
AsthiratWa ଅସ୍ଥିରତା ( ଦେଖ )
Asthiratā ( See )

**ଅସ୍ଥିରଧୀ**—ସଂ. ବି. ଓ ବିଣ. ( ଅସ୍ଥିର+ଧୀ=ବୁଦ୍ଧି; ମତି )—
Asthiradhi ଅସ୍ଥିରଚେତା ( ଦେଖ )
Asthiracheta ( See )

**ଅସ୍ଥିରବୁଦ୍ଧି**—ସଂ. ବି. ଓ ବିଣ. ( ଅସ୍ଥିର+ବୁଦ୍ଧି )—
Asthirabuddhi ଅସ୍ଥିରଚେତା ( ଦେଖ )
Asthiracheta ( See )

**ଅସ୍ଥିରମତି**—ସଂ. ବି. ଓ ବିଣ. ( ଅସ୍ଥିର+ମତି )—
Asthiramati ଅସ୍ଥିରଚେତା ( ଦେଖ )
Asthiracheta ( See )

**ଅସ୍ଥିରମନା**—ସଂ. ବିଣ. ପୁଂ. ଓ ସ୍ତ୍ରୀ. ( ବହୁବ୍ରୀହି; ଅସ୍ଥିର+ମନସ୍;
Asthiramanā ୧ମା. ୧ବ. )—ଅସ୍ଥିରଚେତା ( ଦେଖ )
Asthiracheta ( See )

**ଅସ୍ଥିଶେଷ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅସ୍ଥି+ଶେଷ )—ଯେଉଁ
Asthiśesha ଜୀବର ଅସ୍ଥିମାତ୍ର ଅବଶିଷ୍ଟ ରହିଅଛି—
( ଅସ୍ଥିଶେଷା—ସ୍ତ୍ରୀ ) ( animal or body ) Of which
bone is only left

**ଅସ୍ଥିଶୃଙ୍ଖଳ**—ସଂ. ବି—ହାଡ଼ଭଙ୍ଗା ( ଗଛ ) ( ଦେଖ )
Asthiśruṅkhaḻa Hārḏabhaṅgā ( tree ) ( See )

**ଅସ୍ଥିସଂଗ୍ରହ**—ସଂ. ବି. ( ୬ଷ୍ଠୀ ତତ୍; ଅସ୍ଥି+ସଂଗ୍ରହ )—
Asthisaṁgraha ଅସ୍ଥିଚୟନ ( ଦେଖ )
Asthichayana ( See )

**ଅସ୍ଥିସଞ୍ଚୟ**—ସଂ. ବି. ( ୬ଷ୍ଠୀ ତତ୍; ଅସ୍ଥି+ସଞ୍ଚୟ )—
Asthisaṁchaya ଅସ୍ଥିଚୟନ ( ଦେଖ )
Asthichayana ( See )

**ଅସ୍ଥିସଂହାର**—ସଂ. ବି—ଅସ୍ଥିଶୃଙ୍ଖଳା ( ଦେଖ )
Asthisaṁhāra Asthiśruṅkhaḻā ( See )

**ଅସ୍ଥିସାର**—ସଂ. ବିଣ. ପୁଂ. ( ବହୁବ୍ରୀହି; ଅସ୍ଥି+ସାର )—
Asthisāra ଅସ୍ଥିଶେଷ ( ଦେଖ )
( ଅସ୍ଥିସାରା—ସ୍ତ୍ରୀ ) Asthiśesha ( See )

**ଅସ୍ଥୈର୍ଯ୍ୟ**—ସଂ. ବି. ( ଅ=ନୁହେ+ସ୍ଥୈର୍ଯ୍ୟ+ସ୍ଥିରଭାବ; ଧୀରତା)—
Asthaịrjya ଅସ୍ଥିରତା ( ଦେଖ )—Asthiratā ( See )

**ଅସ୍ନା**—ଗ୍ରା. ବି. ଓ ବିଣ—ଅସନା ( ଦେଖ )
Asnā Asanā ( See )

**ଅସ୍ନାତ**—ସଂ. ବିଣ. ପୁଂ. ( ଅ=ନୁହେ+ସ୍ନାତ=ଧୌତ )—
Asnāta ଅଧୌତ; ଅଗାଧୁଆ; ଅସ୍ନାନିଆ; ଯେ ଗାଧୋଇ
( ଅସ୍ନାତା—ସ୍ତ୍ରୀ ) ନାହିଁ—Unwashed; unbathed.

**ଅସ୍ନାନ**—ସଂ. ବି. ( ଅ+ସ୍ନାନ )—୧ । ସ୍ନାନର ଅଭାବ—
Asnāna 1. Want of bathing.

୨ । ସ୍ନାନ ପ୍ରତି ଅନାଦର—
2. Neglect of washing.

**ଅସ୍ନାନିଆ**—ଦେ. ବିଣ. (ସଂ. ଅସ୍ନାତ )—ଅସ୍ନାତ ( ଦେଖ )
Asnānia Asnāta ( See )

**ଅସ୍ନାହାନିଆ**—ଦେ. ବିଣ—ଅସ୍ନାତ ( ଦେଖ )
Asnāhānia Asnāta ( See )

**ଅସ୍ପରଶ**—ଦେ. ବିଣ. ( ସଂ. ଅସ୍ପୃଶ୍ୟ )—ଅସ୍ପୃଶ୍ୟ; ଅଛୁଆଁ; ଯାହାକୁ
Asparaśa ଛୁଇଁବାର ନୁହେଁ—Untouchable.
ଅସ୍ପର୍ଶ ବାର ରବର କେଁକେଁଯ୍ୱୀ ଅପ୍ରିତକୁ ଅସ୍ପରଶ ହେଲା ମତ ।
ଅସ୍ପର୍ଶ ଭକ୍ତ—ବେଦେଶ୍ୱରବଳାସ ।
(ଅସ୍ପରଶୀ—ସ୍ତ୍ରୀ)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚଳିତ ଅକ୍ଷର ଓ ମାତ୍ରା ଏବଂ ୨ ଚଳିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚଳିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥକୋଷରେ ନ ମିଳନ୍ତି, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚଳିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲଂକାର' ନ ପାଇଲେ 'ଅଲଙ୍କାର' ଦେଖିବେ ।

**ଅସ୍ପରଶୀ**—ଦେ. ବିଣ. ସ୍ତ୍ରୀ ( ସଂ. ଅସ୍ପୃଶ୍ୟା )—ଯେଉଁ ସ୍ତ୍ରୀକୁ ଛୁଇଁ **Asparaśi** ହୁଏ ନାହିଁ । **ଅସ୍ପୃଶ୍ୟା**, ରଜସ୍ୱଳା— ଅସ୍ପୃଶ୍ୟା Menstruated; in her menses

କେମନ୍ତେ କହନ୍ତ୍ରୀ ଅଛି, ସ୍ପର୍ଶୀ କି ଅସ୍ପରଶୀ, ମନୁ ଭ୍ରାନ୍ତି ଭୁଞ୍ଜନ୍ତା ମୋହର ।
ଗାଲ—ଚନ୍ଦ୍ରସେନ ।

[ ଦ୍ର—ଶାସ୍ତ୍ରମତେ ରଜସ୍ୱଳା ସ୍ତ୍ରୀ ପ୍ରଥମ ତିନ ଦିବସ କାହାକୁ ଛୁଅନ୍ତି ନାହିଁ ଓ ତାଙ୍କୁ ଅନ୍ୟ କେହି ଛୁଇଁଲେ ସେ ସ୍ନାନ କରି ଶୁଦ୍ଧ ହୁଏ । ]

**ଅସ୍ପର୍ଶ**—ସଂ. ବି. (ଅ+ସ୍ପର୍ଶ) ସ୍ପର୍ଶର ଅଭାବ—Absence of touch. **Asparśa** ଗ୍ରା. ବିଣ. ( ଅଶୁଦ୍ଧ )—
୧ । ଅସ୍ପୃଶ୍ୟ—1. Untouchable.
୨ । ଅସ୍ପୃଶ୍ୟା ( ଦେଖ )—2. Aspruśyā ( See )

**ଅସ୍ପର୍ଶନୀୟ**—ସଂ. ବିଣ. ପୁଂ (ଅ+ସ୍ପର୍ଶନୀୟ) ଯାହାକୁ ଛୁଇଁବା ଉଚିତ **Asparśaniya** ନୁହେଁ; ଛୁଇଁବାର ଅଯୋଗ୍ୟ— (ଅସ୍ପର୍ଶନୀୟା—ସ୍ତ୍ରୀ) Untouchable.

**ଅସ୍ପର୍ଶ୍ୟ**—ସଂ. ବିଣ. ପୁଂ ( ଅ+ସ୍ପର୍ଶ୍ୟ ) ଅସ୍ପର୍ଶନୀୟ ( ଦେଖ ) **Asparśya** Asparśaniya ( See ) (ଅସ୍ପର୍ଶ୍ୟା—ସ୍ତ୍ରୀ)

**ଅସ୍ପଷ୍ଟ**—ସ., ବିଣ ( ନଞ୍ତତ୍; ଅ + ସ୍ପଷ୍ଟ ) ୧ । ଅସ୍ଫୁଟ; ଅବ୍ୟକ୍ତ— **Aspashta** 1. Obscure; indistinct. (ଅସ୍ପଷ୍ଟତା—ବି)
୨ । ଇନ୍ଦ୍ରିୟମାନଙ୍କଦ୍ୱାରା ସ୍ପଷ୍ଟରୂପେ ଗୋଚର ନ ହେବା— 2. Imperceptible
୩ । ଯାହା ସ୍ପଷ୍ଟରୂପେ ଦେଖାଯାଏ ନାହିଁ—3 Dim.
୪ । ଯାହା ସ୍ପଷ୍ଟରୂପେ ଶୁଣାଯାଏ ନାହିଁ— 4 Not clearly audible.
୫ । ଯାହା ସ୍ପଷ୍ଟରୂପେ ପଢ଼ି ହୁଏ ନାହିଁ—5. Illegible
୬ । ଯାହା ସ୍ପଷ୍ଟରୂପେ ବୁଝାଯାଏ ନାହିଁ— 6. Which can not be well understood.
୭ । ଯାହା ସ୍ପଷ୍ଟରୂପେ ଉଚ୍ଚାରିତ ହୁଏ ନାହିଁ— 7. Indistinctly uttered; inarticulate.

**ଅସ୍ପଷ୍ଟତାଦୋଷ**—ସଂ. ବି.—ବାକ୍ୟ ବା ରଚନାର ଦୋଷବିଶେଷ— **Aspashtatādosha** A fault in composition.
ଦେ. ବି. ( ଢକଉଅ ଭାଷା ) ଅରଜିରେ ପ୍ରାର୍ଥିତ ପ୍ରତିକାରର ଭାଷା ବୁଝି ନ ହେବା ଦୋଷ—A defect in pleadings; indistinctness of the reliefs prayed for in the plaint.
[ ଦ୍ର—ଯେଉଁ ଅରଜି ବା ଯବାବରେ ଅସ୍ପଷ୍ଟତା ଦୋଷ ଥାଏ ତାହା କୋର୍ଟ ଗ୍ରହଣ ନ କରି ଫେରାଇ ଦିଏ । ]

**ଅସ୍ପଷ୍ଟବାଦୀ**—ସଂ. ବିଣ ( ଅ+ସ୍ପଷ୍ଟବାଦୀ ) ୧ । ଯେ ସ୍ପଷ୍ଟରୂପେ କଥା **Aspashtabādi** କହେ ନାହିଁ—1 Not speaking (ଅସ୍ପଷ୍ଟବାଦିନୀ—ସ୍ତ୍ରୀ) distinctly.
୨ । ଯେ ସ୍ପଷ୍ଟବାଦୀ ନୁହେ—2. Not plain-spoken.

**ଅସ୍ପୃଶ୍ୟ**—ସଂ. ବିଣ ( ଅ+ସ୍ପୃଶ୍ୟ )—ଅସ୍ପର୍ଶନୀୟ (ଦେଖ) **Aspruśya** Asparśaniya (See) (ଅସ୍ପୃଶ୍ୟା—ସ୍ତ୍ରୀ)

**ଅସ୍ପୃଶ୍ୟଜାତି**—ସଂ. ଚ.—୧ । ହିନ୍ଦୁସମାଜର ନୀଚତମ ଜାତି ( ଯଥା— **Aspruśyajāti** ପାଣ, ହାଡ଼ି, ଚମାର; ଯାହାଙ୍କୁ ଉଚ୍ଚବର୍ଣ୍ଣ ଜାତିମାନଙ୍କର ଛୁଇଁବା ନିଷିଦ୍ଧ) — 1. Uutouchable caste.
୨ । ଯେଉଁ ଜାତିଧର୍ମାବଲମ୍ବୀ ( ଯଥା ମ୍ଲେଚ୍ଛ, ଯବନ ) ଜାତିଙ୍କୁ ହିନ୍ଦୁମାନେ ଛୁଅନ୍ତି ନାହିଁ— 2. Those whom the Hindus consider polluted.

**ଅସ୍ପୃଷ୍ଟ**—ସଂ. ବିଣ (ଅ=ନୁହେ+ସ୍ପୃଷ୍ଟ)—ଯାହାକୁ କେହି ଛୁଇଁ ନାହିଁ— **Asprushta** Untouched. (ଅସ୍ପୃଷ୍ଟା—ସ୍ତ୍ରୀ)

**ଅସ୍ପୃହ**—ସଂ. ବିଣ. ପୁଂ (ବହୁବ୍ରୀହି; ଅ=ନାହିଁ+ସ୍ପୃହା; ଇଚ୍ଛା ଯାହାର)— **Aspruha** ୧ । ସ୍ପୃହାହୀନ; କୌଣସି ବିଷୟ ପ୍ରତି ଶ୍ରଦ୍ଧାବିହୀନ— (ଅସ୍ପୃହା—ସ୍ତ୍ରୀ) 1. Not keen over a matter.
(ଅସ୍ପୃହା—ବି) ୨ । ନିର୍ମମ; ମମତାଶୂନ୍ୟ—2. Indifferent.

**ଅସ୍ପୃହା**—ସଂ. ବି (ଅ=ନୁହେ+ସ୍ପୃହା=ବଳବତ୍ ଇଚ୍ଛା)— **Aspruhā** ୧ । ସ୍ପୃହାଶୂନ୍ୟତା—1. Want of keenness.
୨ । ମମତାର ଅଭାବ—2. Indifference.
୩ । ଘୃଣା—3. Aversion.

**ଅସ୍ଫୁଟ**—ସଂ. ବିଣ (ଅ=ନୁହେ+ସ୍ଫୁଟ) (ବାକ୍ୟ ବା ସ୍ୱର)— **Asphuta** ୧ । ଅବ୍ୟକ୍ତ—1. Indistinct.
(ଅସ୍ଫୁଟତା—ବି) ୨ । ତୋତ୍‌ଲା—2. Inarticulate.

**ଅସ୍ଫୁଟବାକ୍**—ସଂ. ବିଣ. ପୁଂ. ଓ ସ୍ତ୍ରୀ (ବହୁବ୍ରୀହି; ଅସ୍ଫୁଟ+ବାକ୍)— **Asphutabāk** ୧ । ଯେ ଅସ୍ଫୁଟବାକ୍ୟ କହେ; ଅସ୍ପଷ୍ଟଭାଷୀ— 1. Speaking indistinctly.
୨ । ତୋତ୍‌ଲା କଥା କହୁଥିବା—2. Lisping.

**ଅସ୍ୱଚ୍ଛ**—ସଂ. ବିଣ. ପୁଂ (ଅ=ନୁହେ+ସ୍ୱଚ୍ଛ=ନିର୍ମଳ)— **Aswachchha** ୧ । ଅନିର୍ମଳ—1. Not clear.
(ଅସ୍ୱଚ୍ଛତା—ବି) ୨ । ଯାହା ଭିତରଦେଇ ଦେଖା ଯାଏ ନାହିଁ— 2. Not transparent; opaque.
୩ । ଅସରଳ—3. Not frank.
ଦେ. ବିଣ.—ସନ୍ଦିଗ୍ଧଚେତା—Suspicious; doubtful.
ଦେ. ବି.—୧ । ଅନିଚ୍ଛା—1. Unwillingness.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଞ୍ଜ | ଇଯ୍ | ଉଅ | ଈ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ | ଇଅ | ଓ | ନ୍ତୁ |

୨ । ନାନାବିଷୟରେ କୁଣ୍ଠା—
2. Hesitation.
୩ । ମାନସିକ ଅସ୍ଥିରତା—
3. Uneasiness of mind.

ଅସ୍ୱଚ୍ଛନ୍ଦ—ସଂ. ବିଣ (ଅ=ନୁହେ+ସ୍ୱଚ୍ଛନ୍ଦ=ଆପଣାର ଇଚ୍ଛାଧୀନ)—
Aswachchhanda ଅନାୟତ୍ତ—
(ଅସ୍ୱଚ୍ଛନ୍ଦା—ସ୍ତ୍ରୀ) Not free; subservient.
(ଅସ୍ୱଚ୍ଛନ୍ଦତା; ଅସ୍ୱାଚ୍ଛନ୍ଦ୍ୟ—ବି)

ଅସ୍ୱଚ୍ଛନ୍ଦତା—ସଂ. ବି ( ଅ = ନୁହେ+ସ୍ୱଚ୍ଛନ୍ଦ = ସ୍ୱେଚ୍ଛାଧୀନ + ଭାବ. ତା )—
Aswachchhandatā
୧ । ଅସ୍ୱାଚ୍ଛନ୍ଦ୍ୟ—
1. Want of ease or comfort.
୨ । ମାନସିକ ଅଶାନ୍ତି—
2. Absence of mental peace.

ଅସ୍ୱତନ୍ତ୍ର—ସଂ. ବିଣ ( ଅ=ନୁହେ+ସ୍ୱତନ୍ତ୍ର=ସ୍ୱାଧୀନ )—
Aswatantra ୧ । ଅସ୍ୱାଧୀନ—1. Not free; not independent.
(ଅସ୍ୱତନ୍ତ୍ରା—ସ୍ତ୍ରୀ)
ଅସ୍ୱତନ୍ତ୍ରତା } ବି. ୨ । ପରାଧୀନ—2. Subservient.
ଅସ୍ୱାତନ୍ତ୍ର୍ୟ } ୩ । ଅବିଭକ୍ତ; ଅପୃଥକ୍—
3. Not separate.

ଅସ୍ୱନ୍ତ—ସଂ. ବି. ( ବହୁବ୍ରୀହି; ଅ=ନୁହେ+ସୁ=ସୁନ୍ଦର+ଅନ୍ତ=ଶେଷ
Aswanta ମୁଣ୍ଡ; ଯାହାର ମୁଣ୍ଡ ବା ମୁହଁ ସୁନ୍ଦର ନୁହେ )—
୧ । ଚୁଲ୍ଲୀ—1. Oven; grate.
୨ । ଅମଙ୍ଗଳ; ଅଶୁଭ—2. Adversity; evil.
୩ । ( ୬ଷ୍ଠୀ ତତ୍; ଅସୁ+ଅନ୍ତ=ଶେଷ )—ମରଣ—
3. Death
ସଂ. ବିଣ—୧ । ସୀମାରହିତ—1. Boundless.
୨ । ଅଦମ୍ୟ; ଅନିବାର୍ଯ୍ୟ—2. Uncontrollable.
୩ । କ୍ଷୟରହିତ—3. Inexhaustible.
୪ । ପରିଣାମବିରସ; ଯାହାର ପରିଣାମ ଅସୁଖକର—
4. Of unhappy ending; tragic.

ଅସ୍ୱପ୍ନ—ସଂ. ବିଣ. ( ବହୁବ୍ରୀହି; ଅ=ନାହିଁ+ସ୍ୱପ୍ନ=ନିଦ୍ରା )—
Aswapna ନିଦ୍ରାରହିତ—Sleepless.
ସଂ. ବି. ( ବହୁବ୍ରୀହି; ଯାହାଙ୍କର ନିଦ୍ରା ନାହିଁ )—
୧ । ଦେବତା—1. Deity; gods.
୨ । (ଲକ୍ଷଣରେ) ଜାଗରଣ—2. Waking.
୩ । ନିଦ୍ରାରହିତ ଅବସ୍ଥା—3. Wakefulness; want of sleep.
୪ । ଦୁଃସ୍ୱପ୍ନ; ମନ୍ଦସ୍ୱପ୍ନ—4. Evil dream.

ଅସ୍ୱରଶ—ଗ୍ରା. ବିଣ. ପୁଂ. ( ସଂ. ଅସ୍ପୃଶ୍ୟ )—ଅସ୍ପୃଶ୍ୟ—
Aswaraśa Untouchable

ଅସ୍ୱରଶୀ—ଗ୍ରା. ବିଣ. ସ୍ତ୍ରୀ. ( ସଂ. ଅସ୍ପୃଶ୍ୟା )—ଋତୁମତୀ—
Aswaraśi Menstruated; in her menses.

ଅସ୍ୱରସ—ଗ୍ରା. ବି—୧ । ବିବାଦ—1. Quarrel.
Aswarasa ୨ । ଅମେଳ—2. Disagreement.

ଅସ୍ୱର୍ଗ୍ୟ—ସଂ. ବିଣ. ( ଅ+ସ୍ୱର୍ଗ+ଯ )—
Aswargya ଯେଉଁ କର୍ମ ଦ୍ୱାରା ସ୍ୱର୍ଗ ଲାଭ ହୁଏ ନାହିଁ—
( work ) Not leading to heavens; sinful.

ଅସ୍ୱାତନ୍ତ୍ର୍ୟ—ସଂ. ବି. ( ଅ+ସ୍ୱାତନ୍ତ୍ର୍ୟ )—
Aswātantrya ୧ । ଅସ୍ୱାଧୀନତା—1. Want of freedom.
୨ । ପରାଧୀନତା—2. Dependence.
୩ । ବିଶେଷତ୍ୱ ନ ଥିବା ଅବସ୍ଥା ବା ଭାବ—
3. Want of individuality or peculiarity.

ଅସ୍ୱାଦ—ସଂ. ବି. ( ଅ+ସ୍ୱାଦ )—
Aswāda ୧ । ମନ୍ଦ ସ୍ୱାଦ—1. Bad taste.
୨ । ଅରୁଚି—2. Distaste.
ସଂ. ବିଣ—ଅସ୍ୱାଦୁ ( ଦେଖ )
Aswādu ( See )

ଅସ୍ୱାଦୁ—ସଂ. ବିଣ. ( ଅ+ସ୍ୱାଦୁ )—
Aswādu ୧ । ଯାହା ପାଟିକୁ ଭଲ ଲାଗେ ନାହିଁ—
(ଅସ୍ୱାଦୁତା—ବି) 1. Insipid; disgusting to the taste.
୨ । ସ୍ୱାଦହୀନ—2 Tasteless

ଅସ୍ୱାଧ୍ୟାୟ—ସଂ. ବି. ( ବହୁବ୍ରୀହି; ଅ+ସ୍ୱାଧ୍ୟାୟ )—
Aswādhyāya ଅନଧ୍ୟୟନ କାଳ—The time during which study is prohibited.
ସଂ. ବିଣ. ପୁଂ—ବିଧିପୂର୍ବକ ବେଦାଧ୍ୟୟନ ହୀନ—
Not properly studying the vedas.

ଅସ୍ୱାଭାବିକ—ସଂ. ବିଣ. ( ଅ+ସ୍ୱାଭାବିକ )—
Aswābhābika ୧ । ଅପ୍ରାକୃତିକ—1. Unnatural.
(ଅସ୍ୱାଭାବିକତା—ବି) ୨ । କୃତ୍ରିମ—2. Artificial.
୩ । ବେଢାଙ୍ଗ—3. Inordinate.

ଅସ୍ୱାମିକ—ସଂ. ବିଣ. (ବହୁବ୍ରୀହି; ଅ+ସ୍ୱାମିନ୍+କ. ଆଦେଶ )—
Aswāmika ୧ । ଯାହାର କେହି ମାଲିକ ନାହିଁ;
(ଅସ୍ୱାମିକା—ସ୍ତ୍ରୀ) ନିଗୋସେଇଁଆ—1. Masterless; having no owner.
୨ । ନାୱାରସ; ଯେଉଁ ସମ୍ପତ୍ତିର କେହି ଦାବିଦାର ନୁହେ—
1. Unclaimed.

ଅସ୍ୱାମିକା—ସଂ. ବିଣ ସ୍ତ୍ରୀ—୧ । ଅସ୍ୱାମିକର ସ୍ତ୍ରୀ ଲିଙ୍ଗ—
Aswāmikā 1. Feminine of Aswāmika.
୨ । ବିଧବା—2. Widowed; (woman) having lost her husband.
୩ । ଅବିବାହିତ—3. Unmarried.

ଅସ୍ୱାରଥ—ଗ୍ରା. ବି. ଓ ବିଣ. (ସଂ. ଅସ୍ୱାର୍ଥ)—ଅସ୍ୱାର୍ଥ (ଦେଖ)
Aswāratha Aswārtha ( See )

ସାଧାରଣ ଲୋକେ ଶବ୍ଦ ବୃଷ୍ଟାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ; 'ଵୃଥା' ନ ମିଳିଲେ 'ବୃଥା' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅସ୍ୱାର୍ଥ**—ସଂ. ବଣ. ( ବହୁବ୍ରୀହି; ଅ+ସ୍ୱାର୍ଥ )—
Aswārtha ୧ । ସ୍ୱାର୍ଥହୀନ; ନିଃସ୍ୱାର୍ଥ—
1. Disinterested; selfless.
୨ । ଅସ୍ୱାର୍ଥପର—2. Unselfish.
ସଂ. ବି—୧ । ସ୍ୱାର୍ଥହୀନତା—1. Disinterestedness.
୨ । ସ୍ୱାର୍ଥପରତାର ଅଭାବ—2. Selflessness.
ଦେ. ବି—୧ । ଅଲାଭ—1. Want of gain.
୨ । କ୍ଷତି—2. Loss.
ଦେ. ବଣ. ( ସଂ. ଅସାର୍ଥକ )—ଅସାର୍ଥକ ( ଦେଖ )
Asārthaka ( See )

**ଅସ୍ୱାର୍ଥକ**—ଦେ. ବଣ. ( ସଂ ଅସାର୍ଥକ )—ଅସାର୍ଥକ ( ଦେଖ )
Aswārthaka Asārthaka ( See )

**ଅସ୍ୱାର୍ଥପର**—ସଂ. ବଣ.—୧ । ଯେ ସ୍ୱାର୍ଥପର ନୁହେ; ନିଃସ୍ୱାର୍ଥ—
Aswārthapara 1. Unselfish.
(ଅସ୍ୱାର୍ଥପରା—ସ୍ତ୍ରୀ) ୨ । ଯାହାର କୌଣସି ବିଷୟରେ ସ୍ୱାର୍ଥ ନାହିଁ—
(ଅସ୍ୱାର୍ଥପରତା—ବି) 2 Disinterested

**ଅସ୍ୱାର୍ଥୀ**—ଦେ. ବି.—ଅସ୍ୱାର୍ଥପର ( ଦେଖ )
Aswārthi Aswārthapara ( See )

**ଅସ୍ୱାର୍ଥୁକ**—ଦେ. ବଣ (ସଂ. ଅସାର୍ଥକ)—ଅସାର୍ଥକ (ଦେଖ)
Aswārthuka Asārthaka (See)

**ଅସ୍ୱାର୍ଥୁକୀ**—ଦେ. ବଣ—ଅସାର୍ଥକ (ଦେଖ)
Aswārthuki Asārthaka (See)

**ଅସ୍ୱାସ୍ଥ୍ୟ**—ସଂ. ବି. (ଅ=ନୁହେ+ସ୍ୱାସ୍ଥ୍ୟ=ସୁସ୍ଥଭାବ)—
Aswāsthya ୧ । ଅସୁସ୍ଥତା—1. Indisposition.
୨ । ପୀଡ଼ା; ରୋଗ—2 Sickness.
୩ । ସ୍ୱାସ୍ଥ୍ୟର ଅଭାବ—3. Ill health.

**ଅସ୍ୱାସ୍ଥ୍ୟକର**—ସଂ. ବଣ (ଅ=ନୁହେ+ସ୍ୱାସ୍ଥ୍ୟକର=ସ୍ୱାସ୍ଥ୍ୟଜନକ)—
Aswāsthyakara ୧ । ଅସ୍ୱାସ୍ଥ୍ୟଜନକ—1. Unhealthy.
(ଅସ୍ୱାସ୍ଥ୍ୟକରତା—ବି) ୨ । ରୋଗଜନକ—2 Causing disease.

**ଅସ୍ୱୀକାର**—ସଂ. ବି (ଅ=ନୁହେ+ସ୍ୱୀକାର=ସମ୍ମତି)—
Aswikāra ୧ । ନାରାଜି; ଅସମ୍ମତି—1. Non-admission; denial
(ଅସ୍ୱୀକୃତ—ବଣ)
୨ । ଅମତପ୍ରକାଶ—2. Dissent.
୩ । ଇନକାର—3. Disavowal.
୪ । ନାମଞ୍ଜୁର—4. Refusal; rejection.

**ଅସ୍ୱୀକୃତ**—ସଂ. ବଣ. ପୁଂ (ଅ=ନୁହେ+ସ୍ୱୀକୃତ=ସମ୍ମତ)—
Aswikṛuta ୧ । ଅନନୁମୋଦିତ—1. Not approved.
(ଅସ୍ୱୀକୃତା—ସ୍ତ୍ରୀ) ୨ । ଅସମ୍ମତ; ଅମତ (ବ୍ୟକ୍ତି)—
2. Not consenting.
୩ । ଯେ ଅସ୍ୱୀକାର କରେ (ବ୍ୟକ୍ତି)—2. Dissenting.
୪ । ନାରାଜ—4. Disagreeing.

**ଅସ୍ମଦ୍**—ସଂ. ସର୍ବନାମ. ମୂଳ ଶବ୍ଦ ( ଅସ୍ ଧାତୁ=ହେବା+କର୍ତ୍ତୃ. ମଦ୍;
Asmad ଦେହାଭିମାନୀ ଜୀବ—ମୁଁ; ଏ ଶବ୍ଦରୁ ଅହଂ ( ଆମ୍ଭେ ), ବୟଂ (ଆମ୍ଭେମାନେ) ପଦ ହୁଏ । ଓଡ଼ିଆରେ ଏ ଶବ୍ଦର ସ୍ୱତନ୍ତ୍ର ବ୍ୟବହାର ନାହିଁ, କିନ୍ତୁ ଅନ୍ୟ ଶବ୍ଦ ପୂର୍ବରେ ଯୁକ୍ତ ହୋଇଥିବା ସଂସ୍କୃତ ଶବ୍ଦମାନ ଓଡ଼ିଆରେ ବ୍ୟବହୃତ ହୁଏ । ଯଥା—ଅସ୍ମଦୀୟ; ଅସ୍ମଦାଦି)—
ମୁଁ ଓ ଆମ୍ଭେ ଶବ୍ଦର ମୂଳସଂସ୍କୃତଶବ୍ଦ—
The Sanskrit base word denoting 'I'.

**ଅସ୍ମଦାଦି**—ସଂ. ସର୍ବନାମ (ଅସ୍ମଦ୍=ମୁଁ+ଆଦି=ଇତ୍ୟାଦି; ମୁଁ ଓ ମୋହ
Asmadādi ପର ଅନ୍ୟମାନେ—ପଣ୍ଡିତିଆ ଶବ୍ଦ)—
୧ । ମୋ ଭଳି ବ୍ୟକ୍ତି—1. People like me.
୨ । ମୁଁ ଏବଂ ଅନ୍ୟମାନେ—2. I and others.
୩ । ଆମ୍ଭେମାନେ—3. We.
(ଯଥା—ଅସ୍ମଦାଦି ସେ ସ୍ଥାନକୁ ଗମନ କରି ଦେବତାଙ୍କ ଦର୍ଶନ ଲାଭ କଲୁଁ । )

**ଅସ୍ମଦୀୟ**—ସଂ. ବଣ. ପୁଂ (ଅସ୍ମଦ୍=ମୁଁ+ଇଦମର୍ଥେ; ଈୟ)—
Asmadiya ୧ । ଆମ୍ଭସମ୍ବନ୍ଧୀୟ—1. Relating to me.
(ଅସ୍ମଦୀୟା—ସ୍ତ୍ରୀ) ୨ । ଆମ୍ଭମାନଙ୍କସମ୍ବନ୍ଧୀୟ—
2 Relating to us.
୩ । ଯାହା ଆମ୍ଭର—3 Belonging to me.
୪ । ଯାହା ଆମ୍ଭମାନଙ୍କର—4. Belonging to us.
୫ । ଆମ୍ଭର—5. My; mine.
୬ । ଆମ୍ଭମାନଙ୍କର—6. Our; ours

**ଅସ୍ମାନ୍**—ବୈଦେ. ବି (ଅ. ଅସ୍‌ମାନ)—ଅଶ୍‌ମାନ (ଦେଖ)
Asmān Aśmān (See)

**ଅସ୍ମାନ୍‌ଗୋଲା**—ଦେ. ବି (ଅ. ଅସ୍‌ମାନ୍+ସଂ. ଗୋଲକ)—
Asmāngolā ଆକାଶମଲ୍ଲୀ ୨ (ଦେଖ)
अस्मानगोला Ākāśamalli. 2 (See)
आस्मानगोला

**ଅସ୍ମାନି**—ବୈଦେ. ବଣ.—ଅଶ୍‌ମାନି (ଦେଖ)
Asmāni Aśmāni (See)

**ଅସ୍ମାନିଆଁ**—ବୈଦେ. ବଣ.—ଅଶ୍‌ମାନିଆଁ (ଦେଖ)
Asmāniāñ Aśmāniāñ (See)

**ଅସ୍ମାର୍ତ୍ତ**—ସଂ. ବଣ. ( ଅସ୍ମାର୍ତ୍ତ=ସ୍ମୃତି ସମ୍ବନ୍ଧୀୟ )—୧ । ସ୍ମୃତିବହିର୍ଭୂତ;
Asmārtta ସ୍ମରଣାତୀତ—1. Immemorial.
୨ । ସ୍ମୃତିଶାସ୍ତ୍ର ବା ବ୍ୟବସ୍ଥା ଶାସ୍ତ୍ର ବହିର୍ଭୂତ—2. Illegal.
୩ । ଯେଉଁ ବ୍ୟକ୍ତି ସ୍ମାର୍ତ୍ତ ବ୍ରାହ୍ମଣ ନୁହେ—
3. Not belonging to the Smārtta sect of Brāhmaṇas.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଯ୍ | ଉଅ | ଙ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଓ | ନ୍ |

**ଅସ୍ମିତା**—ସଂ. ବି. ( ସଂ. ଅସ୍ମି=ମୁଁ ଅଛି+ଭାବ. ତା )—
Asmitā ୧ । ଅହଙ୍କାର; ଅହଂଜ୍ଞାନ—
1. Self-conecit; egotism.
୨ । 'ମୁଁ ଅଛି' ଏହି ଜ୍ଞାନର—2. Self-consciousness.
ଅସ୍ମିତା ବସ୍ତୁରେ ହେଲ ନିମଗନ । ରଘୁନାଥ ହରିବା ।
୩ । ( ବେଦାନ୍ତ ଦର୍ଶନ ) ସୋହଂ, ଓ 'ସୋଽହଂ' ମଧ୍ୟରେ ପ୍ରଭେଦ ଜ୍ଞାନର ଅଭାବ—3. ( Bedānta philosophy ) Want of discrimination between the Ego and Non-ego.

**ଅସ୍ମୃତି**—ଗ୍ରା. ବିଣ. ( ସଂ. ଅ+ସ୍ମୃତି )—ସ୍ମୃତି ବା ଧର୍ମଶାସ୍ତ୍ର ବହିର୍ଭୂତ;
Asmṛuti ଅଶାସ୍ତ୍ରୀୟ—Not prescribed by scriptures or the codes of law.

**ଅସ୍ମେର**—ସଂ. ବି. ( ଅ=ନୁହେଁ+ସ୍ମେର=ଲଜ୍ଜିତ )—ଅଲଜ୍ଜିତ—
Asmera Unashamed

**ଅସ୍ର**—ସଂ. ବି. ( ଅସ୍ ଧାତୁ=କ୍ଷେପଣ କରିବା+କର୍ମ. ର; ଯାହା ଶରୀର
Asra ଯାକ ବ୍ୟାପି ଅଛି—ଅନ୍ୟରୂପ ଅଶ୍ର )—୧ । ଅଶ୍ର (ଦେଖ)
1. Aśra ( See )
୨ । କେଶ—2 Hair.

**ଅସ୍ରଖଦିର**—ସଂ. ବି. ( ଅସ୍ର=ରକ୍ତର ବର୍ଣ୍ଣ ପରି ବର୍ଣ୍ଣବିଶିଷ୍ଟ )—
Asrakhadira ପାକଡ଼ା ଖଇର; ବିଟ ଖଇର—
Brown or red catechu.

**ଅସ୍ରପ**—ସଂ. ବି. ( ଅସ୍ର=ରକ୍ତ+ପା ଧାତୁ=ପିଇବା+କର୍ତ୍ତୃ. ଅ )—
Asrapa ୧ । ଯେ ରକ୍ତ ପିଏ; ରାକ୍ଷସ—
(ଅସ୍ରପା—ସ୍ତ୍ରୀ) 1. Blood-sucking; demon.
୨ । ଜୋକ—2. Leech.
[ ଦ୍ର—ଏହାର ଅନ୍ୟରୂପ ଅଶ୍ରପ । ]

**ଅସ୍ରପତ୍ରକ**—ସଂ. ବି. ( ବହୁବ୍ରୀହି, ଅସ୍ର ବା ରକ୍ତପରି ପତ୍ର ଯାହାର )—
Asrapatraka ବୃକ୍ଷବିଶେଷ—
A tree; Rubia Corditolia.

**ଅସ୍ରଫଲା**—ସଂ. ବି. ( ବହୁବ୍ରୀହି; ଅସ୍ର=ରକ୍ତବର୍ଣ୍ଣ ଫଳ ଯାହାର,
Asraphalā ଏହାର କୋଳି ନାଲି ) ସଲ୍ଲକୀ ବୃକ୍ଷ; ଶାଳଗଛ—
A tree; Boswellia Thurifera.

**ଅସ୍ରମାତୃକା**— ( ୬ଷ୍ଠୀ ତତ୍; ଅସ୍ର+ମାତୃକା ( ଏଥିରୁ ରକ୍ତ ହୁଏ
Asramātṛukā ବୋଲି )—ଶରୀରସ୍ଥ ରସ; ଧାତୁ—
Chyle; chyne.

**ଅସ୍ରରୋଧିନୀ**—ସଂ. ବି. ( ୬ଷ୍ଠୀ ତତ୍; ଅସ୍ର+ରୋଧିନୀ )—
Asrarodhini ଲାଜକୋଳି ଲତା—A thormy creeper; Memosa Pudica.
[ ଦ୍ର—ଏହାର ପତ୍ର ବାଟିକରି ଦେଲେ କ୍ଷତାଦିର ରକ୍ତସ୍ରାବ ବନ୍ଦ ହୁଏ । ]

**ଅସ୍ରା**—ଗ୍ରା. ବି. ( ସଂ. ଆସାର )—ଅସରା ( ଦେଖ )
Asrā Asarā ( See )

**ଅସ୍ରାଜିକ**—ସଂ. ବି.—ଧଳା ତୁଳସୀ ଗୁଳ୍ମ—The brown leaved
Asrājika Holy Basil plant.

**ଅସ୍ରୁ**—ସଂ. ବି. ( ଅସ୍ ଧାତୁ=କ୍ଷେପଣ କରିବା+କର୍ମ. ରୁ; ଏହାର
Asru ଅନ୍ୟରୂପ ଅଶ୍ରୁ )—ଲୋତକ—Tear.

**ଅହ**—ସଂ. ଅ—୧ । ଅହା; ଆଃ—
Aha 1. ( Interjection ) aha; ah.
[ ଦ୍ର—ଏହା ସମ୍ବୋଧନ, ଆନନ୍ଦ, ଦୁଃଖ, କ୍ଲାନ୍ତି ଓ ବିସ୍ମୟ ଜ୍ଞାପନାର୍ଥ ବ୍ୟବହୃତ ହୁଏ । ]
୨ । ଅହହ ( ଦେଖ )—Ahaha ( See )
ସଂ. ବି ( ଅହନ୍ )—ଦିବସ—Day.
[ ଦ୍ର—ସମାସରେ ଅହନ୍ ଶବ୍ଦ ଅନ୍ୟ ଶବ୍ଦ ସଙ୍ଗେ ମିଶି ଏହି ଆକାର ଧାରଣ କରେ । ଯଥା—ଦଶାହ, ପୁଣ୍ୟାହ, ସପ୍ତାହ । ]
ଦେ. ଅ. (ଅବଜ୍ଞାର୍ଥକ; ଏଠାରେ ହ ର ଉଚ୍ଚାରଣ ଦୀର୍ଘସ୍ଥାୟୀ )—
୧ । ନାଁ; ନାହିଁ; ହୁଁହୁଁ; ଏଁହେଁ—
1. ( interjiction ) No.
୨ । କେବେହେଁ ନୁହେଁ—2 Never; not at all.

**ଅହଂ**—ଦେ. ବି. ( ସଂ. ଅହଂ=ମୁଁ; ଆମ୍ଭେ )—
Ahaṁ ୧ । ଅହଂଭାବ; ଆତ୍ମାଭିମାନ—
1. Egotism; self-conceit.
୨ । ଅହଂଗୁଣ— 2. Self-sufficiency.
୩ । ଅହମିକା; ଅହଂକାର; ଗର୍ବ—
3. Pride; vanity; haughtiness.

**ଅହଂପରାୟଣ**—ସଂ. ବିଣ. ପୁଂ. ( ଅହଂ+ପରାୟଣ )—ଆତ୍ମନିର୍ଭର-
Ahaṁparāyaṇa ଶୀଳ—Self-confident.
( ଅହଂପରାୟଣା—ସ୍ତ୍ରୀ ) ବ୍ରହ୍ମଚର୍ଯ୍ୟେ ରହିଣ ଅହଂପରାୟଣ
(ଅହଂପରାୟଣତା—ବି) ହୋଇଣ ମୋହଠାରେ ସମର୍ପିବ ମନ ।
କୃଷ୍ଣସିଂହ. ମହାଭାରତ. ଶାନ୍ତି ।

**ଅହଂପୂର୍ବ**—ସଂ. ବି. ( ବହୁବ୍ରୀହି; ଅହଂ+ପୂର୍ବ; ମୁଁ ଆଗ, ଏହିପରି
Ahaṁpūrba ଭାବ )—
୧ । ମୁଁ ଆଗେ ଯିବି; ମୁଁ ଆଗେ କଥା କହିବି—ଏହିପରି ଭାବ—
1. Self-advertisement.
୨ । ଆଗଚଲା ଭାବ; ଆଗବୋଲା ଭାବ—
2. Forwardness; pertness.
୩ । ବାହାଦୁରି—3. Self-aggrandisement.
୪ । ଗର୍ବ ପ୍ରକାଶ—4. Vanity.

**ଅହଂବୁଦ୍ଧି**—ସଂ. ବି. ( ମଧ୍ୟପଦଲୋପୀ; ଅହଂ+ବୁଦ୍ଧି; ଅହଂ, ଏହି
Ahaṁbuddhi ଭାବମୟୀ ବୁଦ୍ଧି )—
ଅହଙ୍କାର ( ଦେଖ )
Ahaṅkāra ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧ' ନ ପାଇଲେ 'ବଧ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଅହଂଭାବ**—ସଂ. ବି. ( ମଧ୍ୟପଦଲୋପୀ; ଅହଂ + ଭାବ )—
**Ahambhāba** ଅହଙ୍କାର ( ଦେଖ )
Ahankāra ( See )

ଦେ. ବି—ଅହଂଗୁଣ ( ଦେଖ )
Ahamguṇa ( See )

**ଅହଂଯୁ**—ସଂ. ବିଣ. ପୁଂ. ଓ ସ୍ତ୍ରୀ ( ଅହଂ = ମୁଁ + ଅସ୍ତି ଅର୍ଥରେ. ଯୁ;
**Ahamju** ଯାହାର 'ମୁଁ' 'ମୁଁ' ବୋଲି ଅହଂକାର ଅଛି )—
୧ । ଅହଙ୍କାରୀ—1. Proud.
୨ । ଆତ୍ମଗର୍ବୀ—2. Self-important.

ସଂ. ବି—ଯୋଦ୍ଧା—A warrior.

**ଅହଃ**—ସଂ. ଅ—ଅହହ ( ଦେଖ )
**Ahaḥ** Ahaha ( See )

ଦେ. ଅ. ( ଅବଜ୍ଞା ଓ ଅସମ୍ମତି ସୂଚକ ଅବ୍ୟୟ )—
ନାଁ; କଦାପି ନୁହେ—Interjection—no; not at all.

**ଅହଃପତି**—ସଂ. ବି. ( ୬ଷ୍ଠୀ ତତ୍; ଅହନ୍ + ପତି )—ଅହର୍ପତି; ସୂର୍ଯ୍ୟ—
**Ahaḥpati** The sun.

**ଅହଙ୍କାର**—ସଂ. ବି. ( ଅହଂ = ମୁଁ + କୃ ଧାତୁ = କରିବା + କର୍ତ୍ତୃ. ଅ;
**Ahankāra** 'ମୁଁ'; 'ମୁଁ'; ମୋ'ଠାରୁ ବଳି କେହି ନାହିଁ, ଏହିପରି କରିବା ବା କହିବାର ଭାବ )—
୧ । ଗର୍ବ; ଅହମିକା—1. Vanity; pride.
୨ । ଆତ୍ମାଭିମାନ—2. Self-sufficience; egotism.
୩ । ଅବିଦ୍ୟା; ଅଜ୍ଞାନ—
3. Spiritual ignorance; folly.
୪ । ନିଜର ସ୍ୱତନ୍ତ୍ର ଅସ୍ତିତ୍ୱ ସମ୍ବନ୍ଧରେ ଧାରଣା—
4. Self-consciousness; consciousness of one's individual and separate existence apart from the whole world.

[ ଦ୍ର—ସାଂଖ୍ୟ ଦର୍ଶନ ଅନୁସାରେ ବୁଦ୍ଧିରୁ ଅହଙ୍କାର ଜାତ ହୁଏ । ]

**ଅହଙ୍କାରୀ**—ସଂ. ବିଣ. ପୁଂ. ( ଅହଙ୍କାର = ଗର୍ବ + ଅସ୍ତି ଅର୍ଥରେ; ଇନ୍.
**Ahankārī** ୧ମା. ୧ବ. )—ଗର୍ବୀ—Proud; vain.
(ଅହଙ୍କାରିଣୀ—ସ୍ତ୍ରୀ) ଦେ. ବିଣ.—ହାମ୍ବଡ଼ା—
Self-sufficient; arrogant.

**ଅହଙ୍କୃତ**—ସଂ. ବିଣ. ( ଅହଂ = ମୁଁ + କୃ ଧାତୁ = କରିବା + କର୍ତ୍ତୃ. ତ;
**Ahankṛuta** ଯେ ମୁଁ; ମୁଁ କରୁଥାଏ )—
୧ । ଗର୍ବିତ; ଅହଙ୍କାରଯୁକ୍ତ—1. Proud; conceited.
୨ । ହାମ୍ବଡ଼ା—2. Self-conceited.

**ଅହଙ୍କୃତି**—ସଂ. ବି. (ଅହଂ = ମୁଁ + କୃ ଧାତୁ = କରିବା + ଭାବ. ତି)—
**Ahankṛuti** ୧ । ମୁଁ; ମୁଁ କରିବାର କାର୍ଯ୍ୟ—
1. Pride; vanity.
୨ । ହାମ୍ବଡ଼ା ପଣିଆ—2 Self-sufficience

**ଅହଙ୍ଗୁଣ**—ଦେ. ବି.—୧ । ଅବଗୁଣ; ଅଭିମାନ—
**Ahanguṇa** 1. The habit of taking offence in insignificant matters.
অবুঝ
वेवुझ ୨ । ଅବୁଝିପଣ—2. Misunderstanding.
୩ । ଜିଗରଦସ୍ତି—3. Obstinacy.

**ଅହଙ୍ଗୁଣିଆ**—ଦେ. ବି. ପୁଂ. ଓ ସ୍ତ୍ରୀ. ( ଗାଳି )—
**Ahanguṇiāñ** ୧ । ବେଜାୟ ଅଭିମାନୀ; ଅବଗୁଣିଆ—
(ଅହଙ୍ଗୁଣୀ—ସ୍ତ୍ରୀ) 1. Prone to take offence at little things.
অবুঝ
अबोध ୨ । ଅବୁଝା—2 Prone to misunderstand.
୩ । ଜିଗରିଆ——3. Obstinate

**ଅହଣ୍ଡି**—ଗ୍ରା. ବି. ଓ ବିଣ.—ଅଇଣ୍ଡିଆ (ଦେଖ)
**Ahanḍi** Ainḍiā (See)

**ଅହଣ୍ଡିଆ**—ଗ୍ରା. ବି. ଓ ବିଣ—ଅଇଣ୍ଡିଆ (ଦେଖ)
**Ahanḍiā** Ainḍiā (See)

**ଅହତ**—ସଂ. ବିଣ. ( ଅ = ନୁହେ + ହତ )—୧ । ଅକ୍ଷତ; ଅନାହତ—
**Ahata** 1. Unhurt.
(ଅହତା—ସ୍ତ୍ରୀ) ୨ । ବସିକଟା ହୋଇ ନ ଥିବା ନୂଆ ( ଲୁଗା )—
2 New (cloth)

ଅହତ ବସ୍ତ୍ର ଯୁଗ ପିନ୍ଧି, ଶୋଭନ ଗନ୍ଧେ ନାନାବିଧ । ଜଗନ୍ନାଥ. ଭାଗବତ. ୮ମ ।

ସଂ. ବି. (ଯାହା ଘସି ହୋଇ ନାହିଁ ବା ଚିରି ଯାଇ ନାହିଁ—
ନୂଆଲୁଗା—New cloth.

**ଅହନଶ**—ଗ୍ରା. କ୍ରି. ବିଣ.—(ସଂ. ଅହର୍ନିଶ)—ଅହନିଶି (ଦେଖ)
**Ahanisa** Ahanisi (See)

**ଅହନିଶି**—ଗ୍ରା. କ୍ରି. ବିଣ. (ସଂ. ଅହର୍ନିଶ)—ରାତିଦିନ; ଅହର୍ନିଶ; ଦିନ ଓ ରାତି; ସର୍ବଦା—Day and night;
**Ahanisi** always; constantly.

ରାମ ସଙ୍ଗେ ଅହନିଶି ସମର କରିବ ବସି
କିଶି ବୋଲେ ଚଳେ ତୁ ଜାଣିରୁ । ବିଶ୍ୱନାଥ. ବିଚିତ୍ରରାମାୟଣ ।

**ଅହନ୍ତା**—ଦେ. ବି.—୧ । ଶତ୍ରୁତା—1. Enmity.
**Ahantā**

କପି ରଖିବ କାମ ଅହନ୍ତା—ଦୀନକୃଷ୍ଣ. ରସକଲ୍ଲୋଳ ।

୨ । ପୂର୍ବକୃତ ଅନିଷ୍ଟ ଯୋଗୁଁ ଅକୋଶ; ଅଦଭୁତି—
Spite; grudge.

ସକଳ ରାକ୍ଷସ ଭକ୍ଷି; ଅନୁତ ଅହନ୍ତା ବ୍ୟାଜ । ମଧୁସୂଦନ. ଭକ୍ତିଗାଥା ।

୩ । ପ୍ରତିହିଂସା—3. Revenge.

ଅହନ୍ତାରେ ଦହନ କରେ ଯେ ପରବାସ ।
ସାରଳାମହାଭାରତ. ଶଲ୍ୟ ।

୪ । କ୍ରୋଧ—4. Anger.

ଶାନ୍ତନୁଠାରୁ ଏବେ ଛାଡ଼ ଏହି ଅହନ୍ତା । କୃଷ୍ଣସିଂହ. ମହାଭାରତ. ବନ ।

୫ । ଅନିଷ୍ଟ କାମନା—5. Malice.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଥ୍ଯ | ଓଥ | ଢ |
| ୨ | ଈ | ଊ | ରୁ | ଲୃ | ଯ୍ଯ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଥ | ଔ | ନୃ |

**ଅହନ୍ତା କରିବା**—ଦେ. କ୍ରି.—ପୂର୍ବକୃତ ଅନିଷ୍ଟଯୋଗୁଁ ଅନିଷ୍ଟକାରୀ
Ahantā karibā ଉପରେ ମନରେ ଅସନ୍ତୋଷ ରଖିବା—
আক্রোশকরা To have a grudge against a person.
लागरखना

**ଅହନ୍ତା ନେବା**—ଦେ. କ୍ରି—୧ । ଅହନ୍ତା କରିବା ( ଦେଖ )
Ahantā nebā 1. Ahantā karibā ( See )
আক্রোশ মিটান ୨ । ଅପଉଷ୍ଟ ସାଧିବା—
আক্রোশ সাধা 2. To be avenged.
बदलालेना

**ଅହନ୍ତା ରଖିବା**—ଦେ. କ୍ରି—ପ୍ରତିହିଂସା ନେବାପାଇଁ ସଙ୍କଳ୍ପ କରିବା—
Ahantā rakhibā To have a grudge against a person.

**ଅହନ୍ତା ସାଧିବା**—ଦେ. କ୍ରି—ଅହନ୍ତା ନେବା ( ଦେଖ )
Ahantā sādhibā Ahantā nebā ( See )

**ଅହନ୍ତିଆ**—ଗ୍ରା. ବିଣ—୧ । ପୂର୍ବକୃତ ଦୋଷ ପାଇଁ ପ୍ରତିହିଂସାପରାୟଣ
Ahantiā ହୋଇ ପରେ ଦାଉ ସାଧିବା ( ବ୍ୟକ୍ତି )—
আক্রোশী 1. Revengeful; spiteful; malicious.
डाही ୨ । ପ୍ରତିହିଂସାପୂର୍ଣ୍ଣ ( ବିଷୟ )—
(ଅହନ୍ତେଇ—ସ୍ତ୍ରୀ) 2. Malicious ( matter )
୩ । ଅହନ୍ତାରୁ ଉତ୍ପନ୍ନ ( ବିଷୟ )—
3. Arising from vengeance or spite.

**ଅହନ୍ତିକା**—ଗ୍ରା. ବିଣ. ପୁଂ—ଅହନ୍ତିଆ ( ଦେଖ )
Ahantikā Ahantiā ( See )
(ଅହନ୍ତିକା—ସ୍ତ୍ରୀ)

**ଅହବ୍ୟ**—ସଂ. ବିଣ. (ଅ=ନୁହେ+ହବ୍ୟ=ହୋମ କରିବାର ଯୋଗ୍ୟ)--
Ahabya ଅଯାଜ୍ୟ; ଯାଗର ଅଯୋଗ୍ୟ—Not fit or proper for a vedic sacrifice.

**ଅହମକ୍**—ବୈଦେ. ବିଣ. ( ଆ. ଅହ୍‌ମକ୍. ଭୁଲ—ସ. ଅହମିକ )—
Ahamak ୧ । ଓଲୁ; ବେଲୁବ୍—1. Stupid.
ଆ. ଅହମ୍ମକ୍ ୨ । ନିର୍ବୋଧ—2. Foolish.
আহাম্মক

**ଅହମକି**—ବୈଦେ. ବି. ( ଆ. ଅହ୍‌ମକୀ. ଭୁଲ—ସଂ. ଅହମିକା;
Ahamaki ଅହମ୍ମତି )—ବେଲୁବ; ବେଲୁବ୍‌ପଣିଆ; ନିର୍ବୁଦ୍ଧିପଣ—
Stupidity; folly.

**ଅହମହମିକା**—ସଂ. ବି. ସ୍ତ୍ରୀ. ( ଅହଂ=ମୁଁ+ଇକ+ସ୍ତ୍ରୀ. ଆ; ଜଣେ
Ahamahamikā କହୁଛି 'ମୁଁ ବଡ଼', ଆଉ ଜଣେ କହୁଛି 'ମୁଁ ବଡ଼' ଏହିପରି ଭାବ )—
୧ । ପରସ୍ପର ମଧ୍ୟରେ ବଡ଼େଇ କରିବା; ମୁହଁବାଲିଙ୍ଗି; ପରସ୍ପର ଗର୍ବ ବା ଅହଙ୍କାର କରିବା—
1. Vaunting; bragging; amongst many people.
୨ । ନିଜର ବଡ଼ପଣ ଦେଖାଇ ହେବା—
2. Self-aggrandisement.

**ଅହମିକ**—ସ. ବିଣ. ପୁଂ. (ଅହଂ=ମୁଁ+ଇକ; ମୁଁ; ମୁଁ ବୋଲି କହୁଥିବା
Ahamika ଲୋକ)—ଗର୍ବୀ; ଆପଣା ବଡ଼େଇ କରିବା ଲୋକ—
(ଅହମିକା—ସ୍ତ୍ରୀ) Bragging; vaunting; boastful; self-important.

**ଅହମିକା**—ସଂ. ବିଣ. ସ୍ତ୍ରୀ. (ଅହମିକା+ସ୍ତ୍ରୀ. ଆ)—ଅହମିକର ସ୍ତ୍ରୀଲିଙ୍ଗ—
Ahamikā Feminine of Ahamika.
ସ. ବି. ( ଅହଂ=ମୁଁ+କ+ସ୍ତ୍ରୀ. ଆ )—
୧ । ଅହଙ୍କାର ( ଦେଖ )
1. Ahankāra ( See )
୨ । ମୁହଁବାଲିଙ୍ଗି କରିବା—
2. Boasting; bragging.

**ଅହମୁକ୍**—ଗ୍ରା. ବିଣ—ଅହମକ୍ ( ଦେଖ )
Ahamuk Ahamak ( See )

**ଅହମୁକି**—ଗ୍ରା. ବି—ଅହମକି ( ଦେଖ )
Ahamuki Ahamaki ( See )

**ଅହମ୍ମକ୍**—ବୈଦେ. ବିଣ—ଅହମକ୍ ( ଦେଖ )
Ahammak Ahamak ( See )

**ଅହମ୍ମକି**—ବୈଦେ. ବିଣ—ଅହମକି ( ଦେଖ )
Ahammaki Ahamaki ( See )

**ଅହମ୍ମତି**—ସ. ବି. ( ଅହଂ+ମତି )—ଅହମ୍ବୁଦ୍ଧି ( ଦେଖ )
Ahammati Ahambuddhi ( See )

**ଅହମ୍ମଦାବାଦ**—ଦେ. ବି. (ନାମ) ବମ୍ବେଇ ପ୍ରଦେଶରେ ପଶ୍ଚିମ ଭାରତର
Ahammadābāda ନଗରବିଶେଷ—Ahammedabad.

[ ଦ୍ର—ଏହି ନଗର ସାବରମତୀ ନଦୀକୂଳରେ ଅବସ୍ଥିତ । ପୂର୍ବକାଳରେ ଦମୟନ୍ତୀଙ୍କର ପିତା ବିଦର୍ଭରାଜ ଭୀମସେନଙ୍କର ଏହା ରାଜଧାନୀ ଥିଲା । ତତ୍ପରେ ଏହା ବନାକୀର୍ଣ୍ଣ ହୋଇ ଅନାର୍ଯ୍ୟଜାତିମାନଙ୍କର ବାସଭୂମି ହୋଇଥିଲା । ୧୦୭୨ ଖ୍ରୀଷ୍ଟାବ୍ଦରେ ଅନହଲ୍‌ବାଡ଼ାର ରାଜା ଏହାର ଶାସନକର୍ତ୍ତାଙ୍କୁ ପରାସ୍ତ ଓ ନିହତ କରି ଏଠାରେ କର୍ଣ୍ଣାବତୀ ନଗରୀ ସ୍ଥାପନ କରିଥିଲେ । ଅନହଲ୍‌ବାଡ଼ା ରାଜ୍ୟ ମୁସଲମାନମାନଙ୍କର ହସ୍ତଗତ ହେଲାପରେ ୧୪୧୨ ଖ୍ରୀଷ୍ଟାବ୍ଦରେ ଗୁଜରାଟର ମୁସଲମାନଶାସନକର୍ତ୍ତା ସୁଲତାନ ଅହମ୍ମଦ ଅନହଲ୍‌ବାଡ଼ାରୁ ଏଠାକୁ ରାଜଧାନୀ ଉଠାଇ ଆଣିଥିଲେ । ସୁଲତାନ୍ ଅହମ୍ମଦଙ୍କ ନାମାନୁସାରେ କର୍ଣ୍ଣାବତୀ ନାମ ପରିବର୍ତ୍ତିତ ହେଲେ ଅହମ୍ମଦାବାଦ ନାମ ହୋଇଅଛି । ଏହା ବର୍ତ୍ତମାନ ଇଂରେଜମାନଙ୍କର ଶାସନାଧୀନରେ ରହିଅଛି । ମଦନମୋହନ. ତୀର୍ଥଦର୍ଶନ ।

ଏଠାରେ ମହାତ୍ମା ଗାନ୍ଧିଙ୍କର 'ଉଦ୍ୟୋଗ ଆଶ୍ରମ' ନାମକ ବସ୍ତ୍ରଶିଳ୍ପ-ସାଧନାଶ୍ରମ ଅଛି । ]

**ଅହମ୍ମୁକ୍**—ଦେ. ବିଣ—ଅହମକ୍ ( ଦେଖ )
Ahammuk Ahamak ( See )

ସାଧାରଣ ଲେଖକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ ।

**ଅହରହ**—ଦେ. କ୍ରି. ବିଣ. ( ସଂ. ଅହରହଃ )—ଅହରହଃ ( ଦେଖ )
Aharaha — Aharahaḥ ( See )

**ଅହରହଃ**—ସଂ. କ୍ରି. ବିଣ. ( ଦ୍ୱନ୍ଦ୍ୱ; ଅହନ୍=ଦିନ+ଅହନ୍=ଦିନ; ଅହଃ ସ୍ଥାନରେ. ଅହ )—୧ । ପ୍ରତିଦିନ—
Aharahaḥ — 1. Every day; daily.
୨ । ସର୍ବଦା—2. Constantly.

**ଅହରା**—ପ୍ରାଦେ. ( ସମ୍ବଲପୁର ) ବି—ଶିଶୁରୋଗବିଶେଷ; ପିଲ୍ଲାରୋଗ—A child-disease.
Aharā
[ ଦ୍ର—ଏ ରୋଗରେ ଶିଶୁମାନେ ଆଖି ଖୋସିଦେଇ ମୂର୍ଚ୍ଛା ଯାଆନ୍ତି । ମାଆମାନେ ହାତର ଶଙ୍ଖା ବାଡ଼େଇ ଭାଙ୍ଗି ତହିଁରେ ଶିଶୁମାନଙ୍କର କପାଳ ଚିରି, ସେଥିରୁ ରକ୍ତ ନେଇ ଶିଶୁର ଜିଭରେ ଲଗାନ୍ତି ।]

**ଅହରାବାଜିବା**—ପ୍ରାଦେ. ( ସମ୍ବଲପୁର ) କ୍ରି—ପିଲାଙ୍କୁ ଅହରାରୋଗ ଆକ୍ରମଣ କରିବା—Being attacked with the infantile fit.
Aharābājibā

**ଅହର୍ଗଣ**—ସଂ. ବି. ( ଅହନ୍+ଗଣ )—( ଜ୍ୟୋତିଷ ) ମାସର ଗତ ଦିବସମାନଙ୍କର ସଂଖ୍ୟା—The number of the days of the month which have already passed.
Ahargaṇa

**ଅହର୍ନିଶ**—ସଂ. କ୍ରି. ବିଣ—( ଦ୍ୱନ୍ଦ୍ୱ; ଅହନ୍=ଦିନ+ନିଶା=ରାତ୍ରି )—
Aharniśa — ଅହନିଶି ( ଦେଖ ) Ahaniśi ( See )

**ଅହର୍ନିଶି**—ଦେ. କ୍ରି. ବିଣ—ଅହନିଶି ( ଦେଖ )
Aharniśi — Ahaniśi ( See )

**ଅହର୍ପତି**—ସଂ. ବି. ( ୬ଷ୍ଠୀ ତତ୍; ଅହନ୍+ପତି )—ସୂର୍ଯ୍ୟ—
Aharpati — The sun.

**ଅହର୍ମୁଖ**—ସଂ. ବି. (୬ଷ୍ଠୀ ତତ୍; ଅହନ୍+ମୁଖ; ଦିବସର ପ୍ରଥମ ସମୟ)—
Aharmukha — ୧ । ପ୍ରତ୍ୟୁଷ; ବଡ଼ଭୋର—1. Early morning.
୨ । ସକାଳ—2. Dawn; morn.

**ଅହଲ୍ୟ**—ସଂ. ବିଣ ( ଅ+ହଲ୍ୟ=ହଳଦ୍ୱାରା କୃଷ୍ଟ )—
Ahalya — ୧ । ହଳଦ୍ୱାରା କୃଷ ହୋଇ ନ ଥିବା ( ଭୂମି )—1. Uncultivated (land).
୨ । ପଡ଼ିଆ ( ଜମି )—2. Waste ( land ).

**ଅହଲ୍ୟା**—ସଂ. ବି. ସ୍ତ୍ରୀ—୧ । ( ଅ+ହଲ=ବୈରୂପ୍ୟ+ଯ+ଆ; ଯାହା ଦେହରେ ଅଳ୍ପମାତ୍ର ବୈରୂପ୍ୟ ନାହିଁ । ରାମାୟଣର ଉତ୍ତର କାଣ୍ଡରେ ପ୍ରଦତ୍ତ ପ୍ରକୃତି ପ୍ରତ୍ୟୟ )—ଗୌତମପତ୍ନୀ—1. The wife of sage Gautama
Ahalyā
[ ଦ୍ର—ପୁରାଣ ମତରେ ଯେଉଁ ପଞ୍ଚକନ୍ୟା (ଅହଲ୍ୟା, ଦ୍ରୌପଦୀ, ତାରା, ଶଚୀ, ମନ୍ଦୋଦରୀ )ଙ୍କ ନାମ ସ୍ମରଣ କରିବାର ଉପଦେଶ ଅଛି, ଏ ସେମାନଙ୍କ ମଧ୍ୟରୁ ଜଣେ । ଏ ପଞ୍ଚକନ୍ୟା ସମସ୍ତେ ଏକାଧିକ ପୁରୁଷଙ୍କର ଭୋଗ୍ୟା ହୋଇଥିଲେ । ଅହଲ୍ୟାଙ୍କୁ ଛଳକ୍ରମେ ଇନ୍ଦ୍ର ଭୋଗ କରିବାରୁ, ଗୌତମଙ୍କ ଅଭିଶାପବଶରୁ ଅହଲ୍ୟା ନିର୍ଜୀବ ହୋଇ ପଡ଼ି ରହିଥିଲେ । ଅଭିଶାପ ଦେବା ପରେ ସ୍ୱାମୀ ଅହଲ୍ୟାଙ୍କର ନିର୍ଦ୍ଦୋଷିତା ଜାଣିପାରି, ଅହଲ୍ୟାଙ୍କୁ କହିଥିଲେ "ତ୍ରେତାଯୁଗରେ ରାମ ଏ ବାଟରେ ଗଲାବେଳେ ତୋ ନିର୍ଜୀବ ମୂର୍ତ୍ତିରେ ତାଙ୍କ ପାଦ ଲାଗିଗଲେ, ତୁ ପୁଣି ନିଜ ରୂପ ଫେରି ପାଇ, ମୋ ସଙ୍ଗରେ ମିଳିତ ହେବୁ ।" ତଦନୁସାରେ ରାମ ବିଶ୍ୱାମିତ୍ର ଆଶ୍ରମକୁ ଯାଗରକ୍ଷା କରିବାକୁ ଯିବା ସମୟରେ ଗୌତମଆଶ୍ରମବାଟେ ଗଲାବେଳେ ଏ ପାଷାଣ ରୂପ ଉପରେ ତାଙ୍କ ପାଦ ଲାଗିବାରୁ ଅହଲ୍ୟା ନିଜ ରୂପ ପାଇ ରାମଙ୍କୁ ଅଭିବାଦନ କରି, ସ୍ୱାମୀଙ୍କ ସଙ୍ଗେ ମିଳିତ ହେଲେ । ]
୨ । ସଂ ( ନାମ ) ଜଣେ ଅପ୍ସରା; ମହାରାଜ ଇନ୍ଦ୍ରଦ୍ୟୁମ୍ନଙ୍କ ପତ୍ନୀ—2. A heavenly nymph; the wife of the great king Indradyumna.
୩ । ସ୍ତ୍ରୀଲୋକଙ୍କୁ ଦିଆଯିବା ନାମ—
3. A name given to females.

**ଅହଲ୍ୟାବାଈ**—ଦେ. ବି. ( ନାମ )—ମାଲବର ସୁନାମଧନ୍ୟା ରାଣୀ—
Ahalyābāi — A celebrated queen of Malwa.
[ ଦ୍ର—ଏ ମାଲବରାଜ ମଲ୍ହାର୍ ରାଓଙ୍କର ପୁତ୍ରବଧୂ । ମଲ୍ହାର ରାଓଙ୍କର ଜୀବଦଶାରେ ତାଙ୍କର ପୁତ୍ରଙ୍କର ମୃତ୍ୟୁ ହେବାରୁ ଏବଂ ପରେ ୧୭୬୫ ଖ୍ରୀଷ୍ଟାବ୍ଦରେ ମଲ୍ହାର୍ ରାଓ ନିଜେ ମରିଯିବାରୁ ବିଧବା ଅହଲ୍ୟାବାଈ ନିଜେ ସିଂହାସନାରୋହଣ କରି, ପ୍ରକାଶ୍ୟରେ ରାଜକାର୍ଯ୍ୟ ଚଳାଇବାକୁ ଲାଗିଲେ । ଏ ବିଶେଷ ବିଦୁଷୀ, ଧର୍ମପ୍ରାଣା ଓ ରାଜନୀତିବିଶାରଦା ଥାଇ ବ୍ରହ୍ମଚର୍ଯ୍ୟ ପାଳନ କରୁଥିଲେ । ଏ ବହୁ ଦେବାଳୟ, ରାଜପଥ ଓ ଧର୍ମଶାଳା ବସାଇଥିଲେ । ଗୟାରେ ବିଷ୍ଣୁପଦ ମନ୍ଦିର ଏବଂ କାଶୀରେ ବିଶ୍ୱନାଥମନ୍ଦିର ଏହାଙ୍କର କୀର୍ତ୍ତି । ଏହାଙ୍କ ରାଜକାର୍ଯ୍ୟ ପରିଚାଳନା ଦେଖି ବିଲାତି ଆଦି ସାହେବମାନେ ମୁଗ୍ଧ ହୋଇଥିଲେ । ୩୦ବର୍ଷ ଶୃଙ୍ଖଳାର ସହିତ ରାଜକାର୍ଯ୍ୟ ଚଳାଇ ରାଣୀ ଅହଲ୍ୟାବାଈ ୧୭୯୫ ଖ୍ରୀଷ୍ଟାବ୍ଦରେ ଲୋକାନ୍ତର ପ୍ରାପ୍ତ ହେଲେ । ]

**ଅହସ୍କର**—ସଂ. ବି (ଅହନ୍=ଦିବସ+କୃ ଧାତୁ+ଅ; ଯେ ଦିବସ କରନ୍ତି ବା ଯାହାଙ୍କ ଯୋଗୁଁ ଦିବସ ହୁଏ)—
Ahaskara — ଦିନକର; ସୂର୍ଯ୍ୟ—The sun.

**ଅହହ**—ସଂ. (ଅହ, ଅହଂ ଶବ୍ଦ+ହା ଧାତୁ+କର୍ତ୍ତୃ. ଅ; ଆନନ୍ଦ, ସମ୍ବୋଧନ, ବିସ୍ମୟ, କଷ୍ଟ ଓ କ୍ଳାନ୍ତିସୂଚକ)—
Ahaha — ଆଃ, ଅହା, ଅହେ, ଅହୋ—
Interjection—Ah, Aha, Oh !

**ଅହହା**—ସଂ. ଅ (ଅହହ+ଆ)—ଅହହ (ଦେଖ)
Ahahā — Ahaha (See)

**ଅହାର୍ଯ୍ୟ**—ସଂ. ବିଣ (ଅ=ନାହିଁ+ହାର୍ଯ୍ୟ)—
Ahārjya — ୧ । ଯାହା ସ୍ଥାନାନ୍ତରିତ ହୋଇ ନ ପାରେ—
(ଅହାର୍ଯ୍ୟତା—ବି) 1. Not removable.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଖ | ଜ | ଶ,ସ | ଙ୍କ | ଇଯ୍ୟ | ଉଅ | ଞ |
| ୨ | ଈ | ଊ | ୠ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ଷ | ଙ୍ଘ | ଇଅ | ଓ | ନ୍ତ |

୨ । ଯାହାକୁ କେହି ଉଠାଇ ନେଇ ନ ପାରେ—
2. That which can not be carried away.

ସଂ. ବି.—ପର୍ବତ—Mountain.

**ଅହି**—ସଂ. ବି (ଅ+ହନ୍ ଧାତୁ=ବଧ କରିବା+କର୍ତ୍ତୃ. ଇ)—
Ahi ୧ । ସର୍ପ; ସାପ—1. Serpent.
୨ । ବୃତ୍ରାସୁର—2. The demon named Bṛutrāsura.
୩ । (ଅହ=ବ୍ୟାପିବା+ଇ)—ସୂର୍ଯ୍ୟ—3. The sun.
୪ । ପଥିକ—4. Traveller.
୫ । ରାହୁ—5. Demon imagined by the Hindu-śāstras as the author of the eclipse.
୬ । ( ଜ୍ୟୋତିଷ ) ଅଶ୍ଳେଷା ନକ୍ଷତ୍ର—
6. The seventh of the 27 constellations.
[ ଦ୍ର—ଏହା ଶାନପୁଚ୍ଛ ବା ସର୍ପାକୃତି ବା ବନସୀକଣ୍ଟା ପରି ଦେଖାଯାଏ । ]

**ଅହିଅ**—ଦେ. ବିଣ. ସ୍ତ୍ରୀ (ସଂ. ଅବିବାଦ୍ୟ=ସଧବା ଯୋଗ୍ୟ ବନ୍ଦନୀୟା—
Ahia ପ୍ରା. ଅହିବାଦ୍ ବା ସଂ. ଅଭିବନ୍ଦ୍ୟା=ପ୍ରଶଂସନୀୟା; ପ୍ରା—
ଏୟୋ ଅହିବଦ୍ )—
**अहिबातिन** ସଧବା ସ୍ତ୍ରୀ—A woman having her
**अहिबाती** husband living or alive; ;the wife of a living husband.

**ଅହିଅ କଉଡ଼ି**—ଦେ.ବି —ସଧବା ସ୍ତ୍ରୀର ଶବ ଶ୍ମଶାନକୁ ନିଆହେଲାବେଳେ
Ahia kaur̤di ଶବ ଆଗେ ଆଗେ ସ୍ୱାମୀ ଯେଉଁ ଖଇମିଶା କଉଡ଼ି ବୁଣେ—
Small kaur̤dis strewn by the living husband before the funeral procession which carries his wife's corpse to the cremation ground.

**ଅହିଅ କାଚ**—ଦେ. ବି.—୧ । ହିନ୍ଦୁମାନଙ୍କ ମଧ୍ୟରେ ସଧବାର ଚିହ୍ନ;
Ahia kācha ହାତରେ ଥିବା ଶଙ୍ଖା, କାଚ ବା ଖଡ଼ୁ—
1. The sign (eg, bracelet, bangle of glass or coanch-shell) worn by females on the hand to indicate that the husband is alive.
୨ । ସଧବାପଣ; ସୌଭାଗ୍ୟ—2. Wifehood.

**ଅହିଅ ଖଇ**—ଦେ. ବି—ସଧବା ସ୍ତ୍ରୀର ଶବ ଶ୍ମଶାନକୁ ନିଆହେଲାବେଳେ
Ahiakhai ଶବ ଆଗରେ ସ୍ୱାମୀ ଯେଉଁ କଉଡ଼ିମିଶା ଖଇ ବୁଣେ—
Fried-rice strewn by the living husband before the funeral procession which carries his wife's corpse to the cremation ground.

**ଅହିଅ ଖଡ଼ୁ**—ଦେ.ବି.—ହିନ୍ଦୁମାନଙ୍କ ମଧ୍ୟରେ ସଧବାର ଚିହ୍ନ—ହାତରେ
Ahia khar̤du ପିନ୍ଧିବା ଖଡ଼ୁ—
Bracelet worn on hand of fẹmales to indicate their wifehood.

**ଅହିଅ ଟମକ**—ଦେ. ବି. (ଅହିଅ+ଟମକ)—ଅହିଅ ନାଗରା (ଦେଖ)
Ahia ṭamaka Ahia nāgarā (See)

**ଅହିଅ ଡେଙ୍ଗୁରା**—ଦେ.ବି.(ଅହିଅ+ଡେଙ୍ଗୁରା)—ଅହିଅ ନାଗରା (ଦେଖ)
Ahia ḍengurā Ahia nāgarā (See)

**ଅହିଅ ନରକ**—ଦେ. ବି. (ସ୍ଥ. ଅହି ଓ ନରକ; ଯହିଁରେ ବିଷଧର ସର୍ପ-
Ahia naraka ମାନେ ପାପୀକୁ ଦଣ୍ଡ ଦିଅନ୍ତି )—୧ । ନରକ-ବିଶେଷ—A part of the hell of the Hindus (infested by snakes)
୨ । ଅସତୀ ଅବୀର ସ୍ତ୍ରୀମାନଙ୍କନିମନ୍ତେ କଳ୍ପିତ ନରକ—
2. A part of the hell for the unchaste wives whose husbands are alive.

**ଅହିଅ ନାଗରା**—ଦେ. ବି. ( ଅହିଅ+ନାଗରା, ଢୋଲ ବା ଭାଷା )—
Ahia nāgarā (ସଧବା ସ୍ତ୍ରୀ ମରି ଗଲେ ତାହାର ଶବକୁ ସହାସ୍ଥ ଘରୁ ଶ୍ମଶାନକୁ ନେଲାବେଳେ ସଙ୍ଗେ ସଙ୍ଗେ ଶ୍ମଶାନଯାଏ ଗୋଟିଏ ନାଗରା ବାଜିବାର ବିଧି ଅଛି । ) ମୃତ ସଧବା ସ୍ତ୍ରୀର ଶବ ସଙ୍ଗେ ଶ୍ମଶାନଯାଏ ବଜାଯିବା ନାଗରା ବା ଢୋଲ୍—Kettle-shaped drum sounded on the death of a wife ( whose husband is living ) when her dead body is carried to the cremation ground.
(ଯଥା—ଏଡିକ ହେଲୁ, ଦେବଦୁନ୍ଦୁଭି ଅହିଅ ନାଗରା ବାଜିଲଣି)

**ଅହିଅ ବାଇଦ**—ଦେ. ବି.—ଅହିଅ ନାଗରା (ଦେଖ)
Ahia bāida Ahia nāgarā (See)

**ଅହିଅମଣ୍ଡଳ**—ଦେ. ବି.—୧ । ଅବୀର ସ୍ତ୍ରୀମାନେ ମଲା ପରେ ବୈକୁଣ୍ଠର
Ahiamaṇḍāḻa ଯେଉଁ ସ୍ଥଳ ବା ଲୋକକୁ ଯାଆନ୍ତି—
ଏୟୋମଣ୍ଡଳି 1. The part of Baikuṇṭha or heaven which wives (whose husbands survive them) attend on death.
୨ । ମଙ୍ଗଳକାର୍ଯ୍ୟରେ ସଧବା ସ୍ତ୍ରୀମାନଙ୍କଦ୍ୱାରା କର୍ତ୍ତା ହୋଇ ଥିବା ଚିତ୍ର ବା ମୁରୁଜର ମଣ୍ଡଳ ବା ପଦ୍ମାକାର ଚକ୍ର—
2. The circular figures in rice-dust or rice-water drawn by wives on auspicious ceremonial occasions (eg. for putting offerings there on )

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ; 'ବୃଷ' ନ ମିଳିଲେ 'ବୃଷ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗୋ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ ।

**ଅହିଅମଣ୍ଡଳା**—ଦେ. ବି.—ଅହିଅମଣ୍ଡଳ (ଦେଖ)
Ahiamaṇḍaḻā — Ahiamaṇḍaḻa (See)

**ଅହିଅମଣ୍ଡଳି**—ଦେ. ବି.—ଅହିଅମଣ୍ଡଳ (ଦେଖ)
Ahiamaṇḍaḻi — Ahiamaṇḍaḻa (See)

**ଅହିଅମଣ୍ଡଳରେ ଯିବା**—ଦେ. କ୍ରି.—ସଧବା ହୋଇ ମରିବା—
Ahiamaṇḍaḻire jibā To die with one's husband still living.
এয়োমণ্ডলে যাওয়া
[ଦ୍ର—ହିନ୍ଦୁ ସ୍ତ୍ରୀପକ୍ଷରେ ଏପରି ମରିବା ଅତି ସୌଭାଗ୍ୟର ଚିହ୍ନ; ଏହାଦ୍ୱାରା ଅହିଅମଣ୍ଡଳ ପ୍ରାପ୍ତି ହୁଏ । ]

**ଅହିଅମୁଣ୍ଡଳା**—ଦେ. ବି.—ଅହିଅମଣ୍ଡଳ (ଦେଖ)
Ahiamuṇḍaḻā — Ahiamaṇḍaḻa (See)

**ଅହିଅମୁଣ୍ଡଳି**—ଦେ. ବି.—ଅହିଅମଣ୍ଡଳ (ଦେଖ)
Ahiamuṇḍaḻi — Ahiamaṇḍaḻa (See)

**ଅହିଅ ଶଙ୍ଖା**—ଦେ. ବି.—ହିନ୍ଦୁମାନଙ୍କ ମଧ୍ୟରେ ସଧବା ଚିହ୍ନସ୍ୱରୂପ ହାତର ଶଙ୍ଖା—The sign worn by females on the hand (bracelet) indicating that the husband is alive.
Ahia śaṅkhā

**ଅହିଅ ସିନ୍ଦୂର**—ଦେ. ବି—ହିନ୍ଦୁମାନଙ୍କ ମଧ୍ୟରେ ସଧବା ଚିହ୍ନସ୍ୱରୂପ କପାଳରେ ଦିଆଯିବା ସିନ୍ଦୂର—The sign worn by females amongst the Hindus on the forehead ( a tip of vermillion ) indicating that the husband is living.
Ahiasindura
এয়ো সিংদূর

( ଯଥା—ତୋ'ର ଅହିଅ ସିନ୍ଦୂର ନ ଲିଭୁ । )
[ ଦ୍ର—ହିନ୍ଦୁ ସ୍ତ୍ରୀର ଏହା ସର୍ବ ପ୍ରଧାନ ପ୍ରାର୍ଥନୀୟ ବର । ]

**ଅହିଅହିତ**—ସ. ବି. ( ଅହି=ସୂର୍ଯ୍ୟ+ଅହିତ=ଶତ୍ରୁ )—ଇନ୍ଦ୍ର—The God Indra.
Ahiahita

ବହ୍ନିର ତେଜ ବନ୍ତରେ ଜାତ, ସୁମାଳୀ ମାଳୀ ଯେ ମଲ୍ୟବନ୍ତ
ସ୍ୱର୍ଗ ଲୁଣ୍ଠନେ ଅହିଅହିତ ଧ୍ୟାନକର । ଭକ୍ତ. ବୈଦେହୀଶବିଳାସ ।

**ଅହିଆ**—ଦେ. ବି—ସାମୟିକ ରନ୍ଧନ ( ଭୋଜି, ବିଦେଶ ବାସ ସମୟରେ ) ନିମନ୍ତେ କରାଯିବା ଅସ୍ଥାୟୀ ଲମ୍ବ ଚୁଲି ( ଏଥିରେ ଏକ ସମୟରେ ଏକାଧିକ ହାଣ୍ଡି ବସାଯାଇ ପାରେ )—
Ahiā
চুলী
Improvised oven dug on the ground for temporary cooking.

**ଅହିଂସକ**—ସ. ବିଣ. ( ଅ=ନୁହେ+ହିଂସ ଧାତୁ=ଅନିଷ୍ଟ କରିବା+ଅକ, ଯେ ହିଂସା କରେ ନାହିଁ )—
Ahiṁsaka
୧ । ଯେ ଅନିଷ୍ଟକାରକ ନୁହେ—
1. Not injurious; not hurtful.

କର୍ମରେ ମନରେ ଯେ ପ୍ରାଣିଦ୍ରୋହ କଥା
ଛାଡ଼ନ୍ତି ଅହିଂସକ ସେହି ମହାରଥ । କୃଷ୍ଣସିଂ. ମହାଭାରତ. ଶାନ୍ତି ।

୨ । ଜିତେନ୍ଦ୍ରିୟ—2. Self-controlled.

**ଅହିଂସା**—ସ. ବି. ( ଅ=ନୁହେ+ହିଂସା+ଦ୍ୱେଷ )—
Ahiṁsā ୧ । ପ୍ରାଣିହତ୍ୟା ପ୍ରତି ଅନିଚ୍ଛା—
1. Aversion to slaughter.
୨ । କାୟ, ମନ ଓ ବାକ୍ୟରେ ପରର ଅନିଷ୍ଟ କରିବା ବିଷୟରେ ଅନିଚ୍ଛା—2. Inoffensiveness.

**ଅହିଂସ୍ୟ**—ସ. ବିଣ. ( ଅ=ନୁହେ+ହିଂସ୍ୟ=ହିଂସା ବା ଅନିଷ୍ଟର ଯୋଗ୍ୟ )—
Ahiṁsya
୧ । ଅବଧ୍ୟ; ବଧର ଅଯୋଗ୍ୟ; ଯାହାକୁ ବଧ କରିବା ଉଚିତ ନୁହେ—1. Not fit or deserving to be killed.
୨ । ଯାହାର ଅନିଷ୍ଟ କରିବା ଉଚିତ ନୁହେ—
2. Not deserving to be injured.

**ଅହିଂସ୍ର**—ସ. ବିଣ. ( ଅ=ନୁହେ+ହିଂସ୍ର=ହିଂସାସ୍ୱଭାବଯୁକ୍ତ )—
Ahiṁsra ୧ । ଯେ ହିଂସାସ୍ୱଭାବର ନୁହେ—
1. Not hurtful by nature or habit.
୨ । ଯେ ଅନିଷ୍ଟକାରୀ ନୁହେ—
2. Not injurious by nature or habit

**ଅହିଂସ୍ରକ**—ସ. ବିଣ. ( ଅହିଂସ୍ର+କ )—ଅହିଂସ୍ର ( ଦେଖ )
Ahiṁsraka — Ahiṁsra ( See )

**ଅହିଜିତ୍**—ସଂ. ବି. (ଅହି=ସର୍ପ+ଜି ଧାତୁ=ଜୟ କରିବା+କ୍ୱିପ୍; ଯେ ସର୍ପକୁ ଜୟ କରେ ବା ସର୍ପ ସଙ୍ଗେ ଶତ୍ରୁତା କରେ )—
Ahijit
୧ । ବିଷ୍ଣୁ—1. Bishṇu.
୨ । ଇନ୍ଦ୍ର—2. Indra.
୩ । ଗରୁଡ଼—3. Garuṛda.
୪ । ମୟୂର—4. Peacock.
୫ । ନେଉଳ—5. Mongoose

**ଅହିତ**—ସଂ. ବି. ( ଅ=ନୁହେ+ହିତ=ମଙ୍ଗଳ; ଯାହାଠାରୁ ମଙ୍ଗଳ ଘଟେ ନାହିଁ ବା ଆଶା କରାଯାଏ ନାହିଁ )—
Ahita
୧ । ଶତ୍ରୁ—1. Enemy; adversary.
୨ । ଅନିଷ୍ଟ;ଅମଙ୍ଗଳ—2. Injury;disadvantage.
ସଂ. ବିଣ—୧ । ଅମଙ୍ଗଳକର—1. Injurious;harmful.
୨ । ଅଶୁଭକର—2. Not beneficial or favourable.

**ଅହିତକର**—ସଂ. ବିଣ. ପୁଂ. ( ଅହିତ+କୃ ଧାତୁ+ଅ )—
Ahitakara ଯାହା ହିତକର ନୁହେ—Not beneficial; not favourable.
(ଅହିତକରୀ—ସ୍ତ୍ରୀ)

**ଅହିତ ବିଚାରିବା**—ଦେ. କ୍ରି—ଅହିତ ମଣିବା ( ଦେଖ )
Ahita bichāribā — Ahita maṇibā ( See )

**ଅହିତ ମଣିବା**—ଦେ କ୍ରି—ଅନ୍ୟୋନ୍ୟ ବୁଝିବା; ଖରାପ ବିଚାରିବା—
Ahita maṇibā To misunderstand; to take (a thing) in a wrong light.
অহিত ভাবা

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇୟ | ଢ଼ଅ | ଢ଼ |
| ୨ | ଈ | ଊ | ରୁ | ଲୁ | ଯ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ | ଇଅ | ଓ | ବୃ |

**ଅହିତୁଣ୍ଡିକ**—ସଂ. ବି. ( ଅହି=ସର୍ପ+ତୁଣ୍ଡ=ମୁହଁ+ଇକ; ଯେ ସାପର ମୁହଁକୁ ଧରେ )—
Ahituṇḍika
ସାପୁଆକେଳା—Snake-charmer.

**ଅହିଦ୍ୱିଟ୍**—ସଂ. ବି. ( ଅହି=ସର୍ପ+ଦ୍ୱିଷ୍ ଧାତୁ=ଶତ୍ରୁତା କରିବା+କ୍ୱିପ୍=ଅହିଦ୍ୱିଷ୍ ୧ମା. ୧ବ. )—
Ahidwiṭ
ଅହିଜିତ୍ ( ଦେଖ )
Ahijit ( See )

**ଅହିନକୁଳତା**—ସଂ. ବି. ( ଅହି=ସର୍ପ+ନକୁଳ=ନେଉଳ+ଭାବ. ତା )—
Ahinakulatā
ସାପ ନେଉଳଙ୍କ ମଧ୍ୟରେ ଥିବା ଚିରସ୍ଥାୟୀ ବିରୋଧଭାବ—
Mortal enmity; perpitual enmity ( like that subsisting between the serpents and the mongoose )

**ଅହିନକୁଳଭାବ**—ସଂ. ବି—ଅହିନକୁଳତା ( ଦେଖ )
Ahinakulabhāba Ahinakulatā (See)

**ଅହିନକୁଳସମ୍ବନ୍ଧ**—ସଂ. ବି—ଅହିନକୁଳତା ( ଦେଖ )
Ahinakulasambandha Ahinakulatā (See)

**ଅହିନରକ**—ଦେ. ବି.—ଅହିଅନରକ ( ଦେଖ )
Ahinaraka Ahianaraka ( See )

**ଅହିନାଗରା**—ଦେ. ବି—ଅହିଅନାଗରା ( ଦେଖ )
Ahināgarā Ahianāgarā ( See )

**ଅହିଫେଣ**—ଦେ. ବି—ଅହିଫେନ ( ଦେଖ )
Ahipheṇa Ahiphena ( See )

**ଅହିଫେନ**—ସଂ. ବି. ( ଅହି=ସର୍ପ+ଫେନ=ଫେଣ. ଗରଳ )—
Ahiphena ୧ । ( ଯାହା ସର୍ପଗରଳ ପରି ତୀବ୍ର ) ଅଫିମ—
1. Opium.
୨ । ସାପଗରଳ—2. The snake-venom
[ ଦ୍ର—ଏହା ଔଷଧ ଓ ମାରକ ଦ୍ରବ୍ୟରୂପେ ବ୍ୟବହୃତ ହୁଏ । ]
୩ । ସାପର ଫଣା—3. The hood of a snake.

**ଅହିବଳିତା**—ଦେ. ବି—ଅହିଏ ମାଇପେ ବଳିଥିବା ବଳିତା ( ଏହା ମଙ୍ଗଳ କାର୍ଯ୍ୟରେ ଲାଗେ )—The wicks
Ahibaḷitā
prepared or woven by wives to be lighted on auspicious occasions.

**ଅହିବ୍ରତ**—ଗ୍ରା. ବି. ଓ ବିଣ. ( ସଂ. ଅଯୁତ )—ଅଯୁତ—
Ahibrata The number 10,000.

**ଅହିଭୟ**—ସଂ. ବି. ( ଅହି=ସର୍ପ+ଭୟ )—୧ । ସର୍ପଭୟ—
Ahibhaya 1. Dread of serpents; fear of a snake.
୨ । ସର୍ପଦଂଶନ ଭୟ—
2. Dread of serpent- bite.
୩ । ସ୍ୱପକ୍ଷୀୟ ବ୍ୟକ୍ତି ଦ୍ରୋହ ବା ଅନିଷ୍ଟ କରିବାର ଭୟ ( ପ୍ରକାଶ୍ୟରେ ମିତ୍ରତା ଓ ଗୋପନରେ ଶତ୍ରୁତା କରିବା ବ୍ୟକ୍ତି ସମ୍ବନ୍ଧରେ ଡର )—
3. Fear of treachery in one's own camp or party.

**ଅହିଭୁକ୍**—ସଂ. ବି. ( ଅହି=ସର୍ପ+ଭୁଜ ଧାତୁ=ଖାଇବା+କ୍ୱିପ୍; ଯେ ସାପକୁ ଖାଏ )—୧ । ନେଉଳ—
Ahibhuk
1. Mongoose.
୨ । ମୟୂର— . Peacock.
୩ । ଗରୁଡ଼—3. The Garurḍa; the ever constant servant of Bishṇu.
[ ଦ୍ର—ପୁରାଣ ଅନୁସାରେ ନାଗବଂଶର ବିନାଶକ । ]

**ଅହିଭୁଜ**—ସଂ. ବି—ଅହିଭୁକ୍ ( ଦେଖ )
Ahibhuja Ahibhuk ( See )

**ଅହିମକର**—ସଂ. ବି. ୧ । ( ଅ=ନୁହେ+ହିମ=ଶୀତଳ+କର=କିରଣ; ଯାହାର କିରଣ ଶୀତଳ ନୁହେ=ହିମ୍ଂଶୁ
Ahimakara
ଅ=ବିପରୀତ+ହିମକର=ଚନ୍ଦ୍ର; ଚନ୍ଦ୍ରଙ୍କର ବିପରୀତ)—
ଅହିମକର ତାପ ନାଶେ ଶୋଭସାରସ ତହେ—ଭଞ୍ଜ, ଲାବଣ୍ୟବତୀ ।
ସୂର୍ଯ୍ୟ—1. The sun.
୨ । ( ଦ୍ୱନ୍ଦ୍ୱ; ସର୍ପ ଓ ମଗର ) ସର୍ପ ଓ ମଗର—
2. Serpent; shark.
ଅହିମ କର ତାପ ନାଶେ ଶୋଭସାରସ ତହେ—ଭଞ୍ଜ, ଲାବଣ୍ୟବତୀ ।

**ଅହିମତେଜା**—ସଂ. ବି. ( ବହୁବ୍ରୀହି, ଅହିମ=ଶୀତଳ ନୁହେ+ତେଜସ୍. ୧ମା. ୧ବ. )—ଅହିମକର ୧. ( ଦେଖ )
Ahimatejā
Ahimakara 1. ( See )

**ଅହିରା**—ପ୍ରାଦେ. ( ସମ୍ବଲପୁର ) ବି—ଅଗାଣ୍ଡିଆ ହାଣ୍ଡି ମାଟିଆଳୁ ଭୂମିରେ ଥୟ କରି ରଖିବା ପାଇଁ ନୋଡ଼ା ପାଳମୁଣ୍ଡୁଲା—Straw
Ahirā
cushions used to put unstable and round bottomed pots on the ground.

**ଅହିରାଜ**—ସଂ. ବି. ( ଅହି=ସର୍ପ+ରାଜନ୍, ୧ମା. ୧ବ. )—
Ahirāja ୧ । ସର୍ପରାଜ; ସବୁଠାରୁ ବଡ଼ ଏକଜାତୀୟ ସର୍ପ—
1. Boa constructor; python; the largest serpent; a class of big serpents.
୨ । ମଥାରେ ମଣି ଥିବା ବଡ଼ ସର୍ପ—2. A serpent which has a gem on its fore-head.
୩ । ଅନନ୍ତ; ସହସ୍ରଫଣାଧାରୀ ନାଗ—
3. The thousand hooded serpent.
୪ । ପୁରାଣୋକ୍ତ ପାତାଳରେ ନାଗମାନଙ୍କର ରାଜା; ବାସୁକୀ—
4. ( Hindu mythology) The king of the Nāgas; Bāsukī.

**ଅହିରଗଉଡ଼**—ଗ୍ରା. ବି—ଅଇରଗଉଡ଼ ( ଦେଖ )
Ahirigaurḍa Airigaurḍa ( See )
( ଅହିରଗଉଡ଼ୁଣୀ—ସ୍ତ୍ରୀ )

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧ' ନ ପାଇଲେ 'ବଧ' ଦେଖିବେ; 'ଅର୍ଣ୍ଣା' ନ ପାଇଲେ 'ଅର୍ଣା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅହୀଶ୍ୱର**—ସଂ. ବି. ( ୬ଷ୍ଠୀ ତତ୍; ଅହି=ସାପ+ଈଶ୍ୱର=ରାଜା )—
Ahiśwara ଅହିରାଜ ୩. ଓ ୪. ( ଦେଖ )
Ahirāja 3. and 4. (See)

**ଅହୃଦ୍ୟ**—ସଂ. ବିଣ. ( ଅ=ନୁହେଁ+ହୃଦ୍ୟ=ହୃଦୟଗ୍ରାହୀ )—ଯାହା
Ahṛudya ହୃଦୟଗ୍ରାହୀ ବା ପ୍ରୀତିକର ନୁହେଁ; ଅପ୍ରୀତିକର—
Not liked; not pleasant.

**ଅହୃଷ୍ଟ**—ସଂ. ବିଣ. ( ଅ=ନୁହେଁ+ହୃଷ୍ଟ=ହର୍ଷପ୍ରାପ୍ତ )—
Ahṛushṭa ୧ । ଅସନ୍ତୁଷ୍ଟ—1. Not pleased.
୨ । ଆନନ୍ଦିତ ହୋଇ ନ ଥିବା—
2. Not cheerful; not merry.

**ଅହେଜା**—ଦେ. ବି—ଅବିଚାର—Injustice.
Ahejā ବିମଳ ହୃଦୟା ଭଣି କଲ ଅହେଜା—ଭକ୍ତ. ବୈଦେହୀଶବିଳାସ ।

**ଅହେତୁ**—ଦେ. ବି. ( ସଂ. ଅ+ଓ. ହେତୁ )—
Ahetu ୧ । ଅଣହେତୁ; ମନେ ନ ରଖି ପାରିବା ଅବସ୍ଥା—
1. Forgetfulness.
୨ । ହେତୁ କରି ନପାରିବା ଅବସ୍ଥା—
2. Unmindfulness.
୩ । ଅମନୋଯୋଗ—3. Inattention.
ଦେ. ବିଣ.—୧ । ଅମନୋଯୋଗୀ—1. Inattentive-
୨ । ଯେ ଶୀଘ୍ର ଭୁଲି ଯାଏ—2. Forgetful.

**ଅହେତୁକ**—ସଂ. ବିଣ. (ଅ=ନୁହେଁ+ହେତୁ=କାରଣ+କ; ଯାହାର
Ahetuka କାରଣ ନାହିଁ )—୧ । ଅକାରଣ; କାରଣରହିତ—
(ଅହେତୁକା—ସ୍ତ୍ରୀ) 1. Without a cause or reason.
୨ । ଅମୂଳକ—2. Groundless.
୩ । ଆକସ୍ମିକ—3. Accidental.
୪ । ନିରର୍ଥକ; ନିଷ୍ପ୍ରୟୋଜନ—4. Useless.
ଦେ. ବିଣ.—ଅଜ୍ଞାନ—Ignorant.
ଏରୂପେ ଲୋକ ଯିବା ଆସିବା ନ ଜାଣି ।
ମୃତ୍ୟୁ ବୋଲୁଛନ୍ତି ଯେ ଅହେତୁକ ପ୍ରାଣୀ । କୃଷ୍ଣସିଂହ. ମହାଭାରତ. ଉଦ୍ୟୋଗ ।

**ଅହେତୁ କରିବା**—ଦେ. କ୍ରି.—୧ । ମନେ ନ ରଖିବା—
Ahetu karibā 1. Not to remember; to forget.
ମନে না হওয়া ୨ । ମନୋଯୋଗ ନ ଦେବା—
2. Not to attend to.

**ଅହେୟ**—ସଂ. ବି. ( ଅ=ନୁହେଁ+ହେୟ=ଘୃଣ୍ୟ )—୧ । ଅଘୃଣ୍ୟ—
Aheya 1. Not contemptible.
୨ । ଅତ୍ୟାଜ୍ୟ—2. Not inacceptable;
rather acceptable; not to be forsaken.

**ଅହେରା**—ପ୍ରାଦେ. (ସମ୍ବଲପୁର) ବି—୧ । ଅହରା (ଦେଖ)
Aherā 1. Aharā (See)
୨ । ଅହିରା (ଦେଖ)
2. Ahirā (See)

**ଅହୈତୁକ**—ସଂ. ବିଣ. (ଅ+ହେତୁ+କ)—୧ । କାରଣରହିତ;
Ahaituka ଅକାରଣ—1. Groundless; ill founded.
(ଅହୈତୁକୀ—ସ୍ତ୍ରୀ) ୨ । କାମନାବିରହିତ; ନିଷ୍କାମ—
2. Free fromdesire.

**ଅହୈତୁକପ୍ରେମ**—ସ. ବି. (ଅହୈତୁକ+ପ୍ରେମ)—
Ahaitukaprema ୧ । ଯେଉଁ ପ୍ରେମରେ ପ୍ରତିଦାନର ଆଶା ନାହିଁ—1. Love hoping no return.
୨ । କାରଣରହିତ ପ୍ରେମ—2. Groundless love.

**ଅହୈତୁକୀଭକ୍ତି**—ସ. ବି. (ଅହୈତୁକୀ+ଭକ୍ତି)—
Ahaitukibhakti ନିଷ୍କାମଭକ୍ତି; ଯେଉଁ ଭକ୍ତିରେ ଭକ୍ତ କୌଣସି କାମନା ବା ବାଞ୍ଛା କରେ ନାହିଁ—
Devotion hoping no return.
[ ଦ୍ର—ଗୋପିମାନଙ୍କର ଶ୍ରୀକୃଷ୍ଣଙ୍କ ପ୍ରତି ଭକ୍ତି ଅହୈତୁକୀ ଥିଲା । ]

**ଅହୋ**—ସ. ଅ.—ଆଶ୍ଚର୍ଯ୍ୟ, ପ୍ରଶଂସା, ବିତର୍କ ଅର୍ଥରେ ପ୍ରଯୁକ୍ତ
Aho ସମ୍ବୋଧନ—ହଇହେ; ହେ; ଓହୋ ଇତ୍ୟାଦି—
Interjection Oh. Oho, Ah !
(Indicating addressing; wonder; praise; supposition)

**ଅହୋବତ**—ସ. ଅ.—ଅହୋ (ଦେଖ)
Ahobata Aho (See)

**ଅହୋରାତ୍ର**—ସ. କ୍ରି. ବିଣ. (ଦ୍ୱନ୍ଦ୍ୱ; ଅହଃ=ଦିବସ+ରାତ୍ରି+ଅ)—
Ahorātra ଅହର୍ନିଶ; ଦିବାନିଶି; ଅବିରତ; ସର୍ବଦା—
Day and night; always; incessantly; uninterruptedly.
ବି.—ଦିବା ଓ ରାତ୍ରି ଏକତ୍ରିତ ସମୟ; ୨୪ ଘଣ୍ଟା ସମୟ; ସମସ୍ତ ଆଠ ପ୍ରହର—
24 hours; one full day and night.

**ଅହୋରୂପ**—ଦେ. ବିଣ (ସ. ଆଶ୍ଚର୍ଯ୍ୟଜନକ ବସ୍ତୁପ୍ରତି ସମ୍ବୋଧନ)—
Ahorūpa ଆଶ୍ଚର୍ଯ୍ୟଜନକ—Wonderful.

**ଅହୋରୂପମହୋଧ୍ୱନି** ଦେ. ବିଣ.—ଅହୋରୂପ (ଦେଖ)
Ahorūpamahodhwani Ahorūpa (See)

**ଅହ୍ମଣିଆଁ**—ଦେ. ବି. ବିଣ.—ଅମଣିଆଁ (ଦେଖ)
Ahmaṇiān̄ Amaṇiān̄ (See)
ଦେବ ଅହ୍ମଣିଆ ସଙ୍ଗେ ମିଶି ହାନରୂପେ ଏ ରହିଛି—ଚିନ୍ତାମଣି. ବିଦଗ୍ଧଚିନ୍ତାମଣି ।

**ଅହ୍ମଣିଆଁ କୂଅ**—ଦେ. ବି.—ଯେଉଁ କୂଅରେ ମାରି ହୋଇଥିବା ଅହ୍ମଣିଆ ନିକ୍ଷେପ କରାଯାଏ—
Ahmaṇiān̄ kūa
The well into which intended offerings (when spoiled by touch or otherwise turned unfit for the deities consumption) are thrown.
[ଦ୍ର—ଦେବତାଙ୍କ ପାଇଁ ପ୍ରସ୍ତୁତ ସାମଗ୍ରୀ ଭୋଗ ଲାଗିବା ଆଗରୁ କୌଣସି କାରଣରୁ (ଯଥା—ଅଛୁଆଁ ଲୋକ ଛୁଇଁଲେ ବା ଦେଖିଲେ,

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଊ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଓ | ନ୍ |

କୁକୁର ଛୁଇଁଲେ ଇତ୍ୟାଦି) ମାତ୍ର ହୋଇଯାଏ । ତାହା ଦେବତାଙ୍କ-ଠାରେ ଆଉ ଭୋଗ ଲାଗେ ନାହିଁ । ଅନ୍ୟ କେହି ମଧ ତାକୁ ଖାନ୍ତି ନାହିଁ । ଏଥିପାଇଁ ତାକୁ ନେଇ ଗୋଟିଏ ଅବ୍ୟବହୃତ କୂଅରେ ପକାଇ ଦିଆଯାଏ । ]

**ଅହ୍ମୁଣିଆ**—ଦେ. ବି. ଓ ବିଣ.—ଅମଣିଆଁ (ଦେଖ)
Ahmuṇiā Amaṇiāñ (See)

**ଅହ୍ମୁଣିଆକୂଅ**—ଦେ. ବି.—ଅହ୍ମଣିଆଁକୂଅ (ଦେଖ)
Ahmuṇiākūa Ahmaṇiāñkūa (See)

**ଅହ୍ୟ** (ଇତ୍ୟାଦି)—ଦେ. ବିଣ. ସ୍ତ୍ରୀ.—ଅହିଅ (ଦେଖ)
Ahya etc. Ahia (See)

ଅହ୍ୟରୂପେ ବକେ ହେଲେ ଏ ଉତ୍ସବେ ନକେ କାମ ସୀମନ୍ତିନୀ—ରାଧାନାଥ. ଯଯାତି ।

# ଆ

**ଆ**—ଦ୍ୱିତୀୟ ସ୍ୱରବର୍ଣ୍ଣ ( ଏହାର ଉଚ୍ଚାରଣ ସ୍ଥାନ କଣ୍ଠ; ଏହା ଦୀର୍ଘସ୍ୱର)—
Ā The second vowel of Orḍiā Alphabet corresponding to the long 'A' as in 'card.'

ସଂ. ବି. ( ଆପ୍ ଧାତୁ=ବ୍ୟାପିବା+କର୍ତ୍ତୃ. ଅ )—୧ । ବ୍ରହ୍ମା—1. God Brahmā, the Creator.

୨ । ଶିବ—2. God Śiba

ସଂ. ଉପସର୍ଗ—( ନିମ୍ନଲିଖିତ ଅର୍ଥରେ ବ୍ୟବହୃତ )—A prefix used to denote.
( ଯଥା—ଆଦାନ; ଆଗମନ । )

୧ । ବିପରୀତ—1. Opposite.

୨ । ଈଷତ୍ ( ଯଥା—ଆକୁଞ୍ଚିତ; ଆପୀତ; ଆଭୁଗ୍ନ)—2. Slightly.

୩ । ସୀମା; ପର୍ଯ୍ୟନ୍ତ (ଆସମୁଦ୍ର; ଆମରଣ )—3. Upto.

୪ । ସମ୍ୟକ୍ ( ଯଥା—ଆକୃଷ୍ଟ )—4. Special.

୫ । ଅଭିବ୍ୟାପ୍ତି; ବିସ୍ତୃତି ( ଯଥା—ଆକାଳ; ଆହାର )—5. Extent.

୬ । ମନ୍ଦ ( ଯଥା—ଆକାଳ )—6. Bad.

ଦେ. ଅ—୧ । (ଧ୍ୱନ୍ୟାତ୍ମକ )—ବାଜା ବଜାଇ ଗୀତ ବୋଲିବା କିମ୍ବା କେବଳ ଗୀତ ବୋଲିବା ପୂର୍ବରୁ ଗାୟକ ଉଚ୍ଚାରଣ କରିବା ଦୀର୍ଘଧ୍ୱନି ( ଏହା ମାନର ଆଦି ଧ୍ୱନି )—1. Long sound of 'Ā' uttered by a singer before beginning to sing with or without music.

୨ । ( ବିସ୍ମୟସୂଚକ)—( Interjection of wonder) ଏଁ ! ହା ! ଆଃ ! ଓହୋ !—2. Eh; Oh.

୩ । ( ଆଳସ୍ୟବ୍ୟଞ୍ଜକ ) ହୋଇ—3. idle exclamation) Ah.

୪ । ( ଅନାଦରାର୍ଥକ )—ଯା—ମୁଁ—4. ( denoting disregard ) Ah,

୫ । ( ନିଶ୍ଚୟାର୍ଥକ ) ନିଶ୍ଚେ—5. Certainly; verily.

୬ । ( ନୀଚ ବ୍ୟକ୍ତିଙ୍କୁ ଉତ୍ତର ଦେବାରେ ) ମୁଁ, ଓ—6. ( Responding to a person of lower status ) Oh !

୭ । ( ବାକ୍ୟପୂରଣରେ )—ହିଁତ—7. (filling up a sentence ) Verily; too.

୮ । (ସ୍ମରଣାର୍ଥ) ହୋଇ—8. (remembrance) Oh !

୯ । (ଅନୁକମ୍ପାର୍ଥ) ଆହା !—9. compassion) Ah !

୧୦ । ( ଭୟସୂଚକ ) ଓହେ—10 ( fear ) Oh !

୧୧ । (ପ୍ରଶ୍ନାର୍ଥକ) ଏଁ—(interjection) What ! Oh !

୧୨ । ( ସ୍ୱୀକାରାର୍ଥକ ) ହଁ—12. ( assert ) Yes.

ଦେ. କ୍ରି.—( 'ଆସିବା' କ୍ରିୟାର ଅନୁଜ୍ଞା, ମଧ୍ୟମ ପୁରୁଷ, ୧ବଚନ; ଅନାଦରାର୍ଥକ ରୂପ, 'ତୁ' କର୍ତ୍ତା ସଙ୍ଗେ ପ୍ରଯୁକ୍ତ ହୁଏ ) ତୁ ଆ; ତୁ ଆଗମନ କର—( you ) Do come.

**ଆଇଆ**—ଦେ. ବି. ସ୍ତ୍ରୀ—ଆୟା ( ଦେଖ )
Āiā Āyā ( See )

**ଆଇ.ଇ.ଏସ୍**—ବୈଦେ. ( ଇଂ. ) ବିଣ—( ଭାରତୀୟ ଇଂରାଜ ଗଭର୍ଣ୍ଣ-
Āi.I.Es. ମେଣ୍ଟଙ୍କ ଅଧୀନରେ ଶିକ୍ଷାବିଭାଗୀୟ ଉଚ୍ଚ କର୍ମଚାରୀଙ୍କ ପରେ ଲାଗିବା ସାଙ୍କେତିକ ଚିହ୍ନ) ନାମ ଭାରତୀୟ ଶିକ୍ଷା ବିଭାଗର ଉଚ୍ଚ କର୍ମଚାରୀ—Belonging to the Indian Education Higher service.

**ଆଇ. ଏ**—ବୈଦେ. ( ଇଂ ) ବି—ମାଟ୍ରିକୁଲେସନ୍ ଓ ବି. ଏ. ର
Āi. E. ମଧ୍ୟବର୍ତ୍ତୀ ପରୀକ୍ଷା—Intermediate.

**ଆଇ. ଏମ୍. ଏସ୍**—ବୈଦେ. (ଇଂ) ବି—ଭାରତୀୟ ଇଂରାଜ ଗଭର୍ଣ୍ଣମେଣ୍ଟଙ୍କ
Āi. Em. Es. ଅଧୀନ ଡାକ୍ତର ବିଭାଗର ଉଚ୍ଚକର୍ମଚାରୀଙ୍କ ନାମରେ ଲାଗିବା ପଦବୀ—I. M. S. ( Indian medical service )

**ଆଇ. ଏସ୍. ସି**—ବୈଦେ. ( ଇଂ ) ବି—ଭାରତୀୟ ବିଶ୍ୱବିଦ୍ୟାଳୟ
Āi. Es. Si. ମାଟ୍ରିକୁଲେସନ୍ ଓ ବି. ଏସ୍. ସି. ପରୀକ୍ଷାର ମଧ୍ୟବର୍ତ୍ତୀ ପରୀକ୍ଷା—I. Sc.

**ଆଇଁଗିଣିଆଁ**—ଦେ. ବିଣ.—ରନ୍ଧାଦୋଷରୁ ବା ଫଳର ବିକୃଷ୍ଟତା ଯୋଗୁଁ
Āiñgiṇiāñ ବିସ୍ୱାଦ ଲାଗୁଥିବା ( ବାଇଗଣ )—
କଚ୍‌କଚେ ( cooked brinjal ) Having a bad or disgraceful taste.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଖାଇ' ନ ମିଳିଲେ 'ଖାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧ' ନ ପାଇଲେ 'ବନ୍ଧ୍' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଆଇଁଷ**—ଦେ. ବି. ( ସଂ. ଆମିଷ )—୧ । ମାଛ ମାଂସ—
**Āiñsha** 1. Fish and meat.
আমিশ্য, আমিশ, ତମ୍ଭ ଚଅଣ ବ ଅଇଁଷକୁ ଲେଖା—ଠଗ ।
আইঁশ ୨ । ମାଛ—2 Fish.
(କାଁଇଁଷ–ବିପରୀତ) ପ୍ରାଦେ. ( ମେଦିନୀପୁର ) ବି—ମାଛକାତି—
Scale of fish.
[ ଦ୍ର—ଏହି ଅର୍ଥରେ ବଙ୍ଗଳାରେ ବ୍ୟବହୃତ ହୁଏ । ]
ଦେ. ବିଣ—ଆମିଷସମ୍ବନ୍ଧୀୟ—Relating to fish.
ଚଟି ଅଇଁଷ ବେଶି କାଁଇଁଷ—ଠଗ ।
[ଦ୍ର—ହିନ୍ଦୁ ଗୃହରେ ଦୁର୍ଗାଙ୍କ ଛଡ଼ା ଅନ୍ୟ ଦେବତାଙ୍କ ନିକଟରେ ଆମିଷ ଭୋଗ ଲାଗେ ନାହିଁ ଏବଂ ବିଧବା, ବୈଷ୍ଣବ ଓ ବିହିଦିଆକ ମାନେ ଆମିଷ ଭୋଜନ କରନ୍ତି ନାହିଁ । ଏଥିପାଇଁ ଯେଉଁ ଆମିଷାଶୀ ପରିବାରରେ ବିଧବା ଥାଆନ୍ତି ସେ ପରିବାରରେ ଆମିଷ ପାଇଁ ସ୍ୱତନ୍ତ୍ର ଚୁଲି, ହାଣ୍ଡି, ପାଚିଆ, ଶାଗ ଓ ପାନ ବ୍ୟବହାର କରାଯାଏ ଓ ପାଗ ହାଣ୍ଡି ସାଙ୍ଗେ ଏଗୁଡ଼ିକ ମିଶେ ନାହିଁ । ]

**ଆଇଁଷକାତି**—ଦେ. ବି.—୧ । ମାଛର ଛି—
**Āiñshakāti** 1. Scale of fish.
୨ । ସଦାବିହାରୀ (ଫୁଲ ଓ ଗଛ)—A kind of plant and its flower.

**ଆଇଁଷଣିଆଁ**—ଦେ. ବିଣ—୧ । ଆମିଷସମ୍ବନ୍ଧୀୟ—
**Āiñshaṇiāñ** 1. Fishy; relating to fish.
আঁষ্টে আঁইষ্টিয়া আঁষ্টিয়া ୨ । ଆମିଷପରି ଗନ୍ଧବିଶିଷ୍ଟ—
2 Smelling like fish.
ପ୍ରାଦେ. (ଗଡ଼ଜାତ) ବିଣ—ପଙ୍କ, ଭାଲ, କଣ୍ଟା ଓ ବୁଦା ଦ୍ୱାରା ଆବୃତ ସନ୍ତସନ୍ତିଆ ସ୍ଥାନ (ଏପରି ସ୍ଥାନରେ ବାଘ ରହୁଥିବାରୁ ଏ ଅଇଁଷଣିଆ ଗନ୍ଧାଏ । )

**ଆଇଁଷଧୁଆ**—ଦେ. ବି.—ତଳେ ରନ୍ଧ୍ର ଥିବା ପାଚିଆ, ଯେଉଁ ପାଚିଆରେ
**Āiñshadhuā** ମାଛ ଧୁଆ ଯାଏ—Perforated basket for washing fish.

**ଆଇଁଷିଆ**—ଦେ. ବିଣ.—ଅଇଁଷଣିଆଁ (ଦେଖ)
**Āiñshiā** Āiñshaṇiāñ (See)

**ଆଇଁଷିକାତି**—ଦେ. ବି.—ସଦାବିହାରୀ (ଦେଖ)
**Āiñshikāti** Sadābihārī (See)

**ଆଇଁଷିଣିଆଁ**—ଦେ. ବିଣ—ଅଇଁଷଣିଆଁ ( ଦେଖ )
**Āiñshiṇiāñ** Āiñshaṇiāñ ( See )

**ଆଇଖାଡ଼ି**—ପ୍ରାଦେ. (ଗଡ଼ଜାତ) ବି.—ଦହି ମନ୍ଥନ କରିବାପାଇଁ ବ୍ୟବହୃତ
**Āikhāṛdi** (ଉପରେ ଛକ ଥିବା) କାଠି—
A stick for churning curd

**ଆଇଙ୍ଗାହେବା**—ଗ୍ରା. କି. ( ପ୍ରାଚୀନ)—ଆଜ୍ଞାହେବା (ଦେଖ)
**Āiṅgāhebā** Ājñāhebā (See)
[ ଦ୍ର—ଓଡ଼ିଶା ରାଜାଙ୍କ ସନନ୍ଦରେ ଏହି ଶବ୍ଦର ବ୍ୟବହାର ଦେଖାଯାଏ । ]

**ଆଇତ୍ସିଂ**—ଦେ.ବି. ( ନାମ )—ହୁଏନ୍‌ସାଙ୍କ ପରବର୍ତ୍ତୀ ଚୀନପରିବ୍ରାଜକ
**Āit siṁ** (ଏ ନାଳନ୍ଦ ବିଶ୍ୱବିଦ୍ୟାଳୟରେ ୧୦ ବର୍ଷ ବିଦ୍ୟାଧ୍ୟୟନ କରିଥିଲେ )—Āit siṁ, a Chinese traveller.

**ଆଇତିସାଇତି**—ଦେ. ଅ—ଜଗିରଖି; ଯତ୍ନସହକାରେ—Carefully.
**Āitisāiti** ଆଇତି ସାଇତି ଖରଚ କରିବାକୁ ଏଇ ହଳଦୀ ତେଲ ଯେମନ୍ତ ପନ୍ଦର ମାସେ ଯାଏ—ଫକୀରମୋହନ. ଗଳ୍ପସ୍ୱଳ୍ପ ।

**ଆଇନ୍**—ବୈଦେ. ( ଅ. ଆଇନ୍ ) ବି—୧ । ରାଜକୀୟ ବିଧି—
**Āin** 1. Law; statute
୨ । ବ୍ୟବସ୍ଥା—2. Legislature.
୩ । ବିଧି—3. Rule; regulation.
୪ । ନିୟମ—4. Ordinance.
[ ଦ୍ର—ଯେଉଁ ଆଇନ ଯେଉଁ ବିଷୟକୁ ଅଧିକାର କରି ପ୍ରଣୀତ ହୋଇଥାଏ ସେହି ବିଷୟର ନାମରେ ଲୋକେ ଉକ୍ତ ଆଇନକୁ ଡାକନ୍ତି । ଯଥା; ଦଣ୍ଡବିଧି ଆଇନ୍; ସ୍ୱାୟତ୍ତଶାସନ ଆଇନ୍ । କୌଣସି ସାଲରେ କ୍ରମ ଅନୁସାରେ ଗଣନା କରାଯିବା ଆଇନକୁ ସେହି ସାଲର ଏତେ ସଂଖ୍ୟକ ଆଇନ ବୋଲାଯାଏ । ଯଥା; ୧୮୬୩ ସାଲର ୨୦ ଆଇନ ବା ୧୯୧୪ ସାଲର ୩ ଆଇନ । କେତେଗୁଡ଼ିଏ ସର୍ବଜନ ପ୍ରଚଳିତ ଆଇନର ସାଲ ନ କହି ଲୋକେ କହିଥାନ୍ତି ୫ ଆଇନ ( ଏତେ ସାଲର ୫ ଆଇନ ) ୭ ଆଇନ ଓ ୧୦ ଆଇନ ଇତ୍ୟାଦି । ]

**ଆଇନ୍‌କଟ୍**—ବୈଦେ. ବି—ଅନିକଟ୍ ( ଦେଖ )
**Āinkaṭ** Ānikaṭ ( See )

**ଆଇନ୍ କରିବା**—ଦେ.କି—ରାଜକୀୟ ବିଧି ପ୍ରଣୟନ ବା ଲିପିବଦ୍ଧ କରିବା—
**Āin karibā** To legislate; to enact a law.
আইনকরা

**ଆଇନ୍ କାଢ଼ିବା**—ଦେ.କି—୧ । କୌଣସି ମକଦ୍ଦମାରେ ପ୍ରଯୁଜ୍ୟ ରାଜକୀୟ
**Āin kāṛdhibā** ବିଧି ଦର୍ଶାଇବା—1 To point out an act or law suiting a case.
୨ । କୌଣସି ନିର୍ଦ୍ଦିଷ୍ଟ ନିୟମର ବଶବର୍ତ୍ତୀ ହେବାକୁ ଆଦେଶ ଦେବା—2. To order to abide by a particular rule.

**ଆଇନ୍ କାନୁନ୍**—ବୈଦେ. (ଅ. ଆଇନ୍. କାନୁନ୍. ସହିତର) ବି—
**Āin kānun** ୧ । ରାଜକୀୟ ବିଧି ବ୍ୟବସ୍ଥା ସମୂହ—
1. Acts and regulations.
୨ । ନିୟମମାନ—2. Rules and regulations.

**ଆଇନ୍‌ଘଟିତ**—ଦେ. ବିଣ—ଆଇନ ସମ୍ପର୍କୀୟ—
**Āinghaṭita** Relating to law.

**ଆଇନ୍‌ଜାରି**—ବୈଦେ.ବି—୧ । କୌଣସି ରାଜକୀୟ ବ୍ୟବସ୍ଥାର ପ୍ରବର୍ତ୍ତନ—
**Āinjāri** 1. Enforcement of a law.
୨ । କୌଣସି ବ୍ୟବସ୍ଥାର ପ୍ରଚାର—
2. Publication of an act or statute.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇଯ୍ୟ | ଢ଼ଅ | ଞ |
| ୨ | ଈ | ଉ | ଋୁ | ଲୃ | ଯ୍ୟେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଘ | ଇଅ | ଓ | ନ୍ତ |

୩ । କୌଣସି ଅଞ୍ଚଳରେ ପୂର୍ବରୁ ପ୍ରଚଳିତ କୌଣସି ଆଇନ୍ ଚଳିବା ପାଇଁ ରାଜକୀୟ ଆଦେଶ ପ୍ରଚାର— 3. Extension of the working of a statute to a certain tract or country.

**ଆଇନ୍ ନଜିର୍**—ବୈଦେ. ବି—୧ । କୌଣସି ଆଇନ୍ ସମ୍ବନ୍ଧରେ Āin najir ହାଇକୋର୍ଟ ପୂର୍ବରୁ ନିଷ୍ପତ୍ତି କରିଥିବା ମକଦ୍ଦମା— 1. Authority or ruling regarding an act.

[ ଦ୍ର—ଉକ୍ତ ମକଦ୍ଦମାରେ ହାଇକୋର୍ଟ କୌଣସି ଆଇନ୍‌ର ଯେଉଁ ଅର୍ଥ କରି ଥାଆନ୍ତି ନିମ୍ନ ଅଦାଲତରେ ପରବର୍ତ୍ତୀ ମକଦ୍ଦମାରେ ସେହି ନଜିରର ସାହାଯ୍ୟ ନିଆଯାଏ । ]

୨ । କୌଣସି ଆଇନ ଓ ତଦନୁଯାୟୀ ମୀମାଂସିତ ହୋଇଥିବା ମକଦ୍ଦମା—2. Law and Ruling.

[ ଦ୍ର—ହାଇକୋର୍ଟ ଓ ପ୍ରିଭିକାଉନ୍‌ସିଲ୍‌ରେ ନିମ୍ନ ଅଦାଲତରେ ନିଷ୍ପତ୍ତି କରାଯାଇଥିବା ମକଦ୍ଦମାମାନଙ୍କର ଅପିଲ ଦାଏର ହୁଏ ଓ ଉକ୍ତ ହାଇକୋର୍ଟ ଆଦି କୌଣସି ଆଇନର ବିଶେଷ ଅର୍ଥ କରି ଉକ୍ତ ମକଦ୍ଦମାକୁ ନିଷ୍ପତ୍ତି କରନ୍ତି । ହାଇକୋର୍ଟ ଆଦିଙ୍କର ଉକ୍ତ ନିଷ୍ପତ୍ତିମାନ ସର୍ବସାଧାରଣଙ୍କ ଅବଗତି ପାଇଁ ପୁସ୍ତକାକାରରେ ( Law Report ) ଛପା ହୁଏ । ପରେ ସେହିଜାତୀୟ କୌଣସି ମକଦ୍ଦମା ନିମ୍ନ ଅଦାଲତରେ ପଡ଼ିଲେ ଓକିଲମାନେ ହାଇକୋର୍ଟ ଆଦିର ପୂର୍ବ ନିଷ୍ପତ୍ତିମାନଙ୍କୁ 'ନଜିର୍' ରୂପେ ନିମ୍ନ ଅଦାଲତଙ୍କୁ ଦେଖାନ୍ତି ଓ ଉକ୍ତ ନଜିର୍ ଅନୁସାରେ ନିମ୍ନ ଅଦାଲତମାନେ ମକଦ୍ଦମା ନିଷ୍ପତ୍ତି କରିବାକୁ ବାଧ୍ୟ ହୁଅନ୍ତି । ]

**ଆଇନ୍ ପଏଣ୍ଟ୍**—ବୈଦେ. ବି. (ଆ. ଆଇନ୍ ଓ ଇଂ. Point) କୌଣସି Āin paeṇt ମକଦ୍ଦମାରେ ଆଇନ୍ ସମ୍ବନ୍ଧରେ ତର୍କ କରାଯିବା ସୂକ୍ଷ୍ମ ବିଷୟ—A point of law; law point.

[ଦ୍ର—ମକଦ୍ଦମାରେ ପକ୍ଷମାନଙ୍କ ମଧ୍ୟରେ ଆଇନ୍ ସମ୍ବନ୍ଧରେ ତର୍କ ବା ବିବାଦ ଉଠେ ଓ ଘଟଣା ସମ୍ବନ୍ଧରେ ମଧ୍ୟ ତର୍କ ହୁଏ । କୌଣସି ମକଦ୍ଦମାରେ ଯେବେ ଏକ ପକ୍ଷ କହେ ଯେ ଅମୁକ ଘଟଣା ସତ୍ୟ ଅଟେ ଓ ଅପର ପକ୍ଷ କହେ ଯେ ଉକ୍ତ ଘଟଣା ସତ୍ୟ ନୁହେ, ତେବେ ଏହାକୁ ଘଟଣାଘଟିତ ପଏଣ୍ଟ୍ (Point of fact) ବୋଲାଯାଏ । ଯେବେ କୌଣସି ମକଦ୍ଦମାରେ ଉଭୟ ପକ୍ଷ ସ୍ୱୀକାର କରନ୍ତି ଯେ ଅମୁକ ଘଟଣା ଘଟିଛି କିନ୍ତୁ ଉକ୍ତ ଘଟଣା ପ୍ରତି ଅମୁକ ଆଇନ ଖଟିବ କି ନାହିଁ ଏପରି ତର୍କ ଉଠେ ତେବେ ତାକୁ ଆଇନ୍ ପଏଣ୍ଟ୍ (Point of law) ବୋଲାଯାଏ । ]

**ଆଇନ୍ ବିଭାଗ**—ଦେ. ବି.—୧ । ଗବର୍ଣ୍ଣମେଣ୍ଟଙ୍କର ଯେଉଁ ବିଭାଗଦ୍ୱାରା Āin bibhāga ଆଇନ୍‌ସମ୍ବନ୍ଧୀୟ ( ବିଚାରସମ୍ବନ୍ଧୀୟ ) ବିଷୟମାନ ପରିଚାଳିତ ହୁଏ—1. Department of law (and justice) under a Government.

୨ । ଗବର୍ଣ୍ଣମେଣ୍ଟଙ୍କର ଯେଉଁ ବିଭାଗର ତତ୍ତ୍ୱାବଧାନରେ ଆଇନ୍‌ମାନ ପ୍ରଣୀତ ହୁଏ— 2. Legislative department.

**ଆଇନ୍ ମେମ୍ବର**—ବୈଦେ. ବି—ଗବର୍ଣ୍ଣମେଣ୍ଟଙ୍କର ଯେଉଁ ମେମ୍ବରଙ୍କଠାରେ Āin membara ଆଇନ ପ୍ରଣୟନର ଭାର ଓ ତତ୍ତ୍ୱାବଧାରଣ ନ୍ୟସ୍ତ ଥାଏ—Law-member under a Government.

**ଆଇନ ସଦସ୍ୟ**—ଦେ. ବି.—ଆଇନ୍ ମେମ୍ବର (ଦେଖ) Āin sadasya Āin membara (See)

**ଆଇନଆକବରୀ**—ବୈଦେ. ବି—ପାର୍ସିଭାଷାରେ ଆକବରଙ୍କ ମନ୍ତ୍ରୀ Ainaākabarī ଆବୁଲଫଜଲଙ୍କ ଲିଖିତ ଭାରତର ତଦାନୀନ୍ତନ ବିବରଣସଂକଳିତ ଗ୍ରନ୍ଥବିଶେଷ ।

**ଆଇନା**—ଦେ. ବି. (ଆ. ଆୟିନା)—୧ । ଦର୍ପଣ; ମୁକୁର— Ainā 1. Looking-glass; mirror

ଆୟନା ୨ । କାଚର ବଡ଼ ଫଳକ—2. Glasspane.

**আয়না**

**ଆଇନ୍ଦା**—ଦେ. ବିଣ. (ଆ. ଆଏନ୍ଦା)—୧ । ଆଗାମୀ (ବର୍ଷ ବା ସମୟ)— Aindā 1. Next; coming (year)

আসছে (বৎসর, সময়) ୨ । ଭବିଷ୍ୟତ୍—2. Future.

**আয়ন্দা** ଦେ. ବି.—୧ । ଭବିଷ୍ୟତ୍ ସମୟ—1. The future.

୨ । ଆଗାମୀ ବର୍ଷ—2 Next year.

**ଆଇବା**—ଗ୍ରା. କି. ଓ ପ୍ରାଦେ. (ସମ୍ବଲପୁର ଓ ଗଞ୍ଜାମ) କି. ( ସଂ. ଆ+ Aibā ଯା ବା ଗମ ଧାତୁ; ତୁଲ. ହିନ୍ଦି. ଆୟା=ଆସିଅଛି)— ଆସିବା; ଆଗମନ କରିବା—To come.

[ ଦ୍ର—ଓଡ଼ିଶାରେ ଆଗମନ ଅର୍ଥରେ 'ଆସିବା' ବ୍ୟବହୃତ ହୁଏ । କେବଳ 'ଆସିଲା' ଇତ୍ୟାଦି ସ୍ଥଳରେ ବ୍ରାହ୍ମଣ କରଣ ଆଦି 'ଆଇଲା' ଓ ଶୂଦ୍ର ଆଦି 'ଆଇଲା' ବ୍ୟବହାର କରନ୍ତି ଏବଂ 'ଆସିଛି' ଇତ୍ୟାଦି ସ୍ଥଳରେ ଶୂଦ୍ରମାନେ 'ଆଇଛି' ବ୍ୟବହାର କରନ୍ତି । କିନ୍ତୁ ଗଞ୍ଜାମ ଓ ସମ୍ବଲପୁରରେ 'ଆସିବା' ଇତ୍ୟାଦି ସ୍ଥଳରେ 'ଆଇବା' ଇତ୍ୟାଦି ବ୍ୟବହାର କରନ୍ତି । ]

**ଆଇବୁଢ଼ା**—ପ୍ରାଦେ. ( ମେଦିନୀପୁର ) ବିଣ. ପୁଂ ( ସଂ. ଅବିବାହିତ )— Aiburdhā *ଅବିବାହିତ—Unmarried.

(ଆଇବୁଢ଼ୀ—ସ୍ତ୍ରୀ)

আইবুড়ো

**ଆଇରିଶ୍**—ବୈଦେ. ( ଇଂ ) ବିଣ—ଆୟର୍ଲାଣ୍ଡଦେଶୀୟ— Airiś Irish.

**ଆଇଶିଙ୍ଗ୍**—ବୈଦେ. ( ଚୀନଦେଶୀୟ ନାମ ) ବି. ପୁଂ.—ଖ୍ରୀଷ୍ଟ ୭ମ Aising ଶତାବ୍ଦୀରେ ଭାରତପର୍ଯ୍ୟଟନ କରିଥିବା ଚୀନପରିବ୍ରାଜକ— Name of a Chinese traveller who visited India in the 7th Century A. D.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ସଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ସାଇ' ନ ମିଳିଲେ 'ଶାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

[ ଦ୍ର—ଏ ଖ୍ରୀଷ୍ଟପୂର୍ବ ୨୨୦ରେ ଚୀନରୁ ଯାତ୍ରା କରି ଖ୍ରୀଷ୍ଟପୂର୍ବ ୨୧୫ରେ ସ୍ୱଦେଶକୁ ଫେରିଥିଲେ । ଏ ଭାରତରୁ ଧର୍ମସମ୍ବନ୍ଧୀୟ ୪୦୦ ଗ୍ରନ୍ଥ ଓ କେତେଗୁଡ଼ିଏ ଚିତ୍ର ସଂଗ୍ରହ କରିନେଇ ଯାଇଥିଲେ ଏବଂ ତହିଁ ମଧ୍ୟରୁ ୭୨ ଖଣ୍ଡ ଗ୍ରନ୍ଥ ଚୀନଭାଷାରେ ଅନୁବାଦ କରିଥିଲେ । ]

**ଆଇଷ**—ଗ୍ରା. ବି. ( ସଂ. ଆୟୁଷ୍ )—ଆୟୁ; ପରମାୟୁ—
Āisha — Age-limit of a person

**ଆଇସ୍**—ବୈଦେ. ବି ( ଇଂ. )—ଜଳରୁ ପ୍ରସ୍ତୁତ କୃତ୍ରିମ ବରଫ—
Āis — Ice

**ଆଇସ୍କ୍ରିମ୍**—ବୈଦେ. ବି ( ଇଂ.)—କୃତ୍ରିମ ଉପାୟରେ ବରଫ ପରି ଥଣ୍ଡା କରାଯାଇଥିବା ମିଠାମିଶା ଦୁଧ ଓ ସର—Icecream.
Āiskrim

**ଆଇସ୍ ବ୍ୟାଗ୍**—ବୈଦେ. ବି ( ଇଂ. )—ରୋଗୀର ମୁଣ୍ଡରେ ବରଫ ଲଦି ରଖିବାପାଇଁ ବ୍ୟବହୃତ ଥଳୀ—Ice bag.
Āis byāg

**ଆଇ. ସି. ଏସ୍**—ବୈଦେ. ( ଇଂ. Indian Civil Service ) ଭାରତର ଇଂରାଜ ସରକାରଙ୍କ ଅଧୀନରେ ଥିବା ଉଚ୍ଚପଦସ୍ଥ ରାଜକର୍ମଚାରୀଙ୍କ ନାମ ପରେ ଲେଖାଯିବା ସାଙ୍କେତିକ ଇଂରାଜ ଅକ୍ଷରତ୍ରୟ—I. C. S.
Āi. Si. Es.

**ଆଈ**—ଦେ. ବି. ସ୍ତ୍ରୀ ( ସଂ. ଆର୍ଯ୍ୟା )—୧ । ପିତାମହୀ—Paternal grandmother.
Āi
(ଅଜା—ପୁଂ)
ঠাকুরমা; দিদিমা;
আঈ; আয়ী
आजी; नानी
୨ । ମାତାମହୀ—2. Maternal grandmother.
୩ । (ପ୍ରାଚୀନ) ମାତା; ମା—Mother.

ଦଶରଥ ସୁତ, କଉଶେ ବତତ, କୈକେୟୀ ମୋହର ଆଈ ।
ବସ୍ତୁନାଥ—ବଢ଼ବଧୋଦୟ ।

**ଆଇଆଇ** ଦେ. ଅ. ( ଧ୍ୱନ୍ୟାତ୍ମକ )—ନୃତ୍ୟ ସମୟର ଚଳାଇବାଶେଷ—
Āiāi
ଭୂତ ପ୍ରେତ ପିଶାଚ ରକ୍ତ ମାଂସ ଖାଇ,
ନାଚଲେ ରଣଦାଣ୍ଡେ ବୋଲି ଆଇଆଇ । କୃଷ୍ଣସିଂହ—ମହାଭାରତ. କର୍ଣ୍ଣ ।

**ଆଈମା**—ଗ୍ରା. ବି.—ପିତାମହୀ—
Āimā — Paternal grandmother.
দিদীমা

**ଆଈଶାଶୁ**—ଦେ. ବି. ସ୍ତ୍ରୀ—ସ୍ୱାମୀ ବା ସ୍ତ୍ରୀଙ୍କ ଆଈ; ଶାଶୁଙ୍କ ମା—
Āiśāśu — Maternal great grand-mother of one's husband or wife.
আঈশাশ
(ଅଜାଶୁର—ପୁଂ)

**ଆଉ**—ଦେ. ସର୍ବନାମ (ସଂ. ଅନ୍ୟତ)—ଅନ୍ୟ—
Āu — Others.
আর

ଶୁଣିଲେ ଆଉ କେ ବୁଝେ । ବନପର୍ବ—ଚମ୍ପୂ ।

ଦେ. ବିଣ.—ଅଧିକ—More; additional
ଦେ. ଅ.—୧ । ଓ; ଏବଂ—1. And.
୨ । ଅଧିକ; ମଧ୍ୟ—2. Also.
୩ । ଅଧିକନ୍ତୁ ମଧ୍ୟ—3. And also.
୪ । ପୁନଶ୍ଚ—4. Again.

ଆଉ ଯାଇ ଆସି ରସାଇବା ଯୋଗ୍ୟ ନୁହେଁ କରମରେ ନାହିଁ ।
ଭଞ୍ଜ. ପ୍ରେମସୁଧାନିଧି. ୮।୪

୫ । ଏହା ପରେ—5. After this.
୬ । ତତ୍ପରେ—6. Then; after that.
୭ । କେବେହେଁ; କେବେ—
7. At any time whatever; ever.
ଦେ. କ୍ରି. ବିଣ—୧ । ଅନ୍ୟ କୌଣସି କାଳରେ—
1. Any longer.
୨ । ଅଧିକ ଅଧିକ—2. Any more.

**ଆଉଁର୍**—ପ୍ରାଦେ. (ସମ୍ବଲପୁର)—ସର୍ବ. ବିଣ. ଓ ଅ. (ତୁଲ. ହି. ଔର ବଂ. ଆର)—ଆଉ—And; more-over.
Āuñr

**ଆଉଁରିଆ**—ଦେ. ବି.—ବାତରୋଗବିଶେଷ—
Āuñriā — A kind of rheumatism.
ଦେ. ବିଣ.—ଆଉଁରିଆ ରୋଗପୀଡ଼ିତ—Suffering from a kind of rheumatism.

**ଆଉଁଳପାଉଁଳ**—ଦେ. ବିଣ.—ଆଉଳ ପାଉଳ (ଦେଖ)
Āuñḻapāuñḻa — Āuḻapāuḻa (See)

**ଆଉଁଳବାଉଁଳ**—ଦେ. ବିଣ.—ଆଉଳବାଉଳ (ଦେଖ)
Āuñḻabāuñḻa — Āuḻabāuḻa (See)

**ଆଉଁଶ ଝାଡ଼ା**—ପ୍ରାଦେ. (ବସ୍ତର) ବି—ନାଳରକ୍ତ ଝାଡ଼ା—
Āuñśā jharḍā — Dysentery.

**ଆଉଁଷା**—ଦେ. ବି. (ସଂ. ଆମର୍ଷ)—ସମ୍ବାହନ; ଦେହ ଉପରେ କୋମଳ ଭାବରେ ହାତ ବୁଲାଇବା—To pat over the body softly.
Āuñshā
ঘষা

**ଆଉଁଷାଇବା**—ଦେ. କ୍ରି.—'ଆଉଁଷିବା'ର ପ୍ରଯୋଜକରୂପ—
Āuñshāibā — The causative form of Āuñshibā.

**ଆଉଁଷାଘଷା**—ଦେ. ବି.—ଦେହକୁ କୋମଳଭାବରେ ଆଉଁଷିବା ଓ ଜୋରରେ ଘଷିବା କର୍ମ—Act of patting or rubbing the body; massage.
Āuñshāghashā

**ଆଉଁଷାପାଉଁଷା**—ଦେ. ବି.—ଆଉଁଷାଘଷା (ଦେଖ)
Āuñshāpāuñshā — Āuñshāghashā (See)

**ଆଉଁଷିବା**—ଦେ. କ୍ରି.—ଦେହ ଉପରେ ଧୀରଭାବରେ ହାତ ବୁଲାଇବା—
Āuñshibā — To pat the body softly.

ସକ୍ରୋଧ ହୋଇ ମୁଣ୍ଡର ଆଉଁଷେ ପିଠି । ପ୍ରାଚୀ. ଉଦ୍ଧବସନ୍ଦେଶ ।

**ଆଉଜା**—ଦେ. ବି—୧ । ଆଉଜିବା କର୍ମ; ଅଢେଇ ହେବା—
Āujā — 1. Act of leaning to; reclining.
আউজা
୨ । କବାଟ ଆଦିକୁ ଆଉଜାଇବା କର୍ମ—
2. Act of shutting up a door.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଷ,ଶ | ଙ୍କ | ଇଯ୍ | ଉଅ | ଭ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ | ଯ | ସ | ଙ୍ଗ | ଇଅ | ଔ | ଳ୍ପ |

ବେ. ବିଣ—୧ । ବନ୍ଦ କରାଯାଇଥିବା ( ଦ୍ୱାର )—
1. ( a door ) Shut up.

୨ । ଅଣାଇ ହୋଇଥିବା—
2. Leaning to one side; reclining.

**ଅଉଜାଇବା**—ବେ. କ୍ରି—୧ । ଅଉଜିବାର ଣିଜନ୍ତ ରୂପ—
Āujāibā 1. The causative form of Āujibā

୨ । ମେଲା ଥିବା କବାଟକୁ ନ ଭଜ ବନ୍ଦ କରି ଦେବା—
2 To shut ( a door ).

୩ । କୌଣସି ପଦାର୍ଥକୁ ଏକପାଖକୁ ଆଡ଼େଇ ଦେବା—
3. To puss ( a thing ) to one side.

୪ । କୌଣସି ପଦାର୍ଥକୁ ଅନ୍ୟ ଆଶ୍ରୟ ଉପରକୁ ଡେରି ଦେବା-
4. To set a thing leaning to another.

ବକ୍ଷକୁ ଉରେ ଅଉଜାଇ ଶାରଦା । ଉଞ୍ଜ. ବୈଦେହୀଶବିଳାସ ।

**ଅଉଜି ପଡ଼ିବା**—ବେ. କ୍ରି—ନିଜେ ଏକ ପାଖକୁ ଅଉଜିବା—
Āuji parḍibā To lean to one side.
ଠେସଦେଓଯା

**ଅଉଜିବା**—ବେ. କ୍ରି—୧ । ଏକଆଡ଼କୁ ଢଳିବା—
Āujibā 1. To lean to one side.

ଗୁଣନିଧି ପୁରି ମଦନ ମନ୍ଦିର କେବଳ ଅଛି ଅଉଜି ।
ପ୍ରାଚୀ. ରହସ୍ୟମଞ୍ଜରୀ ।

ଆଉଜା; ଆଓଜା ୨ । କାନ୍ଥ ଆଦିକୁ ଲାଗିଯିବା—
ଉଠଁଗ୍ନା 2. To lean to a wall.

ବନ୍ଦୀପାଳ ମୁନିଗଣ ଆଉଜି ଯେ ଅଛେ । ଉଞ୍ଜ. ବୈଦେହୀଶବିଳାସ

୩ । ଏକ ଆଡ଼କୁ ବା ଦିଗକୁ ଘୁଞ୍ଚିଯିବା—
3. To move to one side.

( ଯଥା—ପବନରେ ଦଳଯାକ ଗୋଟିଏ ପାଖକୁ ଅଉଜିଗଲା । )

୪ । ତକିଆ ଆଦିରେ ଠେସ ଦେବା—
4 To lean over a cushion.

ଘୋଡ଼ା ହାତୀମାନଙ୍କୁ ଅଉଜିଣ ନର
ଶୁଅନ୍ତେ ହେଲେ ରଣପଟର ଆକାର । କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

୫ । ( ଲକ୍ଷଣାର୍ଥ ) ପକ୍ଷ ଅବଲମ୍ବନ କରିବା—
5. To espouse a party.

( ଯଥା—ସେମାନେ କଂଗ୍ରେସକୁ ଅଉଜି ଅଛନ୍ତି । )

୬ । ( ଲକ୍ଷଣାର୍ଥ ) ପକ୍ଷପାତ କରିବା—
6. To be partial to one party.

( ଯଥା—ହାକିମ ବାଦୀ ଆଡ଼କୁ ଅଉଜିଛନ୍ତି । )

୭ । ( ଲକ୍ଷଣାର୍ଥ ) କୌଣସି ବ୍ୟକ୍ତିର ଆଶ୍ରା ନେବା—
7. To take shelter under a person.

**ଅଉଟ୍**—ବୈଦେ. ବିଣ. ( ଇଂ. ଅଉଟ୍ )—୧ । କ୍ରିକେଟ୍; ଫୁଟ୍‌ବଲ୍ ଓ
Āut ଟେନିସ୍ ଖେଳରେ ଯେଉଁ ପକ୍ଷର ପେଣ୍ଡୁ ନିର୍ଦ୍ଦିଷ୍ଟ ସୀମାକୁ ଟପି ବାହାରି ପଡ଼େ—1. A party whose ball falls beyond the goal or wicket or field ( in cricket; foot-ball or lawn-tennis )

୨ । କ୍ରିକେଟ୍ ଖେଳରେ ବ୍ୟାଟ୍ ( ପଟା ) ଧରିବା ଖେଳାଳି; କ୍ରିକେଟ୍ କାଠିକୁ ନ ଛୁଇଁଣୁ ବିପକ୍ଷ ପକ୍ଷୀୟ ଖେଳାଳି ଉକ୍ତ କାଠିକୁ ନିଜ ହାତର ବଲ୍‌ଦ୍ୱାରା ଛୁଇଁ ଦେବା ଯୋଗୁଁ ପରାସ୍ତ ହେବା ବ୍ୟାଟଧରା ଖେଳାଳି—
2. A player whose wicket is touched by a player of the opposite party with the ball before the former is able to touch the wicket.

ବୈଦେ. ବି.—କ୍ରିକେଟ ଆଦି ଖେଳରେ ପେଣ୍ଡୁ ନିର୍ଦ୍ଦିଷ୍ଟ ସୀମା ଅତିକ୍ରମ କରିବା ଅବସ୍ଥା—
The state of a ball being out in a game of cricket, football or tennis.

**ଅଉଟ୍ ଡୋର୍** ( ମକ୍ସ )—ବୈଦେ. ( ଇଂ. ) ବିଣ—ଯେଉଁ ମକ୍ସମାନେ
Āuṭdor (patient) ଡାକ୍ତରଖାନାକୁ ପ୍ରତିଦିନ ଆସି ଡାକ୍ତରଙ୍କଠାରୁ
(ଇନ୍ ଡୋର୍—ବିପରୀତ) ଔଷଧ ନେଇ ଯେହା ଘରକୁ ଯାଆନ୍ତି—
Out door ( patient ).

**ଅଉଟ୍ ପୋଷ୍ଟ**—ବୈଦେ.ବି. (ଇଂ)—ସ୍ୱଳ୍ପସଂଖ୍ୟକ ସିପାହୀ ଥିବା ପୁଲିସ
Āuṭ posṭ ଅଡ଼ା; ଫାଣ୍ଡି—Out post.

**ଅଉଟ୍ ଷ୍ଟୁଡେଣ୍ଟ**—ବୈଦେ. (ଇଂ) ବି—ଯେଉଁ ପରୀକ୍ଷାର୍ଥୀ କୌଣସି ସ୍କୁଲ
Āuṭ shṭudenṭ ବା କଲେଜରେ ପାଠ ନ ପଢ଼ି ପରୀକ୍ଷା ଦିଏ; ବାହାର ଛାତ୍ର—Out student.

**ଅଉଟଣ**—ବେ. ବି. ( ସଂ. ଆବର୍ତ୍ତନ )—
Āutaṇa ୧ । ଦୁଧ ଆଦିର ଆବର୍ତ୍ତନ; ଅଉଟା—
ଆଉଁଟା 1. Stirring of milk over fire.

୨ । (ଲକ୍ଷଣାର୍ଥ) ଅତି ଗ୍ରୀଷ୍ମ ବା ଜ୍ୱରାଦିରେ ଦଗ୍ଧ ହେବା ଅବସ୍ଥା—2 State of being burnt with excessive heat.

୩ । (ଲକ୍ଷଣାର୍ଥ) ଦହଗଞ୍ଜ ହେବା; ଅତ୍ୟନ୍ତ ସନ୍ତପ୍ତ ହେବା ଅବସ୍ଥା—3. State of being excessively troubled

**ଅଉଟପାଉଟ**—ବେ. ବିଣ—୧ । ସନ୍ତାପରେ ଅସ୍ଥିର; ଅତି ସନ୍ତପ୍ତ—
Āuṭapāuṭa 1. Restless through trouble
ଛଟପଟ or heat.

୨ । ଦହଗଞ୍ଜ—2. Much troubled.

୩ । ଓଲଟପାଲଟ—3. Tupsy turvy.

୪ । ଇତସ୍ତତଃ ସଞ୍ଚାଳିତ—
4. Restless; moving to and fro.

ବେ. ବି—ଅତିଶୟ ସନ୍ତାପଜନିତ ବ୍ୟସ୍ତତା ବା ଅସ୍ଥିରତା—
Restlessness through heat or trouble.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ପାଠକମାନେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଠ' ନ ମିଳିଲେ 'ଗାଣ୍ଠ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଜ୍ଜା' ନ ପାଇଲେ 'ଅର୍ଜା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅଉଟା**—ଦେ. ବି. ( ସ. ଅବର୍ତ୍ତିକ; ପ୍ରାକୃତ. ଅବଟ୍ଟଣ )—
Āuṭā ୧ । ସିଝାଇବା ପାଇଁ ଦୁଧକୁ ଚୁଲି ଉପରେ ବସାଇ ଘାଣ୍ଟିବା—
আউটা 1. To stir milk over fire for boiling.
୨ । ସୁନା ଆଦିକୁ ନିଆଁ ଉପରେ ବସାଇ ତରଳାଇବା—
2. To melt gold etc. over fire.
ଦେ. ବିଣ—୧ । ନିଆଁ ଉପରେ ଘଣ୍ଟା ହୋଇଥିବା—
1. Stirred over fire.
୨ । ତରଳା ଯାଇଥିବା ( ଧାତୁ )—
2. Molten ( metal )
ଦେ. ସର୍ବ. ( ଅନାଦର୍ଥ )—ଅନ୍ୟ ଗୋଟାକ—
The other one.

**ଅଉଟାଇବା**—ଦେ. କି—ଅଉଟିବା କ୍ରିୟାର ଣିଜନ୍ତ ରୂପ—
Āuṭāibā The causative form of Āuṭibā.
আউটান

**ଅଉଟି**—ଦେ. ଅ. ( ଅଉ+ଵିଷ୍ଟ୍ୟାର୍ଥେ. ଟି )—
Āuṭi ୧ । ଅଦ୍ଭୁତ ମଧ୍ୟ—1. And also.
আরটি ୨ । ଅଉ ( ଦେଖ )—2. Āu ( See )
୩ । କେବେହେଁ; କେଉଁ—
3. Any longer; certainly ever
ମୁଖରୁ ସେ ଅଉଟି କେବେହେଁ ନ ଯାଏ । ଦ୍ବାଦଶୀ ହୃ. ମହାଭାରତ. ଅବ ।
ଦେ. ସର୍ବ. ( ଅଦର୍ଥକ )—ଅନ୍ୟ ଗୋଟିକ—
The other one.

**ଅଉଟିପାଉଟି**—ଦେ. ବ ଓ ବିଣ—ଅଉଟପାଉଟ ( ଦେଖ )
Āuṭipāuṭi Āuṭapāuṭa ( See )

**ଅଉଟିବା**—ଦେ. କି. ( ସ. ଅ+ବୃତ୍ ଧାତୁ ; ପ୍ରା. ଅବଟନ )—
Āuṭibā ୧ । ଚୁଲି ଉପରେ ବସିଥିବା ଦୁଧ ଆଦିକୁ ଘାଣ୍ଟିବା—
আউটা 1. To stir milk etc. over fire.
आँटना; अवटना, ଚାହିଁ ଦୁଧମାନଙ୍କୁ ଅଉଟନ୍ତି ।
आँट्ना ପ୍ରାଚୀ—ଚଉବେଗୀତା ।
୨ । ସୁନା ଆଦି ଧାତୁକୁ ନିଆଁ ଉପରେ ବସାଇ ତରଳ କରିବା—2. To melt metals over fire.
୩ । ( ଲକ୍ଷଣାର୍ଥ ) କୌଣସି ବ୍ୟକ୍ତିକୁ ଅତ୍ୟନ୍ତ ସନ୍ତପ୍ତ ବା ଦନ୍ଦଗନ୍ଧ କରିବା—3. To harass a person grievously.

**ଅଉଡ଼୍**—ଦେ. ବି. ( ଯାନବାହ୍ୟେ ଭାଷା )—
Āurd ୧ । 'ଦୁଅାକ' ଠାରୁ 'ଦୁଅାକ' ପର୍ଯ୍ୟନ୍ତ ଦୂରତା—
1. Distance from one 'Duāka'to another.
୨ । 'ଦୁଅାକ' ଠାରୁ ଦୁଅାକ' ପର୍ଯ୍ୟନ୍ତ ଖାଲି ସ୍ଥାନ—
2. Space between two 'Duākas.

**ଅଉଡ଼ା**—ଦେ. ବିଣ. ପୁଂ—ହାଉଡ଼ା; ଓଜୁ—Stupid; dull.
Āurdā ଦେ. ବି. ( ସ. ଅବୃତ୍ତ )—
୧ । ପାଠ ଆଦି ଅବୃତ୍ତି କରିବା—
( ଅଉଡ଼ୀ—ସ୍ତ୍ରୀ ) 1. Recital; reading out; persual.
বোবা; আওড়া ୨ । ପୁନରାବୃତ୍ତି—2. Rehearsing.
ପ୍ରାଦେ. (ମେଦିନୀପୁର)ବିଣ—ଅଡ଼ୁଆଅଡ଼ୁଆ; ଗୋଳମାଳିଆ—Disordered.
ପ୍ରାଦେ. ( ମେଦିନୀପୁର )ବି—ଭୁଟା ହୋଇଥିବା ଚାଉଳର ଅଚାଣ୍ଡିଆ ଅବସ୍ଥା ବା ପାଛୁଡ଼ା ହୋଇ ନ ଥିବା ଅବସ୍ଥା—Uncleansed state of husked rice.

**ଅଉଡ଼ାଇବା**—ଦେ. କି. ( ସ. ଅବୃତ୍ତ )—
Āurdāibā ୧ । ପାଠ ଆଦିକୁ ଅବୃତ୍ତି କରିବା—
আওড়ান 1. To persue or read.
୨ । ପାଟି କରି ପଢ଼ିବା—2. To read out.
୩ । ଘୋଷିବା; ପୁନରାବୃତ୍ତି କରିବା—
3. To revise or repeat a lesson; to rehearse.
୪ । ପାଠ ଆଦିକୁ ଘଉଟାଇବା ବା ମୁଖସ୍ଥ କରିବା—
4. To get by heart; commit to memory.
୫ । ମୁହେଁ ମୁହେଁ ବୋଲିଯିବା—5. To recite.

**ଅଉଡ଼ି**—ଗ୍ରା. ବି. ( ଧ୍ୱନ୍ୟର୍ଥକ )—ଏଉଡ଼ି; ହାଲୁଟି—
Āurdi Loud belching.
ঢেকুর

**ଅଉଡ଼ିବା**—ଦେ. କି.—ଅଉଡ଼ାଇବା ( ଦେଖ )
Āurdibā Āurdāibā ( See )

**ଅଉଣ୍ଡ**—ପ୍ରାଦେ. ( ସମ୍ବଲପୁର ) ବି. ( ସଂ. ଅବର୍ତ୍ତ )—ଜଳାବର୍ତ୍ତ; ଭଉଁରି—Eddy; whirlpool.
Āuṇḍa

**ଅଉଣ୍ଡା**—ଦେ. ବି—ଦରାଣ୍ଡିବା—
Āuṇḍā Groping for a thing
হাঁতড়ান

**ଅଉଣ୍ଡିବା**—ଦେ. କି.—ଦରାଣ୍ଡିବା—To grope for or feel ( a thing ).
Āuṇḍibā
হাঁতড়া ପ୍ରାଦେ. ( ସମ୍ବଲପୁର ) କି—( ପାଣି ) ଭଉଁରି ବୁଲିବା—To eddy; to whirl.

**ଅଉନ୍ସ**—ବୈଦେ. ବି ( ଇଂ. )—ଜଳୀୟ ବସ୍ତୁ ବା ଔଷଧାଦିର ଇଂରେଜି ମାପବିଶେଷ—Ounce; a unit of European measure of liquids.
Āuns
[ ଦ୍ର—ପ୍ରାୟ ଅଢ଼େଇ ତୋଳା ଓଜନ ବା ୪୮୦ ଗ୍ରେନ୍ । ]

**ଅଉନ୍ସିଅ**—ଦେ. ବିଣ. ( ସଙ୍ଖ୍ୟାବାଚକ ଶବ୍ଦ ସଙ୍ଗେ ବ୍ୟବହୃତ )—
Āunsiā ଏତେ ଅଉନ୍ସ ସମ୍ଭାଇବା ( ଶିଶି ବା ପାତ୍ର )—
( a bottle ) Of the capacity of so many ounces.
( ଯଥା—ଚାରି ଅଉନ୍ସିଆ ଶିଶି । )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଘ |
| ୨ | ଈ | ଊ | ରୁ | ଲୁ | ଯ୍ୱେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଗଁ୍ୟ | ଇଅ | ୱ | ନ୍ଦ୍ |

ଆଉବୋଉ—ଗ୍ରା. ବି—ଆବୋଉ ( ଦେଖ )
Āubou Ābou ( See )

ଆଉର୍—ପ୍ରାଦେ. ( ସମ୍ବଲପୁର ) ସର୍ବନାମ. ( ସଂ. ଅନ୍ୟତ୍; ତୁଳ; ହି. ଅଉର୍; ବଂ. ଆର )—
Āur
ଆଉ ( ଦେଖ )—Āu ( See )
ଦେ. ଅ—୧ । ଅତ୍ୟନ୍ତ—1. Very much.
୨ । ଅଧିକନ୍ତୁ—2. More over.
୩ । ଏବଂ ମଧ୍ୟ—3. And also.

ଆଉରତ୍—ଦେ. ବି. ସ୍ତ୍ରୀ. ( ଆ. ଆଓରତ୍ )—
Āurat ୧ । ଭାର୍ଯ୍ୟା; ବିବାହିତା ସ୍ତ୍ରୀ—1. Wife.
আওরত্ ୨ । ସ୍ତ୍ରୀ—2. Woman.

ଆଉରି—ଦେ. ଅ—୧ । ଆଉ; ଅଉର; ଓ; ଏବଂ—1. And.
Āuri ୨ । ଏବଂ ମଧ୍ୟ—2. And also.
আর ୩ । ଅପେକ୍ଷାକୃତ—3. Comparatively.
और ୪ । ଅତ୍ୟନ୍ତ—4. Too much; excessively; very; very much.
୫ । ଅଧିକନ୍ତୁ—5. More over.
ମୋହନ ମନ୍ତ୍ରର ଜାଣୁ ତୁ ଆଉରି ମୋ ମନ କରିବୁ ବଶ,
ସରୁ ତ ଗଲା ହରିଣାକ୍ଷୀ ବୃନ୍ଦରୁ ଶ୍ୟାମସୁନ୍ଦରଗୀ ଯଶ । କବିସୂର୍ଯ୍ୟ ସଙ୍ଗୀତ ।

ଆଉଲପାଉଲ—ଦେ. ବି—ଆଉଲବାଉଲ ( ଦେଖ )
Āu̲lapāu̲la Āu̲labāu̲la ( See )

ଆଉଲବାଉଲ—ଦେ. ବିଣ. ( ଆକୁଳ ଓ ବ୍ୟାକୁଳ )—
Āu̲labāu̲la ୧ । ଅସ୍ତବ୍ୟସ୍ତ; ଅଡୁଆଛଡୁଆ ( କେଶ )—
আউলবাউল 1. Dishevelled; confused; tangled.
औरीबैरी ୨ । ଇତସ୍ତତଃ ବିକ୍ଷିପ୍ତ—
2. Strewn here and there.
୩ । ଅତ୍ୟନ୍ତ ଆତୁର ଓ ବ୍ୟାକୁଳ—
3. Overwhelmed with grief.
୪ । ମ୍ଳାନପ୍ରଭ—
4. Shorn of splendour.
୫ । ତ୍ରସ୍ତବ୍ୟସ୍ତ; ଭୟବିହ୍ୱଳ—
5. Frightened.
୬ । ପାଗଳ ପରି—6. Almost mad.

ଆଉଳା—ଦେ. ବି—କ୍ଷେପଣୀ; ଅହୁଳା; ଡଙ୍ଗାକୁ ଚଳାଇବା ପାଇଁ ବ୍ୟବହୃତ ପକ୍ଷଯୁକ୍ତ ଦଣ୍ଡ—An oar.
Āulā
দাঁড়
बल्ला; लग्गी

ଆଉଲାନ୍—ପ୍ରାଦେ. (ମେଦନପୁର) ବିଣ—ଅଲୁଲାୟିତ; ଅସ୍ତବ୍ୟସ୍ତ—
Āulān Dishevelled; disordered.

ଆଉଳା ପକାଇବା—ଦେ. କ୍ରି—ଡଙ୍ଗାକୁ ଚଳାଇବା ପାଇଁ ଅହୁଳାକୁ ପାଣିରେ ଚଳାଇବା—To row.
Āulā pakāibā
দাঁড়ফেলা

ଆଉଳା ମାରିବା—ଦେ. କ୍ରି—ଆଉଳା ପକାଇବା (ଦେଖ)
Āulāmāribā Āulāpakāibā (See)

ଆଉଲିପାଉଲି—ଦେ. ବିଣ—ଆଉଲବାଉଲ (ଦେଖ)
Āu̲lipāu̲li Āu̲labāu̲la (See)

ଆଉଲିପାଉଲି ଯିବା—ଦେ. କ୍ରି—୧ । ତ୍ରସ୍ତବ୍ୟସ୍ତ ହେବା—
Āu̲lipāu̲li jibā 1. To be overwhelmed.
୨ । ମ୍ଳାନପ୍ରଭ ହେବା—2. To be shorn of splendour.
ବିଶ୍ୱରଙ୍ଗ ଏହା ଉଦୟରୁ ଆହା ଗଲେ ଆଉଲିପାଉଲି । କବିସୂର୍ଯ୍ୟ. ଚନ୍ଦ୍ରକଳା ।

ଆଉସ୍—ପ୍ରାଦେ. (ମେଦନପୁର) ବି—ହେମନ୍ତଋତୁରେ ଅମଦାନି ହେବା ବିଆଳି ଧାନ—Paddy harvested in Autum.
Āus

ଆଏ—ଗ୍ରା. ବି. (ସଂ. ଆୟ)—୧ । ଆୟ—1. Income
Āe ୨ । ଅର୍ଜ୍ଜନ—2. Earning.
আয় ୩ । ଅଲଙ୍କାର—3. Ornament.
(ବିଏ—ବିପର୍ଯ୍ୟୟ) ପ୍ରାଦେ. ( ସମ୍ବଲପୁର ) କ୍ରି—ଅଛି; ଅଟେ—Is.
ପ୍ରାଦେ. ( ଉତ୍ତର ) କ୍ରି—ଅଛି—Is.

ଆଏଅଲଙ୍କାର—ଦେ. ବି. ( ସଂ. ଆୟ ଅଲଙ୍କାର )—
Āea̲lankāra ୧ । ଦେହର ଅଲଙ୍କାର ସମୂହ—
আয়অলঙ্কার 1. Ornaments.
୨ । ଅଲଙ୍କାର ଓ ଧନାଦି—
2. Valuables and jewellery.

ଆଏଁଖ୍—ପ୍ରାଦେ. ( ସମ୍ବଲପୁର ) ବି. ( ସଂ. ଅକ୍ଷି )—ଆଖି—Eye.
Āeṅkha ( ଯଥା—ତାହାର ଆଏଁଖ୍ରେ ପିଚଟି ବାହାରିଛେ । )
[ ଦ୍ର—ସମ୍ବଲପୁରରେ 'ଇ' କାରାନ୍ତ ଶବ୍ଦମାନଙ୍କର ଏହିପରି ଉଚ୍ଚାରଣ ହୁଏ; ଯଥା—ନଦୀ—ନଏଦ୍; ରାତି—ରାଏତ୍ । )

ଆଏଁଖ ଆସିବା—ପ୍ରାଦେ. ( ସମ୍ବଲପୁର ) ବି—
Āeṅkha āsibā ୧ । ଆଖି ପତାରେ ଉଠିବା ଅଳୁଅ ବା ବ୍ରଣ—
1. A boil on the eye-lid.
୨ । ଆଖି ବଥାଇବା—2. Aching of the eye.

ଆଏଁଶ୍—ପ୍ରାଦେ. ( ସମ୍ବଲପୁର ) ବି—ଆଇଁଷ ( ଦେଖ )
Āeṅs Āiṅsha ( See )

ଆଏତ୍—ପ୍ରାଦେ. ( ସମ୍ବଲପୁର ) ବି. ଓ ବିଣ. ( ସଂ. ଆୟତ୍ତ )—
Āet ଆୟତ୍ତ ( ଦେଖ )
Āyatta ( See )

ଆଏନା—ଦେ. ବି. ଓ ଅ—ଆଇନା ( ଦେଖ )
Āendā Āindā ( See )
× × × ଆଏନାକୁ ଘୋଡ଼ା ବସୁସ ପଡ଼ିବ, ବଡ଼ ହେବ ନାହିଁ ।
ଫକୀରମୋହନ—ଗଳ୍ପସ୍ୱଳ୍ପ

ଆଏବ୍—ବୈଦେ. ( ଆରବୀ ) ବି—
Āeb ୧ । ଦୋଷ; ତ୍ରୁଟି—1. Fault; defect.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଖାଇ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ଘୋଡ଼ା ଓ ମନୁଷ୍ୟ ବିଶେଷଙ୍କଠାରେ ଥିବା ବିଶେଷ ଦୁର୍ଗୁଣ—2. A particular defect or vice in a particular person or horse.

୩ । ମନ୍ଦଗୁଣ—3. Bad quality.

**ଆଏବା**—ପ୍ରାଦେ. ( ଭଞ୍ଜ ) କ୍ରି—ଆସିବା—
Āebā — To come.

**ଆଏବି**—ବୈଦେ. (ଆ) ବିଣ—ବିଶେଷ ଦୁର୍ଗୁଣଯୁକ୍ତ ( ଘୋଡ଼ା ଆଦି )—
Āebi — (a horse) Having a particular defect.
আএবী
आएबी

**ଆଏଶ୍**—ଦେ. ବି. ( ଆ. ଆୟସ୍ )—
Āeś
୧ । ମଉଜ; ସୁଖ—1. Ease.
୨ । ରହିବା ଓ ଚଳିବା ବିଷୟରେ ମଉଜ—2. Luxury; luxurious style of living.
୩ । ଆୟାସ ( ଦେଖ ) 3. Āyāsa ( See )

**ଆଏଶି**—ଦେ. ବିଣ—୧ । ଯେଉଁ ବ୍ୟକ୍ତି ମଉଜ ବା ଆୟସରେ ଚଳେ—
Āeśi — 1. Living in luxurious style.
୨ । ଯେଉଁ ବ୍ୟକ୍ତି ଆୟସରେ ରହିବାକୁ ସୁଖ ପାଏ—2. Luxury-loving; ease-loving.

**ଆଂଶିକ**—ସଂ. ବିଣ. ( ଅଂଶ + ସମ୍ବ. ଇକ )—
Āṁśika
୧ । ଅଂଶସମ୍ବନ୍ଧୀୟ—1. Relating to a part.
୨ । ଅସମ୍ପୂର୍ଣ୍ଣ—2. Incomplete

**ଆଃ**—ସଂ. ଅ—୧ । ଅହା ! ହାୟ !—
Āḥ — 1. (interjection) Oh ! Ah ! Alas !
আঃ
उफ्, उफ़रे
( ନିମ୍ନଲିଖିତ ଅର୍ଥରେ ମଧ୍ୟ ବ୍ୟବହୃତ Used in following senses.)—
୧ । କୋପାର୍ଥକ—1. Anger.
୨ । ବିରକ୍ତିସୂଚକ—2. Displeasure.
୩ । ପୀଡ଼ାଜ୍ଞାପକ—3. Pain.
୪ । ଶୋକସୂଚକ—4. Grief.
୫ । ହର୍ଷସୂଚକ—5. Delight.

**ଆଃ. ମୂ**—ଦେ. ବି. ( ଇଂରାଜୀ. ସାଙ୍କେତିକ ) ଆନୁମାନିକ ମୂଲ୍ୟ—
Āḥ. mū — Approximate value.

**ଆଁ**—ଦେ. ବି.—ମୁଖବ୍ୟାଦାନ—Opening the mouth wide.
Āñ ଦେ. ବିଣ—ବ୍ୟାଦାନ କରି ଯାଇଥିବା (ପାଟି)—
হাঁ — Wide-open ( mouth )

**ଆଁ କରିବା**—ଦେ. କ୍ରି.—ପାଟି ମେଲାକରିବା; ମୁଖ ବ୍ୟାଦାନକରିବା—
Āñ karibā — To gape; to open the mouth wide.

ସେ ତେଜ ପୁଣି ବ୍ରହ୍ମା ଯଥନ୍ତେ ଆଁ କରି
ବ୍ରହ୍ମାଙ୍କ ପେଟରେ ପଶିଲେ ଘର କରି—କୃଷ୍ଣସିଂ. ମହାଭାରତ. ଶାନ୍ତି ।

**ଆଁଖି**—ପ୍ରାଦେ. (କଟକ ସଦର) ବି.—ଚକ୍ଷୁ; ଆଖି—Eye.
Āñkhi

**ଆଁଚନ୍**—ପ୍ରାଦେ. (ସମ୍ବଲପୁର) ବି. (ସଂ. ଅଞ୍ଚ୍ = ଗଡ଼ିବା)—
Āñchan — ଦଉଡ଼ିଆ ଖଟର ଗୋଡ଼ ପାଖଆଡ଼ୁ ଏକ ହାତ ଜାଗା ପର୍ଯ୍ୟନ୍ତ ଛନ୍ଦାଥିବା ପନାସୀଦଉଡ଼ି—The rope used in a bed-sted.

**ଆଁଛି**—ପ୍ରାଦେ. ( ସମ୍ବଲପୁର ) ବି. ( ସଂ. ଅଞ୍ଚଳ )—
Āñchhi — କସ୍ତାସୁତା; ନାଲି ରଙ୍ଗ କରାଯାଇ ଥିବା ଦେଶୀ ମୋଟା ସୁତା ( ଏହା ଗାମୁଛାର ମୁହଁରେ ଓ ଧଡ଼ିରେ ଲାଗେ )—Red coloured coarse thread.

**ଆଁଟ୍**—ପ୍ରାଦେ. (ସମ୍ବଲପୁର) ବିଣ—ଆଣ୍ଟ ( ଦେଖ )
Āñt — Āṇṭa ( See )

**ଆଁଟ୍‌ବା**—ପ୍ରାଦେ. (ସମ୍ବଲପୁର) କ୍ରି—(ମୁଛ) ମୋଡ଼ିବା—
Āñṭbā — To curl ( the whiskers )

ଘରେ ନାହିଁ ବଇହନ୍ ଝାଁଟ, ଚିଙ୍ଗଲ୍ ଅଛେ ମେଞ୍ଚା ଆଁଟ୍—ଢଗ ।

**ଆଁଟା**—ପ୍ରାଦେ. ( ସମ୍ବଲପୁର ) ବି—
Āñṭā — ପଡ଼ିଆର ହାଡ଼ ପାଖରେ ଥିବା ଅଳ୍ପ ଉଚ୍ଚ ହିଡ଼—Ridges on the boundary of a vast field.

**ଆଁଠି**—ପ୍ରାଦେ. (ସମ୍ବଲପୁର) ବି. (ସଂ. ଅସ୍ଥି)—ଟାଙ୍କୁଆ ( ଆମ୍ବ, ତାଳ, କୋଳି ଭିତରେ ଥିବା ହାଡୁଆ ମଞ୍ଜି )—Stone inside mango and other fruits.
Āñṭhi
আঁঠি

**ଆଁଠୁ**—ପ୍ରାଦେ. ( ସମ୍ବଲପୁର ) ବି—ଆଣ୍ଠୁ—
Āñṭhu — Knee.

**ଆଁଡ଼ବାଲ (ଘୋଡ଼ା)**—ପ୍ରାଦେ. ( ସମ୍ବଲପୁର ) ବିଣ—
Āñḍbālā (horse) — ଅଣ୍ଡବାଜ (ଘୋଡ଼ା) ( ଦେଖ ) Āṇḍbāji (horse) (See)

**ଆଁବା**—ପ୍ରାଦେ. ( ବସ୍ତର )—ଆମ୍ବ—
Āñbā — Mango.

**ଆଁଶ୍**—ଦେ. ବି. ( ସଂ. ଅଂଶୁ )—ଅଂଶୁ ( ଦେଖ )
Āñś — Āṁśu ( See )

**ଆଁଶକବିଜା**—ଦେ. ବି.—ଯେଉଁ କବଜାର ପଛଆଡ଼େ ଆଁଷ ବା କୋଣ ଥାଏ—Hinge having corners at the back.
Āñśkabijā
আঁশকজা

**ଆଁଶିଆ**—ଦେ. ବିଣ. ( ସଂ. ଅଂଶୁଳ )—ଅଂଶୁଳ ( ଦେଖ )
Āñśiā — Aṁśula ( See )

**ଆଁଶିଆଁଶିଆ**—ଦେ. ବିଣ. ( ସଂ. ଅଂଶୁଳ )—ଅଂଶୁଳ ( ଦେଖ )
Āñśiāñśiā — Aṁśula ( See

**ଆଁଶୁ**—ଦେ. ବି. ( ସଂ. ଅଂଶୁ )—୧ । ଅଂଶୁ ( ଦେଖ )
Āñśu — 1. Aṁśu ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇଯ଼ | ଉଅ | ଋ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ୱ | ନୃ |

आँश ୨ । ଆଖିରୋଗବିଶେଷ; ଆଖିରେ ପଡ଼ଲା ହୋଇ ମାଡ଼ିଯିବା
रेसा ପରଲ—2. A disease of the eye; cataract.

୩ । ନଡ଼ିଆ ବାହୁଙ୍ଗା ମୂଳର ପଦା ପାଖେ ଲାଗିଥିବା ଧଳା ପଦାର୍ଥ—3. Fibrous thin white layer found on the root of cocoanut branches.

**ଆଁଶୁଆଁଶୁଆ**—ଦେ. ବିଣ. ( ସଂ. ଅଂଶୁଳ )—ଅଂଶୁଳ ( ଦେଖ )
Āñsuāñsuā Amśula ( See )
एँशो
रेसादार्

**ଆକଞ୍ଚା**—ଗ୍ରା. ବି.—ଆକାଂକ୍ଷା— Will; desire; intention.
Ākañchā ଗୋପୀ ପ୍ରେମ ଅନୁଗ୍ରହ ଆକଞ୍ଚା,
ସେହି ମତ ମୋ ନରନ୍ତର ବାଞ୍ଛା । ପ୍ରାଚୀ—ରହସ୍ୟମଞ୍ଜରୀ ।

**ଆକଟ**—ଦେ. ବି.—୧ । ତାକିଦ୍—1 Warning.
Ākaṭa ହାର ଭୃତ୍ୟ କରିଥିବୁ, କାହାକୁ ଛନ୍ଦ ନ ଦେବୁ,
जब्द ଆକଟ ତାହାକୁ କଲା, ବଳରୁ ବାହାର ହେଲା ।
ବିଶ୍ୱନାଥ—ବିଚିତ୍ରରାମାୟଣ ।

୨ । କାଇଦା —2. Strict discipline.
( ଯଥା—ତାଙ୍କ ଘର ପିଲାମାନେ ଭାରି ଆକଟରେ ଅଛନ୍ତି । )

୩ । ଅଟକ; ନିଷେଧ—3 Restraint; prohibition.
ହୃଦୟର ବାଣୀ ଲେଖ ଆକଟ ଜାଣି,
ଅନାଇଁ ରହନ୍ତୁ ବେଳେ ହେଲେ ନେଲଣି । ବିଶ୍ୱନାଥ—ବିଚିତ୍ରରାମାୟଣ ।

୪ । ଗୁରୁଜନାଦିଙ୍କର ଅଧସ୍ତନମାନଙ୍କ ପ୍ରତି ଯାବତା; କଠୋର ବିଧି, ଶାସନା—4. Discipline; strict rule.
ଯାହାର ଏବେ ଏତେ ଆକଟ, ଦେଖିବ ତୁମ୍ଭେ ତାହାର ଶୃଙ୍ଖଳ ।
କବିସୂର୍ଯ୍ୟ—କବିତା ।

୫ । ଅଲଂଘ୍ୟ ବିଧି—5. Inviolable rule.

୬ । ତୀବ୍ର ଆଦେଶ—6 Urgent order.
ଶୁଣ ଗୋ ସଖିଜନେ ମୋର, ରାଜାର ଆକଟ ଅପାର ।
ଜଗନ୍ନାଥ—ଭାଗବତ. ୧୦ମ ସ୍କନ୍ଧ ।

୭ । ଜରୁରି—7. Urgency.
( ଯଥା—ତାର ଟଙ୍କାର ବଡ଼ ଆକଟ ପଡ଼ିଛି । )

जरूरी ଦେ. ବିଣ.—୧ । ଜରୁରି—1. Urgent.
ପଥ ଗଲିବା ତା ଆକଟ, କାର୍ଯ୍ୟ ନିମନ୍ତେ ହଟପଟ ।
ପ୍ରାଚୀ. ନିର୍ଗୁଣମାହାତ୍ମ୍ୟ ।

୨ । କଡ଼ା; ଅଲଂଘ୍ୟ—2. Strict; inviolable,

୩ । ନିଷିଦ୍ଧ—3 Prohibited.

**ଆକଟ କରିବା**—ଦେ. କ୍ରି.—୧ । ( ଉର୍ଦ୍ଧ୍ୱତନ ବ୍ୟକ୍ତି ଅଧସ୍ତନଙ୍କୁ )
Ākaṭa karibā ଯାବତା କରିବା; ଖୁବ୍ କଠୋର ନିୟମାଧୀନରେ
जब्दकरा ରଖିବା—1. To keep under discipline.

୨ । ଶାସନାର୍ଥ ଗାଳିଦେବା—2. To repremand; to censure.

୩ । ତାକିଦ୍ କରିବା; ସାବଧାନ କରି ଚେତାଇଦେବା—3. To warn.

୪ । ଅଟକାଇବା—4. To Restrain.

୫ । ନିଷେଧ କରିବା—5. To prohibit.

**ଆକଟିବା**—ଦେ. କ୍ରି.—ଆକଟ କରିବା (ଦେଖ)
Ākaṭibā Ākaṭa karibā.(See)
ପାପୀଙ୍କ ଦେଖିଲେକ ପିଶାଚୀ ଆକଟେ (ଅଟକାଏ)—କୃଷ୍ଣସିଂହ. ମହାଭାରତ—ବନ ।

**ଆକଟେ**—ଦେ. ପଦ୍ୟ. କ୍ରି. ବିଣ—ଦୃଢ଼ଭାବରେ—
Ākaṭe Tightly; fast.
ଶୂନ୍ୟକୁ ଆକଟେ ଧରି ନିବିଡ଼ ଆଶ୍ଳେଷେ ଆସେ ମୋହ—ରାଧାନାଥ. ମହାଯାତ୍ରା ।

**ଆକଡ଼ମ୍ବାଗୀ**—ଦେ. ବିଣ.—ଅକଡ଼ମ୍ବାଗି (ଦେଖ)
Ākar̤dambāgi Akar̤dambāgi (See)

**ଆକଡ଼ମ୍ବାଜ୍**—ଦେ. ବିଣ.—ଅକଡ଼ମ୍ବାଗି (ଦେଖ)
Ākar̤dambāj Akar̤dambāgi (See)

**ଆକଡ଼ମ୍ବାଜି**—ଦେ. ବି.—ଅକଡ଼ମ୍ବାଜି ଦେଖ)
Ākar̤dambāji Akar̤dambāji (See)

**ଆକଡ଼ମ୍ବାଜିଆ**—ଦେ. ବିଣ.—ଅକଡ଼ମ୍ବାଗି (ଦେଖ)
Ākar̤dambājiā Akar̤dambāgi (See)

**ଆକଣ୍ଠ**—ସ. ଅ. (ଅବ୍ୟୟୀଭାବ; ଆ=ପର୍ଯ୍ୟନ୍ତ+କଣ୍ଠ)—
Ākaṇṭha କଣ୍ଠପର୍ଯ୍ୟନ୍ତ (ଭୋଜନ)—Up to the neck.
ସଂ. ବିଣ.—କଣ୍ଠ ପର୍ଯ୍ୟନ୍ତ ଗଭୀର ବା ପୂର୍ଣ୍ଣ—
Full upto the neck 's height.
ଦେ. ବିଣ.—୧ । ଅତି ବିପନ୍ନ—1. Fallen in a great
आकण्ठ danger.
୨ । କଣ୍ଠାଗତପ୍ରାଣ—2. Dying.
ଦେ. ବି.—୧ । କଣ୍ଠାଗତପ୍ରାଣ ଅବସ୍ଥା—
1. Dying state.
୨ । ଅତି ବିପନ୍ନାବସ୍ଥା—2. Great calamity.

**ଆକତା** (ଇତ୍ୟାଦି)—ଦେ. ବିଣ.—ଆକ୍ତା ଇତ୍ୟାଦି (ଦେଖ)
Ākatā etc Āktā etc (See)

**ଆକନ୍ଦ**—ସଂ. ବି.—ଅରଖ (ଦେଖ
Ākanda Arakha (See)

**ଆକବର**—ଦେ. ବି. (ନାମ)—ଭାରତବିଖ୍ୟାତ ମୋଗଲ ସମ୍ରାଟ—
Ākabara The great Mogala Emperor of India.

[ ଦ୍ର—ଏ ଦ୍ୱିତୀୟ ମୋଗଲ ସମ୍ରାଟ ହୁମାୟୁନଙ୍କ ପୁତ୍ର ଥିଲେ । ୧୫୫୬ରୁ ୧୬୦୫ ପର୍ଯ୍ୟନ୍ତ ଏ ଭାରତର ମୋଗଲ ରାଜସିଂହାସନ ଅଧିକାର କରିଥିଲେ । ହିନ୍ଦୁ ମୁସଲମାନ ସମସ୍ତଙ୍କୁ ସମାନଭାବରେ ଦେଖିବା ଏବଂ ହିନ୍ଦୁମାନଙ୍କ ପ୍ରତି ଅନୁଚିତ ବ୍ୟବହାର ନ କରିବା-ହେତୁରୁ ଏ ଭାରତ ଇତିହାସରେ ପ୍ରଧାନ ରାଜା ବୋଲି ଅଭିହିତ ହୋଇଅଛନ୍ତି । ବିକ୍ରମାଦିତ୍ୟଙ୍କ ସଭାରେ ଯେପରି ନବରତ୍ନ ଥିଲେ

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୯ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୬ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୯ ବା ୬ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ପୁସ୍ତକକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୬ ବା ୯ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'ଭୂଷା' ନ ମିଳିଲେ 'ଭୁଷା' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

ସେହିପରି ଏହାଙ୍କ ସଙ୍ଗରେ ଅବୁଲଫଜଲ୍, ଫଏଜୀ, ଭାନସେନ୍ ପ୍ରଭୃତି ୯ ଜଣ ଗୁଣୀ ଲୋକ ମଧ୍ୟ ଥିଲେ ।]

**ଆକମ୍ପ**—ସଂ. ବି. (ଆ+କମ୍ପ. ଧାତୁ+ଭାବ. ଅ)—
Ākampa ଈଷତ୍କମ୍ପ—Vibration; tremour; trembling.
(ଆକମ୍ପିତ—ବିଣ.)

**ଆକମ୍ପନ**—ସଂ. ବି. (ଆ+କମ୍ପନ)—୧ । ଈଷତ୍ କମ୍ପନ—
Ākampana 1. Vibration.
୨ । ଥରିବା—2. Trembling; tremulation.

**ଆକମ୍ପିତ**—ସଂ. ବିଣ. (ଆ+କମ୍ପିତ)—୧ । ଈଷତ୍କମ୍ପିତ—
Ākampita 1. Tremulous.
୨ । ଥରୁଥିବା—2. Shaking.
୩ । ଅଳ୍ପ ହଲୁଥିବା—3. Shaking a little.

**ଆକମ୍ପ୍ର**—ସଂ. ବିଣ. (ଆ+କମ୍ପ୍ର)—ଆକମ୍ପିତ (ଦେଖ)
Ākampra Ākampita (See)

**ଆକର**—ସଂ. ବି. ପୁଂ. (ଆ+କୃ ଧାତୁ=ଉତ୍ପନ୍ନହେବା+ଅଧିକରଣ. ଅ)—୧ । ଖଣି (ଯଥା—ସ୍ୱର୍ଣ୍ଣାକର)—1. Mine.
Ākara
୨ । ଉତ୍ପତ୍ତିସ୍ଥାନ ( ଯଥା—ରତ୍ନାକର)—2. Source.
୩ । (ଲକ୍ଷଣାର୍ଥ) ସମୂହ (ଯଥା—ପଦ୍ମାକର)—
3. Collection
୪ । (ଲକ୍ଷଣାର୍ଥ) ଯେଉଁଠାରେ କୌଣସି ପଦାର୍ଥ ବା ଗୁଣ ବିଶେଷଭାବରେ ଥାଏ (ଯଥା—ଗୁଣାକର)—
4. A place where anything or quality predominates.

**ଆକରକରା**—ଦେ. ବି.—ଅକରକରା (ଦେଖ)
Ākarakarā Akarakarā (See)

**ଆକରଷ**—ଦେ. ପଦ୍ୟ. ବି. (ସଂ. ଆକର୍ଷ)—ଆକର୍ଷ (ଦେଖ)
Ākarasha Ākarsha (See)
କରିବାକୁ ଆକରଷ ଚିତ୍ତ ଫରସ । ଉତ୍କ. ପ୍ରେମସୁଧାନିଧି ।

**ଆକରଷଣ**—ଗ୍ରା. ପଦ୍ୟ. ବି. ସଂ. (ଆକର୍ଷଣ)—ଆକର୍ଷଣ (ଦେଖ)
Ākarashaṇa Ākarshaṇa (See)
କୃଷ୍ଣ ତନୁ ମନ ମନରଞ୍ଜ ମନ୍ତ୍ର; ଆକରଷଣମାନ ରେଚକ ।
ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

**ଆକରଷିବା**—ଗ୍ରା. ପଦ୍ୟ. କ୍ରି.—ଆକର୍ଷିବା (ଦେଖ)
Ākarashibā Ākarshibā (See)
ଆକରଷିବେ ଦେବ ବାମନ୍ତ ବ । ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

**ଆକରା**—ବୈଦେ. ବିଣ. (ଆ. ଅକ୍ରା)—୧ । ମହାର୍ଘ; ମହର୍ଘ—
Ākarā 1. Dear.
ଆକ୍ରା ୨ । ଜରୁରୀ—2 Urgent.
ଆକ୍ରା ଦେ. ବି.—୧ । ଜରୁରୀ—1. Urgency.
୨ । ବିଶେଷ ଅଭାବ—2. Great want.
(ଯଥା—ବର୍ତ୍ତମାନ ଚାଉଳ ଭାରି ଆକରା ପଡ଼ିଛି ।)
୩ । ମୂଲ୍ୟ ଚଢ଼ା ହେବା—3. Rise in price.

**ଆକରିକ**—ସଂ. ବିଣ. (ଆକର+ଇକ)—୧ । ଖଣିସମ୍ବନ୍ଧୀୟ—
Ākarika 1 Relating to mines.
୨ । ଖଣିଜ; ଖଣିରୁ ଉତ୍ପନ୍ନ—2. Mineral.
୩ । ଖଣିରେ କାମ କରୁଥିବା—
3. Mining; engaged in mine.
ସଂ. ବି. ପୁଂ.—ଖଣିରୁ କର ଆଦି ଆଦାୟ କରିବା ପାଇଁ ନିଯୁକ୍ତ ରାଜକର୍ମଚାରୀ—A person appointed to supervise a mine.

**ଆକରୀ**—ସଂ. ବିଣ (ଆକର+ଇନ୍; ୧ମା. ୧ବ.)—୧ । ଖଣିଜ—
Ākarī 1. Produced in mine.
୨ । ଉତ୍ତମଜାତୀୟ (ପଶୁ)—
2. Beast of good breed.

**ଆକରୀୟ**—ସଂ. ବିଣ. (ଆକର+ଈୟ)—ଆକରିକ (ଦେଖ)
Ākarīya Ākarika (See)

**ଆକରୋଟ**—ବୈଦେ. ( ଅ ) ବି—ଅକ୍ଷୋଟ ( ଦେଖ )
Ākaroṭa Ākshoṭa ( See )

**ଆକର୍ଣ୍ଣ**—ସଂ. କ୍ରି. ବିଣ. ( ଅବ୍ୟୟୀଭାବ. ଆ+କର୍ଣ୍ଣ )—କର୍ଣ୍ଣଯାଏ ବିସ୍ତୃତ—(drawn) to the ear; reaching the ear.
Ākarṇṇa

**ଆକର୍ଣ୍ଣନ**—ସଂ. ବି. ( ଆ+କର୍ଣ୍ଣ ଧାତୁ+ଭାବ. ଅନ )—ଶୁଣିବା; ଶ୍ରବଣ—Hearing; listening.
Ākarṇṇana
( ଆକର୍ଣ୍ଣିତ—ବିଣ )

**ଆକର୍ଣ୍ଣିତ**—ସଂ. ବିଣ. ( ଆ+କର୍ଣ୍ଣ ଧାତୁ+କର୍ମ. ତ )—ଶ୍ରୁତ; ଶୁଣାଯାଇଥିବା—Heard.
Ākarṇṇita

**ଆକର୍ଣ୍ଣିବା**—ଦେ. ପଦ୍ୟ କ୍ରି.—କର୍ଣ୍ଣ ପର୍ଯ୍ୟନ୍ତ ଟାଣିବା—
Ākarṇṇibā To draw upto the ear.
ଆକର୍ଣ୍ଣି ବର୍ଣ୍ଣମୂଳ ଶର ବାଛ—କୃଷ୍ଣସିଂହ. ମହାଭାରତ. ବନ୍ଧ ।

**ଆକର୍ଷ**—ସଂ. ବି. ( ଆ+କୃଷ. ଧାତୁ+ଭାବ. ଅ )—
Ākarsha ୧ । ଆକର୍ଷଣ—1. Drawing.
୨ । ଧନୁ ଟାଣିବା—2. Drawing a bow.
୩ । ପଶା ଖେଳିବା—3. Playing with dice.
୪ । ସ୍ନାୟୁଜନିତ ଅସ୍ୱାଭାବିକ ବେଗ ବା କମ୍ପ—4. Spasm.
୫ । ଦୂରକୁ ଟାଣିନେବା—5. Drawing away.
୬ । ( +କର୍ମ. ଅ ) ପଶାକାଠି—6. Dice; a die.
୭ । ଇନ୍ଦ୍ରିୟ—7. Sense-organs.
୮ । ପଶାପାଲି—8. A dice-board.
୯ । ( +କରଣ. ଅ ) ଚୁମ୍ବକ—9. Load stone.
୧୦ । କଷଟି ପଥର—10. Touch-stone.
୧୧ । ଅଙ୍କୁଶ—11. Hook.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଊ | ଋ,ୠ | ୡ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇୟ | ଉଅ | ଖ |
| ୨ | ଈ | ଉ | ରୁ | ଲୃ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଙ୍ଗ | ଇଅ | ଓ | ନ୍ତ |

**ଆକର୍ଷକ**—ସଂ. ବିଣ. ପୁଂ. ( ଆ+କୃଷ ଧାତୁ+କର୍ତ୍ତୃ. ଅକ )—
Ākarshaka ଆକର୍ଷଣକାରୀ; ଆକର୍ଷଣକର୍ତ୍ତା—
(ଆକର୍ଷିକା—ସ୍ତ୍ରୀ) One who draws ( anything )
ସଂ. ବି—ଚୁମ୍ବକ—Load-stone; magnet

**ଆକର୍ଷଣ**—ସଂ. ବି. ( ଆ+କୃଷ ଧାତୁ+ଭାବ. ଅନ )—
Ākarshaṇa ୧ । ଆପଣା ଆଡ଼କୁ ଟାଣିବା; ବଳପୂର୍ବକ ଉଠାଇବ; ଝିଙ୍କିବା—1. Attraction; drawing towards one's self.
୨ । ମନ ମୋହିବା; ଅନ୍ୟର ମନକୁ ବଶୀଭୂତ କରିବା—
2. Seduction; fascination.
୩ । ( ନିଦ୍ରା; ଜ୍ୱରର ) ଆକ୍ରମଣ—
3. Attacking ( of fever or sleep )
୪ । ଜଡ଼ ପଦାର୍ଥର ଯେଉଁ ଗୁଣଦ୍ୱାରା ପରମାଣୁସମୂହ ପରସ୍ପର ପ୍ରତି ସ୍ୱ ସ୍ୱ ଅଭିମୁଖରେ ବଳ ପ୍ରକାଶ କରନ୍ତି—
4. Attraction.

**ଆକର୍ଷଣୀ**—ସଂ. ବି. ସ୍ତ୍ରୀ—(ଆ+କୃଷ୍ ଧାତୁ+କରଣ. ଅନ+ସ୍ତ୍ରୀ. ଈ—
Ākarshaṇī ଯାହାଦ୍ୱାରା ଆକର୍ଷଣ କରାଯାଏ ) ୧ । ଅଗବଙ୍କା; କଣ୍ଟା; ଅଙ୍କୁଶକଣ୍ଟା—1. Hook; hooked nail;
୨ । ଅଙ୍କୁଡ଼ି—2. A rod with a hook used to pick fruits from high trees.
୩ । ଲତାର ସୂକ୍ଷ୍ମ ବଙ୍କା ଅଗ୍ର, ଯାହାଦ୍ୱାରା ଲତା ଆଶ୍ରୟକୁ ଧରି ଧରି ଗୁଡ଼େଇ ହୋଇ ଉପରକୁ ଉଠେ; ଲତାପ୍ରତାନ—
3. The pointed and hook-like end of a creeper.
୪ । ଶରୀରର ଚିହ୍ନ ବା ମୁଦ୍ରାବିଶେଷ—
4. The signs of the body.
୫ । ( +କର୍ତ୍ତୃ. ଅନ ) ଆକର୍ଷଣକାରିଣୀ—
5. Attracting.
( ଯଥା—ଆକର୍ଷଣୀ ଶକ୍ତି । )

**ଆକର୍ଷଣୀୟ**—ସଂ. ବିଣ. ( ଆ+କୃଷ୍ ଧାତୁ+କର୍ମ. ଅନୀୟ )—
Ākarshaṇiya ଝିଙ୍କିହେବାର ଯୋଗ୍ୟ—
Fit to be attracted.

**ଆକର୍ଷିକ**—ସଂ. ବିଣ (ଆ+କୃଷ୍ ଧାତୁ+ଇକ)—୧ । ଆକର୍ଷଣକାରୀ—
Ākarshika 1. Drawing; attracting.
୨ । ଚୁମ୍ବକସମ୍ବନ୍ଧୀୟ—2. Magnetic.
ସଂ. ବି.—୧ । ଚୁମ୍ବକ—1. Magnet.
୨ । ଚୁମ୍ବକ ପଥର—2. Load-stone.

**ଆକର୍ଷିବା**—ଦେ. ପଦ୍ୟ. କ୍ରି. ୧ । ( ସଂ. ଆ+କୃଷ୍ ଧାତୁ )—ଆକର୍ଷଣ
Ākarshibā କରିବା—1. To attract; to draw.
আকর্ষী ଥାନ୍ତି ଅଣି ଦାରୁଣ ନିଦ୍ରା ମୋ ଦେହକୁ,
ଆକର୍ଷି ନେଲା ମୋତେ ଏପରି ମୋହକୁ । କୃଷ୍ଣସିଂ. ମହାଭାରତ. ବନ ।

୨ । ( ଜ୍ୱର ) ଉପକ୍ରମ ହେବା; ଆକ୍ରମଣ କରିବା—
2. To attack.
୩ । ଆକୃଷ୍ଟ ହେବା—3. To be attracted.
ଯାବତ ଶୁଭାଶୁଭ କର୍ମେ, ତାର ଆକର୍ଷେ ମତିଭ୍ରମେ ।
ଜଗନ୍ନାଥ—ଭାଗବତ ।
୪ । ( ସଂ. ଆକ୍ରମଣ )—ଆକ୍ରୋଶ କରିବା; ରାଗ କରିବା—
To be angry.
ନସୁକ ତରଙ୍ଗ ସେହି ଗ୍ରହାନ୍ତ ଆକର୍ଷି । ଅ. କା. ଦା. ଘ. ।

**ଆକର୍ଷୀ**—ସଂ. ବିଣ. ପୁଂ. (ଆ+କୃଷ ଧାତୁ+କର୍ତ୍ତୃ. ଇନ୍ ୧ମା. ୧ବ.)—
Ākarshī
(ଆକର୍ଷିଣୀ—ସ୍ତ୍ରୀ) ଆକର୍ଷକ (ଦେଖ)
Ākarshaka (See)
ସଂ. ବି.—ଆକର୍ଷଣୀ (ଦେଖ)
Ākarshaṇī (See)

**ଆକଲ୍** (ଇତ୍ୟାଦି)—ଦେ. ବି.—ଅକଲ୍ (ଇତ୍ୟାଦି) (ଦେଖ)
Ākal (etc) Akal etc. (See)

**ଆକଲ୍କରା**—ଦେ. ବି.—ଅକରକରା (ଦେଖ)
Ākalkarā Akarakarā (See)

**ଆକଲ୍ ମାକଲ୍, ଟାକଲ୍ ଚୁଆ**—ଦେ. ବି. (ଶିଶୁକ୍ରୀଡ଼ା)—ଶିଶୁମାନେ
Ākal mākal ṭākal chuā ଲୁଚିଅଣି ଖେଳରେ କେଉଁ ଶିଶୁ 'ଚୋର' ହେବ ତାହା ଠିକ୍ କରିବାପାଇଁ ଜଣଜଣକ ମୁଣ୍ଡରେ ହାତ ବଜାଇ ବୋଲିବା ପଦର ୧ମ ପାଦ—
The first line of a passage sung by children playing—Hide and seek.

**ଆକଳନ**—ସଂ. ବି. (ଆ+କଳ ଧାତୁ=ଗଣନା କରିବା; ଟାଣିବା+ଭାବ. ଅନ)—୧ । ଆକାଙ୍କ୍ଷା—1. Desiring.
Ākaḻana
୨ । ଗଣନା—2. Counting; calculating.
୩ । ବାନ୍ଧିବା—3. Binding.
୪ । ସଂଗ୍ରହ—4. Collecting.
୫ । ତଦନ୍ତ—5. Enquiry.
୬ । ଗ୍ରଥନ—6. Stringing together.
୭ । ବୁଝିବା—7. Comprehending
୮ । ଆକର୍ଷଣ—8. Attracting.

**ଆକଳି**—ଦେ. ବିଣ. (ସଂ. ଆକୁଳ)—ଆଶ୍ଚର୍ଯ୍ୟାନ୍ୱିତ—
Ākaḻā Astonished.
আকুল ଶଶିସେଣା ଆକଳି ହୋଇ ପଚାରଇ ।
ପ୍ରାଚୀ. ଶଶିସେଣା—ମୁଖବନ୍ଧ ।

**ଆକଳିତ**—ସଂ. ବିଣ (ଆ+କଲ୍ ଧାତୁ+କର୍ମ. ତ)—୧ । ଆକାଙ୍କ୍ଷିତ—
Ākaḻita 1. Desired; wished for.
୨ । ଗଣିତ—2. Calculated; counted.
୩ । ସଂଗୃହୀତ—3. Collected.
୪ । ଗ୍ରଥିତ—4. Strung together.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'କଂଧ' ନ ପାଇଲେ 'କନ୍ଧ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଂକ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୫ । ଉପରକୁ ଆକର୍ଷିତ—5. Drawn up.
୬ । ବଦ୍ଧ—6. Bound.
୭ । ବୁଝା ଯାଇଥିବା—
7. Comprehended; understood.

**ଆକଳ୍ପ**—ସଂ. ଅ. (ଆ=ପର୍ଯ୍ୟନ୍ତ+କଳ୍ପ)—୧ । କଳ୍ପାବସାନ ବା କଳ୍ପାନ୍ତ ପର୍ଯ୍ୟନ୍ତ—1. Till the end of time.
Ākalpa
୨ । ପ୍ରଳୟକାଳ ପର୍ଯ୍ୟନ୍ତ—2. Till a cataclysm occurs.
ସଂ. ବି.—୧ । (ଆ+କ୍ଳୃପ୍ ଧାତୁ=ଭୂଷିତ କରିବା+କରଣ. ଅ)—ବେଶ ରଚନା—1. Dressing.
୨ । ଆନନ୍ଦ—2. Joy; delight.
୩ । ବେଶଭୂଷା—3. Decoration.
୪ । ଅଳଙ୍କାର—4. Ornaments.
୫ । (+ଭାବ. ଅ)—ଉନ୍ନତି—5. Improvement.
୬ । କଳ୍ପନା—6. Imagination.
୭ । ଯୋଡ଼ାଥାନ; ଗଣ୍ଠି—7. Knot; joint.
୮ । ରୋଗ; ପୀଡ଼ା—8. Disease; sickness.
୯ । ମୂର୍ଚ୍ଛିତ ହେବା; ବେହୋସ୍ ହେବା—9. Fainting.

**ଆକଷ**—ସଂ. ବି. (ଆ+କଷ ଧାତୁ+ଅଧିକରଣ. ଅ)—କଷଟି ପଥର—Touch-stone.
Ākasha

**ଆକସ୍ମିକ**—ସଂ. ବିଣ. (ଅକସ୍ମାତ୍=କୌଣସିଠାରୁ ନୁହେଁ+ଇକ; ନିପାତନ)—୧ । ଅକସ୍ମାତ୍ ଉତ୍ପନ୍ନ; ଅକସ୍ମାତ୍ ଉପସ୍ଥିତ—1. Sudden; happening unexpectedly; accidental.
Ākasmika
୨ । ଅପ୍ରତ୍ୟାଶିତ—2. Unforeseen; unexpected.
୩ । ଅକାରଣ; ଅମୂଳକ—
3. Causeless; groundless.

**ଆକାଙ୍କ୍ଷ**—ସଂ. ବିଣ. (ଆ+କାଙ୍କ୍ଷ ଧାତୁ+କର୍ତ୍ତୃ. ଅ)—(ବ୍ୟାକରଣ)—ଅର୍ଥ ପୂର୍ଣ୍ଣ କରିବାପାଇଁ ଅନ୍ୟ ଶବ୍ଦ ଲୋଡ଼ୁଥିବା (ଶବ୍ଦ)—(grammar) (a word) Requiring another word or words to complete the sense (M. W.)
Ākānksha

**ଆକାଙ୍କ୍ଷଣୀୟ**—ସଂ. ବିଣ. (ଆ+କାଙ୍କ୍ଷ ଧାତୁ+କର୍ମ. ଅନୀୟ)—
Ākānkshaṇiya ୧ । ସ୍ପୃହଣୀୟ; ଯାହାକୁ ଆକାଙ୍କ୍ଷା କରାଯାଏ—1. Desirable.
(ଆକାଙ୍କ୍ଷଣୀୟା—ସ୍ତ୍ରୀ)
୨ । ପାଇବାକୁ ଇଚ୍ଛା କରିବାର ଯୋଗ୍ୟ—
2 Fit to be wished for.

**ଆକାଙ୍କ୍ଷା**—ସଂ. ବି. (ଆ+କାଙ୍କ୍ଷ ଧାତୁ+ଭାବ. ଅ+ସ୍ତ୍ରୀ. ଆ—ତୁଳ. ଇ.—Hankering.)—
Ākānkshā
୧ । ସ୍ପୃହା; ବଳବତ୍ ଇଚ୍ଛା—
1. Longing; hankering.
୨ । ଇଚ୍ଛା; ଅଭିଳାଷ—2. Wish; desire.
୩ । (ବ୍ୟାକରଣ) କୌଣସି ଶବ୍ଦର ଅର୍ଥ ସଂପୂର୍ଣ୍ଣ କରିବାପାଇଁ ଅନ୍ୟ ଶବ୍ଦର ଅପେକ୍ଷା—3. Need of supplying a word to complete the sense or thought.
[ ଦ୍ର—ସଂ. ବ୍ୟାକରଣରେ ଗୋଟିଏ ଶବ୍ଦ ବା ଭାବର ଅର୍ଥ ସମ୍ପୂର୍ଣ୍ଣ କରିବାପାଇଁ ୩ଟି ବିଷୟ ଲୋଡ଼ା—ଆକାଙ୍କ୍ଷା; ଆସତ୍ତି; ଯୋଗ୍ୟତା]
୪ । ଆଶା—4. Expectation.
୫ । ଉଦ୍ଦେଶ୍ୟ; ଅଭିପ୍ରାୟ—5. Purpose; intention.
୬ । (ଅଳଙ୍କାର) ବାକ୍ୟରେ ବ୍ୟବହୃତ ପଦମାନଙ୍କର ଅର୍ଥ ସମ୍ବନ୍ଧରେ ଯେଉଁ ପରସ୍ପର ଅପେକ୍ଷା ଥାଏ; ପ୍ରତୀତି ପର୍ଯ୍ୟବସାନବିରହ—
6. The inter-relation of words in a sentence in respect of meaning.

**ଆକାଙ୍କ୍ଷିତ**—ସଂ. ବିଣ. (ଆ+କାଙ୍କ୍ଷ ଧାତୁ+କର୍ମ. ତ)—
Ākānkshita ୧ । ଇପ୍ସିତ; ଅଭିଳଷିତ—
1. Wished for; longed for; desired.
୨ । ଜିଜ୍ଞାସିତ—2. Asked.
୩ । ଅପେକ୍ଷିତ—3. Waited; looked for.
୪ । ଆବଶ୍ୟକ—4. Necessary.

**ଆକାଙ୍କ୍ଷୀ**—ସଂ. ବିଣ. ପୁଂ. (ଆ+କାଙ୍କ୍ଷ ଧାତୁ+ଇନ୍; ଆକାଙ୍କ୍ଷିନ୍. ୧ମା. ୧ବ.)—୧ । ଅଭିଳାଷୀ; ଇଚ୍ଛୁକ—
Ākānkshī
(ଆକାଙ୍କ୍ଷିଣୀ—ସ୍ତ୍ରୀ) 1. Desirous; longing after.
୨ । ଅପେକ୍ଷାକାରୀ—2. Waiting.
୩ । ଜିଜ୍ଞାସୁ—3. Desirous of asking.

**ଆକାଙ୍କ୍ଷ୍ୟ**—ସଂ. ବିଣ. (ଆ+କାଙ୍କ୍ଷ ଧାତୁ+କର୍ମ. ଯ)—
Ākānkshya ଆକାଙ୍କ୍ଷଣୀୟ (ଦେଖ)
Ākānkshaṇiya See)

**ଆକାମାଗଇ**—ଦେ. ବି—ଆକାମାବଇ (ଦେଖ)
Ākāmāgai Akāmābai (See)

**ଆକାମାବଇ**—ଦେ. ବି—ଆକାମାବଇ (ଦେଖ)
Ākāmābai Akāmābai (See)

**ଆକାମାବୈ**—ଦେ. ଅ. (ଆଷାଢ଼, କାର୍ତ୍ତିକ, ମାଘ ଓ ବୈଶାଖ ଏହି ଚାରିମାସର ଆଦ୍ୟ ଅକ୍ଷର ଚତୁଷ୍ଟୟ)—
Ākāmābai
୧ । ବର୍ଷର ଯେଉଁ ଚାରିମାସରେ ପୁଣ୍ୟ ସଞ୍ଚୟ କରାଯାଏ (ଆଷାଢ଼, କାର୍ତ୍ତିକ, ମାଘ ଓ ବୈଶାଖ)—
1. The 4 sacred months of the year.
୨ । ଆଷାଢ଼, କାର୍ତ୍ତିକ, ମାଘ ଓ ବୈଶାଖ ମାସର ପୂର୍ଣ୍ଣିମା ଚତୁଷ୍ଟୟ—2. The fullmoon of the 4 months stated above.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଛ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଞ | ଜ | ଶ,ଷ | କ୍ଷ | ଇଯ୍ | ଡ଼ଅ | ଢ |
| ୨ | ଈ | ଊ | ଋୁ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ୍ୟ | ଇଅ | ଔ | ନୃ |

୩ । ଉକ୍ତ ଚାରି ଧର୍ମମାସରେ କୃତ ପୁଣ୍ୟ—
3. Pious acts performed during the above 4 sacred months.

[ଦ୍ର—ଏହି ଚାରି ମାସ ହିନ୍ଦୁମାନଙ୍କର ପୁଣ୍ୟମାସ । ଏହି ଚାରି ମାସରେ ଓ ଚାରି ମାସର ପୂର୍ଣ୍ଣିମାରେ କୃତ ବ୍ରତଦାନାଦି ମହାପୁଣ୍ୟପ୍ରଦ । ମତ୍ସ୍ୟପୁରାଣରେ ଏହି ଶବ୍ଦ ବ୍ୟବହୃତ ହୋଇଅଛି; "ବିଷୁବେ ଶତସାହସ୍ର୍ୟମାକାମାର୍ବୈଫଲଂ ଲଭେତ୍" ଅର୍ଥାତ୍ ବିଷୁବ ସଂକ୍ରାନ୍ତିରେ ଦାନାଦି କଲେ ଶତସହସ୍ର 'ଆକାମାର୍ବେ' ଫଳ ଲାଭ ହୁଏ । ]

**ଆକାୟ**— ସଂ. ବି. ୧ । ଚିତା—1. Funeral pile.
Ākāya ୨ । ଚିତାଗ୍ନି—2. Fire on the funeral pile.
୩ । ବାସସ୍ଥାନ; ଆବାସ—3. Abode; residence.

**ଆକାର**—ସଂ. ବି. [ ଆ + କୃ ଧାତୁ = କରିବା ( ପ୍ରକାଶ କରିବା ) +
Ākāra କର୍ମ. ଅ—ଯାହାଦ୍ୱାରା ବସ୍ତୁ ବା ବ୍ୟକ୍ତିକୁ ଚିହ୍ନନ୍ତି ]—
୧ । ଆକୃତି; ରୂପ—1. Form; shape.
୨ । ଚେହେରା—2. Appearance; aspect.
୩ । ମୂର୍ତ୍ତି—3. Figure.
୪ । ( + କରଣ. ଅ ) ମନୋଗତ ଭାବ—
4. Mental idea.
୫ । ହୃଦ୍ଗତ ଭାବ ବାହାରେ ପ୍ରକାଶ କରିବା—
5. Expression of inner or mental condition.

[ ଦ୍ର—ମନୁଷ୍ୟର ଆକାର, ଇଙ୍ଗିତ, ଗତି, ଚେଷ୍ଟା ଓ ଭାଷିତ ଦ୍ୱାରା ମନର ଭାବ ଉଦ୍ଧାର ହୁଏ । ]

୬ । ଇଙ୍ଗିତ—6. Hint.
୭ । ଦେହ—7. Body.
୮ । ଏକତା—8. Identity; sameness.
୯ । ଚିହ୍ନ—9. Sign
୧୦ । ସୁନ୍ଦର ଚେହେରା—
10. Good or noble appearance.
୧୧ । 'ଆ' ସ୍ୱରବର୍ଣ୍ଣ ବ୍ୟଞ୍ଜନବର୍ଣ୍ଣରେ ଯୁକ୍ତ ହେବା ଚିହ୍ନ—
11. The sign of the vowel 'Ā' when joined to a consonant.
୧୨ । 'ଆ' ନାମକ ସ୍ୱରବର୍ଣ୍ଣ ବା ଅକ୍ଷର—
12. The vowel 'Ā'.
୧୩ । ( ଆ + କାର ଧାତୁ + କର୍ମ. ଅ)—ଡାକିବା; ଆହ୍ୱାନ—
13. Calling; accosting.

ଦେ. କ୍ରି. ବିଣ. ( ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ )—
ତୁଲ୍ୟ; ପରି—Like.

ଧାଏଁ ଭୀମସେନ ବେଗେ ନକ୍ଷତ୍ର ଆକାର । ରାଧାନାଥ. ବେଣୀସଂହାର ।

**ଆକାରଗୁପ୍ତି**—ସଂ. ବି. ( ୬ଷ୍ଠୀ ତତ୍ )—ଭୟ ହର୍ଷାଦି ହେତୁକ ହୃଦ୍ଗତ
Ākāragupti ଭାବ ବା ମୁଖବିକାରାଦିର ଗୋପନ; ଅବହିତ୍ଥା—
Dissimulation; concealment of one's mental feelings.

**ଆକାରଗୂହନ**—ସଂ. ବି. ( ୬ଷ୍ଠୀ ତତ୍ )—ଆକାରଗୁପ୍ତି ( ଦେଖ )
Ākāragūhana Ākāragupti ( See )

**ଆକାରଗୋପନ**—ସଂ. ବି—ଆକାରଗୁପ୍ତି ( ଦେଖ )
Ākāragopana Ākāragupti ( See )

**ଆକାରଣ**—ସଂ. ବି. ( ଆ = କୃ ଧାତୁ ଣିଚ୍ ; କାର = ଡାକିବା + ଭାବ.
Ākāraṇa ଅନ )—୧ । ନିମନ୍ତ୍ରଣ—1. Invitation.
୨ । ଡକାଇବା—2. Sending for.
୩ । ବିପକ୍ଷକୁ ସ୍ପର୍ଦ୍ଧାପୂର୍ବକ ଆହ୍ୱାନ—3. Challenge.

**ଆକାରଣା**—ସଂ. ବି. ( ଆକାରଣ+ଆ )—ଆକାରଣ ( ଦେଖ )
Ākāraṇā Ākāraṇa ( See )

**ଆକାରପ୍ରକାର**—ଦେ. ବି. ( ସହଚର ଶବ୍ଦ )—୧ । ଢଙ୍ଗଢାଙ୍ଗ—
Ākāraprakāra 1. Mein and bearing.
୨ । ଚେହେରା ଓ ଆଚରଣ—
2. Appearance and conduct.

**ଆକାରବନ୍ତ**—ଗ୍ରା. ବିଣ. ପୁଂ. ( ସଂ. ଆକାରବତ୍ )—
Ākārabanta ଆକାରବାନ୍ ( ଦେଖ )
( ଆକାରବନ୍ତୀ—ସ୍ତ୍ରୀ ) Ākārabān ( See )
আকারবন্ত

**ଆକାରବନ୍ତା**—ଗ୍ରା. ବିଣ. ପୁଂ.—ଆକାରବାନ୍ ( ଦେଖ )
Ākārabantā Ākārabān ( See )

**ଆକାରବାନ୍**—ସଂ. ବିଣ. ପୁଂ. ( ଆକାର + ବତ୍; ୧ମା. ୧ବ. )—
Ākārabān ୧ । ଯେ ଆକାର ଧାରଣ କରିଥାଏ—
1. Assuming a shape.
୨ । ଦେହଧାରୀ—2 Corporeal.
୩ । ସୁଗଠିତ—3. well-shaped.
୪ । ସୁନ୍ଦର ଆକାରବିଶିଷ୍ଟ—
4. Of a lovely shape.

**ଆକାରାନ୍ତ**—ସଂ. ବିଣ. ( ବହୁବ୍ରୀହି; ଆକାର + ଅନ୍ତ )—ଯେଉଁ ପଦ
Ākārānta ଶେଷରେ 'ଆ' ଥାଏ ( ଯଥା—ବୀଣା, ଲତା )—
Words ending with the letter 'Ā'.
ଗ୍ରା. ବିଣ—ଆକ୍ରାନ୍ତ ( ଦେଖ )—Ākrānta ( See )

**ଆକାରିତ**—ସଂ. ବିଣ. (ଆ + କୃ ଧାତୁ. ଣିଚ; କାର ଧାତୁ + କର୍ମ. ତ)—
Ākārita ୧ । ଆହୂତ—1, Called.
୨ । ସ୍ୱୀକୃତ—2. Agreed upon.
୩ । ଯାହାକୁ ଗୋଟିଏ ରୂପ ଦିଆଯାଏ—
3. Given a shape.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତାହାଙ୍କ ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୪ । ତଲବ କରା ଯାଇଥିବା—4. Demanded
୫ । ମୂର୍ତ୍ତିରୂପେ ଗଠିତ—
5. Moulded into a shape; embodied.
୬ । ଯବରଦସ୍ତି ଆଦାୟ କରା ଯାଇ ଥିବା—
6. Exacted.

**ଅକାଳ**—ଦେ. ବି. ( ସଂ. ଅକାଲ )—
**Ākāla** ୧ । ଅକାଲ—1. Bad time.
୨ । ଅସମୟ; ଅନୁପଯୁକ୍ତ ସମୟ—
2. Improper time.
୩ । ମହର୍ଘକାଳ—3. Famine.
ସଂ. ବି. ( ଆ=ସମ୍ୟକ୍+କାଳ )—ଉପଯୁକ୍ତ ସମୟ—
Right time; proper time.

**ଅକାଳି**—ଦେ. ବି—ଅକାଳ ( ଦେଖ )
**Ākāli** Akāli ( See

**ଅକାଳିକ**—ସଂ. ବିଣ. ( ଅକାଳ+ଭବ. ଇକ )—
**Ākālika** ୧ । ଅକାଳସମ୍ଭୂତ—1. Untimely.
୨ । ଉପଯୁକ୍ତ ଋତୁ ଛଡ଼ା ଅନ୍ୟଋତୁରେ ଘଟିବା ବା ଫଳିବା-
2. Unseasonable
୩ । ( ଅକାଳ+ଇକ ) କ୍ଷଣିକ; ଅଳ୍ପସମୟବ୍ୟାପୀ—
3. Transient, momentary.

**ଅକାଲି**—ଦେ. ବି—ଅକାଳ ( ଦେଖ )
**Ākāli** Ākāli ( See

**ଆକାଳିକୀ**—ସଂ. ବି. ( ଆକାଳିକ+ସ୍ତ୍ରୀ. ଈ )—ବିଦ୍ୟୁତ୍—
**Ākāliki** Lightning

**ଆକାଶ**—ସଂ. ବି. ( ଆ=ସମ୍ୟକ୍+କାଶ=ଦୀପ୍ତି ପାଇବା+କର୍ତ୍ତୃ. ଅ; ଯାହା ସମ୍ୟକ୍ ଦୀପ୍ତି ପାଏ )—୧ । ଗଗନ; ଶୂନ୍ୟ—
**Ākāsa**
1. The sky; the heavens; firmament.
[ ଦ୍ର—ହିନ୍ଦୁଶାସ୍ତ୍ରାନୁସାରେ ଏହା ପଞ୍ଚଭୂତରୁ ଏକତମ । ଏହା ଶୂନ୍ୟମଣ୍ଡଳରେ ବା ବ୍ରହ୍ମାଣ୍ଡରେ ବ୍ୟାପି ରହିଅଛି । ଏହା ସମସ୍ତ ଶବ୍ଦର ଆଧାର । ଆକାଶର ବିଶେଷ ଗୁଣ ଶବ୍ଦ ଅଟେ । ]
୨ । ଶୂନ୍ୟମଣ୍ଡଳରେ ଦୂର ରହିଥିବା ଅଦୃଶ୍ୟ ଦ୍ରବ୍ୟ—
2. Ether.
୩ । ସ୍ୱର୍ଗ—3. The heaven.
୪ । ବ୍ରହ୍ମ—4. The Supreme Soul
୫ । ଛିଦ୍ର; କଣା; ଗାତ—4. Hole.
୬ । ( ଗଣିତ ) ଶୂନ୍ୟ; ଶୂନ—6. ( arith ) Zero.
୭ । ବିନ୍ଦୁ—7. A dot; point.
ଦେ. ବି—ମେଘ—Cloud.

**ଆକାଶକକ୍ଷା**—ସଂ. ବି. ( ୬ଷ୍ଠୀ ତତ୍; ଆକାଶର କକ୍ଷା=କଟିଦେଶ; ଯେଉଁଠାରେ ଆକାଶ ଓ ପୃଥିବୀ ମିଳି ଗଲା ପରି ଦିଶେ )—ଦିଗ୍ବଳୟ—The horizon.
**Ākāsakakshā**

**ଆକାଶକଯୁଁା**—ଦେ ବି.—୧ । ଶୂନ୍ୟରେ କଯୁଁା ବା ତେନ୍ତୁଳି ଫଳିବା ଯେପରି ଅସମ୍ଭବ, ସେହିପରି ଅସମ୍ଭବ କଥା—
**Ākāsakayāñ**
1. An improbable thing.
୨ । ସୃଷ୍ଟି ଛଡ଼ା କଥା—
2. A thing which is not in existence.
୩ । ଅନିଶ୍ଚିତ ବିଷୟ—3 An uncertain matter.
( ଆକାଶକଯୁଁା ଚାଳିବା ମାନ୍ତ—ପ୍ରଚଳିତ । )

**ଆକାଶକୁ ଉଠାଇବା**—ଦେ. କ୍ରି.—୧ । କୌଣସି ବ୍ୟକ୍ତିକୁ ଅଯଥା ପ୍ରଶଂସା କରିବା—1 To lift a person to the 7th heaven; to praise one for nothing.
**Ākāsaku uṭhāibā**
আকাশে তোলা
आस्मानपर चढाना
आस्मानपर थुकना
୨ । କୌଣସି ବ୍ୟକ୍ତିକୁ ଅଯଥା ଆଶା ଦେବା—
2. To give false and unreasonable hopes to another.

**ଆକାଶକୁସୁମ**—ସଂ. ବି. (ମଧ୍ୟପଦଲୋପୀ; ଆକାଶରେ ଜାତ କୁସୁମ)—
**Ākāsakusuma** ୧ । ( ଆକାଶରେ ଫୁଲ ଫୁଟିବା ଯେପରି ଅସମ୍ଭବ ସେହିପରି ଅସମ୍ଭବ କଥା ) ଖପୁଷ୍ପ—
1. An improbable matter as a flower budding forth in the space.
୨ । କାଳ୍ପନିକ ବିଷୟ—2. An imaginary matter; a flower of fancy.
[ ତୁଳ—ଆକାଶ କଯୁଁା; ଲେଙ୍ଗ ବାଳ; ଭେକ ହାଡ଼; ପିମ୍ପୁଡ଼ି ଉଡ଼ିବା; ଘଡ଼କ ପିଉ; ଡିମ୍ବିରି ଫୁଲ । ]
୩ । ନିଷ୍ଫଳ ଓ ଅସାର ଆଶା—
4. Vain hopes; unreasonable hopes.

**ଆକାଶଗ**—ସଂ. ବିଣ. ପୁଂ. (ଆକାଶ+ଗମ ଧାତୁ+କର୍ତ୍ତୃ. ଅ)—
**Ākāsaga** ୧ । ବ୍ୟୋମଚର; ଆକାଶଗାମୀ—
(ଆକାଶଗା—ସ୍ତ୍ରୀ) 1. Moving in the sky.
୨ । ପକ୍ଷୀ; ଖେଚର—2. Bird

**ଆକାଶଗଙ୍ଗା**—ସଂ. ବି. (ମଧ୍ୟପଦଲୋପୀ; ଆକାଶରେ ପ୍ରବାହିତା ଗଙ୍ଗା)—
**Ākāsagangā** ୧ । ସ୍ୱର୍ଗଗଙ୍ଗା; ମନ୍ଦାକିନୀ—
1. The mythological river of heaven; the celestial Ganges.
୨ । ଛାୟାପଥ—2. The milky-way

**ଆକାଶଗତି**—ସଂ. ବି. ( ୭ମୀ ତତ୍ )—ଆକାଶ ବା ଶୂନ୍ୟରେ ଗମନ—
**Ākāsagati** Movement in the sky.
ସଂ. ବିଣ.—ଆକାଶଗାମୀ (ଦେଖ)
Ākāsagāmi (See)

**ଆକାଶଗରୁଡ଼**—ସଂ. ବି. (ଔଷଧଗଛବିଶେଷ)—ନିର୍ମୁଳିଲତା (ଦେଖ)
**Ākāsagarurda** Nirmūli (creeper) (See)
ଅନ୍ୟ ସଂ. ନାମ— [ ଦ୍ର—ଏହା ବିରେଚକ, କୃମି, ଫିରଙ୍ଗିରୋଗ,
ଗରୁଡ଼ପକ୍ଷୀ; ଗିଦ୍ଧି; ରକ୍ତପ୍ରଦରୀ ଓ ସର୍ପବିଷର ହାରକ । ]
ଆକାଶପକ୍ଷୀ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ଝ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇସ୍ | ଉଥ | ଛ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ | ଯ | ସ | ଙ୍ଗ | ଇଅ | ● | ଦ୍ଧ |

**ଅକାଶଗା**—ସଂ. ବି. ସ୍ତ୍ରୀ.—**ଅକାଶଗଙ୍ଗା** (ଦେଖ)
Ākāśagā Akāśagaṅgā (See)

**ଅକାଶଗାମୀ**—ସଂ. ବିଣ. ପୁଂ. (**ଅକାଶ**+ଗମିନ୍ ୧ମା. ୧ବ. )—
Ākāśagāmi ଅକାଶ ଅଡ଼କୁ ଗତି କରୁଥିବା—(ଯଥା—ଶର; ବାଣ) Rushing towards space; rising high in the air.

**ଅକାଶଚକ୍ର**—ଦେ. ବି. ( ସଂ. **ଅକାଶ**+ଓ. ଚକ୍ର)—ଏକପ୍ରକାର ବାଣ;
Ākāśachakra ଶୂନ୍ୟଚକି; ଯେଉଁ ବାଣ ଅକାଶକୁ ଉଠି ଚକ ପରି ବୁଲେ—A fire-work which rises high and exhibits circles of bright light.

**ଅକାଶଚକି**—ଦେ. ବି.—**ଅକାଶଚକ୍ର** (ଦେଖ)
Ākāśachakri Ākāśachakra (See)

**ଅକାଶଚମସ**—ସଂ. ବି. (ଅକାଶ+ଚମସ=ଗୋଲ ପାତ୍ର)—
Ākāśachamasa ଚନ୍ଦ୍ର—The moon.

**ଅକାଶଚମ୍ପା**—ଦେ.ବି. (ସଂ. ଅକାଶ+ଓ. ଚମ୍ପା)—ଏକପ୍ରକାର ବାଣ—
Ākāśachampā ଯେଉଁ ବାଣ **ଅକାଶକୁ** ଉଠିଯାଇ ସେଠାରେ ଚମ୍ପାଫୁଲ ପରି ହଳଦିଆ ଆଲୋକ-କଣାମାନ ବର୍ଷେ—
A kind of fire-work which goes up high and bursts into yellow sparks.

**ଅକାଶଚର**—ସଂ. ବିଣ. ପୁଂ. (ଅକାଶ+ଚର ଧାତୁ+କର୍ତ୍ତୃ. ଅ; ୧ମା.
Ākāśachara ୧ବ. )—୧ । ଶୂନ୍ୟରେ ବିଚରଣ କରୁଥିବା—
1. Moving in the sky.
୨ । ଉଡ଼ନ୍ତା—2. Flying.
ସଂ. ବି.—(ଅକାଶଗାମୀ) ପକ୍ଷୀ ପ୍ରଭୃତି—Birds etc.

**ଅକାଶଚରୀ**—ସଂ. ବି. ସ୍ତ୍ରୀ. (**ଅକାଶଚର**+ସ୍ତ୍ରୀ. ଈ)—
Ākāśachari ୧ । **ଦେବୀ**—1. Deities
୨ । ପକ୍ଷିଣୀ—2. Female-bird.

**ଅକାଶଚାରୀ**—ସଂ. ବିଣ. ପୁଂ. ( **ଅକାଶ**+ଚର ଧାତୁ=ବିଚରଣ କରିବା
Ākāśachāri +କର୍ତ୍ତୃ. ଇନ୍ )—**ଅକାଶଚର** (ଦେଖ)
(**ଅକାଶଚାରିଣୀ**—ସ୍ତ୍ରୀ) Ākāśachara (See)

**ଅକାଶଜନନୀ**—ସ. ବି. ( ଅକାଶ+ଜନନୀ —
Ākāśajanani ଦୁର୍ଗପ୍ରାଚୀରରେ ରଖା ଯାଇଥିବା ଛିଦ୍ର—
Loop-hole; an embrasure.

**ଅକାଶଡୁବି**—ପ୍ରାଦେ. ( ଅଳ ଓ କଳକା ) ବି—
Ākāśadubi କ୍ଷେତରେ ଧାନ୍ୟ ନଷ୍ଟ କରିବା ଏକପ୍ରକାର ପୋକ-
A class of insects injuring paddy.
[ ଦ୍ର—ଏମାନେ ଡାଉଁଶ ପରି ପକ୍ଷଯୁକ୍ତ ଏବଂ ପ୍ରାୟ ଏକ ଇଞ୍ଚ ଲମ୍ବ । ଏ ପୋକ ଖାଇ ଗଲେ ଧାନ ଆଉ ବାହାରେ ନାହିଁ । ]

**ଅକାଶଦୀପ**—ସ. ବି. ( ମଧ୍ୟପଦଲୋପୀ )—
Ākāśadipa ୧ । କାର୍ତ୍ତିକ ମାସ ସନ୍ଧ୍ୟାରେ ଅଗଣା ବା ଦାଣ୍ଡରେ
स्वर्गबाति; अकाशदीप ଶଗଡ଼ ଓ ଦଉଡ଼ି ଲଗିଥିବା ଗୋଟିଏ ଉଚ୍ଚ
आकाशदीप ବାଉଁଶ ପୋତା ଯାଏ ଏବଂ ଛିଦ୍ର ହୋଇ
ଥିବା ଗୋଟିଏ ହାଣ୍ଡି ମଧ୍ୟରେ ଲକ୍ଷ୍ମୀନାରାୟଣଙ୍କ ଉଦ୍ଦେଶ୍ୟରେ ଘିଅ ଦୀପ ଜାଳି ଶଗଡ଼ ସାହାଯ୍ୟରେ ତାକୁ ବାଉଁଶ ଅଗକୁ ଟାଣି ଝୁଲାଇ ଦିଆଯାଏ—
1. A lamp put inside a perforated pot and lifted by means of a pully to the top of a high bamboo and lighted every evening during the month of Kārtika.
୨ । ରାତିରେ ସମୁଦ୍ରରେ ନାବିକମାନଙ୍କୁ ବହୁ ଦୂରରୁ ଦେଖା ଯାଉଥିବା ଭଳି କୌଣସି ଉଚ୍ଚ ସ୍ଥାନରେ ଜଳା ଯାଉଥିବା ଉଜ୍ଜ୍ୱଳ ଆଲୋକ—
1. A light of a light-house; a light placed on an elevated spot or pillar on the sea-shore or on islands used for warning sailors in the night.
୩ । ଦୂର ଦେଶକୁ ଇସାରା ଦ୍ୱାରା ସମ୍ବାଦ ପଠାଇବା ପାଇଁ ପର୍ବତ ଉପରେ ଜଳାଯିବା ଆଲୋକ—
3. A light placed on the top of a mountain to signal news to a great distance.
୪ । ପୋତା ବାଉଁଶ ଅଗରେ ଲଟକା ଯାଇଥିବା ଲଣ୍ଠନ—
4. A lantern on the top of a pole.

**ଅକାଶଦୁହିତା**—ସ. ବି. ( ଷଷ୍ଠୀ ତତ୍; ଯାହା ଶୂନ୍ୟରୁ ଜାତ ହୁଏ )—
Ākāśaduhitā ଶୂନ୍ୟ ଜବାବ; ପ୍ରତିଧ୍ୱନି—Echo ;
( Lit —the daughter of the sky )

**ଅକାଶପ୍ରଦୀପ**—ସ. ବି—ଅକାଶଦୀପ ( ଦେଖ )
Ākāśapradipa Ākāśadipa ( See )

**ଅକାଶ ଫାଟିବା**—ଦେ. ବି--ବିଶେଷ ଉଚ୍ଚ ରବରେ ଅକାଶ ମୁଖରିତ
Ākāśa phāṭibā ହେବା-The sky being rent with
আকাশফটা loud cries.
**आस्मान् टुटना;** ( ଯଥା—ଭ୍ରାତୃବିୟୋଗରେ ଭୁଟୁମ୍ୱମାନଙ୍କ
**अस्मान फट्पर्न्** କ୍ରୋଦନରେ ଅକାଶ ଫାଟିଗଲା । )

**ଅକାଶବର୍ତ୍ମ**—ସ. ବି. (ଅକାଶ+ବର୍ତ୍ମନ୍; ୧ମା. ୧ବ. )—
Ākāśabarttma ଅକାଶମାର୍ଗ—The aerial path; the sky.

**ଅକାଶବଲ୍ଲୀ**—ସ. ବି—ଅକାଶମାଂସୀ ( ଦେଖ )
Ākāśaballi Ākāśamāmsi ( See )

**ଅକାଶବାଉଁଶ**—ଦେ. ବି—୧ । ଯେଉଁ ବାଉଁଶ ଅଗରେ କାର୍ତ୍ତିକ
Ākāśabāuṅśa ମାସରେ ଅକାଶ ଦୀପ ଲଟକା ଯାଏ—
1. A bamboo on which the Ākāśadipa is suspended.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା ।— 'ଶାଢ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଗା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବଡ' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

୨ । ଯେଉଁ ଉଚ୍ଚ ବାଉଁଶକୁ ଉଠି ଅଇରଗଉଡୁଣୀ ବା ବାଉଁଶରାଣୀମାନେ ନାନାପ୍ରକାର କସରତ୍ ଦେଖାନ୍ତି—
1. A high bamboo used by Bāuñsarāṇi women where-on they show various athletic feats on high.

**ଅକାଶବାଣୀ**—ସଂ. ବି. (ମଧ୍ୟପଦଲୋପୀ; ଅକାଶ+ବାଣୀ)—
**Ākāśabāṇi** ୧ । ଶୂନ୍ୟଡାକ; ଶୂନ୍ୟ ଶବ୍ଦ; ଯେଉଁ ଡାକ ଶୂନ୍ୟରୁ ବେଳେବେଳେ ଶୁଣାଯାଏ—
1. A voice heard from no where at times and protending impending calamities.
[ ଦ୍ର—ଏହା ଭାଷା ଅମଙ୍ଗଳସୂଚକ । ]
୨ । ଦୈବବାଣୀ; ଶୂନ୍ୟରୁ ଶୁଣାଯିବା ଈଶ୍ୱରାଦେଶ—
2 God's voice heard from the sky; revealation.
ଅକାଶ ବାଣୀ ଯେଉଁ ରୂପେ ମୁଁ ଶୁଣିଛି । କୃଷ୍ଣସିଂହ. ମହାଭାରତ. ଉଦ୍ୟୋଗ ।

**ଅକାଶବାନ୍**—ସଂ. ବିଣ. ପୁଂ. (ଅକାଶ+ବତ୍; ୧ମା. ୧ବ.)—
**Ākāśabān** ୧ । ଶୂନ୍ୟରୁ କେତେକ ଅଂଶକୁ ଘୋଟିଥିବା ବା
(ଅକାଶବତୀ—ସ୍ତ୍ରୀ) ଅଧିକାର କରିଥିବା—1. Filling a certain space in the air or sky.
୨ । ଅକାଶଗାମୀ ( ଦେଖ )
2. Ākāśagāmi ( See )

**ଅକାଶବିମାନ**—ସଂ. ବି. ( ମଧ୍ୟପଦଲୋପୀ; ଅକାଶ+ବିମାନ )—
**Ākāśabimāna** ଅକାଶଯାନ ( ଦେଖ )
Ākāśajāna ( See )

**ଅକାଶବିହାର**—ସଂ. ବି. ( ୭ମୀ ତତ୍; ଅକାଶ+ବିହାର )—
**Ākāśabihāra** ୧ । ଦେବତାମାନଙ୍କର ଶୂନ୍ୟରେ ଗମନାଗମନ-
1. Gods' movement in the sky.
୨ । ବ୍ୟୋମଯାନ ଦ୍ୱାରା ଶୂନ୍ୟରେ ଯିବା ଅସିବା—
2. Movement on high on aeroplanes.
୩ । ଅକାଶରେ ଉଡ଼ିବା—3 Flying.

**ଅକାଶବିହାରୀ**—ସଂ. ବିଣ ( ଅକାଶ+ବିହାରିନ୍; ୧ମା. ୧ବ. )
**Ākāśabihāri** ଅକାଶଚର ( ଦେଖ )
(ଅକାଶବିହାରିଣୀ—ସ୍ତ୍ରୀ) Ākāśachara ( See )

**ଅକାଶବୃତ୍ତି**—ସଂ. ବି. ( ମଧ୍ୟପଦଲୋପୀ; ଅକାଶ+ବୃତ୍ତି )—ଅକାଶକୁ
**Ākāśabṛutti** ଚାହିଁ ରହିବା ବୃତ୍ତି; ଶୂନ୍ୟକୁ ଚାହିଁ ରହିବା; ଜୀବିକାହୀନତା—State of having no means of livelihood.
ସଂ.ବିଣ— ( ବହୁବ୍ରୀହି )—ଜୀବିକାହୀନ ( ବ୍ୟକ୍ତି ); ଅବଲମ୍ବନ ନ ଥିବାରୁ ଦୈବାତ୍ ଯାହା ପ୍ରାପ୍ତି ହେବ ତହିଁରେ ଜୀବିକା ନିର୍ବାହ କରିବ ବୋଲି ଯେ ଚାହିଁ ବସିଥାଏ—
Unemployed; having no ostensible means of living.

**ଅକାଶଭାଷିତ**—ସଂ. ବି.—୧ ( ନାଟ୍ୟୋକ୍ତି ) ରଙ୍ଗଭୂମିରେ ଅନୁପସ୍ଥିତ
**Ākāśabhāshitā** ବ୍ୟକ୍ତିର ଭାଷଣ ( ଯାହାକୁ ନଟ ଶୁଣି ଉତ୍ତର ଦିଏ )—1. A supposed or imaginary speech of the stage to which an actor replies as if he had heard it.
୨ । ଅକାଶବାଣୀ (ଦେଖ) 2. Ākāśabāṇi (See)

**ଅକାଶମଣ୍ଡଳ**—ସଂ.ବି. (ଅକାଶ+ମଣ୍ଡଳ)—୧ । ନଭୋମଣ୍ଡଳ; ଖଗୋଳ;
**Ākāśamaṇḍaḷa** ଦିଗନ୍ତବିସ୍ତୃତ ଶୂନ୍ୟମଣ୍ଡଳ—
1. The celestial sphere; the firmaments; the circle of the sky.
୨ । ଗ୍ରହନକ୍ଷତ୍ରାଦି ବିରାଜିତ ଅନନ୍ତ ଅକାଶ ବା ଶୂନ୍ୟ—
2. The limitless sky or firmament on which stars and planets are seen.

**ଅକାଶମଲ୍ଲୀ**—ସଂ. ବି. (ଅକାଶରେ ମଲ୍ଲୀଫୁଲପରି ଦେଖାଯିବା)—
**Ākāśamalli** ୧ । ନକ୍ଷତ୍ର—1. Star.
୨ । ଏକ ପ୍ରକାର ବାଣ ବା ଅତସବାଜି—2. A sort of fire-work which bursts into bright sparks on high.
[ ଦ୍ର—ଏହା ବାରୁଦପୂର୍ଣ୍ଣ କାଗଜ ଗୁଳା । ଏହାକୁ ଉପରମୁହାଁ ଗୋଟିଏ ନଳରେ ପୂରାଇ ନିଆଁ ଲଗାଇଲେ ଏହା ବେଗରେ ଅକାଶକୁ ଉଠିଯାଇ ସେଠାରେ ଫାଟିଯାଏ ଏବଂ ସେଥିରୁ ନାନା ବର୍ଣ୍ଣର ଫୁଲିଙ୍ଗ ବାହାରେ । ]

**ଅକାଶମାଂସୀ**—ସଂ. ବି.—୧ । ଜଟାମାଂସୀ (ଦେଖ)
**Ākāśamāṁsi** 1. Jaṭāmāṁsi (See)
ସଂ. ପର୍ଯ୍ୟାୟ— ୨ । ନିର୍ମୂଳି (ଦେଖ)
ଅକାଶବଲ୍ଲୀ; 2. Nirmuḷi (See)
ଅମରବଲ୍ଲୀ ।

**ଅକାଶମାର୍ଗ**—ସଂ. ବି. (୭ମୀ ତତ୍; ଅକାଶ+ମାର୍ଗ)—ଶୂନ୍ୟମାର୍ଗ; ଅକାଶ
**Ākāśamārga** ପଥ—The aerial path.
ସଂ. ବିଣ. ( ବହୁବ୍ରୀହି )—ବାୟୁ—
The air; atmosphere.

**ଅକାଶମୂଳୀ**—ସଂ. ବି. ( ଅକାଶ+ମୂଳୀ )—ଜଳଜ ଶାକବିଶେଷ;
**Ākāśamuḷi** କୁମ୍ଭୀକା; ବୋରଝାଞ୍ଜି ଦଳ—An acquatic plant; Pistia Stratiotes.

**ଅକାଶଯାନ**—ସଂ. ବି. (ଅକାଶ+ଯାନ)—୧ । ଯେଉଁ ଯାନ ବା ରଥ
**Ākāśajāna** ଦ୍ୱାରା ଲୋକେ ଶୂନ୍ୟରେ ଯିବା ଅସିବା କରନ୍ତି; ବ୍ୟୋମଯାନ; ଏରୋପ୍ଲେନ୍—1 Aeroplane.
୨ । ପୁରାଣୋକ୍ତ ଅକାଶଚର ରଥ ବା ବିମାନ—
2. The aerial cars described in Hindu-mythology.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଙ୍କ | ଶ,ଷ | ଙ୍କ | ଇଯ୍ୁ | ଉଅ | ଈ |
| ୨ | ଈ | ଊ | ଋୁ | ଌୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗିଁ୍ୟ | ଇଅ | ଓ | ନ୍ତ |

**ଆକାଶରକ୍ଷୀ**—ସଂ. ବ. ( ଆକାଶ+ରକ୍ଷିନ୍; ୧ମା. ୧ବ. )—ଦୁର୍ଗର
Ākāśarakshī ପ୍ରାଚୀର ଅଗ୍ରରେ ଜଗିବା ଜଗୁଆଳ—
A watchman on the outer battle-ment of a tower.

**ଆକାଶରେ ଘର ତୋଳିବା**—ଦେ. କ୍ରି.—(ଲକ୍ଷଣାର୍ଥ ବା ନ୍ୟାୟ)—
Ākāśare ghara toḻibā ଅସାର କଳ୍ପନାରେ ମଗ୍ନ ହେବା ବା.
শূন্যে বাড়ি তোলা ମାଡ଼ିବା—To build castles in the air.

**ଆକାଶଲତା**—ସଂ. ବ. (ଆକାଶ+ଲତା)—ବିଦ୍ୟୁତ୍; ବିଜୁଳି; ଘନଲତା
Ākāśalatā Lightning (lit.—the creeper of the sky.

**ଆକାଶ ଶବଦ**—ଗ୍ରା. ବ. (ସଂ. ଆକାଶଶବ୍ଦ)—
Ākāśa śabada ଆକାଶଶବ୍ଦ (ଦେଖ)
আকাশবাণী Ākāśaśabda (See)

**ଆକାଶଶବ୍ଦ**—ସଂ. ବ. ମଧ୍ୟପଦଲୋପୀ; ଆକାଶ+ଶବ୍ଦ)—
Ākāśaśabda ଆକାଶବାଣୀ (ଦେଖ)
Ākāśabāṇī (See)
[ ଦ୍ର—ହିନ୍ଦୁବିଜ୍ଞାନମତରେ ଆକାଶ ସମସ୍ତ ଶବ୍ଦର ଆଧାର ଅଟେ । ]

**ଆକାଶସଲିଳ**—ସଂ. ବ. (ମଧ୍ୟପଦଲୋପୀ; ଆକାଶ+ସଲିଳ)—
Ākāśasaliḻa ୧ । ବର୍ଷା—1. Rain.
୨ । ବର୍ଷାପାଣି—2. Rain-water.
୩ । କାକର—3. Dew.

**ଆକାଶସ୍ପର୍ଶୀ**—ସଂ. ବଣ. (ଆକାଶ+ସ୍ପୃଶ ଧାତୁ+ଇନ୍; ୧ମା. ୧ବ)—
Ākāśasparśī ୧ । ଗଗନସ୍ପର୍ଶୀ; ଯାହା ଆକାଶକୁ ସ୍ପର୍ଶ କଲା ପରି
(ଆକାଶସ୍ପର୍ଶିନୀ—ସ୍ତ୍ରୀ) ଜଣା ପଡ଼େ—1. Sky-scraper.
୨ । ଅତି ଉଚ୍ଚ—2. Very high.

**ଆକାଶସ୍ଫଟିକ**—ସଂ. ବ. ( ଆକାଶ+ସ୍ଫଟିକ )—୧ । ଏକପ୍ରକାର ସ୍ଫଟିକ-
Ākāśasphaṭika 1. A kind of crystal.
୨ । ଶିଳପଥର; କରକା—2. Hail-stone.

**ଆକାଶିଆ**—ଦେ. ବଣ. ( ସଂ. ଆକାଶୀୟ )—୧ । ଗଗନସ୍ପର୍ଶୀ;
Ākāśiā ଅତିଉଚ୍ଚ—1. Very high as if touching
আস্মানী the sky.
**आस्मानी** ୨ । କାଳ୍ପନିକ (ବିଷୟ)—2. Imaginary; fanciful (matter).
୩ । ଅସମ୍ଭବ (ବିଷୟ)—3. Improbable (matter).
୪ । ଆଡ଼ମ୍ବରପୂର୍ଣ୍ଣ ଓ ମୂଲ୍ୟହୀନ (ବାକ୍ୟ)—
4. Bombastic and valueless high-sounding (words); empty (words)
ପୁଂ. ଓ ସ୍ତ୍ରୀ.—୧ । ଯେଉଁ ବ୍ୟକ୍ତି ଅସମ୍ଭବ କଥାମାନ କରେ—
1. (a person) Doing improbable things.
୨ । ବାଗାଡ଼ମ୍ବରକାରୀ (ବ୍ୟକ୍ତି)—2. Speaking high-sounding but valueless words.
୩ । କାଳ୍ପନିକ କଥା କହିବା (ବ୍ୟକ୍ତି)—3. (a person) Speaking of imaginary things.

**ଆକାଶିଲଗା**—ଗ୍ରା. ବ.— ସବାର ବେହେରାମାନଙ୍କ ଡାକବିଶେଷ—
Ākāśilagā (ଏହାର ଅର୍ଥ—ସାବଧାନ, ଆମ ମୁଣ୍ଡ ଉପରେ ଡାଳ ଅଛି ଅଛି)—
A halloo of Palki-bearers.
[ ଦ୍ର—ବାଟରେ ମୁଣ୍ଡ ଉପରେ ଡାଳ, କଣ୍ଟା ବା ଲତା ଓହଳିଥିଲେ ଓ ତାହା ସବାର ଛାତରେ ବାଜିବାର ଆଶଙ୍କା ହେଲେ, ସବାରର ଆଗ ପାଖ କାନ୍ଧେଇଥିବା ବେହେରା ( କୁମ୍ଭାଳ ) ମାନେ ଏହି ପଦଟି ବୋଲି ପଛକାନ୍ଧିଆ ବେହେରା ( ପିଙ୍ଗାଳ ) ମାନଙ୍କୁ ସାବଧାନ କରିଦିଅନ୍ତି । ]

**ଆକାଶୀ**—ଦେ. ବଣ. (ସଂ. ଆକାଶୀୟ)—ଆକାଶସମ୍ବନ୍ଧୀୟ—
Ākāśī Pertaining to the sky; heavenly.
**आकाशी**

**ଆକାଶୀୟ**—ସଂ. ବଣ. (ଆକାଶ+ଈୟ)—
Ākāśīya ୧ । ଆକାଶସମ୍ବନ୍ଧୀୟ—1. Heavenly.
୨ । ଶୂନ୍ୟସମ୍ବନ୍ଧୀୟ—2. Aerial.

**ଆକାଶେ**—ସଂ. ଅ. ( ନାଟକୋକ୍ତି )—ନାଟକରେ ଅଭିନୟକାରୀ ପ୍ରତି
Ākāśe ଉପଦେଶରୂପେ ବ୍ୟବହୃତ ଶବ୍ଦ —(ଯେତେବେଳେ ରଙ୍ଗଭୂମିରେ ଉପସ୍ଥିତ ନଥିବା ରଙ୍ଗଭୂମିରେ ଅନୁପସ୍ଥିତ ବ୍ୟକ୍ତିଙ୍କୁ ପ୍ରଶ୍ନ ପଚାରେ ବା ରଙ୍ଗଭୂମିରେ ଅନୁପସ୍ଥିତ ବ୍ୟକ୍ତିର ପ୍ରଶ୍ନକୁ ଶୁଣେ ବା ଅପେକ୍ଷା କରେ ସେତେବେଳେ ଏହି ଶବ୍ଦ ବନ୍ଧନୀ ମଧ୍ୟରେ ଲେଖା ହୁଏ )—
"In the air" used in dramas as a stage-direction when an actor asks questions to one not on the stage or listens to an imaginary conversation.

**ଆକାଶେଶ**—ସଂ. ବ. ପୁଂ. (ଷଷ୍ଠୀ ତତ୍; ଆକାଶ+ଈଶ)—
Ākāśeśa ୧ । ଇନ୍ଦ୍ର—1. God Indra.
୨ । ( ସ୍ମୃତି ) ନିଃସହାୟ ବ୍ୟକ୍ତି (ଯଥା—ଶିଶୁ, ନିର୍ଧନା ସ୍ତ୍ରୀ)—
2. (Hindu law) Helpless person ( e.g. a child, a poor woman).

**ଆକିଞ୍ଚନ**—ସଂ. ବ. (ଅକିଞ୍ଚନ+ଭାବ. ଅ)—
Ākiñchana ୧ । ଅକିଞ୍ଚନତା—1. Insignificance.
୨ । ନିଃସ୍ୱାବସ୍ଥା—2. Poverty.
୩ । ନିର୍ଧନତା—3. Want of any possession or riches.
୪ । ଚେଷ୍ଟା; ପ୍ରୟାସ; ଯତ୍ନ—
4. Exertion; endeavour; striving.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା:— 'ଗାର' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଷ' ନ ମିଳିଲେ 'କୃଷ୍ଣ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଗ୍ୟା' ନ ପାଇଲେ 'ଅଜ୍ଞ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଆକିଞ୍ଚନ୍ୟ**—ସଂ. ବି. (ଅକିଞ୍ଚନ + ଭାବ. ଯ)—**ଅକିଞ୍ଚନ** (ଦେଖ)—
Ākiñchanya　　Ākiñchana (See)

**ଆକିଦା**—ଦେ. ବି. (ଅ. ଅକେଦା)—ଅକିଦା; ହଲପ—
Ākidā　　An oath
ହଲପ
ଆକିଦା

**ଆକୀର୍ଣ୍ଣ**—ସଂ. ବିଣ (**ଆ**=ଇତସ୍ତତଃ + କୃ ଧାତୁ = ବିକ୍ଷେପକରିବା + କର୍ତ୍ତୃ.
Ākirṇṇa　ତ; ଏହା ଅନ୍ୟ ଶବ୍ଦ ସହିତ ସମାସରେ ଯୁକ୍ତ ହୁଏ)—
୧ । ବ୍ୟାପ୍ତ; ସଂକୁଳିତ—1. Abounding in; overspread with; filled with; crowded with.
୨ । ଇତସ୍ତତଃ ବିକ୍ଷିପ୍ତ—2 Strewn here and there.
୩ । ଯହିଁରେ କୌଣସି ବସ୍ତୁ ଇତସ୍ତତଃ ବିଞ୍ଚା ହୋଇଥାଏ—
3. Infested by; scattered with.
( ଯଥା—ନକ୍ଷତ୍ରାକୀର୍ଣ୍ଣ; ରତ୍ନାକୀର୍ଣ୍ଣ )
ସଂ. ବି—ଦଳ—A crowd.

**ଆକୁ**—ପ୍ରାଦେ. ( କୋରାପୁଟ )—ସର୍ବନାମ—
Āku　　ଏହାକୁ—(to) This.

**ଆକୁଞ୍ଚନ**—ସଂ. ବି. (**ଆ**=ଈଷତ୍ + କୁଞ୍ଚ୍ ଧାତୁ + ଭାବ. ଅନ)—
Ākuñchana　ସଙ୍କୋଚନ; ଯାକିଯୁକ୍ତ ହୋଇ ଥିବା—
(ଆକୁଞ୍ଚିତ—ବିଣ)　Contraction; centoration.

**ଆକୁଞ୍ଚିତ**—ସଂ. ବିଣ. ( ଆ + କୁଞ୍ଚିତ )—
Ākuñchita　୧ । ସଂକୁଚିତ; ଈଷତ୍ କୁଞ୍ଚିତ—
1. Slightly curled; contracted.
୨ । ଈଷତ୍‌ବକ୍ର—2. Slightly bent or curved.
୩ । ଅବନ୍ତ; ନମିତ—3. Bent down.

**ଆକୁଣ୍ଠିତ**—ସଂ. ବିଣ. ( ଆ + କୁଣ୍ଠିତ )—
Ākunṭhita　୧ । ଲଜ୍ଜାବନତ—1. Sinking back with same.
୨ । ଅବାକାବା—2. Confounded.

**ଆକୁଣ୍ଡକୁଣ୍ଡ**—ପ୍ରାଦେ. (ଗଞ୍ଜାମ) ବି—ଘୋରତର କଳହ, ତୃତୀୟ ବ୍ୟକ୍ତି
Ākuṇḍakuṇḍa　ଦ୍ୱାରା ବିବାଦ ବର୍ଦ୍ଧନ—
Violent bursting out of a dispute by the interference of a third party.

**ଆକୁଳ**—ସଂ. ବିଣ..(ଆ + କୁଳ ଧାତୁ = ଗଦା କରିବା; ବ୍ୟସ୍ତ ହେବା +
Ākuḷa　　କର୍ତ୍ତୃ. ଅ )—
୧ । କ୍ଷୁବ୍ଧ; ସଂକ୍ଷୁବ୍ଧ—1. Agitated; perplexed.
୨ । ଅସ୍ଥିର—2. Restless.
୩ । ଚିନ୍ତିତ; ଉଦ୍‌ବିଗ୍ନ—3. Anxious.
୪ । କିଂକର୍ତ୍ତବ୍ୟବିମୂଢ଼—4. Bewildered.
୫ । ବ୍ୟସ୍ତ—5. Troubled; confused; afflicted.
୬ । ଅତ୍ୟନ୍ତ କାତର—6. Overcome.
( ଅନ୍ୟ ବିଶେଷ୍ୟ ପଦ ସଙ୍ଗେ ସମାସରେ ଯୁକ୍ତହୁଏ । )
୭ । ଅମୁକଦ୍ୱାରା ପୂର୍ଣ୍ଣ ( ଯଥା—ବାଷ୍ପାକୁଳ; ତରଙ୍ଗାକୁଳ ଇତ୍ୟାଦି )—7. Filled with; full of.
୮ । ଅମୁକଦ୍ୱାରା ଅତ୍ୟନ୍ତ କାତର ହୋଇଥିବା—
8. Detracted with
( ଯଥା—ନିଦ୍ରାକୁଳ, ଶୋକାକୁଳ । )
୯ । ଅମୁକଦ୍ୱାରା ବ୍ୟସ୍ତ—
9. Distressed with; overcome with.
୧୦ । ବିପର୍ଯ୍ୟସ୍ତ—10. Upturned by.
୧୧ । ଅଡ଼ୁଆଝଡ଼ୁଆ ହୋଇଥିବା—11. Entangled.
୧୨ । ଇତସ୍ତତଃ ବିକ୍ଷିପ୍ତ (ଯଥା—ଆକୁଳାଳକ)—
12. Dishevelled; disordered.
୧୩ । ଅସାଧାରଣଅବସ୍ଥା ପ୍ରାପ୍ତ—13. Deranged.
୧୪ । ଅସମ୍ବଦ୍ଧ—14. Incoherent; contradictory.
ସଂ. ବି—ଲୋକ ବାସ କରୁ ନ ଥିବା ସ୍ଥାନ—
An uninhabited place.
ଗ୍ରା. ପ୍ରାଚୀନପଦ୍ୟ. ବି. ( ବିଶେଷରୂପେ ବ୍ୟବହୃତ ବିଶେଷଣ ପଦ )—ଆକୁଳତା; ବ୍ୟାକୁଳତା; ମନୋବେଦନା—
Restlessness of mind.
ମହା ଆକୁଳେ ନତ ବଦ୍ଧ ହୋଇ; ଅଛ ସଗର ସୁତ ଶିର ପାଇ—
ଭକ୍ତ—ପ୍ରେମସୁଧାନିଧି ।

**ଆକୁଳତା**—ସଂ. ବି. ( ଆକୁଳ + ଭାବ. ତା )—
Ākuḷatā　୧ । ଉଦ୍‌ବେଗ; ମନର ଅସ୍ଥିରତା—
1. Mental restlessness; purturbation; anxiety.
୨ । କିଂକର୍ତ୍ତବ୍ୟବିମୂଢ଼ତା—
2. Perplexity; bewilderment
୩ । ସମୂହ—3. Multitude.
୪ । ଉଲ୍ଝଣା—4. Confusion.

**ଆକୁଳତ୍ୱ**—ସଂ. ବି ( ଆକୁଳ + ଭାବ. ତ୍ୱ )—ଆକୁଳତା ( ଦେଖ )
Ākuḷatwa　　Ākuḷatā ( See )

**ଆକୁଳବିକଳ**—ଦେ. ବିଣ( ଆକୁଳ ଓ ବିକଳ; ଆକୁଳ ଓ ବ୍ୟାକୁଳ )—
Ākuḷabikaḷa　ଅତିବ୍ୟାକୁଳିତ—Greatly afflicted; much agitated or distressed.
ଦେ. ବି. ଅତ୍ୟନ୍ତ ଆକୁଳତା—Great restlessness.

**ଆକୁଳବିକୁଳ**—ଗ୍ରା. ବିଣ.—ଆକୁଳବିକଳ ( ଦେଖ )—
Ākuḷabikuḷa　　Ākuḷabikaḷa ( See )

**ଆକୁଳା**—ଗ୍ରା. ବିଣ. ( ସଂ. ଆକୁଳ )—ଆକୁଳ ( ଦେଖ )
Ākuḷā　　Ākuḷa ( See )
(ଆକୁଳୀ—ସ୍ତ୍ରୀ)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ˙ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଚ | ଶ,ଷ | ଙ୍କ | ଇଯ଼ | ଉଅ | ଢ |
| ୨ | ଉ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ | ଇଅ | ଓ | ନ୍ତ |

ଅକୁଳଅ—ଗ୍ରା. ବଣ. ପୁଂ. (ସଂ. ଆକୁଳତ ) ଅକୁଳ; ଯେ ଅଳ୍ପ କଥାରେ
Ākulīā ଅକୁଳ ହୋଇ ପଡ଼େ—Easily purturbed.

ଆକୁଳିତ—ସଂ. ବଣ. ( ଆ+କୁଳ ଧାତୁ+କର୍ମ.ତ—ଆକୁଳ (ଦେଖ)
Ākulita Ākula ( See )
(ଆକୁଳିତା—ସ୍ତ୍ରୀ)

ଆକୁଳବିକୁଳି—ଗ୍ରା. ବଣ—ଆକୁଳବିକଳ ( ଦେଖ )
Ākulibikuli Ākulabikala ( See )
আকুল্ বিকুল্

ଆକୁଳିହେବା—ଦେ. କ୍ରି.—ଅତ୍ୟନ୍ତ ବ୍ୟାକୁଳ ହେବା—
Ākuliheba To be much distressed.

ଆକୁଳୀକୃତ—ସଂ. ବଣ (ଆକୁଳ+ଅଭୂତତଦ୍ଭାବେ. ଚ୍ୱି+କୃ ଧାତୁ+ତ)
Ākulikṛuta ବ୍ୟାକୁଳୀକୃତ; ବିକ୍ଷୋଭିତ—Stirred; agitated.

ଆକୁଳୀଭୂତ—ସଂ. ବଣ [ ଆକୁଳ+ଈ ( ଚ୍ୱି ) ଭୂ+ତ]—ଉଦ୍‌ଭ୍ରାନ୍ତ;
Ākulibhūta କାତରୀଭୂତ—Overwhelmed.

ଆକୁଣିତ—ସଂ. ବଣ ( ଆ+କୁଣ ଧାତୁ+କର୍ମ.ତ )=ଈଷତ୍ ସଂକୁଚିତ—
Ākuṇita Contracted a little.

ଆକୂତ—ସଂ. ବ. ( ଆ+କୂ ଧାତୁ=କାତରହେବା+ଭାବ.ତ )
Ākūta ୧ । ଅଭିପ୍ରାୟ; ଉଦ୍ଦେଶ୍ୟ—
1. Purpose;intention.
୨ । ମନୋଭାବ—2. State of mind; feelings.
୩ । ବିସ୍ମୟ—3. Wonder.
୪ । କୌତୂହଳ—4. Curiousity.
୫ । ଇଚ୍ଛା—5. Wish; desire.

ଆକୂତି—ସଂ. ବ. ( ଆ+କୂ ଧାତୁ+ଭାବ. ତି )—ଉଦ୍ଦେଶ୍ୟ—
Ākūti Wish; intention; purpose.

ଆକୂତପର—ସଂ. ବଣ. ପୁଂ. ( ଆକୂତ+ପର )—
Ākūtipara ଆପଣାର ଅଭିପ୍ରାୟ ସିଦ୍ଧ କରୁଥିବା—
(ଆକୂତପରା—ସ୍ତ୍ରୀ) Accomplishing one's intention.

ଆକୃତି—ସଂ. ବ. ( ଆ+କୃ ଧାତୁ=ଭାବ. ତି )—୧ । ଆକାର—
Ākṛuti 1. Shape.
୨ । ଅଚରଣ—2. Character.
୩ । ନମୁନା—3. Specimen.
୪ । ଜାତି; ଶ୍ରେଣୀ—4. Species; tribe.
୫ । ଶରୀର—5. Body.
୬ । ରୂପ—6. Formation.

ଆକୃତିଚ୍ଛତ୍ରା—ସଂ. ବ. ( ଆକୃତି+ଛଦ+ଅ )—ବୃକ୍ଷବିଶେଷ—
Ākṛutichchhatrā A tree; Achyranthes Aspera.

ଆକୃତିମାନ୍—ସଂ. ବଣ. ପୁଂ. ( ଆକୃତି+ମତ୍. ୧ମା. ୧ବ. )—
Ākṛutimān ୧ । ଦେହଧାରୀ—1. Embodied.
(ଆକୃତିମତୀ—ସ୍ତ୍ରୀ) ୨ । ନିଜେ ଆକୃତି ଧରିଥିବା—
2. Self-formed.

ଆକୃତେ—ଦେ. କ୍ରି. ବଣ. (ସ. ଆକୃତି)—ଆକାରରେ—
Ākṛute In shape.
ଯେ ନବ୍ୟଯୁବତୀର ମଧୁପଗଣ
ଲତା ବେଢ଼ି ମେଳୀ ଆକୃତେ ଭ୍ରମଣ—ପ୍ରାଚୀ—ରସବାରିଧି ।

ଆକୃଷ୍ଟ—ସ. ବଣ. (ଆ+କୃଷ ଧାତୁ+କର୍ମ. ତ)—
Ākrushṭa ୧ । ଟଣା ହୋଇଥିବା; ଝିଙ୍କା ହୋଇଥିବା—
1. Attracted; drawn; pulled.
୨ । କର୍ଷିତ; ହଳ କରା ହୋଇଥିବା—
2. Tilled; cultivated.
୩ । ଗୃହୀତ—3. Held.
୪ । ବଶୀକୃତ—4. Brought under control.
୫ । ମୋହିତ; ମୁଗ୍ଧ—5. Fascinated; charmed.
୬ । ଆସକ୍ତ—6. Attracted.

ଆକୃଷ୍ଟି—ସଂ. ବଣ. (ଆ+କୃଷ ଧାତୁ+ଭାବ. ତି)—
Ākṛushṭi ୧ । ଆକର୍ଷଣ—1. Attraction.
୨ । (ଜ୍ୟୋତିଷ) ମାଧ୍ୟାକର୍ଷଣ—2. Gravitation.
୩ । ଧନୁ ଟାଣିବା—3. Drawing or bending low a bow.

ଆକୃଷ୍ଟିମନ୍ତ୍ର—ସ. ବ.—ଯେଉଁ ମନ୍ତ୍ରଦ୍ୱାରା ଏକ ବ୍ୟକ୍ତି ମନ୍ତ୍ରପ୍ରୟୋଗକାରୀ
Ākrushṭimantra ଅନ୍ୟବ୍ୟକ୍ତି ପ୍ରତି ମୁଗ୍ଧ ହୁଏ—A charm by which a person is attracted to the employer of a charm.

ଆକୃଷ୍ୟମାଣ—ସ. ବଣ. (ଆ+କୃଷ ଧାତୁ+କର୍ମ. ଅନ)—
Ākṛushyamāṇa ୧ । ଯାହାକୁ ଆକର୍ଷଣ କରା ଯାଉଅଛି—
1. Being attracted or pulled.
୨ । ଯାହାକୁ ଝିଙ୍କା ଯାଉଥାଏ—
2. In a state of being drawn.
୩ । ବଳପୂର୍ବକ ଅଣାଯାଉଥିବା—3. Brought by force.

ଆକେକର—ସ. ବଣ. (ଆ=ଈଷତ୍+କେ=ମସ୍ତକରେ+କର=ଯେ
Ākekara କରେ)—୧ । ଈଷତ୍ ମୁଦ୍ରିତ ( ଚକ୍ଷୁ )—
1. Half-shut (eyes)
୨ । ଈଷତ୍ ମୁଦ୍ରିତ ( ଦୃଷ୍ଟି )—
2. (look) With half-shut eyes.
(ଆକେକରା—ସ୍ତ୍ରୀ) ସ. ବଣ. ପୁଂ.—ଅଳ୍ପଟେରା; ସୂର୍ଯ୍ୟଟେରା—
Slightly squinted.

ଆକେତା—ଦେ. ବଣ.—ଅକ୍ତା (ଦେଖ)
Āketā Aktā (See)

ଆକେର—ଗ୍ରା. ବ. (ସଂ. ଅକ୍ରାନ୍ତ)—ଅକ୍ରାନ୍ତତା; କ୍ଲାନ୍ତବ୍ୟସ୍ତ ଅବସ୍ଥା—
Ākerā Tiresomeness; state of being troubled

ସାଧାରଣ ଲୋକେ ଅପର ସ୍ଥାନରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ଚହ୍ନିତ ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଢ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଥ' ନ ମିଳିଲେ 'କୃଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗ୍ଗଳ' ଦେଖିବେ;'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

( ଯଥା— ତାଙ୍କୁ ଭାଉ ଆକୋବ୍ସ ଧରିଛି । )
ଗ୍ରା. ବିଣ.— ଅକ୍ଳାନ୍ତ; ବ୍ୟତିବ୍ୟସ୍ତ—Tired; troubled.

**ଆକୋକର**—ସଂ. ବି. (ଯୁନାନୀ ବା ଗ୍ରୀକ୍ ଭାଷାରୁ ଆଗତ)—
Ākokara ( ଜ୍ୟୋତିଷ ) ମକର ରାଶି—
(Astrology) The sign of Capricon.

**ଆକ୍କଲ**—ଆକଲ୍ ( ଦେଖ )
Ākkala Ākal (See)

**ଆକ୍ଟ୍**—ବୈଦେ. (ଇଂରାଜୀ ) ବି.—୧ । କୌଣସି ବିଷୟରେ ସରକାରଙ୍କ
Ākt ଆଇନ—1. Act ( in law )
୨ । ନାଟକର ଅଙ୍କ—2. Act in a play.

**ଅକ୍ଟିଙ୍ଗ୍**—ବୈଦେ. ( ଇଂ ) ବିଣ.—ଏକ୍‌ଟିଙ୍ଗ୍—କୌଣସି ସ୍ଥାୟୀ
Ākting କର୍ମଚାରୀଙ୍କ ଅନୁପସ୍ଥିତି ବା ଛୁଟି ସମୟରେ ତାଙ୍କ ସ୍ଥାନରେ ଅସ୍ଥାୟୀରୂପେ ନିଯୁକ୍ତ ( କର୍ମଚାରୀ )—
Officiating; acting.

**ଆକ୍ଟିଙ୍ଗ୍ ଆଲାଉଆନ୍ସ**—ବୈଦେ. ( ଇଂ ) ବି— ଏକ୍‌ଟିଙ୍ଗ୍ କାମ କରୁଥିବା
Ākting ālauans କର୍ମଚାରୀ ନିଜର ସ୍ଥାୟୀ ଦରମାରୁ ଯେଉଁ ଅଧିକା ଦରମା ବା ଭତ୍ତା ଏକ୍‌ଟିଙ୍ଗ୍ ଚାକିରି ପାଇଁ ପାଏ—Acting-allowance.

**ଆକ୍ତା**—ଦେ. ବିଣ. ( ଫା. ଅଖ୍ତା )—୧ । ଛେଦିତ ମୁଷ୍କ ( ଘୋଡ଼ା )
Āktā ଯାହାର ପୁଂସ୍ତ୍ୱ ନଷ୍ଟ କରାଯାଇଅଛି—1. Castrated;
আখতা; আক্তা emasculated.
আখতা ୨ । କିଂକର୍ତ୍ତବ୍ୟବିମୂଢ଼—2. Bewildered
(ଅଁଡ଼ୁକାଲ୍ଲ—ବିପରୀତ) ୩ । ଅକ୍ଳାନ୍ତ; ବ୍ୟତିବ୍ୟସ୍ତ —
3. Distressed; much troubled.
୪ । ଅତି କ୍ଳାନ୍ତ—4. Very much tired.

**ଆକ୍ତାକରିବା**—ଦେ. କ୍ରି.—ଘୋଡ଼ାର ମୁଷ୍କକୁ ଛେଦନ ବା ମର୍ଦ୍ଦନ କରି
Āktākaribā ନଷ୍ଟ କରିବା—To geld a horse.

**ଆକ୍ତାଘୋଡ଼ା**—ଦେ. ବି.—ଛେଦନ ବା ମର୍ଦ୍ଦନଦ୍ୱାରା ଯେଉଁ ଘୋଡ଼ାର
Āktāghorḍā ପୁଂସ୍ତ୍ୱ ନଷ୍ଟ କରି ଯାଇଅଛି—
An imasculated horse.
[ ଦ୍ର— ନଷ୍ଟମୁଷ୍କ ଷଣ୍ଢକୁ ବଳଦ ଓ ନଷ୍ଟମୁଷ୍କ ଛେଳି ବା ମେଣ୍ଢାକୁ ଖାସି ବୋଲାଯାଏ । ନଷ୍ଟମୁଷ୍କ କୁକୁଡ଼ାକୁ ଖାସୁ ବୋଲାଯାଏ । ]

**ଆକ୍‌ଥୁକରିବା**—ଦେ. କ୍ରି.—୧ । ଖଙ୍କାର ଖାଁ' ମାରି ଥୁ କରି ଛେପ
Ākthukaribā ପକାଇବା—1. To spit out after
ওয়াক্ থু করা hawking.
୨ । ( ଲକ୍ଷଣାର୍ଥ ) ଘୃଣା ପ୍ରକାଶ କରିବା—
2. To hate a person.

**ଆକ୍ନି**—ଦେ. ପଦ୍ୟ. ବି. ( ଫା. ଅଖ୍ନି )—ପଲାଉ ରାନ୍ଧିବାପାଇଁ ମସଲା
Ākni ଦିଆ ହୋଇଥିବା ପାଣି—Water in which spices have been boiled for cooking Palāu.

**ଆକ୍ରନ୍ଦ**—ସଂ ବି. (ଆ + କ୍ରନ୍ଦ ଧାତୁ = କାନ୍ଦିବା; ଡାକିବା + ଭାବ. ଅ)—
Ākranda ୧ । କାନ୍ଦବୋବାଳ; ଉଚ୍ଚୈଃସ୍ୱରରେ କାନ୍ଦିବା; କାକୁଜିକା; ଭେ ଭେ ରଡ଼ କରିବା—
1. Lamentation; crying aloud.
୨ । ବିପନ୍ନବ୍ୟକ୍ତିର ଡାକ—2. Crying of distress
୩ । ଉଚ୍ଚୈଃସ୍ୱରରେ ଡାକିବା; ଚିତ୍କାର କରିବା—
3. Hallooing; calling loudly; invoking
୪ । ଉଚ୍ଚସ୍ୱର— 4. A cry.
୫ । ଯୁଦ୍ଧଭୂମିରେ କରାଯିବା ନାଦ—5. War-cry.
୬ । ( + କର୍ତ୍ତୃ. ଅ ) ବନ୍ଧୁ; ମିତ୍ର—6. Friend.
୭ । ଭାଇ—7. Brother.
୮ । ରକ୍ଷକ—8. Protector.
୯ । ଭୟଙ୍କର ଯୁଦ୍ଧ— 9. Fierce combat; battle.
୧୦ । ରାଜା—10. King.
୧୧ । ସ୍ୱାମୀ—11. Master.
୧୨ । ଯେଉଁ ରାଜା ଅପଣାର ମିତ୍ର ରାଜା ଅନ୍ୟ ରାଜାଙ୍କୁ ସାହାଯ୍ୟ କରିବା ବନ୍ଦ କରନ୍ତି—12. A king who prevents an ally from aiding another.

**ଆକ୍ରନ୍ଦନ**—ସଂ. ବି. (ଆ + କ୍ରନ୍ଦ ଧାତୁ + ଭାବ. ଅନ )—
Ākrandana ୧ । ଉଚ୍ଚୈଃସ୍ୱରରେ ଆହ୍ୱାନ—
1. Hallooing; calling aloud.
୨ । ଉଚ୍ଚୈଃସ୍ୱରରେ କ୍ରନ୍ଦନ—
2. Weeping aloud; lamentation.

**ଆକ୍ରନ୍ଦିକ**—ସଂ. ବି. ପୁଂ. (ଆକ୍ରନ୍ଦ = ଯେ ଧାଏଁ; ଏହି ଅର୍ଥରେ. ଇକ)—
Ākrandika ଯେଉଁ ବ୍ୟକ୍ତି ବିପନ୍ନବ୍ୟକ୍ତିର ଡାକ ବା କାନ୍ଦଣା
(ଆକ୍ରନ୍ଦିକା—ସ୍ତ୍ରୀ) ଉଠୁଥିବା ସ୍ଥାନକୁ ଧାଏଁ—One who runs to a place where arises cries of distress or lamentation.

**ଆକ୍ରନ୍ଦିତ**—ସଂ. ବିଣ ( ଆ + କ୍ରନ୍ଦ ଧାତୁ + କର୍ତ୍ତୃ. ତ )—୧ । କାନ୍ଦୁଥିବା
Ākrandita କାନ୍ଦୁଥିବା—1. Lamenting; weeping bitterly.
୨ । ଉଚ୍ଚୈଃସ୍ୱରରେ ଆହୂତ—2. Called aloud.
ସଂ. ବି.—( + ଭାବ. ତ)—୧ । ଉଚ୍ଚୈଃସ୍ୱର—
1. Loud sound.
୨ । କାନ୍ଦବୋବାଳ—2. Weeping.
୩ । ଆର୍ତ୍ତନାଦ —3. Shrieking.

**ଆକ୍ରମ**—ସଂ. ବି. (ଆ + କ୍ରମ ଧାତୁ + ଭାବ. ଅ)— ୧ । ନିକଟକୁ ଆସିବା-
Ākrama 1. Coming near.
୨ । ଚଢ଼ାଉ କରିବା; ଅନ୍ୟ ବ୍ୟକ୍ତି ଉପରେ ବଳପୂର୍ବକ ପଡ଼ିବା ବା ଅତ୍ୟାଚାର କରିବା—
2. Attacking; falling upon.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ର୍ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ସ | ଙ୍କ | ଙ୍ଗ | ଋଅ | ଢ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଙ୍ଗ୍ୟ | ଋଅ | ଢ଼ | କ୍ଟ |

୩ । ଅଧିକାର କରିବା—3. Occupying.
୪ । ନେବା; ବଳପୂର୍ବକ ନେବା—
4. Seizing; taking.
୫ । ବଳିବା—5. Surpasing.
୬ । ଅତିରିକ୍ତ ବୋଝେଇ କରିବା—6. Overloading.
୭ । ବଳ—7. Might.
୮ । ବିକ୍ରମ—8. Valour.
୯ । ଅତିକ୍ରମଣ—9. Surpassing; going over.
୧୦ । ପରାସ୍ତ କରିବା—10. Overpowering.
୧୧ । ନିନ୍ଦା; ଆକ୍ରୋଶ—11. Blaming; blasphe-
ming.
୧୨ । ରୋଗ ଘୋଟିବା—12. Attack of disease.

**ଆକ୍ରମଣ**—ସଂ. ବି. (ଆ + କ୍ରମ ଧାତୁ + ଭାବ. ଅନ)—ଆକ୍ରମ (ଦେଖ)
Ākramaṇā Ākrama (See)

**ଆକ୍ରମଣୀୟ**—ସଂ. ବିଣ. (ଆ + କ୍ରମଣୀୟ)—ଯାହାକୁ ଆକ୍ରମଣ କରିବାକୁ
Ākramaṇiya ହେବ—To be seized or attacked.

**ଆକ୍ରମିବା**—ଗ୍ରା. ପଦ୍ୟ. କ୍ରି. (ଆ+କ୍ରମ ଧାତୁ)—୧ । ଆକ୍ରମଣ କରିବା—
Ākramibā 1. To attack.
ଅଗ୍ରେ ବାଘ୍ୟା ଦେଖି କଲେ ଜଳଦସ୍ୟୁ ଆକ୍ରମେ ବଣିକ ଚୟ ।
ରାଧାନାଥ. ପାର୍ବତୀ ।
୨ । ଅତିକ୍ରମ କରିବା—2. To pass.
ଆକ୍ରମି ଅନେକ ଯୋଜନ; ପଶିଲେ ଗହନ ବିପିନ ।
ଭାଗବତ. ୧୦ମ ସ୍କନ୍ଧ ।

**ଆକ୍ରୟ**—ସଂ. ବି. (ଆ+କ୍ରୀ ଧାତୁ + କର୍ତ୍ତୃ. ଅ)—୧ । ଖୁଚୁରାବେପାରି—
Ākraya 1. A petty trader.
୨ । ବୁଲାବିକା—2. Pedlar.

**ଆକ୍ରଶ**—ଗ୍ରା. ବି. (ସଂ. ଆକ୍ରୋଶ)—ରୋଗୋପକ୍ରମ; ରୋଗର ପୂର୍ବାଭାସ—
Ākraśa Preliminary symptoms of a disease.
আক্রোশ

**ଆକ୍ରଷିବା**—ଗ୍ରା. କ୍ରି—୧ । ଆକର୍ଷଣ କରିବା—1. To attack;
Ākrashibā to draw.
আকর্ষণ করা ୨ । (ରୋଗ) ଆକ୍ରମଣ କରିବାର ଉପକ୍ରମ କରିବା—
2. To begin to attack (said of a disease.)
আক্রোশ করা ୩ । ଆକ୍ରୋଶ କରିବା—
3. To have a spite.

**ଆକ୍ରା**—ଦେ. ବିଣ. (ସଂ. ଅକ୍ରେୟ)—ମହର୍ଘ—
Ākrā High-priced; dear.
(ଶସ୍ତା—ବିପରୀତ)

**ଆକ୍ରାନ୍ତ**—ସଂ. ବିଣ. ( ଆ+କ୍ରମ ଧାତୁ+କର୍ମ. ତ )—୧ । ଯାହାକୁ
Ākrānta ଆକ୍ରମଣ କରାଯାଇ ଥାଏ—1. Attacked.
୨ । ବଳପୂର୍ବକ ଅଧିକୃତ—
2. Taken forcible possession of.
୩ । ପରାସ୍ତ—3. Overpowered; vanquished.
(ଅନ୍ୟ ଶବ୍ଦ ସଙ୍ଗରେ ବ୍ୟବହୃତ ହେଲେ ନିମ୍ନଲିଖିତ ଅର୍ଥମାନ ବୁଝାଏ । )
୪ । ଅମୁକ ପର୍ଯ୍ୟନ୍ତ ବିସ୍ତୃତ—
4. Reaching upto; extending upto.
୫ । ଯାହା ଉପରେ ମାଡ଼ିଥାଏ; ଆବୃତ (ଯଥା—ମେଘାକ୍ରାନ୍ତ)
5. Overspread with; extending upto.
୬ । ଅଭିଭୂତ; ଅଭିଭୂତ—( ଯଥା—ନିଦ୍ରାକ୍ରାନ୍ତ )
6. Engrossed; occupied.
୭ । ଅତିରିକ୍ତ ବୋଝେଇ କରାଯାଇଥିବା—
( ଯଥା—ଭାରାକ୍ରାନ୍ତ )
7. Overloaded with.
୮ । ଯାହାକୁ କୌଣସି ବସ୍ତୁ ବଳାଇ ଥାଏ—
8. Surpassed; superseded.
୯ । କଷ୍ଟପ୍ରାପ୍ତ—9. Pained; afflicted.
୧୦ । ଯାହା ସଙ୍ଗେ କୌଣସି ବସ୍ତୁ ଯାଇଥାଏ—
10. Accompanied by; attended with.
୧୧ । ଯହିଁ ଉପରେ ମନୁଷ୍ୟ ପାଦ ପକାଇ ଥାଏ—
11. Stepped with.
୧୨ । ଗୋଡ଼ରେ ମଳାଯାଇ ଥିବା—12. Trodden.
ଦେ. ବିଣ—୧ । ଅବୁଝାବୁ; ଅତିକ୍ଳାନ୍ତ—
1. Very much tired.
୨ । ସୀମାବିଶିଷ୍ଟ—2. Limited.
୩ । ବିସ୍ତୀର୍ଣ୍ଣ—3. Extended; having a big area.
ଗୃହ ସହସ୍ର ଉପରେ ଅଛ ଚେର ଘୂଣ
ଏତେ ଆକ୍ରାନ୍ତ ତୋହାକୁ ଧର ଦୈତ୍ୟଗଣ । ପୀତାମ୍ବର. ନୃସିଂହପୁରାଣ ।

**ଆକ୍ରାନ୍ତରେ**—ଦେ. ଅ.—ଆକ୍ରାନ୍ତେ ( ଦେଖ )
Ākrāntare Ākrānte ( See )

**ଆକ୍ରାନ୍ତି**—ସଂ. ବି. ( ଆ + କ୍ରମ ଧାତୁ + ଭାବ. ତି )—୧ । ଅତିକ୍ରମଣ—
Ākrānti 1. Passing.
୨ । ଆକ୍ରମଣ—2. Attacking.
୩ । ପାଦପକାଇବା—3. Stepping.
୪ । ଅଧିକାର କରଣ—4. Occupying.
୫ । ବୋଝାଇ କରିବା—5. Loading.
୬ । ବଳ; ପରାକ୍ରମ—6. Might, valour; force.
୭ । ଉପରକୁ ଉଠିବା—7. Rising; ascending.
ଦେ. ବି—ସୀମାବିଶିଷ୍ଟ ସ୍ଥଳ—Area.
( ଯଥା—ପାଞ୍ଚ କୋଶ ଆକ୍ରାନ୍ତିରେ ଜଣେ ହେଲେ କେହି ପାଠ-ପଢୁଆ ଲୋକ ନାହିଁ । )

ସାଧାରଣ ଯେବେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ପାଠକମାନେ ଉକ୍ତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଠ' ନ ମିଳିଲେ 'ଗାଣ୍ଠ' ଖୋଜିବେ; 'ଢୂଅ' ନ ମିଳିଲେ 'ଢୂଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍‌' ଦେଖିବେ ।

**ଆକ୍ରାନ୍ତେ**—ଦେ. କ୍ରି. ବିଣ—୧ । (ଏତେ) କ୍ଷେତ୍ର ବା ସୀମା ପର୍ଯ୍ୟନ୍ତ—
Ākrānte 1. An area of ( so and so ).
( ଯଥା—ଘାଅଣ୍ଟା ଛଅ ଇଞ୍ଚ ଅକ୍ରାନ୍ତରେ ମାଡ଼ିଛି । )
୨ । ବ୍ୟାସାର୍ଦ୍ଧ ମଧ୍ୟରେ—
2. Within a radius of (so and so).
( ଯଥା—କଟକଠାରୁ ପାଞ୍ଚ କୋଶ ଅକ୍ରାନ୍ତରେ ଗୋଟିଏ ହେଲେ ଡାକୁଘରଖାନା ନାହିଁ । )
୩ । (ଏତେ) କ୍ଷେତ୍ରଫଳକୁ ବା ବାସସ୍ଥାନକୁ ଅଧିକାର କରି—
3. Occupying ( such an area ).
୪ । ଚାରିଆଡ଼େ ବ୍ୟାପି—
4. Extending on all sides.

**ଆକ୍ରାମକ**—ସଂ. ବିଣ. ପୁଂ. ( ଆ+କ୍ରମ ଧାତୁ+କର୍ତ୍ତୃ. ଅକ )—
Ākrāmaka ଆକ୍ରମଣକାରୀ—Attacking; invading.
(ଆକ୍ରାମିକା—ସ୍ତ୍ରୀ)

**ଆକ୍ରୀଡ଼**—ସଂ. ବି. ( ଆ+କ୍ରୀଡ଼ ଧାତୁ+ଭାବ. ଅ )—
Ākrīrḍa ୧ । ଖେଳିବା; କ୍ରୀଡ଼ା କରିବା—1. Playing.
୨ । ଖେଳ; କ୍ରୀଡ଼ା—2. Play; sport.
୩ । ( +ଅଧିକରଣ. ଅ ) ପ୍ରମୋଦ ଉଦ୍ୟାନ—
3. Pleasure-garden.
୪ । ପ୍ରମୋଦ-କୁଞ୍ଜ—4. Pleasure grove.
୫ । ଖେଳପଡ଼ିଆ—5. Play-ground.
୬ । ମଲ୍ଲଭୂମି; ଆଖଡ଼ା—6. Gymnasium.
୭ । କ୍ରୀଡ଼ାସ୍ଥାନ—7. A place where amusements are performed.
[ ଦ୍ର—ଦେ. ଆଖଡ଼ା ଏହି ଶବ୍ଦରୁ ଜାତ । ]
(ଆକ୍ରୀଡ଼ା—ସ୍ତ୍ରୀ) ସଂ. ବିଣ. ପୁଂ—କ୍ରୀଡ଼ା କରୁଥିବା—
Playing; sporting.

**ଆକ୍ରୀଡ଼ନ**—ସଂ. ବି. (ଆ+କ୍ରୀଡ଼ ଧାତୁ+ଭାବ. ଅନ)—ଖେଳିବା—
Ākrīrḍana Playing; sporting.
(ଆକ୍ରୀଡ଼ିତ—ବିଣ)
(ଆକ୍ରୀଡ଼ିତା—ସ୍ତ୍ରୀ)

**ଆକ୍ରୀଡ଼ିତ**—ସଂ. ବିଣ. ପୁଂ. (ଆ+କ୍ରୀଡ଼ିତ)—ଖେଳୁଥିବା—
Ākrīrḍita Playing; sporting.
(ଆକ୍ରୀଡ଼ିତା—ସ୍ତ୍ରୀ)

**ଆକ୍ରୁଷ୍ଟ**—ସଂ. ବିଣ. ପୁଂ. ( ଆ+କ୍ରୁଶ ଧାତୁ+କର୍ମ. ତ )—
Ākrushṭa ୧ । ଯାହାକୁ ଗାଳି ଦିଆଯାଏ; ଭର୍ତ୍ସିତ—
(ଆକ୍ରୁଷ୍ଟା—ସ୍ତ୍ରୀ) 1. Abused; rebuked.
(ଆକ୍ରୋଶ—ବି) ୨ । ନିନ୍ଦିତ—2. Blamed; reviled.
୩ । ଅଭିଶପ୍ତ—3. Cursed.
ସଂ. ବି—୧ । ପରୁଷ ଭାଷଣ—1. Abusive speech.
୨ । ଉଚ୍ଚୈଃସ୍ୱରରେ ଡାକ—2. Calling out.

**ଆକ୍ରୋଟ**—ଦେ. ବି.—ଅକ୍ଷୋଟ ( ଦେଖ )
Ākroṭa Akshoṭa ( See )

**ଆକ୍ରୋଶ**—ସଂ ବି. ( ଆ+କ୍ରୁଶ ଧାତୁ+ଭାବ. ଅ )—
Ākrośa ୧ । ଉଚ୍ଚୈଃସ୍ୱର; ଚିତ୍କାର—
1. Vociferation; loud cry.
୨ । ନିନ୍ଦନ—2. Blame; reviling.
୩ । ଭର୍ତ୍ସନା—3. Censure; abuse.
୪ । ଅଭିଶାପ—4. Imprecation; curse.
୫ । ଶପଥ—5. Oath.
୬ । ବିରକ୍ତି; ରାଗ; କ୍ରୋଧ—
6. Resentment; indignation.
୭ । ଅଦେଖିଆ; ଦ୍ୱେଷ; ଈର୍ଷା—7 Spite; malice.

**ଆକ୍ରୋଶକ**—ସଂ. ବିଣ. ପୁଂ. (ଆ+କ୍ରୁଶ ଧାତୁ+କର୍ତ୍ତୃ. ଅକ)—
Ākrośaka ୧ । ଚିତ୍କାର କରୁଥିବା—1. Vociferous.
(ଆକ୍ରୋଶିକା—ସ୍ତ୍ରୀ) ୨ । ଦ୍ୱେଷକାରୀ—2. Spiteful; envious.
୩ । ଭର୍ତ୍ସନା କରୁଥିବା—3. Reviling; vilifying.
ସଂ. ବି. ପୁଂ—ଭର୍ତ୍ସନାକାରୀ ବ୍ୟକ୍ତି—Slanderer.

**ଆକ୍ରୋଶନ**—ସଂ. ବି. ( ଆ+କ୍ରୁଶ ଧାତୁ+ଭାବ. ଅନ )—
Ākrośana ୧ । ଗାଳି ଦେବା—1. Reviling; slandering.
୨ । ଚିତ୍କାର କରିବା—2. Vociferating.

**ଆକ୍ରୋଶିବା**—ଦେ. ପଦ୍ୟ. କ୍ରି—୧ । ଏକାଗ୍ର କରିବା—
Ākrośibā 1. To concentrate.

ବାମ ଚରଣ ପରେ ବସି
ଚଞ୍ଚଳ ମନକୁ ଆକ୍ରୋଶି । ପ୍ରାଚୀ—ନିର୍ଗୁଣମାହାତ୍ମ୍ୟ ।

୨ । ବ୍ୟାପିବା—2. To spread.

ଦିନା ମେଘେ ଆକାଶକୁ ବରଷିଲେ ଜଳ
ଜୀବକୁ ଆକ୍ରୋଶି ଥିଲେ ଘୂଷ୍ମ ଯାଏ ଜାଳ । ପ୍ରାଚୀ-ବ୍ରହ୍ମନିରୂପଣଗୀତା ।

**ଆକ୍ରୋଷ୍ଟା**—ସଂ. ବିଣ. ପୁଂ (ଆ+କ୍ରୁଶ ଧାତୁ+କର୍ତ୍ତୃ. ତୃ ୧ମା. ୧ବ)—
Ākroshṭā ଆକ୍ରୋଶକ ( ଦେଖ )
(ଆକ୍ରୋଷ୍ଟ୍ରୀ—ସ୍ତ୍ରୀ) Ākrośaka ( See )

**ଆକ୍ଲିନ୍ନ**—ସଂ. ବିଣ. ( ଆ+କ୍ଲିନ୍ନ )—
Āklinna ୧ । ଓଦା ହୋଇଥିବା—
1. Moistered; wet.
୨ । ଛିଞ୍ଚା ହୋଇଥିବା—2. Sprinkled.

**ଆକ୍ଲେଦ**—ସଂ. ବି. ( ଆ+କ୍ଲେଦ )—
Āklеda ୧ । ଓଦା କରିବା; ତିନ୍ତାଇବା—
1. Wetting.
୨ । ଛିଞ୍ଚିବା—2. Sprinkling.

**ଆକ୍ଷଦ୍ୟୂତ**—ସଂ. ବି. ( ଅକ୍ଷଦ୍ୟୂତ+ଅ )—
Ākshadyūta ଜୁଆଖେଳ—Gambling.

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ | ଉଅ | ଋ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ | ଇଅ | ଓ | ଌ |

ସଂ. ବଣ—ଜୁଆଖେଳ ସମ୍ବନ୍ଧୀୟ—
Relating to gambling.

**ଅକ୍ଷଦ୍ୟୂତକ**—ସଂ. ବଣ. ପୁଂ. (ଅକ୍ଷଦ୍ୟୂତ+ଜନ୍ୟାର୍ଥ. ଅକ)—
Ākshadyūtika ଜୁଆଖେଳ ଦ୍ୱାରା ସାଧିତ—Effected or
(ଅକ୍ଷଦ୍ୟୂତିକା—ସ୍ତ୍ରୀ) completed by gambling.
ସଂ. ବ. ପୁଂ ଜୁଆଡ଼; ଜୁଆଡ଼ି —A gambler

**ଅକ୍ଷପଣ**—ସଂ. ବ ( ଅ+କ୍ଷପଣ )—
Ākshapaṇa ୧ । ଉପବାସ—1. Fasting.
୨ । ଉପବାସ ଦ୍ୱାରା ଦେହ ଶୁଦ୍ଧି—
2. Purification by fasting.
୩ । ଭୋଜନାଦିରୁ ବିରତି—3. Abstention.

**ଅକ୍ଷପାଟିକ**—ସଂ. ବଣ. ପୁଂ. (ଅକ୍ଷପାଟ=କ୍ରୀଡ଼ାସ୍ଥାନ; ବ୍ୟବହାର ସ୍ଥାନ
Ākshapāṭika +ଇକ )—
(ଅକ୍ଷପାଟିକା—ସ୍ତ୍ରୀ) ୧ । ଜୁଆ ଖେଳରେ ଅଧ୍ୟକ୍ଷ—
1. Superintendent to a gambling-house.
୨ । ପଶା ବା ଜୁଆ ଖେଳରେ ମଧ୍ୟସ୍ଥ—2. A judge at playing with dice; an umpire in a game.
୩ । ବିଚାରପତି—3. A judge.
୪ । ଯେ ମକଦ୍ଦମା ବିଷୟ ବନ୍ଦୋବସ୍ତ କରେ—
4. An arranger of law-suits.

**ଅକ୍ଷପାଦ**—ସଂ.ବଣ. ପୁଂ. (ଅକ୍ଷପାଦ+ଅ)—ଅକ୍ଷପାଦ ବା ଗୌତମ ଦ୍ୱାରା
Ākshapāda ପ୍ରବର୍ତ୍ତିତ ବା ଶିକ୍ଷା ଦିଆଯାଇଥିବା—
(ଅକ୍ଷପାଦୀ—ସ୍ତ୍ରୀ) Taught by the sage Gautama.
ସଂ. ବ. ପୁଂ—ନୈୟାୟିକ—A logician; a follower of the Nyāya system of philosophy.
ସଂ.ବ—(ଗୌତମ ପ୍ରବର୍ତ୍ତିତ) ନ୍ୟାୟ ଦର୍ଶନ—The Nyāya-system of philosophy.

**ଅକ୍ଷରିକ**—ସଂ. ବଣ. ( ଅକ୍ଷର+ଇକ )—
Āksharika ୧ । ଅକ୍ଷରସମ୍ବନ୍ଧୀୟ-1. Relating to letters.
୨ । ପ୍ରତ୍ୟେକ ଅକ୍ଷରକୁ ଅନୁସରଣ କରାଯିବା ( ଅର୍ଥ ବା ଅନୁବାଦ ) – 2. Literal ( meaning or translation )

**ଅକ୍ଷାର**—ସଂ. ବ. ( ଆ+କ୍ଷର ଧାତୁ+ଭାବ. ଅ )—
Ākshāra ୧ । ଦୁର୍ନାମ—1. Calumny.
୨ । ଅପରାଧ ସମ୍ବନ୍ଧୀୟ ଅଭିଯୋଗ - 2. A charge.
୩ । ଅଗମ୍ୟାଗମନ ବା ଲାମ୍ପଟ୍ୟ ସମ୍ବନ୍ଧରେ ଅଭିଯୋଗ—
3. An accusation of adultery.

**ଅକ୍ଷାରଣ**—ସଂ. ବ. ( ଆ+କ୍ଷର ଧାତୁ+ଭାବ. ଅନ )—
Ākshāraṇa ଅକ୍ଷାର ( ଦେଖ )—Ākshār ( See )

**ଅକ୍ଷାରଣା**—ସଂ. ବ. ( ଆ+କ୍ଷର ଧାତୁ+ଭାବ. ଅନ+ଆ )—
Ākshāraṇā ଅକ୍ଷାର ( ଦେଖ )—Ākshāra ( See )

**ଅକ୍ଷାରିତ**—ସଂ. ବଣ. ପୁଂ. ( ଆ+କ୍ଷର ଧାତୁ+କର୍ମ. ତ )—
Ākshārita ୧ । ଅଭିଯୁକ୍ତ—1. Accused; charged.
୨ । ଅପରାଧୀ—2. Guilty; criminal.
୩ । ମୈଥୁନବିଷୟକ ଅପବାଦଗ୍ରସ୍ତ; ଅଗମ୍ୟାଗମନ ବା ଲାମ୍ପଟ୍ୟ ଦୋଷଦୁଷ୍ଟ—3. Charged with adultery.
୪ । ନିନ୍ଦିତ—4. Vilifid; blamed.

**ଅକ୍ଷିକ**—ସଂ. ବ. ପୁଂ. ( ଅକ୍ଷ+ଖେଳିବା ଅର୍ଥରେ. ଇକ)—
Ākshika ୧ । ଜୁଆ ଖେଳାଳି; ଜୁଆଡ଼—
( ଅକ୍ଷିକା; ଅକ୍ଷିକୀ—ସ୍ତ୍ରୀ ) 1. Gambler.
୨ । ଜୁଆଖେଳରେ ଅର୍ଜିତ ଧନ—
2 Mony gained by gambling.
୩ । ଜୁଆରେ ହାରିବା ଧନ—
3. Money lost in gambling.
୪ । ଭାରଭୂତ ଅକ୍ଷ ବା ପଶାକାଠି ଯେ ରଖିଥାଏ—
4. One who uses loaded dice.
୫ । ଜୁଆ ଖେଳରେ ଜିତିବା ବ୍ୟକ୍ତି—
5. One who wins at gambling.
୬ । ଜୁଆ ଖେଳଦ୍ୱାରା ଧନଅର୍ଜନ କରିବା ବ୍ୟକ୍ତି—
6 One who gains by gambling.
୭ । ଜୁଆ ଖେଳରେ କରାଯିବା ଦେଣା—
7. Gambling debt.
୮ । ତିନିଶ ( ବୃକ୍ଷ ) ( ଦେଖ )
8. Tinisa tree ) ( See ).
୯ । ଅଛୁଗଛ ( ଦେଖ )—(ହରେକୃଷ୍ଣ. ଦ୍ରବ୍ୟଗୁଣ )—
9 Āchhu ( tree ) ( See ).
ସଂ. ବଣ.—୧ । ପଶାଖେଳ ସମ୍ବନ୍ଧୀୟ—
1. Relating to dice.
୨ । ଜୁଆଖେଳସମ୍ବନ୍ଧୀୟ —
2. Relating to gambling.
୩ । ଜୁଆଖେଳଦ୍ୱାରା ଯାହା ଜିତା ଯାଇଥାଏ; ଦ୍ୟୂତଦ୍ୱାରା ଅର୍ଜିତ—3. Won by gambling.

**ଅକ୍ଷିକପଣ**—ସଂ. ବ—ଜୁଆଖେଳରେ ବଜାଯିବା ଟଙ୍କା—
Ākshikapaṇa Wager in gambling.

**ଅକ୍ଷିପ୍ତ**—ସଂ. ବଣ. ( ଆ+କ୍ଷିପ ଧାତୁ+କର୍ମ. ତ )—
Ākshipta ୧ । ତଳକୁ ଫିଙ୍ଗାଯାଇଥିବା—
( ଅାକ୍ଷେପ—ବ ) 1. Thrown down.
୨ । ଜବରଦସ୍ତି ଛଡ଼ାଇ ନିଆ ଯାଇଥିବା—
2. Snatched away.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ସାର' ନ ମିଳିଲେ 'ଶାର' ଖୋଜିବେ; 'କୃଷ' ନ ମିଳିଲେ 'କୃଶ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୩ । ଯାହାକୁ ବାଧା ଦିଆ ଯାଇଥାଏ; ପ୍ରତିହତ—
3. Repulsed.

୪ । ଉତ୍ସାଦିତ—4. Overthrown.

୫ । ଧରା ଯାଇଥିବା; ଧୃତ—5. Seized; grasped.

୬ । ଆକୃଷ୍ଟ—6. Drawn; attracted.

୭ । ପ୍ରଲୋଭିତ—7. Enticed; seduced.

୮ । ପରାଭୂତ—8. Overpowered.

୯ । ଅଭିଭୂତ—9. Bewildered.

୧୦ । ଉଦ୍‌ବେଜିତ—10. Perplexed; distracted.

୧୧ । ଉପାଜିତ୍ କରା ଯାଇଥିବା—11. Deposited.

୧୨ । ଅପମାନିତ—12. Insulted.

୧୩ । ଭର୍ତ୍ସିତ—13. Reviled; abused.

୧୪ । ( ଅମୁକ ) ସଙ୍ଗେ ସମାନ—
14. Equal to; equivalent to.

**ଆକ୍ଷିପ୍ତିକା**—ସଂ. ବି. ( ଆକ୍ଷିପ୍ତ+କ+ଆ ) — ରଙ୍ଗଭୂମିକୁ ଆସିଲା
Ākshiptikā ବେଳେ ନଟଦ୍ୱାରା ବୋଲାଯିବା ସଙ୍ଗୀତ—
A particular air or song sung by an actor while approaching the stage.

**ଆକ୍ଷୀବ**—ସଂ. ବିଣ. ପୁଂ. ( ଅକ୍ଷୀବ+ସ୍ୱାର୍ଥେ. ଅ )—ନିଶାରେ ଉନ୍ମତ୍ତ—
Ākshība Intoxicated.

ବି—ସଜନାଗଛ (ଦେଖ)—Sajanā ( tree ) ( See )

**ଆକ୍ଷୁଟୀ**—ସଂ. ବିଣ—ନିର୍ଦ୍ଦୟ; ନିଷ୍ଠୁର—Savage; cruel.
Ākshuṭī ସଂ ବି. ସ୍ତ୍ରୀ—ଉଗ୍ରାସ୍ତ୍ରୀ; ଚଣ୍ଡସ୍ୱଭାବା ସ୍ତ୍ରୀ—A virago.

**ଆକ୍ଷେପ**—ସଂ. ବି. ( ଆ+କ୍ଷିପ ଧାତୁ+ଭାବ. ଅ )—
Ākshepa ୧ । ଫୋପାଡ଼ିବା; ଫିଙ୍ଗାଯିବା; ଫିଙ୍ଗା—
(ଆକ୍ଷିପ୍ତ—ବିଣ) 1. Throwing off; tossing; throwing away.

୨ । ଗତି—2 Movements.

୩ । କମ୍ପନ; ଥରିବା—3. Shaking.

୪ । ଭର୍ତ୍ସନା—4. Censure; reviling; abuse.

୫ । ଅପବାଦ; ଦୁର୍ନାମ—5. Satire; libel.

୬ । ଆକର୍ଷଣ—
6. Attraction.

୭ । ଅପହରଣ—7. Removal by theft.

୮ । ପ୍ରଲୋଭନ—8. Allurement; seduction.

୯ । ହାତ ଗୋଡ଼ ଛଞ୍ଚାଡ଼ିବା; ଅଙ୍ଗ ବିକ୍ଷେପ—9. Spasm.

୧୦ । ରଙ୍ଗ ଆଦି ଉପରେ ବୋଳିବା; ଲଗାଇବା—
10. Applying on; smearing over ( as colour ).

ଗୋରଚନା କ୍ଷେପ କରାନ୍ତି ଗୌର—ପ୍ରାଚୀନ. ସଙ୍ଗୀତ ।

୧୧ । ବାକ୍ୟର ଅନ୍ୟାର୍ଥ କଳ୍ପନା—11. Assuming another meaning of a word.

୧୨ । ଅନୁମାନ—12. Inference.

୧୩ । ଉପାନିଧି—13. A deposit.

୧୪ । ଆପତ୍ତି—14. Objection.

୧୫ । ସାହିତ୍ୟର ଅଳଙ୍କାରବିଶେଷ; ଅଭିପ୍ରେତାର୍ଥ ଗୋପନ—
15. A figure of speech in which something intended is suppressed.

୧୬ । ଅନୁତାପ—16. Regret.

୧୭ । ଅନୁଶୋଚ; ଖେଦ—17. Grief; sorrow.

**ଆକ୍ଷେପକ**—ସଂ. ବିଣ. ପୁଂ. (ଆ+କ୍ଷିପ ଧାତୁ+କର୍ତ୍ତୃ. ଅକ)—
Ākshepaka ୧ । ଯେ ଆକ୍ଷେପ କରେ—
(ଆକ୍ଷେପିକା—ସ୍ତ୍ରୀ) 1. Drawing; attracting.

୨ । ଯେ ଫିଙ୍ଗେ—2. Throwing; tossing.

୩ । ଭର୍ତ୍ସନାକାରୀ—3 Reviling; abusing.

ସଂ. ବି. ପୁଂ—୧ । ନିନ୍ଦୁକ—1. Calumniator.

୨ । ( ବୈଦ୍ୟଶାସ୍ତ୍ର ) ଅଙ୍ଗ ବିକ୍ଷେପ—
2. Spasm; convulsion.

**ଆକ୍ଷେପିବା**—ଦେ. କ୍ରି.—ଖେଦକରିବା—To grieve.
Ākshepibā ଏମନ୍ତ ଆକ୍ଷେପି ସୀତା ବଇପି ଡାକନ୍ତେ—ନନ୍ଦକିଶୋର. ସୀତାବନବାସ ।

**ଆକ୍ଷୋଟ**—ସଂ. ବି.—ଅକ୍ଷୋଟ ( ଦେଖ )
Ākshoṭa Akshoṭa (See)

**ଆକ୍ଷୋଡ଼**—ସଂ. ବି.— ଅକ୍ଷୋଟ ( ଦେଖ )
Ākshorḍa Akshoṭa ( See )

**ଆକ୍ଷୋଦନ**—ସଂ. ବି. ( ଆ+କ୍ଷୁଦ୍ ଧାତୁ+ଭାବ. ଅନ )—
Ākshodana ମୃଗୟା; ଶିକାର—Hunting.

**ଆଖଡ଼ା**—ଦେ. ବି. ( ସଂ. ଆକ୍ରୀଡ଼ )—
Ākhṛḍā ୧ । ବ୍ୟାୟାମ ଓ ମଲ୍ଲବିଦ୍ୟା ଅଭ୍ୟାସ କରିବା ସ୍ଥାନ—
1. Gymnasium; a place for gymnastic exercise.

ପିଲାଙ୍କୁ ଆଖଡ଼ାରେ ଶ୍ରମ ଯେ ପଢ଼ଇ—ସାରଳା. ମହାଭାରତ. ଆଦି ।

୨ । ନୃତ୍ୟ ଗୀତାଦି ଅଭ୍ୟାସ କରିବା ସ୍ଥାନ—
2. A place for rehearsing singing and music; a music-school; a dancing-school.

୩ । ଏକ ସମ୍ପ୍ରଦାୟର ବୈରାଗୀ ବା ବୈଷ୍ଣବମାନଙ୍କର ମିଳନ ସ୍ଥାନ—3. Monastery; a place where anchorites of a particular sect congregate and live.

( ଯଥା—ପୁରୀରେ ବଡ଼ ଆଖଡ଼ା ଓ ସାନ ଆଖଡ଼ା ମଠ ଅଛି । )

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯ୍ | ଙ୍ଅ | ଢ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ୱ | ଢ଼ |

୪ । ନୃତ୍ୟକାରୀ, ବ୍ୟାୟାମକାରୀ ବା ସଙ୍କୀର୍ତ୍ତନକାରୀଙ୍କ ଦଳ—
4. A part of dancers; athletes or chanters.

୫ । ( ଲକ୍ଷଣାର୍ଥ ) କୌଣସି ବିଶିଷ୍ଟ ଦଳ—
5. A particular party.
( ଯଥା— ସେ ଆମ ଅଖ୍ଡ଼ାରେ ବସିବା ଲୋକ ନୁହେ । )

୬ । ଅଡ୍ଡା—6. A place where men of same class congregate.

ଅଖ୍ଡ଼ା କରିବା—ଦେ. କ୍ରି—୧ । ବ୍ୟାୟାମ ଅଭ୍ୟାସ କରିବା—
Ākhrḍā karibā 1. To perform gymnastic exercise.
আখড়াকরা

୨ । ଅଖଡ଼ାରେ ଗୁରୁଙ୍କଠାରୁ ନୃତ୍ୟଗୀତାଦି ଶିକ୍ଷା କରିବା—
2. To learn music and dancing under a dancing master; to rehearse music.

୩ । ଅଖଡ଼ାରେ ଶିକ୍ଷାର୍ଥୀମାନଙ୍କୁ ନୃତ୍ୟଗୀତାଦି ଶିଖାଇବା ବା ତାଲିମ୍ କରିବା—3. To train persons in music and dancing.

୪ । ନୃତ୍ୟଗୀତାଦିରେ ତାଲିମ୍ କରିବାପାଇଁ ଲୋକଙ୍କୁ ଜମାଇବା—4. To collect people for the purpose of musical training.

ଅଖ୍ଡ଼ା ଗୁରୁ—ଦେ. ବି—ଅଖଡ଼ାରେ ଶିଷ୍ୟମାନଙ୍କ ଉପଦେଶକ ଓସ୍ତାଦ୍-
Ākhrḍā guru One who trains people in singing music and atheletic feats.
আখড়ার গুরু

ଅଖ୍ଡ଼ା ଜମାଇବା—ଦେ. କ୍ରି—୧ । ନୃତ୍ୟଗୀତାଦି ପାଇଁ ଦଳ ଗଠନ କରିବା—1. To form a party of persons to be trained in music and dancing.
Ākhrḍā jamāibā
আখড়া জমান

୨ । ନୃତ୍ୟଗୀତାଦି ପାଇଁ ଶିଷ୍ୟଦଳ ସଂଗ୍ରହ କରିବା—
2. To gather pupils for training them to sing or dance.

୩ । ( ଲକ୍ଷଣାର୍ଥ ) ଗୋଟିଏ ଦଳ ଗଠନ କରିବା—
3. To form a party.

୪ । ( ଲକ୍ଷଣାର୍ଥ ) ମନ୍ଦ ବା ମନ୍ଦକାର୍ଯ୍ୟ ପାଇଁ ଗୁଡ଼ିଏ ଲୋକ ଜମାଇବା—4. To gather people for a worthless or wicked purpose.

ଅଖ୍ଡ଼ା ଭାଙ୍ଗିବା—ଦେ. କ୍ରି—୧ । ଗଠିତ ଅଖ୍ଡ଼ାର ଦଳକୁ ଭାଙ୍ଗିଦେବା
Ākhrḍā bhāṅgibā 1. To disband or break up a dancing or music party.
আখড়া ভাঙ্গা

୨ । ଅଖଡ଼ାରେ ନୃତ୍ୟାଦି ଅଭ୍ୟାସ କାର୍ଯ୍ୟକୁ ସ୍ଥଗିତ କରିବା—
2. To discontinue rehearsals.

୩ । ଅଖଡ଼ାରେ କରାଯାଉଥିବା ଅଭ୍ୟାସ କର୍ମକୁ ଶେଷ କରି ଘରକୁ ଆସିବା—3. To dismiss a music or dancing school after rehearsal.

ଅଖ୍ତା—ଦେ. ବିଣ—ଅକ୍ତା ( ଦେଖ )
Ākhtā Āktā ( See )

ଅଖ୍ଥୁ—ଦେ. ଅ—ଘୃଣାବ୍ୟଞ୍ଜକ ଛେପ ପକାଇବାର ଅନୁକରଣଶବ୍ଦ—
Ākhthu A sound in imitation of that in spitting.

ଅଖ୍ନି—ବୈଦେ. ( ଆରବୀ ) ବି—ଅକ୍ନି ( ଦେଖ )
Ākhni Ākni ( See )
अख्नि

ଅଖ୍ପାଖ—ପ୍ରାଦେ. ( ସମ୍ବଲପୁର ) ଅ.—ଇତସ୍ତତଃ; ଏପାଖ ସେ ପାଖ-
Ākhpākha This side and that; here and there.
ଦେ. ବି.—ଅଖପାଖ ( ଦେଖ )
Ākhapākha ( See )

ଅଖ୍ରିଚାର୍ସମା—ବୈଦେ. ( ଆ. ) ବି ( ଆଖିର=ଶେଷରେ ହେବା+ ଚାରସମ୍ବାହ=ବୁଧବାର ) ମୁସଲମାନଙ୍କ ସଫର ମାସର ଶେଷ ବୁଧବାର ଦିନ ଅନୁଷ୍ଠିତ ପର୍ବ—
Ākhrichārsamā
A festival observed by the Mahomedans on the last wednesday of the month Safar.

ଅଖ୍ରିଚାର୍ସମ୍ମା—ବୈଦେ. ( ଆ. ) ବି—ଅଖ୍ରିଚାର୍ସମା ( ଦେଖ )
Ākhrichārsammā Ākhrichārsamā (See)

ଅଖଣ୍ଡଳ—ସଂ. ବି. ( ଆ+ଖଣ୍ଡ ଧାତୁ=ଭେଦକରିବା=କର୍ତ୍ତୃ. ଅଳ
Ākhaṇḍaḷa ଯେ ବଜ୍ରଦ୍ୱାରା ପର୍ବତ ଭେଦ କରିଥିଲେ )—
ଦେବରାଜ ଇନ୍ଦ୍ର—God Indra.

ଅଖଣ୍ଡଳମଣି—ଦେ. ବି—ବାଲେଶ୍ୱର ଜିଲ୍ଲାରେ ବୈତରଣୀ ଓ ସାଳନ୍ଦୀ
Ākhaṇḍaḷamaṇi ଏହି ଦୁଇ ନଦୀର ସଙ୍ଗମ ସ୍ଥଳରେ ପ୍ରତିଷ୍ଠିତ ଶିବଲିଙ୍ଗ—An image of Śiba in the district of Balasore.
ପ୍ରକ୍ଷାଳି ସଙ୍ଗମେ ଅଖଣ୍ଡଳମଣି ପାଦକମଳ । ରାଧାନାଥ—ଉଷା ।

ଅଖନିକ—ସଂ. ବି. ପୁଂ ( ଆ+ଖନ୍ ଧାତୁ—ଖୋଳିବା+କର୍ତ୍ତୃ. ଇକ;
Ākhanika ଯେ ମୃତ୍ତିକା ଖନନ କରେ )—
୧ । ଚୋର—1. Thief.
୨ । ଶୂକର—2. Boar; hog.
୩ । ମୂଷିକ—3. Mouse.
୪ । ଖଣନ୍ତା; ଖନିତ୍ର—4. A small hovel.
ସଂ. ବିଣ—ଖନନକାରୀ—One who digs the earth.

ଅଖଣ୍ଡ—ଦେ. ବି.—୧ । ଅଗ୍ଲିବା; ବାଟ ଓଗି ଅଟକାଇବା—
Ākhanda 1 Restraining a person from advancing.
ଠିକ ଲୋକେ ମାଉଡ଼େ ହେବ କରଣ ଅଖଣ୍ଡ । ସାରଳା: ମହାଭାରତ, ସଭା ।

୨ । ଲୁଚିକରି ଶତ୍ରୁକୁ ଜଗିବା—
2. Lying in ambush.

ସାଧାରଣ ଲୋକେ ଅନେକ ସ୍ଥଳରେ ଯୁକ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା ।— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଆଖଣ୍ଡି**—ଦେ. ବି.—ଏକପ୍ରକାର ବନ୍ଧୁକ—
Ākhandi — A kind of gun.
ଶବ ପଶ୍ଚାତ ଲୋକେ ଥିଲେ ଜଗି,
ଆଗେ ଆଖଣ୍ଡି ନଳ ଡେଲେ ଦାଗି । ବ୍ରଜନାଥ—ସମରତରଙ୍ଗ. ୩ ।

**ଆଖଣ୍ଡିବା**—ଦେ. କ୍ରି.- ଆଗୁଳିବା; ବାଟ ଓଗାଳିବା; ବାଟ ଛାଡ଼ି ନଦେବା—
Ākhandibā — To restrain a person from going in his way.

**ଆଖପାଖ**—ଦେ. ବିଣ. ( ସଂ. ଅକ୍ଷି ଓ ପାର୍ଶ୍ୱ )—୧ । ନିକଟବର୍ତ୍ତୀ; ଚତୁର୍ଦ୍ଦିଗ— 1. All sides in the vicinity.
Ākhapākha
আশপাশ
आसपास ୨ । ନିକଟ; ସମୀପ—2. Near.
ଦେ. ବି.—ନୈକଟ୍ୟ; ସାମୀପ୍ୟ—Vicinity.

**ଆଖପାଖିଆ**—ଦେ. ବିଣ.—ସନ୍ନିକଟବର୍ତ୍ତୀ—
Ākhapākhiā — Adjacent.
আশ্‌পাশ্

**ଆଖପାଖେ**—ଦେ. କ୍ରି. ବିଣ.—୧ । ନିକଟରେ—
Ākhapākhe — 1. Near by; in the vicinity.
আশেপাশে ୨ । ନିକଟବର୍ତ୍ତୀ ଚତୁର୍ଦ୍ଦିଗରେ—
2. On all sides in the vicinity.

**ଆଖର୍**—ବୈଦେ. (ଆ) ବି.—୧ । ଶେଷ—
Ākhar — 1. Termination; end.
আখর; আখির ପଡୁଛଗୋର ଆଖରକୁ ହେବାର ଏହି ଏକା ଏଥିଁ ଫଳ ।
आखर आखीर କବିସୂର୍ଯ୍ୟ— କଣୋସବମ୍. ଫ. ଗୀତ ।
( ଅଉଲ୍—ବିପରୀତ ) ୨ । ସମାପ୍ତି—2. Completion; finish.
୩ । ଅବସାନ; ଗତହେବାଅବସ୍ଥା—
3. Expiry.
କ୍ରି. ବିଣ.—ଆଖରି (ଦେଖ)
Ākhari (See)
ବିଣ.—ଆଖରି (ଦେଖ)
Ākhari (See)

**ଆଖର**—ସଂ. ବି. (ଆ+ଖନ୍ ଧାତୁ=ଖୋଳିବା+କରଣ. ଅର; ଯାହା ଦ୍ୱାରା ମାଟି ଖୋଳାଯାଏ)—
Ākhara
आखिर ଖନିତ୍ର; ଖଣତି—A digging bar; sped.
ପ୍ରାଦେ. ( ମେଦନୀପୁର ) ବି—ଅକ୍ଷର—
Alphabet; letter.

**ଆଖରକୁ**—ବୈଦେ. (ଆ) କ୍ରି. ବିଣ.—ଆଖରି (ଦେଖ)
Ākharaku — Ākhari (See)

**ଆଖରି**—ବୈଦେ. (ଆ) ବିଣ.—୧ । ସର୍ବଶେଷ—1. Last.
Ākhari ୨ । ଗତ—2. Past; gone.
आखिरी ( ଯଥା—ଆଖରି ସନ )
କ୍ରି. ବିଣ—୧ । ସର୍ବଶେଷକୁ; ସର୍ବଶେଷରେ—1. At last.
୨ । ଶେଷବେଳକୁ—2. Towards the end.
୩ । ପଛକୁ—3. Later on; afterwards.

**ଆଖରୋଟ**—ଦେ. ବି. (ସ. ଅକ୍ଷୋଟ)—ଅକ୍ଷୋଟ (ଦେଖ)
Ākharoṭa — Akshoṭa (See)

**ଆଖାତ**—ସଂ. ବି. (ଅଖାତ=ଦେବଖାତ+ସ୍ୱାର୍ଥେ. ଅ)—
Ākhāta ୧ । ଦେବଖାତ; ଅକୃତ୍ରିମ ଜଳାଶୟ—
1. A lake; a natural reservoir of water.
୨ । (ଭୂଗୋଳପରିଭାଷା) ଉପସାଗର—2. Bay.

**ଆଖାଶାଖା**—ଦେ. ବି. (ସଂ. ସଖା; ସହାୟ)—
Ākhāsākhā ୧ । ସହାୟ—1. Help.
୨ । ରକ୍ଷକ—2. Protector.

**ଆଖି**—ଦେ. ବି. (ସଂ. ଅକ୍ଷି)—୧ । ନେତ୍ର; ଚକ୍ଷୁ—1. Eye.
Ākhi କାଣ ଆଖିରେ କଜଳ ଗାରେ—ଢଗ ।
আখ্; চোক্; চোখ্
आंख
୨ । ଦୃଷ୍ଟିଶକ୍ତି—2. Eye-sight.
୩ । ଦୃଷ୍ଟି—3. Look.
ସଖି ଆଖି ରଖିଲୁ ରଖାରେ—କବିସୂର୍ଯ୍ୟ. ସଙ୍ଗୀତ ।
୪ । ଆଖୁପବର ଗଣ୍ଠି—4. The eye-like protuberance on the knot of a stem of sugarcane.
୫ । (ନଡ଼ିଆଛଡ଼ା) ନଡ଼ିଆ ମୁଣ୍ଡରେ ଥିବା ଚିହ୍ନ—
5. The eye-like signs on the top of the cocoanut.
୬ । ( ଲକ୍ଷଣାର୍ଥ ) ବିବେଚନାଶକ୍ତି; ବିବେକିପଣ—
6. Consideration; discretion; descernment.
୭ । ( ଲକ୍ଷଣାର୍ଥ ) ବୁଦ୍ଧି—7. Intelligence.

**ଆଖିଆ**—ଦେ.ବିଣ. ପୁଂ ଓ ସ୍ତ୍ରୀ. [ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୁଏ ଯଥା— ଚଳାଆଖିଆ, ଚେଡା ଆଖିଆ ) ]—
Āhiā
( ଆଖେଇ—ସ୍ତ୍ରୀ ) ୧ । ଚକ୍ଷୁବିଶିଷ୍ଟ—1. Eyed, ( used in compounds )
୨ । ଦୃଷ୍ଟିଆ ( ଦେଖ )
2. Drushṭiā ( See )
୩ । ଢୁରୁଡ଼ା ବଳଦଙ୍କ ଆଖି ଉପରେ ପିନ୍ଧାଯିବା ଅନ୍ଧ ପୋଟଳ-
3. A band tied over the eyes of a shying bullock.
ପ୍ରାଦେ. (ଗଞ୍ଜାମ) ବି—ଉପନେତ୍ର—Spectacles.

**ଆଖିଆଗରେ**—ଦେ. କ୍ରି. ବିଣ—ସମକ୍ଷରେ; ସମ୍ମୁଖରେ—
Akhiāgare — Before one's very eyes.
চোখের সাম্‌নে

**ଆଖିଅଲୁଅ**—ଦେ. ବି—ଆଖି ପତା ଉପରେ ବାହାରିବା ବ୍ରଣ—
Akniālua — A boil on the eye-lashes; sty.
आञ्जनी — Hordeolum; Posthia.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଲ | ୠ | ର୍ଦ୍ଧ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଖ | ଜ | ଷ,ଶ | ଙ୍କ | ଇଅ | ଉଅ | ଣ |
| ୬ | ଋ | ଌ | ରୁ | ଲୁ | ସ୍ପେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ | ଯ | ସ | ଙ୍ଗ | ଇଅ | ଓ | ହ୍ନ |

[ ଦ୍ର—ଆଖି ପଡା ବା ଆଖି ଉପରେ ଉଠିବା ବ୍ରଣକୁ ଆଲୁଅ କହନ୍ତି । ]

**ଆଖିକଣ**—ଦେ. ବ—ନାକ ପାଖରେ ଥିବା ଅକ୍ଷିର ଶେଷ ମୁଣ୍ଡ—
Ākhikaṇa Corner of the eye
চোখের কোনা
(ଅକ୍ଷିଇଙ୍ଗି—ଦ୍ୱିପଦ୍ୟାଟ)

**ଆଖିକାଢ଼ିବା**—ଦେ. କ୍ରି—ଆଖି ଦେଖାଇବା ( ଦେଖ )
Ākhikārḍhibā Ākhi dekhāibā ( See )
চোখ দেখান

**ଆଖିଖୁଞ୍ଚା**—ଦେ. ବ—ଆଖି ଭିତରେ ହେବା ବ୍ୟଥା—
Ākhikhuñchā Aching of the eye.

**ଆଖିଖୋଲିବା**—ଦେ. କ୍ରି—ଆଖିପିଟିବା ( ଦେଖ )
Ākhikholibā Ākhiphiṭibā ( See)

**ଆଖିଖୋସିବା**—ଦେ. କ୍ରି.—ମୃତ୍ୟୁ, ଭୟ ବା ମୂର୍ଚ୍ଛା ଯୋଗୁଁ ( କୌଣସି
Ākhikhosibā ବ୍ୟକ୍ତି ) ଅକ୍ଷିର କଳା ଡୋଳାକୁ ଭ୍ରୂଲତାଅଡ଼କୁ ଟେକିବା; ଶିବନେତ୍ର ହେବା—
To have one's pupils turned upwards.

**ଆଖିଖୋସିହୋଇଯିବା**—ଦେ. ବ.—୧ । ମୃତ୍ୟୁ, ଭୟ ବା ମୂର୍ଚ୍ଛାଯୋଗୁଁ
Ākhikhosihoijibā ଆଖିର କଳା ଡୋଳା ଭ୍ରୂଲତା ଅଡ଼କୁ
শিবনেত্রহওয়া; চোখ উলটেযাওয়া ଟେକି ହୋଇଯିବା—
**आँखउलटजाना** 1. The turning of pupils of the eyes upwards.

୨ । ( ଲକ୍ଷଣାର୍ଥ ) ସ୍ତବ୍ଧ ହେବା; ଚାଇଁକାହେବା—
2. Being frightened; being dumb-founded.

ଏହା ଦେଖି ଉଠଣ ଆଖି ଖୋସି ହୋଇଗଲା—କୃତ୍ତିବାସ ରାମାୟଣ । ନଅସୁଣୀ ।

**ଆଖିଛଟା**—ଦେ. ବ.—ଅପାଙ୍ଗଦୃଷ୍ଟି; ଅଖିଠାର—Side-glance.
Ākhichhaṭā

**ଆଖିଛଳଛଳକରିବା**—ଦେ. କ୍ରି.—ଚକ୍ଷୁକୁ ଲୋତକପୂର୍ଣ୍ଣ କରିବା—
Ākhichhaḷachhaḷakaribā
To have tearful eyes.

**ଆଖିଛଳଛଳହେବା**—ଦେ. ବ.—ଅକ୍ଷି ଲୋତକପୂର୍ଣ୍ଣ ଓ ଚଞ୍ଚଳହେବା—
Ākhichhaḷachhaḷahebā Eyes becoming tearful

**ଆଖିଛୁଇଁବା**—ଦେ. କ୍ରି.—ଶପଥପୂର୍ବକ ଅକ୍ଷିକୁ ସ୍ପର୍ଶକରିବା—
Ākhichhuiñbā To swear by touching the eyes.
চোখছুঁআ

**ଆଖିଠରା**—ଦେ. ବ.—୧ । ଅକ୍ଷିଦ୍ୱାରା କରାଯିବା ସଙ୍କେତ—
Ākhiṭharā 1. Signal by side-glances.
চোখঠারা ୨ । ଅକ୍ଷିରୁଜ ଠାରିବା—2. To beckon by winks.

**ଆଖିଠାର**—ଦେ. ବ.—ଆଖିଠରା (ଦେଖ)
Ākhiṭhāra Ākhiṭharā (See)

**ଆଖିଠାରମାରିବା**—ଦେ. କ୍ରି. ୧ । ଅପାଙ୍ଗଦୃଷ୍ଟିକରିବା—
Ākhiṭhāramāribā 1. To cast side-glances.
চোখঠারা ସ୍ତ୍ରୀଙ୍କ ଦେଖି ମାରେ ଅଖିଠାର—ପ୍ରା.ଗୀ. ପଟବେଗୀତା ।
**आँखमारना** ୨ । ଅକ୍ଷିଦ୍ୱାରା ସଙ୍କେତ କରିବା—
2. To beckon with eyes.

**ଆଖିଠାରିବା**—ଦେ. କ୍ରି.—ଅଖିଠାର ମାରିବା (ଦେଖ)
Ākhiṭhāribā Ākhiṭhāramāribā (See)
চোখঠারা
**आँखिमारना**

**ଆଖିଡ଼ି**—ଦେ. ବ.—ଚଳକାରେ ନାହାରେ ବସି ଯାଉଥିବା ଲୋକଙ୍କ
Ākhirḍi ଦେହରେ ପାଣି ନ ଲାଗିବାପାଇଁ ନୌକାର ତଳରେ ପକାଯିବା ବତାରେ ବୁଣା ଯାଇଥିବା ତଲେଇ—
A mat of bamboo placed at the bottom of a boat for the convenience of the people.

**ଆଖିଡିଆଁ**—ଦେ. ବ.—ଚକ୍ଷୁଃସ୍ଫୁରଣ—
Ākhiḍiāñ Throbbing of the eye-lids.
চোখনাচা

**ଆଖିଡେଇଁବା**—ଦେ. ବ.—ଆଖିଡିଆଁ (ଦେଖ)
Ākhiḍeiñbā Ākhiḍiāñ (See)

**ଆଖିଡେରିଦେବା**—ଦେ. କ୍ରି—ଆଖିଖୋସିବା (ଦେଖ)
Ākhiḍeridebā Ākhikhosibā (See)

**ଆଖିଡୋଳା**—ଦେ. ବ.—ଚକ୍ଷୁମଧ୍ୟସ୍ଥ ଧଳା ଅଂଶ—Eye-ball.
Ākhiḍoḷā

**ଆଖିଦୁରୁଷ୍ଟିଆ**—ଗ୍ରା. ବଣ.—ଆଖିଦୃଷ୍ଟିଆ (ଦେଖ)
Ākhidurushṭiā Ākhidṛushṭiā (See)

**ଆଖିଦୁଷ୍ଟିଆ**—ଗ୍ରା. ବଣ.—ଆଖିଦୃଷ୍ଟିଆ (ଦେଖ)
Ākhidushṭiā Ākhidṛushṭia (See)

**ଆଖିଦୃଷ୍ଟିଆ**—ଦେ. ବଣ.—ଯାହା ଲୋକଙ୍କ ଲାଳସାପୂର୍ଣ୍ଣ ଚକ୍ଷୁରେ ଦେଖା
Ākhidṛushṭiā ଯାଇଅଛି—
(a thing) Which has been looked on by envying eyes.

**ଆଖିଦେଖାଇବା**—ଦେ. କ୍ରି.—ଭୟ ଦେଖାଇବା; ଭ୍ରୂଭଙ୍ଗୀ କରିବା;
Ākhidekhāibā ଅକ୍ଷିଦ୍ୱାରା ଧମକ ଦେବା—
চোখদেখান To frown; to threaten with a
**आँख दिखलाना** frowning face.

**ଆଖିଦେବା**—ଦେ. କ୍ରି—ଲୋଭରେ କୌଣସି ବସ୍ତୁକୁ ଦେଖିବା; ଲାଳସା-
Ākhidebā ପୂର୍ଣ୍ଣ ଚକ୍ଷୁରେ ଦେଖିବା—To cast wistful
চোখদেওয়া glance on a thing.
**आँखडालना** କେତେ କ୍ଷଣକେ ଉଠେ ଭାବ, ରଥ ପଡାକେ ଦେଇ ଅଖି ।
ଜଗନ୍ନାଥ—ଭାଗବତ, ୧୦ମ ।

**ଆଖିଧରା**—ଦେ. ବ.—ରୋଗବିଶେଷ—Opthalmia.
Ākhidharā [ ଦ୍ର—ଏ ରୋଗରେ ଚକ୍ଷୁ ଆରକ୍ତ ଓ ବ୍ୟଥିତ
চোখউঠা ହୁଏ । ]

ସାଧାରଣ ଲେଖକେ ଅପର ପୃଷ୍ଠାରେ ଧୃତର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଠକମାନେ ଚହ୍ନିତ ଉପରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଠ' ନ ମିଳିଲେ 'ଗାଣ୍ଠ' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥା' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ ।

ଅକ୍ଷିଧରିବା — ଦେ. ବି.—ଆଖିଧରା ( ଦେଖ )
Ākhidharibā — Ākhidharā ( See )
आँखतरना

ଅକ୍ଷିନପାଇବା—ଦେ. କ୍ରି.—ଶେଷସୀମା ପର୍ଯ୍ୟନ୍ତ ଅକ୍ଷିରେ ଦେଖା ନ ଯିବା—( eyes ) Not to reach the limit.—(ଯଥା—ବଡ଼ ଦେଉଳ ଉପରକୁ ଅକ୍ଷି ପାଉନାହିଁ ।)
Ākhinapāibā
চোখ্ নাপাওয়া

ଅକ୍ଷିନାଲକରିବା—ଦେ. କ୍ରି.—୧ । ଅରକ୍ତ ଚକ୍ଷୁ ଦେଖାଇବା—1. To show red-eyes.
୨ । ରାଗ ହେବା—2. To be angry; to cast an angry look.
Ākhinālakaribā
চোখরাঙ্গান

ଅକ୍ଷିପକାଇବା—ଦେ. କ୍ରି.—୧ । ଦେଖିବା—1. To see; to look on.
୨ । ଆଖିଦେବା ( ଦେଖ )—2. Ākhidebā ( See )
Ākhipakāibā
চোখদেওয়া
आंखडालना

ଅକ୍ଷିପତା—ଦେ. ବି. ( ସଂ. ଅକ୍ଷି + ପତ୍ର )—ଚକ୍ଷୁର ଆବରଣ ପତ୍ର; ପଲକ; ପିଛଡ଼ା—Eye-lids.
Ākhipatā
চোখেরপাতা

ଅକ୍ଷିପତାକଷାନହେବା—ଦେ. କ୍ରି.—ଆଦୌ ନିଦ୍ରା ନ ଆସିବା—Not to have a wink of sleep.
Ākhipatākasha naheba

ଅକ୍ଷିପଲକରେ—ଦେ. କ୍ରି. ବିଣ — ଖୁବ୍ ଶୀଘ୍ର; ସତ୍ୱର—In the twinkling of an eye; instantly.
Ākhipalakare
চোখেরপলকে

ଅକ୍ଷିପାଖି—ଦେ. ବି.—ଚୋରର ହଠାତ୍ ପଶି ନ ପାରିବେ, ଏହି ଉଦ୍ଦେଶ୍ୟରେ ନିର୍ମିତ ଏକପ୍ରକାର କୌଶଳଯୁକ୍ତ ଗୃହ—A house with a device to prevent a person entering it.
Ākhipākhi
ଆଡ଼ ଚହଡ଼ ଦୋମୁହାଁ ବନ୍ଧ ଅକ୍ଷିପାଖି—ପୀତାମ୍ବର. ନୃସିଂହପୁରାଣ ।

ଅକ୍ଷିପାଣି—ଦେ. ବି.—ଲୁହ; ଲୋତକ—Tear.
Ākhipāṇi
କାହିଁ କାହିଁ ଅକ୍ଷି ପାଣି ଅକ୍ଷି କୋଣେ ମରଣି—ସଙ୍ଗୀତ ।

ଅକ୍ଷିପାଣିଅକ୍ଷିରେମରିବା—ଦେ. ବି.—କୌଣସି କାର୍ଯ୍ୟ ପାଇଁ ବହୁକାଳ ଅପେକ୍ଷା କରି କରି ଶେଷକୁ ନିରାଶ ହେବା—Becoming hopeless after waiting and waiting.
Ākhipāṇiākhire maribā
ଚାହିଁ ଚାହିଁ ଅକ୍ଷି ପାଣି ଅକ୍ଷି କୋଣେ ମରଣି—ସଙ୍ଗୀତ ।

ଅକ୍ଷିପାଣେଇବା—ଦେ. ବି.—ସରଦି ବା ରୋଗ ହେଉଥିବାରୁ ଅକ୍ଷିରୁ ପାଣି ବୋହିବା—Flowing of tears from the eyes due to cold or disease.
Ākhipāṇeibā

ଅକ୍ଷିପିଛଡ଼ା—ଦେ. ବି.— ଚକ୍ଷୁ ପଲକକୁ ଶୀଘ୍ର ଶୀଘ୍ର ବୁଜିବା;—ଚକ୍ଷୁର ପଲକ—Winking of the eyes.
Ākhipichharḍā

ଅକ୍ଷିପିଛଡ଼ାପକେଇବା— ଦେ. କ୍ରି.— ଚକ୍ଷୁର ପଲକକୁ ବନ୍ଦ କରିବା—To wink.
Ākhipichharḍāpakeibā

ଅକ୍ଷିପିଛୁଡ଼—ଦେ. ବି.—ଅକ୍ଷିପିଛଡ଼ା ( ଦେଖ )
Ākhipichharḍa — Ākhipichharḍā ( See )

ଅକ୍ଷିପିଛୁଡ଼ିବା— ଦେ. କ୍ରି—ଅକ୍ଷିପିଛଡ଼ାପକେଇବା ( ଦେଖ )
Ākhipichharḍibā — Ākhipichharḍāpakeibā (See)

ଅକ୍ଷିପିଛୁଳ—ଦେ. ବି—ଅକ୍ଷିପିଛଡ଼ା ( ଦେଖ )
Ākhipichhaḷa — Ākhipichharḍā ( See)

ଅକ୍ଷିପିଛୁଳିବା—ଦେ. କ୍ରି—ଅକ୍ଷିପିଛଡ଼ାପକେଇବା ( ଦେଖ )
Ākhipichhaḷibā — Ākhipichharḍāpakeibā (See)

ଅକ୍ଷିପୁଅ—ଦେ. ବି—୧ । ଅକ୍ଷିଡୋଳାର ମଝିରେ ଥିବା କଳା ଅଂଶ—1 Black eye-ball; pupil.
୨ । ଅକ୍ଷିର କଳା ଅଂଶର କେନ୍ଦ୍ରରେ ପ୍ରତିବିମ୍ବିତ ରୂପ—2. The small image reflected in the Retina.
Ākhipua
आँखकातारा

ଅକ୍ଷିଫିଟାଇବା—ଦେ. କ୍ରି—ଅକ୍ଷି ଫିଟାଇବାର ଣିଜନ୍ତ ରୂପ—The causative form of Ākhiphiṭaibā
Ākhiphiṭāibā
চোখ খোলা
आँख खोलना

ଅକ୍ଷିଫିଟିବା—ଦେ. କ୍ରି—୧ । ଚକ୍ଷୁରୁନ୍ମୀଳିତ ହେବା—1. (eyes) To open.
୨ । ବିରାଡ଼ି ଓ କୁକୁର ଛୁଆଙ୍କର ପ୍ରଥମେ ଅକ୍ଷିପତା ଖୋଲି ଯିବା—2. ( eyes the young of cats and dogs ) To open for the first time.
୩ । ( ଲକ୍ଷଣାର୍ଥ ) କୌଣସି ବିଷୟରେ ଜ୍ଞାନୋଦୟ ବା ଚୈତନ୍ୟ ଉଦୟ ହେବା—3. To hit upon an idea ( about something ).
Ākhiphiṭibā

ଅକ୍ଷିଫୁଟା— ଦେ. ବିଣ. ପୁଂ—୧ । ଯାହାର ଅକ୍ଷି ଫୁଟି ଯାଇଥାଏ—1. Blinded.
୨ । ଗାଳିବିଶେଷ; ଅନ୍ଧ; ଅବିବେଚକ—2. Ignorant; unreasonable.
Ākhiphuṭā

ଅକ୍ଷିଫୁଟାଇବା—ଦେ. କ୍ରି—ଅକ୍ଷିରେ ମୁନିଆଁ ବସ୍ତୁ ଗେଞ୍ଜି କଣା କରି ଦେବା—To make the eye blind.
Ākhiphuṭāibā
চোখ গালা
आँख फूटाना

ଅକ୍ଷିଫୁଟିବା—ଦେ. ବି—ଅନ୍ଧ ହେବା; ଚକ୍ଷୁ ଲୋପ ହେବା—Becoming blind.
Ākhiphuṭibā
চোখ গলে যাওয়া
आँख फूटना
ଏ ସବାଶୁ ଭଣିକର ହୁଉ ଅକ୍ଷି ଫୁଟୁ— କୃଷ୍ଣସିଂହ. ମହାଭାରତ, ବନ ।

ଅକ୍ଷିଫୁଟେଇବା—ଦେ. କ୍ରି—ଅକ୍ଷିଫୁଟାଇବା ( ଦେଖ )
Ākhiphuṭeibā — Ākhiphuṭāibā ( See )

ଅକ୍ଷିଫୁଲ—ଦେ. ବି—ଅକ୍ଷିରେ ଫୁଲ ବା ମାଂସବୃଦ୍ଧି ହେବା ରୋଗବିଶେଷ—Pearl in the eye.
Ākhiphulā
চোখের মাংসবৃদ্ধি

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଽ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇୟ | ଉଅ | ଢ |
| ୨ | ଈ | ଊ | ୠ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ | ଯ | ସ | ଙ୍ଘ | ଇଅ | ଓ | ନ୍ତ |

ଅଖିଫେରାଇବା—ଦେ. କ୍ରି—ଚାରିଆଡ଼କୁ ଚାହିଁବା—
Ākhipherāibā To look around.
চোখ ফেরান্

ଅଖିବାଳ—ଦେ. ବି—ଅଖିପତାରେ ଥିବା କେଶ—
Ākhibāḻa Hair on the eye-lids.
চোখের রোম

ଅଖିବୁଜାବୁଜି—ଦେ. ବି—ଦେଶୀୟ ଖେଳବିଶେଷ; ବୁଢ଼ିଅଣୀ ଖେଳ;
Ākhibujābuji ( ଏ ଖେଳରେ ଚୋରସ୍ଥାନୀୟ ଜଣକର ଅଖିକୁ ବୁଢ଼ିଅଣୀସ୍ଥାନୀୟ ଆଉ ଜଣେ ସଙ୍ଗୀ ଲୁଗାରେ ବୁଜି ଦିଏ; ଅନ୍ୟ ସଙ୍ଗିମାନେ ଲୁଚନ୍ତି; ଚୋର ସେମାନଙ୍କୁ ଖୋଜେ )—A sort of native play.

ଅଖିବୁଜାଳ—ଗ୍ରା. ବି—ଅଖିବୁଜାବୁଜି ( ଦେଖ )
Ākhibujāḻa Ākhibujābuji ( See )

ଅଖିବୁଜିବା—ଦେ. କ୍ରି—୧ । ଚକ୍ଷୁ ବନ୍ଦ କରିବା—
Ākhibujibā 1. To shut the eyes.
୨ । ( ଲକ୍ଷଣାର୍ଥ ) ମରିଯିବା—2. To die.

ଅଖିବୁଲାଇବା—ଦେ. କ୍ରି—୧ । କ୍ରୋଧରେ ଅଖିକୁ ବଡ଼ ବଡ଼ କରି
Ākhibulāibā ତେଣିକି ଏଣେ ତେଣେ ଫେରାଇବା—
চোখ বুলানা 1. To cast an angry look.
আঁখফেরানা ୨ । ଉତ୍ତମରୂପେ ସବୁଆଡ଼ ନିରୀକ୍ଷଣ କରିବା—
2. To look at every thing minutely.
୩ । ( ଲକ୍ଷଣାର୍ଥ ) ଅନ୍ୱେଷଣ କରିବା—
3. To investigate; to seek.
( ଯଥା—ସେ ଗୋଟିଏ ବରପାତ୍ର ପାଇଁ ବହୁତ ଅଖି ବୁଲାଇଲେଣି । )

ଅଖିବୁଲେଇବା—ଦେ. କ୍ରି—ଅଖିବୁଲାଇବା ( ଦେଖ )
Ākhibuleibā Ākhibulāibā ( See )

ଅଖିମଳିବା—ଦେ. କ୍ରି—ଅଖିପତାକୁ ଅଙ୍ଗୁଠି ବା ଲୁଗାଦ୍ୱାରା ଘଷିବା—
Ākhimaḻibā To rub the eye-lids.

ଅଖିମାରିବା—ଦେ. କ୍ରି—ଅଖିଠାରିବା ( ଦେଖ )
Ākhimāribā Ākhiṭhāribā ( See )

ଅଖିମିଟ୍କେ—ଦେ. କ୍ରି. ବିଣ—ନିମିଷକେ; ଅଖିପିଛୁଳାକୁ ଯେତିକି
Ākhimiṭke ସମୟ ଲାଗେ ସେତିକି ସମୟରେ—In the 'twinkling of an eye; in a moment.

ଅଖିମିଟିକା—ଦେ. ବି—ଅଖିକୁ ମିଟିମିଟି କରିବା; ଘନଘନ ଅଖିପିଛୁଳା
Ākhimiṭikā ପକାଇବା—Twinkling of the eye.

ଅଖିମିଟିକାଇବା—ଦେ. କ୍ରି—ଅଖିକୁ ଘନଘନ ବୁଜିବା;ଅଖିପିଛୁଳିବା —
Ākhimiṭikāibā To shut and open the eyes frequently.

ଅଖିମିଟିକାମାରିବା—ଦେ. କ୍ରି—ଅଖିମିଟିକାଇବା ( ଦେଖ )
Ākhimiṭikāmāribā Ākhimiṭikāibā (See)

ଅଖିମିଟିମିଟିକରିବା—ଦେ. କ୍ରି—ଅଖିକୁ ଘନଘନ ବୁଜିବା—
Ākhimiṭimiṭikaribā To shut the eyes frequently.

ଅଖି ରଙ୍ଗ କରିବା—ଦେ. କ୍ରି—ଅଖି ନାଲି କରିବା ( ଦେଖ )
Ākhi raṅga kariba Ākhi nāla karibā ( See )
ପୁଣି ଅଳମ୍ବୁଷ ଅଖି କରଣ ରଙ୍ଗ
ଘାଇ ଦେଲା କାଣ୍ଡରେ ଅଭିମନ୍ୟୁ ଅଙ୍ଗ । କୃଷ୍ଣସିଂହ. ମହାଭାରତ. ଭୀଷ୍ମ ।

ଅଖିରଙ୍ଗାଇବା—ଦେ. କ୍ରି—ଅଖିନାଲି କରିବା ( ଦେଖ )
Ākhiraṅgāibā Ākhināla karibā ( See )

ଅଖିରୁଚକ—ଗ୍ରା. ବିଣ—ଚକ୍ଷୁରୋଚକ; ଯାହା ଦେଖିବାକୁ ଭଲ ଲାଗେ
Ākhiruchaka Pleasing to the eye.
চক্ষুরোচক
আঁখিমনোহর

ଅଖିରୁ ଜୁଳୁଜୁଳିଆପୋକ ବାହାରିଯିବା—ଦେ. ବି—
Ākhiru juḻujuḻiāpoka bāhārijibā
ଦୁର୍ବଳତା ପ୍ରଭୃତି ହେତୁରୁ ମସ୍ତିଷ୍କବିକୃତି ଘଟିଲେ, ଅଖି ଆଗରେ ଜୁଳୁଜୁଳିଆପୋକ ପରି ଅଗ୍ନିକଣାମାନ ଦେଖାଯିବା
Seeing stars dance before the eyes ( as a result of weakness )

ଅଖିରୁ ପାଣି ବହିବା—ଦେ. କ୍ରି—କାନ୍ଦିବା—
Ākhiru pāṇi bahibā To shed tears.

ଅଖିରୁ ପାଣିମରିବା—ଦେ. ବି. ( ବୃଦ୍ଧାବସ୍ଥା ଯୋଗୁଁ )—
Ākhiru pāṇimaribā ୧ । ଦୃଷ୍ଟିଶକ୍ତି ଲୋପହେବା—
চোখের জল মরা 1. (eye-sight) To diminish (owing to old age.)
୨ । (ବହୁକାଳ ଚାହିଁ ଚାହିଁ) ଅଖିକି କିଛି ଦେଖା ନ ଯିବା—
(nothing To be seen.

ଅଖିରେ ଅଙ୍ଗୁଠି ଗେଞ୍ଜିବା—ଦେ. କ୍ରି—୧ । ବିରକ୍ତ କରିବା—
Ākhire aṅguṭhi geñjibā 1. To tease.
୨ । ଠକି ଦେବା—2. To cheat.

ଅଖିରେ କାଠି ଗେଞ୍ଜିବା—ଦେ. କ୍ରି—ବିରକ୍ତ କରିବାପାଇଁ କୌଣସି
Ākhire kāṭhi geñjibā କଥା ବାରମ୍ବାର କହିବା—
To speak something repeatedly in order to tease a person.

ଅଖିରେ ଧୂଳି ପକାଇବା—ଦେ. କ୍ରି—ଠକି ଦେବା—
Ākhire dhuḻi pakāibā To deceive.
[ଦ୍ର—ଗୋବିନ୍ଦ ଅଖିରେ ଧୂଳି ପକାଇବା କଥା ସହଜ ନୁହେଁ ।
ଫକୀରମୋହନ. ଛମାଣଆଠଗୁଣ୍ଠ । ]

ଅଖିରେ ନଯିବା—ଦେ. କ୍ରି—ଦୃଷ୍ଟି ଦେବା; ସହି ନ ପାରିବା—
Ākhire najibā To be unable to bear or brook
চোখে নাযাওয়া

ଅଖିରେ ନାଚିବା—ଦେ. କ୍ରି. ( କୌଣସି ଅନୁପସ୍ଥିତ ବସ୍ତୁ )
Ākhire nāchibā ଉପର୍ଯ୍ୟୁପରି ସ୍ମରଣରେ ଆସିବା—
চোখে নাচা ( some absent thing) To dance before one's mind.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଢ଼' ନ ମିଳିଲେ 'ଗାଡ଼' ଖୋଜିବେ; 'କୃଶ' ନ ମିଳିଲେ 'କୃଷ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଅନୁଚରଙ୍କେ ପାଣ୍ଡବେ ଆଖିରେ ନାଚିଲେ । କୃଷ୍ଣସିଂହ. ମହାଭାରତ. ଅଦି ।

**ଆଖିରେ ପଡ଼ିବା**—ଦେ. କ୍ରି—ଦୃଷ୍ଟ ହେବା—
Ākhire pardibā — To be seen.

**ଆଖିରେ ଶୁଖୁଆକଣ୍ଟା ଗେଞ୍ଜିବା**—ଦେ.କ୍ରି—ଠକିବା;ପ୍ରବଞ୍ଚନା କରିବା—
Ākhire śukhuākaṇṭā geñjibā — To cheat; to decive.

**ଆଖିରୋଚକ**—ଗ୍ରା. ବିଣ—ଆଖିରୁଚକ ( ଦେଖ )
Ākhirochaka — Ākhiruchaka ( See )

**ଆଖିଲଗିବା**—ଦେ. କ୍ରି—୧ । ଗରଦ ହେଉ ଲେନରା ବୋହିବାରୁ ସେହି ଲେନେରା ଅଠାରେ ଦୁଇ ଆଖି ନ ଫିଟିବା ରୋଗ—1. A sort of disease.
Ākhilāgibā
୨ । ନିଦ୍ରା ଆସିବା—2. (sleep) To attack.

**ଆଖିଲଞ୍ଜି**—ଦେ. ବି—ଚକ୍ଷୁର ପ୍ରାନ୍ତଦେଶ—
Ākhilāñji — The outer corner of the eye.
চোখেরকোনা
**दुम्बाला**

**ଆଖିଲେନ୍ଦେରା**—ଦେ. ବି—ଚକ୍ଷୁରୁ ବହିର୍ଗତ ମଳ—
Ākhilenderā — The reheum of the eyes.

**ଆଖିଲେନ୍ଧେରା**—ଦେ. ବି—ଆଖିଲେନ୍ଦେରା ( ଦେଖ )
Ākhilendherā — Ākhilenderā ( See )

**ଆଖିଲୋଭା**—ଦେ. ବିଣ—ଚକ୍ଷୁର ପ୍ରୀତିକର; ସୁନ୍ଦର—
Ākhilobhā — Good-looking.

**ଆଖୁ**—ଦେ. ବି. ( ସଂ. ଇକ୍ଷୁ )—ଇକ୍ଷୁ; ସ୍ୱନାମଖ୍ୟାତ ସୁସ୍ୱାଦୁ ଉଦ୍ଭିଦ-ବିଶେଷ—Sugarcane.
Ākhu
আখ; অক
**ईंक; केन्तारि; ईख्**
ତେ. ଚେରକୁ

[ ଦ୍ର—ଆଖୁର ପ୍ରକାରମାନ—(୧) କାଳ ବା କଜ୍ଜଳକଉଳା; (୨) କନ୍ଧାର ( ମୋଟ ଓ କୋମଳ ); (୩) ବମ୍ବେଇ ( ଧଳା ); (୪) ବଙ୍ଗାଳ; (୫) ଖାଣ୍ଡି ଆଖୁ ବା ଖଇ; (୬) ରୁପ ଆଖୁ (ବେଶି ଧଳା); ଏହା ଦୁଇପ୍ରକାର—କାନ୍ତିରୂପ; ସାଧାରଣ ରୂପ; (୭) ଦୂଧୂରବାଣୀ—ଏହା କଳା କିନ୍ତୁ ବୋହଯାକ ଧଳା ଗାର; (୮) କୋଇମ୍ବାଟୁର ବା ଫାର୍ମ (ତଣ୍ଟିଫୁଲ ପରି ଏହାର ଧଳା ଫୁଲ ହୁଏ); (୯) ଖାଠୀ ( କଳା, ମୋଟ ଓ ଉଚ୍ଚ ), କାଶୋର ଆଖୁ ( ଅତି ସରୁ, ନାଲି ଓ ଉଚ୍ଚ । ]

ସଂ.ବି. (ଆ+ଖନ ଧାତୁ=ଖୋଳିବା+କର୍ତ୍ତୃ.ଉ; ଯେ ଖୋଳେ)—
୧ । ମୂଷା; ଇନ୍ଦୁର—1. Mouse, rat.
୨ । ଶୂକର; ଘୁଷୁରି—2. Pig; hog.
୩ । ଚୋର; ଚୋର—3. Thief.
୪ । ସମ୍ପତ୍ତି ଥାଇ ବି ଯେ ଅପଣାର ପେଟକୁ ନ ଖାଏ; କୃପଣ ଲୋକ—4. A miser.
୫ । ମୂଷାକାନି ( ଦେଖ )
5. Mushākāni ( See )

**ଆଖୁକଳ**—ଦେ. ବି—ଯେଉଁ କଳଦ୍ୱାରା ଆଖୁ ପେଡ଼ା ହୋଇ ଦୋରୁଅ ବାହାରେ; ଆଖୁ ପେଡ଼ିବାର କଳ—
Ākhukaḻa — A machine to press sugarcane.

**ଆଖୁକିଆରି**—ଦେ. ବି—ଯେଉଁ କ୍ଷେତ୍ରରେ ଆଖୁଚାଷ କରାଯାଏ—
Ākhukiāri — A field of sugarcane.
আখরক্ষেত
**उखाड़ी**

**ଆଖୁକିଆରିକୁ ଠେଲିଦେବା**—ଦେ. ବି. ( ପ୍ରବଚନ )—ବିପଦରେ ପକାଇବା; ଯନ୍ତ୍ରଣା ଦେବା—
Ākhukiāriku ṭhelidebā — To put in danger; to inflict pain.
( ଯଥା—ଥରେ ଘାଲରେ ପକାଇ ଥିଲ ଯେ ଖସିଗଲୁ, ରହିଥା ବେଳପଡ଼ୁ ଆଉ ଥରେ ଆଖୁକିଆରିକୁ ଠେଲି ଦେବି । )

**ଆଖୁକୋଲୁଅ**—ଦେ. ବି—ଆଖୁକଳ ( ଦେଖ )
Ākhukolua — Ākhukaḻa ( See )

**ଆଖୁକୋଲୁଆ**—ଦେ. ବି—ଆଖୁକଳ ( ଦେଖ )
Ākhūkoluā — Ākhukaḻa ( See )

**ଆଖୁକୋହ୍ଲୁଆ**—ଦେ. ବି—ଆଖୁକେଲୁଆ ( ଦେଖ )
Ākhukohlūā — Ākhukeluā ( See )

**ଆଖୁଖାଇ**—ଦେ. ବି—ଆଖୁକଳ ( ଦେଖ )
Ākhukhāi — Ākhukaḻa ( See )

**ଆଖୁଗ**—ସଂ. ବି. ( ଆଖୁ=ମୂଷିକ+ଗମ ଧାତୁ+କର୍ତ୍ତୃ. ଅ )—
Ākhuga — ମୂଷିକବାହନ; ଗଣେଶ—The God gaṇeśa. ( who rides on a mouse )

**ଆଖୁଛେଦରା**—ଦେ. ବି—ଆଖୁଛେଦା ( ଦେଖ )
Ākhuchhedarā — Ākhuchhedā ( See )

**ଆଖୁଛେଦା**—ଦେ. ବି—୧ । ଆଖୁପେଡ଼ା ହେବା ପରେ କିମ୍ବା ଦାନ୍ତରେ ଚୋବାଇ ଖିଆ ହେବାପରେ ବାହାର ରସଶୂନ୍ୟ ଚୋପା—1. Juiceless matter of sugar-cane after it is pressed.
Ākhuchhedā
୨ । ଗୁଡ଼ରେ ରହିଯାଇ ଥିବା ଆଖୁର ଗୁଦ୍ ଗୁଦ୍ ଚୋପା—2 Bits of bark left in molasses.

**ଆଖୁଦଣ୍ଡା**—ଦେ. ବି.( ସଂ. ଇକ୍ଷୁଦଣ୍ଡ )—
Ākhudaṇḍā — ଆଖୁର ଗୋଟିଏ ଗଛ; ଗଛେ ଆଖୁ—One plant of sugar-cane.

**ଆଖୁଦୋରୁଅ**—ଦେ. ବି—ଆଖୁରୁ ପେଡ଼ା ହୋଇ ବାହାର ଥିବା ରସ—
Ākhudorua — The juice of sugarcane after it is pressed
আখেররস
**ईक्षुरस**

**ଆଖୁଧଣ୍ଡା**—ଦେ. ବି—ଆଖୁଦଣ୍ଡା ( ଦେଖ )
Ākhudhaṇḍā — Ākhudaṇḍā ( See )

| ୧ | ଇ | ଊ | ଋ,ଋ୍ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ସ | ଙ୍କ | ଇଥ୍ର | ଛଅ | ଘ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଉ | ରୁ | ଲୁ | ପ୍ରେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଂ୍ୟ | ଇଅ | ୱ | ନୃ |

**ଅଖୁନ୍**— ବୈଦେ ( ଅ ) ବି—୧ । ଶିକ୍ଷକ—1. Teacher.
Ākhun ୨ । ପାରସି ଓ ଆରବୀଭାଷାର ଶିକ୍ଷକ—
2. A teacher of Persian and Arabic.

ପାରସି ପଢ଼ାଇବା ନିମନ୍ତେ ଅନେକ ଦିନ ପର୍ଯ୍ୟନ୍ତ ଘରେ ଅଖୁନ୍ ନିଯୁକ୍ତ ଥିଲେ ।
ଫକୀରମୋହନ- ଭ୍ରମଣଅଠଗଣ୍ଡ ।

୩ । ପାରସି ଓ ଆରବୀ ପଢ଼ାଇବା ନିମନ୍ତେ ପ୍ରାଥମିକ ବିଦ୍ୟାଳୟ ବା ମକ୍ତାବର ଶିକ୍ଷକ—
3. A teacher of a primary school of Persian and Arabic.

**ଅଖାନ୍‌ଜି**—ବୈଦେ ( ଅ ) ବି. ( ସମ୍ମାନାର୍ଥ )—ଅଖୁନ୍ ( ଦେଖ )
Ākhunji Ākhun ( See )
ବୈଦେ ( ଅ ) ଅ—ଅଖୁନ୍‌ଙ୍କୁ ସମ୍ବୋଧନ—A term of address to Ākhun.

**ଅଖୁପଗ**— ଦେ. ବି—ଆଖୁଧଣ୍ଡାରେ ଥିବା ବିଭିନ୍ନଖଣ୍ଡକୁ ବିଭକ୍ତ କରୁଥିବା
Ākhupaga ରେଖା—The line demarking the knots of sugarcane.

**ଅଖୁପଣା**—ଦେ. ବି - ଅଖୁଦୋରୁଅ ( ଦେଖ )
Ākhupaṇā Ākhudorua ( See )

**ଅଖୁପବ**— ଦେ. ବି—ଅଖୁପଗ ( ଦେଖ )
Ākhupaba Ākhupaga ( See )
আখেরপগ

**ଅଖୁପେଡ଼ା**—ଦେ. ବି. ଅଖୁକୁ ଖାଇରେ ଚିପୁଡ଼ିବା —
Ākhuperḏā Pressing of sugarcane.

**ଅଖୁପେଡ଼ିବା**—ଦେ. କ୍ରି—ଅଖୁକୁ ଖାଇରେ ଚିପୁଡ଼ିବା—
Ākhuperḏibā To press sugarcane

**ଅଖୁବାଡ଼ି**—ଦେ. ବି—୧ । ଆଖୁ କ୍ଷେତ; ଅଖୁବାଡ଼ି; ଅଖୁ ଫସଲ
Ākhubārḏi ହୋଇଥିବା କ୍ଷେତ—1. A field of sugar-cane.
୨ । ଅଖୁଯଷ୍ଟି—2. A stick of sugarcane.

**ଅଖୁବାଡ଼ିଆ**—ଦେ. ବିଣ—୧ । ଅଖୁବାଡ଼ିରେ ଜାତ—
Ākhubārḏiā 1. Produced in a field of sugar-cane.
୨ । ଅଖୁବାଡ଼ି ଜଗିଥିବା ( ବ୍ୟକ୍ତି )—
2. A watch-man of a field of sugar-cane.

**ଅଖୁଭୁକ୍**—ସଂ. ବି. ( ଅଖୁ=ମୂଷା + ଭୁଜ୍ ଧାତୁ=ଖାଇବା + କର୍ତ୍ତୃ. କ୍ୱିପ୍; ଯେ ମୂଷାକୁ ଖାଏ )—ବିରାଡ଼ି—Cat.
Ākhubhuk

**ଅଖୁମଞ୍ଜି**—ଦେ. ବି—କ୍ଷେତରେ ଲଗାଇବା ଉଦ୍ଦେଶ୍ୟରେ କଟା ହୋଇ-
Ākhumañji ଥିବା ଛୋଟ ଛୋଟ ଅଖୁର ପବ—
Small cuttings of the stem of sugarcane used as seed.

**ଅଖୁରଥ**—ସଂ. ବି. ( ବହୁବ୍ରୀହି; ଅଖୁ=ମୂଷା + ରଥ=ବାହନ;
Ākhuratha ଯାହାଙ୍କର ମୂଷା ବାହନ )—ଗଣେଶ—
God Gaṇeśa.

**ଅଖୁଶାଳ**—ଦେ. ବି. ( ସଂ. ଇକ୍ଷୁ+ଓ. ଶାଳ )—ଯେଉଁଠାରେ ଅଖୁ
Ākhuśāla ପେଡ଼ା ହୋଇ ଗୁଡ଼ ତିଆରି ହୁଏ—
আখশাল A place where molasses is prepared from sugar-cane

**ଅଖେଇବା**—ଦେ. କ୍ରି—୧ । ଦେଖିବା—1. To look at.
Ākheibā ୨ । ଦୂରରୁ ଦେଖିବା—
देखना; ताकना 2. To see from a distance.
୩ । ଦୃଷ୍ଟି କରିବା; ଦୃଷ୍ଟି ପକାଇବା—
3. To cast an evil eye upon.
୪ । କ୍ରମଶଃ ନିକଟବର୍ତ୍ତୀ ହେବା—
4. To come nearer gradually.

ଅଖେଇଲା, ଅଗଡ଼ ଅଖେଇ ପାଖେଇଲା । ପ୍ରବଚନ ।

**ଅଖେଟ**—ସଂ. ବି. ( ଆ + ଖିଟ ଧାତୁ=ତ୍ରାସ କରିବା; ମୃଗୟା କରିବା +
Ākheṭa ଭାବ. ଅ )—୧ । ମୃଗୟା; ପଶୁପକ୍ଷିଶିକାର—
1. Hunting; chase.
୨ । ତ୍ରାସ; ଭୟ—2. Fear; fright.

**ଅଖେଟକ**—ସଂ. ବିଣ. (ଆ+ଖିଟ୍ ଧାତୁ=ତ୍ରାସ କରିବା+କର୍ତ୍ତୃ. ଅକ)-
Ākheṭaka ୧ । ମୃଗୟାଶୀଳ; ଶିକାରୀ—
1. Fond of hunting.
୨ । ତ୍ରାସଜନକ; ଭୟୋତ୍ପାଦକ—2. Frightful.
ସଂ. ବି. ( ଅଖେଟ=ମୃଗୟା + ସ୍ୱାର୍ଥ. କ )—
୧ । ମୃଗୟା; ଶିକାର—1. Hunting; chase.
୨ । ଶିକାରୀ—2. A hunter.

**ଅଖେଟକ ପର୍ବ**—ସଂ. ବି. ( ଷଷ୍ଠୀ ତତ୍; ଅଖେଟକ + ପର୍ବ )—
Ākheṭaka parba ଶ୍ରାବଣ ଶୁକ୍ଳତ୍ରୟୋଦଶୀ—
( ଏ ଦିନ ଅସ୍ତ୍ରଶସ୍ତ୍ରାଦିର ପୂଜା ହୁଏ । )—
The 13th day of the bright fortnight of Śrābaṇa (in which weapons are worshipped).

**ଅଖେଟନ**—ସଂ. ବି. ( ଆ + ଖିଟ୍ ଧାତୁ = ତ୍ରାସ କରିବା+ଭାବ. ଅନ)—
Ākheṭana ଅଖେଟ ( ଦେଖ )
Ākheṭa ( See )

**ଅଖେଟିକ**—ସଂ. ବି. ( ଅଖେଟ=ମୃଗୟା + ନିପୁଣାର୍ଥରେ. ଇକ )—
Ākheṭika ୧ । ମୃଗୟାକୁଶଳ କୁକୁର; ଶିକାରୀ କୁକୁର —
1. A hunting dog.
୨ । ଯେଉଁ ବ୍ୟକ୍ତି ମୃଗୟା କରେ—
2. One who hunts.
୩ । ଯେଉଁ ବ୍ୟକ୍ତି ମୃଗୟାଦ୍ୱାରା ଜୀବିକା ନିର୍ବାହ କରେ;
ମୃଗୟାଜୀବୀ ବ୍ୟାଧ—3. A hunter.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଖାଇ' ନ ମିଳିଲେ 'ଖାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ସଂ. ବିଣ—୧ । ମୃଗୟାସଂକ୍ରାନ୍ତ—1. Relating to hunting.
୨ । ମୃଗୟାର ଉପଯୁକ୍ତ—2. Fit for hunting.

**ଆଖେଟୀ**—ସଂ. ବି ପୁଂ. ( ଆଖେଟ=ମୃଗୟା+ଇନ୍, ୧ମ. ୧ବ. )—
Ākheṭī ମୃଗୟୁ; ବ୍ୟାଧ; ଶିକାରୀ—Huntsman; hunter.

**ଆଖେଡ଼ା**—ଦେ. ବି—ଅଖଡ଼ା ( ଦେଖ )
Ākheṛḍā Ākhṛḍā ( See )

**ଆଖ୍ୟା**—ସଂ. ବି. ସ୍ତ୍ରୀ. ( ଆ+ଖ୍ୟା ଧାତୁ=କହିବା=କରଣ. ଅ+ସ୍ତ୍ରୀ. ଆ )—
Ākhyā ୧ । ନାମ—1. Name
୨ । ସଂଜ୍ଞା—2. Definition.
୩ । ( +ଭାବ. ଅ ) କଥନ—3. Speaking.

**ଆଖ୍ୟାତ**—ସଂ. ବିଣ. ( ଆ+ଖ୍ୟା ଧାତୁ=କହିବା+କର୍ମ. ତ )—
Ākhyāta ୧ । କଥିତ—1. Spoken.
୨ । ନିର୍ଦ୍ଦିଷ୍ଟ—2. Denominated.
୩ । ସୁବିଖ୍ୟାତ—3. Known.
୪ । ଗଳ୍ପରୂପେ କଥିତ—4. Narrated.
୫ । ଅମୁକ ନାମ ଦିଆଯାଇ ଥିବା ( ବ୍ୟକ୍ତି ବା ବସ୍ତୁ )—
5. ( a person or thing ) Named so and so.
୬ । ଅମୁକ ନାମରେ ଡକାଯିବା —
6. Called so and so
୭ । ( ବ୍ୟାକରଣ ) ରୂପ କରାଯାଇ ଥିବା ( ଧାତୁ )—
7. Conjugated (root.)
ସଂ. ବି—୧ । ବ୍ୟାକରଣର ତିଙନ୍ତ ପ୍ରକରଣ—
1. The chapter on inflection of verbs.
୨ । ତିଙନ୍ତ ଶବ୍ଦ; କ୍ରିୟା—
2. Verb which is inflected.

**ଆଖ୍ୟାନ**—ସଂ. ବି. ( ଆ+ଖ୍ୟା ଧାତୁ=କହିବା+ଅନ )—
Ākhyāna ୧ । ବାକ୍ୟ; କଥନ—
1. Word; description.
୨ । ଇତିହାସ—2. Legend; tradition.
୩ । କଳ୍ପିତ ବୃତ୍ତାନ୍ତ—
3. Tale; story; anecdote.
୪ । ଗଳ୍ପାଦି କଥନ—4. Narration.

**ଆଖ୍ୟାପଣ**—ଦେ. ବି. ( ସଂ. ଆକ୍ଷେପଣ )—ଅପବାଦ ଦେବା; ଦୋଷା-
Ākhyāpaṇa ରୋପଣ—Defamation; accusation.

**ଆଖ୍ୟାୟକ**—ସଂ. ବିଣ. ପୁଂ. ( ଆ+ଖ୍ୟା ଧାତୁ=କହିବା+କରଣ
Ākhyāyaka ଓ କର୍ତ୍ତୃ. ଅକ. )—
( ଆଖ୍ୟାୟିକା--ସ୍ତ୍ରୀ ) ୧ । କଥକ; ପ୍ରବକ୍ତା—
1. ( one ) Who relates a story.
୨ । ପ୍ରକାଶକ—2. Publisher.
୩ । ବକ୍ତା—3. Speaker.

**ଆଖ୍ୟାୟିକା**—ସଂ. ବି. ସ୍ତ୍ରୀ. ( ଆ+ଖ୍ୟା ଧାତୁ+ଅକ+ସ୍ତ୍ରୀ. ଆ )—
Ākhyāyikā ୧ । ଗଳ୍ପ; କାହାଣୀ—
1. Narrative; story; fable.
୨ । ଐତିହାସିକ ଉପନ୍ୟାସ—
2. A legendary story.
୩ । ଉପଲକ୍ଷାର୍ଥ କଥା; କଳ୍ପିତ ବୃତ୍ତାନ୍ତ କଥା—
3. Allegorical story; fable.

**ଆଖ୍ୟେୟ**—ସଂ. ବିଣ. ( ଆ+ଖ୍ୟା ଧାତୁ=କହିବା+କର୍ମ. ଯ )—
Ākhyeya କଥନୀୟ; ବାଚ୍ୟ—Speakable.

**ଆଗ**—ଦେ. ବି. ( ସଂ. ଅଗ୍ର )—୧ । ସମ୍ମୁଖ ବା ପୁରୋଭାଗ—
আগে; আগা 1. Front; forepart of a thing.
**अगला; आगा** ସିଂହ ବାଘ ରାକ୍ଷସ ଗୁହ୍ୟକ ପନ୍ନଗ;
(ପଦ୍ଯ—ବ୍ୟବହୃତ) ମୋ ଭୁଜ ବାଳକେ ଯାନ୍ତି ଯମଙ୍କ ଆଗ—
କୃଷ୍ଣସିଂହ. ମହାଭାରତ. ବନ ।
୨ । ପୂର୍ବକାଳ—2. Past time.
ଦେ. ବିଣ—୧ । ସମ୍ମୁଖବର୍ତ୍ତୀ; ପୂର୍ବବର୍ତ୍ତୀ—
1 In front; frontal; foremost.
୨ । ଅଗ୍ରସର—2. Leading; coming in front.
ସାନ୍ତୁଆଣୀ ଯେପରି ଦାନଶୀଳା ଦୟାବତୀ ସେହିପରି ସବୁ କାମକୁ ଆଗ—
ଫକୀରମୋହନ—ଗଳ୍ପସ୍ୱଳ୍ପ ।
୩ । ପ୍ରଥମ—3. First (in place or time).
ଆଗ ଦୁଅ ବାଘ—ଠଗ ।
୪ । ପ୍ରଥମ କରଣୀୟ—4. To be done first.
୫ । ଯେ ସର୍ବପ୍ରଥମେ କୌଣସି କାର୍ଯ୍ୟ କରେ—
5. Doing a thing first of all.
ଆଗ ସୁନା ପଛ—ଶିଶୁରଞ୍ଜନ ଗୀତ ।
୬ । ପୁରାତନ—6. Old; ancient.
୭ । ଭବିଷ୍ୟତ—7. Future.
ଦେ. କ୍ରି. ବିଣ—୧ । ସର୍ବପ୍ରଥମେ—1. First of all.
ବଢ ଥରେ ଆଗ ପଛେ ନବୀନା, ଚତୁର୍ଥ ଉପାୟ କରନ୍ତି ସିନା ।
କବିସୂର୍ଯ୍ୟ—କବିତା ।
୨ । ପ୍ରଥମେ; ପ୍ରଥମତଃ—2. At first.
ତାହାଙ୍କ ଧନ ଦେଇ ତୋଷ କର ଆଗ—କୃଷ୍ଣସିଂହ. ମହାଭାରତ. ସଭା ।
୩ । ସମ୍ମୁଖରେ—3. In front.
ସେ କଥା କହ ଆମ୍ଭ ଆଗ—ଜଗନ୍ନାଥ. ଭାଗବତ ।
୪ । ପୂର୍ବେ—4. Before; previously.

**ଆଗଃ**—ସଂ. ବି. [ ଆଗସ୍. ୧ମା. ୧ବ. ( ଇ ଧାତୁ ଗମନ କରିବା+
Āgaḥ କରଣ. ଅସ୍)=ଯାହାଦ୍ୱାରା ମନୁଷ୍ୟ ଅଧୋଗମନ କରେ]—
୧ । ଅପରାଧ; ଦୋଷ—1. Fault.
୨ । ପାପ; ଅଧର୍ମ—2. Sin.
୩ । କ୍ଷତି—3. Injury.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଷ,ଶ | ଙ୍କ | ଇଯ଼ | ଉଅ | ଈ |
| ୨ | ଈ | ଊ | ରୁ | ଲୁ | ଯେ଼ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙଁ୍ | ଇଅ | ଝ | ନ୍ନ |

ଆଗକା—ଦେ. ବିଣ—ପୂର୍ବକାଳୀନ—
Āgakā Relating to the past
আগেকার

ଆଗକାର—ଦେ. ବିଣ.—ଆଗକା ( ଦେଖ )
Āgakāra Āgakā ( See )
ଲୁଚେ ରଙ୍ଗ ଥିରୁ ଅଛ ଆଗକାର ହୋଏ । ସାରଳାମହାଭାରତ. ମଧ୍ୟ ।

ଆଗକୁହା ଦେ. ବିଣ. ପୁଂ ( ଯେ ଆଗ କରି କଥା କୁହେ )—
Āgakuhā ୧ । ଆଗବୋଲା – 1. Self-assertive.
(ଆଗକୋହ୍ଣି—ସ୍ତ୍ରୀ) ୨ । ଯେ ଅନାହୂତ ହୋଇ ବାକ୍ୟବ୍ୟୟ କରେ—
2. One who speaks out uncalled for.
୨ । ଯେ ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ କଥା କହେ—
3. One who speaks out before due time.
୪ । ଯେ ଆଗ କରି ଯାହା ଫିଟାଏ— 4. One who speaks before all others; forward.

ଆଗଚଲା—ଦେ. ବିଣ ପୁଂ. ଓ ସ୍ତ୍ରୀ—
Āgachalā ୧ । ଯେ ସମସ୍ତଙ୍କୁ ଅତିକ୍ରମ କରି ଚାଲେ—
আগেবড়না 1. One who precedes others.
ଆଗଚଲି; ଆଗଚଲେଇ } ସ୍ତ୍ରୀ ଆଗଚଲା ଆଗବୋଲା ସର ଗାଇଁ ମୂହିଁ, ସାପ ପେଲା—ଢଗ ।
୨ । ଯେ ସମସ୍ତଙ୍କ ଆଗେ ଆଗେ ଚାଲେ—
2. One who leads others.
୩ । (ମହାର୍ଥେ) ଯେ ସମସ୍ତଙ୍କୁ ଟପି ଅଗ୍ରସର ହୁଏ—
3. One who overtops others.
୪ । କେହି ନ ଚାଲୁଣୁ ଯେ ଚାଲେ—
4. Forward.
୫ । ଆଗବୋଲା ( ଦେଖ )
5 Āgabolā ( See )
ଦେ. ବି— ୧ । ସମସ୍ତଙ୍କ ଆଗେ ଆଗେ ଚାଲିବା—
1. The act of preceding others.
୨ । ଦ୍ୱିତୀୟ ହେବା ବିଧବାର ପୂର୍ବ ସ୍ୱାମୀ ଔରସଜାତ ପୁତ୍ର—
2. A remarried widow's son of the previous marriage.

ଆଗଡ଼—ପ୍ରାଦେ. ( ବାଲେଶ୍ୱର ) ବି—ଫାଟକ—
Āgarda Gate.

ଆଗତ୍—ପ୍ରାଦେ. ( ସମ୍ବଲପୁର ) ବି—ଭବିଷ୍ୟତ—
Āgat Future.

ଆଗତ—ସଂ. ବିଣ. ( ଆ=ଉପସର୍ଗ+ଗମ ଧାତୁ+କର୍ତ୍ତୃ. ତ )—
Āgata ୧ । ଆସି ପହଞ୍ଚିବା; ଉପସ୍ଥିତ—
1. Arrived; come.
୨ । (+କର୍ମ. ତ) ପ୍ରାପ୍ତ; ଲବ୍ଧ; ଅଧିଗତ—
2. Obtained; secured.
ଗ୍ରା. ବିଣ. ( ଆଗାମୀ ଅର୍ଥରେ ପ୍ରଯୁକ୍ତ )—
୧ । ଭବିଷ୍ୟତ—1. Future.
ନାହିଁ ତ ମୋ ପ୍ରସ୍ତୁ ଶୋଭା ବର୍ତ୍ତମାନ ଗତେ ଅଉ ଆଗତେ ହୋଇବ ।
ଭକ୍ତ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।
୨ । ଫେରି ଆସିଥିବା— 2. Returned.
ଦେ. ବିଣ—୧ । ପୂର୍ବ ବର୍ଷର ପୂର୍ବ ( ବର୍ଷ )—
1. (the year) Previous to the last.
୨ । ଅଶ୍ରୁତପୂର୍ବ ବିଷୟ—2 Unheard of ( things )
୩ । ଆଶ୍ଚର୍ଯ୍ୟଜନକ ( ବିଷୟ )—3 Wonderful ( things )
୪ । ଅସମ୍ଭବ (କଥା)— 4. Improbable ( things )
ସଂ. ବି. ( +ଭାବ. ତ )—୧ । ଆଗମନ—
1. Return; arival.
୨ । ଉପସ୍ଥିତି—2. Presence.

ଆଗତକୁହା—ଗ୍ରା. ବିଣ ପୁଂ. ( ଗାଳି )—
Āgatakuhā ଯେ ମନଗଢ଼ା ଭବିଷ୍ୟତ କଥା କହେ; ଯେ
ଆଗତକହ୍ଣି; ଆଗତକୋହ୍ଣି } ସ୍ତ୍ରୀ. ଅଶ୍ରୁତପୂର୍ବ ବା ଅସମ୍ଭବ କଥା କହେ; ବାହାପିଆ କଥା କହିବା ( ଲୋକ )—( a person ) Who speaks improbable things.
ଗ୍ରା. ବି – ଭବିଷ୍ୟତ କଥା କହିବା—
Prediction; fore-tell.

ଆଗତ ଚଢ଼େଇକି ବେସର ବଟା—( ପ୍ରବଚନ )—
Āgata chardheiki besara baṭā
ଭବିଷ୍ୟତ ଅନିଶ୍ଚିତ କଥା ପାଇଁ ପ୍ରସ୍ତୁତ ହୋଇ ବସିବା ( ଶିକାରରେ ଚଢ଼େଇ ମରି ହୋଇ ଆସିବ, ଏହି ଆଶାରେ ଆଗରୁ ତରକାରୀର ଉପକରଣ ବେସର ବାଟି ରଖିବା । )
[ ଦ୍ର—ସମସ୍ୱରାର୍ଥକ ହିନ୍ଦୁସ୍ଥାନୀ ପ୍ରବଚନ—ଗଛମେ କଠଲ ଓଠମେ ତେଲ । ]

ଆଗତପଞ୍ଚା—ଦେ. ବି.— ଭବିଷ୍ୟତ ସମ୍ବନ୍ଧେ ପୂର୍ବରୁ ଚିନ୍ତା କରିବା—
Āgatapañchā Thinking of the future for precaution; thoughts about the future; fore-sight.

ଆଗତପଥ—ସଂ. ବି. (ଆଗତ =ଆଗମନ + ପଥ)— ଆସିବାବାଟ—
Āgatapatha Path.
ଚଳେ ପଲ୍ଲବ ଶୟନ 'ତଳରେ ଗୃହେଁ ଶିସୁର
ତୋ ଆଗତ ପଥ ଅନୁସରଇ ବସି । ପ୍ରାଚୀ—ରସବାରିଧି ।

ଆଗତପାଞ୍ଚ – ଦେ. ବି.—ଆଗତପଞ୍ଚା (ଦେଖ)
Āgatapāñcha Āgatapañchā (See)

ଆଗତବନ୍ଧକ—ଦେ. ବି.—୧ । କୌଣସି ସମ୍ପତ୍ତିକୁ ହସ୍ତାନ୍ତର କରିବା
Āgatabandhaka ପୂର୍ବରୁ ମହାଜନ ନିକଟରୁ ଟଙ୍କା ଆଣି
অগাতবন্ধক ବନ୍ଧକ ଦେବା—

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା ।— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଣ୍ଣା' ନ ପାଇଲେ 'ଅର୍ଣ୍ଣ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

1. Previous mortgaging of a property to a creditor (previous to a subsequent transfer thereof.

୨ । ଆଗାମୀ ବର୍ଷର ଫସଲରୁ ଋଣ ଟଙ୍କା ଆଦାୟ ହୋଇବ, ଏହି କବୁଲରେ ମହାଜନଠାରୁ ଋଣ ଆଣିବା—
2. Borrowing money from a creditor on condition that it will be realised from the future usufruct of the mortgaged property.

**ଆଗତବନ୍ଧା**—ଆଗତବନ୍ଧକ (ଦେଖ)
Āgatabandhā Āgatabandhaka (See)
ଆଗତବନ୍ଧା ଟଙ୍କୋନାସ୍ତି—ପ୍ରବଚନ ।

**ଆଗତୁରା**—ଦେ. ବିଣ. (ସ. ଅଗ୍ରତର)—
Āgaturā ୧ । ଅଗ୍ରିମ—1. Advanced.
অগ্রীম ୨ । ନିର୍ଦ୍ଦିଷ୍ଟ ସମୟର ପୂର୍ବ—
**पेशगी** 2. Happening before time.
୩ । ଆଗରୁ ଅର୍ଥାତ୍ ପାଉଣା ନ ହେଉଣୁ ଦିଆଯିବା—
3. Paid in advance.
ଦେ. କ୍ରି. ବିଣ.—୧ । ଅଗ୍ରିମରୂପେ—1. In advance.
୨ । ପୂର୍ବରୁ—2. Before hand.

**ଆଗନ୍ତୁ**—ସ. ବିଣ. (ଆ + ଗମ ଧାତୁ + କର୍ତ୍ତୃ. ତୁ)—
Āgantu ୧ । ହଠାତ୍ ଉପସ୍ଥିତ; ଆକସ୍ମିକ—
1. Suddenly arrived; accidental.
୨ । ଅଳ୍ପସମୟସ୍ଥାୟୀ—2. Shortlived.
ସ. ବି.—ଅତିଥି; ଅଭ୍ୟାଗତ; ଅଜ୍ଞାତକୁଳଶୀଳ ନବାଗତ ବ୍ୟକ୍ତି—
Stranger; unknown guest; new comer.

**ଆଗନ୍ତୁକ**—ସ. ବି. ଓ ବିଣ. (ଆଗନ୍ତୁ + ସ୍ୱାର୍ଥ. କ)—ଆଗନ୍ତୁ (ଦେଖ)
Āgantuka Āgantu (See)

**ଆଗନ୍ତୁକବୃତ୍ତି**—ସ. ବି. ଓ ବିଣ. (ଆଗନ୍ତୁକ + ବୃତ୍ତି)—
Āgantukabrutti ଆଗନ୍ତୁବୃତ୍ତି (ଦେଖ)
Āgantubrutti (See)

**ଆଗନ୍ତୁବୃତ୍ତି**—ସଂ. ବି. (ଆଗନ୍ତୁ = ଅଯାଚିତୋପସ୍ଥିତ + ବୃତ୍ତି = କାର୍ଯ୍ୟ)—
Āgantubrutti ବିନା ନିମନ୍ତ୍ରଣରେ ଭୋଜି ଅବସରେ ଉପସ୍ଥିତ ହେବା—
Dropping in at feasts; coming to feasts uninvited.
ସଂ. ବିଣ.—ଅଯାଚିତୋପସ୍ଥିତ (ଅତିଥି)—
(one) Who drops in at feasts; (one) who comes to a feast uninvited.

**ଆଗପଛ**—ଦେ. ବି. (ବିପରୀତ ସହଚର)—
Āgapachha ୧ । ସର୍ବପ୍ରଥମ ଓ ସର୍ବଶେଷ ବିଷୟ—
আগুপিছু 1. First and last matters.
**आगापिछा; आगेपिछे** ୨ । ଅଗପାଖ ଓ ପଛପାଖ; ସମ୍ମୁଖ ଓ ପଶ୍ଚାତ୍—
2. Front and back sides.
୩ । ପ୍ରଥମ ଓ ତତ୍ପରବର୍ତ୍ତୀ ବ୍ୟକ୍ତି—
3. First and following persons.
୪ । ପୂର୍ବକାଳ ଓ ପରବର୍ତ୍ତୀକାଳ—
4. Previous time and afterwards.
କି ଭଲ ମନ୍ଦ ଲାଭ ହାନି
କି ଆଗ ପଛ ବିଚାରଣୀ—ଭୂପତି. ପ୍ରେମପଞ୍ଚାମୃତ ।
ଦେ. ବିଣ.—୧ । ପ୍ରଥମ ଓ ତତ୍ପରବର୍ତ୍ତୀ—
1. First and following.
୨ । ପ୍ରଥମେ ଘଟୁଥିବା ଓ ପରେ ଘଟୁଥିବା—
2. Happening first and happening last.
୩ । ସର୍ବପ୍ରଥମ ଓ ସର୍ବଶେଷ—
3. First and last.
୪ । ସମ୍ମୁଖରେ ଓ ପଶ୍ଚାତ୍ ଭାଗରେ ଥିବା—
4 Front and back; fore and hind.
ଦେ. କ୍ରି. ବିଣ—୧ । ପ୍ରଥମେ ଓ ପରେ; ଧାରାବାହିକରୂପେ—
1. Serially.
୨ । ଏକର ପର ଅନ୍ୟ ଏହି ଭାବରେ—
2. One after the other; in succession.
୩ । **ଅଗରେ ଓ ପଛରେ**—3. Before and behind.
କ୍ରମରେ ଗୃହଗଲେ ହୋଇ ଅଗ ପଛ,
ଶେଷରେ ଛାଡ଼ିଲେ ବୃଷଭ ସିଂହ ସ୍ୱଚ୍ଛ । କୃଷ୍ଣସିଂହ. ମହାଭାରତ ।

**ଆଗପତରିଆ**—ଦେ. ବିଣ (ସଂ. ଅଗ୍ରଭୁକ୍)—୧ । ସମାଜସ୍ଥ ମନୁଷ୍ୟ-
Āgapatariā ମାନଙ୍କ ସାମାଜିକ ଭୋଜନ ଅନୁଷ୍ଠାନ **ବା ପଙ୍ଗତ**
অগ্রভোগী ବେଳେ ସର୍ବାଗ୍ରେ ଯାହାଙ୍କ ପାଇଁ ଖାଇବାପତ୍ର ପଡ଼େ; କିମ୍ବା ସମାଜ ପଂକ୍ତିରେ ଯାହାର ପତ୍ର ପଂକ୍ତିର ପ୍ରଥମ ସ୍ଥାନରେ ପଡ଼େ; କୌଣସି ଜାତି ବା ସମାଜର ସର୍ବପ୍ରଧାନ ବ୍ୟକ୍ତି—ଯାହା ଖାଇବା ପତ୍ରରେ ପ୍ରଥମେ ଖାଦ୍ୟ ଦ୍ରବ୍ୟ ଦିଆ ହୁଏ—1 The chief man of a society to whom food is served first as a sign of superiority; the head man of a caste.

୨ । ହାଟୁଆ ଓ ବିଶେଷତଃ ଗୁଡ଼ିଆ ସମାଜରେ ଯେଉଁ ବିଶିଷ୍ଟ ବ୍ୟକ୍ତି ଜାତିଅଣ ଭୋଜିରେ ଜାତିଭାଇମାନେ ଖାଇ ବସିବା ପୂର୍ବରୁ ପ୍ରଥମେ ଭୋଜନ କରନ୍ତି ଓ ଯାହାଙ୍କ ଭୋଜନ ପରେ ଜାତିଭାଇମାନଙ୍କ ପଙ୍ଗତ ହୁଏ—
2. The head man of the society who being fed first in a feast others are fed.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଋ | ର୍‌,ର୍‌ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଣ୍ଟ | ଢ | ଘ,ଷ | ଙ୍କ | ଇସ୍ତ | ଉଥ | ଛ |
| ୨ | ଈ | ଊ | ରୂ | ଳୃ | ପ୍ରେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ୍ୟ | ଇଅ | ଓ | ନୃ |

**ଆଗପତୁରିଆ**—ଦେ. ବଣ—ଅଗପତରିଆ ( ଦେଖ )
Āgapaturiā Āgapatariā ( See )

**ଆଗପେଲା**—ଦେ. ବଣ. ପୁଂ ଓ ସ୍ତ୍ରୀ—୧ । ଯେ ଅଗକର ପେଲିଯାଏ ବା
Āgapelā ପଶିଯାଏ—A pushing ( man or woman)
ଅଗପେଲି } ସ୍ତ୍ରୀ ୨ । ( ମନ୍ଦାର୍ଥରେ ) ଯେଉଁ ବ୍ୟକ୍ତି ସମସ୍ତଙ୍କ
ଅଗପେଲେଇ } ଅଗେ କୌଣସି ସ୍ଥାନରେ ପଶିଯାଏ—
2. ( used in a bad sense ) An invidious ( person ).

**ଆଗବଢ଼ିବା**—ଦେ. କ୍ରି.—୧ । କୌଣସି ବ୍ୟକ୍ତି କଥା ନ କହୁଣୁ ପ୍ରଥମେ
Āgabardhibā କଥା କହିବା—1. To speak before others speak.
ନାରଦ କହିଲେ ଯହୁଁ ତାଙ୍କ ଆଗ ବଢ଼ି । ସାରଳାମହାଭାରତ. ମଧ୍ୟ ।
୨ । ଅଗ ଚାଲିବା—2. To go in advance.
୩ । ଅଗ୍ରସର ହେବା—3. To advance; to move forward.
ସେ ମଧ୍ୟରୁ ବ୍ରାହ୍ମଣ ଜଣେ ଆଗ ବଢ଼ି,
କହିଲେ ବ୍ରାହ୍ମଣଙ୍କ ଦେଳର ସନ୍ତଢ଼ି । କୃଷ୍ଣସିଂହ. ମହାଭାରତ. ବନ ।

**ଆଗବତ୍**—ପ୍ରାଦେ. ( ସମ୍ବଲପୁର ) ବଣ—ଅଗଭୁରି—
Āgabat Advance.

**ଆଗବଳାଇବା**—ଦେ. କ୍ରି.—୧ । ପାଞ୍ଚେଟ ଯିବା—
Āgabalāibā 1. To see a guest off.
এগিয়েদেওয়া ୨ । ବଶିଷ୍ଟ ମାନ୍ୟ ବ୍ୟକ୍ତି ବିଦାୟ ନେଇ ଗଲାବେଳେ ତାଙ୍କ ସଙ୍ଗେ ସଙ୍ଗେ ଖଣ୍ଡେ ଦୂର ଯିବା—
2. To accompany a respected person to some distance to see him off.

**ଆଗବଳିବା**—ଦେ. କ୍ରି.—୧ । କୌଣସି ବ୍ୟକ୍ତି ଅପେକ୍ଷା ଅଳ୍ପର ଅଗରୁ
Āgabalibā ଚାଲିଯିବା—1. To go in advance.
୨ । ଅଗବଳାଇବା (ଦେଖ)
Āgabaleibā (See)

**ଆଗବଳେଇବା**—ଦେ. କ୍ରି.—ଅଗ ବଳାଇବା (ଦେଖ)
Āgabaleibā Āgabalāibā (See)

**ଆଗବୋଲ**—ଦେ. ବି.—୧ । ସର୍ବାଗ୍ରେ କହିବା—
Āgabola 1. Speaking in advance of others.
୨ । ସମସ୍ତଙ୍କୁ ଅତିକ୍ରମ କରି କଥା କହିବା—
2. Arrogance.

**ଆଗବୋଲଣ**—ଦେ. ବି.—ଅଗବୋଲ (ଦେଖ)
Āgabolaṇa Āgabola (See)

**ଆଗବୋଲା**—ଦେ. ବଣ. ପୁଂ ଓ ସ୍ତ୍ରୀ.—୧ । ଯେ ସମସ୍ତଙ୍କ ଅଗରେ
Āgabolā ଅର୍ଥାତ୍ କେହି କଥା ନ କହୁଣୁ କଥା କହେ—
(ଅଗବୋଲି—ସ୍ତ୍ରୀ) 1. One who speaks before others speak.
୨ । ମୁଖିଆ; ମୁଖର—
2. Forward; arrogant.

ଅଗଚଲ ଅଗବୋଲ ପର ଗାଇ ବୁଢ଼ୀ ସାଠଦେଇ ସଖି ଗୋ ମନ୍ଦ ଏ—ଚନ ।

**ଆଗଭରି**—ଦେ. କ୍ରି. ବଣ.—ଅଗୁଅହୋଇ; ଅଗଭର ହୋଇ—
Āgabhari Going in advance; coming in fore front.

**ଆଗଭରିବା**—ଦେ. କ୍ରି.—୧ । ଅଗ୍ରସରହେବା—
Āgabharibā 1. To precede; to go in advance.
এগিএযাওয়া; আগবড়া ୨ । ଅଗଭୁରି ହୋଇ କାର୍ଯ୍ୟ କରିବା—
2. To do a work beforehand.

**ଆଗମ**— ସଂ. ବି. (ଆ + ଗମ ଧାତୁ = ଯିବା + କରଣ. ଅ) —
Āgama ୧ । ଶ୍ରୁତି; ବେଦାଦି ଶାସ୍ତ୍ର—
1. Revealed doctrine of truth; revealations
୨ । ତନ୍ତ୍ରଶାସ୍ତ୍ର—2. The Tantras.
୩ । ଆପ୍ତବାକ୍ୟ; ମହାଜନଙ୍କଠାରୁ ପରମ୍ପରାକ୍ରମେ ଅଗତ ଉପଦେଶାବଳି; ଉପଦେଶପରମ୍ପରା—
3. Traditional doctrines handed down from generation to generation.
୪ । ଶାସ୍ତ୍ରାଭ୍ୟାସ ବା ଶାସ୍ତ୍ର ପରିଶ୍ରମ—
4. Study of the Śāstras.
୫ । ଧାରା ବା ପ୍ରବାହ—5. Current.
୬ । ଆରମ୍ଭ—6. Beginning.
୭ । (ବ୍ୟାକରଣ) ପ୍ରକୃତି ପ୍ରତ୍ୟୟକୁ ଅବିକୃତ ରଖି ତନ୍ମଧ୍ୟରେ ପ୍ରବେଶ—
7. A grammatical augment; a meaningless syllable inserted in any part of a redical word ( M. W. )
୮ । ଆଗମନ—8. Coming.
୯ । ବୃଦ୍ଧି—9. Augment.
୧୦ । ପ୍ରାପ୍ତି—10. Acquisition.
୧୧ । ଭବିଷ୍ୟତ୍—11. Future.

**ଆଗମନ**—ସଂ. ବି. (ଆ + ଗମ୍ ଧାତୁ = ଯିବା + ଭାବ. ଅନ)—
Āgamana ୧ । ଆସିବା—1. Coming.
(ଗମନ—ବିପରୀତ) ୨ । ଉପସ୍ଥିତି—2. Arrival.
୩ । ମୈଥୁନ; ସ୍ତ୍ରୀସଙ୍ଗମ—3. Cohabitation.

**ଆଗମବକ୍ତା**—ସଂ. ବି. ପୁଂ.—ଭବିଷ୍ୟଦ୍‌ବକ୍ତା—
Āgamabaktā Foreteller; prophet.

**ଆଗମବିରୋଧ**—ସଂ. ବି. (ଆଗମ = ଶାସ୍ତ୍ର + ବିରୋଧ)—
Āgamabirodha ୧ । ଶାସ୍ତ୍ରବିରୁଦ୍ଧତା; ଶ୍ରୁତିବିରୋଧ—
1. Contrary to the Śāstras.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ଼' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ବାକ୍ୟରେ ଅର୍ଥଦୋଷବିଶେଷ—
2. A fault in composition.

**ଅଗମବେଦୀ**—ସଂ. ବିଣ. (ଅଗମ+ବିଦ ଧାତୁ+ଇନ୍)—
Āgamabedī ଶାସ୍ତ୍ରଜ୍ଞ ପଣ୍ଡିତ—Wellversed in Śāstras.
ସଂ. ବି.— ଶଙ୍କରାଚାର୍ଯ୍ୟଙ୍କ ଗୁରୁ ଗୌଡ଼ପାଦାଚାର୍ଯ୍ୟ—
Gaurdapādāchārjya, the preceptor of Śaṅkarāchārjya.

**ଅଗମିତ**—ସଂ. ବିଣ. (ଆ+ଗମ ଧାତୁ ଣିଚ; ଗମି+କର୍ମ. ତ)—
Āgamita ୧ । ଅଧୀତ—1. Studied.
୨ । ଜ୍ଞାତ—2. Known.
୩ । ପ୍ରାପ୍ତ—3. Obtained.

**ଅଗର**—ଦେ. ଅ—ଆଗେ—Before; first of all.
Āgara
আগে
आगा
ଶ୍ରୀକୃଷ୍ଣ କରନ୍ତେ କାତର, ଭକ୍ତବ ବନ୍ଧୁର ଅଗର,
କୃଷ୍ଣର ବାଳକ ତହିଁ, ଦ୍ୱିତୀୟ ଅଧ୍ୟାୟେ ବର୍ଣ୍ଣିତ । ଜଗନ୍ନାଥ—ଭାଗବତ ।

**ଅଗରେ ହେବା**—ଦେ. କ୍ରି.—ସାମନା ବା ସମ୍ମୁଖକୁ ଅସିବା; ଦେଖା
Āgare heba ଦେବା—To appear in person.

**ଅଗଲ**—ଗ୍ରା. ବିଣ.— ଅଗ୍ରବର୍ତ୍ତୀ; ଯେ ଅଗରେ ଥାଏ ବା ଯାଉଥାଏ—
Āgala Going in front; advancing.

**ଅଗଲିପିଛିଲି**—ଗ୍ରା. ଅ—ଆଗପଛ—Front and back.
Agalipichhili
আগাড়িপিছাড়ি
आगाड़िपिछाड़ि
ମେ ଦୁଇ ଜଣ ଅଗଲିପିଛିଲି ହୋଇ ଯାଉଥିବାର ଲୋକେ
ଦେଖି ଅଧିକ ଭ୍ରମରେ କହିଲେ—
ଫକୀରମୋହନ, ଛମାଣଆଠଗୁଣ୍ଠ ।

**ଅଗସର**—ଦେ. ବିଣ—( ସଂ. ଅଗ୍ରସର )—ଅଗ୍ରସର ( ଦେଖ )
Āgasara Agrasara ( See )

**ଅଗସରି**—ଦେ. ଅ. କ୍ରି.—ଅଗ୍ରସର ହୋଇ—Advancing.
Āgasari ସବୁ ବିପ୍ରଙ୍କୁ ନମସ୍କାର କରି, ପାତ୍ର ବୋଲଇ କହେ ଅଗସରି ।
ପ୍ରାଚୀ—ନଳଚରିତ ।

**ଅଗସରିବା**—ଦେ. କ୍ରି (ସଂ. ଅଗ୍ରସର)—ଅଗ୍ରସର ହେବା—
Āgasariba To proceed; to go in advance.

**ଅଗସୁଁ**—ଗ୍ରା. ଅ. ( ସଂ. ଅଗ୍ର )—୧ । ଅଗଠାରୁ; ପ୍ରଥମରୁ—
Āgasuṅ 1. Before; from before.
আগেথেকে ୨ । ପୂର୍ବରୁ—2 Previously.

**ଅଗହୁଁ**—ଗ୍ରା. ଅ—( ସଂ. ଅଗ୍ର )—ଅଗସୁଁ ( ଦେଖ )
Āgahuṅ Āgasuṅ ( See )

**ଅଗହେବା**—ଦେ. କ୍ରି —ସମ୍ମୁଖବର୍ତ୍ତୀ ହେବା—
Āgaheba To appear before.
আগেহওয়া
ବାଘ ହେବ କେହୁବା ମଧ୍ୟରକ୍ଷଣେ,
କୋଇଣ ଅଗ ହୋଇଲେ ଅପଣେ । ଉପେନ୍ଦ୍ର—ବୈଦେହୀଶବିଳାସ ।

**ଅଗା**—ଦେ. କ୍ରି. ବିଣ. ( ସଂ. ଅଗ୍ର )—ସର୍ବାଗ୍ରେ—
Āgā First of all
(ପିଣ୍ଡି—ବିପରୀତ) ତେଲ ଲଗେଇକି ଅବାଖାବା ଖାଇ ବସିଥିବ ଅଗା—ତଗ ।
ଦେ. ବିଣ.—ଅଗ୍ରବର୍ତ୍ତୀ; ଅଗରେଥିବା—Frontal.

**ଅଗାଡ଼ି**—ଦେ. ବି.—୧ । ଦେହର ଅଗ ପାଖର—
Āgārdi 1. Fore part of the body.
୨ । ପଶୁର ଅଗ ଗୋଡ଼—2. Fore legs of a beast.
୩ । ଅଗ ଗୋଡ଼ଦ୍ୱାରା ନାତ—
3. Kicks with fore legs.
ଦେ. ବିଣ—ଅଗ୍ରବର୍ତ୍ତୀ; ଅଗ୍ରଗାମୀ—Advancing.
ସୁବର୍ଣ୍ଣ ନେତ୍ର ଅଞ୍ଜନ, ଯାମଲ ତରୁ ଭଞ୍ଜନ
ଯେବେ ସିବେ ନୋହୁବେଁ ତେ ଅଗାଡ଼ି । ବନମାଳୀ— ଇଚ୍ଛାକରତମ୍ଭ ।
ପ୍ରାଦେ. ( ସମ୍ବଲପୁର ) କ୍ରି. ବିଣ—୧ । ପୂର୍ବେ—
1. Formerly.
୨ । ପ୍ରଥମେ—At first.
ଦେ. କ୍ରି. ବିଣ—୧ । ଅଗରେ—1. In front.
୨ । ଅଗେ ଅଗେ—2 In advance.
୩ । ସର୍ବାଗ୍ରେ; ସର୍ବ ପ୍ରଥମେ—3. First of all.

**ଅଗାଡ଼ି ଉଠାଇବା**—ଦେ. କ୍ରି.—(ଦୁଷ୍ଟ ଘୋଡ଼ା) ଅଗ ଗୋଡ଼ରେ ନାତ
Āgārdi uṭhāiba ଉଠାଇବା—To kick with the
আগেরপাঁতোলা fore legs (said of a wicked horse).

**ଅଗାଡ଼ିପିଛାଡ଼ି**—ଦେ. ବିଣ. ( ବିପରୀତ ସହିତର )—ଅଗପାଖର ଓ
Āgārdipichhārdi ପଛ ପାଖର—Front and back;
আগাড়িপিছাড়ি, fore and hind.
আগালিপিছালি ଦେ.ବି.—୧ । ଘୋଡ଼ାର ଅଗ ଗୋଡ଼ର ଦଉଡ଼ି ଓ
आगाड़िपिछाड़ि ପଛ ଗୋଡ଼ର ଦଉଡ଼ି—
1. Strings tied to the fore and hind legs of a horse.
୨ । ଘୋଡ଼ାର ଅଗ ଗୋଡ଼ଦ୍ୱାରା ନାତ ଓ ପଛ ଗୋଡ଼ଦ୍ୱାରା ନାତ—2. Kickings of a horse by its fore legs and hind legs.
୩ । ଅଗପାଖ ଓ ପଛପାଖ—
3. Fore part and the hind part

**ଅଗାମାରିବା**—ଦେ. କ୍ରି—ଅନ୍ଦାଜ କରିବା; ଅନୁମାନ କରି ପୂର୍ବରୁ
Āgāmāriba କହିବା—To predict by guess; to say something before-hand.

**ଅଗାମିକ**—ଦେ. ଅ—ଭବିଷ୍ୟତକୁ; ପରେ; ଭବିଷ୍ୟତରେ—
Āgāmika In future; henceforth

**ଅଗାମୀ**—ସ. ବିଣ. ( ଆ+ଗମ୍ ଧାତୁ+ଇନ୍ )—ଭବିଷ୍ୟତରେ
Āgāmī ଘଟିବା; ଭାବୀ; ଯାହା ପରେ ଘଟିବ—Future;
(ଅଗାମିନୀ—ସ୍ତ୍ରୀ) subsequent

**ଅଗାର**—ସଂ. ବି—ଅଗାର ( ଦେଖ )
Āgāra Agāra ( See ).

**ଅଗି**—ପ୍ରାଦେ. ( ବସ୍ତର ) ବି.—( ସଂ. ଅଗ୍ନି )—ଅଗ୍ନି—
Āgi Fire.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଊ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଷ,ସ | ଜ୍ଞ | ଇଯ୍ | ଉଅ | ଭ |
| ୨ | ଈ | ଉ | ୠ | ୡ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ୟ | ଙ୍ଘ | ଇଅ | ଖ | ତ୍ର |

**ଆଗିଆଁ**—ଗ୍ରା. ବି. ( ସଂ. ଆଜ୍ଞା )—ଆଜ୍ଞା ( ଦେଖ )
Āgiāñ — Ājñā ( See ).

**ଆଗିଆଣି**—ଗ୍ରା. ବିଣ—ଅଗ୍ରସର; ଅଗ୍ରଗାମୀ—
Āgiāṇi — Leading; going in advance.

**ଆଗିଲା**—ଦେ. ବି. ଓ ବିଣ—ଆଗ ( ଦେଖ )
Āgilā — Āga ( See )
আগলা
अगला

**ଆଗିଲପିଛିଲି**—ଦେ. କ୍ରି. ବିଣ. ( ସହଚର )—ଆଗପଛ ( ଦେଖ )
Āgilipichhili — Āgapachha ( See )
ଆଗିଲପିଛିଲି ଗୃହ ବଖରା—ଫକୀରମୋହନ. ଗଳ୍ପସ୍ୱଳ୍ପ ।

**ଆଗୁଆ**—ଦେ. ବିଣ—ଅଗ୍ରବର୍ତ୍ତୀ; ଅଗ୍ରସର—Leading; going in
Āguā — advance of others; going before.
(ଅଗେଇ; ଅଗୋଇ—ସ୍ତ୍ରୀ)
আগুয়া; এগো; আগুসার
अगला; अगवा

**ଆଗୁଆଣି**—ଗ୍ରା. ବିଣ—ଆଗିଆଣି ( ଦେଖ )
Āguāṇi — Āgiāṇi ( See )

**ଆଗୁଆଳି**—ଦେ. ବି—କୁରାଢ଼ିର ଦାଢ଼ ପାଖ—
Āguāḻi — The sharp end of an axe.

**ଆଗୁଆସୈନ୍ୟ**—ଦେ. ବି—ସେନାଗ୍ରଣୀ; ଯେଉଁ ସୈନିକ ସେନାଦଳର ଅଗରେ ଥାଏ—Advance-guard.
Āguāsaina
আগুসারসৈন্য
आगापलटन्

**ଆଗୁଁ**—ଗ୍ରା. ପଦ୍ୟ. ଅ—୧ । ପ୍ରଥମରୁ—
Āguñ — 1. From the very beginning.
୨ । ପୂର୍ବରୁ—2. From before.
ମୁହିଁ ତ ଆଗୁଁ ମନେ ଜାଣୁଛି ବାରତା—କୃଷ୍ଣସିଂହ. ମହାଭାରତ. ବନ ।
୩ । ପୂର୍ବାପେକ୍ଷା—3. Than before.
୪ । ସମ୍ମୁଖ ଦିଗରୁ—4. From the front.

**ଆଗୁଁସାର**—ଗ୍ରା. ବିଣ. ( ସଂ. ଅଗ୍ରସର )—ଅଗ୍ରସର ( ଦେଖ )
Āguñsāra — Agrasara ( See )

**ଆଗୁବଳି**—ସଂ. ବିଣ—ଅଗ୍ରବର୍ତ୍ତୀ; ଅଗ୍ରସର—Leading; going
Āgubaḻi — before; going in advance.

**ଆଗୁଳି**—ଦେ. ବି.—( ସଂ. ଅର୍ଗଳ )
Āguḻa — ୧ । ଜ୍ୱରର କାରଣ ଓ ଔଷଧବିଶେଷ—
1. Febrifuge.
୨ । ଅଟକା; ନିରୋଧ—
2. Restraining; restraint.
ପ୍ରାଦେ. ( ଗଞ୍ଜାମ ) ବି—୧ । ଆଡୁଆଳ; ଦୃଷ୍ଟିପଥରେ ବାଧା—
1. An obstacle put in the line of vision.
୨ । ପର୍ବତରୁ ଆସୁଥିବା ପାଣିକୁ ବନ୍ଧଦ୍ୱାରା ଅଟକାଇ ରଖିବା ଅବଦ୍ଧ ଜଳ ବା ବନ୍ଧ ପୋଖରୀ—
2. Reservoir formed by restraining rain-water from mountain by drains.

**ଆଗୁଳା**—ଦେ. ବି—ହସ୍ତ ବା ପଦର ଢିଲା ହୋଇଥିବା ଅଙ୍ଗୁଷ୍ଠୀୟକୁ
Āguḻā — ଅଟକାଇବା ନିମନ୍ତେ ଲୁହାର ଅଙ୍ଗୁରୀୟ; ଅଗୁଆ—
A small iron ring used to keep slack finger-rings in position.
ଦେ. ବିଣ.—୧ । ସମାପ୍ତ—
1. Accomplished; finished.
' ଛଡ଼ ଧନ ଯେବେ ହୁଏ ଅଗୁଳା; ତାହଲେ ତଉଠି ସାତମଙ୍ଗଳା—
ପ୍ରସ୍ତାବସିନ୍ଧୁ ।
୨ । ଅଧିକ; ବେଶି—2. Excessive.
ଅନ୍ନକଷ୍ଟ ଦୁଃଖ ଚହୁଁ ଅଗୁଳା

**ଆଗୁଳିବା**—ଦେ. କ୍ରି—୧ । ସମ୍ମୁଖରୁ ଗତି ରୋଧ କରିବା; ଉଗାଳିବା—
Āguḻibā — 1 To restrain the front side.
আগলান — ଯୁଦ୍ଧରେ ଆଗୁଳିଲା ଆସି ମୋର ସୁତ—କୃଷ୍ଣସିଂହ, ମହାଭାରତ. ବନ ।
୨ । ଅଗକୁ ଘୁଞ୍ଚିଯିବା—2. To move ahead.
୩ । ଅଗକୁ ବା ସମ୍ମୁଖ ଦିଗକୁ ଗତି କରିବା—
3. To move forward.
ସେ ମାଲ ପଡ଼ିଲା ପାଞ୍ଚ ଯୋଜନ ଅଗୁଳି । ସାରଳା. ମହାଭାରତ. ବସ୍ତ ।
୪ । କୌଣସି ବ୍ୟକ୍ତିକୁ ଆଗରୁ ଲୁଚି କରି ଜଗି ବସିବା—
4. To lie in ambush; to lie in wait.

**ଆଗୁସାର**—ଗ୍ରା. ବିଣ. (ସଂ ଅଗ୍ରସର)—ଅଗ୍ରସର ( ଦେଖ )
Āgusāra — Agrasara ( See )

**ଆଗୂ**—ସଂ. ବି. ସ୍ତ୍ରୀ. ( ଆ+ଗୃ ଧାତୁ=ଅଙ୍ଗୀକାର କରିବା+କ୍ୱିପ୍ ବା
Āgū — ଗମ ଧାତୁ=ଯିବା+ଉ )—
ଅଙ୍ଗୀକାର; ପ୍ରତିଜ୍ଞା—Promise.

**ଅଗେ**—ଦେ. ଅ. ( ସଂ. ଅଗ୍ର )—
୧ । ଅପେକ୍ଷା—1. Than.
କାହା ଅଗେ ବଡ଼ ତୁହି । ମଧୁସୂଦନ. କୁସୁମାଞ୍ଜଳି ।
୨ । ତୁଳନାରେ—2. In comparison with.
୩ । ଅଗରେ—3. Before; in times past.
୪ । ପୂର୍ବେ—4. In the past.
୫ । ସକଳଙ୍କ ଆଦ୍ୟରେ—5 Ahead.
୬ । ପ୍ରଥମରେ—6. At first.
ସବେ ବୋଇଲେ ପ୍ରମାଣ ସଖୀ
ସେ ପାଦ ପଦ୍ମ ଅଗେ ଦେଖି । ଭୂପତି. ପ୍ରେମପଞ୍ଚାମୃତ ।
୭ । ସମ୍ମୁଖରେ—7. In front.
୮ । ନିକଟରେ—8. Near.
ସେ ଶ୍ୟାମ ନାଗର କୋଟିକାମ ନିନ୍ଦର ମୋ ଅଗେ ଥିଲେ । କବିସୂର୍ଯ୍ୟ. ସଙ୍ଗୀତ ।

ସାଧାରଣ ଲେଖକ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ସ୍ଥଳେ ଉପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାର' ନ ମିଳିଲେ 'ଗାଢ଼' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଆ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଂଧ' ନ ପାଇଲେ 'ଅନ୍ଧ' ଦେଖିବେ; 'ଅଲବଳ' ନ ପାଇଲେ 'ଅଳ୍ପବଳ' ଦେଖିବେ ।

୯ । ସମ୍ମୁଖକୁ—9. To the front.
ତାହାକୁ ମୋର ଆଗେ ଆଣ । ଭକ୍ତ. ପ୍ରେମପଞ୍ଚାମୃତ ।

**ଅଗେଅଗେ**—ଦେ. ଅ—୧ । ପୂର୍ବରେ—1. Before.
Āgeāge ୨ । ସମ୍ମୁଖରେ—2. In front.
୩ । ପ୍ରଥମରେ—3. At first (in time and place)

**ଅଗେଇବସିବା**—ଦେ. କ୍ରି—ଗୁହିଁ ବସିବା—
Āgeibasibā To sit waiting.

**ଅଗେଇବା**—ଦେ. କ୍ରି. ଅକର୍ମକ ( ସଂ. ଅଗ୍ର )—
Āgeibā ୧ । ଅଗ୍ରସର ହେବା—
(ପଚ୍ଛେଇବା—ବିପରୀତ) 1. To advance.
ଏଗୋନ ୨ । ପୂର୍ବରୁ ଯିବା—2. To go in advance.
୩ । ଆଗକୁ ଗତି କରିବା—3. To move forward.
୪ । (କାର୍ଯ୍ୟ) କିଛି ଦୂର ଅଗ୍ରସର ହେବା—
4. To make progress.
୫ । (ସକର୍ମକ) ଆଗରେ ରଖିବା—
5. To place in front.
ଭୀମଙ୍କୁ ଅଗେଇ ସୁହିନୁ ପାଣ୍ଡବଙ୍କ । କୃଷ୍ଣସିଂ. ମହାଭାରତ. ଦ୍ରୋଣ ।

**ଅଗେଲ୍**—ଦେ. ଅ. ( ସଂ. ଅଗ୍ର )—ଜାହାଜିଆ ଓ ବୋଇତାଳିଙ୍କ
Āgela ବ୍ୟବହୃତ ଶବ୍ଦ; ଜାହାଜ ବା ବୋଇତକୁ ଅଗ୍ରସର କରାଇବା
(ପଚ୍ଛେଲ୍—ବିପରୀତ) ପାଇଁ ଡାକ—( nautical term)
Forward; move on.

**ଅଗୋ**—ଦେ. ଅ—୧ । ସମ୍ବୋଧନସୂଚକ; ସ୍ତ୍ରୀମାନଙ୍କ ପ୍ରତି ସମ୍ମାନ ଓ
Āgo ସ୍ନେହଯୁକ୍ତ ସମ୍ବୋଧନ—1. Oh. ( address to
ହାଁଗୋ females )
ଯେବେ ସେ ଦ୍ୱିଜ ରୋଷେ କହିଲେ ତାହାଙ୍କ
ଶୁଣ ଅଗୋ ନାରୀ ମୋର ଦେବା ମନ୍ତ୍ରକୁ । କୃଷ୍ଣସିଂ. ମହାଭାରତ, ଶାନ୍ତି ।
୨ । ଅହେ; ଗୋ—2. Oh !

**ଅଗୋଇବା**—ଦେ. କ୍ରି—ଅଗେଇବା ( ଦେଖ )
Āgoibā Āgeibā ( See )

**ଅଗୋଳିବା**—ଦେ. କ୍ରି—ଅଗୁଳିବା ( ଦେଖ )
Āgolibā Āgulibā ( See )
ଅଗୋଳିଲେ ମୋର ରଥ ଯିବାର ପଥ । କୃଷ୍ଣସିଂ. ମହାଭାରତ. ବନ ।

**ଆଗ୍ନେୟ**—ସଂ. ବଣ. ( ଅଗ୍ନି+ଏୟ )—
Āgneya ୧ । ଅଗ୍ନିସମ୍ବନ୍ଧୀୟ—1. Relating to fire.
୨ । କ୍ଷୁଧାବର୍ଦ୍ଧକ; ଜଠରାଗ୍ନି କାରକ; ପାଚକ—
2. Digestive; helping digestion.
ସଂ. ବି—୧ । ଅଗସ୍ତି ମୁନି—1. The sage Agasti.
୨ । ପୂର୍ବ ଦକ୍ଷିଣ କୋଣ ବା ଦିଗ—
2. The south-east quarter.
୩ । ଅଗ୍ନିପୁରାଣ, ଯହିଁରେ ଅଗ୍ନିଙ୍କ ଚରିତ ଓ ପୂଜା ବିଧି ବର୍ଣ୍ଣିତ
ହୋଇଅଛି—3. One of the eighteen
Purāṇas dealing with the Fire-god.
୪ । (ଅଗ୍ନି ପରି ବର୍ଣ୍ଣ ଥିବାରୁ) ସ୍ୱର୍ଣ୍ଣ—4 Gold.

**ଆଗ୍ନେୟକୋଣ**—ସଂ. ବି—ଆଗ୍ନେୟ ୨ ( ଦେଖ )
Āgneyakoṇa Āgneya 2 ( See )

**ଆଗ୍ନେୟଗିରି**—ସଂ. ବି—ଯେଉଁ ପର୍ବତରୁ ଅଗ୍ନି ବାହାରି ଥାଏ ବା
Āgneyagiri ଅଗ୍ନ୍ୟୁଦ୍ଗାର ହୁଏ—Volcano.

**ଆଗ୍ନେୟାସ୍ତ୍ର**—ସଂ. ବି. ( ଆଗ୍ନେୟ+ଅସ୍ତ୍ର )—
Āgneyāstra ବାଣ; ବନ୍ଧୁକ; କମାଣ ପ୍ରଭୃତି—
Fire-arms.

**ଆଗ୍ନେୟୀ**—ସଂ. ବି. ସ୍ତ୍ରୀ. ( ଅଗ୍ନି+ସ୍ତ୍ରୀ. ଈ )—
Āgneyī (ପୁରାଣୋକ୍ତ) ଅଗ୍ନିଦେବଙ୍କ ପତ୍ନୀ; ସ୍ୱାହା ଦେବୀ—
The consort of the fire-god ( in
Hindu mythologys )

**ଆଗ୍ରହ**—ସଂ. ବି. ( ଆ+ଗ୍ରହ ଧାତୁ=ଗ୍ରହଣ କରିବା; ଯତ୍ନ କରିବା+
Āgraha ଭାବ. ଅ )—୧ । ଅତିଯତ୍ନ; ଅତିବ୍ୟଗ୍ରତା—
1. Earnestness; interest; zeal;
eagerness.
୨ । ଆକ୍ରମଣ—2. Attack.
୩ । ସାମର୍ଥ୍ୟ—3 Power.
୪ । ସାହାଯ୍ୟ—4. Help.
୫ । ଜିଗର—5. Persistence.
୬ । ଗ୍ରହଣ—6. Acceptance.
୭ । ପ୍ରସାଦ ବା ଅନୁଗ୍ରହ—7. Favour.
୮ । ଅଭିନିବେଶ; ଆସକ୍ତି—8. Attention.

**ଆଗ୍ରହାନ୍ୱିତ**—ସଂ. ବି. (ଆଗ୍ରହ+ଅନ୍ୱିତ)—୧ । ଅତି ବ୍ୟଗ୍ର;ଉତ୍ସୁକ—
Āgrahānwita 1. Eager; earnest.
( ଆଗ୍ରହାନ୍ୱିତା—ସ୍ତ୍ରୀ ) ୨ । ଅଭିନିବିଷ୍ଟ—2. Intent.

**ଆଗ୍ରହାୟଣ**—ସଂ. ବି (ଅଗ୍ର+ହାୟନ=ବର୍ଷ; ଯାହାର ଯାହାର ମତରେ
Āgrahāyaṇa ବର୍ଷର ଆଦ୍ୟ ମାସ)—
ବର୍ଷର ଆଦ୍ୟ ମାସ; ମାର୍ଗଶୀର ମାସ—
The month of Mārgaśīra.
[ ଦ୍ର—ପୂର୍ବେ ମାର୍ଗଶୀର ମାସରୁ ବର୍ଷ ଗଣନା ହେଉଥିଲା । ]

**ଆଗ୍ରହାୟଣିକ**—ସଂ. ବି ( ଆଗ୍ରହାୟଣ+ସ୍ୱାର୍ଥେ. ଇକ )—
Āgrahāyaṇika ଆଗ୍ରହାୟଣ ( ଦେଖ )
Āgrahāyaṇa ( See )

**ଆଗ୍ରହାୟଣୀ**—ସଂ. ବି. ସ୍ତ୍ରୀ (ଆଗ୍ରହାୟଣ+ଭାବ. ଅ; ସ୍ତ୍ରୀ. ଈ )—
Āgrahāyaṇī ୧ । ମୃଗଶିରା (ଦେଖ)
1. Mṛgaśirā (See).
୨ । ମାର୍ଗଶୀରପୂର୍ଣ୍ଣିମା—
2. The full moon of Mārgaśīra.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଶ | ଜ | ଶ,ଷ | କ୍ଷ | ଇସ୍ | ଉଅ | ଈ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗଁ୍ୟ | ଇଅ | ଢ | କୃ |

**ଅଗ୍ରି**—ଦେ. ବି. ( ସଂ. ଉଗ୍ରକ୍ଷତ୍ରିୟ ବା ବୈଶ୍ୟ )—
Āgri ୧ । ଏ ଦେଶରେ ବାସ କରୁଥିବା ବୈଶ୍ୟଜାତିବିଶେଷ, ଏମାନେ ବ୍ୟବସାୟ ବାଣିଜ୍ୟ କରନ୍ତି—1. A class of Baisyas of this country who carry on trade and commerce.

[ ଦ୍ର—ହୁଗ, ଅଗ୍ରବନ ବା ଆଗ୍ରାରୁ ଏମାନେ ପ୍ରଥମେ ଏ ଦେଶକୁ ଆସିଥିବାରୁ ଏହି ନାମ ।

କଟକ ଜିଲ୍ଲାର କଲସ୍ୱାଙ୍କ ଗ୍ରାମରେ ଅନେକ ଅଗ୍ରି ଅଛନ୍ତି । ଏମାନେ ଘିଅ ବେପାର କରନ୍ତି । ସମ୍ଭବତଃ ରେଲ୍ ନ ଥିବା ବେଳେ ମହାନଦୀ ବାଟରେ ସମ୍ବଲପୁର ଅଞ୍ଚଳରୁ ଅଗ୍ରିମାନେ ବାଣିଜ୍ୟ ଉପଲକ୍ଷରେ ଆସି ଏ ଦେଶରେ ମହାନଦୀ କୂଳରେ ରହି ଯାଇ ଅଛନ୍ତି । ]

୨ । ଅଗ୍ରିଆ ( ଦେଖ )—2. Āgriā (See)

**ଅଗ୍ରିଆ**—ପ୍ରାଦେ (ସମ୍ବଲପୁର) ବି—ଅଗ୍ରିଜାତି ।
Āgriā The Āgri caste.

[ ଦ୍ର—ଏହି ଉଗ୍ରକ୍ଷତ୍ରିୟମାନେ ଅକବରଙ୍କ ସମୟରେ ଆସି କାଳକ୍ରମେ ଓଡ଼ିଆ ହୋଇଯାଇ ଅଛନ୍ତି । ରାୟଗଡ଼, ଖାରଙ୍ଗଗଡ଼, ଗାଙ୍ଗପୁର, ବାମଣ୍ଡା, ସମ୍ବଲପୁର ପ୍ରଭୃତି ଅଞ୍ଚଳରେ ଏମାନେ ଗୋଟିଏ ପ୍ରଧାନ ଜାତି । ଏମାନଙ୍କର ସ୍ୱାବଲମ୍ବନଶୀଳତା ଆଦର୍ଶ-ସ୍ଥାନୀୟ । ଏମାନେ ହାତମାରି କପା ଚଷନ୍ତି ଓ ସୂତା କାଟନ୍ତି । ସମ୍ବଲପୁରରେ ଏମାନେ 'ଚୌରାଅଶୀ ଘର' ନାମରେ ଖ୍ୟାତ, କାରଣ ପ୍ରଥମେ ଆଗ୍ରାରୁ ୮୪ଟି ପରିବାର ଏଠାକୁ ଆସି ରହିଥିଲେ । ଏମାନଙ୍କର ଆଗ୍ରର ବ୍ୟବହାର ବୈଶ୍ୟମାନଙ୍କ ଆଗ୍ରର ବ୍ୟବହାର ପରି ହେଲୁ ଏମାନଙ୍କର ପଇତା ନାହିଁ । ]

**ଅଘ୍**—ପ୍ରାଦେ. ( ସମ୍ବଲପୁର ) କ୍ରି. ବଣ.—୧ । ଆଗେ; ପ୍ରଥମେ; 
Āgh ପହିଲେ—1. At first; firstly.
୨ । ପୂର୍ବେ—2. Previously; formerly.

**ଅଘରମିତାର**—ପ୍ରାଦେ. (ସମ୍ବଲପୁର) ଅ—ପୂର୍ବପରି; ଆଗପରି—
Āgharmitār As formerly.

**ଆଘାତ**—ସଂ. ବି. (ଆ + ହନ ଧାତୁ = ବଧକରିବା + ଭାବ. ଅ)—
Āghāta ୧ । ପ୍ରହାର—1. Blow; stroke.
(ଅହତ—ବଣ) ୨ । ଛେଦନ—2. Cut.
୩ । ବଧ—3. Killing.
୪ । ତାଡ଼ନ—4. Hitting.
୫ । ( + ଅଧିକରଣ. ଅ ) ବଧର ସ୍ଥାନ—
5. A place for slaughter.

**ଆଘାତକ**—ସଂ. ବଣ. ପୁଂ. (ଆ + ହନ ଧାତୁ + କର୍ତ୍ତୃ. ଅକ)—
Āghātaka ୧ । ଯେ ଆଘାତ କରେ—1. Striking.
(ଆଘାତିକା—ସ୍ତ୍ରୀ) ୨ । ଘାତୁକ—2. Murdering.

**ଆଘାତ କରିବା**—ଦେ. କ୍ରି.—୧ । ପ୍ରହାର କରିବା—
Āghāta karibā 1. To strike; to beat; to injure
আঘাতকরা ୨ । ତାଡ଼ନ କରିବା—2. To hit.
আঘাতকরো ୩ । ଅନ୍ୟ ବସ୍ତୁରେ ଜୋରରେ ବାଜିବା—
3. To come in forcible contact with a thing.

**ଆଘାତିତ**—ଦେ. ବଣ. (ସ. ଅହତ)—ଆଘାତପ୍ରାପ୍ତ; ଅହତ—
Āghātita Wounded.
ଆସ ଚତ ସର୍ପର ପର ଅଭିମନ୍ୟୁ,
ସେ ଶରେ ପୀଡ଼ା ପାଇ ଧରି ଭୂତେ ମନ୍ୟ । କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

**ଆଘାତି**—ଦେ. ବଣ. ( ସଂ. ଆଘାତ )—ଯାହାଠାରେ ଆଘାତ ଲାଗିଅଛି; 
Āghāti ଆହତ—Wounded.
ଅଘାତି ସର୍ପ ପରି ଭ୍ରମ ହେଲ କୋପ,
କରି ଦେଲେ କୁରୁଙ୍କ କରି-ବଳ ବଧ । କୃଷ୍ଣସିଂହ. ମହାଭାରତ. କର୍ଣ୍ଣ ।

**ଆଘାର**—ସଂ. ବି. ୧ । (ଆ + ଘୃ ଧାତୁ = ସେଚନ କରିବା + କର୍ମ. ଅ)—
Āghāra ଘୃତ; ଆଜ୍ୟ—1. Clarified butter; ghee.
୨ । ( + ଭାବ. ଅ ) ହୋମ—
2. Homa or oblation to fire.
୩ । ପାକ—3. Cooking.

**ଅଘିରି**—ଦେ. ବି.—ଅଗ୍ରି ( ଦେଖ )
Āghiri Āgri ( See )

**ଆଘୂର୍ଣ୍ଣନ**—ସଂ. ବି. ( ଆ + ଘୂର୍ଣ୍ଣ ଧାତୁ = ଭ୍ରମଣ କରିବା + ଭାବ. ଅନ )—
Āghūrṇṇana ଚକ୍ରପରି ଭ୍ରମଣ; ପରିଭ୍ରମଣ; ଗଡ଼ିଆଡ଼େ ବୁଲିବା
(ଆଘୂର୍ଣ୍ଣିତ—ବଣ) ବା ଘୂରିବା—Turning round; whirling round; rolling round; reeling.

**ଆଘୂର୍ଣ୍ଣିତ**—ସଂ. ବଣ ( ଆ + ଘୂର୍ଣ୍ଣ ଧାତୁ + କର୍ମ. ତ ) ୧ । ଘୂର୍ଣ୍ଣାୟମାନ—
Āghūrṇṇita 1. Whirling round; reeling.
୨ । ଚାରିଆଡ଼େ ବୁଲାଇ ହେଉଥିବା; ଘୂରାଇ ହେଉଥିବା—
2. Turned round; whirled.
୩ । ଇତସ୍ତତଃ ଖେଳା ହୋଇଥିବା—
3. Tossed about.

**ଅଘେ**—ପ୍ରାଦେ. ( ସମ୍ବଲପୁର ) ଅ.—ଆଗେ ( ଦେଖ )
Āghe Āge ( See )

**ଅଘେରି**—ଦେ. ବି.—ଅଗ୍ରି ( ଦେଖ )
Āgheri Āgri ( See )

**ଆଘ୍ରାଣ**—ସଂ. ବି. ( ଆ + ଘ୍ରା ଧାତୁ = ଗନ୍ଧ ଗ୍ରହଣ କରିବା + ଭାବ. ଅନ )
Āghrāṇa ୧ । ଗନ୍ଧଗ୍ରହଣ; ଶୁଙ୍ଘିବା—1. Smelling.
(ଆଘ୍ରାତ—ବଣ) ୨ । ଗନ୍ଧ—2. Smell; scent.
୩ । ସନ୍ତୋଷ—3. Contentment.
୪ । ତୃପ୍ତି—4. Satisfaction.
ସଂ. ବଣ. ( ଆ + ଘ୍ରା ଧାତୁ + କର୍ତ୍ତୃ. ଅ ) ୧ । ତୃପ୍ତ—
1. Satisfied.

ସାଧାରଣ ଲୋକେ ଅପର ପୃଷ୍ଠାରେ ପ୍ରଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା ।— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'ବୃଥ' ନ ମିଳିଲେ 'ବ୍ରଥ' ଦେଖିବେ; 'ବଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୨ । ସନ୍ତୁଷ୍ଟ—2. Contented.

ଦେ. ବିଣ.—ଆଘ୍ରାତ; ଶୁଂଘାଯିବା—Smelt.

ଅଘ୍ରାଣ ପୃଷ୍ଠ ନ ବଧିବ୍ର, ମକର ମଣେ ନ ହରିବ ।
ଉପେନ୍ଦ୍ର. ପ୍ରେମପଞ୍ଚାମୃତ ।

**ଅଘ୍ରାଣିବା**—ଦେ. ପଦ୍ୟ. କ୍ରି.—ଅଘ୍ରାଣ କରିବା—
Āghrāṇibā — To smell.

ପୁଷ୍ପ ପରିମଳ ଆଘ୍ରାଣି ସୁଖେ । ମଧୁସୂଦନ—ଛନ୍ଦମାଳା ।

**ଅଘ୍ରାତ**—ସଂ. ବିଣ. ( ଆ+ଘ୍ରା ଧାତୁ=ଶୁଂଘିବା+କର୍ମ. ତ )—
Āghrāta — ଅନୁଭୂତ ଗନ୍ଧ; ଶୁଂଘା ହୋଇଥିବା—
(ଅନାଘ୍ରାତ—ବିପରୀତ) — Smelt; scented.

**ଅଘ୍ରାୟକ**—ସଂ. ବିଣ. ( ଆ+ଘ୍ରା ଧାତୁ=ଶୁଂଘିବା+କର୍ତ୍ତୃ. ଅକ )—
Āghrāyaka — ଅଘ୍ରାଣକର୍ତ୍ତା; ଯେ ଶୁଂଘେ—Smelling;
(ଅଘ୍ରାୟିକା—ସ୍ତ୍ରୀ) — One who smells (something).

**ଅଘ୍ରିଆ**—ପ୍ରାଦେ. (ସମ୍ବଲପୁର) ବି—ଅଗ୍ରିଆ ( ଦେଖ )
Āghriā — Āgriā ( See )

**ଅଘ୍ରେୟ**—ସଂ. ବିଣ—( ଆ+ଘ୍ରା ଧାତୁ=ଶୁଂଘିବା+କର୍ମ. ଯ )—
Āghreya — ୧ । ଅଘ୍ରାଣଯୋଗ୍ୟ—1. Fit for being smelt.

୨ । ସୁବାସିତ—2. Odoriferous.

**ଅଙଲ୍**—ପ୍ରାଦେ. ( ସମ୍ବଲପୁର ) ବି—ଜଳାବର୍ତ୍ତ; ଜଳଭଉଁରି—
Āṅl — Eddy; whirlpool.

**ଅଙ୍କଡ଼ାଇ ଧରିବା**—ଦେ. କ୍ରି. ( ସଂ. ଅଙ୍କୁଶ )—
Āṅkarḍāi dharibā — ଅଂକୁଶିରେ ଧରିଲା ପରି ଟାଣି ଧରିବା—
আঁকড়ে ধরা — To hold up as by a hook.

**ଅଙ୍କଡ଼ାଇବା**—ଦେ. କ୍ରି. ( ସଂ. ଅଙ୍କୁଶ )—( ପେଟର ନାଡ଼ି ଆଦି ବଙ୍କା
Āṅkarḍāibā — ହୋଇ ପେଟ ଭିତରେ ଲାଗି ରହିବା ) ବକ୍ରାଗ୍ର
আঁকড়ান — ଯୋଗୁଁ ଅଟକି ଯିବା—To adhere to a thing
**आँकड़ाना** — on account of a curved head.

**ଅଙ୍କାବଙ୍କା**—ଦେ. ବିଣ—୧ । ବଙ୍କା—1. Curved.
Āṅkābaṅkā — ୨ । ଅସଜଡ଼ିଆ—2. Inconvenient.
আঁকাবাঁকা — ୩ । ଅଖାଡ଼ୁଆ—3. Awkward.
**टेढ़ा** — ( ଯଥା—**ଅଙ୍କାବଙ୍କା** କଥା )

**ଅଙ୍କାବାଙ୍କା**—ଦେ. ବିଣ—**ଅଙ୍କାବଙ୍କା** ( ଦେଖ )
Āṅkābāṅkā — Āṅkābaṅkā ( See )

**ଅଙ୍କିବା**—ଦେ. କ୍ରି. ( ସଂ. ଅଙ୍କ ଧାତୁ )—୧ । ଅଙ୍କନ କରିବା—
Āṅkibā — 1. To draw up;
আঁকা — ୨ । ଚିତ୍ରଣ କରିବା—2. To delineate.
**अङ्कना** — ପ୍ରାଦେ. ( ଗଡ଼ଜାତ ) କ୍ରି—ସ୍ଥାନଚ୍ୟୁତ କରିବା; ଅଳ୍ପ ଘୁଞ୍ଚାଇବା—To remove.

ପ୍ରାଦେ. ( ସମ୍ବଲପୁର ) କ୍ରି—ଚଡ଼ିଦେବା—
To sear another's body.

**ଅଙ୍କିବାଙ୍କି ହେବା**—ଦେ. କ୍ରି—ବକ୍ର ହେବା—
Āṅkibāṅki hebā — To curve; to bend.

**ଅଙ୍କୁ**—ଦେ. ବି—( ଏ ଗଛରେ ସାଧାରଣତଃ ବାଡ଼ି ଦିଆଯାଏ )—
Āṅku — ଅଙ୍କୋଟ (ଦେଖ) Āṅkota (See)

ମିଳ ଅଙ୍କୁ ବାଡ଼େ ଲଷ୍ଣା ସିଡ଼ା ଡାଳେ ଫୁଟେ ତୋରା କଙ୍କିଫୁଲ ।
ନନ୍ଦକିଶୋର. ଶର୍ମିଷ୍ଠା ।

**ଅଙ୍କୁକୋଳି**—ଦେ. ବି—ସାନ କେରେନ୍ଦା ( ଦେଖ )
Āṅkukoḷi — Sānakerendā ( See )

**ଅଙ୍କୁଡ଼ା**—ଦେ. ବି. (ସଂ. ଆକର୍ଷୀ )—୧ । ବକ୍ରାଗ୍ର ଲମ୍ବଦଣ୍ଡ—
Āṅkurḍā — 1. A long pole with a hook.
আকড়ষী; — ୨ । ଯେଉଁ ବକ୍ରାଗ୍ର ଦଣ୍ଡ ସାହାଯ୍ୟରେ ଗଛରୁ ଫଳ ଆଦି
আঁকসী — ତୋଳାଯାଏ—2. A long pole with a
**अँकड़ी** — hook to pluck fruits etc. from high trees.

୩ । ହାରର ଦୁଇ ମୁଣ୍ଡକୁ ଯୋଡ଼ିବାରେ ବ୍ୟବହୃତ ବକ୍ରାଗ୍ର ମୁଦିଆ—3. The hook-like ring used for fastening the ends of a neck-lace.

**ଅଙ୍କୁଡ଼ାଇ ଧରିବା**—ଦେ. କ୍ରି—ଅଙ୍କଡ଼ାଇ ଧରିବା—
Āṅkurḍāi dharibā — Āṅkarḍai dharibā.

**ଅଙ୍କୁଡ଼ାଇବା**—ଦେ. କ୍ରି—ଅଙ୍କଡ଼ାଇବା ( ଦେଖ )
Āṅkurḍāibā — Āṅkarḍāibā ( See )

**ଅଙ୍କୁଡ଼ାପୋକ**—ଦେ. ବି—ପେଟରେ ଜନ୍ମିବା ଏକପ୍ରକାର କୀଟ—
Āṅkurḍāpoka — Hook-worm.

**ଅଙ୍କୁଡ଼ି**—ଦେ. ବି. ( ସଂ. ଆକର୍ଷଣୀ )—ଅଙ୍କୁଡ଼ା ( ଦେଖ )
Āṅkurḍi — Āṅkurḍā ( See )

**ଅଙ୍କୁଡ଼ିପୋକ**—ଦେ. ବି—ଅଙ୍କୁଡ଼ାପୋକ ( ଦେଖ )
Āṅkurḍipoka — Āṅkurḍāpoka ( See )

**ଅଙ୍କୁଡ଼ିବା**—ଦେ. କ୍ରି—୧ । ଅଙ୍କଡ଼ାଇଧରିବା ( ଦେଖ )
Āṅkurḍibā — 1. Āṅkarḍāidharibā ( See )

୨ । ଅଙ୍କୁଡ଼ିରେ ତୋଳିବା—
2. To pluck fruits etc by means of a hooked pole.

**ଅଙ୍କୁପାଙ୍କୁ**—ଦେ. ବିଣ—ଉତ୍କଣ୍ଠିତ—Anxious.
Āṅkupāṅku — ( ଯଥା—ମନଟା ସବୁବେଳେ ଅଙ୍କୁପାଙ୍କୁ ହେଉଥାଏ—
ସହକାର. କର୍ତ୍ତିକ, ମାର୍ଗଶିର. ୧୯୩୦)

**ଅଙ୍କୁରିବା**—ଦେ. କ୍ରି—୧ । ( ନୀଚ ଜାତିଙ୍କ ଭାଷା )—
Āṅkuribā — ଅଙ୍କୁଡ଼ିବା ( ଦେଖ )
1. Āṅkurḍibā ( See )

୨ । ପାଚିଲା ଧାନ ଗଛରୁ ଧାନ କଟା ହେବା ପୂର୍ବରୁ କେଣ୍ଡା-ଗୁଡ଼ିକୁ ଅଗରୁ ଅଗରୁ କାଟି ବା ଦୁହିଁନେବା—2. To cut off the ears of ripe paddy from the plants before they are reaped.

| ୧ | ଇ | ଉ | ଋ,ଋ | ଌ | ଐ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଢ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଲୃ | ଯ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ଡ଼ | ଢ଼ |

**ଅଙ୍କୁଲ**—ଦେ. ବି—( ସଂ. ଅଙ୍କୋଲ )—ଅଙ୍କୋଟ ( ଦେଖ )
Āṅkula — Aṅkoṭa ( See )
ଅନ୍ୟ ସଂ. ନାମ—ଦୃଢ଼କଣ୍ଟକ;
ଲମ୍ବପର୍ଣ୍ଣୀ; ବିଷଘ୍ନ; ବାମକ

**ଅଙ୍କୁଲକୋଳି**—ଦେ. ବି—ଅଙ୍କୁଲ ଗଛର କୋଳି—
Āṅkulakoḻi — Plums of the Āṅkula plant.

**ଅଙ୍କୁଶ**—ଦେ. ବି. ( ସଂ. ଅଙ୍କୁଶ )—୧ । ହସ୍ତୀ ତାଡ଼ନାର୍ଥ ବକ୍ରାଗ୍ର ଦଣ୍ଡ—
Āṅkuśa — 1. Iron-pointed hooked goad for guiding elephants.
আঙ্কশি
অঁকড়ী ୨ । ବକ୍ରାଗ୍ର ଲୌହ—2. A hook.

**ଅଙ୍କୁଶା**—ଦେ. ବି—ଅଙ୍କୁଶ ( ଦେଖ )
Āṅkuśā — Āṅkuśa ( See )

**ଅଙ୍କୁଶାଲଗା**—ଦେ. ବି. ( ସବାରି ଗଉଡ଼ଙ୍କର ଡାକ )—ସବାରି
Āṅkuśālagā — ବେହେରାଙ୍କ ଡାକବିଶେଷ—( ମୁଣ୍ଡଉପରେ କଣ୍ଟା ବା ଡାଳ ସବାରି ଛାତରେ ବାଜିବାର ଭୟ ଥିଲେ ଆଗବେହେରାମାନେ ଏ ଡାକଦ୍ୱାରା ପଛ ପିଗାଲି ବେହେରମାନଙ୍କୁ ସାବଧାନ କରାଇ ଦିଅନ୍ତି । )
A halloo of palki-bearers.

**ଅଙ୍କୁଶି**—ଦେ. ବି—ଅଙ୍କୁଶ ( ଦେଖ )
Āṅkuśi — Āṅkuśa ( See )

**ଅଙ୍କୁଶିଲଗା**—ଦେ. ବି—ଅଙ୍କୁଶାଲଗା ( ଦେଖ )
Āṅkuśilagā — Āṅkuśālagā ( See )

**ଅଙ୍କୋଚିତ**—ଗ୍ରା. ପଦ୍ୟ. ବିଣ. ( ସ. ଆକୁଞ୍ଚିତ )—ଆକୁଞ୍ଚିତ—
Āṅkochita — Curled.
ଆଙ୍କୋଚିତ କବରୀ ଯେ ସୁସଙ୍ଗ ଖୋସାରେ—ସାରଳା. ମହାଭାରତ, ବନ୍ଧ ।

**ଅଙ୍କୋଠ**—ସଂ.ବି—ଅଙ୍କୋଟ(ଦେଖ) (କବିରାଜ.ହରେକୃଷ୍ଣ—ଦ୍ରବ୍ୟଗୁଣ)
Āṅkoṭha — Āṅkoṭa ( See )

**ଅଙ୍କୋଲ**—ଦେ. ବି—ଅଙ୍କୋଟ (ଦେଖ)
Āṅkola — Aṅkoṭa (See)

**ଅଙ୍ଖିଝରା**—ଦେ. ବି—ଏକଜାତୀୟ ବଡ଼ ଗଛ—A kind of large
Āṅkhijharā — tree with gray bark; Evodia, Meliac folia ( Haines )

**ଅଙ୍ଗଅଙ୍ଗ୍**—ଦେ. ବିଣ—ପଶ୍ଚାତ୍ପଦ—
Āṅgāṅg — Hesitating.

**ଅଙ୍ଗଛି**—ପ୍ରାଦେ. ( ସମ୍ବଲପୁର )ବି.—ଗାମୁଛା; ଗାତ୍ରମାର୍ଜ୍ଜନୀ—
Āṅgchhi — Towel; napkin.

**ଅଙ୍ଗଟା**—ଦେ. ବି (ସଂ. ଅଙ୍ଗୁଷ୍ଠ)—୧ । ବଡ଼ ମୁଦି; ମୁଦିଅ—
Āṅgtā — 1. A large ring.
আঁঠি ୨ । ବୁଢ଼ା ଅଙ୍ଗୁଠିରେ ପିନ୍ଧାଯିବା ମୁଦି—
2. A ring for the thumb.

**ଅଙ୍ଗଠି**—ପ୍ରାଦେ. ( ସମ୍ବଲପୁର ) ବି. ( ସଂ. ଅଙ୍ଗୁଷ୍ଠ )—ଅଙ୍ଗୁଳି—
Āṅgṭhi — Finger.

**ଅଙ୍ଗ**—ଦେ. ବି—
Āṅga — ୧ । ଅହଙ୍କାର; ଗର୍ବ; ଆତ୍ମବଡ଼ିମା—1. Vanity.
ଦିଅ ମୋତେ ଆଜ୍ଞା ବାହୁଡ଼ି ମୁଁ ଆଙ୍ଗ ଛଳେ—ସାରଳାମହାଭାରତ· ବନ୍ଧ ।
୨ । ରାଗ—2. Anger.
୩ । ଅଭିମାନ—3. Silent displeasure.
ଗଙ୍ଗାକୁ ଯିବିଲି ଯାଇଁ ମହାତେଜ ଜ୍ୱାଳା;
ଆଙ୍ଗେଣ ଛାଡ଼ିଲା ସେହୁ ଅନାଦି ଚଞ୍ଚଳା—ସାରଳା· ମହାଭାରତ· ଆଦି ।

**ଅଙ୍ଗଟି**—ଦେ. ବି—ଅଙ୍ଗୁଠି ( ଦେଖ )
Āṅgaṭi — Āṅguṭhi ( See )

**ଅଙ୍ଗନ୍**—ପ୍ରାଦେ. ( ଲରିଅ ) ବି. (ସଂ. ଅଙ୍ଗନ)—ପ୍ରାଙ୍ଗଣ; ଅଗଣା—
Āṅgan — Court-yard.

**ଅଙ୍ଗଳିଆ**—ଦେ. ବି. ( ସଂ. ଲାଙ୍ଗଲୀ )—ବିଷଲାଙ୍ଗୁଳିଆ ଲତା;
Āṅgaḻiā — ଲହଲାଙ୍ଗୁଳିଆ ଲତା—A creeper; Gloriosa Superba.
লাঙ্গলিআ; ইষলাঙ্গলিআ

**ଆଙ୍ଗିକ**—ସଂ. ବିଣ. ( ଅଙ୍ଗ+କୃତାର୍ଥେ. ଇକ )—
Āṅgika — ୧ । ଅଙ୍ଗଦ୍ୱାରା ଜଣାଇ—
1. Expressed by gestures and motions of the limbs.
୨ । ଅଙ୍ଗସମ୍ବନ୍ଧୀୟ—
2. Pertaining to the limbs or body.
୩ । ଅହଂଗୁଣିଆ—3. Prone to take offence at little things
ସଂ. ବି—୧ । ମୃଦଙ୍ଗବାଦ୍ୟ—
1 A tabour made of clay.
୨ । ମୃଦଙ୍ଗବାଦକ—2. A musician who plays on mṛudaṅga.

**ଆଙ୍ଗିକ ଅଭିନୟ**—ସଂ. ବି—(ନାଟକ) ନାଟକୀୟ ପାତ୍ରମାନେ ସ୍ୱୀୟ ଅଙ୍ଗ-
Āṅgika abhinaya — ଚାଳନାଦ୍ୱାରା ଯେଉଁ ଅଭିନୟ ପ୍ରଦର୍ଶନ କରନ୍ତି—( drama )—Performance of a dramatis person on stage by the movement of his limbs.

**ଅଙ୍ଗିଣିଆ**—ଦେ. ବିଣ—ଉତ୍ତାପର ଅସମତା ହେତୁ ଅର୍ଦ୍ଧସିଦ୍ଧ ଓ ବିସ୍ୱାଦ;
Āṅgiṇiā — ଅଉଙ୍ଗିଣିଆ—( fruits etc. ) Not fully
কচকচে — boiled and so untasteful on account of unequal distribution of application of heat.

**ଅଙ୍ଗିରସ୍**—ସଂ. ବି. ପୁଂ. ( ନାମ ) ( ଅଙ୍ଗିରସ=ଋଷି+ଅପତ୍ୟାର୍ଥେ
Āṅgirasa — ଅ )—ଅଙ୍ଗିରାଋଷିଙ୍କପୁତ୍ର ଦେବଗୁରୁ ବୃହସ୍ପତି—
Bruhaspati, the preceptor of the gods ( Hindu mythology ).

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'ଭୁଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଇଁଷ' ନ ପାଇଲେ 'ଅଇଁଷ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

**ଅଙ୍ଗୁଆ**—ଦେ. ବଣ—୧ । ଅଭିମାନିଆ; ଅରୁଷ୍ଟ—
Ãnguã — 1. Prone to take offence.
হটরাগী
୨ । ଜିଦ୍‌ଖୋର—2. Obstinate.

**ଅଙ୍ଗୁଅଙ୍ଗୁ**—ଦେ. ବଣ—ଅଙ୍ଗ୍‌ଅଙ୍ଗ୍ ( ଦେଖ )
Ãnguãngu — Ãngãng ( See )

**ଅଙ୍ଗୁଛି**—ପ୍ରାଦେ. ( କଟକ ) ବ—ଗାମୁଛା—
Ãnguchhi — Napkin.

**ଅଙ୍ଗୁଟି**—ଦେ. ବ—୧ । ଅଙ୍ଗୁଠି ( ଦେଖ )
Ãnguti — 1. Ãnguṭhi ( See ).
୨ । ପୁଷ୍ପଗଲ୍ମବିଶେଷ—2. A kind of flower plant or bush; clerodendrom phlomoidy.

**ଅଙ୍ଗୁଠି**—ଦେ. ବ. ( ସଂ. ଅଙ୍ଗୁଷ୍ଠ )—ଅଙ୍ଗୁଳି—
Ãnguṭhi — Finger.
আঁঠি
अङ्गुलि

**ଅଙ୍ଗୁଠି ଦେଖାଇବା**—ଦେ. କ୍ରି—୧ । ଅବଜ୍ଞା ପ୍ରଦର୍ଶନ କରିବା—
Ãnguṭhi dekhãibã — 1 To disregard,
বৃদ্ধাঙ্গুলদেখান — ୨ । ଅବଜ୍ଞାପ୍ରଦର୍ଶନପୂର୍ବକ ବୁଢ଼ା ଅଙ୍ଗୁଠିକୁ ଦେଖାଇବା—2. To show the thumb in derision.

**ଅଙ୍ଗୁଠିଫୁଟା**—ଦେ. ବ—ଖେଳବିଶେଷ—
Ãnguṭhiphuṭã — A kind of play.

**ଅଙ୍ଗୁଠି ଫୁଟାଇବା**—ଦେ. କ୍ରି—୧ । ଅଙ୍ଗୁଠିର ଗଣ୍ଠିମାନଙ୍କୁ ଟାଣିବା ଓ
Ãnguṭhiphuṭãibã — ମୋଡ଼ିବା ( ଯହିଁରେ ଅଙ୍ଗୁଠି ଗଣ୍ଠିର ଶବ୍ଦ
আঙ্গুলমটকান — ହୁଏ)—1. To cause the joints of fingers to crack by pulling or twisting.
୨ । ମନୋଯୋଗ ଆକର୍ଷଣାର୍ଥ ହାତର ବୁଢ଼ା ଓ ମଝି ଅଙ୍ଗୁଠି
তুড়িমারা — ଦ୍ୱାରା ଫୁଟକି ମାରିବା—2. To make a sound by clapping the fingers.

**ଅଙ୍ଗୁଠି ଫୁଟିବା**—ଦେ. ବ—ଅଙ୍ଗୁଠିର ଗଣ୍ଠିମାନ ଶବ୍ଦ କରିବା—
Ãnguṭhi phuṭibã — The cracking of the joints of fingers due to pulling or twisting.

**ଅଙ୍ଗୁଠି ଫୁଟୁକାଇବା**—ଦେ. କ୍ରି—ଅଙ୍ଗୁଠି ଫୁଟାଇବା (ଦେଖ )
Ãnguṭhi phuṭukãibã — Ãnguṭhi phuṭãibã (See)

**ଅଙ୍ଗୁଠି ମାରିବା**—ଦେ. କ୍ରି—୧ । ଅଙ୍ଗୁଳି ଦ୍ୱାରା ସଙ୍କେତ କରିବା—
Ãnguṭhimãribã — 1. To beckon by the finger.
আঙ্গুলঠারা — ୨ । ଟିପ ମାରିବା; କୌଣସି ବସ୍ତୁକୁ ପରୀକ୍ଷା କରିବା
सैनकरना — ସକାଶେ ତା ଦେହରେ ଅଙ୍ଗୁଠି ମାରିବା; ଟିପିବା—
2. To touch a thing by the tip of a finger in order to test it.
୩ । କୌଣସି ମନୁଷ୍ୟଙ୍କୁ ଅପ୍ରକାଶ୍ୟରେ ସତର୍କ କରିଦେବା ବା ତାହାର ମନୋଯୋଗ ଆକର୍ଷଣ କରିବା ନିମନ୍ତେ ତାହା ଦେହରେ ଅଙ୍ଗୁଠିକୁ ଛୁଆଇଁ ଦେବା ବା ଅଙ୍ଗୁଠି ଦ୍ୱାରା ସାମାନ୍ୟ ଆଘାତ କରିବା—
3. To touch one's body with the tip of a finger in order to caution him.

**ଅଙ୍ଗୁଲା**—ଦେ. ବଣ—ଅଙ୍ଗୁଳିଦ୍ୱାରା ସଲସଲ କରାଯାଇଥିବା—
Ãngulã — Churned by the finger.

**ଅଙ୍ଗୁଲାଇବା**—ଦେ. କ୍ରି—ଅଙ୍ଗୁଠି ଦ୍ୱାରା ଗେଞ୍ଜିଦେବା ବା ସଲସଲ
Ãngulãibã — କରିବା—To poke by thrusting
আঙ্গুলদেওয়া — the finger; to finger a thing; to touch with finger.

**ଅଙ୍ଗୁଳି**—ଦେ. ବ. ( ସଂ. ଅଙ୍ଗୁଳି )—
Ãnguḷi — ୧ । ଅଙ୍ଗୁଳ; ଅଙ୍ଗୁଠି—1. Finger
আঙ্গুল — ୨ । ଏକ ହାତ ପରିମାଣର ଚବିଶ ଭାଗର ଏକ ଭାଗ—
अङ्गुली — 2. $\frac{1}{24}$th of a cubit measure,
୩ । ଅଙ୍ଗୁଳ ପରିମାଣ—
3. A measure by the finger.
୪ । ଅଙ୍ଗୁଳ ପ୍ରବେଶ କରିବା ରୂପ କର୍ମ—
4. Fingering.

**ଅଙ୍ଗୁଳିଆ**—ଦେ. ବ—ଅଙ୍ଗଳିଆ ( ଦେଖ )
Ãnguḷiã — Ãngaḷiã ( See )

**ଆଚଡ଼ି**—ଦେ. ବ—ଅଟକ—
Ãchaṛdi — Restraint

**ଆଚମନ**—ସ. ବ.(ଆ=ଈଷତ୍+ଚମ୍ ଧାତୁ=ଭୋଜନ କରିବା+ଭାବ.ଅନ)-
Ãchamana — ୧ । ଭୋଜନ କରିବା ପୂର୍ବରୁ ମନ୍ତ୍ରପାଠପୂର୍ବକ
(আচমন—বণ) — ଗଣ୍ଡୁଷଦ୍ୱାରା ସାମାନ୍ୟ ଜଳ ମୁଖକୁ ନେବା—
1 Sipping a little water from the cup of the palm.
୨ । ଭୋଜନାନ୍ତେ ମୁଖ ପ୍ରକ୍ଷାଳନ କରିବା; ଆଞ୍ଚୋଇବା—
2 Rinsing of the mouth after meal.
ଭୋଜନ ସାରି ଋଷି ଆଚମନ କଲେ
ଗୁଆ ଖଣ୍ଡେ ଖୋଇ ଖୁମାଇ ରହିଲେ । କୃଷ୍ଣସିଂହ. ମହାଭାରତ. ଶାନ୍ତି ।

**ଆଚମନକ**—ସ. ବ. ପୁଂ. ( ଆଚମନ=ଆଞ୍ଚୋଇବା+କ=ଜଳ )—
Ãchamanaka — ୧ । କଣ୍ଠୀବନ ପାତ୍ର; ପିକଦାନ—
1. Spittoon
୨ । ଯେଉଁ ପାତ୍ରରେ ମୁଖ ପ୍ରକ୍ଷାଳନାର୍ଥ ଜଳ ରଖାଯାଏ; ଅବଖୁରା—2. A water pot in which water intended for rinsing or sipping is kept.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ସ | ଙ୍କ | ଇସ୍ତ | ତ୍ଥ | ଙ୍ଘ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ଷ | ଙ୍ଖ | ଇଅ | ● | ଙ୍ଗ |

**ଆଚମନ କରିବା**—ଦେ. କ୍ରି—୧ । ପୂଜା ବା ଭୋଜନ ପୂର୍ବରୁ ଗଣ୍ଡୂଷ ଦ୍ୱାରା ସାମାନ୍ୟ ଜଳ ମୁଖରୁ ଦେବା—
Ācharmana karibā
আচমনকরা — 1. To sip a little water before meal or worship.
୨ । ଭୋଜନାର୍ଥ ମୁଖ ଓ ପାଦ ଧୋଇବା; ଅଚ୍ଛୋଇବା—
2. To wash or rinse the mouth after meal.
ପ୍ରମାଣ ମଁ ଉଚ୍ଛିଷ୍ଟ ହାତ ହୋଇ ଥିଲି ।
ଠିଆରେ ଆଚମନ କରଣ ଅସିଲି ॥ କୃଷ୍ଣସିଂହ. ମହାଭାରତ. ଅଦ ।

**ଆଚମନୀ**—ଦେ. ବି—ଛୋଟ ଗାଲ; ଲୋଟି; ଅବଖୁରା ( ଯହିଁରେ ଆଚମନ କରିବା ଭଳି ଅଳ୍ପ ପାଣି ଥାଏ )—
Āchamani
A small water-pot.

**ଆଚମନୀୟ**—ସଂ. ବି. ( ଆ+ଚମ ଧାତୁ+ଅନୀୟ )—
Āchamaniya ଆଚମନାର୍ଥ ଜଳ—Water intended or kept for the purpose of rinsing the mouth before or after meal.
ସଂ. ବିଣ.—୧ । ଆଚମନଯୋଗ୍ୟ—
1. Fit or intended for sipping or rinsing.
୨ । ଯାହା ଖାଇଲେ ଅଚ୍ଛୋଇବାକୁ ହୁଏ—
2. That which necessitates the rinsing of the mouth after it is eaten.
ସଂ. ବି—ଭକ୍ଷ୍ୟବସ୍ତୁ—Food; eatable things.

**ଆଚମିତ**—ପ୍ରାଦେ. (ସମ୍ବଲପୁର) ବିଣ.—ଆଚମ୍ବିତ (ଦେଖ)
Āchamita — Āchambita (See)

**ଆଚମ୍ବିତ**—ଦେ. ବିଣ. (ସଂ. ଅସମ୍ଭାବିତ)—
Āchambita ୧ । ଆଶ୍ଚର୍ଯ୍ୟାନ୍ୱିତ; ବିସ୍ମିତ ( ବ୍ୟକ୍ତି )—
আচম্বিত — 1. Astonished; surprised.
अचम्मा ୨ । ଅଦ୍ଭୁତ; ଆଶ୍ଚର୍ଯ୍ୟଜନକ—2. Wonderful
ଏ କଥା ଶୁଣି ନାରଦ ହେଲେ ଆଚମ୍ବିତ—ପୀତାମ୍ବର. ନୃସିଂହପୁରାଣ ।
୩ । ଆଶା କରି ଯାଇ ନ ଥିବା; ଅଭୂତପୂର୍ବ; ଅଶ୍ରୁତପୂର୍ବ—
3. Unforeseen; unprecedented.
୪ । ଅସମ୍ଭାବିତ—4. Unexpected
୫ । ଅସମ୍ଭବ—5. Impossible.
ଦେ. ବି—ଆଶ୍ଚର୍ଯ୍ୟ—Wonder; surprise.
ତାହାରେ ଦ୍ରୋହ କଲୁପିଠି
ଏ କଥା ବଡ଼ ଆଚମ୍ବିତ—ଜଗନ୍ନାଥ. ଭାଗବତ ୪ର୍ଥ ।

**ଆଚମ୍ବିତେ**—ଦେ. କ୍ରି. ବିଣ.—୧ । ଆଶ୍ଚର୍ଯ୍ୟରୂପେ—
Āchambite — 1. In a wonderful manner;
আচম্বিতে — wonderfully.
अचम्मा ଆଚମ୍ବିତେ ନର୍ତ୍ତେଦେଲେ ଶୁଭଲ ଚଳକ—ବ୍ରଜନାଥ. ବେଣୀସହାର ।
୨ । ଅକସ୍ମାତ୍; ହଠାତ୍—2. All on a sudden.
୩ । ଅପ୍ରତ୍ୟାଶିତରୂପେ—3. Unexpectedly.

ମହାପ୍ରସାଦ ଆଚମ୍ବିତେ, ପାଇଲେ ଏକାଦଶୀ ବ୍ରତେ—
ଭୂପତି. ପ୍ରେମପଞ୍ଚାମୃତ ।

**ଆଚରଣ**—ସଂ. ବି. (ଆ+ଚର ଧାତୁ=ଗମନ କରିବା+ଭାବ. ଅନ)—
Ācharaṇa ୧ । ବ୍ୟବହାର; ଚାଲିଚଲଣ—
1. Dealings; conduct; behaviour.
୨ । ଚରିତ୍ର; ଶୀଳ—2. Character.
୩ । ରୀତି; ଆଚାର—
3. Usage; custom; habit; practice.
୪ । ଅନୁଷ୍ଠାନ; ଅଭ୍ୟାସ—4. Proceeding; exercise.
ଦେ. ବି.—୧ । ବିବରଣ—1. Description.
ପିଅଇବୁ ଦୁହିଁଙ୍କୁ ଥରେ ଦୁହିଁଙ୍କ ଅଧର
ପଛେ କହ ଆଚରଣ ପୂଛନା ବଧର—କବିସୂର୍ଯ୍ୟ. କଳୋଲ ଚମ୍ପୂ—ପ. ଗୀତ ।
୨ । ପ୍ରକାର—Manner.

**ଆଚରଣ କରିବା**—ଦେ. କ୍ରି—୧ । (ଉତ୍ତମ ବା ମନ୍ଦ) ବ୍ୟବହାର କରିବା—
আচরণকরা — 1. To behave with a person.
आचरणकरना ୨ । (ବ୍ରତାଦି) ସାଧନ କରିବା; ଅଭ୍ୟାସ କରିବା—
2. To practise; to exercise.
୩ । ପାଳନ କରିବା—3. To carry out.

**ଆଚରିତ**—ସଂ. ବିଣ. (ଆ+ଚର ଧାତୁ+କର୍ମ. କ୍ତ)—୧ । ପାଳିତ—
Ācharita 1. Practised; observed as a habit.
୨ । ଅନୁଷ୍ଠିତ—2. Done.
୩ । ଅଭ୍ୟସ୍ତ—3. Habitual.
ସଂ. ବି. (+ଭାବ. କ୍ତ)—୧ । ରୀତି—1. Custom; practice.
୨ । ଆଚରଣ—2. Conduct; action.
ଶ୍ୟାମ ଏ କି ଆଚରିତ—କବିସୂର୍ଯ୍ୟ. କଳୋଲ ଚମ୍ପୂ—୫ ଗୀତ ।

**ଆଚରିବା**—ଦେ. ପଦ୍ୟ. କ୍ରି. (ସଂ. ଆ+ଚର ଧାତୁ)—
Ācharibā ଆଚରଣ କରିବା (ଦେଖ)—
Ācharaṇa karibā (See).
ଠକପଣ ନ ଆଚର—କବିସୂର୍ଯ୍ୟ. କଳୋଲ ଚମ୍ପୂ ।

**ଆଚାନ୍କା**—ଦେ. ବି.—ଆଚାନକ (ଦେଖ)
Āchānkā — Achānaka (See)

**ଆଚାନକ୍**—ଦେ. ବିଣ. (ସ. ଆଶ୍ଚର୍ଯ୍ୟ; ଅ+ଚନ୍ତ୍)—
Āchānak — ଆଚାନକ (ଦେଖ)
Achānaka (See)

**ଆଚାନକିଆ**—ଦେ. ବିଣ.—ଆଚାନକ ( ଦେଖ )
Āchānakiā — Achānaka ( See )

**ଆଚାନିକ**—ଦେ. ବିଣ ( ସଂ. ଆଶ୍ଚର୍ଯ୍ୟ; ଅ+ଚନ୍ତ୍ )—
Āchānika ୧ । ଆଶ୍ଚର୍ଯ୍ୟଜନକ—1. Wonderful.
୨ । ଅପ୍ରତ୍ୟାଶିତ—2 Unexpected.
୩ । ଆକସ୍ମିକ—3. Sudden.

**ଆଚାନିକିଆ**—ଦେ. ବିଣ.—ଆଚାନିକ ( ଦେଖ )
Āchānikiā — Āchānika ( See ).

ପାଠକେ ଯେବେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଲକ୍ଷ୍ୟ କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଜଣାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତନ୍ନିମ୍ନର ଉପରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗା' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଆଚାନ୍ତ**—ସଂ. ବଣ. ( ଆ+ଚମ ଧାତୁ+କର୍ମ.ତ )—୧ । କୃତାଚମନ;
Āchānta ଯେ ଆଚମନ କରିଅଛି—1. One who has washed his mouth.
୨ । ଅଧୋଇଥିବା—2. Washed.

**ଆଚାମ**—ସଂ.ବି.—(ଆ+ଚମ ଧାତୁ=ଭୋଜନ କରିବା+ଭାବ. ଅ )—
Āchāma ୧ । ଆଚମନ—1. Sipping.
୨ । ପାନ—2. Drinking.
୩ । ଭୋଜନ—3. Eating.
୪ । ଭାତର ମଣ୍ଡ ବା ପେଜ—4. Rice-water; liquid extracted from boiled rice.
୫ । ଅମ୍ବ ଆଦିର ଆଚାର—5. Pickle.

**ଆଚାର**—ସଂ. ବି ( ଆ+ଚର ଧାତୁ=ଗମନ କରିବା+ଭାବ. ଅ )—
Āchāra ୧ । ରୀତି—1. Usage; practice; custom.
୨ । କାର୍ଯ୍ୟବିଧି—2. Rule of conduct.
୩ । ଶାସ୍ତ୍ରାନୁମୋଦିତ ଆଚରଣ—
3. Conduct approved by the scriptures.
୪ । ପଦ୍ଧତି; ନିୟମ—4. Rule.
୫ । ଶିଷ୍ଟ ବ୍ୟବହାର; ଲୋକାଚାର; ମହାଜନସମ୍ମତ ବ୍ୟବହାର—
5. Approved usage or conduct.
୬ । ଆଚରଣ; ଚରିତ୍ର; ବ୍ୟବହାର—
6. Conduct; behaviour; character.
ଯେଉଁ ଆଚାର କର ପ୍ରଚାର ତାଙ୍କ ଆଚାର ନ ସେ ।
ଉପେ. ପ୍ରେମସୁଧାନିଧି ।

ଆଚାର ଦେ. ବି.—( ସଂ ଆଚାମ ) ଲୁଣ, ତେଲ, ମସଲା ଆଦି
आचार ଦ୍ଵାରା ସୁରକ୍ଷିତ ଫଳ—Pickle; sauce; preserved fruits.

**ଆଚାରଚ୍ୟୁତ**—ସଂ.ବଣ.ପୁଂ (୫ମୀ ତତ୍; ଆଚାର=ସଦାଚାର+ଚ୍ୟୁତ)—
Āchārachyuta ୧ । ଶିଷ୍ଟ ବ୍ୟବହାର ବହିର୍ଭୂତ—1. Against usage.
୨ । ଶିଷ୍ଟାଚାର ଲଙ୍ଘନକାରୀ—2. Gone astray.
୩ । ଜନସମ୍ମତ ଆଚରଣ କରିବା—
3. Fallen from approved usage.
୪ । ଦୁରାଚାର; ଅନାଚାରୀ—4. Debased; vicious.

**ଆଚାରନିଷ୍ଠ**— ସଂ. ବଣ. ପୁଂ ( ବହୁବ୍ରୀହି; ଆଚାର+ନିଷ୍ଠା )—
Āchāranishṭha ଆଚାରବାନ୍ (ଦେଖ)
(ଆଚାରନିଷ୍ଠା—ସ୍ତ୍ରୀ) Āchārabān ( See )

**ଆଚାରବନ୍ତ** - ଦେ.ବଣ. ପୁଂ (ସଂ ଆଚାରବତ୍ )—ଆଚାରବାନ୍ (ଦେଖ)
Āchārabanta Āchārabān (See)
(ଆଚାରବନ୍ତୀ—ସ୍ତ୍ରୀ)

**ଆଚାରବାନ୍**—ସଂ. ବଣ. ( ଆଚାର+ବତ୍ ୧ମା. ୧ବ. )—୧ । ଯେ
Ācharaban ସଦାଚାରରେ ଚଳେ; ନିଷ୍ଠାପର—1.Observing
(ଆଚାରବତୀ—ସ୍ତ୍ରୀ) the approved rules of conduct.
୨ । ଧାର୍ମିକ—2. Virtuous.

**ଆଚାରବିଚାର**—ଦେ. ବି. ( ସଦ୍ଧତର )—୧ । ଲୋକପ୍ରଚଳିତ ବ୍ୟବହାର
Āchārabichāra ବା ରୀତିନୀତି—1. Manners and
আচারবিচার customs of a people
आचारविचार ୨ । ଶିଷ୍ଟାଚାର—2. Approved usage.
୩ । ଶିଷ୍ଟାଚାରପ୍ରତି ଦୃଷ୍ଟି—3. Consideration or regard for approved customs.

**ଆଚାରବିରୁଦ୍ଧ**—ସଂ.ବଣ. (୬ଷ୍ଠୀ ତତ୍; ଆଚାର=ଶିଷ୍ଟାଚାର+ବିରୁଦ୍ଧ=
Āchārabiruddha ବିପରୀତ) ଲୌକିକାଚାରର ବିପରୀତ—
Contrary to usage or custom.
ଦେ. ବଣ—ଶିଷ୍ଟାଚାରର ବିପରୀତ—Against approved usage or conduct.

**ଆଚାର ବ୍ୟବହାର**—ଦେ. ବି. ( ସଦ୍ଧତର )—ଆଚାରବିଚାର (ଦେଖ)
Āchārabyabahāra Āchārabichāra (See)

**ଆଚାରଭ୍ରଷ୍ଟ**—ସଂ. ବଣ.ପୁଂ. (୫ମୀ ତତ୍; ଆଚାର=ସଦାଚାର+ଭ୍ରଷ୍ଟ)—
Āchārabhrashṭa ଆଚାରଚ୍ୟୁତ ( ଦେଖ )
(ଆଚାରଭ୍ରଷ୍ଟା—ସ୍ତ୍ରୀ) Āchārachyuta ( See )

**ଆଚାରମସଲା**—ଦେ. ବି—ଅମ୍ବ ଆଦି ଫଳକୁ ଆଚାର କରିବା ନିମନ୍ତେ
Āchāramasalā ବ୍ୟବହୃତ ଏକତ୍ର କୁଟା ଯାଇଥିବା ଲଙ୍କା, ପାନମହୁରୀ ପ୍ରଭୃତି ମସଲା—A mixture of spices used in preparing pickles.

**ଆଚାରରହିତ**—ସଂ. ବଣ. ( ୩ୟା ତତ୍; ଆଚାର+ରହିତ )—
Āchārarahita ୧ । ନୈତିକାଚାରର ବିପରୀତ କାର୍ଯ୍ୟ କରୁଥିବା-
1. Destitute of purity or moral discipline.
୨ । ସଦାଚାରବର୍ଜିତ—2. Not observing approved conduct or rules of discipline.
ଦେ. ବଣ—ଅନାଚାରୀ—Acting against approved usage or conduct.

**ଆଚାରହୀନ**—ସଂ. ବଣ. ( ଆଚାର+ହୀନ )—ଆଚାରରହିତ ( ଦେଖ )
Āchārahina Āchārarahita ( See )

**ଆଚାରୀ**—ଦେ. ବି—ରାମାନୁଜ ( ରାମାନୁଜ ) ବୈଷ୍ଣବ ସମ୍ପ୍ରଦାୟର
Āchāri ଉପସମ୍ପ୍ରଦାୟବିଶେଷ—A subsect of the Rāmāuti sect of Baishṇabas.
ଦେ. ବଣ—ସଦାଚାରୀ; ଆଚାରଯୁକ୍ତ—Observing the approved rules of conduct.

**ଆଚାରୀମଠ**—ଦେ. ବି—୧ । ଯେଉଁ ମଠରେ ଆଚାରୀ ବୈଷ୍ଣବମାନେ
Āchārimaṭha ଏକତ୍ର ବାସ କରନ୍ତି—1. A monastery where Āchāri Baishṇabas congregate.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଊ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇୟ | ଉଅ | ଉ |
| ୨ | ଈ | ଉ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଜ୍ୟ | ଯ | ସ | ଙ୍ୟ | ଇଅ | ଓ | ନ୍ଦ |

**ଆଚାର୍ଯ୍ୟ**—ସଂ. ବି. ପୁଂ. ( ଆ+ଚର ଧାତୁ=ଶିକ୍ଷା ଦେବା+କର୍ତ୍ତୃ. ଯ; Āchārjya ଯେ ଶିକ୍ଷା ଦିଅନ୍ତି )—୧ । ଶିକ୍ଷାଗୁରୁ—
ଆଚାର୍ଯ୍ୟା, ଆଚାର୍ଯ୍ୟାଣୀ } ସ୍ତ୍ରୀ
1. Preceptor; teacher.
୨ । ବେଦାଧ୍ୟାପକ—2. A teacher of the Vedas
୩ । ପୁରୋହିତ—3. Priest; spiritual preceptor.
୪ । ବ୍ରାହ୍ମଣମାନଙ୍କର ଉପାଧିବିଶେଷ—4. A family-title of Brāhmaṇas.
୫ । ଦ୍ରୋଣାଚାର୍ଯ୍ୟ—5 Droṇa, the preceptor of the Pāṇḍabas.

**ଆଚାର୍ଯ୍ୟା**—ସଂ. ବି. ସ୍ତ୍ରୀ. ( ଆଚାର୍ଯ୍ୟ+ସ୍ତ୍ରୀ. ଆ )—
Āchārjyā ବେଦମନ୍ତ୍ରାଦିର ଶିକ୍ଷାଦାତ୍ରୀ—A lady teacher of the Vedas; a preceptress.

**ଆଚାର୍ଯ୍ୟାଣୀ**—ସଂ. ବି. ସ୍ତ୍ରୀ. ( ଆଚାର୍ଯ୍ୟ+ପତ୍ନୀଅର୍ଥରେ. ଆନୀ )—
Āchārjyāṇī ଆଚାର୍ଯ୍ୟପତ୍ନୀ; ଗୁରୁପତ୍ନୀ—The wife of the preceptor or teacher.

**ଆଚିତ**—ସଂ. ବିଣ. ( ଆ+ଚି ଧାତୁ=ଏକତ୍ର କରିବା+କର୍ତ୍ତୃ. ତ )—
Āchita ୧ । ସଞ୍ଚିତ; ରାଶୀକୃତ—
1. Collected; heaped up.
୨ । ଆଚ୍ଛନ୍ନ; ଆକୀର୍ଣ୍ଣ; ବ୍ୟାପ୍ତ—
2. Spread; pervaded.
୩ । ଗ୍ରଥିତ; ଗୁମ୍ଫିତ; ଗୁନ୍ଥା ହୋଇଥିବା—
3. Strung; woven.
ସଂ. ବି.—ଦଶଜଣର ବା ଏକ ଶକଟ ପରିମିତ ବୋଝ; ଏକ ଗାଡ଼ି ଓଜନ—Cart-load; 10 men's load.

**ଆଚିନି ଗୁଆ**—ଦେ. ବି.—ଜାହାଜିଗୁଆ (ଦେଖ)
Āchiniguā Jāhājiguā (See)

**ଆଚୋଁବନ**—ଗ୍ରା. ପ୍ରାଚୀନ ପଦ୍ୟ.ବି. (ସଂ.ଆଚମନ)—ଆଚମନ (ଦେଖ)
Āchoṅbana

ଆଚୋଁବନ ଦେଇ, ବସନ ଉଲଗି ହୋଇ
ସଖୀଙ୍କ ପଇଠିକର ତଳକୁ ପୁର ଯେ । ପ୍ରଭାପ. ଶଶିଶେଣା ।

**ଆଚ୍ଛକ**—ସଂ. ବି—ଆଚ୍ଛୁ (ଦେଖ)
Āchchhaka Āchhu (See)

**ଆଚ୍ଛନ୍ନ**—ସଂ. ବିଣ (ଆ+ଛଦ ଧାତୁ=ଘୋଡ଼ାଇବା+କର୍ମ. ତ)—
Āchchhanna ୧ । ଆବୃତ; ଘୋଡ଼ାଇ ହୋଇଥିବା—
1. Covered; overspread.
୨ । ଅଭିଭୂତ—2. Possessed of.
ଦେ. ବିଣ.—୧ । ଗୁପ୍ତ—1. Concealed.

ନ ଜାଣିବେଟି ଲୋକେ ରହିବା ଆଚ୍ଛନ୍ନେ । କୃଷ୍ଣସିଂହ. ମହାଭାରତ, ବନ ।

୨ । ଅଚିହ୍ନା; ଛଦ୍ମବେଶୀ—2. Disguised.

ବଡ଼ ବଡ଼ ଲୋକେ ଏ ପୃଥ୍ୱୀରେ ଆଚ୍ଛନ୍ନ
ହୋଇଣ ବୁଲି ଦେଖିଥାନ୍ତି ସ୍ଥାନମାନ । କୃଷ୍ଣସିଂହ. ମହାଭାରତ. ବନ ।

୩ । ସମାପ୍ତ—3. Finished; accomplished.

ଏଣେ ପ୍ରଥମ ପ୍ରହର **ଆଚ୍ଛନ୍ନ**,
ଦାସ ଗୋବିନ୍ଦ ସେବେ ବୃନ୍ଦାବନ । ପ୍ରାଚୀ-ରସବାରିଧି ।

ଦେ. ବି.—ଅଭିଭୂତତା—State of being overpowered with.

କ୍ଷଣକ ଉତ୍ତାରେ ଦେବ ଗୋପୀନାଥ ଲଭିଲେ କାମ ଆଚ୍ଛନ୍ନ । ପ୍ରାଚୀ· ରସବାରିଧି ।

**ଆଚ୍ଛନ୍ନତା**—ଦେ. ବି. (ପ୍ରାଚୀନ)—ଗୋପନ—
Āchchhannatā Concealment; secrecy.

ଯାଗରେ ସେ ସୁରଙ୍କ ଭାଗ ଦେଇ ସାରି
ଅସୁରଙ୍କୁ ଦେଲେ ସେ ଆଚ୍ଛନ୍ନତା କରି । କୃଷ୍ଣସିଂହ. ମହାଭାରତ. ଶାନ୍ତି ।

ଦେ. ବି. (ଆଚ୍ଛନ୍ନ+ତା)—ଆଚ୍ଛାଦନ; ଆବୃତତା—
The state of being covered.

**ଆଚ୍ଛା**—ଦେ. ଅ. ( ସ୍ୱୀକାର; ତର୍ଜନାର୍ଥ )—୧ । ହେଉ; ଭଲ କଲ;
Āchchhā ତଥାସ୍ତୁ; ଉତ୍ତମ; ଦେଖାଯାଉ—1. Good!
আচ্ছা bravo! capital! well! all right! well-
आच्छा done! be it so.
୨ । ଏକ ବାକ୍ୟ ଶେଷରେ ଅନ୍ୟ ବାକ୍ୟ ପୂର୍ବରୁ ବ୍ୟବହୃତ ଅବ୍ୟୟ—2. Well! now.
ଦେ. ବିଣ.—୧ । ଭଲ; ଉତ୍ତମ—1. Good; fine.

ଶିବ ବୋଇଲେ ହେ ଅଟଇ ଆଚ୍ଛା କଥା । କୃଷ୍ଣସିଂହ· ମହାଭାରତ· ବନ ।

୨ । ସୁସ୍ଥ—2. Sound in health.
ଦେ. ବି.—୧ । ମଙ୍ଗଳ—1. Prosperity.
୨ । ସ୍ୱାସ୍ଥ୍ୟ—2. Sound-health.
ଦେ.କ୍ରି.ବିଣ.—ଉତ୍ତମରୂପେ—Very well; soundly.

**ଆଚ୍ଛାକରି**—ଦେ. କ୍ରି. ବିଣ—୧ । ଉତ୍ତମରୂପେ—
Āchchhākari 1. Well.
আচ্ছাকরে ୨ । ସମ୍ପୂର୍ଣ୍ଣରୂପେ—2. Fully.
अच्छीतरह

**ଆଚ୍ଛାକରିବା**—ଦେ. କ୍ରି.—୧ । ଉତ୍ତମ କାର୍ଯ୍ୟ କରିବା—
Āchchhākaribā 1. To do well.
আচ্ছাকরা ୨ । କୌଣସି ବ୍ୟକ୍ତିକୁ ଚିକିତ୍ସାଦ୍ୱାରା ରୋଗମୁକ୍ତ
आच्छीकरना କରିବା; ଆରୋଗ୍ୟ କରିବା—
2. To cure a person.

**ଆଚ୍ଛାଦ**—ସଂ. ବି. ୧ । ( ଆ+ଛଦ ଧାତୁ=ଘୋଡ଼ାଇବା+କରଣ
Āchchhāda ଅ; ଯାହାଦ୍ୱାରା ଆବରଣ କରାଯାଏ )—ଛାତ—
ଆଚ୍ଛାଦିତ, ଆଚ୍ଛନ୍ନ } ବିଣ
1. Thatch; roof.
୨ । ସରପୋଷ; ଆବରଣ; ଢାଙ୍କୁଣୀ—
2. Lid; covering; cover.
୩ । ଆଚ୍ଛାଦନ ବସ୍ତ୍ର; ଘୋଡ଼ଣି—
3. Covering cloth.
୪ । ବାସ; ବସ୍ତ୍ର—
4. Dress ( which covers the body ).

ସାଧାରଣ ଯେବେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ତହିଁର ଅପରସ୍ଥ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା — 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୂଅ' ନ ମିଳିଲେ 'କୂପ' ଦେଖିବେ; 'କଂଧୁ' ନ ପାଇଲେ 'କନ୍ଧ' ଦେଖିବେ; 'ଅଙ୍ଖୋ' ନ ପାଇଲେ 'ଅଙ୍ଖ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୫ । ( + ଭାବ. ଅ )—ଘୋଡ଼ାଇବା କ୍ରିୟା—
5. The act of covering.

**ଅଚ୍ଛାଦକ**—ସଂ. ବିଣ. (ଆ + ଛଦ୍ ଧାତୁ = ଘୋଡ଼ାଇବା + କର୍ତ୍ତୃ. ଅକ)—
Āchchhādaka — ଯେ ଘୋଡ଼ାଏ; ଆବରକ—
( ଅଚ୍ଛାଦିକା—ସ୍ତ୍ରୀ ) — Covering.

**ଆଚ୍ଛାଦନ**—ସଂ. ବି. ( ଆ + ଛଦ. ଧାତୁ + କରଣ ଓ ଭାବ. ଅନ )—
Āchchhādana — ଆଚ୍ଛାଦ ( ଦେଖ )
Āchchhāda ( See )

**ଆଚ୍ଛାଦିତ**—ସଂ. ବିଣ. ( ଆ + ଛଦ ଧାତୁ + କର୍ମ. ତ )—ଘୋଡ଼ାଅ-
Āchchhādita — ହୋଇଥିବା; ଆବୃତ—
Covered; concealed.

**ଆଚ୍ଛାଦିବା**—ଦେ. କ୍ରି. ( ସଂ. ଆଚ୍ଛାଦନ )—୧ । ଆବୃତ କରିବା;
Āchchhādibā — ଘୋଡ଼ାଇବା—1. To cover.
୨ । ଲୁଚାଇବା —2. To conceal.

ବୁକୁର ଶାଢ଼ୀ ତ ଖସି ଦେଉ ନାହିଁ, ମୁଁ କରଉଛେ ଆଚ୍ଛାଦିବ କେତେ ।
କବିସୂର୍ଯ୍ୟ—ସଙ୍ଗୀତ କଳ୍ପଲତା ।

୪ । ଛପର ଦେବା—4. To thatch with.

ମଣ୍ଡପ ମଧ୍ୟେ ରତ୍ନବେଦୀ, ଯେ ଚନ୍ଦ୍ରାତପରେ ଆଚ୍ଛାଦ—
ଭୂପତି. ପ୍ରେମପଞ୍ଚାମୃତ ।

**ଆଚ୍ଛାହେଉ**—ଦେ. ଅ. ( ଅନୁମୋଦନ ବା ସମ୍ମତିସୂଚକ )—ମୁଁ ଏହା
Āchchhāheu — ଅନୁମୋଦନ କଲି—I agree; I consent;
आच्छाहउक
आच्छा

**ଆଚ୍ଛିନ୍ନ**—ସଂ. ବିଣ. ( ଆ + ଛିଦ୍ ଧାତୁ = ଛେଦନ କରିବା + କର୍ମ. ତ )—
Āchchhinna — ୧ । ବଳପୂର୍ବକ କାଢ଼ିନିଆଯାଇଥିବା—
1. Snatched away.
୨ । ଅସ୍ତ୍ରାଦିଦ୍ୱାରା ଛିନ୍ନ—
2. Cut off by weapons.

**ଆଚ୍ଛୁ**—ଦେ. ବି. ( ସଂ. ଅଚ୍ଛୁକ )—ଅଚ୍ଛୁ ( ଦେଖ )
Āchchhu — Āchhu ( See )

**ଆଚ୍ଛୁରିତ**—ସଂ. ବିଣ. ( ଆ + ଛୁର୍ ଧାତୁ = ଛେଦନ କରିବା; ଶବ୍ଦ
Āchchhurita — କରିବା + ଭାବ. ତ )—ଲିପ୍ତ; ମିଶ୍ରିତ—
1. Diffused; mixed.
୨ । କ୍ଷତ—2. Wounded.
୩ । ନଖଦ୍ୱାରା ଆହତ—
3. Scratched with finger-nails.
୪ । ମ୍ରକ୍ଷିତ—4. Rubbed.

ସଂ. ବି – ୧ । ଉଚ୍ଚହାସ୍ୟ—1. Loud laught
୨ । ପରର ଅମର୍ଷଜନକ ହାସ୍ୟ—
2. Envious laugh.
୩ । ନଖରେ ନଖରେ ଆଘାତ; ନଖବାଦ୍ୟ; ନଖ ଘଷିବା—
( ଏହା କଳହଦ୍ୟୋତକ )—
3. Striking or rubbing of the ends of finger-nails ( this forebodes quarrel ).

**ଆଚ୍ଛୁରିତକ**—ସଂ. ବି. (ଆ + ଛୁର ଧାତୁ + ତ + ସ୍ୱାର୍ଥେ. କ)—
Āchchhuritaka — ଆଚ୍ଛୁରିତ ( ଦେଖ )
Āchchhurita ( See )

**ଆଚ୍ଛେଦ**—ସଂ. ବି. ( ଆ + ଛିଦ୍ ଧାତୁ = ଛିଣ୍ଡାଇବା; ଛେଦନ କରିବା +
Āchchheda — ଅ; ସନ୍ଧି ଯୋଗୁଁ ଛ ସ୍ଥାନରେ ଚ୍ଛ )—
୧ । ବଳପୂର୍ବକ କାଟିବା—1. Forcible cutting off.
୨ । ଅଙ୍ଗଚ୍ଛେଦ—2. Amputation.
୩ । କୋରଖ—3. Confiscation.

**ଆଚ୍ଛୋଦନ**—ସଂ. ବି. (ଆ + ଛୁଦ ଧାତୁ = ପ୍ରେରଣ କରିବା + ଅନ)—
Āchchhodana — ମୃଗୟା; ପଶୁ ପକ୍ଷୀ ଶିକାର—
Sport; chase; hunting.

**ଆଛନ୍**—ଗ୍ରା. ବିଣ. (ସଂ. ଆଚ୍ଛନ୍ନ )—ଆଚ୍ଛନ୍ନ ( ଦେଖ )
Āchhan — Āchchhanna ( See )
ପ୍ରାଦେ. (ସମ୍ବଲପୁର) ବି—ଆଁଚନ୍ ( ଦେଖ )
Āñchan ( See )

**ଆଛନ୍ନ**—ଗ୍ରା. ବିଣ. ( ସଂ. ଆଚ୍ଛନ୍ନ )—ଆଚ୍ଛନ୍ନ ( ଦେଖ )
Āchhanna — Āchchhanna ( See )

**ଆଛରା**—ଦେ. ବିଣ—ଅଛରା ( ଦେଖ )
Āchharā — Achharā ( See )

**ଆଛା**—ଗ୍ରା. ଅ—ଅଚ୍ଛା ( ଦେଖ )
Āchhā — Āchchhā ( See )

**ଆଛାଦନ**—ଗ୍ରା. ବି. ( ସଂ. ଆଚ୍ଛାଦନ )—୧ । ଆଚ୍ଛାଦନ (ଦେଖ).
Āchhādana — 1. Āchchhādana ( See )
୨ । ବିସ୍ତାର—2. Extension

ସେ କଳ୍ପ ବୃକ୍ଷ ଆଛାଦନ; ସମତା ଚତୁର ଯୋଜନ ।
ଭୂପତି. ପ୍ରେମପଞ୍ଚାମୃତ ।

**ଆଛୁ**—ଦେ. ବି. ( ସଂ. ଆଚ୍ଛୁକ )—ଛାଲରୁ ସୂତାରେ ରଙ୍ଗ ଦିଆଯିବା
Āchhu — ବୃକ୍ଷବିଶେଷ—A tree from the barks of which a colouring matter for thread is obtained. Morinda Tomentosa; Morinda Agastifolia. ( Haines )
आल्, आठ
आच्छाक्
आल
ଅନ୍ୟ ସଂ. ନାମ—
ଅଚ୍ଛୁକ, ରଞ୍ଜନଦ୍ରୁ,
ପତ୍ତୀକ, ଅକ୍ଷୀକ
[ ଦ୍ର—ଏହା ରକ୍ତପିତ୍ତ, ଅତିସାର ଓ ରକ୍ତସ୍ରାବରେ ଉପକାରୀ ]

**ଆଛୁଅ**—ଦେ. ବି—ଅଚ୍ଛୁ ( ଦେଖ )
Āchhua — Āchhu ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଷ,ଶ | ଙ୍କ | ଇଯ୍ଯ | ଉଅ | ଡ |
| ୨ | ଈ | ଊ | ରୁ | ଲ୍ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ୱ | ନ୍ତ |

ଆଜ୍ (ଧାତୁ)—ସଂ. ଗମନ କରିବା; ଗତି କରିବା—
Ājֹ (root) To go; to move.

ଆଜ୍—ପ୍ରାଦେ. (ସମ୍ବଲପୁର) ଅ.—ଅଜି—
Āj Today.

ଆଜ୍‌କାଲ୍—ପ୍ରାଦେ. (ସମ୍ବଲପୁର) ଅ.—ଅଜିକାଲି ( ଦେଖ )
Ājkāl Ājikāli ( See )

ଆଜ୍‌କାଲି—ପ୍ରାଦେ. (ସମ୍ବଲପୁର) ଅ—ଅଜିକାଲି ( ଦେଖ )
Ājkāli Ājikāli ( See )

ଆଜ୍‌ଗବି—ଦେ. ବିଣ—ଅଜ୍‌ଗବ; ଆଶ୍ଚର୍ଯ୍ୟଜନକ—
Ājgabi Strange; mysterious; queer.
আজগবী କ୍ରି. ବିଣ—୧ । ଆଶ୍ଚର୍ଯ୍ୟଜନକରୂପେ—
**अजगएबी** 1. Strangely; mysteriously.
୨ । ହଠାତ୍—2. Suddenly; all on a sudden.

ଆଜ୍‌ଠନୁ—ପ୍ରାଦେ. ( ସମ୍ବଲପୁର ) ଅ—
Ājṭhanu ୧ । ଅଜିଠାରୁ—1. From today.
୨ । ବର୍ତ୍ତମାନଠାରୁ—2. Henceforth.

ଆଜ୍‌ତକ୍—ପ୍ରାଦେ. (ସମ୍ବଲପୁର) ଅ—ଅବ୍‌ତକ୍ (ଦେଖ)
Ājtak Abtak (See)

ଆଜ୍‌ନୁ—ପ୍ରାଦେ. (ସମ୍ବଲପୁର) ଅ—ଆଜ୍‌ଠନୁ (ଦେଖ)
Ājnu Ājṭhanu (See)

ଆଜ—ଦେ. ଅ. (ସ. ଅଦ୍ୟ—ପ୍ରା. ଅଜ୍ଜ)—ଅଜି—
Āja Today; this day.
ନପଃ ନମ୍ରେକ ଦଶୁଛ ତ ଆଜ ନରଳସ ଚନ୍ଦ୍ରମୁଖ—
**আজ** କବିସୂର୍ଯ୍ୟ. କଶୋରଚନ୍ଦ୍ର ତ ଗୀତ ।

ଆଜକ—ଦେ. ବି. ଓ କ୍ରି . ବିଣ. (ସ. ଅଦ୍ୟ)—ଅଜିକ; ଅଜିଦନକ—
Ājaka This day; today only.
আজকেরদিনটি
**आज**

ଆଜଗବ—ସଂ. ବି. (ଅଜଗବ=ଶିବଧନୁ+ସ୍ୱାର୍ଥେ. ଅ)—
Ājagaba ଶିବଧନୁ—The bow of Śiba.

ଆଜନନ—ସଂ. ଅ. (ଆ=ପର୍ଯ୍ୟନ୍ତ; ଠାରୁ+ଜନନ=ଜନ୍ମକାଳ)—
Ājanana ୧ । ପୁନର୍ଜନ୍ମ ପର୍ଯ୍ୟନ୍ତ; ଆଜୀବନ—
1. All along; throughout life; till next birth.
୨ । ଜନ୍ମାବଧି; ଜନ୍ମଠାରୁ—2. Since one's birth.
ସଂ. ବିଣ.— ଜନ୍ମକାଳରୁ ଆରମ୍ଭ ହୋଇଥିବା—
Dating from or beginning with one's birth.

ଆଜନମ—ଦେ. ଅ. (ସ. ଆଜନ୍ମ)— ଆଜନନ (ଦେଖ)
Ājanama Ājanana (See)
(ଯଥା—ଆଜନମ ଦୁଃଖୀ; ଆଜନମ ସୁଖୀ)

ଆଜନମୁଁ—ଦେ. (ସ. ଆଜନ୍ମ) ଆଜନନ (ଦେଖ)
Ājanamuñ Ājanana (See
ଶିଶୁଣ ମୁକୁଃ । ଶିଖିଛ ଭଲ ଆଜନମୁଁ କୂଃ—କବିସୂର୍ଯ୍ୟ. କବିତା ।

ଆଜନମକାଳ— ଦେ.ବିଣ.ଓ କ୍ରି.ବିଣ. (ସଂ. ଆଜନ୍ମ)—ଆଜନନ (ଦେଖ)
Ājanamakāḷa Ājanana (See)

ଆଜନ୍ମ—ସଂ. ଅ. (ଆ+ଜନ୍ମ)—ଆଜନନ (ଦେଖ)
Ājanma Ājanana (See)

ଆଜନ୍ମଦୁଃଖୀ—ସଂ. ବିଣ. ପୁଂ. (ଆଜନ୍ମ+ଦୁଃଖିନ୍; ୧ମା. ୧ବ.)—
Ājanmaduḥkhī ଯେଉଁ ବ୍ୟକ୍ତି ଜନ୍ମକାଳରୁ ଦୁଃଖ ବା ଦୁର୍ଦ୍ଦଶା
(ଆଜନ୍ମଦୁଃଖିନୀ—ସ୍ତ୍ରୀ) ଭୋଗ କରି ଆସିଅଛି—Accustomed
(ଆଜନ୍ମସୁଖୀ— ବିପରୀତ) to misery since birth.

ଆଜନ୍ମସୁଖୀ—ସଂ. ବିଣ. ପୁଂ. (ଆଜନ୍ମ+ସୁଖିନ୍ ୧ମା. ୧ବ)—
Ājanmasukhī ଯେଉଁ ବ୍ୟକ୍ତି ଜନ୍ମକାଳରୁ ସୁଖରେ କାଳ
(ଆଜନ୍ମସୁଖିନୀ—ସ୍ତ୍ରୀ) କଟାଇଅଛି—(a person) Brought up in happiness from birth.

ଆଜମିର—ଦେ. ବି. (ନାମ)—ଏହି ନାମର ନଗରବିଶେଷ—
Ājamira A town of this name.
[ ଦ୍ର—ଏହାର ପୌରାଣିକ ନାମ ଅଜମିଢ଼ । ସୂର୍ଯ୍ୟବଂଶାବତଂସ ରାଜା ଅଜମିଢ଼ ଏହା ସ୍ଥାପନ କରିଥିଲେ । ବର୍ତ୍ତମାନ ଏ ନଗର ବ୍ରିଟିଶଶାସନାଧୀନରେ ଅଛି—ମଦନମୋହନ. ତୀର୍ଥଦର୍ଶନ ।]

ଆଜଯାଏ—ଦେ. ଅ. (ସଂ. ଅଦ୍ୟ)—ଅଜିପର୍ଯ୍ୟନ୍ତ—
Ājajāe Till to day.
ତୋହର ମର ଭବ ମୁହିଁ, ଆଜହୁଁ ଦୂର କରିବଇଁ—
ଜଗନ୍ନାଥ. ଭାଗବତ. ୫ମ ।

ଆଜହୁଁ—ଦେ. କ୍ରି. ବିଣ.—ଅଜିଠାରୁ—
Ājahuñ From today.

ଆଜା—ପ୍ରାଦେ. ( ସମ୍ବଲପୁର ) ବି—ଯାଅ ଆସ; ଅତଯାତ ହେବା—
Ājā Coming and going.

ଆଜାନ୍—ବୈଦେ. ବି. ( ଅ. ଅଜାନ୍ )—ଅଜାନ୍ ( ଦେଖ )
Ājān Ajān ( See )

ଆଜାନ୍‌ଦେବା—ଦେ. କ୍ରି—ଅଜାନ୍ ଦେବା ( ଦେଖ )
Ājāndebā Ajāndebā ( See )

ଆଜାନୁ—ସ. ଅ. ( ଆ=ପର୍ଯ୍ୟନ୍ତ+ଜାନୁ=ଆଣ୍ଠୁ )—
Ājānu ଆଣ୍ଠୁପର୍ଯ୍ୟନ୍ତ; ଆଣ୍ଠୁଯାଏ—
Reaching one's knees; up to the knees.

ଆଜାନୁଲମ୍ବ—ଦେ. ବିଣ. (ସ. ଆଜାନୁଲମ୍ବିତ)—ଆଜାନୁଲମ୍ବିତ (ଦେଖ)
Ājānulamba Ājānulambita ( See )
ଅଜାନ ଲମ୍ବ ଗୁରୁଭୁଜେ, କେୟୂର କଙ୍କଣ କରେ ।
ଜଗନ୍ନାଥ. ଭାଗବତ ।

ସାଧାରଣ ଲେଖକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କେ ଖୋଜିବାକୁ ହେବ । ଯଥା :— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ଭୃଷ' ନ ମିଳିଲେ 'ଭୃଷ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଘ୍ୟା' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଆଜାନୁଲମ୍ବିତ**—ସ. ବଣ.(ଆଜାନୁ+ଲମ୍ବିତ)—ଆଣ୍ଠୁ ପର୍ଯ୍ୟନ୍ତ ଲମ୍ବିଥିବା—
Ājānulambita Hanging up tc or reaching the knees.

**ଆଜାନେୟ**—ସ. ବି. (ଆଜ ଧାତୁ=ଗମନ କରିବା+କର୍ମ. ଅନେୟ=ଆଣିବା ଯୋଗ୍ୟ; ବହୁ ବାଧା ମଧ୍ୟରେ ଗମନ କଲେ ମୁଦ୍ଧା ଯେ ଆଣି ହୁଏ )—ଉତ୍ତମବଂଶଜାତ ବା ଉତ୍କୃଷ୍ଟଜାତୀୟ ଘୋଡ଼ା—
Ājāneya A horse of good strain; a horse of good breed.

**ଆଜି**—ସ. ବି. (ଅଜ୍ ଧାତୁ=ଗମନ କରିବା+ଭାବ. ଇ)—
Āji ୧ । ଯୁଦ୍ଧ; ସଂଗ୍ରାମ—1. Fig t; battle.

ନବାଢ କବଚଙ୍କ ଭୁଲେ କରି ଆଜି
ପୋଷଇଲେ ଯମଙ୍କ ହାତେ ତାଙ୍କ ପାଞ୍ଜି । କୃଷ୍ଣସିଂହ. ମହାଭାରତ. ବିରାଟ ।

୨ । ଯୁଦ୍ଧଭୂମି—2. Battle-field.

୩ । ଗମନ—3 Going.

୪ । ଆକ୍ଷେପ—4. Regret,

୫ । ନିନ୍ଦା—5. Blame.

୬ । ମର୍ଯ୍ୟାଦା—6. Respect.

୭ । (ଅଜ ନାମକ ରାଜା+ଅପତ୍ୟାର୍ଥରେ. ଇ )—
**ଅଜରାଜାଙ୍କର ପୁତ୍ର ଦଶରଥ**—
7. Daśaratha, son of Aja, the king of Ajodhyā.

আজ ଦେ. ଅ. ( ସଂ. ଅଦ୍ୟ )—୧ । ଅଦ୍ୟ; ଏହିଦିନ—
आज 1. Today; this day.

ପୋଷଇବ ତା ପାଞ୍ଜି ଯମହାତେ ଆଜି । କୃଷ୍ଣସିଂହ. ମହାଭାରତ. ବିରାଟ ।

୨ । ବର୍ତ୍ତମାନ—2. Now.

ଆଜି କଥା କାଲିକି ଅନ୍ତର—ପ୍ରବଚନ ।

୩ । ଆଈ; ମାତାମହୀ—
3. Maternal grandmother.

**ଆଜିକ**—ଦେ. ଅ. ( ସଂ. ଅଦ୍ୟ )—କେବଳ ମାତ୍ର ଆଜିଦିନ—
Ājika Today only.
আজ্‌টা

**ଆଜିକା**—ଦେ. ବଣ. ( ସଂ. ଅଦ୍ୟ )—୧ । ଅଦ୍ୟତନ; ଆଜିଦିନର—
Ājikā 1. Of today.
আজকা ୨ । ଆଜି ଘଟିବା—2. Happening today.
आजका

**ଆଜିକାର**—ଦେ. ବଣ—ଆଜିକା ( ଦେଖ )
Ājikāra Ājikā ( See )

**ଆଜିକାଲି**—ଦେ. ଅ. ( ସଂ. ଅଦ୍ୟ+କଲ୍ୟ )—୧ । ଅଧୁନା; ସମ୍ପ୍ରତି—
Ājikāli 1. Now-a-days; now.
আজকাল ୨ । ବର୍ତ୍ତମାନ ସମୟରେ—2. At present.
आजकाल

**ଆଜିକାଲି କରିବା**—ଦେ. କ୍ରି—ଆଜି କରିବ, କାଲି କରିବ ବୋଲି ବାରମ୍ବାର ଟାଳିବା ବା ବେଳ ଗଡ଼ାଇବା—
Ājikali kariba To put off a thing from day to day.
আজকালকরা

**ଆଜିକାଲିକା**—ଦେ. ବଣ.—ବର୍ତ୍ତମାନକାଳର—
Ājikālikā Of present time.
আজকালকার ମୋତେ କହ ଆଜି କାଲିକା କଳିଯୁଗର ଦେବତା କିଏ ।
आजकालका ଫକୀରମୋହନ. ଗଳ୍ପସ୍ୱଳ୍ପ ।

**ଆଜିକି**—ଦେ. ଅ. (ସ. ଅଦ୍ୟ)—୧ । ଆଜିଠାରୁ—
Ājiki 1. From today.
আজকে ୨ । ଆଜିଦିନ ପର୍ଯ୍ୟନ୍ତ ସୁମାର କରିବାରେ—
आजको 2. Counting up to this day; till today.

୩ । ଆଜିକୁ—3. To today.

**ଆଜିତକ୍**—ଦେ. କ୍ରି. ବଣ. (ସ. ଅ. ତକ୍)—ଆଜି ପର୍ଯ୍ୟନ୍ତ—
Ājitak Till now; till today.
আজতক
आजतक

**ଆଜିର**—ଦେ. ବଣ.—୧ । ଆଜିକାର; ଆଜିଦିନର—
Ājira 1. Of to day.
আজকার ୨ । ଅଦ୍ୟତନ—2. Happening today.
आजका

**ଆଜିରି**—ଗ୍ରା. ବଣ.—**ଆଜିର** (ଦେଖ)
Ājiri Ājira (See)

**ଆଜୀବ**—ସଂ. ବି. (ଆ+ଜୀବ୍ ଧାତୁ=ଜୀଇଁବା+କରଣ. ଅ)—ଯାହା ଦ୍ୱାରା ମନୁଷ୍ୟ ଜୀଏଁ)—ଜୀବିକା; ଜୀବନୋପାୟ; ବୃତ୍ତି—
Ājība Livelihood; occupation; profession; means of living.

**ଆଜୀବନ**—ସଂ. ଅ. (ଆ=ପର୍ଯ୍ୟନ୍ତ+ଜୀବନ=ପ୍ରାଣ)—
Ājībana ୧ । ପ୍ରାଣ ଥିବା ପର୍ଯ୍ୟନ୍ତ—
1. Throughout life.

୨ । ମୃତ୍ୟୁ ପର୍ଯ୍ୟନ୍ତ—2. Till death.

**ଆଜୀବ୍ୟ**—ସଂ. ବଣ. ( ଆ+ଜୀବ୍ ଧାତୁ=ଜୀଇଁବା+କରଣ. ଯ, ଯାହାଙ୍କ ଯୋଗରୁ ମନୁଷ୍ୟ ଜୀଏଁ)—୧ । ସହାୟ; ପୋଷଣକାରୀ; ପ୍ରତିପାଳନକାରୀ—1. Support; maintainer; one on whom a man depends for livelihood
Ājībya

୨ । ଜୀବିକା—2. Means of livelihood.

ଜୀଇଁଅଛି ମାଂସକୁ କରିଣ ଆଜୀବ୍ୟ । କୃଷ୍ଣସିଂହ. ମହାଭାରତ. ବନ ।

**ଆଜୁ**—ଦେ. ଅ.—୧ । ଆଜିଠାରୁ—1. From today.
Āju ୨ । ଆଜିଠାରୁ ଆରମ୍ଭ କରି—
আজথেকে 2. Beginning from today.
आजसे ୩ । ବର୍ତ୍ତମାନ ସମୟରୁ ଆରମ୍ଭ କରି; ଏଣିକି—
3. Henceforth; since now.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ସ | ଜ୍ଞ | ଉଯ୍ | ଉଅ | ଉ |
| ୨ | ଈ | ଊ | ଋୂ | ଲୃ | ଯ୍ୱେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ୱ | ନ୍ତ |

ଆଜ ତୋ ହୁକୁମରୁ ନକୁଳ ଦଉଡ଼କୁ ରହିଲୁ ରେ । କବିସୂର୍ଯ୍ୟ. କଟଣା ସାତମ୍ଭ.ର ଗୀତ ।

**ଆଜୁଁ**—ଦେ. ଅ.—ଆଜୁ (ଦେଖ)
Ājuñ Āju (See)

ଏ ଜଳ ମଧ୍ୟେ ଆଜୁଁ ଆମ୍ଭେ ଘର କରୁ । କୃଷ୍ଣସିଂହ. ମହାଭାରତ. ବନ ।

**ଆଜୂ**—ସଂ. ବି. (ଆ + ଜୁ ଧାତୁ = ଚଞ୍ଚଳ ଚାଲିବା + କର୍ତ୍ତୃ. କ୍ୱିପ୍)—
Ājū ୧ । ଅସ୍ଥାୟୀଭୃତ୍ୟ; ଠିକାଚାକର—
1, A temporary servant.
୨ । ଅବୈତନିକ ଚାକର—
2. An honorary servant.

**ଆଜ୍ଞାତ**—ଦେ. ବିଣ. (ସଂ. ଅଜାତ)—ଅତଯାତ (ଦେଖ)
Ājjāta Ātajāta (See)

**ଆଜ୍ଞପ୍ତ**—ସଂ. ବିଣ. [ ଆ + ଜ୍ଞା ଧାତୁ ( = ଆଦେଶ କରିବା ) ଣିଚ; ଜ୍ଞାପି ଧାତୁ + କର୍ମ. କ୍ତ ]—ଆଦିଷ୍ଟ; ଆଜ୍ଞାପ୍ରାପ୍ତ—
Ājñapta
( ଆଜ୍ଞପ୍ତା—ସ୍ତ୍ରୀ ) Ordered; bid; commanded;
( ଆଜ୍ଞପ୍ତି—ବି ) prescribed.

**ଆଜ୍ଞପ୍ତି**—ସଂ. ବି. ( ଆ + ଜ୍ଞା ଧାତୁ; ଣିଚ; ଜ୍ଞାପି ଧାତୁ + ଭାବ. କ୍ତି )—
Ājñapti ଆଦେଶ; ଆଜ୍ଞାପ୍ରଦାନ—Order; command.

**ଆଜ୍ଞା**—ସଂ. ବି. ( ଆ + ଜ୍ଞା ଧାତୁ = ଆଦେଶ କରିବା + ଅ + ସ୍ତ୍ରୀ. ଆ )—
Ājña ୧ । ଆଦେଶ; ନିୟୋଗ; ହୁକୁମ୍—
1. Order; command.

ଅନ୍ୟଥା କରି ନହଇ ଦେବତାଙ୍କ ଆଜ୍ଞା—ସାରଳାମହାଭାରତ. ବନ ।

୨ । ଅନୁମତି—2. Permission.

ଦେ. ଅ—୧ । ମାନ୍ୟ ବ୍ୟକ୍ତିଙ୍କୁ କୌଣସି ବିଷୟ ନିବେଦନ କରିବା ପୂର୍ବରୁ ତାଙ୍କ ମନୋଯୋଗାକର୍ଷଣ କରିବା ନିମନ୍ତେ ପ୍ରଯୁକ୍ତ ଶବ୍ଦ (ଏହାର ଅର୍ଥ; ହେ ମହାଶୟ ! )—
আজ্ঞে
जी; हुज़ूर
1. Oh sir ! ( used to draw attention of a respected person before talking to him ).

୨ । ପ୍ରତିବଚନସୂଚକ ଅବ୍ୟୟ (ସମ୍ମାନାର୍ଥରେ ବ୍ୟବହୃତ; ମାନ୍ୟ ବ୍ୟକ୍ତି ନାମ ଧରି ଡାକିଲେ ତାଙ୍କୁ ନିମ୍ନ ବ୍ୟକ୍ତି ହଁ ବୋଲି ଉତ୍ତର ନ ଦେଇ ବୋଲିବା ପଦ ହଁ ମହାଶୟ )—
2. Yes sir ! ( used in responding when a respected man calls any body ).

୩ । ସ୍ୱୀକାରସୂଚକ ଅବ୍ୟୟ ( ମାନ୍ୟ ବ୍ୟକ୍ତି ବା ପ୍ରଭୁ ନିମ୍ନ-ପଦସ୍ଥ ବ୍ୟକ୍ତିଙ୍କୁ କିଛି କରିବା ପାଇଁ ଆଦେଶ ଦେଲେ ତହିଁର ଉତ୍ତରରେ ହଁ ନ ବୋଲି ଭୃତ୍ୟ କହୁବା ପଦ) ହଁ—
3. Yes; as you are pleased to order ( used in assenting to an order issued by a superior or respected person ).

**ଆଜ୍ଞାଅବଧାନ୍**—ଦେ. ଅ. ( ସମ୍ଭ୍ରମ )—ଆଜ୍ଞା ( ଦେଖ )
Ājñāabadhān Ājña ( See ).
আজ্ঞেমশাই
**हाँजी**

**ଆଜ୍ଞାକରିବା**—ଦେ. କ୍ରି—୧ । ପ୍ରଭୁ ବା ଗୁରୁଜନ ଡାକିଲେ ତାଙ୍କୁ 'ଆଜ୍ଞା' କହି ଉତ୍ତର ଦେବା—
Ājñākaribā
1. To respond to the words of a superior by uttering the word 'Ājña'.
୨ । ବିନା ଆପତ୍ତିରେ ପାଳନ କରିବାକୁ ରାଜିହେବା; କଥାରେ ହଁ ଭରିବା—
2. To slavishly agree to every thing a superior says or remarks; to ditto a superior's sayings.
୩ । ଆଜ୍ଞା ପାଳନ କରିବା—
3. To carry out a command.
୪ । ଆଦେଶ ଦେବା—4. To command.

**ଆଜ୍ଞାକାରୀ**—ସଂ. ବିଣ. ପୁଂ. ( ଆଜ୍ଞା + କୃ ଧାତୁ + ଇନ୍; ୧ମା. ୧ବ. )—
Ājñākārī ଯେ ଆଜ୍ଞାକୁ ପାଳନ କରେ—One who
(ଆଜ୍ଞାକାରିଣୀ—ସ୍ତ୍ରୀ) carries out a command.

**ଆଜ୍ଞାକ୍ରମେ**—ଦେ. କ୍ରି. ବିଣ—ଆଦେଶାନୁସାରେ; ଆଦେଶାନୁବର୍ତ୍ତୀ ହୋଇ—In obedience to orders; according to orders.
Ājñakrame

**ଆଜ୍ଞାଦାତା**—ସଂ. ବିଣ ପୁଂ. ( ଆଜ୍ଞା + ଦାତା )—ଯେ କୌଣସି ହୁକୁମ୍ ଦିଅନ୍ତି—Giving a command.
Ājñadātā
( ଆଜ୍ଞାଦାତ୍ରୀ—ସ୍ତ୍ରୀ )

**ଆଜ୍ଞାଦେବା**—ଦେ. କ୍ରି.—ଆଜ୍ଞା କରିବା ( ଦେଖ )
Ājñadebā Ājñākaribā (See)

**ଆଜ୍ଞାନୁକ୍ରମେ**—ଦେ. କ୍ରି. ବିଣ—ଆଜ୍ଞାକ୍ରମେ ( ଦେଖ )
Ājñānukrame Ājñākrame ( See )

**ଆଜ୍ଞାନୁବର୍ତ୍ତିତା**—ସଂ.ବି. ( ଆଜ୍ଞାନୁବର୍ତ୍ତିନ୍ + ଭାବ ତା )—ଆଜ୍ଞା ପାଳନ; ଆଦେଶ ପାଳନ—Obedience; obsequousness.
Ājñānubarttitā

**ଆଜ୍ଞାନୁବର୍ତ୍ତୀ**—ସଂ. ବିଣ. ପୁଂ—ଆଜ୍ଞାପାଳନକାରୀ; ଆଜ୍ଞାବହ; ଆଦେଶ-ପାଳନକାରୀ—Obedient; attentive to order.
Ājñānubarttī
(ଆଜ୍ଞାନୁବର୍ତ୍ତିନୀ—ସ୍ତ୍ରୀ)
(ଆଜ୍ଞାନୁବର୍ତ୍ତିତା—ବି)

**ଆଜ୍ଞାପତ୍ର**—ସଂ. ବି. ( ମଧ୍ୟପଦଲୋପୀ; ଆଜ୍ଞା + ପତ୍ର )—ଆଦେଶଲିପି—
Ājñāpatra Edict; written order.

**ଆଜ୍ଞାପତ୍ରିକା**—ସଂ. ବି. ( ଆଜ୍ଞା + ପତ୍ରିକା )—ରାଜା ବା ଦେବତାଙ୍କର ଆଦେଶଲିପି—A letter containing a royal or Divine command; a written commandment.
Ājñāpatrikā

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ସାଠ' ନ ମିଳିଲେ 'ଶାଠ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଜ୍ଞା' ନ ପାଇଲେ 'ଆଜ୍ଞା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଆଜ୍ଞାପାଳନ**—ସଂ. ବି. ( ଷଷ୍ଠୀତତ୍; ଆଜ୍ଞା + ପାଳନ )—ହୁକୁମ୍ ମାନି
Ājnāpālana କାର୍ଯ୍ୟ କରିବା; ଆଦେଶାନୁସାରେ କର୍ମ କରିବା—
The carrying out of an order.

**ଆଜ୍ଞାପାଳନକରିବା**—ଦେ. କ୍ରି—୧ । ଆଦେଶ ଅନୁସାରେ କାର୍ଯ୍ୟ
Ājnāpālanakaribā କରିବା—1. To carry out
আজ্ঞাপালনকরা a command.
**आज्ञापालनकरना** ୨ । ଆଜ୍ଞାନୁବର୍ତ୍ତୀ ହୋଇ କାମ କରିବା—
(ଆଜ୍ଞାଅବଜ୍ଞାକରିବା—ବିପରୀତ) 2. To obey; to do another's bidding.

**ଆଜ୍ଞାପାଳିବା**—ଦେ. କ୍ରି.—ଆଜ୍ଞାପାଳନକରିବା ( ଦେଖ )
Ājnāpālibā Ājnāpālanakaribā ( See )
আজ্ঞাপালা
**आज्ञापालना**

**ଆଜ୍ଞାପିତ**—ସଂ. ବିଣ. ( ଆ + ଜ୍ଞାପି ଧାତୁ + କର୍ମ.ତ ) - ଆଦିଷ୍ଟ;
Ājnāpita ଆଜ୍ଞାପ୍ରାପ୍ତ—Ordered; commanded.

**ଆଜ୍ଞପ୍ତି**—ଦେ. ବି. ( ସଂ. ଆଜ୍ଞପ୍ତି )—ଆଜ୍ଞପ୍ତି ( ଦେଖ )
Ājnāpti Ājnāpti ( See )

**ଆଜ୍ଞାପ୍ରମାଣେ**—ଦେ. କ୍ରି. ବିଣ—ଆଜ୍ଞା ଅନୁସାରେ; ହୁକୁମ୍ ମୁତାବକ—
Ājnāpramāṇe According to the order.

**ଆଜ୍ଞାବକା**—ଦେ. ବିଣ. ( ଆଜ୍ଞା+ବକ=ବଗ ) ୧ । ନିର୍ବୋଧ ଭୃତ୍ୟ;
Ājnābakā ଯେଉଁ ଭୃତ୍ୟ ପ୍ରଭୁର ଆଜ୍ଞାକୁ ବକ୍ ବକ୍ କରି ଚାହିଁ-ଥାଏ, ବୁଦ୍ଧି ନ ଥିବାରୁ ପ୍ରଭୁଙ୍କ ହୁକୁମ ଅନୁସାରେ କାର୍ଯ୍ୟ କରି ପାରେ ନାହିଁ—1. An obsequous stupid servant; a stupid servant who is not intentionally dis-obedient but unable to stick to the order owing to his stupidity.

**ଆଜ୍ଞାବହ**—ସଂ. ବିଣ. ପୁଂ. (ଆଜ୍ଞା+ବହ ଧାତୁ=ବହନ କରିବା+ଅ)—
Ājnābaha ୧ । ଯେ ଆଜ୍ଞାକୁ ବହନ କରେ ବା ଶିରୋଧାର୍ଯ୍ୟ
(ଆଜ୍ଞାବହା—ସ୍ତ୍ରୀ) କରେ— Obedient.
(ଆଜ୍ଞାବହତା—ବି) ୨ । ଯେ ପ୍ରଭୁଙ୍କ ପ୍ରଦତ୍ତ ଆଜ୍ଞାକୁ ଅଭିପ୍ରେତ ବ୍ୟକ୍ତି ନିକଟକୁ ବହନ କରେ—2. One who carries the order of the master to the person intended.

**ଆଜ୍ଞାବିଛୁ**—ପ୍ରାଦେ. (ସମ୍ବଲପୁର ) ବି—ସାନ କଙ୍କଡ଼ାବିଛା—
Ājnābichhu A species of small scorpion.
[ ଦ୍ର—ଏକପ୍ରକାର ଅତି ଛୋଟ ଓ ପାଣ୍ଡୁର କଙ୍କଡ଼ାବିଛା; ଏମାନଙ୍କୁ ପୂର୍ବ ଅଞ୍ଚଳରେ 'ମାକଡ଼ବସା' କହନ୍ତି । ଏମାନେ ନାହୁଡ଼ ମାରିଲେ ମନୁଷ୍ୟ ବିଷଜ୍ୱାଳାରେ ଅତି କଷ୍ଟ ପାଏ । ]

**ଆଜ୍ଞାବୋକା**—ଗ୍ରା. ବିଣ—ଆଜ୍ଞାବକା ( ଦେଖ )
Ājnābokā Ājnābakā ( See )

**ଆଜ୍ଞାମାଳ**—ଦେ. ବି—( ସଂ. ଆଜ୍ଞା+ମାଳା ) ଦେବତାଙ୍କ ଆଜ୍ଞାର ଚିହ୍ନ
Ājnāmāla ସ୍ୱରୂପ ଆଜ୍ଞାପାଳନକାରୀ ବ୍ୟକ୍ତି ନିକଟକୁ ଆଜ୍ଞା ସଙ୍ଗେ ପଠାଯିବା ଦେବତାଙ୍କର ଉପଭୁକ୍ତ ଫୁଲମାଳ—
A garland of flowers sent from the body of a Deity to signify that a command is issued to a person.

**ଆଜ୍ଞାହେବା**—ଦେ. କ୍ରି—ଆଜ୍ଞାକରିବା ( ଦେଖ )
Ājnāhebā Ājnākaribā ( See )

**ଆଜ୍ୟ**—ସଂ. ବି. (ଆ+ଅଜ୍ଞ୍ ଧାତୁ=ମ୍ରକ୍ଷିତ କରିବା + କରଣ. ଯ )—
Ājya ୧ । ଘୃତ; ଘିଅ –1. Ghee; clarified butter.
୨ । ହୋମକ୍ରିୟାରେ ଅଗ୍ନିରେ ଯାହା ଆହୁତି ଦିଆଯାଏ ( ଯଥା—ତେଲ; ଦହି )—2. Oil, curd and other liquids offered into the fire in Homa.

**ଆଜ୍ୟସ୍ଥାଳୀ**—ସଂ. ବି (ଆଜ୍ୟ=ଘୃତ + ସ୍ଥାଳୀ=ପାତ୍ର)—
Ājyasthāḻī ଯେଉଁ ପାତ୍ରରେ ହୋମାର୍ଥ ଘୃତ ଥାଏ; ଘିଅପଲମ—
The pot containing the ghee for Homa.

**ଆଝ**—ଦେ. ବି. ( ସଂ. ଅଦ୍ୟ—ପ୍ରା. ଅଜ୍ଜ )—ଆଜି—
Ājha Today.

**ଆଝୁଁ**—ଦେ. ଅ—୧ । ଆଜୁଁ; ଆଜନ୍ତୁଁ—
Ājhuñ 1. From this day; from today.
ଆଝୁଁ ସମସ୍ତଙ୍କ ଆଗେ କରୁଛି ନିୟମ । ସାରଳାମହାଭାରତ. ମଧ୍ୟ ।
୨ । ବର୍ତ୍ତମାନଠାରୁ—2. From now; henceforth.
ଆଝୁଁ ଏଥେ ନୋହିବ ଆଉ ବ୍ୟାଳଭୟ । କୃଷ୍ଣସିଂହ. ମହାଭାରତ. ଶଲ୍ୟ ।
୩ । ଆଦ୍ୟରୁ—3. From the very beginning.
ଏବେ ତୁ ସତ୍ୟ ଆଝୁଁ ମୂଳ, ଏ କଥା ଭାବଇ କେବଳ ।
ରାମଦାସ. ଦାର୍ଢ୍ୟତାଭକ୍ତି ।

**ଆଞ୍ଚ**—ଦେ. ବି—୧ । ଅନୁମାନ—
Āñch 1. Guess.
୨ । ଆଘାତ—2. Stroke.
୩ । ଅଳ୍ପମାତ୍ର ବାଧା—3. Little trouble.
ବିଣ—ସାମାନ୍ୟ – Slight.

**ଆଞ୍ଚକରିବା**—ଦେ. କ୍ରି—ଅନୁମାନ କରିବା; ଅନ୍ଦାଜ କରିବା—
Āñchkaribā To guess.

**ଆଞ୍ଚପାଞ୍ଚ**—ଦେ. ବି—ବାଣ ସନ୍ଧାନ—Aiming an arrow;
Āñchpāñch getting an arrow ready to be discharged.
আঙ্ পাঙ্ ବିଣ—ସନ୍ଦେହରେ ଦୋଳାୟମାନ—Hasitating.

**ଆଞ୍ଚବାଜିବା**—ଦେ. କ୍ରି—ସାମାନ୍ୟ ଆଘାତ, ବାଧା ବା ଉତ୍ତାପ ଲାଗିବା—
Āñchbājibā To be touched or affected slightly.
আঁচলাগা
**आँचलगना**

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଣ | ଜ | ଶ,ଷ | ଙ୍କ | ଇସ୍ | ଉଅ | ଓ |
| ୨ | ଈ | ଊ | ଋ | ଌ | ଯ୍ୱେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ | ଇଅ | ଔ | ବ୍ବ |

**ଅଞ୍ଚରେ**—ଦେ. କ୍ରି ବଣ—ସାମାନ୍ୟରୂପେ—
Āñchre Slightly.
আঁচে (ଯଥା—ତା ଚଟକଣାଟା ମୋ ଗାଲରେ ଅଞ୍ଚରେ ବାଜିଲା ।)

**ଅଞ୍ଚରେ କହିବା**—ଦେ. କ୍ରି—ଅନ୍ଦାଜି କରିବା ( ଦେଖ )
Āñchre kahibā Andāji karibā ( See )

**ଅଞ୍ଚ୍ ଲାଗିବା**—ଦେ. କ୍ରି—ଅଞ୍ଚ୍ ବାଜିବା ( ଦେଖ )
Āñch lāgibā Āñch bājibā ( See )

**ଅଞ୍ଚ**—ଦେ. ବି. ( ସଂ. ଅର୍ଚ୍ଚିସ୍ )—
Āñcha ୧ । ଉତ୍ତାପ; ତେଜ—1. Heat.
আঁচ ୨ । ଶିଖା—2. Flame.
**आँच** ୩ । ଜଳଁ ଧାସ—3. Blaze.
୪ । ସାମାନ୍ୟ ଯୋଗ ବା ସ୍ପର୍ଶ—
4. Touch; slight connection.
୫ । ସାମାନ୍ୟ ବାଧା, ଅଘାତ ବା ପରିଶ୍ରମ—5. Slight hurt or trouble or labour.

**ଅଞ୍ଚନ୍**—ପ୍ରାଦେ. ( ସମ୍ବଲପୁର ) ବି—**ଅଁଚନ୍** (ଦେଖ)
Āñchan Āñchan (See)

**ଅଞ୍ଚନା**—ଦେ. ବି.—ଅଞ୍ଚ (ଦେଖ)
Āñchanā Āñcha (See)
ଗରୁ ଗୁଞ୍ଜ କରେ କର ଅଞ୍ଚନା—ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

**ଅଞ୍ଚି**—ପ୍ରାଦେ. ( ଗଞ୍ଜାମ ) ବି.—
Āñchi ଘୋଡ଼ା, ଗାଡ଼ି ପ୍ରଭୃତିର ଡାକ—
Relay of horses or carriages for carrying passengers speedily.

**ଅଞ୍ଚିଅ**—ଦେ. ବି.—ଅଞ୍ଚୁଆ (ଦେଖ)
Āñchiā Āñchuā (See)

**ଅଞ୍ଚିବା**—ଦେ. କ୍ରି. (ସଂ. ଆମଞ୍ଚନ)—୧ । ଆକର୍ଷଣ କରିବା—
Āñchibā 1. To draw.
କେ କାହା କୁଚେ କର ଦେଇ ଅଞ୍ଚିଲା—ଯନକୃଷ୍ଣ. ରସକଲ୍ଲୋଳ ।
୨ । ଅନୁମାନ କରିବା—
2. To guess; to conjecture.
୩ । ତଉଲାକରିବା—3. To measure.
ବେନି ଜନେ ବେନି ବଳ ଅଞ୍ଚିଲେ—ଦୀନନାଥ. ବଇଦେହୀଶମାୟଣ ।
୪ । ଇଚ୍ଛା କରିବା—4. To wish.
୫ । ଅସ୍ତ୍ର ଉଠାଇବା; ଅସ୍ତ୍ର ଉଞ୍ଚାଇବା—
5. To lift a weapon to strike.
ମୋ ଧର୍ମସ୍ୱାମୀଙ୍କୁ ପାଞ୍ଚ ଜସ୍ନକାନ୍ତ କରିଛି ଅଞ୍ଚ—
ଜଗନ୍ନାଥ. ସଙ୍ଗୀତ ।
୬ । ( ଧନୁକୁ ) ଆମଞ୍ଚନ କରିବା; ( ଶର ) ମାରିବା ପାଇଁ ଟାଣିବା—
6. To draw a bow.
ମନେ ଅସେ ପାଞ୍ଚ ଅଞ୍ଚି ଶାର୍ଙ୍ଗ ଧନ ତଳେ ଅବା ମନୋଭବ—ସୀତାନାଥ. ଯଯାତି ।

ପ୍ରାଦେ. ( ସମ୍ବଲପୁର ) କ୍ରି. ( ସଂ. ଆଚମନ )—
ଅଞ୍ଚେଇବା (ଦେଖ)
Āñcheibā (See)
ପ୍ରାଦେ. (ଗଡ଼ଜାତ) କ୍ରି.—୧ । ଅଳ୍ପ ଘୁଞ୍ଚାଇବା—
1. To move a little.
୨ । ଘୁଞ୍ଚାଇ ଅଳ୍ପ ସ୍ଥାନଚ୍ୟୁତ କରିବା—
2. To dislodge.

**ଅଞ୍ଚିଲ୍**—ପ୍ରାଦେ. (ମେଦନୀପୁର) ବି—ଖଭୁଡ଼ ବା ବ୍ରଣ—
Āñchil Pimple; wart; mole.

**ଅଞ୍ଚୁଅ**—ଦେ. ବି. ( ସଂ. ଆଚମନ )—
Āñchuā ଭୋଜନ ପରେ ତୁଣ୍ଡ ଧୋଇବା—
আঁচান Washing or rinsing of the mouth after meal.

**ଅଞ୍ଚୁଆଇବା**—ଦେ. କ୍ରି. ( ସଂ. ଆଚମନ )—
Āñchuāibā ୧ । ଅଞ୍ଚେଇବା (ଦେଖ)
1. Āñcheibā (See)
୨ । ( ପ୍ରଯୋଜକାର୍ଥ ) ଖାଇସାରିଥିବା ଶିଶୁର ବା ରୋଗୀର ମୁହଁକୁ ଧୋଇ ଦେବା—
2. To wash the face of a child which has taken its meal.

**ଅଞ୍ଚୁଡ଼ା**—ଦେ. ବଣ.—( ଶରୀରର ଅଂଶ ) ଘଷି ହୋଇ ସ୍କ୍ରାମ୍ପୁଡ଼ି
Āñchurdā ହୋଇ ଯାଇଥିବା—
আঁচড়া Scratched with a pointed thing.
খোঁচা ଦେ. ବି.—୧ । ସ୍କ୍ରାମ୍ପୁଡ଼ା—1. Scratching.
୨ । ସ୍କ୍ରାମ୍ପୁଡ଼ା ଦାଗ—
2. Marks of scratching.

**ଅଞ୍ଚୁଡ଼ିବା**—ଦେ. କ୍ରି.—ସ୍କ୍ରାମ୍ପୁଡ଼ିବା—
Āñchurdibā To scratch or bruise with finger-nails or sharp pointed instruments.
আঁচড়ান
**खरोचना**

**ଅଞ୍ଚେଇବା**—ଦେ. କ୍ରି. ( ସଂ. ଆଚମନ )—୧ । ଭୋଜନ ପରେ ମୁହଁ ହାତ ଧୋଇବା—1. To wash or rinse the mouth and hands after meal.
Āñcheibā
আঁচান; আঁচা
**आचमनकरना;** ୨ । ଅନ୍ୟର ମୁଖକୁ ଧୋଇଦେବା—
**खंगालना** 2. To wash another's mouth.
୩ । ଜଳଦ୍ୱାରା ଶୌଚ କରିବା—
3. To cleanse with water.

**ଅଞ୍ଚୋଇବା**—ଦେ. କ୍ରି.—ଅଞ୍ଚେଇବା ( ଦେଖ )
Āñchoibā Āñcheibā ( See )
ଗୁହ୍ଯ ଖାଇ ସାରି ଅଞ୍ଚୋଇବା ବେଳେ,
ଉଚ୍ଛିଷ୍ଟକୁ ଭୋଜନ କଲା ପାଇ ବଳେ । କୃଷ୍ଣସିଂ. ମହାଭାରତ ବନ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତତ୍ପର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା.— 'ରାଢ' ନ ମିଳିଲେ 'ରାଢ଼' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

**ଆଞ୍ଜନି**—ସଂ. ବି. ପୁଂ. ( ଅଞ୍ଜନା+ଅପତ୍ୟାର୍ଥରେ. ଇ )—ଅଞ୍ଜନାଙ୍କ ପୁତ୍ର
Āñjani ମହାବୀର ହନୁମାନ—**Hanumāna** ( the Monkey God of the Hindus. )

**ଆଞ୍ଜନେୟ**—ସଂ. ବି. ପୁଂ (ଅଞ୍ଜନା+ଅପତ୍ୟାର୍ଥରେ.ଏୟ)—ଆଞ୍ଜନି (ଦେଖ)
Āñjaneya Āñjani ( See )

**ଆଞ୍ଜୁଳା**—ଦେ. ବି. ( ସଂ. ଅଞ୍ଜଳି )—୧ । ଦୁଇ ହାତ ନେଳ୍ପୀର ଏକତ୍ର
Āñjuḻā ପାତ୍ରୀକୃତ ଅବସ୍ଥା ବା ଅଞ୍ଜଳି—1. Two palms of
অঞ্জলি the hands made into a cup by placing
अञ्जलि them sidewise and making a hollow.
ଦେ. ବିଣ.—ଏକ ଅଞ୍ଜଳି ପରିମିତ—Measuring so much as can be contained in the cupped palms of the hands.

**ଆଞ୍ଜୁଳା ପକାଇବା**—ଦେ.କ୍ରି.—ଫୁଲ ଚନ୍ଦନାଦି ହାତରେ ଆଞ୍ଜୁଳା କରି
Āñjuḻā pakāibā ଧରି ଦେବତାଙ୍କ ଉପରକୁ ନିକ୍ଷେପ କରିବା—To throw handfuls of flowers etc. to a Deity.

**ଆଞ୍ଜୁଳି (ଇତ୍ୟାଦି)**—ଦେ. ବି.—ଆଞ୍ଜୁଳା ଇତ୍ୟାଦି ( ଦେଖ )
Āñjuḻi etc. **Āñjuḻā** etc. (See)

ଜହ୍ନି ଜହ୍ନି ଆଞ୍ଜୁଳି; ନଡ ପକାଏଁ ତନ ଅଛ ତ।
ଶିଶୁଙ୍କ ଜହ୍ନିଫୁଲ ଗୀତ।

**ଆଞ୍ଜୋଳ**—ଦେ. ବି.—ଆଞ୍ଜୁଳା ( ଦେଖ )
Āñjoḻa **Āñjuḻā** ( See )

**ଆଞ୍ଜୋଳା**—ଦେ. ବି.—ଆଞ୍ଜୁଳା ( ଦେଖ )
Āñjoḻā **Āñjuḻā** ( See )

ପୁଣି ପ୍ରଦ୍ୟୁମ୍ନକୁ ମାରେ ଆଞ୍ଜୋଳାଏ ଧୂଳି। ସାରଳାମହାଭାରତ. ଉଦ୍ୟୋଗ।

**ଆଞ୍ଜୋଳି**—ଦେ. ବି.—ଆଞ୍ଜୁଳା ( ଦେଖ )
Āñjoḻi **Āñjuḻā** ( See )

ତୃଷାରେ ଦୁଇ କର କରଣ ଆଞ୍ଜୋଳ। କୃଷ୍ଣସିଂ. ମହାଭାରତ. ବନ।

**ଆଟ୍**— ପ୍ରାଦେ. ( ସମ୍ବଲପୁର ) ବି—ପିଣ୍ଡା; ଅଳନ୍ଦ—
Āṭ Varanda.
ବୈଦେ. ( ଇଂ. ) ବି—ଆର୍ଟ—Art.

**ଆଟ୍ ଇସ୍କୁଲ୍**—ବୈଦେ. ( ଇଂ ) ବି—ଆର୍ଟ୍ ସ୍କୁଲ୍ ( ଦେଖ )
Āṭ iskul Āṭ skul ( See )

**ଆଟ୍‌ସ୍**—ବୈଦେ. ( ଇଂ ) ବି—ଆର୍ଟ୍‌ସ୍—
Āṭs Arts.

**ଆଟ୍ ସ୍କୁଲ୍**—ବୈଦେ. ( ଇଂ ) ବି—ଚିତ୍ରବିଦ୍ୟାଦି ଶିକ୍ଷାଦେବାପାଇଁ
Āṭ skul ସ୍ଥାପିତ ବିଦ୍ୟାଳୟ—Art School.

**ଆଟ୍ ହୋମ୍**—ବୈଦେ. (ଇଂ. ) ବି—ପ୍ରୀତି ମିଳନାର୍ଥ କୌଣସି ବ୍ୟକ୍ତିଙ୍କ
Āṭ hom ଗୃହରେ ନିମନ୍ତ୍ରିତ ବନ୍ଧୁମାନଙ୍କର ମିଳନ ଓ କିଞ୍ଚିତ ଜଳଯୋଗ—An at-home party.

**ଆଟକ**—ଦେ. ବି—ଅଟକ; ନିରୋଧ; ବାଧା—
Āṭaka Prohibition.
আটক
अटक

**ଆଟଙ୍କ**—ଦେ. ବି— । ଆଟକ ( ଦେଖ )
Āṭaṅka 1. Āṭaka ( See )
गट्टा ୨ । ଦୁଇ ହାତର ଅଙ୍ଗୁଳମାନଙ୍କ ଦ୍ୱାରା ବେଷ୍ଟିତ ସ୍ଥାନ—2. Space between the extended fingers of two hands curved together.
୩ । ଏକ ବିଡ଼ା; ଯେତିକି ପରିମିତ ଘାସାଦିର ଗୋଛ ଦୁଇ ହାତର ଅଙ୍ଗୁଠିମାନଙ୍କ ଦ୍ୱାରା ସମ୍ପୃକ୍ତ ହୁଏ; ଅଟଙ୍ଗା—3. A handful or bundle of sheaves of corn or grass.

**ଆଟଙ୍କା**—ଦେ. ବି—ଆଟଙ୍କ ( ଦେଖ )
Āṭaṅkā Āṭaṅka ( See )

**ଆଟଙ୍ଗ**—ପ୍ରାଦେ. ( ଗଞ୍ଜାମ ) ବି—ଆଟକ ( ଦେଖ )
Āṭaṅga Āṭaka ( See )

**ଆଟଙ୍ଗା**—ଦେ. ବି—ଆଟଙ୍କ ( ଦେଖ )
Āṭaṅgā Āṭaṅka ( See )

**ଆଟଣା**—ଦେ. ବି—୧ । ମଧ୍ୟମଧରଣ ହାଣ୍ଡି; ବଡ଼ ଆଟିକା; ସାନ ନଉତି—
Āṭaṇā 1. A middle-sized earthen pot
মাঝারিহাঁড়ি smaller than Nauti and larger than Āṭikā.
আটানি ୨ । ଅଠଅଣି; ଅର୍ଦ୍ଧ ରୌପ୍ୟମୁଦ୍ରା—
अठन्नी 2. An eight-anna bit.

**ଆଟଣି**—ଦେ. ବି—ଆଟଣା ( ଦେଖ )
Āṭaṇi Āṭaṇā ( See )

**ଆଟବିକ**—ସଂ. ବିଣ. ( ଅଟବୀ=ବଣ+ଇକ )—ଅରଣ୍ୟକ; ବଣୁଆ;
Āṭabika ଜଙ୍ଗଲି—Pertaining to forest; wild.
ସଂ. ବି—୧ । ବନ୍ୟଜାତି; ଜଙ୍ଗଲିଜାତି—1. Wild tribe.
୨ । ବନରେ ଶିକାର କରିବା ବ୍ୟକ୍ତି—2. Hunter.
୩ । ଅରଣ୍ୟକ ସେନା—
3 A soldier belonging to wild tribes.

**ଆଟା**—ପ୍ରାଦେ. ( ଗଞ୍ଜାମ ) ବି—ମଲାଟ—
Āṭā Cover of a book.

**ଆଟି**—ସଂ. ବି. ( ଆ+ଅଟ ଧାତୁ=ଗମନ କରିବା+ଇ )—
Āṭi ଶରାଳି ପକ୍ଷୀ; ହଂସଜାତୀୟ ପକ୍ଷୀ—An acquatic bird of the duck species.
ଦେ. ବି—୧ । ବୋଝାର ବୋଝ—
1. Load of sheaves etc.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଣ | ଜ | ଶ,ଷ | ଞ୍ଚ | ଇଯ୍ | ଉଅ | ‌ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ | ଇଅ | ‌ | କ୍ଷ |

୨ । ବଡ଼ା; ଗୋଛା—2. Bunch; a bundle.

୩ । ନଡ଼ାର ଗୋଛା ବା ବଡ଼ା—3. A roll of straw.

**ଆଟିକା**—ଦେ. ବି—୧ । ଛୋଟ ମାଟି ହାଣ୍ଡି—
Āṭikā 1. Small earthen pot.
হাঁড়ি ଅଗ୍ନିରେ ପାକ କଲା ବସାଇ ଆଟିକାଟି । କୃଷ୍ଣସିଂହ. ମହାଭାରତ. ଆଦି ।
আটিকা (প্রাচীন) ୨ । ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ଅନ୍ନଆଦି ରଖିବା ନିମନ୍ତେ ବ୍ୟବହୃତ ଛୋଟ ମାଟି ହାଣ୍ଡି—
2. Small earthen pot used for cooked rice in the temple of Jagannātha at Puri

୩ । ପୁରୀ ଜଗନ୍ନାଥଙ୍କ ଦର୍ଶନକୁ ଆସିଥିବା ଯାତ୍ରିମାନେ ଶ୍ରୀ ଜଗନ୍ନାଥଙ୍କଠାରେ ଚିରକାଳ ଭୋଗ ଲାଗିବା ଉଦ୍ଦେଶ୍ୟରେ ପଣ୍ଡାମାନଙ୍କ ଜିମା ଯେଉଁ ଧନ ଦେଇ ଯାଆନ୍ତି ବା ଦେବାକୁ ସ୍ୱୀକାର କରି ଯାଆନ୍ତି—3. The amount of cash given or promised by a pilgrim visiting Lord Jagannātha at Puri for the purpose of offering a certain quantity of boiled rice etc. to the Deity every day forever.

**ଆଟିକା କରିବା**—ପ୍ରାଦେ. (ପୁରୀ) କ୍ରି.—ଜଗନ୍ନାଥଙ୍କୁ ଚିରକାଳ ଭୋଗ
Āṭikā kariba ଲାଗିବା ସକାଶେ ପଣ୍ଡାମାନଙ୍କ ଜିମା (ଯାତ୍ରୀ)
আট্‌কাকরা ଧନ ଦେବା ବା ଦେବାକୁ ସ୍ୱୀକାର କରିବା —
(a pilgrim) To pay or solemnly promise cash to the Paṇḍās for the purpose of cooked rice being offered forever by the said Paṇḍās to the Lord Jagannātha at Puri.

**ଆଟିକାଚୁହାଁ**—ଦେ. ବିଣ. ପୁଂ. (ବ୍ୟଙ୍ଗ ଓ ନିନ୍ଦାର୍ଥ)—ଯେଉଁ ବ୍ୟକ୍ତି
Āṭikāchuhāñ ରନ୍ଧନଶାଳାରେ ପାକପାତ୍ରରେ ଥିବା ରନ୍ଧା ଖାଦ୍ୟ
(ଆଟିକାଚୁହାଁ—ସ୍ତ୍ରୀ) ଦ୍ରବ୍ୟ ପ୍ରତି ସର୍ବଦା ତୀକ୍ଷ୍ଣ ଦୃଷ୍ଟି ରଖେ ଓ ତାହା ଯେପରି ବ୍ୟୟିତ ନ ହୁଏ ସେଥିପାଇଁ ସାବଧାନ ଥାଏ—(a person) Who carefully watches the cooked contents of the cooking pot in the cook-room.

ଶ୍ରେଣିରେ ଥିଲ ଚଉଗୁଣ ସରେ, ଆଟିକାଚୁହାଁଙ୍କ ମାଇପ ମରେ—ଢଗ ।

**ଆଟିକାପିଟା**—ଦେ. ବିଣ. (ଯେ କ୍ରୋଧରେ ପାକଶାଳାର ରନ୍ଧନପାତ୍ରାଦି
Āṭikāpiṭā ଯଷ୍ଟିଦ୍ୱାରା ପିଟି ଦିଏ)—୧ । କ୍ରୋଧନଶୀଳ—
1. Angry; furious

୨ । ଦୁଷ୍ଟ—2. Wicked.

୩ । (ଯେଉଁ ବ୍ୟକ୍ତି ନିଜର ପାକପାତ୍ରକୁ ପିଟିଦିଏ)—କୃତଘ୍ନ—
3. Ungrateful (person)

ଦେ. ବି.—୧ । ଯେଉଁ ବ୍ରାହ୍ମଣ ଶୂଦ୍ରାଦିଙ୍କର ଦଶାହାଦି କ୍ରିୟାରେ ପୌରୋହିତ୍ୟ କରନ୍ତି; ନିନ୍ଦିତ ବ୍ରାହ୍ମଣ—
1 Brāhmaṇas officiating at the funerals of Sūdras.

୨ । ଦଶାହ ଦିନ କ୍ରିୟା ଧରିବା ବ୍ୟକ୍ତି ଦ୍ୱାରା ଦଶଭୁଠରେ ଭସାଇ ଦିଆଯିବା ହାଣ୍ଡିକୁ କାଠଫାଳିଆ ଦ୍ୱାରା ପ୍ରହାର—
(ଦଗ୍ଧଖପରି ୨ ଦେଖ)
2. Striking of the floating Dagdha Hāṇḍi by the performer of the obsequies on the 10th day of a person's death.

**ଆଟିକା ପୋଡ଼ି**—ପ୍ରାଦେ. (ଗଞ୍ଜାମ; ଗଡ଼ଜାତ) ବି—
Āṭikā porḍi ପୁରାଣି (ଦେଖ)
Puraṇi (See)

**ଆଟିକା ବାନ୍ଧିବା**—ପ୍ରାଦେ. (ପୁରୀ) କ୍ରି.—ଆଟିକା କରିବା (ଦେଖ)
Āṭikā bāndhibā Āṭikā karibā (See)
আটকে বাঁধা

**ଆଟିଷ୍ଟ**—ବୈଦେ. ବି.—(ଇଂ. ଆର୍ଟିଷ୍ଟ)—୧ । ଚିତ୍ରକର—
Āṭisht 1. Painter.
আটিষ্ট ୨ । କାରୁକାର୍ଯ୍ୟରେ ନିପୁଣ ବ୍ୟକ୍ତି—2. Artist

**ଆଟୁ**—ଦେ. ବି. (ସଂ. ଅଟ୍ଟ)—
Āṭu ଘରର ଛାଳ ତଳେ ପଦାର୍ଥ ସଞ୍ଚୟ କରିବାପାଇଁ କିମ୍ବା
মাটিকোঠা; মাট কোঠা ଛାଳରେ ନିଆଁ ଲାଗିଲେ ଗୃହ ମଧ୍ୟସ୍ଥ
ফপসা ପଦାର୍ଥମାନଙ୍କୁ ଅଗ୍ନିରୁ ରକ୍ଷା କରିବାପାଇଁ କରାଯିବା ବାଉଁଶ ଓ ମାଟିର ଭିଡ଼ ବା ଛାଳ—
A roof made of mud and bamboo below the thatch of a house for keeping things over it or to preserve things inside the house if the outer thatch is on fire.

[ ଦ୍ର—ଆଟୁ ଦୁଇ ପ୍ରକାରର—୧ । ଦେଶୀ ଆଟୁ—ଏହା ଭିତ୍ତିପରି ସମତୁଲ । ଏହା ଉପରେ ଜିନିଷପତ୍ର ରଖା ଯାଇପାରେ । ୨ । ମେରଦା ବା ଦକ୍ଷିଣୀ ଆଟୁ; ଏହା ଚାଳ ଭଳି ଦୁଇ ଅଡ଼କୁ ଢାଲୁ ହୋଇଥାଏ । ]

ପ୍ରାଦେ. (ସମ୍ବଲପୁର) ବି.—ପିଣ୍ଡା; ବରଣ୍ଡା—Varanda.

**ଆଟୁଘର**—ଦେ. ବି. (ସଂ. ଅଟ୍ଟ + ଗୃହ)—ଆଟୁଥିବା ଘର; ଯେଉଁ
Āṭughara ଘରର ଉପରେ ଛଣର ଚାଳ ଓ ତଳରେ ମାଟିର
মাটিকোঠা ଛାତ ଥାଏ—Thatched house having an inner mud-roof.

ଗୃହସ୍ଥ ସଞ୍ଚୟ ପଦ୍ମ ଯଉଠାକ ସମ୍ବାଦ
ଚକ୍ରବର୍ତ୍ତି କ ଠାଳ କରି ରଖି ଆଟୁଘରେ । ଜଗନ୍ନାଥ. ମହାଯାତ୍ରା ।

ଯାଆକରଣ ଯେବେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା —'ସାଉ' ନ ମିଳିଲେ 'ଶାଉ' ଖୋଜିବେ; 'ଭୂଅ' ନ ମିଳିଲେ 'ବୂଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଖ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

**ଅଟୁଲା**—ଦେ. ବି.—୧ । କୁରାଢ଼ି, କାଙ୍କ, କୋଡ଼ ଆଦିର ମୂଳରେ ଥିବା ଛିଦ୍ର ଯହିଁରେ ବେଣ୍ଟ ଗଳାଯାଏ—1. The hole or eye at the root of a spade or axe.
Āṭulā
୨ । କମାରର ହତିଆରବିଶେଷ, ଏଥିରେ କୋଡ଼, କାଙ୍କ ଆଦିର ମୁଣ୍ଡରେ ଥିବା ଛିଦ୍ରକୁ ମାଠି ଚିକ୍କଣ କରାଯାଏ—2. A blacksmith's instrument used in planing the eyes of spades and axes.

**ଅଟୁଶାଳ**—ଦେ. ବି. (ସଂ. ଅଟ୍ଟ + ଶାଳା)—ଅଟୁଘର (ଦେଖ)
Āṭuśāla — Āṭughara (See)

**ଅଟେଣା**—ଗ୍ରା. ବି.—ଆଟଣା (ଦେଖ)
Āṭeṇā — Āṭaṇā (See)

**ଅଟୋପ**—ସଂ.ବି.(ଆ + ଟୁପ ଧାତୁ=ଅହଙ୍କାର କରିବା + ଭାବ. ଅ)—
Āṭopa ୧ । ଗର୍ବ; ଅହଙ୍କାର—1. Vanity.
୨ । ଆଡ଼ମ୍ବର—1. Pomp.
୩ । ବାୟୁରୋଗଜନିତ ପେଟର ଗୁଡ଼୍ ଗୁଡ଼୍ ଶବ୍ଦ—3. Sound heard inside the abdomen due to wind in the stomach.

**ଅଠ**— ଦେ. ବି. (ସଂ. ଅଷ୍ଟନ୍)—ଅଷ୍ଟ; ଚାରିର ଦୁଇ ଗୁଣ ସଂଖ୍ୟା—The number eight.
Āṭha
আঠ; আট ଦେ. ବିଣ.—ଅଷ୍ଟସଂଖ୍ୟକ—Numbering 8.
आठ

**ଅଠ ଅଂସା**—ଦେ. ବିଣ.—ଅଠଅଂସୁଆ (ଦେଖ)
Āṭha aṁsā — Āṭhaāṁsuā (See)

**ଅଠ ଅଂଶିଆ**—ଦେ. ବିଣ.— ଅଠ ଅଂସୁଆ (ଦେଖ)
Āṭha aṁsiā — Āṭha āṁsuā (See)

**ଅଠ ଅଂସୁଆ**—ଦେ. ବିଣ.—ଅଠ ଅଂସୁଆ (ଦେଖ)
Āṭha aṁsuā — Āṭha āṁsuā (See)

**ଅଠ ଅଣା**—ଦେ. ବି. (ସଂ. ଅଷ୍ଟ + ଆଣକ)—
Āṭha aṇā ୧ । ଅଷ୍ଟ ଅଣା ମୂଲ୍ୟର ଧନ; ଏକ ଟଙ୍କାର ଅଧେ—1. Eight annas.
আটআনা
आठअन्ना ୨ । କୌଣସି ବସ୍ତୁର ଅଧେ—2. Half of a thing.
୩ । ଅର୍ଦ୍ଧମୁଦ୍ରା; ଅଧୁଲି—3. An eight-anna bit.

**ଅଠଅଣି**—ଦେ. ବି—ଅଠ ଅଣା ମୂଲ୍ୟର ମୁଦ୍ରା; ଅଧୁଲି—An eight-anna bit.
Āṭhaaṇi
আঠঅনী
अठन्नी

**ଅଠଅଣିଆଁ**—ଦେ. ବିଣ—୧ । ଅଠଅଣା ମୂଲ୍ୟର—
Āṭhaaṇiāṅ 1. Of the value of eight annas.
୨ । ଯହିଁର ପ୍ରତ୍ୟେକର ମୂଲ୍ୟ ଅଠଅଣା ଅଟେ—2. Of the price of eight annas each.

**ଅଠ ଅଂସିଆ**—ଦେ. ବିଣ—ଅଠ ଅଂସୁଆ ( ଦେଖ )—
Āṭha āṁsiā — Āṭha āṁsuā ( See )

**ଅଠ ଅଂସୁଆ** — ଦେ. ବିଣ. ( ସଂ. ଅଷ୍ଟ+ଅସ୍ର )— ଅଠ କୋଣବିଶିଷ୍ଟ—Octangular.
Āṭha āṁsuā
আটআঁশিয়া
आठकानेवाला

**ଅଠକଉଡ଼ି**—ଦେ. ବି. ( ସଂ. ଅଷ୍ଟ+କପର୍ଦ୍ଦୀ )—
Āṭhakaurḍi ଏକପ୍ରକାର ଦେଶୀ କଉଡ଼ି ଖେଳ—A kind of play with sea-shells.

**ଅଠକଉଡ଼ିଆ**—ଦେ. ବି—ଅଠକଉଡ଼ି ( ଦେଖ )
Āṭhakaurḍiā — Āṭhakaurḍi ( See )

**ଅଠକାଠ**—ଦେ. ବିଣ—କାର୍ଯ୍ୟ କରିବାକୁ ପଶ୍ଚାତ୍ପଦ—
Āṭhakāṭha Hesitating to do certain work.

**ଅଠକାଳିବାରମାସୀ**—ଦେ. ଅ.—୧ । ବର୍ଷର ସମୁଦାୟ କାଳ—
Āṭhakāḷibāramāsi 1. All the months of the year.
୨ । ବର୍ଷକଯାକ; ସର୍ବଦା; ଅନବରତ—1 Throughout the year; every day in the year.
ଦେ. ବିଣ—ବର୍ଷକଯାକ ପ୍ରତିଦିନ ଘଟୁଥିବା—Happening or taking place throughout the year.

**ଅଠକୋଣିଆଁ**—ଦେ. ବିଣ—ଅଠଗୋଟି କୋଣ ଥିବା; ଅଷ୍ଟ କୋଣବିଶିଷ୍ଟ—Octangular.
Āṭhakoṇiāṅ
আটকোনা
आठकाना

**ଅଠଗଡ଼**—ଦେ.ବି. (ନାମ,—୧ । (ଅଷ୍ଟ ଗଡ଼ ବା ଦୁର୍ଗବିଶିଷ୍ଟ); ଓଡ଼ିଶାର ଗଡ଼ଜାତରାଜ୍ୟବିଶେଷ—1 The name of a feudatory state of Orḍiśā.
Āṭhagarḍa
[ ଦ୍ର—ଅଠଗଡ଼ ଗଜପତିଙ୍କ ଖାସ୍ ଦଖଲର ରାଜ୍ୟ ମଧ୍ୟରେ ଥିଲା । ପ୍ରାୟ ଷୋଡ଼ଶ ଶତାବ୍ଦିରେ ଉତ୍କଳର ରାଜା ଆପଣାର ବେବର୍ତ୍ତ ପ୍ରଧାନ ମନ୍ତ୍ରୀଙ୍କ କନ୍ୟାର ପାଣିଗ୍ରହଣ କରି ମନ୍ତ୍ରୀଙ୍କୁ ରାଜ୍ୟ ଖଣ୍ଡି ଦାନ କରିଥିଲେ । ଅଠଗଡ଼ ରାଜବଂଶ ବେବର୍ତ୍ତ ପଟ୍ଟନାୟକ ଉପାଧିଧାରୀ ।]
୨ । ଗଞ୍ଜାମର ଖଲ୍ଲିକୋଟ ନିକଟବର୍ତ୍ତୀ ଜମିଦାରୀବିଶେଷ—2. Name of an estate of Ganjam adjoining Khallikota
[ ଦ୍ର—ଓଡ଼ିଶାର ଗଡ଼ଜାତରେ ଗୋଟିଏ ଓ ଗଞ୍ଜାମର ଖଲ୍ଲିକୋଟ ନିକଟରେ ଗୋଟିଏ, ଏହିପରି ଦୁଇଟି 'ଅଠଗଡ଼' ଥିବାରୁ ଓଡ଼ିଶା-ଅଠଗଡ଼କୁ 'ବାଳ ଅଠଗଡ଼' ଓ ଗଞ୍ଜାମ ଅଠଗଡ଼କୁ 'କୋଦଳା ଅଠଗଡ଼' କହନ୍ତି ।]

**ଅଠଗଡ଼ି**—ଦେ. ବିଣ—୧ । ଅଠଗଡ଼ସମ୍ବନ୍ଧୀୟ—
Āṭhagarḍi 1. Relating to Āṭhagarḍa.

| ୧ | ଇ | ଉ | ଋ,ୠ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଞ | ଜ | ଶ,ଷ | ଙ୍କ | ଇଯ୍ | କ୍ଷ | ଛ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଗଁ୍ୟ | ଇଅ | ୱ | ନୃ |

୨ । ଅଠଗଡ଼ବାସୀ—2. Inhabiting Āṭhagarḍa.

**ଅଠଗଡ଼ିଆ**—ଦେ. ବିଣ—ଅଠଗଡ଼ ( ଦେଖ )
Āṭhagarḍiā Āṭhagarḍi (See)

**ଅଠଗଡ଼ିଆ ବ୍ରାହ୍ମଣ**—ଦେ.ବି—ବାଙ୍କି, ଭମପଡ଼ା, ଖୋରଧା ଓ ଓଡ଼ଗାଁର
Āṭhagarḍiā brāhmaṇa ଗଡ଼ଜାତମାନଙ୍କରେ ବାସ କରୁଥିବା ଏକ ଜାତୀୟ ପନିଅସ୍ତ୍ର ବ୍ରାହ୍ମଣ—An inferior class of Brāhmaṇas who live by raising and selling kitchen vegetables.

[ ଦ୍ର—ଏମାନେ ପ୍ରଥମେ ଗଞ୍ଜାମର ଅଠଗଡ଼ ଅଞ୍ଚଳରୁ ଆସି ଗଡ଼ଜାତ ଅଞ୍ଚଳରେ ଉପନିବେଶ ସ୍ଥାପନ କରିଥିଲେ । ଏମାନେ ଶାସନୀ ବ୍ରାହ୍ମଣମାନଙ୍କଠାରୁ ନିକୃଷ୍ଟ; ମାତ୍ର ଖୁବ୍ ପରିଶ୍ରମୀ ଓ ସଞ୍ଚୟୀ । ଏ ବ୍ରାହ୍ମଣମାନେ ହଳରେ ଚାଷ କରନ୍ତି ଓ ବହୁତ ପନିପରିବା ଆମଦାନୀ କରି ବିକ୍ରୟ କରନ୍ତି । ]

**ଅଠଚେମା**—ପ୍ରାଦେ ( ଗଞ୍ଜାମ ) ବି—ଏକପ୍ରକାର ଦେଶୀ କଉଡ଼ି
Āṭhachemā ଖେଳ—A kind of country game with sea-shells.

[ ଦ୍ର—ଏ ଖେଳରେ ୬କଡ଼ା କଉଡ଼ି ଲୋଡ଼ା ହୁଏ । ୬କଡ଼ା ଯାକ ଚିତ୍ ହୋଇ ପଡ଼ିଲେ ୧୨ଦାନ ସୁମାର କରାଯାଏ । ୧କଡ଼ା କଉଡ଼ି ଲେଉଟିଲେ କସି ବା ଦଶ ହୁଏ । କଉଡ଼ିରେ ପଡ଼ିବା ଦାନ ଅନୁସାରେ ସାରକୁ ଆଗକୁ ଚଳାଯାଏ । ଏଥିପାଇଁ ଭୂଇଁରେ ଘର କାଟି ସେହି ଘରରେ ସାର ଚଳାଯାଏ ।]

**ଅଠଣା**—ଦେ. ବି.—ଅଠ ଅଣା (ଦେଖ)
Āṭhaṇā Āṭha aṇā (See)
আঠানা

**ଅଠଣି**—ଦେ. ବି.—ଅଠ ଅଣା ମୂଲ୍ୟର ମୁଦ୍ରା—
Āṭhaṇi An eight-anna bit.
আটআনি
अठन्नि

**ଅଠତାଳି**—ଦେ. ବି.—ସଙ୍ଗୀତର ତାଳବିଶେଷ—
Āṭhatāḷi An air or measure in music.

**ଅଠପଚିଶ**—ଦେ. ବି.—ଏକ ପ୍ରକାର କଉଡ଼ିଖେଳ—A kind of
Āṭhapachiśa country game with sea-shells.
আঠপচিশ; অষ্টাকোষ্ঠা

[ଦ୍ର—ଏ ଖେଳରେ ୨ ଯୋଡ଼ା ବା ୪ ଜଣ ଖେଳାଳି ଖେଳନ୍ତି । ପ୍ରତ୍ୟେକେ ଚାରି ଗୋଟି ଲେଖାଏଁ ସାର ନିଅନ୍ତି । ଖେଳିବାପାଇଁ ୭କଡ଼ି କଉଡ଼ି ବ୍ୟବହୃତ ହୁଏ । କଉଡ଼ିକୁ ଭୂଇଁରେ ପକାଇଲା ବେଳେ ଯେବେ ସାତ କଡ଼ି ଯାକ ଚିତ ହୋଇ ପଡ଼େ ତେବେ ୧୨; ୬କଡ଼ି ଚିତ୍ ହେଲେ ୩୦+୧; ୫କଡ଼ି ଚିତ୍ ହେଲେ ୨୫+୧; ୪କଡ଼ି ଚିତ୍ ହେଲେ ୪; ୩ କଡ଼ି ଚିତ୍ ହେଲେ ୩; ୨ କଡ଼ି ଚିତ୍ ହେଲେ ୨; ୧ କଡ଼ି ଚିତ୍ ହେଲେ କସି ବା ପୁଅ=୧୦+୧ ହୁଏ । ସବୁ କଉଡ଼ିଯାକ ମୁହଁ ମାଡ଼ି ପଡ଼ିଲେ ଛକା=୬ ହୁଏ ଓ ସେତିକି ଘର ଖେଳାଳିର ସାର ଚଳେ । ୩ ଥର ୧୨, ୩୦, ୨୫, ବା ୧୦ ପଡ଼ିଲେ ସବୁଯାକ ହୁଡ଼ି ଯାଏ । ଉକ୍ତ ଦାନମାନ ୪ ଥର ପଡ଼ିଲେ ସବୁଯାକ ଦାନ ଗଣାଯାଏ । ଛକି, ୨୫, ୩୦ ଓ ୧୨ ପକାଇ ଥିବା ଖେଳାଳି ପୁଣି କଉଡ଼ି ପକାଏ । ଯେବେ ୧୨ ପରେ ୪ ପଡ଼େ ତେବେ ସେ ୧୨ ହୁଡ଼ି ଯାଏ । କସି ବା ଦଶ ନ ପଡ଼ିଲେ କାଞ୍ଚା ଖେଳାଳିର ହାତ ଫିଟେନାହିଁ । ]

**ଅଠପଚିଶି**—ଦେ. ବି.—ଅଠପଚିଶ (ଦେଖ)
Āṭhapachiśi Āṭhapachiśa (See)

**ଅଠପଣ**—ଦେ. ବିଣ—୧ । ଅର୍ଦ୍ଧେକ—1. Half.
Āṭhapaṇa ୨ । ଅର୍ଦ୍ଧନିଷ୍ପନ୍ନ—2. Half complete.
ଦେ. ବି.—୧ । ଅର୍ଦ୍ଧେକ—1. Half.
୨ । ୧୬୦ ଗଣ୍ଡା ବା ୬୪୦ ଗୋଟା—
2. The number 640.
କ୍ରି. ବିଣ.—୧ । ଅର୍ଦ୍ଧେକ—1. Half
୨ । ପୂର୍ଣ୍ଣପଦାର୍ଥ ବା ସଂଖ୍ୟାର ଅର୍ଦ୍ଧ ପରିମାଣରେ—
2. Amounting to half the whole amount.

**ଅଠପଣି**—ଦେ. ବିଣ—୧ । ଅଠପଣ (ଦେଖ)
Āṭhapaṇi 1. Āṭhapaṇa (See)
୨ । ଅଠପଣ ବା ଅର୍ଦ୍ଧେକସମ୍ବନ୍ଧୀୟ—
2. Relating to half.

**ଅଠପଣିଆଁ**—ଦେ. ବିଣ.—ଅଠପଣି (ଦେଖ)
Āṭhapaṇiāñ Āṭhapaṇi (See)

**ଅଠପହର**—ଦେ. ଅ.—ଦିନ ଚାରି ପହର ଓ ରାତି ଚାରି ପହର,
Āṭhapahara ଏହିପରି ସମସ୍ତ ଦିନ ଓ ରାତି; ଅହର୍ନିଶ—
Throughout the day and night.

କିଏ ବା ଉଠୁଛି କିଏ ବା ପଡ଼ୁଛି ଭୁଞ୍ଜି ନାନା ଅଠପହର । ଉକାଭି. ରତ୍ନମାଳୀ ।

**ଅଠପହରି**—ଦେ. ବିଣ—ଅଷ୍ଟପ୍ରହର ଅର୍ଥାତ୍ ରାତିଦିନ ବ୍ୟବହାର
Āṭhapahari ହେବା ନିମନ୍ତେ ଅଭିପ୍ରେତ—
আট পত্তরে (cloth) Intended to be worn day
आठपहीरा; आटपहर् and night; intended for
आठाँजाम् rough use.
ଦେ. ବି —ଦିନରାତି ଅଠପହର ବ୍ୟବହାର କରାଯିବା ଲୁଗା—
Cloth worn ordinarily at home.

**ଅଠପହରିଆ**—ଦେ. ବି ଓ ବିଣ—ଅଠପହରି (ଦେଖ)
Āṭhapahariā Āṭhapahari ( See )

**ଅଠପିଠିଆ**—ଦେ. ବିଣ—ଯେଉଁ ପଦାର୍ଥର ଅଠଗୋଟି ପିଠି ଥାଏ—
Āṭhapiṭhiā Eight sided.

**ଅଠପେଣ୍ଟ**—ଗ୍ରା. ବି – ଯଜନ, ଯାଜନ, ଅଧ୍ୟୟନ, ଅଧ୍ୟାପନ, ଦାନ,
Āṭhapeṇṭha ପ୍ରତିଗ୍ରହଆଦି ବ୍ରାହ୍ମଣର ଅଷ୍ଟ କର୍ମ—
The eight duties prescribed for a Brāhmaṇa.

ଯଜନ ଯାଜନାଧ୍ୟୟନାଧ୍ୟାପନ, ଦାନ ପ୍ରତିଗ୍ରହ ଗାଇ ବଦନ ।
ସମରକ ସ୍ୱମବଦ ଏ ଅଠ, ଏହାକୁ ବୋଲି ପାର୍ଥ ଅଠପେଣ୍ଟ ।
ପ୍ରାଚୀ—ପରଚେଗୀତା ।

ସାଧାରଣ ଲେଖେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଆଠପୋଇ**—ଦେ. ବି. ( ସଂ. ଅଷ୍ଟପଦୀ )—ଆଠପଦ ଯୁକ୍ତ କବିତା—
Āṭhapoi A poem consisting of 8 lines.

**ଆଠବଙ୍କା**—ଦେ. ବି. ( ସଂ. ଅଷ୍ଟାବକ୍ର )—ଅଷ୍ଟବକ୍ରତା—
Āṭhabaṅkā The state of being bent at 8 places.

ତାହା ଶୁଣି ସେ ଅଷ୍ଟାବକ୍ର ବେଦଭଙ୍କା ।
ନଗରେ ଗାଧୋଇ ଘରୁଲେ ଆଠବଙ୍କା । କୃଷ୍ଣସିଂହ ମହାଭାରତ. ବନ ।

ଦେ. ବିଣ—ଆଠବାଙ୍କ ( ଦେଖ )
Āṭhabāṅka ( See )

**ଆଠବାଙ୍କ**—ଦେ. ବିଣ. ( ସଂ. ଅଷ୍ଟାବକ୍ର )—
Āṭhbāṅka ୧ । ଯେଉଁ ବ୍ୟକ୍ତିର ଅଙ୍ଗପ୍ରତ୍ୟଙ୍ଗ ବଙ୍କା—
1. Deformed; crooked.
୨ । ବହୁସ୍ଥାନରେ ବକ୍ର—
2. Crooked at many places; zigzag.

**ଆଠବାଙ୍କି**—ଦେ. ବିଣ—ଆଠବାଙ୍କ ( ଦେଖ )
Āṭhabāṅki Āṭhabāṅka ( See )
ଦେ. ବି.—ସ୍ତ୍ରୀ ଲୋକମାନଙ୍କର ଗୋଡ଼ରେ ପିନ୍ଧିବା ଏକପ୍ରକାର ଅଳଙ୍କାର—A kind of anklet.
[ ଦ୍ର—ଏହାକୁ ଆଠବାଙ୍କିଆ ମଧ୍ୟ କୁହାଯାଏ । ]

**ଆଠମଙ୍ଗଳା**—ଦେ.ବି. (ସଂ. ଅଷ୍ଟମଙ୍ଗଳ)—୧ । ବିବାହର ଅଷ୍ଟମ ଦିବସ-
Āṭhamaṅgaḷā 1. The 8th day of the marriage.
অষ্টমঙ্গলা; আটমঙ্গলা ୨ । ଉକ୍ତ ଦିବସର କୃତ୍ୟ ବା ଉକ୍ତ ଦିବସର ନିର୍ବାହିତ କାର୍ଯ୍ୟ—2. The duties and ceremonies required to be performed on the 8th day of the marriage.

**ଆଠମଙ୍ଗୁଳା**—ଗ୍ରା. ବି—ଆଠମଙ୍ଗଳା ( ଦେଖ )
Āṭhamaṅguḷā Āṭhamaṅgaḷā ( See )

**ଆଠମଲ୍ଲିକ**—ଦେ. ବି. ( ନାମ )—ଓଡ଼ିଶାର ଗଡ଼ଜାତପ୍ରଦେଶ—
Āṭhamallika The name of a feudatory state of Orḍisā.
[ ଦ୍ର—ଏହାର ପ୍ରାଚୀନ ନାମ 'ହଣ୍ଡପା' ଥିଲା । ଏଠାର ପ୍ରାଚୀନ ରାଜା ରାଜ୍ୟକୁ ଆଠଭାଗ କରି ପ୍ରତ୍ୟେକ ଭାଗରେ ଜଣେ ଜଣେ ସରଦାର ନିଯୁକ୍ତ କରିଥିଲେ । ସେହିଦିନୁ ଏହାର ନାମ 'ଆଠମଲ୍ଲିକ' ହେଲା । ଜଗବନ୍ଧୁ. ପ୍ରାଚୀନଉତ୍କଳ ]

**ଆଠମାସିଆ**—ଦେ. ବିଣ. ପୁଂ. ଓ ସ୍ତ୍ରୀ—ଗର୍ଭର ଅଷ୍ଟମ ମାସରେ ଜନ୍ମ ହୋଇଥିବା ଶିଶୁ—( a child ) Born in the eighth month of pregnancy.
Āṭhamāsiā
আঠাঁসে
आठमासा

**ଆଠାନ୍ତର**—ପ୍ରାଦେ. ( ମେଦିନୀପୁର ) ବି—ଅଶାନ୍ତି—
Āṭhāntara Restlessness.

**ଆଠିକାଠି**—ଦେ. ବିଣ—(ସଂ: ଅତ୍ର+କ୍ଳିଷ୍ଟ) ଅତ୍ୟନ୍ତ କ୍ଳାନ୍ତ—
Āṭhikāṭhi Too much tired.

**ଆଠିକେନଟ**—ପ୍ରାଦେ. ( ଗଞ୍ଜାମ ) ବି—ଗାତରେ ପକାଇ ପକାଇ ଖେଳାଯିବା ବାଟି ଖେଳର ଅଷ୍ଟମ ଆଘାତ—
Āṭhikenaṭa (Ganjam) The 8th stroke of a game with a board having 8 holes to which small marbles are put.

**ଆଠୁଆରି**—ଦେ. ବି. ( ସଂ. ଅଷ୍ଟ )—୧ । ଉଠିଆରି ( ଦେଖ )
Āṭhuāri 1. Uṭhiāri ( See )
୨ । ଅଜଠାରୁ ଏକ ସପ୍ତାହର ପରବର୍ତ୍ତୀ ଦିବସ;ଅଜର ବାର—
2. This day week,
ଦେ. କ୍ରି. ବିଣ—ଆଠଦିନରେ ଥରେ; ଆଠଦିନକୁ ଆଠଦିନ—
Once a week.
ଦେ. ବିଣ—ଆଠଦିନରେ ଥରେ ଘଟିବା—Happening once a week.

**ଆଠୁଆରିଗାଧୁଆ**—ଗ୍ରା. ବି. ( ସଂ. ଅଷ୍ଟ )—ପ୍ରସବ କରିବାର ଅଷ୍ଟମ ଦିବସରେ ପ୍ରସୂତୀର ସ୍ନାନ; ଉଠିଆସ୍ତି—
Āṭhuārigādhuā The bath of a mother on the eighth day of child birth.

**ଆଠୁଆରିଭାର**—ଦେ. ବି.—ଧନୀ ଲୋକମାନଙ୍କ ଘରୁ ବିବାହିତା ଝିଅମାନଙ୍କ ଘରକୁ ଆଠଦିନକୁ ଆଠଦିନ ପଠାଯିବା ଭାର—Weekly presents sent to daughter of a rich man at their husband's house.
Āṭhuāribhāra

**ଆଠେଣା**—ଗ୍ରା. ବି.—ଆଠଣା (ଦେଖ)
Āṭheṇā Āṭhaṇā (See)

**ଆଠେଣି**—ଗ୍ରା. ବି.—ଆଠଣି (ଦେଖ)
Āṭheṇi Āṭhaṇi (See)

**ଆଡ଼୍‌କି**—ପ୍ରାଦେ. ( ସମ୍ବଲପୁର ) ବି.—ଖିଟି, କବାଟି, ଶଗଡ଼-ଦଣ୍ଡାରେ ପ୍ରସ୍ଥ ବା ଅଡ଼ବାଗରେ ଲଗାଯିବା ଦଣ୍ଡ—
Āṛḍki
আড়াকাঠ Cross bar put breadthwise in a door-leaf, bedstead or cart.
आड़कि

**ଆଡ଼୍‌କେରିଆ**—ପ୍ରାଦେ. ( ସମ୍ବଲପୁର ) କ୍ରି. ବିଣ—
Āṛḍkeriā ୧ । ଏକପାଖିଆ ହୋଇ; କଡ଼ବାଗେ—
1. Sidewise; side ways.
୨ । ତେରଛା ଭାବରେ—2. In a slanting manner.

**ଆଡ଼୍‌ନି**—ପ୍ରାଦେ. ( ସମ୍ବଲପୁର ) ବି—ଅଡ଼୍‌ନିଜାଲ୍ ( ଦେଖ )
Āṛḍni Āṛḍnijāl (See)

**ଆଡ଼୍‌ନିଜାଲ୍**—ପ୍ରାଦେ. ( ସମ୍ବଲପୁର ) ବି. ( ସଂ. ଅର୍ଦ୍ଧ+ଜାଲ )—
Āṛḍnijāl ଅଡ଼େନ୍‌ଜାଲ୍; ମାଛ ଧରିବାପାଇଁ ମଝିରେ ମଝିରେ କାଠି
आडयानि ଲାଗିଥିବା ଏକପ୍ରକାର କମ୍ ଓସାରର ଲମ୍ବ ଜାଲ; ଖାଡ଼ଜାଲ—A kind of small and long fishing net.

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଯୁ | ଡ଼ଅ | ଞ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗଁ୍ୟ | ଇଅ | ଡ଼ | ଋ |

**ଆଡ଼୍ପଟା**—ପ୍ରାଦେ. ( ସମ୍ବଲପୁର ) ବିଣ—ଆଡ଼ପଟା (ଦେଖ )
Ārdpaṭā Ārdapaṭā (See)

**ଆଡ଼୍ବହିଆ**—ପ୍ରାଦେ. ( ସମ୍ବଲପୁର ) ବିଣ. ପୁଂ—ଆଡ଼ବାୟା ( ଦେଖ )
Ārdbahiā Ārdabāyā (See)

**ଆଡ଼୍ବହ୍ୟା**—ପ୍ରାଦେ. ( ସମ୍ବଲପୁର ) ବିଣ. ପୁଂ—
Ārdbahyā ଆଡ଼ବାୟା ( ଦେଖ )
Ārdabāyā (See)

**ଆଡ଼୍ବାଉରା**—ପ୍ରାଦେ. ( ସମ୍ବଲପୁର ) ବିଣ. ପୁଂ—ଆଡ଼ବାୟା ( ଦେଖ )
Ārdbāurā Ārdabāyā (See)

**ଆଡ଼୍ଭଇଁରା**—ପ୍ରାଦେ. ( ସମ୍ବଲପୁର ) ବିଣ. ପୁଂ ଓ ସ୍ତ୍ରୀ—
Ārdbhaiṅrā ଆଡ଼ବହିରା ( ଦେଖ )
Ārdabahirā (See)

**ଆଡ଼୍ଭାଇସ୍**—ବୈଦେ. ( ଇଂ ) ବି—ପରାମର୍ଶ ବା ପରାମର୍ଶପୂର୍ଣ୍ଣ
Ādbhāis ଚିଠି—Advice; letter of advice.
আডভাইস
ऐडवाइस
[ ଯଥା—ଗଭର୍ଣ୍ଣମେଣ୍ଟ ଏ ଭାଷାକୋଷ ରଚନା ପାଇଁ ପାଞ୍ଚହଜାର ଟଙ୍କା ୧୯୩୦ ଜାନୁଆରୀ ମାସରେ ମଞ୍ଜୁର କରିଥିଲେହେଁ ଏକାଉଣ୍ଟାଣ୍ଟ ଜେନେରାଲଙ୍କଠାରୁ କଟକ ଟ୍ରେଜେରୀ ଅଫିସରଙ୍କ ନିକଟ ଆଡ଼୍ଭାଇସ୍ ଆସି ନ ଥିବାରୁ ଏ ଟଙ୍କା ମିଳିବାକୁ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ବିଳମ୍ବ ଘଟିଥିଲା । ]

**ଆଡ଼୍ଭାଇସରିକମିଟି**—ବୈଦେ. ( ଇଂ ) ବି—କୌଣସି ସରକାରୀ-
Ādbhāisarikamiṭi ବିଭାଗର ଅଧ୍ୟକ୍ଷ ବା ହାକିମଙ୍କୁ ପରାମର୍ଶ
আডভাইসারীকমিট ଦେବାପାଇଁ ସରକାରଙ୍କ ମନୋନୀତ
ऐडवाइसारिकमिटी କେତେକ ବ୍ୟକ୍ତିଙ୍କଦ୍ୱାରା ଗଠିତ ସମିତି—
Advisory committee.
[ ଯଥା—ସରକାରୀ କଲେଜ୍ ସ୍କୁଲ ଆଦିର ପରିଚାଳକ ପ୍ରିନ୍ସିପାଲ୍ ବା ହେଡ୍‌ମାଷ୍ଟରଙ୍କୁ କେତେକ ବିଷୟରେ ପରାମର୍ଶ ଦେବାପାଇଁ ସରକାର ଗୋଟିଏ ଲେଖାଏଁ ଆଡ଼୍ଭାଇସରି କମିଟି ପ୍ରତିଷ୍ଠା କରିଅଛନ୍ତି । ]

**ଆଡ଼୍ଭାନ୍ସ**—ବୈଦେ ( ଇଂ ) ବି—୧ । ଦରମା ବା ପ୍ରାପ୍ୟ ବା ହିସାବ
Ārdbhāns ବାବଦକୁ କୌଣସି ବ୍ୟକ୍ତିଙ୍କୁ ଦିଆଯିବା ଅଗରୁଆ
আডভান্স ଟଙ୍କା—
ऐडवान्स 1. Advance; advance payment.
୨ । କବାଲାର ଜରସମନ୍ ବା ଦ୍ରବ୍ୟର ମୂଲ୍ୟ ପାଇଁ କ୍ରେତା ବିକ୍ରେତାଙ୍କୁ ଦେବା ଅଗରୁଆ ଟଙ୍କା; ବଇନା—
Earnest money.

**ଆଡ଼୍ଭୁଷ**—ଦେ ଅ—ଆଡ଼ଭୂଷ୍ ( ଦେଖ )
Ārdbhush Ādabhush (See)

**ଆଡ଼୍ଭୋକେଟ୍**—ବୈଦେ. ( ଇଂରାଜ ) ବି—
Ādbhoket ହାଇକୋର୍ଟରେ ଓକାଲତି କରିବାପାଇଁ ଅନୁମତିପ୍ରାପ୍ତ
আডভোকেট উচ্চ শ্রেণীর ଓକିଲ; ବାରିଷ୍ଟର—Advocate.
ऐडवाकेट

**ଆଡ଼୍ଭୋକେଟ୍‌ଜେନେରଲ୍**—ବୈଦେ. ( ଇଂ ) ବି—
Ādbhoketjenaral ହାଇକୋର୍ଟରେ ସରକାରଙ୍କ ପକ୍ଷରୁ
আড়ভোকেট জেনেরাল ମକଦ୍ଦମା ଚଳାଇବାପାଇଁ ନିଯୁକ୍ତ ବା ବଡ଼
ऐडवाकेट जनरल ବାରିଷ୍ଟର—Advocate General.

**ଆଡ଼ମଇ**—ପ୍ରାଦେ. ( ସମ୍ବଲପୁର ) ବି—ଅସମତଳ କାଦୁଅ କ୍ଷେତର
Āḍamai କାଦୁଅକୁ ଉଚ୍ଚ ସ୍ଥାନରୁ ନୀଚ ସ୍ଥାନକୁ ଟାଣିନେଇ କ୍ଷେତକୁ ସମତଳ କରିବାପାଇଁ ବ୍ୟବହୃତ ମଇ—
A ladder-like contrivance dragged on the ground to level up a muddy field.
[ ଦ୍ର—ସମ୍ବଲପୁରରେ ସାଧାରଣ ମଇକୁ କଣ୍ଟର ଓ ଗୁଣ୍ଡୁଲି ମାଟି ଟାଣିନେବା ମଇକୁ ଲୁରୁଡ଼୍ ବା କୋରଡ଼୍ କହନ୍ତି । ]

**ଆଡ଼ମିଟ୍ କରବା**—ବୈଦେ. ( ଇଂ. କରିବା ) ( ଇଂ)କ୍ରି—
Āḍmit kariba
আড়মিটকরা ୧ । ଦାଏର ହେବା କୌଣସି ମକଦ୍ଦମା ବା ଅପିଲ୍‌କୁ
ऐडमिट करना ପରେ ବିଚାର କରିବାପାଇଁ (ହାକିମ) ଗ୍ରହଣ କରିବା—
1. (a court) To admit a case or an appeal for hearing.
[ଦ୍ର—କୋର୍ଟ୍‌ରେ କେହି ବ୍ୟକ୍ତି ଗୋଟିଏ ମକଦ୍ଦମା ବା ଅପିଲ୍ ଦାଏର୍ କଲାକ୍ଷଣି ହାକିମ ଅରଜି ବା ଅପିଲ୍ ଲିଜିହାଉକୁ ପାଠ କରି ଯେବେ ଦେଖନ୍ତି ଯେ ସେଥିରେ ଯଥେଷ୍ଟ କାରଣ ନାହିଁ ତେବେ ତାକୁ ସଙ୍ଗେ ସଙ୍ଗେ ନାମଞ୍ଜୁର ବା ରିଜେକ୍ଟ କରି ଦିଅନ୍ତି; କିନ୍ତୁ ଯେବେ ଦେଖନ୍ତି ଯେ ସେଥିରେ ଯୁକ୍ତିସଙ୍ଗତ କାରଣ ଥିଲା ପରି ବୋଧ ହେଉଛି ତେବେ ତାକୁ ଗ୍ରହଣ କରି ଅପର ପକ୍ଷକୁ ନୋଟିସ୍ ଦିଅନ୍ତି ଓ ଉଭୟ ପକ୍ଷଙ୍କର ଜବାବ୍ ସୱାଲ୍ ଶୁଣିବା ପରେ ଉକ୍ତ ମକଦ୍ଦମା ବା ଅପିଲକୁ ଡ଼ିକ୍ରି ବା ଡ଼ିସମିସ୍ କରନ୍ତି । ]
୨ । ମକଦ୍ଦମାରେ ଏକ ପକ୍ଷ (ବାଦୀ ବା ପ୍ରତିବାଦୀ) ଅପର ପକ୍ଷ ଦ୍ୱାରା ଉପସ୍ଥାପିତ କୌଣସି ବିଷୟ ବା ଦଲିଲକୁ ସ୍ୱୀକାର କରିବା—2. ( a party in a case ) To admit any matter or document put up by the opposite party.
୩ । ପକ୍ଷଙ୍କଦ୍ୱାରା ଦାଖଲ ହୋଇଥିବା କୌଣସି ଦଲିଲ ବା ପଦାର୍ଥକୁ ହାକିମ ମକଦ୍ଦମାରେ ପ୍ରମାଣରୂପେ ଗ୍ରହଣ କରିବା—3. ( a Court ) To admit a document or article as an exhibit in a case.
୪ । ପଢ଼ିବାପାଇଁ କୌଣସି ଛାତ୍ରର ନାମ ବିଦ୍ୟାଳୟରେ ଲେଖି ( ଶିକ୍ଷକ ) ତାକୁ ସ୍କୁଲରେ ଭରତି କରିବା—
4. To admit a boy to a school.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଷ' ନ ମିଳିଲେ 'କଷ' ଦେଖିବେ; 'ବଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅର୍ଗ୍ଘ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍ତ' ଦେଖିବେ ।

**ଆଡ୍‌ମିଟ୍ ହେବା**—ବୈଦେ. (ବଚରଅ) କ୍ରି.—(ଇଂ. ଆଡ୍‌ମିଟ୍ )—
Ādmit hebā
আড়মিট হওয়া ୧ । କୌଣସି ମକଦ୍ଦମା ବା ଅପିଲ୍ ପରେ ଶୁଣାଣି
**ऐडमिटहोना** ହେବା ପାଇଁ ହାକିମଙ୍କଦ୍ୱାରା ଗୃହୀତ ହେବା—
1. (a case or appeal) To be admitted by a Court for hearing.

୨ । ମକଦ୍ଦମାସମ୍ପର୍କୀୟ କୌଣସି ବିଷୟ ବା ଦଲିଲ କୌଣସି ପକ୍ଷଦ୍ୱାରା ସ୍ୱୀକୃତ ହେବା—2. (any matter or document) To be admitted by a party in a case.

୩ । କୌଣସି ଦଲିଲ ବା ବସ୍ତୁ ଚଳୁଥିବା ମକଦ୍ଦମାରେ ପ୍ରମାଣରୂପେ ହାକିମଙ୍କ ଦ୍ୱାରା ଗୃହୀତହେବା—
3. (a document or article) To be admitted by court in evidence.

[ ଦ୍ର—ମକଦ୍ଦମା ବିଚାର ବେଳେ ଆଡ୍‌ମିଟ୍ ହେବା ଦଲିଲ ବା ବସ୍ତୁରେ ହାକିମ ଗୋଟିଏ ମାର୍କା ଦିଅନ୍ତି ଓ ତାକୁ 'ଏକ୍‌ଜିବିଟ୍' ( exhibit ) ବୋଲାଯାଏ । ]

୪ । ପାଠ ପଢ଼ିବାପାଇଁ ଶିକ୍ଷକ ଛାତ୍ରର ନାମ ସ୍କୁଲର ଆଡ୍‌ମିସନ୍ ରେଜିଷ୍ଟରୀରେ ପୂରଣ କରିବାରୁ ଛାତ୍ରର ସ୍କୁଲରେ ଭର୍ତ୍ତି ହେବା—4 (a student) To be admitted to a school.

**ଆଡ୍‌ମିନିଷ୍ଟ୍ରେଟର୍**—ବୈଦେ. ( ଇଂ. ବଚରଅ ) ବି—
Ādminishṭreṭar ୧ । ଯେବେ ୱିଲ୍ ସମ୍ପାଦନ ନ କରି
আড্মিনিস্ট্রেটর্ କିମ୍ବା ଅପଣାର ମୃତ୍ୟୁ ପରେ ତାଙ୍କର
**ऐडमिनिस्ट्रेटर** ସମ୍ପତ୍ତି ରକ୍ଷଣାବେକ୍ଷଣ କରିବା ବ୍ୟକ୍ତିକୁ ମନୋନୀତ ନ କରି ସମ୍ପତ୍ତିର ମାଲିକ ମୃତ ହୋଇଥାନ୍ତି ତେବେ ଉକ୍ତ ସମ୍ପତ୍ତି ବୁଝାସୁଝା କରିବାପାଇଁ ଜଜ୍-ସାହେବ ଯେଉଁ ବ୍ୟକ୍ତିଙ୍କୁ ନିଯୁକ୍ତ କରନ୍ତି—
1. Administrator to the estate of a deceased person.

[ ଦ୍ର—ଆଡ୍‌ମିନିଷ୍ଟ୍ରେଟରଙ୍କୁ ଜଜ୍‌ସାହେବ ଯେଉଁ ନିଯୁକ୍ତିପତ୍ର ଦିଅନ୍ତି ତାହାକୁ 'ଲେଟର୍ସ-ଅଫ୍ ଆଡ୍‌ମିନିଷ୍ଟ୍ରେସନ୍' Letters of Ādministration ବୋଲାଯାଏ । ]

୨ । ନାବାଳଗ ବା ଅସମର୍ଥ ଦେଶୀୟ ରାଜାଙ୍କ ରାଜ୍ୟ ଶାସନାର୍ଥ ସରକାରଙ୍କ ଦ୍ୱାରା ନିଯୁକ୍ତ କର୍ମଚାରୀ—
2. Administrator of a state under Government management.

[ ଦ୍ର—ବଡ଼ ବଡ଼ ଦେଶୀୟ ରାଜ୍ୟର ଉକ୍ତ ଶାସନକର୍ତ୍ତାଙ୍କୁ ଆଡ୍‌ମିନିଷ୍ଟ୍ରେଟର୍ ବୋଲାଯାଏ । ଓଡ଼ିଶାର ଗଡ଼ଜାତର ଏବଂଭୂତ ଶାସନକର୍ତ୍ତାଙ୍କୁ ସୁପରିଣ୍ଟେଣ୍ଡେଣ୍ଟ୍ (Superintendent) ବୋଲାଯାଏ ।]

**ଆଡ୍‌ମିରାଲ୍**—ବୈଦେ. (ଇଂ.) ବି—ନୌବାହିନୀର ପ୍ରଧାନ ସେନାପତି—
Ādmirāl Admiral.
আড়মিরাল
**एडमिरल**

[ଦ୍ର—ଏହାଙ୍କର ନିମ୍ନକର୍ମଚାରୀଙ୍କ ପଦ ଭାଇସ୍‌ଆଡ୍‌ମିରାଲ୍ (Vice-admiral) ଓ ତାଙ୍କ ତଳେ ରିଅର୍ ଆଡ୍‌ମିରାଲ୍ ( Rear admiral )]

**ଆଡ୍‌ମିରାଲ୍‌ଟୀ**—ବୈଦେ. ( ଇଂ. ) ବି—
Ādmirālṭi ୧ । ସରକାରଙ୍କ ନୌସେନାବିଭାଗ—
আড়মিরাল্টী 1. Admiralty department of
**ऐडमिरालटी** Government.

[ ଦ୍ର—ନୌସେନାବିଭାଗ ସମ୍ପର୍କୀୟ ମକଦ୍ଦମାମାନ ବୁଝିବା ପାଇଁ ଭାରତର ହାଇକୋର୍ଟମାନଙ୍କର ଗୋଟିଏ ସ୍ୱତନ୍ତ୍ର ବିଚାରବିଭାଗ ଅଛି, ଏହାକୁ ଆଡ୍‌ମିରାଲ୍‌ଟୀ ଡିଭିଜନ୍ ( Admiralty Division of the High Court ) ବୋଲାଯାଏ ।]

**ଆଡ୍‌ମିସନ୍**—ବୈଦେ. ( ଇଂ. ) ବି—
Ādmisan ୧ । ଶୁଣାଣି ବା ବିଚାର ହେବା ପାଇଁ ଅଦାଲତଙ୍କ ଦ୍ୱାରା
আড়মিসন্ କୌଣସି ମକଦ୍ଦମା ବା ଅପିଲର ଗ୍ରହଣ—
**ऐडमिसन** 1. Admission of a case or appeal for hearing by a Court.

୨ । ପଢ଼ିବାପାଇଁ ଛାତ୍ରର ବିଦ୍ୟାଳୟରେ ପ୍ରବେଶ; ଆଡ୍‌ମିସନ୍-ରେଜିଷ୍ଟରୀରେ ଛାତ୍ରର ନାମ ଲେଖା—
2. Admission of a student to a school.

୩ । ଥିଏଟର୍, ସର୍କସ୍, ପ୍ରଦର୍ଶନୀଆଦିରେ କର୍ତ୍ତୃପକ୍ଷଙ୍କ ଅନୁମତ୍ୟନୁସାରେ ଦର୍ଶକମାନଙ୍କର ପ୍ରବେଶ—
3. Admission of spectators to a theatre, circus, exhibition etc.

୪ । ମକଦ୍ଦମାରେ କୌଣସି ପକ୍ଷ ଦ୍ୱାରା ଅପର ପକ୍ଷର ଦାଖଲ ଦଲିଲର ବା ଜାହିର ବିଷୟର ସ୍ୱୀକାର—
4. Admission by one party of any fact or document produced by the opposite party during the trial of a case.

[ ଦ୍ର—ଫଉଜଦାରୀ କୋର୍ଟରେ ମୁଦାଲାଦ୍ୱାରା ଅପରାଧର ସ୍ୱୀକାରକୁ କନ୍‌ଫେସନ୍ (confession ) ବୋଲାଯାଏ ।]

**ଆଡ୍‌ମିସନ୍ କାର୍ଡ୍**—ବୈଦେ. ( ଇଂ. ) ବି—ଯେଉଁ କାର୍ଡ୍ ବା
Ādmisan kārḍ କାଗଜ ଦେଖାଇ ଉକ୍ତ କାର୍ଡ୍ ଧରିଥିବା ବ୍ୟକ୍ତି
আড়মিশনকার্ড ଥିଏଟର୍, ସର୍କସ୍, ପ୍ରଦର୍ଶନୀ ଆଦିର ଭିତରକୁ
**ऐडमिसन कारड** ପ୍ରବେଶାଧିକାର ପାଆନ୍ତି—
Admission card.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଋ | ଋଷ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଙ୍ଗ | ଞ୍ଚ | ଷ,ଶ | ଜ୍ଞ | ଇଯ୍ | ଉଅ | ଭ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଗ୍ୟ | ଯ | ସ | ଗ୍ୟଂ | ଇଅ | ୱ | ନ୍ତ |

ଆଡ୍‌ମିସନ୍ ଟିକଟ୍—ବୈଦେ. (ଇଂ) ବି—ଯେଉଁ ଟିକଟ ବା ଟିକ
Ādmisan ṭikaṭ — କାଗଜ ଖଣ୍ଡ ଧରିଥିବା ବ୍ୟକ୍ତି ଥିଏଟର
আডমিসন টিকিট — ଆଦିର ଭିତରକୁ ପ୍ରବେଶାଧିକାର ପାଏ—
**ऐडमिसन टिकट** — Admission ticket.

ଆଡ୍‌ମିସନ୍ ଫି—ବୈଦେ. ( ଇଂ ) ବି—ବିଦ୍ୟାଳୟରେ ଭରତି
Ādmisan phi — ହେବା ପିଲାର ନାମ ଲେଖା ହେବା ପାଇଁ
আডমিসন ফী — ପିଲାଠାରୁ ନିଆଯିବା ନିର୍ଦ୍ଧାରିତ ଧନ—
**ऐडमिसन फी** — Admission fee.

ଆଡ୍‌ମିସନ୍ ଫିସ୍—ବୈଦେ. (ଇଂ) ବି—ଆଡ୍‌ମିସନ୍ ଫି ( ଦେଖ )
Ādmisan phis — Ādmisan phi (See)

ଆଡ୍‌ମିସନ୍ ବହି—ବୈଦେ. ବି. (ଇଂ. ଆଡ୍‌ମିସନ + ଅ. ବହି )—
Ādmisan bahi — ବିଦ୍ୟାଳୟରେ ଭରତି ହେବା ପିଲାର
আডমিসন বই — ନାମ ଓ କେତେକ ବିବରଣ ଯେଉଁ
**ऐडमिसन बहि** — ପୁସ୍ତକରେ ଲେଖା ହୁଏ—Admission register.

ଆଡ୍‌ମିସନ୍ ରେଜିଷ୍ଟରି—ବୈଦେ.ବି ( ଇଂ. ଆଡ୍‌ମିସନ ରେଜିଷ୍ଟର )
Ādmisan regishṭarī — ଆଡ୍‌ମିସନ୍ ବହି (ଦେଖ)
আডমিসন রেজিষ্টার — Ādmisan bahi (See)
**ऐडमिसन रजिष्टरि**

ଆଡ୍‌ସରା—ଗ୍ରାଦେ. (ସମ୍ବଲପୁର) ବି—
Ādsarā — ୧ । ଅର୍ଗଳ—1. A cross-bar.
୨ । ଛାମୁଣ୍ଡିଆ ଉପରେ ଅଡ଼ିବାଗରେ ପକାଯିବା କାଠ ବମ୍ବା ବାଉଁଶଖଣ୍ଡମାନ—Cross-poles put across a framework erected for shade.

ଆଡ଼—ଦେ. ବି—( ସଂ. ଅର୍ଦ୍ଧ; ଭୂଳ—ପ୍ରାକୃତ ୫ମୀ ବିଭକ୍ତିର
Ārḍa — ପ୍ରତ୍ୟୟ ଆହୁ=ଆଡ଼୍=ଠାରୁ, ଠାରୁ; ଭୂଳ—
দিক্ — ସଂସ୍କୃତ ଅଡ଼ ଧାତୁ = ଯୋଡ଼ିବା = to join, ଅଟକାଇବା—to stop. ଅଲ ଧାତୁ = ବାରଣ କରିବା)—

୧ । ତରଫ—Direction.

ରମଣଙ୍କୁ ନାଗବଲ୍ଲୀ—ଯାଉ ଯାଉ
ମୋ ଆଡ଼େ ତୋଳା ଚାଳିବ ।
ଗୋପାଳକୃଷ୍ଣ—ପଦ୍ୟାବଳୀ ।

୨ । ପାର୍ଶ୍ୱ; କଡ଼; ପାଖ—2. Side; flank.

ନାରମଣ୍ଡଳରୁ କର ମଣ୍ଡଳ ପର୍ଯ୍ୟନ୍ତେ
ଆଡ଼ ଗଡ଼ ଦେଇ ପିଟିଲ ଅନୁକ୍ରମେ । କୃଷ୍ଣ କେଶରୀପୁରାଣ ।

୩ । ଦିଗ—3. Quarter of the globe.
(ଯଥା—ପୂର୍ବଆଡ଼େ ସୂର୍ଯ୍ୟ ଉଦୟ ହେଲେ । )

୪ । ଦେହର (ଅମୁକ) ଅଂଶ—
4. A part of the body.
(ଯଥା—ମୁଣ୍ଡଆଡ଼; ଗୋଡ଼ଆଡ଼; ପେଟଆଡ଼; ପିଠିଆଡ଼)

ନାରଠାରୁ ଚେଣିକ ହୋଇଛ ଶଗର;
ଗୋଡ଼ଆଡ଼ ଯେ ହୋଇ ନାହିଁ ତ ହାକର । କୃଷ୍ଣସିଂହ. ମହାଭାରତ.ଆଦି ।

୫ । ପକ୍ଷ; ଦଳ—5. Party

ଦୁର୍ଯ୍ୟୋଧନ ଆଡ଼ରେ ଅଛନ୍ତି ସପ୍ତରଥୀ । ସାରଳାମହାଭାରତ ।

୬ । (ସ. ଆୟତ ) ଓସାର; ପ୍ରସ୍ଥ—
6. Breadth; width.

ଭିତ ମଠି, ଆଡ଼ ଦମଠି, କଥିର ମଝିରେ ପୋଡିବ କାଠି । ଡାକବଚନ ।

୭ । କୌଣସି ବସ୍ତୁର (ଅମୁକ) ଅଂଶ—7. A particular part or portion of a thing.
(ଯଥା—ଏ ଟେବଲ ଉପରେ ଆଡ଼େ ଗୋଟିଏ ଚେର ଦରଜା ଅଛି । )

୮ । କୌଣସି ବସ୍ତୁର ପୃଷ୍ଠ ଦେଶ ବା ଉପରଭାଗ—
8. Surface of a thing.
(ଯଥା—ଏ ପଥରର ଉପର ଆଡ଼ଟା ଅସମାନ ଅଛି । )

୯ । କୌଣସି ଲମ୍ବ ବସ୍ତୁର ଗୋଟିଏ ପାଖର ଅଗ—
9. One end of a long thing.
(ଯଥା—ଏ ବାଡ଼ିର ମୂଳଆଡ଼େ ଲୁହା ଗୋବ ବସିଛି ଓ ମୁଣ୍ଡ ଆଡ଼େ ରୁପା ଛୁଆଣି ହୋଇଛି । )

୧୦ । ନୈକଟ୍ୟ; ପାଖ—10. Nearness;contiguity.

ନ ଜାଣିଲି ପର ସେ ତୋ ଆଡ଼କୁ; ଆସୁ ଦୁଃଖିବାର ରୁ ପଡ଼ିଲୁ ।
ଗୋପାଳକୃଷ୍ଣ. ପଦ୍ୟାବଳୀ ।

୧୧ । ବ୍ରହ୍ମାଣ୍ଡ, ପୃଥିବୀ ବା ଦେଶର ଅଂଶ; ଅଞ୍ଚଳ—
11. Locality; a part or place of the Universe, globe or country.

କେତେ ଆଡ଼େ କେତେ ସୃଷ୍ଟି ଯେ କରିଅଛ ଆପେ । କୃଷ୍ଣଗର୍ଭପୁରାଣ ।

୧୨ । କୌଣସି ପ୍ରସ୍ତାବ ବା ଯୁକ୍ତିର ପକ୍ଷ—
12. Point of view; side of an argument.

ସବୁ ଆଡ଼କୁ ଚାହିଁ ସବୁ କଥା ବୁଝି ସମ୍ମତି କରିବା ଭଲ ।
ଫକୀରମୋହନ. ପ୍ରାୟଶ୍ଚିତ୍ତ ।

୧୩ । ଯୁଆ ଆଦି ଖେଳରେ ରଖାଯିବା ହୁଡ଼; ପଣ; ବାଜି—
13. Stake; wager laid in a game of hazard.

ମର ବୋଲେ ଭାଇ ସବୁ ଦ୍ରବ୍ୟ କଲ ଆଡ଼,
ଏ ମୋହର ଦ୍ରବ୍ୟକୁ ତୋ ସୁଧର୍ମୀକୁ ଏଡ଼ । ପୀତାମ୍ବର. ନୃସିଂହପୁରାଣ ।

୧୪ । (ସ. ଅନ୍ତରାଳ)—ଅନ୍ତରାଳ; ଆଢୁଆଳ—
14. Back side.

ମୋ ଓଷ୍ଠ ବଣ ଚାହିଁ ହସିଲ ସେ ଆଡ଼େ ରହି । ଗୋପାଳକୃଷ୍ଣ. ପଦ୍ୟାବଳୀ ।

୧୫ । (ସଂ. ଅଲ ଧାତୁ = ବାରଣ) ଅଡୁଆ; ବାଧା—
आड़ — 15. Hinderance; obstruction; impediment.
(ଯଥା—ଏ କାର୍ଯ୍ୟ କରିବାରେ ଆଉ ଏବେ କୌଣସି ଆଡ଼ ନାହିଁ।)

୧୬ । ଅନୁକୂଲ୍ୟ; ପକ୍ଷ ସମର୍ଥନ—16. Support.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ କୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଖାଇ' ନ ମିଳିଲେ 'ଗାଇ' ଖୋଜିବେ; 'ଭୃଅ' ନ ମିଳିଲେ 'କୃଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବଡ଼' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

(ଯଥା—ନସାପରେ ବସି ଜଣକ ଅଡ଼୍‌ଭକୁ କଥା କହିବା ଅନ୍ୟାୟ ।)

୧୭ । (ସଂ. ଅଟ୍ଟ ଧାତୁ ?)—ଆଗମନ; ଆସିବା; ଉପସ୍ଥିତି—
17. Arrival; coming; presence.

ଭୁଟିଥିଲେ ଶ୍ରୀକଣୋସ ତୋ ଅଡ଼୍‌କୁ ଅନସର
ଲେଖ ଲେଖି ଧର ଦେଖିଥିବେ ତୋ ପଦ୍ଧର କ । ଗୋପାଳକୃଷ୍ଣ. ପଦ୍ୟାବଳୀ ।

୧୮ । (ସଂ. ଅଙ୍କ—ରେଖା ?)—ଆକାର—
18. Shape; form.

ଧନ୍ୟ ସୁନ୍ଦରୀ, ଧନ୍ୟ ପ୍ରୀତିବତୀ, ଧନ୍ୟ ନିର୍ଝରିଣୀ ଧାର
କି ଗୌରବ ଆଜ୍ଞ ମହୁଁଙ୍କ ମହତ ଆଡ଼ରେ ପୁଣି ବିହାର ।
ଅଙ୍କସ୍ୱତନ୍ତ୍ର. କବିତାମ୍ଭା

୧୯ । (ସଂ. ଉରସ୍)—ଔରସ; ପିତୃତ୍ୱ—
19. Fatherhood.

୨୦ । ମାତୃତ୍ୱ; ଗର୍ଭ—20. Motherhood; womb.
(ଅଡ଼ରେ ତଳେ ଉଦାହରଣ ଦେଖ)

୨୧ । ପ୍ରାଦେ. (ପୁରୀ) ବି—କଦଳି ଗଣିବା କରାଯିବା ସଂଖ୍ୟା ବିଶେଷ; ୩୨ ଯୋଡ଼ା ଓ ସ୍ଥଳ ବିଶେଷରେ ୪୦ ଯୋଡ଼ା—
21. An aggregate or unit of 64 (and at places 80) plantains.
(ଯଥା—ଜଗନ୍ନାଥପୁରରେ ବର୍ତ୍ତମାନ ବନ୍ତଲକଦଳୀର ଭାଉ ଟଙ୍କାକୁ ଦୁଇ ଅଡ଼ ।)

୨୨ । ପ୍ରାଦେ. (କଟକ; ପୁରୀ) (ସଂସ୍କୃତ—ଆଢ଼୍ୟ)—ବଙ୍ଗଦେଶୀୟ ବୈଶ୍ୟମାନଙ୍କ ବଂଶୋପାଧି 'ଆଢ଼୍ୟ'ର ଡାକନାମ ।
(ଆଡ଼ି)
22. A word commonly used for the more correct family-title Ādhya of the Baisyas of Bengal.
[ଦ୍ର—କଟକ ଓ ପୁରୀରେ ଆଢ଼୍ୟ ଉପାଧିଧାରୀ ସ୍ଥାୟୀ ଅଧିବାସୀ ବଙ୍ଗାଳୀଙ୍କୁ ଓଡ଼ିଆମାନେ 'ଅଡ଼' ଉପାଧିରେ ଡାକନ୍ତି ଓ ଲେଖନ୍ତି ।]

୨୩ । ପ୍ରାଦେ. (ଗଡ଼ଜାତ) ବି—କୌଣସି ପାଣିନଳାକୁ ବନ୍ଧାଇ ମାଛ ମାରିବାପାଇଁ ନଳାରେ ଅଡ଼ବାଗରେ ଦିଆଯିବା ଲମ୍ବ କାଠ—23. A long piece of wood put on a dam across a channel to fish.
[ଦ୍ର—ଏ ଅଡ଼କୁ ମଝିରେ ମଝିରେ ଖିଲ ପୋତି ଅଟକାଇବାକୁ ହୁଏ ଓ ଜଳସ୍ରୋତ ତଡ଼ି ନ ନେବାପାଇଁ ସ୍ରୋତରେ ବିପରୀତ ଦିଗରୁ ଏହାକୁ 'ପେଲ' ଦ୍ୱାରା ଠେସି ରଖିବାକୁ ହୁଏ ।]

୨୪ । ପୁରୁଷ ବା ସ୍ତ୍ରୀ ନିଜର ପତ୍ନୀ ବା ପତି ଏହି ଅର୍ଥରେ ବ୍ୟବହାର କରିବା ଶବ୍ଦ—24. A term used by a man or woman to mean his wife or her husband.
[ଦ୍ର—ଭଦ୍ରବ୍ୟକ୍ତି ଓ ବନ୍ଧୁମାନେ ନିଜ ସ୍ତ୍ରୀଙ୍କ କଥା ପଡ଼ିଲେ 'ମୋ ସ୍ତ୍ରୀ' ନ କହି 'ଘରଅଡ଼' 'ଭିଥସଅଡ଼' ଶବ୍ଦ ବ୍ୟବହାର କରନ୍ତି । 'ଯଥା—ଭିଥସ ଅଡ଼ରୁ ଆମକୁ ଆଜ ଡକରା ଆସିଛି ।' ଓ ସ୍ତ୍ରୀମାନେ ମଧ୍ୟ ନିଜ ସ୍ୱାମୀଙ୍କ ସମ୍ବନ୍ଧେ କହନ୍ତି 'ଦାଣ୍ଡଅଡ଼େ ଯାତ୍ରା ଦେଖିବାକୁ ଯାଇଅଛନ୍ତି ।']

ଦେ. ବିଣ. (ସଂସ୍କୃତ ଅରାଳ=ବକ୍ର; ତିର୍ଯ୍ୟକ୍)—
ଆଡ ୧ । ବକ୍ର; ତିର୍ଯ୍ୟକ୍; ତେରଚ୍ଛା—1. Inclined; oblique;
ଆଡ; ଟେଢ଼ା; slanting (ଯଥା-ଅଡ଼ଗସ୍, ଅଡ଼ଦୃଷ୍ଟି)

୨ । ଅନ୍ତରିତ; ସ୍ଥାନାନ୍ତରକୁ ଗତ—2. Keeping aloof; gone away.

ପଣତ ପ୍ରସାଦ ମାଗୁଛି ମୁଁ ଏତେ ଆଡ଼ ହୁଅ ଥରେ ଦୟା କର ।
ଗୋପାଳକୃଷ୍ଣ. ପଦ୍ୟାବଳୀ ।

୩ । ଅନ୍ତର୍ହିତ; ଅଦୃଶ୍ୟ—
3. Disappearing; invisible.

କ୍ଷଣେ ଲକ୍ଷଣରୁ ଅଡ଼ ହେଲେ ଦଶ
ଦିଗ ଦିଶୁଛି ତ ମତେ ଶୂନ୍ୟ । ଗୋପାଳକୃଷ୍ଣ. ପଦ୍ୟାବଳୀ ।

୪ । ପଳାୟିତ; ଦ୍ରୁତଗତିରେ ଦୂରକୁ ଗତ; ଦୂରକୁ ଛୁଟିଯିବା—4. Fled away; moving off swiftly to a distance.

ଲକ୍ଷେ ଯୋଜନରେ ଶର ପଡ଼େ ଅଡ଼ ହୋଇ । ପୀତାମ୍ବର. ନୃସିଂହପୁରାଣ ।

୫ । ତିଯକ୍ ବକ୍ର; ଟେରା (ଆଖି)—
5. Sidelong; aslant; squinting (eye).

ଅଡ଼ନୟନ ବଙ୍କା ଭୁରୁ, ସ୍ୱାଙ୍କ ଜାଣିବ ଠକଙ୍କ ଗୁରୁ—ଚଗ ।

୬ । ଆଡ଼େଇ ଯିବା; ପାଖେଇ ଯିବା; ଏକପାଖକୁ ଘୁଞ୍ଚିଯିବା—
6. Moving off to one side.

କହୁ କହୁ ସମର ଯେ ସଙ୍ଗିଙ୍କ ବେଳ
ଦେଖିଣ ଅଡ଼ ହୋଇଲେ ଦଶରଥ ନନ୍ଦନ । ମହାଦେବ. ମାର୍କଣ୍ଡେୟପୁରାଣ ।

୭ । (ସଂ. ଅଲ=ବାରଣ; ଅଟକ) ବିପକ୍ଷ; ପ୍ରତିକୂଳ; ବାମ—7. Opposed; inimical; unfavourable.
(ଯଥା—ତାକୁ ଦଇବ ଅଡ଼ ହେଲାଣି ।)

୮ । ଠେଙ୍ଗା ବାଗରେ ପଡ଼ିଥିବା—
8. Placed crosswise; laid across.
(ଯଥା—ଅଡ଼କାଠ; ଅଡ଼ବନ୍ଧ ।)

୯ । ବାଧାଜନକ; ବିଘ୍ନକର—
9. Obstructing; impeding.

୧୦ । (ସଂ. ଅର୍ଦ୍ଧ)—ଅର୍ଦ୍ଧ; ଅଧା—10. Half.

ତୁଲ୍ୟ ବାଲ୍ୟାରୁଣ ଦ୍ୟୁତି ଲଙ୍ଗ ଉନ୍ନତଗ ହୋଇ ଅଡ଼େ ଲାଗି
ଚଳ୍ପାଳ କଳ୍ପଳ କାନ୍ତି ତାନତେଲ ପିନ୍ଧି ଚଳବ କଳଓଁଚାଙ୍ଗୀ ।
ଗୋପାଳକୃଷ୍ଣ. ପଦ୍ୟାବଳୀ ।

୧୧ । ଈଷତ୍; ସାମାନ୍ୟ—11. Slight.
(ଯଥା—ଅଡ଼ରୁଷା; ଅଡ଼ଅଦ୍ଧାର ।)

୧୨ । (ସଂ. ଉଦ୍‌ବୃତ୍ତ; ଅର୍ଦ୍ଧ)—ବଳି ପଡ଼ିଥିବା; ଉଦ୍‌ବୃତ୍ତ ରହିଥିବା—12. Remaining over.
(ଯଥା—ଅଡ଼ସିଥ ।)

୧୩ । ଅନ୍ୟଥାକୃତ; ଅବଜ୍ଞାତ—
13. Disobeyed; disregarded.
(ଯଥା—ମୁଁ ଆପଣଙ୍କ କଥାକୁ ଅଡ଼ କରି ପାରିବି ନାହିଁ ।)

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇୟ | ଉଅ | ଊ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ଓ | ଋ |

୧୪ । ଏକ ପାଖରେ ସ୍ଥିତ ବା ସଜ୍ଜିତ; ଏକପାଖିଆ—
14. One-sided; situated or arranged on one side.

ଆଡ଼ କରଣ କର ମାଉ ଦେଇଛନ୍ତି । କୃଷ୍ଣସିଂହ. ମହାଭାରତ. ଅଦି ।

୧୫ । ଅମୁକ ସ୍ଥାନକୁ ପଡ଼ିଥିବା ( ବାଟ ବା ରାସ୍ତା )—
15. (road) Leading to (such & such a place).

ଗଉଣ ତୀର୍ଥ ଆଡ଼ ବାଟ ଗଲ
କହ ବଂଶୀ କୁଇଁ ଛଡ଼ିଲ ବୋଲ । ଗୋପାଳକୃଷ୍ଣ. ପଦ୍ୟାବଳୀ ।

୧୬ । ପ୍ରାଦେ. ( ପୁରୀ )ର—୩୨ ଯୋଡ଼ା ଓ ସ୍ଥଳ ବିଶେଷରେ ୪୦ ଯୋଡ଼ା ଲେଖାଏଁ ଗଣତି କରାଯିବା (କଦଳୀ)—
16. ( plantains ) Counted by a unit of 64 or 80.

( ଯଥା—ସନ୍ତ୍ୟବାଗରେ ଟଙ୍କାକୁ ଦେଢ଼ ଅଡ଼ା କଦଳୀ ମିଳୁଛି । )

୧୭ । ଆଡ଼ର ( ଦେଖ )
17. Ārdara ( See )

ଦେ. ବିଶେଷଣ (ଅନ୍ୟ ଶବ୍ଦ ପୂର୍ବରେ ଲାଗେ ।)—
୧ । ( ସଂ. ଅର୍ଦ୍ଧ ) ଅଧା; ଅଧ—1. Half.
আড় ( ଯଥା—ଆଡ଼ପେଲା )
**आड़ा** ୨ । ଈଷତ୍; ସାମାନ୍ୟରେ—2. Slightly
( ଯଥା—ଅଡ଼ବଙ୍କା; ଅଡ଼ବନ୍ଦଳିଆ । )

[ ଦ୍ର—ସଂସ୍କୃତ ଅଡ଼ ଧାତୁ=to join=ଯୋଗ କରିବା; to stop=ବନ୍ଦ କରିବା, ଅଟକାଇବା; ଦ୍ରାବିଡ଼ୀୟ ଭାଷାମାନଙ୍କରେ ଅଡ୍ ଧାତୁ ଅନେକ ଆକାର ଧାରଣ କରି ନିମ୍ନଲିଖିତ ଅର୍ଥରେ ବ୍ୟବହୃତ ହୁଏ, ନିକଟରେ ଥିବା—to be near; ନିକଟରେ—close to; ପାରହେବା—to cross ବନ୍ଦ କରିବା, ଅଟକାଇବା—to stop ଇତ୍ୟାଦି—ଦ୍ରଷ୍ଟବ୍ୟ Comparative grammar, ତୁଳ. ସଂ.ଅଳ=ବାରଣ, ରୋକ୍(ହିନ୍ଦି-ଶବ୍ଦସାଗର)]

**ଆଡ଼ଅନ୍ତର**—ଦେ. ବିଣ. ( ସଂ. ଅର୍ଦ୍ଧ+ଅନ୍ତର )—ଫାଙ୍କଛଡ଼ା; ପାର୍ଶ୍ୱରୁ ଅନ୍ତରିତ—Dissociated or separated from.
Ārda antara
অন্তর
**अलग**

ସଇତା × × × ଯଦ୍ୟା ପର ବିଜଗଡ ସବୁବେଳେ ସାଅନ୍ତକ
ପାଖରୁ ଟିକିଏ ବି ଆଡ଼ଅନ୍ତର ହୁଏ ନାହିଁ । ଫକୀରମୋହନ—ପ୍ରାୟଶ୍ଚିତ୍ତ ।

**ଆଡ଼ଅନ୍ଧାର**—ଦେ. ବି. ( ସଂ. ଅର୍ଦ୍ଧ+ଅନ୍ଧକାର )—
Ārdaandhāra ୧ । ଈଷତ୍ ଅନ୍ଧକାର—
একটু আঁধার 1. Slight darkness.
**थोड़ासा अंधिआरा** ୨ । ଈଷତ୍ ଅନ୍ଧକାରମୟ ସ୍ଥାନ—
2. Slightly dark place.

ଘେରାଏ ଟିକିଏ ଆଡ଼ ଅନ୍ଧାରରେ ବନ୍ଧା ହୋଇଛି । ଫକୀରମୋହନ. ପ୍ରାୟଶ୍ଚିତ୍ତ ।

**ଆଡ଼ଆଖି**—ଦେ. ବି. ( ସଂ. ଅର୍ଦ୍ଧ+ଅକ୍ଷି ) ୧ । ଈଷତ୍ ଦୃଷ୍ଟି—
Ārdākhi 1. Glimpse; glance; slight look.
আড়চোক ୨ । ବକ୍ରଦୃଷ୍ଟି—2. Sidelong glance.
**कनआंख; जरानजर** ୩ । ଟେରା ଆଖି—Squinting eye

**ଆଡ଼ଆଖିଆ**—ଦେ. ବିଣ—୧ । ଟେରା—1. Squint-eyed.
Ārdaākhiā ୨ । ଯେ ବାଙ୍କଚାହାଁଣିରେ ଚାହେଁ—
আড়চোকে 2. Ogling; casting sidelong glances.
**कनआंखवाला**

**ଆଡ଼ଆଖିରେ ଚାହିଁବା**—ଦେ. କ୍ରି. ସକର୍ମକ—
Ārdaākhire ୧ । ସାମାନ୍ୟ ଦୃଷ୍ଟିରେ ଦେଖିବା—
chāhiñbā 1. To cast a glance.
আড়চোকে চাওয়া; ୨ । ଈଷତ୍ ବକ୍ର ଦୃଷ୍ଟିରେ ଚାହିଁବା—
আড়েতাকান 2 To cast a sidelong glance;
**कनअखियोंसे तकाना** to look askance at.
୩ । ଟେରେଇ କରି ଚାହିଁବା—3. To squint at.
୪ । ( ଲକ୍ଷଣାର୍ଥ ) ସାମାନ୍ୟ ଅନୁଗ୍ରହ ପ୍ରକାଶ କରିବା; ଅନୁକୂଳ ହେବା—4. To cast a favourable look on; to look with a little favour on; to bestow a slight favour on; to be favourably disposed towards

**ଆଡ଼ଆଡ଼**—ଦେ. ବିଣ. ( ସଂ. ଅର୍ଦ୍ଧ+ଅର୍ଦ୍ଧ )—୧ । ଏକପାଖିଆ—
Ārdaārda 1. Sidelong.
୨ । ଲଜ୍ଜା, ଭୟ ବା ଅଭିମାନ ଯୋଗୁଁ ସାମନାରେ କଥା କହିବାକୁ ବା ଆଗରେ ଠିଆ ହେବାକୁ ସଙ୍କୋଚ ବୋଧ କରୁଥିବା (ବ୍ୟକ୍ତି)—2. Feeling sensitive to stand and speak face to face.
( ଯଥା—କୌଣସି କଥା ପଚାରିବାକୁ ମୁଁ ତାଙ୍କ ପାଖକୁ ଗଲେ ଆଡ଼ଆଡ଼ ହୁଏଁ । )

**ଆଡ଼ଆଡ଼ପେଲା**—ଦେ. ବିଣ ( ସଂ. ଅର୍ଦ୍ଧ+କଳିତ )—
Ārdaārdapelā ୧ । ଥରକୁ ଥର ଈଷତ୍ ଖୋଲା ଯାଉଥିବା ପୁନଃ ପୁନଃ ଈଷତ୍ ଉଦ୍ଘାଟିତ (କବାଟ)—
আধআধভেজান
**कुछकुछखुला** 1. Partially opened over and over.

ହେଉଥାଇ ନାଟ, ଛା ପଡ଼ୁ କବାଟ; ଅଡ଼ଅଡ଼ପେଲା କରୁ ।
କବିସୂର୍ଯ୍ୟ—ସଙ୍ଗୀତ ।

୨ । ପୁନଃ ପୁନଃ ଆଡ଼ପେଲା ବା ଈଷତ୍ ମୁଦ୍ରିତ; ବାରମ୍ବାର ଦରଅଉଜା ହେଉଥିବା ( କବାଟ )—2. Slightly closed again and again.
(ଯଥା—ବନସ୍ତାକ ତାଙ୍କ ଦାଣ୍ଡ କବାଟ ଅଡ଼ଅଡ଼ପେଲା ହୋଇଥାଏ ।)
୩ । ଅଡ଼ପେଲା ( ଦେଖ )
3. Ārdapelā.
[ ଦ୍ର—ଅଡ଼ ଶବ୍ଦର ଦ୍ୱିତ୍ୱ ଥର ପ୍ରୟୋଗ ପୁନଃପୁନଃ ଆଡ଼ପେଲା ହେବାର ସୂଚକ । ]

**ଆଡ଼ଆଡ଼ ହେବା**—ଦେ. କ୍ରି. ଅକର୍ମକ—୧ । ଲଜ୍ଜା, ଭୟ, ଅଭିମାନ ସମ୍ଭ୍ରମ ଯୋଗୁଁ କୌଣସି ବ୍ୟକ୍ତିଙ୍କ ସାମନାରେ ବା ମୁହାଁମୁହିଁ ଠିଆ ନ ହୋଇ ସଙ୍କୋଚଯୁକ୍ତ ଓ ଏକପାଖିଆ ହେବା—1. To feel sensitive to stand before and speak to a person face to face.
Ārdaārda hebā
থাথা মামা হওয়া
**अटपटाना**

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ସ୍ଥାନକୋଶରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ସାଉ' ନ ମିଳିଲେ 'ଶାଉ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲଂକାର' ନ ପାଇଲେ 'ଅଳଙ୍କାର' ଦେଖିବେ ।

[ଦ୍ର—ଆମ ସମାଜରେ ବୋହୂ ଶାଶୁ ଆଦି ଗୁରୁଜନଙ୍କୁ ଦେଖିଲେ ଅଡ଼ଅଡ଼ ହୁଏ । ]

୨ । କୌଣସି କାର୍ଯ୍ୟରୁ ସାମାନ୍ୟ ଅନ୍ତରରେ ରହିବା; କୌଣସି କାର୍ଯ୍ୟ ସହିତ ସାକ୍ଷାତ୍‌ସମ୍ବନ୍ଧ ବା ଘନିଷ୍ଠ ସମ୍ପର୍କ ନ ରଖିବା—
2. To keep one's self aloof from any matter.

୩ । କୌଣସି କାର୍ଯ୍ୟ କରିବାକୁ ପଶ୍ଚାତ୍‌ପଦ ହେବା; ଥାଥା ମାମା ହେବା—
3. To shrink from doing a thing.

୪ । କୌଣସି କାର୍ଯ୍ୟ କରିବାକୁ ଦୋଦୋପାଞ୍ଚ କରିବା; ଦ୍ୱିଧା କରିବା—4. To hesitate.

**ଆଡ଼ଉହାଡ଼**—ଦେ. ବି. ( ସଂ. ଅନ୍ତରାଳ + ଅନ୍ତରାଳ )—
Ārdauhārda
ଆড়ওড়; আড়ালবিড়াল
**आड़ओड़**

୧ । ଅନ୍ତରାଳ; ଅନ୍ତରାଳ—
1. Backside of an intervening thing.

ପ୍ରାଣମିତଣି, ବନମୃଗାଣୀ,
ଆଡ଼ଉହାଡ଼ରେ ରହି ଶୁଣା ଚାଲନ—ଗୋପାଳକୃଷ୍ଣ. ପଦ୍ୟାବଳୀ ।

୨ । ପାର୍ଶ୍ୱବର୍ତ୍ତୀ ଅଦୃଶ୍ୟ ସ୍ଥାନ—2. Invisible place near by; a contiguous position which is not visible to a person.

ଶୁଣି ନ ଶୁଣିଲା ପରି ମୁଁ ଯାଉଛି
ଅଡ଼ଉହାଡ଼ରେ ଏବଡାକ—ଗୋପାଳକୃଷ୍ଣ. ପଦ୍ୟାବଳୀ ।

୩ । ବାହାରେ ଥିବା ଲୋକଙ୍କୁ ଦେଖା ନ ଯିବା ଘରର ଭିତର ଅଂଶ—
3. A place inside the room which is not visible from outside.

ଲାଜରେ ସେ ସଦା ଅଡ଼ଉହାଡ଼ରେ ରହି—ବଳରାମ. ରାମାୟଣ ।

୪ । ଅଡ଼ମୁହାଁ; ଅଡ଼ାଅଡ଼ି; ବାଘମୁହାଁ; ଘର ଭିତରେ ଦୁଆରମୁହଁଠାରୁ କିଛି ଉଚ୍ଚାରେ ଦ୍ୱାରର ସାମନାରେ ନିର୍ମିତ ଅଧାକାନ୍ଥ ( ଏହି ଅଧାକାନ୍ଥ ଯୋଗୁଁ ବାହାରେ ଠିଆ ହେବା ବ୍ୟକ୍ତି ଘର ଭିତରର ଘଟଣା ଦେଖି ପାରେ ନାହିଁ । )—
4. A low wall or barrier built inside a room in front of the door, so that the inside is not visible from outside.

ଗୋପୀମାନଙ୍କର ବୋଲ ଶୁଣିଣ ଅଇଲେ
ଅଡ଼ଉହାଡ଼ରେ ରହି ତାଙ୍କ ଅନାଇଲେ—ନାରାୟଣ. ହରିବଂଶ ।

୫ । ଯେଉଁ କୋଠରୀର ଦୁଇ ଦୁଆର କବାଟ ପରସ୍ପର ସମ୍ମୁଖୀନ ନ ହୋଇ ଅଡ଼ବାଗରେ ଲଗାଯାଇ ଥାଏ ( ଏପରି କୋଠରୀର ବାହାରେ ଠିଆ ହେବା ଲୋକର ନଜର କୋଠରୀ ଭିତରକୁ ଛପି ଯାଇ ପାରେ ନାହିଁ । )—
5 A room in which the opposite doors do not directly face each other but are set, one collaterally to the other.

**ଆଡ଼କଣ୍ଟା**—ଦେ. ବି. (ସଂ. ଅର୍ଦ୍ଧ + କଣ୍ଟକ)—
Ārdakanta
আলকাঁটা
**बगलिडङ्क; अङ्कुड़ि**

୧ । ପରୋକ୍ଷ ଭାବରେ କୌଣସି ବ୍ୟକ୍ତି ପ୍ରତି ପ୍ରଯୁକ୍ତ କଣ୍ଟା ବା ମୂନଥିବା ଶସ୍ତ୍ର—
1. A prick or pin by which a person is pricked indirectly, i. e. by which sidelong pricks or pin-pricks are administered to a person.

[ଦ୍ର—ମୀରଟ ଅଭିଯୋଗରେ ବର୍ତ୍ତମାନର ଖବରକାଗଜ ପଢ଼ି ଏବଂ ଘରୁ, ବାହାରୁ, ଉପରୁ ମାଲିକମାନଙ୍କ ଆଡ଼କଣ୍ଟା ଗେଞ୍ଜା ଖାଇ ଅବା ଧୈର୍ଯ୍ୟ ଧରି ରହି ପାରିବେ କିପରି ?
ଦୈନିକ ଆଶା —୪ । ୨ । ୨୯ ।]

୨ । ବକ୍ରାଗ୍ର କଣ୍ଟା—2. A hooked nail

**ଅଡ଼ କରିବା**—ଦେ. କ୍ରି. ସକର୍ମକ ( ତୁଳ-ତାମିଲ-ଅଡ଼ୁକ୍କୁ = ଏକତ୍ର କରିବା; ଗଦା କରିବା; ସଂ. ଅଡ଼୍ ଧାତୁ ଓ ଅଲ ଧାତୁ = ବାରଣ କରିବା; ଅଟକାଇବା )—
Ārda kariba
আড়করা; এড়িয়ে দেওয়া; এলিয়ে দেওয়া
**हटाना, ढकेलना; आड़करना**

୧ । ତଡ଼ିବା; ଦୂର କରିବା; ଦୂରକୁ ହଟାଇବା; ସ୍ଥାନାନ୍ତର କରିବା—
1. To remove; to drive off

ପରଜନେ ଆଡ଼ କରନ୍ତି ହରି । ଭକ୍ତଚରଣ. ମଥୁରାମଙ୍ଗଳ ।

୨ । ଅଡ଼େଇବା; ପାଖେଇବା—
2. To move to one side

ହସ୍ତୀକି ବେଗ କରି ନାଥ ଭୁ ଆଡ଼ କରି । ନାରାୟଣ. ହରିବଂଶ ।

୩ । ଯତ୍ନ ନ ନେବା—
3. To neglect; to take no care of.
( ଯଥା—ପିଲାଗୁଡ଼ିକୁ ସାବତ ମା ଅଡ଼ କରି ଦେଲାଣି । )

୪ । ନ ଖୋଜିବା; ନ ପଚାରିବା; ପର କରିବା—
4. To ignore; to cease to enquire of; to treat as a stranger.
(ଯଥା—ମୋ ଝିଅ ମଲା ଦିନୁ ଜୋଇଁ ମତେ ଅଡ଼ କରି ଦେଲେଣି ।)

୫ । ପରିତ୍ୟାଗ କରିବା—5. To abandon.
( ଯଥା—ସେ ଜନ୍ମ କଲା ପିଲାକୁ ଆଡ଼ କରି ଦେଇ ଚାଲିଗଲା । )

୬ । ସମ୍ପର୍କ ତୁଟାଇବା—
6. To cut off all connection.
( ଯଥା—ସେ ଦଶ ବାର ବରଷ ହେଲା ପୁଅ ମାଇପଙ୍କୁ ଅଡ଼ କରି ଦେଇଛି । )

୭ । ପାସୋରିବା—7. To forget.
( ଯଥା—ମୁଁ ବୁଢ଼ାଦିନେ ବହୁପାଠଯାକ ଅଡ଼ କରି ଦେଲିଣି । )

| ( | ଇ | ଈ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇୟ | ଊଅ | ଥ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ | ଇଅ | ୱ | ନ୍ଦ |

୮। ଏକ ପାଖକୁ ରଖିବା ବା ସଜାଇବା—8. To put on one side; to arrange on one side.

ଅଡ଼ କରଣ କର ମାନ ଦେଉଛନ୍ତି। କୃଷ୍ଣସିଂହ, ମହାଭାରତ, ଆଦି।

୯। ଅଡ଼ ବା ପ୍ରସ୍ଥଭାଗରେ ପକାଇବା—9. To put breadthwise; to throw across.

ପୁଣି ଅଡ଼ କରଣ ରଙ୍ଗ ବୋଷଡ଼ାକୁ। କୃଷ୍ଣସିଂହ ମହାଭାରତ, ସଭା।

୧୦। ଆଡ଼ୁଆଳ କରିବା; ଅନ୍ତରାଳରେ ରଖିବା; ଅଢ଼ିବା—10. To put between; to put as a shield between.

( ଯଥା—ବରଷା ଛାଟରୁ ରକ୍ଷା ପାଇବାକୁ ମୁଁ ଛତାକୁ ଅଡ଼ କରି ଦେଲି। )

୧୧। ଏକ ପାଖକୁ ବୁଲାଇ ଦେବା—11. To turn to one side; to turn away.

ବଳାକ୍ରେ ନଜର ଆସନରୁ ଉଠି
ଗୃହିଁଲେ ସେ ନଳଙ୍କୁ ଅଡ଼ କରି ପିଠି। କୃଷ୍ଣସିଂହ, ମହାଭାରତ, ବନ।

୧୨। ଜୁଆ, ପଶା ଆଦି ଖେଳରେ ବାଜି ବା ପଣ ରଖିବା—12. To lay a wager or stake in a game.

ମୁଁ ବୋଇଲେ ଭାଇ ସବୁ ଦ୍ରବ୍ୟ କଲ ଅଡ଼। ପୀତାମ୍ବର-ନୃସିଂହପୁରାଣ।

**ଅଡ଼କଳା**—ପ୍ରାଦେ. (ଗଡ଼ଜାତ) ବିଣ—ସମ୍ପୂର୍ଣ୍ଣରୂପେ ପାଚିବା ପୂର୍ବରୁ
Ārḍakaḷā ଈଷତ୍ କଳା ବା ହଳଦିଆ ହୋଇଥିବା ( କୋଳି ); ଈଷତ୍‌ପକ୍ୱ; ଅର୍ଦ୍ଧପକ୍ୱ—Half ripe (berry).

**ଅଡ଼କା**—ଦେ. ବିଣ. ( ଅନ୍ୟ ଶବ୍ଦ ସଙ୍ଗେ ଲାଗେ )—
Ārḍakā ( ଅମୁକ ) ଅଡ଼ର; ଅଡ଼କାର; ଦିଗର—
ଦିଗେର Of ( such and such ) side.
ओरका ଅଙ୍ଗପାଖିଆ ଗାଁ ଗୁରୁଅଡ଼କା ଲୋକେ ଚନ୍ଦନପୁର ନଗରକୁ ଯାଇଁ ଅଛନ୍ତି।
ଫକୀରମୋହନ—ପ୍ରାୟଶ୍ଚିତ୍ତ।

**ଅଡ଼କାଟି**—ବୈଦେ. ବି.—(ଇଂ. ଆର୍କାଟର୍—
Ārḍakāṭi ୧। ବିଦେଶକୁ କୁଲି ସଂଗ୍ରହ କରିବା ବ୍ୟକ୍ତିର ମଫସଲ
ଆଡକାଟି ଗୁମାସ୍ତା; ଯେଉଁ ବ୍ୟକ୍ତି ମଫସଲରେ କୁଲି ମାଲିକ ପାଇଁ
रङ्क्रूट् କୁଲି ସଂଗ୍ରହ କରେ—1. A village cooly-
पतवारिया recruiter; a cooly recruiter's agent.

୨। ସମୁଦ୍ର ଓ ନଦୀର ଗଭୀରତାକୁ ଏବଂ ତଳେ ଥିବା ବୁଡ଼ା ପଥର ଆଦିକୁ ଜାଣି ଜାଣି ଜାହାଜ ଓ ନୌକାକୁ ନିରାପଦରେ ଚଳାଇ ଆପଦଜନକ ସ୍ଥାନମାନ ପାର କରିବାପାଇଁ ନିଯୁକ୍ତ ଅଭିଜ୍ଞ ଚାଳକ; କଣ୍ଡୁଆଳ—Pilot.

୩। ଦେ. ବି.—ଅଡ଼କାଠ (ଦେଖ)
Ārḍakāṭha (See)

**ଅଡ଼କାଠ**—ଦେ. ବି. ( ସଂ. ହଡ଼କାଷ୍ଠ )—
Ārḍakāṭha ୧। ତନ୍ତର ବାଁଆ ପାଖରୁ ଡାହାଣକୁ ଲଗା-
ଆଡ଼କାଟି ଯାଇଥିବା ଦଣ୍ଡ—1. The beam of a
आड़काठ; ङाड weaver's loom; a weaver's beam; a weaver's rod.

ଆଡ଼କାଠି; ୨। ଗୃହଘରର ଗୋଟିଏ କାନ୍ଥ ଉପରୁ ବିପରୀତ କାନ୍ଥର
ଆଡ଼କାଠା ମୁଣ୍ଡକୁ ଚଉଡ଼ା ଭାଗରେ ପଡ଼ିଥିବା କାଠ; ଓଗ୍—
आड़ाकाठ; 2. Cross-beam laid on the top of
आड़िकाठ the opposite walls of a thatched house.

ଅଡ଼କାଠରେ ଡେଙ୍ଗ ହୋଇଛ ଦେଖଛନ୍ତି
ଦେଖି ଅନନ୍ଦ ହୋଇଲେ ଯଶୋଦାର ସୂନୁ। ନାରାୟଣ. ହରିବଂଶ।

ଆଡ଼ଗଡ଼ା ୩। ଅର୍ଗଳ; ଅଗଳଗଡ଼ା; ବାଟକୁ ବା ଖୋଲା ଯାଗାକୁ
आलगड़ा; छड़ ସାମୟିକ ଅବରୋଧ କରିବା ( ଓ ଦରକାର ପଡ଼ିଲେ ଖୋଲିଦେବା ) ପାଇଁ ବାଟ ବା ଖୋଲା ଫାଙ୍କର ଦୁଇ ପାଖରେ ପୋତା ହୋଇଥିବା ଦୁଇ ଖୁଣ୍ଟର କଣାରେ ଗଳାଯାଇଥିବା କାଠ; ଧଡ଼ା—
3. A cross-bar; a removable bar put across a road or opening to temporarily prevent free ingress and egress.

ହଡ଼ିକାଠ ୪। ପଶୁ ବଳି ଦେବାପାଇଁ ବ୍ୟବହୃତ ଅର୍ଗଳ ବା ଖିଲକ—
4. A bar put across the opening of a contrivance in which the neck of a victim is put for being slaughtered.

हड़ि ୫। ହଡ଼କାଠ; ହରକାଠ—
ହଡ଼ିକାଠ 5. The stocks; wooden fetters.

୬। ନାଳ ବା ପହଣି ପାର ହେବାପାଇଁ ନାଳ ଉପରେ ପ୍ରସ୍ଥଭାଗରେ ବା ଅଡ଼ଭାଗରେ ପଡ଼ିଥିବା ଲମ୍ବ କାଠ—
6. Any piece of wood laid crosswise over a channel.

अड़डाडा ୭। ଲମ୍ବଦଣ୍ଡରେ ଛକ ପଡ଼ି ବନ୍ଧାଯାଇଥିବା ଛୋଟ ଦଣ୍ଡ—
7. A small cross-bar attached horizontally to a standing pole.

୮। ପ୍ରାଦେ. ( ସମ୍ବଲପୁର ) – ବି ବିଷମସମସ୍ୟା; ଧନ୍ଦା—
8. Dilemma.

୯। ପ୍ରାଦେ. (ସମ୍ବଲପୁର ) ବି. — ଅଶଙ୍କି ଅବସ୍ଥା—
9. Awkward position or predicament.

( ଯଥା—ସେ ମତେ ଅଡ଼କାଠରେ ପକାଇଦେଲା )

**ଅଡ଼କାଠି**—ଦେ. ବି—ଅଡ଼କାଟି ( ଦେଖ )
Ārḍakāṭhi Ārḍakāṭi ( See )

**ଅଡ଼କାଠୁଆ**—ଦେ. ବି. (ସଂ. ଅର୍ଦ୍ଧ+କାଷ୍ଠ)—ଅଡ଼ବହଳ ( ଦେଖ )
Ārḍakāṭhuā Ārḍabahaḷa ( See )

**ଅଡ଼କାର**—ଦେ. ବି. ( ଅନ୍ୟ ଶବ୍ଦ ପରେ ଲାଗେ )—ଅଡ଼ର ( ଦେଖ )
Ārḍakāra Ārḍara ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଶାଢ଼' ନ ମିଳିଲେ 'ଶାଢ଼ି' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବଧ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଆଡ଼କୁ**—ଦେ. ଅ. ( ଅନ୍ୟ ଶବ୍ଦ ପରେ ଲାଗେ; ଭୁଲ— ପ୍ରାକୃତ-ଅଡ୍ଡ=ଅଡ଼; ଦିଗରୁ; ତୁଳନାକର—ଇଂରାଜୀ- towards = ଆଡ଼କୁ; homewards = ଘର ଆଡ଼କୁ )—୧ । ( ଅମୁକ ) ର ତରଫକୁ—

Ārḍaku
दिके
औंर

1. Towards.

ଭୂଇଁର ବାଡ଼ ବସାଉଥିବା ଆଡ଼କୁ ମହିଁ କରିଥିବାରୁ ସେମାନଙ୍କ ଦେଖି ନାହାନ୍ତି—
ଫକୀରମୋହନ. ପ୍ରାୟଶ୍ଚିତ୍ତ ।

୨ । (ଅମୁକ) ଦିଗକୁ—

2. Towards (such and such) a direction or quarter of the globe.

(ଯଥା—ସୂର୍ଯ୍ୟ, ତାରା, ଚନ୍ଦ୍ର ଆଦି ପୂର୍ବ ଆଡ଼େ ଉଦୟ ହୋଇ ପଶ୍ଚିମଆଡ଼କୁ ଗତି କରନ୍ତି ।)

୩ । (ଅମୁକ ବ୍ୟକ୍ତିର) ନିକଟକୁ; ପାଖକୁ—

3. To; to the side of.

ଜନକ ବାଳା ପଛ ମେଲି ଚକ୍ଷୁ କ୍ରୋଧଭରେ
ଶ୍ରୀରାମ ଆଡ଼କୁ ଧାଇଁ ଆସିଲା ବେଗରେ । ମଧୁସୂଦନ. ବାଳରାମାୟଣ

୪ । (ଅମୁକ) ଅଞ୍ଚଳକୁ—4. To (such and such) a locality.

(ଯଥା– କାଲିର ବରଷା ଓ କୁଆପଥର ପୁରୀ ଆଡ଼କୁ ହୋଇନାହିଁ ।)

୫ । ( ଭବିଷ୍ୟତରେ ଅମୁକ ସମୟ ) ସରିକି; ସୁଦ୍ଧା—

5. By or towards (any future time).

(ଯଥା—ମୁଁ କାଲିଆଡ଼କୁ କଟକ ଯିବି ଓ ଅମାବାସ୍ୟା ଆଡ଼କୁ ଗାଆଁକୁ ଫେରି ଆସିବି ।)

୬ । ( ଅମୁକ ବ୍ୟକ୍ତିର ) ସପକ୍ଷରେ; ପକ୍ଷସମର୍ଥନ ପୂର୍ବକ; ତରଫକୁ ; ପକ୍ଷକୁ—6. In support of.

(ଯଥା—କଳକାତ୍ତାରୁ ଶାଶୁ ତାଙ୍କୁ ଗାଳିଦେଲାବେଳେ ବୋହୂ-ବିଚାରୀ ଆଡ଼କୁ ପଦେ କଥା କହିବାକୁ ଗୃହର ବାକିଙ୍କର ଭରସା ପାଉ ନ ଥିଲା ।)

୭ । (ଅମୁକ ବ୍ୟକ୍ତି ବା ବିଷୟ) କୁ ଲକ୍ଷ୍ୟ କରି; ଉଦ୍ଦେଶ୍ୟ କରି;ପରୋକ୍ଷରେ; ଅମୁକବ୍ୟକ୍ତି ପ୍ରତି —7. Referring to or alluding to (such and such a person or matter); indirectly.

ରାଧା—ମୋ ଆଡ଼କୁ କେଣେ ଚାହୁଁ•
ଲଳିତା—ଯଥାଯୋଗ୍ୟ ବୋଲି ମନ ଜାଣିଲିଣି
କଥାକୁ କାହିଁକି କହୁ ।
ଗୋପାଳକୃଷ୍ଣ—ପଦ୍ୟାବଳୀ

୮ । (ଅମୁକ ସ୍ଥାନ) କୁ—8. To (such and such a place)

ନୀଳ ପର୍ବତରେ ବସି ସମୁଦ୍ରଆଡ଼କୁ ଏକଦୃଷ୍ଟେ ଚାହିଁଥାଏ ।
ରାମଶଙ୍କର-ପ୍ରେମଲତା ।

**ଆଡ଼କେ**—ଦେ. ଅ. (ସଂ. ଅର୍ଦ୍ଧ+ଏକ)—

Ārḍake ୧ । ଏକଦିଗରେ; ଏକ ପାଖରେ—

1. On one side.

एकदिगे
एकआरमे

(ଯଥା—ତମ୍ବୁରର ଆଡ଼କେ ବଟକଶ ଓ ଆଡ଼କେ ତନ୍ତ୍ରୀ ହେବା ଜନଶ୍ରୁତି ଶୁଣାଯାଇ ତନ୍ତ୍ରୀ ହୁଏ ।)

୨ । ଏକପକ୍ଷରେ; ଏକଦଳରେ—2. In one party.

(ଯଥା—ମହାଭାରତଯୁଦ୍ଧରେ ଆଡ଼କେ ଅକ୍ଷୌହିଣୀ ନାରାୟଣୀ ସେନା ଓ ଆଡ଼କେ ଏକା ଶ୍ରୀକୃଷ୍ଣ ଯୋଗ ଦେଇଥିଲେ ।)

୩ । ଏକ ମୁଣ୍ଡରେ—3 At one end; at one extremity.

(ଯଥା—ଏ ବାଡ଼ିର ଆଡ଼କେ ରୂପା ଛୁଅଣି ହୋଇଅଛି, ଆଡ଼କେ ପିତଳ ମୁଦି ବସିଛି ।)

**ଆଡ଼ଖରା**—ଦେ. ବି. (ସଂ. ଅର୍ଦ୍ଧ+ଖର )— ଆକାଶରେ ପୂର୍ବ ବା ପଶ୍ଚିମରେ ସୂର୍ଯ୍ୟ ଥିବା ବେଳେ ତେରଛା ହୋଇ ପଡ଼ିବା ଖରା—Oblique or slanting rays of the sun.

Ārḍakharā
তিরছারোদ
टेढ़ाधूप

**ଆଡ଼ଖୁରୁ**—ଦେ. ବି. ( ଧା—ଆଡ଼ୁକ୍ରୁ=ଏକତ୍ର କରିବା, ଗଦା-କରିବା ।)—

Ārḍakhura
পেড়ী
सन्दूक

୧ । ଲୁଗା ଆଦି ରଖିବା ପାଇଁ ବ୍ୟବହୃତ ବେତର ପେଡ଼ି ବା ମଞ୍ଜୁଷା—1 Cane box; a box of wicker work with a removable lid.

୨ । ଝିଅ ଶାଶୁ ଘରକୁ ପହିଲିପାଳି ଯିବାବେଳେ ତା ସଙ୍ଗେ ପଠାଯିବା କାଠର ବଡ଼ ଚିତ୍ର ପେଡ଼ି । (ହଳଦୀ, ମସଲା-ମସଲି, ପାନଅଁ, ଘରୁଅ, ଅଳତା ଆଦି ଏ ପେଡ଼ି ଭିତରେ ଥିବା ତାଲାର ଖୋପମାନଙ୍କରେ ରଖାଯାଏ )—

2. A big painted wooden box with a tray which is sent with a girl when she first goes to live with her husband.

[ ଦ୍ର—ଏହି ଶବ୍ଦ ପେଡ଼ି ଶବ୍ଦ ପରେ ସହଚର ରୂପେ ବ୍ୟବହୃତ ହୁଏ । ]

**ଆଡ଼ଖୁରା**—ଦେ. ବି—ଆଡ଼ଖୁରୁ ( ଦେଖ )

Ārḍakhurā Ārḍakhura (See)

**ଆଡ଼ଖେମଟା**—ଦେ. ବି. (ସଂ. ଅର୍ଦ୍ଧ ଓ ହିନ୍ଦି. ଖେମଟା) —

Ārḍakhematā ସଙ୍ଗୀତର ସହଜସାଧ୍ୟ ତାଳ ଓ ନୃତ୍ୟବିଶେଷ ଖେମଟାର ଅର୍ଦ୍ଧ ତାଳ—A light musical air and dance.

আড়খেমটা
आड़ाखेमटा

[ଦ୍ର—ଖେମଟା ତାଳର ଏକ ପଦକୁ ଦୁଇ ଅସମ ମାତ୍ରାରେ ଭାଗକୁ କରି ବ୍ୟବହାର କରିବା ତାଳ (ଯୋଗେଶଚନ୍ଦ୍ର) । ଏହା ୧୨ ଓ ମତାନ୍ତରରେ ୧୩ୟ ମାତ୍ରାଯୁକ୍ତ, ଏଥିରେ ୩ଟି ତାଳ ଓ ଗୋଟିଏ ଫାଙ୍କତାଳ ଥାଏ ( ଜ୍ଞାନେନ୍ଦ୍ର ) । ରାମଶଙ୍କର କାଞ୍ଚିକାବେରୀ ୨।୧ ଓ ୩।୨ ରେ ଏହି ତାଳର ଗୀତ ଅଛି । )

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇୟ | ଉଅ | ଘ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଯୈ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ୱ | ନ୍ଟ |

ଆଡ଼ଖୋଷା—ଦେ. ବି. ( ସଂ. ଅର୍ଦ୍ଧ+କୋଷ )—
Ārḍakhoshā ଦକ୍ଷିଣୀ ଖୋଷା; ମୁଣ୍ଡ ପଛଆଡ଼େ ବେକର ଏକ
বাঁকাখোপা ପାଖକୁ ଢଳା ହୋଇ ଠଭି ଫଳ ପ୍ରାୟ ସଜ୍ଜିତ ଜୁଡ଼ା—
ढेढ़ाखोंपा A chignon made up on the back of the head and inclining to one side.

ଆଡ଼ଖୋଷା କୁସୁମ ଚୋଷ, ହା ହା କର ଭୃଙ୍ଗଭୂତ କ ଚାର । ଭଞ୍ଜ, ଲାବଣ୍ୟବତୀ ।

ଆଡ଼ଘିଅ—ଦେ. ବି. (ସଂ. ଅର୍ଦ୍ଧଦଗ୍ଧ ବା ଉଦ୍‌ବୃତ୍ତ+ଘୃତ )—
Ārḍaghia—ପୁରି ଓ ପିଠାଆଦି ଛଣା ହେବା ପରେ କରେଇରେ ଥିବା
পোড়াঘী ଉଦ୍‌ବୃତ୍ତ ଘିଅ—Remaining ghee left out
बचतिघी, in the pan after cakes are fried.
बचाहुआ घी

ଆଡ଼ଙ୍ଗ—ପ୍ରାଦେ· ( ପୁରୀ-ଚିଲିକା ଉପକୂଳ ଓ ବାଲେଶ୍ୱର ) ବି—
Ārḍaṅga ଅଡ଼ଙ୍ଗ; ସମୁଦ୍ର-ଉପକୂଳରେ କରକଚ ( ସମୁଦ୍ର
আড়ঙ্গ; আড়ং ପାଣିକୁ ଖରାରେ ଶୁଖାଇ ପ୍ରସ୍ତୁତ ) ଓ ପଙ୍ଗା ( ସମୁଦ୍ର
आढ़ङ्ग ପାଣିକୁ ନିଆଁରେ ଶୁଖାଇ ପ୍ରସ୍ତୁତ) ଲୁଣ ମରାଯିବା ପରେ ତାହା ଜମା କରାଯିବା ସ୍ଥାନ ବା ଗଞ୍ଜ; ଲୁଣକାଣ୍ଡୀ; ଲୁଣ-ଗୋଲା—A mart where manufactured salt is stored; warehouse for salt.

ଆଡ଼ଚଉତାଳି—ଦେ. ବି. ( ସଂ. ଅର୍ଦ୍ଧ+ଚତୁଃ+ତାଳ )—
Ārḍachautāḷi ୧ । ଏକ ପଦ ଓ ସାତ ମାତ୍ରାଯୁକ୍ତ ତାଳ-
আড়াচৌতাল ବିଶେଷ—1. Name of a musical
आड़ाचौताल measure.
୨ । ମୃଦଙ୍ଗର ତାଳବିଶେଷ—2. A musical measure employed in striking earthen drums.

ଆଡ଼ଚକ୍ଷୁ—ଦେ. ବି. ( ସଂ. ଅର୍ଦ୍ଧ+ଚକ୍ଷୁଃ )—ଅଡ଼ଆଖି ( ଦେଖ )
Ārḍachakshu Ārḍaākhi (See)

ଆଡ଼ଚାଳ—ଦେ. ବି. ( ସଂ. ଅର୍ଦ୍ଧ+ଚାଳ )—
Ārḍachāḷa ୧ । ଛୋଟ ଚାଳ—1. Small thatch.
আড়চালা; একচালা ୨ । ଏକଚାଳ; ଚାଳଘର—2. One sided
एकरुखी छपर thatch; a lean-to

ଆଡ଼ଚାହାଣି—ଦେ. ବି. ( ସଂ. ଅରାଳ+ଓ. ଚାହିଁ ଧାତୁ )—
Ārḍachāhāṇi ବାଙ୍କଚାହାଣି; ଅପାଙ୍ଗ ଦୃଷ୍ଟି; ଇଷତ୍ ବକ୍ରଦୃଷ୍ଟି-
আড়চাউনী; আড়দৃষ্টি Sidelong glance; ogling.
तीरछि नजर,
कनखी, टेढ़ी चितवन

ଆଡ଼ଚିରା—ଦେ. ବି. ( ସଂ. ଅରାଳ+ଚର ଧାତୁ )—
Ārḍachirā ୧ । ଏକ ପାର୍ଶ୍ୱକୁ ଡେଇଁବା—
লম্ফঝম্প 1, Side-leap; caper.
एकआर कुदना,

ଆଡ଼ଚିରା ଗୋଟିଏକ ମାରି ଚତକ୍ଷଣି କିବିକ୍ରମ ପ୍ରାପ୍ତେ ଉଭା ହେବା ଠାଣିମାଣି । ପୀତାମ୍ବର, ନୃସିଂହପୁରାଣ ।

୨ । ଏକପ୍ରକାର ନାଚ—2. A kind of dance.

ଆଡ଼ଚିରାମାରିବା—ଦେ. କ୍ରି.—୧ । କଡ଼ବାଗରେ ଡେଇଁବା; ଏକ
Ārḍachirāmāribā ପାର୍ଶ୍ୱକୁ କୁଦାମାରିବା—1. To leap
লম্ফঝম্পকরা sideways; to cut capers
उछाल कुद मारना

ଶୁଣିଣ ବଚନକେସ୍ ଆଡ଼ଚିରା ମାରି, ପୀତାମ୍ବର—ନୃସିଂହପୁରାଣ ।

୨ । ନାଚିଲା ବେଳେ ଏକ ପାଖକୁ କୁଦିବା—2. To cut capers while dancing.

ପୁଣି ନୃତ୍ୟ କରନ୍ତି ମାରନ୍ତି ଆଡ଼ଚିରା । ସାରଳା ମହାଭାରତ ।

ଆଡ଼ଛତା—ଦେ. ବି. ( ସଂ. ଅରାଳ+ଛତ୍ର )—ରାଜା ଓ ଦେବତାଙ୍କ
Ārḍachhatā ଦେହରେ ଆଡ଼ଖରା ନ ପଡ଼ିବାପାଇଁ ସେମାନଙ୍କ
আঢ়নী; আড়নী କଡ଼ରେ ଧରାଯିବା ପଙ୍ଖା ଆକୃତିର ଛତା;
आढ़नी; अडानी ଅଡ଼େଣି; ଢାଲ—A fan-shaped umbrella held up on the side of a king or Deity to ward off the slanting rays of the sun.

ଆଡ଼ଛତି—ଗ୍ରା. ବି.—ଅଡ଼ଛତା ( ଦେଖ )
Ārḍachhati Ārḍachhatā (See)

ଆଡ଼ଛାଟ—ଦେ. ବି.—ତେରଛା ଭାବରେ ପଡ଼ୁଥିବା ବର୍ଷା ବା ଛିଟା
Ārḍachhāṭa ହେବା ପାଣିର ଆଘାତ—Splashing of slanting rain against (a wall;) beating of slanting showers against something.
( ଯଥା—ପୂବେଇ ବର୍ଷା ଯୋଗୁଁ ପୂର୍ବପାଖ ହାତିଅଧ କାନ୍ଥରେ ଅଡ଼ଛାଟ ମାରି କାନ୍ଥର ମାଟି ଧୋଇ ହୋଇଗଲାଣି । )

ଆଡ଼ଠେକା—ଦେ. ବି—ସଙ୍ଗୀତ ( ସଂ. ଅର୍ଦ୍ଧ+ସ୍ଥଗ ଧାତୁ,
Ārḍaṭhekā ଏଥିରେ ଗୋଟିଏ ପଦ ଅର୍ଦ୍ଧଭାଗରେ ବିଭକ୍ତ
আড়া, আড়াঠেকা ହେବାରୁ )—ଦ୍ରୁତ ବିଳମ୍ବିତରୂପେ ବଜାଯିବା
आड़ाठेका ମଧ୍ୟମାନ ତାଳ । [ଏହା ନଅ ମାତ୍ରାର ତାଳ; ଏଥିରେ ତିନୋଟି ତାଳ ଓ ଗୋଟିଏ ଫାଙ୍କ ତାଳ ଥାଏ—ସଙ୍ଗୀତ ରତ୍ନାକର—କ୍ଷେତ୍ରେନ୍ଦ୍ର
ଏହା ଚତୁର୍ମାତ୍ରିକ ତାଳ; ମଧ୍ୟମାନ ଅଡ଼ଠେକାର ଦ୍ୱିଗୁଣ—ଯୋଗେଶ୍ୱର ] ଠେକା ବା କାୱାଲି ତାଳର ଏକ ପଦ ଦୁଇ ଅର୍ଦ୍ଧରେ ବିଭକ୍ତ ହୋଇଥିବା ତାଳ—(music) A sort of irregular musical air

ଆଡ଼ଣ—ଦେ. ବି.—( ସଂ. ଅଲ ଧାତୁ = ବାରଣ କରିବା;
Ārḍaṇa ରୋକିବା; ସଂ. ଅଡ଼୍‌ଡ ଧାତୁ=ବନ୍ଦକରିବା )—
এড়ান ୧ । ଅଡ଼ିବା କର୍ମ; ଦେହକୁ ଅସନ୍ନ ଆଘାତରୁ ରକ୍ଷା-
बचाना; आड़ना କରିବା କର୍ମ—Warding off blows. guarding of one's body against impending blows.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ସାଇ' ନ ମିଳିଲେ 'ଶାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଣ୍ଟା' ନ ପାଇଲେ 'ଅଣ୍ଟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ବିପକ୍ଷ ଯୋଦ୍ଧା ବା ମଲ୍ଲର ଆଘାତକୁ ଏଡ଼ିବାପାଇଁ ଯୋଦ୍ଧା ବା ମଲ୍ଲର କୌଶଳବିଶେଷ; ବିପକ୍ଷର ଶସ୍ତ୍ରାଘାତ ବା ମୁଷ୍ଟ୍ୟାଘାତ ଅପଣା ଦେହରେ ନ ଲାଗିବା ପ୍ରକାରେ ହାତ, ଅନ୍ୟ ଶସ୍ତ୍ର ବା ଢାଲଦ୍ୱାରା ଅପଣା ଦେହକୁ ରକ୍ଷା କରିବା—
2. A pose of a warrior or athlete to ward off the blows from an adversary; guarding of one's body from the blows of the attacking enemy with the hands or shield; a defensive pose.

ଅଡ଼ଣ ତାଡ଼ଣ ସରିଲୁ ଯିବା, ଅଦୃଶ୍ୟ ହୋଇ ଠଣା ଧରିଥିବା ।
ଭକ୍ତଦାସ. ମଥୁରାମଙ୍ଗଳ ।

ଆଡ଼ନୀ ଢାଲ ୩ । ( ହି. ଅଡ଼ନ )—ଢାଲ—Shield.
ଗଦା ଖଡ଼ଗ ଆଡ଼ଣ ନାନା ଫଳା ଧରି । ବଳରାମ—ରାମାୟଣ ।

୪ । ( ପ୍ରାଚୀନ ) ଯୁଦ୍ଧରେ ବ୍ୟବହୃତ ଶସ୍ତ୍ରବିଶେଷ—
4. A kind of weapon used in ancient times.

ପିଠିର ଫଳା ଅଡ଼ଣ ସଙ୍ଗେ ନାହିଁ ସେଣ୍ଡା । ସାରଳା ମହାଭାରତ ।

୫ । ଅଡ଼ଖରା ନିବାରଣାର୍ଥ ଟଙ୍ଗା ହୋଇଥିବା ପରଦା—
5. Screen hung up to keep off the slanting rays of the sun.

**ଅଡ଼ଣି**—ଦେ. ବି. (ସଂ. ଅଟ୍ଟନୀ; ଅଡ୍ଡନୀ)—
Ārdaṇi ୧ । ଢାଲ—1. Shield.
ଆଡ଼ନୀ ଆଡଣ
ଅଡ଼ଣି ଜାଣି ଯୋଡ଼ିଲୁ ଭିଦେ ଆଣି
ଭେଦ ନୋହିଲା ଉଦ୍‌ବେଗେ—ଭକ୍ତ. କୋଷ୍ଠବ୍ରହ୍ମାଣ୍ଡପୁରାଣ ।

୨ । ଅଡ଼ଛତା (ଦେଖ)—2. Ārdachhatā See)
୩ । ପଙ୍ଖାଆକୃତିର ରାଜସମ୍ଭାରବିଶେଷ—3. A royal paraphernalia in the shape of a fan.

ଆଡ଼ଣୀ ଚାମରଯୁଗଳୀ ମୟୂରଚ୍ଛତ୍ର
ନଯୋଗୀଜନ ଗଣେ—କବିସୂର୍ଯ୍ୟ. ଚନ୍ଦ୍ରକଳା ।

୪ । ପ୍ରାଦେ. (ଗଡ଼ଜାତ)—ବି ପ୍ରଗନା; ରାଜ୍ୟର ରାଜସ୍ୱବିଭାଗୀୟ ଅଂଶବିଶେଷ—
4. Perganna; a fiscal division.
୫ । ପ୍ରାଦେ. (ଗଞ୍ଜାମ) ବି. ( ସଂ. ଅଡ଼ମ୍ବର )—ଆଡ଼ମ୍ବର—
5. Pomp; grandeur.
[ଦ୍ର—ତାଙ୍କେ ଖୁବ ଅଡ଼ଣିରେ ଅଛନ୍ତି । ]
୬ । ପ୍ରାଦେ. (ସମ୍ବଲପୁର) ଅଡ୍‌ନୀଜାଲ୍ (ଦେଖ)
Ādnijāl (See)
୭ । ପ୍ରାଦେ. ( ଗଡ଼ଜାତ; ଖୋରଧା ) ଅସମାନ ବାଟରେ ଯାଉଥିବା ଶଗଡ଼ର ଗୋଟିଏ ଚକ ଯେଉଁ ଖାଲୁଅ ଗୁଳା ବା ସରିରେ ପଡ଼ୁଥାଏ—7. The lower truck or rut in an unlevel cart-track.

**ଅଡ଼ତ୍**—ବୈଦେ. ବି. (ଫା. ଅଡ଼ତ୍; ମୂଳ—ସଂ. ଅନ୍ତସ୍ଥଳ)—
Ārdat ୧ । ପେଣ୍ଠ; ଗଞ୍ଜ; ଯେଉଁ ସ୍ଥାନରେ ପଣ୍ୟଦ୍ରବ୍ୟମାନ କ୍ରୟ-ବିକ୍ରୟାର୍ଥ ଭୁଣ୍ଡ କରାଯାଏ—
ଆଡ଼ତ
ଆଢ़त; अडत 1. Mart; emporium.
୨ । ଦଲାଲ ବା ଦଣ୍ଡିଦାରମାନଙ୍କ ଜରିଆରେ ପଣ୍ୟଦ୍ରବ୍ୟର କ୍ରୟବିକ୍ରୟ ପାଇଁ ରାଜାଦେଶଦ୍ୱାରା ନିର୍ଦ୍ଦିଷ୍ଟ ସ୍ଥାନ—
2. A licenced mart for wholesale transactions carried on through commission-agents.
୩ । ପଣ୍ୟଦ୍ରବ୍ୟ ସଞ୍ଚିତ ହେବାର ଭଣ୍ଡାର; ଗୋଦାମଘର—
3. Warehouse; godown

**ଅଡ଼ତ୍‌ଦାର୍**—ବୈଦେ. ବି. ( ଫା. ଅଡ଼ତ୍‌ଦାର )—
Ārdatdār ୧ । ନିର୍ଦ୍ଦିଷ୍ଟ ପାରିଶ୍ରମିକ ପାଇ ଅନ୍ୟ ବ୍ୟକ୍ତିଙ୍କ ପଣ୍ୟଦ୍ରବ୍ୟମାନ କିଣାବିକା କରାଇ ଦେବାପାଇଁ ରାଜାଦେଶପ୍ରାପ୍ତ ବ୍ୟକ୍ତି; ଅଡ଼ତିଆ; ଦଣ୍ଡିଦାର୍—
ଆଡତଦାର
आढतदार
1. A licenced commission agent for sale and purchase of merchandise.
[ଦ୍ର—ଅଡ଼ତ୍‌ଦାରର ପାରିଶ୍ରମିକକୁ ପାଉସେଷି ବୋଲାଯାଏ । ]
୨ । ଯେଉଁ ବ୍ୟକ୍ତି କିଛି କମିସନ୍ ନେଇ ଘରୋଇ ଭାବରେ ଅନ୍ୟ ବ୍ୟକ୍ତିର ପଣ୍ୟଦ୍ରବ୍ୟକୁ କିଣାବିକା କରାଇଦିଏ; ଦଲାଲ—2. A private commission agent.
୩ । ପଣ୍ୟଦ୍ରବ୍ୟକୁ ସାଇତି ରଖିବାପାଇଁ ଅପଣା ଜିମାରେ ନେବା ବ୍ୟକ୍ତି—3. A warehouse-keeper.

**ଅଡ଼ତ୍‌ଦାରି**—ବୈଦେ. ବି. ( ଫାରସୀ )—
Ārdatdāri ଅଡ଼ତ୍‌ଦାରର କର୍ମ ବା ପେଶା—The business or profession of a commission agent; commission agency.
ଆଡ଼ତদারি
आढतदारी

**ଅଡ଼ତାଳ**—ଦେ. ବି. (ସଂ. ଅର୍ଦ୍ଧ+ତାଳ)—
Ārdatāla ସଙ୍ଗୀତର ତାଳବିଶେଷ—
ଆড়তাল Name of a musical measure.
आडताल

**ଅଡ଼ତି**—ଦେ. ବି. ( ସଂ. ଅର୍ତ୍ତି=ପୀଡ଼ା; ପରିଶ୍ରମ ଯୋଗୁଁ ପୀଡ଼ା ହେବାରୁ )—୧ । ଗୃହକର୍ମ; ଗୃହର ଦୈନନ୍ଦିନ ସାମାନ୍ୟ କର୍ମ; ଘରପାଇଟି । ( ଯଥା—ଘରଲିପା, ଘରଓଳିଆ, ବାସନମଜା, ଅଇଁଠାପୋଛା)—
Ārdati
পাট, পাইট
खिदमत, टहल
1. Menial domestic duties; petty household duties of everyday life.

ଅବର ଅଛିବେ ଅପକୀର୍ତ୍ତି ପ୍ରଜାପତି, ସକଳ ଦେବଙ୍କୁ ଆଣି କରନ୍ତି ଅଡ଼ତି—
ମହାଦେବ—ମାର୍କଣ୍ଡେୟପୁରାଣ ।

୨ । ସାଧାରଣ କର୍ମ; କାର୍ଯ୍ୟ—Ordinary work.
[ଦ୍ର—ପ୍ରତିଦିନ ସକାଳେ ଗୃହର ଯେଉଁ ଯେଉଁ ଅବଶ୍ୟକୀୟ କର୍ମ କରାଯାଏ ତାକୁ 'ବାସୀ ଅଡ଼ତି' କହନ୍ତି । ଯଥା—ଅଗଣାରେ ଗୋବର ପାଣି ଛିଞ୍ଚିବା, ଘରଲିପିବା, ଗତ କାଲିର ଅଇଁଠା ବାସନ ମାଜିବା, ଦାଣ୍ଡ, ବାଡ଼ିଅଡ଼ ଓ ଅଗଣା ଓଳାଇବା ଇତ୍ୟାଦି । ]

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଊ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇସ୍ | ଋଁ | ଲ |
| ୨ | ଈ | ଉ | ରୁ | ଲୃ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଗ | ଯ | ସ | ଗଂ | ଇଅ | ଓ | ଳ |

**ଆଡ଼ତଥା**—ଦେ. ବଣ. ପୁଂ ଓ ସ୍ତ୍ରୀ—ଗୃହ କର୍ମ କରିବାରେ ଦକ୍ଷ ବା
Ārdatiā ନିପୁଣ—Vigilant or expert in
କେଜো; কেজুয়া performing the menial duties
खिदमती; टहलुआ of a household.

আড়তদার ଦେ. ବି.—୧ । ଅଡ଼ତ୍‌ଦାର୍ (ଦେଖ)
अड़तिया 1. Ārdatdār ( See )

୨ । ଡଗର; ଚର; ଦୂତ—Messenger.

(ଅଡ଼ତଥଣି—ସ୍ତ୍ରୀ)

ଘୂଷୁଙ୍କ ପେଟିଅଛନ୍ତି ଆଡ଼ତଥାପଣେ—ମହାଦେବ—ମାର୍କଣ୍ଡେୟପୁରାଣ ।

୩ । ଆଦେଶବହ ଭୃତ୍ୟ; ଅର୍ଦ୍ଦଳୀ; ପାଖଲୋକ; ପିଅଦା-
3. Peon; an orderly servant.

୪ । ପାଇଟିଅଳ; ସାମାନ୍ୟ ଗୃହକର୍ମ କରିବାପାଇଁ ନିଯୁକ୍ତ
ଭୃତ୍ୟ; ଟହଲିଆ—4. Menial servant

**ଆଡ଼ତଥାଡ଼**—ଦେ. ବି—ଅଡ଼ତିହାଡ଼ (ଦେଖ)
Ārdatiārda Ārdatihārda ( See )

ପୁରେ ପୁରେ ପଶି କରି ଗଲେ ସବୁ ଦେଖି
ଅଡ଼ତିହାଡ଼ ଦୋମୁହଁ ବାଙ୍କ ଅଣିପାଣି
ପୀତାମ୍ବର—ନୃସିଂହପୁରାଣ ।

**ଆଡ଼ତପତ୍ର**—ଦେ. ବି. (ସହଚର; ଦ୍ୱିତୀୟ ଶବ୍ଦ ନିରର୍ଥକ)—ଗୃହର
Ārdatipatrā ନାନାଦି ସାମାନ୍ୟକର୍ମ—The various
পাটঝাঁট; পাইটপত্র menial duties of a household.
टहलटकोर

**ଆଡ଼ତିହାଡ଼**—ଦେ. ବି—ଅଡ଼ମୁହିଁ (ଦେଖ)
Ārdatihārda Ārdamuhiñ ( See )

ଆଡ଼ତିହାଡ଼ ବସନ୍ତି ବାଡ଼ବାଙ୍କ ମେଲି
ଖୋଜନ୍ତି ଯାବତପୁରେ ପେଶି ଦେଇ ଭଲି ।
ପୀତାମ୍ବର—ନୃସିଂହପୁରାଣ ।

**ଆଡ଼ଦୀର୍ଘ**—ଦେ. ବି. ( ସ. ଅଳ=ରେଖା+ଦୀର୍ଘ )—୧ । ପ୍ରସ୍ଥ ଓ
Ārdadirgha ଦୈର୍ଘ୍ୟ—1 Breadth and length.
আড়দীঘ ୨ । କ୍ଷେତ୍ରଫଳ—2. Area
आडालम्बाइ ଦ୍ୱାଦଶ କୋଟି ଲକ୍ଷ ଯୋଜନ ପ୍ରଭୃ ଭୁଲେ
चउड़ाइलम्बाइ ଆଡ଼ଦୀର୍ଘ ବିସ୍ତାର ଯେ ଅଛି କମଳଆଳେ—ବନ୍ଧୁଗର୍ଭପୁରାଣ ।

ଦେ. ବଣ.—ପ୍ରଶସ୍ତ ଓ ଦୀର୍ଘ; ଖୁବ୍ ଚଉଡ଼ା ଓ
ଖୁବ୍ ଲମ୍ବା—Broad and long; very broad
and very long.

**ଆଡ଼ଦୀର୍ଘରେ**—ଦେ. ଅ.—ଆଡ଼ଦୀର୍ଘେ (ଦେଖ)
Ārdadirghare Ārdadirghe (See)

**ଆଡ଼ଦୀର୍ଘେ**—ଦେ. ଅ.—୧ । ଦୀର୍ଘରେ ଓ ପ୍ରସ୍ଥରେ—1. In length
Ārdadirghe and breadth; lengthwise and
breadthwise.

ଚର୍ଚ୍ଚ ମୁନିମାନରେ ବନ ଅଛି ତାହା ପାଶ
ଆଡ଼ଦୀର୍ଘେ ବନ ଅଟେ ପଞ୍ଚାଶତ କୋଶ ।
ମହାଦେବ- ମାର୍କଣ୍ଡେୟପୁରାଣ ।

୨ । (ଅମୁକ ଅଞ୍ଚଳର) ସମୁଦାୟ ସ୍ଥାନରେ; ଅଞ୍ଚଳ
ତମାମ୍—Throughout the length and
breadth of a place.

(ଯଥା—ପୁରୀଜିଲ୍ଲାରେ ଅଡ଼ଦୀର୍ଘେ ଖୋଜିଲେ ଏପରି ଜଣେ
ବିଚକ୍ଷଣ ଲୋକ ମିଳିବ ନାହିଁ )

୩ । ପ୍ରସ୍ଥ ଅଡ଼େ ଓ ଦୀର୍ଘ ଅଡ଼େ ଏତେ ଦୂରତ୍ୱମଧ୍ୟରେ-
3. Within a distance of so much in
length and breadth.

(ଯଥା—ଆମ ଗାଁର ଅଡ଼ଦୀର୍ଘେ ପାଞ୍ଚ କୋଶ ମଧ୍ୟରେ ଡାକ୍ତରଖାନା
ନାହିଁ । )

**ଆଡ଼ଧାରଣା**—ଦେ. ବି.—ବିପରୀତ ପାର୍ଶ୍ୱରେ ଅବସ୍ଥିତ ଦୁଇ ବସ୍ତୁ
Ārdadhāranā (ଯଥା—ଘରର କାନ୍ଥ) କୁ ଯଥାସ୍ଥାନରେ ସ୍ଥିର
କରି ରଖିବାପାଇଁ ମଝିରେ ଯେଉଁ କାଠ ବା ବାଉଁଶର
ଦଣ୍ଡ ଠେସ ଲଗାଯାଏ—Cross-bar; tie-beam.

**ଆଡ଼ନୟନ** (ଇତ୍ୟାଦି)—ଦେ. ବି—ଅଡ଼ଆଖି ଇତ୍ୟାଦି ( ଦେଖ )
Ārdanayana (etc) Ārdaākhi etc ( See )

**ଆଡ଼ପ**—ଦେ. ବି—୧ । ଗୁଣ୍ଡିଚାମଣ୍ଡପ ( ରଥଯାତ୍ରା ସମୟରେ ଜଗନ୍ନାଥ
Ārdapa ମହାପ୍ରଭୁ ରଥରୁ ଓହ୍ଲାଇ ଯେଉଁ ମଣ୍ଡପରେ ବିଜେ
କରନ୍ତି )—1. A platform where the
Deity Jagannātha takes rest on
alighting from the car (at Puri )

୨ । ଅଡ଼ପ ଅବଡ଼ା ( ଦେଖ )
2. Ārdapa abhardā ( See )

**ଆଡ଼ପଅବଡ଼ା**—ଦେ. ବି—ଗୁଣ୍ଡିଚା ଘରେ ଥିବା ସମୟରେ ଯେଉଁ ଅବଡ଼ା
Ārdapaabhardā ବା ଅନ୍ନ ରନ୍ଧା ହୋଇ ଜଗନ୍ନାଥଙ୍କୁ ଭୋଗ
ଲାଗେ—Boiled rice which is offered to
the Deity Jagannātha while in the
Gundichā mandapa.

[ ଦ୍ର—ଏହି ଅଡ଼ପ ଅବଡ଼ାକୁ ପରମ ପବିତ୍ର ବୋଲି
ଲୋକେ 'ଅଡ଼ପ' କହନ୍ତି । ]

**ଆଡ଼ପଗଲା**—ଦେ. ବଣ—ସାମାନ୍ୟ ବାୟା; ଅଳ୍ପବାୟା—
Ārdapagalā Slightly mad.
(ଅଡ଼ପଗଲୀ —ସ୍ତ୍ରୀ)

**ଆଡ଼ପଟ**—ଦେ. ବି—କଡ଼ପଟ; ଏକପାଖ—
Ārdapata One side.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଉ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଂଶୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗା' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବଟ' ନ ପାଇଲେ 'ଅଲ୍‌ବଟ୍' ଦେଖିବେ ।

**ଆଡ଼ପଟ୍ଟିଆ**—ଦେ. ବିଣ—୧ । ଏକ ପାଖିଆ—
Ārdapaṭiā 1. Standing on one side.
୨ । ଅଣେଇ ହୋଇଥିବା—
2. Leaning to one side.
୩ । ଏକ ପକ୍ଷୀୟ; ଏକତରଫା—3. One sided.
( ଯଥା—ସେ ଅଡ଼ପଟ୍ଟିଆ ଭୁଷ୍ଟାମଣା କଲା । )
ଦେ. କ୍ରି. ବିଣ—ଆଡ଼ପଟେ ( ଦେଖ )
Ārdapaṭe ( See )

**ଆଡ଼ପଟେ**—ଦେ. କ୍ରି. ବିଣ—୧ । ଏକ ପାଖରେ; କଡ଼ବାଗେ—
Ārdapaṭe 1 Sideways; sidewise.
୨ । ଚଉଡ଼ା ବାଗରେ—2. Breadthwise.

**ଆଡ଼ପଣନ୍ତ**—ଦେ. ବି—ଦେହର ପାର୍ଶ୍ୱରେ ଥିବା ପିନ୍ଧା ଲୁଗାର କାନି—
Ārdapaṇanta The end of the cloth hanging on the flanks.
ଉଡ଼େ ଫରହର ଅଡ଼ପଣନ୍ତର ଫେର । ପୀତାମ୍ବର. ନୃସିଂହପୁରାଣ ।

**ଆଡ଼ପମଣ୍ଡପ**—ଦେ. ବି—୧ । ଆଡ଼ପ ( ଦେଖ )
Ārdapamaṇḍapa 1. Ārdapa ( See )
ଆଡ଼ପମଣ୍ଡପକାମେ ଅଛେ ଏ ପ୍ରତିଜ୍ଞି ।
୨ । ଯଜ୍ଞବେଦୀ—2. A platform for performing sacrifice.
ଆଡ଼ପମଣ୍ଡପ ଯଜ୍ଞବେଦୀକି ଯେ କହି । ପୀତାମ୍ବର. ନୃସିଂହପୁରାଣ ।

**ଆଡ଼ପାଗଲା**—ଦେ. ବିଣ. ପୁଂ—ଅଡ଼ପଗଲା ( ଦେଖ )
Ārdapāgalā Ārdapagalā ( See )
(ଆଡ଼ପାଗଲୀ— ସ୍ତ୍ରୀ)

**ଆଡ଼ପାଣିଆଁ**—ଦେ. ବିଣ—ଅଭି ବାଠୁଆ ନୁହେଁ; ଅଳ୍ପ ପାଣିଆଁ—
Ārdapāṇiāṅ Neither thick or thin (liquid)

**ଆଡ଼ପେଲା**—ଦେ. ବିଣ—ଦରମେଲା; ଅଧମେଲା ( କବାଟ )—
Ārdapelā Half-opened ( door )

**ଆଡ଼ବଙ୍କା**—ଦେ. ବିଣ—୧ । ଏକ ପାଖକୁ ବଙ୍କ ହୋଇଥିବା—
Ārdabaṅkā 1. Curved sideways; crooked.
୨ । ଈଷତ୍‌ବକ୍ର—2, Slightly bent.
୩ । କୁଟିଳ; ଛଳ—3. Not straightforward; crooked.
୪ । ଛଳପୂର୍ଣ୍ଣ—4. Full of trick.
୫ । କପଟ—5. Crafty.
୬ । ଅନ୍ୟଥା କରାଯିବା; ଅପାଳିତ; ବ୍ୟତିକ୍ରାନ୍ତ—
6. Done otherwise; broken; not caried out ( pledge ).
୭ । କଥାର ଭଙ୍ଗ—7. Breach of promise.
ଦେ. ବି—ସାମାନ୍ୟ ବ୍ୟତିକ୍ରମ—Slight deviation.
ତାହାର ଅଠ ପହରରୁ ନିମିଷେ ଅଡ଼ବାଙ୍କ ହେବାର ନାହିଁ ।
ଫକୀରମୋହନ. ଛମାଣଆଠଗୁଣ୍ଠ ।

**ଆଡ଼ବନ୍ଧ**—ଦେ. ବି—କୌଣସି ନଦୀ ବା ନାଳରେ ଚଉଡ଼ାବାଗରେ
Ārdabandha ଦିଆଯାଇଥିବା ବନ୍ଧ; ଅଡ଼ବନ୍ଧ—
A cross-dam; an earth bank thrown across a channel of water.

**ଆଡ଼ବହଳ**—ଦେ. ବିଣ.—ଆଡ଼ପାଣିଆଁ (ଦେଖ)
Ārdabahaḷa Ārdapāniāṅ (See)

**ଆଡ଼ବହିରା**—ପ୍ରାଦେ. (ସମ୍ବଲପୁର) ବିଣ – ବଡ଼ବୋଲା—
Ārdabahirā Hard of hearing.

**ଆଡ଼ବାଇ**—ଦେ. ବିଣ. ପୁଂ. ଓ ସ୍ତ୍ରୀ (ସଂ. ଅର୍ଦ୍ଧବାଉଳ) ଆଡ଼ବାୟା (ଦେଖ)
Ārdabāi Ārdabāyā (See)
ଦେ. ବି.— ଅର୍ଦ୍ଧବାଉଳତା—Craziness.

**ଆଡ଼ବାଗ**—ଦେ. ବି.—ପ୍ରସ୍ଥ ବା ଚଉଡ଼ା ବାଗ—
Ārdabāga Crosswise manner.

**ଆଡ଼ବାଗେ**—ଦେ. କ୍ରି. ବିଣ.—ପ୍ରସ୍ଥରେ ପକାଇବାରୂପେ; ଚଉଡ଼ା
Ārdabāge ବାଗରେ—Athwart; cross-wise; breadthwise; transversely.

**ଆଡ଼ବାଙ୍କ**—ଦେ. ବି. ଓ ବିଣ.—ଅଡ଼ବଙ୍କା (ଦେଖ)
Ārdabāṅka Ārdabaṅkā (See)
(ଆଡ଼ବାଙ୍କୀ— ସ୍ତ୍ରୀ)
আড্‌বাঁকা
आडबाँक

**ଆଡ଼ବାଙ୍କି**— ଦେ. ବିଣ. ପୁଂ. ଓ ସ୍ତ୍ରୀ (ସଂ ଅର୍ଦ୍ଧ+ବକ୍ର)—
Ārdabāṅki ୧ । ଅଡ଼ବାଗି (ଦେଖ)—Ārdabāgi (See)
আড়বাঁকা ୨ । ଯେ ଈଷତ୍ ବକ୍ରଭାବରେ ଚାହେଁ—
आडबाँका 2. Ogling.

**ଆଡ଼ବାଙ୍କିଆ**—ଦେ. ବିଣ. ପୁଂ.—୧ । ଅଡ଼ବଙ୍କା (ଦେଖ)
Ārdabāṅkiā 1. Ārdabaṅkā See)
(ଅଡ଼ବାଙ୍କେଇ —ସ୍ତ୍ରୀ) ୨ । ଅଡ଼ବାଗିଆ (ଦେଖ)
2. Ārdabāgiā (See)

**ଆଡ଼ବାଙ୍କେ**—ଦେ. କ୍ରି. ବିଣ.—୧ । ଈଷତ୍ ବକ୍ରଭାବରେ—
Ārdabāṅke 1. Askance.
ବିଷମ ପ୍ରମୋଦେ ଚାହାନ୍ତି ତାଙ୍କୁ ଅଡ଼ବାଙ୍କେ—ପୀତାମ୍ବର. ନୃସିଂହପୁରାଣ ।
୨ । କଡ଼ବାଗେ—2. Sideways.
୩ । ବଙ୍କା ହୋଇ; କର୍ଣ୍ଣମାର୍ଗରେ—3. Obliquely.
ଗଗନୁ ନକ୍ଷତ୍ର ଖସିପଡ଼େ ଅଡ଼ବାଙ୍କେ—ପୀତାମ୍ବର. ନୃସିଂହପୁରାଣ ।

**ଆଡ଼ବାଣିସୁନା**— ଦେ. ବି.—ଖାଣ୍ଟି ସୁନା—
Ārdabānisunā Pure gold.
କଷଟି ପାଷାଣେ ଅଡ଼ବାନିସନା ଗିର ପର ହୋଇ ଯେହ୍ନ
ପଙ୍କଜ ପଲ୍ଲବ ଶେଯେ ଶୋଇଥିବ ମୋହର ବନ୍ଧୁଶ୍ରୀ ସେହ୍ନ ।
ଭଞ୍ଜ. ଲାବଣ୍ୟବତୀ ।

**ଆଡ଼ବାୟା**—ଦେ. ବିଣ. ପୁଂ ଓ ସ୍ତ୍ରୀ (ସଂ. ଅର୍ଦ୍ଧ+ବାଉଳ)—
Ārdabāyā ଅଡ଼ପାଗଲା; ଅର୍ଦ୍ଧବାଉଳ—Half-mad; crack headed; crazy.
আড়মাতলা
अधापागल
(ଅଡ଼ବାୟାଣୀ—ସ୍ତ୍ରୀ)

| ʻ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଣ | ଜ | ଷ,ଶ | ଙ୍କ | ଇୟ | ଉଅ | ଢ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋୂ | ଌୂ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ୍ୟ | ଇଅ | ● | ଢ଼ |

**ଆଡ଼ଭଏରା**—ପ୍ରାଦେ. (ସମ୍ବଲପୁର) ବିଣ—ବଡ଼କାଲ୍ଲା—
Ārḍabhaerā Hard of hearing.

**ଆଡ଼ଭଙ୍ଗି**—ଦେ. ବି.—୧ । କଥାର ବକ୍ରତା ବା ଛନ୍ଦ—
Ārḍabhaṅgi 1. Verbal trick.
୨ । କୂଟ—2. Hypocricy.
୩ । ବକ୍ରୋକ୍ତି—3. Irony; inuendo.

ଛେଣ୍ ଏ କହୁଛ ମୋତେ ଆଡ଼ଭଙ୍ଗି କରି । ପୀତାମ୍ବର. କୃଷ୍ଣହରପୁରାଣ ।

**ଆଡ଼ଭଙ୍ଗିଆ**—ଦେ. ବିଣ—ବକ୍ରୋକ୍ତିପୂର୍ଣ୍ଣ (କଥା)
Ārḍabhaṅgiā (speech) Full of irony.
ଆଡ଼ଭଙ୍ଗୀ } ସ୍ତ୍ରୀ. ବିଣ. ପୁଂ.—ବକ୍ରୋକ୍ତିପ୍ରିୟ—
ଆଡ଼ଭଙ୍ଗେଇ } Fond of inuendoes.

**ଆଡ଼ଭାରିଆ**—ଦେ. ବି.—ବିଦେଶାଗତ ଯାଯାବର ଜାତିବିଶେଷ
Ārḍabhāriā (ଏମାନେ ଆଖିରୁ ପରଳ କାଢ଼ନ୍ତି)
A vagrant caste.

**ଆଡ଼ଭାଲିଆ**—ଦେ. ବି.—ଆଡ଼ଭାରିଆ (ଦେଖ)
Ārḍabhāliā Ārḍabhāriā (See)

**ଆଡ଼ମୁହାଁ**—ଦେ. ବି. ( ଅର୍ଦ୍ଧ ଓ ମୁଖ )—ଯେଉଁ ଘରର ଦୁଇ ବିପରୀତ
Ārḍamuhāṅ ଦିଗରେ ଦୁଆର ପରସ୍ପର ସମ୍ମୁଖରେ ବସି ନ ଥାଏ;
ବାଙ୍କମୁହାଁ ଥିବା ଘର—
A house with a zigzag entrance.

**ଆଡ଼ମୁହାଁ**—ଦେ. ବି.—ଆଡ଼ମୁହଁ (ଦେଖ)
Ārḍamuhāṅ Ārḍamuhaṅ (See)
( ଆଡ଼ମୁହାଁଣୀ—ସ୍ତ୍ରୀ ) ଦେ. ବିଣ. ପୁଂ.—୧ । ଏକଆଡ଼କୁ ମୁହଁ
ବୁଲାଇଥିବା—1. Having the face turned to one side.
୨ । ଭ୍ରୂକୁଟୀ କରିଥିବା—2 Scowling.

**ଆଡ଼ମୁହାଁଣୀ**—ଦେ. ବିଣ. ସ୍ତ୍ରୀ.—ଆଡ଼ମୁହାଁର ସ୍ତ୍ରୀଲିଙ୍ଗ—
Ārḍamuhīṅ Feminine of Ārḍamuhāṅ.
ଦେ. ବି.—ଆଡ଼ମୁହଁ (ଦେଖ)
Ārḍamuhaṅ (See)

ତୋମୁହାଁ ଆଡ଼ମୁହାଁ ଯେ ଲଙ୍କାମୁହାଁ ଭରି—ପୀତାମ୍ବର. କୃଷ୍ଣହରପୁରାଣ ।

**ଆଡ଼ମେଘାଡମ୍ବରୁ**—ଦେ. ବି—ଏକପ୍ରକାର କାରୁକାର୍ଯ୍ୟ—A sort of
Ārḍameghāḍambaru artistic work.

ପୀଢ଼ାମାନଙ୍କରେ ସ୍ୱର୍ଣ୍ଣ କଳସ ବସାନ୍ତି,
ଆଡ଼ମେଘାଡମ୍ବରୁ ଯେ ଚମକେ ଶୋଭନ୍ତି । ପୀତାମ୍ବର. କୃଷ୍ଣହରପୁରାଣ ।

**ଆଡ଼ମୋଡ଼ା**—ଦେ. ବି.—ଆଳସ ଭାଙ୍ଗିବା; ଆଳସ୍ୟ ଦୂର କରିବାପାଇଁ
Ārḍamorḍā ମୋଡ଼ ଉଡ଼ ହେବା—Stretching and
আড়মোড়া rolling of the body on bed to drive
डाँबाडोलहाना away the feeling of laziness.

**ଆଡ଼ମ୍ବର**—ସଂ. ବି. ( ଆ + ଦମ୍ ଧାତୁ—ଶାନ୍ତ ହେବା; ଜାକଜମକ
Ārḍambara କରିବା + ଭାବ. ଅର )—
୧ । ଘନଘଟା; ସମାରୋହ; ସମାରମ୍ଭ; ଯାକ୍‌ଯମକ—
1. Pomp; ostentation; show; display.
୨ । ତୂରୀ, କାହାଳୀ ଆଦିର ଧ୍ୱନି—
2. Sound of wind-instruments.
୩ । ଗମ୍ଭୀର ଉଚ୍ଚ ଧ୍ୱନି—3. Loud and grave sound; high muffled sound (eg; of thunder; elephants, lions etc.)
୪ । ରଣବାଦ୍ୟ ଧ୍ୱନି—4. Sound of war-drums.
୫ । ଦର୍ପ; ଗର୍ବ—5. Pride; arrogance.
୬ । ଆନନ୍ଦ—6. Pleasure.
୭ । ଏକତ୍ର ସନ୍ନିବେଶ—7. Conglomeration.
୮ । ହାତ ପ୍ରଭୃତି ଅଙ୍ଗମର୍ଦ୍ଦନ—8. Rubbing or massage of different limbs of the body.
୯ । ପକ୍ଷ୍ମ ବା ଆଖିପତାର ଲୋମ—
9. The furs of the eye-lashes.
୧୦ । ଘୋଘା; ବହୁଧ୍ୱନିମିଶ୍ରଣରୁ ଜାତ ଶବ୍ଦ—
10. Noise; ado.
୧୧ । କ୍ରୋଧ; ରାଗ—11. Anger; rage.
୧୨ । ଆରମ୍ଭ—12. Commencement.
୧୩ । ବାବଦୂକତା—13. Talkativeness.
୧୪ । ମୁହଁ ବାଲିଙ୍ଗି—14. Bombast; pomposity.
୧୫ । ଗ୍ରହଆଡ଼େ ମେଘ ଘୋଟିବା—
15. Overclouding.

କନକ ଶଗାଙ୍କେ କେବେ ତୋ ଦେହ ଭୂଷିତ,
କେବେ ମେଘଆଡ଼ମ୍ବରେ ହସୁ ଭସ୍ମକର । ମଧୁସୂଦନ. ଆକାଶପ୍ରତି ।

ବିଣ—ସମାରୋହମୟ; ଆଡ଼ମ୍ବରଯୁକ୍ତ—
Pompous; ostentatious.
ଦେ. ବିଣ—ବହୁବିସ୍ତୃତ—Extensive.

ତା ରାଜ୍ୟକୁ ବେଢ଼ିଛନ୍ତି ପର୍ବତର ମାଳା,
ଆଡ଼ମ୍ବର ଲତାମାନ ହୋଇଛି ଗହଳା । ସାରଳା. ମହାଭାରତ ।

**ଆଡ଼ମ୍ବରିଆ**—ଦେ. ବିଣ. ପୁଂ ଓ ସ୍ତ୍ରୀ—୧ । ଆଡ଼ମ୍ବର ପୂର୍ଣ୍ଣ—
Ārḍambariā 1. Pompous; showy;
আড়ম্বরে ostentatious; gaudy.
भड़कीला ୨ । ଆଡ଼ମ୍ବର ପ୍ରିୟ—2. Fond of pomp.

**ଆଡ଼ମ୍ବରୀ**—ଦେ. ବିଣ. ପୁଂ ଓ ସ୍ତ୍ରୀ—ଆଡ଼ମ୍ବରିଆ ( ଦେଖ )
Ārḍambarī Ārḍambariā ( See )

**ଆଡ଼ମ୍ବରୁ**—ଦେ. ବିଣ. ( ସଂ. ଉଦୁମ୍ବର )—ଉଦୁମ୍ବର ( ଦେଖ )
Ārḍambaru Udumbara (See)

ସାଧାରଣ ଲେଖକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ପାଠକମାନେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବଡ' ନ ପାଇଲେ 'ଅଲବଡ଼' ଦେଖିବେ ।

**ଅଡ଼ମ୍ବାଜ୍**—ଦେ. ବିଣ.—ଅଡ଼ମ୍ବାଜ୍ ( ଦେଖ )
Ārdambāj — Ardambāj ( See )

**ଅଡ଼ମ୍ବାଜି**—ଦେ. ବି.—ଅଡ଼ମ୍ବାଜି ( ଦେଖ )
Ārdambāji — Ardambāji ( See )

**ଅଡ଼ଯୁଆଳି**—ଦେ. ବି.—ଜୁଆଳିର କାଲୁଲ୍—
Ārdajuāli — The pins at the end of a yoke.

**ଅଡ଼ର୍**—ପ୍ରାଦେ. ବୈଦେ. ଇଂ. (ଗଞ୍ଜାମ) ବି.—ଅର୍ଡ଼ର୍; ଆଦେଶ—
Ārdar — Order.

**ଅଡ଼ରୁ**—ଦେ. ଅ.—୧ । ଅଡ଼ୁଁ (ଦେଖ)—1. Ārdun̄ (See)
ଦିକ୍‌ଥେକେ ୨ । (ସ୍ତ୍ରୀର) ଗର୍ଭରୁ—2. From the womb of.
ଆଡ଼୍‌ସେ
୩ । (ପୁରୁଷର) ଔରସରୁ—3. From the loins of.

**ଅଡ଼ରୁଷା**—ଦେ. ବି. (ସ. ଅର୍ଦ୍ଧରୋଷ)—୧ । ଅଳ୍ପ ଅଭିମାନ—
Ārdarushā — 1. Slight displeasure.
ରାଗରାଗଭାବ ୨ । ଅବ୍ୟକ୍ତ ଅଭିମାନ—
ଘୁସ୍ସା — 2. Unexpressed sulleness.
(ଅଡ଼ରୁଷୀ—ସ୍ତ୍ରୀ) ଦେ. ବିଣ. ପୁଂ.—ଅଭିମାନୀ; ଚଢ଼ଲ୍—
Saucy; petulant.

**ଅଡ଼ରେ**—ଦେ. ଅ.—୧ । ଓସାରିଆ ବା ପ୍ରସ୍ଥ ଭାଗରେ—
Ārdare — 1. Breadthwise.
ଦିଗେ ୨ । ଏ ପାରିରୁ ସେ ପାରିକୁ—
ଆରମେ — 2. Crosswise; across.
୩ । ( ଅମୁକ ) ଦିଗରେ—
2. In such a quarter or direction.
୪ । ( ଅମୁକ ) ପକ୍ଷରେ—4. In the party of.
ଦୁର୍ଯ୍ୟୋଧନ ଅଡ଼ରେ ଅଛନ୍ତି ସପ୍ତରଥୀ—ସାରଳାମହାଭାରତ ।
୫ । ( ଅମୁକ ପୁରୁଷର ) ଔରସରେ—
5. Begotten by ( such a father )
୬ । ( ଅମୁକ ) ପାଖରେ—6. By the side of.
୭ । ( ଅମୁକ ସ୍ତ୍ରୀର ) ଗର୍ଭରେ—
7. From the womb of (such a mother)
ଏ ବାହାରେ ପୁଣି ତ ଥିଲେ ଲକ୍ଷ୍ମୀ ସ୍ୱସ୍ତେ
କୈକେୟୀ ସ୍ତ୍ରୀ ଅଡ଼ରେ କଲେ ଗୋଟିଏ ତନୟେ—କୃଷ୍ଣସିଂହ. ମହାଭାରତ ।
୮ । ( ନାଟକୀୟ ) ଏକାଧିକ ଅଭିନେତାଙ୍କ ସମକ୍ଷରେ ଜଣେ ଅଭିନେତା ଅନ୍ୟଙ୍କୁ ଗୋପନରେ କିଛି କହିଲେ ନାଟ୍ୟକାରମାନେ ଏହି ଶବ୍ଦ ବ୍ୟବହାର କରନ୍ତି—
8. ( drama ) Aside

**ଅଡ଼ସନ୍ଧିଆ**—ଗ୍ରା. ବି.—ଅଣସନ୍ଧିଆ (ଦେଖ)
Ārdasandhiā — Anasandhiā (See)

**ଅଡ଼ସର**—ପ୍ରାଦେ. ( ସମ୍ବଲପୁର) ବି.—୧ । ଅର୍ଗଳ—
Ārdasarā — 1. A cross-bar.
୨ । ଛାମୁଣ୍ଡିଆ ଉପରେ ଅଡ଼ଭାଗରେ ପକାଯିବା କାଠ ବା ବାଉଁଶ ଖଣ୍ଡମାନ—2. Long poles put across the frame-work of an awning.

**ଅଡ଼ହେବା**—ଦେ. କ୍ରି.—୧ । ଅଡ଼େଇଯିବା; ପାଖେଇଯିବା—
Ārdahebā — 1. To move to one side.
ଆଡ଼ହওয়া ଅଭିମନ୍ୟୁ ବୋଲେ ଅଡ଼ ହୁଅ ମହାରଥୀ—ସାରଳାମହାଭାରତ. ଦ୍ରୋଣ ।
ହଟ୍‌ଯାନା ୨ । ସ୍ଥାନ ତ୍ୟାଗ କରିବା; ସ୍ଥାନାନ୍ତରକୁ ଯିବା—
2. To leave a place; to go elsewhere.
ପିତାର ପାପକୁ ଦେଖି ପୁତ୍ରେ ଅଡ଼ ହେଲେ—ସାରଳାମହାଭାରତ ।
୩ । ଦୂରରେ ରହିବା—
3. To keep aloof; to stand aloof.
କହ୍ନୁ କହ୍ନୁ ସମର ଯେ ଲାଗିଲାକ ବେନି,
ଦେଖିଣ ଅଡ଼ ହୋଇଲେ ଦକ୍ଷର ନନ୍ଦିନୀ । ପୀତାମ୍ବର. ନୃସିଂହପୁରାଣ ।
୪ । ସ୍ଥାନ ଛାଡ଼ି ପଳାଇଯିବା—4. To flee away.
ଶଙ୍ଖ ଆସନ୍ତେ ଅସୁରେ ଗଲେ ଅଡ଼ ହୋଇ । ପୀତାମ୍ବର. ନୃସିଂହପୁରାଣ ।

**ଅଡ଼ହୋ**—ଦେ. କ୍ରି. ( ଅଡ଼ହେବା କ୍ରିୟାର ଅନୁଜ୍ଞାରୂପ )—
Ārdaho — ରାଜାମାନେ ଯିବା ବାଟରୁ କିମ୍ବା ରାଜା ଓ ଦେବତାଙ୍କ
ସ୍‌ ଚ୍ୟাও — ପାଇଁ ଅନ୍ନ ନିଆଁ ନିଆଯାଉଥିବା ବାଟରୁ ଲୋକେ
ହଟ୍‌ଯାଓ — ପାଖେଇ ଯିବାପାଇଁ ପ୍ରତିହାରୀର ସତର୍କୀକରଣ ଭାକ—
( ତୁମ୍ଭେମାନେ ବାଟରୁ ) ଅଡ଼େଇ ଯାଅ ବା ଦୂର ହୁଅ—
Interjection ( used by peons warning people to keep aside to let a king or Deity or his meals pass), Be off; move aside.
ଦେ. ଅ—ପୁରୁଷମାନେ ନାଚିବା ସମୟରେ କରିବା ଆନନ୍ଦସୂଚକ ଧ୍ୱନି—A note of joy uttered by men while dancing.
ଅଡ଼ ହୋ ଅଡ଼ ହୋ ବୋଲି ନାଉଦେ ନାଚନ୍ତି । ପୀତାମ୍ବର. ନୃସିଂହପୁରାଣ ।

**ଅଡ଼ା**—ଦେ. ବି. ( ସ. ଅର୍ଦ୍ଧ )—୧ । ମାଛ ଧରିବାର ପଦ୍ଧତି—
Ārdā — 1. A trench for catching fish by diverting water and making the old water-course dry.
ଆଡ଼ା
ଅଡ୍ଡା
୨ । ମାଛ ଧରିବା ଖଇଞ୍ଚ—2. A fish-tray.
୩ । ନିର୍ଦ୍ଦିଷ୍ଟ ଆକାର ( ଯଥା—କାଗଜର )—
3. A proper or standard size. ( e.g. of paper )
( ଯଥା—ଷୋଳ ଚଉଠିଆ ଅଡ଼ାରେ କାଗଜ ଭାଙ୍ଗ । )
୪ । ଅଡ଼ଧାରଣା—
4. A cross-beam; a tie-beam.
୫ । ଶୁଆ ବସାଇବା ନିମନ୍ତେ ତିନିଖଣ୍ଡ କାଠି ଲାଗିଥିବା ଅର୍ଦ୍ଧବୃତ୍ତାକାର ଯନ୍ତ୍ର—5. A perch for parrots; a triangular frame with a cross-beam for domesticated parrots and other pet birds.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ି | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଶ | ଜ | ଷ,ସ | ଙ୍କ | ଐ | ଔ | ଞ |
| ୀ | ଈ | ଊ | ଋ | ଌ | ଯ୍ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଣ୍ | ଯ | ସ | ଙ୍ଗ | ଐ | ଔ | ଙ୍କ |

୬ । ପ୍ରସ୍ଥ—6. Width.

୭ । ଅଡ଼ା ( ଦେଖ )
7. Arḍā ( See )

୮ । ଆଡ଼ମ୍ବର—8. Pomp.
( ଯଥା—ସେ ଭାରି ଅଡ଼ାରେ ବାହାରିଲା । )

**ଆଡ଼ା** (ଇତ୍ୟାଦି)—ଦେ—ଆଡ୍ଡା ଇତ୍ୟାଦି ( ଦେଖ )
Ārḍā etc — Āddā etc ( See )

**ଆଡ଼ାଆଡ଼ି**—ଦେ. କ୍ରି. ବିଣ—୧ । ଅଡ଼ବାଗରେ—
Ārḍāārḍi — 1. Breadthwise.
୨ । ପରସ୍ପରର ଅଡ଼ବାଗରେ; ଛନାଛନ୍ଦ ହୋଇ—
2. Crosswise.

**ଆଡ଼ି**—ସଂ. ବି. ( ଆ + ଅଡ଼ ଧାତୁ = ଗମନ କରିବା + ଇ )—
Ārḍi — ଜାଳପାଦ ପକ୍ଷୀ; ହଂସଜାତୀୟ ପକ୍ଷୀ—
A web-footed bird.

ଦେ. ବି—୧ । ଶତ୍ରୁତା—1. Enmity.

୨ । ଅବଜ୍ଞା; ଅଦେଖା—2. Grudge; envy.

୩ । ଶିକାର; ମୃଗୟା—
3. Game; sport; shooting; hunting.

୪ । ବନ୍ୟପଶୁ ଶିକାର କରିବା ଉଦ୍ଦେଶ୍ୟରେ ଶିକାରୀ ଲୁଚି ରହିବାପାଇଁ ପ୍ରସ୍ତୁତ ମଞ୍ଚା ବା ଛାଉଣି—4. An elevated hiding place or platform where hunters lie in ambush; machan.

୫ । କ୍ଷେତଜମିର ବନ୍ଧ ଭାଙ୍ଗିଯାଇ ଯେଉଁଠାରେ ପାଣି ବୋହି ଯାଉଥାଏ—5. A breach in the embankment of a field.
ସେ ବନ୍ଧ ଅରୁଣିଙ୍କ ଚାହାଣ ପାଣକୁ
ବୋଇଲେ ଯାଅ ଜଳ ଆଡ଼ି ବାନ୍ଧିବାକୁ । କୃଷ୍ଣସିଂହ. ମହାଭାରତ. ଆଦି ।

୬ । ଆଡ଼ିବନ୍ଧ—6. A cross-dam.

୭ । ଏକ ଜାତୀୟ ଲମ୍ବମୁହାଁ ଅକାତି ମଧୁରୀ ମାଛ; ଆଳ ମାଛ—
7. A scaleless fish with a long snout.

୮ । ଯୁଦ୍ଧାର୍ଥ ବା ଶତ୍ରୁର ଆକ୍ରମଣ ଅପେକ୍ଷାରେ ତଳକୁ ମୁହଁ ପୋତି କରିବା ଅବସ୍ଥାନ—8. The stooping position of the head awaiting an adversary's attack.

୯ । ପର ପ୍ରଭୃତିର ଆଘାତ ଦେହରେ ନ ଲାଗିବାପାଇଁ ଢାଲ ବା ଯଷ୍ଟି ଆଦି ଦ୍ୱାରା ଆତ୍ମରକ୍ଷଣ—
9. A defensive pose to ward off a blow.
ବହୁ ଅଡ଼ଣୀ ଅତି ଆଡ଼ମ୍ବରେ ନବାଡ଼ି ଘାତ ରକ୍ଷଣ କଲେ ଗଲେ ।
ଉପେନ୍ଦ୍ର. ବୈଦେହୀଶବିଳାସ ।

ପ୍ରାଦେ. (ସମ୍ବଲପୁର ଓ ବାଲେଶ୍ୱର) ବି.—ପୋଖରୀର ବନ୍ଧ—
An embankment of a pond.
ଭୂଇଁ ପାଟ ଅଡ଼ି ବଗଡ଼ରୁ ଠାରୁ ଜଣ ବାଉ ହୋଇ ଉଠି ।
ଫକୀରମୋହନ. ଛମାଣଆଠଗୁଣ୍ଠ ।

ପ୍ରାଦେ. ( ବୀରଭୂମ ଓ ସମ୍ବଲପୁର ) ବି.—କ୍ଷେତ ବା ବାଆରିର ହିଡ଼—The ridge of a cultivated field.

(ଜାହାଜୀଆ ଶବ୍ଦ)—ସମୁଦ୍ରାଦିର କୂଳ—
(Nautical term) Shore.
ଆଡ଼ିକୁ ଜାହାଜଟି ବଡ଼ ସୁନ୍ଦର ଦିଶୁଛି ।
ଫକୀରମୋହନ. ଟଲ୍‌ସ୍‌ଟଲ୍ ।

ଦେ. ବିଣ.—ଟାଣ ବା ଦୃଢ଼—Hard.

**ଆଡ଼ିଆ**—ଦେ. ବି.—୧ । ଅଡ଼ିବନ୍ଧ—
Ārḍiā
1. A cross-dam.

୨ । ଆଡ଼େଇବା—2. Setting aside.

୩ । ବଗଡ଼ଭାଗ—3. The sloping shore of a tank or lake.

୪ । ପ୍ରାଦେ. (ଗଡ଼ଜାତ) ବି.—ଉଚ୍ଚ ଭୂମିରୁ ଗଡ଼ି ଆସୁଥିବା ବର୍ଷାପାଣି ଅଟକାଇବା ନିମନ୍ତେ ପକାଯିବା ମାଟିର ବନ୍ଧ—
4. A dam put to retain flowing rain-water at a place.

୫ । ପ୍ରାଦେ. (ବାଲେଶ୍ୱର) ବି.—ସମୁଦ୍ର ଉପକୂଳରେ ଥିବା ଢିପ ଜମି—5. Elevated ground near the sea shore.

୬ । ପ୍ରାଦେ. (ବାଲେଶ୍ୱର) ବି—ଢିପ ଜମି—
6. High ground.

ଦେ. ବିଣ.—ଏକପାଖକୁ ଘୁଞ୍ଚା ଯାଇ ଥିବା—
Moved to one side.

**ଆଡ଼ିଆଆଡ଼ି**—ଦେ. ବି.—ଆଡ଼େଇବା କର୍ମ—
Ārḍiāārḍi — The act of pushing aside.
এড়ান
अड़ाना

**ଆଡ଼ିଆଆଡ଼େଇ**—ଦେ. ବି.—ଆଡ଼ିଆଆଡ଼ି (ଦେଖ)
Ārḍiāārḍei — Ārḍiāārḍi (See)

**ଆଡ଼ିଆଆଡ଼େଇ ହେବା**—ଦେ. କ୍ରି.—ପରସ୍ପର ପରସ୍ପରକୁ ବାଟ ଛାଡ଼ି ଦେବା ଉଦ୍ଦେଶ୍ୟରେ ଏକ ପାଖକୁ ଘୁଞ୍ଚି ଯିବା—To move to a side in order to make room for another.
Ārḍiāārḍei hebā
এড়েচলা

**ଆଡ଼ିଆଇବା**—ଦେ. କ୍ରି. ( ସଂ. ଅଡ଼ିଲ )—୧ । ବଙ୍କକରିବା—
Ārḍiāibā — 1. To bend.
କେତେ ରହିଁ ନବୀନା ଗ୍ରହିଁ ଆଡ଼ିଆଇ । କୃଷ୍ଣସିଂହ. ମହାଭାରତ ।

୨ । ଏକପାଖକୁ ଘୁଞ୍ଚାଇବା—
2. To push to one side.
ମୋ ସଙ୍ଗ ଲଙ୍କ ଆଡ଼ିଆଇ ଯିବ ଏ ମାର୍ଗରେ । କୃଷ୍ଣସିଂହ. ମହାଭାରତ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ସାପ' ନ ମିଳିଲେ 'ଶାପ' ଖୋଜିବେ; 'ବୃଷ' ନ ମିଳିଲେ 'ବୃଷ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଜ୍ଜିତ' ନ ପାଇଲେ 'ଅର୍ଜିତ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ

୩ । ଏକଅଡ଼କୁ ବଙ୍କ କରି ଧରିବା—
3. To hold a thing sideways.

୪ । ପାଶେଇବା; ଏକପାଖକୁ ଘୁଞ୍ଚିବା—
4. To move to one side.

**ଆଡ଼ିତୁମ୍ବ**—ପ୍ରାଦେ ( ପୁରୀ ) ବି—ବାଣବିଶେଷ—
Ārditumba — A kind of fire-work
[ ଦ୍ର—ବର ଓ ଡିମ୍ବିରି ଗଛର ଗଣ୍ଡିର ଯେ କୌଣସି ମଞ୍ଜି-ଗଡ଼କୁ ଲମ୍ବାଭାଗରେ ଖୋଳି ମଞ୍ଜିରେ ଗାତ ଖୋଳି ଯେଉଁ ତୁମ୍ବ-ବାଣ ତିଆରି କରାଯାଏ ତାହାକୁ 'ଆଡ଼ିତୁମ୍ବ' କହନ୍ତି । ]

**ଆଡ଼ିପତାଇବା**—ଦେ.କ୍ରି.—ମେଷ, ବୃଷ ଆଦି ପଶୁମାନଙ୍କର ପରସ୍ପର ଯୁଦ୍ଧ
Ārdipataibā କରିବା ପୂର୍ବରୁ ମୁଣ୍ଡକୁ ନୁଆଇଁ ଠିଆ ହେବା—
To wait with side-turned head for the adversary's charge ( said of animals as goats, bulls etc).

**ଆଡ଼ିଫଲନ୍ଦ**—ପ୍ରାଦେ. ( ଚିଲିକା ଅଞ୍ଚଳ ) ବି—ଚିଲିକାରେ ଚଳୁଥିବା
Ārdiphalanda ଡଙ୍ଗାର ଫଲନ୍ଦ ବା ଅଡ଼ିକାଠ—A cross-beam of a country-boat on the Chilka lake

**ଆଡ଼ିବନ୍ଧ**—ଦେ. ବି.—ନଦୀ ପ୍ରଭୃତିର ଅଡ଼ ବା ଚଉଡ଼ା ଭାଗରେ
Ārdibandha ପଡ଼ିଥିବା ବନ୍ଧ—A cross-dam.
আড়িবাঁধ

**ଆଡ଼ିବା**—ଦେ କ୍ରି—୧ । ଅଟକାଇବା—1. To ward off a blow.
Ārdibā
এড়ান

ଅର୍ଜ୍ଜୁନଶରଜାତ ବାତ ହୋଇକରି
ଆସିଲେ ଆଡ଼ିବ ମୋ ଗଦା ଗିରିପରି—କୃଷ୍ଣସିଂହ. ମହାଭାରତ. କର୍ଣ୍ଣ ।

୨ । ଶର ପ୍ରଭୃତିର ଆଘାତ ଦେହରେ ଯେପରି ନ ଲାଗେ, ଏହି ଉଦ୍ଦେଶ୍ୟରେ ଦେହକୁ ଜଗିବା ପାଇଁ ଖଣ୍ଡା ବା ଢାଲକୁ ପତାଇବା—2. To hold a shield or sword or stick to ward off a blow.

ଅଭିମନ୍ୟୁ ତାହା ଦେଖି ଫଳା ଅଡ଼ିଲା । ସାରଳା ମହାଭାରତ ।

୩ । ଖେଳରେ ଜୁଆ ବାନ୍ଧିବା; ଖେଳରେ ବାଜି ରଖିବା—
3. To put a thing as stake at gambling.

ବୋଇଲା ଏଥର ହାରି ଆଡ଼ିବୁ କି କିହ—ପୀତାମ୍ବର. ନୃସିଂହପୁରାଣ ।

୪ । ପତାଇବା; ଆଘାତ ପାଇଁ ଅଥବା ଆଘାତକୁ ସମ୍ଭାଳିବା ପାଇଁ ମୁଣ୍ଡ ଆଦି ଦେଖାଇବା—4. To advance one's head or other limbs to bear a blow.

ଅଚେତନ ସଂଗ୍ରାମରେ ରହେ ପିଠି ଆଡ଼ି
ଦେଖିକରି ସୁଦର୍ଶନ ପାଦ ଦେଲେ ଆଡ଼ି । ପୀତାମ୍ବର—ନୃସିଂହପୁରାଣ ।

୫ । ଦୂରକୁ ଘୁଞ୍ଚିଯିବା; ପାଶେଇବା—5. To move to a distance; to move to a side.

ଦାନବରୂପୀ ଦୈତ୍ୟମାନେ ଶର ଦେଖି ଆଡ଼ି—ପୀତାମ୍ବର; ନୃସିଂହପୁରାଣ ।

୬ । ଉପଶମ କରିବା—6. To alleviate.

ଯାତନାକୁ କେ ଆସିବ ଦେବ ଆଡ଼ି—କବିସୂର୍ଯ୍ୟ. ସଙ୍ଗୀତ ।

**ଆଡ଼ିଶାକଣ୍ଟା**—ପ୍ରାଦେ. (ଗଞ୍ଜାମ) ବି—ନାଗଫେଣୀ (ଦେଖ)
Ārdisākantā — Nāgapheni (See)

**ଆଡ଼ୁ**—ଦେ. ଅ (ଅଡ଼—ଏହି ବିଶେଷ୍ୟ ପଦରେ ୫ମୀ ବିଭକ୍ତିର ଚିହ୍ନ—
Ārdu ରୁ ଯୁକ୍ତ ହୋଇଅଛି; ମୂଳ—ପ୍ରା. ପ୍ରତ୍ୟୟ ଅଡ଼ୁ )—
୧ । ପାଖରୁ—1. From the side of.
୨ । ଦିଗରୁ—2. From the direction of.
୩ । ସ୍ଥାନରୁ—3. From the place of.
[ ଦ୍ର—ଅଡ଼ ଦେଖ । ]

**ଆଡ଼ୁଆ**—ଦେ. ବିଣ—୧ । ବଙ୍କ—1. Bent.
Ārduā ୨ । ତିର୍ଯ୍ୟକ୍—2. Slanting.
এড়ো ୩ । କଡ଼ଆଡ଼ିଆ—3. Sidelong.
टेढ़ा

**ଆଡ଼ୁଆର**—ଗ୍ରା. ବିଣ. (ଆଡ଼ୁଆଳ ଶବ୍ଦର ଇତରଜନ ବ୍ୟବହାର)—
Ārduāra ୧ । ଗୋପନୀୟ—1. Secret.
আড়াল ୨ । ଆଚ୍ଛନ୍ନ—2. Covered.
୩ । ଉଢ଼ାଳ (ଦେଖ)
3 Urdhāla (See)

**ଆଡ଼ୁଆଳ**—ଦେ. ବି—୧ । ଅନ୍ତରାଳ—1. Place behind a
Ārduāla person; anything which intercepts
আড়াল a thing from view.
पिछावाड़ा ୨ । ଯବନିକା—2. Screen.
୩ । ଘୋଡ଼ାଇବା—3. Covering.
ଦେ. ବିଣ—୧ । ଗୋପନୀୟ—1. Secret.
୨ । ଦୃଷ୍ଟିର ଅନ୍ତରାଳରେ ଥିବା—
2. Hidden from view
୩ । ଆଚ୍ଛନ୍ନ—3. Covered

**ଆଡ଼ୁଁ**—ଦେ. କ୍ରି. ବିଣ—ଆଡ଼ୁ (ଦେଖ)
Ārdun — Ārdu See)

**ଆଡ଼ୁଖା**—ପ୍ରାଦେ. (ଗଞ୍ଜାମ) ବିଣ—ଅନ୍ତରାଳରେ ଥିବା ବା ରହିବା—
Ārdukhā Lying behind; lying in ambush

**ଆଡ଼ୁସାଡ଼ୁ**—ଗ୍ରା. ଅ. (ସହଚର)—ଯାଡ଼ୁସ୍ୟାଡ଼ୁ (ଦେଖ)
Ārdusārdu — Yārdusyārdu (See)

**ଆଡ଼ୁସାଡ଼ୁମାରିବା**—ଦେ. କ୍ରି—ଅଭିମାନ ବା କ୍ରୋଧରେ ଅଭିଯୋଗ
Ārdusārdumāribā ପୂର୍ବକ ପ୍ରିୟଜନଙ୍କୁ ବାକ୍ୟବାଣ ବିଦ୍ଧ କରିବା—To apply sharp or harsh words to dear persons in displeasure.

ତାହା ଦେଖି ଅନ୍ତର ହୋଇଲେ ସର୍ବ ନାରୀ
ଆଡ଼ୁସାଡ଼ୁ ମାରି କେତେ ବୋଇଲେ ସୁନ୍ଦରୀ । ପ୍ରାଚୀ· ରହସ୍ୟମଞ୍ଜରୀ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଦ୍ଧ | ର୍,ର୍ | ଛ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇସ୍ତ | ତ୍ଥ | ଭ |
| ୨ | ଇ | ଦ୍ଧ | ରୁ | ଲୁ | ପ୍ରେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଙ୍ଗ | ଇଥ | ଶ | ତ୍ତ |

**ଅଡ୍ରେ**—ଦେ. ଅ. ( ଅଡ଼—ଏହି ବିଶେଷ୍ୟପଦ ସହିତ ସପ୍ତମୀବିଭକ୍ତି
**Ārde** ଚିହ୍ନ 'ରେ' ଯୁକ୍ତ ହୋଇଅଛି, ଅଡ଼-ଦେଖ)—୧ । ଦିଗରେ—
दिके 1. In the direction of.
ओरमे ୨ । ଅଞ୍ଚଳରେ—2. In the part of a country.
ବାରଣାବନ୍ତର ଅଡ୍ରେ ରହିଲ ସେ ଯାଇଁ—ସାରଳାମହାଭାରତ. ଉଦ୍ଯୋଗ ।
୩ । ଅଡ଼କୁ; ନିକଟକୁ—
3. Towards; to the direction of.
୪ । ( ଗ୍ରାଦେ ) କଦଳୀର ଏକ ଅଡ଼—
4. A unit of 64 plantains.
୫ । ଦିଗକୁ—5. To (the side.)
୬ । ସ୍ଥାନକୁ—6. To (the place.)
୭ । ଦେହର ଗୋଟିଏ ପାଖରେ—
7 On one side of the body.
୮ । (ପୁରୁଷର) ଔରସରେ—8. From the loins of.
ଜମଦଗ୍ନିଙ୍କର ରେଣୁକା ଭାର୍ଯ୍ୟାହେଲେ
ପୁତ୍ରଶ୍ରେଷ୍ଠ ପୁତ୍ର ତାଙ୍କ ଅଡ୍ରେ ଜାତ କଲେ ।
କୃଷ୍ଣସିଂହ. ମହାଭାରତ. ସଭା ।
୯ । (ଅନ୍ୟ ବ୍ୟକ୍ତିର) ପକ୍ଷରେ—9. In the side of.
ବାପହିଁ ଭାଇ ଅଡ୍ରେ ହୋଇ, ଯେ ଭୃତ୍ୟ ଗଣେ ଛନ୍ଦ ନେଇ ।
ଭୂପତି. ପ୍ରେମପଞ୍ଚାମୃତ ।
୧୦ । (ସ୍ତ୍ରୀର) ଗର୍ଭରେ—10. in the womb of.
ତାଙ୍କ ଅଡ୍ରେ ଛଅ ପୁତ୍ରକୁ ଜାତ କଲ—କୃଷ୍ଣସିଂହ. ମହାଭାରତ ।
୧୧ । ଠାରେ—11. In
୧୨ । ସହିତ—12. With
ଏ ପଦବେ ଶୁଭାଣୀ ଅଡ୍ରେ ଗଉତମ
ଅଚରିଲେ ତପ ଲକ୍ଷଣ ନାହିଁ କାମ—କୃଷ୍ଣସିଂହ. ମହାଭାରତ. ସଭା ।
୧୩ । ଅଡ୍ରେକ (ଦେଖ)—13. Ārdeka (See)

**ଅଡ୍ରେଇଚାହିଁବା**—ଦେ. କି—୧ । ବକ୍ରଦୃଷ୍ଟିରେ ଚାହିଁବା—
**Ārdeichāhiṅbā** 1. To look askance.
এড়িয়েচাওয়া ୨ । ସାମାନ୍ୟ ଅନୁଗ୍ରହପୂର୍ଣ୍ଣ ଦୃଷ୍ଟିରେ ଚାହିଁବା—
अड़ तकाना 2. To set a favourable glance.

**ଅଡ୍ରେଇବା**—ଦେ. କି—୧ । ପାଖେଇବା; ଏକପାଖକୁ ଘୁଞ୍ଚାଇ ଦେବା—
**Ārdeibā** 1. To move to one side.
এডান ୨ । ଲୋକମାନଙ୍କୁ ବାଟପାଖରୁ ତଡ଼ିଦେବା—
हटाना 2. To drive people from the way.

**ଅଡ୍ରେଇଯିବା**—ଦେ. କି—ଅଡ଼ହେବା; ପାଖେଇଯିବା—
**Ārdeijibā** To stand aloof.

**ଅଡ୍ରେକ**—ଗ୍ରା. ପଦ୍ୟ. କି. ବିଣ. (ଅଡ଼ ଦେଖ)—
**Ārdeka** ୧ । ଏକଅଡ୍ରେ—1. On one side
୨ । ଏକ ମୁଣ୍ଡରେ—2. At one end.
ଦେ. ବି.—ଅନ୍ତରାଳ—Back ground.

**ଅଡ୍ରେକରିବା**—ଗ୍ରା. ପଦ୍ୟ. କି—ଗୋଟିଏ ପାଖରେ ରଖିବା—
**Ārdekaribā** To keep on one side.

ସକଳ ଧର୍ମ ଅଡ୍ରେ କରି
ଅଡ଼କେ ବୃନ୍ଦକାନନ ଭରି । ପ୍ରାଚ—ନାଗୁଣମାହାତ୍ମ୍ୟ ।

**ଅଡ୍ରେଣୀ**—ଦେ. ବି—ଅଡ଼ଣି ( ଦେଖ )
**Ārdeṇi** Ārdaṇi ( See )
ଚମ୍ପା ମାଳ ଯେନ ଫୁଲ ଅଡ୍ରେଣୀ
ମନ୍ଦ ମନ୍ଦ ଗଲେଣ ମନ ଜାଣି । କବିସୂର୍ଯ୍ୟ. ଚନ୍ଦ୍ରକଳା ।
ଗ୍ରା. ବିଣ—ଚଉଡ଼ା ପାଖିଆ—Breadthwise.
ଭ୍ରମ ନାମ ଲଗିଅଛି ଅଡ୍ରେଣୀ ମତରୁ । ପ୍ରାଚୀ. ବୃନ୍ଦାବନଭୂପଣଗୀତା ।

**ଅଡ୍ରେଦୀର୍ଘେ**—ଦେ. ଅ—ଅଡ଼ଦୀର୍ଘେ ( ଦେଖ )
**Ārdedirghe** Ārdadirghe ( See )

**ଅଡ୍ରେନଜାଲ୍**—ପ୍ରାଦେ. (ସମ୍ବଲପୁର ) ବି—ଅଡ଼ନଜାଲ ( ଦେଖ )
**Ārdenjāl** Ādanijāl ( See )

**ଅଡ୍ରେହେବା**—ଦେ. କି—୧ । ଦୂର ହେବା; ପାଖରୁ ଘୁଞ୍ଚିଯିବା—
**Ārdehebā** 1. To stand aloof.
ବଡ଼ ବଡ଼ ଲୋକେ ଦବାଦକୁ ଆଦରିଲେ
ସାନ ଲୋକ ଅଡ୍ରେ ହୁଏ ମଧ୍ୟରେ ଯେ ଥିଲେ । ପୀତାମ୍ବର. ନୃସିଂହପୁରାଣ ।
୨ । ପାଖେଇଯିବା—2. To move to a side.

**ଅଡ୍ରୋଅଡ୍ରୋ**—ଦେ. ଅ—ଅଡ଼ହୋ ( ଦେଖ )—
**Ārdoārdo** Ārdaho ( See )
ଗୌତମ ମହର୍ଷିଙ୍କର ବଂଶାଳ ଯେ ଧରି
ବିହାସରେ ନାଚନ୍ତି ଅଡ୍ରୋ ଅଡ୍ରୋ ବୋଲି । ପୀତାମ୍ବର. ନୃସିଂହପୁରାଣ ।

**ଅଡ୍ଡା**—ଦେ. ବି—୧ । ଯେଉଁ ସ୍ଥାନରେ ସମକର୍ମୀ ମନ୍ଦ ଲୋକେ ଏକତ୍ର
**Āddā** ହୁଅନ୍ତି ( ସାଧାରଣତଃ ମନ୍ଦ ଅଭିପ୍ରାୟରେ ବ୍ୟବହୃତ )—
1. Rendezvous; a place where men of the same class congregate ( for evil purposes. )
আড্ডা ୨ । ଯେଉଁ ସ୍ଥାନରେ ଭଡ଼ା ଲାଗିବାପାଇଁ ଗାଡ଼ି, ସବାରି
अड्डा ପ୍ରଭୃତି ଥାଏ ଓ କୁଲିମାନେ ମଧ୍ୟ କାମ ପାଇବା ପାଇଁ ରୁଣ୍ଡ ହୋଇ ବସିଥାନ୍ତି—2. A post or stand for carriages, palkies or coolies; a stand where conveyances or coolies are available.

**ଅଡ୍ଡାକରିବା**—ଦେ. କି—୧ । ମନ୍ଦ ଅଭିପ୍ରାୟରେ ସଙ୍ଗୀମାନଙ୍କ ସଙ୍ଗେ
**Āddākaribā** ଏକ ସ୍ଥାନରେ ଯୋଗ ଦେବା—
আড্ডাকরা 1. To join bad companions at
अड्डादेना some evil place.
୨ । ଅନେକ ଲୋକ ମିଳି ବୃଥା ଗଳ୍ପରେ ସମୟ ନଷ୍ଟ କରିବା—
2. To while away time in vain talks in a company.

**ଅଡ୍ଡାମାରିବା**—ଦେ. କି—ଅଡ୍ଡାକରିବା ( ଦେଖ )
**Āddāmāribā** Āddākaribā ( See )

**ଅଡ୍ର**—ବୈଦେ. ପ୍ରାଦେ. (ଗଞ୍ଜାମ) ବି—ଅଡ଼ର ( ଦେଖ )
**Ādra** Ārdar ( See )

ଯାହାବଣ ଟେକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମାନଙ୍କରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପରିବର୍ତ୍ତେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'କଂସୁ' ନ ପାଇଲେ 'କଂସ' ଦେଖିବେ; 'ଅକ୍ଷୋ' ନ ପାଇଲେ 'ଅକ୍ଷ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଆଡ୍ରେସ୍—ବୈଦେ. ବି. ( ଇଂ. )—ଠିକଣା—
Ādrės Address.

ଆଢ଼କ—ସଂ. ବି. ( ଆ+ଢୌକ ଧାତୁ=ଯିବା+କର୍ତ୍ତୃ. ଅ )—
Ārdhaka ୧ । ଧାନ୍ୟାଦି ମାପିବାର ପରିମାଣବିଶେଷ; ଅଠସେର
আঢ়া ପରିମାଣ । —1. Measure of corn weighing eight seers.
୨ । ଧାନ୍ୟାଦି ମାପିବାର ଉପଯୁକ୍ତ ପରିମିତ ପାତ୍ର ବା ଗଉଣୀ ବା ଦ୍ରୋଣୀ;ଅଠସେରିଆ ଗଉଣୀ—2. A measure; measuring pot of a capacity of 8 seers.

ଆଢ଼କିକ—ସଂ. ବିଣ. ( ଆଢ଼କ=୮ ସେର ପରିମାଣ+ଇକ )—
Ārdhakika ୧ । ଆଢ଼କ ବା ଅଠସେର ପରିମିତ ଶସ୍ୟମଞ୍ଜି ବୁଣିବାର ଯୋଗ୍ୟ ( କ୍ଷେତ୍ର )—1. (field) In which 8 seers of seed can be sown.

ଆଢ଼କୀନ—ଦେ. ବି ଓ ବିଣ—ଆଢ଼କିକ ( ଦେଖ )
Ārdhakina Ārdhakika ( See )

ଆଢ଼ଣି—ଦେ. ବି—ଆଡ଼ଣି ( ଦେଖ )
Ārdhani Ārdani ( See )

ଆଢୁଆ—ଦେ. ବିଣ—ଅନ୍ତରାଳରେ ଥିବା—
Ārdhuā Staying in the back-side; lurking.

ଆଢୁଆଳ—ଦେ. ବିଣ—୧ । ଗୋପନୀୟ—
Ārdhuāla 1. Covert; concealed.
আড়াল ୨ । ଆଚ୍ଛନ୍ନ—2. Covered.
पिछवाड़ा ୩ । ଉଢ଼ାଳ ( ଦେଖ ) 3. Urdhāla ( See )
ଦେ. ବି—ଅନ୍ତସ୍ଥଳ—Back ground.

ଆଢେଣୀ—ଦେ. ବି. ( ସ. ଅର୍ଦ୍ଧଭୂମି; ଅର୍ଦ୍ଧମୀ )—
Ārdheni ଅଡ଼ଣି (ଦେଖ)
Ārdani ( See )

ଆଢ୍ୟ—ସଂ. ବିଣ. ( ଆ+ଧ୍ୟୈ ଧାତୁ=ଚିନ୍ତା କରିବା+କର୍ତ୍ତୃ. ଅ; ଯେ
Ādhya ଧନଚିନ୍ତା କରେ )—
(ଆଢ୍ୟା—ସ୍ତ୍ରୀ) ୧ । ଧନୀ; ସମୃଦ୍ଧିଶାଳୀ; ବିଭବଶାଳୀ—
1. Rich; affluent.
୨ । ସମ୍ପନ୍ନ; ଯୁକ୍ତ; ବିଶିଷ୍ଟ—.
2 Full of; having; possessing.
ଦେ. ବି.—ବଙ୍ଗ ବୈଶ୍ୟଙ୍କ ବଂଶୋପାଧିବିଶେଷ—
A family title of Bengalee Baisyas.

ଆଢ୍ୟମ୍ଭବିଷ୍ଣୁ—ସଂ. ବିଣ. ( ଆଢ୍ୟଂ+ଭୂ ଧାତୁ=ବର୍ତ୍ତମାନ ହେବା+
Ādhyambhabishnu ଇଷ୍ଣୁ; ଯେ ପୂର୍ବେ ଧନୀ ନ ଥିଲା ବର୍ତ୍ତମାନ ଧନୀ ହୋଇ ଅଛି )—ହଠାତ୍ ବାବୁ; ଯେ ହଠାତ୍ ବଡ଼ ଲୋକ ହୋଇଅଛି—
One who has suddenly grown rich

ଆଢ଼ା—ବୈଦେ. ଗ୍ରାଦେ. ( ଗଞ୍ଜାମ ) ବି—ଆଦେଶ—
Ādhra Order.

ଆଣ—ଗ୍ରା. ବି—୧ । ତରକାରୀର ଝୋଳ; ଅଣ; ସୋରୁଆ—
Āna 1. Soup.
୨ । ଗ୍ରାଦେ ( ବାଲେଶ୍ୱର ) ବି—କାଞ୍ଜିକୁ ବହଳିଆ କରିବା-ପାଇଁ ଦିଆଯାଇଥିବା ଚାଉଳଚୂନା—
2. Powder of rice used to thicken fermented rice-water.
୩ । ଗ୍ରାଦେ. (କେନ୍ଦ୍ରାପଡ଼ା) ବି.—ବଡ଼ି କରିବା ପାଇଁ ବଟା ଯାଇ ଥିବା ବିରି—3. Corn paste for preparing Bardi.
୪ । ଦେ. ବି.—ଜଳେବି ତିଆରି କରିବା ପାଇଁ ପ୍ରସ୍ତୁତ ହୋଇଥିବା ଚାଉଳ ବା ବିରିର ବାସୀ ପିଠଉ—
4. Fermented rice and corn paste for preparing jalbi.
ଦେ. କ୍ରି.—[ ଆଣିବା କ୍ରିୟାର ୨ୟ ପୁରୁଷ ( ତୁମ୍ଭେ ) ଏକବଚନ ଓ ( ତୁମ୍ଭେମାନେ ) ବହୁବଚନର ଅନୁଜ୍ଞାରୂପ )—
ତୁଳ. ତାମିଲ୍. ଅଣଇ ।]
ତୁମ୍ଭେ ବା ତୁମ୍ଭେମାନେ ଆଣ—(You) Do bring.

ଆଣଆଣ—ଗ୍ରା. ବିଣ.—ଅଣଯୁକ୍ତ; ପାଣିପାଣିଆ—.
Ānaāna Soupy; watery.
ঝোল ঝোল
झोर झोर

ଆଣକ—ସଂ. ବିଣ. (ଆ+ଅଣ ଧାତୁ=ଶବ୍ଦ କରିବା+କ)—
Ānaka ୧ । କୁତ୍ସିତ—1 Ugly
୨ । କ୍ଷୁଦ୍ର—2. Small
୩ । ଅପକୃଷ୍ଟ; ନିନ୍ଦିତ—3. Insignificant
ବି.—୧ । ଟଙ୍କାର ଷୋଳଭାଗରୁ ଭାଗେ; ଅଣାଏ—
1 One sixteenth of a rupee.
୨ । ଅଣି; ଏକଅଣା ମୂଲ୍ୟର ମୁଦ୍ରା—
2. An one-anna bit.
୩ । ପାର୍ଶ୍ୱଶାୟୀ ଦମ୍ପତିଙ୍କର ସୁରତବିଶେଷ—
3 A sidewise pose in copulation

ଆଣବିକ—ସଂ. ବିଣ. (ଅଣୁ+ସମ୍ବନ୍ଧ. ଇକ)—ଅଣୁ ସମ୍ବନ୍ଧୀୟ—
Ānabika Atomic; molecular,

ଆଣବିକ ଆକର୍ଷଣ—ସଂ. ବି. (ବିଜ୍ଞାନପରିଭାଷା)—
Ānabika ākarshana ଯେଉଁ ଗୁଣ ହେତୁ ଜଡ଼ ପଦାର୍ଥ ମଧ୍ୟସ୍ଥ ପରମାଣୁମାନ ପରସ୍ପର ଆକର୍ଷଣ କରନ୍ତି—
(physics) Molecular attraction.

ଆଣବୀନ—ସଂ. ବିଣ. (ଅଣୁ=ସୂକ୍ଷ୍ମ ଧାନ୍ୟବିଶେଷ+ଈନ)—ଅଣୁ ଧାନ୍ୟ-
Ānabina ବପନ ଯୋଗ୍ୟ (କ୍ଷେତ୍ର); ଯହିଁରେ ଚିନା (ଶସ୍ୟ) ବୁଣା ଯାଇପାରେ—A field fit for sowing; small grains.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଣ,ଶ | ଜ୍ଞ | ଇୟୁ | ଉଅ | ଖ |
| ୨ | ଈ | ଊ | ୠ | ଌୂ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଙ୍ଗ | ଇଅ | ଓ | ନ୍ତ |

**ଆଣି**—ସଂ. ବି. ସ୍ତ୍ରୀ (ଅନ୍ ଧାତୁ=ଶବ୍ଦ କରିବା + କର୍ତ୍ତୃ. ଇ)—
Āṇi ୧ । ଖଡ୍ଗର କୋଣ ବା ଧାର—1. The edge of a sword.
୨ । ସୀମା—2. Boundary.
୩ । ଅକ୍ଷାଗ୍ରକୀଲକ; ଅଣକିଲା—3. The pins at the ends of the axle of a cart.
ଦେ. ବି— ୧ । ଗର୍ବ—1. Pride.
ଲୁଚେ କଠିନକୁ ଦେଖିବା ଦେଖି ସେ ଶମ୍ଭୁ ଅଣି ଅଣି ଭାଙ୍ଗି ଭଜନ ।
ଭକ୍ତ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।
୨ । ଟାଣପଣ—2. Hardness.
୩ । ବଡ଼ିମା—3. Greatness.
୪ । ଆଧିକ୍ୟ—4. Excess.
୫ । ଆଡ଼ମ୍ବର—5. Pomp.
୬ । ଶୋଭା—6. Beauty.

**ଆଣିବା**—ଦେ. କ୍ରି. (ସଂ. ଆନୟନ)—ଆନୟନ କରିବା—
Āṇibā To bring or fetch.
আনা ଆଣି ଦେଇଥିଲ ମୁହିଁ ଏହି ମହାଧନୁ ।
लेआना ଜଗନ୍ନାଥ, ମହାଯାତ୍ରା ।

**ଅଣ୍ଟ**—ଦେ. ବିଣ—୧ । ଦୃଢ଼; କଠିନ; ଟାଣ—
Āṇṭa 1. Hard; firm; tough.
আঁট ହିରଣ୍ୟ ହିରଣ୍ୟକଶିପୁ, ବନ୍ଦିହିଁ ଅଣ୍ଟ ବେନି ବପୁ ।
ଜଗନ୍ନାଥ. ଭାଗବତ. ୭ମ ।
୨ । ଏକଜିଦିଆ—2. Stubborn; obstinate.
ଦେ. ବି.—୧ । ଗାରିମା; ଗର୍ବ; ଦମାକ୍—1. Pride.
୨ । ଧୈର୍ଯ୍ୟ—2. Patience.
୩ । ରଡ଼—3. Resistance
୪ । ଯୋର—4. Force.
୫ । ଏକଜିଦ—5. Stubbornness.
୬ । ଅବାଧ୍ୟତା—6. Insolence.
୭ । ଦୃଢ଼ତା—7. Hardness.
ଅର୍ଜ୍ଜୁନ ବାହୁ ଅଣ୍ଟ ବୁଝିବାପାଇଁକି ।
କୃଷ୍ଣସିଂହ. ମହାଭାରତ ।
୮ । ଶ୍ରେଷ୍ଠ—8. Excellent.
ନଦେଗୋପାଳ ପୁଅ ମଦଥନ ବେଣ୍ଟ
ଯେ ଜନିଅଛି ତାର ଧରମଟି ଅଣ୍ଟ—କୃଷ୍ଣସିଂହ. ମହାଭାରତ. ଶାନ୍ତି ।
ଦେ. ବିଣ.—୧ । କଡ଼ା —1. Harsh.
ମୋ ଅବା ଠାରେ ତୁମ୍ଭେ ଏଡ଼େ ଅଣ୍ଟ କଥା ।
କହୁଛ କପାଁ ଖଡ଼ି ହୁଁ ଭୟ ବ୍ୟଥା—କୃଷ୍ଣସିଂହ. ମହାଭାରତ. ବନ ।
୨ । ବଳୁଆ—2. Strong.
ତାଙ୍କୁ ଖୋଜଇ ମନେ ଥିଲେ
ତା ତାଙ୍କୁ ଭଲ ଅଣ୍ଟ ଜଣେ—ଭୂପତି. ପ୍ରେମପଞ୍ଚାମୃତ ।
୩ । ଗର୍ବିତ—3. Proud; arrogant.

**ଅଣ୍ଟପଗୁଲୁ**—ଦେ. ବି. (ବଣିଅଶବ୍ଦ)—ସୁନାରେ ଛଅଟି ଗୋଲ ପଥର-
Āṇṭapagulu ବସା ତଳ କାନରେ ପିନ୍ଧିବା ଅଳଙ୍କାର—
An ornament for the lower part of the ear; a sort of ear-ring.

**ଅଣ୍ଟିବା**—ଦେ. କ୍ରି.—୧ । ଚୁପିବା—1. To press.
Āṇṭibā ୨ । ଯାବୋଡ଼ିଧରିବା—
আঁটা 2. To hold firmly; to gripe.
अँटना ୩ । ଚିପିବା—3. To squeeze.
୪ । ( ପେଚ ) କଷିବା—
4. To drive ( a screw ).
୫ । ଦୃଢ଼ଭାବରେ ବସାଇବା—
5. To set strongly.

**ଅଣ୍ଟୁ**—ଗ୍ରା. ବି.—ଅଟୁ (ଦେଖ)
Āṇṭu Āṭu (See)
ପ୍ରାଦେ. ( ଗଞ୍ଜାମ ) ବି.—ଗଛର କଲମ—Graft.
( ଯଥା—ଅଣ୍ଟୁ ଆମ୍ବ )

**ଅଣ୍ଟୁଆ** —ଦେ. ବିଣ. ପୁଂ.—୧ । ଟାଣୁଆ—
Āṇṭuā Hard.
(ଅଣ୍ଟୋଇ—ସ୍ତ୍ରୀ) ୨ । ବଳୁଆ—2. Strong.
আঁটা ଏହି ମାନଙ୍କ ବଡ଼ ଅଣ୍ଟୁଆ ଅଛନ୍ତି ଅଟେ—କୃଷ୍ଣସିଂହ. ମହାଭାରତ. ଆଦି ।
୩ । ଗର୍ବୀ; ଅହଙ୍କାରୀ—3. Proud; haughty.
୪ । କାର୍ଯ୍ୟଦକ୍ଷ—4. Efficient.
୫ । ଅବାଧ୍ୟ—5. Insolent.

**ଅଣ୍ଟେଇବା**—ଦେ. କ୍ରି—ଅଣ୍ଟାଇବା ( ଦେଖ )
Āṇṭeibā Āṇṭāibā ( See )

**ଅଣ୍ଠିଏ**—ଗ୍ରା. ବିଣ—ଅଣ୍ଠୁଏ ଗଭୀର—
Āṇṭhie Knee-deep.

**ଅଣ୍ଠିକ**—ଗ୍ରା. ବିଣ—ଅଣ୍ଠିଏ ( ଦେଖ )
Āṇṭhika Āṇṭhie ( See )

**ଅଣ୍ଠୁ**—ଦେ. ବି—ଗୋଡ଼ର ଭଣ୍ଡା ଓ ଜଙ୍ଘ ମଧ୍ୟସ୍ଥ ଗଣ୍ଠି; ଜାନୁ—
Āṇṭhu Knee-joint; knee.
হাঁটু
घुटना

**ଅଣ୍ଠୁଆ**—ଦେ. ବି—ଅଣ୍ଠୁ ଦ୍ୱାରା ଆଘାତ; ଅଣ୍ଠୁମାଡ଼—
Āṇṭhuā A blow with the knee.
ଏତେ ବୋଲି କ୍ରୋଧରେ ଅଶ୍ୱତ୍ଥାମା ବୀର
କଲେ କ୍ରୋଧେ ଚୋଇଠା ଅଣ୍ଠୁଆ ପ୍ରହାର । କୃଷ୍ଣସିଂହ. ମହାଭାରତ. ଶଲ୍ୟ ।
ଦେ. ବିଣ—ଯେ ଅଣ୍ଠୁମାଡ଼ି ବସିଥାଏ—
Kneeling; having a kneeling posture
ବଡ଼ କଷ୍ଟ ବାହୁବାରେ ଅଣ୍ଠୁ ଅହେବାକୁ
ଯାଉଛ ନ ମାନ ଖସ ତରୀକୁ । କୃଷ୍ଣସିଂହ. ମହାଭାରତ. ବନ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପରିବର୍ତ୍ତେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଅଣ୍ଠୁଆଇବା**—ଦେ. କ୍ରି ( ଅଣ୍ଠୁ ଶବ୍ଦର ଓଡ଼ିଆ ନାମଧାତୁ )—
Āṇṭhuāibā ଅଣ୍ଠୋଇବା; ଭୂଇଁରେ ଅଣ୍ଠୁଭର ଦେବା—
হাঁটু গেড়েবসা To kneel down.
घुटनोंके बल बइठना

**ଅଣ୍ଠୁଆଗୋପାଳ**—ଦେ. ବି—ଅଣ୍ଠୋଇଥିବା ବାଳକ ଶ୍ରୀକୃଷ୍ଣଙ୍କ ମୂର୍ତ୍ତି—
Āṇṭhuāgopāḷa The image of boy Śrikṛushṇa kneeling.
হাঁটুগোপাল
[ ଦ୍ର—ଅଣ୍ଠୁଆଗୋପାଳଙ୍କର ବାଁ ଗୋଡ଼ର ଅଣ୍ଠୁ ତଳେ ଲାଗିଥାଏ; ଡାହାଣ ଗୋଡ଼ର ତଳପା ଭୂମି ଉପରେ ଥାଏ; ଡାହାଣ ହାତରେ ଲଡ଼ୁ ଧରାହୋଇଥାଏ ଏବଂ ବାଁ ହାତର ପାପୁଲି ଭୂମିରେ ଲାଗିଥାଏ । ]

**ଅଣ୍ଠୁଅଡ଼ୁଆ ନିଷାପ**—ଦେ. ବି—ଓଲଟା ବୁଝାମଣା; ଅବିଚାର; ନିର୍ଦ୍ଦୋଷ
Āṇṭhuārḍuā nishāpa ବ୍ୟକ୍ତିକୁ ଦୋଷୀ ସାବ୍ୟସ୍ତ କରିବା—
Injustice; parody of justice.

**ଅଣ୍ଠୁଅଡ଼ୁଆ ବୁଝାମଣା**—ଦେ. ବି—ଅଣ୍ଠୁଅଡ଼ୁଆ ନିଷାପ ( ଦେଖ )
Āṇṭhuārḍuā bujhāmaṇā Āṇṭhuārḍuā nishāpa ( See )

**ଅଣ୍ଠୁଆଣି**—ଦେ. ବିଣ—ଅଣ୍ଠୁ ପରିମିତ ଗଭୀର—
Āṇṭhuāṇi Knee-deep.
একহাঁটু ( ଯଥା—ଅଣ୍ଠୁଆଣି ଘାସ; ଅଣ୍ଠୁଆଣି ବର୍ଷା )

**ଅଣ୍ଠୁଆଣିଆଁ**—ଦେ. ବିଣ—ଅଣ୍ଠୁଆଣି ( ଦେଖ )
Āṇṭhuāṇiān̐ Āṇṭhuāṇi ( See )
( ଯଥା—ଅଣ୍ଠୁଆଣିଆଁ ପାଣି କରିଛି । )

**ଅଣ୍ଠୁଏ**—ଦେ. ବିଣ—ଅଣ୍ଠିଏ ( ଦେଖ )
Āṇṭhue Āṇṭhie ( See )

**ଅଣ୍ଠୁକ**—ଦେ. ବିଣ—ଅଣ୍ଠିଏ ( ଦେଖ )
Āṇṭhuka Āṇṭhie ( See )

**ଅଣ୍ଠୁକୁଡ଼ା**—ଦେ. ବିଣ. ପୁଂ—(ଅପତ୍ୟାଦି ନ ହେବାରୁ ଯାହାର ମୈଥୁନ
Āṇṭhukurḍā କ୍ରିୟାରେ ଭୂମିରେ କେବଳ ଅଣ୍ଠୁ ଚୋଡ଼ିବା
(ଅଣ୍ଠୁକୁଡ଼ୀ—ସ୍ତ୍ରୀ) ସାରହୁଏ, ଜମ୍ଭା ଅନ୍ତ=ହତ+କୁଳ )—
୧ । ନିଃସନ୍ତାନ—1. Issueless.
୨ । ଯାହାର ସନ୍ତାନଗଣ ମରି ଯାଇଛନ୍ତି—
2. One who has lost all his issues.

**ଅଣ୍ଠୁଗଣ୍ଠି**—ଦେ. ବି (ସଦ୍ଧର)—୧ । ଶରୀରର ଗଣ୍ଠି ବା କବନ୍ଧସ୍ଥାନମାନ—
Āṇṭhugaṇṭhi 1. Joints of the body.
হাঁটুগাঁঠ ୨ । ଅଣ୍ଠୁ ବା ଜାନୁର ଗଣ୍ଠି—2 Knee-joint.

**ଅଣ୍ଠୁଗଣ୍ଠିବାତ**—ଦେ. ବି—ଆମବାତ ( ଯେଉଁ ରୋଗରେ ଅଣ୍ଠୁଗଣ୍ଠି ଦରଜ ହୁଏ )—ମେଣ୍ଢାମୁଣ୍ଡିଆ ବାତ—
Āṇṭhugaṇṭhibāta Rheumatism affecting the joints of the body.
গেঁঠেবাত

**ଅଣ୍ଠୁଭର**—ଦେ. ବି.—ଭୂମିରେ ଅଣ୍ଠୁକୁ ଲଗାଇବା—
Āṇṭhubhara Pressing with the knee-joint.
ପଡ଼ିଛି ଦୈତ୍ୟ ଭୂମିରେ ଦେଇ ଅଣ୍ଠୁଭର । ପୀତାମ୍ବର. କୃଷ୍ଣ ହରିପୁରାଣ ।

**ଅଣ୍ଠୁଭରା**—ଦେ. ବି—ଅଣ୍ଠୁଭର ( ଦେଖ )
Āṇṭhubharā Āṇṭhubhara ( See )

**ଅଣ୍ଠୁଭର ଦେବା**—ଦେ. କ୍ରି—ଭୂମିରେ ଅଣ୍ଠୁ ଲଗାଇବା—
Āṇṭhubhara debā To touch the ground with the knees; to kneel down.

**ଅଣ୍ଠେଇପକାଇବା**—ଦେ. କ୍ରି.—୧ । ଅଣ୍ଠୁ ମଡ଼ାଇ ବସାଇ ଦେବା—
Āṇṭheipakāibā 1. To cause to kneel down.
হাঁটুপেতে বসান ୨ । ( କୌଣସି ବ୍ୟକ୍ତିକୁ ) ଅଙ୍କାଡ଼ିଆ କଥାରେ
दोजानु बइठाना ପକାଇ ଦେବା—2. To cause a person to be placed in an inextricable difficulty or dilemma.
୩ । କୌଣସି ଲୋକକୁ କାଇଲ କରି କ୍ଷମାପ୍ରାର୍ଥନା କରିବା ପାଇଁ ବାଧ କରିବା—3. To oblige a person to apologize; to bring a person down.

**ଅଣ୍ଠେଇବା**—ଦେ. କ୍ରି—ଅଣ୍ଠେଇ ପକାଇବା (ଦେଖ)
Āṇṭheibā Āṇṭhei pakāibā (See)

**ଅଣ୍ଠୋଇବା**—ଦେ. କ୍ରି.—୧ । ଅଣ୍ଠେଇ ପକାଇବା (ଦେଖ)
Āṇṭhoibā Āṇṭhei pakāibā (See)
୨ । (ଅଣ୍ଠୁ ଶବ୍ଦରୁ ଓଡ଼ିଆ ନାମ ଧାତୁ) ଅଣ୍ଠୁମାଡ଼ି ବସିବା—
2. To kneel down.
ଅଣ୍ଠୋଇ ଅଗ୍ରେ ଥାଇ ଅବଳାରେ ଓଳଗି ହେଲେ ଅବଳା ।
ଉପେନ୍ଦ୍ରଭଞ୍ଜ. ଯଗତ ।
୩ । ଅଣ୍ଠୁଦ୍ୱାରା ଭୂମିରେ ଗତି କରିବା—3. To crawl.

**ଅଣ୍ଡବାଜ**—ଦେ. ବିଣ.—୧ । ଅଚ୍ଛା ହୋଇ ଥିଲେହେଁ ପୁଂସ୍ତ୍ୱ
Āṇḍbāj ସମ୍ପୂର୍ଣ୍ଣରୂପେ ନଷ୍ଟ ହୋଇ ନ ଥିବାରୁ ଯେଉଁ ଘୋଡ଼ା ଘୋଡ଼ୀକୁ ଦେଖିଲେ ଦୁଷ୍ଟାମି ବାହାର କରେ—
1. Defectively gelded (horse)
୨ । ଅଚ୍ଛା ହୋଇ ନ ଥିବା ଘୋଡ଼ା—2. Ungelded.
୩ । (ଲକ୍ଷଣାର୍ଥ) ଇନ୍ଦ୍ରିୟପରାୟଣ; କାମୁକ—3. Sensual.

**ଅଣ୍ଡବାଜି**—ଦେ. ବି. – ଖଚଡ଼ାମି; ଦୁଷ୍ଟାମି—
Āṇḍbāji Wickedness; wantonness.
আঁড়বাজী
ढिठाइ

**ଅଣ୍ଡିଗାଣ୍ଡି**—ଗ୍ରା. ବି.—ଠିକଣା; ତଥ୍ୟ—
Āṇḍigāṇḍi Head and tail; fixity.
মাথামুণ্ড

**ଅଣ୍ଡିର**—ସଂ. ବିଣ. ( ଅଣ୍ଡ+ଅ=ଅଣ୍ଡ+ଅସ୍ତ୍ୟର୍ଥରେ ଇର; ବହୁ-
Āṇḍira ଅଣ୍ଡଯୁକ୍ତ )—ବହୁ ଡିମ୍ବଯୁକ୍ତ; ଯେ ବହୁତ ଡିମ୍ବ
(ଅଣ୍ଡିରା—ସ୍ତ୍ରୀ) ପ୍ରସବ କରେ—Having or laying innumerable eggs.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଙ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଣ | ଜ | ଶ,ଷ | ଜ୍ଞ | ଇୟ୍ | ଈଅ | ଊ |
| ୨ | ଈ | ଊ | ଋ | ଌ | ଐ | ଅକାରଯୁକ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ | ଇଅ | ଓ | ଦୃ |

**ଅଣ୍ଡୁ**—ଦେ. ବଣ—ଅଣ୍ଡୁଆ ( ଦେଖ )
Āṇḍu Āṇḍuā ( See )
ଦେ. ବି—ଘୋଡ଼ାର ଅଣ୍ଡକୋଷ—The testicle of a horse;

**ଅଣ୍ଡୁଆ**—ଦେ. ବଣ—୧ । ଅଖାଡ଼ୁଆ; ଅବାଗିଆ—
Āṇḍuā 1. Fool hardy.
একবাগে ୨ । ଏକଜିଦଆ; ଅବୁଝା; ଏକବାଗିଆ—
अड़ियल 2. Pertinacious; stubborn.

**ଅଣ୍ଡୁଆବୁଝାମଣା**—ଦେ. ବି.—ଅବୁଝାମଣା—
Āṇḍuābujhāmaṇā Injustice; unjust consideration.

**ଅଣ୍ଡୋଳିବା**—ଦେ. କ୍ରି.—ଅଣ୍ଡାଳିବା; ଦରାଣ୍ଡିବା; ଅନ୍ଧାରରେ ଖୋଜିବା
Āṇḍoḷibā To grope in the dark; to search for
হাঁতড়ান a thing without the help of eyes.
टटोलना

**ଅଣ୍ଡ୍ରା**—ପ୍ରାଦେ. (ସମ୍ବଲପୁର) ବି. ପୁଂ.—୧ । ଅଣ୍ଡିରା—1. Male.
Āṇḍrā ୨ । ପୁରୁଷ; ସ୍ୱାମୀ—Husband.

**ଆତ**—ଦେ. ବି. (ସଂ. ଆତୃପ୍ୟ)—ସ୍ୱନାମପ୍ରସିଦ୍ଧ ଫଳ ଓ ବୃକ୍ଷ; ବଡ଼ିଆଳ—
Āta The apple fruit and tree;
আত; লেমা; আতা; সীতাফল the custard apple.
सेरिफा; आत; आता;
सीताफल; रामफल
ତା. ଶୀତାଫଲମ୍
ତେ. ସୀତାପାଣ୍ଡୁ

**ଆତଇଚ**—ଦେ ବି.—ଅତିବିଷା ( ଦେଖ )
Ātaicha Atibishā (See)

**ଆତଙ୍କ**—ସଂ. ବି. (ଆ+ତନ୍କ୍ ଧାତୁ=ଭୀତ ହେବା; କଷ୍ଟରେ ବଞ୍ଚିବା
Ātaṅka +ଭାବ. ଅ)—
୧ । ବିଶେଷ ଚିନ୍ତା—1. Grave anxiety.
୨ । ମହାଭୟ—2 Terror; fear.
୩ । ଶଙ୍କା—3. Alarm; apprehension.
୪ । ପୀଡ଼ା—4. Sickness.
୫ । ଯାତନା—5. Pain.
୬ । ଅସ୍ୱାସ୍ଥ୍ୟ—6. Disease.
୭ । ସନ୍ତାପ; କ୍ଲେଶ—7. Trouble.
୮ । ବିପଦ—8. Calamity.
୯ । ମୁରଜ ବାଦ୍ୟ—9. A sort of drum.
ଦେ. ବଣ—ଭୟଭୀତ—Frightened; terrified.
ଶୁଣି ଜନକ ନନ୍ଦନ ଅତଙ୍କ ହୋଇଣ ବିଳାପ କଲେ ।
ବିଶ୍ୱନାଥ—ବିଚିତ୍ର ରାମାୟଣ ।

**ଆତଙ୍କିତ**—ସ. ବଣ. ପୁଂ. (ଆତଙ୍କ=ଭୟ; ବିପଦ+ସଂଜାତ ଅର୍ଥରେ
Ātaṅkita ଇତ)—୧ । ଭୟଭୀତ—1. Alarmed;
(ଆତଙ୍କିତା—ସ୍ତ୍ରୀ) frightened; terrified.
୨ । ବିପଦଗ୍ରସ୍ତ; ବିପନ୍ନ—2. Overtaken by calamity.

**ଆତଙ୍ଗ**—ସଂ. ବି (ଆ+ତନ୍କ ଧାତୁ=ଭୀତ ହେବା; କଷ୍ଟରେ ବଞ୍ଚିବା
Ātaṅga +ଭାବ. ଅ)—ଆତଙ୍କ (ଦେଖ)
Ātaṅka (See)
ଦେ. ବଣ—ଆତଙ୍କ (ଦେଖ)
Ātaṅka (See)
ଅତଙ୍ଗ ଲୋକର ତାକ ଭୀତରୁ ଯେ ଜନ୍ମ ।
ଅତଙ୍ଗ ତାର ଭଗନ୍ତ ତାକୁ ପରଂବ୍ରହ୍ମ ।
ପୀତାମ୍ବର—କୃଷ୍ଣ ହିସ୍ତୁରଣ ।

**ଆତଙ୍ଗୀ**—ଦେ. ବଣ—ଅଭିଭୂତ; ଅତିସ୍ୟୁକ୍ତ—Overwhelmed;
Ātaṅgi agitated.
ବୁଦ୍ଧି ମଇବ [illegible] ଗଲେ ମ ଶାଳେ ବାନ୍ଧି ଏ ଅତଙ୍ଗୀ
ଭଞ୍ଜ. [illegible] ।

**ଆତଞ୍ଚନ**—ସଂ.ବି. (ଆ+ତନ୍ଚ୍ ଧାତୁ=ଗମନକରିବା+ଭାବ. ଅନ)—
Ātañchana ୧ । ପ୍ରତିବାପ; କ୍ଷୀରରେ ଦହି ପକାଇବା; ମହି ପକାଇବା—1. Casting a drop of acid or butter-milk into fresh milk to turn it into curd.
୨ । ଦ୍ରବୀଭୂତ ଦ୍ରବ୍ୟରେ କୌଣସି ପ୍ରକାର ଚୂର୍ଣ୍ଣ ନିକ୍ଷେପ—2. Sprinkling a powder or flux over melting metal in the melting pot.
୩ । ବେଗ—3. Motion
୪ । ପ୍ରୀତିସମ୍ପାଦନ; ଆପ୍ୟାୟନ—4. Pleasing.

**ଆତଟ**—ସଂ. ବି. (ଆ+ତଟ)—ଅତଡ଼ା (ଦେଖ)
Ātaṭa Atarḍā (See)

**ଆତଡ଼ା**—ପ୍ରାଦେ. (ଗଡ଼ଜାତ) ବି—ଅତଡ଼ା (ଦେଖ)
Ātarḍā Atarḍā (See)

**ଆତତ**—ସ. ବଣ. ( ଆ+ତନ ଧାତୁ=ବିସ୍ତାର କରିବା+କର୍ମ ଓ
Ātata କର୍ତ୍ତୃ. ତ )—
୧ । ବିସ୍ତୃତ; ପ୍ରସାରିତ; ବ୍ୟାପ୍ତ—
1. Extended; pervaded.
୨ । ଅରୋପିତ—2. Assigned

**ଆତତାୟୀ**—ସ. ବଣ. ପୁଂ. ( ଆତତ=ସମ୍ୟକ୍ ବିସ୍ତୃତ+ଇ ଧାତୁ=
Ātatāyi ଗମନ କରିବା+କର୍ତ୍ତୃ. ଇନ୍ )—
(ଆତତାୟିନୀ—ସ୍ତ୍ରୀ) ବଧୋଦ୍ୟତ; ଘୋର ଅନିଷ୍ଟକାରୀ—
Wantonly aggressive; perpetrator of dreadfully criminal acts. (e.g. poisoning, robbery; criminal, trespass, abduction etc. )
ସ. ବି—୧ । ଘାତକ-1. Murderer; a felonious person.

ସାଧାରଣ ଯେବେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଦ୍ୱାରା କୌଣସି ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ସାଉ' ନ ମିଳିଲେ 'ଶାଉ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୨ । ଗୃହରେ ଅଗ୍ନି ଲଗାଇବା ବ୍ୟକ୍ତି; ଅଗ୍ନିଦ — 2. Incendiary.

୩ । ବିଷ ପ୍ରୟୋଗକାରୀ; ଗରଦ — 3. Poisoner.

୪ । ଶସ୍ତ୍ରପାଣି; ଶସ୍ତ୍ରଧାରୀ — 4. Armed with weapons.

୫ । ଧନାପହ; ଚୋର — 5. Thief.

୬ । କ୍ଷେତ୍ରାପହାରୀ; ଯେ ଭୂମିକୁ ଅପହରଣ କରେ — 6. Criminal trespasser.

୭ । ଦାରାପହାରୀ — 7. Seducer of wife.

[ ଦ୍ର — ଆତତାୟୀ ସମ୍ବନ୍ଧେ ବଚନ —
ଅଗ୍ନିଦୋ ଗରଦଶ୍ଚୈବ ଶସ୍ତ୍ରପାଣିଃ ଧନାପହଃ
କ୍ଷେତ୍ରଦାରାପହାରୀ ଚ ଷଡ଼େତେ ଆତତାୟିନଃ ।
ଶାସ୍ତ୍ରରେ ଅଛି ଆତତାୟୀଙ୍କୁ ଦେଖିବା ମାତ୍ରକେ ବିଚାର ନ କରି ହାଣି ଦେବ । ]

**ଆତପ** — ସଂ. ବି. ( ଆ + ତପ ଧାତୁ = ଗରମ କରିବା + କର୍ତ୍ତୃ. ଅ ) —
Ātapa ଖରା; ସୂର୍ଯ୍ୟକିରଣ; ରୌଦ୍ର — Sun's rays; sunshine; heat of the sun.

ଦେ. ବି — ବ୍ୟାଘ୍ର ଭଲ୍ଲୁକାଦି ଭୟଙ୍କର ଜନ୍ତୁବିଶେଷ — The wild beasts; ferocious animals.

ତମାଳ ତଳ କୁଞ୍ଜର ବାଛ ନାହିଁ, ଆତପ ମ୍ଳେଚ୍ଛ ମ୍ଳାନ ସାର ।
ଭଞ୍ଜ, କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

**ଆତପତଣ୍ଡୁଳ** — ସଂ. ବି. ( ମଧ୍ୟପଦଲୋପୀ; ଆତପ ତାପିତ ଧାନରୁ ପ୍ରସ୍ତୁତ ତଣ୍ଡୁଳ ) — ଅରୁଆ ଚାଉଳ; ଉଷୁନା ଚାଉଳ —
Ātapataṇḍula
আতপচাল্
अरवाचावल
Sun-dried rice; rice extracted from sundried paddy.

**ଆତପତ୍ର** — ସଂ. ବି. ( ଆତପ = ଖରା + ତ୍ରୈ ଧାତୁ = ରକ୍ଷା କରିବା + କର୍ତ୍ତୃ. ଅ; ଯାହା ଖରାରୁ ରକ୍ଷା କରେ ) —
Ātapatra
ଛତା; ଛତ୍ର — Umbrella.

**ଆତପବାରଣ** — ସଂ. ବି. ( ଆତପ = ଖରା + ବାରଣ; ଯେ ଖରାକୁ ବାରଣ କରେ ) — ଆତପତ୍ର ( ଦେଖ )
Ātapabāraṇa Ātapatra ( See )

**ଆତପାନ୍ନ** — ସଂ. ବି. ( ଆତପ = ଅରୁଆ ଚାଉଳ + ଅନ୍ନ ) —
Ātapānna ଅରୁଆ ଚାଉଳର ଅନ୍ନ; ଅରୁଆ ଭାତ —
Boiled rice or bhat prepared from sun-dried rice.

**ଆତମା** — ଗ୍ରା. ପଦ୍ୟ. ବି. ( ସଂ. ଆତ୍ମନ୍ ) — ଆତ୍ମା ( ଦେଖ )
Ātamā Ātmā ( See )

ପିତା ମାତା ଗୁରୁ ଅଗ୍ନି ଯେ ଆତମାକୁ
କରିବେ ପୂଜା କହି ଲେଖିଛି ନରକୁ — କୃଷ୍ଣସିଂହ, ମହାଭାରତ, ଉଦ୍ଯୋଗ ।

**ଆତମାଘାତୀ** — ଗ୍ରା. ବିଣ. ( ସଂ. ଆତ୍ମଘାତୀ ) — ଆତ୍ମଘାତୀ —
Ātamāghātī
আত্মঘাতী
आतमघाती
Committing suicide.

**ଆତଯାତ** — ସଂ. ବି. (ଆଯାତ + ଯାତ) — ୧ । ଯିବା ଆସିବା —
Ātajāta
যাওয়াআসা
आनायाना
1. Going and coming.

ଶର ଅତଯାତେ ନ ଦଶେ ଭୂମି — ବିଶ୍ୱନାଥ, ବିଚିତ୍ରରାମାୟଣ ।

୨ । ପଶିବା ଓ ବାହାରିବା — 2. Ingress and egress.

୩ । ଜନ୍ମ ମରଣ — 3. Birth and death.

କର୍ମ ଅଧୀନ ଏ ଜଗତ
କର୍ମର ପଥେ ଅତଯାତ — ଭୂପତି, ପ୍ରେମପଞ୍ଚାମୃତ ।

୪ । ଚଳପ୍ରଚଳ; କାରବାର — 4. Use.

ଦେ. ବିଣ. — ୧ । ଚଳପ୍ରଚଳ ହେଉଥିବା — 1. Moving.

୨ । ଚଳିବାରେ ଅଭ୍ୟସ୍ତ — 2. Used to; habituated to.

୩ । ଯିବା ଆସିବା କରୁଥିବା — 3. Coming and going; moving to and fro.

କେତେ ଶତ୍ରୁ ଅତଯାତ ସଙ୍ଗେ — ଭଞ୍ଜ, ବୈଦେହୀଶବିଳାସ ।

୪ । ପୁନଃ ପୁନଃ ଜନ୍ମୁଥିବା ଓ ମରୁଥିବା — 4. Dying and being born again.

କର୍ମ ନ କର ଭାତ ମାତ
କର୍ମେ ହୋଇବ ଆତଯାତ — ପ୍ରାଚୀ, ନର୍ଗୁଣମାହାତ୍ମ୍ୟ ।

**ଆତଯାତକର** — ଦେ. ବିଣ. — ୧ । ଯିବା ଆସିବା କରୁଥିବା ଲୋକ —
Ātajātakara 1. Coming and going.

୨ । ବ୍ୟବସାୟୀ; ବେପାରୀ — 2. Trading

ବାଟରେ ହେଲା ଏମନ୍ତ ଶୁଣନ୍ତେ ପୁରେ ଆତଯାତକର ମହାଧନୀରେ କହାଣ ଯେ ।
ଭଞ୍ଜ, ବୈଦେହୀଶବିଳାସ ।

**ଆତଯାତକରିବା** — ଦେ. କ୍ରି — ୧ । ଚଳାଇ ନେବା —
Ātajatakaribā
চালান্
चलाना
1. To manage or guide.

ଏହିମତେ ଆତଯାତ କରୁ ମହାତମା । ସାରଳାମହାଭାରତ, ଉଦ୍ଯୋଗ ।

୨ । ଅଭ୍ୟାସ କରିବା — 2. To carry through

**ଆତର** — ସଂ. ବି. ( ଆ + ତୃ ଧାତୁ = ପାରହେବା + କରଣ. ଅ; ଯାହା ଦ୍ୱାରା ଅର୍ଥାତ୍ ଯାହା ଦେଇ ନଦୀ ପାର ହେବାକୁ ହୁଏ ) —
Ātara ନାହା ଭଡ଼ା; ନଈ ଘାଟ; ମାସୁଲ — Ferry-hire; boat-hire.

**ଆତସ** — ବୈଦେ. ବି. ( ଆ. ଆତଶ୍ = ଅଗ୍ନି; ଏହାକୁ ସୂର୍ଯ୍ୟକିରଣରେ ଦେଖାଇଲେ ଏଥିରୁ ଅଗ୍ନି ପଡ଼ୁଥିବାରୁ ) —
Ātasa
আতস; আতসী কাচ
আতসী পাথর
अतशीशीशा;
सूर्यमुखी

୧ । ସୂର୍ଯ୍ୟକାନ୍ତମଣି — 1. Fire-stone.

୨ । ଏକପ୍ରକାର ସ୍ଥୂଳମଧ୍ୟ କାଚ ବା ପଥର, ଯାହା ଖରାରେ ଧରିଲେ ତଳେ ନିଆଁ ପଡ଼େ — 2. Burning glass; a lens which produces fire when held in the sun.

୩ । ଅଗ୍ନି; ନିଆଁ — 3 Fire.

ଦେ. ବିଣ. — ଅଗ୍ନି ଉତ୍ପାଦକ — Producing fire.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଣ | ଢ | ଷ,ଶ | ଙ୍କ | ଇଯ୍ | ଉଅ | ଊ |
| ୨ | ଈ | ଊ | ଋୂ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ | ଇଅ | ୱ | ନୃ |

**ଆତସ କାଚ**—ଦେ. ବି. (ଆ. ଆତସ୍=ଅଗ୍ନି+ଫ. କାଚ)—
Ātasa kācha ଆତସ ୨ (ଦେଖ)
Ātasa 2 (See)

**ଆତସ ପଥର**—ଦେ. ବି. (ଆ. ଆତସ୍+ସଂ. ପ୍ରସ୍ତର)—
Ātasa pathara ଆତସ ୧ (ଦେଖ)
Ātasa 1 (See)

**ଆତସବାଜି**—ବୈଦେ. (ଆ. ଆତସବାଜୀ)—
Ātasabāji ୧ । ଅଗ୍ନିକ୍ରୀଡ଼ା; ବାରୁଦ ଆଦି ଦ୍ୱାରା ପ୍ରସ୍ତୁତ ବାଣ—
আতসবাজি 1. Fire-work.
**आतसबाजी** ୨ । ଅଗ୍ନିକ୍ରୀଡ଼ାର ଉପକରଣ—
2. Mate: ials for fire-works.
୩ । ଅଗ୍ନିକ୍ରୀଡ଼ାସମ୍ବନ୍ଧୀୟ ପୁସ୍ତକ—
3. Book dealing with Pyrotechnics

**ଆତସି** (ଇତ୍ୟାଦି)—ଦେ. ବି. ଓ ବିଣ.—ଆତସ ଇତ୍ୟାଦି (ଦେଖ)
Ātasi (etc) Ātasa (etc) (See)

**ଆତା**—ପ୍ରାଦେ. (ଗଞ୍ଜାମ) ବି.—ଅତା (ଦେଖ)
Ātā Atā See)
ପ୍ରାଦେ. (ସିଂହଭୂମ) ବି.—ପିଉସୀ—Sister of one's father.

**ଆତାଗମ୍**—ଦେ. ବି—ଅତାଗମ୍ (ଦେଖ)—
Ātāgam Atāgam (See)

**ଆତାପି**—ଦେ. ବି.—ବାତାପି; ଲେମ୍ବୁଜାତୀୟ ଫଳବିଶେଷ—
Ātāpi A fruit of the species of orange
বাতাপী

**ଆତାପୀ**—ସଂ. ବି. (ଆ+ତପ=ଖରା+ଇନ୍; ଯେ ପକ୍ଷ ବିସ୍ତାରଦ୍ୱାରା
Ātāpī ଆପଣାକୁ ଖରାରୁ ରକ୍ଷା କରେ)—
୧ । ଚିଲପକ୍ଷୀ—1. Kite.
୨ । ରାକ୍ଷସବିଶେଷ—2. The name of a demon.
[ଦ୍ର—ଏ ଅସୁର ବାତାପୀର ଭାଇ । ଏ ମାୟାରେ ଛେଳିରୂପ ଧାରଣ କରିଥିବାରୁ ଅଗସ୍ତି ଋଷି ଏହାର ମାଂସ ଖାଇ ଏହାକୁ ଜୀର୍ଣ୍ଣ କରି ଦେଇଥିଲେ । ]

**ଆତାୟୀ**—ସଂ. ବି. (ଆ+ତାୟ୍ ଧାତୁ=ପକ୍ଷବିସ୍ତାର କରିବା+ଇନ୍)—
Ātāyī ଆତାପୀ (ଦେଖ)
Ātāpī See)

**ଆତାର**—ସଂ. ବି.—ଅତର (ଦେଖ)
Ātāra Ātara (See)

**ଆତିଥେୟ**—ସଂ. ବିଣ. (ଅତିଥି=ଅଭ୍ୟାଗତ+ଏୟ)—
Ātitheya ଅତିଥିସେବାପରାୟଣ—
Hospitable; attentive to guests.
ସଂ. ବି.—୧ । ଅତିଥି ସେବା—1. Hospitality.
୨ । ଅତିଥିସେବାନିମନ୍ତେ ଭୋଜ୍ୟ ବସ୍ତୁ;ଅତିଥି ସେବାର ଉପକରଣ—2. Materials offered to guests.

**ଆତିଥେୟତା**—ସଂ. ବି. (ଆତିଥେୟ=ଅତିଥିପରାୟଣ+ଭାବ. ତା)—
Ātitheyatā ଅତିଥିସେବାତତ୍ପରତା—Hospitality.

**ଆତିଥ୍ୟ**—ସଂ. ବି. (ଅତିଥି=ଅଭ୍ୟାଗତ+ଯ)—
Ātithya ୧ । ଅତିଥି ହେବାର ଅବସ୍ଥା—
1. The state of being a guest.
୨ । ଅତିଥି ସେବା; ଅତିଥିଚର୍ଯ୍ୟା—
2. Hospitality.
୩ । ଅତିଥି ସେବାର ଉପଯୋଗୀ ବସ୍ତୁ—
3. Materials for offering to guests.

**ଆତିଦେଶିକ**—ସଂ. ବିଣ. (ଅତି=ଅତିକ୍ରମକରି+ଦେଶ=ସ୍ଥାନ
Ātideśika +ଇକ)—
ସୀମାତିକ୍ରମ କରିଥିବା;ସୀମାକୁ ଡେଇଁ ଯାଇଥିବା ଅପରାଧୀ ପକ୍ଷରେ ପ୍ରଯୁଜ୍ୟ । )—
Transgressing limits (said of wrong-doers)

**ଆତିଶଯ୍ୟ**—ସଂ. ବି. (ଅତିଶୟ=ଅତିରେକ+ଭାବ. ଯ)—
Ātiśajya ୧ । ଆଧିକ୍ୟ—1. Excess; excessiveness
୨ । ପ୍ରାବଲ୍ୟ—2. Intensity.

**ଆତୁ**—ଦେ. ଅ—(କୁକୁରକୁ ଡାକିବାରେ ପ୍ରଯୁକ୍ତ)—ଆସ ! ଆସ !
Ātu (used in calling a dog)—Come ! Oh come !

**ଆତୁଣ୍ଡି**—ପ୍ରାଦେ. (ଗଡ଼ଜାତ) ବି—ଏକ ଜାତୀୟ ଲତା—
Ātuṇḍi A wild creeper; Calycopteris Floribunda.
[ ଦ୍ର—ଏହା ଦୁଇ ପ୍ରକାରର—କଳା ଓ ଧଳା । ପ୍ରଥମେ ମୂଳରୁ ଗଛ ପରି ଉଠେ; ପରେ ଗଣ୍ଡିର ଡାଳମାନ ଝଙ୍କା ମେଲି ଲତା ଆକାର ଧରେ । ଏହାର ପତ୍ରକୁ ବ୍ରଣ ଓ ଘାଆରେ ପକାନ୍ତି ଏବଂ ପତ୍ରକୁ ବାଟି ତେଲପାରି ବାଲିଜଦା ଘାଆରେ ବୋଳିଲେ ତାହା ଭଲ ହୁଏ । କଳି ବିଚ୍ଛେଦନ ସକାଶେ ଚଳପା କଳା ପଡ଼ିଯାଏ । କଅଁଳ ପତ୍ରଗୁଡ଼ିକ ସଫା ଦେଖାଯାନ୍ତି । ଧଳା ଆତୁଣ୍ଡି ଗଛର ପତ୍ର ଗୋଲ ଓ କଳା ଆତୁଣ୍ଡିର ପତ୍ର ଅଣ୍ଡାକାର । ]

**ଆତୁର**—ସଂ. ବିଣ. ପୁଂ. (ଆ=ବିଶେଷ+ତୁର ଧାତୁ=ତ୍ୱରା କରିବା+
Ātura କର୍ତ୍ତୃ. ଅ; ଯେଉଁ ଅବସ୍ଥାରେ ଲୋକ ତ୍ୱରାନ୍ୱିତ ହୁଏ)—
(ଆତୁରା—ସ୍ତ୍ରୀ) ୧ । କାତର—1. Anxious
(ଆତୁରତା—ବି) ୨ । ରୋଗୀ; ପୀଡ଼ିତ; ବ୍ୟାଧିଗ୍ରସ୍ତ—2. Sick.
୩ । ଅଧୀର—3. Impatient.
ଦେ. ବି—୧ । କାତରତା—1. Anxiety.
୨ । ଅଧୀରତା—2. Impatience.
ବଧି ବିଚ୍ଛେଦ ଋତୁରେ ସରି ଆତୁରେ । ଉକ୍ତ• ପ୍ରେମସୁଧାନିଧି ।

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଳକତ' ନ ପାଇଲେ 'ଅଳକ୍ତକ' ଦେଖିବେ

**ଆତୁରଗୃହ**—ସଂ. ବି—୧ । ଅନ୍ତୁଡ଼ିଶାଳ—
Āturagṛuha 1. A lying-in room.
୨ । ଚିକିତ୍ସାର୍ଥ ପୀଡ଼ିତ ଲୋକମାନଙ୍କ ରହିବା ସ୍ଥାନ—
2. Hospital.

**ଆତୁରିଆ**—ଦେ. ବିଣ. ପୁଂ. ( ସଂ. **ଆତୁର** )—
Āturiā ୧ । ଅଧୀର—1. Impatient.
(ଆତୁରୀ—ସ୍ତ୍ରୀ) ୨ । ବ୍ୟସ୍ତ—2. Afflicted; distressed.
আতুরে ୩ । ଉତ୍କଣ୍ଠିତ—3. Anxious.
उतावला

**ଆତୁଳିଆ**—ଗ୍ରା. ବିଣ. ପୁଂ—**ଆତୁରିଆ** ( ଦେଖ )
Ātuḷiā Āturiā ( See )
(ଆତୁଳୀ—ସ୍ତ୍ରୀ) ଶ୍ରୀ ଧାଆଁବା ଆତୁଳୀ ପ୍ରେମରସ ଆତୁଳୀ—ଅଭିମନ୍ୟୁ, ବିଦଗ୍ଧଚିନ୍ତାମଣି ।

**ଆତୃପ୍ୟ**—ସଂ. ବି. ( ଆ+ତୃପ ଧାତୁ=ତୃପ୍ତ ହେବା+କରଣ ଯ; ଯାହା ଖାଇଲେ ତୃପ୍ତି ହୁଏ )—
Ātṛupya
୧ । ଆତ ଫଳ—1. Custard apple.
୨ । ଆତ ଗଛ—2. Apple tree.
ସଂ. ବିଣ—ତୃପ୍ତିକର—Palatable.

**ଆତୋଦ୍ୟ**—ସଂ. ବି. (ଆ+ତୁଦ୍ ଧାତୁ=ପୀଡ଼ନ କରିବା+କର୍ମ. ଯ)—
Ātodya ବୀଣା, ବଂଶୀ, ମୃଦଙ୍ଗ ଓ ଝାଞ୍ଜ ଏହି ଚତୁର୍ବିଧ ବାଦ୍ୟ—
A concert consisting of four kinds of musical instruments (viz. harp; flute, drum and cymbals).

**ଆତ୍ତ**—ସଂ. ବିଣ—(ଆ+ଦା ଧାତୁ=ଦେବା+କର୍ମ. ତ)—
Ātta ୧ । ଗୃହୀତ—1. Taken.
୨ । ପ୍ରାପ୍ତ—2. Received.

**ଆତ୍ତଗନ୍ଧ**—ସଂ. ବିଣ. (ବହୁବ୍ରୀହି; ଆତ୍ତ=ଗୃହୀତ+ଗନ୍ଧ=ସୁବାସ)—
Āttagandha ୧ । ଯାହାର ଗନ୍ଧ ଗ୍ରହଣ କରାଯାଇଅଛି; ଆଘ୍ରାତ—
1. Which has been smelt..
୨ । ଯେ ଗନ୍ଧ ଗ୍ରହଣ କରିଅଛି; ଆଘ୍ରାଣକ—
2 One who has enjoyed the smell of a thing.

**ଆତ୍ତଗର୍ବ**—ସଂ ବିଣ. (ଆତ୍ତ=ଗୃହୀତ+ଗର୍ବ; ଯାହାର ଗର୍ବ ଗୃହୀତ ହୋଇ ସାରିଅଛି)—୧ । ହୃତଗର୍ବ—1. Humiliated; crestfallen.
Āttagarba
୨ । ପରାଭୂତ—2. Overpowered.

**ଆତ୍ତା**—ପ୍ରାଦେ. (ଗଞ୍ଜାମ) (ସଂ. ନାଟ୍ୟୋକ୍ତି-ଅତ୍ତା, ତୁଳ. ତେ ଅତ୍ତା)—
Attā ବାପର ଭଉଣୀ; ପିଉସୀ—One's father's sister.

**ଆତ୍ମକୃତ**—ସଂ. ବିଣ ( ୩ୟା ତତ୍ ଆତ୍ମନ୍=ନିଜେ+କୃତ)—
Ātmakṛuta ୧ । ନିଜଦ୍ୱାରା କରାଯାଇଥିବା, ସ୍ୱକୃତ—
1. Done or performed by one's self.
୨ । ସ୍ୱହସ୍ତ ସମ୍ପାଦିତ—Done with one's own hands.

**ଆତ୍ମଗତ**—ସଂ. ବିଣ (ଆତ୍ମନ୍=ଆପେ+ଗତ; ଯାହା ଆପଣାଠାରେ ଅଛି)
Ātmagata ୧ ଆତ୍ମନିଷ୍ଠ—1. True to one's self; confiding in one's self.
୨ । ସ୍ୱକୀୟ—2. Relating to one's self.
ସଂ. ଅ. (ନାଟକରେ ବ୍ୟବହୃତ)—ସ୍ୱଗତ; ମନେମନେ; ପରର ଅଗୋଚରରେ (କଥିତ)—To one's own self; mentally; aside.

**ଆତ୍ମଗରିମା**—ସଂ. ବି.—ଆତ୍ମଗର୍ବ (ଦେଖ)
Ātmagarimā Ātmagarba (See)

**ଆତ୍ମଗର୍ବ**—ସଂ. ବି.—(ଆତ୍ମନ୍+ଗର୍ବ)—ଆତ୍ମାଭିମାନ; ନିଜର ବଡ଼େଇ; ଅହଙ୍କାର—Self-conceit; self glorification; vanity.
Ātmagarba

**ଆତ୍ମଗାରିମା**—ସଂ ବି.—**ଆତ୍ମଗର୍ବ** (ଦେଖ)
Ātmagārimā Ātmagarba (See)

**ଆତ୍ମଗୁଣ**—ସଂ. ବି. (୬ଷ୍ଠୀତତ୍, ଆତ୍ମନ୍+ଗୁଣ)—(ଦର୍ଶନ ଶାସ୍ତ୍ର—ବୁଦ୍ଧି, ହର୍ଷ, ଦୁଃଖ, ଅଭିଳାଷ, ଘୃଣା, ଚେଷ୍ଟା, ସଂଖ୍ୟା, ପରିମାଣ, ବିଚ୍ଛେଦ, ମିଳନ, ବିରହ, ଧାରଣା, ଗୁଣଗ୍ରାହିତ୍ୟ ଓ ସୁଖ—ଆତ୍ମାର ଏହି ଚତୁର୍ଦ୍ଦଶ ଗୁଣ—
Ātmaguṇa
(Philosophy) The 14 virtues of the soul.
ଦେ ବି.—ନିଜର ଗୁଣ—One's own qualities or virtues.

**ଆତ୍ମଗୁପ୍ତା**—ସଂ. ବି. ସ୍ତ୍ରୀ (୩ୟା ତତ୍; ଆତ୍ମନ୍+ଗୁପ୍ତା)—ବାଇଡଙ୍କ ଲତା-
Ātmaguptā Cowage.
ସଂ. ବିଣ. ସ୍ତ୍ରୀ—ସ୍ୱରକ୍ଷିତା, ଯେଉଁ ସ୍ତ୍ରୀ ସ୍ୱୟଂ ନିଜର ମହତ୍ତ୍ୱ ରକ୍ଷା କରେ—(a female) Protecting her own modesty.

**ଆତ୍ମଗ୍ଲାନି**—ସଂ. ବି. (୬ଷ୍ଠୀ ତତ୍; ଆତ୍ମନ୍=ନିଜ+ଗ୍ଲାନି=ନିନ୍ଦା)—
Ātmaglāni ୧ । ସ୍ୱନିନ୍ଦା; ନିଜପ୍ରତି ଧିକ୍କାର—1. Self condemnation; self-reproach.
୨ । ଅନୁତାପ—2. Remorse.

**ଆତ୍ମଘାତ**—ସଂ. ବି. (୬ଷ୍ଠୀ ତତ୍; ଆତ୍ମନ୍+ଘାତ)—୧ । ଆତ୍ମହତ୍ୟା—
Ātmaghāta 1. Suicide.
୨ । ଅଜ୍ଞାନ (ବ୍ରହ୍ମବାଦ)—2. Ignorance.

**ଆତ୍ମଘାତକା**—ଗ୍ରା. ବିଣ. ପୁଂ ଓ ସ୍ତ୍ରୀ (ସଂ. ଆତ୍ମଘାତୀ)—**ଆତ୍ମଘାତୀ** (ଦେଖ)
Ātmaghātakā Ātmaghātī (See)
(ଆତ୍ମଘାତକୀ—ସ୍ତ୍ରୀ)

**ଆତ୍ମଘାତୀ**—ସଂ. ବିଣ. ପୁଂ. ( ଆତ୍ମନ୍+ହନ୍ ଧାତୁ+କର୍ତ୍ତୃ. ଇନ୍ )—ଯେ ନିଜର ପ୍ରାଣ ନିଜେ ନାଶ କରେ; ଆତ୍ମହତ୍ୟାକାରୀ—
Ātmaghātī
(ଆତ୍ମଘାତିନୀ—ସ୍ତ୍ରୀ) One who commits suicide or self destruction.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଶ | ଜ | ଷ,ଶ | ଜ୍ଞ | ଲ୍ୟ | ହ୍ୟ | ଊ |
| ୨ | ଉ | ଊ | ଋ | ଲୃ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ | ଲ୍ଥ | ● | ହୃ |

**ଆତ୍ମଘୋଷ**—ସଂ. ବି. (ଆତ୍ମନ୍=ନିଜ+ଘୁଷ ଧାତୁ=ଶବ୍ଦ କରିବା+ଅ; Ātmaghosha ଯେ ରବ କରି ଆପଣାକୁ ଘୋଷଣା କରେ ।)—
୧ । କାକ; କୁଆ—1. Crow.
୨ । କୁକ୍କୁଟ; କୁକୁଡ଼ା—2. Cock.

**ଆତ୍ମଜ**—ସଂ. ବି. ପୁଂ. (ଆତ୍ମନ+ଜନ ଧାତୁ=ଜନ୍ମ କରିବା+କର୍ତ୍ତୃ. ଅ; Ātmaja ଯେ ନିଜଠାରୁ ଜନ୍ମ ହୁଏ ।)—୧ । ପୁତ୍ର; ସନ୍ତାନ—1. Son.
(ଆତ୍ମଜା—ସ୍ତ୍ରୀ)
୨ । ମନୋଭବା ବୁଦ୍ଧି – 2. Intelligence.

**ଆତ୍ମଜୀବନୀ**—ସଂ. ବି. (ଆଧୁନିକ ବ୍ୟବହାର)—କୌଣସି ବ୍ୟକ୍ତିର ନିଜ Ātmajibani ଦ୍ୱାରା ଲିଖିତ ନିଜର ଜୀବନଚରିତ—Autobiography.

**ଆତ୍ମଜ୍ଞ**—ସଂ. ବିଣ. ପୁଂ (ଆତ୍ମନ୍=ନିଜ+ଜ୍ଞା ଧାତୁ=ଜାଣିବା+ଅ)—
Ātmajña ୧ । ଯେ ଆପଣାକୁ ଜାଣେ; ଯେ ଆପଣାର ଦୋଷ
(ଆତ୍ମଜ୍ଞା—ସ୍ତ୍ରୀ) ଗୁଣ ବୁଝିପାରେ—1. One who knows
(ଆତ୍ମଜ୍ଞତା—ବି) one's own faults or merits.
୨ । ଯେ ଆପଣାର ଉପସ୍ଥିତ ଅବସ୍ଥାକୁ ହୃଦୟଙ୍ଗମ କରିପାରେ—2. Realising one's present position.
୩ । ପରମାତ୍ମଜ୍ଞାନୀ—3. Having spiritual knowledge.
୪ । ପଣ୍ଡିତ—4. Learned (person)
ସୁଚରିତ୍ର ସୁଶୀଳ ଯେ ପ୍ରଚଳାତ୍ମା ଆତ୍ମଜ୍ଞ ସୁମତି ।
ଇହଲୋକେ ଲଭେ ମାନ ପରଲୋକେ ଲଭଇ ସଦ୍‌ଗତି ।—ମଧୁସୂଦନ. ଛାନ୍ଦମାଳା ।

**ଆତ୍ମଜ୍ଞାନ**—ସଂ. ବି. ( ୭ମୀ ତତ୍; ଆତ୍ମନ୍+ଜ୍ଞାନ )—୧ । ଯଥାର୍ଥରୂପେ Ātmajñāna ଆତ୍ମାସମ୍ବନ୍ଧୀୟ ଜ୍ଞାନ; ମୋକ୍ଷ ସାଧନ ଜ୍ଞାନ—1. Spiritual knowledge.
ଆତ୍ମଜ୍ଞାନ ତୁଟେ ଶାସ୍ତ୍ର ପଢ଼ା ଜ୍ଞାନ ।
ଅଧିକ କହୁଅଛି ଚିତ୍ତବର ଜାଣ । କୃଷ୍ଣସିଂହ. ମହାଭାରତ. ବନ ।
୨ । ପରବ୍ରହ୍ମର ସ୍ୱରୂପ ସମ୍ବନ୍ଧେ ଜ୍ଞାନ—2. Knowledge of the Supreme Soul.
୩ । ନିଜର ଗୁଣ ଦୋଷ ବା ଅବସ୍ଥା ସମ୍ବନ୍ଧେ ଜ୍ଞାନ—3. Knowledge of one's own faults or merits.

**ଆତ୍ମତତ୍ତ୍ୱ**—ସଂ. ବି. (୬ଷ୍ଠୀ ତତ୍; ଆତ୍ମନ୍+ତତ୍ତ୍ୱ)—୧ । ଆତ୍ମାର ପ୍ରକୃତ Ātmatattwa ତଥ୍ୟ; ଆତ୍ମାର ସ୍ୱରୂପ—1. The true nature of the soul.
୨ । ନିତ୍ୟ-ଶୁଦ୍ଧ-ବୁଦ୍ଧ-ମୁକ୍ତ-ସତ୍-ପ୍ରତ୍ୟକ୍-ଚୈତନ୍ୟ—2. The Divine essence in man.

**ଆତ୍ମତତ୍ତ୍ୱଜ୍ଞ**—ସଂ. ବିଣ. ପୁଂ. (ଆତ୍ମତତ୍ତ୍ୱ+ଜ୍ଞା ଧାତୁ+କର୍ତ୍ତୃ. ଅ)—
Ātmatattwajña ୧ । ପରମାର୍ଥତତ୍ତ୍ୱଜ୍ଞ—
(ଆତ୍ମତତ୍ତ୍ୱଜ୍ଞା—ସ୍ତ୍ରୀ) 1. Having spiritual knowledge.
୨ । ବ୍ରହ୍ମସ୍ୱରୂପଜ୍ଞ—2. One who has knowledge of the Universal Soul.

**ଆତ୍ମତା**—ସଂ. ବି. ସ୍ତ୍ରୀ. ( ଆତ୍ମନ୍+ଭାବାର୍ଥେ. ତା )—
Ātmatā ୧ । ସ୍ୱରୂପତା—1. The nature or essence of a thing.
୨ । ପରମାତ୍ମତ୍ୱ—2. Essence of the Super-soul; the Quintessence.
୩ । ଘନିଷ୍ଠତା; ପ୍ରଣୟ; ସଦ୍ଭାବ—3. Great friendship.

**ଆତ୍ମତ୍ୟାଗ**—ସଂ. ବି. ( ମଧ୍ୟପଦଲୋପୀ; ଆତ୍ମନ୍+ତ୍ୟାଗ )—
Ātmatyāga ସ୍ୱାର୍ଥତ୍ୟାଗ; ଆପଣାର ଇଷ୍ଟ ବା ସୁଖ ପ୍ରତି ଅନାସ୍ଥା—Self-denial; self-abnegation.

**ଆତ୍ମତ୍ୟାଗୀ**—ସଂ. ବିଣ. ପୁଂ. ( ଆତ୍ମନ୍+ତ୍ୟାଗିନ୍; ୧ମା. ୧ବ. )—
Ātmatyāgi ସ୍ୱାର୍ଥତ୍ୟାଗୀ; ଯେ ପର ପାଇଁ ନିଜର ସୁଖସ୍ୱାଚ୍ଛନ୍ଦ୍ୟକୁ
(ଆତ୍ମତ୍ୟାଗିନୀ—ସ୍ତ୍ରୀ) ଛାଡ଼େ—Self-denying.

**ଆତ୍ମଦର୍ଶକ** – ସଂ. ବି. ( ଆତ୍ମନ୍+ଦର୍ଶକ )—
Ātmadarśaka ଯହିଁରେ ଆପଣା ରୂପ ଦେଖାଯାଏ; ଦର୍ପଣ—Looking glass; mirror.
ସଂ. ବିଣ. ପୁଂ—ଆତ୍ମଜ୍ଞ ( ଦେଖ )
Ātmajña ( See )

**ଆତ୍ମଦର୍ଶନ**—ସଂ. ବି. ( ଆତ୍ମନ୍+ଦର୍ଶନ )—
Ātmadarśana ୧ । ଆପଣା ସମ୍ବନ୍ଧେ ବିଚାର ବା ଆଲୋଚନା—1. Introspection; self-examination.
୨ । ସମସ୍ତ ପ୍ରାଣୀଙ୍କୁ ନିଜପରି ଦେଖିବା—2. Viewing all beings as one's self.
୩ । ଆତ୍ମଜ୍ଞାନ ( ଦେଖ )
3. Ātmajñāna ( See )

**ଆତ୍ମଦର୍ଶୀ** – ସଂ. ବିଣ—ଆତ୍ମଦର୍ଶକ ( ଦେଖ )
Ātmadarśi Ātmadarśaka ( See )

**ଆତ୍ମଦେବତା**—ସଂ. ବି. (୬ଷ୍ଠୀ ତତ୍; ଆତ୍ମନ୍+ଦେବତା )—
Ātmadebatā ଇଷ୍ଟଦେବତା; ଗୃହଦେବତା—Guardian Deity; family-god.

**ଆତ୍ମଦ୍ରୋହ**—ସଂ. ବି. ( ୬ଷ୍ଠୀ ତତ୍; ଆତ୍ମନ୍+ଦ୍ରୋହ )—
Ātmadroha ୧ । ନିଜକୁ ନିର୍ଯ୍ୟାତନ କରିବା—1. Self-torture.
୨ । ଆତ୍ମହତ୍ୟା—2. Self-destruction.
୩ । ନିଜକୁ ଅପରାଧୀ ବୋଲି ବିଚାର କରିବା—3. Self-condemnation.

**ଆତ୍ମଦ୍ରୋହୀ**—ସଂ. ବିଣ. ପୁଂ. (ଆତ୍ମଦ୍ରୋହ+କର୍ତ୍ତୃ. ଇନ୍ )—
Ātmadrohi ୧ । ଯେ ନିଜ କାର୍ଯ୍ୟଦ୍ୱାରା ନିଜର ଅନିଷ୍ଟ ଘଟାଏ—
(ଆତ୍ମଦ୍ରୋହିଣୀ—ସ୍ତ୍ରୀ) 1. Causing one's own downfall.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ଅପର ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ସାର' ନ ମିଳିଲେ 'ଶାର' ଖୋଜିବେ; 'ବୃଥା' ନ ମିଳିଲେ 'ବୃଥ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ ।

୨ । ଯେ ନିଜକୁ ନିନ୍ଦା କରେ—
2. Self-condemning.

**ଆତ୍ମନ୍**—ସଂ. ବି. ( ଅ+ଅତ୍=ସତତ ଗମନ କରିବା+ମନ୍; ଏହି
Ātman ଶବ୍ଦର ୧ମା. ୧ବ. ଆତ୍ମା; ଆତ୍ମନ୍ ଶବ୍ଦର ସମ୍ବୋଧନରେ ଆତ୍ମନ୍ )—ନିଜର ନିଜକୁ ସମ୍ବୋଧନ—
( vocative of Ātman ) Oh soul !

ରେ ଆତ୍ମନ୍ ନିଦ୍ରା ପରିହର
ଫେଡ ତନ୍ଦ୍ରାର ଲୋଚନ   କର କର ନିରୀକ୍ଷଣ
ନିଃଶବ୍ଦେ-ଜୀବନ ସ୍ରୋତ ଧାଉଁଛି କପର । ମଧୁସୂଦନ. ଜୀବନଚିନ୍ତା ।

**ଆତ୍ମନିବେଦନ**—ସଂ. ବି. ( ୬ଷ୍ଠୀ ତତ୍; ଆତ୍ମନ୍+ନିବେଦନ )—
Ātmanibedana ଆତ୍ମୋତ୍ସର୍ଗ; ସ୍ୱାର୍ଥତ୍ୟାଗ—
ଆତ୍ମନିବେଦକ—ବିଣ. ପୁଂ } Self-devotion;self-sacrifice.
ଆତ୍ମନିବେଦିକା—ବିଣ. ସ୍ତ୍ରୀ }

**ଆତ୍ମନିର୍ଣ୍ଣୟ**—ସଂ. ବି. (୬ଷ୍ଠୀ ତତ୍; ଆତ୍ମନ୍+ନିର୍ଣ୍ଣୟ)—ନିଜେ କିଏ ଏ
Ātmanirṇṇaya କଥା ଉତ୍ତମରୂପେ ବୁଝିବା; ଆତ୍ମଜ୍ଞାନ—
Self-realisation.

**ଆତ୍ମନିର୍ଭର**—ସଂ. ବିଣ. ପୁଂ. ( ଆତ୍ମନ୍+ନିର୍ଭର )—ଯେ ଅପଣା ଉପରେ
Ātmanirbhara ନିର୍ଭର କରେ—Self-reliant; of
(ଆତ୍ମନିର୍ଭରା—ସ୍ତ୍ରୀ) independent spirit.
(ଆତ୍ମନିର୍ଭରତା—ବି)

**ଆତ୍ମନିଷ୍ଠା**—ସଂ. ବି (୭ମୀ ତତ୍; ଆତ୍ମନ୍+ନିଷ୍ଠା )—୧ । ଏକାନ୍ତ ଈଶ୍ୱର-
Ātmanishṭhā ବିଶ୍ୱାସ—1. Devotion to God.
ଆତ୍ମନିଷ୍ଠ-ବିଣ. ପୁଂ } ୨ । ଅପଣାଠାରେ ଏକାନ୍ତ ବିଶ୍ୱାସ—
ଆତ୍ମନିଷ୍ଠା-ବିଣ.ସ୍ତ୍ରୀ } 2. Confidence on one's own self.

**ଆତ୍ମନୀନ**—ସଂ. ବିଣ. ( ଆତ୍ମନ୍=ନିଜ+ହିତାର୍ଥେ. ଈନ, ଯାହାଦ୍ୱାରା
Ātmanīna ଅପଣାର ହିତ ହୁଏ )—
(ଆତ୍ମନୀନା—ସ୍ତ୍ରୀ) ୧ । ଅପଣାର ହିତକାରୀ ବା ମଙ୍ଗଳକର—
1. Conducive to one's own benefit.
୨ । ଆତ୍ମା ବା ନିଜ ସମ୍ବନ୍ଧୀୟ—2. Pertaining to one's self
୩ । ପଥ୍ୟ—3. Healthy for food; fit for being taken.
ସଂ. ବି—୧ । ପୁତ୍ରକନ୍ୟା—1. Sons and daughters
୨ । ଶ୍ୟାଳକ—2 Wife's brother.
୩ । ବିଦୂଷକ—3. Jester.

**ଆତ୍ମନେପଦ**—ସ. ବି. (ଆତ୍ମନେ—ସ. ଆତ୍ମନ୍. ୪ର୍ଥୀ. ୧ବ+ପଦ)—
Ātmanepada (ସ. ବ୍ୟାକରଣ) ଯେଉଁ କ୍ରିୟାର ବିଭକ୍ତି ଆତ୍ମଫଳ-ଭାଗିତ୍ୱ ପ୍ରକାଶ କରେ; ପରସ୍ମୈ ପଦର ଇତର ପଦ—
That form of the verb which implies an action belonging to self ( M. W. )

**ଆତ୍ମପରୀକ୍ଷା**—ସଂ. ବି. (୬ଷ୍ଠୀ ତତ୍; ଆତ୍ମନ୍+ପରୀକ୍ଷା)—ନିଜର କାର୍ଯ୍ୟ-
Ātmaparīkshā କଳାପ ବା ମନୋଗତ ଭାବକୁ ଉତ୍ତମରୂପେ ବିଚାର କରିବା—Self-examination.

**ଆତ୍ମପ୍ରତିବିମ୍ବଦର୍ଶନ**—ସଂ. ବି. ( ଯୋଗଶାସ୍ତ୍ର )—ଯୋଗ ସାଧନର ଅଙ୍ଗ
Ātmapratibimbadarśana ବିଶେଷ; କିଛିକ୍ଷଣ ସୂର୍ଯ୍ୟଙ୍କ ବିପରୀତ ଦିଗରେ ଅପଣା ଛାଇକୁ ଏକ ଧ୍ୟାନରେ ଚାହିଁବାପରେ ଶୂନ୍ୟକୁ ଚାହିଁଲେ ସାଧକ ନିଜର ଯେଉଁ କଳ୍ପିତ ଛାୟାରୂପ ଦେଖେ—

**ଆତ୍ମପ୍ରତ୍ୟୟ**—ସଂ.ବି. (୭ମୀ ତତ୍;ଆତ୍ମନ୍=ନିଜ+ପ୍ରତ୍ୟୟ=ବିଶ୍ୱାସ)—
Ātmapratyaya ନିଜ ଉପରେ ଆସ୍ଥା ବା ବିଶ୍ୱାସ—
Confidence on one's own self or ability or power.

**ଆତ୍ମପ୍ରଶଂସା**—ସଂ ବି. ( ୬ଷ୍ଠୀ ତତ୍ ; ଆତ୍ମନ୍+ପ୍ରଶଂସା )—
Ātmapraśaṁsā ନିଜେ ନିଜକୁ ପ୍ରଶଂସା କରିବା;ନିଜେ ନିଜର ବାହାଦୁର କରିବା—
Self-aggrandisement; self-applause.

**ଆତ୍ମପ୍ରସାଦ**—ସଂ.ବି. (ଆତ୍ମନ୍+ପ୍ରସାଦ)—ଭଲ କାର୍ଯ୍ୟ କରିବା ଯୋଗୁଁ
Ātmaprasāda ନିଜ ମନରେ ଜାତ ହେବା ସନ୍ତୋଷ—
Self-satisfaction or serinity of mind experienced after doing a noble action.

**ଆତ୍ମବଞ୍ଚନା**—ସଂ. ବି. ( ଆତ୍ମନ୍+ବଞ୍ଚନା=ପ୍ରତାରଣା ) — ନିଜର
Ātmabañchanā ଦୋଷକୁ ନିଜେ ମନେ ମନେ ଦୋଷ ବୋଲି ସ୍ୱୀକାର ନ କରିବା—Self-deception.

**ଆତ୍ମବତ୍**—ସଂ. ବିଣ. ( ଆତ୍ମନ୍+ବତ୍=ପରି )—ଅପଣା ସମାନ;
Ātmabat ଅପଣା ପରି—Like one's own self.

**ଆତ୍ମବନ୍ଦା**—ଦେ. ବି. ( ସ. ଆତ୍ମନ୍+ବନ୍ଦନ )—
Ātmabandā ଆତ୍ମପ୍ରଶଂସା—Self-aggrandisement; self-applause.

କାହାକୁ ମୁଖରେ ନ କହିବ ନିନ୍ଦା ।
ଏ ବାହାରେ ନ କହିବଟି ଆତ୍ମବନ୍ଦା । କୃଷ୍ଣସିଂହ. ମହାଭାରତ. ବନ

**ଆତ୍ମବଶ**—ସଂ ବିଣ. ପୁଂ ( ଆତ୍ମନ୍+ବଶ )—
Ātmabaśa ଯେ ଅପଣାକୁ ଅପେ ଆୟତ୍ତ କରିପାରେ;ସ୍ୱାଧୀନ—
( ଆତ୍ମବଶା—ସ୍ତ୍ରୀ ) Independent; one who con-
( ଆତ୍ମବଶତା—ବି ) trols one's own passions and actions
ସଂ. ବି.—ମନୋବଶୀକରଣ; ଇନ୍ଦ୍ରିୟନିଗ୍ରହ—The act of controlling one's own passions.

**ଆତ୍ମବାନ୍**—ସଂ.ବିଣ. ପୁଂ (ଆତ୍ମନ୍+ଅସ୍ତି ଅର୍ଥରେ ବତୁପ୍; ୧ମା. ୧ବ)—
Ātmabān ଯାହାର ଆତ୍ମସମ୍ମାନ ଉନ୍ନତ—
(ଆତ୍ମବତୀ—ସ୍ତ୍ରୀ) Endowed with a noble spirit or soul; magnanimous; noble.

| ୧ | ଇ | ଊ | ଋ,ୠ | .ଃ | ଯ୍ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଜ୍ଞ | ଇଂ | ଉଅ | ଭ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଉ | ଋ | ଌ | ଯ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗଂ୍ୟ | ଉଅ | ଓ | ନ୍ତ |

**ଆତ୍ମବିକାଶ**—ସଂ. ବି. (୬ଷ୍ଠୀ ତତ୍; ଆତ୍ମନ୍+ବିକାଶ)—ଆପଣାର ଆଧ୍ୟାତ୍ମିକ
Ātmabikāsa ବା ବୁଦ୍ଧିଶକ୍ତିର ଉନ୍ମେଷ—Gradual development of one's spiritual or mental power.

**ଆତ୍ମବିକ୍ରୟ**—ସଂ. ବି. ( ଆତ୍ମନ୍+ବିକ୍ରୟ )—ପର ନିକଟରେ ବିବେକକୁ
Ātmabikraya ବିକ୍ରୟ କରିବା; ନୀଚ ପରାଧୀନତା—
(ଆତ୍ମବିକ୍ରୟୀ—ବିଣ) Gross subserviency; selling one's conscience to another

**ଆତ୍ମବିଦ୍ୟା**—ସଂ. ବି. ( ଆତ୍ମନ୍+ବିଦ୍ୟା )—୧ । ଯେଉଁ ବିଜ୍ଞାନ ବା
Ātmabidyā ବିଦ୍ୟାଦ୍ୱାରା ଆତ୍ମା ସମ୍ବନ୍ଧେ ଜ୍ଞାନଲାଭ ହୁଏ—
1. Theosophy; knowledge of the soul
୨ । ବେଦାନ୍ତ ଦର୍ଶନ—2. Bedānta philosophy.

**ଆତ୍ମବିସ୍ମୃତି**—ସଂ. ବି. ( ୬ଷ୍ଠୀ ତତ୍; ଆତ୍ମନ୍+ବିସ୍ମୃତି )—
Ātmabismṛuti ୧ । ନିଜକଥା ନିଜେ ଭୁଲିଯିବା—
(ଆତ୍ମବିସ୍ମୃତ—ବିଣ ) 1. Forgetfulness; self-oblivion.
୨ । ନିଜର ଅସ୍ତିତ୍ୱ ନିଜେ ଭୁଲି ଯିବା—
2. Self-forgetfulness.

**ଆତ୍ମବୁଦ୍ଧି**—ସଂ. ବି. (୬ଷ୍ଠୀ ତତ୍; ଆତ୍ମନ୍+ବୁଦ୍ଧି)—୧ । ନିଜର ବୁଦ୍ଧି;
Ātmabuddhi ନିଜମନରୁ ବାହାରିଥିବା ବୁଦ୍ଧି—1. A plan evolved out of one's own mind
୨ । ଆତ୍ମାସମ୍ବନ୍ଧେ ଜ୍ଞାନ ବା ଧାରଣା —
2. Self consciousness.

**ଆତ୍ମବୋଧ**—ସଂ. ବି. ( ଆତ୍ମନ୍+ବୋଧ=ବୁଦ୍ଧି )—
Ātmabodha ଆତ୍ମବୁଦ୍ଧି ( ଦେଖ )
Ātmabuddhi ( See )

**ଆତ୍ମଭବ**—ସଂ. ବିଣ. ( ଆତ୍ମନ୍+ଭବ=ଜନ୍ମ )—ଆତ୍ମଗତ;
Ātmabhaba ମନୋଗତ—Mental.
ସଂ. ବି—କାମଦେବ—Cupid.

**ଆତ୍ମଭୂ**—ସଂ. ବି ( ଆତ୍ମନ୍+ଭୂ ଧାତୁ=ଜନ୍ମ ହେବା+କର୍ତ୍ତ୍ରି. କ୍ୱିପ୍
Ātmabhū ଯେ ଆପଣାଠାରୁ ଜାତ )—
୧ । କାମଦେବ—1. Cupid.
୨ । ବ୍ରହ୍ମା—2. Brahmā
୩ । ବିଷ୍ଣୁ—3. Bishṇu.
୪ । ଶିବ—4. Śiba.
ସଂ. ବିଣ—ସ୍ୱୟଂଭୂ; ସ୍ୱୟଂ ଉତ୍ପନ୍ନ—Self-born

**ଆତ୍ମମ୍ଭରି**—ସଂ. ବିଣ. ପୁଂ. ଓ ସ୍ତ୍ରୀ. ( ଆତ୍ମନ୍+ଭୃ ଧାତୁ=ପୋଷିବା+
Ātmambhari କର୍ତ୍ତ୍ରି. ଇ)—୧ । ପେଟୁ; ଯେ ଆପଣା ପେଟ
ଆତ୍ମମ୍ଭରିତା } ବି. ପୋଷେ ମାତ୍ର ଅନ୍ୟ କଥା ବୁଝେ ନାହିଁ; ଲୁବ୍ଧମ୍ଭର—
ଆତ୍ମମ୍ଭରିତ୍ୱ } 1. Self-nourishing; greedy.

୨ । ସ୍ୱାର୍ଥପର; ଯେ ଆପଣାର ଲାଭ ବା ଇଷ୍ଟସିଦ୍ଧି ବିଷୟରେ
ସର୍ବଦା ଚିନ୍ତେ—2. Self seeking; selfish.

**ଆତ୍ମଯୋନି**—ସଂ. ବି. (ଆତ୍ମନ୍+ଯୋନି=ଉତ୍ପତ୍ତିସ୍ଥାନ; ଯେ ନିଜେ
Ātmajoni ନିଜର ଉତ୍ପତ୍ତିସ୍ଥଳ )—ଆତ୍ମଭୂ (ଦେଖ)
Ātmabhū (See)

**ଆତ୍ମରକ୍ଷା**—ସଂ. ବି. ( ୬ଷ୍ଠୀ ତତ୍; ଆତ୍ମନ୍+ରକ୍ଷା )—
Ātmaraksha ୧ । ମହାକାଳ (ଦେଖ)
1. Mahākāḷa (See)
୨ । ଆତ୍ମଶରୀରରକ୍ଷା; ଆକ୍ରମଣକାରୀଠାରୁ ନିଜ ଶରୀରର ରକ୍ଷା—
2. Self-defence: protection of one's own-self from attack.

**ଆତ୍ମଶୁଦ୍ଧି**—ସଂ. ବି. ( ୬ଷ୍ଠୀ ତତ୍; ଆତ୍ମନ୍+ଶୁଦ୍ଧି )—ଆପଣାର
Ātmaśuddhi ଅନ୍ତଃଶୁଦ୍ଧି—Self-purification.

**ଆତ୍ମଶ୍ଳାଘା**—ସଂ. ବି. ( ୬ଷ୍ଠୀ ତତ୍; ଆତ୍ମନ୍+ଶ୍ଳାଘା)—ଆତ୍ମପ୍ରଶଂସା—
Ātmaślaghā Self-aggrandisement.

**ଆତ୍ମସଂଯମ**—ସଂ. ବି. (୬ଷ୍ଠୀ ତତ୍; ଆତ୍ମନ୍+ସଂଯମ ) — ଆପଣାର
Ātmasaṁjama ଇନ୍ଦ୍ରିୟବୃତ୍ତିକୁ ସଂଯତ କରିବା—
Self-control; self-restraint.

**ଆତ୍ମସମ୍ଭ୍ରମ**—ସଂ. ବି. ( ୬ଷ୍ଠୀ ତତ୍; ଆତ୍ମନ୍+ସମ୍ଭ୍ରମ )—
Ātmasambhrama ଆତ୍ମମର୍ଯ୍ୟାଦା (ଦେଖ)
Ātmamarjyādā (See)

**ଆତ୍ମସମ୍ମାନ**—ସଂ. ବି. (୬ଷ୍ଠୀ ତତ୍; ଆତ୍ମନ୍+ସମ୍ମାନ )—
Ātmasammāna ଆତ୍ମମର୍ଯ୍ୟାଦା (ଦେଖ)
Ātmamarjyādā (See)

**ଆତ୍ମସାତ୍**—ସଂ. ବିଣ. (ଆତ୍ମନ୍+ଅଧୀନତା ଅର୍ଥରେ. ସାତ୍)—
Ātmasāt ୧ । ଆତ୍ମସାତ୍କୃତ; ନିଜର ଅଧୀନ କରାଯିବା—
1. Appropriated to one's self.
୨ । ହସ୍ତଗତ—2. Brought to one's own control or possession.

**ଆତ୍ମସାତ୍ କରିବା**—ଦେ. କ୍ରି—୧ । ହସ୍ତଗତ କରିବା—
Ātmasāt karibā 1. To appropriate.
আত্মসাৎ করা ୨ । ନିଜେ ନେବା—2. To convert to
आत्मसातकरना one's own use.
୩ । ପରର ଧନକୁ ଅନ୍ୟାୟରୂପେ ନିଜେ ନେବା—
3. To mis ppropriate another's property.

**ଆତ୍ମସାତ୍କୃତ**—ସଂ. ବିଣ. (ଆତ୍ମସାତ୍=ସ୍ୱାୟତ୍ତ+କୃତ=କରାଯାଇଥିବା)—
Ātmasātkṛuta ୧ । ସ୍ୱାୟତ୍ତୀକୃତ —
1. Brought under one's control.
୨ । ଆତ୍ମସାତ୍ କରାଯାଇ ଥିବା—2. Converted to one's own use; misappropriated.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତାହାର ଉପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଶାଳ' ନ ମିଳିଲେ 'ଷାଳ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଅଙ୍ଗିଂ' ନ ପାଇଲେ 'ଅଙ୍ଗୀ' ଦେଖିବେ; 'ଅଳବତ' ନ ପାଇଲେ ଅଲବତ୍ ଦେଖିବେ

**ଆତ୍ମହତ୍ୟା**—ସଂ. ବି. ( ୬ଷ୍ଠୀ ତତ୍; ଆତ୍ମନ୍+ହତ୍ୟା )—
Ātmahatyā ଉଦ୍‌ବନ୍ଧନ, ବିଷଭକ୍ଷଣ, ଜଳମଜ୍ଜନ ବା ନିଜ ଶରୀରରେ ଅସ୍ତ୍ରାଘାତ ପ୍ରଭୃତି ଦ୍ୱାରା ନିଜେ ନିଜର ପ୍ରାଣ ନାଶ କରିବା—Suicide; self-destruction.

**ଆତ୍ମହନ୍ତା**—ସଂ. ବିଣ. ପୁଂ. ( ଉପପଦ; ଆତ୍ମନ୍+ହନ୍ ଧାତୁ=ହାଣିବା +କର୍ତ୍ତୃ. ତୃ )—ଆତ୍ମଘାତୀ—
Ātmahantā
One who commits suicide.

**ଆତ୍ମହରା**—ଦେ. ବିଣ. ( ଆଧୁନିକ ପ୍ରୟୋଗ )—ଆତ୍ମବିସ୍ମୃତ—
Ātmaharā Forgetful of one's ownself.

**ଆତ୍ମହା**—ସଂ. ବିଣ. ( ଆତ୍ମନ୍+ହନ୍ ଧାତୁ+କର୍ତ୍ତୃ. କ୍ୱିପ୍; ଆତ୍ମହନ୍ ୧ମା. ୧ବ. )—୧ । ଆତ୍ମଘାତୀ ( ଦେଖ )
Ātmahā
1. Ātmaghāti ( See )
୨ । ଆତ୍ମାର ଯାଥାର୍ଥ୍ୟ ଜ୍ଞାନରହିତ; ଅଜ୍ଞ—2. Ignorant of true knowledge about the soul
ସଂ. ବି. ( ଦେବତାଙ୍କୁ ଉତ୍ସର୍ଗୀକୃତ ଦ୍ରବ୍ୟାଦି ନିଜେ ବ୍ୟବହାର କରିବାରୁ ଯେଉଁମାନେ ସ୍ୱୀୟ ପରକାଳକୁ ହତ୍ୟା କରନ୍ତି)—ଦେବପୂଜକ ବ୍ରାହ୍ମଣ—Brāhmaṇas who are professional worshippers of Deities.

**ଆତ୍ମା**—ସଂ. ବି. ( ଅ+ଅତ୍ ଧାତୁ=ସର୍ବଦା ଗମନ କରିବା+କର୍ତ୍ତୃ. ମନ୍; ଆତ୍ମନ୍ ୧ମା. ୧ବ. )—
Ātmā
୧ । ଆପେ; ସ୍ୱୟଂ—1 One's self.
୨ । ସ୍ୱରୂପ—2. True shape or form.
୩ । ପରମାତ୍ମା; ବ୍ରହ୍ମ—
3. The Universal Soul; God.
୪ । ଜୀବ; ଜୀବାତ୍ମା—
4. The spirit; human soul.
୫ । ଦେହ—5. Body.
୬ । ଧୃତି ବା ଧୈର୍ଯ୍ୟ—6. Patience.
୭ । ମନ—7. Mind.
୮ । ବୁଦ୍ଧି—8. Perception.
୯ । ସ୍ୱଭାବ—9. One's own nature.
୧୦ । ଚିତ୍ତ; ହୃଦୟ—10. Heart.
୧୧ । ମନୋଗତ ଭାବ—11. Intention.
୧୨ । ଯତ୍ନ—12. Care.
୧୩ । ସୂର୍ଯ୍ୟ—13. The sun.
୧୪ । ଅଗ୍ନି—14. Fire.
୧୫ । ପୁତ୍ର—15 Son
୧୬ । ବାୟୁ—16. Air.
୧୭ । ଅଧିଷ୍ଠାତ୍ରୀ ଦେବତା—
17. The Guardian Deity.
୧୮ । ପରବ୍ୟାବର୍ତ୍ତିନ; ଅତ୍ୟନ୍ତିକ ନିବୃତ୍ତି—
18. Excessive cessations.
[ ଦ୍ର—ଆତ୍ମା ଦ୍ୱିବିଧ—ଜୀବାତ୍ମା ଓ ପରମାତ୍ମା । ]

**ଆତ୍ମା ଉଡ଼ିଯିବା**—ଦେ. କ—ପ୍ରାଣ ଚାଲିଯିବା; ଜୀବନ ଛାଡ଼ିଯିବା—
Ātmā urḍijibā The passing of the soul or life; death.
ଶେଷରେ ମୋର ଆତ୍ମା ଯାଉଅଛି ଉଡ଼ି । କୃଷ୍ଣସିଂହ. ମହାଭାରତ, ବନ ।

**ଆତ୍ମାଘାତକ**—ଗ୍ରା. ବିଣ. ପୁ. (ସଂ. ଆତ୍ମଘାତୀ)—
Ātmāghātaka ଆତ୍ମହତ୍ୟାକାରୀ (ବ୍ୟକ୍ତି)—
(ଆତ୍ମଘାତକୀ—ସ୍ତ୍ରୀ) One who commits suicide.
আত্মঘাতী
आत्मघात. खुदकुशी

**ଆତ୍ମାଘାତୀ**—ଗ୍ରା. ବିଣ. (ସଂ. ଆତ୍ମଘାତୀ)—ଆତ୍ମାଘାତକ (ଦେଖ)
Ātmāghāti Ātmāghātaka (See)

**ଆତ୍ମାଦର**—ସଂ ବି. (୭ମୀ ତତ୍; ଆତ୍ମନ୍+ଆଦର)—
Ātmādara ନିଜ ପ୍ରତି ସମ୍ମାନ; ଆତ୍ମସମ୍ମାନ—Self-respect.

**ଆତ୍ମାଧୀନ**—ସଂ. ବିଣ. ( ୬ଷ୍ଠୀ ତତ୍; ଆତ୍ମନ୍+ଅଧୀନ )—ସ୍ୱାଧୀନ; ନିଜ ଉପରେ ନିର୍ଭର କରୁଥିବା—Self-reliant; self-dependent; independent.
Ātmādhina
(ଆତ୍ମାଧୀନା—ସ୍ତ୍ରୀ)

**ଆତ୍ମାପରାଧ**—ସଂ. ବି. (୬ଷ୍ଠୀ ତତ୍; ଆତ୍ମନ୍+ଅପରାଧ)—
Ātmāparādha ୧ । ନିଜକୃତ ଦୋଷ—
1 Crime committed by one's self.
୨ । ନିଜ ପ୍ରତି କୃତ ଅପରାଧ—
2 Crime committed against one's self.

**ଆତ୍ମାପହାର**—ସଂ. ବି. (୬ଷ୍ଠୀ ତତ୍; ଆତ୍ମନ୍+ଅପହାର)—
Ātmāpahāra ନିଜେ ଯେଉଁ କୁଳର ତଦପେକ୍ଷା ଉଚ୍ଚ କୁଳର ବୋଲି ବାହାନା କରିବା—Pretence that one belongs to a higher caste than his own.

**ଆତ୍ମାପୁରୁଷ**—ଦେ. ବି. (ସଂ. ଆତ୍ମନ୍+ପୁରୁଷ)—୧ । ଆତ୍ମାରୂପ ପୁରୁଷ; ହୃଦୟସ୍ଥ ଆତ୍ମା—1. The soul.
Ātmāpurusha
୨ । ଜୀବନ; ପ୍ରାଣବାୟୁ—2. Life.

**ଆତ୍ମାଭିମାନ**—ସଂ. ବି. (୬ଷ୍ଠୀ ତତ୍; ଆତ୍ମନ୍+ଅଭିମାନ)—
Ātmābhimāna ଅହଙ୍କାର; ଆତ୍ମଗର୍ବ—
(ଆତ୍ମାଭିମାନୀ—ବିଣ) Self-conceit; pride.

| ୧ | ଇ | ଈ | ଋ,ୠ | ଝ | ଯୃ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଘ | ଜ | ଶ,ଷ | କ୍ଷ | ଇୟ | ଉଅ | ଭ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଯେୃ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଙ୍ଘ୍ୟ | ଯ | ସ | ଗଁ୍ୟ | ଇଅ | ୱ | ନ୍ତ |

**ଆତ୍ମାଭିମାନୀ**—ସଂ. ବିଣ. ପୁଂ. (ଆତ୍ମନ୍ + ଅଭିମାନୀ)—
Ātmābhimānī ଅହଙ୍କାରୀ; ଆତ୍ମଗର୍ବୀ—
(ଆତ୍ମାଭିମାନିନୀ—ସ୍ତ୍ରୀ) Self-opinionated; proud; vain.

**ଆତ୍ମାଭୋଗ**—ଦେ. ବି. (ଆତ୍ମନ୍+ଭୋଗ)—ନିଜର ଅନୁଭୂତ ବିଷୟ—
Ātmābhoga Matter experienced by one's self.

ଏହୁ ସମାଧି ଆଦି ଅଷ୍ଟଯୋଗ
ସିଦ୍ଧ ଯୋଗିମାନଙ୍କ ଆତ୍ମାଭୋଗ—ପ୍ରାଚୀ. ରହସ୍ୟମଞ୍ଜରୀ ।

**ଆତ୍ମାରାମ**—ସଂ. ବିଣ. ( ଆତ୍ମନ୍ + ଆ+ରମ ଧାତୁ=କ୍ରୀଡ଼ା କରିବା +
Ātmārāma ଅଧିକରଣ. ଅ; ଯେ ନିଜଠାରେ କ୍ରୀଡ଼ା କରେ)—
୧ । ବ୍ରହ୍ମଜ୍ଞାନୀ; ବ୍ରହ୍ମଜ୍ଞାନ ଯୋଗୁଁ ଯେ ଆତ୍ମାରେ ପରମସୁଖ ଅନୁଭବ କରେ—1. (a person) Who has attained spiritual development.
୨ । ସନ୍ତତ ସନ୍ତୁଷ୍ଟାନ୍ତଃକରଣ; ସର୍ବଦା ପରମାତ୍ମାଙ୍କଠାରେ ଯାହାଙ୍କର ଲୟ ଥାଏ—2. One who finds delight in one's ownself; self-contented (person)

**ଆତ୍ମାଲିଙ୍ଗ**—ଦେ. ବି.—୧ । ଆତ୍ମାର ଅଂଶ—
Ātmālinga 1. Part of the soul.
୨ । ଅର୍ଦ୍ଧାଙ୍ଗ—2. Better-half.

ମଦନାବତୀ ବୋଲେ ତୁମ୍ଭେ ମୋ ଆତ୍ମାଲିଙ୍ଗ—ପୀତାମ୍ବର. କୃଷ୍ଣ ହସ୍ତସ୍ପର୍ଶ ।

**ଆତ୍ମାଶ୍ରୟ**—ସଂ. ବି. (ଆତ୍ମନ୍ + ଆଶ୍ରୟ )—ନିଜ ଉପରେ ନିର୍ଭରତା—
Ātmāśaya Self-dependence

**ଆତ୍ମାଶ୍ରୟୀ**—ସଂ. ବିଣ. ପୁଂ (ଆତ୍ମାଶ୍ରୟ + ଇନ୍; ୧ମା. ୧ବ )—
Ātmāśayi ଆତ୍ମ ନିର୍ଭର—Self-dependent
( ଆତ୍ମାଶ୍ରୟିଣୀ—ସ୍ତ୍ରୀ )

**ଆତ୍ମାଶୀ**—ସଂ. ବି. ( ଆତ୍ମନ୍=ନିଜ + ଅଶ୍ ଧାତୁ=ଖାଇବା+କର୍ତ୍ତୃ.
Ātmāśi ଇନ୍. ୧ ମା. ୧ବ. ଯେ ସ୍ୱକୁଳ ବା ନିଜ ଜାତୀୟ ଜୀବକୁ ଖାଏ )—ମତ୍ସ୍ୟ; ମାଛ—Fish

**ଆତ୍ମା ଶୁଖିଯିବା**—ଦେ. କି—ଭୟରେ ଜ୍ଞାନ ଲୋପହେବା—Being
Ātmā śukhijibā much terrified.

ତାହା ଦେଖି ମୋହର ଆତ୍ମା ଶୁଖିଯାଏ । କୃଷ୍ଣସିଂହ. ମହାଭାରତ. ବନ ।

**ଆତ୍ମାହନ**—ଗ୍ରା. ବିଣ ( ସଂ. ଆତ୍ମଘ୍ନ )—ଆତ୍ମଘାତୀ (ଦେଖ)
Ātmāhana Ātmaghātī (See)

ତାହାଙ୍କ ବୋଲି ଆତ୍ମାହନ
ନଷ୍ଟଲ ତାହାଙ୍କ ଜୀବନ । ଜଗନ୍ନାଥ. ଭାଗବତ. ୧୦ମ. ଦ୍ୱାରକା ।

**ଆତ୍ମିକ**—ଦେ. ବିଣ. ( ସଂ. ଆତ୍ମୀୟ )—ଆତ୍ମୀୟ ( ଦେଖ )
Ātmika Ātmīya ( See )

ଏଣ ଆତ୍ମିକ ପ୍ରିୟ ମୋର
ଯେଣୁ ଏ ସେବେ ନିରନ୍ତର । ଜଗନ୍ନାଥ. ଭାଗବତ. ୪ର୍ଥ ।

**ଆତ୍ମୀୟ**—ସଂ. ବିଣ. ପୁଂ ( ଆତ୍ମନ୍=ନିଜ + ଈୟ )—
Ātmīya ୧ । ନିଜ ସମ୍ପର୍କୀୟ; ଆତ୍ମସମ୍ପର୍କୀୟ; ସ୍ୱକୀୟ—
( ଆତ୍ମୀୟା—ସ୍ତ୍ରୀ ) 1. Pertaining to one's self.
(ଆତ୍ମୀୟତା—ବି) ୨ । ନିଜର କୁଟୁମ୍ବୀ—2. Connected with one's own family.
୩ । ଯାହାଙ୍କୁ ଆପଣାର ବୋଲି ଜାଣିବାକୁ ହୁଏ; ଅନ୍ତରଙ୍ଗ- 3. Very intimate ( friend ).
୪ । ଆତ୍ମାସମ୍ପର୍କୀୟ—4. Relating to the soul
ସଂ. ବି. ପୁଂ—୧ । ସ୍ୱଜନ; କୁଟୁମ୍ବ—1. Kinsman.
୨ । ସୁହୃଦ୍; ଅନ୍ତରଙ୍ଗ ବନ୍ଧୁ—2. Friend.
୩ । ବାନ୍ଧବ—3. Relative.
୪ । ବିବାହ ବା ରକ୍ତସମ୍ପର୍କୀୟ ବ୍ୟକ୍ତି—
4. A person related by ties of marriage or blood

**ଆତ୍ମୀୟତା**—ସଂ. ବି. ( ଆତ୍ମୀୟ + ଭାବ. ତା )—
Ātmīyatā ୧ । ବନ୍ଧୁତା; ପ୍ରୀତି; ଅନ୍ତରଙ୍ଗତା; ସୌହାର୍ଦ୍ଦ୍ୟ—
1. Friendship.
୨ । କୁଟୁମ୍ବିତା—2. Kinship; relationship
୩ । ରକ୍ତ ବା ବିବାହଜନିତ ସମ୍ପର୍କ ବା ବନ୍ଧୁପଣିଆ—
3. Relationshi by blood or marriage

**ଆତ୍ମୀୟସ୍ୱଜନ**—ସଂ. ବି. ( ଆତ୍ମୀୟ + ସ୍ୱଜନ)—କୁଟୁମ୍ବ ଓ ବନ୍ଧୁ—
Ātmīyaswajana Relations and friends

**ଆତ୍ମୋନ୍ନତି**—ସଂ. ବି. ( ୬ଷ୍ଠୀ ତତ୍; ଆତ୍ମନ୍ + ଉନ୍ନତି )—୧ । ନିଜର
Ātmonnati ମାନସିକ, ନୈତିକ ଓ ବୈଷୟିକ ଉନ୍ନତି—
1. Self-improvement; self-culture
୨ । ଆପଣାର ଆଧ୍ୟାତ୍ମିକ ଉନ୍ନତି—
2. Spiritual improvement.

**ଆତ୍ମୌପମ୍ୟ**—ସଂ. ବି. (୬ଷ୍ଠୀ ତତ୍; ଆତ୍ମନ୍ + ଔପମ୍ୟ=ସାଦୃଶ୍ୟ)—
Ātmaupamya ୧ । ଆତ୍ମତୁଳନା; ନିଜ ସଙ୍ଗେ ପରର ତୁଳନା—1. Self comparison
୨ । ସହାନୁଭୂତି—2. Sympathy.

**ଆତ୍ୟନ୍ତିକ**—ସଂ. ବିଣ. ପୁଂ. (ଅତ୍ୟନ୍ତ=ବିଶେଷ + ଭାବ. ଇକ)—
Ātyantika ୧ । ଅତ୍ୟଧିକ; ସବିଶେଷ—1. Excessive.
(ଆତ୍ୟନ୍ତିକୀ—ସ୍ତ୍ରୀ) ୨ । ଅସୀମ; ଅଶେଷ—2. Endless.
୩ । ଯତ୍ପରୋନାସ୍ତି—3. Ne plus ultra.
୪ । ଧାରାବାହିକ—4. Regular; systematic.
୫ । ଅବିଚ୍ଛିନ୍ନ—5. Constant; continuous.
୬ । ମରଣ ପର୍ଯ୍ୟନ୍ତ—6. Till death

**ଆତ୍ରେୟ**—ସଂ. ବି. ପୁଂ. (ଅତ୍ରି=ଋଷିବିଶେଷ + ଅପତ୍ୟାର୍ଥେ. ଏୟ)—
Ātreya ୧ । ଅତ୍ରି ମୁନିଙ୍କ ପୁତ୍ର (ଦତ୍ତ, ସୋମ ଓ ଦୁର୍ବାସା)—
1. The sons of the sage 'Atri.'

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; ବଧୂ ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

ଅତ୍ରେୟୀ; } ସ୍ତ୍ରୀ. ୨ । ଆୟୁର୍ବେଦାଧ୍ୟାପକ ଋଷିବିଶେଷ(ଏ ନାଡ଼ୀଜ୍ଞାନ-
ଅତ୍ରେୟିକା } ପ୍ରକରଣ ନାମକ ଗ୍ରନ୍ଥ ରଚନା କରିଥିଲେ )—
2. A sage and teacher of Āyurbeda
ବିଣ.—ଅତ୍ରି ଋଷିଙ୍କ ବଂଶରେ ଜାତ; ଅତ୍ରି ଋଷିବଂଶୋଦ୍ଭବ—
Born in the family of sage Atri

ଆତ୍ରେୟସଂହିତା—ସଂ. ବି. (ଆତ୍ରେୟ+ସଂହିତା)—ସତ୍ୟଯୁଗରୁ ରଚିତ ଓ
Ātreyasaṁhitā ବ୍ୟବହୃତ ଆୟୁର୍ବେଦ ଗ୍ରନ୍ଥବିଶେଷ—
Name of a very old sanskrit medical treatise.

ଆତ୍ରେୟିକା—ସଂ. ବିଣ. ସ୍ତ୍ରୀ.—୧ । ଆତ୍ରେୟର ସ୍ତ୍ରୀଲିଙ୍ଗ—
Ātreyikā 1. Feminine of Ātreya.
୨ । ରଜସ୍ୱଳା—2. Menstruated.
ସଂ. ବି. ସ୍ତ୍ରୀ. (ଅତ୍ରି=ମୁନିବିଶେଷ+ସ୍ତ୍ରୀ. ଏୟିକା)—
୧ । ଆତ୍ରେୟର ସ୍ତ୍ରୀଲିଙ୍ଗ—
1. Feminine of Ātreya.
୨ । ଋତୁମତୀ ବା ରଜସ୍ୱଳା ସ୍ତ୍ରୀ—2. A woman in her menses.
୩ । ନଦୀବିଶେଷ—3. A river of that name.

ଆଥର୍ବଣ—ସଂ. ବିଣ. (ଅଥର୍ବନ୍=ବେଦବିଶେଷ+ସମ୍ବ. ଅ)—
Ātharbaṇa ୧ । ଅଥର୍ବବେଦଜ୍ଞ—
1. Versed in the Atharba Beda.
୨ । ଅଥର୍ବବେଦୀୟ—
2. Pertaining to the Atharba Beda.
୩ । ଅଥର୍ବବେଦବିହିତ—
3. Laid down in the Atharba Beda.
ସଂ.ବି.—୧ । ଅଥର୍ବବେଦଜ୍ଞ ବ୍ରାହ୍ମଣ—1. A Brāhmaṇa versed in the Atharba Beda
୨ । ଅଥର୍ବମୁନିପ୍ରଣୀତ ସୂକ୍ତସମୂହ—2 The hymns composed by the sage Atharba.

ଆଦ୍‌ମି—ବୈଦେ. ବି. (ଆ. ଆଦମ୍‌ର ବଂଶଧର)—
Ādmi ବ୍ୟକ୍ତି—Person.
আদমী
आदमी

ଆଦଉ—ଗ୍ରା. ଅ. (ସଂ.. ଅଦୌ)—୧ । ଅଦୌ; ଜମାରୁ; ମୋଟେ—
Ādau 1. At all.
আদৌ ୨ । ପ୍ରଥମରୁ; ଆରମ୍ଭରୁ—2. From the beginning.
बिलकुल
୩ । ସର୍ବପ୍ରଥମେ—3. At first

ଆଦଉଁ—ଗ୍ରା. ଅ. (ସଂ. ଅଦୌ)—ଆଦଉ (ଦେଖ)
Ādauṅ Ādau (See)

ଆଦତ—ବୈଦେ. ବି (ଆ—୧ । ଅଭ୍ୟାସ—1. Habit.
Ādat ୨ । ସ୍ୱଭାବ—2. Custom.
আদত্ ୩ । ଦେଶପ୍ରଚଳିତ ପ୍ରଥା—3. Usage.

ଆଦବ୍—ବୈଦେ. ବି. ( ଆ. ଅଦାବ୍ )—ଶିଷ୍ଟାଚାର—Good.
Ādab manners; good conduct; courtesy.
আদব
आद्‌ब

ଆଦବକାଇଦା—ବୈଦେ. ବି. (ଆ. ଅଦବ୍=ଶିଷ୍ଟାଚାର+କାଇଦା=
Ādabakāidā ନିୟମ)—ଶିଷ୍ଟାଚାରସମ୍ବନ୍ଧ ନିୟମ; ଭଦ୍ର ସମାଜର
আদবকাইদা ଆଦରଣୀୟ ନିୟମାବଳୀ—Rules of good manners; etiquette; rules of courtesy.

ଆଦବକାଏଦା—ବୈଦେ. ବି. (ଆ)— ଆଦବକାଇଦା (ଦେଖ)
Ādabakāedā Ādabakāidā (See.

ଆଦମ୍—ବୈଦେ. ବି. ପୁଂ. (ହିବ୍ରୁ. ଅଡାମ-ଭୂଲ-ଇଂ. ଅଡାମ୍ ଭୂଲ-ସଂ.
Ādam ଆଦମ )—ବାଇବଲ ମତରେ ଈଶ୍ୱରସୃଷ୍ଟ ମର୍ତ୍ତ୍ୟର ପ୍ରଥମ ପୁରୁଷ—Adam)

[ଦ୍ର—ବାଇବଲ୍ ଓ କୋରାନ୍ ମତରେ ଈଶ୍ୱର ପ୍ରଥମେ ଆଦମ୍ (ଅଡାମ) ଙ୍କୁ ସୃଷ୍ଟି କଲେ ଓ ଆଦମ୍‌ଙ୍କ ପିଞ୍ଜରା ହାଡ଼ ଖଣ୍ଡିକରୁ ଇଭ୍ (ଇବା) ଙ୍କୁ ଗଢ଼ିଲେ ଓ ଏ ଦୁହିଙ୍କୁ ଏଡ଼େନର ବଗିଚାରେ ରଖି ତାଙ୍କୁ କହିଲେ "ସବୁ ଗଛର ଫଳ ଖାଇବ କିନ୍ତୁ ଜ୍ଞାନ ବୃକ୍ଷର ଅତ ଫଳ ଖାଇବ ନାହିଁ ।" ଈଶ୍ୱରଦ୍ରୋହୀ ସଇତାନ ଈଶ୍ୱର ଆଜ୍ଞା ଲଙ୍ଘନ କରିବା ଲାଗି ଆଦମଙ୍କୁ ମତାଇଲା, କିନ୍ତୁ ପାରିଲା ନାହିଁ । ପରେ ଗୋଟିଏ ସାପ ବେଶରେ ଇଭ୍‌ଙ୍କୁ ମତାଇବାରୁ ଇଭ୍ ସେ ଫଳଟି ଖାଇଦେଲା । ଇଭ୍ ଏହି ଯେଉଁ ପାପ କଲା ଏଥିପାଇଁ ତାର ବଂଶଧରମାନେ ଏହି ପାପରେ କଳୁଷିତ ହେଲେ । ବାଇବଲ୍ ମତରେ ଈଶ୍ୱରଙ୍କର ପୁତ୍ର ଯୀଶୁ ପୃଥିବୀରେ ଅବତୀର୍ଣ୍ଣ ହୋଇ ନିଜର ରକ୍ତ ଦାନପୂର୍ବକ ଏଥିପାଇଁ ପ୍ରାୟଶ୍ଚିତ୍ତ କରି ଯାଇଅଛନ୍ତି ।]

ଆଦମ୍‌ସୁମାରି—ବୈଦେ. ବି. (ଅ)— ଲୋକଗଣନା; ଦେଶବାସି ଲୋକ-
Ādamsumāri ଙ୍କର ସଂଖ୍ୟାକରଣ—Census; counting of men.

ଆଦମି—ଦେ. ବି ( ବାଇବଲ୍‌ଲିଖିତ ସୃଷ୍ଟିର ପ୍ରଥମ ମନୁଷ୍ୟ ଆଦମ୍‌ର
Ādami ବଂଶଧର)—ଆଦ୍‌ମି (ଦେଖ)– Ādmi ( See )

ଆଦର—ସଂ. ବି. (ଆ+ଦୃ ଧାତୁ=ଆଦର କରିବା+ଭାବ. ଅ)—
Ādara ୧ । ସମ୍ମାନ; ମର୍ଯ୍ୟାଦା—1. Respect; honour; reverence.

ଦବଚ୍ଛେଦନ ଗ୍ରାମ ଏକାଙ୍କ ପାଶକୁ
ଏବୁଷେ ଆଦରରେ ପଠାଇଲେ ଚକ୍ରୁ
କୃଷ୍ଣସିଂ. ମହାଭାରତ. ବନ ।

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍ୟ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇୟ | ଙ୍ଗ | ଢ |
| ୨ | ଈ | ଊ | ରୁ | ଳୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗଂୟ | ଇଅ | ଓ | ନୃ |

୨ । ଅନୁରାଗ; ପ୍ରଣୟ—2 Esteem; fondness.
୩ । ବାହ୍ୟିକ ଯତ୍ନ—3. Outward respect
୪ । ଭକ୍ତି; ଶ୍ରଦ୍ଧା—4. Regard; veneration; devotion.

ଦେ. ବି.—ଖୋସାମଦ; ସକରୁଣ ପ୍ରାର୍ଥନା; ଅନୁସରଣ—Flattery; imploring.

**ଆଦରଣା**—ଦେ. ବି. (ସଂ. ଆଦର)—୧ । ଆଦର (ଦେଖ)
Ādaraṇā 1. Ādara (See)
୨ । ଆଦରିବା କର୍ମ—2. The act of Ādaribā (See)

**ଆଦରଣୀୟ**—ସଂ. ବିଣ. ପୁଂ. (ଆ+ଦୃ ଧାତୁ=ଆଦର କରିବା+କର୍ମ. ଅନୀୟ)—୧ । ଗ୍ରହଣୀୟ—1. Acceptable.
Ādaraṇiya
(ଆଦରଣୀୟା—ସ୍ତ୍ରୀ) ୨ । ମାନନୀୟ—2. Honourable
୩ । ମାନିବା ଯୋଗ୍ୟ—3 Respectable; deserving honour.
୪ । ପୂଜ୍ୟ—4. Venerable.
୫ । ସେବନୀୟ—5. Fit to be served.
୬ । ଅବଲମ୍ବନୀୟ—6 Fit to be depended upon.

**ଆଦରଶ**—ଗ୍ରା. ପଦ୍ୟ. ବି. (ସଂ. ଆଦର୍ଶ)—ଯାହାକୁ ମୂଳ କରି ଲିଖି ଅନୁକରଣ କରାଯାଏ—Model.
Ādaraśa

ପୁଣ୍ୟମୟ ତୋ ପରଶେ, ତୋ ଉଦାର ଆଦରଶେ ।
ମଧୁସୂଦନ. ଉତ୍କଳଗାଥା ।

**ଆଦରା**—ଦେ. ବି.—୧ । ଚିହ୍ନ; ଦାଗ—1. Mark; sign.
Ādarā ୨ । ଠେସଦିଆ କାନ୍ଥ—2. Buttress

ଦେ. ବିଣ.—ଗୃହୀତ ହୋଇଥିବା—Accepted.

**ଆଦରାଆଦରି**—ଦେ. ବିଣ.—୧ । ପରସ୍ପର ପରସ୍ପରକୁ ରାଜି ହୋଇ ଗ୍ରହଣ କରିବା—1. Accepting each other out of free choice.
Ādarāādari
আশনাই
୨ । ଥୁଅଥୋଇ; ବିବାହ ନ ହୋଇ ସ୍ୱାମୀ, ସ୍ତ୍ରୀରୂପରେ ପରସ୍ପର ସହିତ ଚଳାଚଳ କରିବା—2 Living as husband and wife without undergoing due form of marriage.

ଦେ. ବି.—୧ । ପରସ୍ପର ପ୍ରତି ଅନୁରାଗ ପ୍ରଦର୍ଶନ—1. Attachment to one another
୨ । ଖୋସାମଦ; ଅନୁନୟ ପ୍ରାର୍ଥନା—2 Flattery; imploring
୩ । ସ୍ତ୍ରୀ ଓ ପୁରୁଷ ମଧ୍ୟରେ ଅସାମାଜିକ ପ୍ରଣୟ—3 Living as husband and wife without marriage.

**ଆଦରିବା**—ଦେ. ପଦ୍ୟ. କ୍ରି (ସଂ. ଆଦର)—୧ । ସ୍ନେହ ସହକାରେ ଗ୍ରହଣ କରିବା—1. To accept with fondness.
Ādaribā

ବଶୋଇ ଅନୁସରି ଯହିଁ କୋଦଣ୍ଡଧାରୀ ପ୍ରଶଂସି ବୋଲିକୁ ଆଦରି ସେ ।
ଉପେ. ବୈଦେହୀଶବିଳାସ ।

୨ । ସମ୍ମାନ କରିବା—2. To show respect
୩ । ସ୍ୱଇଚ୍ଛାରେ ବା ରାଜିରେ ଗ୍ରହଣ କରିବା—3. To accept out of one's free will

ଏଣୁ ସେ କେନ ହୃଦୟ ଆଦରଣେ, ଆଦରେ ପ୍ରବେଶ ମୁନେ ।
ଉପେ. କୋଟିବ୍ରହ୍ମ ସୁନ୍ଦରୀ ।

୪ । ଅନ୍ୟବ୍ୟକ୍ତିଙ୍କୁ ଆପଣାର ପିତା, ମାତା, ଭ୍ରାତା, ଭଗିନୀ ବା ସ୍ୱାମୀ ବୋଲି ଗ୍ରହଣ କରିବା—4. To take or treat as one's own.
୫ । ସ୍ନେହ କରିବା—5. To fondle.
୬ । ଆଶ୍ରୟ କରିବା—6. To rely on; to depend upon.

ସେ ସଙ୍ଗ ଯେବା ଆଦରନ୍ତି, ସେ କାମ ଅର୍ଥ ସେ ବାଞ୍ଛନ୍ତି ।
ଜଗନ୍ନାଥ. ଭାଗବତ. ୪ର୍ଥ ।

୭ । ଅନିବାର୍ଯ୍ୟ ଜାଣି ଗ୍ରହଣ କରିବା—7. To accept (a thing) as unavoidable; to be reconciled to one's lot.

**ଆଦର୍ଶ**—ସଂ. ବି. (ଆ+ଦୃଶ ଧାତୁ=ଦେଖିବା+ଅଧିକରଣ ଅ; ଯହିଁରେ କୌଣସି ବସ୍ତୁ ଦେଖାଯାଏ)—୧ । ଦର୍ପଣ; ଆଇନା—1. Looking glass; mirror.
Ādarśa
୨ । ନମୁନା; ଯାହାର ଗୋଟିକୁ ଦେଖିଲେ ସେହି ଶ୍ରେଣୀର ସବୁ ବସ୍ତୁକୁ ଦେଖିବା ପରି ହୁଏ—2. Sample.
୩ । ଯାହାକୁ ମୂଳ ରୂପେ ନକଲ କରାଯାଏ—3. Model.

ସଂ. ବିଣ.—୧ । ଅନୁକରଣ ଯୋଗ୍ୟ—1 Imitable.
୨ । ଅତ୍ୟୁତ୍କୃଷ୍ଟ—2. Best; excellent.

**ଆଦର୍ଶବିଦ୍ୟାଳୟ**—ସଂ. ବି. (ଆଧୁନିକ ପ୍ରୟୋଗ)—
Ādarśabidyālaya ମଡେଲ ସ୍କୁଲ; ଶିକ୍ଷା ବିଭାଗର କର୍ତ୍ତୃପକ୍ଷଙ୍କ ଦ୍ୱାରା ସୁନିୟମରେ ପରିଚାଳିତ ବିଦ୍ୟାଳୟ, ଯାହାକୁ ଆଦର୍ଶ ରୂପେ ଗ୍ରହଣ କରି ଅନ୍ୟ ବିଦ୍ୟାଳୟମାନ ଶିକ୍ଷା ଦେବେ—A model school

[ଦ୍ର—ଏହିପରି ସରକାର ସ୍ଥାନେ ସ୍ଥାନେ ଆଦର୍ଶ କୃଷିକ୍ଷେତ୍ର ଓ ଆଦର୍ଶ କାରଖାନା ସ୍ଥାପନ କରି ଅଛନ୍ତି ।]

**ଆଦାଏ**—ଦେ ବି—ଆଦାୟ (ଦେଖ)
Ādāe Ādāya (See)

**ଆଦାନ**—ସଂ. ବି. (ଆ+ଦା ଧାତୁ=ଦାନ କରିବା; ଗ୍ରହଣ କରିବା+ଭାବ ଓ କର୍ମ. ଅନ)—
Ādāna
୧ । ଗ୍ରହଣ—1. Act of receiving.
୨ । ସ୍ୱୀକାର—2. Acceptance
୩ । ବିବାହ ଦ୍ୱାରା ପରିବାର ମଧ୍ୟକୁ ଆନୟନ—3. Act of bringing a person into the family-circle by marriage.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଖାଇ' ନ ମିଳିଲେ 'ଖାଇ' ଖୋଜିବେ; 'ବୃଷ' ନ ମିଳିଲେ 'ବୃଷ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅକ୍ଷି' ନ ପାଇଲେ 'ଅକ୍ଷି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୪ । ଅଶ୍ୱର ଆଭରଣ; ଜିନ୍—
4. Equipment of a horse; saddle.
୫ । ରୋଗଲକ୍ଷଣ; ନିଦାନ—
5. Symptoms of a disease.
୬ । ଦାନ ଗ୍ରହଣ—6. Acceptance of a gift.
୭ । ଅସୁଲ—7. Realisation.
ଦେ. ବି—ଜରିମାନା; ଅର୍ଥଦଣ୍ଡ—Fine.

ପ୍ରଥମେ ଧିକଦଣ୍ଡ ଦ୍ୱିତୀୟେ ବାକ୍‌ଦଣ୍ଡ
ତୃତୀୟେ ଆଦାନ ଚତୁର୍ଥେ ଦେହ ଦଣ୍ଡ । କୃଷ୍ଣସିଂହ. ମହାଭାରତ. ଶାନ୍ତି ।

**ଆଦାନପ୍ରଦାନ**—ସଂ. ବି. ( ଆଦାନ=ଗ୍ରହଣ+ପ୍ରଦାନ; ନିପାତିତ ଯୁଗ୍ମ ଶବ୍ଦ )—
Ādānapradāna
୧ । ଦେବା ନେବା; ଦେଣ୍‌ନେଣ୍; ଦାନପ୍ରତିଗ୍ରହ ଉଭୟ କାର୍ଯ୍ୟ—1. Giving and taking.
୨ । ବିନିମୟ—2. Exchange; interchange.
୩ । ବିବାହ ଦ୍ୱାରା ଏକ ପରିବାର ଦ୍ୱାରା କନ୍ୟା ଦାନ ଓ ଅପର ପରିବାର ଗ୍ରହଣ—3. Gift of a girl in marriage by one family and acceptance of the girl by the other.
୪ । ପରସ୍ପର ମଧ୍ୟରେ ବିବାହ ଦ୍ୱାରା ବର କନ୍ୟା ଗ୍ରହଣ—4. Intermarriage

**ଆଦାମ୍**—ପ୍ରାଦେ. (ମେଦିନୀପୁର) ବି—ଅମ୍ବଅଦା ( ଦେଖ )
Ādām Āmbaadā ( See )

**ଆଦାୟ**—ଦେ. ବି. ( ସଂ. ଆଦାନ )—
Ādāya
আদায়
अदा
୧ । ଗ୍ରହଣ କରିବା; ନେବା—1. Taking.
୨ । ଅସୁଲ କରିବା—2 Realising
୩ । ଧନ ଆଦି ସଂଗ୍ରହ କରଣ—
3. Collection of money.
୪ । ଆମଦାନି—4 Income; receipt.
୫ । ସମସ୍ତ ଗୃହୀତ ବସ୍ତୁର ପରିମାଣ—
5 Gross receipts.
ଦେ. ବିଣ—୧ । ଅସୁଲ କରାଯାଇ ଥିବା—1. Realised.
୨ । ସଂଗୃହୀତ—2. Collected.

**ଆଦାୟଅସୁଲ**—ଦେ. ବି. ( ସହଚର; ଆଦାୟ+ଅସୁଲ )—
Ādāyaasula
আদায়উসুল
अदावसुल
୧ । ସର୍ବପ୍ରକାର ଆଦାୟ—
1. All sorts of income.
୨ । ଆଦାୟ—1. Receipt

**ଆଦାୟଜମା**—ଦେ. ବି. ( ଜମିଦାରୀ ସିରସ୍ତାରେ ବ୍ୟବହୃତ )—
Ādāyajamā ମଫସଲ ଜମା; ଯେଉଁ ଜମା ବା ଖଜଣା ଜମିଦାରୀର ସମସ୍ତ ରଇତଙ୍କଠାରୁ ଅସୁଲ ହୁଏ—
Gross collection from an estate.
[ ଦ୍ର—ଆଦାୟ ଜମାରୁ ଜମିଦାର ନିର୍ଦ୍ଦିଷ୍ଟ ମାଲିକାନା କାଟି ରଖି ବାକି ଟଙ୍କା ରାଜସ୍ୱ ସ୍ୱରୂପ ଗଭର୍ଣ୍ଣମେଣ୍ଟଙ୍କୁ ଦିଅନ୍ତି । ଏହି ରାଜସ୍ୱକୁ ସଦର ଜମା ବୋଲାଯାଏ । ]

**ଆଦି**—ସଂ. ବିଣ. ( ଆ=ପ୍ରଥମେ+ଦା ଧାତୁ=ଦେବା+କର୍ମ ଓ ଭାବ. ଇ; ଯାହାକୁ ପ୍ରଥମେ ଗ୍ରହଣ କରାଯାଏ )—
Ādi
୧ । ପୂର୍ବ; ଆଗେ ଘଟିଥିବା—1. Prior.
(ଅନ୍ତ—ବିପରୀତ) ୨ । ସର୍ବପ୍ରଥମ; ଆଦ୍ୟ—2. Primary.
( ଯଥା—ଆଦି କବି । )
୩ । ପ୍ରଥମେ ଘଟିଥିବା—
3. First in point of time
୪ । ପ୍ରଥମ—4. First
୫ । ଉତ୍କୃଷ୍ଟ—5. Excellent.
୬ । ସର୍ବୋତ୍ତମ—6. Best.
ସଂ. ବି—୧ । ଆରମ୍ଭ—1. Beginning; commencement
୨ । ଆଦ୍ୟକାଳ; ଜନ୍ମକାଳ; ଆରମ୍ଭସମୟ—
2. Time of birth; time of commencement.
୩ । ମୂଳ—3 Root; origin.
୪ । କାରଣ; ହେତୁ—4. Cause.
ଦେ. ଅ—୧ । ଇତ୍ୟାଦି; ପ୍ରଭୃତି—1. Etcetera.
୨ । ଏବଂ ଅନ୍ୟମାନେ—2 And others.
[ଦ୍ର—ଏହି ଶବ୍ଦର ପୂର୍ବେ 'ମୁଁ', 'ସେ' ଇତ୍ୟାଦି ଶବ୍ଦ ଲାଗିଲେ ବିକଳ୍ପରେ 'ମୋ ଆଦି' 'ତାଙ୍କ ଆଦି' ଏହିପରି ହୁଏ ।]

ଯା ଅବଧାର କର୍ମମାନ ମୋ ଆଦି କରନ୍ତି ଗାୟନ—
ଜଗନ୍ନାଥ. ଭାଗବତ ।

**ଆଦିକନ୍ଦ**—ଦେ. ବି. ( ସମ୍ଭବତଃ ଆଦିପୁରୁଷ )—ଆଦିପୁରୁଷ; ଭଗବାନ—God.
Ādikanda

ତାଙ୍କୁ ନ ଯୋଗାଏ ତୁମ୍ଭର ପାଦ ହିନ୍ଦ
ସେ ବାହେ ଜଗତ ନିବାସ ଆଦିକନ୍ଦ । କୃଷ୍ଣସିଂହ. ମହାଭାରତ. ଭୀଷ୍ମ ।

**ଆଦିକବି**—ସଂ. ବି (ଆଦି=ପ୍ରଥମ+କବି)—୧ । ପ୍ରଥମ କବି—The first poet.
Ādikabi
୨ । ବ୍ରହ୍ମା—2. Brahmā.
୩ । ବାଲ୍ମୀକି—3. Sage Bālmīki
[ଦ୍ର—ଗୋଟିଏ ବ୍ୟାଧ କ୍ରୌଞ୍ଚମିଥୁନ ମଧ୍ୟରୁ ଗୋଟିକୁ ଶର ଦ୍ୱାରା ବଧ କରିବାର ଦେଖି ବାଲ୍ମୀକି ମୁନିଙ୍କ ମୁଖରୁ ଶ୍ଲୋକାକାରରେ ସର୍ବ ପ୍ରଥମେ କବିତା ବାହାରି ଥିଲା । ତେଣୁ ତାଙ୍କୁ ଆଦିକବି ବୋଲାଯାଏ । ପୃଥିବୀର ସେହି ଆଦି ଶ୍ଲୋକ—

ମା ନିଷାଦ ପ୍ରତିଷ୍ଠାଂ ତ୍ୱମଗମଃ ଶାଶ୍ୱତୀଃ ସମାଃ
ଯତ୍‌କ୍ରୌଞ୍ଚମିଥୁନାଦେକମବଧୀଃ କାମମୋହିତଂ ।

**ଆଦିକରି**—ଦେ. ଅ. (ସଂ. ଆଦି)—୧ । ଇତ୍ୟାଦି—1. Etcetera.
Ādikari

ଶରବାହି ଯେତେ ଦେବଭିଷ କରି
ରଘୁନାଥ—ନନ୍ଦକେଶରୀ ।

୨ । ଓଗେର—2. And others.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଜ୍ଞ | ଇଯ୍ | ଇଅ | ଭ |
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗଁ୍ୟ | ଇଅ | ୱ | ନ୍ |

ନିର୍ମଳ ଦେଖା ବ୍ରହ୍ମଗଙ୍ଗା, ମିଳଲେ ଶୁକ ଆଦି କରି ।
ଜଗନ୍ନାଥ. ଭାଗବତ ।

**ଆଦିକାରଣ**—ସଂ. ବି. ( ଆଦି=ମୂଳ+କାରଣ=ହେତୁ )—
Ādikārana ୧ । ମୂଳ ହେତୁ; ପ୍ରଥମ କାରଣ; ନିଦାନ; ଉତ୍ପତ୍ତି-କାରଣ—1. Original cause; the root-cause.

**ଆଦିକାଳ**—ସଂ. ବି. ( ଆଦି+କାଳ )—
Ādikāla ୧ । ଅବହମାନ କାଳ; ଅତି ପୂର୍ବକାଳ—1. Time immemorial.
୨ । ସୃଷ୍ଟିର ଆରମ୍ଭକାଳ—2. The beginning of the creation.
୩ । ସତ୍ୟଯୁଗ—3. The Golden age

**ଆଦିଗଙ୍ଗା**—ସଂ. ବି. ( ଆଦି+ଗଙ୍ଗା )—ଗଙ୍ଗାନଦୀର ଶାଖାବିଶେଷ,
Ādigangā ପୂର୍ବେ ଯେଉଁ ନଦୀବାଟେ ଗଙ୍ଗା ସମୁଦ୍ରରେ ପଡ଼ୁଥିଲା—Name of a branch of the Ganges.
[ଦ୍ର—ଏହି ନଦୀ କଲିକତା କାଳୀଘାଟ ବାଟେ ବହିଯାଇ ଅଛି ।]

**ଆଦିଜୀବବିନ୍ଦୁ**—ସଂ. ବି. ( ଆଧୁନିକ ବିଜ୍ଞାନ ପରିଭାଷା )—
Ādijībabindu ଜୀବନୀଶକ୍ତି ବିଶିଷ୍ଟ ଜୀବର ଆଦି ରେଣୁ—Protoplasm

**ଆଦିତଃ**—ସଂ. ଅ. ( ଆଦି+ତସ୍ )—୧ । ସର୍ବାଗ୍ରେ; ପ୍ରଥମେ—
Āditah 1. At first.
୨ । ଆଦ୍ୟରୁ; ପ୍ରଥମରୁ—2. From the beginning.
୩ । ପୂର୍ବେ—3. Previously.

**ଆଦିତେୟ**—ସଂ. ବି. ପୁଂ. ( ଅଦିତି=ଦେବମାତା, କଶ୍ୟପପତ୍ନୀ+
Āditeya ଅପତ୍ୟାର୍ଥେ ଏୟ )—ଦେବତା; ଇନ୍ଦ୍ରାଦି ଦେବଗଣ—The Deities; Indra and other gods of the Hindu Pantheon

**ଆଦିତ୍ୟ**—ସଂ. ବି. (ଅଦିତି=ଦେବମାତା+ଅପତ୍ୟାର୍ଥେ. ଯ)—
Āditya ୧ । ଦେବତା—1. Deity.
୨ । ଦ୍ୱାଦଶ ଆଦିତ୍ୟଗଣ—2. The twelve sun-gods.
[ ଦ୍ର—ଦ୍ୱାଦଶ ଆଦିତ୍ୟ; ଯଥା—୧ । ଧାତା, ୨ । ଅର୍ଯ୍ୟମା, ୩ । ମିତ୍ର, ୪ । ବରୁଣ, ୫ । ଇନ୍ଦ୍ର, ୬ । ବିବସ୍ୱାନ, ୭ । ପୂଷ, ୮ । ପର୍ଜନ୍ୟ, ୯ । ଅଂଶୁମାନ, ୧୦ । ଭଗ,୧୧ । ତ୍ୱଷ୍ଟା ଓ ୧୨ । ବିଷ୍ଣୁ । ଜଗନ୍ନାଥ. ଭାଗବତ. ୧୨ ସ । ]
୩ । ସୂର୍ଯ୍ୟ; ରବି—3. The Sun.
୪ । ଅର୍କଗଛ; ଅରଖ ଗଛ—4. Calotropis Gigantea ( plant )
୫ । ( ଜ୍ୟୋତିଷ ) ପୁନର୍ବସୁ ନକ୍ଷତ୍ର—5. ( astronomy ) The 7th asterism.
୬ । ରବିବାର—6. Sunday.
ଦେ. ବି—ଦେଶବିଶେଷ—Name of a country.
ଆଦିତ୍ୟ ଦେଶର ପଦ୍ମସେନ ନରପତି
ପ୍ରବେଶିଲା ସେହୁ ସ୍ୱୟଂବର ଜାଗଗ । ସାରଳା. ଚଣ୍ଡୀପୁରାଣ ।

**ଆଦିତ୍ୟପତ୍ରା**—ସଂ. ବି. ( ବୈଦ୍ୟକ )—ଅଣସୋରିଷିଆ ନାମକ ଶାକ-
Ādityapatrā ଗୁଳ୍ମ—A plant.

**ଆଦିତ୍ୟବାର**—ସଂ. ବି—ରବିବାର—Sunday.
Ādityabāra

**ଆଦିତ୍ୟଭକ୍ତା**—ସଂ. ବି—ଆଦିତ୍ୟପତ୍ରା ( ଦେଖ )
Ādityabhaktā Ādityapatrā ( See )

**ଆଦିତ୍ୟାଦି ନବଗ୍ରହ**—ସଂ. ବି—ହିନ୍ଦୁଜ୍ୟୋତିଷ ମତରେ ସୂର୍ଯ୍ୟ, ଚନ୍ଦ୍ର,
Ādityādi nabāgraha ମଙ୍ଗଳ, ବୁଧ, ବୃହସ୍ପତି, ଶୁକ୍ର, ଶନି ରାହୁ ଓ କେତୁ ଏହି ନଅଟି ଗ୍ରହ—Nine planets ( according to Hindu astronomy ) headed by the sun; viz, the Sun, the Moon, Mars, Mercury, Jupiter, Venus, Saturn, the Ascending node and the Decending node.

**ଆଦିତ୍ସା**—ସଂ. ବି. ( ଆ=ବିପରୀତାର୍ଥେ+ଦା ଧାତୁ=ଦେବା+ସନ୍.
Āditsā ଅ+ସ୍ତ୍ରୀ. ଆ )—ଗ୍ରହଣେଚ୍ଛା; ନେବାର ଇଚ୍ଛା—A desire to take or accept.

**ଆଦିତ୍ସୁ**—ସଂ. ବିଣ. ( ଆଦିତ୍ସା+ଉ )—ଗ୍ରହଣେଚ୍ଛୁ—
Āditsu Desirous of taking.

**ଆଦିଦମ୍ପତି**—ଦେ. ବି. ( କର୍ମଧା; ଆଦି+ଦମ୍ପତି )—
Ādidampati ବାଇବଲ୍ ଓ କୋରାନ୍ ମତରେ ଏଡେନ ବଗିଚାରେ ବିହାରକାରୀ ଜଗତର ପ୍ରଥମ ସୃଷ୍ଟ ଦମ୍ପତି, ଆଡାମ୍ ଓ ଇଭ୍—The first human pair created by God—Adam and Eve.

**ଆଦିଦେବ**—ସଂ. ବି. (କର୍ମଧା; ଆଦି+ଦେବ; ସଂସାରର ପ୍ରଥମ ପ୍ରଭୁ)—
Ādideba ୧ । ପରମେଶ୍ୱର—1. God.
୨ । ବିଷ୍ଣୁ—2. Bishnu.
୩ । ଶିବ; ମହାଦେବ—3. Siba.
୪ । ବ୍ରହ୍ମା—4. The Creator.
୫ । ସୂର୍ଯ୍ୟ—5. The sun.

**ଆଦିନାଥ**—ସଂ. ବି. ( କର୍ମଧା; ଆଦି+ନାଥ )—ଆଦିଦେବ ( ଦେଖ )
Ādinātha Ādideba ( See )

**ଆଦିନାରୀ**—ସଂ. ବି. ( କର୍ମଧା; ଆଦି+ନାରୀ )—
Ādinārī ୧ । ଆଦ୍ୟାଶକ୍ତି; ଜଗତର ସୃଷ୍ଟିକାରଣୀ ଶକ୍ତି—1 The primordeal creative energy.
୨ । ଦୁର୍ଗା—2. Goddess Durgā
୩ । ପ୍ରକୃତି—3. Nature.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବଡ଼' ନ ପାଇଲେ 'ଅଲବଡ' ଦେଖିବେ ।

[ ଦ୍ର—ଏହି ପ୍ରକୃତିଙ୍କଠାରୁ ଏ ସୃଷ୍ଟି ଜାତ ହୋଇଥିବା ବିଷୟ ଶାସ୍ତ୍ରାଦିରେ ବର୍ଣ୍ଣିତ ହୋଇଅଛି । ]

**ଆଦିପର୍ବ**—ସଂ. ବି. (କର୍ମଧା; ଆଦି + ପର୍ବ = ଅଧ୍ୟାୟ )—କୌଣସି ଗ୍ରନ୍ଥର
Ādiparba ବିଶେଷତଃ ମହାଭାରତର ୧୮ ଖଣ୍ଡ ମଧ୍ୟରୁ ପ୍ରଥମ ଖଣ୍ଡ—The first canto of a work (specially the Mahābhārata )

**ଆଦିପୁରାଣ**—ସଂ. ବି. (କର୍ମଧା; ଆଦି+ପୁରାଣ)—ବ୍ରହ୍ମପୁରାଣ—
Ādipurāṇa The Brahma Purāṇa

**ଆଦିପୁରୁଷ**—ସଂ. ବି. (କର୍ମଧା; ଆଦି = ପ୍ରଥମ + ପୁରୁଷ = ବ୍ୟକ୍ତି)—
Ādipurusha ୧ । କୌଣସି ବଂଶ ବା ଗୋତ୍ରର ପ୍ରଥମ ବ୍ୟକ୍ତି ବା ପ୍ରବର୍ତ୍ତକ—1. The progenitor of a race.
୨ । ସୃଷ୍ଟିର ପ୍ରବର୍ତ୍ତକ; ପରମେଶ୍ୱର—
2 God, the Creator.
ଦେ. ବି.—ଆଦମ୍ (ଦେଖ)
Ādam (See)

**ଆଦିବାସ**—ଦେ. ବି. (ସଂ. ଅଧିବାସ)—ଅଧିବାସ (ଦେଖ)
Ādibāsa Adhibāsa (See)

ଅଜି ଆଦିବାସ ରାମ କାଲି ହେବେ ବିଭା ।
ଏମନ୍ତ ନିର୍ଣ୍ଣୟ କରି ଭଜିଲେକ ସଭା ।
ବିଶ୍ୱନାଥ. ବିଚିତ୍ରରାମାୟଣ ।

**ଆଦିବିଦ୍ୱାନ୍**—ସଂ.ବି. (କର୍ମଧା; ଆଦି + ବିଦ୍ୱାନ୍)—ଜଗତର ପ୍ରଥମ ପଣ୍ଡିତ
Ādibidwān କପିଳ ମୁନି—Sage Kapila, the first learned man of the world.

**ଆଦିବ୍ରାହ୍ମସମାଜ**—ଦେ. ବି. ରାଜା ରାମମୋହନ ରାୟଙ୍କ ପ୍ରବର୍ତ୍ତିତ ବ୍ରାହ୍ମ-
Ādibrāhmasamāja ସମାଜ—The original or prime Brāhma samāja started by Rājā Rāmamohana.
[ ଦ୍ର—କେଶବଚନ୍ଦ୍ର ସେନଙ୍କ ଦ୍ୱାରା ସଂସ୍କୃତ ନବ ବ୍ରାହ୍ମସମାଜ ପ୍ରତିଷ୍ଠିତ ହେବା ପୂର୍ବରୁ ଏ ବ୍ରାହ୍ମସମାଜ ପ୍ରତିଷ୍ଠିତ ହୋଇଥିଲା । ]

**ଆଦିଭୂତ**—ସଂ. ବିଣ. (ଆଦି=ପ୍ରଥମରେ + ଭୂତ=ହୋଇଥିବା)—
Ādibhūta ପ୍ରଥମେ ଘଟିଥିବା—Which took place first.

**ଆଦିମ୍**—ବୈଦେ. ବି. ( ଆ. )—ଆଦ୍‌ମି ( ଦେଖ )
Ādim Admi ( See )

ମିଆଁ ହୁକୁମ କଲେ—ବହୁତ ବଦରଦାନ୍ ଆଦମ୍—ଫକୀରମୋହନ. ଛମାଣଆଠଗୁଣ୍ଠ ।

**ଆଦିମ**—ସଂ. ବିଣ. ( ଆଦି = ପ୍ରଥମ + ଭାବ. ମ )—
Ādima ୧ । ପ୍ରଥମ; ଆଦ୍ୟ; ପ୍ରଥମଭବ ( ବସ୍ତୁ )—
1. First; primordial.
୨ । ଆଦ୍ୟରେ ଘଟିଥିବା—
2. Which happened first.

**ଆଦିମକାଳ**—ସଂ. ବି. ( ଆଦିମ + କାଳ )—
Ādimakāla ୧ । ପୂର୍ବକାଳ; ଅତୀତମାନ କାଳ—
1. The past; time immemorial.
୨ । ସୃଷ୍ଟିର ଆରମ୍ଭ କାଳ—
2. The beginning of the creation.

**ଆଦିମନିବାସୀ**—ସଂ. ବିଣ. ( ଆଦିମ+ନିବାସୀ )—କୌଣସି ସ୍ଥାନରେ
Ādimanibasī ପୂର୍ବକାଳରେ ବା ପ୍ରଥମରେ ବାସ କରୁଥିବା
(ଆଦିମନିବାସିନୀ—ସ୍ତ୍ରୀ ) ( ବ୍ୟକ୍ତି ବା ଜାତି ) ( ଯଥା— କନ୍ଧ; କୋଲ୍ହ, ସାନ୍ତାଳ ପ୍ରଭୃତି ଅନାର୍ଯ୍ୟ ଜାତି—Aboriginal.
ସଂ. ବି.—କୌଣସି ସ୍ଥାନରେ ଆଧୁନିକ ଯୁଗ ପୂର୍ବରେ ବାସ କରୁଥିବା ଲୋକ—The aborigines.

**ଆଦିମଯୁଗ**—ସଂ. ବି. ( ଆଦିମ + ଯୁଗ = ସମୟ ) – ସତ୍ୟଯୁଗ—
Ādimajuga The Golden age.

**ଆଦିମାତା**—ସଂ. ବି. ସ୍ତ୍ରୀ. ( ଆଦି + ମାତା )—ଆଦ୍ୟମାତା (ଦେଖ)
Ādimātā Ādyamātā (See)

**ଆଦିମି**—ଗ୍ରା. ବୈଦେ. ( ଆ. ) ବି.—ଆଦ୍‌ମି ( ଦେଖ )
Ādimi Ādmi (See)

**ଆଦିମୂଳ**—ସଂ. ବି. (ଆଦି+ମୂଳ; ସୃଷ୍ଟିର ଆଦ୍ୟକାରଣ ବା ସୃଷ୍ଟିକର୍ତ୍ତା)—
Ādimūla ଭଗବାନ; ବିଷ୍ଣୁ; ଶ୍ରୀକୃଷ୍ଣ—
An epithet of Bishṇu.

ତହିଁ ଦେଖନ୍ତି ଅତି ଭାଳ, ନଇଁ ଗଲେଣି ଆଦିମୂଳ—ଭୂପତି. ପ୍ରେମପଞ୍ଚାମୃତ ।

**ଆଦିଯୁଗ**—ସଂ. ବି. (ଆଦି + ଯୁଗ —ସତ୍ୟଯୁଗ—
Ādijuga The Golden age.

**ଆଦିରସ**—ସଂ. ବି. (ଆଦି = ପ୍ରଥମ ବା ଉତ୍କୃଷ୍ଟ + ରସ = ମନୋଭାବ)—
Ādirasa ସାହିତ୍ୟରେ ବର୍ଣ୍ଣିତ ରସମାନଙ୍କ ମଧ୍ୟରେ ପ୍ରଥମ ରସ; ଶୃଙ୍ଗାର ରସ—The sentiment of Love; (in literature ; amatory sentiment.

**ଆଦିରସିଆ**—ଦେ. ବିଣ.—ଆଦିରସ ବିଷୟରେ ରସିକ; ଯେଉଁ ପାଠକ-
Ādirasiā ମାନଙ୍କୁ ଆଦିରସଘଟିତ ସାହିତ୍ୟ ଭଲଲାଗେ—
আদিরসিআ (readers) Loving literature dealing
आदिरसिआ with the sentiment of love.

**ଆଦିରାଜ**—ସଂ. ବି. ( ଆଦିମ = ପ୍ରଥମ + ରାଜନ୍ = ରାଜା )—
Ādirāja ୧ । ପୁରାଣ ମତରେ ପୃଥିବୀର ସର୍ବପ୍ରଥମ ରାଜା ପୃଥୁ; ( ପୁରୁବଂଶୀୟ ରାଜା, ଏ ଅବିକ୍ଷିତଙ୍କ ପୁତ୍ର )—
1. An epithet of king Pruthu, the 1st king on earth.
୨—ବୈବସ୍ୱତ ମନୁ—2. An epithet of Baibaswata Manu

**ଆଦିଷ୍ଟ**—ସଂ. ବିଣ. ( ଆ+ଦିଶ୍ ଧାତୁ = ଦାନ କରିବା; ଅନୁମତି ଦେବା
Ādishṭa + କର୍ମ. ତ)—୧ । ଯାହାପ୍ରତି କୌଣସି ଆଦେଶ ଦିଆ-
(ଆଦେଶ—ବି) ଯାଇଥାଏ; ଆଜ୍ଞପ୍ତ; ଆଦେଶପ୍ରାପ୍ତ; ଅନୁଜ୍ଞାତ—
(ଆଦିଷ୍ଟା—ସ୍ତ୍ରୀ) 1. Ordered to do a thing.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଞ | ଡ | ଷ,ଶ | କ୍ଷ | ଇସ୍ | ଉଅ | ଉ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଗ | ଯ | ସ | ଙ୍ଗ | ଇଅ | ଉ | ଋ |

୨ । ଯାହା ଅଦେଶ କରା ଯାଇଥାଏ—2. That which has been ordered to be done.

୩ । କୌଣସି କାର୍ଯ୍ୟ କରିବାକୁ ନିଯୁକ୍ତ—3. Employed; engaged; deputed.

୪ । କଥିତ; ଉପଦିଷ୍ଟ—4. Said; advised.

ବି.—୧ । ଅଦେଶ; ଆଜ୍ଞା—1. Order.

୨ । ଉଚ୍ଛିଷ୍ଟ—2. The leavings of a meal; orts.

**ଆଦିଷ୍ଟସନ୍ଧି**—ସଂ. ବି. ( ଆଦିଷ୍ଟ+ସନ୍ଧି )—ଯେଉଁ ସନ୍ଧି ବା ଶାନ୍ତି-
**Ādishṭasandhi** ସ୍ଥାପନରେ ଏକ ପକ୍ଷଙ୍କ ଅଦେଶରେ ସର୍ତ୍ତମାନ ଲିପିବଦ୍ଧ ହୁଏ ଏବଂ ଅପର ପକ୍ଷ ରାଜ୍ୟ ତ୍ୟାଗ କରନ୍ତି—A treaty in which one party dictates terms and the other party evacuates the country.

**ଆଦୀନବ**—ସଂ. ବି. ( ଆ=ଅତିଶୟ+ଦୀନ=ଦୈନ୍ୟ+ଅଚ୍ ଅର୍ଥରେ.
**Ādinaba** ବ; କିମ୍ବା ଆ+ଦୀ ଧାତୁ=ଦୀନ ହେବା+ଭାବ. ତ—ଯହିଁରେ ଲୋକ ଅତିଶୟ ଦୁଃଖୀ ହୁଏ )—
୧ । ଦୋଷ—1, Fault; defect.
୨ । କ୍ଲେଶ; ଅସୁଖ—2. Trouble.
ସଂ. ବିଣ.—୧ । ଦୁର୍ଦ୍ଦମ—1. Wicked; untamable.
୨ । ଦୁରନ୍ତ; ଦୁଃଖଦାୟକ—2. Troublesome.

**ଆଦୀପନ**—ସଂ. ବି. (ଆ=ସମ୍ୟକ୍+ଦୀପ ଧାତୁ=ଦୀପ୍ତ ହେବା+ଭାବ
**Ādipana** କର୍ତ୍ତୃ. ଅନ)—ଉଦ୍ଦୀପନ; ସନ୍ଦୀପନ—
1. Illumination; excitement.
୨ । ଚୂନ ବା ଚାଉଳ ମଣ୍ଡ ଦ୍ୱାରା ମଙ୍ଗଳ କାର୍ଯ୍ୟାଦି ପୂର୍ବରୁ ବେଢ଼ା ଓ ଘରର କାନ୍ଥ ବାଡ଼ରେ ଚିତା ଦେବା—
2. Whitening or painting of the walls and floor with lime and rice pigment on festive occasions.

**ଆଦୃତ**—ସଂ. ବିଣ ( ଆ+ଦୃ ଧାତୁ+କର୍ମ. ତ )—୧ । ଆଦରପ୍ରାପ୍ତ;
**Ādṛuta** ସମ୍ମାନିତ—1. Honoured; respected.
(ଆଦର—ବି) ୨ । ପୂଜିତ—2 Adored.
(ଆଦୃତା—ସ୍ତ୍ରୀ) ୩ । ଅନୁମୋଦିତ—3. Approved.
(ଅନାଦୃତ—ବିପରୀତ) ୪ । ଅପ୍ରମତ୍ତ; ପ୍ରମାଦଶୂନ୍ୟ—
4. Free from errors
୫ । ଆଦରଯୁକ୍ତ—5. Respectable; honourable.

**ଆଦୃଶ୍ୟ**—ଗ୍ରା. କ୍ରି. ବିଣ. ( ସଂ. ସଦୃଶ )—୧ । ଈଷତ୍; ସାମାନ୍ୟରେ;
**Ādṛusya** ଅଳ୍ପରେ—1. Slightly.
(ଯଥା—ମତେ ଜର ଆଦୃଶ୍ୟ ଦେଖାଉଛି ।)
୨ । (ଅମୁକ) ସହିତ ଈଷତ୍ ସାଦୃଶ୍ୟ ଥିବା—
2. Having a slight similarity with.
(ଯଥା—ଏ ଛିଅଟି ମାଆ ଆଦୃଶ୍ୟରେ ଗଢ଼ା ।)

**ଆଦେୟ**—ସଂ. ବିଣ. ( ଆ+ଦା+କର୍ମ. ଯ. )—ଅଦାନକରାଯିବା
**Ādeya** ଯୋଗ୍ୟ; ଗ୍ରହଣୀୟ—Acceptable.

**ଆଦେରା ଆଦେରି**—ଗ୍ରା. ବିଣ. ଓ ବି.—ଆଦରା ଆଦରି (ଦେଖ)
**Āderā āderi** Ādarā ādari (See)

**ଆଦେରିବା**—ଗ୍ରା. କ୍ରି.—ଆଦରିବା (ଦେଖ)
**Āderibā** Ādaribā (See)

**ଆଦେଶ**—ସଂ. ବି. (ଆ+ଦିଶ୍ ଧାତୁ=ଦାନ କରିବା; ଅନୁମତି ଦେବା
**Ādesa** +ଭାବ.ଅ)—୧ । ଆଜ୍ଞା—1. Order, bidding.
(ଆଦିଷ୍ଟ—ବିଣ) ୨ । ଅନୁମତି; ଅନୁଜ୍ଞା—2. Permission.
୩ । (ବ୍ୟାକରଣ; ଏକ ବର୍ଣ୍ଣ ସ୍ଥାନରେ ଅନ୍ୟ ବର୍ଣ୍ଣର ଆରୋପ ବା ପ୍ରୟୋଗ—
( grammar ) Substitution of one letter in the place of another letter.
୪ । ନିୟମ—4. Rule.
୫ । ଉପଦେଶ—5. Advice.
୬ । କଥନ—6. Speaking.
୭ । ଜ୍ୟୋତିଃଶାସ୍ତ୍ରୋକ୍ତ ଫଳ—7. The result of astronomical calculation.

**ଆଦେଶକ**—ସଂ. ବିଣ ପୁଂ. (ଆ+ଦିଶ୍+କର୍ତ୍ତୃ.ଅକ—ଯେ ଅଦେଶ କରନ୍ତି
**Ādesaka** ବା ଦିଅନ୍ତି)—
(ଆଦେଶିକା—ସ୍ତ୍ରୀ) ୧ । ସେନାପତି—1. General; commander-in-chief
୨ । ନେତା—2. Leader.
୩ । କାରଖାନା ଆଦିର ଉପରିସ୍ଥ ପରିଚାଳକ ବା ତନଖିବା ହାକିମ—3. A director.

**ଆଦେଶପତ୍ର**—ସଂ. ବି. (ମଧ୍ୟପଦଲୋପୀ; ସଂ. ଆଦେଶ+ପତ୍ର)—
**Ādesapatra** ହୁକୁମନାମା; ଆଜ୍ଞାପତ୍ରିକା—
A written order.

**ଆଦେଶିବା**—ଦେ. ପଦ୍ୟ. କ୍ରି. (ସଂ. ଆଦେଶ)—
**Ādesibā** ୧ । ଆଜ୍ଞାଦେବା—To order.
ଶଲ୍ୟଙ୍କୁ ଆଦେଶେ ବୀର ବେଗେ ନିଅ ରଥ ।
ରାଧାନାଥ, ବେଣୀସଂହାର ।
୨ । ହୁକୁମ ଜାରି କରିବା—To publish or promulgate an order.
୩ । ଉପଦେଶ ଦେବା—3. To advise.

**ଆଦେଶୀ**—ସଂ. ବିଣ ପୁଂ. (ଆ+ଦିଶ୍+କର୍ତ୍ତୃ. ଇନ୍; ୧ମା. ୧ବ.)—
**Ādesi** ୧ । ଆଦେଶକର୍ତ୍ତା—1 Giving order
(ଆଦେଶିନୀ-ସ୍ତ୍ରୀ) ୨ । ଉପଦେଷ୍ଟା—2. Giving advice.
ସଂ. ବି. ପୁଂ.—ଦୈବଜ୍ଞ; ଗଣକ—A fortune-teller.

ଧାତୁଗଣ ସେବେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମାନଙ୍କର ପ୍ରଭେଦ ରକ୍ଷା କରିନାହାନ୍ତି । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାକୁ ଯେ ଖୋଜିଲେ ସେବେ ଏ ଅଭିଧାନରେ ନ ମିଳେ, ସେବେ ସେହି ଶବ୍ଦ ପାଇଁ ଆପଣେ ତହିଁର ଅଭେଦ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ସାଢ଼' ନ ମିଳିଲେ 'ଷାଢ଼' ଖୋଜିବେ; 'ବୃଷ' ନ ମିଳିଲେ 'ବୃଷ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ ।

**ଆଦେଷ୍ଟା**—ସଂ. ବିଣ(ଆ+ଦିଶ୍ ଧାତୁ+କର୍ତ୍ତୃ.ତୃ)—୧ । ଉପଦେଶକ—
Ādeshṭā Advising.
(ଆଦେଷ୍ଟ୍ରୀ ସ୍ତ୍ରୀ) ୨ । ଆଦେଶକର୍ତ୍ତା—Ordering.
ସଂ. ବି—ଯଜମାନ—The principal under whose orders and for whose benefit a sacrifice is performed.

**ଆଦୌ**—ସଂ. ଅ. (ଆଦି ଶବ୍ଦର ୭ମୀ ବିଭକ୍ତି)—୧ । ସର୍ବପ୍ରଥମେ—
Ādau 1. At first; first of all.
আদতে ୨ । ପ୍ରଥମରୁ; ଆଦ୍ୟରୁ—
बिलकुल; सुरुसे 2. From the beginning.
୩ । କାମ ଆରମ୍ଭ ହେଲାବେଳେ—3. At starting.
୪ । ଜମାରୁ—4. At all
୫ । ପୂର୍ବେ ବା ପରେ କେବେ ହେଲେ—5. Ever.
୬ । ପହିଲେ; ପ୍ରଥମତଃ—6 Firstly.

**ଆଦୌ ନାହିଁ**—ଦେ. ଅ—୧ । ଜମା ନାହିଁ; ଜମାରୁ ନୁହେଁ—
Ādau nāhiṅ 1. Not at all.
আদতে নেই ୨ । କଦାପି ନୁହେଁ—2. Never.
बिलकुल नहीं

**ଆଦ୍ୟ**—ସଂ. ବିଣ. (ଆଦି+ଭବ, ଯ ବା ଅଦ+ଦେବା ଅର୍ଥରେ. ଯ)—
Ādya ୧ । ପ୍ରଥମେ ଘଟିଥିବା; ପ୍ରଥମ; ଆଦିମ; ଅଗ୍ରଜବ—
(ଆଦ୍ୟା—ସ୍ତ୍ରୀ) 1. Which happened first; first; prior
(ଅନ୍ତ; ପ୍ରାନ୍ତ—ବିପରୀତ) ୨ । ପ୍ରଧାନ; ଶ୍ରେଷ୍ଠ; ସର୍ବୋତ୍କୃଷ୍ଟ—
2. Chief.
୩ । ମୌଳିକ—3. Original
୪ । (ଅଦ ଧାତୁ=ଖାଇବା+କର୍ମ.ଯ)—ଭୋଜନାର୍ହ; ଶାସ୍ତ୍ରାନୁସାରେ ଭକ୍ଷଣୀୟ—4. Eatable.
ସଂ. ବି.—୧ । ଧାନ୍ୟ—1. Paddy.
୨ । ମୂଳ—2. Origin.
୩ । ଆରମ୍ଭ—3. Beginning; start.
୪ । ପ୍ରଧାନ ବ୍ୟକ୍ତି ବା ବିଷୟ—4. Chief thing or person.
୫ । ପ୍ରଧାନ କାରଣ—Chief cause.

**ଆଦ୍ୟଗଙ୍ଗା**—ସଂ. ବି. (ଆଦ୍ୟ+ଗଙ୍ଗା)—ଆଦିଗଙ୍ଗା (ଦେଖ)
Ādyagaṅgā Ādigaṅgā (See)

**ଆଦ୍ୟନ୍ତ**—ସଂ. ବି. (ଦ୍ୱନ୍ଦ୍ୱ; ଆଦି+ଅନ୍ତ)—ଆରମ୍ଭ ଓ ଶେଷ—
Ādynta Beginning and end.
ସଂ. ବିଣ—ପୂର୍ବାପର—Previous and successive.
କ୍ରି. ବିଣ—ପ୍ରଥମଠାରୁ ଶେଷ ପର୍ଯ୍ୟନ୍ତ; ଆଗା ଗୋଡ଼ା—
From the beginning to the end.

**ଆଦ୍ୟନ୍ତଯମକ**—ଦେ. ବି. (ଶବ୍ଦାଲଙ୍କାରବିଶେଷ)—ଏକ ପ୍ରକାର ଯମକ,
Ādyantajamaka ଯହିଁରେ ପଦର ପ୍ରଥମରେ ଓ ଅନ୍ତରେ ଯମକ ଥାଏ—A composition in which there are similar beginnings and endings in the lines.

**ଆଦ୍ୟପ୍ରାନ୍ତ**—ଦେ. ବି ଓ ବିଣ. (ଦ୍ୱନ୍ଦ୍ୱ; ଆଦ୍ୟ+ପ୍ରାନ୍ତ)—
Ādyaprānta ଆଦ୍ୟନ୍ତ (ଦେଖ)
Ādyanta (See)

**ଆଦ୍ୟପ୍ରାନ୍ତ ଅନୁପ୍ରାସ**—ଦେ. ବି—ଯେଉଁବାକ୍ୟର ଆରମ୍ଭରେ ଓ ଶେଷରେ
Ādyaprānta anuprāsa ଅନୁପ୍ରାସ ଥାଏ—
A composition containing alliteration in the beginning and end of a line.
[ ଦ୍ର—ଏହାର ଉଦାହରଣ—
ସୁଷମାକୁ ବରଷେ ସୁଚିଃ ରଷା ଏ ରସେ । ଗୋଲକ—ଉଦ ରେଖା ]

**ଆଦ୍ୟପ୍ରାନ୍ତ ଯମକ**—ଦେ. ବି. (ଅଳଙ୍କାର)—
Ādyaprānta jamaka ଆଦ୍ୟନ୍ତଯମକ (ଦେଖ)
Ādyantajamaka (See)

**ଆଦ୍ୟମାତା**—ଦେ. ବି. ସ୍ତ୍ରୀ. (ଆଦ୍ୟ+ମାତା)—
Ādyamātā ଆଦିମାତା (ଦେଖ)
Ādimātā (See)

**ଆଦ୍ୟମାସ**—ଦେ. ବି. (ଆଦ୍ୟ+ମାସ)—
Ādyamāsa ୧ । ବର୍ଷର ପ୍ରଥମ ମାସ—
1. The first month of the year.
୨ । (ହିନ୍ଦୁଶାସ୍ତ୍ର ମତରେ) ମାର୍ଗଶୀର ମାସ—
2. The month of Mārgasira.
[ ଦ୍ର—ପୂର୍ବେ ମାର୍ଗଶୀର ମାସଠାରୁ ବର୍ଷ ଗଣନା କରାଯାଉଥିଲା । ଭିନ୍ନ ଭିନ୍ନ ଦେଶର, ଅଞ୍ଚଳର ଓ କାଳର ଗଣନାମତେ ଭିନ୍ନ ଭିନ୍ନ ଆଦ୍ୟ ମାସ ଧରାଯାଏ । ଆଧୁନିକ ପାଶ୍ଚାତ୍ୟ ମତରେ ଜାନୁଆରି ଆଦ୍ୟ ମାସ; ପାଶ୍ଚାତ୍ୟ ଅଫିସିଅଲ୍ ଗଣନାରେ ଅପ୍ରେଲ୍; ଜ୍ୟୋତିଷ ଶାସ୍ତ୍ର ମତେ ମନୁଷ୍ୟର ପରମାୟୁ ଗଣନାରେ ବୈଶାଖ; ଦେବତାଙ୍କ ପର୍ବ ଓ ଭୋଗ ଆଦି ପାଇଁ ଜନ୍ମ; ପୂର୍ବେ ପାଶ୍ଚାତ୍ୟ ମତରେ ମାର୍ଚ୍ଚ ଆଦ୍ୟମାସ ଥିଲା । ଓଡ଼ିଶା ଜମିଦାରୀ ସିରସ୍ତାରେ ଭାଦ୍ରବ ମାସରୁ ବର୍ଷ ଗଣନା ହୋଇଅଛି । ]

**ଆଦ୍ୟମାସକ**—ସଂ. ବି. (ଆଦ୍ୟ+ମାସ+କ)—୫ଟ୍ଟ କାଇଁ ର ପରମାଣ;
Ādyamāsaka ଏକମସା ଓଜନ; ୧ ଭରିର ୧୦ ଭାଗରୁ ଏକ ଭାଗ—A standard of measure which is 1/10 of a tola.

**ଆଦ୍ୟମୂଳ**—ଦେ. କ୍ରି. ବିଣ—ସର୍ବ ପ୍ରଥମରୁ ଆରମ୍ଭ କରି ଶେଷ ପର୍ଯ୍ୟନ୍ତ
Ādyamūḷa ସବିଶେଷ ବର୍ଣ୍ଣନା ସହିତ—Minutely from the beginning to the end.

**ଆଦ୍ୟଯମକ**—ସଂ. ବି—ଯେଉଁ ରଚନାରେ ପ୍ରତି ଧାଡ଼ିର ପ୍ରଥମ ପଦ
Ādyajamaka ଯମକଯୁକ୍ତ—A composition in
(ପ୍ରାନ୍ତଯମକ—ବିପରୀତ) which the first letters or words of the lines are similar.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଢ | ଋ,ଝ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଖ | ଜ | ଶ,ଷ | ଙ୍କ | ଉଦ୍ | ଡ଼ଅ | ଭ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଘ | ଉଷ | ● | ନୃ |

[ ଦ୍ର—ଆଦ୍ୟଯମକ ଦୁଇ ପ୍ରକାରର; ଯଥା—
୧ । ପ୍ରତି ପଦର ଆରମ୍ଭରେ ଦୁଇ ବା ତତୋଽଧିକ ଯମକ ଥାଏ । ଯଥା—
ମାଧବୀ ମାଧବୀକୁଞ୍ଜ କୁଟୀରେ ଶୋଇ
ମାନ ମାନବତୀ କରୁ ଅଧୋମୁଖେ ରହି । ଗୋଲକ. ଚନ୍ଦ୍ରରେଖା ।
୨ । ପ୍ରଥମ ଓ ଦ୍ୱିତୀୟ ପଦର ଆରମ୍ଭରେ ଯମକ ଥାଏ । ଯଥା—
ବଲ୍ଲକରବଂଶୀ ଶୁଣି ପୁଲକ ବହୁ
ବଲ୍ଲ କର ଲଗ୍ନ ବୁଝି ବସିଷ୍ଟେ କହୁ । ଭଞ୍ଜ ବୈଦେହୀଶବିଳାସ ।

**ଆଦ୍ୟଶ୍ରାଦ୍ଧ**—ସଂ. ବି. ( ଆଦ୍ୟ + ଶ୍ରାଦ୍ଧ )—ଅଶୌଚାନ୍ତର ପରଦିନରେ
**Ādyaśrāddha** କର୍ତ୍ତବ୍ୟଶ୍ରାଦ୍ଧ; ମୃତବ୍ୟକ୍ତିର ଉଦ୍ଦେଶ୍ୟରେ କରାଯିବା ମୃତ୍ୟୁର ଏକାଦଶ ଦିବସରେ କର୍ତ୍ତବ୍ୟ ଶ୍ରାଦ୍ଧ—Śrāddha or offering of boiled rice to the soul of a deceased person on the 11th day of death.

**ଆଦ୍ୟା**—ପ୍ରାଦେ. ( ଗଞ୍ଜାମ ) ବି ( ଭୁଲ—ତେ. ଅଦ୍ଦେ )—
**Ādyā** ଘରଭଡ଼ା—House-rent
ସଂ. ବିଣ. ( ଆଦ୍ୟ=ପ୍ରଥମ+ସ୍ତ୍ରୀ. ଆ )—
୧ । ପ୍ରଥମେ ଜନ୍ମି ଥିବା—1. Born at first.
୨ । ସମସ୍ତଙ୍କ ପୂର୍ବରୁ ବିଦ୍ୟମାନ—
2 Existing from the beginning.
ସଂ. ବି. ସ୍ତ୍ରୀ—ପୃଥିବୀର ଆଦ୍ୟାଶକ୍ତି; ଦୁର୍ଗା; ଯୋଗମାୟା—
The Goddess Durgā.

**ଆଦ୍ୟାନୁପ୍ରାସ**—ସଂ. ବି—ଶବ୍ଦାଳଂକାରବିଶେଷ; ଯେଉଁ କବିତାର
**Ādyānuprāsa** ପ୍ରଥମ ପାଦର ଆଦ୍ୟ ଅକ୍ଷର ସଙ୍ଗେ ଅନ୍ୟ ପାଦର ଆଦ୍ୟ ଅକ୍ଷର ସମାନ ଥାଏ । ( ଭଞ୍ଜଙ୍କ ବୈଦେହୀଶବିଳାସ ଓ ଅଭିମନ୍ୟୁଙ୍କ ବିଦଗ୍ଧଚିନ୍ତାମଣିରେ ଏଥିର ଭୂରି ଭୂରି ଉଦାହରଣ ଅଛି । ଆଦ୍ୟ ଯମକ ଦେଖ । )—A composition in which the first portion of the lines tally in sound with each other.

**ଆଦ୍ୟାବୁଦ୍ଧି**—ସଂ. ବି. (ଆଦ୍ୟା+ବୁଦ୍ଧି)—ପ୍ରାଣୀ ବା ମନୁଷ୍ୟ ସାଧାରଣର
**Ādyābuddhi** ସ୍ୱାଭାବିକ ମାନସିକ ବୃତ୍ତି; ପ୍ରାଣୀର ସହଜ ବୁଦ୍ଧି—
Instinct
[ ଦ୍ର—ପିଲା ଜନ୍ମ ହେଲାକ୍ଷଣି ମାଆର ସ୍ତନକୁ ଚୋପି ଦୁଧ ଖାଇବା, ବାଛୁରୀ ଜନ୍ମ ହେଲାକ୍ଷଣି ଚାଲିବା—ଏ ସବୁ ଜୀବର ଆଦ୍ୟାବୁଦ୍ଧିର ଫଳ ଅଟେ । ]

**ଆଦ୍ୟାରମ୍ଭ**—ସଂ ବି. ( ଏକାର୍ଥକ ସହଚର; ଆଦ୍ୟ + ଆରମ୍ଭ )—
**Ādyārambha** ପ୍ରଥମ ଆରମ୍ଭ—The beginning

**ଆଦ୍ୟାଶକ୍ତି**—ସଂ. ବି—ଆଦିମାତା ( ଦେଖ )
**Ādyāśakti** Ādimātā ( See )

**ଆଦ୍ୟୁଁ**—ଦେ. କ୍ରି. ବିଣ—ଆଦ୍ୟରୁ; ପ୍ରଥମରୁ ଆରମ୍ଭ କରି—
**Ādyuñ** From the beginning.

**ଆଦ୍ୟୂନ**—ସଂ. ବି. ପୁଂ. ( ଆ+ଦିବ୍ ଧାତୁ=ପୋଷିବା; ଖେଳିବା +
**Ādyūna** କର୍ତ୍ତୃ. ତ; ଯେ ଆପଣାକୁ କେବଳ ପୋଷେ )—
(ଆଦ୍ୟୂନା—ସ୍ତ୍ରୀ) ୧ । ଔଦରିକ; ପେଟୁ—
1. Greedy; gluttonious.
୨ । ଅତିଶୟ କ୍ଷୁଧାପୀଡ଼ିତ—
2. Feeling very hungry.
୩ । ବିଜିଗୀଷାରହିତ; ପର ଅପେକ୍ଷା ଉତ୍କୃଷ୍ଟ ହେବାର ଆଶା ଯାହାର ନ ଥାଏ—
3. Devoid of the sense of rivalry or of excelling others.
୪ । ସ୍ୱାର୍ଥପର—4. Selfish.
୫ । ( ଆଦି = ଆରମ୍ଭ + ଊନ = ହୀନ )—ଆଦିରହିତ; ଆଦିଶୂନ୍ୟ—5. Having no beginning.
୬ । ଯାହାର ମୂଳ ବା ଜନ୍ମ ଅନିର୍ଣ୍ଣେୟ—
6. Whose beginning in untraceable.

**ଆଦ୍ୟୋତ**—ସଂ. ବି. ( ଆ=ବିଶେଷ+ଦ୍ୟୁତ ଧାତୁ=ପ୍ରକାଶିତ ହେବା
**Ādyota** +ଭାବ. ଅ )—ପ୍ରକାଶ; ବିକାଶ—
Exhibition; dawning

**ଆଦ୍ୟୋପାନ୍ତ**—ସଂ. ବି. ବିଣ ଓ ଅ ( ଦ୍ୱନ୍ଦ୍ୱ; ଆଦ୍ୟ=ପ୍ରଥମ+ଉପାନ୍ତ
**Ādyopānta** =ଶେଷ )—ଆଦ୍ୟନ୍ତ ( ଦେଖ )
Ādyanta ( See )

**ଆଦ୍ର**—ଗ୍ରା. ବିଣ. ( ସଂ ଆର୍ଦ୍ର )—ଆର୍ଦ୍ର; ଓଦା—
**Ādra** Wet; moist.
ଆଦ୍ରପାଦେ ପଦ୍ମହୃଲେ ଶେଯେ ପ୍ରବେଶେ । ପ୍ରାଚୀ. କଳଙ୍କଭଞ୍ଜ ।

**ଆଦ୍ରିବା**—ଗ୍ରା. କ୍ରି.—୧ । (ଗାଈ) ଗର୍ଭବତୀ ହେବା—1. (a cow).
**Ādribā** To be pregnant; to conceive.
୨ । ଆଦରିବା (ଦେଖ)
2. Ādaribā (See)

**ଆଦ୍ରିୟମାଣ**—ସଂ. ବିଣ. ପୁଂ. (ଆ=ବିଶେଷଭାବରେ+ଦୃ ଧାତୁ+କର୍ମ.
**Ādriyamaṇa** ଅନ )—ଯାହାକୁ ଆଦର କରାଯାଉଅଛି—
(ଆଦ୍ରିୟମାଣା—ସ୍ତ୍ରୀ) 1 Fondled.
୨ । ମାନ୍ୟର ପାତ୍ର—2. Venerable.

**ଆଧରୁପିଆ**—ପ୍ରାଦେ. ( ଗଞ୍ଜାମ ) ବି—୧ । ଅଠଅଣା—
**Ādharupiā** 1. Annas eight.
୨ । ଅଠଅଣି—2. An eight-anna-bit.

**ଆଧାନ**—ସଂ. ବି. ( ଆ + ଧା ଧାତୁ=ଧାରଣ କରିବା; ସ୍ଥାପନ କରିବା
**Ādhāna** +ଭାବ. ଅନ )—
୧ । ରଖିବା—1. Laying; placing.
୨ । ଗ୍ରହଣ—2. Taking; receiving.

ସାଧାରଣ ଲେଖକ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦଗୁଡ଼ିକ ଯଥାକ୍ରମେ ତହିଁର ଅପର ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ସାର' ନ ମିଳିଲେ 'ଶାର' ଖୋଜିବେ; 'ବୃଷ' ନ ମିଳିଲେ 'ବୃଷ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ

୩ । ଧାରଣ—3. Holding, containing.
୪ । ବନ୍ଧକ ରଖିବା—4. Pledging.
୫ । ଗଚ୍ଛିତ ରଖିବା—5. Depositing
୬ । ଉତ୍ପାଦନ; ଜନ୍ମ କରିବା—6. Begetting.
୭ । ପ୍ରତିଭୂ; ଜାମିନ୍—7. Surety.
୮ । ଗର୍ଭାଧାନସଂସ୍କାର—8. The ceremony of impregnation amongst the Hindus prior to conception.
୯ । ସ୍ତ୍ରୀ ଗର୍ଭରେ ବୀର୍ଯ୍ୟ ସ୍ଥାପନ—9. Impregnation.
୧୦ । ହୋମାଗ୍ନି ସ୍ଥାପନ—10. Ceremonial kindling of the sacrificial fire.
୧୧ । ଅଗ୍ନିକୁ ଜଳାଇବା; ଲଗାଇବା—11. Kindling of fire.
୧୨ । ପାତ୍ର—12. Receptacle.
୧୩ । ସଞ୍ଚାର—13. Diffusion or access ( of vitality or strength in the system) ( ଯଥା—ବଳାଧାନ )

**ଆଧାନିକ**—ସଂ. ବି. ( ଆଧାନ+ସ୍ୱାର୍ଥ. ଇକ )—
**Ādhānika** ଆଧାନ ୮ (ଦେଖ) Ādhāna 8 (See)

**ଆଧାର**—ସଂ. ବି. (ଆ+ଧୃ ଧାତୁ=ଧରିବା; ଧାରଣ କରିବା+ ଅଧିକରଣ ଅ)—
**Adhāra**
୧ । ଆଧାରାଧିକରଣ (ଦେଖ) 1. Ādhārādhikaraṇa (See)
୨ । ଧାରଣ କରି ରଖିବାର ପାତ୍ର—2. Receptacle.
୩ । ସ୍ଥାନ—3. Place.
୪ । ପାତ୍ର—4 Pot; basin.
୫ । ଜଳ ସଞ୍ଚୟ ସ୍ଥାନ—5. Reservoir.
୬ । ଆଲବାଲ; ପାଣି ରହିବା ପାଇଁ ଗଛ ମୂଳରେ କରାଯିବା ମଣ୍ଡା ବା ମଳା—6. A basin constructed at the foot of a tree to water it.
୭ । ଆଶ୍ରୟ; ସନ୍ନିବେଶ—7. Assembling; placing.
୮ । ଆଶ୍ରୟ; ଅବଲମ୍ବନ—8. Refuge; resort; protection.

ଦେ. ବି. ( ସଂ. ଆହାର )—୧ । ପକ୍ଷିଶାବକମାନଙ୍କୁ ସେମାନଙ୍କ ମାତା ଯେଉଁ ଖାଦ୍ୟ ଆଣି ଦିଏ—
ଆଧାର
আধার
1. Food which a mother-bird brings and puts into the mouth of her young ones.

ଏହିରୂପେ ବାଳୁତ ଭକ୍ଷଣ କରନ୍ତି ନିତ
ଦନ ଦନ ଅଧାରେ ତ ବଢ଼ିଲ ପୀରତ । ସାରଳା. ମହାଭାରତ. ଆଦି ।

୨ । ଆହାର; ଖାଦ୍ୟ—2. Food.

ବହୁତ ସୁପକ୍ୱ ଅଧାର ଯେ ତହିଁ ଅନ୍ତି
ମୁଖରେ ଭୁଞ୍ଜିବା ତହିଁ ଭଲ ଭଲ ବାନ୍ତି । ସାରଳାମହାଭାରତ. ମଧ୍ୟ ।

**ଆଧାରାଧିକରଣ**—ସଂ. ବି. ( ଆଧାର+ଅଧିକରଣ )—
**Ādhārādhikaraṇa** ୧ । (ବ୍ୟାକରଣ) ସ୍ଥାନ ବା ପାତ୍ରବାଚକ ଅଧିକରଣ—1. (Grammar) A class of locative case

[ ଦ୍ର—ଏକଦେଶ, ବିଷୟ, ବ୍ୟାପ୍ତି ଓ ସାମୀପ୍ୟ ଭେଦରେ ଆଧାରାଧିକରଣ ଚାରି ପ୍ରକାର; ୧. ଏକଦେଶ, ଯଥା—ବଣରେ ( ବଣର ଏକ ଦେଶରେ ) ବାଘ ଅଛି । ୨. ବିଷୟ, ଯଥା—ଅଧ୍ୟୟନରେ ( ଅଧ୍ୟୟନ ବିଷୟରେ ) ତାହାର ଅନୁରାଗ ନାହିଁ । ୩. ବ୍ୟାପ୍ତି, ଯଥା—ତିଳରେ (ତିଳତମାମ ବ୍ୟାପି ) ତେଲ ଅଛି । ୪. ସାମୀପ୍ୟ, ଯଥା—ବରଗଛ ମୂଳରେ ( ମୂଳ ସମୀପରେ ) ବାଘଟାଏ ବସିଛି ।]

**ଆଧାରାଧେୟ ଭାବ**— ସଂ. ବି. ( ଆଧାର+ଆଧେୟ+ଭାବ )—
**Ādhārādheya bhāba** ପାତ୍ର ଓ ତନ୍ମଧ୍ୟସ୍ଥ ବସ୍ତୁ ମଧ୍ୟରେ ଥିବା ସମ୍ବନ୍ଧ—The relation between the container and the thing contained

**ଆଧି**—ସଂ. ବି. ( ଆ+ଧ୍ୟୈ ଧାତୁ=ଚିନ୍ତା କରିବା; ସ୍ଥାପନ କରିବା+ ଅଧିକରଣ. ଇ କିମ୍ବା ଆ+ଧା ଧାତୁ+ଇ )—
**Ādhi**
୧ । ବନ୍ଧକ—1. Pledge.
୨ । ଗଚ୍ଛିତ ବସ୍ତୁ—2. Deposited article.
୩ । ବ୍ୟସନ—3. Being addicted to vice; vicious habits.
୪ । ଆପତ୍ତି—4. Objection.
୫ । ବିପଦ—5. Danger; distress.
୬ । ଉଦ୍ବିଗ୍ନତା—6. Anxiety.
୭ । ମନଃପୀଡ଼ା; ସନ୍ତାପ—7. Mental distress
୮ । ଦୁଃଖ—8. Sorrow.
୯ । ଅଧିଷ୍ଠାନ; ସ୍ଥାନ—9. Place.
୧୦ । ପ୍ରତ୍ୟାଶା—10. Expectation.

ଦେ. ବି—୧ । କ୍ଷମତା—1. Power; influence.
୨ । ଅଧିକାର—2. Authority.

ଯମର ଯେତେକ ଆଧି ସବୁ ଛଡ଼ାଇଲ । ବିଶ୍ୱନାଥ. ବିଚିତ୍ରରାମାୟଣ ।

୩ । ଐଶ୍ୱର୍ଯ୍ୟ—3. Affluence.

ଏତେ ବଡ଼ ଆଧି କଷ୍ଟରେ ନ ହେ ସାର । ସାରଳା ମହାଭାରତ. ବନ ।

୪ । ରୋଗ; ବ୍ୟାଧି—4. Disease; sickness.

ପାଳନ କରନ୍ତେ ମୁଁ ଦେଖି ଶାସ୍ତ୍ର ବିଧି
ଘୋଡ଼ାମାନଙ୍କର ନ ହୁଇ ଏଣୁ ଆଧି । କୃଷ୍ଣସିଂହ. ମହାଭାରତ. ଶାନ୍ତି ।

୫ । ଆଡ଼ମ୍ବର—5. Grandeur.
( ଯଥା—ସେ ତ ବଡ଼ ଆଧିରେ ବିବାହଉତ୍ସବ କଲେ । )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଌ | ଯ୍ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇୟ୍ | ଉଅ | ଢ |
| ୨ | ଈ | ଊ | ରୁ | ଲୁ | ଯ୍ୟ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗଁ୍ୟ | ଇଅ | ୱ | ନ୍ |

ଆଧିକ୍—ପ୍ରାଦେ. ( ସମ୍ବଲପୁର ) ବିଣ—ଚକିତ; ବିସ୍ମିତ—
Ādhik Astonished.

ଆଧିକରଣିକ—ସଂ. ବି. ପୁଂ. ( ଅଧିକରଣ=ବିଚାରାଳୟ+ନିଯୁକ୍ତାର୍ଥେ. ଇକ )—ବିଚାରକ—Judge.
Ādhikaraṇika

ଆଧିକ୍ୟ—ସଂ. ବି. ( ଅଧିକ+ଭାବ. ଯ )—୧ । ଅଧିକତା—
Ādhikya 1. Excess.
୨ । ଅତିଶଯ୍ୟତା; ଆତିଶଯ୍ୟ—2. Superabundance.
୩ । ପ୍ରାଧାନ୍ୟ—3. Mastery.
୪ । ବୃଦ୍ଧି—4. Increase.
୫ । ବଳିପଡ଼ିବା ଅଂଶ ବା ବସ୍ତୁ—5. Surplus.

ଆଧିକ୍ଲିଷ୍ଟ—ସଂ. ବିଣ. ( ୭ମୀ ତତ୍; ଆଧି+କ୍ଲିଷ୍ଟ )—
Ādhiklishṭa ମନଃପୀଡ଼ାରେ ଦୁଃଖିତ—
Afflicted with grief

ଆଧିଜ—ସଂ. ବିଣ. (ଆଧି+ଜନ୍ ଧାତୁ=ଉତ୍ପନ୍ନ ହେବା+କର୍ତ୍ତୃ. ଅ)—
Ādhija ୧ । ମନଃପୀଡ଼ା ଜନିତ—1. Due to grief.
୨ । ଦୁଃଖହେତୁକ—2. Caused by sorrow.

ଆଧିଜ୍ଞ—ସଂ. ବିଣ. ( ଆଧି=ଦୁଃଖ ଇତ୍ୟାଦି+ଜ୍ଞ=ଯେ ଜାଣେ )—
Ādhijña ୧ । ବ୍ୟଥିତ; ଦୁଃସ୍ଥିତ—1. Afflicted.
୨ । ବକ୍ର—2. Bent; crooked.

ଆଧିଦୈବ—ସଂ. ବିଣ. ( ଅଧିଦେବ=ଦେବତାଙ୍କୁ ଅଧିକାର କରି+ଭାବ. ଅ)—୧ । ଦେବ ସମ୍ବନ୍ଧୀୟ—1. Divine
Ādhidaiba
୨ । ଦୈବଜାତ; ଦୈବୀ—2. Caused by fate.
୩ । ଗ୍ରହ ବା ଦେବତାଙ୍କ ଯୋଗୁଁ ଜାତ ବା ଘଟିତ—
3. Arising from the influence of the heavenly bodies.

ଆଧିଦୈବିକ—ସଂ. ବିଣ. ( ଅଧିଦେବ+ଭାବ. ଇକ )—
Ādhidaibika ଅଧିଦୈବ ( ଦେଖ )
Ādhidaiba ( See )

ଆଧିପତ୍ୟ—ସଂ. ବି. ( ଅଧିପତି=ପ୍ରଭୁ+ଭାବ. ଯ )—୧ । ପ୍ରଭୁତ୍ୱ—
Ādhipatya 1. Mastery; supremacy.
୨ । ରାଜତ୍ୱ—2. Sovereignty.
୩ । ରାଜକ୍ଷମତା—3. Royal authority.
୪ । ଅଧିକାର—4. Authority.

ଆଧିବିଧି—ଦେ. ବି. ( ସହଚର ) - ୧ । ଗତିବିଧି—
Ādhibidhi 1. Movements; manners.
୨ । ରାଜନୀତିମାନ—2. Royal customs.

ଆଧିବେଦନିକ—ସଂ. ବିଣ. ( ଅଧିବେଦନ=ସ୍ୱାମୀର ଦ୍ୱିତୀୟ ଥର ବିବାହ+ସମ୍ବନ୍ଧାର୍ଥେ. ଇକ )—ସ୍ୱାମୀ ଦ୍ୱିତୀୟଥର ଦାରପରିଗ୍ରହ କରିବା ସମୟରେ ପ୍ରଥମ ସ୍ତ୍ରୀକୁ ଦେବା ( ସମ୍ପତ୍ତି )—( property ) Given to the superseded first wife by the husband on his taking a second wife.
Ādhibedanika

[ ଦ୍ର—ହିନ୍ଦୁ ସ୍ମୃତି ଅନୁସାରେ ଏହି ଧନ ପ୍ରଥମ ସ୍ତ୍ରୀର ନିଜସ୍ୱ ଅଟେ । ]

ଆଧିବ୍ୟାଧି—ସ. ବି. ( ସହଚର; ଆଧି+ବ୍ୟାଧି )—ସମସ୍ତ ପ୍ରକାରର ଶାରୀରିକ, ମାନସିକ ଓ ବୈଷୟିକ ଦୁଃଖ—
Ādhibyādhi All kinds of mental and physical troubles.

ଆଧିବ୍ୟାଧି ମଧ୍ୟ ହୁଅଇ ତାର ଦୂର । କୃଷ୍ଣସିଂହ. ମହାଭାରତ. ବନ ।

ଆଧିଭୋଗ—ସ. ବି. ( ୬ଷ୍ଠୀ ତତ୍; ଆଧି=ଗଚ୍ଛିତବସ୍ତୁ+ଭୋଗ )—
Ādhibhoga ବନ୍ଧକ ବସ୍ତୁର ବ୍ୟବହାର—Use or enjoyment of the thing pledged or mortgaged.

ଆଧିଭୌତିକ—ସଂ. ବିଣ. ( ଅଧିଭୂତ=ମୂଳକାରଣ+ଭାବ. ଇକ୍ )—
Ādhibhautika ଭୂତ ବା ପ୍ରାଣିମାନଙ୍କଠାରୁ ଯାହା ଘଟେ ବା ଉତ୍ପନ୍ନ ହୁଏ; ଭୂତାଧୀନ—1. Due to the influence of spirits or beings.
୨ । କ୍ଷିତି, ଅପ୍, ତେଜ, ମରୁତ୍ ଓ ବ୍ୟୋମ ଏହି ପଞ୍ଚଭୂତ ଯୋଗୁଁ ଜାତ ବା ଘଟିତ—2. Due to the five elements of the creation.

[ଦ୍ର—ସାଂଖ୍ୟ ମତରେ ଜରାୟୁଜ, ଅଣ୍ଡଜ, ସ୍ୱେଦଜ ଓ ଉଦ୍ଭିଜ୍ଜ ଏହି ଚାରି ପ୍ରକାର ଦୁଃଖକୁ ଆଧିଭୌତିକ ଦୁଃଖ ବୋଲାଯାଏ । ଏହା ମନୁଷ୍ୟ, ପଶୁ, ମୃଗ, ପକ୍ଷୀ, ସରୀସୃପ, ଦଂଶ, ମଶକ, ଉଡ଼୍କୁଣ, ମଡ଼୍କୁଣ, ମତ୍ସ୍ୟ, ମକର, କୁମ୍ଭୀର ଓ ବୃକ୍ଷାଦି ସ୍ଥାବର ବସ୍ତୁଙ୍କ ଦ୍ୱାରା ଘଟିତ ହୁଏ । ]

ଆଧିରଥି—ସ. ବି. (ଅଧିରଥ=ଧୃତରାଷ୍ଟ୍ରଙ୍କ ସାରଥି+ଅପତ୍ୟାର୍ଥରେ. ଇ)
Ādhirathi କୁନ୍ତୀପୁତ୍ର ବୀର କର୍ଣ୍ଣ—Name of Karṇṇa.
[ଦ୍ର—ଏହାଙ୍କ ମାତା କୁନ୍ତୀ ଏହାଙ୍କୁ ତ୍ୟାଗ କରିଥିବାରୁ ଅଧିରଥ ଏହାଙ୍କୁ ପାଳନ କରିଥିଲେ । ]

ଆଧିରାଜ୍ୟ—ସ. ବି. (ଅଧିରାଜ+ଭାବ. ଯ)—୧ । ରାଜ୍ୟାଧିକାର—
Ādhirājya . Occupation of a kingdom.
୨ । ଆଧିପତ୍ୟ—2. Mastery.

ଆଧିଶ୍ରୟଣିକ—ସ. ବିଣ ( ବିଜ୍ଞାନପରିଭାଷା. ଅଧିଶ୍ରୟଣ=ଆଲୋକକେନ୍ଦ୍ର+ଭାବ. ଇକ )—ଦୃଷ୍ଟି ବା ଆଲୋକ-କେନ୍ଦ୍ର ବା ତାପ କେନ୍ଦ୍ରସମ୍ବନ୍ଧୀୟ—(science) Relating to focus.
Ādhiśrayaṇika

ଆଧିଶ୍ରୟଣିକ ବ୍ୟବଧି—ସ. ବି. ( ବିଜ୍ଞାନପରିଭାଷା )—ଘନ ଘନ ଆଲୋକ ବା ତାପନିଃସାରକ ପଦାର୍ଥର ଦୃଷ୍ଟି-ଆଲୋକ କେନ୍ଦ୍ରର ଦୂରତ୍ୱ—(science) Focal distance: the distance of the focus from the medium of light and heat.
Ādhiśrayaṇika byabadhi

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ ଏକୀଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; ବଧୂ ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଆଧୀକୃତ**—ସଂ. ବଣ. ( ଅଧି + ଅଭୂତ ତଦ୍ଭାବେ ଚ୍ୱି + କୃତ )—ଯାହା
Ādhikṛuta ବନ୍ଧକ ରଖା ଯାଇ ଥାଏ —
Pledged; mortgaged.

**ଆଧୂତ**—ସଂ. ବଣ. (ଆ=ଈଷତ୍ + ଧୂ ଧାତୁ=କମ୍ପିବା+କର୍ତ୍ତୃ କ୍ତ)—
Ādhuta ୧ । ଈଷତ୍ କମ୍ପିତ—1. Slightly shaken.
୨ । ଆନ୍ଦୋଳିତ; ଚଳିତ—2. Agitated; moved.
୩ । କ୍ଷିପ୍ତ; ଅଭିଭୂତ—3. Distrubed.
୪ । ବ୍ୟାକୁଳିତ—4. Perturbed.

**ଆଧୁନିକ**—ସଂ. ବଣ. (ଅଧୁନା=ବର୍ତ୍ତମାନ+ଭାବ. ଇକ—
Ādhunika ୧ । ନୂତନ; ନବ୍ୟ—1. New.
୨ । ଇଦାନୀନ୍ତନ; ଅଧୁନାତନ—2. Modern.
୩ । ଏବେ ଘଟିଥିବା; ଏବକାର—3 Recent.

**ଆଧୂତ**—ସଂ. ବଣ. (ଆ + ଧୂ ଧାତୁ + କର୍ତ୍ତୃ. କ୍ତ)—ଆଧୁତ (ଦେଖ)
Ādhūta Ādhuta (See)

**ଆଧୃତ**—ସଂ. ବଣ. (ଆ=ବିଶେଷଭାବରେ; ଉପରକୁ+ଧୃତ)—
Ādhṛuta ୧ । ଉପରକୁ ଧରା ହୋଇଥିବା—1. Supported.
୨ । ଟେକା ହୋଇଥିବା—2. Upheld.

**ଆଧେୟ**—ସଂ. ବଣ. (ଆ+ଧା ଧାତୁ+କର୍ମ. ଯ)—
Ādheya ୧ । ଆଶ୍ରିତ—1. Protected by.
୨ । ଆଧାର ମଧ୍ୟସ୍ଥ—2. Contained in another thing.
୩ । ଧାରଣୀୟ; ଆଧାନଯୋଗ୍ୟ—
3. Fit to be held.
୪ । ପାତ୍ରରେ ରଖାଯିବାର ଯୋଗ୍ୟ—
4. Fit to be kept in a receptacle.
ସଂ. ବି—ଆଧାର ବା ପାତ୍ରରେ ରଖାଯିବା ବସ୍ତୁ—
A thing contained in a receptacle.

**ଆଧୋରଣ**—ସଂ. ବି. (ଆ+ଧୋର ଧାତୁ=ଚଞ୍ଚଳ ଗତି କରିବା+କର୍ତ୍ତୃ.
Ādhorana ଅନ)—ଯେ ହାତୀକୁ ଚଳାଏ; ମାହୁନ୍ତ; ହସ୍ତୀପକ—
An elephant-driver.

ବାହାରିଲେ ଦଳେ ଦଳେ ସେ ଯୋରଣ ଗଣ ।
ଅସଂଖ୍ୟ ପଦାତ, ସାଦ, ଆଧୋରଣ, ରଥୀ । —ଗ୍ରାମ ଅ° ମହାଯାତ୍ରା ।

**ଆଧ୍ମାତ**—ସଂ. ବଣ. (ଆ+ଧ୍ମା ଧାତୁ=ଶବ୍ଦ କରିବା; ନିଆଁ ଲଗାଇବା+
Ādhmāta କର୍ମ. କ୍ତ)—୧ । ଶବ୍ଦିତ; ଧ୍ୱନିବିଶିଷ୍ଟ—
1. Sounded.
୨ । ବଜାଯିବା (ବାଦ୍ୟଯନ୍ତ୍ରାଦି)—2. Blown.
୩ । (+କର୍ତ୍ତୃ. କ୍ତ) ବାୟୁପୂରିତ; ବାୟୁସ୍ଫୀତ—
3 Swollen with wind.
୪ । ଅଗ୍ନିସଂଯୁକ୍ତ; ଦଗ୍ଧ—4. Burnt.
୫ । ଫୁଲିଥିବା; ବର୍ଦ୍ଧିତ—5. Swollen; enlarged.
୬ । ଦର୍ପାଦିଦ୍ୱାରା ଉଦ୍ଧତ—6. Swollen with pride.

ସଂ. ବି.—୧ । ଶବ୍ଦ—1. Sound
୨ । ସ୍ଫୀତି; ଫୁଲା—2. Swelling
୩ । ଦାହ—3. Burning sensation; inflammation.
୪ । ବାୟୁଜନିତ ପେଟ ଫୁଲା; ପେଟଫମ୍ପା—
4 Tympanites; swelling of the abdomen due to wind; flatulence.

**ଆଧ୍ମାନ**—ସଂ. ବି. (ଆ+ଧ୍ମା ଧାତୁ=ଶବ୍ଦ କରିବା; ନିଆଁ ଲଗାଇବା+
Ādhmāna ଭାବ. ଅନ)—
୧ । ସ୍ଫୀତ ହେବା; ବା ଫୁଲି ଉଠିବା—1 Swelling.
୨ । ଉଚ୍ଚାରଣ—2 Pronunciation
୩ । ଶବ୍ଦ—3. Sound.
୪ । ବୃଦ୍ଧି—4. Increase.
୫ । ବାୟୁବେଗ ଯୋଗୁଁ ପେଟ ଗୁଡୁ ଗୁଡୁ ହେବା ଓ ଫାମ୍ପିବା; ଉଦରାଧ୍ମାନ—
5. Flatulence; tympanites.
୬ । ବାଦ୍ୟର ତାଡ଼ନୋତ୍ପନ୍ନ ଶବ୍ଦ—
6. Sound due to the striking of musical instruments.

**ଆଧ୍ୟାନ**—ସଂ. ବି. ( ଆ+ଧ୍ୟୈ ଧାତୁ=ଚିନ୍ତାକରିବା + ଅନ)—
Ādhyāna ୧ । ଚିନ୍ତା—1. Thought.
୨ । ସ୍ମରଣ—2. Remembrance.
୩ । ଦୁଶ୍ଚିନ୍ତା; ଦୁର୍ଭାବନା—3. Evil thought.
ଗ୍ରା. ବି. ( ସଂ. ଅଧ୍ୟୟନ )—ପଢ଼ିବା; ପଠନ—
Learning; study

ଲଭା ପ୍ରାପ୍ତେ କଥା କେତେ କରିବା ଆଧ୍ୟାନ—ପ୍ରାଚୀ. ବ୍ରହ୍ମନିରୂପଣଗୀତା ।

**ଆଧ୍ୟାତ୍ମିକ**—ସଂ. ବଣ. (ଅଧ୍ୟାତ୍ମ=ଆତ୍ମାସମ୍ବନ୍ଧୀୟ+ସ୍ୱାର୍ଥ. ଇକ)—
Ādhyātmika ୧ । ଆତ୍ମାସମ୍ବନ୍ଧୀୟ—
1. Relating to the soul.
୨ । ମାନସିକ; ମନୋରାଜ୍ୟସମ୍ବନ୍ଧୀୟ—2. Psychical.
୩ । ବ୍ରହ୍ମ ବା ଈଶ୍ୱରବିଷୟକ—
3, Spiritual; metaphysical.
୪ । ଆତ୍ମା ସହିତ ଜାତ; ସହଜ—
4. Inherent; inborn.

**ଆନ**—ଦେ. ବି. ( ସଂ. ଅଣି=ମର୍ଯ୍ୟାଦା; ସୀମା )—
Ān ୧ । ରାଗ—1. Anger.
ଆନ୍ ୨ । ପଣ; ଜିଗର; ପ୍ରତିଜ୍ଞା—2. Resolve.
୩ । ଇଚ୍ଛା—3. Desire; wish.
୪ । ମନର ବାଧା—4 Mental shock.
୫ । ମନୋଦୁଃଖ—5. Grief,
୬ । ଅଭିମାନ—6. Sulks.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଲ | ଢ଼ | ଋ,ୠ | ଌ | ଯୃ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇସ୍ତ | ଢ଼ଥ | ଞ |
| ୨ | ଳ | ଉ | ରୁ | ଲୁ | ଯ୍ୱେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ୱ | ନ୍ତ |

**ଆନ୍ବା**—ପ୍ରାଦେ. ( ସମ୍ବଲପୁର ) କ୍ରି.— ଆଣିବା—
Ānbā To bring.

**ଆନ୍ମାନ୍**—ପ୍ରାଦେ. (ସମ୍ବଲପୁର) ବି.—ଅନୁମାନ—
Ānmān Guess; inference.

ଦେ. ବି.—୧ । ସନ୍ତୋଷ—1. Satisfaction.

୨ । ଆନନ୍ଦ—2. Delight; gladness.

ଆନନ୍ଦିତ ଦେ. ବିଣ—୧ । ଆନନ୍ଦିତ—1. Delighted; glad.

ଆନମାନ ୨ । ସନ୍ତୁଷ୍ଟ—2. Content; satisfied.

(ଯଥା—ମୁଁ ଦୁଃଖରେ ଥିଲି; ତାହା ଶୁଣି ମୋ ମନଟା ଆନ୍ମାନ୍ ହୋଇଗଲା । )

**ଆନ**—ସଂ. ତ.—୧ । ଅନ୍ୟ ବ୍ୟକ୍ତି—1. Any other person.
Āna ସେ ଶିଶୁଣନ୍ଦନ କରିକ ଆନ ଆନେ ତ ନ କଥ କେନ—କବିସୂର୍ଯ୍ୟ. ସଙ୍ଗୀତ ।

୨ । ବାହାରର ଲୋକ ବା ବସ୍ତୁ—
2. Outward thing; outsider,

୩ । (ଭୁଲ—ଭା. ଅଣଇ = ସ୍ୱଣ)—ସ୍ୱଣ; ଶପଥ—
3. Oath.

ଗ୍ରହ ନ କରିବାକୁ ଉଲଃ ଲକ୍ଷପତ୍ନିତ ଆନ—କବିସୂର୍ଯ୍ୟ. ସଙ୍ଗୀତ ।

୪ । ମର୍ଯ୍ୟାଦା—4. Reputation; respect.

କରନ୍ତୁ ନାହିଁ ଆନ ହେଲେ ଲକ୍ଷଣ, କହୁ କୋହର ପ୍ରଭୁମାନଙ୍କ ପଣ ।
ଗୋପୀକୃଷ୍ଣ—ରସକଲ୍ଲୋଳ ।

୫ । ସୀମା—5. Limit; boundary.

ଦେ. ସର୍ବନାମ (ସଂ. ଅନ୍ୟ)—ଅନ୍ୟ; ଇତର; ପର—
Other; another.

କପିଙ୍କେ ଦୃଷ୍ଟି ତୋ ବିନା ଆନ ସ୍ୱରୂପ ରେ—କବିସୂର୍ଯ୍ୟ. ସଙ୍ଗୀତ ।

ଦେ.ବିଣ.—୧ । ଭିନ୍ନ; ପୃଥକ୍—1. Separate; different.

ଏଥିଅନନ୍ତରେ ଶୁଣିମା ହେ ଆନ ରସ—ସାରଳା ମହାଭାରତ ।

୨ । ଅନ୍ୟଥାକୃତ—2. Disregarded; done otherwise.

ଦେ.—ପ୍ରତ୍ୟୟ—(ସ୍ଥ. ସ୍ଥାନର ପ୍ରତ୍ୟୟକୁ ଓଡ଼ିଆରେ ଆନ ପ୍ରତ୍ୟୟ କହନ୍ତି, ଯଥା ଶସ୍ଥାନ)—An affix.

**ଆନଆନ**—ଦେ. ବିଣ. (ସ୍ଥ. ଅନ୍ୟ ଅନ୍ୟ)—୧ । ବିଭିନ୍ନ ପ୍ରକାରର—
Ānaāna 1. Different.

୨ । ବିଚିତ୍ର, ଅପୂର୍ବ—2. Wonderful.

୩ । ଅନ୍ୟାନ୍ୟ—3. Other.

ଦୁ ପ୍ରଦଙ୍କ ତନୟମାନେ ଆନ ଆନ । ରାଜାଙ୍କ ନିବାରିଲେ ବଧ ମାରଣେ ।
କୃଷ୍ଣସିଂହ. ମହାଭାରତ. ଶଲ୍ୟ ।

**ଆନକ**—ସଂ. ବି. (ଆ+ଅନ୍ ଧାତୁ= ଶବ୍ଦ କରିବା + କର୍ତ୍ତୃ. ଅକ)—
Ānaka ୧ । ପଟହ, ଢକ୍କା, ଭେରୀ ଆଦି—1. Drum.

ସେହି କାଳରେ ଦେବ ଦୁନ୍ଦୁଭି ଆନକ
ବାଜିଲେ କର୍ଣ୍ଣେ ଗଲା ମଣ୍ଡି ଲୋକେ ଯାକ ।
କୃଷ୍ଣସିଂହ. ମହାଭାରତ, ଉଦ୍ୟୋଗ ।

୨ । ରଣଢକ୍କା—2 Battle-drum.

୩ । ଗର୍ଜ୍ଜନ କରୁଥିବା ମେଘ— Thunder-cloud.

ବାଜା ଶୁଣୁଥାଇ ଆନକ ସ୍ୱନକୁ ଶୁଣିବା ଥାନକ ସ୍ୱନ ।
ଭକ୍ତ. ବୈଦେହୀଶବିଳାସ ।

ସଂ. ବିଣ—୧ । ଉଚ୍ଚୈଃସ୍ୱରରେ ଶବ୍ଦାୟମାନ—
1. Thundering, high sounding.

୨ । ଉତ୍ସାହକାରକ—2. Encouraging.

୩ । ଉତ୍ତେଜକ—Goading to action.

**ଆନକଦୁନ୍ଦୁଭି**—ସଂ. ବି. (ଆନକ + ଦୁନ୍ଦୁଭି)—୧ । ବସୁଦେବ (ଶ୍ରୀକୃଷ୍ଣଙ୍କ
Ānakadundubhi ପିତା)—1. Basudeba, the father of Srikrushna.

[ଦ୍ର—ହରିବଂଶରେ ଲେଖାଅଛି ଯେ ଏହାଙ୍କ ଜନ୍ମକାଳରେ ଦେବତାମାନେ ଆନକଦୁନ୍ଦୁଭି ଧ୍ୱନି କରିଥିଲେ; ତେଣୁ ଏହାଙ୍କର ଏ ନାମ ।]

୨ । ବୃହତ୍ ଢକ୍କା; ବଡ଼ବାଠ--2.A big and long drum.

**ଆନ କରିବା**—ଦେ. କ୍ରି.—୧ । (କଥା) ଲଙ୍ଘନ କରିବା—
Āna kariba 1. Transgress.

୨ । ନମାନିବା—2. To disobey.

୩ । ଅନ୍ୟଥା କରିବା —3. To act otherwise than.

୪ । ଖଣ୍ଡନ କରିବା, ରଦ କରିବା —To set aside.

ଚନ୍ଦ୍ରରଷି ଶାପକୁ ଆନ କରିବାକୁ ।
ଏ ତିନ ଭୁବନେ ନ ଦେଖେ କାହାକୁ ।
କୃଷ୍ଣସିଂହ. ମହାଭାରତ. ଆଦି ।

୫ । ଏଡ଼ିବା—5. To thwart.

**ଆନକାଟୁ**—ବୈଦେ. ପ୍ରାଦେ (ଗଞ୍ଜାମ) ବି. (ଇଂ. ଆନିକଟ୍ )—ନଦୀରେ
Ānakātu ପାଣି ରଖିବା ପାଇଁ କରାଯିବା ପଥରବନ୍ଧ—Anicut.

**ଆନତ**—ସଂ. ବିଣ (ଆ + ନମ ଧାତୁ = ନଇଁବା + କର୍ତ୍ତୃ. ତ)—
Ānata ୧ । ଅବନତ, ନମ୍ରୀଭୂତ—Bent.

(ଆନତା—ସ୍ତ୍ରୀ) ୨ । ପ୍ରଣତ—2. Bowed.

୩ । ପତିତ—3. Fallen down.

୪ । ଅଧୋମୁଖ—4. Drooping.

୫ । ଢାଲୁ ହୋଇଥିବା—5. Sloping; inclined.

**ଆନଦେବା**—ଦେ. କ୍ରି — ଆଣ ପକାଇବା (ଦେଖ)
Ānadeba Āna pakāibā (See)

**ଆନଦ୍ଧ**—ସଂ. ବି. (ଆ + ନହ ଧାତୁ = ବନ୍ଧନ କରିବା + କର୍ମ. ତ; 
Ānaddha ଯାହାର ମୁହଁ ଚମଡ଼ାଦ୍ୱାରା ବନ୍ଧନ ହୋଇଥାଏ)—

୧ । ମୃଦଙ୍ଗ, ମୁରଜ, ଢୋଲକ ଆଦି ବାଦ୍ୟ—
1. Drum; tabour.

୨ । ବେଶଭୂଷାଦି—2. Fittings.

ସଂ. ବିଣ—୧ । ବଦ୍ଧ—1. Bound; tied, fastened

୨ । ଅସ୍ତ୍ରାଦି ଦ୍ୱାରା ସଜ୍ଜିତ—2. Fitted with fittings and arms; armed.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଅଭିଧାନରେ ନ ମିଳେ ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ବୃଥା' ନ ମିଳିଲେ 'ବୃଥା' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ ଅଲବତ୍ ଦେଖିବେ

୩ । ବ୍ୟାପ୍ତ—3. Pervaded.

**ଆନନ**—ସଂ. ବି. [ଅନ୍ ଧାତୁ=ବଞ୍ଚିବା+କରଣ. ଅନ; ଯାହା ଯୋଗୁଁ
Ānana (ଆହାର କରି) ଜୀବ ବଞ୍ଚେ]—
୧ । ମୁଖ; ମୁହଁ; ବଦନ—1. Face.
୨ । ପାଟି—2. Mouth

**ଆନ-ନ**—ଦେ. ସର୍ବନାମ (ସଂ. ଅନ୍ୟ+ନ)—୧ । ଆନ ନୁହେ; ଅନ୍ୟ
Āna-na କିଛି ନୁହେ—1. Nothing else.
ଏତେକ ଶବଦ ଆନ-ନ ଶବଦ ବିଧାନ ହୋଇଛି ଯହିଁ ।
ଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

**ଆନନ୍ତର୍ଯ୍ୟ**—ସଂ. ବି. (ଅନନ୍ତର=ଅନ୍ତରହୀନ+ଭାବ. ଯ)—
Ānantarjya ୧ । ଅବ୍ୟବଧାନ—1. Contiguity.
୨ । ଅନନ୍ତରଭାବିତା—2. Immediate succession.
୩ । ପଶ୍ଚାଦ୍ ଭାବ—3. Posteriority,
୪ । ଅନନ୍ତରତ୍ୱ—4. Absence of any space between.

**ଆନନ୍ଦ**—ସଂ. ବି. ( ଆ=ବିଶେଷ+ନନ୍ଦ ଧାତୁ=ଖୁସି ହେବା+
Ānanda ଭାବ. ଅ )—
୧ । ହର୍ଷ; ଆହ୍ଲାଦ—1. Delight; joy.
୨ । ସୁଖ—2. Happiness.
୩ । ପରମାତ୍ମା; ବ୍ରହ୍ମ—3. The Supreme Soul,
୪ । (+କରଣ. ଅ)—ମଦ୍ୟ—4. Wine.
ଦେ ବି. ପୁଂ.—ଲୋକଙ୍କ ନାମ—
Name given to males.
ଦେ. ବିଣ—୧ । ଆନନ୍ଦମୟ—1. Joyous.
୨ । ହର୍ଷବିଶିଷ୍ଟ—2. Joyful.
୩ । ଆନନ୍ଦିତ—3. Delighted.
ବଡ ପ୍ରକାଶରୁ ଋଷି ଆନନ୍ଦ ହୋଇଲେ । ଭଞ୍ଜ, ବୈଦେହୀଶବିଳାସ ।
୪ । ଆନନ୍ଦଜନକ—4. Causing joy.

**ଆନନ୍ଦଥୁ**—ସଂ. ବି. ( ଅନନ୍ଦ=ହର୍ଷ+ଭାବ. ଅଥୁ )—
Ānandathu ହର୍ଷ; ଆନନ୍ଦ—Delight; joy.
ସଂ. ବିଣ—୧ । ହର୍ଷଯୁକ୍ତ; ଆନନ୍ଦିତ—1. Delighted.
୨ । ଆନନ୍ଦବିଶିଷ୍ଟ—2. Joyful.

**ଆନନ୍ଦନ**—ସଂ. ବି. (ଆ+ନନ୍ଦ ଧାତୁ=ପ୍ରୀତ କରିବା+ଭାବ. ଅନ)—
Ānandana ୧ । ସମ୍ବର୍ଦ୍ଧନା—1. Welcome.
୨ । ପରସ୍ପର ସାକ୍ଷାତ ସମୟରେ ସୌଜନ୍ୟ ପ୍ରକାଶ—
2. Act of paying respects.
୩ । ସ୍ୱାଗତ ପ୍ରଶ୍ନ ପୂର୍ବକ ସତ୍କାର କରିବା—
3. Reception of a guest.
୪ । ହର୍ଷ—4. Delight,
ସଂ. ବିଣ. (+କର୍ତ୍ତୃ. ଅନ)—ଆନନ୍ଦପ୍ରଦ; ହର୍ଷଜନକ; ପ୍ରମୋଦ-
କର; ସୁଖଜନକ—Joyous; delightful.

**ଆନନ୍ଦପଟ**—ସଂ. ବି. ( ଆନନ୍ଦ=ହର୍ଷ+ପଟ=ବସ୍ତ୍ର )—
Ānandapaṭa ନବବିବାହିତାର ବସ୍ତ୍ର; ପାଣ୍ଟ ବହଳ ପାଟ—
Bridal clothes.

**ଆନନ୍ଦଲହରୀ**—ସଂ. ବି. ( ରୂପକକର୍ମଧା ; ଆନନ୍ଦ+ଲହରୀ )—
Ānandalaharī ଲହରୀ ପରି ମାଡ଼ିଯିବା ସୁଖ; ହର୍ଷର ତେଉ—
A wave or joy.

**ଆନନ୍ଦସମାଜ**—ସଂ. ବି. ( ୬ଷ୍ଠୀ ତତ୍; ଆନନ୍ଦ+ସମାଜ )—
Ānandasamāja ବିଶେଷ ଆନନ୍ଦ—
A great delight
ତଥ ତ୍ରି ବାକ୍ୟ ଶୁଣି ଋଷିଙ୍କ କୁଳ ଭେଳ
ଭୂତଗ୍ରେ ଧରଣ ଆନନ୍ଦସମାଜ । କୃଷ୍ଣସିଂ. ମହାଭାରତ, ବନ ।

**ଆନନ୍ଦିତ**—ସଂ. ବିଣ. ( ଆ+ନନ୍ଦ ଧାତୁ+କର୍ତ୍ତୃ. ତ )—
Ānandita ଆହ୍ଲାଦିତ; ତୁଷ୍ଟ; ଖୁସି ହୋଇଥିବା—
Delighted; glad.

**ଆନ ପକାଇବା**—ଦେ. କ୍ରି—କୌଣସି ବ୍ୟକ୍ତିଙ୍କ ନାମ ଧରି ଶପଥ ଉଚ୍ଚାରଣ
Āna pakāibā କରିବା—To swear in the name of a person; to take the name of a person in oath.

**ଆନମାନ**—ଦେ. ବିଣ—ଅନ୍‌ମାନ୍ ( ଦେଖ )
Ānamāna Ānmān ( See )
ଦେ. ଅ—ଅନ୍ୟଥା; ଅନ୍ୟପ୍ରକାର—Otherwise.
ନିଜ ଧର୍ମେ ଥିବେ ଶୁଦ୍ଧ ବର୍ଣ୍ଣ ହେ
ଏଥୁ ନୋହିବ ଯେ ଆନମାନ ହେ । ବିଶ୍ୱନାଥ, ବିଚିତ୍ରରାମାୟଣ ।

**ଆନମିତ**—ସଂ. ବିଣ ( ଆ+ନମିତ )—ଈଷତ୍ ନଇଁଥିବା—
Ānamita Slightly bent.

**ଆନୟନ**—ସଂ. ବି. (ଆ+ନୀ ଧାତୁ=ନେବା+ଭାବ. ଅନ)—
Ānayana ଆଣିବା; ଏକ ଦୂରବର୍ତ୍ତୀ ସ୍ଥାନରୁ ନିକଟବର୍ତ୍ତୀ ସ୍ଥାନକୁ
(ଆନୀତ—ବିଣ) ନେବା—Bringing; fetching.

**ଆନର୍ତ୍ତ**—ସଂ. ବି. (ଆ+ନୃତ ଧାତୁ=ନାଚିବା+ଅଧିକରଣ. ଅ)—
Ānartta ୧ । ନୃତ୍ୟଶାଳା—1. Dancing hall.
୨ । ରଙ୍ଗଭୂମି—2 Stage
୩ । ଯୁଦ୍ଧ—3. Fight; battle.
୪ । ଦ୍ୱାରକା ନାମକ ଦେଶ—4. The country of Dwārakā.
୫ । ଦ୍ୱାରକା ଦେଶବାସୀ ବ୍ୟକ୍ତି—
5. A resident of Dwārakā.
୬ । ରାଜାବିଶେଷ—6. Name of a king.
୭ । ଜଳ—7. Water.

**ଆନର୍ତ୍ତିତ**—ସଂ. ବିଣ. (ଆ+ନୃତ ଧାତୁ+କର୍ତ୍ତୃ. ତ)- ୧ । ନାଚୁଥିବା;
Ānarttita ନର୍ତ୍ତିତ—1. Dancing,
୨ । ଅଧୂତ; କମ୍ପିତ—2. Shaking.

| ୧ | ଉ | ଭ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଶ | ଜ | ଷ,ଶ | କ୍ଷ | ଇସ୍ | ଉଅ | ଋ |
|---|---|---|---|---|---|---|---|---|---|---|---|---|---|---|
| ୨ | ଊ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗଁୟ | ଇଅ | ଓ | ଦୃ |

**ଅନା**—ପ୍ରାଦେ. (ଭଦ୍ରି) ବି—ଅଣା—Anna.
**Ānā**
ବୈଦେ—ପ୍ରତ୍ୟୟ (ଫା) ଭାବ ବା ଅବସ୍ଥା (ଯଥା—ବାବୁଆନା; ମୁରବିଆନା, ମୁନ୍ସିଆନା) An affix denoting state or condition.

**ଆନାୟ**—ସଂ. ବି. ( ଆ+ନୀ ଧାତୁ ନେବା+କରଣ. ଅ; ଯାହାଦ୍ୱାରା ମାଛକୁ ପାଣିରୁ କଢ଼ାଯାଏ )—
**Ānāya**
୧ । ମାଛଧରା ଜାଲ—1. Fishing net
୨ । ମାଛଧରା ଯନ୍ତ୍ର—2. A contrivance for catching fish.

**ଆନାଯ୍ୟ**—ସଂ. ବି. ( ଆ+ନୀ ଧାତୁ+କର୍ମ. ଯ; ଯାହା ହୋମ ପାଇଁ ଗୃହସ୍ଥିତ ଅଗ୍ନିରୁ କଢ଼ାଯାଏ )—ଦକ୍ଷିଣାଗ୍ନି; ହୋମ କରିବା ପାଇଁ ଗୃହରୁ ଆଣି ଦକ୍ଷିଣଦିଗରେ ସ୍ଥାପନ କରାଯିବା ଅଗ୍ନି—One of the sacrifical fire brought out of domestic fire and kept on the south side of the alter.
**Ānājya**
ସଂ ବିଣ.—ଆଣାହେବାର ଯୋଗ୍ୟ—Fit to be brought or fetched.

**ଆନାରସ**—ପ୍ରାଦେ. ( ବାଲେଶ୍ୱର; ମେଦିନୀପୁର ) ବି—
**Ānārasa** ( ଭୁଲ ବା. ଆନାରସ୍ )—ସପୁରି Pineapple.

**ଆନାହ**—ସଂ. ବି. (ଆ+ନହ ଧାତୁ=ବାନ୍ଧିବା+କରଣ. ଅ)—
**Ānāha** ୧ । କୋଷ୍ଠବଦ୍ଧତା ମଳ ବନ୍ଦ ହେବା ରୋଗ—
(ଆନଦ୍ଧ—ବିଣ) 1. Costiveness.
୨ । ମଳମୂତ୍ର ନିରୋଧ—2. Strangury; stoppage of urine and stools
୩ । (ଆ+ନହ ଧାତୁ=ବିଶାଳ ହେବା+ଭାବ. ଅ)—ଦୀର୍ଘତା; ଦୈର୍ଘ୍ୟ—3. Length.

**ଆନିକଟ୍**—ବୈଦେ. ବି. ( ତାମିଲ୍—ଆଇନକାଟ୍ଟୁ=ବନ୍ଧଡିଅର; ଇଂ. ଆନିକଟ୍ )—ନଦୀରେ ପାଣି ଜମା ରଖି କେନାଲ ଆଦିକୁ ଜଳ ଯୋଗାଇବା ପାଇଁ ନଦୀର ଅଡ଼ବାଗରେ ବନ୍ଧାଯିବା ପ୍ରକାର ଥିବା ପଥରବନ୍ଧ—
**Ānikaṭ**
Anicut; weir.

**ଆନିକୋଟ**—ବୈଦେ. ବି—ଆନିକଟ୍ ( ଦେଖ )
**Ānikoṭ** Ānikaṭ ( See )

**ଆନିବା**—ପ୍ରାଦେ. (କୋରାପୁଟ) କ୍ରି. (ସଂ. ଆ+ନୀ ଧାତୁ )—ଆଣିବା—
**Ānibā** To bring.

**ଆନୀ**—ଦେ. ବି. ( ସଂ. ଆନକ )—ବାଦ୍ୟବିଶେଷ—
**Ānī** A kind of drum
ବଡ଼ା ଡୋହଲ ଆନୀ ହେହେ ସୁମୁଣ୍ଡ । ସାରଳାମହାଭାରତ. ଅଦି ।
ବୈଦେ. (ଫା) ପ୍ରତ୍ୟୟ—ଭାବ; ଅବସ୍ଥା—
Affix denoting the state of being ( ଯଥା—ବାବୁଆନୀ । )

**ଆନୀତ**—ସଂ. ବିଣ. ( ଆ=ସମ୍ୟକ୍+ନୀ ଧାତୁ+କର୍ମ. ତ )—
**Ānīta** ଯାହା ନିକଟକୁ ଅଣା ଯାଇଅଛି—Brought.

**ଆନୀଲ**—ସଂ. ବିଣ. ( ଆ=ଈଷତ୍+ନୀଳ )—ଈଷତ୍ ନୀଳବର୍ଣ୍ଣ—
**Ānīla** Bluish.
ସଂ. ବି—କୃଷ୍ଣବର୍ଣ୍ଣ ଅଶ୍ୱ—Black horse.

**ଆନୀଲଶତପତ୍ର**—ସଂ. ବି. (ଆନୀଲ+ଶତପତ୍ର)—ଇନ୍ଦୀବର; ନୀଳକଇଁ—
**Ānīla śatapatra** The blue water-lily.
ଆନୀଲଶତପତ୍ରନେତ୍ରା ଯା ଆସ୍ୟ ବସ କୋହ୍ଲରେ ।
କବିସୂର୍ଯ୍ୟ ବଳଦେବରଥ. ଗ. ଗୀତ ।

**ଆନୁଆନ**—ଦେ. ସର୍ବ ( ସଂ. ଅନ୍ୟ+ଅନ୍ୟ; ଅନ୍ୟୋନ୍ୟ )—
**Ānuāna** ୧ । କେତେକ—1. Some.
କୁରୁଠାରୁ ଯେ ଆନୁଆନ ପୁରୁଷରେ
ସୁହୋଏ ରଜା ହେଲେ ହସ୍ତିନାଦେଶରେ । କୃଷ୍ଣସିଂହ,ମହାଭାରତ.ଆଦି ।
୨ । ଅନ୍ୟ—2. Other; another
ଦେ. ବିଣ—ବିଭିନ୍ନ—Different.
ଉନ୍ମତ୍ତ ମୂର୍ଚ୍ଛିତ ବଚନ; କ୍ଷଣ କ୍ଷଣକେ ଆନୁଆନ ।
ଭୂପତି, ପ୍ରେମପଞ୍ଚାମୃତ ।

**ଆନୁକୂଲ୍ୟ**—ସଂ. ବି. ( ଅନୁକୂଳ+ଭାବ. ଯ )—
**Ānukūlya** ୧ । ଅନୁକୂଳତା; ସପକ୍ଷତା—1. The state of being favourable.
୨ । ଅଶ୍ରିତ ପ୍ରତି ଦୟା ବା ଅନୁଗ୍ରହ—
2. Favour; grace; patronage.
୩ । ଦୟା—3. Kindness.
୪ । ସାହାଯ୍ୟ—4. Help; assistance.
୫ । ଉପକାର—5. Beneficence.

**ଆନୁଗତ୍ୟ**—ସଂ. ବି. ( ଅନୁଗତ+ଭାବ. ଯ )—
**Ānugatya** ୧ । ଅଧୀନତା—1. Subservience.
୨ । ଖୋସାମତ—2 Flattery.
୩ । ଅନୁସରଣ; ଅନୁଗ୍ରହ ଲାଭାଶାରେ ଅନ୍ୟର ଉପାସନା—
3 Constant attendance on a person to gain favour.
୪ । ସାହାଯ୍ୟ—4. Help
୫ । ଘନିଷ୍ଠତା—5. Attachment

**ଆନୁପୂର୍ବ**—ସଂ. ବି. ( ଅନୁପୂର୍ବ+ଭାବ. ଅ )—
**Ānupūrba** ୧ । ଅଗପଛକ୍ରମ—1. Sequence.
(ଆନୁପୂର୍ବୀ—ସ୍ତ୍ରୀ) ୨ । ଯଥାକ୍ରମ; ଅନୁକ୍ରମ; ପରିପାଟୀ—
2. Regular succession.
୩ । ପରମ୍ପରା - 3. Series.
୪ । ଧାରାବାହିକତା—4. Continuity.

**ଆନୁପୂର୍ବିକ**—ସଂ. ବିଣ. ( ଅନୁପୂର୍ବ+ଇକ )—
**Ānupūrbika** ୧ । ଯଥାକ୍ରମଯୁକ୍ତ; କ୍ରମାନୁସାରୀ; ପରିପାଟୀ—
1. Serial.

ଯାଆଁଠାରେ ଦେବେ ଏପରି ପୃଷ୍ଠାରେ ସ୍ଥଳ ୧ ଅଙ୍କ ୮ ଅକ୍ଷର ୧ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ସ୍ଥଳରେ ମୁଦ୍ରିତ ହୋଇ ପାରି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳେ, ତେବେ ସେହି ଶବ୍ଦ ପାଠ ଆଦ୍ୟରେ ଚିହ୍ନିତ ଅକ୍ଷର ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥା' ଦେଖିବେ; 'ଦଧ' ନ ପାଇଲେ 'ଦଗ୍ଧ' ଦେଖିବେ; 'ଅର୍ଘ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲଙ୍କର' ନ ପାଇଲେ 'ଅଲଙ୍କାର' ଦେଖିବେ ।

୨ । ଧାରାବାହିକ—2. Continuous.

କ୍ରି. ବିଣ—୧ । ଯଥାକ୍ରମେ; ଆଗପଛ ପରିପାଟୀରୂପେ—1. Serially; respectively.

୨ । ମୂଳରୁ ଶେଷ ପର୍ଯ୍ୟନ୍ତ ଅବିକଳ ଭାବରେ—2. In regular succession.

୩ । ପରିକ୍ରମକ୍ରମେ—3. Seriatim

**ଆନୁପୂର୍ବ୍ୟ**—ସଂ. ବି. ( ଅନୁପୂର୍ବ+ଭାବ. ଯ )—ଆନୁପୂର୍ବ ( ଦେଖ )
Ānupūrbya — Ānupūrba ( See )

**ଆନୁମାନିକ**—ସଂ. ବିଣ. ( ଅନୁମାନ=କଳ୍ପନା+ଭାବ. ଇକ )—
Ānumānika ୧ । ଅନୁମେୟ—1 Inferable

୨ । ଅନୁମାନସିଦ୍ଧ—2. Inferential, conjectural; deduced by guess.

୩ । କାଳ୍ପନିକ - 3 Imaginary.

ସଂ. ଅ.—୧ । ଅନ୍ଦାଜରେ—1. By guess.

୨ । ପ୍ରାୟ—2. About; nearly.

**ଆନୁରକ୍ତି**—ସଂ. ବି. (ଅନୁରକ୍ତ+ଭ ବ. ଇ)—ଅନୁରାଗ; ସ୍ନେହ; ଆସକ୍ତି—
Ānurakti — Attachment; fondness.

**ଆନୁରୂପ୍ୟ**—ସଂ. ବି. (ଅନୁରୂପ=ସମାନ+ଭାବ. ଯ)—ସାମ୍ୟ;
Ānurūpya ସମାନତା—Likeness, resemblance.

**ଆନୁଲୋମ୍ୟ**—ସଂ. ବି. ( ଅନୁଲୋମ+ଭାବ. ଯ )—୧ । ଅନୁଲୋମ
Ānulomya ବିବାହ ସମ୍ବନ୍ଧରେ ବର୍ଣ୍ଣାନୁକ୍ରମ—1. State of being in the descending order in cases of inter-marriage

୨ । ଯଥାକ୍ରମ, ପରିପାଟୀ—2. Sequence; due order.

**ଆନୁଶାସନିକ**—ସଂ. ବିଣ. (ଅନୁଶାସନ+ଭାବ. ଇକ)—ରାଜନୀତିର
Ānuśāsanika ଅନୁଶାସନ ସମ୍ବନ୍ଧୀୟ—Dealing with precepts of polity

**ଆନୁଷଙ୍ଗିକ**—ସଂ. ବିଣ. (ଅନୁଷଙ୍ଗ + ସମ୍ବନ୍ଧ. ଇକ)—୧ । ଯାହା ଅନ୍ୟ
Ānushangika ବିଷୟ ସଙ୍ଗେ ପଛରେ ଘଟେ—1. Circumstantial; incidental.

୨ । ସଂଲଗ୍ନ; ସମ୍ପୃକ୍ତ—2. Connected.

୩ । ଗୌଣ; ଅପ୍ରଧାନ—3. Secondary.

୪ । ଘଟନାସମ୍ପର୍କରେ ଘଟିଥିବା—4. Circumstantial.

**ଆନୁଷ୍ଠାନିକ**—ସଂ ବିଣ. (ଅନୁଷ୍ଠାନ+ସମ୍ବ. ଇକ)—ଅନୁଷ୍ଠାନ ବା
Ānushthānika କ୍ରିୟାକଳାପସମ୍ବନ୍ଧୀୟ—Pertaining to rites; ceremonial.

**ଆନୁଷ୍ଠିକ**—ସଂ. ବିଣ. (ଅନୁ+ସ୍ଥା ଧାତୁ+ଇକ)—ଅନୁଷ୍ଠାନସମ୍ବନ୍ଧୀୟ—
Ānushthika — Ceremonial.

**ଆନୃଣ୍ୟ**—ସଂ. ବି. (ଅନୃଣ+ଭାବ. ଯ)—ଋଣ ନ ଥିବା ଅବସ୍ଥା —
Ānṛṇya Freedom from debt; solvency.

**ଆନୃଶଂସ୍ୟ**—ସଂ. ବି. (ଅନୃଶଂସ+ଭାବ. ଯ)—୧ । ନିର୍ଦ୍ଦୟତାର
Ānṛśaṁsya ଅଭାବ; ଅନିଷ୍ଠୁରତା—1. Absence of cruelty.

୨ । ଦୟା—Clemency; humanity.

**ଆନେ**—ଗ୍ରା. ଅ.—(ଇତରଜନ ବ୍ୟବହୃତ) (ସଂ. ପୁନଃ)—
Āne ୧ । ଏବଂ—1. And.

୨ । ମଧ୍ୟ—2 Also.

୩ । (କଥା କହିବା ଆଦ୍ୟରେ ବ୍ୟବହୃତ) ପୁନଶ୍ଚ—3. Again; moreover.

ଦେ. ସର୍ବନାମ ( ସଂ. ଅନ୍ୟ )—

୧ । ଆଉ; ଅନ୍ୟ—1. Other.

ବୃକ୍ଷ ଔଷଧି ଲତା ଯେତେ । ଦେଖି ଜୀବ ଆନେ ଯେତେ ।
ଜଗନ୍ନାଥ—ଭାଗବତ ୭ । ୧୩ ।

୨ । ଅନ୍ୟରେ; ଅନ୍ୟଠାରେ—2. In or with others.

ଭୁଯୋଗୀଜନେ ଦଶ ଜାନ, ଆନେ ମୋ ନ ହୁଁ ପ୍ରୟୋଜନ ।
ଜଗନ୍ନାଥ. ଭାଗବତ ।

ଗ୍ରାଦେ. (ଭକ୍ତି). ଅ—ଯେହେତୁ—Where as

**ଆନେକି**—ଗ୍ରାଦେ. (ଭକ୍ତି). ଅ—ଯେହେତୁ—Where as.
Āneki

**ଆନେତବ୍ୟ**—ସଂ. ବିଣ (ଆ+ନୀ ଧାତୁ+କର୍ମ. ତବ୍ୟ)—
Ānetabya ଆଣିବାର ଯୋଗ୍ୟ Fit to be brought.

**ଆନେତା**—ସଂ. ବିଣ. (ଆ=ନିକଟକୁ+ନୀ ଧାତୁ=ନେବା+କର୍ତ୍ତୃ.
Ānetā ତୃ; ୧ମା. ୧ବ.)—ଆନୟନକାରୀ; ଆହର୍ତ୍ତା—
(ଆନେତ୍ରୀ—ସ୍ତ୍ରୀ) Bringing; fetching.

**ଆନ୍ତରିକ**—ସଂ. ବିଣ. (ଅନ୍ତର=ହୃଦୟ+ଭାବ. ଇକ)—
Āntarika ୧ । ମାନସିକ; ହୃଦୟଗତ; ମନୋଗତ—1. Mental; heart-felt.

୨ । ଅନ୍ତର୍ଗତ—2. Inward; inner.

୩ । ଭିତରିଆ—3. Internal

୪ । ମନରେ ସ୍ୱତଃ ଉଦିତ ବା ଜାତ (ଭାବାଦି)—4. Sincere.

୫ । ସହୃଦୟ—5. Cordial.

**ଆନ୍ତରିକତା**—ସଂ. ବି. (ଆନ୍ତରିକ+ଭାବ. ତା)—୧ । ସହୃଦୟତା—
Āntarikatā 1. Cordiality.

୨ । ନିଷ୍କପଟତା—2. Sincerity.

**ଆନ୍ତରିକ୍ଷ**—ସଂ. ବିଣ. (ଅନ୍ତରିକ୍ଷ=ଆକାଶ+ଭାବ. ଅ)—
Āntarikshya ୧ । ଅନ୍ତରିକ୍ଷଭାବ—1. Atmospherical.

୨ । ଆକାଶସମ୍ବନ୍ଧୀୟ—2. Relating to the sky.

୩ । ଆକାଶରେ ଘଟିବା—3. Celestial.

୪ । ସ୍ୱର୍ଗୀୟ—4. Heavenly.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଉ | ଊ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇସ୍ତ | ଇଅ | ଊ |
| ୨ | ଉ | ଊ | ରୁ | ଲୁ | ଯ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ | ଇଅ | ଊ | ନ୍ତୃ |

ସଂ. ବି.—୧ । ଆକାଶ—1. The firmament.
୨ । ଧାରାସଲିଳ; ବୃଷ୍ଟିଧାରା—2. Shower of rain.

**ଆନ୍ତରୀଣ**—ସଂ. ବିଣ. (ଅନ୍ତର+ଭାବ ଇନ)—ଅନ୍ତରସ୍ଥ; ଅନ୍ତର୍ବର୍ତ୍ତୀ—
Āntarīṇa Inward; internal.

**ଆନ୍ତ୍ରିକ**—ସଂ. ବିଣ. (ଅନ୍ତ୍ର=ଉଦରସ୍ଥ ନାଡ଼ୀଚୟ+ସମ୍ବ. ଇକ)—
Āntrika ଅନ୍ତ୍ରନାଳୀସମ୍ବନ୍ଧୀୟ—Relating to the intestines or entrails
ସଂ. ବି. (ଆଧୁନିକ ପ୍ରୟୋଗ)—ଅନ୍ତ୍ରସମ୍ବନ୍ଧୀୟ ମାରାତ୍ମକ ଜ୍ୱର ରୋଗ—Enteric fever.

**ଆଣ୍ଡାଜ (ଇତ୍ୟାଦି)**—ଦେ. ବି. ଓ ବିଣ—ଅଣ୍ଡାଜ ଇତ୍ୟାଦି (ଦେଖ)
Āndāja etc Andāja etc. (See)

**ଆଣ୍ଡାଜି (ଇତ୍ୟାଦି)**—ଦେ.ବିଣ (ଅ.ଅନ୍ଦାଜ୍)—ଅନ୍ଦାଜି ଇତ୍ୟାଦି (ଦେଖ)
Āndāji (etc Andāji etc (See)

**ଆଣ୍ଡି**—ଦେ. ବି. (ସ. ସନ୍ଧି)—ଆନ୍ଧି (ଦେଖ)
Āndi Āndhi (See)

**ଆନ୍ଦୁ**—ଦେ. ବି. (ସ. ଅନ୍ଦୁ)—୧ । ହସ୍ତୀର ପଦବନ୍ଧନ-ଶୃଙ୍ଖଳା—
Āndu 1. A foot-chain for the elephant.
୨ । ପାଦଭୂଷଣ—2. An ornament for the leg.
ଚଳନ୍ତି ତେ ଆନ୍ଦୁ ବନ୍ଧନେ । ଭକ୍ତ- ବୈଦେହୀଶବିଳାସ ।

**ଆନ୍ଦୋଳନ**—ସଂ. ବି. (ଆ=ଇଷତ୍‌ଅର୍ଥ+ଦୋଳ ଧାତୁ=ଦୋହଲିବା+ଭାବ. ଅନ)—୧ । ପୁନଃ ପୁନଃ ଚଳନ—
Āndolana
(ଆନ୍ଦୋଳିତ—ବିଣ) 1. Repeated movement.
୨ । ଆକମ୍ପନ; ଦୋହଲିବା—2. Oscillation.
୩ । ଦୋଳନ—3. Swinging.
୪ । କୌଣସି ବିଷୟରେ ତର୍କ ବା ବାଦାନୁବାଦ—Discussion; agitation.
୫ । କୌଣସି ବିଷୟରେ ମାନସିକ ବିଚାର—5 Mental discussion; considering the pros and cons of a thing
୬ । ଅନୁଶୀଳନ—6. Exercise; study.
୭ । (+କରଣ. ଅନ)—ପାଲିଙ୍କି; ଖଟୁଲି; ହାନ୍ଦୋଳା—7. A sedan chair.
୮ । ଦୋଳା; ଦୋଳି—8. A swing.
୯ । ଚହଳ; ଗଣ୍ଡଗୋଳ—9. Fuss; row.

**ଆନ୍ଦୋଳା**—ଦେ. ବି. ( ସଂ. ଆନ୍ଦୋଳନ )—ମନୁଷ୍ୟବାହିତ ଯାନ;
Āndolā ଖଟୁଲି; ପାଲିଙ୍କି; ଦୋଳା—Sedan chair.
दोला; हिन्दोला
दोला

**ଆନ୍ଦୋଳିତ**—ସଂ.ବିଣ (ଆ+ଦୋଳ ଧାତୁ=ଦୋହଲିବା+କର୍ମ. ତ)—
Āndolita ୧ । ଈଷତ୍ କମ୍ପିତ—
1. Slightly agitated; oscillated.
୨ । ତର୍କବିତର୍କ କରା ଯାଇଥିବା; ଅନୁଶୀଳିତ—2. Discussed.
୩ । ଦୋଳାୟମାନ—3. Swinging.

**ଆନ୍ଦୋଳିବା**—ଦେ. ପଦ୍ୟ. କ୍ରି. (ସଂ. ଆନ୍ଦୋଳନ)—ସନ୍ଦେହରେ
Āndolibā ପଡ଼ି ଇତସ୍ତତଃ ହେବା—To be agitated with doubt.
झूला
**तुलना**
ଦଶମ ଶରଣ ତମ୍ଭ ଅବଲମ୍ବ ଚଳେ ।
ଆନ୍ଦୋଳିଲା ମୂର୍ଚ୍ଛା ମୂର୍ଚ୍ଛ ବାରମ୍ବାରକ । ରଘୁନାଥ. ମହାଯାତ୍ରା ।

**ଆନ୍ଧସିକ**—ସଂ. ବି. ପୁଂ. ( ଅନ୍ଧସ୍=ସିଦ୍ଧତଣ୍ଡୁଳ; ଭାତ+ପାକାର୍ଥେ.
Āndhasika ଇକ)—ପାଚକ; ସୂପକାର; ସୁଆର—Cook.
(ଆନ୍ଧସିକା—ସ୍ତ୍ରୀ)

**ଆନ୍ଧି**—ଦେ. ବି. (ସଂ. ସନ୍ଧି)—୧ । ସନ୍ଧି; କ୍ଷୁଦ୍ର ଜଲା ବା ଫାଟ—
Āndhi 1. Chink; small fissure.
अङ्किसन्धि ୨ । ଦୁଇଟି ଇଟା ବା ପଥର ମଧ୍ୟରେ ଥିବା ଜଲା—
दरार 2. Interstice between two bricks or stones.

**ଆନ୍ଧୁ**—ଦେ. ବି. (ସଂ. ଅନ୍ଦୁ)—ହାତୀ ଶିକୁଳି—
Āndhu Foot-chain for elephants.
ହାଉଦା ଅମାରି ଆନ୍ଧୁ ଶିକୁଳି
ଝୋପର ପଲଣ ଘଣ୍ଟମାଳି । ବ୍ରଜନାଥ. ସମରତରଙ୍ଗ ।

**ଆନ୍ଧ୍ୟ**—ସଂ. ବି. (ଅନ୍ଧ+ଭାବ. ଯ)—ଅନ୍ଧତା; ଦୃଷ୍ଟିହୀନତା—
Āndhya Absence of eye-sight; blindness.
ଘନ ଘାର ମାର ସଙ୍ଗମ କ୍ଷଣେ ।
ଆନ୍ଧ୍ୟ ଯେବେ ଜନମିବ ଲକ୍ଷଣେ । କବିସୂର୍ଯ୍ୟ. ସଙ୍ଗୀତ ।

**ଅନ୍ନାଘର**—ପ୍ରାଦେ. (ଗଞ୍ଜାମ) ବି.— ରନ୍ଧାଘର; ରୋଷେଇଘର—
Annāghara Kitchen.

**ଆନ୍ୱୀକ୍ଷିକୀ**—ସଂ. ବି. ସ୍ତ୍ରୀ (ଅନୁ=ପଶ୍ଚାତ୍+ଈକ୍ଷ ଧାତୁ=ଦେଖିବା+
Ānwīkshikī ଭାବ. ଅ=ଅନ୍ୱୀକ୍ଷା+ପ୍ରୟୋଜନାର୍ଥେ. ଇକ+ସ୍ତ୍ରୀ ଈ.—ବେଦାଦିଶାସ୍ତ୍ର ପଢ଼ିବା ପରେ ଯେଉଁ ବିଦ୍ୟା ଦେଖିବା ପ୍ରୟୋଜନ ହୁଏ )—୧ । ଗୌତମାଦି ପ୍ରଣୀତ ନ୍ୟାୟ ଶାସ୍ତ୍ର; ତର୍କଶାସ୍ତ୍ର—1. The science of Logic; dialectics.
୨ । ଆଧ୍ୟାତ୍ମିକ ବିଦ୍ୟା; ବେଦାନ୍ତ—2. The Bedānta; spiritual lore.
୩ । ଦଣ୍ଡନୀତି—3. Polity
୪ । ଦୁର୍ଗା—4. Goddess Durgā.

**ଆପ୍ (ଧାତୁ)**—ସଂ—ପାଇବା—To get.
Āp (root) [ଦ୍ର—ଏହା ପୂର୍ବରେ ପ୍ର ଉପସର୍ଗ ପ୍ରାୟଶଃ ଯୋଗ ହୁଏ । ]

ସାଧାରଣ ଲେଖେ ଅପର ସ୍ୱୀରେ ସ୍ୱରର ୧ ଚକ୍ତିର ଅକ୍ଷର ଓ ମାତ୍ରା ଏବ ୨ ଚକ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ବଣା କରନ୍ତ ନାହିଁ । ଅତଏବ ୧ ବା ୨ ଚକ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଠ ସଅକ୍ରମେ ଚକ୍ତିର ଅପର ୨ ବା ୧ ଚକ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜବାକୁ ହେବ । ଯଥା :— 'ଗାଢ଼' ନ ମିଳଲେ 'ଗାଢ' ଖୋଜବେ; 'ଭୃଷ' ନ ମିଳଲେ 'ଭୂଷ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲକ୍ତ' ନ ପାଇଲେ 'ଅଲକ୍ତକ' ଦେଖିବେ ।

**ଆପ**—ଦେ. ସର୍ବନାମ (ସଂ. ଆତ୍ମନ୍)—ଆପେ; ସ୍ୱୟଂ; ନିଜେ—
Āp — Self one's self.
ଦେ. ବିଣ.—ଆପଣାର; ନିଜର—Of one's self.

ଆପ୍ କଥା କାହିଁ ନଥା—ଢଗ ।

**ଆପକାର୍ଯ୍ୟ**—ଗ୍ରା. ବି. (ସଂ. ଆତ୍ମକାର୍ଯ୍ୟ)—୧ । ନିଜର କାର୍ଯ୍ୟ ବା ପ୍ରୟୋଜନ—1. One's own work
Āpkārjya
আপকাজ
**आपकाज**

ଆପ୍ କାର୍ଯ୍ୟଂ ଜାତପର୍ଯ୍ୟଂ ପରକାର୍ଯ୍ୟଂ ଧମକ୍ଷମା— ପ୍ରବଚନ ।

**ଆପକାର୍ଯ୍ୟୀ**—ଗ୍ରା. ବିଣ. (ସଂ. ଆତ୍ମକାର୍ଯ୍ୟ)—ସ୍ୱାର୍ଥାନ୍ୱେଷୀ—
Āpkārji — Selfish
আপকাজী
**आपकाजी**

**ଆପକେୱାସ୍ତେ**—ବୈଦେ. ବି. (ହିନ୍ଦି)—ଆତ୍ମସ୍ୱାର୍ଥୀ; ଯେ ନିଜର ସ୍ୱାର୍ଥସିଦ୍ଧି ଅଭାବରେ ହାକମହୁକୁମାଙ୍କ ପାଖରେ ଖୋସାମଦ୍ କରନ୍ତି—Those who flatter high officers for their own ends.
Āpkewāste
আপকেবাস্তে
**आपकेवास्ते**

**ଆପରୁଚି**—ଦେ. ଅ. (ସଂ. ଆତ୍ମରୁଚି)—ନିଜର ରୁଚି ଅନୁସାରେ—
Āpruchi — According to one's taste.

ଆପ୍ ରୁଚି ଖାଇବ, ପରରୁଚି ପିନ୍ଧିବ—ପ୍ରବଚନ ।

**ଆପରୁପି**—ପ୍ରାଦେ. (ସମ୍ବଲପୁର) ବିଣ—ଆତ୍ମମୁଖୀ; ସ୍ୱାର୍ଥପର—
Āprūpi — Selfish.

**ଆପସୁଖୀ**—ଦେ. ବିଣ. (ସଂ. ଆତ୍ମସୁଖୀ)—ସ୍ୱାର୍ଥପର; ଆତ୍ମମୁଖୀ—
Āpsukhi — Selfish.

**ଆପ୍‌ସୋସ୍**—ବୈଦେ. ବି. (ଅ)—ଅଫ୍‌ସୋସ୍ (ଦେଖ)
Āpsos — Āphsosh (See)

**ଆପ୍‌ସ୍ୱାର୍ଥ**—ଦେ. ବିଣ—ଆପସ୍ୱାର୍ଥୀ (ଦେଖ)
Āpswārtha — Āpswārthi (See)
আত্মস্বার্থ ଦେ.ବି—ନିଜର ସ୍ୱାର୍ଥ—One's self interest.
**आत्मस्वा**

**ଆପସ୍ୱାର୍ଥୀ**—ଗ୍ରା. ବିଣ. (ସଂ. ଆତ୍ମସ୍ୱାର୍ଥୀ)—ଆତ୍ମମୁଖୀ; ସ୍ୱାର୍ଥପର—
Āpswārthi — Selfish; self-interested.

**ଆପ**—ସଂ. ବି—୧ । (ଆପ୍ + କର୍ମ. ଅସ୍ = ଆପସ୍)—ଜଳ—
Āpa — 1. Water.
୨ । (ଆପ = ଜଳ + ସମୂହାର୍ଥରେ. ଅ)—ଜଳରାଶି—
2. Mass of water.
ଗ୍ରା. ସର୍ବନାମ. (ସଂ. ଆତ୍ମନ୍)—୧ । ସ୍ୱୟଂ; ନିଜେ—
1. One's self.

ବହୁ ସ୍ୱରୂପ କନ୍ଦର୍ପ ବଶୀକରଣକୁ ଆପ
ବସାଇ ଉପରେ ଉଚ୍ଚାଟ ମୋହନ
ଲେପ ମିଳଲେ ସମୀପ । ଭଞ୍ଜ. ବୈଦେହୀଶବିଳାସ ।

୨ । ଆପଣ—2. You.

ରାଜା ଦଣ୍ଡ ଦିଏ କହ କୋପ
ଏଥିକୁ ଚିନ୍ତା ନ କର ଆପ । ବିଶ୍ୱନାଥ. ବିଚିତ୍ରରାମାୟଣ ।

**ଆପଃ**—ସଂ. ବି. (ଆପ୍ ଧାତୁ = ପାଇବା + ଅସ୍)—
Āpaḥ ୧ । ଜଳ—1. Water
୨ । ଜଳରାଶି—2. Mass of water.

**ଆପକ୍ୱ**—ସଂ. ବିଣ. (ଆ = ଈଷତ୍ + ପକ୍ୱ = ପାଚିଲା ବା ପାକ କରାଯାଇ ଥିବା)—୧ । ଅଧପାଚିଲା; ଅର୍ଦ୍ଧପକ୍ୱ—
Āpakwa — 1. Half-ripe.
୨ । ସମ୍ପୂର୍ଣ୍ଣରୂପେ ସିଝି ନ ଥିବା—2. Half-boiled.
ସଂ. ବି—ପୁଳିପିଠା—A sort of cake.

**ଆପଗା**—ସଂ. ବି. ସ୍ତ୍ରୀ. (ଆପ = ଜଳରାଶି + ଗମ୍ ଧାତୁ = ଯିବା + କର୍ତ୍ତୃ. ଅ + ସ୍ତ୍ରୀ. ଆ)—୧ । ନଦୀ; ନଈ—1. River.
Āpagā
୨ । ସ୍ୱନାମଖ୍ୟାତ ନଦୀବିଶେଷ—
2. Name of a sacred river.

**ଆପଟ**—ଦେ. ବି—୧ । ଆବରଣ; ଘୋଡ଼ଣୀ—1. Cover; lid.
Āpaṭa ୨ । ଗଡ଼ଜାତରେ ସବାର ଆଦି ଘରବାହକ; ସବାରବେହେରା; ଗଉଡ଼; ଯାନବାହକ ଜାତିବିଶେଷ—
2. A caste of palki-bearers.

ଶିବ ପାଲିକିଅ ଆପଟ, ନନ୍ଦୀ ଭାଇଙ୍କ ସଙ୍ଗେ ଭେଟ ।
ଭୂପତି. ପ୍ରେମପଞ୍ଚାମୃତ ।

୩ । କଡ଼ପଟ; କଡ଼ଭାଗ—3. One side.
୪ । ଅନ୍ତରାଳ—4. Seclusion.

ସଜନ ଆପଟେ ଏହିରୂପେ ରହି
ନପଟ ରଙ୍ଗ ପସରେ । ଧନଞ୍ଜୟ. ରଘୁନାଥ ।

୫ । ପରଦା—5. Partition; screen.
୬ । ଆଶ୍ରୟ (ଗୋପୀନାଥ ନନ୍ଦ)—6. Shelter.
ଦେ. ବିଣ—ଢାଙ୍କୁଣ; ଘୋଡ଼ାଇ ରଖାଯାଇଥିବା; ଆବୃତ—
Covered.

ଗଣେ ଯଦନେ କଲେହେଁ ଆପଟ
ନ ବାହିଯାଏ କି ଚମ୍ପକ ପୁଟ । କବିସୂର୍ଯ୍ୟ. କଳଡ଼ା ।

ପ୍ରାଦେ. ବି—୧ । (ଗଞ୍ଜାମ) ଦକ୍ଷିଣାଞ୍ଚଳରେ ଓଡ଼ିଆ ନାମକ ଶୂଦ୍ରଜାତି—1.(Ganjam) A class of Śūdras.
୨ । (ଗଡ଼ଜାତ) ପାଣିଆପଟ; ଯେଉଁ ଶୂଦ୍ରମାନେ ରାଜାଙ୍କ ଉଆସକୁ ପାଣି ବୁହାନ୍ତି—
2 Water-carriers of a Rājā.

ଅନ୍ୟକୁଳେ ଜନ୍ମିଥିଲେ ଯେଉଁ ଜନ
ତୁମ୍ଭର ଆପଟ ହେବାକୁ ଭାଜନ । ରଘୁନାଥ. ଦରବାର ।

**ଆପଣ**—ସଂ. ବି. (ଆ + ପଣ ଧାତୁ = ବାଣିଜ୍ୟ କରିବା + ଅଧିକରଣ. ଅ; ଯେଉଁ ସ୍ଥାନରେ ବାଣିଜ୍ୟ କରାଯାଏ)—
Āpaṇa
আপনি ୧ । ହାଟ; ବଜାର—1. Market.
**आप** ୨ । ଦୋକାନ—2. Shop.
ଦେ. ବି- ୧ । ପାଠଶାଳା ବା ଚାଟଶାଳୀର ଶିକ୍ଷକ—
1. Teacher of a primary school.
୨ । ଆତ୍ମୀୟବ୍ୟକ୍ତି—2. One's own kinsmen.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଖ | ଚ | ଷ,ଶ | ଙ୍କ | ମ୍ବ | ଛଅ | ଭ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଘ | ଛଥ | ଞ | ନ୍ତ |

ଗୋଟ ନାମ ଉଚ୍ଚାର କରିବାରୁ ତଣ
ଜଣାଗଲା ରାଜନ ଯେ ପର ଆପଣ । କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

ଦେ. ସର୍ବନାମ. ( ସଂ. ଆତ୍ମନ୍ )—୧ । ଦ୍ୱିତୀୟ ପୁରୁଷ ମାନ୍ୟାର୍ଥ ଏକବଚନ 'ତୁମ୍ଭେ' ପରିବର୍ତ୍ତିରେ ବ୍ୟବହୃତ ପଦ (ଏଥିରେ ସାଧାରଣତଃ ତୃତୀୟ ପୁରୁଷର କ୍ରିୟା ପ୍ରଯୁକ୍ତ ହୁଏ)—
1. You (applied in addressing superiors.)

ସେହୁ ହ୍ରଦ ତଟରେ ବସିଣ ଆପଣ
ପିତୃଦେବଙ୍କର ଯେ ବହିଲେ ତର୍ପଣ—କୃଷ୍ଣସିଂହ ମହାଭାରତ. ବନ ।

୨ । ସେ ମହାଶୟ—2. He (in respect)

ବଇଶମ୍ପାୟନ ବୋଇଲେ ଅରିସେଣ
ଗୁରୁଙ୍କ ଘରେ ରହି ବସିଲେ ଆପଣ—କୃଷ୍ଣସିଂହ. ମହାଭାରତ. ଶଲ୍ୟ ।

୩ । ଆପେ; ସ୍ୱୟଂ; ନିଜେ—3 Self; one's self.

ଗ୍ରାଦେ. (ମେଦିନୀପୁର) ବିଣ—ଆପଣାର—Of one's own.

**ଆପଣା**—ଗ୍ରା. ବିଣ.—ସ୍ୱୟଂ; ନିଜେ—Self.
Āpaṇā (ଯଥା—ଖାଇ ପିଇ ସେ ଆପଣା ମହାସୁଖରେ ଶୋଉଛି ।)
আপনা ଦେ. ବିଣ.—ନିଜର; ଆପଣାର—Of one's own.
आपस ;आपना ଆପଣା କଲା କର୍ମ ନ, ଅଗେ ହୁଅନ୍ତି ସାବଧାନ—ପ୍ରବଚନ ।

**ଆପଣାକିଆ**—ଦେ. ବିଣ. (ସଂ. ଆତ୍ମକୃତ)—ସ୍ୱକୃତ; ନିଜେ କରିଥିବା—
Āpaṇākiā Done by one's self.

ଯାହା ଆପଣାକିଆ, ତାହାଁକୁ ଉଇକି କିଆ—ଫକୀରମୋହନ. ଚିଲ୍କାଶତକ ।

**ଆପଣା ମୁଣ୍ଡ ଖାଇବା**—ଦେ. କ୍ରି.—ଆପଣାର ବା ନିଜର ସର୍ବନାଶ
Āpaṇā muṇḍa khāibā କରିବା—To bring about one's own ruin.

ଭୁଣ୍ଡଟ ସଜାଡ଼ି ଆପଣା ମୁଣ୍ଡ, ହେ ଭାଇମାନେ
ଆପେ ଆପେ ଖାଇଦେଲ, ହେ ଭାଇମାନେ । ଭକ୍ତାଚରଣ ।

**ଆପଣିକ**—ସଂ. ବିଣ. ( ଆପଣ=ଦୋକାନ; ହାଟ+ବ୍ୟବସାୟାର୍ଥେ
Āpaṇika ଇକ)—ଦୋକାନୀ; ବାଣିଜ୍ୟକାରୀ; ପଣ୍ୟବିକ୍ରେତା; ପଣ୍ୟଜୀବୀ—Shop-keeper.

**ଆପଣେ**—ଦେ. ସର୍ବନାମ. ( ସଂ. ଆତ୍ମନ୍ : 'ଆପଣ' ଶବ୍ଦର ମାନ୍ୟାର୍ଥ
Āpaṇe ବହୁବଚନ )—୧ । ସ୍ୱୟଂ ; ନିଜେ—
আপনি 1. Self; one's self.
आप

ସେ ବନ ନ ପାରେ ଆଜ୍ଞା କରି
ଆପଣେ ଭଣ୍ଡା ଅଦ୍ଭୁତ—ଭୂପତି. ପ୍ରେମପଞ୍ଚାମୃତ ।

୨ । ( ଦ୍ୱିତୀୟ ପୁରୁଷ; ମାନ୍ୟାର୍ଥେ )—ଆପଣ—2. You.

ତାହା ଦେଖି ଗୀଳ ବନରେ ବୁଢ଼ୀ ଜଣେ ।
ଅଛନ୍ତି ତାକୁ ଦେଖି ଅଛିବ ଆପଣେ—କୃଷ୍ଣସିଂହ. ମହାଭାରତ. ଅନୁ ।

୩ । ବାଲ୍ୟକାଳର ଶିକ୍ଷାଗୁରୁ; ଅବଧାନ—
3. Teacher of a Primary School.

୪ । ( ତୃତୀୟ ପୁରୁଷ, ମାନ୍ୟାର୍ଥ )—ସେ ମହାଶୟ—( ସମ୍ମାନନୀୟ ) ବ୍ୟକ୍ତି—
4. He (in respect)

କ ତପରେ ଯମ ଆପଣେ ହେଲେ ଭୋଗୀ—କୃଷ୍ଣସିଂହ. ମହାଭାରତ. ବନ ।

[ ଦ୍ର—ମାନ୍ୟ ବ୍ୟକ୍ତିଙ୍କ ଉପାଧିନାମ ପରେ ମାନ୍ୟାର୍ଥରେ 'ଆପଣେ' ଶବ୍ଦ ଲାଗେ । ଯଥା—ଦାସେ ଆପଣେ; ରଥେ ଆପଣେ ଇତ୍ୟାଦି । ]

ଦେ. ସମ୍ବୋଧନ—ହେ ମହାଶୟ—Oh Sir !

**ଆପଣେଆପଣେ**—ଦେ. ଅ—ସ୍ୱଇଁ ସ୍ୱଇଁ; ଆପେଆପେ—
Āpaṇe āpaṇe Of one's own accord.
আপনাআপনি
आपरू

**ଆପତ୍**—ଦେ. ବି. (ସଂ. ଆପଦ୍)—ଆପଦ୍ (ଦେଖ)
Āpat Āpać (See)

**ଆପତ୍କାଳ**—ସଂ. ବି. ( ୬ଷ୍ଠୀ ତତ୍; ଆପଦ୍+କାଳ; ସନ୍ଧି ଯୋଗୁଁ
Āpatkāla ଦସ୍ଥାନରେ ତ )—୧ । ବିପଦ ଘଟିବା ବେଳ—
1. Time of danger.
୨ । ଅଶଙ୍କବେଳ—2. Critical time.
୩ । ଅସମୟ; ଦୁଃସମୟ—3 Time of distress; time of calamity.

**ଆପତ୍ପାତ**—ସଂ. ବି (୬ଷ୍ଠୀ ତତ୍;ଆପଦ୍+ପାତ)—ବିପଦ ଘଟିବା; ବିପଦ
Āpatpata ପଡ଼ିବା—The happening of calamity.

**ଆପତ**—ଦେ. ବି. (ସଂ ଆପଦ୍)—ଆପଦ୍ (ଦେଖ)
Āpata Āpad (See)

**ଆପତନ**—ସଂ. ବି ( ଆ=ହଠାତ୍+ପତନ=ପଡ଼ିବା )—
Āpatana ୧ । ଆଗମନ; ଆସିବା—1. Coming
୨ । ଉପରୁ ପଡ଼ିବା—2. Falling from above.
୩ । ବିପଦ—3. Calamity; danger.
୪ । ଆକସ୍ମିକ ବିପଦ—4. Accident.
୫ । ଅବରୋହଣ—5. Descent
୬ । ସଂଘଟନ—6. Causing to happen.

**ଆପତି**—ଗ୍ରା. ବି. (ସଂ. ଆପତ୍ତି)—୧ । ଆପତ୍ତି—1. Objection.
Āpati ୨ । ଗୁହାରି; ଫେରାଦ—2. Complaint.

**ଆପତିକ**—ସଂ. ବିଣ. ( ଆ+ପତ୍ ଧାତୁ=ପଡ଼ିବା+ଭାବ. ଇକ)—
Āpatika ୧ । ହଠାତ୍ ଘଟିବା—1. Happening suddenly.
୨ । ଆକସ୍ମିକ—2. Accidental.
୩ । ଦୈବୀ—3. Providential.
ସଂ. ବି—ଶ୍ୟେନପକ୍ଷୀ; ଛଞ୍ଚାଣ—Hawk.

**ଆପତିତ**—ସଂ ବିଣ. ( ଆ+ପତ ଧାତୁ+କର୍ତ୍ତୃ. ତ )—
Āpatita ୧ । ଉପସ୍ଥିତ; ଆଗତ—1. Arrived.
୨ । ହଠାତ୍ ଘଟିତ—2. Happening suddenly.
୩ । ଅବତୀର୍ଣ୍ଣ;ଅବରୂଢ଼—3. Alighted; descended.

**ଆପତ୍ତି**—ସଂ. ବି. ସ୍ତ୍ରୀ ( ଆ+ପଦ ଧାତୁ=ଯିବା; ଦୁଃଖିତ ହେବା+
Āpatti ଭାବ.ତି )—

ସାଧାରଣ ଭେବେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚକ୍ଷିତ ଅକ୍ଷର ଓ ମାତ୍ରା ଏବ ୨ ଚକ୍ଷିତ ଅକ୍ଷର ଓ ମାତ୍ରା ମଧ୍ୟରେ ସ୍ପଷ୍ଟ ଭେଦ ରକ୍ଷା କରାଯାଇ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭଣ୍ଡାରରେ ନ ମିଳିବ, ତେବେ ସେହି ଶବ୍ଦପାଇଁ କ୍ରମାନୁସାରେ ଉହିଁର ଉପରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'ଲୁଝ' ନ ମିଳିଲେ 'ଲୁଝ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଦ୍ଧା' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍ବତ୍' ଦେଖିବେ

୧ । ବିପତ୍ତି; ବିପଦ; ବ୍ୟସନ—1. Calamity; mishap.
୨ । ପ୍ରାପ୍ତି—2. Receipt.
୩ । ତର୍କ; ବିପକ୍ଷଯୁକ୍ତି ପ୍ରଦର୍ଶନ; ବାଦାନୁବାଦ—3. Remonostrance.
୪ । ଦୋଷ—4. Fault; defect.
୫ । ବାଧା ଦେବା; ବାଧାଦାନ—5. Obstruction.
୬ । ତିରସ୍କାର; ଭର୍ତ୍ସନା—6. Reprimand.
୭ । ଅସମ୍ମତି— 7. Disagreement.
୮ । ଗୁହାରି—8. Complaint.

**ଆପଦ୍**—ସଂ. ବି. ( ଆ=ହଠାତ୍+ପଦ୍ ଧାତୁ=ଦୁଃଖିତ ହେବା+କ୍ୱିପ୍)
Āpad ୧ । ବିପଦ—1. Calamity; danger.
୨ । ଦୁଃଖ—2. Distress; misery.
୩ । ଆକସ୍ମିକ ଦୁର୍ଘଟନା—3. Accident; mishap.
୪ । ଦୁର୍ଭାଗ୍ୟ—4. Misfortune.

**ଆପଦ**—ଦେ. ବି. ( ସଂ. ଆପଦ୍ )—ଆପଦ୍ (ଦେଖ)
Āpada Āpad (See)
କୋଳେ ବୋଇଲେ ମୁଁ ତୋର ଆପଦ ଘେନିବି
ସାରଳାମହାଭାରତ. ବନ୍ଦ ।

**ଆପଦର୍ପ**—ପ୍ରାଦେ. ( କଟକ ) ବି.—୧ । ଆଶ୍ୱାସନା—
Āpadarpa 1. Consolation.
୨ । ଆଦର. ହେପାଜତ୍—2. Care.

**ଆପଦ୍ଧର୍ମ**—ସଂ. ବି. (ଆପଦ୍=ବିପଦ+ଧର୍ମ=କରଣୀୟ କାର୍ଯ୍ୟ)—
Āpaddharma ଅସମୟରେ ବା ବିପଦ ସମୟରେ ଯେଉଁ କାର୍ଯ୍ୟ କରିବାକୁ ହୁଏ, ସାଧାରଣ ସମୟରେ ଅକରଣୀୟ ହେଲେ ମଧ୍ୟ ଆପଦକାଳରେ କରାଯାଇ ପାରିବ ବୋଲି ଶାସ୍ତ୍ରରେ ଅନୁମତି କରାଯାଇଥିବା କାର୍ଯ୍ୟ—
A practice though prohibited by scriptures for a particular person in ordinary times, yet permissible in law in times of distress.
[ଦ୍ର—ଆଧୁନିକ ସଭ୍ୟତା ଓ ସମାଜର ପରିସ୍ଥିତି ଓ ଶିକ୍ଷା ଦୃଷ୍ଟିରେ ଆପଦ୍କାଳରେ କ କ କାର୍ଯ୍ୟ କରାଯିବା ଉଚିତ, ଏ ସମ୍ବନ୍ଧରେ ଯୁକ୍ତି ଓ ସ୍ମୃତି ବାକ୍ୟମାନ ଉଦ୍ଧାର କରି ବହୁ ପରିଶ୍ରମ ସହକାରେ ପୁରୀର ସ୍ୱର୍ଗୀୟ ମହାମହୋପାଧ୍ୟାୟ ଶ୍ରୀସଦାଶିବ ମିଶ୍ର. କାବ୍ୟକଣ୍ଠ (ମହୋପଦେଶକ) ସଂସ୍କୃତ ଭାଷାରେ ଓ ନାଗରାକ୍ଷରରେ 'କଲ୍ୟାପଦ୍ଧର୍ମ ସର୍ବସ୍ୱ'ନାମକ ଖଣ୍ଡିଏ ସମୟୋପଯୋଗୀ ଗ୍ରନ୍ଥ ପ୍ରଣୟନ କରିଥିଲେ । ]

**ଆପନ୍ନ**—ସଂ. ବିଣ. (ଆ+ପଦ ଧାତୁ=ପ୍ରାପ୍ତହେବା+କର୍ତ୍ତୃ. ତ )—
Āpanna ୧ । ଆପଦଗ୍ରସ୍ତ; ବିପନ୍ନ—1. Involved in danger.
୨ । (+କର୍ମ. ତ)—ଲବ୍ଧ; ଅଧିଗତ—2. Obtained; attained.
୩ । ପୁନଃ ପ୍ରାପ୍ତ—3. Got again.

**ଆପନ୍ନସତ୍ତ୍ୱା**—ସଂ. ବିଣ. ସ୍ତ୍ରୀ (ଆପନ୍ନ=ପ୍ରାପ୍ତ+ସତ୍ତ୍ୱ=ପ୍ରାଣୀ+ସ୍ତ୍ରୀ. ଆ;
Āpannasatwā ଗର୍ଭରେ ଯେ ପ୍ରାଣୀ ପ୍ରାପ୍ତ ହୋଇଅଛି)—ଗର୍ଭିଣୀ; ଗର୍ଭବତୀ; ଅନ୍ତଃସତ୍ତ୍ୱା—Pregnant; with child.
ସଂ. ବି. ସ୍ତ୍ରୀ — ଗର୍ଭବତୀ ନାରୀ — Pregnant woman.

**ଆପରାହ୍ଣିକ**— ସଂ. ବିଣ ( ଅପରାହ୍ଣ=ଉପର ବେଳ+ସମ୍ବ. ଇକ )—
Āparāhnika ୧ । ଅପରାହ୍ଣରେ କର୍ତ୍ତବ୍ୟ—
(ଆପରାହ୍ଣିକୀ—ସ୍ତ୍ରୀ) 1. Fit to be done in the afternoon.
୨ । ଅପରାହ୍ଣରେ ଘଟିବା—2. Taking place in the afternoon.

**ଆପସୁଖ**—ଗ୍ରା. ବି. ( ସଂ. ଆତ୍ମସୁଖ )—ଆପଣାର ଇଚ୍ଛା—
Āpasukha One's own wish.
ଆପ ସୁଖେ କୋପ କରେ ଆପେ ହୁଏ ଶାନ୍ତ । ପ୍ରାଚୀ—ବ୍ରହ୍ମନରୁପଣଗୀତା ।

**ଆପସ୍ତମ୍ଭ**—ସଂ. ବି. ( ଆପ+ସ୍ତମ୍ଭ )—ବଡ଼ ବଡ଼ ଜଳାଶୟରୁ ସ୍ତମ୍ଭାକାରରେ ଆକାଶକୁ ଜଳ ଉଠିବାର ନୈସର୍ଗିକ ଘଟଣା—Water-sprout, a natural phenomenon.
Āpastambha

**ଆପାତ**—ସଂ. ବି. ( ଆ+ପତ ଧାତୁ=ପଡ଼ିବା; ଘଟିବା+ଭାବ. ଅ )—
Āpāta ୧ । ପତନ—1. Falling.
୨ । ଆଗମନ—2. Arrival.
୩ । ଘଟଣା—3. Happening.
୪ । ଉପସ୍ଥିତି—4. Presence.
୫ । ଗତକାଳ—5. Passing moment.
୬ । ପ୍ରଥମ ସମୟ—6 First moment.
୭ । ଆରମ୍ଭ—7 Beginning.
୮ । ବର୍ତ୍ତମାନ ସମୟ—8. Present time.

**ଆପାତତଃ**—ସଂ. ଅ. ( ଆପାତ=ବର୍ତ୍ତମାନ ସମୟ+୫ମୀ ଓ ୭ମୀ
Āpātataḥ ଅର୍ଥରେ. ତସ୍)—
୧ । ସମ୍ପ୍ରତି; ବର୍ତ୍ତମାନ; ବର୍ତ୍ତମାନସମୟ ନିମନ୍ତେ—1. Now; for the time being.
୨ । ପ୍ରଥମତଃ—2. Firstly.
୩ । ବିନା କାରଣରେ—3. Without any cause.
୪ । ନିତାନ୍ତ ପକ୍ଷରେ; ଅନ୍ତତଃ—4. At least.
୫ । ତତ୍କ୍ଷଣାତ୍—5. At once; immediately.

**ଆପାତମଧୁର**—ସଂ. ବିଣ (ଆପାତ+ମଧୁର )—୧ । ଯାହା ବର୍ତ୍ତମାନ
Āpātamadhura ସୁଖକର ବା ସୁଖପ୍ରଦ (କିନ୍ତୁ ପଛକୁ ଭଲ କି ମନ୍ଦ ଜଣା ନାହିଁ )—1. Agreeable at first sight; plausible.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଋ | ଋ,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଢ | ଣ,ଶ | ଙ୍କ | ଇୟ | ଉଅ | ଘ |
| ୨ | ଈ | ଊ | ଋ | ଌ | ଯେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ | ଇଅ | ଡ଼ | ଢ଼ |

୨ । କ୍ଷଣିକ ସୁଖପ୍ରଦ—2. Pleasant for the moment.

ଆପାଦ—ସଂ.ଅ (ଅବ୍ୟୟୀଭାବ; ଆ+ପାଦ)— ପାଦଠାରୁ ଆରମ୍ଭ କରି—
Āpāda Beginning from the foot.

ଆପାଦମସ୍ତକ—ସଂ. ଅ. (ଅବ୍ୟୟୀଭାବ; ଆ=ପର୍ଯ୍ୟନ୍ତ+ପାଦ=ଗୋଡ଼ + ମସ୍ତକ=ମୁଣ୍ଡ )—From head to foot; all over the body.
Āpādamastaka

ଆପାଦିତ—ସଂ. ବଣ. (ଆ+ପଦ ଧାତୁ ଣିଚ୍ ପାଦ ଧାତୁ= ଗମନ କରିବା +କର୍ମ. ତ )—ସମ୍ପାଦିତ; ଅନୁଷ୍ଠିତ—
Āpādita Accomplished; performed.

ଆପାଦିବା—ଦେ. ପଦ୍ୟ. କ୍ରି.—୧ । ଆଶ୍ୱାସନା କରିବା; ଅନ୍ୟର ମନକୁ ବୋଧ ବା ସ୍ଥିର କରାଇବା—
Āpādibā
1. To console; to soothe another's mind.
ଆପାଦ କହନ୍ତି କୃଷ୍ଣ ଧର୍ଯ୍ୟ ହେବାରେ
ଆରକ୍ଷିଲୁଁ ଚେଷ୍ଟା ତୁମ୍ଭ ମନ ଜାଣିବାରେ—ଅଚ୍ୟୁତାନନ୍ଦ ଦାସ ମଣି ।
୨ । ସମ୍ପାଦିବା—2. To provide for; to store up.
ଚଉପନ୍ତି ଗଡ କରି ଯେଉଁ ସର୍ଗ ଅପାଦନ୍ତ ପରିବାଦ ତୋ—ବଳଦୂର୍ମି. ସର୍ଗ ଘ ।

ଆପାନ—ସଂ. ବି. ( ଆ+ପା ଧାତୁ=ପିଇବା+ଅଧିକରଣ. ଅନ; ଯେଉଁଠାରେ ବା ଯଦ୍ୱାରା ମଦ୍ୟ ପାନ କରାଯାଏ )—
Āpāna
୧ । ମଦ୍ୟପାନର ପାତ୍ର; ସୁରାପାତ୍ର—1. Wine-glass
୨ । ପାନଭୂମି; ମଦ୍ୟପାନର ସ୍ଥାନ; ମଦଭାଟି—
2. Tavern; grog shop
୩ । ମଦ୍ୟପାନଗୋଷ୍ଠୀ—3. A company of drinkers.

ଆପାମର—ସଂ. ବଣ. (ଆ=ପର୍ଯ୍ୟନ୍ତ+ପାମର=ଇତର ଲୋକ)—
Āpāmara ପାମର ପର୍ଯ୍ୟନ୍ତ; ଇତର ବ୍ୟକ୍ତିଙ୍କ ପର୍ଯ୍ୟନ୍ତ—
Upto the lowest class of people
( ଯଥା—ଆପାମରସାଧାରଣ ଏହି ମତ ଗ୍ରହଣ କରିଅଛନ୍ତି । )

ଆପାମରସାଧାରଣ—ସଂ. ବି. ( ଅବ୍ୟୟୀଭାବ; କର୍ମଧା; ଆପାମର+ ସାଧାରଣ )—ନୀଚ ଠାରୁ ଉଚ୍ଚ ପର୍ଯ୍ୟନ୍ତ ସର୍ବସାଧାରଣ; ଶ୍ରେଷ୍ଠ ଠାରୁ ବଡ଼ ଲୋକ ପର୍ଯ୍ୟନ୍ତ ସମସ୍ତେ—The public down to the lowest; people of all classes from the highest to the lowest
Āpāmarasādhārana

ଅପିଚ୍ଛା—ଗ୍ରା. ବି. (ସଂ. ଅପେକ୍ଷା)—୧ । ଅପେକ୍ଷା (ଗୋପୀନାଥ ନନ୍ଦ)—
Āpichhā 1. Waiting.
୨ । ଜଗିବସି ରହିବା (ଗୋପୀନାଥ ନନ୍ଦ)—
2. Lying in ambush.

ଅପିତ—ଗ୍ରା. ବି. (ସଂ. ଅପତ୍ତି)—ଅପତ୍ତି (ଦେଖ)
Āpiti Apatti (See)

ଅପିଲ୍ (ଇତ୍ୟାଦି)—ଅପିଲ୍ ଇତ୍ୟାଦି (ଦେଖ)
Āpil etc Apil etc (See)

ଆପିସ୍—ବୈଦେ. ବି. ( ଇଂ—ଅଫିସ୍ )—କାର୍ଯ୍ୟାଳୟ—
Āpis Office.
আপিস্
अपिस्

ଆପିସି—ବୈଦେ. ବି. (ଇଂ)—ଆପିସ୍ (ଦେଖ)
Āpisi Āpis (See)

ଆପୀଡ଼—ସଂ. ବି. ( ଆ+ପୀଡ଼୍ ଧାତୁ=ପୀଡ଼ା ଦେବା+କରଣ. ଅ; ଯାହାଦ୍ୱାରା ମସ୍ତକ ପୀଡ଼ିତ ହୁଏ)—
Āpirda
୧ । ଶିରୋଭୂଷଣ; ଚୂଡ଼ା—1. Crown
୨ । ଶିଖାସ୍ଥିତ ମାଲ୍ୟ ବା ମାଳା—
2. Garlands for the head
୩ । ପୀଡ଼ାଦାନ; ଚପିବା—3. Pressure; squeesing.
୪ । ବିଶେଷ ପୀଡ଼ା—4. Oppression.
୫ । ଦୃଢ଼ବନ୍ଧନ—5. Binding tightly
୬ । ଘରର ବାହାରକୁ ବାହାରିଥିବା କାଷ୍ଠ—
6 A log bulging out of the thatch or wall of a house.

ଆପୀଡ଼ନ—ସଂ. ବି. ( ଆ=ସମ୍ୟକ୍+ପୀଡ଼ାଦାନ )—
Āpirdana ୧ । ଅତ୍ୟାଚାର—1 Oppression.
୨ । ଚପିବା—2. Squeezing.
୩ । ଗାଢ଼ାଲିଙ୍ଗନ—3. Tight embrace.
୪ । ଦୃଢ଼ ବନ୍ଧନ—4. Tight bond
୫ । ସଙ୍କ୍ଷେପଣ—5. Bruising.

ଆପୀଡ଼ିତ—ସଂ. ବଣ ( ଆ=ସମ୍ୟକ୍+ପୀଡ଼୍ ଧାତୁ+କର୍ମ. ତ )—
Āpirdita ୧ । ଚପି ହୋଇଥିବା; ଦୃଢ଼ପିଷ୍ଟ—
1. Compressed; squeezed, pressed.
୨ । ଦୃଢ଼ବଦ୍ଧ—2. Tightly bound
୩ । ବେଦନାପ୍ରାପ୍ତ—3 Ailing; afflicted.
୪ । ଗାଢ଼ାଲିଙ୍ଗିତ—4. Hugged.
୫ । ଅତ୍ୟାଚାରିତ—5. Oppressed.

ଆପୀନ—ସଂ. ବି. ( ଆ=ସମ୍ୟକ୍+ପ୍ୟାୟ୍ ଧାତୁ=ବୃଦ୍ଧିପାଇବା+ କର୍ତ୍ତୃ. ତ )—
Āpina
୧ । ଗବାଦିର ସ୍ତନ; ଗୋରୁର ପହ୍ନା; ଉଧଃ—
1. Udder; large breast of a beast.
୨ । (ଆ+ପା ଧାତୁ+ଅଧିକରଣ. ତ)—କୂପ 2. Well.
ସଂ. ବଣ. (ଆ=ଈଷତ୍; ସମ୍ୟକ୍+ପୀନ=ସ୍ଥୂଳ)—
୧ । ଈଷତ୍ ସ୍ଥୂଳ; ସାମାନ୍ୟରେ ମୋଟା; ଟିକିଏ ମୋଟା—
1. Slightly fat; somewhat full.
୨ । ସମ୍ୟକ୍ ସ୍ଥୂଳ; ମୋଟାସୋଟା—
1. Very fat; well-developed.

ସାଧାରଣ ଲୋକେ ଅନେକ ସ୍ଥଳରେ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଯୋଗଫଳେ ଲେଖକ ଏ ଶବ୍ଦକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ପାଠକମାନେ ଉପରୋକ୍ତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଶାଢ଼' ନ ମିଳିଲେ 'ଶାଢ଼ୀ' ଖୋଜିବେ; 'କୃଷ' ନ ମିଳିଲେ 'କଷ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଅପୁ**—ଦେ. ବି. ( ସଂ. ଅଫୁକ )—ଅଫିମ—
Āpu — Opium.
অফি; অফিম — ନଷ୍ଟ ଖୋପାଳର ଶଷ୍ଟାଇ ଅପୁ
आफू — ଧନେ ଲୋଭୁଲେ ସେ ନ ଦଲେ ଡାପୁ—ହାସ୍ୟରଙ୍ଗ ।

**ଅପୁଆ**—ଦେ. ବଣ.—ଯେ ଅଫିମ ଅଭ୍ୟାସ କରିଥାଏ; ଅଫିମା; ଅଫିମୀ—
Āpuā — An opium-eater.
অফিমখোর — ଅପୁଆ ଲୋକର ଶରୀରଲକ୍ଷଣ ଭେଲ
अफ़ीमची — ଧୂଆଁ ପଡ଼ିଥ ଘରେ ନଡ ଗୋଡ । ପ୍ରବଚନ ।

**ଅପୁଅପୁ ହେବା**—ଦେ. କ୍ରି. (ଧ୍ୱନ୍ୟାତ୍ମକ)—ପାଟି ଶୁଖି ଯିବାରୁ କଥା
Āpuāpuhebā — କହି ନ ପାରି ଓଠ ଦୁହିଁଙ୍କୁ ମେଲିବା ଓ ବୁଜିବା—To chatter without the power of uttering words clearly (owing to one's lips having become dry.)

**ଅପୁଖଟି**—ଦେ. ବି.—ଯେଉଁଠାରେ ଅପୁଖୋରମାନେ ଏକତ୍ର ହୋଇ
Āpukhaṭi — ଅପୁ ସେବା କରନ୍ତି; ଅଫିମଖଟି—
অফিম খটী — Opium-den.

**ଅପୁଖୋର**—ଦେ. ବଣ.—ଯେ ବଶେଷ ମାତ୍ରାରେ ଅଫିମ ଖାଏ; ଅଫିମା;
Āpukhor — ଅପୁଆ—1. Addicted to opium.
୨ । ଯେ ଅଫିମ ନିଶା (ଅଫିମ ଗୁଳା, ଅରକ ଓ ଧୂଆଁ )ରେ ଅନୁରକ୍ତ—2. Addicted to smoking opium or taking opium tincture.

**ଅପୁଚି**—ପ୍ରାଦେ. (ଗଞ୍ଜାମ) ବି.—ତେନ୍ତୁଳମଞ୍ଜି—
Āpuchi — The seed of tamarind.

**ଅପୁଧୂଆଁ**—ଦେ. ବି.—ମଦକ; ଅଫିମରେ ପୋଡ଼ା ବଳୁଳ ପତ୍ର ମିଶାଇ
Āpudhuān̐ — ଗୁଳି ଭଳି କରି ନିଆଁ ଲଗାଇ ସେବନ କରାଯିବା
আফিম ধুআঁ — ଧୂଆଁ—Smoke of opium taken as an intoxicant.
ଦେ. ବଣ.—ଗୁଳିଖୋର—
ଖଲୁଆ, ମିଛୁଆ, ଅପୁଧୂଆଁ ଯେ ସାହସୀ । ଶ୍ରୀ ଗୁରୁଭକ୍ତି ଗୀତା ।

**ଅପୁମଞ୍ଜି**—ପ୍ରାଦେ. (ଗଞ୍ଜାମ) ବି. ପୋସ୍ତଦାନା (ଦେଖ)
Āpumañji — Postadānā (See)

**ଅପୁଲି**—ଦେ. ବଣ.—ଅପୁଖୋର (ଦେଖ)
Āpuli — Āpukhor (See)

**ଅପୁସି**—ଦେ. କ୍ରି. ବଣ—ଅନ୍ୟୋନ୍ୟରେ କଥା କରିବାପ୍ରକାରେ;
Āpusi — ଅପୋସି ଘରୋଇ ଭାବରେ—Privately
আপোসি — ବୈଦେ. ବି. (ଇଂ. Office) କାର୍ଯ୍ୟାଳୟ—Office.

**ଅପୂପ**—ସଂ ବି (ଅପୂପ=ପିଠା+ସ୍ୱାର୍ଥରେ. କ)—ପିଠା ପିଷ୍ଟକ—
Āpūpa — Confectionary cake.

**ଅପୂପିକ**—ସଂ. ବଣ. (ଅପୂପ=ପିଠା+ଇକ)—୧ । ପିଠା ତିଆରକର
Āpūpika — ରନ୍ଧି କରିବା (ବ୍ୟକ୍ତି)—Baker.
୨ । ପିଷ୍ଟକବ୍ୟବସାୟୀ—2. Confectioner; dealer in cake.
୩ । ପିଷ୍ଟକ ପ୍ରିୟ—3. Fond of cakes.
ସଂ. ବି—(+ସମୂହାର୍ଥେ.ଇକ) ପିଠାସମୂହ—Collection of cakes.

**ଅପୂପ୍ୟ**—ସଂ. ବି. (ଅପୂପ୍ୟ=ପିଠା+ଯ; ଯହିଁରୁ ପିଠା ତିଆରି ହୁଏ)—
Āpūpya — ୧ । ମଇଦା; ଅଟା; ଶସ୍ୟଚୂର୍ଣ୍ଣ; ଚୂନା—1. Flour of grain-powder (from which cakes are prepared).
୨ । ପିଠା ତିଆରି ହେବା ଉପକରଣ—2. Material of cakes.

**ଆପୂର୍ତ୍ତି**—ସଂ. ବି. (ଆ=ସମ୍ୟକ୍+ପୂର୍ତ୍ତି=ପୂରଣ)—ପୂର୍ଣ୍ଣତା;
Āpūrtti — ପୂର୍ଣ୍ଣସନ୍ତୋଷ—Fullness; Satiety; Satisfaction; fulfilment.

**ଆପୃଚ୍ଛା**—ସଂ. ବି. (ଆ=ପରସ୍ପର+ପ୍ରଚ୍ଛ ଧାତୁ+ଭାବ.ଅ)—୧ । କଥାବାର୍ତ୍ତା;
Āpṛuchchhā — କଥାଭାଷା; ଆଳାପ—1. Conversation; address; dialogue.
୨ । ଜିଜ୍ଞାସା—2. Questioning.
୩ । ଅବାହନ—3. Welcoming.

**ଆପେ**—ଦେ. ସର୍ବନାମ (ସଂ. ଆତ୍ମନ୍)—୧ । ସ୍ୱୟଂ; ନିଜେ—
Āpe — 1. Self.

ଅସ୍ତ୍ରରେ ଅସ୍ତ୍ରାକୁ ଯେ ମିଳେ
ଅସ୍ତ୍ରାକୁ ଆପେ ହରେ ପାଳେ । ଜଗନ୍ନାଥ—ଭାଗବତ ।

୨ । ଆପଣ ( ମାନ୍ୟାର୍ଥକ )—2. You (respectful).

ତୁମ୍ଭର ଉନବେଳ ସଙ୍କ ସେରୂପେ
ଯୁଦ୍ଧ ହେଲ ତାହା କହିବା ହେଉ ଆପେ । କୃଷ୍ଣସିଂହ- ମହାଭାରତ- କର୍ଣ୍ଣ ।

**ଆପେଆପେ**—ଦେ. ସର୍ବନାମ ( ସଂ. ଆତ୍ମନ୍ )—ନିଜେ ନିଜେ—
Āpeāpe — One's self.
আপনাআপনি — ତୁମ୍ଭଙ୍କୁ ନିନ୍ଦା ସେ କରନ୍ତି ଆପେଆପେ ।
आपसेआप — କୃଷ୍ଣସିଂହ- ମହାଭାରତ- ଉଦ୍ୟୋଗ ।
କ୍ରି. ବଣ—୧ । ନିଜେନିଜେ—
1. Of one's own accord.
୨ । ମନକୁ; ସ୍ୱେଚ୍ଛାକ୍ରମେ—2 Of itself.
୩ । ଅନାହୂତ ଭାବରେ—
3 Uncalled for; unsolicited.

**ଆପେଇ**—ଦେ. ସର୍ବନାମ ( ସଂ. ଆତ୍ମନ୍ )—ଆପେଆପେ ( ଦେଖ )
Āpei — Āpeāpe ( See )
নিজেই

**ଆପେକ୍ଷିକ**—ସଂ. ବଣ. ( ଅପେକ୍ଷା=ତୁଳନା+ଇକ )—
Āpekshika — ତୁଳନାସ୍ଥ; ତୁଳନାକୃତ—
Comparative; relativity.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇଁ | ଊ | ର୍‌,ର୍ | ଝ | ଯ୍ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇପ୍ସ | ହ୍ରଅ | ଘ |
| ୨ | ଈ | ଈ | ରୁ | ଲୁ | ଯ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଓ୍ୱ | ନ୍ତ |

ଅପେକ୍ଷିକ ଗୁରୁତ୍ୱ—ସଂ. ବି. ( ବିଜ୍ଞାନପରିଭାଷା )—ଜଳ ତୁଳନାରେ
Āpekshika gurutwa ସମପରିମାଣର ଅନ୍ୟ ପଦାର୍ଥର ଓଜନ ବା ଭାରର ପରିମାଣ—1. Specific gravity in comparison with an equal quantity of water ).

[ ଦ୍ର—ସମଆୟତନବିଶିଷ୍ଟ ଭିନ୍ନ ଭିନ୍ନ ଦ୍ରବ୍ୟର ଗୁରୁତ୍ୱର ଯେଉଁ ସମ୍ବନ୍ଧ ତାହାକୁ ଅପେକ୍ଷିକଗୁରୁତ୍ୱ କହନ୍ତି । ]

ଆପେକ୍ଷିକତା—ସଂ. ବି. ( ଅପେକ୍ଷିକ + ଭାବ. ତା )—
Āpekshikatā ଏକ ବସ୍ତୁ ସଙ୍ଗେ ଅନ୍ୟ ବସ୍ତୁର ତୁଳନା କରିବା ଅବସ୍ଥା—Relativity.

ଆପେତି—ଗ୍ରା. (ଇତର) ବି. (ସଂ. ଅପତ୍ତି)—ଆପତ୍ତି (ଦେଖ)
Āpeti Āpatti (See)
আপত্য

ଆପୋଦେବତା—ସଂ. ବି. (ଅପଃ=ଜଳ+ଦେବତା=ଠାକୁର)—
Āpodebatā ୧ । ଜଳଦେବତା—1. The Water God.
୨ । ବରୁଣ—2. The god of water

ଆପୋମାର୍ଜନ—ସଂ. ବି. (ଅପଃ=ଜଳ+ମାର୍ଜନ)—
Āpomārjana ୧ । ଦେହରେ ପାଣି ଛିଞ୍ଚିବା—
1. Sprinkling the body with water.
୨ । ପାଣି ଦ୍ୱାରା ଦେହ ପୋଛାପୋଛି ହେବା—
2. Cleansing the body with water.

ଆପୋସ୍—ବୈଦେ. ବି. (ଆ)—
Āpos ୧ । ବିବାଦର ପକ୍ଷମାନଙ୍କ ମଧ୍ୟରେ ପରସ୍ପର ମିଳାମିଶା—
আপোস্ 1. Mutual settlement of dispute.
आपस् ୨ । ମକଦ୍ଦମା ବା ବିବାଦ ଅଦାଲତର ବିନାସାହାଯ୍ୟରେ ନିଷ୍ପତ୍ତି କରାଯିବା; ପଞ୍ଚାୟତ ଭଦ୍ରଲୋକଙ୍କ ଦ୍ୱାରା ବିବାଦର ମେଣ୍ଟନ—2. Amicable settlement of disputes by arbitrators.
ବିଣ—ପଞ୍ଚାୟତ ଦ୍ୱାରା ବା ଘରେଇ ଭାବରେ ନିଷ୍ପତ୍ତି ହେବା (ବିବାଦ)—Amicably settled (dispute).
କ୍ରି. ବିଣ—୧ । ପରସ୍ପର ମିଳା ମିଶା ହୋଇ—
1. Amicably.
୨ । ଅଦାଲତଙ୍କ ବିନାସାହାଯ୍ୟରେ—2. Without the intervention of court; out of court.

ଆପୋସ—ପ୍ରାଦେ. (ଗଡ଼ଜାତ) ବି—ଆପଣାର ଆତ୍ମୀୟ ଲୋକ—
Āposa One's intimate person or relative.

ଆପୋଷି—ବୈଦେ. ବି. (ଆ)—ଅପୋସ୍ ( ଦେଖ )
Āposi Āpos ( See )

ଆପ୍ତ—ସଂ. ବିଣ. ( ଆପ ଧାତୁ=ପାଇବା+କର୍ମ. ତ )—
Āpta ୧ । ପ୍ରାପ୍ତ; ଲବ୍ଧ—1. Obtained; attained.
୨ । ( +କର୍ତ୍ତୃ. ତ )—ବିଶ୍ୱସ୍ତ—
2. Reliable, authentic.
୩ । ଆତ୍ମୀୟ—3. Friendly; intimate.
୪ । ଯୁକ୍ତ; ସମ୍ବନ୍ଧ—4. Connected .
୫ । ହିତକର—5. Beneficial.
୬ । କୁଶଳ; ପାରଗ; ପଟୁ—6. Competent.
୭ । ଅଭ୍ରାନ୍ତ—7. Free from error.
୮ । ହିତୋପଦେଷ୍ଟା—8. Giving beneficial advice.
ସଂ.ବି—ଭ୍ରମପ୍ରମାଦଶୂନ୍ୟ ମୁନି, ପୂର୍ବପୁରୁଷ ଓ ମହାଜନମାନେ—
Sages and great men of lore supposed to be free from human errors.

ଆପ୍ତବଚନ—ସଂ.ବି.(ଆପ୍ତ=ମୁନି ପ୍ରଭୃତି+ବଚନ=ବାକ୍ୟ; କଥା)—
Āptabachana ୧ । ଋଷିବାକ୍ୟ; ମହାଜନମାନଙ୍କ ଦ୍ୱାରା ପ୍ରଚରିତ ଉପଦେଶ ବାକ୍ୟ—1. Revealations; statements handed down to posterity; traditions.
୨ । ହିତବାଦ—2. Beneficial truths.
୩ । ପ୍ରବଚନ—3. Proverbs; adage.

ଆପ୍ତବାକ୍ୟ—ସଂ. ବି. (ଆପ୍ତ + ବାକ୍ୟ)—ଆପ୍ତବଚନ ( ଦେଖ )
Āptabākya Āptabachana (See)

ଆପ୍ତି—ସଂ. ବି. (ଆପ୍ ଧାତୁ=ପାଇବା + ଭାବ. ତି)—
Āpti ୧ । ପ୍ରାପ୍ତି; ଲାଭ—1. Attainment; receipt
୨ । ଯୋଗ; ସଂଯୋଜନ; ସମ୍ବନ୍ଧ—2. Connection
୩ । ଯୋଗ୍ୟତା—3. Ability.
୪ । ବ୍ୟାପ୍ତି—4. Spreading; diffusing.
ଗ୍ରା. ବି. ( ସଂ. ଆପତ୍ତି )—୧ । ବିପତ୍ତି; ବିପଦ—
1. Calamity.
୨ । ବାଧା—2. Hinderance.
୩ । ଉପସ୍ଥିତ ଯୁକ୍ତି; ଖଣ୍ଡନ-ଯୁକ୍ତି—
3. Objection; refutation.

ଅପ୍ପଡାଲୁ—ପ୍ରାଦେ. ( ଗଞ୍ଜାମ ). ବି—ମାଷୁଅଡ଼ମାନଙ୍କ ପାପଡ଼ ପରି
Āppadālu ଏକ ପ୍ରକାର ଚକୁଳି ବଡ଼ି । ଲୁଣ, ମରିଚ, ମସଲା, ହିଙ୍ଗୁଚୂନାକୁ ପାଣିରେ ଦଳି ଚାଉଳ ପିଠା ପରି ଚକୁଳି କରି ଗଢ଼ି ଖରାରେ ଶୁଖାଇ ରଖାଯାଏ; ଖାଇବା ବେଳେ ନିଆଁରେ ସେକି ତେଲ ଦେଇ ଖାଆନ୍ତି—
A kind of thin cake made of corn-paste which is toasted and eaten.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଖାଇ' ନ ମିଳିଲେ 'ଖାଈ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ ଅଲବତ୍ ଦେଖିବେ

**ଅପ୍ପା କରିବା**—ଦେ.କ୍ରି— ଅଖିରେ ଗୁଣ୍ଡ ଅବା ପଡ଼ିଲେ କନା ବା ଲୁଗାକୁ
Āpphā kariba ପୁଡ଼ା କରି ମୁହଁ ମେଲାଇ ସେ କନାବଣ୍ଡା ଉପରେ ପାଟିର ପବନ ଦେଇ ତାକୁ ଅଖିରେ ମାଡ଼ିବା—
To press the cloth on the eye after making it into a small cushion and blowing air into it through the mouth.

**ଆପ୍ୟାନ**—ସଂ. ବିଣ. ( ଆ=ବିଶେଷ + ପ୍ୟାଯ୍ ଧାତୁ=ବୃଦ୍ଧି ପାଇବା + କର୍ତ୍ତୃ. ତ )—
Āpyāna
୧ । ବଳିଷ୍ଠ; ବଳୁଆ—1. Strong.
୨ । ସ୍ଥୂଳ; ମୋଟା—2. Flat; well-developed.
୩ । ସ୍ଫୀତ; ଫୁଲିଥିବା—3. Swollen.
ଗ୍ରା. ବି. ( ସଂ. ପାନ )— ୧ । ପାନ; ପିଇବା—
1. Drinking.
କେ ଊର୍ଦ୍ଧ୍ୱବାହୁ ଟେକି ଶୂନ୍ୟେ
ରହିଲେ ପବନ ଆପ୍ୟାନେ । ପ୍ରାଚୀ. ନିର୍ଗୁଣମାହାତ୍ମ୍ୟ ।
୨ । (ସଂ. ଆପ୍ୟାୟନ)—ତୃପ୍ତି—2. Satisfaction; satiety.
୩ । (ସଂ. ଆପ୍ୟାୟନ— ପ୍ରୀଣନ—3. Act of giving satisfaction; pleasing.

**ଆପ୍ୟାୟନ**—ସଂ. ବି. ( ଆ + ପ୍ୟାଯ୍ ଧାତୁ = ବୃଦ୍ଧି ପାଇବା; ତୁଷ୍ଟ ହେବା
Āpyāyana + ଭାବ.ଅନ)— ୧ । ପ୍ରୀଣନ—1. Pleasing.
୨ । ତୃପ୍ତି; ସନ୍ତୋଷ—2. Satisfaction.
୩ । ପୁଷ୍ଟି—3. Nourishment.
ଗ୍ରା. ବି. ( ସଂ. ପାନ )—ପାନ; ପିଇବା—Drinking.
ସେ ରୂପ ସୁଧା ଆପ୍ୟାୟନେ, ତୃପିତ ଲୋଚନେ ସଘନେ ।
କେବେହେଁ ନ ପାରଇ ଛନ୍ଦି, ଅନନ୍ଦେ ସ୍ୱାର୍ଥେ ବୃଦ୍ଧି ।
ଜଗନ୍ନାଥ. ଭାଗବତ. ୩ସ୍କ ।

**ଆପ୍ୟାୟିତ**—ସଂ. ବିଣ. ( ଆ=ସମ୍ୟକ୍ + ପ୍ୟାଯ୍ ଧାତୁ=ବୃଦ୍ଧି ପାଇବା
Āpyāyita ତୁଷ୍ଟ ହେବା + କର୍ତ୍ତୃ. ତ )— ୧ । ତୃପ୍ତ—
1. Gratified.
୨ । ସନ୍ତୁଷ୍ଟ—2. Satisfied.
୩ । ପ୍ରୀତ—3. Pleased.
୪ । ନିର୍ବାପିତ—4. Extinguished.
୫ । ସ୍ଫୀତ—5. Swollen.
୬ । ପୁଷ୍ଟ—6. Nourished.

**ଆପ୍ରଚ୍ଛନ**—ସଂ. ବି. ( ଆ=ସମ୍ୟକ୍ + ପ୍ରଚ୍ଛ ଧାତୁ=ପଚାରିବା + ଭାବ.
Āprachchhana ଅନ )— ୧ । ବନ୍ଧୁମାନଙ୍କ ମଧ୍ୟରେ ଭେଟ ବା ବିଦାୟକାଳୀନ ଅଲିଙ୍ଗନ—
1. Friendly embrace at the first meeting or parting.
୨ । ସ୍ୱାଗତ ପ୍ରଶ୍ନାଦିରେ ଅନନ୍ଦପ୍ରଦର୍ଶନ—
2. Rejoicing at the time of meeting a friend.

**ଆପ୍ରପଦ**—ସଂ. ଅ. ( ଆ=ପର୍ଯ୍ୟନ୍ତ + ପ୍ରପଦ=ପାଦାଗ୍ର )—
Āprapada ପାଦାଗ୍ର ପର୍ଯ୍ୟନ୍ତ; ଚରଣପ୍ରାନ୍ତ ପର୍ଯ୍ୟନ୍ତ—
Upto the toe.

**ଆପ୍ରପଦୀନ**—ସଂ. ବିଣ. (ଆ=ଅବଧି + ପ୍ରପଦ=ପାଦାଗ୍ର+ବ୍ୟାପକାର୍ଥେ.
Āprapadīna ଈନ)—( dress ) Flowing from the shoulders upto the toes.

**ଆପ୍ରେଣ୍ଟିସ୍**—ବୈଦେ. ବି. ( ଇଂ. ଅପ୍ରେଣ୍ଟିସ୍ )—
Āprentis ନିପୁଣ ବ୍ୟକ୍ତିଙ୍କ ପାଖରେ ତାଲିମ ହେବାପାଇଁ
আপ্রেন্টিস্ ରହିଥିବା ଲୋକ; ଶିକ୍ଷାନବିସ୍—Apprentice.
अप्रेंटिस्

**ଆପ୍ଲବ**—ସଂ. ବି. ( ଆ + ପ୍ଲୁ ଧାତୁ=ଭାସିବା+ଭାବ. ଅ )—
Āplaba ୧ । ଜଳରେ ସ୍ନାନ; ଅବଗାହନ—1. Bathing.
୨ । ପାଣିରେ ବୁଡ଼ିବା—2. Diving.
୩ । ପହଁରିବା; ସନ୍ତରଣ—3. Swimming.
୪ । ଜଳବୃଦ୍ଧି; ନଈ ଅଦିର ବୃଦ୍ଧି—
4. Flood; inundation.

**ଆପ୍ଲବନ**—ସଂ. ବି. ( ଆ+ପ୍ଲୁ ଧାତୁ=ଭାସିବା+ଭାବ. ଅନ )—
Āplabana ଆପ୍ଲବ ( ଦେଖ )
Āplaba ( See )

**ଆପ୍ଲାବିତ**—ସଂ. ବିଣ. ( ଆ=ସମ୍ୟକ୍+ପ୍ଲାବିତ )—
Āplābita ୧ । ଜଳରେ ପୂରିତ—
1. Flooded; filled with water.
୨ । ପାଣି ମାଡ଼ିଯାଇ ଥିବା—
2. Overspread with water; irrigated.

**ଆପ୍ଳୁତ**—ସଂ. ବିଣ. (ଆ=ସମ୍ୟକ୍; ଉପଲ୍+ପ୍ଲୁତ=ଜଳସିକ୍ତ ବା ଆ+
Āpluta ପ୍ଲୁ ଧାତୁ+କର୍ତ୍ତୃ. ତ )—
୧ । ପାଣି ମାଡ଼ିଯାଇ ଥିବା—1. Irrigated.
୨ । ଜଳ ପ୍ଲାବିତ—2. Flooded.
୩ । ଜଳସିକ୍ତ—3. Wetted; bathed.

**ଆଫ୍‌ସୋସ୍**—ବୈଦେ. ବି. ( ଅ. ଅଫ୍‌ସୋସ୍ )—ଅବ୍‌ସୁସ୍ ( ଦେଖ )
Āphsos Absus ( See )

**ଆଫତ୍**—ଗ୍ରା. ବି. ( ସଂ. ଅପଦ୍ )—ଅପଦ—
Āphat Danger; calamity.
আপদ্
आफत्

**ଆଫତି**—ଗ୍ରା. ବି. ( ସଂ. ଆପତ୍ତି )—ଆପତ୍ତି ( ଦେଖ )
Āphati Āpatti ( See )
আপত্য

**ଆଫଳୋଦୟ**—ସଂ. ଅ (ଆ=ପର୍ଯ୍ୟନ୍ତ+ଫଳୋଦୟ=ଫଳଲାଭ)—
Āphalodaya ୧ । ଫଳଲାଭ ପର୍ଯ୍ୟନ୍ତ—
1. Till the attainment of one's end.
୨ । ସଫଳ ହେବା ଯାଏ—
2. Till rewarded with success.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଯୃ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଷ,ଶ | ଙ୍କ | ଇଯ୍ | ଉଅ | ଉ |
| ୬ | ଈ | ଊ | ଋୁ | ଌୁ | ଯେୃ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଙ୍ୟ | ଯ | ସ | ଗଁ୍ୟ | ଇଅ | ଊ! | ନ୍ |

ଆଫ୍ଫା କରିବା—ଦେ. କ୍ରି—ଅପ୍ଫା କରିବା ( ଦେଖ )
Āphphā karibā Āpphā karibā ( See )

ଆଫିତି—ଗ୍ରା. ବି. ( ସଂ. ଆପତ୍ତି )—ଆପତ୍ତି ( ଦେଖ )
Āphiti Āpatti ( See )

ଆଫୀନ - ସଂ. ବି—ଅହିଫେନ; ଅଫିମ—Opium ( M. W. )
Āphīna

ଆଫୂକ—ସଂ. ବି—ଅହିଫେନ; ଅଫିମ—Opium ( M. W. ).
Āphūka

ଆବୁଆବ୍—ବୈଦେ. ବି. ( ଅ )—ଅବୁଆବ୍ ( ଦେଖ )
Ābuāb Abuāb ( See )

ଆବ୍କାରି ( ଇତ୍ୟାଦି )—ବୈଦେ. ବି. ( ଅ )—
Ābkāri ( ete ) ଅବକାରି ଇତ୍ୟାଦି ( ଦେଖ )
Abakāri etc ( See )

ଆବ୍ଡାଖାବ୍ଡା—ଦେ. ବିଣ—ବନ୍ଧୁର—
Ābrdākhābrdā Rough; uneven.
আবড়াথাবড়া
खूरखूरा

ଆବ୍ଦାର—ବୈଦେ. ବି. ( ଫା )—୧ । ଜିଗର; ଜିଦ୍—
Ābdāra 1. Importunity.
আবদার ୨ । ଅଳି—2. Importune request.
आबदार ୩ । ପୁନଃ ପୁନଃ ପ୍ରାର୍ଥନା—
3. Repeated request.

ଆବ୍ଦାରି—ବୈଦେ ବି. ( ଅ )—ଆବ୍ଦାର ( ଦେଖ )
Ābdāri Ābdāra ( See )

ଆବ୍ରକ୍—ଦେ. ବି. ( ସ. ଅଭ୍ର )—ଅଭ୍ର; ମେଘକାଳ—
Ābrak Mica; talc.
অভ্রক
अबरक

ଆବ୍ରଖ୍—ଦେ. ବି. (ସ. ଅଭ୍ର )—ଆବ୍ରକ୍ ( ଦେଖ )
Ābrakh Ābrak ( See )

ଆବ୍ରାଆବ୍ରି—ଦେ. ବି—୧ । ପରସ୍ପର ପରସ୍ପରକୁ ଅବଲମ୍ବନ କରିବା—
Ābrāābri 1. Inter-dependence.
ঢাকাঢাকি ୨ । ଅନ୍ୟୋନ୍ୟ ସମ୍ବନ୍ଧ—
2. Mutual connection.
୩ । ପରସ୍ପର ସଙ୍ଗେ ମିଳନ—
3. Uniting with each other.
ଦେ. ବିଣ—୧ । ପରସ୍ପର ପରସ୍ପରକୁ ଅବଲମ୍ବନ କରୁଥିବା—
1. Depending upon each other; inter-dependent.
୨ । ଅନ୍ୟୋନ୍ୟ ସମ୍ବଦ୍ଧ—2. Inter-connected.
୩ । ପରସ୍ପର ସଙ୍ଗେ ମିଳିତ—
3. Joined to or united with each other.

ଆବ୍ରଜାବ୍ରା—ଗ୍ରା. ବିଣ—୧ । ଗୋଳମାଳିଆ—1. Confused.
Ābrājābrā ୨ । ଅପରିଷ୍କୃତ; ଅହସ୍ତୃତ— 2. Uncleansed.
এবড়োজেবড়ো ୩ । ଅବିନ୍ୟସ୍ତ—3. Not properly set.
गड़बड़ ୪ । ମଇଳା—4. Dirty.

ଆବ୍ସୋସ୍—ବୈଦେ. ବି ( ଅ )—ଅବ୍ସୁସ୍ ( ଦେଖ )
Ābsos Absus ( See )

ଆବହାଉଆ—ବୈଦେ. ବି ( ଅ )—ଅବ୍ହାଉଆ ( ଦେଖ )
Ābahāuā Abhāuā ( See )

ଆବଖୁରା—ବୈଦେ. ( ଫା ) ବି—ଅବ୍ଖୁରା ( ଦେଖ )
Ābakhurā Abkhurā ( See )
ଭୋଜନ ବେଳେ ଥାଳି ପାଖରେ ଗୋପାଳ ଅବଖୁରାରେ ଜଳ ଥୋଇ ନ ଦେଲେ ବାବୁଙ୍କୁ ଆଉ ଜଳ ଭଲ ଲାଗେ ନାହିଁ—ଫକୀରମୋହନ. ଗଳ୍ପସ୍ୱଳ୍ପ ।

ଆବଦ୍ଧ—ସଂ. ବିଣ. ( ଆ = ସମ୍ୟକ୍ + ବନ୍ଧ୍ ଧାତୁ + କର୍ମ. କ୍ତ )—
Ābaddha ୧ । ବ୍ୟାପୃତ; ନିଯୁକ୍ତ—
1. Engaged; busy.
୨ । ବନ୍ଧାହେବା; ବଦ୍ଧ; ସଂଲଗ୍ନ—
2. Bound up; tied down.
୩ । ନିର୍ମିତ—3. Constructed.
କାଶ୍ମୀର ଗହ୍ୱରକାନ୍ତି ବପୁ ଅହଙ୍କାରୀ ଭାନୁ ଆବଦ୍ଧରେଖ ଅଦ୍ଭୁତ ରୂପ ମଣ୍ଡଳରେ—ପ୍ରାଚୀ. ଉଷାଭିଳାଷ ।
୪ । ଋଣନିମନ୍ତେ ମହାଜନ ନିକଟରେ ରକ୍ଷିତ; ବନ୍ଧା-ଦିଆଯିବା—4. Pledged; mortgaged.
୫ । ରୁଦ୍ଧ—5. Confined.
୬ । ଗତିରୁଦ୍ଧ—6. Restrained.
୭ । ଦଉଡ଼ିଦ୍ୱାରା ଯୁଆଳିରେ ଯୋଚି ହେବା—7. Yoked.

ଆବନ୍ଧ—ସଂ. ବି. ( ଆ = ବିଶେଷ + ବନ୍ଧ ଧାତୁ = ବାନ୍ଧିବା + କରଣ. ଅ; ଯାହାଦ୍ୱାରା ଯୁଆଳି ସହିତ ହଳ ବା ଶଗଡ଼ ବନ୍ଧନ କରାଯାଏ)—୧ । ଯୋତ; ଲଙ୍ଗଳଦଉଡ଼ି—
Ābandha
1. A cord for tying the shaft of the plough to the yoke.
୨ । ଶଗଡ଼ର ଖୁଣ୍ଟି ଉପରେ ବନ୍ଧାଯିବା ରଜ୍ଜୁ—2. A cord for tying the shat of a cart to the yoke.
୩ । ସମ୍ବନ୍ଧ—3. Connection.
୪ । ଦୃଢ଼ବନ୍ଧନ—4. Strong tie.
୫ । ପ୍ରେମ; ପ୍ରଣୟ—5. Attachment; affection.

ଆବପ—ସଂ. ବି. ( ଆ + ବପ୍ ଧାତୁ = ବୁଣିବା; କ୍ଷୌର ହେବା + ଅଧିକରଣ. ଅ )—
Ābapa
୧ । ଧାନ୍ୟସ୍ଥାପକ ପାତ୍ର—
1. Receptacle for storing paddy.
୨ । ଭାଣ୍ଡ; ପାତ୍ର—2. Receptacle.
୩ । ( + ଭାବ. ଅ ) କ୍ଷୌରକର୍ମ; କେଶାଦି ମୁଣ୍ଡନ—
3. Shaving.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥାଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; ବଧ ନ ପାଇଲେ 'ବନ୍ଧ' ଦେଖିବେ; 'ଅଇଁଷ' ନ ପାଇଲେ 'ଅଣ୍ଡା' ଦେଖିବେ; 'ଅଲବଡ' ନ ପାଇଲେ 'ଅଲବଡ଼' ଦେଖିବେ ।

୪ । ବୀଜ ବପଣ; ବୁଣା—4. Sowing.

**ଆବପନ**—ସଂ. ବି. ( ଆ+ବପ୍ ଧାତୁ=ବୁଣିବା; ଗୌର ଦେବା+ ଅଧିକରଣ. ଅନ )—ଅବପ ( ଦେଖ )
Ābapana — Ābapa ( See )

**ଆବର**—ଦେ. ପଦ୍ୟ. ଅ. ( ସଂ. ଅପର )—୧ । ପୁଣି—1 Also
Ābara
ଆବର ସମ୍ଭବ ଯେ କରୁଣାବ୍ରହ୍ମ ତାତ,
ହିଡ଼ମ୍ବ ବକ ଦୁଇ ଅସୁରନନ୍ଦନ—କୃଷ୍ଣସିଂହ. ମହାଭାରତ ଆଦି ।
୨ । ଏବଂ: ଅଉ--2 And.
ଦେ. ସର୍ବନାମ—ଅପର; ଅନ୍ୟ—Another; other.
ବୈଦେ. ବି—ଆବୁର ( ଦେଖ )—Ābura ( See )

**ଆବରଣ**—ସଂ. ବି. (ଆ=ବୃ ଧାତୁ=ଅବରୋଧ କରିବା+ଭାବ. ଅନ)—
Ābaraṇa ୧ । ଅଚ୍ଛାଦନ—1. Act of covering.
୨ । (+କରଣେ. ଅନ)—ଚର୍ମଫଳକ; ଢାଲ—2. Shield.
୩ । ଢାଙ୍କୁଣୀ; ଅଚ୍ଛାଦନ—3. Covering; lid
୪ । ପରଦା—4. Screen.
୫ । ଅଚ୍ଛାଦନସାଧନ (ପ୍ରାଚୀର ଆଦି)—5. Walls etc which screen a place from public gaze.
୬ । ଅବରୋଧ—6. Concealment from public gaze.
୭ । ଲୁଚାଇବା—7. Concealment.

**ଆବରଣ ପଟ୍ଟ**—ସଂ. ବି. (ମଧ୍ୟପଦଲୋପୀ; ଆବରଣାର୍ଥେ ବ୍ୟବହୃତ ପଟ୍ଟ)—
Ābaraṇapaṭa ଯେଉଁ ପରଦାଦ୍ୱାରା କୌଣସି ବସ୍ତୁକୁ ଘୋଡ଼ାଇ ଦିଆ ଯାଏ—A covering or screen for covering anything.
ତପଃ ପାଶେ କ୍ଷମା ହସ୍ତେ ଆବରଣ ପଟ୍ଟ,
କେବଳ ସଦାପରଦୋଷ ଆବରିବା ପାଇଁ । ଜଗନ୍ନାଥ. ମହାଯାତ୍ରା ।

**ଆବରଣୀୟ**—ସଂ ବିଣ. ( ଆ+ବୃ ଧାତୁ=ଅଚ୍ଛାଦନ କରିବା+କର୍ମ. ଅନୀୟ)—୧ । ଅଚ୍ଛାଦନ ଯୋଗ୍ୟ—
Ābaraṇiya 1. Fit to be covered.
୨ । ଯାହା ଲୁଚାଇବା ଯୋଗ୍ୟ—
2. Fit to be concealed.

**ଆବରା**—ପ୍ରାଦେ. (ଗଞ୍ଜାମ) ବି.—୧ । ଲୁଣ ପାଣିକୁ ଜାଳରେ ବସାଇ
Ābarā ସେଥିରୁ ଲୁଣ ମାରିବା ପାଇଁ ବ୍ୟବହୃତ ପିହାଣ—
(ଦୈନିକ ଆଶା ୨୫।୫।୩୦)
A pot for boiling salt-water for manufacturing salt.
୨ । ଲୁଣ ମାରିବାରେ ବ୍ୟବହୃତ ଖଉରି—2. Spot or field storing saline water for manufacturing salt.

**ଆବରିବା**—ଦେ. ପଦ୍ୟ. କ୍ରି. (ସଂ. ଆବରଣ)—୧ । ଆବରଣ କରିବା;
Ābaribā ଅଚ୍ଛାଦନ କରିବା; ଘୋଡ଼ାଇବା—
আবরন করা 1, To cover; to screen; to shield.
ତପଃ ପାଶେ କ୍ଷମା ହସ୍ତେ ଆବରଣ ପଟ୍ଟ ।
କେବଳ ସଦା ପର ଦୋଷ ଆବରିବା ପାଇଁ । ଜଗନ୍ନାଥ. ମହାଯାତ୍ରା ।
୨ । ଘେରି କରି ରହିବା—2. To surround.
ଆବରି ଅଳକା ସୌଧ ଶିଖର । ଜଗନ୍ନାଥ. ମେଘଦୂତ ।
୩ । ଅଧିକାର କରି ବସିବା—3. To establish one's self in authority; to occupy.
୪ । ସ୍ୱୀକାର କରିବା; ଆପଣାର କରିବା—
4. To affiliate; to treat as one's own. to acknowledge as one's own.
୫ । (ଲକ୍ଷଣାର୍ଥେ) କୌଣସି ମନୋଗତ ଭାବକୁ ଗୁପ୍ତ ରଖିବା—
5. To suppress one's feelings.
ଧୈର୍ଯ୍ୟଶୀଳା ଧୈର୍ଯ୍ୟ ଆବରି ସେ ଭାବ ବାକ୍ୟେ କଣ୍ଠକୁ ଶୀତଳ ।
ଜଗନ୍ନାଥ. ପାର୍ବତୀ ।
୬ । କୌଣସି କାର୍ଯ୍ୟ କରିବାପାଇଁ ଆଦରିବା—
2, To undertake to do a work.
୭ । ଘୋଟିବା—7. To overspread; to over cloud.

**ଆବର୍ଜନ**—ସଂ. ବି. (ଆ+ବୃଜ୍ ଧାତୁ+ଭାବ. ଅନ)—ଛାଡ଼ି ପଳାଇବା—
Ābarjana ସମ୍ୟକ୍ ତ୍ୟାଗ—Abandonment.

**ଆବର୍ଜନା**—ସଂ. ବି. (ଆ+ବୃଜ୍ ଧାତୁ+ଅନ+ଆ) ଅଳିଆ; ଝାଡ଼ୁଆ—
Ābarjanā Sweepings; rubbish.

**ଆବର୍ଜନ ବିସର୍ଜନ**—ସଂ. ବି. ( ଏକାର୍ଥବୋଧକ ସହଚର ଶବ୍ଦ )—
Ābarjana bisarjana ସମ୍ପୂର୍ଣ୍ଣରୂପେ ତ୍ୟାଗ ବା ବର୍ଜନ—Quite abandonment and surrender.

**ଆବର୍ଜିତ**—ସଂ. ବିଣ. (ଆ=ସମ୍ୟକ୍+ବର୍ଜିତ=ତ୍ୟକ୍ତ)—
Ābarjita ୧ । ପରିତ୍ୟକ୍ତ—1. Abandoned.
୨ । ଅନତ—2. Bent down.
୩ । ଆହୃତ—3. Collected.
୪ । ସଂଯମିତ—4. Restrained.
୫ । ଓଳିଆ ହୋଇଥିବା—5. Swept off.

**ଆବର୍ତ୍ତ**—ସଂ. ବି. (ଆ+ବୃତ ଧାତୁ=ହେବା; ଘେରି ରହିବା=ଭାବ. ଅ)—୧ । ଜଳ ଭଉଁରି; ପାଣି ମଲା; ଜଳଭ୍ରମ—
Ābartta 1, Eddy; whirlpool.
୨ । ଲୋମର ଭଉଁରି; ଘୋଡ଼ା ଦେହ ଲୋମର ଦଶବିଧ ବୃତ୍ତାକାର ସଂସ୍ଥାନ—2. Circular rings of hair on ten different parts of the body of a horse.
୩ । ମେଘବିଶେଷ—3. A form of cloud; cumulus cloud.
୪ । ରାଜାବର୍ତ୍ତ ନାମକ ମଣି—4. A kind of gem.
୫ । ପରିବର୍ତ୍ତ; ଘୂର୍ଣ୍ଣନ—5. Revolution; gyration.

| ୯ | ଉ | ଊ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇସ୍ | ଈଃ | ଢ |
|---|---|---|---|---|---|---|---|---|---|---|---|---|---|---|
| ୨ | ଉ | ଊ | ରୁ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ | ଇଅ | ଓ | ନ୍ନ |

୬ । ଦେହମାନଙ୍କର ବୃତ୍ତାକାର ଲୋମସ୍ଥାନ—
6. Circular rings of fur on the bodies of animals.

ଆବର୍ତ୍ତିକ—ସଂ. ବି. (ଅବର୍ତ୍ତି + କ)—୧ । ମେଘବିଶେଷ; ନିର୍ଜଳମେଘ—
Ābarttaka 1. A kind of rainless cloud.
[ଦ୍ର—ମେଘ ତଳେ କୋଷ୍ଠ ଦେଖ]
୨ । ମେରୁଦଣ୍ଡର ପ୍ରତ୍ୟେକ ଅସ୍ଥି ଖଣ୍ଡ—
The individual bones of the spine.
ସଂ. ବିଣ.—୧ । ଆବରକ—1. Covering
୨ । ଆବୃତ୍ତିକାରକ—2. Revolving

ଆବର୍ତ୍ତନ—ସଂ. ବି. (ଆ + ବୃତ ଧାତୁ = ହେବା + ଭାବ. ଅନ)—
Ābarttana ୧ । ତରଳ ହେବା; ଅଉଟାହେବା—
1 Fusing. melting.
୨ । ଘୂର୍ଣ୍ଣନ; ମନ୍ଥନ—2. Revolution; churning.
୩ । ପୁନଃ ପୁନଃ କରଣ—3. Repeated doing
୪ । ପୁନରାଗମନ—4. Coming again; returning.
୫ । ବେଢ଼ିବା; ଚତୁର୍ଦ୍ଦିଗରେ ବେଷ୍ଟନ (ପ୍ରାଚୀର୍ଦ୍ଦ)—
5. Surrounding.
୬ । ଘାଣ୍ଟିର ଖାଇବା 6. Revolving; gyrating.
୭ । ବିଷ୍ଣୁ (ପ୍ରକୃତିବାଦ)—7. A name of Bishnu.

ଆବର୍ତ୍ତନବାଦ—ସଂ ବି. ( ଅବର୍ତ୍ତନ + ବାଦ )—ମୃତ୍ୟୁପରେ ଜୀବର
Ābarttanabāda ପୁନର୍ବାର ସଂସାରରେ ଜନ୍ମଗ୍ରହଣ କରିବା-ବିଶ୍ୱାସ—The belief in future birth after death; the theory of transmigration of soul.

ଆବର୍ତ୍ତନବାଦୀ—ସଂ. ବିଣ. ପୁଂ. (ଅବର୍ତ୍ତନ+ବାଦୀ)—ଯେଉଁ ଲୋକ
Ābarttanabādi ବିଶ୍ୱାସ କରେ ଯେ ଜୀବ ମୃତ୍ୟୁପରେ ପୁନର୍ବାର
(ଆବର୍ତ୍ତନବାଦିନୀ—ସ୍ତ୍ରୀ) ସଂସାରରେ ଜନ୍ମଗ୍ରହଣ କରେ—
Believing in the theory of transmigration of soul.

ଆବର୍ତ୍ତନୀ—ସଂ. ବି. ସ୍ତ୍ରୀ (ଆ + ବୃତ୍ + ଅଧିକରଣ, ଅନ + ସ୍ତ୍ରୀ. ଈ)—
Ābarttani ୧ । କୌଣସି ଦ୍ରବ୍ୟକୁ ଗଳିତ କରିବାର ପାତ୍ର; ଧାତୁ ଅଉଟିବା ପାତ୍ର; କୋଇ—1. Melting pot; crucible
୨ । ଯାହାଦ୍ୱାରା ଅଉଟାଯାଏ; ଚାମଚ; ଅଣକ—2. Spoon; wooden ladle.
୩ । ଉତୁରୁଡ଼ି ( ହରେକୃଷ୍ଣ. ଦ୍ରବ୍ୟଗୁଣ )
3. Uturur̤di (See)

ଆବର୍ତ୍ତିତ—ସଂ. ବିଣ. (ଆ + ବର୍ତ୍ତ + କର୍ମ. ତ)—୧ । ଲେଉଟିବା;
Ābarttita ପୁନରାଗତ—1. Returned; come back.
୨ । ଅଉଟାହେବା—2. Stirred while boiling or melting.
୩ । ଅଭ୍ୟସ୍ତ—3. Habituated.
୪ । ଗୁଣିତ—4. Multiplied.
୫ । ଆଚ୍ଛାଦିତ—5. Covered.
୬ । ବେଷ୍ଟିତ—6. Surrounded.

ଆବର୍ହିତ—ସଂ. ବିଣ. (ଆ + ବର୍ହ ଧାତୁ = ମାରିବା + କର୍ମ. ତ)—ଉନ୍ମୂଳିତ;
Ābarhita ସମୂଳେ ଉତ୍ପାଟିତ—Uprooted.

ଆବଳି—ସ.ବି. ସ୍ତ୍ରୀ. (ଆ + ବଲ୍ ଧାତୁ = ଗମନ କରିବା + ଭାବ. ଇ)—
Ābal̤i ୧ । ଶ୍ରେଣୀ; ପଂକ୍ତି; ଧାଡ଼ି—1. Row; line.
୨ । ସମୂହ—2. Collection.
୩ । ବଂଶ—3. Lineage; family.
୪ । ଏକସାଙ୍ଗ—4. A set; series.

ଆବଳୀ—ସ. ବି. ସ୍ତ୍ରୀ.—ଅବଳିର ଅନ୍ୟରୂପ—
Ābal̤i Another form of Ābal̤i.

ଆବଲ୍ୟ—ସ. ବି. ( ଅବଲ + ଭାବ. ଯ)—ଦୁର୍ବଳତା—Weakness.
Ābalya

ଆବଶ୍ୟକ—ସ ବିଣ.(ଅବଶ୍ୟ = ନିଶ୍ଚୟ+ଭାବ. କ)—୧ । ପ୍ରୟୋଜନୀୟ;
Ābaśyaka ଦରକାର—1. Necessary; needful.
୨ । ଅବଶ୍ୟମ୍ଭାବୀ—2. Inevitable.
୩ । ଯାହା ନ ହେଲେ ନ ଚଳେ—3. Indispensable.
୪ । ନିରବକାଶ—4. Incessant; without leisure.
ଦେ. ବି.—ଦରକାର; ପ୍ରୟୋଜନ—Necessity; need.

ଆବଶ୍ୟକତା—ସଂ. ବି (ଆବଶ୍ୟକ = ପ୍ରୟୋଜନୀୟ + ଭାବ. ତା)—
Ābaśyakatā ପ୍ରୟୋଜନୀୟତା—Necessity; need.

ଆବଶ୍ୟକୀୟ—ଦେ. ବିଣ. (ସଂ. ଆବଶ୍ୟକ)—୧ । ଦରକାର;
Ābaśyakiya ପ୍ରୟୋଜନୀୟ—1. Necessary.
୨ । ଜରୁରୀ—2. Urgent.
[ ଦ୍ର—ଆବଶ୍ୟକ ବିଶେଷଣ ପଦ । ତହିଁରୁ ପୁଣି 'ଈୟ' ପ୍ରତ୍ୟୟ କରି ବିଶେଷଣ କରିବା ବ୍ୟାକରଣବିରୁଦ୍ଧ; ତେଣୁ ଆବଶ୍ୟକୀୟ ପଦର ପ୍ରୟୋଗ ଭ୍ରମାତ୍ମକ । ]

ଆବସଥ—ସଂ. ବି. (ଆ + ବସ ଧାତୁ = ବାସ କରିବା + ଅଧିକରଣ ଅଥ;
Ābasatha ଯହିଁରେ ଲୋକ ବାସ କରନ୍ତି)—
୧ । ଅବସଥ (ଦେଖ.—1. Abasatha (See)
୨ । ବ୍ରତବିଶେଷ—
2. Name of a religious austerity.

ଆବସଥ୍ୟ—ସଂ. ବି. (ଅବସଥ + ଯ)—
Ābasathya ୧ । ଗୃହସ୍ଥାଶ୍ରମ—1. The stage of a house-holder.
୨ । ଗୃହସମ୍ବନ୍ଧୀୟ ଲୌକିକ ଅଗ୍ନି—2. Domestic fire.
୩ । କର୍ମାଙ୍ଗବହ୍ନି—3. Fire used in vedic rites.

ସାଧାରଣ ଲୋକେ ଅପର ପୃଷ୍ଠାରେ ଧଡ଼ିର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଠ ଆଦ୍ୟରେ ଚହିଁର ସେଠାରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଶାଉ' ନ ମିଳିଲେ 'ଖାଉ' ଖୋଜିବେ; 'କୃଷ' ନ ମିଳିଲେ 'ବୃଷ' ଦେଖିବେ; 'ବଷ' ନ ପାଇଲେ 'ବକ୍ଷ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବର' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୪ । ପଞ୍ଚପ୍ରକାର ଅଗ୍ନି ମଧ୍ୟରୁ ଅଗ୍ନିବିଶେଷ— 4. Name of one of the five sacrificial fires.

**ଆବସିତ**—ସଂ. ବିଣ. (ଆ+ଅବ+ଷୋ ଧାତୁ=ନାଶ କରିବା; ସ୍ଥାପନ କରିବା+କର୍ମ. ତ)—୧ । ଭଣ୍ଡାରରେ ସ୍ଥାପିତ— 1. Stored; treasured.
Ābasita

୨ । ରାଶୀକୃତ—2. Collected; gathered, heaped up.

୩ । ଶୂର୍ପ ବା କୁଲା ଦ୍ୱାରା ପରିଷ୍କୃତ (ଧାନ୍ୟାଦି)— 3. Cleansed by fanning; winowed.

୪ । ନିର୍ଣ୍ଣୀତ; ଅବଧାରିତ—4. Ascertained,

୫ । ଅବସାନପ୍ରାପ୍ତ; ସମାପ୍ତ—5. Completed.

**ଆବହ**—ସଂ. ବିଣ. ( ଆ+ବହ ଧାତୁ=ବହନ କରିବା+କର୍ତ୍ତୃ. ଅ; ଏହି ଶବ୍ଦ କେତେକ ଶବ୍ଦର ପରେ ବ୍ୟବହୃତ ହୁଏ; ଯଥା— ଭୟାବହ; ଦୁଃଖାବହ )—ବହନକାରୀ; ଜନକ; ଉତ୍ପାଦକ—(A suffix added to nouns to denote Carrying; producing.
Ābaha

ସଂ. ବି.—୧ । ନିର୍ଦ୍ଦିଷ୍ଟ ବେଗବିଶିଷ୍ଟ ବାୟୁବିଶେଷ— 1. A kind of wind of a given velocity.

୨ । ଯେଉଁ ପବନ ଭୂପୃଷ୍ଠରେ ବହେ— 2. Atmosphere.

**ଆବହନ**—ସଂ. ବି. (ଆ+ବହ ଧାତୁ=ବହନ କରିବା+ଭାବ. ଅନ)— ୧ । ବହିବା; ବହନ—1. Carrying.
Ābahana

୨ । ଉତ୍ପାଦନ—2. Producing; generating.

**ଆବହବାୟୁ**— ସଂ.ବି. (ଆଧୁନିକ ପ୍ରୟୋଗ; ବିଜ୍ଞାନ ପରିଭାଷା ମୂଳ— ଫା. ଅବ୍‌ହାଭ୍‌ଆ)=ଜଳ ବାୟୁ ଭୂମଣ୍ଡଳର ଉପରିସ୍ଥ ବାୟୁ—The atmosphere.
Ābahabāyu

**ଆବହମାନ**—ସଂ. ବିଣ. ( ଆ+ବହ ଧାତୁ =ବହନ କରିବା—କର୍ତ୍ତୃ. ଆନ)—୧ । କ୍ରମାଗତ; ଚିରକାଳରୁ ପ୍ରଚଳିତ— 1. Coming down from time immemorial.
Ābahamāna

୨ । ଯାହା ବହୁ ପୂର୍ବରୁ ଚଳି ଆସୁଅଛି— 2. Current since time immemorial.

୩ । ଯାହା ବହି ଆସୁଅଛି—3. Flowing on.

**ଆବହମାନକାଳ**—ସଂ. ବି.—ଚିରକାଳ; ବହୁ ପୂର୍ବକାଳ ଠାରୁ ଆଜି ପର୍ଯ୍ୟନ୍ତ ଚଳି ଆସୁଥିବା କାଳ— Time immemorial.
Ābahamānakāla

**ଆବା**—ପ୍ରାଦେ. ( ଗଞ୍ଜାମ ) ଅ ( Interjection used to denote.)—
Ābā

୧ । ଆଶ୍ଚର୍ଯ୍ୟ—1. Wonder.

୨ । ଦୁଃଖସୂଚକ—ଅହୋ ! ଆହା !—2. Grief—Ah; Aha !

ପ୍ରାଦେ. ( କନ୍ଧ ଭାଷା ) ବି.—କନ୍ଧମାନଙ୍କର ଗ୍ରାମନାୟକ— The village head amongst the Kandhas.

**ଆବାଆବା**—ଦେ. ଅ. ( ଧ୍ୱନ୍ୟନୁକରଣ )—ଅତ୍ୟନ୍ତ ଭୟ ତ୍ରସ୍ତ ହୋଇ ଉଚ୍ଚାରଣ କରିବା ଶବ୍ଦ— Sound uttered by people in great distress.
Ābāābā

ଭୂଷ ପୁଅ ବଚନ ନ ଶୁଣି ସେନାଏ
ଆବାଆବା ବୋଲି ଡାକିଲେ ଅଚେତେ—କୃଷ୍ଣସିଂହ. ମହାଭାରତ. କର୍ଣ୍ଣ ।

**ଆବାକାବା**—ଦେ. ଅ. ( ସଂ. ଅବାକ୍ )—୧ । ଆବାଖାବା (ଦେଖ)
Ābākabā — 1. Ābākhābā (See)
ଅবাক্

୨ । ଆଶ୍ଚର୍ଯ୍ୟାନ୍ୱିତରୂପେ; କିଂକର୍ତ୍ତବ୍ୟବିମୂଢ଼ ହୋଇ— 2. In a bewildered manner.
घबड़ा; भौचक्

ଦେ. ବିଣ.—୧ । କିଂକର୍ତ୍ତବ୍ୟବିମୂଢ଼; ସ୍ତବ୍ଧ— 1. Bewildered.

୨ । ଆଶ୍ଚର୍ଯ୍ୟାନ୍ୱିତ—2. Astonished.

**ଆବାଖାବା**—ଦେ. ଅ.—ଅସମାନଭାବରେ; କେଉଁଠାରେ ବେଶି କେଉଁଠାରେ କମ୍, କେଉଁଠାରେ ବା ନାହିଁ ଏପରିଭାବରେ; ଏଠିକି ସେଠିକି— Unequally; unevenly; here and there.
Ābākhābā
আবড়াখাবড়া, আবাখাবা
खुरखुर

ତେଲ ଲଗାଇବ ଆବାଖାବା, ଖାଇବସିଥିବ ଆଗ
ଶୋଇ ପଡ଼ିଥିବ ଚିତହୋଇ ମାଡ଼ି ବସିଥିବ ଜାଗା—ଚଗ ।

ଦେ. ବିଣ.—ଅସମତଳ; ବନ୍ଧୁର—Uneven; rough.

**ଆବାଜ୍**—ବୈଦେ. ବି.—ଅବାଜ୍ (ଦେଖ)
Ābāj — Abāj (See)

**ଆବାଡ଼ି**— ଦେ. ବିଣ. ପୁଂ. ଓ ସ୍ତ୍ରୀ.—କାବାଡ଼ି; ଓଲୁ— Foolish; dull; dunce.
Ābārdi
উল্লু
गावदि; उल्लु

**ଆବାଥାବା**— ଦେ. ଅ.—ଆବାଖାବା (ଦେଖ)
Ābāthābā — Ābākhābā See)

**ଆବାଦ୍**—ବୈଦେ. ବି. ( ଅ )—ଭୂମିକୁ ଚାଷ କରି ଫସଲ ଉଠାଇବା— Cultivation; agriculture.
Ābād
আবাদ

ବୈଦେ. ବିଣ.—୧ । କୃଷ୍ଟ; ଚଷାଯାଇଥିବା— 1. Cultivated.
आबाद्

୨ । ଜନପୂର୍ଣ୍ଣ—2. Full of men.

୩ । ଲୋକାଧିଷ୍ଠିତ—3. Inhabited.

**ଆବାଦି**—ବୈଦେ. ବିଣ. (ଅ)—୧ । କୃଷି କରାଯାଇଥିବା (ଭୂମି) 1. Cultivated (field)
Ābadi

(ଅନାବାଦି—ବିପରୀତ) ୨ । ଲୋକାଧ୍ୟୁଷିତ—2. Inhabited.

ବୈଦେ. ବି—୧ । ବାସସ୍ଥାନ—1. Habitation.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଊ | ର,ଋ | ଽ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଯ | ଜ | ଶ,ଷ | ଙ୍କ | ଇୟ | ଉଅ | ଘ |
| ୨ | ଈ | ଉ | ରୁ | ଲୁ | ଯ୍ରେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଓ | କୃ |

୨ । ଗ୍ରାମନିକଟବର୍ତ୍ତୀ ସ୍ଥାନ—2. Village-site; land near a village,

ଆବାପ—ସଂ. ବି (ଆ+ବପ୍ ଧାତୁ=ବପନ କରିବା, ଶତ୍ରୁ ବିଷୟକ Ābāpa ଚିନ୍ତା କରିବା+ଭାବ. ଅ )—୧ । ଶତ୍ରୁରାଜ୍ୟ ଚିନ୍ତା; ଶତ୍ରୁବିଷୟକ ଚିନ୍ତା—1. Thought about enemy's country or movements.

୨ । ରାଜ୍ୟରକ୍ଷା—2 Governance of a kingdoom,

୩ । ବୀଜବପନ; ମଞ୍ଜି ବୁଣିବା—3. Sowing.

୪ । କଙ୍କଣାଦି ଭୂଷଣ—4. Bracelet,wristlet and similar ornaments.

୫ । ଉନ୍ନତ ଅବନତ ଭୂମି; ବନ୍ଧୁର ଭୂମି—
5. Uneven country; undulating land.

୬ । ମିଶ୍ରଣ; ଅନ୍ୱୟ—6. Mixing together.

୭ । (+ଅଧିକରଣ. ଅ)—ଆଲବାଲ; ମନ୍ଦା—
7. Basin at the foot of a tree for watering.

୮ । ପାତ୍ରବିଶେଷ; ଥଳି—8. A bag

୯ । ପ୍ରଧାନ ହୋମ—9. A chief fire-sacrifice.

ଆବାପକ—ସଂ. ବିଣ. (ଆ+ବପ୍ ଧାତୁ+କର୍ତ୍ତୃ. ଅକ)—ବପନକାରୀ—
Ābāpaka Sowing.
ସଂ. ବି.—ବଳୟାଦି ଭୂଷଣ—Wristlet and other ornaments.

ଆବାପନ—ସଂ. ବି. (ଆ+ବପ୍ ଧାତୁ, ଣିଚ; ବାପି ଧାତୁ+କରଣ. ଅନ)-
Ābāpana ୧ । ସୂତ୍ରଯନ୍ତ୍ର; ତନ୍ତ—1. Loom.

୨ । କେଶାଦିର ସମ୍ୟକ୍ ମୁଣ୍ଡନ—
2. Shaving of the head.

୩ । କଙ୍କଣ—3. Bracelet; bangle.

ଆବାଳ—ସଂ. ବି. (ଆ+ବଲ୍ ଧାତୁ=ଘିବା; ଘୋଳିବା+କର୍ମ. ଅ)—
Ābāla ଆଲବାଲ; ଗଛ ମୂଳରେ ପାଣି ଦେବା ପାଇଁ ମନ୍ଦା—
A basin raised at the foot of a tree for watering.
କ୍ରି. ବିଣ (ଆ=ଅବଧି+ବାଳ)—ବାଲ୍ୟାବଧି—From infancy.

ଆବାଲି—ପ୍ରାଦେ. (ଗଡ଼ଜାତ) ବିଣ. ପୁଂ.—ଅଲବଲିଆ (ଦେଖ)
Ābāli Alabalia (See)
(ଅବାଲୀ—ସ୍ତ୍ରୀ)

ଆବାଲିଆ—ପ୍ରାଦେ. (ଗଡ଼ଜାତ) ବିଣ. ପୁଂ.—ଅଲବଲିଆ (ଦେଖ)
Ābālia Alabalia (See)

ଆବାଲ୍ୟ—ସଂ. ଅ (ଅବ୍ୟୟୀଭାବ; ଆ+ବାଲ୍ୟ)—ବାଲ୍ୟକାଳରୁ—
Ābālya From infancy.

ଆବାସ—ସଂ. ବି. (ଆ+ବସ୍ ଧାତୁ=ବାସ କରିବା+ଅଧିକରଣ. ଅ)—
Ābāsa ଯେଉଁଠାରେ ବାସ କରାଯାଏ; ବାସସ୍ଥାନ; ଘର—
Abode; habitation; residence; dwelling.

ଆବାହନ—ସଂ.ବି. (ଆ+ବାହ୍ ଧାତୁ=ଆହ୍ୱାନ କରିବା+ଭାବ. ଅନ)-
Ābāhana ୧ । ନିମନ୍ତ୍ରଣ; ଆହ୍ୱାନ—1. Invitation.
(ବିସର୍ଜନ—ବିପରୀତ) ୨ । ପୂଜାସ୍ଥାନକୁ ଆମନ୍ତ୍ରଣ କରିବା—
2. Invokation by means of mantras.
ଦେ. ବିଣ. (ପ୍ରାଚୀନ ଓଡ଼ିଆ; ମାଦଳାପାଞ୍ଜି ଓ ସନନ୍ଦ)—ମୃତ—
Dead; deceased.

ଆବାହନବିସର୍ଜନ—ସଂ. ବି. ( ବିପରୀତାର୍ଥସଦ୍ୱନ୍ଦ୍ୱ )—ଡାକିବା ଓ
Ābāhanabisarjana ତ୍ୟାଗ କରିବା—Calling and dismissing a person.

ଆବାହନ ହେବା—ଦେ. ପ୍ରାଚୀନ. କ୍ରି. ( ମାଦଳାପାଞ୍ଜି ଓ ପ୍ରାଚୀନ
Ābāhana hebā ସନନ୍ଦ )—ମୃତ ହେବା; ମରିବା; ପରଲୋକ ଗମନକରିବା—To die

ଆବାହିତ—ସଂ.ବିଣ.(ଆ+ବହ ଧାତୁ ଣିଚ; ବାହି ଧାତୁ+କର୍ମ. ତ)—
Ābāhita ୧ । ଆମନ୍ତ୍ରିତ; ଆହୂତ—1. Invoked; invited.

୨ । ନିକଟକୁ ଆନୀତ—
2. Brought near; conducted; conveyed.

ଆବି—ସଂ. ବି.—ଅନ୍ଧକ ଦୈତ୍ୟର ପୁତ୍ର—
Ābi The son of the demon Andhaka.
[ଦ୍ର—ଏ ପାର୍ବତୀଙ୍କ ରୂପ ଧରିବାରୁ ମହାଦେବଙ୍କ ଦ୍ୱାରା ନିହତ ହୋଇଥିଲା ।]

ଆବିକ—ସଂ. ବି. (ଅବି=ମେଷ+ଇଦମର୍ଥେ. କ)—କମ୍ବଳ—
Ābika Blanket (consisting of sheep's wool)
ସଂ. ବିଣ.—ମେଷସମ୍ବନ୍ଧୀୟ—Relating to sheep.

ଆବିଗ୍ନ—ସଂ. ବିଣ. ( ଆ=ବିଶେଷ+ବିଦ୍ ଧାତୁ=ଭୀତ ବା କମ୍ପିତ
Ābigna ହେବା+କର୍ତ୍ତୃ. ତ)—୧ । ଉଦ୍‌ବିଗ୍ନ; ଭୀତ—
1. Frightened; terrified; terror-stricken.

୨ । ଭୟରେ କମ୍ପମାନ—2. Shivering through fear.

ସଂ. ବି.—କରମର୍ଦ୍ଦକ ବୃକ୍ଷ; ପାଣିଆଁଳା ଗୁଳ୍ମ—
A medicinal plant.

ଆବିଦ୍ଧ—ସଂ.ବିଣ. (ଆ=ସମ୍ୟକ୍+ବ୍ୟଧ୍ ଧାତୁ=ଫୋଡ଼ିବା; ଫୋପାଡ଼ିବା
Ābiddha +କର୍ମ. ତ)—୧ । ବକ୍ର; କୁଟିଳ—
1. Bent; curved.

୨ । କ୍ଷିପ୍ତ; ପ୍ରେରିତ—
2. Thrown away; sentforth.

୩ । ଭଗ୍ନ—3. Broken asunder.

୪ । ବିଦ୍ଧ; କଣା ବା ଛିଦ୍ର କରାଯାଇଥିବା—
4. Perforated; bored.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ପାଠକମାନେ ତହିଁର ବଦଳରେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଶାଠ' ନ ମିଳିଲେ 'ଶାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୫ । ଜିତସ୍ତ; ଅଭିଭୂତ—5. Overpowered.

୬ । ମୂର୍ଖ—6. Illiterate.

ଆବିଧ—ସଂ ବି. (ଆ=ସମ୍ୟକ୍+ବ୍ୟଧ୍ ଧାତୁ=ଫୋଡ଼ିବା+କରଣ. ଅ)—
Ābidha ୧ । ଫୋଡ଼ଣୀ—1. Awl.

୨ । କଡ଼ିଇର ଛିଦ୍ର କରିବା ଯନ୍ତ୍ର; ଭଅଁର—
2. Drill; boring instrument.

ଆବିର୍ଭବନ—ସଂ. ବି. ( ଆବିସ୍=ପ୍ରକାଶ+ଭୂ ଧାତୁ=ହେବା+ଭାବ. ଅନ )—ଆବିର୍ଭାବ ( ଦେଖ )
Ābirbhabana Ābirbhāba ( See )

ଆବିର୍ଭାବ—ସଂ. ବି. (ଆବିସ୍=ପ୍ରକାଶ+ଭୂ ଧାତୁ=ହେବା+ଭାବ. ଅ)—
Ābirbhāba ୧ । ପ୍ରକାଶ; ଉଦୟ—
(ତିରୋଭାବ—ବିପରୀତ) 1. Appearance; manifestation.

୨ । ପୃଥିବୀରେ ଅବତରଣ—2. Advent.

୩ । ଉତ୍ପତ୍ତି; ଜନ୍ମ—3. Development; birth.

୪ । ଉତ୍ଥାନ—4. Rise.

ଆବିର୍ଭୂତ—ସଂ. ବିଣ. ( ଆବିସ୍=ପ୍ରକାଶ+ଭୂ ଧାତୁ=ହେବା+କର୍ତ୍ତୃ. ତ )—୧ । ଉଦିତ—1. Risen.
Ābirbhūta

୨ । ପ୍ରକାଶିତ—2. Become manifest; breaking or bursting up.

୩ । ଜାତ—3. Born.

୪ । ଉପସ୍ଥିତ; ଆଗତ—4. Appearing; arrived.

ଆବିର୍ମୁଖୀ—ସଂ. ବି—ଚକ୍ଷୁ; ଅକ୍ଷି—Eye.
Ābirmmukhī ଷଡୈଶ୍ୱର୍ଯ୍ୟ, ଆବିର୍ମୁଖୀ ଭୂତ, ଚକ୍ଷୁର ନାମ ସେ ଅଟଇ । ଜଗନ୍ନାଥ. ଭାଗବତ ।

ଆବିଲ—ସଂ. ବିଣ. (ଆ+ବିଲ୍ ଧାତୁ=ଭେଦ କରିବା+କର୍ତ୍ତୃ. ଅ)—
Ābila ୧ । କଳୁଷିତ; ଅସ୍ୱଚ୍ଛ—1. Foul; turbid.
(ଆବିଲତା—ବି) ୨ । ସନ୍ଦିଗ୍ଧ; ପାପୀ—
2. Suspicious; guilty; sinful.

୩ । ଆକୁଳ—3. Perturbed.

ଆବିଷ୍କରଣ—ସଂ. ବି. ( ଆବିସ୍=ପ୍ରକାଶ+କୃ ଧାତୁ=କରିବା+ଭାବ. ଅନ )—
Ābishkaraṇa

୧ । ଉଦ୍ଭାବନ; କୌଣସି ଅଜଣା କଥାକୁ ପ୍ରକାଶ କରିବା—
1. Discovering.

୨ । କୌଣସି ନୂଆ କଥା ବାହାର କରିବା—
2. Inventing.

୩ । ପ୍ରକଟନ; ପ୍ରଚ୍ଛନ୍ନ ବିଷୟକୁ ପ୍ରକାଶିତ କରିବା—
3. Act of rendering a thing apparent or visible.

ଆବିଷ୍କରଣୀୟ—ସଂ. ବିଣ (ଆବିସ୍=ପ୍ରକାଶ+କୃ ଧାତୁ+କର୍ମ. ଅନୀୟ)-
Ābishkaraṇīya ଯାହା ଆବିଷ୍କାର କରିବାକୁ ହେବ, ଅଥବା କରିବା ଉଚିତ ବା ଆବଶ୍ୟକ—Fit to be discovered or invented.

ଆବିଷ୍କାର—ସଂ. ବି. ପୁଂ. (ଆବିସ୍=ପ୍ରକାଶ+କୃ ଧାତୁ+ଭାବ. ଅ)—
Ābishkāra ଅପ୍ରକାଶିତ ଅଥବା ଅପରିଜ୍ଞାତ ବିଷୟର ପ୍ରକାଶ ( ଉଦ୍ଭାବନ ତଳେ ନୋଟ ଦେଖ । )—
Discovery.

ଆବିଷ୍କୃତ—ସଂ. ବିଣ. (ଆବିସ=ପ୍ରକାଶ+କୃ ଧାତୁ+କର୍ମ. ତ)—
Ābishkṛuta ପ୍ରକାଶିତ; ପ୍ରକଟିତ—Discovered; found out; made apparent or visible

ଆବିଷ୍କ୍ରିୟା—ସଂ. ବି. ସ୍ତ୍ରୀ. ( ଆବିସ=ପ୍ରକାଶ+କୃ ଧାତୁ+ଭାବ. ଯ+ସ୍ତ୍ରୀ. ଆ )—
Ābishkriyā

ଆବିଷ୍କରଣ ( ଦେଖ )
Ābishkaraṇa ( See )

ଆବିଷ୍ଟ—ସଂ. ବିଣ. ୧ । ( ଆ+ବିଶ୍ ଧାତୁ=ପ୍ରବେଶ କରିବା+କର୍ମ. ତ )—୧ । ବ୍ୟାପ୍ତ—1. Pervaded.
Ābishṭa
( ଅନାବିଷ୍ଟ—ବିପରୀତ ) ୨ । ଭୂତାଦିଗ୍ରସ୍ତ—
2. Possessed (as with spirit or demon)

୩ । ପ୍ରବିଷ୍ଟ—3 Entered.

୪ । (+କର୍ତ୍ତୃ. ତ)—ମନୋଯୋଗୀ; ତତ୍ପର; ଅଭିନିବିଷ୍ଟ—
4. Attentive; intent; bent upon.

୫ । ଆସକ୍ତ—5. Addicted to.

ଆବିସ୍—ସଂ. ଅ. ( ଆ=ସମ୍ୟକ୍+ଉ ଧାତୁ=ଶବ୍ଦ କରିବା+କର୍ତ୍ତୃ. ଇସ୍—ଏହି ଶବ୍ଦ କୃ ଧାତୁ ଓ ଭୂ ଧାତୁ ପୂର୍ବରେ ପ୍ରକାଶ ଅର୍ଥରେ କେବଳ ମାତ୍ର ବ୍ୟବହୃତ ହୁଏ)—ପ୍ରକାଶ—
Ābis
Apparent (this is used before the root 'kṛu' and is never used any where else.)

ଆବୀତ—ସଂ. ବିଣ. (ଆ+ବ୍ୟା ଧାତୁ=କ୍ଷେପଣ କରିବା+କରଣ. ତ)—
Ābīta ୧ । ଦକ୍ଷିଣାଂସ ସ୍ଥାପିତ ଯଜ୍ଞସୂତ୍ର—
1. Sacred thread placed on the right shoulder.

୨ । ( ଆ+ବି+ଇ ଧାତୁ+ତ )—ଗତ, ଅତୀତ—
2. Gone; past.

ଆବୀର—ସଂ. ବି (ଆ+ବି+ଇର ଧାତୁ=ଗମନ କରିବା+କର୍ମ. ଅ)—
Ābīra ରଞ୍ଜକଦ୍ରବ୍ୟବିଶେଷ; ଫଗୁ; ଅବିର—A red powder ( made from the root of ginger ).

ଆବୁ—ଦେ. ବି. ( ସଂ. ଅର୍ବୁଦ )—
Ābu ୧ । ଶରୀରର ମାଂସଳ ଅଂଶର ସ୍ଫୀତି—
আব 1. A wen; a temour; a fleshy part of the body.

ବହୁତ ମାରିବାରେ ବେକରୁ ପିଠି ଯାଏ,
ଫଳ ରହିଅଛି ସେ ଆବୁର ପରାଏ—କୃଷ୍ଣସିଂହ. ମହାଭାରତ. ବିରାଟ ।

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଣ | ଢ | ଶ,ଷ | ଙ୍କ | ଲ୍ପ | ଙ୍ଖ | ଭ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ | ଲ୍ଫ | ଙ୍ଘ | ଢ଼ |

୨ । ଅବୁ ପରି ବାହାରିଥିବା ବୃକ୍ଷର ଗଣ୍ଠି ବା ଶାଖାର କାଠୁଆ ଅଂଶ—2. A tumorous protuberance of wooden matter bulging out from the body of trees.

ଆବୁଆ—ଦେ. ବଣ—୧ । ଅବୁଯୁକ୍ତ—1. Tuberculated.
Ābuā ୨ । ବନ୍ଧୁର—2. Rough; full of circular
আবড়াখাবড়া; আবুআবু protuberances or knots.

ଆବୁଅଗ୍ଛାଟି କହିବା—ଦେ. କ୍ରି—ମନରୁ ଗଢ଼ି କୌଣସି କାଳ୍ପନିକ
Ābuāchhāṭi kahibā କଥା କହିବା—To speak
মনগড়া কথা বলা things which are unreal or conjectured.

ଆବୁଆବୁ—ଦେ. ବଣ—ଅବୁଅ ( ଦେଖ )
Ābuābu Ābuā ( See )

ଆବୁଆବୁଆ—ଦେ ବଣ—ଅବୁଅ ( ଦେଖ )
Ābuābuā Ābuā ( See )

ଆବୁଖାବୁଆ—ଦେ. ବଣ—୧ । ଅସ୍ପଷ୍ଟ ବା ଘୋଳିଆ—
Ābukhābuā 1. Indistinct.
এবড়োখেবড়ো ୨ । ଅବୁଡ଼ାଖାବୁଡ଼ା ( ଦେଖ )
2. Āburdākhāburdā ( See )

ଆବୁଡ଼ାଖାବୁଡ଼ା—ଦେ. ବଣ—୧ । ଅସମତଳ; ବନ୍ଧୁର; ଉଚ୍ଚନୀଚ—
Āburdākhāburdā Rough; uneven; undulating.
আবড়াখাবড়া

ଅବୁଡ଼ାଜାବୁଡ଼ା—ଦେ. ବଣ—ଅବ୍ରାଜାବ୍ରା ( ଦେଖ )
Āburdājāburdā Ābrājābra ( See )

ଅବୁଡ଼ାପଡ଼ିବା—ଦେ. କ୍ରି—୧ । ସମସ୍ତଙ୍କ ଆଗ ବଳ କୌଣସି କାର୍ଯ୍ୟ
Āburdāpardibā କରିବାକୁ ହସ୍ତକ୍ଷେପ କରିବା—
1. To be eager to do a thing by overloping others.
୨ । ବହୁ ଲୋକ ଏକ ସ୍ଥାନରେ ପରସ୍ପର ପରସ୍ପରର ସଂସର୍ଗରେ ଆସିବା—2 (many persons) To come in contact with one another simultaneously.
୩ । ଦରକାର ନ ଥିବା ବେଳେ କୌଣସି କାର୍ଯ୍ୟରେ ପ୍ରବେଶ କରିବା—3. To undertake a work when it is not necessary.

ଆବୁଡ଼ିପଡ଼ିବା—ଦେ. କ୍ରି—ଅବୁଡ଼ାପଡ଼ିବା ( ଦେଖ )
Āburdipardibā Āburdāpardibā ( See )

ଆବୁତାବୁ—ଗ୍ରା. ଅ. ( ସଂ. ଅବତୁ ବଃ )—( ଦେବତା ) ତୁମ୍ଭଙ୍କୁ ରକ୍ଷା
Ābutābu କରନ୍ତୁ—(Deity) Preserve you.
অবুতবু; অবুথবু ଆବୁତାବୁ ଗିରିସୁତା ମା ବୋଲିଲେ ପଛରେ ପୁତା—
আবতাব ଶିଶୁଶଙ୍କରଗୀତ ।

ଆବୁତ୍ତ—ସଂ. ବ. (ଆ=ସମ୍ୟକ୍+ବୁଧ୍ ଧାତୁ=ଜାଣିବା+କର୍ତ୍ତୃ. ତ; ବା
Ābutta ଆ+ଅପ ଧାତୁ+ତ; ଯାହାଙ୍କ ସହିତ ସମ୍ୟକ୍‌ରୂପେ ଜଣା ଶୁଣା ଅଛି )—ଭଗିନୀପତି; ଘ.ଶୋ.ଇ ( ନାଟକରେ ଭଗିନୀ ପତିଙ୍କୁ ଏହି ଶବ୍ଦରେ ଡକା ଯାଏ )—
Sister's husband.

ଆବୁର—ଦେ. ବ. ( ସଂ. ଆବରଣ; ଭୁଲ—ଅ. ଅବ୍ରୁ )—
Ābura ୧ । ମହତ୍ତ୍ୱ; ଇଜ୍ଜତ—1. Prestige; honour.
আব্রু ମୋର ଏଥ ଲୁ ମୋ ଅବୁର, ନ୍ ଯେବେ ଯିବ ସେ ହରଗଲୁ
( ବେଆବୁର—ବପରୀତ ) ବନେ ରେ—କବନୂର୍ଯ୍ୟ ସଙ୍ଗୀତ ।
୨ । ଅବର ( ଦେଖ )—2. Abara ( See )

ଆବୁରସାବୁର ହେବା—ଦେ. କ୍ରି—ବ୍ୟତିବ୍ୟସ୍ତ ହେବା; କିଂକର୍ତ୍ତବ୍ୟ-
Āburasābura hebā ବିମୂଢ଼ ହେବା—To be at a loss; to decide what to do.

ଆବୁରାଅବୁରି—ଦେ. ବ—୧ । ପରସ୍ପର ପରସ୍ପରଙ୍କୁ ନିଜର ବୋଲି
Āburāāburi ଗ୍ରହଣ କରିବା—
1. Mutual acceptance of two persons.
୨ । ସମସ୍ତଙ୍କ ଆଗ ବଳ କାର୍ଯ୍ୟରେ ହସ୍ତକ୍ଷେପ କରିବା—
2. Eagerly and voluntarily undertaking to do a work.

ଆବୁରିବା—ଦେ. ପଦ୍ୟ କ୍ରି.—ଅବୋରିବା ( ଦେଖ )
Āburibā Āboribā ( See )
ଦକ୍ଷିଣ ଦ୍ୱାର ଅବୋର ରହିଲେ—ବିଶ୍ୱନାଥ. ବିଚିତ୍ରରାମାୟଣ ।

ଆବୁଲ୍‌କାବୁଲ୍—ପ୍ରାଦେ. (ସମ୍ବଲପୁର) ବଣ—ଆଉଳବାଉଳ ( ଦେଖ )
Ābulkābul Āuḷabāuḷa ( See )

ଆବୁଲ୍‌ଫଜଲ୍—ଦେ. ବ. ( ନାମ )—ମୋଗଲ ସମ୍ରାଟ ଅକବରଙ୍କ
Ābulphajal ପ୍ରିୟତମ ଅମାତ୍ୟ—Name of a minister of the Mogal emperor Akbara.
[ ଦ୍ର—ଏ ଜଣେ ବିଦ୍ୱାନ୍, କବି ଓ ସୁଲେଖକ ଥିଲେ । ଏହାଙ୍କ ରଚିତ ଆଇନଅକବରୀ ଓ ଅକବରନାମା ପ୍ରସିଦ୍ଧ ଐତିହାସିକ ଗ୍ରନ୍ଥ । କଥିତ ଅଛି ଯେ ଏ ନିତି ୨୨ ସେର ଦ୍ରବ୍ୟ ଖାଉଥିଲେ ଓ ମୁସଲମାନ ଧର୍ମରେ ଅଶ୍ରଦ୍ଧାବାନ ନ ଥାଇ ଏକ ନୂତନ ଇସ୍ଲାମ ଧର୍ମ ପ୍ରଚାର କରିଥିଲେ । ଏହାଙ୍କର ଜନ୍ମ ୧୫୫୧ ଖ୍ରୀଷ୍ଟାବ୍ଦରେ ଓ ମୃତ୍ୟୁ ୧୬୦୨ ଖ୍ରୀଷ୍ଟାବ୍ଦରେ ହୋଇଥିଲା । ଏ ଅକବରଙ୍କ ପୁତ୍ର ସେଲିମ୍‌ଙ୍କ-ଦ୍ୱାରା ନିହତ ହୋଇଥିଲେ । ]

ଆବୁଲବାକୁଲ—ପ୍ରାଦେ. (ସମ୍ବଲପୁର) ବଣ—ଆଉଳବାଉଳ ( ଦେଖ )
Ābulbākul Āuḷabāuḷa ( See )

ଆବୃତ୍—ସଂ.ବ. [(ଆ+ବୃ ଧାତୁ)=ଆବରଣ କରିବା+ଭା ବ. କ୍ୱିପ୍ )]—
Ābrut ଅନୁକ୍ରମ—Contiguity; the state of being serial.

ଆବୃତ—ସଂ.ବଣ. [(ଆ+ବୃ ଧାତୁ)=ଆବରଣ କରିବା+କର୍ମ. ତ )]—
Ābṛuta ୧ । ଆଚ୍ଛାଦିତ—1. Covered.
୨ । ବେଷ୍ଟିତ—2. Enveloped

ସାଧାରଣ ଲୋକେ ଅପର ସ୍ଥଳରେ ଧ୍ୱନିର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳେ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ଅଥବା ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା:— 'ଦାଣ୍ଡ' ନ ମିଳିଲେ 'ଦାଣ୍ଡ' ଖୋଜିବେ; 'କଣ' ନ ମିଳିଲେ 'କଣ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲଙ୍କୃତ' ନ ପାଇଲେ 'ଅଲଙ୍କୃତ' ଦେଖିବେ ।

୩ । ବ୍ୟାପ୍ତ—3. Surrounded as by a layer.
୪ । ବିସ୍ତାରିତ—4. Spread
୫ । ଅଜ୍ଞାନାବୃତ—5. Steeped in ignorance.
୬ । ପୂରିତ—6. Filled up.
୭ । ବ୍ରାହ୍ମଣ ଔରସରେ ଉଗ୍ର କନ୍ୟା ଗର୍ଭ ଜାତ (ସନ୍ତାନ)—7. (child) Born from a Brāhmaṇa father and ugra mother.

**ଆବୃତି**—ସଂ. ବି. ସ୍ତ୍ରୀ.—୧ । (ଆ + ବୃ ଧାତୁ = ଅବରୋଧ କରିବା + ଭାବ. ତି)—୧ । ଆବରଣ—1. Covering.
**Ābṛuti**
୨ । ଆଚ୍ଛାଦନ—2. Hiding.
୩ । ତିରୋଧାନ—3. Disappearance.
୪ । ବେଷ୍ଟନ—4. Surrounding.
୫ । (+ କରଣ. ତି)—ପ୍ରାଚୀର—5. Compound-wall.

**ଆବୃତ୍ତ**—ସଂ. ବିଣ.—୧ । (ଆ = ବିପରୀତଦିଗରେ + ବୃତ ଧାତୁ = ଯିବା + କର୍ମ. ତ)—୧ । ପଠିତ—1. Studied.
**Ābṛutta**
୨ । ପୁନଃ ପୁନଃ ଅଭ୍ୟସ୍ତ—2. Repeated.
୩ । ଗୁଣିତ—3. Multiplied.
୪ । (+ କର୍ତ୍ତୃ. ତ)—ଚକ୍ରାକାରରେ ଗମନ କରୁଥିବା—4. Turned round; whirled.
୫ । ଆଗତ—5. Come.
୬ । ନିବୃତ୍ତ—6 Ceased.
୭ । ଚତୁର୍ଦ୍ଦଶ ପ୍ରକାର ମଣ୍ଡଳ ମଧ୍ୟରୁ ମଣ୍ଡଳବିଶେଷ—A kind of circular figure.

**ଆବୃତ୍ତି**—ସଂ. ବି. (ଆ = ପୁନଃ ପୁନଃ + ବୃତ ଧାତୁ = ଗମନ କରିବା + ଭାବ. ତି)—୧ । ପୁନରାଗମନ—1. Returning; coming again.
**Ābṛutti**
୨ । ଆଗମନ—2. Coming.
୩ । ଫେରିଆସିବା; ପୁନର୍ଜନ୍ମ ହେବା—3. Rebirth; transmigration after death.
୪ । ପୁନଃ ପଠନ; ଅଭ୍ୟାସ—4. Repetition
୫ । ଗୁଣନ; ଗୁଣି ହେବା—5. Getting by heart.
୬ । ବ୍ୟାଖ୍ୟା ନ କରି ପଢ଼ିବା; ଘୋଷିବା—6 Reading aloud.
୭ । ପାଠ କରି ପଢ଼ିବା—7. Reciting.

**ଆବେ**—ଗ୍ରା. ଅ.—ନୀଚ ବ୍ୟକ୍ତି ପ୍ରତି ପ୍ରଯୁଜ୍ୟ ଅବଜ୍ଞାର୍ଥକ ସମ୍ବୋଧନ—A word used in addressing low persons.
**Ābe**

**ଆବେଗ**—ସଂ. ବି. (ଆ = ସମ୍ୟକ୍ + ବିଦ୍ ଧାତୁ = ବସ୍ତୁ ପାଇବା; ଭୟ କରିବା + ଭାବ. ଅ)—୧ । ବ୍ୟସ୍ତତାଜନକ ଭୟ—1. Hurry; haste.
**Ābega**
୨ । ଚିତ୍ତଭ୍ରମ—2. Mental derangement.
୩ । ଚିତ୍ତଚାଞ୍ଚଲ୍ୟ—3. Perturbation of mind.
୪ । ବ୍ୟାକୁଳତା; ଅସ୍ଥିରତା—4. Anxiety; restlessness.

**ଆବେଗୀ**—ସଂ. ବି.—ବୃଦ୍ଧଦାରକ (ଦେଖ)
**Ābegi** Bṛuddhadāraka (See)

**ଆବେଦକ**—ସଂ. ବିଣ. (ଆ = ବିଦ୍ ଧାତୁ ଣିଚ; ବେଦ ଧାତୁ = ଜଣାଇବା + କର୍ତ୍ତୃ. ଅକ)—୧ । ଯେ ଆବେଦନ କରେ; ନିବେଦକ—1. Applicant.
**Ābedaka**
୨ । ପ୍ରାର୍ଥକ—2. Praying
୩ । ଯେ ନାଲିସ୍ କରେ—3 Petitioner; complainant.
୪ । ବିଜ୍ଞାପକ—4. Informant.

**ଆବେଦନ**—ସଂ. ବି. (ଆ + ବିଦ୍ ଧାତୁ ଣିଚ; ବେଦ ଧାତୁ + କର୍ତ୍ତୃ. ଅନ)—୧ । ନିବେଦନ—1. Representation.
**Ābedana**
୨ । ବିଜ୍ଞାପନ—2. Notifying.
୩ । ପ୍ରାର୍ଥନା—3. Prayer.
୪ । ଦରଖାସ୍ତ—4. Petition.
୫ । ନାଲିସ୍ କରିବା—5. Applying.

**ଆବେଦନୀୟ**—ସଂ. ବିଣ (ଆ + ବେଦ ଧାତୁ + ଜଣାଇବା + କର୍ମ. ଅନୀୟ)—ଯେଉଁ ବିଷୟର ଆବେଦନ କରିବାକୁ ହେବ ଅଥବା କରିବା ଉଚିତ ବା ଆବଶ୍ୟକ; ନିବେଦନୀୟ—Requiring to be applied for.
**Ābedaniya**

**ଆବେଦିତ**—ସଂ. ବିଣ. (ଆ + ବେଦ ଧାତୁ = ଜଣାଇବା + କର୍ମ. ତ)—ଯେଉଁ ବିଷୟରେ ଆବେଦନ କରି ଯାଇ ଅଛି)—
**Ābedita**
୧ । ନିବେଦିତ—1 Informed.
୨ । ବିଜ୍ଞାପିତ—2. Notified.
୩ । ପ୍ରାର୍ଥିତ—3. Prayed for.
୪ । ଋଣଦାନାଦ ପାଇଁ ରାଜାଙ୍କ ନିକଟରେ ବିଜ୍ଞାପିତ—4. Notified to public authorities for securing a loan.

**ଆବେଦ୍ୟ**—ସଂ. ବିଣ. (ଆ + ବେଦ + କର୍ମ. ଯ)—ଆବେଦନୀୟ (ଦେଖ)
**Ābedya** Ābedaniya (See)

**ଆବେଶ**—ସଂ. ବି. (ଆ + ବିଶ୍ ଧାତୁ = ପ୍ରବେଶ କରିବା + ଭାବ. ଅ)—୧ । ଭେଦ ଯିବା—1. Absorption.
**Ābesa**
୨ । ଭିତରକୁ ପଶିବା; ପ୍ରବେଶ—2. Entering into.
୩ । ଭୂତ ଆଦି ଲାଗିବା—3. Being possessed by a ghost.
୪ । ଆସକ୍ତି—4. Attachment.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଣ | ଜ | ଶ,ଷ | ଙ୍କ | ଇଯ୍ | ଋଅ | ଓ |
| ୨ | ଈ | ଊ | ଋ | ଲୃ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ୍ୟ | ଇଅ | ଔ | ଢ଼ |

୫ । ଅଭିନିବେଶ—5 Attention; intentness.

୬ । ଆୟତ୍ତୀକରଣ--6. Bringing under control.

ଦେ. ବଣ. - ଅଭିନିବିଷ୍ଟ—Attentive.

ପୁରେ ପ୍ରବେଶ ହୋଇ ଆବେଶ ବୋଲନ୍ତି ବେଶ ସାର—ଭକ୍ତ. ପ୍ରେମସୁଧାନିଧି ।

**ଆବେଶନ**—ସଂ.ବ. (ଆ + ବିଶ ଧାତୁ=ପ୍ରବେଶ କରିବା + ଅଧିକରଣ.
Ābeśana ଅନ)—୧ । ଶିଳ୍ପାଗାର—1. Factory.

୨ । ସୂର୍ଯ୍ୟାଦିଙ୍କ ଚତୁର୍ଦ୍ଦିଗସ୍ଥ ପରିଧି—
2. Halo or circle round the orbit of the sun

୩ । (+ଭାବ. ଅନ) ପ୍ରବେଶ—3 Entrance.

୪ । ଭୂତାବେଶ—4 Possession by evil spirits.

୫ । ରାଗ; କୋପ—5. Wrath; fit of anger.

**ଆବେଶିକ**— ସଂ. ବ. ପୁଂ. (ଆବେଶ=ପ୍ରବେଶ + ଇକ)—
Ābeśika ୧ । ଆଗନ୍ତୁକ—1. Stranger.

୨ । ଅତିଥି—2. Guest

୩ । (+ସ୍ୱାର୍ଥେ. ଇକ) ପ୍ରବେଶ—3. Entrance.

ସଂ. ବଣ.—ଅସାଧାରଣ—Extraordinary.

**ଆବୋଉ**—ପ୍ରାଦେ. (ବାଲେଶ୍ୱର ଓ ବାଙ୍କି ଅଞ୍ଚଳର କରଣଙ୍କ ଗୋଷ୍ଠିରେ
Ābou ପ୍ରଚଳିତ) ବ.— ଖୁଡ଼ୀ;ଦେଠେଇ—Paternal aunt.

ଦେ. ଅ.—ପିତୃମାତୃହୀନ ଶିଶୁଙ୍କୁ ପାଳିଥିବା ପିଉସୀ, ମାଉସୀ, ମାଇଁ ଆଦିଙ୍କ ପ୍ରତି ଉକ୍ତ ଶିଶୁମାନଙ୍କର ସ୍ନେହ ସମ୍ବୋଧନ—Interjection used by children in addressing one's paternal and maternal aunt.

**ଆବୋର**—ଦେ. ବ.—ଆବୁର (ଦେଖ)
Ābora Ābura (See)

**ଆବୋରାଆବୋରି**—ଦେ. ବଣ.—ଆବୁରାଆବୁରି (ଦେଖ)
Āborāābori Āburāāburi (See)

**ଆବୋରିବା**—ଦେ. ପଦ୍ୟ. କ୍ରି. ( ସଂ. ଆବରଣ )—
Āboribā ୧ । ଆବରିବା ( ଦେଖ )
1. Ābaribā ( See )

ସେ ଶୈଳେ ଚହିଲା ଆବୋରିକରି ପଥ—କୃଷ୍ଣସିଂହ. ମହାଭାରତ. ବନ ।

୨ । ଘୋଡ଼ିବା—2. To overspread; to over cloud.

ମେଘର ପ୍ରାୟେ ଆବୋରିଲା ।
ଗୋବିନ୍ଦ ବଳେ ବଳେ କଲା—ଜଗନ୍ନାଥ. ଭାଗବତ ।

୩ । ଓଗାଳିବା; ଅଟକାଇବା—3 To restrain.

ଏହାଙ୍କ ମସ୍ତକେ ଆବୋରି
ଯେ ରଥୀ ପାରେ ଯୁଦ୍ଧ କରି—ଜଗନ୍ନାଥ. ଭାଗବତ ।

୪ । ଆଶ୍ରୟ କରିବା—4. To take shelter.

ସ୍ୱଭାବେ ନିର୍ଗୁଣ ମୂଳର
ଖେଳଇ ତ୍ରିଗୁଣ ଆବୋରି—ଜଗନ୍ନାଥ. ଭାଗବତ ।

୫ । ରକ୍ଷାକରିବା—5 To save; to protect.

ଆବୋରି ନ ପାରିଲେ ଭଲେ
ତକ୍ଷଣେ ଲୁଟିଲେ ଗୋପାଳେ—ଜଗନ୍ନାଥ. ଭାଗବତ ।

୬ । ଅଧିକାର କରିବା—6. To occupy.

ରାଜ୍ୟ ଆବୋରି ମହୀପତିକେ
ବସ୍ତ୍ର ବଚନ ଗୁଣ ଭଜେ—ଜଗନ୍ନାଥ. ଭାଗବତ ।

୭ । ପାଳିବା—7. To bring up.

ନର ପଶୁ ଏ ଯତ୍ନକରି
ରଖଇ ନରଦେ ଆବୋରି—ଜଗନ୍ନାଥ. ଭାଗବତ ।

୮ । ଆଦରକରିବା—8. To like; to have a liking for.

ଗୃହ ଭୂମରେ ଯେ ଧୂଳଖେଳେ ତପୁର
ଲୀଳା ଭାବେ ଆବୋରନ୍ତି ବାଲନଥର—ବଂଶୀ.ଥ. ବଡ଼ଚନ୍ଦ୍ରମାସୁଣ ।

**ଆବ୍ବା**—ପ୍ରାଦେ. (ଦ୍ରାବିଡ଼) ଅ.—ଆବା (ଦେଖ)
Ābbā Ābā (See)

ଦୁର୍ଯ୍ୟୋଧନ ବଳ ତା ନ ସହି ଭାଗନ୍ତି
ପଡ଼ନ୍ତି କଲେ ମୁଖ ଅବ୍ବା ବୋଲିକରି—କୃଷ୍ଣସିଂହ. ମହାଭାରତ. ଶଲ୍ୟ ।

**ଆବ୍ବାକାବ୍ବା**— ଦେ. କ୍ରି.ବଣ.—( ସଂ. ଅବାକ୍ )—ଆବାକାବା (ଦେଖ)
Ābbākābbā Ābākābā (See)

**ଆବ୍ରହ୍ମସ୍ତମ୍ବପର୍ଯ୍ୟନ୍ତ**—ସ.କ୍ରି. ବଣ—ବ୍ରହ୍ମଠାରୁ ସ୍ତମ୍ବ ପର୍ଯ୍ୟନ୍ତ; ସଜୀବଠାରୁ
Ābrahmastambhaparjyanta ନିର୍ଜୀବ ପର୍ଯ୍ୟନ୍ତ—
( ସମସ୍ତ ବ୍ରହ୍ମାଣ୍ଡ )—The whole Universe including the spirit and inanimate things.

**ଆଭ**—ଦେ. ବ. ( ସଂ. ଅଭ୍ର )—ଅଭ୍ର; ମେଘଜାଲ—
Ābha Talc; mica.

আভ
आभ; आभरक

**ଆଭରକ୍**—ଦେ. ବ. ( ସଂ. ଅଭ୍ର )—ଅଭ୍ରକ ( ଦେଖ )
Ābharak Abharaka ( See )

**ଆଭରଖ୍**—ଦେ. ବ—ଅଭ୍ରକ୍ ( ଦେଖ )
Ābharakh Abharak ( See )

**ଆଭରଣ**—ସଂ.ବ.( ଆ + ଭୃ ଧାତୁ=ଧାରଣ କରିବା+କରଣ;ଅନ.)—
Ābharaṇa

୧ । ଭୂଷଣ; ଅଳଙ୍କାର -1 Ornament

୨ । ସମ୍ୟକ୍ ଭରଣ ପୋଷଣ—
2. Careful upbringing.

**ଆଭା**—ସଂ. ବ. ସ୍ତ୍ରୀ. ( ଆ+ଭା ଧାତୁ=ଦୀପ୍ତି ପାଇବା+ଭାବ. ଅ
Ābhā +ସ୍ତ୍ରୀ. ଆ )—

୧ । ପ୍ରଭା; ଦୀପ୍ତି; ଶୋଭା; କାନ୍ତି—
1. Splendour; gloss.

ସାଧାରଣ ଲେଖକ ଅନେକ ସ୍ଥଳରେ ଶବ୍ଦର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦଗୁଡ଼ିକ ଯଥାକ୍ରମେ ଉକ୍ତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା—'ଗାଠ' ନ ମିଳିଲେ 'ଗାଣ୍ଠ' ଖୋଜିବେ; 'କ୍ଷୀ' ନ ମିଳିଲେ 'କ୍ଷି' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ ।

୨ । ଉପମା; ସାଦୃଶ୍ୟ—2. Likeness; similarity.

୩ । ଛାୟା—3. Shade; shadow

୪ । ବାତରୋଗବିଶେଷ—4. A kind of rheumatism.

"ଆଭା ବକୁଲ ପର୍ଯ୍ୟାୟଃ କଥିତଃ କୋବିଦୈରହ"—
ଭାବପ୍ରକାଶ ।

**ଆଭାଣକ**—ସଂ. ବି. (ଆ+ଭଣ ଧାତୁ=କହିବା+କର୍ତ୍ତୃ. ଅକ)—
Ābhāṇaka ପ୍ରବାଦ; ପ୍ରବଚନ—Proverb; adage.

**ଆଭାଷ**—ସଂ. ବି. (ଆ+ଭାଷ ଧାତୁ=କହିବା+ଭାବ. ଅ)—
Ābhāsha ୧ । ଅବତରଣିକା; ମୁଖବନ୍ଧ; ଭୂମିକା—
1. Preface; prologue; preamble.

୨ । ଆଳାପ—2. Address.

୩ । ଅନୁଷ୍ଠାନ—3. Institution.

**ଆଭାଷଣ**—ସଂ. ବି. (ଆ+ଭାଷ ଧାତୁ=କହିବା+ଭାବ. ଅନ)—
Ābhāshaṇa ୧ । କଥାଭାଷା; ଆଳାପ; ପରସ୍ପର କଥାବାର୍ତ୍ତା—
1. Conversation; mutual talk.

୨ । ଉକ୍ତି—2. Speech.

୩ । ଉକ୍ତିପ୍ରତ୍ୟୁକ୍ତି—3. Dialogue.

**ଆଭାସ**—ସଂ. ବି. ପୁଂ. ( ଆ=ସମ୍ୟକ୍; ଈଷତ୍+ଭାସ ଧାତୁ=ଦୀପ୍ତି ପାଇବା+ଭାବ. ଅ )—
Ābhāsa

୧ । ଦେଖାଯିବା—1. Appearance.

୨ । ଦ୍ୟୁତି; ଜ୍ୟୋତି; ଦୀପ୍ତି—2. Lustre.

୩ । ସାଦୃଶ୍ୟ—3. Semblance.

୪ । ଅଭିପ୍ରାୟ—4. Intention.

୫ । ସୂଚନା—5. Indication.

୬ । ପ୍ରତିବିମ୍ବ—6. Reflection; image.

୭ । ଇଙ୍ଗିତ—7. Hint

ଦେ. ବି—ପ୍ରକାଶ—Manifestation.

ଆଭାସ, ନିର୍ଦ୍ଦେଶ ଏ ଦୁଇ
ଯାହାଙ୍କୁ ପ୍ରକାଶ କରଇ । ଜଗନ୍ନାଥ. ଭାଗବତ ।

**ଆଭାସଧର୍ମ**—ସଂ. ବି. (ଆଭାସ+ଧର୍ମ—ନିଜ ଇଚ୍ଛାରେ ଆଶ୍ରୟ କରିବା
Ābhāsadharma ଏକ ଧର୍ମ—Quality or piety assumed out of one's own accord.

ସ୍ୱଇଚ୍ଛେ ଏକ ଧର୍ମ କରି
ଆଭାସଧର୍ମ ତାକୁ ବୋଲି । ଜଗନ୍ନାଥ. ଭାଗବତ ।

**ଆଭାସମାନ**—ସଂ. ବିଣ. (ଆ+ଭାସ=ଦୀପ୍ତି ପାଇବା+କର୍ମ. ଅନ)—
Ābhāsamāna ୧ । ପ୍ରକାଶମାନ—1. Manifest

୨ । ଅବଭାସମାନ; ଦୀପ୍ୟମାନ—2 Shining.

୩ । ପ୍ରତୀୟମାନ—3. Seeming.

**ଆଭାସିବା**—ଦେ. ପଦ୍ୟ. କ୍ରି—୧ । ବୋଧ ହେବା; ଅନୁମିତ ହେବା—
Ābhāsibā 1. To seem; to appear.

ସୁସଜ୍ଜ ସ୍ଫୀତ ସ୍ୱର୍ଣ୍ଣ ଗଣ୍ଡ ଶଇଳ ଆଭାସୁଅଛି ତନୁର ଯେ ।
ଉପେ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

୨ । (ଅମୁକ) ପରି ଦେଖାଯିବା—2. To look like.

ପଦ୍ମ ସ୍ୱଭାବ ଘଟ ନ ଛାଡ଼ିବ
ପିଶାଚ ପରି ଯେବେ ଆଭାସିବ । କବିସୂର୍ଯ୍ୟ. ସଙ୍ଗୀତ ।

୩ । ଉଦୟ ହେବା; ଜାତ ହେବା—2. To arise.

ଯେବେ ତତ୍ତ୍ୱେ ଦୂର୍ବ ପାତକ ଆଭାସିବ
ତେବେ ତ ପ୍ରାୟଶ୍ଚିତ୍ତ କର ମୁଁ ବୋଲୁଛି । କୃଷ୍ଣସିଂହ. ମହାଭାରତ. ଶା.ପ.

**ଆଭିଚାରିକ**—ସଂ. ବିଣ. (ଅଭିଚାର+ସମ୍ବନ୍ଧ. ଇକ )—
Ābhichārika ଅଭିଚାର ( ଦେଖ )
Abhichāra ( See )

ଆଭିଚାରିକ ବେଦ ନାହିଁ
ଅଦ୍ଭୁତ ଦେବୁ ଭକ୍ତ ମଧ୍ୟେ । ଜଗନ୍ନାଥ. ଭାଗବତ ।

**ଆଭିଜନ**—ସଂ. ବି. କ୍ଲୀ. (ଅଭିଜନ=ବଂଶ+ଭାବ. ଅ)—
Ābhijana ଅଭିଜନର ଭାବ; କୌଳିନ୍ୟ—Nobility.

**ଆଭିଜାତିକ**—ସଂ. ବିଣ. (ଅଭିଜାତ=ଉଚ୍ଚକୁଳ+ସମ୍ବନ୍ଧ. ଇକ)—
Ābhijātika ୧ । ଉଚ୍ଚବଂଶସମ୍ବନ୍ଧୀୟ—1. Pertaining to high birth.

୨ । କୁଳପରିଚାୟକ—2. Indicating lineage.

୩ । ବଂଶଘଟିତ—3. Relating to family.

**ଆଭିଜାତ୍ୟ**—ସଂ. ବି. (ଅଭିଜାତ=ଉଚ୍ଚକୁଳ; ସଦ୍‌ବଂଶ+ଭାବ. ଯ)—
Ābhijātya ୧ । କୌଳିନ୍ୟ; ଉଚ୍ଚକୁଳ—1. Nobility; aristocracy.

୨ । ଉଚ୍ଚବଂଶରେ ଜନ୍ମ ହେତୁ ଗର୍ବ—2. Pride due to high birth.

୩ । ବଂଶମର୍ଯ୍ୟାଦା—3. Respectability.

୪ । ପାଣ୍ଡିତ୍ୟ—4. Learning.

୫ । ଲଜ୍ଜା—5. Modesty.

**ଆଭିଧାନିକ**—ସଂ. ବିଣ. (ଅଭିଧାନ=ଶବ୍ଦକୋଷ+ଇକ)—
Ābhidhānika ୧ । ଅଭିଧାନଭୁକ୍ତ—1. Included in a dictionary.

୨ । ଅଭିଧାନ ପୁସ୍ତକ ସଂକ୍ରାନ୍ତ—2. Relating to a lexicon.

୩ । ଅଭିଧାନ ପୁସ୍ତକରେ ଯାହା ମିଳେ—3. Which can be found in a dictionary
(ଯଥା—ଆଭିଧାନିକ ଶବ୍ଦ)

ସଂ. ବି.—ଅଭିଧାନ ସଂକଳୟିତା—Compilor of a lexicon.

**ଆଭିମୁଖ୍ୟ**—ସଂ. ବି. କ୍ଲୀ (ଅଭିମୁଖ+ଭାବ. ଯ)—୧ । ସମ୍ମୁଖବର୍ତ୍ତୀ ହେବା—
Ābhimukhya 1. Being in front.

୨ । ସମ୍ମୁଖରେ ଅବସ୍ଥିତି; ସାମ୍ମୁଖ୍ୟ—2. Situation in front.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଷ୍ଟ | ର୍, ର୍ | ଝ | ଯ୍ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ୍ଞ | ଶ, ସ | ଙ୍କ | ଇଯ୍ | ଉଅ | ଉ |
| ୨ | ଈ | ଊ | ରୁ | ଲୃ | ଯ୍ୟ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ନ | ସ | ଗଁ୍ୟ | ଇଅ | ଓ | ନ୍ତ |

୩ । ଆନୁକୂଲ୍ୟ—3. Favourableness.

୪ । ଅନୁଗ୍ରହ; ପ୍ରସାଦ—4. Favour.

**ଆଭିରୂପ୍ୟ**—ସଂ. ବି. (ଅଭିରୂପ + ଭାବ. ଯ)—୧ । ଅଭିରୂପର ଭାବ—
Ābhirūpya 1 Suitability.

୨ । ସୌନ୍ଦର୍ଯ୍ୟ—2. Grace; beauty.

**ଆଭିଷେଚନିକ**—ସଂ. ବିଣ. (ଅଭିଷେଚନ + ସମ୍ବ. ଇକ)—
Ābhishechanika ୧ । ରାଜାମାନଙ୍କର ଅଭିଷେଚନ ଉପଯୁକ୍ତ- 1. Fit for the installation ceremony.

୨ । ଅଭିଷେଚନାର୍ଥ (ବସ୍ତୁ)—2. thing) Intended for installation ceremony.

୩ । ଯୁଧିଷ୍ଠିରଙ୍କର ରାଜ୍ୟାଭିଷେକ ବର୍ଣ୍ଣନାତ୍ମକ ମହାଭାରତୀୟ ପର୍ବ—3. Title of a volume of the Mahābhārata dealing with the installation of Judhishṭhira.

**ଆଭୀକ୍ଷ୍ଣ**—ସଂ. ବି. କ୍ଳୀ ( ଅଭୀକ୍ଷ୍ଣ + ଭା ବ. ଅ )—୧ । ପୌନଃପୁନ୍ୟ—
Ābhīkshṇa 1. Repetition.

୨ । ଆଧିକ୍ୟ—2. Excess.

**ଆଭୀକ୍ଷ୍ଣ୍ୟ**—ସଂ. ବି. (ଅଭୀକ୍ଷ୍ଣ + ଭାବ. ଯ)—ଆଭୀକ୍ଷ୍ଣ (ଦେଖ)
Ābhīkshṇya Ābhīkshṇa (See)

**ଆଭୀର**—ସଂ. ବି. ପୁଂ. (ଆ + ଅଭି + ଈର ଧାତୁ = ପ୍ରେରଣ କରିବା + କର୍ତ୍ତୃ. ଅ କିମ୍ବା ଆ + ଭୀ + ରା ଧାତୁ = ଦାନ କରିବା + କର୍ତ୍ତୃ. ଅ)—୧ । ଗୋ-ପାଳକ ଜାତିବିଶେଷ—
Ābhīra (ଆଭୀରୀ—ସ୍ତ୍ରୀ) 1. A caste of cowherd.

୨ । ଗୋପାଳ; ଗଉଡ଼—2. Cowherd.

୩ । ଦେଶବିଶେଷ—3. Name of a country.

୪ । ଆଭୀର ଦେଶବାସୀ ବ୍ୟକ୍ତି—4 Resident of Ābhīra country.

**ଆଭୀଳ**—ସଂ. ବି. (ଆ + ଅଭି + ଇଲ ଧାତୁ = ଶୟନ କରିବା; କଷ୍ଟ ପାଇବା + କର୍ତ୍ତୃ. ଅ)—୧ । ଶାରୀରିକ ଯନ୍ତ୍ରଣା
Ābhīla 1. Physical pain.

୨ । କଷ୍ଟ; କ୍ଲେଶ—2. Trouble.

ସଂ. ବିଣ ( ଆ + ଭୀ ଧାତୁ = ଭୟ + ଅସ୍ତି ଅର୍ଥରେ. ଲ; ଅଥବା ଲା ଧାତୁ = ଅର୍ଥ ଗ୍ରହଣ କରିବା + କର୍ତ୍ତୃ. ଅ)—

୧ । ଭୟାନକ—1. Terrible.

୨ । କଷ୍ଟଯୁକ୍ତ—2 Painful.

**ଆଭୁଗ୍ନ**—ସଂ. ବିଣ. (ଆ = ସମ୍ୟକ୍ + ଭୁଜ ଧାତୁ = ବକ୍ର ହେବା + କର୍ତ୍ତୃ. ତ)-
Ābhugna ୧ । ଈଷତ୍ ବକ୍ର—1. Slightly curved.

୨ । ଆକୁଞ୍ଚିତ—2. Shrivelled up.

**ଆଭୁଡ଼ା ପଡ଼ିବା**—ଗ୍ରା. କ୍ରି—ଅବୁରା ପଡ଼ିବା ( ଦେଖ )
Ābhurḍā parḍibā Āburā parḍibā (See)

ଆଡିଁ ଜ ପଡ଼ା — କେ ଏସ ଲେଢ଼ ଅଭୁଡ଼ା ପଡ଼ି ପଛକ ଅଟିଛ ଥାଇ
ଦେଖିଲେ ଲୋକ କହିବେ ଥିବ ଭୂମ୍ବକୁ ତ ସଳ ନାହିଁ ।
ବ୍ରଜବିହାର ।

**ଆଭୋଗ**—ସଂ. ବି. ( ଆ = ସମ୍ୟକ୍ + ଭୁଜ ଧାତୁ = ଭୋଗ କରିବା; ଭୋଜନ କରିବା; ପୂର୍ଣ୍ଣ ହେବା + ଭାବ. ଅ )—
Ābhoga

୧ । ପୂର୍ଣ୍ଣତା—1. Completeness.

୨ । ସମ୍ପୂର୍ଣ୍ଣ ଭୋଗ—2. Full enjoyment.

୩ । ସର୍ପର ଫଣା; ବରୁଣଚ୍ଛତ୍ର—
3 The expanded hood of a serpent.

୪ । ବିସ୍ତୃତି; ବିସ୍ତାର—4. Expanse; extension.

ଧରଣୀ ସୀମାନ୍ତ ଶୋଭୁଅଛି ଭୂମି
ବିଗନ୍ତେ ଶ୍ୟାମାସ୍ୱମାନ ବନାଳ ଆଭୋଗେ । ରାଧାନାଥ, ମହାଯାତ୍ରା ।

୫ । କବି ନାମରେ ଭଣିତା ହୋଇଥିବା ସଙ୍ଗୀତର ଚତୁର୍ଥ ଚରଣ—5. The fourth para of a sŏng; concluded in the name of its composer.

୬ । ବିମର୍ଦ୍ଦ—6. Friction; rubbing.

୭ । ଯତ୍ନ; ପ୍ରୟାସ—7. Exertion.

**ଆଭୋଗୀ**—ସଂ. ବିଣ. ( ଆଭୋଗ = ପୂର୍ଣ୍ଣତା + ଇନ୍; ୧ମା. ୧ବ. )—
Ābhogī ପୂର୍ଣ୍ଣତାପ୍ରାପ୍ତ; ସମ୍ପୂର୍ଣ୍ଣ—Completed; full.

**ଆଭ୍ୟନ୍ତର**—ସଂ. ବିଣ. ( ଅଭ୍ୟନ୍ତର + ଭାବ. ଅ )—୧ । ଆନ୍ତରିକ—
Ābhyantara 1. Internal.
(ବାହ୍ୟ—ବିପରୀତ) ୨ । ଅଭ୍ୟନ୍ତରଭବ—
2 Born from within.

୩ । ମାନସିକ—3. Mental.

**ଆଭ୍ୟନ୍ତରିକ**—ସଂ. ବିଣ. ( ଅଭ୍ୟନ୍ତର + ସମ୍ବ. ଇକ )—
Ābhyantarika ଆଭ୍ୟନ୍ତର ( ଦେଖ )
Ābhyantara (See)

**ଆଭ୍ୟନ୍ତରୀଣ**—ସଂ. ବିଣ. ( ଅଭ୍ୟନ୍ତର + ସମ୍ବ. ଈନ )—
Ābhyantarīṇa ଆଭ୍ୟନ୍ତର ( ଦେଖ )
Ābhyantara ( See )

**ଆଭ୍ୟାସିକ**—ସଂ. ବିଣ. ( ଅଭ୍ୟାସ + ଇକ )—
Ābhyāsika ୧ । ଅଭ୍ୟାସ କରାଯାଇଥିବା—
1. Habitual.

୨ । ଅଭ୍ୟସ୍ତ—2 Habituated.

୩ । ନିକଟବର୍ତ୍ତୀ—3 Neighbouring.

୪ । ସାଧନରତ; ଅଭ୍ୟାସନିରତ—4. Studious.

**ଆଭ୍ୟୁଦୟିକ**—ସଂ. ବିଣ. ( ଅଭ୍ୟୁଦୟ + ଇକ )—
Ābhyudayika ୧ । ଯାହାଦ୍ୱାରା ଅଭ୍ୟୁଦୟ ହୁଏ—
1. Causing bliss or prosperity.

୨ । ମାଙ୍ଗଳିକ—2. Auspicious.

୩ । ଶୁଭକାର୍ଯ୍ୟସଂକ୍ରାନ୍ତ—3. Relating to auspicious events.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଗ୍ରନ୍ଥାକାରେ ତାହା ନ ମିଳିବ ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ଉପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଖାଇ' ନ ମିଳିଲେ 'ଖାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ ଅଲବତ୍ ଦେଖିବେ

୪ । ଉନ୍ନତିକର—4. Causing improvement.

**ଆଭ୍ୟୁଦୟିକ ଶ୍ରାଦ୍ଧ**— ସଂ. ବି— ବୈବାହାଦି କର୍ମ ଆରମ୍ଭରେ ଉନ୍ନତିର
Ābhyudayika śrāddha ଉନ୍ନତି ବା ମଙ୍ଗଳାର୍ଥ କରାଯିବା ପିତୃଲୋକଙ୍କ ଶ୍ରାଦ୍ଧ—An offering to the manes at the beginning of marriage and other rites.

**ଆମ୍**— ପ୍ରାଦେ. ( ସମ୍ବଲପୁର ) ବି—୧ । ଅମ୍ବ—1. Mango.
Ām ୨ । ଆମ ( ଦେଖ )
2. Āma ( See )

**ଆମ୍କ୍ଷମତାପତ୍ର**—ଦେ. ବି—ଆମ୍‌ମୁକ୍ତାରନାମା ( ଦେଖ )
Āmkshamatāpatra Ammuktāranāmā ( See )

**ଆମ୍‌ଚୁର୍**—ପ୍ରାଦେ. ( ଲରିଆ ) ବି—ଆମ୍ବୁଲ ( ଦେଖ )
Āmchur Āmbula ( See )

**ଆମ୍‌ବାହାର**—ପ୍ରାଦେ ( ସମ୍ବଲପୁର ) ବି – ଆମାଶୟଝାଡ଼ା; ନାଲରକ୍ତ
Āmbāhār ଝାଡ଼ା— Dysentery

**ଆମମହୁଲଖିଆ**—ପ୍ରାଦେ. (ସମ୍ବଲପୁର) ବି—ବଉଲ୍‌ଖିଆ ( ଦେଖ )
Āmmahulkhiā Baulkhiā ( See )

**ଆମ୍‌ମୁକ୍ତାର୍**—ପ୍ରାଦେ. ( ସମ୍ବଲପୁର ) ବି—ସାଧାରଣକ୍ଷମତାପ୍ରାପ୍ତ
Āmmuktār କାର୍ଯ୍ୟକାରୀ—An agent holding a general power or authority.

**ଆମ୍‌ମୁକ୍ତାରନାମା**—ପ୍ରାଦେ. (ସମ୍ବଲପୁର) ବି— ସାଧାରଣ କ୍ଷମତାପତ୍ର—
Āmmuktāranāmā General power of attorney

**ଆମସି**— ପ୍ରାଦେ. ( ମେଦନୀପୁର ) ବି—ଆମ୍ବୁଲ ( ଦେଖ )
Āmsi Āmbula ( See )

**ଆମ**—ସଂ ବି. ( ଆ=ସମ୍ୟକ୍+ଅମ ଧାତୁ=ରୁଗ୍ଣ ହେବା; ଯିବା+
Āma କରଣ. ଅ )—୧ । ଅପକ୍ୱ; କଞ୍ଚା—
आँव 1. Raw; unripe.
୨ । ଅସିଦ୍ଧ—2. Uncooked.
୩ । ବହ୍ନି ପାକରହିତ—3. Unboiled.
୪ । ପୋଡ଼ା ହୋଇ ନ ଥିବା (ମାଟିପାତ୍ର)—
4. Unbaked (pot).

ଅର୍ଯ୍ୟମା ବସ୍ତ୍ରା ଧରି ହସ୍ତେ, କଦ୍ୟ ପୂର୍ଣ୍ଣିଲେ ଆମପାକେ ।
ଜଗନ୍ନାଥ- ଭାଗବତ. ୪ର୍ଥ ।

ସଂ. ବି. ( +କର୍ତ୍ତୃ. ଅ )—୧ । ଉଦରସ୍ଥ ଅପକ୍ୱ ଭୁକ୍ତରସ; ଉଦରସ୍ଥ ନାଳ—1. Mucus, flux.
୨ । ଅଜୀର୍ଣ୍ଣରୋଗ—2. Indigestion.
୩ । ତୁଷରହିତ ଧାନ୍ୟାଦି ଶସ୍ୟ—
3. Grain without chaff.
୪ । ରୋଗ—4. Disease.

আমাদের ଦେ. ସର୍ବନାମ. ବିଣ—ଆମ୍ଭ; ଆମ୍ଭମାନଙ୍କର—Our.
हमारा

**ଆମକବ୍‌ଜି**—ଦେ. ବି.—ଆମକବଜ୍ ( ଦେଖ )
Āmakabji Āmakabaj ( See )

**ଆମକବଜ୍**—ଦେ. ବି – ଅଜୀର୍ଣ୍ଣ ଓ ବାୟୁ ବୃଦ୍ଧିଜନିତ କୋଷ୍ଠବଦ୍ଧତା—
Āmakabaj Costiveness due to wind; flatulence.
আমকবজ
आमकब्जियत

**ଆମଗନ୍ଧି**—ସଂ. ବିଣ. ( ବହୁବ୍ରୀହି; ଆମ=ଅପକ୍ୱ+ଗନ୍ଧ+ଇ )—
Āmagandhi ଦୁର୍ଗନ୍ଧ; ପୂତିଗନ୍ଧଯୁକ୍ତ; ସଢ଼ାଗନ୍ଧବିଶିଷ୍ଟ — Of offensive odour; of putrid smell.
ସଂ. ବି—୧ । ଦୁର୍ଗନ୍ଧ—1. Bad smell.
୨ । ସଢ଼ା ଗନ୍ଧ—2. Offensive or putrid odour.
୩ । ଚିତା ଧୂଆଁ; ମାଛ ଶୁଖୁଆ ପୋଡ଼ା ଆଦିର ଗନ୍ଧ—
3. Bad odour of smoke from the burning of raw flesh.

**ଆମଞ୍ଚ**—ଦେ. ବି.—( ସଂ. ଆକୁଞ୍ଚନ )—ଶର ସନ୍ଧାନ; ଧନୁରେ ଶର
Āmañcha ସଂଯୋଗ; ଧନୁରେ ଶର ଯୋଜନା—Setting or charging the arrow on to the bow.

**ଆମଞ୍ଚନ**—ଦେ. ବି— ଆମଞ୍ଚ ( ଦେଖ )
Āmañchana Āmañcha ( See )

**ଆମଞ୍ଚିବା**—ଦେ. କ୍ରି. ( ସଂ. ଆମଞ୍ଚନ )—ଶର ସନ୍ଧାନ କରିବା;
Āmañchibā ଧନୁରେ ଶର ଚଢ଼ାଇବା—To set the arrow on to the bow.
ଦେଖିବା ତୋ ପରାକ୍ରମ ଆମଞ୍ଚ ଏ ଧନୁ । ସରଳା ମହାଭାରତ—ବନ୍ୟ ।

**ଆମଟ୍**—ପ୍ରାଦେ.—୧ । ( ଲରିଆ ) ବି—୧ । ଅମ୍ଳିଲ ତିଅଣ—
Āmaṭ 1. Curry mixed with acid.
୨ । ( କଟକ ) ବି—କାଞ୍ଜି—
2. Fermented rice-water.

**ଆମଡ଼ା**—ଦେ. ବି—ଆମ୍ବଡ଼ା ( ଦେଖ )
Āmaṛā Āmbaṛā ( See )

**ଆମଦାନି**—ବୈଦେ. ( ଅ ) ବି.—୧ । ଦେଶାନ୍ତରରୁ ସ୍ୱଦେଶକୁ
Āmadāni ଆନୟନ—1 Import.
আমদানি ବିଲାତ ଜନଷାଠ ସହିତ ରୂପ ନାମଧେୟ ପଦାର୍ଥବିଶେଷ
आमदानि ଏ ଦେଶକୁ ନୂଆ ଆମଦାନି ହୋଇଅଛି ।
ଫକୀରମୋହନ—ଛମାଣଆଠଗୁଣ୍ଠ ।

(ଲୋକସାକ—ଉପସ୍ଥିତ) ୨ । ଆୟ; ଲାଭ—2 Income; profit.
୩ । ଭୂମିର ଆୟ—
3. Income from immovable property.
୪ । ଆଦାୟ—4 Collection; realisation.
୫ । ବ୍ୟବସାୟରେ ଲଭ୍ୟ ବସ୍ତୁ ବା ଧନ—
5. Assests in business

ବିଣ—୧ । ଦେଶାନ୍ତରରୁ ଆନୀତ ( ପଣ୍ୟ )—
1. Imported from outside.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଢ଼ | ଋ,ଋ | ଝ | ଯ୍ୱ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଘ,ଷ | କ୍ଷ | ଇଯ୍ର | ଢ଼ଅ | ଲ |
| ୨ | ଈ | ଊ | ଋ | ଲୃ | ଯ୍ୟ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗଁ୍ୟ | ଇଅ | ୱ | ନୃ | |

୨ । ଲବ୍ଧ; ଲାଭରୂପେ ମିଳିଥିବା—
2. Received; got as profit.
୩ । ଅଦାୟ କରାଯାଇଥିବା—3. Realised.

ଆମଦାନିସିହା—ଦେ. ବି. (ଜମିଦାରୀ ସିରସ୍ତା)—ଯେଉଁ କାଗଜରେ
Āmadānisihā ଦୈନିକ ଅସୁଲ ଲେଖା ହୁଏ—
(ଖରଚସିହା—ବିପରୀତ) Book of daily receipts.
আমদানীসিহা
**आमदानीसिहा**

ଆମନଶମ—ଗ୍ରା. ବି—ଓଠ, ଜିଭ ଓ ପାଟିରେ ଫଳିସିବା ଏକପ୍ରକାର
Āmanaśama ବ୍ରଣ; ଅମ ଓ କଫଜନିତ ରୋଗ—Cough attended with mucus and eruptions on the mouth, tongue and lips.

ଆମନସ୍ୟ—ସଂ. ବି. (ଅ+ମନ+ଭାବାର୍ଥେ ଯ; ଯାହା ମନରେ କଷ୍ଟ
Āmanasya ଦିଏ)—ଯାତନା; ପୀଡ଼ା; କଷ୍ଟ; ଦୁଃଖ; ବ୍ୟଥା—
Sorrow; trouble.

ଆମନ୍ତ୍ରଣ—ସଂ. ବି.—(ଆ=ସମ୍ୟକ୍+ମନ୍ତ୍ର ଧାତୁ=ଡାକିବା+ଭାବ.
Āmantraṇa ଅନ)—୧ । ସାଦରସମ୍ଭାଷଣ—
1. Welcome.
୨ । ଆହ୍ୱାନ—2. Act of calling.
୩ । ନିମନ୍ତ୍ରଣ—3. Invitation.

ଆମନ୍ତ୍ରିତ—ସଂ. ବିଣ. (ଆ=ସମ୍ୟକ୍+ମନ୍ତ୍ର+କର୍ମ. ତ)—
Āmantrita ୧ । ଆହୂତ—1. Called.
୨ । ନିମନ୍ତ୍ରିତ—2. Invited
୩ । ସମ୍ଭାଷିତ—3. Spoken to.

ଆମନ୍ତ୍ରିବା—ଦେ. କ୍ରି. ପଦ୍ୟ ((ସଂ. ଆ+ମନ୍ତ୍ର ଧାତୁ)—
Āmantribā ୧ । ଆମନ୍ତ୍ରଣ କରିବା—1. To invite.
ସମାଦରେ ଯଥାବିଧି ଆମନ୍ତ୍ରି ଭୂପତି
ସାମନ୍ତ ସଜ୍ଜନ୍ୟଦଳେ, ପୌର, ଜାନପଦେ—ରାଧାନାଥ. ମହାଯାତ୍ରା ।
୨ । ମନ୍ତ୍ରୋଚ୍ଚାରଣପୂର୍ବକ ଡାକିବା—
2. To call by uttering mantras; to invoke.

ଆମବାଇ—ଦେ. ବି. (ସଂ. ଆମ ଓ ବାୟୁ)—ଅଜୀର୍ଣ୍ଣଜନିତ ବାୟୁରୋଗ—
Āmabāi Flatulence, wind due to indigestion.
আমবাই
**आँवावायु**

ଆମବାତ—ଦେ. ବି.—ଅଣ୍ଟ, ଗଣ୍ଠି ଧରିବା ବାତ—
Āmabāta Acute rheumatism.
ଆମବାତେଇ } ସ୍ତ୍ରୀ
ଆମବାତୋଇ }
গেঠেঁ বাত
**चनकवाई**

ଆମବାତୁଆ—ଦେ. ବିଣ—ଆମବାତରୋଗଗ୍ରସ୍ତ (ବ୍ୟକ୍ତି)—
Āmabātuā (a person) Suffering from rheumatism.

ଆମୟ—ସଂ. ବି. (ଆମି=ରୋଗୀ ହେବା—ଭାବ. ଅ)—
Āmaya ଦେହର ପୀଡ଼ା; ରୋଗ; ବ୍ୟାଧି—
Sickness; disease; illness, disorder.

ଆମୟାବୀ—ସଂ. ବିଣ. (ଆମୟ=ରୋଗ+ଅବ୍ ଧାତୁ=ଗମନ କରିବା,
Āmayābī ପ୍ରାପ୍ତ ହେବା+ଇନ୍; ଯେ ରୋଗପ୍ରାପ୍ତ ହୋଇଅଛି)—
(ଆମୟାବିନୀ—ସ୍ତ୍ରୀ) ରୋଗୀ; ବ୍ୟାଧିଗ୍ରସ୍ତ; ବ୍ୟାଧିତ—Sick; ill.

ଆମୟିକ—ସଂ. ବିଣ. (ଆମୟ=ରୋଗ+ଇକ)—
Āmayika ରୋଗସମ୍ବନ୍ଧୀୟ; ରୋଗରେ ପ୍ରଯୋଜ୍ୟ—
Therapeutical; pertaining to treatment of diseases.

ଆମର—ଦେ. ସର୍ବନାମ—୧ । ଆମ୍ଭର; ଆମ୍ଭମାନଙ୍କର—
Āmara 1. Our; ours.
আমাদের ୨ । ଆମ୍ଭେମାନେ—2. We.
**हमरा** (ଯଥା—ଚାଲ ଆମର ସେଠାକୁ ଯିବା)

ଆମରକ୍ତ ଝାଡ଼ା—ଦେ. ବି. (ସଂ. ଆମ ଓ ରକ୍ତ)—ଝାଡ଼ା ସଙ୍ଗେ କାଲ
Āmarakta jhāṛā ଓ ରକ୍ତ ପଡ଼ିବା ରୋଗ—
আমরক্ত বাহ্যি Dysentery; bloody flux.
**आँवक रोग**

ଆମରଣ—ସଂ ଅ. (ଅବ୍ୟୟୀଭାବ; ଆ+ମରଣ)—ମରଣପର୍ଯ୍ୟନ୍ତ—
Āmaraṇa Till death; throughout life.

ଆମର ସେ—ଦେ. ସର୍ବ. ପୁଂ.—ମୋ ସ୍ୱାମୀ ବା ମୋ ସ୍ତ୍ରୀ—
Āmarā se, (Euphemism) My husband or my
আমাদের উনি wife.
[ଦ୍ର—ଭଦ୍ର ଘରର ସ୍ତ୍ରୀମାନେ ସ୍ୱାମିଙ୍କ କଥା କହିଲାବେଳେ ଅସ୍ପର୍ଦ୍ଧାସୂଚକ 'ମୋ ସ୍ୱାମୀ' ବୋଲି ନ କହି "ଆମର ସେ ଏ କଥା କହିଲେ," "ଆମର ତାଙ୍କୁ ଏ କଥା କହି ଦିଅ"—ଏପରି ବ୍ୟବହାର କରିଥାନ୍ତି । ପୁରୁଷମାନେ ମଧ୍ୟ ନିଜର ସ୍ତ୍ରୀମାନଙ୍କୁ ଲକ୍ଷ୍ୟ କରି (ଆମର ସେ ଆଜି ଥିଏଟର ଦେଖିବାକୁ ଯାଇଅଛନ୍ତି) ଏପରି ବ୍ୟବହାର କରିଥାନ୍ତି । ]

ଆମର ସେମାନେ—ଦେ. ସର୍ବ. ପୁଂ ଓ ସ୍ତ୍ରୀ (ବହୁବଚନ ଅଭାବ ଜନ୍ତୁ
Āmara semāne ଏକବଚନାର୍ଥକ ବ୍ୟବହାର)—
আমাদের ওরা ଆମର ସେ, ମୋର ସ୍ୱାମୀ ବା ମୋ ସ୍ତ୍ରୀ—
My husband or my wife.

ଆମରୀ—ଦେ. ବି—ଅମାରୀ (ଦେଖ)
Āmarī Amāri (See)
ପ୍ରେମାବଳୀ କର ଅଛି ପ୍ରଚାର
ଚତୁରକ ନେଇଚ୍ଛନ୍ତି ଆମରୀ । ରସ. ସ୍ୱରଣ୍ୟବନୀ ।

ଆମର୍ଷ—ସଂ.ବି. (ଆ+ମୃଶ୍=ପରାମର୍ଶ କରିବା+ଭାବ. ଅ)—
Āmarśa ୧ । ଉପଦେଶ—1. Counsel; advice.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; କଥି ନ ପାଇଲେ 'କନ୍ଧ' ଦେଖିବେ; 'ଅଙ୍କିଏ' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୨ । ଭକ୍ଷଣ—2. Taking meals; eating

୩ । ସ୍ପର୍ଶ—3. Touch.

୪ । ଚିନ୍ତା—4. Thought

ଆମର୍ଷ—ସଂ. ବି. (ଆ + ମର୍ଷ = କ୍ଷମା କରିବା + ଭାବ. ଅ)—
Āmarsha  କ୍ରୋଧ; ରାଗ—Wrath; rage.

ଆମଲକ—ସଂ. ବି. ( ଆ + ମଲ ଧାତୁ = ଧାରଣ କରିବା + କର୍ମ. ଅକ;
Āma<u>l</u>aka  ଯାହାକୁ ଔଷଧ ନିମିତ୍ତ ଧାରଣ କରାଯାଏ । )—
୧ । ଅଁଳା କୋଳି ଓ ଗଛ—
1. Emblic Myrobalan.
୨ । 'ଦେଉଳ' ତଳେ ନୋଟ ( ଦେଖ )
2. Notes under Deu<u>l</u>a (See)
ସେହି ଅଭ ପଦ୍ମ ପ୍ରାସାଦର ଚୂଡ଼େ; ଦେଉଳର ଅମଳକେ ।
ରଘୁନାଥ. ଯଯାତି ।

ଆମଳକଶିଳା—ସଂ. ବି.— ଅଁଳା ୩ । (ଦେଖ)
Āma<u>l</u>akaśi<u>l</u>ā  Aan̆<u>l</u>ā 3 (See)

ଆମଲକୀ—ସଂ. ବି. ସ୍ତ୍ରୀ.— ଆମଲକ (ଦେଖ)
Āma<u>l</u>akī  Āma<u>l</u>aka (See)

ଆମଲତି—ଦେ. ବି.— ଅମ୍ଳିତି ପତ୍ର (ଦେଖ)
Āma<u>l</u>ati  Ām<u>l</u>iti patra (See)

ଆମଳଶିଳା—ସଂ. ବି.— ଅଁଳାଶାଳ; ମନ୍ଦିରର ବଢ଼ିନକତି ତଳେ
Āma<u>l</u>aśi<u>l</u>ā  ଚିରୁଡ଼ା ଚକୁଡ଼ା ହୋଇ ଥିବା ପଥରଚକତି—
The finial of a temple

ଆମଳସାର—ସଂ. ବି.—ଅମଳଶିଳା (ଦେଖ)
Āma<u>l</u>asāra  Ama<u>l</u>aśi<u>l</u>ā (See)

ଆମଲା (ଇତ୍ୟାଦି)— ବୈଦେ. ବି. (ଅ)— ୧ । ବେତନଭୋଗୀ କର୍ମଚାରୀ-
Āmalā (etc)  1. Salaried servants.
আমলা  ୨ । ଗୁମାସ୍ତା—
आमला  2. Agent; clerk.
୩ । କୌଣସି ଅଫିସର ଅଧସ୍ତନ ଶିକ୍ଷିତ କର୍ମଚାରୀ-
3. Ministerial clerks and officers.

ଆମଲିତି—ଦେ. ବି.— ଅମ୍ଳିତିପତ୍ର (ଦେଖ)
Āma<u>l</u>iti  Ām<u>l</u>iti patra (See)

ଆମଲେଗାନ—ବୈଦେ. ବି. (ଅ) —ଆମଲାମାନେ—
Āmalegān  Body of ministerial officers.
আমলারা
अमलेगान

ଆମଶୂଳ—ସଂ. ବି. ( ମଧ୍ୟପଦଲୋପୀ; ଆମଜନିତ ଶୂଳ )—
Āmaśū<u>l</u>a  ପେଟମରା; ଶୂଳବେଦନା—Colic pain;gripe.
আমশূল
वायुगोला

ଆମା—ଦେ. ଅ. ( ବିସ୍ମୟସୂଚକ )—ଅଲୋ ମାଲୋ—Oh.
Āmā  ପ୍ରାଦେ. (ତେଲଙ୍ଗ) ବି. ସ୍ତ୍ରୀ—ମାତାଙ୍କ ପ୍ରତି ସମ୍ବୋଧନ—
Mother; mama.

ଆମାତିସାର—ସଂ. ବି—ନାଲିରକ୍ତ ଝାଡ଼ା—Dysentery.
Āmātisāra

ଆମାନ୍ନ—ସଂ. ବି. ( କର୍ମଧାରୟ; ଆମ + ଅନ୍ନ )—ଅପକ୍ୱାନ୍ନ; ଚାଉଳ—
Āmānna  Uncooked rice; raw rice.

ଆମ ବାଇ—ଦେ. ବି—ଅମବାଇ ( ଦେଖ )
Āmābāi  Āmabāi ( See )

ଆମାଶୟ—ସଂ. ବି. ( ବହୁବ୍ରୀହି; ଆମ+ଆଶୟ )—
Āmāśaya  ୧ । ଶରୀରରେ ଆମ ସଞ୍ଚିତ ହେବା ସ୍ଥାନ—
1. Umbilical region.
୨ । ନାଲିରକ୍ତ ଝାଡ଼ା—2. Dysentery.

ଆମାଶା—ଗ୍ରା. ବି—ଆମାଶୟ ୨ ( ଦେଖ )
Āmāśā  Āmāśaya 2 ( See )
আমাশা
आँवकारोग

ଆମିକ୍ଷା—ସଂ. ବି. (ଆ = ସମ୍ୟକ୍ + ମିଷ ଧାତୁ + କର୍ମ. ସ + ସ୍ତ୍ରୀ. ଆ )—
Āmikshā  ଉଷ୍ଣ ଦୁଗ୍ଧରେ ଦହି ମିଶାଇ ଯେଉଁ ଖାଦ୍ୟ ପ୍ରସ୍ତୁତ ହୁଏ;
ଛେନା—Posset; curdled milk; cheese.

ଆମିରି—ଦେ. ବି.—ଲଙ୍କାମରିଚ—Red pepper.
Āmiri

ଆମିଳ—ପ୍ରାଦେ. (ସମ୍ବଲପୁର) ବିଣ. ( ସଂ. ଅମ୍ଳ )— ଅମ୍ବିଳା; ଖଟା—
Āmila  Of acid taste; sour.
ବି—ଅମ୍ବିଳ ତିଅଣ—A curry made sour.

ଆମିଳା—ଗ୍ରା. ବିଣ—ଅମ୍ବିଳା ( ଦେଖ ).
Āmi<u>l</u>ā  Āmbi<u>l</u>ā ( See )

ଆମିଳତି—ଗ୍ରା. ବି— ଅମ୍ଳିତିପତ୍ର ( ଦେଖ )
Āmi<u>l</u>iti  Ām<u>l</u>itipatra ( See )

ଆମିଳତିପିତି—ଗ୍ରା. ବି—ଅମ୍ଳପିତ୍ତ ( ଦେଖ )
Āmi<u>l</u>itipiti  Am<u>l</u>apitta ( See )

ଆମିଳତିଶାଗ—ଦେ. ବି— ଅମ୍ଳିତିପତ୍ର ( ଦେଖ )
Āmi<u>l</u>itiśāga  Ām<u>l</u>itipatra ( See )

ଆମିଷ—ସଂ. ବି. ( ଆ = ଗୁରୁଅର୍ଥେ + ମିଷ ଧାତୁ = ଅତ୍ୟଧିକ ହେବା + କର୍ତ୍ତୃ. ଅ; ବା ଅମ ଧାତୁ = ରୁଗ୍ଣ ହେବା + କରଣ. ଇଷ )—
Āmisha
୧ । ମତ୍ସ୍ୟମାଂସ—1. Fish and flesh.
୨ । ଭୋଗ୍ୟବସ୍ତୁ—2. Enjoyable things.
୩ । ପତ୍ର—3. A leaf (Apte )
୪ । ସମ୍ଭୋଗ—4. Enjoyment
୫ । ଉତ୍କୋଚ; ଲାଞ୍ଚ—
5. Illegal gratification.
୬ । ଜମ୍ବୀର ଗଛର ଫଳ—
6. Fruits of jambira tree ( Apte ).

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ଦନ୍ତ୍ୟ ବର୍ଣ୍ଣ | ଅନୁନାସିକ ସୂଚକ | ଷ | ଜ | ଣ,ଶ | ଞ | ଇୟ | ଇଅ | ଈ |
| ୨ | ଈ | ଊ | ରୁ | ଲୁ | ଯ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଘ | ଇଅ | ଓ | ନ୍ |

୭ । ସୁନ୍ଦର ଦ୍ରବ୍ୟ; ଲୋଭନୀୟ ପଦାର୍ଥ—
7. Beautiful things.
୮ । ଅଭିଳାଷ—8. Wish; lust.
୯ । ଲାଭ—9. Profit.
୧୦ । ଖାଦ୍ୟ—10. Food.
୧୧ । ଭୋଜନ—11. Eating.
୧୨ । ଶିକାର—12. Prey: victim.

**ଆମିଷାଶୀ**—ସ. ବିଣ. ପୁଂ. ( ଆମିଷ=ମାଛମାଂସ+ଅଶ୍ ଧାତୁ=ଖାଇବା+କର୍ତ୍ତୃ. ଇନ୍ )—
**Amishāsi**
(ଆମିଷାଶିନୀ—ସ୍ତ୍ରୀ) ମତ୍ସ୍ୟମାଂସଭୋଜୀ; ଯେ ମାଛମାଂସ ଖାଆନ୍ତି—
Carnivorous; feeding on flesh.

**ଆମୀକ୍ଷା**—ସ. ବି—ଆମିକ୍ଷା ( ଦେଖ )
**Āmiksha** Āmikshā ( See )

**ଆମୁକ୍ତ**—ସ. ବିଣ. ( ଆ+ମୁଚ ଧାତୁ=ମୁକୁଳାଇବା; ଛାଡ଼ିବା+କର୍ମ. ତ )—୧ । ତ୍ୟକ୍ତ—1. Given up.
**Āmukta**
୨ । କ୍ଷିପ୍ତ—2. Thrown away.
୩ । ଖୋଲା; ମୁକୁଳା—3. Open; dishevelled.
୪ । ଧୃତ—4 Held.
୫ । ଈଷତ୍ ମୁକ୍ତ—5. Half open.

**ଆମୁକ୍ତି**—ସ. ବି. ( ଆ+ମୁକ୍ତି )—ସ୍ୱାଧୀନତା—
**Āmukti** Liberation; emancipation.
ଅ.- ମୁକ୍ତିପର୍ଯ୍ୟନ୍ତ—Till liberated

**ଆମୁଖ**—ସ. ବି. ( ଆ+ମୁଖ=ଆରମ୍ଭ )—(ନାଟକରେ) ପ୍ରସ୍ତାବନା—
**Āmukha** ( drama ) Prologue.

**ଆମୁଷ୍ମିକ**—ସ. ବିଣ. ( ଅମୁଷ୍ମିନ୍=ସେଠାରେ+ଇକ )—
**Āmushmika** ପରଲୋକସମ୍ବନ୍ଧୀୟ; ପାରଲୌକିକ—
Pertaining to the next world.

**ଆମୂଳ**—ସଂ. ଅ. (ଅବ୍ୟୟୀଭାବ; ଆ+ମୂଳ)—୧ । ମୂଳପର୍ଯ୍ୟନ୍ତ—
**Āmūla** 1 From the beginning; from the root.
୨ । ମୂଳରୁ ଉତ୍ତମରୂପେ—
2. Radically; thoroughly.

**ଆମୂଳଚୂଳ**—ସଂ. କ୍ରି. ବିଣ—ମୂଳରୁ ଶେଷପର୍ଯ୍ୟନ୍ତ; ଆଦ୍ୟୋପାନ୍ତ—
**Āmūlachūla** From the beginning to the end; from head to foot; from top to toe.

**ଆମୃତ୍ୟୁ**—ସଂ. ଅ. (ଅବ୍ୟୟୀଭାବ; ଆ+ମୃତ୍ୟୁ)—ମୃତ୍ୟୁପର୍ଯ୍ୟନ୍ତ; ଆମରଣ—
**Āmrutyu** Till death.

**ଆମେ**—ଦେ. ସର୍ବନାମ ( ପ୍ରାକୃତ. ଅମ୍ହେ; ସଂ. ଅହମ୍ )—
**Āme** ୧ । ( ମାନ୍ୟାର୍ଥକ )—ଅମ୍ଭେ—1. I.
୨ । ଅମ୍ଭେମାନେ—2. We.

**ଆମେଡ଼ା**—ପ୍ରାଦେ. ( ବସ୍ତର ) ବି—ଆମ୍ବଡ଼ା ( ଦେଖ )
**Amerdā** Ambardā ( See )

**ଆମେନ୍**—ବୈଦେ. ଅ. (ଇଂ)—ଖ୍ରୀଷ୍ଟିୟାନ୍ ଓ ମୁସଲମାନଙ୍କ ପ୍ରାର୍ଥନାନ୍ତ
**Āmen** ସ୍ୱସ୍ତିବାଚନ—Amen.
"ସେହି ମୁକ୍ତିଦାର୍ତ୍ତା ଯୁଗେଯୁଗେ ଧନ୍ୟ ! ଆମେନ୍ !"
ବାଇବଲ—ନୂତନ ନିୟମ—ରୋମୀୟ ।

**ଆମୋଡ଼ି**—ପ୍ରାଦେ. ( ବସ୍ତର ) ବି—ଆମ୍ବଡ଼ା ( ଦେଖ )
**Āmordi** Āmbardā ( See )

**ଆମୋଦ**—ସଂ. ବି. ( ଆ=ବିଶେଷ+ମୁଦ ଧାତୁ=ହୃଷ୍ଟ ହେବା+ଭାବ. ଅ )—୧ । ହର୍ଷ; ଆନନ୍ଦ—
**Āmoda**
1. Pleasure; joy; merriment.
୨ । ଅତିଦୂରକୁ ଉଡ଼ୁଥିବା ସୁଗନ୍ଧ—
2. Diffusion of perfume.
୩ । ସୁଗନ୍ଧ—3 Sweet scent or perfume.
ଶିଶିର ଘୂର୍ଣ୍ଣି ଆମୋଦ ଭଉର ଅବାଶେ । ବ. ସା. ମ ।
୪ । କସ୍ତୁରୀର ସୁବାସ—4. Musk-perfume.
ଦେ. ବିଣ—ଆମୋଦିତ; ସୁବାସିତ—
Sweet-scented; perfumed.
ଅଗୁରୁ ଧୂମ କରେ ଆମୋଦ ସେ ସବୁକୁ । କୃଷ୍ଣସିଂ. ମହାଭାରତ. ଅଦ ।

**ଆମୋଦ ଆହ୍ଲାଦ**—ଦେ. ବି. (ସହଚର)—ଆମୋଦପ୍ରମୋଦ (ଦେଖ)
**Āmoda āhlāda** Āmodapramoda (See)

**ଆମୋଦପ୍ରମୋଦ**—ଦେ. ବି (ସହଚର)—ନାନାବିଧ ଆନନ୍ଦ ଉତ୍ସବ—
**Āmodapramoda** Joys and pleasures; merriment; recreations.

**ଆମୋଦିତ**—ସଂ. ବିଣ. ( ଆମୋଦ=ଗନ୍ଧ; ହର୍ଷ+ଇତ ବା ଆ+ମୁଦ୍+କର୍ତ୍ତୃ. ତ )—୧ । ଆନନ୍ଦିତ; ହର୍ଷଯୁକ୍ତ—
**Āmodita**
1. Delighted; gladdened.
୨ । ବାସିତ; ସୁରଭିକୃତ—
2. Sweet-scented; perfumed.

**ଆମୋଦିବା**—ଦେ. (ପଦ୍ୟ) କ୍ରି. (ସଂ. ଆମୋଦ)—ଆମୋଦିତ କରିବା—
**Āmodibā**
আমোদা
ଗନ୍ଧବ୍ୟ-ସୌରଭ ଯାର ବହନ୍ତି ଚୌଦିଗେ
କାଳେ କାଳେ ଆମୋଦବ ନଖିଳ ମେଦିନୀ ।
ରଘୁନାଥ—ଦଶରଥବିୟୋଗ ।

**ଆମୋଦୀ**—ସଂ. ବିଣ. ( ଆମୋଦ+ଇନ୍ ଅସ୍ତ୍ୟର୍ଥେ )—
**Āmodi** ୧ । ହର୍ଷବିଶିଷ୍ଟ—1. Pleasurable.
୨ । ସୁଗନ୍ଧଜନକ—2. Sweet scented.
୩ । ଆମୋଦ କରିବା ଯାହାର ସ୍ୱଭାବ—
3 Of pleasant habits.

**ଆମ୍ନାତ**—ସଂ. ବିଣ. ( ଆ=ବିଶେଷରୂପେ+ମ୍ନା ଧାତୁ=ଅଭ୍ୟାସ କରିବା+କର୍ମ. ତ)—୧ । ଅଧୀତ—1. Studied.
**Āmnāta**
୨ । କଥିତ—2. Said.
୩ । ଅଭ୍ୟସ୍ତ - 3. Committed to memory; repeated; practised.
ସଂ. ବି. (+ଭାବ. ତ )—ଅଧ୍ୟୟନ; ପାଠାଭ୍ୟାସ—Study.

ସାଧାରଣ ଲେଖେ ଏପରି ସ୍ଥାନରେ ପ୍ରଥମ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳେ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ସାଢ' ନ ମିଳିଲେ 'ଷାଢ଼' ଖୋଜିବେ; 'ବ୍ରଜ' ନ ମିଳିଲେ 'ବ୍ରଜ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଆମ୍ନାୟ**—ସଂ. ବି. ( ଆ + ମ୍ନା ଧାତୁ = ଅଭ୍ୟାସ କରିବା; ଉପଦେଶ
Āmnāya ଦେବା + କର୍ମ ଅ; ମୁନିଗଣ ଯାହା ଅଭ୍ୟାସ କରନ୍ତି)—
୧ । ବେଦ; ଆଗମ—1. The Bedas.
୨ । କୁଳାଚାର—2. Family custom.
୩ । ତନ୍ତ୍ରଶାସ୍ତ୍ର—3. The Tantras.
୪ । ଅଭ୍ୟାସ—4. Habit.

**ଆମ୍ପୁରିବା**—ପ୍ରାଦେ. (ସମ୍ବଲପୁର) କ୍ରି—ନଖରେ ଚିରିବା; ନଖେଇବା-
Ampribā To scratch with the nails.

**ଆମ୍ପୁଡ଼ା**—ଗ୍ରା. ବି—ନଖରେ ଚିରିବା; ଚିମ୍ପୁଡ଼ା—
Ampurdā Laceration; scratching.
আঁচড়া ଦେ. ବିଣ—ନଖଦ୍ୱାରା ଚିରା ହୋଇଥିବା—
Scratched.

**ଆମ୍ପୁଡ଼ିକାମ୍ପୁଡ଼ି ହେବା**—ଗ୍ରା. କ୍ରି—କୋହକାହ ହେବା; ବିରକ୍ତ
Āmpurdikāmpurdi hebā ହେବା—To show
আচড়ে কামড়ে হওয়া signs of being vexed (e.g by chiding ).

**ଆମ୍ପୁଡ଼ିବା**—ଗ୍ରା. କ୍ରି—ଚିମ୍ପୁଡ଼ିବା; ନଖଦ୍ୱାରା ଚିରିବା ବା ବିଦାରିବା—
Āmpurdibā To scratch with finger-nails; to lacerate.
আঁচড়ান

**ଅମ୍ବ**—ଦେ. ବି. ( ସଂ. ଆମ୍ର )—ଆମ୍ରଫଳ ଓ ଗଛ—Mango tree
Āmba and its fruit; magnifera indica.
আম্ ଗ୍ରା. ବି. ( ସଂ.ଆମ)—ଆମ; ଦେହର ଅସାରସ୍ଥ
आम्ब; आम् ଧାତୁ—Mucous slime.
ଗୁଜ. ଅମ୍ବାମିନ୍ଥାଦା
ତେ. ମାମିଡ଼ିପାଣ୍ଡୁ
ତା. ମାଙ୍ଗ; ମାମ୍ବମ

**ଅମ୍ବଅଠା**—ଦେ. ବି—ଆମ୍ବଗଛର ଗଣ୍ଡି କାଟିଲେ ବାହାରୁ ବାହାରୁଥିବା
Āmbaaṭhā ଅଠାଳିଆ ରସ—Gum exuded from
আম আঠা mango tree when cut.
ପ୍ରାଦେ. ( ଗଡ଼ଜାତ ) ବି.—ବୃହତ୍ ବନ୍ୟବୃକ୍ଷବିଶେଷ—
A big wild tree.
[ ଦ୍ର—ଏହାର ପତ୍ର କଞ୍ଚନପତ୍ର ପରି ଦୁଇଫାଳିଆ, କାଠ ଲାଲ ହୁଏ, ଡାଳ ବା ଗଣ୍ଡି ହାଣି ଦେଲେ ଅଠା ବାହାରେ । ]

**ଅମ୍ବଅଦା**—ଦେ. ବି—ଆମ୍ବକସିଆ ଗଦ ( ଦେଖ )
Āmbaadā Āmbakasiā gada ( See)

**ଅମ୍ବଅମାବାସ୍ୟା**—ପ୍ରାଦେ. ( ଗଞ୍ଜାମ ) ବି.—ବଉଳଅମାବାସ୍ୟା ( ଦେଖ )
Āmbaamābāsyā Baulaamābāsyā ( See )

**ଅମ୍ବଅମ୍ବୁଆ**—ଦେ. ବିଣ—୧ । ଆମ୍ବ ପରି ଚିତ୍ରିତ ହୋଇଥିବା—
Āmbaāmbuā 1. Painted with mango shaped pictures.
আম্র আঁকা;
আম্বের মত ( ଯଥା—ଅମ୍ବଅମ୍ବୁଆ ଛିଟ )
୨ । ଆମ୍ବଭଳି—2. Like mangoes.

**ଅମ୍ବକଦିନ**—ପ୍ରାଦେ. ( ଅନୁଗୁଳ ) ବି.—ଆମ୍ବ ପାଚିବା ଦିନ—The
Āmbakadina season when mangoes ripen.
[ ଦ୍ର—ଏହିପରି 'ପଣସକଦିନ' ଇତ୍ୟାଦି ମଧ୍ୟ ହୁଏ । ]

**ଅମ୍ବକସି**—ଦେ. ବି—ଅତି ଛୋଟ ଛୋଟ ଆମ୍ବ—
Āmbakasi Small young mangoes.
কচি আম
अम्बिया, टिकोरा

**ଅମ୍ବକସିଆ ଅଦା**—ଦେ. ବି—ଅମ୍ବକସିଆ ଗଦ (ଦେଖ )
Āmbakasiā adā Āmbakasiāg ada ( See )

**ଅମ୍ବକସିଆ ଗଦ**—ଦେ. ବି—ଅମ୍ବକସି ଭଳି ବାସୁଥିବା ଅଦା ପରି ତେର-
Āmbakasiā gada ବିଶିଷ୍ଟ ଗୁଳ୍ମ—A medicinal root
ସଂ. କର୍ପୂରହରିଦ୍ରା having the scent of a
আমাদা mango; Curcuma Amada
आमतालि; आमहल्दि ( Haines).
ତେ. ମାମିଡ଼ିଅଲ୍ଲମୁ [ ଦ୍ର—ଏହା ଗୋଟିଏ ଗୁଳ୍ମ । ହଳଦି ଗଛ ପରି ଏହା ଦୁଇ ଫୁଟ ଉଚ୍ଚ ହୁଏ । ]

**ଅମ୍ବକେରିଆ**—ଦେ. ବି. ( ବଣିଆ ଶବ୍ଦ )—ଏକପ୍ରକାର ନାକଚଣା—
Āmbakeriā A kind of nose-ring.

**ଅମ୍ବଛେଚା**—ଦେ. ବି—ଲୁଣ ମସଲା ଆଦି ଦିଆଯାଇ ଛେଚା ହୋଇଥିବା
Āmbachhechā କଞ୍ଚା ଆମ୍ବ—Raw mangoes bruised
আমছেচা with spices used as a salad.
आमका चटनी

**ଅମ୍ବଡ଼ା**—ଦେ. ବି. ( ସଂ. ଆମ୍ରାତକ )—ଆମ୍ବ ଭଳି ଏକପ୍ରକାର ଫଳ
Ambardā ଓ ଗଛ—Hoghlum; spondias
আমড়া magnifera.
आमड़ा; आम्बड़ा
ତା. କାଟ୍ଟମାଅ; କାଟ୍ଟମୋର
ମା. ବରୁଗଡେ; ମୋରସୁମ୍
ତେ. ଅଡବିମମିଡ; ମାମିଡି

**ଅମ୍ବଡାହାଣୀ**—ଦେ. ବି—ଅମ୍ବଗଛରେ ବେଢ଼ିବା ମାଛିଜାତୀୟ ଏକ-
Āmbadāhāni ପ୍ରକାର ଛୋଟ କଳା ପୋକ (ଗଛ ପାଖ ଦେଇ
জাম্রাপোকা ଲୋକ ଚାଲିଗଲେ ସେମାନେ ଆସି ଲୋକର ମୁହଁ ପାଖେ ବେଢ଼ି ଯାଆନ୍ତି । )—A kind of small flee-like insect infesting mango branches.

**ଅମ୍ବତୋଟା**—ଦେ. ବି—ଅମ୍ବଗଛ ଲଗିଥିବା ଉପବନ; ଆମ୍ରବନ; ଅମ୍ବ
Ābatoṭā ବଗିଚା—Mango orchard; mango tope.
আমের বাগান
आमका बाग

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇସ୍ | ଊଅ | ଉ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଓ | ନ୍ଦ |

ଆମ୍ବନଷମ — ଦେ. ବି — ଅମନଷମ ( ଦେଖ )
Āmbanaśama Āmanaśama ( See )

ଆମ୍ବବଉଲ — ଦେ. ବି — ଅମ୍ବମୁକୁଳ —
Āmbabaula Buds of the mango.

ଆମ୍ବବୁରାଇ — ପ୍ରାଦେ. ( ସମ୍ବଲପୁର ) ବି. — ଅମ୍ବତୋଟା —
Āmbaburāi Mango tope.

ଆମ୍ବଯାଉ — ଦେ. ବି. (ସଂ. ଅମ୍ବ + ଓ. ଯବାଗୁ) — ଚାଉଳ ଓ ଆମ୍ବରସରେ
Āmbajāu ପ୍ରସ୍ତୁତ ହେବା ଯାଉ — A gruel made with mango juice and rice.

ଆମ୍ବଲତା — ପ୍ରାଦେ. ( ଗଡ଼ଜାତ ) ବି — ଏକପ୍ରକାର ବନ୍ୟ କ୍ଷୁଦ୍ର ଗଛ —
Āmbalatā Banhinia; race mosa.

ଆମ୍ବଲସି — ଦେ. ବି — ଗଛରୁ କ୍ଷୁଦ୍ର ଆମ୍ବ ଛିଣ୍ଡାଇଲେ ତହିଁରୁ ଯେଉଁ
Āmbalasi ତୀବ୍ର ଲସା ବାହାରେ — The juice from the
আমের নসি stalk of a raw mango when plucked

ଆମ୍ବଲହୁ — ଦେ. ବି. (ସଂ. ଅମ ଓ ରକ୍ତ) — ଅମ ଓ ରକ୍ତ; ନାଳରକ୍ତ —
Āmalahu Mucus and blood.

ଆମ୍ବସଢ଼ା — ଦେ. ବି. — ପାଚିଲା ଓ ସଢ଼ା ଆମ୍ବର ରସକୁ ଖରାରେ ଶୁଖାଇ
Āmbasar̤dhā ଛଅର କରାଯାଇଥିବା ଏକ ପ୍ରକାର ଅମ୍ବର
আমসত্ত্ব — Inspissated mango-juice; preserved mango-juice.

ଗୋପ ନଗରେ ଯେତେ ଲେଡ଼ା,
ଡାଳ କମ୍ବିଳ ଅମ୍ବସଢ଼ା । ଭାଗବତ. ୧୦ମ ଗୋପ ।

ଆମ୍ବାଶା — ଦେ. ବି. — ଆମାଶୟ ୨ (ଦେଖ)
Āmbāśā Āmāśaya 2 (See)

ଆମ୍ବିଳ — ଦେ. ବି. (ସଂ. ଅମ୍ଳ) — ୧ । ଖଟାରସ; ଅମ୍ଳରସ —
Āmbila 1. Acid taste.
অম্বল;টক କଟୁ କଷାୟ ଯେ ଅମ୍ବିଳ
खट्टा ତିକ୍ତ ଲବଣ ଯେ ମଧୁର । ଭାଗବତ. ଅସ୍ତ ।

୨ । ଖଟେଇ — 2. Anything of acid taste.

୩ । ଖଟେଇ ଛଅଣ —
3. A curry with acid taste.

ଦେ. ବଣ. — ଅମ୍ବିଳା; ଅମ୍ଳରସବିଶିଷ୍ଟ —
Sour; of acid taste.

ଆମ୍ବିଳା — ଦେ. ବଣ. — ଅମ୍ବିଳ (ଦେଖ)
Āmbilā Āmbila See.

ଆମ୍ବିଳି — ଦେ. ବି. ଓ ବଣ. — ଅମ୍ବିଳ (ଦେଖ)
Āmbili Āmbila (See)

ଆମ୍ବିଳଝରିଆ ମାଟି — ଦେ. ବି. — ଯେଉଁ ବାଲିମିଶା ନାଲି ମାଟିରୁ
Āmbiljhariā māṭi ଚତୁର୍ମାସ୍ୟାରେ ତେଲ ପରି ଚିକଣ
ବାହାରେ (ଖୁବ୍ ଉର୍ବର ମାଟି) — Oily soil (very productive)

ଆମ୍ବିଲତି — ଦେ. ବି. — ଅମ୍ଳିତି ପତ୍ର (ଦେଖ)
Āmbiliti Āmliti patra (See)

ଆମ୍ବିଳ ତୋରାଣି — ଦେ. ବି. — ଏକ ଦିନରୁ ଅଧିକ ରହି ଯାଇ ଅମ୍ବିଳା
Āmbili torāṇi ହୋଇଥିବା ତୋରାଣି — Rice-water
বাসী পাখাল of rice boiled the day before
(ସଜ ତୋରାଣି — ବିପରୀତ)

ଆମ୍ବିଳପିତ୍ତି — ଦେ. ବି. — ଅମ୍ଳପିତ୍ତ (ଦେଖ)
Āmbilipitti Amlapitta (See)

ଆମ୍ବିଳମୁହାଁ — ଦେ. ବଣ. ପୁଂ. (ପୁରୁଷଙ୍କ ପ୍ରତି ପ୍ରଯୁଜ୍ୟ ଗାଳିବିଶେଷ) —
Āmbilimuhāñ ଯେଉଁ ଲୋକ କୌଣସି କାରଣରୁ ମନ ବିରସ
(ଆମ୍ବିଳମୁହାଁ — ସ୍ତ୍ରୀ) କରିଥାଏ — (a term of abuse applied to males) Of morose countenance.

ଆମ୍ବିଳ ହାକୁଟି — ଦେ. ବି. — ଅଜୀର୍ଣ୍ଣ ହେଲେ ପାଟିବାଟେ ଅମ୍ଳଗନ୍ଧ-
Āmbili hākuṭi ବିଶିଷ୍ଟ ଯେଉଁ ହାକୁଟି ଉଠେ —
অম্বলঢেকুর Acidity in the stomach; sour bulching.

ଆମ୍ବୁଆ — ଦେ. ବଣ. — ଅମ୍ବ ଫଳ ପରି ଚିତ୍ରିତ ହୋଇଥିବା (ଲୁଗା) —
Āmbuā (cloth) Painted with pictures representing mangoes
আমআঁকা

ଆମ୍ବୁଆଳି — ଦେ. ବଣ. — ୧ । ଯେଉଁ ଋତୁରେ ଅମ୍ବ ଫଳ ହୁଏ —
Āmbuāli 1. (the season) Of mango; (the season) when mangoes prevail.

ଅମ୍ବୁଆଳି ବନେ ଗୋଇ ପଡ଼ିଥିଲ ଅମ୍ବିଳା ଅମ୍ବକୁ ଖାଇ । ତଗ ।

୨ । ଯେଉଁ ଋତୁରେ ଶରୀର ଅମଯୁକ୍ତ ହୁଏ; ଗ୍ରୀଷ୍ମଋତୁ —
2 ( the season ) When the body becomes lazy on account of indigestion; summer.

୩ । ସ୍ଥୂଳକାୟ; ମୋଟା (ଲୋକ, ପିଲା, ଦେହ) —
3. Stout person, child and body)

ଆମ୍ବୁରୁଟା — ଦେ. ବି. — ଚିଲିକାର ଏକପ୍ରକାର ମାଛ —
Āmburutā A class of fish in Chilka.

ଆମ୍ବୁଲ — ଦେ. ବି. — ଲୁଣରେ ଯୁଆ ହୋଇ ଶୁଖାଯାଇ ରଖାଯାଇ-
Āmbula ଥିବା ଅମ୍ବ ଖଣ୍ଡ — Dried and preserved slices of mangoes.
আমচূর
अमचूर

ଆମ୍ବୁଲବାଇ — ଦେ. ବି. — କ୍ଷଣିକ ଉନ୍ମାଦ ବା ମତ୍ତତା; କୌଣସି କାର୍ଯ୍ୟ
Āmbulabāi କରିବାକୁ ମନୁଷ୍ୟ ମନରେ ଅସିବା କ୍ଷଣିକ ଭାବ
ଉତ୍ତେଜନା ବା ଜଗର — Temporary insanity; temporary eagerness to do a thing.

ଦେ. ବଣ. ସ୍ତ୍ରୀ. — ଅମ୍ବୁଲବାୟୁର ସ୍ତ୍ରୀଲିଙ୍ଗ —
Feminine of Āmbulabāya.

| ସାଧାରଣ ଲୋକେ ଅପର ପୃଷ୍ଠାରେ ସ୍ୱତନ୍ତ୍ର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବେ ସେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଆବଶ୍ୟକ ମତରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ପାଠ' ନ ମିଳିଲେ 'ପାଢ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧା' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ । |
|---|

**ଆମ୍ବୁଲବାୟା**—ଦେ. ବିଣ. ପୁଂ.—ଯେଉଁ ବ୍ୟକ୍ତି କୌଣସି କାର୍ଯ୍ୟ
**Āmbulabāyā** ନିମନ୍ତେ ଅଳ୍ପକାଳ ପାଇଁ ଅତ୍ୟନ୍ତ ଉଗ୍ର ବା
(ଆମ୍ବୁଲବାଇ—ସ୍ତ୍ରୀ) ବ୍ୟଗ୍ରତା ଦେଖାଏ ଓ ଯାହା କିଛି ସମୟ
ପରେ କମିଯାଏ—A person who shows temporary eagerness or madness to any matter and which subsides after a time.

**ଆମ୍ବୁଲରାଇ**—ଦେ. ବି.—ଅମ୍ବୁଲ ଓ ସୋରିଷ ଦ୍ୱାରା ପ୍ରସ୍ତୁତ ଏକପ୍ରକାର
**Āmbularāi** ଖଟେଇ—A curry or preparation
আমচুর্ রায়েতা with Rye and sliced mangoes.

**ଆମ୍ବୁଲରାଇତା**—ଦେ. ବି.- ଅମ୍ବୁଲରାଇ ( ଦେଖ )
**Āmbularāitā** Āmbularāi See

**ଆମ୍ବୁଲିଆ**— ଦେ. ବିଣ.—ଅଳ୍ପ ଓଦା; ସମ୍ପୂର୍ଣ୍ଣରୂପେ ଶୁଖି ନ ଥିବା;
**Āmbuliā** ଈଷତ୍ ଓଦା ( କଥ୍ୟ )—Not fully dry;
সেঁতসেঁতে half dried; a little wet
**गीला**

**ଆମ୍ଭ**—ଦେ. ସର୍ବ. ୬ଷ୍ଠୀ. (ସଂ. ଅସ୍ମଦ୍; ପ୍ରାକୃତ. ଅମ୍ହେ ) –
**Āmbha** ୧ । ଆମ୍ଭର; ମୋର—1. Mine; my.
আমার ୨ । ଆମ୍ଭମାନଙ୍କର—2. Ours; our.
**हामरा**
[ଦ୍ର—ଓଡ଼ିଆରେ 'ଆମ୍ଭ', 'ତୁମ୍ଭ', 'ତା' ଆଦି ଶବ୍ଦ ମୂଳପିଣ୍ଡ ହୋଇ ସେଥିରେ କୁ, ଙ୍କୁ, ଦ୍ୱାରା, ଠାରୁ, ଠୁ, ଠୁଁ, ର, ଠାରେ, ଠି ଆଦି ଭିନ୍ନ ଭିନ୍ନ ବିଭକ୍ତିରେ ଯୁକ୍ତ ହୁଏ । ]

**ଆମ୍ଭନ୍ତ**—ଦେ. (ପ୍ରାଚୀନ ପଦ୍ୟ) ସର୍ବ. ୨ୟା. ବି. (ସଂ. ଅସ୍ମଦ୍; ପ୍ରାକୃତ.
**Āmbhanta** (ଅମ୍ହେ ) ୧ । ଆମ୍ଭକୁ—1. To me.
୨ । ଆମ୍ଭମାନଙ୍କୁ—2. To us

**ଆମ୍ଭେ**—ଦେ. ସର୍ବନାମ (ସଂ. ଅସ୍ମଦ୍; ପ୍ରାକୃତ ଅମ୍ହେ )—
**Āmbhe** 'ମୁଁ' ଶବ୍ଦର ମାନାର୍ଥ ପ୍ରୟୋଗ—'I' used in
আমি respect as 'we', is used by high
**हम ; मैं** persons.

**ଆମ୍ମା**—ପ୍ରାଦେ. (ତେଲଙ୍ଗ) ବି. ସ୍ତ୍ରୀ.—ଆମା (ଦେଖ)
**Ammā** Āmā (See)

**ଆମ୍ର**—ସଂ. ବି· (ଅମ୍ର=ଅମ୍ + ସ୍ୱାର୍ଥରେ. ଅ)—୧ । ଆମ୍ବଫଳ—
**Āmra** 1. Mango fruit.
୨ । ଆମ୍ବଗଛ—2. Mango tree.

**ଆମ୍ରାତ**—ସଂ. ବି. ( ଅମ୍ର=ଆମ୍ + ଅତ୍ ଧାତୁ=ଗମନ କରିବା +
**Āmrāta** କର୍ତ୍ତୃ.ଅ; ଯାହା ଆମ୍ବପରି ଅଟେ)—୧ । ଆମ୍ବଡ଼ାଗଛ—
1. Hogplum tree; Spondias magnifera.
୨ । ଆମ୍ବଡ଼ା ଫଳ—Hogplum.

**ଆମ୍ରାତକ**—ସଂ. ବି. (ଆମ୍ରାତ + ସ୍ୱାର୍ଥ. କ)—ଆମ୍ରାତ (ଦେଖ)
**Āmrātaka** Āmrāta (See)

**ଆମ୍ରେଡ଼ନ**—ସଂ. ବି. (ଆ=ପୁନଃ ପୁନଃ + ମ୍ରେଡ଼ ଧାତୁ=ଉନ୍ମତ୍ତ ହେବା
**Āmreṛdana** + ଭାବ. ଅନ)—ପୁନଃପୁନଃ କଥନ; ବାରମ୍ବାର
କହିବା; ଘୋଷିବା; ପାଠ ବା ବାକ୍ୟ ଅଭ୍ୟାସ କରିବା—
Repetition.

**ଆମ୍ରେଡ଼ିତ**—ସଂ. ବିଣ. ( ଆ=ପୁନଃପୁନଃ + ମ୍ରେଡ଼ ଧାତୁ=ଉନ୍ମତ୍ତ
**Āmreṛdita** ହେବା + କର୍ମ. ତ )—ପୁନଃପୁନଃ କଥିତ;
ଏକାଧିକବାର ଉଚ୍ଚାରିତ; ପୁନଃପୁନଃ ଉଲ୍ଲିଖିତ—
Repeated; repeatedly said; pronounced more than once.
ସଂ. ବି. (+ ଭାବ. ତ)—୧ । ଦୁଇ ତିନ ଥର କହିବା—
1. Repetition.
୨ । ବାରମ୍ବାର କଥନ—2. Speaking more than once.

**ଆମ୍ଳିକା**—ସଂ. ବି. ସ୍ତ୍ରୀ (ଅମ୍ଳ =ତେନ୍ତୁଳ+ସ୍ୱାର୍ଥରେ. ଇକ + ସ୍ତ୍ରୀ. ଆ)—
**Āmḻikā** ତେନ୍ତୁଳି ଗଛ; କଇଁଆ ଗଛ—Tamarind tree.

**ଆମ୍ଳିତପତ୍ର**—ଦେ. ବି ( ସଂ. ଅମ୍ଳଲୋଣିକା; ଅମ୍ଳବଟୀ)—
**Āmḻitipatra** ଏକପ୍ରକାର ଅମ୍ଳଶାକ—Indian sorrel;
চুকাতিপতি; আম্রুল্‌শাক; oralis corniculata.
আমরুল; চালমোরি
**चालमोरि; चौपतिआ** [ ଦ୍ର—ଏହା ଭାରତର ଗ୍ରୀଷ୍ମପ୍ରଧାନ
**आमनोति** ଅଞ୍ଚଳରେ ଜନ୍ମେ । ଏହାର ସବୁ ଅଂଶ
ତା. ପୁଲିୟାରାଇ ଔଷଧରେ ଲାଗେ । ଏହାର ପତ୍ର କିପରି;
ତେ ପାୟାଚନ୍ତା; ସନ୍ଧିରେ ପତ୍ର ବୁଜି ହୋଇଯାଏ । ]
ପୁଲିଚିନ୍ତଲି

**ଆମ୍ଳୀକା**—ସଂ. ବି. ସ୍ତ୍ରୀ—ଆମ୍ଳିକା (ଦେଖ)
**Āmḻikā** Āmḻikā (See)

**ଆୟ୍**— ଦେ. କ୍ରି. (ଭୂତାର୍ଥକ 'ତୁ' କର୍ତ୍ତାସଙ୍ଗେ ଅନୁଜ୍ଞାର୍ଥ—(ତୁ) ଆ —
**Āy** (thou) Comest.
আইস্ ଆୟ୍ ଜନ୍ମମାନ୍ ଶରଦଶଶି, ମୋ କାନ୍ଧ କୋଳରେ ପଡ଼ ତୁ ଖସି ।
**आवो** ଶିଶୁଗୀତ ।

**ଆୟ**—ସଂ. ବି. (ଆ+ଯା ଧାତୁ=ଆସିବା + ଭାବ. ଅ ବା ଆ+ଇ=
**Āya** ଆସିବା + ଭାବ. ଅ)—୧ । ଧନାଗମ; ଆମଦାନି;
(ବ୍ୟୟ- ବିପରୀତ) ରୋଜଗାର—1. Income; receipt; gain.
୨ । ଲାଭ—Profit.
୩ । ଜ୍ୟୋତିଷରେ ଜନ୍ମଲଗ୍ନର ଏକାଦଶ ସ୍ଥାନ—
3. ( Astrology ) The 11th from the natal Lagna.
ଦେ. ବି— ଅଳଙ୍କାର—Ornaments.
ପୁଣି ହୋଇଲେ ଧଇର୍ଯ୍ୟ ମନ ଯେ
ଦେଖି ରଖାଇଲେ ଆୟମାନ ଯେ—ବଶ୍ୱନାଥ. ବଚନସମାବୃଣ ।
ପ୍ରାଦେ. (ସମ୍ବଲପୁର) ଆ—ଆଉ—Also; and.